ଶ୍ରୀସାଇ ସମର୍ଥ ସତ୍‌ଚରିତ

ସାଇବାବାଙ୍କ ଜୀବନୀ ଓ ଉପଦେଶାବଳୀ

ମୂଳ ମରାଠୀ ରଚନା
ଗୋବିନ୍ଦରାଓ ରଘୁନାଥ ଦାଭୋଲକର
(ହେମାଡ଼ପନ୍ତ)

ଇଂରାଜୀ ଅନୁବାଦ
ଶ୍ରୀମତୀ ଜରିନେ

ଓଡ଼ିଆ ଭାଷାନ୍ତର
ଶୋଭାକର ଦାସ ଫତେସିଂହ

ଶ୍ରୀସାଇ ସମର୍ଥ ସତ୍‌ଚରିତ
(ସାଇବାବାଙ୍କ ଜୀବନୀ ଓ ଉପଦେଶାବଳୀ)

ମୂଳ ମରାଠୀ ରଚନା : ଗୋବିନ୍ଦ ରଘୁନାଥ ଦାଭୋଲକର ହେମାଡ଼ପନ୍ତ

ଇଂରାଜୀ ଅନୁବାଦ : ଶ୍ରୀମତୀ ଜରିନେ

ଓଡ଼ିଆ ଭାଷାନ୍ତର : ଶୋଭାକର ଦାସ ଫତେସିଂହ
ଡିଏଲ୍‌ଏ-୩୨, ବୀର ସୁରେନ୍ଦ୍ର ସାଏ ନଗର,
ଭୁବନେଶ୍ୱର-୭୫୧୦୦୭

ପ୍ରଚ୍ଛଦ : ସୁଧାଂଶୁ ସାମନ୍ତରାୟ
ପୃଷ୍ଠାସଜ୍ଜା : ଅଶୋକ ପରିଡ଼ା

ପ୍ରକାଶକ : ଶିଶୁକଲମ
ବି-୯, ସହିଦନଗର, ଭୁବନେଶ୍ୱର-୭୫୧୦୦୭
ଦୂରଭାଷ : ୦୯୪୩୭୦୪୫୪୨୫
୦୬୭୪-୨୫୪୫୪୨୫

ମୁଦ୍ରଣ : ନବଗୌରାଙ୍ଗ ପ୍ରେସ୍, ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୨୪

ପ୍ରଥମ ସଂସ୍କରଣ : ମକର ସଂକ୍ରାନ୍ତି, ୨୦୧୫

ମୂଲ୍ୟ : ଟ ୪୫୦.୦୦ (ଚାରିଶହ ପଚାଶ ଟଙ୍କା ମାତ୍ର)

ସ୍ୱତ୍ୱାଧିକାରୀ : ପ୍ରକାଶକ

SREE SAI SAMARTHA SATCHARITA
(The Life & Teachings of Shri Sai Baba)

The Original written in Marathi : Govind Raghunath Dabholkar (Hemadpant)

English Conversion : Mrs. Zarine

Odia Rendering : Shovakar Das Fatesingh
DLA-32, VSS Nagar, Bhubaneswar - 751007, Odisha

Copyright Reserved by the Publisher

Publisher : Sisukalam,
B-9, Sahid Nagar, Bhubaneswar-751007
Mob : 09437045425, Ph: 0674-2545425
E-mail : sisukalamaodisha@gmail.com

ଶ୍ରୀସାଇ ଶରଣମ୍

ସାତକଡ଼ି ହୋତା

'ଶ୍ରୀସାଇ ସମର୍ଥ ସତ୍‌ଚରିତ' ମରାଠୀ ଭାଷାରେ ଲେଖିଥିଲେ ବାବାଙ୍କର ପରମ ଭକ୍ତ ଶ୍ରୀ ଗୋବିନ୍ଦରାଓ ରଘୁନାଥ ଦାଭୋଲ୍‌କର। ବାବା ଶ୍ରଦ୍ଧାରେ ତାଙ୍କୁ 'ହେମାଡ଼ପନ୍ତ' ଡାକୁଥିଲେ ବୋଲି ସେ ଏଇ ନାମରେ ଅଧିକ ପରିଚିତ। ସାଇ ସତ୍‌ଚରିତରେ ଲିଖିତ ସବୁକଥା ବାବାଙ୍କ ଆଶୀର୍ବାଦ ଓ ଅନୁମୋଦନ ଲାଭ କରିଥିବାରୁ ଏଇ ପବିତ୍ର ଗ୍ରନ୍ଥ ଗୀତା, ବାଇବେଲ ପରି ପବିତ୍ର ଓ ନମସ୍ୟ। ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ ଶ୍ରୀସାଇ ସତ୍‌ଚରିତ ଓ ଶ୍ରୀସାଇ ଆରାଧନା ପୁସ୍ତକରେ ଏ ସମ୍ପର୍କରେ ଲେଖିଛନ୍ତି- 'ଏ ପୁସ୍ତକରେ ଯେଉଁ ଚରିତ୍ର ଓ ଘଟଣାବଳୀର ଅବତାରଣା କରାଯାଇଛି, ସେଗୁଡ଼ିକ ଆଦୌ କାଳ୍ପନିକ ନୁହଁନ୍ତି। ସେ ସମସ୍ତ ତଥ୍ୟ ଓ ଚରିତ୍ର ସବୁ ବାସ୍ତବ। ଦାଭୋଲ୍‌କରଙ୍କୁ ଅନ୍ତଃପ୍ରେରଣା ଯୋଗାଇ ବାବା ତାଙ୍କ ଦ୍ୱାରା ଏସବୁ ଲିପିବଦ୍ଧ କରାଇଛନ୍ତି'। ବାବା ତାଙ୍କୁ ପରିଷ୍କାର କହିଥିଲେ, 'ମୁଁ ହିଁ ମୋ ଜୀବନୀ ଲେଖୁଛି। ମୋ ବାଣୀ ଓ ଲୀଳା ଶ୍ରବଣ କରି ମୋର ଭକ୍ତମାନଙ୍କ ହୃଦୟରେ ମୋର ପ୍ରଦର୍ଶିତ ମାର୍ଗ ଉପରେ ବିଶ୍ୱାସ ଓ ପ୍ରତ୍ୟୟ ସୃଷ୍ଟି ହେବା ଫଳରେ ସେମାନେ ସହଜରେ ଆନନ୍ଦ ଓ ଆତ୍ମଦର୍ଶନ ଲାଭ କରିବେ'। ଏଇ କାରଣରୁ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ସାରା ଜଗତରେ ସାଇଦର୍ଶନର ପରମ ପବିତ୍ର ଗ୍ରନ୍ଥ ଭାବରେ ଆଦୃତ ଓ ପ୍ରାତଃସ୍ମରଣୀୟ।

ବାବା ସଦାବେଳେ କହନ୍ତି ଯେ 'ସବ୍‌କା ମାଲିକ୍ ଏକ ହୈ! ସମସ୍ତଙ୍କର ଈଶ୍ୱର ଏକ, ଏଇ ବିଶ୍ୱାସ ବୈଦିକ ଯୁଗରୁ ଋଷିମାନେ କହି ଆସିଛନ୍ତି। ରାମକୃଷ୍ଣ ପରମହଂସଙ୍କ ଭାଷାରେ 'ଯତ ମତ ତତ ପଥ'। ଈଶ୍ୱର ଜଣେ, ସେ ସର୍ବବ୍ୟାପକ ଓ ସର୍ବଶକ୍ତିମାନ। ତାଙ୍କୁ ବିଭିନ୍ନ ରୂପରେ, ନାମରେ, ବିଭିନ୍ନ ରୀତିରେ ପ୍ରାର୍ଥନା କରନ୍ତି ଭକ୍ତ ଓ ବିଶ୍ୱାସୀମାନେ। ତେଣୁ ସେ ଏକ ହେଲେ ମଧ୍ୟ ତାଙ୍କୁ ପାଇବାର ମାର୍ଗ ଓ ରୀତି ଭିନ୍ନ ଭିନ୍ନ। ସଦ୍‌ଗୁରୁ ସାଇବାବା ମଣିଷ ଶରୀରରେ ଅବତରଣ କରିଥିଲେ ଲୋକଙ୍କୁ ସଦ୍‌ମାର୍ଗ ଦେଖାଇବା ପାଇଁ। ଈଶ୍ୱର କେତେବେଳେ ଅବତାର ରୂପରେ ତ ଆଉ କେତେବେଳେ ସଦ୍‌ଗୁରୁ ରୂପରେ ଜନ୍ମ ଗ୍ରହଣ କରନ୍ତି ପୃଥିବୀରୁ ପାପତାପ ଦୂର କରିବା ପାଇଁ। ତେଣୁ ଶ୍ରୀମଦ୍ ଭଗବତ ଗୀତାର ଚତୁର୍ଥ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣ ଯଥାର୍ଥରେ କହିଛନ୍ତି-

ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ।
ଅଭ୍ୟୁତ୍‌ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍॥୭॥
ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥୮॥

ହେ ଭାରତ: ଯେବେ ଯେବେ ଧର୍ମର ହାନି ହୁଏ ଓ ଅଧର୍ମ ବଢ଼େ ସେତିକିବେଳେ ଏହି ରୂପେ (ଦେହୀ ରୂପେ) ମୁଁ ନିଜକୁ ପ୍ରକାଶ କରେ। କାରଣ ସଜ୍ଜନମାନଙ୍କୁ ଉପରକୁ ଉଠିବାର ଠିକ୍ ବାଟ ଦେଖାଇ, ଉଦ୍ଧାର କରିବା ପାଇଁ ଦୁରାଚାରୀମାନଙ୍କୁ ବିନାଶକରି, ଧର୍ମ ଠିକ୍ ରଖିବା ପାଇଁ ମୁଁ ଏଇପରି ଯୁଗେ ଯୁଗେ ଦରକାର ହେଲାବେଳେ ଅବତାର ନେଇ ପ୍ରକଟ ହୁଏ।

ଶ୍ରୀମଦ୍ ସାଇବାବା ପରାଧୀନ ଭାରତରେ ଜନ୍ମ ଗ୍ରହଣ କରିଥିଲେ ଓ ୧୯୧୮ ମସିହା ଅକ୍ଟୋବର ୧୫ ତାରିଖ ଦିନ ପାର୍ଥିବ ଶରୀର ତ୍ୟାଗ କରିଥିଲେ। ଧର୍ମର ଗ୍ଲାନିରୁ ଲୋକଙ୍କୁ ମୁକ୍ତକରି ଧର୍ମ ପ୍ରତିଷ୍ଠା କରିବା ପାଇଁ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ସାଇବାବା ଦେହ ଧାରଣ କରିଥିଲେ ଲୋକମାନଙ୍କୁ ଅନ୍ୟାୟ, ଅନାଚାର, ଦୁଷ୍କର୍ମ, ଅଧର୍ମ ଓ ଅବିଚାରରୁ ମୁକ୍ତ କରି ଧର୍ମ ସଂସ୍ଥାପନ କରିବା ପାଇଁ। ତାଙ୍କ ଉଦ୍ଦେଶ୍ୟ ସାର୍ଥକ ହୋଇଛି। ଦେଶବିଦେଶର କୋଣଅନୁକୋଣରେ ବାବାଙ୍କ ପ୍ରଦର୍ଶିତ ମାର୍ଗରେ ଚାଲିବା ପାଇଁ ଲକ୍ଷ ଲକ୍ଷ ଲୋକ ତାଙ୍କୁ ସଦ୍‌ଗୁରୁ ତ୍ରାଣକର୍ତ୍ତା ମାନି ମାନବଧର୍ମ ପାଳନ କରିବା ପାଇଁ ବ୍ରତୀ ହେଉଛନ୍ତି। ସେ ଜାତି, ଧର୍ମ, ଗୋତ୍ର ଓ ଗୋଷ୍ଠୀ ମଧ୍ୟରେ ଆବଦ୍ଧ ନୁହଁନ୍ତି, ସେ ସମଗ୍ର ମାନବସମାଜର ତ୍ରାଣକର୍ତ୍ତା ଭାବରେ କାର୍ଯ୍ୟ କରିଯାଇଛନ୍ତି। ସାଇମାର୍ଗରେ ସବୁ ଧର୍ମର ସମନ୍ୱୟ ହୋଇଛି ସିନା ସାମାଜିକ ବିଭାଜନ ହୋଇନାହିଁ। ଏଇ କାରଣରୁ ସାଇଚେତନାରେ ଧର୍ମ ଅପେକ୍ଷା ଆଧ୍ୟାତ୍ମିକତା,

ସଦ୍‌ଭାବ, ସମନ୍ୱୟ ଓ ସଂହତିର ପ୍ରାଧାନ୍ୟ ଆକର୍ଷଣ କରୁଛି ଜାତି, ଧର୍ମ ନିର୍ବିଶେଷରେ ଅଜସ୍ର ତରୁଣତରୁଣୀଙ୍କୁ। ଆଉ ଏହି କାରଣରୁ ଦେଶରେ ସମାଜୀକରଣର ଏକ ନୂତନ ପ୍ରକ୍ରିୟା ଗତିଶୀଳ ହୋଇଛି। ବାବା ହିନ୍ଦୁ ବା ମୁସଲ୍‌ମାନ, ତାହା ଆଦୌ ବିଚାର୍ଯ୍ୟର ବିଷୟ ନୁହେଁ। କିନ୍ତୁ ସେ ଯେ ସନାତନ ଧର୍ମଧାରାର ମାନବବାଦୀ ମୂର୍ତ୍ତପ୍ରତୀକ, ଏହା କୁହାଯାଇପାରେ। ସାଇ ଜୀବନଧାରା ଯେତିକି ବିକଶିତ ଓ ପ୍ରକାଶିତ ହେବ ନୀଚତା, କ୍ଷୁଦ୍ରତା, ହିଂସା, ଦ୍ୱେଷ, ଆକ୍ରୋଶ, ଘୃଣା ଇତ୍ୟାଦି ଅପସରିଯିବ ଏବଂ ମାନବିକ ମୂଲ୍ୟବୋଧର ଶକ୍ତି ସମନ୍ୱୟ, ସମତା, ଶାନ୍ତି, ମୈତ୍ରୀ ଓ ସଂହତିର ବାର୍ତ୍ତା ସେତିକି କାର୍ଯ୍ୟକାରୀ ହେବ।

ବାବାଙ୍କର ମହାପ୍ରୟାଣ ପରେ ମଧ୍ୟ ସେ ବିଶ୍ୱାସୀ ଓ ଭକ୍ତମାନଙ୍କୁ ଦେଇଯାଇଥିବା ପ୍ରତିଶ୍ରୁତି ପାଳନ କରୁଛନ୍ତି। ଶ୍ରୀସାଇ ସତ୍‌ଚରିତର ୪୩-୪୪ ଅଧ୍ୟାୟର ପୃଷ୍ଠା ୨୬୫ରେ କୁହାଯାଇଛି: 'ତାଙ୍କର ଦେହତ୍ୟାଗ ଏକ ଜାଗତିକ ନିୟମର ବଶବର୍ତ୍ତୀ। କି ଜୀବ, କି ଜଡ଼, ସବୁଥିରେ ସେ ବିଦ୍ୟମାନ ଏବଂ ସମସ୍ତ ଭୂତମାନଙ୍କର ସେ ହେଉଛନ୍ତି ଚେତନା ଓ ଦ୍ୟୋତନା। ଯେଉଁମାନେ ତାଙ୍କ ପାଦତଳେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରି ତାଙ୍କର ଆରାଧନା କରୁଛନ୍ତି, ସେମାନଙ୍କର ଏବେ ମଧ୍ୟ ଏହିପରି ଦିବ୍ୟ ଅନୁଭୂତି ଲାଭ ହେଉଛି ଓ ହେଉଥିବ ମଧ୍ୟ'।

ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ ତାଙ୍କ ଶ୍ରୀସାଇ ସତ୍‌ଚରିତରେ ଲେଖିଛନ୍ତି ଯେ ନିଜର ନଶ୍ୱର ଶରୀର ତ୍ୟାଗ କରିବା ପରେ ମଧ୍ୟ ବାବା ଏବେ ବି ଜୀବିତ ଓ ଯେଉଁମାନଙ୍କୁ ସେ ନିଜର ସନ୍ତାନତୁଲ୍ୟ ମନେ କରି ଯତ୍ନ ନେଉଥିଲେ, ସେମାନେ ଏବେ ମଧ୍ୟ ଅଶରଣ, ଅରକ୍ଷିତ ନୁହଁନ୍ତି। ସେ ଏ ସମ୍ପର୍କରେ ବାବାଙ୍କର ଆଶ୍ୱାସନାବାଣୀ ଉଦ୍ଧାର କରିଛନ୍ତି: 'ସମାଧିରେ ଲୀନ ହେବାପରେ ମଧ୍ୟ ମୋର ଭକ୍ତମାନଙ୍କୁ ମୁଁ ସଂରକ୍ଷଣ ମାର୍ଗ ଦର୍ଶନ ଦେଇ ଚାଲିଥିବି'।

ଗୀତାର ନବମ ଅଧ୍ୟାୟରେ ଭଗବାନ ଶ୍ରୀକୃଷ୍ଣଙ୍କ ବାଣୀ ମଧ୍ୟ ଏହିପରି:

ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯ୍ୟୁପାସତେ।
ତେଷାଂନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।।୨୨।।

ଅର୍ଥାତ୍, ଯେଉଁ ଭକ୍ତମାନେ ଆଉ ସବୁ ଛାଡ଼ି ମତେ ଧ୍ୟାନ କରି ମତେଇ ଭଜନ୍ତି ସେଇ ନିତ୍ୟ ଭକ୍ତମାନଙ୍କର ପାଳିବା, ସମ୍ଭାଳିବା ଭାର ମୋ ଉପରେ ଥାଏ। କାହିଁକି ନା, ସେମାନେ ଫଳାଫଳ କଥା ନ ବିଚାରି ମୋ ଉପରେ ସବୁ ଦାୟିତ୍ୱ ଦେଇ କାମ କରନ୍ତି।

ସଦ୍‌ଗୁରୁଙ୍କର ମହିମା ଶ୍ରୀଗୁରୁ ଭାଗବତ(ଦ୍ୱିତୀୟ ଖଣ୍ଡ)ରେ ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି:

ଗୁରୁ ଚରିତ୍ର କୃପାମୟ ଗୁରୁସ୍ୱରୂପ ବିଶ୍ୱମୟ
ଗୁରୁଙ୍କ ଭାବ ଗୁଣାତୀତ ଗୁରୁଙ୍କ କର୍ମ କାଳାତୀତ।

ସଦ୍‌ଗୁରୁ ଦର୍ପଣ ପରି। ସେଥିପାଇଁ ସଦ୍‌ଗୁରୁ ଭକ୍ତର ପୂର୍ବଜୀବନ ଓ ବର୍ତ୍ତମାନ ଜୀବନ ସମ୍ପର୍କରେ ସହଜରେ ଜାଣି ପାରନ୍ତି। ସଦ୍‌ଗୁରୁ ଏକ ଚୁମ୍ବକ ପରି। ଯେଉଁ ଭକ୍ତମାନେ ବିଶ୍ୱାସର ସହିତ ଭକ୍ତିରେ ସଦ୍‌ଗୁରୁଙ୍କର ଶରଣ ନିଅନ୍ତି, ସେମାନଙ୍କର ଦାୟିତ୍ୱ ନିଜେ ସଦ୍‌ଗୁରୁ ହିଁ ବହନ କରନ୍ତି।

ସଦ୍‌ଗୁରୁ ସଚ୍ଚିଦାନନ୍ଦ ଶ୍ରୀ ସାଇବାବାଙ୍କ ଜୀବନୀ ଓ ଉପଦେଶାବଳୀ ଶ୍ରୀ ଶୋଭାକର ଦାସ ଫତେସିଂହ ଓଡ଼ିଆରେ ଅନୁବାଦ କରିଥିବାରୁ କେବଳ ଓଡ଼ିଆ ଭକ୍ତିସାହିତ୍ୟ ସମୃଦ୍ଧ ହୋଇନାହିଁ, ହେମାଡ଼ପନ୍ତଙ୍କ ରଚିତ ସମ୍ପୂର୍ଣ୍ଣ ମୂଳପୁସ୍ତକର କଥାବସ୍ତୁ ଓଡ଼ିଆ ଭାଷାରେ ପ୍ରକାଶିତ ହେବା ଦ୍ୱାରା ଓଡ଼ିଆ ଭକ୍ତମାନଙ୍କୁ ଆଉ ଏକ ସୁଯୋଗ ମିଳିଛି ଏଇ ମହାନ୍ ଗ୍ରନ୍ଥ ପାଠ କରିବା ପାଇଁ ଏବଂ ଏଇ ଗ୍ରନ୍ଥ ମାଧ୍ୟମରେ ବାବାଙ୍କର ଅଲୌକିକ ସାନ୍ନିଧ୍ୟ ପାଇବା ପାଇଁ। ପୂଜ୍ୟ ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀଙ୍କ ଶରଣାଗତ ଭକ୍ତି, ନିଷ୍ଠା ଓ ସତ୍ ଉଦ୍ୟମରୁ ସାଇବାବାଙ୍କ ଶାଶ୍ୱତ ବାଣୀ ଆଜି ବିଭିନ୍ନ ଭାଷାରେ, ବିଭିନ୍ନ ଭକ୍ତଙ୍କ ମାଧ୍ୟମରେ ପ୍ରସାରିତ ହେଉଥିବା ଆମ ପକ୍ଷରେ ଗୌରବର ବିଷୟ। ଓଡ଼ିଆ ଭାଷାରେ ଏଇ ଗ୍ରନ୍ଥ ପ୍ରକାଶ ପାଉଥିବାରୁ ବିଶ୍ୱାସୀମାନଙ୍କର ଭକ୍ତିଭାବନା ଯେ ଆହୁରି ଦୃଢ଼ ହେବ ଓ ସେମାନେ ବାବାଙ୍କ ଶରଣାଗତ ହେବା ଦିଗରେ ଆହୁରି ଅଧିକ ଅଗ୍ରଗତି କରିବେ, ଏହା ନିଶ୍ଚିତ। 'ଶିଶୁକଲମ'ର ସମ୍ପାଦକ ଓ ଏକାନ୍ତ ସାଇଭକ୍ତ ଶ୍ରୀ ଜନ୍ମେଜୟ ପ୍ରଧାନ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ସଚିତ୍ର ଓଡ଼ିଆ ଅନୁବାଦ ପ୍ରକାଶ କରୁଥିବାରୁ ଧନ୍ୟ। ତାଙ୍କରି ପ୍ରଚେଷ୍ଟାରେ ସାଇଦର୍ଶନ ଆହୁରି ଅଧିକ ପ୍ରସାରିତ ହେଉ !

ଶ୍ରୀଦେବି ପ୍ରଧାନ

ଇଂରାଜୀ ପୁସ୍ତକର
ଦ୍ୱିତୀୟ ସଂଶୋଧିତ ସଂସ୍କରଣର ଭୂମିକା

ସାଇଭକ୍ତମାନଙ୍କ ନିମନ୍ତେ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ଦୈନିକ ପାରାୟଣ ଶ୍ରୀମଦ୍ ଭଗବତ୍ ଗୀତା, ରାମାୟଣ ବା ଅନ୍ୟ ଯେକୌଣସି ଧର୍ମଗ୍ରନ୍ଥ ଭଳି ପବିତ୍ର। ଗୋବିନ୍ଦ ରଘୁନାଥ ଦାଭୋଲକର(ହେମାଡ଼ପନ୍ତ)ଙ୍କ ରଚିତ ମୂଳ ସତ୍‌ଚରିତ ମରାଠୀ ଭାଷାରେ ରଚିତ ହୋଇଥିବାରୁ ମୁମ୍ବାଇର ସାଇଭକ୍ତ ଶ୍ରୀମତୀ ଜରିନେ ମରାଠୀ ପଦାବଳୀର ପ୍ରତ୍ୟେକ ପଦକୁ ଇଂରାଜୀରେ ଅନୁବାଦ କରି ଦେଶବିଦେଶରେ ପ୍ରତ୍ୟହ ବୃଦ୍ଧି ପାଉଥିବା ସାଇଭକ୍ତମାନଙ୍କର ଆବଶ୍ୟକତାକୁ ପୂରଣ କରିଛନ୍ତି।

ଏହାର ପ୍ରଥମ ସଂସ୍କରଣ ଅଳ୍ପ ସଂଖ୍ୟାରେ ମେସର୍ସ ସାଇ ପ୍ରେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। ଏହାର ମୂଳ ପ୍ରକାଶକ ପୁସ୍ତକଟି ସବୁ ଭକ୍ତଙ୍କର ସହଜ ସୁଲଭ ପ୍ରାପ୍ତି ପାଇଁ ଶ୍ରୀସାଇବାବା ସଂସ୍ଥାନ ଟ୍ରଷ୍ଟ, ଶିରିଡ଼ିକୁ କପିରାଇଟ୍ (ସ୍ୱତ୍ୱାଧିକାର) ପ୍ରଦାନ କରିଛନ୍ତି ଓ ତାହା ସାଦରେ ଗ୍ରହଣ କରାଯାଇଅଛି।

ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଶ୍ରୀସାଇବାବା ସଂସ୍ଥାନ ଟ୍ରଷ୍ଟର ମ୍ୟାନେଜମେଣ୍ଟ ବୋର୍ଡ଼ ତରଫରୁ ଏହି ମହନୀୟ ରଚନାର ଦ୍ୱିତୀୟ ସଂଶୋଧିତ ସଂସ୍କରଣକୁ ଶ୍ରୀସାଇ ସମର୍ଥଙ୍କ ଭକ୍ତମାନଙ୍କ ନିକଟରେ ଉପସ୍ଥାପନ କରୁଅଛି। ମୋର ବିଶ୍ୱାସ, ଯେଉଁ ଭକ୍ତମାନେ ଏହି ଗ୍ରନ୍ଥ ପାଠ କରି ସଠିକ୍ ଆଚରଣବିଧି ଅବଲମ୍ବନ କରିବେ, ସେମାନେ ଅଶେଷ ମାତ୍ରାରେ ଉପକୃତ ହେବେ।

ଦୁଃଖର କଥା, ଶ୍ରୀମତୀ ଜରିନେ ଏହି ଖୁସି ମନାଇବା ନିମନ୍ତେ ଆଜି ଆମ ଗହଣରେ ନାହାନ୍ତି। ସେ ୨୦୦୬ ମସିହା ଡିସେମ୍ବର ୨୮ ତାରିଖରେ ବାବାଙ୍କର ପଦ୍ମପାଦରେ ଲୀନ ହୋଇଯାଇଛନ୍ତି।

ଶ୍ରୀସାଇଙ୍କୁ ପ୍ରଣତି, ସମସ୍ତେ ଲଭନ୍ତୁ ପ୍ରଶାନ୍ତି।

୧୪ ଅପ୍ରେଲ, ୨୦୦୮ — ଜୟନ୍ତ ମୁରଲୀଧର ସସାଣେ
ଶ୍ରୀରାମ ନବମୀ, ଶିରିଡ଼ି — ଅଧ୍ୟକ୍ଷ, ଶ୍ରୀସାଇବାବା ସଂସ୍ଥାନ ଟ୍ରଷ୍ଟ

ହେମାଡ଼ପନ୍ତ

(ଗୋବିନ୍ଦ ରଘୁନାଥ ଦାଭୋଲକର- ଅନ୍ନାସାହେବ)

ମରାଠୀ ଭାଷାରେ 'ଶ୍ରୀସାଇ ସତ୍‌ଚରିତ'ର ମୂଳ ଲେଖକ

'ଶ୍ରୀସାଇ ସତ୍‌ଚରିତ' ଅନ୍ନାସାହେବ ଦାଭୋଲକରଙ୍କ ଦ୍ୱାରା ଲିଖିତ ହୋଇଥିଲେ ମଧ୍ୟ ପ୍ରତି ଅଧ୍ୟାୟର ଶେଷରେ ଲେଖାଅଛି ଯେ ସାଇବାବାଙ୍କ ପ୍ରେରଣାରେ ହେମାଡ଼ପନ୍ତ ଏହାର ରଚନା କରିଛନ୍ତି। ପାଠକମାନେ ପଚାରି ପାରନ୍ତି, ଏହି ହେମାଡ଼ପନ୍ତ କିଏ ? ସେମାନଙ୍କର ଅବଗତି ପାଇଁ ଜଣାଇ ଦେଉଛୁ ଯେ ହେମାଡ଼ପନ୍ତ ଗୋଟିଏ ନାମ ବା ପଦବୀ ଯାହାକୁ ସାଇବାବା ନିଜେ ଶ୍ରୀ ଦାଭୋଲକରଙ୍କ ସହିତ ତାଙ୍କର ପ୍ରଥମ ଦେଖା ସମୟରେ ଦେଇଥିଲେ। ଏହା କାହିଁକି ଓ କେବେ ଦିଆଗଲା, ଏହାର ମହତ୍ୱ ଓ ମୂଲ୍ୟ ଭବିଷ୍ୟତରେ କ'ଣ ହୋଇଥିଲା, ଏ ସମ୍ବନ୍ଧରେ ସତ୍‌ଚରିତର ଦ୍ୱିତୀୟ ଅଧ୍ୟାୟରେ ଲେଖକ ନିଜେ କହିଛନ୍ତି। ତାଙ୍କ ଜୀବନର ଅଳ୍ପ କେତେକ ଝଲକ ଆମେ ତଳେ ଦେଉଛୁ।

ଲେଖକ ଶ୍ରୀ ଦାଭୋଲକର ୧୮୫୯ ମସିହାରେ ଏକ ଗରିବ ଆଦିଗୌଡ଼ ବ୍ରାହ୍ମଣ ପରିବାରରେ ଠାଣା ଜିଲ୍ଲାର କ୍ଷୁଦ୍ର ସହର କେଲଭି-ମହିମରେ ଜନ୍ମ ହୋଇଥିଲେ। ତାଙ୍କର ପିତା ଓ ପିତାମହ ନୈଷ୍ଠିକ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ। ଗରିବ ଘରର ପିଲା ହୋଇଥିବାରୁ ତାଙ୍କର ପ୍ରାଥମିକ ଶିକ୍ଷା ଗାଁ ସ୍କୁଲରେ ହିଁ ହୋଇଥିଲା। ପରେ ସେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ପୁଣେରେ ଇଂରାଜୀ ପାଠ ପଢ଼ିଥିଲେ। ଅସୁବିଧା ଯୋଗୁଁ ତାଙ୍କର ପାଠପଢ଼ା ଆଉ ଆଗକୁ ଯାଇପାରିନଥିଲା। ସେହି ସମୟରେ ସାଧାରଣ ସେବା ପରୀକ୍ଷାରେ ପାଶ୍ କରି ତାଙ୍କ ଗାଁ ସ୍କୁଲରେ ସେ ଶିକ୍ଷକତା କରିଥିଲେ। ତାଙ୍କର ଭଦ୍ର ବ୍ୟବହାର, ବୁଦ୍ଧିମତ୍ତା ଓ କର୍ମନିଷ୍ଠାକୁ କୋଲାବା ଜିଲ୍ଲାର ମାମଲତ୍‌ଦାର ମିଃ ସାବ୍‌ଜୀ ଚିନ୍ତାମନ ଚିଟ୍‌ନିସ୍ ଦେଖିବା ପରେ ଦାଭୋଲକରଙ୍କୁ 'ତଲତି' ବା ଗ୍ରାମ୍ୟ ଅଧିକାରୀ ଭାବରେ ପ୍ରଥମେ ନିଯୁକ୍ତି ଦେଇଥିଲେ। ପରେ ସେ ଇଂରାଜୀ କିରାଣି ଭାବରେ ମାମଲତଦାରଙ୍କ କୋର୍ଟରେ କାର୍ଯ୍ୟକରି ଶେଷରେ 'ଅବଲ' ବା ମୁଖ୍ୟ କିରାଣି ହୋଇଥିଲେ। କେତେଦିନ ପରେ ସେ ଫରେଷ୍ଟ ସେଟ୍‌ଲମେଣ୍ଟ ଅଫିସର ଓ ପରେ ଫେମିନ୍ ରିଲିଫ୍ ଓ୍ୱାର୍କସ୍‌ର ସ୍ପେଶିଆଲ ଅଫିସର ଭାବରେ ଗୁଜରାଟର ଭରୋଚଠାରେ କାର୍ଯ୍ୟ କରିଥିଲେ। ସମସ୍ତ ଚାକିରିରେ ସେ ସନ୍ତୋଷଜନକ ଭାବରେ ଦାୟିତ୍ୱ ସମ୍ପାଦନ କରିଥିଲେ। ୧୯୦୧ ମସିହାରେ ସେ ଠାଣା ଜିଲ୍ଲାର ସାହାପୁରରେ ମାମଲତଦାର ଭାବରେ କାର୍ଯ୍ୟ ତୁଲାଇଥିଲେ ଓ ୧୯୦୩ ମସିହାରେ ବାନ୍ଦ୍ରାର ପ୍ରଥମ ଶ୍ରେଣୀ ରେସିଡେଣ୍ଟ ମାଜିଷ୍ଟ୍ରେଟ୍ ହୋଇ ୧୯୦୭ ମସିହା ପର୍ଯ୍ୟନ୍ତ ସେହି ପଦବୀରେ ରହିଥିଲେ। ସେ ଖେଡ଼ା ଜିଲ୍ଲାର ମୁରବାଦ, ଆନନ୍ଦ ଓ ବରସାଦକୁ ବଦଳି ହୋଇ ୧୯୧୦ ମସିହାରେ ପୁନର୍ବାର ବାନ୍ଦ୍ରାର ରେସିଡ଼େଣ୍ଟ ମାଜିଷ୍ଟ୍ରେଟ ହୋଇଥିଲେ। ଶିରିଡ଼ି ଯାଇ ସାଇବାବାଙ୍କୁ ଦର୍ଶନ କରିବାର ସୌଭାଗ୍ୟ ତାଙ୍କର ୧୯୧୦ ମସିହାରେ ହୋଇଥିଲା। ୧୯୧୬ ମସିହାରେ ସେ ଚାକିରିରୁ ଅବସର ନେଇଥିଲେ। ଅବସର ପରେ ତାଙ୍କୁ ଅନ୍ୟ ଗୋଟିଏ ଅସ୍ଥାୟୀ ସରକାରୀ ଚାକିରି ଅଳ୍ପଦିନ ପାଇଁ ମିଳିଥିଲା। ଅବସର ଗ୍ରହଣ ପରେ ସେ କାୟମନୋବାକ୍ୟରେ ବାବାଙ୍କର ମହାସମାଧି ପର୍ଯ୍ୟନ୍ତ ତାଙ୍କର ସେବା କରିଥିଲେ ଓ ତାହା ପରେ ସେ ଶ୍ରୀସାଇବାବା ସଂସ୍ଥାନକୁ ନିଜର ମୃତ୍ୟୁ ୧୯୨୯ ମସିହାରେ ହେବା ପର୍ଯ୍ୟନ୍ତ ଅତ୍ୟନ୍ତ ଦକ୍ଷତା ସହକାରେ ଓ ସୂଚାରୁରୂପେ ପରିଚାଳନା କରିଥିଲେ। ସେ ତାଙ୍କର ଧର୍ମପତ୍ନୀ, ଗୋଟିଏ ପୁଅ ଓ ପାଞ୍ଚୋଟି ଝିଅଙ୍କୁ ଛାଡ଼ି ଯାଇଥିଲେ ଏବଂ ପରେ ସେମାନଙ୍କର ବିବାହ ସୁଯୋଗ୍ୟ ଓ ଉପଯୁକ୍ତ ପାତ୍ରଙ୍କ ସହ ହୋଇଥିଲା।

(ମୂଳ ମରାଠୀ ରଚନାରୁ ଗୃହୀତ ଓ ଏନ୍.ଭି. ଗୁଣଜୀଙ୍କ ଇଂରାଜୀ ପୁସ୍ତକର ପ୍ରଥମ ସଂସ୍କରଣରୁ ଆନୀତ।)

ଓଁ

ଶ୍ରୀସାଇ ମୋତେ କୃପା ଓ କରୁଣା କରିବା ପରଠାରୁ ମୁଁ ଦିନରାତି ଧରି ତାଙ୍କରି କଥାହିଁ ଭାବୁଛି। ସେ ମୋର ପାର୍ଥିବ ଜୀବନର ଭୟ ଲୋପ କରିଦେଇଛନ୍ତି, ଜନ୍ମ ଓ ମୃତ୍ୟୁଚକ୍ରର ଭୟ ଦୂର କରି ଦେଇଛନ୍ତି।

(୧ମ ଅଧ୍ୟାୟ-୭୮ ପଂକ୍ତି)

ମୋ ପାଇଁ ଅନ୍ୟ କୌଣସି ଜପତପ କିମ୍ବା ଅନ୍ୟ କୌଣସି ସାଧନା ପୁନଃପୁନଃ କରିବାର ଆବଶ୍ୟକତା ନାହିଁ। ମୁଁ କେବଳ ଗୋଟିଏ ରୂପ-ଶ୍ରୀସାଇଙ୍କର ପବିତ୍ର ରୂପକୁ ହିଁ ଅବଲୋକନ କରୁଛି।

(୧ମ ଅଧ୍ୟାୟ-୭୯ ପଂକ୍ତି)

ଶ୍ରୀସାଇଙ୍କର ମୁହଁକୁ ଚାହିଁ ଦେଲେ ଭୋକଶୋଷ ଭୁଲି ହୋଇଯାଏ। ଅନ୍ୟ ସୁଖର କି ମୂଲ୍ୟ ଅଛି ? ପାର୍ଥିବ ଜୀବନର ଦୁଃଖଶୋକ ପାଶୋର ହୋଇଯାଏ।

(୧ମ ଅଧ୍ୟାୟ-୮୦ ପଂକ୍ତି)

ଶ୍ରୀସାଇଙ୍କର ଆଖି ଦିଇଟାକୁ ଯିଏ ଅନାଇଦିଏ, ସିଏ ଆତ୍ମବିସ୍ମୃତ ହୋଇଯାଏ। ତାହାର ହୃଦୟ କନ୍ଦରରୁ ପ୍ରେମର ଫଲଗୁ ଧାରା ବହିଆସେ ଓ ସମଗ୍ର ଜଗତକୁ ପ୍ରବଳ ଭକ୍ତି ସ୍ରୋତରେ ପ୍ଲାବିତ କରିଦିଏ।

(୧ମ ଅଧ୍ୟାୟ-୮୧ ପଂକ୍ତି)

କର୍ମ, ଧର୍ମ, ଶାସ୍ତ୍ର, ପୁରାଣ, ଯୋଗ, ହୋମଯଜ୍ଞ, ଧର୍ମାନୁଷ୍ଠାନ, ତୀର୍ଥଯାତ୍ରା, ଜପତପ-ମୋ ପାଇଁ ଏ ସବୁର ସ୍ଥାନ ହେଉଛି ଶ୍ରୀସାଇଙ୍କର ଶ୍ରୀଚରଣ।

(୧ମ ଅଧ୍ୟାୟ-୮୨ ପଂକ୍ତି)

ଗୁରୁଙ୍କର ଉପଦେଶକୁ ନିରନ୍ତର ପାଳନ କଲେ ଓ ତାହାକୁ ଦୃଢ଼ ଭାବରେ ଅନୁସରଣ କଲେ ଅଖଣ୍ଡ ଆସ୍ଥା ଓ ଅଟଳ ବିଶ୍ୱାସ ଉପୁଜିଥାଏ।

(୧ମ ଅଧ୍ୟାୟ-୮୩ ପଂକ୍ତି)



ଗୋବିନ୍ଦ ରଘୁନାଥ ଦାଭୋଲକର - ଅନ୍ନାସାହେବ ଓରଫ୍ ହେମାଡ଼ପନ୍ତ
(୧୮୫୬-୧୯୨୯)

ସେ ବାବାଙ୍କ କୃପା ଲାଭକରି ମରାଠୀ ଭାଷାରେ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ରଚନା କରିବାର ସୌଭାଗ୍ୟପ୍ରାପ୍ତ ହୋଇଥିଲେ । ଏହା ରଚନା କରିବା ପାଇଁ ତାଙ୍କୁ ଦୀର୍ଘ ସାତବର୍ଷ ଲାଗିଥିଲା ।

ଗ୍ରନ୍ଥ ପାରାୟଣ ବିଧାନ

ଏକ ନୂତନ ବସ୍ତ୍ରରେ ଏହି ଗ୍ରନ୍ଥକୁ ଆବୃତ କରି ଶ୍ରଦ୍ଧା ଓ ଭକ୍ତିର ସହିତ ବାବାଙ୍କ ଫଟୋ କିମ୍ବା ମୂର୍ତ୍ତି ସମ୍ମୁଖରେ ଶୁଦ୍ଧପୂତ ଭାବେ ରଖନ୍ତୁ।

ଘରେ ବା ବାହାରେ ଯେଉଁଠି ଥିଲେ ମଧ୍ୟ ଶୋଇବା ପୂର୍ବରୁ ପ୍ରତିଦିନ ଏହି ଗ୍ରନ୍ଥର କିଛି ପୃଷ୍ଠା ପାଠ କରନ୍ତୁ। ଶୋଇବାର ଠିକ୍ ପୂର୍ବରୁ ବାବାଙ୍କୁ ନିଜର ଚିନ୍ତା ରାଜ୍ୟକୁ ଆଣନ୍ତୁ।

ଶ୍ରୀସାଇ ସତ୍‌ଚରିତରେ ଯେପରି ବର୍ଣ୍ଣନା କରାଯାଇଛି, ବିପଦ ସମୟରେ ଏହାକୁ ସେହି ଅନୁରୂପ ପାଠ କରିବା ଉଚିତ। ଯଦି ସମ୍ଭବ ପାରାୟଣ ଗୁରୁବାର ଆରମ୍ଭ କରିବା ଉଚିତ। ନଚେତ ଅନ୍ୟ ଶୁଭ ଦିନମାନଙ୍କରେ ଯଥା ରାମନବମୀ, ଦଶହରା, ଗୁରୁପୂର୍ଣ୍ଣିମା, ଜନ୍ମାଷ୍ଟମୀ, ମହାଶିବରାତ୍ରି ଦିନ ପାରାୟଣ ଆରମ୍ଭ କରନ୍ତୁ। ସପ୍ତମ ଦିନ ପାରାୟଣ ସମାପ୍ତ ହେବା ପରେ ଘରେ ବା ମନ୍ଦିରରେ ଗରିବ ଲୋକଙ୍କୁ ଭୋଜନ କରାଇବା ଉଚିତ।

ମନ୍ଦିରର ଏକ ନିଭୃତ କୋଣରେ ବସି ଏହା ପାଠ କରିବା ଉଚିତ କିମ୍ବା ବାବାଙ୍କର ଫଟୋ, ତୈଳଚିତ୍ର ଅଥବା ପ୍ରତିମୂର୍ତ୍ତି ସମ୍ମୁଖରେ ମଧ୍ୟ ପାରାୟଣ କରାଯାଇପାରିବ। ଯଦି ଅନ୍ୟମାନେ ଉପସ୍ଥିତ ଅଛନ୍ତି, ସେମାନଙ୍କ ସମ୍ମୁଖରେ ବା ସେମାନଙ୍କ ସହ ମିଳିତ ଭାବରେ ମଧ୍ୟ ପାଠ କରାଯାଇପାରିବ। ସାମୂହିକ ପାଠକୁ ସର୍ବଦା ପ୍ରୋତ୍ସାହିତ କରିବା ଉଚିତ।

ଯେତେବେଳେ ଯେଉଁଠାରେ ବି ସମ୍ଭବ ଏହା କୌଣସି ଶୁଭଦିନରେ ସାଇ ମନ୍ଦିରରେ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ପାଠ କରିବା ଉଚିତ। ନାମଜପ କଲାଭଳି ଭକ୍ତମାନେ ଏହାକୁ ଦଳ ଦଳ ହୋଇ ନିରବଚ୍ଛିନ୍ନ ଭାବରେ ସୁସ୍ୱରରେ ଗାନ କରିବେ। ପିଲାମାନଙ୍କୁ ଏହି ଗ୍ରନ୍ଥ ପାଠ କରିବା ପାଇଁ ପ୍ରୋତ୍ସାହିତ କରାଯିବା ଉଚିତ।

ଯେଉଁ ଭକ୍ତମାନେ ବୃଦ୍ଧ, ରୋଗଗ୍ରସ୍ତ ଓ ମୃତ୍ୟୁର ନିକଟବର୍ତ୍ତୀ, ଯେତେ ଅଧିକ ସାଇ ସତ୍‌ଚରିତ ସେମାନଙ୍କ ନିକଟରେ ପାଠ କରାଯାଇପାରିବ, ସେତିକି ଶାନ୍ତିରେ ସେମାନେ ଶେଷ ନିଃଶ୍ୱାସ ତ୍ୟାଗ କରିବେ।

ଦୁଃଖକଷ୍ଟ ବିପର୍ଯ୍ୟୟ ସମୟରେ ଜଣେ ଯଦି ବିଶ୍ୱାସ ସହକାରେ ଶ୍ରୀସାଇ ସତ୍‌ଚରିତ ଉପରେ ନିର୍ଭର କରେ, ସେ କେବଳ ପ୍ରତିକାରର ମାର୍ଗ ପାଏ ନାହିଁ; ପରନ୍ତୁ ସାନ୍ତ୍ୱନା ଓ ସନ୍ତୋଷ ମଧ୍ୟ ଲାଭ କରିଥାଏ।

- ପୂଜ୍ୟ ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ

ଉପକ୍ରମଣିକା

ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସବୁ ପ୍ରକାର ଲୋକମାନଙ୍କ ମନରେ 'ମୋ ସାଇବାବା' ତାଙ୍କର ଅବତାର ଗ୍ରହଣର ଶତାଧିକ ବର୍ଷପରେ ମଧ୍ୟ ଯେଉଁଭଳି ଗଭୀର ପ୍ରଭାବ ପକାଉଛନ୍ତି, ତାହା ଅନ୍ୟ କୌଣସି ବ୍ୟକ୍ତିଙ୍କ ପାଖରେ ଦେଖିବା ଏକ ବିରଳ ଘଟଣା।

ଆଣ୍ଟୋନିଓ ରିଗପାଉଲୋ ତାଙ୍କର "ଦି ଲାଇଫ୍ ଏଣ୍ଡ ଟିଚିଙ୍ଗସ୍ ଅଫ୍ ସାଇବାବା ଅଫ୍ ଶିରିଡ଼ି" ପୁସ୍ତକର ମୁଖବନ୍ଧରେ ଲେଖିଛନ୍ତି, "ଲକ୍ଷ ଲକ୍ଷ ଲୋକ ତାଙ୍କୁ ଭଗବାନ, ଏକ ଅବତାର, ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟ ଓ ସହନଶୀଳତା ପ୍ରତିଷ୍ଠାର ଜଣେ ଗୁରୁ ଭାବରେ ଗ୍ରହଣ କରି ପୂଜାର୍ଚ୍ଚନା କରିଥାନ୍ତି।" ଏକ ଅବତାରଙ୍କର ମୋଟ ଉଦ୍ଦେଶ୍ୟ ହେଉଛି ତୁମ ନିଜେ ଭଗବାନଙ୍କ ଅଂଶ ବୋଲି ତୁମକୁ ଉପଲବ୍ଧି କରାଇବା।

ରିଗପାଉଲୋ ଆହୁରି କହିଛନ୍ତି, "ପ୍ରଥମ ଅବସ୍ଥାରେ ବିସ୍ମୟକର କାର୍ଯ୍ୟ ଓ ରୋଗଉପଶମ କରୁଥିବା ଜଣେ ଫକୀର ରୂପେ ଶ୍ରୀସାଇଙ୍କର ତଥାକଥିତ ଶକ୍ତିଥିବା କାରଣରୁ ତାଙ୍କର ଖ୍ୟାତି କ୍ରମେ କ୍ରମେ ବ୍ୟାପି ଯାଇଥିଲା।"

"ଶିରିଡ଼ି ସନ୍ଥଙ୍କର ଏହି ମୌଳିକ ଗୁଣ ସାଂଗକୁ ତାଙ୍କର ବ୍ୟକ୍ତିତ୍ୱ ବିଚିତ୍ର ଓ ଅଦ୍ଭୁତ ଧରଣର ଥିଲା। ତାଙ୍କର ଜନ୍ମସ୍ଥାନ ଓ ଧର୍ମ ସମସ୍ତଙ୍କ ପାଇଁ ରହସ୍ୟମୟ ଥିଲା ଓ ଆଜି ମଧ୍ୟ ସେ ହିନ୍ଦୁ ଥିଲେ କି ମୁସଲମାନ ଥିଲେ, ସେ ବିଷୟରେ ଲୋକେ ତର୍କ କରିଥାନ୍ତି।"

"ଏକଥା ସତ୍ୟ ଯେ, ଊନବିଂଶ ଶତାବ୍ଦୀରେ ଦିନେ ଜଣେ ତରୁଣ ଯୋଗୀ ଶିରିଡ଼ି ଗ୍ରାମରେ ପହଞ୍ଚିଥିବା ସମୟରେ ତାଙ୍କୁ ମୁସଲମାନ ବୋଲି ଗ୍ରାମବାସୀ ଭାବିଥିଲେ, ସାଇବାବା ବୋଲି ଡାକିଥିଲେ ଓ ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ ସେ ମହାରାଷ୍ଟ୍ର ରାଜ୍ୟର ଅହମଦନଗର ଜିଲ୍ଲା ଅନ୍ତର୍ଗତ ଶିରିଡ଼ି ଗ୍ରାମରେ ଏକ ଭଙ୍ଗା ପରିତ୍ୟକ୍ତ ମସ୍‌ଜିଦ୍‌ରେ ରହୁଥିଲେ।"

"ତାଙ୍କର ମତିଗତିକୁ ସହଜରେ ଠଉରାଇ ହୁଏ ନାହିଁ-କେତେବେଳେ ସ୍ନେହୀ, କଠୋର, ଥଟ୍ଟାଳିଆ ତ କେତେବେଳେ ରାଗୀ! ମାତ୍ର ସେ ବହୁ ସମୟ ଧରି ନିରବତା ଅବଲମ୍ବନ କରି ରହିଥାଆନ୍ତୁ କିମ୍ବା ନୀତିଶିକ୍ଷା ଦେବା ଉଦ୍ଦେଶ୍ୟରେ ଗଳ୍ପ ଶୁଣାଉଥାନ୍ତୁ, ତାଙ୍କର ଆଧ୍ୟାତ୍ମିକ ଆଭା ପ୍ରକଟିତ ହେଉଥିଲା। ସାଇବାବାଙ୍କର ସମଗ୍ର ବ୍ୟକ୍ତିସତ୍ତା, ତାଙ୍କର ଗତିବିଧି, କଥା-ଭାଷା ଓ ଚାହାଣିରୁ ତାଙ୍କ ପବିତ୍ରତାର ଅନୁଭୂତି ସ୍ପଷ୍ଟ ଭାବରେ ତତ୍‌କ୍ଷଣାତ୍ ମିଳୁଥିଲା।"

"ଏହି ମହାନ୍ ଗୁରୁ ନିଜର କଥାଭାଷା ଦ୍ୱାରା ଯେଉଁ ଆଲୋକ ଜାଳିଥିଲେ, ତାହା ଆତ୍ମା ମନ୍ଦିରର ଅନ୍ଧକାରକୁ ଦୂର କରି ଦେଇଥିଲା ଓ ମଣିମାଣିକ୍ୟର ଅନନ୍ୟ ଗନ୍ତାଘରକୁ ଉନ୍ମୁକ୍ତ କରିଦେଇଥିଲା।"

ଶିରିଡ଼ିର ବାସିନ୍ଦାମାନେ ଶ୍ରୀସାଇଙ୍କୁ ସେମାନଙ୍କର ଇଷ୍ଟଦେବତା ଭଳି ପୂଜା କରୁଥିଲେ। ସେ ଶିରିଡ଼ିରେ ସତ୍-ଚିତ୍-ଆନନ୍ଦର ମୂର୍ତ୍ତରୂପ-ସଦ୍‌ଗୁରୁ ଭଳି ରହୁଥିଲେ। ସେ ଥିଲେ ମହାରାଜ ଯୋଗୀରାଜ ଓ ପରଂବ୍ରହ୍ମ। ଲୋକେ ଖାଇବା, ପିଇବା, ବାଡ଼ିବଗିଚାରେ କାମ କରିବା ଓ ଗୃହ କାର୍ଯ୍ୟ କରିବା ସମୟରେ ସାଇବାବାଙ୍କର ମହିମା ଗାନ କରୁଥିଲେ, ସର୍ବଦା ତାଙ୍କୁ ସ୍ମରଣ କରୁଥିଲେ। ପ୍ରଥମ ଅବସ୍ଥାରେ ବାବା କିନ୍ତୁ ତାଙ୍କର ପୂଜାର୍ଚ୍ଚନା କରିବା ପାଇଁ କାହାରିକୁ ଅନୁମତି ଦେଉନଥିଲେ। କେହି ଯଦି ପୂଜା କରିବା ପାଇଁ ଥାଳି ଧରି ପହଞ୍ଚୁଥିଲା, ବାବା ଗାଳିଗୁଲଜ କରି ସେ ଥାଳିକୁ ଫିଙ୍ଗି ଦେଉଥିଲେ। ପରେ ଲୋକମାନଙ୍କର ନିରୋଳା ଭକ୍ତି ଦେଖି ସେ ନରମି ଥିଲେ। ମସ୍‌ଜିଦ୍‌ରେ ବାବାଙ୍କର ପୂଜା ଏହିପରି ୧୮୯୪ ମସିହା ବେଳକୁ ଚାଲୁଥିଲା। ସଙ୍ଗମନେରର କାଜୀଙ୍କ ନେତୃତ୍ୱରେ କେତେଜଣ ମୁସଲମାନ ଏହାର ବିରୋଧ କରିଥିଲେ। ବାବାଙ୍କ ପୂଜା କରିବାରେ ମହାଲ୍‌ସାପତି ଅଗ୍ରଣୀ ଥିଲେ ଓ ତାଙ୍କ ପଛକୁ ଥିଲେ ନାନାସାହେବ ଚାନ୍ଦୋରକର। ମେଘା ମଧ୍ୟ ଆଡ଼ମ୍ବରରେ ପୂଜା କରୁଥିଲେ। ତାତ୍ୟାସାହେବ ନୁଲକରଙ୍କର ଜଣେ ବନ୍ଧୁ ଡ. ପଣ୍ଡିତ ହିଁ ପ୍ରଥମେ ବାବାଙ୍କ କପାଳରେ ଚନ୍ଦନର ତ୍ରିପୁଣ୍ଡ୍ର ବା ତିନୋଟି ସମାନ୍ତରାଳ ରେଖା ତାଙ୍କ ନିଜ ଗୁରୁଙ୍କୁ ପିନ୍ଧାଉଥିବା ଭଳି ପିନ୍ଧାଇଥିଲେ। ତା' ପୂର୍ବରୁ କେବଳ ମହାଲ୍‌ସାପତି ହିଁ ବାବାଙ୍କ ଗଳାରେ ଚନ୍ଦନ ତିଳକ ଲଗାଉଥିଲେ।

"ଅନ୍ୟ ଦେବଦେବୀଙ୍କ ପୂଜାର୍ଚ୍ଚନା ନିମନ୍ତେ ନିର୍ଦ୍ଦିଷ୍ଟ ଉପକରଣ ଓ ପଦ୍ଧତି ରହିଛି। କିନ୍ତୁ ଆପଣଙ୍କ ପୂଜା ପାଇଁ ପୃଥିବୀର କୌଣସି ବସ୍ତୁ ଯୋଗ୍ୟ ନୁହେଁ" ବୋଲି ଦାସଗଣୁ କହିଥିଲେ। ଭକ୍ତମାନେ ଅବତାର ପୁରୁଷ ତଥା ସଦ୍‌ଗୁରୁ ଶ୍ରୀସାଇନାଥ ମହାରାଜଙ୍କୁ ଶିରିଡ଼ିରେ ନିଜ ଇଚ୍ଛା ଅନୁଯାୟୀ ପୂଜା କରୁଥିଲେ। ବାବା ତାଙ୍କର ବସିବା ପାଇଁ ପୁରୁଣା ଅଖା ପାଲ ବ୍ୟବହାର କରୁଥିଲେ, ଭକ୍ତମାନେ ତା' ଉପରେ ସୁନ୍ଦର ଛୋଟିଆ ଗଦିଟିଏ ବିଛାଇଦେଇ ପଛପଟେ ଆଉଜିବା ପାଇଁ ଗୋଲାକାର ତକିଆ ଖଣ୍ଡେ ଦେଇଥିଲେ। ବାବା ଭକ୍ତମାନଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ସେମାନଙ୍କୁ ସେମାନଙ୍କର ଇଚ୍ଛାମତେ ପୂଜା କରିବା ପାଇଁ ପୂରା ସ୍ୱାଧୀନତା ଦେଇଥିଲେ। କେତେକ ଭକ୍ତ ତାଙ୍କ ନିକଟରେ ଚାମର ପକାଉଥିଲେ, କେତେକ ବାଦ୍ୟଯନ୍ତ୍ର ବଜାଉଥିଲେ, କେତେକ ତାଙ୍କର ହାତଗୋଡ଼ ପଖାଳୁଥିଲେ, କେତେକ ଧୂପବତୀ ଜାଳୁଥିଲେ, ଅତର ଢାଳୁଥିଲେ ଓ ପାନଗୁଆ ଖାଇବାକୁ ଦେଉଥିଲେ, କେତେକ ଭକ୍ତ ଅର୍ଘ୍ୟ ଢାଳି ତାଙ୍କର ପାଦ ଧୋଇଦେଉଥିବାବେଳେ ଆଉ କେତେକ ବାବାଙ୍କ ପାଖରେ ନୈବେଦ୍ୟ ବାଢ଼ୁଥିଲେ।

୧୯୦୯ ମସିହା ପାଖାପାଖି ସମୟ ବେଳକୁ ସାଇବାବାଙ୍କର ମଧ୍ୟାହ୍ନ ଆରତି ପୂଜା ସମୂହ ଭାବରେ ଆରମ୍ଭ ହୋଇଥିଲା। ୧୯୦୯ ମସିହା ଡିସେମ୍ବର ୧୦ତାରିଖଠାରୁ ବାବା ଦିନେ ଛାଡ଼ି ଦିନେ ଶୋଭାଯାତ୍ରାରେ ମସ୍‌ଜିଦ୍‌ରୁ ଚାୱଡ଼ିକୁ ଯାଉଥିଲେ ଓ ସେଠାରେ ଶେଯ ଆରତି ହେଉଥିଲା। ସକାଳ ଆରତି ବା କାକଡ଼ ଆରତି ବାବା ଚାୱଡ଼ିରୁ ଦ୍ୱାରକାମାୟୀ ମସ୍‌ଜିଦ୍‌କୁ ଫେରିବା ପୂର୍ବରୁ ହେଉଥିଲା। ସଂଧ୍ୟା ଆରତି ବହୁତ ଦିନ ପରେ ଆରମ୍ଭ ହୋଇଥିଲା।

ଗୋବିନ୍ଦରାଓ ରଘୁନାଥ ଦାଭୋଲକର ୧୯୧୦ ରୁ ୧୯୧୬ ମସିହା ପର୍ଯ୍ୟନ୍ତ ଶିରିଡ଼ିରେ ମଝିରେ ମଝିରେ ରହୁଥିବା ସମୟରେ ବାବାଙ୍କର ସ୍ମରଣୀୟ ଜୀବନ ଚରିତ ଲେଖିବା ପାଇଁ ମନ ବଳାଇଥିଲେ। ସେ ପ୍ରଥମେ ବାବାଙ୍କର ଗହମ ପେଷିବା ଓ ଅଟାକୁ ଗ୍ରାମସୀମାରେ ବିଞ୍ଚିଦେଇ ହଇଜାକୁ ଘଉଡ଼ାଇ ଦେବାର ଘଟଣାକୁ ଦେଖିଥିଲେ। ଏହି ଘଟଣାହିଁ ତାଙ୍କୁ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ଲେଖିବା ପାଇଁ ପ୍ରେରଣା ଯୋଗାଇଥିଲା। ସେ ଅନୁଭବ କରିଥିଲେ ଯେ ବାବା ଚକି ଦ୍ୱାରା ଗହମ ନପେଷି ପ୍ରତିଦିନ ଭକ୍ତମାନଙ୍କର ଦୁଃଖଦୁର୍ଦ୍ଦଶା, ଶାରୀରିକ ଓ ମାନସିକ କଷ୍ଟ ତଥା ପାପକୁ ପେଷି ଚୂର୍ଣ୍ଣବିଚୂର୍ଣ୍ଣ କରି ଦେଉଛନ୍ତି। ସେ ବାବାଙ୍କର ଜୀବନୀ ଲେଖିବାକୁ ଅନୁମତି ମାଗିଥିଲେ ଓ ତାହା ମିଳିଥିଲା। ତାଙ୍କୁ ପ୍ରଥମେ ସମସ୍ତ ଘଟଣାକୁ ଟିପି ରଖିବା ପାଇଁ କୁହାଯାଇଥିଲା ଓ ସେ ତାହାହିଁ କରିଥିଲେ। ଏହି ମହାକାବ୍ୟର ପ୍ରକୃତ ରଚନା ବାବାଙ୍କର ମହାସମାଧି ପରେହିଁ ଆରମ୍ଭ ହୋଇଥିଲା।

ଦାଭୋଲକରଙ୍କ ରଚିତ ଏହି କାବ୍ୟ "ଏକନାଥୀ ଭାଗବତ" ଶୈଳୀରେ ତେପନଟି ଅଧ୍ୟାୟରେ ଶେଷ ହୋଇଥିଲା ଓ ସେଥିରେ ନଅ ହଜାରରୁ ଅଧିକ ପଂକ୍ତି ରହିଥିଲା। ପ୍ରତ୍ୟେକ ଅଧ୍ୟାୟରେ ଦର୍ଶନ, ଶିକ୍ଷା ବା ଉପଦେଶ ଓ ନାନା ଘଟଣାର ବର୍ଣ୍ଣନା ରହିଥିଲା। ବହିଟି ସାଇଭକ୍ତମାନଙ୍କ ନିକଟରେ ବେଦ ଭଳି ପବିତ୍ର ବିବେଚିତ ହେଉଥିଲା।

କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୱ କାଳ ତଳେ ଶିରିଡ଼ିରେ ମୋର ସମ୍ମାନନୀୟ ଶିବନେସାଣ ସ୍ୱାମୀଜୀଙ୍କ ସହିତ କଥାବାର୍ତ୍ତା ସମୟରେ ମରାଠୀ ଭାଷାରେ ଲିଖିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ପଢ଼ିବା ମୋର ଆରମ୍ଭ ହୋଇଥିଲା। ମୋର ପଢ଼ିବା କହିବା ଠିକ୍ ହେବନାହିଁ, ବରଂ ମୋତେ ପଢ଼ି ଶୁଣାଇ ଦିଆଯାଉଥିଲା ବୋଲି କହିଲେ ଠିକ୍ ହେବ। କାରଣ, ମୁଁ ସେହି ଭାଷା ଆଦୌ ଜାଣିନଥିଲି।

ଏହା ପରେ ଦୀର୍ଘ ପଥ ଅତିକ୍ରମ କରି ଆସିଲିଣି। ମୋର ଶିକ୍ଷୟିତ୍ରୀ ଶ୍ରୀମତୀ ମୋହିନୀ ଭର୍ଦ୍ଦେ ଯାହା ଶିଖାଇଥିଲେ ତାକୁ ହୃଦୟଙ୍ଗମ କରିବାକୁ ଚେଷ୍ଟା କରି କରି ମୁଁ ଏହାକୁ ଇଂରାଜୀରେ ଲେଖିଲି। ମୁଁ ୫୩ଟି ଅଧ୍ୟାୟ ମଧ୍ୟରୁ ଅଧାରୁ ଅଧିକ ଲେଖି ସାରିବା ପରେ ବିଭିନ୍ନ ଘଟଣା ଘଟି ଲେଖାରେ ବ୍ୟାଘାତ ସୃଷ୍ଟି ହେଲା। ତନ୍ମଧ୍ୟରେ ମୋ ଶିକ୍ଷୟିତ୍ରୀଙ୍କ ବାପା ଓ ମୋର ଅତିପ୍ରିୟ ମାତା ଧୁନମାଇ ମୃତ୍ୟୁବରଣ କଲେ। ପୂଜ୍ୟ ଶିବନେସାଣ ସ୍ୱାମୀଜୀ ମୋର ସମସ୍ତ କାର୍ଯ୍ୟ ଭଳି ଏହାର ରଚନା ପାଇଁ ମଧ୍ୟ ଉତ୍ସାହ ଦେଇ ଚାଲିଥିଲେ।

ମୋର ପ୍ରକାଶିତ ବହିଗୁଡ଼ିକୁ ଦେଖି ଶିରିଡ଼ିର ଶ୍ରୀସାଇବାବା ସଂସ୍ଥାନ ମୁଁ ସତ୍‌ଚରିତ ଉପରେ କିଛି କାର୍ଯ୍ୟ କରିଛି କି ନାହିଁ ଜାଣିବାକୁ ଚାହିଁଥିଲେ। ସଂସ୍ଥାନର ନିର୍ଦ୍ଦେଶ ଅନୁଯାୟୀ 'ଶ୍ରୀସାଇଲୀଳା' ପତ୍ରିକାକୁ ଏହାର ଅଧ୍ୟାୟମାନଙ୍କର ପାଣ୍ଡୁଲିପି ପଠାଗଲା

ଓ ସେମାନେ ତାହାକୁ ବର୍ଷ ବର୍ଷ ଧରି ଅଧ୍ୟାୟ ପରେ ଅଧ୍ୟାୟ ଛାପି ଚାଲିଲେ। ବହି ଆକାରରେ ଛାପିବାର ଆବଶ୍ୟକତା ଅନୁଭବ କରାଯାଉଥିଲେ ମଧ୍ୟ ଏ ଦିଗରେ ଉଦ୍ୟମ ହୋଇନଥିଲା।

ସାଇବାବା ମନ୍ଦିର ସୋସାଇଟି, ସାଇଧାମ, ଟାଇଗାଓଁ ରୋଡ଼, ଫରିଦାବାଦ (ହରିୟାନା)ର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ମୋତିଲାଲ ଗୁପ୍ତାଙ୍କ ପରାମର୍ଶରେ ସାଇ ପ୍ରେସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍, ନୂଆଦିଲ୍ଲୀର ଶ୍ରୀ ବିଜୟ ଆର୍. ରାଘବନ୍ ପ୍ରାୟ ବର୍ଷକ ତଳେ ଶିରିଡ଼ି ଆସିଥିଲେ। ସେ ଆଗ୍ରହର ସହ କୌଣସି ଆର୍ଥିକ ଲାଭ କଥା ଚିନ୍ତା ନ କରି ବିନା ସ୍ୱାର୍ଥରେ ବହି ପ୍ରକାଶନର ଦାୟିତ୍ୱ ନେଇଥିଲେ। ଉଭୟଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି।

ଉଭୟେ ଅନ୍ୟ କୌଣସି ବିଷୟ ପ୍ରତି ଦୃଷ୍ଟି ନଦେଇ ବହି ପ୍ରକାଶନ ପାଇଁ ବିଭିନ୍ନ ସ୍କେଚ୍ ଓ ଫଟୋଗ୍ରାଫ୍‌ମାନ ଯୋଗାଡ଼ କରି ବହିଟି ଛାପିବାର ପ୍ରତ୍ୟେକ ଦିଗରେ ସମ୍ପୂର୍ଣ୍ଣ ଧ୍ୟାନ ଓ ସମୟ ଦେଇଥିଲେ।

ଶ୍ରୀମତୀ ବିନ୍ନି ଚିତ୍ଲୁରୀଙ୍କ ଲେଖା ବହି "ଆମ୍ବ୍ରୋସିଆ ଇନ୍ ଶିରିଡ଼ି"ର ପ୍ରଥମ ଭାଗ ଜୁଲାଇ ୨୦୦୭ରେ ପ୍ରକାଶିତ ହୋଇଥିଲା। ସେ ବହୁ କଷ୍ଟକରି ସଂଗ୍ରହ କରିଥିବା ଫଟୋଗୁଡ଼ିକୁ ଆମ ଅନୁରୋଧରେ ଶ୍ରୀସାଇନାଥଙ୍କ ପ୍ରତି ଭକ୍ତି ସ୍ୱରୂପ ସତ୍‌ଚରିତରେ ପ୍ରକାଶ ପାଇଁ ଦେଇଥିଲେ। ସେ କେତେକ ସ୍କେଚ୍ ମଧ୍ୟ ଅଙ୍କନ କରାଇଥିଲେ ଓ ଶ୍ରୀ ରାଘବନଙ୍କ ସହିତ ଘନିଷ୍ଠ ସହଯୋଗ ରଖି ବହିର ପାଠକୀୟ ମୂଲ୍ୟ ବଢ଼ାଇବାରେ ସାହାଯ୍ୟ କରିଥିଲେ। ମୋର ପ୍ରିୟ ବାନ୍ଧବୀଙ୍କୁ ତାଙ୍କର ମୂଲ୍ୟବାନ ଅବଦାନ ନିମିତ୍ତ ଧନ୍ୟବାଦ ଦେବା ପାଇଁ ମୋ ନିକଟରେ ଭାଷା ନାହିଁ।

ମୋର ପ୍ରିୟ ଓ ସମ୍ମାନନୀୟ ବନ୍ଧୁ ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଏମ୍.ବି. ନିମ୍ବଲକରଙ୍କ ମରାଠୀ ଭାଷାରେ ଲିଖିତ ସତ୍‌ଚରିତର ଗଦ୍ୟ ପ୍ରକାଶନ ମୋତେ ବହୁତ ସାହାଯ୍ୟ କରିଛି। ସେ ମୋତେ ଘଟଣାବଳୀର କ୍ରମସୂଚୀ ଯାହାକୁ ସେ ବହୁ କଷ୍ଟ ସ୍ୱୀକାର କରି ପ୍ରସ୍ତୁତ କରିଥିଲେ, ତାହାର ପୁନଃପ୍ରକାଶନ ମୋ ବହିରେ କରିବା ପାଇଁ ଅନୁମତି ଦେଇଥିବାରୁ ମୁଁ ତାଙ୍କ ପାଖରେ କୃତଜ୍ଞ। ଶେଷ ଆଡ଼କୁ ସେଥିରେ କେତେକ ପରିବର୍ତ୍ତନ ଅବଶ୍ୟ କରାଯାଇଛି। ଏ ବହିଟିକୁ ତାଙ୍କୁ ଦେଇପାରିଥିଲେ ମୁଁ ଖୁସି ହୋଇଥାନ୍ତି !

ନୂଆଦିଲ୍ଲୀର ଶ୍ରୀ ସୁରେଶ ଚନ୍ଦ୍ର ଗୁପ୍ତା ଅତ୍ୟନ୍ତ ଆୟାସ ସହକାରେ ବହିଟିର ଶେଷ ପ୍ରୁଫ୍ ପଢ଼ି କେତେକ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ତାଙ୍କର ସାହାଯ୍ୟ ପାଇ ଆମେ ପ୍ରକୃତରେ ଉପକୃତ ହୋଇଛୁ। ଶ୍ରୀସାଇନାଥଙ୍କ ପ୍ରତି ତାଙ୍କର ଭକ୍ତି ପ୍ରଦର୍ଶନ ଯୋଗୁଁ ଏହା ହୋଇପାରିଛି।

ଶ୍ରୀମତୀ ଉଷା ତେମ୍ଭେଙ୍କ ଧୈର୍ଯ୍ୟ, ଅଧ୍ୟବସାୟ, ବିଜ୍ଞତା ଓ ଉତ୍ସର୍ଗୀକୃତ ମନୋବୃତ୍ତି ବିନା ଏହି ଅନୁବାଦ କାର୍ଯ୍ୟ ସମ୍ଭବ ହୋଇପାରି ନଥାନ୍ତା ବୋଲି କହିବା ଅନାବଶ୍ୟକ। ଆମେ ଏହି କାମ ଆରମ୍ଭ କରିବା ସମୟରେ ପରସ୍ପର ଅଚିହ୍ନା ଥିଲୁ, କିନ୍ତୁ ପରେ ସେ ମୋର ବନ୍ଧୁ ହୋଇଗଲେ। ଶ୍ରୀମତୀ ତେମ୍ଭେ ଏହି କାର୍ଯ୍ୟ ପାଇଁ ସଂସ୍କୃତ ପ୍ରଫେସର ପଣ୍ଡିତ ଡ. ମୋରେଶ୍ୱର ପରଡ଼କରଙ୍କ ସାହାଯ୍ୟ ନେଇଥିଲେ ଓ ସେ ଏହି ଭକ୍ତିରସାମୃତ ରଚନାର ଅନେକ ଅଧ୍ୟାୟ ଅନୁବାଦ କରିବାରେ ଆମକୁ ସାହାଯ୍ୟ କରିଥିଲେ। ମୁଁ ଓ ଶ୍ରୀମତୀ ତେମ୍ଭେ ପ୍ରଫେସର ଡ. ପରଡ଼କରଙ୍କ ନିକଟରେ ଋଣୀ ବୋଲି ସ୍ୱୀକାର କରୁଛୁଁ।

ଶିରିଡ଼ିର ଶ୍ରୀସାଇବାବା ଯିଏକି ବର୍ତ୍ତମାନ ସାରା ବିଶ୍ୱରେ ସୁପରିଚିତ, ତାଙ୍କୁ ଗଭୀର ଭକ୍ତି ଜଣାଇ ମୁଁ ବିଶ୍ୱାସ କରୁଛି ଯେ ଶ୍ରୀସାଇନାଥଙ୍କର ଭକ୍ତମାନେ ଏହି ଉଦ୍ୟମକୁ ନିଶ୍ଚୟ ସ୍ୱାଗତ କରିବେ ଓ ସେମାନଙ୍କର ଦୈନନ୍ଦିନ ପ୍ରାର୍ଥନାରେ ଏହି ପୁସ୍ତକକୁ ଉପଯୋଗ କରିବା ସହିତ ନିଜର ପରିବାରବର୍ଗଙ୍କୁ ତାହା କରିବା ପାଇଁ ଉଦ୍‌ବୁଦ୍ଧ କରିବେ।

ଯଦି କିଛି ଦୋଷତ୍ରୁଟି ଥାଏ, ତାହା ମୋର ବୋଲି ପାଠକମାନେ ଧରି ନେବେ ଓ ନିଜର ଉଦାରତା ଗୁଣରେ ମାର୍ଜନା କରିବେ।

'ନାତା-ସାହି', ୬୯, ଓର୍ଲି-ସି ଫେସ୍,
ମୁମ୍ବାଇ-୪୦୦୦୨୫

ଜରିନେ
୩୦ ଅକ୍ଟୋବର, ୨୦୦୩

ଆତ୍ମ-କଥନ

ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ସାଇନାଥ ମହାରାଜଙ୍କ ପ୍ରତ୍ୟକ୍ଷ ପ୍ରେରଣା ଓ ଆଶୀର୍ବାଦରେ ଗୋବିନ୍ଦରାଓ ରଘୁନାଥ ଦାଭୋଲକର ଓରଫ୍ ହେମାଡ଼ପନ୍ତଙ୍କ ଦ୍ୱାରା 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ଲେଖା ୧୯୨୨ ମସିହା ଚୈତ୍ରମାସରେ ଆରମ୍ଭ ହୋଇଥିଲା ଓ ଦୀର୍ଘ ସାତବର୍ଷ ପରେ ୧୯୨୯ ମସିହା ଜ୍ୟେଷ୍ଠ ମାସରେ ତାହାର ୫୨ତମ ଅଧ୍ୟାୟ ସମାପ୍ତ ହୋଇଥିଲା। ୫୨ତମ ଅଧ୍ୟାୟକୁ ଗ୍ରନ୍ଥର ସମାପନ ଅଧ୍ୟାୟ ବୋଲି ସେହି ଅଧ୍ୟାୟର ୮୨ତମ ପଂକ୍ତିରେ ନିଜେ ହେମାଡ଼ପନ୍ତ ଉଲ୍ଲେଖ କରିଛନ୍ତି। ସେହିକାଳର ପ୍ରଥାନୁଯାୟୀ ଗ୍ରନ୍ଥ ରଚନାର ସମାପ୍ତି ପରେ ଅନ୍ୟ ଏକ ଅଧ୍ୟାୟ 'ଅବତରଣିକା' ନାମରେ ରଚନା କରାଯାଏ, ଯେଉଁଥିରେକି ଗ୍ରନ୍ଥର ସମସ୍ତ ଅଧ୍ୟାୟର ସାରମର୍ମ କ୍ରମାନୁଯାୟୀ ସ୍ଥାନିତ ହୁଏ। ଏହିଭଳି ଏକ 'ଅବତରଣିକା' ଗ୍ରନ୍ଥର ପ୍ରତି ଅଧ୍ୟାୟ ଲେଖାହେଉଥିବା ସମୟରେ ଟିପାଯାଇଥାଏ। ହେମାଡ଼ପନ୍ତ ମଧ୍ୟ ସେହିଭଳି କରିଥିବେ ଓ କରିଥିବାର ସୂଚନା ମଧ୍ୟ ବିଭିନ୍ନ ଟୁକୁରା କାଗଜ ତଥା ଚିର୍‌କୁଟରୁ ମିଳିଥିଲା। କିନ୍ତୁ ହେମାଡ଼ପନ୍ତଙ୍କର ଅକସ୍ମାତ୍ ବିୟୋଗ ପରେ ତାଙ୍କ ଲିଖିତ ସେହି 'ଅବତରଣିକା'ର ପୂର୍ଣ୍ଣାଙ୍ଗ ଅଂଶ କେଉଁଠାରୁ ହେଲେ ମିଳି ନଥିଲା। ତାଙ୍କର ସୁଯୋଗ୍ୟ ପୁତ୍ର ଗଜାନନ ରାଓ ତନ୍ନତନ୍ନ କରି ସମସ୍ତ ସମ୍ଭାବ୍ୟ ସ୍ଥାନ ଖୋଜିଥିଲେ ମଧ୍ୟ ସେହି ଅଧ୍ୟାୟଟି ମିଳି ନ ଥିଲା। ତେଣୁ ଶିରିଡ଼ିର ଶ୍ରୀସାଇବାବା ସଂସ୍ଥାନର ଅନୁରୋଧ କ୍ରମେ ବାଲାବୁଓ୍ୱା ଦେଓ ଓରଫ୍ ବାଳକୃଷ୍ଣ ଦେବଙ୍କୁ ଗ୍ରନ୍ଥର 'ଅବତରଣିକା' ଲେଖିବା ପାଇଁ କୁହାଯାଇଥିଲା ଓ ସେ ତାହାକୁ ଲେଖି ଗ୍ରନ୍ଥର ୫୩ତମ ଅଧ୍ୟାୟ ପୂରଣ କରିଥିଲେ।

ଶ୍ରୀସାଇବାବାଙ୍କ ଭକ୍ତମାନଙ୍କ ମଧ୍ୟରେ ବେଦସଦୃଶ ଆଦୃତ ଓ ଆଜିର ବିଶ୍ୱବିଖ୍ୟାତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ସମ୍ପୂର୍ଣ୍ଣ ଗ୍ରନ୍ଥ ରୂପେ ପ୍ରକାଶିତ ହେବାର ଦର୍ଶନଲାଭ କରିବାରୁ ଲେଖକ ହେମାଡ଼ପନ୍ତ ବଂଚିତ ହୋଇଥିଲେ। କାରଣ, ସେ ୭୦ ବର୍ଷ ବୟସରେ ୧୯୨୯ ମସିହା ଜୁଲାଇ ୧୫ ତାରିଖରେ ଇହଧାମ ତ୍ୟାଗ କରି ସ୍ୱଧାମକୁ ବାହୁଡ଼ି ଯାଇଥିଲେ। ତଥାପି ତାଙ୍କ ଲିଖିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ଧାରାବାହିକ ଭାବରେ 'ସାଇଲୀଳା' ପତ୍ରିକାରେ ପ୍ରକାଶ ପାଇଆସୁଥିଲା ଓ ହେମାଡ଼ପନ୍ତ ତାଙ୍କର ମାନସ-ସନ୍ତାନକୁ ଛପା ଅକ୍ଷରରେ ପୂର୍ଣ୍ଣତଃ ଦେଖିନଥିଲେ ମଧ୍ୟ କିଛି ଅଂଶରେ ଦେଖିଥିଲେ।

'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ୩୯ତମ ଅଧ୍ୟାୟରେ ବର୍ଣ୍ଣିତ ହୋଇଥିବା ଶ୍ରୀମଦ୍ ଭଗବଦ୍ ଗୀତାର ଜ୍ଞାନଯୋଗ(ଚତୁର୍ଥ ଅଧ୍ୟାୟ)ର ୩୪ତମ ଶ୍ଳୋକ ସମ୍ପର୍କରେ ନାନାସାହେବ ଓ ଶ୍ରୀସାଇ ମହାରାଜଙ୍କର କଥୋପକଥନକୁ 'ସାଇଲୀଳା'ର କେତେକ ପାଠକ ଗ୍ରହଣ କରିପାରିନଥିଲେ। ସେମାନେ ନିଜ ନିଜର ପ୍ରଥମ ଅଭିଯୋଗରେ ଶ୍ରୀସାଇଙ୍କର ସଂସ୍କୃତ ଭାଷା ଉପରେ ଏତେ ଗଭୀର ଜ୍ଞାନ ଥିବା ନେଇ ସନ୍ଦେହ ପ୍ରକାଶ କରିଥିଲେ। ସେମାନଙ୍କର ଅନ୍ୟ ଅଭିଯୋଗ ଥିଲା ଯେ ନାନାସାହେବ ଏଭଳି ଏକ ଉଦ୍ଭଟ ମନଗଢ଼ା କାହାଣୀ ସୃଷ୍ଟି କରିଛନ୍ତି ଓ ନିଜର ମିଥ୍ୟା ପାଣ୍ଡିତ୍ୟ ଦେଖାଇବାକୁ ଯାଇ ଭଗବଦ୍ ଗୀତାର ଚତୁର୍ଥ ଅଧ୍ୟାୟରେ ୩୪ତମ ଶ୍ଳୋକର ଦ୍ୱିତୀୟ ପାଦରେ 'ତେ' ଅକ୍ଷର ପରେ ଓ 'ଜ୍ଞାନଂ' ଶବ୍ଦ ପୂର୍ବରୁ ଅଣ-ଉଚ୍ଚାରିତ 'ଅ' ଲୁକ୍କାୟିତ ଥିବାର କଳ୍ପନା କରି ଏକ ଅବାଞ୍ଛିତ ବିତର୍କ ଆରମ୍ଭ କରିଛନ୍ତି। ଏହି ପ୍ରସଙ୍ଗରେ କୌଣସି ଭାଷ୍ୟକାର କେବେ ମଧ୍ୟ ସନ୍ଦେହ ଉତ୍‌ଥାପନ କରିନାହାନ୍ତି ଓ ନାନାସାହେବ ଅତ୍ୟନ୍ତ ଅସାଧୁ ଉପାୟରେ ଗୀତାର ଏହି ଶ୍ଳୋକର ଏକ ବିପରୀତ ଅର୍ଥ ବାହାର କରି ତାହାକୁ ବିକୃତ କରିବାର ଅପଚେଷ୍ଟା କରିଛନ୍ତି। ସେମାନେ ନାନାସାହେବଙ୍କୁ 'ମିଥ୍ୟାବାଦୀ' ବୋଲି କହି ମଧ୍ୟ ଦୋଷାରୋପ କରିଥିଲେ। ପାଠକମାନଙ୍କର ଏସବୁ ଅଭିଯୋଗର ଉତ୍ତର ଦେବା ନିମନ୍ତେ ବ୍ୟକ୍ତିଗତ ଭାବରେ ଶ୍ରୀସାଇ ମହାରାଜ କି ନାନାସାହେବ ଚାନ୍ଦୋରକର ସେତେବେଳେ ସ୍ୱଦେହରେ ନଥିଲେ। ଶ୍ରୀସାଇ ମହାରାଜ ୧୯୧୮ ମସିହା ଅକ୍ଟୋବର ୧୫ ତାରିଖ ଦିନ ଆଶ୍ୱିନ ଏକାଦଶୀ ତିଥିରେ ମହାସମାଧି ନେଇଥିବାବେଳେ ନାନାସାହେବ ଚାନ୍ଦୋରକର ୧୯୨୧ ମସିହା ଅଗଷ୍ଟ ମାସରେ ମହାପ୍ରୟାଣ କରିଥିଲେ। ଏ ସମସ୍ତ ଅଭିଯୋଗ ପ୍ରାପ୍ତ ହେବା ପରେ ହେମାଡ଼ପନ୍ତ ନିଜର ଉତ୍ତର ଦେବାକୁ ଯାଇ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ରେ ୫୦ତମ ଅଧ୍ୟାୟ ରଚନା କରିଛନ୍ତି ଓ ସେଥିରେ ଏ ସମସ୍ତ ଅଭିଯୋଗ ଉଲ୍ଲେଖ କରିବା ସହିତ ତାହାର ଯଥାଯଥ ବିଶ୍ଳେଷଣ କରି ବେଦାନ୍ତ ମତାନୁସାରେ ନିଜର ଯୁକ୍ତି ବାଢ଼ିଛନ୍ତି।

୧୯୨୯ ମସିହାରୁ ମରାଠୀ ଭାଷାରେ ଲେଖାଯାଇଥିବା 'ସତ୍‌ଚରିତ' ଅନ୍ୟମାନଙ୍କ ପାଇଁ ସହଜରେ ବୋଧଗମ୍ୟ ନୁହେଁ। ବିଭିନ୍ନ ଭାଷାରେ ଏହାର ଭାଷାନ୍ତର ହେବା ମଧ୍ୟ ସହଜ ହୋଇନଥିଲା। ଶ୍ରୀମତୀ ଜରିନେ ଏକ ସାହସିକ ପଦକ୍ଷେପ ନେଇ ୨୦୦୩ ମସିହାରେ ଏହି ମୂଳଲେଖାର ଅବିକଳ ଇଂରାଜୀ ଅନୁବାଦ କରିଥିଲେ ଓ ସେହିଦିନଠାରୁ ଏହା ଅଧିକ ଆଦୃତ ହୋଇପାରିଛି। ଶ୍ରୀସାଇବାବା ସଂସ୍ଥାନ, ଶିରିଡ଼ି

‘ଶ୍ରୀସାଇ ସତ୍‌ଚରିତ’ ନାମରେ ମୂଳଲେଖାର ଏକ ସଂକ୍ଷିପ୍ତ ଗ୍ରନ୍ଥ ଇଂରାଜୀରେ ପ୍ରକାଶ କରିଥିଲେ ଓ ତାହାର ଅନୁବାଦ ବିଭିନ୍ନ ଭାରତୀୟ ଭାଷା ତଥା ଓଡ଼ିଆରେ ମଧ୍ୟ ହୋଇଅଛି। କିନ୍ତୁ ମୂଳ ଗ୍ରନ୍ଥଟି ପୂର୍ଣ୍ଣ ରୂପରେ ଓଡ଼ିଆରେ ଏଯାବତ୍ ପ୍ରକାଶିତ ହୋଇନାହିଁ। ବର୍ତ୍ତମାନର ଏହି ପବିତ୍ର ଗ୍ରନ୍ଥଟି ମୂଳ ମରାଠୀ ଲେଖାର ଅବିକଳ ଅନୁବାଦ ହୋଇଥିବାରୁ ଏହାର ପଠନ ଶୈଳୀ ଅତ୍ୟନ୍ତ ହୃଦୟଗ୍ରାହୀ ଓ ଗ୍ରନ୍ଥର କଳେବର ମଧ୍ୟ ଅନୁରୂପ ଭାବରେ ବେଶ୍ ବୃହତ୍।

ହେମାଡ଼ପନ୍ତଙ୍କ ଦ୍ୱାରା ଲିଖିତ ଏହି ମୂଳଲେଖାରେ ଶ୍ରୀସାଇ ମହାରାଜଙ୍କର ଜୀବନର କେତୋଟି ଘଟଣାକୁ କଥା ଛଳରେ କେବଳ ବର୍ଣ୍ଣନା କରାଯାଇନାହିଁ, ଅପରନ୍ତୁ ଏହି ଗ୍ରନ୍ଥରେ ନଅ ହଜାର ତିନିଶହ ଦଶଟି ପଂକ୍ତିରେ ପୂର୍ବାପର ଇତିହାସ, ଉପଦେଶ ଓ ବେଦାନ୍ତର ଗୂଢ଼ ତତ୍ତ୍ୱକୁ ଅତ୍ୟନ୍ତ ସରଳ, ସାବଲୀଳ ଓ ପ୍ରାଞ୍ଜଳ ଭାବରେ ବୁଝାଇ ଦିଆଯାଇଅଛି। ଅଧ୍ୟାୟ – ୩୭ରେ ଚାଓ୍ୱଡ଼ି ଯାତ୍ରା ସମ୍ପର୍କରେ ଯେଉଁ ମନୋରମ, ହୃଦୟସ୍ପର୍ଶୀ ଓ ପ୍ରାଣବନ୍ତ ବର୍ଣ୍ଣନା କରାଯାଇଅଛି, ତାହାକୁ ପ୍ରଶାନ୍ତ ଓ ଏକାଗ୍ର ଚିତ୍ତରେ ଅଧ୍ୟୟନ କଲେ ଯିଏ କେହି ନିଜକୁ ସେହି ଶୋଭାଯାତ୍ରା ମଧ୍ୟରେ ଆବିଷ୍କାର କରିପାରିବେ ଓ ନିଜକୁ ସେହି ଯାତ୍ରାର ଜଣେ ଅଂଶୀଦାର ବୋଲି ଅନୁଭବ କରିବେ। ଓଡ଼ିଆରେ ନିର୍ଭୁଲ ଅନୁବାଦ ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା କରାଯାଇଥିଲେ ମଧ୍ୟ କୌଣସି ତ୍ରୁଟିବିଚ୍ୟୁତି ଅଜାଣତରେ କିମ୍ବା ଅନିଚ୍ଛାକୃତ ଭାବରେ ରହିଯାଇଥିଲେ ସୁଧୀ ପାଠକଗଣ ନିଜର ମହତ୍ ଗୁଣରେ କ୍ଷମା କରିଦେବାକୁ ବିନୀତ ଅନୁରୋଧ ଓ ତାହା ସୂଚାଇ ଦେଇ ପାରିଲେ ଏହାର ପରବର୍ତ୍ତୀ ସଂସ୍କରଣରେ ସଂଶୋଧନ କରିହେବ।

‘ଶିଶୁକଲମ’ର ସମ୍ପାଦକ ସୁହୃଦ୍ ଜନ୍ମେଜୟ ପ୍ରଧାନ ‘ଶ୍ରୀସାଇ ସମର୍ଥ ସତ୍‌ଚରିତ’ ଭଳି ଅମୂଲ୍ୟ ନିଧିକୁ ସମ୍ପୂର୍ଣ୍ଣ ରୂପେ ଓଡ଼ିଆରେ ଅନୁବାଦ କରିବାର ଗୁରୁ ଦାୟିତ୍ୱ ମୋତେ ଦେଇଥିବାରୁ ମୁଁ ତାଙ୍କୁ ଆନ୍ତରିକ ଧନ୍ୟବାଦ ଅର୍ପଣ କରିବା ସଂଗେ ସଂଗେ ନିଜକୁ ଗୌରବାନ୍ୱିତ ମନେ କରୁଛି। ଏହି ପବିତ୍ର ଦିବ୍ୟ ଗ୍ରନ୍ଥର ମୂଳଲେଖା ସମାପ୍ତି ହେବାର ଦୀର୍ଘ ୮୫ ବର୍ଷ ପରେ ମୋର ଓଡ଼ିଆ ଭାଇଭଉଣୀମାନେ ନିଜ ଭାଷାରେ ଏହି ଅମୂଲ୍ୟ ନିଧିର ପ୍ରକୃତ ରସ ଆସ୍ୱାଦନ କରିପାରିବାର ସୁଯୋଗ ପାଉଥିବାରୁ ଓ ଏହି ମହତ୍ କାର୍ଯ୍ୟରେ ଗୁଣ୍ଡୁଚିମୂଷା ତୁଲ୍ୟ ମୋର ସାମାନ୍ୟ ଅବଦାନ ରହୁଥିବାରୁ ମୁଁ ସ୍ୱଭାବତଃ ନିଜକୁ ଧନ୍ୟ ମନେ କରୁଅଛି। ଶ୍ରୀରାମଚନ୍ଦ୍ର ଗୁଣ୍ଡୁଚି ମୂଷାକୁ ଜନ୍ମଜନ୍ମାନ୍ତର ଧରି ନିଜ ହସ୍ତ ସ୍ପର୍ଶର ଚିହ୍ନ ବହନ କରିବାକୁ ବର ଦେଇଥିବା ଭଳି ମୁଁ ଶ୍ରୀସାଇନାଥଙ୍କ ବରଦ ହସ୍ତ ସଦା ମୋ ମସ୍ତକ ଉପରେ ରଖିବା ପାଇଁ ପ୍ରାର୍ଥନା କରୁଅଛି।

ମୋର ପ୍ରାକ୍ତନ ଘନିଷ୍ଠ ବନ୍ଧୁ ସ୍ୱର୍ଗତ କାଳିନ୍ଦୀ ଚରଣ ତ୍ରିପାଠୀ, ଏମ୍.ଏ., ଏମ୍.ଇଡି. ତାଙ୍କର ପରିଣତ ବୟସରେ ଦିନ ଦିନ ଧରି ଭୁବନେଶ୍ୱରର ପ୍ରଚଣ୍ଡ ଗ୍ରୀଷ୍ମତାପକୁ ଭ୍ରୂକ୍ଷେପ ନକରି ମୋତେ ଅନୁବାଦରେ ସକ୍ରିୟ ସହଯୋଗ, ଆବଶ୍ୟକ ଉପଦେଶ ଓ ଉପଯୁକ୍ତ ସଂଶୋଧନରେ ଅକୁଣ୍ଠିତ ସାହାଯ୍ୟ କରିଥିବାରୁ ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ। ତାଙ୍କର ଅମର ଆତ୍ମା ଶ୍ରୀସାଇଙ୍କ ପଦରେ ଲୀନ ହେଉ, ଏହାହିଁ ବିନମ୍ର ପ୍ରାର୍ଥନା।

ବିଭିନ୍ନ ଧାର୍ମିକ ଓ ସାମାଜିକ କର୍ମରେ ସଦା ନିଜକୁ ନିୟୋଜିତ ରଖୁଥିବା ସହୃଦୟୀ ରମେଶ ଚନ୍ଦ୍ର ପ୍ରଧାନ ନିଜର ବହୁ ମୂଲ୍ୟ ସମୟ ଦେଇ ଓ ଅକ୍ଳାନ୍ତ ପରିଶ୍ରମ କରି ଅନୁବାଦର ଦୋଷତ୍ରୁଟି ଯଥାସାଧ୍ୟ ସୁଧାରି ଦେବା ସହିତ ନିର୍ଭୁଲ ପ୍ରୁଫ୍ ସଂଶୋଧନ କରି ଯେଉଁ ଋଣରେ ମୋତେ ଅନୁବନ୍ଧିତ କରିଛନ୍ତି, ତାହାକୁ ପରିଶୋଧ କରିବା ନିମନ୍ତେ ମୋତେ ଯେ କେତେ କ'ଣ କରିବାକୁ ପଡ଼ିବ, ତାହା କେବଳ ଅନ୍ତର୍ଯ୍ୟାମୀ ଶ୍ରୀସାଇନାଥ ହିଁ ଜାଣନ୍ତି।

ସର୍ବଶେଷରେ ଗ୍ରନ୍ଥ ପ୍ରକାଶନର ପ୍ରଚ୍ଛନ୍ନପଟରେ ରହୁଥିବା ଓ ମୋତେ ସତତ ସାହାଯ୍ୟ ଓ ଉତ୍ସାହିତ କରୁଥିବା ମୋର ଶୁଭେଚ୍ଛୁ ବନ୍ଧୁବର୍ଗ ଓ ପରିବାର ମଧ୍ୟରେ ମୋର ସହଧର୍ମିଣୀ ବିଷ୍ଣୁପ୍ରିୟା, ସ୍ନେହର ପୁତ୍ର କମଳେଶ ଓ ଶୁଭାଶିଷ, କଲ୍ୟାଣୀୟା ପୁତ୍ରବଧୂ ଶାଶ୍ୱତୀ ଓ ଝିଅ ଲିପିକା, ଜ୍ୱାଇଁ ଶ୍ରୀମାନ୍ ରାଜଶେଖର ସ୍ୱାଇଁ, ପ୍ରଚ୍ଛଦପଟ୍ଟ ତଥା ଅଳଙ୍କରଣ ଶିଳ୍ପୀ ସୁଧାଂଶୁ ସାମନ୍ତରାୟ ଏବଂ ଅକ୍ଷରସଜ୍ଜା କରିଥିବା ବନ୍ଧୁ ଅଶୋକ କୁମାର ପରିଡ଼ାଙ୍କୁ ମୋର ଆନ୍ତରିକ କୃତଜ୍ଞତା।

ପରିଶେଷରେ ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ଶ୍ରୀସାଇନାଥଙ୍କ ପୟରେ ବିନୀତ ପ୍ରାର୍ଥନା ଯେ ଆଗ୍ରହୀ କୌଣସି ବ୍ୟକ୍ତି ଏହି ମହାପବିତ୍ର ଗ୍ରନ୍ଥକୁ ଆନ୍ତରିକ ଭାବରେ ପଠନ କରିଲେ କିମ୍ବା ପାଠ କରାଇଲେ, ତାଙ୍କର ସମସ୍ତ ଇଚ୍ଛା ପୂରଣ କରିବା ସହିତ ତାଙ୍କୁ ଆଧ୍ୟାତ୍ମିକ ମାର୍ଗରେ ଅଗ୍ରସର କରାଇ ନେବାକୁ ଶ୍ରୀସାଇ ଯେଉଁ ପ୍ରତିଶ୍ରୁତି ତାଙ୍କର ଏକାଦଶ ବାଣୀରେ ଦେଇଯାଇଛନ୍ତି, ତାହାକୁ ଯେପରି ଯାବତ୍-ଚନ୍ଦ୍ରାର୍କ ପାଳନ କରିବେ।

ଓଁ ଶ୍ରୀ ସାଇନାଥାୟ ନମଃ।

ଭୁବନେଶ୍ୱର
ତା୦୧।୧୨।୨୦୧୪

ବଶମ୍ବଦ

ସୂଚିପତ୍ର

	ବିଷୟ	ପୃଷ୍ଠା
	ଶ୍ରୀସାଇ ଶରଣମ୍ / ସାତକଡ଼ି ହୋତା	୦୩
	ଗ୍ରନ୍ଥ ପାରାୟଣ ବିଧାନ / ଗୁରୁଜୀ ଶ୍ରୀ ଚନ୍ଦ୍ରଭାନୁ ଶତପଥୀ	୦୯
	ଉପକ୍ରମଣିକା / ଶ୍ରୀମତୀ ଜରିନେ	୧୦
	ଆତ୍ମ-କଥନ / ଶୋଭାକର ଦାସ ଫତେସିଂହ	୧୪
	ମୁଖବନ୍ଧ	୧୭
(ପ୍ରଥମ ଦିନର ପାରାୟଣ-ଗୁରୁବାର)		
ଅଧ୍ୟାୟ ୧।	ଆବାହନ	୩୨
ଅଧ୍ୟାୟ ୨।	ନାମକରଣ ଅନୁଷ୍ଠାନର ସ୍ମୃତି ବର୍ଣ୍ଣନାର ଉଦ୍ଦେଶ୍ୟ	୪୩
ଅଧ୍ୟାୟ ୩।	ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା	୫୬
ଅଧ୍ୟାୟ ୪।	ଶ୍ରୀସାଇ ସମର୍ଥଙ୍କ ଆବିର୍ଭାବ	୬୮
ଅଧ୍ୟାୟ ୫।	ଶ୍ରୀସାଇଙ୍କର ପୁନରାବିର୍ଭାବ	୮୦
ଅଧ୍ୟାୟ ୬।	ରାମଜନ୍ମ ଉତ୍ସବ ପାଳନର କାହାଣୀ	୯୧
ଅଧ୍ୟାୟ ୭।	ବିଭିନ୍ନ କାହାଣୀର ବର୍ଣ୍ଣନା	୧୦୧
ଅଧ୍ୟାୟ ୮।	ଶ୍ରୀସାଇ ସମର୍ଥଙ୍କ ଅବତାର ଗ୍ରହଣ	୧୧୧
(ଦ୍ୱିତୀୟ ଦିନର ପାରାୟଣ-ଶୁକ୍ରବାର)		
ଅଧ୍ୟାୟ ୯।	କୌଣସି ଶିରୋନାମା ଦିଆଯାଇନାହିଁ	୧୨୧
ଅଧ୍ୟାୟ ୧୦।	ଶ୍ରୀସାଇ ସମର୍ଥଙ୍କ ମହତ୍ତ୍ୱ	୧୩୧
ଅଧ୍ୟାୟ ୧୧।	ଶ୍ରୀସାଇଙ୍କ ମହିମାର ବର୍ଣ୍ଣନା	୧୪୨
ଅଧ୍ୟାୟ ୧୨।	ଶ୍ରୀରାମ ଓ ଗୋଲାପ ସ୍ୱାମୀ ଦର୍ଶନ	୧୫୨
ଅଧ୍ୟାୟ ୧୩।	ଭୀମାଜୀଙ୍କ ଯକ୍ଷ୍ମାରୋଗରୁ ମୁକ୍ତି	୧୬୩
ଅଧ୍ୟାୟ ୧୪।	ରତନଜୀଙ୍କ ଶ୍ରୀସାଇ ଦର୍ଶନ	୧୭୬
ଅଧ୍ୟାୟ ୧୫।	ଚୋଲକରଙ୍କ ଚିନି ଖାଇବା ପ୍ରସଙ୍ଗ	୧୮୯
ଅଧ୍ୟାୟ ୧୬।	ବ୍ରହ୍ମଜ୍ଞାନର ବର୍ଣ୍ଣନା-୧	୧୯୭
(ତୃତୀୟ ଦିନର ପାରାୟଣ-ଶନିବାର)		
ଅଧ୍ୟାୟ ୧୭।	ବ୍ରହ୍ମଜ୍ଞାନର ବର୍ଣ୍ଣନା-୨	୨୦୮
ଅଧ୍ୟାୟ ୧୮।	ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା (୧)	୨୧୯
ଅଧ୍ୟାୟ ୧୯।	ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା (୨)	୨୩୦
ଅଧ୍ୟାୟ ୨୦।	ଈଶୋପନିଷଦର ସାରକଥା	୨୪୬
ଅଧ୍ୟାୟ ୨୧।	କୃପା କଲେ ବାବା	୨୫୫
ଅଧ୍ୟାୟ ୨୨।	ଅକାଳ ମୃତ୍ୟୁର ବିତାଡ଼ନ	୧୬୩
ଅଧ୍ୟାୟ ୨୩।	ଗୁରୁଶିଷ୍ୟଙ୍କର ଲୀଳାଦୃଶ୍ୟ	୧୬୮
(ଚତୁର୍ଥ ଦିନର ପାରାୟଣ-ରବିବାର)		
ଅଧ୍ୟାୟ ୨୪।	ଚମତ୍କାର ହାସ୍ୟରସ	୨୯୧

ଅଧ୍ୟାୟ ୨୫ ।	ମନସ୍କାମନା ପୂରଣ କରି ଭକ୍ତଙ୍କ ମଙ୍ଗଳସାଧନ	୩୦୦
ଅଧ୍ୟାୟ ୨୬ ।	ଅପସ୍ମାର ରୋଗ ଓ ଆତ୍ମହତ୍ୟାର ନିରାକରଣ ଏବଂ ନିଜ ଗୁରୁଙ୍କ ପଦରେ ଆସ୍ଥାର ଦୃଢ଼ୀକରଣ	୩୦୮
ଅଧ୍ୟାୟ ୨୭ ।	ଦୀକ୍ଷା ଓ କୃପା ପ୍ରଦାନ	୩୧୮
ଅଧ୍ୟାୟ ୨୮ ।	ସ୍ୱପ୍ନ ଦର୍ଶନର ବର୍ଣ୍ଣନା	୩୩୧
ଅଧ୍ୟାୟ ୨୯ ।	ସ୍ୱପ୍ନ କାହାଣୀର ବର୍ଣ୍ଣନା	୩୪୫
ଅଧ୍ୟାୟ ୩୦ ।	ପ୍ରତିଜ୍ଞା ପାଳନ ଓ ଅନ୍ୟାନ୍ୟ କାହାଣୀର ବର୍ଣ୍ଣନା	୩୫୭
ଅଧ୍ୟାୟ ୩୧ ।	ଦର୍ଶନର ମାହାତ୍ମ୍ୟ	୩୬୪
(ପଞ୍ଚମ ଦିନର ପାରାୟଣ-ସୋମବାର)		
ଅଧ୍ୟାୟ ୩୨ ।	ଗୁରୁମାହାତ୍ମ୍ୟ ବର୍ଣ୍ଣନା	୩୭୪
ଅଧ୍ୟାୟ ୩୩।	ଉଦିର ଶକ୍ତି	୩୮୬
ଅଧ୍ୟାୟ ୩୪ ।	ଉଦିର ମାହାତ୍ମ୍ୟ	୪୦୨
ଅଧ୍ୟାୟ ୩୫ ।	ସନ୍ଦେହ ଓ ଭ୍ରମ ଧାରଣାର ଦୂରୀକରଣ ଏବଂ ବିଭୂତିର ଶ୍ରେଷ୍ଠତ୍ୱ ପ୍ରତିପାଦନ	୪୧୩
ଅଧ୍ୟାୟ ୩୬।	ଶ୍ରୀସାଇଙ୍କର ସର୍ବବ୍ୟାପକତା ଓ ତାଙ୍କ ଆଶୀର୍ବାଦ ପୂର୍ତ୍ତି	୪୨୭
ଅଧ୍ୟାୟ ୩୭ ।	ଚାଓ୍ୱଡ଼ିର ବର୍ଣ୍ଣନା	୪୩୮
(ଷଷ୍ଠ ଦିନର ପାରାୟଣ-ମଙ୍ଗଳବାର)		
ଅଧ୍ୟାୟ ୩୮ ।	ରୋଷେଇ ଓ ରନ୍ଧାହାଣ୍ଡିର ବର୍ଣ୍ଣନା	୪୫୨
ଅଧ୍ୟାୟ ୩୯ ।	ଗୀତାର ଶ୍ଳୋକ ଉପରେ ଚର୍ଚ୍ଚା ଓ ସମାଧି ମନ୍ଦିର ନିର୍ମାଣ କଥା	୪୬୪
ଅଧ୍ୟାୟ ୪୦ ।	ଉଦ୍ୟାପନ କାହାଣୀର ବର୍ଣ୍ଣନା	୪୭୬
ଅଧ୍ୟାୟ ୪୧ ।	ଶ୍ରୀସାଇଙ୍କ କରୁଣା ଓ ଅନୁଗ୍ରହ ବର୍ଷଣ	୪୮୭
ଅଧ୍ୟାୟ ୪୨ ।	ଶ୍ରୀସାଇନାଥଙ୍କ ଦେହତ୍ୟାଗ (୧)	୪୯୭
ଅଧ୍ୟାୟ ୪୩।	ଶ୍ରୀସାଇନାଥଙ୍କ ଦେହତ୍ୟାଗ (୨)	୫୦୭
ଅଧ୍ୟାୟ ୪୪ ।	ଶ୍ରୀସାଇନାଥଙ୍କ ଦେହତ୍ୟାଗ (୩)	୫୧୯
ଅଧ୍ୟାୟ ୪୫ ।	ଶ୍ରୀଗୁରୁପଦର ମାହାତ୍ମ୍ୟ	୫୩୧
(ସପ୍ତମ ଦିନର ପାରାୟଣ-ବୁଧବାର)		
ଅଧ୍ୟାୟ ୪୬।	କାଶୀ ଓ ଗୟା ଯାତ୍ରା ଏବଂ ଛାଗଳ ଜନ୍ମ ବୃତ୍ତାନ୍ତ	୫୪୧
ଅଧ୍ୟାୟ ୪୭ ।	ଶ୍ରୀସାଇଙ୍କ କଥିତ କାହାଣୀର ବର୍ଣ୍ଣନା	୫୪୯
ଅଧ୍ୟାୟ ୪୮ ।	ସନ୍ଦେହୀ ଭକ୍ତଙ୍କୁ ଅଭୟ ପ୍ରଦାନ	୫୬୦
ଅଧ୍ୟାୟ ୪୯ ।	ସନ୍ଥଙ୍କ ପରୀକ୍ଷା ଓ ମନର ନିୟନ୍ତ୍ରଣ	୫୭୧
ଅଧ୍ୟାୟ ୫୦ ।	ଅଜ୍ଞତାର ଦୂରୀକରଣ	୫୮୨
ଅଧ୍ୟାୟ ୫୧ ।	ତିନି ଭକ୍ତଙ୍କର ତିନୋଟି କାହାଣୀ	୫୯୬
ଅଧ୍ୟାୟ ୫୨ ।	ସଂକ୍ଷେପରେ ଗ୍ରନ୍ଥର ସାରକଥା	୬୧୨
(ଅଷ୍ଟମ ଦିନର ପାରାୟଣ-ଗୁରୁବାର)		
ଅଧ୍ୟାୟ ୫୩।	ଅବତରଣିକା	୬୧୯
	ରଙ୍ଗିନ ଫଟୋ ବିଭାଗ	୬୩୩
	ଶ୍ରୀସାଇବାବାଙ୍କ ଜୀବନ ସମ୍ପର୍କିତ ଘଟଣାବଳୀର ଅନୁକ୍ରମ	୬୪୯
	ପରିଭାଷା	୬୬୨

ଶ୍ରୀସାଇ ସମର୍ଥ ସତ୍‌ଚରିତ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀସଦ୍‌ଗୁରବେ ନମଃ
ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ
ଗୁରୁଦେବ ମହେଶ୍ୱର
ଗୁରୁ ସାକ୍ଷାତ୍ ପରଂବ୍ରହ୍ମ
ତସ୍ମୈ ଶ୍ରୀଗୁରବେ ନମଃ।

ମୁଁ ସେଇ ସଦ୍‌ଗୁରୁଙ୍କ ପାଖରେ ନତମସ୍ତକ ହେଉଛି ଯିଏ ହେଉଛନ୍ତି ବ୍ରହ୍ମାନନ୍ଦର ମୂର୍ତ୍ତିମନ୍ତ ପ୍ରତୀକ, ପରମ ଆନନ୍ଦ ପ୍ରଦାୟକ, ପରଂବ୍ରହ୍ମ, ନିରୋଳା ଜ୍ଞାନର ମୂର୍ତ୍ତରୂପ, ଅଦ୍ୱୈତ (ଦୁଃଖ ସୁଖ ଭଳି ଦୁଇ ବିପରୀତ ବୋଧର ବାହାରେ), ଆକାଶସମ ସର୍ବବ୍ୟାପୀ, "ତୁମେହିଁ ତାହା" ଓ ସମାନ ଧରଣର ପୌରାଣିକ ସଂଜ୍ଞା ଯାହାଙ୍କ ପ୍ରତି ପ୍ରଯୁଜ୍ୟ, ଯିଏ ଅନନ୍ୟ, ଅବିନଶ୍ୱର, ବିଶୁଦ୍ଧ, ଅଟଳ, ଅଚଳ, ସମସ୍ତ ଚିନ୍ତାଭାବନାର ସାକ୍ଷୀ ଏବଂ ସମସ୍ତ ପରିବର୍ତ୍ତନ (ମାନସିକ ଓ ଶାରୀରିକ) ତଥା ଗୁଣାବଳୀ (ତ୍ରି-ଗୁଣ)ର ବାହାରେ ସନାତନ।

ମୁଖବନ୍ଧ

ଶ୍ରୀ ସାଇନାଥ ମହାରାଜ ପ୍ରଥମେ ଶିରିଡ଼ି ଆସିଥିଲେ ପ୍ରାୟ ପଚାଶ[୧] ବର୍ଷ ତଳେ। ଏହି ଗ୍ରାମଟି ଅହମଦନଗର ଜିଲ୍ଲାର କୋପରଗାଁଓ ତାଲୁକରେ[୨] ଅବସ୍ଥିତ। ତାଙ୍କର ପିତାମାତା ଓ ଜନ୍ମସ୍ଥାନ ସମ୍ପର୍କରେ କୌଣସି ପ୍ରାମାଣିକ ତଥ୍ୟ ନାହିଁ। ଶ୍ରୀସାଇନାଥଙ୍କର ମୋଗଲମାନଙ୍କ ସହିତ ବିଶେଷ ସମ୍ପର୍କ ଥିଲା, ଏକଥା ସତ୍ୟ। ଶ୍ରୀସାଇନାଥ ବିଭିନ୍ନ ବିଷୟରେ କହିବାବେଳେ ଅଧିକାଂଶ ସମୟରେ ମୋଗଲମାନଙ୍କର ଶାସନାଧୀନ ସେଲୁ , ଜାଲନା, ମନମାଡ଼, ପଥ୍ରି, ପରଭନି, ନଓ୍ୱରଙ୍ଗାବାଦ, ବିଦ୍ ଓ ବିଦର ସହର ସମ୍ବନ୍ଧରେ କହୁଥିଲେ। ଥରେ ପଥ୍ରିରୁ ଜଣେ ବ୍ୟକ୍ତି ଶ୍ରୀସାଇନାଥଙ୍କ ଦର୍ଶନ ପାଇଁ ଆସିଥିଲେ। ଶ୍ରୀସାଇନାଥ ତାଙ୍କୁ ପଥ୍ରିର ଖବର ଓ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଭଲମନ୍ଦ ସମ୍ବନ୍ଧରେ ପଚାରିଥିଲେ। ଏଥିରୁ ଜଣାପଡ଼େ ଯେ ଶ୍ରୀସାଇନାଥଙ୍କର ପଥ୍ରି ସହର ସମ୍ବନ୍ଧରେ ବିସ୍ତର ଜ୍ଞାନ ଥିଲା, କିନ୍ତୁ ତଦ୍ଦ୍ୱାରା ଜୋର ଦେଇ କହିହେବ ନାହିଁ ଯେ ସେ ସେଠାରେ ଜନ୍ମ ହୋଇଥିଲେ।

ଶ୍ରୀସାଇନାଥ ବ୍ରାହ୍ମଣ କି ମୁସଲିମ୍ କୁଳରେ ଜନ୍ମ ହୋଇଥିଲେ, ତାହା ସଠିକ୍ ଭାବରେ କହିହେବ ନାହିଁ। ଅଧିକାଂଶ ଭକ୍ତଙ୍କର ବିଶ୍ୱାସ ଯେ, ସେ କୌଣସି ଗର୍ଭରୁ ଜାତହୋଇ ନାହାନ୍ତି। ଏହାକୁ ଅବଶ୍ୟ ପ୍ରତିପାଦନ କରାଯାଇନପାରେ।

ତାଙ୍କର ଭକ୍ତ ନଥିବା କେତେଜଣ ଭାବି ପାରନ୍ତି ଯେ, ସେ ଅଯୋନିସମ୍ଭୂତ ହୋଇଥିବାର ଧାରଣା ଅତିମାତ୍ରାରେ ଉଦ୍ଭଟ । ତେବେ ଏହି ଲେଖକ ସେଭଳି ଭାବେ ନାହିଁ। ଶ୍ରୀସାଇନାଥ ଏହି ଲେଖକଙ୍କୁ କହିଥିଲେ, "ମୁଁ ଏବେ ଯିବି ଓ ଆଠବର୍ଷର ବାଳକ ଭାବରେ ଦେଖାଦେବି।" ଶ୍ରୀକୃଷ୍ଣ ମାତା ଦେବକୀଙ୍କୁ ଦର୍ଶନ ଦେବା ସମୟରେ ମଧ୍ୟ ଆଠବର୍ଷର ବାଳକ ହୋଇଥିଲେ। ପୁରାଣରେ ଲିଖିତ ଅଛି "ଆଠବର୍ଷର ବାଳକ ଦେହରୁ ଯେଉଁ ଅଚିନ୍ତନୀୟ ଆଲୋକ ବିଚ୍ଛୁରିତ ହେଉଥିଲା, ତାହା ତୁଳନାରେ ଚନ୍ଦ୍ରସୂର୍ଯ୍ୟ ମ୍ଳାନ ଦିଶୁଥିଲେ ଓ ତାହା ସମସ୍ତ ଦଶଦିଗକୁ ଆଲୋକିତ କରୁଥିଲା।" (ହରିବିଜୟ-ଅଧ୍ୟାୟ ୩, ଶ୍ଳୋକ-୧୨୬)। ସେ ସାଧନା କରି ସିଦ୍ଧପୁରୁଷ ହୋଇଛନ୍ତି ବୋଲି ଶ୍ରୀସାଇନାଥଙ୍କ ଭକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ବିଶ୍ୱାସ କରନ୍ତି ନାହିଁ । ମାତ୍ର ସେ ନିଶ୍ଚିତ ଭାବରେ ଅବତାର ଥିଲେ ବୋଲି ସେମାନେ ବିଶ୍ୱାସ କରୁଥିଲେ। ଶ୍ରୀସାଇନାଥଙ୍କର ଲୀଳା ଓ ଅଦ୍ଭୁତ ଶକ୍ତି ଦେଖି ତାଙ୍କୁ ଶ୍ରୀକୃଷ୍ଣଙ୍କ ଅବତାର ବୋଲି କେତେକ ବିଚାର କରୁଥିଲେ। ମାତ୍ର ଶ୍ରୀସାଇନାଥ ଏଭଳି ଶକ୍ତି ବା ଗୁଣର ଅଧିକାରୀ ବୋଲି କେବେହେଲେ କହୁ ନ ଥିଲେ। ତାଙ୍କର ଏହି ଶକ୍ତିକୁ ନିଜ ପାଇଁ କେବେ ହେଲେ ସେ ପ୍ରୟୋଗ କରୁନଥିଲେ। ସେ କଥାବାର୍ତ୍ତା କରିବା ସମୟରେ ନିଜକୁ ଈଶ୍ୱରଙ୍କ ସେବକ ବା 'ଭକ୍ତ' ବୋଲି କହୁଥିଲେ। "ମୋ ପ୍ରତି ଗୁରୁଙ୍କର ଅପାର କରୁଣା ରହିଛି, ତାଙ୍କ ଦୟାରୁ ଭକ୍ତମାନଙ୍କର ଦୁଃଖ ଦୂର ହୋଇଯାଉଛି ଓ ସେମାନେ ଉପକୃତ ହେଉଛନ୍ତି" ବୋଲି ସେ କହୁଥିଲେ। ସେ ଭକ୍ତମାନଙ୍କୁ ଆଶୀର୍ବାଦ ଦେଇ ସାଧାରଣତଃ କହୁଥିଲେ, "ଆଲ୍ଲା ତେରା ଭଲା କରେଗା"। ସେ ନିଜକୁ ବଡ଼ ବୋଲି କେବେ କହୁନଥିଲେ। "ମୁଁ ହିଁ ଈଶ୍ୱର" (ଆନାଇ ହକ୍) ବୋଲି ସେ କେବେ ମଧ୍ୟ କହିନଥିଲେ, ବରଂ "ମୁଁ ଈଶ୍ୱରଙ୍କୁ ସ୍ମରଣ କରୁଛି" (ୟାଦେ ହକ୍) ବୋଲି ବାରମ୍ବାର କହୁଥିଲେ।

ଶ୍ରୀସାଇନାଥ ଜଣେ ମୁସଲିମ୍ ଭଦ୍ରବ୍ୟକ୍ତିଙ୍କ ବରଯାତ୍ରୀ ଗହଣରେ ଶିରିଡ଼ି ଆସିଥିଲେ। ସେ ଭଦ୍ରବ୍ୟକ୍ତିଙ୍କ ନାମ ଚାନ୍ଦଭାଇ ଥିଲା ଓ ସେ ଧୂପଖେଡ଼ ଗ୍ରାମର 'ପାଟିଲ' ବା ଗାଁ ମୁଖିଆ ଥିଲେ। ତାଙ୍କର ଘୋଡ଼ାଟି ଥରେ ହଜିଯାଇଥିବାରୁ ସେ ତାକୁ ଖୋଜି ବୁଲୁଥିବାବେଳେ ଶ୍ରୀସାଇନାଥଙ୍କୁ ଗୋଟିଏ ଗଛତଳେ ବସିଥିବାର ଦେଖିଥିଲେ। ପୂର୍ବରୁ ସେ ଶ୍ରୀସାଇନାଥଙ୍କୁ କେବେ ଦେଖି ନଥିଲେ। ତାଙ୍କୁ ପାଖକୁ ଡାକି ଥରେ ଚିଲମ[୨] ଟାଣି ଦେଇଯିବାକୁ ଶ୍ରୀସାଇନାଥ ଅନୁରୋଧ କରିଥିଲେ। ଚାନ୍ଦଭାଇ ଉତ୍ତରରେ କହିଥିଲେ, "ମୋ ଘୋଡ଼ା ହଜିଯାଇଛି । ମୁଁ ତାକୁ ଖୋଜିବାକୁ ଯାଉଛି।" ଶ୍ରୀସାଇନାଥ କହିଥିଲେ, "ଦୂରକୁ କାହିଁକି ଯାଉଛ ? ସିଏ ଏଇ ବାଡ଼ ସେପାଖରେ ଅଛି।" ଶ୍ରୀସାଇନାଥଙ୍କ ନିର୍ଦ୍ଦେଶ ଅନୁଯାୟୀ ଚାନ୍ଦଭାଇ ସେଇ ଆଡ଼କୁ ଯାଇ ତାଙ୍କ ଘୋଡ଼ାଟି ଘାସ ଚରୁଥିବାର ଦେଖିଥିଲେ। ଚାନ୍ଦଭାଇ ଘୋଡ଼ାଟିକୁ ଧରି ଶ୍ରୀସାଇନାଥଙ୍କ ନିକଟକୁ ଆସି ଚିଲମ ଟଣାରେ ଯୋଗ ଦେଇଥିଲେ। ପରେ ସେ ଶ୍ରୀସାଇନାଥଙ୍କୁ ତାଙ୍କ ଘରକୁ ଯିବା ପାଇଁ ବହୁତ ଅନୁରୋଧ କରିବାରୁ ଶ୍ରୀସାଇନାଥ କହିଥିଲେ, "କାଲି ଯିବି।" ଶ୍ରୀସାଇନାଥ ତା' ପରଦିନ ତାଙ୍କ ଘରକୁ ଯାଇଥିଲେ। ଜଙ୍ଗଲ ମଧ୍ୟରେ ଚାନ୍ଦଭାଇଙ୍କୁ ଶ୍ରୀସାଇନାଥ ଯେତେବେଳେ ଚିଲମ ଟାଣିବା ପାଇଁ ଦେଇଥିଲେ, ସେତେବେଳେ ସେଠାରେ ନିଆଁ ଲଗାଇବାକୁ ନଥିଲା । ଶ୍ରୀସାଇନାଥ ତାଙ୍କ ଚିମୁଟା ଧରି ଭୂମିରେ ଆଘାତ କରିଥିଲେ ଓ ଜଳନ୍ତା ଅଙ୍ଗାର ଖଣ୍ଡେ ବାହାର କରି ଆଣିଥିଲେ। ସେମିତି ଚିଲମରେ ଗୁଡ଼ା ହେଉଥିବା କପଡ଼ା ଭିଜାଇବା ପାଇଁ ଭୂମିରୁ ପାଣି ବାହାର କରିଥିଲେ। ଏହା ଦେଖି ଚାନ୍ଦଭାଇ ଆଚମ୍ବିତ ହୋଇଥିଲେ।


ମହାଲ୍‌ସାପତି

ଚାନ୍ଦଭାଇଙ୍କ ଘରେ ଶ୍ରୀସାଇନାଥ କିଛି ଦିନ ରହିଥିଲେ। ଚାନ୍ଦଭାଇଙ୍କ ପତ୍ନୀଙ୍କ ପୁତୁରାର ବାହାଘର ଶିରିଡ଼ି ଗ୍ରାମର ଗୋଟିଏ ଝିଅ ସାଙ୍ଗରେ ହେବା ଉପଲକ୍ଷେ ବରପକ୍ଷର ଶୋଭାଯାତ୍ରାରେ ଶ୍ରୀସାଇନାଥ ଶିରିଡ଼ି ଆସିଥିଲେ। ଗ୍ରାମ ବାହାରେ ଖଣ୍ଡୋବାଙ୍କ[୩] ମନ୍ଦିର ନିକଟରେ ଥିବା ପଡ଼ିଆରେ ବରଯାତ୍ରୀଦଳ ଓହ୍ଲାଇଥିଲେ। ଶ୍ରୀସାଇନାଥ ଖଣ୍ଡୋବା ମନ୍ଦିରକୁ ଯିବା ସମୟରେ ମହାଲ୍‌ସାପତିଙ୍କ ସହିତ ଦେଖା ହୋଇଥିଲା। ମହାଲ୍‌ସାପତି ଜାତିରେ ସୁନାରି (ବଣିଆ) ଓ ଶିରିଡ଼ି ଗ୍ରାମର ଅଧିବାସୀ ଥିଲେ। ସେ ଖଣ୍ଡୋବାଙ୍କର ଭକ୍ତ ଥିବାରୁ ଖଣ୍ଡେରାୟ[୪] ମନ୍ଦିରକୁ ପୁରୁଷାନୁକ୍ରମେ ପ୍ରତ୍ୟହ ଯାଇ ପୂଜା କରୁଥିଲେ। ଶ୍ରୀସାଇନାଥ ଖଣ୍ଡୋବା ମନ୍ଦିରକୁ ଯାଇଥିବା ସମୟରେ ଦେହରେ କଫ୍‌ନୀ[୫], ଟୋପି ଓ ଧୋତି[୬] ପିନ୍ଧିଥିଲେ। ମହାଲ୍‌ସାପତି ତାଙ୍କୁ ଦେଖିବା ମାତ୍ରକେ, "ସ୍ୱାଗତମ୍ ସାଇ !" ବୋଲି କହିଥିଲେ ଓ ଶ୍ରୀସାଇନାଥ ଶେଷ

ପର୍ଯ୍ୟନ୍ତ ସେହି 'ସାଇବାବା' ନାମରେ ପରିଚିତ ହେଲେ। ଅଧିକାଂଶ ଭକ୍ତ ତାଙ୍କୁ 'ସାଇବାବା' ବା କେବଳ 'ବାବା' ନାମରେ ଡାକିଥାନ୍ତି। ଥରେ ଶ୍ରୀସାଇନାଥଙ୍କୁ କମିଶନରଙ୍କ[୭] ନିକଟରେ ସାକ୍ଷ୍ୟ ଦେବାପାଇଁ ପଡ଼ିଥିଲା। କମିଶନର ତାଙ୍କୁ ତାଙ୍କର ନାମ ପଚାରିବାରୁ ସେ କହିଥିଲେ, "ସେମାନେ ମୋତେ 'ସାଇବାବା' ବୋଲି ଡାକନ୍ତି"। ମହାଲସାପତି ଶ୍ରୀସାଇନାଥଙ୍କୁ ଗାଁ ଭିତରକୁ ନେଇ ତାଙ୍କର ବନ୍ଧୁ କାଶୀରାମ ଶିମ୍ପି ଓ ଅପ୍ପା ଜାଗଲେଙ୍କ ସହିତ ପରିଚିତ କରାଇ ଦେଇଥିଲେ। ଏହି ତିନିଜଣ ଗ୍ରାମକୁ ଆସୁଥିବା ସାଧୁସନ୍ଥ, ଗୋସ୍ୱାମୀ[୮], ଫକୀର ଓ ସନ୍ନ୍ୟାସୀମାନଙ୍କୁ ଆଦର ଅଭ୍ୟର୍ଥନା କରୁଥିଲେ । ଶିରିଡ଼ି ଗ୍ରାମର ଅବସ୍ଥିତି ଏପରି ଥିଲା ଯେ ଏଠାକୁ ଏହିଭଳି ଲୋକ ଏକା ଏକା ବା ଦଳ ଦଳ ହୋଇ ବିଶେଷ ଭାବରେ ଯାତାୟତ କରୁଥିଲେ । ଏମାନେ ବାରମ୍ବାର ଆସୁଥିଲେ ଓ ଉପରୋକ୍ତ ତିନିଜଣ ସସମ୍ମାନେ ନିଜ ନିଜର ସାଧ୍ୟମତେ ସେବା କରୁଥିଲେ। ଏହି ତିନିଜଣ, ଅର୍ଥାତ୍ କାଶୀରାମ, ଅପ୍ପା ଓ ମହାଲସାପତି ଶ୍ରୀସାଇନାଥଙ୍କର ପରମ ଭକ୍ତ ହୋଇଥିଲେ। ଏମାନଙ୍କ ମଧ୍ୟରୁ କାଶୀରାମଙ୍କର ମୃତ୍ୟୁ ପ୍ରଥମେ ହୋଇଥିଲା ଓ କେତେ ବର୍ଷ ପରେ ଅପ୍ପା ମଧ୍ୟ ଇହଧାମ ତ୍ୟାଗ କରିଥିଲେ। ଉଭୟେ ଭାଗ୍ୟବାନ ଥିଲେ ଓ ଏକାଦଶୀ[୯] ତିଥିରେ ମୃତ୍ୟୁବରଣ କରିଥିଲେ। ଈଶ୍ୱରଙ୍କର ପ୍ରିୟ ଭକ୍ତମାନେ ଏହି ତିଥିରେ ମୃତ୍ୟୁ ଲଭିଥାନ୍ତି। ତେଣୁ ଏହି ଦୁଇ ଜଣଙ୍କର ମୃତ୍ୟୁ ସେହିଭଳି ଭାବରେ ହୋଇଥିଲା । କାଶୀରାମ ପ୍ରକୃତରେ ଶ୍ରୀସାଇନାଥଙ୍କୁ ତନ, ମନ, ଧନ[୧୦] ଦେଇ ଯଥାସମ୍ଭବ ସର୍ବୋତ୍ତମ ରୀତିରେ ସେବା କରୁଥିଲେ। ପୂର୍ବରୁ ଶ୍ରୀସାଇନାଥଙ୍କ କଫ୍‌ନୀ ଗେରୁଆ କିମ୍ବା ଧଳା ରଙ୍ଗର ଥିଲା। କାଶୀରାମ ଶ୍ରୀସାଇନାଥଙ୍କ ପାଇଁ ଶାଗୁଆ ରଙ୍ଗର କଫ୍‌ନୀ ଓ ଟୋପି ସିଲାଇ କରି ଆଣି ଦେଇଥିଲେ। କିନ୍ତୁ ସାଧାରଣ ଭାବରେ ଶ୍ରୀସାଇନାଥ ଧଳା କଫ୍‌ନୀ ପିନ୍ଧି ମୁଣ୍ଡରେ ଧୋତି ଗୁଡ଼ାଇ ହେଉଥିଲେ। ଶ୍ରୀସାଇନାଥଙ୍କ ଚିଲମ ପାଇଁ ତମାଖୁ ଓ ଧୁନି[୧୧] ପାଇଁ କାଠ କାଶୀରାମ ଯୋଗାଇ ଦେଉଥିଲେ। ଆବଶ୍ୟକ ପଡ଼ିଲେ ପଇସା ମଧ୍ୟ ଦେଉଥିଲେ। ବେଳେବେଳେ ସେ ତାଙ୍କର ଟଙ୍କାଭର୍ତ୍ତି ଥଳିକୁ ଶ୍ରୀସାଇନାଥଙ୍କ ସମ୍ମୁଖରେ ରଖି ଦେଉଥିଲେ ଓ ସେଥିରୁ ସେ ଯାହା ଚାହୁଁଛନ୍ତି, ତାହା ନେବା ପାଇଁ କହୁଥିଲେ। ସେହି ସମୟରେ ଶ୍ରୀସାଇନାଥ ଦକ୍ଷିଣା[୧୨] ନେଉନଥିଲେ ମଧ୍ୟ ଥଳି ମଧ୍ୟରୁ ପଇସାଏ କିମ୍ବା ଦୁଇପଇସା କାଢୁଥିଲେ। କାଶୀରାମ ଶ୍ରୀସାଇନାଥଙ୍କୁ ଦକ୍ଷିଣା ଦେବା ପାଇଁ ଏତେ ବ୍ୟଗ୍ର ଥିଲେ ଯେ ଯଦି କେବେ କେମିତି ଶ୍ରୀସାଇନାଥ ଦକ୍ଷିଣା ନେଉନଥିଲେ, ତେବେ କାଶୀରାମ ଦୁଃଖରେ ଭାଙ୍ଗି ପଡୁଥିଲେ ଓ ତାଙ୍କ ଆଖିରେ ଲୁହ ଆସିଯାଉଥିଲା। ଏହି ଭଳି ଲକ୍ଷଣ ଆଧ୍ୟାତ୍ମିକ ଉନ୍ନତି ପାଇଁ ଭଲ ନୁହେଁ, କାରଣ ଏହାଦ୍ୱାରା ଅହଂଭାବ ବଢ଼ିଥାଏ। ଭଗବାନ ଚାହାନ୍ତି, ଭକ୍ତର ଆଧ୍ୟାତ୍ମିକ ଉନ୍ନତି ପଥରେ ସମସ୍ତ ବାଧାବନ୍ଧନ ଦୂର ହେଉ। ଅଳ୍ପ କେତେଦିନ ମଧ୍ୟରେ କାଶୀରାମଙ୍କର ଧନର ଅଭାବ ଦେଖାଦେଲା, ଅଥଚ ଶ୍ରୀସାଇନାଥ ତାଙ୍କୁ ବାରମ୍ବାର ଦକ୍ଷିଣା ମାଗି ଚାଲିଲେ। କାଶୀରାମ ନିଜର ଦୀନତା ଓ ଅକ୍ଷମତା ପ୍ରକାଶ କରିବାରୁ ଶ୍ରୀସାଇନାଥ କହିଥିଲେ, "କୌଣସି ଦୋକାନୀ ନିକଟରୁ କରଜ ଆଣି ମୋତେ ଦକ୍ଷିଣା ଦିଅ।" ଏହି ପ୍ରକାର କରଜ ଆଣି ଦକ୍ଷିଣା ଦେବାର କାର୍ଯ୍ୟ କିଛିଦିନ ଚାଲିଥିଲା। ପରେ ଦୋକାନୀ ମଧ୍ୟ ଆଉ କରଜ ଦେବାକୁ ମନା କରି ଦେଇଥିଲା। କାଶୀରାମଙ୍କର ଅହଂକାର ଭାଙ୍ଗିବା ନିମନ୍ତେ ଏହି ଖେଳ ଚାଲିଥିଲା। ଶେଷରେ କାଶୀରାମ ଅନୁଭବ କରିଥିଲେ ଯେ ଦେବାର କ୍ଷମତା ତାଙ୍କର ଆଉ ନାହିଁ। ତାଙ୍କ ମନ ଭିତରେ ଏହି ଭଳି ଭାବ ଉଦୟ ହେବା ପରଠାରୁ ତାଙ୍କର ଆର୍ଥିକ ଅବସ୍ଥା ସୁଧୁରି ଆସିଥିଲା ଓ ପୂର୍ବଭଳି ତାଙ୍କର ସମ୍ପତ୍ତି ବୃଦ୍ଧି ପାଇଥିଲା। ଶ୍ରୀସାଇନାଥ ତାଙ୍କ ନିକଟରୁ ସବୁବେଳେ ଦକ୍ଷିଣା ନେଇଚାଲିଥାନ୍ତୁ ବୋଲି ପ୍ରବଳ ଆକାଂକ୍ଷା ଆଉ ତାଙ୍କ ମନ ଭିତରେ ନଥିଲା।

କାଶୀରାମ ଲୁଗାପଟା ବିକ୍ରି କରିବା ପାଇଁ ବିଭିନ୍ନ ଗ୍ରାମକୁ ଯାଉଥିଲେ ଓ ହାଟପାଳି ଦିନ ହାଟରେ ବିକ୍ରି କରୁଥିଲେ। ହାଟପାଳି ଦିନ ନାଉରାରୁ ଫେରିବା ସମୟରେ ଥରେ ସେ ଭୀଲ୍ ଡକାୟତଙ୍କ ହାବୁଡ଼ରେ ପଡ଼ିଥିଲେ। କାଶୀରାମ ଘୋଡ଼ାରେ ଆସୁଥିଲେ। ପ୍ରଥମେ ଡକାୟତମାନେ କାଶୀରାମଙ୍କ ଶଗଡ଼ ଲୁଟିଥିଲେ। ତା'ପରେ କାଶୀରାମଙ୍କୁ ଆକ୍ରମଣ କରି ତାଙ୍କ ନିକଟରୁ କେତେକ ମୂଲ୍ୟବାନ ଜିନିଷ ନେଇ ଯାଇଥିଲେ। କାଶୀରାମ କୌଣସି ପ୍ରକାର ବାଧା ଦେଇନଥିଲେ। ଡକାୟତମାନେ କାଶୀରାମଙ୍କର ମୂଲ୍ୟବାନ ଜିନିଷ ଭାବି ତାଙ୍କ ନିକଟରେ ଥିବା ଗୋଟିଏ ଛୋଟିଆ ପୁଟୁଳିକୁ ବି ନେଇ ଯାଇଥିଲେ। ପୁଟୁଳି ମଧ୍ୟରେ ସଫା ଧଳା ଚିନି ଥିଲା। କାଶୀରାମଙ୍କୁ ସତ୍‌ପୁରୁଷ ଜାନକୀଦାସ ବାବା ପ୍ରତିଦିନ ପିମ୍ପୁଡ଼ିମାନଙ୍କୁ ଚିନି ଖୁଆଇବା ପାଇଁ

କହିଥିବାରୁ କାଶୀରାମ ନିଜ ପାଖରେ ଚିନିଥଳି ସବୁବେଳେ ରଖୁଥିଲେ । ସେହି ପୁଟୁଳିଟି କାଶୀରାମଙ୍କ ପାଇଁ ଅତ୍ୟନ୍ତ ଦରକାରୀ ଓ ମୂଲ୍ୟବାନ ଥିଲା । ଏହି ପୁଟୁଳିଟିକୁ ସେ ଯେକୌଣସି ପ୍ରକାରେ ରଖିବେ ଓ ହାତଛଡ଼ା ଆଦୌ କରିବେ ନାହିଁ ବୋଲି ସ୍ଥିର କରିଥିଲେ । କାଶୀରାମଙ୍କ ଉପରେ ଆକ୍ରମଣ ସମୟରେ କାଶୀରାମ ଡକାୟତମାନଙ୍କର ଖଣ୍ଡାଟିଏ ପାଖରେ ପଡ଼ିଥିବାର ଦେଖି ସେଇଟିକୁ ଉଠାଇନେଇଥିଲେ ଓ ତାହା ଦ୍ୱାରା ଦୁଇଜଣ ଡକାୟତଙ୍କୁ ମାରି ଦେଇଥିଲେ । ତୃତୀୟ ଡକାୟତ ପଛରୁ ଆସି କୁରାଢ଼ୀରେ କାଶୀରାମଙ୍କ ମୁଣ୍ଡକୁ ଜୋରରେ ଆଘାତ କରିବାରୁ ସେ ତଳେ ପଡ଼ି ମୂର୍ଚ୍ଛା ହୋଇଯାଇଥିଲେ । ଡକାୟତ ଦଳ ତାଙ୍କୁ ମୃତ ବୋଲି ଭାବି ସେହି ସ୍ଥାନ ଛାଡ଼ି ପଳାଇଥିଲେ । ପ୍ରକୃତରେ ସେ ମରି ନଥିଲେ ଓ ଚେତା ଫେରି ଆସିବାରୁ ତାଙ୍କୁ ସାଇବାବାଙ୍କ ନିକଟକୁ ଶିରିଡ଼ି ନେଇ ଯିବାପାଇଁ କହିଥିଲେ । ଶ୍ରୀସାଇନାଥଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବାରୁ ସେ କୌଣସି ଡାକ୍ତରଖାନାକୁ ଯିବାକୁ ଆଦୌ ଚାହିଁନଥିଲେ । ତାଙ୍କର ଇଚ୍ଛା ଅନୁସାରେ ତାଙ୍କୁ ସାଇବାବାଙ୍କ ନିକଟକୁ ଅଣାଯାଇଥିଲା । ଶ୍ରୀସାଇନାଥଙ୍କ ନିର୍ଦ୍ଦେଶରେ ମାଧବରାଓ ଦେଶପାଣ୍ଡେ ତାଙ୍କର ଚିକିତ୍ସା କରିଥିଲେ । ଶ୍ରୀସାଇନାଥଙ୍କ କୃପା ଲାଭ କରି କାଶୀରାମଙ୍କ ସ୍ୱାସ୍ଥ୍ୟରେ ଶୀଘ୍ର ଉନ୍ନତି ଘଟିଥିଲା ଓ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିଲେ ।

କାଶୀରାମଙ୍କର ଏହି ବୀରତ୍ୱ ପାଇଁ ବମ୍ବେଇର ସରକାର ତାଙ୍କୁ ଏକ ଖଣ୍ଡା ପ୍ରଦାନ କରି ସମ୍ମାନିତ କରିଥିଲେ । କାଶୀରାମ ଡକାୟତଙ୍କ ସହିତ ଯୁଝୁଥିବା ସମୟରେ ଶିରିଡ଼ିରେ ଶ୍ରୀସାଇନାଥ ହଇଚଇ ସୃଷ୍ଟି କରିଥିଲେ । ଲଗାତର ଗାଳିଦେବା, ପାଟିତୁଣ୍ଡ କରିବା ସହିତ ସେ ଅସ୍ଥିର ହୋଇ ପଡ଼ିଥିଲେ । ବାବାଙ୍କ ନିକଟରେ ଥିବା ଭକ୍ତମାନେ ଜାଣିପାରିଥିଲେ ଯେ ବାବାଙ୍କର କେହି ପ୍ରିୟ ଭକ୍ତ ବିପଦରେ ପଡ଼ିଛି ଓ ବାବାଙ୍କର ଏହି ଅସ୍ଥିରତା ତାକୁ ରକ୍ଷା କରିବା ପାଇଁ ଅଭିପ୍ରେତ । ଏହାର ସତ୍ୟତା ଖୁବ୍ ଶୀଘ୍ର ଜଣାପଡ଼ିଯାଇଥିଲା । ଡକାୟତମାନେ ଅନେକ ଥିଲେ ଓ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ଥିଲେ । ସେମାନଙ୍କର ପ୍ରବଳ ଆଘାତ ଓ ଆକ୍ରମଣରୁ କାଶୀରାମ ବର୍ତ୍ତିକରି ଫେରିବେ ବୋଲି କେହି ଭାବି ପାରି ନ ଥିଲେ । ମାତ୍ର ରକ୍ଷାକର୍ତ୍ତା ଜଣେ ଥିଲେ କେହି କ'ଣ କାହାକୁ ମାରିପାରେ ? ସେ ଯାହାହେଉନା କାହିଁକି, ଏହାପରେ କାଶୀରାମ ଅନେକ ବର୍ଷ ବଂଚିଥିଲେ ଓ ଶେଷରେ ଚୈତ୍ର ଶୁକ୍ଳ ଏକାଦଶୀ, ଶକାବ୍ଦ ୧୮୩୦ (୧୯୦୮ ମସିହା) ଦିନ ପ୍ରାଣତ୍ୟାଗ କରିଥିଲେ ।

ତିନିଜଣଙ୍କ ମଧ୍ୟରୁ ମହାଲ୍‌ସାପତି ଅନେକ ଦିନ ବଂଚିରହି ଭାଦ୍ରବ ମାସ ଶକାବ୍ଦ ୧୮୪୪ (୧୯୨୨ ମସିହା) ରେ ଦେହତ୍ୟାଗ କରିଥିଲେ । ଶ୍ରୀସାଇନାଥଙ୍କ ସହିତ ତାଙ୍କର ଅତି ଘନିଷ୍ଠ ସମ୍ବନ୍ଧ ରହିଥିଲା । ଶ୍ରୀସାଇନାଥ ପ୍ରାୟତଃ ମସ୍‌ଜିଦ୍‌ରେ[୧୩] ବସି ରହୁଥିଲେ ଓ ଦିନେ ଛାଡ଼ି ଦିନେ ମସ୍‌ଜିଦ୍ ଛାଡ଼ି ଚାୱଡ଼ିରେ[୧୪] ରାତିରେ ଶୋଉଥିଲେ । ଶ୍ରୀସାଇନାଥ ମସ୍‌ଜିଦ୍‌ରେ ଶୋଇବା ରାତିରେ ମହାଲ୍‌ସାପତି ତାଙ୍କ ନିକଟରେ ସାରାରାତି ସକାଳ ହେବା ପର୍ଯ୍ୟନ୍ତ ବସିରହୁଥିଲେ ଓ ମଝିରେ ମଝିରେ ଦୁହେଁ ଗପସପ କରୁଥିଲେ । ମହାଲ୍‌ସାପତିଙ୍କର ସାରାରାତି ମସ୍‌ଜିଦ୍‌ରେ ବସି ରହିବାର ଏହି ଅଭ୍ୟାସ ସାଇବାବାଙ୍କର ମହାସମାଧି ପର୍ଯ୍ୟନ୍ତ ଚାଲୁରହିଥିଲା । ମହଲ୍‌ସାପତି ପ୍ରଭାବଶାଳୀ ଥିଲେ ମଧ୍ୟ ନିରାସକ୍ତ ଥିଲେ ଓ ଶ୍ରୀସାଇନାଥଙ୍କ ପାଖରୁ ସତ୍ ଉପଦେଶ ପାଇ ସେ ଖୁସିରେ ରହିଥିଲେ । ଶ୍ରୀସାଇନାଥଙ୍କ ମହାସମାଧି ପରେ ସେ ଭକ୍ତମାନଙ୍କର ଆଶ୍ରୟଦାତା ଓ ଆସ୍ଥାବିଶ୍ୱାସର ଉତ୍ସ ହୋଇଥିଲେ ।

ଶ୍ରୀସାଇନାଥ ଶିରିଡ଼ି ଆସିବା ପରେ ଅତିଶୟ ଜରାଜୀର୍ଣ୍ଣ ଓ ପରିତ୍ୟକ୍ତ ଏକ ମସ୍‌ଜିଦ୍‌ରେ ସାଧାରଣତଃ ରହୁଥିଲେ । ଦିନସାରା ସେ ଏଣେତେଣେ ଘୂରି ବୁଲୁଥିଲେ ମଧ୍ୟ ରାତିରେ ମସ୍‌ଜିଦ୍‌ରେ ଶୋଉଥିଲେ । କେହି ଖାଦ୍ୟ ଦେଲେ ଖାଉଥିଲେ, ରୋଗୀଙ୍କୁ ଚିକିତ୍ସା ପରାମର୍ଶ ଓ ଔଷଧ ବିନା ମୂଲ୍ୟରେ ଦେଉଥିଲେ । ରୋଗୀ ଠିକ୍ ଭାବରେ ସେବା ପାଉନଥିଲେ ନିଜେ ସେବା କାର୍ଯ୍ୟରେ ଲାଗି ପଡୁଥିଲେ । ବ୍ୟକ୍ତିଗତ ଭାବରେ ତାଙ୍କଠାରୁ ଔଷଧ କିମ୍ବା ସେବା ପାଇଥିବା ଲୋକେ ଏବେ ମଧ୍ୟ ବହୁ ସଂଖ୍ୟାରେ ରହିଛନ୍ତି । ପରେ ଶ୍ରୀସାଇନାଥ ଔଷଧ ଦେବା ବନ୍ଦ କରି କେବଳ ଉଦି[୧୫] ଦେବା ଆରମ୍ଭ କଲେ ଓ ଏହି ପବିତ୍ର ଭସ୍ମ ଦ୍ୱାରା ଲୋକେ ଭଲ ହୋଇଯାଉଥିଲେ ।

ଏହି ଲେଖକକୁ ନିଜେ ଶ୍ରୀସାଇନାଥ ଥରେ କହିଥିଲେ, "କାକା ! ମୁଁ ଆଗରୁ ଲୋକମାନଙ୍କୁ ଔଷଧ ଦେଉଥିଲି । (ସେ

ଏହି ଲେଖକକୁ କାକା ବୋଲି ଡାକୁଥିଲେ) । ପରେ ମୁଁ ଔଷଧ ଦେବା ବନ୍ଦ କରି କେବଳ 'ହରି, ହରି' ଜପ କଲି । ମୁଁ 'ହରି ହରି' ଜପ କରିବା ଦ୍ୱାରା ମୋର ଈଶ୍ୱର ଉପଲବ୍ଧି ହୋଇ ପାରିଲା (ମୁଁ ହରିଙ୍କ ସାକ୍ଷାତ ପାଇଲି) ।"

ଶ୍ରୀସାଇନାଥ ଏଠାକୁ ପ୍ରଥମେ ଆସିବା ସମୟରେ ଦେବୀଦାସ ନାମକ ଜଣେ ସାଧୁ ଏଠାରେ ରହୁଥିଲେ ଓ ତାଙ୍କ ନିକଟକୁ ବିଭିନ୍ନ ସମୟରେ ଅନ୍ୟ ସାଧୁମାନେ ଆସୁଥିଲେ । ରାମେଶ୍ୱର, ପଣ୍ଢରପୁର ଓ ଦକ୍ଷିଣ ଭାରତର ବିଭିନ୍ନ ତୀର୍ଥସ୍ଥଳୀକୁ ପାଦରେ ଚାଲିଚାଲି ତୀର୍ଥଯାତ୍ରାରେ ଯିବା ପାଇଁ ଶିରିଡ଼ି ଏହାର ମଧ୍ୟବର୍ତ୍ତୀ ରାସ୍ତା ହୋଇଥିବାରୁ ବହୁ ଜ୍ଞାନୀ, ଗୁଣୀ ଲୋକ ମଝିରେ ମଝିରେ ଏଠାକୁ ଆସୁଥିଲେ । ସେମାନଙ୍କ ମଧ୍ୟରୁ ସାଧୁ ଜାନକୀଦାସ ଏଠାରେ ବହୁତ ଦିନଯାଏଁ ରହିଥିଲେ । କୁହାଯାଏ ଯେ ତାଙ୍କର ଆଧ୍ୟାତ୍ମିକ ଜ୍ଞାନ ବିସ୍ତର ଥିଲା ଓ ସେ ଜଣେ ବିଶାରଦ ଥିଲେ । ସେ ଶ୍ରୀସାଇନାଥଙ୍କ ସହିତ ବହୁତ ଥର ଆଲୋଚନାରେ ବସିଥିଲେ । ବିଖ୍ୟାତ ଗଙ୍ଗାଗୀର ବାବା ମଧ୍ୟ ମଝିରେ ମଝିରେ ଶିରିଡ଼ି ଆସୁଥିଲେ । ଶ୍ରୀସାଇନାଥଙ୍କ ଆଗମନ ପରେ ଯେଉଁ ସମୟରେ ଗଙ୍ଗାଗୀର ବାବା ପ୍ରଥମେ ଆସିଥିଲେ, ସେହି ସମୟରେ ଶ୍ରୀସାଇନାଥ ଦୁଇ ହାତରେ ଦୁଇଟି ମାଟି କଳସୀରେ କୂଅରୁ ପାଣି ଭର୍ତ୍ତି କରି ଆଣୁଥିଲେ । ତାଙ୍କୁ ଦେଖି ଗଙ୍ଗାଗୀର ବାବା ରୁଣ୍ଡ ହୋଇଥିବା ଗ୍ରାମବାସୀଙ୍କୁ ତତ୍‌କ୍ଷଣାତ୍ ପଚାରିଥିଲେ, "ଏହି ବ୍ୟକ୍ତି ଏଠାକୁ କେବେ ଆସିଲେ ? ଇଏ ଖାଣ୍ଟି ରତ୍ନଟିଏ । ବହୁତ କିଛି ମହତ୍ ଗୁଣ ଯାଙ୍କ ନିକଟରେ ଅଛି । ତୁମମାନଙ୍କର ପରମ ସୌଭାଗ୍ୟ ଯେ ଏଭଳି ରତ୍ନକୁ ପାଇଛ ।" ତାହାପରେ ଗଙ୍ଗାଗୀର ବାବା ଶ୍ରୀସାଇନାଥଙ୍କ ଦର୍ଶନ[୬] ପାଇଁ ଯାଇଥିଲେ ଓ ଉଭୟେ ଅତ୍ୟନ୍ତ ଶ୍ରଦ୍ଧା ଏବଂ ସ୍ନେହ ସହକାରେ କଥାବାର୍ତ୍ତା ହୋଇଥିଲେ । ଅକଲକୋଟର ଆନନ୍ଦନାଥ ମହାରାଜ ମଧ୍ୟ ଶ୍ରୀସାଇନାଥଙ୍କ ସମ୍ପର୍କରେ ସେହିଭଳି କଥା କହିଥିଲେ । ବିଖ୍ୟାତ ଅକଲକୋଟ ସ୍ୱାମୀଙ୍କର ଶିଷ୍ୟ ଥିଲେ ଆନନ୍ଦନାଥ ମହାରାଜ । ଥରେ ସେ ୟେଓଲା ନିକଟସ୍ଥ ଶବରଗାଁକୁ ଯାଇଥିବା ସମୟରେ ତାଙ୍କୁ ଦର୍ଶନ କରିବା ପାଇଁ ମାଧବରାଓ ବଳୱନ୍ତ ଦେଶପାଣ୍ଡେ, ଦଗଡୁ ଭାଉ ଗାୟକେ, ନନ୍ଦରାମ ଶିବରାମ ମାରୁଆଡ଼ି ଓ ଭାଗଚାନ୍ଦ ମାରୁଆଡ଼ି ଶିରିଡ଼ିରୁ ଯାଇଥିଲେ । ଦର୍ଶନ ପରେ ଏହି ଦଳ ବାହୁଡ଼ି ଆସୁଥିବା ସମୟରେ ଆନନ୍ଦନାଥ ମହାରାଜ ଧାଇଁ ଧାଇଁ ଆସି ସେମାନଙ୍କ ଶଗଡ଼ରେ ବସି ପଡ଼ିଲେ ଓ କହିଥିଲେ, "ମୁଁ ତୁମମାନଙ୍କ ସହିତ ଯିବି ।" ନେବରଗାଁ ଓ ୟେଓଲାର ଲୋକେ ତାଙ୍କୁ ନଯିବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ସଫଳକାମ ହୋଇପାରିନଥିଲେ । ଆନନ୍ଦନାଥ ମହାରାଜ ଶିରିଡ଼ି ଆସିବା ପରେ ଶ୍ରୀସାଇନାଥଙ୍କ ସମ୍ପର୍କରେ କହିଥିଲେ, "ଇଏ ହେଉଛି ଖଣ୍ଡେ ହୀରା । ତୁମେ ଏହାର ମୂଲ୍ୟ ଜାଣିନାହଁ ! ଇଏ ଖତଗଦାରେ ପଡ଼ିଥିଲେ ମଧ୍ୟ ହୀରା ।" ସେତେବେଳେ ଶ୍ରୀସାଇନାଥ ବିଶେଷ ଭାବରେ ଜଣାଶୁଣା ନଥିଲେ ଓ ସରଳ ଗ୍ରାମବାସୀମାନେ ତାଙ୍କୁ ଜଣେ ସାଧାରଣ ଲୋକ, ବସ୍ତୁତଃ ପାଗଳା ଫକୀରଟାଏ ବୋଲି ଭାବୁଥିଲେ ।

ଏହି ସମୟରେ ଶ୍ରୀସାଇନାଥ "ଚିରା ଫଟା ଲୁଗା ପିନ୍ଧି ଯେଉଁଠାରେ ଇଚ୍ଛା ସେଠାରେ ବସୁଥିଲେ ଓ ତୁଚ୍ଛା ପାଗଳଙ୍କ ଭଳି ଦିଶୁଥିଲେ ମଧ୍ୟ ବ୍ରହ୍ମରେ ମଜ୍ଜି ରହୁଥିଲେ ।" ବେଳେ ବେଳେ ଶ୍ରୀସାଇନାଥ ଝରଣାକୂଳକୁ ଯାଇ ନିରବରେ ବସୁଥିଲେ କିମ୍ବା ଗାଁ ହୁଡ଼ା ନିକଟରେ ଥିବା ନିର୍ଦ୍ଦିଷ୍ଟ ଗୋଟିଏ ନିମ୍ବଗଛ ତଳେ ଚୁପ୍‌ଚାପ୍ ବସୁଥିଲେ । କେତେବେଳେ କେମିତି କାହା ବଗିଚା ମଧ୍ୟକୁ ପଶି ଯାଉଥିଲେ । ଚିରା ଛିଣ୍ଡା ଲୁଗାପଟା ପିନ୍ଧି ସେ ଭୟଙ୍କର ଦିଶୁଥିଲେ । ତାଙ୍କର ଏହି ଭଳି ଚେହେରା ଓ କେତେକ ହାବଭାବରୁ ସାଧାରଣ ଲୋକେ ତାଙ୍କୁ ପାଗଳ ବୋଲି ଭାବୁଥିଲେ । କିନ୍ତୁ ଖୁବ୍ ଶୀଘ୍ର ଶିରିଡ଼ିର ଲୋକମାନଙ୍କର ସେହି ପ୍ରକାର ଭ୍ରମ ଧାରଣା ଦୂର ହୋଇ ଯାଇଥିଲା ଓ ସେମାନେ ଶ୍ରୀସାଇନାଥଙ୍କର ଯଥାଯୋଗ୍ୟ ମୂଲ୍ୟ ବୁଝିପାରିଥିଲେ । ଘଟଣାଟି ଏହିପରି ଘଟିଥିଲା–

ଶ୍ରୀସାଇନାଥ ମସଜିଦ୍ ଓ ମନ୍ଦିରମାନଙ୍କରେ ଦୀପ ଜାଳିବା ନିମନ୍ତେ ବହୁତ ଭଲ ପାଉଥିଲେ । ପ୍ରକୃତରେ ଏଥିପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା ବୋଲି ସାଧାରଣ କଥାରେ କୁହାଯାଇଥାଏ । ମାତ୍ର ଦେଖିବାକୁ ଗଲେ ତାଙ୍କର କୌଣସି କାର୍ଯ୍ୟ କୌଣସି ପ୍ରକାର ଇଚ୍ଛା ପୂର୍ତ୍ତି ପାଇଁ ନଥିଲା, କାରଣ ତାଙ୍କର କୌଣସି ଅପୂରଣୀୟ ଇଚ୍ଛା ହିଁ ନଥିଲା । କିନ୍ତୁ ଏହା ପଛରେ ଅସଲ ଉଦ୍ଦେଶ୍ୟ ଭିନ୍ନ ଥିଲା । ଲୋକମାନଙ୍କର ମଙ୍ଗଳ କରିବାର ଇଚ୍ଛା ରହିଥିଲା । ସେ ଯାହାହେଉ, ଏହି ଦୀପ ଜାଳିବା ପାଇଁ

ଶ୍ରୀସାଇନାଥ ସ୍ଥାନୀୟ ତେଲୀ ଓ ତେଜରାତି ଦୋକାନୀମାନଙ୍କ ନିକଟକୁ ଯାଇ ତେଲ ମାଗି ଆଣୁଥିଲେ। ବେଶ୍ କେତେଦିନ ପର୍ଯ୍ୟନ୍ତ ସେମାନେ ମାଗଣାରେ ତେଲ ଦେଇ ଆସୁଥିଲେ। ଏମାନେ ଅବା କେତେ ତେଲ ଦେଇପାରନ୍ତେ ? ଦିନେ ସେମାନେ ଶିଖାଶିଖି ହୋଇ ଶ୍ରୀସାଇନାଥଙ୍କୁ 'ତେଲ ନାହିଁ' ବୋଲି କହିଦେଲେ । ଶ୍ରୀସାଇନାଥଙ୍କର ଦୈନନ୍ଦିନ ନୀତିରେ ସେଦିନ କିଛି ପରିବର୍ତ୍ତନ ହେଲାକି ? ଶ୍ରୀସାଇନାଥ ମାଟି ଦୀପଗୁଡ଼ିକରେ ତେଲ ବଦଳରେ ପାଣି ଢାଳିଲେ, ବଳିତା ଦେଲେ ଓ ଦିଆସିଲି ଜାଳି ଦୀପ ଲଗାଇଲେ। ଶ୍ରୀସାଇନାଥ ଏସବୁ କାର୍ଯ୍ୟ କରୁଥିବା ସମୟରେ ତାଙ୍କର ପାଗଳାମି ସମ୍ପର୍କରେ ସମସ୍ତେ ସ୍ଥିର ନିଶ୍ଚିତ ହୋଇଥିଲେ। ମାତ୍ର ଦିଆସିଲି ମାରି ଦୀପଗୁଡ଼ିକୁ ଜଳାଇବା ଓ ଦୀପଗୁଡ଼ିକ ରାତିସାରା ଜଳୁଥିବା ଦେଖି ସେମାନେ ଚକିତ ହୋଇଯାଇଥିଲେ। ସେମାନେ ଶ୍ରୀସାଇନାଥଙ୍କ ନିକଟକୁ ଯାଇ ତାଙ୍କୁ ଦୁର୍ବ୍ୟବହାର କରିଥିବାରୁ କ୍ଷମା ଭିକ୍ଷା କରିଥିଲେ। ଶ୍ରୀସାଇନାଥଙ୍କୁ କେବେ କେମିତି ବିଭିନ୍ନ ଭାବରେ ଅନେକ ବ୍ୟକ୍ତି ଦୁର୍ବ୍ୟବହାର କରିଥିଲେ। ସେମାନେ ମଧ ଡରିଗଲେ। ମାତ୍ର ଶ୍ରୀସାଇନାଥ କରୁଣାବତାର ଥିଲେ। ତାଙ୍କୁ ଯେଉଁମାନେ ଅପମାନିତ କରିଥିଲେ ଓ ଏପରିକି ତାଙ୍କର କ୍ଷତି କରିଥିଲେ ବା ଆଘାତ ଦେଇଥିଲେ, ସେକଥା ମନରେ ନଧରି ସେମାନଙ୍କୁ ଉପକୃତ କରିବା ଥିଲା ଶ୍ରୀସାଇନାଥଙ୍କର ଧର୍ମ । ତେଣୁ ପ୍ରକୃତରେ କାହାରି ଭୟ କରିବାର କିଛି ନଥିଲା। ଶ୍ରୀସାଇନାଥ ସମସ୍ତଙ୍କୁ ଭଲ ପାଉଥିଲେ ଓ ନିଜର ପିଲା ଭଳି ସମସ୍ତଙ୍କର ଯତ୍ନ ନେଉଥିଲେ। ଗ୍ରାମରେ କିଛି ବିପଦ ପଡ଼ିବାକୁ ଥିଲେ, ଶ୍ରୀସାଇନାଥ ଆଗତୁରା ସୂଚନା ଦେଇ ଦେଉଥିଲେ ଓ ତାଙ୍କ କହିବା ଅନୁସାରେ କାର୍ଯ୍ୟ କରିଥିବା ଲୋକେ ନିର୍ଭୟ ଭାବରେ ରହୁଥିଲେ।

ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମା

ସମସ୍ତ ଗ୍ରାମବାସୀ ଶ୍ରୀସାଇନାଥଙ୍କୁ ବିଶ୍ୱାସ କରୁଥିଲେ ମଧ ଅଳ୍ପ କେତେଜଣ ତାଙ୍କ ସହିତ ନିବିଡ଼ ସମ୍ପର୍କ ରଖିଥିଲେ। ଶ୍ରୀସାଇନାଥ ମୁହେଁ ମୁହେଁ ଅଖାଡୁଆ କଥା ରୋକଠୋକ୍ କହି ଦେଉଥିବାରୁ ତାଙ୍କ ପାଖକୁ ଭରସି କରି ସମସ୍ତେ ଯାଉନଥିଲେ ବା ଅଯଥାରେ ପରିଚିତ ହେବାକୁ ଚାହୁଁନଥିଲେ । ସେଇଥିପାଇଁ ମସ୍‌ଜିଦ୍‌କୁ ଲୋକମାନଙ୍କର ଯିବା ଆସିବା କମ୍ ଥିଲା। ଏହି ସମୟରେ ଦେଶପାଣ୍ଡେ ପରିବାରରୁ ମାଧବରାଓ ବଳୱନ୍ତ ଅଧିକାଂଶ ସମୟରେ ଶ୍ରୀସାଇନାଥଙ୍କ ପାଖକୁ ଆସୁଥିଲେ। ମସ୍‌ଜିଦ ପାଚେରୀ ପାଖକୁ ଲାଗି ଛୋଟିଆ ଘରଟିଏ ରହିଥିଲା ଓ ସେଠାରେ ସେହି ସମୟରେ ମରାଠୀ ବିଦ୍ୟାଳୟଟିଏ ଚାଲିଥିଲା। ମାଧବରାଓ ସେହି ବିଦ୍ୟାଳୟର ଶିକ୍ଷକ ଥିଲେ ଓ ବିଦ୍ୟାଳୟରୁ ମସ୍‌ଜିଦ୍‌କୁ ଅନେକ ସମୟରେ ଯାଉଥିଲେ । ସେଠାକୁ ଯିବାପରେ ସେ ଚିଲମ ସଜାଡ଼ି ନିଜେ ଥରେ ଟାଣି ଶ୍ରୀସାଇନାଥଙ୍କୁ ଚିଲମ ଧରାଇ ଦେଉଥିଲେ । ଯେଉଁ କାରଣରୁ ହେଉନା କାହିଁକି, ମାଧବରାଓ ଶ୍ରୀସାଇନାଥଙ୍କ ସଂସ୍ପର୍ଶରେ ଆସି ବେଶ୍ ପରିଚିତ ହୋଇଥିଲେ ଓ ଶ୍ରୀସାଇନାଥ ମାଧବରାଓଙ୍କୁ ମଧ ଆକର୍ଷିତ କରିଥିଲେ। କେତେବର୍ଷ ପରେ ମାଧବରାଓ ସବୁ କାର୍ଯ୍ୟ ଛାଡ଼ିଦେଇ ଶ୍ରୀସାଇନାଥ ଓ ତାଙ୍କୁ ଦର୍ଶନ କରିବା ପାଇଁ ଆସୁଥିବା ଭକ୍ତମାନଙ୍କର ସେବା କରିବାରେ ଲାଗି ପଡ଼ିଥିଲେ। ତାଙ୍କର ସେବା ପାଇଁ ମାଧବରାଓ କୌଣସି ପ୍ରକାର ପାଉଣା ବା ପାରିଶ୍ରମିକ ଚାହୁଁନଥିଲେ। ଆଜି ପର୍ଯ୍ୟନ୍ତ ଶ୍ରୀସାଇନାଥଙ୍କର ଭକ୍ତମାନଙ୍କ ସହିତ ତାଙ୍କର ଗଭୀର ସମ୍ବନ୍ଧ ରହିଅଛି। ବହୁସଂଖ୍ୟକ ଭକ୍ତ ତାଙ୍କ ପାଖରୁ ଅଶେଷ ସାହାଯ୍ୟ ସମର୍ଥନ ଲାଭ କରିଥିଲେ ଓ ଏଭଳି ଅନେକ ଭକ୍ତ ଥିଲେ ଯେଉଁମାନେକି ମାଧବରାଓଙ୍କୁ ନପଚାରି କୌଣସି କାର୍ଯ୍ୟ କରୁନଥିଲେ।

ଶ୍ରୀସାଇନାଥ ଶିରିଡ଼ି ଛାଡ଼ି ବାହାରକୁ ପ୍ରାୟତଃ ଯାଉନଥିଲେ। ବେଳେବେଳେ ନିମଗାଁ[୧୭] ଯାଇ ତାଙ୍କର ଭକ୍ତ ବାବାସାହେବ ଡେଙ୍ଗ୍‌ଲେଙ୍କୁ କିମ୍ବା ରାହାତା[୧୭] ଯାଇ ଚନ୍ଦ୍ରଭାନ ସେଠ୍ ମାରୁଆଡ଼ିକୁ ଦେଖା କରୁଥିଲେ। ଚନ୍ଦ୍ରଭାନ ସେଠ୍‌ଙ୍କ ମୃତ୍ୟୁ ପରେ ତାଙ୍କର ତେଜରାତି ଦୋକାନର ଭାର ଖୁଶାଲଚନ୍ଦଙ୍କ ଉପରେ ପଡ଼ିଥିଲା। ଶ୍ରୀସାଇନାଥ ଅନେକ ସମୟରେ ଖୁଶାଲଚନ୍ଦଙ୍କୁ ଡକାଇ ପଠାଉଥିଲେ ଓ ରାହାତାରୁ କେହି ଆସିଥିଲେ ତାଙ୍କୁ ଖୁଶାଲଚନ୍ଦଙ୍କ ଭଲମନ୍ଦ ପଚାରୁଥିଲେ। ଏବେ ସେକଥା ଥାଉ।

ବାବାସାହେବ ଡେଙ୍ଗ୍‌ଲେଙ୍କ ଭାଇ ନାନାସାହେବ ଡେଙ୍ଗ୍‌ଲେ ଜାଲି-ନିମଗାଁରେ ରହୁଥିଲେ। ତାଙ୍କର ପିଲାପିଲି ନହେବାରୁ ସେ ଦ୍ୱିତୀୟ ଥର ବିବାହ କରିଥିଲେ ମଧ ଫଳ କିଛି ହୋଇନଥିଲା। ତାଙ୍କୁ ଶ୍ରୀସାଇନାଥଙ୍କ ଦର୍ଶନ କରିବା ନିମନ୍ତେ

ବାବାସାହେବ ପଠାଇଥିଲେ । ନାନାସାହେବ ଡେଙ୍ଗଲେ ଶ୍ରୀସାଇନାଥଙ୍କୁ ଦର୍ଶନ କରିବାକୁ ଆସିଥିବା ସମୟରେ ଶ୍ରୀସାଇନାଥ ତାଙ୍କର ପୁତ୍ରପ୍ରାପ୍ତି ନିମନ୍ତେ ଆଶୀର୍ବାଦ କରିଥିଲେ । ସମୟକ୍ରମେ ଏ ଆଶୀର୍ବାଦ ଫଳବତୀ ହୋଇଥିଲା ଓ ସେ ପୁତ୍ରଲାଭ କରିଥିଲେ । ଶ୍ରୀସାଇନାଥଙ୍କ ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଜନ୍ମିଥିଲା ଓ ଶ୍ରୀସାଇନାଥଙ୍କ ପାଖକୁ ସେ ବାରମ୍ବାର ଆସୁଥିଲେ । ସରକାରୀ କର୍ମଚାରୀମାନଙ୍କ ସହିତ ତାଙ୍କର ଭଲ ଜଣାଶୁଣା ଥିବାରୁ ସେ ସେମାନଙ୍କ ଆଗରେ ଶ୍ରୀସାଇନାଥଙ୍କର ପ୍ରଶଂସା କରୁଥିଲେ । ଫଳରେ ଜିଲ୍ଲାପାଳଙ୍କ 'ଚିଟ୍‌ନିସ୍' ଶ୍ରୀଚିଦାମ୍ବର କେଶବ ଓରଫ୍ ଅନ୍ନାସାହେବ ଗାଡ଼ଗିଲ ଅନେକ ଲୋକଙ୍କୁ ସାଙ୍ଗରେ ଧରି ଶ୍ରୀସାଇନାଥଙ୍କ ଦର୍ଶନ ନିମିତ୍ତ ଆସିଥିଲେ । ଆସ୍ତେ ଆସ୍ତେ ଅନ୍ନାସାହେବ ଗାଡ଼ଗିଲଙ୍କର ଶ୍ରୀସାଇନାଥଙ୍କ ପ୍ରତି ବିଶ୍ୱାସ ବଢ଼ିଯାଇଥିଲା ଓ ସେ ଶ୍ରୀସାଇନାଥଙ୍କର ପରମ ଭକ୍ତ ପାଲଟି ଯାଇଥିଲେ ।

ନାନାସାହେବ ଡେଙ୍ଗଲେ ଶ୍ରୀସାଇନାଥଙ୍କ ଶୋଇବା ପାଇଁ ମୋଟା କାଠ ପଟାଟିଏ ଆଣି ଦେଇଥିଲେ । କାରଣ, ଶ୍ରୀସାଇନାଥ ରହୁଥିବା ମସ୍‌ଜିଦଟି ପୂରାପୂରି ଭାଙ୍ଗିରୁଜି ଯାଇଥିଲା, ତା'ର ଚଟାଣ ଫାଟି ଆଁ କରିଥିଲା ଓ ତାହା ଅତ୍ୟନ୍ତ ଧୂଳିଧୂସରିତ ହୋଇଥିଲା । ମସ୍‌ଜିଦ୍ ଛାତରୁ ମଧ୍ୟ ଭଙ୍ଗାତୁଟା ଖଣ୍ଡ ଓ ଛେଲା ପଡ଼ିବାର ଭୟ ରହିଥିଲା । ତାଙ୍କର ଉଦ୍ଦେଶ୍ୟ ଥିଲା, ଶ୍ରୀସାଇନାଥ କାଠପଟାଟିକୁ ତଳେ ପାରିଦେଇ ତା' ଉପରେ ଶୋଇବେ, ଖାଲି ଚଟାଣରେ ଶୋଇବା ଅପେକ୍ଷା ଏହା ନିଶ୍ଚୟ ଭଲ ହେବ ।

ଶ୍ରୀସାଇନାଥ ପଟାଟିକୁ ନିଜର ଶୋଇବାପାଇଁ ବ୍ୟବହାର କରିଥିଲେ ସତ୍ୟ, ମାତ୍ର ତାହାକୁ ତଳେ ନ ପକାଇ ତା'ର ଚାରିକୋଣରେ ପୁରୁଣା କନାଧଡ଼ି ବାନ୍ଧି ତାକୁ ମସ୍‌ଜିଦ୍‌ର ବିମ୍‌ରୁ ତଳକୁ ଝୁଲାଇ ଦେଇଥିଲେ ଓ ତାହା ଉପରେ ଶୋଉଥିଲେ । କନାଧଡ଼ିଗୁଡ଼ିକୁ ଦେଖିଲେ ସେଗୁଡ଼ିକ ପଟାର ଓଜନ ସହି ପାରିବ ନାହିଁ ବୋଲି ଯିଏ କେହି ଭାବିବ, କିନ୍ତୁ ଶ୍ରୀସାଇନାଥଙ୍କ ଦୈବୀଶକ୍ତି ବଳରେ ସେଗୁଡ଼ିକ ପଟାର ଓଜନ ସହିତ ଶ୍ରୀସାଇନାଥଙ୍କ ଶରୀରର ଓଜନକୁ ମଧ୍ୟ ବୋହିପାରୁଥିଲେ । ଶୋଇବାକୁ ଯିବା ପୂର୍ବରୁ ଶ୍ରୀସାଇନାଥ ଚାରିଟି ଜଳନ୍ତା ମାଟି ଦୀପ ପଟାର ଚାରିକୋଣରେ ଥୋଉଥିଲେ । ସମସ୍ତେ ଶ୍ରୀସାଇନାଥଙ୍କୁ ପଟାରେ ଶୋଇବାର ଦେଖି ଚମତ୍କାର ବୋଲି ଭାବୁଥିଲେ ଓ ଅନେକ ଲୋକ ଦୂରରୁ ଏହି ଦୃଶ୍ୟକୁ ଦେଖୁଥିଲେ । କିନ୍ତୁ ପଟାରୁ ଓହ୍ଲାଇବା କିମ୍ବା ପଟା ଉପରକୁ ଉଠିବାର ଦୃଶ୍ୟ କେହି ଦେଖିପାରି ନଥିଲେ । ଲୋକେ ପାଳିକରି ଜଗି ରହି ବାବାଙ୍କର ପଟା ଉପରକୁ ଉଠିବା ଓ ଓହ୍ଲାଇବାର ଦୃଶ୍ୟ ଦେଖିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତାହା କାହାରି ପକ୍ଷରେ ସମ୍ଭବ ହୋଇନଥିଲା । ଲୋକମାନଙ୍କର ଭିଡ଼ କେବଳ ଏହି ଚମତ୍କାର ଦୃଶ୍ୟ ଦେଖିବା ପାଇଁ ବଢୁଥିବାରୁ ଶ୍ରୀସାଇନାଥ ଦିନେ ପଟାଟିକୁ ଫୋପାଡ଼ି ଦେଇଥିଲେ ଓ ଏହି ଅଯଥା ଗହଳିକୁ ଏଡ଼େଇ ଦେଇଥିଲେ ।

କୋପରଗାଁର ରେଭିନ୍ୟୁ ସର୍କଲ ଇନ୍‌ସପେକ୍ଟର ଗୋପାଳରାଓ ଗୁଣ୍ଡ ମଧ୍ୟ ନାନାସାହେବ ଡେଙ୍ଗଲେଙ୍କ ଭଳି ପୁତ୍ରପ୍ରାପ୍ତି ପାଇଁ ଶ୍ରୀସାଇନାଥଙ୍କୁ ଦର୍ଶନ କରିବାକୁ ଆସିଥିଲେ । ତାଙ୍କର ତିନୋଟି ପତ୍ନୀ ଥିଲେ ମଧ୍ୟ ପୁଅପାଟି ନଥିଲା । ସେ ମଧ୍ୟ ଶ୍ରୀସାଇନାଥଙ୍କ ଆଶୀର୍ବାଦରୁ ପୁଅଟିଏ ପାଇଥିଲେ ଓ ଶ୍ରୀସାଇନାଥଙ୍କର ସମ୍ପୂର୍ଣ୍ଣ ଭକ୍ତ ପାଲଟି ଯାଇଥିଲେ । ଏହି ଭଙ୍ଗା ମସ୍‌ଜିଦ୍‌ର ମରାମତି ହେବା ଆବଶ୍ୟକ ବୋଲି ସେ ଥରେ ଭାବିଥିଲେ ଓ ସେଥିପାଇଁ ସେ ଅନେକ ପଥର ଆଣି ଗଦା କରିଥିଲେ । ବାବା କିନ୍ତୁ ଏଥିପାଇଁ ଅନୁମତି ଦେଇନଥିଲେ । ସେହି କାର୍ଯ୍ୟ ପରେ ଅନ୍ୟ ଜଣେ ଭକ୍ତ କରିଥିଲେ ଓ ସେକଥା ବାରାନ୍ତରେ ଉଲ୍ଲେଖ ହୋଇଛି । ଗୋପାଳରାଓ ଗଦା କରିଥିବା ପଥରଗୁଡ଼ିକୁ ବ୍ୟବହାର କରି ଶ୍ରୀସାଇନାଥଙ୍କ ନିର୍ଦ୍ଦେଶରେ ସେଠାରେ ଶନିମନ୍ଦିର ତିଆରି ହୋଇଥିଲା ଓ ଗ୍ରାମର ଅନ୍ୟ ମନ୍ଦିରମାନଙ୍କର ଜୀର୍ଣ୍ଣ ସଂସ୍କାର କରାଯାଇଥିଲା । ଶ୍ରୀସାଇନାଥ ସବୁ ମନ୍ଦିର ପ୍ରତି ଦୃଷ୍ଟି ଦେଉଥିଲେ । ଏଠାର ମାରୁତି ମନ୍ଦିର ମଧ୍ୟ ଶ୍ରୀସାଇନାଥଙ୍କ ନିର୍ଦ୍ଦେଶରେ ମରାମତି ହୋଇଥିଲା ଓ ତାହାର ସଂପ୍ରସାରଣ ମଧ୍ୟ କରାଯାଇଥିଲା । ଶ୍ରୀସାଇନାଥ ମନ୍ଦିରମାନଙ୍କର ମରାମତି ନିମନ୍ତେ ଯେଭଳି ଦୃଷ୍ଟି ଦେଉଥିଲେ, କବରଗୁଡ଼ିକ ପ୍ରତି ମଧ୍ୟ ସେଭଳି ଦୃଷ୍ଟି ଦେଉଥିଲେ । ଶ୍ରୀସାଇନାଥ ଗ୍ରାମସୀମାରେ ଥିବା ଏକ ନିର୍ଦ୍ଦିଷ୍ଟ ନିମ୍ବ ଗଛତଳେ ବହୁତ ସମୟ ବସୁଥିବାର ବିବରଣୀ ଏହା ପୂର୍ବରୁ ଦିଆଯାଇଛି । ଶ୍ରୀସାଇନାଥ ଥରେ କହିଥିଲେ, "ଏହା ତଳେ ପୀରଙ୍କ କବର ରହିଛି ।" ସେହି ସ୍ଥାନଟିକୁ

ଖୋଳାଯିବା ପରେ ପ୍ରକୃତରେ ତା' ମଧ୍ୟରେ କବରଟିଏ ଦେଖିବାକୁ ମିଳିଥିଲା। ସେହିଦିନ ଭକ୍ତମାନେ ଶ୍ରୀସାଇନାଥଙ୍କର ଶୋଭାଯାତ୍ରା ଘଣ୍ଟି, ଘଣ୍ଟା, କାହାଳୀ ସହ ବିଭିନ୍ନ ସ୍ଲୋଗାନ ଦେଇ ବାହାର କରିଥିଲେ। ଶ୍ରୀସାଇନାଥ ମଧ୍ୟ ନିମ୍ନସ୍ୱାକ୍ଷରକାରୀ ଲେଖକକୁ ଏହି କବର ସମ୍ପର୍କରେ ପୂର୍ବରୁ କହିଥିଲେ। ଶ୍ରୀସାଇନାଥ ମୋତେ କହିଥିଲେ, "ଏହା ମୋର ଗୁରୁଙ୍କର ସ୍ଥାନ। ଏଠାରେ ପ୍ରତ୍ୟେକ ଗୁରୁବାର ଓ ଶୁକ୍ରବାର ଦିନ ତୁମର ମଙ୍ଗଳ ପାଇଁ ଧୂପଦୀପ ଜଳାଅ।" ଥରେ ଗୋପାଳରାଓ ଗୁଣ୍ଡ ବାର୍ଷିକ 'ଉର୍ସ' ଉତ୍ସବ ଶିରିଡ଼ିରେ ପାଳନ କରିବା ପାଇଁ ଚିନ୍ତା କରିଥିଲେ। ସେ ଏହି ବିଷୟ ତାତ୍ୟା ପାଟିଲ, ଦାଦା କୋତେ ପାଟିଲ, ମାଧବରାଓ ଦେଶପାଣ୍ଡେ ଓ ଗ୍ରାମର ଅନ୍ୟ ଭକ୍ତମାନଙ୍କୁ କହି ସେମାନଙ୍କର ସମ୍ମତି ନେଇ ଏହାର ଆୟୋଜନ କରିବାରେ ନିଜେ ଲାଗିପଡ଼ିଥିଲେ। ମାତ୍ର ଗ୍ରାମର କୁଳକର୍ଣ୍ଣି ଆପତ୍ତି ଉଠାଇବାରୁ ଜିଲ୍ଲାପାଳ ଏଭଳି ଉତ୍ସବ କରିବା ପାଇଁ ଅନୁମତି ଦେଲେ ନାହିଁ। କିନ୍ତୁ ଏହି ପର୍ବପାଳନକୁ ଶ୍ରୀସାଇନାଥ ଅନୁମୋଦନ କରି ଆଶୀର୍ବାଦ ଦେଇ ସାରିଥିଲେ। ତେଣୁ ଭକ୍ତମାନେ ଜିଲ୍ଲାପାଳଙ୍କୁ ପୁନର୍ବାର ଆବେଦନ କଲେ ଓ ସେ ପୂର୍ବ ଆଦେଶକୁ ବାତିଲ କରି ପର୍ବ ପାଳନ ପାଇଁ ଅନୁମତି ଦେଇଥିଲେ। ଉର୍ସ ଉତ୍ସବ ରାମନବମୀ ଦିନ ପାଳନ କରିବା ପାଇଁ ଶ୍ରୀସାଇନାଥ ସମ୍ମତି ଦେଇଥିଲେ ଓ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ପ୍ରତି ରାମନବମୀରେ ତାହା ପାଳିତ ହୋଇ ଆସୁଅଛି।



ତାତ୍ୟା ଗଣପତି କୋତେ ପାଟିଲ

ଶିରିଡ଼ିରେ ଏହି ଉତ୍ସବ ପାଳନ ପାଇଁ ତାତ୍ୟା ଗଣପତି କୋତେ ପାଟିଲ ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତ ଆୟୋଜନ ଓ ପରିଚାଳନା କାର୍ଯ୍ୟ କରୁଥିଲେ। ତାଙ୍କୁ ଶ୍ରୀସାଇନାଥ ଖୁବ୍ ଭଲ ପାଉଥିଲେ । ସେ ଶ୍ରୀସାଇନାଥଙ୍କୁ ମାମୁଁ ବୋଲି ଡାକୁଥିଲେ । ତାଙ୍କର ମା' ସୌଭାଗ୍ୟବତୀ ବାୟଜାବାଇ ନିଷ୍ଠାପର ଭାବରେ ଶ୍ରୀସାଇନାଥଙ୍କ ସେବା କରୁଥିଲେ। ସେତେବେଳେ ଗ୍ରାମର ଅଧିକାଂଶ ସାଧାରଣ ଲୋକ ଶ୍ରୀସାଇନାଥଙ୍କୁ ପାଗଳା ବୋଲି ଭାବୁଥିଲେ। ପ୍ରଥମ ଅବସ୍ଥାରେ ଶ୍ରୀସାଇନାଥ ଗ୍ରାମ ମଧ୍ୟକୁ ଚାରିପାଂଚ ଥର ଭିକ୍ଷା ମାଗିବା ପାଇଁ ଯାଉଥିଲେ। ସୌଭାଗ୍ୟବତୀ ବାୟଜାବାଇ ତାଙ୍କୁ କେବେହେଲେ ମନା କରିନଥିଲେ। ମହିଳା ଜଣକ ତାଙ୍କ ଭକ୍ତିର ଫଳ ପାଇଥିଲେ । ତାଙ୍କର ପୂରା ପରିବାର, ବିଶେଷତଃ ପୁଅ ତାତ୍ୟା ଅଧିକ ଉପକୃତ ହୋଇଥିଲେ। ଶ୍ରୀସାଇନାଥ ତାତ୍ୟାକୁ କେବଳ ଟଙ୍କାପଇସା ଦେଉଥିଲେ ତାହା ନୁହେଁ, ତାକୁ ସବୁପ୍ରକାର ଥଟାପରିହାସ ମଧ୍ୟ କରୁଥିଲେ। ତାତ୍ୟା ପ୍ରତିଦିନ ମସ୍‌ଜିଦ୍‌କୁ ଆସିବା ପରେ ମାମୁଁଭଣଜାଙ୍କର ଦେଖାସାକ୍ଷାତ ଯେମିତି ଦେଖିବାକୁ ଖୁସିଲାଗୁଥିଲା, ସେମିତି ଦୁହିଁଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ କଥୋପକଥନ ଶୁଣିବାକୁ ମଜା ଲାଗୁଥିଲା । ସେହିଭଳି ମସ୍‌ଜିଦ୍ ଓ ଚାଓ୍ୱଡ଼ିର ସମସ୍ତ ଦାୟିତ୍ୱ ତାତ୍ୟାଙ୍କ ଉପରେ ନ୍ୟସ୍ତ ଥିଲା। ତାତ୍ୟା ନ ଆସିବା ପର୍ଯ୍ୟନ୍ତ ଶ୍ରୀସାଇନାଥ ଉଠୁନଥିଲେ । ତାତ୍ୟା ଶ୍ରୀସାଇନାଥଙ୍କ ବାହୁ ଧରି ଉଠାଇ ନିଜେ ବିଛାଇଥିବା ଆସନ[୮] ଉପରକୁ ନେଇଯାଉଥିଲେ ଓ ଶ୍ରୀସାଇନାଥ ସେଠାରେ ବସୁଥିଲେ। ସେ ଚିଲମ ମଧ୍ୟ ସଜାଡ଼ି ଦେଉଥିଲେ। ଏହା ପ୍ରାୟ ପ୍ରତିଦିନର କାର୍ଯ୍ୟକ୍ରମ ଥିଲା।

ନାନାସାହେବ ନିମୋଣକର

ରାମନବମୀ ଉତ୍ସବ ସମୟରେ ରାମନବମୀ ଦିନ ଦୁଇଟି ବଡ଼ ପତାକାକୁ ଆଡ଼ମ୍ବର ସହକାରେ ଶୋଭାଯାତ୍ରାରେ ମସ୍‌ଜିଦ୍‌କୁ ନିଆଯାଏ। ସେଠାରେ ଏହି ଦୁଇ ପତାକାକୁ ଦୁଇ ଶେଷ ମୁଣ୍ଡରେ ବାନ୍ଧି ଦିଆଯାଏ। ଏହି ଦୁଇଟି ପତାକା ମଧ୍ୟରୁ ଗୋଟିଏ ଶଙ୍କରରାଓ ରଘୁନାଥ ଦେଶପାଣ୍ଡେ, ଓରଫ ନାନାସାହେବ ନିମୋଣକରଙ୍କ ପାଖରୁ ଆସୁଥିବା ବେଳେ, ଦ୍ୱିତୀୟଟି ନଗରର ଦାମୁସେଠ କାସାରଙ୍କ ପାଖରୁ ଆସୁଥିଲା। ନାନାସାହେବ ନିମୋଣକର ଥିଲେ ନିମୋଣର 'ଦେଶପାଣ୍ଡେ', ଅର୍ଥାତ୍ ଜିଲ୍ଲା ଏକାଉଣ୍ଟାଣ୍ଟ। ନିମୋଣ ଗ୍ରାମ ସଙ୍ଗମ୍‌ନେର ତାଲୁକର ଅନ୍ତର୍ଭୁକ୍ତ ଥିଲା। ନାନାସାହେବ ତାଲୁକର ଜଣେ ମାନ୍ୟଗଣ୍ୟ ବ୍ୟକ୍ତି ହୋଇଥିବାରୁ ସରକାର ତାଙ୍କୁ 'ଅନରାରୀ ମାଜିଷ୍ଟ୍ରେଟ' ପଦରେ ନିଯୁକ୍ତି ଦେଇଥିଲେ। ବୃଦ୍ଧାବସ୍ଥା ହେତୁ ପରେ ସେ ସେଥିରୁ ଅବ୍ୟାହତି ନେଇଥିଲେ। ତାଙ୍କ ମାମୁଁ ଶିରିଡ଼ିରେ ରହୁଥିବାରୁ ସେ ମଝିରେ ମଝିରେ ଏଠାକୁ ଆସୁଥିଲେ। ସେ ଏଠାକୁ ଆସିଲେ ଶ୍ରୀସାଇନାଥଙ୍କୁ ଦର୍ଶନ କରିବା ପାଇଁ ମାମୁଁଙ୍କ ନିର୍ଦ୍ଦେଶରେ ଯାଉଥିଲେ। ଆସ୍ତେ ଆସ୍ତେ ଶ୍ରୀସାଇନାଥଙ୍କ ଉପରେ ତାଙ୍କର ବିଶ୍ୱାସ ବଢ଼ିଥିଲା ଓ ଶେଷ ତିନିବର୍ଷ ସେ ଶ୍ରୀସାଇନାଥଙ୍କ ସେବାରେ କଟାଇ

ଦେଇଥିଲେ । ସେ ଘରକୁ କେବଳ ଗାଧୋଇବା ପାଇଁ, ସକାଳ ଓ ସଂଧ୍ୟାରେ ପୂଜା ପ୍ରାର୍ଥନା କରିବା ପାଇଁ ଓ ଅନ୍ୟାନ୍ୟ ଆନୁଷଂଗିକ କାର୍ଯ୍ୟ ପାଇଁ ଯାଉଥିଲେ । ବାକିତକ ସମୟ ସେ ଶ୍ରୀସାଇନାଥଙ୍କ ଆଦେଶ ପାଳନ ପାଇଁ ଉପସ୍ଥିତ ରହୁଥିଲେ । ତାଙ୍କୁ ଷାଠିଏ ବର୍ଷ ପୂରି ଯାଇଥିଲେ ବି ସେ ବିଶ୍ରାମ ନେବା ପାଇଁ କିମ୍ବା ଶ୍ରୀସାଇନାଥଙ୍କ ସେବାରୁ ନିବୃତ୍ତ ରହିବା ପାଇଁ ଚିନ୍ତା ମଧ୍ୟ କରିନଥିଲେ । ଶ୍ରୀସାଇନାଥ ତାଙ୍କୁ 'କାକା' ବୋଲି ଡାକୁଥିଲେ । ଶ୍ରୀସାଇନାଥଙ୍କ ପରେ ସେ ବେଶିଦିନ ବଂଚି ନଥିଲେ ଓ ତାଙ୍କ ପାଦରେ ଲୀନ ହୋଇଯାଇଥିଲେ । ଶ୍ରୀସାଇନାଥଙ୍କ କରୁଣାରୁ ତାଙ୍କର ଶେଷ ସମୟ ଭଲରେ ଆସିଥିଲା । ସେ ମୃତ୍ୟୁର ତିନିଦିନ ପୂର୍ବରୁ ପ୍ରତ୍ୟେକ ସ୍ଥଳରେ ଶ୍ରୀସାଇନାଥଙ୍କୁ ଦର୍ଶନ କରୁଥିଲେ । ତାଙ୍କ ନିକଟକୁ ଯିଏ ଆସୁଥିଲେ, ସେ ତାଙ୍କୁ 'ସାଇବାବା' ବୋଲି ଡାକୁଥିଲେ । ଶ୍ରୀସାଇନାଥଙ୍କୁ 'ବାବା' ବୋଲି ଡକାଯାଉଥିଲା ବୋଲି ପୂର୍ବରୁ କୁହାଯାଇଅଛି । କାକାସାହେବ ନିଜ ପତ୍ନୀଙ୍କୁ ମଧ୍ୟ "ସାଇବାବା ଆସ" ବୋଲି କହିଥିଲେ । ପତ୍ନୀ ଭାବିଥିଲେ ଯେ ସେ କୌଣସି କାରଣରୁ ବିଳବିଳଉଛନ୍ତି । ତେଣୁ କହିଥିଲେ, "ମୁଁ ସାଇବାବା ନୁହଁ, ମୁଁ ତୁମ ସ୍ତ୍ରୀ" । ତାହା ଶୁଣି ସେ କହିଥିଲେ, "ତୁମ ମଧ୍ୟରେ କିଏ ଅଛନ୍ତି ? କେବଳ ବାବା । ତୁମେ ହିଁ ବାବା !" ଏହିଭଳି ଶ୍ରୀସାଇନାଥଙ୍କୁ ନିରନ୍ତର ମନେ ପକାଉଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଦ୍ୱିତୀୟ ପତାକାଟି ରାମନବମୀ ଅବସରରେ ଦାମୋଦର ସାୱଲରାମ ଓରଫ ଦାମୁ ସେଠ କାସାରଙ୍କ ନିକଟରୁ ଆସେ ବୋଲି ପୂର୍ବରୁ କୁହାଯାଇଅଛି । ତାଙ୍କର ଦୁଇଟି ପତ୍ନୀ ଥିଲେ ମଧ୍ୟ କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ଅତ୍ୟନ୍ତ ମନଦୁଃଖରେ ରହୁଥିଲେ । ତାଙ୍କୁ ମାଧବରାଓ ଦେଶପାଣ୍ଡେଙ୍କ ଶ୍ୱଶୁର ଗୋବିନ୍ଦରାଓ ସପ୍‌କର ଶିରିଡ଼ି ଆସି ଶ୍ରୀସାଇନାଥଙ୍କ ଆଶୀର୍ବାଦ ନେବା ପାଇଁ କହିଥିଲେ । ସେ ଆସି ଦର୍ଶନ କରିବା ପରେ ଶ୍ରୀସାଇନାଥଙ୍କ ଆଶୀର୍ବାଦରୁ ତାଙ୍କର ପୁଅଟିଏ ହୋଇଥିଲା । ଶ୍ରୀସାଇନାଥଙ୍କ ଉପରେ ତାଙ୍କର ପୂରା ବିଶ୍ୱାସ ଆସିଯାଇଥିଲା ଓ ସେହିଦିନଠାରୁ ରାମନବମୀ ଦିନ ଉତ୍ସବ ପାଇଁ ନୂଆ ପତାକା ଆଣିବା, ସମବେତ ହୋଇଥିବା ସମସ୍ତ ଫକୀରଙ୍କୁ ଖୁଆଇବାର ଭାର ସେ ନେଇଥିଲେ ଓ ଆଜି ପର୍ଯ୍ୟନ୍ତ ତାହା ଚାଲୁ ରହିଛି ।

ନାନା ସାହେବ ଚାନ୍ଦୋରକର

ରାମନବମୀ ଉତ୍ସବ ଆରମ୍ଭ ହେବାର କେତେବର୍ଷ ଆଗରୁ ଶ୍ରୀସାଇନାଥ ତାଙ୍କ ନିକଟକୁ ଜଣେ ନିଃସ୍ୱାର୍ଥପର ଭକ୍ତଙ୍କୁ ଟାଣି ଆଣିଥିଲେ । ସେ ହେଉଛନ୍ତି ନାରାୟଣ ଗୋବିନ୍ଦ ଓରଫ୍ ନାନାସାହେବ ଚାନ୍ଦୋରକର । ସେ କଲ୍ୟାଣର ବାସିନ୍ଦା ହୋଇଥିଲେ ମଧ୍ୟ ଅହମଦନଗର ଜିଲ୍ଲାପାଳଙ୍କର ଚିଟ୍‌ନିସ୍[୯] ଥିଲେ । ତାଙ୍କୁ ଏଠାର କୁଲକର୍ଣ୍ଣି କେଶବ ଅନନ୍ତ ଓରଫ ଅପ୍ପା ଦିନେ କହିଥିଲେ ଯେ ଶ୍ରୀସାଇନାଥ ତାଙ୍କୁ ଡକାଇଛନ୍ତି । ପ୍ରଥମେ ସେ ଏକଥାକୁ ବିଶ୍ୱାସ ନକରି ଅପ୍ପାଙ୍କୁ କହିଥିଲେ, "ଶ୍ରୀସାଇନାଥଙ୍କ ନାମ କାହିଁକି ନେଉଛ ? ମୋ ନିକଟରୁ ଯଦି କିଛି ସୁବିଧା ପାଇବା ନିମନ୍ତେ ଚାହୁଁଛ, ସିଧା ସିଧା କହୁନ କାହିଁକି ?" ଏହାପରେ ଅପ୍ପା କହିଥିଲେ ଯେ ସତରେ ଶ୍ରୀସାଇନାଥ ତାଙ୍କୁ ଡକାଇଛନ୍ତି । ସେ ଦୃଢ଼ ଭାବରେ ଏକଥା କହିବାରୁ ନାନାସାହେବ ଶ୍ରୀସାଇନାଥଙ୍କ ଦର୍ଶନ ନିମିତ୍ତ ଆସିଥିଲେ ଓ ତାଙ୍କର ଆସ୍ଥା ଶ୍ରୀସାଇନାଥଙ୍କ ଉପରେ ଆସିଯାଇଥିଲା । ତା'ପରେ ସେ ବାରମ୍ବାର ଆସି ଶ୍ରୀସାଇନାଥଙ୍କ ଜ୍ଞାନାମୃତ ପାଇବାର ସୁଯୋଗ ନେଇଥିଲେ । ଏପରି ସମୟ ଆସିଲା ଯେତେବେଳେକି ସେ ଓ ଶ୍ରୀସାଇନାଥ ଘଣ୍ଟା ଘଣ୍ଟା ଧରି ଏକତ୍ର ରହୁଥିଲେ । "ଗୁରୁଙ୍କୁ 'ସାଷ୍ଟାଙ୍ଗ'[୧୦] ପ୍ରଣିପାତ କରିବା, ଗୁରୁଙ୍କୁ ପ୍ରଶ୍ନ କରିବା, ସେବା କରିବା, ଜ୍ଞାନ ସମ୍ବନ୍ଧରେ ଜାଣିବା ଇତ୍ୟାଦି ପରେ ଯେଉଁ ଜ୍ଞାନୀମାନଙ୍କର ପରମାତ୍ମତତ୍ତ୍ୱ ଉପରେ ପ୍ରକୃତ ଜ୍ଞାନ ରହିଛି, ସେମାନେ ତତ୍ତ୍ୱଜ୍ଞାନ ସମ୍ବନ୍ଧରେ ଉପଦେଶ ଦେବେ ।" ଶ୍ରୀମଦ୍ ଭଗବତ୍ ଗୀତାରୁ ଉଦ୍ଧୃତ ଶ୍ଳୋକର ଏହି ଉକ୍ତି ଅନୁଯାୟୀ ନାନାସାହେବ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରଶ୍ନ କରୁଥିଲେ ଓ ସେବା କରୁଥିଲେ ଏବଂ ସେହି ସମୟରେ ତାଙ୍କୁ ବାବା ସତ୍ ଉପଦେଶ ଦେଉଥିଲେ । ଥରେ ଶ୍ରୀସାଇନାଥ ଏହି ଶ୍ଳୋକର ସଠିକ ଅର୍ଥ ଘଣ୍ଟାଏ କାଳ ତାଙ୍କୁ ବୁଝାଇଥିଲେ । ସେହିଦିନ ନାନାସାହେବ ଶ୍ରୀସାଇନାଥଙ୍କର ଅଗାଧ ସଂସ୍କୃତ ଜ୍ଞାନ ସମ୍ବନ୍ଧରେ ଜାଣିପାରିଥିଲେ । ନାନାସାହେବ ଶ୍ରୀସାଇନାଥଙ୍କର ବହୁତ ସେବା କରିଥିଲେ । ସେ ଭକ୍ତମାନଙ୍କ ଦ୍ୱାରା ଦୁଇଟି କାରଣ ଯୋଗୁଁ ଚିରସ୍ମରଣୀୟ ହୋଇ ରହିବେ । ପ୍ରଥମଟି ହେଉଛି ଶ୍ରୀସାଇନାଥଙ୍କ ପୁରୁଣା ମସ୍‌ଜିଦ୍‌କୁ ଭାଙ୍ଗି, ସଂପ୍ରସାରଣ କରି ତାହାର ଜୀର୍ଣ୍ଣ ସଂସ୍କାର ସେ କରିଥିଲେ । ନାନାସାହେବ ଏହି

କାର୍ଯ୍ୟକୁ ନିଜେ କରି ପାରିନଥାନ୍ତେ। ତାଙ୍କର ଅନୁରୋଧରେ ନାନାସାହେବ ନିମୋଣକର ନିଜେ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରି ସୁନ୍ଦର ଭାବରେ ସମାପ୍ତ କରିପାରିଥିଲେ। ମସ୍‌ଜିଦ୍‌ର ପୁନଃନିର୍ମାଣ ପାଇଁ ଶ୍ରୀସାଇନାଥଙ୍କ ସମ୍ମତି ମହାଲ୍‌ସାପତିଙ୍କ ମାଧ୍ୟମରେ ନିଆଯାଇଥିଲା। ଶ୍ରୀସାଇନାଥ ରାଜି ହୋଇଥିଲେ। କାର୍ଯ୍ୟ ଚାଲିଥିବା ସମୟରେ ଶ୍ରୀସାଇନାଥ ମଝିରେ ମଝିରେ ଯୋଡ଼ାଇକୁ ଭାଂଗି ଦେଉଥିଲେ। ବହୁତ ବଡ଼ ବଡ଼ ଓଜନିଆ ପଥର ଓ ସ୍ତମ୍ଭଗୁଡ଼ିକୁ ଦୂରକୁ ଫିଙ୍ଗି ଦେଉଥିଲେ। ସେଇଆକୁ ଗୋଟାଇ ପୁଣି ଥରେ ଛିଡ଼ା କରାଯାଉଥିଲା। ଅନେକେ ଶ୍ରୀସାଇନାଥଙ୍କର ଏହି କାର୍ଯ୍ୟକୁ ଅଦ୍ଭୁତ ବୋଲି ଭାବୁଥିଲେ, କିନ୍ତୁ ଯେଉଁମାନେ ଭିତରର କଥା ବୁଝିଥିଲେ ସେମାନେ ଶ୍ରୀସାଇନାଥଙ୍କ ଏପରି କାର୍ଯ୍ୟ ଦ୍ୱାରା ଆଶ୍ଚର୍ଯ୍ୟ ହୋଇନଥିଲେ। ଶେଷରେ ମସ୍‌ଜିଦ୍ ମରାମତି କାର୍ଯ୍ୟ ସରିଥିଲା। ଶ୍ରୀସାଇନାଥ ସେଦିନ ନିମଗାଁକୁ ଯାଇଥିଲେ। ଆଡ଼ମ୍ବର ସହକାରେ ତାଙ୍କୁ ନୂଆ ମସ୍‌ଜିଦ୍‌ରେ ରହିବା ପାଇଁ ଅଣାଯାଇଥିଲା। କୋଣ୍ଡାଜୀ, ଗବାଜୀ ଓ ତୁକାରାମ ସୂତାର (ବଢ଼େଇ) ତିନିଭାଇ ମସ୍‌ଜିଦ୍‌ର କାର୍ଯ୍ୟରେ ବହୁତ ସାହାଯ୍ୟ କରିଥିଲେ। ଶ୍ରୀସାଇନାଥଙ୍କ ମହାସମାଧି ପର୍ଯ୍ୟନ୍ତ ମସ୍‌ଜିଦ୍‌କୁ ଝାଡୁମାରି ସଫା କରିବା, ଶ୍ରୀସାଇନାଥଙ୍କ ବାସନକୁସନ ଧୋଇବା, ଶ୍ରୀସାଇନାଥଙ୍କ ମୁହଁ ଧୋଇବା ପାଇଁ ପାଣି ଗରମ କରିବା ଓ ତତ୍‌ପରେ ସେ ସ୍ଥାନକୁ ପୋଛିପାଛି ଶୁଖାଇବା କାମ ତୁକାରାମ କରୁଥିଲେ। ସାଧାରଣତଃ ଏହି କାର୍ଯ୍ୟ ପାଇଁ ଶ୍ରୀସାଇନାଥ ଅନ୍ୟ କାହାରିକୁ ଅନୁମତି ଦେଉ ନ ଥିଲେ। ଆଜି ମଧ୍ୟ ରାମନବମୀ ପାଇଁ ପତାକା ସେହି ବଢ଼େଇଙ୍କ ଘରେ ପ୍ରସ୍ତୁତ ହୁଏ ଓ ଶୋଭାଯାତ୍ରା ସେହିଠାରୁ ବାହାରେ।


ଦାସଗଣୁ ମହାରାଜ

ନାନାସାହେବଙ୍କ ଦ୍ୱିତୀୟ ବଡ଼ ସେବା ହେଉଛି ଶ୍ରୀସାଇନାଥଙ୍କର ଖ୍ୟାତି ବାହାରେ ପ୍ରଚାର ଓ ପ୍ରକାଶ କରିବା ଏବଂ ଶ୍ରୀସାଇନାଥଙ୍କର ଆଶୀର୍ବାଦର ଫଳ ଲୋକମାନଙ୍କୁ ଦିଆଇବା। ସେ ନିଜେ ଜଣେ ମାମଲତଦାର ଓ ପରେ ଡେପୁଟି କଲେକ୍ଟର ହୋଇଥିବାରୁ ମୂଳରୁ ସେ ଗସ୍ତରେ ବହୁ ସ୍ଥାନକୁ ଯାଉଥିଲେ। ନାନାସାହେବ ଏହି ଲେଖକଙ୍କୁ ଶ୍ରୀସାଇନାଥଙ୍କ ସହିତ ଦର୍ଶନର ସୌଭାଗ୍ୟ ମଧ୍ୟ କରାଇ ଦେଇଥିଲେ। ବମ୍ବେଇ ଓ ଠାଣା ଜିଲ୍ଲାରୁ ହଜାର ହଜାର ଲୋକ ଶ୍ରୀସାଇନାଥଙ୍କୁ ଦର୍ଶନ କରି ଓ ସୁଫଳ ଲାଭ କରି ଖୁସି ହୋଇଥିଲେ। ଏହାପଛରେ ନାନାସାହେବଙ୍କର ପ୍ରମୁଖ ଅବଦାନ ଥିଲା । ବମ୍ବେଇରୁ ଲୋକଙ୍କୁ ଆକର୍ଷିତ କରି ଅଣାଇବା ଉଦ୍ଦେଶ୍ୟରେ ନାନାସାହେବଙ୍କ ବ୍ୟତୀତ ଆଉ ଦୁଇଜଣ ମଧ୍ୟ କାମ କରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଗଣପତ୍ ଦତ୍ତାତ୍ରେୟ ସହସ୍ରବୁଦ୍ଧେ ଓରଫ ଦାସଗଣୁ। ସେ ପୂର୍ବରୁ ପୋଲିସ ବିଭାଗରେ କାର୍ଯ୍ୟ କରୁଥିଲେ। ସେ ତାମସା[୨୧] ସହିତ ଅତିମାତ୍ରାରେ ଜଡ଼ିତ ଥିଲେ। ସେ ନାନାସାହେବଙ୍କ ଯୋଗୁଁ ଶ୍ରୀସାଇନାଥଙ୍କୁ ଦର୍ଶନ କରିବା ନିମିତ୍ତ ଆସିଥିଲେ ଓ ଧୀରେ ଧୀରେ ଶ୍ରୀସାଇନାଥ ତାଙ୍କ ଉପରେ ଏଭଳି ପ୍ରଭାବ ପକାଇଥିଲେ ଯେ ସେ ଚାକିରି ଛାଡ଼ିଦେଇ କୀର୍ତ୍ତନ[୨୨] ଭଜନ ଓ ପୁସ୍ତକ ରଚନା କରି ସନ୍ଥଙ୍କର ଖ୍ୟାତି ପ୍ରଚାର କରିବାରେ ଲାଗିପଡ଼ିଥିଲେ।

ସେ ଆଜି ମଧ୍ୟ ସେହି କାର୍ଯ୍ୟ କରୁଛନ୍ତି। ସେ 'ଭକ୍ତିଲୀଳାମୃତ', 'ସନ୍ଥକଥାମୃତ', 'ଭକ୍ତିସାରାମୃତ', ପ୍ରଭୃତି ପୁସ୍ତକରେ ସନ୍ଥମାନଙ୍କ ସମ୍ବନ୍ଧରେ ଲେଖିଛନ୍ତି । ତା'ଛଡ଼ା 'ଈଶାବାସ୍ୟ ଉପନିଷଦ' ଓ ଶ୍ରୀଜ୍ଞାନେଶ୍ୱର, ମହାରାଜଙ୍କ 'ଅମୃତାନୁଭବ' ପୁସ୍ତକର ସୁନ୍ଦର, ସରଳ ମରାଠୀ ଭାଷ୍ୟ ଲେଖିଛନ୍ତି। ଏହାଛଡ଼ା ସେ ଆହୁରି ଅନେକ ବହିର ମଧ୍ୟ ଲେଖକ ଅଟନ୍ତି। ତାଙ୍କୁ ନାନାସାହେବ ଚାନ୍ଦୋରକର ବମ୍ବେଇରୁ ଅଣାଇଥିଲେ ଓ ତାଙ୍କର ଭକ୍ତି-ଅମୃତଭରା କୀର୍ତ୍ତନ ମାଧ୍ୟମରେ ଶ୍ରୀସାଇନାଥଙ୍କ ପ୍ରଭାବ ଓ ଗୁଣାବଳୀ ସମ୍ବନ୍ଧରେ ଅବଗତ ହେବାର ସୁଯୋଗ ବମ୍ବେଇବାସୀଙ୍କୁ ଦେଇଥିଲେ। ତାଙ୍କରି କୀର୍ତ୍ତନରୁ ଶହ ଶହ ସଂଖ୍ୟାରେ ବମ୍ବେଇ ତଥା ବମ୍ବେଇର ଆଖ ପାଖ ଅଞ୍ଚଳର ଲୋକେ ଶ୍ରୀସାଇନାଥଙ୍କ ମହିମା ଶୁଣି ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ। ଆଉ ଦ୍ୱିତୀୟ ବ୍ୟକ୍ତି ହେଉଛି ଏହି ମୁଖବନ୍ଧର ଲେଖକ ନିଜେ। ସେହି ସମୟରେ ଶ୍ରୀସାଇନାଥଙ୍କ ପାଦତଳେ ଦୀର୍ଘକାଳ ଧରି ରହିଥିବା କାରଣରୁ ଓ ନିଜର ଅନ୍ୟାନ୍ୟ ସାମାଜିକ କାର୍ଯ୍ୟକଳାପରୁ ସ୍ୱାଭାବିକ ଭାବରେ ଅବ୍ୟାହତି ନେଇଥିବାରୁ ମୁଁ 'ବାବା' (ସନ୍ନ୍ୟାସୀ ବା ବୈରାଗୀ) ହୋଇଗଲି ବୋଲି ପାର୍ସି ଓ ଅନ୍ୟାନ୍ୟ ଖବରକାଗଜରେ ପ୍ରକାଶ ପାଇଥିଲା । ତେଣୁ ବହୁତ ଲୋକ ଶ୍ରୀସାଇନାଥଙ୍କର ଦର୍ଶନ ନିମିତ୍ତ ଆସୁଥିଲେ । ବାବାହିଁ ଏହି ପରିବର୍ତ୍ତନ ଘଟାଇବାରେ ପ୍ରଧାନ କର୍ତ୍ତା ଥିଲେ। ୧୯୧୦ ମସିହାରୁ ଶ୍ରୀସାଇନାଥଙ୍କ ଦର୍ଶନ ପାଇଁ ଆସୁଥିବା ଲୋକମାନଙ୍କର ସଂଖ୍ୟା ବହୁ ମାତ୍ରାରେ ବଢ଼ି ଯାଇଥିଲା।

ନାନାସାହେବ ଚାନ୍ଦୋରକରଙ୍କ ଏଠାକୁ ଆସିବା ସମୟରେ ଗୋଟିଏ ମାତ୍ର ୱାଡ଼ା[୨୩] ଦର୍ଶନ ପାଇଁ ଆସୁଥିବା ଲୋକମାନଙ୍କ ପାଇଁ ରହିଥିଲା। ଶ୍ରୀସାଇନାଥ ଏହି ଅଭାବକୁ ଖୁବ୍ ଶୀଘ୍ର ପୂରଣ କରିଥିଲେ। ଜିଲ୍ଲାରେ ରାୟବାହାଦୂର ହରି ବିନାୟକ ସାଠେ ଡେପୁଟି କଲେକ୍ଟର ଥିଲେ। ତାଙ୍କର ପ୍ରଥମ ପତ୍ନୀ ମରିବାର ଅନେକ ବର୍ଷ ହୋଇଯାଇଥିଲା। ସେ ପୁନର୍ବାର ବିବାହ କରିବା ପାଇଁ ଚାହୁଁ ନଥିଲେ। ତାଙ୍କର ପିଲାପିଲି ନଥିବାରୁ ସାଂଗସାଥିମାନେ ତାଙ୍କୁ ଦ୍ୱିତୀୟ ବିବାହ ପାଇଁ ବାଧ୍ୟ କରୁଥିଲେ। ଶେଷରେ ସ୍ଥିର ହୋଇଥିଲା ଯେ ସେ ଶ୍ରୀସାଇନାଥଙ୍କୁ ଦର୍ଶନ କରିବାକୁ ଯିବେ ଓ ତାଙ୍କରି ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବେ। ସେ ଦର୍ଶନ କରିବା ପାଇଁ ଆସିଥିଲେ। ଶ୍ରୀସାଇନାଥ ତାଙ୍କୁ ଦ୍ୱିତୀୟ ବିବାହ ପାଇଁ କହିଥିଲେ ଓ ପୁଅ ଜନ୍ମ ହେବ ବୋଲି ଆଶୀର୍ବାଦ ଦେଇଥିଲେ। ରାୟ ବାହାଦୂର ଝିଅଟିଏ ଠିକ୍ କରିଥିଲେ ଓ ତାଙ୍କର ବାପା ଗଣେଶ ଦାମୋଦର କେଳକାରଙ୍କୁ ଶ୍ରୀସାଇନାଥଙ୍କ ନିକଟକୁ ଝିଅକୁ ନେଇଯିବା ପାଇଁ କହିଥିଲେ। ସେହି ଅନୁସାରେ ଝିଅଟି ସେଠାକୁ ଆସିବା ପରେ ଶ୍ରୀସାଇନାଥ ତାହାର ଶାଢ଼ୀ ପାଲୁରେ[୨୪] ଗୋଟିଏ ତରଭୁଜ ବାନ୍ଧିଦେଇଥିଲେ ଓ ମୁଣ୍ଡରେ କୁଙ୍କୁମ ଲଗାଇଦେଇଥିଲେ। ଯଥା ସମୟରେ ବାହାଘର ହୋଇଥିଲା ଓ ତାହାର ଠିକ୍ ପରେ ପରେ ଶ୍ରୀସାଇନାଥଙ୍କ ପ୍ରସ୍ତାବ ଅନୁଯାୟୀ ସେ ପୂର୍ବକଥିତ ନିମ୍ବଗଛ ଚାରିପାଖରେ ଜମି କିଣିଥିଲେ ଓ ସେଥିରେ ଗୋଟିଏ ୱାଡ଼ା ତିଆରି କରିଥିଲେ। ତା'ଦ୍ୱାରା ଦର୍ଶନାର୍ଥୀମାନେ ରହିବାର ସୁବିଧା ପାଇ ପାରିଥିଲେ। ତିନିବର୍ଷ ପରେ ଶ୍ରୀସାଇନାଥ ମୋ ଦ୍ୱାରା ଗୋଟିଏ ୱାଡ଼ା ତିଆରି କରାଇ ନେଇଥିଲେ ଓ ତା'ପରେ ଆଉ ଗୋଟିଏ ୱାଡ଼ା ନାଗପୁରର କୋଟିପତି ଗୋପାଳରାଓ ଓରଫ୍ ବାପୁସାହେବ ବୁଟି ତିଆରି କରିଥିଲେ। ଏହି ୱାଡ଼ାଟି ବୃହତ ଓ ପ୍ରଶସ୍ତ ଏବଂ ମଜବୁତ ପଥର ଦ୍ୱାରା ତିଆରି ହୋଇଥିବାରୁ ବହୁତ ଟଙ୍କା ଖର୍ଚ୍ଚ ହୋଇଥିଲା। ଏହା ସହିତ ତୁଳନା କରିବା ପାଇଁ ଶିରିଡ଼ି କିମ୍ବା ତାହାର ଆଖପାଖରେ କିମ୍ବା ତାଲୁକ ମଧ୍ୟରେ କୋଠାଘର ନଥିଲା। ଶ୍ରୀସାଇନାଥଙ୍କ ସମାଧି ଏହି ୱାଡ଼ାରେ ହୋଇଅଛି।

ତାତ୍ୟା ସାହେବ ନୁଲକର

ଶୀଘ୍ର ଶିରିଡ଼ିରେ ଏକ ସଂସ୍ଥାନ[୨୫] ସ୍ଥାପିତ ହେଲା। ଶ୍ରୀସାଇନାଥଙ୍କ ଆରତି କରାଗଲା। ଆରତି[୨୬] ସମୟରେ ରାଜକୀୟ ଚାମର, ଆଦବକାଇଦାର ବ୍ୟବହାର କରାଗଲା। ଶ୍ରୀସାଇନାଥ ଚାଓ୍ୱଡ଼ିକୁ ଯିବା ସମୟରେ ବାଦ୍ୟଯନ୍ତ୍ର, ଘୋଡା, ପାଲିଙ୍କି[୨୭], ଚୋପଦାର[୨୮], ଭଜନଗାୟକ[୨୯], ପତାକା, ଛତ୍ର ଇତ୍ୟାଦି ତାଙ୍କ ସହିତ ଶୋଭାଯାତ୍ରାରେ ଯାଉଥିଲା। ଚାଓ୍ୱଡ଼ିରେ ଆଇନା, ଲଣ୍ଠନ, ମହମବତୀ ଝାଡ଼, ଫଟୋ ଇତ୍ୟାଦି ରଖାଯାଇ ସୁସଜ୍ଜିତ କରାଗଲା। ମସ୍‌ଜିଦ୍ ଓ ଚାଓ୍ୱଡ଼ିର ଚଟାଣରେ ଟାଇଲ ବିଛାଗଲା। ଏ ସମସ୍ତର ଶ୍ରେୟ ସୁନ୍ଦରବାଇ କ୍ଷୀରସାଗର, ଓରଫ୍ ରାଧାକୃଷ୍ଣମାଇଙ୍କର। ସେ ହେଉଛନ୍ତି ପ୍ରେମ ଓ ଭକ୍ତିର ଗୁରୁ କହିଲେ ଏଠାରେ ଅପ୍ରାସଂଗିକ ହେବନାହିଁ । ତାଙ୍କର ଧନ ନଥିଲା, କିନ୍ତୁ ସେ ତନ ଓ ମନ ଶ୍ରୀସାଇନାଥଙ୍କୁ ଅର୍ପଣ କରିଦେଇଥିଲେ। ସେ ଶ୍ରୀସାଇନାଥଙ୍କର ଅନେକ ଭକ୍ତଙ୍କ ନିକଟରୁ ବିଭିନ୍ନ ଦ୍ରବ୍ୟ ଆଣି ସଂସ୍ଥାନକୁ ଦୃଢ଼ ଭାବରେ ପ୍ରତିଷ୍ଠିତ କରିଥିଲେ। ଦୁର୍ଭାଗ୍ୟ ଯେ ତାଙ୍କର ଜୀବନ ଅକାଳରେ, ଅର୍ଥାତ୍ ମାତ୍ର ୩୫ ବର୍ଷରେ ଚାଲିଗଲା। ସେ ଏଠି ମାତ୍ର ୮-୯ବର୍ଷ ରହିଥିଲେ। ଏହି ସ୍ୱଳ୍ପ ସମୟ ମଧ୍ୟରେ ସେ ଯାହା କରିଥିଲେ, ସେଥିପାଇଁ ଅନ୍ୟୂନ ୨୫ ବର୍ଷ ଲାଗିଯାଇଥାନ୍ତା। ଏହି ମହିଳାଙ୍କ ନିମନ୍ତେ ଶ୍ରୀସାଇନାଥଙ୍କର ସଂଧ୍ୟା ଆରତି ଓ ପ୍ରତ୍ୟୁଷର କାକଡ଼[୩୦] ଆରତି ଚାଓ୍ୱଡ଼ିରେ ଆରମ୍ଭ ହୋଇଥିଲା। ଆଗରୁ ଶ୍ରୀସାଇନାଥ ତାଙ୍କର ପୂଜା କରିବା ପାଇଁ କାହାରିକୁ ଅନୁମତି ଦେଇ ନ ଥିଲେ । ପ୍ରଥମ ପୂଜା ପାଇଁ ମହାଲ୍‌ସାପତିଙ୍କୁ ଅନୁମତି ମିଳିଥିଲା। କିଛି ଦିନପରେ ନିମଗାଁର ସୀତାରାମ ଡେଙ୍ଗଲେ ପୂଜା କରିବା ପାଇଁ ଆସିଥିଲେ। ଶ୍ରୀସାଇନାଥ ତାଙ୍କ ଉପରେ ବିରକ୍ତ ହୋଇଥିଲେ ମଧ୍ୟ ଶେଷରେ ଅନୁମତି ଦେଇଥିଲେ। ଆଉ କେତେ ଦିନ ପରେ ନାନାସାହେବ ଚାନ୍ଦୋରକରଙ୍କ ସାନପୁଅ ମହାଦେବ ଓରଫ୍ ବାପୁ ମନଭରି ପୂଜା କରିବାର ଅନୁମତି ପାଇଥିଲେ ଓ ତାହା ପରେ ସମସ୍ତଙ୍କୁ ପୂଜା କରିପାରିବାର ସାଧାରଣ ଅନୁମତି ମିଳିଯାଇଥିଲା। ସେ ସମୟରେ ଆରତି କରିବା ପାଇଁ ଶ୍ରୀସାଇନାଥ ଅନୁମତି ଦେଉନଥିଲେ। କେତେଦିନ ପରେ ତାତ୍ୟାସାହେବ ନୁଲକର ଆରତି କରିବାର ପ୍ରଥମ ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ। ପଣ୍ଢରପୁରର

ସିଭିଲ ଜଜ୍ ଥିବା ସମୟରେ ସେ ଅସୁସ୍ଥ ହୋଇ ପଡ଼ିଥିଲେ ଓ ଛୁଟି ନେଇ ଏଠାକୁ ଆସିଥିଲେ। ତାଙ୍କର ଇଚ୍ଛା ଥିଲା ଚାକିରି ଛାଡ଼ିଦେଇ ବାକି ଜୀବନତକ ଶ୍ରୀସାଇନାଥଙ୍କ ପାଦପଦ୍ମରେ କଟାଇଦେବେ ଓ ଶେଷରେ ତାହାହିଁ ହୋଇଥିଲା।

ରାଧାକୃଷ୍ଣମାଈ ଯଥା ସମ୍ଭବ ସବୁପ୍ରକାର ସେବା କରିଥିଲେ। ଶ୍ରୀସାଇନାଥ ଯିବା ଆସିବା କରୁଥିବା ରାସ୍ତାକୁ ସେ ଦିନରେ ଦୁଇଥର ଝାଡ଼ୁ ମାରି ସଫା କରୁଥିଲେ। ସେ ନିଜେ ସେଠାରୁ ସମସ୍ତ ମଇଳା ବାହାର କରି ନେଉଥିଲେ। ତାଙ୍କ ପୂର୍ବରୁ ଏହି କାର୍ଯ୍ୟ ବାଲାଜୀ ପାଟିଲ ନେଭାସ୍କର କରୁଥିଲେ। ସେହି ଭକ୍ତ ଜଣକ ସାଂସାରିକ ବନ୍ଧନ ତ୍ୟାଗକରି ଏଠାରେ ରହିବା ପାଇଁ ଆସିଥିଲେ। ତାଙ୍କୁ ବୁଝାବୁଝି କରି ଫେରାଇନେବା ପାଇଁ ଅନେକ ବ୍ୟକ୍ତି ଆସିଥିଲେ ମଧ୍ୟ ସେ ଯାଇନଥିଲେ। ସେ ରାସ୍ତା ଝାଡ଼ୁକରି ଗୋବର ପାଣି ପକାଇ ମସ୍‌ଜିଦ୍‌କୁ ଲିପୁଥିଲେ। ସେ ଶ୍ରୀସାଇନାଥଙ୍କ ଦର୍ଶନ ଦୂରରୁ କରୁଥିଲେ। ପାଖକୁ କେବେ ଯାଉ ନଥିଲେ। ସେ ଶ୍ରୀସାଇନାଥଙ୍କ ପାଦଧୁଆ ପାଣି ବା ଗାଧୁଆ ପାଣି (ଯାହା ତାଙ୍କ ଦେହରୁ ତଳକୁ ପଡୁଥିଲା) ତାକୁ ପିଉଥିଲେ। ଶ୍ରୀସାଇନାଥଙ୍କ ଅଇଁଠା ପାଣିକୁ ମଧ୍ୟ ପିଉଥିଲେ। ତାଙ୍କ ଜମିରୁ ମିଳୁଥିବା ସମସ୍ତ ଆୟକୁ ସେ ଶ୍ରୀସାଇନାଥଙ୍କ ସମୀପରେ ରଖି ଦେଉଥିଲେ ଓ ଶ୍ରୀସାଇନାଥ ସେଥିରୁ ଯାହା ଦେଉଥିଲେ, ତାହାକୁ ଗ୍ରହଣ କରୁଥିଲେ। ଅବଶ୍ୟ ଶ୍ରୀସାଇନାଥ ସବୁ ଫେରାଇ ଦେଉଥିଲେ। ଦୁଇବର୍ଷ ରହିବା ପରେ ଶ୍ରୀସାଇନାଥ ବାଲାଜୀ ପାଟିଲଙ୍କୁ ଘରକୁ ଫେରିଯିବା ପାଇଁ କହିଥିଲେ ଓ ସେ ତାହାହିଁ କରିଥିଲେ। ତଥାପି ମଝିରେ ମଝିରେ ସେ ଶ୍ରୀସାଇନାଥଙ୍କ ଦର୍ଶନ ପାଇଁ ଆସୁଥିଲେ ଓ ତାଙ୍କ ଫସଲର ଆୟ ଶ୍ରୀସାଇନାଥଙ୍କୁ ଦେଉଥିଲେ। କେତେବର୍ଷ ପରେ ତାଙ୍କର ମୃତ୍ୟୁ ଘଟିଥିଲା।

ରାଧାକୃଷ୍ଣମାଈ ସବୁ ପ୍ରକାର ସେବା ଶ୍ରୀସାଇନାଥଙ୍କୁ ଯୋଗାଇ ଦେବା ସହିତ ଅନ୍ୟ ଭକ୍ତମାନଙ୍କୁ ମଧ୍ୟ ଶ୍ରୀସାଇନାଥଙ୍କ ସେବାରେ ଲଗାଉଥିଲେ। ସେ ବିଭିନ୍ନ କାର୍ଯ୍ୟ କରୁଥିଲେ ଓ ଅନ୍ୟ ଭକ୍ତମାନଙ୍କୁ ମଧ୍ୟ ସେ କାର୍ଯ୍ୟରେ ଜଡ଼ିତ କରୁଥିଲେ। ଅନ୍ୟ ଭକ୍ତମାନେ ଆନନ୍ଦ ଓ ଆଗ୍ରହ ସହକାରେ ସେସବୁ କାର୍ଯ୍ୟ କରୁଥିଲେ। ସବୁ ସ୍ତରର ପୁରୁଷମାନେ ଓ ସେମାନଙ୍କ ସାଙ୍ଗରେ ମହିଳାମାନେ ବି ଏଥିରେ ସାମିଲ ହେଉଥିଲେ । ମାଟି ଓ ପଥର ବୋହିନେବା, ରାସ୍ତା ସଫାକରିବା, କାଦୁଅ କରି ତାକୁ ବୋହିବା, ଖାଲ ଖୋଳିବା କିମ୍ବା ଭର୍ତ୍ତି କରିବା, କାଠ ଚିରିବା, ଲଣ୍ଠନ ଓ ମହମବତୀ ଝାଡ଼ ସଫାକରିବା, ମସ୍‌ଜିଦ୍ ଧୋଇବା ଓ ରଙ୍ଗ କରିବା, କାଗଜ ଫୁଲ ତିଆରି କରିବା, ଏବଂ ଚାମର, ମଶାଲ, ମୟୂର ପକ୍ଷୀ ବିଞ୍ଚଣା, ଛତ୍ର ଓ ପତାକା ଧରିବା, ପତାକା ସିଲାଇ କରିବା ଇତ୍ୟାଦି କାର୍ଯ୍ୟରେ ବହୁ ଭଦ୍ର ଓ ସମ୍ଭ୍ରାନ୍ତ ପରିବାରରୁ ଆସିଥିବା ଉଚ୍ଚପଦସ୍ଥ ବ୍ୟକ୍ତି ଓ ମହିଳାମାନେ ମଧ୍ୟ ନିୟୋଜିତ ହେଉଥିଲେ ଏବଂ ଏଭଳି ସେବା କରିବାର ସୁଯୋଗକୁ କୃତକୃତ୍ୟ ହୋଇ ଗ୍ରହଣ କରୁଥିଲେ।

ଭାଗୋଜୀ ଶିନ୍ଦେ

ଶ୍ରୀସାଇନାଥଙ୍କ ଦୈନନ୍ଦିନ କାର୍ଯ୍ୟ ଯଥା ସମୟରେ ଅତ୍ୟନ୍ତ ନିୟମାନୁବର୍ତ୍ତୀ ଭାବରେ ହେଉଥିଲା। ସେ ଭୋରରୁ ଉଠି ଧୁନି ନିକଟରେ ବସୁଥିଲେ। କିଛି ସମୟ ପରେ ତାଙ୍କର ମଳମୂତ୍ର ତ୍ୟାଗ ଆଦି ପ୍ରାତଃକର୍ମ ସେ ନିଜେ କରୁଥିଲେ। ତା'ପରେ କିଛି ସମୟ ଚୁପଚାପ୍ ବସି ରହୁଥିଲେ। ସେହି ସମୟରେ ଭାଗୋଜୀ ଶିନ୍ଦେ ଶ୍ରୀସାଇନାଥଙ୍କର ଡାହାଣହାତରୁ ବ୍ୟାଣ୍ଡେଜ୍ ବାହାରକରି ପୁଣି ବ୍ୟାଣ୍ଡେଜ୍ କରୁଥିଲେ ଓ ସମୁଦାୟ ଶରୀରକୁ ମାଲିସ୍ କରୁଥିଲେ। ଏହାପରେ ଚିଲମ ସଜାଡ଼ି ନିଆଁ ଲଗାଇ ଶ୍ରୀସାଇନାଥଙ୍କୁ ଟାଣିବା ପାଇଁ ଦେଉଥିଲେ। ଶ୍ରୀସାଇନାଥ ଟାଣି ସାରିବା ପରେ ପୁଣି ଭାଗୋଜୀଙ୍କ ହାତକୁ ଚିଲମ ବଢ଼ାଇ ଦେଉଥିଲେ। ଭାଗୋଜୀ ବି ଟାଣୁଥିଲେ। ଏହିଭଳି ପାଞ୍ଚଛଅ ଥର ହେବା ପରେ ଭାଗୋଜୀ ଚାଲିଯାଉଥିଲେ। ଭାଗୋଜୀ କୁଷ୍ଠରୋଗ ଦ୍ୱାରା ଆକ୍ରାନ୍ତ ହୋଇଥିଲେ ମଧ୍ୟ ଶ୍ରୀସାଇନାଥ ତାଙ୍କର ସେବା ନେବା ପାଇଁ କେବେ ମନା କରି ନଥିଲେ କିମ୍ବା ନିଜର ଦୈନନ୍ଦିନ କାର୍ଯ୍ୟକ୍ରମର ଧାରା କେବେ ବଦଳାଇ ଦେଇନଥିଲେ। ଭାଗୋଜୀ ଚାଲିଯିବା ପରେ ଶ୍ରୀସାଇନାଥ କିଛି ସମୟ ବସି ରହୁଥିଲେ ଓ ସେତେବେଳେ କେତେଜଣ ଭକ୍ତ ନିୟମିତ ଆସି ତାଙ୍କର ସେବା କରୁଥିଲେ। ତା'ପରେ ଶ୍ରୀସାଇନାଥ ଉଠି ମୁହଁ ଧୋଇବାକୁ ଯାଉଥିଲେ। ଶ୍ରୀସାଇନାଥଙ୍କର ମୁହଁ ଧୋଇବାର[୩୧]

ଶୈଳୀ ଦେଖିବା ଯୋଗ୍ୟ ଥିଲା। ନିଜ ଇଚ୍ଛା ଅନୁଯାୟୀ ସେ ପ୍ରଚୁର ପାଣି ହାତ, ପାଦ, ମୁହଁ, କାନ ଉପରେ ଢାଳୁଥିଲେ ଓ ସବୁ ଅଙ୍ଗକୁ ଅତି ଯତ୍ନ ସହକାରେ ସଫା କରୁଥିଲେ।

ଶ୍ରୀଏକନାଥ ମହାରାଜ ଶ୍ରୀସାଇନାଥଙ୍କର ଏହି କାର୍ଯ୍ୟ ସମ୍ବନ୍ଧରେ ବର୍ଣ୍ଣନା କରି କହିଛନ୍ତି: "ଶରୀର ଉପରର ସମସ୍ତ ଲୋମକୁ ଘଷି ସଫା କରାଗଲା। ସେଥିପାଇଁ ଶରୀରକୁ ମାଲିସ କରାଗଲା ନାହିଁ। ଏହିପରି ଭାବରେ ସେ ଅନ୍ୟ ପ୍ରାଣୀ ଓ ନିଜ ମଧ୍ୟରେ କୌଣସି ପ୍ରଭେଦ ଆଣୁ ନଥିଲେ ଯାହା ତାଙ୍କ ପକ୍ଷରେ କ୍ଷତିକାରକ ହୋଇପାରିଥାନ୍ତା ।''

ଏହିଭଳି ଢଙ୍ଗରେ ଗାଧୁଆ କାର୍ଯ୍ୟ ମଧ୍ୟ ହେଉଥିଲା। ମୁହଁ ଧୋଇବା ପରେ ସେ ଭିକ୍ଷା ମାଗିବା ପାଇଁ ଗ୍ରାମ ଭିତରକୁ ଯାଉଥିଲେ। ସେ ପାଂଚୋଟି ନିର୍ଦ୍ଦିଷ୍ଟ ଘରକୁ ଭିକ୍ଷା ପାଇଁ ଯାଇ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡ଼ା ହେଉଥିଲେ। ସେ ଭାକରୀ[୩୨] କିମ୍ବା ଅନ୍ୟ ଶୁଖିଲା ଖାଦ୍ୟ ଯାହା ମିଳୁଥିଲା, ତାହାକୁ ଆଣି ମସ୍‌ଜିଦ୍‌ରେ ସେଥିରୁ ଅଳ୍ପ କିଛି ଖାଉଥିଲେ। ଖାଇ ସାରିବା ପରେ ସେ ଗୋଟିଏ ସ୍ଥାନରେ କିଛି ସମୟ ବସି ରହୁଥିଲେ। ସେତେବେଳେ ଭକ୍ତମାନଙ୍କର ଭିଡ଼ ଲାଗିଯାଉଥିଲା। ଶ୍ରୀସାଇନାଥ ଛୋଟ ଛୋଟ ନୀତି ଗଳ୍ପ ମାଧ୍ୟମରେ ଜ୍ଞାନ ପ୍ରଦାନ କରୁଥିଲେ। ବେଳେ ବେଳେ ବସିଥିବା ଅବସ୍ଥାରେ ଶ୍ରୀସାଇନାଥ କଦଳୀ, ପିଜୁଳି, ଆମ୍ବ ଇତ୍ୟାଦି କିଣି ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ କିମ୍ବା ନିଜ ହାତରେ ଖୁଆଇ ଦେଉଥିଲେ। ସେ "ନିଜ ହାତରେ ଖୁଆଇ ଦେଉଥିଲେ"ବୋଲି ମୋର କହିବାର ଉଦ୍ଦେଶ୍ୟ ହେଉଛି, ସେ କଦଳୀରୁ ଚୋପା ଛଡ଼ାଇ ଦେଉଥିଲେ, ପିଜୁଳିକୁ ଖଣ୍ଡ ଖଣ୍ଡ କରି କାଟିଦେଉଥିଲେ, ଆମ୍ବକୁ ଚିପାଚିପି କରି ନରମ କରି କେବଳ ଚୁଷିବା ପାଇଁ ଭକ୍ତମାନଙ୍କୁ ଦେଉଥିଲେ। ଏସବୁ ପରେ ଶ୍ରୀସାଇନାଥ ଲେଣ୍ଡିବାଗକୁ ଯାଉଥିଲେ ଓ ସେଠାରେ ଘଣ୍ଟାଏ ଖଣ୍ଡେ ରହୁଥିଲେ। ଲେଣ୍ଡିବାଗରୁ ଫେରିବା ପରେ ଦିନ ୨ଟା ପର୍ଯ୍ୟନ୍ତ ଶ୍ରୀସାଇନାଥ ମସ୍‌ଜିଦ୍ ମଧ୍ୟରେ ରହୁଥିଲେ। ସେହି ସମୟରେ ଭକ୍ତମାନେ ଶ୍ରୀସାଇନାଥଙ୍କର ପୂଜା, ଆରାଧନା, ଆରତି ଇତ୍ୟାଦି କରୁଥିଲେ। ଶ୍ରୀସାଇନାଥ ମଧ୍ୟାହ୍ନ ଭୋଜନ ପରେ ପୁଣି ଲେଣ୍ଡିବାଗକୁ ଯାଉଥିଲେ ଓ ସେଠାରେ ପ୍ରାୟ ପଇଁଚାଳିଶ ମିନିଟ୍ ରହିବା ପରେ ମସ୍‌ଜିଦ୍‌କୁ ଫେରୁଥିଲେ ଏବଂ ମସ୍‌ଜିଦରେ ସନ୍ଧ୍ୟା ପର୍ଯ୍ୟନ୍ତ ବସୁଥିଲେ। ସନ୍ଧ୍ୟା ସମୟରେ ଅଳ୍ପ ସମୟ ନିମନ୍ତେ ବାହାରକୁ ଯାଇ ଫେରିଆସିବା ପରେ ମସ୍‌ଜିଦ୍‌ରେ ବସୁଥିଲେ। ଦିନ ମଧ୍ୟରେ ସେ ତିନି ଥର ମସ୍‌ଜିଦ୍‌ରେ ବସୁଥିଲେ। ସକାଳ ଜଳଖିଆ ପରେ ଥରେ, ଲେଣ୍ଡିବାଗରୁ ଫେରିବା ପରେ ଦ୍ୱିତୀୟ ଥର ଓ ସଂଧ୍ୟାରେ ପାଞ୍ଚଟା ପାଖାପାଖି ଆଉ ଥରେ। ଏହି ତିନିଥର ବସିବା ସମୟରେ ନୀତି ଗଳ୍ପ ମାଧ୍ୟମରେ ସେ ଜ୍ଞାନର କଥା କହୁଥିଲେ। ଶ୍ରୀସାଇନାଥଙ୍କର କଥା ସେଠାରେ ସମବେତ ବିଭିନ୍ନ ଲୋକଙ୍କର ସମସ୍ୟା ଓ ସନ୍ଦେହ ଦୂର କରିଦେଉଥିଲା ଓ ସେମାନେ ନିଜ ନିଜ ମନ ଭିତରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ବାଟ ପାଇଯାଉଥିଲେ। ଶ୍ରୀସାଇନାଥ ଗଭୀର ବେଦାନ୍ତିକ ପ୍ରସଙ୍ଗ ଉପରେ ଖୋଲାଖୋଲି କହୁନଥିଲେ କି ଉପନିଷଦ ଉପରେ ବକ୍ତୃତା ଦେଉନଥିଲେ। ମୂଳତଃ ଉତ୍ତମ ଆଚରଣ ପାଇଁ ସେ ଶିକ୍ଷା ଦେଉଥିଲେ। ଶାସ୍ତ୍ରୀୟ ମତରେ ସଦ୍‌ଗୁରୁଙ୍କର କାର୍ଯ୍ୟ ହେଉଛି ଶିଷ୍ୟର ମନକୁ ସ୍ୱଚ୍ଛ କରିସାରିବା ପରେ ସେଥିରେ ଜ୍ଞାନର ମଂଜି ବୁଣିବା। ଶ୍ରୀସାଇନାଥ ଠିକ୍ ସେହିଭଳି କରୁଥିଲେ। ତାଙ୍କର ଶିକ୍ଷାଦାନ ନୈତିକତା ଓ ନୀତିଜ୍ଞାନ ସମ୍ପର୍କିତ ଥିଲା। ତେଣୁ ଖୋଲାଖୋଲି ତୁଚ୍ଛା ବାଚନିକ ଶିକ୍ଷା ବଦଳରେ ଶ୍ରୀସାଇନାଥଙ୍କ ପାଖରୁ ଭକ୍ତମାନେ ଅମୂଲ୍ୟ ଓ ପାଣ୍ଡିତ୍ୟପୂର୍ଣ୍ଣ ଅନୁଭୂତି ତଥା ଦୃଷ୍ଟାନ୍ତ ପାଉଥିଲେ ଏବଂ ଯେଉଁ ଭକ୍ତମାନେ ଶ୍ରୀସାଇନାଥଙ୍କ ଉପରେ ପୂର୍ଣ୍ଣ ଭରସା ରଖି ଆସୁଥିଲେ, ସେମାନେ ସର୍ବାଧିକ ଉପକୃତ ହେଉଥିଲେ ।

ଶ୍ରୀସାଇନାଥଙ୍କ ନିକଟକୁ ଆସୁଥିବା ଭକ୍ତମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜର ଇଚ୍ଛା ଓ ମାନସିକ ପୂରଣ ପାଇଁ ଆସୁଥିଲେ। ଶ୍ରୀସାଇନାଥ ସେମାନଙ୍କର ସେହି ତୁଚ୍ଛ ଇଚ୍ଛାଗୁଡ଼ିକୁ ପୂରଣ କରିଦେବା ସହିତ ସେମାନଙ୍କର ଅଜାଣତରେ ସେମାନଙ୍କ ମନକୁ ପରିବର୍ତ୍ତନ କରି ବୃହତ୍ତର କଲ୍ୟାଣ ପାଇଁ ଆଧ୍ୟାତ୍ମିକ ଦିଗରେ ସେମାନଙ୍କୁ ଆଗେଇ ନେଉଥିଲେ। ଲୋକମାନଙ୍କର ମଙ୍ଗଳ କରିବା ପାଇଁ ଶ୍ରୀସାଇନାଥ ଅବତାର[୩୩] ଗ୍ରହଣ କରିଥିଲେ ଓ ସମସ୍ତଙ୍କର କଲ୍ୟାଣ କରୁଥିଲେ। ଏ ବିଷୟରେ ଅଣୁମାତ୍ର ସନ୍ଦେହ ନାହିଁ। ତାଙ୍କର ବିଭିନ୍ନ ଲୀଳା ଓ ଗୁଣାବଳୀକୁ ସଠିକ୍ ଭାବରେ ବର୍ଣ୍ଣନା କରିହେବ ନାହିଁ।

"ଈଶ୍ୱରଙ୍କର ଗୁଣ ଅସୀମ। ଶିଶୁସମ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଇପାରେ। ଯେତେ ସମୟ ନେଲେ ମଧ୍ୟ ପୃଥିବୀ ପୃଷ୍ଠର କଣିକାଗୁଡ଼ିକୁ ଯେମିତି କେହି ଗଣନା କରିପାରିବେ ନାହିଁ, ସେମିତି ଈଶ୍ୱରଙ୍କର ଶକ୍ତିକୁ ବର୍ଣ୍ଣନା କରାଯାଇ ପାରିବ ନାହିଁ।"



ଗୋବିନ୍ଦ ଦାଭୋଲକର
ହେମାଡ଼ପନ୍ତ

ତଥାପି ସାଧୁମତେ ସଂଗ୍ରହ କରାଯାଇଥିବା ଶ୍ରୀସାଇନାଥଙ୍କର ବିଭିନ୍ନ ଲୀଳା ଓ ଉପଦେଶ ସମସ୍ତଙ୍କୁ ଉପକୃତ କରିବ। ମୁଁ ଆନ୍ତରିକ ଭାବରେ ଏହା ବିଶ୍ୱାସ କରୁଅଛି। ଏହି ସଂଗ୍ରହ କାର୍ଯ୍ୟ ମୋର ସମ୍ମାନନୀୟ ବନ୍ଧୁ ଗୋବିନ୍ଦ ରଘୁନାଥ ଓରଫ୍ ଅନ୍ନାସାହେବ ଦାଭୋଲକର କରିଛନ୍ତି ଓ ଅଧିକାଂଶ ପଂକ୍ତି ଆକାରରେ ସଂଗ୍ରହ କରିଛନ୍ତି । ଏହି କାର୍ଯ୍ୟ ଶ୍ରୀସାଇନାଥ ସ୍ୱଦେହରେ ଥିବା ସମୟରେ ତାଙ୍କ ନିକଟରୁ ଅନୁମତି ନିଆଯାଇ ଆରମ୍ଭ କରାଯାଇଥିଲା। ଆଜି ସୁଦ୍ଧା ପଇଁତିରିଶଟି ଅଧ୍ୟାୟ ପ୍ରସ୍ତୁତ ହୋଇସାରିଛି। ପୁସ୍ତକଟି ମନୋମୁଗ୍ଧକର ଓ ହୃଦୟଗ୍ରାହୀ ହୋଇପାରିଛି ଏବଂ ଏହା ନିଃସନ୍ଦେହରେ ଶ୍ରୀସାଇନାଥଙ୍କ ଭକ୍ତ ତଥା ଅନ୍ୟ ପାଠକମାନଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହୋଇପାରିବ । ଏହି କାବ୍ୟର ପଂକ୍ତିଗୁଡ଼ିକ ଏକନାଥ ମହାରାଜଙ୍କ ପଂକ୍ତିର ଢାଞ୍ଚାରେ ରଚିତ ହୋଇଥିବାରୁ ଏହାକୁ ପଢ଼ିବା ସମୟରେ ଏକନାଥ ମହାରାଜ ବାରମ୍ବାର ମନେ ପଡ଼ିବେ। ପଦେ କଥାରେ କହିଲେ, ଏହି କାବ୍ୟଟି ଶ୍ରୀସାଇନାଥଙ୍କ ପ୍ରସାଦ[୩୪]ର ଫଳ ଓ ଏହା ପ୍ରତି ପଦପାତରେ ଅନୁଭୂତ ହେଉଅଛି।

ଶେଷରେ ମୁଁ ଏହି ମୁଖବନ୍ଧକୁ ସମାପ୍ତ କରିବା ପୂର୍ବରୁ ଶ୍ରୀସାଇନାଥଙ୍କୁ ପ୍ରାର୍ଥନା କରୁଅଛି, "ତାଙ୍କର ଭକ୍ତମାନେ ଓ ଅନ୍ୟ ପାଠକମାନେ ଏହି ଗ୍ରନ୍ଥରୁ ଆନନ୍ଦ ଓ ଜ୍ଞାନ ଲାଭ କରନ୍ତୁ ଏବଂ ସେମାନଙ୍କର ଶ୍ରୀସାଇନାଥଙ୍କ ପ୍ରତି ବିଶ୍ୱାସ ଆହୁରି ଅଧିକ ବୃଦ୍ଧି ପାଉ ।"

ବାବାଙ୍କର ଅନ୍ୟତମ ସନ୍ତାନ
ହରି ସୀତାରାମ ଦୀକ୍ଷିତ

ପଦଟୀକା

୧- ଏହି ବକ୍ତବ୍ୟରୁ ଲେଖକ ୧୯୦୮ ମସିହା ପାଖାପାଖି ମୁଖବନ୍ଧଟିକୁ ଲେଖିଥିଲେ ବୋଲି ଜଣାପଡୁଛି। କିନ୍ତୁ ତାହା ଠିକ୍ ନୁହେଁ, କାରଣ ଦାଭୋଲକର ସେହି ସମୟ ପରେ ଘଟଣାଗୁଡ଼ିକୁ ଟିପି ରଖିବା କାର୍ଯ୍ୟ ଆରମ୍ଭ କରିଥିଲେ। ମୁଖବନ୍ଧର ଲେଖା ସମୟ ନେଇ ଆପାତତଃ ଭୁଲ ରହିଛି ଓ ଅନ୍ତତଃ ପକ୍ଷେ କୋଡ଼ିଏ ବର୍ଷର ତଫାତ୍ ରହିଯାଇଛି।

୧-ଅ- ଶିରିଡ଼ି ବର୍ତ୍ତମାନ ରାହାତା ତାଲୁକରେ ଅଛି।

୨- ଗଞ୍ଜେଇ ଭର୍ତ୍ତି କରି ତାହାର ଧୂଆଁ ସେବନ କରିବାର ଛୋଟିଆ ମାଟିନଳୀ।

୩- ଶିବଙ୍କର ଅନ୍ୟ ଏକ ଅବତାର।

୪- ଜେଜୁରୀର ଦେବତା ଓ ସେ ମଧ୍ୟ ଖଣ୍ଡୋବା।

୫- ଆଣ୍ଠୁ ପର୍ଯ୍ୟନ୍ତ ଲମ୍ବିଥିବା ଲମ୍ବା କୁର୍ତ୍ତା।

୬- ପୁରୁଷଙ୍କ ପିନ୍ଧା ଲୁଗା- ଅଣ୍ଟାରେ ବନ୍ଧା ହୋଇଥିବ ଓ ଦୁଇ ଜଙ୍ଘ ସନ୍ଧିରେ କଛା ମରାଯାଇ ପଛପଟେ ଖୋସା ହୋଇଥିବ ।

୭- ଏକ ଗହଣା ଚୋରି ମାମଲାରେ ବାବାଙ୍କୁ ସାକ୍ଷ୍ୟ ଦେବାକୁ ପଡ଼ିଥିଲା।

୮- ଘୁରି ବୁଲୁଥିବା ସନ୍ନ୍ୟାସୀ, ଯିଏ ସାଧାରଣତଃ ଗେରୁଆ ରଙ୍ଗର ବସ୍ତ୍ର ପିନ୍ଧିଥାନ୍ତି ।

୯- ଅମାବାସ୍ୟା କିମ୍ବା ପୂର୍ଣ୍ଣିମା ପରେ ଏକାଦଶ ଦିନ।

୧୦- ଧନ, ମନ ଓ ଶରୀର ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ ଅହଂଭାବର ସମସ୍ତ ଲକ୍ଷଣ ଓ ଆସକ୍ତିର କ୍ଷୟ ଘଟେ।

୧୧- ବାବା ଜଳାଇଥିବା ଅଖଣ୍ଡ ଓ ପବିତ୍ର ଅଗ୍ନି।

୧୨- ଗୁରୁ କିମ୍ବା ସାଧୁ ପୁରୁଷଙ୍କୁ ଦିଆଯାଉଥିବା ଅର୍ଥ କିମ୍ବା ଅନ୍ୟ ଦ୍ରବ୍ୟ।

୧୩- ବର୍ତ୍ତମାନ କାଳର ଦ୍ୱାରକାମାୟୀ।

୧୪- କୁଲକର୍ଣ୍ଣିଙ୍କ କାର୍ଯ୍ୟାଳୟ ଓ ଗ୍ରାମବାସୀଙ୍କର ସଭାସ୍ଥଳ।

୧୫- ବାବାଙ୍କ ଧୁନିରୁ ଉତ୍ପନ୍ନ ପାଉଁଶ ଅଦ୍ଭୁତ ଶକ୍ତିଯୁକ୍ତ ଓ ରୋଗ ଭଲ କରିବାର କ୍ଷମତାସମ୍ପନ୍ନ।

୧୬- ମହାନ୍ ସନ୍ଥଙ୍କ ସହ ସାକ୍ଷାତ ବା ଦିବ୍ୟଦର୍ଶନ।

୧୭- ଶିରିଡ଼ିର ସନ୍ନିକଟ ଦୁଇ ପଡ଼ୋଶୀ ଗ୍ରାମ। ତିନି/ଚାରି କିଲୋମିଟର ଦୂରତା ମଧ୍ୟରେ ଅବସ୍ଥିତ ।

୧୮- ସନ୍ଥ, ରାଜା କିମ୍ୱା ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ବସିବା ନିମିତ୍ତ ପକାଯାଇଥିବା ଆସନ।

୧୯- ଗ୍ରାମ ରାଜସ୍ୱର ବିବରଣୀ ରଖୁଥିବା ବ୍ୟକ୍ତି।

୨୦- ଭୂମି ଉପରେ ଗୋଟିଏ ବାଡ଼ି ଭଳି ପଡ଼ି ଶରୀରର ଅଷ୍ଟ ଅଙ୍ଗକୁ ଭୂମିରେ ଲଗାଇ ପ୍ରଣାମ କରିବା। ସମ୍ପୂର୍ଣ୍ଣ ସମର୍ପଣ କରିଦେବା।

୨୧- ହାଲ୍‌କା ଚରିତ୍ରର ନାଟକୀୟ ମନୋରଂଜନ କାର୍ଯ୍ୟକ୍ରମ।

୨୨- ଧର୍ମ ବିଷୟରେ ଆଲୋଚନାର ମଝିରେ ମଝିରେ ସଙ୍ଗୀତ ଗାୟନ ଓ ବାଦ୍ୟଯନ୍ତ୍ର ବାଦନ ।

୨୩- ବିଶାଳ ବା ବୃହତ୍ ସୌଧ- ବଡ଼ କୋଠାଘର।

୨୪- ଶାଢ଼ୀର ପଣତ।

୨୫- ଅନୁଷ୍ଠାନ।

୨୬- ଜଳନ୍ତା ଦୀପ ଧୂପ ଦାନ କରି ପୂଜା କରିବା।

୨୭- କାନ୍ଧରେ ବୁହାଯାଉଥିବା ଯାନ।

୨୮- ଗଦାଧାରୀ।

୨୯- ଭକ୍ତି ସଂଗୀତ ଗାନକାରୀ।

୩୦- ନିର୍ଦ୍ଦିଷ୍ଟ ରୀତିପଦ୍ଧତି ଅନୁସାରେ ଆରାଧନା।

୩୧- ନମାଜ କରିବା ପୂର୍ବରୁ ମୁସଲମାନଙ୍କ ହାତଗୋଡ଼ ଧୁଆ ଶୈଳୀ ଅନୁରୂପ।

୩୨- ଜୋଆରରୁ ତିଆରି ମୋଟା ରୁଟି ଓ ଗାଁ ଲୋକଙ୍କର ସାଧାରଣ ଖାଦ୍ୟ, ରୁଟି।

୩୩- ଭଗବାନଙ୍କର ଧରାବତରଣ।

୩୪- ଗୁରୁ ଆଶୀର୍ବାଦ ରୂପେ ଦାନ କରୁଥିବା ଅନୁଗ୍ରହ ବା ଯେକୌଣସି ଦ୍ରବ୍ୟ।

ହରି ସୀତାରାମ ଦୀକ୍ଷିତ ଓରଫ୍ କାକାସାହେବ ଦୀକ୍ଷିତ
ପ୍ରଥମ ମରାଠୀ ସଂସ୍କରଣର ମୁଖବନ୍ଧ ଲେଖକ

(ପ୍ରଥମ ଦିନର ପାରାୟଣ-ଗୁରୁବାର)

॥ ୧ ॥

ଆବାହନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜ୍ଞାନୀ ବ୍ୟକ୍ତିମାନେ ସେମାନଙ୍କ ପ୍ରିୟ ଦେବାଦେବୀଙ୍କୁ ଆବାହନ କରି କାର୍ଯ୍ୟଟି ନିର୍ବିଘ୍ନରେ ସମାପ୍ତ ହେଉ ବୋଲି ସେମାନଙ୍କର ଆଶିଷ ମାଗିଥାନ୍ତି।

୨। ସମସ୍ତ ବାଧାବିଘ୍ନ ଦୂର କରିବା ପାଇଁ ଓ ସେମାନଙ୍କ ମନସ୍କାମନା ପୂରଣ ହେବା ପାଇଁ ସେମାନେ ଏପରି ପ୍ରାର୍ଥନା କରିଥାନ୍ତି। ମୁଁ ସମସ୍ତ ଦେବାଦେବୀଙ୍କୁ ପ୍ରଣାମ କରୁଅଛି।

୩। ସର୍ବପ୍ରଥମେ ମୁଁ ଗଣପତିଙ୍କୁ ବନ୍ଦନା କରୁଅଛି। ସେ ହେଉଛନ୍ତି ବକ୍ରତୁଣ୍ଡ, ହେରମ୍ବରୂପ, ଚଉଦ ଜ୍ଞାନଭଣ୍ଡାରର ଜ୍ଞାନପତି[୨], ହସ୍ତୀମୁଖଧାରୀ ମଙ୍ଗଳ ମୂର୍ତ୍ତି।

୪। ହେ ଗଣନାଥ, ଆପଣଙ୍କ ଉଦର ମଧ୍ୟରେ ଚଉଦ ବ୍ରହ୍ମାଣ୍ଡ[୩] ରହିଥିବାରୁ ଆପଣଙ୍କୁ ମହାକାୟ କୁହାଯାଇଅଛି। ଆପଣ ଶ୍ରୀ ହସ୍ତରେ ଦିବ୍ୟ କୁଠାର ଧରି ଭକ୍ତମାନଙ୍କର ବାଧାବିଘ୍ନଗୁଡ଼ିକୁ ଛେଦନ କରିବା ପାଇଁ ଇଛା କରିଥାଆନ୍ତି।

୫। ହେ ପ୍ରଭୁ ଗଣନାଥ, ଗଜାନନ! ଆପଣ ବାଧା, ବିଘ୍ନ ନାଶ କରିଥାନ୍ତି ଓ ଦୁଃଖ ଲାଘବ କରିଥାନ୍ତି। ମୋର ପ୍ରତିଜ୍ଞା ପୂରଣ କରିବା ପାଇଁ ଆପଣ ମୋତେ କୃପା କରନ୍ତୁ। ମୁଁ ଆପଣଙ୍କୁ ସାଷ୍ଟାଙ୍ଗ[୪] ପ୍ରଣିପାତ କରୁଅଛି।

୬। ଆପଣ ଭକ୍ତମାନଙ୍କର ସହାୟକ। ଆପଣଙ୍କ ପଦତଳେ ସମସ୍ତ ବାଧାବିଘ୍ନ ଚୂର୍ଣ୍ଣୀଭୂତ ହୋଇଯାଏ। ଆପଣ ପ୍ରତ୍ୟକ୍ଷଭାବରେ ଚାହିଁଦେଲେ ବାଧାବିଘ୍ନ କୁଆଡ଼େ ଦୂରେଇ ଯାଏ।

୭। ଜୀବନସମୁଦ୍ରରେ ଆପଣ ହିଁ ପୋତ ସଦୃଶ। ଅଜ୍ଞାନର ଅନ୍ଧକାରରେ ଆପଣ ହିଁ ଆଲୋକବର୍ତ୍ତିକା। ମୋତେ ଆପଣ ପ୍ରସନ୍ନ ହୋଇ ଐଶ୍ୱର୍ଯ୍ୟ ଓ ସମ୍ପୂର୍ଣ୍ଣତା[୫] ପ୍ରାପ୍ତି ନିମନ୍ତେ କୃପାଦୃଷ୍ଟି ଦିଅନ୍ତୁ।

୮। ହେ ପ୍ରଭୁ ଗଣନାଥ! ସାମାନ୍ୟ ମୂଷିକ ଆପଣଙ୍କର ବାହନ ହେଲେ ମଧ୍ୟ ଆପଣ ବିଘ୍ନବିନାଶକାରୀ ଦୟାମୟ। ଆପଣ ମଙ୍ଗଳକାରିଣୀ ମା' ଗିରିଜା[୬] ଙ୍କର ନନ୍ଦନ। ମୁଁ ଆପଣଙ୍କ ଚରଣରେ ପ୍ରଣାମ କରୁଅଛି।

୯। ମୁଁ ଏହି କାର୍ଯ୍ୟକୁ ବିନାବାଧାରେ ସମାପ୍ତ କରି ପାରିବା ନିମନ୍ତେ ମୋର ପ୍ରିୟ ଦେବାଦେବୀଙ୍କୁ ଭକ୍ତି ସହକାରେ ପ୍ରଣତି ଜଣାଇ ମଙ୍ଗଳ ଓ ସର୍ବଶୁଭ ହେବାପାଇଁ ପ୍ରାର୍ଥନା କରୁଅଛି।

୧୦। ଶ୍ରୀସାଇ ସ୍ୱୟଂ ଗଜାନନ, ଗଣପତି। ଶ୍ରୀସାଇ ହାତରେ ସେହି କୁଠାର[୭] ଧରିଛନ୍ତି ଯାହା ସେ ମୋର ଅସୁବିଧାଗୁଡ଼ିକୁ ଦୂର କରିଦେବ। ମୁଁ ମୋର ଏହି ପବିତ୍ର କାର୍ଯ୍ୟ ଏବେ ଆରମ୍ଭ କରୁଅଛି।

୧୧ । ଶ୍ରୀସାଇ ସ୍ୱୟଂ ଭାଲଚନ୍ଦ୍ର, ସେ ହେଉଛନ୍ତି ଗଜାନନ। ଏକଦନ୍ତୀ ଓ ହସ୍ତୀସମ କର୍ଣ୍ଣ। ସେ ପ୍ରବଳ ଶକ୍ତିଧର, ଭଗ୍ନଦନ୍ତଧାରୀ ଓ ବାଧାବିଘ୍ନରୂପକ ଜଙ୍ଗଲର ଧ୍ୱଂସକାରୀ।

୧୨ । ହେ ପରମ ପବିତ୍ର ମହାକାୟ, ଗଣପତି ! ଆପଣ ଓ ଶ୍ରୀସାଇଙ୍କ ମଧ୍ୟରେ ଭିନ୍ନାଭିନ୍ନ ନାହିଁ। କୃପାକରି ମୋତେ ଆପଣ ରହୁଥିବା ସେହି ଆନନ୍ଦପୂର୍ଣ୍ଣ ପବିତ୍ର ବାସସ୍ଥାନକୁ ନେଇଯାଆନ୍ତୁ।

୧୩। ମୁଁ ବର୍ତ୍ତମାନ ବ୍ରହ୍ମକନ୍ୟା ପ୍ରଜ୍ଞାଦାତ୍ରୀ ସରସ୍ୱତୀଙ୍କୁ ପ୍ରଣାମ କରୁଅଛି। ମୋର ପ୍ରଜ୍ଞାକୁ ଆପଣଙ୍କର ବାହନ ହଂସ[୮] କରିଦିଅନ୍ତୁ ଓ ଆପଣଙ୍କର ବଶକରି ରଖନ୍ତୁ ।

୧୪। ଆପଣ ବ୍ରହ୍ମାଙ୍କର ବୀଣା[୯] ହସ୍ତରେ ଧରିଛନ୍ତି, ଆପଣଙ୍କ ମସ୍ତକରେ ସିନ୍ଦୂର ଟୋପା। ଆପଣ ଶ୍ୱେତବସ୍ତ୍ରାବୃତା ଓ ହଂସ ଉପରେ ବିରାଜିତା। ମୋତେ ଆପଣଙ୍କର ଆଶୀର୍ବାଦ ଦିଅନ୍ତୁ।

୧୫। ଆପଣ ବାକ୍‌ଦେବୀ, ବିଶ୍ୱଜନନୀ ! ଆପଣଙ୍କର କୃପା ବ୍ୟତିରେକେ କୌଣସି ସାରସ୍ୱତ କାର୍ଯ୍ୟ ସମ୍ଭବ ନୁହେଁ। ଆପଣଙ୍କର ଆଶୀର୍ବାଦ ନ ହେଲେ ମୁଁ ଏହି ପବିତ୍ର ପଦଗୁଡ଼ିକୁ କଦାପି ରଚନା କରିପାରିବି ନାହିଁ।

୧୬। ଆପଣ ବିଶ୍ୱଜନନୀ, ବେଦମାନଙ୍କର ମୂଳ ଉତ୍ସ। ଆପଣ ଜ୍ଞାନର ଭଣ୍ଡାର ଓ ମନର ଉତ୍କର୍ଷ। ମୋତେ କୃପା କରନ୍ତୁ ଯେପରି 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ସୁଧା ମୋ ଦ୍ୱାରା ଲୋକେ ପାନ କରିପାରିବେ ।

୧୭। ଶ୍ରୀସାଇ ହିଁ ଦିବ୍ୟ ମାତା ସରସ୍ୱତୀ। 'ଓଁ' ମନ୍ତ୍ର ଜପୁଥିବା ବୀଣା ସେ ହାତରେ ଧରିଛନ୍ତି ଓ ସେ ନିଜେ ନିଜ ଜୀବନଚରିତ ଭକ୍ତମାନଙ୍କର ପରିତ୍ରାଣ ନିମନ୍ତେ ଗାନ କରୁଛନ୍ତି।

୧୮। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଯଥାକ୍ରମେ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି, ସ୍ଥିତି, ସଂହାରର କର୍ତ୍ତା ଓ ରଜ, ସତ୍ତ୍ୱ ଏବଂ ତମଗୁଣର[୧୦] ଆଧାର। ମୁଁ ସେମାନଙ୍କୁ ପ୍ରଣାମ କରୁଅଛି।

୧୯ । ହେ ସାଇନାଥ ! ଆଲୋକର ଅବତାର। ଆମ ପାଇଁ ଆପଣ ଗଣେଶ, ସାବିତ୍ରୀଙ୍କ ପ୍ରଭୁ, ରମେଶ ଓ ଉମେଶ[୧୧]।

୨୦ । ଆପଣ ଆମ ପାଇଁ ସଦ୍‌ଗୁରୁ। ଆପଣ ଜୀବନ ସାଗରକୁ ପାର କରାଇଦେବାର ପୋତ। ଆମେ ଭକ୍ତମାନେ ତାହାର ଯାତ୍ରୀ। ଆପଣ ଆମକୁ ଆର କୂଳରେ ଲଗାଇ ଦିଅନ୍ତୁ।

୨୧ । ପୂର୍ବ ଜନ୍ମର ସୁକୃତ ନଥିଲେ ଆମେ ଆପଣଙ୍କ ପଦତଳେ ସ୍ଥାନ ପାଇଥାନ୍ତୁ କି ?

୨୨ । କୁଳଦେବତା ନାରାୟଣ ଆଦିନାଥ[୧୨], ଯିଏ କ୍ଷୀରସାଗରବାସୀ ଓ ସର୍ବଦୁଃଖଶୋକହାରୀ, ତାଙ୍କୁ ମୋର ପ୍ରଣାମ।

୨୩। ପର୍ଶୁରାମ ସମୁଦ୍ର ମଧ୍ୟରୁ ଉଦ୍ଧାରକରି କୋଙ୍କଣ[୧୩] ନାମକ ଏକ ନୂତନ ଭୂଖଣ୍ଡ ସୃଷ୍ଟି କରିଥିଲେ। ସେଠାରେ ନାରାୟଣ ଆବିର୍ଭୂତ ହୋଇଥିଲେ।

୨୪ । ନାରାୟଣ, ଯିଏ ସମସ୍ତଙ୍କ ହୃଦୟ କନ୍ଦରରେ ବାସ କରନ୍ତି, ସମସ୍ତ ଜୀବଙ୍କୁ ନିୟନ୍ତ୍ରଣ କରନ୍ତି ଓ ତାଙ୍କରି କୃପା ଦୃଷ୍ଟି ଦ୍ୱାରା ସେମାନଙ୍କୁ ରକ୍ଷା କରିଥାନ୍ତି, ତାଙ୍କର ପ୍ରେରଣା ଲାଭ କରିବା ପାଇଁ ମୁଁ ତାଙ୍କ ଉପରେ ସମ୍ପୂର୍ଣ୍ଣ ରୂପେ ନିର୍ଭରଶୀଳ।

୨୫। ମୁଁ ମୋର ମୂଳ ପୂର୍ବପୁରୁଷ, ଗୌଡ଼ ଅଂଚଳର ଜଣେ ଶ୍ରେଷ୍ଠ ମୁନି, ଯାହାଙ୍କୁ ଭାର୍ଗବ ଯଜ୍ଞପୂର୍ତ୍ତି ପାଇଁ ଆଣିଥିଲେ, ତାହାଙ୍କୁ ବିନମ୍ର ପ୍ରଣତି ଜଣାଉଛି।

୨୬। ମୁଁ ବର୍ତ୍ତମାନ ମହର୍ଷି ଭରଦ୍ୱାଜଙ୍କୁ, ଯିଏ ଋଗ୍‌ବେଦ ଶାଖାନ୍ତର୍ଗତ ମୋ ଗୋତ୍ର[୧୪]ର ପ୍ରତିଷ୍ଠାତା, ଗୌଡ଼ ଦେଶୀୟ ବ୍ରାହ୍ମଣ ଜାତିରେ ଆମର ସାକଲ୍ୟ ବଂଶଧର, ତାଙ୍କୁ ପ୍ରଣାମ ଜଣାଉଛି।

୨୭। ଅଧିକନ୍ତୁ ମୁଁ ବ୍ରାହ୍ମଣଙ୍କୁ, ପରଂବ୍ରହ୍ମର ଅବତାରଙ୍କୁ ପ୍ରଣାମ ଜଣାଉଛି। ତତ୍ପରେ ମୁଁ ଯାଜ୍ଞ୍ୟବଲକ୍ୟ[୧୫], ଭୃଗୁ[୧୬], ପରାଶର[୧୭] ଓ ଶ୍ରେଷ୍ଠ ଯୋଗୀ ନାରଦ[୧୮]ଙ୍କୁ ପ୍ରଣାମ ଜଣାଉଛି।

୨୮। ଆଉ ମଧ୍ୟ ମୁଁ ବେଦର ରଚୟିତା ବ୍ୟାସଦେବ, ପରାଶର, ସନକ, ସନନ୍ଦନ, ସନତ କୁମାର, ଶୁକ[୧୯], ସୂତ୍ରମାନଙ୍କର ରଚୟିତା ସଉନକ, ବିଶ୍ୱାମିତ୍ର[୨୦] ଓ ବଶିଷ୍ଠ[୨୧]ଙ୍କୁ ପ୍ରଣାମ ଜଣାଉଛି।

୨୯। ମୁଁ ମଧ୍ୟ ବାଲ୍ମିକୀ[୨୨], ବାମଦେବ[୨୩], ଜୈମିନି[୨୪], ବୈଶମ୍ପାୟନ[୨୫] ଓ ଅନ୍ୟମାନଙ୍କୁ ପ୍ରଣାମ ଜଣାଉଛି। ମୁଁ ନଅଜଣ ଶ୍ରେଷ୍ଠ ଯୋଗୀ ଓ ମୁନି[୨୬]ମାନଙ୍କ ଚରଣତଳେ ସାଷ୍ଟାଙ୍ଗ ଦଣ୍ଡବତ କରୁଅଛି।

୩୦। ମୁଁ ଏବେ ସନ୍ଥ ଓ ଗୁଣୀମାନଙ୍କୁ, ନିବୃତ୍ତିନାଥ[୨୭], ଜ୍ଞାନେଶ୍ୱର[୨୮], ମୁକ୍ତାବାଇ[୨୯], ସୋପାନ [୩୦], ଏକନାଥ[୩୧]

ଓ ତାଙ୍କର ଗୁରୁ ଜନାର୍ଦ୍ଦନ, ତୁକାରାମ[୩୨], କାହ୍ନା (ପାତ୍ର)[୩୩] ଓ ନରହରିଙ୍କୁ[୩୪] ପ୍ରଣାମ ଜଣାଉଛି।

୩୧। ମୁଁ ପ୍ରତ୍ୟେକ ସନ୍ଥଙ୍କ ନାମ ଲେଖି ବସିଲେ ଏହି ଗ୍ରନ୍ଥର ପୃଷ୍ଠା ଅଣ୍ଟିବ ନାହିଁ। ତେଣୁ ମୁଁ ସେ ସମସ୍ତଙ୍କୁ ପ୍ରଣାମ କରି ସେମାନଙ୍କର ଆଶୀର୍ବାଦ ଭିକ୍ଷା କରୁଅଛି।

୩୨। ମୁଁ ଏବେ ମୋର ଜେଜେବାପା ଧର୍ମପରାୟଣ ସଦାଶିବ, ଯିଏକି ସାଂସାରିକ ଜୀବନକୁ ତୁଚ୍ଛମଣି ସବୁଦିନ ପାଇଁ ବଦ୍ରି କେଦାରନାଥରେ ରହିଗଲେ, ତାହାଙ୍କୁ ପ୍ରଣାମ କରୁଅଛି।

୩୩। ଏହା ପରେ ମୁଁ ମୋର ପିତା, ଯିଏ ସବୁବେଳେ ସଦାଶିବଙ୍କୁ ପୂଜା କରୁଥିଲେ, ଗଳାରେ ରୁଦ୍ରାକ୍ଷମାଳା ଧାରଣ କରୁଥିଲେ ଓ ଯାହାଙ୍କର ଇଷ୍ଟଦେବତା ଶିବ, ତାହାଙ୍କୁ ପ୍ରଣାମ କରୁଅଛି।

୩୪। ଏବେ ମୁଁ ମୋର ଜନ୍ମଦାତ୍ରୀ ମାତା, ଯିଏ ରାତିଦିନ କଷ୍ଟ ସହି ମୋର ଯତ୍ନ ନେଇଛନ୍ତି, ତାହାଙ୍କୁ ପ୍ରଣାମ କରୁଅଛି। ତାଙ୍କ ଋଣ ମୁଁ କେତେ ଅବା ମନେ ପକାଇ ପାରିବି ?

୩୫। ମୁଁ ପିଲାଥିବା ସମୟରେ ସେ ଚାଲିଗଲେ ଓ ମୋର ଖୁଡ଼ୀ ମୋତେ ବହୁତ କଷ୍ଟରେ ବଡ଼ କରିଛନ୍ତି। ମୁଁ ତାଙ୍କର ପାଦତଳେ ମୋର ମସ୍ତକ ଲଗାଉଛି। ସେ ସବୁସମୟରେ ହରିଙ୍କୁ ସ୍ମରଣ କରିବାରେ ନିମଗ୍ନ ଥିଲେ।

୩୬। ମୋର ଜ୍ୟେଷ୍ଠଭ୍ରାତାଙ୍କର ଅତୁଳନୀୟ ଭ୍ରାତୃସ୍ନେହ ଥିଲା ଓ ସେ ମୋ ପାଇଁ ତାଙ୍କର ଜୀବନ ଉତ୍ସର୍ଗ କରିଥିଲେ। ମୁଁ ତାଙ୍କର ପାଦତଳେ ମୋର ମସ୍ତକ ଲଗାଇ ପ୍ରଣାମ କରୁଅଛି।

୩୭। ବର୍ତ୍ତମାନ ମୁଁ ଶ୍ରୋତାମାନଙ୍କୁ ପ୍ରଣତି ଜଣାଇ ମନଧ୍ୟାନ ଦେଇ ଶୁଣିବା ପାଇଁ ଅନୁରୋଧ କରୁଅଛି। ସେମାନେ ଅମନୋଯୋଗୀ ହେଲେ ମୁଁ କିପରି ତୃପ୍ତି ପାଇବି ?

୩୮। ଶ୍ରୋତାଗଣ ଯେଉଁଠାରେ ବୁଦ୍ଧିବୃତ୍ତିସମ୍ପନ୍ନ ହୋଇ ଗୁଣଗ୍ରାହୀ ହୋଇଥାନ୍ତି ଓ ବର୍ଣ୍ଣନା ଶୁଣିବା ନିମନ୍ତେ ଆଗ୍ରହୀ ହୁଅନ୍ତି, ସେଠାରେ ବକ୍ତା ଅଧିକ ଉତ୍ସାହିତ ହୋଇଥାନ୍ତି।

୩୯। ଆପଣ ଯଦି ଅମନୋଯୋଗୀ, ତେବେ ଏହି ବର୍ଣ୍ଣନାର ଉଦ୍ଦେଶ୍ୟ ବା କ'ଣ ? ତେଣୁ ମୁଁ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି ଓ ଆନନ୍ଦମନରେ ଶୁଣିବା ନିମିତ୍ତ ଆପଣମାନଙ୍କୁ ପ୍ରାର୍ଥନା କରୁଅଛି।

୪୦। ମୋର ଶବ୍ଦଜ୍ଞାନ ନାହିଁ କି ଶାସ୍ତ୍ରଜ୍ଞାନ ନାହିଁ। ମୁଁ ନାନା ଧର୍ମକଥା ବା ନୀତିକଥା ଶୁଣିନାହିଁ। ଆପଣମାନେ ଏସବୁ ଭଲ ଭାବରେ ଜାଣିଛନ୍ତି।

୪୧। ମୁଁ ମୋର ଦୁର୍ବଳତା ଓ ନିଜର ଅଯୋଗ୍ୟତା ସମ୍ବନ୍ଧରେ ଜାଣିଅଛି। ତଥାପି, ମୁଁ ଗୁରୁଙ୍କ ନିକଟରେ କରିଥିବା ପ୍ରତିଜ୍ଞା ପୂରଣ ପାଇଁ ଏହି କାବ୍ୟଟିକୁ ଲେଖିବାର ଚେଷ୍ଟା କରୁଛି।

୪୨। ମୋର ବିବେକ ମୋତେ କହୁଛି ଯେ ମୁଁ ଆପଣମାନଙ୍କ ନିକଟରେ ଘାସ ଖିଏ ସଦୃଶ। ମୋ ପ୍ରତି ଦୟାପରବଶ ହୋଇ ଆପଣମାନେ ମୋତେ ନିଜର ବୋଲି ଗ୍ରହଣ କରିନିଅନ୍ତୁ।

୪୩। ମୁଁ ବର୍ତ୍ତମାନ ସଦ୍‌ଗୁରୁଙ୍କୁ ସ୍ମରଣ କରୁଛି, ଶ୍ରଦ୍ଧା ସହକାରେ ତାଙ୍କ ଶ୍ରୀଚରଣରେ ଅନ୍ତରର ପ୍ରଣାମ ଜଣାଉଛି। ସେ ଜ୍ଞାନ ଓ ପ୍ରେରଣାଦାତା, ତାଙ୍କ ପାଖରେ ମୋର କାୟ, ମନ, ବାକ୍ୟ ସମର୍ପଣ କରୁଅଛି।

୪୪। ଆମେ ଖାଇବସିବା ବେଳେ ମିଷ୍ଟାନ୍ନ ଶେଷରେ ପରଷା ଯାଇଥାଏ। ସେଇଭଳି ମୋର ସାଷ୍ଟାଙ୍ଗ ପ୍ରଣିପାତର ସୁମିଷ୍ଟ ସମାପ୍ତି ରୂପେ ମୁଁ ମୋ ଗୁରୁଙ୍କୁ ସଭକ୍ତି ପ୍ରଣାମ ଜଣାଉଛି ।

୪୫। 'ଓଁ'! ସଦ୍‌ଗୁରୁରାୟ! ଆପଣ ଚଳ ଅଚଳଙ୍କର ବିଶ୍ରାମ ସ୍ଥଳ, ଦୟାଶୀଳ ଓ ସମଗ୍ର ବିଶ୍ୱର ଆଶ୍ରୟ ସ୍ଥଳ।

୪୬। ପୃଥିବୀ, ସପ୍ତଦ୍ୱୀପ[୩୫], ନବମହାଦେଶ[୩୬], ସପ୍ତସ୍ୱର୍ଗ[୩୭] ଓ ପାତାଳ- ଏ ସମସ୍ତ ଆପଣଙ୍କ ହିରଣ୍ୟଗର୍ଭରୁ ସମ୍ଭୂତ । ଏହାହିଁ ବିଶ୍ୱ ବ୍ରହ୍ମାଣ୍ଡ ରୂପେ ବିଖ୍ୟାତ।

୪୭। ମାୟା ବୋଲି ଯାହା ବିଦିତ, ଯାହା ଅଦୃଶ୍ୟ ଓ ଅଳୀକ, ତାହାଠାରୁ ବହୁତ ଦୂରରେ ସଦ୍‌ଗୁରୁ ବାସ କରନ୍ତି ଏବଂ ଏଇଠି ସୃଷ୍ଟି ହୁଏ ବ୍ରହ୍ମାଣ୍ଡ ।

୪୮। ବେଦଗୁଡ଼ିକ ତାଙ୍କର ମହତ୍ୱ ବର୍ଣ୍ଣନା କରି ନପାରି ନିରବ ରହିଛନ୍ତି। ସାକ୍ଷ୍ୟପ୍ରମାଣର କଳକୌଶଳ ଏଠାରେ ଅଚଳ।

୪୯। ମୁଁ ଯେତେବେଳେ କୌଣସି ଉପମା ବ୍ୟବହାର କରି ଆପଣଙ୍କୁ ତୁଳନା କରିବାକୁ ଚାହୁଁଛି, ସେ ଗୁଣ ଆପଣଙ୍କ ନିକଟରେ ଅଛି। ଚକ୍ଷୁ ଯାହା କିଛି ଦେଖୁଛି, ଆପଣ ସେସବୁକୁ ସୃଷ୍ଟି କରିଛନ୍ତି।

୫୦। ଶ୍ରୀସାଇନାଥ ହେଉଛନ୍ତି ଏଭଳି ଦୟାଳୁ ଓ ଶକ୍ତିଧର ସଦ୍‌ଗୁରୁ, ଯିଏ କେବଳ ଅନ୍ତରାତ୍ମା ଦ୍ୱାରାହିଁ

ଜଣାଯାଇପାରନ୍ତି । ହେ ସର୍ବଘଟବାସୀ ଅବିନଶ୍ୱର, ମୁଁ ଆପଣଙ୍କୁ ପ୍ରଣାମ କରୁଅଛି ।

୫୧ । ହେ ସର୍ବଶ୍ରେଷ୍ଠ କର୍ତ୍ତା, ଚିର ଉତ୍‌ଫୁଲ୍ଲିତ, ସମ୍ପୂର୍ଣ୍ଣ ତୁଷ୍ଟ, ସ୍ୱୟଂପ୍ରକାଶ, ମଙ୍ଗଳ ଆସ୍ଥାନ, ଆତ୍ମଜ୍ଞାନୀ, ମହାଗୁରୁ, ଆପଣଙ୍କୁ ମୁଁ ପ୍ରଣାମ ଜଣାଉଛି ।

୫୨ । ବେଦ ଓ ଶ୍ରୁତି ଆପଣଙ୍କର ଗୁଣକୀର୍ତ୍ତନ କରି ନପାରି ନିରବ ରହିଗଲେ । ମୋର ଏଭଳି ପ୍ରଜ୍ଞା କୋଉଠୁ ଆସିବ ଯେ ମୁଁ ଆପଣଙ୍କର ଗୁଣଗାନ କରିବାର ଚେଷ୍ଟା କରିବି ଓ ଆପଣଙ୍କୁ ହୃଦୟଙ୍ଗମ କରିପାରିବି ?

୫୩ । ଜୟ, ଜୟ ସଦ୍‌ଗୁରୁ ! କରୁଣାର ଭଣ୍ଡାର । ଜୟ ଜୟ ଗୋଦାବରୀ ନଦୀତଟବାସୀ ! ଜୟ ଜୟ ବ୍ରହ୍ମା, ଶଙ୍କର, ବିଷ୍ଣୁ ଓ ଦତ୍ତାତ୍ରେୟଙ୍କ ଅବତାର । ମୁଁ ଆପଣଙ୍କୁ ନତମସ୍ତକ ହେଉଅଛି ।

୫୪ । ବ୍ରହ୍ମାଙ୍କ ବ୍ରହ୍ମାନନ୍ଦ ସଦ୍‌ଗୁରୁଙ୍କ ବିନା ତିଷ୍ଠି ରହିପାରିବ ନାହିଁ । ମୁଁ ମୋର ପଂଚପ୍ରାଣ[୩୮] ଆପଣଙ୍କୁ ଅର୍ପଣ[୩୯] କରୁଛି ଓ ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ ମନୋଭାବ ନେଇ ମୋର ସୁରକ୍ଷା ପାଇଁ ଆପଣଙ୍କ ପାଖରେ ଆତ୍ମସମର୍ପଣ କରୁଅଛି ।

୫୫ । ମୁଁ ମସ୍ତକ ଲଗାଇ ଆପଣଙ୍କୁ ପ୍ରଣାମ କରୁଛି, ମୋର ଦୁଇ ହାତରେ ଆପଣଙ୍କର ଦୁଇପାଦକୁ ଚିପି ଦେଉଛି, ଆପଣଙ୍କର ମୁଖମଣ୍ଡଳକୁ ଅନାଇ ରହିଛି ଓ ଆପଣଙ୍କ ପବିତ୍ର ଚରଣୋଦକ ପାନ କରୁଅଛି ।

୫୬ । ଶ୍ରୋତାମାନେ ସର୍ବଦା ଶ୍ରୀସାଇଙ୍କ ପ୍ରଶଂସା ଶୁଣନ୍ତୁ, ତାଙ୍କ ପ୍ରତିଛବିକୁ ମନ ମଧ୍ୟରେ ବସାଇ ଅବିରାମ ଭାବରେ ଶ୍ରୀସାଇଙ୍କୁ ଧ୍ୟାନ କରନ୍ତୁ । ଏହାଦ୍ୱାରା ସମସ୍ତଙ୍କର ସଂସାରବନ୍ଧନ କଟିଯିବ ।

୫୭ । ତନ, ମନ ଓ ଧନ[୪୦] ସଦ୍‌ଗୁରୁଙ୍କ ପାଦତଳେ ସର୍ବତୋଭାବରେ ସମର୍ପଣ କରି ସମଗ୍ର ଜୀବନକାଳ ତାଙ୍କୁ ସେବାକରି ଚାଲନ୍ତୁ ।

୫୮ । ଗୁରୁଙ୍କର ନାମ, ଗୁରୁଙ୍କ ସହିତ ଅନ୍ତରଙ୍ଗ ସମ୍ପର୍କ, ଗୁରୁଙ୍କର କୃପା, କ୍ଷୀର ଭଳି ପବିତ୍ର ତାଙ୍କ ଚରଣୋଦକ ପାନ, ଗୁରୁଙ୍କ ନିକଟରୁ ମିଳିଥିବା ପବିତ୍ର ମନ୍ତ୍ର ଓ ତାଙ୍କ ଗୃହରେ ବସବାସ- ଅନେକ ତପସ୍ୟା ପରେ ଏ ସମସ୍ତ ଭାଗ୍ୟରେ ଜୁଟିଥାଏ ।

୫୯ । ସେ ଭକ୍ତଙ୍କୁ ପରୀକ୍ଷା କରିବା ପରେ ତାଙ୍କର ଅଶେଷ କ୍ଷମତା ବଳରେ ଭକ୍ତର ଅଜାଣତରେ ତାଙ୍କ ଭକ୍ତଙ୍କୁ ସେ ମୋକ୍ଷ[୪୧] ପ୍ରାପ୍ତିକୁ ଘେନିଯାଆନ୍ତି ।

୬୦ । ପବିତ୍ର ଗଙ୍ଗାଜଳ ଯେପରି ପରିଷ୍କାର କରି ବିଶୁଦ୍ଧ କରିଦିଏ, ଗୁରୁଙ୍କ ସହିତ ସମ୍ପର୍କ ସେହିପରି କରିଦେଇଥାଏ । ଏହା ମଧ୍ୟ ଚଂଚଳ ମନକୁ ଭଗବାନଙ୍କ ଉପରେ ନିବିଷ୍ଟ କରି ରଖେ ।

୬୧ । ଆମର ବେଦ, ଶାସ୍ତ୍ର ଓ ପୁରାଣଗୁଡ଼ିକ ଗୁରୁଙ୍କ ସେବାରେ ଆମକୁ ବ୍ରତୀ କରିଥାନ୍ତି । ଆମର ଯୋଗ, ହୋମ ଓ ତପସ୍ୟା ଆମକୁ ଗୁରୁପଦ ଆଡ଼କୁ ଘେନିଯାଇଥାଏ ଏବଂ ଆମର ମୋକ୍ଷପ୍ରାପ୍ତିର ଉପାୟ ହୋଇଥାଏ ।

୬୨ । ଆମର ବେଦ ଓ ଶାସ୍ତ୍ରଗୁଡ଼ିକ ଶ୍ରୀ ସଦ୍‌ଗୁରୁଙ୍କର ପବିତ୍ର ନାମ ବ୍ୟତୀତ ଆଉ କିଛି ନୁହେଁ । ଆମର ମନ୍ତ୍ର ହେଉଛି ଶ୍ରୀସାଇ ସମର୍ଥ । ତାହାହିଁ ମଧ୍ୟ ହେଉଛି ଆମର ଅତୀନ୍ଦ୍ରିୟ ସାଧନା ଓ ଅତୀନ୍ଦ୍ରିୟ ଆରାଧନା ।

୬୩ । 'ବ୍ରହ୍ମ ହିଁ ସତ୍ୟ', ଏହା ପ୍ରତ୍ୟହ ଅନୁଭୂତ ହେଉଅଛି । 'ଜଗତ ଏକ ଭ୍ରମ' ବୋଲି ପ୍ରତ୍ୟହ ଅବଗତ ହେଉଛି । ଶ୍ରୀସାଇ ତାଙ୍କର ଭକ୍ତମାନଙ୍କୁ ଏହିଭଳି ଦିବ୍ୟ ଆନନ୍ଦ ଅବସ୍ଥା ଦାନ କରିଥାନ୍ତି ।

୬୪ । ପରମାତ୍ମାଙ୍କ ଆନନ୍ଦ ଓ ତାହାର ଉପଲବ୍ଧି, ବ୍ରହ୍ମାନନ୍ଦ ସହିତ ପରିଚିତ ଅବସ୍ଥା ଏସବୁ ଓତପ୍ରୋତ ଭାବରେ ଜଡ଼ିତ । ଅନନ୍ତ ଆନନ୍ଦର ଅବସ୍ଥା ହିଁ ଆବଶ୍ୟକ ।

୬୫ । ଯିଏ ଏହି ପ୍ରକାର ମନର ଅବସ୍ଥାକୁ ଆହରଣ କରିଛି ଓ ସେହି ଅବସ୍ଥାରେ ନିରନ୍ତର ରହିପାରିଛି, ତାହାକୁ ଶାନ୍ତି ଓ ତୃପ୍ତି ମିଳି ପାରିଛି । ସେହି ଅବସ୍ଥାହିଁ ଆତ୍ମୋପଲବ୍ଧି ।

୬୬ । ଶ୍ରୀସାଇ ହେଉଛନ୍ତି ଆନନ୍ଦର ଆକର । ଭାଗ୍ୟବାନ ଭକ୍ତ ପାଇଁ ପରମ ଆନନ୍ଦର ଅଭାବ ରହେ ନାହିଁ । ଏଭଳି ଭକ୍ତ ମହାସାଗର ଭଳି ପରିପୂର୍ଣ୍ଣ ।

୬୭ । ଶିବ ଓ ଶକ୍ତି[୪୨], ପୁରୁଷ ଓ ପ୍ରକୃତି[୪୩], ପ୍ରାଣବାୟୁ ଓ ତାହାର ଗତି, ଆଲୋକବତୀ ଓ ତାହାର ଜ୍ୟୋତି-ଏମାନଙ୍କ ମଧ୍ୟରେ ଥିବା ଦ୍ୱୈତଭାବକୁ ଜାଣିବା ପାଇଁ ପରଂବ୍ରହ୍ମଙ୍କର ଗୁଣକୁ ବିବୃତ କରିବାକୁ ହୁଏ । ସେମାନେ ଏକ ଓ ଅଭିନ୍ନ ।

୬୮ । ବେଦ କହେ, "ବ୍ରହ୍ମ ଏକତ୍ୱରେ ତୁଷ୍ଟ ହୁଅନ୍ତି ନାହିଁ" ଓ "ସେ ବହୁଧା ହେବାକୁ ଚାହାନ୍ତି ।" ତେଣୁ ଦ୍ୱୈତରେ ଜନ୍ମ ଓ ପୁଣି ଅଦ୍ୱୈତରେ ବିଲୀନ ।

୬୯ । ନିରୋଳା ବ୍ରହ୍ମ ଅବସ୍ଥାରେ ପରମାତ୍ମା କିମ୍ବା ପ୍ରକୃତି ନଥାଏ। ସୂର୍ଯ୍ୟ ରହିଥିବା ସ୍ଥାନରେ ରାତ୍ରି ଦିନ କିପରି ବା ଆସିବ ?

୭୦ । ପ୍ରକୃତ ସତ୍ତା ନିର୍ଦ୍ଦିଷ୍ଟ ଗୁଣ ବାହାରେ ଓ ନିର୍ଗୁଣ । କିନ୍ତୁ ଭକ୍ତମାନଙ୍କ ପାଇଁ ସେ ଏକ ରୂପ ଧରିଥାନ୍ତି। ତାହାହିଁ ହେଉଛନ୍ତି ଶ୍ରୀସାଇ, ବିଶୁଦ୍ଧ ଓ ପବିତ୍ର। ମୁଁ ତାଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପିତ।

୭୧ । ଶ୍ରୀସାଇ ସମର୍ଥଙ୍କ ନିକଟରେ ଯିଏ ଶରଣାଗତ ହୁଅନ୍ତି, ସେ ଅନେକ ବିପଦଆପଦରୁ ମୁକ୍ତି ପାଇଥାନ୍ତି। ତେଣୁ ମୋ ନିଜର ସ୍ୱାର୍ଥ ଦୃଷ୍ଟିରୁ ମୁଁ ତାଙ୍କ ପାଦତଳେ ନତମସ୍ତକ ହେଉଅଛି।

୭୨ । ବାସ୍ତବତା ଦୃଷ୍ଟିରୁ ସେ ସମ୍ପୂର୍ଣ୍ଣ ଭିନ୍ନ। ଭକ୍ତିର ଆନନ୍ଦ ଦେବା ପାଇଁ ସେ ଅନେକ ରୂପ ଧରିଥାନ୍ତି ଓ ଭକ୍ତମାନଙ୍କ ପାଇଁ ଲୀଳା[୪୪] ରଚନା କରିଥାନ୍ତି। ସେହି ପ୍ରେମମୟଙ୍କୁ ମୁଁ ପ୍ରଣାମ କରୁଅଛି।

୭୩। ଯିଏ ସମସ୍ତ ସତ୍ତା ମଧ୍ୟରେ ସୂକ୍ଷ୍ମ ଚେତନା ରୂପେ ବିଦ୍ୟମାନ, ଯିଏ ଆତ୍ମଜ୍ଞାନର ଆସ୍ଥାନ ନିଅନ୍ତି ଓ ଯିଏ ସ୍ଥୂଳ ଚୈତନ୍ୟର ରୂପ ପରିଗ୍ରହ କରିଛନ୍ତି, ସେହି ପ୍ରିୟତମଙ୍କୁ ମୁଁ ପ୍ରଣାମ କରୁଅଛି।

୭୪ । ଆପଣ ମୋର ଶେଷ ଆଶ୍ରୟସ୍ଥଳ, ମୋର ଆଶ୍ରୟଦାତା, ଆପଣଙ୍କର ଭକ୍ତମାନଙ୍କର ଭକ୍ତିକୁ ପୂରଣ କରାନ୍ତି। ହେ ଗୁରୁରାୟ, ଆପଣ ମଙ୍ଗଳର ଅବତାର।

୭୫ । ଏବେ ମୋର ଭକ୍ତି ଅର୍ଘ୍ୟର ଶେଷରେ ମୁଁ ସମସ୍ତଙ୍କୁ ପ୍ରଣାମ କରୁଅଛି, ଯେହେତୁ ସମସ୍ତଙ୍କ ମଧ୍ୟରେ ଈଶ୍ୱର ରହିଛନ୍ତି। ମୋତେ ସାଦରେ କୋଳେଇ ନିଅନ୍ତୁ ।

୭୬। ସମସ୍ତ ପ୍ରାଣୀଙ୍କୁ ପ୍ରଣାମ କରୁଅଛି, କାରଣ ଏହା କଲେ ବିଶ୍ୱବ୍ରହ୍ମାଣ୍ଡର ପ୍ରଭୁ ସନ୍ତୁଷ୍ଟ ହେବେ। ଈଶ୍ୱର ସର୍ବବ୍ୟାପୀ, ସମସ୍ତଙ୍କ ମଧ୍ୟରେ ଅଭେଦ ଓ ଅବିଚ୍ଛିନ୍ନ ଭାବରେ ବାସ କରୁଛନ୍ତି।

୭୭। ଏହିଭଳି ମୁଁ ମୋର ସମସ୍ତ ଭକ୍ତି ଅର୍ଘ୍ୟ ଶେଷ କରୁଛି ଓ ଏହାହିଁ ମୁଁ ଯାହା ଆରମ୍ଭ କରିଛି, ତାକୁ ସମ୍ପୂର୍ଣ୍ଣ କରିବାରେ ସହାୟକ ହେବ। ଏହି ରଚନା ଆରମ୍ଭର ତାହାହିଁ ଶୁଭ ମୁହୂର୍ତ୍ତ। ବର୍ତ୍ତମାନ ମୁଁ ଏହାର ଉଦ୍ଦେଶ୍ୟ ସମ୍ବନ୍ଧରେ ବର୍ଣ୍ଣନା କରିବି ।

୭୮ । ଶ୍ରୀସାଇ ମୋତେ କୃପା ଓ କରୁଣା କରିବା ପରଠାରୁ ମୁଁ ଦିନରାତି ଧରି ତାଙ୍କରି କଥା ହିଁ ଭାବୁଛି। ସେ ମୋର ପାର୍ଥିବ ଜୀବନର ଭୟ ଲୋପ କରି ଦେଇଛନ୍ତି, ଜନ୍ମ ଓ ମୃତ୍ୟୁ ଚକ୍ରର ଭୟ ଦୂର କରିଦେଇଛନ୍ତି।

୭୯ । ମୋ ପାଇଁ ଅନ୍ୟ କୌଣସି ଜପତପ କିମ୍ବା ଅନ୍ୟ କୌଣସି ସାଧନା ପୁନଃପୁନଃ କରିବାର ଆବଶ୍ୟକତା ନାହିଁ। ମୁଁ କେବଳ ଗୋଟିଏ ରୂପ, ଶ୍ରୀସାଇଙ୍କର ପବିତ୍ର ରୂପକୁ ହିଁ ଅବଲୋକନ କରୁଛି ।

୮୦ । ଶ୍ରୀସାଇଙ୍କର ମୁହଁକୁ ଚାହିଁଦେଲେ ଭୋକଶୋଷ ଭୁଲି ହୋଇଯାଏ। ଅନ୍ୟ ସୁଖର କି ମୂଲ୍ୟ ଅଛି ? ପାର୍ଥିବ ଜୀବନର ଦୁଃଖଶୋକ ପାଶୋର ହୋଇଯାଏ।

୮୧ । ଶ୍ରୀସାଇଙ୍କର ଆଖି ଦିଇଟାକୁ ଯିଏ ଅନାଇଦିଏ, ସିଏ ଆତ୍ମବିସ୍ମୃତ ହୋଇଯାଏ। ତାହାର ହୃଦୟ କନ୍ଦରରୁ ପ୍ରେମର ଫଲ୍‌ଗୁ ଧାରା ବହିଆସେ ଓ ସମଗ୍ର ଜଗତକୁ ପ୍ରବଳ ଭକ୍ତି ସ୍ରୋତରେ ପ୍ଲାବିତ କରିଦିଏ।

୮୨ । କର୍ମ, ଧର୍ମ, ଶାସ୍ତ୍ର, ପୁରାଣ, ଯୋଗ, ହୋମଯଜ୍ଞ, ଧର୍ମାନୁଷ୍ଠାନ, ତୀର୍ଥଯାତ୍ରା ଓ ଜପତପ-ମୋ ପାଇଁ ଏ ସବୁର ସ୍ଥାନ ହେଉଛି ଶ୍ରୀସାଇଙ୍କର ଶ୍ରୀଚରଣ।

୮୩। ଗୁରୁଙ୍କର ଉପଦେଶକୁ ନିରନ୍ତର ପାଳନ କଲେ ଓ ତାହାକୁ ଦୃଢ଼ ଭାବରେ ଅନୁସରଣ କଲେ ଅଖଣ୍ଡ ଆସ୍ଥା ଓ ଅଟଳ ବିଶ୍ୱାସ ଉପୁଜିଥାଏ।

୮୪ । ମୋର ପୂର୍ବ ଜନ୍ମର ସୁକୃତ ଯୋଗୁଁ ଶ୍ରୀସାଇଙ୍କ ପ୍ରତି ମୋର ଆସକ୍ତି ବଢ଼ିଛି ଓ ମୁଁ ତାଙ୍କର ଅକଳ୍ପନୀୟ ଶକ୍ତିକୁ ଅନୁଭବ କରିବା ଆରମ୍ଭ କରିଛି। ମୁଁ ତାହାକୁ କିପରି ବିଶଦ ଭାବରେ ବର୍ଣ୍ଣନା କରିପାରିବି ?

୮୫ । ଯେଉଁ ଶକ୍ତି ଶ୍ରୀସାଇଙ୍କ ଚରଣ ପ୍ରତି ଭକ୍ତି ଓ ଆସକ୍ତି ସୃଷ୍ଟି କରେ, ସେଇହିଁ ସାଂସାରିକ ଜୀବନରେ ଭାଗନେଲାବେଳେ ଅନାସକ୍ତି ସୃଷ୍ଟି କରେ ଓ ପରମ ଆନନ୍ଦ ଦେଇଥାଏ ।

୮୬। ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଭକ୍ତି ସମ୍ପର୍କରେ କୁହାଯାଇଛି। ତାହାର ପ୍ରକୃତି ଓ ଚାରିତ୍ରିକ ବୈଶିଷ୍ଟ୍ୟ ସମ୍ବନ୍ଧରେ ମୁଁ ମୋର ପ୍ରବୃତ୍ତି ଅନୁଯାୟୀ ଏହି ବର୍ଣ୍ଣନା କରିବା ମଧ୍ୟରେ ସଂକ୍ଷେପରେ ଆଲୋଚନା କରିବି।

୮୭ । ଅନ୍ତରାତ୍ମା ସହିତ ଉତ୍ତମ ସୁସଙ୍ଗତ ସମ୍ପର୍କକୁ ଅନୁଭବ

କରିବା ହିଁ ଭକ୍ତିର ସର୍ବପ୍ରଥମ ରୂପ ବୋଲି ବେଦଜ୍ଞ, ଶାସ୍ତ୍ରଜ୍ଞ ଓ ବିଜ୍ଞ ଆଧ୍ୟାତ୍ମିକ ଗୁରୁମାନେ କହିଛନ୍ତି।

୮୮। ପରମେଶ୍ୱରଙ୍କ ପ୍ରୀତି ପାଇଁ ପୂଜା ଓ ଅର୍ଚ୍ଚନା କରିବାହିଁ ଭକ୍ତି ପ୍ରଦର୍ଶନର ପନ୍ଥା ବୋଲି ପରାଶର[୪୫] ଓ ବ୍ୟାସ[୪୬] କହିଛନ୍ତି। ତାହା ଭକ୍ତି ଉପାସନାର ଅନ୍ୟ ଗୋଟିଏ ରୂପ।

୮୯। ଗୁରୁଙ୍କ ନିମନ୍ତେ ପାରିଜାତ ଭଳି ଫୁଲ ତଥା ଅନ୍ୟଫୁଲ ବଗିଚାରୁ ତୋଳିବେ, ଗୁରୁସ୍ଥାନର ଅଗଣାକୁ ଝାଡୁମାରି ସଫା କରିବେ, ପାଣି ଛିଞ୍ଚିବେ ଓ ଗୋବରରେ ଲିପିବେ ।

୯୦। ପ୍ରଥମେ ସକାଳେ ଗାଧୋଇବେ ଓ ପ୍ରାତଃ ମନ୍ତ୍ର ପଢ଼ିବେ। ସୁବାସିତ ଚନ୍ଦନ ବାଟିବେ ଓ ସେଥିରେ ଗୁରୁଦେବଙ୍କୁ ଚର୍ଚ୍ଚିତ କରିବେ, ପଞ୍ଚାମୃତ (ଦୁଧ, ଦହି, ଘିଅ, ମହୁ ଓ ଗୁଡ଼)ରେ ଗୁରୁଦେବଙ୍କୁ ସ୍ନାନ କରାଇବେ ଏବଂ ଧୂପ, ଦୀପ ଜଳାଇବେ।

୯୧। ଏହାପରେ ନୈବେଦ୍ୟ[୪୭] ପ୍ରଦାନ କରିବେ, ଧୂପବତୀ ଓ ଦୀପ ଦ୍ୱାରା ଆରତି କରିବେ। ଏହିଭଳି ସମସ୍ତ ସେବା ଆନ୍ତରିକ ଶ୍ରଦ୍ଧା ସହିତ କରାଯାଉଥିଲେ ତାହାକୁ ଅର୍ଚ୍ଚନା ଭକ୍ତି କୁହାଯାଏ।

୯୨। ନିଜର ମନ, ହୃଦୟ ଓ ବୁଦ୍ଧିବୃତ୍ତିକୁ ନିର୍ମଳ, ନିଷ୍ପାପ ଏବଂ ପବିତ୍ର ରଖି,କୌଣସି ଫଳପ୍ରାପ୍ତିର ଉଦ୍ଦେଶ୍ୟ ନ ରଖି ପରମେଶ୍ୱରଙ୍କର ଶକ୍ତିକୁ ନିଜ ମଧ୍ୟରେ ଆବାହନ କରନ୍ତୁ।

୯୩। ଅର୍ଚ୍ଚନା ସରିଯିବା ପରେ ସେହି ଦିବ୍ୟ ଅନୁଭୂତିକୁ ସ୍ମରଣ କରନ୍ତୁ ଓ ପୂର୍ବ ଅବସ୍ଥାକୁ[୪୮] ନିଜ ହୃଦୟ ମଧ୍ୟରେ ପୁନଃସଂସ୍ଥାନ କରନ୍ତୁ ଓ ତାହାକୁ ନିଜ ଭିତରେ ଦୃଢ଼ ଭାବରେ ସ୍ଥାପନ କରନ୍ତୁ।

୯୪। ବର୍ତ୍ତମାନ ଅନ୍ୟ ପ୍ରକାରର ଭକ୍ତି ସମ୍ପର୍କରେ ଆଲୋଚନା କରିବା। ଗାର୍ଗାଚାର୍ଯ୍ୟଙ୍କ[୪୯] ମତରେ ମନ ସମ୍ପୂର୍ଣ୍ଣ ଭାବରେ ପରମେଶ୍ୱରଙ୍କ ଗୁଣଗାନରେ ନିମଜ୍ଜିତ ଥିଲେ ତାହା ପରମେଶ୍ୱରଙ୍କ ସହିତ ଏକାତ୍ମ ହୋଇଯାଏ ଓ ତାହାହିଁ ଏକ ପ୍ରକାରର ଭକ୍ତି।

୯୫। ନିଜର ପ୍ରକୃତ ଆତ୍ମା ସମ୍ପର୍କରେ ବରାବର ସଚେତନ ରହି, ଧର୍ମ କଥା ବର୍ଣ୍ଣନା କରି ଓ ସଂଗୀତ ଗାନ କରି ନିୟମାନୁବର୍ତ୍ତୀ ଆଚରଣ ଅବଲମ୍ବନ କରିବା ଆଉ ଏକ ପ୍ରକାରର ଭକ୍ତି ବୋଲି ଶାଣ୍ଡିଲ୍ୟ[୫୦] ବର୍ଣ୍ଣନା କରିଛନ୍ତି।

୯୬। ଯେଉଁମାନେ ସେମାନଙ୍କ ପାଇଁ କ'ଣ ମଙ୍ଗଳକର ସେ ସମ୍ବନ୍ଧରେ ଜାଣିଥାନ୍ତି, ସେମାନେ ବେଦକୁ ଅନୁସରଣ କରନ୍ତି ଓ ବେଦର ନିର୍ଦ୍ଦେଶ ଅନୁଯାୟୀ ସବୁ କାର୍ଯ୍ୟ କରନ୍ତି ଏବଂ ନିଷିଦ୍ଧ ଓ ଅନୁଚିତ୍ କାର୍ଯ୍ୟରୁ ଦୂରରେ ରହନ୍ତି । ଆଉ ଯେଉଁ କାର୍ଯ୍ୟ ନିଜର ମଙ୍ଗଳରେ ବାଧକ ହୁଏ, ସେପ୍ରକାର କାର୍ଯ୍ୟ କରନ୍ତି ନାହିଁ।

୯୭। ମୁଁ କୌଣସି କାର୍ଯ୍ୟ କରେ ନାହିଁ କିମ୍ବା ତାହାର ଫଳ ଭୋଗ କରେ ନାହିଁ। ଏଭଳି ଅବସ୍ଥା ଅନୁଭବ କଲେ ତାହା ହିଁ ଅହଂଶୂନ୍ୟ କର୍ମ ଓ ପରମାତ୍ମାଙ୍କ ସହ ମିଳିତ ହେବା ନିମନ୍ତେ ତାଙ୍କର ଶରଣାଗତ କର୍ମ।

୯୮। ଏହିଭଳି ଭାବରେ ନିଜର ସମସ୍ତ କାର୍ଯ୍ୟ ସମ୍ପାଦନ କରନ୍ତୁ। ସମୟକ୍ରମେ ଏଭଳି ଏକ ସ୍ଥିତିରେ ପହଞ୍ଚିଯିବେ, ଯେତେବେଳେ ଆପଣ କୌଣସି କାର୍ଯ୍ୟର କର୍ତ୍ତା ହେବେନାହିଁ। କର୍ମକୁ ତ୍ୟାଗ କରିବା ଯଦିଓ କେବେ ସମ୍ଭବ ନୁହେଁ, ତେବେ କର୍ମର ଫଳକୁ ତ୍ୟାଗ କରି ପାରିବା ସମ୍ଭବ।

୯୯। କଣ୍ଟାକୁ କଣ୍ଟାରେ କାଢ଼ିବା ପରି କୌଣସି କାର୍ଯ୍ୟର କର୍ତ୍ତା ନହେବା ପାଇଁ ଆପଣଙ୍କୁ କର୍ମ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼ିବ। ଆତ୍ମଜ୍ଞାନ ଲାଭ ହେଲେ ଯାଇଁ କର୍ମ ଶେଷ ହେବ।

୧୦୦। କାର୍ଯ୍ୟର ଫଳ ଲାଭ ପାଇଁ ଆଦୌ ଇଚ୍ଛା ନ ରଖିବାହିଁ କାମନା ତ୍ୟାଗ କରିବାର ସର୍ବଶ୍ରେଷ୍ଠ ପନ୍ଥା । ନିଜର ଦୈନନ୍ଦିନ କାର୍ଯ୍ୟ ତଥା ବିଶେଷ ଭାବରେ ନିର୍ଦ୍ଧାରିତ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ। ଏହାହିଁ ସଦାଚାରର ନିୟମ।

୧୦୧। ନିଜର ସମସ୍ତ କାର୍ଯ୍ୟ ଈଶ୍ୱରଙ୍କୁ ଅର୍ପଣ କରିଦିଅନ୍ତୁ ଓ କ୍ଷଣିକ ପାଇଁ ଈଶ୍ୱରଙ୍କୁ ସ୍ମରଣ କରି ନ ଥିଲେ ସେଥିପାଇଁ ଦୁଃଖ ପ୍ରକାଶ କରନ୍ତୁ। ଏହାକୁ 'ନାରଦୀୟ ଭକ୍ତି' କୁହାଯାଏ। ଏହା ଅନ୍ୟାନ୍ୟ ପ୍ରକାରର ଭକ୍ତିଠାରୁ ଭିନ୍ନ।

୧୦୨। ଏହିଭଳି ଅନେକ ପ୍ରକାରର ଭକ୍ତିମାର୍ଗ ରହିଛି। ଏକୁ ଆରେକ ମହାବଳୀ। ଆମେ ଭବସାଗରର ଜଳକୁ ଆଦୌ ସ୍ପର୍ଶ ନ କରି ପାରିହେବା ପାଇଁ ହେଲେ ଗୁରୁଙ୍କର କର୍ମକୃତିକୁ ସ୍ମରଣ କରିବା ଆବଶ୍ୟକ।

୧୦୩। ଗୁରୁଙ୍କ କଥା ଶୁଣିବା ପାଇଁ ମୋ ମନରେ ଆବେଗ ସୃଷ୍ଟି ହୋଇଥିଲା ଓ ମୁଁ ସେଥିରେ ବାନ୍ଧି ହୋଇପଡ଼ିଲି। ମୁଁ ଅନୁଭବ କଲି ଯେ ମୋ ଅନୁଭୂତିରୁ ଗୁରୁଙ୍କ ବିଷୟରେ ଲେଖିବା ଠିକ୍ ହେବ।

୧୦୪ । ପରେ ମୁଁ ଯେତେବେଳେ ଥରେ ଶିରଡ଼ିରେ ଥିଲି ଓ ମସ୍‌ଜିଦ୍‌କୁ ବାବାଙ୍କ ଦର୍ଶନ ନିମିତ୍ତ ଯାଇଥିଲି, ସେଠାରେ ଦେଖିଥିଲି ଯେ ବାବା ଚକିରେ ଗହମ ପେଷୁଛନ୍ତି । ମୁଁ ଅତି ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

୧୦୫ । ମୁଁ ପ୍ରଥମେ ସେଇ କଥାଟିକୁ କହୁଛି । ମନ ସ୍ଥିର କରି ଶୁଣନ୍ତୁ । ସେହି ଗୋଟିଏ ଘଟଣାରୁ ହିଁ ମୋର 'ସତ୍‌ଚରିତ' ଲେଖିବାର ଆକାଂକ୍ଷା ଜାତ ହୋଇଥିଲା ।

୧୦୬ । 'ଈଶ୍ୱରଙ୍କ ଗୁଣ କୀର୍ତ୍ତନ କରୁଥିବା ଶ୍ଳୋକ ହିଁ ସବୁଠାରୁ ଭଲ ଶ୍ଳୋକ ।' ଶ୍ରୀସାଇଙ୍କର ଭଲ କାମଗୁଡ଼ିକର ବର୍ଣ୍ଣନା, ତାଙ୍କର ସମସ୍ତଙ୍କୁ ସର୍ବାନ୍ତଃକରଣରେ ଭଲ ପାଇବା ସମ୍ବନ୍ଧରେ ଆଳାପଆଲୋଚନା ମନକୁ ପରିଶୁଦ୍ଧ କରିବ ଓ ବୁଦ୍ଧିବୃତ୍ତି ପରିଚ୍ଛନ୍ନ ହୋଇଯିବ ।

୧୦୭ । ତାଙ୍କର ଜୀବନଚରିତ ଓ ଲୀଳା ଶ୍ରବଣ କଲେ ତ୍ରିଗୁଣ ଯାତନାଯାକ[୫୧] ଦୂର ହୋଇଯିବ ଓ ତୃପ୍ତି ଲାଭ ହେବ ।

୧୦୮ । ଯେଉଁମାନେ ତ୍ରିଗୁଣ ଯାତନାରେ ଜର୍ଜରିତ ଓ ଯେଉଁମାନେ ମୋକ୍ଷପ୍ରାପ୍ତି ନିମନ୍ତେ ଉତ୍କଣ୍ଠିତ, ସେମାନେ ତାଙ୍କର ପଦ ତଳେ ଆନନ୍ଦ ମନରେ ଆଶ୍ରୟ ନିଅନ୍ତୁ ଓ ତତ୍ପରେ ଆଧ୍ୟାତ୍ମିକ ଅନୁଭୂତି ଲାଭ କରନ୍ତୁ ।

୧୦୯ । ଏବେ ମୋ କଥା ପ୍ରତି ଧ୍ୟାନ ଦିଅନ୍ତୁ । ଚିତ୍ତାକର୍ଷକ ଘଟଣାର ବିବରଣୀ ଶୁଣନ୍ତୁ । ସେଥିରୁ ବାବାଙ୍କ ଦୟାର୍ଦ୍ର ହୃଦୟର ପରିଚୟ ପାଇ ଆପଣ ଅତ୍ୟନ୍ତ ବିସ୍ମିତ ହେବେ ।

୧୧୦ । ଦିନେ ସକାଳେ ଦାନ୍ତ ଘଷି ସାରି ମୁହଁ ହାତ ଧୋଇ ବାବା ଅଟା ପେଷିବା ପାଇଁ ପ୍ରସ୍ତୁତ ହେଲେ ।

୧୧୧ । ସେ ଗୋଟିଏ ଟୋକେଇ[୫୨] ହାତରେ ଧରି ଗହମ ବସ୍ତା ନିକଟକୁ ଗଲେ ଓ ବସ୍ତାରୁ ମାଣ ପରେ ମାଣ ଗହମ ଆଣି ଟୋକେଇରେ ପୂରାଇଲେ ।

୧୧୨ । ତାହା ପରେ ସେ ଅଖାଟିଏ ବିଛାଇଦେଲେ ଓ ଚକି ପଥରକୁ ଆଣି ତାହା ଉପରେ ରଖିଲେ । ଚକିର ବେଣ୍ଟକୁ ଶକ୍ତ ଭାବରେ ହାତୁଡ଼ିରେ ପିଟି ବସାଇଲେ ଯେପରିକି ତାହା ପେଷିବା କାର୍ଯ୍ୟ ସମୟରେ ହୁଗୁଳି ବାହାରି ପଡ଼ିବ ନାହିଁ ।

୧୧୩ । ତାଙ୍କ କଫ୍‌ନୀର[୫୩] ଝୁଲି ପଡ଼ିଥିବା ଅଂଶକୁ ଗୋଟାଇ ନେଲେ ଓ ଦୁଇ ହାତର ଅଂଶକୁ କହୁଣୀ ପର୍ଯ୍ୟନ୍ତ ମୋଡ଼ି ଦେଲେ । ଗୋଡ଼ ଲମ୍ବାଇ ଦେଇ ଚକି ପାଖରେ ବସି ପଡ଼ିଲେ ।


ଗହମ ପେଷା ଚକି

୧୧୪ । ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲି ଯେ ଯାହାଙ୍କର କିଛି ଧନ ସମ୍ପତ୍ତି ନାହିଁ କିମ୍ବା ସାଇତି ରଖିବାର ଆବଶ୍ୟକତା ନାହିଁ, ସେ କାହିଁକି ଏଭଳି କରିବା ପାଇଁ ଚିନ୍ତା କରୁଛନ୍ତି ?

୧୧୫ । ସେ ଯାହାହେଉ, ମୁଣ୍ଡ ଝୁଙ୍କେଇ, ହାତରେ ଚକି ବେଣ୍ଟ ଧରି ବାବା ନିଜ ହାତରେ ଚକିକୁ ବୁଲାଇ ବିନା ଦ୍ୱିଧାରେ ଗହମ ପେଷି ଅଟା ବାହାର କରିବାକୁ ଲାଗିଲେ । ଯେପରି ସେ କୌଣସି ଅଦୃଶ୍ୟ ଶକ୍ତିକୁ ଗୁଣ୍ଡ କରୁଛନ୍ତି, ସେହିଭଳି ମୋତେ ଲାଗୁଥିଲା ।

୧୧୬ । ମୁଁ ଅନେକ ସନ୍ଥଙ୍କୁ ଦେଖିଥିଲି । କିନ୍ତୁ ସେମାନଙ୍କ ମଧ୍ୟରେ ଅଟାପେଷା ସନ୍ଥ କେହି ନଥିଲେ ! ସେ ଗହମ ପେଷିବା ସମୟରେ ସେଥିରୁ ମିଳୁଥିବା ଆନନ୍ଦ ଓ ନୂତନତ୍ୱକୁ ସେଇ ହିଁ ଏକା ଜାଣୁଥିଲେ ।

୧୧୭ । ଦର୍ଶକମାନେ ସେଠାରେ ଭର୍ତ୍ତି ହୋଇଥିଲେ, କିନ୍ତୁ ସେ କ'ଣ କରୁଛନ୍ତି ବୋଲି ପଚାରିବାକୁ କେହି ସାହସ କରୁ ନ ଥିଲେ । ଏ ଖବର ଗାଁରେ ସାଙ୍ଗେ ସାଙ୍ଗେ ବ୍ୟାପିଯାଇଥିଲା ଓ ପୁରୁଷ ତଥା ମହିଳାମାନେ ଦୌଡ଼ି ଦୌଡ଼ି ଆସି ପହଞ୍ଚିଥିଲେ ।

୧୧୮ । ଦୌଡ଼ି ଦୌଡ଼ି ଆସିଥିବାରୁ ମହିଳାମାନେ ଥକି ପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ଚାରିଜଣ ମହିଳା ତରବର ହୋଇ ମସ୍‌ଜିଦ୍‌ର ପାହାଚ ଚଢ଼ି ଉପରକୁ ଉଠି ଯାଇଥିଲେ ଓ ବାବାଙ୍କ ହାତରୁ ଚକି ବେଣ୍ଟକୁ ଜୋରକରି ଛଡ଼ାଇ ଆଣିଥିଲେ ।

୧୧୯ । ବାବା ସେମାନଙ୍କ ଉପରେ ଭୀଷଣ ବିରକ୍ତ ହେଲେ । କିନ୍ତୁ ସେମାନେ ତତ୍‌କ୍ଷଣାତ୍ ଗହମ ପେଷିବା ଆରମ୍ଭ କରିଦେଇଥିଲେ ଓ ଗହମ ପେଷିବା ସମୟରେ ବାବାଙ୍କର ଲୀଳା ଓ ଗୁଣଗାନ କରି ଗୀତ ବୋଲିବାରେ ଲାଗିଥିଲେ ।

୧୨୦ । ମହିଳାମାନଙ୍କର ଶ୍ରଦ୍ଧା ଦେଖିବା ପରେ ବାବାଙ୍କର କ୍ରୋଧ ଥଣ୍ଡା ପଡ଼ିଯାଇଥିଲା ଓ କ୍ରୋଧ ଶ୍ରଦ୍ଧାରେ ପରିଣତ ହୋଇ ତାଙ୍କ ମୁହଁରୁ ହସ ବାହାରିଥିଲା ।

୧୨୧ । ଚାରି ସେର[୫୪] ଗହମ ପେଷାଯାଇଥିଲା ଓ ଟୋକେଇରେ ତଥାପି ଗହମ ଥିଲା। ମହିଳା ଚାରିଜଣ ମନେ ମନେ କ'ଣ ନା କ'ଣ ଭାବି ଯାଉଥିଲେ ଓ ଲଗାମଛଡ଼ା ହୋଇ ମନ ସେମାନଙ୍କର ନାଚୁଥିଲା ।

୧୨୨ । "ବାବା ତ ରୁଟି[୫୫] ତିଆରି କରନ୍ତି ନାହିଁ, ସେ ଭିକ୍ଷା ମାଗି ଚଳନ୍ତି । ଅଟା ନେଇ ସେ କ'ଣ କରିବେ ?" ବୋଲି ସେମାନେ ଭାବୁଥିଲେ।

୧୨୩। "ବାବାଙ୍କର ସ୍ତ୍ରୀ କିମ୍ବା ପିଲାଛୁଆ ନାହାନ୍ତି, ସେ'ତ ଏକୁଟିଆ ଲୋକ। ତାଙ୍କର ଘର ନାହିଁ କି ପରିବାର ନାହିଁ। ଏତେ ଗୁଡ଼ାଏ ଅଟା ତାଙ୍କର କ'ଣ ହେବ ?"

୧୨୪ । ସେମାନଙ୍କ ମଧ୍ୟରୁ ଜଣେ କହିଲେ, "ବାବା ବହୁତ ଦୟାଳୁ। ଆମ ପ୍ରତି ଶ୍ରଦ୍ଧା ଯୋଗୁଁ ସେ ଏହି ଲୀଳା ରଚନା କରିଛନ୍ତି। ଆମ୍ଭମାନଙ୍କୁ ଏବେ ସେ ସବୁତକ ଅଟା ବାଣ୍ଟିଦେବେ।"

୧୨୫ । "ଏବେ ସେ ଏହାକୁ ଚାରିଭାଗ କରିବେ ଓ ଆମ ପ୍ରତ୍ୟେକଙ୍କୁ ଗୋଟିଏ ଲେଖାଏଁ ଭାଗ ଦେବେ" – ଏହିପରି ଚିନ୍ତାରେ ସେମାନେ ମନେ ମନେ ଆକାଶ କୁସୁମ ତୋଳୁ ଥିଲେ।

୧୨୬ । ବାବାଙ୍କର ଖେଳ ଏକା ସେଇ ବାବା ହିଁ ଜାଣନ୍ତି। ତାହାର ଗଭୀରତା ଅନ୍ୟ କେହି ମାପିପାରିବ ନାହିଁ । ଏଣେ କିନ୍ତୁ ବାବାଙ୍କଠୁ ଲୁଟି ନେବାପାଇଁ ମହିଳାମାନଙ୍କର ଲୋଭ ବଢୁଥିଲା।

୧୨୭ । ଗହମପେଷା ସରିଯାଇଥିଲା ଓ ଅଟା ଖେଳାଇ ହୋଇପଡ଼ିଥିଲା। ଚକିକୁ କାନ୍ଥକୁ ଆଉଯାଇ ଦେଇ ମହିଳାମାନେ ରଖିଦେଲେ। ଅଟାକୁ ସେମାନେ ଟୋକେଇରେ ପୂରାଇଲେ- ଉଦ୍ଦେଶ୍ୟ ଥିଲା ନିଜ ନିଜ ଘରକୁ ନେଇଯିବେ।

୧୨୮ । ସେ ପର୍ଯ୍ୟନ୍ତ ବାବା ପଦେ ହେଲେ କଥା କହି ନ ଥିଲେ। ଚାରିଜଣଯାକ ମହିଳା ଯେତେବେଳେ ଅଟାକୁ ଚାରିଭାଗ କରି ବାଣ୍ଟିଲେ, ସେତେବେଳେ ଗ୍ରାମବାସୀମାନେ ବାବାଙ୍କର କଥା ଶୁଣିଥିଲେ:

୧୨୯ । "ଲୋଭରେ ତୁମେମାନେ ପାଗେଳୀ ହୋଇଯାଇଚ ! ତୁମେ କ'ଣ ଏ ଅଟା କେଉଁଠାକୁ ନେଇଯାଉଚ ? ଏହା ତୁମ ବାପାଙ୍କର ଧନ ବୋଲି ଭାବୁଚ କି? ଏବେ ଗ୍ରାମସୀମାକୁ ଯାଅ ଓ ସେଠାରେ ଏ ଅଟାକୁ ବିଞ୍ଚି ଦେଇ ଆସ !

୧୩୦। "ତୁମେ ମୂଢ଼ମତି ! ମୋତେ ଲୁଟିବାକୁ ଧାଇଁ ଆସିଚ ? ତୁମେ ମୋତେ ଗହମ କରଜରେ ଦେଇଥିଲ କି ? ଅଟା ନେଇଯିବା ପାଇଁ ଆସିଚ ?"

୧୩୧ । ମହିଳାମାନେ ଲଜ୍ଜାରେ ଭାଙ୍ଗି ପଡ଼ିଥିଲେ ଓ ଗୁଡ଼ାଏ ସମୟ ବିଚଳିତ ହୋଇ ରହିଯାଇଥିଲେ । ସେମାନଙ୍କର ଲୋଭ ପାଇଁ ଅପମାନିତ ବୋଧ କରିଥିଲେ। ନିଜ ନିଜ ଭିତରେ ଚୁପ୍‌ଚାପ୍ କଥାବାର୍ତ୍ତା ହୋଇ ଗ୍ରାମସୀମାକୁ ସତ୍ୱରେ ଚାଲି ଯାଇଥିଲେ।

୧୩୨ । ବାବାଙ୍କର ମତଲବ କେହି ବୁଝି ପାରି ନ ଥିଲେ। କାରଣ ଆରମ୍ଭରୁ କ'ଣ ହେବାକୁ ଯାଉଛି, ତାହା କେହି ଧରି ପାରି ନ ଥିଲେ। ଧୈର୍ଯ୍ୟଧରି ଅପେକ୍ଷା କରିବା ପରେ ସବୁକଥା ଜଣାପଡ଼ିଥିଲା। ବାବାଙ୍କର ମହିମା ପଦାକୁ ଆସିଥିଲା।

୧୩୩। ପରେ ମୁଁ ଲୋକମାନଙ୍କୁ ବାବା ଏପରି କରିବାର କାରଣ କ'ଣ ବୋଲି ପଚାରିଥିଲି। ଲୋକେ କହିଥିଲେ ଯେ ଏହି ଉପାୟରେ ସେ ହଇଜା ବ୍ୟାପିବାର ଆଶଙ୍କାକୁ ଘଉଡ଼ାଇ ଦେଇଥିଲେ।

୧୩୪। ବାବା ଗହମ ନୁହେଁ, ହଇଜାକୁ ହିଁ ଚକି ଦ୍ୱାରା ପେଷିଥିଲେ ଓ ଅଟାକୁ ନେଇ ଗ୍ରାମସୀମା ବାହାରେ ମୁଠା ମୁଠା କରି ଫିଙ୍ଗି ଦେବାକୁ କହିଥିଲେ।

୧୩୫ । ଅଟାକୁ ଝରଣା କୂଳରେ ଫିଙ୍ଗି ଦିଆଯାଇଥିଲା। ସେହି ସମୟଠାରୁ ହଇଜାର ପ୍ରକୋପ କମି ଯାଇଥିଲା। ଖୁବ୍‌ଶୀଘ୍ର ଖରାପ ସମୟ ଚାଲି ଯାଇଥିଲା। ଏହା ହିଁ ଥିଲା ବାବାଙ୍କର ବିଶେଷତ୍ୱ।

୧୩୬। ଗ୍ରାମରେ ହଇଜା ମହାମାରୀ ଭାବରେ ବ୍ୟାପି ଯାଇଥିବାରୁ ଶ୍ରୀସାଇନାଥ ଏଭଳି ଉପଚାର କରିଥିଲେ। ରୋଗ ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଯାଇଥିଲା ଓ ଗ୍ରାମରେ ଶାନ୍ତି ବିରାଜିଥିଲା।

୧୩୭ । ମୁଁ ଏହି ଚକିରେ ଗହମ ପେଷିବାର ଅପୂର୍ବ ଦୃଶ୍ୟ ଦେଖି ଚମକି ପଡ଼ିଥିଲି । ହଇଜା ବ୍ୟାପିବାର କାରଣ ସହିତ ଅଟା ପେଷିବା କାର୍ଯ୍ୟର ସମ୍ପର୍କ କ'ଣ ? ଏଥିରୁ କେମିତି ପ୍ରମାଣ ମିଳିବ ?

୧୩୮ । ଗହମ ସହିତ ରୋଗର ସମ୍ପର୍କ ବା କ'ଣ ? ଏଭଳି ଅଚିନ୍ତନୀୟ ଘଟଣା ସ୍ୱଚକ୍ଷୁରେ ଦେଖିବା ପରେହିଁ ମୁଁ ଏହି କାବ୍ୟ ଲେଖିବା ପାଇଁ ଚିନ୍ତା କଲି ।

୧୩୯ । ସମୁଦ୍ରର ଲହଡ଼ି ଭଳି ମୋ ହୃଦୟ ଭିତରେ ପ୍ରେମର ଉଦ୍‌ବେଳନ ହେଲା ଓ ମୁଁ ବାବାଙ୍କର ସୁମଧୁର କାହାଣୀକୁ ମନ ପୂରେଇ ଗାନ କରିବା ଭଳି ଅନୁଭବ କଲି ।


ଗୋବିନ୍ଦ ଆର୍. ଦାଭୋଲକର ଓରଫ ହେମାଡ଼ପନ୍ତ

୧୪୦ । ହେମାଡ଼ ଶ୍ରୀସାଇନାଥଙ୍କ ଶରଣ ନେଉଛି । ମଙ୍ଗଳ ଆବାହନ ଏଇଠାରେ ସମାପ୍ତ ହେଉଛି । ଆତ୍ମୀୟସ୍ୱଜନ, ବନ୍ଧୁବର୍ଗ ଓ ସନ୍ଥମାନଙ୍କୁ ପ୍ରଣାମ କରୁଛି । ସଦ୍‌ଗୁରୁଙ୍କୁ ସବୁ ସମୟରେ ପ୍ରଣାମ କରୁଛି ।

୧୪୧ । ପରବର୍ତ୍ତୀ ଅଧ୍ୟାୟରେ ଏହି କାବ୍ୟ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ କହିବି । ଯଥାସମ୍ଭବ ମୋର ଦକ୍ଷତା ଅନୁଯାୟୀ ଏହି ରଚନାର ପାରଙ୍ଗମତା ଓ ପ୍ରତିବଦ୍ଧତା ପ୍ରତି ଏକ ଅନ୍ତଃଦୃଷ୍ଟି ପ୍ରଦାନ କରିବି । ଶ୍ରୋତାଗଣ ମନଧ୍ୟାନ ଦେଇ ଏହା ଶୁଣନ୍ତୁ ।

୧୪୨ । ଶ୍ରୋତାଗଣ ଓ ଲେଖକ ଏହି 'ଶ୍ରୀସାଇ ସତ୍‌ଚରିତ' ଦ୍ୱାରା ଉପକୃତ ହେବେ । ଏହି ଗ୍ରନ୍ଥର ଲେଖକ ହେମାଡ଼ପନ୍ତ କିଏ, ତାହା ପରେ ଜଣାପଡ଼ିବ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଆବାହନ" ଶୀର୍ଷକ ପ୍ରଥମ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ନିଜର ପ୍ରିୟ ଦେବାଦେବୀ ।

୨- ବିବିଧ ଛଅ ବେଦ (ଚାରି ବେଦ ସହିତ ହଜି ଯାଇଥିବା ଦୁଇ ବେଦ), ଆଚରଣ ସଂହିତା, ପୁରାଣ, ମୀମାଂସା, ଭାଷ୍ୟ ଇତ୍ୟାଦି ।

୩- ସପ୍ତଲୋକ,ଅର୍ଥାତ୍ ଭୂଲୋକ(ପୃଥିବୀ), ଭୁବଲୋକ (ସୂର୍ଯ୍ୟ ଓ ପୃଥିବୀ ମଧ୍ୟସ୍ଥ ସ୍ଥାନ), ସ୍ୱଲୋକ (ସୂର୍ଯ୍ୟ ଓ ଧ୍ରୁବତାରା ମଧ୍ୟସ୍ଥ ସ୍ଥାନ), ମହଲୋକ (ସୂର୍ଯ୍ୟ ଓ ନକ୍ଷତ୍ରମାନଙ୍କ କ୍ଷେତ୍ର), ତପଲୋକ (ତପସ୍ୱୀମାନଙ୍କ ସ୍ୱର୍ଗ), ଜନଲୋକ (ବ୍ରହ୍ମାପୁତ୍ରମାନଙ୍କର ବାସସ୍ଥାନ), ସତ୍ୟଲୋକ (ବ୍ରହ୍ମା ଓ ଋଷିମାନଙ୍କର ସ୍ୱର୍ଗ) ଏବଂ ସପ୍ତ ପାତାଳ, ଅର୍ଥାତ୍ ଅତଳ, ବିତଳ, ଭୂତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ ।

୪- ଶରୀରର ଅଷ୍ଟ ଅଂଗ ଭୂମି ସ୍ପର୍ଶ କରିବା,ଅର୍ଥାତ୍ ସମ୍ପୂର୍ଣ୍ଣ ସମର୍ପଣ ।

୫- ରିଦ୍ଧି ଓ ସିଦ୍ଧି -ଗଣେଶଙ୍କର ଦୁଇ ସହଚରୀ ମାନସିକ ଓ ଆଧ୍ୟାତ୍ମିକ ଶକ୍ତି ଦେଇଥାନ୍ତି ।

୬- ଶିବଙ୍କର ପତ୍ନୀ ପାର୍ବତୀ ।

୭- ପର୍ଶୁରାମ ବିଷ୍ଣୁଙ୍କର ଏକ ଅବତାର ଓ ମହାଯୋଦ୍ଧା ଥିଲେ । କ୍ଷତ୍ରିୟ ସଂହାର ପାଇଁ କୁଠାର ଧରିଥିଲେ ।

୮- ସରସ୍ୱତୀଙ୍କର ବାହନ ।

୯- ଭାରତୀୟ ବାଦ୍ୟଯନ୍ତ୍ର ।

୧୦-ଉତ୍ତମ, ମଧ୍ୟମ, ଅଧମ ବସ୍ତୁ ଓ ପ୍ରକୃତିର ତିନିଗୁଣ ।

୧୧-ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।

୧୨-ଆଦି ବିଷ୍ଣୁ ।

୧୩-ପର୍ଶୁରାମ ସୌରାଷ୍ଟ୍ରର ଭେରାବଲରୁ କନ୍ୟାକୁମାରୀ ଦିଗକୁ କୁଠାର ଫିଙ୍ଗି ଥିଲେ । ସେହି ଅଂଚଳ କୋଙ୍କଣ ବ୍ରାହ୍ମଣମାନଙ୍କର ବୋଲି ଦାବୀ କରିଥିଲେ ।

୧୪-ବଂଶର ଧାରା ।

୧୫- ଶୁକ୍ଳ ଯଜୁର୍ବେଦର ଲେଖକ, ସୀତାଙ୍କର ପାଳକ ପିତା ଜନକ ରାଜାଙ୍କ ଗୁରୁ ।

୧୬-'ମନୁ'ଙ୍କର ପୁତ୍ର - ମାନବ ଜାତିର ସପ୍ତଗୋତ୍ର ମଧ୍ୟରୁ 'ଭାର୍ଗବ' ଗୋତ୍ର ଅନ୍ୟତମ ।

୧୭-ବିଷ୍ଣୁ ପୁରାଣର ବର୍ଣ୍ଣନାକାର ।

୧୮-ବ୍ରହ୍ମାଙ୍କ ପୁତ୍ର ।

୧୯- ବ୍ରହ୍ମାଙ୍କର ଚାରି ମାନସପୁତ୍ର ।

୨୦-ବିଖ୍ୟାତ ଋଷି ଯିଏ ମୂଳତଃ କ୍ଷତ୍ରିୟ ଥିଲେ ଓ ରାମଙ୍କର ଯୁବାବସ୍ଥାରେ ତାଙ୍କର ପରାମର୍ଶଦାତା ଥିଲେ ।

୨୧-ପ୍ରାଚୀନ ଯୁଗର ସପ୍ତ ମହାଋଷି ମଧ୍ୟରେ ଅନ୍ୟତମ । ସୂର୍ଯ୍ୟ ବଂଶର କୁଳଗୁରୁ, ରାମଙ୍କର ମଧ୍ୟ ଗୁରୁ ।

୨୨-ରାମାୟଣ ରଚୟିତା ।

୨୩-ବ୍ରହ୍ମଜ୍ଞାନ ମା' ପେଟରୁ ଲାଭ କରିଥିଲେ ।

୨୪-'ମୀମାଂସା' ଦର୍ଶନର ପ୍ରବର୍ତ୍ତକ ।

୨୫-ଋଗ୍‌ବେଦର ଲେଖକ । ଯାଜ୍ଞବଲ୍କଙ୍କ ମାମୁଁ ।

୨୬-ନଅଯୋଗୀ ବା ନବନାଥ- ମଛିନ୍ଦ୍ର, ଗୋରଖ, ଜଳନ୍ଧର, କନିଫ, ଚରପଟି, ନାଗେଶ, ଭରତ, ରେବଣା ଓ ଗାହିନି ।

୨୭-ନବନାଥପନ୍ଥୀ, ଜ୍ଞାନେଶ୍ୱରଙ୍କ ବଡ଼ଭାଇ ଓ ଗୁରୁ।

୨୮- ଆଳନ୍ଦୀରେ ୧୩ଶ ଶତାବ୍ଦୀରେ ଜନ୍ମ। ଜ୍ଞାନେଶ୍ୱରୀ ଗୀତା ଓ ଅଭଙ୍ଗର ରଚୟିତା। ୨୧ ବର୍ଷ ବୟସରେ ଆଳନ୍ଦୀଠାରେ ସମାଧିସ୍ଥ ଲାଭ ।

୨୯-ଜ୍ଞାନେଶ୍ୱରଙ୍କ ଭଉଣୀ ଓ ମହାନ ସନ୍ଥ।

୩୦-ଜ୍ଞାନେଶ୍ୱରଙ୍କ ସାନ ଭାଇ।

୩୧-ପଇଠାଣରେ ଜନ୍ମ ୧୬ଶ ଶତାବ୍ଦୀରେ। ଅଭଙ୍ଗର ରଚୟିତା, ଦତ୍ତା ଗୁରୁ ତାଙ୍କୁ ଦର୍ଶନ ଦେଇଥିଲେ।

୩୨-ପାଣ୍ଡୁରଙ୍ଗାଙ୍କର ପରମ ଭକ୍ତ। 'ଦେହୁ'ରେ ସବୁବେଳେ ରହୁଥିଲେ କିନ୍ତୁ 'ଆଳନ୍ଦୀ'ରେ ଲେଖାଲେଖି କରୁଥିଲେ।

୩୩-ପଣ୍ଢରପୁରର ନାରୀ ଭକ୍ତ।

୩୪-ପଣ୍ଢରପୁରର ସୁନାରି ବଣିଆଁ ଓ ଶଙ୍କରଙ୍କ ଭକ୍ତ । ପଣ୍ଢରପୁରର ବିଠଲ ନରହରିଙ୍କ ନିମନ୍ତେ ମୁଣ୍ଡରେ ଶିବଲିଙ୍ଗ ଧାରଣ କରିଥିଲେ।

୩୫-ଜମ୍ବୁ, କୁଶ, ପ୍ଲକ୍ଷ, ଶାଲ୍ମଳୀ, କ୍ରୌଞ୍ଚ, ଶକ ଓ ପୁଷ୍କର।

୩୬-ଇଳାବର୍ତ୍ତ, ଭ୍ରସ୍ୱ, ହରିବର୍ଷ, କିଂପୁରୁଷବର୍ଗ, କେତୁମାଳା, ରମ୍ୟକ, ଭାରତବର୍ଷ, ହିରଣ୍ୟ ଓ ଉତ୍ତରକୁରୁ।

୩୭- ତିନି ନମ୍ବର ଟିପା ଦେଖନ୍ତୁ।

୩୮-ପ୍ରାଣ, ଅପାନ, ସମାନ, ଉଦାନ ଓ ବ୍ୟାନ ହେଲେ ପଞ୍ଚପ୍ରାଣ।

୩୯-ଆକ୍ଷରିକ ଭାବରେ ଆରତି ଭଳି ମୋର ପଞ୍ଚପ୍ରାଣ ଅର୍ପଣ।

୪୦-ସମ୍ପୂର୍ଣ୍ଣ ସମର୍ପଣ।

୪୧-ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତି।

୪୨-ପରମ ସତ୍ତା ଓ ଦିବ୍ୟଶକ୍ତି।

୪୩-ପରମାତ୍ମା ଓ ମାୟା।

୪୪-ଦିବ୍ୟ ଖେଳ।

୪୫-ବ୍ୟାସଙ୍କର ପିତା।

୪୬-ବେଦର ସଂକଳକ।

୪୭-ଖାଦ୍ୟ ଅର୍ପଣ (ଦୁଗ୍ଧ, ମଧୁ, ଫଳ ଇତ୍ୟାଦି)।

୪୮-ବିଶୁଦ୍ଧ ଓ ନିଷ୍ପାପ ଅବସ୍ଥା।

୪୯-ବିଜ୍ଞାନ ଓ ଜ୍ୟୋତିଷଶାସ୍ତ୍ରର ପ୍ରଣେତା।

୫୦-ଆଇନ ପୁସ୍ତକ ପ୍ରଣେତା।

୫୧-ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ଯାତନା।

୫୨-ଶସ୍ୟ ନେବା ଆଣିବା ପାଇଁ ବ୍ୟବହୃତ ପାତ୍ର।

୫୩-ଲମ୍ବା କୁର୍ତ୍ତା।

୫୪-ଓଜନର ଏକ ପରିମାପକ ଯାହା କିଲୋଗ୍ରାମ ପୂର୍ବରୁ ପ୍ରଚଳିତ ଥିଲା।

୫୫-ଅଟା ବା ମଇଦାରୁ ତିଆରି ଗୋଲାକାର ଓ ପତଳା ଚପାତି।

କାର୍ଯ୍ୟର ଫଳ ଲାଭ ପାଇଁ ଆଦୌ ଇଚ୍ଛା ନ ରଖିବା ହିଁ କାମନା ତ୍ୟାଗ କରିବାର ସର୍ବଶ୍ରେଷ୍ଠ ପନ୍ଥା । ନିଜର ଦୈନନ୍ଦିନ କାର୍ଯ୍ୟ ତଥା ବିଶେଷ ଭାବରେ ନିର୍ଦ୍ଧାରିତ କର୍ତ୍ତବ୍ୟ କରନ୍ତୁ। ଏହା ହିଁ ସଦାଚାରର ନିୟମ।
(୧ମ ଅଧ୍ୟାୟ, ପଂକ୍ତି-୧୦୦)



ହଇଜା ଦୂର କରିବା ପାଇଁ ବାବା ଗହମ ପେଷୁଛନ୍ତି ।

ଗହମ ସହିତ ରୋଗର ସମ୍ପର୍କ ବା କ'ଣ ? ଏଭଳି ଅଚିନ୍ତନୀୟ ଘଟଣା ସ୍ୱଚକ୍ଷୁରେ ଦେଖିବା ପରେହିଁ ହେମାଡ଼ପନ୍ତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ' ଲେଖିବା ପାଇଁ ଚିନ୍ତା କଲେ । (୧ମ ଅଧ୍ୟାୟ, ପଂକ୍ତି-୧୩୮)

|| ୨ ||

ନାମକରଣ ଅନୁଷ୍ଠାନର ସ୍ମୃତି ବର୍ଣ୍ଣନାର ଉଦ୍ଦେଶ୍ୟ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ଦେବାଦେବୀ, ପରିବାରର ବୟସ୍କମାନଙ୍କୁ ଓ ଗୁରୁଙ୍କୁ ପ୍ରଣାମ ଜଣାଇ ଆବାହନ କରାଯାଇଥିଲା । ଶ୍ରୀସାଇ ସତ୍‌ଚରିତର ଅଙ୍କୁର ରୋପଣ କରିସାରି ଏବେ ଏହି କାର୍ଯ୍ୟର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିବା ।

୨ । ଲେଖକର ଯୋଗ୍ୟତା ଓ ପ୍ରତିଜ୍ଞା ସମ୍ବନ୍ଧରେ ଅତି ସଂକ୍ଷେପରେ ଏବେ ସ୍ପଷ୍ଟଭାବରେ ଉଲ୍ଲେଖ କରାଯିବ । ଏହା ଫଳରେ ଶ୍ରୋତାମାନେ ଅନାୟାସରେ ଏହି ଗ୍ରନ୍ଥ ପ୍ରତି ଗଭୀର ଅନ୍ତଃଦୃଷ୍ଟି ପକାଇ ପାରିବେ ।

୩ । ପ୍ରଥମ ଅଧ୍ୟାୟରେ ଗହମ ପେଷିବା ଓ ଗ୍ରାମବାସୀଙ୍କୁ ଅତ୍ୟନ୍ତ ବିସ୍ମିତ କରାଇ ହଇଜାକୁ ଘଉଡ଼ାଇ ଦେବା ବିଷୟ ବର୍ଣ୍ଣନା କରାଯାଇଥିଲା ।

୪ । ଶ୍ରୀସାଇଙ୍କର ଏହିଭଳି ଅନେକ ଅଦ୍ଭୁତ ଲୀଳା ଶୁଣି ମୋତେ ଆନନ୍ଦ ଲାଗିଥିଲା । ସେହି ଆନନ୍ଦ ମୋ ମଧ୍ୟରେ ବିସ୍ଫୋରିତ ହୋଇ ପ୍ରେମର ବନ୍ୟା ବୁହାଇଦେଲା ଓ କାବ୍ୟ ରଚନା ଆକାରରେ ଏହି ରୂପ ନେଲା ।

୫ । ଏଣୁ ମୁଁ ଶ୍ରୀସାଇଙ୍କୁ କୃତଜ୍ଞତା ଜଣାଉଛି । ମୁଁ ମୋର ଯଥାସାଧ୍ୟ ଦକ୍ଷତା ଅନୁଯାୟୀ ଅନୁଭୂତିଗୁଡ଼ିକୁ ମନେ ପକାଇ ଲେଖିବାକୁ ଭାବିଛି । କାରଣ ଏହାର ପଠନ-ପାଠନ ଭକ୍ତମାନଙ୍କ ପାଇଁ ଶିକ୍ଷାପ୍ରଦ ହେବ ଓ ସେମାନଙ୍କର ପାପ ମଧ୍ୟ କ୍ଷୟ କରିବ ।

୬ । ସେହି ଉଦ୍ଦେଶ୍ୟରେ ଭକ୍ତି ଓ ଶ୍ରଦ୍ଧା ସହକାରେ ମୁଁ ଶ୍ରୀସାଇଙ୍କର ଏହି ଜୀବନ କାହାଣୀଗୁଡ଼ିକୁ କ୍ରମାନ୍ୱୟେ ଲେଖି ବସିଛି । ଏହା ଇହଜଗତରେ ଓ ପରଜଗତରେ ମଧ୍ୟ ମୋତେ ଆନନ୍ଦ ପ୍ରଦାନ କରିବ ।

୭ । ସନ୍ଥଙ୍କର ଜୀବନୀ ସତ୍‌ପଥ ଦେଖାଇଥାଏ । ଏହା ଯୁକ୍ତିତର୍କ କିମ୍ବା ବିଧିବିଧାନ ଉପରେ ପର୍ଯ୍ୟବସିତ ଏକ ନିବନ୍ଧ ନୁହେଁ । ସନ୍ଥଙ୍କର ଆଶୀର୍ବାଦ ଯିଏ ଲାଭ କରିଛି, ତା'ପାଇଁ ଏ ଦୁନିଆରେ କେବେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

୮ । ସୁତରାଂ ଶ୍ରୋତାମାନଙ୍କୁ ଏହି ଆନନ୍ଦରେ ଭାଗ ନେବା ପାଇଁ ପ୍ରାର୍ଥନା କରୁଛି । ଯେଉଁ ବ୍ୟକ୍ତି ସତ୍‌ସଙ୍ଗରେ ରହିଛି ଓ ସନ୍ଥମାନଙ୍କ ଜୀବନର କାହାଣୀଗୁଡ଼ିକୁ ଭକ୍ତି ଭାବରେ ସଯତ୍ନ ଅନୁଶୀଳନ କରିବାରେ ନିୟୋଜିତ ହୋଇଛି, ସେ ବହୁତ ଭାଗ୍ୟବାନ ହୋଇଥାଏ ଓ ଆଶୀର୍ବାଦପ୍ରାପ୍ତ ହୁଏ ।

୯ । ମୁଁ ଯେଉଁ ଅନ୍ତରଙ୍ଗ ବନ୍ଧୁଙ୍କ ସହିତ ବହୁତ ଦିନରୁ ଦିନରାତି ସଂପୃକ୍ତ ରହିଛି, ତାଙ୍କର ଜୀବନୀ ଯେତେବେଳେ ଲେଖିପାରୁନାହିଁ ସେତେବେଳେ ମୁଁ ଜଣେ ସନ୍ଥଙ୍କ ଜୀବନୀ କିପରି ଲେଖିପାରିବି ?

୧୦ । ମୁଁ ମୋ ନିଜର ସ୍ୱଭାବକୁ ଯେତେବେଳେ ଭଲ

ଭାବରେ ଜାଣିପାରୁନାହିଁ, ସେତେବେଳେ ମୁଁ ଜଣେ ସନ୍ଥଙ୍କର ଭାବନାକୁ ନିର୍ଭୁଲ ଭାବରେ କିପରି ବର୍ଣ୍ଣନା କରିପାରିବି ?

୧୧ । ଆତ୍ମାର ପ୍ରକୃତି ବର୍ଣ୍ଣନା କରିବାରେ ଚାରିବେଦ ନିରବ ରହିଥିବା ବେଳେ ହେ ସାଇ, ମୁଁ କିପରି ଆପଣଙ୍କର ପ୍ରକୃତ ସ୍ୱଭାବକୁ ବୁଝି ପାରିବି ?

୧୨ । ଜଣେ ସନ୍ଥ ହେବା ପରେ ହିଁ ଯାଇ ଅନ୍ୟ ସନ୍ଥମାନଙ୍କୁ ପ୍ରକୃତରେ ବୁଝିବା ପାଇଁ ଚେଷ୍ଟା କରିବା ଉଚିତ୍ । ଏଣୁ ମୁଁ ସନ୍ଥମାନଙ୍କ ବିଷୟରେ ବର୍ଣ୍ଣନା କରିବା କ୍ଷେତ୍ରରେ ମୋର ସୀମିତ କ୍ଷମତା ସମ୍ପର୍କରେ ଆଗରୁ ଅବଗତ ଅଛି ।

୧୩ । ସାତ ସମୁଦ୍ରର[୧] ପାଣିକୁ ମପାଯାଇପାରିବ, ଆକାଶକୁ ଆଚ୍ଛାଦିତ କରି ଦିଆଯାଇ ପାରିବ, କିନ୍ତୁ କୌଣସି ଆଇନାରେ ସନ୍ଥଙ୍କର ପ୍ରତିଫଳନ ହୋଇପାରିବ ନାହିଁ ।

୧୪ । ମୁଁ ନିଜେ ଜଣେ ନଗଣ୍ୟ ବ୍ୟକ୍ତି ବୋଲି ଜାଣିଛି, କିନ୍ତୁ ଯେତେବେଳେ ବାବାଙ୍କର ଅସୀମ ଶକ୍ତି ସମ୍ପର୍କରେ ହୃଦୟଙ୍ଗମ କରୁଛି, ସେତେବେଳେ ସଂଗୀତର ଭାବପୂର୍ଣ୍ଣ ମୂର୍ଚ୍ଛନା ଅନିୟନ୍ତ୍ରିତ ଭାବରେ ଉଚ୍ଛୁଳି ଉଠୁଛି ।

୧୫ । ଆହେ ସାଇନାଥ ! ଆପଣ ଦୁର୍ବଳ ଓ ଅସହାୟର ଆଶ୍ରୟ ! ଆପଣଙ୍କର ପ୍ରେମ ଅସୀମ ଓ ଅବର୍ଣ୍ଣନୀୟ । ଆପଣ ଏହି ଦାସ ପ୍ରତି କୃପା କରନ୍ତୁ ।

୧୬ । ସୀମିତ କ୍ଷମତା ନେଇ ମୁଁ ଏହି ବିବରଣୀ ଲେଖାକାର୍ଯ୍ୟ ହାତକୁ ନେଉଛି । ମୋତେ ହାସ୍ୟାସ୍ପଦ ହେବାକୁ ଦିଅନ୍ତୁ ନାହିଁ ।

୧୭ । ମହାରାଜ ଜ୍ଞାନେଶ୍ୱର କହିଛନ୍ତି ଯେ ସନ୍ଥମାନଙ୍କର ଜୀବନୀ ଲେଖୁଥିବା ବ୍ୟକ୍ତି ଈଶ୍ୱରଙ୍କର ଆଶୀର୍ବାଦ ପାଇଥାନ୍ତି । ମୁଁ ତେବେ ଭୟ କରିବି କାହିଁକି ?

୧୮ । ମୁଁ ମୂଢ଼ ଓ ନିର୍ବୋଧ ହୋଇଥିବା ସତ୍ତ୍ୱେ ଲେଖିବାର ଏହି ପ୍ରେରଣା ସ୍ୱୟଂ ଈଶ୍ୱର ହିଁ ଜାଗରିତ କରିଛନ୍ତି । ତାଙ୍କ ନିଜର ଏହି କାର୍ଯ୍ୟ କିପରି ଭଲଭାବରେ ସମ୍ପୂର୍ଣ୍ଣ ହେବ, ସେ ଦେଖିବେ ।

୧୯ । ସନ୍ଥଙ୍କର ଯେ କୌଣସି ସେବା କରିବା ପାଇଁ ଭକ୍ତ ଚିନ୍ତା କରିଥାଉନା କାହିଁକି, ସନ୍ଥ ନିଜେ ହିଁ ତାହା ଭକ୍ତଦ୍ୱାରା କରାଇନେଇଥାନ୍ତି । ଭକ୍ତ କେବଳ ନିମିତ୍ତ ମାତ୍ର । ଯନ୍ତ୍ରବତ୍ କାର୍ଯ୍ୟକରେ । ପ୍ରକୃତ ପ୍ରେରଣା ସନ୍ଥଙ୍କ ନିକଟରୁହିଁ ଆସିଥାଏ ।

୨୦ । ମୂଳତଃ ମୋ ଭଳି ଜଣେ ଅଜ୍ଞ ବ୍ୟକ୍ତି ଦ୍ୱାରା ଶ୍ରୀସାଇ ନିଜେ ତାଙ୍କର ଜୀବନଚରିତ ଲେଖାଇ ନେଉଛନ୍ତି । ଏହାହିଁ ଏହି ଗ୍ରନ୍ଥର ମହତ୍ତ୍ୱ, ଯାହା ଭକ୍ତି ଓ ସମ୍ମାନ ଉଦ୍ରେକ କରିଥାଏ ।

୨୧ । ମୁନି, ଋଷି, ସାଧୁସନ୍ଥ କିମ୍ବା ସ୍ୱୟଂ ଈଶ୍ୱର ନିଜ ନିଜର ଚରିତ ସେମାନଙ୍କର ମନୋନୀତ କୌଣସି ବ୍ୟକ୍ତିଙ୍କୁ କରୁଣା ପ୍ରଦାନ କରି ତାଙ୍କ ଦ୍ୱାରା ଲେଖାଇ ନେଇଥାନ୍ତି ।

୨୨ । ସତରଶହ[୨] ଶକାବ୍ଦରେ ଠିକ୍ ଯେପରି ମହୀପତି ନାମକ ଜଣେ କବିଙ୍କୁ ସନ୍ଥମାନେ ସେମାନଙ୍କ ସେବା କରିବାର ପ୍ରେରଣା ଦେଇ ସେମାନଙ୍କର ଜୀବନଚରିତ ତାଙ୍କ ଦ୍ୱାରା ଲେଖାଇ ନେଇଥିଲେ ।

୨୩ । ସେହିଭଳି ଅଠରଶହ[୩] ଶକାବ୍ଦରେ ଦାସଗଣୁଙ୍କର ସେବା ସନ୍ଥମାନେ ନେବା ପାଇଁ ଚାହିଁଥିଲେ ଓ ତାଙ୍କ ଦ୍ୱାରା ନିମ୍ନଲିଖିତ ଜୀବନୀଗୁଡ଼ିକୁ ଲେଖାଇ ନେଇଥିଲେ, ଯାହା ପ୍ରତ୍ୟେକଙ୍କୁ ପୂତ ପବିତ୍ର କରୁଅଛି ।

୨୪ । ମହୀପତି[୪] 'ଭକ୍ତ ବିଜୟ', 'ସନ୍ଥ ବିଜୟ', 'ଭକ୍ତ ଲୀଳାମୃତ' ଓ 'ସନ୍ଥଲୀଳାମୃତ' ଭଳି ଚାରିଗୋଟି କାବ୍ୟ ଲେଖିଥିବା ବେଳେ ଦାସଗଣୁ ଦୁଇଟି ଲେଖିଛନ୍ତି ।

୨୫ । ସେଇ କାବ୍ୟ ଦୁଇଟି ହେଲା 'ଭକ୍ତଲୀଳାମୃତ' ଓ 'ସନ୍ଥକଥାମୃତ' । ଏହି ଉଭୟ କାବ୍ୟରେ ସେ ଆଧୁନିକ ଯୁଗର ଭକ୍ତ ଓ ସନ୍ଥମାନଙ୍କ ବିଷୟରେ ପାଇଥିବା ତଥ୍ୟାବଳୀ ଉଲ୍ଲେଖ କରିଛନ୍ତି ।

୨୬ । ଶ୍ରୀସାଇଙ୍କର ଅମୃତୋପମ ଚରିତ 'ଭକ୍ତଲୀଳାମୃତ'ର ତିନୋଟି ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ପାଠକେ ସେଥିରୁ ତାହା ପଢ଼ିବା ଦରକାର ।

୨୭ । ସେହିଭଳି 'ସନ୍ଥକଥାମୃତ'ର ୫୭ତମ ଅଧ୍ୟାୟରେ ସାଇବାବା ଜଣେ ଭକ୍ତଙ୍କୁ କହିଥିବା ଶିକ୍ଷଣୀୟ ନୀତିକଥା ମଧ୍ୟ ଭକ୍ତମାନେ ପଢ଼ିବା ଉଚିତ ।

୨୮ । ଏହା ବ୍ୟତୀତ ରଘୁନାଥ ଓ ସାବିତ୍ରୀବାଇ ତେଣ୍ଡୁଲକରଙ୍କ ରଚିତ "ଭଜନମାଳା"ରେ ସେମାନଙ୍କର ଅନୁଭୂତିରୁ ପାଠକେ ସାଇଲୀଳା ଅଧ୍ୟୟନ କରି ପାରିବେ । ମୁଁ ଆପଣମାନଙ୍କୁ କହିଦେଇପାରେ ଯେ, ସେଇ ଅଭଙ୍ଗ ଓ ପଦ[୫]ଗୁଡ଼ିକୁ ବୋଲିଲେ ନିଶ୍ଚୟ ଶାନ୍ତି ମିଳିବ ।


ସାବିତ୍ରୀ ବାଇ
ଆର୍ ତେଣ୍ଡୁଲକର

୨୯ । 'ଭଜନମାଳା'ରେ ବାବାଙ୍କର ଜଣେ ସନ୍ତାନସମ ଭକ୍ତ ହରି ସୀତାରାମ ଦୀକ୍ଷିତ ଶ୍ରୀସାଇଙ୍କ ଜୀବନର ଅମୃତୋପମ ଚରିତ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ମୁଖବନ୍ଧରେ ଲେଖିଛନ୍ତି । ଏହା ତୃଷାର୍ତ୍ତ ଚକୋର[୬] ପକ୍ଷୀ ନିମିତ୍ତ ଜଳକଣାଭରା ବାଦଲ ଭଳି ହୋଇଛି । ଶ୍ରୋତାଗଣ ଏହାକୁ ସମ୍ଭ୍ରମରେ ଗ୍ରହଣ କରିବା ଉଚିତ୍ ।

୩୦ । ଦାସଗଣୁଙ୍କ ବିବିଧ କବିତାବଳୀ ମଧ୍ୟ ଅନୁଭୂତିରେ ଭରା । ସେଥିରୁ ବାବାଙ୍କର ଲୀଳାଗୁଡ଼ିକୁ ପାଠକଲେ ତାହା ପାଠକ ଓ ଶ୍ରୋତାମାନଙ୍କର ହୃଦୟକୁ ଆହ୍ଲାଦିତ କରିବ ।

୩୧ । ସେହିପରି ଗୁଜୁରାଟୀ ଭକ୍ତମାନଙ୍କ ପାଇଁ ଜନୈକ ଭକ୍ତ ଅମୀଦାସ ଭବାନୀଦାସ ମେହେଟ୍ଟା ଅତି ଶ୍ରଦ୍ଧା ଓ ଭକ୍ତି ସହକାରେ ବାବାଙ୍କର କେତେକ ଚମତ୍କାରିତାର କଥା ଗୁଜୁରାଟୀ ଭାଷାରେ ଲେଖିଛନ୍ତି ।

୩୨ । ତା'ଛଡା, କେତେକ ବିଖ୍ୟାତ ଭକ୍ତ ପୁଣେ ନଗରୀରୁ ବାବାଙ୍କର କାହାଣୀମାନ 'ସାଇପ୍ରଭା' ନାମକ ପତ୍ରିକା ମାଧ୍ୟମରେ ପ୍ରକାଶ କରିଛନ୍ତି ।

୩୩ । ଏତେସବୁ ଜୀବନଚରିତ ଲେଖାହୋଇଥିବା ବେଳେ ଏହି କାବ୍ୟ ରଚନା କରିବାର ଆବଶ୍ୟକତା କ'ଣ ? ଏଭଳି ସନ୍ଦେହ ଶ୍ରୋତାମାନଙ୍କ ମନରେ ଆସିବା ସ୍ୱାଭାବିକ । ସେ ସମ୍ବନ୍ଧରେ ଅନୁଗ୍ରହ କରି ମୋର ଏହି କୈଫିୟତ ଶୁଣନ୍ତୁ ।

୩୪ । ସାଇବାବାଙ୍କର ଜୀବନଚରିତ ଏକ ମହାସାଗର ସଦୃଶ ଅଗାଧ, ଅଫୁରନ୍ତ, ମଣିମୁକ୍ତାରେ ପରିପୂର୍ଣ୍ଣ । ମୁଁ ସାମାନ୍ୟ ତିତିରି ପକ୍ଷୀ[୭]ଟିଏ । ମୁଁ ଏ ମହାସାଗରକୁ କିଭଳି ଶୁଖାଇ ଦେଇ ପାରିବି ? ଏହା କିପରି ବା କେବେ ସମ୍ଭବ ହେବ କି ?

୩୫ । ସେହିପରି ସାଇବାବାଙ୍କ ଜୀବନଚରିତ ଅତି ଗଭୀର । ଏହାକୁ ସମ୍ପୂର୍ଣ୍ଣ ଭାବରେ ବର୍ଣ୍ଣନା କରିବା ଅସମ୍ଭବ । ତେଣୁ ଯଥାସମ୍ଭବ ମୁଁ କରିବି, ସେତିକିରେ ଅନୁଗ୍ରହକରି ସନ୍ତୁଷ୍ଟ ରହନ୍ତୁ ।

୩୬ । ଏହି ଅସରନ୍ତି ଓ ଅନନ୍ୟ, ଅନୁପମ ସାଇକାହାଣୀ ଶୁଣିଲେ ସଂସାରଜଂଜାଳରେ ଗାଢ଼ ଭାବରେ ନିମଜ୍ଜିତ ହୋଇ ରହିଥିବା ବ୍ୟକ୍ତିମାନେ ଶାନ୍ତିପାଇବେ । ତାହାକୁ ଶୁଣି ଶ୍ରୋତାମାନେ ଆନନ୍ଦିତ ହେବେ ଓ ବାବାଙ୍କର ଭକ୍ତମାନେ ମାନସିକ ଶାନ୍ତି ଲାଭ କରିବେ ।

୩୭ । ବାବା ବିଭିନ୍ନ ପ୍ରକାର କାହାଣୀ ଶୁଣାଉଥିଲେ । ତାହା ମଧ୍ୟରେ ରହିଥିଲା ସାଧାରଣ ଅନୁଭୂତି ନେଇ ସାଂସାରିକ ବ୍ୟାପାରରେ ଉପଦେଶ ଓ ଭକ୍ତମାନଙ୍କର ନିଜସ୍ୱ କାର୍ଯ୍ୟ ମଧ୍ୟରେ ଅପ୍ରକାଶ୍ୟ ଦୋଷଦୁର୍ବଳତାର[୮] ଦୃଷ୍ଟାନ୍ତ ।

୩୮ । ଦିବ୍ୟ ଶାସ୍ତ୍ର ବେଦ ସହିତ ସମସ୍ତେ ପରିଚିତ । ଏଥିରେ ଥିବା ଅସଂଖ୍ୟ ଉପାଖ୍ୟାନ ମଧ୍ୟ ସୁବିଦିତ । ସେହିଭଳି ବାବା ଅଂସଖ୍ୟ କାହାଣୀ କହିଛନ୍ତି, ତାହା ଶ୍ରୁତିମଧୁର ଓ ଗୂଢ଼ ଅର୍ଥପୂର୍ଣ୍ଣ ।

୩୯ । ସେଗୁଡ଼ିକୁ ମନଧ୍ୟାନ ଦେଇ ଶୁଣିଲେ ଅନ୍ୟ ସୁଖ ସ୍ୱାଚ୍ଛନ୍ଦ୍ୟ ତୁଚ୍ଛ[୯] ହୋଇଯାଏ, ଭୋକଶୋଷ ଭୁଲି ହୋଇଯାଏ ଓ ଗଭୀର ଶାନ୍ତି ଅନ୍ତର ମଧ୍ୟରେ ଅନୁଭବ କରିହୁଏ ।

୪୦ । ବ୍ରହ୍ମ ମଧ୍ୟରେ ଲୀନ ହୋଇଯିବା ପାଇଁ କେହି କେହି ଚାହିଁଥାନ୍ତି, କେହି କେହି ଅଷ୍ଟାଙ୍ଗ ଯୋଗ[୧୦] ସାଧନାରେ ବିଶେଷ ଦକ୍ଷତା ହାସଲ କରିବା ପାଇଁ ଚାହାଁନ୍ତି, କେହି କେହି ସମ୍ପୂର୍ଣ୍ଣ ସମାଧିସ୍ଥ ହୋଇଯିବାକୁ ଚାହିଁଥାନ୍ତି । ବାବାଙ୍କର ଏଇ କାହାଣୀଗୁଡ଼ିକୁ ଶୁଣିଲେ ଏସବୁ ଅନୁଭବ କରିହେବ ଓ ମନସ୍କାମନା ପୂର୍ଣ୍ଣ ହେବ ।

୪୧ । ଏହି କାହାଣୀ ଶୁଣୁଥିବା ସମସ୍ତ ଶ୍ରୋତାଙ୍କର କର୍ମ[୧୧] ଯୋଗୁଁ ପଡ଼ିଥିବା ବନ୍ଧନ ସମ୍ପୂର୍ଣ୍ଣ ତୁଟିଯିବ, ମନ ଜ୍ଞାନର ଆଲୋକରେ ଉଜ୍ଜ୍ୱଳ ହୋଇ ଉଠିବ ଓ ଶାନ୍ତିରେ ଭରିଯିବ ।

୪୨ । ସେଇଥିପାଇଁ ମୁଁ ପ୍ରବଳ ଇଚ୍ଛା ଓ ପ୍ରେରଣାର ବଶବର୍ତ୍ତୀ ହୋଇ ସଂଗ୍ରହଯୋଗ୍ୟ କାହାଣୀଗୁଡ଼ିକର ଏହି ମାଳା ଗୁନ୍ଥିବାରେ ମନଦେଇଛି ଓ ଏହା ମୋର ସର୍ବୋତ୍ତମ ଆରାଧନା ବୋଲି ବିଶ୍ୱାସ କରୁଛି ।

୪୩ । କେତୋଟି ପଦ କଥା କେବଳ କାନରେ ପଡ଼ିଗଲେ, ଜୀବନଯାକର ଦୁର୍ଭାଗ୍ୟ ଉଭେଇଯିବ । ବିଶ୍ୱାସ ସ୍ଥାପନ କରିଥିବା ବ୍ୟକ୍ତି ହିଁ ବାବାଙ୍କର ସମଗ୍ର ଚରିତକୁ ଭକ୍ତି ଭାବରେ ଶୁଣିପାରିଲେ ଭବସାଗରକୁ ପାର ହୋଇଯିବ ।

୪୪ । ବାବା ମୋତେ ତାଙ୍କରି କଲମ କରି ମୋ ହାତ ଧରି ଲେଖାଇ ନେବେ । ମୁଁ ନାମକୁ ମାତ୍ର ବାହାଦୂରୀ ନେଉଛି, ଅଥଚ ମୁଁ ତାଙ୍କ ଲେଖା ପାଇଁ କେବଳ ଏକ ଲେଖନୀ ।

୪୫ । ବର୍ଷ ପରେ ବର୍ଷ ବାବାଙ୍କର ବିଭିନ୍ନ ଲୀଳା ଦେଖିବା ପରେ ତାଙ୍କର ସାଧାରଣ ଓ ପ୍ରିୟ ଭକ୍ତମାନଙ୍କ ପାଇଁ କାହାଣୀଗୁଡ଼ିକୁ ସଂଗ୍ରହ କରିବା ହିଁ ମୋର ପ୍ରଧାନ ବୃତ୍ତି

ହୋଇଗଲା ଓ ମୁଁ ଏହି କାର୍ଯ୍ୟରେ ବ୍ୟସ୍ତ ରହିଲି ।

୪୬ । ଯେଉଁମାନେ ବାବାଙ୍କୁ ଦେଖିଛନ୍ତି କିନ୍ତୁ ସେମାନଙ୍କର ନେତ୍ର ତୃପ୍ତ ହୋଇନାହିଁ, ସେମାନେ ବାବାଙ୍କର ମହିମା ଶୁଣିଲେ ଶୁଦ୍ଧପୂତ ଓ ସଦ୍‌ଗୁଣବନ୍ତ ହୋଇପାରିବେ ।

୪୭ । ଯେଉଁ ଭାଗ୍ୟବାନ ଏହି କାବ୍ୟଟିକୁ ପଢ଼ିବା ପାଇଁ ଇଚ୍ଛା କରିବେ, ସେ ସୁଖ, ଶାନ୍ତି ଓ ସନ୍ତୋଷ ପାଇ ପାରିବେ ।

୪୮ । ଏଭଳି ଚିନ୍ତା ମୋ ମନ ମଧ୍ୟକୁ ଆସିବା ପରେ ମୁଁ ମାଧବରାଓ[୧୨] ଙ୍କୁ ସେକଥା କହିଥିଲି । ତେବେ ମୋ ମନରେ ଏହା କରିବା ନେଇ ଖୁବ୍ ସନ୍ଦେହ ରହିଥିଲା ।

୪୯ । ମୋତେ ଷାଠିଏ ପାରି ହୋଇଯାଇଥିବାରୁ ମୋର ବୁଦ୍ଧିବୃତ୍ତି କ୍ଷୀଣ ଓ ଅସ୍ଥିର ହୋଇଗଲାଣି । ଅଧିକନ୍ତୁ, ମୋର ଶାରୀରିକ ଦୁର୍ବଳତା ଯୋଗୁଁ ଜଣେ ବୃଦ୍ଧଲୋକର ଖେଳ ଭଳି ଅକାଳରେ ଏହି ଚେଷ୍ଟା ବିଫଳ ହେବ ନାହିଁ ତ ?

୫୦ । ମୁଁ ଏହା ସାଇପ୍ରେମ ହେତୁ କରୁଥିବାରୁ ଖେଦ ନ ରହୁ । ବାବା ନିଶ୍ଚୟ ମୋତେ ଏଥିରୁ ଉଦ୍ଧାର କରିବେ, ନଚେତ୍ ଏହା ନିରର୍ଥକ ହୋଇଯିବ । ସେଇଦୃଷ୍ଟିରୁ ମୋର ଏ ଚେଷ୍ଟା ।

୫୧ । ଦିନରାତି ନାନା ଅନୁଭୂତି ପାଉଥିବାରୁ ସେସବୁର ବିବରଣୀ ଲେଖିରଖିବା ପାଇଁ ସ୍ଥିର କଲି । ଏହି ଲେଖାକୁ ପଢ଼ିଲେ ମନରେ ନିଶ୍ଚୟ ଶାନ୍ତି ଓ ଆନନ୍ଦ ମିଳିବ ।

୫୨ । ମୁଁ ଭାବିଲି ଯେ ବାବା ତାଙ୍କର ଆତ୍ମୋପଲବ୍ଧିରୁ ପ୍ରାପ୍ତ ଜ୍ଞାନର ଆଧାରରେ ବାରମ୍ବାର କହୁଥିବା କଥାଗୁଡ଼ିକୁ କୌଣସି କାଟଛାଣ୍ଟ ନକରି ସେହିଭଳି ସ୍ୱୟଂସଂପୂର୍ଣ୍ଣ ଭାବରେ ଶ୍ରୋତାମାନଙ୍କ ପାଖରେ ଉପସ୍ଥାପନ କରିବି ।

୫୩ । ବାବା ଅନେକ ନୀତିକଥା କହିଥିଲେ ଓ ଭକ୍ତିମାର୍ଗରେ ଅନେକଙ୍କୁ ନେଇଯାଇଥିଲେ । ସେଗୁଡ଼ିକୁ ସଂଗ୍ରହ କରିବାକୁ ହେବ ଓ ଏହି ସଂକଳନ ଶ୍ରୀସାଇଙ୍କ ବନ୍ଦନାର ମହାକାବ୍ୟ ହେବ ।

୫୪ । ଯେଉଁମାନେ ଏହି କଥାଗୁଡ଼ିକୁ କହିବେ ଓ ଯେଉଁମାନେ ଭକ୍ତିଭରେ ଓ ଆଗ୍ରହ ସହକାରେ ଏହାକୁ ଶୁଣିବେ, ଉଭୟେ ଚିର ଶାନ୍ତି ଓ ସନ୍ତୋଷ ଲାଭକରି ଉପକୃତ ହେବେ ।

୫୫ । ବାବାଙ୍କର ମୁଖନିଃସୃତ କଥାଗୁଡ଼ିକୁ ଶ୍ରବଣ କରି ସେମାନେ ନିଜର ଦୈହିକ ରୋଗଶୋକ ଭୁଲିଯିବେ । ଯଦି ସେମାନେ ଏକାଗ୍ର ଚିତ୍ତରେ ଶୁଣିବେ ଓ ତାହା ଉପରେ ଗଭୀର ଭାବରେ ମନନ-ଚିନ୍ତନ କରିବେ, ତେବେ ସଂସାର ବନ୍ଧନରୁ ସ୍ୱାଭାବିକ ଭାବରେ ମୁକ୍ତି ଲାଭ କରିବେ ।

୫୬ । ଶ୍ରୀସାଇଙ୍କ ମୁଖନିଃସୃତ କଥାଗୁଡ଼ିକ ଅମୃତଠାରୁ ମଧ୍ୟ ଅଧିକ ମଧୁର ଥିଲା । ସେଗୁଡ଼ିକୁ ଶୁଣୁଥିବା ଭକ୍ତମାନେ ପରମ ଆନନ୍ଦରେ ଭାବବିହ୍ୱଳ ହୋଇ ଯାଉଥିଲେ । ସେହି ମାଧୁର୍ଯ୍ୟକୁ ମୁଁ କିପରି ବର୍ଣ୍ଣନା କରିପାରିବି ?

୫୭ । ମୁଁ ଅନୁଭବ କରୁଛି ଯେ, ଏହି କଥାଗୁଡ଼ିକୁ ସଂଗୀତ ଆକାରରେ ଗାଇ ଶ୍ରୀସାଇଙ୍କ ଗୁଣଗାନ କରୁଥିବା ବ୍ୟକ୍ତିର ପଦଧୂଳିରେ ମୁଁ ଯଦି ଗଡ଼ିଯାଇପାରିବି, ତେବେ ମୋର 'ମୋକ୍ଷ'[୧୩] ପ୍ରାପ୍ତି ହୋଇଯିବ ।

୫୮ । ବାବାଙ୍କର କଥାଗୁଡ଼ିକର ଅନନ୍ୟ ଉପସ୍ଥାପନା ତଥା ତାହାର ସଠିକ ଶବ୍ଦବିନ୍ୟାସ ମଧ୍ୟ ଶ୍ରୋତାଗଣଙ୍କୁ ତାଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ରୂପେ ବିଲୀନ କରିଦେବ ଓ ସମସ୍ତେ ପ୍ରକୃତ ଆନନ୍ଦ ଅନୁଭବ କରିବେ ।

୫୯ । ଠିକ୍ ଯେମିତି କାନ କଥାଗୁଡ଼ିକୁ ଶୁଣିବାକୁ ଉତ୍ସୁକ ଥାଏ ବା ଆଖି ଦର୍ଶନ[୧୪] କରିବାକୁ ସଦା ପ୍ରସ୍ତୁତ ଥାଏ, ମନ ସେମିତି ଧ୍ୟାନ କେନ୍ଦ୍ରୀଭୂତ ହେବାପାଇଁ ବ୍ୟାକୁଳ ଥିଲେ ଦିବ୍ୟ ଚିନ୍ତନରେ ସହଜରେ ନିମଜ୍ଜିତ ହୋଇଯାଏ ।

୬୦ । ମୋ ଗୁରୁ ହେଉଛନ୍ତି ମାଉଲୀ[୧୫], ମୋର ସ୍ନେହଶୀଳା ମାତା । ତାଙ୍କ ସମ୍ବନ୍ଧରେ ଯେଉଁ କଥାଗୁଡ଼ିକ ମୁହଁରୁ ମୁହଁକୁ ହୋଇ ଆମ ପାଖକୁ ଆସିଛି, ସେଗୁଡ଼ିକୁ ଶ୍ରଦ୍ଧା ଓ ଭକ୍ତି ସହକାରେ ଆମ ହୃଦୟରେ ସାଇତି ରଖିବାକୁ ହେବ ।

୬୧ । ଆମେ ସେହି କଥାଗୁଡ଼ିକୁ ବାରମ୍ବାର ସ୍ମରଣ କରିବୁ, ଯେତିକି ପାରିବୁ ସେତିକି ଆତ୍ମସ୍ଥ କରିବୁ, ତାହାକୁ ଶ୍ରଦ୍ଧାରେ ଏକତ୍ର ଗୁନ୍ଥିବୁ ଓ ପରେ ଆମ ଭିତରେ ତାହାର ବିନିମୟ କରିବୁ ।

୬୨ । ଏହି ଗ୍ରନ୍ଥରେ କିଛି ମୁଁ ନିଜ ମନରୁ ଲେଖିନାହିଁ । ସବୁ ସେଇ ସାଇନାଥଙ୍କର ପ୍ରେରଣା । ସେ ଯାହା କହିବା ପାଇଁ ଚାହିଁଛନ୍ତି, ତାହା ମୋ ମୁହଁରେ ସେ କୁହାଇଛନ୍ତି ।

୬୩ । 'ମୁଁ କହୁଛି' ବୋଲି କହିବା ମଧ୍ୟ ଅହଂକାର । ଶ୍ରୀସାଇ ନିଜେ ହେଉଛନ୍ତି କଣ୍ଢେଇ-ଖେଳାଳୀ ଓ କଣ୍ଢେଇକୁ ନଚାଇବା ଭଳି ତାଙ୍କ ଡୋରିରେ ସେ ମୋତେ ଧରି ରଖିଛନ୍ତି । ସେ ମୋ ମାଧ୍ୟମରେ କହୁଛନ୍ତି । 'ମୁଁ କହୁଛି' ବୋଲି କହିବାକୁ ମୁଁ କିଏ ?

୬୪ । ତାଙ୍କ ଚରଣରେ 'ଅହଂକାର' ସମ୍ପୂର୍ଣ୍ଣ ସମର୍ପିତ ହେଲେ ଅସୀମ ଆନନ୍ଦ ମିଳିବ। ଅହଂଭାବ ଦୂର କରିଦେଇପାରିଲେ ସମଗ୍ର ପାର୍ଥିବ ସତ୍ତା ଆନନ୍ଦମୟ ହେବ।

୬୫ । ଏଭଳି ଚିନ୍ତା କଲାବେଳେ ମୁଁ ଏହି ବିଷୟରେ ବାବାଙ୍କୁ ପଚାରିବାକୁ ସାହସ କିମ୍ବା ସୁଯୋଗ ପାଇ ନଥିଲି। ମାଧବରାଓ ମସ୍‌ଜିଦ୍‌ର ପାହାଚ ଚଢ଼ି ଆସୁଥିବା ବେଳେ ମୁଁ ଏହା ତାହାଙ୍କୁ କହିଥିଲି।

୬୬। ସେହି ସମୟରେ ପାଖରେ କେହି ନଥିବାରୁ ମାଧବରାଓ ବାବାଙ୍କୁ ପଚାରିବା ପାଇଁ ସୁଯୋଗ ପାଇଥିଲେ।

ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମା

୬୭ । "ବାବା ! ଏଇ ଅନ୍ନା ସାହେବ କହୁଛନ୍ତି ଯେ ସେ ତାଙ୍କର ଦକ୍ଷତା ଓ ଯୋଗ୍ୟତା ଅନୁଯାୟୀ ଆପଣଙ୍କ ଜୀବନୀ ଲେଖିବାକୁ ମନ ବଳାଇଛନ୍ତି। ଅବଶ୍ୟ ଯଦି ତାଙ୍କୁ ଆପଣ ଏଥିପାଇଁ ସମ୍ମତି ଦିଅନ୍ତି ।

୬୮ । 'ମୁଁ ଜଣେ ଫକୀର, ଦ୍ୱାର ଦ୍ୱାର ବୁଲି ଭିକମାଗି ଚଳୁଛି । ତରକାରୀ କିମ୍ବା ବିନା ତରକାରୀରେ ଭାକରୀ[୧୬] ଖାଇ ଦିନ କାଟି ଦେଉଛି, ମୋର ଜୀବନୀ ଲେଖା କ'ଣ ପାଇଁ ? ଲୋକେ ଉପହାସ କରିବେ।' ଏମିତି କଥା କହି ମନା କରନ୍ତୁ ନାହିଁ ।

୬୯ । "ଏହି ମଣି ସମ୍ବନ୍ଧରେ ଏଭଳି କଥା କହନ୍ତୁ ନାହିଁ। ଏହି ମଣିକୁ ଯଥାଯୋଗ୍ୟ ସ୍ଥାନରେ ନିଶ୍ଚୟ ସଜାଇ ରଖାଯିବ।

୭୦ । "ସେ ଯାହାବି ହେଉ, ଆପଣଙ୍କର ଅନୁମତି ଆବଶ୍ୟକ। ଆପଣ ସହଯୋଗ କଲେ ସେ ଲେଖିବେ କିମ୍ବା ଆପଣଙ୍କର କରୁଣା ହିଁ ସମସ୍ତ ଖଳ ଶକ୍ତିକୁ ହଟାଇ ଦେଇ ତାଙ୍କ ଜରିଆରେ ଏହା ଲେଖାଇନେବ।

୭୧ । "କେବଳ ସନ୍ଥଙ୍କର ଆଶୀର୍ବାଦ ପାଇଲେ ଗୋଟିଏ ଗ୍ରନ୍ଥର ରଚନା ଆରମ୍ଭ ହୋଇପାରିବ । କିନ୍ତୁ ଆପଣଙ୍କର କୃପା ନହେଲେ ଲେଖାର ଅଗ୍ରଗତି ନିର୍ବିଘ୍ନରେ ହେବନାହିଁ ।"

୭୨ । ମୋର ଏକାନ୍ତ ଅନ୍ତରର ଇଚ୍ଛା ଜାଣିବା ପରେ ଶ୍ରୀସାଇ ସମର୍ଥଙ୍କର କୃପା ହୋଇଥିଲା ଓ ସେ କହିଥିଲେ, " ତୁମର ଇଚ୍ଛା ପୂରଣ ହେବ" । ତା'ପରେ ମୁଁ ମୋର ମସ୍ତକକୁ ତାଙ୍କର ଚରଣ ତଳେ ଲୋଟାଇ ଦେଇଥିଲି।

୭୩। ଈଶ୍ୱର ବିଶ୍ୱାସ ଓ ଆରାଧନାର ସମସ୍ତ ପଦ୍ଧତିରେ ବିଶାରଦ ଓ ନିଜର ସମସ୍ତ ଭକ୍ତଙ୍କର ରକ୍ଷାକର୍ତ୍ତା ଶ୍ରୀସାଇ ତାଙ୍କର ପ୍ରସାଦ 'ଉଦି'[୧୭] ମୋତେ ଦେଇଥିଲେ ଓ ତାଙ୍କର ବରଦହସ୍ତ ମୋ ମସ୍ତକ ଉପରେ ରଖିଥିଲେ।

୭୪ । ମାଧବରାଓଙ୍କ ଅନୁରୋଧ ଶୁଣିବା ପରେ ବାବା ମୋ ଉପରେ ଦୟା କରିଥିଲେ ଓ ମୋର ଅଶାନ୍ତ ମନକୁ ଶାନ୍ତ ଓ ପବିତ୍ର କରିଥିଲେ। ମୋତେ ସାହସ ଦେଇଥିଲେ।

୭୫ । ମୋ'ର ଇଚ୍ଛା ଜାଣିବା ପରେ ସେ ଅନୁମତି ଦେଇ ଆଗେଇ ଯିବାକୁ କହିଥିଲେ, "ମୋର ବିଭିନ୍ନ କଥା, ଉପାଖ୍ୟାନ ଓ ଅନୁଭୂତିକୁ ଭଲଭାବରେ ସଂଗ୍ରହ କର।

୭୬ । "ସେସବୁକୁ ଟିପି ନେଇ ସାଇତି ରଖିବା ତୁମ ପାଇଁ ଶ୍ରେୟସ୍କର ହେବ। ମୁଁ ତମକୁ ପୂର୍ଣ୍ଣପ୍ରାଣରେ ସାହାଯ୍ୟ କରିବି। ଲେଖକ ହେଉଛି ନିମିତ୍ତ ମାତ୍ର, ମୁଁ ନିଜେ ହିଁ ଲେଖିବି।

୭୭ । "ମୋ କଥା ମୁଁ ନିଜେ ଲେଖିବି। ଭକ୍ତମାନଙ୍କର ଇଚ୍ଛା ମୁଁ ପୂରଣ କରିବି। ତେବେ ତୁମକୁ ତୁମର ଅହଂକାର ତ୍ୟାଗ କରିବାକୁ ହେବ ଓ ମୋ ଚରଣରେ ଶରଣ ନେବାକୁ ହେବ।

୭୮ । "ଯିଏ ଜୀବନରେ ଏଭଳି ଆଚରଣ ଦେଖାଏ, ମୁଁ ତାକୁ ସମ୍ପୂର୍ଣ୍ଣ ଭାବରେ ସାହାଯ୍ୟ କରିଥାଏ କେବଳ ବହି ଲେଖାରେ ନୁହେଁ, ମୁଁ ତାହାର ଘରେ ରହିଥାଏ ଓ ତାହାର ସବୁପ୍ରକାର ସହାୟତା କରିଥାଏ ।

୭୯ । "ଅହଂଭାବ ଊଣା ହୋଇ ଶେଷରେ ସମ୍ପୂର୍ଣ୍ଣ ରୂପେ ଅନ୍ତର୍ହିତ ହୋଇଯିବା ପରେ ମୁଁ ତାହାର ହୃଦୟ ମଧ୍ୟରେ ବାସ କରିବି ଓ ମୋ ନିଜ ହାତରେ ଲେଖା ଲେଖିବି।"

୮୦ । ଏଇ ଦୃଢ଼ ପ୍ରତ୍ୟୟ ନେଇ ଲେଖାକାର୍ଯ୍ୟ ଆରମ୍ଭ ହେଲା ଓ ଏପରି ଭାବରେ କୌଣସି କଥା ଶ୍ରବଣ, ମନନ, ଚିନ୍ତନ ବା ରଚନା କରିବା ବାବାଙ୍କ ଦ୍ୱାରା ହିଁ ସଂପାଦିତ ହେଲା ଏବଂ ଏ ଲେଖକ କେବଳ ଯନ୍ତ୍ରବତ୍ କାର୍ଯ୍ୟ କଲା ।

୮୧ । "ତୁମେ ଘରେ କିମ୍ବା ବାହାରେ ଯେଉଁଠି ଥିଲେ ମଧ୍ୟ ନିଶ୍ଚିତଭାବରେ ଘଟଣାଗୁଡ଼ିକୁ ଟିପି ରଖ। ସେଗୁଡ଼ିକୁ ବାରମ୍ବାର ମନେ ପକାଅ। ତୁମେ ଶାନ୍ତି ପାଇବ।

୮୨ । "ତୁମେ ମୋର କଥାଗୁଡ଼ିକୁ ଶୁଣିଲେ, ତାକୁ ପୁନରାବୃତ୍ତି କଲେ, ତାହା ଉପରେ ଧ୍ୟାନ ନ୍ୟସ୍ତକଲେ ମୋ

ପ୍ରତି ତୁମର ଭକ୍ତି ଜାତହେବ ଓ ଅଜ୍ଞତା ସମ୍ପୂର୍ଣ୍ଣ ଭାବରେ ଦୂର ହୋଇଯିବ।"

୮୩। "ଯେଉଁଠାରେ ଭକ୍ତି ଓ ପୂର୍ଣ୍ଣ ବିଶ୍ୱାସ ଥାଏ, ମୁଁ ସେଠାରେ ସର୍ବଦା ପୂର୍ଣ୍ଣ ଶକ୍ତି ନେଇ ରହିଥାଏ। ଏ ସମ୍ବନ୍ଧରେ ତିଳେହେଲେ ସନ୍ଦେହ ରଖ ନାହିଁ। ନଚେତ୍ ମୋତେ ପାଇବ ନାହିଁ।"

୮୪। "ଶ୍ରୋତାମାନେ ଏହି କଥାଗୁଡ଼ିକୁ ବିଶ୍ୱାସର ସହିତ ଶୁଣିଲେ, ସେମାନଙ୍କର ଅଧିକରୁ ଅଧିକ ବିଶ୍ୱାସ ଜାତ ହେବ ଓ ସେମାନେ ସହଜରେ ପରମାନନ୍ଦ ଅନୁଭବ କରିବେ ଏବଂ ସୁଖୀ ଅବସ୍ଥା ଲାଭ କରିବେ ।

୮୫। "ଭକ୍ତମାନଙ୍କର ଆତ୍ମୋପଲବ୍ଧି ହେବ। ଆତ୍ମା ଓ ବ୍ରହ୍ମ ଏକାକାର ହେବେ । ଅଚିନ୍ତ୍ୟ, ଅରୂପ ସମ୍ବନ୍ଧରେ ସେମାନଙ୍କର ଜ୍ଞାନ ହେବ ଓ ଜୀବାତ୍ମା ପ୍ରକଟିତ ହେବ।

୮୬। "ମୋ କଥାର ଲକ୍ଷ୍ୟ ଏଇଆ। ଆଉ କ'ଣ ଅଧିକ କାମନା କରାଯାଇପାରେ? ବେଦର ମଧ୍ୟ ଲକ୍ଷ୍ୟ ଏୟା। ଏହା ପ୍ରାପ୍ତ ହେଲେ ଭକ୍ତମାନେ ଧନ୍ୟ ହେବେ।

୮୭। "ଯେଉଁଠାରେ ବାଦବିବାଦ କରିବାର ମନୋବୃତ୍ତି ରହିବ, ସେଠାରେ ଅଜ୍ଞତା ଓ ମାୟାର ପ୍ରାବଲ୍ୟ ରହିବ। ସେଠାରେ ପବିତ୍ରତା ରହିବନାହିଁ କି କାହାରି ହିତ ସାଧନ ହେବନାହିଁ । ସବୁବେଳେ ସନ୍ଦିଗ୍ଧ ଓ ନୀଚ ଚିନ୍ତା ଭାବନା ମନରେ ଆସିବ ।

୮୮। "ଏଭଳି ବ୍ୟକ୍ତି ଆତ୍ମଜ୍ଞାନ ଲାଭ କରିବା ନିମନ୍ତେ ଅଯୋଗ୍ୟ। ଭ୍ରାନ୍ତ ଜ୍ଞାନ ତାକୁ କାବୁ କରିନେବ। ତାହା ପାଇଁ ଇହ ଜଗତରେ କିମ୍ବା ପର ଜଗତରେ ମଧ୍ୟ କିଛି ସୁଖ ନାହିଁ। ସେ ସବୁଠାରେ ଓ ସବୁବେଳେ ଦୀନହୀନ ହୋଇ ରହିବ।

୮୯। "ନିଜର ଚିନ୍ତାଧାରା ଜାହିର କରିବାରେ କିଛି ଅର୍ଥ ନାହିଁ । ଅନ୍ୟମାନଙ୍କର ଚିନ୍ତାଧାରାକୁ ଖଣ୍ଡନ କରିବାର ଆବଶ୍ୟକତା ମଧ୍ୟ ନାହିଁ । ଅନ୍ୟ ଜଣେ ଭୁଲ କହୁଛି ବୋଲି ଯୁକ୍ତିତର୍କ କରିବା ଓ ପ୍ରମାଣ କରିବା ଦରକାର ନାହିଁ। ଏସବୁ କରିବା ବୃଥା ଚେଷ୍ଟା।"

୯୦। "ଅନ୍ୟମାନଙ୍କର ଚିନ୍ତାଧାରାକୁ ଖଣ୍ଡନ କରିବାର ଆବଶ୍ୟକତା ନାହିଁ"-ଏହି ବାକ୍ୟଟି ମୁଁ ଶ୍ରୋତାମାନଙ୍କ ନିକଟରେ ପୂର୍ବରୁ ଦେଇଥିବା ପ୍ରତିଶ୍ରୁତି କଥା ମନେ ପକାଇଦେଲା।

୯୧। ପ୍ରଥମ ଅଧ୍ୟାୟ ଶେଷ କରିବା ପୂର୍ବରୁ ମୁଁ ପାଠକ ଓ ଶ୍ରୋତାମାନଙ୍କୁ ମୋର ନାମ 'ହେମାଡ଼' କିପରି ହେଲା କହିବି ବୋଲି ପ୍ରତିଶ୍ରୁତି ଦେଇଥିଲି। ସେ କଥା ମୁଁ ଏବେ କହୁଛି।

୯୨। ଅସଲ କଥାରୁ ଏହା ଏକ ବିଚ୍ୟୁତି। ଏହା ଶୁଣିବା ପରେ ଏହାର ପ୍ରାସଙ୍ଗିକତା ଆପଣମାନେ ବିଚାର କରିବେ । ଆପଣମାନଙ୍କର କୌତୁହଳ ମେଣ୍ଟିଯିବ। ଏହା ମଧ୍ୟ ଶ୍ରୀସାଇଙ୍କର ପ୍ରେରଣା।

୯୩। ପରେ ମୁଁ ଶ୍ରୀସାଇଙ୍କ ଜୀବନଚରିତକୁ ଫେରିବି । ତେଣୁ ଶ୍ରୋତାଗଣ, ଏ କଥା ମନଧ୍ୟାନ ଦେଇ ଶୁଣନ୍ତୁ।

୯୪। ଏବେ ଏହି 'ସାଇଲୀଳା' ଗ୍ରନ୍ଥର ପ୍ରତ୍ୟେକ ଅଧ୍ୟାୟ ଶେଷରେ ଏହା 'ଭକ୍ତ ହେମାଡ଼ପନ୍ତ ବିରଚିତ' ବୋଲି ଗୋଟିଏ ଧାଡ଼ି ଆପଣମାନେ ଦେଖିବାକୁ ପାଇବେ। ଏହି ହେମାଡ଼ପନ୍ତ କିଏ?

୯୫। ଶ୍ରୋତାମାନଙ୍କ ମନ ମଧ୍ୟରେ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ। ସେମାନଙ୍କର କୌତୁହଳ ମେଣ୍ଟାଇବା ପାଇଁ ମୁଁ କିପରି ହେମାଡ଼ପନ୍ତ ହେଲି, ସେକଥା ମନଦେଇ ଶୁଣନ୍ତୁ।

୯୬। ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ମଣିଷର ଷୋହଳଟି ପବିତ୍ର ସଂସ୍କାର ଓ କ୍ରିୟା[୧୮] ସମ୍ପାଦନ କରାଯାଇଥାଏ। ତା' ମଧ୍ୟରୁ ଗୋଟିଏ ହେଉଛି 'ନାମକରଣ' ଅନୁଷ୍ଠାନ ଓ ଏହି ନିର୍ଦ୍ଦିଷ୍ଟ ଅନୁଷ୍ଠାନ ସମ୍ବନ୍ଧରେ ଆମେ ସମସ୍ତେ ଜାଣୁ।

୯୭। ଏ ସମ୍ବନ୍ଧରେ ଛୋଟିଆ ଗଳ୍ପଟିଏ ଅଛି। ଶ୍ରୋତାମାନେ ଏହା ମନଧ୍ୟାନ ଦେଇ ଶୁଣନ୍ତୁ। ହେମାଡ଼ପନ୍ତ ନାମକରଣ ହେବାର ଅନୁଷ୍ଠାନ ସମ୍ପର୍କରେ ବର୍ତ୍ତମାନ କହୁଛି ।

୯୮। ଏହି ଲେଖକ ବଡ଼ ଦୁଷ୍ଟ ଓ ବାଚାଳ ଥିଲା, ବିଶେଷକିଛି ଶିକ୍ଷାଦୀକ୍ଷା ନଥିଲା ଓ ନୀଚ ପ୍ରକୃତିର ଥିଲା, ଅନ୍ୟମାନଙ୍କୁ ଈର୍ଷା ଓ ପରିହାସ କରୁଥିଲା।

୯୯। ସଦ୍‌ଗୁରୁଙ୍କ ଶକ୍ତି ସମ୍ବନ୍ଧରେ ଜାଣି ନଥିଲା। ଦୁଷ୍ଟବୁଦ୍ଧି ଓ ନିର୍ବୋଧ କଳ୍ପନାର ମୂର୍ତ୍ତରୂପ ଥିଲା ଏବଂ ସର୍ବଦା ନିଜ ବିଦ୍ୟାବୁଦ୍ଧିର ବଡ଼ିମା ଦେଖାଉଥିଲା ଓ ତୁଚ୍ଛାକୁ ଦ୍ୱନ୍ଦ୍ୱ ସୃଷ୍ଟି କରୁଥିଲା।

୧୦୦। ଆଜି ମୋର ଭାଗ୍ୟ ଟାଣ ଥିବା ହେତୁ ମୁଁ ଶ୍ରୀସାଇଙ୍କ ପଦ୍ମପାଦ ତଳେ ପହଞ୍ଚି ପାରିଲି। ମୋ ଭାଗ୍ୟବଳରୁ ମୁଁ

ତାହା ଦର୍ଶନ କରିପାରିଲି । ଏଥିରେ କୌଣସି ସନ୍ଦେହ ନାହିଁ ।

୧୦୧ । ପୂର୍ବ ଜନ୍ମମାନଙ୍କରେ ମୋର ସଂଯୋଗ ଥିବା କାରଣରୁ ଅଗ୍ରଗଣ୍ୟ ଭକ୍ତ କାକାସାହେବ[୧୯] ଓ ନାନାସାହେବ ଚାନ୍ଦୋରକରଙ୍କ[୨୦] ସହିତ ମୋର ସମ୍ପର୍କ ନ ଥିଲେ ମୁଁ କ'ଣ କେବେ ଶିରିଡ଼ି ଆସିପାରିଥାନ୍ତି ?

୧୦୨ । କାକାସାହେବ ମୋତେ ବାଧ୍ୟ କରିବାରୁ ମୁଁ ଶିରିଡ଼ି ଆସିବା ପାଇଁ ସ୍ଥିର କରିଥିଲି । କିନ୍ତୁ ଯାତ୍ରାରମ୍ଭ କରିବାର ଦିନହିଁ ମୋ ମନ ହଠାତ୍ ବଦଳି ଯାଇଥିଲା ।

୧୦୩ । ମୋର ଜଣେ ଅନ୍ତରଙ୍ଗ ବନ୍ଧୁ ନିଜ ଗୁରୁଙ୍କ ଦୟାରୁ ପୁଅଟିଏ ପାଇଥିଲେ ଓ ସେ ତାଙ୍କର ପତ୍ନୀଙ୍କ ସହିତ ଲୋନାଭେଲାରେ ରହୁଥିଲେ । ସେଠାରେ ଏକ ଅଦ୍ଭୁତ ଘଟଣା ଘଟିଥିଲା ।

୧୦୪ । ଯଦିଓ ସେହି ସ୍ଥାନର ଜଳବାୟୁ ସ୍ୱାସ୍ଥ୍ୟକର ଥିଲା ତାଙ୍କର ସେହି ଏକମାତ୍ର ପୁତ୍ର ସୁସ୍ଥ, ସବଳ, ଗୁଣବାନ୍ ଥିବା ସତ୍ତ୍ୱେ ହଠାତ୍ ପ୍ରବଳ ଜ୍ୱରରେ ପୀଡ଼ିତ ହୋଇପଡ଼ିଥିଲା ।

୧୦୫ । ସେ ସବୁ ପ୍ରକାର ଚିକିତ୍ସା, ଗୁଣିଗାରେଡ଼ି, ପୂଜାପାଠ କରି ପୁତ୍ରକୁ ଆରୋଗ୍ୟ କରିବାର ଚେଷ୍ଟା କରିଥିଲେ । ସେ ଗୁରୁଙ୍କୁ ଡକାଇ ରୋଗଣା ପୁତ୍ରର ଶଯ୍ୟା ନିକଟରେ ବସାଇଥିଲେ ମଧ୍ୟ ପିଲାଟି ବଞ୍ଚିନଥିଲା ।

୧୦୬ । ସଙ୍ଗୀନ ପରିସ୍ଥିତି ଉପୁଜିଥିବାର ହୃଦୟଙ୍ଗମ କରି ଭୟଙ୍କର ବିପର୍ଯ୍ୟୟକୁ ଦୂର କରିଦେବା ଉଦ୍ଦେଶ୍ୟରେ ଗୁରୁଙ୍କୁ ପୁତ୍ର ନିକଟରେ ବସାଇ ରଖିଥିଲେ ମଧ୍ୟ ସମସ୍ତ ଚେଷ୍ଟା ନିଷ୍ଫଳ ହୋଇଥିଲା ।

୧୦୭ । ଏହାହିଁ ଏହି ସଂସାରୀ ଜୀବନର ବିଚିତ୍ର ଗତି । ପତ୍ନୀ, ପୁତ୍ର ସମସ୍ତେ ପୂର୍ବ ଜନ୍ମର କର୍ମ ଦ୍ୱାରା ପରିଚାଳିତ । ଭାଗ୍ୟ ସବୁଠାରେ ଓ ସବୁ ସମୟରେ ବିଧି-ନିର୍ଦ୍ଧାରିତ ।

୧୦୮ । ଏହି ଦୁଃସମ୍ବାଦ ପାଇବା ପରେ ମୁଁ ବହୁତ ଦୁଃଖ କରିଥିଲି । 'ଗୁରୁଙ୍କର ମହିମା କ'ଣ ଏଇୟା ? ଗୋଟିଏ ପିଲାକୁ ସେ ବଂଚାଇ ପାରିଲେ ନାହିଁ ।'

୧୦୯ । ମୋ ଭାଗ୍ୟର ଜୋର ଶ୍ରୀସାଇ ଦର୍ଶନେଚ୍ଛାକୁ ଶୀତଳ କରିଦେଲା । ମୋ ଯାତ୍ରା ପଥରେ ଏହା ବାଧକ ହୋଇ ଛିଡ଼ା ହେଲା ।

୧୧୦ । "ଶିରିଡ଼ି କାହିଁକି ଯିବି ? ମୋ ବନ୍ଧୁର ଅବସ୍ଥା କ'ଣ ହେଲା ? ଗୁରୁଙ୍କ ସଙ୍ଗତେ ଜଡ଼ିତ ହେବାର ଫଳ କ'ଣ ଏୟା ? ଭାଗ୍ୟ ବିରୋଧରେ ଗୁରୁ କ'ଣ କରିପାରିବେ ?"

୧୧୧ । ଯଦି ଭାଗ୍ୟରେ ଯାହା ନିର୍ଦ୍ଧାରିତ ତାହାହିଁ ନିଶ୍ଚୟ ଫଳିବ, ତେବେ ଗୁରୁ ମାନିବାର ଉଦ୍ଦେଶ୍ୟ କ'ଣ ? ଅତଏବ ମୋର ଶିରିଡ଼ି ଯାତ୍ରା ବାତିଲ୍ ହେଲା ।

୧୧୨ । "କେଉଁ କାରଣ ପାଇଁ ଜଣେ ନିଜ ଘର ଛାଡ଼ିବ ? ଗୁରୁଙ୍କ ପଛରେ ଦୌଡ଼ିବ ବା କାହିଁକି ? ଘରର ସୁଖ ଛାଡ଼ି ଜଣେ ଦୁଃଖକୁ ବରଣ କରିବ କାହିଁକି ?" ଏସବୁ କିଛି ଏହି ଅକିଞ୍ଚନ ବୁଝି ପାରିଲା ନାହିଁ ।

୧୧୩ । "ଯାହା ଛାଏଁ ଛାଏଁ କିଛି ଆସୁଛି ସେ ସୁଖ ହେଉ ବା ଦୁଃଖ ହେଉ, ତାହାକୁ ସହିବା ପାଇଁ ପଡ଼ିବ । ଯେତେବେଳେ ଯାହା ଘଟିବାର ଥିବ ଯଦି ତାହା ନିଶ୍ଚୟ ଘଟିବ, ସେତେବେଳେ ଜଣେ କାହିଁକି ଗୁରୁଙ୍କ ପାଖକୁ ଯିବ ?"

୧୧୪ । ଏହିପରି ମୁଁ ଭାବୁଥିଲି । ମାତ୍ର ମଣିଷର ଇଚ୍ଛା ଗୋଟିଏ ପ୍ରକାର ହେବାବେଳକୁ ଭାଗ୍ୟ ଅନ୍ୟ ପ୍ରକାର କରାଇଥାଏ । ଅନ୍ୟ ସମସ୍ତ ତାହା ନିକଟରେ ଶକ୍ତିହୀନ ହୋଇପଡ଼ିଥାଏ । ମୁଁ ଶିରିଡ଼ି ଟାଣି ହୋଇ ଗଲି ।

୧୧୫ । ନାନାସାହେବ ଜିଲ୍ଲାର ଜଣେ ଅଫିସର ଥିଲେ ଓ ସେ ବାସେଇଁ ଗସ୍ତରେ ଯିବାର ଥିଲା । ସେ ଠାଣାରୁ ଦାଦର ଆସି ସେଠି ଷ୍ଟେସନରେ କିଛି ସମୟ ଅପେକ୍ଷା କରିଥିଲେ ।

୧୧୬ । ବାସେଇଁ ଟ୍ରେନ୍ ଆସିବା ନିମନ୍ତେ ଘଣ୍ଟାଏ ଡେରି ଥିଲା । ଏହି ସମୟତକ ସେ ଅନ୍ୟ କାର୍ଯ୍ୟରେ ବ୍ୟବହାର କରିବାକୁ ଚାହିଁଥିଲେ ।

୧୧୭ । ଏହି କଥା ଚିନ୍ତା କରୁଥିବା ମୁହୂର୍ତ୍ତରେ ଗୋଟିଏ ଟ୍ରେନ୍ ଆସି ପହଞ୍ଚିଥିଲା । ତାହା ବାନ୍ଦ୍ରା ପର୍ଯ୍ୟନ୍ତ ଯାଉଥିଲା । ସେ ସେଥିରେ ଚଢ଼ି ଯାଇଥିଲେ ।

୧୧୮ । ଟ୍ରେନ୍‌ଟି ଗନ୍ତବ୍ୟସ୍ଥଳରେ ପହଞ୍ଚିବା ପରେ ମୁଁ ଖବର ପାଇ ତାଙ୍କୁ ସଙ୍ଗେ ସଙ୍ଗେ ଦେଖା କରିବା ପାଇଁ ଷ୍ଟେସନ ଯାଇଥିଲି । ସେ ମୋତେ ଦେଖିବା ମାତ୍ରକେ ଶିରିଡ଼ି ସମ୍ପର୍କରେ କହିବାକୁ ଆରମ୍ଭ କରିଥିଲେ ।

୧୧୯ । "ଶ୍ରୀସାଇଙ୍କ ଦର୍ଶନ ପାଇଁ କେବେ ଯାଉଛ ? ଶିରିଡ଼ି ଯିବା ପାଇଁ ଏମିତି ଅଳସୁଆମି କାହିଁକି ? ଏମିତି ଦିନ ଗଡ଼ଉଚ କାହିଁକି ? ତମ ମନ ଶାନ୍ତି ଚାହୁଁନିକି ?"

୧୨୦ । ନାନାଙ୍କର ଏପରି ବ୍ୟଗ୍ରତା ଦେଖି ମୋତେ ଲାଜ ଲାଗିଥିଲା । ମୋ ମନର ଅସ୍ଥିରତା ସମ୍ପର୍କରେ ତାଙ୍କୁ ସବୁ

କଥା ଖୋଲାଖୋଲି କହିଦେଇଥିଲି।

୧୨୧। ତା'ପରେ ନାନାଙ୍କର ଆନ୍ତରିକ, ସ୍ନେହପୂର୍ଣ୍ଣ ଓ ସତ୍ ଉପଦେଶ ଯୋଗୁଁ ମୋ ମନ ଭିତରେ ଶିରିଡ଼ି ଯିବାର ଇଚ୍ଛା ପୁଣି ଜାଗରିତ ହୋଇଥିଲା।

୧୨୨। ନାନା ମୋ ନିକଟରୁ 'ତୁରନ୍ତ ଶିରିଡ଼ି ଯିବାର' ପ୍ରତିଶ୍ରୁତି ନେଇ ଚାଲିଯାଇଥିଲେ। ମୁଁ ଘରକୁ ଫେରି ଆସିଥିଲି ଓ ଶୁଭ ସମୟ ଦେଖି ଯିବି ବୋଲି ସ୍ଥିର କରିଥିଲି।

୧୨୩। ମୁଁ ଘରର ସମସ୍ତ ବ୍ୟବସ୍ଥା କରି ମୋର ଜିନିଷପତ୍ର ବନ୍ଧାବନ୍ଧି କଲି। ସେହିଦିନ ସନ୍ଧ୍ୟାରେ ଶିରିଡ଼ି ଅଭିମୁଖେ ବାହାରି ପଡ଼ିଲି।

୧୨୪। ମୋର ଧାରଣା ଥିଲା ଯେ ସନ୍ଧ୍ୟାରେ ଆସୁଥିବା ମେଲ୍ ଟ୍ରେନ୍ ଦାଦର ଷ୍ଟେସନରେ ଅଟକିବ। ସେହି ଉଦ୍ଦେଶ୍ୟରେ ଗାଡ଼ିଭଡ଼ା ଦେଇ କେବଳ ଦାଦର[୨୧] ପର୍ଯ୍ୟନ୍ତ ଯିବାପାଇଁ ଟିକେଟଟିଏ କାଟିଲି।

୧୨୫। ଟ୍ରେନ୍ ଆସିବା ପରେ ପରେ ମୁଁ ଚଢ଼ିଗଲି ଓ ଟ୍ରେନ୍ ବାନ୍ଦ୍ରା ଷ୍ଟେସନ୍ ଛାଡ଼ିଛିକି ନାହିଁ, ଏହି ସମୟରେ ଜଣେ ବୟସ୍କ ମୁସଲମାନ ଭଦ୍ରବ୍ୟକ୍ତି ତରବର ହୋଇ କମ୍ପାର୍ଟମେଣ୍ଟକୁ ଉଠି ଆସିଲେ। ଟ୍ରେନ୍ ସେତେବେଳେ ଚାଲିବାକୁ ଆରମ୍ଭ କରିଥାଏ।

୧୨୬। ଯେମିତି ଖାଦ୍ୟରେ ମାଛି ପଡ଼ିଗଲେ ସାମାନ୍ୟ ତ୍ରୁଟି ଯୋଗୁ ପୂରା ଆନନ୍ଦ ଅନୁଭବ ବିଗିଡ଼ିଯାଏ, ସେମିତି ଦାଦରକୁ ଯିବାର ଟିକଟ କିଣିବା ମୋ ପାଇଁ ଯାତ୍ରାର ଆରମ୍ଭରେ ଏକପ୍ରକାର ଅଶୁଭ ସୂଚନା ସ୍ୱରୂପ ଥିଲା।

୧୨୭। ମୋର ବ୍ୟାଗପତ୍ର ଦେଖି ମୁସଲମାନ ଭଦ୍ରବ୍ୟକ୍ତି ଜଣକ ମୁଁ କେଉଁଠାକୁ ଯାଉଛି ବୋଲି ପଚାରିଥିଲେ । ମୁଁ ତାଙ୍କୁ କହିଥିଲି ଯେ ଦାଦରକୁ ଯାଉଛି ଓ ସେଠାରୁ ମୁଁ ମନମାଡ୍‌କୁ ମେଲ୍‌ଟ୍ରେନ୍ ଧରିବି।

୧୨୮। ସେ ମୋତେ ଦାଦରରେ ନ ଓହ୍ଲାଇ ସିଧା ଭିକ୍ଟୋରିଆ ଟର୍ମିନାଲ୍‌କୁ ଚାଲିଯିବାପାଇଁ ଠିକ୍ ସମୟରେ ଚେତାଇ ଦେଇଥିଲେ । କାରଣ ଦାଦରରେ ମେଲ୍ ଟ୍ରେନ୍ ଅଟକେ ନାହିଁ।

୧୨୯। ଏହି ସମୟୋଚିତ ପରାମର୍ଶ ପାଇ ନ ଥିଲେ ମୁଁ ଦାଦରରେ ଓହ୍ଲାଇବା ପରେ ମେଲ୍‌ଟ୍ରେନ୍ ସେଠାରୁ ପାଇ ପାରି ନ ଥାନ୍ତି। ଆଉ ତା'ପରେ ମୋର ଚଞ୍ଚଳ ମନ କ'ଣ କରିଥାନ୍ତା, ମୁଁ ଜାଣେ ନାହିଁ।

୧୩୦। କିନ୍ତୁ ସେହିଦିନ ହିଁ ମୋର ଶିରିଡ଼ି ଯିବା ବିଧିନିର୍ଦ୍ଧାରିତ ଥିଲା ଓ ଏଭଳି ସଂଯୋଗ ସୌଭାଗ୍ୟର କଥା ଥିଲା। ତେଣୁ ମୁଁ ଯାହା ବର୍ଣ୍ଣନା କଲି, ସେଇ ଅନୁକୂଳ ଘଟଣା ମଧ୍ୟାନ୍ତରରେ ଘଟି ଯାଇଥିଲା।

୧୩୧। ତା'ପରଦିନ ସକାଳ ନଅଟା ଦଶଟା ମଧ୍ୟରେ ମୁଁ ଶିରିଡ଼ିରେ ପହଞ୍ଚି ଯାଇଥିଲି। ସେଠାରେ ଭାଇସାହେବ ଦୀକ୍ଷିତ ମୋତେ ଅପେକ୍ଷା କରି ରହିଥିଲେ।

୧୩୨। ଏହି ଘଟଣା ୧୯୧୦ ମସିହାର। ସେତେବେଳେ ଶିରିଡ଼ିରେ କେବଳ ସାଠେୱାଡ଼ା[୨୨] ହିଁ ତୀର୍ଥଯାତ୍ରୀମାନଙ୍କର ରହିବା ପାଇଁ ଏକମାତ୍ର ସ୍ଥାନ ଥିଲା।

୧୩୩। ମୁଁ ଟାଙ୍ଗାରୁ[୨୩] ଓହ୍ଲାଇବା ମାତ୍ରେ ମୋ ମୁଣ୍ଡକୁ ଶ୍ରୀସାଇଙ୍କୁ ଦର୍ଶନ କରିବାର ଇଚ୍ଛା ଘାରିଥିଲା। ମୁଁ ତାଙ୍କ ଚରଣରେ ଲୋଟି କେତେବେଳେ ମୁଣ୍ଡିଆ ମାରିବି ? ଏଥିପାଇଁ ମନ ମୋର ବ୍ୟଗ୍ର ହୋଇଉଠିଥିଲା ଓ ଆନନ୍ଦର ଢେଉ ମୋ ହୃଦୟରେ ଖେଳିଯାଇଥିଲା ।

୧୩୪। ସେହି ସମୟରେ ଶ୍ରୀସାଇଙ୍କର ଜଣେ ଅଗ୍ରଗଣ୍ୟ ଓ ସୁପରିଚିତ ଭକ୍ତ ତାତ୍ୟାସାହେବ ନୂଲକର[୨୪] ମସ୍‌ଜିଦ୍‌ରୁ ଫେରୁଥିଲେ ଓ ମୋତେ ଶୀଘ୍ର ଯାଇ ଦର୍ଶନ କରିନେବା ପାଇଁ କହିଥିଲେ।

୧୩୫। "ବାବା ତାଙ୍କର ଅନୁଗାମୀମାନଙ୍କ ସହିତ ୱାଡ଼ାର କୋଣ ପାଖାପାଖି ହୋଇଗଲେଣି । ଆସ, ଏବେଯାଇ ତାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିଦେବା । ସେ ଲେଣ୍ଡି[୨୫] ଚାଲିଯିବେ।

୧୩୬। "ତେଣିକି ତୁମେ ଗାଧୋଇବ। ବାବା ଫେରିବା ପରେ ମସ୍‌ଜିଦ୍ ଯାଇ ତୁମ ସୁବିଧା ଦେଖି ପୁଣି ଦର୍ଶନ କରିପାରିବ।"

୧୩୭। ଏକଥା ଶୁଣି ବାବା ଯେଉଁଠାରେ ଥିଲେ ସେହି ସ୍ଥାନକୁ ମୁଁ ଦୌଡ଼ିଗଲି ଓ ଧୂଳିରେ ତାଙ୍କ ପାଦତଳେ ଲୋଟିଗଲି। ମୋର ଆନନ୍ଦର ସୀମା ନଥିଲା।

୧୩୮। ନାନାସାହେବ ମୋତେ ଆଗରୁ ଯାହା କହିଥିଲେ, ତାହାଠାରୁ ବହୁତ କିଛି ଅଧିକ ମୁଁ ପ୍ରକୃତରେ ଦେଖି ପାରିଥିଲି। ମୁଁ ନିଜକୁ ଭାଗ୍ୟବାନ ବୋଲି ମଣିଲି । ମୋ ଆଖି ସାର୍ଥକ ହୋଇଗଲା।

୧୩୯ । ମୁଁ ଏଭଳି ଏକ ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆଗରୁ କେବେ ଶୁଣିନଥିଲି କି ଦେଖିନଥିଲି। ଏପରି ଜଣେ ମହାମହିମ ବ୍ୟକ୍ତିଙ୍କୁ ଦର୍ଶନ କରିବାର ସନ୍ତୋଷଜନକ ଅନୁଭୂତି ମୋତେ ମିଳିଥିଲା। ମୁଁ ଭୋକଶୋଷ ଭୁଲିଯାଇଥିଲି। ମୋର ଇନ୍ଦ୍ରିୟଗୁଡ଼ିକ ଜଡ଼ ପାଲଟିଯାଇଥିଲେ ।

୧୪୦ । ଶ୍ରୀସାଇଙ୍କ ପଦସ୍ପର୍ଶ କରିବା ସମୟରେ ମୁଁ ମୋ ଜୀବନର ସର୍ବଶ୍ରେଷ୍ଠ ଅନୁଭୂତି ପାଇଥିଲି। ସେହି ସମୟଠାରୁ ମୋର ଏକ ନୂତନ ଜୀବନ ଆରମ୍ଭ ହେଲା।

୧୪୧ । ଯେଉଁମାନଙ୍କ ଯୋଗୁଁ ମୁଁ ଏହି ସନ୍ଥସଂଗ ଲାଭ କଲି, ମୁଁ ସେମାନଙ୍କ ନିକଟରେ ସର୍ବତୋଭାବରେ କୃତଜ୍ଞ। ମୋ ଶରୀରର ପ୍ରତ୍ୟେକ ତନ୍ତ୍ରୀ ଉତ୍‌ଫୁଲ୍ଲିତ ହୋଇଥିଲା।

୧୪୨ । ଯେଉଁମାନଙ୍କ ଯୋଗୁଁ ମୁଁ ଏଇ ପରମ ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟ ଲାଭ କଲି, ସେଇମାନେହିଁ ମୋର ପ୍ରକୃତ ଆତ୍ମୀୟ । ସେମାନଙ୍କ ବ୍ୟତୀତ ମୋର ଆଉ କେହି ଏକାନ୍ତ ଆତ୍ମୀୟ ନାହାନ୍ତି। ମୁଁ ଏହିଭଳି ଦୃଢ଼ ବିଶ୍ୱାସ ମୋର ହୃଦୟ ମଧ୍ୟରେ ପୋଷଣ କରିଥିଲି।

୧୪୩। ମୁଁ କେତେ ବଡ଼ ଋଣୀ, ତାହା ଜଣାଇ ପାରିବି ନାହିଁ କି ଏ ଋଣ ସୁଝି ପାରିବି ନାହିଁ। ତେଣୁ ମୁଁ ସେମାନଙ୍କ ପାଖରେ ହାତ ଯୋଡ଼ିସେମାନଙ୍କ ପଦତଳେ ନତମସ୍ତକ ହେଉଛି।

୧୪୪ । ସାଇଦର୍ଶନର ଫଳ ମୋତେ ମିଳିଗଲା ଓ ସମସ୍ତ ସନ୍ଦେହ ମୋ ମନ ଭିତରୁ ଉଭେଇ ଗଲା। ଅଧିକନ୍ତୁ ମୁଁ ଶ୍ରୀସାଇଙ୍କ ସଂସ୍ପର୍ଶରେ ଆସିଲି ଓ ଅତିଶୟ ଆନନ୍ଦ ଅନୁଭବ କଲି ।

୧୪୫ । ସାଇଦର୍ଶନ ଏକ ଅନନ୍ୟ ଅନୁଭୂତି। ତାଙ୍କର ଦର୍ଶନ ମାତ୍ରକେ ପୂରା ପ୍ରକୃତି ବଦଳିଯାଏ। ପୂର୍ବକର୍ମର ସ୍ମୃତି ଚାଲିଯାଏ ଓ ଧୀରେ ଧୀରେ ପାର୍ଥିବ ସୁଖ ପ୍ରତି ବିରାଗ ସୃଷ୍ଟି ହୁଏ।

୧୪୬ । ମୋର ପୂର୍ବଜନ୍ମମାନଙ୍କରୁ ସଂଚିତ ହୋଇ ଆସିଥିବା ସମସ୍ତ ପାପ ତାଙ୍କର କୃପା ଦୃଷ୍ଟି ଦ୍ୱାରା ବିନଷ୍ଟ ହୋଇଗଲା। ଶ୍ରୀସାଇଙ୍କ ପାଦତଳେ ଅଶେଷ ଆନନ୍ଦ ପାଇପାରିବାର ଆଶା ଜାଗରିତ ହେଲା ।

୧୪୭ । ମୋ'ର ସୌଭାଗ୍ୟରୁ ମୁଁ ସାଇଙ୍କ ପାଦ ତଳେ ପହଂଚିପାରିଲି। ତାଙ୍କ ପାଦ ମାନସରୋବର[୨୬] ଭଳି ପବିତ୍ର ଓ ମୋ ଭଳି କାକକୁ ହଂସରେ ପରିଣତ କରି ଦେଇପାରିବ। ଶ୍ରୀସାଇ ଶ୍ରେଷ୍ଠ ମହନ୍ତ, ସନ୍ଥଶିରୋମଣି, ମହର୍ଷି ଓ ମହାଯୋଗୀ ଅଟନ୍ତି।

୧୪୮ । ସେ ଦୁଃଖ, କଷ୍ଟ ଓ ପାପ ବିନାଶକ। ଶ୍ରୀସାଇଙ୍କ ଭଳି ଜଣେ ମହାନୁଭବଙ୍କ ଦର୍ଶନ ପାଇ, ସଦ୍‌ଗୁଣର ଏଇ ଭଣ୍ଡାରର ସଂସ୍ପର୍ଶରେ ଆସି ମୁଁ କୃତାର୍ଥ ହୋଇଗଲି।

୧୪୯ । ମୋର ସମସ୍ତ ପୂର୍ବଜନ୍ମର ସୁକୃତ ଯୋଗୁଁ ଶ୍ରୀସାଇ ମହାରାଜଙ୍କର ଦର୍ଶନ ମିଳିଲା। ଆଖି ଆଗରେ ଶ୍ରୀସାଇଙ୍କ ରୂପ ଝଲସୁଥିଲେ ସମଗ୍ର ଜଗତ ସାଇମୟ ହୋଇଉଠେ।

୧୫୦ । ମୁଁ ଶିରିଡ଼ିରେ ପହଞ୍ଚିବାର ପ୍ରଥମ ଦିନହିଁ ବାଲାସାହେବ ଭଟେ[୨୭]ଙ୍କ ସହିତ ମୋର 'ଗୁରୁଙ୍କର ଆବଶ୍ୟକତା' ସମ୍ବନ୍ଧରେ ଯୁକ୍ତିତର୍କ ହୋଇଥିଲା।

୧୫୧ । "ନିଜର ସ୍ୱାଧୀନତାକୁ ବଳି ଦେଇ ଜଣେ ଅନ୍ୟ ଜଣକ ଉପରେ ନିର୍ଭରଶୀଳ ହେବ କାହିଁକି ? ଜଣେ ନିଜର କର୍ତ୍ତବ୍ୟ ଦକ୍ଷ ଭାବରେ ସୁଚାରୁ ରୂପେ ସମ୍ପାଦନ କରୁଥିବା ସମୟରେ ଏକ ଗୁରୁର ଆବଶ୍ୟକତା କ'ଣ ଅଛି ?

୧୫୨ । "ଜଣେ ନିଜର କର୍ତ୍ତବ୍ୟ କରିବା ଉଚିତ୍। ଯିଏ କିଛି କରିବ ନାହିଁ, ତା' ପାଇଁ ଗୁରୁ କ'ଣ କରିଦେବେ? ଯିଏ ଅପଦାର୍ଥ ଓ ଅଳସୁଆ, ତାକୁ କିଏ କ'ଣ ବା ଦେଇପାରିବ ?"

୧୫୩। ମୋର ଯେମିତି ଏହା ସରଳ ପ୍ରଶ୍ନ ଥିଲା, ଅପର ପକ୍ଷର ମତ ଏହାର ବିପରୀତ ଥିଲା । ଉଭୟ ପକ୍ଷ ନିଜ ନିଜ ଜିଦ୍‌ରେ ସମାନ ଭାବରେ ଅଟଳ ଥିଲେ । ଆଉ ବାଦବିବାଦ ବଳବତ୍ତର ଥିଲା ।

୧୫୪ । ସମସ୍ତ ପ୍ରକାର ବାଦବିବାଦର ମୂଳ ହେଉଛି ଆତ୍ମ-ପ୍ରବଞ୍ଚନା । ଏହା ଅହଂଭାବର ଲକ୍ଷଣ। ଏହା ନଥିଲେ ପୃଥିବୀରେ ଏପରି କୌଣସି ଯୁକ୍ତିତର୍କ ହେଉନଥାନ୍ତା !

୧୫୫ । ବିରୋଧୀ ପକ୍ଷର ଯୁକ୍ତି ଥିଲା ଯେ ଜଣେ ବ୍ୟକ୍ତି ଜ୍ଞାନୀ ଓ ବେଦଜ୍ଞ ହୋଇଥିଲେ ମଧ୍ୟ ଗୁରୁକୃପା ବିନା ତାଙ୍କର ଶାସ୍ତ୍ରଜ୍ଞାନ କେବଳ ପୋଥିବାଇଗଣ ହୋଇ ରହିଯିବ ।

୧୫୬ । ଭାଗ୍ୟ ବଡ଼ ନା ଜଣକର ଚେଷ୍ଟା ବଡ଼? ଏହାକୁ ନେଇ ପ୍ରବଳ ଯୁକ୍ତିତର୍କ ଚାଲିଥିଲାବେଳେ ମୁଁ ପଚାରିଥିଲି, "ଆପଣ ପୂରାପୂରି ଭାଗ୍ୟ ଉପରେ ନିର୍ଭର କରି କ'ଣ ପାଇବେ ?"

୧୫୭ । ଏହା ବିପକ୍ଷରେ ସେ କହିଥିଲେ, "ଭାଗ୍ୟକୁ କେହି ବଦଳାଇ ଦେଇ ପାରିବେନାହିଁ। ଭବିତବ୍ୟକୁ ଏଡ଼େଇ ଦେଇ ପାରିବେ ନାହିଁ। ଏପରିକି ବହୁତ ଦାମ୍ଭିକ ବ୍ୟକ୍ତି ବି ଏ କ୍ଷେତ୍ରରେ ଅସହାୟ ହୋଇ ପଡ଼ିଥାନ୍ତି।

୧୫୮ । "ଭାଗ୍ୟକୁ କିଏ ଅମାନ୍ୟ କରିପାରିବ ? ତୁମେ କିଛି ଗୋଟାଏ କରିବା ପାଇଁ ଚେଷ୍ଟା କରୁଥିବ, କିନ୍ତୁ ତାହା ବେଶ୍ ଭିନ୍ନ ମୋଡ଼ ନେଉଥିବ । ନିଜର ବାକ୍‌ଚାତୁରୀକୁ ନିଜ ପାଖରେ ରଖିଦିଅ । ନିଜର ଅହଂଭାବ ତ୍ୟାଗ କରିବାକୁ ହେବ ।"

୧୫୯ । ମୁଁ କହିଥିଲି, "ଆପଣ ଇଏ କ'ଣ କହୁଛନ୍ତି ? ଜଣେ ଚେଷ୍ଟାକଲେ ସବୁ ପାଇପାରିବ । ଅଳସୁଆକୁ ଭାଗ୍ୟ କେମିତି ପ୍ରସନ୍ନ ହେବ ?"

୧୬୦ । "ଜଣେ ତାହାର ଚେଷ୍ଟା ବଳରେ ଉଠିପାରେ ବୋଲି ଶାସ୍ତ୍ର ମଧ୍ୟ କହିଛି । ତାହାକୁ ବେଖାତିର କରି କେହି ଆଗକୁ ଯାଇପାରିବ କି ?"

୧୬୧ । "ଯିଏ ଯାହା କରିବାକୁ ଚାହେଁ, ସିଏ ତାହା ନିଜେ କରିବା ଉଚିତ୍ । ସେ ଜଣେ ଗୁରୁଙ୍କୁ ଅନୁସରଣ କରିବ କାହିଁକି ? ନିଜେ ସତର୍କ ନରହିଲେ ଗୁରୁ ଯଥେଷ୍ଟ ହେବେ ନାହିଁ ।

୧୬୨ । "ଭଲ ମନ୍ଦ ମଧ୍ୟରେ ପ୍ରଭେଦ ଦେଖୁନଥିବା ଓ ଆତ୍ମଶୁଦ୍ଧିର ଉପାୟ ଜାଣୁନଥିବା ମନ୍ଦ ପ୍ରକୃତିର ବ୍ୟକ୍ତିଙ୍କୁ ଗୁରୁ କିପରି ସଫଳତା ଆଣି ଦେଇପାରିବେ ?"

୧୬୩ । ଏଭଳି ଯୁକ୍ତିର ଶେଷ ନଥିଲା । ଫଳ ମଧ୍ୟ କିଛି ବାହାରୁନଥିଲା । ମୁଁ ମାନସିକ ଶାନ୍ତି ହରାଇବା ହିଁ ସାର ହୋଇଥିଲା ।

୧୬୪ । ଯୁକ୍ତିତର୍କ ଚାଲିଥିଲା । କେହି କ୍ଷଣକ ପାଇଁ ବି ଥକି ପଡ଼ିନଥିଲେ । ପ୍ରାୟ ପଚାଶ ମିନିଟ୍ ଧରି ଏଭଳି ଚାଲିଥିଲା । ଶେଷକୁ ପାଟି ବନ୍ଦ କରିଥିଲୁ ।

୧୬୫ । ମସ୍‌ଜିଦ୍‌ରେ ଅନ୍ୟ କେତେକଙ୍କ ସହ ଆମେ ପହଂଚିବା ମାତ୍ରେ ବାବା କାକାସାହେବଙ୍କୁ କ'ଣ ପଚାରିଥିଲେ ଶୁଣନ୍ତୁ !

୧୬୬ । "ୱାଡ଼ାରେ କ'ଣ ସବୁ ଚାଲିଥିଲା ? ବାଦବିବାଦର କାରଣ କ'ଣ ଥିଲା? ଏହି ହେମାଡ଼ପନ୍ତ କ'ଣ କହୁଥିଲା ?" ସେ ମୋ ଆଡ଼କୁ ଅନେଇ ଏହି କଥା ପଚାରିଥିଲେ ।

୧୬୭ । ମସ୍‌ଜିଦ୍ ଓ ୱାଡ଼ା ମଧ୍ୟରେ ଅନେକ ଦୂରତା ଥିଲା । ବାବା କିପରି ଏକଥା ଜାଣିଲେ ? ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

୧୬୮ । ସେ ଯାହାବି ହେଉ, ବାବାଙ୍କ କଥାର ତୀର୍ଯ୍ୟକ ମୋତେ ଆଘାତ ଦେଲା । ମୋତେ ଲାଜ ଲାଗିଲା ଓ ମୋ ପାଟିରୁ କଥା ବାହାରିଲା ନାହିଁ । ମୋର ଏଇ ପ୍ରଥମ ସାକ୍ଷାତ ବେଳରେ ଏହିଭଳି ଅଶୋଭନୀୟ ଏକ ଘଟଣା ଘଟିଲା ।

୧୬୯ । ସକାଳେ ହୋଇଥିବା ଯୁକ୍ତିତର୍କ ଥିଲା କାରଣ, ଯେଉଁଥିପାଇଁ ବାବା ମୋତେ 'ହେମାଡ଼ପନ୍ତ' ବୋଲି ନାମ ଦେଲେ । କେଉଁ କାରଣରୁ ସେ ହେମାଡ଼ ନାମଟିକୁ ସ୍ମରଣ କରିଥିଲେ ବୋଲି ମୁଁ ମନେ ମନେ ଚିନ୍ତା କଲି ।


ଗୋବିନ୍ଦ ଦାଭୋଲକର ଓରଫ ହେମାଡ଼ପନ୍ତ

୧୭୦ । ଦେବଗିରି ରାଜ୍ୟର ଯାଦବରାଜାମାନେ ଦୌଲତାବାଦର ଯାଦବ ବୋଲି ବିଦିତ ଥିଲେ । ସେମାନଙ୍କ ରାଜ୍ୟର ଐଶ୍ୱର୍ଯ୍ୟ ତ୍ରୟୋଦଶ ଶତାବ୍ଦୀରେ ମହାରାଷ୍ଟ୍ରର ଗୌରବ ବୃଦ୍ଧି କରିଥିଲା ।

୧୭୧ । ଏହି ଯାଦବ ବଂଶର ରାଜା ମହାଦେବ ମର୍ଯ୍ୟାଦାବନ୍ତ ଓ ଗୌରବଶାଳୀ ଶାସକ[୨୮] ଥିଲେ । ତାଙ୍କର ପୁତୁରା ରାମଦେବ ଜଣେ କର୍ମବୀର ଥିଲେ । ସେ ମଧ୍ୟ ନିଜର ଶୌର୍ଯ୍ୟ ପାଇଁ ବିଖ୍ୟାତ ହୋଇଥିଲେ ।

୧୭୨ । ସେ ଯାଦବକୁଳର ମଉଡ଼ମଣି ଓ ରାଜାମାନଙ୍କ ମଧ୍ୟରେ ଅଗ୍ରଣୀ 'ରାମରାଜା' ଥିଲେ । ହିମାଦ୍ରି ଉଭୟଙ୍କର ଶାସନ ସମୟରେ ମନ୍ତ୍ରୀ ଥିଲେ । ହିମାଦ୍ରି ଅନେକ ସଦ୍‌ଗୁଣର ଅଧିକାରୀ ତଥା ଜଣେ ବିଜ୍ଞ ବ୍ୟକ୍ତି ଥିଲେ ।

୧୭୩ । ହିମାଦ୍ରିଙ୍କର ଧର୍ମଶାସ୍ତ୍ର ଉପରେ ପାଣ୍ଡିତ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା । ବ୍ରାହ୍ମଣ[୨୯] ମାନଙ୍କୁ ସେ ଦାନ ଧର୍ମ କରୁଥିଲେ । ସେ ଏକ ସୁସଙ୍ଗତ ଧର୍ମୀୟ ଆଚାର ସଂହିତାର ପ୍ରଥମ ରଚୟିତା ଥିଲେ ।

୧୭୪ । ହିମାଦ୍ରି 'ଚତୁଃବର୍ଗ ଚିନ୍ତାମଣି[୩୦]' ନାମକ ଧର୍ମଗ୍ରନ୍ଥର ଲେଖକ ମଧ୍ୟ ଥିଲେ । ସେଥିରେ ବ୍ରତ, ଉପବାସ, ଦାନ, ଧର୍ମ, ତୀର୍ଥଯାତ୍ରା ଓ ମୋକ୍ଷପ୍ରାପ୍ତିର ମାର୍ଗ ଇତ୍ୟାଦି ଆଧ୍ୟାତ୍ମିକ ବିଷୟରେ ଅଜସ୍ର ତଥ୍ୟ ଓ ସୂଚନା ରହିଥିବାରୁ ତାହା ଅତ୍ୟନ୍ତ ପ୍ରସିଦ୍ଧ ହୋଇଥିଲା ।

୧୭୫ । ସଂସ୍କୃତ ନାମ 'ହିମାଦ୍ରିପନ୍ତ' କାଳକ୍ରମେ ପ୍ରାକୃତ[୩୧] ଭାଷାରେ ଅପଭ୍ରଂଶ ହୋଇ ହେମାଡ଼ପନ୍ତ ହୋଇଯାଇଥିଲା ।

ସେ ସେହି ସମୟରେ ଜଣେ ବିଚକ୍ଷଣ ଶାସକ ଓ କୂଟନୀତିଜ୍ଞ ଭାବରେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ।

୧୭୬ । ତାଙ୍କର ଗୋତ୍ର 'ବତ୍ସ' ନାମକ ମୁନିଙ୍କଠାରୁ ଉଦ୍ଭବ ହୋଇଥିବାବେଳେ ମୋର ହେଉଛି 'ଭରଦ୍ୱାଜ' ଗୋତ୍ର। ତାଙ୍କ ଗୋତ୍ରରେ ପାଂଚଜଣ ବିଖ୍ୟାତ ଥିବାବେଳେ ଆମ ଗୋତ୍ରରେ ତିନିଜଣ। ସେ ଯଜୁର୍ବେଦୀ ଥିବାବେଳେ ମୁଁ ହେଉଛି ଋଗ୍‌ବେଦୀ। ସେ ଧର୍ମଶାସ୍ତ୍ର ଅଧ୍ୟୟନ କରି ଶାସ୍ତ୍ରୀ ହୋଇଥିବାବେଳେ ମୁଁ ହେଉଛି ଗଣ୍ଡମୂର୍ଖ।

୧୭୭ । ସେ ମାଧ୍ୟନ୍ଦିନ[୩୨] ବ୍ରାହ୍ମଣ ଥିବାବେଳେ ମୁଁ ହେଉଛି ଶାକଲ୍ୟ[୩୨] ବ୍ରାହ୍ମଣ। ସେ ପଣ୍ଡିତ, ମୁଁ ମୂର୍ଖ। ସେ ଜ୍ଞାନୀ, ମୁଁ ଅଜ୍ଞ। ତା' ସତ୍ତ୍ୱେ ମୋତେ ଏଭଳି ସମ୍ବୋଧନ କାହିଁକି କରାଗଲା ?

୧୭୮ । ସେ ଜଣେ ପ୍ରବୀଣ ରାଜନୀତିଜ୍ଞ ଓ ରାଷ୍ଟ୍ରନେତା। ମୁଁ ମୂଢ଼ମତି। ତାଙ୍କର ସଂସ୍କୃତ କାବ୍ୟ 'ରାଜ୍ୟପ୍ରଶସ୍ତି' ବିଖ୍ୟାତ ଓ ବହୁଚର୍ଚ୍ଚିତ ଥିବାବେଳେ ମୁଁ ସାମାନ୍ୟ ପଦଟିଏ ରଚନା କରିବା ପାଇଁ ମଧ୍ୟ ସମର୍ଥ ନୁହେଁ।

୧୭୯ । ସେ ଲେଖକ ଓ ଚାରୁକଳାରେ ସିଦ୍ଧହସ୍ତ ଥିଲେ, ଅଥଚ ମୁଁ ନିରକ୍ଷର ଓ ଅଜ୍ଞ। ସେ ଜଣେ ବିଜ୍ଞ ଓ ଧର୍ମଶାସ୍ତ୍ରବିଶାରଦ ଥିବାବେଳେ ମୁଁ ଅଜ୍ଞାନୀ।

୧୮୦ । ତାଙ୍କର ବହି 'ଲିଖନକଳ୍ପତରୁ[୩୩]' ଭିନ୍ନ ଭିନ୍ନ ରୀତିର ଅନେକ କବିତାର ସମାହାର। ମୁଁ ବାବାଙ୍କର ଜଣେ ଅବୋଧ ସନ୍ତାନ, ପଦ ମିଳାଇ ଓ ଛନ୍ଦ ପକାଇ ଗୋଟିଏ କବିତା ବି ରଚନା କରିବାର ସାମର୍ଥ୍ୟ ମୋର ନାହିଁ।

୧୮୧ । ଗୋରା, ଚୋଖା, ସତ୍ୱାମାଳି, ନିବୃତ୍ତିନାଥ, ଜ୍ଞାନୋବା, ନାମଦେବ[୩୪] ଇତ୍ୟାଦି ଯେଉଁମାନେ ଭାଗବତ ଧର୍ମର ପ୍ରଚାର ଓ ପ୍ରସାର କରୁଥିଲେ, ସେମାନେ ତାଙ୍କ ସମୟରେ ଖୁବ୍ ବିଖ୍ୟାତ ହୋଇଥିଲେ।

୧୮୨ । ଜ୍ଞାନୀମାନଙ୍କ ସଭାରେ ପ୍ରଶାସକ ହେମାଡ଼ପନ୍ତ ପଣ୍ଡିତ ବୋପଦେଓଙ୍କ ପାଖରେ ଆସନ ଗ୍ରହଣ କରୁଥିଲେ । ବୋପଦେଓ ପଣ୍ଡିତମାନଙ୍କ ମଧ୍ୟରେ ରତ୍ନ ଭଳି ଶୋଭା ପାଉଥିଲେ।

୧୮୩। ତା'ପରେ ଉତ୍ତରପଟରୁ ମୁସଲମାନ ସୈନ୍ୟବାହିନୀ ମାଡ଼ିଆସିଥିଲେ। ଦାକ୍ଷିଣାତ୍ୟ ଶାସନର ପତନ ଘଟିଥିଲା ଓ ମୁସଲମାନ ଶାସନ ପ୍ରତିଷ୍ଠା ହୋଇଥିଲା।

୧୮୪ । ସୁତରାଂ,ମୋର ବୁଦ୍ଧିବୃତ୍ତି ପାଇଁ ଏହି ଉପାଧି ମୋତେ ମିଳିନଥିଲା । ବରଂ ମୋର ଯୁକ୍ତିବାଦିତା ଓ ବାକ୍‌ଚାତୁରୀ ପାଇଁ ଏହା ମିଳିଥିଲା । ମୋର ଅହଂଭାବର ବିନାଶ ପାଇଁ ଏହି ଉପାଧିକୁ ବାଣ ଭାବରେ ବ୍ୟବହାର କରାଯାଇଥିଲା।

୧୮୫ । ମୁଁ ମୋର ସୀମିତ ଜ୍ଞାନ[୩୫] କୁ ଧରି ଫୁଲି ଉଠୁଥିଲି ଓ ଉପଯୁକ୍ତ ଯୋଗ୍ୟତା ହାସଲ ନକରି କଥା କହୁଥିଲି। ସେ ଠିକ୍ ସମୟରେ ତିରସ୍କାର କରି ମୋର ଦୋଷତ୍ରୁଟି ପ୍ରତି ନଜର ଦେବାପାଇଁ ମୋର ଆଖି ଖୋଲିଦେଲେ।

୧୮୬ । ଏହା ହେଉଛି ମୋର ଅସ୍ୱାଭାବିକ ନାମକରଣର ଅସଲ ପୃଷ୍ଠଭୂମି । ଏହା ଶ୍ରୀସାଇଙ୍କ ମୁଖ ନିଃସୃତ ଥିଲା। ମୋର ଏହି ତାତ୍ପର୍ଯ୍ୟପୂର୍ଣ୍ଣ ନାମକରଣ ଅନୁଷ୍ଠାନ ଏକ ସୁଯୋଗ ଓ ସମୟୋଚିତ ଥିଲା । ମୁଁ ଏହାକୁ ଏକ ସମ୍ମାନ ବୋଲି ବିଚାର କରିଥିଲି ।

୧୮୭ । ଏଥିରୁ ମୁଁ ଶିକ୍ଷାଲାଭ କରିଥିଲି ଯେ ନିଷ୍ଫଳ ଯୁକ୍ତିତର୍କ ଭଲ ଲକ୍ଷଣ ନୁହେଁ। ତାହା ଅତ୍ୟନ୍ତ କ୍ଷତିକାରକ ହୋଇଥିବାରୁ ମୁଁ ଯେପରି ଏଥିରେ କେବେହେଲେ ଆଉ ବ୍ୟାପୃତ ନହୁଏ ବୋଲି ସ୍ଥିର କଲି।

୧୮୮ । ମୋର ଅହଂଭାବର ବିନାଶ ନିମନ୍ତେ ଏହି ଉପାଧି ଦିଆଯାଇଥିଲା। ମୁଁ ଏହାଦ୍ୱାରା ମୋର ଜୀବନର ଶେଷ ପର୍ଯ୍ୟନ୍ତ ଶିକ୍ଷା ପାଇଲି ଯେ ସବୁ ସମୟରେ ବିନମ୍ର ରହିବି।

୧୮୯ । ରାଜା ଦଶରଥଙ୍କ ପୁତ୍ର, ଈଶ୍ୱରଙ୍କ ଅବତାର ଓ ପୁରୁଷୋତ୍ତମ ଶ୍ରୀରାମ ମହାପ୍ରତାପଶାଳୀ, ବିଶ୍ୱବ୍ରହ୍ମାଣ୍ଡର ରକ୍ଷକ ଓ ସମସ୍ତ ମୁନିଋଷିଙ୍କ ମନ ଜିଣିଥିଲେ ମଧ୍ୟ ବଶିଷ୍ଠ[୩୬]ଋଷିଙ୍କ ଚରଣାଶ୍ରିତ ହୋଇଥିଲେ ।

୧୯୦ । ପରଂବ୍ରହ୍ମଙ୍କର ଅବତାର ଶ୍ରୀକୃଷ୍ଣ ମଧ୍ୟ ଗୁରୁ ବରଣ କରିଥିଲେ। ସନ୍ଦିପନୀ ଋଷିଙ୍କ ଆଶ୍ରମରେ ସେ ଗୁରୁଙ୍କ ନିମିତ୍ତ କାଷ୍ଠ ସଂଗ୍ରହ କରୁଥିଲେ ଓ ସେବା କରୁଥିଲେ, ଅନେକ କଷ୍ଟ ସହୁଥିଲେ।

୧୯୧ । ସେମାନଙ୍କ ତୁଳନାରେ ମୁଁ ଛାର କିଏ ? ମୁଁ ଯୁକ୍ତିତର୍କରେ ପଶିବି କାହିଁକି ? ଗୁରୁଙ୍କ ବିନା ଜ୍ଞାନ,ଦିବ୍ୟ କୃପା ବା ପରମାନନ୍ଦ ମିଳେନାହିଁ। ଏହାକୁ ଶାସ୍ତ୍ର ମଧ୍ୟ ସାବ୍ୟସ୍ତ କରିଛି।

୧୯୨ । ବୃଥା ଯୁକ୍ତିତର୍କ ଭଲ ନୁହେଁ। ଆମେ ପ୍ରତିଯୋଗୀ

ଭାବାପନ୍ନ ହେବା ମଧ୍ୟ ବାଞ୍ଛନୀୟ ନୁହଁ। ବିଶ୍ୱାସ ଓ ଧୈର୍ଯ୍ୟ ନଥିଲେ ସାମାନ୍ୟ ମାତ୍ରାରେ ବି ମୋକ୍ଷପ୍ରାପ୍ତି ହୁଏନାହିଁ।

୧୯୩। ମୋର ଏ ସମ୍ବନ୍ଧରେ ପରେ ଅନୁଭୂତି ହୋଇଥିଲା। ଏହିଭଳି ଭାବରେ ମୁଁ ଏହି ଉପାଧିକୁ ବିନମ୍ରତାର ସହିତ ଗ୍ରହଣ କରିଥିଲି, କାରଣ ଏହା ମୋତେ ଶ୍ରଦ୍ଧା ଓ ଆଶୀର୍ବାଦ ସହ ଦିଆଯାଇଥିଲା।

୧୯୪। ଏବେ ଏହି କଥା ଶେଷ କରିବା। ଗୋଟିଏ ପକ୍ଷର ଯୁକ୍ତି ଓ ଅନ୍ୟ ପକ୍ଷର ପ୍ରତି-ଆକ୍ରମଣ, ତୁମୁଳ ବାଦାନୁବାଦ କେବଳ ଉତ୍ତେଜନା ଓ ତିକ୍ତତା ଉତ୍ପନ୍ନ କରେ। ଏହା ସମସ୍ତଙ୍କୁ ଶିକ୍ଷାଦିଏ ଯେ ସେମାନେ ପରସ୍ପର ମଧ୍ୟରେ ସମୁଚିତ ବୁଝାମଣା ରକ୍ଷା କରିବେ।

୧୯୫। ଏହାହିଁ ଏଇ ଗ୍ରନ୍ଥର ମୂଳ କଥା। ଏଥିରେ ଲେଖକର ଯୋଗ୍ୟତା ଓ ତା'ର ଶ୍ରୀସାଇଙ୍କ ସହିତ ସମ୍ବନ୍ଧ ଦର୍ଶାଯାଇଛି । ଶ୍ରୀସାଇହିଁ ଏହି ଲେଖକର ନୂତନ ନାମକରଣ କରିଛନ୍ତି, ଏହି ବର୍ଣ୍ଣନା କରାଇଛନ୍ତି ଓ ଆପଣମାନଙ୍କୁ ଶୁଣାଇଛନ୍ତି । ସବୁ ତାଙ୍କରି ଲୀଳା ।

୧୯୬। ଏହି ଅଧ୍ୟାୟ ବହୁତ ବଢ଼ିଗଲାଣି ଓ ଏହାକୁ ଏବେ ସମାପ୍ତ କରୁଛି। ହେମାଡ଼ପନ୍ତ ଶ୍ରୀସାଇଙ୍କ ଶ୍ରୀଚରଣରେ ସସମ୍ମାନେ ନତମସ୍ତକ ହେଉଛି । ସମୟକ୍ରମେ ଏହି କଥା ବିସ୍ତୃତ ଭାବରେ କୁହାଯିବ । ଅନୁଗ୍ରହ କରି ଶୁଣିବା ପାଇଁ ପ୍ରସ୍ତୁତ ରହନ୍ତୁ।

୧୯୭। ଶ୍ରୀସାଇ ହିଁ କେବଳ ଆମର ସୁଖ, ସମୃଦ୍ଧିଦାତା। ଶ୍ରୀସାଇ ହିଁ କେବଳ ପ୍ରକୃତ ଜ୍ଞାନ ମଧ୍ୟରୁ ଜାତ ଆମର ପରମାନନ୍ଦ । ଶ୍ରୀସାଇ ହିଁ କେବଳ ଆମର ପରମ ତ୍ୟାଗ । ଶ୍ରୀସାଇ ହିଁ ଆମର ଶେଷ ଆଶ୍ରୟ।

୧୯୮। ଶ୍ରୀସାଇଙ୍କ କୃପାରୁ ଆମେ ତାଙ୍କର ଜୀବନଚରିତ ଶୁଣିବୁ ଓ ଏହି କଳିଯୁଗର ସମସ୍ତ ପାପକଳୁଷର ମୂଳୋତ୍ପାଟନ କରିବାକୁ ଏବଂ ପାର୍ଥିବ ଜୀବନର ଭୟଙ୍କର ଓ ବନ୍ଧୁର ପଥ ଅତିକ୍ରମ କରିବାକୁ ଆମେ ସମର୍ଥ ହେବୁ ।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ଥ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ନାମକରଣ ଅନୁଷ୍ଠାନର ସ୍ମୃତି ବର୍ଣ୍ଣନାର ଉଦ୍ଦେଶ୍ୟ" ଶୀର୍ଷକ ଦ୍ୱିତୀୟ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ!

ପଦଟୀକା

୧- ଲବଣ ସାଗର, ଇକ୍ଷୁ ସାଗର, ସୁରା ସାଗର, ଘୃତ ସାଗର, ଦଧି ସାଗର, ମଧୁ ସାଗର ଓ କ୍ଷୀର ସାଗର।

୨- ୧୬୭୮ ମସିହା।

୩- ୧୮୭୮ ମସିହା।

୪-ତୁକାରାମଙ୍କ ଦ୍ୱାରା ଅନୁପ୍ରାଣିତ ମହାରାଷ୍ଟ୍ରର ପ୍ରଖ୍ୟାତ ଧର୍ମ ପୁସ୍ତକ ପ୍ରଣେତା।

୫- ସ୍ୱତନ୍ତ୍ର ଛନ୍ଦରେ ରଚିତ ଭକ୍ତି ସଂଗୀତ।

୬- ଏହି ପକ୍ଷୀ ଜ୍ୟୋସ୍ନା ଓ ବର୍ଷାଜଳ ଖାଇ ବଂଚେ ବୋଲି କୁହାଯାଏ।

୭- ପ୍ରବାଦ ଅଛି ଯେ ଏହି କ୍ଷୁଦ୍ରପକ୍ଷୀ ସମୁଦ୍ରକୁ ଶୋଷି ଶୁଖାଇ ଦେଇଥିଲା ।

୮- ଭକ୍ତଙ୍କର ଗୋପନ କୁକର୍ମ।

୯- କୁଟାଖିଏ ପରି।

୧୦- ସଂଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସ୍ୱାଧ୍ୟାୟ।

୧୧- ପ୍ରତିଫଳ ନିୟମ ବା କାର୍ଯ୍ୟ-କାରଣ ସୂତ୍ର ଅନୁଯାୟୀ।

୧୨- ସ୍କୁଲ ଶିକ୍ଷକ ମାଧବରାଓ ଦେଶପାଣ୍ଡେ ଓରଫ ଶାମା ବାବାଙ୍କର ଅତି ପ୍ରିୟ ଶିଷ୍ୟ।

୧୩- ମୁକ୍ତି, ମୋକ୍ଷ ବା ପରିତ୍ରାଣ

୧୪- ଦିବ୍ୟଦୃଷ୍ଟି।

୧୫- ଗୁରୁ, ସ୍ନେହଶୀଳା ମାତା ।

୧୬- ଜୋଆରରୁ ପ୍ରସ୍ତୁତ ମୋଟା ରୁଟି।

୧୭- ବାବାଙ୍କ ଧୁନିର ପବିତ୍ର ପାଉଁଶ।

୧୮- ଗର୍ଭ ଧାରଣ ପୂର୍ବରୁ ବା ଗର୍ଭ ହେବାପରେ କରାଯାଉଥିବା ହୋମ,ଗର୍ଭରେ ଭ୍ରୂଣର ଜୀବନ ପାଇଁ ହୋମ, ତୃତୀୟ ମାସର ହୋମ, ସପ୍ତମ ମାସର ହୋମ,ଚତୁର୍ଥ, ଷଷ୍ଠ ବା ଅଷ୍ଟମ ମାସର ହୋମ, ନାଭି କାଟିବା ପୂର୍ବରୁ ସୁନା ଚାମଚରେ ଶିଶୁକୁ ଲହୁଣୀ ଖୁଆଇବା, ନାମକରଣ, ତୃତୀୟ ଶୁକ୍ଳ ପକ୍ଷର ତୃତୀୟା ଦିନ ପିଲାକୁ ବାହାରକୁ ଚନ୍ଦ୍ର କିରଣ ଦେଖାଇବାକୁ ନେବା, ତୃତୀୟ କିମ୍ବା ଚତୁର୍ଥ ମାସରେ ସୂର୍ଯ୍ୟଙ୍କ ଦର୍ଶନ କରାଇବା,ଷଷ୍ଠ କିମ୍ବା ଅଷ୍ଟମ ମାସରେ ଅନ୍ନପ୍ରାଶନ, ଦ୍ୱିତୀୟ କିମ୍ବା ତୃତୀୟ ବର୍ଷରେ କାନଫୋଡ଼ା, ବ୍ରତୋପନୟନ,ଗାୟତ୍ରୀ ମନ୍ତ୍ର ଶିକ୍ଷା, ପଢାଘର, ପୂର୍ଣ୍ଣବିବାହ, ଦଶାହ।

୧୯- କାକାସାହେବ ଓରଫ୍ ହରି ସୀତାରାମ ଦୀକ୍ଷିତ ହେଲେ ବମ୍ବେଇର ଜଣେ ବିଶିଷ୍ଟ ଆଇନଜୀବୀ ଓ ବାବାଙ୍କର ପରମ ଭକ୍ତ । ବାବା ତାଙ୍କୁ 'କାକା' ବୋଲି ଡାକୁଥିଲେ ।

୨୦- ନାନାସାହେବ ଓରଫ୍ ନାରାୟଣ ଗୋବିନ୍ଦ ଚାନ୍ଦୋରକର। ବାବା ତାଙ୍କୁ 'ନାନା' ବୋଲି ଡାକୁଥିଲେ ।

୨୧- ଲୋକାଲ ଟ୍ରେନ ବାନ୍ଦ୍ରାରୁ ଦାଦର ଯିବା ପାଇଁ।

୨୨- ରାଓ ବାହାଦୂର ଏଚ୍.ଭି. ସାଠେ ଶିରିଡ଼ିରେ ତୀର୍ଥଯାତ୍ରୀମାନଙ୍କ ପାଇଁ ପ୍ରଥମ ୱାଡ଼ା ବା ଧର୍ମଶାଳା ତିଆରି କରିଥିଲେ।

୨୩- ଘୋଡ଼ାଟଣା ଗାଡ଼ି।

୨୪- ମାରୁତି ଲକ୍ଷ୍ମଣ-କୃଷ୍ଣ ନୁଲକର-ପଣ୍ଢରପୁରର ସବ୍‌ଜଜ୍।

୨୫- ଲେଣ୍ଡିର ଅର୍ଥ ଏଠାରେ ଛୋଟ ଝରଣା। ବାବା ଲେଣ୍ଡିବାଗକୁ ନିୟମିତ ଯାଇ ସାଧନା କରୁଥିଲେ।

୨୬-ମାନସରୋବର ହ୍ରଦ। କୈଳାସ ପର୍ବତର ଦକ୍ଷିଣ-ପୂର୍ବ କୋଣକୁ ଅଠର ମାଇଲ ଦୂରରେ ଅବସ୍ଥିତ। ଏହି ପର୍ବତ ପୁରୁଷ ଅଙ୍ଗ ହେଲେ ଏହି ସରୋବର ସ୍ତ୍ରୀ ଅଙ୍ଗ । ପର୍ବତର ଉଚ୍ଚତା ସହିତ ସରୋବରର ଗଭୀରତା ସମାନ। ଏହି ସରୋବର ପର୍ବତର ଆଇନା ସଦୃଶ। ଏହି ସରୋବର ବ୍ରହ୍ମାଙ୍କ ମାନସରୁ ଜାତ। ହିନ୍ଦୁ ପ୍ରବାଦରୁ ଜଣାଯାଏ ଯେ,ବାରଜଣ ଋଷି ଧ୍ୟାନ ଓ ପ୍ରାର୍ଥନା କରିବା ପାଇଁ ଅତି ଦୂର ଦୁର୍ଗମ ଅଞ୍ଚଳକୁ ଯାଇଥିଲେ। ଜପତପ କରି ବହୁ ବର୍ଷ କଟାଇଥିଲେ ଓ ଶିବପାର୍ବତୀଙ୍କଠାରୁ ବର ପାଇଥିଲେ। ତଥାପି ସେମାନେ ପ୍ରତିଦିନ ଧ୍ୟାନ କରିବା ନିମନ୍ତେ ଉପଯୁକ୍ତ ସ୍ଥାନ ଖୋଜି ନ ପାଇବାରୁ ବ୍ରହ୍ମାଙ୍କୁ ପ୍ରାର୍ଥନା କରିଥିଲେ ଓ ବ୍ରହ୍ମାଙ୍କର ସର୍ବବ୍ୟାପୀ ମାନସର ଅସୀମ ଗଭୀରତାରୁ ଏହି ସରୋବର ସୃଷ୍ଟି ହେବା ସମୟରେ ନବଜାତ ଜଳରାଶି ମଧ୍ୟରୁ ଶିବଙ୍କର ପ୍ରତୀକ ସ୍ୱର୍ଣ୍ଣଲିଙ୍ଗର ଉତ୍‌ଥାନ ହୋଇଥିଲା।

୨ ॥ ନାମକରଣ ଅନୁଷ୍ଠାନର ସ୍ମୃତି ବର୍ଣ୍ଣନାର ଉଦ୍ଦେଶ୍ୟ ॥

୨୭- ଚାନ୍ଦୋରକର ଓ ଭଟେ କଲେଜରେ ପଢୁଥିବାବେଳେ ସାଂଗ ଥିଲେ। ଭଟେ ୧୮୮୪ ମସିହାରେ ଶିରିଡ଼ି ଆସିଥିବା ସମୟରେ ବାବା ତାଙ୍କୁ ଛଅମାସ ଛୁଟିରେ ରଖାଇଦେଲେ। ଭଟେ ସାକୋରିର ମାମଲତଦାର ପଦରେ ଆଉ ଯୋଗ ଦେଇନଥିଲେ ଓ ତାଙ୍କ ଚାକିରି ଛାଡ଼ି ଦେଇଥିଲେ । ଜଣେ ସଂଶୟୀ ବ୍ୟକ୍ତି କିପରି ଏକାନ୍ତ ଭକ୍ତ ପାଲଟିଥିଲେ, ସେ ଥିଲେ ତା'ର ଉଦାହରଣ ।

୨୮- ପଣ୍ଢରପୁରରେ ମହାରାଜା ମହାଦେବଙ୍କ ବିଷୟରେ ସମସ୍ତ ଲେଖା ଖୋଦିତ ହୋଇ ରହିଛି। ୧୨୭୦ ମସିହାର କଥା।

୨୯- ସେ ପ୍ରତ୍ୟହ ବ୍ରାହ୍ମଣଭୋଜନ ଦେଇ ଶହ ଶହ ବ୍ରାହ୍ମଣଙ୍କୁ ଖୁଆଉଥିଲେ।

୩୦-ଉପବାସ, ଦାନ, ତୀର୍ଥଯାତ୍ରା ଓ ମୋକ୍ଷ ସମ୍ବନ୍ଧରେ ଏହି ଗ୍ରନ୍ଥରେ ଆଲୋଚନା କରାଯାଇଛି।

୩୧- ସଂସ୍କୃତ ଭିନ୍ନ ଅନ୍ୟ ସମସ୍ତ ଭାଷା ପ୍ରାକୃତ, ଉଦାହରଣ ସ୍ୱରୂପ-ମରାଠୀ।

୩୨- ବ୍ରାହ୍ମଣମାନଙ୍କର ବିଭିନ୍ନ ବର୍ଗ।

୩୩- ମାସିକ 'ଆନନ୍ଦ' ପତ୍ରିକାର ୧୯୨୩ ଏପ୍ରିଲ, ସଂଖ୍ୟା ୨୦୧, ପୃଷ୍ଠା -୪୧୪, ଦ୍ରଷ୍ଟବ୍ୟ।

୩୪- ମହାରାଷ୍ଟ୍ରର ମହାନ୍ ସନ୍ଥ କବି ।

୩୫- ଅଜ୍ଞବିଦ୍ୟା ଭୟଙ୍କରୀ।

୩୬- ଗୁରୁ ବଶିଷ୍ଠ।

ମାଧବରାଓ ଦେଶପାଣ୍ଡେ (ଶାମା)

ମାଧବରାଓ ସୁଯୋଗ ପାଇ ବାବାଙ୍କୁ ପଚାରିଥିଲେ: "ଏଇ ଅନ୍ନାସାହେବ (ଦାଭୋଲକର) କହୁଛନ୍ତି ଯେ ସେ ତାଙ୍କର ଦକ୍ଷତା ଓ ଯୋଗ୍ୟତା ଅନୁଯାୟୀ ଆପଣଙ୍କର ଜୀବନୀ ଲେଖିବାକୁ ମନ ବଳାଇଛନ୍ତି ଯଦି ଆପଣ ଏଥିପାଇଁ ସମ୍ମତି ଦିଅନ୍ତି।" (୨ୟ ଅଧ୍ୟାୟ, ପଂକ୍ତି-୬୭)

॥ ୩ ॥
ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ଏବେ ମୁଁ ପୂର୍ବ ବର୍ଣ୍ଣନାର ସୂତ୍ର ଧରୁଛି। ଶ୍ରୀସାଇ ମୋତେ ନିର୍ଭର ପ୍ରତିଶ୍ରୁତି ଦେଇ କହିଲେ, "ମୁଁ ତୁମକୁ ମୋ ଜୀବନ ଚରିତ ବର୍ଣ୍ଣନା କରିବା ପାଇଁ ପୂର୍ଣ୍ଣ ଅନୁମତି ଦେଉଛି।

୨। "ତୁମେ ତୁମର କର୍ତ୍ତବ୍ୟ କରିଯାଅ। ତୁମର ମନ ଭିତରେ ଟିକିଏ ହେଲେବି ସନ୍ଦେହ ରଖନାହିଁ। ମୋ କଥା ଉପରେ ସଂପୂର୍ଣ୍ଣ ଭରସା ରଖ ଓ ଦୃଢ଼ମନସ୍କ ହୁଅ।

୩। "ତୁମେ ମୋର ଲୀଳା ସମ୍ବନ୍ଧରେ ଲେଖିଲେ ଏହା ଅଜ୍ଞତାବଶତଃ ଉପୁଜିଥିବା ଦୋଷତ୍ରୁଟି ଦୂର କରିଦେବ। ଆଉ ତୁମେ ଏହାକୁ ଦୃଢ ବିଶ୍ୱାସର ସହିତ ଶୁଣିଲେ ସାଂସାରିକ ବନ୍ଧନ ହଟିଯିବ।

୪। "ଏହା ଦ୍ୱାରା ପ୍ରେମ ଓ ଭକ୍ତିର ତରଙ୍ଗ ମନରୂପକ ସାଗରରେ ଉତ୍‌ଥିତ ହେବ ଏବଂ ସେଥିରେ ଥରକୁ ଥର ଅବଗାହନ କଲେ ଜ୍ଞାନର ମଣିମାଣିକ୍ୟ ପାଇପାରିବ।"

୫। ମୁଁ ଏସବୁ କଥା ଶୁଣିବା ପରେ ମୋର ସମସ୍ତ ସନ୍ଦେହ ଦୂର ହୋଇଗଲା। ସାଇଙ୍କ ଶ୍ରୀଚରଣରେ ମୁଣ୍ଡିଆ ମାରି ଓ ମୋର ସ୍ମୃତିକୁ ଆଧାର କରି ଏହି ଜୀବନୀ ଲେଖିବା ଆରମ୍ଭ କଲି।

୬। ବାବାଙ୍କ ତୁଣ୍ଡରୁ ଏହି କଥା ବାହାରିବାମାତ୍ରେ, ମୁଁ ଭାବିଲି ଯେ ଏହାହିଁ ଶୁଭ ସୂଚନା। ଗ୍ରନ୍ଥ ନିଶ୍ଚିତ ଭାବରେ ସ୍ୱତଃ ସମ୍ପୂର୍ଣ୍ଣ ହେବ। ମୁଁ କେବଳ ଦାସ ଭାବରେ ଏହାକୁ ମୋ ହାତରେ ଲେଖି ଚାଲିବି।

୭। ଈଶ୍ୱରଙ୍କର ଲୀଳା କେତେ ବିଚିତ୍ର ଓ ରହସ୍ୟମୟ। ଏହା କଳ୍ପନାର ବହିର୍ଭୂତ ଓ କେବଳ ତାଙ୍କୁ ହିଁ ଏହା ଗୋଚର। ଏପରିକି ସମସ୍ତ ବେଦ ଓ ଶାସ୍ତ୍ର ମଧ୍ୟ ଏ ସଂପର୍କରେ ନିରବ।

୮। ବେଦଜ୍ଞ, ଶାସ୍ତ୍ରଜ୍ଞ, ଜ୍ଞାନୀ ଓ ଗୁଣୀଜନ ଏବଂ ତର୍କବିଦ୍‌ମାନେ ସେମାନଙ୍କ ମୁଣ୍ଡବାଳ ଛିଣ୍ଡାଇ ଦେଲେବି ଏହା ବୁଝି ପାରନ୍ତି ନାହିଁ।

୯। ଭଗବାନ ତାଙ୍କ ଭକ୍ତଙ୍କର ଅଧୀନ। ସେ ସରଳ ଓ ନିଷ୍କପଟ ଭକ୍ତି ଚାହାନ୍ତି। ତାଙ୍କୁ ଶ୍ରଦ୍ଧା କରୁଥିବା ଭକ୍ତମାନଙ୍କ ବଶରେ ସେ ସମ୍ପୂର୍ଣ୍ଣ ଭାବରେ ରହନ୍ତି। ଛଳନାକାରୀଙ୍କ ପ୍ରତି ସେ ସଦା ବୀତସ୍ପୃହ ହୋଇଥାନ୍ତି।

୧୦। ବାବା ଶାମାଙ୍କୁ କହିଲେ, "ଏଥିରେ ତୁମର ମଙ୍ଗଳ। ମୋ ଅବତାରର ଉଦ୍ଦେଶ୍ୟ ଏଥିରେ ପୂର୍ଣ୍ଣ ହେବ। ମୁଁ ଏହା ବାରମ୍ବାର କହୁଛି। ମୁଁ ସର୍ବଦା ଏ ସମ୍ପର୍କରେ ଉଦ୍‌ଗ୍ରୀବ।

୧୧। "ହେ ଶାମା! ମୁଁ ଆହୁରି କହୁଛି, ଯିଏ ମୋର ନାମକୁ ଶ୍ରଦ୍ଧାର ସହିତ ସ୍ମରଣ କରିବ, ମୁଁ ତାହାର ସମସ୍ତ ଇଚ୍ଛା ପୂରଣ କରିବି ଓ ତାହାର ଭକ୍ତି ବୃଦ୍ଧି କରାଇବି।

୧୨। "ଯିଏ ଆନ୍ତରିକତା ସହକାରେ ମୋର ଜୀବନ ଚରିତ ଗାନ କରିବ ଏବଂ ମୋର ଶକ୍ତି, ଗୁଣ ଓ ମହିମା

କୀର୍ତ୍ତନ କରିବ, ମୁଁ ତାହାକୁ ଚତୁର୍ଦ୍ଦିଗରୁ ବେଷ୍ଟନ କରି ସଂପୂର୍ଣ୍ଣ ଭାବରେ ରକ୍ଷା କରିବି।

୧୩। "ଯେଉଁ ଭକ୍ତମାନେ ମନ ପ୍ରାଣରେ ମୋ ସହିତ ଏକାତ୍ମ ହୋଇଛନ୍ତି, ସେମାନେ ମୋ ଜୀବନ ଚରିତ ଶୁଣିଲେ ନିଶ୍ଚିତ ଭାବରେ ସୁଖୀ ହେବେ।

୧୪। "ଯିଏ ମୋର ଗୁଣ କୀର୍ତ୍ତନ କରିବ, ମୁଁ ତାହାକୁ ପରିପୂର୍ଣ୍ଣ ସୁଖ, ଚିରସ୍ଥାୟୀ ଆନନ୍ଦ ଓ ସନ୍ତୋଷ ପ୍ରଦାନ କରିବି। ଏହା ସତ୍ୟ ବୋଲି ବିଶ୍ୱାସ କର ।

୧୫। "ଯିଏ ବିଶ୍ୱାସ ରଖି ମୋର ଗୁଣ କୀର୍ତ୍ତନ କରେ, ମୋର ସଂପୂର୍ଣ୍ଣ ଶରଣାଗତ ହୁଏ, ନିରନ୍ତର ମୋର ନାମ ଜପ କରେ ଓ ମୋତେ ଧ୍ୟାନ କରେ, ମୁଁ ପ୍ରତିଜ୍ଞା କରୁଛି ତାହାକୁ ନିଶ୍ଚୟ ଉଦ୍ଧାର କରିବି।

୧୬। "ଯିଏ ନିତିଦିନ ମୋର ନାମ ସ୍ମରଣ କରେ, ମୋତେ ପୂଜାର୍ଚ୍ଚନା କରେ, ପାଠ ପଠନ କରେ, ଯାହାର ପବିତ୍ର ପୁରାଣ ପାଠ ମୋ ସମ୍ପର୍କରେହିଁ ହୋଇଥାଏ, ଯିଏ ମୋତେ ଧ୍ୟାନ କରେ, ଯିଏ ନିରନ୍ତର ମୋର ନାମଜପ କରେ, ସେ କିପରି ସାଂସାରିକ ସୁଖପ୍ରାପ୍ତି ପାଇଁ ଇଚ୍ଛା କରିବ ?

୧୭। "ମୃତ୍ୟୁର କରାଳ ମୁଖ ଭିତରୁ ମୁଁ ମୋ ଭକ୍ତମାନଙ୍କୁ ଟାଣି ଆଣିବି। ମୋର ଜୀବନ ଚରିତ ଶୁଣିଲେ ରୋଗବ୍ୟାଧି କୁଆଡ଼େ ଚାଲିଯିବ ।

୧୮। "ଏକଥା ଯଥୋଚିତ ମାନ୍ୟ ଦେଇ ଶୁଣ ଓ ଏହା ଉପରେ ସମ୍ପୂର୍ଣ୍ଣ ଧ୍ୟାନ ରଖ । ଏହାକୁ ନିବିଷ୍ଟ ଚିତ୍ତରେ ଚିନ୍ତନ କର । ତୁମେ ଶାନ୍ତି ଲାଭ କରିବ ।

୧୯। "ତୁମେ ଓ ମୁଁ ହଜିଯିବା। ଶ୍ରୋତାମାନଙ୍କର ମନ ଭଗବାନଙ୍କଠାରେ ନିମଜ୍ଜିତ ହେବ। ମନ ଦିବ୍ୟଶକ୍ତିର ଏକ ସଞ୍ଚିତ ଭଣ୍ଡାର ହେବ ଓ ଏକାଗ୍ରତାପୂର୍ଣ୍ଣ ହେବ, ମନରେ ସଂପୂର୍ଣ୍ଣ ବିଶ୍ୱାସ ଆସିବ।

୨୦। "କେବଳ 'ସାଇ' ନାମର ବାରମ୍ବାର ଉଚ୍ଚାରଣ କଳିଯୁଗରେ ସମସ୍ତ ପାପକୁ ଜାଳିପୋଡ଼ି ଦେବ। ଥରେ ସାଷ୍ଟାଙ୍ଗ ପ୍ରଣିପାତ କଲେ, ବାକ୍ ଓ ଶ୍ରବଣରୁ ଉଦ୍ଭବ ଅତୀତର ପାପ ଧ୍ୱଂସ ହୋଇଯିବ।"

୨୧। ଯଦିଓ ଏହି ଲେଖିବା କାର୍ଯ୍ୟ ଏକ ମାମୁଲି କାମ ନୁହେଁ, ମୁଁ ଭକ୍ତି ସହକାରେ ଆଦେଶକୁ ମାନି ନେଲି। ବାବାଙ୍କ ଭଳି ଜଣେ ବାଗ୍ମୀ ଥାଉଁ ଥାଉଁ ମୁଁ କାହିଁକି ବା ନିଜକୁ ନ୍ୟୂନ ମନେ କରିବି ?

୨୨। ଶ୍ରୀସାଇଙ୍କ ନିର୍ଦ୍ଦେଶରେ କେତେଜଣ ଭକ୍ତ ମନ୍ଦିର ତୋଳିବାରେ ଲାଗିଥିଲେ,କେତେଜଣ କୀର୍ତ୍ତନଂରେ ମଜ୍ଜିଯାଇଥିଲେ, କେହି କେହି ତୀର୍ଥାଟନରେ ଯାଇଥିଲେ, ମୋତେ କିନ୍ତୁ ବସି ବସି ଗ୍ରନ୍ଥ ଲେଖିବା ପାଇଁ ଅନୁମତି ମିଳିଲା।

୨୩। ଏଇ ସମସ୍ତ ଭକ୍ତଙ୍କ ମଧ୍ୟରେ ମୁଁ ଅକିଞ୍ଚନ। ମୁଁ ଜାଣିନି ମୋର କେଉଁ ଗୁଣ ଦେଖି ଦୟାର ସାଗର ଓ କରୁଣାବତାର ଶ୍ରୀସାଇ ମୋ ଉପରେ ଏପରି ପ୍ରସନ୍ନ ହେଲେ ଓ କୃପାବୃଷ୍ଟି କଲେ ।

୨୪। ଏହା ହିଁ ଗୁରୁଙ୍କ କୃପାର ଚମତ୍କାରିତା। ତାଙ୍କରି କୃପା ପ୍ରାପ୍ତ ହେଲେ ଏକଦମ୍ ଶୁଖିଲା ମାଟି ଉପରେ ଶୁଷ୍କ ଓ ମୃତ ପ୍ରାୟ ବୃକ୍ଷ ମଧ୍ୟ ବିନା ପ୍ରଚେଷ୍ଟାରେ ପ୍ରଚୁର ପତ୍ର, ପୁଷ୍ପ, ଫଳ ଶୋଭିତ ହୋଇଯାଇପାରେ।

୨୫। ଭବିଷ୍ୟତରେ କେହି କେହି ମଠ ତିଆରି କରିବେ, ମନ୍ଦିର ତିଆରି କରିବେ ବା କେହି କେହି ଘାଟ ତିଆରି କରି ପାରନ୍ତି, ମୁଁ କିନ୍ତୁ ସିଧାସଳଖ ସାଇଙ୍କର ଜୀବନଚରିତ ଗାନ କରି ଚାଲିବି।

୨୬। ଭକ୍ତି ସହକାରେ କେହି କେହି ସାଇଙ୍କୁ ପୂଜା କରୁଛନ୍ତି ତ କେହି କେହି ଆସ୍ତେ ଆସ୍ତେ ତାଙ୍କର ପାଦ ସେବା କରୁଛନ୍ତି, ମୋ ମନ କିନ୍ତୁ ତାଙ୍କର ଲୀଳା କୀର୍ତ୍ତନ କରିବା ପାଇଁ ବ୍ୟାକୁଳ ।

୨୭। ସତ୍ୟଯୁଗରେ ଧ୍ୟାନ ଦ୍ୱାରା, ତ୍ରେତା ଯୁଗରେ ହୋମ ଯଜ୍ଞ ଦ୍ୱାରା, ଦ୍ୱାପର ଯୁଗରେ ପାରମ୍ପରିକ ପୂଜା ଆରାଧନା ଦ୍ୱାରା ଯାହା ପ୍ରାପ୍ତ ହେଉଥିଲା, ଏବେ କଳିଯୁଗରେ ଗୁରୁଙ୍କର ନାମ ଜପ ଓ ଲୀଳା କୀର୍ତ୍ତନରେ ତାହା ପ୍ରାପ୍ତ ହେଉଛି ।

୨୮। ଦେଖିବାକୁ ଗଲେ, ମୁଁ ଅଯୋଗ୍ୟ। ସବୁ ଜାଣିଛି, କିନ୍ତୁ କେଉଁ କାମକୁ ନୁହେଁ ! ଏଣୁ ଏଭଳି ବିଶାଳ ଓ ଦୁରୂହ କାର୍ଯ୍ୟକୁ ମୁଁ କିପରି ସମ୍ପାଦନ କରିପାରିବି ?

୨୯। ମୁଁ ଯଦି କିଛି ନ କରି ଚୁପ୍‌ଚାପ୍ ବସି ରହିବି, ତେବେ ଆଦେଶ ଅମାନ୍ୟ ପାପରେ ଭାଗୀ ହେବି। ଆଉ ମୁଁ ଯଦି ଆଦେଶ ପାଳନ କରେ, ତା'ହେଲେ ଏହି କାର୍ଯ୍ୟ କରିବା ପାଇଁ ସମର୍ଥ ହେବି କି ?

୩୦। ମହାଶକ୍ତିଧର ସାଇଙ୍କ ଅନ୍ତରର କଥା ବର୍ଣ୍ଣନା କରିବାକୁ

୩ ॥ ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା ॥

କିଏ ସମର୍ଥ କି ? ଏକମାତ୍ର ସାଇହିଁ ନିଜର ଜଣେ ଭକ୍ତଙ୍କ ଉପରେ କୃପା ଅଜାଡ଼ି ଦେଇ ସେଇ ଭକ୍ତଙ୍କ ଜରିଆରେ ଏହା ବର୍ଣ୍ଣନା କରିପାରିବେ ।

୩୧ । ଯେତେବେଳେ କଥାଭାଷା ଦ୍ୱାରା ଏହା ଠିକ୍ ଭାବରେ ହେବା ସମ୍ଭବ ନୁହେଁ, ମୁଁ କାହିଁକି ଏମିତି ଲାଳାୟିତ ହେଲି। ଶ୍ରୀସାଇ ଏ ବ୍ୟାପାରରେ କିଛି କହିବା ପାଇଁ କାହାରିକୁ କୌଣସି ସୁବିଧା ବା ସୁଯୋଗ ଦେଲେ ନାହିଁ।

୩୨ । ମୁଁ କଲମ ଧରିବା ମାତ୍ରକେ ବାବା ମୋ ନିଜର ସତ୍ତା ଲୋପ କରିଦେଲେ ଓ ସେ ନିଜେ ନିଜର ଜୀବନ ଚରିତ ଲେଖିବା ଆରମ୍ଭ କରିଦେଲେ । ଏଣୁ ସମସ୍ତ ଶ୍ରେୟ ତାଙ୍କରି ହିଁ ପ୍ରାପ୍ୟ, ମୋର ନୁହେଁ ।

୩୩। ଜଣେ ସନ୍ଥଙ୍କ ଛଡ଼ା ଅନ୍ୟ କେହି ଶ୍ରୀସାଇଙ୍କର ଜୀବନଚରିତ ଲେଖି ପାରିବେ କି? ବାବାଙ୍କ ଅଚିନ୍ତ୍ୟ ଗୁଣଗୁଡ଼ିକୁ ବୁଝିବାର କାର୍ଯ୍ୟ ଅସୀମ ଆକାଶକୁ ଆଲିଙ୍ଗନ କରିବା ପାଇଁ ଚେଷ୍ଟା କରିବା ସହିତ ସମାନ।

୩୪ । ତାଙ୍କର ଅତଳ ମହାସାଗର ସଦୃଶ ଅଗାଧ ଶକ୍ତି ଓ ମାହାତ୍ମ୍ୟକୁ ବ୍ୟକ୍ତ କରିବା ନିମନ୍ତେ ମୋର ବୁଦ୍ଧିବୃତ୍ତି କିଛି ନାହିଁ । ସେ ନିଜେ ହିଁ ତାହା କରିବେ ଓ ନିଜ ପ୍ରତିଶ୍ରୁତି ରକ୍ଷା କରି ତହିଁରୁ ମୁକ୍ତ ହେବେ ।

୩୫ । ବାବା ! ମୁଁ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲେ ମଧ୍ୟ ମୋର ବେଦବେଦାନ୍ତ ବା ସ୍ମୃତି ଓ ଶ୍ରୁତି ସମ୍ବନ୍ଧରେ ଜ୍ଞାନ ନାହିଁ। ଯଦିଓ ମୁଁ ଏହି କୁଳରେ ଜନ୍ମ ହେବା ଏକ କଳଙ୍କ ତଥାପି ଆପଣଙ୍କ ସଂସର୍ଗ ଲାଭ କରିବାହିଁ ମୋର ବାହାଦୂରୀ।

୩୬। ଶ୍ରୁତି ଓ ସ୍ମୃତି ବ୍ରାହ୍ମଣମାନଙ୍କର ଦୁଇ ଚକ୍ଷୁ ସଦୃଶ। ଗୋଟିଏ ନ ଥିଲେ କଣା, ଦୁଇଟିଯାକ ନ ଥିଲେ ସମ୍ପୂର୍ଣ୍ଣ ଅନ୍ଧ। ମୁଁ ଦୀନହୀନ ଓ ଅଧମ, କାରଣ ମୋର ଦୁଇଟିଯାକ ନାହିଁ।

୩୭ । ଆପଣ ମୋ ଭଳି ଅନ୍ଧର ଯଷ୍ଟି। ମୁଁ କାହିଁକି ବିବ୍ରତ ହେବି ? ତାହାରି ସାହାଯ୍ୟରେ ମୁଁ ଆପଣଙ୍କ ପଦାଙ୍କ ଅନୁସରଣ କରିବି।

୩୮ । ଆଗକୁ କିପରି ଯିବି ଜାଣି ପାରୁନି। ଅଧମ ହୋଇଥିବାରୁ କ'ଣ କରିବି ଜାଣିପାରୁନାହିଁ। ଆପଣ ମୋତେ ବୁଦ୍ଧି ଦେଇ ନିଜର କାର୍ଯ୍ୟ କରାଇନିଅନ୍ତୁ।

୩୯ । ଯେଉଁ ଶକ୍ତି ବଳରେ ଜଣେ ମୂକ 'ବୃହସ୍ପତି'ଙ୍କ[୨] ଭଳି କଥା କହିପାରେ, ପଙ୍ଗୁ ମେରୁ[୩] ପର୍ବତ ଲଂଘିପାରେ, ସେହି ଅଚିନ୍ତ୍ୟ ଶକ୍ତିର ରହସ୍ୟ କେବଳ ସାଇବାବାଙ୍କୁ ହିଁ ଗୋଚର।

୪୦ । ମୁଁ ଆପଣଙ୍କର ଜଣେ ଅଧମ ଦାସ। ମୋତେ ହତାଶ କରନ୍ତୁ ନାହିଁ। ମୁଁ ଶେଷ ନିଃଶ୍ୱାସ ନେଉଥିବା ପର୍ଯ୍ୟନ୍ତ ମୋ ଦ୍ୱାରା ଆପଣଙ୍କର କାର୍ଯ୍ୟ କରାଇ ନିଅନ୍ତୁ।

୪୧ । ଆହେ ଶ୍ରୋତାଗଣ ! ଏବେ ଆପଣମାନେ ଏହି ଗ୍ରନ୍ଥ ରଚନାର ଉଦ୍ଦେଶ୍ୟ ସମ୍ବନ୍ଧରେ ଜାଣିଗଲେ। ସାଇ ତାଙ୍କ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ନିଜେ ଏହା ଲେଖୁଛନ୍ତି। ମୁଁ କେବଳ ତାଙ୍କର ଏକ ଆୟୁଧ ।

୪୨ । ବଂଶୀ ଅବା ହାରମୋନିୟମ କେଉଁ ପ୍ରକାର ମୂର୍ଚ୍ଛନା ସୃଷ୍ଟି କରୁଛି, ସେଥିପାଇଁ ଚିନ୍ତା କରେନାହିଁ । ତାହା କେବଳ ବାଦକର ହିଁ ଚିନ୍ତାର ବିଷୟ ହୋଇଥାଏ । ଆମେ କାହିଁକି ଚିନ୍ତା କରିବା ?

୪୩। ଚନ୍ଦ୍ରକାନ୍ତମଣି[୪] ଯେଉଁ ଅମୃତ ଉଦ୍‌ଗାର କରେ, ତାହା ତା'ର ନିଜସ୍ୱ କି? ଚନ୍ଦ୍ର ଉଦୟ ହୋଇ ସେଇ ଅଦ୍ଭୁତ କାର୍ଯ୍ୟ ନିଜେ ସଂପାଦନ କରାଇଥାଏ।

୪୪। ଅଥବା ମହାସାଗରର ଉତ୍ତାଳ ଜୁଆର ପାଇଁ ମହାସାଗର ନିଜେ କିଛି କରେକି ? ତାହା ମଧ୍ୟ ଚନ୍ଦ୍ର ଯୋଗୁଁ ହୁଏ, ମହାସାଗର ଏହା କରିପାରେ ନାହିଁ ।

୪୫ । ଠିକ୍ ଯେପରି ସମୁଦ୍ର ଭିତରେ ଜାହାଜଗୁଡ଼ିକର ଗତିପଥ ପ୍ରଦର୍ଶନ ପାଇଁ ନଙ୍ଗର କରାହୋଇଥିବା ଭାସମାନ ହଣ୍ଡାରେ ଖଞ୍ଜା ଲାଲ ଆଲୋକ ଜଳାଇ ଜଳସ୍ଥ ଶୈଳ ଓ ଭଉଁରୀ ନିକଟରୁ ଦୂରେଇ ରହିବା ପାଇଁ ସତର୍କ ସୂଚନା ଦିଆଯାଇଥାଏ।

୪୬ । ସେହିଭଳି ଶ୍ରୀସାଇଙ୍କର କାହାଣୀଗୁଡ଼ିକ ଅମୃତଠାରୁବି ଅଧିକ ମଧୁର ଓ ତାହା ଭବସାଗରର ଦୁରୂହ ପଥକୁ ପ୍ରଶସ୍ତ କରିଦେବ ଏବଂ ଆମକୁ ନିରାପଦରେ ପାର କରାଇଦେବ।

୪୭ । ସନ୍ଥମାନଙ୍କର କାହାଣୀଗୁଡ଼ିକ ଏତେ ପବିତ୍ର ଯେ ତାହା କର୍ଣ୍ଣ ମଧ୍ୟ ଦେଇ ଚୈତନ୍ୟକୁ ଭେଦ କରେ ଓ ଦୈହିକ ଅହଂଭାବକୁ ପରିଶୁଦ୍ଧ କରେ ଓ ଦ୍ୱୈତବୋଧକୁ ନଷ୍ଟ କରିଦିଏ।

୪୮ । ଯେତେବେଳେ ହୃଦୟ ମଧ୍ୟରେ ଏହି କାହାଣୀଗୁଡ଼ିକ

ଅଧିକରୁ ଅଧିକ ସଞ୍ଚିତ ହୋଇ ରହେ, ସେଠି ସନ୍ଦେହ ରହିବା ପାଇଁ ଆଉ ସ୍ଥାନ ପାଏ ନାହିଁ ଓ ଆଧ୍ୟାତ୍ମିକ ଜ୍ଞାନର ଭଣ୍ଡାର ଯେତେବେଳେ ବୃଦ୍ଧିପାଏ, ସେତେବେଳେ ଦୈହିକ ପରିଚିତି କ୍ରମଶଃ ଲୁପ୍ତ ହୁଏ ।

୪୯ । ବାବାଙ୍କର ବିଶୁଦ୍ଧ ଗୁଣ ଗାରିମା ବର୍ଣ୍ଣନା କରାଗଲେ ଓ ତାହାକୁ ସମ୍ପୂର୍ଣ୍ଣ ହୃଦୟ ଦେଇ ଶୁଣିଲେ ଭକ୍ତମାନଙ୍କର ସମସ୍ତ ପାପ କ୍ଷୟ ହୋଇଯାଏ । ଏହା ମୋକ୍ଷପ୍ରାପ୍ତିକୁ ସହଜ ସାଧ୍ୟ କରିଥାଏ ।

୫୦ । ମାୟାର ଆବରଣ ବାହାରେ ଥିବା ବ୍ରହ୍ମର ସ୍ୱରୂପ କ'ଣ ? ଆଉ ସେହି ମାୟାକୁ କି ଉପାୟରେ ଜୟ କରିହେବ ? ଶୁଦ୍ଧପୂତ ଜୀବନ ଯାପନ କରୁଥିବା ଭକ୍ତଙ୍କ ପ୍ରତି ଭଗବାନ ସଦୟ ହୋଇଥାନ୍ତି, ନଚେତ ଭକ୍ତଙ୍କ ପକ୍ଷରେ ତାହା ସମ୍ଭବ ହୁଅନ୍ତା କିପରି ?

୫୧ । ପ୍ରକୃତ ଆନନ୍ଦ କ'ଣ ? ଭକ୍ତି, ମୁକ୍ତି ଓ ନିରାସକ୍ତି କ'ଣ ? ଏ ସମସ୍ତ ବିଷୟ ଚାରିବର୍ଣ୍ଣ[୫] ଓ ଚାରି ଆଶ୍ରମ[୬] ସହିତ ସମ୍ପୃକ୍ତ ହୋଇଥିଲେ ମଧ୍ୟ ସମସ୍ତେ ଏକ । ଏହି ବିଷୟଗୁଡ଼ିକ ବହୁତ ଗୂଢ଼ ।

୫୨ । ଯେଉଁମାନେ ଏହି ସମସ୍ତ ବିଷୟରେ ଆଗ୍ରହୀ ସେମାନଙ୍କ ଇଚ୍ଛା ପୂର୍ତ୍ତି ପାଇଁ ସେମାନେ ଜ୍ଞାନେଶ୍ୱର, ଏକନାଥ ତଥା ଅନ୍ୟମାନଙ୍କର ରଚନାଗୁଡ଼ିକୁ ପାଠ କରନ୍ତୁ ଓ ତାହା ପାଠ କରି ଆନନ୍ଦ ପାଆନ୍ତୁ ।

୫୩ । ସତ୍ୟଯୁଗରେ ସାଧନା ଦ୍ୱାରା ଇନ୍ଦ୍ରିୟ ସଂଯମ ଓ ଆସକ୍ତି ଦମନ କରାଯାଉଥିଲା । ତ୍ରେତା ଯୁଗରେ ହୋମ ଯଜ୍ଞ, ଦ୍ୱାପରରେ ପୂଜାପାଠ, କଳିଯୁଗରେ ନାମ ସ୍ମରଣ ଓ ଲୀଳା କୀର୍ତ୍ତନ ହିଁ ହେଲା ମୋକ୍ଷପ୍ରାପ୍ତି ବା ମୁକ୍ତିର ସହଜ ମାର୍ଗ ।

୫୪ । ବ୍ରାହ୍ମଣ, କ୍ଷତ୍ରିୟ ପ୍ରଭୃତି ଚାରିବର୍ଣ୍ଣର ଲୋକଙ୍କ ପାଇଁ, ସେମାନଙ୍କର ଅନ୍ତର୍ଭୁକ୍ତ ମହିଳାମାନଙ୍କ ପାଇଁ ଶୂଦ୍ର ତଥା ଏପରିକି ଜାତିଗୋତ୍ର ଜଣାନଥିବା ଲୋକଙ୍କ ପାଇଁ ଗୁରୁଙ୍କର ଜୀବନ ଚରିତ ଶ୍ରବଣ ହେଉଛି ମୋକ୍ଷପ୍ରାପ୍ତି ବା ମୁକ୍ତିର ସହଜ ମାର୍ଗ ।

୫୫ । ପୂର୍ବ ଜନ୍ମର ସୁକୃତି ବଳରେ ହିଁ ଜଣେ ଏହି ଜୀବନଚରିତ ଶୁଣିବାର ସୁଯୋଗ ପ୍ରାପ୍ତ ହୋଇଥାଏ । କେହି ନିଦ୍ରାଗତ ହୋଇଥିଲେ ଭଗବାନ ତାଙ୍କୁ ନିଦ୍ରାରୁ ଉଠାଇଦିଅନ୍ତି ।

୫୬ । ଯେଉଁମାନେ ସାଂସାରିକ ଆମୋଦପ୍ରମୋଦ ମଧ୍ୟରେ ଲଗାମଛଡ଼ା ଭାବରେ ବୁଡ଼ି ରହିଥାନ୍ତି ଓ ସେଥିରୁ ବଞ୍ଚିତ ହେଲେ ଅତ୍ୟନ୍ତ ଦୁଃଖିତ ହୁଅନ୍ତି, ସେମାନେ ସନ୍ଥମାନଙ୍କର ଚରିତାମୃତ ପାଠ କଲେ ଏସବୁ ଦୋଷ ଦୁର୍ବଳତାରୁ ମୁକ୍ତି ପାଇପାରିବେ ।

୫୭ । ଯୋଗ, ହୋମ ଯଜ୍ଞ, ଧ୍ୟାନ ଓ ଏକାଗ୍ରତା ଆଦି ସାଧନା ପାଇଁ କଠୋର ଚେଷ୍ଟା ଆବଶ୍ୟକ, ଅଥଚ ଏହି ଚରିତଗୁଡ଼ିକ ଶୁଣିବା ପାଇଁ କୌଣସି ଚେଷ୍ଟା ଆବଶ୍ୟକ ହୁଏ ନାହିଁ । କେବଳ ମନଧ୍ୟାନ ଦେବା ପ୍ରୟୋଜନ ହୁଏ ।

୫୮ । ସଦ୍‌ଗୁଣ ସମ୍ପନ୍ନ ଓ ଧର୍ମପରାୟଣ ଶ୍ରୋତାମାନେ ହିଁ ସାଇଙ୍କର ଏହି ପବିତ୍ର ଚରିତ ଶୁଣିଲେ ଉପକୃତ ହେବେ, କାରଣ ଗୁରୁତର ପଞ୍ଚପାପ[୭] ଏହାଦ୍ୱାରା ସମ୍ପୂର୍ଣ୍ଣ କ୍ଷୟ ହୋଇଥାଏ ।

୫୯ । ଆମେ ସାଂସାରିକ ବନ୍ଧନରେ ବନ୍ଧା ହୋଇଥିବାରୁ ପ୍ରକୃତ ଆତ୍ମାକୁ ଦେଖି ପାରୁନାହୁଁ । ଏହି ଚରିତଗୁଡ଼ିକୁ ଶୁଣିଲେ ଆମେ ତାହା ପ୍ରତ୍ୟକ୍ଷ କରିପାରିବା; ସେହି ବନ୍ଧନ କ୍ରମଶଃ ଶିଥିଳ ହୋଇଯିବ ଓ ଆମେ ଆମର ମୂଳ ସ୍ୱରୂପକୁ, ଅର୍ଥାତ୍ ପ୍ରକୃତ ଆତ୍ମାକୁ ଜାଣିପାରିବା ।

୬୦ । ଏହି ଚରିତଗୁଡ଼ିକୁ ଆମେ ଜୀବନଯାକ ମନେ ରଖିବା ଓ ପ୍ରତ୍ୟହ ପାଠ କରିବା । ତାହା କଲେ ଆମର ସାଂସାରିକ ବନ୍ଧନ କଟିଯିବ ଓ ଆମକୁ ଶାନ୍ତି ମିଳିବ ।

୬୧ । ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ସହିତ ପଢୁଥିବା କିମ୍ବା ଶୁଣୁଥିବା ସମୟରେ ମୋତେ ସାଇଙ୍କୁ ଧ୍ୟାନରେ ରଖିବାକୁ ହେବ । ସେ ତାଙ୍କର ସଗୁଣ[୮] ରୂପରେ ମୋ ସମ୍ମୁଖରେ ଦୃଶ୍ୟ ହେବେ ଓ ତାହା ମୋ ମନ ମଧ୍ୟରେ ଗଭୀର ଛାପ ଆଙ୍କି ରହିଯିବ ।

୬୨ । ଏହିଭଳି ଭାବରେ ଗୁରୁଙ୍କ ପ୍ରତି ମୋର ଭକ୍ତି ବଢ଼ି ବଢ଼ି ଯିବ ଓ ଏ ସଂସାରରୁ ମୋତେ ମୁକ୍ତି ମିଳିବ । ତାଙ୍କର ନାମ ସ୍ମରଣର ଇଚ୍ଛା ମୋର ଅଧିକରୁ ଅଧିକ ବଳବତୀ ହେବ ଓ ମନ ଶୁଦ୍ଧ ହୋଇଯିବ ।

୬୩ । ମନରେ ଏହି ଉଦ୍ଦେଶ୍ୟ ରଖି ସାଇନାଥ ମୋ ପ୍ରତି କରୁଣା କଲେ ଓ ମୋତେ ଆୟୁଧ କରି ଏହି ଗ୍ରନ୍ଥ ସେ ନିଜେ ଲେଖିଲେ ।

୬୪ । ଗାଈର ସ୍ତନ କ୍ଷୀରରେ ଭର୍ତ୍ତି ହୋଇ ଉଛୁଳି ପଡ଼ିଲେବି

୩ ॥ ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା ॥

ସେ କେବଳ ତା'ର ବାଛୁରୀକୁ ସ୍ୱାଭାବିକ ଭାବରେ ଚାହିଁଥାଏ । ସାଇଙ୍କର ସ୍ନେହ ଠିକ୍ ସେହିଭଳି।

୬୫। ଚାତକ ପକ୍ଷୀ[୯] ପରି ମୋର ବଳବତୀ ଇଚ୍ଛା ରହିଥିବାରୁ ସାଇମାତା ମୋ ଉପରେ ଆନନ୍ଦର ବର୍ଷା କଲେ ଓ ମୋର ଯଥାଯଥ ପିପାସା ମେଣ୍ଟାଇଲେ । ସେହିପରି ସେ ଭକ୍ତମାନଙ୍କର ପିପାସା ମଧ୍ୟ ପ୍ରଚୁର ଭାବରେ ମେଣ୍ଟାଇବେ।

୬୬। ଶ୍ରଦ୍ଧା ଓ ଭକ୍ତି କେତେ ଚମତ୍କାର! ସନ୍ତାନ ପ୍ରତି ମା'ର ବାତ୍ସଲ୍ୟ ମମତା ଉଛୁଳି ପଡ଼ିଲେ, ପିଲା ଚାହୁଁ ନଥିଲେ ମଧ୍ୟ ମା' ତା'ର ସ୍ତନକୁ ପିଲାର ପାଟି ଭିତରେ ପୂରାଇଦିଏ।

୬୭। ମା'ର କ୍ଲାନ୍ତି କିଏ ଜାଣେ କି? ପିଲା ଏ ବିଷୟରେ ସଚେତନ ନଥାଏ। ମାତ୍ର ପିଲା ଚାହୁଁ ନଥିଲେ ମଧ୍ୟ ମା' ବ୍ୟତୀତ ଆଉ କିଏସେ ତା'ର ବକ୍ଷ ଉପରକୁ ପିଲାକୁ ଭିଡ଼ି ନେବ?

୬୮। ପିଲାକୁ ନାନା ଅଳଙ୍କାରରେ ଶୋଭିତ କରିଦେଲେ ସେ ଏହାର ମହତ୍ୱ ଜାଣିପାରେନାହିଁ? ମା' କେବଳ ଜାଣେ ଏହାର ଆନନ୍ଦ। ସଦଗୁରୁ ଠିକ୍ ସେହିଭଳି।

୬୯। ମୋର ଏଇ ଶିଶୁସୁଲଭ ଅନୁଭବକୁ କିଏ ଅବା ସ୍ନେହରେ ପୂରଣ କରିବ? ମା'ବ୍ୟତୀତ ଆଉ କିଏ ପ୍ରକୃତରେ ଚିନ୍ତା କରିବ? ସେଭଳି ସ୍ନେହ ବିରଳ।

୭୦। ଗୁଣୀ ମାତାଙ୍କ କୋଳରେ ଜନ୍ମ ନେବାର ସୌଭାଗ୍ୟ ଈଶ୍ୱରଙ୍କ କୃପାରୁ ହିଁ ହୋଇଥାଏ। ପିଲା ମାତାର ଗର୍ଭଯନ୍ତ୍ରଣା ଓ ତାହାର ଜନ୍ମଲାଭ ସମ୍ୱନ୍ଧରେ ସାନନ୍ଦେ ଅଜ୍ଞ ଥାଏ।

୭୧। ସେ ଯାହାହେଉ, ଏ ସମ୍ବନ୍ଧରେ ବାବା ଅଧିକ କିଛି କଥା କହିଥିଲେ ଓ ତାହା ଆପଣମାନଙ୍କୁ ମୁଁ କହିବି। ହେ ପ୍ରିୟ ଶ୍ରୋତାଗଣ, ଆପଣମାନେ ମନଧ୍ୟାନ ଦେଇ ଏହା ଶୁଣନ୍ତୁ।

୭୨। ମୋର ସରକାରୀ ଚାକିରି ୧୯୧୬ ମସିହାରେ ସରିଯାଇଥିଲା ଓ ମୋତେ ଉପଯୁକ୍ତ ପେନ୍‌ସନ୍ ମିଳୁଥିଲା। ସେତିକିବେଳେ ମୋର ଶିରିଡ଼ି ଯାତ୍ରାର ସମୟ ଆସିଗଲା।

୭୩। ସେଦିନ ଗୁରୁପୂର୍ଣ୍ଣିମା ଥିଲା। ଭକ୍ତମାନେ ଗୁରୁଙ୍କୁ ପୂଜା କରିବା ପାଇଁ ଏକତ୍ରିତ ହୋଇଥିଲେ। ମୋ ପାଇଁ ବାବାଙ୍କୁ ଅନ୍ନା ଚିଞ୍ଚଣିକର[୧୦] ସ୍ୱତଃ ଅନୁରୋଧ କରିଥିଲେ। ସେ କ'ଣ ସୁପାରିଶ କରିଥିଲେ ତାହା ଶୁଣନ୍ତୁ ।

୭୪। ଅନ୍ନା ଚିଞ୍ଚଣିକର ମୋ ପାଇଁ ବହୁତ ବ୍ୟସ୍ତ ଥିଲେ। ସେ ବାବାଙ୍କୁ କହିଥିଲେ,"ତାଙ୍କର ପରିବାର ବଢ଼ି ଯାଉଥିବାରୁ ତାଙ୍କୁ ଦୟା କରନ୍ତୁ।

୭୫। "ତାଙ୍କୁ ଆଉ ଗୋଟିଏ ଚାକିରି କରାଇଦିଅନ୍ତୁ। ସେ ପାଉଥିବା ପେନ୍‌ସନ୍‌ରେ ତାଙ୍କ ପରିବାର ଚଳି ପାରିବ ନାହିଁ। ଅନ୍ନାସାହେବଙ୍କ ଚିନ୍ତା ଚାଲିଗଲା ଭଳି କିଛି କରନ୍ତୁ"।

୭୬। ପ୍ରତ୍ୟୁତ୍ତରରେ ବାବା କହିଥିଲେ, "ସେ ଆଉ ଗୋଟିଏ ଚାକିରି ପାଇବ । ସେ ବର୍ତ୍ତମାନ ମୋର ସେବା କରୁ । ସେ ଦୁନିଆରେ ସୁଖଲାଭ କରିବ ।

୭୭। "ତା'ର ପରିବାର ସବୁବେଳେ ଭଲରେ ରହିବ ଓ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଆଉ କିଛି ଖୋଜିବ ନାହିଁ। ସେ ମୋ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖି ଶରଣ ପଶିଲେ ସବୁ ଅସୁବିଧା ଦୂର ହୋଇଯିବ।

୭୮। "ଏମିତି ଲୋକ ଅଛନ୍ତି ଯେଉଁମାନେ ବାଟ ହୁଡ଼ି ଯାଇଛନ୍ତି ଓ ସେମାନଙ୍କର ମର୍ଜି ଅନୁଯାୟୀ ଚଳିବା ପାଇଁ ଚାହାଁନ୍ତି। ଯେଉଁମାନେ ଧର୍ମ ପାଳନରୁ ପୃଷ୍ଠଭଙ୍ଗ ଦେଇଛନ୍ତି, ସେହିଭଳି ବ୍ୟକ୍ତିଙ୍କ ନିକଟରୁ ପ୍ରଥମେ ପଳାଇ ଆସ।

୭୯। "ତୁମେ ସେମାନଙ୍କୁ ଭେଟିବା ମାତ୍ରକେ ବାଟ ଭାଙ୍ଗି ଚାଲିଯାଅ। ସେମାନଙ୍କୁ ଅତି ବିପଦଜନକ ବୋଲି ଜ୍ଞାନ କର। ସେମାନଙ୍କର ଛାଇକୁ ମଧ୍ୟ ଭୟ କରି ସେମାନଙ୍କୁ ଏଡ଼ାଇବା ପାଇଁ ଅନ୍ୟ ବାଟ ଧର।

୮୦। "ଆଇନଭଙ୍ଗକାରୀ, ଦୁଷ୍ଟଚରିତ୍ର, ମୂଢ଼ମତି, ଭଲମନ୍ଦ ବିଚାରଶକ୍ତିବିବର୍ଜିତ, ଲକ୍ଷ୍ୟହୀନ ବ୍ୟକ୍ତି ଜୀବନରେ କିଛି ଭଲ କାର୍ଯ୍ୟ କିପରି କରିବ?

୮୧। "ପୂର୍ବ ଜନ୍ମରେ କିଛି ସ୍ୱତନ୍ତ୍ର ସଂପର୍କ ନ ଥିଲେ ଆମ ନିକଟକୁ କେହି ଆସେ ନାହିଁ। ସେ କୁକୁର, ଘୁଷୁରୀ କିମ୍ବା ମାଛିଟିଏ ହେଉ। ତେଣୁ କାହାରିକୁ ଘଉଡ଼ାଇ ଦିଅନାହିଁ।

୮୨। "ଏବେଠାରୁ ସେ ଶ୍ରଦ୍ଧା ଓ ଭକ୍ତି ସହକାରେ ମୋର ସେବା କରୁ। ପରଂବ୍ରହ୍ମ ତାକୁ ଆଶୀର୍ବାଦ କରିବେ। ସେ ଚିରସ୍ଥାୟୀ ସମ୍ପଦ ପ୍ରାପ୍ତ ହେବ।

୮୩। "ସେ ମୋତେ କିପରି ଭାବରେ ଉପାସନା କରିବ? ମୁଁ କିଏ? ସେ ମୋତେ ଠିକ୍ ଭାବରେ କିପରି ଜାଣିବ? ସାଇର ଏ ସ୍ଥୂଳ ଶରୀର କ୍ଷୟଶୀଳ; କିନ୍ତୁ ବ୍ରହ୍ମ ଅକ୍ଷୟ।

୮୪। "ମୁଁ ସର୍ବବ୍ୟାପୀ। ମୁଁ ଅଷ୍ଟଧା ପ୍ରକୃତିର ମୂର୍ତ୍ତିରୂପ। ଗୀତାରେ ଅର୍ଜୁନଙ୍କୁ ପ୍ରଭୁ ଶ୍ରୀକୃଷ୍ଣ ଏହାହିଁ କହିଛନ୍ତି...

୮୫। "ନାନା ଚଳ ଓ ଅଚଳ ବସ୍ତୁ, ବିଭିନ୍ନ ନାମ ଓ ରୂପକୁ ନେଇ ଗଠିତ ଏ ଜଗତକୁ 'ମୁଁ' ଅଷ୍ଟଧା ପ୍ରକୃତି ରୂପରେ ଗଢ଼ିଛି। 'ମୁଁ' ହିଁ ଏସବୁ ସୃଷ୍ଟି କରିଛି।

୮୬। "ରହସ୍ୟମୟ ପ୍ରତୀକ 'ଓଁ' 'ମୋତେ' ହିଁ ବ୍ୟକ୍ତ କରେ। 'ମୁଁ' ହିଁ ତାହାର ମୂଳ। ବିଶ୍ୱ ବ୍ରହ୍ମାଣ୍ଡରେ କୋଟି କୋଟି ବସ୍ତୁ ରହିଛି, 'ମୁଁ' ସେସବୁର ଅନ୍ତର୍ନିହିତ ।

୮୭। "ଯେତେବେଳେ ଆତ୍ମା ହିଁ ସବୁକିଛି, ସେଠି କାମନାର ସ୍ଥାନ ରହିବ କେଉଁଠି ? ମୁଁ ଦଶଦିଗରେ ସର୍ବତ୍ର ଓ ପ୍ରତ୍ୟେକଟି ଘଟ ମଧ୍ୟରେ ବିଦ୍ୟମାନ ।

୮୮। "ଯେଉଁ ସ୍ଥାନରେ ସମସ୍ତ 'ପୂର୍ଣ୍ଣ' ଦ୍ୱାରା ପରିପୂର୍ଣ୍ଣ, ସେଠାରେ 'ମୁଁ' ଓ 'ମୋର' ଭାବ ଉଭେଇଯାଏ। ଯେତେବେଳେ 'ମୁଁ' ସର୍ବତ୍ର ବିରାଜିତ ଓ ସର୍ବବ୍ୟାପୀ, ସେଠାରେ କେଉଁ ପ୍ରକାର କାମନା ବାସନା ରହିପାରେ ?"

୮୯। "କାମନା ବୁଦ୍ଧିବୃତ୍ତିରୁ ହିଁ ଜାତ ହୁଏ । ଆତ୍ମା ସହିତ ତାହାର କୌଣସି ସମ୍ବନ୍ଧ ନାହିଁ। ସାଇ ମହାରାଜ ଆତ୍ମାର ମୂର୍ତ୍ତିରୂପ। ତାଙ୍କ ମଧ୍ୟରେ କାମନା କେଉଁଠୁ ଜାତ ହେବ ?

୯୦। "ଅନେକ ପ୍ରକାର କାମନା ରହିଛି। କିନ୍ତୁ ଥରେ 'ମୁଁ କିଏ'ର ସାରକଥା ଜଣାପଡ଼ିଗଲେ କାମନା ଉତ୍ତପ୍ତ ସୂର୍ଯ୍ୟ କିରଣରେ କୁଆପଥର ମିଳାଇଯିବା ପରି ହଜିଯିବ।

୯୧। "'ମୁଁ' ମନ, ବୁଦ୍ଧି କିମ୍ବା ଜ୍ଞାନେନ୍ଦ୍ରିୟ ନୁହେଁ। 'ମୁଁ' ବସ୍ତୁ ବା ସ୍ଥୂଳରୂପ ମଧ୍ୟ ନୁହେଁ। ବିଶ୍ୱ ବ୍ରହ୍ମାଣ୍ଡ ସ୍ୱତଃ ଉନ୍ମୋଚିତ ହେବା ପୂର୍ବରୁ ଯେଉଁ ସୁବର୍ଣ୍ଣ ଡିମ୍ବରୁ ଉଦ୍ଭବ ହୋଇଥିଲା ବୋଲି କୁହାଯାଏ, ସେ ସୁବର୍ଣ୍ଣ ଡିମ୍ବ ମଧ୍ୟ 'ମୁଁ' ନୁହେଁ। ମାତ୍ର 'ମୁଁ' ହେଉଛି ସନାତନ ସାକ୍ଷୀ ଯିଏ ଅନାଦି।

୯୨। "ଏହିଭଳି ଭାବରେ 'ମୁଁ' ଇନ୍ଦ୍ରିୟଙ୍କ ବାହାରେ। ଇନ୍ଦ୍ରିୟ ଭୋଗ୍ୟ ସୁଖରେ ମୋର ଆସକ୍ତି ନାହିଁ। କିନ୍ତୁ 'ମୁଁ' ନ ଥାଇ କୌଣସି ବସ୍ତୁ ନାହିଁ, ପ୍ରତି ଘଟରେ 'ମୁଁ' ଅଛି । ପୁଣି 'ମୁଁ' କର୍ତ୍ତା ନୁହେଁ କି କାରକ ନୁହେଁ।

୯୩। "ମନ, ବୁଦ୍ଧି, ଜ୍ଞାନେନ୍ଦ୍ରିୟ ଇତ୍ୟାଦି କେବଳ ସ୍ଥୂଳ ଶରୀରର ଯନ୍ତ୍ର ବୋଲି ଜ୍ଞାନ ଲାଭ ହେଲେ ଅନାସକ୍ତି ଆସିବ ଓ ଆଚ୍ଛାଦିତ ହୋଇଥିବା ଆତ୍ମଜ୍ଞାନ ଉନ୍ମୋଚିତ ହେବ ।

୯୪। "ନିଜର ପ୍ରକୃତ ପ୍ରକୃତିକୁ ଭୁଲିଯିବା ହିଁ ମାୟା। ମନେ ରଖିବାକୁ ହେବ ଯେ ବିଶୁଦ୍ଧ ଓ ସମ୍ପୂର୍ଣ୍ଣ ଆନନ୍ଦ ହେଉଛି 'ମୁଁ' - ପରମ ବ୍ରହ୍ମ ଓ ପୂର୍ଣ୍ଣ ଚୈତନ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ ।

୯୫। "ସେହି 'ମୁଁ' ପ୍ରତି ଆକର୍ଷିତ ହେବା ହିଁ ହେଉଛି ସ୍ୱତଃ ମୋତେ ଭକ୍ତି ଓ ସେବା କରିବା। ମନରେ ପରମାନନ୍ଦ ଅନୁଭବ କଲେ ତାହା ହିଁ ହେଉଛି ପ୍ରକୃତ ରୂପରେ ଜ୍ଞାନ।

୯୬। "ଆତ୍ମା ହିଁ ବ୍ରହ୍ମ। ଜ୍ଞାନ ଲାଭ କରି ପରମାନନ୍ଦ ମିଳିଲେ ତାହା ହିଁ ବ୍ରହ୍ମ। ସଂସାରର ଅଳୀକ ଚରିତ୍ର ସମ୍ବନ୍ଧରେ ଜ୍ଞାନ ଉଦୟ ହେଲେ ସଂସାର ସମ୍ବନ୍ଧରେ ଭ୍ରମ ବା ମାୟା କଟିଯିବ । ବ୍ରହ୍ମ ହିଁ ସତ୍ୟ। 'ମୁଁ' ହିଁ ବ୍ରହ୍ମ।

୯୭। "'ମୁଁ' ଶାଶ୍ୱତ, ପବିତ୍ର, ଜ୍ଞାନଦୀପ୍ତ ଓ ମୁକ୍ତ। ମୁଁ ବାସୁଦେବ, ପବିତ୍ର 'ଓଁକାର ସ୍ୱରୂପ'। 'ମୁଁ' ହେଉଛି ସତ୍ୟ। 'ମୋତେ' ପ୍ରକୃତ ବିଶ୍ୱାସ ଓ ଭକ୍ତି ସହକାରେ ପୂଜା କଲେ ତମର ମଙ୍ଗଳ ହେବ।

୯୮। "ତେଣୁ ମୋର ପ୍ରକୃତ ସ୍ୱରୂପ ଜାଣି 'ମୋତେ' ଠିକ୍ ଭାବରେ ସେବା କର। ଅଧିକନ୍ତୁ, 'ମୋର' ସମ୍ପୂର୍ଣ୍ଣ ଶରଣାଗତ ହୁଅ ଓ ମୋ ସହିତ ଏକାତ୍ମ ହୁଅ।

୯୯। "ନଦୀ ମହାସାଗରରେ ସମର୍ପିତ ହେବା ପରେ ପୁଣି ଫେରି ଆସି ପାରେକି ? ସେ ମହାସାଗରରେ ମିଶିଯିବା ପରେ ତାହାର ସ୍ୱତନ୍ତ୍ର ସତ୍ତା ଆଉ ରହେକି ?

୧୦୦। "ଠିକ୍ ଯେପରି ତୈଳରେ ଭିଜିଥିବା ଏକ ସଳିତାରେ ଅଗ୍ନିଶିଖା ସଂଯୋଗ କରାଗଲେ ତାହା ସ୍ୱତଃ ଉଜ୍ଜ୍ୱଳ ଆଲୋକରେ ପରିଣତ ହୁଏ, ସେହି ପ୍ରକାରେ ଜଣେ ବ୍ୟକ୍ତି ସନ୍ଥଙ୍କ ପାଦତଳେ ପହଞ୍ଚିଲେ ସନ୍ଥ ମର୍ଯ୍ୟାଦା ଲାଭକରେ ।

୧୦୧। "ଯିଏ ଅନ୍ୟ କିଛି ଚିନ୍ତା ନ କରି କେବଳ ଆଲ୍ଲା ମାଲିକ ବା ପରମ ବ୍ରହ୍ମ ଓ ପୂର୍ଣ୍ଣ ଚୈତନ୍ୟଙ୍କୁ ଚିନ୍ତା କରେ, ତାହାର ଶାନ୍ତି ଥାଏ, କୌଣସି କାମନା ନଥାଏ ଓ ସେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିଥାଏ। ପରମ ବ୍ରହ୍ମଙ୍କଠାରୁ ପୃଥକ୍ ହୋଇ ତାହାର ନିଜସ୍ୱ ସତ୍ତା ରହିବ କିପରି ?

୧୦୨। "ଯେଉଁଠାରେ ନିଜ ସମ୍ବନ୍ଧରେ ଚିନ୍ତା ଚେତନା ନାହିଁ, ଯେଉଁଠି ଅହଂକାର ନାହିଁ, ଯେଉଁଠାରେ ବାଦବିବାଦ (ଅର୍ଥାତ୍ ସଂସାରର ଦ୍ୱୈତ ପ୍ରକୃତି) ନାହିଁ, ପାର୍ଥିବ ବିଷୟ ସମ୍ପଦ ଆହରଣର ଇଚ୍ଛା ନାହିଁ, ଯେଉଁଠାରେ ଏହି ଚତୁର୍ବିଧ

ଗୁଣ ରହିଥାଏ, ସେଠାରେ ଅହଂଭାବ କିପରି ରହିପାରିବ ?"

୧୦୩ । ସାରକଥାରେ କହିଲେ, ଏହି ଆଠଗୋଟି ଭଗବତ୍ ଗୁଣ ସେମାନଙ୍କର ପୂର୍ଣ୍ଣ ରୂପରେ ସାଇଙ୍କ ଚରିତ୍ରରେ ବିଦ୍ୟମାନ । ଏଣୁ ସେଠାରେ ଅହଂଭାବର ସ୍ଥାନ କାହିଁ? ଏପରି ଅବସ୍ଥାରେ ମୁଁ ଅହଂଭାବ କିପରି ପୋଷଣ କରିପାରିବି ?

୧୦୪ । "ଯାହାଙ୍କର ଆତ୍ମା ବିଶ୍ୱ ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ, 'ମୁଁ' ତାହାଙ୍କର ଅଂଶବିଶେଷ । ଏଣୁ ସାଇଙ୍କ ପାଦ ତଳେ ଶରଣ ନେଲେ ତାହା ହିଁ ମୋର ସେବା ହେବ ।

୧୦୫ । "ଯିଏ 'ମୋର' ସେବା କରେ ଓ 'ମୋର' ଗୁଣଗାନ କରେ ଓ 'ମୋର' ସମ୍ପୂର୍ଣ୍ଣ ଶରଣାଗତ ହୁଏ, ସିଏ 'ମୋ' ସହିତ ଏକାକାର ହୋଇଥାଏ ବୋଲି ଶ୍ରୀମଦ୍ ଭଗବତ୍ ଗୀତାରେ ପ୍ରଭୁ ଶ୍ରୀକୃଷ୍ଣ କହିଛନ୍ତି ।

୧୦୬ । "ଠିକ୍ ଯେପରି ମାଛିଟିଏ ନିରନ୍ତର ମହୁମାଛି ହେବା ପାଇଁ ଚିନ୍ତା କରେ ଓ ସେହିପରି କାର୍ଯ୍ୟ କରେ ଏବଂ ସମୟକ୍ରମେ ମହୁମାଛିରେ ରୂପାନ୍ତରିତ ହୋଇଥାଏ, ଠିକ୍ ସେହିପରି ଯେତେବେଳେ ଜଣେ ଶିଷ୍ୟ ନିଜର ଗୁରୁଙ୍କ ପଦାଙ୍କ ଅନୁସରଣ କରିଥାଏ, ସେ ମଧ୍ୟ ନିଜ ଗୁରୁଙ୍କ ପରି ହୋଇପାରିଥାଏ ।

୧୦୭ । "ଏଠାରେ 'ଗୁରୁଙ୍କ ପରି' ଶବ୍ଦର ବ୍ୟବହାର କରାହୋଇଥିବାରୁ ସେଥିରେ ମଧ୍ୟ ପ୍ରଭେଦ ରହିଯାଏ । ଏପରିକି ଗୁରୁ ଏକଥା କ୍ଷଣକ ପାଇଁ ବି ସହନ୍ତି ନାହିଁ । କାରଣ, ଶିଷ୍ୟ ବିନା ଗୁରୁଙ୍କର ସ୍ଥିତି ନାହିଁ ଓ ଶିଷ୍ୟ ଗୁରୁଙ୍କଠାରୁ ଭିନ୍ନ ନୁହନ୍ତି ।"

୧୦୮ । ସେ ଦୃଷ୍ଟିରୁ ଯାହାଙ୍କୁ ପୂଜା କରିବା ନିମିତ୍ତ ଆଦେଶ ପାଇଲି, 'ସେ କିଏ' ବୋଲି ନିଜେ ବୁଝାଇ ଦେଲେ । ଏ ସମ୍ପର୍କରେ ମୁଁ ଯାହା କହିଆସୁଛି, ତାହା ସପକ୍ଷରେ ମୋର ଗୋଟିଏ ଘଟଣା ମନେ ପଡୁଛି । ତାହାକୁ ମୁଁ ଏବେ ବର୍ଣ୍ଣନା କରିବି ।

୧୦୯ । ଜନୈକ ରୋହିଲା (ପଠାଣ) ଶିରିଡ଼ି ଆସିଥିଲା ଓ ବାବାଙ୍କର ସଦ୍‌ଗୁଣରେ ଆକୃଷ୍ଟ ହୋଇଥିଲା । ସେ ଶିରିଡ଼ିରେ ଅନେକ ଦିନ ରହିଥିଲା ଓ ବାବାଙ୍କୁ ଶ୍ରଦ୍ଧା ସହକାରେ ଭକ୍ତି କରୁଥିଲା ।

୧୧୦ । ମଇଁଷି ଭଳି ବଳିଷ୍ଠ ଚେହେରା ପାଇଥିବା ସେହି ବ୍ୟକ୍ତି ନିଜ ଇଚ୍ଛା ଅନୁଯାୟୀ ଚଳୁଥିଲା ଓ କାହାରିକୁ ଖାତିର କରୁ ନ ଥିଲା । ସେ ବଳାଗଣ୍ଠି ପର୍ଯ୍ୟନ୍ତ କଫ୍‌ନୀଟିଏ ପିନ୍ଧୁଥିଲା ଓ ମସ୍‌ଜିଦ୍‌ରେ ଆସି ରହିଥିଲା ।

୧୧୧ । ରାତି ହେଉ କି ଦିନ ହେଉ, ମସ୍‌ଜିଦ୍‌ରେ ହେଉ କିମ୍ବା ଚାଓ୍ୱାଡ଼ିରେ'' ହେଉ, ସେ ଉଚ୍ଚ କର୍କଶସ୍ୱରରେ ଯେତେବେଳେ ଇଚ୍ଛା ସେତେବେଳେ ପ୍ରବଳ ଆଗ୍ରହରେ କୋରାନ୍ ଶରିଫର କଲମାମାନ ଆବୃତ୍ତି କରୁଥିଲା ଓ 'ଆଲ୍ଲା ହୋ ଆକବର' ଧ୍ୱନି ଦେଉଥିଲା ।

୧୧୨ । ସ୍ୱୟଂ ମହାରାଜ ଶାନ୍ତିର ଅବତାର ଥିଲେ । ମାତ୍ର ଗ୍ରାମବାସୀମାନେ ଖୁବ୍ ବ୍ୟସ୍ତ ହୋଇ ପଡ଼ିଥିଲେ । ଏପରିକି ଅଧରାତିରେ ମଧ୍ୟ ରୋହିଲାର ଚିତ୍କାର ଓ ନିରବଚ୍ଛିନ୍ନ ଆବୃତ୍ତି ସେମାନଙ୍କ ନିଦ୍ରାରେ ବ୍ୟାଘାତ ଘଟାଉଥିଲା ।

୧୧୩ । ଦିନସାରା ଲୋକେ ବିଲବାଡ଼ିରେ, ବଣଜଙ୍ଗଲରେ ପ୍ରଖର ଖରାରେ କାମ କରୁଥିଲେ । ରାତିରେ ସେମାନେ ଶାନ୍ତିରେ ଟିକିଏ ଶୋଇ ପାରୁନଥିଲେ । ତେଣୁ ଅତିଶୟ ବିରକ୍ତ ହୋଇଥିଲେ ।

୧୧୪ । ବାବାଙ୍କର ହୁଏତ ଅସୁବିଧା ହେଉନଥିଲା । ଲୋକେ ଭାବିଥିଲେ ଯେ ସେମାନେ ମସ୍ତବଡ଼ ପାପ କରିଛନ୍ତି, ତେଣୁ ରାତିରେ ଶାନ୍ତିରେ ଶୋଇ ପାରୁ ନାହାନ୍ତି । ସେମାନଙ୍କର କ୍ରୋଧ ରୋହିଲା ଉପରେ ପଡ଼ିଥିଲା ।

୧୧୫ । ସେମାନେ ଦ୍ୱନ୍ଦ୍ୱରେ ପଡ଼ିଥିଲେ । କେତେଦିନ ବା ସେମାନେ ଏହା ସହିବେ ? ଦିନରାତି ଏ ଉତ୍ପାତ୍ ସେମାନଙ୍କ ନିକଟରେ ବଡ଼ ସମସ୍ୟା ହୋଇ ଦେଖାଦେଇଥିଲା ଓ ସେମାନେ ଖୁବ୍ ଚିନ୍ତାରେ ରହିଥିଲେ ।

୧୧୬ । ଏକଜିଦିଆ ରୋହିଲାର କୌଣସି ପରିବର୍ତ୍ତନ ଘଟିନଥିଲା । ଘଟଣାଟି ଅଧିକ ଜଟିଳ ହୋଇଯାଇଥିଲା । କାରଣ, ସେ ବାବାଙ୍କ ପାଖରେ ରହୁଥିଲା ଓ ତାଙ୍କର ଦୃଢ଼ ସମର୍ଥନ ପାଉଥିଲା । ସେ ଆହୁରି ଲଗାମଛଡ଼ା ହୋଇ ପୂର୍ବାପେକ୍ଷା ଅଧିକ ଜୋର୍‌ରେ ଚିତ୍କାର କରୁଥିଲା ।

୧୧୭ । ସେ ଉଦ୍ଧତ ଓ ଦାମ୍ଭିକ ଭାବରେ ଲୋକମାନଙ୍କ ସହିତ ରୁକ୍ଷ ଆଚରଣ କରୁଥିଲା । ସେ ପୂର୍ବାପେକ୍ଷା ଅଧିକ ଅବିବେକୀ ଭାବରେ ବ୍ୟବହାର କରିବାରୁ ଗାଁସାରା ସମସ୍ତେ ତାହାର ବିରୋଧୀ ହୋଇଯାଇଥିଲେ ।

୧୧୮ । ସାଇ ବହୁତ ଦୟାର୍ଦ୍ର ଥିଲେ । ତାଙ୍କର ଶରଣାଗତ

ହେଉଥିବା ବ୍ୟକ୍ତିକୁ ସେ ମା' ଭଳି ରକ୍ଷା କରୁଥିଲେ। ଦିନେ ଗ୍ରାମବାସୀମାନେ ଏକତ୍ର ହୋଇ ଆସି ବାବାଙ୍କୁ କାତର ପ୍ରାର୍ଥନା କରିଥିଲେ।

୧୧୯। ବାବା କିନ୍ତୁ ସେମାନଙ୍କ କଥାକୁ ଧ୍ୟାନ ଦେଇନଥିଲେ। ଓଲଟି ଗ୍ରାମବାସୀମାନଙ୍କୁ କହିଥିଲେ, "ରୋହିଲାକୁ ହଇରାଣ କରନାହିଁ,ସେ ମୋର ଅତ୍ୟନ୍ତ ପ୍ରିୟ।

୧୨୦। "ରୋହିଲାର ସ୍ତ୍ରୀ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଓ କଳହପ୍ରିୟା। ସେ ରୋହିଲା ସହିତ ରହିବା ପାଇଁ ଚାହେଁ ନାହିଁ। ସେ ରୋହିଲାକୁ ଏଡ଼ାଇ ମୋ ନିକଟକୁ ଆସିବା ପାଇଁ ଇଚ୍ଛୁକ।

୧୨୧। "ସେହି ଦୁଶ୍ଚରିତ୍ରା ସ୍ତ୍ରୀ ମୁଣ୍ଡରେ ଓଢ଼ଣା ମଧ୍ୟ ଦିଏ ନାହିଁ। ତାହାର ଲାଜସରମ ବୋଲି କିଛି ନାହିଁ। ଘରୁ ତଡ଼ିଦେଲେ ବି ସେ ବାରମ୍ବାର ଜବରଦସ୍ତ ପଶିଆସେ।

୧୨୨। "ରୋହିଲାର ପାଟି ନ ଶୁଭିଲେ[୧୨] ତା'ର ଦୁଷ୍ଟା ସ୍ତ୍ରୀ ଘରକୁ ପଶି ଆସିବା ପାଇଁ ସୁଯୋଗ ଖୋଜେ। ସେ ପାଟିକଲେ ତା'ର ସ୍ତ୍ରୀ ପଳାଇଯାଏ। ରୋହିଲା, କାୟ ମନୋବାକ୍ୟରେ ପବିତ୍ର। ତେଣୁ ତାକୁ ମୋତେ ବହୁତ ଭଲ ଲାଗେ ଓ ସେ ଥିଲେ ମୁଁ ଆନନ୍ଦ ପାଏ।

୧୨୩। "ତାକୁ କେହି ବାଧା ଦିଅ ନାହିଁ। ସେ ତା'ର ମନ ଇଚ୍ଛା ପାଟିକରୁ। ସେ ପାଟି ନକଲେ ମୁଁ ରାତିରେ ଶୋଇପାରିବି ନାହିଁ। ତା' ଯୋଗୁଁ ମୁଁ ଖୁବ୍ ଶାନ୍ତିରେ ଅଛି।

୧୨୪। "ତା'ର ଏହି ପ୍ରକାର ଚିତ୍କାର ଦ୍ୱାରା ମୋର ବହୁତ ଉପକାର ହେଉଛି। ଏପରି ଭାବରେ ରୋହିଲା ମୋର ଶୁଭାକାଂକ୍ଷୀ ଓ ମୋତେ ଅତିଶୟ ଆନନ୍ଦିତ କରୁଛି ।

୧୨୫। "ସେ ଯେତେ ଚିତ୍କାର କରିବ କରୁ। ସେଥିରେ ମୋ'ର ମଙ୍ଗଳ, ନଚେତ୍ ସେହି ଦୁଷ୍ଟା ସ୍ତ୍ରୀ ଆସି ମୋତେ ହଇରାଣ କରିବ।

୧୨୬। "ସେ ନିଜେ ଥକି ଗଲେ ବଳେ ଚୁପ୍ ହୋଇଯିବ। ତୁମର ଉଦ୍ଦେଶ୍ୟ ସାଧିତ ହେବ ଓ ଦୁଷ୍ଟା ସ୍ତ୍ରୀଲୋକ ଆସି ମୋତେ ହଇରାଣ କରିବ ନାହିଁ ।"

୧୨୭। ମହାରାଜ ନିଜେ ଏପରି କହୁଥିବା ବେଳେ ଅଧିକ କିଛି ଚେଷ୍ଟା କରିବା ନିରର୍ଥକ । ବାବା ଯଦି ଶାନ୍ତିରେ ରହୁଛନ୍ତି, ଆମର କହିବାର କ'ଣ ଅଛି ?

୧୨୮। ଏମିତି ତ ନିଜେ ରୋହିଲା ସହଜେ ଭାରି ଉତ୍ସାହୀ ଥିଲା। ଅଧିକନ୍ତୁ, ଏବେ ବାବାଙ୍କ ନିକଟରୁ ସେ ଲାଇସେନ୍ସ[୧୩] ପାଇଗଲା। ଏଣୁ ସେ କୋରାନ୍ କଲମାକୁ ଆହୁରି ବଡ଼ ପାଟିରେ ଆବୃତ୍ତି କରି ହୋହଲ୍ଲା କଲା।

୧୨୯। ବାବାଙ୍କର ସହନଶୀଳତା ଦେଖି ଲୋକେ ଚକିତ ହୋଇଥିଲେ। ମୁଣ୍ଡ ବ୍ୟଥା ହେବା ପରିବର୍ତ୍ତେ ବାବାଙ୍କୁ ତାହାର ପାଟି ଅଧିକ ଆହ୍ଲାଦିତ କରୁଥିଲା !

୧୩୦। କେତେ ଜୋର୍‌ରେ ରଡ଼ି କରୁଛି ! ଆଶ୍ଚର୍ଯ୍ୟ ଲାଗୁଛି, ତା' ଗଳା ଫାଟି ଯାଉ ନାହିଁ କେମିତି ? ତଥାପି ବାବା ସମସ୍ତଙ୍କୁ କହୁଛନ୍ତି, "ତାକୁ ତିରସ୍କାର କର ନାହିଁ।"

୧୩୧। ବାହାରୁ ଦେଖିଲେ, ରୋହିଲା ଜଣେ ପାଗଳା ମୁସଲିମ ସନ୍ଥ ଭଳି ମନେହେଉଥିଲା। ମାତ୍ର ସେ ବାବାଙ୍କୁ ବହୁତ ସମ୍ମାନ କରୁଥିଲା। ତାହାର ଧର୍ମୀୟ ରୀତିନୀତି ଅନୁଯାୟୀ ସେ ଖୁସିରେ କୋରାନ୍‌ର କଲମାଗୁଡ଼ିକୁ ଆବୃତ୍ତି କରୁଥିଲା।

୧୩୨। ତା' ନିଜର ସ୍ୱର କର୍କଶ କିମ୍ବା ମଧୁର, ସେଥିପ୍ରତି ତାହାର ଖାତିର ନ ଥିଲା। ସେ ଉତ୍ସାହ ସହକାରେ ଆଲ୍ଲାଙ୍କ ନାମ ଉଚ୍ଚାରଣ କରି ଚାଲିଥିଲା।

୧୩୩। ପ୍ରକୃତି ତାକୁ କର୍କଶ ସ୍ୱର ଦେଇଥିଲା। ସେ ନିୟମିତ ଓ ନିରନ୍ତର ଭାବରେ "ଆଲ୍ଲା ହୋ ଆକବର"[୧୪] ଡାକି କଲମାଗୁଡ଼ିକୁ ମନ ଖୁସିରେ ବୋଲୁଥିଲା।

୧୩୪। ଭଗବାନଙ୍କ ନାମ ପ୍ରତି ଯାହାର ବିତୃଷ୍ଣା ଥିଲା, ସେହିପରି ଲୋକଙ୍କ ସହିତ ସମ୍ପର୍କ ରଖିବା ପାଇଁ ବାବା ଭଲ ପାଉ ନ ଥିଲେ। ରୋହିଲା ଭଗବାନଙ୍କ ନାମ ନିରନ୍ତର ନେଉଥିବାରୁ ତାକୁ ବାହାର କରି ଦେବା ପାଇଁ ସେ କାହିଁକି ଅବା ଚାହିଁଥାନ୍ତେ ?

୧୩୫। "ଯେଉଁଠାରେ ମୋ ଭକ୍ତମାନେ ମୋର ଗୁଣ କୀର୍ତ୍ତନ କରୁଥାନ୍ତି, ମୁଁ ସେଠାରେ ନିଦ୍ରା ଆଳସ୍ୟ ଭୁଲିଯାଇ ସଦା ଜାଗ୍ରତ ଭାବରେ ଉପସ୍ଥିତ ରହିଥାଏ।'' ଭଗବତ୍ ଗୀତାରେ ଏହା କୁହାଯାଇଥିବା ଭଳି ବାବା ଏହିକଥା ହିଁ କହିଥିଲେ।

୧୩୬। ରୋହିଲା ଭିକ୍ଷା ମାଗି ଯାହା ପାଏ, ସେଇଥିରେ ଚଳିଯାଏ ନଚେତ୍ ଉପବାସ ରହେ। ତା'ର ସ୍ତ୍ରୀ କ'ଣ ଏପରି ହୋଇପାରେ ଯେ ସିଏ ଯାଇ ବାବାଙ୍କୁ ହଇରାଣ କରିବ ?

୩ ॥ ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା ॥

୧୩୭। ରୋହିଲା ଦରିଦ୍ର ଥିଲା। ସେ କିପରି ବାହା ହୋଇଥାନ୍ତା ବା ସ୍ତ୍ରୀ ପାଇଥାନ୍ତା ? ବାବା ଆଜନ୍ମ ବ୍ରହ୍ମଚାରୀ। ତେଣୁ ସମଗ୍ର ଗଳ୍ପଟି ଏକ ରୂପକ ଥିଲା।

୧୩୮ । ସେ ପାଟିକରି ଭଗବାନଙ୍କର ନାମ ନେଉଥିଲା। ବାବା ତାହାର ଆବୃତ୍ତିରେ ସନ୍ତୁଷ୍ଟ ଥିଲେ। ସେ ତାହାକୁ ଦିନରାତି ଶୁଣୁଥିଲେ। କୋରାନର କଲମାଗୁଡ଼ିକୁ ଶୁଣିବା ତୁଳନାରେ ନିଦ୍ରାଯିବା ବିଷ ସଦୃଶ ଥିଲା।

୧୩୯ । କୋରାନର କଲମାଗୁଡ଼ିକରେ ଯେଉଁ ଜ୍ଞାନାର୍ଜନମୂଳକ ଉପଦେଶ ପ୍ରଚାରିତ ହେଉଥିଲା, ତାହା ତୁଳନାରେ ଗ୍ରାମବାସୀମାନଙ୍କର ଅଭିଯୋଗ ତୁଚ୍ଛ ଥିଲା। ଗ୍ରାମବାସୀମାନଙ୍କୁ ସଠିକ୍ ଦିଗ୍‌ଦର୍ଶନ ଦେବା ଆଶାରେ ବାବା ଏହି ପଦ୍ଧତି ଅନୁସରଣ କରିଥିଲେ।

୧୪୦ । ଏହିଭଳି ଭାବରେ ବାବା ସମସ୍ତଙ୍କୁ ଏକ ଶିକ୍ଷା ଦେବାକୁ ଯାଇ ଜଣାଇ ଦେଇଥିଲେ ଯେ ରୋହିଲା ଭଗବାନଙ୍କର ନାମ ଶ୍ରଦ୍ଧାରେ ନେଉଥିବାରୁ ସେ ତାହା ଉପରେ ସନ୍ତୁଷ୍ଟ ଅଛନ୍ତି।

୧୪୧ । ଯାହା ଅନୁଭବ କରାଯାଏ, ଯିଏ ଅନୁଭବ କରେ ଓ ଯେଉଁ ବିଷୟକୁ ସିଏ ଅନୁଭବ କରେ, ଏ ତିନୋଟିଯାକ ବିଷୟ ତାଙ୍କ ପାଇଁ ଈଶ୍ୱର ସଦୃଶ। ସେହି ବ୍ୟକ୍ତି ବ୍ରାହ୍ମଣ ହୁଅନ୍ତୁ କିମ୍ବା ପଠାଣ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ।

୧୪୨ । ଥରେ ମଧ୍ୟାହ୍ନ ଆରତି ପରେ ସମସ୍ତେ ଘରକୁ ଚାଲିଯାଉଥିବା ସମୟରେ ବାବା ଯେଉଁ ମଧୁର କଥା କହିଥିଲେ, ତାହା ତାଙ୍କ ମୁହଁରୁ ଶୁଣନ୍ତୁ।

୧୪୩। "ତୁମେ ଯେଉଁଠାରେ ଥାଇ, ଯାହା କିଛି କରୁଥାଅନା କାହିଁକି, ଏକଥା ସବୁବେଳେ ମନେ ରଖିଥିବ ଯେ ମୁଁ ତୁମ କାମର ଟିକିନିଖି ବିବରଣୀ ପାଉଛି।

୧୪୪। "ଏପରି ଭାବରେ, ମୋତେ ବର୍ଣ୍ଣନା କରାଯାଏ ଯେ ମୁଁ ସମସ୍ତଙ୍କ ମନ ଓ ହୃଦୟ ଭିତରେ ରହିଛି। ମୁଁ ସର୍ବତ୍ର ବିରାଜମାନ କରିଛି। ମୁଁ ସମସ୍ତଙ୍କର ପ୍ରଭୁ।

୧୪୫ । "ମୁଁ ସମଗ୍ର ସୃଷ୍ଟିକୁ ଭିତରେ ଓ ବାହାରେ ଉଚ୍ଛୁଳିବା ପର୍ଯ୍ୟନ୍ତ ପୂର୍ଣ୍ଣ କରୁଛି। ଏହି ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କ ଦ୍ୱାରା ପରିଚାଳିତ ଓ ମୁଁ ହେଉଛି ସେମିତି ଜଣେ ଯିଏ ତାହାର ଲଗାମ ଧରିଛି।

୧୪୬। "ମୁଁ ସମସ୍ତଙ୍କର ମା'। ମୁଁ ତିନି ଗୁଣର[୧୫] ସମାହାର । ମୁଁ ଜ୍ଞାନେନ୍ଦ୍ରିୟ ବର୍ଦ୍ଧନ କରେ । ମୁଁ ସୃଷ୍ଟି, ସ୍ଥିତି ଓ ଧ୍ୱଂସର କର୍ତ୍ତା।

୧୪୭। " ମୋ ଉପରେ ଯିଏ ଭରସା କରେ ତାହା ପାଇଁ କିଛି କଷ୍ଟକର ହୁଏ ନାହିଁ। କିନ୍ତୁ ଯେଉଁ ମୁହୂର୍ତ୍ତରେ ସେ ମୋତେ ଭୁଲିଯିବ, ମାୟା ତାହାକୁ ଆକ୍ରମଣ କରିବ।

୧୪୮ । "ତୁମେ ଯାହା ସବୁ ଦେଖୁଛ, ସେସବୁ ମୋର ପ୍ରତିବିମ୍ବ। ସେ ହୁଏତ ପିମ୍ପୁଡ଼ି, କୀଟ, ଦରିଦ୍ର ପ୍ରଜା କିମ୍ବା କ୍ଷମତାଶାଳୀ ରାଜା ହୋଇଥାଇପାରେ।" ଏହି ଅପରିମେୟ ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ସମସ୍ତ ଚଳ, ଅଚଳ ବସ୍ତୁ ହେଉଛନ୍ତି ବାବାଙ୍କର ପ୍ରତିବିମ୍ବ।

୧୪୯ । କେତେ ସୁନ୍ଦର ଇଙ୍ଗିତ ! ମୁନିଋଷି ଓ ଭଗବାନଙ୍କ ମଧ୍ୟରେ କୌଣସି ପ୍ରଭେଦ ନାହିଁ। କୌଣସି ଭେଦାଭେଦ ନକରି ବିଶ୍ୱବ୍ରହ୍ମାଣ୍ଡର ମଙ୍ଗଳ ପାଇଁ, ଚଳ ଓ ଅଚଳ ଆକାରରେ ସେମାନେ ରୂପ ପରିଗ୍ରହ କରିଥାନ୍ତି।

୧୫୦ । ଗୁରୁଙ୍କ ପଦଯୁଗଳରେ ସମ୍ପୂର୍ଣ୍ଣ ଶରଣାଗତ ହେବା ପାଇଁ ଜଣେ ଚାହିଁଲେ ପ୍ରଥମେ ଗୁରୁଙ୍କର ଗୁଣକୀର୍ତ୍ତନ କରିବ କିମ୍ବା ତାଙ୍କର ଜୀବନଚରିତ ଗାନ କରିବ ବା ଭକ୍ତିର ସହ ତାଙ୍କ ସମ୍ବନ୍ଧରେ କଥା ଶୁଣିବ।

୧୫୧ । ଯିଏ ଜ୍ଞାନ ଅର୍ଜନ କରିବାକୁ ଚାହେଁ ସିଏ ଏପରି ଗଭୀର ମନଧ୍ୟାନ ଦେଇ ଶୁଣିବ ଯେ, ଗୁରୁବାଣୀର ଯେପରି ସିଏ ଏକାତ୍ମ ହୋଇଯାଇଛି, ଆତ୍ମସ୍ଥ କରିଛି । ପରମ ଶକ୍ତି ତା' ସାମନାରେ ପ୍ରକଟ ହେବେ ଓ ତାହାର ମନ ଉଚ୍ଚସ୍ତରକୁ ଉନ୍ନୀତ ହେବ।

୧୫୨ । ଏପରିକି ଜଣେ ସାଂସାରିକ ବ୍ୟାପାରରେ ବ୍ୟାପୃତ ହୋଇଥିଲେ ଓ ସନ୍ଥଙ୍କ କାହାଣୀ ଶୁଣିବାର ସୁଯୋଗ ବିନା ଚେଷ୍ଟାରେ ପାଇଥିଲେବି, ତାହା ତା' ପାଇଁ ମଙ୍ଗଳକର ହେବ, କାରଣ ଏହାହିଁ ହେଉଛି ତାହାର ଚରିତ୍ର ।

୧୫୩। ତେଣୁ ଯଦି ତାହାକୁ ବିଶ୍ୱାସ ଓ ଭକ୍ତି ସହକାରେ ଶୁଣାଯାଏ, ତେବେ କେତେ ଅଧିକ ମଙ୍ଗଳକର ହେବ ବିଚାର କରନ୍ତୁ। ହେ ଶ୍ରୋତାଗଣ, ନିଜ ନିଜର ସ୍ୱାର୍ଥ ଦୃଷ୍ଟିରୁ ହିଁ ଚିନ୍ତା କରନ୍ତୁ।

୧୫୪ । ଗୁରୁଙ୍କ ଚରଣରେ ଭକ୍ତି ବଢ଼ିବ ଓ ନିଜର ମଙ୍ଗଳ ମଧ୍ଯ ଧୀରେ ଧୀରେ ବଢ଼ିଚାଲିବ। ଅନ୍ୟ କୌଣସି ପୂଜା

ଅନୁଷ୍ଠାନର ଆବଶ୍ୟକତା ନାହିଁ। ପରମ ମଙ୍ଗଳ ହିଁ ମିଳିବ।

୧୫୫। ଏପରି ଭାବରେ ମନ ଥରେ ଶୃଙ୍ଖଳିତ ହୋଇଗଲେ ଜୀବନ ଚରିତ ଶୁଣିବାର ଇଚ୍ଛା ବଳବତ୍ତର ହେବ। ଇନ୍ଦ୍ରିୟାସକ୍ତ ବିଷୟଗୁଡ଼ିକର ବନ୍ଧନ ତୁଟିଯିବ ଓ ଏକାନ୍ତ ସୁଖ ବିରାଜିବ ।

୧୫୬। ବାବାଙ୍କର ଏଇ ମଧୁର ବାଣୀ ଶୁଣିବା ପରେ ମୁଁ ଅନ୍ୟ କୌଣସି ଚାକିରି ନଖୋଜି ଗୁରୁଙ୍କ ସେବାରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ନିୟୋଜିତ କରିଦେବା ପାଇଁ ସଙ୍କଳ୍ପ କଲି।

୧୫୭। ମୋ ମନ ଭିତରେ ବାବାଙ୍କର ପ୍ରତିଶ୍ରୁତି ଗୁଂଜରିତ ହେଉଥିଲା, "ସେ ସହଜରେ ଚାକିରି ପାଇବ।" ସତରେ କ'ଣ ଏହାର ପ୍ରମାଣ ମୁଁ ପାଇବି !

୧୫୮। ବାବାଙ୍କର କଥା କ'ଣ କେବେ ମିଛ ହୋଇପାରେ ? ସେଭଳି କଦାପି ହେବନାହିଁ । ମୁଁ ହୁଏତ ଆଉ କେଉଁଠାରେ ଲୋକଙ୍କ ଭିତରେ କାମ କରିପାରେ, କିନ୍ତୁ ତାହା ମୋ ପାଇଁ ଲାଭଦାୟକ ହେବନାହିଁ।

୧୫୯। ଏକଥା ସତଯେ ଅନ୍ନା ଚିଞ୍ଚଣିକର ଆପଣାଛାଏଁ ମୋ ସମ୍ବନ୍ଧରେ ବୁଝୁଥିଲେ। ମୋର ଯେ ଇଚ୍ଛା ନଥିଲା, ତା'ନୁହେଁ କିନ୍ତୁ ମୋ ଭାଗ୍ୟରେ ଏହା ଅଛି କି ?

୧୬୦। ଆନ୍ତରିକ ଭାବରେ ମୋର ପରିବାର ଚଳାଇବା ନିମନ୍ତେ ମୁଁ ଚାକିରି ଖୋଜିବା ଚେଷ୍ଟାରେ ଥିଲି। ତାହାର ନିରାକରଣ ନିମନ୍ତେ ଚିନିମଖା ବଟିକାଟିଏ ଶ୍ରୀସାଇ ମୋତେ ଖାଇବା ପାଇଁ ଦେଇଥିଲେ।

୧୬୧। ଏହି ଔଷଧ ସାଙ୍ଗରେ ଥିଲା ଭବିଷ୍ୟତରେ ଅଧିକ କିଛି ମଧୁର ମିଳିବାର ଆଶା। ମୁଁ ଖାଇଥିଲି ଓ ଭାଗ୍ୟବାନ ଥିଲି। ଗୋଟିଏ ଚାକିରି[୨୬] ଅଚାନକ ମିଳିଗଲା ଓ ମୁଁ ଟଙ୍କା ଲୋଭରେ ତାହାକୁ ସଂଗେ ସଂଗେ ଗ୍ରହଣ କରି ନେଇଥିଲି।

୧୬୨। ନିରନ୍ତର ଭାବରେ ଜଣେ ଗୁଡ଼ ମଧ ଖାଇ ପାରିବ ନାହିଁ। ବାବାଙ୍କ ଉପଦେଶର ମଧୁରେ ହାତ ବୁଡ଼ାଇ ଆଙ୍ଗୁଳିକୁ ଚାଟିବା ନିମନ୍ତେ ମୁଁ ପସନ୍ଦ କଲି।

୧୬୩। ଚାକିରିଟି ଅସ୍ଥାୟୀ ଥିଲା। ଯେମିତି ହଠାତ୍ ଆସିଥିଲା, ସେମିତି ଚାଲିଗଲା। ଗୋଟିଏ ସ୍ଥାନରେ ବାବାଙ୍କ ନିକଟରେ ରହି ଯେଉଁ କାମକରି ଆନନ୍ଦ ମୁଁ ପାଉଥିଲି, ତହିଁରେ ଅବିଚଳିତ ରହିବା ପାଇଁ ବାବା ମୋତେ ସୂଚାଇ ଦେଇଥିଲେ।

୧୬୪। ଏହି ବିଶ୍ୱବ୍ରହ୍ମାଣ୍ଡ ସମସ୍ତ ଜୀବ ଓ ଅଜୀବଙ୍କୁ ନେଇ ଭଗବାନଙ୍କର ସୃଷ୍ଟି। କିନ୍ତୁ ଭଗବାନ ଏ ବିଶ୍ୱବ୍ରହ୍ମାଣ୍ଡର ଊର୍ଦ୍ଧ୍ୱରେ, ଏସବୁର ଊର୍ଦ୍ଧ୍ୱରେ ଥିବା ପରମାତ୍ମା ।

୧୬୫। ଜାଗତିକ ବ୍ୟାପାରଗୁଡ଼ିକରୁ ଈଶ୍ୱର ଭିନ୍ନ ନୁହନ୍ତି। କିନ୍ତୁ ଜାଗତିକ ବ୍ୟାପାରଗୁଡ଼ିକ ଈଶ୍ୱରଙ୍କଠାରୁ ଭିନ୍ନ। କାରଣ, ଜଗତ ଈଶ୍ୱରଙ୍କ ନିକଟରୁ ଶକ୍ତି ପାଏ ଓ ଏହାରି ଉପରେ ନିର୍ଭରକରି ବର୍ଦ୍ଧିତ ହୁଏ। ଈଶ୍ୱର ହିଁ ଜଗତର ମୂଳ।

୧୬୬। ଦୟାକରି ବୁଝି ରଖ ଯେ, ଈଶ୍ୱରଙ୍କୁ ଆରାଧନା କରିବା[୨୭] ଆଠ ପ୍ରକାରରେ ହୁଏ । ତନ୍ମଧ୍ୟରେ ପ୍ରତିଛବି ଓ ପ୍ରତିମାକୁ ପୂଜା କରିବା, ହୋମଯଜ୍ଞ ଇତ୍ୟାଦି କରିବା ରହିଛି । ମାତ୍ର ସବୁ ଦୃଷ୍ଟିରୁ ଗୁରୁପୂଜାହିଁ ସର୍ବୋତ୍ତମ।

୧୬୭। ଶ୍ରୀକୃଷ୍ଣ ପରଂବ୍ରହ୍ମ ଥିଲେ। ତଥାପି ସେ ଗୁରୁ ସନ୍ଦିପନୀଙ୍କ ପଦବନ୍ଦନା କରି କହିଥିଲେ, "ସଦ୍‌ଗୁରୁ ହେଉଛନ୍ତି ସ୍ୱୟଂ ନାରାୟଣ ଓ ତାଙ୍କର ନାମସ୍ମରଣହିଁ ମୋତେ ସନ୍ତୁଷ୍ଟ କରିବାର ସବୁଠାରୁ ନିଶ୍ଚିତ ମାର୍ଗ ।

୧୬୮। "ମୋ ଅପେକ୍ଷା ସଦ୍‌ଗୁରୁଙ୍କ ଗୁଣକୀର୍ତ୍ତନ ଦ୍ୱାରା ମୁଁ ହଜାରେ ଗୁଣ ଖୁସି ହୁଏ। ସଦ୍‌ଗୁରୁଙ୍କର ଏହାହିଁ ମାହାତ୍ମ୍ୟ ଓ ଅଗାଧ ମହତ୍ୱ।"

୧୬୯। ଗୁରୁଙ୍କ ଗୁଣଗ୍ରାମ କୀର୍ତ୍ତନ କରିବାକୁ ପଛଘୁଞ୍ଚା ଦେଉଥିବା ବ୍ୟକ୍ତି ହିଁ ହତଭାଗ୍ୟ- ପାପୀ। ସେ ବେଦନା-ଦାୟକ ଜନ୍ମ ଓ ମୃତ୍ୟୁ ଚକ୍ରରେ ଘାଣ୍ଟି ହୋଇଥାଏ ଓ ନିଜର ବିନାଶର କାରଣ ହୁଏ ।

୧୭୦। ଜନ୍ମ ଓ ମୃତ୍ୟୁ ଗୋଟିକ ପରେ ଗୋଟିଏ ଆସିଥାଏ। ଏହି ଚକ୍ରର ସମାପ୍ତି ନାହିଁ। ତେଣୁ ଏହି କାହାଣୀଗୁଡ଼ିକୁ ଆମ ନିଜର ପରିତ୍ରାଣ ନିମନ୍ତେ ଶୁଣନ୍ତୁ।

୧୭୧। ସନ୍ଥମାନଙ୍କର ସାଧାରଣ କଥା ମଧ ଆମର ଭ୍ରାନ୍ତ ଜ୍ଞାନକୁ ଦୂର କରିଦେଇ ବିପଦ ସମୟରେ ଆମକୁ ରକ୍ଷା କରିଥାଏ। ତେଣୁ ଏହି କାହାଣୀଗୁଡ଼ିକୁ ଆମେ ସମସ୍ତେ ଶୁଣି ଆତ୍ମସ୍ଥ କରିବା ଆସନ୍ତୁ।

୧୭୨। ଭବିଷ୍ୟତରେ କ'ଣ ହେବ ଓ ଆମକୁ କେଉଁ ସାହାଯ୍ୟ ମିଳିବ, ତାହା ଆମେ ଜାଣିନାହୁଁ। ଏହା ସର୍ବଶକ୍ତିଧରଙ୍କର ଖେଳ। ପ୍ରିୟ ଭକ୍ତ କେବଳ ଦର୍ଶକ ମାତ୍ର।

୧୭୩। ମୋର କୌଣସି ବୁଦ୍ଧି ନାହିଁ କି ଜ୍ଞାନ ନାହିଁ । ଏଣୁ

୩ ॥ ଏହି ଗ୍ରନ୍ଥ ରଚନା ପାଇଁ ବାବାଙ୍କ ସମ୍ମତି ମିଳିଲା ॥

ସାଇଙ୍କ ଭଳି ଶକ୍ତିଧର ଗୁରୁ ମୁଁ ପାଇଥିବାରୁ ମୋର ସୌଭାଗ୍ୟ ସମ୍ବନ୍ଧରେ କ'ଣ ବର୍ଣ୍ଣନା କରିପାରିବି ? ଏହା ମଧ୍ୟ ତାଙ୍କରି ଲୀଳା।

୧୭୪। ମୁଁ ଏହି ଗ୍ରନ୍ଥରଚନାର ଉଦ୍ଦେଶ୍ୟ ଓ ବାବାଙ୍କର ଦୃଢ଼ ପ୍ରତିଶ୍ରୁତି ସମ୍ବନ୍ଧରେ ପୂର୍ବରୁ କହି ସାରିଛି। ତାଙ୍କରି ନିର୍ଦ୍ଦେଶରେ ହିଁ 'ତୁମେ' ଓ 'ମୁଁ' ମଧ୍ୟରେ ଥିବା ପ୍ରଭେଦ ଏବଂ ଆରାଧନାର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଛି।

୧୭୫। ଶ୍ରୋତାଗଣ ! ଆପଣମାନେ ସମର୍ଥ ସାଇନାଥଙ୍କ ଶିରିଡ଼ିରେ ଆବିର୍ଭାବର ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ଶୁଣିବେ।

୧୭୬। ଆପଣମାନେ ବୃଦ୍ଧ ହୁଅନ୍ତୁ କି ତରୁଣ ହୁଅନ୍ତୁ, ସାଧାରଣ ଲୋକ ହୁଅନ୍ତୁ କି ଈଶ୍ୱରବିଶ୍ୱାସୀ ହୁଅନ୍ତୁ, ସମସ୍ତେ ନିଜ ନିଜର ସାଂସାରିକ ଜୀବନରୁ କିଛି ସମୟ ବାହାର କରି ଶ୍ରୀସାଇଙ୍କର ଏହି ଅନନ୍ୟ କାହାଣୀକୁ ଶୁଣନ୍ତୁ।

୧୭୭। ଶ୍ରୀସାଇ ଏକ ଅବତାର ହୋଇଥିଲେ ମଧ୍ୟ ଜଣେ ସାଧାରଣ ଗୃହସ୍ଥ ବ୍ୟକ୍ତି ଯେପରି ମାୟାର ଅଧୀନ ହୋଇ କାର୍ଯ୍ୟ କରେ ଓ ଦୈନନ୍ଦିନ ଜୀବନଯାପନରେ ବ୍ୟସ୍ତ ରହେ, ସେମିତି ସେ ନିର୍ଲିପ୍ତ ଭାବରେ ବିଭିନ୍ନ ଭୂମିକା ପାଳନ କରୁଥିଲେ।

୧୭୮। "ସାଇ ସମର୍ଥ!" ଏହି ମନ୍ତ୍ର ନେଇ ଯେଉଁ ଭକ୍ତମାନେ ତାଙ୍କ ପଦ୍ମପାଦରେ ଆଶ୍ରିତ ହୁଅନ୍ତି, ସେମାନଙ୍କୁ ସେ ସାଂସାରିକ ବନ୍ଧନରୁ ମୁକ୍ତ କରନ୍ତି । ତାଙ୍କର ଜୀବନ ଚରିତ ଅତି ପବିତ୍ର।

୧୭୯। ସଂକ୍ଷେପରେ ସାଇଚରିତ ପବିତ୍ର। ତାହାକୁ ଗାନ କରୁଥିବା ଓ ଶ୍ରବଣ କରୁଥିବା ବ୍ୟକ୍ତିର ହୃଦୟ ନିର୍ମଳ ହୋଇଯାଏ।

୧୮୦। ଶ୍ରଦ୍ଧାର ସହିତ ଏହି ଚରିତ ଶ୍ରବଣ କଲେ ସମସ୍ତ ସାଂସାରିକ ଆସକ୍ତି ଦୂର ହୋଇଯିବ । କରୁଣାସାଗର ସାଇବାବା ତାଙ୍କର କରୁଣାବାରି ସିଞ୍ଚନ କରିବେ ଏବଂ ପୂର୍ଣ୍ଣ ଓ ଶୁଦ୍ଧ ଜ୍ଞାନ ଉଦୟ ହେବ।

୧୮୧। ଆଳସ୍ୟପରାୟଣ, ଅସ୍ଥିରଚିତ୍ତ, ଇନ୍ଦ୍ରିୟାସକ୍ତ ଓ ଭୋଜନାସକ୍ତ ହେଲେ ତାହା ଏହା ଶ୍ରବଣ କରିବାରେ ବାଧକ ହୁଏ। ଏଗୁଡ଼ିକୁ ବାଦ୍ ଦେଇ ଦେଲେ ଶ୍ରବଣର ସୁଖଦ ଅନୁଭୂତି ମିଳିବ।

୧୮୨। ପୂଜାବିଧି ପୂର୍ତ୍ତି ପାଇଁ ଉତ୍ସବର ଆବଶ୍ୟକତା ନାହିଁ, ଶରୀରକୁ କଷ୍ଟଦେଇ ଉପବାସ ରହିବାର ଆବଶ୍ୟକତା ନାହିଁ, ତୀର୍ଥ ଦର୍ଶନ କରିବାର ଆବଶ୍ୟକତା ନାହିଁ । କେବଳ ଏଇ ଚରିତ ଶ୍ରବଣ କରନ୍ତୁ, ତାହାହିଁ ଯଥେଷ୍ଟ ।

୧୮୩। ଭକ୍ତିର ଅଭ୍ୟନ୍ତରରୁ ପ୍ରକୃତ ଶ୍ରଦ୍ଧା ଓ ଚେତନା ଜାଗ୍ରତ ହୋଇ ସର୍ବୋତ୍ତମ ମଙ୍ଗଳ ଲାଭ ଦିଗରେ ସହଜରେ ବାଟ କଢ଼ାଇ ନେଇଯିବ। ଭ୍ରାନ୍ତ ଜ୍ଞାନ ଓ ଦ୍ୱନ୍ଦ୍ୱାତ୍ମକ ଜ୍ଞାନ ତାହା ଦ୍ୱାରା ଦୂର ହୋଇଯିବ।

୧୮୪। ଅନ୍ୟ ମାର୍ଗ ପାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ସାଇଚରିତ ଶ୍ରବଣ କରନ୍ତୁ। ଏହା ସମସ୍ତ କର୍ମ, ଅର୍ଥାତ୍ ପୂର୍ବଜନ୍ମରେ ତଥା ଏହି ଜନ୍ମରେ କରାଯାଇଥିବା ସମସ୍ତ କର୍ମକୁ କ୍ଷୟ କରାଇ ଦେବ। ସେଗୁଡ଼ିକର କୌଣସି ପ୍ରଭାବ ରହିବ ନାହିଁ। ପୁନର୍ଜନ୍ମ ଲାଭ ହେବ ।

୧୮୫। କୃପଣ ଲୋକ ଯେଉଁଠାରେ ଥିଲେ ମଧ୍ୟ ତାହାର ମନ ଗୁପ୍ତଧନ ସ୍ଥାନରେ ଦିନରାତି ରହିଥାଏ। ସାଇ ସେହି ଭଳି ଆମ ମନ ମଧ୍ୟରେ ବାସ କରିବା ଉଚିତ୍।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର " ଏହି ଗ୍ରନ୍ଥ ରଚନା ପାଇଁ ସମ୍ମତି ମିଳିଲା" ଶୀର୍ଷକ ତୃତୀୟ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଭଗବାନଙ୍କର ଗୁଣଗ୍ରାମ ଓ ଲୀଳାକୁ ବାଦ୍ୟଯନ୍ତ୍ର ବଜାଇ ଗାନ କରିବା।

୨- 'ବାକ୍' ଦେବତା।

୩- ମେରୁ ପର୍ବତ ଚତୁଃପାର୍ଶ୍ୱରେ ସମସ୍ତ ଗ୍ରହନକ୍ଷତ୍ର ଘୂରି ବୁଲୁଥାନ୍ତି ବୋଲି କୁହାଯାଏ। ଏଥିରେ ମଣିମାଣିକ୍ୟ, ସୁନା ଭର୍ତ୍ତି ହୋଇଛି ବୋଲି ବିଶ୍ୱାସ କରାଯାଏ।

୪- ଚନ୍ଦ୍ରର ରତ୍ନ।

୫- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର - ଚାରି ବର୍ଣ୍ଣ।

୬- ବ୍ରହ୍ମଚର୍ଯ୍ୟ, ଗୃହସ୍ଥ, ବାନପ୍ରସ୍ଥ ଓ ସନ୍ନ୍ୟାସ - ଜୀବନର ଚାରି ଆଶ୍ରମ।

୭- ଅଧ୍ୟାୟ ୯ରେ ବିଶଦଭାବରେ ଉଲ୍ଲେଖ ହୋଇଛି ।

୮- ରୂପ ଓ ଗୁଣ ସହିତ ।

୯- ଚାତକ ପକ୍ଷୀ କେବଳ ବର୍ଷାରୁ ପଡୁଥିବା ଜଳ ପିଏ ବୋଲି କଥାରେ ରହିଛି । ସେଥିପାଇଁ ସେ ଆକାଶକୁ ଚାହିଁ ରହିଥାଏ ବର୍ଷାଜଳ ପଡ଼ିଲେ ପିଇବ ବୋଲି ।

୧୦- ଦାମୋଦର ଘନଶ୍ୟାମ ବାବରେ-ଅଧ୍ୟାୟ ୨୪ ଦେଖନ୍ତୁ ।

୧୧- ଗ୍ରାମବାସୀଙ୍କର ସଭାଘର ।

୧୨- କୋରାନର କଲମା ବା ପଂକ୍ତି ।

୧୩- ଫାଲଗୁନ୍ ଆସିଛି ଅର୍ଥାତ୍ ବସନ୍ତ ଆସିଛି ବୋଲି କହିଲେ ଯୌବନ ଆଗତକୁ ବୁଝାଏ । ବାଡ଼ବତା ରହେ ନାହିଁ ।

୧୪- ଈଶ୍ୱର ହିଁ ବଡ଼ ।

୧୫- ରଜ, ସତ୍ତ୍ୱ ଓ ତମ- ଏହି ତିନିଗୁଣର ବିଭିନ୍ନ ପ୍ରକାର ମିଶ୍ରଣରୁ ସୃଷ୍ଟି ଉତ୍ପତ୍ତି ହୋଇଛି ।

୧୬- ଆକାଉଣ୍ଟାଣ୍ଟ ଜେନେରାଲଙ୍କ କାର୍ଯ୍ୟାଳୟକୁ ପେନ୍‌ସନ ଆଣିବାକୁ ଯାଇଥିବା ସମୟରେ ୧୯୨୧ ମସିହାରେ ଅଚାନକ ଭାବରେ ମିଃ ମିଡ୍‌ଙ୍କ ସହିତ ଦେଖା ହୋଇଥିଲା ଓ ସେ ଛଅମାସ ପାଇଁ ସେକ୍ରେଟେରୀଏଟ୍‌ରେ ଏହି ଲେଖକକୁ ଚାକିରି ଦେଇଥିଲେ । ମିଃ ମିଡ୍ ବମ୍ବେ ଗଭର୍ଣ୍ଣମେଣ୍ଟର ଚିଫ୍ ସେକ୍ରେଟେରୀ ଥିବା ସମୟରେ ଲେଖକ ହେଡ୍‌କ୍ଲର୍କ ହିସାବରେ ତାଙ୍କ ଅଧୀନରେ କାର୍ଯ୍ୟ କରିଥିଲା ଓ ସେ ମିଃ ମିଡ୍‌ଙ୍କୁ ମରାଠୀ ଭାଷା ଶିଖାଇଥିଲା ।

୧୭- ଶାସ୍ତ୍ରରେ ନବଧା ଭକ୍ତି ଅର୍ଥାତ୍ (୧) ଶ୍ରବଣ-ଭଗବାନଙ୍କର ଲୀଳା ଓ କଥା ଶୁଣିବା, (୨) କୀର୍ତ୍ତନ-ଭଗବାନଙ୍କର ଲୀଳା/ ନାମ/ କଥାକୁ ବାଦ୍ୟଯନ୍ତ୍ର ବଜାଇ ଗାନ କରିବା, (୩) ସ୍ମରଣ-ଭଗବାନଙ୍କୁ ସର୍ବଦା ମନେ ପକାଇବା, (୪) ପଦସେବନ-ଭଗବାନଙ୍କ ପଦସେବା, ଗୁରୁ ସେବା, ପିତାମାତା, ଦେଶ, ମାନବ ସମାଜର ସେବା କରିବା, (୫) ଅର୍ଚ୍ଚନା(ପବିତ୍ର ପତ୍ର, ପୁଷ୍ପ, ଗନ୍ଧ, ଚନ୍ଦନ, ଅର୍ପଣ କରିବା), (୬) ବନ୍ଦନା-ଭଗବାନଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣାମ ଓ ସମସ୍ତ ଜୀବଙ୍କୁ ମାନସିକ ପ୍ରଣାମ କରିବା, (୭) ଦାସ୍ୟ-ଭଗବାନଙ୍କୁ ପ୍ରଭୁ ଓ ନିଜକୁ ତାଙ୍କର ଦାସ ବା ସେବକ ଭାବି କାର୍ଯ୍ୟ କରିବା, (୮) ସଖ୍ୟ-ଭଗବାନଙ୍କୁ ସାଂଗ ବୋଲି ଗ୍ରହଣ କରିବା ଓ ତାଙ୍କ ସଙ୍ଗତରେ ରହିବା, (୯) ଆତ୍ମନିବେଦନ-ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ସମର୍ପିତ ହେବା ।

ସନ୍ଥମାନଙ୍କର କାହାଣୀଗୁଡ଼ିକ ଏତେ ପବିତ୍ର ଯେ ତାହା କର୍ଣ୍ଣ ମଧ୍ୟ ଦେଇ ଚୈତନ୍ୟକୁ ଭେଦ କରେ ଏବଂ ଦୈହିକ ଅହଂଭାବକୁ ପରିଶୁଦ୍ଧ କରେ ଓ ଦ୍ୱୈତବୋଧକୁ ନଷ୍ଟ କରିଦିଏ । (୩ୟ ଅଧ୍ୟାୟ, ପଂକ୍ତି-୪୭)

॥ ୪ ॥
ଶ୍ରୀସାଇ ସମର୍ଥଙ୍କ ଆବିର୍ଭାବ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ପ୍ରଥମ ଦୁଇଟି ଅଧ୍ୟାୟରେ ଆବାହନ କରାଯାଇଥିଲା । ତା'ପରେ ଏହି ଗ୍ରନ୍ଥ ଲେଖିବାର ଉଦ୍ଦେଶ୍ୟ ସମ୍ପର୍କରେ କୁହାଯାଇଥିଲା । ଲେଖକର ଯୋଗ୍ୟତା, ପ୍ରାରମ୍ଭିକ କାରଣ, ନାମକରଣ ଇତ୍ୟାଦି ବିଷୟରେ ବିଶଦ ଆଲୋଚନା ହୋଇଥିଲା ।

୨ । ପୃଥିବୀ ପୃଷ୍ଠରେ ସନ୍ଥମାନେ କାହିଁକି ଜନ୍ମଲାଭ କରନ୍ତି ଓ ମନୁଷ୍ୟମାନଙ୍କର ପାପ ଭାର ଅଧିକ ହୋଇଗଲେ କିପରି ପୃଥିବୀରେ ସନ୍ଥମାନଙ୍କର ଆବିର୍ଭାବ ହୁଏ, ଏବେ ସେ ସମ୍ବନ୍ଧରେ କୁହାଯିବ ।

୩। ହେ ସମ୍ମାନନୀୟ ଶ୍ରୋତାଗଣ ! ମୁଁ ଆପଣମାନଙ୍କର ପାଦର ଧୂଳି ସଦୃଶ । ଆପଣମାନେ ଅନୁଗ୍ରହ କରି ଧ୍ୟାନ ଦିଅନ୍ତୁ ବୋଲି ଭିକ୍ଷା ମାଗୁଥିବାରୁ ମୁଁ ଲଜ୍ଜିତ ନୁହେଁ ।

୪ । ସନ୍ଥଙ୍କର ଜୀବନଚରିତ ଶୁଣିବାକୁ ଖୁବ୍ ଭଲ ଲାଗେ । ଅଧିକନ୍ତୁ ଶ୍ରୀସାଇଙ୍କ ଜୀବନଗାଥା ତ ଅମୃତସମ ମଧୁର । ଲକ୍ଷ ଲକ୍ଷ ସାଇଭକ୍ତ ତାହାକୁ ଖୁସିରେ ପାନ କରିଥାନ୍ତି ଓ ଆନନ୍ଦ ଲାଭ କରିଥାନ୍ତି ।

୫ । ଯେତେବେଳେ ବ୍ରାହ୍ମଣମାନେ ବର୍ଣ୍ଣାଶ୍ରମର ବ୍ୟବସ୍ଥା ବା ସେମାନଙ୍କ ଜାତି ଓ ଜନ୍ମର କର୍ତ୍ତବ୍ୟ ପାଳନରେ ଅବହେଳା କରିଥାନ୍ତି, ଛୋଟ ଜାତିମାନେ ବ୍ରାହ୍ମଣମାନଙ୍କଠାରୁ ଉଚ୍ଚ ହେବା ପାଇଁ ଚାହିଁଥାନ୍ତି, ଧର୍ମଗୁରୁମାନଙ୍କୁ ଅସମ୍ମାନ କରାଯାଇଥାଏ ଓ ଲୋକେ ବାହୁବଳର ଭୟ ଦେଖାଇ ଅନ୍ୟମାନଙ୍କୁ ଦବାଇ ରଖିବା ପାଇଁ ଚେଷ୍ଟା କରିଥାନ୍ତି ।

୬ । ଯେତେବେଳେ ଧର୍ମର ନୀତି ନିର୍ଦ୍ଦେଶ କେହି ମାନି ନଥାନ୍ତି, ସମସ୍ତେ ନିଜ ନିଜ ଘରେ ଜ୍ଞାନୀ ବୋଲାଇଥାନ୍ତି, କେହି କାହାରି କଥା ଶୁଣି ନଥାନ୍ତି, ଅନ୍ୟ ଉପରେ ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଥାନ୍ତି ।

୭ । ଯେତେବେଳେ ନିଷିଦ୍ଧ ଖାଦ୍ୟ ଓ ପାନୀୟକୁ ଆଦରରେ ଗ୍ରହଣ କରାଯାଇଥାଏ, ଯେତେବେଳେ ସତ୍ ଚିନ୍ତା ଓ ସତ୍ ଆଚରଣକୁ ସଂପୂର୍ଣ୍ଣ ତ୍ୟାଗ କରାଯାଇଥାଏ । ବ୍ରାହ୍ମଣମାନେ ଖୋଲାଖୋଲି ଭାବରେ ମଦ ମାଂସ ଭକ୍ଷଣ କରିଥାନ୍ତି ।

୮ । ଯେତେବେଳେ ଧର୍ମ ନାମରେ ସେମାନେ ଜଘନ୍ୟ ନୃଶଂସ ଆଚରଣ କରିଥାନ୍ତି ଓ ଜାତି ଜାତି ମଧ୍ୟରେ ଘୃଣା ଭାବ ବିସ୍ତାର କରିଥାନ୍ତି । ଆଉ ସେଥିପାଇଁ ଲୋକେ ବଡ଼ ହଇରାଣ ହୋଇଥାନ୍ତି ।

୯ । ଯେତେବେଳେ ବ୍ରାହ୍ମଣମାନେ ପ୍ରତ୍ୟହ ସ୍ନାନ ଓ ପୂଜା ପ୍ରାର୍ଥନା କରିବାକୁ ଅମଙ୍ଗ ହୁଅନ୍ତି, ଯେତେବେଳେ ନିଷ୍ଠାପର ଧର୍ମାବଲମ୍ବୀମାନେ ଧର୍ମୀୟ ରୀତିନୀତି ପାଳନ କରିବାକୁ କୁଣ୍ଠିତ ହୁଅନ୍ତି ଏବଂ ଯୋଗୀମାନେ ଯୋଗସାଧନା, ନାମଜପ, ତପସ୍ୟା, ପ୍ରାର୍ଥନା ଇତ୍ୟାଦି ପରିତ୍ୟାଗ କରନ୍ତି କିମ୍ବା ଏକାଗ୍ରତାର ସହ କରନ୍ତି ନାହିଁ, ସେତେବେଳେ

ସନ୍ଥମାନଙ୍କର ଆବିର୍ଭାବ ହେବାର ଉପଯୁକ୍ତ ସମୟ ପହଞ୍ଚିଛି ବୋଲି ଜାଣିବେ।

୧୦। ଯେତେବେଳେ ସାଧାରଣ ଲୋକେ ସମାଜରେ ଯଶ ଅର୍ଜନ, ଧନସମ୍ପତ୍ତି, ପଦପଦବୀ, ପିଲାପିଲି ଓ ପରିବାର ମଧ୍ୟରେ ସୁଖପ୍ରାପ୍ତି ରହିଛି ବୋଲି ଭାବି ଆଧାତ୍ମିକ ମାର୍ଗରୁ ଦୂରେଇ ଯାଆନ୍ତି ଓ ସଦ୍‌ଗୁଣଗୁଡ଼ିକୁ ପରିତ୍ୟାଗ କରି ଦିଅନ୍ତି, ସେତେବେଳେ ସନ୍ଥମାନେ ଜନ୍ମ ଗ୍ରହଣ କରିଥାନ୍ତି।

୧୧। ଧର୍ମର ଅବକ୍ଷୟ ଯୋଗୁଁ ଲୋକମାନଙ୍କର ପରମ କଲ୍ୟାଣ ସାଧିତ ହୁଏ ନାହିଁ । ତେଣୁ ଧର୍ମର ପୁନଃସଂସ୍ଥାପନ ପାଇଁ ସନ୍ଥମାନେ ଅବତାର ନେଇଥାନ୍ତି।

୧୨। ଯେତେବେଳେ ଲୋକେ ନିଜର ସ୍ୱାସ୍ଥ୍ୟ, ଆୟୁଷ ଓ ସମୃଦ୍ଧିର କ୍ଷତିକରି ଯୌନ ଲାଳସାରେ ମାତିଥାନ୍ତି ଓ ଆଧାତ୍ମିକ ଉନ୍ନତି କରିବାର ସୁଯୋଗ ସମ୍ପୂର୍ଣ୍ଣ ହରାଇ ଦେଇଥାନ୍ତି, ସେତେବେଳେ ସନ୍ଥମାନେ ଜନ୍ମଗ୍ରହଣ କରିଥାନ୍ତି।

୧୩। ସନାତନ ହିନ୍ଦୁ ଧର୍ମକୁ ରକ୍ଷା କରିବା ପାଇଁ, ଅଧର୍ମର ବିନାଶ ପାଇଁ, ପତିତ, ଦରିଦ୍ର ଓ ଦୁର୍ବଳଙ୍କୁ ରକ୍ଷା କରିବା ପାଇଁ ସନ୍ଥମାନେ ଏହି ପୃଥିବୀପୃଷ୍ଠରେ ଅବତାର ନେଇଥାନ୍ତି।

୧୪। ସନ୍ଥମାନେ ସ୍ୱତଃ ମୁକ୍ତ ଆତ୍ମା ହୋଇଥାନ୍ତି ଏବଂ ଦୀନଦୁଃଖୀ ଓ ଦୁର୍ବଳମାନଙ୍କୁ ସାହାଯ୍ୟ କରିବା ନିମନ୍ତେ ସେମାନେ ସଦାତତ୍ପର ରହିଥାନ୍ତି। ସେମାନଙ୍କର ଜନ୍ମ କେବଳ ଅନ୍ୟମାନଙ୍କର କଲ୍ୟାଣ ସାଧନ ପାଇଁ ହୋଇଥାଏ ଓ ସେମାନଙ୍କର ନିଜର ସ୍ୱାର୍ଥ ବୋଲି କିଛି ନଥାଏ ।

୧୫। ସେମାନେ ଚଳଚଞ୍ଚଳ ସାଂସାରିକ ଜୀବନ ସୌଧର ଚତୁଃପାର୍ଶ୍ୱରେ ବୈରାଗ୍ୟର ଦୃଢ଼ ପ୍ରାଚୀର ବୁଲାଇ ମୂଳଦୁଆ ପକାନ୍ତି ଓ ତା'ଉପରେ ଚୂଡ଼ାନ୍ତ କଲ୍ୟାଣ ମନ୍ଦିର ତିଆରି କରି ଭକ୍ତମାନଙ୍କୁ ସହଜରେ ଉଦ୍ଧାର କରିଥାନ୍ତି।

୧୬। ଧର୍ମ ସଂସ୍ଥାପନ ପାଇଁ ତଥା ଧର୍ମ ଭାବର ଜାଗରଣ ପାଇଁ କାର୍ଯ୍ୟକରି ସେମାନେ ସେମାନଙ୍କ ଜୀବନର ବ୍ରତ ପୂରଣ କରିଥାନ୍ତି ଓ ସେମାନଙ୍କ ଲକ୍ଷ୍ୟ ପୂରଣ ହୋଇଯିବା ପରେ ସେମାନେ ମରଶରୀରକୁ ତ୍ୟାଗ କରି ଦେଇଥାନ୍ତି।

୧୭। ଜୀବାତ୍ମା ହିଁ ପରମାତ୍ମା ଓ ଏହାହିଁ ସାରା ବ୍ରହ୍ମାଣ୍ଡକୁ ଆନନ୍ଦ ପ୍ରଦାନ କରିଥାଏ। ଆଉ ପରମାତ୍ମା ହିଁ ସ୍ୱୟଂ ଗୁରୁ-ଶଙ୍କର ଓ ସେଇହିଁ ଆନନ୍ଦ ପ୍ରଦାୟକ।

୧୮। ସେଇହିଁ ପ୍ରେମର ନିତ୍ୟ ଆବାସସ୍ଥଳ। ସେ ଅନନ୍ତ, ଅନାଦି ଓ ଅପରିବର୍ତ୍ତନୀୟ। ସେ ସ୍ଥାନ, କାଳ ଓ ପାତ୍ରର ଊର୍ଦ୍ଧ୍ୱରେ । ତାଙ୍କୁ ବର୍ଣ୍ଣନା କରିହୁଏ ନାହିଁ କିମ୍ବା ତାଙ୍କର କୌଣସି ସଂଜ୍ଞା ନାହିଁ।

୧୯। ଚାରି ପ୍ରକାର ବାକ୍ୟାଳାପ ରହିଛି। ସେଗୁଡ଼ିକ ହେଉଛି-ପରା (ଯୋଗୀଗଣ ଏହାକୁ ବ୍ୟବହାର କରିଥାନ୍ତି ଓ ଏହାର ଗୂଢ଼ ସାଙ୍କେତିକ ଶବ୍ଦ ହେଉଛି 'ଓଁ'); ପଶ୍ୟନ୍ତି(ଦ୍ୱିତୀୟ ପର୍ଯ୍ୟାୟର ବାକ୍ୟାଳାପ ଯାହାର ମୂଳ ହେଉଛି ମନ); ମଧ୍ୟମା (ତୃତୀୟ ପର୍ଯ୍ୟାୟର ବାକ୍ୟାଳାପ ଓ ଏହାର ମୂଳ ସ୍ୱରନଳୀରେ ରହିଛି) ଓ ବୈଖରୀ (ଯାହା ଉଚ୍ଚାରିତ ହୋଇଥାଏ)। ଏହି ଚାରିପ୍ରକାର ବାକ୍ୟାଳାପରେ ମଧ୍ୟ ପରଂବ୍ରହ୍ମଙ୍କୁ ବର୍ଣ୍ଣନା କରିହୁଏ ନାହିଁ। ଏପରିକି ବେଦର ଜ୍ଞାନ, ବୁଦ୍ଧି ଓ ବିଚକ୍ଷଣତା ମଧ୍ୟ ଏଥିରେ ପରାଜୟ ସ୍ୱୀକାର କରି 'ନେତି', 'ନେତି', ଅର୍ଥାତ୍ 'ନାହିଁ', 'ନାହିଁ' ଭାଷାରେ ନାସ୍ତିବାଚକ ବାଣୀ ଶୁଣାଇଛି।

୨୦। ଷଡ଼ ଶାସ୍ତ୍ର ଓ ଷଡ଼ ଦର୍ଶନ ପରଂବ୍ରହ୍ମଙ୍କର ବର୍ଣ୍ଣନାକୁ ଏଡ଼ାଇ ଯାଇଛନ୍ତି। ପୁରାଣ ଓ କୀର୍ତ୍ତନ ବର୍ଣ୍ଣନା କରି କରି କ୍ଲାନ୍ତ ହୋଇ ପଡ଼ିଛନ୍ତି। କେବଳ କାୟମନୋବାକ୍ୟରେ ପ୍ରାର୍ଥନା କଲେ ହିଁ ତାଙ୍କୁ ବୁଝିପାରିବ।

୨୧। ସନ୍ଥ ଶ୍ରୀସାଇଙ୍କର ଜୀବନ ଚରିତ ଓ ତାଙ୍କର ଲୀଳା ଅତ୍ୟନ୍ତ ରହସ୍ୟମୟ। ସତ୍ୟ ଓ ପବିତ୍ର କାହାଣୀ ଶୁଣିଲେ କର୍ଣ୍ଣ ପବିତ୍ର ହେବ ନାହିଁକି ?

୨୨। ସେ ସମସ୍ତ ଇନ୍ଦ୍ରିୟଙ୍କର ଚାଳିକା ଶକ୍ତି ଅଟନ୍ତି। ସେ ଏହି କାବ୍ୟ ଲେଖିବା ପାଇଁ ପ୍ରେରଣା ଦେଇଛନ୍ତି ଓ ତାଙ୍କ ଦୟାରୁ ଏହି ଜୀବନଚରିତ ରଚନା ସୁଚାରୁରୂପେ ଓ ଅନାୟାସରେ ହୋଇପାରୁଛି।

୨୩। ସେ ସମସ୍ତଙ୍କ ହୃଦୟରେ ବାସ କରନ୍ତି। ସେ ଭିତରେ ଓ ବାହାରେ ମଧ୍ୟ ବାସ କରନ୍ତି। ସେ ସର୍ବତ୍ର ବିରାଜିତ। ମୁଁ ତେଣୁ କାହିଁକି ଓ କ'ଣ ପାଇଁ ଅଯଥାରେ ବିବ୍ରତ ହେବି ?

୨୪। ମୁଁ ତାଙ୍କର ଗୁଣଗ୍ରାମଗୁଡ଼ିକୁ ଗୋଟିକ ପରେ ଗୋଟିଏ ମନେ ପକାଇବା ସମୟରେ ଅଟକି ଯାଉଛି। ତାଙ୍କୁ ମୋର କେଉଁ ଶବ୍ଦଗୁଡ଼ିକୁ ବ୍ୟବହାର କରି କିପରି ବର୍ଣ୍ଣନା କରିବି ? ତାଙ୍କ ବିଷୟରେ ନିରବ ରହିଯିବା ହିଁ ସବୁଠାରୁ ଶ୍ରେୟସ୍କର।

୨୫। ନାସା ଫୁଲର ସୁଗନ୍ଧ ଆଘ୍ରାଣ କରିଥାଏ, ତ୍ୱଚା ସ୍ପର୍ଶ ଦ୍ୱାରା ଥଣ୍ଡା ଓ ଗରମ ଭିତରେ ଫରକ୍ ଜାଣି ପାରିଥାଏ ଓ

ଚକ୍ଷୁ ସୌନ୍ଦର୍ଯ୍ୟକୁ ଉପଭୋଗ କରିଥାଏ। ଏପରି ଭାବରେ ଇନ୍ଦ୍ରିୟଗଣ ସୁଖ ଅନୁଭବ କରିଥାନ୍ତି।

୨୬। ଜିହ୍ୱା ଚିନିର ମଧୁର ସ୍ୱାଦ ଜାଣିପାରେ ସିନା, ତାହାକୁ ପ୍ରକାଶ କରିପାରେ ନାହିଁ। ସେହିଭଳି ମୁଁ ଶ୍ରୀସାଇଙ୍କର ସଦ୍‌ଗୁଣଗୁଡ଼ିକୁ ବର୍ଣ୍ଣନା କରିବା ପାଇଁ ସମର୍ଥ ନୁହେଁ ।

୨୭। ସଦ୍‌ଗୁରୁ ନିର୍ଣ୍ଣୟ ନେଲାବେଳେ, ସେ ନିଜେହିଁ ପ୍ରେରଣା ଦିଅନ୍ତି। ସେ ତାଙ୍କର ମନୋନୀତ ବ୍ୟକ୍ତିମାନଙ୍କ ମୁହଁରେ ଭାଷା ଦେଇ ଯାହା ଅବର୍ଣ୍ଣନୀୟ, ତାହାର ବର୍ଣ୍ଣନା କରନ୍ତି।

୨୮। ମୁଁ ଏସବୁ କଥା ପ୍ରଚଳିତ ରୀତି ଅନୁଯାୟୀ କିମ୍ବା ଉପରଠାଉରିଆ ଭାବରେ କହୁନାହିଁ। ମୁଁ ଏସବୁ କଥା ପ୍ରକୃତରେ ଅନ୍ତର ଭିତରୁ ଅକପଟ ଭାବରେ କହୁଛି । ଏଥିପ୍ରତି ଆପଣମାନଙ୍କର ସସମ୍ମାନ ଧ୍ୟାନ ଆକର୍ଷଣ କରିବା ପାଇଁ ଓ ଏହା ଶ୍ରବଣ କରିବା ପାଇଁ ପ୍ରାର୍ଥନା କରୁଛି।

୨୯। ଗଙ୍ଗାପୁର, ନରସିଂହୱାଡ଼ି, ଔଦୁମ୍ବର ଓ ଭୀଲାୱାଡ଼ି[୨] ଆଦି ତୀର୍ଥ ସ୍ଥାନ ଭଳି ପବିତ୍ର ଶିରିଡ଼ି ଭୂମି ଗୋଦାବରୀ ନଦୀ କୂଳରେ ଅବସ୍ଥିତ।

୩୦। ଗୋଦାବରୀ ନଦୀର ପବିତ୍ର କୂଳ, ପବିତ୍ର ଜଳ ଓ ତାହାର ଶୀତଳ ସମୀରଣ-ଏସବୁ ପାର୍ଥିବ ଜଗତର ଅନ୍ଧକାରକୁ ଦୂର କରିଦେଇଥାଏ।

୩୧। ସମଗ୍ର ପୃଥିବୀରେ ଗୋଦାବରୀ ନଦୀର ପବିତ୍ରତା ବିଖ୍ୟାତ। ସେହି ନଦୀ କୂଳ ଥିଲା ଅନେକ ସନ୍ଥଙ୍କର ବାସଭୂମି । ଏକ ଆରେକଠାରୁ ବଳି ମହାତ୍ମା ଥିଲେ ସେମାନେ।

୩୨। ଗୋମତୀ[୩] ନଦୀ କୂଳରେ ଅନେକ ତୀର୍ଥ କ୍ଷେତ୍ର ରହିଛି। ତାହାର ଜଳ ସମସ୍ତ ପାପ କ୍ଷୟ କରିଦେଇଥାଏ। ଏଥିରେ ସ୍ନାନକଲେ ଓ ଏହାର ଜଳପାନ କଲେ ସାଂସାରିକ ଜୀବନର ଦୁଃଖକ୍ଳେଶ ଦୂର ହୋଇଥାଏ। ପୁରାଣରେ ଏଭଳି କଥା ଲେଖାଯାଇଅଛି।

୩୩। ଅହମଦନଗର ଜିଲ୍ଲା କୋପରଗାଁ ତାଲୁକରେ ଶିରିଡ଼ି ଅବସ୍ଥିତ। ଏହି ଗୋଦାବରୀ ନଦୀକୁ କୋପରଗାଁ ନିକଟରେ ପାର ହେଲେ ଶିରିଡ଼ିକୁ ବାଟ ପଡ଼ିଛି।

୩୪। ଗୋଦାବରୀର ଅପରପାର୍ଶ୍ୱକୁ ପାରିହୋଇ ଚାଲିଆସିଲେ ପ୍ରାୟ ଛଅ ମାଇଲ ଦୂରରେ ନିମଗାଁରେ ଟାଙ୍ଗା[୪] ପହଂଚିବା ମାତ୍ରକେ ଶିରିଡ଼ି ଦୃଷ୍ଟିଗୋଚର ହୋଇଥାଏ।

୩୫। ନିବୃତ୍ତିନାଥ, ଜ୍ଞାନଦେବ, ମୁକ୍ତାବାଇ, ନାମଦେବ, ଜନାବାଇ, ଗୋରା କୁମ୍ଭାର, ଗୋରାଇ, ତୁକାରାମ, ନରହରି, ନର୍ସିଭାଇ ମେହଟା, ସାଜନ କଂସାଇ ଓ ସାୱତା ମାଳୀ ଏମାନେ ସମସ୍ତେ ପ୍ରାଚୀନ ଯୁଗର ସନ୍ଥ ଥିଲେ।

୩୬। ଏବେ ମଧ୍ୟ ସେମାନଙ୍କ ମଧ୍ୟରୁ କେତେଜଣ ଅଛନ୍ତି। ସେମାନେ ସମସ୍ତେ ଏହି ସଂସାରକୁ 'ବସୁଧୈବ କୁଟୁମ୍ବକମ୍' ବୋଲି ବିଚାର କରିଛନ୍ତି ଓ ଦୀନହୀନ ଦୁଃଖୀ, ଦରିଦ୍ରଙ୍କୁ ସହାୟ ହୋଇଛନ୍ତି।

୩୭। ସମସ୍ତ ସନ୍ଥଙ୍କ ମଧ୍ୟରେ ଅଗ୍ରଗଣ୍ୟ ରାମଦାସ ଜଗତର ପରିତ୍ରାଣ ପାଇଁ ଗୋଦାବରୀ କୂଳ ଛାଡ଼ି କୃଷ୍ଣାନଦୀ କୂଳରେ ପ୍ରକଟ ହୋଇଥିଲେ।

୩୮। ସେହିପରି ମହାନ୍ ଯୋଗେଶ୍ୱର ଶ୍ରୀସାଇ ଶିରିଡ଼ିର ମହାଭାଗ୍ୟ ଯୋଗୁଁ ଜଗତର ପରିତ୍ରାଣ ନିମିତ୍ତ ଗୋଦାବରୀ ନଦୀକୂଳରେ ଅବତୀର୍ଣ୍ଣ ହୋଇଥିଲେ।

୩୯। ପରଶମଣି ସ୍ପର୍ଶ ମାତ୍ରକେ ଲୁହାକୁ ସୁନାରେ ପରିଣତ କରିଦିଏ। ସନ୍ଥଗଣ ହେଉଛନ୍ତି ପରଶମଣି ସଦୃଶ। ସନ୍ଥମାନଙ୍କର କାର୍ଯ୍ୟ ଅସାଧାରଣ। ସେମାନେ ଭକ୍ତମାନଙ୍କୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ମହତ୍ତର ପ୍ରତିରୂପ ପ୍ରଦାନ କରିଥାନ୍ତି।

୪୦। ସେମାନେ ସମସ୍ତ ଭେଦଭାବକୁ ଅତିକ୍ରମ କରି ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ ପ୍ରକଟିତ ବ୍ରହ୍ମ ରୂପ ଦର୍ଶନ କରନ୍ତି ଏବଂ ନିଜ ନିଜ ମଧ୍ୟରେ ଓ ସଂସାରର ସମସ୍ତଙ୍କ ମଧ୍ୟରେ ବ୍ରହ୍ମତ୍ୱ ସମାନ ଭାବରେ ପ୍ରତିଫଳିତ ହେଉଥିବା ହିଁ କେବଳ ଦେଖିଥାନ୍ତି।

୪୧। ଏଭଳି ଭାବରେ ଯେତେବେଳେ ଅନୁଭବ ହୁଏ ଯେ ବିଶ୍ୱବ୍ରହ୍ମାଣ୍ଡ ହେଉଛି କେବଳ 'ମୁଁ', 'ମୋ' ବ୍ୟତୀତ ଅନ୍ୟ କିଛି ନୁହେଁ, ସେତେବେଳେ ମିଳୁଥିବା ଆନନ୍ଦର ବର୍ଣ୍ଣନା କିପରି କରିହେବ ? ଏହା ସର୍ବୋତ୍ତମ ମଙ୍ଗଳର ଅନୁଭୂତି ପାଇବା ପାଇଁ ପଥ କଢ଼ାଇନିଏ।

୪୨। ଏଭଳି ଏକାତ୍ମତାରେ ପହଂଚି ପାରିଲେ ଅନ୍ୟ ପ୍ରତି ଭୟ କିମ୍ବା ଶତ୍ରୁତା କୁଆଡ଼ୁ ଆସିବ ? କାହାରି ଅନ୍ୟର ଆଶ୍ରୟ ନେବା ଦରକାର ପଡ଼ିବ ନାହିଁ।

୪୩। ମଙ୍ଗଳବାଡ଼ିରେ ଦାମଜୀ, ସଜ୍ଜନଗଡ଼ରେ ରାମଦାସ, ୱାଡ଼ିରେ ନରସିଂହ ସରସ୍ୱତୀଙ୍କ ଭଳି ଶିରିଡ଼ିରେ ସାଇନାଥ

ଅବତୀର୍ଣ୍ଣ ହୋଇଥିଲେ ।

୪୪ । ପାର୍ଥିବ ଅସ୍ତିତ୍ୱ କଷ୍ଟକର ଓ ଅସୁବିଧାଯୁକ୍ତ ହେଲେ ମଧ୍ୟ ଶ୍ରୀସାଇ ତାହାକୁ ଜୟ କରି ପାରିଥିଲେ । ସେ ଜ୍ଞାନର ଭଣ୍ଡାର ଥିଲେ ଓ ଶାନ୍ତି ତାଙ୍କର ଭୂଷଣ ଥିଲା ।

୪୫ । ବୈଷ୍ଣବମାନଙ୍କର ସେ ସ୍ୱର୍ଗ[୫] ସଦୃଶ ଥିଲେ । ପରମ ହିତୈଷୀ ଥିଲେ ଓ ଆଧ୍ୟାତ୍ମିକ ଜ୍ଞାନ ପ୍ରଦାନ କ୍ଷେତ୍ରରେ ସେ କର୍ଣ୍ଣ[୬]ଙ୍କର ଅବତାର ଥିଲେ । ଶ୍ରୀସାଇ ସମସ୍ତ ସତ୍ୟର ସାରତତ୍ତ୍ୱ ଥିଲେ ।

୪୬ । ନଶ୍ୱର ସହିତ କୌଣସି ପ୍ରକାର ଜଡ଼ିତ ନହୋଇ ସେ ଆତ୍ମନିମଗ୍ନ ରହୁଥିଲେ ଓ ଏକମାତ୍ର ଲକ୍ଷ୍ୟ ପରଂବ୍ରହ୍ମଙ୍କ ସହିତ ଏକାତ୍ମ ହେବା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରୁଥିଲେ । ତାଙ୍କର ସେହି ଅବସ୍ଥାକୁ କେବେ ହେଲେ ବର୍ଣ୍ଣନା କରାଯାଇ ପାରିବ ନାହିଁ ।

୪୭ । ପାର୍ଥିବ ପ୍ରାଚୁର୍ଯ୍ୟ କିମ୍ବା ତାହାର ଅଭାବବୋଧରେ ଆଦୌ ପ୍ରଭାବିତ ନହୋଇ, ମୃତ୍ୟୁ ପରେ ଅନ୍ୟ ଜଗତର ସୁଖ କିମ୍ବା ଦୁଃଖ ନିମିତ୍ତ ବିଚଳିତ ନଥାଇ, ତାଙ୍କର ହୃଦୟ ସ୍ଫଟିକ ଭଳି ସ୍ୱଚ୍ଛ ଥିଲା ଓ ତାଙ୍କ ମୁହଁରୁ ସର୍ବଦା ଅମୃତ ଝରୁଥିଲା ।

୪୮ । ରାଜା-ରଙ୍କ, ଧନୀ-ଦରିଦ୍ର ସମସ୍ତେ ତାଙ୍କ ଆଖିରେ ସମାନ ଥିଲେ । ସେ ମାନ ଅପମାନର ଉର୍ଦ୍ଧ୍ୱରେ ଥିଲେ । ସେ ପ୍ରତ୍ୟେକ ଘଟ ମଧ୍ୟରେ ଈଶ୍ୱରଙ୍କର ଦର୍ଶନ କରୁଥିଲେ ।

୪୯ । ସେ ସମସ୍ତଙ୍କ ପ୍ରତି ସାଧାରଣ, ସ୍ୱାଭାବିକ ଆଚରଣ ପ୍ରଦର୍ଶନ କରୁଥିଲେ । ଦେବଦାସୀମାନଙ୍କର[୭] ନାଚଗାନ ଓ କ୍ରୀଡ଼ାକୌତୁକ ଦେଖୁଥିଲେ, ଗଜଲ ଓ କବାଲି ଶୁଣୁଥିଲେ, ଅତି ଆନନ୍ଦରେ ସେମାନଙ୍କୁ ଉତ୍ସାହିତ କରୁଥିଲେ ମଧ୍ୟ ସେ ନିଜ ଅନ୍ତଃକରଣରେ ସମାଧି ଅବସ୍ଥା ଦ୍ୱାରା ପୂରାପୂରି ଅବିଚଳିତ ରହୁଥିଲେ ।

୫୦ । ଆଲ୍ଲାଙ୍କର ନାମ ତାଙ୍କ ହୃଦୟ ମଧ୍ୟରେ ଝଙ୍କୃତ ହେଉଥିଲା । ସମଗ୍ର ଜଗତ ଜାଗ୍ରତ ରହିଥିବା ସମୟରେ ସେ ଶୟନ କରୁଥିଲେ ଓ ଜଗତ ଶୟନ କରୁଥିବା ସମୟରେ ସେ ଜାଗ୍ରତ ରହୁଥିଲେ । ତାଙ୍କର ସ୍ୱଭାବ ଗଭୀର ପ୍ରଶାନ୍ତ ମହାସାଗର ଭଳି ଶାନ୍ତ ଥିଲା ।

୫୧ । ସେ କେଉଁ ଆଶ୍ରମ[୮], ଅଥବା ଜୀବନର କେଉଁ ସ୍ଥିତିରେ ରହୁଥିଲେ, କେଉଁ ଅବସ୍ଥା ଭିତରେ ଗତି କରୁଥିଲେ, ତାଙ୍କର ନିର୍ଦ୍ଦିଷ୍ଟ କାର୍ଯ୍ୟଧାରା କ’ଣ ଥିଲା, ସେ ସମ୍ପର୍କରେ କହିବା ମୁସ୍କିଲ୍ । ଅଧିକାଂଶ ସମୟରେ ସେ ନିଜର ବସିବା ସ୍ଥାନରୁ ଉଠୁନଥିଲେ ମଧ୍ୟ ଦୂରରେ ଘଟୁଥିବା ସମସ୍ତ ଘଟଣା ତାଙ୍କୁ ଜ୍ଞାତ ଥିଲା ।

୫୨ । ବାହାରୁ ଦରବାର ଭଳି ଦେଖାଯାଉଥିବା ଆଡ଼ମ୍ବରପୂର୍ଣ୍ଣ ସମାବେଶ ମଧ୍ୟରେ ସେ ଅସଂଖ୍ୟ ବିଷୟରେ କହୁଥିଲେ । ଏଭଳି ଦୃଶ୍ୟ ପ୍ରତ୍ୟହ ତାଙ୍କ ଦ୍ୱାରା ମଞ୍ଚସ୍ଥ ହେବାର ଦେଖାଯାଉଥିଲା । କିନ୍ତୁ, ଅନ୍ତର ମଧ୍ୟରେ ସେ ନିରବ ରହୁଥିଲେ ।

୫୩ । ସେ ସାଧାରଣତଃ କାନ୍ଥକୁ ଆଉଜି ଠିଆ ହେଉଥିଲେ, ସକାଳେ ଓ ଅପରାହ୍ନରେ ସେ ଲେଣ୍ଡି କିମ୍ବା ଚାୱଡ଼ିକୁ ଚାଲିଚାଲି ବୁଲିବାକୁ ଯାଉଥିଲେ । ସେତେବେଳେ ମଧ୍ୟ ସେ ପୂରାପୂରି ଆତ୍ମସ୍ଥ ରହୁଥିଲେ ।

୫୪ । ମୁଁ କେଉଁ ଜନ୍ମରେ, କେଉଁ ସମୟରେ, କେଉଁ ଅବକାଶରେ, କେଉଁଭଳି ଭାବରେ ତପସ୍ୟା କରିଥିଲି ଜାଣେ ନାହିଁ । କିନ୍ତୁ ତାହାର ଫଳ ସ୍ୱରୂପ ଶ୍ରୀସାଇ ମୋତେ ତାଙ୍କର ବାହୁଛାୟା ତଳକୁ ନେଇଯାଇଥିଲେ ।

୫୫ । ମୁଁ ଏହାକୁ ମୋ ତପସ୍ୟାର ଫଳ ବୋଲି କହିବି କି ? ନା, ମୁଁ ତ ଜନ୍ମରୁ ପାପୀ ଥିଲି । ଶ୍ରୀସାଇ ନିଜେ ଅତି ଦୟାଳୁ ଓ ସ୍ନେହୀ ଅଟନ୍ତି ଏବଂ ଏହା ନିଶ୍ଚିତଭାବରେ ତାଙ୍କରି କୃପାରୁ ହିଁ ସମ୍ଭବ ହୋଇଛି ।

୫୬ । ସେ ସ୍ୱୟଂ ‘ସିଦ୍ଧ’[୯] ଭାବରେ ଜନ୍ମ ହୋଇଥିଲେ ମଧ୍ୟ ତାଙ୍କର ଆଚରଣ ଜଣେ ‘ସାଧକ’ଙ୍କ[୧୦] ଭଳି ଥିଲା । ଗର୍ବଶୂନ୍ୟ ବିନୟ ଭାବ ଦ୍ୱାରା ସେ ସମସ୍ତଙ୍କୁ ଖୁସି କରାଉଥିଲେ ।

୫୭ । ଏକନାଥ ପଇଠାଣକୁ ଓ ଜ୍ଞାନେଶ୍ୱର ଆଲନ୍ଦୀକୁ ଗୌରବ ଆଣି ଦେଇଥିବା ଭଳି ସାଇବାବା ଶିରିଡ଼ିକୁ ମଧ୍ୟ ଏକ ଗୌରବମଣ୍ଡିତ ତୀର୍ଥସ୍ଥାନରେ ପରିଣତ କରିଦେଇଥିଲେ ।

୫୮ । ଶିରିଡ଼ିର ଘାସ ଓ ମାଟିଗୋଡ଼ି ମଧ୍ୟ ଧନ୍ୟ, କାରଣ ଅନାୟାସରେ ସେମାନେ ପ୍ରତ୍ୟହ ବାବାଙ୍କର ପାଦପଦ୍ମକୁ ସ୍ପର୍ଶ କରିପାରୁଥିଲେ ଓ ବାବାଙ୍କର ପାଦଧୂଳିକୁ ମସ୍ତକରେ ଧାରଣ କରୁଥିଲେ ।

୫୯ । ଆମ ପାଇଁ ଶିରିଡ଼ି ହେଉଛି ପଣ୍ଢରପୁର । ଶିରିଡ଼ି ହିଁ

ଆମ ପାଇଁ ଜଗନ୍ନାଥ ପୁରୀ, ଦ୍ୱାରକା, ଗୟା ଓ କାଶୀ ବିଶ୍ୱନାଥ ମନ୍ଦିର। ଶିରିଡ଼ି ହିଁ ଆମର ରାମେଶ୍ୱର[୧୦କ]।

୬୦। ଶିରିଡ଼ି ହେଉଛି ଆମମାନଙ୍କର ବଦ୍ରିକେଦାର, ନାସିକର ତ୍ରୟମ୍ବକେଶ୍ୱର, ଉଜ୍ଜୟିନୀର ମହାକାଳେଶ୍ୱର ଓ ଗୋକର୍ଣ୍ଣ[୧୦ଖ] ମହାବଳେଶ୍ୱର।

୬୧। ଶ୍ରୀସାଇଙ୍କ ସଙ୍ଗତରେ ଶିରିଡ଼ିରେ ରହିବାର ଅର୍ଥ ନିଗମ(ବୈଦିକ ଶାସ୍ତ୍ର) ଓ ଆଗମ (ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ପ୍ରଧାନ ପନ୍ଥୀଙ୍କର ବେଦ ପରବର୍ତ୍ତୀ ଶାସ୍ତ୍ରାଦି) ଅଧ୍ୟୟନ କରିବା ତଥା ଜୀବନରେ ବିପଦଆପଦରୁ ତାଙ୍କ ସ୍ପର୍ଶ ଦ୍ୱାରା ରକ୍ଷା ପାଇବା। ସେ ପରମ ଲକ୍ଷ୍ୟ ସାଧନର ସହଜ ମାର୍ଗ।

୬୨। ଶ୍ରୀସାଇ ସମର୍ଥଙ୍କ ଦର୍ଶନ ହେଉଛି ଆମ ପାଇଁ ଦିବ୍ୟାତ୍ମା ସହିତ ମିଳନର ଏକ ଉପାୟ। ତାଙ୍କ ସହିତ କଥାବାର୍ତ୍ତା କଲେ ଆମର ସମସ୍ତ ପାପ କ୍ଷୟ ହୋଇଯାଏ।

୬୩। ତାଙ୍କ ପଦସେବାର ଅର୍ଥ ହେଲା ତ୍ରିବେଣୀରେ ଅର୍ଥାତ୍ ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନ ସ୍ଥଳରେ ଅବଗାହନ କରିବା। ତାଙ୍କର ଚରଣୋଦକ ସେବନ କଲେ ସମସ୍ତ କାମନାବାସନାର ଅନ୍ତ ହୋଇଥାଏ।

୬୪। ତାଙ୍କର ଆଦେଶ ଆମ ପାଇଁ ବେଦ ବାକ୍ୟ ଭଳି । ତାଙ୍କର ଉଦି(ଧୁନିର ଭସ୍ମ) ଓ ପ୍ରସାଦ ଅତି ପବିତ୍ର। ସବୁ ଦିଗରୁ ବିଶୁଦ୍ଧ ଓ ଚିତ୍ତ ଶୁଦ୍ଧକରେ ।

୬୫। ଆମ ପାଇଁ ଶ୍ରୀସାଇ ହେଉଛନ୍ତି ପରଂବ୍ରହ୍ମ ଓ ପରମାନନ୍ଦ। ଶ୍ରୀସାଇ ହେଉଛନ୍ତି ଆମର ଶ୍ରୀକୃଷ୍ଣ, ଶ୍ରୀରାମ; ଆମମାନଙ୍କର ରକ୍ଷାକର୍ତ୍ତା ଓ ଆଶ୍ରୟଦାତା।

୬୬। ଶ୍ରୀସାଇ ଜଗତର ଦ୍ୱୈତ ଚରିତ୍ରରୁ ଉର୍ଦ୍ଧ୍ୱରେ ଥିଲେ। କେତେବେଳେହେଲେ ଦୁଃଖ କିମ୍ବା ସୁଖ ଅନୁଭବ କରୁ ନ ଥିଲେ। ସର୍ବଦା ଆତ୍ମସ୍ଥ ରହୁଥିଲେ ଓ ନିରନ୍ତର ବ୍ରହ୍ମ ମଧ୍ୟରେ ଲୀନ ହୋଇରହୁଥିଲେ।

୬୭। ଶ୍ରୀସାଇ ଶିରିଡ଼ିକୁ କେନ୍ଦ୍ର କରିଥିଲେ ମଧ୍ୟ ତାଙ୍କର ପ୍ରଭାବର ପରିସର ଚତୁର୍ଦ୍ଦିଗରେ ବ୍ୟାପି ଥିଲା । ତାହା ପଂଜାବ, ବଙ୍ଗଳା, ଉତ୍ତର ଭାରତ, ଗୁଜୁରାଟ, ଦାକ୍ଷିଣାତ୍ୟ ଓ କର୍ଣ୍ଣାଟକ ଯାଏଁ ପରିବ୍ୟାପ୍ତ ଥିଲା।

୬୮। ଶିରିଡ଼ିରେ ଶ୍ରୀସାଇଙ୍କ ସମାଧି ସମସ୍ତ ସନ୍ଥଙ୍କ ପାଇଁ ମିଳନସ୍ଥଳ। ତାଙ୍କର ସମାଧି ଆଡ଼କୁ ଯାତ୍ରା କଲେ ପ୍ରତିଟି ପଦକ୍ଷେପରେ ଗୋଟିଏ ଗୋଟିଏ ସାଂସାରିକ ବନ୍ଧନ ଛିନ୍ନ ହୋଇଯାଏ।

୬୯। ତାଙ୍କ ସମାଧିକୁ ଦର୍ଶନ କଲେ ମଣିଷ ଜୀବନର ଆଶା ପୂରଣ ହୋଇଯାଏ। ତାଙ୍କ ସେବାରେ ଯେଉଁମାନେ ଜୀବନ ବିତାଇଦେଇଛନ୍ତି ସେମାନଙ୍କର ସୌଭାଗ୍ୟ ବିଷୟରେ କ'ଣ ମୁଁ କହିପାରିବି ?

୭୦। ଦେଖ, ସମାଧି ମନ୍ଦିର, ମସ୍‌ଜିଦ୍ ଓ ଓ୍ୱାଡ଼ା ଉପରେ ସୁନ୍ଦର ସୁନ୍ଦର ପତାକା ଧାଡ଼ି ଧାଡ଼ି ହୋଇ କିପରି ଉଡୁଅଛି ! ତାହା ସତେକି ଭକ୍ତମାନଙ୍କୁ ହାତ ହଲାଇ ଡାକି ଆଣୁଛି !

୭୧। ଜଣେ ମହାନ୍ ସନ୍ଥ ଭାବରେ ବାବାଙ୍କର ଖ୍ୟାତି ଦେଶ ବିଦେଶରେ ବ୍ୟାପିଯାଇଛି। କେତେକ ବ୍ୟକ୍ତି ନିଜ ଇଚ୍ଛା ପୂର୍ତ୍ତି ନିମନ୍ତେ ବାବାଙ୍କ ଉପରେ ବିଶ୍ୱାସ ରଖି ମାନସିକ କରୁଥିବା ବେଳେ ଆଉ କେତେକ କେବଳ ତାଙ୍କ ଦର୍ଶନ ଦ୍ୱାରାହିଁ ଆତ୍ମଶାନ୍ତି ଲାଭ କରୁଛନ୍ତି।

୭୨। ନିଜର ମନ ଭିତରର ଇଚ୍ଛା ଶୁଦ୍ଧ କିମ୍ବା ଅଶୁଦ୍ଧ ହୋଇଥାଉ, ବାବାଙ୍କ ଦର୍ଶନ ମାତ୍ରକେ ମନରେ ଶାନ୍ତି ଆସିଯାଉଛି। ଲୋକେ ତେଣୁ ହୃଦୟ କନ୍ଦରରେ ଆହ୍ଲାଦିତ ହୋଇ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି।

୭୩। ପଣ୍ଢରପୁରରେ ଭଗବାନ ବିଠଲ ଓ ରୁକ୍ମାମାଇଙ୍କୁ ଦର୍ଶନ କଲେ ଯେଉଁଭଳି ଆଶ୍ଚର୍ଯ୍ୟ ଅନୁଭୂତି ମିଳିଥାଏ, ଶିରିଡ଼ିରେ ସାଇବାବାଙ୍କ ଦର୍ଶନରେ ମଧ୍ୟ ସେଇ ପ୍ରକାର ଅନୁଭୂତି ମିଳିଥାଏ।

୭୪। ଯଦି କେହି ଏହି ବର୍ଣ୍ଣନାକୁ ଅତିରଂଜିତ ବୋଲି ଭାବୁଛନ୍ତି, ତେବେ ସେମାନଙ୍କର ସନ୍ଦେହ ଦୂରୀକରଣ ନିମନ୍ତେ ବିଠଲଙ୍କ ପରମ ଭକ୍ତ ଗୌଲୀବୁଆଙ୍କ କଥା ଶୁଣନ୍ତୁ।

୭୫। ସେ ପଣ୍ଢରପୁରକୁ ନିୟମିତ ଭାବରେ ଯାଉଥିଲେ। ପ୍ରତିବର୍ଷ ପଣ୍ଢରପୁରକୁ ଯିବା ଭଳି ଶିରିଡ଼ିକୁ ମଧ୍ୟ ପ୍ରତିବର୍ଷ ଆସୁଥିଲେ। ସେ ବାବାଙ୍କୁ ବହୁତ ଶ୍ରଦ୍ଧା କରୁଥିଲେ।

୭୬। ତାଙ୍କ ସାଥିରେ ଜଣେ ଶିଷ୍ୟ ଓ ଗଧଟିଏ ଯାଉଥିଲା। ସେ ସବୁବେଳେ "ରାମକୃଷ୍ଣ, ହରେକୃଷ୍ଣ, କୃଷ୍ଣକୃଷ୍ଣ, ହରେହରେ !" ଜପ କରୁଥିଲେ।

୭୭। ତାଙ୍କର ବୟସ ପଂଚାନବେ ବର୍ଷ ହୋଇଥିଲା। ସେ ଗୋଦାବରୀ କୂଳରେ ବର୍ଷା ଚାରିମାସ ରହୁଥିଲେ ଓ ପଣ୍ଢରପୁରରେ ବାକି ଆଠମାସ ରହୁଥିଲେ। ସେ ବାବାଙ୍କୁ ପ୍ରତିବର୍ଷ ଦର୍ଶନ କରୁଥିଲେ।

୭୮ । ସେ ବିନମ୍ର ଭାବରେ ବାବାଙ୍କୁ ଅନାଇ ରହି କହୁଥିଲେ, "ନିରାଶ୍ରୟର ଆଶ୍ରୟଦାତା, ଦୀନବାନ୍ଧବ ଦୟାଳୁ ପଣ୍ଢରୀନାଥ ଏଠାରେ ଅବତାର ଗ୍ରହଣ କରିଛନ୍ତି ।

୭୯ । "ଜରିଧଡ଼ି ଧୋତି ବା ମଠାପାଟ ପିନ୍ଧି ଦେଲେ ଜଣେ କ'ଣ ସନ୍ଥ ହୋଇଯିବ ? ହାଡ଼ଭାଙ୍ଗି ରକ୍ତପାଣି ହେବା ପର୍ଯ୍ୟନ୍ତ ତପସ୍ୟା କଲେ ଜଣେ ହୁଏତ ସନ୍ଥ ହୋଇପାରେ !

୮୦ । "ବିନା ପରିଶ୍ରମରେ କେହି ଦେବତ୍ୱ ପାଇ ପାରେକି ? ଇଏ ହେଉଛନ୍ତି ପଣ୍ଢରୀନାଥଙ୍କ ଅବତାର । ଜଗତ ଅଞ୍ଚ ବୋଲି ଦୃଢ଼ ବିଶ୍ୱାସ କରି ତାଙ୍କ ମଧ୍ୟରେ ଦେବତ୍ୱର ଅନୁଭବ କର ।"

୮୧ । ପଣ୍ଢରୀନାଥଙ୍କର ପ୍ରଧାନ ଭକ୍ତଙ୍କର ଏହାହିଁ ବକ୍ତବ୍ୟ । ତାଙ୍କ ତୁଳନାରେ ମୋ ଭଳି ଅଧମ କେଉଁ ଅଧିକ ଅନୁଭୂତିର ଗର୍ବ କରିବ ? ଶ୍ରୋତାଗଣ ନିଜ ନିଜର ଅନୁଭୂତି ଦ୍ୱାରା ପରିଚାଳିତ ହୁଅନ୍ତୁ ।

୮୨ । ବାବା ନାମସ୍ମରଣକୁ ଭଲ ପାଉଥିଲେ । ସେ ନିଜେ "ଆଲ୍ଲା ମାଲିକ" ବୋଲି ସବୁବେଳେ କହୁଥିଲେ । ସେ ରାତିଦିନ ଅବିରାମ ନାମଯଜ୍ଞ ସାତଦିନଧରି କରାଉଥିଲେ ଓ ନିଜେ ଉପସ୍ଥିତ ରହୁଥିଲେ ।

୮୩। ଥରେ ବାବା ଦାସଗଣୁଂଙ୍କୁ ନାମକୀର୍ତ୍ତନ ସପ୍ତାହ ପାଳନ ପାଇଁ ଆଦେଶ ଦେଇଥିଲେ । ଦାସଗଣୁ ବାବାଙ୍କୁ ପଚାରିଥିଲେ, "ବିଠଲ ମନୁଷ୍ୟ ରୂପ ଧରି ଆସିବେ ତ ?"

୮୪। ବାବା ତାଙ୍କର ହାତ ଛାତି ଉପରେ ରଖି ଦୃଢ଼ ପ୍ରତିଶ୍ରୁତି ଦେଇ କହିଥିଲେ, "ନିଶ୍ଚୟ । ବିଠଲ ମନୁଷ୍ୟ ରୂପ ଧରି ହିଁ ଆସିବେ । ଭକ୍ତମାନଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିବା ଦରକାର ।

୮୫ । "ଡଙ୍କପୁରୀର ଡକୁରନାଥ, ପଣ୍ଢରପୁରର ବିଠଲ, ଦ୍ୱାରକା ନଗରୀର ରଣଛୋଡ଼ ଏଇଠି ଅଛନ୍ତି । ତମେ ସେମାନଙ୍କୁ ଖୋଜିବା ନିମନ୍ତେ ଦୂରକୁ ଯିବାକୁ ପଡ଼ିବ ନାହିଁ ।

୮୬। "ବିଠଲ ନିଜର ଘର ଛାଡ଼ି ଅନ୍ୟ କେଉଁଠାରୁ ଆସିବେକି ? ଭକ୍ତମାନଙ୍କର ଗଭୀର ଭକ୍ତି ବଳରେ ସେ ଏଇଠାରୁ ହିଁ ବାହାରିବେ ।

୮୭। "ପୁଣ୍ଡଳିକ ତାଙ୍କର ପିତାମାତାଙ୍କୁ ସେବା କରିବା ସମୟରେ ଦେବ ଦେବ ବିଷ୍ଣୁଙ୍କ ଦର୍ଶନ ପାଇଥିଲେ । ପୁଣ୍ଡଳିକଙ୍କ ଗଭୀର ଭକ୍ତି ଦେଖି ସ୍ୱୟଂ ଭଗବାନ ଖଣ୍ଡେ ପଥର ଉପରେ ଛିଡ଼ା ହୋଇ ଅପେକ୍ଷା କରିଥିଲେ ।"


ଦାସଗଣୁ ମହାରାଜ

୮୮ । ନାମକୀର୍ତ୍ତନର ସପ୍ତାହ ପରେ ବାବାଙ୍କର କଥା ସତ ହୋଇଥିଲା ଓ ଦାସଗଣୁ ଶିରିଡ଼ିରେ ବିଠଲଙ୍କ ଦର୍ଶନ ପାଇଥିଲେ ବୋଲି କୁହାଯାଏ । ବାବାଙ୍କର ଭବିଷ୍ୟତ ବାଣୀ ଏହିଭଳି ଅନୁଭୂତ ଓ ପ୍ରମାଣିତ ହୋଇଥିଲା ।

୮୯ । କାକାସାହେବ ଦୀକ୍ଷିତ ସକାଳର ନିତ୍ୟକର୍ମ ପରେ ଧ୍ୟାନ କରୁଥିବା ସମୟରେ ଥରେ ବିଠଲଙ୍କର ଦର୍ଶନ ପାଇଥିଲେ ।

୯୦ । ପରେ ସେ ଯେତେବେଳେ ବାବାଙ୍କ ଦର୍ଶନକୁ ଯାଇଥିଲେ, ବାବା ତାଙ୍କୁ ଚକିତ କରିଦେଇ ପଚାରିଥିଲେ, "ବିଠଲ ପାଟିଲ ଆସିଥିଲେ କି ? ତୁମେ ତାଙ୍କୁ ଦେଖିଲଟି ?

୯୧ । "ସେହି ବିଠଲ ଭାରି ଛଳନା କରନ୍ତି । ତାଙ୍କୁ ଭଲକରି ଧରିରଖ, ନଚେତ୍ ତୁମର ନଜର ଟିକିଏ ଏପାଖ ସେପାଖ ହୋଇଗଲେ, ସେ ଖସିଯିବେ ।"

୯୨ । ଏ ଘଟଣା ସକାଳେ ଘଟିଥିଲା । ଉପରବେଳାକୁ ପୁଣି ବିଠଲଙ୍କର ସୁଖଦ ଆଗମନର ପ୍ରମାଣ ମିଳିଥିଲା ।

୯୩। ଶିରିଡ଼ି ବାହାରୁ ଜଣେ ଫଟୋବିକାଳୀ ବିଠଲଙ୍କର କୋଡ଼ିଏ ପଚିଶଟି ସୁନ୍ଦର ଫଟୋ ଧରି ବିକିବାକୁ ଆସିଥିଲା ।

୯୪ । ସକାଳେ ଧ୍ୟାନ ସମୟରେ ବିଠଲଙ୍କର ଯେଉଁ ରୂପ ଦେଖିଥିଲେ, ସେହି ରୂପକୁ ଫଟୋବିକାଳୀ ନିକଟରେ ଏକ ଛବିରେ ଅବିକଳ ଦେଖି ଦୀକ୍ଷିତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ବାବାଙ୍କର କଥା ମନେ ପକାଇଥିଲେ ।

୯୫ । ଦୀକ୍ଷିତ ଶ୍ରଦ୍ଧା ସହକାରେ ଗୋଟିଏ ଫଟୋ କିଣିଥିଲେ ଓ ଦୈନିକ ପୂଜା ନିମିତ୍ତ, ଭକ୍ତି ସହକାରେ ସ୍ଥାପନ କରିଥିଲେ ।

୯୬ । ବିଠଲଙ୍କୁ ପୂଜା କରିବା ଯାହା, ଶ୍ରୀସାଇଙ୍କୁ ପୂଜା କରିବା ସେୟା । ଏ ସମ୍ବନ୍ଧରେ ଅନ୍ୟ ଏକ ଚମତ୍କାର ଘଟଣା ଆନନ୍ଦର ସହିତ ଶୁଣନ୍ତୁ ।

୯୭ । ଭଗଓ୍ୱନ୍ତରାଓ କ୍ଷୀରସାଗରଙ୍କ ପିତା ବିଠଲଙ୍କର ଜଣେ ପରମ ଭକ୍ତ ହୋଇଥିବାରୁ ମଝିରେ ମଝିରେ ପଣ୍ଢରପୁରକୁ ଯାଉଥିଲେ ।

୯୮। ତାଙ୍କ ଘରେ ବିଠଲଙ୍କର ପ୍ରତିମୂର୍ତ୍ତିଟିଏ ଥିଲା। ପିତାଙ୍କର ମୃତ୍ୟୁ ପରେ ପ୍ରତିମୂର୍ତ୍ତି ପାଖରେ ଦୈନିକ ପୂଜାର୍ଚ୍ଚନା ଓ ନୈବେଦ୍ୟ[୧୨] ଅର୍ପଣ ଇତ୍ୟାଦି ବନ୍ଦ ହୋଇଯାଇଥିଲା। ଏପରିକି ପ୍ରତିବର୍ଷ ପୁଣ୍ୟତିଥିରେ ଶ୍ରାଦ୍ଧାଦି କ୍ରିୟାକର୍ମ ମଧ୍ୟ କରାଯାଇନଥିଲା।

୯୯। ଭଗୱନ୍ତରାଓ ପଣ୍ଢରପୁରକୁ ବାର୍ଷିକ ଦର୍ଶନ ପାଇଁ ଯିବା ମଧ୍ୟ ଛାଡ଼ି ଦେଇଥିଲେ। ସେ ଯେତେବେଳେ ଶିରିଡ଼ି ଯାଇଥିଲେ, ବାବା ତାଙ୍କର ପିତାଙ୍କ କଥା ମନେପକାଇ ଦେଇ କହିଥିଲେ, "ସେ ମୋର ବନ୍ଧୁ ଥିଲେ।"

୧୦୦। "ସେ ମୋର ପ୍ରିୟ ବନ୍ଧୁଙ୍କ ପୁତ୍ର । ସେଇଥିପାଇଁ ମୁଁ ତାକୁ ଏଠିକି ଟାଣି ଆଣିଛି। ସେ ନୈବେଦ୍ୟ ଦିଏ ନାହିଁ । ମୋତେ ମଧ୍ୟ ଭୋକରେ ରଖେ।

୧୦୧। "ବିଠଲଙ୍କୁ ମଧ୍ୟ ସେ ଭୋକରେ ରଖୁଛି। ସେଇଥିପାଇଁ ମୁଁ ତାକୁ ଶିରିଡ଼ି ଆଣିଛି। ମୁଁ ତାକୁ ଏବେ ମନେ ପକାଇ ଦେବି ଓ ସେ ପୂଜା କରିବ।"

୧୦୨। ଏକଦା ପର୍ବ ଦିନରେ ପବିତ୍ର ବୁଡ଼ ପକାଇବା ସମୟ ହୋଇଥିବାରୁ ଦାସଗଣୁ ପ୍ରୟାଗ ତୀର୍ଥରେ ସ୍ନାନ କରିବାର ଇଚ୍ଛା ନେଇ ବାବାଙ୍କ ଅନୁମତି ନେବାପାଇଁ ଆସିଥିଲେ।

୧୦୩। ଉତ୍ତରରେ ବାବା କହିଥିଲେ, "ତୁମକୁ ସେଥିନିମନ୍ତେ ଏତେବାଟ ଯିବାକୁ ପଡ଼ିବ ନାହିଁ। ଏଇଠି ଆମର ପ୍ରୟାଗର ତଟ ରହିଛି। ହୃଦୟ ମଧ୍ୟରେ ବିଶ୍ୱାସ ରଖ।"

୧୦୪। ବାବାଙ୍କର ମହିମା କ'ଣ ଅବା କହିବି ? ଦାସଗଣୁ ବାବାଙ୍କର ଗୋଡ଼ତଳେ ମୁଣ୍ଡିଆ ମାରିବା ସମୟରେ, ବାବାଙ୍କର ଦୁଇ ବୁଢ଼ା ଆଙ୍ଗୁଠିରୁ ଜଳର ଫୁଆରା ଛୁଟି ଆସିଥିଲା, ଯେପରିକି ତାହା ଗଙ୍ଗା ଓ ଯମୁନା ଜଳର ପ୍ରବାହ ।

୧୦୫। ଏଭଳି ଚମତ୍କାରିତା ଦେଖି ଦାସଗଣୁ ଆନନ୍ଦରେ ବିହ୍ୱଳ ହୋଇପଡ଼ିଥିଲେ। କେତେବଡ଼ କରୁଣା ବାବା ତାଙ୍କ ଉପରେ କରିଛନ୍ତି ବୋଲି ଭାବି ଆଖିରେ ତାଙ୍କର ଲୁହ ଜକେଇ ଆସିଥିଲା।

୧୦୬। ତାଙ୍କର ବାକ୍ୟ ପ୍ରେରଣାଦାୟକ ଥିଲା। ହୃଦୟରୁ ଶ୍ରଦ୍ଧା ପ୍ରକଟିତ ହେଉଥିଲା। ସେ ବାବାଙ୍କର ଅସୀମ ମହିମା ଓ ବିସ୍ମୟକର ଲୀଳାମାନ ବର୍ଣ୍ଣନା କରିବା ପରେ ଯାଇ ସନ୍ତୋଷ ଲାଭ କରିଥିଲେ।

୧୦୭। ଶ୍ରୋତାମାନଙ୍କର ଉତ୍କଣ୍ଠା ଯୋଗୁଁ ମୁଁ ସେହି ସୁନ୍ଦର ସଂଗୀତକୁ ଏଠାରେ ଉପସ୍ଥାପନ କରୁଅଛି। ଗୀତର ଅର୍ଥ- 'ହେ ସଦ୍‌ଗୁରୁରାୟ, ଆପଣଙ୍କ ଶକ୍ତି ଅସୀମ ଓ ଆପଣଙ୍କ ଲୀଳା ଅତି ଚମତ୍କାର । ଆପଣ ଜୀବ ଓ ଅଜୀବଙ୍କୁ ଭବସାଗର ପାର କରାଇଦେବା ପାଇଁ ଦୟାର୍ଦ୍ର ଜାହାଜ ସ୍ୱରୂପ। (ଘୋଷା)

ଆପଣ ବେଣୀମାଧବ (ବିଷ୍ଣୁ) ହୋଇ ନିଜର ପଦଦ୍ୱୟକୁ ଏଠାରେ ପ୍ରୟାଗ କରିଦେଲେ। ଆପଣଙ୍କ ଦୁଇ ବୃଦ୍ଧାଙ୍ଗୁଷ୍ଠିରୁ ଗଙ୍ଗାଯମୁନାର ପ୍ରବହମାନ ଧାରା ବହି ଆସିଲା। ।୧।

ଆପଣ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର-ତ୍ରିଦେବଙ୍କର ମିଳିତ ମୂର୍ତ୍ତରୂପ । ଏହି ପୃଥିବୀରେ ଆପଣ 'ସାଇ ସମର୍ଥ' ରୂପରେ ଅବତୀର୍ଣ୍ଣ।୨।

ସକାଳେ ଆପଣ ବ୍ରହ୍ମାଙ୍କ ଭଳି ଜ୍ଞାନର କଥା କହିଥାନ୍ତି। ବେଳେବେଳେ ରୁଦ୍ରଙ୍କ ଭଳି ଆପଣ ଭୀଷଣ କ୍ରୋଧ ଓ ଭୟଙ୍କର ମୂର୍ତ୍ତି ପ୍ରକାଶ କରି ତମୋଗୁଣ ପ୍ରଦର୍ଶନ କରିଥାନ୍ତି ।୩।

ବେଳେବେଳେ ଶ୍ରୀକୃଷ୍ଣଙ୍କ ଭଳି ବାଳକସୁଲଭ କ୍ରୀଡ଼ା କୌତୁକ ଦେଖାଇ ଭକ୍ତମାନଙ୍କ ହୃଦୟ ହ୍ରଦରେ ହଂସଭଳି ହୋଇଥାନ୍ତି।୪।

ଆମେ ଆପଣଙ୍କୁ ମୁସଲମାନ କହିଲେ ଆପଣ ଚନ୍ଦନତିଳକ ଗନ୍ଧକୁ ଭଲ ପାଇଥାନ୍ତି। ଆପଣଙ୍କୁ ହିନ୍ଦୁ କହିଲେ ଆପଣ ମସ୍‌ଜିଦରେ ଆରାମରେ ରହିଥାନ୍ତି।୫।

ଆପଣଙ୍କୁ ଧନୀ କହିଲେ ଆପଣ ଭିକ୍ଷା ମାଗିବାକୁ ଚାଲିଯାଇଥାନ୍ତି। ଆପଣଙ୍କୁ ଫକୀର କହିଲେ, ଆପଣ ନିଜର ଦାନ ଦେଇ (ଉଦାରତା ପ୍ରଦର୍ଶନ କରି) କୁବେରଙ୍କୁ ଲଜ୍ଜିତ କରିଦେଇଥାନ୍ତି।୬।

ଆପଣଙ୍କ ଘରକୁ ମସ୍‌ଜିଦ୍ କୁହାଗଲେ, ତା' ମଧ୍ୟରେ ଅଖଣ୍ଡ ଧୁନି ଜଳୁଥାଏ। ଧୁନି ନିରନ୍ତର ଜଳୁଥାଏ ଓ ଲୋକଙ୍କୁ 'ଉଦି' ବଣ୍ଟାଯାଉଥାଏ।୭।

ସକାଳଠାରୁ ଭକ୍ତଗଣ ପବିତ୍ର ମନରେ ଆସି ଆପଣଙ୍କୁ ପୂଜାର୍ଚ୍ଚନା କରୁଥାନ୍ତି। ମଧ୍ୟାହ୍ନରେ ସୂର୍ଯ୍ୟ ଉପରକୁ ଉଠିଗଲେ ଆପଣଙ୍କର ଆରତି କରାଯାଏ।୮।

ଭକ୍ତମାନେ ଆପଣଙ୍କ ଚାରିପଟରେ ଭଗବାନଙ୍କ ସେବକ ଭଳି ଠିଆ ହୋଇଥାନ୍ତି ଓ ହାତରେ ପଙ୍ଖା ଓ ଚାମର ଧରି ଆପଣଙ୍କୁ ବିଂଚୁଥାନ୍ତି।୯।

ଭେରୀ, ତୁରୀ, ସାହାନାଇ, ଝାଞ୍ଜ, ଘଣ୍ଟି ବାଜିଉଠେ। ସେବକମାନେ ଉର୍ଦ୍ଦି ପିନ୍ଧି କମରବାନ୍ଧି ଆପଣଙ୍କ ଗୌରବଗାନ ଫାଟକ ସମ୍ମୁଖରେ କରୁଥାନ୍ତି।୧୦।

ଆରତି ସମୟରେ ଆପଣ ବିଷ୍ଣୁଙ୍କ ଭଳି ଦେଖାଯାଆନ୍ତି। ସଂଧ୍ୟା ପରେ ଧୁନି ନିକଟରେ ବସିବା ସମୟରେ ଆପଣ ଶିବଙ୍କ ଭଳି ଦେଖାଯାଆନ୍ତି।୧୧।

ହେ ବାବା ସାଇ! ଆପଣଙ୍କ ପାଖରେ ପ୍ରକଟିତ ତ୍ରିଦେବଙ୍କର ଏହି ଲୀଳାକୁ ଆମ୍ଭେମାନେ ପ୍ରତ୍ୟହ ଅନୁଭବ କରୁଅଛୁ ।୧୨।

ଏଭଳି ଅବସ୍ଥାରେ ମଧ୍ୟ ମୋ ମନ ଅସ୍ଥିର ହୋଇଯାଉଛି। ବାବା ଆପଣଙ୍କୁ ପ୍ରାର୍ଥନା ଏବେ ଏହାକୁ ସ୍ଥିର କରନ୍ତୁ।୧୩।

ମୁଁ ମହାପାପୀ ଓ ଅଧମ। ଆପଣଙ୍କ ପଦତଳେ ଆଶ୍ରୟ ନେଇଛି। ଦାସଗଣୁର ତ୍ରିବିଧ ଆସକ୍ତିକୁ ଦୟାକରି ଦୂରକରି ଦିଅନ୍ତୁ।୧୪।

୧୦୮। ତାହାହିଁ ହେଉ। ମହାପାପକୁ ଧୋଇବା ପାଇଁ ଲୋକେ ଗଙ୍ଗାରେ ସ୍ନାନ କରିଥାନ୍ତି। ଗଙ୍ଗା ତାହାର ନିଜ ପାପର ଧୌତିକରଣ ନିମନ୍ତେ ସନ୍ଥମାନଙ୍କ ପଦର ଆଶ୍ରୟ ନେଇଥାଏ।

୧୦୯। ଏହି ପବିତ୍ର ପଦକୁ ଛାଡ଼ିଦେଇ ଗଙ୍ଗା କିମ୍ବା ଗୋଦାବରୀ ତୀର୍ଥକୁ ଯିବାର ଆବଶ୍ୟକତା ନାହିଁ। ଭକ୍ତି ସହକାରେ ସନ୍ଥ ସାଇଙ୍କର ଜୀବନଚରିତ ଓ ମହିମା ଶୁଣନ୍ତୁ।

୧୧୦। ପରମ ସୌଭାଗ୍ୟ କାରଣରୁ ନାମଦେବଙ୍କୁ ଭୀମାରଥି ନଦୀରୁ ଗୋନାଇ ପ୍ରାପ୍ତ ହୋଇଥିଲେ। ଭାଗୀରଥି ନଦୀରେ କବୀରଙ୍କୁ ମୁକ୍ତାଦାତ୍ରୀ ଗୋଟିଏ ଶାମୁକା ଖୋଳରୁ ଉଦ୍ଧାର କରିଥିଲେ।

୧୧୧। ଠିକ୍ ସେହିଭଳି ଶ୍ରୀସାଇନାଥ ଭକ୍ତମାନଙ୍କ କଲ୍ୟାଣ ନିମନ୍ତେ ଶିରିଡ଼ି ଗ୍ରାମର ଏକ ନିମ୍ବ ଗଛ[୧୩] ତଳେ ଷୋହଳ ବର୍ଷର ଯୁବକ ରୂପେ ଆବିର୍ଭୂତ ହୋଇଥିଲେ।

୧୧୨। ଆବିର୍ଭୂତ ହେବା ଦିନଠାରୁ ସେ ଭଗବତ୍ ଉପଲବ୍ଧି କରିଥିବା ଜଣେ ସନ୍ନ୍ୟାସୀ ଥିଲେ। ସ୍ୱପ୍ନରେ ମଧ୍ୟ ତାଙ୍କ ନିକଟରେ କୌଣସି କାମନା ବାସନା ନଥିଲା। ସେ ସାଂସାରିକ କାମନାକୁ ତୁଚ୍ଛ କରି ଆଡ଼େଇ ଦେଇଥିଲେ, ଓ ମୋକ୍ଷ[୧୪] ତାଙ୍କ ପାଦକୁ ପାଉଁଜି ଭଳି ଅଳଙ୍କାର ଶୋଭିତ କରୁଥିଲା ।

୧୧୩। ବାବା କେଉଁ ଧାର୍ମିକ ପରିବାରରେ କିମ୍ବା କେଉଁ ପିତାମାତାଙ୍କଠାରୁ ଜନ୍ମଗ୍ରହଣ କରିଥିଲେ, ସେ ସମ୍ପର୍କରେ କେହି କିଛି ଜାଣି ନଥିଲେ ।

୧୧୪। ତାଙ୍କର ପୂର୍ବ ବଂଶଧରଙ୍କ ସମ୍ପର୍କରେ କେହି କିଛି ଜାଣି ନଥିବାରୁ ନିଜ ନିଜର ବୁଦ୍ଧି ଖଟାଇ ତାଙ୍କର ପିତାମାତାଙ୍କ ସମ୍ବନ୍ଧରେ ଜାଣିବା ପାଇଁ ଲୋକେ ଚେଷ୍ଟା କରୁଥିଲେ।

୧୧୫। ବାବା ନିଜର ବାପା ମା, ବନ୍ଧୁବାନ୍ଧବ, ପ୍ରିୟାପ୍ରୀତି, ଜାତିଗୋତ୍ର, ଅର୍ଥାତ୍ ସମସ୍ତ ସାଂସାରିକ ମାୟାବନ୍ଧନକୁ ପଛରେ ଛାଡ଼ିଦେଇ ଲୋକମାନଙ୍କର ମଙ୍ଗଳ ନିମନ୍ତେ ଶିରିଡ଼ିରେ ଆବିର୍ଭୂତ ହୋଇଥିଲେ।

୧୧୬। ଶିରିଡ଼ିର ଜଣେ ବୃଦ୍ଧା ମହିଳା, ନାନା ଚୋପଦାରଙ୍କ ମା, ବାବାଙ୍କର ରହସ୍ୟମୟ ତଥା ବିସ୍ମୟକର ଜୀବନ ସମ୍ବନ୍ଧରେ କହିଥିଲେ।

୧୧୭। ସେ କହିଥିଲେ-ଏହି ସୁନ୍ଦର, ଗୋରା, କମନୀୟ ଯୁବକକୁ ପ୍ରଥମେ ନିମ୍ବଗଛ ମୂଳରେ ଦେଖିବାକୁ ମିଳିଥିଲା । ସେ ଧ୍ୟାନମଗ୍ନ ଭାବରେ ଓ ଗୋଡ଼ରେ ଗୋଡ଼ ଛନ୍ଦି ବସିଥିଲା ।

୧୧୮। ଗ୍ରାମବାସୀମାନେ ସେହି ସୁନ୍ଦର ଯୁବକଟି ଏତେ କମ୍ ବୟସରୁ ଖରାତରା ନମାନି କଠୋର ତପସ୍ୟା କରୁଥିବାର ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୧୧୯। ଦୂରଦୂରାନ୍ତରରୁ ତାଙ୍କର ଦର୍ଶନ କରିବା ପାଇଁ ଆସିଥିବା ଗ୍ରାମବାସୀମାନେ ମଧ୍ୟ ଏତେ କଅଁଳ ବୟସରୁ ଏହି କଠୋର କାର୍ଯ୍ୟ କରୁଥିବାର ଦେଖି ଚକିତ ହୋଇଥିଲେ।

୧୨୦। ଦିନରେ ଓ ରାତିରେ ତାହାର କୌଣସି ସହଚର ନଥିଲା; ରାତିରେ ମଧ୍ୟ ସେ ଆଦୌ ଭୟଭୀତ ହେଉନଥିଲା। ଏଭଳି ତରୁଣ କେଉଁଠାରୁ ଆସିଛି ଭାବି ସମସ୍ତେ ବିସ୍ମିତ ହେଉଥିଲେ।

୧୨୧। ସେ ବହୁତ ସୁନ୍ଦର ଥିଲା। ପ୍ରଥମ ଦର୍ଶନରୁ ଲୋକେ ତା' ପ୍ରତି ଆକୃଷ୍ଟ ହେଉଥିଲେ। ସେ କାହାରି ଘରକୁ ଯାଉନଥିଲା କି କାହାରି ଘରେ ରହୁନଥିଲା। ଦିନରାତି ନିମ୍ବଗଛ ତଳେ ରହୁଥିଲା ।

୧୨୨ । ଦିନରାତି ବାହାରେ ଖରା କାକରରେ ବସି ରହିଥିବା ଏହି କୋମଳ, ସୁନ୍ଦର ତରୁଣଟିକୁ ଦେଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା ।

୧୨୩ । ତରୁଣଟି ବାହାରକୁ ଅନେକ କମ୍ ବୟସର ବୋଲି ଦେଖାଯାଉଥିଲେ ମଧ୍ୟ ତାହାର କାର୍ଯ୍ୟ ବହୁତ ଗରିଷ୍ଠ ଥିଲା ଓ ସେ ଅନାସକ୍ତର ଅବତାର ଥିଲା । ଏହା ସମସ୍ତଙ୍କୁ ବିସ୍ମିତ କରୁଥିଲା ।

୧୨୪ । ଦିନେ ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା । ଭଗବାନ ଖଣ୍ଡୋବା କେତେଜଣଙ୍କ ଉପରେ ଆବେଶ ହୋଇଥିଲେ । ସେମାନେ ଗାଁ ଦାଣ୍ଡରେ ବୁଲୁଥିଲେ ଓ ସେମାନଙ୍କୁ ଲୋକେ ବିଭିନ୍ନ ପ୍ରଶ୍ନ ପଚାରୁଥିଲେ ।

୧୨୫ । "ଏହି ତରୁଣଟିର ଭାଗ୍ୟବାନ ପିତାମାତା କିଏ ? ସେ ଏଠାକୁ କେବେ ଓ କେମିତି ଆସିଅଛି ? ଖଣ୍ଡୋବା ଦେବତା ଆମକୁ ଅନ୍ତତଃ ଏହା କହିଦିଅନ୍ତୁ ।" ପ୍ରାୟ ସମସ୍ତେ ଏହିଭଳି ପ୍ରଶ୍ନ ପଚାରୁଥିଲେ ।

୧୨୬ । ଆବିଷ୍ଟ ଦେବତା କହିଥିଲେ, "ଗୋଟିଏ କୋଦାଳ ଆଣ ଓ ମୁଁ ଦେଖାଉଥିବା ସ୍ଥାନକୁ କୋଦାଳ ସାହାଯ୍ୟରେ ଖନନ କର । ତୁମେ ଏ ତରୁଣ ସମ୍ବନ୍ଧରେ ଜାଣିପାରିବ । ଏହିଠାରେ ଖୋଳିବା ଆରମ୍ଭ କର ।"

୧୨୭ । ଗ୍ରାମର ସୀମା ନିକଟରେ ସେହି ନିମ୍ବଗଛ ମୂଳରେ ସେମାନେ ଥରକୁ ଥର ମାଟି ଖୋଳିଥିଲେ ଓ ତଳକୁ ତଳ ମାଟି ଖୋଳାଯିବା ପରେ ସେହି ଜାଗାରେ କିଛି ଇଟା ଥିବାର ଦେଖାଯାଇଥିଲା ।

୧୨୮ । ସେମାନେ ଇଟାଗୁଡ଼ିକର ସ୍ତର ଶେଷରେ ଥିବା ପଥରକୁ ଘୁଂଚାଇ ଦେବାପରେ ଭୂଗର୍ଭସ୍ଥ ଗୁମ୍ଫାଟିଏ ଦେଖିଥିଲେ ଓ ତାହା ମଧ୍ୟରେ ଚାରୋଟି ମାଟିଦୀପ ଜଳୁଥିଲା ।

୧୨୯ । ଗୁମ୍ଫାର ଚାରିପାର୍ଶ୍ୱରେ ଚୂନପଥର ଖଂଜାଯାଇଥିଲା । ମଧ୍ୟଭାଗରେ ଗୋମୁଖାକାର କାଷ୍ଠନିର୍ମିତ ଆସନ ଓ ସୁନ୍ଦର ରୁଦ୍ରାକ୍ଷ ମାଳଟିଏ ଥିଲା । ଖଣ୍ଡୋବା ଦେବତା କହିଥିଲେ, "ତରୁଣଟି ଏଠାରେ ବାରବର୍ଷ କାଳ ତପସ୍ୟା କରିଛି ।"

୧୩୦ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ତରୁଣକୁ ନାନା ପ୍ରଶ୍ନ ପଚାରିଥିଲେ । ତରୁଣଟି ଖୁବ୍ ଦୁଷ୍ଟ ଥିଲା ଓ ଏଣୁତେଣୁ କହି ସମ୍ପୂର୍ଣ୍ଣ ଭିନ୍ନ କଥା ଶୁଣାଇଥିଲା ।

୧୩୧ । ସେ କହିଥିଲା, "ଏହା ମୋର ଗୁରୁଙ୍କ ସ୍ଥାନ । ଉତ୍ତରାଧିକାର ସୂତ୍ରେ ପ୍ରାପ୍ତ ମୋର ଏହି ପବିତ୍ର ସ୍ଥାନ । ଏହା ଯେମିତି ଅଛି ସେମିତି ଏହାକୁ ରଖିଦେବା ପାଇଁ ଅନୁରୋଧ କରୁଛି ।''

୧୩୨ । ବାବା ଏଭଳି କହିଥିଲେ ଓ ଲୋକେ ଶୁଣିଥିଲେ । ତେବେ ବାବା ଯାହା କହିଲେ, ତାହା ଠିକ୍ କଥା ନୁହେଁ ବୋଲି ମୋ ଜିହ୍ୱା କାହିଁକି କହୁଛି !

୧୩୩ । ମୁଁ ବାବାଙ୍କ ସମ୍ପର୍କରେ ଏଭଳି ମତ କିପରି ପୋଷଣ କଲି ବୋଲି ନିଜେ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ମୁଁ ଏବେ ବୁଝି ପାରୁଛି ଯେ ଲୋକମାନଙ୍କୁ ଏଣୁ ତେଣୁ କିଛି କହି ଭୁଲେଇଭାଲେଇ ଦେବା ଉଦ୍ଦେଶ୍ୟରେ ଏମିତି କଥା ହାଲ୍‌କା ଭାବରେ କୁହାଯାଇଥିଲା ।

୧୩୪ । ବାବା ଆଚରଣରେ ହସଖୁସିଆ ଓ ମଜାଳିଆ ଲୋକ ଥିଲେ । ସେହି ମାଟିତଳ ଗୁମ୍ଫାରେ ହୁଏତ ସେ ନିଜେ ରହୁଥିଲେ । ତେବେ ସେ ତାହାକୁ ଗୁରୁଙ୍କ ସ୍ଥାନ ବୋଲି କହିବାରେ କ୍ଷତି କ'ଣ ! ଏହା ଦ୍ୱାରା ତାହାର ଗୁରୁତ୍ୱ କୌଣସି ପ୍ରକାରେ ଊଣା ହୋଇଯାଏନାହିଁ ।

୧୩୫ । ବାବା ଯାହା କହିଥିଲେ, ସେୟା କରାହେଲା । ଗୁରୁଙ୍କ ସ୍ଥାନ ବୋଲି ସେ କହିଥିବା ଗୁମ୍ଫାକୁ ପୂର୍ବ ଭଳି ପଥର ଓ ଇଟା ଦ୍ୱାରା ବନ୍ଦ କରି ଦିଆଯାଇଥିଲା ।

୧୩୬ । ଅଶ୍ୱତ୍ଥ ଓ ଉଦୁମ୍ବର[୬] ବୃକ୍ଷର ମହତ୍ତ୍ୱ ଥିବା ପରି ନିମ୍ବଗଛ ବାବାଙ୍କ ନିମନ୍ତେ ମହତ୍ତର ଥିଲା । ସେ ଏହାକୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ ଓ ସବୁବେଳେ ଉଚ୍ଚମର୍ଯ୍ୟାଦା ଦେଉଥିଲେ ।

୧୩୭ । ମହାଲ୍‌ସାପତି ଓ ଶିରିଡ଼ିର ପୁରୁଖା ବାସିନ୍ଦାଗଣ ସେହି ଗଛମୂଳକୁ ବାବାଙ୍କ ଗୁରୁଙ୍କର ସମାଧି ସ୍ଥଳ ବୋଲି ବିଶ୍ୱାସ କରି ପ୍ରଣାମ କରୁଥିଲେ ।

୧୩୮ । ଏହି ସମାଧି ନିକଟରେ ବାବା ବାରବର୍ଷ ନିରବରେ ରହି ତପସ୍ୟା କରିଥିଲେ । ଏହା ସୁବିଦିତ ଥିଲା ।

୧୩୯ । ବାବାଙ୍କର ଭକ୍ତ ସାଠେ ସାହେବ ସମାଧି ନିକଟସ୍ଥ ଓ ନିମ୍ବଗଛ ସମେତ ଚାରିପାଖର ଜମି କିଣି ନେଇ ସେଠାରେ ଗୋଟିଏ କୋଠାଘର ଓ ତା'ର ଚାରିପାଖରେ ବାରଣ୍ଡା ତିଆରି କରିଥିଲେ ।

୧୪୦ । ସେହି ଘର ଓ ୱାଡ଼ା ମୂଳରୁ ତୀର୍ଥଯାତ୍ରୀମାନଙ୍କର

ଏକତ୍ର ହେବାର କେନ୍ଦ୍ରସ୍ଥଳ ଥିଲା ଓ ସବୁ ସମୟରେ ସେଠି ଲୋକ ଭିଡ଼ ଲାଗିରହୁଥିଲା ଓ ସବୁବେଳେ ଗହଳ ଚହଳ ହେଉଥିଲା ।

୧୪୧ । ସାଠେ ଯେତେବେଳେ ନିମ୍ବ ଗଛର ଚାରିପାଖରେ ମଣ୍ଡପ ତିଆରି କଲେ ଓ ଦକ୍ଷିଣ-ଉତ୍ତର ପଟରେ ଉପର ମହଲା କଲେ, ସେ ଏହି ମାଟିତଳ କୋଠରୀକୁ ପାହାଚ ତିଆରି କରିଥିଲେ ।

୧୪୨ । ପାହାଚ ତଳେ ଦକ୍ଷିଣ ଆଡ଼କୁ ମୁହଁକରି ଗୋଟିଏ ସୁନ୍ଦର ଠଣା ରହିଛି ଓ ଏହାର ବିପରୀତରେ ରହିଛି ମଣ୍ଡପ ଯେଉଁଠାରେ ଭକ୍ତମାନେ ଉତ୍ତରକୁ ମୁଖ କରି ବସିଥାନ୍ତି ।

୧୪୩। "ଗୁରୁବାର ଓ ଶୁକ୍ରବାର ଦିନ ସୂର୍ଯ୍ୟାସ୍ତ ପରେ ଯିଏ ସେ ଚଟାଣକୁ ଗୋବରରେ ଲିପି ଧୂପଦୀପ କ୍ଷଣକ ପାଇଁ ମଧ୍ୟ ଜାଳିବ, ସେ ଭଗବାନଙ୍କର ଆଶୀର୍ବାଦ ପାଇବ ।"

୧୪୪ । ଶ୍ରୋତାଗଣ ଏହି ବାଣୀକୁ ନେଇ ମନ ଭିତରେ ସନ୍ଦେହ କରୁଥାଇପାରନ୍ତି, ଏହାର ସତ୍ୟତା ଉପରେ ପ୍ରଶ୍ନ ଉଠାଇ ଏହି ବାଣୀକୁ ଅତିରଞ୍ଜିତ ବୋଲି କହୁଥାଇପାରନ୍ତି, ମାତ୍ର ଏହି କଥା ମୁଁ ବାବାଙ୍କ ମୁଖରୁ ନିଜେ ଶୁଣିଛି ।

୧୪୫ । ମୁଁ ଏହି ବାଣୀକୁ ମନରୁ ଗଢ଼ି କହୁନାହିଁ, ତେଣୁ ଏ ବିଷୟରେ ସାମାନ୍ୟ ସନ୍ଦେହ ମଧ୍ୟ କରନ୍ତୁ ନାହିଁ । ଏହି କଥାକୁ ଶୁଣିଥିବା ଅନ୍ୟ ଭକ୍ତମାନେ ଏବେ ମଧ୍ୟ ବଂଚିଛନ୍ତି ଓ ସେମାନଙ୍କ ନିକଟରୁ ଏହାର ପ୍ରମାଣ ମିଳିଯିବ ।

୧୪୬ । ପରେ ଦୀକ୍ଷିତ ୱାଡ଼ା ତିଆରି କରାଗଲା ଓ ଅଧିକ ପରିବାର ସେଠାରେ ରହି ପାରିଲେ । ଅଳ୍ପ କିଛି ଦିନ ପରେ ସେଠାରେ ଗୋଟିଏ ପଥର ୱାଡ଼ା ମଧ୍ୟ ତିଆରି କରାଯାଇଥିଲା ।

୧୪୭ । ମୂଳରୁ ଦୀକ୍ଷିତ ଜଣେ ଧର୍ମପରାୟଣ ବ୍ୟକ୍ତି ରୂପେ ପରିଚିତ ଥିଲେ । ତାଙ୍କର ଈଶ୍ୱର ବିଶ୍ୱାସ ଓ ଭକ୍ତିର ପଟାନ୍ତର ନ ଥିଲା । ସେ ଇଂଲଣ୍ଡ ଗସ୍ତରେ ଯାଇଥିବା ସମୟରେ ତାଙ୍କ ମନରେ ଆଧ୍ୟାତ୍ମିକତାର ବୀଜ ଅଙ୍କୁରିତ ହୋଇଥିଲା ।

୧୪୮ । ଶ୍ରୋତାମାନେ ପଚାରି ପାରନ୍ତି, 'ଏହା କିପରି ହେଲା ?' ମଥୁରା, କାଶୀ, ଦ୍ୱାରକା ନ ଯାଇ ଇଂଲଣ୍ଡ ଅନ୍ୟ ଧର୍ମାବଲମ୍ବୀଙ୍କ ଦେଶ ହୋଇଥିବାବେଳେ ସେଠାରେ କିପରି ସେ ପରମ ସତ୍ୟର ସନ୍ଧାନ କରିବାର ବାଟ ପାଇଥିଲେ ।

୧୪୯ । ଶ୍ରୋତାମାନଙ୍କର ସନ୍ଦେହ କରିବାର କାରଣ ରହିଛି । ସବୁ କଥା ସ୍ପଷ୍ଟ କରିଦେଲେ ସେମାନେ ଆଶ୍ଚର୍ଯ୍ୟ ହେବେ । ମୁଁ ପ୍ରଧାନ ବିଷୟକୁ ଛାଡ଼ି ଟିକିଏ ଅନ୍ୟ ଆଡ଼କୁ ଚାଲିଗଲେ ସମସ୍ତେ ମୋତେ କ୍ଷମାଦେବେ ବୋଲି ମୁଁ ଆଶା କରୁଛି ।

୧୫୦ । ସେ କାଶୀ, ପ୍ରୟାଗ, ବଦ୍ରିକେଦାର, ମଥୁରା, ବୃନ୍ଦାବନ ଓ ଦ୍ୱାରକାକୁ ତୀର୍ଥଯାତ୍ରାରେ ଯାଇ ଅନେକ ପୁଣ୍ୟ ଅର୍ଜନ କରି ସାରିଥିଲେ ।

୧୫୧ । ଅଧିକନ୍ତୁ, ତାଙ୍କ ବାପାଙ୍କର ପୁଣ୍ୟର ପ୍ରଭାବ, ନିଜର ବିରଳ ସୌଭାଗ୍ୟ ଓ ତାଙ୍କର ପୂର୍ବଜନ୍ମର ସୁକୃତରୁ ସେ ସାଇବାବାଙ୍କୁ ଦର୍ଶନ କରିବାର ସୁଯୋଗ ପାଇ ପାରିଥିଲେ ।

୧୫୨ । ଦର୍ଶନ କରିବାର ମୂଳ କାରଣ ଥିଲା ଯେ ସେ ଇଂଲଣ୍ଡରେ ଥିବା ସମୟରେ ପଡ଼ିଯାଇ ଛୋଟା ହୋଇଯାଇଥିଲେ ।

୧୫୩ । ବାହାରୁ ଦେଖିଲେ ଏହା ଦୁର୍ଭାଗ୍ୟ ବୋଲି ମନେ ହେଉଥିଲେ ମଧ୍ୟ ଏହାର ଫଳ[୬] ଶୁଭ ହୋଇଥିଲା । ତାହାର କାରଣ ହେଉଛି, ଏହା ଫଳରେ ସାଇଙ୍କ ଦର୍ଶନ ଓ ତାଙ୍କ ସାଙ୍ଗରେ ଏକାଠି ରହିବାର ଅପୂର୍ବ ସୁଯୋଗ ସେ ପାଇଥିଲେ ।

୧୫୪ । ଚାନ୍ଦୋରକରଙ୍କ ସହିତ ତାଙ୍କର ଦେଖା ହୋଇଥିଲା ଓ ତାଙ୍କଠାରୁ ସେ ସାଇଙ୍କର ଖ୍ୟାତି ସମ୍ପର୍କରେ ଶୁଣିଥିଲେ । ଚାନ୍ଦୋରକର କହିଥିଲେ ଯେ ସାଇଙ୍କର କରୁଣା ପାଇଲେ ତାଙ୍କର ଛୋଟାପଣିଆଁ ସଂଗେ ସଂଗେ ଉଭେଇଯିବ ।

୧୫୫ । ଦୀକ୍ଷିତ କିନ୍ତୁ ତାଙ୍କର ଛୋଟାପଣିଆଁକୁ ନିଜର ଶାରୀରିକ ଦୋଷ ବୋଲି ଭାବୁ ନ ଥିଲେ । ତାଙ୍କ ମନ ଭିତରେ ଥିବା ଅଭାବବୋଧକୁ ସାଇ ଦୂରେଇ ଦିଅନ୍ତୁ ବୋଲି ସେ ଚାହିଁଥିଲେ ।

୧୫୬ । ଦ୍ରୁତ କ୍ଷୟଶୀଳ ମଣିଷ ଶରୀର ଚର୍ମ, ରକ୍ତ, ମାଂସ ଓ ହାଡ଼ର ସମାହାର । ଏହା ହେଉଛି ବସ୍ତୁ ଜଗତରେ କାମ କରିବାର ଏକ ଅବଲମ୍ବନ । ସେଥିରେ ଗୋଡ଼ଟିଏ ଛୋଟା ହୋଇଗଲେ କିଛି ଯାଏ ଆସେ ନାହିଁ ।

୧୫୭ । ଉଣେଇଶ ଶହ ନଅ ମସିହା ନଭେମ୍ବର ଦୁଇ

ତାରିଖରେ ଦୀକ୍ଷିତ ପ୍ରଥମେ ସାଇବାବାଙ୍କ ମହନୀୟ ଓ ପବିତ୍ର ଦର୍ଶନ ପାଇଥିଲେ।

୧୫୮। ପରେ ସେହି ବର୍ଷ ଡିସେମ୍ବର ମାସରେ ସେ ଶିରିଡ଼ି ଆଉ ଥରେ ଆସି ବାବାଙ୍କ ଦର୍ଶନ କରିଥିଲେ ଓ ସେଠାରେ ରହିଯିବା ପାଇଁ ଚାହିଁଥିଲେ।

୧୫୯। ସେ ପ୍ରଥମେ ନିଜ ସମ୍ପତ୍ତିର ଏକଚତୁର୍ଥାଂଶ ବିକ୍ରି କରିଦେଇ ଶିରିଡ଼ିରେ ଏକ ଟିଣ ଛପର ଘର କରି ରହିବେ ଓ ତାହାକୁ ତୀର୍ଥଯାତ୍ରୀମାନେ ମଧ୍ୟ ବ୍ୟବହାର କରିବେ ବୋଲି ଭାବିଥିଲେ।

୧୬୦। ପରେ ସେ ସେଠାରେ ଏକ ଓ୍ୱାଡ଼ା ତିଆରି କରିବାକୁ ଚିନ୍ତା କରି ପରବର୍ତ୍ତୀ ବର୍ଷରେ ଭିତ୍ତିପ୍ରସ୍ତର ସ୍ଥାପନର ଶୁଭଦିନ ଅପେକ୍ଷାରେ ରହିଥିଲେ।

୧୬୧। ଡିସେମ୍ବର ନଅ ତାରିଖରେ ସେ ଏ ସଂକ୍ରାନ୍ତରେ ବାବାଙ୍କର ଅନୁମତି ପାଇଥିଲେ ଓ ସେହି ଦିନଟି ମୂଳଦୁଆ ପକାଇବାର ଶୁଭଦିନ ବୋଲି ଭାବିଥିଲେ।

୧୬୨। ଦୀକ୍ଷିତଙ୍କ ଭାଇ ଯିଏ ନିମନ୍ତ୍ରଣ କରାଗଲେ ମଧ୍ୟ ଆସି ନ ଥାନ୍ତେ, ସେହିଦିନ ସେ ଶୁଭ ମହୁରତ ପାଇଁ ଆସି ପହଞ୍ଚିଥିଲେ।

୧୬୩। ଦାଦାସାହେବ ଖାପର୍ଡ଼େ[୧୭] ସେଠାକୁ ପୂର୍ବରୁ ଏକୁଟିଆ ଆସିଯାଇଥିଲେ। ସେ ଘରକୁ ଫେରିଯିବା ପାଇଁ ବାବାଙ୍କୁ ଅନୁମତି ମାଗିବାକୁ ଉଚିତ ମଣି ନ ଥିଲେ।

୧୬୪। କିନ୍ତୁ ଡିସେମ୍ବର ଦଶ ତାରିଖରେ ଖାପର୍ଡ଼େ ଶିରିଡ଼ି ଛାଡ଼ିବା ପାଇଁ ଓ ଦୀକ୍ଷିତ ମୂଳଦୁଆ ପକାଇବା ନିମନ୍ତେ ଅନୁମତି ପାଇଥିଲେ। ଏହି ଦୁଇଟିଯାକ ଅନୁମତି ସେହିଦିନ ମିଳିଥିଲା।

୧୬୫। ସେଦିନ ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିଥିଲା। ଅତ୍ୟନ୍ତ ଶ୍ରଦ୍ଧା ଓ ବିଶ୍ୱାସ ସହକାରେ ଚାଓ୍ୱଡ଼ିଠାରେ ସେହିଦିନ ଶେଯ ଆରତି ଆରମ୍ଭ ହୋଇଥିଲା।

୧୬୬। ପରେ ୧୯୧୧ ମସିହାର ଶୁଭ ରାମନବମୀ ଦିନ ଗୃହ ପ୍ରବେଶ ଉତ୍ସବ ସାଧାରଣ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା।

୧୬୭। କିଛିଦିନ ଉତ୍ତାରୁ ଧନଶାଳୀ ବୁଟିଙ୍କର ଦର୍ଶନୀୟ ବଡ଼ କୋଠା ବହୁ ଅର୍ଥ ବ୍ୟୟ କରି ତୋଳାଯାଇଥିଲା। ଏହି ଅର୍ଥର ପୂର୍ଣ୍ଣ ସଦୁପଯୋଗ ହୋଇଥିଲା ବୋଲି କହିବାକୁ ହେବ, କାରଣ ସେଠାରେ ବାବା ଚିରସମାଧି ନେଇଥିଲେ ।

୧୬୮। ଆଗରୁ ଆଦୌ ଓ୍ୱାଡ଼ା ରହି ନ ଥିବା ବେଳେ ଏବେ ସେଠାରେ ତିନୋଟି ଓ୍ୱାଡ଼ା ରହିଲା। ପ୍ରଥମ ଅବସ୍ଥାରେ ସାଠେ ଓ୍ୱାଡ଼ା ସମସ୍ତଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିଲା।

୧୬୯। ଏହି ଓ୍ୱାଡ଼ା[୧୮]ର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ ରହିଛି। ବାବା ଏଠାରେ ଫୁଲ ବଗିଚା ପ୍ରସ୍ତୁତ କରି ନିଜ ହାତରେ ଫୁଲଗଛ ଲଗାଉଥିଲେ।

୧୭୦। ପରବର୍ତ୍ତୀ ଅଧ୍ୟାୟରେ ଏହି ବଗିଚା ସମ୍ବନ୍ଧରେ ସଂକ୍ଷେପରେ କୁହାଯିବ । ଶ୍ରୋତାଗଣଙ୍କ ସହିତ ହେମାଡ଼ ଶ୍ରୀସାଇଙ୍କ ଚରଣ ତଳେ ମଥାନତ କରୁଛି।

୧୭୧। ବାମନ ତାତ୍ୟା ତାଙ୍କୁ କଞ୍ଚାମାଟିର ପାତ୍ର ଦେଉଥିଲା ଓ ସେଇଥିରେ ପାଣି ଦେଇ ଟାଙ୍ଗରା ଭୂମିରେ ମହାନ୍ ସାଇ ସୁନ୍ଦର ଫୁଲବଗିଚା ସୃଷ୍ଟି କରିଥିଲେ। ତା'ପରେ ସାଇ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲେ।

୧୭୨। ପରବର୍ତ୍ତୀ ସମୟରେ ଚାନ୍ଦ ପାଟିଲ ତାଙ୍କୁ ଔରଙ୍ଗାବାଦ ନିକଟରେ ଦେଖିଥିଲେ ଓ ସାଇ ତାଙ୍କ ସହିତ ବାହାଘର ଶୋଭାଯାତ୍ରାରେ ଶିରିଡ଼ି ଆସିଥିଲେ।

୧୭୩। ଏହାପରେ ଦେବୀଦାସଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା, ଜାନକୀ ଦାସଙ୍କ ସହିତ ପରିଚୟ ହୋଇଥିଲା, ଗଙ୍ଗାଗୀର ମଧ୍ୟ ତାଙ୍କ ନିକଟକୁ ଆସିଥିଲେ। ଏହି ତିନିଜଣଙ୍କର ସାକ୍ଷାତ ଶିରିଡ଼ିରେ ହୋଇଥିଲା।

୧୭୪। ତା'ପରେ ମହିଦ୍ଦିନଙ୍କ ସହିତ ବାବାଙ୍କର କୁସ୍ତି ଲଢ଼େଇ ହୋଇଥିଲା ଓ ଏହାପରଠାରୁ ବାବା ମସ୍‌ଜିଦ୍‌ରେ ଆସି ରହିଲେ। ଡେଙ୍ଗ୍‌ଲେଙ୍କ ସହିତ ତାଙ୍କର ସମ୍ପର୍କ ହେଲା ଓ ଲୋକମାନେ ରୁଣ୍ଡ ହେବାକୁ ଲାଗିଲେ।

୧୭୫। ଏ ସମସ୍ତ କଥା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ। ଏବେ ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହୋଇ ଏକାତ୍ମ ଭାବରେ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଅଛି।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ ପନ୍ଥ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇ ସମର୍ଥଙ୍କ ଆବିର୍ଭାବ" ଶୀର୍ଷକ ଚତୁର୍ଥ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ସାଂଖ୍ୟ, ଯୋଗ୍ୟ, ନ୍ୟାୟ, ବୈଶେଷିକ, ମୀମାଂସା ଓ ବେଦାନ୍ତ।

୨- ଭଗବାନ ଦତ୍ତ, ନରସିଂହ ସରସ୍ୱତୀ ଓ ଗୋଣ୍ଡଭାଲେକର ମହାରାଜଙ୍କ ସହିତ ଯଥାକ୍ରମେ ଜଡ଼ିତ ତୀର୍ଥ ସ୍ଥଳ।

୩- ଗୋଦାବରୀର ଅନ୍ୟ ନାମ ଗୋମତୀ।

୪- ଘୋଡ଼ାଟଣା ଗାଡ଼ି।

୫- ମାମୁଁ ବଂଶ (ବୃଷ୍ଣୀବଂଶ)।

୬- କର୍ଣ୍ଣ କୌରବ ପକ୍ଷର ଶ୍ରେଷ୍ଠ ଯୋଦ୍ଧା । ପ୍ରକୃତରେ ସେ ପାଣ୍ଡବଙ୍କର ଜ୍ୟେଷ୍ଠଭ୍ରାତା ହୋଇଥିଲେ ମଧ୍ୟ ତାଙ୍କର ପରିଚୟ ଅଜ୍ଞାତ ଥିଲା । ଦାନର ଅବତାର।

୭- ଖଣ୍ଡୋବା ଦେବତାଙ୍କୁ ସମର୍ପିତପ୍ରାଣା ମହିଳା ଭକ୍ତମାନେ ନାଚଗାନ କରୁଥିଲେ।

୮-ଜଣେ ବ୍ରାହ୍ମଣ ଜୀବନର ଚାରି ଆଶ୍ରମ- ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ, ବାନପ୍ରସ୍ଥ ଓ ସନ୍ନ୍ୟାସ।

୯- ଆତ୍ମଜ୍ଞାନଲବ୍ଧ ଆତ୍ମା।

୧୦- କଷ୍ଟ ସହି ଜ୍ଞାନ ଶିଖିବାକୁ ଅଭ୍ୟାସ କରୁଥିବା ବିଦ୍ୟାର୍ଥୀ।

୧୦କ ଓ ୧୦ଖ- ଭାରତର ବିଭିନ୍ନ ପବିତ୍ର ତୀର୍ଥ ସ୍ଥାନ- କେଉଁଠି ବିଷ୍ଣୁ ପୂଜା ପାଆନ୍ତିତ କେଉଁଠି ଶିବ।

୧୧- ସାମାନ୍ୟ ପୋଲିସ କନେଷ୍ଟବଲରୁ ସନ୍ଥ କବି, କୀର୍ତ୍ତନକାର ଓ ଲେଖକ ହୋଇଥିଲେ।

୧୨- ଫଳ, ପୁଷ୍ପ, ଦୁଗ୍ଧ ଇତ୍ୟାଦି ନୈବେଦ୍ୟ ଆକାରରେ ପୂଜାରେ ବଢ଼ାଯାଏ।

୧୩- ନିମ୍ବଗଛ ମୂଳେ ଗୁରୁସ୍ଥାନ ରହିଛି।

୧୪- ମୁକ୍ତି।

୧୫- ଅଶ୍ୱତ୍ଥ-ବୁଦ୍ଧଙ୍କ ନିର୍ବାଣପ୍ରାପ୍ତି ଏହି ଗଛତଳେ ହୋଇଥିଲା । ଉଦୁମ୍ବର- ଦତ୍ତଭଗବାନଙ୍କ ସହ ସମ୍ବନ୍ଧିତ।

୧୬- ଗୁରୁ ଓ ପୁଷ୍ୟା ଗ୍ରହର ମିଳନବେଳା ଶୁଭସମୟ।

୧୭- ବମ୍ବେଇର ଭକ୍ତ।

୧୮- ବୁଟି ୱାଡ଼ା।



ନାମକୀର୍ତ୍ତନ ସପ୍ତାହ ପରେ ବାବାଙ୍କର କଥା ସତ ହୋଇଥିଲା ଓ ଦାସଗଣୁ ଶିରିଡ଼ିରେ ବିଠଲଙ୍କ ଦର୍ଶନ ପାଇଥିଲେ ବୋଲି କୁହାଯାଏ । ବାବାଙ୍କର ଭବିଷ୍ୟତବାଣୀ ଏଇଭଳି ଅନୁଭୂତ ଓ ପ୍ରମାଣିତ ହୋଇଥିଲା । (୪ର୍ଥ ଅଧ୍ୟାୟ, ପଂକ୍ତି-୮୮)

|| ୫ ||

ଶ୍ରୀସାଇଙ୍କର ପୁନରାବିର୍ଭାବ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଏବେ ପୂର୍ବବର୍ତ୍ତୀ ଅଧ୍ୟାୟରୁ ଆମର ବର୍ଣ୍ଣନା ଚାଲୁ ରଖିବା... ବାବା ଶିରିଡ଼ିରୁ ହଠାତ୍ କୁଆଡ଼େ ଚାଲିଯାଇଥିଲେ ଓ ଚାନ୍ଦ ପାଟିଲଙ୍କ ସାଙ୍ଗରେ ଆସି ପୁଣି ପହଞ୍ଚିଥିଲେ । ଏହା କିପରି ହେଲା ଶୁଣନ୍ତୁ ।

୨ । ବାବା ବଗିଚା ତିଆରି କରି ନିଜେ କିପରି ପାଣି ଦେଉଥିଲେ । ଗଙ୍ଗାଗୀର ଓ ଅନ୍ୟ ସନ୍ଥମାନେ ଆସିଥିଲେ । ଏହି ବର୍ଣ୍ଣନା ଶୁଣିଲେ ପବିତ୍ର ହୋଇଯିବେ ।

୩ । କିଛି ଦିନ ନିମନ୍ତେ ଅନ୍ତର୍ଦ୍ଧାନ ହୋଇ ଯାଇଥିବା ବାବା କିପରି ମୁସଲମାନ ବରଯାତ୍ରୀଙ୍କ[୧] ସହିତ ଶିରିଡ଼ି ଫେରିଥିଲେ ।

୪ । ତାହା ପୂର୍ବରୁ ଦେବୀଦାସ ଶିରିଡ଼ି ଆସି ସେଠି ରହୁଥିଲେ ଓ ପରେ ଜାନକୀ ଦାସ ସନ୍ନ୍ୟାସୀ ମଧ୍ୟ ସେଠାକୁ ଆସିଥିଲେ ।

୫ । ଏସବୁ କିପରି ହେଲା, ମୁଁ ତାହା ବିଶଦ ଭାବରେ କହିବି । ଶ୍ରୋତାଗଣ ମନଧ୍ୟାନ ଦେଇ ଶୁଣନ୍ତୁ ।

୬ । ଔରଙ୍ଗାବାଦ ଜିଲ୍ଲାରେ 'ଧୂପ' ନାମକ ଏକ ଛୋଟ ଗ୍ରାମରେ ଚାନ୍ଦ ପାଟିଲ ବୋଲି ଜଣେ ଭାଗ୍ୟବାନ ମୁସଲମାନ ରହୁଥିଲେ ।

୭ । ସେ ଥରେ ଔରଙ୍ଗାବାଦ ଯାଉଥିବା ସମୟରେ ତାଙ୍କର ଘୋଡ଼ୀ ହଜି ଯାଇଥିଲା, ଦୁଇ ମାସ ଧରି ତାହାର ଖୋଜଖବର ସେ ପାଉ ନ ଥିଲେ । ସେ ସବୁ ଆଶା ଛାଡ଼ି ଦେଇଥିଲେ ।

୮ । ଘୋଡ଼ୀ ହଜିଯିବା ଯୋଗୁଁ ସେ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ସେ ତାହାର ଜିନ୍‌କୁ କାନ୍ଧରେ ପକାଇ ଘରକୁ ଫେରି ଆସୁଥିଲେ ।

୯ । ଔରଙ୍ଗାବାଦରୁ ସାଢ଼େ ଚାରିକୋଶ[୨] ଆସିବା ପରେ ରାସ୍ତାକଡ଼ରେ ଗୋଟିଏ ଆମ୍ବ ଗଛ ମୂଳେ ଏହି ଫକୀରଙ୍କୁ ବସିଥିବାର ଦେଖିଥିଲେ ।

୧୦ । ତାଙ୍କ ମୁଣ୍ଡରେ ଗୋଟିଏ ଟୋପି, ଦେହରେ କଫନୀ ଥିଲା । କାଖରେ ଖଣ୍ଡିଏ କାଠ ବାଡ଼ି ଜାକି ଧରି ସେ ତମାଖୁକୁ ଦୁଇ ହାତରେ ଦଳି ଚିଲମରେ ପୂରାଇ ଟାଣିବା ନିମିତ୍ତ ପ୍ରସ୍ତୁତ କରୁଥିଲେ । ଏହି ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା ।

୧୧ । ଚାନ୍ଦ ପାଟିଲ ସେହି ବାଟରେ ଚାଲି ଯାଉଥିଲେ । ଏହି ସମୟରେ ଫକୀର ହଠାତ୍ ତାଙ୍କୁ ଡାକୁଥିବାର ଶୁଣିଲେ । "ଆସ, କଳେ ଧୂଆଁ ଖାଇଦେଇ ଯିବ । ଛାଇରେ ଟିକିଏ ବସ ।"

୧୨ । ଏହି ଜିନ୍‌କୁ କାହିଁକି ବୋହିକି ନେଇକି ଯାଉଛ ବୋଲି ଫକୀର ପଚାରିବାରୁ ପାଟିଲ ତାଙ୍କର ହଜିଲା ଘୋଡ଼ୀ ସମ୍ପର୍କରେ କହିଥିଲେ । ଫକୀର କହିଥିଲେ, "ଯାଅ, ସେଇ ଝରଣା ପାଖରେ ଖୋଜି ଦେଖିବ ।" ଘୋଡ଼ୀ ତତ୍‌କ୍ଷଣାତ ମିଳିଯାଇଥିଲା ।

୧୩। ଚାନ୍ଦ ପାଟିଲ ହତଚକିତ ହୋଇଯାଇଥିଲେ ଓ ଭାବିଥିଲେ ଯେ ସେ ବୋଧହୁଏ ଜଣେ 'ଔଲିଆ'[୩]ଙ୍କୁ ଭେଟିଛନ୍ତି। 'ତାଙ୍କର ଶକ୍ତି ଅସୀମ, ତାଙ୍କୁ ଜଣେ ସାଧାରଣ ବ୍ୟକ୍ତି ବୋଲି କହିଲେ ଠିକ୍ ହେବନାହିଁ।'

୧୪। ଚାନ୍ଦ ପାଟିଲ ଘୋଡ଼ୀ ସହିତ ଗଛମୂଳକୁ ଫେରି ଆସିଥିଲେ। ଫକୀର ତାଙ୍କୁ ପାଖରେ ବସାଇଲେ। ତା'ପରେ ସେ ଚିମୁଟାଟାଏ ବାହାର କରି ହାତରେ ଧରିଲେ।

୧୫। ସେ ଚିମୁଟାକୁ ସେଠି ମାଟି ଭିତରକୁ ଜୋର୍‌ରେ ପୂରାଇ ଦେଇ ତାହା ମଧ୍ୟରୁ ଜଳନ୍ତା ଅଙ୍ଗାର ଖଣ୍ଡେ ଆଣି ଅନ୍ୟ ହାତରେ ଧରିଥିବା ଚିଲମ[୪] ଭିତରେ ରଖିଲେ। ତା'ପରେ ତାଙ୍କ ସଟ୍‌କାକୁ[୫] ଉଠାଇଲେ।

୧୬। ଛାପ୍ପି[୬]କୁ ଭିଜାଇବା ପାଇଁ ପାଣି କେଉଁଠାରେ ନ ଥିଲା। ସେ ସଟ୍‌କାକୁ ଭୂମି ଉପରେ ବାଡ଼େଇ ଦେଇଥିଲେ ଓ ସେଠାରୁ ପାଣିର ଫୁଆରା ଉଠିଥିଲା।

୧୭। ସେହି ପାଣିରେ 'ଛାପ୍ପି'କୁ ବୁଡ଼ାଇ ତାହାକୁ ଚିପୁଡ଼ି ଦେଲେ। ସେ ତାହାକୁ ଚିଲମ ଚାରିପାଖରେ ଗୁଡ଼ାଇଲେ ଓ ନିଜେ କଳେ ଧୂଆଁ ଟାଣିଲେ। ଚାନ୍ଦ ପାଟିଲଙ୍କୁ ମଧ୍ୟ ଟାଣିବା ପାଇଁ ଦେଲେ। ପାଟିଲ ଜଳ ଜଳ ହୋଇ ଚାହିଁ ରହିଥିଲେ।

୧୮। ତାଙ୍କ ଘରେ ପାଦ ଦେଇ ତାହାକୁ ପବିତ୍ର କରିବା ପାଇଁ ଫକୀରଙ୍କୁ ପାଟିଲ ଅନୁରୋଧ କରିଥିଲେ। ଫକୀର ଏଭଳି ଦିବ୍ୟ ଲୀଳା କରିବା ପାଇଁ ଅବତରଣ କରିଥିବାରୁ ଚାନ୍ଦ ପାଟିଲଙ୍କ ପ୍ରସ୍ତାବରେ ରାଜି ହୋଇଥିଲେ।

୧୯। ତା'ପରଦିନ ସେହି ଗ୍ରାମକୁ ଯାଇ ଚାନ୍ଦ ପାଟିଲଙ୍କ ଘରେ ରହିଥିଲେ। କିଛି ଦିନ ପରେ ସେ ଶିରିଡ଼ି ଫେରି ଆସିଥିଲେ।

୨୦। ଏହି ଚାନ୍ଦ ପାଟିଲ, 'ଖରବରୀ', ଅର୍ଥାତ୍ ଗ୍ରାମ ମୁଖିଆ ଥିଲେ। ତାଙ୍କ ପତ୍ନୀଙ୍କ ପୁତୁରାର ବାହାଘର ନିମନ୍ତେ ଶିରିଡ଼ିରୁ ଝିଅଟିଏ ଠିକ୍ ହୋଇଥିଲା।

୨୧। ଭାଗ୍ୟର କଥା ଯେ ଚାନ୍ଦଭାଇଙ୍କ ପତ୍ନୀଙ୍କର ପୁତୁରା ପାଇଁ ଶିରିଡ଼ିର କନ୍ୟା ସହିତ ବିବାହ ପ୍ରସ୍ତାବ ଆସିଥିଲା।

୨୨। ଘୋଡ଼ା, ବଳଦଗାଡ଼ି ସହିତ ବାହାଘର ଶୋଭାଯାତ୍ରା ଶିରିଡ଼ି ଅଭିମୁଖେ ବାହାରିଥିଲା। ଚାନ୍ଦଭାଇଙ୍କ ପ୍ରତି ଶ୍ରଦ୍ଧା ଯୋଗୁଁ ବାବା ମଧ୍ୟ ସେଥିରେ ଯୋଗ ଦେଇଥିଲେ।

୨୩। ବାହାଘର ପରେ ବରଯାତ୍ରୀ ଦଳ ଫେରି ଆସିଥିଲେ। କିନ୍ତୁ କେବଳ ବାବା ରହି ଯାଇଥିଲେ ଓ ସେଠାରେ ସେ ସବୁଦିନ ପାଇଁ ରହିଗଲେ। ଏଭଳି ଭାବରେ ଶିରିଡ଼ି ଆଶୀର୍ବାଦ ଲାଭ କଲା।

୨୪। 'ସାଇ'-ଶାଶ୍ୱତ ଓ ସନାତନ। ସେ ହିନ୍ଦୁ ନଥିଲେ କି ମୁସଲମାନ୍ ନଥିଲେ। ତାଙ୍କର ଜାତି, ପରିବାର ଓ ଗୋତ୍ର ନ ଥିଲା। ସେ କେବଳ ଆତ୍ମଜ୍ଞାନୀ ଥିଲେ।

୨୫। ଲୋକେ ତାଙ୍କୁ 'ସାଇ, ସାଇ' ଡାକୁଥିଲେ। ଏହି ନାମ ସେ କିପରି ପାଇଲେ ? ଭକ୍ତି ସହକାରେ 'ସ୍ୱାଗତଂ ସାଇ' କୁହାଯାଇ ତାଙ୍କୁ ସ୍ୱାଗତ କରାଯାଇଥିଲା ଓ ସେହି ନାମ ହିଁ ରହିଗଲା।

୨୬। ଖଣ୍ଡୋବା ମନ୍ଦିର ପାର୍ଶ୍ୱରେ ଥିବା ମହାଲ୍‌ସାପତିଙ୍କ ଖଳାବାଡ଼ିରେ ବାବା ବରଯାତ୍ରୀଙ୍କ ଗହଣରେ ଓହ୍ଲାଇବା ସମୟରେ ସେହିଦିନ ତାଙ୍କୁ ଏହି ନାମ ଦିଆଯାଇଥିଲା।


ମହାଲ୍‌ସାପତି

୨୭। ସେହି ଖଳାବାଡ଼ି ପ୍ରଥମେ ମହାଲ୍‌ସାପତିଙ୍କର ଥିଲା। ପରେ ତାହାର ମାଲିକ ଅମିନଭାଇ ହୋଇଥିଲେ। ବରଯାତ୍ରୀମାନେ ଆସି ଏଠାରେ ଥିବା ବରଗଛ ମୂଳରେ ଓହ୍ଲାଇଥିଲେ।

୨୮। ଖଣ୍ଡୋବା ମନ୍ଦିର ଆଗରେ ଥିବା ଖଳାବାଡ଼ିର ବିସ୍ତୀର୍ଣ୍ଣ ଫାଙ୍କା ସ୍ଥାନରେ ବଳଦଙ୍କୁ ଶଗଡ଼ରୁ ଖୋଲି ଦିଆଯାଇଥିଲା। ବାବାଙ୍କ ସହିତ ଅନ୍ୟ ବରଯାତ୍ରୀଗଣ ଏଠାରେ ଓହ୍ଲାଇଥିଲେ।

୨୯। ଯୁବକ ଫକୀର ଜଣକ ଶଗଡ଼ରୁ ଓହ୍ଲାଇବା ସମୟରେ ପ୍ରଥମେ ଭଗତ ମହାଲ୍‌ସାପତିଙ୍କ ଆଖିରେ ପଡ଼ିଥିଲେ। ସେ ଆଗେଇ ଆସି, "ସ୍ୱାଗତଂ ସାଇ!" ବୋଲି କହିଥିଲେ। ସେହିଦିନଠାରୁ ତାଙ୍କୁ 'ସାଇ' ନାମରେ ସମସ୍ତେ ଡାକିଲେ।

୩୦। ସମସ୍ତେ 'ସାଇ, ସାଇ' ଡାକିବା ଦ୍ୱାରା ତାହାହିଁ ତାଙ୍କର ପ୍ରକୃତ ନାମ ହୋଇଗଲା।

୩୧। ସେ ଚିଲମ ଟାଣି, ମସ୍‌ଜିଦ୍‌ରେ ରହି, ଦେବୀଦାସଙ୍କ ସାହଚର୍ଯ୍ୟ ପାଇ ଶିରିଡ଼ିରେ ଖୁସିରେ ରହିଲେ।

୩୨। ବେଳେବେଳେ ସେ ଚାଓ୍ୱଡ଼ିରେ, କେତେବେଳେ ଦେବୀଦାସଙ୍କ ସାଙ୍ଗରେ କିମ୍ବା ମାରୁତି ମନ୍ଦିରରେ ବସୁଥିଲେ ମଧ୍ୟ ସଦାସର୍ବଦା ଆତ୍ମଚିନ୍ତନରେ ମଜ୍ଜି ରହୁଥିଲେ।

୩୩। ବାବାଙ୍କ ଆସିବା ପୂର୍ବରୁ ଦେବୀଦାସ ଶିରିଡ଼ିରେ ରହୁଥିଲେ। ପରେ ମହାନୁଭବପନ୍ଥୀ ସାଧୁ ଜାନକୀ ଦାସ ଆସିଥିଲେ।

୩୪। ଶ୍ରୀସାଇଙ୍କ ନିକଟକୁ ଜାନକୀ ଦାସ ଆସି ଗପସପ କରୁଥିଲେ କିମ୍ବା ଜାନକୀ ଦାସଙ୍କ ନିକଟକୁ ଶ୍ରୀସାଇ ଯାଉଥିଲେ।

୩୫। ଉଭୟେ ଉଭୟଙ୍କର ପ୍ରିୟ ଥିଲେ ଓ ପ୍ରାୟତଃ ପ୍ରତିଦିନ ଉଭୟଙ୍କର ଭେଟ ହେଉଥିଲା। ସେମାନଙ୍କର ମିତ୍ରତା ବୃଦ୍ଧି ପାଇଥିଲା ଓ ଏହା ଦେଖି ସମସ୍ତେ ଅତ୍ୟନ୍ତ ଆହ୍ଲାଦିତ ହେଉଥିଲେ ।

୩୬। ବୈଷ୍ଣବ ଗୃହୀ ସନ୍ନ୍ୟାସୀ ଗଙ୍ଗାଗୀର ପୁଣତାମ୍ବେରୁ ଶିରିଡ଼ି ମଝିରେ ମଝିରେ ଆସୁଥିଲେ। ସେ ଅତି ବିଖ୍ୟାତ ଥିଲେ।

୩୭। ଶ୍ରୀ ସାଇବାବା କୂଅରୁ ଦୁଇ ହାତରେ ଦୁଇଟି ମାଟିକଳସୀରେ ପାଣି ଭର୍ତ୍ତି କରି ଆଣୁଥିବାର ଦୃଶ୍ୟ ପ୍ରଥମେ ଯେତେବେଳେ ଗଙ୍ଗାଗୀରଙ୍କ ଆଖିରେ ପଡ଼ିଥିଲା, ସେତେବେଳେ ସେ ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୩୮। ସାଇଙ୍କ ଆଖିରେ ଆଖି ମିଶିଯିବା ମାତ୍ରକେ ପ୍ରକାଶ୍ୟରେ ବୁଢ଼ୀ କହି ଉଠିଥିଲେ, "ଶିରିଡ଼ିର ମହାଭାଗ୍ୟ ଯେ ଏହି ଅମୂଲ୍ୟ ରତ୍ନ ଶିରିଡ଼ି ସହିତ ଜଡ଼ିତ ହୋଇଯାଇଛି।

୩୯। "ଆଜି ମାଟି କଳସୀରେ ପାଣି କାନ୍ଧରେ ବୋହୁଥିଲେ ମଧ୍ୟ ସେ ସାଧାରଣ ମନୁଷ୍ୟ ନୁହଁନ୍ତି। ଶିରିଡ଼ିର ମାଟି ଧନ୍ୟ, କାରଣ ତାଙ୍କର ପାଦ ଏ ମାଟିରେ ପଡ଼ିଛି।"

୪୦। ଆନନ୍ଦନାଥ ନାମକ ଅନ୍ୟ ଜଣେ ସୁପରିଚିତ ସନ୍ନ୍ୟାସୀ ଭବିଷ୍ୟତବାଣୀ ଶୁଣାଇ କହିଥିଲେ ଯେ ସେ ଅନେକ ଅଲୌକିକ କାର୍ଯ୍ୟ କରିବେ।

୪୧। ଏହି ବିଖ୍ୟାତ ଆନନ୍ଦନାଥ ୟେଓଲାରେ ଏକ ମଠ ପ୍ରତିଷ୍ଠା କରିଥିଲେ । ସେ ଶିରିଡ଼ିର କେତେଜଣ ଅଧିବାସୀଙ୍କ[୯] ସାଙ୍ଗରେ ଥରେ ଶିରିଡ଼ି ଆସିଥିଲେ।

୪୨। ଅକଲକୋଟ ମହାରାଜଙ୍କର ଶିଷ୍ୟ ଆନନ୍ଦନାଥ ସାଇଙ୍କୁ ଦେଖିବା ପରେ କହିଥିଲେ, "ଇଏ ସତରେ ହୀରା, ପ୍ରକୃତରେ ଖଣ୍ଡେ ହୀରା।

୪୩। "ଆଜି ସେ ଖତଗଦାରେ ପଡ଼ିଛନ୍ତି। ଇଏ ଚକମକି ପଥର ନୁହେଁ, ହୀରା।" ବାବାଙ୍କ ଯୁବକ ଅବସ୍ଥାରେ ଏହାହିଁ ଆନନ୍ଦନାଥଙ୍କର ଭବିଷ୍ୟତବାଣୀ ଥିଲା।

୪୪। "ମୋ କଥାକୁ ସଯତ୍ନେ ମନେ ରଖିଥାଅ, ପରେ ମୋତେ ମନେ ପକାଇବ" ବୋଲି ଭବିଷ୍ୟବାଣୀ କରି ସେ ୟେଓଲା ଫେରିଯାଇଥିଲେ।

୪୫। ସେତେବେଳେ ଶ୍ରୀସାଇଙ୍କର ଯୁବକ ଅବସ୍ଥା। ସେ ଲମ୍ବାବାଳ ରଖିଥିଲେ ଓ ଜଣେ ପହିଲମାନ ଭଳି ପୋଷାକ ପିନ୍ଧୁଥିଲେ।

୪୬। ବାବା ଯେତେବେଳେ ରାହାତା ଯାଉଥିଲେ, ସେଠାରୁ ଗେଣ୍ଡୁ ଓ ମଲ୍ଲୀ ଫୁଲର ଚାରା ଆଣୁଥିଲେ। ଶିରିଡ଼ିର ଏକ ଅପନ୍ତରା ଭୂଇଁରେ ଲଗାଉ ଥିଲେ ଏବଂ ପ୍ରତିଦିନ ନିଜ ହାତରେ ପାଣି ଦେଉଥିଲେ।

୪୭। ଭକ୍ତ ବାମନ ତାତ୍ୟା ବାବାଙ୍କୁ ଦୁଇଟି ଅପୋଡ଼ା ମାଟି କଳସୀ ଗଛରେ ପାଣିଦେବା ପାଇଁ ନିୟମିତ ଯୋଗାଇ ଆସୁଥିଲେ।

୪୮। ବାବା କୂଅ ପାଖ ପୋଖରୀରୁ କାନ୍ଧରେ ବୋହି ପାଣି ଆଣି ଗଛରେ ଦେଉଥିଲେ ଓ ସୂର୍ଯ୍ୟାସ୍ତ ହୋଇଗଲେ ସେହି କଳସୀ ଦୁଇଟିକୁ ନିମ୍ବ ଗଛ ମୂଳେ ରଖି ଦେଉଥିଲେ।

୪୯। ଅପୋଡ଼ା କଳସୀ ଦୁଇଟିକୁ ଭୂମିରେ ରଖିଦେବା ମାତ୍ରକେ ତାହା ଭାଙ୍ଗି ଯାଉଥିଲା। ତା' ପରଦିନ ସକାଳେ ତାତ୍ୟା ଆଉ ଦୁଇଟି ନୂଆ କଳସୀ ବାବାଙ୍କୁ ଆଣି ଦେଉଥିଲେ।

୫୦। ଭାଟିରେ ପୋଡ଼ା ମାଟି କଳସୀ ବହୁତଦିନ କାମରେ ଲାଗେ। ବାବା କିନ୍ତୁ ଅପୋଡ଼ା ଓ ନୂଆ କଳସୀ ଚାହୁଁଥିଲେ। ତେଣୁ କୁମ୍ଭାର ପୋଡ଼ିବା ପାଇଁ କଷ୍ଟ ନକରି ଅପୋଡ଼ା ପାତ୍ରକୁ ବିକ୍ରି କରି ଦେଉଥିଲା।

୫୧। ଅନବରତ ତିନିବର୍ଷ କାଳ ଏପରି ଚାଲିଥିଲା ଓ ଜଙ୍ଗଲିଆ ସ୍ଥାନଟା ବଗିଚାରେ ପରିଣତ ହୋଇଥିଲା। ସେହି ସ୍ଥାନରେ ଆଜି ୱାଡ଼ା ତିଆରି ହୋଇ ଭକ୍ତମାନଙ୍କ ସହିତ ବାବାଙ୍କର ସମ୍ପର୍କ[୧୦]କୁ ନିକଟତର କରୁଅଛି।

୫୨। ଏଠାକାର[୧୧] ନିମ୍ବଗଛ ମୂଳରେ ଭାଇ[୧୨] ନାମରେ ଜଣେ ଭକ୍ତ ଅକଲକୋଟ ସ୍ୱାମୀଜୀଙ୍କର ହଳେ ପାଦୁକା ଭକ୍ତମାନଙ୍କ ପୂଜା ପାଇଁ ସ୍ଥାପନ କରିଥିଲେ।

୫୩। ସ୍ୱାମୀ ସମର୍ଥ ଅକଲକୋଟଙ୍କୁ ଦେବତା ଜ୍ଞାନ କରି ଭାଇ ତାଙ୍କ ଚିତ୍ରକୁ ପ୍ରତ୍ୟହ ଭକ୍ତି ସହକାରେ ପୂଜା କରୁଥିଲେ।

୫୪ । ସେ ଅକଲକୋଟକୁ ଯାଇ ପାଦୁକା ଦର୍ଶନ କରିବା ସଙ୍ଗେ ସଙ୍ଗେ ମନପ୍ରାଣ ଦେଇ ପୂଜା କରିବା ପାଇଁ ଚିନ୍ତା କରିଥିଲେ ।

୫୫ । ତା' ପରଦିନ ସେ ବମ୍ବେଇରୁ ବାହାରିବା ଲାଗି ପ୍ରସ୍ତୁତ ହୋଇଥିଲେ । କିନ୍ତୁ ସେଇ ନିଷ୍ପତ୍ତି ବଦଳି ଯାଇଥିଲା ଓ ସେ ଶିରିଡ଼ି ଚାଲି ଆସିଥିଲେ ।

୫୬ । ବାହାରିବାର ପୂର୍ବ ଦିନ ରାତ୍ରିରେ ସେ ସ୍ୱପ୍ନ ଦେଖିଥିଲେ ଯେ ଅକଲକୋଟ ସ୍ୱାମୀଜୀ ତାଙ୍କୁ ଦର୍ଶନ ଦେଇ ଆଦେଶ ଦେଉଛନ୍ତି, "ମୁଁ ବର୍ତ୍ତମାନ ଶିରିଡ଼ିରେ ରହୁଛି, ତୁମେ ସେଠାକୁ ଯାଅ ।"

୫୭ । ସ୍ୱାମୀଜୀଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି ଭାଇ ବମ୍ବେଇ ଛାଡ଼ିଥିଲେ । ସେ ଶିରିଡ଼ିରେ ଛଅମାସ ସୁଖ ଓ ଶାନ୍ତିରେ ବାସ କରିଥିଲେ ।

୫୮ । ଭାଇଙ୍କର ଭକ୍ତି ଅଟଳ ଥିଲା । ସେ ସ୍ୱପ୍ନ ଆଦେଶକୁ ସ୍ମରଣୀୟ କରି ରଖିବା ଉଦ୍ଦେଶ୍ୟରେ ସ୍ୱାମୀଙ୍କର ପାଦୁକା ନିମ୍ବଗଛ ମୂଳରେ ସ୍ଥାପନା କରିଥିଲେ ।

ଦୁଇ ପାଦୁକା

୫୯ । ୧୮୩୪ ଶକାବ୍ଦ[୧୩] ଶ୍ରାବଣ ମାସ ଶୁକ୍ଳପକ୍ଷର ଏକ ଶୁଭଦିନରେ ନିମ୍ବଗଛ ମୂଳରେ ପାଦୁକା ପ୍ରତିଷ୍ଠା କାର୍ଯ୍ୟ ଭକ୍ତି ସହକାରେ ଭଜନ ଗାନ ସହିତ ସଂପନ୍ନ କରାଯାଇଥିଲା ।

୬୦ । ଶୁଭ[୧୪] ମୁହୂର୍ତ୍ତରେ ଦାଦା କେଲକାରଙ୍କ ଦ୍ୱାରା ପ୍ରତିଷ୍ଠା ଉତ୍ସବ କରାଯାଇଥିବା ବେଳେ ଉପାସନୀ[୧୫] ମହାରାଜ ଶାସ୍ତ୍ରାନୁଯାୟୀ ଧର୍ମୀୟ ଅନୁଷ୍ଠାନମାନ କରିଥିଲେ ।


ସଗୁଣ ମେରୁ ନାୟକ

୬୧ । ପ୍ରତିଦିନର ପୂଜା କରିବା ପାଇଁ ଜଣେ ଦୀକ୍ଷିତ[୧୬] ବ୍ରାହ୍ମଣଙ୍କୁ ନିଯୁକ୍ତି ଦିଆଯାଇଥିଲା । ଅନ୍ୟ ଜଣେ ଭକ୍ତ[୧୭] ସଗୁଣ ପରିଚାଳନା ଦାୟିତ୍ୱରେ ରହିଥିଲେ । ଏହା ହେଉଛି ନିମ୍ବଗଛ ମୂଳ ପାଦୁକାର କାହାଣୀ ।

୬୨ । ଏହିଭଳି ଅବିଚଳିତ ସନ୍ଥଗଣ ଭଗବାନଙ୍କର ପ୍ରକୃତ ଅବତାର ଭାବରେ ପୃଥିବୀର ମନୁଷ୍ୟମାନଙ୍କର ମୁକ୍ତି ଓ ମଙ୍ଗଳ ପାଇଁ ଧରାଧାମକୁ ଆସିଥାନ୍ତି ।

୬୩ । କେତେଦିନ ପରେ ଏକ ଅଦ୍ଭୁତ ଘଟଣା ଘଟିଥିଲା । ଯେଉଁ ଶ୍ରୋତାଗଣ ଭକ୍ତି ସହକାରେ ଶୁଣୁଛନ୍ତି, ସେମାନେ ଏଥିରେ ନିଶ୍ଚୟ ବିସ୍ମିତ ହେବେ ।

୬୪ । ମୋହିଦ୍ଦୀନ ତମ୍ବୋଲୀ ଭାଇ ନାମରେ ଜଣେ ପାନବିକାଳୀ ଥିଲା । ବାବାଙ୍କ ସହିତ ତାହାର କଳି ହୋଇ କୁସ୍ତି ଲଢ଼ିବା ପର୍ଯ୍ୟନ୍ତ କଥା ଯାଇଥିଲା ।

୬୫ । ଉଭୟେ କୁଶଳୀ କୁସ୍ତିବିତ୍ ଥିଲେ, କିନ୍ତୁ ଶାରୀରିକ ବଳ ଉପରେ ଭାଗ୍ୟର ଜୋର ଅଧିକ ହୋଇଥାଏ । ମୋହିଦ୍ଦୀନ ବଳୁଆ ଓ ବାବା ନିର୍ବଳ ପ୍ରମାଣିତ ହୋଇ ହାରିଗଲେ ।[୧୮]

୬୬ । ଏହାପରେ ବାବା ଏକ ନିଷ୍ପତ୍ତି ନେଇଥିଲେ । ତାଙ୍କର ପୋଷାକପରିଚ୍ଛଦ ସଂପୂର୍ଣ୍ଣ ବଦଳିଯାଇଥିଲା । ସେ ତାଙ୍କର ପୂର୍ବ ପୋଷାକ ଛାଡ଼ି ଦେଲେ । ମୁଣ୍ଡ ଚାରିପଟରେ ଖଣ୍ଡିଏ କପଡ଼ା ଭିଡ଼ିଲେ ଓ ଆଣ୍ଠୁ ପାଖରୁ ଅଣ୍ଟାଯାଏ ଖଣ୍ଡିଏ ଲେଙ୍ଗୁଟି ବାନ୍ଧିଲେ । ଶରୀରକୁ କଫନୀରେ ଢାଙ୍କିଲେ ।

୬୭ । ସେ ଅଖାଟିଏ ପାତି ତା' ଉପରେ ବସିଲେ ଓ ନିଜର ବିଛଣା ମଧ୍ୟ ସେଇ ଅଖାକୁ କଲେ । ସେ ଛିଣ୍ଡା ଫଟା ଲୁଗା ପିନ୍ଧି ସେଇଥିରେ ସନ୍ତୁଷ୍ଟ ରହୁଥିଲେ ।

୬୮ । ସାଇ ସବୁବେଳେ କହୁଥିଲେ, " ରାଜା ଅବା ଧନୀ ହେବା ଅପେକ୍ଷା ଦରିଦ୍ର ହେବା ଭଲ । ଭଗବାନ ଦୀନ ଦରିଦ୍ରଙ୍କର ବନ୍ଧୁ ହୋଇଥାନ୍ତି ।"

୬୯ । ଗଙ୍ଗାଗୀର ମଧ୍ୟ ସେଇ ଏକା ଅବସ୍ଥା ଭିତରେ ଗତି କରୁଥିଲେ । ସେ କୁସ୍ତିକସରତ୍ ପ୍ରିୟ ଥିଲେ । ସେ ଥରେ କୁସ୍ତି କରୁଥିବା ସମୟରେ ବାବାଙ୍କ ଭଳି ସେଥିରେ ବିରାଗ ଅନୁଭବ କରିଥିଲେ ।

୭୦ । ସଠିକ୍ ସମୟରେ ସେ ଆତ୍ମଜ୍ଞାନୀଙ୍କର ସ୍ୱର ଶୁଣିଥିଲେ, "ମଣିଷ ଶରୀର ଭଗବାନଙ୍କ ସେବା କରିବ ଓ ଭଗବାନଙ୍କ ସେବାରେ ଉତ୍ସର୍ଗୀକୃତ ହେବ ବୋଲି ସମସ୍ତେ ଜାଣିବା ଦରକାର ।"

୭୧ । ସେ କୁସ୍ତିରେ ମାତିଥିବା ସମୟରେ ଏହି କରୁଣାର ବାଣୀ ଶୁଣିଥିଲେ । ତାହା ପରେ ସେ ସାଂସାରିକ ଜୀବନ ତ୍ୟାଗ କରି ଆଧ୍ୟାତ୍ମିକ ପଥ ବାଛି ନେଇଥିଲେ ।

୭୨ । ପୁଣତାମ୍ବେ ନିକଟରେ ନଦୀ ମଝିରେ ଥିବା ଏକ ଦ୍ୱୀପରେ, ବୁଓ୍ୱାଙ୍କର ମଠ ରହିଛି ଓ ସେଠାରେ ତାଙ୍କର

କେତେକ ଶିଷ୍ୟ ରହି ତାଙ୍କ ସେବା କରୁଛନ୍ତି।
୭୩। ତାଙ୍କ ସମ୍ବନ୍ଧରେ ବହୁତ କଥା କୁହାଗଲା । ପରବର୍ତ୍ତୀ ସମୟରେ ଶ୍ରୀସାଇନାଥ ନିରବତା ଅବଲମ୍ବନ କରିଥିଲେ। ତାଙ୍କୁ ପଚରାଯାଉଥିବା ପ୍ରଶ୍ନର ଉତ୍ତର ସେ କେବଳ ସଂକ୍ଷେପରେ ଦେଉଥିଲେ। ସେ ନିଜ ତରଫରୁ କୌଣସି ବିଷୟରେ କାହା ସାଙ୍ଗରେ କଥା ହେଉନଥିଲେ।
୭୪। ଦିନବେଳା ସେ ନିମ୍ବଗଛ ତଳେ ବସୁଥିଲେ। ବେଳେବେଳେ ଗ୍ରାମ ଉପକଣ୍ଠରେ ଥିବା ଝରଣା କୂଳରେ ବାବୁଲ ଗଛରୁ ଲମ୍ବି ଆସିଥିବା ଶାଖାର ଛାଇରେ ବସୁଥିଲେ।
୭୫। ଦିନେ ଦିନେ ସେ ନିଜ ଇଚ୍ଛା ଅନୁସାରେ ନିମଗାଁ ପାଖାପାଖି ମାଇଲିଏ ଯାଏଁ ବାଟ ସକାଳେ କିମ୍ବା ଉପରବେଳା କିମ୍ବା ସନ୍ଧ୍ୟା ପୂର୍ବରୁ ବୁଲିବା ପାଇଁ ଯାଉଥିଲେ।
୭୬। ବିଖ୍ୟାତ ତ୍ରେମ୍ବକ ଡେଙ୍ଗଲେଙ୍କ ପରିବାରର ଜାଗିର[୧୯]ଦାରି ନିମଗାଁରେ ଥିଲା। ସେହି ପରିବାରର ବାବାସାହେବ ଡେଙ୍ଗଲେଙ୍କୁ ବାବା ବହୁତ ଶ୍ରଦ୍ଧା କରୁଥିଲେ।
୭୭। ବାବା ନିମଗାଁ ଆଡ଼କୁ ବୁଲି ଯାଇଥିଲେ ତାଙ୍କ ଘରକୁ ଯାଇଥାନ୍ତି ଓ ତାଙ୍କ ସହିତ ସ୍ନେହପୂର୍ଣ୍ଣ କଥାବାର୍ତ୍ତା ହୋଇ ଦିନଟି ବିତାଇ ଦେଇଥାନ୍ତି।
୭୮। ତାଙ୍କ ସାନଭାଇଙ୍କ ନାମ ନାନାସାହେବ। ତାଙ୍କର ପୁଅ ନଥିବାରୁ ସେ ବହୁତ ଦୁଃଖରେ ଥିଲେ।
୭୯। ତାଙ୍କର ପ୍ରଥମ ପତ୍ନୀଙ୍କର ଆଉ ପିଲାପିଲି ହେବାର ଆଶା ନଥିଲା। ସେଥିପାଇଁ ସେ ଦ୍ୱିତୀୟ ବିବାହ କରିଥିଲେ। ତଥାପି ଭାଗ୍ୟ ତାଙ୍କର ବଦଳିଲା ନାହିଁ। ଭାଗ୍ୟରେ କ'ଣ ଅଛି, ତାହାତ ଜାଣିହେବ ନାହିଁ!
୮୦। ବାବାସାହେବ ତାଙ୍କୁ ସାଇଦର୍ଶନ ନିମିତ୍ତ ପଠାଇଥିଲେ। ଶ୍ରୀସାଇଙ୍କ ଆଶୀର୍ବାଦରୁ ପ୍ରସାଦ ସ୍ୱରୂପ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା।
୮୧। ସମୟ କ୍ରମେ ହଜାର ହଜାର ଲୋକ ସାଇଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସାଇଙ୍କର ଖ୍ୟାତି ବଢ଼ି ବଢ଼ି ଅହମଦନଗରରେ ପହଂଚିଥିଲା।
୮୨। ନାନା[୨୦] ସେଠାରେ ସରକାରୀ ମହଲରେ ଚଳପ୍ରଚଳ ହେଉଥିଲେ ଓ କେତେଜଣ ଅଧିକାରୀଙ୍କ ଉପରେ ତାଙ୍କର ପ୍ରଭାବ ରହିଥିଲା । ସେମାନଙ୍କ ମଧ୍ୟରେ ଜିଲ୍ଲା କଲେକ୍ଟରଙ୍କ ସେକ୍ରେଟେରୀ ଚିଦାମ୍ବର କେଶବ ଥିଲେ।
୮୩। ସେ କେଶବଙ୍କ ନିକଟକୁ ଏକ ଚିଠି ପଠାଇ ଲେଖିଥିଲେ ଯେ ସାଇ ମହାନ୍ ଓ ଦର୍ଶନଯୋଗ୍ୟ ଅଟନ୍ତି । ସେ ତାଙ୍କ ପତ୍ନୀ, ପୁତ୍ର ଓ ପରିବାରର ଅନ୍ୟମାନଙ୍କୁ ସାଙ୍ଗରେ ନେଇ ଶୀଘ୍ର ସାଇଙ୍କୁ ଦର୍ଶନ କରିବା ଉଚିତ୍।
୮୪। ଜଣକ ପରେ ଜଣେ ହୋଇ ଅନେକ ଦର୍ଶନାର୍ଥୀ ଶିରିଡ଼ିକୁ ବହୁ ସଂଖ୍ୟାରେ ଆସିବାରେ ଲାଗିଲେ। ବାବାଙ୍କର ଖ୍ୟାତି ବଢ଼ିବା ସଂଗେ ସଂଗେ ଭକ୍ତମାନଙ୍କର ସଂଖ୍ୟା ମଧ୍ୟ ବଢ଼ିବାକୁ ଲାଗିଲା।
୮୫। ତାଙ୍କର କୌଣସି ସାଂଗସୁଖ ଆବଶ୍ୟକ ନଥିଲେ ମଧ୍ୟ ଦିନସାରା ଭକ୍ତମାନେ ତାଙ୍କୁ ଘେରି ରହୁଥିଲେ। ସୂର୍ଯ୍ୟାସ୍ତ ପରେ ବାବା ଭଙ୍ଗା ମସ୍‌ଜିଦ୍‌ରେ ବିଶ୍ରାମ ନେଉଥିଲେ।
୮୬। ଚିଲମ, ତମାଖୁ, ଗୋଟିଏ ଗ୍ଲାସ ଓ ସଟ୍‌କାକୁ ସେ ସବୁବେଳେ ପାଖରେ ରଖୁଥିଲେ। ତାଙ୍କ ଆଣ୍ଠୁ ତଳକୁ କଫ୍‌ନୀ ଝୁଲି ରହୁଥିଲା ଓ ମୁଣ୍ଡରେ ଧଳା କପଡ଼ା ଖଣ୍ଡେ ସେ ଗୁଡ଼ାଇ ଦେଉଥିଲେ।
୮୭। ମୁଣ୍ଡରେ ଗୁଡ଼ାଇ ଦେଉଥିବା ଧଳା କପଡ଼ାଟି ସଫା ରହୁଥିଲା ଓ ତାହା ବାମ କାନ ପାଖରେ ସୁନ୍ଦର ଭାବରେ ମୋଡ଼ା ହୋଇ ବେଣୀ ପକାଇବା ଭଳି ଗଣ୍ଠି ପଡୁଥିଲା ।
୮୮। ଏଭଳି ପୋଷାକ ପିନ୍ଧି ସେ ବେଳେ ବେଳେ ଏକାଦିକ୍ରମେ ଆଠଦିନ ପର୍ଯ୍ୟନ୍ତ ଗାଧୋଉନଥିଲେ ଓ ଖାଲି ପାଦରେ ଚାଲୁଥିଲେ। ସେ କେବଳ ଅଖାପାଲ ଉପରେ ବସି ରହୁଥିଲେ।
୮୯। ତାଙ୍କର ଆସନ ଖଣ୍ଡେ ଅଖା ଥିଲା। ଗଦି ବୋଲି କ'ଣ ସେ ଜାଣିନଥିଲେ! ତେଣୁ ଉପଯୁକ୍ତ ବିଛଣା କିମ୍ବା ଆଡ଼ମ୍ବରପୂର୍ଣ୍ଣ ସାଜ କେଉଁଠାରୁ ଆସିଥାନ୍ତା ?
୯୦। ସେହି ପୁରୁଣା ଅଖା ତାଙ୍କର ସେତେବେଳର ପ୍ରିୟ ଆସନ ହୋଇଥିଲା। ଚବିଶିଘଣ୍ଟା ଧରି ସେଇଟି ସେଇଠାରେ ପଡ଼ିରହୁଥିଲା ।
୯୧। ସେଇଟି ଏକମାତ୍ର ଆସନ ଓ ବିଛଣା ବି ଥିଲା। ସେ ଅଣ୍ଟାରେ ବନ୍ଧା ହୋଇଥିବା କୌପୁନି[୨୧] ପିନ୍ଧୁଥିଲେ ଓ ତାଙ୍କର ଅନ୍ୟ କୌଣସି ପୋଷାକ ନଥିଲା। ଶୀତ ଓ ଥଣ୍ଡାକୁ ଦୂରେଇଦେବା ପାଇଁ ଧୁନି ଜଳୁଥିଲା।
୯୨। ବାବା ଚକା ପକାଇ ବସୁଥିଲେ। ତାଙ୍କର ମୁଖମଣ୍ଡଳ ଦକ୍ଷିଣ ଦିଗକୁ ଥିବା ସମୟରେ ବାମ ହାତ ମସ୍‌ଜିଦ୍ ବାଡ଼ା

ଉପରେ ଭରାଦେଇ ରହୁଥିଲା ଓ ଆଗରେ ଜଳୁଥିବା ଧୁନିକୁ ନିର୍ନିମେଷ ନୟନରେ ସେ ଅନାଇ ରହୁଥିଲେ।

୯୩। ଅହଂଭାବ, ଆବେଗ ଓ ପ୍ରବୃତ୍ତି ପ୍ରବଣତା ସହିତ ସମସ୍ତପ୍ରକାର କାମନା ବାସନାକୁ ଆହୁତି ଦିଆଯାଉଥିଲା। ପୁଣି ସାଂସାରିକ ଆଶାଆକାଂକ୍ଷାକୁ ଧୁନି ମଧ୍ୟକୁ ବିଭିନ୍ନ ଉପାୟରେ ଫୋପାଡ଼ି ଦିଆଯାଉଥିଲା।

୯୪। ଏହିଭଳି ଭାବରେ ସେ ଜ୍ଞାନ-ଗର୍ବ ରୂପକ କାଠଗଣ୍ଡିକୁ ପ୍ରଜ୍ୱଳିତ ଅଗ୍ନି ମଧ୍ୟକୁ ନିକ୍ଷେପ କରି ଦେଉଥିଲେ ଓ ବାରମ୍ବାର "ଆଲ୍ଲା ମାଲିକ" କହି ଭଗବାନଙ୍କର ନାମ ବାନାକୁ ଅଧିକ ଉଚ୍ଚରେ ଉଡ଼ାଉଥିଲେ।

୯୫। ମସ୍‌ଜିଦ୍ କେତେ ବଡ଼ ଥିଲା ? ସମଗ୍ର ସ୍ଥାନଟି ଦୁଇଟି କୋଠରୀର[୨୨] ଆକାର ମାତ୍ର ଥିଲା, ଯେଉଁଥିରେ ସେ ବସିବା, ରହିବା, ଶୋଇବା ଓ ଆଗନ୍ତୁକମାନଙ୍କୁ ଭେଟିବା କାର୍ଯ୍ୟ କରୁଥିଲେ।

୯୬। ଗଦି, ତକିଆ ଆଦି ଲୋକେ ତାଙ୍କ ପାଖରେ ଜମା ହେବାପରେ ହିଁ ଅଳ୍ପଦିନ ତଳେ ଆସିଥିଲା । ପ୍ରଥମ ଅବସ୍ଥାରେ ନିର୍ଭୟରେ ତାଙ୍କ ନିକଟକୁ ଯାଇ ହେଉନଥିଲା।

୯୭। ୧୯୧୨ ମସିହା ପରେ ପରିବର୍ତ୍ତନ ଆସିଥିଲା। ସେହି ସମୟରେ ମସ୍‌ଜିଦ୍‌ର ପୁନଃନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।

୯୮। ମସ୍‌ଜିଦ୍‌ର ଚଟାଣରେ ଆଣ୍ଠିଏ ଆଣ୍ଠିଏ ଗାତ ରହିଥିଲା। ଭକ୍ତମାନଙ୍କର ବିଶ୍ୱାସ ଯୋଗୁଁ ମସ୍‌ଜିଦ୍‌ର ଚଟାଣ ଉପରେ ଗୋଟିଏ ରାତିରେ ସାହାବାଦି ପଥର ବିଛାଇ ଦିଆଯାଇ ପାରିଥିଲା।

୯୯। ମସ୍‌ଜିଦ୍ ଭିତରେ ଯାଇ ରହିବା ପୂର୍ବରୁ ବାବା ଟାକିଆ[୨୩] ଠାରେ ରହିଥିଲେ। ସେ ସେଠାରେ ଅନେକ ଦିନ ଧରି ନିର୍ବିଘ୍ନରେ ଶାନ୍ତିରେ ରହିଥିଲେ।

୧୦୦। ଏଠାରେ ସେ ପାଦରେ ଘୁଂଗୁର ବାନ୍ଧି ସୁନ୍ଦର ଭାବରେ ନାଚୁଥିଲେ ଓ ତାମ୍ବୁରୀ ବଜାଇ ମଧୁର ସ୍ୱରରେ ଭକ୍ତି ସଂଗୀତ ବୋଲୁଥିଲେ।

୧୦୧। ପ୍ରାଥମିକ ପର୍ଯ୍ୟାୟରେ ମହାନ୍ ଶ୍ରୀସାଇ ତେଲଦୀପ ଜାଳିବାକୁ ବହୁତ ଭଲ ପାଉଥିଲେ। ସେଥିପାଇଁ ସେ ନିଜେ ଦୋକାନୀମାନଙ୍କ ନିକଟକୁ ଯାଇ ତେଲ ମାଗି ଆଣୁଥିଲେ।

୧୦୨। ସେ ଗ୍ଲାସ ଭଳି ପାତ୍ରଟିଏ ହାତରେ ନେଇ ତେଜରାତି ଓ ତେଲୀମାନଙ୍କର ଦୋକାନକୁ ଯାଇ ତେଲ ମାଗୁଥିଲେ। ତେଲ ଆଣି ମାଟିଦୀପମାନଙ୍କରେ ଭର୍ତ୍ତି କରୁଥିଲେ।

୧୦୩। ସେ ଦୀପଗୁଡ଼ିକୁ ମସ୍‌ଜିଦ୍ ଓ ମନ୍ଦିରମାନଙ୍କରେ ଜଳାଉଥିଲେ। ଏହିଭଳି କିଛିଦିନ ଚାଲିଥିଲା।

୧୦୪। ସେ ଆଲୋକର ପୂଜାରୀ ଥିବାରୁ ଆଲୋକ ଜଳାଇ ଦୀପାବଳୀ ଉତ୍ସବ ପାଳୁଥିଲେ। ଛିଣ୍ଡା କପଡ଼ାକୁ ବଳିଦେଇ ସେ ବଳିତା ତିଆରି କରୁଥିଲେ ଓ ତାହାକୁ ଜଳାଇବା ଦ୍ୱାରା ମସ୍‌ଜିଦ୍‌ରେ ଆଲୋକବତୀ ଜଳୁଥିଲା।

୧୦୫। ସେ ପ୍ରତିଦିନ ତେଲ ମାଗଣାରେ ମାଗି ଆଣୁଥିଲେ। ତେଲୀମାନେ ନିଜ ନିଜ ମଧ୍ୟରେ ସଲାସୁତରା ହୋଇ ବାବାଙ୍କର ଏହି ତାମସାକୁ ବନ୍ଦ କରି ଦେବା ପାଇଁ ଥରେ ଚାହିଁଥିଲେ।

୧୦୬। ବାବା ସବୁଦିନ ଭଳି ସେଦିନ ତେଲ ମାଗିବାକୁ ଯାଇଥିଲେ। କିନ୍ତୁ ସମସ୍ତେ ତେଲ ଦେବାକୁ ମନା କରିଦେଇଥିଲେ । ତା'ପରେ କିଭଳି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା, ଦେଖନ୍ତୁ।

୧୦୭। ବାବା କିଛି ନ କହି ଫେରି ଆସିଥିଲେ। ଶୁଖିଲା ବଳିତାଗୁଡ଼ିକୁ ମାଟି ଦୀପଗୁଡ଼ିକରେ ରଖିଥିଲେ। ତେଲ ବିନା ସେ କ'ଣ କରୁଛନ୍ତି, ଦୋକାନୀମାନେ ସେଇ ମଜା ଦେଖିବାକୁ ଟିକେ ଦୂରରେ ରହି ଚାହିଁ ରହିଥିଲେ।

୧୦୮। ବାବା ମସ୍‌ଜିଦ୍ ଥାକରେ ଥିବା ଗୋଟିଏ ପାତ୍ରକୁ ଉଠାଇ ନେଇଥିଲେ। ସେଥିରେ ତେଲ ସାମାନ୍ୟ ଟିକିଏ ଥିଲା । ତାହା ଗୋଟିଏ ସନ୍ଧ୍ୟାଦୀପ ଜାଳିବା ପାଇଁ ମଧ୍ୟ ଯଥେଷ୍ଟ ନ ଥିଲା।

୧୦୯। ବାବା ସେହି ତେଲ ପାତ୍ରରେ ପାଣି ପୂରାଇଥିଲେ ଓ ତାକୁ ପିଇଦେଇଥିଲେ। ବ୍ରହ୍ମଙ୍କୁ ସମର୍ପଣ କରି ସେ ଶୁଦ୍ଧଜଳ ପାନ କରିଥିଲେ।

୧୧୦। ତା'ପରେ ସେ ଦୀପଗୁଡ଼ିକରେ ପାଣି ଢାଳି ବଳିତାଗୁଡ଼ିକୁ ସମ୍ପୂର୍ଣ୍ଣ ଓଦା କରିଥିଲେ ଓ ଦିଆସିଲି ମାରି ସମସ୍ତ ଦୀପକୁ ଜଳାଇଦେଇଥିଲେ।

୧୧୧। ଜଳରେ ଦୀପଗୁଡ଼ିକ ଜଳିବା ଦେଖି ଦୋକାନୀମାନେ ମୂକ ପାଲଟିଯାଇଥିଲେ। ସେମାନେ ବାବାଙ୍କୁ ମିଛ କହିଥିବାରୁ ଅତ୍ୟନ୍ତ ଦୁଃଖୀ ହୋଇଥିଲେ।

୧୧୨ । ଟୋପାଏ ମଧ୍ଧ ତେଲ ଦିଆଯାଇ ନ ଥିଲେ ବି ରାତିସାରା ଦୀପଗୁଡ଼ିକ ଜଳିଥିଲା । ଦୋକାନୀମାନେ ଏବେ ବାବାଙ୍କ କୃପାରୁ ବଂଚିତ ହେଲେ ବୋଲି ଲୋକମାନେ କଥାବାର୍ତ୍ତା ହେଉଥିଲେ ।

୧୧୩ । ଦୋକାନୀମାନେ ବିନା କାରଣରେ ବାବାଙ୍କୁ ବିରକ୍ତ କରିଥିବାରୁ ଅତ୍ୟନ୍ତ ଦୁଃଖିତ ହୋଇଥିଲେ ଓ ମିଛ କହିଥିବାରୁ ପାପ ହେଲା ବୋଲି ଭାବୁଥିଲେ । ସେମାନେ ବାବାଙ୍କର ଅଦ୍ଭୁତ ଶକ୍ତି ସମ୍ବନ୍ଧରେ ଚିନ୍ତା କରୁଥିଲେ ।

୧୧୪ । ବାବା ଏସବୁ କିଛି ଭାବୁ ନ ଥିଲେ । ସେ କାହାରିକୁ ଘୃଣା କରି ନ ଥିଲେ କିମ୍ବା ବିରକ୍ତ ହୋଇ ନ ଥିଲେ । ତାଙ୍କର ଶତ୍ରୁ କିମ୍ବା ମିତ୍ର କେହି ନ ଥିଲେ । ତାଙ୍କ ନିକଟରେ ସମସ୍ତ ପ୍ରାଣୀ ସମାନ ଥିଲେ ।

୧୧୫ । ସେ ଯାହାହେଉ, ଆମେ ଏବେ ପୂର୍ବ କାହାଣୀକୁ ଫେରିଯାଇ ବର୍ଣ୍ଣନା ଚାଲୁ ରଖିବା । ମୋହିଦ୍ଦୀନ କୁସ୍ତିରେ ଜିତିଗଲା । ତା'ପରେ ବାବାଙ୍କର ଜୀବନ କାହାଣୀ ଅତ୍ୟନ୍ତ ଚମତ୍କାର ଥିଲା, ମନଧ୍ୟାନ ଦେଇ ଶୁଣନ୍ତୁ ।

୧୧୬ । କୁସ୍ତିର ପାଞ୍ଚବର୍ଷ ପରେ ଜୌହର ଅଲୀ ନାମରେ ଜଣେ ଫକୀର ଅହମଦନଗରରୁ ରାହାତାରେ ରହିବା ପାଇଁ ତାଙ୍କ ଶିଷ୍ୟମାନଙ୍କ ସହିତ ଆସିଥିଲେ ।

୧୧୭ । ବୀରଭଦ୍ର ମନ୍ଦିର ପାର୍ଶ୍ୱରେ ଥିବା ଖୋଲା ସ୍ଥାନରେ ଫକୀର ନିଜର ବାସସ୍ଥାନ ବାଛିଥିଲେ । ସେ ଅତ୍ୟନ୍ତ ଭାଗ୍ୟବାନ ଥିଲେ ।

୧୧୮ । ତାଙ୍କର ଭାଗ୍ୟ ଟାଣ ନ ଥିଲେ ସେ କିପରି ସେତେବେଳକୁ ଖ୍ୟାତନାମା ଶ୍ରୀସାଇଙ୍କୁ ନିଜର ଅନୁରାଗୀ ଶିଷ୍ୟ ରୂପରେ ପାଇପାରିଥାନ୍ତେ ?

୧୧୯ । ଗ୍ରାମରେ ବିଭିନ୍ନ ପ୍ରକାରର ଲୋକ ରହିଥିଲେ । ସେମାନଙ୍କ ମଧ୍ୟରେ ଅଳ୍ପ କେତେଜଣ ମରାଠୀ ମଧ୍ୟ ଥିଲେ । ସେମାନଙ୍କ ଭିତରୁ ଭାଗୁ ସଦ୍‌ପାଲ ତାଙ୍କର ସେବକ ହୋଇଥିଲେ ।

୧୨୦ । ଫକୀର ଜଣକ ଅତ୍ୟନ୍ତ ଜ୍ଞାନୀ ଥିଲେ । ସେ କୋରାନ[୨୪] ସରିଫ ଖୁବ୍ ଭଲଭାବରେ ଜାଣିଥିଲେ । କେତେକ ସ୍ୱାର୍ଥାନ୍ୱେଷୀ ଲୋକଙ୍କ ସହିତ ପ୍ରକୃତ ଭକ୍ତ ଓ ପରମାର୍ଥ[୨୫] ସମସ୍ତେ ସମାନଭାବରେ ତାଙ୍କୁ ପୂଜା କରିବା ଆରମ୍ଭ କରିଦେଇଥିଲେ ।

୧୨୧ । ସେ ଇଦ୍‌ଗା[୨୬] ତିଆରି କରିବା କାମ ଆରମ୍ଭ କରିଥିଲେ । ପରେ ବୀରଭଦ୍ର ଠାକୁରଙ୍କୁ ସେ ଅପମାନ କରିଥିବାର ଅଭିଯୋଗ ତାଙ୍କ ନାମରେ ଆସିଥିଲା ।

୧୨୨ । ଶେଷରେ ଇଦ୍‌ଗା ତିଆରି କାମ ବନ୍ଦ ହୋଇଥିଲା । ଫକୀରଙ୍କୁ ଗ୍ରାମରୁ ବାହାର କରି ଦିଆଯାଇଥିଲା ଓ ସେ ଶିରିଡ଼ି ଆସି ମସ୍‌ଜିଦ୍‌ରେ ବାବାଙ୍କ ସହିତ ରହିଥିଲେ ।

୧୨୩ । ଫକୀର ଅତି ମଧୁର କଥା କହୁଥିଲେ । ଗ୍ରାମବାସୀମାନେ ତାଙ୍କୁ ଭକ୍ତି କରୁଥିଲେ । ବାବାଙ୍କ ସହିତ ସେ ଯେଉଁଭଳି ବ୍ୟବହାର କରୁଥିଲେ, ସେଥିରୁ ଲୋକେ ଭାବୁଥିଲେ ଯେ ସେ ବାବାଙ୍କୁ 'ବଶ' କିମ୍ବା 'ମନ୍ତ୍ର' କରିଦେଇଛନ୍ତି ।

୧୨୪ । "ମୋର ଶିଷ୍ୟ ହୁଅ !" ବୋଲି ଫକୀର ବାବାଙ୍କୁ କହିଥିଲେ । ବାବା ଖେଳୁଆଡ଼ ମନୋଭାବର ହୋଇଥିବାରୁ ସଂଗେ ସଂଗେ ରାଜି ହୋଇଯାଇଥିଲେ । ଫକୀର ଖୁସି ହୋଇ ବାବାଙ୍କୁ ସାଙ୍ଗରେ ନେଇଥିଲେ ।

୧୨୫ । ବାବାଙ୍କ ଭଳି ଜଣେ ଆଜ୍ଞାଧୀନ ଶିଷ୍ୟଙ୍କୁ ଫକୀର ପାଇଥିଲେ । ଜୌହର ଅଲୀ ଗୁରୁ ହୋଇଥିଲେ । ସେମାନେ ରାହାତାରେ ରହିବା ପାଇଁ ସ୍ଥିର କରିଥିଲେ ।

୧୨୬ । ଗୁରୁ ଶିଷ୍ୟଙ୍କର ଗୁଣ ଜାଣି ନ ଥିଲେ । କିନ୍ତୁ ଶିଷ୍ୟ ଗୁରୁଙ୍କର ଭୁଲଭ୍ରାନ୍ତି ଜାଣିଥିଲେ । ତଥାପି ସେ ଗୁରୁଙ୍କୁ ଅସମ୍ମାନ ନ କରି ଶିଷ୍ୟର କର୍ତ୍ତବ୍ୟ ପାଳନ କରୁଥିଲେ ।

୧୨୭ । ସେ ଗୁରୁଙ୍କ ଆଜ୍ଞାର ଭଲମନ୍ଦ ଦିଗ ବିଚାର କରୁ ନ ଥିଲେ ଓ ଗୁରୁ ଆଜ୍ଞାକୁ ଆନ୍ତରିକ ଭାବରେ ପାଳନ କରୁଥିଲେ । ସେ ପାଣି ବୋହି ଆଣିବା ଭଳି ଭୃତ୍ୟସମ କାର୍ଯ୍ୟ ମଧ୍ୟ ଗୁରୁଙ୍କ ନିମିତ୍ତ କରୁଥିଲେ ।

୧୨୮ । ଗୁରୁସେବା ଏହି ପ୍ରକାରେ ଚାଲିଥିଲା । ବେଳେ ବେଳେ ସେ ଶିରିଡ଼ି ମଧ୍ୟ ଆସୁଥିଲେ । ଏହା ପରେ କ'ଣ ହେଲା, ଶୁଣନ୍ତୁ ।

୧୨୯ । ଏଭଳି କେତେ ଦିନ ଚାଲିବା ପରେ ସେ ରାହାତାରେ ସ୍ଥାୟୀ ଭାବରେ ରହିଥିଲେ । ଲୋକେ ଭାବିଥିଲେ ଯେ ବାବା ଶିରିଡ଼ି ଛାଡ଼ି ଚାଲିଗଲେ ଓ ଫକୀରଙ୍କ ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ହୋଇଗଲେ ।

୧୩୦ । ଲୋକେ ଭାବିଥିଲେ ଯେ ଜୌହର ଅଲୀ ନିଜର ଯୋଗଶକ୍ତି ବଳରେ ସାଇବାବାଙ୍କୁ ଅକ୍ତିଆର କରିନେଇଛନ୍ତି । ମାତ୍ର ସାଇଙ୍କର ମତିଗତି ଭିନ୍ନ ଥିଲା । ସେ ତାଙ୍କ ମନର ଗର୍ବକୁ ଧ୍ୱଂସ କରିଦେବାକୁ ଚାହୁଁଥିଲେ ।

୧୩୧ । ଲୋକେ ପଚାରିପାରନ୍ତି, 'ଶ୍ରୀସାଇଙ୍କର କ'ଣ ଗର୍ବ ଥିଲା ?' ଏହି ଆଚରଣ ଲୋକମାନଙ୍କ ଶିକ୍ଷା ନିମିତ୍ତ ଉଦାହରଣ ହିସାବରେ ଉଦ୍ଦିଷ୍ଟ ଥିଲା ଓ ବାବାଙ୍କ ଅବତାରର ଉଦ୍ଦେଶ୍ୟ ଠିକ୍ ତାହାହିଁ ଥିଲା ।

୧୩୨ । ଶିରିଡ଼ିରେ ବାବାଙ୍କର ଅନେକ ପ୍ରିୟ ଭକ୍ତ ଥିଲେ । ସେମାନେ ବାବାଙ୍କର ଅତ୍ୟନ୍ତ ଅନୁଗତ ଥିଲେ ଓ ବାବାଙ୍କଠାରୁ ଦୂରେଇ ରହିବାକୁ ଆଦୌ ଭଲ ପାଉ ନ ଥିଲେ ।

୧୩୩ । କିନ୍ତୁ ଶ୍ରୀସାଇ ଜୌହର ଅଲୀଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହୋଇଥିଲେ । ଗ୍ରାମବାସୀମାନଙ୍କୁ ଏହି ଘଟଣା ବିଷାଦଗ୍ରସ୍ତ କରିଥିଲା । ବାବାଙ୍କୁ ଫେରାଇ ଆଣିବା ପାଇଁ ସେମାନେ ଗଭୀର ଭାବରେ ଚିନ୍ତା କରୁଥିଲେ ।

୧୩୪ । ସୁନା ସହିତ ତାହାର ଚମକ, ଦୀପ ସହିତ ତାହାର ଆଲୋକ ଯେମିତି ଜଡ଼ିତ, ସେମିତି ଗୁରୁ ଓ ଶିଷ୍ୟର ସମ୍ପର୍କ ଓତପ୍ରୋତ ଭାବରେ ଜଡ଼ିତ ।

୧୩୫ । ଶିରିଡ଼ିରୁ ଦଳେ ଭକ୍ତ ରାହାତା ଯାଇ ଇଦ୍‌ଗା ପାଖରେ ବାବାଙ୍କୁ ବୁଝାଇବାର ପ୍ରୟାସ କରିଥିଲେ ଓ ସେମାନଙ୍କ ସହିତ ଶିରିଡ଼ି ଫେରିଆସିବା ପାଇଁ ବାବାଙ୍କୁ ଅନୁରୋଧ କରିଥିଲେ ।

୧୩୬ । ବାବା ନାସ୍ତିବାଣୀ ଶୁଣାଇଥିଲେ । "ଫକୀର ଭାରି ବଦ୍‌ରାଗୀ, ତାଙ୍କ ସହିତ କଥା କଟାକଟି କର ନାହିଁ । ସେ ମୋତେ ଛାଡ଼ିବେ ନାହିଁ ।

୧୩୭ । "ତୁମେମାନେ ଏଠାରୁ ଶୀଘ୍ର ପଳାଇଯାଅ । ସେ ଗ୍ରାମରୁ ଯେ କୌଣସି ମୁହୂର୍ତ୍ତରେ ଫେରି ପାରନ୍ତି । ସେ ତୁମମାନଙ୍କୁ ଗାଳିଦେବେ । ତାଙ୍କର କ୍ରୋଧ ଅତି ଭୟଙ୍କର ।

୧୩୮ । "ସେ ଆସିବା ମାତ୍ରକେ ରାଗରେ ପାଚିଯିବେ । ତାଙ୍କର ରାଗ ବିପଜ୍ଜନକ । ତୁମେମାନେ ତୁରନ୍ତ ଚାଲିଯାଅ । ସିଧା ଶିରିଡ଼ି ଫେର ।"

୧୩୯ । ଏବେ କ'ଣ ହେବ? ବାବା ବିପରୀତ ମତ ଦେଲେ । ସତକୁ ସତ ଠିକ୍ ସେହି ସମୟରେ ଫକୀର ଅଚାନକ ଫେରି ଆସି ସେମାନଙ୍କୁ ପଚାରିଥିଲେ ।

୧୪୦ । "ଏଇ ପିଲାଟା ପାଇଁ ଆସିଛ ? ଏଠି କ'ଣ କଥା ହେଉଥିଲ ? ତାକୁ ଶିରିଡ଼ି ଫେରାଇ ନେବା ପାଇଁ ମନରେ ପାଞ୍ଚ କରିଛ ? କିନ୍ତୁ ଅସୁବିଧା ମୁଣ୍ଡାଅ ନାହିଁ ।"

୧୪୧ । ଫକୀର ପ୍ରଥମେ ଏପରି କହିଥିଲେ ମଧ୍ୟ ଶିରିଡ଼ି ଗ୍ରାମବାସୀମାନଙ୍କର ଚାପ ଆଗରେ ମୁଣ୍ଡ ନୁଆଁଇ କହିଥିଲେ, "ମୋତେ ତୁମ ସାଙ୍ଗରେ ଶିରିଡ଼ି କାହିଁକି ନେଇଯାଉନାହଁ ? ତାହାହେଲେ ଆମେ ଏହି ବାଳକକୁ ମଧ୍ୟ ସାଥିରେ ନେଇଯିବା ।"

୧୪୨ । ତେଣୁ ଫକୀର ମଧ୍ୟ ସେମାନଙ୍କ ସାଥିରେ ଆସିଥିଲେ । ସେ ବାବାଙ୍କୁ ଛାଡ଼ି ନ ଥିଲେ କି ବାବା ତାଙ୍କ ନିକଟରୁ ଅଲଗା ହୋଇ ନ ଥିଲେ । ଏଭଳି ଘଟଣା କିପରି ଘଟିଗଲା, ତାହା କେହି କିଛି ବୁଝି ପାରୁନଥିଲେ ।

୧୪୩ । ଶ୍ରୀସାଇ ହେଉଛନ୍ତି ପରଂବ୍ରହ୍ମଙ୍କର ଅବତାର । ଜୌହର ଅଲୀ ନକଲି ଫକୀର ଥିଲେ । ଦେବୀଦାସ ତାଙ୍କୁ ପରୀକ୍ଷା କରିଥିଲେ ଓ ଶିରିଡ଼ିରେ ସିଏ ଧରାପଡ଼ିଯାଇଥିଲେ ।

୧୪୪ । ଦେବୀଦାସଙ୍କ ଶରୀରର ଗଠନ ସୁନ୍ଦର ଥିଲା, ତାଙ୍କର ଉଜ୍ଜ୍ୱଳ ଚକ୍ଷୁ ଓ ଆକର୍ଷଣୀୟ ଚେହେରା ରହିଥିଲା । ସେ ଶିରିଡ଼ିକୁ ପ୍ରଥମେ ଆସିବା ସମୟରେ ତାଙ୍କର ବୟସ ଦଶ କିମ୍ବା ଏଗାର ବର୍ଷ ହୋଇଥିଲା ।

୧୪୫ । ସେହି କୋମଳ ବୟସରେ ଅଣ୍ଟାରେ ଆଣ୍ଠୁ ଲୁଚୁନଥିବା ଛୋଟ ଧୋତିଟିଏ ଗୁଡ଼ାଇ ତୀର୍ଥ କରିବାକୁ ଆସିଥିବା ବାଳକ ମାରୁତି ମନ୍ଦିରରେ ରହିଯାଇଥିଲେ ।

୧୪୬ । ଅପ୍ପା ଭୀଲ ଓ ମହାଲ୍‌ସାପତି ତାଙ୍କ ନିକଟକୁ ନିୟମିତ ଆସୁଥିଲେ । କାଶୀରାମ[୨୭] ଓ ଅନ୍ୟମାନେ ତାଙ୍କୁ ଭିକ୍ଷା ଦେଉଥିଲେ । ତାଙ୍କର ସୁଖ୍ୟାତି ବ୍ୟାପିଥିଲା ।

୧୪୭ । ବାବା ବରଯାତ୍ରୀଦଳରେ ଯେବେ ଶିରିଡ଼ି ଆସିଥିଲେ, ତା'ର ବାରବର୍ଷ ପୂର୍ବରୁ ଦେବୀଦାସ ଶିରିଡ଼ି ଆସି ସେଠାରେ ରହୁଥିଲେ ।

୧୪୮ । ଅପ୍ପା ଭୀଲଙ୍କୁ ସ୍ଲେଟରେ ଲେଖାଇ ସେ ଭେଙ୍କଟେଶ ସ୍ତୋତ୍ର ଶିଖାଇଥିଲେ । ଅନ୍ୟମାନେ ତାହାକୁ ମୁଖସ୍ଥ କରିଥିଲେ । ଏହି ଶ୍ରେଣୀ ପ୍ରତ୍ୟହ ଚାଲୁଥିଲା ।

୧୪୯ । ଦେବୀଦାସ ଅତ୍ୟନ୍ତ ଜ୍ଞାନୀ ଥିଲେ । 'ତାତ୍ୟାବା'[୨୮] ତାଙ୍କୁ ଗୁରୁ ବୋଲି ମାନୁଥିଲେ । କାଶୀନାଥ ଓ ଆଉ କେତେ ଜଣ ତାଙ୍କର ପ୍ରମୁଖ ଶିଷ୍ୟ ହୋଇଥିଲେ ଓ ଭକ୍ତି କରୁଥିଲେ ।

୧୫୦ । ଜୌହର ଅଲୀ ଫକୀରଙ୍କୁ ଦେବୀଦାସଙ୍କ ପାଖକୁ ଅଣାଯାଇଥିଲା ଓ ସେମାନଙ୍କ ମଧ୍ୟରେ ଶାସ୍ତ୍ର ଆଲୋଚନା ହୋଇଥିଲା । ଦେବୀଦାସ ବୈରାଗୀ ଜିତିଥିଲେ ଓ ଫକୀରଙ୍କୁ

ସେଠାରୁ ବାହାର କରି ଦିଆଯାଇଥିଲା।

୧୫୧ । ଫକୀର ସେଠାରୁ ଖସିଆସି ବିଜାପୁରରେ ରହିଥିଲେ। ଅନେକ ବର୍ଷ ପରେ ସେ ଶିରିଡ଼ି ଆସି ଶ୍ରୀସାଇନାଥଙ୍କ ନିକଟରେ ନତମସ୍ତକ ହୋଇଥିଲେ।

୧୫୨ । 'ମୁଁ ହେଉଛି ଗୁରୁ, ସାଇ ହେଉଛି ମୋ ଚେଲା[୨୯]' ଭଳି ଭ୍ରାନ୍ତ ଧାରଣା ଦୂର ହୋଇଯାଇଥିଲା ଓ ସେ ପଶ୍ଚାତାପ କରିଥିବାରୁ ଓ ତାଙ୍କ ମନ ନିର୍ମଳ ହୋଇଥିବାରୁ ଶ୍ରୀସାଇ ତାଙ୍କୁ ପୂର୍ବଭଳି ଗ୍ରହଣ କରିଥିଲେ।

୧୫୩। ବାବାଙ୍କର କାର୍ଯ୍ୟ ଏହିଭଳି ପ୍ରହେଳିକାମୟ ଥିଲା। ଫକୀରଙ୍କର ଅହମିକା ତୁଟିଯିବା ଥିଲା ଅବଧାରିତ ଓ ତାହା ତୁଟିଯିବା ପର୍ଯ୍ୟନ୍ତ ବାବା ଏପରି ଖେଳ ଖେଳୁଥିଲେ।

୧୫୪। ଶ୍ରୀସାଇନାଥ ଗୁରୁଶିଷ୍ୟ ପରମ୍ପରାକୁ ସମ୍ମାନ ଦେଇ ତାହାକୁ ନିଜେ ନିର୍ବାହ କରିଥିଲେ। ସେ ଫକୀରଙ୍କୁ ଗୁରୁପଦର ମହତ୍ୱ ଦେଇ ନିଜେ ଶିଷ୍ୟର ଭୂମିକା ଗ୍ରହଣ କରିଥିଲେ।

୧୫୫। ଆମେ କାହାରି ହୋଇପାରୁ ବା କେହି ନିଜର ହୋଇପାରେ। ଏହା ମଧ୍ୟରୁ ଭିନ୍ନ ଅନ୍ୟ କିଛି ଠିକ୍ ନୁହେଁ। ଏହା ବିନା ଭବସାଗରକୁ ପାର କରି ହେବନାହିଁ।

୧୫୬। ତାଙ୍କର ଏପରି ଆଚରଣରୁ ଏହି ଶିକ୍ଷାହିଁ ମିଳିଲା। ଏଭଳି ଦୃଢ଼ ବିଶ୍ୱାସ, ସାହସ ଓ ନିର୍ଭୀକତା ମିଳିବା ଦୁର୍ଲଭ। ଏହି ଉଦାହରଣକୁ ଅନୁସରଣ କଲେ ଜଣେ ବିନମ୍ରତାର ଶିଖରରେ ପହଂଚି ପାରିବ।

୧୫୭। ଏଭଳି ଘଟଣାରେ ବୁଦ୍ଧିବୃତ୍ତି କୌଣସି କାର୍ଯ୍ୟରେ ଆସେନାହିଁ । ନିଜର ମଙ୍ଗଳ ଚାହୁଁଥିବା ବ୍ୟକ୍ତି ଗର୍ବଶୂନ୍ୟ ଆଚରଣ ଦେଖାଇବା ଉଚିତ୍।

୧୫୮। ଯେଉଁ ବ୍ୟକ୍ତି ନିଜ ଶରୀରର ଗର୍ବକୁ ତ୍ୟାଗ କରି ଦେଇ ପାରିଛି, ସେ ନିଜ ଶରୀରର ଯଥାର୍ଥ ଉପଯୋଗ କରି ପାରିଛି। ମଙ୍ଗଳର ସର୍ବୋତ୍ତମ ଶିଖରକୁ ଯିବା ପାଇଁ ହେଲେ ସେ ଯେ କୌଣସି ବ୍ୟକ୍ତିଙ୍କର ଶିଷ୍ୟ ବା ଅନୁଗାମୀ ହୋଇଯାଇପାରେ।

୧୫୯। ଆବାଳବୃଦ୍ଧବନିତା ପର୍ଯ୍ୟନ୍ତ ସମସ୍ତେ ଏତେ କୋମଳ ଓ ସୁନ୍ଦର ବାଳକଟି ନିକଟରେ ଏଭଳି ଅବିଚଳିତ ମନ ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସମସ୍ତେ ତାଙ୍କୁ ଅତ୍ୟନ୍ତ ସ୍ନେହ ଓ ଭକ୍ତି କରିଥିଲେ।

୧୬୦। ଆତ୍ମଜ୍ଞାନୀ ବ୍ୟକ୍ତିର କାର୍ଯ୍ୟ ତାଙ୍କର ପୂର୍ବ କର୍ମ ଅନୁଯାୟୀ ହେଉଥିଲେ ମଧ୍ୟ ତାହା ତାଙ୍କ ଉପରେ ବୋଝ ହୁଏ ନାହିଁ। ସେ ନିଜେ କର୍ତ୍ତା ହୋଇନଥାନ୍ତି।

୧୬୧। ସୂର୍ଯ୍ୟ ଅନ୍ଧକାର ମଧ୍ୟରେ ରହିନପାରିବା ଭଳି ଆତ୍ମଜ୍ଞାନୀ ଦ୍ୱୈତ ସ୍ଥିତି ମଧ୍ୟରେ ରହିପାରନ୍ତି ନାହିଁ। ତାଙ୍କ ନିମନ୍ତେ ସମଗ୍ର ଜଗତ ତାଙ୍କର ହିଁ ଅବତାର। ସେ ଅଦ୍ୱୈତ ମଧ୍ୟରେ ରହିଥାନ୍ତି।

୧୬୨। ସାଇନାଥଙ୍କର ପରମଭକ୍ତ ମହାଲ୍‌ସାପତି ଗୁରୁ ଓ ତାଙ୍କ ଶିଷ୍ୟଙ୍କର ଏହି କାହାଣୀକୁ ବର୍ଣ୍ଣନା କରିଥିଲେ। ମୁଁ ତାଙ୍କ ନିକଟରୁ ଯାହା ଶୁଣିଥିଲି, ମୂଳରୁ ଶେଷ ପର୍ଯ୍ୟନ୍ତ ସେୟା ବର୍ଣ୍ଣନା କରିଗଲି।

୧୬୩। ଏହି ବର୍ଣ୍ଣନା ଏଇଠି ରହୁ। ପରବର୍ତ୍ତୀ ବର୍ଣ୍ଣନା ଅଧିକ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ଘଟଣାକ୍ରମରେ ତାହା ବର୍ଣ୍ଣିତ ହେବ। ମନ ଧ୍ୟାନ ଦେଇ ଶୁଣନ୍ତୁ।

୧୬୪। ମସ୍‌ଜିଦ୍‌ର ଅବସ୍ଥା ପୂର୍ବରୁ କିପରି ଥିଲା, କେତେ ଅସୁବିଧା ମଧ୍ୟରେ ଏହାର ଚଟାଣ ପକ୍କା ହୋଇଥିଲା, ଆଉ ସାଇବାବା ହିନ୍ଦୁ ଥିଲେ ନା ମୁସଲମାନ ଥିଲେ, ସେ ବିଷୟ କେହି ନିଶ୍ଚିତ ହୋଇ ଜାଣିନଥିଲେ।

୧୬୫। ପରବର୍ତ୍ତୀ ଅଧ୍ୟାୟରେ ଉପଯୁକ୍ତ କ୍ରମରେ ଏହାର ବିଶଦ ବର୍ଣ୍ଣନା କରାଯିବ । ବାବାଙ୍କର ଯୋଗ ଅଭ୍ୟାସ, ଧୌତିପୋତି[୩୦], ଖଣ୍ଡଯୋଗ[୩୧] ଓ ଭକ୍ତମାନଙ୍କର କର୍ମଫଳର ଦୁର୍ଦ୍ଦଶା ନିଜ ଦେହକୁ ନେବା ଇତ୍ୟାଦି ଘଟଣା ଆମେ ଦେଖିବା।

୧୬୬। ହେମାଡ଼ ଶ୍ରୀସାଇଙ୍କର ଶରଣ ନେଇଛି। କେବଳ ବାବାଙ୍କର କୃପା ଯୋଗୁଁ ହିଁ ତାଙ୍କର ଜୀବନ ଚରିତ ବର୍ଣ୍ଣନା କରାଯାଉଛି। ଏହି ମହାନ୍ ପବିତ୍ର କାହାଣୀ ଶୁଣିଲେ ଅଜ୍ଞାନତା ଦୂର ହୋଇଯିବ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇଙ୍କର ପୁନରାବିର୍ଭାବ" ଶୀର୍ଷକ ପଞ୍ଚମ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ବରଯାତ୍ରୀମାନେ ବରକୁ ନେଇ କନ୍ୟାଘରକୁ ବିଭାଘର ପାଇଁ ଯାଇଥାନ୍ତି।
୨- ଏକ କୋଶ ପ୍ରାୟ ଦୁଇ ମାଇଲ ସଙ୍ଗେ ସମାନ।
୩- ସାଧୁ ।
୪- ହୁକ୍‌କାରେ ତମାଖୁ ଭର୍ତ୍ତି କରାଯାଉଥିବା ନଳୀ।
୫- ସନ୍ନ୍ୟାସୀମାନେ, ବିଶେଷତଃ ନବନାଥ ସମ୍ପ୍ରଦାୟର ସନ୍ନ୍ୟାସୀମାନେ ଧରୁଥିବା କାଠବାଡ଼ି।
୬- ଖଣ୍ଡେ କପଡ଼ାକୁ ହୁକ୍କା ଚାରିପଟରେ ଗୁଡ଼ାଇ ଧୂଆଁ ଟଣାଯାଏ।
୭- ଦୟାଳୁ।
୮- ଦୃଢ଼, ଜ୍ଞାନୀ ଓ ନୀତିବାନ୍।
୯- ଆନନ୍ଦନାଥଙ୍କ ଦର୍ଶନ ପାଇଁ ଶିରିଡ଼ିରୁ ୟେଓଲାକୁ ଯାଇଥିବା ଭକ୍ତ। ସେମାନଙ୍କ ମଧ୍ୟରେ ମାଧବରାଓ ବଳଓ୍ୱନ୍ତ ଦେଶପାଣ୍ଡେ, ନନ୍ଦରାମ ଶିବରାମ ମାରୁଆଡ଼ି ଓ ଭଗଚାନ୍ଦ ମାରୁଆଡ଼ି ଥିଲେ। କୁହାଯାଏ ଯେ ଆନନ୍ଦନାଥ ମହାରାଜ ଅଚାନକ ଭାବରେ ଜୋର କରି ସେମାନଙ୍କ ସହିତ ବଳଦଗାଡ଼ିରେ ଶିରିଡ଼ି ଆସିଥିଲେ। ଆନନ୍ଦନାଥ ମୂଳତଃ ଦକ୍ଷିଣ କୋଙ୍କଣ ଜିଲ୍ଲାର ଲୋକ ଥିଲେ ଓ କୁଡ଼ାଳଦେଶକର ଗୌଡ଼ ବ୍ରାହ୍ମଣ ସମ୍ପ୍ରଦାୟର ଥିଲେ। ସେ ବମ୍ବେଇଠାରେ ମଧ୍ୟ ଅନେକ ଦିନ ରହିଥିଲେ।
୧୦- ବୁଟି ଓ୍ୱାଡ଼ା ହିଁ ବର୍ତ୍ତମାନର ସମାଧି ମନ୍ଦିର।
୧୧- ନିମ୍ବଗଛ ପାଖରେ।
୧୨- ଭାଇ କୃଷ୍ଣାଜୀ ଆଲିବାଗକର।
୧୩- ୧୯୧୨ ମସିହା।
୧୪- ଜ୍ୟୋତିଷଙ୍କ ଦ୍ୱାରା ଠିକ୍ କରାଯାଇଥିବା ସମୟ।
୧୫- ସାକୋରୀର କାଶୀନାଥ ଗୋବିନ୍ଦ ଉପାସନୀ ମହାରାଜ।
୧୬- ଗୋବିନ୍ଦ କମଳାକର ଦୀକ୍ଷିତ।
୧୭- ସଗୁଣ ମେରୁ ନାୟକ।
୧୮- ବିଶଦ ବର୍ଣ୍ଣନା ସାଇଲୀଳା ଖଣ୍ଡ ୨, ସଂଖ୍ୟା ୧,ପୃଷ୍ଠା-୨୫ରେ ରହିଛି ।
୧୯- ସରକାରଙ୍କ ଦ୍ୱାରା ଜମିଜମା ଦାୟିତ୍ୱ ଓ ଖଜଣା ଆଦାୟ ପାଇଁ ନିଯୁକ୍ତି ।
୨୦- ଚାନ୍ଦୋରକର।
୨୧- ଲେଙ୍ଗୁଟି।
୨୨- ଦୁଇ ବଖୁରିଆ ଘରର ଆୟତନ।
୨୩- ଫକୀରମାନଙ୍କର ରହିବା ସ୍ଥାନ। ଅଭିଷେକରେ ଭାଗନେବା ନିମିତ୍ତ (୧୯୪୪ ମସିହାରେ) ଭକ୍ତମାନେ ସେଠାରେ ଅପେକ୍ଷା କରୁଥିଲେ ।
୨୪- ମୁସଲମାନଙ୍କ ଧର୍ମଗ୍ରନ୍ଥ।
୨୫- ଆଧ୍ୟାତ୍ମିକ ଜ୍ଞାନ।
୨୬- ପ୍ରାର୍ଥନା ସ୍ଥାନକୁ ଅଲଗା କରିବାର ପ୍ରାଚୀର ।
୨୭- ସିମ୍ପି - ଦରଜୀ ।
୨୮- ତାତ୍ୟା ଗଣପତ(ପାଟିଲ)କୋତେ।
୨୯- ଶିଷ୍ୟ।
୩୦- ଅନ୍ତଃନାଳୀ ସଫା କରିବା।
୩୧- ଶରୀରର ଅଙ୍ଗପ୍ରତ୍ୟଙ୍ଗକୁ ନିଜ ଇଚ୍ଛା ଅନୁଯାୟୀ ଖଣ୍ଡ ଖଣ୍ଡ କରିବା ଓ ପୁଣି ଯୋଡ଼ିବା ।

ଏହି ଜିନ୍‌କୁ କାହିଁକି ବୋହିକି ନେଇକି ଯାଉଛ ବୋଲି ଫକୀର ପଚାରିବାରୁ ଚାନ୍ଦଭାଇ ପାଟିଲ ତାଙ୍କର ହଜିଲା ଘୋଡ଼ୀ ସମ୍ପର୍କରେ କହିଥିଲେ। ଫକୀର କହିଥିଲେ, 'ଯାଅ, ସେଇ ଝରଣା ପାଖରେ ଖୋଜି ଦେଖିବ।'' ଘୋଡ଼ୀ ତତ୍‌କ୍ଷଣାତ୍ ମିଳିଯାଇଥିଲା। (୫ମ ଅଧ୍ୟାୟ, ପଂକ୍ତି-୧୨)



ଖଣ୍ଡୋବା ମନ୍ଦିର, ଶିରିଡ଼ି

ଯୁବକ ଫକୀର ଜଣକ ଶଗଡ଼ରୁ ଓହ୍ଲାଇବା ସମୟରେ ପ୍ରଥମେ ଭଗତ ମହାଲ୍‌ସାପତିଙ୍କ ଆଖିରେ ପଡ଼ିଥିଲେ । ସେ ଆଗେଇ ଆସି, 'ସ୍ୱାଗତଂ ସାଇ !' ବୋଲି କହିଥିଲେ । ସେହିଦିନଠାରୁ ତାଙ୍କୁ 'ସାଇ' ନାମରେ ସମସ୍ତେ ଡାକିଲେ । (୫ମ ଅଧ୍ୟାୟ, ପଂକ୍ତି-୨୯)

॥୬॥

ରାମଜନ୍ମ ଉତ୍ସବ ପାଳନ କଥାର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ସାଂସାରିକ କିମ୍ବା ଆଧାତ୍ମିକ ଜୀବନ ନୌକାର ମଙ୍ଗୁଆଳ ଯଦି ସଦ୍‌ଗୁରୁ ହୋଇଥାନ୍ତି, ତେବେ ସେ ନୌକା ସହ ଯାତ୍ରୀମାନଙ୍କୁ ନେଇ ଅନ୍ୟ କୂଳରେ ନିଶ୍ଚିତ ଭାବରେ ନିରାପଦରେ ପହଞ୍ଚାଇ ଦେବେ।

୨। ସଦ୍‌ଗୁରୁ କହିବା ମାତ୍ରକେ ମନ ମଧ୍ୟକୁ ଶ୍ରୀସାଇନାଥ ହିଁ ପଶି ଆସନ୍ତି, କାରଣ ସେ ମୋ ସମ୍ମୁଖରେ ଠିଆହୋଇ ତାଙ୍କର ହାତ ମୋ ମୁଣ୍ଡ ଉପରେ ରଖି ଆଶୀର୍ବାଦ ଦିଅନ୍ତି ।

୩। ତାଙ୍କର ସେହି ବରଦହସ୍ତ, ଯେଉଁଥିରେ ଧୁନି'ର ଉଦି ଥାଏ, ମୋର ମସ୍ତକକୁ ସ୍ପର୍ଶ କରିବା ମାତ୍ରକେ ମୋ ହୃଦୟ ଉଚ୍ଛୁଳି ଯାଇ ଅନ୍ତର ମଧ୍ୟରୁ ଶାନ୍ତିର ଝରଣା ଛୁଟି ଆସେ ଓ ମୋ ଆଖିରୁ ପ୍ରେମାଶ୍ରୁ ଝରିପଡ଼େ।

୪। ଗୁରୁଙ୍କ ହସ୍ତର ସ୍ପର୍ଶ କେତେ ମଧୁର! ସୂକ୍ଷ୍ମ ଶରୀରକୁ ଜାଳି ଦେବାର ଶକ୍ତି ସେହି ହସ୍ତରେ ରହିଛି ଓ ସ୍ପର୍ଶ ମାତ୍ରକେ ତାହା ଜଳି ପୋଡ଼ି ପାଉଁଶ ହୋଇଥାଏ। ଅନ୍ୟଥା ସୂକ୍ଷ୍ମ ଶରୀର ଅଦାହ୍ୟ, ଏପରିକି ସୃଷ୍ଟି ପ୍ରଳୟ ହେବା ସମୟରେ ଜାତ ହେଉଥିବା ପ୍ରଳୟାଗ୍ନି ମଧ୍ୟ ତାକୁ ଜାଳିପାରେ ନାହିଁ।

୫। ଏପରିକି ଅକସ୍ମାତ୍ ଭଗବାନଙ୍କୁ ଡାକିବା କିମ୍ବା ତାଙ୍କ ନାମ ଉଲ୍ଲେଖ କରିବା ବା ତାଙ୍କ କଥା କହିବା ସମୟରେ ବିରକ୍ତ ଓ ବିଚଳିତ ହୋଇପଡୁଥିବା ବ୍ୟକ୍ତିମାନଙ୍କର ମନ ମଧ୍ୟ ଏହାଦ୍ୱାରା ସ୍ଥିର ହୋଇଯାଏ।

୬। ସିଏ ତାଙ୍କର ପଦ୍ମପାଣି ମସ୍ତକ ଉପରେ ରଖିବା କ୍ଷଣି ଜନ୍ମ ଜନ୍ମାନ୍ତରରୁ ଗଚ୍ଛିତ ପାପ କ୍ଷୟ ହୋଇଯାଏ ଓ ଶ୍ରୀସାଇଙ୍କର ପ୍ରିୟ ଭକ୍ତଗଣ ପବିତ୍ର ହୋଇ ଯାଆନ୍ତି।

୭। ତାଙ୍କର ସେହି କମନୀୟ ଶରୀରକୁ ଦେଖିବା ମାତ୍ରକେ ମନ ଆନନ୍ଦ ସାଗରରେ ବୁଡ଼ିଯାଏ, ଆନନ୍ଦାଶ୍ରୁ ବୋହିଯାଏ ଓ ହୃଦୟ ଅଷ୍ଟସାତ୍ତ୍ୱିକ[୨] ଭାବରେ ପୂରି ଉଠେ।

୮। ସେ 'ଅହଂ ବ୍ରହ୍ମୋସି' ଏଇ ଏକାତ୍ମ ଭାବନା ଉଦ୍ରେକ କରାନ୍ତି। ଅନ୍ତର୍ମନରେ ଆନନ୍ଦ ସ୍ୱତଃ ଉଦୟ ହୁଏ, ପରଂବ୍ରହ୍ମଙ୍କ ସହିତ ଏକାତ୍ମ ହେଲେ ଦ୍ୱୈତ ଭାବନା ଉଭେଇଯାଏ ଓ ସମାନ ଭାବରେ ଅଭିନ୍ନତାର ପ୍ରସାର ହୁଏ ।

୯। ଧର୍ମଶାସ୍ତ୍ର ଓ ପୁରାଣ ପଠନ ଆରମ୍ଭ କଲେ ସଦ୍‌ଗୁରୁ ମନ ମଧ୍ୟକୁ ପ୍ରତି ପଦକ୍ଷେପରେ ପଶି ଆସନ୍ତି। ଶ୍ରୀସାଇ ହିଁ ଶ୍ରୀରାମ, ସେଇହିଁ ଶ୍ରୀକୃଷ୍ଣ, ସେ ଆମକୁ ତାଙ୍କର ଜୀବନ ଚରିତ ଶୁଣାଉଛନ୍ତି।

୧୦। ଭାଗବତ (ପୁରାଣ) ଶୁଣୁଥିବା ସମୟରେ ଶ୍ରୀକୃଷ୍ଣ ନିଜେ ଶ୍ରୀସାଇଙ୍କ ରୂପ ଧରି ଉପସ୍ଥିତ ହୁଅନ୍ତି ଓ ଭକ୍ତମାନଙ୍କର କଲ୍ୟାଣ ପାଇଁ ଉଦ୍ଧବ[୩]ଙ୍କର ପ୍ରଶଂସା ଗାନ କରନ୍ତି।

୧୧। ଏପରିକି ସାଧାରଣ କଥାବାର୍ତ୍ତା ସମୟରେ ବି କୌଣସି ଗୋଟିଏ ବିଷୟକୁ ବୁଝାଇବା ପାଇଁ ଶ୍ରୀସାଇଙ୍କ ଜୀବନର କଥା

ବା ଘଟଣାକୁ ଅପ୍ରତ୍ୟାଶିତ ଭାବରେ ସ୍ମରଣ କରାଯାଏ।

୧୨। ଲେଖିବା ପାଇଁ ଆଗ୍ରହୀ ହୋଇ କାଗଜ କଲମ ହାତରେ ଧରିଲେବି ଶବ୍ଦାବଳୀ ଧରାଛୁଆଁ ଦିଅନ୍ତି ନାହିଁ; କିନ୍ତୁ ଯେତେବେଳେ ସାଇ ଆଦେଶ ଦେଇ ଲେଖିବା ପାଇଁ କହନ୍ତି, ସେତେବେଳେ ଶବ୍ଦାବଳୀର ପ୍ରବାହ ସହିତ ତାଳଦେଇ ଲେଖିବା କଷ୍ଟକର ହୋଇପଡ଼େ ।

୧୩। ଭକ୍ତ ମନରେ ଅହଂକାର ମୁଣ୍ଡ ଟେକିବା ମାତ୍ରକେ ସାଇ ତାହାକୁ ସଙ୍ଗେ ସଙ୍ଗେ ଦମନ କରି ଦେଇଥାନ୍ତି। ଉଚ୍ଚତର ଚେତନା ଜାଗ୍ରତ କରାଇ ସେ ପରିପୂର୍ଣ୍ଣ ସନ୍ତୋଷ ବୋଧ ଆଣିଥାନ୍ତି ।

୧୪। ଶକ୍ତିଧର ସାଇଙ୍କୁ ଶରୀର ଓ ଆତ୍ମା ସମର୍ପଣ କରିଦେଲେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ- ଜୀବନର ଏହି ଚାରି ଧେୟ ଅନାୟାସରେ ନ ମାଗିଲେବି ମିଳିଥାଏ।

୧୫। କର୍ମ(କାର୍ଯ୍ୟ), ଜ୍ଞାନ, ଯୋଗ ଓ ଭକ୍ତି ପରସ୍ପରଠାରୁ ଅଲଗା ହୋଇଥିଲେ ମଧ୍ୟ ଏହି ଚାରିଟିଯାକ ମାର୍ଗ ଗୋଟିଏ ଲକ୍ଷ୍ୟ ଆଡ଼କୁ ପଡ଼ିଥାଏ।

୧୬। ଭକ୍ତିମାର୍ଗ ବାବୁଲ ଗଛର କଣ୍ଟା ଜଙ୍ଗଲରେ ପଡିଥିବା ରାସ୍ତା ଭଳି କଣ୍ଟକିତ। ଏ ରାସ୍ତାରେ ବଡ଼ ବଡ଼ ଖାତ ଖମା ରହିଛି। ସେଥିରେ ସଠିକ୍ ଦିଗରେ ପାଦେ ଦୁଇପାଦ ଗଲେ ଭକ୍ତ ଭଗବାନଙ୍କର ନିକଟତର ହୋଇଯାଏ।

୧୭। କଣ୍ଟା ବୁଦାକୁ ଏଡ଼ାଇ ପାଦ ଆଗକୁ ପକାଇବାକୁ ପଡ଼ିବ। ତା'ହେଲେ ତମେ ନିର୍ଭୟରେ ଲକ୍ଷ୍ୟ ସ୍ଥଳରେ ପହଂଚିଯିବ। ଏହାହିଁ ଏକମାତ୍ର ପ୍ରତିକାର ବୋଲି ଗୁରୁଦେବ ଅତିସ୍ପଷ୍ଟ ଭାଷାରେ କହିଛନ୍ତି।

୧୮। ମନ ବଗିଚାରେ ଭକ୍ତିରୂପକ ଜଳ ସିଞ୍ଚନ କଲେ ବୈରାଗ୍ୟ ବଢ଼ିଥାଏ, ଜ୍ଞାନର ଫୁଲ ଫୁଟିଥାଏ ଓ ପରମାତ୍ମା ସହିତ ମିଳନ ଫଳବତୀ ହୋଇଥାଏ ଏବଂ ଆନନ୍ଦ ସବୁଆଡ଼େ ବିଛୁରିତ ହୁଏ । ଜନ୍ମ ଓ ମୃତ୍ୟୁ ଚକ୍ରରୁ ନିଶ୍ଚିତ ଅବ୍ୟାହତି ମିଳେ।

୧୯। ମୂଳ ପରମାତ୍ମା ସ୍ୱତଃ ବିଦ୍ୟମାନ । ସିଏ ସତ୍-ଚିତ୍-ଆନନ୍ଦ ତ୍ରିଗୁଣର ସମାହାର। ସେ ସାକାର ହୋଇ ଭକ୍ତମାନଙ୍କ ନିମିତ୍ତ ବିଭିନ୍ନ ରୂପ ଧାରଣ କରନ୍ତି।

୨୦। ବ୍ରହ୍ମ ତ୍ରିଗୁଣରେ ପ୍ରକାଶିତ ହେବାକୁ ଚାହିଁଲେ, ମାୟା ସଚଳ ହୋଇ ସତ୍ତ୍ୱ, ରଜ ଓ ତମ ଗୁଣକୁ ଆନ୍ଦୋଳିତ କରି ନିଜର ପରାକାଷ୍ଠା ଦେଖାଏ।

୨୧। ମାଟି କାଦୁଅକୁ ଗୋଟିଏ ନିର୍ଦ୍ଦିଷ୍ଟ ରୂପ ଦିଆଗଲେ ତାହାକୁ ଯଥାର୍ଥରେ ଏକ ପାତ୍ର ବୋଲି କୁହାଯାଏ, କିନ୍ତୁ ସେହି ପାତ୍ର ଭାଙ୍ଗିଗଲେ ସେ ତାହାର ନାମ, ରୂପ ଓ ପରିଚୟ ହଜାଇ ଦିଏ।

୨୨। ସମଗ୍ର ଜଗତ ମାୟାରୁ ସୃଷ୍ଟି। ଉଭୟ ପରସ୍ପରର କାରଣ ଓ ପରସ୍ପର ଉପରେ ନିର୍ଭରଶୀଳ। ତେଣୁ ମାୟା ବିଭିନ୍ନ ରୂପ ଓ ଅବୟବ ନେଇ ସମଗ୍ର ଜଗତ ଆକାରରେ ସ୍ୱୟଂ ସୃଷ୍ଟ ହୁଏ।

୨୩। ଜଗତ ସୃଷ୍ଟି ହେବା ପୂର୍ବରୁ ମାୟାର ଅବସ୍ଥାନ ଓ ତାହାର ପ୍ରକୃତି ସମ୍ବନ୍ଧରେ ଜାଣିବା ପାଇଁ ଚାହିଁଲେ କିଛି ଦେଖାଯିବ ନାହିଁ। ପରମାତ୍ମାଙ୍କ ନିକଟରେ ସେ ନିଷ୍କ୍ରିୟ, ଯଦିଚ ସେ ତାଙ୍କ ମଧ୍ୟରେ ରହିଛନ୍ତି କିନ୍ତୁ ଜଣାପଡ଼ନ୍ତି ନାହିଁ।

୨୪। ଜଣାପଡ଼ିଲେ ମଧ୍ୟ ସେ ହିଁ ପ୍ରକୃତରେ ପରମାତ୍ମା। ଜଣା ପଡୁନଥିବା ସମୟରେ ମଧ୍ୟ ସେ ପରମାତ୍ମା। ଏଣୁ ମାୟା ହିଁ ପରମାତ୍ମା। ତାହାକୁ ପରମାତ୍ମାଙ୍କ ନିକଟରୁ ଅଲଗା କରିହେବ ନାହିଁ।

୨୫। ପ୍ରଥମ ଅବସ୍ଥାରେ ମାୟା ନିର୍ଜୀବ, ଅଚଳ ଓ ସ୍ଥିର ପଦାର୍ଥକୁ ନିଜର ତମୋଗୁଣ ଦ୍ୱାରା ସୃଷ୍ଟିକରି ସୃଷ୍ଟିର ପ୍ରଥମ ଚରଣର କାର୍ଯ୍ୟ ସମାପନ କରିଥିଲା।

୨୬। ପରବର୍ତ୍ତୀ ଅବସ୍ଥାରେ ମାୟାର ରଜଗୁଣ ସହିତ ପରମାତ୍ମାଙ୍କ ଶକ୍ତି ସଂଯୁକ୍ତ ହୋଇ ଉଭୟ ଗୁଣସମ୍ପନ୍ନ ଅତ୍ୟାବଶ୍ୟକ କାର୍ଯ୍ୟର ଇନ୍ଦ୍ରିୟାନୁଭବ ବା ଚେତନଶୀଳ ଜୀବ ସୃଷ୍ଟି ହେଲା।

୨୭। ପରେ ମାୟାର ସତ୍ତ୍ୱଗୁଣରୁ ବୋଧଶକ୍ତିର ସୃଷ୍ଟି ହୋଇଥିଲା । ଏହା ପରମାତ୍ମାଙ୍କ ଦିବ୍ୟ ଆନନ୍ଦ ସହିତ ସଂଯୁକ୍ତ ହୋଇ ସୃଷ୍ଟିର ସମଗ୍ର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ କରିଥିଲା ।

୨୮। ଏଣୁ ମାୟାକୁ କାର୍ଯ୍ୟ ଦିଗରେ ପ୍ରବର୍ତ୍ତାନଯିବା ପର୍ଯ୍ୟନ୍ତ ତାହା ପରିବର୍ତ୍ତନଶୀଳ ହୋଇଥାଏ,ଉପରବର୍ଣ୍ଣିତ କାର୍ଯ୍ୟଗୁଡ଼ିକୁ କରେ ନାହିଁ ଓ ତ୍ରିଗୁଣ ଅପ୍ରକଟିତ ହୋଇ ରହି ଯାଏ।

୨୯। ମାୟା ତ୍ରିଗୁଣ ଅନୁସାରେ କାର୍ଯ୍ୟ ସମ୍ପାଦନ ନକଲେ ଦୃଶ୍ୟ ହୁଏ ନାହିଁ। ସେ ଦୃଶ୍ୟ ନହେଲେ ମଧ୍ୟ ନିଷ୍କ୍ରିୟ ହୋଇ ଅବସ୍ଥାନ କରିପାରେ।

୩୦। ମାୟା ପରଂବ୍ରହ୍ମଙ୍କର ସୃଷ୍ଟି, ଅଥଚ ସମଗ୍ର ଜଗତ

ମାୟାର ସୃଷ୍ଟି । 'ସମସ୍ତଙ୍କୁ ବ୍ରହ୍ମ' କୁହାଯିବାର ଅର୍ଥ ହେଉଛି ଜଗତ, ମାୟା ଓ ପରଂବ୍ରହ୍ମ ସମସ୍ତେ ମିଳିତ ଓ ଏକ ଅଟନ୍ତି ।

୩୧ । ଯେଉଁମାନେ ଏହି ଏକତ୍ୱ ସମ୍ବନ୍ଧରେ ଅଧିକ ଜାଣିବା ନିମନ୍ତେ ଏକାନ୍ତ ଆଗ୍ରହୀ, ସେମାନେ ବେଦ ଓ ଶ୍ରୁତି ଅଧ୍ୟୟନ କରନ୍ତୁ ।

୩୨ । ବେଦ, ଶାସ୍ତ୍ର, ଶ୍ରୁତି, ସ୍ମୃତି, ଧର୍ମଶାସ୍ତ୍ର ଓ ଗୁରୁମାନେ ଆମକୁ ଜ୍ଞାନ, ବିଚାରବୋଧ ଓ ପରମ ଆନନ୍ଦ ଦେଇଥାନ୍ତି ।

୩୩ । "ମୋ ଭକ୍ତମାନଙ୍କ ଘରେ ଖାଦ୍ୟ ଓ ବସ୍ତ୍ରର ଅଭାବ କେବେ ଘଟିବ ନାହିଁ ।" ଶ୍ରୀସାଇ ଏହି ପ୍ରତିଶ୍ରୁତି ଦେଇଛନ୍ତି ଓ ଭକ୍ତଗଣ ଏ ବିଷୟରେ ଅବହିତ ଅଛନ୍ତି ।

୩୪ । "ଯେଉଁମାନେ ମୋତେ ମନପ୍ରାଣ ଦେଇ ଭକ୍ତି କରିଥାନ୍ତି ଓ ଶ୍ରଦ୍ଧା ସହକାରେ ମୋର ସେବା କରିଥାନ୍ତି, ମୁଁ ସେମାନଙ୍କର ସର୍ବମଙ୍ଗଳ ଦେଖିଥାଏ । ଏହା ହେଉଛି ମୋର ମନ୍ତ୍ର ।"

୩୫ । ଭଗବତ୍ ଗୀତାରେ ମଧ୍ୟ ଏହା କୁହାଯାଇଅଛି । ଶ୍ରୀସାଇ ଏହି ବିଶ୍ୱଜନୀନ ସତ୍ୟକୁ ଗ୍ରହଣ କରିବା ପାଇଁ କହିଥାନ୍ତି । "ଖାଦ୍ୟ ଓ ବସ୍ତ୍ରର କେବେ ଅଭାବ ରହିବ ନାହିଁ । ସେଥିପାଇଁ ତାହା ପଛରେ ଦୌଡ଼ ନାହିଁ ।

୩୬ । "ଭଗବାନଙ୍କ ଦ୍ୱାରରେ ସମ୍ମାନ ଲୋଡ଼ିବା ଉଚିତ ଓ ତାହାହିଁ ତାଙ୍କ ପାଖରୁ ମାଗିବା ଦରକାର । ତାଙ୍କ ପାଖରୁ କେବଳ ଆଶୀର୍ବାଦ ଲୋଡ଼, ମର୍ତ୍ତ୍ୟଲୋକର ସମ୍ମାନକୁ ଆଡ଼େଇ ଦିଅ ।

୩୭ । "ସମାଜ ଦେଉଥିବା ସମ୍ମାନରେ କାହିଁକି ଏମିତି ସନ୍ତୁଷ୍ଟ ହୋଇ ଯାଉଛ ? ସେଥିପାଇଁ କୃତକୃତ୍ୟ ହେଉଛ ବା କାହିଁକି ? ବରଂ ନିଜର ନିଷ୍ପାପର ଭକ୍ତି ଦ୍ୱାରା ନିଜର ଇଷ୍ଟଦେବଙ୍କଠାରୁ କରୁଣା ପ୍ରାର୍ଥନା କର ଓ ସାତ୍ତ୍ୱିକ ଭାବର ପ୍ରବଳ ଧାରା ମାଧ୍ୟମରେ ନିଜର ଆନନ୍ଦ ପ୍ରକାଶ କର ।

୩୮ । "ଏଭଳି ପ୍ରୟାସରୁ ଆନନ୍ଦ ପ୍ରାପ୍ତ ହୁଅ । ସମସ୍ତ ଅନ୍ତର୍ନିହିତ ଶକ୍ତି ଭକ୍ତିର ପ୍ରବଳ ଆବେଗରେ ଆବଦ୍ଧ ହୋଇଯାଉ । ତାହା ଦ୍ୱାରା ଇନ୍ଦ୍ରିୟସୁଖାନୁଭବ ସମ୍ପୂର୍ଣ୍ଣ ରୂପେ ବଦଳିଯାଇ ଆଧ୍ୟାତ୍ମିକ ଭକ୍ତି ଅଙ୍କୁରିତ ହେଉ । ସେତେବେଳେ କେଉଁ ପ୍ରକାରର କାମନାବାସନା ଆଉ ରହିବକି ?

୩୯ । "ଅନ୍ୟ କୌଣସି ବିଷୟ ପ୍ରତି ମୋହ ବା ଲାଳସା ନରଖି କେବଳ ଏପରି ଭକ୍ତିହିଁ ତୁମର ସବୁବେଳେ ମୂଳକଥା ହେଉ । ଅନ୍ୟ ସମସ୍ତ ବିଷୟ ଭୁଲିଯାଇ ମନ ମୋ ନାମକୁ ନିରନ୍ତର ଜପ କରୁଥାଉ ।

୪୦ । "ସେତେବେଳେ ଶରୀର, ଘର, ପିଲା ପରିବାର କିମ୍ବା ସମ୍ପତ୍ତିବାଡ଼ି ପାଇଁ ଚିନ୍ତା ରହିବ ନାହିଁ । ହୃଦୟ ଅଖଣ୍ଡ ଆନନ୍ଦରେ ମଗ୍ନ ରହିବ । ମନ ସ୍ଥିର ଓ ଶାନ୍ତ ରହିବ ଏବଂ ନିଜ ମଧ୍ୟରେ ସମ୍ପୂର୍ଣ୍ଣତା ଲାଭ କରିବ ।

୪୧ । "ସନ୍ତୁଷ୍ଟ ମନ ହେଉଛି ପବିତ୍ରତା ସହିତ ଜଡ଼ିତ ହେବାର ସବୁଠାରୁ ନିଶ୍ଚିତ ଲକ୍ଷଣ । ଚଂଚଳ ମନ ଈଶ୍ୱରଙ୍କ ପାଖରେ ଶରଣାଗତ ବୋଲି କିପରି ବିଚାର କରାଯିବ ?"

୪୨ । ତେଣୁ ହେ ଶ୍ରୋତାଗଣ ! ମନଧ୍ୟାନ ଦେଇ ସମ୍ପୂର୍ଣ୍ଣ ବିଶ୍ୱାସ ସହକାରେ ଏଇ ବ୍ୟାଖ୍ୟା ଶୁଣନ୍ତୁ । 'ଶ୍ରୀସାଇ ସତ୍‌ଚରିତ' ଶୁଣିବା ଦ୍ୱାରା ଆପଣମାନଙ୍କର ମନ ଭକ୍ତି ମାର୍ଗକୁ ଆକର୍ଷିତ ହେବ ।

୪୩ । ବର୍ଣ୍ଣନା ଶୁଣିବା ସଙ୍ଗେ ସଙ୍ଗେ ଆପଣମାନେ ସନ୍ତୋଷ ଅନୁଭବ କରିବେ । ଆପଣମାନଙ୍କର ବାଉବୁଲା ମନ ଶାନ୍ତି ପାଇବ । ଆନ୍ଦୋଳିତ ଭାବନା ଉଭେଇଯାଇ ସୁଖ ପ୍ରାପ୍ତି ହେବ ।

୪୪ । ଆମେ ଏବେ ମସ୍‌ଜିଦ୍‌ର ପୁନଃନିର୍ମାଣ କଥା ଓ ରାମଜନ୍ମ ସମ୍ବନ୍ଧରେ କୀର୍ତ୍ତନ ବିଷୟକୁ ଫେରିଯିବା । ଏବେ ଏହାର ବର୍ଣ୍ଣନା ଶୁଣନ୍ତୁ ।

୪୫ । ଗୋପାଳରାଓ ଗୁଣ୍ଡ[୪] ନାମରେ ଜଣେ ଭକ୍ତ ଥିଲେ । ତାଙ୍କର ବାବାଙ୍କ ପ୍ରତି ଅଶେଷ ଭକ୍ତି ଥିଲା । ସେ ବାବାଙ୍କର ଅଖଣ୍ଡ ନାମ ଜପକରି ସମୟ ବିତାଉଥିଲେ ।

୪୬ । ତାଙ୍କର ତିନୋଟି ସ୍ତ୍ରୀ ଥିଲେ ମଧ୍ୟ ପିଲାପିଲି ନଥିଲେ । ପରେ ସାଇଙ୍କ ଆଶୀର୍ବାଦରୁ ତାଙ୍କର ପୁଅଟିଏ ହୋଇଥିବାରୁ ତାଙ୍କ ମନ ବହୁତ ଖୁସି ଥିଲା ।

୪୭ । ଗୋପାଳରାଓ ଗୁଣ୍ଡ ଶିରିଡ଼ି ଗ୍ରାମରେ ପ୍ରତିବର୍ଷ ଉର୍ସ[୫] ବା ଯାତ୍ରା ଆୟୋଜନ ପାଇଁ ମନ ବଳାଇଥିଲେ । ଏହା କଲେ ସମସ୍ତେ ଖୁସି ହେବେ ବୋଲି ସେ ଭାବିଥିଲେ ।

୪୮ । ତାଙ୍କର ଏହି ପ୍ରସ୍ତାବକୁ ତାତ୍ୟା କୋତେ ପାଟିଲ, ଦାଦା କୋତେ ପାଟିଲ, ମାଧବରାଓ ତଥା ଅନ୍ୟ ଅଗ୍ରଣୀ ଭକ୍ତଗଣ ଅନୁମୋଦନ କରି ଆୟୋଜନରେ ଲାଗିପଡ଼ିଥିଲେ ।

୪୯ । ତେବେ ଏଭଳି ବାର୍ଷିକ ଉତ୍ସବ ପାଳନ କରିବା ପାଇଁ କେତେକ ନିୟମକାନୁନ୍ ରହିଥିଲା । ଏଥିପାଇଁ ଜିଲ୍ଲା ଅଧିକାରୀଙ୍କ ଅନୁମତି ଆବଶ୍ୟକ ହେଉଥିଲା ।

୫୦ । ଅନୁମତି ପାଇବା ନିମନ୍ତେ ଚେଷ୍ଟା ଚାଲିଥିବା ସମୟରେ ଗ୍ରାମର ଅସନ୍ତୁଷ୍ଟ କୁଳକର୍ଣ୍ଣୀ[୬] ଏହାର ବିରୋଧ କରି ପ୍ରତିବନ୍ଧକ ସୃଷ୍ଟି କରିଥିଲେ ।

୫୧ । କୁଳକର୍ଣ୍ଣି ବିରୋଧ କରିବାରୁ ଜିଲ୍ଲା ଅଧିକାରୀ ଶିରିଡ଼ିରେ ଯାତ୍ରା ନକରିବାକୁ ଆଦେଶ ଦେଇଥିଲେ ।

୫୨ । ଶିରିଡ଼ିରେ ଏଭଳି ଯାତ୍ରା କରିବା ନିମନ୍ତେ ବାବାଙ୍କର ଇଚ୍ଛା ଥିଲା ଓ ସେ ତାଙ୍କର ଆଶୀର୍ବାଦ ଦେଇ ଯାତ୍ରା ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

୫୩ । ଗ୍ରାମବାସୀ ସେମାନଙ୍କର ପାରୁପର୍ଯ୍ୟନ୍ତ ଚେଷ୍ଟା ଅବ୍ୟାହତ ରଖିଥିଲେ । କର୍ତ୍ତୃପକ୍ଷ ପୂର୍ବ ଆଦେଶକୁ ପ୍ରତ୍ୟାହାର କରି ନେଇ ଲୋକମାନଙ୍କର ଇଚ୍ଛାକୁ ସମ୍ମାନ ଦେଇଥିଲେ ।

୫୪ । ସେହିଦିନଠାରୁ ବାବାଙ୍କର ଇଚ୍ଛା ଅନୁଯାୟୀ ପ୍ରତିବର୍ଷ ରାମନବମୀରେ ଯାତ୍ରା ଅନୁଷ୍ଠିତ ହୋଇ ଆସୁଅଛି । ତାତ୍ୟା କୋତେ ପାଟିଲ ସବୁ ଆୟୋଜନ ଦେଖୁଥାନ୍ତି । ବହୁତ ଲୋକଙ୍କର ସମାଗମ ହୁଏ ।

୫୫ । ରାମନବମୀ ଦିନ ବାଜା ଓ ସାହାନାଇର ଧ୍ୱନି ସହିତ ଭକ୍ତି ସଂଗୀତ ବୋଲାଯାଏ ଓ ପୂଜା ଅନୁଷ୍ଠିତ ହୁଏ । ଚତୁର୍ଦ୍ଦିଗରୁ ଲୋକେ ବହୁ ସଂଖ୍ୟାରେ ଏଠାକୁ ଆସିଥାନ୍ତି ।

୫୬ । ପ୍ରତିବର୍ଷ ଦୁଇଟି ନୂଆ ପତାକାକୁ ଆନୁଷ୍ଠାନିକ ଉତ୍ସବ ସମାରୋହରେ ଶୋଭାଯାତ୍ରାରେ ନିଆଯାଇ ମସ୍‌ଜିଦ୍‌ର ଚୂଡ଼ା ଉପରେ ବାନ୍ଧି ଦିଆଯାଏ ଓ ତାହା ସେଇଠାରେ ସ୍ଥାୟୀ ଭାବରେ ରହିଥାଏ ।

୫୭ । ଦୁଇଟି ପତାକା ମଧ୍ୟରୁ ଗୋଟିଏ ନାନାସାହେବ ନିମୋଣକର[୭] ଦିଅନ୍ତି, ଅନ୍ୟଟିକୁ ଦାମୁ ଅନ୍ନା[୮] କାସାର ଦେଇଥାନ୍ତି । ଦୁଇ ପତାକାକୁ ଆଡ଼ମ୍ବର ସହକାରେ ଶୋଭାଯାତ୍ରାରେ ନିଆଯାଏ ଓ ତାହା ମସ୍‌ଜିଦ୍‌ର ଶିଖର ଚୂଡ଼ାରେ ଉତ୍ତୋଳିତ ହୋଇ ଉର୍ଦ୍ଧ୍ୱରେ ଉଡ଼ିଥାଏ ।

୫୮ । ଉର୍ସରୁ କିପରି ଅସ୍ୱାଭାବିକ ଭାବରେ ରାମନବମୀ ଉତ୍ସବ ଜନ୍ମ ନେଲା, ସେ ସମ୍ବନ୍ଧରେ ଏକ ମଜାଦାର କାହାଣୀ ଶୁଣନ୍ତୁ । ତାହା ଶିରିଡ଼ି ପାଇଁ ଅଧିକ ମହତ୍ୱ ଓ ଗୌରବପୂର୍ଣ୍ଣ ଥିଲା ।

୫୯ । ୧୮୩୩ ଶକାବ୍ଦରେ[୯] ପ୍ରଥମେ ଉର୍ସରୁ ରାମନବମୀ ଉତ୍ସବ ପାଳନ କରାଯାଇଥିଲା ଓ ସେହିଦିନଠାରୁ ଏହା ଅବ୍ୟାହତ ଭାବରେ ନିର୍ବିଘ୍ନରେ ଆଜି ପର୍ଯ୍ୟନ୍ତ ପାଳିତ ହୋଇ ଆସୁଅଛି ।

କେ.ଜେ. ଭୀଷ୍ମ

୬୦ । ବିଖ୍ୟାତ କୃଷ୍ଣରାଓ ଯୋଗେଶ୍ୱର[୧୦] ଭୀଷ୍ମ ଶ୍ରୀରାମଙ୍କର ଜନ୍ମ ଦିନକୁ ପାଳନ କଲେ ସମସ୍ତଙ୍କର ଅଶେଷ ମଙ୍ଗଳ ହେବ ବୋଲି ପ୍ରଥମେ ଚିନ୍ତା କରିଥିଲେ ।

୬୧ । ତା'ପୂର୍ବରୁ ଲୋକେ କେବଳ ଉର୍ସରେ ଅଂଶ ଗ୍ରହଣ କରୁଥିଲେ । ସେହିବର୍ଷଠାରୁ ଶ୍ରୀରାମଙ୍କ ଜନ୍ମୋତ୍ସବ ସୁନ୍ଦର ଭାବରେ ପାଳିତ ହେଲା ।

୬୨ । ଦିନେ ଭୀଷ୍ମ ଚୁପଚାପ୍ ଓ୍ୱାଡ଼ାରେ ବସିଥିଲେ । କାକା[୧୧] ମହାଜନୀ ମସ୍‌ଜିଦ୍‌କୁ ପୂଜା ନିମିତ୍ତ ଯିବା ପାଇଁ ପ୍ରସ୍ତୁତ ହେଉଥିଲେ ।

୬୩ । କାକା ସାଇଦର୍ଶନ ନିମିତ୍ତ ଯିବା ପାଇଁ ଆନ୍ତରିକ ଭାବରେ ଇଚ୍ଛା କରୁଥିଲେ ମଧ୍ୟ ବାହାରକୁ ସେ ଉର୍ସ ଉତ୍ସବ ନିମନ୍ତେ ଯିବାକୁ ଆଗ୍ରହୀ ବୋଲି ଜଣାପଡୁଥିଲା । ଏହି ଉତ୍ସବ ନିମନ୍ତେ କାକା ଗୋଟିଏ ଦିନ ଆଗରୁ ଆସି ପହଂଚିଥିଲେ ।

୬୪ । ଏହାହିଁ ପ୍ରକୃଷ୍ଟ ସମୟ ବୋଲି ଭାବି ଭୀଷ୍ମ କାକାଙ୍କୁ ପଚାରିଥିଲେ, "ମୋ ମନ ଭିତରେ ଗୋଟିଏ ଉତ୍ତମ ଇଚ୍ଛା ଉଙ୍କି ମାରିଛି, ଆପଣ ମୋତେ ସାହାଯ୍ୟ କରିବେ କି ?

୬୫ । "ଏଠି ପ୍ରତିବର୍ଷ ଶ୍ରୀରାମଙ୍କ ଜନ୍ମଦିନରେ ଉର୍ସ ଉତ୍ସବ ପାଳନ କରାଯାଉଅଛି । ଏଣୁ ଆମେ ଶ୍ରୀରାମଙ୍କ ଜନ୍ମଦିନ ପାଳନ କରିବାର ଏହା ଏକ ସ୍ୱାଭାବିକ ସୁଯୋଗ ।"

୬୬ । କାକାଙ୍କୁ ପ୍ରସ୍ତାବଟି ଭଲ ଲାଗିଥିଲା ଓ ସେ ଭୀଷ୍ମଙ୍କୁ ବାବାଙ୍କର ଅନୁମତି ଭିକ୍ଷା କରିବାକୁ କହିଥିଲେ । ଏହା ତାଙ୍କରି ଇଚ୍ଛା ଉପରେ ନିର୍ଭର କରେ । ଯଦି ସେ ରାଜି ହୁଅନ୍ତି, ତେବେ ଏ କାର୍ଯ୍ୟରେ କୌଣସି ବିଳମ୍ବ ହେବନାହିଁ ।

୬୭ । କିନ୍ତୁ ଉତ୍ସବ ପାଳନ କଲେ କୀର୍ତ୍ତନ କରାଯିବା ଦରକାର । ତାହାହିଁ ବଡ଼ ସମସ୍ୟା । ଏହି ଛୋଟିଆ ଗ୍ରାମଟିରେ ହରିଦାସ କେଉଁଠି ମିଳିବେ ? ଏହାହିଁ ଅସଲ ପ୍ରଶ୍ନ ।

୬୮ । ଭୀଷ୍ମ କହିଥିଲେ, " ମୁଁ କୀର୍ତ୍ତନିଆଁ[୨] ହେବି । ଆପଣ ହାରମୋନିଅମ ଧରି ମୋତେ ସାହାଯ୍ୟ କରିପାରିବେ। ଆଉ ରାଧାକୃଷ୍ଣମାଈ[୩] ଯଥା ସମୟରେ ସୁଣ୍ଠବଡ଼ା[୪] ତିଆରି କରିଦେବେ ।

୬୯ । "ତା' ହେଲେ ଚାଲନ୍ତୁ ବାବାଙ୍କ ନିକଟକୁ ଯିବା। ଶୁଭ କାର୍ଯ୍ୟରେ ବିଳମ୍ବ କଲେ ବିଘ୍ନ ଆସେ। ଶୁଭସ୍ୟ ଶୀଘ୍ରମ୍ ।"

୭୦ । "ଆସନ୍ତୁ ଯିବା କୀର୍ତ୍ତନ ପାଇଁ ବାବାଙ୍କର ଅନୁମତି ଲୋଡ଼ିବା।" ଏକଥା କୁହାକୋହି ହୋଇ ସେମାନେ ମସ୍‌ଜିଦ୍‌ରେ ଉପସ୍ଥିତ ହୋଇଥିଲେ।

୭୧ । କାକା ବାବାଙ୍କର ପୂଜା ଆରମ୍ଭ କରୁଥିବା ସମୟରେ ବାବା ନିଜ ତରଫରୁ ଓ୍ୱାଡ଼ାରେ କ'ଣ ଆଲୋଚନା ହେଉଥିଲା ବୋଲି ପଚାରିଥିଲେ। କାକା କ'ଣ ଉତ୍ତର ଦେବେ ଭାବି ପାରିନଥିଲେ।

୭୨ । ତତ୍‌କ୍ଷଣାତ୍ ବାବା ଭୀଷ୍ମଙ୍କୁ ସେହି ପ୍ରଶ୍ନ ଭିନ୍ନ ଭାବରେ ପଚାରିଥିଲେ। "ବୁଓ୍ୱା କ'ଣ କହୁଥିଲା ?"

୭୩। କାକାଙ୍କର ମନେ ପଡ଼ିଯାଇଥିଲା ଓ ସେମାନଙ୍କର ଇଚ୍ଛା ସମ୍ପର୍କରେ କହିଥିଲେ। ବାବା ଏ ପ୍ରସ୍ତାବକୁ ପସନ୍ଦ କରିଥିଲେ ଓ ଉତ୍ସବ ପାଳନ କରିବା ପାଇଁ ସ୍ଥିର ହୋଇଥିଲା।

୭୪ । ତା' ପରିଦିନ ସକାଳେ ବାବା ଲେଣ୍ଡି[୫] ଯାଇଥିବା ସମୟରେ ଅଗଣାରେ ଦୋଳିଟିଏ ରଖାଯାଇ ତାହାକୁ ସଜାଇ ଦିଆଯାଇଥିଲା ଓ କୀର୍ତ୍ତନ ପାଇଁ ପ୍ରସ୍ତୁତି ଚାଲିଥିଲା।

୭୫ । ଦର୍ଶକମଣ୍ଡଳୀ ଆସି ଯାଇଥିଲେ। ବାବା ଠିକ୍ ସମୟରେ ଫେରିଥିଲେ। ଭୀଷ୍ମ ଉଠି ପଡ଼ିଥିଲେ। କାକା ହାରମୋନିଅମ ନିକଟରେ ବସିଥିଲେ। ବାବା କାକାଙ୍କୁ ଡକାଇ ପଠାଇଥିଲେ।

୭୬। "ବାବା ଆପଣଙ୍କୁ ଡାକୁଛନ୍ତି" ବୋଲି ଶୁଣି କାକା ହଠାତ୍ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ। କ'ଣ ହୋଇଛି ବୋଲି ସେ ବୁଝି ପାରିଲେ ନାହିଁ। ହାସ୍ୟାସ୍ପଦ ହେଲାଭଳି କିଛି ନ ଘଟୁ!

୭୭। ବାବାଙ୍କ ଡାକରା ଶୁଣି କାକା ଖୁବ୍ ଭୟ ପାଇଯାଇଥିଲେ ଓ ଭାବୁଥିଲେ : "ବାବା ଏତେ ରାଗୀ ଯାଇଛନ୍ତି କାହିଁକି ? କୀର୍ତ୍ତନ କ'ଣ ନିର୍ବିଘ୍ନରେ ହେବ ?"

୭୮ । ସେ ପଛକୁ ଚାହିଁ ଚାହିଁ ଯାଉଥିଲେ। ପାହାଚ ଚଢ଼ିବା ସମୟରେ ସେ ଡରୁଥିଲେ। ତାଙ୍କ ପାଦ ଥରୁଥିଲା। କାକା ଖୁବ୍ ଚିନ୍ତାରେ ପଡ଼ିଯାଇଥିଲେ।

୭୯ । ଦୋଳିଟିଏ ସେଠାରେ କାହିଁକି ବନ୍ଧାଯାଇଛି ବୋଲି ବାବା ପଚାରିଥିଲେ। ଦୋଳି ଟଙ୍ଗାଯିବାର କାରଣ ଓ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ବନ୍ଧରେ ସଂକ୍ଷେପରେ ଶୁଣିବା ପରେ ବାବା ଖୁସି ହୋଇଥିଲେ।

୮୦ । ତା'ପରେ ସେ ଠଣାରୁ[୬] ଗୋଟିଏ ସୁନ୍ଦର ଫୁଲମାଳ ଆଣି କାକାଙ୍କ ବେକରେ ପକାଇଦେଇଥିଲେ ଓ ଆଉ ଗୋଟିଏ ମାଳ ଭୀଷ୍ମଙ୍କ ନିମନ୍ତେ ପଠାଇଦେଲେ।

୮୧ । ଦୋଳି ସମ୍ବନ୍ଧରେ ବାବା ପଚାରୁଥିବା ସମୟରେ ସେଠାରେ ସମସ୍ତଙ୍କର ବ୍ୟଗ୍ରତା ବଢ଼ିଯାଇଥିଲା। କିନ୍ତୁ ବାବା ଯେତେବେଳେ ବେକରେ ଫୁଲମାଳ ପକାଇଦେଲେ, ସେତେବେଳେ ସମସ୍ତଙ୍କର ମୁଖ ଉଜ୍ଜ୍ୱଳ ହୋଇ ଉଠିଥିଲା।

୮୨ । ଭୀଷ୍ମ ବହୁତ ପାରଙ୍ଗମ ଥିଲେ ଓ କଥାକୁ ସଜେଇ ମଜେଇ ବର୍ଣ୍ଣନା କରିପାରୁଥିଲେ। କୀର୍ତ୍ତନ ବେଶ୍ ଉପଭୋଗ୍ୟ ହୋଇଥିଲା ଓ ଶ୍ରୋତୃମଣ୍ଡଳୀ ଖୁବ୍ ଖୁସି ହୋଇଥିଲେ।

୮୩। ବାବା ମଧ୍ୟ ଅତ୍ୟନ୍ତ ଖୁସି ଥିଲେ। ବାବାଙ୍କର ସମ୍ମତି ଅନୁଯାୟୀ ଭଜନ, କୀର୍ତ୍ତନ ଇତ୍ୟାଦି ଦ୍ୱାରା ଏହି ଉତ୍ସବ ପାଳିତ ହୋଇଥିଲା।

୮୪ । ଶ୍ରୀରାମଙ୍କ ଜନ୍ମ ସମୟକୁ ଲାଲ ଅବିର[୭] ଫିଂଟା ଯାଉଥିବା ବେଳେ କିଛି ଗୁଣ୍ଡ ବାବାଙ୍କ ଆଖିରେ ପଡ଼ିଯାଇଥିଲା ଓ ବାବା ରାଗି ଯାଇଥିଲେ। ସେ ନରହରି[୮]ଙ୍କ ଭଳି ଭୟଙ୍କର ଦେଖାଗଲେ। ସେତିକିବେଳେ ଶ୍ରୀରାମଙ୍କର ଜନ୍ମ କୌଶଲ୍ୟାଙ୍କ ପ୍ରାସାଦରେ ହେଉଥିଲା।

୮୫ । ଅବିର ଫିଙ୍ଗା ଏକ ସଂକେତ ଥିଲା। ଶ୍ରୀରାମଜନ୍ମ ହେବା ଦ୍ୱାରା ଅହଂକାରର, ଅର୍ଥାତ୍ ରାବଣର ଧ୍ୱଂସ ହେବ, ଦୁଷ୍ଟମାନଙ୍କର, ଅର୍ଥାତ୍ ରାକ୍ଷସମାନଙ୍କର ବିନାଶ ଘଟିବାର ସୂଚନା ଏଇଥିରୁ ମିଳିଥିଲା।

୮୬ । ବାବା ହଠାତ୍ ରାଗିଯାଇଥିଲେ। ସେ ନରସିଂହ[୯] ରୂପ ଧରିଥିଲେ। ତା'ପରେ ଗାଳି ଓ ଅଭିଶାପ ସମସ୍ତଙ୍କ ଉପରେ ବର୍ଷଣ ହୋଇଥିଲା।

୮୭ । ରାଧାକୃଷ୍ଣମାଈ[୧୦] ଦୋଳିଟି ଭାଂଗି ଖଣ୍ଡ ଖଣ୍ଡ ହୋଇଯିବ ବୋଲି ଭାବି ଅଧିକ ଡରିଯାଇଥିଲେ। ଏହାକୁ

କିପରି ଅତୁଟ ରଖାଯିବ, ସେଥିପାଇଁ ଚିନ୍ତିତା ଥିଲେ।
୮୮। ସେ ଜୋରଦେଇ କହୁଥିଲେ, "ଦୟାକରି ଖୋଲିଦିଅ, ଜଲ୍‌ଦି ଖୋଲିଦିଅ।" କାକା ଦୋଳି ଖୋଲି ଦେବାପାଇଁ ଯାଉଥିଲେ।
୮୯। ବାବା ଅଧିକ ରାଗିଯାଇ କାକାଙ୍କ ଆଡ଼କୁ ମାଡ଼ି ଆସିଲେ। ଦୋଳି ଖୋଲାଯିବା ବିଷୟ ସମସ୍ତେ ଭୁଲିଗଲେ, ବାବା ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଲେ।
୯୦। ଉପରବେଳା ବାବାଙ୍କର ଅନୁମତି ଭିକ୍ଷା କରାଗଲାବେଳେ ତାଙ୍କର ଉତ୍ତର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। "ତୁମେମାନେ ସମସ୍ତେ ଏତେଶୀଘ୍ର ଦୋଳି ଖୋଲିଦେବାକୁ କାହିଁକି ବାହାରିଥିଲ ? ତାହାର ଆବଶ୍ୟକତା ଏବେ ମଧ୍ୟ ରହିଛି।"
୯୧। ଏହି ଆବଶ୍ୟକତା କ'ଣ ହୋଇପାରେ? ବିନା କାରଣରେ ଶ୍ରୀସାଇ ପଦେ ବି କଥା କହନ୍ତି ନାହିଁ। ଚିନ୍ତା କରିବା ପରେ ଜଣାପଡ଼ିଥିଲା ଯେ ଉତ୍ସବ ଏବେ ମଧ ସରିନାହିଁ।
୯୨। ଉତ୍ସବର କିଛି ଅଂଶ ସରିଛି। ଆସନ୍ତା କାଲି ସକାଳେ ଗୋପାଲକାଲା[୨୧] କାର୍ଯ୍ୟକ୍ରମ ନସରିବା ପର୍ଯ୍ୟନ୍ତ ଉତ୍ସବ ସମାପ୍ତ ହେଲା ବୋଲି କୁହାଯାଇ ପାରିବ ନାହିଁ।
୯୩। ତା'ପରଦିନ ଗୋପାଲକାଲା ଓ କୀର୍ତ୍ତନ ଶେଷ ହେବା ପରେ ବାବା ଦୋଳି ଖୋଲିଦେବା ପାଇଁ ଅନୁମତି ଦେଇଥିଲେ।
୯୪। ପରବର୍ତ୍ତୀ ବର୍ଷ ଭୀଷ୍ମ ଆସିପାରିନଥିଲେ। ବାଲା ବୁଓ୍ୱା ସାତାରକାରଙ୍କୁ କୀର୍ତ୍ତନ କରିବା ପାଇଁ ଅଣାଯିବାର ଥିଲା। କିନ୍ତୁ ତାଙ୍କର କଓ୍ୱଟେ[୨୨] ଯିବାର ଥିଲା।
୯୫। ତେଣୁ ଆଉ ଜଣେ ବାଲା ବୁଓ୍ୱା ଭଜନୀ ଯାହାଙ୍କୁ 'ଆଧୁନିକ ତୁକାରାମ' କୁହାଯାଏ, ତାଙ୍କୁ କାକା ମହାଜନୀ ଅଣାଇଥିଲେ ଓ ତାଙ୍କ ଦ୍ୱାରା ଉତ୍ସବ ସମ୍ପାଦିତ ହୋଇଥିଲା।
୯୬। ଭଜନୀ ଯଦି ନ ଆସିଥାନ୍ତେ, ତେବେ କାକା କୀର୍ତ୍ତନ କରିଥାନ୍ତେ। କାରଣ, ଦାସଗଣୁଙ୍କ ରଚିତ ରାମନବମୀ ପଦାବଳୀକୁ କାକା ମୁଖସ୍ଥ କରି ଦେଇଥିଲେ।
୯୭। ତୃତୀୟ ବର୍ଷ ବାଲା ବୁଓ୍ୱା ସାତାରକାର ଠିକ୍ ସମୟରେ ଆପେ ଆପେ ଶିରିଡ଼ି ଚାଲି ଆସିଥିଲେ। ସେଭଳି କାହିଁକି ହୋଇଥିଲା ଭକ୍ତି ଭରେ ଶୁଣନ୍ତୁ।
୯୮। ସାଇବାବାଙ୍କର ମହିମା ଶୁଣି ତାଙ୍କୁ ଦର୍ଶନ କରିବାର ଇଚ୍ଛା ବାଲା ବୁଓ୍ୱାଙ୍କର ହୋଇଥିଲେ ମଧ ସେ ଆସିବା ପାଇଁ ଜଣେ ସାଥୀ ପାଉନଥିଲେ ଓ ସେପରି ଜଣେ ସାଥୀଙ୍କୁ ଖୋଜିବାରେ ଲାଗିଥିଲେ।
୯୯। ବାଲା ବୁଓ୍ୱା ନିଜେ ହରିଦାସ ବା କୀର୍ତ୍ତନିଆଁ ଥିଲେ। ସେ ସତାରାର ଅଧିବାସୀ ହୋଇଥିଲେ ମଧ ସେହି ସମୟରେ ବମ୍ବେଇର ପାରେଲଠାରେ ରହୁଥିଲେ।
୧୦୦। ସତାରା ଜିଲ୍ଲାର ବୃହତ୍‌ସିଦ୍ଧ କଓ୍ୱଟେ ଗ୍ରାମରେ ଏକ ଦେବସ୍ଥାନ[୨୩] ରହିଛି। ସେଠାରେ ଶ୍ରୀରାମନବମୀ ଦିନ ପ୍ରତିବର୍ଷ ବାଲାବୁଓ୍ୱା କୀର୍ତ୍ତନ କରିଥାନ୍ତି ଓ ସେଥିପାଇଁ ତାଙ୍କୁ ବାର୍ଷିକ ପାରିଶ୍ରମିକ ମିଳିଥାଏ।
୧୦୧। ବାଲାବୁଓ୍ୱା ସେଠାରେ ଦୁଇଟି ବାର୍ଷିକ ଉତ୍ସବ ସହିତ ଜଡ଼ିତ ଥିଲେ। ଆଷାଢ଼ର ଏକାଦଶୀ ତିଥିରେ ଓ ଚୈତ୍ର ମାସରେ ପଡୁଥିବା ରାମନବମୀରେ ସେ କୀର୍ତ୍ତନ କରୁଥିଲେ।
୧୦୨। ମୋଗଲ[୨୪] ବାଦଶାହାଙ୍କ ସନନ୍ଦ ଅନୁଯାୟୀ ଦୁଇହଜାର ଚାରିଶହ ଟଙ୍କା ଦେବତା(ବଡ଼େ ବାବା)ଙ୍କ ଖର୍ଚ୍ଚ ପାଇଁ ମିଳୁଥିଲା ଓ ସଂସ୍ଥାନ ସବୁ ଆୟୋଜନ କରୁଥିଲା।
୧୦୩। ଏହି ଦୁଇଟି ଉତ୍ସବ ପାଇଁ ବାଲାବୁଓ୍ୱା ତିରିଶିଟଙ୍କା ପାଉଥିଲେ। କିନ୍ତୁ ସେହି ବର୍ଷ କଓ୍ୱଟେରେ ହଇଜା ମହାମାରୀ ଦେଖାଦେଲା ଓ ଗ୍ରାମବାସୀମାନେ ବହୁତ ଅସୁବିଧା ମଧ୍ୟରେ ଥିଲେ।
୧୦୪। ତେଣୁ ସେଥର ଶ୍ରୀରାମନବମୀ ଉତ୍ସବ ବନ୍ଦ ହୋଇ ଯାଇଥିଲା। ଗ୍ରାମଛାଡ଼ି ଲୋକେ ଚାଲିଯାଇଥିଲେ। ସଂସ୍ଥାନର କର୍ତ୍ତୃପକ୍ଷ ସେ ବର୍ଷ ନଆସି ଆସନ୍ତା ବର୍ଷ ଆସିବାକୁ ବାଲାବୁଓ୍ୱାଙ୍କ ପାଖକୁ ଚିଠି ପଠାଇଥିଲେ।
୧୦୫। ଫଳରେ ବାଲାବୁଓ୍ୱା ଶ୍ରୀରାମଙ୍କୁ ସେବା କରିବାର ସୁଯୋଗ ହରାଇଲେ ଓ ନିଜର ପାରିଶ୍ରମିକ ମଧ ପାଇଲେ ନାହିଁ। ମାତ୍ର ସେ ଶିରିଡ଼ି ଯିବାର ସୁଯୋଗ ପାଇଲେ ଓ ସେଥିପାଇଁ ସେ ଦୀକ୍ଷିତ[୨୫]ଙ୍କୁ ଦେଖା କରିଥିଲେ।
୧୦୬। ଦୀକ୍ଷିତ ବାବାଙ୍କର ପରମ ଭକ୍ତ ଥିଲେ। ଶିରିଡ଼ିକୁ ଯିବାର ଇଚ୍ଛା ପୂରଣ ହେବା ସହିତ ନିଜର ବ୍ୟକ୍ତିଗତ ଲାଭ ଓ ଆଧ୍ୟାତ୍ମିକ ଉନ୍ନତି ହୋଇପାରିବ ବୋଲି ବୁଓ୍ୱା ଭାବିଥିଲେ।
୧୦୭। ତେଣୁ ସେ ଦୀକ୍ଷିତଙ୍କୁ ନିଜର ବାର୍ଷିକ ପାରିଶ୍ରମିକ ସାମୟିକ ଭାବରେ ବନ୍ଦ ହେବା ଓ ଶିରିଡ଼ି ଯାଇ ବାବାଙ୍କ

ଦର୍ଶନ ସହିତ କୀର୍ତ୍ତନ କରିବା କଥା କହିଥିଲେ।

୧୦୮। ଉତ୍ତରରେ ଭାଉସାହେବ ଦୀକ୍ଷିତ ମହାଶୟ କହିଥିଲେ ଯେ ଟଙ୍କା ପଇସା ମିଳିବାର କୌଣସି ନିଶ୍ଚୟତା ନାହିଁ। କ'ଣ ଦେବେ ନ ଦେବେ, ତାହା ବାବାଙ୍କ ଉପରେ ନିର୍ଭର କରେ। ଏପରିକି କୀର୍ତ୍ତନ କରିବା ପାଇଁ ମଧ୍ୟ ବାବାଙ୍କର ଅନୁମତି ଆବଶ୍ୟକ ହେବ।

୧୦୯। ଏହି କଥାବାର୍ତ୍ତା ଚାଲିଥିବା ସମୟରେ ସେଠାରେ କାକା ମହାଜନୀ ଆସି ହଠାତ୍ ପହଂଚିଥିଲେ ଓ ପ୍ରସାଦ ଭାବରେ ଶିରିଡ଼ିର 'ଉଦି' (ବିଭୂତି) ବିତରଣ କରିଥିଲେ। ଏହା ଏକ ଶୁଭ ସୂଚନା ବୋଲି ବିଶ୍ୱାସ କରାଯାଇଥିଲା।

୧୧୦। ମହାଜନୀ ଶିରିଡ଼ିରୁ ସଦ୍ୟ ଫେରିଥିଲେ। ସେ ସେଠାକାର କୁଶଳବାର୍ତ୍ତା ଜଣାଇଦେଇ ନିଜ ଘରକୁ ଚାଲିଯାଇଥିଲେ।

୧୧୧। ଏହାପରେ ଦୀକ୍ଷିତ ଅତି ଆଦରରେ ବୁଓ୍ୱାଙ୍କୁ କହିଥିଲେ ଯେ ସେ ବାବାଙ୍କର ଅନୁମତି ମାଗିବେ ଓ ବାବା ରାଜି ହେଲେ ତାଙ୍କୁ ନିଶ୍ଚୟ ଜଣାଇ ଦେବେ।

୧୧୨। "ଆପଣ ଚିଠି ପାଇବା ମାତ୍ରକେ ଶିରିଡ଼ି ଚାଲି ଆସନ୍ତୁ । ଯିବା ଆସିବା ଖର୍ଚ୍ଚ ପାଇଁ ଚିନ୍ତା କରିବେ ନାହିଁ, ତାହା ଆପଣଙ୍କୁ ବହନ କରିବାକୁ ପଡ଼ିବ ନାହିଁ। ଏ ବିଷୟରେ ସନ୍ଦେହ ରଖନ୍ତୁ ନାହିଁ।"

୧୧୩। ଦୀକ୍ଷିତ ଆଗେ ଯାଇଥିଲେ। ବାବାଙ୍କ ଅନୁମତି ମିଳିଥିଲା। ବାଲାବୁଓ୍ୱା ଶିରିଡ଼ି ଆସି ହୃଦୟଭରି ବାବାଙ୍କର ଦର୍ଶନ କରିଥିଲେ।

୧୧୪। ସାଇବାବା ଶ୍ରୀରାମନବମୀ ଉତ୍ସବକୁ ଭଲ ଭାବରେ ବାଲାବୁଓ୍ୱାଙ୍କ ସାହାଯ୍ୟରେ ପାଳନ କରିଥିଲେ। ନିଜେ ଉପସ୍ଥିତ ରହିଥିଲେ ।

୧୧୫। ଆନ୍ତରିକ ଭାବରେ ବାଲା ବୁଓ୍ୱା ଖୁସି ଥିଲେ। ଉଦ୍ଦେଶ୍ୟ ପୂରଣ ହୋଇଥିଲା। ଶ୍ରୀସାଇ ମଧ୍ୟ ଖୁସି ଥିଲେ। ଏହିପରି ଭାବରେ ସମସ୍ତଙ୍କର ଇଚ୍ଛା ପୂରଣ ହୋଇଥିଲା।

୧୧୬। ବାଲାବୁଓ୍ୱାଙ୍କ ଆଶାରୁ ଅଧିକ ପୂରଣ ହୋଇଥିଲା। ତାଙ୍କୁ ଦେଢ଼ଶହ ଟଙ୍କା ପାରିଶ୍ରମିକ ଦେବାକୁ ଆଦେଶ ହୋଇଥିଲା। ସେ ଅତିଶୟ ଆନନ୍ଦିତ ହୋଇଥିଲେ ।

୧୧୭। ବାଲାବୁଓ୍ୱା କାହିଁକି ଆନନ୍ଦିତ ନହେବେ? କଓ୍ୱେଟରେ ପାଂଚବର୍ଷରେ ସେ ଯେତିକି ଆୟ କରିଥାନ୍ତେ, ବାବା ତାଙ୍କୁ ସେତିକି ଦେଇଛନ୍ତି। ତେଣୁ ସେ ବାବାଙ୍କ ପାଖରେ ଋଣୀ ରହିଥିଲେ ।

୧୧୮। ପରେ ଦାସଗଣୁ ଶିରିଡ଼ିକୁ ଥରେ ଯାଇଥିବା ସମୟରେ ବାବା ତାଙ୍କୁ ପ୍ରତିବର୍ଷ ଉତ୍ସବ ସମୟରେ କୀର୍ତ୍ତନ କରିବା ପାଇଁ ଦାୟିତ୍ୱ ଦେଇଥିଲେ।

୧୧୯। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଶ୍ରୀରାମ ଜନ୍ମୋତ୍ସବ[୨୬] ମହାସମାରୋହରେ ପ୍ରତିବର୍ଷ ପାଳିତ ହୋଇ ଆସୁଅଛି। ସମସ୍ତଙ୍କୁ ମନଭରି ଖାଇବା ପାଇଁ ଦିଆଯାଇଥାଏ । ଗରିବ ଓ ଦଳିତମାନେ ଖୁସି ହୋଇଥାନ୍ତି।

୧୨୦। ସମାଧି ମନ୍ଦିରର ପ୍ରଧାନ ଫାଟକ ନିକଟରେ ଚାଙ୍ଗୁ, ସାହାନାଇ ଇତ୍ୟାଦି ପାରମ୍ପରିକ ବାଦ୍ୟଯନ୍ତ୍ର ସହିତ ଅନ୍ୟାନ୍ୟ ବାଦ୍ୟ ଓ ସଂଗୀତ ମଧ୍ୟରେ ବାବାଙ୍କର ନାମୋଚ୍ଚାରଣ ଗଗନ ପବନରେ ପ୍ରତିଧ୍ୱନିତ ହୁଏ ଓ ବାତାବରଣରେ ଆନନ୍ଦର ଲହରୀ ଖେଳିଯାଏ ।

୧୨୧। ଗୋପାଳ ଗୁଣ୍ଡ ଯେଉଁଭଳି ଯାତ୍ରା ଓ ଉର୍ସ ଉତ୍ସବ ପାଳନ ନିମନ୍ତେ ଚିନ୍ତା କରିଥିଲେ, ସେହିଭଳି ପୁରୁଣା ଭଙ୍ଗା ମସ୍‌ଜିଦ୍‌କୁ ଏକ ନୂତନ ରୂପ ଦେବା ପାଇଁ ଉତ୍ସାହିତ ହୋଇଥିଲେ।

୧୨୨। ଭକ୍ତ ଗୋପାଳ ଗୁଣ୍ଡ ନିଜ ହାତରେ ମସ୍‌ଜିଦର ପୁନର୍ଗଠନ କରିବା ପାଇଁ ସ୍ଥିର କରିଥିଲେ ଓ ସେଥିଲାଗି ପଥର ସଂଗ୍ରହ କରି ରଖିଥିଲେ।

୧୨୩। କିନ୍ତୁ ପୁନଃନିର୍ମାଣ କାର୍ଯ୍ୟ ଗୁଣ୍ଡଙ୍କ ଭାଗ୍ୟରେ ନଥିଲା। ସେହି ଶୁଭ କାର୍ଯ୍ୟର ମୁହୂର୍ତ୍ତ ପରେ ଯଥା ସମୟରେ ଆସିଥିଲା।

୧୨୪। ଯାହା ଜଣା ପଡୁଛି ପୁନର୍ଗଠନ କାର୍ଯ୍ୟ ନାନା ଚାନ୍ଦୋରକର ଓ ଚଟାଣକୁ ପକ୍‌କା କରିବାର କାର୍ଯ୍ୟ କାକାସାହେବ ଦୀକ୍ଷିତ କରିବେ ବୋଲି ବାବା ଇଚ୍ଛା କରିଥିଲେ।

୧୨୫। ପରେ ତାହାହିଁ ହୋଇଥିଲା। ଅନୁମତି ପ୍ରାର୍ଥନା କରି କରି ସେମାନେ ପ୍ରଥମ ଅବସ୍ଥାରେ ଥକି ପଡ଼ିଥିଲେ। ସେମାନେ ମହାଲ୍‌ସାପତି[୨୭]ଙ୍କୁ ମଧ୍ୟସ୍ଥି କରିଥିଲେ ଓ ତାଙ୍କରି ଜରିଆରେ ବାବା ଅନୁମତି ଦେଇଥିଲେ।

୧୨୬। ସେ ଯାହାହେଉ, ମସ୍‌ଜିଦ୍ ଚଟାଣକୁ ପକ୍‌କା କରିବାର କାର୍ଯ୍ୟ ରାତିକ ମଧ୍ୟରେ ସରିଯିବା ପରେ ବାବା ତା' ପରଦିନ ଆସି ଗଦି[୨୮]ରେ ବସିଥିଲେ।

୧୨୭ । ସଭାମଣ୍ଡପ ୧୯୧୧ ମସିହାରେ ତିଆରି କରାଯାଇଥିଲା । ଏହା ବହୁତ କଷ୍ଟକର କାର୍ଯ୍ୟ ଥିଲା । ଏହି ସମୟରେ ବହୁତ ବିପଦ ଦେଖାଦେଇଥିବା ଯୋଗୁଁ ଲୋକେ ଭୟରେ[୨୯] ଥରୁଥିଲେ ।

୧୨୮ । ଏହି କାର୍ଯ୍ୟକୁ ମଧ୍ୟ ରାତିରେ ଭକ୍ତମାନେ କାମକରି ସେହିଭଳି ସମ୍ପୂର୍ଣ୍ଣ କରିଥିଲେ ।

୧୨୯ । ରାତିରେ ଖୁମ୍ବଗୁଡ଼ିକୁ ବହୁ କଷ୍ଟରେ ଛିଡ଼ା କରାଯାଇଥିବ, ଅଥଚ ସକାଳେ ବାବା ସେଗୁଡ଼ିକୁ ଓପାଡ଼ିବାକୁ ଆରମ୍ଭ କରିଦେବେ । ପୁଣି ସୁବିଧା ଦେଖି ସେଗୁଡ଼ିକୁ ପୁନଃ ନିର୍ମାଣ କରାଯିବ । ଏହି ଅବସ୍ଥାରେ ସମସ୍ତେ କ୍ଳାନ୍ତ ହୋଇ ପଡ଼ିଥିଲେ ।

୧୩୦ । ସମସ୍ତେ ନିଜ ନିଜର କଛା ଭିଡ଼ି, ରାତିକୁ ଦିନ କରି, ଭୀଷଣ ପରିଶ୍ରମ ମଧ୍ୟରେ ଲକ୍ଷ୍ୟ ହାସଲ କରିବାକୁ ଚାହିଁଥିଲେ ।

୧୩୧ । ଦୀକ୍ଷିତ ଭାବିଥିଲେ ଯେ ଏହି ସ୍ଥାନଟି ସଭାମଣ୍ଡପ[୩୦] ନିର୍ମାଣ କରାଯିବା ନିମନ୍ତେ ଉପଯୁକ୍ତ ସ୍ଥାନ । ସେଠାରେ ପୂର୍ବରୁ ଖୋଲାସ୍ଥାନ ଥାଇ ଛୋଟିଆ ଖେଳପଡ଼ିଆଟିଏ ଥିଲା ।

୧୩୨ । ଲୁହା ଖୁମ୍ବ ଓ ଲୁହା ଏଙ୍ଗେଲ-ବ୍ରାକେଟ୍ ପାଇଁ ଆବଶ୍ୟକ ଟଙ୍କା ଖର୍ଚ୍ଚରେ ଊଣା ନ କରି ଏହି କାର୍ଯ୍ୟ ଶେଷ ହୋଇଥିଲା ଯେତେବେଳେ ବାବା ଚାଓ୍ୱଡି[୩୧]ରେ ଥିଲେ ।

୧୩୩ । ଭକ୍ତମାନେ ରାତିକୁ ଦିନ କରିଦେଇଥିଲେ ଓ ଖୁମ୍ବ ଗୁଡ଼ିକୁ ବହୁ ଆୟାସରେ ଛିଡ଼ା କରାଇଥିଲେ । ମାତ୍ର ବାବା ଚାଓ୍ୱଡ଼ିରୁ ଫେରିବା ମାତ୍ରେ ସେଗୁଡିକୁ ଓପାଡ଼ି ବାହାର କରି ଦେଉଥିଲେ ।

୧୩୪ । ଥରେ ବାବା ଭୀଷଣ ରାଗିଯାଇ ତାତ୍ୟା[୩୨]ର ବେକକୁ ଗୋଟିଏ ହାତରେ ଧରି ଅନ୍ୟ ହାତରେ ଖୁମ୍ବକୁ ହଲାଇ ହଲାଇ ଓପାଡ଼ି ଦେବାକୁ ଚାହିଁଥିଲେ ।

୧୩୫ । ଖୁମ୍ବ ହଲାଇଦେବା ପରେ ବାବା ରାଗରେ ତାତ୍ୟା ମୁଣ୍ଡରୁ ପଗଡ଼ି ଟାଣିଆଣି ସେଥିରେ ଦିଆସିଲି କାଠି ମାରି ନିଆଁ ଲଗାଇ ଗାତ ଭିତରକୁ ପକାଇଦେଇଥିଲେ ।

୧୩୬ । ସେତେବେଳେ କ୍ରୋଧରେ ତାଙ୍କ ଆଖିର ଡୋଳା ଅଗ୍ନିପିଣ୍ଡୁଳା ଭଳି ଦିଶୁଥିଲା । ତାଙ୍କୁ କିଏ ସିଧା ଚାହିଁବାକୁ ସାହସ କରିବ ? ସମସ୍ତେ ସାହସ ହରାଇ ବସିଥିଲେ ।

୧୩୭ । ତତ୍‌କ୍ଷଣାତ୍ ସେ ପକେଟରେ ହାତ ପୂରାଇ ଟଙ୍କାଟିଏ ବାହାର କରି ସେଠାରେ ପକାଇ ଦେଇଥିଲେ, ସତେ ଯେପରି ତାହା ଏକ ଶୁଭ ମୁହୂର୍ତ୍ତ ଥିଲା ।

୧୩୮ । ଅଭିସମ୍ପାତ ଓ ଗାଳିର ବର୍ଷା ଚାଲିଥିଲା । ତାତ୍ୟା ମଧ୍ୟ ଅନ୍ତର ମଧ୍ୟରେ ଖୁବ୍ ଭୟ ପାଇଯାଇଥିଲେ । ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିଲା । ଏପରି ଘଟଣା କାହିଁକି ଘଟିଲା ?

୧୩୯ । ଦର୍ଶକମାନେ ଆଶ୍ଚର୍ଯ୍ୟ ଓ ଦୁଃଖିତ ହୋଇଥିଲେ । ଆଜି ଏଭଳି ଅମଙ୍ଗଳ ଲକ୍ଷଣ କାହିଁକି ? ତାତ୍ୟାଙ୍କ ଉପରେ ଯେଉଁ ବିପଦ ପଡ଼ିଛି, କିପରି ତାହା ଦୂର ହେବ ?

୧୪୦ । ଭାଗୋଜୀ[୩୩] ଶିନ୍ଦେ ସାହସ ବାନ୍ଧି ଧୀରେ ଧୀରେ ଆଗକୁ ଯାଇଥିଲେ । ବାବା ତାଙ୍କୁ ମଧ୍ୟ ସହଜରେ ଧରି ନେଇ ବେଶ୍ ଉତ୍ତମ ମଧ୍ୟମ ଚଢ଼ାଇଥିଲେ ।

୧୪୧ । ମାଧବରାଓ[୩୪] ମଧ୍ୟ ଧରାପଡ଼ି ଟେକାମାଡ଼ ଖାଇଥିଲେ । ସେଦିନ ଯିଏ ହସ୍ତକ୍ଷେପ କରିବାର ସାହସ କରୁଥିଲା, ବାବା ତାହାକୁ ସେହିଭଳି ଅନୁଗ୍ରହ କରୁଥିଲେ !

୧୪୨ । ବାବାଙ୍କ ସାମ୍ନାକୁ ଯିବାକୁ କିଏ ବା ସାହସ କରିବ ? ତାତ୍ୟାଙ୍କୁ କିପରି ଉଦ୍ଧାର କରାଯିବ ? ସମସ୍ତେ ଏହିଭଳି କଥାବାର୍ତ୍ତା କରୁଥିବା ସମୟରେ ବାବାଙ୍କର ରାଗ କମି କମି ଆସିଥିଲା ଓ ସେ ଶାନ୍ତ ହୋଇଥିଲେ ।

୧୪୩ । ସାଂଗେ ସାଂଗେ ଜଣେ ଦୋକାନୀକୁ ଡକାଇ ତାକୁ ଜରିଧଡ଼ିଲଗା ପଗଡ଼ି ଆଣିବା ପାଇଁ ଆଦେଶ ଦେଇଥିଲେ । ପଗଡ଼ି ଆସିବା ପରେ ସେ ନିଜେ ତାତ୍ୟାଙ୍କ ମୁଣ୍ଡରେ ତାହାକୁ ରାଜା ଦେଉଥିବା ସମ୍ମାନ ଭଳି ପିନ୍ଧାଇଥିଲେ ।

୧୪୪ । ଲୋକେ ଆଶ୍ଚର୍ଯ୍ୟ ହୋଇ ବାବାଙ୍କର ରାଗିବାର କାରଣ କିମ୍ବା ତାତ୍ୟା ଉପରେ ଆକ୍ରମଣ କରି ବାବା ଏତେ ହଇଚଇ ସୃଷ୍ଟି କରିବାର କାରଣ ଜାଣିପାରିନଥିଲେ ।

୧୪୫ । ହଠାତ୍ ରାଗିଯିବା ଓ କିଛି କ୍ଷଣପରେ ଆନନ୍ଦିତ ହେବା ଅବସ୍ଥାକୁ ଫେରି ଆସିବାର କାରଣ କ'ଣ ହୋଇପାରେ ? ଏହାର ମୂଳ କାରଣ କ'ଣ କେହି ଜାଣିପାରିନଥିଲେ ।

୧୪୬ । ବେଳେ ବେଳେ ସେ ଶାନ୍ତରହି ଶ୍ରଦ୍ଧାପୂର୍ଣ୍ଣ କଥାବାର୍ତ୍ତା କରୁଥିଲେ । ଅନ୍ୟ କେତେବେଳେ କୌଣସି କାରଣ ନଥାଇ ପଲକ ମଧ୍ୟରେ ଅପ୍ରତ୍ୟାଶିତ ଭାବରେ ବିରକ୍ତ ହୋଇ ଯାଉଥିଲେ ।

୧୪୭ । ସେ ଯାହାହେଉ, ଏହାହିଁ ହେଉଛି ବାବାଙ୍କର

କଥା। ମୁଁ ଗୋଟିଏ ବିଷୟରେ ବର୍ଣ୍ଣନା କରିବା ସମୟରେ ଆଉ ଗୋଟିଏ ବିଷୟ ମୋର ମନେ ପଡ଼ିଯାଉଛି। କାହାକୁ ଛାଡ଼ିବି, କାହାର ବା ବର୍ଣ୍ଣନା କରିବି ? ବିଷୟ ବଦଳାଇ ଦେବା ଠିକ୍ ନୁହେଁ।

୧୪୮। ବାଛି କହିବା ପାଇଁ ମୋର ନିଜର ଇଚ୍ଛା କିମ୍ବା କୌଣସି ଅଗ୍ରାଧିକାର ନାହିଁ। ଯେଉଁ କାହାଣୀଟି ଉପସ୍ଥିତ କ୍ଷେତ୍ରରେ ଯଥାର୍ଥ ହେବ, ତାହା ଶ୍ରୋତାମାନଙ୍କର ଇଚ୍ଛା ପୂରଣ କରିବ ଓ ସେମାନଙ୍କର ହୃଦୟରେ ଆନନ୍ଦ ଭରିଦେବ।

୧୪୯। ପରବର୍ତ୍ତୀ ଅଧ୍ୟାୟରେ ବାବା ମୁସଲମାନ ଥିଲେ ନା ହିନ୍ଦୁ ଥିଲେ, ସେ ସମ୍ପର୍କରେ ବୟସ୍କ ଲୋକମାନଙ୍କ ନିକଟରୁ ସଂଗ୍ରହ କରାଯାଇଥିବା କାହାଣୀ ଶୁଣିବେ। ମୁଁ ଯାହା ଶୁଣିଛି, ତାହାକୁ ମୋର ସାଧ୍ୟମତେ ପୁନରାବୃତ୍ତି କରିବି।

୧୫୦। ଦକ୍ଷିଣା[୩୫] ଆକାରରେ ସଂଗ୍ରହ କରାଯାଇଥିବା ପଇସାକୁ କିପରି ପୁରୁଣା ମନ୍ଦିରଗୁଡ଼ିକର ପୁନର୍ଗଠନ ପାଇଁ ବାବା ଖର୍ଚ୍ଚ କରୁଥିଲେ ଓ କିପରି ସେ ନିଜର ଶରୀରକୁ ଧୌତି-ପୋତି ଓ ଖଣ୍ଡଯୋଗ ଦ୍ୱାରା ସଫା କରୁଥିଲେ, ତାହା କୁହାଯିବ।

୧୫୧। ସେ ଅନ୍ୟମାନଙ୍କର ମଙ୍ଗଳ ପାଇଁ ଓ ଭକ୍ତମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବା ପାଇଁ କିଭଳି ଅଧ୍ୟବସାୟ[୩୬] କରୁଥିଲେ, ତାହାର ବିବରଣୀ ପରବର୍ତ୍ତୀ ଅଧ୍ୟାୟରେ ସ୍ପଷ୍ଟକରି ବୁଝାଇ ଦିଆଯିବ। ଶ୍ରୋତାଗଣ ଶୁଣି ଖୁସିହେବେ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ରାମଜନ୍ମ ଉତ୍ସବ ପାଳନ କଥାର ବର୍ଣ୍ଣନା" ଶୀର୍ଷକ ଷଷ୍ଠ ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ବାବା ଜାଳିଥିବା ଅଖଣ୍ଡ ଧୁନିରୁ ସଂଗୃହୀତ ପବିତ୍ର ଭସ୍ମ । ଏଇ ଧୁନି ଆଜିବି ଜଳୁଛି।

୨- ଅଷ୍ଟସାତ୍ତ୍ୱିକଭାବ- ଯାହା ଶରୀର ଓ ମନକୁ ଝୁଙ୍କାଇ ଦିଏ, ତାହା ହେଲା : ନିଶ୍ଚଳ ହେବା, ଝାଳବୋହିବା, ଲୋମ ଟାଙ୍କୁରି ଉଠିବା, ପାଟି ଖନିମାରିବା, ଥରିବା, ଶେତା ପଡ଼ିଯିବା, ଲୁହ ବୋହିବା ଓ ଅଜ୍ଞାନ ହୋଇଯିବା।

୩- କୃଷ୍ଣଙ୍କର ପରମ ସଖା।

୪- କୋପରଗାଁରେ ଅବସ୍ଥାପିତ ରେଭିନ୍ୟୁ ସର୍କଲ ଇନ୍‌ସପେକ୍ଟର।

୫- ଧର୍ମୀୟ ପର୍ବ।

୬- ଗ୍ରାମ ଅଧିକାରୀ।

୭- ନାନାସାହେବ ନିମୋଣକର ଓରଫ ଶଙ୍କରରାଓ ରଘୁନାଥ ଦେଶପାଣ୍ଡେ।

୮- ଅହମଦନଗରର ଦାମୋଦର ରାସ୍ନେ।

୯- ୧୯୧୧ ମସିହା।

୧୦- 'ଶ୍ରୀସାଇ ସଗୁଣୋପାସନା' ପୁସ୍ତକର ଲେଖକ।

୧୧- ଲକ୍ଷ୍ମଣ ଗଣେଶ ଓରଫ କାକା ମହାଜନୀ।

୧୨- କୀର୍ତ୍ତନ କରୁଥିବା ବ୍ୟକ୍ତି ବା କୀର୍ତ୍ତନିଆଁ।

୧୩- ସୁନ୍ଦରାବାଇ କ୍ଷୀରସାଗର ଜଣେ ବାଲ୍ୟବିଧବା । ସେ ପଣ୍ଢରପୁରରୁ ୧୯୦୭ ମସିହାରେ ନିଜର ଆଗ୍ରହାତିଶଯ୍ୟରେ ଶିରିଡ଼ି ଆସିଥିଲେ।

୧୪- ଅଦା ପଡ଼ିଥିବା ମିଠା ବିଶେଷ।

୧୫- ଝରଣା କୂଳର ବଗିଚା।

୧୬- ପ୍ରତ୍ୟେକ ମସ୍‌ଜିଦ୍‌ରେ ପଶ୍ଚିମ ପଟରେ ଠଣାଟିଏ ଥାଏ।

୧୭- ମଙ୍ଗଳ ନିମିତ୍ତ ଅବିର ପକାଯାଏ।

୧୮- ଶ୍ରୀବିଷ୍ଣୁଙ୍କର ଏକ ଅବତାର : ଅର୍ଦ୍ଧେକ ମଣିଷ ଓ ଅନ୍ୟ ଅର୍ଦ୍ଧେକ ସିଂହ ଶରୀର।

୧୯- ଶ୍ରୀବିଷ୍ଣୁଙ୍କର ଏକ ଅବତାର : ଅର୍ଦ୍ଧେକ ମଣିଷ ଓ ଅନ୍ୟ ଅର୍ଦ୍ଧେକ ସିଂହ ଶରୀର।

୨୦- ସୁନ୍ଦରାବାଇ କ୍ଷୀରସାଗର ଉତ୍ସବ ପାଇଁ ଦୋଳିଟିକୁ ଦେଇଥିଲେ।

୨୧- ଦହି, ପଖାଳ, ପଇସା ରହିଥିବା ମାଟିହାଣ୍ଡିକୁ ଭଙ୍ଗାଯିବା ପରେ ଭୋଜି ଖାଇବା ଓ ମଉଜ କରିବା। ହାଣ୍ଡିଟିକୁ ଉଚ୍ଚ ସ୍ଥାନରେ ଟଙ୍ଗା ଯାଇଥାଏ ଓ ମନୁଷ୍ୟଙ୍କ ପିରାମିଡ଼ ତିଆରି କରାଯାଇ ଜଣେ ତାହା ଉପରେ ଚଢ଼ି ହାତରେ ହାଣ୍ଡି ଭାଙ୍ଗିଥାଏ ।

୨୨- ବୃହତ୍‌ସିଦ୍ଧ କଓ୍ୱଟେ ସାତାରା ଜିଲ୍ଲାର ଏକ ଗ୍ରାମ। ସାତାରକାର ଏଠାରେ ବହୁବର୍ଷ ଧରି ରାମନବମୀରେ କୀର୍ତ୍ତନ କରୁଥିଲେ।

୨୩- ମନ୍ଦିର, ଦେବସ୍ଥାନ।

୨୪- ବାଦଶାହ ଆକବର। ଏଠାରେ ଶିବରାତ୍ରି ପାଳନ ହୋଇଥାଏ।

୨୫- ହରି ସୀତାରାମ ଦୀକ୍ଷିତ।

୨୬-ଶ୍ରୀରାମ ନବମୀ ଶିରିଡ଼ିରେ ଏବେ ମଧ୍ୟ ପାଳିତ ହେଉଅଛି।

୨୭- ସୁନାରି ବଣିଆଁ ଓ ଖଣ୍ଡୋବା ମନ୍ଦିରର ପୂଜାରୀ।

୨୮- ଅଖାପାଳକୁ ବାହାର କରିଦିଆଯାଇ ଗଦି ପକାଯାଇଥିଲା।

୬ ॥ ରାମଜନ୍ମ ଉତ୍ସବ ପାଳନର କାହାଣୀ ॥

୨୯- ସଂପୂର୍ଣ୍ଣ ହେବାରେ ପ୍ରତିବନ୍ଧକର ଭୟ।

୩୦- ଲୋକେ ବସିବା ପାଇଁ ଉପରେ ଛାଉଣି ହୋଇଥିବା ଅଗଣା।

୩୧- ୧୯୦୯ ଡିସେମ୍ବର ୧୦ ତାରିଖଠାରୁ ବାବା ଦିନେ ଛାଡ଼ି ଦିନେ ରାତିରେ ଚାୱ଼ିଡ଼ିରେ ଶୋଉଥିଲେ। ଏହିଦିନଠାରୁ ଶେଯ ଆରତିର ଆରମ୍ଭ ହୋଇଥିଲା ପ୍ରଥମେ ଚାୱ଼ିଡ଼ିରେ।

୩୨- ବାୟଜାବାଇଙ୍କ ଆଦରର ପୁଅ ତାତ୍ୟା କୋତେ ପାଟିଲ।

୩୩- ଭାଗୋଜୀ କୁଷ୍ଟରୋଗୀ ହୋଇଥିଲେ ମଧ୍ୟ ବାବାଙ୍କର ଅତି ପ୍ରିୟ ଥିବାରୁ ସେ ବାବାଙ୍କୁ ସକାଳେ ହାତରୁ ଗୋଡ଼ଯାଏଁ ଘିଅ ମାଲିସ କରୁଥିଲେ। ବାବା ଲେଣ୍ଡିକୁ ଯିବା ସମୟରେ ସେ ସାଙ୍ଗରେ ଯାଉଥିଲେ । ଗୋଟିଏ ହାତରେ ବାବାଙ୍କ ମୁଣ୍ଡ ଉପରେ ଛତା ଧରୁଥିଲେ ଓ ଅନ୍ୟ ହାତରେ ପାଣି ଲୋଟା ଧରୁଥିଲେ ।

୩୪- ଦେଶପାଣ୍ଡେ ଓରଫ ଶାମାଙ୍କୁ ବାବା ଖୁବ୍ ସ୍ନେହ କରୁଥିଲେ । ସେ ଥିଲେ ଏକମାତ୍ର ଭକ୍ତ ଯିଏକି ସବୁବେଳେ ବାବାଙ୍କ ସାଙ୍ଗରେ ମଜାରେ କଥା ହେଉଥିଲେ ଓ ବାବାଙ୍କୁ ଖୁସିରେ ଚିଡ଼ାଉଥିଲେ ।

୩୫- ଦାନ।

୩୬- ଶ୍ରମ ଓ ସେବା।



୧୮୩୩ ଶକାବ୍ଦରେ ପ୍ରଥମେ ଉର୍ସରୁ ରାମନବମୀ ଉତ୍ସବ ପାଳନ କରାଯାଇଥିଲା ଓ ସେହିଦିନଠାରୁ ଏହା ଅବ୍ୟାହତ ଭାବରେ ନିର୍ବିଘ୍ନରେ ଆଜିପର୍ଯ୍ୟନ୍ତ ପାଳିତ ହୋଇଆସୁଅଛି। (୬ଷ୍ଠ ଅଧ୍ୟାୟ, ପଂକ୍ତି-୫୯)



ତାତା ଗଣପତ୍ କୋତେ ପାଟିଲ୍

॥୭॥

ବିଭିନ୍ନ କାହାଣୀର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ପୂର୍ବ ଅଧ୍ୟାୟର ସୂତ୍ର ଧରି ଆସନ୍ତୁ ଆରମ୍ଭ କରିବା। ବାବା ମନ୍ଦିରଗୁଡ଼ିକର ଜୀର୍ଣ୍ଣ ସଂସ୍କାର କରିବା ପାଇଁ କିଭଳି ଭଲ ପାଉଥିଲେ, ସେ କଥା ମନେ ପକାନ୍ତୁ!

୨। ସେ କିପରି ଦୟାଶୀଳ ଥିଲେ! ସେ ଭକ୍ତମାନଙ୍କର ଭଲମନ୍ଦ କିପରି ଦେଖୁଥିଲେ ଓ ସେମାନଙ୍କୁ ରକ୍ଷା କରୁଥିଲେ! ସେ କିପରି ନିଜର କଷ୍ଟକୁ ଖାତିର ନ କରି ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ନିଜେ କଷ୍ଟ ସହୁଥିଲେ !

୩। ସେ ଖଣ୍ଡଯୋଗ ଅଭ୍ୟାସ କରି ସମାଧି[୧] ନେଉଥିଲେ। ସେ ଧୌତି-ପୋତି ଓ ଅନ୍ୟ ଯୋଗାଭ୍ୟାସ କରୁଥିଲେ। ବେଳେ ବେଳେ ସେ ନିଜର ମୁଣ୍ଡ, ଗୋଡ଼, ହାତ ପ୍ରଭୃତିକୁ ଶରୀରରୁ ଅଲଗା କରି ଦେଇ ପୁଣି ପୂର୍ବ ସ୍ଥାନରେ ଯୋଡ଼ି ଦେଉଥିଲେ।

୪। ତାଙ୍କୁ ହିନ୍ଦୁ ବୋଲି ଭାବିଲେ ସେ ମୁସ୍‌ଲିମ୍ ଭଳି ଦେଖାଯାଉଥିଲେ। ମୁସ୍‌ଲିମ୍ ବୋଲି ଭାବିଲେ ତାଙ୍କ ନିକଟରେ ହିନ୍ଦୁଙ୍କର ଶୁଭ ସନ୍ତକ ମିଳୁଥିଲା। ସେ ଏହିଭଳି ଜଣେ ବିଶେଷ ଧରଣର ଅବତାର ଥିଲେ, ଯାହାଙ୍କୁ କେବଳ ଜ୍ଞାନୀ ବ୍ୟକ୍ତି ହିଁ ବର୍ଣ୍ଣନା କରିପାରିବ।

୫। ସେ ହିନ୍ଦୁ ଥିଲେ କି ମୁସଲମାନ ଥିଲେ, ସେ ସମ୍ପର୍କରେ କେହି ଅନୁମାନ କରି ପାରୁ ନ ଥିଲେ। ଉଭୟ ସମ୍ପ୍ରଦାୟ ପ୍ରତି ତାଙ୍କର ବ୍ୟବହାର ସବୁବେଳେ ସମାନ ଥିଲା।

୬। ରାମନବମୀ ହିନ୍ଦୁମାନଙ୍କର ଏକ ପର୍ବ। ବାବା ତାଙ୍କୁ ନିଜ ପର୍ବ ଭଳି ସଭାମଣ୍ଡପରେ ଦୋଳି ଟାଙ୍ଗି କୀର୍ତ୍ତନ ଓ ହରିକଥା ଗାନ କରି ପାଳନ କରୁଥିଲେ।

୭। ଅଗଣାରେ ତାଙ୍କ ଉପସ୍ଥିତିରେ ଦୋଳି ଟଙ୍ଗାଯାଉଥିଲା ଓ ସେ କୀର୍ତ୍ତନ କରାଉଥିଲେ । ଆଉ ସେହିଦିନ ରାତିରେ ତାଙ୍କର ମୁସଲମାନ ଭକ୍ତଗଣଙ୍କୁ ଚନ୍ଦନ ଶୋଭାଯାତ୍ରା[୨] ବାହାର କରିବା ପାଇଁ ବାବା ଅନୁମତି ଦେଉଥିଲେ।

୮। ବହୁତ ମୁସଲମାନ ଧୂମଧାମ୍‌ରେ ଆୟୋଜିତ ଏହି ଚନ୍ଦନ ଶୋଭାଯାତ୍ରାରେ ଯୋଗ ଦେଉଥିଲେ । ବାବା ଉଭୟ ଉତ୍ସବକୁ ସମାନ ଉତ୍ସାହ ଓ ଉଦ୍ଦୀପନାରେ ପାଳନ କରାଉଥିଲେ।

୯। ରାମନବମୀ ଦିନ ସକାଳେ ସେ ଖୁବ ଉତ୍ସାହ ସହକାରେ କୁସ୍ତି ପ୍ରତିଯୋଗିତା କରାଇ ପୁରସ୍କାର ହିସାବରେ ଘୋଡ଼ା, ବଳା ଓ ପଗଡ଼ି ଦେଉଥିଲେ।

୧୦। ଗୋକୁଳାଷ୍ଟମୀ[୩] ଦିନ ସେ ଗୋପାଳକଳା ଅନୁଷ୍ଠାନ ଆୟୋଜନ କରାଉଥିଲେ । ସେହିଭଳି ଇଦ୍‌ଦିନ[୪] ମୁସଲମାନମାନଙ୍କୁ ନମାଜ ପଢ଼ିବାରୁ ବାରଣ କରୁନଥିଲେ ।

୧୧। ଥରେ ମହରମ୍ ପର୍ବ ଦିନ ମୁସଲମାନମାନେ ମସ୍‌ଜିଦ୍‌କୁ ଆସିଥିଲେ ଓ ଗ୍ରାମରେ ତାଜିଆ[୫] ଶୋଭାଯାତ୍ରା ବାହାର କରିବା ପାଇଁ ଅନୁମତି ମାଗିଥିଲେ।

୧୨ । ବାବାଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଜିଆ ତିଆରି ହୋଇଥିଲା । ମସ୍‌ଜିଦ୍‌ରେ ଚାରିଦିନ ରଖା ଯିବା ପରେ ପଞ୍ଚମ ଦିନରେ ତାକୁ ନେଇଯିବା ପାଇଁ କହିଥିଲେ । ବାବା ଖୁସି କିମ୍ବା ଅଖୁସି ହେବାର ଦେଖାଯାଇନଥିଲା ।

୧୩ । ଯଦି ସେ ମୁସଲମାନ ହୋଇଥାନ୍ତେ କାନ ଫୋଡ଼ାଇ ଥାନ୍ତେ କାହିଁକି ? ଯଦି ହିନ୍ଦୁ ତେବେ ମୁସଲମାନଙ୍କ ସୁନ୍ତା ବା ସୁନ୍ନତ[୬] ପ୍ରଥାରେ ବିଶ୍ୱାସ କରୁଥାନ୍ତେ କାହିଁକି ? ଶ୍ରୀସାଇ ହିନ୍ଦୁ କିମ୍ବା ମୁସଲମାନ ନ ଥାଇ ପବିତ୍ର ଅବତାର ହିଁ ଥିଲେ ।

୧୪ । ଯଦି ହିନ୍ଦୁ ତେବେ ମସ୍‌ଜିଦ୍‌ରେ ସେ ସବୁବେଳେ ରହୁଥିଲେ କାହିଁକି ? ଯଦି ମୁସଲମାନ ଥିଲେ ତେବେ ଦିନରାତି ପବିତ୍ର ଧୁନି ମସ୍‌ଜିଦ୍‌ରେ ଜାଳୁଥିଲେ କାହିଁକି ?

୧୫ । ମସ୍‌ଜିଦ୍ ଭିତରେ ସେ ଚକି ରଖି ଗହମ ଇତ୍ୟାଦି ପେଷୁଥିଲେ । ମସ୍‌ଜିଦ୍‌ରେ ଘଣ୍ଟା, ଶଂଖ ମଧ୍ୟ ବାଜୁଥିଲା ଓ ପବିତ୍ର ଧୁନିରେ ଅକ୍ଷତ ଅର୍ପଣ ମଧ୍ୟ କରାଯାଉଥିଲା । ତେବେ ସେ କେଉଁ ପ୍ରକାରର ମୁସଲମାନ ଥିଲେ ?

୧୬ । ମସ୍‌ଜିଦ୍ ଭିତରେ ସବୁଦିନ ଭଜନ ବୋଲା ହେଉଥିଲା, ଗରିବଙ୍କୁ ଅନ୍ନଦାନ କରାଯାଉଥିଲା, ଈଶ୍ୱରଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଉଥିଲା ଓ ବାବାଙ୍କର ଚରଣ ସ୍ପର୍ଶକରି ପଦ ପୂଜା କରାଯାଉଥିଲା । ତେବେ ସେ କେଉଁ ପ୍ରକାରର ମୁସଲମାନ ଥିଲେ ?

୧୭ । ସେ ଯଦି ମୁସଲମାନ ଥିଲେ, ନୈଷ୍ଠିକ ଓ କୁଳୀନ ବ୍ରାହ୍ମଣମାନେ ତାଙ୍କ ପାଖକୁ କାହିଁକି ଆସୁଥିଲେ ଓ ତାଙ୍କୁ କାହିଁକି ପୂଜା କରୁଥିଲେ ? ଅଗ୍ନିହୋତ୍ରୀ ବ୍ରାହ୍ମଣମାନେ ତାଙ୍କ ପାଦରେ ସାଷ୍ଟାଙ୍ଗ ପ୍ରଣାମ କରି ସେମାନଙ୍କର ଗର୍ବ ଦୂର କରି ନିଜକୁ ପବିତ୍ର କରୁଥିଲେ କାହିଁକି ?

୧୮ । ଏସବୁ ଘଟଣାରେ ଲୋକେ ମନେ ମନେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ସେମାନେ ଯେଉଁଭଳି ଅନୁଭୂତି ପାଉଥିଲେ ସେହିଭଳି ବ୍ୟବହାର କରୁଥିଲେ; କିନ୍ତୁ ଦର୍ଶନ ସମୟରେ ସମସ୍ତେ ନିରବ ରହୁଥିଲେ ।

୧୯ । ଜଣେ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ଶରଣାଗତ ହୋଇଗଲା ପରେ ତାଙ୍କୁ ଆମେ ହିନ୍ଦୁ କହିବା ନା ମୁସଲମାନ କହିବା ? ସେ ନୀଚ ଜାତିର ହୋଇଥାଇପାରନ୍ତି, ନୀଚ କୁଳରେ ଜନ୍ମ ନେଇଥାଇପାରନ୍ତି, କିମ୍ବା ଜାତିହୀନ (ସମାଜର ପରିସର ବାହାରେ) ହୋଇଥାଇପାରନ୍ତି, ଯାହାହେଲେ ବି ବାବାଙ୍କ ନିକଟରେ ଜାତି କଦାଚନ ଗୁରୁତ୍ୱ ପାଇବାର ମାନଦଣ୍ଡ ନଥିଲା ।

୨୦ । ଯାହାଙ୍କର ଶରୀର ଜ୍ଞାନ ନାହିଁ, ଯିଏ ହିନ୍ଦୁ କିମ୍ବା ମୁସଲମାନ ସବୁ ଜାତିଧର୍ମର ଲୋକଙ୍କୁ ସମାନ ଦେଖୁଥିଲେ, କିଏ କେଉଁ ଜାତିରେ ଜନ୍ମ ହୋଇଛି, ସେହି ବାଛବିଚାର ତାଙ୍କ ପାଖରେ ନଥିଲା ।

୨୧ । ସେ ଫକୀରମାନଙ୍କ ସହିତ ମିଶି ମାଂସ ଖାଉଥିଲେ, ଆବଶ୍ୟକସ୍ଥଳେ ନିଜେ ମାଛ ଖାଉଥିଲେ; ଆଉ ତାଙ୍କ ଖାଇବା ଥାଳିରୁ କୁକୁର ଖାଇଗଲେ ମଧ୍ୟ ସେ ବିରକ୍ତ ହେଉ ନଥିଲେ ।

୨୨ । ଚାଷୀ ଚଳିତ ବର୍ଷ ପାଇଥିବା ଶସ୍ୟକୁ ଗୋଦାମ ଘରେ ସାଇତି ରଖେ, କାରଣ ଆସନ୍ତା ବର୍ଷ ଅଭାବ ପଡ଼ିଲେ ତାହା କାମରେ ଆସିବ ।

୨୩ । ସେଇଥି ପାଇଁ ମସ୍‌ଜିଦ୍ ଭିତରେ ଗହମ ଭର୍ତ୍ତି ଅଖାବସ୍ତାଟିଏ ରଖାଯାଉଥିଲା । ସେହି ଗହମକୁ ପେଷିବା ପାଇଁ ଚକିଟିଏ[୭] ମଧ୍ୟ ମସ୍‌ଜିଦ୍ ଭିତରେ ରହୁଥିଲା । ଗହମ ସଫା କରିବା ନିମନ୍ତେ ଚଲା ଓ କୁଲା ମଧ୍ୟ ରହୁଥିଲା । ଗୃହସ୍ଥ ଲୋକର ଜୀବନରେ ଯାହା ଆବଶ୍ୟକ, ତାହାଠାରୁ କିଛି ଊଣା ନ ଥିଲା ।

୨୪ । ଚାନ୍ଦିନୀ ଉପରେ ସୁନ୍ଦର ଭାବରେ ସଜ୍ଜିତ ହୋଇ ସ୍ୱତନ୍ତ୍ର ତୁଳସୀ[୮] ବୃନ୍ଦାବନ ରହିଥିଲା । ଟିକିଏ ଦୂରକୁ ସୁନ୍ଦର କୁଟିକମକରା କାଠ ନିର୍ମିତ ରଥଟିଏ[୯] ଥୁଆ ହୋଇଥିଲା ।

୨୫ । ମୋର ପୂର୍ବ ଜନ୍ମମାନଙ୍କର ସୁକୃତିରୁ ମୁଁ ଏହିଭଳି ଉତ୍ତମ ବିଷୟାଦିର ସଂସ୍ପର୍ଶରେ ଆସି ପାରିଛି । ମୁଁ ଏସବୁକୁ ମୋର ହୃଦୟ ମଧ୍ୟରେ ସଯତ୍ନେ ସାଇତି ରଖିବି ଓ ଶେଷ ପର୍ଯ୍ୟନ୍ତ କୌଣସି ଅଭାବ ବୋଧ କରିବି ନାହିଁ ।

୨୬ । ମୋର ପୂର୍ବ ଜନ୍ମମାନଙ୍କର ସୌଭାଗ୍ୟରୁ ମୁଁ ସାଇଙ୍କର ପାଦପଦ୍ମକୁ ସେବା କରିପାରୁଛି ଏବଂ ମନରେ ଶାନ୍ତି ଓ ସାଂସାରିକ ବ୍ୟାପାରରେ ସନ୍ତୋଷ ଲାଭ କରୁଅଛି ।

୨୭ । ମୁଁ ଭବିଷ୍ୟତରେ ଯେତେ ଉନ୍ନତି କଲେ ମଧ୍ୟ ମହାନ୍ ସାଇଙ୍କ ଗହଣରେ ଯେଉଁ ସୁଖ ଅନୁଭୂତି ଓ ଆଶୀର୍ବାଦ ଲାଭ କରିଛି, ତାହାକୁ ଆଉ କେବେ କେଉଁଠି ପାଇ ପାରିବି ନାହିଁ ।

୨୮ । ଶ୍ରୀସାଇ ପରମ ଆନନ୍ଦର ଗନ୍ତାଘର । ତାଙ୍କର ଅନନ୍ୟତାକୁ ମୁଁ କିପରି ବର୍ଣ୍ଣନା କରିପାରିବି ? ତାଙ୍କ

ନିକଟରେ ଯିଏ ଶରଣାଗତ ହୋଇଛି, ସେ ସ୍ଥାୟୀ ଭାବରେ ଆନନ୍ଦ ପାଇପାରିଛି।

୨୯ । ଯେଉଁ ସନ୍ନ୍ୟାସୀମାନେ ଜପତପ କରୁଥିଲେ, ହାତରେ 'ଦଣ୍ଡ' ଧରି ମୃଗ ଚମଡ଼ା ପିନ୍ଧୁଥିଲେ ଓ ସେହି ଚମଡ଼ା ଆସନରେ ଉପବେଶନ କରୁଥିଲେ; ଯେଉଁମାନେ ହରିଦ୍ୱାର ଓ ଅନ୍ୟ ତୀର୍ଥମାନଙ୍କୁ ଯାଉଥିଲେ; ଯେଉଁମାନେ କଠୋର ତପସ୍ୟା କରୁଥିଲେ; ଯେଉଁମାନେ ସଂସାରତ୍ୟାଗୀ ଓ ବୈରାଗୀ ହୋଇଥିଲେ, ସେମାନେ ସମସ୍ତେ ଏହି ଶିରିଡ଼ି ଆସୁଥିଲେ।

୩୦ । ଶ୍ରୀସାଇ ବହୁତ ହସୁଥିଲେ, ଚାଲବୁଲ କରୁଥିଲେ, ଗପସପ କରୁଥିଲେ, ସବୁବେଳେ 'ଆଲ୍ଲା ମାଲିକ' ବୋଲି କହୁଥିଲେ। ଯୁକ୍ତିତର୍କ ଓ ଅଯଥା ଆଲୋଚନାକୁ ଭଲ ପାଉନଥିଲେ ଏବଂ ସବୁବେଳେ ହାତରେ ସଟ୍‌କା[୧୦]ଟିଏ ଧରୁଥିଲେ।

୩୧ । ବାବା ସନ୍ନ୍ୟାସୀ ଥିଲେ, ଅନାସକ୍ତ ସ୍ୱଭାବର ଥିଲେ, ତାଙ୍କର ଆବେଗ ବା ଭାବପ୍ରବଣତା ଅତି ସାଧାରଣ ଥିଲା, ତାଙ୍କର କାହାରି ପ୍ରତି ଦ୍ୱେଷ ଭାବ ନଥିଲା ଓ ତାଙ୍କ ମୁଖରୁ ସଦା ବେଦାନ୍ତ ଦର୍ଶନ ନିର୍ଗତ ହେଉଥିଲା। ସେ କିଏ ବୋଲି ଜାଣିବା ଶେଷ ପର୍ଯ୍ୟନ୍ତ ସମ୍ଭବ ହୋଇ ପାରି ନ ଥିଲା।

୩୨ । ଧନୀ ହୁଅନ୍ତୁ କି ଗରିବ ହୁଅନ୍ତୁ ସମସ୍ତଙ୍କୁ ସେ ସମାନ ଦୃଷ୍ଟିରେ ଦେଖୁଥିଲେ। ଜଣେ ଧନଶାଳୀ ବ୍ୟକ୍ତିର ପୁଅ ହେଉକି କପର୍ଦ୍ଦକଶୂନ୍ୟ ଭିକାରୀର ପୁଅ ହେଉ, ସବୁ ପିଲାଙ୍କୁ ସେ ସମାନ ମାନଦଣ୍ଡରେ ତଉଲୁଥିଲେ।

୩୩। ସେ ପ୍ରତ୍ୟେକଙ୍କର ଭଲମନ୍ଦ କାର୍ଯ୍ୟ ଓ ଅନ୍ତର୍ନିହିତ ବାସନାକୁ ଜାଣିପାରୁଥିଲେ। ଭକ୍ତଙ୍କ ମନର ଗୋପନ ରହସ୍ୟକୁ କୌଣସି ଇଙ୍ଗିତରେ ସେ କହି ଦେଉଥିଲେ ଓ ଭକ୍ତମାନେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ।

୩୪ । ସେ ବିଦ୍ୟା ଓ ଜ୍ଞାନର ଭଣ୍ଡାର ଥିଲେ ମଧ୍ୟ ତାହାକୁ ବାହାରେ ପ୍ରକାଶ କରୁ ନ ଥିଲେ। ତାଙ୍କୁ କୌଣସି ପ୍ରକାର ସମ୍ମାନ ପ୍ରଦର୍ଶନ ତାଙ୍କ ପାଇଁ ଏକ ବୋଝ ବୋଲି ସେ ଭାବୁଥିଲେ । ଏହାହିଁ ଥିଲା ତାଙ୍କର ଚାରିତ୍ରିକ ବୈଶିଷ୍ଟ୍ୟ ।

୩୫ । ମରଣଶୀଳ ଶରୀରଧାରୀ ହୋଇଥିଲେ ମଧ୍ୟ ଈଶ୍ୱର ସଦୃଶ ତାଙ୍କର ବିଭିନ୍ନ କାର୍ଯ୍ୟ ଓ ଲୀଳା ଅତି ଅସାଧାରଣ ଥିଲା। ସେ ଯଥାର୍ଥରେ ଶିରିଡ଼ିର ଇଷ୍ଟଦେବତା ଥିଲେ ବୋଲି ସମସ୍ତେ ଏକାନ୍ତ ଭାବରେ ବିଶ୍ୱାସ କରୁଥିଲେ।

୩୬ । ବାବାଙ୍କର କେତେ କେତେ ଚମତ୍କାରିତା ଥିଲା ! ମୁଁ ନଗଣ୍ୟ ମନୁଷ୍ୟ କ'ଣ ତାହା ବର୍ଣ୍ଣନା କରି ପାରିବି ? ସେ ଅସଂଖ୍ୟ ମନ୍ଦିର ଓ ବିଗ୍ରହମାନଙ୍କର ଜୀର୍ଣ୍ଣୋଦ୍ଧାର କରାଇଥିଲେ।

୩୭ । ଶିରିଡ଼ିରେ ତାତ୍ୟା ପାଟିଲଙ୍କ ସହଯୋଗରେ ସେ ଶନି, ଗଣପତି, ଶଂକର-ପାର୍ବତୀ, ଗ୍ରାମଦେବଦେବୀ ଓ ମାରୁତି ମନ୍ଦିରର ଉନ୍ନତି କରାଇଥିଲେ।

୩୮ । ଦକ୍ଷିଣା[୧୧] ହିସାବରେ ସେ ସଂଗ୍ରହ କରୁଥିବା ଅର୍ଥର କିଛି ଭାଗ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟୟ କରୁଥିଲେ ଓ ଆଉ କିଛି ସିଧାସଳଖ ବିତରଣ କରିଦେଉଥିଲେ।

୩୯ । କେତେଜଣଙ୍କୁ ବାବା ପ୍ରତ୍ୟହ ତିରିଶ ଟଙ୍କା, କେତେ ଜଣଙ୍କୁ ଦଶ, ପନ୍ଦର କିମ୍ବା ପଚାଶ ଟଙ୍କା ଦେଉଥିଲେ। ସେ ନିଜର ଇଚ୍ଛା ଅନୁଯାୟୀ ଖୁସିରେ ଟଙ୍କା ବାଣ୍ଟି ଦେଉଥିଲେ।

୪୦ । ଏହି ଟଙ୍କା ବିଭିନ୍ନ ଧର୍ମର ଲୋକଙ୍କର ଥିଲା । ଗ୍ରହୀତା ତାହା ଜାଣିଥିଲା। ଏ ଟଙ୍କା ମହତ୍ କାର୍ଯ୍ୟରେ ଲାଗୁ ବୋଲି ବାବା ଇଚ୍ଛା କରୁଥିଲେ।

୪୧ । ସେ ଯାହାହେଉ, ବାବାଙ୍କୁ ଦର୍ଶନ କରି ଅନେକ ଲୋକଙ୍କର ଉନ୍ନତି ହୋଇଥିଲା। ଅନେକ ଦୁଷ୍ଟ ବ୍ୟକ୍ତି ସାଧୁ ପାଲଟି ଯାଇଥିଲେ। ବହୁତ କୁଷ୍ଠରୋଗୀ ରୋଗମୁକ୍ତ ହୋଇଥିଲେ ଓ ଅସଂଖ୍ୟ ବ୍ୟକ୍ତିଙ୍କର ମଙ୍ଗଳ ହୋଇଥିଲା।

୪୨ । କୌଣସି ପ୍ରକାର ମଲମ, ଔଷଧ କିମ୍ବା ଚେରମୂଳି ରସ ବ୍ୟବହାର ନ କରି ବହୁତ ଅନ୍ଧ ଦୃଷ୍ଟିଶକ୍ତି ଫେରି ପାଇଥିଲେ। ତାଙ୍କ ପାଦପଦ୍ମରେ ଶରଣାଗତ ହୋଇ ଅନେକ ଛୋଟା ଲୋକ ଚାଲି ପାରିଥିଲେ ।

୪୩। ବାବାଙ୍କର ଏହି ଅସୀମ ମହିମାର କଳନା କେହି କରି ପାରୁ ନ ଥିଲେ। ଚତୁର୍ଦ୍ଦିଗରୁ ଶହ ଶହ ଲୋକ ପ୍ରତ୍ୟହ ଆସୁଥିଲେ।

୪୪ । ସେ ଧୁନି ନିକଟରେ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ରହୁଥିଲେ। ସେ ସେଇଠାରେ ବିଶ୍ରାମ ନେଉଥିଲେ। ସେ କେବେ ଗାଧୋଇ ବା କେବେ ନ ଗାଧୋଇ ବସି ରହୁଥିଲେ। ସେ ପ୍ରାୟତଃ ଧ୍ୟାନମଗ୍ନ ରହୁଥିଲେ।

୪୫ । ସେ ମୁଣ୍ଡରେ ଏକ ଧଳା ପଟି ସ୍ୱତନ୍ତ୍ର ଭାବରେ ବାନ୍ଧୁ

ଥିଲେ ଓ ଅଣ୍ଟାରେ ଧଳା ଧୋତିଟିଏ ଗୁଡ଼ାଇ ଦେଉଥିଲେ। ଶରୀରରେ ଲମ୍ବା କୁର୍ତ୍ତା ସେ ମୂଳରୁ ପିନ୍ଧୁଥିଲେ।

୪୬। ପ୍ରଥମ ଅବସ୍ଥାରେ ସେ ଗ୍ରାମରେ ଲୋକଙ୍କୁ ଆୟୁର୍ବେଦୀୟ ଔଷଧପତ୍ର ଦେଉଥିଲେ। ରୋଗୀକୁ ପରୀକ୍ଷା କରିବା ପରେ ଔଷଧ ଦେଉଥିଲେ ଓ ତାଙ୍କର ସ୍ପର୍ଶ ଦ୍ୱାରା ରୋଗୀ ଭଲ ହୋଇଯାଉଥିବାରୁ ଜଣେ ସଫଳ ହକିମ୍[୧୨] ବା ବୈଦ୍ୟ ହିସାବରେ ସେ ବିଖ୍ୟାତ ହୋଇଥିଲେ।

୪୭। ଥରେ ଜଣେ ଭକ୍ତଙ୍କର ଆଖି ଫୁଲି ଯାଇ ଡୋଳା ଦୁଇଟି ରକ୍ତ ଗୋଲକ ଭଳି ଦେଖାଯାଉଥିଲା। ଦୁଇଟିଯାକ ଆଖି ସେହିଭଳି ହୋଇଥିଲା ଓ ତାହାର ଚିକିତ୍ସା କରିବା ପାଇଁ ଶିରିଡ଼ିରେ କୌଣସି ବୈଦ୍ୟ ନ ଥିଲେ।

୪୮। ସେହି ସରଳ ବିଶ୍ୱାସୀ ଭକ୍ତଟି ବାବାଙ୍କ ନିକଟକୁ ଆସି ତା'ର ଆଖି ଦେଖାଇଥିଲା। ବାବା ସାଙ୍ଗେ ସାଙ୍ଗେ ଭାଲିଆ[୧୩] ଫଳ[୧୪]ର ମଞ୍ଜି କୁଟି ଗୁଣ୍ଡକରି ଗୁଳା ତିଆରି କରିଥିଲେ ।

୪୯। ଏଭଳି ପରିସ୍ଥିତିରେ ଅନ୍ୟ କେହି ଆଖିରେ ସୁର୍ମା(ମୁକ୍ତାଗୁଣ୍ଡ) ଲଗାଇ ଦେଇଥାନ୍ତେ, କେହି ଗାଈଦୁଧରେ କନା ବୁଡ଼ାଇ ସେଇ ଓଦାକନାକୁ ବାନ୍ଧିଥାନ୍ତେ, କେହି ଥଣ୍ଡା କର୍ପୂର ଖଣ୍ଡ ବାନ୍ଧି ଦେଇଥାନ୍ତେ କିମ୍ବା କେହି ହୁଏତ କଜ୍ଜ୍ୱଳ ଲଗାଇଦେଇଥାନ୍ତେ।

୫୦। କିନ୍ତୁ ବାବାଙ୍କର ଚିକିତ୍ସା ପ୍ରଣାଳୀ ସଂପୂର୍ଣ୍ଣ ଭିନ୍ନ ପ୍ରକାରର ଥିଲା। ସେ ତିଆରି କରିଥିବା ଗୁଳାଗୁଡ଼ିକୁ ନିଜ ହାତରେ ନେଇ ପ୍ରତ୍ୟେକ ଆଖିପତା ଉପରେ ଭର୍ତ୍ତିକରି ତା' ଉପରେ କନାପଟି ବାନ୍ଧି ଦେଇଥିଲେ।

୫୧। ପରଦିନ ଆଖି ଉପରେ ବନ୍ଧାହୋଇଥିବା କନା ପଟି ଖୋଲାଯାଇଥିଲା ଓ ଆଖିଦୁଇଟିକୁ ଝରଣାର ଥଣ୍ଡାପାଣିରେ ଭଲ ଭାବରେ ଧୋଇ ଦିଆଯାଇଥିଲା। ଆଖିର ଫୁଲା ଚାଲିଯାଇଥିଲା ଓ ଆଖିଡ଼ୋଳା ପରିଷ୍କାର ହୋଇଯାଇଥିଲା।

୫୨। ଆଖି ଭଳି ସୁକୋମଳ ଇନ୍ଦ୍ରିୟକୁ ଭାଲିଆ ଫଳର ମଞ୍ଜି ଦ୍ୱାରା ଚିକିତ୍ସା କରାଗଲା। ଅଥଚ ଆଖି ପୋଡ଼ିଲା ନାହିଁ,ରୋଗ ଭଲ ହୋଇଗଲା। ଏଭଳି ଅସଂଖ୍ୟ ଅନୁଭୂତି ରହିଛି।

୫୩। ସେ ଧୌତି-ପୋତି ଯୋଗ କୌଶଳ ଜାଣିଥିଲେ। ସମସ୍ତଙ୍କ ଅଜାଣତରେ ସେ ଏକ ନିକାଂଚନ ସ୍ଥାନକୁ ଚାଲି ଯାଉଥିଲେ । ସେଠାରେ ଗାଧୋଇବା ସମୟରେ ବାନ୍ତିକରି ନିଜର ଅନ୍ତଃନଳୀଗୁଡ଼ିକୁ ପଦାକୁ ବାହାର କରିଦେଉଥିଲେ ଓ ସେ ସବୁକୁ ଧୁଆଧୋଇ କରି ଶୁଖାଉଥିଲେ।

୫୪। ମସ୍‌ଜିଦ୍‌ରୁ କୂଅ ପର୍ଯ୍ୟନ୍ତ ଯେତିକି ବାଟ, ସେଠାରୁ ସେତିକି ଦୂରରେ ଗୋଟିଏ ଜାଗାରେ ବରଗଛଟିଏ ଥିଲା ଓ ତାହା ଆଗକୁ ଆଉ ଗୋଟିଏ କୂଅ ଥିଲା। ବାବା ସେଠାକୁ ଦୁଇଦିନ ଅନ୍ତରରେ ପ୍ରତି ତୃତୀୟ ଦିନ ଥରେ ଯାଉଥିଲେ।

୫୫। ଉଦୁଉଦିଆ ଦ୍ୱିପ୍ରହରରେ ଯେତେବେଳେ ସୂର୍ଯ୍ୟ ଜଳୁଥାନ୍ତି ଓ କେହି ଆଖପାଖରେ ନାହାନ୍ତି ବୋଲି ବାବା ନିଶ୍ଚିତ ହୋଇଯାଉଥିଲେ, ସେତେବେଳେ ବାବା କୂଅରୁ ନିଜେ ପାଣି କାଢୁଥିଲେ ଓ ମୁହଁ ହାତ ଧୋଉଥିଲେ ଏବଂ ଯୋଗ କରୁଥିଲେ।

୫୬। ଥରେ ସେ ଗାଧୋଉଥିବା ସମୟରେ ନିଜର ଅନ୍ତଃନଳୀ ଶୀଘ୍ର ଶୀଘ୍ର ବାହାର କରି ତାକୁ ଧୋଉଥିଲେ।

୫୭। ଛେଳିକୁ ମାରି ଦିଆଯିବା ପରେ ତାହାର ଅନ୍ତଃନଳୀକୁ ଓଲଟାଇ ଦେଇ ଭିତର ଅଂଶକୁ ବାହାରକୁ ଆଣି ପରିଷ୍କାର କରି ଧୁଆଯାଏ ଓ ସଫା ହୋଇଯିବା ପରେ ତାହାକୁ ଗୋଟାଇ ରଖାଯାଏ।

୫୮। ଠିକ୍ ସେହିଭଳି ବାବା ନିଜର ଅନ୍ତଃନଳୀକୁ ବାହାର କଲେ, ତାହାକୁ ଓଲଟାଇ ଭିତର ଅଂଶକୁ ସଫା କଲେ ଓ ତାକୁ ଆତଗଛ ଉପରେ ବିଛାଇ ଖରାରେ ଶୁଖାଇ ଦେଲେ। ଏହା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୫୯। ଯେଉଁମାନେ ଏହି ଅଦ୍ଭୁତ ଦୃଶ୍ୟ ନିଜ ଆଖିରେ ଦେଖିଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଶିରିଡ଼ିରେ ଏବେ ମଧ୍ୟ ବଂଚିଛନ୍ତି। ସେମାନେ କହନ୍ତି ଯେ ବାବା ଜଣେ ଅନନ୍ୟ ସନ୍ନ୍ୟାସୀ ଥିଲେ।

୬୦। ବେଳେ ବେଳେ ସେ ଖଣ୍ଡଯୋଗ ଅଭ୍ୟାସ କରି ହାତ, ଗୋଡ଼ ପ୍ରଭୃତିକୁ ଅଲଗା ଅଲଗା କରିଦେଉଥିଲେ। ସେହି ଅବସ୍ଥାରେ ସେ ସେଗୁଡ଼ିକୁ ମସ୍‌ଜିଦର ଏଣେତେଣେ ପକାଇ ଦେଉଥିଲେ ।

୬୧। ଏପରି ଭାବରେ ସମସ୍ତ ଶରୀର ଖଣ୍ଡବିଖଣ୍ଡ ହୋଇଯାଉଥିଲା। ସେହି ଦୃଶ୍ୟ ବହୁତ ଭୟଙ୍କର ଥିଲା। ଖବର ପାଇ ଲୋକେ ତାହା ଦେଖିବା ପାଇଁ ଧାଇଁ ଆସିଲା ବେଳକୁ ବାବା ସୁସ୍ଥ ଓ ଅତୁଟ ଶରୀରରେ ବସିଥିବାର ଦେଖୁଥିଲେ।

୬୨ । ଥରେ ଏଭଳି ଘଟଣା ଦେଖି ଜଣେ ଅତ୍ୟନ୍ତ ଭୟଭୀତ ହୋଇ ଭାବିଥିଲେ ଯେ କୌଣସି ଦୁଷ୍ଟ ବ୍ୟକ୍ତି ବାବାଙ୍କୁ ହତ୍ୟା କରିଛି ଓ ଏଭଳି ଜଘନ୍ୟ କାଣ୍ଡ ଭିଆଇଛି ।

୬୩। ମସ୍‌ଜିଦ୍ ଭିତରେ ଚାରିକୋଣରେ ଅବୟବଗୁଡ଼ିକ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା। ସେତେବେଳେ ଅଧରାତି ହୋଇଥିଲା ଓ କେହି କୁଆଡ଼େ ନଥିଲେ। ସେ ଚିନ୍ତାଗ୍ରସ୍ତ ହୋଇ ପଡ଼ିଥିଲେ।

୬୪ । ଏ ଘଟଣା ସେ କାହାକୁ ବା କହିବେ ? ଅପରପକ୍ଷରେ ତାଙ୍କୁ ସନ୍ଦେହ କରାଯାଇ ଫାଶୀ ଦିଆଯାଇପାରେ। ସେ ଡରରେ ବାହାରକୁ ପଳାଇ ଯାଇଥଲେ ଓ ବାହାରେ ବସିଥିଲେ।

୬୫ । ଏହା ଶ୍ରୀସାଇଙ୍କର ଯୋଗ ସାଧନା ହୋଇଥିବ ବୋଲି ସେ କେବେ ସ୍ୱପ୍ନରେ ସୁଦ୍ଧା ଭାବି ପାରିନଥିଲେ । ଶରୀରର ଖଣ୍ଡିତ ଅଂଶଗୁଡ଼ିକୁ ଦେଖି ତାଙ୍କର ହୃତ୍‌ସ୍ପନ୍ଦନ ବଢ଼ି ଯାଇଥିଲା।

୬୬ । ଏକଥା କାହାରିକୁ କହିଦେବା ଉଚିତ୍ ହେବ ବୋଲି ତାଙ୍କ ମୁଣ୍ଡ ଭିତରକୁ ଭାବନା ବାରମ୍ବାର ଆସିଥିଲା। କିନ୍ତୁ ଏ କ୍ଷେତ୍ରରେ ପ୍ରଥମ ବ୍ୟକ୍ତି ହିସାବରେ ତାଙ୍କୁ ଦୋଷୀ ବୋଲି ଧରାଯାଇପାରେ।

୬୭ । ତେଣୁ ସେ କାହାରିକୁ କିଛି କହି ନଥିଲେ। ତାଙ୍କର ମୁଣ୍ଡ ଭିତରକୁ ବିଭିନ୍ନ ପ୍ରକାରର ଭାବନା ଆସିଥିଲା। ସେ ସକାଳୁ ସକାଳୁ ପୁଣି ଥରେ ମସ୍‌ଜିଦ୍‌କୁ ଯାଇ ଯାହା ଦେଖିଥିଲେ, ସେଥିରେ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୬୮ । ପୂର୍ବ ରାତିର ଘଟଣାର କୌଣସି ଚିହ୍ନ ବର୍ଣ୍ଣ ନଥିଲା। ବାବା ଆନନ୍ଦ ମନରେ ଓ ସୁସ୍ଥ ଭାବରେ ତାଙ୍କର ସ୍ୱାଭାବିକ ସ୍ଥାନରେ ବସିଥିଲେ। ସେହି ବ୍ୟକ୍ତି ବିସ୍ମିତ ହୋଇ ଭାବିଥିଲେ ଯେ ସେ ସତ୍ୟ ନା ସ୍ୱପ୍ନ ଦେଖିଥିଲେ !

୬୯ । ଧୌତି-ପୋତି ଯୋଗ ଅଭ୍ୟାସ ବାବା ପିଲାଟି ଦିନରୁ କରୁଥିଲେ। କେହି ତାଙ୍କର ଯୋଗ ଅବସ୍ଥା ସମ୍ବନ୍ଧରେ କିଛି ବୁଝିପାରୁନଥିଲେ କି ଏହାର ଗଭୀରତା ଅନୁମାନ କରିପାରୁନଥିଲେ।

୭୦ । ସେ କାହା ନିକଟରୁ ପଇସାଟିଏ ନେଉନଥିଲେ। ସେ ନିଜର ସଦ୍‌ଗୁଣ ଯୋଗୁଁ ବିଖ୍ୟାତ ହୋଇଥିଲେ। ତାଙ୍କ ଯୋଗୁ ଦୁର୍ବଳ ଓ ଗରିବ ଲୋକେ ସ୍ୱାସ୍ଥ୍ୟ ଫେରି ପାଇଥିଲେ ଓ ବାବା ହକିମ୍ ହିସାବରେ ସେହି ପ୍ରଦେଶରେ ସୁଖ୍ୟାତି ଅର୍ଜନ କରିଥିଲେ।

୭୧ । ଅନ୍ୟମାନଙ୍କ ନିମନ୍ତେ ସେ ହକିମ୍ ଥିଲେ ମଧ୍ୟ ସେ ନିଜ ପାଇଁ ବୀତସ୍ପୃହ ଥିଲେ। ନିଜର ହାନିଲାଭ ସଂପର୍କରେ ତାଙ୍କର ଟିକିଏ ବି ଆଗ୍ରହ ନଥିଲା । ଅନ୍ୟମାନଙ୍କର ମଙ୍ଗଳ ନିମିତ୍ତ ସେ ବହୁତ କଷ୍ଟ ଓ ଯନ୍ତ୍ରଣା ସହୁଥିଲେ।

୭୨ । ମୁଁ ଏହି ବିଷୟ ଶ୍ରୋତାମାନଙ୍କୁ ବୁଝାଇବା ପାଇଁ ଆଉ ଗୋଟିଏ ଅସାଧାରଣ କାହାଣୀ କହୁଛି ଯାହା ବାବାଙ୍କର ଅପାର କରୁଣା ଓ ତାଙ୍କର ସର୍ବବ୍ୟାପୀ ଶକ୍ତିର ପ୍ରମାଣ ଦେବ।

୭୩। ୧୯୧୦ ମସିହାରେ ଧନତରାସ[୧୫] ଦିନ ସମୟ କଟାଇବା ପାଇଁ ବାବା ଧୁନି ନିକଟରେ ବସିଥିଲେ ଓ ତା' ମଧ୍ୟକୁ କାଠ ପକାଇ ଜଳାଉଥିଲେ।

୭୪ । ଧୁନି ଅଧିକ ଜୋରରେ ଜଳି ଉଠୁଥିଲା ଓ ଭାରି ଉତ୍ତପ୍ତ ଥିଲା । ସେ ନିଜର ହାତ ଧୁନି ମଧ୍ୟକୁ ପୂରାଇ ଦେଇ ଶାନ୍ତ ହୋଇ ବସିଥିଲେ। ହାତ ପୋଡ଼ି ହୋଇଯାଇଥିଲା।

୭୫ । ତାଙ୍କର ସେବାକାରୀ ମାଧବ[୧୬] ଦୈବାତ୍ ଏହାକୁ ଦେଖି ପାରିଥିଲେ। ମାଧବରାଓ ଦେଶପାଣ୍ଡେ ମଧ୍ୟ ପାଖରେ ଥିଲେ। ସେ ମଧ୍ୟ ବାବାଙ୍କ ନିକଟକୁ ଦୌଡ଼ି ଆସିଥିଲେ।

୭୬ । ସେ ବାବାଙ୍କ ପଛପଟରେ ଚକାମାଡ଼ି ବସି ପଡ଼ିଥିଲେ ଓ ତାଙ୍କ ହାତରେ ବାବାଙ୍କର ଅଣ୍ଟାକୁ ଜୋରରେ ଛନ୍ଦି ଦେଇ ପଛକୁ ଟାଣି ଆଣିଥିଲେ। ସେ କହିଥିଲେ, "ଦେଖନ୍ତୁ, କ'ଣ ହୋଇଗଲା ?"

୭୭ । "ହେ ଦେବ! ଆପଣ କ'ଣ କଲେ ?"[୧୭] ଏହି କଥା ଶୁଣିବା ପରେ ବାବା ପରିସ୍ଥିତି ସଂପର୍କରେ ସଚେତନ ହୋଇଥିଲେ ଓ କହିଥିଲେ, "ପିଲାଟିଏ କମାରର ନିଆଁ ଉହ୍ଲେଇ ମଧ୍ୟକୁ ତା' ମା' କୋଳରୁ ହଠାତ୍ ଖସି ପଡ଼ିଲା।

୭୮ । "ତା' ସ୍ୱାମୀର ଡାକ ଶୁଣି ଭୟରେ କମାରର ପତ୍ନୀ ପିଲାଟିକୁ କୋଳରେ ଧରି ଉହ୍ଲେଇର ଭାତି ଟାଣିବାରେ ଲାଗିଥିଲା।

୭୯ । "ସେ ଭାତି ଟାଣୁଥିବା ସମୟରେ ଅନ୍ୟମନସ୍କା ହୋଇଯାଇଥିଲା ଓ ପିଲାଟିକୁ କୋଳରେ ଧରିଛି ବୋଲି ଭୁଲି ଯାଇଥିଲା। ପିଲାଟି ନଟଖଟିଆ ହୋଇଥିବାରୁ କୋଳରୁ

ଖସିପଡ଼ି ଉହ୍ନେଇ ମଧ୍ୟରେ ପଡ଼ିଗଲା । ଶାମା, ସେ ପଡ଼ିଯିବା ମାତ୍ରକେ ମୁଁ ତାହାକୁ ଉଠାଇ ଧରିଲି ।

୮୦ । "ମୁଁ ସେହି କୁନିଝିଅଟିକୁ ରକ୍ଷା କରିବାକୁ ଯାଇ ଏହି ଘଟଣା ଘଟିଗଲା । ମୋ ହାତ ପୋଡ଼ି ଯାଉ ପଛକେ ଝିଅର ଜୀବନ ତ ବଂଚିଗଲା !"

୮୧ । ପୋଡ଼ା ଘା' ଯନ୍ତ୍ରଣା ଦୂର କରିବା ପାଇଁ କାହା ଦ୍ୱାରା କେଉଁ ପ୍ରକାରର ଚିକିତ୍ସା କରାଯିବ ? ମାଧବରାଓ ଏହା ଜାଣିବା ପାଇଁ ଚାନ୍ଦୋରକରଙ୍କୁ ଚିଠି ଲେଖିଥିଲେ ।

୮୨ । ସେ ଚିଠିରେ ବିସ୍ତୃତ ଭାବରେ ଘଟଣା କଥା ଲେଖିଥିଲେ । ଚିଠି ପାଇବା କ୍ଷଣି ଚାନ୍ଦୋରକର ଶିରିଡ଼ିରେ ପହଂଚିଥିଲେ ଓ ବିଖ୍ୟାତ ଡାକ୍ତର ପରମାନନ୍ଦଙ୍କୁ ସାଙ୍ଗରେ ଧରି ଆସିଥିଲେ ।

୮୩। ପୋଡ଼ା ହାତର କଷ୍ଟ ଦୂର କରିବା ପାଇଁ ଡାକ୍ତର ପରମାନନ୍ଦ ନିଜ ସାଙ୍ଗରେ ଅନେକ ଔଷଧ ଆଣିଥିଲେ । ସେହି ଔଷଧଗୁଡ଼ିକ ବହୁତ ଉପଯୋଗୀ ଥିଲା । ସେ ଶ୍ରୀସାଇଙ୍କ ଚରଣସେବା କରିବା ନିମିତ୍ତ ନାନାଙ୍କ ସହିତ ଆସିଥିଲେ ।

୮୪ । ସେ ବାବାଙ୍କୁ ପ୍ରଣାମ କରିସାରିବା ପରେ ବାବାଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧରେ ପଚାରି ବୁଝିଥିଲେ । ସେ ଶିରିଡ଼ି ଆସିବାର ଉଦ୍ଦେଶ୍ୟ ବାବାଙ୍କୁ ଜଣାଇଥିଲେ ଓ ପୋଡ଼ା ହାତକୁ ଦେଖାଇବା ପାଇଁ ବାବାଙ୍କୁ ଅନୁରୋଧ କରିଥିଲେ ।

୮୫ । ନିଆଁରେ ହାତ ପୋଡ଼ିଯିବା ପରଠାରୁ ଭାଗୋଜୀ ଶିନ୍ଦେ ଘିଅ ଲଗାଇ ତା' ଉପରେ ଗୋଟିଏ ପତ୍ର ରଖି ପ୍ରତିଦିନ ଭଲ ଭାବରେ ତାହାକୁ ବାନ୍ଧି ଦେଉଥିଲେ ।

୮୬ । ବ୍ୟାଣ୍ଡେଜ୍ ଖୋଲି ଡାକ୍ତର ପରମାନନ୍ଦଙ୍କୁ ଦେଖାଇବା ପରେ ବାବାଙ୍କର ଆରୋଗ୍ୟ ହେବା ପାଇଁ ଔଷଧ ଖାଇବା ଦରକାର ବୋଲି ଆଶା କରାଯାଉଥିଲା ।

୮୭ । ନାନା ଏହି ସଦୁଦ୍ଦେଶ୍ୟ ରଖି ବାବାଙ୍କୁ ବହୁତ ଅନୁନୟ ବିନୟ ହୋଇଥିଲେ । ବ୍ୟାଣ୍ଡେଜ୍ ଖୋଲି ହାତ ଦେଖିବା ପାଇଁ ଡାକ୍ତର ପରମାନନ୍ଦ ମଧ୍ୟ ଅନେକ ଚେଷ୍ଟା କରିଥିଲେ ।

୮୮ । କେବଳ ସେଦିନ ନୁହେଁ, ତା' ପରଦିନ ମଧ୍ୟ ସେଇ ଏକା କଥା । "ଆଲ୍ଲାହିଁ ତାଙ୍କ ଡାକ୍ତର" ବୋଲି କହି ହାତକୁ ଦେଖିବାର ଅନୁମତି ବାବା ଆଦୌ ଦେଇନଥିଲେ । ସେ ମୋଟେ ବିଚଳିତ ମଧ୍ୟ ନଥିଲେ ।

୮୯ । ଡାକ୍ତର ପରମାନନ୍ଦ ଆଣିଥିବା ଔଷଧଗୁଡ଼ିକ ଶିରିଡ଼ିରେ ଖୋଲା ମଧ୍ୟ ଯାଇନଥିଲା । ତାଙ୍କର ସୌଭାଗ୍ୟ ଯୋଗୁଁ ସେ ବାବାଙ୍କୁ ଦର୍ଶନ କରିବାକୁ ଆସି ପାରିଥିଲେ । ବୋଧହୁଏ, କେବଳ ସେଇଥିପାଇଁ ହିଁ ଏହି ଘଟଣା ଘଟିଥିଲା ।

ଭାଗୋଜୀ ଶିନ୍ଦେ

୯୦ । ଭାଗୋଜୀ ସର୍ବଦା ତାଙ୍କର ସେବା କରୁଥିଲେ । ସେ ଏକାହିଁ ସେହି ହାତକୁ ଘଷି ଦେଉଥିଲେ । କିଛି ଦିନ ପରେ ହାତ ଭଲ ହୋଇଯାଇଥିଲା ଓ ସମସ୍ତେ ଖୁସି ହୋଇଥିଲେ ।

୯୧ । ହାତ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲେ ମଧ୍ୟ ବାବାଙ୍କ ମନ ମଧ୍ୟରେ କ'ଣ ଥିଲା କେଜାଣି, ସେ ଭାଗୋଜୀଙ୍କୁ ପ୍ରତିଦିନ ସକାଳେ ଘିଅ ଘଷି ବ୍ୟାଣ୍ଡେଜ୍ ବାନ୍ଧି ଦେବାକୁ କହୁଥିଲେ ଓ ଏହି ପ୍ରକ୍ରିୟା ଔପଚାରିକତା ଭଳି ଚାଲୁ ରହିଥିଲା ।

୯୨ । ଯନ୍ତ୍ରଣା ନ ଥିଲେ ବି ବିନା କାରଣରେ ଓ ନିୟମିତ ଭାବରେ ପ୍ରତିଦିନ ଘିଅ ଦ୍ୱାରା ମାଲିସ କରାଯିବା ପ୍ରକ୍ରିୟା ଚାଲୁ ରହିଥିଲା ଓ ଦେହ ତ୍ୟାଗ କରିବା ପର୍ଯ୍ୟନ୍ତ ତାଙ୍କର ହାତର ଯତ୍ନ ଏହିପରି ନିଆଯାଉଥିଲା ।

୯୩ । ଭାଗୋଜୀଙ୍କ ପାଇଁ ଏହି ସେବା ଉଦ୍ଦିଷ୍ଟ ଥିଲା । ସିଦ୍ଧ ଶ୍ରୀସାଇଙ୍କର ତାହା କିଛି ଦରକାର ନ ଥିଲା । ଭାଗୋଜୀ ଜଣେ ଭକ୍ତ ଭଳି ଏହି ସେବା ଶ୍ରଦ୍ଧା ସହକାରେ ସବୁଦିନ କରୁଥାନ୍ତୁ ବୋଲି ବାବା ବୋଧହୁଏ ଚାହୁଁଥିଲେ ।

୯୪ । ପୂର୍ବ ଜନ୍ମର ପାପ କର୍ମ ନିମନ୍ତେ ଭାଗୋଜୀ କୁଷ୍ଠ ରୋଗରେ ଆକ୍ରାନ୍ତ ହୋଇଥିଲେ । କିନ୍ତୁ ତାଙ୍କର ସୌଭାଗ୍ୟ ଯୋଗୁଁ ସେ ଶ୍ରୀସାଇଙ୍କ ସଂସ୍ପର୍ଶରେ ଆସିଥିଲେ ।

୯୫ । ବାବା ଲେଣ୍ଡି ବୁଲିବାକୁ ଯିବା ସମୟରେ ଭାଗୋଜୀ ବାବାଙ୍କ ମୁଣ୍ଡ ଉପରେ ଛତା ଧରୁଥିଲେ । ତାଙ୍କର ଶରୀରରେ କୁଷ୍ଠର ଗଳିତ ଘା' ଭର୍ତ୍ତି ହୋଇଥିଲେ ସୁଦ୍ଧା ସେ ଆଗଭର ହୋଇ ଏହି ସେବା କରୁଥିଲେ ।

୯୬ । ସକାଳେ ବାବା ଖମ୍ବକୁ ଆଉଜି ଧୁନି ନିକଟରେ ଆରାମରେ ବସିଥିବା ସମୟରେ ଭାଗୋଜୀ ତାଙ୍କର ସୌଭାଗ୍ୟରୁ ସେବା ପାଇଁ ସେଠାରେ ପହଞ୍ଚି ଯାଉଥିଲେ ।

୯୭। ସେ ବ୍ୟାଣ୍ଡେଜ୍ ଖୋଲିବା ପରେ ମାଂସପେଶୀକୁ ମାଲିସ କରିବା ଓ ସେହି ଅଂଶରେ ଘିଅ ଲଗାଇବାର ସେବା କରିବା ପାଇଁ ସୁଯୋଗ ପାଇଥିଲେ।

୯୮। ଭାଗୋଜୀ ଶିନ୍ଦେ ପୂର୍ବ ଜନ୍ମରେ ଅତିଶୟ ପାପୀ ଥିଲେ। ତାଙ୍କର ସମଗ୍ର ଶରୀରରେ ଘା' ହୋଇ ସେଥିରୁ ପୂଜ ରକ୍ତ ବାହାରୁଥିଲା ଓ ଏହି ଭୟାନକ ରୋଗ ଅତି ମାତ୍ରାରେ ମାଡ଼ିଯାଇଥିଲା। ସେ କିନ୍ତୁ ବାବାଙ୍କର ଜଣେ ଅତୁଳନୀୟ ଭକ୍ତ ଥିଲେ।

୯୯। କୁଷ୍ଠ ରୋଗ ଯୋଗୁଁ ତାଙ୍କର ଅଙ୍ଗୁଳି ଛିଣ୍ଡି ଯାଇଥିଲା ଓ ସମଗ୍ର ଶରୀରରୁ ଦୁର୍ଗନ୍ଧ ବାହାରୁଥିଲା। ଏତେ ଦୁର୍ଭାଗ୍ୟ ମଧ୍ୟରେ ବି ସେ ତାଙ୍କର ସେବାରୁ[୧୮] ଚତୁର୍ଗୁଣ ଆନନ୍ଦ ପାଉଥିଲେ।

୧୦୦। ବାବାଙ୍କର ଏଭଳି କେତେ ଅଲୌକିକ ଲୀଳା ଖେଳା କଥା ଆପଣମାନଙ୍କୁ ଶୁଣାଇବି ? ଗ୍ରାମରେ ଯେତେବେଳେ ପ୍ରବଳ ପ୍ଲେଗ୍ ରୋଗ ହୋଇଥିଲା, ସେହି ସମୟରେ ଯେଉଁ ଅଦ୍ଭୁତ ଘଟଣା ଘଟିଥିଲା, ତାହା ଶୁଣନ୍ତୁ।

୧୦୧। ଦାଦାସାହେବ ଖାପର୍ଡେଙ୍କ[୧୯] ସାନ ପୁଅ ତା' ମା'ଙ୍କ ସହିତ ରହି ବାବାଙ୍କର ସାନ୍ନିଧ୍ୟକୁ ଉପଭୋଗ କରୁଥିଲା।


ଦାଦାସାହେବ ଖାପର୍ଡେ

୧୦୨। ପିଲାଟି ଖୁବ୍ କମ୍ ବୟସର ଥିଲା। ହଠାତ୍ ତାକୁ ପ୍ରବଳ ଜ୍ୱର ଆସିଥିଲା। ମା'ଙ୍କ ହୃଦୟ ବିଭିନ୍ନ ପ୍ରକାର ଚିନ୍ତାରେ ଆନ୍ଦୋଳିତ ହେବାକୁ ଲାଗିଥିଲା।

୧୦୩। ତାଙ୍କ ଘର ଅମରାବତୀରେ । ତେଣୁ ସେ ସେଠାକୁ ଫେରିଯିବାକୁ ଚାହିଁଥିଲେ। ସନ୍ଧ୍ୟା ସମୟରେ ବାବାଙ୍କର ଅନୁମତି ଭିକ୍ଷା ପାଇଁ ଆସିଥିଲେ।

୧୦୪। ବାବା ତାଙ୍କର ସାନ୍ଧ୍ୟ ଭ୍ରମଣ ସମୟରେ ୱାଡ଼ା ନିକଟକୁ ଆସିଥିଲେ। ସେଠାରେ ସେହି ମହିଳା ତାଙ୍କ ପଦ ଧରି ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ।

୧୦୫। ସହଜେ ମହିଳାମାନେ ଭୟାଳୁ, ଏଣେ ପୁଅର ଜ୍ୱରରେ ଦେହ କମ୍ପି[୨୦] ଉଠୁଥିଲା। ଗ୍ରାମରେ ପ୍ଲେଗ୍ର ଭୟ ମଧ୍ୟ ଥିଲା। ସେ ବାବାଙ୍କୁ ସବୁ କଥା କହିଥିଲେ।

୧୦୬। ବାବା ତାଙ୍କୁ ସ୍ନେହରେ ଆଶ୍ୱାସନା ଦେଇ କହିଥିଲେ, "ଦେଖୁଛ, ଆକାଶ ମେଘୁଆ ହୋଇଛି। ବର୍ଷା ହେବ ଓ ଫସଲ ପାଚିବ । ବାଦଲ ଅପସରିଯିବ ।

୧୦୭। "ତୁମେ ଡରୁଛ କାହିଁକି ?" ସେ ଏହା କହି କହି ନିଜର କଫ୍ନୀକୁ ତଳୁ ଅଣ୍ଟା ପର୍ଯ୍ୟନ୍ତ ଟେକିଦେଲେ ଓ ତାଙ୍କ ଦେହରେ ଫଳିଯାଇଥିବା ପୂରା ବଡ଼ ବଡ଼ ଫୋଟକା ସମସ୍ତଙ୍କୁ ଦେଖାଇଦେଲେ।

୧୦୮। କୁକୁଡ଼ା ଅଣ୍ଡା ଆକାରର ଚାରିଗୋଟି ଫୋଟକା ଦେହର ଚାରି ଜାଗାରେ ଥିଲା। ବାବା କହିଥିଲେ, "ତୁମର ଅସୁବିଧା ପାଇଁ ମୋତେ ଏଗୁଡ଼ିକୁ ସହ୍ୟ କରିବାକୁ ପଡ଼ିଲା।"

୧୦୯। ଲୋକେ ଏଭଳି ଦିବ୍ୟ ଓ ଅନନ୍ୟ ଅଘଟଣ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ନିଜର ଭକ୍ତଙ୍କ ପାଇଁ ସନ୍ଥମାନେ କିଭଳି କଷ୍ଟ ସହିଥାନ୍ତି !

୧୧୦। ସେମାନଙ୍କର ହୃଦୟ ମହମଠାରୁ ମଧ୍ୟ ନରମ। ବାହାରୁ ଲହୁଣୀ ଯେଉଁଭଳି ଦେଖାଯାଏ, ସେଇଭଳି। ଭକ୍ତମାନଙ୍କ ପ୍ରତି ସେମାନଙ୍କର ନିଃସ୍ୱାର୍ଥ ଶ୍ରଦ୍ଧା ନିଜର ପୁଅ ଝିଅଙ୍କ ଭଳି ରହିଥାଏ।

୧୧୧। ଥରେ ନାନାସାହେବ ଚାନ୍ଦୋରକର ପଣ୍ଢରପୁର ଯିବା ପାଇଁ ନନ୍ଦୁରବାରରୁ ବାହାରିଥିଲେ।

୧୧୨। ନାନା ବହୁତ ଭାଗ୍ୟବାନ ଥିଲେ। ତାଙ୍କର ଶ୍ରୀସାଇଙ୍କ ପ୍ରତି ଥିବା ପୂର୍ଣ୍ଣ ପ୍ରାଣରେ ଭକ୍ତି ଫଳ ଧରିଥିଲା। ସେ ଭୂପୃଷ୍ଠର[୨୧] ସ୍ୱର୍ଗକୁ ବଦଳି ହୋଇ ଯାଉଥିଲେ। ସେ ସେଠାକାର ମାମଲତଦାର ନିଯୁକ୍ତ ହୋଇଥିଲେ।

ନାନାସାହେବ ଚାନ୍ଦୋରକର

୧୧୩। ନନ୍ଦୁରବାରରେ ସେ ଆଦେଶ ପାଇବା ମାତ୍ରକେ ତାଙ୍କୁ ଯିବାକୁ ପଡ଼ିଥିଲା। ବାବାଙ୍କ ଦର୍ଶନ[୨୨] ପାଇଁ ଅନ୍ତରରେ ଇଚ୍ଛାକରି ସେ ତରବରରେ ସମସ୍ତ ଆୟୋଜନ କରିବାରେ ଲାଗି ପଡ଼ିଥିଲେ।

୧୧୪। ନାନା ତାଙ୍କର ପତ୍ନୀ ଓ ପରିବାର ସହିତ ଶିରିଡ଼ି ଯିବା ପାଇଁ ଭାବୁଥିଲେ। ଶିରିଡ଼ି ତାଙ୍କ ନିମିତ୍ତ ପଣ୍ଢରପୁର ଥିଲା ଓ ସେ ବାବାଙ୍କୁ ପ୍ରଣାମ କରିବା ପାଇଁ ଚାହୁଁଥିଲେ।

୧୧୫। ସେ କାହାରି ନିକଟକୁ ଏ ସମ୍ପର୍କରେ ଚିଠି କିମ୍ବା ଖବର ପଠାଇ ନ ଥିଲେ। ସମସ୍ତ ଜିନିଷପତ୍ର ବନ୍ଧାବନ୍ଧି

କରି ଗାଡ଼ି ଭିତରେ ତରବର ହୋଇ ବସିଥିଲେ।

୧୧୬। ଏହି ଅବସ୍ଥାରେ ନାନା ବାହାରିଛନ୍ତି ବୋଲି ଶିରିଡ଼ିରେ କେହି ଜାଣି ନ ଥିଲେ। ମାତ୍ର ସାଇବାବା ସର୍ବବ୍ୟାପୀ ହେତୁ ସେ ସବୁକଥା ଜାଣିଥିଲେ।

୧୧୭। ନାନା ତରବର ହୋଇ ବାହାରି ଆସିଥିଲେ। ସେ ନିମଗାଁର ଉପକଣ୍ଠରେ ହୋଇଥିବା ସମୟରେ ଶିରିଡ଼ିରେ ଯେଉଁ ଅଦ୍ଭୁତ ଘଟଣା ଘଟିଥିଲା, ସେ ସମ୍ବନ୍ଧରେ ଏବେ ସାବଧାନ ହୋଇ ଶୁଣନ୍ତୁ।

୧୧୮। ବାବା ମସ୍‌ଜିଦ୍‌ରେ ମହାଲ୍‌ସାପତି, ଅପ୍ପା ଶିନ୍ଦେ ଓ କାଶୀରାମଙ୍କ ଭଳି ଭକ୍ତମାନଙ୍କ ସାଙ୍ଗରେ ଥିଲେ। ସେମାନେ ବସି ଖୁସି ଗପ କରୁଥିଲେ।

୧୧୯। ସେହି ସମୟରେ ବାବା ଗପସପ ଭିତରେ କହୁ କହୁ କହୁଥିଲେ, "ଆସ ଆମେ ଚାରିଜଣ ଭଜନ ବୋଲିବା। ପଣ୍ଢରପୁରର ଦ୍ୱାର ଖୋଲି ଯାଇଛି। ଆମେ ଆନନ୍ଦରେ ଗାଇ ପାରିବା।"

୧୨୦। ଶ୍ରୀସାଇଙ୍କୁ ତ୍ରିକାଳ, ଅର୍ଥାତ୍ ଗତ, ଆଗତ ଓ ବର୍ତ୍ତମାନ ସମ୍ବନ୍ଧରେ ଜଣାଥିଲା। ସେ ଖବର ପାଇ ସାରିଥିଲେ। ନାନା ଉପକଣ୍ଠର ଝରଣା ପାଖାପାଖି ହୋଇଥିବେ, ବାବା ଜୋର୍‌ରେ ଭଜନ ଗାଇବା ଆରମ୍ଭ କରିଦେଇଥିଲେ।

"ମୁଁ ପଣ୍ଢରପୁର ଯାଉଛି, ଯାଉଛି ପଣ୍ଢରପୁର
ମୁଁ ସେଠି ରହିବି, ସେଠି ରହିବି ନିଜର;
ତାହା ମୋର ପ୍ରଭୁଙ୍କର ଘର।"

୧୨୧। ବାବା ଏମିତି ଭଜନ ବୋଲୁଥିଲେ ଓ ପାଖରେ ବସିଥିବା ଭକ୍ତମାନେ ପାଳି ଧରୁଥିଲେ। ସେମାନେ ସମସ୍ତେ ପଣ୍ଢରପୁର ପ୍ରତି ଶ୍ରଦ୍ଧା ଭାବରେ ନିମଗ୍ନ ଥିଲେ। ଠିକ୍ ସେଇ ସମୟରେ ନାନା ଆସି ପହଞ୍ଚିଥିଲେ।

୧୨୨। ସେ ଓ ତାଙ୍କ ପତ୍ନୀ ବାବାଙ୍କ ପଦରେ ପ୍ରଣିପାତ କଲେ ଓ ଶ୍ରୀସାଇନାଥଙ୍କୁ ପ୍ରାର୍ଥନା କରି କହିଲେ ଯେ ସେ ସେମାନଙ୍କ ସହିତ ପଣ୍ଢରପୁରକୁ ଚାଲନ୍ତୁ। ସେଠାରେ ବାବା ଚିନ୍ତାଶୂନ୍ୟ ହୋଇ ନିର୍ବିଘ୍ନରେ ରହିବେ।

୧୨୩। ଏଭଳି ନିମନ୍ତ୍ରଣର ଆବଶ୍ୟକତା ନଥିଲା। ବାବା ଖୁସି ମିଜାସରେ ଥିଲେ ଓ ଲୋକମାନେ ନାନାଙ୍କୁ କହିଥିଲେ ଯେ ବାବା ପଣ୍ଢରପୁରକୁ ଯିବାପାଇଁ ପ୍ରସ୍ତୁତ ବୋଲି ତାଙ୍କ ଭଜନରୁ ଇଂଗିତ ମିଳୁଛି।

୧୨୪। ବାବାଙ୍କର ଏହି ଲୀଳା ଦେଖି ନାନା ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ବାବାଙ୍କ ପାଦତଳେ ପଡ଼ି ଭାବବିହ୍ୱଳ ହୋଇଯାଇଥିଲେ।

୧୨୫। ବାବାଙ୍କର ଆଶୀର୍ବାଦ ସହିତ ଉଦି ଓ ପ୍ରସାଦ ଗ୍ରହଣ କରି ବାବାଙ୍କୁ ପୁଣି ଥରେ ପ୍ରଣାମ କରିଥିଲେ। ତାଙ୍କର ଅନୁମତି ନେଇ ଚାନ୍ଦୋରକର ପଣ୍ଢରପୁରକୁ ବାହାରି ଯାଇଥିଲେ।

୧୨୬। ଯଦି ସବୁ କାହାଣୀ ବର୍ଣ୍ଣନା କରାଯିବ, ତେବେ ଏ ଗ୍ରନ୍ଥର କଳେବରର ସୀମା ରହିବ ନାହିଁ। ତେଣୁ ଆମେ ଅନ୍ୟମାନଙ୍କ ଦୁଃଖଦୁର୍ଦ୍ଦଶା ବିମୋଚନର କାହାଣୀଗୁଡ଼ିକୁ ଛାଡ଼ି ଦେଉଛୁ।

୧୨୭। ବାବାଙ୍କର ଭଲ କାମଗୁଡ଼ିକର ଅନ୍ତ ନାହିଁ। ତେଣୁ ଏଠାରେ ଏହି ଅଧ୍ୟାୟ ଶେଷ ହେଉଛି। ପରବର୍ତ୍ତୀ ଅଧ୍ୟାୟରେ ମୋ ନିଜର ମଙ୍ଗଳ ପାଇଁ କେତେଗୁଡ଼ିଏ କାହାଣୀ ମୁଁ ବର୍ଣ୍ଣନା କରିବି।

୧୨୮। ମୁଁ ଚେଷ୍ଟା କରୁଥିଲେ ମଧ୍ୟ ମୋର ଅହଂକାରକୁ ତ୍ୟାଗ କରିପାରିନାହିଁ। ମୁଁ ନିଜେ କିଏ, ଏ ପର୍ଯ୍ୟନ୍ତ ବୁଝି ପାରିନାହିଁ। ଶ୍ରୀସାଇ ତାଙ୍କର ନିଜର କାହାଣୀ ନିଜେ କହନ୍ତୁ।

୧୨୯। ସେ ମାନବ ଜୀବନର ଗୁରୁତ୍ୱ ସମ୍ବନ୍ଧରେ କହିବେ ଓ ନିଜେ କାହିଁକି ଭିକ୍ଷା ବୃତ୍ତିରେ ବିଶ୍ୱାସ କରନ୍ତି, ସେ କଥା କହିବେ। ଆଉ ବାୟଜାବାଇଙ୍କ ଭକ୍ତି ସମ୍ବନ୍ଧରେ ଓ ଭୋଜନ ସମୟରେ ନିଜର ମନର ଅବସ୍ଥା ସମ୍ବନ୍ଧରେ କହିବେ।

୧୩୦। ବାବା ମସ୍‌ଜିଦ୍‌ରେ ମହାଲ୍‌ସାପତି ଓ ତାତ୍ୟା ଗଣପତି କୋତେଙ୍କ ସହିତ କିପରି ଶୁଅନ୍ତି, ସେ ସମ୍ବନ୍ଧରେ ମଧ୍ୟ ଶୁଣିବେ।

୧୩୧। ହେମାଡ଼ପନ୍ତ ଶ୍ରୀସାଇଙ୍କ ନିକଟରେ ଶରଣାଗତ ହୋଇ ନିଜକୁ ନଗଣ୍ୟ ଭକ୍ତ ମଣି ବାବାଙ୍କ ପାଦର କଠଉ ଭଳି ତୁଚ୍ଛ ବୋଲି ନିଜକୁ ଭାବୁଛି। ସେ ଶ୍ରୀସାଇଙ୍କ ଆଦେଶକୁ ମାନି ନେଇ ଏପର୍ଯ୍ୟନ୍ତ ବର୍ଣ୍ଣନା ସମ୍ପୂର୍ଣ୍ଣ କରିଛି।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ବିଭିନ୍ନ କାହାଣୀର ବର୍ଣ୍ଣନା" ଶୀର୍ଷକ ସପ୍ତମ ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।
ଶୁଭମସ୍ତୁ !

ପଦଟୀକା

୧- ଯୋଗର ସର୍ବୋଚ୍ଚ ଅବସ୍ଥା। ଶରୀର ଓ ମନ ଉପରେ ତଥା ସମସ୍ତ ଇନ୍ଦ୍ରିୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ଥାଇ ଦେହାତୀତ ଅବସ୍ଥା।

୨- ସ୍ୱତନ୍ତ୍ର ଭାବରେ ନିର୍ମିତ ପାତ୍ରରେ ଚନ୍ଦନ ରଖାଯାଇ ମସ୍‌ଜିଦର ଠଣା ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ରୀତିନୀତି ଅନୁଯାୟୀ ନିଆଯାଇଥାଏ।

୩- ଜନ୍ମାଷ୍ଟମୀ ଉତ୍ସବ ।

୪- ଇଦ୍ ମାସର ମୁସଲମାନଙ୍କ ପବିତ୍ର ଦିନଗୁଡ଼ିକ।

୫- ମେଢ଼ଗୁଡ଼ିକ ପ୍ରତୀକ ସ୍ୱରୂପ ହାସାନ ଓ ହୁସେନଙ୍କ ସମାଧି ବୋଲି ବିଶ୍ୱାସ କରାଯାଇ ମହରମ ଦିନ ଶୋଭାଯାତ୍ରାରେ ନିଆଯାଇଥାଏ।

୬- ଲିଙ୍ଗାଗ୍ର ଚର୍ମ ଛେଦନ।

୭- ଲକ୍ଷ୍ମୀବାଇ ଶିନ୍ଦେ ଦେଇଥିବା ବଡ଼ ପଥର ଚକି ।

୮- ପବିତ୍ର ତୁଳସୀ ଗଛ ଲଗାଯାଇଥିବା ଚଉରା।

୯- ରଥଟିକୁ ଏମ୍.ବି. ରେଗେ, ଦାଦାସାହେବ ଅୱସ୍ତି ଓ ଅନ୍ୟମାନେ ସଂସ୍ଥାକୁ ଦେଇଥିଲେ। ବର୍ତ୍ତମାନ ଏହାକୁ ପାଖ ଘରେ ରଖାଯାଇଅଛି।

୧୦- ପ୍ରାୟ ଅଢ଼େଇ ଫୁଟ ଲମ୍ବର କଳା କାଠର ପାଦର ବୁଢ଼ା ଆଙ୍ଗୁଠି ମୋଟାର ଗୋଲେଇ ବାଡ଼ି। ଏହା ବାବାଙ୍କ ନିକଟରେ ସବୁବେଳେ ରହୁଥିଲା। ସେ ମସ୍‌ଜିଦ୍‌ରୁ ଚାୱାଡ଼ିକୁ ଯିବା ସମୟରେ ଓ ମସ୍‌ଜିଦ୍‌କୁ ଫେରିବା ସମୟରେ ଚିଲମ ଓ ତମାଖୁ ଥଳି ଗୋଟିଏ ହାତରେ ଧରିଥିବା ସମୟରେ ଅନ୍ୟ ହାତରେ ଏହି ବାଡ଼ି ବା ସଟ୍‌କାକୁ ଧରୁଥିଲେ।

୧୧- ସନ୍ଥଙ୍କ ଦର୍ଶନ କରିବା ସମୟରେ ଦିଆଯାଉଥିବା ଅର୍ଥ ବା ଦର୍ଶନି ।

୧୨- ଗଛର ପତ୍ର ଓ ଚେର ମୂଳରୁ ଔଷଧ ତିଆରି କରି ଚିକିତ୍ସା ଜାଣିଥିବା ବ୍ୟକ୍ତି।

୧୩ ଓ ୧୪- ଭାଲିଆ। ଏକ ପ୍ରକାର ଫଳ। ଧୋବାମାନେ ଲୁଗାରେ ଚିହ୍ନ ଦେବାପାଇଁ ଏହାକୁ ବ୍ୟବହାର କରିଥାନ୍ତି।

୧୫- ଦୀପାବଳୀର ଦୁଇଦିନ ପୂର୍ବରୁ ଧନେଶ୍ୱରୀ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଉଥିବା ଦିବସ।

୧୬- ମାଧବ ଫସଲେ।

୧୭- ମାଧବରାଓ ଆଶ୍ଚର୍ଯ୍ୟ ହୋଇ କହିଥିଲେ।

୧୮- ବାବା ତାଙ୍କର ସେବା କରିବାପାଇଁ କାହାରିକୁ କେବେ ମନା କରୁନଥିଲେ। ସେବାକାରୀଙ୍କ ସହିତ ସେ ଉତ୍ତମ ବ୍ୟବହାର କରୁଥିଲେ। ଥରେ ଜଣେ ମହିଳା ଭୀଷଣ ପୀଡ଼ିତା ହୋଇ ତାଙ୍କ ପାଖକୁ ଆସିଥିଲେ। ମହାରାଜ ଜଣେ ମରାଠୀ ମହିଳା ଭୀମାବାଇଙ୍କୁ ସେହି ମହିଳାଙ୍କୁ ଘରକୁ ନେଇ ଯିବାପାଇଁ କହି ତାଙ୍କର ରହିବା ପାଇଁ ବନ୍ଦୋବସ୍ତ କରିବାକୁ କହିଥିଲେ। ଭୀମାବାଇ କହିଥିଲେ, "ମହାରାଜ ! ତାଙ୍କର ରୋଗ ଭୟଙ୍କର ନୁହେଁ କି ? ମୁଁ ତାଙ୍କୁ କିପରି ମୋ ଘର ଭିତରେ ରହିବାକୁ ଜାଗା ଦେବି ?" ମହାରାଜ କହିଥିଲେ, "ତା'ର ରୋଗ ଭୟଙ୍କର ହେଲା ତ କ'ଣ ହେଲା? ସେ ମୋ ଭଉଣୀ, ମୋ ନିଜର ଭଉଣୀ। ତୁମେ ତୁମ ଘରକୁ ତାଙ୍କୁ ନେଇଯାଅ।" ବାବା ଏକଥା କହିବା ପରେ ଭୀମାବାଇ ତାଙ୍କୁ ଘରକୁ ନେଇଯାଇ ରଖାଇଥିଲେ। ସେହି ମହିଳା ସେଠାରେ ମାସଟିଏ ରହିବା ପରେ ମରି ଯାଇଥିଲେ। ଅନ୍ୟ ଗୋଟିଏ ଘଟଣା ବାଲାଜୀ ପାଟିଲ ନେଭାସ୍‌କରଙ୍କ ସହିତ ସମ୍ବନ୍ଧିତ ଅଟେ। ସେ ଥରେ ତାଙ୍କ ଗ୍ରାମକୁ ଯିବା ପାଇଁ ଅନୁମତି ଭିକ୍ଷା କରିବାକୁ ଆସିଥିଲେ। ମହାରାଜ କହିଥିଲେ, "ଦଗ୍‌ଡୁଭାଇ ଅସୁସ୍ଥ ଅଛନ୍ତି, ତମେ ତାଙ୍କ କଥା ବୁଝ।" ସେହି ବ୍ୟକ୍ତି ଜଣକ ମୁସଲମାନ ଥିଲେ ଓ ଗଳିତକୁଷ୍ଠ ରୋଗାକ୍ରାନ୍ତ ଥିଲେ। ପ୍ରତିଦିନ ପାଟିଲ ତାଙ୍କ ଶରୀରରୁ ପୋକ ବାହାର କରିଦେଉଥିଲେ, ପୂଜ ସଫା କରୁଥିଲେ ଓ ଗାଧୋଇ ଦେଉଥିଲେ। ଏହିଭଳି ମାସେ ଖଣ୍ଡେ ଚାଲିଥିଲା। ତା'ପରେ ଦଗ୍‌ଡୁ ମରିଯାଇଥିଲେ ଓ ବାବାଙ୍କ ନିକଟରୁ ଅନୁମତି ପାଇ ପାଟିଲ ନିଜ ଗ୍ରାମକୁ ଫେରିଥିଲେ।

୧୯- ମାନ୍ୟବର ଗଣେଶ ଶ୍ରୀକୃଷ୍ଣ ଖାପର୍ଡ଼େ-ବମ୍ବେଇ ବିଧାନସଭାର ସଭ୍ୟ।

୨୦- ଅଧିକ ଜ୍ୱର ଯୋଗୁଁ।

୨୧- ପଣ୍ଢରପୁରକୁ 'ଭୂପୃଷ୍ଠର ସ୍ୱର୍ଗ' ବୋଲି କୁହାଯାଏ।

୨୨- ଶିରିଡ଼ିରେ ବାବାଙ୍କ ଦର୍ଶନ।



ନିଜର ଭକ୍ତମାନଙ୍କର ଦୁଃଖରେ ବିଗଳିତ ବାବା

"ହେ ଦେବ ! ଆପଣ କ'ଣ କଲେ ? ଏହି କଥା ଶୁଣିବା ପରେ ବାବା ପରିସ୍ଥିତି ସମ୍ପର୍କରେ ସଚେତନ ହୋଇଥିଲେ ଓ କହିଥିଲେ, "ପିଲାଟିଏ କମାରର ନିଆଁ ଉହ୍ଲେଇ ମଧ୍ୟକୁ ତା' ମା' କୋଳରୁ ହଠାତ୍ ଖସିପଡ଼ିଲା ।''(୭ମ ଅଧ୍ୟାୟ, ପଂକ୍ତି-୭୭)

ଭାଗୋଜୀ ଶିନ୍ଦେ

॥୮॥

ଶ୍ରୀସାଇ ସମର୍ଥଙ୍କ ଅବତାର ଗ୍ରହଣ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ପୂର୍ବ ଅଧ୍ୟାୟରେ ଶ୍ରୀସାଇ ହିନ୍ଦୁ ନଥିଲେ କି ମୁସଲମାନ ନଥିଲେ ବୋଲି ବର୍ଣ୍ଣନା କରାଯାଇଛି । ବାବାଙ୍କର ବାସସ୍ଥଳ ଶିରିଡ଼ି କିପରି ପ୍ରଗାଢ଼ ଭାବରେ ଭାଗ୍ୟଶାଳୀ ଥିଲା, ସେକଥା କୁହାଯାଇଛି ।

୨ । ପ୍ରଥମ ଅବସ୍ଥାରେ ବାବା କିପରି ଜଣେ ସାଧାରଣ ବାଳକ ଥିଲେ, ପରେ କିପରି ସେ ଖାମଖିଆଲୀ ଫକୀରରେ ପରିଣତ ହୋଇଥିଲେ । ପତିତ ଜମିକୁ ଉଦ୍ଧାର କରି କିପରି ସୁନ୍ଦର ବଗିଚା ସୃଷ୍ଟି କରିଥିଲେ ।

୩ । ସମୟକ୍ରମେ ସେହି ସ୍ଥାନରେ କିପରି ଓ୍ୱାଡ଼ାଟିଏ ତିଆରି ହୋଇଥିଲା । ବାବାଙ୍କର ଦୁଃସାହସିକ ଖଣ୍ଡଯୋଗ, ଧୌତି-ପୋତି ଅଭ୍ୟାସ କଥା ମଧ୍ୟ ବର୍ଣ୍ଣନା କରାଯାଇଛି ।

୪ । ବାବା ଅନ୍ୟମାନଙ୍କ ସେବାପାଇଁ ନିଜକୁ କିପରି କଷ୍ଟ ଦେଇ, ଯନ୍ତ୍ରଣା ସହ୍ୟ କରୁଥିଲେ । ସେ ଭକ୍ତମାନଙ୍କର କିପରି ଆଶ୍ରୟସ୍ଥଳ ଥିଲେ । ସାଇରାୟଙ୍କର ଏସବୁ କଥା ମୁଁ କିପରି ବର୍ଣ୍ଣନା କରିବି ?

୫ । ଏବେ ମନୁଷ୍ୟ ଜନ୍ମର ମହତ୍ୱ, ସାଇଙ୍କର ଭିକ୍ଷାବୃତ୍ତି, ବାୟଜାବାଇଙ୍କର ସନ୍ଥସେବା ଓ ବାବାଙ୍କୁ ଖୁଆଇବାର ଚମତ୍କାର କାହାଣୀ ଶୁଣନ୍ତୁ ।

୬ । ତାତ୍ୟା, ବାବା ଓ ମହାଲ୍‌ସାପତି ମସ୍‌ଜିଦ୍‌ରେ ତିନିଜଣଯାକ କିଭଳି ଶୋଉଥିଲେ ଏବଂ ବାବା କିପରି ରାହାତାରେ ଖୁଶାଲଚନ୍ଦଙ୍କ ଘରକୁ ଯାଉଥିଲେ, ଶୁଣନ୍ତୁ ।

୭ । ପ୍ରତ୍ୟେକ ଦିନ ସୂର୍ଯ୍ୟ ଉଦୟ ହୋଇ ଅସ୍ତ ଯାଉଛନ୍ତି । ବର୍ଷ ପରେ ବର୍ଷ ଏହି ଭାବରେ ଚାଲିଛି । ଜୀବନର ଅଧା ସମୟ ଶୋଇରହି କଟୁଥିବା ସମୟରେ ବାକି ସମୟତକ ଶାନ୍ତିରେ ବିତୁନାହିଁ ।

୮ । ପିଲାଦିନେ ଖେଳରେ ମାତିରହୁଛୁ, ଯୁବକ ଅବସ୍ଥାରେ ପତ୍ନୀ ପଛରେ ଗୋଡ଼ାଉଛୁ, ତା'ପରେ ବୃଦ୍ଧାବସ୍ଥା ଶରୀରକୁ ମାଡ଼ି ବସୁଥିବାରୁ ଅକ୍ଷମ ରହୁଅଛୁ ।

୯ । ଜଣେ ଜନ୍ମ ହେବ, ସୁସ୍ଥ ଶରୀରରେ ବଳୁଆ ହୋଇ ବଢ଼ିବ, ନିଃଶ୍ୱାସ ପ୍ରଶ୍ୱାସ ଗ୍ରହଣ କରିବ ଓ ଦୀର୍ଘାୟୁ ହେବ, ଏହାହିଁ କ'ଣ ଜୀବନର ଲକ୍ଷ୍ୟ ।

୧୦ । ମନୁଷ୍ୟ ଜୀବନର ଲକ୍ଷ୍ୟ ହେଉଛି କେବଳ ଭଗବତ୍‌ପ୍ରାପ୍ତି । ଯଦି ତା' ହୋଇ ନପାରିଲା ତେବେ ମନୁଷ୍ୟ ଓ ପଶୁ ତଥା କୁକୁର ବା ଘୁଷୁରୀଙ୍କ ମଧ୍ୟରେ ତଫାତ୍ କଣ ?

୧୧ । କୁକୁର ମଧ୍ୟ ଖାଉଛି, ବଂଚୁଛି ଓ ପିଲା ଜନ୍ମ କରୁଛି ବହୁ ସଂଖ୍ୟାରେ । ମଣିଷ ଓ କୁକୁର ଉଭୟେ ଯଦି ସମାନ ଭାବରେ ଜୀବନ ବିତାଉଛନ୍ତି, ତେବେ ମଣିଷ ଜୀବନର ମହତ୍ୱ କ'ଣ ?

୧୨ । ଖାଇବ, ପିଇବ, ମଜା କରିବ, ଯୌନସମ୍ଭୋଗ

କରିବ- ଯଦି ମନୁଷ୍ୟର ଶରୀରକୁ ଏହିଭଳି ବାଟରେ ବ୍ୟବହାର କରାଯିବ ଓ ଏହାହିଁ ଯଦି ଜୀବନର ଲକ୍ଷ୍ୟ ହୁଏ, ତେବେ ସେଭଳି ମନୁଷ୍ୟ ଜୀବନର ଅର୍ଥ କିଛି ନାହିଁ।

୧୩। ଖାଇବା, ଶୋଇବା, ସବୁବେଳେ ଡରି ଡରି ଜୀବନ ବିତାଇବା ଓ ଯୌନ ସମ୍ଭୋଗ କରିବା-ଏହି ଚାରିପ୍ରକାର କାର୍ଯ୍ୟରେ ସମଗ୍ର ଜୀବନ କାଳ କଟାଇ ଦେବାକୁ ପଡୁଥିଲେ ମଣିଷ ଓ ପଶୁ ମଧ୍ୟରେ ତଫାତ୍ କ'ଣ ରହିଲା ? ଆପଣମାନେ ନିଜେ ନିଜେ ହିଁ ଏକଥା ବିଚାର କରନ୍ତୁ।

୧୪। ମନୁଷ୍ୟ ଶରୀରର ପରିପୂର୍ଣ୍ଣତା ଯଦି କେବଳ ଏତିକି, ତେବେ ଗୋଟିଏ ଗଛର ଜୀବନ ମଧ୍ୟ କମ୍ ମୂଲ୍ୟବାନ ନୁହେଁ। ଷଣ୍ଢ ନିଃଶ୍ୱାସ ନିଏ, କୁକୁର ମଧ୍ୟ ତାହାର ଶରୀରକୁ ରକ୍ଷା କରେ।

୧୫। ମନୁଷ୍ୟର ଏହି ସମ୍ବନ୍ଧରେ ଚେତନା ଜାଗ୍ରତ ହୋଇପାରିଲେ ସେ ସ୍ୱାଧୀନ, ନିର୍ଭୟ, ମୁକ୍ତ ଓ ଶାଶ୍ୱତ ହୋଇପାରିବ। ସେତେବେଳେ ଜୀବନର ପୂର୍ଣ୍ଣତା ଆସିଗଲା ବୋଲି କୁହାଯାଇପାରିବ।

୧୬। ଯେଉଁ ମନୁଷ୍ୟ ସେ କେଉଁଠାରୁ ଆସିଛି, ସେ କିଏ, ମଣିଷ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ କ'ଣ ବୋଲି କହି ପାରିବ, ତାକୁ ଜ୍ଞାନୀ ବୋଲି କୁହାଯିବ। ଏହି ଜ୍ଞାନ ବ୍ୟତୀତ ଅନ୍ୟ ସମସ୍ତ ବୃଥା।

୧୭। ତେଲ ଦୀପଂରେ 'ବଳିତା' ଆରମ୍ଭରୁ ଯାହା ଥିଲା, ଶେଷ ପର୍ଯ୍ୟନ୍ତ ସେୟା ରହିଥାଏ, ଅଥଚ ତାହାର ଜ୍ୱଳନ୍ତ ଶିଖା ପ୍ରତି ମୁହୂର୍ତ୍ତରେ ଦପ୍ ଦପ୍ ହୋଇ ବଦଳୁଥାଏ। ମନୁଷ୍ୟ ଶରୀରର ଅବସ୍ଥା ଠିକ୍ ସେହି ପ୍ରକାର।

୧୮। ଶୈଶବ, ଯୌବନ ଓ ବାର୍ଦ୍ଧକ୍ୟର ସ୍ତର ଦେଇ ପ୍ରତ୍ୟେକେ ଗତି କରିଥାନ୍ତି। ପ୍ରତିଟି ସ୍ତର କିପରି ଅବଲୀଳା କ୍ରମେ ଆସି ଚାଲିଯାଏ, ତାହା କେହି ବୁଝି[୨] ପାରନ୍ତି ନାହିଁ।

୧୯। ଯାହା ଦେଖାଯାଏ, ତାହା ସେହି ମୁହୂର୍ତ୍ତରେ ଧ୍ୱଂସ ପାଇଥାଏ। ଏହିଭଳି ଅସଂଖ୍ୟ ସ୍ତର ରହିଛି, ଯାହା ଦେଖିବାକୁ ଏକା ଭଳି ଲାଗିଥାଏ। ଶରୀରକୁ ଆମେ ଗୋଟିଏ କ୍ଷଣରେ ଯାହା ଦେଖୁଁ, ପରବର୍ତ୍ତୀ କ୍ଷଣରେ ତାହା ନଥାଏ।

୨୦। ଶରୀରରେ ରହିଛି ଭୟଙ୍କର ମନ୍ଦ ଉପାଦାନ। ଏଥିରେ ମଇଳା, ମଳ, ଦୁର୍ଗନ୍ଧ, ପୂଜ, ଲାଳ, ରକ୍ତ ଇତ୍ୟାଦି ଭର୍ତ୍ତି ହୋଇ ରହିଛି ଓ ମୃତ୍ୟୁ ସବୁ ସମୟରେ ଚକ୍କର କାଟୁଛି।

୨୧। ମନୁଷ୍ୟ ଶରୀର ଜୀବାଣୁ ଓ ବୀଜାଣୁର ଘର, ଏହା ବହୁତ ରୋଗକୁ ଆଶ୍ରୟ ଦିଏ, ବେଶିଦିନ ନଯାଇ ଶୀଘ୍ର ନଷ୍ଟ ହୋଇଯାଏ।

୨୨। ମାଂସ ଓ ମାଂସପେଶୀର ସମ୍ମିଶ୍ରଣ, ହାଡ଼ର ପିଂଜରା ବା କଙ୍କାଳ, ଚର୍ମ, ଦୁର୍ଗନ୍ଧପୂର୍ଣ୍ଣ ମଳ ଓ ମୂତ୍ର, ଲାଳ ଓ କଫଯୁକ୍ତ ବାନ୍ତିର ସମାହାର ଭାବରେ ଶରୀର ଆତ୍ମାର ଉନ୍ନତି ପଥରେ ପ୍ରକୃତରେ ବାଧକ ସାଜେ।

୨୩। ଚର୍ମ, ମାଂସ, ରକ୍ତ, ମାଂସପେଶୀ, ଚର୍ବି, ହାଡ଼ମଜ୍ଜା, ଶିରାପ୍ରଶିରା, ଅସ୍ଥି, ବାୟୁ ପ୍ରଭୃତି ମିଶି ଏହି ଶରୀରକୁ ଅଶୁଦ୍ଧ କରିଦେଉଛି ଓ ଏହି ଶରୀରର ଅସ୍ତିତ୍ୱ ଅଳ୍ପକ୍ଷଣ ସ୍ଥାୟୀ।

୨୪। ଏତେ ପାପୀ, କ୍ଷୟଶୀଳ ଓ କ୍ଷଣସ୍ଥାୟୀ ହେଲେ ମଧ୍ୟ, ଏହି ମାନବ ଶରୀର ମାଧ୍ୟମରେ ଈଶ୍ୱରଙ୍କ ପବିତ୍ର ବାସସ୍ଥାନକୁ ଯାଇହେବ।

୨୫। ଜନ୍ମ ମୃତ୍ୟୁ ଚକ୍ର ନିରନ୍ତର ଚାଲୁଅଛି। ଏପରିକି ମୃତ୍ୟୁ କଥା ଖାଲି ମନରେ ଆସିଲେ ମଧ୍ୟ ବଡ଼ ଭୟଙ୍କର ଲାଗେ । ତଥାପି ବିନା ସୂଚନାରେ ଏହି ଜୀବନ କେତେବେଳେ ଚାଲିଯିବ, କେହି ଜାଣନ୍ତି ନାହିଁ।

୨୬। ଦିନରାତି ମଣିଷ ଜନ୍ମ ହେଉଛି ଓ ମଣିଷ ବି ମରୁଛି । ସେମାନଙ୍କର ହିସାବ କିଏ ରଖିଛି ? ଯେଉଁମାନେ ମାର୍କଣ୍ଡେୟଙ୍କ[୩] ଭଳି ବର ପାଇ ଜନ୍ମ ହୋଇଥାନ୍ତି, ସେମାନେ ମଧ୍ୟ ଭାଗ୍ୟକୁ ଏଡ଼ାଇ ଯାଇ ପାରନ୍ତି ନାହିଁ।

୨୭। ଏଭଳି କ୍ଷଣସ୍ଥାୟୀ ମନୁଷ୍ୟ ଜୀବନ କାଳରେ ଯେଉଁ ସମୟତକ ଶାସ୍ତ୍ରପୁରାଣ ପଢ଼ିବାରେ ଓ ଈଶ୍ୱରଙ୍କ କଥା ଶୁଣିବାରେ କଟିଯାଏ, ତାହାହିଁ ଫଳଦାୟକ ହୁଏ। ଅନ୍ୟ ଯେଉଁ ପ୍ରକାରରେ ସମୟ ବିତିଯାଏ, ତାହା ନଷ୍ଟ ହୁଏ ।

୨୮। ଏହାହିଁ ଜୀବନର ସବୁଠାରୁ ବଡ଼ କାର୍ଯ୍ୟ ବୋଲି ଦୃଢ଼ ବିଶ୍ୱାସ ହେବା ଉଚିତ୍ । କିନ୍ତୁ ନିଜେ ଅନୁଭବ ନକରିବା ପର୍ଯ୍ୟନ୍ତ କେହି ଏକଥା ବିଶ୍ୱାସ କରନ୍ତି ନାହିଁ।

୨୯। ଏହି ଅନୁଭବ ପାଇବା ନିମନ୍ତେ ଗଭୀର ଅନୁଧ୍ୟାନ କରିବା ପାଇଁ ପଡ଼ିବ। ତଦ୍ଦ୍ୱାରା ଚିରନ୍ତନ ଆନନ୍ଦ ଖୋଜୁଥିବା ଆତ୍ମା ଏହି ଐଶ୍ୱର୍ଯ୍ୟକୁ ଉପଭୋଗ କରିପାରିବ।

୩୦। ଈଶ୍ୱରଙ୍କ କୃପାରୁ ଜଣେ[୪] ଏକ ବିରାଟ ରାଜ୍ୟ ଯାହାର ସୀମା ସାତ ସମୁଦ୍ର, ସେଭଳି ବିସ୍ତୀର୍ଣ୍ଣ ଭୂଖଣ୍ଡ ଉପରେ ରାଜୁତି କରୁଥିଲେ ଏବଂ ସୁନ୍ଦରୀ ଉତ୍ତମା ପତ୍ନୀ, ପୁତ୍ର,

ଧନଦୌଲତ, ଏବଂ ସୁଖସମୃଦ୍ଧି ଲାଭ କରିଥିଲେ ମଧ୍ୟ ତାହାର ହୃଦୟ ମଧ୍ୟରେ ତଥାପି ଅସନ୍ତୋଷ ଭାବ ରହିଥାଏ।

୩୧ । ଜୀବନର ଲକ୍ଷ୍ୟ ସଦା ଆନନ୍ଦ ଓ ତୃପ୍ତିଲାଭ ହେବା ଉଚିତ୍ ଓ ସେଥିପାଇଁ ଚିନ୍ତା କରିବା ଉଚିତ୍। ସମସ୍ତଙ୍କୁ ଈଶ୍ୱର ଜ୍ଞାନକରି ସେବା କରନ୍ତୁ, ଏହାହିଁ ଜୀବନର ସବୁଠାରୁ ଅଧିକ କଲ୍ୟାଣକର ବିଶ୍ୱାସ।

୩୨ । ମନୁଷ୍ୟ ଶରୀର ଚର୍ମ, ମାଂସ, ରକ୍ତ ଓ ହାଡ଼ ଦ୍ୱାରା ଗଠିତ। ଏହା ପରମାର୍ଥ[୫] ଲାଭ ପଥରେ ବାଧକ। ତେଣୁ ଶରୀର ପ୍ରତି ମୋହ ତ୍ୟାଗ କର।

୩୩। ତାହାକୁ ସର୍ବଦା ନିଜର ସେବକ ରୂପେ ବ୍ୟବହାର କର। ତା'ର ସେବକ ହୁଅ ନାହିଁ। ତା'ର ସମସ୍ତ ଇଚ୍ଛା ପୂରଣ କର ନାହିଁ, ନଚେତ୍ ନିଜେ ନର୍କକୁ ଯିବାର ବାଟ ପରିଷ୍କାର ହୋଇଯିବ।

୩୪ । ତାହାର ରକ୍ଷଣାବେକ୍ଷଣ ପାଇଁ ଖାଦ୍ୟ ଓ ବସ୍ତ୍ର କେବଳ ଆବଶ୍ୟକ। ଶରୀରର ଯତ୍ନ ନେଉଥିବା ସମୟରେ ମନେ ରଖିଥିବ ଯେ ଆତ୍ମାର ଉନ୍ନତି ପାଇଁ ଓ ଜନ୍ମ ମୃତ୍ୟୁ ଚକ୍ରରୁ ବର୍ତ୍ତିବା ପାଇଁ ଏହାକୁ ଅସ୍ଥାୟୀ ଭାବରେ ବ୍ୟବହାର କରାଯାଉଅଛି।

୩୫ । ଜନ୍ମ ଓ ମୃତ୍ୟୁ ଉଭୟ ଦୁର୍ଘଟଣା ଛଡ଼ା ଅନ୍ୟ କିଛି ନୁହେଁ। ପ୍ରତ୍ୟେକ ମୁହୂର୍ତ୍ତ ଧ୍ୱଂସ ଆଡ଼କୁ ଗତି କରୁଛି। ଏହି କ୍ଷଣିକ ସୁଖର ଅର୍ଥ କ'ଣ ଯାହା ଜୀବନଯାକ ଅଶାନ୍ତିର କାରଣ ହୁଏ ।

୩୬ । ବିଚ୍ଛୁରିତ ବିଜୁଳି କ୍ଷଣକ ପାଇଁ ଦେଖାଦେଇ ଉଭେଇ ଯାଏ,ସମୁଦ୍ରର ଲହଡ଼ି କ୍ଷଣକ ପାଇଁ ଆସି ଚାଲିଯାଏ, ମଣିଷ ଶରୀର ମଧ୍ୟ ସେହିପରି। ତେଣୁ ଚିନ୍ତା ଭାବନା କର।

୩୭ । ଶରୀର, ଘରଦ୍ୱାର, ସନ୍ତାନସନ୍ତତି ଓ ସ୍ତ୍ରୀ ସମସ୍ତେ ନଷ୍ଟ ହେବେ। ନିଜର ପିତାମାତାଙ୍କ କୋକେଇକୁ କାନ୍ଧରେ ବୋହି ଚିର ବିଦାୟ ଦେବା ସମୟରେ ମଧ୍ୟ କେହି ଏହିକଥା ଅନୁଭବ କରନ୍ତି ନାହିଁ।

୩୮ । ସେମାନେ ମରିଗଲେ, ଜଣେ ସୁସ୍ଥ ଶରୀରଧାରୀ ମଧ୍ୟ ସେମାନଙ୍କ ପରେ ମରିବ। ଜନ୍ମ ଓ ମୃତ୍ୟୁ ଚକ୍ରରେ ପ୍ରତ୍ୟେକେ ଧରାପଡ଼ନ୍ତି। କିନ୍ତୁ ଏହାକୁ କିପରି ନିୟନ୍ତ୍ରଣ କରିହେବ, ସେ ସମ୍ବନ୍ଧରେ କେହି କ୍ଷଣମାତ୍ର ମଧ୍ୟ ଚିନ୍ତା କରନ୍ତି ନାହିଁ।

୩୯ । ପରିବାରର ଉନ୍ନତି ବିଷୟରେ ଦେଖାଶୁଣା କରୁଁ କରୁଁ ଜୀବନ ଶୀଘ୍ର ଚାଲିଯାଇଥାଏ। ମହାକାଳ ତାହାର କର୍ତ୍ତବ୍ୟ ଭୁଲିନଯାଇ ଜୀବନର ସମୟ ନେଇ ହିସାବ ସର୍ବଦା ରଖିଥାଏ।

୪୦ । ଶେଷ ସମୟ ଆସିଗଲେ କ୍ଷଣେ ମାତ୍ର ଅପେକ୍ଷା କରେ ନାହିଁ। କେଉଟ ଜାଲ ପକାଇ ମାଛ ଧରିବା ପରି ଜୀବନ ଯନ୍ତ୍ରଣାରେ ଗଡୁଥିଲାବେଳେ ମୃତ୍ୟୁର ସ୍ପର୍ଶରେ ଶେଷ ହୋଇଯାଏ।

୪୧ । ପୂର୍ବଜନ୍ମମାନଙ୍କରେ କରିଥିବା ସୁକୃତିରୁ ଓ ସଂଚିତ ସୌଭାଗ୍ୟରୁ ମନୁଷ୍ୟ ଜନ୍ମ ମିଳିଥାଏ। ତେଣୁ ପ୍ରତ୍ୟେକ ମୁହୂର୍ତ୍ତର ସଦୁପଯୋଗ ହେବା ଉଚିତ୍।

୪୨ । ଭଗୀରଥ[୬] ଯେମିତି ଗଙ୍ଗାଙ୍କୁ ଶିରରେ ଧାରଣ କରିବାକୁ ଚେଷ୍ଟା କରିଥିଲେ, ସେମିତି ଅକ୍ଳାନ୍ତ ଉଦ୍ୟମ କଲେ ମଧ୍ୟ ମନୁଷ୍ୟ ଜନ୍ମ ମିଳିବା ଦୁଷ୍କର। ଭାଗ୍ୟବଳରୁ ଅପ୍ରତ୍ୟାଶିତ ଭାବରେ ଆମେ ଏହି ଜନ୍ମ ପାଇପାରିଛୁ। ଏହାକୁ ଅଯତ୍ନରେ ନଷ୍ଟ କରିଦେବା ଉଚିତ୍ ନୁହେଁ।

୪୩। ଆସନ୍ତା ଜନ୍ମରେ ଭଲକାମ କରିବ ବୋଲି ଯିଏ ଭାବୁଛି, ସେ ସବୁଠାରୁ ବଡ଼ ମୂର୍ଖ। ଥରେ ଏହି ଜୀବନ ଚାଲିଯିବା ପରେ ଆଉଥରେ ଯେ ମନୁଷ୍ୟ ଜୀବନ[୭] ମିଳିବ, ଏଭଳି କୌଣସି ସ୍ଥିରତା ନାହିଁ।

୪୪ । ଅନେକ ପାପୀ ଏହି ଶରୀର ଧାରଣ କରିଛନ୍ତି। ସେମାନଙ୍କର କାର୍ଯ୍ୟ ଅନୁଯାୟୀ ସେମାନଙ୍କର ଜିନ୍ ନୂତନ ରୂପ ନେବା ପାଇଁ ସୃଷ୍ଟିକର୍ତ୍ତା ପାଖରେ ପହଞ୍ଚି ଯାଇଥାଏ ।

୪୫ । ଅନେକ ଦୁଃଖୀ ଓ ନୀଚ ବ୍ୟକ୍ତି ଅଛନ୍ତି। ସେମାନେ 'ଚଳ' ଶ୍ରେଣୀ[୮]ରେ ଜନ୍ମ ନେଇଥିଲେ ମଧ୍ୟ ନିଜର କର୍ମ ଓ ଚିନ୍ତା ଦ୍ୱାରା ପୂରା ଅଚଳ[୯] ହୋଇଯାଇଥାନ୍ତି।

୪୬ । ଯିଏ ଯେଉଁ ଉପାୟରେ ଜ୍ଞାନ ଲାଭ କରିଛି କିମ୍ବା ନିଜର କାର୍ଯ୍ୟ କରିଛି, ସେଇ ଅନୁଯାୟୀ ତାହାକୁ ଶରୀର ମିଳିବ। ଏହା ଶ୍ରୁତିରେ କୁହାଯାଇଅଛି।

୪୭ । "ମଣିଷ ତାହାର ଜ୍ଞାନ ଅନୁଯାୟୀ ଜନ୍ମ ଲାଭ କରେ।" ମଙ୍ଗଳକାରିଣୀ ମା' ଶ୍ରୁତି ଏହାହିଁ କହିଥାନ୍ତି। ତେଣୁ ଆତ୍ମା ତାହାର ସଞ୍ଚିତ ଜ୍ଞାନ ଅନୁଯାୟୀ ଜନ୍ମ ଲାଭ କରିଥାଏ।

୪୮ । ଈଶ୍ୱରଙ୍କର ଲୀଳା ମଣିଷର ବୁଦ୍ଧିବୃତ୍ତିର ବାହାରେ। ତାହାକୁ ସମ୍ପୂର୍ଣ୍ଣ ଭାବରେ ଜାଣିବା ନିହାତି ଅସମ୍ଭବ। ସେହି

ଲୀଳାକୁ ଯିଏ ଅଳ୍ପଟିକିଏ ମଧ୍ୟ ଜାଣିପାରିଛି, ସେ ଅତ୍ୟନ୍ତ ଭାଗ୍ୟବାନ ବୋଲି କହିବାକୁ ହେବ ।

୪୯ । ଅତିଶୟ ସୌଭାଗ୍ୟରୁ ମନୁଷ୍ୟ ଜନ୍ମ ମିଳିଥାଏ। ବ୍ରାହ୍ମଣ ଜନ୍ମ ଅଧିକ ଭାଗ୍ୟବାନ ହେଲେ ମିଳିଥାଏ। ଈଶ୍ୱରଙ୍କ କୃପାରୁ ଶ୍ରୀସାଇଙ୍କ ଚରଣତଳ ମିଳିବା ଏକ ବିରଳ ସୁଯୋଗ। ଏ ସମସ୍ତ ଲାଭ କରିବା ଦୁର୍ଲଭ।

୫୦ । ବିଭିନ୍ନ ରୂପର ଜୀବନ ରହିଥିଲେ ମଧ୍ୟ ମନୁଷ୍ୟ ଜୀବନ ସବୁଠାରୁ ଶ୍ରେଷ୍ଠ। ଆମେ କେଉଁଠାରୁ ଆସିଅଛୁ ? ଆମକୁ କିଏ ସୃଷ୍ଟି କରିଅଛି ? ଏସବୁ ପ୍ରଶ୍ନର ଉତ୍ତର ପ୍ରଭେଦ ବାରି ପାରୁଥିବା ମନୁଷ୍ୟର ମସ୍ତିଷ୍କ ହିଁ କହିପାରିବ।

୫୧ । ଅନ୍ୟ ଜୀବମାନଙ୍କର ଜ୍ଞାନ ନଥାଏ। ସେମାନେ ଜନ୍ମ ହୁଅନ୍ତି ଓ ମରନ୍ତି। ସେମାନେ ଭୂତ, ଭବିଷ୍ୟତ, ବର୍ତ୍ତମାନ ତଥା ଈଶ୍ୱରଙ୍କର ଅସ୍ତିତ୍ୱ ସମ୍ପର୍କରେ ଜାଣି ନଥାନ୍ତି ।

୫୨ । ଈଶ୍ୱର ମନୁଷ୍ୟଙ୍କୁ ସୃଷ୍ଟି କରିସାରିବା ପରେ ଆହ୍ଲାଦିତ ହୋଇଥିଲେ ଓ ମନୁଷ୍ୟ ବିବେକ ଜ୍ଞାନ ଦ୍ୱାରା ନିରାସକ୍ତ ରହି ତାଙ୍କର ପୂଜା କରିବ ବୋଲି ସେ ଭାବିଥିଲେ।

୫୩। କ୍ଷୟଶୀଳ ବ୍ୟକ୍ତି ସାଧନା[୧୦] କରୁଥିଲେ ଚିରନ୍ତନ ଈଶ୍ୱର ହୋଇପାରିବ। ମନୁଷ୍ୟ ଶରୀର ବ୍ୟତୀତ ଅନ୍ୟ କୌଣସି ଉପାୟ ଦ୍ୱାରା ଈଶ୍ୱରଙ୍କୁ ପାଇବା ପାଇଁ ସାଧନା କରିହେବ ନାହିଁ।

୫୪ । ସାପୁଆ କେଳା ବଡ଼ ଚତୁର। ସେ ଅଜ୍ଞ ଓ ସାଧାରଣ ବା ମାମୁଲି ଲୋକଙ୍କ ସମ୍ମୁଖରେ ଖେଳ ଦେଖାଏ ନାହିଁ। ସେ ଉପଯୁକ୍ତ ଦର୍ଶକଙ୍କୁ ଖୋଜିଥାଏ, ଯେଉଁମାନେ ତାହାର କୌଶଳକୁ ପସନ୍ଦ କରିବେ।

୫୫ । ଅସଂଖ୍ୟ କୀଟପତଙ୍ଗ, ପଶୁପକ୍ଷୀ ଓ ବୃକ୍ଷଲତା ସୃଷ୍ଟି କରିବା ପରେ ଈଶ୍ୱର ଚକିତ ଓ ହତୋତ୍ସାହିତ ହୋଇ ପଡ଼ିଥିଲେ। ସେ ଭାବିଥିଲେ ଯେ ତାଙ୍କର ସୃଷ୍ଟି ମୂଲ୍ୟହୀନ।

୫୬ । ଅସୀମ ବିଶ୍ୱବ୍ରହ୍ମାଣ୍ଡ ମଧ୍ୟରେ ସୂର୍ଯ୍ୟ, ଚନ୍ଦ୍ର ଓ ଅସଂଖ୍ୟ ତାରକା ରହିଛନ୍ତି, ଅଥଚ ସେମାନଙ୍କ ମଧ୍ୟରୁ କେହିହେଲେ ସୃଷ୍ଟିକର୍ତ୍ତାଙ୍କ ସମ୍ପର୍କରେ କ୍ଷଣମାତ୍ର ଚିନ୍ତା କରୁନାହାନ୍ତି।

୫୭ । ଈଶ୍ୱରଙ୍କର ସମସ୍ତ ସୃଷ୍ଟି ଓ ତା'ର ଉଦ୍ଦେଶ୍ୟ ସମ୍ବନ୍ଧରେ କୌଣସି ପ୍ରାଣୀ ଟିକିଏ ହେଲେ ବି ଚିନ୍ତା କରୁନାହାନ୍ତି।

୫୮ । 'ମୋର ସମସ୍ତ ସୃଷ୍ଟି ବୃଥା, କାରଣ ମୁଁ ଏ ପର୍ଯ୍ୟନ୍ତ କୌଣସି ଜୀବ ସୃଷ୍ଟି କରିପାରିନାହିଁ ଯିଏକି ତୀକ୍ଷ୍ଣ ବୁଦ୍ଧି ଓ ଜ୍ଞାନ ଦ୍ୱାରା ମୋ ସୃଷ୍ଟିର ଐଶ୍ୱର୍ଯ୍ୟ ଓ ପ୍ରାଚୁର୍ଯ୍ୟକୁ ତାରିଫ କରିବ।'

୫୯ । ମନ ମଧ୍ୟରେ ଅନେକ ଚିନ୍ତା ଭାବନା କରିବା ପରେ ଈଶ୍ୱର ମନୁଷ୍ୟକୁ ସୃଷ୍ଟି କଲେ ଯିଏ ତାହାର ଜ୍ଞାନ ବିଚାର ଦ୍ୱାରା ଈଶ୍ୱରଙ୍କର ଶକ୍ତିକୁ ଜାଣି ପାରିବ।

୬୦ । 'ମୋର ଗୌରବ ଅସୀମ। ମୋର ଶକ୍ତି ଅତୁଳନୀୟ। ମୋର ମାୟା ଦ୍ୱାରା ଏହି ସୃଷ୍ଟି ହୋଇଛି। ଆଶ୍ଚର୍ଯ୍ୟ ହୋଇ ମନୁଷ୍ୟ ଅନୁଭବ କରିବ ଯେ ଏସବୁ ମୋ ମାୟାର ଖେଳ।

୬୧ । 'ସେଇ ହିଁ ଜ୍ଞାନ ଆହରଣ କରିବ। ସେ ମୋ ଉପରେ ଏକାଗ୍ର ଚିତ୍ତ ହୋଇ ଧ୍ୟାନ ରଖିବ ଓ ମୋତେ ଜାଣିପାରିବ। ସେ ନିଜେ ହିଁ କେବଳ ଉପକୃତ ହେବ । ତା'ପରେ ଯାଇ ମୋର ସୃଷ୍ଟି ସଂପୂର୍ଣ୍ଣ ହେବ।

୬୨ । 'ମୋର ମନୁଷ୍ୟ (ଦର୍ଶକ)ମାନଙ୍କର ପରମ ଆନନ୍ଦ ହିଁ ମୋ ସୃଷ୍ଟିର ପୂର୍ଣ୍ଣତା। ମନୁଷ୍ୟ ଯେତେବେଳେ ମୋର ସୃଷ୍ଟିକୁ ଅନୁଭବ କରିପାରିବ ଏବଂ ମୁଁ ହେଉଛି ଏହାର ସଂପୂର୍ଣ୍ଣ ଓ ଏକମାତ୍ର ଲଗାମ-ଧାରକ ବା ନିୟନ୍ତ୍ରକ ବୋଲି ଉପଲବ୍ଧି କରିବ ସେତେବେଳେ ସିଏ କୃତଜ୍ଞ ରହିବ।'

୬୩। ଜୀବନ କେବଳ କର୍ମକରି ନିଜର ଇଚ୍ଛା ପୂର୍ତ୍ତି କରିବା, ସମ୍ପତ୍ତି ଠୁଳ କରିବା ଓ ଅର୍ଥ ଆୟକରି ବଂଚିବା ପାଇଁ ନୁହେଁ। ମନୁଷ୍ୟ ବଂଚିଥିବା ପର୍ଯ୍ୟନ୍ତ ଜୀବନ ଦର୍ଶନକୁ ଅନୁଧ୍ୟାନ କରିବା ଉଚିତ୍। ତାହାହିଁ ହେଉଛି ଜୀବନର ଲକ୍ଷ୍ୟ।

୬୪ । ସତ୍ୟର ଜ୍ଞାନ ହିଁ ଅଦ୍ୱୈତ। ଉପନିଷଦ ଅନୁଯାୟୀ ତାହାହିଁ ବ୍ରହ୍ମଜ୍ଞାନ। ତାହାହିଁ ଈଶ୍ୱରଙ୍କର ପୂଜା। ଭକ୍ତମାନଙ୍କ ନିମନ୍ତେ ସେଇହିଁ ପ୍ରକୃତ ଈଶ୍ୱର।

୬୫ । ଗୁରୁ ଓ ବ୍ରହ୍ମ ଅଲଗା ନୁହନ୍ତି। ଯିଏ ଅଦ୍ୱୈତଙ୍କୁ ଉପଲବ୍ଧି କରିଛନ୍ତି, ସେଇହିଁ ଭକ୍ତିର ଅଭ୍ୟାସ କରିଛନ୍ତି। ଏହି ଉପଲବ୍ଧି ହିଁ ମାୟାକୁ ଜିଣିବାର ସବୁଠାରୁ ସହଜ ବାଟ।

୬୬ । ଯେଉଁ ଜ୍ଞାନୀ ବ୍ୟକ୍ତିମାନଙ୍କର ବିଶ୍ୱାସ ରହିଛି, ଯେଉଁମାନେ ଜ୍ଞାନ ଆହରଣ କରିଛନ୍ତି ଓ ଅନାସକ୍ତ ଅଟନ୍ତି; ଯେଉଁମାନେ ଆତ୍ମତତ୍ତ୍ୱ[୧୧] ଉପଲବ୍ଧି କରିଛନ୍ତି ଓ ଅନୁଭୂତିରେ ପାଇଛନ୍ତି, ସେହିମାନେହିଁ ପ୍ରକୃତରେ ଭାଗ୍ୟବାନ ଭକ୍ତ ବୋଲି ଜାଣିବ।

୬୭ । ଯେଉଁମାନେ ସେମାନଙ୍କର ପ୍ରକୃତ ପ୍ରକୃତି ଜାଣିନାହାନ୍ତି, ସେମାନେ ସେମାନଙ୍କର ସେହି ଅଜ୍ଞାନତାକୁ

ଦୂର ନକରି ଯଦି ବିଶ୍ୱାସ କରି ବସନ୍ତି ଯେ ସେମାନେ ଜୀବନରେ ସବୁକିଛି ହାସଲ କରିପାରିଛନ୍ତି, ତେବେ ତାହା ସେମାନଙ୍କର ଆଧ୍ୟାତ୍ମିକ ପ୍ରଗତି ପଥରେ ବିରାଟ ଅନ୍ତରାୟ ହେବ।

୬୮ । ଜ୍ଞାନ ଓ ଅଜ୍ଞାନ ଉଭୟେ ମାୟାରୁ ଜାତ। କଣ୍ଟାକୁ କଣ୍ଟାରେ କାଢ଼ିବା ଭଳି ତାହାକୁ କାଢ଼ିଦେବାକୁ ପଡ଼ିବ।

୬୯ । ଜ୍ଞାନ ଦ୍ୱାରା ଅଜ୍ଞାନକୁ ଦୂରକର। ଜ୍ଞାନ ଓ ଅଜ୍ଞାନର ଉର୍ଦ୍ଧ୍ୱକୁ ଯାଅ। ନିର୍ମଳ ଆତ୍ମୋପଲବ୍ଧିର ସ୍ତରରେ ପହଞ୍ଚ । ଏହାହିଁ ହେଉଛି ମାନବ ଜୀବନର ଏକମାତ୍ର ଲକ୍ଷ୍ୟ ।

୭୦ । କାମ, କ୍ରୋଧ ଭଳି ପ୍ରବୃତ୍ତିର ଅପମିଶ୍ରିତ ତୈଳ ଶେଷ ନହେଲେ, ଅଜ୍ଞାନର କଳାଧୂଆଁ ଅପସାରିତ ନହେଲେ, ଅହଂକାର[୧୨] ରୂପକ ବଳିତା ସଂପୂର୍ଣ୍ଣ ପୋଡ଼ି ନ ଗଲେ, ପ୍ରକୃତ ଜ୍ଞାନର ଜ୍ୟୋତି ଚମକିବ ନାହିଁ।

୭୧ । ମନୁଷ୍ୟ ନିଜର ଜ୍ଞାନ ବୁଦ୍ଧିର ପରିସର ଭିତରେ, ପରିହାର୍ଯ୍ୟ ହୋଇଥାଉ ବା ଅପରିହାର୍ଯ୍ୟ ହୋଇଥାଉ, ଯେ କୌଣସି କର୍ମ ସମ୍ପାଦନ କଲେ ତାହାକୁ କର୍ତ୍ତବ୍ୟ ବୋଲି ବିଚାର କରାଯିବା ଉଚିତ୍।

୭୨ । ଯଦି ଜଣକର କୌଣସି ପ୍ରକାର କାର୍ଯ୍ୟ ନାହିଁ, ତେବେ ସେ ସଂପଦ ଓ ଶାନ୍ତି ଉପଭୋଗ କରୁ, ରାମନାମ[୧୩] ଜପ କରୁ ଏବଂ ଚିନ୍ତାଶୂନ୍ୟ ଓ କାମନାବାସନା ଶୂନ୍ୟ ହୋଇଯାଉ।

୭୩। ଶରୀର, ଜ୍ଞାନେନ୍ଦ୍ରିୟ, ମନ ଓ ବୁଦ୍ଧିବୃତ୍ତି ହିଁ ଆତ୍ମାର ବାଧକ। କିନ୍ତୁ ଏହିମାନଙ୍କର ସାହାଯ୍ୟରେ ଆତ୍ମା ଏଇ ଜଗତକୁ କିମ୍ବା ଅସ୍ତିତ୍ୱକୁ ସଂପୂର୍ଣ୍ଣ ଅନୁଭବ କରିବାକୁ ସମର୍ଥ ହୁଏ । ଆତ୍ମା ନିଜେ ଅଜନ୍ମା ଓ ଅନାସକ୍ତ।

୭୪ । ଆତ୍ମା ଉପଭୋଗ କରୁଛି ବୋଲି ବାହ୍ୟ ଭାବରେ ଜଣାଯାଉଥିଲେ ମଧ୍ୟ ତାହାର ପ୍ରକୃତି ଅନୁଯାୟୀ ସେ ଉପଭୋଗ କରିବା ପାଇଁ ଅଯୋଗ୍ୟ। ଏହା ଯୁକ୍ତି ବିଜ୍ଞାନ ଓ ସିଦ୍ଧାନ୍ତ ଦ୍ୱାରା ପ୍ରମାଣିତ ହୋଇଅଛି।

୭୫ । ଜୀବନର ଏହି ସାରତତ୍ତ୍ୱକୁ ବୁଝି, ବୁଦ୍ଧିବୃତ୍ତିକୁ କର୍ମର ଉପଯୁକ୍ତ ସମସ୍ତ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ନିୟୋଜିତ କରନ୍ତୁ। ବୁଦ୍ଧିବୃତ୍ତିର ସାଧୁତା ଉପରେ ଏହାକୁ ଛାଡ଼ି ଦିଆଯାଉ। କର୍ମଫଳର ଆଶା ତ୍ୟାଗ କରି କାମ କରନ୍ତୁ।

୭୬। ଧର୍ମୀୟ କର୍ତ୍ତବ୍ୟ ସମ୍ପାଦନ କରିବା ସମୟରେ ଅନ୍ତରାତ୍ମାର ଧ୍ୟାନରେ ମଜ୍ଜିରହନ୍ତୁ। ଏହା ହେଉଛି ମାନବ ଜନ୍ମର ଲକ୍ଷ୍ୟ, ଯାହାଦ୍ୱାରା ଆତ୍ମଶାନ୍ତି ମିଳିଥାଏ।

୭୭ । ଜୀବନର ଚାରି ମୂଳ[୧୪] ତତ୍ତ୍ୱର ପୂର୍ତ୍ତି ପାଇଁ ମନୁଷ୍ୟ ଜୀବନ ବ୍ୟତୀତ ଅନ୍ୟ ପ୍ରଭାବଶାଳୀ ଉପାୟ କିଛି ନାହିଁ। ଯେଉଁ ବ୍ୟକ୍ତି ଏହାକୁ ଅଭ୍ୟାସ କରି ନିପୁଣତା ଲାଭ କରେ, ସେ ଈଶ୍ୱରଙ୍କ ପାଖରେ ପହଞ୍ଚିଯାଏ ।

୭୮ । ତେଣୁ ଶରୀର କ୍ଷୟ ନହେବା ପର୍ଯ୍ୟନ୍ତ ଆତ୍ମଜ୍ଞାନ ଆହରଣ ପାଇଁ ଚେଷ୍ଟା କରନ୍ତୁ। ମନୁଷ୍ୟ ଜୀବନର କ୍ଷଣେ ମାତ୍ର ସମୟ ନଷ୍ଟ କରନ୍ତୁ ନାହିଁ।

୭୯ । ସମୁଦ୍ରର ଲୁଣ ପାଣି ଉପରକୁ ଉଠି ମେଘ[୧୫] ହୋଇ ତହିଁରୁ ବର୍ଷା ପାଣି ତଳକୁ ପଡ଼ିଲେ ତାହା ଅମୃତ ଭଳି ମଧୁର ହୋଇଯାଏ । ସେହିପରି ଗୁରୁଙ୍କ ପାଦପଦ୍ମରେ ଚିତ୍ତ ରହିଲେ ଆନନ୍ଦ ଜାତ ହୁଏ ।

୮୦ । ମନୁଷ୍ୟ ଜୀବନରେ ଆନନ୍ଦ ଅବସ୍ଥା ଗୁରୁଙ୍କ ବିନା ପ୍ରାପ୍ତ ହୋଇପାରିବ ନାହିଁ। ଗୁରୁ ଆବଶ୍ୟକ ସାହାଯ୍ୟ[୧୬] ଦେଲାପରେ ତାହା ମିଳିପାରିବ।

୮୧ । ପବିତ୍ର ମନ୍ତ୍ର, ତୀର୍ଥସ୍ଥାନ, ଦେବପ୍ରତିମା, ବ୍ରାହ୍ମଣ, ଭବିଷ୍ୟତବକ୍ତା, ଚିକିତ୍ସକଙ୍କ ପରେ ସପ୍ତମ ସ୍ଥାନରେ ଗୁରୁଙ୍କର ଅବସ୍ଥାନ। ଏ ସମସ୍ତେ ବିଶ୍ୱାସ ଆବଶ୍ୟକ କରନ୍ତି।

୮୨ । ଏମାନଙ୍କ ଉପରେ ଥିବା ବିଶ୍ୱାସ ଅନୁପାତରେ ସଫଳତା ମିଳିଥାଏ। ମନର ଏକାଗ୍ରତା ଉପରେ ନିର୍ଭର କରି ସଫଳତା କମ୍ ବେଶି ହୋଇଥାଏ ।

୮୩। ଯେଉଁମାନେ ଏହି ଜଗତ ସହିତ ବାନ୍ଧି ହୋଇଯାଇଛନ୍ତି, ସେମାନଙ୍କ ହୃଦୟରେ ମୋକ୍ଷ ଲାଭର ଇଚ୍ଛା ସନ୍ଥମାନେ ସୃଷ୍ଟି କରିଥାନ୍ତି ଓ ଯେଉଁମାନେ ମୋକ୍ଷର ସନ୍ଧାନ କରୁଥାନ୍ତି, ସେମାନେ ମୁକ୍ତି ପାଇଯାଇଥାନ୍ତି । ଅନ୍ୟମାନଙ୍କର ମଙ୍ଗଳ ପାଇଁ ସନ୍ଥମାନେ ଅବ୍ୟକ୍ତ ବ୍ରହ୍ମରୁ ସ୍ୱତଃ ପ୍ରକଟ ହୋଇଥାନ୍ତି।

୮୪ । ପ୍ରବଚନ ଶ୍ରବଣ ଓ ଶାସ୍ତ୍ର ପୁରାଣ ଅଧ୍ୟୟନରୁ ଯାହା ମିଳିପାରେ ନାହିଁ ତାହା ଗୁଣୀବ୍ୟକ୍ତି (ଗୁରୁ)ଙ୍କ ଆଚରଣରୁ ସହଜରେ ବୁଝିହୁଏ । ତାଙ୍କର ଜୀବନଚର୍ଯ୍ୟା ଓ ଉଦାହରଣ ହେଉଛି ନିରବ ଉପଦେଶ।

୮୫ । କ୍ଷମା, ଶାନ୍ତି, ଅନାସକ୍ତ ଓ କରୁଣା ଭାବ ଆଚରଣ କରୁଥିବ, ଋଣାନୁବନ୍ଧ ହୋଇ ଅନ୍ୟକୁ ଦାନ ଧର୍ମ କରୁଥିବ, ନିଜର ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣରେ ରଖିଥିବ ଏବଂ ଅହଂକାର

ତ୍ୟାଗ କରିଥିବ-ଏଭଳି ଜଣେ ବ୍ୟକ୍ତି ପାଇବା ବିରଳ ।

୮୬ । ଯେଉଁ ବିଷୟ ଶାସ୍ତ୍ରାଧ୍ୟୟନ ଦ୍ୱାରା ମିଳିପାରେ ନାହିଁ, ଶାସ୍ତ୍ରବର୍ଣ୍ଣିତ ସଦ୍‌ଗୁଣଗୁଡ଼ିକୁ ପାଳନ କରୁଥିବା ବ୍ୟକ୍ତିଙ୍କୁ ଅନୁଧ୍ୟାନ କଲେ ତାହା ସହଜରେ ମିଳି ଯାଇଥାଏ । ଅଗଣିତ ତାରା ଯାହା କରି ପାରନ୍ତି ନାହିଁ, ସୂର୍ଯ୍ୟ ଏକାକୀ ତାହା କରିଥାଏ ।

୮୭ । ସେହିଭଳି ମହାନ୍ ସନ୍ଥମାନଙ୍କର ଅନେକ ସାଧାରଣ[୧୭] କାର୍ଯ୍ୟ, ସଂସାର ବନ୍ଧନରେ ବାନ୍ଧି ହୋଇପଡ଼ିଥିବା ବ୍ୟକ୍ତିମାନଙ୍କୁ ମୁକ୍ତି ଦିଏ ଓ ପରମ ଆନନ୍ଦର ଉତ୍ସ ହୋଇଥାଏ ।

୮୮ । ଏହି ମହାନ୍ ସନ୍ଥମାନଙ୍କ ମଧ୍ୟରୁ ଶ୍ରୀସାଇ ଅନ୍ୟତମ ଥିଲେ ଯାହାଙ୍କଠାରେ ଦିବ୍ୟ ଲକ୍ଷଣ, ସଦ୍‌ଗୁଣ ଓ ଶୁଦ୍ଧତା ପରିପୂର୍ଣ୍ଣ ହୋଇ ରହିଥିଲା । ସେ ନିଜେ ଫକୀର ଭାବରେ ରହି ଆତ୍ମଜ୍ଞାନରେ ସବୁବେଳେ ମଜ୍ଜି ରହୁଥିଲେ ।

୮୯ । ସାମ୍ୟଭାବରେ ଯାହାଙ୍କର ବିଶ୍ୱାସ ଅଟଳ, 'ମୁଁ' ବା 'ମୋର' ଯିଏ କେବେ କହନ୍ତି ନାହିଁ, ଯିଏ ସମସ୍ତ ପ୍ରାଣୀଙ୍କୁ ଦୟା ଦେଖାଇଥାନ୍ତି, ସିଏ ଏହି ପୃଥିବୀରେ ଈଶ୍ୱରଙ୍କର ସାକ୍ଷାତ ଅବତାର ଅଟନ୍ତି ।

୯୦ । ସେ ସୁଖରେ ଉତ୍‌ଫୁଲ୍ଲ ହୁଅନ୍ତି ନାହିଁ କି ଦୁଃଖରେ ଭାଂଗି ପଡ଼ନ୍ତି ନାହିଁ । ତାଙ୍କ ନିମିତ୍ତ ଧନୀ ଓ ଦରିଦ୍ର ସମସ୍ତେ ସମାନ । ଏହା ଅସାଧାରଣ ନୁହଁ କି ?

୯୧ । ଯାହାଙ୍କର ଭ୍ରୂଲତା ସାମାନ୍ୟ ହଲିଗଲେ ନିଃସ୍ୱ ମୁହୂର୍ତ୍ତକ ମଧ୍ୟରେ ଧନୀ ପାଲଟି ଯାଇପାରେ, ସେ କାନ୍ଧରେ ଝୁଲିଧରି ଘର ଘର ବୁଲି ଭିକ୍ଷା ମାଗନ୍ତି ।

୯୨ । ସେହିମାନେ ଧନ୍ୟ, ଯେଉଁମାନଙ୍କ ଦ୍ୱାର ମୁହଁରେ ବାବା ଛିଡ଼ା ହୋଇ ଭିକ୍ଷା ନିମିତ୍ତ ହାତ ପାତି କହିଥାନ୍ତି, "ହେ ମା ! ମୋ ପାଇଁ ଚଉଠେ ରୁଟି ଆଣ ।"

୯୩ । ଗୋଟିଏ ହାତରେ ଟୁମରେଲ[୧୮] ବା ଟିଣ ପାତ୍ର ଓ ଅନ୍ୟ ହାତରେ ଝୋଲି[୧୯] ଧରି ସେ ନିର୍ଦ୍ଦିଷ୍ଟ କେତେକ ଗୃହକୁ ପ୍ରତିଦିନ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗିବାକୁ ଯାଇଥାନ୍ତି ।

୯୪ । ପରିବା ତରକାରୀ, ଝୋଳ, ଦୁଧ କିମ୍ବା ଘୋଳ ଦହି ଟୁମରେଲ ମଧ୍ୟକୁ ଲୋକେ ଢାଳି ଦେଇଥାନ୍ତି । ତାଙ୍କର ଅଦ୍ଭୁତ ଖାଇବା ପ୍ରଣାଳୀକୁ ଲକ୍ଷ୍ୟ କରନ୍ତୁ ।

୯୫ । ଭାତ କିମ୍ବା ରୁଟି କେହି ଦେଉଥିଲେ ସେ ଝୋଲି ମେଲାଇ ଦେଖାଇ ଦେଇଥାନ୍ତି, କିନ୍ତୁ ତରଳ ଖାଦ୍ୟପଦାର୍ଥ ସେ ଟୁମରେଲରେ ସଂଗ୍ରହ କରିଥାନ୍ତି ।

୯୬ । ପ୍ରତ୍ୟେକ ଖାଦ୍ୟର ସ୍ୱାଦ ଅଲଗା ଅଲଗା ବାରିବା ନିମନ୍ତେ ତାଙ୍କ ମନ ମଧ୍ୟରେ ଇଚ୍ଛା କାହିଁକି ଜାତ ହେବ ? ତାଙ୍କର ଜିହ୍ୱା ସ୍ୱାଦ ଚାଖିବା ପାଇଁ ଆଦୌ ଆଗ୍ରହୀ ହୋଇ ନଥିବା ବେଳେ ସେ କିପରି ଏହା ଇଚ୍ଛା କରିବେ ?

୯୭ । ତାଙ୍କର ଝୋଲି ମଧ୍ୟରେ ପଡୁଥିବା ଖାଦ୍ୟ ଖାଇ ସେ ସନ୍ତୁଷ୍ଟ ହୋଇଥାନ୍ତି ଓ ସେସବୁ ଦାତାର ଇଚ୍ଛା ଉପରେ ନିର୍ଭର କରିଥାଏ । ଖାଦ୍ୟଟି ସୁଆଦିଆ କିମ୍ବା ସ୍ୱାଦହୀନ ସେ ଜାଣିପାରନ୍ତି ନାହିଁ, କାରଣ ତାଙ୍କର ଜିହ୍ୱା ତାହାକୁ ବାରିନଥାଏ ।

୯୮ । ପ୍ରତିଦିନ ସକାଳେ ସେ ପାଖପଡ଼ୋଶୀଙ୍କ ଘରକୁ ଯାଇ ଭିକ୍ଷା ମାଗିବେ ଓ ଥଳିରେ ପଡ଼ିଥିବା ଖାଦ୍ୟରେ ତାଙ୍କ ପେଟ ପୂରିବ ଓ ସେ ସନ୍ତୁଷ୍ଟ ହେବେ ।

୯୯ । ତା' ମଧ୍ୟ ପ୍ରତିଦିନ ହୁଏ ନାହିଁ । ସେ ଇଚ୍ଛା କଲେ ଯାଆନ୍ତି । ଏପରିକି ଦିନେ ଦିନେ ସେ ଗ୍ରାମ ଭିତରକୁ ଯାଇ ବାରଥର ଭିକ୍ଷା ମାଗନ୍ତି ।


କୋଲମ୍ବା ବା ମାଟିକୁଣ୍ଡ

୧୦୦ । ଏହି ଉପାୟରେ ସେ ଯାହା ଖାଦ୍ୟଦ୍ରବ୍ୟ ଆଣନ୍ତି, ସେସବୁକୁ ମସ୍‌ଜିଦ୍‌ରେ ଗୋଟିଏ କୁଣ୍ଡରେ ରଖନ୍ତି । ସେହି କୁଣ୍ଡରୁ କାଉ, କୁକୁର ଖାଇବାରେ ବାଧା ନାହିଁ ଓ ବାବା କେବେ ମଧ୍ୟ କାହାରିକୁ ଘଉଡ଼ାଇ ଦିଅନ୍ତି ନାହିଁ ।

୧୦୧ । ଯେଉଁ ମହିଳା ଜଣକ ମସ୍‌ଜିଦ୍ ଓ ତାହାର ଅଗଣା ସଫାକରେ, ସେ ଦଶ ବାରଟି ରୁଟି ଏଇ କୁଣ୍ଡ ଭିତରୁ ନେଇ ଘରକୁ ଚାଲିଯାଏ । ତାକୁ କେହି କିଛି କହନ୍ତି ନାହିଁ ।

୧୦୨ । ଯିଏ ସ୍ୱପ୍ନରେ ସୁଦ୍ଧା କୁକୁର, ବିଲେଇଙ୍କୁ ଘଉଡ଼ାଇ ଦେବାର ଚିନ୍ତା ଘୁଣାକ୍ଷରରେ ମଧ୍ୟ କରିନାହାନ୍ତି, ସେ କ'ଣ ଗରିବ ଓ ଅସହାୟମାନଙ୍କୁ ମନା କରିବେ ? ସେମାନଙ୍କ ଜୀବନ ଧନ୍ୟ !

୧୦୩ । ପ୍ରଥମେ ପ୍ରଥମେ ସେ 'ପାଗଳା ଫକୀର' ବୋଲି ଲୋକମାନଙ୍କ ମଧ୍ୟରେ ପରିଚିତ ଥିଲେ । ଯିଏ ଭିକ୍ଷାମାଗି

ନିଜର ପେଟ ପୋଷୁଛି, ତାହାର ଆଡ଼ମ୍ବର କୁଆଡୁ ଆସିବ ?
୧୦୪। ଫକୀର ସ୍ୱଭାବରେ ଦୟାଳୁ ଥିଲେ। ସେ କିଛି ପ୍ରାପ୍ତିର ଆଶା ରଖୁନଥିଲେ। ସ୍ନେହଶୀଳ ଥିଲେ । ବାହାରକୁ ବୁଲା ମନର ବୋଲି ଜଣାପଡୁଥିଲେ ମଧ୍ୟ ଅନ୍ତର ମଧ୍ୟରେ ସେ ସ୍ଥିର ଥିଲେ। ତାଙ୍କର ସ୍ୱଭାବ ବୁଝିପାରିବା ଅସମ୍ଭବ ଥିଲା।
୧୦୫। ଏଭଳି ଏକ ଅଖ୍ୟାତ ଗ୍ରାମରେ କେତେକ ଭାଗ୍ୟବାନ ବ୍ୟକ୍ତି ରହିଥିଲେ, ଯେଉଁମାନେ ଦୟାଳୁ ସ୍ୱଭାବର ଥିଲେ ଓ ବାବାଙ୍କୁ ସନ୍ଥର ମାନ୍ୟତା ଦେଇଥିଲେ।


ତାତ୍ୟା ଗଣପତ୍ କୋତେ ପାଟିଲ

୧୦୬। ତାତ୍ୟା କୋତେଙ୍କ ମା' ବାୟଜାବାଇ ଗୋଟିଏ ଟୋକେଇରେ କିଛି ରୁଟି ନିଜ ମୁଣ୍ଡରେ ମୁଣ୍ଡେଇ ଓପରବେଳା ଜଙ୍ଗଲ ମଧ୍ୟକୁ ଯାଉଥିଲେ।
୧୦୭। ପାଗଳା ଫକୀରଙ୍କୁ ଖୋଜିବା ପାଇଁ ସେ ଜଙ୍ଗଲ ଭିତରେ ମାଇଲ ମାଇଲ ବାଟ କଣ୍ଟାବୁଦା ଏଡ଼ାଇ ଯାଉଥିଲେ ଓ ତାଙ୍କୁ ପାଇଯିବା ପରେ ମୁଣ୍ଡ ନୁଆଇଁ ତାଙ୍କ ପାଦରେ ପ୍ରଣାମ କରୁଥିଲେ।
୧୦୮। ବାୟଜାବାଇଙ୍କ ଭକ୍ତିର ପରାକାଷ୍ଠାକୁ କିଏ ଅବା ବର୍ଣ୍ଣନା କରିପାରିବ ! ସେ ନିଜ ହାତରେ ରୁଟି ସହିତ ଶୁଖିଲା ଭଜା କିମ୍ବା ଝୋଳ ତରକାରୀ ଜଙ୍ଗଲ ମଧ୍ୟରେ ଦ୍ୱିପ୍ରହରରେ କିମ୍ବା ଓପରବେଳାରେ ବାବାଙ୍କୁ ଶ୍ରଦ୍ଧାରେ ଖୁଆଉଥିଲେ।
୧୦୯। ତାଙ୍କର ସେହି ଅଟଳ ଭକ୍ତିକୁ ବାବା ତାଙ୍କ ଜୀବନ କାଳ ମଧ୍ୟରେ ଆଦୌ ଭୁଲି ନଥିଲେ। ପଛକଥା ମନରେ ରଖି ବାବା ତାଙ୍କର ପୁଅକୁ ସୌଭାଗ୍ୟର ଆଶୀର୍ବାଦ ଦେଇଥିଲେ।
୧୧୦। ସେହି ପତିପତ୍ନୀ ଉଭୟଙ୍କର ଫକୀରଙ୍କ ଉପରେ ବହୁତ ବିଶ୍ୱାସ ରହିଥିଲା। ଫକୀର ସେମାନଙ୍କ ପାଇଁ ଭଗବାନ ଥିଲେ। ଭଗବାନ ଭକ୍ତଙ୍କ ବିଶ୍ୱାସ ମଧ୍ୟରେ ରହିଥାନ୍ତି, ଏକଥା ସତ୍ୟ ନୁହେଁ କି ?
୧୧୧। ଫକୀର ଧ୍ୟାନରେ ବସିଥାନ୍ତି। ବାୟଜାବାଇ ପତ୍ର[୨୦] ପକାଇ ଟୋକେଇରୁ ଖାଦ୍ୟ କାଢ଼ି ବାବାଙ୍କୁ ଖୁଆଇବା ପାଇଁ ଚେଷ୍ଟା କରିଥାନ୍ତି।
୧୧୨। "ଫକୀର ଅଭଲ ବାଦଶାହୀ, ଫକୀରିହି ସଚ୍ଚି ଅମୀରି, ତା'ର କୌଣସି ଅନ୍ତ ନାହିଁ। ଦେଖ, ଧନଦୌଲତ ଅସାର।" ଏ କଥା ବାବା ସର୍ବଦା କହୁଥିଲେ।
୧୧୩। କିଛିଦିନ ପରେ ବାବା ଜଙ୍ଗଲକୁ ଯିବା ଛାଡ଼ି ଦେଇଥିଲେ। ସେ ଗ୍ରାମରେ ରହି ମସ୍‌ଜିଦ୍‌ରେ ଖାଉଥିଲେ । ଏପରିଭାବରେ ସେ ମା'ଙ୍କର ଅସୁବିଧା ଦୂର କରିଥିଲେ ।
୧୧୪। ଉଭୟଙ୍କ[୨୧] ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଅଭ୍ୟାସ ଶେଷ ପର୍ଯ୍ୟନ୍ତ ଚାଲୁଥିଲା। ସେମାନଙ୍କ ପରେ ତାତ୍ୟା ଏହାକୁ ଚାଲୁ ରଖିଥିଲେ।
୧୧୫। ଯେଉଁ ସନ୍ଥମାନଙ୍କ ହୃଦୟରେ ବାସୁଦେବ[୨୨] ସ୍ଥାୟୀ ଭାବରେ ବାସକରିଥାନ୍ତି, ସେମାନେ ଧନ୍ୟ। ସେମାନଙ୍କ ସଂସ୍ପର୍ଶରେ ଯେଉଁ ଭାଗ୍ୟବାନ ଭକ୍ତମାନେ ଆସିଥାନ୍ତି ଓ ଆନନ୍ଦ ଲାଭ କରିଥାନ୍ତି, ସେମାନେ ମଧ୍ୟ ଧନ୍ୟ ।


ମହାଲ୍‌ସାପତି

୧୧୬। ତାତ୍ୟା ପ୍ରକୃତରେ ଭାଗ୍ୟବାନ। ମହାଲ୍‌ସାପତିଙ୍କର ଧର୍ମୀୟ ଯୋଗ୍ୟତା ମଧ୍ୟ ବହୁ ଅଧିକ ଥିଲା। ସେମାନେ ବାବାଙ୍କ ସଂସର୍ଗର ଫଳ ସମାନ ଭାବରେ ଲାଭ କରିଥିଲେ।
୧୧୭। ତାତ୍ୟା ଓ ମହାଲ୍‌ସାପତି ମଧ୍ୟ ମସ୍‌ଜିଦ୍‌ରେ ଶୋଉଥିଲେ। ଉଭୟଙ୍କ ପ୍ରତି ବାବାଙ୍କର ଅନାବିଳ ସ୍ନେହ ସମାନ ଭାବରେ ରହୁଥିଲା।
୧୧୮। ସେମାନେ ପୂର୍ବ, ପଶ୍ଚିମ ଓ ଉତ୍ତରକୁ ମୁଣ୍ଡକରି ଶୋଉଥିଲେ। ମଝିରେ ସେମାନଙ୍କର ଗୋଡ଼ ପରସ୍ପରକୁ ସ୍ପର୍ଶ କରୁଥିଲା।
୧୧୯। ନିଜ ନିଜର ଶେଯ ଏହିପରି ପକାଇ ସେମାନେ ନାନା ବିଷୟରେ ନିଜ ନିଜ ମଧ୍ୟରେ କଥା ହେଉଥିଲେ। କେହି ଜଣେ ଢୁଳାଇ ପଡୁଥିଲେ ଅନ୍ୟ ଜଣକ ତାକୁ ଉଠାଇ ଦେଉଥିଲା।
୧୨୦। ତାତ୍ୟା ଘୁଙ୍ଗୁଡ଼ି ମାରିଲେ ବାବା ହଠାତ୍ ଉଠି ବସି ତାକୁ ଗଡ଼େଇ ଦେଉଥିଲେ ଓ ତାହାର ମୁଣ୍ଡକୁ ଚିପିଦେଉଥିଲେ।
୧୨୧। ମହାଲ୍‌ସାପତିଙ୍କର ସାହାଯ୍ୟ ନେଇ ସେ ତାତ୍ୟାକୁ ପାଖକୁ ଟାଣିଆଣି କୋଳ କରୁଥିଲେ, ତାହାର ପାଦ ଚିପି ଦେଉଥିଲେ ଓ ପିଠିକୁ ମାଲିସ୍ କରୁଥିଲେ ।

୧୨୨ । ଏହିଭଳି ଚଉଦବର୍ଷ ପର୍ଯ୍ୟନ୍ତ ତାତ୍ୟା ବାବାଙ୍କ ନିକଟରେ ମସ୍‌ଜିଦ୍‌ରେ ଶୋଉଥିଲା । ସେହିଦିନଗୁଡ଼ିକ କେତେ ସୌଭାଗ୍ୟର ସମୟ ଥିଲା । ତାହା ଚାଲିଯାଇଛି, କିନ୍ତୁ ତାହାର ସ୍ମୃତି ଏବେ ମଧ୍ୟ ଅମଳିନ ରହିଛି !

୧୨୩ । ବାପାମାଆଙ୍କୁ ଛାଡ଼ି ବାବା ଚାହୁଁଥିବା ଯୋଗୁଁ ତାତ୍ୟା ମସ୍‌ଜିଦ୍‌ରେ ତାଙ୍କ ପାଖରେ ଶୋଉଥିଲା । ସେହି ସ୍ନେହକୁ କେଉଁ ନିକିତିରେ ଆମେ ତଉଲିବା ? ସେହି କରୁଣାର କିଏ ମୂଲ୍ୟାଙ୍କନ କରିପାରିବ ?

୧୨୪ । ପରେ ତାତ୍ୟାଙ୍କ ବାପା ମରିଯାଇଥିଲେ । ତାତ୍ୟା ଗୃହକାର୍ଯ୍ୟରେ ବ୍ୟସ୍ତ ରହୁଥିଲା । ସେ ବିବାହ କରି ଗୃହସ୍ଥ ପାଲଟି ଯାଇଥିଲା । ତା’ ପରେ ସେ ନିଜ ଘରେ ଶୋଉଥିଲା ।

୧୨୫ । ସେ ଯାହାହେଉ ନା କାହିଁକି, ବିଶ୍ୱାସ ହୃଦୟ ଓ ମନ ମଧ୍ୟରେ ପୂର୍ଣ୍ଣ ଭାବରେ ରହିବା ଉଚିତ୍ । ଏହାରି ଦ୍ୱାରା ସାଇଙ୍କୁ ଅନୁଭବ କରିହେବ । ବିନା ଡାକରାରେ ସେ ଭକ୍ତଙ୍କ ନିକଟରେ ଛିଡ଼ା ହୋଇଯାନ୍ତି, ଭକ୍ତମାନେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି ।

୧୨୬ । ରାହାତାରେ ଜଣେ ଜଣାଶୁଣା ଭଦ୍ରବ୍ୟକ୍ତି ଖୁଶାଲଚନ୍ଦ ରହୁଥିଲେ । ସେ ବାବାଙ୍କର ଜଣେ ଧନୀ ଭକ୍ତ ଥିଲେ । ସେହି ଗ୍ରାମରେ ତାଙ୍କର ବଡ଼ ବ୍ୟବସାୟ ଥିଲା ।

୧୨୭ । ସୁପରିଚିତ ଗଣପତ୍ କୋତେ ପାଟିଲ ବାବାଙ୍କର

ଖୁଶାଲଚନ୍ଦ

ଅତି ପ୍ରିୟ ଥିଲେ । ଖୁଶାଲଚନ୍ଦଙ୍କ କାକା ସେଠ୍ ଶ୍ରୀ ଚନ୍ଦ୍ରଭାନ ମଧ୍ୟ ବାବାଙ୍କର ଅତି ପ୍ରିୟ ଥିଲେ ।

୧୨୮ । ସେମାନେ[୨୩] ଜାତିରେ ମାରୁଆଡ଼ି ହେଲେ ମଧ୍ୟ ବାବାଙ୍କର ଖୁବ୍ ପ୍ରିୟ ଥିଲେ । ସେମାନେ[୨୪] ପରସ୍ପରକୁ ମଝିରେ ମଝିରେ ଭେଟି ସୁଖଦୁଃଖ କଥାବାର୍ତ୍ତା କରି ଆନନ୍ଦିତ ହେଉଥିଲେ ।

୧୨୯ । ଈଶ୍ୱରଙ୍କ ଇଚ୍ଛା ଅନୁଯାୟୀ ବୟସ୍କ ସେଠ୍‌ଙ୍କ ଦେହାନ୍ତ ହୋଇ ଯାଇଥିଲା । ତାହାପରେ ମଧ୍ୟ ବାବା ସମ୍ପର୍କ ତୁଟାଇନଥିଲେ ବରଂ ତାଙ୍କର ଶ୍ରଦ୍ଧା ଦ୍ୱିଗୁଣିତ ହୋଇଥିଲା ।

୧୩୦ । ଖୁଶାଲଚନ୍ଦଙ୍କ ପ୍ରତି ବାବାଙ୍କର ସ୍ନେହ ମମତା ବଢ଼ିଥିଲା । ଦେହତ୍ୟାଗ କରିବା ପର୍ଯ୍ୟନ୍ତ ସେ ପ୍ରତିଦିନ ତାଙ୍କର ଶୁଭ ମନାସୁଥିଲେ ।

୧୩୧ । ବାବା ତାଙ୍କର ସାଂଗମାନଙ୍କ ଗହଣରେ ଦେଢ଼ମାଇଲ ଦୂରରେ ଥିବା ରାହାତା ଗ୍ରାମକୁ ବଳଦଗାଡ଼ିରେ କିମ୍ବା ଟାଙ୍ଗାରେ ମଝିରେ ମଝିରେ ଯାଉଥିଲେ ।

୧୩୨ । ଗ୍ରାମର ଲୋକେ ବାଜା, ତୁରୀ ଭେରୀ ଇତ୍ୟାଦି ନେଇ ଆସୁଥିଲେ । ବାବାଙ୍କୁ ଗ୍ରାମ ସୀମାରେ ଭେଟି ଶ୍ରଦ୍ଧା ସହକାରେ ପ୍ରଣତି ଜଣାଉଥିଲେ ।

୧୩୩ । ସେହିଠାରୁ ଅତ୍ୟନ୍ତ ଶ୍ରଦ୍ଧା ଓ ଆନନ୍ଦ ମନରେ ବାଜା ବଜାଇ ଶୋଭାଯାତ୍ରାରେ ବାବାଙ୍କୁ ଗ୍ରାମ ଭିତରକୁ ନେଇ ଯାଉଥିଲେ ।

୧୩୪ । ତା’ପରେ ଖୁଶାଲଚନ୍ଦ ବାବାଙ୍କୁ ନିଜ ଘରକୁ ନେଇ ଯାଉଥିଲେ । ସାମାନ୍ୟ ଜଳଖିଆ ପରେ ଆରାମରେ ଦୁହେଁ ବସି କଥାବାର୍ତ୍ତା ହେଉଥିଲେ ।

୧୩୫ । ପୁରୁଣା ସ୍ମୃତିରୁ ଭାବ ବିନିମୟ ହେଉଥିଲା । ସେମାନଙ୍କର ସେହି ଅନୁଭବ ଓ ଆନନ୍ଦକୁ ବର୍ଣ୍ଣନା କରାଯାଇ ପାରିବ ନାହିଁ ।

୧୩୬ । ବିଶ୍ରାମ ଗ୍ରହଣ ପରେ ଫଳମୂଳ ଓ ଜଳଖିଆ ଖାଇ ବାବା ଖୁସି[୨୫] ମନରେ ତାଙ୍କର ଦଳବଳ ଧରି ଫେରିଆସୁଥିଲେ ।

୧୩୭ । ଗୋଟିଏ ପଟରେ ରାହାତା ଗ୍ରାମ ଓ ଅନ୍ୟ ପାଖରେ ନିମଗାଁ । ଶିରିଡ଼ି ମଝିରେ ଥିଲା । ଗ୍ରାମଟି ନିହାତି ଛୋଟ ଥିଲା, ଲୋକସଂଖ୍ୟା ମଧ୍ୟ ଅଳ୍ପ ଥିଲା ।

୧୩୮ । ବାବା ସବୁ ସ୍ଥାନର ଖବର ଜାଣୁଥିଲେ ବି ମଧ୍ୟସ୍ଥଳ ଶିରିଡ଼ିରୁ ଏହି ଦୁଇ ଗାଁକୁ ଯିବା ବ୍ୟତୀତ ଅନ୍ୟ କୌଣସି ସ୍ଥାନକୁ କେବେ ଯାଇନଥିଲେ ।

୧୩୯ । ସେ କେବେ ରେଳଗାଡ଼ି ଦେଖିନଥିଲେ କି ସେଥିରେ ଯାତ୍ରା କରିନଥିଲେ । କିନ୍ତୁ ଟ୍ରେନଗୁଡ଼ିକର ଯିବା ଆସିବାର ସମୟ ସାରଣୀ ସେ ଜାଣିଥିଲେ ।

୧୪୦ । ଟ୍ରେନ ଧରିବା ପାଇଁ ଭକ୍ତମାନେ ସବୁ ପ୍ରକାର ବନ୍ଦୋବସ୍ତ କରିଦେଇ ବାବାଙ୍କ ଅନୁମତି ନିମନ୍ତେ ଯାଉଥିଲେ । ବେଳେ ବେଳେ ସେ କହିଥାନ୍ତି, “ଏତେ ତରବର କାହିଁକି ?”

୧୪୧ । “ବାବା, ତରବର ହୋଇ ନଗଲେ ବମ୍ୱେଇ ଟ୍ରେନ ଚାଲିଯିବ ଓ ମୋର ଚାକିରି ହରାଇବି । ମାଲିକ ମୋତେ ବାହାର କରିଦେବ ।” ଅନୁମତି ଲୋଡୁଥିବା ଭକ୍ତ କହନ୍ତି ।

୧୪୨ । "ଏଠି କେହି ମାଲିକ ନାହାନ୍ତି । ତରବର ହେଉଛ କାହିଁକି ? ଯାଅ, ଖିଆପିଆ କର । ଓପରବେଳାର ଭୋଜନ ସାରି ଚାଲିଯାଅ !" - ବାବା ଉତ୍ତର ଦିଅନ୍ତି ।

୧୪୩ । ଏଭଳି ଆଦେଶକୁ କିଏ ଅମାନ୍ୟ କରିପାରିବ ? ବୃଦ୍ଧ, ଯୁବକ, ଜ୍ଞାନୀ, ବିବେକୀ ସମସ୍ତେ ନିଜ ନିଜ ଅନୁଭୂତିରୁ ଏହା ଜାଣିଥିଲେ ।

୧୪୪ । ଯେଉଁମାନେ ତାଙ୍କର ଆଦେଶକୁ ମାନିଛନ୍ତି, ସେମାନେ କେବେ ଟ୍ରେନ ଫେଲ୍ ହୋଇନାହାନ୍ତି । ଯେଉଁମାନେ ବିଶ୍ୱାସ ନକରି ଅମାନ୍ୟ କରିଛନ୍ତି, ସେମାନେ ହାତେ ହାତେ ଫଳ ଭୋଗ କରିଛନ୍ତି ।

୧୪୫ । ଗୋଟିକ ପରେ ଗୋଟିଏ ଅସଂଖ୍ୟ, ଅସାଧାରଣ ଅନୁଭୂତି ଏହିଭଳି ବିଭିନ୍ନ ଲୋକଙ୍କର ରହିଛି, ଯାହା ମୁଁ ସଂକ୍ଷେପରେ ପରେ କହିବି ।

୧୪୬ । ହେମାଡ଼ପନ୍ତ ଶ୍ରୀସାଇଙ୍କର ପାଦପଦ୍ମରେ ସମର୍ପିତ । ଆଗାମୀ ଅଧ୍ୟାୟରେ ଭକ୍ତମାନେ ଶିରିଡ଼ିରୁ ବାବାଙ୍କର ଅନୁମତି ନେଇ କିପରି ଫେରିଥାନ୍ତି, ସେ ସମ୍ବନ୍ଧରେ ଆମେ ବର୍ଣ୍ଣନା କରିବା ।

୧୪୭ । ଯେଉଁମାନେ ଅନୁମତି ପାଉଥିଲେ ସେମାନେ ଯାଉଥିଲେ, ଆଉ ଯେଉଁମାନେ ପାଉନଥିଲେ, ସେମାନେ ରହିଯାଉଥିଲେ । ଯେଉଁମାନେ ଅମାନ୍ୟ କରୁଥିଲେ ସେମାନେ ହଇରାଣ ହୋଇ କଷ୍ଟ ଭୋଗୁଥିଲେ । ସେସବୁ କଥା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ ।

୧୪୮ । ବାବା କାହିଁକି ଭିକ୍ଷାବୃତ୍ତି କରନ୍ତି ଓ ଯାହା ମାଗି ଆଣିଥାନ୍ତି ତାକୁହିଁ ଖାଇଥାନ୍ତି; ପ୍ରତ୍ୟେକ ଦିନ କରାଯାଉଥିବା ପାପକୁ ଧୋଇଦେବା ସକାଶେ ବାବା କ'ଣ ଏପରି କରନ୍ତି; କେତେବେଳେ ପଶୁଜୀବନ ଦୈବାତ୍ ଧ୍ୱଂସ ପାଇଥାଏ । ଏ ସମସ୍ତ ବିଷୟରେ ପରେ ବର୍ଣ୍ଣନା କରାହେବ ।

୧୪୯ । ମୁଁ ଶ୍ରୋତାମାନଙ୍କ ଚରଣରେ ପ୍ରାର୍ଥନା କରୁଅଛି ଓ ପ୍ରତି ମୁହୂର୍ତ୍ତରେ ସାଇଚରିତ ଶୁଣିବା ପାଇଁ ପ୍ରବର୍ତ୍ତାଉଛି । ଏହା ଫଳରେ ସେମାନଙ୍କର ମଙ୍ଗଳ ହେବ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇ ସମର୍ଥଙ୍କ ଅବତାର ଗ୍ରହଣ" ଶୀର୍ଷକ ଅଷ୍ଟମ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଦେବତାଙ୍କ ମୂର୍ତ୍ତି ସମ୍ମୁଖରେ ଦିନରାତି ଅନବରତ ଜଳୁଥିବା ଅଖଣ୍ଡଦୀପ । ଏହାକୁ 'ନନ୍ଦାଦୀପ' ବୋଲି ମଧ୍ୟ କୁହାଯାଇଥାଏ ।

୨- ଶରୀର ମଧ୍ୟରେ ହେଉଥିବା ସୂକ୍ଷ୍ମ ପରିବର୍ତ୍ତନକୁ କେହି ଜାଣି ପାରନ୍ତି ନାହିଁ ।

୩- ମାର୍କଣ୍ଡେୟ ଦୀର୍ଘ ଜୀବନର ବର ପାଇଥିଲେ ।

୪- ସମ୍ରାଟ ଭଳି ।

୫- ପରମ ଆଧ୍ୟାତ୍ମିକ ଲକ୍ଷ୍ୟ ।

୬- ସୂର୍ଯ୍ୟବଂଶୀ ରାଜା । ସେ ସଗର ରାଜାଙ୍କର ପଣନାତି ଥିଲେ । ସେ କଠୋର ତପସ୍ୟା କରି ସ୍ୱର୍ଗରୁ ଗଙ୍ଗାଙ୍କୁ ପୃଥିବୀକୁ ଅବତରଣ କରାଇ ତଳ ଅଂଚଳକୁ ନେଇ ଆସିଥିଲେ । ସଗରଙ୍କ ଷାଠିଏ ହଜାର ପୁତ୍ରଙ୍କର ଅବଶେଷାଂଶର ପାଉଁଶ ଉପରେ ବହିଗଲା ପରେ ସେମାନେ ପବିତ୍ର ହୋଇ ମୋକ୍ଷ ପ୍ରାପ୍ତ ହେଉଥିଲେ ।

୭- ଆଉ ଥରେ ମନୁଷ୍ୟ ଜନ୍ମ ମିଳିବା ସନ୍ଦିହାନ ।

୮- 'ଚଳ'ଜୀବ- ପକ୍ଷୀ, ସରୀସୃପ, କୀଟପତଙ୍ଗ, ପଶୁ, ମନୁଷ୍ୟ ଇତ୍ୟାଦି ।

୯- 'ଅଚଳ' ଜୀବ-ବୃକ୍ଷ, ଅନ୍ୟ କେତେକ ଜୀବ ଯାହା ଏକସ୍ଥାନରୁ ଅନ୍ୟ ସ୍ଥାନକୁ ଯାଇପାରନ୍ତି ନାହିଁ ।

୧୦- ଉତ୍ତମ କର୍ମ, ଏବଂ ଧର୍ମର ନୈତିକ ଓ ଆନୁଷ୍ଠାନିକ ରୀତିନୀତି ପାଳନ କରି ଚିତ୍ତ ଓ ଶରୀର ଶୁଦ୍ଧ କରି ମୁକ୍ତି ପାଇବା ।

୧୧- ପରଂବ୍ରହ୍ମଙ୍କର ସାରସତ୍ତା ।

୧୨- 'ମୁଁ' ଓ 'ମୋର' ଭାବ ।

୧୩- ଶ୍ରୀରାମଙ୍କ ନାମ ସ୍ମରଣ ।

୧୪- ଧର୍ମ, ଅର୍ଥ, କାମ ଓ ମୋକ୍ଷ-ସତ୍ ଆଚରଣରେ ଜୀବନଯାପନ, ଧନ ଉପାର୍ଜନ, ପତ୍ନୀ ପୁତ୍ରଙ୍କୁ ନେଇ ସଂସାର ଓ ଶେଷରେ ମୁକ୍ତି ଲାଭ ।

୧୫- ବାଷ୍ପୀଭୂତ ହେବା ପରେ ବର୍ଷା ।

୧୬- ଗୁରୁ ନିଜ ପକ୍ଷ ତଳକୁ ନେଇ ଆଶ୍ରୟ ଦେବା ।

୧୭- ବାହାରୁ ଦେଖିଲେ ସାଧାରଣ ମନେ ହେଉଥିଲେ ମଧ ତାହାର ଗଭୀର ଅର୍ଥ ରହିଥାଏ ।

୧୮- ମଗ୍ ଭଳି ଟିଣ ପାତ୍ର । ଏଥିରେ ବାବା ତରଳ ଖାଦ୍ୟପଦାର୍ଥ ସଂଗ୍ରହ କରିଥାନ୍ତି ।

୧୯- ଚାରିକୋଣଥିବା କପଡ଼ାର ଥଳି । ଭିକ୍ଷା ସଂଗ୍ରହ ପାଇଁ ବ୍ୟବହୃତ ହୋଇଥାଏ ।

୮ ॥ ଶ୍ରୀସାଇ ସମର୍ଥଙ୍କ ଅବତାର ଗ୍ରହଣ ॥
୨୦- ପତ୍ର ଥାଳିର କାର୍ଯ୍ୟ କରେ।
୨୧- ବାୟଜାବାଇ ଓ ତାଙ୍କ ସ୍ୱାମୀ ଗଣପତ କୋତେ ପାଟିଲ।
୨୨- ଶ୍ରୀକୃଷ୍ଣଙ୍କ ପିତା। ସୂର୍ଯ୍ୟବଂଶର ଯାଦବକୁଳ। ଶ୍ରୀକୃଷ୍ଣଙ୍କୁ ମଧ ବାସୁଦେବ କୁହାଯାଏ।
୨୩- ଖୁଶାଲଚନ୍ଦ ଓ ତାଙ୍କ କକା।
୨୪- ବାବା ଓ ରାହାତାର ଖୁଶାଲଚନ୍ଦ ଏବଂ ଅନ୍ୟମାନେ ।
୨୫- ଏ ପ୍ରସଙ୍ଗରେ ହରି ସୀତାରାମ ଦୀକ୍ଷିତ ଏକ ଘଟଣା ବର୍ଣ୍ଣନା କରିଥିଲେ। ଥରେ ଓପରବେଳା ବାବା ମୋତେ କହିଥିଲେ, "ଖୁଶାଲଚନ୍ଦ ଅନେକ ଦିନ ହେଲା ଆସିନାହାନ୍ତି । ଟାଙ୍ଗାଟିଏ ନେଇ ତାଙ୍କୁ ରାହାତାରୁ ଡାକିଆଣ। ବାବା ଡାକୁଛନ୍ତି ବୋଲି କହିବ।" ସେହି ନିର୍ଦ୍ଦେଶ ଅନୁଯାୟୀ ମୁଁ ରାହାତାକୁ ଟାଙ୍ଗାଟିଏ ନେଇ ଯାଇଥିଲି ଓ ଖୁଶାଲଚନ୍ଦଙ୍କୁ ଭେଟିଥିଲି। ସେ କହିଥିଲେ, "ମଧ୍ୟାହ୍ନ ଭୋଜନ ପରେ ମୋତେ ଛାଇନିଦ ଆସିଯାଇଥିଲା। ବାବା ସ୍ୱପ୍ନରେ ଆସିଥିଲେ ଓ ଶିରିଡ଼ି ଯିବା ପାଇଁ ମୋତେ କହିଥିଲେ। ମୋର ଯିବାର ଇଚ୍ଛା ଥିଲେ ମଧ୍ୟ ମୋର ଘୋଡ଼ାଗୁଡ଼ିକ ଆଜି ଏଠାରେ ନାହାନ୍ତି। ତେଣୁ ମୁଁ ଯାଇ ପାରିଲିନାହିଁ। ଏବେ ମୁଁ ମୋ ପୁଅକୁ ଶିରିଡ଼ି ପଠାଇ ଦେଲି।" ମୁଁ ଉତ୍ତର ଦେଇଥିଲି, "ସେଇଥିପାଇଁ ମହାରାଜ ମୋତେ ଟାଙ୍ଗା ସହ ପଠାଇଛନ୍ତି। ଆପଣ ଯିବା ପାଇଁ ଚାହୁଁଥିଲେ ମୁଁ ଆଣିଥିବା ଟାଙ୍ଗା ପ୍ରସ୍ତୁତ ହୋଇ ରହିଛି।" ସେ ଅତିଶୟ ଖୁସି ହୋଇ ମୋ ସହିତ ଆସିଥିଲେ।

ବାୟଜାବାଇଙ୍କ ଭକ୍ତିର ପରାକାଷ୍ଠାକୁ କିଏ ଅବା ବର୍ଣ୍ଣନା କରିପାରିବ ! ସେ ନିଜ ହାତରେ ରୁଟି ସହିତ ଶୁଖିଲା ଭଜା କିମ୍ବା ଝୋଳତରକାରୀ ଜଙ୍ଗଲ ମଧରେ ଦ୍ୱିପ୍ରହରରେ ବା ଓପରବେଳା ବାବାଙ୍କୁ ଶ୍ରଦ୍ଧାରେ ଖୁଆଉଥିଲେ। (୮ମ ଅଧ୍ୟାୟ, ପଂକ୍ତି-୧୦୮)

ବାୟଜାବାଇ (ଶ୍ରୀମତୀ ଗଣପତ୍ କୋତେ ପାଟିଲ୍)

(ଦ୍ୱିତୀୟ ଦିନର ପାରାୟଣ-ଶୁକ୍ରବାର)

॥୯॥

କୌଣସି ଶିରୋନାମା ଦିଆଯାଇନାହିଁ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ବାବାଙ୍କ ଅନୁମତି ବିନା ଯେଉଁ ଭକ୍ତମାନେ ଜିଦ୍ କରି ଶିରିଡ଼ିରୁ ପ୍ରସ୍ଥାନ କରୁଥିଲେ, ସେମାନେ କେଉଁଭଳି ଅସୁବିଧା ଭୋଗିଥିଲେ ସେ ସମ୍ପର୍କରେ ଆମର ବର୍ଣ୍ଣନା ଏବେ ଚାଲୁ ରଖିବା ।

୨ । ବାବାଙ୍କର ଭିକ୍ଷାବୃତ୍ତି ଅବଲମ୍ବନ ଯାହା ସେ ଶେଷ ପର୍ଯ୍ୟନ୍ତ ଭକ୍ତମାନଙ୍କର ମଙ୍ଗଳ ପାଇଁ ଓ ପାଞ୍ଚ ପାପକୁ ଧୋଇଦେବା ପାଇଁ ଚଳାଇ ରଖିଥିଲେ, ତାହାର ବର୍ଣ୍ଣନା ମଧ୍ୟ କରିବା ।

୩। ପରଂବ୍ରହ୍ମ (ନିତ୍ୟ ଓ ଅନିତ୍ୟ)ରୁ ଆରମ୍ଭ କରି ସମସ୍ତ ଘଟ ମଧ୍ୟରେ ଓ ସର୍ବତ୍ର ଶ୍ରୀସାଇ ବିଦ୍ୟମାନ । ଦୟାଳୁ ସାଇ ସମସ୍ତଙ୍କ ମନ ଓ ହୃଦୟରେ ଈଶ୍ୱର ସବୁ ଜୀବଙ୍କ ମଧ୍ୟରେ ବିଦ୍ୟମାନ ବୋଲି ମୁଦ୍ରିତ କରି ଦେଇଛନ୍ତି ।

୪ । ତେଣୁ ହେ ଶ୍ରୋତାଗଣ ! ଆପଣମାନଙ୍କୁ ନିବେଦନ କରୁଅଛି ଆପଣମାନେ ସାବଧାନ ହୋଇ ଏକଥା ଶୁଣନ୍ତୁ । ଏହି ପବିତ୍ର କାହାଣୀକୁ ଶୁଣିଲେ ଆପଣମାନଙ୍କର ମଙ୍ଗଳ ସାଧିତ ହେବ ।

୫ । ଶିରିଡ଼ିକୁ ତୀର୍ଥଯାତ୍ରାର ଏହା ଏକ ବୈଶିଷ୍ଟ୍ୟ ଥିଲା ଯେ ଯେଉଁ ଭକ୍ତ ବାବାଙ୍କର ବିନାନୁମତିରେ ଶିରିଡ଼ି ଛାଡୁଥିଲେ, ସେ ଅସୁବିଧାରେ ପଡୁଥିଲେ ।

୬ । ଥରେ ଅନୁମତି ମିଳିଗଲେ ତେଣିକି ଶିରିଡ଼ିରେ କ୍ଷଣେ ମାତ୍ର ରହିବା ଅସମ୍ଭବ ହୋଇପଡ଼ିଥାଏ । କେହି ଜବରଦସ୍ତ ରହିଲେ ଅସୁବିଧାର ସମ୍ମୁଖୀନ ହୁଏ । ସମସ୍ତେ ଏହି ପ୍ରକାର ଅନୁଭୂତି ପାଇଛନ୍ତି ।

୭ । ଯେଉଁମାନେ ବାବାଙ୍କର ଇଚ୍ଛାକୁ ଅମାନ୍ୟ କରିଛନ୍ତି, ରାସ୍ତାରେ ହଇରାଣ ହୋଇଛନ୍ତି । କେତେଜଣ ଡକାୟତଙ୍କ ହାବୁଡ଼ରେ ପଡ଼ି ସେଇ ଅନୁଭୂତିକୁ ଜୀବନସାରା ମନେ ରଖିଛନ୍ତି ।

୮ । ଯଦି କାହାରିକୁ ଖାଇପିଇ ଯିବା ପାଇଁ ବାବା କହିଛନ୍ତି ଓ ସେ ଯିବା ପାଇଁ ତରବର ହୋଇ ନ ଖାଇ ଚାଲି ଯାଇଥାନ୍ତି, ତେବେ ସେ ଟ୍ରେନ୍ ଧରି ପାରନ୍ତି ନାହିଁ ଓ ଖାଇବାକୁ ନ ପାଇ ଓପାସରେ ରହିଥାନ୍ତି । ଏଭଳି ଅଭିଜ୍ଞତା ବହୁ ଭକ୍ତଙ୍କର ରହିଛି ।

୯ । ଥରେ ତାତ୍ୟା କୋତେ ପାଟିଲ କୋପରଗାଁର ସାପ୍ତାହିକ ହାଟକୁ ଯିବାକୁ ବାହାରିଥିଲେ । ଯିବା ସମୟରେ ସେ ମସ୍‌ଜିଦ୍‌କୁ ଆସିଥିଲେ ।

୧୦ । ସେ ଟାଙ୍ଗାକୁ ଅପେକ୍ଷା କରିବା ପାଇଁ କହି ବାବାଙ୍କୁ ଦର୍ଶନ କରିଥିଲେ ଓ ପ୍ରଣାମ କରିବା ସମୟରେ ବାବାଙ୍କର ଅନୁମତି ଭିକ୍ଷାର ଛଳନା କରିଥିଲେ ।

୧୧ । ଭକ୍ତ ଖସି ପଳାଇଯିବାକୁ ଚାହୁଁଥାଇପାରେ, କିନ୍ତୁ ବାବା ଶୁଭ ଅଶୁଭ ମୁହୂର୍ତ୍ତ ସମ୍ପର୍କରେ ଜାଣିଥାନ୍ତି । ତାତ୍ୟା

ତରବର ଥିବାରୁ ବାବା ତାଙ୍କୁ କିଛି ସମୟ ଅଟକି ଯିବା ପାଇଁ କହିଥିଲେ।

୧୨। "ହାଟ ବସିଯାଉ, ଶିରିଡ଼ିରୁ ଯାଅ ନାହିଁ"-ବାବାଙ୍କର ଆଦେଶ ଥିଲା। ତଥାପି ତାତ୍ୟା ଯିବାକୁ ବ୍ୟସ୍ତ ଥିବାର ଦେଖି ଶାମାଙ୍କୁ ସାଥିରେ ନେଇଯିବାକୁ ବାବା କହିଥିଲେ।

୧୩। 'ଶାମାଙ୍କୁ କାହିଁକି ସାଥିରେ ନେବି ?'-ଏହା ଚିନ୍ତା କରି ସେ ବାବାଙ୍କର ଆଦେଶକୁ ଅମାନ୍ୟ କରି ଟାଙ୍ଗାରେ ବସି ହାଟକୁ ବାହାରି ଯାଇଥିଲେ।

୧୪। ଦୁଇଟି ଘୋଡ଼ାଙ୍କ ମଧ୍ୟରୁ ଗୋଟିଏ ଅଧିକ ଚଞ୍ଚଳ ଓ ଅସ୍ଥିର ଥିଲା। ତାହାର ମୂଲ୍ୟ ତିନି ଶହ ଟଙ୍କା ଥିଲା। ସେମାନେ ସାୱୁଲ କୂଅ ନିକଟରେ ପହଞ୍ଚିବା ପରେ ସେହି ଘୋଡ଼ାଟି ନିୟନ୍ତ୍ରଣର ବାହାରକୁ ଚାଲି ଯାଇଥିଲା।

୧୫। ଯେଉଁ ଘୋଡ଼ାଟି ବିନା ଛାଟରେ ଘଣ୍ଟାକ ମଧ୍ୟରେ ହାଟରେ ପହଞ୍ଚାଇ ଦେଇଥାଏ, ତାହାର ପିଠିରେ ହାତମାରି ଦେଲାପରେ ସେ ହଠାତ୍ ଛୋଟେଇ ଛୋଟେଇ ଚାଲିଲା ।

୧୬। ଫଳରେ ହାଟ ବଜାର କରିହେଲା ନାହିଁ। ତାତ୍ୟା ସାଇବାବାଙ୍କୁ ମନେ ପକାଇଥିଲେ ଓ ତାଙ୍କ କଥା ଠିକ୍ ସମୟରେ ମାନିଥିଲେ ସେ ଏହି ଦୁର୍ଘଟଣାରେ ପଡ଼ି ନ ଥାନ୍ତେ ବୋଲି ବୁଝିଥିଲେ। ପଛକଥାକୁ ଭାବି ବସିଲେ କ'ଣ ଆଉ କରିହେବ ?

୧୭। ଅନ୍ୟ ଏକ ଅବକାଶରେ ସେଇଭଳି ଦୁର୍ଘଟଣା ଘଟିଥିଲା। ତାତ୍ୟା କୋଲାର ଗ୍ରାମକୁ ଯିବା ପାଇଁ ବାହାରିଥିଲେ। ସେ ଟାଙ୍ଗା ଅଟକାଇ ବାବାଙ୍କର ଅନୁମତି ନେବା ନିମନ୍ତେ ଆସିଥିଲେ ଓ ବାବାଙ୍କ ଚରଣ ତଳେ ପ୍ରଣାମ କରିଥିଲେ।

୧୮। "ମୁଁ ଯିବି ଆଉ ଫେରିବି" ବୋଲି ସେ କହିଥିଲେ। ସେ ଅନୁମତି ପାଇ ନ ଥିଲେ ମଧ୍ୟ ବାହାରି ଯାଇଥିଲେ। ତା'ପରେ ଯାହା ଘଟିଥିଲା ଶୁଣନ୍ତୁ।

୧୯। ଟାଙ୍ଗାର ଗୋଟିଏ ଘୋଡ଼ା ନିୟନ୍ତ୍ରଣ ବାହାରେ ଥିଲା। ସେ ଖାଲ ଢିପ ନ ମାନି ଡେଇଁବାକୁ ଲାଗିଥିଲା। ବାଟରେ କୌଣସି ବାଧା ପ୍ରତିବନ୍ଧକ ତାକୁ ଅଟକାଇ ପାରିନଥିଲା । ସେହି ସମୟ ଜୀବନ ଓ ମରଣର ସନ୍ଧିକ୍ଷଣ ଥିଲା।

୨୦। ସେ ଯାହାହେଉ, ବାବାଙ୍କ ଦୟାରୁ ବିପଦ ଟଳି ଯାଇଥିଲା। ଟାଙ୍ଗା ଗୋଟିଏ ବାବୁଲ ଗଛରେ ବାଡ଼େଇ ହୋଇଗଲା ଓ ଭାଙ୍ଗିଗଲା। ଅଧିକ କିଛି ବିପଦ ଦୂରେଇ ଯାଇଥିଲା।

୨୧। ବମ୍ବେଇରେ ରହୁଥିବା ଜଣେ ୟୁରୋପୀୟ ଭଦ୍ରବ୍ୟକ୍ତି ବାବାଙ୍କୁ ଦର୍ଶନ କରିବା ନିମିତ୍ତ ଥରେ ଆସିଥିଲେ ଓ ଏହା ପଛରେ ତାଙ୍କର କିଛି ମତଲବ ଥିଲା ।

୨୨। ଚାନ୍ଦୋରକରଙ୍କ ଉପରେ ତାଙ୍କର କିଛି ପ୍ରଭାବ ଥିଲା। ତେଣୁ ଚାନ୍ଦୋରକର ମାଧବରାଓଙ୍କୁ ଏକ ଚିଠି ଲେଖିଥିଲେ। ଭଦ୍ରବ୍ୟକ୍ତିଙ୍କୁ ଗୋଟିଏ ତମ୍ବୁ ଦିଆଯାଇଥିଲା ଓ ସେ ସେଠାରେ ଆରାମରେ ରହିଥିଲେ।

୨୩। ବାବାଙ୍କ ବିନାନୁମତିରେ କେହି ନିଜ ଇଚ୍ଛା ଅନୁଯାୟୀ ମସ୍‌ଜିଦ୍ ପାହାଚ ଚଢ଼ି ଦର୍ଶନ କରି ସାରି ଫେରିଯାଇ ପାରିବେକି ? ଏହା ଅସମ୍ଭବ ବୋଲି ସମସ୍ତେ ଜାଣିଥିଲେ।

୨୪। ସେ ତିନି ଥର ମସ୍‌ଜିଦ୍‌ର ପାହାଚ ଚଢ଼ିବାକୁ ଯାଇ ବିଫଳ ହୋଇଥିଲେ। ସେହି ବ୍ୟକ୍ତିଙ୍କର ଉତ୍ସାହ କମି ଯାଇଥିଲା।

୨୫। ତାଙ୍କର ଆନ୍ତରିକ ଇଚ୍ଛା ଥିଲା ଯେ ସେ ମସ୍‌ଜିଦ୍ ପାହାଚରେ ଉଠି ବାବାଙ୍କ ଆଣ୍ଠୁ ଉପରେ ମୁଣ୍ଡ ଲଗାଇ ପ୍ରଣାମ କରି ପାଖରେ ବସିବେ ଓ ବାବାଙ୍କ ହାତରେ ଚୁମା ଦେବେ।

୨୬। ତାଙ୍କର ଏହି ପ୍ରକାର ଇଚ୍ଛା ଥିଲା। କିନ୍ତୁ ସେତେବେଳେ ବାବା ତାଙ୍କୁ ମସ୍‌ଜିଦରେ ପାଖରେ ବସାଇବା ପାଇଁ ଚାହୁଁ ନ ଥିଲେ।

୨୭। ସେ ତଳେ ଅଗଣାରେ ଇଚ୍ଛା କଲେ ବସି ରହନ୍ତୁ, ସେଇଠାରୁ ଦର୍ଶନ କରନ୍ତୁ କିନ୍ତୁ ଉପରକୁ ନ ଉଠନ୍ତୁ।

୨୮। ସେ ଯାହା ବି ହେଉ, ଶେଷରେ ସେ ପଳାଇଯିବାକୁ ଚାହୁଁଥିଲେ। ସେ ଅନୁମତି ନେବା ନିମନ୍ତେ ଅଗଣାକୁ ଆସିଥିଲେ। ବାବା ତାଙ୍କୁ ଆସନ୍ତାକାଲି ଯିବା ପାଇଁ କହିଥିଲେ। ଏତେ ତରବର କାହିଁକି ?

୨୯। ଲୋକମାନେ ବିଭିନ୍ନ ଭାବରେ ତାଙ୍କୁ ନଯିବାକୁ ପ୍ରବର୍ତ୍ତାଇଥିଲେ। ସେମାନେ ଏହା ମଧ୍ୟ କହିଥିଲେ ଯେ ବାବାଙ୍କ ନିର୍ଦ୍ଦେଶକୁ ଅମାନ୍ୟ କଲେ ଅନେକ ଅସୁବିଧା ହୁଏ। ଯେଉଁମାନେ ବାବାଙ୍କ ଅନୁମତି ନନେଇ ଚାଲିଯାଆନ୍ତି, ସେମାନେ ପଛରେ ବହୁତ ଅନୁତାପ କରନ୍ତି ।

୩୦। ଭାଗ୍ୟ ଲିଖନକୁ ଏଡ଼ାଇ ଦେଇ ହୁଏ ନାହିଁ। ସେ

ଉପଦେଶ ଶୁଣି ନ ଥିଲେ ଓ ବିନା ଅନୁମତିରେ ଶିରିଡ଼ି ଛାଡ଼ିଥିଲେ। ରାସ୍ତାରେ ସେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

୩୧ । ପ୍ରଥମେ ଘୋଡାଗାଡ଼ି ଠିକ୍ ଠିକ୍ ଚାଲିଥିଲା। ପରେ ଘୋଡ଼ାମାନେ ଅମଣିଆଁ ହୋଇଗଲେ। ସଓ୍ୱଲର[୩] କୂଅ ପାରି ହୋଇଯିବା ପରେ ସାଇକେଲଟିଏ ଘୋଡ଼ାଗାଡ଼ି ଆଗକୁ ଆସି ଯାଇଥିଲା।

୩୨ । ଭଦ୍ରବ୍ୟକ୍ତି ଘୋଡ଼ାଗାଡ଼ିର ପଛପଟରେ ବସିଥିଲେ। ହଠାତ୍ ଗାଡ଼ିଟି ଧକ୍କା ଖାଇ ଭାରସାମ୍ୟ ହରାଇଥିଲା ଓ ରାସ୍ତା ଉପରେ ଉପରକୁ ଉଠିଯାଇ ଓଲଟି ପଡ଼ିଥିଲା।

୩୩। ଅନେକ ଚେଷ୍ଟା ପରେ ଗାଡ଼ିକୁ ଉଠାଇ ଠିକ୍ ବାଟକୁ ଅଣାଯାଇଥିଲା। ଭଦ୍ରବ୍ୟକ୍ତି କିଛି ବାଟ ଘୋଷାଡ଼ି ହୋଇ ଚାଲିଯାଇଥିଲେ। ପରେ ତାଙ୍କୁ ଉଠାଇ ଗାଡ଼ିରେ ବସାଇ ଦିଆଯାଇଥିଲା ଓ ଗାଡ଼ି ଆଗକୁ ଚାଲିଥିଲା।

୩୪ । ଶିରିଡ଼ି ଗୋଟିଏ ପଟରେ ପଛରେ ରହିଥିଲା । ଅନ୍ୟ ପଟରେ ବମ୍ବେଇ ସହର ଥିଲା। ଗାଡ଼ିକୁ[୪] କୋପରଗାଁ ହସ୍‌ପିଟାଲ ଆଡ଼କୁ ନିଆଯାଇଥିଲା।

୩୫ । ଭଦ୍ରଲୋକ ସେଠାରେ ପଶ୍ଚାତାପ ଓ ବିଷାଦ ମଧ୍ୟରେ କିଛି ଦିନ ରହିଥିଲେ। ନିଜର ଅମାନିଆଁ ଗୁଣ ପାଇଁ ଭାଗ୍ୟଦୋଷରୁ ସେ ଦଣ୍ଡ ପାଇଥିଲେ।

୩୬ । ଏଭଳି ଅନେକ ଘଟଣାର ଉଦାହରଣ ରହିଛି। ଲୋକେ ଭୟ ଓ ଆଶଙ୍କାରେ ବାବାଙ୍କର ଆଦେଶକୁ ମାନିବାକୁ ଲାଗିଲେ। ଅମାନ୍ୟ କରିବାକୁ ଭରସି ପାରି ନ ଥିଲେ।

୩୭ । କେତେକ କ୍ଷେତ୍ରରେ ଟାଙ୍ଗାରୁ ଚକ[୫] ବାହାରି ଯାଇଥିଲା, କେତେବେଳେ ଘୋଡ଼ାମାନେ ଥକି ପଡୁଥିଲେ, କେତେ ସମୟରେ ଟ୍ରେନ୍ ଧରି ପାରୁ ନ ଥିଲେ ବା କେତେବେଳେ ଖାଇବାକୁ ନ ପାଇ ଭୋକ ବିକଳରେ ଚୁଡ଼ା, ମୁଢ଼ି ଖାଇ ରହୁଥିଲେ।

୩୮ । ଅନ୍ୟ ପକ୍ଷରେ ବାବାଙ୍କ ଅନୁମତି ନେଇ ଫେରୁଥିବା ଭକ୍ତମାନେ ଟ୍ରେନ୍‌କୁ ଅବେଳାରେ ଧରି, ସୁଖକର ଯାତ୍ରାରେ ଫେରି ଯାଉଥିଲେ ଓ ସେହି ଘଟଣାକୁ ଜୀବନସାରା ମନେ ରଖିଥିଲେ।

୩୯ । ଯେଉଁ ଲୋକମାନଙ୍କର ବାବାଙ୍କର ବର୍ଷ ବର୍ଷ ଧରି ଭିକ୍ଷା ମାଗିବାର କାରଣ ସମ୍ପର୍କରେ ସନ୍ଦେହ ରହିଛି, ସେମାନଙ୍କର ସନ୍ଦେହ ମୋଚନ ଉଦ୍ଦେଶ୍ୟରେ ସେମାନଙ୍କ ଜାଣିବା ନିମନ୍ତେ ବୁଝାଇ ଦିଆଯାଉଅଛି।

୪୦ । ଆମେ ବାବାଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କଲେ ଜାଣି ପାରିବା ଯେ ସେ ଭିକ୍ଷା ମାଗିବା ଯଥାର୍ଥ ଥିଲା। କାରଣ, ତାହା ଦ୍ୱାରା ଲୋକେ ଖୁସି ହେଉଥିଲେ ଓ ସେମାନଙ୍କର ଗୃହସ୍ଥ କର୍ତ୍ତବ୍ୟ ସଠିକ୍ ଭାବରେ ନିର୍ବାହ କରି ନିଜର ମଙ୍ଗଳ ସାଧନ କରୁଥିଲେ।

୪୧ । ଯେଉଁ ବ୍ୟକ୍ତି ନିଜର କାୟ ମନୋବାକ୍ୟ ଓ ସମ୍ପତ୍ତିକୁ ଶ୍ରୀସାଇଙ୍କ ଚରଣରେ ସମର୍ପଣ କରିଦିଏ, ଶ୍ରୀସାଇ ତାହାକୁ ଅତ୍ୟନ୍ତ ଭଲ ପାଇଥାନ୍ତି।

୪୨ । ଘରେ ଯେଉଁ ସବୁ ଖାଦ୍ୟ ପ୍ରସ୍ତୁତ କରାଯାଇଥାଏ, ଗୃହସ୍ଥ ତାହାର ଦାୟିତ୍ୱରେ ଥିବାରୁ ସେଥିରୁ ପ୍ରଥମେ ସେ ଭିକ୍ଷୁକ ଓ ବ୍ରହ୍ମଚାରୀ[୬]ଙ୍କୁ ଦାନ କରିବା ଉଚିତ।

୪୩। ଯେଉଁ ଗୃହସ୍ଥ ଏଭଳି କରେ ନାହିଁ, ସେ ଚାନ୍ଦ୍ରାୟଣବ୍ରତ[୭] ପାଳନ କରି ନିଜକୁ ତ୍ରିବିଧ ପବିତ୍ର[୮] କରିବା ଉଚିତ ବୋଲି ଶାସ୍ତ୍ର କହିଛି।

୪୪। ଭିକ୍ଷାର୍ଥୀ ଓ ବ୍ରହ୍ମଚାରୀମାନଙ୍କର ଅନ୍ନପାକ କରିବା ନିଷିଦ୍ଧ। ସେମାନେ ତାହା କରୁଥିଲେ ସେମାନଙ୍କ ନିମିତ୍ତ ଚାନ୍ଦ୍ରାୟଣବ୍ରତ ବାଧ୍ୟତାମୂଳକ ଅଟେ।

୪୫ । ସେଇଥିପାଇଁ ସେମାନଙ୍କ ଆବଶ୍ୟକତା ପୂରଣ କରିବାର ଦାୟିତ୍ୱ ଗୃହସ୍ଥମାନଙ୍କ ଉପରେ ଶାସ୍ତ୍ର ନ୍ୟସ୍ତ କରିଛି। ଭିକ୍ଷାର୍ଥୀମାନେ ସେମାନଙ୍କର କ୍ଷୁଧା ପୂର୍ତ୍ତି ନିମନ୍ତେ ଆଶାୟୀ ହୋଇ ନ ଥାନ୍ତି।

୪୬। ବାବା ନିଜେ ଗୃହସ୍ଥ କିମ୍ବା ବାନପ୍ରସ୍ଥାଚାରୀ[୯] ନ ଥିଲେ। ସେ ଯୁବକ ଅବସ୍ଥାରୁ ବ୍ରହ୍ମଚାରୀ ଥାଇ ପରେ ସନ୍ନ୍ୟାସୀ ହୋଇଥିଲେ। ତେଣୁ ଭିକ୍ଷା ମାଗିବା ତାଙ୍କ ପାଇଁ ଯଥାର୍ଥ ଥିଲା।

୪୭। "ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ମୋର ଘର। ମୁଁ ନିଜେ ବାସୁଦେବ ଓ ସର୍ବବ୍ୟାପୀ ଭଗବାନ। ମୁଁ ନିଜେ ପରଂବ୍ରହ୍ମ।" ଏଇ ଦୃଢ଼ ପ୍ରତ୍ୟୟ ବାବାଙ୍କର ଥିଲା ।

୪୮ । ତେଣୁ ତାଙ୍କର ଭିକ୍ଷା ମାଗିବାର ପୂର୍ଣ୍ଣ ଅଧିକାର ଥିଲା। ସମଗ୍ର ବିଶ୍ୱ ଏକ ପରିବାର (ବସୁଧୈବ କୁଟୁମ୍ବକମ୍) ଦର୍ଶନରେ ସେ ବିଶ୍ୱାସ କରୁଥିଲେ। ସମସ୍ତ ସନ୍ଧିକ୍ଷଣରେ

ଏହି ଦର୍ଶନକୁ ଅନ୍ୟମାନେ ଥଟ୍ଟା କରୁଥିବାର ଦେଖାଯାଇଥାଏ ।

୪୯ । ପ୍ରାରମ୍ଭରେ କାମିନୀ[୧୦] ପ୍ରାପ୍ତି ପାଇଁ ଇଚ୍ଛା ପରିତ୍ୟାଗ କରିବ । ପରେ କାଞ୍ଚନ[୧୧] ଓ ସମ୍ମାନପ୍ରାପ୍ତି ପାଇଁ ଇଚ୍ଛା ପରିତ୍ୟାଗ କରିବା ଉଚିତ୍ । ଶାସ୍ତ୍ରମତରେ ଏହି ତିନୋଟି ଇଚ୍ଛା ପରିତ୍ୟାଗ କରିଥିବା ବ୍ୟକ୍ତିର ଭିକ୍ଷା ମାଗିବାର ଅଧିକାର ରହିଛି ।

୫୦ । ତୁକାରାମ କହିଥିଲେ, "ଦାନ ଓ ଭିକ୍ଷା ଉପରେ ନିର୍ଭର କରିବାକୁ ଜୀବନକୁ ଛାଡ଼ିଦିଅ ।" କାରଣ, ସେହି ଜୀବନର ଅର୍ଥ ନ ବୁଝିବା ବ୍ୟକ୍ତି ମୂଲ୍ୟହୀନ ।

୫୧ । ସାଇବାବା ଜଣେ ମହାନ୍ ସିଦ୍ଧଯୋଗୀ ଥିଲେ ବୋଲି ଆବାଳବୃଦ୍ଧ ସମସ୍ତେ ଜାଣିଥିଲେ । କିନ୍ତୁ ଆମେମାନେ ସଂସାର ବନ୍ଧନରେ ବାନ୍ଧି ହୋଇ ଭକ୍ତି ସହକାରେ ତାଙ୍କର ଦିବ୍ୟ ପାଦ ସହିତ ସନ୍ନିହିତ ହୋଇପାରୁନାହୁଁ ।

୫୨ । ପଞ୍ଚ ଯଜ୍ଞ[୧୨] ନ କରି ଗୃହସ୍ଥ ଖାଦ୍ୟ ଗ୍ରହଣ କରିବା ଉଚିତ ନୁହେଁ । ସାଇବାବା ଏହି ଯଜ୍ଞ[୧୩] ଦ୍ୱାରା ପ୍ରତ୍ୟହ ରନ୍ଧାଯାଇଥିବା ଖାଦ୍ୟକୁ ପବିତ୍ରିତ କରିଥାନ୍ତି ।

୫୩ । ସେ ପ୍ରତ୍ୟହ ପାଞ୍ଚଟି ଗୃହକୁ ଯାଇ ଦାତାଙ୍କୁ ଅତିଥି ଯଜ୍ଞ ସମ୍ବନ୍ଧରେ ମନେ ପକାଇ ଦିଅନ୍ତି । ସେହି ବ୍ୟକ୍ତିମାନେ ଘରେ ବସି ପୁଣ୍ୟ[୧୪] ଅର୍ଜନ କରୁଥିବାରୁ ଅତ୍ୟନ୍ତ ଭାଗ୍ୟବାନ ।

୫୪ । ପଞ୍ଚ ମହାଯଜ୍ଞ କରି ବଳକା ଅନ୍ନକୁ ଭକ୍ଷଣ କରୁଥିବା ବ୍ୟକ୍ତିମାନେ ଭୟଙ୍କର ଅଜଣା ପାଞ୍ଚ ପାପରୁ ମୁକ୍ତ ହୋଇଥାନ୍ତି । କାରଣ ପାପଗୁଡ଼ିକ ଧ୍ୱଂସ ହୋଇଯାଇଥାଏ ।

୫୫ । ସେହି ପାଞ୍ଚଗୋଟି ପାପ ହେଉଛି- କଂଡ଼ଣୀ (କୁଟିବା), ଚୁଲ୍ଲୀ (ଚୁଲୀ ଲଗାଇବା), ପେଷଣୀ (ପେଷିବା), ଉଦ୍‌କୁମ୍ଭୀ (ପାଣିଆଣିବା, ବାସନ ମାଜିବା) ଓ ମାର୍ଜନୀ (ଝାଡ଼ୁ ମାରିବା, ଧୁଆଧୋଇ କରିବା) ।

୫୬ । ଶସ୍ୟକୁ ଗୋଟିଏ କୁଣ୍ଡରେ ରଖି କୁଟିବା ଦ୍ୱାରା ତାହାର ଉପର ଚୋପା ଛାଡ଼ିଯାଏ ଓ ଏହି କର୍ମ ସମୟରେ ଅସଂଖ୍ୟ ଜୀବ ନଷ୍ଟ ହୋଇଯାଇଥାନ୍ତି ।

୫୭ । ଏଭଳି କାର୍ଯ୍ୟ ନ କଲେ ଶସ୍ୟକୁ ଖାଇ ହେବ ନାହିଁ । ତେଣୁ ଏହି ପ୍ରକାର ପାପକୁ ପଞ୍ଚପାପ ମଧ୍ୟରେ ପ୍ରଥମେ ଗଣନା କରାଯାଇ 'କଂଡ଼ଣୀ' ବୋଲି କୁହାଯାଇଥାଏ ।

୫୮ । ଚୁଲୀରେ କାଠ ଜଳାଯାଇ ରୋଷେଇ କରାହୁଏ । ସେହି ସମୟରେ ଆମ ଅଜାଣତରେ ଅନେକ ଜୀବନ ନଷ୍ଟ ହୋଇଯାଏ । ଏହି ପାପକୁ 'ଚୁଲ୍ଲୀ' ବୋଲି କୁହାଯାଇ ଦ୍ୱିତୀୟ ପର୍ଯ୍ୟାୟ ପାପର ଅନ୍ତର୍ଭୁକ୍ତ କରାଯାଇଅଛି ।

୫୯ । ଚକି କିମ୍ବା ପେଷଣ ଯନ୍ତ୍ରରେ ଶସ୍ୟଦାନାକୁ ଗୁଣ୍ଡ କରାଯାଉଥିବା ସମୟରେ, ଅଜାଣତରେ ଅନେକ ଜୀବନ ପେଷି ହୋଇଯାଇଥାନ୍ତି । ଏହି ପାପ ହେଉଛି ପେଷଣୀ ଯାହା ତୃତୀୟ ପର୍ଯ୍ୟାୟର ପାପ ।

୬୦ । ଲୋକେ କୂପ, ହ୍ରଦ କିମ୍ବା ପୋଖରୀରୁ ପାଣି ଆଣିବା, ଲୁଗାପଟା ସଫା କରିବା ସମୟରେ ଅସଂଖ୍ୟ ଜୀବମାନଙ୍କର ଜୀବନହାନି ସେମାନଙ୍କ ଅଜାଣତରେ କରିଥାନ୍ତି ।

୬୧ । ପାତ୍ରଗୁଡ଼ିକୁ ମାଜିବା ସମୟରେ, ହାତ ଦ୍ୱାରା ଘଷାଘଷି କରିବା ସମୟରେ ଅଜାଣତରେ ଅନେକ ଜୀବ ଜୀବନ ହରାଇଥାନ୍ତି । ଏହା ହେଉଛି 'ଉଦ୍‌କୁମ୍ଭୀ' ବା ଚତୁର୍ଥ ପର୍ଯ୍ୟାୟର ପାପ ।

୬୨ । ଧୁଆଧୋଇ କରିବା, ଝାଡ଼ୁମାରିବା କିମ୍ବା ଗୋବର ଲିପିବା ସମୟରେ ଜୀବମାନେ କଲବଲ ହୋଇ ମରିଯାଇଥାନ୍ତି । ଏହି ପାପକୁ 'ମାର୍ଜନୀ' କୁହାଯାଏ ଓ ଏହା ପଞ୍ଚମ ପର୍ଯ୍ୟାୟର ପାପ ।

୬୩ । ଏହି ପାପମାନଙ୍କରୁ ମୁକ୍ତ ହେବା ପାଇଁ ଗୃହସ୍ଥ ପାଞ୍ଚୋଟି ମହାଯଜ୍ଞ କରିବେ ଓ ତାହାଦ୍ୱାରା ଏହି ପାଞ୍ଚ ପାପ ଧ୍ୱଂସ ହୋଇଗଲେ ସେ ପବିତ୍ର ହୋଇପାରିବେ ।

୬୪ । ଏହା ପବିତ୍ର ମନର ଶକ୍ତି । ସେଥିରୁ ଯେଉଁ ପବିତ୍ର ଜ୍ଞାନ ଉପଲବ୍ଧ ହୁଏ, ତାହା ପାପଶୂନ୍ୟ ଅଟେ । ଏହି ଜ୍ଞାନ ଆସିଯିବା ଦ୍ୱାରା ମୁକ୍ତି ବା ମୋକ୍ଷପ୍ରାପ୍ତି ସୁନିଶ୍ଚିତ ହୋଇଥାଏ ଓ ଜୀବନର ଲକ୍ଷ୍ୟରେ ପହଞ୍ଚିହୁଏ ।

୬୫ । ବାବାଙ୍କର ଭିକ୍ଷାବୃତ୍ତି ମଧ୍ୟରେ ଏହି ଦର୍ଶନ ଥିଲା । ଏ ବିଷୟ ଲେଖିବାକୁ ବସିଲେ ଗ୍ରନ୍ଥର କଳେବର ବୃଦ୍ଧି ପାଇବ । ଅନ୍ୟ ଏକ ପ୍ରକାରର କାହାଣୀ ଶୁଣନ୍ତୁ, ତା'ପରେ ଏହି ଅଧ୍ୟାୟ ସମାପ୍ତ କରିବା ।

୬୬ । ଆପଣଙ୍କ ହୃଦୟରେ ପ୍ରେମ ବା ଶ୍ରଦ୍ଧାଭାବ ରହିବା ଉଚିତ । ଯଦି କେହି କାହାରି ହାତରେ ବାବାଙ୍କ ନିକଟକୁ କିଛି ପଠାଇଥାଏ ଓ ଆଣିଥିବା ବ୍ୟକ୍ତି ତାହା ଦେବାକୁ ଭୁଲି ଯାଇଥାଏ, ତେବେ ବାବା ତାହାକୁ ଭୁଲି ନ ଥାନ୍ତି ।

୬୭ । ଏହା ହୁଏତ ନଡ଼ିଆ, ପନିପରିବା, ରୁଟି ପରଟା

କିମ୍ବା ମିଠାଇ ହୋଇପାରିଥାଏ। କିନ୍ତୁ ଏଥିରେ ଶ୍ରଦ୍ଧା ଦୃଢ଼ ହୋଇଥିବା ଉଚିତ। ଏଭଳି ଶ୍ରଦ୍ଧା ଓ ବିଶ୍ୱାସ ଥିବା ଭକ୍ତମାନଙ୍କ ନିମନ୍ତେ ବାବାଙ୍କର ସ୍ନେହ ଅଧିକ ବଢ଼ିଥାଏ।

୬୮। ଏହିଭଳି ଜଣେ ଶ୍ରଦ୍ଧାଳୁ ଭକ୍ତଙ୍କର କାହାଣୀ ଶୁଣିବାକୁ ଭଲ ଲାଗିବ। ଜଣେ ତାହାର କର୍ତ୍ତବ୍ୟ ସମ୍ପାଦନ କରିବାକୁ ଭୁଲି ଯାଇଥିଲେ, ବାବା ତାହାକୁ ସଠିକ ପଥ ଦେଖାଇ ଦେଇଥାନ୍ତି।

୬୯। ତାଙ୍କର ଶିକ୍ଷାଦାନ ଓ ଉପଦେଶ ଖୁବ୍ ସୁଚିନ୍ତିତ, ସମୟୋପଯୋଗୀ ଓ ଦରକାରୀ। ଯେଉଁମାନଙ୍କର ଏହି ଅଭିଜ୍ଞତା ରହିଛି ସେମାନେ ଧନ୍ୟ ଓ ଭାଗ୍ୟବାନ । ସେମାନଙ୍କର ଆନନ୍ଦ ଅନିର୍ବଚନୀୟ ।

୭୦। ଶ୍ରୀରାମଚନ୍ଦ୍ର ଆତ୍ମାରାମ ବାବାଙ୍କର ଜଣେ ଅଗ୍ରଗଣ୍ୟ ଭକ୍ତ ଥିଲେ ଓ ବାବା ତାଙ୍କ ପାଇଁ ଆଶ୍ରୟର ସ୍ୱର୍ଗ ଥିଲେ।

୭୧। ସେ ବାବାସାହେବ ତର୍ଖଡ଼ ନାମରେ ସମସ୍ତଙ୍କ ପାଖରେ ପରିଚିତ ଥିବାରୁ ଆମେ ଏହି ଗ୍ରନ୍ଥରେ ତାଙ୍କର ସେହି ନାମକୁ ବ୍ୟବହାର କରିବା ଓ ଅନ୍ୟ ନାମ ବ୍ୟବହାର କରିବାର ଆବଶ୍ୟକତା ନାହିଁ।

୭୨। ବାବାଙ୍କ ପ୍ରତି ଅଫୁରନ୍ତ ଶ୍ରଦ୍ଧା ପ୍ରକାଶ କରି ତର୍ଖଡ଼ ଭାବବିହ୍ୱଳ ହୋଇପଡୁଥିଲେ ଓ ତାଙ୍କର ସେଇ ଅନୁଭୂତି ସବୁର ବର୍ଣ୍ଣନା ଶୁଣିଲେ ମନ ଆନନ୍ଦିତ ହୋଇଯାଉଥିଲା।

୭୩। ତାଙ୍କର ଭକ୍ତି କେତେ ମହାନ୍ ଥିଲା ! ପ୍ରତି ପଦପାତରେ ସେ ଶ୍ରୀସାଇଙ୍କୁ ଅନୁଭବ କରୁଥିଲେ ଓ ତାଙ୍କର ଅନୁଭୂତିଗୁଡ଼ିକ ଏକକୁ ବଳି ଆରେକ ଅଧିକ ମହତ୍ତ୍ୱର ଥିଲା। ସେ ତାଙ୍କର ଏହି ଅନୁଭୂତି ବର୍ଣ୍ଣନା କରିବା ସମୟରେ ତାଙ୍କ ମୁଖର ଭଙ୍ଗୀ ଆକର୍ଷଣୀୟ ହୋଇଉଠୁଥିଲା।

୭୪। ବାବାସାହେବଙ୍କ ଭଳି ଜଣେ ଭକ୍ତର ପଟାନ୍ତର ନଥିଲା । ସୁନ୍ଦର ଚନ୍ଦନ କାଠର ବେଦୀ ଉପରେ ସାଇବାବାଙ୍କର ଏକ ପ୍ରତିଛବିକୁ ଗୃହରେ ରଖି ସେ ଦିନକୁ ତିନି ଥର ପୂଜା କରୁଥିଲେ।

୭୫। ତର୍ଖଡ଼ଙ୍କ ପୁଅ ମଧ୍ୟ ଅନୁରୂପ ଭାବରେ ସାଇଭକ୍ତ ଥିଲେ। ଏଭଳି ଏକ ପୁଅ ପାଇଥିବା ଦୃଷ୍ଟିରୁ ତର୍ଖଡ଼ ଅତି ଭାଗ୍ୟବାନ ଥିଲେ । ତାଙ୍କ ପୁଅ ସାଇବାବାଙ୍କୁ ନୈବେଦ୍ୟ ଅର୍ପଣ ନ କରିବା ପର୍ଯ୍ୟନ୍ତ ନିଜେ ଖାଉ ନ ଥିଲେ।

୭୬। ବଡ଼ି ସକାଳୁ ଗାଧୋଇ ପଡ଼ି କାୟ ମନୋବାକ୍ୟରେ ନିଜକୁ ସଂପୂର୍ଣ୍ଣ ସମର୍ପଣ କରି ବାବାଙ୍କ ପ୍ରତିଛବିକୁ ପୂଜା କରିବା ପରେ ପୂର୍ଣ୍ଣ ଭକ୍ତି ସହକାରେ ନୈବେଦ୍ୟ ବାଢୁଥିଲେ।

୭୭। ତାଙ୍କର ଏହି ନିତ୍ୟ ନୈମିତ୍ତିକ କାର୍ଯ୍ୟ ଅକ୍ଷୁଣ୍ଣ ଭାବରେ ଚାଲିଥିଲା। ତାଙ୍କର ପରିଶ୍ରମର ଫଳ ସ୍ୱରୂପ ସେ ଅନେକ ଚମତ୍କାର ଅଭିଜ୍ଞତାର ଅଧିକାରୀ ହୋଇଥିଲେ।

୭୮। ତାଙ୍କର ମା' ମଧ୍ୟ ସାଇଙ୍କର ଭକ୍ତ ଥିଲେ। ସେ ଥରେ ଶିରିଡ଼ି ଯିବା ପାଇଁ ଇଚ୍ଛା କରିବାରୁ ବାପା ପୁଅଙ୍କୁ ମା'ଙ୍କ ସାଙ୍ଗରେ ଯିବା ପାଇଁ କହିଥିଲେ।

୭୯। ମା' ଶିରିଡ଼ି ଯାଇ ସର୍ବଶକ୍ତିମାନ ପ୍ରଭୁଙ୍କୁ ଦର୍ଶନ କରିବେ ଓ ସେଠାରେ କିଛିଦିନ ରହି ପ୍ରଭୁଙ୍କର ପାଦସେବା କରିବେ ବୋଲି ଇଚ୍ଛା କରିଥିଲେ ।

୮୦। ପିତା ଚାହୁଁଥିଲେ ମଧ୍ୟ ପୁଅଙ୍କର ଯିବାକୁ ଇଚ୍ଛା ନଥିଲା। କାରଣ, ଘରେ ବାବାଙ୍କର ପୂଜା ପ୍ରତିଦିନ କିଏ କରିବ ବୋଲି ସେ ଚିନ୍ତିତ ଥିଲେ।

୮୧। ତାଙ୍କ ବାପା 'ପ୍ରାର୍ଥନା ସମାଜୀ'[୧୫] ଥିଲେ। ତାଙ୍କୁ ମୂର୍ତ୍ତିପୂଜା[୧୬]ର ଭାର ନେବା ପାଇଁ କହିବା ଠିକ୍ ହେବ କି ନାହିଁ ବୋଲି ପୁଅ ଦ୍ୱନ୍ଦ୍ୱରେ ପଡ଼ିଥିଲେ।

୮୨। ଯାହା ହେଉ, ବାପାଙ୍କର ଇଚ୍ଛାନୁଯାୟୀ ପୁଅ ଯିବା ପାଇଁ ବାହାରିଲେ ଓ ବାପାଙ୍କୁ ବିନୀତ ଭାବରେ ଓ ଶ୍ରଦ୍ଧା ସହକାରେ ଯେଉଁ ଅନୁରୋଧ କରିଥିଲେ, ସେହି ଅଦ୍ଭୁତ ଘଟଣାକୁ ଶୁଣନ୍ତୁ।

୮୩। "ଶ୍ରୀସାଇଙ୍କୁ ନୈବେଦ୍ୟ ନଦେବା ପର୍ଯ୍ୟନ୍ତ ଘରେ କେହି କିଛି ଖାଇବେ ନାହିଁ ବୋଲି ପ୍ରତିଜ୍ଞା ନକଲେ ମୁଁ ଅଚିନ୍ତା ହୋଇ ଶିରିଡ଼ି ଯାଇପାରିବି ନାହିଁ।"

୮୪। ବାପା ପୁଅର ଦୈନନ୍ଦିନ ପୂଜାବିଧି ସମ୍ବନ୍ଧରେ ଅବଗତ ଥିବାରୁ କହିଥିଲେ, "ଯାଅ। ମୁଁ ପ୍ରତ୍ୟହ ନୈବେଦ୍ୟ ଦେବି, ତୁମେମାନେ ଚିନ୍ତାକର ନାହିଁ।

୮୫। "ଶ୍ରୀସାଇଙ୍କୁ ନୈବେଦ୍ୟ ନଦେବା ପର୍ଯ୍ୟନ୍ତ ଘରେ କେହି କିଛି ଖାଇବେ ନାହିଁ, ମୋର ଏହି ବଚନକୁ ଶପଥ ବୋଲି ଭାବି ଆରାମରେ ଯାଅ।"

୮୬। ଏଭଳି ପ୍ରତିଶ୍ରୁତି ପାଇବା ପରେ ପୁଅ ଶିରିଡ଼ି ଅଭିମୁଖେ ବାହାରିଥିଲେ । ସେ ଯିବା ପରଦିନଠାରୁ ତର୍ଖଡ଼ ନିଜେ ପୂଜା କରିଥିଲେ।

୮୭। ତା' ପରଦିନ ପୂଜା କରିବା ପୂର୍ବରୁ ବାବାସାହେବ

୯ ॥ କୌଣସି ଶିରୋନାମା ଦିଆଯାଇନାହିଁ ॥

ତର୍ଖଡ଼ ବାବାଙ୍କର ପ୍ରତିଛବି ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ପ୍ରାର୍ଥନା କରିଥିଲେ।

୮୮। "ବାବା! ମୋ ପୁଅ କରୁଥିବା ପୂଜା ଭଳି ମୋ ସେବାକୁ ଗ୍ରହଣ କରନ୍ତୁ। ଏକ କସରତ୍ ଭଳି ମୁଁ ଏହାକୁ ନ କରେ। ମୋ ହୃଦୟରେ ଆପଣ ଶ୍ରଦ୍ଧା ଭରି ଦିଅନ୍ତୁ।"

୮୯। ସେ ସକାଳେ ଗାଧୋଇ ସାରି ପ୍ରତିଦିନ ଭକ୍ତି ସହକାରେ ପୂଜା କରି ନୈବେଦ୍ୟ ଅର୍ପଣ କରୁଥିଲେ।

୯୦। ନୈବେଦ୍ୟ ହିସାବରେ ବାବାସାହେବ ପ୍ରତିଦିନ ମିଶ୍ରି ଖଣ୍ଡ ଦେଉଥିଲେ। ଏହି ବିଧି ଅବ୍ୟାହତ ଭାବରେ ଚାଲିଥିଲା । ଦିନେ ଏଥିରେ ବିଘ୍ନ ଘଟିଥିଲା।

୯୧। ଅଫିସ୍ କାର୍ଯ୍ୟରେ ବ୍ୟସ୍ତ ରହି ତର୍ଖଡ଼ ନୈବେଦ୍ୟ ବାଢ଼ିବାକୁ ଦିନେ ଭୁଲି ଯାଇଥିଲେ ଓ ଘରେ ସମସ୍ତେ ନିଜ ନିଜର ଭୋଜନ କରି ନେଇଥିଲେ।

୯୨। ତର୍ଖଡ଼ ସାହେବ ଏକ ବଡ଼ କାରଖାନାର ଉଚ୍ଚ ପଦାଧିକାରୀ ଥିଲେ। ସେଥିପାଇଁ ସେ ପ୍ରତିଦିନ ସକାଳୁ କାର୍ଯ୍ୟକୁ ବାହାରି ଯାଉଥିଲେ।

୯୩। ଓପରଓଳି ସେ ଘରକୁ ଫେରୁଥିଲେ। ସେ ଖାଇବାକୁ ବସିବା ସମୟରେ ଏହି ମିଶ୍ରି ପ୍ରସାଦକୁ ପ୍ରଥମେ ଗ୍ରହଣ କରୁଥିଲେ।

୯୪। ଏହା ଏକ ସାଧାରଣ କାର୍ଯ୍ୟକ୍ରମ ଥିଲା। କିନ୍ତୁ ସେ ଭୁଲି ଯାଇଥିଲେ। ସେଦିନ ନୈବେଦ୍ୟରେ ମିଶ୍ରି ଦିଆଯାଇନଥିବାରୁ ତାଙ୍କ ପାଇଁ ପ୍ରସାଦ ନ ଥିଲା।

୯୫। ପ୍ରତ୍ୟେକ ଦିନ ପୂଜାରୀ ଖାଦ୍ୟ ବାଢ଼ି ସାରିବା ପରେ ପ୍ରସାଦ ଦେଉଥିଲା, ସତେ ଯେପରି ସମସ୍ତ ଖାଦ୍ୟକୁ ଏହା ପବିତ୍ର କରିଦେଉଥିଲା।

୯୬। ମାତ୍ର ସେଦିନ ପୂଜା ସମୟରେ ସେ ତରବରରେ ମିଶ୍ରି ପ୍ରସାଦ ଲଗାଇ ନଥିଲେ। ତେଣୁ ତାଙ୍କ ଭୋଜନବେଳେ ପ୍ରସାଦ ଦିଆଗଲା ନାହିଁ।

୯୭। ତର୍ଖଡ଼ ଭୋଜନ ଛାଡ଼ିଦେଇ ପଶ୍ଚାତାପରେ ବାବାଙ୍କ ପ୍ରତିଛବି ସମ୍ମୁଖରେ ଆଖିରୁ ଲୋତକ ବୁହାଇ ପ୍ରଣାମ କରି କହିଥିଲେ–

୯୮। "ବାବା! କ'ଣ ପାଇଁ ମାୟା କଲ? ମୋ ମନକୁ କାହିଁକି ବିଚଳିତ କଲ? ମୋତେ କାହିଁକି କସରତ୍ କରାଇଲ? ମୋତେ କ୍ଷମା କରି ଦିଅନ୍ତୁ।

୯୯। "ଏହା ଖାଲି ଭୁଲ ନୁହେଁ, ମହାପାପ। ମୁଁ ବହୁତ ଅନୁତାପ କରୁଅଛି। ମୋର ଭୁଲ ହୋଇଛି ସତ, କିନ୍ତୁ ମୁଁ ଜାଣି ଜାଣି ଏହା କରିନାହିଁ। ମହାରାଜ ମୋତେ ଦୟା କରନ୍ତୁ।"

୧୦୦। ସେ ପ୍ରତିଛବି ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଓ ବହୁତ ଦୁଃଖୀ ହୋଇଥିଲେ। ସେ କହିଥିଲେ, "ଦୟାର ସାଗର ମହାରାଜ, ମୋ ପ୍ରତି କୃପା କରନ୍ତୁ"।

୧୦୧। ଏକଥା କହିବା ପରେ ଦୁଃଖ ଓ ଲଜ୍ଜାରେ ସେ ପୁଅ ନିକଟକୁ ଚିଠି ଲେଖି ପଠାଇଥିଲେ, "ମୁଁ ବିରାଟ ଭୁଲ କରି ବସିଛି । ମୋତେ କ୍ଷମା ଦେବାପାଇଁ ପ୍ରାର୍ଥନା କର।

୧୦୨। "ସମ୍ପୂର୍ଣ୍ଣ ଶରଣାଗତ ପ୍ରତି ଦୟା କରନ୍ତୁ। ସାଇବାବାଙ୍କୁ ଏହି ଶବ୍ଦରେ ବିନୟ ସହକାରେ ପ୍ରାର୍ଥନା କରିବ। ଏହି ଅଧମ ନୀଚ ସେବକ ପ୍ରତି ସେ ତାଙ୍କର କ୍ଷମା ଓ କରୁଣାପୂର୍ଣ୍ଣ ଦୃଷ୍ଟି ଏବଂ ଅଭୟ ବାକ୍ୟ ପ୍ରଦାନ କରନ୍ତୁ।"

୧୦୩। ଏ ଘଟଣା ବାନ୍ଦ୍ରାଠାରେ ଘଟିଥିଲା। ଶିରିଡ଼ି ସେଠାରୁ ଶହେ କୋଶ ଦୂର। ଖବର କିନ୍ତୁ ସାଙ୍ଗେ ସାଙ୍ଗେ ଶିରିଡ଼ିରେ ପହଞ୍ଚି ଯାଇଥିଲା। ବାବା କ'ଣ ଏ ସମ୍ପର୍କରେ କହିଥିଲେ ଶୁଣନ୍ତୁ।

୧୦୪। ଏଥିରୁ ମହାରାଜଙ୍କ ଦକ୍ଷତା, ଅଭେଦ୍ୟ ଜ୍ଞାନ, ସମୟ ଓ ସ୍ଥାନର ବାହାରେ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତ ସମ୍ବନ୍ଧରେ ଜାଣିବା ଶକ୍ତିର ପ୍ରମାଣ ଏବେ ଦେଖନ୍ତୁ ।

୧୦୫। ସେଦିନ ପୁଅ ଏଠି ଶିରିଡ଼ିରେ ଥିଲେ ଓ ବାବାଙ୍କ ପାଦରେ ପ୍ରଣାମ କରୁଥିବା ସମୟରେ କ'ଣ ହେଲା ମନଦେଇ ଶୁଣନ୍ତୁ।

୧୦୬। ପୁଅ ଅତି ଉତ୍ସାହ ସହକାରେ ମା'ଙ୍କ ସହିତ ବାବାଙ୍କୁ ଭକ୍ତି ଜଣାଇବାକୁ ଆସିଥିବା ସମୟରେ ସାଇବାବା ତାଙ୍କ ମା'ଙ୍କୁ ସେହି ମୁହୂର୍ତ୍ତରେ ଯାହା କହିଲେ, ତାହା ଶୁଣି ସେ ତଟସ୍ଥ ହୋଇଯାଇଥିଲେ।

୧୦୭। " ଓ, ମା! କ'ଣ କରିବି? ମୁଁ ସବୁଦିନ ଭଳି ଆଜି ବାନ୍ଦ୍ରାକୁ ଯାଇଥିଲି। ସେଠି କିଛି ଖାଇବାକୁ ପାଇଲି ନାହିଁ, ଏପରିକି ତୋରାଣି ମୁନ୍ଦାଏ ପିଇବାକୁ ନପାଇ ଭୋକରେ ଫେରିଲି।

୧୦୮ । "ପୂର୍ବ ଜନ୍ମରୁ ରହିଆସିଥିବା ଆମ ସମ୍ପର୍କକୁ ଲକ୍ଷ୍ୟ କର। କବାଟ ଝରକା ବନ୍ଦଥିଲେ ମଧ୍ୟ ମୁଁ ମୋ ଇଚ୍ଛାରେ ପଶିଥିଲି। ମୋତେ କିଏ ବା ଅଟକାଇବ ?

୧୦୯ । "ମାଲିକ ଘରେ ନଥିଲେ। ମୋତେ ବହୁତ ଭୋକ ଲାଗୁଥିଲା। ଦ୍ୱିପ୍ରହରର ଉଦୁଉଦିଆ ଖରାରେ ମୋତେ ଉପାସରେ ଫେରିବାକୁ ପଡ଼ିଲା।"

୧୧୦ । ପୁଅ ଏହିସବୁ କଥା ଶୁଣିବା ପରେ ଅନୁଭବ କରିଥିଲା ଯେ ବାପା ନୈବେଦ୍ୟ ବାଢ଼ିବା ପାଇଁ ଭୁଲି ଯାଇଛନ୍ତି।

୧୧୧ । ପୁଅ ବାବାଙ୍କୁ ଘରକୁ ଫେରିଯିବା ପାଇଁ ଅନୁମତି ମାଗିଥିଲା। ବାବା ଫେରିବା ପାଇଁ ଅନୁମତି ନଦେଇ ସେଠାରେ ରହି ପୂଜା କରିବାକୁ କହିଥିଲେ।

୧୧୨ । ସେହିଦିନ ସେ ଶିରିଡ଼ିରୁ ସବୁକଥା ଜଣାଇ ବାପାଙ୍କୁ ଚିଠି ଦେଇଥିଲା। ସେଇ ଚିଠି ପଢ଼ିବା ପରେ ବାପାଙ୍କର ହୃଦୟ ତରଳି ଯାଇଥିଲା।

୧୧୩। ତାଙ୍କ ଚିଠି ମଧ୍ୟ ପୁଅ ପାଖରେ ପହଂଚି ଯାଇଥିଲା। ପୁଅ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲା ଓ ତାହାର ଆଖିରୁ ଧାର ଧାର ହୋଇ ଲୁହ ବୋହିଯାଇଥିଲା।

୧୧୪ । ଶ୍ରୀସାଇଙ୍କର ଖେଳ ଦେଖନ୍ତୁ ! ଶ୍ରଦ୍ଧା ଆପେ ଆପେ ଆସୁନାହିଁକି ? ଏମିତି ପଥର ହୃଦୟ କାହାର ଅଛି ଯେ ଏଥିରେ ତରଳି ନଯିବ ?

୧୧୫ । ଏବେ ସେହି ପିଲାର ମା'ଙ୍କ ପ୍ରତି ବାବା କରିଥିବା କୃପା ସମ୍ପର୍କରେ ଶୁଣନ୍ତୁ। ସେତେବେଳେ ସେ ଶିରିଡ଼ିରେ ଥିଲେ।

୧୧୬ । ଦିନେ ଶ୍ରୀମତୀ ତର୍ଖଡ଼ ରୋଷେଇ ଘରେ ବ୍ୟସ୍ତ ରହି ଦ୍ୱିପହର ଭୋଜନର ଆୟୋଜନ କରୁଥିଲେ। ଖାଇବା ପାଇଁ ପତ୍ର ପଡ଼ିଯାଇଥିଲା । ଏହି ସମୟରେ ଗୋଟିଏ କ୍ଷୁଧାର୍ତ୍ତ କୁକୁର ଦ୍ୱାର ମୁହଁକୁ ଆସିଥିଲା।

୧୧୭ । ସେ ତାଙ୍କ ପତ୍ରରୁ ରୁଟି ଖଣ୍ଡିଏ ନେଇ କୁକୁରକୁ ଦେବାକୁ ଯାଉଥିବା ସମୟରେ ଗୋଟିଏ ଘୁଷୁରୀ କାଦୁଅ ଲଟପଟ ହୋଇ ଖାଦ୍ୟ ଖାଇବା ଆଶାରେ ସେଠାରେ ପହଂଚିଥିଲା ଓ ସେ ଉଭୟଙ୍କୁ ଖାଇବା ପାଇଁ ଦେଇଥିଲେ।

୧୧୮ । ସାଧାରଣ ଭାବରେ ଏ ଘଟଣାଟି ଘଟି ଯାଇଥିଲା। ସେ ଏହାକୁ କୌଣସି ଗୁରୁତ୍ୱ ଦେଇ ନଥିଲେ କିମ୍ବା ମନରେ ମଧ୍ୟ ରଖିନଥିଲେ। କିନ୍ତୁ ସେ ମସ୍‌ଜିଦ୍‌କୁ ଯିବା ପରେ ଶ୍ରୀସାଇ ଏହି ପ୍ରସଙ୍ଗ ନିଜେ ଉଠାଇଥିଲେ।

୧୧୯ । ମଧ୍ୟାହ୍ନ ଭୋଜନ ପରେ ସବୁଦିନ ଭଳି ମହିଳା ଜଣକ ମସ୍‌ଜିଦ୍‌ରେ କିଛି ଦୂରରେ ବସିଥିଲେ। ସେତେବେଳେ ମଧୁର ସ୍ୱରରେ ବାବା କହିଥିଲେ।

୧୨୦ । "ମା ! ମୋତେ ଆଜି ଯାହା ଖୁଆଇଲ ମୋ ତଣ୍ଟି ପର୍ଯ୍ୟନ୍ତ ଭର୍ତ୍ତି ହୋଇଯାଇଛି। ମୋତେ ବହୁତ ଭୋକ ଲାଗୁଥିଲା, ତୁମେ ମୋତେ ତୃପ୍ତ କରିଦେଲ।

୧୨୧ । "ସବୁବେଳେ ତୁମେ ଏମିତି କରୁଥିବ। ସତ କଥା, ଅବଶେଷରେ ଏହାହିଁ ଉପଯୋଗୀ ପ୍ରମାଣିତ ହେବ। ମସ୍‌ଜିଦରେ ବସି ମୁଁ କେବେ ଅସତ୍ୟ କହେ ନାହିଁ, ଏହା ଏକ ସର୍ବଜନୀନ ସତ୍ୟ।

୧୨୨ । "ଜାଣିରଖ, ମୁଁ ଏହି ଦୟା ଓ ଉଦାରତାର ଶିକ୍ଷା ଦେଉଛି। ଭୋକିଲାଙ୍କୁ ପ୍ରଥମେ ଖାଇବା ପାଇଁ ଦେବାପରେ ନିଜେ ଖାଅ। ଏହା ସବୁବେଳେ ମନେ ରଖିଥିବ।"

୧୨୩। ଶ୍ରୀସାଇ ସମର୍ଥ କ'ଣ କହୁଛନ୍ତି ? ମହିଳା ଜଣକ କିଛି ବୁଝି ପାରିଲେ ନାହିଁ। ଏଥିରେ ନିହିତ ଅର୍ଥ କଣ ? ସେ' ତ କୌଣସି କଥା ବିନା କାରଣରେ କହନ୍ତି ନାହିଁ।

୧୨୪ । ସେ କହିଥିଲେ, "ମୁଁ ଆପଣଙ୍କୁ କେତେବେଳେ ଖାଇବା ପାଇଁ ଦେଲି ? ମୋ ହାତରେ କ'ଣ ବା ହୋଇ ପାରିବ ? ମୁଁ ଅନ୍ୟ ଉପରେ ନିର୍ଭର କରୁଛି। ମୁଁ ଯାହା ପାଉଛି, ସେଇଆ ଖର୍ଚ୍ଚ କରୁଛି ଓ ଖାଉଛି।"

୧୨୫ । ବାବା ତାଙ୍କୁ ଉତ୍ତର ଦେଇଥିଲେ:"ତୁମେ ସ୍ନେହରେ ଯେଉଁ ରୁଟି ଖଣ୍ଡେ ଦେଇଥିଲ ସେହି ରୁଟିଖଣ୍ଡକ କଥା ମନେ ପକାଅ। ମୁଁ ଖାଇ ସମ୍ପୂର୍ଣ୍ଣ ତୃପ୍ତ ହୋଇ ଏବେ ମଧ୍ୟ ହାକୁଟି ମାରୁଛି।

୧୨୬ । "ତୁମେ ଖାଇବାକୁ ବସିବା ସମୟରେ ତୁମ ଦ୍ୱାର ମୁହଁକୁ ହଠାତ୍ ଭୋକିଲା କୁକୁରଟିଏ ଧାଇଁ ଆସିଥିଲା। ମୁଁ ହେଉଛି ସେଇ କୁକୁର।

୧୨୭ । " ମୁଁ ମଧ୍ୟ ସେଇ କାଦୁଅ ଲଟପଟ ଘୁଷୁରୀ ଯିଏ ଭୋକରେ ଆଉଟୁପାଉଟୁ ହୋଇ ତୁମ ପାଖକୁ ଯାଇଥିଲା।"

୧୨୮ । ବାବାଙ୍କର କଥା ଶୁଣି ମହିଳା ଜଣକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବୁଲା କୁକୁର, ଘୁଷୁରୀ, ବିଲେଇମାନେ କ'ଣ ବାବାଙ୍କ ସହିତ ଏକାକାର ?

୯ ॥ କୌଣସି ଶିରୋନାମା ଦିଆଯାଇନାହିଁ ॥

୧୨୯ । "ବେଳେବେଳେ ମୁଁ କୁକୁର, ଘୁଷୁରୀ, ଗାଇ, ବିଲେଇ, ପିମ୍ପୁଡ଼ି, ମାଛି କିମ୍ବା ମାଛ ହୋଇଥାଏ । ମୁଁ ବିଭିନ୍ନ ରୂପଧରି ଭ୍ରମଣ କରିଥାଏ ।

୧୩୦ । "ଯିଏ ମୋତେ ସବୁ ପ୍ରାଣୀଙ୍କ ମଧ୍ୟରେ ଦେଖିଥାଏ, ମୁଁ ତାକୁ ବହୁତ ଭଲପାଏ । ଦ୍ୱୈତ ଭାବନାକୁ ଦୂର କରିଦେଇ ମୋତେ ଏହିଭଳି ଭକ୍ତିକର ।"

୧୩୧ । ଏଗୁଡ଼ିକ ସାଧାରଣ ଶବ୍ଦ ନୁହେଁ, ଅମୃତ । ମହିଳା ଭାବାବେଗରେ ବୁଡ଼ିଯାଇଥିଲେ । ତାଙ୍କ ଆଖି ଆନନ୍ଦର ଲୁହରେ ଭରିଯାଇଥିଲା ଓ ଭାବବିହ୍ୱଳ ହୋଇ କଣ୍ଠ ବାଷ୍ପରୁଦ୍ଧ ହୋଇଥିଲା ।

୧୩୨ । ଏହି ମହିଳାଙ୍କ ସମ୍ପର୍କରେ ଅନ୍ୟ ଗୋଟିଏ କାହାଣୀ ରହିଛି, ଯାହା ବିସ୍ମୟକର ଓ ଶ୍ରଦ୍ଧାଭାବ ଚିତ୍ରଣ କରେ । ଶ୍ରୀସାଇଙ୍କର ଭକ୍ତମାନଙ୍କ ସହିତ ଏକାତ୍ମତା ଦର୍ଶାଇଥାଏ ।

୧୩୩ । ଥରେ ବାନ୍ଦ୍ରାର ରଘୁବୀର ଭାସ୍କର ପୁରନ୍ଦରେ ତାଙ୍କ ପତ୍ନୀ ଓ ପିଲାମାନଙ୍କ ସହିତ ଶିରିଡ଼ି ଆସିବା ପାଇଁ ବାହାରିଥିଲେ । ଶ୍ରୀମତୀ ତର୍ଖଡ଼ ଅତି ଶ୍ରଦ୍ଧାରେ ବାବାଙ୍କ ନିକଟକୁ ଦୁଇଟି ବାଇଗଣ ପଠାଇଥିଲେ ଓ ପୁରନ୍ଦରେଙ୍କ ପତ୍ନୀଙ୍କୁ ବାବାଙ୍କ ପାଇଁ ଖାଇବା କରିଦେବା ପାଇଁ କହିଥିଲେ ।

୧୩୪ । ବାବାଙ୍କ ପାଇଁ ଗୋଟିଏ ବାଇଗଣ ଭରତା[୧୭] କରିଦେବ ଓ ଅନ୍ୟଟିକୁ କାଚର୍ଯା[୧୮] କରି ବାବାଙ୍କୁ ଖାଇବାକୁ ଦେବ ବୋଲି କହିଥିଲେ ।

୧୩୫ । ତାଙ୍କ ପତ୍ନୀ ବାଇଗଣ ଦୁଇଟିକୁ ଆଣି ଶିରିଡ଼ିରେ ପହଂଚିଥିଲେ ଓ ସଂଧ୍ୟା ଆରତି ପରେ ଖାଇବା ସମୟରେ ଭରତା କରି ଦେଇଥିଲେ ।

୧୩୬ । ପରମ୍ପରା ଅନୁଯାୟୀ ମହିଳା ଜଣକ ବାବାଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ[୧୯] ଥାଳି ରଖିଦେଇ ଚାଲିଯାଇଥିଲେ । ବାବା ସମସ୍ତଙ୍କ ନୈବେଦ୍ୟ ଥାଳିରୁ ଖାଦ୍ୟ ସଂଗ୍ରହ କରି ଖାଇବସିଥିଲେ ।

୧୩୭ । ସେ ଭରତା ଖାଇବା ସମୟରେ ତାହାର ସ୍ୱାଦକୁ ପ୍ରଶଂସା କରିଥିଲେ ଓ ସମସ୍ତଙ୍କ ମଧ୍ୟରେ ବାଣ୍ଟିଥିଲେ । ସେ କାଚର୍ଯା (ବାଇଗଣ ଭଜା) ଖାଇବା ପାଇଁ ଇଚ୍ଛାକରି ମାଗିଥିଲେ ।

୧୩୮ । ଖବର ରାଧାକୃଷ୍ଣମାଇଙ୍କ ନିକଟକୁ ପଠାଯାଇଥିଲା ଯେ ବାବା ଅଧାଖାଇ କାଚର୍ଯା ଖାଇବା ନିମନ୍ତେ ବସି ରହିଛନ୍ତି । କ'ଣ କରାଯିବ କେହି କିଛି ବୁଝି ପାରୁନାହାନ୍ତି ।

୧୩୯ । ବାଇଗଣ ଚାଷ ପାଇଁ ସେହି ସମୟ ଉପଯୁକ୍ତ ନଥିବାରୁ ବାଇଗଣ ମିଳିବ ନାହିଁ । ବାଇଗଣ ଭଜା କିପରି କରାଯିବ ? ତେଣୁ ପୁରନ୍ଦରେଙ୍କ ପତ୍ନୀଙ୍କୁ ତାଙ୍କର ବାଇଗଣ ଭରତା ପାଇଁ ଖୋଜା ପଡ଼ିଥିଲା ।

୧୪୦ । ସେ ଆଣିଥିବା ଥାଳିରେ ବାଇଗଣ ଭରତା ଥିଲା । ତେଣୁ ତାଙ୍କ ନିକଟରେ ହୁଏତ ଆଉ ବାଇଗଣ ଥାଇପାରେ ।

୧୪୧ । ତାଙ୍କୁ ପଚରାଯିବା ପରେ ସମସ୍ତେ କାଚର୍ଯାର ମହତ୍ୱ ବୁଝିପାରିଥିଲେ ଓ ବାବାଙ୍କର ସେମାନଙ୍କ ସହିତ ଥିବା ଆତ୍ମୀୟତା କଥା ଜଣାପଡ଼ିଥିଲା ।

୧୪୨ । ମହିଳା ଜଣକ କହିଥିଲେ ଯେ ଦୁଇଟି ବାଇଗଣ ମଧ୍ୟରୁ ଗୋଟିଏକୁ ଭରତା କରି ସେ ନୈବେଦ୍ୟରେ ଦେଇଥିଲେ । ଅନ୍ୟଟିକୁ ପରେ ସେ କାଚର୍ଯା କରିବେ ବୋଲି ଭାବିଥିଲେ । ସେହି ଅନୁଯାୟୀ ଦ୍ୱିତୀୟ ବାଇଗଣକୁ କଟାଯାଇ ରଖାଯାଇଥିଲା ।

୧୪୩ । ପରବର୍ତ୍ତୀ ସମୟରେ ବାଇଗଣ ଉପାଖ୍ୟାନକୁ ଧୀରେ ଧୀରେ ସମସ୍ତେ ଜାଣି ଯାଇଥିଲେ ଓ ଶ୍ରୀସାଇଙ୍କର ସର୍ବଜ୍ଞପଣିଆ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ।

୧୪୪ । ସେହି ମହିଳା ଜଣକ ୧୯୧୫ ମସିହା ଡିସେମ୍ବର ମାସରେ ଗୋଟିଏ ପେଢ଼ା[୨୦] ଅତି ଆଗ୍ରହରେ ବାବାଙ୍କ ନିକଟକୁ ପଠାଇଥିଲେ ।

୧୪୫ । ବାଳାରାମ ମାନକରଙ୍କ[୨୧] ମୃତ୍ୟୁ ହୋଇ ଯାଇଥିବାରୁ ତାଙ୍କର ଶେଷକୃତ୍ୟ କରିବା ପାଇଁ ତାଙ୍କ ପୁଅ ଗୋବିନ୍ଦ ମାନକର ଶିରିଡ଼ି ଆସୁଥିଲେ । ସେ ବିଦାୟ[୨୨] ନେବା ଅବସରରେ କିଛି ଖବର ବାବାଙ୍କ ନିମିତ୍ତ ଅଛିକି ବୋଲି ପଚାରିବାକୁ ଆସିଥିଲେ ।

୧୪୬ । ଗୋବିନ୍ଦ ମାନକର ତର୍ଖଡ଼ଙ୍କ ଘରକୁ ଆସି ଶିରିଡ଼ି ଯାଉଥିବା କଥା କହିଥିଲେ । ତର୍ଖଡ଼ଙ୍କ ପତ୍ନୀ ବାବାଙ୍କ ପାଇଁ କିଛି ପଠାଇବାକୁ ଭାବିଥିଲେ ।

୧୪୭ । ଘରେ ପେଢ଼ା ବ୍ୟତୀତ ଆଉ କିଛି ନଥିଲା । ନୈବେଦ୍ୟ ଭାବରେ ସେହି ପେଢ଼ା ମଧ୍ୟ ବାବାଙ୍କୁ ଉତ୍ସର୍ଗ କରାଯାଇସାରିଥିଲା । ଗୋବିନ୍ଦ ମାନକର ଶିରିଡ଼ି ଯିବାକୁ ତରବର ଥିଲେ ।

୧୪୮ । ତାଙ୍କର ସେତେବେଳେ ଶୋକ କାଳ[୨୩] ପାଳନ

ଚାଲିଥିଲା। ତର୍ଖଡ଼ଙ୍କ ଘରେ ଗୋଟିଏ ପେଡ଼ା ବଳିଥିଲା। ସେଇ ପେଡ଼ାଟିକୁ ଶ୍ରୀସାଇଙ୍କ ଖାଇବା ପାଇଁ ଶ୍ରୀମତୀ ତର୍ଖଡ଼ ତାଙ୍କ ହାତରେ ପଠାଇ ଦେଇଥିଲେ।

୧୪୯। "ଆଉ କିଛି ନାହିଁ। ଏଇଟିକୁ ନିଅନ୍ତୁ। ଶ୍ରୀସାଇଙ୍କୁ ଭକ୍ତି ସହକାରେ ଅର୍ପଣ କଲେ, ସେ ଖୁସି ହୋଇ ଖାଇବେ।"

୧୫୦। ଗୋବିନ୍ଦଜୀ ପେଡ଼ାଟିକୁ ନେଇଥିଲେ। ସେ ଦର୍ଶନକୁ ଯିବା ସମୟରେ ବସାଘରେ ପେଡ଼ାଟିକୁ ଛାଡ଼ି ଦେଇ ଯାଇଥିଲେ। ବାବା ଧୈର୍ଯ୍ୟ ଧରି ରହିଥିଲେ।

୧୫୧। ଓପରବେଳା ସେ ଦରବାର କୋଠରୀକୁ ଆସିବା ସମୟରେ ପୂର୍ବଭଳି ପେଡ଼ାଟିକୁ ଆଣିବାକୁ ଭୁଲିଯାଇଥିଲେ ଓ ଖାଲି ହାତରେ ମସ୍‌ଜିଦ୍‌କୁ ଆସିଥିଲେ।

୧୫୨। "ମୋ ପାଇଁ କ'ଣ ଆଣିଛ" ବାବା ତାଙ୍କୁ ହାଲୁକା ଭାବରେ ପଚାରିଥିଲେ। "କିଛି ନାହିଁ"ବୋଲି ସେ କହିଥିଲେ। ଏହାପରେ ବାବା ତାଙ୍କୁ ଇଂଗିତରେ ମନେ ପକାଇ ଦେବାକୁ ଚେଷ୍ଟା କରିଥିଲେ।

୧୫୩। "ତୁମ ଜରିଆରେ ମୋ ପାଖକୁ କେହି କିଛି ପଠାଇ ନାହାନ୍ତି ?" ଶ୍ରୀସାଇ ସମର୍ଥଙ୍କର ସିଧାସଳଖ ପ୍ରଶ୍ନ ତାଙ୍କର ନାସ୍ତିସୂଚକ ବାକ୍ୟ ଶୁଣିବା ପରେ ଥିଲା।

୧୫୪। "ତୁମେ ଘର ଛାଡ଼ିବା ସମୟରେ, ମା' ତମକୁ ଶ୍ରଦ୍ଧାରେ ମିଠାଟିଏ ଦେଇନଥିଲେ ?" ଏବେ ମାନକରଙ୍କର ମନେ ପଡ଼ି ଯାଇଥିଲା।

୧୫୫। ସେ ବହୁତ ଲଜ୍ଜିତ ହୋଇଥିଲେ। ସେ କେମିତି ଭୁଲିଗଲେ ! ସେ ତଳକୁ ମୁହଁ ପୋତି କ୍ଷମା ପ୍ରାର୍ଥନା କରିଥିଲେ ଓ ବାବାଙ୍କ ପାଦରେ ପ୍ରଣାମ କରିଥିଲେ।

୧୫୬। ସେ ଦୌଡ଼ି ଦୌଡ଼ି ବସାଘରକୁ ଯାଇ ପେଡ଼ାଟିକୁ ଆଣି ବାବାଙ୍କୁ ଦେଇଥିଲେ। ବାବା ତାହାକୁ ହାତରେ ପାଇବା ମାତ୍ରକେ ପାଟି ଭିତରକୁ ପକାଇ ଦେଇଥିଲେ। ଏହିପରି ଭାବରେ ମା'ଙ୍କର ଭାବନାକୁ ବାବା ପୂରଣ କରିଥିଲେ।

୧୫୭। ମହାନ୍ ସାଇ ଏହିଭଳି ମହାନୁଭବ[୪] ଯୋଗୀ ଥିଲେ। ସେ ଭାବନାର ପ୍ରତ୍ୟୁତ୍ତରରେ ଉପଯୁକ୍ତ ଅନୁଭୂତି ଦେଇ ଭାବ ବିନିମୟ କରୁଥିଲେ। ସେ ଭକ୍ତମାନଙ୍କର ସମ୍ମାନ ବଢ଼ାଉଥିଲେ।

୧୫୮। ଏହି କାହାଣୀଗୁଡ଼ିକର ସାରାଂଶ ହେଉଛି ଯେ ଈଶ୍ୱରଙ୍କୁ ସମସ୍ତ ଘଟ ମଧ୍ୟରେ ଦେଖନ୍ତୁ। ସମସ୍ତ ଶାସ୍ତ୍ର ମଧ୍ୟ ଏକଥା କହିଛନ୍ତି। ଏଗୁଡ଼ିକର ଶିକ୍ଷା ମଧ୍ୟ ସେୟା।

୧୫୯। ଆମେ ବାବାଙ୍କର ଜୀବନଚର୍ଯ୍ୟା ଏବଂ ସେ କିପରି ଓ କେଉଁଠି ଶୋଉଥିଲେ, ତାହା ପରବର୍ତ୍ତୀ ଅଧ୍ୟାୟରେ ଶୁଣିବା। ମନଧ୍ୟାନ ଦେଇ ସେକଥା ଶୁଣନ୍ତୁ।

୧୬୦। ହେମାଡ଼ପନ୍ତ ସାଇପଦରେ ଶରଣାଗତ। ଶ୍ରୋତାଗଣ ! ପୂର୍ବକଥିତ କାହାଣୀଗୁଡ଼ିକୁ ଭକ୍ତି ସହକାରେ ପ୍ରତ୍ୟହ ଧ୍ୟାନ କରନ୍ତୁ, ଆପଣମାନଙ୍କର ମଙ୍ଗଳ ହେବ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ, ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "କୌଣସି ଶିରୋନାମା ଦିଆଯାଇନାହିଁ" ଶୀର୍ଷକ ନବମ ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ବିସ୍ତୃତ ଭାବରେ ପରେ ଦିଆଯାଇଛି।

୨- ଥରେ ତାତ୍ୟା ସାହେବ ନୁଲକର ଓ ଭାଉସାହେବ ଦୀକ୍ଷିତ ସେମାନଙ୍କ ବନ୍ଧୁମାନଙ୍କ ସହିତ ଶିରିଡ଼ିରୁ ଫେରିବାକୁ ବାହାରିଥିଲେ। ମହାରାଜ ସେମାନଙ୍କୁ କହିଥିଲେ, "କାଲି ସକାଳେ ବାହାରିଯାଇ କୋପରଗାଁରେ ଖାଇବ।" ସେମାନେ ସେହି ଅନୁଯାୟୀ କୋପରଗାଁରେ ଖାଦ୍ୟ ପ୍ରସ୍ତୁତ କରି ରଖିବା ପାଇଁ ଖବର ପଠାଇ ଦେଇଥିଲେ। ସେମାନେ କୋପରଗାଁରେ ପହଞ୍ଚିବା ସମୟକୁ ଖାଦ୍ୟ ପ୍ରସ୍ତୁତ ହୋଇ ନ ଥିଲା। ଟ୍ରେନ୍ ଛାଡ଼ିବା ସମୟ ହୋଇ ଯାଇଥିବାରୁ ସେମାନେ ନ ଖାଇ ଷ୍ଟେସନକୁ ବାହାରି ଯାଇଥିଲେ ଓ ଦେଖିଲେ ଯେ ଟ୍ରେନ୍ ଅଢ଼େଇ ଘଣ୍ଟା ବିଳମ୍ବ ଅଛି। ସେମାନେ ଟାଙ୍ଗା ଫେରାଇ ଦେଲେ ଓ ଖାଦ୍ୟକୁ ବ୍ରାହ୍ମଣ ଟାଙ୍ଗାଚାଳକ ଦ୍ୱାରା ଅଣାଇ ଷ୍ଟେସନରେ ଖାଇଥିଲେ। ସେମାନେ ଖାଇସାରିବାର ଦଶ ମିନିଟ୍ ପରେ ଟ୍ରେନ୍ ଆସି ପହଞ୍ଚିଥିଲା।

ଅନ୍ୟ ଗୋଟିଏ ବିପରୀତ ଘଟଣା ଶୁଣନ୍ତୁ। ଥରେ ରଘୁବୀର ଭାସ୍କର ପୁରନ୍ଦରେ ତାଙ୍କର ଅନେକ ବନ୍ଧୁଙ୍କୁ ନେଇ ମହାରାଜଙ୍କ ଦର୍ଶନ ନିମିତ୍ତ ଯାଇଥିଲେ। ତାଙ୍କ ମା'ଙ୍କର ଇଚ୍ଛାନୁଯାୟୀ ସେମାନେ ନାସିକ୍ ଯିବାକୁ ବାବାଙ୍କ ଅନୁମତି ପ୍ରାର୍ଥନା କରିଥିଲେ। ମହାରାଜ କହିଥିଲେ, "ଯାଅ, ସେଠି ଦୁଇଦିନ ରହିବ, ତା' ପରେ ଯୁଆଡ଼େ ଯିବ।" ସମ୍ପୂର୍ଣ୍ଣ ଦଳଟି ସେହି ଅନୁଯାୟୀ ନାସିକ୍ ଯାଇଥିଲା। ସେଦିନ

୯ ॥ କୌଣସି ଶିରୋନାମା ଦିଆଯାଇନାହିଁ ॥

ତାଙ୍କ ସାନ ଭାଇକୁ ପ୍ରବଳ ଜ୍ୱର ଆସିଥିଲା । ସମସ୍ତେ ଭୟଭୀତ ହୋଇ ବମ୍ବେଇ ସାଙ୍ଗେ ସାଙ୍ଗେ ଚାଲିଯିବାକୁ ଚାହିଁଥିଲେ । କିନ୍ତୁ ପୁରନ୍ଦରେ କହିଥିଲେ, "ମହାରାଜ ଆମକୁ ଦୁଇଦିନ ରହିବା ପାଇଁ କହିଛନ୍ତି । ତେଣୁ ଦୁଇଦିନ ପର୍ଯ୍ୟନ୍ତ ମୁଁ ଏହି ସ୍ଥାନ ଛାଡ଼ିବି ନାହିଁ ।" ଅନ୍ୟ କୌଣସି ବିକଳ୍ପ ନ ଥିବାରୁ ପୂରା ଦଳ ରହିଥିଲେ । ଭାଇର ଜ୍ୱର ତା'ପରଦିନ ଛାଡ଼ି ଯାଇଥିଲା ଓ ତୃତୀୟ ଦିନ ସମସ୍ତେ ଖୁସି ମନରେ ନାସିକ୍ ଛାଡ଼ି ବମ୍ବେଇ ଫେରିଆସିଥିଲେ ।

୩- ଶିରିଡ଼ିଠାରୁ ପ୍ରାୟ ଦେଢ ମାଇଲ ଦୂରରେ ଥିବା ଏକ ଗ୍ରାମ ।

୪- ଭଦ୍ରବ୍ୟକ୍ତିଙ୍କ ସହିତ ।

୫- ଲେଖକର ଏହି ଅନୁଭୂତି ରହିଛି । ସେ ଥରେ ନିଜର ପରିବାର ସହିତ ଶିରିଡ଼ିରୁ ବାହାରୁଥିବା ସମୟରେ ମହାରାଜ କହିଥିଲେ, "ଟିକେ କ'ଣ ଖାଇଦେଇ ଓପରବେଳା ବାହାରିଯାଅ !" କିନ୍ତୁ ବଳଦଗାଡ଼ି ଷ୍ଟେସନକୁ ନେବା ପାଇଁ ପ୍ରସ୍ତୁତ ହୋଇ ରହିଥିଲା । ଟ୍ରେନ ଧରିବା ପାଇଁ ଗାଡ଼ିଟିକୁ ଜୋର୍‌ରେ ଦୌଡ଼ାଇ ଦିଆଯାଇଥିଲା । ହଠାତ୍ ବାମ ପାଖର ଚକ ବାହାରି ଆସି ନାଳରେ ପଡ଼ି ଯାଇଥିଲା । ଈଶ୍ୱରଙ୍କ ଆଶୀର୍ବାଦରୁ ଶଗଡ଼ ଭାଙ୍ଗି ଯାଇ ନ ଥିଲା କିମ୍ୱା କାହାରି କିଛି କ୍ଷତି ହୋଇ ନ ଥିଲା । ଚକକୁ ଶଗଡ଼ ଦେହରେ ଠିକ୍ ଭାବରେ ଲଗାଇବା ସମୟ ଭିତରେ ଟ୍ରେନ୍ ଚାଲି ଯାଇଥିଲା । ସମସ୍ତଙ୍କୁ କୋପରଗାଁର ଏକ ଭୋଜନାଳୟକୁ ଯିବାକୁ ପଡ଼ିଥିଲା । ସେଠାରେ ଖିଆପିଆ ସାରି ଅନ୍ୟ ଟ୍ରେନ୍‌ରେ ବମ୍ବେଇ ସେମାନେ ଯାଇଥିଲେ ।

୬- ବ୍ରାହ୍ମଣ ଶିକ୍ଷାର୍ଥୀ ଶାସ୍ତ୍ରାଧ୍ୟୟନ ସମୟରେ ଛାତ୍ର ହିସାବରେ କିମ୍ୱା ସନ୍ନ୍ୟାସୀ ହେବାର ପ୍ରାଥମିକ ସ୍ତରରେ ଶିକ୍ଷାନବୀଶ ଭାବରେ ଶପଥ ନିଅନ୍ତି ।

୭- ପୂର୍ଣ୍ଣିମାଠାରୁ ଆରମ୍ଭ ହେଉଥିବା ଷୋହଳ ଦିନ ଧରି ଉପବାସବ୍ରତ । ପ୍ରଥମ ଦିନ ଷୋହଳ ଗୁଣ୍ଡା ଖାଇ ପରବର୍ତ୍ତୀ ଦିବସମାନଙ୍କରେ ଗୋଟିଏ ଲେଖାଏଁ ଗୁଣ୍ଡା କମ୍ କରି ଶେଷ ଦିନ ଆଦୌ ଖାଇବେ ନାହିଁ ।

୮- କାୟ ମନୋବାକ୍ୟରେ ।

୯- ସମାଜ ଛାଡ଼ି ଜଙ୍ଗଲକୁ ଯିବା ।

୧୦- ପତ୍ନୀ ଓ ବଂଶଧରଙ୍କ ପାଇଁ ।

୧୧- ଧନସମ୍ପତ୍ତି ।

୧୨- (୧) ବ୍ରହ୍ମଯଜ୍ଞ (ବେଦ ପଠନ), (୨) ପିତୃଯଜ୍ଞ (ପାଣି ଛଡ଼ାଇ ଅନ୍ନ ଦେବା), (୩) ଦେବଯଜ୍ଞ (ଦେବତାଙ୍କୁ ଖାଦ୍ୟ ଅର୍ପଣ କରିବା), (୪) ଭୂତଯଜ୍ଞ (ସମସ୍ତ ପ୍ରାଣୀଙ୍କୁ ଖାଦ୍ୟ ଦେବା), (୫) ଅତିଥିଯଜ୍ଞ (ବିନା ନିମନ୍ତ୍ରଣରେ ଦ୍ୱାର ମୁହଁକୁ ଆସିଥିବା ଅତିଥିଙ୍କୁ ଖାଦ୍ୟ ଦେବା) ।

୧୩- ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ।

୧୪- ଭଲ କର୍ମର ଫଳ ହେଉଛି ପୁଣ୍ୟ ।

୧୫- ପ୍ରାର୍ଥନାସମାଜୀ ମୂର୍ତ୍ତି ପୂଜା କରନ୍ତି ନାହିଁ ।

୧୬- ବାବାଙ୍କ ପ୍ରତିଛବି ।

୧୭- ବାଇଗଣକୁ ପୋଡ଼ି, ଚୋପା ଛଡ଼ାଇ ମସଲା ଓ ଦହି ଦେଇ ଚକଟା ଯାଇଥାଏ ।

୧୮- ବାଇଗଣ ଭଜା । ମୁଚ ମୁଚ ଓ ବାଦାମୀ ରଙ୍ଗର ହୋଇଥାଏ ।

୧୯- ଦେବତାଙ୍କୁ ଅର୍ପିତ ଅନ୍ନ ବ୍ୟଞ୍ଜନ ଥାଳି ।

୨୦- ଗୋଲାକାର ମିଠା ପଦାର୍ଥ ।

୨୧- ବାଲାରାମ ମାନକର ବାବାଙ୍କର ଭକ୍ତ ଥିଲେ ।

୨୨- ତର୍ଖଡ଼ଙ୍କ ନିକଟରୁ ।

୨୩- ମୃତକ ବା ମରଣାଶୌଚ- ମୃତ୍ୟୁଠାରୁ ତେର ଦିନ ପର୍ଯ୍ୟନ୍ତ ଗୃହସ୍ଥ ଅଶୁଦ୍ଧ ରହୁଥିବାରୁ ଏହି ସମୟରେ ଧର୍ମୀୟ ରୀତିନୀତି ପାଳନ କରାଯାଏ ନାହିଁ ।

୨୪- ଭକ୍ତ ଓ ଭକ୍ତି ପାଇଁ ଆଗ୍ରହୀ ।



ରାମଚନ୍ଦ୍ର ଆତ୍ମାରାମ
ଓରଫ୍ ବାବାସାହେବ ତର୍ଖଡ଼

॥ ୧୦ ॥

ଶ୍ରୀସାଇ ସମର୍ଥଙ୍କ ମହତ୍ୱ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଯିଏ ସମସ୍ତଙ୍କର ମଙ୍ଗଳ ନିମନ୍ତେ ସଦା ବ୍ୟସ୍ତ ରହିଥାନ୍ତି, ଯିଏ ବ୍ରହ୍ମରେ ସଦା ଅବସ୍ଥାନ କରିଥାନ୍ତି, ତାଙ୍କୁ ହୃଦୟରେ ଭକ୍ତି ଭରେ ସବୁବେଳେ ସ୍ମରଣ କରନ୍ତୁ ।

୨ । ତାଙ୍କୁ କେବଳ ସ୍ମରଣ କଲେ ଜୀବନ ଓ ମୃତ୍ୟୁର ପ୍ରହେଳିକା ସମାଧାନ ହୋଇଯିବ । ଏହା ହେଉଛି ସର୍ବୋତ୍ତମ ସାଧନା ଯେଉଁଥିପାଇଁ ପଇସାଟିଏ ମଧ୍ୟ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ ।

୩ । ଅଳ୍ପ ପରିଶ୍ରମରେ ଅଧିକ ଲାଭ ମିଳିବ । ସମସ୍ତେ ଏହି ଲାଭକୁ ସହଜରେ ପାଇପାରିବେ । ସବୁ ଇନ୍ଦ୍ରିୟ ସକ୍ରିୟ ଥିବା ପର୍ଯ୍ୟନ୍ତ ପ୍ରତ୍ୟେକ ମୁହୂର୍ତ୍ତକୁ ଏଭଳି ଭାବରେ ଉପଯୋଗ କରିବା ଉଚିତ ।

୪ । ଅନ୍ୟ ସମସ୍ତ ଦେବଦେବୀ ମାୟା । ଗୁରୁ ହିଁ ଏକମାତ୍ର ଈଶ୍ୱର । ତାଙ୍କ ପଦତଳେ ବିଶ୍ୱାସ ସ୍ଥାପନ କଲେ, ସେ ତୁମର ଭାଗ୍ୟ ବଦଳାଇ ଦେଇପାରିବେ ।

୫ । ଗୁରୁଙ୍କୁ ଶୁଦ୍ଧ ପୂତ ସେବା କଲେ ସଂସାରର ବନ୍ଧନ ସଂପୂର୍ଣ୍ଣ ଭାବରେ ଧ୍ୱଂସ ହୋଇଯାଏ । ଯୁକ୍ତିଶାସ୍ତ୍ର ବା ତଦନୁରୂପ ଅନ୍ୟ କୌଣସି ବିଜ୍ଞାନ ଶିକ୍ଷାର ଆବଶ୍ୟକତା ପଡ଼େ ନାହିଁ କିମ୍ବା କୌଣସି କଷ୍ଟ ବରଣ କରିବାକୁ ପଡ଼େ ନାହିଁ ।

୬ । ପ୍ରକୃତ ଗୁରୁ ନାବିକ ହୋଇପାରିଲେ ଅନୁରକ୍ତ ଭକ୍ତମାନେ ତ୍ରିବିଧ[୨] ବିପଦ ସାଗରକୁ ଅତିକ୍ରମ କରିଯିବେ ।

୭ । ସାଗର ପାର ହେବାପାଇଁ ନାବିକ ଉପରେ ବିଶ୍ୱାସ ରଖିବାକୁ ପଡ଼ିଥାଏ । ଠିକ୍ ସେହିପରି ସଂସାର ସାଗରକୁ ପାରି ହେବା ନିମନ୍ତେ ଗୁରୁଙ୍କ ଉପରେ ବିଶ୍ୱାସ ସ୍ଥାପନ କରିବାକୁ ପଡ଼ିଥାଏ ।

୮ । ସେ ଭକ୍ତର ଭକ୍ତି ଓ ବିଶ୍ୱାସ ଦେଖିବା ପରେ ତାହାର ହାତରେ ମୋକ୍ଷ ଲାଭ ପାଇଁ ସୁଖର ସମ୍ପତ୍ତି ସହଜରେ ଟେକି ଦେଇଥାଆନ୍ତି ।

୯ । ତାଙ୍କର ଦର୍ଶନ ମାତ୍ରକେ ହୃଦୟ କନ୍ଦରରୁ ସମସ୍ତ ମନ୍ଦଗୁଣର ବନ୍ଧନ ଛିଣ୍ଡିଯାଏ, ସମସ୍ତ କାମନାବାସନା ପ୍ରତି ଅନାସକ୍ତି ଆସେ ଓ ପୂର୍ବ ଜନ୍ମମାନଙ୍କର କୁପ୍ରଭାବ ଦୂରେଇଯାଏ । ଆସନ୍ତୁ ତାଙ୍କରି ଗୁଣଗାନ କରିବା ।

୧୦ । ଅଷ୍ଟମ ଅଧ୍ୟାୟରେ ମନୁଷ୍ୟ ଜନ୍ମର ଉଦ୍ଦେଶ୍ୟ ଓ ନବମ ଅଧ୍ୟାୟରେ ଭିକ୍ଷାବୃତ୍ତିର ଗୂଢ଼ ରହସ୍ୟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

୧୧ । ବାୟଜାବାଈଙ୍କର ରୁଟି ଓ ତରକାରୀ ଖୁଆଇବା, ଖୁଶାଲଚନ୍ଦଙ୍କ ଭଲମନ୍ଦ ବୁଝିବା, ତାତ୍ୟା ଓ ମହାଲ୍‌ସାପତିଙ୍କ ସହିତ ଶୋଇବା ଇତ୍ୟାଦି ସୁନ୍ଦରଭାବରେ ବର୍ଣ୍ଣନା କରାଯାଇଛି ।

୧୨ । ଶ୍ରୋତାଗଣ ! ଏବେ ମନଧ୍ୟାନ ଦେଇ ବାବା କିପରି

ରହୁଥିଲେ, କେଉଁଠି ଶୋଉଥିଲେ, ତାଙ୍କର ଅଚିନ୍ତନୀୟ ସର୍ବବ୍ୟାପକତାର ପରିଚୟ କିପରି ମିଳିଥିଲା ଓ ତାଙ୍କର ଜୀବନଚର୍ଯ୍ୟା ବିଷୟରେ ଅଧିକ ବର୍ଣ୍ଣନା ଶୁଣନ୍ତୁ।

୧୩। ସେ ଆଜୀବନ ଯଶସ୍ୱୀ ଥିଲେ! ଉଭୟ ହିନ୍ଦୁ ଓ ମୁସଲମାନଙ୍କର ମାତା ସ୍ୱରୂପିଣୀ ଥିଲେ। ସ୍ୱଭାବତଃ ଶତ୍ରୁ, ଖାଦ୍ୟ[୩] ଓ ଖାଦକଙ୍କର ମଧ୍ୟ ତାଙ୍କ ଉପରେ ଆସ୍ଥା ଥିଲା। ସେମାନେ ନିର୍ଭୟରେ ଓ ପ୍ରେମପୂର୍ଣ୍ଣ ହୃଦୟରେ ଯାତାୟତ କରି ପାରୁଥିଲେ।

୧୪। ମୁଁ ତାଙ୍କର ନିତ୍ୟ ନୈମିତ୍ତିକ କାର୍ଯ୍ୟ ସମ୍ବନ୍ଧରେ କହି ସାରିଛି। ଏବେ ତାଙ୍କର ଜୀବନଯାପନ ଶୈଳୀ ଓ କେଉଁଠି କିପରି ଶୋଉଥିଲେ ଦେଖିବା। ଶ୍ରୋତାଗଣ! ସମ୍ମାନ ସହକାରେ ଶୁଣନ୍ତୁ।

୧୫। ଚାରିହାତ ଲମ୍ବ ଓ ଚାଖଣ୍ଡେ ଓସାରର ଗୋଟିଏ କାଠପଟାର ଦୁଇ ମୁଣ୍ଡରେ କପଡ଼ା ଧଡ଼ି ବାନ୍ଧି ଛାତରେ ଲଟକାଇ ଓହଳାଇ ଦିଆଯାଇଥିଲା ଓ ଦୋଳି ଭଳି ଏହାକୁ ଝୁଲାଇ ଦିଆହୋଇଥିଲା ।

୧୬। ଏହି ପଟା ଉପରେ ବାବା ଶୋଉଥିଲେ। ତାଙ୍କ ପାଦ ଓ ମୁଣ୍ଡ ପାଖରେ ମାଟି ଦୀପ ଜଳୁଥିଲା। ସେ କେମିତି କେତେବେଳେ ଉପରକୁ ଉଠୁଥିଲେ କିମ୍ବା ତଳକୁ ଓହ୍ଲାଉଥିଲେ କେହି ଜାଣି ପାରୁନଥିଲେ। ତାଙ୍କର ସେହି ଚଳାଚଳ ଅଚିନ୍ତନୀୟ ଥିଲା।

୧୭। ସେ ତା' ଉପରେ ବସିବା ସମୟରେ ବେକ ଝୁଙ୍କାଇ ବସୁଥିଲେ। ବେଳେବେଳେ ତା' ଉପରେ ଶୋଉଥିଲେ। କିନ୍ତୁ ତାଙ୍କର ଉପରକୁ ଉଠିବା ବା ତଳକୁ ଓହ୍ଲାଇବାର ଦୃଶ୍ୟ କାହା ଆଖିରେ ପଡୁନଥିଲା ।

୧୮। କନାଧଡ଼ିରେ ବନ୍ଧା ହୋଇଥିବା ପଟା ବାବାଙ୍କର ଓଜନକୁ କିପରି ସମ୍ଭାଳୁଥିଲା ? ତାଙ୍କର ମହାସିଦ୍ଧି ରହିଥିଲା, କାଠପଟା କେବଳ ଛଳନା ମାତ୍ର ଥିଲା।

୧୯। ସାମାନ୍ୟ ଟିକିଏ ଧୂଳିକଣା ଆଖିରେ ପଡ଼ିଲେ ବଡ଼ କଷ୍ଟ ଲାଗେ । କିନ୍ତୁ ଅଣିମା ସିଦ୍ଧି ଆୟତ୍ତ କରିଥିବା ବ୍ୟକ୍ତି ସହଜରେ ଲୁଚି ଯାଇପାରେ, ପରମାଣୁ ଭଳି କ୍ଷୁଦ୍ର କଣିକାରେ ପରିଣତ ହୋଇପାରେ । ବାବା ମାଛି, କୀଟ କିମ୍ବା ପିମ୍ପୁଡ଼ି ରୂପରେ ମୁକ୍ତ ଭାବରେ ଚଲାବୁଲା କରିପାରୁଥିଲେ।

୨୦। ଅଣିମା ସିଦ୍ଧି ଯାହାଙ୍କର ସେବାକାରୀ, ତାଙ୍କୁ ମାଛି ରୂପ ଧରିବା ପାଇଁ ସମୟ ଲାଗିବ କି ? ସେ ବିନା ଅବଲମ୍ବନରେ ଆକାଶରୁ ଝୁଲି ରହିପାରିବେ। ସେ କାଠପଟାଟାକୁ କାହିଁକି ଖାତିର କରିବେ ?

୨୧। ଅଣିମା-ମହିମା-ଲଘିମା ଆଦି ଅଷ୍ଟସିଦ୍ଧି[୪] ନବରତ୍ନ ପରି ତାଙ୍କର ସେବା କରିବା ପାଇଁ ହାତ ଯୋଡ଼ି ଛିଡ଼ା ହୋଇଥିବା ବେଳେ ତାଙ୍କ ପାଇଁ କାଠପଟା ଏକ ବାହାନା କେବଳ ଥିଲା।

୨୨। କୀଟ, ପତଙ୍ଗ, ପିମ୍ପୁଡ଼ି, ଘୁଷୁରୀ, କୁକୁର, ପଶୁ, ପକ୍ଷୀ, ମନୁଷ୍ୟ, ରାଜା, ରଙ୍କ ଆଦି ବଡ଼ ସାନ ସମସ୍ତଙ୍କୁ ସେ ସମଦୃଷ୍ଟିରେ ଦେଖୁଥିଲେ।

୨୩। ମହାରାଜଙ୍କର ସାଢ଼େ ତିନିହାତ[୫] ଲମ୍ବର ଶରୀର ଥିଲା ଓ ସେ ଶିରିଡ଼ିରେ ରହୁଥିଲେ ମଧ୍ୟ ସମସ୍ତଙ୍କ ହୃଦୟରେ ବାସ କରୁଥିଲେ। ସେ ପୁଣ୍ୟର[୬] ଭଣ୍ଡାର ଥିଲେ।

୨୪। ତାଙ୍କ ଚାରିପାଖରେ ଲୋକମାନେ ଘେରି ରହୁଥିଲେ ଓ ବାହାରୁ ସେ ଏହାକୁ ଭାରି ଭଲ ପାଉଥିଲେ ବୋଲି ଜଣାପଡୁଥିଲେ ମଧ୍ୟ ଅନ୍ତରରେ ସେ କୌଣସିଥିରେ ଜଡ଼ିତ କିମ୍ବା ଆସକ୍ତ ନଥିଲେ। ତାଙ୍କ ନିଜର କୌଣସି ଇଚ୍ଛା ପୂରଣ ହେବାପାଇଁ ନଥିଲେ ମଧ୍ୟ ବାହାରେ ଭକ୍ତମାନଙ୍କ ପାଇଁ ସେ ଅତ୍ୟନ୍ତ ବ୍ୟାକୁଳ ଥିଲେ।

୨୫। ଅନ୍ତର ମଧ୍ୟରେ ସେ ସଂପୂର୍ଣ୍ଣ ଇଚ୍ଛାଶୂନ୍ୟ ଥିଲେ ମଧ୍ୟ ଭକ୍ତମାନଙ୍କର ଇଚ୍ଛା ପୂରଣ ପାଇଁ ତାଙ୍କର ବାହ୍ୟିକ ଇଚ୍ଛା ରହିଥିଲା। ତାଙ୍କର ଅଭ୍ୟନ୍ତରରେ ମନ ଶାନ୍ତିର ଆବାସ ହୋଇଥିବା ବେଳେ ବାହାରକୁ ସେ ଅତିଶୟ କ୍ରୋଧୀ ଜଣାପଡୁଥିଲେ।

୨୬। ସେ ହୃଦୟ କନ୍ଦରରେ ପରମାନନ୍ଦ ପରଂବ୍ରହ୍ମଙ୍କୁ ଅନୁଭବ କରୁଥିଲେ ମଧ୍ୟ ବାହାରକୁ ଦୁଷ୍ଟ ପ୍ରକୃତି ଦେଖାଉଥିଲେ। ସେ ବାହାରୁ ସାଂସାରିକ ବ୍ୟାପାରରେ ଜଡ଼ିତ ରହୁଥିବାର ଜଣାପଡୁଥିଲେ ମଧ୍ୟ ଅନ୍ତର ମଧ୍ୟରେ ଅଦ୍ୱୈତ ବା ଏକାତ୍ମତା ପ୍ରତି ପ୍ରୀତି ରହିଥିଲା।

୨୭। ବେଳେ ବେଳେ ସେ ସ୍ନେହପୂର୍ଣ୍ଣ ଦୃଷ୍ଟିରେ ଦେଖୁଥିଲେ ମଧ୍ୟ ସମୟ ସମୟରେ ହାତରେ ଟେକା ପଥର ଧରି କାହାରିକୁ କାହାରିକୁ ଗୋଡ଼ାଉଥିଲେ। କେତେବେଳେ ରାଗରେ ପାଚିଯାଇ ଗାଳି ଦେଉଥିଲେ ତ କେତେବେଳେ ସ୍ନେହରେ କୁଣ୍ଢାଇ ପକାଉଥିଲେ।

୨୮ । କେତେକ ସମୟରେ ସେ ସମ୍ପୂର୍ଣ୍ଣ ଶାନ୍ତକାନ୍ତ ଭାବରେ ଧୈର୍ଯ୍ୟ ଓ ସହିଷ୍ଣୁତା ସହକାରେ ରହୁଥିଲେ । ଧ୍ୟାନରେ ସର୍ବଦା ମଜ୍ଜି ଯାଉଥିଲେ, ଆତ୍ମୋପଲବ୍ଧି କରୁଥିଲେ । ଆତ୍ମା ବିଷୟରେ ଚିନ୍ତା କରିବାରେ ସଦା ବ୍ରତୀ ଥିଲେ । ଭକ୍ତମାନଙ୍କୁ ଆନନ୍ଦ ଦେଉଥିଲେ ।

୨୯ । ସେ ଏଣେତେଣେ ନବୁଲି ଗୋଟିଏ ସ୍ଥାନରେ ଯୋଗୀଙ୍କ ଭଳି ଗୋଟିଏ ଭଙ୍ଗୀରେ ବସି ସ୍ଥିର ଓ ଅବିଚଳିତ ରହି ଧ୍ୟାନ କରୁଥିଲେ। ପ୍ରତ୍ୟେକ ଯୋଗୀଙ୍କ ହାତରେ ଯେପରି ଗୋଟିଏ ଲେଖାଏଁ ଦଣ୍ଡ ଥାଏ, ସେହିପରି ତାଙ୍କ ହାତରେ ସଟ୍‌କା ହିଁ ତାଙ୍କର ଏକମାତ୍ର ଦଣ୍ଡ ଥିଲା।

୩୦ । ତାଙ୍କର ସମ୍ପତ୍ତି, ସମ୍ମାନ ବା ସୁଖ୍ୟାତି ପାଇବା ନିମିତ୍ତ ଇଚ୍ଛା ନଥିଲା । ସେ ଭିକ ମାଗି ଚଳୁଥିଲେ। ସେ ଯୋଗ ଜ୍ଞାନର ଶିଖରରେ ଉପନୀତ ହୋଇଥିଲେ ଓ ଏହାକୁ ଆଶ୍ରୟ କରିଥିଲେ ।

୩୧ । ସେ ସନ୍ନ୍ୟାସୀ ପୋଷାକ ପିନ୍ଧୁଥିଲେ, ସଟ୍‌କା ତାଙ୍କର ଦଣ୍ଡ ଥିଲା। ସବୁବେଳେ ମୁହଁରେ 'ଆଲ୍ଲା ମାଲିକ' ଉଚ୍ଚାରଣ କରୁଥିଲେ ଓ ଭକ୍ତମାନଙ୍କ ପ୍ରତି ସଶ୍ରଦ୍ଧ ଭାବ ପୋଷଣ କରୁଥିଲେ।

୩୨ । ଏହା ହିଁ ଶ୍ରୀସାଇଙ୍କର ସଗୁଣ ଓ ମନୁଷ୍ୟ ଶରୀରର ପ୍ରକାଶ୍ୟ ରୂପ। ଅପ୍ରତ୍ୟାଶିତ ଭାବରେ ଅତୀତର ସୁକୃତିରୁ ଆମେ ଏହି ରତ୍ନକୁ ପାଇ ପାରିଥିଲୁ।

୩୩। ଆଶ୍ଚର୍ଯ୍ୟଜନକ ଭାବରେ ନିର୍ବୋଧ ଓ ଅଜ୍ଞ ଲୋକମାନେ ମଧ୍ୟ ଭାଗ୍ୟର ସୁଦୟାରୁ ତାଙ୍କର ସ୍ନେହ ଓ ଆଶୀର୍ବାଦ ଲାଭ କରିଥିଲେ। ସେମାନେ କିପରି ତାଙ୍କ ନିକଟକୁ ଆସି ପାରିଥିଲେ ?

୩୪ । ସାଇ ଆତ୍ମଜ୍ଞାନର ଖଣି ଥିଲେ। ସେ ସ୍ୱୟଂ ପରମାନନ୍ଦ ଥିଲେ। ତାଙ୍କୁ ଦୃଢ଼ ଭକ୍ତିଭାବରେ ଭକ୍ତ ଧରିପାରିଲେ ଭବସାଗର ପାରି ହୋଇଯିବେ।

୩୫ । ପ୍ରକୃତରେ ଯିଏ ଅସୀମ ଓ ଶାଶ୍ୱତ, ଯିଏ ଆବ୍ରହ୍ମ ସ୍ତମ୍ଭ ପର୍ଯ୍ୟନ୍ତ ପରିବ୍ୟାପ୍ତ, ଯିଏ ସନାତନ ଏବଂ ଦେବୋପମ, ବାବା ସେହି ଅବତାର ଥିଲେ।

୩୬ । କଳିଯୁଗର ସମୟ ଚାରି ଲକ୍ଷ ବତିଶି ହଜାର ବର୍ଷ ବୋଲି ଗଣନା କରାଯାଏ । ଏହା ଆରମ୍ଭ ହେବାର ପ୍ରାୟ ପାଞ୍ଚ ହଜାର ବର୍ଷ ପରେ ବାବାଙ୍କର ଆଗମନ ହୋଇଥିଲା।

୩୭ । ଶ୍ରୋତାମାନେ ଏଠାରେ ସନ୍ଦେହ ପ୍ରକାଶ କରୁଥାଇ ପାରନ୍ତି ଯେ ମୁଁ ବାବାଙ୍କର ଜନ୍ମ ତାରିଖ ନଜାଣି ଏଭଳି କେମିତି କହୁଛି ! ତେଣୁ ସମ୍ମାନ ଦେଇ ଯତ୍ନ ସହକାରେ ଶୁଣନ୍ତୁ।

୩୮ । ତାଙ୍କର ପୁନରାବିର୍ଭାବ ପରେ ସେ ଶିରିଡ଼ିରେ ରହିବେ ବୋଲି ସ୍ଥିର କରିଥିଲେ ଓ ସବୁକିଛି ତ୍ୟାଗକରି ଷାଠିଏ ବର୍ଷ ରହିଥିଲେ।

୩୯ । ଶିରିଡ଼ିକୁ ସେ ପ୍ରଥମେ ଆସିଥିବା ସମୟରେ ତାଙ୍କର ବୟସ ଷୋହଳ ବର୍ଷ ହୋଇଥିଲା। ସେତେବେଳେ ସେ ଶିରିଡ଼ିରେ ମାତ୍ର ତିନିବର୍ଷ ରହିଥିଲେ।

୪୦ । ସେ ସେଠାରୁ କେଉଁଆଡେ ହଠାତ୍ ଯାଇଥିଲେ ? କିଛିଦିନ ପରେ ଦୂରସ୍ଥ ନିଜାମ ରାଜ୍ୟରେ ତାଙ୍କୁ ଦେଖିବାକୁ ମିଳିଥିଲା । ତତ୍ପରେ ସେ ବରଯାତ୍ରୀଦଳ ସହିତ ଶିରିଡ଼ି ଫେରି ଆସିଥିଲେ ଓ ଶିରିଡ଼ିରେ ସ୍ଥାୟୀ ଭାବରେ ରହିଥିଲେ।

୪୧ । ସେତେବେଳେ ତାଙ୍କର ବୟସ କୋଡ଼ିଏ ବର୍ଷ ହୋଇଥିଲା। ସେହିଦିନଠାରୁ ସେ ସ୍ଥାୟୀ ଭାବରେ ଶିରିଡ଼ି ସହିତ ଜଡ଼ିତ ହୋଇପଡ଼ିଥିଲେ। ସେଠାରେ ଷାଠିଏ ବର୍ଷ କାଳ ସେ କଟାଇଥିଲେ ବୋଲି ସମସ୍ତେ ଜାଣିଛନ୍ତି।

୪୨ । ୧୮୪୦ ଶକାବ୍ଦ (୧୯୧୮ ମସିହା) ଆଶ୍ୱିନ ମାସ ଶୁକ୍ଳପକ୍ଷ ଦଶହରା ଦିନ ବାବା ସ୍ୱର୍ଗାରୋହଣ କରିଥିଲେ।

୪୩। ବାବା ଅଶି ବର୍ଷ ପୃଥିବୀରେ ରହିଥିବାରୁ ୧୭୬୦ ଶକାବ୍ଦ (୧୮୩୮ ମସିହା)ରେ ସେ ଜନ୍ମ ଗ୍ରହଣ କରିଥିଲେ ବୋଲି ଜଣେ ମୋଟାମୋଟି ଭାବରେ କହିପାରିବ।

୪୪ । ଯେଉଁ ମହାନ୍ ଆତ୍ମାମାନେ ସ୍ଥାନକାଳର ଊର୍ଦ୍ଧ୍ୱରେ ଥାଆନ୍ତି, ସେମାନଙ୍କର ଆୟୁକାଳ ସମ୍ବନ୍ଧରେ କେହି କ'ଣ ସଠିକ୍ ଭାବରେ ହିସାବ କରିପାରିବ ? ଏହା ଏକ ଅସାଧ୍ୟ କାର୍ଯ୍ୟ।

୪୫ । ମହାନ୍ ଆତ୍ମାମାନେ ସେମାନଙ୍କ ନିଜ ନିଜର 'କକ୍ଷ'ରେ ଅବସ୍ଥାନ କରିଥାଆନ୍ତି। ସେମାନଙ୍କର ଜନ୍ମ କିମ୍ବା ମୃତ୍ୟୁ ନାହିଁ। ସୂର୍ଯ୍ୟ ସ୍ଥିର ଓ ଅଚଳ ହୋଇଥିବାରୁ ପ୍ରକୃତରେ ସୂର୍ଯ୍ୟୋଦୟ ବା ସୂର୍ଯ୍ୟାସ୍ତ କିପରି ହୋଇପାରେ ?

୪୬ । ୧୬୦୩ ଶକାବ୍ଦ (୧୬୮୧ ମସିହା)ରେ ରାମଦାସ ସମାଧି ନେଇଥିଲେ। ଦୁଇ ଶହ ବର୍ଷ ନପୂରୁଣୁ ଏହି ମହାନ୍ ସନ୍ଥ ଅବତୀର୍ଣ୍ଣ ହୋଇଥିଲେ।

୪୭ । ସେହି ସମୟରେ ମୁସଲମାନମାନେ ଭାରତ ଆକ୍ରମଣ କରିଥିଲେ ଓ ହିନ୍ଦୁ ରାଜାମାନେ ମୁସଲମାନମାନଙ୍କ ଦ୍ୱାରା ଆକ୍ରମିତ ହୋଇ ପରାଜୟ ବରଣ କରିଥିଲେ। ଭକ୍ତିଭାବନା ଦୂରେଇ ଯାଇଥିଲା ଓ ଲୋକେ ଧର୍ମ ଉପରୁ ଆସ୍ଥା ହରାଇଥିଲେ।

୪୮ । ସେତେବେଳେ ରାମଦାସ ଜନ୍ମ ହୋଇଥିଲେ। ଶିବାଜୀଙ୍କ ସାହାଯ୍ୟରେ ସେ ଦେଶକୁ ମୁସଲମାନଙ୍କ ହାତରୁ ରକ୍ଷା କରିଥିଲେ, ଗୋରୁ ଓ ବ୍ରାହ୍ମଣଙ୍କୁ ସୁରକ୍ଷା ପ୍ରଦାନ କରିଥିଲେ।

୪୯ । ଦୁଇଶହ ବର୍ଷ ବିତିଯିବା ପୂର୍ବରୁ ପୁନଶ୍ଚ ଶାନ୍ତି ବ୍ୟାହତ ହୋଇଥିଲା। ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଥିବା ବିଭେଦକୁ ବାବା ଦୂର କରିଥିଲେ।

୫୦ । "ରାମ୍ ଓ ରହିମ ଏକ। ଦୁହିଁଙ୍କ ମଧ୍ୟରେ ଟିକିଏ ବି ପ୍ରଭେଦ ନାହିଁ। ସେ କ୍ଷେତ୍ରରେ ଭକ୍ତି, ଉପାସନା ମାର୍ଗରେ ବାଧା ରହିବ କାହିଁକି ! ପରସ୍ପର ପ୍ରତି ବିଭେଦମୂଳକ ଆଚରଣ କ'ଣ ପାଇଁ ?

୫୧ । "ହେ, ଅଜ୍ଞାନ ସନ୍ତାନଗଣ ! ହିନ୍ଦୁ ଓ ମୁସଲମାନଙ୍କୁ ଏକଜୁଟ କର। ନିଜ ରାସ୍ତାରେ ଦୃଢ଼ ରହି ସତ୍ ଚିନ୍ତା କର । ତା'ହେଲେ ଯାଇ ତୁମେମାନେ ଆରପାରିକୁ ଯାଇପାରିବ।

୫୨ । "ଯୁକ୍ତିତର୍କ କରିବା ଉଚିତ ନୁହେଁ। ପରସ୍ପର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚେଷ୍ଟା କର ନାହିଁ। ସବୁବେଳେ ନିଜର ଚିରସ୍ଥାୟୀ ମଙ୍ଗଳ ଚାହଁ, ଭଗବାନ ତୁମକୁ ରକ୍ଷା କରିବେ।

୫୩। "ଯୋଗ ଅଭ୍ୟାସ, ଧର୍ମୀୟ ରୀତିନୀତି ପାଳନ, ଜପତପ, ଜ୍ଞାନ ଆହରଣ ଇତ୍ୟାଦି ଦ୍ୱାରା ଭଗବାନଙ୍କୁ ପାଇ ହୁଏ। ଯେଉଁ ବ୍ୟକ୍ତି ଏସବୁ କରେ ମାତ୍ର ଭଗବାନଙ୍କ କୃପାଲାଭ କରେ ନାହିଁ, ସେଇ ବ୍ୟକ୍ତିର ଜନ୍ମ ନିରର୍ଥକ।

୫୪ । "ଯଦି ତୁମର କେହି କୌଣସି ପ୍ରକାର କ୍ଷତି କଲା, ତେବେ 'ଯେସାକୁ ତେସା' କରନାହିଁ। ସମ୍ଭବ ହେଲେ ଅନ୍ୟମାନଙ୍କୁ ଉପକୃତ କର।" ଏସବୁ ହେଲା ବାବାଙ୍କ ପ୍ରଦତ୍ତ ଶିକ୍ଷା ବା ଉପଦେଶର ସାରାଂଶ।

୫୫ । ନିଜର ମଙ୍ଗଳ ତଥା ଜୀବନର ଅନ୍ତିମ ମଙ୍ଗଳ ନିମନ୍ତେ ଏହା ହିଁ ସର୍ବଜନାଦୃତ ପଥ। ଉଚ୍ଚନୀଚ, ମହିଳା ଓ ଶୂଦ୍ରମାନଙ୍କ ସମେତ ସମସ୍ତଙ୍କ ନିମନ୍ତେ ଏହି ପଥ ସରଳ ଓ ସିଧାସଳଖ ।

୫୬ । ସ୍ୱପ୍ନରାଜ୍ୟରେ ଦୃଶ୍ୟ ହୋଇଥିବା ରାଜ ଆଡ଼ମ୍ବର ସ୍ୱପ୍ନ ଭଙ୍ଗ ହେବା ମାତ୍ରେ ଅଳୀକ ବୋଧ ହେଉଥିବା ଭଳି, ଏହି ସମଗ୍ର ଜଗତ ମାୟା ଦ୍ୱାରା ଆଚ୍ଛାଦିତ। ଏହା ତାଙ୍କର ଦୃଢ଼ ବିଶ୍ୱାସ ଥିଲା।

୫୭ । ତାଙ୍କର ସାଧାରଣ ଆଚରଣ ବା ସ୍ୱଭାବ ସର୍ବଦା ଶାରୀରିକ ସୁଖ ଓ ଦୁଃଖର ଅଳୀକ ଚରିତ୍ର ସମ୍ବନ୍ଧରେ ଦୃଢ଼ବିଶ୍ୱାସ ଉପରେ ଆଧାରିତ ଥିଲା । ତାଙ୍କ ମତରେ ଏସବୁ ସ୍ୱପ୍ନ ଭଳି ଚଞ୍ଚଳ ମନର କାର୍ଯ୍ୟ। ତେଣୁ ସେ ମାୟାକୁ ଦୂରେଇ ଦେଇଥିଲେ ଓ ମୁକ୍ତି ବା ମୋକ୍ଷ ସ୍ତରରେ ପହଞ୍ଚିଥିଲେ।

୫୮ । ଭକ୍ତମାନଙ୍କର ସାଂସାରିକ ବନ୍ଧନକୁ ଦେଖିଲେ ତାଙ୍କର ହୃଦୟ ଦୟାରେ ତରଳି ଯାଉଥିଲା ଓ ସେହି ବନ୍ଧନକୁ କିପରି ଦୂର କରିବେ, ସେଥିପାଇଁ ସେ ଦିନରାତି ବିବ୍ରତ ହେଉଥିଲେ।

୫୯ । ତାଙ୍କର ସମସ୍ତ ଆଚରଣ ବ୍ରହ୍ମନିଷ୍ଠ ଥିଲା। ତାଙ୍କର ମନ ସନ୍ଦେହମୁକ୍ତ ଥିଲା ଓ ସେ ପରମାନନ୍ଦଙ୍କ ମୂର୍ତ୍ତିମନ୍ତ ତଥା ତ୍ୟାଗର ଅବତାର ଥିଲେ।

୬୦ । ସେ ବଂଶୀ କିମ୍ବା ଗିନି ବଜାଇ ଦ୍ୱାର ଦ୍ୱାର ବୁଲୁନଥିଲେ। ସେ ବିକଳ ହୋଇ ପ୍ରତ୍ୟେକ ପଥଚାରୀଙ୍କ ପାଖରେ ହାତପତାଇ ଭିକ୍ଷା ମାଗୁନଥିଲେ।

୬୧ । ଏପରି ଅନେକ ଗୁରୁ ଅଛନ୍ତି, ଯେଉଁମାନେ ନିଜର ଚତୁଃପାର୍ଶ୍ୱରେ ଅନେକ ଶିଷ୍ୟ ସଂଗ୍ରହ କରିଥାନ୍ତି ଓ ଜୋରକରି ସେମାନଙ୍କ କର୍ଣ୍ଣରେ ଗୁପ୍ତ ମନ୍ତ୍ର କହି ପଇସା ଆଦାୟ କରିଥାନ୍ତି।

୬୨ । ସେମାନେ ଶିଷ୍ୟମାନଙ୍କୁ ସାଧୁତା ଶିକ୍ଷା ଦେଉଥିବା ସମୟରେ ନିଜେ ବିପରୀତ ଆଚରଣ କରିଥାନ୍ତି। ସେମାନେ କିପରି ଭବସାଗର ପାରି କରାଇବାରେ ସାହାଯ୍ୟ କରିବେ ଏବଂ ଜନ୍ମ ଓ ମୃତ୍ୟୁ ଚକ୍ରକୁ ଏଡ଼େଇବାରେ ସାହାଯ୍ୟ କରିବେ ?

୬୩। ତାଙ୍କର ସାଧୁତା ବିଷୟରେ ଲୋକେ ଜାଣନ୍ତୁ କିମ୍ବା ଦୂରଦୂରାନ୍ତରରେ ତାଙ୍କର ସୁନାମ ବ୍ୟାପିଯାଉ-ଏମିତି ଉଦ୍ଦେଶ୍ୟ ତାଙ୍କର ଆଦୌ ନଥିଲା। ଏପରି ଥିଲେ ଶ୍ରୀ ସାଇ !

୬୪ । ତାଙ୍କ ନିକଟରେ ଦୈହିକ ଗର୍ବ ନଥିଲା। ସେ

ଭକ୍ତମାନଙ୍କୁ ବହୁତ ଭଲ ପାଉଥିଲେ । ତାଙ୍କର ଏହି ଆଚରଣ ସଦାସର୍ବଦା ରହିଥିଲା । ଏପରି ହିଁ ଥିଲେ ଶ୍ରୀସାଇ !

୬୫ । ଦୁଇ ପ୍ରକାରର ଗୁରୁ ଅଛନ୍ତି । 'ନିୟତ' (ଭାଗ୍ୟ ଦ୍ୱାରା ନିର୍ଦ୍ଧାରିତ) ଓ 'ଅନିୟତ' । ଶ୍ରୋତାମାନଙ୍କର ଅବଗତି ନିମନ୍ତେ ଉଭୟ ପ୍ରକାର ଗୁରୁଙ୍କର କଥା ବର୍ଣ୍ଣନା କରାଯିବ ।

୬୬ । ଅନିୟତ ଗୁରୁ ଦିବ୍ୟ ଗୁଣଗୁଡ଼ିକର ବିକାଶ ଓ ମନର ଶୁଦ୍ଧତା ଉପରେ ଗୁରୁତ୍ୱ ଦେଇଥାନ୍ତି । ସେଗୁଡ଼ିକୁ ପାଇବାରେ ଅନିୟତ ଗୁରୁ ସାହାଯ୍ୟ କରିଥାନ୍ତି । ସେ ମୋକ୍ଷର ପଥ ମଧ୍ୟ ଦେଖାଇଥାନ୍ତି ।

୬୭ । ନିୟତ ଗୁରୁଙ୍କ ସହିତ ସମ୍ବନ୍ଧ ସ୍ଥାପିତ ହୋଇଗଲେ ଆତ୍ମାର ଦ୍ୱୈତଭାବ ଉଭେଇ ଯାଇଥାଏ ଓ ଭଗବାନଙ୍କ ସହିତ ଏକାତ୍ମ ଘଟେ । ସେ "ଭଗବାନ ଓ ତୁମେ ଅଭିନ୍ନ" ବୋଲି ମହାବାକ୍ୟର ସାକ୍ଷ୍ୟ ବହନ କରିଥାନ୍ତି ।

୬୮ । ବିଶ୍ୱବ୍ରହ୍ମାଣ୍ଡରେ ଗୁରୁମାନେ ଭର୍ତ୍ତିହୋଇ ରହିଛନ୍ତି ଏବଂ ସେମାନେ ଶିଷ୍ୟମାନଙ୍କ ନିମନ୍ତେ ପ୍ରକଟିତ ହୋଇଥାନ୍ତି ଓ ନିଜର ଲକ୍ଷ୍ୟ ବା ବ୍ରତ ପୂରଣ ହୋଇଯିବାପରେ ସମାଧି ନେଇଥାନ୍ତି ।

୬୯ । ଶ୍ରୀସାଇ ଦ୍ୱିତୀୟ ପର୍ଯ୍ୟାୟର ଗୁରୁ ଥିଲେ । ମୁଁ ତାଙ୍କର ବର୍ଣ୍ଣନା କିପରି ବା କରିପାରିବି ? ସେ ଯେପରି ବତାଇବେ, ସେହିପରି ଲେଖିବି ।

୭୦ । ପାର୍ଥିବ ବିଜ୍ଞାନ ଶିକ୍ଷା ଦେବାପାଇଁ ଅନେକ ଗୁରୁ ମିଳନ୍ତି । ମାତ୍ର ଯିଏ ଶିଷ୍ୟର ନିଜ ସ୍ୱଭାବକୁ ଉପଲବ୍ଧି କରାଇ ପାରନ୍ତି, ସେ ହେଉଛନ୍ତି ସଦ୍‌ଗୁରୁ । ସେ ଅଟନ୍ତି ପ୍ରକୃତ ଓ ମହାନ୍ ଗୁରୁ । ସେ ଭବସାଗରକୁ ପାର କରାଇ ଦେଇପାରିବେ । ତାଙ୍କର ମହତ୍ୱ ଅକଳନୀୟ ।

୭୧ । ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଯେତେବେଳେ କେହି ଯାଉଥିଲେ, ସେ ତାଙ୍କୁ ତାଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ବନ୍ଧରେ ସୂଚନା ଦେଉଥିଲେ । ନପଚାରିଲେ ବି ଆଗନ୍ତୁକଙ୍କର ଉଦ୍ଦେଶ୍ୟ ସେ ଜାଣିପାରୁଥିଲେ ଓ ସେ ବିଷୟରେ ବିସ୍ତୃତ ବର୍ଣ୍ଣନା କରୁଥିଲେ ।

୭୨ । ସେ ପ୍ରତ୍ୟେକ ବସ୍ତୁ ଓ ସମସ୍ତ ପ୍ରାଣୀଙ୍କଠାରେ ବ୍ରହ୍ମ ଦର୍ଶନ କରୁଥିବାରୁ କୌଣସି ପ୍ରକାର ଭେଦଭାବ ନକରି ବନ୍ଧୁ ଓ ଶତ୍ରୁ ଉଭୟଙ୍କୁ ସମଦୃଷ୍ଟିରେ ଦେଖୁଥିଲେ ।

୭୩ । ସେ କୌଣସି ଆଶା-ପ୍ରତ୍ୟାଶା କରୁନଥିଲେ ଓ ସମସ୍ତଙ୍କୁ ସମାନ ଭାବରେ ସମ୍ମାନ ଦେଇ ଦେଖୁଥିଲେ । ଏପରିକି ଯେଉଁମାନେ ତାଙ୍କର କ୍ଷତି କରିଥିଲେ, ସେମାନଙ୍କ ଉପରେ ମଧ୍ୟ ଆଶୀର୍ବାଦର ଅମୃତବର୍ଷା କରୁଥିଲେ । ସୁଖ ଓ ଦୁଃଖରେ ତାଙ୍କର ମନ ଅବିଚଳିତ ରହୁଥିଲା ଏବଂ ସେ ସଂଶୟକୁ ପ୍ରଶ୍ରୟ ଦେଉନଥିଲେ ।

୭୪ । ସେ ପତନଶୀଳ ଶରୀର ମଧ୍ୟରେ ବାସ କରୁଥିଲେ ମଧ୍ୟ ଶରୀର ବନ୍ଧନ ସହିତ ଅସଂପୃକ୍ତ ଥିଲେ । ବାହାରକୁ ତାଙ୍କର ଶରୀର ଦୃଶ୍ୟ ହେଉଥିଲେ ମଧ୍ୟ ଅଭ୍ୟନ୍ତରରେ ସେ ଶରୀରଧାରୀ ନଥିଲେ । ଏଭଳି ଜଣେ ବ୍ୟକ୍ତି ଶରୀର ଧରି ରହୁଥିଲେ ମଧ୍ୟ ଅନ୍ତର ମଧ୍ୟରେ ପ୍ରକୃତରେ ମୁକ୍ତ ଥିଲେ ।

୭୫ । ଶିରିଡ଼ିର ଯେଉଁ ଅଧିବାସୀମାନେ ଶ୍ରୀସାଇଙ୍କୁ ଦେବତା ଭାବରେ ପୂଜା ଆରାଧନା କରି ଦୈନନ୍ଦିନ ଖାଇବା, ପିଇବା, ଶୋଇବା ସମୟରେ ମଧ୍ୟ ବରାବର ତାଙ୍କୁ ମନେ ପକାଇଥାନ୍ତି, ସେମାନେ ସମସ୍ତେ ଧନ୍ୟ ଓ ଆଶୀର୍ବାଦପ୍ରାପ୍ତ ।

୭୬ । ଯେଉଁମାନେ କ୍ଷେତବାଡ଼ିରେ କାମ କରୁଥିବାବେଳେ କିମ୍ବା ଅଗଣାରେ ଚକି ପେଷୁଥିବାବେଳେ, ତୁଷ ଉଡ଼ାଉଥିବା ବେଳେ ବା ଦର୍ଧି ମନ୍ଥୁଥିବାବେଳେ ମଧ୍ୟ ଶ୍ରୀସାଇଙ୍କ ଗୁଣଗାନ କରିଥାନ୍ତି, ସେମାନେ ଶ୍ରୀସାଇଙ୍କ ପ୍ରତି ଥିବା ସେମାନଙ୍କର ଭକ୍ତି ଯୋଗୁଁ ଧନ୍ୟ ଓ ଆଶୀର୍ବାଦପ୍ରାପ୍ତ ।

୭୭ । ବାବାଙ୍କ ଛଡ଼ା ଅନ୍ୟ କୌଣସି ଦେବତାଙ୍କ କଥା ଆଦୌ ଚିନ୍ତା ନକରି ନିଜର ବସିବା, ଖାଇବା, ଶୋଇବା ସମୟରେ ନିରନ୍ତର କେବଳ ବାବାଙ୍କୁ ହିଁ ମନେ ପକାଉଥିବାର କେତେଜଣ ଭକ୍ତ ଥିଲେ !

୭୮ । ସେହି ମହିଳାମାନଙ୍କର ଶ୍ରଦ୍ଧା କେତେ ଚମତ୍କାର ! ସେମାନଙ୍କ ପ୍ରେମରେ କେତେ ମଧୁରତା ରହିଥିଲା ? ଶୁଦ୍ଧ ପ୍ରେମ କେବଳ ଶିକ୍ଷା ନଦେଇ କବିତାର ପ୍ରେରଣା ମଧ୍ୟ ଦେଇଥାଏ ।

୭୯ । ଭାଷା ସରଳ ଓ ସାବଲୀଳ ହୋଇଥିଲେ ମଧ୍ୟ, ପାଣ୍ଡିତ୍ୟର ଚିହ୍ନ ଲେଶମାତ୍ର ନଥିଲେ ମଧ୍ୟ କବିତା ଏତେ ଭାବଗର୍ଭକ ଯେ ଜଣେ ମହାଜ୍ଞାନୀ ମଧ୍ୟ ମୁଣ୍ଡ ହଲାଇ ତାହାର ପ୍ରଶଂସା ନକରି ରହିପାରିବ ନାହିଁ ।

୮୦ । ପ୍ରକୃତ ପ୍ରେମର ଅବତାର ହିଁ ପ୍ରକୃତ କବିତା ଲେଖି ପାରିଥାନ୍ତି । ମହିଳାମାନଙ୍କ ରଚନାରୁ ଶ୍ରୋତାଗଣ ତାହା ଶୁଣିପାରିବେ ।

୧୦ ॥ ଶ୍ରୀସାଇ ସମର୍ଥଙ୍କ ମହତ୍ୱ ॥

୮୧ । ସାଇବାବା ଇଚ୍ଛାକଲେ ସେହି କବିତାଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ସଂଗ୍ରହ କରାଯାଇପାରିବ ଓ ଶ୍ରୋତାମାନଙ୍କର ଇଚ୍ଛା ପୂରଣ ହୋଇପାରିବ, ଅର୍ଥାତ୍ ସେମାନେ ସେହି କବିତାଗୁଡ଼ିକୁ ଶୁଣିପାରିବେ ।

୮୨ । ସେ ଯାହାହେଉ, ଭକ୍ତମାନଙ୍କର ଭକ୍ତି ଯୋଗୁଁ ନିରାକାର ଶିରିଡ଼ିରେ ଶ୍ରୀସାଇ ରୂପରେ ପ୍ରକଟ ହୋଇଛନ୍ତି । ସିଏ ଦୈହିକ ଅହଂକାର ତ୍ୟାଗ କରିଛନ୍ତି ଓ ତାଙ୍କର କୌଣସି କାମନାବାସନା ନାହିଁ । ତାଙ୍କୁ ଭକ୍ତିବଳରେ ହିଁ ବୁଝିହେବ ।

୮୩ । ଅଥବା, ଭକ୍ତମାନଙ୍କର ସଂଚିତ ସମୂହ ସୁକୃତି ଉପଯୁକ୍ତ ସମୟରେ ସମ୍ପୂର୍ଣ୍ଣ ରୂପେ ଫଳପ୍ରଦ ହୋଇଛି । ଶ୍ରୀସାଇ ରୂପରେ ତାହାର ଅଙ୍କୁରୋଦ୍‌ଗମ୍ ହୋଇଛି ଓ ଶିରିଡ଼ିରେ ଫଳ ଧରିଛି ।

୮୪ । ତାଙ୍କରି କରୁଣାରୁ ମୂକ କଥା କହିଛି, ଅଜନ୍ମା ଜନ୍ମଲାଭ କରିଛି ଓ ଅରୂପ ରୂପଲାଭ କରିଛି ।

୮୫ । ସେ ଷଡ଼ଗୁଣ ସମ୍ପନ୍ନ ଅଟନ୍ତି-ସଫଳତା, ସମ୍ପଦ, ଅନାସକ୍ତି, ବୁଦ୍ଧିବୃତ୍ତି, ସମୃଦ୍ଧି ଓ ଉଦାରତାର ଉଜ୍ଜ୍ୱଳ ଅବତାର ଅଟନ୍ତି ।

୮୬ । ବାବାଙ୍କର ସଂଯମତା ଅସାଧାରଣ । ତାଙ୍କର ନିଜର କିଛି ନଥିଲା । ସେ ଅରୂପ ହୋଇଥିଲେ ମଧ୍ୟ ଭକ୍ତମାନଙ୍କୁ କରୁଣା ବାଣ୍ଟିବା ପାଇଁ ରୂପ ପରିଗ୍ରହ କରିଥିଲେ ।

୮୭ । ତାଙ୍କର ଉଦାରତା କେତେ ଚମତ୍କାର ? ସେ ଭକ୍ତମାନଙ୍କ ସହିତ ନିଜେ ସ୍ନେହଶ୍ରଦ୍ଧା ସହକାରେ ମିଳିତ ହେଉଥିଲେ । ତା' ନହୋଇଥିଲେ ଆଉ କୌଣସି ଐଶ୍ୱରୀୟ ବ୍ୟକ୍ତି ପାଖରେ ସେମାନେ ପହଞ୍ଚିପାରିଥାନ୍ତେ କି ?

୮୮ । ମହାନ୍ ସାଇ ନିଜ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ଯେଉଁ ସବୁ କଥା କହୁଥିଲେ, ତାହାକୁ ବାକ୍‌ଦେବୀ ସ୍ୱୟଂ ମଧ୍ୟ କହି ପାରିନଥାନ୍ତେ । ସେହି ସବୁ କଥା ଶୁଣିବା ପାଇଁ କର୍ଣ୍ଣ ମଧ୍ୟ ସକ୍ଷମ ହୋଇନଥାନ୍ତା !

୮୯ । ସେ ସମସ୍ତ କଥା ଏଠାରେ ବର୍ଣ୍ଣନା ନକରି ଚୁପ୍‌ହୋଇ ରହିଯିବା ଶ୍ରେୟସ୍କର ହୋଇଥାନ୍ତା । କିନ୍ତୁ ମୁଁ ମୋ କର୍ତ୍ତବ୍ୟରେ ଅବହେଳା କରି ପାରିବି ନାହିଁ, ମୁଁ ସେଗୁଡ଼ିକୁ କହିବା ନିମନ୍ତେ ବାଧ୍ୟ ହେଉଛି ।

୯୦ । ଭକ୍ତମାନଙ୍କ ପ୍ରତି ଶ୍ରଦ୍ଧାରେ ବିଗଳିତ ହୋଇ ବାବା ଅତ୍ୟନ୍ତ ବିନୟ ଭାବରେ କହୁଥିଲେ, "ମୁଁ ତୁମର ସେବକମାନଙ୍କ ମଧ୍ୟରେ ସବୁଠାରୁ ଅଧମ । ମୁଁ ତୁମମାନଙ୍କ ପାଖରେ ଋଣୀ । ମୁଁ ଏଠାକୁ ତୁମମାନଙ୍କର ଦର୍ଶନ ପାଇଁ ଆସିଛି ।

୯୧ । "ତୁମମାନଙ୍କର ଅପାର ଅନୁଗ୍ରହ ଯୋଗୁଁ ମୁଁ ତୁମ ପାଦ ପାଖକୁ ଆସି ପାରିଛି । ମୁଁ ତୁମମାନଙ୍କର ମଳ ମଧ୍ୟରେ ଏକ କୀଟ ସଦୃଶ । ତା'ଦ୍ୱାରା ମୁଁ ନିଜକୁ ଧନ୍ୟ ମଣୁଛି ।"

୯୨ । ବାବାଙ୍କର ଏ କି ପ୍ରକାର ବିନମ୍ର ଭାବ ? ସେ କେତେ ଦୂର ବିନୟୀ ହେବାକୁ ଚାହୁଁଥିଲେ ? ସମ୍ପୂର୍ଣ୍ଣ ଅହଂକାର ତ୍ୟାଗର ଏହା କେତେ ଶୀର୍ଷରେ ? ସେ ସେମିତି ବିନୀତ ମଧ୍ୟ ଥିଲେ ।

୯୩ । ଉପରବର୍ଣ୍ଣିତ ଉକ୍ତିଗୁଡ଼ିକୁ ବାବା ସତରେ କହିଥିଲେ ଓ ମୁଁ ସଂଭ୍ରମ ସହକାରେ ସେସବୁକୁ ଉପସ୍ଥାପନ କରିଛି । ଯଦି କେହି ଏହାକୁ ବାବାଙ୍କ ପ୍ରତି ଅସମ୍ମାନ ବୋଲି ଭାବୁଥାନ୍ତି, ତେବେ ମୁଁ କ୍ଷମା ପ୍ରାର୍ଥନା କରୁଛି ।

୯୪ । ଯଦି ଆମର କଥା ଅଶୁଦ୍ଧ ହୋଇଯାଇଛି ଓ ଆମକୁ ଶୁଣିବାର ପାପ ଏଡ଼ାଇବାକୁ ହେବ, ତେବେ ଶ୍ରୀସାଇଙ୍କର ନାମ ଅନବରତ ଜପ କରିବା ଉଚିତ । ଏହାଦ୍ୱାରା ସମସ୍ତଙ୍କ ପାପ ଦୂରୀଭୂତ ହେବ ।

୯୫ । ଶ୍ରୀସାଇଙ୍କ କୃପାରୁ ଆମର ପୂର୍ବ ଜନ୍ମର ସମସ୍ତ ତପସ୍ୟା ଫଳବତୀ ହୋଇଛି । ତୃଷାର୍ତ୍ତ ବ୍ୟକ୍ତି ଜଳବଣ୍ଟନ କେନ୍ଦ୍ରରେ ଜଳଗ୍ରହଣ କରିବା ପରେ ଯେଉଁପ୍ରକାର ତୃପ୍ତି ପାଏ, ସେଇଭଳି ଅସୀମ ତୃପ୍ତି ଆମେ ପାଇଛୁ ।

୯୬ । ସେ ଜିହ୍ୱା ଦ୍ୱାରା ଖାଦ୍ୟ ଖାଉଥିଲେ ମଧ୍ୟ ପ୍ରକୃତରେ ତାହାର କୌଣସି ସ୍ୱାଦ ସେ ପାଇ ନ ଥାନ୍ତି, କାରଣ ତାଙ୍କର ସ୍ୱାଦଗ୍ରନ୍ଥିଗୁଡ଼ିକ ସକ୍ରିୟ ନଥାଏ ।

୯୭ । ଯାହାଙ୍କର କିଛି କାମନାବାସନା ନାହିଁ, ସେ କୌଣସି ସୁଖ ଉପଭୋଗ କରନ୍ତି ବୋଲି କିପରି କହିହେବ ? ସୁଖ ଯେତେବେଳେ ତାଙ୍କର ଇନ୍ଦ୍ରିୟକୁ ପ୍ରଭାବିତ କରେ ନାହିଁ, ସେତେବେଳେ ସେ ସୁଖ ମଧ୍ୟରେ ନିମଜ୍ଜିତ ଅଛନ୍ତି ବୋଲି କିପରି ବା କୁହାଯିବ ?

୯୮ । ତାଙ୍କ ଚକ୍ଷୁ ସମ୍ମୁଖକୁ ଆସୁଥିବା ବସ୍ତୁଗୁଡ଼ିକୁ ସେ ଜାଣୁଥିଲେ ମଧ୍ୟ ସେ ପ୍ରକୃତରେ ସେଗୁଡ଼ିକୁ ଦେଖୁନଥିଲେ, କାରଣ ସେଗୁଡ଼ିକୁ ଦେଖିବାର ଇଚ୍ଛା ତାଙ୍କର ନଥିଲା ।

୯୯ । ହନୁମାନଙ୍କର ଲିଙ୍ଗକୁ ତାଙ୍କର ମାତା ଓ ଶ୍ରୀରାମ

କେବଳ ଦେଖିଥିଲେ । ତେଣୁ ତାଙ୍କର ଅବିବାହିତ ଅବସ୍ଥାକୁ କାହା ସହିତ ଅବା ତୁଳନା କରାଯିବ ?

୧୦୦ । ମା' ଯେତେବେଳେ ସେହି ଅଙ୍ଗକୁ ଦେଖି ନାହାନ୍ତି, ତେବେ ଅନ୍ୟମାନଙ୍କର କଥା କ'ଣ କହିବା ? ବାବାଙ୍କର କୌମାରତ୍ୱ ଥିଲା ସର୍ବୋଚ୍ଚ ସ୍ତରର, ସ୍ୱୟଂସମ୍ପୂର୍ଣ୍ଣ ଓ ଅନନ୍ୟ ସାଧାରଣ ।

୧୦୧ । ସେ ଅଣ୍ଟାରେ କୌପୁନୀଟିଏ ଗୁଡ଼ାଉଥିଲେ । ତାଙ୍କର ଲିଙ୍ଗ ଆଦୌ ଉତ୍‌ଥିତ[୧୦] ହୋଇନଥିଲା । ତାହା କେବଳ ଶରୀରରୁ ନିର୍ଗତ ମଳମୂତ୍ର ଆଦି ବର୍ଜ୍ୟବସ୍ତୁ ନିଷ୍କାସନ ପାଇଁ ବ୍ୟବହୃତ ହେଉଥିଲା । ଶରୀରର ଅତ୍ୟାବଶ୍ୟକ କାର୍ଯ୍ୟ କରିବା ନିମନ୍ତେ ତାହା କେବଳ ରହିଥିଲା ।

୧୦୨ । ବାବାଙ୍କର ଶରୀରର ଇନ୍ଦ୍ରିୟଗୁଡ଼ିକ ସେମାନଙ୍କର କର୍ତ୍ତବ୍ୟ କରୁଥିଲେ ମଧ୍ୟ ଟିକିଏ ହେଲେବି କାମନା ବାସନା ଉଦ୍ରେକ ହେଉନଥିଲା ।

୧୦୩ । ସତ୍ତ୍ୱ, ରଜ ଓ ତମ ଗୁଣ ଯୋଗୁଁ ଜ୍ଞାନେନ୍ଦ୍ରିୟଗୁଡ଼ିକ ନିଜ ନିଜ ସ୍ଥାନରେ ବନ୍ଧାହୋଇ ପଡ଼ିଥିଲେ । ସେଗୁଡ଼ିକ ପ୍ରାୟୋଗିକ ଅର୍ଥରେ ସକ୍ରିୟ ଥିଲେ ବି ପ୍ରକୃତରେ କୌଣସି ଆସକ୍ତି ନଥିଲା ।

୧୦୪ । ବାବା ନିଜେ ଅନାସକ୍ତ ଥିଲେ । ସେ ପରଂବ୍ରହ୍ମ ଓ ଆତ୍ମଜ୍ଞାନୀ ଥିଲେ । ତାଙ୍କର ଇଚ୍ଛା ଓ ରାଗରୋଷ ନଥିଲା । କାମନା ବା ଆସକ୍ତି ନ ଥିଲା । ସେ ତାଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟରେ ପୂର୍ଣ୍ଣ ସଫଳକାମ ହୋଇଥିଲେ ।

୧୦୫ । ସେ ସବୁଥିରୁ ମୁକ୍ତିଲାଭ କରିଥିଲେ ଓ ତାଙ୍କର ଏଇ ମୁକ୍ତ ଅବସ୍ଥା ଏପରି ଥିଲା ଯେ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକୁ ବ୍ରହ୍ମଜ୍ଞାନ କରୁଥିଲେ । ସେ ଭଲ ଓ ମନ୍ଦ କାର୍ଯ୍ୟର ଊର୍ଦ୍ଧ୍ୱରେ ଥିଲେ । ସେ ପୂର୍ଣ୍ଣ ବିଶ୍ରାମର ସ୍ଥଳ ଥିଲେ ।

୧୦୬ । ନାନାବଳୀ[୧୧] ତାଙ୍କୁ ଉଠିବା ପାଇଁ କହିବା ମାତ୍ରକେ ସେ ଆସନ ଛାଡ଼ି ଦେଇଥିଲେ । ଯାହାଙ୍କର ଟିକିଏ ହେଲେ ଅହଂକାର ନ ଥାଏ କିମ୍ବା ଯିଏ ସ୍ୱପ୍ନରେ ମଧ୍ୟ ଭେଦାଭେଦ ଦେଖୁ ନଥାନ୍ତି, ତାହାଙ୍କର ଏହି ଅବସ୍ଥା ଆସିଥାଏ ।

୧୦୭ । ତାଙ୍କର ଇହଜଗତରେ କିଛି ସାଧନ କରିବା ବାକି ନଥିଲା କି ପରଜଗତରେ କିଛି ସାଧନ କରିବାପାଇଁ ରହି ଥିଲା । ଏହିଭଳି ସନ୍ଥମାନେ ଲୋକମାନଙ୍କୁ କରୁଣା ବିତରଣ କରିବାକୁ, ସେବା କରିବାକୁ ପୃଥିବୀରେ ଅବତରିଥାନ୍ତି ।

୧୦୮ । ଏଭଳି ଦୟାଳୁ ସନ୍ଥଙ୍କର ଅବତାର ଗ୍ରହଣର ଉଦ୍ଦେଶ୍ୟ ହେଉଛି, ଅନ୍ୟମାନଙ୍କର ମଙ୍ଗଳ ନିମିତ୍ତ କରୁଣା ବାଣ୍ଟିବା ।

୧୦୯ । ସନ୍ଥମାନଙ୍କର ହୃଦୟ ଲହୁଣୀ ଭଳି । କେତେକ ସେମାନଙ୍କୁ କୋମଳହୃଦୟ ବୋଲି କହିଥାନ୍ତି । ଅନ୍ୟମାନଙ୍କର କଷ୍ଟ ଦେଖିଲେ ସେମାନେ ତାହାକୁ ନିଜର କଷ୍ଟ ବୋଲି ଭାବି ତରଳି ଯାଇଥାନ୍ତି ।

୧୧୦ । ଯାହାଙ୍କର ପୋଷାକ ଚିରାଫଟା ଓ ସିଲେଇ କରା ହୋଇଥିବା କଫ୍‌ନୀ, ଆସନ ଛିଣ୍ଡା ଅଖାପାଲ, ମନ କାମନା ବାସନାରୁ ମୁକ୍ତ, ତାଙ୍କର ରୂପା ସିଂହାସନ ଅବା କ'ଣ ହେବ ?

୧୧୧ । ଭକ୍ତମାନଙ୍କର ଭକ୍ତି ଦେଖିବା ପରେ ସେ ଭୁଲି ଯାଇଥାନ୍ତି ଯେ, ସେହିମାନଙ୍କର ବିପଦ ଦୂର ହୋଇଯିବା ପରେ ସେମାନେ ତାଙ୍କ ଆଡ଼କୁ ମୁହଁ ମୋଡ଼ି ଦେବେ ।

୧୧୨ । ଶିରିଡ଼ି ହ୍ରଦରେ ବାବା ପଦ୍ମ ସ୍ୱରୂପ । ଭକ୍ତମାନେ ସୁଗନ୍ଧ ଆଘ୍ରାଣ କରୁଥିବା ସମୟରେ ହତଭାଗାମାନେ କାଦୁଅ ମଧ୍ୟରେ ଲଟପଟ ହୋଇ ପଙ୍କ[୧୨] ଖାଉଥାନ୍ତି ।

୧୧୩ । ସେ କାହାରିକୁ ଆସନ, ପ୍ରାଣାୟମ ଓ ଅପାନ ଅଭ୍ୟାସ କରିବା ପାଇଁ କହି ନାହାନ୍ତି । ଇନ୍ଦ୍ରିୟଅଙ୍ଗକୁ ନିୟନ୍ତ୍ରଣ କରିବାକୁ କିମ୍ବା କାନରେ ମନ୍ତ୍ର କହିବାକୁ ଅଥବା ଧର୍ମୀୟ ରୀତିନୀତି ପାଳନ କରିବାକୁ କାହାକୁ କହି ନାହାନ୍ତି । କାହାରିକୁ ତାବିଜ ଦେଇ ନାହାନ୍ତି କି ମନ୍ତ୍ର ଜପ କରିବାକୁ ଓ ଭଜନ ବୋଲିବାକୁ କହିନାହାନ୍ତି । ଏଭଳି ମିଥ୍ୟା ଓ ଛଳନାପୂର୍ଣ୍ଣ ଉପଦେଶ ସେ କାହାରିକୁ ଦେଇନାହାନ୍ତି ।

୧୧୪ । ସେ ବାହାରୁ ସାଧାରଣ ମନୁଷ୍ୟ ଭଳି ଦୃଶ୍ୟ ହେଉଥିଲେ ମଧ୍ୟ, ଅନ୍ତର ମଧ୍ୟରେ ସେ ସମ୍ପୂର୍ଣ୍ଣ ଭିନ୍ନ । ସେ ସାଂସାରିକ ଜୀବନରେ ସମ୍ପୂର୍ଣ୍ଣ କାର୍ଯ୍ୟନିପୁଣ ଓ ନିଃସଙ୍ଗ ଥିଲେ ।

୧୧୫ । ଭକ୍ତମାନଙ୍କ ନିମନ୍ତେ ସେ ରୂପ ପରିଗ୍ରହ କରିଥିଲେ । ସେମାନଙ୍କ ନିମିତ୍ତ ତାଙ୍କର ଭାବନା ଓ କାମନା ମଧ୍ୟ ଥିଲା । ସନ୍ଥମାନେ ଏହିଭଳି ହୋଇଥାନ୍ତି । ସେମାନଙ୍କର ଆଚରଣ ଜନାଦୃତ ହୋଇଥାଏ । ଏହାକୁ ସତ୍ୟ ବୋଲି

ଆପଣମାନେ ସମସ୍ତେ ହୃଦୟଙ୍ଗମ କରନ୍ତୁ।

୧୧୬। ଶ୍ରୀସାଇ ମହାରାଜ ଶାନ୍ତିର ଭଣ୍ଡାର । ସେ ଶୁଦ୍ଧ ଓ ସ୍ୱର୍ଗୀୟ ଆନନ୍ଦର ସ୍ଥଳ। ସେ ଅହଂଶୂନ୍ୟ ଓ ନିଷ୍କଳଙ୍କ। ମୁଁ ତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି।

୧୧୭। ମହାରାଜ ଯେଉଁଠାକୁ ଆପେ ଆପେ ରହିବାକୁ ଆସିଛନ୍ତି, ସେହି ସ୍ଥାନ ପବିତ୍ର ଓ ପୁଣ୍ୟ ସ୍ଥାନ। ପୂର୍ବ ଜନ୍ମମାନଙ୍କରୁ ଗଚ୍ଛିତ ସୁକୃତି ଯଥେଷ୍ଟ ନ ହୋଇଥିଲେ ଏହି ରତ୍ନ ଭଣ୍ଡାରକୁ ପାଇବା ସମ୍ଭବ ହୋଇନଥାନ୍ତା ।

୧୧୮। "ଶୁଦ୍ଧ ମଞ୍ଜିରୁ ରସାଳ ଓ ମଧୁର ଫଳ ମିଳିଥାଏ" ବୋଲି ତୁକାରାମ କହିଥିଲେ। ଏହି ପ୍ରସିଦ୍ଧ ଉକ୍ତିକୁ ଶିରିଡ଼ିବାସୀ ପରୀକ୍ଷା କରିଛନ୍ତି।

୧୧୯। ସେ ହିନ୍ଦୁ ନଥିଲେ କି ମୁସଲମାନ ନ ଥିଲେ। ସେ କୌଣସି ଜାତି କିମ୍ବା ଗୋତ୍ରର ନ ଥିଲେ। କିନ୍ତୁ ସେ ସମ୍ପୂର୍ଣ୍ଣ ଭାବରେ ସଂସାର ବନ୍ଧନକୁ ଛିଣ୍ଡାଇ ନଷ୍ଟ କରି ଦେଇଥିଲେ।

୧୨୦। ଠିକ୍ ଆକାଶ ଯେପରି ଅସୀମ ଓ ଅମାପ, ସାଇବାବାଙ୍କର ଜୀବନୀ ସେହିଭଳି ଅତଳ। ତାଙ୍କ ବିନା ଆଉ କିଏ ଅବା ତାହାକୁ ଠିକ୍ ଭାବରେ ବୁଝି ପାରିବ ?

୧୨୧। ମନର କାର୍ଯ୍ୟ ହେଉଛି ଚିନ୍ତା କରିବା। ବିନା ଚିନ୍ତାରେ କ୍ଷଣଟିଏ ମଧ୍ୟ ବାଦ୍ ଯାଏନାହିଁ। ଇନ୍ଦ୍ରିୟମାନଙ୍କ ସମ୍ବନ୍ଧରେ ଚିନ୍ତା କଲେ ମନ ସେଇଥିରେ ମାତିଯିବ। ଗୁରୁଙ୍କ ସମ୍ବନ୍ଧରେ ଚିନ୍ତା କରିବାକୁ ଛାଡ଼ିଦେଲେ ସେ ସେଇଥିରେ ମଜ୍ଜିଯିବ।

୧୨୨। ଏକାଗ୍ର ଚିତ୍ତରେ ଶୁଣିଲେ (କର୍ଣ୍ଣ ଗହ୍ୱରକୁ ସମସ୍ତ ଇନ୍ଦ୍ରିୟ ଆଣି) ଗୁରୁଙ୍କର ମହତ୍ୱ ସମ୍ପର୍କରେ ଯାହା କିଛି ଶୁଣିବେ, ତାହା ହେଉଛି ଅନାୟାସରେ ସାଇ 'ସ୍ମରଣ' ଓ କୀର୍ତ୍ତନ (ପ୍ରଭୁଙ୍କର ଗୁଣଗାନ)।

୧୨୩। ପଞ୍ଚାଗ୍ନି ସାଧନ, ହୋମଯଜ୍ଞ, ବଳି, ଦାନ, ମନ୍ତ୍ରପାଠ, ତନ୍ତ୍ର ସାଧନା, ଅଷ୍ଟାଙ୍ଗ ଯୋଗାଭ୍ୟାସ ଇତ୍ୟାଦିକୁ କେବଳ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟମାନେ କରିପାରିବେ। ଅନ୍ୟମାନଙ୍କ ପାଇଁ ଏଗୁଡ଼ିକର କ'ଣ ବା ଆବଶ୍ୟକତା ରହିଛି ?

୧୨୪। ଏଗୁଡ଼ିକ ସନ୍ଥଙ୍କର କାହାଣୀ ନୁହେଁ। ସେମାନେ ସମସ୍ତଙ୍କୁ ସାଧୁତାର ପଥ ଦେଖାଇଥାନ୍ତି। ସାଂସାରିକ ଭୟଭୀତି ଓ ଦୁଃଖଜଞ୍ଜାଳରୁ ମୁକ୍ତ କରି ସମସ୍ତଙ୍କର ମଙ୍ଗଳ ପାଇଁ, ଜୀବନର ପ୍ରକୃତ ଲକ୍ଷ୍ୟ ପ୍ରାପ୍ତି ପାଇଁ ସେମାନେ ଅବତାର ନେଇଥାନ୍ତି।

୧୨୫। ସନ୍ଥମାନଙ୍କର କାହାଣୀ ଶୁଣି ଓ ହୃଦୟଙ୍ଗମ କରି, ତାହାର ଗଭୀର ମନନ ଓ ଅନୁଧ୍ୟାନମୂଳକ ପ୍ରୟୋଗ କଲେ ମହିଳାଙ୍କ ସମେତ ଆବ୍ରାହ୍ମଣ ଚଣ୍ଡାଳ ପବିତ୍ର ହୋଇଥାନ୍ତି।

୧୨୬। କୌଣସି ମନୁଷ୍ୟ ଆସକ୍ତିଶୂନ୍ୟ ନୁହଁନ୍ତି। ଏଭଳି ବ୍ୟକ୍ତି ବଞ୍ଚିବା ମଧ୍ୟ ସମ୍ଭବ ନୁହେଁ। କେତେକ ବିଷୟରେ କେହି କେହି ଆସକ୍ତ ଥିବାବେଳେ ଅନ୍ୟ କେତେକ ବିଷୟରେ ଅନ୍ୟମାନେ ଆସକ୍ତ ହୋଇଥାନ୍ତି। ମନୁଷ୍ୟ ସବୁବେଳେ ଆସକ୍ତି ଖୋଜୁଥାଏ।

୧୨୭। କେତେଜଣଙ୍କ କ୍ଷେତ୍ରରେ ପିଲାଙ୍କ ପ୍ରତି ଆସକ୍ତି ଥିବାବେଳେ କେହି ଟଙ୍କା, ସମ୍ମାନ ଓ ଧନ ପ୍ରତି, ଅନ୍ୟ କେହି ଶରୀର, ଗୃହ ବା ଖ୍ୟାତି ପ୍ରତି, ଅନ୍ୟ କେତେକଙ୍କର ଜ୍ଞାନ ଲାଭ ପ୍ରତି ଆସକ୍ତି ଥାଏ।

୧୨୮। ଯାହାର ଯେଉଁ ଦ୍ରବ୍ୟ ପ୍ରତି ଆସକ୍ତି ଥାଉନା କାହିଁକି, ଯଦି ସେହିସବୁ ଶ୍ରଦ୍ଧା ସଂଗ୍ରହ କରି ପ୍ରଭୁଙ୍କ ପାଦତଳେ ଗୋଟିଏ ଛାଞ୍ଚ ଭିତରେ ଢଳାଯାଇପାରନ୍ତା, ତେବେ ତାହା ଭକ୍ତିର ରୂପ ଧାରଣ କରନ୍ତା।

୧୨୯। ତେଣୁ ଗୃହସ୍ଥଙ୍କ ପାଇଁ ସହଜ ପନ୍ଥା ହେଉଛି, ଶ୍ରୀସାଇଙ୍କ ପଦତଳେ ନିଜର ମନକୁ ସମର୍ପଣ କରିଦେବା। ଏହା କରିଲାପରେ ସେ ତୁମକୁ ଆଶୀର୍ବାଦ କରିବେ।

୧୩୦। ଏହି ସାମାନ୍ୟ କାର୍ଯ୍ୟ ଦ୍ୱାରା ଯଦି ଏତେ ଭଲ ଫଳ ମିଳିପାରିବ, ତେବେ ସେଥିପାଇଁ ଦ୍ୱିଧା କାହିଁକି ?

୧୩୧। ଶ୍ରୋତାମାନଙ୍କ ମଧ୍ୟରେ ସ୍ୱଭାବତଃ ସନ୍ଦେହ ଉପୁଜିପାରେ ଯେ ଯଦି ଏଥିରେ ଏଭଳି ବୃହତ୍ ଲାଭର ସୁଯୋଗ ରହିଛି, ତେବେ ଅଧିକ ଲୋକ ଏହାକୁ କାହିଁକି ଅଭ୍ୟାସ କରୁନାହାନ୍ତି ?

୧୩୨। ତାହାର ଏକମାତ୍ର କାରଣ ହେଉଛି ଯେ ବଳବତୀ ଇଚ୍ଛା ପ୍ରଭୁଙ୍କର କରୁଣା ବିନା ଜାତ ହୁଏ ନାହିଁ। ପ୍ରଭୁ କରୁଣା ପ୍ରଦାନ କରିବା ପାଇଁ ଯେତେବେଳେ ବାଛିବେ, ସେତିକିବେଳେ ତାଙ୍କର ଗୁଣଗାନ ଶୁଣିବାର ଇଚ୍ଛା ଜାଗରିତ ହେବ।

୧୩୩। ତେଣୁ ଶ୍ରୀସାଇଙ୍କ ଶରଣାଗତ ହୁଅନ୍ତୁ, ପ୍ରଭୁ ଆଶୀର୍ବାଦ କରିବେ। ତାଙ୍କର ଗୁଣଗାନ ଶୁଣିବା ପାଇଁ ପ୍ରବଳ

ଇଚ୍ଛା ଜାଗ୍ରତ ହେବ। ଏହା ପ୍ରଭୁଙ୍କୁ ପାଇବା ପାଇଁ ସବୁଠାରୁ ସହଜ ରାସ୍ତା।

୧୩୪। ଗୁରୁ ଓ ଗୁଣୀଜନଙ୍କର ସତ୍‌ସଙ୍ଗରେ ତୁମେ ଦୃଢ଼ଭାବରେ ରୁହ । ସାଂସାରିକ ବନ୍ଧନ କଟିଯିବ। ତୁମେ ଜୀବନର ପୂର୍ଣ୍ଣତା ଲାଭ କରିବ, ଏଥିରେ ସନ୍ଦେହ କର ନାହିଁ।

୧୩୫। ଲକ୍ଷ ଲକ୍ଷ ଚତୁର ଓ ଧୂର୍ତ୍ତ ପନ୍ଥା ଛାଡ଼ି ଦିଅ। ସବୁବେଳେ 'ସାଇ' 'ସାଇ' ସ୍ମରଣ କର। ତୁମେ ଭବସାଗର ପାର ହୋଇଯିବ । ଏଥିରେ ସନ୍ଦେହ ରଖ ନାହିଁ।

୧୩୬। ଏହା ମୋର କଥା ନୁହେଁ। ଏହା ଶ୍ରୀସାଇଙ୍କ ପ୍ରଗାଢ଼ ଜ୍ଞାନସଂପନ୍ନ କଥା । ଏହାକୁ ମୂଲ୍ୟହୀନ ବୋଲି ଭାବ ନାହିଁ। ଏହାର ମୂଲ୍ୟାଙ୍କନ ମଧ୍ୟ କର ନାହିଁ।

୧୩୭। ଦୁଷ୍ଟ ସଙ୍ଗ ମହାକ୍ଷତିକାରକ। ଏହା ଅନେକ ଦୁଃଖଯନ୍ତ୍ରଣାର ବାସସ୍ଥାନ। ତୁମର ଅଜାଣତରେ ଏହା ଅନ୍ଧାରୀ ଗଳି ମଧ୍ୟକୁ ତୁମକୁ ଟାଣି ନେଇଯିବ ଓ ତୁମେ ସୁଖର ରାଜପଥରୁ ଦୂରେଇଯିବ।

୧୩୮। କେବଳ ଶ୍ରୀସାଇନାଥ ବା ସଦ୍‌ଗୁରୁଙ୍କ ବିନା ଆଉ କିଏ ଅବା ଦୁର୍ଜନ ସଙ୍ଗର କୁପ୍ରଭାବକୁ ଶୁଦ୍ଧ କରିପାରିବ ?

୧୩୯। ହେ ଭକ୍ତଗଣ ! ଗୁରୁ ଦୟାବହି କହିଥିବା କଥାକୁ ଶୁଣ । ତାହା ନିଜ ହୃଦୟରେ ରଖିଲେ ତୁମମାନଙ୍କର କୁକର୍ମ ବିନଷ୍ଟ ହେବ ।

୧୪୦। ପ୍ରକୃତିର ସୌନ୍ଦର୍ଯ୍ୟ ଆମର ଚକ୍ଷୁକୁ ଆହ୍ଲାଦିତ କରିଥାଏ। ଆମର ସୌନ୍ଦର୍ଯ୍ୟଗ୍ରାହୀ ଇନ୍ଦ୍ରିୟ ଏହା ପ୍ରତି ଆକର୍ଷିତ ହୋଇ ତାହାକୁ ଉପଭୋଗ କରେ। ଆମେ ସେହି ଇନ୍ଦ୍ରିୟକୁ ଅନ୍ୟଆଡ଼କୁ ନେଇଆସିଲେ ତାହା ସତ୍‌ସଙ୍ଗରେ ଆନନ୍ଦ ଲାଭ କରିବ।

୧୪୧। ଏହାହିଁ ହେଉଛି ସତ୍‌ସଙ୍ଗର ମହତ୍ୱ । ସତ୍‌ସଙ୍ଗ[୧୩] ଦ୍ୱାରା ଦୈହିକ ଗର୍ବ ଓ ଅହଂକାର ଧ୍ୱଂସ ହୁଏ। ତେଣୁ ସତ୍‌ସଙ୍ଗଠାରୁ ବଳି ବଡ଼ ଉପାୟ ଆଉ କିଛି ନାହିଁ।

୧୪୨। ସବୁବେଳେ ସତ୍‌ସଙ୍ଗ କର। ଅନ୍ୟ ସମସ୍ତ ପନ୍ଥାରେ କିଛି ନା କିଛି ତ୍ରୁଟି ରହିଥିବା ବେଳେ ସତ୍‌ସଙ୍ଗ ତ୍ରୁଟିଶୂନ୍ୟ ଅଟେ। ଏହା ସବୁମନ୍ତେ ଶୁଦ୍ଧ।

୧୪୩। ସତ୍‌ସଙ୍ଗ ଦୈହିକ ଆସକ୍ତି ନଷ୍ଟ କରେ। ଏହା ହେଉଛି ତାହାର ମହାଶକ୍ତି। ସତ୍‌ସଙ୍ଗ ଉପରେ ଦୃଢ଼ ଆସ୍ଥା ସ୍ଥାପନକଲେ ଏହି ପାର୍ଥିବ ଜଗତରୁ ମୁକ୍ତି ମିଳିବ।

୧୪୪। ସତ୍‌ସଙ୍ଗ କରିବାର ସୌଭାଗ୍ୟ କାହାରି ହୋଇଥିଲେ ସେ ତାହାର ମହତ୍ୱକୁ ସହଜରେ ବୁଝିପାରିବ। ସେହି ମୁହୂର୍ତ୍ତରେହିଁ କୁସଙ୍ଗ କରିବାର ଇଚ୍ଛା ନଷ୍ଟ ହୋଇଥାଏ। ମନ ସତ୍‌ସଙ୍ଗର ଆନନ୍ଦ ଅନୁଭବ କରିବା ପାଇଁ ମୁକ୍ତ ହୋଇଥାଏ।

୧୪୫। ସଂପୂର୍ଣ୍ଣ ମୁକ୍ତି ବା ମୋକ୍ଷପ୍ରାପ୍ତି ପାଇବା ନିମନ୍ତେ ଇନ୍ଦ୍ରିୟାସକ୍ତିରୁ ମୁକ୍ତ ହେବା ଉଚିତ। ସତ୍‌ସଙ୍ଗ ନିମନ୍ତେ ତୀବ୍ର ଇଚ୍ଛା ନହେଲେ କେହି ନିଜର ପ୍ରକୃତ ପରିଚୟ ଜାଣି ପାରିବ ନାହିଁ।

୧୪୬। ସୁଖ ପରେ ଦୁଃଖ ଆସେ ଓ ଦୁଃଖ ପରେ ସୁଖ ଆସିଥାଏ। ସମସ୍ତେ ସୁଖକୁ ସ୍ୱାଗତ କରୁଥିବା ସମୟରେ ଦୁଃଖକୁ ଏଡ଼ାଇ ଯାଇଥାନ୍ତି।

୧୪୭। ତୁମର ଭାଗ୍ୟକୁ ତୁମେ ଖୁସିରେ ସ୍ୱାଗତ କର ବା ଏଡ଼ାଇ ଯାଅ, ତାହାଦ୍ୱାରା ଲାଭ କ'ଣ ହେବ? କିନ୍ତୁ, ଭାଗ୍ୟର ଏହି ସୁଖ, ଦୁଃଖ ଅନୁଭୂତିରୁ ମୁକ୍ତି ପାଇବା ନିମନ୍ତେ ସନ୍ଥସଙ୍ଗ ହିଁ ଏକମାତ୍ର ପନ୍ଥା।

୧୪୮। ସତ୍‌ସଙ୍ଗ ଦ୍ୱାରା ଦୈହିକ ଆସକ୍ତି ନଷ୍ଟ ହୋଇଯାଏ। ସତ୍‌ସଙ୍ଗ ହିଁ ଜନ୍ମମୃତ୍ୟୁ ଚକ୍ରରୁ ଉଦ୍ଧାର କରେ। ସତ୍‌ସଙ୍ଗ ଦ୍ୱାରା ସର୍ବୋଚ୍ଚ ଶକ୍ତି ଲାଭ ହୁଏ ଓ ସାଂସାରିକ ବନ୍ଧନରୁ ତତ୍‌କ୍ଷଣାତ୍ ମୁକ୍ତି ମିଳିଥାଏ।

୧୪୯। ସର୍ବୋଚ୍ଚ ଶିଖରକୁ ଉଠିବା ପାଇଁ ଜଣେ ଚାହିଁଲେ ସନ୍ଥସଙ୍ଗ ତାକୁ ଶୁଦ୍ଧ କରିଥାଏ । ସଂପୂର୍ଣ୍ଣ ଶରଣାଗତ ହେଲେ ସ୍ଥାୟୀ ଶାନ୍ତି ନିଶ୍ଚିତଭାବରେ ମିଳିଥାଏ।

୧୫୦। ଯେଉଁ ବ୍ୟକ୍ତିମାନେ ପ୍ରଭୁଙ୍କର ନାମ ଜପ କରନ୍ତି ନାହିଁ, କିମ୍ବା ତାଙ୍କ ଚରଣରେ ନତମସ୍ତକ ହୁଅନ୍ତି ନାହିଁ, ତାଙ୍କର ଗୁଣ କୀର୍ତ୍ତନ କରନ୍ତି ନାହିଁ କିମ୍ବା ତାଙ୍କ ଉପରେ ସେମାନଙ୍କର ବିଶ୍ୱାସ ନଥାଏ, ସେହିମାନଙ୍କର ମୁକ୍ତି ନିମନ୍ତେ ସନ୍ଥଙ୍କର ଆଗମନ ହୋଇଥାଏ ।

୧୫୧। ଗଙ୍ଗା, ଯମୁନା, ଗୋଦାବରୀ, କୃଷ୍ଣା, କାବେରୀ, ନର୍ମଦା ଭଳି ପବିତ୍ର ନଦୀମାନେ ମଧ୍ୟ ସନ୍ଥଗଣ ଆସି ସେମାନଙ୍କର ଜଳରେ ସ୍ନାନ କରନ୍ତୁ ବୋଲି ଚାହିଁଥାନ୍ତି, କାରଣ ତା'ଦ୍ୱାରା ସନ୍ଥମାନଙ୍କର ଚରଣ ସ୍ପର୍ଶର ସୁଯୋଗ ସେଇ ନଦୀମାନଙ୍କୁ ମିଳିଥାଏ।

୧୦ ॥ ଶ୍ରୀସାଇ ସମର୍ଥଙ୍କ ମହତ୍ୱ ॥

୧୫୨ । ସେମାନେ ଜଗତଯାକର ପାପ ପ୍ରକ୍ଷାଳନ କରୁଛନ୍ତି, କିନ୍ତୁ ସନ୍ଥମାନଙ୍କର ପାଦସ୍ପର୍ଶ ନକରିବା ପର୍ଯ୍ୟନ୍ତ ସେମାନଙ୍କ ନିଜ ପାପରୁ ସେମାନେ ମୁକ୍ତ ହୁଅନ୍ତି ନାହିଁ।

୧୫୩। ମୋର ପୂର୍ବଜନ୍ମମାନଙ୍କର ସୁକୃତି ଯୋଗୁଁ ମୁଁ ସାଇ ମହାରାଜଙ୍କ ପାଦ ସହିତ ସଂଶ୍ଳିଷ୍ଟ ହୋଇଅଛି। ଜନ୍ମମୃତ୍ୟୁ ଚକ୍ର ମୋ ପାଇଁ ସ୍ଥିର ହୋଇ ଅଟକିଯାଇଛି ଓ ଜୀବନର ଭୟ ଉଭେଇ ଯାଇଛି।

୧୫୪। ଏବେ ସହୃଦୟୀ ଶ୍ରୋତାଗଣ ! ଏପର୍ଯ୍ୟନ୍ତ ଆମେ ଯାହା ଶୁଣିଲେ, ତାହା ମନେ ପକାଇବା ଆସନ୍ତୁ। ବର୍ତ୍ତମାନ ବିଶ୍ରାମ ନେବା ଓ ପରେ ପୁଣି ଆଲୋଚନା କରିବା।

୧୫୫। ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି। ମୁଁ ତାଙ୍କ ପାଦର ପାଦୁକା ଭଳି। ମୁଁ ତାଙ୍କରି କାହାଣୀ କହି ଚାଲିବି ଓ ତାହାଦ୍ୱାରା ପୁଣି ଆନନ୍ଦ ପାଇବି।

୧୫୬। ମସଜିଦ୍ ବାହାରେ ଛିଡ଼ା ହୋଇ ଜଣକ ପରେ ଜଣେ ଭକ୍ତଙ୍କୁ ସେମାନଙ୍କ ମଙ୍ଗଳ ନିମନ୍ତେ 'ଉଦି' ବାଣ୍ଟୁଥିବା ସୁପୁରୁଷଙ୍କର ବ୍ୟକ୍ତିତ୍ୱ କେତେ କମନୀୟ ଓ ଆନନ୍ଦଦାୟକ !

୧୫୭। ପାର୍ଥିବ ଜଗତ ମାୟାମୋହର ପ୍ରହେଳିକା ବୋଲି ଯିଏ ହୃଦୟଙ୍ଗମ କରିଛନ୍ତି, ବ୍ରହ୍ମାନନ୍ଦରେ ଯିଏ ମଜ୍ଜି ରହିଛନ୍ତି ଯାହାଙ୍କର ମନ ଫୁଟନ୍ତା କଢ଼ି ଭଳି ଉନ୍ମୋଳିତ, ତାହାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହେଉଛି।

୧୫୮। ଯିଏ ଜ୍ଞାନରୂପକ ଅଞ୍ଜନ ଚକ୍ଷୁରେ ଲଗାଇ ଦିଅନ୍ତି, ଅଜ୍ଞତା ଦୂରକରନ୍ତି ଓ ନିଜର ବାସସ୍ଥଳକୁ ଆମକୁ ନେଇଯାଆନ୍ତି ସେହି ମହନୀୟ ଶ୍ରୀସାଇଙ୍କୁ ମୁଁ ସାଷ୍ଟାଙ୍ଗ ପ୍ରଣିପାତ ହେଉଛି।

୧୫୯। ଏହି ଅଧ୍ୟାୟ ଅପେକ୍ଷା ପରବର୍ତ୍ତୀ ଅଧ୍ୟାୟ ଅଧିକ ଚମତ୍କାର ହେବ। ତୁମର କର୍ଣ୍ଣ ମାଧ୍ୟମରେ ଏଇ କଥାଗୁଡ଼ିକ ତୁମର ହୃଦୟ ମଧ୍ୟକୁ ପ୍ରବେଶ କରି ତାହାକୁ ଶୁଦ୍ଧ କରିବ ଓ ସମସ୍ତ ପାପାଚାରକୁ ବାହାର କରିଦେବ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇ ସମର୍ଥଙ୍କ ମହତ୍ୱ" ଶୀର୍ଷକ ଦଶମ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ବ୍ରିଟିଶ ଶାସନବେଳେ ଭାରତରେ ଚଳୁଥିବା ସ୍ୱଳ୍ପମୂଲ୍ୟର ଖୁଚୁରା ପଇସା।

୨- ଆତ୍ମୋପଲବ୍ଧି ପଥରେ ସୃଷ୍ଟ ଆଧିଭୌତିକ, ଆଧିଦୈବିକ, ଆଧ୍ୟାତ୍ମିକ ବାଧା।

୩- ସାପବେଙ୍ଗ, ବାଘଛେଳି- ପରସ୍ପର ଶତ୍ରୁଭାବାପନ୍ନ।

୪- ଅଷ୍ଟସିଦ୍ଧି:- ଅଣିମା (ଅଣୁ ପ୍ରମାଣେ କ୍ଷୁଦ୍ର ହୋଇଯିବା), ଲଘିମା (କ୍ଷୁଦ୍ର ହୋଇ ଓଜନ ଅତି କମ୍ ହେବା), ମହିମା ବା ଗରିମା, (ବୃହତକାୟ ହେବା), ପ୍ରକାଶ୍ୟ, ଈଷତ୍ୱ, ବଶିତ୍ୱ, ଯତ୍ କାମ ତଦା ବଶ୍ୟତି।

୫- ବାବାଙ୍କର ଉଚ୍ଚତା ଛଅ ଫୁଟରୁ ଅଧିକ ଥିଲା। ସମସ୍ତେ ନିଜ ହାତରେ ସାଢ଼େ ତିନିହାତ ଉଚ୍ଚ ହୋଇଥାନ୍ତି।

୬- ଉତ୍ତମ କର୍ମର ଫଳ।

୭- ସମସ୍ତ ଲୋକ।

୮- ଦୈନନ୍ଦିନ କାର୍ଯ୍ୟାବଳୀ।

୯- ଭଗବାନଙ୍କର ଷଡ଼ଗୁଣ- (କ) ସାର୍ବଭୌମ ବା ପ୍ରଭୁତ୍ୱ (ଖ) ସର୍ବମଙ୍ଗଳ ବା ସର୍ବୋତ୍ତମଗୁଣ (ଗ) ସର୍ବଗୌରବ, ମହାମାନ୍ୟ, ଶକ୍ତିମାନ (ଘ) ସର୍ବପୂର୍ଣ୍ଣ (ଚ) ସର୍ବଜ୍ଞାନ (ଛ) ଅନାସକ୍ତି, କାମନାଶୂନ୍ୟ ।

୧୦- ଛେଳି ବେକର ତଳକୁ ଓହଳିଥିବା ମାଂସଥଳି ଭଳି।

୧୧- ନାନାବଳୀ ଜଣେ ବଳଶାଳୀ, ମନୁଆଁ ଓ ଲଗାମଛଡ଼ା ବ୍ୟକ୍ତି ଥିଲେ। ସେ ବାବାଙ୍କର ଦରବାର ଦାୟିତ୍ୱରେ ଥାଇ କେତେବେଳେ କାହାକୁ କୋଳ କରୁଥିଲେ ତ କାହାକୁ ଚାପୁଡ଼ାଏ ପକାଉଥିଲେ। କେତେବେଳେ କାଦୁଅ ସାଲୁବାଲୁ ହୋଇ କିମ୍ବା ମାଙ୍କଡ଼ଙ୍କ ଭଳି ଲାଙ୍ଗୁଡ଼ ଲଗାଇ ଗ୍ରାମରେ ପିଲାଙ୍କ ସହିତ ହଲ୍ଲାଗୁଲ୍ଲା କରୁଥିଲେ। ଦରବାର କକ୍ଷକୁ ଆସି ବେଳେ ବେଳେ ଗଣ୍ଡଗୋଳ ଭିଆଉଥିଲେ । ଶ୍ରୀସାଇ ସମର୍ଥ ଓ ନାନାବଳୀ ପରସ୍ପରକୁ ଭଲ ପାଉଥିଲେ। ଥରେ ସେ ମସଜିଦ୍ ଭିତରକୁ ଯାଇ ବାବାଙ୍କ ହାତ ଧରି ତାଙ୍କୁ ଆସନରୁ ଉଠାଇଦେଇ ସେଠାରେ ନିଜେ ବସି ପଡ଼ିଥିଲେ। ଅଳ୍ପ ସମୟ ବସିବା ପରେ ଉଠିପଡ଼ି ବାବାଙ୍କୁ ତାଙ୍କ ସ୍ଥାନରେ ବସିବା ପାଇଁ ବିନୀତ ପ୍ରାର୍ଥନା କରିଥିଲେ ଓ ତାଙ୍କ ପାଦପଦ୍ମରେ ଶରଣ ପଶିଥିଲେ। ସେ ବାବାଙ୍କୁ 'କାକା' ବୋଲି ଡାକୁଥିଲେ। ବାବାଙ୍କ ମହାସମାଧି ପରେ ସେ ପ୍ରବଳ ଜ୍ୱରରେ ପୀଡ଼ିତ ହୋଇ ତ୍ରୟୋଦଶ ଦିନରେ 'କାକା' 'କାକା' ଡାକି ଡାକି ଶରୀର ଛାଡ଼ିଥିଲେ। ଶିରିଡ଼ିରେ ତାଙ୍କର ସମାଧି ଉପରେ ଏକ ସ୍ମାରକୀ ତିଆରି ହୋଇଅଛି।

୧୨- ଅନ୍ଧକାରରେ ବୁଡ଼ି ରହିଥାନ୍ତି।

୧୩- ଗୁଣୀ ଲୋକମାନଙ୍କ ସାଙ୍ଗରେ ରହିବା।



ଏହି ପଟା ଉପରେ ବାବା ଶୋଉଥିଲେ । ତାଙ୍କ ପାଦ ଓ ମୁଣ୍ଡ ପାଖରେ ମାଟିଦୀପ ଜଳୁଥିଲା । ସେ କେମିତି ଓ କେତେବେଳେ ଉପରକୁ ଉଠୁଥିଲେ ବା ତଳକୁ ଓହ୍ଲାଉଥିଲେ, ତାହା କେହି ଜାଣିପାରୁନଥିଲେ । ତାଙ୍କର ସେହି ଚଳାଚଳ ଅଚିନ୍ତନୀୟ ଥିଲା। ତାହା ଦେଖିବା ପାଇଁ ଲୋକେ ଜଗି ରହୁଥିଲେ । (୧୦ମ ଅଧ୍ୟାୟ, ପଂକ୍ତି-୧୬)

କନାଧଡ଼ିରେ ବନ୍ଧା ହୋଇଥିବା ପଟା ବାବାଙ୍କର ଓଜନକୁ କିପରି ସମ୍ଭାଳୁଥିଲା ? ତାଙ୍କର ମହାସିଦ୍ଧି ରହିଥିଲା,
କାଠପଟା କେବଳ ଛଳନା ମାତ୍ର ଥିଲା। (୧୦ମ ଅଧ୍ୟାୟ, ପଂକ୍ତି-୧୮)

॥୧୧॥

ଶ୍ରୀସାଇଙ୍କ ମହିମାର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧। ପୂର୍ବ ଅଧ୍ୟାୟରେ ବାବାଙ୍କର ଅଣଓସାରିଆ କାଠପଟା ଉପରେ ଶୋଇବା, ତା' ଉପରକୁ ଉଠିବା ଓ ଓହ୍ଲାଇବା କଥା କୁହାଯାଇଥିଲା । ସେହି ବର୍ଣ୍ଣନା ଅଚିନ୍ତନୀୟ ଓ ଅବର୍ଣ୍ଣନୀୟ ଥିଲା। ଏହା ହେଉଛି ତାହାର ଅନୁକ୍ରମ ।

୨। ହିନ୍ଦୁ ଓ ମୁସଲମାନଙ୍କୁ ସେ ସମାନ ବ୍ୟବହାର ଦେଖାଉଥିଲେ। ଏହା ତାଙ୍କ ଜୀବନର ଲକ୍ଷ୍ୟ ଥିଲା। ଏହି ପ୍ରକାର ପ୍ରଭୁଙ୍କୁ ଶିରିଡ଼ିରେ ପୂଜା କରାଯାଉଥିଲା।

୩। ଏହି ଏକାଦଶ ଅଧ୍ୟାୟରେ ଗୁରୁଙ୍କ ଜୀବନର ଆନନ୍ଦଦାୟକ କାହାଣୀଗୁଡ଼ିକୁ ଏକାନ୍ତ ଭକ୍ତି ସହକାରେ ସାଇଙ୍କ ପଦତଳେ ଭେଟି ଦେବାକୁ ଇଚ୍ଛା କରିଅଛି।

୪। ତାହାଦ୍ୱାରା ବାବାଙ୍କର ଅବତାର ରୂପ ଉପରେ ଧ୍ୟାନ କରିହେବ, ସେ କିପରି ପୂଜାଂ ପାଉଥିଲେ ବୁଝିହେବ ଓ ପଞ୍ଚଭୂତ ଉପରେ ତାଙ୍କର ନିୟନ୍ତ୍ରଣ ଇତ୍ୟାଦି ବିଷୟରେ ତଥା ତାଙ୍କର ମହିମା ସମ୍ବନ୍ଧରେ ଜାଣିହେବ।

୫। ହେ, ଶ୍ରୋତାଗଣ ! ଦୟାକରି ଧ୍ୟାନ ଦିଅନ୍ତୁ। ଇନ୍ଦ୍ର, ଅଗ୍ନି ଓ ବରୁଣ କିପରି ବାବାଙ୍କର ଆଦେଶ ମାନୁଥିଲେ, ସେକଥା ମୁଁ ବର୍ତ୍ତମାନ ବର୍ଣ୍ଣନା କରିବି।

୬। ଆମ୍ଭେମାନେ ତାଙ୍କୁ ଶ୍ରଦ୍ଧା ସହିତ ସ୍ମରଣ କରିବା ଆସନ୍ତୁ ! ସେ ଅନାସକ୍ତିର ମୂର୍ତ୍ତିମନ୍ତ ଅବତାର ଓ ଅସଂଖ୍ୟ ଭକ୍ତମାନଙ୍କର ଆଶ୍ରୟଦାତା ଥିଲେ।

୭। ଗୁରୁଙ୍କ କଥାକୁ ସମ୍ମାନ ଦେଇ ବିଶ୍ୱାସର ସହିତ ତାଙ୍କୁ ହୃଦୟ କନ୍ଦରରେ ଏକ ଆସନ ଦିଅନ୍ତୁ। ଦୃଢ଼ ନିଷ୍ଠା ସହକାରେ ଓ ସମସ୍ତ ଆଶାଆକାଂକ୍ଷା ତ୍ୟାଗ କରି ତାଙ୍କୁ କେବଳ ଗୋଟିଏ ଇଚ୍ଛା ନେଇ ପୂଜା କରନ୍ତୁ ।

୮। ଗୁରୁରାଜ ଭଗବାନଙ୍କର ସାତୋଟିଯାକ ପ୍ରତିଛବି- ହୋମବେଦୀ, ଅଗ୍ନି, ଜ୍ୟୋତି, ସୂର୍ଯ୍ୟ, ଜଳ ଓ ବ୍ରାହ୍ମଣଙ୍କଠାରୁ ମଧ୍ୟ ବଡ଼ ଅଟନ୍ତି। ଏକାଗ୍ର ଭାବରେ ତାଙ୍କର ଆରାଧନା କରିବା ଆସନ୍ତୁ।

୯। ଭକ୍ତମାନେ ପୂର୍ଣ୍ଣ ବିଶ୍ୱାସର ସହିତ ଗୁରୁଙ୍କର ପଦବନ୍ଦନା କଲାବେଳେ ପରଂବ୍ରହ୍ମଙ୍କର ବନ୍ଦନା କରୁଥିବାର ଅନୁଭୂତି ପାଇଥାନ୍ତି। ଏହା ହିଁ ଗୁରୁପୂଜାର ଚମତ୍କାରିତା !

୧୦। ପୂଜାରୀର ରୂପ ରହିଥିଲେ ଗୁରୁଙ୍କର ମଧ୍ୟ ଦୈହିକ ରୂପ ରହିବା ଆବଶ୍ୟକ। କିନ୍ତୁ ଅରୂପ,ବିମୂର୍ତ୍ତ ଶକ୍ତି ନିମନ୍ତେ ଦୈହିକ ରୂପର ଆବଶ୍ୟକତା ନାହିଁ । ଶାସ୍ତ୍ରଗୁଡ଼ିକରେ ଏକଥା ଗୁରୁତ୍ୱ ଦେଇ କୁହାଯାଇଛି।

୧୧। ମାତ୍ର ଦୈହିକ ରୂପକୁ ଆରାଧନା ନକରିବା ପର୍ଯ୍ୟନ୍ତ ପ୍ରକୃତ ଭକ୍ତି ଜାଗରିତ ହେବ ନାହିଁ ଓ ପୂର୍ଣ୍ଣ ପ୍ରେମ ସହିତ ପ୍ରକୃତ ଭକ୍ତି ନଥିଲେ ଅନ୍ତର୍ମନ ପ୍ରସ୍ଫୁଟିତ ହେବନାହିଁ।

୧୨। ପ୍ରସ୍ଫୁଟିତ ନହେଲେ ପଦ୍ମକଢ଼ିରୁ ସୁଗନ୍ଧ କିମ୍ବା ମଧୁ ନିର୍ଗତ ହେବନାହିଁ। ସେଠାରେ ମହୁମାଛି ମଧ୍ୟ କ୍ଷଣଟିଏ

ପାଇଁ ଅଟକିବ ନାହିଁ।

୧୩। ସତ୍ତ୍ୱ, ରଜ ଓ ତମ ଗୁଣ ଥିଲେ ସରୂପ ଏବଂ ଏସବୁର ଅଭାବ ଥିଲେ ଅରୂପ । ସରୂପ ଓ ଅରୂପ ଭିନ୍ନ ନୁହନ୍ତି, ଦୁହେଁ ଏକ।

୧୪। ଘିଅ ତରଳ ଅବସ୍ଥାରେ ଥାଉ କିମ୍ବା କଠିନ ଅବସ୍ଥାରେ ଥାଉ, ତାହା ଘିଅ। ମୂର୍ତ୍ତ ଓ ବିମୂର୍ତ୍ତ ସମାନ । ବିମୂର୍ତ୍ତ ବିଶ୍ୱବ୍ରହ୍ମାଣ୍ଡ ରୂପରେ ପରିବ୍ୟାପ୍ତ।

୧୫। ଯାହାଙ୍କୁ ଦର୍ଶନ କଲେ ଚକ୍ଷୁ ତୃପ୍ତ ହୋଇପାରେ, ଯାହାଙ୍କ ପାଦତଳେ ମସ୍ତକ ଆଶ୍ରୟ ନେଇପାରେ ଓ ଯାହାଙ୍କୁ ସୁଚାରୁ ରୂପରେ ଧ୍ୟାନ କରାଯାଇପାରେ, ସେହିଠାରେ ହିଁ ଶ୍ରଦ୍ଧା ବୃଦ୍ଧି ପାଇଥାଏ।

୧୬। ଏକ ସଙ୍ଗରେ ବସି ଯାହାଙ୍କ ସହିତ ଖୁସିରେ ଗପସପ କରିହେବ ଏବଂ ଯାହାଙ୍କୁ ଚନ୍ଦନ ଓ ହଳଦୀ କୁଙ୍କୁମ ଗୋଳା ଅକ୍ଷତ ଚାଉଳ ଦ୍ୱାରା ପୂଜା କରିହେବ, ସେଥିପାଇଁ ଏକ ରୂପର ଆବଶ୍ୟକତା ରହିଛି।

୧୭। ଅରୂପର ସ୍ୱଭାବ ଅପେକ୍ଷା ସରୂପର ସ୍ୱଭାବକୁ ସହଜରେ ବୁଝିହୁଏ। ସଗୁଣ ବା ସରୂପ ପ୍ରତି ଶ୍ରଦ୍ଧା ଆସିଗଲେ ଅରୂପ ବା ବିମୂର୍ତ୍ତ ପ୍ରତି ଶ୍ରଦ୍ଧା ସହଜରେ ଜାଗରିତ ହୋଇଥାଏ।

୧୮। ଭକ୍ତମାନେ ବିମୂର୍ତ୍ତ ବା ଅରୂପକୁ ଅନୁଭବ କରିବା ପାଇଁ ବାବା ବିଭିନ୍ନ ପ୍ରକାରର ଉପାୟ ବାହାର କରିଥାନ୍ତି। ସେ ନିଜର କର୍ତ୍ତୃତ୍ୱ ବଳରେ ଭକ୍ତମାନଙ୍କୁ ନିକଟ ଦର୍ଶନ ନଦେଇ ସେମାନଙ୍କୁ ବହୁ ସମୟ ଧରି ବାହାରେ ବସାଇ ଦେଇଥାନ୍ତି।

୧୯। କାହାକୁ ଯାତ୍ରା କରିବା ପାଇଁ ବାହାରକୁ ପଠାଇ ଦିଅନ୍ତିତ, କାହାରିକୁ ଶିରିଡ଼ିରେ ଅଲଗା କରି ରଖିଥାନ୍ତି, କିଏ ୱାଡ଼ା ଭିତରେ ବାନ୍ଧି ହୋଇ ରହିଯାଏ ଓ ନିୟମିତ ପୋଥି ପଢ଼ିବାର ଆଦେଶ ପାଇଥାଏ।

୨୦। ଏଭଳି କଠିନ ଶିକ୍ଷା ବର୍ଷ ବର୍ଷ ଧରି ଚାଲୁ ରହିଲେ ବିମୂର୍ତ୍ତଙ୍କ ଆରାଧନା ପାଇଁ ଆଗ୍ରହ ବଢ଼ିବ। ବିଶ୍ରାମ, ଶୟନ ଓ ଭୋଜନ କରିବା ସମୟରେ ମଧ୍ୟ ମାନସିକ ସ୍ତରରେ ବାବାଙ୍କର ସଙ୍ଗସୁଖ ମିଳିପାରିବ ।

୨୧। ଶରୀର କ୍ଷୟଶୀଳ ହୋଇଥିବାରୁ ଏହା କିଛି ଦିନ ପରେ ନିଶ୍ଚିତ ଭାବରେ ଶେଷ ହୋଇଯିବ। ସେଥିପାଇଁ ଭକ୍ତଗଣ ହତୋତ୍ସାହିତ ନହୋଇ ଅନାଦି, ଅନନ୍ତ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଉଚିତ୍।

୨୨। ଅଜଣା, ଅଦୃଶ୍ୟଙ୍କ ମୂର୍ତ୍ତିମନ୍ତ ରୂପ ହେଉଛି ଦୃଶ୍ୟ-ବହୁଳ ଜଗତ। ଅଦୃଶ୍ୟରୁ ଜନ୍ମ ନେଇ ଏହି ଦୃଶ୍ୟ ଜଗତ ପୁନଶ୍ଚ ଅଦୃଶ୍ୟରେ ଲୀନ ହେବ।

୨୩। ବ୍ରହ୍ମରୁ ଦୃଶ୍ୟ ଜଗତ ସୃଷ୍ଟି ହୋଇଥିବାରୁ ଏହାର ପ୍ରତ୍ୟେକ ଅଂଶରେ ପୂର୍ଣ୍ଣ ରୂପ ସମ ଦିବ୍ୟ ସହଜାତ ଗୁଣ ରହିଛି ଓ ଏହା ପୁନଶ୍ଚ ନିଜର ଜନ୍ମପିଣ୍ଡରେ, ଅର୍ଥାତ୍ ଅଦୃଶ୍ୟ ଓ ଅରୂପରେ ମିଶିଯିବ ।

୨୪। ଏହି କାରଣରୁ କାହାରି ମୃତ୍ୟୁ ହୁଏ ନାହିଁ। ତେଣୁ ବାବାଙ୍କର କିପରି ମୃତ୍ୟୁ ହୋଇପାରେ ? ଶ୍ରୀସାଇ ସଦାସର୍ବଦା ଶୁଦ୍ଧ, ଜ୍ଞାନୀ ଓ ସିଦ୍ଧପୁରୁଷ ଅଟନ୍ତି ଏବଂ ମୃତ୍ୟୁ ତାଙ୍କୁ ସ୍ପର୍ଶ କରିପାରେନାହିଁ ।

୨୫। ତାଙ୍କୁ କେହି କେହି ଈଶ୍ୱରଭକ୍ତ କିମ୍ବା ମହାତ୍ମା ବୋଲି କହିଥାଇପାରନ୍ତି, କିନ୍ତୁ ସେ ଆମ୍ଭମାନଙ୍କ ନିମନ୍ତେ ପ୍ରଭୁଙ୍କର ସମ୍ପୂର୍ଣ୍ଣ ଅବତାର।

୨୬। ଗଙ୍ଗା ନଦୀ ସାଗର ଅଭିମୁଖେ ପ୍ରବାହିତ ହେବା ସମୟରେ ପଥ ମଧ୍ୟରେ ଅସହ୍ୟ ତାପପ୍ରପୀଡ଼ିତମାନଙ୍କୁ ଶୀତଳତା ପ୍ରଦାନ କରିଥାଏ, ନଦୀ କୂଳର ବୃକ୍ଷମାନଙ୍କୁ ଜୀବନଦାନ କରିଥାଏ ଓ ସମସ୍ତଙ୍କର ତୃଷା ନିବାରଣ କରିଥାଏ।

୨୭। ସନ୍ଥମାନଙ୍କର ଅବତାର ସେହିପରି। ସେମାନେ ଆସନ୍ତି ଓ ଚାଲି ଯାଆନ୍ତି । କିନ୍ତୁ ସେମାନଙ୍କର ଆଚରଣ ଜଗତକୁ ପବିତ୍ର କରିଥାଏ।

୨୮। ସାଇ ଅତ୍ୟନ୍ତ କ୍ଷମାଶୀଳ, ମୃଦୁଭାଷୀ, ଭଦ୍ର, ସହିଷ୍ଣୁ ଓ ଅତୁଳନୀୟ ଭାବରେ ପରିତୃପ୍ତ ଥିଲେ।

୨୯। ବାହ୍ୟ ଭାବରେ ଏକ ରୂପ ପରିଗ୍ରହ କରିଥିଲେ ମଧ୍ୟ ସେ ଅରୂପ ଓ ଅଗୁଣ ଥିଲେ। ସେ ଅନାସକ୍ତ ଥାଇ ସାଧାରଣ ଜୀବନ ବିତାଉଥିଲେ ମଧ୍ୟ ନିଜ ମଧ୍ୟରେ ମୁକ୍ତ ପୁରୁଷ ଥିଲେ।

୩୦। ଭଗବାନ ଶ୍ରୀକୃଷ୍ଣ କହିଥିଲେ, "ସମସ୍ତ ସନ୍ଥ ମୋର ଆତ୍ମା, ମୋର ଜୀବନ୍ତ ପ୍ରତିଛବି, ମୋର ଏକାନ୍ତ ପ୍ରିୟ ଓ ମୁଁ ନିଜେ ମଧ୍ୟ।

୩୧। "ସନ୍ଥମାନଙ୍କୁ ମୋର ପ୍ରତିଛବି କହିବା ଠିକ୍ ନୁହେଁ, କାରଣ ସେମାନେ ମୋର ଆତ୍ମା। ସେଇଥିପାଇଁ ସେମାନଙ୍କ

ନିମନ୍ତେ ମୁଁ ଭକ୍ତମାନଙ୍କର ବୋଝକୁ ବହନ କରିଥାଏ।
୩୨ । "ଯିଏ ସନ୍ଥଙ୍କ ପ୍ରତି ସମ୍ପୂର୍ଣ୍ଣ ସମର୍ପିତ ହୋଇଥାନ୍ତି, ମୁଁ ତାଙ୍କ ଚରଣରେ ନତମସ୍ତକ ହୁଏ ।" ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ସନ୍ଥମାନଙ୍କର ମହତ୍ୱ ବୁଝାଇବା ସମୟରେ ଏହିପରି କଥା କହିଥିଲେ।
୩୩। ସାଧୁମାନଙ୍କ ମଧ୍ୟରେ ଯିଏ ଅଧିକ ସାଧୁ, ଅରୂପଙ୍କ ମଧ୍ୟରେ ଯିଏ ଅଧିକ ଅରୂପ, ଶ୍ରେଷ୍ଠଙ୍କ ମଧ୍ୟରେ ଯିଏ ସର୍ବଶ୍ରେଷ୍ଠ,ସେ ଗୁଣୀମାନଙ୍କ ମଧ୍ୟରେ ମହତ୍ ଗୁଣର ରାଜା।
୩୪। ଯିଏ ନିଜର ଲକ୍ଷ୍ୟ ବା କର୍ତ୍ତବ୍ୟ ପୂରଣ କରି ପାରି ସମ୍ପୂର୍ଣ୍ଣ ପରିତୃପ୍ତ, ଯାହାର ସମସ୍ତ ଇଚ୍ଛା ପୂରଣ ହୋଇଥିବାରୁ ପରିତୃପ୍ତ, ଯିଏ ଆତ୍ମା ମଧ୍ୟରେ ନିମଜ୍ଜିତ ରହି ସୁଖଦୁଃଖକୁ ଭୁଲି ଯାଇଛି;
୩୫ । ଯିଏ ଆନ୍ତରିକ ଶାନ୍ତିର ମହାନ୍ ମୂର୍ତ୍ତିରୂପ, ତାଙ୍କର ମହତ୍ୱକୁ କିଏ ବା ବର୍ଣ୍ଣନା କରିପାରିବ ! ସେ ପ୍ରକୃତରେ ଅବର୍ଣ୍ଣନୀୟ ! ସେ ବ୍ରହ୍ମଙ୍କ ଅବତାର।
୩୬। ଏହି ଅବର୍ଣ୍ଣନୀୟ ଶକ୍ତି ଆମର ଏ ପୃଥିବୀରେ ସ୍ୱତଃ ଅବତାର ନେଇଛନ୍ତି। ସତ୍-ଚିତ୍-ଆନନ୍ଦର ଅବତାର। ସେ ଜ୍ଞାନର ଗନ୍ତାଘର।
୩୭। ସେ ପରଂବ୍ରହ୍ମ, ସମସ୍ତ ସାଂସାରିକ ବନ୍ଧନରୁ ମୁକ୍ତ, ଚିର ଅନାସକ୍ତ, ବ୍ରହ୍ମ ସହିତ ଏକାତ୍ମ ଓ ପରମାନନ୍ଦର ଅବତାର।
୩୮। 'ବ୍ରହ୍ମ ହିଁ ପରମାନନ୍ଦ' ବୋଲି ଶ୍ରୁତି କହିଛି। ଶ୍ରୋତାଗଣ ଏକଥା ଅନେକ ଥର ଶୁଣିଛନ୍ତି। ଜ୍ଞାନୀଗଣ ଧର୍ମଶାସ୍ତ୍ରରୁ ଏହା ପଢ଼ିଛନ୍ତି। ଭକ୍ତମାନେ ଏହାକୁ ଶିରିଡ଼ିରେ ଅନୁଭବ କରିଛନ୍ତି।
୩୯ । ଏ ସଂସାର ସମ୍ପୂର୍ଣ୍ଣ ରୂପେ ଅନନ୍ୟ। ଏଠାରେ ଉଭୟ ସତ୍ ଲୋକ ଓ ଦୁଷ୍ଟ ଲୋକ ରହିଛନ୍ତି। ଆତ୍ମଜ୍ଞାନ ନଥିବା ବ୍ୟକ୍ତିମାନଙ୍କୁ ପ୍ରତି ମୁହୂର୍ତ୍ତରେ ଏହି ସଂସାରରେ ସୁରକ୍ଷିତ ରଖିବା ଆବଶ୍ୟକ।
୪୦। ଆତ୍ମଜ୍ଞାନୀଙ୍କ ପାଇଁ ଏହା ଏକ ସମସ୍ୟା ନୁହେଁ। ସେ ନିଜର ଅନ୍ତରାତ୍ମା ମଧ୍ୟରେ ଆଶ୍ରୟ ନେଇ ପାରିବେ। ସେମାନେ ସବୁ ସମୟରେ ମୁକ୍ତ, ପୂର୍ଣ୍ଣମାତ୍ରାରେ ପରମାନନ୍ଦ ଓ ପରମାତ୍ମାରେ ନିମଜ୍ଜିତ।
୪୧ । ବାବା ଥିଲେ ସମସ୍ତଙ୍କର ସଦା ଆଶ୍ରୟସ୍ଥଳ । ସେ ସର୍ବତ୍ର ବିରାଜିତ। ତାଙ୍କର ଗୋଟାଏ ଆସନ କ'ଣ ହେବ ? ତାହା ପୁଣି ରୂପାର ହେବା ଦରକାର ? କିନ୍ତୁ ବାବାଙ୍କ ଭକ୍ତମାନଙ୍କର ଇଚ୍ଛା ଯୋଗୁଁ ହିଁ ତାହା ହୋଇଛି ।
୪୨। ବହୁଦିନରୁ ପୁରୁଣା ଆସନ ହିସାବରେ ଚିରା ଅଖାପାଲ ବ୍ୟବହାର ହେଉଥିଲା। ତା'ପରେ ଶ୍ରଦ୍ଧାଳୁ ଭକ୍ତମାନେ ସୁନ୍ଦର ଗଦିଟିଏ ତାଙ୍କର ବସିବା ପାଇଁ ପକାଇ ଦେଇଥିଲେ।
୪୩। ସେ ଯେଉଁଠି କାନ୍ଥକୁ ଆଉଜି ବସୁଥିଲେ, ସେଠାରେ ଭକ୍ତମାନେ ଗୋଲାକାର ତକିଆଟିଏ ରଖିଦେଇଥିଲେ। ବାବା ଭକ୍ତମାନଙ୍କର ଇଚ୍ଛାକୁ ଗ୍ରହଣ କରିଥିଲେ।
୪୪। ସେ ଶିରିଡ଼ିରେ ରହୁଥିଲେ ମଧ୍ୟ ସର୍ବତ୍ର ବିରାଜିତ ଥିଲେ। ଶ୍ରୀସାଇଙ୍କ ଶକ୍ତିର ଏହି ଅନୁଭୂତି ଭକ୍ତମାନେ ସବୁବେଳେ ପାଉଥିଲେ।
୪୫। ସେ ଅପରିବର୍ତ୍ତନୀୟ ଥିଲେ ମଧ୍ୟ ଭକ୍ତମାନଙ୍କର ବିଶ୍ୱାସ ଅନୁଯାୟୀ ପୂଜା ଆରାଧନା ଓ ସମ୍ମାନ ପ୍ରଦର୍ଶନର ରୀତିନୀତିକୁ ଗ୍ରହଣ କରୁଥିଲେ। ସେ ଭିନ୍ନ ଭିନ୍ନ ପ୍ରକାରେ ସମସ୍ତ ଭକ୍ତିଭାବନାକୁ ଗ୍ରହଣ କରୁଥିଲେ।
୪୬। କେତେକ ଚାମର ପକାଉଥିଲେ,କେହି ପଙ୍ଖା କରୁଥିଲେ, କିଏ ସାହାନାଇ କିମ୍ବା ଡ୍ରମବାଜା ବଜାଉଥିଲେ। କେତେଜଣ ପୂଜା କରୁଥିଲେ ଓ ଆଉ କେହି କେହି ଶୁଭ ସଂଗୀତ ଏବଂ ବାଦ୍ୟ ପରିବେଷଣ କରୁଥିଲେ।
୪୭। କେହି କେହି ତାଙ୍କର ହାତ ପାଦ ଧୋଇ ପବିତ୍ରଜଳ ପାନ କରୁଥିଲେ, କେହି କେହି ଅତର ଛିଞ୍ଚୁଥିଲେ ବା ଚନ୍ଦନ ତିଳକ ଲଗାଉଥିଲା। କିଏ କିଏ ପାନଗୁଆ ସହିତ ତେରଗୋଟି[୨] ସୁବାସିତ ଦ୍ରବ୍ୟ ମିଶାଇ ତାଙ୍କୁ ଖୁଆଉଥିଲେ। କେତେକ ତାଙ୍କ ପାଇଁ ମହାନୈବେଦ୍ୟ[୩] ବାଢ଼ୁଥିଲେ।
୪୮। କେହି କେହି ବଟା ସୁଗନ୍ଧ ଚନ୍ଦନ ଦୁଇଆଙ୍ଗୁଠିରେ ବୋଳି କପାଳରେ ସମାନ୍ତରାଳ ରେଖା ଶିବଲିଙ୍ଗ ଉପରେ ଟଣା ଯିବା ଭଳି ଟାଣୁଥିଲେ, କେତେକ କସ୍ତୁରୀ ସହିତ ଅତର ମିଶାଇ ବୋଳୁଥିଲେ, କିଏ ଅବା ଘୋରା ଚନ୍ଦନ ଲଗାଉଥିଲେ।
୪୯। ତାତ୍ୟାସାହେବ ନୁଲକରଙ୍କ ବନ୍ଧୁ ଡ. ପଣ୍ଡିତ ଥରେ ସାଇବାବାଙ୍କର ଦର୍ଶନ ପାଇଁ ଶିରିଡ଼ି ଆସିଥିଲେ।
୫୦। ସେ ଶିରିଡ଼ିରେ ପହଂଚିବା ମାତ୍ରେ ମସ୍‌ଜିଦ୍‌କୁ ଯାଇଥିଲେ ଓ ବାବାଙ୍କୁ ପ୍ରଣାମ ଜଣାଇ କିଛି ସମୟ ନିରବରେ ବସିଥିଲେ।

୫୧। ବାବା ତାଙ୍କୁ ଦାଦା ଭଟ୍ଟ କେଲକରଙ୍କ ନିକଟକୁ ପଠାଇଥିଲେ । "ଏହି ବାଟରେ ଯାଅ" ବୋଲି କହି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ।

୫୨। ଡ. ପଣ୍ଡିତ ଦାଦାଙ୍କ ନିକଟକୁ ଯାଇଥିଲେ । ଦାଦା ତାଙ୍କୁ ସ୍ୱାଗତ କରିଥିଲେ। ତା'ପରେ ଦାଦା ବାବାଙ୍କ ପୂଜାର୍ଚ୍ଚନା କରିବାକୁ ବାହାରିଥିଲେ । ସେ ତାଙ୍କ ସହିତ ଯିବେକି ବୋଲି ପଚାରିଥିଲେ ।

୫୩। ପଣ୍ଡିତ ଦାଦାଙ୍କ ସହିତ ଆସିଥିଲେ। ଦାଦା ବାବାଙ୍କୁ ପୂଜା କରିଥିଲେ। ସେହିଦିନ ପର୍ଯ୍ୟନ୍ତ ବାବାଙ୍କୁ ଗନ୍ଧତିଳକ ଲଗାଇ ପୂଜା କରିବାର ସାହସ କାହାରି ହୋଇନଥିଲା।

୫୪। ଯିଏ କେହି ଭକ୍ତ ହୋଇଥାଆନ୍ତୁ ପଛକେ ବାବା ତାଙ୍କ କପାଳରେ ଚନ୍ଦନଟିପା ଲଗାଇବା ପାଇଁ କାହାରିକୁ ଅନୁମତି ଦେଉନଥିଲେ। କେବଳ ମହାଲ୍‌ସାପତି ବାବାଙ୍କ ଗଳାରେ ଚନ୍ଦନ ଚିତା ଲଗାଉଥିଲେ ଓ ଅନ୍ୟମାନେ ତାଙ୍କ ପାଦରେ ଲଗାଇ ପାରୁଥିଲେ।

୫୫। କିନ୍ତୁ ଏହି ପଣ୍ଡିତ ସରଳ ଓ ଭକ୍ତିଭାବରେ ପୂର୍ଣ୍ଣ ଥିଲେ। ସେ ଦାଦାଙ୍କର ପୂଜାଥାଳିରୁ ଘୋରା ଚନ୍ଦନ ନେଇ ବାବାଙ୍କ କପାଳରେ ତ୍ରିପୁଣ୍ଡକ ନିଜର ଅଙ୍ଗୁଳି ଦ୍ୱାରା ଟାଣିଥିଲେ।

୫୬। ତାଙ୍କର ସାହସ ଦେଖି ଦାଦାଙ୍କର ହୃତ୍‌ସ୍ପନ୍ଦନ ବଢ଼ି ଯାଇଥିଲା। ବାବା ଏବେ ରାଗିଯିବେ, ଇଏ ଏଭଳି ଦୁଷ୍କର୍ମ କାହିଁକି କଲେ ବୋଲି ସେ ଚିନ୍ତା କରିଥିଲେ ।

୫୭। ଏକ ଅଦ୍ଭୁତ ଘଟଣା ଘଟିଲା। ବାବା ପଦେ ହେଲେ କିଛି କହିଲେ ନାହିଁ। ଓଲଟି ସେ ଖୁସି ଜଣା ପଡୁଥିଲେ ଓ ତାଙ୍କ ଉପରେ ଆଦୌ ରାଗିଲେ ନାହିଁ।

୫୮। ସେ ଯାହାହେଉ, ସେହି ସମୟ କଟି ଯାଇଥିଲା। ଦାଦାଙ୍କୁ ଅସ୍ୱସ୍ତିକର ଲାଗୁଥିଲା। ସେଦିନ ସଂଧ୍ୟାରେ ସେ ବାବାଙ୍କୁ ସେହି ଘଟଣା ସମ୍ପର୍କରେ ପଚାରିଥିଲେ।

୫୯। "ଆମେ ଆପଣଙ୍କ କପାଳରେ ଛୋଟ ତିଳକଟିଏ ବସାଇବାକୁ ଚାହୁଁଥିବା ସମୟରେ ଆମକୁ ଆପଣ କପାଳ ଛୁଇଁବାକୁ ଦିଅନ୍ତି ନାହିଁ, ଅଥଚ ଆଜି ସକାଳେ କ'ଣ ହେଲା ?

୬୦। "ଆମ ତିଳକ ଆପଣଙ୍କୁ ଖରାପ ଲାଗେ, ଅଥଚ ପଣ୍ଡିତଙ୍କ ତ୍ରିପୁଣ୍ଡକ ଆପଣଙ୍କୁ ଭଲ ଲାଗିଲା। ଏମିତି ବାଛବିଚାର କାହିଁକି ? ଏଥିରେ କିଛି ଅସଙ୍ଗତି ରହିଥିବା ଭଳି ଜଣାପଡୁଛି।"

୬୧। ଶ୍ରୀସାଇ ଅତ୍ୟନ୍ତ ସ୍ନେହରେ ହସି ହସି ଦାଦାଙ୍କୁ ଯାହା କହିଥିଲେ, ଶ୍ରୋତାଗଣ ! ଆପଣମାନେ ତାହାକୁ ଭକ୍ତି ସହକାରେ ଶୁଣନ୍ତୁ।

୬୨। "ଦାଦା, ତାଙ୍କ ଗୁରୁ ହେଉଛନ୍ତି ବ୍ରାହ୍ମଣ। ମୁଁ ଜାତିରେ ମୁସଲମାନ। କିନ୍ତୁ ସେ ମୋତେ ତାଙ୍କର ଗୁରୁ ଭାବି ଗୁରୁପୂଜା କରିଥିଲେ।

୬୩। "ମୁଁ ମହା ନୈଷ୍ଠିକ ବ୍ରାହ୍ମଣ। ସେ ଅପବିତ୍ର ଯବନ। ସେ କାହିଁକି ପୂଜା ପାଇବେ ? ତାଙ୍କର ସେଭଳି ସନ୍ଦେହ ନଥିଲା।

୬୪। "ସେ ମୋତେ ଏହିଭଳି ଧରିନେଇଥିଲେ। ମୋ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିଲା। ମନା କରିବାର ବାଟ ମଧ ନଥିଲା। ସେ ମୋତେ ଭାବବିହ୍ୱଳ କରିଦେଇଥିଲେ।"

୬୫। ବାବାଙ୍କର ଏଭଳି ଉତ୍ତର ଶୁଣି ଦାଦା ତାକୁ ହାଲୁକା ଭାବରେ ନେଇଥିଲେ। ମାତ୍ର ଦାଦା ଘରକୁ ଫେରିବା ପରେ ଏହାର ସାରମର୍ମ ବୁଝିପାରିଥିଲେ।

୬୬। ବାବାଙ୍କର ଆଚରଣରେ ଏହି ଅସଙ୍ଗତି ଦାଦାଙ୍କୁ ବହୁତ ଆଘାତ ଦେଇଥିଲା। କିନ୍ତୁ ସେ ପଣ୍ଡିତଙ୍କ ସହ କଥା ହେବାପରେ ତାଙ୍କର ସନ୍ଦେହ ଦୂରୀଭୂତ ହୋଇଥିଲା।

୬୭। ପଣ୍ଡିତ ଧୋପେଶ୍ୱରର ଜଣେ ସାଧୁ ରଘୁନାଥ ମହାରାଜ ଯିଏକି 'କାକା ପୁରାଣିକ' ନାମରେ ସୁପରିଚିତ ଥିଲେ, ତାଙ୍କର ପଦାଶ୍ରିତ ଥିଲେ ଓ ଦୁହିଁଙ୍କ ମଧ୍ୟରେ ଗୁରୁଶିଷ୍ୟର ସମ୍ବନ୍ଧ ଗଭୀର ଥିଲା।

ରଘୁନାଥ ଧୋପେଶ୍ୱର ଓରଫ୍ କାକା ପୁରାଣିକ

୬୮। ସେ 'କାକା'ଙ୍କୁ ଆବାହନ କରୁଥିଲେ । ତାଙ୍କର ଅନୁଭବ ହୋଇଥିଲା ଯେ ବାବା ହିଁ 'କାକା ପୁରାଣିକ'। ଶ୍ରଦ୍ଧା ଓ ଭକ୍ତି ଅନୁଯାୟୀ ଫଳ ମିଳିଥାଏ।

୬୯। ବାବା ଚାହିଁଲେ ତାଙ୍କୁ ସବୁପ୍ରକାରର ରୀତିନୀତିରେ ପୂଜା କରାଯାଇପାରେ। ନଚେତ୍ ସେ ପୂଜାଥାଳି ଫିଙ୍ଗିଦେଇ ନରସିଂହ ଅବତାର ହୋଇଯିବେ ଓ ଗାଳି ବର୍ଷଣ କରିବେ।

୭୦। ତାଙ୍କର ଏହି ନରସିଂହ ରୂପ ସମୟରେ କିଏ ତାଙ୍କୁ

ସାମ୍ନା କରିବା ପାଇଁ ସାହସ ବାନ୍ଧିବ ? ସେ କ୍ରୋଧଜର୍ଜରିତ ହେଲେ ସମସ୍ତେ ଜୀବନ ବିକଳରେ ପଳାଇଯାଇଥାନ୍ତି।

୭୧। ବେଳେ ବେଳେ ସେ ଭକ୍ତଙ୍କ ଉପରେ ହଠାତ୍ ଭୟଙ୍କର ଭାବରେ ରାଗିଯାଇ ଜଳନ୍ତା ଗନ୍ଧକ ପାଲଟି ଯିବେ। ଅନ୍ୟ ସମୟରେ ସେ ତରଳ ମହମଠାରୁ ମଧ ଅଧିକ ନରମ ହୋଇଯିବେ-ଶାନ୍ତି ଓ କ୍ଷମାର ଅବତାର ପାଲଟିଯିବେ।

୭୨। ବେଳେବେଳେ ସେ ଜ୍ୱଳନ୍ତ ଆଗ୍ନେୟଗିରି ସଦୃଶ ହୋଇଯିବେ ଓ ଭକ୍ତମାନଙ୍କୁ ଖଣ୍ଡାଧାରରେ ଚଳାଇବେ, (ମରଣାନ୍ତକ ଭୟଭୀତି ମଧରେ ରଖିଦେବେ) ଓ କେତେବେଳେ ସେ ଲହୁଣୀ ଭଳି କୋମଳ ପାଲଟିଯାଇ ଆନନ୍ଦର ଝରଣା ବୁହାଇଦେବେ।

୭୩। ଯଦି କେତେବେଳେ ଭୀଷଣ ରାଗିଯାଇ କମ୍ପୁଥିବେ ଓ ଆଖିଡ଼ୋଳାକୁ ଚକ୍ରାକାରରେ ବୁଲାଉଥିବେ, ସେତେବେଳେ ମଧ ତାଙ୍କ ହୃଦୟରେ ପିଲାମାନଙ୍କ ପ୍ରତି ଅନାବିଳ ମାତୃସ୍ନେହର ଝରଣା ଝରୁଥିବ।

୭୪। ତାଙ୍କର ରାଗ କମିଯିବା ପରେ ମୁହୂର୍ତ୍ତକ ମଧରେ ସେ ସାଧାରଣ ଅବସ୍ଥାକୁ ଫେରିଆସି ଭକ୍ତମାନଙ୍କୁ ନାମ ଧରି ଡାକି କହିବେ, "ମୁଁ କାହାରି ପ୍ରତି ବିରକ୍ତ ହେବାବେଳେ ଜାଣିପାରିନଥାଏ।"

୭୫। "ମା' ଯଦି ତାହାର ସନ୍ତାନକୁ ଗୋଇଠା ମାରିପାରେ କିମ୍ବା ସମୁଦ୍ର ଯଦି ନଦୀର ଜଳକୁ ଫେରାଇ ଦେଇପାରେ, ସେତେବେଳେ ଅବା ମୁଁ ବିରକ୍ତ ହୋଇ ତୁମମାନଙ୍କର ଅବହେଳା ବା କ୍ଷତି କରିପାରେ ।

୭୬। "ମୁଁ ମୋର ଭକ୍ତମାନଙ୍କ ଅନୁଗ୍ରହରେ ରହିଛି। ମୁଁ ସବୁବେଳେ ସେମାନଙ୍କ ପାଖେ ପାଖେ ରହିଛି। ମୁଁ ସ୍ନେହ କାଙ୍ଗାଳ, ମୁଁ ସେମାନଙ୍କ ଡାକରାକୁ ଅପେକ୍ଷା କରି ରହିଥାଏ।"

୭୭। ଏହି ବିଷୟଟିକୁ ଲେଖିବା ସମୟରେ ମୋର ଗୋଟିଏ ଉପାଦେୟ ଗଳ୍ପ ମନେ ପଡ଼ିଯାଉଛି। ଉଦାହରଣ ହିସାବରେ ଏଇଟିକୁ ମନ ଦେଇ ଶୁଣନ୍ତୁ।

୭୮। କଲ୍ୟାଣର ଜଣେ ମୁସଲମାନ ବାସିନ୍ଦା ସିଦ୍ଦୀକ ଫାଲ୍‌କେ ଥରେ ମକ୍କା-ମଦିନାରୁ ତୀର୍ଥଯାତ୍ରା ସମାପ୍ତ କରି ଶିରିଡ଼ି ଆସିଥିଲେ।

୭୯। ସେହି ବୃଦ୍ଧ ହାଜୀ ଉତ୍ତରମୁଖା ଚାଓ୍ୱଡ଼ିରେ[୪] ରହୁଥିଲେ। ପ୍ରଥମ ନଅ ମାସ ବାବା ତାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଦର୍ଶନ ଦେଇନଥିଲେ।

୮୦। ତାଙ୍କ ପାଇଁ ଶୁଭ ମୁହୂର୍ତ୍ତ ଆସିନଥିଲା। ତାଙ୍କର କ୍ଲାନ୍ତିକର ଯାତ୍ରା ସଫଳ ହୋଇ ନଥିଲା (ଉତ୍ତରରେ ଥିବା ଚାଓ୍ୱଡ଼ିରୁ ମସ୍‌ଜିଦ୍‌କୁ)। ସେ ବହୁତ ଚେଷ୍ଟା କରି ଓ ନାନା ଉପାୟ ଅବଲମ୍ବନ କରି ମଧ ବାବାଙ୍କ ସହିତ ଚକ୍ଷୁ ବିନିମୟ କରିପାରିନଥିଲେ।

୮୧। ମସ୍‌ଜିଦ୍ ସମସ୍ତଙ୍କ ପାଇଁ ସବୁବେଳେ ଖୋଲାଥିଲା। କାହାରିକୁ ମନା କରାଯାଉନଥିଲା କିମ୍ବା ବାଧା ଦିଆଯାଉନଥିଲା। ମାତ୍ର ଫାଲ୍‌କେଙ୍କୁ ମସ୍‌ଜିଦ୍‌ର ପାହାଚ ଚଢ଼ିବାକୁ ଅନୁମତି ମିଳୁନଥିଲା।

୮୨। ଫାଲ୍‌କେ ମନ ଭିତରେ ଅଶାନ୍ତି ଭୋଗୁଥିଲେ। "ମୋର କେଉଁ କର୍ମ ଯୋଗୁଁ ମୁଁ ମସ୍‌ଜିଦ୍ ଭିତରକୁ ପଶି ପାରୁନାହିଁ। ମୁଁ କେଉଁ ପାପ କରିଛି ?"

୮୩। "କ'ଣ କଲେ ପରିସ୍ଥିତି ବଦଳିବ, ବାବା ମୋତେ କୃପା କରି ମୋ ଆଡ଼କୁ ଅନାଇବେ ?" -ଏହି ଏକମାତ୍ର ଚିନ୍ତାହିଁ ଦିନରାତି ତାଙ୍କର ହୃତ୍‌ସ୍ପନ୍ଦନ ଭଳି ମନ ଭିତରେ ଖେଳୁଥିଲା।

୮୪। ଇତିମଧରେ ତାଙ୍କୁ କେହି ଜଣେ ହତାଶ ନହେବା ପାଇଁ ପରାମର୍ଶ ଦେଇଥିଲେ। ମାଧବରାଓଙ୍କର ସାହାଯ୍ୟ ନେଲେ ତୁମ ମନର ଆଶା ପୂରଣ ହେବ ବୋଲି ମଧ୍ୟ କହିଥିଲେ।

୮୫। ନନ୍ଦୀଙ୍କୁ ଦର୍ଶନ ନକଲେ ଶଙ୍କରଙ୍କ କୃପା ମିଳେ କି ? ସେ ଏହି ଉପାୟକୁ ପସନ୍ଦକରି ତାହାକୁ କାର୍ଯ୍ୟକାରୀ କରିବାକୁ ସ୍ଥିର କରିଥିଲେ।

୮୬। ଏହାକୁ ଅତିରଂଜିତ ବୋଲି ଶ୍ରୋତାମାନେ ଭାବୁଥାଇ ପାରନ୍ତି। କିନ୍ତୁ ଏହାହିଁ ଶିରିଡ଼ିରେ ବାବାଙ୍କୁ ଦର୍ଶନ କରିବାର ଅଭିଜ୍ଞତା ଥିଲା।

୮୭। କେହି ବାବାଙ୍କ ସହିତ ବିନାବାଧାରେ କଥାବାର୍ତ୍ତା କରିବାକୁ ଚାହୁଁଥିଲେ ତାଙ୍କୁ ମାଧବରାଓଙ୍କ ସାହାଯ୍ୟ ପ୍ରଥମେ ନେବାକୁ ପଡୁଥିଲା।

୮୮। କିଏ, କେଉଁଠୁ, କାହିଁକି ଆସିଛି ? ସେ ସମ୍ବନ୍ଧରେ ଭଲ ଭାବରେ ମାଧବରାଓଙ୍କୁ କହି ତାଙ୍କ ଦ୍ୱାରା ପରିଚିତ

ହେବାକୁ ପଡୁଥିଲା। ତା'ପରେ ଯାଇଁ ଶ୍ରୀସାଇ ସମର୍ଥ କଥାବାର୍ତ୍ତା କରିବାକୁ ରାଜି ହେଉଥିଲେ।

୮୯। ହାଜୀ ଏସବୁ ଶୁଣିଥିଲେ ଓ ମାଧବରାଓଙ୍କୁ ଭେଟି କହିଥିଲେ। "ଥରେ, ଅନ୍ତତଃ ଥରକ ପାଇଁ ମୋ କ୍ଳେଶ ଦୂର କରିଦିଅନ୍ତୁ। ଅସାଧ କାମକୁ ସାଧ୍ୟ କରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ।"

୯୦। ମାଧବରାଓ ସାହାଯ୍ୟ କରିବାର ଦୃଢ଼ ନିଷ୍ପତ୍ତି ନେଇ ସୁଯୋଗ ଖୋଜୁଥିଲେ। କାର୍ଯ୍ୟ ସଫଳ ହେଉ କିମ୍ବା ନହେଉ, ସେ ଚେଷ୍ଟା କରିବେ ବୋଲି ଠିକ୍ କରିଥିଲେ।

୯୧। ସେ ସାହସ ସଂଚୟ କରି ମସ୍‌ଜିଦ୍‌କୁ ଯାଇଥିଲେ। ସେ ବିଷୟଟିକୁ ଧୀରସ୍ଥିର ଭାବରେ ଆରମ୍ଭ କରିଥିଲେ। "ବାବା ! ସେଇ ବୃଦ୍ଧ ଜଣକ ବହୁତ ଦୁଃଖରେ ଅଛନ୍ତି। ତାଙ୍କୁ କୃପା କରନ୍ତୁ।

୯୨। "ସେହି ହାଜୀ ମକ୍କା-ମଦିନା ତୀର୍ଥ ଯାତ୍ରା ପରେ ଆପଣଙ୍କ ଦର୍ଶନକୁ ଆସିଛନ୍ତି। ଆପଣ କାହିଁକି ତାଙ୍କୁ ଦୟା କରୁନାହାନ୍ତି ଓ ମସ୍‌ଜିଦ୍‌କୁ ଆସିବା ପାଇଁ ଦେଉନାହାନ୍ତି ?

୯୩। "କେତେ କେତେ ଲୋକ ମସ୍‌ଜିଦ୍ ଭିତରକୁ ବିନା ବାଧାରେ ଆସି ଦର୍ଶନ ସାରି ଫେରି ଯାଉଛନ୍ତି। କେବଳ ଏହି ବୃଦ୍ଧ ଜଣକ କାହିଁକି ବିଫଳ ହୋଇ ଘୂରି ବୁଲୁଛନ୍ତି ?

୯୪। "ତାଙ୍କୁ ଦୟା କରନ୍ତୁ। ତାଙ୍କୁ ଥରେ ମସ୍‌ଜିଦ୍‌ରେ ଦର୍ଶନ ଦିଅନ୍ତୁ। ସେ ତାଙ୍କର ମନର କଥା କହିଦେଇ ଶୀଘ୍ର ପଳାଇଯିବେ।"

୯୫। "ଶାମା ! ତୋ ମୁଖରୁ କୁନି ପିଲାର ଦରୋଟି ଭାଷା ଏ ପର୍ଯ୍ୟନ୍ତ ଯାଇନାହିଁ। ଯଦି ଆଲ୍ଲା ତାଙ୍କ ପ୍ରତି ଦୟାବାନ୍ ନୁହଁନ୍ତି, ମୁଁ କ'ଣ ବା କରିପାରିବି ?

୯୬। "ଯଦି କାହାର ଆଲ୍ଲା-ମିୟାଁଙ୍କ ପ୍ରତି କୃତଜ୍ଞତା ଭାବ ନଥିବ, ତେବେ କେହି ମସଜିଦ ପାହାଚକୁ ଉଠି ପାରିବକି ? ଫକୀରଙ୍କ କାର୍ଯ୍ୟକଳାପ ବୁଝି ହେଉନାହିଁ। ମୋର ତାଙ୍କ ଉପରେ ନିୟନ୍ତ୍ରଣ ନାହିଁ।

୯୭। "ବାରଓ୍ୱି କୂଅଠାରୁ ଗୋଟିଏ ଅଣଓସାରିଆ ବାଟ ପଡ଼ିଛି। ତାଙ୍କୁ କହ, ସେ ସେଇ ବାଟରେ ଠିକ୍ ଭାବରେ ଆସି ପାରିବେ କି ?"

୯୮। ହାଜୀ କହିଥିଲେ, "ଯେତେ କଷ୍ଟକର ହେଲେ ବି ମୁଁ ଠିକ୍ ଯାଇପାରିବି। ମୋତେ ଏକୁଟିଆ ତାଙ୍କ ପାଦ ପାଖରେ ବସାଇ ଦର୍ଶନ ଦିଅନ୍ତୁ।"

୯୯। ଶାମାଙ୍କଠାରୁ ଏକଥା ଶୁଣି ବାବା କହିଥିଲେ, "ତାଙ୍କୁ ଆଉଥରେ ପଚାର। ଚାରିଥର ଚାଳିଶି ହଜାର ଟଙ୍କା ସେ ମୋତେ ଦେବେ କି ?"

୧୦୦। ମାଧବରାଓ ଏହି ସମ୍ବାଦ ଦେବାପରେ ହାଜୀ କହିଥିଲେ, "କ'ଣ କହୁଛ ? ସେ ମାଗିଲେ ମୁଁ ଚାଳିଶି ଲକ୍ଷ ଦେଇଦେବି ! ହଜାରେ କ'ଣ ?"

୧୦୧। ବାବା ଏହି ଉତ୍ତର ଶୁଣି କହିଥିଲେ, "ତାଙ୍କୁ ପଚାର। ଆମେ ମସ୍‌ଜିଦ୍‌ରେ ଆଜି ଗୋଟିଏ ଛେଳି ମାରିବାକୁ ଚାହୁଁଛୁ। ସେ କେଉଁ ଅଂଶର ମାଂସ ନେବାକୁ ଚାହୁଛନ୍ତି।

୧୦୨। "ସିହ୍ନା ମାଂସ, ଫଡିଆ ମାଂସ କିମ୍ବା ଅଣ୍ଡକୋଷ ? ବୃଦ୍ଧ କ'ଣ ଚାହୁଁଛନ୍ତି, ଠିକ୍ ଭାବରେ କହନ୍ତୁ।"

୧୦୩। ବାବାଙ୍କର କଥାକୁ ମାଧବରାଓ ହାଜୀଙ୍କ ପାଖରେ ଦୋହରାଇଥିଲେ ଓ ହାଜୀ ଦୃଢ଼ ଭାବରେ କହିଥିଲେ, "ମୁଁ ସେସବୁ କିଛି ଚାହେଁ ନାହିଁ।

୧୦୪। "ତାଙ୍କୁ ଯାହା ଭଲ ଲାଗିବ ମୋତେ ଦେବେ। ମୋର ଗୋଟିଏ ମାତ୍ର ଇଚ୍ଛା ଅଛି। ଯଦି କୋଲାମ୍ବାରୁ[୫] ଗୁଣ୍ଡାଏ ଖାଇବାକୁ ପାଏ, ତେବେ ମୋର ଉଦ୍ଦେଶ୍ୟ ପୂରଣ ହେବ ଓ ମୋର ମଙ୍ଗଳ ହେବ।"

୧୦୫। ମାଧବରାଓ ହାଜୀଙ୍କର ବାର୍ତ୍ତା ନେଇ ଆସିଥିଲେ। ସେ ଏକଥା ବର୍ଣ୍ଣନା କରୁଥିବା ସମୟରେ ବାବା ହଠାତ୍ ରାଗିଉଠି ପାଚି ଯାଇଥିଲେ।

୧୦୬। ନିଜ ହାତରେ କୋଲାମ୍ବା ଓ ପାଣିପାତ୍ରକୁ ଉଠାଇ ବାହାରକୁ ଫିଙ୍ଗି ଦେଇଥିଲେ ଓ ନିଜ ହାତକୁ କାମୁଡ଼ି ପାଟି କରି କରି ହାଜୀଙ୍କ ନିକଟକୁ ଆସିଥିଲେ।

୧୦୭। କଫନୀକୁ ଦୁଇ ହାତରେ ଉପରକୁ ଟେକି ଦେଇ ହାଜୀଙ୍କ ସମ୍ମୁଖରେ ଛିଡ଼ା ହୋଇ ପ୍ରଶ୍ନ କରିଥିଲେ, "ତୁମେ ନିଜକୁ କ'ଣ ବୋଲି ଭାବୁଛ ? ମୋ ଆଗରେ ଗର୍ବ କରୁଛ ?

୧୦୮। "ତୁମର ବୟସ ହୋଇଛି ବୋଲି ତୁମେ ବଡ଼େଇ ଦେଖଉଛ ! ତୁମେ ଏହିଭଳି କୋରାନ୍ ପଢୁଛ ! ତୁମେ ମକ୍କାକୁ ତୀର୍ଥ କରିବା ପାଇଁ ଯାଇଥିବାରୁ ଗର୍ବ କରୁଛ ! ମୁଁ କିଏ ଜାଣି ପାରୁନାହଁ ?"

୧୦୯। ଏହିଭଳି ଅନେକ ଅକଥନୀୟ ଭାଷାରେ ଗାଳି ଦେଇଥିଲେ ! ହାଜୀ ମୂକ ପାଲଟି ଯାଇଥିଲେ। ବାବା

ତା'ପରେ ପଛକୁ ବୁଲି ଫେରିଥିଲେ।
୧୧୦। ସେ ମସ୍‌ଜିଦ୍ ଅଗଣାକୁ ପଶୁଥିବା ସମୟରେ ମାଳୀର ପତ୍ନୀ ଆମ୍ବ ବିକୁଥିବାର ଦେଖିଥିଲେ। ସେ ଟୋକେଇଯାକର ଆମ୍ବ କିଣି ହାଜୀଙ୍କ ନିକଟକୁ ସାଂଗେ ସାଂଗେ ପଠାଇ ଦେଇଥିଲେ।
୧୧୧। ସେଇ ଅବସ୍ଥାରେ ଫେରିଯାଇ ପୁଣି ହାଜୀଙ୍କ ନିକଟକୁ ଯାଇଥିଲେ। ସେ ପକେଟରୁ ପଂଚାବନ ଟଙ୍କା ବାହାରକରି ହାଜୀଙ୍କ ହାତରେ ତାହାକୁ ଗଣାଇଥିଲେ।
୧୧୨। ତାହା ପରେ ସ୍ନେହ ଶ୍ରଦ୍ଧା ବଢ଼ିଥିଲା। ହାଜୀଙ୍କୁ ଖାଇବା ପାଇଁ ନିମନ୍ତ୍ରଣ କରାଯାଇଥିଲା ଓ ଉଭୟେ ପୁରୁଣା କଥାକୁ ଭୁଲି ଯାଇଥିଲେ। ହାଜୀ ଅତିଶୟ ଆନନ୍ଦିତ ହୋଇଥିଲେ।
୧୧୩। ସେ ତା'ପରେ ଚାଲି ଯାଇଥିଲେ ଓ ପରେ ପୁଣି ଥରକୁ ଥର ଆସିଥିଲେ। ବାବାଙ୍କ ସ୍ନେହର ପୂର୍ଣ୍ଣ ଆନନ୍ଦ ସେ ନେଇଥିଲେ। ବାବା ତାଙ୍କୁ ଉପହାର ହିସାବରେ ମଝିରେ ମଝିରେ କିଛି ଟଙ୍କା ଦେଉଥିଲେ।
୧୧୪। ସେ କଥା ଏବେ ଥାଉ। ଶ୍ରୀସାଇ ସମର୍ଥ ଥରେ ମେଘମାଳା ଉପରେ ତାଙ୍କର ହାକିମି ଜାହିର କରୁଥିବାର ଦେଖି ମୁଁ ଚକିତ ହୋଇଥିଲି ଓ ସେ ଇନ୍ଦ୍ରଦେବଙ୍କୁ ପ୍ରାର୍ଥନା କରୁଥିବାର ବି ମୁଁ ଦେଖିଥିଲି।
୧୧୫। ସେହି ସମୟ ଅତ୍ୟନ୍ତ ଭୟଙ୍କର ଥିଲା। ସମଗ୍ର ଆକାଶ ଘନକଳା ମେଘମାଳାରେ ଭର୍ତ୍ତି ହୋଇଯାଇଥିଲା। ପଶୁ ପକ୍ଷୀ ଡରି ଯାଇଥିଲେ। ଘୂର୍ଣ୍ଣିଝଡ଼ ପବନ ବହିବାକୁ ଆରମ୍ଭ କରିଥିଲା।
୧୧୬। ସୂର୍ଯ୍ୟ ଅସ୍ତଯାଇ ସଂଧ୍ୟା ହୋଇଥିଲା। ଘୂର୍ଣ୍ଣିଝଡ଼ ହଠାତ୍ ମାଡ଼ି ଆସିଥିଲା। ଜୋର୍‌ରେ ପବନ ବହିଥିଲା। ଅପ୍ରତିହତ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିଲା।
୧୧୭। ବଜ୍ର, ବିଜୁଳି, ପ୍ରବଳ ପବନ ସହିତ ମୂଷଳ ଧାରାରେ ବର୍ଷା ଆରମ୍ଭ ହୋଇଯାଇଥିଲା।
୧୧୮। ମୂଷଳ ଧାରାରେ ବର୍ଷା ବର୍ଷୁଥିଲା। ତୁହାକୁ ତୁହା କୁଆପଥର ଭୀଷଣ ଶବ୍ଦକରି ପଡୁଥିଲା। ଗ୍ରାମବାସୀମାନେ ଓ ଗୋରୁଗାଈ ଭୟରେ କାନ୍ଦବୋବାଳି ପକାଉଥିଲେ ଓ ପଶୁମାନଙ୍କର ରଡ଼ି ସହିତ ସେସବୁ ମିଶି ଭୟଙ୍କର ହୋ ହଲ୍ଲା ହେଉଥିଲା।
୧୧୯। ଅସହାୟ ଭିକାରୀ ଦଳ, ଗାଈବାଛୁରୀ ପ୍ରଭୃତି ଆଶ୍ରୟ ନିମିତ୍ତ ମସ୍‌ଜିଦ୍ ଓଳି ତଳକୁ ପଶି ଆସିଥିଲେ। ମସ୍‌ଜିଦ୍ ଭର୍ତ୍ତି ହୋଇଯାଇଥିଲା।
୧୨୦। ସବୁଆଡ଼େ ପାଣି ଭର୍ତ୍ତି ହୋଇଥିଲା। କୁଟା ନଡ଼ା ଇତ୍ୟାଦି ପୂରାପୂରି ଭାସି ଯାଇଥିଲା। ଖଳାରେ ଫସଲ ଗଦା ପୂରା ଓଦା ହୋଇ ଯାଇଥିଲା। ଲୋକେ ଦୁଃଖରେ ଭାଂଗି ପଡ଼ିଥିଲେ।
୧୨୧। ଗ୍ରାମବାସୀମାନେ ସମସ୍ତେ ଭୟପାଇ ବିବ୍ରତ ହୋଇ ପଡ଼ିଥିଲେ। ସେମାନେ ଆସି ମସ୍‌ଜିଦ୍‌ର ଅଗଣାରେ ଭର୍ତ୍ତି ହୋଇଯାଇଥିଲେ ଓ କେତେକ ଓଳିତଳେ ରହିଥିଲେ। ସେମାନେ ସେମାନଙ୍କର ଦୁଃଖ ବାବାଙ୍କୁ ଜଣାଇଥିଲେ।
୧୨୨। ଶିରିଡ଼ିରେ ଜଗାଇ, ଜଖାଇ, ମରିଆଇ, ଶନି, ଶଙ୍କର, ଅମ୍ବାବାଇ, ମାରୁତି, ଖଣ୍ଡୋବା, ମହାଲସାଇ ଇତ୍ୟାଦି ଦେବଦେବୀଙ୍କର ମନ୍ଦିରମାନ ରହିଥିଲା।
୧୨୩। ତଥାପି ଆପଦବିପଦ ସମୟରେ ଏମାନେ ଗ୍ରାମବାସୀମାନଙ୍କୁ କୌଣସି ପ୍ରକାର ସାହାଯ୍ୟ କରି ପାରୁନଥିଲେ। କେବଳ ଶ୍ରୀସାଇ ହିଁ ସେମାନଙ୍କୁ ସମସ୍ତ ଆପଦବିପଦରେ ସଂଗେ ସଂଗେ ଉପଯୁକ୍ତ ସାହାଯ୍ୟ କରୁଥିଲେ।
୧୨୪। ସେ ସେଥିପାଇଁ ଛେଳି କୁକୁଡ଼ାର ବଳିଦାନ କିମ୍ବା ଟଙ୍କା ପଇସାର ଦାନ ଚାହୁଁନଥିଲେ। ବିପଦକୁ ଦୂରେଇ ଦେବା ପାଇଁ ପ୍ରକୃତ ଭକ୍ତି ସେ ଚାହୁଁଥିଲେ।
୧୨୫। ଲୋକଙ୍କର ଦୁଃଖଦୁର୍ଦ୍ଦଶା ଦେଖି ମହାରାଜ ତରଳି ଯାଇଥିଲେ। ସେ ବସିବା ସ୍ଥାନ ଛାଡ଼ିଦେଇ ମସ୍‌ଜିଦ୍‌ର ଦ୍ୱାର ନିକଟରେ ଛିଡ଼ା ହୋଇ ପଡ଼ିଥିଲେ।
୧୨୬। ଆକାଶରେ ବଜ୍ରର ଗର୍ଜନ ଓ ବିଜୁଳିର ଚମକ ଲାଗି ରହିଥିଲା। ତାହାରି ମଧ୍ୟରେ ଶ୍ରୀସାଇ ଛିଡ଼ା ହୋଇ ଗଳାଫଟେଇ ଜୋରରେ ଚିତ୍କାର କରି ଉଠିଥିଲେ।
୧୨୭। ଭଗବାନ ନିଜ ଅପେକ୍ଷା ତାଙ୍କର ଭକ୍ତ ଓ ସାଧୁ ସନ୍ଥଙ୍କୁ ଅଧିକ ଭଲ ପାଇଥାନ୍ତି। ଭଗବାନ ସେମାନଙ୍କର ଡାକ ଶୁଣନ୍ତି ଓ ସେମାନଙ୍କ ମଙ୍ଗଳ ନିମନ୍ତେ ଭଗବାନଙ୍କୁ ମନୁଷ୍ୟ ଜନ୍ମ ନେବାକୁ ପଡ଼ିଥାଏ।
୧୨୮। ଭକ୍ତମାନଙ୍କର ବିନତି ଶୁଣି ଭଗବାନଙ୍କୁ ସେମାନଙ୍କର ଦୁଃଖ ଦୂର କରିବା ପାଇଁ ପଡ଼ିଥାଏ।

ଭକ୍ତମାନଙ୍କର ବିଶ୍ୱାସ ସ୍ମରଣ କରି ଭଗବାନ ସେମାନଙ୍କର ପ୍ରାର୍ଥନା ସାଙ୍ଗେ ସାଙ୍ଗେ ପୂରଣ କରିଥାନ୍ତି ।

୧୨୯ । ବାବାଙ୍କର ବିକଟ ଚିତ୍କାର ଗୋଟିକ ପରେ ଗୋଟିଏ ଆକାଶରେ ପ୍ରତିଧ୍ୱନିତ ହେଉଥିଲା । ମସ୍‌ଜିଦ୍ ଥରି ଉଠୁଥିଲା । ସମସ୍ତଙ୍କର କାନ ତାବ୍‌ଦା ହୋଇଯାଇଥିଲା ।

୧୩୦ । ପୃଥିବୀକୁ ଥରାଇ ଦେଉଥିବା ସେହି ଚିତ୍କାର ମସ୍‌ଜିଦ ଓ ମନ୍ଦିରମାନଙ୍କରେ ପ୍ରତିଧ୍ୱନି ତୋଳୁଥିଲା । ମେଘମାଳା ନିଜର ବଜ୍ର ଗର୍ଜନ ବନ୍ଦକରି ଦେଇଥିଲେ, ବର୍ଷା ମଧ୍ୟ ବନ୍ଦ ହୋଇଯାଇଥିଲା ।

୧୩୧ । ବାବାଙ୍କର ଚିତ୍କାର ଏତେ ତୀବ୍ର ଥିଲା ଯେ ସମଗ୍ର ଅଗଣାରେ ଛାଇ ହୋଇଯାଇଥିବା ଲୋକେ ଯେଉଁଠି ଠିଆ ହୋଇ ରହିଥିଲେ, ସେଇଠି କାଠପରି ଠିଆ ହୋଇ ରହିଗଲେ ଓ କେବଳ ନିଜ ନିଜ ମଧ୍ୟରେ ଫୁସ୍‌ଫାସ୍ ହୋଇ କଥାବାର୍ତ୍ତା ହେଉଥିଲେ ।

୧୩୨ । ବାବାଙ୍କର କୌଶଳ ଓ ଶକ୍ତି ଅଚିନ୍ତନୀୟ । ତାହାର ପ୍ରଭାବ ଝଡ଼ବର୍ଷା ଉପରେ ପଡ଼ିଥିଲା । ପବନ ସଂଗେ ସଂଗେ ନିୟନ୍ତ୍ରିତ ହୋଇଥିଲା ଓ କୁହୁଡ଼ି ଦ୍ୱାରା ଘେରିଆସିଥିବା ଅନ୍ଧକାର ମିଳାଇ ଯାଇଥିଲା ।

୧୩୩ । ଧୀରେ ଧୀରେ ବର୍ଷା କମିଯାଇ ପବନ ବନ୍ଦ ହୋଇ ଯାଇଥିଲା । ଆକାଶରେ ତାରା ଦେଖାଦେଇଥିଲା । ସେତେବେଳକୁ ଅନ୍ଧାର ଅପସରି ଯାଇଥିଲା ।

୧୩୪ । ପରେ ବର୍ଷା ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ପବନର ଜୋର କମିଯାଇଥିଲା । ଆକାଶରେ ଚନ୍ଦ୍ର ଦେଖାଦେଇଥିଲା । ସମସ୍ତେ ଉଲ୍ଲସିତ ହୋଇଥିଲେ ।

୧୩୫ । ଏମିତି ଦୁର୍ଦ୍ଦଶା ଦେଖି ଇନ୍ଦ୍ରଦେବ ତରଳି ଯାଇଥିଲେ ଓ ସନ୍ଥଙ୍କର କଥା ରକ୍ଷାକରିଥିଲେ । ମେଘମାଳା ବିଭିନ୍ନ ଦିଗରେ ଖେଳାଇ ହୋଇଯାଇଥିଲା, ଘୂର୍ଣ୍ଣିବାୟୁ ଶାନ୍ତ ହୋଇଥିଲା ।

୧୩୬ । ବର୍ଷା ସମ୍ପୂର୍ଣ୍ଣ ଛାଡ଼ିଯାଇ ମୃଦୁମନ୍ଦ ସମୀରଣ ବହିଥିଲା । ବଜ୍ରନାଦ ବନ୍ଦ ହୋଇଯାଇଥିବାରୁ ପଶୁପକ୍ଷୀ ସେମାନଙ୍କର ସାହସ ଫେରି ପାଇଥିଲେ ।

୧୩୭ । ଓଳିତଳୁ ବାହାରି ଆସି ଗୋରୁଗାଈ, ବାଛୁରୀ ନିର୍ଭୟରେ ବୁଲାଚଲା କରିଥିଲେ । ପକ୍ଷୀମାନେ ମଧ୍ୟ ଆକାଶରେ ଉଡ଼ିବୁଲିଥିଲେ ।

୧୩୮ । ଅଙ୍ଗେ ଲିଭେଇଥିବା ଭୟଙ୍କର ବିପଦକୁ ମନେ ପକାଇ ଲୋକମାନେ ବାବାଙ୍କୁ କୃତଜ୍ଞତା ଜଣାଇ ନିଜ ନିଜର ଘରକୁ ଫେରିଥିଲେ । ପଶୁମାନେ ମଧ୍ୟ ଶାନ୍ତିରେ ଚାଲିଯାଇଥିଲେ ।

୧୩୯ । ଶ୍ରୀସାଇ ଏହିଭଳି ଦୟାର ଅବତାର ଥିଲେ । ଭକ୍ତମାନଙ୍କ ପ୍ରତି ତାଙ୍କର ସ୍ନେହଶ୍ରଦ୍ଧା ମାତାଙ୍କର ସନ୍ତାନ ପ୍ରତି ଥିବା ମମତା ଭଳି ଥିଲା । ମୁଁ ସେହି ସ୍ନେହଶ୍ରଦ୍ଧାକୁ କିଭଳି ଭାବରେ ବର୍ଣ୍ଣନା କରିବି ?

୧୪୦ । ସେହିଭଳି ସାଇଙ୍କର ଅଗ୍ନି ଉପରେ ମଧ୍ୟ ନିୟନ୍ତ୍ରଣ ଥିଲା । ଶ୍ରୋତାଗଣ ! ଭକ୍ତି ସହିତ ଏହି ଛୋଟ କାହାଣୀକୁ ଉଦାହରଣ ହିସାବରେ ଶୁଣନ୍ତୁ । ଏହା ଶୁଣିଲେ ତାଙ୍କର ଅସୀମ କ୍ଷମତା ସମ୍ପର୍କରେ ଜାଣିପାରିବେ ।

୧୪୧ । ଥରେ ଓପରବେଳା ଧୁନିର ଅଗ୍ନି ଅନିୟନ୍ତ୍ରିତ ଭାବରେ ଜଳି ଉଠିଥିଲା । ଲେଲିହାନ ଶିଖା ଏମିତି ଦାଉ ଦାଉ ହୋଇ ଜଳୁଥିଲା ଯେ, ତାହା ପାଖରେ କିଏ ଅବା ରହି ପାରିବ ?

୧୪୨ । ଅଗ୍ନିଶିଖା ଉପରକୁ ଉଠି କାଠକଡ଼ି ପାଖରେ ପହଂଚି ଯାଇଥିଲା । ଅଗି ଜଳିବା ଭଳି ମସ୍‌ଜିଦ୍ ଅଳ୍ପ ସମୟ ମଧ୍ୟରେ ଜଳିପୋଡ଼ି ପାଉଁଶ ହୋଇଯିବ ବୋଲି ଆଶଙ୍କା ଉପୁଜିଥିଲା ।

୧୪୩ । ସମସ୍ତେ ଏହିଭଳି ଆଶଙ୍କା କରି ଚିନ୍ତାଗ୍ରସ୍ତ ଥିବା ସମୟରେ ବାବା ଅବିଚଳିତ ଥିଲେ । ବାବାଙ୍କର ଏଥିରେ ହେଉଥିବା କ୍ଷତିକୁ ସମସ୍ତେ ତଟସ୍ଥ ହୋଇ ଚାହିଁ ରହିଥିଲେ ।

୧୪୪ । ଜଣେ ପଚାରିଥିଲେ, “ପାଣି ଆଣିବା କି ?” ଅନ୍ୟ ଜଣେ କହିଥିଲେ, “କିଏ ଢାଳିବ ? ସେଠି ପାଖକୁ ଯାଇ ମୁଣ୍ଡରେ କିଏ ସଟ୍‌କା ମାଡ଼ ଖାଇବ ?”

୧୪୫ । ସମସ୍ତେ ବିଚଳିତ ହେଉଥିଲେ ମଧ୍ୟ ସାହସ କରି କେହି ପଚାରି ପାରୁନଥିଲେ । ଏହି ସମୟରେ ବାବା କିଛି ଗୋଟାଏ କରିବାକୁ ଯାଇଥିଲେ ଓ ତାଙ୍କର ସଟ୍‌କାକୁ ହାତରେ ଧରିଥିଲେ ।

୧୪୬ । ଅଗ୍ନିର ଲେଲିହାନ ଶିଖାକୁ ଦେଖି ସେ ତାଙ୍କର ସଟ୍‌କା ଧରି ବାରମ୍ବାର ଜୋରରେ ବାଡ଼େଇଥିଲେ ଓ ଚିତ୍କାର କରିଥିଲେ, “ଓହ୍ଲା, ତଳକୁ ଆ !”

୧୪୭ । ଧୁନି ନିକଟରୁ ହାତେ ଦୂରରେ ରହି ସେ ସ୍ତମ୍ଭକୁ

ଜୋରରେ ପିଟୁଥାନ୍ତି ଓ ଜ୍ୱଳନ୍ତ ଶିଖାକୁ ଚାହିଁ କହୁଥାନ୍ତି, "ଶାନ୍ତ ହୁଅ, ଶାନ୍ତ ହୁଅ !"

୧୪୮। ପ୍ରତ୍ୟେକ ଥର ମାଡ଼ ସହିତ ଅଗ୍ନିଶିଖା କମି କମି ଆସୁଥିଲା। ଧୁନି ଶାନ୍ତ ହୋଇ ଯାଇଥିଲା ଓ ଭୟ ଦୂର ହୋଇଥିଲା।

୧୪୯। ଶ୍ରୀସାଇ ଏହିଭଳି ଭଗବାନଙ୍କ ଅବତାର, ସନ୍ଥ ଶ୍ରେଷ୍ଠ ଥିଲେ। ଆପଣ ତାଙ୍କ ପଦତଳେ ମୁଣ୍ଡ ରଖିଲେ ସେ ତାଙ୍କର ବରଦହସ୍ତ ଆପଣଙ୍କ ମୁଣ୍ଡ ଉପରେ ରଖିବେ।

୧୫୦। ଏହି ଅଧ୍ୟାୟକୁ ବିଶ୍ୱାସ ଓ ଭକ୍ତି ସହକାରେ ଯିଏ ମନଧ୍ୟାନ ଦେଇ ନିୟମିତ ପଢ଼ିବେ, ତାଙ୍କର ପଢ଼ାଶେଷ ହେବାପରେ ତାଙ୍କର ସମସ୍ତ ସମସ୍ୟା ଦୂର ହୋଇଯିବ।

୧୫୧। ମୁଁ ଆଉ ଅଧିକ କ'ଣ କହିବି ? ମନକୁ ଶୁଦ୍ଧପୂତ କରି ସନ୍ଦେହ ନରଖି ଶ୍ରୀସାଇଚରିତ ପାରାୟଣ କରନ୍ତୁ। ଆପଣ ସନାତନ ବ୍ରହ୍ମଙ୍କୁ ପାଇ ପାରିବେ।

୧୫୨। ଅସାଧ୍ୟକୁ ସାଧ୍ୟ କରନ୍ତୁ। ଅବଶେଷରେ କାମନା ବାସନାଶୂନ୍ୟ ହୋଇଯିବେ। କଠୋର ଚତୁଃବିଧ ମୁକ୍ତି ସାଧନ କରନ୍ତୁ ଓ ନିରନ୍ତର ଶାନ୍ତି ଲାଭ କରିବେ ।

୧୫୩। ସେ ଯାହା ହେଉ, ଯେଉଁ ଭକ୍ତଗଣ ପରମାର୍ଥ ଆନନ୍ଦ ଓ ପ୍ରକୃତ ଜ୍ଞାନ ଲାଭ କରିବାକୁ ଆଗ୍ରହୀ, ସେମାନେ ଭକ୍ତି ସହକାରେ ଏହି ଅଧ୍ୟାୟକୁ ବାରମ୍ବାର ପାଠକରିବା ଉଚିତ୍।

୧୫୪। ପଢ଼ିଲେ ମନ ପବିତ୍ର ହୋଇଯିବ। କାହାଣୀଗୁଡ଼ିକୁ ମନନ କଲେ ଆଧ୍ୟାତ୍ମିକ ଦିଗକୁ ମତି ବଳିବ। ଯାହା ଚାହିଁବେ ତାହା ମିଳିବ। ଅଶୁଭ ଓ ଅବାଞ୍ଛନୀୟ ବିଷୟ ବିନଷ୍ଟ ହୋଇଯିବ। ବାବାଙ୍କୁ ବ୍ୟକ୍ତିଗତ ଭାବରେ ଅନୁଭବ କରିପାରିବ।

୧୫୫। ହେମାଡ଼ପନ୍ତ ଶ୍ରୀସାଇଙ୍କର ଶରଣାଗତ । ପରବର୍ତ୍ତୀ ଅଧ୍ୟାୟ ଭାରି ପବିତ୍ର । ସେହି ଅଧ୍ୟାୟରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ସମ୍ପର୍କ, ଗୁରୁପୁତ୍ରଙ୍କ ଦ୍ୱାରା ସନ୍ଥ ଗୋଲାପ ଦର୍ଶନ ବିଷୟ ବର୍ଣ୍ଣନା କରାଯିବ ।

୧୫୬। ଯେଉଁ ପ୍ରକାର ପରିସ୍ଥିତି ହେଲେ ମଧ୍ୟ ଶିଷ୍ୟ ଗୁରୁଦେବଙ୍କୁ ତ୍ୟାଗ କରିବ ନାହିଁ। ଶ୍ରୀସାଇ ଏ ସମ୍ବନ୍ଧରେ ସୁନିର୍ଦ୍ଦିଷ୍ଟ ଅଭିଜ୍ଞତା ଦେଇ ବିଶ୍ୱାସକୁ ଦୃଢ଼ୀଭୂତ କରିଛନ୍ତି ।

୧୫୭। ଯେଉଁ ଭକ୍ତମାନେ ଆସି ଶରଣାଗତ ହୋଇଛନ୍ତି, ସମସ୍ତେ ଭିନ୍ନ ଭିନ୍ନ ରୂପରେ ଅନନ୍ୟ ଦର୍ଶନ ଲାଭ କରିଛନ୍ତି ଓ ସେମାନଙ୍କର ବିଶ୍ୱାସ ଦୃଢ଼ୀଭୂତ ହୋଇଛି।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇଙ୍କ ମହିମାର ବର୍ଣ୍ଣନା" ଶୀର୍ଷକ ଏକାଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଏକାଦଶ ଥର ଶିବସ୍ତୋତ୍ର ପାଠ ।

୨- ଗୁଆ, ଲବଙ୍ଗ, କସ୍ତୁରୀ, ଚୂନ, ଜାଇପତ୍ରୀ,ଗୁଜୁରାତି, ଅଳେଇଚ, ଶୁଖିଲା ନଡ଼ିଆ, ଜାଫ୍ରାନ କେଶର, କର୍ପୂର, ଜାଇଫଳ, କାଙ୍କୋଳ, ପେସ୍ତାବାଦାମ।

୩- ଛାଠିଏ ପ୍ରକାରର ସ୍ୱାଦିଷ୍ଟ ଖାଦ୍ୟ।

୪- ଶିରିଡ଼ିରେ ଦୁଇଟି ଚାଓ୍ୱଡ଼ି ଅଛି। ଗୋଟିଏ ଉତ୍ତର ଦିଗକୁ ମୁଖ କରିଥିବା ସମୟରେ ଅନ୍ୟଟି ଦକ୍ଷିଣ ଦିଗକୁ ମୁଖ କରିଛି । ପରସ୍ପରର ସାମ୍ନାସାମ୍ନି ଅବସ୍ଥିତ।

୫- ଯେଉଁ ମାଟିପାତ୍ରରେ ବାବା ଭିକ୍ଷାମାଗି ଆଣିଥିବା ଖାଦ୍ୟପଦାର୍ଥ ଓ ନୈବେଦ୍ୟ ଭାବରେ ବଢ଼ାଯାଇଥିବା ଦ୍ରବ୍ୟ ରଖାଯାଇଥାଏ।

୬- ଦେବତାଙ୍କର ରାଜା ଦେବେନ୍ଦ୍ର । ତାଙ୍କରି ଇଛାରେ ବର୍ଷାହୁଏ ବୋଲି କୁହାଯାଏ।

ଅଗ୍ନିର ଲେଲିହାନ ଶିଖାକୁ ଦେଖି ସେ ତାଙ୍କର ସଟ୍‌କା ଧରି ତଳେ ବାରମ୍ବାର ଜୋରରେ ବାଡ଼େଇଥିଲେ ଓ ଚିତ୍କାର କରିଥିଲେ, 'ଓହ୍ଲା, ତଳକୁ ଆ !" (୧୧ଶ ଅଧ୍ୟାୟ, ପଂକ୍ତି-୧୪୬)

ଧୁନି ନିକଟରୁ ହାତେ ଦୂରରେ ରହି ସେ ସ୍ତମ୍ଭକୁ ଜୋରରେ ପିଟୁଥାନ୍ତି ଓ ଜ୍ୱଳନ୍ତ ଶିଖାକୁ ଚାହିଁ କହୁଥାନ୍ତି, "ଶାନ୍ତ ହୁଅ, ଶାନ୍ତ ହୁଅ !" (୧୧ଶ ଅଧ୍ୟାୟ, ପଂକ୍ତି-୧୪୭)

॥୧୨॥

ଶ୍ରୀରାମ ଓ ଗୋଲାପ ସ୍ୱାମୀ ଦର୍ଶନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀ ସଦ୍‌ଗୁରୁ ସାଇନାଥ। ମୁଁ ଆପଣଙ୍କ ପାଦତଳେ ମୁଣ୍ଡିଆ ମାରୁଛି। ଆପଣ ଅପରିବର୍ତ୍ତନୀୟ, ସନାତନ ଓ ଆପଣହିଁ ପୂର୍ଣ୍ଣ ବ୍ରହ୍ମ। ଆପଣଙ୍କର ଶରଣାଗତଙ୍କୁ କୃପା କରନ୍ତୁ।

୨। ଆପଣ ସଚ୍ଚିଦାନନ୍ଦ, ପରମାନନ୍ଦର ଗନ୍ତାଘର, ସାଂସାରିକ ଜଂଜାଳପ୍ରପୀଡ଼ିତଙ୍କୁ ସୁଖପ୍ରଦାୟକ, ଅଦ୍ୱୈତ ଜ୍ଞାନ ବଳରେ ଦ୍ୱୈତଭାବ ବିନାଶକ ଓ ନିର୍ବୋଧଙ୍କର ସହାୟକ ଅଟନ୍ତି।

୩। ଅଭିଜ୍ଞ ଓ ଭାଗ୍ୟବାନ ଭକ୍ତଗଣ ଆପଣଙ୍କର ସୁଖ୍ୟାତିକୁ ଦିଗବିଦିଗରେ ପ୍ରଚାର ଓ ପ୍ରସାର କରୁଛନ୍ତି।

୪। ସାଧୁମାନଙ୍କୁ ସୁରକ୍ଷା ପ୍ରଦାନ ଓ ଦୁଷ୍ଟଦଳନ ପାଇଁ ଭଗବାନ ପୃଥିବୀ ପୃଷ୍ଠରେ ଅବତରଣ କରିଥାନ୍ତି। ସନ୍ଥମାନଙ୍କର କାର୍ଯ୍ୟ ଅବଶ୍ୟ ଭିନ୍ନ ଧରଣର।

୫। ସନ୍ଥମାନଙ୍କ ନିମନ୍ତେ ସାଧୁ ଓ ଦୁଷ୍ଟ ଉଭୟେ ସମାନ। ସେମାନେ ସାନବଡ଼ ଭେଦଭାବ ଜାଣନ୍ତି ନାହିଁ। ଉଭୟେ ସେମାନଙ୍କ ପାଇଁ ସମାନ।

୬। ସନ୍ଥମାନେ ଭଗବାନଙ୍କ ତୁଳନାରେ ବଡ଼। ସେମାନେ ଦୁଷ୍କୃତକାରୀଙ୍କୁ ଠିକ୍ ବାଟ ଦେଖାଇଥାନ୍ତି। ଦୁଃଖଦୁର୍ଦ୍ଦଶା ଦେଖିଲେ ସେମାନଙ୍କର ହୃଦୟ ପ୍ରେମ ଓ ଦୟାରେ ବିଗଳିତ ହୋଇଯାଏ ।

୭। ଭବସାଗର ନିମନ୍ତେ ସେମାନେ ଅଗସ୍ତି ଋଷିଂ ସ୍ୱରୂପ। ସେମାନେ ସୂର୍ଯ୍ୟଙ୍କ ଭଳି ଅଜ୍ଞାନ ଅନ୍ଧକାରକୁ ତଡ଼ି ଦେଇଥାନ୍ତି। ସେମାନଙ୍କ ମଧ୍ୟରେ ଭଗବାନ ରହିଥାନ୍ତି। ସାରକଥାରେ ସେମାନେ ଏକ ଓ ଅଭିନ୍ନ ।

୮। ମୋ ସାଇ ସେହିପରି ଜଣେ। ସେ ଜ୍ଞାନର ମୂର୍ତ୍ତିରୂପ, ତାଙ୍କ ମଧ୍ୟରେ ଦିବ୍ୟଜ୍ୟୋତି ଦୃଢ଼ ଭାବରେ ଅବସ୍ଥାପିତ ହୋଇଅଛି। ସେ ଭକ୍ତମାନଙ୍କ ନିମନ୍ତେ ଅବତରିଛନ୍ତି ।

୯। ଜୀବନ୍ତ ପ୍ରାଣୀମାନଙ୍କ ନିମନ୍ତେ ତାଙ୍କର ଅଗାଧ ପ୍ରେମ ଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ଅନାସକ୍ତ ଥିଲେ। ତାଙ୍କର ଶକ୍ତି ରହିଥିଲେ ମଧ୍ୟ ତାହାକୁ ସେ ବେଖାତିର କରୁଥିଲେ। ତାଙ୍କର କାହାରି ପ୍ରତି ଘୃଣା ବା ଦ୍ୱେଷ ନଥିଲା ଓ ସେ ସମସ୍ତଙ୍କୁ ସମାନ ବ୍ୟବହାର କରୁଥିଲେ।

୧୦। ତାଙ୍କର କାହାରି ପ୍ରତି ବନ୍ଧୁଭାବ କିମ୍ବା ଶତ୍ରୁଭାବ ନଥିଲା। ସେ ରାଜା ଓ ରଙ୍କଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ଶ୍ରୀସାଇ ଏହିଭଳି ଉଦାରଚେତା ଥିଲେ। ସେହି ମହାମହିମ ଶ୍ରୀସାଇଙ୍କ କଥା ଶୁଣନ୍ତୁ !

୧୧। ସନ୍ଥମାନେ ସେମାନଙ୍କର ଭକ୍ତମାନଙ୍କୁ ଶ୍ରଦ୍ଧାକରି ନିଜର ଯୋଗ୍ୟତାର ଭଣ୍ଡାରକୁ ବ୍ୟବହାର କରିଥାନ୍ତି। ସେମାନେ ଭକ୍ତମାନଙ୍କର ମଙ୍ଗଳ ପାଇଁ କୂଅପୋଖରୀ, ଉପତ୍ୟକା ଓ ପାହାଡ଼ପର୍ବତ ଲଙ୍ଘିଥାନ୍ତି।

୧୨। ଅଜ୍ଞାନୀମାନେ ପରମାର୍ଥ କ'ଣ ବୁଝି ପାରିନଥାନ୍ତି। ସେମାନେ ସ୍ତ୍ରୀ, ପିଲା ପରିବାର ଓ ଧନସମ୍ପତ୍ତି ସହିତ କେବଳ ଜଡ଼ିତ ଥାଆନ୍ତି। ଯିଏ ବୁଝନ୍ତି ନାହିଁ, ସେମାନଙ୍କୁ ଏକାକୀ ଛାଡ଼ିଦିଅ।

୧୩। ଅନଭିଜ୍ଞ ଓ ନିରୀହମାନଙ୍କର ଯତ୍ନ ଭଗବାନ ଦୟାକରି ନେଇଥାନ୍ତି। ଯେଉଁମାନେ ଭଗବାନଙ୍କ ନିକଟରୁ ଦୂରେଇ ଯାଇଥାନ୍ତି, ସେମାନଙ୍କ ମନ ଭିତରେ ଗର୍ବ ଭରି ରହିଥାଏ।

୧୪। ସନ୍ଥ ଅଜ୍ଞାନଙ୍କୁ ଭଲପାଇ ଦୟାକଲେ, ତାଙ୍କ ମନ ମଧ୍ୟରେ ଅତ୍ୟଧିକ ବିଶ୍ୱାସ ଉତ୍ପନ୍ନ ହୋଇ ଜ୍ଞାନ ଦ୍ୱାରା ଗର୍ବ ମୂଲ୍ୟହୀନ ହୋଇଯାଏ।

୧୫। ବୋକା ପ୍ରଚାରକଗଣ ନିଜର ନିରସ ଜ୍ଞାନ ପାଇଁ ଅଯଥା ଗର୍ବ କରିଥାନ୍ତି। ସେମାନେ ଭକ୍ତିର ମାର୍ଗକୁ ତିରସ୍କାର କରିଥାନ୍ତି ଓ ଭକ୍ତଙ୍କର ସଂଗ ବର୍ଜନ କରିଥାନ୍ତି।

୧୬। ଜାତିଆଣ ଭେଦଭାବ ଓ ପରସ୍ପର ସମ୍ପର୍କ ନେଇ ଉଠୁଥିବା ତୁମୁଳ ଆଲୋଡ଼ନ ଓ ବିଦ୍ରୋହ ତଥା ଉଚ୍ଚଜାତିର ମିଥ୍ୟା ଅହମିକାର ଆବଶ୍ୟକତା ନାହିଁ। ଚାରିବର୍ଣ୍ଣ ବା ଧର୍ମ ନେଇ ଉପୁଜୁଥିବା ଗଣ୍ଡଗୋଳରେ ପକ୍ଷଭୁକ୍ତ ହୁଅନାହିଁ। ପ୍ରଚଳିତ ଧର୍ମମତର ବିରୋଧୀ ପଣ୍ଡିତ ବୋଲାଅ ନାହିଁ।

୧୭। ବେଦବେଦାନ୍ତରେ ଜ୍ଞାନୀମାନଙ୍କ ନିମନ୍ତେ କିମ୍ବା ନିଜର ଜ୍ଞାନ ପାଇଁ ବହୁତ ଗର୍ବ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅବସ୍ଥା ଆଶାଜନକ ନୁହେଁ । ଏହା ଭକ୍ତିମାର୍ଗରେ ଅନ୍ତରାୟ ହୁଏ ।

୧୮। ଜଣେ ଅଜ୍ଞାନ ନିଜର ବିଶ୍ୱାସ ବଳରେ ଭବସାଗରକୁ ଅତିକ୍ରମ କରିପାରେ। କିନ୍ତୁ ଜଣେ ଶାସ୍ତ୍ରଜ୍ଞାନୀର ଦୁର୍ବୋଧତା କାରଣରୁ ତା' ପକ୍ଷରେ ସେଭଳି ସୁଯୋଗ ରହେନାହିଁ।

୧୯। ଅଜ୍ଞାନଙ୍କ ଅଯୋଗ୍ୟତା ଦୂର ହେବ ତଥା ଜ୍ଞାନ-ଗର୍ବୀଙ୍କର ସନ୍ଦେହଜନିତ ସମସ୍ୟା ସମାଧାନ ହେବ ଓ ଶୁଦ୍ଧ ମନ ଜନ୍ମନେବ, ଯଦି ସେମାନେ ସନ୍ଥମାନଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖି ଶରଣାଗତ ହେବେ।

୨୦। ସେ ଯାହାହେଉ, ଭାଗ୍ୟବଳରୁ ଥରେ ଗୋଟିଏ ବିଚିତ୍ର ଘଟଣା ଘଟିଥିଲା। ଜଣେ ନୈଷ୍ଠିକ ବ୍ରାହ୍ମଣଙ୍କ ଭାଗ୍ୟରେ ସାଇଦର୍ଶନର ବିରଳ ସୁଯୋଗ ଜୁଟିଥିଲା।

୨୧। ତାଙ୍କର ଉଦ୍ଦେଶ୍ୟ ଭିନ୍ନ ଥିଲା। ଦିବ୍ୟ ସଂଯୋଗବଶତଃ ସେ ଶିରିଡ଼ି ଆସିବାର ସୁଯୋଗ ପାଇଥିଲେ ଓ ନିଜ ଗୁରୁଙ୍କ ଦର୍ଶନ ଲାଭ କରିଥିଲେ।

୨୨। ଗୁରୁଶିଷ୍ୟଙ୍କର ମହନୀୟତା ସମ୍ବନ୍ଧରେ ଏହି କୌତୂହଳଜନକ କାହାଣୀ ଶୁଣନ୍ତୁ।

୨୩। ନାସିକର ମୁଳେ ଶାସ୍ତ୍ରୀ ନାମକ ଧାର୍ମିକ, ନୈଷ୍ଠିକ ଓ ଅଗ୍ନିହୋତ୍ରୀ[୨] ବ୍ରାହ୍ମଣ ନିଜର ପୂର୍ବ ଧର୍ମବଳ ଯୋଗୁଁ ଥରେ ଶିରିଡ଼ି ଆସିଥିଲେ।

୨୪। ସେଭଳି ଧର୍ମବଳ ନଥିଲେ ଶିରିଡ଼ିରେ କେହି ମୁହୂର୍ତ୍ତେ ରହିପାରିବେ ନାହିଁ। ନିଜର ଯେତେ ବଳବତୀ ଇଚ୍ଛା ଥିଲେ ମଧ୍ୟ ବାବାଙ୍କର ଇଚ୍ଛାହିଁ ବଳବତ୍ତର ରହିଥାଏ।

୨୫। କେହି ଭାବି ପାରନ୍ତି, 'ମୁଁ ସେଠାକୁ ଯାଇ ଯେତେଦିନ ଇଚ୍ଛା ରହିବି'। ମାତ୍ର ତାଙ୍କର ଇଚ୍ଛା ଉପରେ କିଛି ନିର୍ଭର କରିବ ନାହିଁ, କାରଣ ସେ ସମ୍ପୂର୍ଣ୍ଣ ଭାବରେ ବାବାଙ୍କ ଦ୍ୱାରା ନିୟନ୍ତ୍ରିତ।

୨୬। 'ମୁଁ', 'ମୁଁ' କହୁଥିବା ବହୁ ଆତ୍ମଶ୍ଳାଘୀ ଏଭଳି ନିଷ୍ପତ୍ତି ନେବାପରେ ଅପଦସ୍ଥ ହୋଇଛନ୍ତି। ବାବା ମୁକ୍ତ ପୁରୁଷ ଥିଲେ।

୨୭। ଆମ ପାଳି ନପଡ଼ିବା ପର୍ଯ୍ୟନ୍ତ ବାବା ଆମ କଥା ଭାବନ୍ତି ନାହିଁ। ତାଙ୍କର ସଦ୍‌ଗୁଣ ସମ୍ବନ୍ଧରେ ଆମେ ଶୁଣୁ ନଥିବା ବେଳେ ତାଙ୍କୁ ଦର୍ଶନ କରିବାର ଇଚ୍ଛା ଆସିବ ବା କେଉଁଠୁ ?

୨୮। ଅନେକେ ଶ୍ରୀସାଇ ସମର୍ଥଙ୍କର ଦର୍ଶନ ନିମିତ୍ତ ଯିବାକୁ ଇଚ୍ଛା କରିଥିଲେ ମଧ୍ୟ ଶ୍ରୀସାଇଙ୍କର ନିର୍ବାଣ[୩] ପର୍ଯ୍ୟନ୍ତ ସେମାନଙ୍କୁ ସେହି ସୁଯୋଗ ମିଳିନଥିଲା।

୨୯। ବାରମ୍ବାର ଶିରିଡ଼ିଯାତ୍ରା ଗଡ଼ାଇ ଚାଲିବା ଓ ସ୍ଥଗିତ ରଖିବା କାରଣରୁ ଅନେକେ ଦେଖିଥିଲେ ଯେ ବହୁତ ଡେରି ହୋଇଗଲା, ଯେହେତୁ ଏହା ଭିତରେ ବାବା ଚାଲିଗଲେ।

୩୦। ସେମାନେ ଶିରିଡ଼ିଯାତ୍ରା ଆଜିରୁ କାଲିକୁ, ଏହିପରି ଗଡ଼ାଇ ଚାଲିଥିଲେ। ଶେଷରେ ସେମାନେ ବାବାଙ୍କୁ ମୁହାଁମୁହିଁ ସାକ୍ଷାତ କରିବାର ସୁଯୋଗରୁ ବଂଚିତ ହୋଇ ସେଥିପାଇଁ ପଶ୍ଚାତାପ କରିଥିଲେ। ସାକ୍ଷାତ ଦର୍ଶନ ସବୁଦିନ ନିମନ୍ତେ ହଜି ଯାଇଥିଲା।

୩୧। ଏହିଭଳି ଲୋକମାନଙ୍କର ବ୍ୟାକୁଳ ଆଶା, ଏହି କାହାଣୀଗୁଡ଼ିକୁ ବିଶ୍ୱାସ ଓ ଭକ୍ତି ସହକାରେ ଶୁଣିଲେ କିଛି

ପରିମାଣରେ ପୂରଣ ହେବ। ଅର୍ଦ୍ଧ ଲାଭରେ ସେମାନଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିବ।

୩୨। ଯେଉଁମାନେ ଠିକ୍ ସମୟରେ ଯାଇ ବାବାଙ୍କର ଦର୍ଶନ ଓ ପଦସ୍ପର୍ଶର ସୁଯୋଗ ନିଜର ସୌଭାଗ୍ୟରୁ ଲାଭ କରି ସନ୍ତୁଷ୍ଟ ହୋଇଥିଲେ, ସେମାନେ କ'ଣ ନିଜ ଇଚ୍ଛାରେ ସେଠାରେ ରହି ପାରୁଥିଲେ ? ବାବା ସେମାନଙ୍କୁ ଅନୁମତି ଦେଉଥିଲେ।

୩୩। ନିଜ ଇଚ୍ଛାରେ ସେଠାକୁ କେହି ଯାଇ ପାରୁନଥିଲେ କିମ୍ବା ରହି ପାରୁନଥିଲେ। ଅନୁମତି ପାଇଲେ ରହୁଥିଲେ ଓ ଚାଲିଯିବାକୁ କହୁଥିଲେ ଫେରୁଥିଲେ।

୩୪। ଥରେ କାକା ମହାଜନୀ ବମ୍ବେଇରୁ ଶିରିଡ଼ି ଯାଇଥିଲେ। ସେ ସେଠାରେ ସପ୍ତାହେ ଖଣ୍ଡେ ରହି ଫେରିବାର ଇଚ୍ଛା ରଖିଥିଲେ।

ଲକ୍ଷ୍ମଣ ଗଣେଶ
ଓରଫ୍ କାକା ମହାଜନୀ

୩୫। ସେତେବେଳେ କୃଷ୍ଣ ଜନ୍ମୋତ୍ସବ ପର୍ବ ଥିଲା। ଚାଓ୍ଵଡ଼ିକୁ ସୁନ୍ଦର ଭାବରେ ସଜାଇ ଦିଆଯାଇଥିଲା। ବାବାଙ୍କ ସମ୍ମୁଖରେ ଦୋଳି ଟଙ୍ଗା ଯାଇଥିଲା ଓ ଭକ୍ତମାନେ ଆନନ୍ଦରେ ନାଚୁଥିଲେ।

୩୬। କାକା ଶିରିଡ଼ିରେ ଗୋକୁଳାଷ୍ଟମୀ ଉତ୍ସବ ସମୟରେ ପହଞ୍ଚିଥିଲେ ଓ ମେଳା ଦେଖି ଉପଭୋଗ କରିବାର ଆଶା ରଖିଥିଲେ।

୩୭। ପହଞ୍ଚିବା ସଙ୍ଗେ ସଙ୍ଗେ ବାବାଙ୍କ ଦର୍ଶନ କରିବାକୁ ଯାଇଥିବା ସମୟରେ ତାଙ୍କୁ ବାବା ପଚାରିଥିଲେ, "ଘରକୁ କେବେ ଫେରିବ ?" ଏ ପ୍ରଶ୍ନ ଶୁଣି କାକା ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।

୩୮। କାକା ପ୍ରଥମ ଦର୍ଶନ ସମୟରେ ଏଭଳି ପ୍ରଶ୍ନ ଶୁଣି ବିସ୍ମିତ ଓ ବିଚଳିତ ହୋଇ ପଡ଼ିଥିଲେ। କାରଣ ସେ ଶିରିଡ଼ିରେ ଆଠଦିନ ରହିବା ପାଇଁ ଚାହୁଁଥିଲେ।

୩୯। ବାବା ନିଜେ ପଚାରିବାରୁ କାକା ଉତ୍ତର ଦେବାପାଇଁ ବାଧ୍ୟ ହୋଇଥିଲେ। ବାବା ଉତ୍ତରଟି କହିଦେବାପରି ସେ କହିଥିଲେ।

୪୦। "ବାବା ଅନୁମତି ଦେଲେ, ମୁଁ ଘରକୁ ଫେରିବି।" କାକା ଏକଥା କହିବାପରେ ବାବା କହିଥିଲେ, "କାଲି ଚାଲିଯାଅ !"

୪୧। ବାବାଙ୍କ ଆଦେଶକୁ ଶିରୋଧାର୍ଯ୍ୟ କରି, ଗଭୀର ଭକ୍ତି ସହକାରେ ତାଙ୍କୁ ମୁଣ୍ଡିଆ ମାରି ଅଷ୍ଟମୀ ଉତ୍ସବ ଚାଲିଥିବା ସତ୍ତ୍ୱେ ସେଦିନ କାକା ଚାଲି ଆସିଥିଲେ।

୪୨। ସେ ସହରକୁ ଫେରି ଆସି ଅଫିସ୍ ଯାଇଥିଲେ ଓ ଦେଖିଥିଲେ ଯେ ତାଙ୍କର ଫେରିବା ବାଟକୁ ମାଲିକ ଉତ୍କଣ୍ଠାର ସହିତ ଚାହିଁ ରହିଥିଲେ।

୪୩। ମୁନିମ୍‌ଙ୍କ ଦେହ ହଠାତ୍ ଖରାପ ହୋଇଯିବାରୁ ମାଲିକ କାକାଙ୍କୁ ଲୋଡୁଥିଲେ। କାକାଙ୍କୁ ଡକାଇ ପଠାଇ ସେ ଶିରିଡ଼ିକୁ ଚିଠିଟିଏ ବି ପଠାଇ ସାରିଥିଲେ।

୪୪। କାକା ଶିରିଡ଼ି ଛାଡ଼ି ଦେଇଥିବାର ଜାଣି ଡାକପିଅନ ଚିଠିଟିକୁ ବମ୍ବେଇ ଠିକଣାରେ ପୁନଃପ୍ରେରଣ କରିଥିଲେ ଓ କାକା ତାହାକୁ ତାଙ୍କ ଘରେ ପାଇଥିଲେ।

୪୫। ଏବେ ବର୍ଣ୍ଣିତ ଏହି ଘଟଣାର ପୂରା ବିପରୀତ ଅନ୍ୟ ଏକ ଘଟଣା ଶୁଣନ୍ତୁ। ଭକ୍ତମାନେ ନିଜର ଭଲମନ୍ଦ ଜାଣିପାରୁନଥିବା ସମୟରେ ସାଇବାବା ତାହାକୁ ଭଲ ଭାବରେ ଜାଣୁଥିଲେ।

ଭାଉସାହେବ ଧୂମାଲ

୪୬। ନାସିକ୍‌ର ଜଣାଶୁଣା ଓକିଲ ଭାଉସାହେବ ଧୂମାଲ ବାବାଙ୍କର ଏକନିଷ୍ଠ ଭକ୍ତ ଥିଲେ। ସେ ଥରେ ବାବାଙ୍କ ଦର୍ଶନ ନିମିତ୍ତ ଆସିଥିଲେ।

୪୭। ସେ ତରବରରେ ଦର୍ଶନ ସାରିଦେଇ, ବାବାଙ୍କ ପାଦତଳେ ମୁଣ୍ଡିଆ ମାରି, ଉଦି ଓ ଆଶୀର୍ବାଦ ନେଇ ଫେରିଯିବାକୁ ବସିଥିଲେ।

୪୮। ତାଙ୍କର ଫେରିବା ବାଟରେ ସେ ନିଫାଡ଼ରେ ରହିବାର ଥିଲା। ଗୋଟିଏ ମାମଲାର ଶୁଣାଣି ପାଇଁ ତାଙ୍କର ସେଠାକୁ ଯିବାର ଆବଶ୍ୟକତା ଥିଲା।

୪୯। ତାଙ୍କର ଏହିଭଳି ଯୋଜନା ରହିଥିଲା, କିନ୍ତୁ ଭୁଲ ଠିକ୍ କ'ଣ ବାବା ଜାଣିଥିଲେ। ସେ ଫେରିବା ପାଇଁ ଅନୁମତି ଭିକ୍ଷା କରିବା ସମୟରେ ବାବା ମନା କରିଥିଲେ।

୫୦। ବାବା ତାଙ୍କୁ ସପ୍ତାହେ କାଳ ଅଟକାଇ ରଖିଥିଲେ। ଯିବା ପାଇଁ ଆଦୌ ଅନୁମତି ଦେଇନଥିଲେ। ମାମଲାର ଶୁଣାଣି ଘୁଂଚି ଯାଇଥିଲା। ଏଭଳି ତିନିଥର ହୋଇଥିଲା।

୫୧। ଧୂମାଲଙ୍କୁ ସପ୍ତାହକରୁ ଅଧିକ ସମୟ ଅଟକାଇ

ଦିଆଯାଇଥିଲା । ମାମଲାର ଶୁଣାଣି ଦିନ ବିଚାରପତି ଅସୁସ୍ଥ ହୋଇପଡ଼ିଥିଲେ ।

୫୨ । ବିଚାରପତିଙ୍କ ଜୀବନ କାଳରେ ଏଭଳି ପେଟ ଯନ୍ତ୍ରଣା କେବେ ହୋଇନଥିଲା । ଶୁଣାଣି ସ୍ୱାଭାବିକ ଭାବରେ ଘୁଂଚାଇ ଦିଆଯାଇଥିଲା ଓ ଧୂମାଲଙ୍କର ସମୟ ଫଳପ୍ରଦ ଭାବରେ କଟିଥିଲା ।

୫୩। ଏହିପରି ଭାବରେ ଧୂମାଲ ଶ୍ରୀସାଇଙ୍କର ସଙ୍ଗସୁଖ ଉପଭୋଗ କରିଥିଲେ । ମହକିଲଙ୍କର ଚିନ୍ତା ମଧ୍ୟ ଚାଲିଯାଇଥିଲା । ଏହା ବିନା ଚେଷ୍ଟାରେ ଶ୍ରୀସାଇଙ୍କ ପ୍ରତି କେବଳ ବିଶ୍ୱାସ ଯୋଗୁହିଁ ଘଟିଥିଲା ।

୫୪ । ଠିକ୍ ସମୟରେ ଧୂମାଲ ଯିବା ନିମନ୍ତେ ଅନୁମତି ପାଇଥିଲେ । ତାଙ୍କର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇଥିଲା । ଶ୍ରୀସାଇଙ୍କ ଲୀଳା ଅଦ୍ଭୁତ !

୫୫ । ମାମଲାର ଶୁଣାଣି ଚାରିମାସ ଧରି ଚାଲିଥିଲା ଓ ତାହା ମଧ୍ୟରେ ଚାରିଜଣ ବିଚାରପତି ବଦଳି ଯାଇଥିଲେ । ଶେଷରେ ସଫଳତା ମିଳିଥିଲା । ଅଭିଯୁକ୍ତ ନିର୍ଦ୍ଦୋଷ ପ୍ରମାଣିତ ହୋଇ ଛାଡ଼ ପାଇଥିଲେ ।

ନାନାସାହେବ ନିମୋଣକର

୫୬ । ପରମଭକ୍ତ ନାନାସାହେବ ନିମୋଣକରଙ୍କ ପତ୍ନୀଙ୍କ ପକ୍ଷ ବାବା କିପରି ଥରେ ନେଇଥିଲେ ଓ ତାଙ୍କ କାମ କେମିତି ହୋଇଥିଲା, ସେ ସମ୍ବନ୍ଧରେ ଶୁଣନ୍ତୁ ।

୫୭ । ନିମୋଣ ଗ୍ରାମରେ ତାଙ୍କର ପୂର୍ବପୁରୁଷରୁ ଭୂସ୍ୱତ୍ୱ ରହି ଆସିଥିଲା । ସରକାର ତାଙ୍କୁ ମାଜିଷ୍ଟ୍ରେଟ ଭାବରେ ନିଯୁକ୍ତି ଦେଇଥିଲେ । ସେ ବହୁତ ପ୍ରଭାବଶାଳୀ ଥିଲେ ।

୫୮ । ସେ ମାଧବରାଓଙ୍କର ବଡ଼ବାପା ଥିଲେ । ସେ ବୃଦ୍ଧ ହୋଇଥିଲେ ମଧ୍ୟ ସମ୍ମାନନୀୟ ବ୍ୟକ୍ତି ଥିଲେ । ତାଙ୍କର ପତ୍ନୀ ଅତ୍ୟନ୍ତ ସରଳା ଓ ଧର୍ମପରାୟଣା ଥିଲେ । ସେମାନଙ୍କ ଜୀବନରେ ଶ୍ରୀସାଇ ମହାପ୍ରଭୁ ଓ ଇଷ୍ଟଦେବତା ଥିଲେ ।

୫୯ । ସେମାନେ ଗ୍ରାମର ପୈତୃକ ବାସସ୍ଥାନ ଛାଡ଼ି ଶିରିଡ଼ିରେ ସ୍ଥାୟୀ ଭାବରେ ବସବାସ କରି ରହିଥିଲେ । ଶ୍ରୀସାଇଙ୍କ ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରି ସେମାନେ ଖୁସିରେ ରହିଥିଲେ ।

୬୦ । ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସ୍ନାନପରେ ପ୍ରାର୍ଥନା କରୁଥିଲେ ଓ ଚାଓ୍ୱଡ଼ିକୁ ଆସି ସକାଳ (କାକଡ଼) ଆରତି କରୁଥିଲେ ।

୬୧ । ତା'ପରେ ନାନା ସ୍ତୋତ୍ର ପାଠ କରୁଥିଲେ । ସେ ବାବାଙ୍କ ନିକଟରେ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ରହି ତାଙ୍କ ସେବାରେ ନିମଜ୍ଜିତ ରହୁଥିଲେ ।

୬୨ । ସେ ବାବାଙ୍କୁ ଲେଣ୍ଡିକୁ ନେଉଥିଲେ ଓ ମସ୍‌ଜିଦ୍‌କୁ ଫେରାଇ ଆଣୁଥିଲେ । ସେ ଆବଶ୍ୟକ ଯେକୌଣସି ପ୍ରକାର ସେବା କାର୍ଯ୍ୟ ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ କରୁଥିଲେ ।

୬୩। ତାଙ୍କର ପତ୍ନୀ ମଧ୍ୟ ଦିନସାରା ସେଠାରେ ରହି ବାବାଙ୍କର ବିଭିନ୍ନ ସେବା ନିଜର ସାଧ୍ୟ ଅନୁଯାୟୀ କରୁଥିଲେ । ତାଙ୍କ ସେବାରେ ଭକ୍ତି ଭରି ହୋଇ ରହିଥିଲା ।

୬୪ । ସେମାନେ ନିଜର ବାସଗୃହକୁ କେବଳ ସ୍ନାନ, ରନ୍ଧନ, ଭୋଜନ ଓ ରାତ୍ରିରେ ଶୟନ ପାଇଁ ବ୍ୟବହାର କରୁଥିଲେ ।

୬୫ । ସେହି ପ୍ରେମମୟ ଦମ୍ପତିଙ୍କର ସକାଳ, ଦ୍ୱିପହର, ଓପରବେଳା ଓ ସଂଧ୍ୟା ବେଳର ସମୟ, ଅର୍ଥାତ୍ ଅବଶିଷ୍ଟ ସମସ୍ତ ସମୟ ବାବାଙ୍କ ନିକଟରେ କଟୁଥିଲା ।

୬୬ । ସେ ଯାହାହେଉ, ମୁଁ ଯଦି ସେମାନଙ୍କର ସମସ୍ତ ସେବା ବିଷୟରେ ବର୍ଣ୍ଣନା କରିବି, ଏହି ଗ୍ରନ୍ଥର କଳେବର ବହୁତ ବଢ଼ିଯିବ । ବର୍ତ୍ତମାନର ବିଷୟ ସହ ପ୍ରାସଙ୍ଗିକ ଥିବା ଘଟଣାକୁ କେବଳ ବର୍ଣ୍ଣନା କରୁଛି ।

୬୭ । ନାନାଙ୍କର ପୁଅ ଅସୁସ୍ଥ ଥିବାରୁ ତାକୁ ଦେଖିବାକୁ ତାଙ୍କ ପତ୍ନୀ ବେଲାପୁର ଯିବାକୁ ଚାହୁଁଥିଲେ । ସେ ତାଙ୍କ ସ୍ୱାମୀଙ୍କ ସହିତ କଥା ହୋଇ ଯିବାପାଇଁ ପ୍ରସ୍ତୁତ ହେଉଥିଲେ ।

୬୮ । ସାଧାରଣ ରୀତି ଅନୁଯାୟୀ ବାବାଙ୍କର ଅନୁମତି ଲୋଡ଼ାଯାଇଥିଲା । ବାବା 'ହଁ' କହିବାରୁ ସେ ତାଙ୍କ ସ୍ୱାମୀଙ୍କୁ କହିଥିଲେ ।

୬୯ । ବେଲାପୁରକୁ ଯିବା ନିମନ୍ତେ ଶେଷ ନିଷ୍ପତ୍ତି ନିଆଯିବା ପରେ ନାନା ତାଙ୍କୁ ଠିକ୍ ସେହିଦିନହିଁ ଫେରି ଆସିବା ପାଇଁ କହିଥିଲେ ।

୭୦ । ନାନା ସେପରି କହିବାର କିଛି କାରଣ ଥିଲା । ତେଣୁ ସେ ପତ୍ନୀଙ୍କୁ ଯିବାକୁ କହିଥିଲେ ମଧ୍ୟ ସାଂଗେ ସାଂଗେ ଫେରି ଆସିବା ପାଇଁ କହିଥିଲେ । ପତ୍ନୀ ଦ୍ୱନ୍ଦ୍ୱରେ ପଡ଼ିଥିଲେ ।

୭୧ । ତା'ପରଦିନ ପୋଲା[*] ପର୍ବ ଅମାବାସ୍ୟା ଥିଲା ।

ସେହି ପର୍ବରେ ସେଠାରେ ରହିବା ପାଇଁ ପତ୍ନୀ ଚାହୁଁଥିଲେ। କିନ୍ତୁ ନାନା ରାଜି ନଥିଲେ।

୭୨। ଅମାବାସ୍ୟା ଦିନ କୌଣସି ସ୍ଥାନକୁ ଯିବା ଆସିବା କରିବା ଉଚିତ୍ ନୁହେଁ। ମହିଳା ଦ୍ୱନ୍ଦ୍ୱରେ ପଡ଼ି କ'ଣ କରିବେ ଭାବି ପାରୁନଥିଲେ।

୭୩। ବେଲାପୁରକୁ ନଗଲେ ତାଙ୍କୁ ଭଲ ଲାଗିବ ନାହିଁ। ସ୍ୱାମୀଙ୍କ ମନରେ କଷ୍ଟ ଦେବାପାଇଁ ସେ ଚାହୁଁ ନଥିଲେ ତାଙ୍କୁତ ଅମାନ୍ୟ କରିବାର ପ୍ରଶ୍ନ ଉଠୁନଥିଲା।

୭୪। ସେ ବେଲାପୁରକୁ ଯିବାର ପ୍ରସ୍ତୁତି ସାରିଥିଲେ ଓ ବେଲାପୁର ବାହାରିଥିଲେ । ବାବା ସେହି ସମୟରେ ଲେଣ୍ଡିକୁ ଯାଉଥିଲେ ଓ ସେ ତାଙ୍କୁ ମୁଣ୍ଡିଆ ମାରିଥିଲେ।

୭୫। କୁଆଡ଼େ ଯାତ୍ରା କରିବା ପୂର୍ବରୁ ମହାପ୍ରଭୁଙ୍କୁ ମୁଣ୍ଡିଆମାରି ବାଟରେ ବାଧାବିଘ୍ନ ଦୂର କରିବାକୁ ପ୍ରାର୍ଥନା କରିବା ଏକ ପ୍ରଚଳିତ ରୀତି। ଶିରିଡ଼ିରେ ମଧ୍ୟ ସେହି ପରମ୍ପରା ପାଳନ କରାଯାଉଥିଲା।

୭୬। ସେଠାରେ ଶ୍ରୀସାଇ ଥିଲେ ଇଷ୍ଟଦେବ। ଯିବାପାଇଁ ବ୍ୟସ୍ତ ଥିଲେ ମଧ୍ୟ ଗଲାବେଳେ ତାଙ୍କ ପଦରେ ସମସ୍ତେ ମୁଣ୍ଡିଆ ମାରୁଥିଲେ।

୭୭। ଅଭ୍ୟାସ ଅନୁଯାୟୀ ବାବା ସାଠେୱାଡ଼ା ସମ୍ମୁଖରେ କିଛି ସମୟ ଛିଡ଼ା ହୋଇଥିବା ସମୟରେ ମହିଳା ତାଙ୍କ ପାଦରେ ପ୍ରଣାମ କରିଥିଲେ।

୭୮। ନାନାସାହେବ ନିମୋଣକର, ଅନ୍ୟାନ୍ୟ ସାନବଡ଼ ଭକ୍ତମାନେ ବାବାଙ୍କର କ୍ଷଣିକ ଦର୍ଶନ ପାଇଁ ସେଠାରେ ଛିଡ଼ା ହୋଇଥିଲେ ଓ ସେମାନେ ମଧ୍ୟ ବାବାଙ୍କୁ ପ୍ରଣାମ କରିଥିଲେ।

୭୯। ସେଠାରେ ଉପସ୍ଥିତ ସମସ୍ତଙ୍କ ଆଗରେ, ବିଶେଷତଃ ନାନାସାହେବଙ୍କ ସାମ୍ନାରେ ଏହି ମହିଳାଙ୍କୁ ବାବା କ'ଣ କହିଥିଲେ, ମନଦେଇ ଶୁଣନ୍ତୁ।

୮୦। ମହିଳା ଜଣକ ବାବାଙ୍କ ପଦରେ ମୁଣ୍ଡ ରଖି ଅନୁମତି ମାଗିବା ସମୟରେ ବାବା କହିଥିଲେ, "ଯେତେ ଶୀଘ୍ର ପାରୁଛ ଯାଅ। ଭୟକର ନାହିଁ।

୮୧। "ଆଜି ଯାଉଛ, ବେଲାପୁରରେ ଆରାମରେ ଚାରିଦିନ ରହିବ। ସମସ୍ତଙ୍କୁ ଦେଖାକରି ଓ ସବୁ ଖବର ଅନ୍ତର ବୁଝାବୁଝି କରି ଶିରିଡ଼ି ଫେରିବ।"

୮୨। ବାବାଙ୍କର ଏ କଥା ମହିଳାଙ୍କ ମନରେ ଅକଳ୍ପନୀୟ ଶାନ୍ତି ଦେଲା। ନିମୋଣକର ମଧ୍ୟ ଇଙ୍ଗିତ ପାଇଗଲେ। ଉଭୟେ ସନ୍ତୁଷ୍ଟ ହେଲେ।

୮୩। ସଂକ୍ଷେପରେ କହିଲେ, ଆମ୍ଭେମାନେ ଯେତେବେଳେ କୌଣସି ଯୋଜନା କରୁ, ତାହାର ସାମଗ୍ରିକ ଅବସ୍ଥା ସମ୍ପର୍କରେ ଆମକୁ ଜଣାନଥାଏ। ଆମ୍ଭମାନଙ୍କର ଭଲମନ୍ଦ ସମ୍ବନ୍ଧରେ ସନ୍ଥମାନେ ଜାଣିଥାନ୍ତି। ଏମିତି କିଛି ନାହିଁ, ଯାହା ସେମାନେ ଜାଣିନଥାନ୍ତି ।

୮୪। ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସେମାନଙ୍କୁ ଭଲ ଭାବରେ ନଖଦର୍ପଣ ଭଳି ଜଣା। ଭକ୍ତମାନେ ସେମାନଙ୍କ କଥା ମାନି ଚଳିଲେ ଉପକୃତ ହୋଇଥାନ୍ତି।

୮୫। ସେ ଯାହାହେଉ, ଆମେ ବର୍ତ୍ତମାନ ମୂଳ ପ୍ରସଙ୍ଗକୁ, ଅର୍ଥାତ୍ ମୂଳେ ଶାସ୍ତ୍ରୀ କିପରି ଆଶୀର୍ବାଦ ପାଇଲେ ଓ ତାଙ୍କ ଗୁରୁଙ୍କ ଦର୍ଶନ ପାଇଲେ, ସେ ସମ୍ବନ୍ଧରେ ବର୍ଣ୍ଣନା କରିବା।

୮୬। ମୂଳେ ଶାସ୍ତ୍ରୀ ବାପୁସାହେବ ବୁଟିଙ୍କୁ ସାକ୍ଷାତ କରି ସାଙ୍ଗେ ସାଙ୍ଗେ ଫେରିଯିବାର ଇଚ୍ଛା ରଖିଥିଲେ।

୮୭। ତାଙ୍କର ଏଭଳି ଇଚ୍ଛା ରହିଥିବା ସତ୍ତ୍ୱେ ବାବାଙ୍କର ପରିକଳ୍ପନା ଅଲଗା ଥିଲା। ମନଧ୍ୟାନ ଦେଇ ସେହି ବିସ୍ମୟକର ଘଟଣାକୁ ଶୁଣନ୍ତୁ ଓ ତାହାର ଅସଲ ଉଦ୍ଦେଶ୍ୟ ବୁଝନ୍ତୁ ।

୮୮। ଶ୍ରୀମାନ୍ ବୁଟିଙ୍କ ସହିତ ସାକ୍ଷାତ ସରିଥିଲା। ତା'ପରେ ସମସ୍ତେ ମସ୍‌ଜିଦ୍ ଅଭିମୁଖେ ଯାଇଥିଲେ। ମୂଳେ ଶାସ୍ତ୍ରୀ ସେମାନଙ୍କ ସହିତ ଯିବାର ଆବଶ୍ୟକତା ଉପଲବ୍ଧି କରି ଯୋଗ ଦେଇଥିଲେ।

୮୯। ମୂଳେ ଶାସ୍ତ୍ରୀ ଷଡ଼ଶାସ୍ତ୍ର ଅଧ୍ୟୟନ କରିଥିଲେ। ସେ ଜ୍ୟୋତିଷ ଶାସ୍ତ୍ରରେ ନିପୁଣ ଓ ହସ୍ତରେଖା ଗଣନାରେ ପ୍ରବୀଣ ଥିଲେ। ସେ ବାବାଙ୍କ ଦର୍ଶନ ସମୟରେ ଉତ୍‌ଫୁଲ୍ଲିତ ହୋଇ ପଡ଼ିଥିଲେ।

୯୦। ସରଳ ହୃଦୟୀ ଭକ୍ତମାନେ ପେଡ଼ା, ବାତାସା, ବର୍ଫି, ନଡ଼ିଆ, କମଳା ଇତ୍ୟାଦି ଫଳ ବହୁ ପରିମାଣରେ ବାବାଙ୍କୁ ସମର୍ପଣ କରୁଥିଲେ।

୯୧। ସେଠାକୁ ମହିଳାମାନେ ଫଳମୂଳ ବିକ୍ରି କରିବା ପାଇଁ ମଧ୍ୟ ଆସୁଥିଲେ। ବାବା ନିଜ ପଇସାରେ ସେମାନଙ୍କ ନିକଟରୁ କଦଳୀ, ଆଖୁ, ଲିଚୁ ପ୍ରଭୃତି ନିଜ ଇଚ୍ଛା ଅନୁଯାୟୀ କିଣୁଥିଲେ।

୯୨। ବାବା ପଇସା ଖର୍ଚ୍ଚ କରି ଝୁଡ଼ି ଝୁଡ଼ି ଆମ୍ବ ଓ

ଅନେକ କଦଳୀ କିଣି ଭକ୍ତମାନଙ୍କ ମଧ୍ୟରେ ମନ ଖୁସିରେ ବାଣ୍ଟୁଥିଲେ।

୯୩। ବାବା ଆମ୍ବଗୁଡ଼ିକୁ ଗୋଟିକ ପରେ ଗୋଟିଏ ଉଠାଇ ତାହାକୁ ଦୁଇ ପାପୁଲି ମଝିରେ ରଖି ନରମ ହେବା ପର୍ଯ୍ୟନ୍ତ ଚିପାଚିପି କରୁଥିଲେ ଓ ତା'ପରେ ଜଣେ ଜଣେ ଭକ୍ତଙ୍କ ହାତକୁ ବଢ଼ାଇ ଦେଉଥିଲେ।

୯୪। ସେହି ଆମ୍ବକୁ ପାଟି ଭିତରକୁ ପୂରାଇବା ମାତ୍ରକେ ରସ ସିଧାସଳଖ ପେଟ ଭିତରକୁ ଚାଲିଯାଉଥିଲା । ତା' ପରେ ଚୋପା ଓ ଟାକୁଆକୁ ଫିଙ୍ଗି ଦିଆଯାଇପାରୁଥିଲା।

୯୫। କଦଳୀ କ୍ଷେତ୍ରରେ ସେ ଅସ୍ୱାଭାବିକ ବ୍ୟବହାର କରୁଥିଲେ। ଭକ୍ତମାନଙ୍କୁ ମାଂସଳ ଅଂଶ ଦେଇ ବାବା ନିଜେ ଚୋପାଗୁଡ଼ିକୁ ଖାଉଥିଲେ। ତାଙ୍କର କାର୍ଯ୍ୟ ଏହିଭଳି ଆଶ୍ଚର୍ଯ୍ୟଜନକ ଥିଲା!

୯୬। ବାବା ନିଜ ହାତରେ ଏହିସବୁ ଫଳ ପ୍ରତ୍ୟେକଙ୍କୁ ବିତରଣ କରୁଥିଲେ। ବେଳେ ବେଳେ ତାଙ୍କର ଇଚ୍ଛା ହେଲେ ସେଥିରୁ ସେ ଗୋଟିଏ ଅଧେ ଚାଖୁଥିଲେ।

୯୭। ସବୁଦିନିଆଁ ଅଭ୍ୟାସ ଭଳି ବାବା ସେଦିନ ଟୋକେଇଏ କଦଳୀ କିଣି ଭକ୍ତମାନଙ୍କୁ ବାଣ୍ଟୁଥିଲେ।

୯୮। ମୂଳେ ଶାସ୍ତ୍ରୀ ବାବାଙ୍କର ପାଦଦୁଇଟିକୁ ଦେଖି ଅତି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ବାବାଙ୍କ ଗୋଇଠିରେ ଧ୍ୱଜ, ବଜ୍ର ଓ ଅଙ୍କୁଶ[୭] ରେଖାଗୁଡ଼ିକୁ ଦେଖିବା ନିମନ୍ତେ ଇଚ୍ଛା କରିଥିଲେ।

୯୯। ସେତେବେଳେ ବାବାଙ୍କର ଭକ୍ତ କାକାସାହେବ ଦୀକ୍ଷିତ ନିକଟରେ ଥିଲେ। ସେ ଚାରୋଟି କଦଳୀ ଉଠାଇ ନେଇ ବାବାଙ୍କ ହାତରେ ରଖିଥିଲେ।

୧୦୦। କେହି ଜଣେ ବାବାଙ୍କୁ ବିନୟ ସହକାରେ ନିବେଦନ କରିଥିଲେ, "ବାବା! ଏହି ମୂଳେ ଶାସ୍ତ୍ରୀ ଏକ ପୁଣ୍ୟଧାମରେ ରହନ୍ତି ଓ ତାଙ୍କର ପୁଣ୍ୟ ବଳରେ ସେ ଆପଣଙ୍କ ପାଦତଳକୁ ଆସିଛନ୍ତି। ତାଙ୍କୁ ଆପଣ ପ୍ରସାଦ ସ୍ୱରୂପ ଏହି ଫଳଗୁଡ଼ିକୁ ଦେବେ କି?"

୧୦୧। କିଏ ନିବେଦନ କରୁ କି ନକରୁ, ବାବା ନ ଚାହିଁଲେ କାହାରିକୁ କିଛି ଦେବେ ନାହିଁ କି କିଛି କରିବେ ନାହିଁ।

୧୦୨। ମୂଳେ ହାତ ବଢ଼ାଇ କଦଳୀକୁ ନୁହେଁ, ବାବାଙ୍କର ହାତ ଦୁଇଟିକୁ ଧରିବା ନିମନ୍ତେ ଚାହୁଁଥିଲେ। ବାବା ସେଆଡ଼କୁ ଦୃଷ୍ଟି ନଦେଇ ପ୍ରସାଦ ଆକାରରେ ଫଳ ବାଣ୍ଟି ଚାଲିଥିଲେ।

୧୦୩। ମୂଳେ ବାବାଙ୍କୁ କହିଥିଲେ, " ମୁଁ ଫଳ ଚାହୁଁ ନାହିଁ, ଆପଣଙ୍କ ହାତ ଟିକିଏ ଦେଖାନ୍ତୁ। ମୁଁ ହସ୍ତରେଖା ବିଜ୍ଞାନ ଜାଣିଛି।" ବାବା ତାଙ୍କୁ ହାତ ଦେଖାଇ ନଥିଲେ।

୧୦୪। ତା' ସତ୍ତ୍ୱେ ମୂଳେ ଆଗକୁ ଝୁଙ୍କି ପଡ଼ି ବାବାଙ୍କର କରତଳ ପଢ଼ିବାର ଚେଷ୍ଟା କରିଥିଲେ। ବାବା ତାଙ୍କ ପ୍ରତି ଟିକିଏ ବି ଦୃଷ୍ଟି ନଦେଇ ପୂରା ଏଡ଼େଇ ଯାଇଥିଲେ।

୧୦୫। ମୂଳେଙ୍କ ପ୍ରସାରିତ ହସ୍ତରେ ବାବା କଦଳୀ ଚାରୋଟି ଧରାଇ ଦେଇ ବସିବା ନିମନ୍ତେ କହିଥିଲେ । କିନ୍ତୁ ନିଜର ହାତ ଦେଖାଇ ନଥିଲେ।

୧୦୬। ସାଇରାଜ,ଯାହାଙ୍କର ସମସ୍ତ ଇଚ୍ଛା ପୂରଣ ହୋଇଯାଇଛି ଓ ଯିଏ ନିଜର ଶରୀର ଈଶ୍ୱରଙ୍କ ସେବାରେ ଲଗାଇ ଦେଇଛନ୍ତି, ତାଙ୍କ ପାଇଁ ହସ୍ତରେଖା ଗଣନାର ଆବଶ୍ୟକତା କ'ଣ ଅଛି? ସେ ତାଙ୍କ ଭକ୍ତମାନଙ୍କର ବାପାମା'!

୧୦୭। ବାବାଙ୍କର ଅନାସକ୍ତ ଭାବ ଓ ହସ୍ତରେଖା ପ୍ରତି ଉଦାସୀନତା ଦେଖି ମୂଳେ ଶାସ୍ତ୍ରୀ ନିଜ ହାତ ଫେରାଇ ଆଣିଥିଲେ ଓ ବାବାଙ୍କୁ ବାରମ୍ବାର ଅନୁରୋଧ କରିବାରୁ କ୍ଷାନ୍ତ ହୋଇଥିଲେ।

୧୦୮। ସେ କିଛି ସମୟ ଚୁପଚାପ୍ ବସିଥିଲେ। ପରେ ଅନ୍ୟମାନଙ୍କ ସହ ୱାଡ଼ାକୁ ଫେରିଯାଇଥିଲେ । ସ୍ନାନ ସାରି ଶୋଭଳା[୮] ପିନ୍ଧିଥିଲେ ଓ ଅଗ୍ନିହୋତ୍ର ଆରମ୍ଭ କରିଥିଲେ।

୧୦୯। ଅନ୍ୟ ପକ୍ଷରେ, ନିଜର ଅଭ୍ୟାସ ଅନୁଯାୟୀ ବାବା ଲେଣ୍ଡିକୁ ବାହାରିଥିଲେ। ସେ କହିଥିଲେ, "କିଛି ଗେରୁଆରଙ୍ଗ ଗୁଣ୍ଡ ଧରିଥାଅ। ମୁଁ ଗେରୁଆବସ୍ତ୍ର ପିନ୍ଧିବା ପାଇଁ ଇଚ୍ଛା କରୁଛି।"

୧୧୦। ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଗେରୁଆରଙ୍ଗ ଗୁଣ୍ଡ କ'ଣ ହେବ? ଆଜି କାହିଁକି ଗେରୁଆ ରଙ୍ଗ କଥା ମନେ ପଡ଼ିଲା ଭାବି ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ।

୧୧୧। ବାବାଙ୍କର ଉକ୍ତି ସାଂକେତିକ ଅର୍ଥ ବହନ କରେ। ସେଥିରୁ କେଉଁ ଅର୍ଥ କିଏ ଅବା ବାହାର କରିବ? ତାଙ୍କର ଉକ୍ତିକୁ ଶୁଣି ଆପଣ ମନେ ରଖିଥିଲେ ଯଥା ସମୟରେ ସଠିକ୍ ଅର୍ଥ ଜାଣିପାରିବେ।

୧୧୨। ସନ୍ଥମାନଙ୍କର ବାଣୀ ବ୍ୟର୍ଥ ଯାଏ ନାହିଁ। ସେଥିରେ ଗଭୀର ଅର୍ଥ ନିହିତ ରହିଥାଏ। ତାହାର ମୂଲ୍ୟାଙ୍କନ କିଏ କରିପାରିବ ?

୧୧୩। ପ୍ରଥମେ ଚିନ୍ତା, ତା'ପରେ କଥା । ସେମାନଙ୍କର ଏହା ସ୍ୱାଭାବିକ ଅଭ୍ୟାସ। ସନ୍ଥମାନଙ୍କର କାର୍ଯ୍ୟ ସେମାନଙ୍କର କଥା ଅନୁଯାୟୀ ହୋଇଥାଏ।

୧୧୪। ଜଣାଶୁଣା ନିୟମ ଅନୁଯାୟୀ ସନ୍ଥମାନଙ୍କର ଉକ୍ତି କେବେହେଲେ ଅର୍ଥହୀନ ହୋଇନଥାଏ। ଆମେ ମନେ ରଖିଥିଲେ ଠିକ୍ ସମୟରେ ତାହାର ଅର୍ଥ ଜଣାପଡ଼ିଥାଏ।

୧୧୫। ସେ ଯାହାହେଉ, ବାବା ଫେରିଥିଲେ। ଶିଙ୍ଗା ଧ୍ୱନି ହୋଇଥିଲା। ଏହି ସୂଚନା ପାଇବା ମାତ୍ରେ ବାପୁସାହେବ ଜୋଗ କାଳବିଳମ୍ବ ନକରି ମୂଳେ ଶାସ୍ତ୍ରୀଙ୍କୁ ସମୟୋଚିତ ପରାମର୍ଶ ଦେଇଥିଲେ।

୧୧୬। "ଏବେ ଆରତି ହେବ। ଆପଣ ମସ୍‌ଜିଦ୍‌କୁ ଆସିବେ କି ?" କିନ୍ତୁ ଶାସ୍ତ୍ରୀ ବଡ଼ ଅସୁବିଧାରେ ପଡ଼ିଥିଲେ। 'ଶୋଭଲା' ପିନ୍ଧିଥିବା ହେତୁ ତାଙ୍କ ଜାଣତରେ ଶୁଦ୍ଧ ଓ ପରିଷ୍କାରପରିଚ୍ଛନ୍ନ ରହିବା ଦରକାର ହେଉଥିଲା।

୧୧୭। ଉତ୍ତରରେ ସେ କହିଥିଲେ, "ମୁଁ ଓପରବେଳା ଦର୍ଶନ କରିବି"। ଜୋଗ ଆରତି ନିମିତ୍ତ ପ୍ରସ୍ତୁତିରେ ଲାଗି ଯାଇଥିଲେ।

୧୧୮। ଇତିମଧ୍ୟରେ ବାବା ଫେରି ଆସିଥିଲେ ଓ ନିଜ ଆସନରେ ବସି କଥାଭାଷା ହେଉଥିଲେ। ଉପସ୍ଥିତ ଭକ୍ତମାନେ ନିଜ ନିଜର ପୂଜା ସାରି ଆରତି ନିମିତ୍ତ ସେହି ସ୍ଥଳରେ ଏକତ୍ରିତ ହୋଇଥିଲେ।

୧୧୯। ସେହି ସମୟରେ ବାବା କହିଥିଲେ, "ନୂଆକରି ଆସିଥିବା ବ୍ରାହ୍ମଣଙ୍କ ନିକଟକୁ ଯାଇ ଦକ୍ଷିଣା ଆଣ !" ବାପୁ ସାହେବ ବୁଟି ସଂଗେ ସଂଗେ ନିଜେ ଦକ୍ଷିଣା ଆଣିବା ପାଇଁ ବାହାରି ଯାଇଥିଲେ।

୧୨୦। ସେତେବେଳେ ମୂଳେ ସ୍ନାନ ସାରି, ଶୋଭଲା ପିନ୍ଧି ଚକାପକାଇ ଧୀରସ୍ଥିର ହୋଇ ଶାନ୍ତ ମନରେ ବସିଥିଲେ।

୧୨୧। ଖବର ପାଇବା ପରେ ମୂଳେ ଦୋଦୋପାଞ୍ଚ ହୋଇ କହିଥିଲେ, "ମୁଁ ଶୁଦ୍ଧ ଅଗ୍ନିହୋତ୍ରୀ, ଦକ୍ଷିଣା କାହିଁକି ଦେବି ?

୧୨୨। "ବାବା ମହାନ୍ ସନ୍ଥ ହୋଇପାରିଥାନ୍ତି। କିନ୍ତୁ ମୁଁ କ'ଣ କୌଣସି ପ୍ରକାରେ ତାଙ୍କ ଦୟାରେ ଅଛି ? ସେ ମୋଠୁ କାହିଁକି ଦକ୍ଷିଣା ଚାହୁଁଛନ୍ତି ?" ସେ ଏପାଖ ସେପାଖ ହେବାକୁ ଲାଗିଥିଲେ।

୧୨୩। ସେ ଯାହାହେଉ, ଶ୍ରୀସାଇଙ୍କ ଭଳି ବ୍ୟକ୍ତି ଦକ୍ଷିଣା ମାଗୁଛନ୍ତି। ଜଣେ କୋଟିପତି ଏ ସମ୍ବାଦ ନେଇ ଆସିଛନ୍ତି। ମୂଳେଙ୍କର ସନ୍ଦେହ ରହିଥିଲେ ମଧ୍ୟ ହାତରେ ଦକ୍ଷିଣା ନେଇ ସେ ଯାଇଥିଲେ।

୧୨୪। ଅନ୍ୟ ଗୋଟିଏ ଦ୍ୱିଧା ମଧ୍ୟ ତାଙ୍କ ମନରେ ରହିଥିଲା। ସେ କାହିଁକି ନିଜ ସେବାପୂଜାରେ ବିଘ୍ନ ଘଟାଇ ମସ୍‌ଜିଦ୍‌କୁ ଯିବେ ? ଏଣେ ମନା ମଧ୍ୟ କରି ପାରୁନଥିଲେ।

୧୨୫। ସନ୍ଦେହୀ ଲୋକର ମନରେ ଶାନ୍ତି ନଥାଏ। ତାଙ୍କର ମନ ସବୁବେଳେ ଆନ୍ଦୋଳିତ ହେଉଥାଏ। ସେ ଏପଟ କିମ୍ବା ସେପଟକୁ ଯାଇ ନପାରି ତ୍ରିଶଙ୍କୁ[୯] ଅବସ୍ଥାରେ ପଡ଼ିଥାନ୍ତି।

୧୨୬। ଏସବୁ ସତ୍ତ୍ୱେ ସେ ଯିବା ପାଇଁ ସ୍ଥିର କରିଥିଲେ। ସେ ମସ୍‌ଜିଦର ଅଗଣା ଭିତରକୁ ପଶି ଦୂରେଇ ହୋଇ ଛିଡ଼ା ହୋଇଥିଲେ।

୧୨୭। ସେ ନିଜେ ପବିତ୍ର ଓ ଶୁଦ୍ଧ ଥିଲାବେଳେ ମସ୍‌ଜିଦ୍ ଅନ୍ୟ ପ୍ରକାରର। ଏପରି ସ୍ଥଳେ ସେ ବାବାଙ୍କ ନିକଟକୁ କିପରି ଯିବେ ବୋଲି ଭାବିଥିଲେ ? ସେ ଖଣ୍ଡେ ଦୂରରେ ରହି ହାତଯୋଡ଼ି ଠିଆ ହୋଇଥିଲେ ଓ ବାବାଙ୍କ ଉପରକୁ ଫୁଲ ପକାଇଥିଲେ।

୧୨୮। ସେହି ସମୟରେ ଏକ ଚମତ୍କାର ଘଟଣା ଘଟିଥିଲା। ତାଙ୍କ ଆଖି ସାମ୍ନାରେ ବାବା ଗଦି ଉପରୁ ଉଭେଇ ଯାଇଥିଲେ ଓ ସେହି ସ୍ଥାନରେ ତାଙ୍କର ପୂଜ୍ୟ ଗୁରୁ ଗୋଲାପ[୧୦] ନାଥ ବସି ରହିଥିଲେ।

୧୨୯। ଅନ୍ୟମାନେ ଶ୍ରୀସାଇ ସମର୍ଥଙ୍କୁ ସବୁଦିନ ଭଳି ଦେଖୁଥିଲେ। ମୂଳେଙ୍କ ଆଖିକୁ ସେ ବହୁଦିନ ହେଲା ସ୍ୱର୍ଗଗାମୀ ଗୋଲାପନାଥଙ୍କ ଭଳି ଦେଖାଯାଉଥିଲେ। ମୂଳେ ଅତ୍ୟନ୍ତ ଚକିତ ହୋଇଯାଇଥିଲେ।

୧୩୦। ଗୁରୁ ପ୍ରକୃତରେ ସମାଧି ନେଇ ସାରିଥିଲେ ମଧ୍ୟ ତାଙ୍କ ଆଖି ଆଗରେ ଏବେ ବସି ରହିଛନ୍ତି। ଏହାଦେଖି ମୂଳେ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଇଥିଲେ ଓ ସ୍ୱାଭାବିକ ଭାବରେ ସନ୍ଦେହ କରିଥିଲେ।

୧୩୧। ଯଦି ଏହା ସ୍ୱପ୍ନ, ତେବେ ସେ ଶୋଇନାହାନ୍ତି।

ଯଦି ସେ ଚେଇଁଛନ୍ତି, ତେବେ ଗୁରୁଙ୍କୁ କିପରି ଆଖି ଆଗରେ ଦେଖୁଛନ୍ତି ? ତାଙ୍କ ମନ ମଧରେ ଦ୍ୱନ୍ଦ୍ୱ ଉପୁଜିଥିଲା ଓ ତୁଣ୍ଡରୁ ଭାଷା ବାହାରୁନଥିଲା ।

୧୩୨ । ସେ ନିଜକୁ ଚିମୁଟି ଦେଇ ସ୍ୱଗତୋକ୍ତି କରିଥିଲେ, 'ଏହା ଭ୍ରମ ନୁହେଁତ ! ମୁଁ କାହିଁକି ବିନା କାରଣରେ ସନ୍ଦେହ କରୁଛି ? ମୁଁ ଏଠି ସମସ୍ତଙ୍କ ସହିତ ଉପସ୍ଥିତ ରହିଛି ।'

୧୩୩ । ମୂଳେ ମୂଳରୁ ଗୋଲାପନାଥଙ୍କର ଭକ୍ତ ଥିଲେ । ବାବାଙ୍କ ସମ୍ବନ୍ଧରେ ପ୍ରଥମେ ସନ୍ଦେହ ଥିଲେ ମଧ୍ୟ ପରେ ସେ ବାବାଙ୍କ ଉପରେ ଦୃଢ଼ ବିଶ୍ୱାସ ରଖିଥିଲେ ଓ କୌଣସି ସଂଶୟ ମନ ମଧରେ ରଖିନଥିଲେ ।

୧୩୪ । ସେ ଉଚ୍ଚଜାତିର ନୈଷ୍ଠିକ ବ୍ରାହ୍ମଣ ଥିଲେ । ବେଦ ବେଦାନ୍ତରେ ତାଙ୍କର ଅଗାଧ ଜ୍ଞାନ ରହିଥିଲା । ସେ ମସ୍‌ଜିଦ୍‌ରେ ନିଜ ଗୁରୁ ଗୋଲାପ ସ୍ୱାମୀଙ୍କର ଦର୍ଶନ ପାଇ ଭୟାତୁର ହୋଇ ପଡ଼ିଥିଲେ ।

୧୩୫ । ତା'ପରେ ସେ ପାହାଚ ଚଢ଼ି ଉପରକୁ ଉଠିଥିଲେ । ଗୁରୁଙ୍କ ପାଦରେ ମୁଣ୍ଡିଆ ମାରି ସଂପୂର୍ଣ୍ଣ ନିରବରେ, ବିସ୍ମୟାଭିଭୂତ ହୋଇ ହାତଯୋଡ଼ି ଛିଡ଼ା ହୋଇଥିଲେ ।

୧୩୬ । ଗୋଲାପ ସ୍ୱାମୀଙ୍କୁ ସନ୍ନ୍ୟାସୀଙ୍କ ଗେରୁଆ ବସ୍ତ୍ର ଓ ଗେରୁଆ କୁର୍ତ୍ତା ପିନ୍ଧି ବସିଥିବାର ଦେଖି ମୂଳେ ଦୌଡ଼ିଯାଇ ବାରମ୍ବାର ତାଙ୍କର ପଦଯୁଗଳକୁ ଆଲିଙ୍ଗନ କରିବାରେ ଲାଗିଥିଲେ ।

୧୩୭ । ଉଚ୍ଚ ଜାତିବର୍ଣ୍ଣର ବୋଲି ତାଙ୍କର ମନରେ ଥିବା ଗର୍ବ ଚୂର୍ଣ୍ଣ ହୋଇଯାଇଥିଲା । ମୋକ୍ଷପ୍ରାପ୍ତ ଗୁରୁଙ୍କୁ ଦେଖିବା ପରେ ତାଙ୍କର ଦୃଷ୍ଟିକୋଣ ନିର୍ମଳ ହୋଇଯାଇଥିଲା । ସେ ନିଜକୁ ମହାଭାଗ୍ୟବାନ[୧୧] ମଣିଥିଲେ ।

୧୩୮ । ତାଙ୍କର ସନ୍ଦେହୀ ଆଚରଣ ବଦଳି ଯାଇଥିଲା । ବାବାଙ୍କ ପ୍ରତି ପ୍ରେମ ଜାଗରିତ ହୋଇଥିଲା । ସେ ଅର୍ଦ୍ଧନିମୀଳିତ ଚକ୍ଷୁରେ ବାବାଙ୍କର ପଦଯୁଗଳକୁ ଦେଖୁଥିଲେ ।

୧୩୯ । ପୂର୍ବ ଜନ୍ମରେ କରାଯାଇଥିବା ପୁଣ୍ୟ କାର୍ଯ୍ୟର ଫଳ ବର୍ତ୍ତମାନ ପ୍ରାପ୍ତ ହୋଇଥିଲା । ତାଙ୍କର ଚକ୍ଷୁ ବାବାଙ୍କର ପଦଯୁଗଳକୁ ଦର୍ଶନ କରି ଚରଣାମୃତରେ[୧୨] ସ୍ନାନ କରୁଥିଲା । ତାଙ୍କର ଭାଗ୍ୟ ଆହୁରି ଭଲଆଡ଼କୁ ବଦଳିଗଲା ବୋଲି ସେ ଭାବୁଥିଲେ ।

୧୪୦ । ଅନ୍ୟମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । କ'ଣ ଏମିତି ହଠାତ୍ ହୋଇଗଲା ଯେ ପାଖକୁ ନ ଆସି ଯିଏ ଦୂରରୁ ଫୁଲ ପକାଉଥିଲେ, ସେ ବର୍ତ୍ତମାନ ବାବାଙ୍କର ପଦତଳେ ମୁଣ୍ଡ ନୁଆଁଇ ପଡ଼ିଗଲେ !

୧୪୧ । ଅନ୍ୟମାନେ ଶ୍ରୀସାଇଙ୍କର ଆରତି ବୋଲୁଥିବା ସମୟରେ ମୂଳେ ବଡ଼ ପାଟିରେ ଗୋଲାପ ସ୍ୱାମୀଙ୍କର ଆରତି ବୋଲି ପ୍ରେମାପ୍ଲୁତ ଭାବରେ ହଜି ଯାଇଥିଲେ ।

୧୪୨ । ଶୋଭଲା ପିନ୍ଧିଥିବା କାରଣରୁ ମନରେ ଥିବା ସମସ୍ତ କୁଣ୍ଠାବୋଧ ସେ ତ୍ୟାଗ କରିଥିଲେ । ଛୁଆଁ ଅଛୁଆଁ ଭାବ ଉଭେଇ ଯାଇଥିଲା । ସେ ଆନନ୍ଦରେ ଆଖି ବୁଜିଦେଇଥିଲେ ଓ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।

୧୪୩ । ସେ ଉଠି ଠିଆହୋଇ ଆଖି ଖୋଲିବା ବେଳକୁ ଗୋଲାପ ସ୍ୱାମୀ ଉଭେଇ ଯାଇଥିଲେ । ତାଙ୍କ ସ୍ଥାନରେ ଶ୍ରୀସାଇ ସମର୍ଥ ବସିଥିଲେ ଓ ଦକ୍ଷିଣା ମାଗୁଥିଲେ ।

୧୪୪ । ବାବାଙ୍କର ଆନନ୍ଦ ମୂର୍ତ୍ତିକୁ ଦେଖି ଓ ତାଙ୍କର ଅଚିନ୍ତନୀୟ ଶକ୍ତିକୁ ଅନୁଭବ କରି ମୂଳେ ହତବାକ୍ ହୋଇ ଯାଇଥିଲେ ଓ ଆତ୍ମବିସ୍ମୃତ ହୋଇଥିଲେ ।

୧୪୫ । ମହାରାଜଙ୍କ ଶକ୍ତିର ଅନୁଭୂତି ପାଇବାପରେ ସେ ଭୋକଶୋଷ ଭୁଲିଯାଇଥିଲେ । ସେ ତାଙ୍କ ଗୁରୁଙ୍କର ଦର୍ଶନ ପାଇଥିବାରୁ ଅତିଶୟ ଆନନ୍ଦିତ ହୋଇଥିଲେ ।

୧୪୬ । ସେ ଖୁବ୍ ଖୁସି ଥିଲେ । ସେ ସମ୍ପୂର୍ଣ୍ଣ ସାଷ୍ଟାଙ୍ଗ ପ୍ରଣିପାତ କଲେ । ଆନନ୍ଦାଶ୍ରୁର ଧାରାରେ ଚକ୍ଷୁ ତାଙ୍କର ପୂର୍ଣ୍ଣ ହୋଇଯାଇଥିଲା ଓ ସେ ନିଜର ମସ୍ତକ ବାବାଙ୍କ ଚରଣ ତଳେ ଲୋଟାଇଦେଇଥିଲେ ।

୧୪୭ । ସେ ଯେତେ ଦକ୍ଷିଣା ନେଇଥିଲେ, ସବୁ ଦେଇଥିଲେ ଓ ପୁନର୍ବାର ମସ୍ତକକୁ ପାଦତଳେ ଲୋଟାଇଦେଇଥିଲେ । ତାଙ୍କ ଆଖିରେ ପ୍ରେମାଶ୍ରୁ ଭର୍ତ୍ତି ହୋଇଥିଲା ଓ ଭାବବିହ୍ୱଳ ହୋଇ ତାଙ୍କର ସମଗ୍ର ଶରୀର ପ୍ରକମ୍ପିତ ହେଉଥିଲା ।

୧୪୮ । ଭାବାବେଗରେ ତାଙ୍କର କଣ୍ଠରୁଦ୍ଧ ହୋଇଥିଲା ଓ ସେ ଅଷ୍ଟଧାଭକ୍ତି[୧୩] ଭାବନାରେ ଉଚ୍ଛକିତ ହୋଇଥିଲେ । ତାଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଥିଲା ଓ ସେ ଗୁରୁଙ୍କର ସାକ୍ଷାତ ଦର୍ଶନ ପାଇଛନ୍ତି ବୋଲି ଭାବିଥିଲେ ।

୧୪୯ । ବାବାଙ୍କର ଅନନ୍ୟ ଲୀଳାକୁ ଅନୁଭବ କରିବା ପରେ ମୂଳେଙ୍କ ସହିତ ଅନ୍ୟମାନେ ଭକ୍ତି ଭାବରେ ଅଭିଭୂତ

ହୋଇ ପଡ଼ିଥିଲେ ଓ ସେତେବେଳେ ବାବାଙ୍କର ଗେରୁଆରଙ୍ଗ ଗୁଣ୍ଡ ଖୋଜିବା କଥା ଓ ତାହାର ଅର୍ଥ[୧୪] ବୁଝି ପାରିଥିଲେ।

୧୫୦। ସେହି ମହାରାଜ ଓ ସେହି ମୂଳେ ଥିଲେ, ଅଥଚ ପରିସ୍ଥିତିରେ କେତେ ପରିବର୍ତ୍ତନ ଘଟିଗଲା ! ଏହି ସମୟରେ ଆଶ୍ଚର୍ଯ୍ୟ ହେବାର କ'ଣ ଥିଲା ? ବାବାଙ୍କର ଲୀଳାକୁ କିଏ ବା ମାପି ପାରିବ ? ତାଙ୍କର ଲୀଳା ପ୍ରକୃତରେ ଅକଳନୀୟ।

୧୫୧। ସେହିଭଳି ଜଣେ ମାମଲତଦାର ଅତ୍ୟନ୍ତ ଭକ୍ତିଭରେ ଶ୍ରୀସାଇଙ୍କର ଦର୍ଶନ ନିମିତ୍ତ ନିଜର ଜଣେ ଡାକ୍ତର ବନ୍ଧୁଙ୍କ ସହିତ ଶିରିଡ଼ି ଆସିଥିଲେ।

୧୫୨। ଡାକ୍ତର ଜଣକ ଜାତିରେ ବ୍ରାହ୍ମଣ ଓ ଶ୍ରୀରାମଙ୍କର ଭକ୍ତ ଥିଲେ। ସେ ପୂଜାପାଠରେ ପାରଦର୍ଶୀ ଥିଲେ ଓ ପ୍ରତ୍ୟହ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ପୂଜା କରୁଥିଲେ।

୧୫୩। "ସାଇବାବା ହେଉଛନ୍ତି ମୁସଲମାନ, ମୁଁ ହେଉଛି ଶ୍ରୀରାମଙ୍କ ଭକ୍ତ। ଏଣୁ ମୁଁ ତାଙ୍କୁ ପ୍ରଣାମ କରିପାରିବି ନାହିଁ" ବୋଲି ଡାକ୍ତର ତାଙ୍କର ବନ୍ଧୁଙ୍କୁ ପୂର୍ବରୁ କହି ରଖିଥିଲେ।

୧୫୪। "ମୁଁ ଜଣେ ମୁସଲମାନର ପାଦତଳେ ମୁଣ୍ଡ ନୋଇଁବାକୁ ଚାହୁଁ ନଥିବାରୁ ପ୍ରଥମରୁ ଶିରିଡ଼ିକୁ ଆସିବା ପାଇଁ ଚାହୁଁନଥିଲି।"

୧୫୫। "ପ୍ରଣାମ କର" ବୋଲି କେହି କହିବେ ନାହିଁ। ସେମିତି ଆଶଙ୍କା କରନାହିଁ। କୌଣସି ପୂର୍ବ ଧାରଣା ରଖନାହିଁ କିମ୍ବା ସନ୍ଦେହରେ ରହନାହିଁ।

୧୫୬। ବାବା କେବେ ମଧ୍ୟ "ମୋ ପାଦ ଛୁଅଁ" ବୋଲି କହିବେ ନାହିଁ। ମାମଲତଦାର ଏଭଳି ପ୍ରତିଶ୍ରୁତି ଦେବାପରେ ଡାକ୍ତର ରାଜି ହୋଇ ଆସିଥିଲେ।

୧୫୭। ଏହିଭଳି ଦୃଢ଼ ନିର୍ଣ୍ଣୟ କରି ଡାକ୍ତର ତାଙ୍କ ବନ୍ଧୁଙ୍କର ପ୍ରସ୍ତାବରେ ସମ୍ମତ ହୋଇଥିଲେ।

୧୫୮। କିନ୍ତୁ ସେମାନେ ଶିରିଡ଼ିରେ ପହଂଚି ମସ୍‌ଜିଦ୍‌କୁ ଦର୍ଶନ ନିମିତ୍ତ ଯିବାପରେ ପ୍ରଥମେ ଡାକ୍ତରହିଁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତାଙ୍କର ବନ୍ଧୁ ମାମଲତଦାର ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ।

୧୫୯। ସେ ତାଙ୍କୁ ପଚାରିଥିଲେ,"ତମର ନିର୍ଣ୍ଣୟକୁ ଭୁଲିଯାଇ ଜଣେ ମୁସଲମାନଙ୍କ ପାଦତଳେ କାହିଁକି ପ୍ରଣାମ କଲ ?"

୧୬୦। ଏହାର ଉତ୍ତରରେ ଡାକ୍ତର ଏକ ଆଶ୍ଚର୍ଯ୍ୟଜନକ ଘଟଣାର ବର୍ଣ୍ଣନା କରିଥିଲେ। " ମୁଁ ରାମଙ୍କର ନୀଳରଙ୍ଗର କମନୀୟ, କୋମଳ, କାନ୍ତ, ପବିତ୍ର ଓ ପ୍ରେମପୂର୍ଣ୍ଣ ରୂପକୁ ଦେଖିବା ମାତ୍ରକେ ସାଷ୍ଟାଙ୍ଗ ପ୍ରଣାମ କରିଥିଲି।

୧୬୧। "ଦେଖନ୍ତୁ, ସେ ଏବେବି ସେଠି ବସିରହି ସମସ୍ତଙ୍କ ସହିତ କଥା ହେଉଛନ୍ତି।" ଏକଥା କହିବା ମାତ୍ରକେ ସେ ଶ୍ରୀସାଇଙ୍କର ରୂପ ଦେଖିବାକୁ ପାଇଥିଲେ।

୧୬୨। ଡାକ୍ତର ହତବାକ୍ ହୋଇ ଯାଇଥିଲେ ଓ କହିଥିଲେ, "ଏହା କ'ଣ ସ୍ୱପ୍ନ ? ତାଙ୍କୁ କିପରି ମୁସଲମାନ କୁହାଯିବ ? ସେ ସମସ୍ତ ଯୋଗସାଧନାରେ ସିଦ୍ଧହସ୍ତ ଓ ପୂର୍ଣ୍ଣ ଅବତାର।"

୧୬୩। ଚୋଖମେଲା[୧୫] ଜଣେ ମାହାର ଥିଲେ। ରୋହିଦାସ[୧୬] ଜଣେ ମୋଚି ଥିଲେ ଓ ସଜ୍ଜନ[୧୭] ଜଣେ କଂସାଇ ଥିଲେ। ସେମାନଙ୍କର ଜାତିବର୍ଣ୍ଣର ପ୍ରଶ୍ନ କେବେ ଉଠି ନଥିଲା ।

୧୬୪। ରୂପହୀନ, ଗୁଣହୀନ ଅବସ୍ଥା ତ୍ୟାଗକରି ସନ୍ଥମାନେ ମାନବ ସମାଜକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଓ ଜନ୍ମ ମୃତ୍ୟୁ ଚକ୍ରରୁ ଉଦ୍ଧାର କରିବା ନିମିତ୍ତ ଭୂପୃଷ୍ଠରେ ଅବତାର ଗ୍ରହଣ କରିଥାନ୍ତି।

୧୬୫। "ସେ ପ୍ରକୃତରେ କଳ୍ପ[୧୮] ବୃକ୍ଷ। ଗୋଟିଏ ମୁହୂର୍ତ୍ତରେ ଶ୍ରୀସାଇ ଓ ପର ମୁହୂର୍ତ୍ତରେ ଶ୍ରୀରାମଙ୍କ ରୂପଧରି ମୋତେ ତାଙ୍କ ପାଦତଳେ ପକାଇ ମୋର ଅହଂକାରକୁ ଚୂର୍ଣ୍ଣୀଭୂତ କରିଛନ୍ତି।"

୧୬୬। ତା' ପରଦିନ ସେ ଶପଥ କରିଥିଲେ ଓ ସାଇବାବା ତାଙ୍କ ପ୍ରତି କୃପା ନକଲେ ସେ ମସ୍‌ଜିଦ୍‌ରେ ପାଦ ପକାଇବେ ନାହିଁ ବୋଲି କହିଥିଲେ। ସେ ଶିରିଡ଼ିରେ ରହି ଉପବାସ ପାଳନ କରିଥିଲେ।

୧୬୭। ଏହିଭଳି ତିନିଦିନ କଟିଯାଇଥିଲା। ଚତୁର୍ଥ ଦିନ ସକାଳେ କ'ଣ ଘଟିଥିଲା, ଉତ୍କର୍ଣ୍ଣ ହୋଇ ଶୁଣନ୍ତୁ।

୧୬୮। ଅଚାନକ ଭାବରେ ତାଙ୍କର ଜଣେ ବନ୍ଧୁ ଖାନଦେଶରୁ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଆସି ପହଂଚିଥିଲେ।

୧୬୯। ସେମାନଙ୍କର ପରସ୍ପର ସହିତ ସାକ୍ଷାତ ନଅବର୍ଷ ପରେ ହୋଇଥିବାରୁ ଉଭୟ ଖୁସିରେ ଫାଟି ପଡ଼ିଥିଲେ। ଡାକ୍ତର ଅଜାଣତରେ ତାଙ୍କ ସହିତ ମସ୍‌ଜିଦ୍‌କୁ ଚାଲି ଯାଇଥିଲେ।

୧୭୦। ସେ ପହଂଚିବା ମାତ୍ରେ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ। ବାବା ପଚାରିଥିଲେ, "ଡାକ୍ତର! ତମକୁ କେହି ଡାକିବା ପାଇଁ ଯାଇଥିଲେ କି? କାହିଁକି ଆସିଲ, କହ!"

୧୭୧। ଏଭଳି ତୀକ୍ଷ୍ଣ ପ୍ରଶ୍ନ ଶୁଣି, ଡାକ୍ତର କ'ଣ କହିବେ ଭାବି ପାରିନଥିଲେ ଓ ନିଜର ଦୃଢ଼ ପ୍ରତିଜ୍ଞା କଥା ସ୍ମରଣ କରି ଅନୁତପ୍ତ ହୋଇଥିଲେ।

୧୭୨। ସେହିଦିନ ମଧ୍ୟରାତ୍ରିରେ ସେ କରୁଣାପ୍ରାପ୍ତ ହୋଇଥିଲେ ଓ ନିଦ୍ରାବସ୍ଥାରେ ସେ ଦିବ୍ୟ ଆନନ୍ଦର ମଧୁର ଅଭିଜ୍ଞତା ଲାଭ କରିଥିଲେ।

୧୭୩। ଡାକ୍ତର ତାଙ୍କର ନିଜ ସହରକୁ ଫେରିଯିବା ପରେ ମଧ୍ୟ ପନ୍ଦରଦିନ ଧରି ସେହି ଦିବ୍ୟ ସୁଖାନୁଭୂତି ଅବସ୍ଥା ଲାଭ କରିଥିଲେ। ଶ୍ରୀସାଇଙ୍କ ପ୍ରତି ତାଙ୍କର ଭକ୍ତି ବଢ଼ିଯାଇଥିଲା।

୧୭୪। ଶ୍ରୀସାଇଙ୍କୁ ନେଇ ଏହିଭଳି ଅନେକ ଅନୁଭୂତି ରହିଛି, ଏକୁ ଆରେକ ବଳି। ସେ ସମସ୍ତ ବର୍ଣ୍ଣନା କଲେ ଏ ଗ୍ରନ୍ଥର ଗୁରୁତ୍ୱ ଅଧିକ ବଢ଼ିବ, ମାତ୍ର କଳେବର ବୃଦ୍ଧି ପାଇବ ତେଣୁ ମୁଁ ସେସବୁ ବର୍ଣ୍ଣନାକୁ ବାଦ୍ ଦେଉଛି।

୧୭୫। ମୂଳେଙ୍କର କାହାଣୀ ଶୁଣି ଶ୍ରୋତାମାନେ ଆଶ୍ଚର୍ଯ୍ୟ ହୋଇଯାଉଥିବେ। ଆପଣମାନେ ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ତାହାର ନୀତିକଥାକୁ ବୁଝିବା ଆବଶ୍ୟକ।

୧୭୬। ନିଜ ଗୁରୁଙ୍କ ଉପରେ ଦୃଢ଼ ବିଶ୍ୱାସ ରଖନ୍ତୁ ଓ ଅନ୍ୟ କେଉଁଥିରେ ମନ ଦିଅନ୍ତୁ ନାହିଁ। ଏହି ଗଭୀର ଅର୍ଥକୁ ମନେ ରଖନ୍ତୁ।

୧୭୭। ବାବାଙ୍କ ଲୀଳାର ଅନ୍ୟ କୌଣସି ଉଦ୍ଦେଶ୍ୟ ଥିବାଭଳି ମନେହୁଏ ନାହିଁ। ଯେତେ ଜ୍ଞାନୀ ବ୍ୟକ୍ତି ହେଲେ ମଧ ସେ ଏହି ଅର୍ଥହିଁ ବାହାର କରିବେ।

୧୭୮। ଅନ୍ୟମାନେ ବିଖ୍ୟାତ ହୋଇଥାଇପାରନ୍ତି, ଆପଣଙ୍କ ନିଜର ଗୁରୁ ହୁଏତ ସେମିତି ନୁହଁନ୍ତି । ମାତ୍ର ଆମର ଆସ୍ଥା ଓ ବିଶ୍ୱାସ ଆମ ଗୁରୁଙ୍କ ଉପରେ ହିଁ ରହିବା ଉଚିତ ବୋଲି ଏହି ଘଟଣା ଶିକ୍ଷା ଦେଇଥାଏ।

୧୭୯। ପ୍ରାଚୀନ ଶାସ୍ତ୍ରମାନଙ୍କରେ ମଧ ଏହି ଉପଦେଶ ଦିଆଯାଇଅଛି। ଆତ୍ମପ୍ରତ୍ୟୟ ସୁଦୃଢ଼ ନ ଥିଲେ ଆସ୍ଥା ବିଶ୍ୱାସ ଫଳପ୍ରଦ ହୁଏ ନାହିଁ କି ଦୃଢ଼ୀଭୂତ ହୁଏନାହିଁ ।

୧୮୦। କେତେକ ଲୋକଙ୍କର ନିଜ ଉପରେ ପୂର୍ଣ୍ଣ ବିଶ୍ୱାସ ନ ଥିଲେ ମଧ ଆତ୍ମା ଉପରେ ନିବିଷ୍ଟ ଚିତ୍ତ ଥିବାର ଛଳନା କରି ଜୀବନସାରା ପ୍ରତି ପଦପାତରେ ଦୁଃଖ ଭୋଗ କରୁଥାନ୍ତି।

୧୮୧। ସେମାନଙ୍କର ଇଚ୍ଛା ଏଠାରେ ପୂରଣ ହୁଏ ନାହିଁ କିମ୍ବା ପରେ ମଧ ମୁକ୍ତି ମିଳେ ନାହିଁ। ଜୀବନସାରା ସେମାନେ ଚିନ୍ତା କରୁଥାନ୍ତି। କ୍ଷଣକ ପାଇଁ ଶାନ୍ତି ଅନୁଭବ କରି ନ ଥିବା ବେଳେ ସେମାନେ ମୁକ୍ତି ନିମନ୍ତେ ଆଶାବାନ୍ଧି ବସିଥାନ୍ତି।

୧୮୨। ଏ ବିଷୟରେ ଆଲୋଚନା ଯଥେଷ୍ଟ ହୋଇଗଲା। ଏହା ତୁଳନାରେ ପରବର୍ତ୍ତୀ ଅଧ୍ୟାୟରେ ଆପଣମାନେ ଆହୁରି ଅଧିକ ଆନନ୍ଦ ପାଇବେ। ଶ୍ରୀସାଇଙ୍କର ବାରମ୍ବାର ଦର୍ଶନ ଲାଭ କଲେ ଅମାପ ସୁଖଶାନ୍ତି ମିଳିଥାଏ।

୧୮୩। ଭକ୍ତ ଭୀମାଜୀ ପାଟିଲଙ୍କ ଯକ୍ଷ୍ମାରୋଗ କିପରି ଭଲ ହେଲା ଓ ଭକ୍ତ ଚାନ୍ଦୋରକରଙ୍କୁ ଦୃଶ୍ୟ ହେବା ପରେ କିପରି ତାଙ୍କର ଆସ୍ଥା ବିଶ୍ୱାସ ବଢ଼ିଥିଲା, ସେ କଥା ଶୁଣିବେ।

୧୮୪। ଦର୍ଶନର ଶକ୍ତି ଏପରି ଯେ ତାହା ଦ୍ୱାରା ପାପ କ୍ଷୟ ହୋଇଯାଏ, ସାଂସାରିକ ସୁଖ ଅସଂଖ୍ୟ ହୋଇଯାଏ ଓ ପରପାରିରେ ଅସୀମ ଉପହାର ମିଳିଥାଏ।

୧୮୫। ଯେତେବେଳେ ଜଣେ ନାସ୍ତିକ ଉପରେ ଯୋଗୀଙ୍କର ଚକ୍ଷୁ ପଡ଼ିବା ମାତ୍ରକେ ତାହାର ପାପ କ୍ଷୟ ହୋଇଯାଇଥାଏ, ସେତେବେଳେ ଜଣେ ଈଶ୍ୱର ବିଶ୍ୱାସୀ ସମ୍ବନ୍ଧରେ କ'ଣ କହିବା! ତାହାର ପାପ ତ ଅତି ସହଜରେ କ୍ଷୟ ହୋଇଯାଇଥାଏ।

୧୮୬। ଯାହାଙ୍କର ମନ ସ୍ଥିର ଓ ଅପ୍ରତ୍ୟକ୍ଷ ଉପଲବ୍ଧିର ଅନୁଭୂତି ରହିଛି, ସେ ନିଜ ଆଖିରେ ବାବାଙ୍କୁ ଦର୍ଶନ କଲେ, ତାଙ୍କର ପୁଞ୍ଜୀଭୂତ ମହାପାପ ମଧ ନିଶ୍ଚିହ୍ନ ହୋଇଯାଏ।

୧୮୭। ବାବାଙ୍କର ସ୍ୱଭାବ ଏମିତି ବୁଝି ହୁଏନାହିଁ । ବାବା ଆପଣମାନଙ୍କୁ ସମସ୍ତଙ୍କୁ ଭଲ ପାଆନ୍ତି। ତେଣୁ ଅଜ୍ଞ ଓ ଜ୍ଞାନୀଗଣ ଶୁଦ୍ଧ ମନରେ ଶୁଣନ୍ତୁ।

୧୮୮। ଯେଉଁଠାରେ ଆମ୍ଭରେ ପ୍ରେମ ଓ ଭକ୍ତି ରହିଛି, ଯେଉଁଠାରେ ଲୋକେ ବାବାଙ୍କ ସହିତ ସ୍ନେହରେ ଜଡ଼ିତ ଅଛନ୍ତି,ସେଠାରେ ବିନମ୍ର ଆବେଗ ପ୍ରକାଶ ପାଏ ଓ ଶୁଣିବାର ଆନନ୍ଦ ମିଳେ।

୧୮୯। ଯେଉଁମାନେ ପୂର୍ଣ୍ଣପ୍ରାଣରେ ଶରଣାଗତ, ସେମାନଙ୍କ ପାଇଁ ଆଶ୍ରୟର ସ୍ୱର୍ଗ ହେଉଛି ଶ୍ରୀସାଇଙ୍କ

ପଦଯୁଗଳ। ସେଇ ପଦଯୁଗଳରେ ହେମାଡ଼ ପ୍ରଣାମ କରୁଛି। ଅସୀମ ଶକ୍ତିର ଅଧିକାରୀ ଭାବରେ ଶ୍ରୀସାଇ ଏହି ଜଗତର ଡରଭୟକୁ ଧ୍ୱଂସ କରିଦେବାପାଇଁ ସମର୍ଥ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀରାମ ଓ ଗୋଲାପ ସ୍ୱାମୀ ଦର୍ଶନ" ଶୀର୍ଷକ ଦ୍ୱାଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଏକଦା ସେ କରଆଞ୍ଜୁଳିରେ ସମୁଦ୍ରକୁ ଚଳୁକରି ଦେଇଥିଲେ।

୨- ଶାସ୍ତ୍ର ମତରେ ଯିଏ ସକାଳ ଓ ସନ୍ଧ୍ୟାରେ ହୋମ କରିଥାନ୍ତି।

୩- ମହାସମାଧି।

୪- 'ବାଘ ନ ଥିଲେ ବିରାଡ଼ି ଦେଖ' ନ୍ୟାୟରେ।

୫- ପୋଲା ଅମାବାସ୍ୟାରେ ବଳଦମାନଙ୍କୁ ପୂଜା କରାଯାଏ। ପ୍ରତି ଶ୍ରାବଣ ଅମାବାସ୍ୟାରେ ଏହି ଉତ୍ସବ ପାଳିତ ହୁଏ।

୬- ବିଭିନ୍ନ ପ୍ରକାରର ମିଷ୍ଟାନ୍ନ।

୭- ଅବତାରଙ୍କ ପାଦରେ ଏହି ଚିହ୍ନସବୁ ରହିଥାଏ।

୮- ନୈଷ୍ଠିକ ବ୍ରାହ୍ମଣମାନେ ସ୍ନାନାଦି ସାରି ପୂଜାରେ ବସିବା ପୂର୍ବରୁ ଏହି ସିଲ୍‌କ ବସ୍ତ୍ର ପିନ୍ଧନ୍ତି। ଏହି ବସ୍ତ୍ର ପବିତ୍ର ବିବେଚିତ ହେଉଥିବାରୁ ଏହାକୁ ପିନ୍ଧାଯିବା ପରେ ଅନ୍ୟ କାହାରିକୁ କିମ୍ବା ଅଶୌଚ ବସ୍ତୁକୁ ଛୁଇଁବାକୁ ମନା।

୯- ବିଶ୍ୱାମିତ୍ରଙ୍କର ଶିଷ୍ୟ ତ୍ରିଶଙ୍କୁ ସ୍ୱର୍ଗକୁ ଯାଇପାରିଲେ ନାହିଁ କିମ୍ବା ମର୍ତ୍ତ୍ୟକୁ ଫେରି ପାରିଲେ ନାହିଁ । ମଝିରେ ଅଟକି ଯାଇଥିଲେ।

୧୦-ନାସିକରେ ଗୋଲାପ ସ୍ୱାମୀ ରହୁଥିଲେ। ସେ ଶାସ୍ତ୍ରଜ୍ଞ ଓ ଅଗ୍ନିହୋତ୍ରୀ ଥିଲେ।

୧୧-କୁବେର ଭଣ୍ଡାରର ଅଧିକାରୀ ହୋଇଗଲେ ମନରେ ଯେମିତି ଭାବନା ଆସିଥାଏ।

୧୨-ବାବାଙ୍କ ପାଦଧୁଆ ଜଳ।

୧୩-ଝାଳ ବୋହିବା, ନିରବ ହୋଇଯିବା, ରୋମ ଟାଙ୍କୁରିବା, କଣ୍ଠସ୍ୱର ବଦଳିବା, ଥରିବା, ଶରୀରର ରଙ୍ଗ ବଦଳିଯିବା, ଆଖିରୁ ଲୁହ ଝରିବା ଓ ଜ୍ଞାନ ହରାଇବା।

୧୪-ପଂକ୍ତି ୧୦୯ରେ ବାବା କହିଥିବା ବାକ୍ୟ ଦେଖନ୍ତୁ।

୧୫-ଜ୍ଞାନେଶ୍ୱର ଓ ନାମଦେବଙ୍କ ସମସାମୟିକ, ନୀଚ ଜାତିରେ ଜନ୍ମ। ସେ ମଙ୍ଗଳବେଢ଼ାରେ ରହୁଥିଲେ ଓ ପାଣ୍ଡୁରଙ୍ଗାଙ୍କର ଭକ୍ତ ଥିଲେ। ସେ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ଅନୁମତି ନ ପାଇ ମନ୍ଦିର ସମ୍ମୁଖରେ ଦୀପ ରଖିବା ପାଇଁ ପଥରର ଗୋଟିଏ ସ୍ତମ୍ଭ ନିର୍ମାଣ କରିଥିଲେ ଓ ସେଇଠି ରହୁଥିଲେ। ତାଙ୍କର ଅଭଙ୍ଗ ରଚନାବଳୀ ଖୁବ୍ ବିଖ୍ୟାତ ହୋଇଥିଲା ।

୧୬-ନୀଚ ଜାତିର ଲୋକ।

୧୭-ବିଷ୍ଣୁ ଭକ୍ତ ଥିଲେ। ସେ ପୁରୀ ଜଗନ୍ନାଥଙ୍କ ଦର୍ଶନକୁ ଆସୁଥିବା ସମୟରେ ତାଙ୍କ ବିରୁଦ୍ଧରେ ଜଣେ ମହିଳାଙ୍କର ମିଥ୍ୟା ଅଭିଯୋଗର ବିଚାର କରି କୋର୍ଟ ତାଙ୍କର ହାତ ଦୁଇଟିକୁ କାଟି ଦେବାର ଆଦେଶ ଦେଇଥିଲେ ଓ ତାହା କାର୍ଯ୍ୟକାରୀ ହୋଇଥିଲା। କିନ୍ତୁ ପୁରୀରେ ପହଞ୍ଚିବା ପରେ ଶ୍ରୀଜଗନ୍ନାଥ ତାଙ୍କୁ ସ୍ୱାଗତ କରିଥିଲେ । ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରିବା ପାଇଁ ଦୁଇ ଖଣ୍ଡିଆ ହାତକୁ ଯୋଡ଼ିବା ସମୟରେ ତାଙ୍କର ଦୁଇ ହାତ ଖଣ୍ଡିଆ ସ୍ଥାନରୁ ଗଜୁରି ଉଠିଥିଲା।

୧୮-ସମସ୍ତ ଇଚ୍ଛା ପୂରଣ କରୁଥିବା ବୃକ୍ଷ।



ନିଜ ଗୁରୁଙ୍କ ଉପରେ ଦୃଢ଼ ବିଶ୍ୱାସ ରଖନ୍ତୁ ଓ ଅନ୍ୟ କେଉଁଥିରେ ମନ ଦିଅନ୍ତୁ ନାହିଁ। ଏହି ଗଭୀର ଅର୍ଥକୁ ମନେ ରଖନ୍ତୁ। (୧୨ଶ ଅଧ୍ୟାୟ, ପଂକ୍ତି-୧୭୬)

॥୧୩॥

ଭୀମାଜୀଙ୍କର ଯକ୍ଷ୍ମାରୋଗରୁ ମୁକ୍ତି

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ବାବାଙ୍କର ସମସ୍ତ ଉକ୍ତି ବେଦ ଭଳି ଶାଣିତ, ସାରଗର୍ଭକ, ଗଭୀର ଅର୍ଥପୂର୍ଣ୍ଣ, ବହୁ ବ୍ୟାପକ ଅଥଚ ସଂକ୍ଷିପ୍ତ।

୨। ପ୍ରତିଟି ଉକ୍ତି ଗଭୀର ଓ ସଠିକ୍ ଅର୍ଥବୋଧକ। କୌଣସିଟି ନିଷ୍ଫଳ ନୁହଁ, ବରଂ ସୁବ୍ୟବସ୍ଥିତ ଓ ଅମୂଲ୍ୟ।

୩। ନିଜର ଭୂତ ଓ ଭବିଷ୍ୟତ ସମ୍ପର୍କରେ ଜାଗ୍ରତ ଏବଂ ସାବଧାନ ରହନ୍ତୁ। ଭାଗ୍ୟକୁ ଗ୍ରହଣ କରି ନିଜର ସମ୍ବଳ ମଧ୍ୟରେ ଚଳନ୍ତୁ। ସବୁବେଳେ ସନ୍ତୋଷରେ ରହନ୍ତୁ। ଦୁଃଖ କରନ୍ତୁ ନାହିଁ।

୪। "ମୁଁ ଜଣେ ଫକୀର, ମୋର ଘର ନାହିଁ କି ପରିବାର ନାହିଁ, କେଉଁଥିରେ ଜଡ଼ିତ ନ ହୋଇ ଗୋଟିଏ ସ୍ଥାନରେ ବସି ରହୁଛି, ସମସ୍ତ ସାଂସାରିକ ବ୍ୟାପାର ତ୍ୟାଗ କରିଛି ।"

୫। "ତଥାପି ମାୟା ଅବଶ୍ୟମ୍ଭାବୀ । ସେ ଅନେକ ସମୟରେ ମୋତେ ହଇରାଣ କରୁଛି। ମୁଁ ତାକୁ ଭୁଲି ଯାଇଛି ସିନା, ସେ ମୋତେ ଭୁଲି ନାହିଁ। ସେ ସବୁବେଳେ ଆସି ମୋତେ ଆଲିଙ୍ଗନ କରୁଛି।"

୬। "ଆଦିମାୟା ଭଗବାନଙ୍କ ନିକଟରୁ ଉତ୍ପତ୍ତି ହୋଇ ବ୍ରହ୍ମା ଓ ଅନ୍ୟମାନଙ୍କୁ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ କରିଦେଇଛି। ମୋ ଭଳି ଗରିବ ଫକୀର ସମ୍ପର୍କରେ କ'ଣ କହିବି ?"

୭। "ତାହାର କବଳରୁ କେବଳ ଭଗବାନଙ୍କ ଦୟା ତୁମ୍ଭମାନଙ୍କୁ ରକ୍ଷା କରିପାରେ। ଭଗବାନଙ୍କର ନାମକୁ ବାରମ୍ବାର ଉଚ୍ଚାରଣ ନ କଲେ ଏହି ବନ୍ଧନ ଧ୍ୱଂସ ହେବ ନାହିଁ।"

୮। ବାବା ମାୟାର ଶକ୍ତି ସମ୍ପର୍କରେ ଏହିଭଳି କହି ଭକ୍ତମାନଙ୍କୁ ବୁଝାଇଥିଲେ ଓ ଭଗବାନଙ୍କର ନାମୋଚ୍ଚାରଣ ମାୟାର ପ୍ରତିକାର ନିମନ୍ତେ ଏକମାତ୍ର ମହୌଷଧି ବୋଲି ଭକ୍ତମାନଙ୍କୁ ଚେତାଇ ଦେଇଥିଲେ ।

୯। ଭାଗବତରେ ଉଦ୍ଧବଙ୍କ ସହ କଥୋପକଥନ ସମୟରେ 'ସନ୍ଥମାନେ ମୋର ଅବତାର' ବୋଲି ଶ୍ରୀକୃଷ୍ଣ କହିଛନ୍ତି। ତାଙ୍କର ଏହି ସ୍ୱଷ୍ଟ ବାଣୀକୁ କିଏ ଅବା ଜାଣି ନାହିଁ ?

୧୦। ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ, ମହାନ୍ ଦୟାମୟ ଶ୍ରୀସାଇ ଏହି ବକ୍ତବ୍ୟର ସାରାଂଶ ବୁଝାଇବାକୁ ଯାଇ ଯାହା କହିଥିଲେ, ତାହାକୁ ସଂଭ୍ରମର ସହିତ ଶୁଣନ୍ତୁ।

୧୧। "ଯେଉଁ ଧାର୍ମିକ ବ୍ୟକ୍ତିମାନଙ୍କର ସମସ୍ତ ପାପ ଖଣ୍ଡନ ହୋଇଯାଇଛି ଓ ଯେଉଁମାନେ ମୋତେ ବୁଝି ପାରିଛନ୍ତି, ସେଇମାନେ ମୋର ଅନୁଗାମୀ ହୋଇଛନ୍ତି।

୧୨। "ତମେ ସବୁବେଳେ 'ସାଇ ସାଇ' ଜପ କଲେ, ମୁଁ ତମକୁ ସାତ ସମୁଦ୍ରର ଆରପାରିକୁ ନେଇଯାଇ ପାରିବି। ତମେ ଏହି ଉକ୍ତିକୁ ବିଶ୍ୱାସ କଲେ ନିଶ୍ଚିତ ଭାବରେ ଲାଭବାନ ହେବ।

୧୩। "ମୁଁ ଷୋଡ଼ଶ[୧] ଉପଚାର କିମ୍ବା ଅଷ୍ଟୋପଚାରରେ[୨]

ପୂଜିତ ହେବା ପାଇଁ ଚାହେଁ ନାହିଁ। ଯେଉଁଠାରେ ଅଗାଧ ଭକ୍ତି ରହିଥାଏ ମୁଁ ସେଇଠାରେ ଥାଏ।"

୧୪। ବାବା ଭକ୍ତମାନଙ୍କୁ ଏହିଭଳି କଥା ମଝିରେ ମଝିରେ ପ୍ରେମ ସହକାରେ କହୁଥିଲେ। ସେହି ପ୍ରେମମୟ ଉକ୍ତିକୁ ସ୍ମରଣ କରି ସାନ୍ତ୍ୱନା ଲାଭ କରିବା ଆସନ୍ତୁ।

୧୫। ଦୟାଳୁ ଶ୍ରୀସାଇ ବନ୍ଧୁ ଓ ମଙ୍ଗଳକାରୀ ଭାବରେ ତାଙ୍କର ଶରଣାଗତ ହୋଇଥିବା ଭକ୍ତମାନଙ୍କୁ ରକ୍ଷା କରିଥାନ୍ତି। ଜଣେ ଭକ୍ତର ମଙ୍ଗଳ ପାଇଁ ସେ କରିଥିବା ଏକ ବିସ୍ମୟକର କାହାଣୀ ଶୁଣନ୍ତୁ।

୧୬। ମନର ବାରବୁଲା ଭାବକୁ ଛାଡ଼ି ଦେଇ, ଏକାଗ୍ର ଚିତ୍ତରେ ଏହି ନୂଆ କାହାଣୀଟିକୁ ଶୁଣନ୍ତୁ। ତାହା ଶୁଣିଲେ ଆପଣମାନଙ୍କର ଇଚ୍ଛା ପୂରଣ ହୋଇପାରିବ।

୧୭। ଶ୍ରୀସାଇଙ୍କ ମୁଖନିଃସୃତ ଅମୃତବାଣୀର ବର୍ଷା ସ୍ୱତଃ ହେଉଛି ଜୀବନର ସୁଫଳ ଓ ସୁମଙ୍ଗଳ। ନିଜେ ପାଉଥିବା ଉପକାର ସମ୍ପର୍କରେ ଜାଣିଥିବା ବ୍ୟକ୍ତି ଶିରିଡ଼ିରେ ରହିବା ସମୟରେ ଶାରୀରିକ ଅସୁବିଧା ହେଉଥିବା ବିଷୟରେ ଅଭିଯୋଗ ଆଣିବ କି?

୧୮। ଜଣେ ଅଗ୍ନିହୋତ୍ରୀଙ୍କୁ ତାଙ୍କର ସ୍ୱର୍ଗତ ଗୁରୁଙ୍କୁ ଦର୍ଶନ କରାଇ ଅପାର ଆନନ୍ଦ ବାବା ଦେଇଥିବାର ଘଟଣା ଆମେ ପୂର୍ବ ଅଧ୍ୟାୟରେ ଶୁଣିଅଛୁ।

୧୯। ଏହି ଅଧ୍ୟାୟରେ ଆମେ ଅଧିକ କୌତୂହଳଜନକ କାହାଣୀ ଜଣେ ଭକ୍ତଙ୍କ ସମ୍ପର୍କରେ ଶୁଣିବା, ଯାହାଙ୍କୁ ଯକ୍ଷ୍ମା ରୋଗରୁ ମୁକ୍ତ କରି ସୁନ୍ଦର ସ୍ୱାସ୍ଥ୍ୟ ପୁଣି ଲାଭ କରିବା ପାଇଁ, ବାବା ସ୍ୱପ୍ନ ମାଧ୍ୟମରେ ଶିକ୍ଷା ଦେଇଥିଲେ।

୨୦। ଭକ୍ତଗଣ ମନଧ୍ୟାନ ଦେଇ ଶ୍ରୀସାଇଙ୍କର ଗଭୀର ଶ୍ରଦ୍ଧାପୂର୍ଣ୍ଣ ଆଚରଣ ସମ୍ପର୍କରେ ଶୁଣନ୍ତୁ, ଯାହା ସମସ୍ତ ପାପ କ୍ଷୟ କରିଦିଏ।

୨୧। ଏହି ବର୍ଣ୍ଣନା ପବିତ୍ର ଓ ପୁଣ୍ୟତୋୟା ଗଙ୍ଗାର ଜଳ ଭଳି ପାପନାଶକ। ଶ୍ରୋତାମାନଙ୍କର କର୍ଣ୍ଣ ଏହି ବର୍ଣ୍ଣନା ଶୁଣି ପବିତ୍ର ଓ ଧନ୍ୟ ହେବ। କାରଣ, ସେହି ମାଧ୍ୟମ ଦ୍ୱାରା ବର୍ତ୍ତମାନ ଓ ପରବର୍ତ୍ତୀ ସମୟରେ ସେମାନଙ୍କର ମଙ୍ଗଳ ସାଧିତ ହେବ।

୨୨। ଏହାକୁ ଅମୃତ ସହିତ ତୁଳନା କଲେ, ଏହାଠାରୁ ଅମୃତ କେବେ ଅଧିକ ମଧୁର ହେବନାହିଁ। ଅମୃତ ଜୀବନ ବଂଚାଇପାରେ, କିନ୍ତୁ ଏହି କାହାଣୀ ଜୀବନ-ମୃତ୍ୟୁ ଚକ୍ର ମଧ୍ୟରୁ ମୁକ୍ତି ପ୍ରଦାନ କରିବ।

୨୩। ଲୋକେ ନିଜକୁ ଶକ୍ତିଶାଳୀ ଭାବି ନିଜ ଇଚ୍ଛାରେ ସବୁକିଛି କରିପାରିବେ ବୋଲି କହିଥାନ୍ତି। ଏହି ଭଳି ଭାବୁଥିବା ବ୍ୟକ୍ତିମାନେ ଏହି କାହାଣୀକୁ ମନଧ୍ୟାନ ଦେଇ ଶୁଣନ୍ତୁ।

୨୪। ଯଦି ମନୁଷ୍ୟ ପ୍ରକୃତରେ ସ୍ୱାଧୀନ, ତେବେ ରାତିଦିନ ସୁଖଶାନ୍ତି ପାଇବା ପାଇଁ ଲାଗିଥିବା ସମୟରେ ସେ କାହିଁକି ଅଶାନ୍ତି ହିଁ ପାଇଥାଏ? ଏହାହିଁ ଜୀବନର କାହାଣୀ।

୨୫। ମନୁଷ୍ୟ ଅଶାନ୍ତିକୁ ପ୍ରତି ପଦକ୍ଷେପରେ ଦୂରେଇ ରଖିବା ପାଇଁ ଯତ୍ନଶୀଳ ଥିବା ସମୟରେ ଦୁଃଖଶୋକ ତାହାକୁ ସଦ୍ୱରେ ଖୋଜି ଖୋଜି ତାହା ପଛେ ପଛେ ଚାଲିଥାଏ।

୨୬। ଦୁଃଖଶୋକକୁ କେହି ବ୍ୟକ୍ତି ଫୋପାଡ଼ି ଦେବାକୁ ଚାହିଁଲେ ତାହା ସେ ବ୍ୟକ୍ତିର ବେକକୁ ଜୋରରେ ଜାବୁଡ଼ି ଧରେ ଓ ତାକୁ ଫିଙ୍ଗି ଦେବାକୁ ଚାହିଁଲେ ଅଧିକ ଜଡ଼ି ଯାଇଥାଏ। ତାହା ବିରୋଧରେ ମନୁଷ୍ୟର ଚେଷ୍ଟା ବ୍ୟର୍ଥ ହୁଏ। ତାହା ମନୁଷ୍ୟକୁ କେବଳ ନିର୍ବଳ କରିଦିଏ।

୨୭। ମନୁଷ୍ୟ ପ୍ରକୃତରେ ମୁକ୍ତ ହୋଇଥିଲେ ସବୁବେଳେ ସମ୍ପୂର୍ଣ୍ଣ ସୁଖଶାନ୍ତି ପାଉଥାନ୍ତା ଓ ଟିକିଏ ହେଲେ ଅଶାନ୍ତି ପାଉନଥାନ୍ତା।

୨୮। ତାହାକୁ ମୁକ୍ତ ବୋଲି ଧରାଗଲେ, ସେ କେବେ କିଛି ପାପ କରନ୍ତା ନାହିଁ ଓ ପୁଣ୍ୟ ସଂଚୟ ବଢ଼ାଇ ନିଜର ସୁଖଶାନ୍ତି ବୃଦ୍ଧି କରୁଥାନ୍ତା।

୨୯। କିନ୍ତୁ, ମନୁଷ୍ୟ ସ୍ୱାଧୀନ ନୁହେଁ। ତା'ର ପୂର୍ବ ଜନ୍ମର କର୍ମ ସହିତ ସେ ଜଡ଼ିତ ଓ ସେହି କର୍ମର ରୀତି ଅଦ୍ଭୁତ। ସେ କର୍ମ ହାତରେ ଚିର କାଳ ପାଇଁ ସଖୀକଣ୍ଢେଇ ହୋଇଥାଏ।

୩୦। ଜଣେ ପୁଣ୍ୟ କର୍ମ କରିବାକୁ ଚିନ୍ତା କରି ଚେଷ୍ଟା କରୁଥିବା ସମୟରେ ପାପ ଆଡ଼କୁ ଟାଣି ହୋଇ ଯାଇଥାଏ। ପୁଣ୍ୟବାନ ହେବାକୁ ଇଛା କରିଥିଲେ ମଧ୍ୟ ସେ ପାପୀ ହୋଇଯାଏ।

୩୧। ଏବେ ପୁଣେ ଜିଲ୍ଲାର ଜୁନ୍ନର ତାଲୁକରେ ନାରାୟଣ ଗାଁର ବାସିନ୍ଦା ଭୀମାଜୀ ପାଟିଲଙ୍କ କାହାଣୀ ଶୁଣନ୍ତୁ। ଏହା ଅମୃତ ଭଳି ମଧୁର।

୩୨। ଭୀମାଜୀ ଜଣେ ଧନୀ ଓ ପରୋପକାରୀ ବ୍ୟକ୍ତି

ଥିଲେ। ସେ କେବେ ଦୁଃଖ ଅନୁଭବ କରୁନଥିଲେ । ସବୁବେଳେ ଖୁସିରେ ରହୁଥିଲେ।

୩୩। ଭାଗ୍ୟ ବିଚିତ୍ର ଖେଳ ଖେଳିଥାଏ। କୌଣସି ଯୁକ୍ତି ବା କାରଣ ନଥାଇ ଆମେ ଲାଭ କିମ୍ବା କ୍ଷତି ସହିଥାଉ। କର୍ମର ଫଳ ମନୁଷ୍ୟ ବ୍ୟାଧି ଆକାରରେ ଭୋଗ କରିଥାଏ।

୩୪। ଭୀମାଜୀଙ୍କର ଅବସ୍ଥା ୧୯୦୯ ମସିହାରେ ଖୁବ୍ ଖରାପ ହୋଇଥିଲା। ତାଙ୍କୁ ଧଇଁକାଶ ଓ ଯକ୍ଷ୍ମା ଧରିଥିଲା। ଶରୀରରେ ଅଧିକ ଉତ୍ତାପ ରହୁଥିଲା।

୩୫। ଧଇଁକାଶ ଅସହ୍ୟ ହେବା ସହିତ ଜ୍ୱର ଦିନକୁ ଦିନ ବଢୁଥିଲା ଓ ଏହା ଲାଗି ରହୁଥିଲା। ଭୀମାଜୀ ଭଲ ହେବାର ଆଶା ଛାଡ଼ି ଦେଇଥିଲେ।

୩୬। ତାଙ୍କ ପାଟିରୁ ସବୁବେଳେ ଖଙ୍କାର ବାହାରୁଥିଲା । ତାଙ୍କର ପାଟି ବିସ୍ୱାଦ ଲାଗୁଥିଲା ଓ ରକ୍ତବାନ୍ତି ହେଉଥିଲା। ପେଟବିନ୍ଧା କ୍ରମାଗତ ଲାଗିରହିବା ସହିତ ସେ ଅସ୍ଥିର ଓ ତନ୍ଦ୍ରାଚ୍ଛନ୍ନ ରହୁଥିଲେ।

୩୭। ସେ ବିଛଣାରେ ପଡ଼ି ରହିଥିଲେ। ତାଙ୍କର ଶକ୍ତି କ୍ଷୟହୋଇ ଅଙ୍ଗଗୁଡ଼ିକ ଶିଥିଳ ହୋଇପଡ଼ିଥିଲା ଓ ଶରୀର କ୍ରମେ କ୍ଷୀଣ ହୋଇଯାଉଥିଲା। ସବୁ ପ୍ରକାର ଚିକିତ୍ସା କରାଯାଇଥିଲା। ଚେଷ୍ଟାରେ ହେଳା ନଥିଲା । କିନ୍ତୁ ତାଙ୍କର ଅବସ୍ଥା ଶୋଚନୀୟ ହୋଇଥିଲା ।

୩୮। ସେ ସବୁପ୍ରକାର ଖାଦ୍ୟ ଖାଇବାର ସ୍ୱାଦ ଓ ପୁଷ୍ଟିକାରିତା ହରାଇଥିଲେ। ହାଲୁକା ପଥ୍ୟ କିମ୍ବା ଭାତମଣ୍ଡକୁ ମଧ୍ୟ ହଜମ କରି ପାରୁନଥିଲେ। ତାଙ୍କର ଅବସ୍ଥା ଅସହ୍ୟ ହୋଇ ପଡ଼ିଥିଲା ଓ ସେ କ'ଣ କରିବେ କିଛି ଭାବି ପାରୁନଥିଲେ।

୩୯। ସମସ୍ତ ଧର୍ମକର୍ମ ଓ ପୂଜାପାଠ କରାଯାଇଥିଲା। ଡାକ୍ତର ଓ ବୈଦ୍ୟମାନେ ହାତଟେକି ବସିଥିଲେ । ସେ ବଂଚିବାର ଆଶା ଛାଡ଼ି ଦେଇ ଦୁଃଖରେ ଭାଂଗି ପଡ଼ିଥିଲେ।

୪୦। ସେ ମନମାରି ରହୁଥିଲେ ଓ ଅନୁଭବ କରୁଥିଲେ ଯେ ସେ ମାତ୍ର ଅଳ୍ପ କିଛିଦିନ ଆଉ ବଂଚିବେ। ଦିନକୁ ଦିନ ସେ ଅଧିକରୁ ଅଧିକ ଶକ୍ତିହୀନ ହୋଇ ନିଜର ଶେଷ ଦିନ ଗଣୁଥିଲେ।

୪୧। ସେ ତାଙ୍କର ଇଷ୍ଟଦେବୀଙ୍କୁ ପୂଜା ପ୍ରାର୍ଥନା କରିଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟ ଫେରି ନଥିଲା । ଜ୍ୟୋତିଷ, ସାଧକ, ଗୁଣିଆଁ ଆଦିଙ୍କ ସହିତ ପରାମର୍ଶ କରି କରି ସେ ବିରକ୍ତ ହୋଇ ଯାଇଥିଲେ।

୪୨। କେତେକ ତାଙ୍କର ଅବସ୍ଥା ଶରୀରର ଦୁର୍ବଳତା କାରଣରୁ ବୋଲି କହୁଥିବା ସମୟରେ ଅନ୍ୟ କେତେଜଣ ତାହାକୁ ଭାଗ୍ୟର ଫଳ ବୋଲି କହୁଥିଲେ । ଭାଗ୍ୟଫଳ ଉପରେ ମନୁଷ୍ୟର କର୍ତ୍ତୃତ୍ୱ ନଥିବାରୁ ତାହାକୁ ଭୋଗ କରିବାକୁ ହେବ ବୋଲି ସେମାନେ କହୁଥିଲେ।

୪୩। ଅନେକ ଡାକ୍ତର ଓ ହକିମ୍‌ଙ୍କ ପ୍ରଚେଷ୍ଟା ଏବଂ ସମସ୍ତ ପ୍ରକାର ପ୍ରତିକାର ବ୍ୟବସ୍ଥା ବ୍ୟର୍ଥ ହୋଇଥିଲା। କେହି କିଛି କରିପାରୁନଥିଲେ। ସମସ୍ତ ଚେଷ୍ଟା ବିଫଳ ହୋଇଥିଲା।

୪୪। ପାଟିଲ ବହୁତ ଦୁଃଖରେ ଥିଲେ। ସେ କହୁଥିଲେ, "ହେ ଭଗବାନ! ମୁଁ କ'ଣ କରିଛି କାହିଁକି ଭଲ ହେଉନାହିଁ? ଇଏ କି ପାପର ଫଳ?''

୪୫। ଭଗବାନଙ୍କର ଲୀଳା ବିଚିତ୍ର! ଆପଣ ସୁଖୀ ଥିବା ସମୟରେ ମୁହୂର୍ତ୍ତକ ପାଇଁ ବି ସେ ତାଙ୍କର ଉପସ୍ଥିତି ସମ୍ବନ୍ଧରେ ଜଣାଇନଥାନ୍ତି। ତାଙ୍କର କାର୍ଯ୍ୟ ପ୍ରକୃତରେ ଅସାଧାରଣ।

୪୬। ତାଙ୍କ ମନକୁ ଆସିଲେ, ସେ ଗୋଟାଏ ପରେ ଗୋଟାଏ ଦୁଃଖ ପଠାଇ ତାଙ୍କୁ ସ୍ମରଣ କରିବା ପାଇଁ ବାଧ୍ୟ କରାଇବେ। ଆପଣ ଡାକିବେ: " ହେ ନାରାୟଣ ! ମୋତେ ରକ୍ଷା କର ! ମୋ ପାଖକୁ ଦୌଡ଼ିଆସ।"

୪୭। ତାହାହିଁ ହୋଇଥିଲା। ତାଙ୍କର ପ୍ରବଳ ଓ କୋହଭରା କ୍ରନ୍ଦନ ଶୁଣି ଭଗବାନ ତରଳି ଯାଇଥିଲେ। ଭୀମାଜୀ ନାନାଙ୍କ[୩] ପାଖକୁ ଚିଠିଟିଏ ଲେଖିବା ପାଇଁ ପ୍ରେରଣା ପାଇଥିଲେ।

୪୮। ପାଟିଲ ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ଯେ 'ଏ ପର୍ଯ୍ୟନ୍ତ ଯାହା କେହି କରିପାରି ନାହାନ୍ତି, ତାହା ନାନା କରିପାରିବେ।'

୪୯। ସେହି ଶୁଭ ମୁହୂର୍ତ୍ତ ହିଁ ରୋଗ ଭଲହେବାର ଆରମ୍ଭ ଥିଲା। ସେ ସମସ୍ତ ଘଟଣା ଲେଖି ନାନାଙ୍କ ନିକଟକୁ ଚିଠି ପଠାଇ ଦେଇଥିଲେ।

୫୦। ନାନାଙ୍କୁ ମନେ ପକାଇବା କାର୍ଯ୍ୟ ମଧ୍ୟ ସ୍ୱତଃ ଶ୍ରୀସାଇନାଥଙ୍କ ପ୍ରେରଣାରେ ହୋଇଥିଲା। ଏହା ରୋଗନାଶ କରିବା ରାସ୍ତାର ବାଟ ଦେଖାଇଥିଲା। ସନ୍ଥମାନଙ୍କର କାର୍ଯ୍ୟ

ସମ୍ବନ୍ଧରେ ପୂର୍ବରୁ ସୂଚନା ଦେଇ କୁହାଯାଇପାରେନାହିଁ।
୫୧। ସମୟଚକ୍ରରେ ମଧ୍ୟ ଭଗବାନଙ୍କର ଅନ୍ତର୍ନିହିତ ଯୋଜନା ରହିଥାଏ। ତେଣୁ କେହି ବିପରୀତ ଭାବରେ ଚିନ୍ତା କରିବା ଉଚିତ୍ ନୁହେଁ କି ଏଥିନେଇ ଗର୍ବ କରିବା ଉଚିତ୍ ନୁହେଁ।
୫୨। ଯାହା କିଛି ଭଲ କିମ୍ବା ମନ୍ଦ ଘଟଣା ଘଟେ, ତାହା ସବୁ ଭଗବାନ ହିଁ କରାଇଥାନ୍ତି। କାରଣ ତାଙ୍କରି ହାତରେ ଲଗାମ ରହିଛି। ସେ ରକ୍ଷାକର୍ତ୍ତା ସେ ଧ୍ୱଂସକର୍ତ୍ତା। ସେ ଏକମାତ୍ର କାର୍ଯ୍ୟକାରିଣୀ ଶକ୍ତି।
୫୩। ପାଟିଲ ଚିଠିରେ ଚାନ୍ଦୋରକରଙ୍କୁ ଲେଖିଥିଲେ, 'ମୁଁ ଔଷଧ ଖାଇ ଖାଇ ବିରକ୍ତ ହୋଇଗଲିଣି। ଏ ଜୀବନ ପ୍ରତି ବିରକ୍ତି ଆସିଲାଣି, ପୃଥିବୀ ବିରକ୍ତିକର ଲାଗିଲାଣି।
୫୪। 'ଡାକ୍ତରମାନେ ଏହି ରୋଗକୁ ଦୁରାରୋଗ୍ୟ ବୋଲି କହି ଆଶା ଛାଡ଼ି ଦେଲେଣି। ହକିମ୍ ଓ ବୈଦ୍ୟମାନେ ମଧ୍ୟ ଆଚମ୍ବିତ ହୋଇଗଲେଣି । ମୁଁ ମଧ୍ୟ ଆଶା ଛାଡ଼ି ଦେଇଛି।
୫୫। 'ତଥାପି ଗୋଟିଏ ଅନୁରୋଧ ଆପଣଙ୍କ ପାଖରେ କରୁଛି ଯେ ମୁଁ ଆପଣଙ୍କୁ ଅବଶ୍ୟ ଦେଖିବି ବୋଲି ଦୃଢ଼ଇଚ୍ଛା ପୋଷଣ କରୁଛି।'
୫୬। ଚାନ୍ଦୋରକର ଚିଠିଟିକୁ ପଢ଼ିବା ପରେ ଭୀମାଜୀ ପାଟିଲଙ୍କ ଭଳି ଧର୍ମାତ୍ମାଙ୍କ ନିମନ୍ତେ ନିଜ ହୃଦୟରେ ଘୋର ଦୁଃଖ ଅନୁଭବ କରିଥିଲେ। ତାଙ୍କ ମନ ବିଚଳିତ ହୋଇଯାଇଥିଲା।
୫୭। ପ୍ରତ୍ୟୁତ୍ତରରେ ସେ ଗୋଟିଏ ମାତ୍ର ପ୍ରତିକାରର ଉପାୟ ବତାଇଥିଲେ। "ଶ୍ରୀସାଇଙ୍କ ପାଦରେ ସମର୍ପିତ ହୋଇଯାଅ। ଏହାହିଁ କେବଳ ବଂଚିବାର ରାହା। ସେ ମାତା ଓ ପିତା ଭଳି।
୫୮। "ସେ ସମସ୍ତଙ୍କର ଦୟାବତୀ ମାତା ହିସାବରେ ଡାକିଦେବା ମାତ୍ରକେ ଦୌଡ଼ି ଆସିଥାନ୍ତି, ଦୟା ଦେଖାଇ ଥାଆନ୍ତି, ନିଜ ହାତରେ ଉପରକୁ ଉଠାଇ ନେଇଥାନ୍ତି ଓ ପିଲାଙ୍କର ଆବଶ୍ୟକତାକୁ ବୁଝିଥାଆନ୍ତି।
୫୯। "ଅନେକ କୁଷ୍ଠରୋଗୀ ତାଙ୍କର ଦର୍ଶନ ମାତ୍ରକେ ଭଲ ହୋଇ ଯାଇଛନ୍ତି। ଯକ୍ଷ୍ମା ଅବା ସେ କ୍ଷେତ୍ରରେ କ'ଣ? ମନରେ ଟିକିଏ ମାତ୍ର ସନ୍ଦେହ ନରଖି ତାଙ୍କ ପାଦତଳେ ଶରଣ ପଶିବାକୁ ଚାଲିଯାଅ।
୬୦। "ଯିଏ ଯାହା ମାଗେ ବାବା ତାକୁ ତାହା ଦେଇଥାନ୍ତି। ଏହା ତାଙ୍କର ଧର୍ମକର୍ମ। ତେଣୁ ମୁଁ କହୁଛି, ଶୀଘ୍ର ଯାଇ ଶ୍ରୀସାଇଙ୍କୁ ଦର୍ଶନ କର।
୬୧। "ମୃତ୍ୟୁର ଭୟ ସବୁଠାରୁ ବଡ଼ ଭୟ। ଆଉ କ'ଣ ଅବା ହୋଇପାରେ? ଶୀଘ୍ର ଯାଇ ବାବାଙ୍କର ପାଦ ଧର। ସେହିଁ କେବଳ ତମକୁ ଭୟରୁ ମୁକ୍ତ କରିଦେବେ।"
୬୨। ପାଟିଲଙ୍କ ଦୁଃଖ ଅସହ୍ୟ ଥିଲା। ସେ ଜୀବନର ଏକ ସଙ୍ଗୀନ ଅବସ୍ଥାରେ ପହଂଚିଥିଲେ। 'ମୁଁ ଶ୍ରୀସାଇନାଥଙ୍କୁ କେତେବେଳେ ଭେଟିବି? ମୁଁ କେତେବେଳେ ସେହି କାର୍ଯ୍ୟ ସାରିବି?' ଏକଥା ସେ ମନେ ମନେ ଭାବିଥିଲେ ।
୬୩। ସେ ବିଚଳିତ ହୋଇ ପଡ଼ିଥିଲେ। ଶିରିଡ଼ି ଅଭିମୁଖେ ଆସନ୍ତାକାଲି ବାହାରିଯିବା ପାଇଁ ଶୀଘ୍ର ପ୍ରସ୍ତୁତ ହେବାକୁ କହିଥିଲେ।
୬୪। ବଦ୍ଧପରିକର ହୋଇ ସେ ସମସ୍ତଙ୍କ ନିକଟରୁ ବିଦାୟ ନେଇଥିଲେ ଓ ଶିରିଡ଼ିରେ ମହାରାଜଙ୍କୁ ଦର୍ଶନ କରିବା ନିମିତ୍ତ ବାହାରି ଯାଇଥିଲେ।
୬୫। ଭୀମାଜୀ ତାଙ୍କର ସମ୍ପର୍କୀୟମାନଙ୍କ ସହିତ ସତ୍ୱରେ ଯାତ୍ରା କରିଥିଲେ। ସେ ଶିରିଡ଼ିରେ ପହଞ୍ଚି ବାବାଙ୍କୁ ଦେଖିବା ନିମନ୍ତେ ଅତି ଉତ୍କଣ୍ଠିତ ଥିଲେ।
୬୬। ମସ୍‌ଜିଦ୍ ଅଗଣାର ସମ୍ମୁଖ ଦ୍ୱାରରେ ଶଗଡ଼ ଗାଡ଼ି ଅଟକିଥିଲା ଓ ଚାରିଜଣ ତାଙ୍କୁ ଟେକି ଟେକି ନେଇ ପାହାଚ ଉପରେ ଉଠାଇଥିଲେ।
୬୭। ନାନାସାହେବ ସେଠାରେ ଥିଲେ। ମାଧବରାଓ ମଧ୍ୟ ସାଙ୍ଗରେ ଆସିଥିଲେ। ଶ୍ରୀସାଇଙ୍କ ପାଦ ନିକଟକୁ ମାଧବରାଓଙ୍କ ମାରଫତ୍‌ରେ ଯିବା ସହଜ ବୋଲି ସମସ୍ତେ ଜାଣିଥିଲେ।
୬୮। ପାଟିଲଙ୍କୁ ଚାହିଁ ବାବା କହିଥିଲେ, "ଶାମା! ତୁ ଏ ବଦମାସ୍‌କୁ କୋଉଠୁ ଧରି ଉଠାଇ ଆଣିଲୁ? ଆଉ ମୋ ଉପରେ ଆଣି କଚାଡ଼ି ଦେଲୁ? ତୁ ଏପରି କରିବା ଶୋଭାପାଏ କି?''
୬୯। ଭୀମାଜୀ ତାଙ୍କର ମସ୍ତକ ଶ୍ରୀସାଇଙ୍କ ପାଦତଳେ ରଖି କହିଥିଲେ, "ହେ ସାଇନାଥ! ଏହି ଅସହାୟ ଜୀବ ପ୍ରତି ଦୟା କରନ୍ତୁ। ହେ ଦୁର୍ବଳଙ୍କର ସାହା, ମୋତେ ରକ୍ଷାକରନ୍ତୁ!''

୭୦। ପାଟିଲଙ୍କ ଦୁଃଖ ଦେଖି ଶ୍ରୀସାଇନାଥଙ୍କର ଦୟା ହୋଇଥିଲା। ପାଟିଲ ନିଶ୍ଚିତ ମନରେ ଅନୁଭବ କରିଥିଲେ ଯେ ତାଙ୍କର ଯନ୍ତ୍ରଣା ଶେଷ ହୋଇ ଆସୁଛି ।

୭୧। ଭୀମାଜୀଙ୍କ ଅସ୍ଥିରତା ଦେଖି, ଦୟାର ସାଗର ଶ୍ରୀସାଇ ସମର୍ଥଙ୍କ ହୃଦୟ ତରଳି ଯାଇଥିଲା ଓ ସେ ହସ ହସ ମୁଖରେ କହିଥିଲେ-

୭୨। "ଚୁପଚାପ୍ ବସି ଚିନ୍ତା ଛାଡ଼ିଦିଅ। ଜ୍ଞାନୀ ଲୋକେ ବ୍ୟସ୍ତବିବ୍ରତ ହୁଅନ୍ତି ନାହିଁ। ତୁମେ ଶିରିଡ଼ିରେ ପାଦ ପକାଇବା କ୍ଷଣି ତୁମର ଭାଗ୍ୟଲିଖନ ଦୁଃଖର ଅନ୍ତ ହୋଇଛି।

୭୩। "ଦୁଃଖ ସାଗରରେ ଯେତେ ଗଭୀରରେ ବୁଡ଼ିଥାଅ କିମ୍ବା ଯଂତ୍ରଣାର ଉପତ୍ୟକାରେ ଯେତେ ଗଭୀରରେ ପୋତି ହୋଇଥାଅ, ଏକଥା ଜାଣିଥାଅ ଯେ ମସ୍‌ଜିଦ୍‌ମାୟୀର ପାହାଚ ଚଢ଼ିବା ସମୟରେ ସୁଖର ଢେଉ ଉପରେ ଚଢ଼ିଥାଅ ।

୭୪। "ଏଠାର ଫକୀର ବହୁତ ଦୟାଳୁ। ସେ ତୁମର ଦୁଃଖକୁ ମୂଳରୁ ନଷ୍ଟ କରିଦେବେ ଓ ସ୍ନେହରେ ତୁମର ଯତ୍ନ ନେବେ । ସମସ୍ତଙ୍କ ପ୍ରତି ତାଙ୍କର ରହିଛି ଦରଦୀ ମନୋଭାବ।

୭୫। "ତୁମେ ଏବେ ବିଶ୍ରାମ ନିଅ। ଭୀମାବାଇଙ୍କ ଘରେ ରହ। ଦିନେ ଦୁଇଦିନ ମଧ୍ୟରେ ଆରାମ ପାଇବ।"

୭୬। ମରଣୋନ୍ମୁଖୀ ବ୍ୟକ୍ତି ଉପରେ ଅମୃତ ବର୍ଷା ହେଲେ ସେ ଯେପରି ହଠାତ୍ ଜୀବନ୍ୟାସ ପାଏ, ସେମିତି ପାଟିଲ ସନ୍ତୋଷ ଲାଭ କରିଥିଲେ ।

୭୭। ଶ୍ରୀସାଇନାଥଙ୍କର ବାଣୀ ମୃତ୍ୟୁପଥର ଯାତ୍ରୀକୁ ଅମୃତ ସଦୃଶ ଓ ତୃଷାରେ ମରିଯାଉଥିବା ଲୋକକୁ ଜଳ ସଦୃଶ ହୋଇଥିଲା।

୭୮। ସେ ବାବାଙ୍କ ଆଗରେ ଘଣ୍ଟାଏ ଖଣ୍ଡେ ବସିଥିବା ସମୟରେ ତାଙ୍କର ରକ୍ତବାନ୍ତି ବନ୍ଦ ହୋଇ ଯାଇଥିଲା। ଅଥଚ ପୂର୍ବରୁ ପ୍ରାୟ ପ୍ରତି ପାଂଚମିନିଟ୍ ବ୍ୟବଧାନରେ ତାଙ୍କର ଏପରି ବାନ୍ତି ହେଉଥିଲା।

୭୯। ବାବା ରୋଗୀକୁ ପରୀକ୍ଷା କରିନଥିଲେ କିମ୍ବା ରୋଗର ଇତିହାସ ପଚାରିନଥିଲେ। କେବଳ ଦୟାର୍ଦ୍ର ଚାହାଣୀ ଦ୍ୱାରାହିଁ ରୋଗ ନିର୍ମୂଳ ହୋଇଥିଲା।

୮୦। କେବଳ ଦୟାର୍ଦ୍ର ଚାହାଣୀ ପାଇଲେହିଁ ଯଥେଷ୍ଟ। ତାହା ଦ୍ୱାରା ଶୁଖିଲା କାଠରୁ ପତ୍ର କଅଁଳିପାରେ, ବିନା ବସନ୍ତରେ କୁସୁମ ପ୍ରସ୍ଫୁଟିତ ହୋଇପାରେ ଓ ମଲା ଗଛ ଫୁଲଫଳରେ ଭର୍ତ୍ତି ହୋଇପାରେ।

୮୧। ଭଲ ସ୍ୱାସ୍ଥ୍ୟ କିମ୍ବା ଖରାପ ସ୍ୱାସ୍ଥ୍ୟ, ଏହା ପାପର ଭଣ୍ଡାର ଶେଷ ହୋଇଗଲା ନା ସୁକୃତିର ଭଣ୍ଡାର ଶେଷ ହୋଇଗଲା, ତାହାରି ଉପରେ ନିର୍ଭର କରେ। ଭାଗ୍ୟଫଳ ଭୋଗିବାରୁ ମୁକ୍ତି ପାଇବା ସହଜ କଥା ନୁହେଁ, ତାହାକୁ ଭୋଗିବା ପାଇଁ ପଡ଼ିବ।

୮୨। ତାଙ୍କର ରୋଗ ପାଇଁ ତାଙ୍କର ଭାଗ୍ୟ ହିଁ କେବଳ ଦାୟୀ। ଜନ୍ମ ଓ ମୃତ୍ୟୁ ଚକ୍ରରେ ଏହି ନିୟମ ଲାଗୁହୁଏ। ଦୁଃଖ ଭୋଗ କରିବା ବ୍ୟତୀତ ଅନ୍ୟ କୌଣସି ପ୍ରତିକାର ନାହିଁ କି ଏଥିରୁ ମୁକ୍ତି ପାଇବାର ବାଟ ନାହିଁ।

୮୩। ଭାଗ୍ୟବଳରୁ ଯଦି ସନ୍ଥଙ୍କର ଦର୍ଶନ ମିଳେ, ତେବେ ଦୁଃଖ ଭୋଗ ନ କରି ରୋଗରୁ ମୁକ୍ତି ବା ଆରୋଗ୍ୟ ଲାଭ କରିବାର ନିଶ୍ଚିତ ବାଟ ଏହା ହୋଇପାରେ ।

୮୪। ଭାଗ୍ୟ ଦୋଷରୁ ହୋଇଥିବା ରୋଗ ସ୍ୱତଃ ଦର୍ଶାଇ ଦେଇଥାଏ ଯେ ସନ୍ଥଙ୍କର ଦୟାର୍ଦ୍ର ଦୃଷ୍ଟିରେ ଭାଗ୍ୟଲିଖନ ଯଂତ୍ରଣା ଆପେ ଆପେ ଚାଲିଯାଏ।

୮୫। ବାବାଙ୍କର ବାଣୀରେ ପ୍ରକୃତ ପ୍ରତିକାର ରହିଥାଏ। ଥରେ ଜଣକର ମ୍ୟାଲେରିଆ ରୋଗ ଭଲ ହେବା ପାଇଁ ସେ ଗୋଟିଏ କଳା କୁକୁରକୁ ଦହିଭାତ ଖାଇବାକୁ ଦେବା ନିମନ୍ତେ ଉପଦେଶ ଦେଇଥିଲେ।

୮୬। ଏହି କାହାଣୀଗୁଡ଼ିକୁ ପ୍ରଧାନ କାହାଣୀରୁ ବିଚ୍ୟୁତି ବୋଲି ଆପଣମାନେ ଭାବୁଥାଇପାରନ୍ତି। କିନ୍ତୁ ସବୁକଥା ଏକାଠି ଶୁଣିବା ପରେ ଆପଣମାନେ ଏହାର ମହତ୍ତ୍ୱ ବୁଝି ପାରିବେ। ମୋତେ ଶ୍ରୀସାଇ ହିଁ ଏହି କଥା ମନେ ପକାଇ ଦେଇଛନ୍ତି ।

୮୭। "ମୁଁ ମୋ ନିଜ ଚରିତ କହିବି" ବୋଲି ଶ୍ରୀସାଇ ନିଜେ କହିଥିଲେ। ମୋତେ ସେ ଏହି କାହାଣୀଗୁଡ଼ିକୁ କହିବା ପାଇଁ ଏହି ସମୟରେ ମନେ ପକାଇ ଦେଇଥିଲେ।

୮୮। ବାଲା ଗଣପତ୍ ଦର୍ଜୀ ନାମକ ଜଣେ ବ୍ୟକ୍ତି ବାବାଙ୍କର ପରମ ଭକ୍ତ ଥିଲେ । ଦିନେ ସେ ମସ୍‌ଜିଦ୍‌କୁ ଆସି ବାବାଙ୍କ ସମ୍ମୁଖରେ ବିକଳରେ କାନ୍ଦି କାନ୍ଦି ପ୍ରାର୍ଥନା କରିଥିଲେ।

୮୯। "ମୁଁ କି ପାପ କରିଛି, ଏହି ମ୍ୟାଲେରିଆ ମୋ

ପିଛା ଛାଡୁନାହିଁ ? ବାବା ! ମୁଁ ବହୁତ ପ୍ରକାର ଚିକିତ୍ସା କଲିଣି, ଅଥଚ ଇଏ ମୋ ଶରୀର ଛାଡ଼ି ଯାଉନାହିଁ ।

୯୦ । "ଏବେ ମୁଁ କ'ଣ କରିବି ? ମୁଁ ସବୁ ପ୍ରକାର ଔଷଧ, ତୁଟୁକା ଚିକିତ୍ସା କରିସାରିଲିଣି । କ'ଣ କଲେ ମୋତେ ଏଇ ଜ୍ୱର ଛାଡ଼ିବ, ତା'ର କିଛି ପ୍ରତିକାର ମୋତେ କହନ୍ତୁ ।"

୯୧ । ବାବା ଦୟାପରବଶ ହୋଇ ସେହି ମ୍ୟାଲେରିଆ ରୋଗର ପ୍ରତିକାର ନିମିତ୍ତ ଏକ ଉପାୟ ବତାଇଥିଲେ । ସେହି ଚମତ୍କାର କାହାଣୀକୁ ଏବେ ଶୁଣନ୍ତୁ ।

୯୨ । "ଲକ୍ଷ୍ମୀମାତାଙ୍କ ମନ୍ଦିର ନିକଟରେ ଥିବା କଳା କୁକୁରକୁ ଦହିଗୋଳାଇ ଭାତ ଖାଇବାକୁ ଦିଅ, ତୁମେ ସାଂଗେ ସାଂଗେ ଆରୋଗ୍ୟ ହୋଇଯିବ ।"

୯୩ । ବାଲା ଗଣପତ୍ ବ୍ୟସ୍ତ ହୋଇପଡ଼ିଥିଲେ । ସେ ଘରକୁ ଯାଇ ଖୋଜିଲେ ଏବଂ ଅଳ୍ପ ଭାତ ଓ କିଛି ଦହି ଥିବାର ଦେଖିଲେ ।

୯୪ । ବାଲା ମନେ ମନେ ଭାବୁଥିଲେ, ' ମୁଁ ଦହି ଭାତ ନେଇଗଲେ ଠିକ୍ ସେହି ସମୟରେ ମନ୍ଦିର ପାଖରେ କଳା କୁକୁର ଥିବ ତ !'

୯୫ । ବାଲାଙ୍କର ଏଭଳି ଚିନ୍ତା ଅମୂଳକ ଥିଲା । ସେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଂଚିବା ସମୟରେ ଗୋଟିଏ କଳାକୁକୁର ଲାଂଜ ହଲାଇ ହଲାଇ ତାଙ୍କ ଆଡ଼କୁ ଆସୁଥିବାର ଦେଖିଥିଲେ ।

୯୬ । ସବୁ କାର୍ଯ୍ୟ ଠିକ୍‌ଠାକ୍ ଚାଲୁଥିବାରୁ ବାଲା ଖୁସି ଥିଲେ । ସେ କୁକୁରକୁ ଦହିଭାତ ଖୁଆଇ ସାରି ବାବାଙ୍କୁ ଏକଥା ଜଣାଇ ଦେଇଥିଲେ ।

୯୭ । ସଂକ୍ଷେପରେ ଏହି ପୂରା ଘଟଣାଟିକୁ କିଏ କେଉଁଭଳି କହି ପାରନ୍ତି,କିନ୍ତୁ ସେହି ଦିନଠାରୁ ମ୍ୟାଲେରିଆ ଛାଡ଼ିଯାଇଥିଲା ଓ ବାଲା ରୋଗମୁକ୍ତ ହୋଇଥିଲେ ।

୯୮ । ବାପୁ ସାହେବ ବୁଟିଙ୍କ କ୍ଷେତ୍ରରେ ମଧ୍ୟ ସେଇଭଳି ଘଟଣା ଘଟିଥିଲା । ତାଙ୍କ ପେଟ ଖରାପ ହୋଇ ପତଳା ଝାଡ଼ା ଓ ବାନ୍ତି ବାରମ୍ବାର ହୋଇଥିଲା ।

୯୯ । ଔଷଧରେ ଆଲମାରୀ ଭର୍ତ୍ତି ହୋଇଥିଲେ ମଧ୍ୟ କୌଣସି ଔଷଧ କାମ ଦେଇନଥିଲା । ବାପୁ ସାହେବ ଭୟପାଇ ଚିନ୍ତାଗ୍ରସ୍ତ ହୋଇଥିଲେ ।

୧୦୦ । ବାରମ୍ବାର ପତଳା ଝାଡ଼ା ଓ ବାନ୍ତି ଯୋଗୁଁ ସେ ଦୁର୍ବଳ ହୋଇଯାଇଥିଲେ ଓ ବାବାଙ୍କର ଦୈନନ୍ଦିନ ଦର୍ଶନକୁ ଯିବା ପାଇଁ ତାଙ୍କର ବଳ ପାଉନଥିଲା ।

୧୦୧ । ବାବା ଏ ସମ୍ପର୍କରେ ଶୁଣିଥିଲେ । ସେ ତାଙ୍କୁ ଡକାଇ ପଠାଇଥିଲେ ଓ ତାଙ୍କ ସମ୍ମୁଖରେ ବସିବା ପାଇଁ କହିଥିଲେ । ବାବା ତାଙ୍କୁ କହିଥିଲେ, "ସାବଧାନ ! ବର୍ତ୍ତମାନଠାରୁ ଆଉ ତୁମେ ପାଇଖାନାକୁ ଯିବ ନାହିଁ ।

୧୦୨ । "ଆଉ ବାନ୍ତି ମଧ୍ୟ ବନ୍ଦ ହେବ", ଏକଥା କହିବା ବେଳେ ସେ ତାଙ୍କର ବିଶି ଆଙ୍ଗୁଠିକୁ ତାଙ୍କ ମୁହଁ ଆଗରେ ହଲାଇଥିଲେ । ତାଙ୍କୁ କିଛି ସମୟ ଅନାଇ ରହି ବାବା ପୁଣି ସେହି ବାକ୍ୟ ଦୋହରାଇଥିଲେ ।

୧୦୩ । ଏହାର ସାରାଂଶ ହେଲା ଯେ, ତାଙ୍କ ଉକ୍ତି ଏଭଳି ଦୃଢ଼ ଥିଲା ଯେ ଉଭୟ ରୋଗ ଭୟ ପାଇ ସାଂଗେ ସାଂଗେ ପଳାଇ ଯାଇଥିଲେ । ବୁଟି ସୁସ୍ଥ ଅନୁଭବ କରିଥିଲେ ।

୧୦୪ । ଗ୍ରାମରେ ଥରେ କଲେରା ମହାମାରୀ ରୂପରେ ବ୍ୟାପିଥିଲା । ବୁଟି ତାହା ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ତାଙ୍କୁ ଝାଡ଼ା ଓ ବାନ୍ତି ଉଭୟ ହେଉଥିଲା । ତାଙ୍କୁ ବହୁତ ଶୋଷ ମଧ୍ୟ ଲାଗୁଥିଲା । ସେ ଦୁର୍ଦ୍ଦଶାରେ ପଡ଼ିଥିଲେ ।

୧୦୫ । ଡାକ୍ତର ପିଲ୍ଲେ ତାଙ୍କ ନିକଟରେ ଥିଲେ । ସେ ସବୁ ପ୍ରକାର ଚେଷ୍ଟା କରି ସାରିଥିଲେ । କିଛି ଫଳ ନହେବାରୁ ବାବାଙ୍କୁ କୁହାଯାଇଥିଲା ।

ଡାକ୍ତର ପିଲ୍ଲେ

୧୦୬ । କିଭଳି ରୋଗ ଅଗ୍ରଗତି କରିଥିଲା, ସେ ସମ୍ପର୍କରେ ପୂର୍ଣ୍ଣ ବିବରଣୀ ବାବାଙ୍କୁ ଦିଆଯାଇଥିଲା । ପିଲ୍ଲେ ପଚାରିଥିଲେ, ବୁଟିଙ୍କୁ କଫି କିମ୍ବା ପାଣି ପିଇବା ପାଇଁ ଦେବା ଭଲ ହେବ କି ?

୧୦୭ । ବାବା ଉତ୍ତର ଦେଇଥିଲେ, "କ୍ଷୀରରେ ବାଦାମ, ଆଖରୋଟ ଓ ପେସ୍ତାବାଦାମ ପକାଇ ଫୁଟିଯିବା ପରେ ତାହାକୁ ପିଇବା ପାଇଁ ଦିଅ ।

୧୦୮ । "ତାହା ଦ୍ୱାରା ଶୋଷ ମେଣ୍ଟିଯିବା ସହିତ ରୋଗ ସାଂଗେ ସାଂଗେ ଭଲ ହୋଇଯିବ ।" ସଂକ୍ଷେପରେ କହିଲେ, ତାଙ୍କୁ ଏହି ମିଶାମିଶି ପାନୀୟ ପିଇବାକୁ ଦେବାରୁ ରୋଗ ସଙ୍ଗେ ସଙ୍ଗେ ଭଲ ହୋଇ ଯାଇଥିଲା ।

୧୦୯ । "ବାଦାମ, ପେସ୍ତାବାଦାମ ଓ ଆଖରୋଟ୍ ଖାଅ !"

ଏହା ଦ୍ୱାରା କ'ଣ କଲେରାରୁ ତ୍ରାହି ମିଳିବ? ବାବାଙ୍କର କଥା ଉପରେ ବିଶ୍ୱାସ ସ୍ଥାପନ ହିଁ ଯଥେଷ୍ଟ। ସନ୍ଦେହର କୌଣସି ଅବକାଶ ନାହିଁ।

୧୧୦। ଥରେ ଆଲନ୍ଦୀରୁ ଜଣେ ସ୍ୱାମୀଜୀ ଶିରିଡ଼ି ଗ୍ରାମକୁ ଶ୍ରୀସାଇ ସମର୍ଥଙ୍କ ଦର୍ଶନ ନିମିତ୍ତ ଆସିଥିଲେ। ସେ ବାବାଙ୍କ ନିବାସ ମସ୍‌ଜିଦ୍ ନିକଟରେ ପହଂଚିଥିଲେ।

୧୧୧। ସେ କର୍ଣ୍ଣରୋଗ ଭୋଗୁଥିଲେ ଓ ଅସୁସ୍ଥତା ଯୋଗୁଁ ରାତିରେ ତାଙ୍କୁ ନିଦ ହେଉନଥିଲା। କର୍ଣ୍ଣର ଅପରେସନ କରାଇଥିଲେ ମଧ୍ୟ କିଛି ଲାଭ ହୋଇନଥିଲା।

୧୧୨। କର୍ଣ୍ଣର ଯଂତ୍ରଣା ଅସହ୍ୟ ହେଉଥିଲା। କୌଣସି ଉପାୟରେ ଯଂତ୍ରଣାର ଉପଶମ ହେଉନଥିବାରୁ ସେ ଫେରିଯିବା ପାଇଁ ସିଦ୍ଧାନ୍ତ ନେଇ ବାବାଙ୍କର ଆଶୀର୍ବାଦ ନେବା ପାଇଁ ଆସିଥିଲେ।

୧୧୩। ସେ ଶ୍ରୀସାଇଙ୍କ ପଦତଳେ ମୁଣ୍ଡ ନତ କରିଥିଲେ ଓ 'ଉଦି' ପ୍ରସାଦ ଆକାରରେ ପାଇଥିଲେ। ସ୍ୱାମୀଜୀ ଆଶୀର୍ବାଦ ଭିକ୍ଷାକରି କହିଥିଲେ, "ମୋ ଉପରେ ସବୁବେଳେ ଦୟା ରଖିଥାନ୍ତୁ।"

୧୧୪। ମାଧବରାଓ ଦେଶପାଣ୍ଡେ ବାବାଙ୍କୁ ସ୍ୱାମୀଜୀଙ୍କର କର୍ଣ୍ଣରୋଗ ସମ୍ପର୍କରେ କହିଥିଲେ। ମହାରାଜ ଆଶ୍ୱାସନା ଦେଇଥିଲେ ଓ କହିଥିଲେ, "ଆଲ୍ଲା ତେରା ଭଲା କରେଗା!"

୧୧୫। ଏହି ଆଶୀର୍ବାଦ ସହିତ ସ୍ୱାମୀଜୀ ପୁଣେକୁ ଫେରି ଯାଇଥିଲେ। ଆଠଦିନ ପରେ ତାଙ୍କ ନିକଟରୁ ଖଣ୍ଡେ ଚିଠି ଆସିଥିଲା। କର୍ଣ୍ଣ ଯଂତ୍ରଣା ଭଲ ହୋଇଯାଇଛି ବୋଲି ସେ ଲେଖିଥିଲେ।

୧୧୬। କେବଳ ଟିକିଏ ଫୁଲା ରହିଥିଲା। ସେଥିପାଇଁ ଅପରେସନ କରାଇବାକୁ ପରାମର୍ଶ ଦିଆଯାଇଥିଲା। ସେ ବମ୍ୱେଇକୁ ଦ୍ୱିତୀୟ ଥର ଅପରେସନ୍ ନିମନ୍ତେ ଯାଇଥିଲେ।

୧୧୭। ସେ ସେହି ଡାକ୍ତରଙ୍କ ନିକଟକୁ ଯାଇଥିଲେ। ତାଙ୍କର ଅଜାଣତରେ ବାବା ସାହାଯ୍ୟ କରିଥିଲେ। ଡାକ୍ତର କାନ ପରୀକ୍ଷା କରି କହିଥିଲେ ଯେ ତାଙ୍କ ଦେଖିବାରେ କୌଣସିଠାରେ ଫୁଲା ନାହିଁ।

୧୧୮। ଏବେ ଅପରେସନର କୌଣସି ଆବଶ୍ୟକତା ନାହିଁ ବୋଲି ଡାକ୍ତର କହିଥିଲେ। ସ୍ୱାମୀଜୀଙ୍କର ଦୁଶ୍ଚିନ୍ତା ଦୂର ହୋଇଥିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ।

୧୧୯। ଏହି ଧରଣର ଅନ୍ୟ ଏକ କାହାଣୀ ମୋର ମନେ ପଡୁଛି। ମୁଁ ତାହାକୁ ଶ୍ରୋତାମାନଙ୍କୁ ଶୁଣାଇବା ପରେ ଏହି ଅଧ୍ୟାୟ ଶେଷ ହେବ।

୧୨୦। ମସ୍‌ଜିଦ୍ ଅଗଣାରେ ଟାଇଲ ପକାଇବାର କାମ ଆରମ୍ଭ ହେବାର ଆଠଦିନ ପୂର୍ବରୁ କାକା ମହାଜନୀ ପ୍ରବଳ ଆମାଶୟ ରୋଗରେ ପୀଡ଼ିତ ହୋଇଥିଲେ।

୧୨୧। ତାଙ୍କର ପତଳା ଝାଡ଼ା ହେଉଥିଲା। ବାରମ୍ୱାର ଝାଡ଼ା ଯିବା ପାଇଁ ପଡୁଥିଲା। ସେ ବାବାଙ୍କ ଉପରେ ଭରସା ରଖି କୌଣସି ଔଷଧ ଖାଉ ନ ଥିଲେ କି ଚିକିତ୍ସା କରୁ ନ ଥିଲେ। ସେ ଖୁବ୍ ହଇରାଣ ହେଉଥିଲେ।

୧୨୨। ଶ୍ରୀସାଇ ସର୍ବଜ୍ଞ ବୋଲି କାକା ମହାଜନୀ ଜାଣିଥିଲେ। ତେଣୁ ତାଙ୍କର ଅସୁବିଧା ସମ୍ପର୍କରେ ସେ ବାବାଙ୍କୁ କିଛି କହି ନ ଥିଲେ।

୧୨୩। 'ସେ ଯେତେବେଳେ ଇଚ୍ଛା କରିବେ, ସେତେବେଳେ ଆପେ ଆପେ ମୋର କଷ୍ଟ ଦୂର କରିଦେବେ' ବୋଲି ଅଗାଧ ବିଶ୍ୱାସ ରଖି ସେ ରୋଗ ଭୋଗୁଥିଲେ।

୧୨୪। ଯାହା ଭୋଗିବାକୁ ଥିବ, ତାହା ଭୋଗିବା ପାଇଁ ପଡ଼ିବ! କିନ୍ତୁ ପୂଜା ନୀତିରେ କୌଣସି ବ୍ୟାଘାତ ଘଟିବା ଉଚିତ ନୁହେଁ ବୋଲି କାକା ମହାଜନୀ ପ୍ରତ୍ୟହ ଆନ୍ତରିକ ଇଚ୍ଛା ପୋଷଣ କରୁଥିଲେ।

୧୨୫। ଯେତେବେଳେ ବାରମ୍ୱାର ପାଇଖାନା ଯିବାକୁ ପଡ଼ିଲା ଓ ପତଳା ଝାଡ଼ା ତାଙ୍କର ନିୟନ୍ତ୍ରଣର ବାହାରକୁ ଚାଲିଗଲା, ସେତେବେଳେ ଆରତି ଓ ପୂଜାର୍ଚ୍ଚନା ଅବ୍ୟାହତ ରଖିବା ପାଇଁ ସେ କ'ଣ କରିଥିଲେ, ଆସନ୍ତୁ ଦେଖିବା।

୧୨୬। ସେ ମସ୍‌ଜିଦ୍‌ର ଗୋଟିଏ କୋଣରେ ତମ୍ୱା ଲୋଟାରେ ପାଣି ଭର୍ତ୍ତି କରି ଏମିତି ଭାବରେ ରଖିଥିଲେ, ଯେପରିକି ସେ ଅନ୍ଧାରରେ ମଧ୍ୟ ହାତ ବୁଲାଇଲେ ପାଇ ପାରିବେ।

୧୨୭। ସେ ନିଜେ ବାବାଙ୍କ ପାଖରେ ବସି ରହି ତାଙ୍କ ପାଦ ଚିପୁଥିବେ ଓ ଆରତି ସମୟରେ ସବୁବେଳେ ଉପସ୍ଥିତ ରହୁଥିବେ- ଏହା ତାଙ୍କର ନିତିଦିନିଆ ଅଭ୍ୟାସ ଥିଲା।

୧୨୮। ଯେତେବେଳେ ପେଟ କାମୁଡୁଥିଲା, ସେ ସଂଗେ ସଂଗେ ହାତ ପାଖରେ ଥିବା ପାଣି ଲୋଟା ଧରି ନିକଟବର୍ତ୍ତୀ

ଏକ ନିକାଞ୍ଚନ ସ୍ଥାନକୁ ଚାଲିଯାଉଥିଲେ ଓ ଚଟାପଟ୍ ମଳତ୍ୟାଗ କରି ଫେରିଆସୁଥିଲେ ।

୧୨୯ । ସମସ୍ତେ ଯେତେବେଳେ ମସ୍‌ଜିଦ୍ ଅଗଣାର ଚଟାଣରେ ଟାଇଲ ବିଛାଯିବାର ପ୍ରସ୍ତାବ ଦେଇଥିଲେ, ବାବା ସେ ଦାୟିତ୍ୱ ତାତ୍ୟାଙ୍କୁ ଦେଇଥିଲେ । ତା'ପରେ କ'ଣ ହେଲା ଶୁଣନ୍ତୁ ।

୧୩୦ । ବାବା କହିଥିଲେ, "ମୁଁ ଲେଣ୍ଡିକୁ ଯାଉଛି । ମୁଁ ଲେଣ୍ଡିରୁ ଫେରି ଆସିବା ପରେ ତୁମେ ଚଟାଣ କାମ ଆରମ୍ଭ କରିପାର ।"

୧୩୧ । ବାବା ଲେଣ୍ଡିରୁ ଫେରି ନିଜ ଆସ୍ଥାନରେ ବସିଥିଲେ । କାକା ଠିକ୍ ସେହି ସମୟରେ ପହଞ୍ଚି ବାବାଙ୍କ ଗୋଡ଼ ଘଷିବା କାର୍ଯ୍ୟ ଆରମ୍ଭ କରିଦେଇଥିଲେ ।

୧୩୨ । ବମ୍ବେଇରୁ ଭକ୍ତମାନେ ଟ୍ରେନ୍‌ରେ କୋପରଗାଁ ଆସି ସେଠାରୁ ଟାଙ୍ଗାରେ ଶିରିଡ଼ି ଆସିଥିଲେ । ସେମାନେ ମସ୍‌ଜିଦ୍‌ର ପାହାଚରେ ଉଠିଥିଲେ । ପୂଜାର ଆୟୋଜନ କରି ବାବାଙ୍କୁ ପ୍ରଣାମ କରିଥିଲେ ।

୧୩୩ । ଅନ୍ୟ ସମସ୍ତଙ୍କ ସହିତ ପାଟିଲ ମଧ୍ୟ ଅନ୍ଧେରୀରୁ ଆସିଥିଲେ ଓ ସଙ୍ଗରେ ଫୁଲ, ଚାଉଳ ଏବଂ ଅନ୍ୟାନ୍ୟ ପୂଜା ସାମଗ୍ରୀ ଧରି ପୂଜା କରିବା ମାନସରେ ବସି ପଡ଼ିଥିଲେ ।

୧୩୪ । ସେହି ସମୟରେ ଅଗଣାର ତଳ ଅଂଶରେ ଯେଉଁଠାରେ ରଥ ରଖାଯାଉଥିଲା, ଠିକ୍ ସେହି ସ୍ଥାନରେ ପ୍ରଥମ ଗଇଁତି ଚୋଟ ମରାଯାଇଥିଲା ଓ ଅଗଣାରେ ଟାଇଲ ବିଛାଇବା କାର୍ଯ୍ୟ ଆରମ୍ଭ ହୋଇଥିଲା ।

୧୩୫ । ସେହି ଶବ୍ଦ ଶୁଣିବା ମାତ୍ରେ ବାବା ଅଦ୍ଭୁତ ଭାବରେ ପାଟି କରି ଉଠିଥିଲେ । କ୍ଷଣିକରେ ସେ ନରସିଂହ[*] ରୂପ ଧାରଣ କରିଥିଲେ । କ୍ରୋଧରେ ତାଙ୍କ ଆଖି ଦପ୍ ଦପ୍ ହୋଇ ଜଳୁଥିଲା ।

୧୩୬ । "ସେଠି କିଏ ଗଇଁତି ମାରିଲା ? ମୁଁ ତାହାର ହାତ ଭାଙ୍ଗିଦେବି" କହି ସଟ୍‌କା ଧରି ଉଠି ପଡ଼ିଥିଲେ । ସେଠାରେ ଉପସ୍ଥିତ ଲୋକେ ଭୟରେ ଥରୁଥିଲେ ।

୧୩୭ । ଶ୍ରମିକଟି ଗଇଁତି ଫିଙ୍ଗି ଦେଇ ଦୌଡ଼ି ପଳାଇଥିଲା । ସମସ୍ତେ ଏଣେ ତେଣେ ଦୌଡ଼ିଥିଲେ । କାକା ମଧ୍ୟ ଖୁବ୍ ଡରି ଯାଇଥିଲେ । ସେହି ମୁହୂର୍ତ୍ତରେ ବାବା କାକାଙ୍କୁ ହାତରେ ଧରି ପକାଇଥିଲେ ।

୧୩୮ । କହିଥିଲେ, "କୁଆଡ଼େ ଯାଉଛୁ ? ବସ ।" ସେତିକିବେଳେ ତାତ୍ୟା ଓ ଲକ୍ଷ୍ମୀ ଆସି ପହଞ୍ଚିଥିଲେ । ବାବା ସେ ଦୁହିଁଙ୍କୁ ଲକ୍ଷ୍ୟକରି ମନଇଚ୍ଛା ଗାଳିବର୍ଷଣ କରିଥିଲେ ।

୧୩୯ । ଅଗଣା ବାହାରେ ଥିବା ଲୋକମାନେ ମଧ୍ୟ ଗାଳି ଶୁଣିଥିଲେ । ଠିକ୍ ସେହି ସମୟରେ ବାବା ତଳେ ପଡ଼ିଥିବା ଭଜା ବାଦାମ ଥଳିଟିଏ ତଳୁ ଉଠାଇ ନେଇଥିଲେ ।

୧୪୦ । ବାବା ରାଗରେ ଗରଗର ହେଉଥିବା ସମୟରେ ଏଣେ ତେଣେ ଦୌଡ଼ି ପଳାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଏହା ନିଶ୍ଚୟ କାହାରି ଥିଲା ଓ ସେତିକିବେଳେ ସେଠାରେ ତଳେ ପଡ଼ିଯାଇଥିଲା ।

୧୪୧ । ବାଦାମର ଓଜନ ଏକ ସେର[*] ପାଖାପାଖି ଥିଲା । ବାବା ସେଥିମଧ୍ୟରୁ ମୁଠାଏ ଲେଖାଏଁ ବାହାର କରିଥିଲେ ଓ ତାହାକୁ ଦୁଇ ପାପୁଲିରେ ଘଷି ପାଟିରେ ଫୁଙ୍କି ସଫା କରି ଦେଇଥିଲେ ।

ଲକ୍ଷ୍ମଣ ଗଣେଶ
ଓରଫ୍ କାକା ମହାଜନୀ

୧୪୨ । ସେ ସଫା ବାଦାମକୁ କାକା ମହାଜନୀଙ୍କୁ ଖୁଆଉଥିଲେ । ଗୋଟିଏ ପଟରେ ଗାଳି ବର୍ଷଣ କରୁଥିବା ସମୟରେ ଅନ୍ୟ ପଟରେ ବାଦାମ ଚୋପା ଛଡାଇ ପରିଷ୍କାର କରୁଥିଲେ ।

୧୪୩ । "ଏଗୁଡ଼ିକୁ ଖା, ଏଗୁଡ଼ିକୁ ଖା !" ବୋଲି କହି ପରିଷ୍କୃତ ବାଦାମଗୁଡ଼ିକୁ କାକାଙ୍କ ହାତକୁ ବଢ଼ାଇ ଦେଉଥିଲେ । ସେ ନିଜେ ମଧ୍ୟ କିଛି କିଛି ଖାଉଥିଲେ । ଏହିଭଳି ଭାବରେ ଥଳିଟି ଖାଲି ହୋଇ ଯାଇଥିଲା ।

୧୪୪ । ବାଦାମ ସରିଯିବା ପରେ ସେ କହିଥିଲେ, "ମୋତେ ଶୋଷ ଲାଗୁଛି, ପାଣି ଆଣ !" କାକା ଗୋଟିଏ ପାତ୍ରରେ ପାଣି ଭର୍ତ୍ତି କରି ଆଣି ଦେଇଥିଲେ । ସେ କିଛି ପାଣି ପିଇସାରିବା ପରେ କାକାଙ୍କୁ ମଧ୍ୟ ପିଇବା ପାଇଁ କହିଥିଲେ ।

୧୪୫ । କାକା ପାଣି ପିଇବା ସମୟରେ ତାଙ୍କୁ କହିଥିଲେ, "ଯା, ତୋର ରୋଗ ଭଲ ହୋଇ ଯାଇଛି ।" ସେ ପୁଣି କହିଥିଲେ, "ସେଇ ଦୁଃଖୀ ବ୍ରାହ୍ମଣମାନେ ଗଲେ କୁଆଡ଼େ, ଯା, ତାଙ୍କୁ ଧରିଆଣ ।"

୧୪୬ । ସେହି ଦଳଟି ଫେରି ଆସିଥିଲେ । ପୂର୍ବ ଭଳି

ମସ୍‌ଜିଦ୍‌ରେ ଲୋକେ ଜମା ହୋଇଯାଇଥିଲେ। ଚଟାଣ କାମ ପୁଣି ଚାଲିଥିଲା। କାକାଙ୍କର ଆମାଶୟ ବନ୍ଦ ହୋଇଯାଇଥିଲା।

୧୪୭। ପତଳା ଝାଡ଼ା ନିମନ୍ତେ ଇଏ କି ପ୍ରକାର ଚିକିତ୍ସା ? ସନ୍ତ[୬]ମାନଙ୍କର ବାଣୀ ହିଁ ଔଷଧର କାର୍ଯ୍ୟ କରେ। ତାହାକୁ ଯିଏ ପ୍ରସାଦ ବୋଲି ଭାବିନିଏ, ତା'ର ଆଉ କିଛି ଆବଶ୍ୟକ ନ ଥାଏ।

୧୪୮। ହରଡ଼ାର ଜଣେ ଗୃହସ୍ଥ ପେଟମରା ରୋଗ ଭୋଗୁଥିଲେ। ସେ ଚଉଦବର୍ଷ ଧରି ଏହି ରୋଗରେ ହଇରାଣ ହେଉଥିଲେ। ସେ ସବୁ ପ୍ରକାର ଚିକିତ୍ସା କରି ସାରିଥିଲେ।

୧୪୯। ତାଙ୍କ ନାମ ଥିଲା ଦତ୍ତୋପନ୍ତ। ସେ ଲୋକମୁଖରୁ ଶ୍ରୀସାଇଙ୍କ ମହିମା ସମ୍ପର୍କରେ ଶୁଣିଥିଲେ। ଶିରିଡ଼ିରେ ଜଣେ ମହାନ୍ ସନ୍ଥ ଅଛନ୍ତି, ଯାହାଙ୍କୁ କେବଳ ଦର୍ଶନ କଲେ ସମସ୍ତ ଦୁଃଖ ଦୂର ହୋଇଯାଉଛି ବୋଲି କେହି କେହି କହିଥିଲେ।

୧୫୦। ଏଭଳି ସୁଖ୍ୟାତି ଶୁଣି ସେ ଶିରିଡ଼ି ଆସିଥିଲେ ଓ ବାବାଙ୍କ ପାଦତଳେ ମୁଣ୍ଡିଆ ମାରି କୃପା ଭିକ୍ଷା କରିଥିଲେ।

୧୫୧। "ବାବା! ଚଉଦବର୍ଷ ହୋଇଗଲା ପେଟମରା ରୋଗ ମୋତେ ଧରିଛି। ବହୁତ କଷ୍ଟ ପାଇଲାଣି, ଆଉ ସହିପାରୁନି। ଏ କଷ୍ଟ ସହିବାକୁ ମୋର ଆଉ ଶକ୍ତି ନାହିଁ।

୧୫୨। "ମୁଁ କେବେ ବିଶ୍ୱାସଘାତୀ କାର୍ଯ୍ୟ କରିନାହିଁ। ମୋର ପିତାମାତାଙ୍କୁ ଅମାନ୍ୟ କରିନାହିଁ। ମୁଁ ମୋର ପୂର୍ବଜନ୍ମରେ କ'ଣ କର୍ମ କରିଛି ଜାଣିନାହିଁ, ଯେଉଁଥିପାଇଁ ମୁଁ ଏବେ ଏହି କଷ୍ଟ ଭୋଗୁଛି।"

୧୫୩। ସନ୍ଥଙ୍କର କୃପା ଦୃଷ୍ଟି, ତାଙ୍କର ପ୍ରସାଦ କିମ୍ବା ଆଶୀର୍ବାଦ ରୋଗ ଭଲକରି ଦେଇଥାଏ। ତା'ଠାରୁ ବଳି ପ୍ରଭାବଶାଳୀ ପ୍ରତିକାର ଆଉ କିଛି ନାହିଁ।

୧୫୪। ଦତ୍ତୋପନ୍ତଙ୍କର ସେହି ଅନୁଭୂତି ହୋଇଥିଲା। ବାବାଙ୍କର ହସ୍ତ ତାଙ୍କର ମସ୍ତକ ସ୍ପର୍ଶ କରି, ତାଙ୍କୁ ଆଶୀର୍ବାଦ ଦେଇ ବିଭୂତି ଦେବା ସମୟରୁ ହିଁ ତାଙ୍କୁ ଆରାମ ଲାଗିଥିଲା।

୧୫୫। ତାଙ୍କୁ କିଛି ଦିନ ରହିଯିବା ନିମନ୍ତେ ମହାରାଜ କହିଥିଲେ। ଧୀରେ ଧୀରେ ପେଟମରା[୭] ଯନ୍ତ୍ରଣା ତାଙ୍କର ସମ୍ପୂର୍ଣ୍ଣ ଭାବରେ ଚାଲିଯାଇଥିଲା।

୧୫୬। ସେ ଏହିଭଳି ମହାନ୍ ସନ୍ଥ ଥିଲେ। ମୁଁ ତାଙ୍କର ଶକ୍ତି ସମ୍ବନ୍ଧରେ କିପରି ବା ବର୍ଣ୍ଣନା କରିବି ? ତାଙ୍କର ପ୍ରେମ ସମସ୍ତଙ୍କ ନିମନ୍ତେ ଅବାରିତ ଥିଲା ଓ ସମସ୍ତଙ୍କୁ ଉଦାର ହୃଦୟରେ ସାହାଯ୍ୟ କରିବା ତାଙ୍କ ଜୀବନର ନିଛକ ଆଚରଣ ଥିଲା।

୧୫୭। ଯଦି ମୁଁ ତାଙ୍କର ଗୁଣଗାନ ଭାଷାରେ କରିଚାଲେ, ତେବେ ଦେଖେ ଯେ ତାଙ୍କର ଯେତେ କାର୍ଯ୍ୟ ତାହା ଏକେ ଆରେକଠାରୁ ମହତ୍ତର। ବର୍ତ୍ତମାନ ମୁଁ ମୂଳ କାହାଣୀ ଭୀମାଜୀଙ୍କ ପ୍ରସଙ୍ଗ ସମ୍ପର୍କରେ ବର୍ଣ୍ଣନା କରିବାର ସୂତ୍ର ଧରି ଫେରି ଆସୁଛି।

୧୫୮। ସେ ଯାହାହେଉ, ବାବା ଉଦି ମାଗିଲେ। କିଛି ଉଦି ଭୀମାଜୀଙ୍କୁ ଦେଇ ବାକିତକ ତାଙ୍କର କପାଳରେ ଘଷି ଦେଲେ ଓ ହାତକୁ ତାଙ୍କର ମୁଣ୍ଡ ଉପରେ ରଖିଲେ।

୧୫୯। ତାଙ୍କୁ ଭଡ଼ାଘରକୁ ଯିବାପାଇଁ ଆଦେଶ ହୋଇଥିଲା। ପାଟିଲ ଚାଲି ଚାଲି ବଳଦଗାଡ଼ି ପର୍ଯ୍ୟନ୍ତ ଯାଇଥିଲେ। ସେ ସବଳ ଅନୁଭବ କରିଥିଲେ।

୧୬୦। ସେଠାରୁ ସେ ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ଯାଇଥିଲେ। ସ୍ଥାନଟି ଛୋଟ ହୋଇଥିଲେ ମଧ୍ୟ ବାବା କହିଥିବାରୁ ତାହା ତାଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଥିଲା।

୧୬୧। ଚଟାଣକୁ ଗୋଟିଏ କାଠଗଣ୍ଡିରେ ବାଡ଼େଇ କିଛି ସମୟ ଆଗରୁ ସମତଳ କରାଯାଇଥିଲା। ତେଣୁ ତଳ ଓଦା ରହିଥିଲା। ତଥାପି ବାବାଙ୍କର ଆଦେଶ ମାନି ସେ ସେଠାରେ ରହିଥିଲେ।

୧୬୨। ଭୀମାଜୀଙ୍କର ଅନେକ ଜଣାଶୁଣା ବ୍ୟକ୍ତି ଥିବାରୁ ସେ ଗ୍ରାମ ମଧ୍ୟରେ ନିଶ୍ଚୟ ଭଲ ଘରଟିଏ ପାଇପାରିଥାନ୍ତେ। କିନ୍ତୁ, ବାବା ନିର୍ଦ୍ଦିଷ୍ଟ ଭାବରେ ଏହି ସ୍ଥାନଟିର ସୂଚନା ଦେଇଥିବାରୁ ସେ ଅନ୍ୟ କେଉଁଠିକୁ ଯିବା ନିମନ୍ତେ ଚିନ୍ତା ମଧ୍ୟ କରି ନ ଥିଲେ।

୧୬୩। ଭୀମାଜୀ ଚଟାଣରେ ଦୁଇଟି ଅଖା ପକାଇଦେଲେ ଓ ତା' ଉପରେ ନିଜର ବିଛଣା ପକାଇଥିଲେ। ସେଥିରେ ଶାନ୍ତିରେ ଶୋଇଯାଇଥିଲେ।

୧୬୪। ସେଦିନ ରାତିରେ ଏହିଭଳି ଘଟଣାଟିଏ ଘଟିଥିଲା। ଭୀମାଜୀ ସ୍ୱପ୍ନରେ ତାଙ୍କ ପିଲାଦିନର ଶିକ୍ଷକଙ୍କୁ ଦେଖିଥିଲେ ଓ ସେଇ ଶିକ୍ଷକ ତାଙ୍କୁ ବାଡ଼ଉଥିଲେ।

୧୬୫। ସେ ତାଙ୍କ ହାତରେ ବେତ ବାଡ଼ିଟିଏ ଧରିଥିଲେ

ଓ ସେଥିରେ ପିଟି ପିଟି ତାଙ୍କ ପିଠିରୁ ଏକପ୍ରକାର ଛାଲ ଉତାରି ଦେଇଥିଲେ । ସେ ଗୋଟିଏ କବିତା ମୁଖସ୍ଥ କରିବା ପାଇଁ ତାଙ୍କୁ କହୁଥିଲେ । ଛାତ୍ରର ଅବସ୍ଥା ବହୁତ ଖରାପ ହୋଇଯାଇଥିଲା ।

୧୬୬ । ସେହି କବିତାଟି କ'ଣ ଥିଲା ବୋଲି ଶ୍ରୋତାମାନେ ଜାଣିବାପାଇଁ ଆଗ୍ରହ ପ୍ରକାଶ କରୁଥାଇପାରନ୍ତି । ତେଣୁ ସେହି କବିତାର ପ୍ରତ୍ୟେକ ପଦ ଓ ଶବ୍ଦକୁ ମୁଁ ଯେଉଁଭଳି ଶୁଣିଥିଲି, ତାହାର ସମ୍ପୂର୍ଣ୍ଣ ବର୍ଣ୍ଣନା କରୁଛି ।

'ଜଣେ ଅଜଣା ଲୋକର ଘରକୁ ଦୈବାତ୍ କୌଣସି ସ୍ତ୍ରୀଲୋକ ପଶିଯାଇଥିଲେ ସେ ଏକ ସର୍ପର ମସ୍ତକ ଉପରେ ପାଦ ଦେଇଛି ବୋଲି ଯଦି ଭାବେ, ସେହି ସ୍ତ୍ରୀ ହିଁ ପ୍ରକୃତ ତଥା ଆଦର୍ଶ ପତ୍ନୀ । ତା'ର କଥାଭାଷା ଏତେ ସ୍ୱଚ୍ଛ ଯେ ତାହା ଜଣେ କୃପଣଠାରୁ ସଂଗୃହୀତ ଧନ ସଦୃଶ ହୋଇଥାଏ । ଘରେ ପଇସାଟିଏ ନ ଥିଲେ ମଧ ସେ ତା'ର ସ୍ୱାମୀଙ୍କୁ ସୁଖୀ କରି ପାରିଲେ ଅଧିକ ଖୁସି ହୋଇଥାଏ । ସେ ବିନା ଦ୍ୱିଧାରେ ତା'ର ସ୍ୱାମୀଙ୍କର ଇଚ୍ଛା ଅନୁଯାୟୀ ଚଳିଥାଏ ।'

୧୬୭ । ସେ କିନ୍ତୁ ଏହି ଦଣ୍ଡର କାରଣ ସମ୍ପର୍କରେ କିଛି ବୁଝି ପାରୁ ନ ଥିଲେ । ଶିକ୍ଷକ ରାଗରେ ପାଚି ଲାଲ୍ ହୋଇଯାଇଥିବାରୁ ଓ ଭୟଙ୍କର ଭାବରେ ବଦ୍ଧପରିକର ଥିବାରୁ ବେତ ପକାଇଦେବାର କଥା ମଧ ଭାବୁ ନ ଥିଲେ ।

୧୬୮ । ତା'ପରେ ଭୀମାଜୀ ସଙ୍ଗେ ସଙ୍ଗେ ଆଉ ଗୋଟିଏ ସ୍ୱପ୍ନ ଦେଖିଥିଲେ । ଏହା ପ୍ରଥମ ସ୍ୱପ୍ନଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଥିଲା । ଜଣେ ଅଜଣା ବ୍ୟକ୍ତି ଆସି ତାଙ୍କ ଛାତି ଉପରେ ଜବରଦସ୍ତ ବସିଥିଲା ।

୧୬୯ । ସେ ତାଙ୍କର ଛାତିକୁ ଶିଳ ଭଳି ବ୍ୟବହାର କରିଥିଲା । ତା' ଉପରେ ଅନ୍ୟ ଏକ ପଥର ଆଣି ତାହାକୁ ଶିଳପୁଆ କରି ହାତରେ ରଗଡ଼ି କ'ଣ ବାଟିବାରେ ଲାଗିଥିଲା । ଭୀମାଜୀଙ୍କ ନିଶ୍ୱାସ ବନ୍ଦ ହୋଇଯାଉଥିଲା, ସତେ ଯେପରି ସେ ସ୍ୱର୍ଗାଭିମୁଖୀ ହେଉଥିଲେ ।

୧୭୦ । ଏତିକିରେ ସ୍ୱପ୍ନ ଦେଖା ଶେଷ ହୋଇଥିଲା ଓ ସେ କିଛି ମାତ୍ରାରେ ଆରାମରେ ଶୋଇଥିଲେ । ସୂର୍ଯ୍ୟ ଉଦୟ ହୋଇଥିଲା ଓ ଭୀମାଜୀ ଉଠିଥିଲେ ।

୧୭୧ । ତାଙ୍କୁ ନବଜୀବନ ଲାଭ କରିବା ଭଳି ଲାଗୁଥିଲା ଯାହା ସେ ପୂର୍ବରୁ କେବେ ଅନୁଭବ କରି ପାରି ନ ଥିଲେ । ସେ ରୋଗ ସମ୍ପର୍କରେ ପୂରା ଭୁଲି ଯାଇଥିଲେ । ଜଣେ କିପରି ବେତମାଡ଼ ଖାଇବା ଓ ଶିଳ ପଥର ହେବାର ସଙ୍କେତକୁ ଦେଖିବା କଥା ମନେ ରଖିପାରିବ !

୧୭୨ । ସ୍ୱପ୍ନ ଅଳୀକ ବୋଲି ଲୋକେ କହିଥାନ୍ତି । କିନ୍ତୁ ବେଳେ ବେଳେ ବିପରୀତ ଅନୁଭୂତି ମଧ ମିଳିଥାଏ । ଭୀମାଜୀ ସେହିଦିନ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲେ ଓ ତାଙ୍କ ଯନ୍ତ୍ରଣାର ଅନ୍ତ ହୋଇଥିଲା ।

୧୭୩ । ଭୀମାଜୀ ଖୁବ୍ ଖୁସି ଥିଲେ । ତାଙ୍କର ନବଜୀବନ ଲାଭ ହେଲା ବୋଲି ସେ ଭାବୁଥିଲେ । ତା'ପରେ ସେ ଧୀରେ ଧୀରେ ଚାଲି ଚାଲି ବାବାଙ୍କ ଦର୍ଶନ ନିମିତ୍ତ ଯାଇଥିଲେ ।

୧୭୪ । ବାବାଙ୍କର ଚନ୍ଦ୍ରମୁଖକୁ ଦେଖିବା ପରେ ଭୀମାଜୀଙ୍କର ଅନ୍ତରରେ ସୁଖ ସାଗର ଉଦ୍‌ବେଳିତ ହୋଇଉଠିଥିଲା । ସେ ଆନନ୍ଦବିହ୍ୱଳ ହୋଇ ମୂର୍ଚ୍ଛା ହୋଇଯିବା ଭଳି ଅବସ୍ଥାରେ ପହଞ୍ଚିଥିଲେ ।

୧୭୫ । ଆଖିରୁ ଆନନ୍ଦାଶ୍ରୁ ବୋହି ଯାଉଥିବା ଅବସ୍ଥାରେ ସେ ବାବାଙ୍କର ପଦ ତଳେ ମୁଣ୍ଡ ରଖିଥିଲେ । ବେତମାଡ଼ ଓ ପେଷଣ ଯନ୍ତ୍ରଣା ଭୋଗ କରିବାର ପରବର୍ତ୍ତୀ ଅବସ୍ଥା ସତେ କେତେ ଶାନ୍ତିପ୍ରଦ ହୋଇଥିଲା !

୧୭୬ । "ମୋ ଭଳି ନଗଣ୍ୟ ଜୀବ ଆପଣଙ୍କ କୃପାର ପରିଶୋଧ କିପରି କରିପାରିବ ? ଏହା ଅସମ୍ଭବ ହୋଇଥିବାର ଜାଣି ମୁଁ କେବଳ ଆପଣଙ୍କ ପଦତଳେ ମୋର ମସ୍ତକ ରଖୁଅଛି ।

୧୭୭ । "ଏହା ହିଁ ପରିଶୋଧ କରିବାର ଏକମାତ୍ର ପଥ । ଅନ୍ୟ ଉପାୟ କିଛି ନାହିଁ । ହେ ସାଇବାବା ! ଆପଣଙ୍କର ଏହି ଚମତ୍କାରିତା ଅଚିନ୍ତ୍ୟ ଓ ଅକାଟ୍ୟ !"

୧୭୮ । ଏହିଭଳି ଗୁଣଗାନ କରି କରି ଭୀମାଜୀ ମାସେ ପର୍ଯ୍ୟନ୍ତ ରହିଥିଲେ । ସେ ନାନାଙ୍କର ଉଦାର ସାହାଯ୍ୟକୁ ମଧ କୃତଜ୍ଞ ଭାବରେ ମନେ ରଖିଥିଲେ । ସେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ହୋଇ ଘରକୁ ଫେରିଥିଲେ ।

୧୭୯ । ସେ ଭକ୍ତି ଓ ବିଶ୍ୱାସ ରଖି ସୁଖୀ ହୋଇ ରହିଥିଲେ । ସେ ଶ୍ରୀସାଇଙ୍କ ପ୍ରତି କୃତଜ୍ଞ ରହି ବାରମ୍ବାର ଶିରିଡ଼ି ଆସୁଥିଲେ ।

୧୮୦। ଶ୍ରୀସାଇନାଥଙ୍କୁ କୃତଜ୍ଞତା ଜଣାଇବା ପାଇଁ ସ୍ଥିର ମନ ଓ ତାଙ୍କ ଉପରେ ଗଭୀର ବିଶ୍ୱାସ ସହିତ ଏହା କରାଗଲେ, ଦୁଇ ହାତ ଓ ଏକ ମସ୍ତକ ବ୍ୟତୀତ ଅନ୍ୟ କୌଣସିର ଆବଶ୍ୟକତା ପଡୁ ନ ଥିଲା।

୧୮୧। କେହି ବିପଦରେ ପଡ଼ିଥିଲେ ନିର୍ଦ୍ଦିଷ୍ଟ ଦୁଃଖ ଘୁଞ୍ଚିଯିବା ପରେ କିମ୍ବା କୌଣସି ବରପ୍ରାପ୍ତି ପରେ ସତ୍ୟନାରାୟଣ ପୂଜାଟିଏ କରୁଥିଲେ।

୧୮୨। ସେହିଦିନଠାରୁ ଭୀମାଜୀ ପ୍ରତି ଗୁରୁବାର ଦିନ ସକାଳୁ ସ୍ନାନାଦି ନିତ୍ୟକର୍ମ ସାରି ଓ ପାନଭୋଜନରୁ ନିବୃତ୍ତ ରହି ସତ୍ୟସାଇ ବ୍ରତ କରିବା ଆରମ୍ଭ କରିଥିଲେ।

୧୮୩। ଲୋକେ 'ସତ୍ୟନାରାୟଣ କଥା' ପଢୁଥିବା ବେଳେ ଭୀମାଜୀ ଦାସଗଣୁ ମହାରାଜଙ୍କ 'ଅର୍ବାଚୀନ ଭକ୍ତିଲୀଳାମୃତ' ପୁସ୍ତକରୁ ଶ୍ରୀସାଇଙ୍କ ଜୀବନୀ ସମ୍ପର୍କିତ ଅଧ୍ୟାୟଗୁଡ଼ିକୁ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପାଠ କରୁଥିଲେ ।

୧୮୪। ଏହି ପୁସ୍ତକର ପଇଁଚାଳିଶି ଅଧ୍ୟାୟରେ ଦାସଗଣୁ ଅନେକ ଭକ୍ତଙ୍କର ଜୀବନଚରିତ ବର୍ଣ୍ଣନା କରିଛନ୍ତି। ତାହା ମଧ୍ୟରୁ ଶ୍ରୀସାଇନାଥଙ୍କ ସମ୍ପର୍କରେ ତିନୋଟି ଅଧ୍ୟାୟ ରହିଅଛି ଓ ତାହାକୁ ନେଇ 'ସତ୍ୟସାଇ କଥା' ହୋଇଛି ।

୧୮୫। ସମସ୍ତ ବ୍ରତ ମଧ୍ୟରେ ଏହି ବ୍ରତ ଶ୍ରେଷ୍ଠ। ଭୀମାଜୀ ଏହି ତିନୋଟି ଅଧ୍ୟାୟକୁ ପାଠ କରି ଅସୀମ ଆନନ୍ଦ ଲାଭ କରୁଥିଲେ ଓ ଖୁସି ହେଉଥିଲେ।

୧୮୬। ଭୀମାଜୀ ତାଙ୍କର ସମ୍ପର୍କୀୟ, ଭାଇବନ୍ଧୁ ଓ ପଡ଼ୋଶୀମାନଙ୍କୁ ଡାକି ଆଣୁଥିଲେ ଏବଂ ନିୟମିତ ଭାବରେ ଓ ଅତି ଆନନ୍ଦମନରେ ସତ୍ୟସାଇ ବ୍ରତ ପାଳନ କରୁଥିଲେ।

୧୮୭। ନୈବେଦ୍ୟ ଆକାରରେ ପାଞ୍ଚପା (ବର୍ତ୍ତମାନ ହିସାବରେ ୧ କିଲୋ ୨୫୦ ଗ୍ରାମ) ଦ୍ରବ୍ୟ ବଢ଼ାଯାଉଥିଲା। ଅନ୍ୟ ସମସ୍ତ ପୂଜାବିଧି ସମାନ ଥିଲା। ଗୋଟିଏ ପଟରେ ନାରାୟଣ ଓ ଅନ୍ୟ ପଟରେ ଶ୍ରୀସାଇ ପୂଜା ପାଉଥିଲେ। ପୂଜାବିଧିର କୌଣସି ଉପଚାର ବାଦ୍ ପଡୁନଥିଲା ।

୧୮୮। ଭୀମାଜୀ ଏହି ବ୍ରତ ପ୍ରଥମେ ଆରମ୍ଭ କରିଥିଲେ। ଏହା କ୍ରମେ କ୍ରମେ ଗ୍ରାମରୁ ଗ୍ରାମାନ୍ତର ବ୍ୟାପି ଏକ ସାଧାରଣ ପ୍ରଥାରେ ପରିଣତ ହୋଇଥିଲା ଓ ଲୋକେ ଜଣକ ପରେ ଜଣେ 'ସତ୍ୟସାଇ ବ୍ରତ' ପାଳନ କରିବା ଆରମ୍ଭ କରିଦେଇଥିଲେ।

୧୮୯। ସନ୍ଥମାନେ ଏହିଭଳି ଦୟାଳୁ! ଉପଯୁକ୍ତ ସମୟ ଉପସ୍ଥିତ ହେଲେ ସେମାନେ ଭକ୍ତମାନଙ୍କର ସାଂସାରିକ ବନ୍ଧନକୁ ନିଜର ଦର୍ଶନ ଦ୍ୱାରା ଦୂର କରିଦେଇଥାନ୍ତି। ଏପରିକି ଭକ୍ତମାନଙ୍କର ଭାଗ୍ୟ ମଧ୍ୟ ବଦଳାଇ ଦେଇଥାଆନ୍ତି।

୧୯୦। ପରବର୍ତ୍ତୀ ଅଧ୍ୟାୟରେ ଆମେ ବଂଶଧର ଖୋଜୁଥିବା ଜଣେ ବ୍ୟକ୍ତିଙ୍କ ସମ୍ପର୍କରେ ଓ ସନ୍ଥମାନଙ୍କ ମଧ୍ୟରେ ଏକାତ୍ମତାର ଚମତ୍କାରିତା ସମ୍ବନ୍ଧରେ ଜାଣିବାକୁ ପାଇବା।

୧୯୧। ନାଂଦେଡ଼ ସହରର ବାସିନ୍ଦା ଜଣେ ଧନୀ ପାର୍ସୀ ବାବାଙ୍କର ଆଶୀର୍ବାଦ ଲାଭ କରିବା ପରେ ପୁଅଟିଏ ପାଇଥିଲେ।

୧୯୨। ମୌଲୀ ସାହେବ ସେହି ସ୍ଥାନର ସନ୍ଥ ବୋଲି ବାବା ସୂଚନା ଦେବାରୁ ପାର୍ସୀ ଖୁସି ମନରେ ନିଜ ବାସସ୍ଥାନକୁ ଫେରି ଯାଇଥିଲେ।

୧୯୩। ଏହା ବହୁତ ପ୍ରେମମୟ କାହାଣୀ। ଶ୍ରୋତାମାନେ ଧୀରସ୍ଥିର ଭାବରେ ଏହାକୁ ଶୁଣନ୍ତୁ। ଏହା ଶୁଣିଲେ ସେମାନେ ଶ୍ରୀସାଇଙ୍କର ସର୍ବବ୍ୟାପକତା ଓ ସ୍ନେହଶୀଳତାକୁ ଅନୁଭବ କରିପାରିବେ।

୧୯୪। ଶ୍ରୀସାଇଙ୍କ ଶରଣାଗତ ହୋଇ ହେମାଡ଼ପନ୍ତ ସମସ୍ତ ସନ୍ଥ ଓ ଶ୍ରୋତାଙ୍କ ପାଖରେ ମସ୍ତକ ନତ କରୁଛି । ପରବର୍ତ୍ତୀ ଅଧ୍ୟାୟରେ ଉପରବର୍ଣ୍ଣିତ କାହାଣୀମାନ ମୁଁ ଆପଣମାନଙ୍କୁ କହିବି। ଭକ୍ତି ସହକାରେ ଶୁଣନ୍ତୁ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ଭୀମାଜୀଙ୍କର ଯକ୍ଷ୍ମାରୋଗରୁ ମୁକ୍ତି' ଶୀର୍ଷକ ତ୍ରୟୋଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଷୋଡ଼ଶୋପଚାର - ଆବାହନ, ସଂସ୍ଥାନ, ପାଦପୂଜା, ଜଳଦାନ, ଶୁଦ୍ଧିକରଣ, ସ୍ନାନ, ବସ୍ତ୍ର ପ୍ରଦାନ, ଉପବୀତ ଧାରଣ, ଚନ୍ଦନ ତିଳକ, ପୁଷ୍ପାର୍ପଣ, ସୁଗନ୍ଧିଦାନ, ନୈବେଦ୍ୟ, ଆରତି, ଦକ୍ଷିଣା, ପ୍ରଦକ୍ଷିଣ ଓ ମନ୍ତ୍ରପୁଷ୍ପାର୍ପଣ।

୧୩ ॥ ଭୀମାଜୀଙ୍କ ଯକ୍ଷ୍ମାରୋଗରୁ ମୁକ୍ତି ॥

୨- ଅଷ୍ଟୋପଚାର - ଚନ୍ଦନ, ପୁଷ୍ପ, ସୁଗନ୍ଧ, ଆରତି, ନୈବେଦ୍ୟ, କର୍ପୂରଆଳତି, ହଳଦି ମିଶ୍ରିତ ଅକ୍ଷତ ଚାଉଳ ଓ ନଡ଼ିଆ।

୩- ନାରାୟଣ ଗୋବିନ୍ଦ ଚାନ୍ଦୋରକର ଓରଫ୍ ନାନାସାହେବ।

୪- ହିରଣ୍ୟକଶ୍ୟପ ଦୈତ୍ୟକୁ ବିନାଶ କରିବା ପାଇଁ ବିଷ୍ଣୁ ନରସିଂହ ଅବତାର ନେଇଥିଲେ ।

୫- ଦୁଇ କିଲୋରୁ କମ୍।

୬- ଶିରିଡ଼ିର ମାଧବରାଓ ଦେଶପାଣ୍ଡେଙ୍କର ଅର୍ଶ ହୋଇଥିଲା। ସେ ମହାରାଜଙ୍କୁ ଏ ସମ୍ପର୍କରେ କହିଥିଲେ। "ଓପରବେଳା ଆମେ ଔଷଧ ଦେବା" ବୋଲି ମହାରାଜ କହିଥିଲେ। ସେହି ଅନୁଯାୟୀ ମହାରାଜ ପାଚନ ତିଆରି କରି ମାଧବରାଓଙ୍କୁ ସେଥିରୁ କିଛି ଖାଇବା ପାଇଁ ଦେଇଥିଲେ। ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା। ଦୁଇବର୍ଷ ପରେ ପୁଣି ତାଙ୍କର ସେହି ରୋଗ ଦେଖାଦେଇଥିଲା। ମହାରାଜ ପୂର୍ବରୁ ଯେପରି ପାଚନ ତିଆରି କରିଥିଲେ, ମାଧବରାଓ ଠିକ୍ ସେହିଭଳି ପାଚନ ନିଜ ଘରେ ତିଆରି କରାଇ ଖାଇଥିଲେ। ରୋଗ ଭଲ ହେଲା ନାହିଁ, ବରଂ ଯନ୍ତ୍ରଣା ଅଧିକ ବଢ଼ି ଯାଇଥିଲା। ପରେ ମହାରାଜଙ୍କ କୃପାରୁ ସେ ସୁସ୍ଥ ହୋଇଯାଇଥିଲେ। ଏହାର ସାରକଥା ହେଉଛି ଯେ, ମହାରାଜଙ୍କ କୃପା ଓ ଆଶୀର୍ବାଦ ଯୋଗୁ ହିଁ ରୋଗମୁକ୍ତି ହୋଇଥାଏ।

୭- କାକା ମହାଜନୀଙ୍କ ବଡ଼ଭାଇ ଗଙ୍ଗାଧର ପନ୍ତ ବହୁବର୍ଷ ଧରି ପେଟମରା ରୋଗ ଭୋଗୁଥିଲେ। ପ୍ରତିବର୍ଷ ଏହି ରୋଗ ଯୋଗୁ ସେ ବହୁତ କଷ୍ଟ ପାଉଥିଲେ। ମହାରାଜଙ୍କର ସୁଖ୍ୟାତି ଶୁଣି ସେ ଶିରିଡ଼ି ଆସି ମହାରାଜଙ୍କ ନିକଟରେ ଦୁଃଖ ଜଣାଇଥିଲେ। ମହାରାଜ ତାଙ୍କର ପେଟ ଚିପି ପଚାରିଥିଲେ, "ଏଇଠି ଯନ୍ତ୍ରଣା ହେଉଛି ?" ଗଙ୍ଗାଧର ପନ୍ତ "ହଁ" କହିବା ପରେ ମହାରାଜ କହିଥିଲେ, "ଆଲ୍ଲା ଭଲ କରିଦେବେ।" ସେହିଦିନଠାରୁ ଗଙ୍ଗାଧର ପନ୍ତଙ୍କର ପେଟମରା ରୋଗ ଚାଲିଯାଇଥିଲା ଓ ଆଉ କେବେ ହୋଇ ନଥିଲା।

ନାନାସାହେବ ଚାନ୍ଦୋରକରଙ୍କର ଥରେ ପେଟମରା ରୋଗ ହୋଇଥିଲା। ଏତେ କଷ୍ଟ ହେଉଥିଲା ଯେ ରାତିଦିନ ସେ ବିକଳ ହେଉଥିଲେ। ଡାକ୍ତର ତାଙ୍କୁ ଔଷଧ ଦେଇଥିଲେ ମାତ୍ର ତାଙ୍କର କଷ୍ଟ କିଛି ଊଣା ହୋଇନଥିଲା । ଶେଷରେ ସେ ମହାରାଜଙ୍କ ପାଖକୁ ଯାଇଥିଲେ । ମହାରାଜ ତାଙ୍କୁ ଘିଅରେ ବରଫି ମିଠାଇ ଗୋଳି ଖାଇବା ପାଇଁ କହିଥିଲେ। ଏହି ଚିକିତ୍ସା ପରେ ତାଙ୍କର ପେଟମରା ରୋଗ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା। କାହାର ଓ କେଉଁ ରୋଗର ଉପଚାର କିପରି ହେବ, ତାହା ତାଙ୍କୁ ହିଁ ଜଣାଥିଲା !

ଦୁଃଖ ସାଗରରେ ଯେତେ ଗଭୀରରେ ବୁଡ଼ିଥାଅ କିମ୍ବା ଯଂତ୍ରଣାର ଉପତ୍ୟକାରେ ଯେତେ ଗଭୀରରେ ପୋତି ହୋଇଥାଅ, ଏକଥା ଜାଣିଥାଅ ଯେ ମସ୍‌ଜିଦ୍‌ମାୟୀର ପାହାଚ ଚଢ଼ିବା ସମୟରେ ସୁଖର ଢେଉ ଉପରେ ଚଢ଼ିଥାଅ । (୧୩ଶ ଅଧ୍ୟାୟ, ପଂକ୍ତି-୭୩)

ସେ ସମସ୍ତଙ୍କର ଦୟାବତୀ ମାତା ହିସାବରେ ଡାକିଦେବା ମାତ୍ରକେ ଦୌଡ଼ି ଆସିଥାନ୍ତି, ଦୟାଦେଖାଇ ଥାଆନ୍ତି, ନିଜ ହାତରେ ଉପରକୁ ଉଠାଇ ନେଇଥାନ୍ତି ଓ ପିଲାଙ୍କର ଆବଶ୍ୟକତାକୁ ବୁଝିଥାନ୍ତି । (୧୩ଶ ଅଧ୍ୟାୟ, ପଂକ୍ତି-୫୮)

ବାଲା ଶିମ୍ପି

॥୧୪॥

ରତନଜୀଙ୍କ ଶ୍ରୀସାଇ ଦର୍ଶନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ହେ ଶ୍ରୀସାଇନାଥ ! ସନ୍ଥମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠଙ୍କୁ ଆମର ଅଭିବାଦନ ! ପରମ ଦୟାଳୁ ଓ ସଦ୍‌ଗୁଣ ସଂପନ୍ନ, ଅପରିବର୍ତ୍ତନୀୟ ଓ ପରଂବ୍ରହ୍ମ, ଅସୀମ ଓ ସର୍ବବ୍ୟାପୀ ଆତ୍ମାଙ୍କୁ ଆମର ଅଭିବାଦନ !

୨ । ଭକ୍ତମାନଙ୍କ ପ୍ରତି ଆପଣଙ୍କର ଅସୀମ କୃପା ଯୋଗୁଁ, ଆପଣ ସେମାନଙ୍କ ଉପରେ ନଜର ରଖିଥାନ୍ତି, ସେମାନଙ୍କର ଅଜାଣତରେ ଆପଣ ବାରମ୍ବାର ବିଭିନ୍ନ ବାହାନାରେ ସେମାନଙ୍କୁ ଦେଖାଦେଇଥାନ୍ତି ଓ ସେମାନଙ୍କୁ ଆପଦବିପଦରୁ ରକ୍ଷା କରିଥାନ୍ତି ।

୩ । ରାକ୍ଷସଗଣ କାମନାବାସନା ରୂପରେ ରାତ୍ରିରେ ସକ୍ରିୟ ଓ ଦୁର୍ଦ୍ଦମନୀୟ ହୋଇଥିବାରୁ ସେମାନଙ୍କୁ ମାରି ଭକ୍ତମାନଙ୍କର ଆଧ୍ୟାତ୍ମିକ ଉନ୍ନତି ସାଧନ ପାଇଁ ଆପଣ ଅବତାର ଗ୍ରହଣ କରିଛନ୍ତି ।

୪ । ଯେଉଁ ଭକ୍ତଗଣ ସରଳ ବିଶ୍ୱାସରେ ଆପଣଙ୍କ ଦର୍ଶନ ପାଇଁ ଆସିଥାନ୍ତି, ସେମାନେ ଆତ୍ମସନ୍ତୋଷର ଅମୃତ ପାନ କରିବାକୁ ସମର୍ଥ ହୁଅନ୍ତି ଓ ପ୍ରେମାନନ୍ଦରେ ମଗ୍ନ ରହି ଆନ୍ତରିକ ଶାନ୍ତି ଲାଭ କରି ସୁଖୀ ହୋଇଥାନ୍ତି ।

୫ । ଶ୍ରୀସାଇ ସମର୍ଥ ସଦ୍‌ଗୁଣାବଳୀର ମୂର୍ତ୍ତରୂପ ଅଟନ୍ତି । ମୁଁ ଜଣେ ସାଧାରଣ, ଗରିବ ଓ ସରଳ ମନୁଷ୍ୟ । ମୁଁ ବିନୀତ ଭାବରେ ଶ୍ରୀସାଇଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି ।

୬ । ଗତ ଅଧ୍ୟାୟରେ ଗୋଟିଏ କଳା କୁକୁରକୁ ଦହି ଭାତ ଖାଇବାକୁ ଦେବା ପରେ ଜଣେ ରୋଗୀ କିପରି ମ୍ୟାଲେରିଆରୁ ମୁକ୍ତ ହୋଇଥିଲେ, ସେକଥା କୁହାଯାଇଥିଲା ।

୭ । ଭୟଙ୍କର ହଇଜା ଓ ଆମାଶୟ ରୋଗ ବିଶି ଆଙ୍ଗୁଠି ଦେଖାଇ ତିରସ୍କାର କରିବାରୁ ତଥା ଚାଉଳଜାଉ ଏବଂ ବାଦାମ ଭଜା ଖାଇବାରୁ ଭଲ ହୋଇଥିଲା ।

୮ । ସେହିଭଳି ଜଣକର ପେଟମରା ରୋଗ, ଅନ୍ୟ ଜଣକର କର୍ଣ୍ଣଯନ୍ତ୍ରଣା ଓ ତୃତୀୟ ଜଣକର ଗୁରୁତର ଯକ୍ଷ୍ମାରୋଗ କେବଳ ଦର୍ଶନ ଦ୍ୱାରାହିଁ ଉପଶମ ହୋଇଥିଲା ।

୯ । ଭୀମାଜୀ ଶ୍ରୀସାଇଙ୍କ କୃପାରୁ କିଭଳି ସମ୍ପୂର୍ଣ୍ଣ ସୁଖୀ ହୋଇଥିଲେ, ସାଇଙ୍କ ପାଖରେ ସମ୍ପୂର୍ଣ୍ଣ ଶରଣାଗତ ହୋଇ କିପରି ଚିରଋଣୀ ରହିଥିଲେ, ତାହାର ବର୍ଣ୍ଣନା କରାଯାଇଥିଲା ।

୧୦ । ସେହିଭଳି ଏହି ଅଧ୍ୟାୟ ମଧ୍ୟ ଅନନ୍ୟ, ବିସ୍ମୟକର ଓ କୌତୁହଳପୂର୍ଣ୍ଣ । ଶ୍ରୋତାମାନଙ୍କର ଉତ୍କଣ୍ଠାକୁ ଲକ୍ଷ୍ୟ କରି ମୁଁ ଏହାକୁ ଉପସ୍ଥାପନ କରୁଅଛି ।

୧୧ । ଶ୍ରୋତାଗଣ ମନଧ୍ୟାନ ଦେଇ ନ ଶୁଣିଲେ ବକ୍ତା କିପରି ଉତ୍ସାହିତ ହେବ ? ବର୍ଣ୍ଣନା କିପରି ଶୀର୍ଷରେ ପହଞ୍ଚି ଆକର୍ଷଣୀୟ ହେବ ?

୧୨ । ବକ୍ତା କ'ଣ କରି ପାରିବ ? ସେ ଶ୍ରୋତାମାନଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭରଶୀଳ । ଶ୍ରୋତାଗଣ କାହାଣୀ

ଶୁଣିବାରେ ମଜ୍ଜି ରହିଲେ କାହାଣୀ ଅଧିକ ଆନନ୍ଦଦାୟକ ହୋଇଥାଏ ।

୧୩। ଏହା ଜଣେ ସନ୍ଥଙ୍କର ଜୀବନଚରିତ ହୋଇଥିବାରୁ ସବୁ ଦିଗରୁ ସ୍ୱାଭାବିକ ଭାବରେ ଆନନ୍ଦଦାୟକ। ସନ୍ଥଙ୍କର ଖାଦ୍ୟ, ବସ୍ତ୍ର, ଦୈନନ୍ଦିନ ଆଚରଣ ଓ ଏପରିକି ସାମୟିକ ମନ୍ତବ୍ୟ ଯାଦୁକରୀ ହୋଇଥାଏ।

୧୪। ଏହା ଜୀବନ ଚିତ୍ର ବା ଜୀବନୀ ନୁହେଁ। ଦୟାସାଗର ଶ୍ରୀସାଇ ମହାରାଜ ନିଜର ଭକ୍ତମାନଙ୍କ ପ୍ରତି ଶ୍ରଦ୍ଧା ହେତୁ ତାଙ୍କୁ ସ୍ମରଣ କରି ଆନନ୍ଦ ପାଇବା ନିମନ୍ତେ ଏହି କରୁଣାବାରି ଅଜାଡ଼ି ଦେଇଥିଲେ।

୧୫। ମହାନ୍ ସନ୍ଥମାନଙ୍କର କାହାଣୀଗୁଡ଼ିକ ଏହିଭଳି । ତାହା ପାର୍ଥିବ ଜୀବନ ସମ୍ପର୍କରେ କହୁଥିଲା ବେଳେ ମୁକ୍ତି ପଥର ଯାତ୍ରୀ କରାଇଥାଏ। ଏହି କାହାଣୀଗୁଡ଼ିକ ପାର୍ଥିବ ଓ ଆଧାତ୍ମିକ ଜୀବନ ସମ୍ପର୍କରେ ଏକ ସଂଗରେ କହିଥାଏ।

୧୬। ତାହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ଅବଶ୍ୟ ଏହା ହୋଇଥାଏ ଯେ ଜଣେ ସୁଖୀ ଜୀବନ ବିତାଇବା ଉଚିତ। କିନ୍ତୁ ସେ ସର୍ବଦା ସାବଧାନ ରହିବା ଉଚିତ ଓ ଏହି ଶରୀରର ସଫଳ ଉପଯୋଗ କରିବା ଉଚିତ।

୧୭। ଅନେକ ସୁକୃତି ସଞ୍ଚିତ ହେଲେ ଯାଇ ଆତ୍ମା ଅପ୍ରତ୍ୟାଶିତ ଭାବରେ ମନୁଷ୍ୟ ଶରୀର ପାଇଥାଏ। ତାହା ପରେ ଯଦି ସେ ଆଧାତ୍ମିକ ଜୀବନ ଯାପନ କରିପାରେ, ତେବେ ସେ ମହାଭାଗ୍ୟବାନ।

୧୮। ଏହି ଜୀବନରେ ଯଦି ସେ ପୂର୍ଣ୍ଣ ସଫଳକାମ ହୋଇ ନ ପାରେ, ତେବେ ତାହାର ଜନ୍ମ ବୃଥା ହୋଇଯାଏ ଓ ସେ କେବଳ ପୃଥିବୀର ଭାରା ବଢ଼ାଇଥାଏ। ସେ ଗୋଟିଏ ପଶୁ ହୋଇଥିଲେ ଅଧିକ ସୁଖୀ ହୋଇପାରନ୍ତା କି ?

୧୯। ଯେଉଁ ମନୁଷ୍ୟ କେବଳ ଖାଇବା, ଶୋଇବା, ଭୟ କରିବା ଓ ଯୌନ ସମ୍ଭୋଗରେ ମାତିବା ଛଡ଼ା ଆଉକିଛି ଜାଣେନାହିଁ, ସେ ଲାଙ୍ଗୁଳହୀନ ଓ ଶିଙ୍ଗବିହୀନ ପଶୁଠାରୁ କୌଣସି ଗୁଣରେ ଉତ୍କୃଷ୍ଟ ନୁହେଁ।

୨୦। ଏହି ମନୁଷ୍ୟ ଜୀବନ କେତେ ମହତ୍ ? ଭଗବାନଙ୍କ ପ୍ରତି ଭକ୍ତି ଓ ଚତୁଃବର୍ଗ ମୁକ୍ତିଂ ତଥା ମୋକ୍ଷ ପ୍ରାପ୍ତି ନିମନ୍ତେ ଏହି ଶରୀର ହିଁ ଏକମାତ୍ର ପଥ। ଆତ୍ମୋପଲବ୍ଧି ପାଇଁ ଏହା ହିଁ ଏକମାତ୍ର ମାଧ୍ୟମ।

୨୧। ଆମ୍ଭମାନଙ୍କର ଏହି ପୃଥିବୀରେ ଅବସ୍ଥାନ ବିଜୁଳିର ଝଲକଠାରୁ ଅଧିକ ଦୀର୍ଘ ନୁହେଁ। ଭାଗ୍ୟର ଦାନ୍ତଜାବ ମଧ୍ୟରେ ପଡ଼ିଯାଇଥିବା ମନୁଷ୍ୟ କିଭଳି ସମ୍ପୂର୍ଣ୍ଣ ଆନନ୍ଦର ମୁହୂର୍ତ୍ତକୁ ପାଇପାରିବ ?

୨୨। ମା, ବାପା, ଭାଇ, ଭଉଣୀ, ସ୍ୱାମୀ, ସ୍ତ୍ରୀ, ପୁଅ, ଝିଅ ଓ ସମ୍ପର୍କୀୟମାନେ କାଠଗଣ୍ଡି ଭଳି ନଦୀ ସ୍ରୋତରେ ଭାସି ବୁଲିଥାନ୍ତି।

୨୩। ସେମାନେ କିଛି ସମୟ ପାଇଁ ଏକତ୍ର ରହିବାର ଦେଖାଯାଏ। ତା'ପରେ ସେମାନେ ଲହରୀର ତାଡ଼ନାରେ ଅଲଗା ହୋଇଯାଆନ୍ତି । ଆଉ କେବେ ଏକାଠି ଭେଟ ହୋଇପାରନ୍ତି ନାହିଁ ।

୨୪। ଯିଏ ଆତ୍ମୋନ୍ନତି କରି ପାରିନାହିଁ, ସେ ବୃଥାରେ ମାତାଙ୍କୁ ହଇରାଣ କରିଛି। ସନ୍ଥଙ୍କ ପଦରେ ଶରଣାଗତ ନ ହେଲେ ମଣିଷ ଜନମ ବୃଥା ହୋଇଯାଏ।

୨୫। ଜଣେ ଜନ୍ମ ହେବା ସଙ୍ଗେ ସଙ୍ଗେ ମୃତ୍ୟୁ ଆଡ଼କୁ ଧାବମାନ ହୋଇଥାଏ। ଯଦି ସେ ଭାବୁଥାଏ ଯେ ତାହାର ମୃତ୍ୟୁ ଡେରି ଅଛି, ତେବେ ସେ ଠକି ଯାଉଛି।

୨୬। ମୃତ୍ୟୁ ଅପେକ୍ଷା କରି ରହିଛି ବୋଲି ଜଣେ ସଦାବେଳେ ଭାବୁଥିବା ଆବଶ୍ୟକ। ଏହି ଶରୀର ହେଉଛି ଖାଦ୍ୟ ଯାହାକୁ ଭକ୍ଷଣ କରି ମୃତ୍ୟୁ ବଞ୍ଚି ରହିଥାଏ। ଏହା ସୃଷ୍ଟିର ନିୟମ। ତେଣୁ ଜାଗ୍ରତ ରହନ୍ତୁ।

୨୭। ଜୀବନର ଦୈନନ୍ଦିନ କାର୍ଯ୍ୟକୁ ସାବଧାନତା ସହିତ କଲେ ଆପଣ ଜୀବନରେ ଉଚ୍ଚତମ ଲକ୍ଷ୍ୟରେ ଅନାୟାସରେ ପହଞ୍ଚିଯିବେ। ସଂସାରରେ ଥିଲାବେଳେ ଅଳସୁଆ ହୁଅନ୍ତୁ ନାହିଁ କି ଚେଷ୍ଟାକରିବାରେ ଅନାଗ୍ରହୀ ହୁଅନ୍ତୁ ନାହିଁ।

୨୮। ଯେଉଁମାନେ ଶ୍ରୀସାଇଙ୍କର କାହାଣୀଗୁଡ଼ିକୁ ଶ୍ରଦ୍ଧା ସହକାରେ ଶୁଣନ୍ତି, ସେମାନେ ଅନାୟାସରେ ଲାଭବାନ୍ ହୋଇଥାନ୍ତି। ସେମାନଙ୍କର ଶ୍ରୀସାଇଙ୍କ ପାଦରେ ଭକ୍ତି ଅଧିକ ବୃଦ୍ଧି ପାଇଥାଏ ଓ ସେମାନେ ଆନନ୍ଦ ଏବଂ ସମୃଦ୍ଧି ଲାଭ କରିଥାନ୍ତି ।

୨୯। ଏହି କାହାଣୀମାଳା ଶ୍ରୀସାଇଙ୍କୁ ତଥା ତାଙ୍କ ପଦ୍ମପାଦକୁ ପ୍ରତି ପଦକ୍ଷେପରେ ଶ୍ରଦ୍ଧା କରୁଥିବା ବ୍ୟକ୍ତିମାନଙ୍କୁ ସ୍ମରଣ କରାଇଦେବ।

୩୦। ଯାହାକୁ ଭାଷାରେ ପ୍ରକାଶ କରିହୁଏ ନାହିଁ, ତାହାକୁ

ଏହା ବର୍ଣ୍ଣନା କରିପାରେ ଓ ଯାହାକୁ ଇନ୍ଦ୍ରିୟ ଦ୍ୱାରା ଅନୁଭବ କରି ହୁଏ ନାହିଁ, ଏହି କାହାଣୀ ଦ୍ୱାରା ତାହାକୁ ଉପଭୋଗ କରାଯାଇପାରେ। ଏହି କାହାଣୀରୂପକ ଅମୃତକୁ ଯେତେ ପାନ କଲେ ମଧ୍ୟ ପୂର୍ଣ୍ଣ ତୃପ୍ତି ମିଳିବା କଠିନ ହୋଇଥାଏ।

୩୧ । ସନ୍ଥମାନଙ୍କର ଲୀଳା ବୁଝିବା ଅସମ୍ଭବ। ସେମାନଙ୍କର ମହିମା ବର୍ଣ୍ଣନାର ବାହାରେ। ତାହାକୁ କିଏ ବା ସଠିକ ଭାବରେ ପୂର୍ଣ୍ଣରୂପେ ପ୍ରକାଶ କରିପାରିବ ?

୩୨ । ଏହି କାହାଣୀଗୁଡ଼ିକୁ ନିୟମିତ ଭାବରେ ବାରମ୍ବାର ଶୁଣିଲେ, ଶ୍ରୀସାଇଙ୍କର ରୂପ ଆମ ଚକ୍ଷୁ, ମନ ଓ ହୃଦୟରେ ଚିରସ୍ଥାୟୀ ଭାବରେ ରହିଯିବ। ଆମେ ତାକୁ ଦିନରାତି ମନେ ପକାଇ ଧ୍ୟାନ କରିପାରିବା।

୩୩। ତାଙ୍କୁ ଜାଗ୍ରତ ରହିବା ଅବସ୍ଥାରେ ବା ସ୍ୱପ୍ନ ଦେଖିବା ଅବସ୍ଥାରେ ଅନୁଭବ କରିହେବ। ବସିବା, ଶୋଇବା ବା ଖାଇବା ବେଳେ ବି ଅନୁଭବ କରିହେବ । ବଣ, ଜଙ୍ଗଲରେ ବା ସମାଜ ଭିତରେ ଯେଉଁଠାକୁ ଗଲେ ମଧ୍ୟ ସେ ଆମ ସାଙ୍ଗରେ ଚାଲିଛନ୍ତି ବୋଲି ମନେହେବ ।

୩୪। ସେ ଆମମାନଙ୍କ ସହିତ ରାତିଦିନ ରହିଲେ, ଦିବ୍ୟ ଚିନ୍ତାରେ ଆମ ମନ ନିମଜ୍ଜିତ ହେବ ଓ ଏହା ପ୍ରତ୍ୟହ ଘଟି ଚାଲିଲେ ମନ ପରମ ଶକ୍ତି ବା ପରମାତ୍ମାଙ୍କ ସହିତ ଏକାତ୍ମ ହୋଇପାରିବ।

୩୫। ବର୍ତ୍ତମାନ ମୁଁ ମୋ ବର୍ଣ୍ଣନାର ସୂତ୍ର ପୂର୍ବ ଅଧ୍ୟାୟରୁ ଧରିବି। ଆମେ ବର୍ଣ୍ଣନା ଚଳାଇରଖିବା। ମନଦେଇ ଶୁଣନ୍ତୁ।

୩୬। ଜଣେ ବିଶ୍ୱାସ ଓ ଭକ୍ତିର ସିରାପୁରି[୨] ଯେତେ ଇଚ୍ଛା ସେତେ ଖାଇ ପାରିବ, କିନ୍ତୁ ତଣ୍ଟି ପର୍ଯ୍ୟନ୍ତ ଖାଇଲେ ମଧ୍ୟ କେବେ ସନ୍ତୁଷ୍ଟ ହେବ ନାହିଁ।

୩୭ । ଏବେ ଆଉ ଗୋଟିଏ କାହାଣୀ କହୁଛି। ଶ୍ରୋତାଗଣ, ଏହାକୁ ଭକ୍ତି ସହକାରେ ମନ ଦେଇ ଶୁଣନ୍ତୁ। ସନ୍ଥଦର୍ଶନର ଉପଯୋଗିତା ସମ୍ବନ୍ଧରେ ଆପଣଙ୍କ ମନରେ ଦୃଢ଼ ଧାରଣା ହେବ ।

୩୮। ବାବା ପ୍ରକାଶ୍ୟରେ କିଛି କରନ୍ତି ନାହିଁ। ସେ ନିଜ ସ୍ଥାନ ଛାଡ଼ି କୁଆଡ଼େ ଯାଆନ୍ତି ନାହିଁ। ମାତ୍ର ସେ ଗୋଟିଏ ସ୍ଥାନରେ ବସି ରହି ସବୁ ଜାଣୁଥାନ୍ତି ଓ ସମସ୍ତଙ୍କୁ ଜଣାଉଥାନ୍ତି।

୩୯। ଯେଉଁ ଚିରନ୍ତନ ସତ୍ୟ ଶରୀର ମଧ୍ୟରେ ବାସ କରେ, ତାହା ସମଗ୍ର ବିଶ୍ୱ ବ୍ୟାପ୍ତ ହୋଇଥାଏ। ଶରୀରକୁ ତ୍ୟାଗ କଲେ ଏକତ୍ୱ ଅନୁଭବ କରାଯାଏ ।

୪୦। ଯିଏ ସେହି ଚିରନ୍ତନ ସତ୍ୟର ଶରଣାଗତ ହୁଏ, ସେ ସମସ୍ତଙ୍କ ସହିତ ଏକ ହୋଇଥାଏ ବୋଲି ଜାଣନ୍ତୁ। ଯିଏ ଭିନ୍ନ ପଥ ଅନୁସରଣ କରେ, ସେ ଜନ୍ମମୃତ୍ୟୁ ଚକ୍ରରେ ଘୂରିବୁଲେ।

୪୧। ଯେଉଁ ବୁଦ୍ଧି ପ୍ରତ୍ୟେକଙ୍କୁ ଭିନ୍ନ ବୋଲି ଭାବେ ତାହା ହେଉଛି ପ୍ରକୃତରେ ଅଜ୍ଞତା। ତାହାକୁ ତ୍ରିଶୁଦ୍ଧି[୩] ଦ୍ୱାରା ଶୁଦ୍ଧ କରିବା ଦରକାର ହୁଏ। ତେବେ ଗୁରୁଙ୍କର ଆଗମନ ଆମ ମନକୁ ଶୁଦ୍ଧ କରିଦିଏ ଓ ଆମର ପ୍ରକୃତ ଆତ୍ମାକୁ ଉପଲବ୍ଧି କରାଇଥାଏ।

୪୨। ଅଜ୍ଞତାରୁ ଦୂରେଇ ରହିଲେ ହିଁ ଏକତ୍ୱ ଉପଲବ୍ଧି କରିହୁଏ । ସେଥିରେ ସାମାନ୍ୟତମ ଭେଦଭାବନା ରହିଗଲେ ଏକତ୍ୱ କୋଉଠି ରହିପାରିବ ?

୪୩। ବ୍ରହ୍ମରୁ ଅଚଳ ପର୍ଯ୍ୟନ୍ତ ଯେକୌଣସି ନାମର ବସ୍ତୁକୁ ଅଜ୍ଞତା ହେତୁ ଅବ୍ରହ୍ମ ବୋଲି କୁହାଯାଏ । କିନ୍ତୁ ପ୍ରକୃତ କ୍ଷେତ୍ରରେ ସେମାନେ ସମସ୍ତେ ପୂର୍ଣ୍ଣ ବ୍ରହ୍ମ।

୪୪। ଯାହାଙ୍କର ସ୍ୱଭାବତଃ ସବୁ ବିଷୟରେ ପ୍ରଗାଢ଼ ଜ୍ଞାନ ରହିଛି ଓ ଯିଏ ପାର୍ଥିବ ସତ୍ତାର କର୍ତ୍ତବ୍ୟ କରିବା ପାଇଁ ଅନିଚ୍ଛୁକ ଅଟନ୍ତି ଏବଂ ଯାହାଙ୍କଠି ନାମ ଓ ରୂପର ବିଲୀନ ଘଟିଛି, ସେ ହିଁ ନିରାକାର ବ୍ରହ୍ମ।

୪୫। ଭ୍ରମ ପଥରେ ପରିଚାଳିତ ଜ୍ଞାନ ଓ ମାୟା ମୋହ ହେତୁ ଏବଂ ବ୍ରହ୍ମ ଭିନ୍ନ ବୋଲି ବିଶ୍ୱାସ କରୁଥିବା ଯୋଗୁଁ ଏହିସବୁ ଭ୍ରମଧାରଣା ସୃଷ୍ଟି ହୋଇଥାଏ ଏବଂ ମନ ପ୍ରକୃତିର ବିଭିନ୍ନ ଆକର୍ଷଣୀୟ ରୂପ ଆଡ଼କୁ ପ୍ରଲୋଭିତ ହୋଇଥାଏ। ମନରେ ସତ୍‌ଜ୍ଞାନ ଉଦୟ ହେଲେ ତାହା ସ୍ଥିର ହୁଏ ଓ ଶୁଦ୍ଧ ଚେତନା ସହିତ ଏକ ହୁଏ ।

୪୬। ମୁଁ ଭିନ୍ନ ଓ ଲୋକମାନେ ମୋଠାରୁ ଭିନ୍ନ। ଯିଏ ଏଭଳି ଭେଦଭାବନାରେ ଚିନ୍ତା କରନ୍ତି ନାହିଁ, ତାଙ୍କ ପାଖରେ ପ୍ରତ୍ୟେକେ ଶୁଦ୍ଧ ଚେତନା ଓ ତାଙ୍କ ପାଇଁ କିଛି ଭିନ୍ନ ନ ଥାଏ।

୪୭। ଯିଏ ପାର୍ଥିବ ସତ୍ତାର କର୍ତ୍ତବ୍ୟଗୁଡ଼ିକୁ ବିରକ୍ତିକର ମନେ କରିଥାନ୍ତି ଓ ବିଭିନ୍ନତା ଭାବନାର ମୂଳୋତ୍ପାଟନ କରି ଦେଇଥାନ୍ତି, ସେ ବ୍ରହ୍ମତ୍ୱ ପାଇଥାନ୍ତି।

୪୮। "ମୁଁ ନିଜକୁ ସବୁଠାରେ ଦେଖୁଛି। ମୋ ବିନା

କୌଣସି ସ୍ଥାନ ନାହିଁ। ମୁଁ ସର୍ବ ଦିଗରେ, ସର୍ବ ସ୍ଥାନରେ ବ୍ୟାପି ରହିଛି। ମୋ ବ୍ୟତୀତ ଅନ୍ୟ କିଛି ନାହିଁ।"

୪୯। ଏହି ନିର୍ଣ୍ଣୟକୁ ଦୃଢ଼ ଭାବରେ ଗ୍ରହଣ କରନ୍ତୁ ଓ ମାୟାର ଭୁଲ ରାସ୍ତାଦେଖାକୁ ହଟେଇ ଦିଅନ୍ତୁ। ଦୃଷ୍ଟିରେ ପରଦା ପକାଇ ହୃଦୟଙ୍ଗମ କରନ୍ତୁ ଯେ ମୋ ବିନା ଅନ୍ୟ କିଛି ନାହିଁ।

୫୦। ଶ୍ରୋତାଗଣ ସାଧାରଣ ଭାବରେ ସନ୍ଦେହ ପ୍ରକାଶ କରିପାରନ୍ତି, "ଆତ୍ମା ବା ଜ୍ଞାନ ଓ ବ୍ରହ୍ମ ବା ଜ୍ଞେୟ ମଧ୍ୟରେ ଭିନ୍ନତା ରହିଲା କି ନାହିଁ?" ଏହାର ସମାଧାନ କ'ଣ?

୫୧। ଭିନ୍ନତାର ଜ୍ଞାନ କାମନାରୁ ଉତ୍ପନ୍ନ ବୋଲି ପ୍ରମାଣିତ ହୋଇଛି। ଏହା ବିବିଧତା ସୃଷ୍ଟିକରେ ଓ ତାହାହିଁ ଜନ୍ମ ଏବଂ ମୃତ୍ୟୁର କାରଣ।

୫୨। ଅଜ୍ଞତାର ଅନ୍ଧାରକଣା ଅପସାରିତ ହୋଇଗଲେ, ସମଗ୍ର ବିଶ୍ୱ ମଧ୍ୟ ଅପସାରିତ ହୋଇଥାଏ। ସବୁଠାରେ ଆତ୍ମାର ସତ୍ୟତା ଦୃଷ୍ଟିରେ ପଡ଼େ ଓ ବିବିଧତା ହଟିଯାଏ।

୫୩। ଶୁଦ୍ଧ ଜଳକୁ ଶୁଦ୍ଧ ଜଳରେ ଢାଳାଗଲେ ଶୁଦ୍ଧ ଜଳ ହୋଇରହେ ଓ ତାହାକୁ ଅଲଗା କରି ହୁଏ ନାହିଁ। ଭେଦଭାବ ଜ୍ଞାନ ରହେ ନାହିଁ।

୫୪। ଭିନ୍ନ ଭିନ୍ନ ଆକାରର ଖଣ୍ଡ ଖଣ୍ଡ କାଠକୁ ଅଗ୍ନିରେ ନିକ୍ଷେପ କଲେ ତାହା ସମାନ ଦେଖାଯାଏ। ସେଗୁଡ଼ିକ ନିଜର ରୂପ ଓ ଆକାର ହରାଇ ଅସ୍ଫୁଟ ହୁଅନ୍ତି ଏବଂ ଅଗ୍ନିରେ ମିଶିଯାଇଥାନ୍ତି।

୫୫। ସେହିଭଳି ଆତ୍ମା ଏକ ବୋଲି ଜ୍ଞାନ କରିବା ନିମିତ୍ତ କୌଣସି ପ୍ରମାଣର ଆବଶ୍ୟକତା ନାହିଁ। ସମସ୍ତଙ୍କ ମଧ୍ୟରେ ଆତ୍ମା ପୂର୍ଣ୍ଣ ଭାବରେ ରହିଥିଲେ ମଧ୍ୟ ତାହା ଅରୂପ।

୫୬। ଅନ୍ୟ ପକ୍ଷରେ ମିଥ୍ୟା ମାୟା ବିଭ୍ରାନ୍ତ ମନର କାରଣ। ଏହା ମନକୁ ଅସ୍ଥିର ଅବସ୍ଥାରେ ରଖି ଜନ୍ମ ଓ ମୃତ୍ୟୁଚକ୍ରର ଯନ୍ତ୍ରଣାଦାୟକ ଅଭିଜ୍ଞତା ପାଇବା ଆଡ଼କୁ ଆଗେଇ ନେଇଥାଏ।

୫୭। ସିଦ୍ଧପୁରୁଷମାନେ ଆତ୍ମୋପଲବ୍ଧିର ଚିରସ୍ଥାୟୀ ଆନନ୍ଦ ମଧ୍ୟରେ ରହିଥାନ୍ତି। ସେଥିପାଇଁ ସେମାନେ ବିରକ୍ତିକର ନାମ ଓ ରୂପକୁ ଏଡ଼ାଇ ଦେଇ, ମାୟାର ପଞ୍ଝା ମଧ୍ୟରୁ କୌଶଳକ୍ରମେ ଖସିଆସି, ଶୁଦ୍ଧ ଓ ପ୍ରକୃତ ଆତ୍ମା ଉପରେ ଧ୍ୟାନ ଠୁଳ କରନ୍ତି । ଏକାଗ୍ର ଚିତ୍ତ ହୋଇଥାନ୍ତି।

୫୮। ଶ୍ରୀସାଇନାଥ ଏହି ଅବସ୍ଥାର ପ୍ରକୃଷ୍ଟ ଉଦାହରଣ। ଯେଉଁ ଭାଗ୍ୟବାନମାନେ ତାଙ୍କର ଦର୍ଶନ ପାଇ ପାରିଛନ୍ତି, ସେମାନେ ଆଶୀର୍ବାଦ ପାଇଛନ୍ତି ଓ ଧନ୍ୟ ଅଟନ୍ତି।

୫୯। ଜଳ ମଧ୍ୟରେ ପଡ଼ିଥିବା ଚନ୍ଦ୍ର ପ୍ରତିବିମ୍ବର ଚତୁଃପାର୍ଶ୍ୱରେ ଜଳ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ପ୍ରକୃତରେ ଚନ୍ଦ୍ର ଜଳଠାରୁ ବହୁତ ଉର୍ଦ୍ଧ୍ୱରେ ଥାଏ। ସେହିଭଳି ସନ୍ଥଗଣ ଅସଂଖ୍ୟ ଭକ୍ତମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ ମଧ୍ୟ ପ୍ରକୃତରେ ସେମାନଙ୍କଠାରୁ ଭିନ୍ନ ଅଟନ୍ତି।

୬୦। ଭକ୍ତମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇଥିଲେ ମଧ୍ୟ ସେମାନଙ୍କର କାହାରି ପ୍ରତି ଆସକ୍ତି ନ ଥାଏ। ସେମାନେ ସର୍ବଦା ଆତ୍ମା ମଧ୍ୟରେ ଲୀନ ହୋଇ ରହିଥାନ୍ତି ଓ ସାଂସାରିକ ବନ୍ଧନକୁ ହେୟଜ୍ଞାନ କରିଥାନ୍ତି।

୬୧। ମହାନ୍ ସାଧୁସନ୍ଥ ଏହି ପ୍ରକାର ହୋଇଥିବାରୁ ଭଗବାନ ମଧ୍ୟ ସେମାନଙ୍କ ଡାକରାକୁ ମାନିଥାନ୍ତି। ସେମାନଙ୍କୁ ଏହି ପୃଥିବୀରେ କିଛି ଅଲଭ୍ୟ କିମ୍ବା ଅଜ୍ଞାତ ନ ଥାଏ।

୬୨। ଏହି ପୃଥିବୀରେ ଅସଂଖ୍ୟ ଗୁରୁ ଓ ଶିଷ୍ୟ ରହିଛନ୍ତି ଯେଉଁମାନେ ଯଥାକ୍ରମେ ଶିକ୍ଷା ଦେଇଥାନ୍ତି ଓ ଶିକ୍ଷା ଗ୍ରହଣ କରିଥାନ୍ତି। ମାତ୍ର ଏପରି ଗୁରୁ ବିରଳ ଯିଏକି ତାଙ୍କର ପ୍ରକୃତ ଅଭିଜ୍ଞତା ଜଣାଇ ଶିକ୍ଷାଦାନ କରିଥାନ୍ତି।

୬୩। ପ୍ରାରମ୍ଭିକ ବର୍ଣ୍ଣନା ବହୁତ ହୋଇଗଲା। ଶ୍ରୋତାଗଣ ଅତି ଉତ୍କଣ୍ଠା ସହକାରେ ଅପେକ୍ଷା କରିଥିବା ମୂଳ କାହାଣୀର ବର୍ଣ୍ଣନା ଆରମ୍ଭ କରିବା ଯାହାକୁ ଶୁଣିଲେ ସେମାନେ ଉପକୃତ ହେବେ।

୬୪। ନିଜାମଙ୍କ ରାଜ୍ୟରେ ନାଂଦେଡ଼ ସହରରେ ଜଣେ ବିଖ୍ୟାତ ପାର୍ସୀ ବଣିକ ରହୁଥିଲେ। ସେ ବହୁତ ଧାର୍ମିକ ଓ ଜନପ୍ରିୟ ବ୍ୟକ୍ତି ଥିଲେ। ତାଙ୍କ ନାମ ଥିଲା ରତନ୍‌ଜୀ[୪]।

୬୫। ତାଙ୍କର ପ୍ରଚୁର ଧନଦୌଲତ ଥିଲା। ଅନେକ ଘୋଡ଼ା, ଘୋଡ଼ାଗାଡ଼ି, କ୍ଷେତଖମାର, ଜଙ୍ଗଲ ଆଦି ସବୁକିଛି ରହିଥିଲା। ତାଙ୍କର ଦ୍ୱାର ସମସ୍ତଙ୍କ ନିମନ୍ତେ ଉନ୍ମୁକ୍ତ ରହିଥିଲା ଓ କେହି ଖାଲି ହାତରେ ସେଠାରୁ ଫେରୁ ନ ଥିଲେ।

୬୬। ସେ ଏ ଦୃଷ୍ଟିରୁ ରାତିଦିନ ସୁଖରେ ରହୁଥିଲେ ମଧ୍ୟ ମନ ମଧ୍ୟରେ ଚିନ୍ତାରୂପକ କୁମ୍ଭୀରଟିଏ ସ୍ଥାୟୀ ଭାବରେ ରହି ତାଙ୍କୁ ସବୁବେଳେ ଝୁଣି ଖାଉଥିଲା।

୬୭। କେହି ଅଖଣ୍ଡ ସୁଖଶାନ୍ତି ପାଇ ନ ଥାନ୍ତି, ଏହା ହେଉଛି

ପ୍ରକୃତିର ନିୟମ। ଯେଉଁ ପ୍ରକାର ହେଉ ପଛକେ କାହାରି କିଛି ନା କିଛି ଚିନ୍ତା ରହିଥାଏ।

୬୮। ଜଣେ ନିଜକୁ ଶ୍ରେଷ୍ଠ ଓ ସବୁଠୁ ଧନୀ ବୋଲି ଗର୍ବ କରି କହିପାରେ ଏବଂ ଅଯଥା ବଡ଼େଇ ଦେଖେଇ ସେ ମୁଣ୍ଡ ଟେକି ଚାଲୁଥାଇପାରେ।

୬୯। କୌଣସି ଜିନିଷରେ ଯଦି କଳଙ୍କ ନ ଥିବ, ତେବେ ତାହା ସମ୍ପୂର୍ଣ୍ଣ ନିଖୁଣ ହୋଇ ନଥିବ ଓ ଅନ୍ତତଃ ପକ୍ଷେ କଳା ଚିହ୍ନଟିଏ ସେଥିରେ ରହିଥିବ। ତେଣୁ ଏହି କାର୍ଯ୍ୟ ଭଗବାନ ନିଜ ହସ୍ତରେ କରିଥାନ୍ତି ବୋଲି ମନେ କରାଯାଏ।

୭୦। ରତନଜୀଙ୍କର ଧନସମ୍ପତ୍ତି ପ୍ରଚୁର ଥିଲା। ସେ ସମସ୍ତଙ୍କ ପ୍ରତି ଦୟାର୍ଦ୍ର ଥିଲେ ଓ ଦୁର୍ବଳଙ୍କୁ ସାହାଯ୍ୟ କରି ସେମାନଙ୍କ ଦୁଃଖ ଦୂର କରୁଥିଲେ। ସେ ସବୁବେଳେ ହସ ଖୁସିରେ ରହୁଥିଲେ।

୭୧। ସମସ୍ତେ ସେଠ୍‌ଜୀ ଖୁସିରେ ଅଛନ୍ତି ବୋଲି ଭାବୁଥିଲେ ମଧ୍ୟ ସମ୍ପତ୍ତିସୁଖ କେବେ ପୁତ୍ରହୀନ ବ୍ୟକ୍ତିଙ୍କୁ ସୁଖୀ କରିନଥାଏ।

୭୨। ଝିଅର ଅଭାବ ନଥିଲା। ଜଣକ ପରେ ଜଣେ ଆସି ବାରଜଣ ହୋଇଥିଲେ। ତାଙ୍କୁ କିପରି ସାମାନ୍ୟତମ ସୁଖ ଲାଗିଥାନ୍ତା ବା ତାଙ୍କ ମନ କିପରି ଶାନ୍ତିରେ ରହିଥାନ୍ତା ?

୭୩। ବିନା ପ୍ରେମରେ କୀର୍ତ୍ତନ କରାଗଲେ ତାହାର କିଛି ଆକର୍ଷଣ ଥାଏ କି ? ତାଳ ଲୟ ନଥିଲେ ତାହା କେଉଁପରି ସଂଗୀତ ? ଯଜ୍ଞୋପବୀତ ଧାରଣ ନକଲେ ସେ କି ପ୍ରକାର ବ୍ରାହ୍ମଣ ହୁଅନ୍ତି ?

୭୪। ପ୍ରଭେଦ ବାରିବାର ଜ୍ଞାନ ନଥିଲେ କଳାରେ ଦକ୍ଷତାର ମୂଲ୍ୟ କ'ଣ ? ସମସ୍ତଙ୍କ ପ୍ରତି ଦୟା ପ୍ରଦର୍ଶନ କରୁନଥିଲେ ଏହା କ'ଣ ଠିକ୍ ଆଚରଣ ?

୭୫। ସନ୍ଥମାନଙ୍କୁ ଥଟ୍ଟା କରୁଥିବା ବ୍ୟକ୍ତି କପାଳରେ ଚନ୍ଦନ ତିଳକ ଲଗାଇ ଗଳାରେ ତୁଳସୀ ମାଳା ଧାରଣ କଲେ ମଧ୍ୟ ତାହାର ମନରେ କେଉଁ ପ୍ରକାର ପବିତ୍ରତା ଆସିପାରେ ?

୭୬। ଦୟାଧର୍ମ ଓ ଅନୁତାପ ବିନା ତୀର୍ଥଯାତ୍ରାର ମୂଲ୍ୟ କ'ଣ ? ହାରଂ ବିନା ଅନ୍ୟ ଗହଣାଗାଣ୍ଠିର ମୂଲ୍ୟ କ'ଣ ? ପୁତ୍ର ନଥିଲେ ଗୃହ ବା କ'ଣ ?

୭୭। ତାଙ୍କୁ ଗୋଟିଏ ଗୁଣୀପୁତ୍ର ଭଗବାନ ଦେବେକି ନାହିଁ ବୋଲି ସେ ସବୁସମୟରେ ଚିନ୍ତାଗ୍ରସ୍ତ ଥିଲେ। ଏହି ଉଦ୍‌ବେଗ ତାଙ୍କ ପିଛା ଛାଡୁ ନଥିଲା।

୭୮। ସେଥିପାଇଁ ସେଠଜୀ ସବୁ ସମୟରେ ବିମର୍ଷ ରହୁଥିଲେ। ଖାଦ୍ୟ ବା ପାନୀୟ କିଛି ତାଙ୍କୁ ରୁଚୁ ନଥିଲା । ସେ ସବୁବେଳେ ବିଷାଦଗ୍ରସ୍ତ ଓ ଚିନ୍ତିତ ରହୁଥିଲେ।

୭୯। "ହେ ଭଗବାନ ! ଏହି କଳଙ୍କ ଧୋଇଦେଇ ମୋତେ ନିଷ୍କଳଙ୍କ କରି ଦିଅନ୍ତୁ। ହେ ପ୍ରଭୁରାୟ ! କୁଳକୁ ଦାୟାଦଟିଏ ଦେଇ ମୋତେ ଲୋକହସାରୁ ରକ୍ଷା କରନ୍ତୁ।"

୮୦। ଦାସଗଣୁଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବାରୁ ସେ ଦିନେ ତାଙ୍କର ହୃଦୟ କଥା ଦାସଗଣୁଙ୍କ ନିକଟରେ ଖୋଲି ଦେଇଥିଲେ। ସେ ଶିରିଡ଼ି ଗଲେ ତାଙ୍କର ମନସ୍କାମନା ପୂରଣ ହେବ ବୋଲି ଦାସଗଣୁ ତାଙ୍କୁ ପରାମର୍ଶ ଦେଇଥିଲେ ।

୮୧। "ଯାଇ ବାବାଙ୍କୁ ଦର୍ଶନ କର। ତାଙ୍କ ପାଦତଳେ ପଡ଼ି ମନର କଥା ଖୋଲି କହିଦିଅ। ସେ ଆଶୀର୍ବାଦ କରିବେ।

୮୨। "ଯାଅ। ତୁମର ନିଶ୍ଚିତ ମଙ୍ଗଳ ହେବ। ବାବାଙ୍କର ଲୀଳା ଅଚିନ୍ତନୀୟ। ତାଙ୍କର ପୂର୍ଣ୍ଣ ଶରଣାଗତ ହୁଅ, ତୁମେ ଉପକୃତ ହେବ।"

୮୩। ଏହି ଉପଦେଶ ଶୁଣିବା ପରେ ରତନଜୀ ଶିରିଡ଼ି ଯିବାକୁ ନିଷ୍ପତ୍ତି ନେଇଥିଲେ ଓ କିଛିଦିନ ପରେ ଶିରିଡ଼ିରେ ଆସି ପହଂଚିଥିଲେ।

୮୪। ସେ ମସ୍‌ଜିଦ୍‌କୁ ଦର୍ଶନ ନିମିତ୍ତ ଯାଇ ଶ୍ରୀସାଇଙ୍କ ପଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ଧର୍ମର ଅବତାର ସାଇମହାରାଜଙ୍କୁ ଦେଖି ତାଙ୍କ ପ୍ରତି ଶ୍ରଦ୍ଧାର ଜୁଆର ଉଦ୍‌ବେଳିତ ହୋଇଥିଲା।

୮୫। ସେ ଡାଲାରୁ ଫୁଲମାଳ କାଢ଼ି ଏକାନ୍ତ ଶ୍ରଦ୍ଧା ସହକାରେ ବାବାଙ୍କ ଗଳାରେ ଲମ୍ବାଇ ଦେଇଥିଲେ। ନୈବେଦ୍ୟ ଭାବରେ ସେ ଆଣିଥିବା ଫଳଗୁଡ଼ିକୁ ବାବାଙ୍କ ପଦତଳେ ରଖି ଦେଇଥିଲେ।

୮୬। ଅତ୍ୟନ୍ତ ବିନୟ ସହକାରେ ଓ ବାବାଙ୍କୁ ସଭକ୍ତି ସମ୍ମାନ ଦେଇ ସେ ବାବାଙ୍କ ପାଖରେ ବସିଥିଲେ । କାତର ପ୍ରାର୍ଥନା କରିଥିଲେ। ସେ କ'ଣ ପ୍ରାର୍ଥନା କରିଥିଲେ ଶୁଣନ୍ତୁ ।

୮୭। "ମୁଁ ଶୁଣିଛି ଲୋକମାନେ ଅସମାହିତ ସମସ୍ୟାର ବୋଝ ବୋହି ଆପଣଙ୍କ ପାଖକୁ ସାହାଯ୍ୟ ନିମିତ୍ତ ଆସିଥାନ୍ତି

ଓ ଆପଣ ତତ୍‌କ୍ଷଣାତ୍ ସେମାନଙ୍କୁ ରକ୍ଷା କରିଥାନ୍ତି।

୮୮। "ସେଇଥିପାଇଁ ବହୁତ ଆଶାକରି ଆପଣଙ୍କୁ ଦର୍ଶନ କରିବାପାଇଁ ଏଠାକୁ ଆସିଛି ଓ ଆପଣଙ୍କ ପାଦତଳେ ପଡ଼ି ଗୋଟିଏ ବର ଭିକ୍ଷା ମାଗୁଛି। ଆପଣ ମୋତେ ନିରାଶ କରନ୍ତୁ ନାହିଁ, ମହାରାଜ!"

୮୯। ତତ୍ପରେ ବାବା ତାଙ୍କୁ କହିଥିଲେ, "ତୁମେ ଏଠାକୁ ଆସିବାପାଇଁ ବହୁତ ଦିନ ନେଇଗଲ । ତୁମର ଇଚ୍ଛା ଅନୁଯାୟୀ ଦକ୍ଷିଣା ମୋତେ ଦିଅ। ତୁମର ଆଶା ପୂରଣ ହେବ।"

୯୦। ହିନ୍ଦୁ, ମୁସଲମାନ କିମ୍ବା ପାର୍ସୀ ଯିଏ କେହି ତାଙ୍କ ଦର୍ଶନକୁ ଆସି ପଦତଳେ ମୁଣ୍ଡିଆ ମାରୁଥିଲା, ବାବା ତାକୁ ଦକ୍ଷିଣା ମାଗୁଥିଲେ।

୯୧। ତାହା ମଧ୍ୟ କମ୍ ପରିମାଣର ନଥିଲା। ଏହା ଟଙ୍କାଏ, ଦୁଇଟଙ୍କା, ପଚାଶଟଙ୍କା, ଶହେଟଙ୍କା, ହଜାରେ କିମ୍ବା ଲକ୍ଷେ ଟଙ୍କା ବା ତା'ଠାରୁ ଅଧିକ ବି ହେଉଥିଲା । ଦାତାର ସାମର୍ଥ୍ୟ ଉପରେ ଏହା ନିର୍ଭର କରୁଥିଲା।

୯୨। ତାହା ଦେବାପରେ ମଧ୍ୟ ବାବା ପୁଣି ଅଧିକା ମାଗୁଥିଲେ। କେହି ଯଦି ତା' ପାଖରେ ଆଉ ଟଙ୍କା ନାହିଁ ବୋଲି କହୁଥିଲା, ତେବେ ତାକୁ କରଜ କରିବା ପାଇଁ କହୁଥିଲେ। ଯଦି କରଜ ଆଣିବା ସମ୍ଭବ ନଥିଲା, ତେବେ ବାବା ଆଉ ମାଗୁନଥିଲେ।

୯୩। ସେ ଭକ୍ତଙ୍କୁ କହୁଥିଲେ, "ଆଦୌ ଚିନ୍ତା କରନାହିଁ। ମୁଁ ତୁମକୁ ପ୍ରଚୁର ଅର୍ଥ ଦେବି। କିଛି ଭାବନା ନକରି ମୋ ପାଖରେ ବସ।

୯୪। "ଏହି ପୃଥିବୀରେ ପ୍ରତ୍ୟେକଙ୍କର କେହି ନା କେହି ନିଜର ଲୋକ ଅଛି। କିନ୍ତୁ, ମୋର ନିଜର କେହି ନାହିଁ। ଆଲ୍ଲା, କେବଳ ଆଲ୍ଲାହିଁ ମୋର ନିଜର ।

୯୫। "ମୋତେ ଯଦି କେହି ଜୀବନଠାରୁ ବଳି ଅଧିକ ଭଲ ପାଉଥାଏ, ମୁଁ ସେହିଭଳି ଲୋକ ଚାହିଁଥାଏ। ସେହିଭଳି ବ୍ୟକ୍ତି ଯଦି ମୋତେ କିଛି ଦିଏ, ମୁଁ ତାହାର ଶହେଗୁଣ ତାକୁ ଦେଇଥାଏ।"

୯୬। ଯଦି ସେ କୋଟିପତି ହୋଇଥାଏ, ମହାରାଜ ତାକୁ ତାଙ୍କ ପାଇଁ ଦକ୍ଷିଣା ମାଗି ଆଣିବାକୁ ଗୋଟିଏ ଗରିବ ଲୋକର ଘରକୁ ପଠାଇ ଦେଇଥାନ୍ତି।

୯୭। ଅତି ଧନୀ ଓ ଦରିଦ୍ର, ବିନୟୀ, ଦୀନହୀନ ବା ଉଦ୍ଧତଙ୍କ ମଧ୍ୟରେ ଭେଦାଭେଦ ଭାବ ଶ୍ରୀସାଇଙ୍କର ନଥିଲା। ଏକ ଆରେକ ପରି ଉତ୍ତମ।

୯୮। ଲୋକଟି ତାଙ୍କର ଆଦେଶ ମାନିବ, ମଥାନତ କରିବ ଓ ଦରିଦ୍ର ଲୋକମାନଙ୍କ ଘରକୁ ଯିବ ଏବଂ ନିଜର ଗର୍ବ ତ୍ୟାଗ କରି ବାବାଙ୍କ ନିମନ୍ତେ ଦକ୍ଷିଣା ମାଗିବ।

୯୯। ଏହାର ସାରକଥା ହେଲା ଯେ, ଦକ୍ଷିଣା ମାଗିବା ଛଳରେ ବାବା ତାଙ୍କର ଭକ୍ତମାନଙ୍କୁ ବିନମ୍ରତା ଶିକ୍ଷା ଦେଉଥିଲେ।

୧୦୦। ସାଧୁଙ୍କର ଟଙ୍କା କ'ଣ ହେବ ବୋଲି କେହି କେହି ସନ୍ଦେହ କରିପାରନ୍ତି। ଏ ସମ୍ବନ୍ଧରେ ଠିକ୍ ଭାବରେ ଚିନ୍ତାକଲେ ଆପଣଙ୍କ ସନ୍ଦେହ ଦୂର ହୋଇ ଯିବ।

୧୦୧। ଶ୍ରୀସାଇଙ୍କର ଯଦି ସମସ୍ତ ଇଚ୍ଛା ପୂରଣ ହୋଇଯାଇଥିଲା, ତେବେ ସେ ଦକ୍ଷିଣା କାହିଁକି ଲୋଡୁଥିଲେ? ସେ ଭକ୍ତମାନଙ୍କ ପାଖରୁ ଟଙ୍କାପଇସା ଚାହୁଁଥିବାବେଳେ ତାଙ୍କୁ କିପରି ନିଷ୍କାମ ବୋଲି କୁହାଯିବ?

୧୦୨। ଯଦି ତାଙ୍କ ନିକଟରେ କୁଆପଥର, ହୀରା, ତମ୍ବା ମୁଦ୍ରା ବା ସୁନାମୋହର ସମାନ ଥିଲା, ତେବେ ସେ ହାତ ପତାଉଥିଲେ କାହିଁକି?

୧୦୩। କେବଳ କ୍ଷୁଧା ନିବାରଣ ପାଇଁ ଯଦି ସେ ଭିକ୍ଷା ମାଗୁଥିଲେ, ଅନାସକ୍ତ ଜୀବନଯାପନର ବ୍ରତ ନେଇଥିଲେ ଓ ତାଙ୍କର କୌଣସି ଆକାଂକ୍ଷା କିମ୍ବା ଆଗ୍ରହ ନଥିଲା, ତେବେ ସେ ଦକ୍ଷିଣା ନେବାର ଏଇ ବାସନା କାହିଁକି?

୧୦୪। ଯଦି କାହାରି ଦ୍ୱାରଦେଶରେ ଅଷ୍ଟସିଦ୍ଧି[୬] ତାଙ୍କର ସେବା କରିବା ପାଇଁ ହାତଯୋଡ଼ି ଛିଡ଼ା ହୋଇଛନ୍ତି ଓ ନବରତ୍ନ[୭] ତାଙ୍କର ଆଦେଶ ଅପେକ୍ଷାରେ ରହିଛନ୍ତି ତେବେ ସେ ବ୍ୟକ୍ତି କାହିଁକି ଭିକ୍ଷା ପାଇଁ ମୁଣ୍ଡ ନୁଆଁଇବେ?

୧୦୫। ଯିଏ ନିଜର ଆତ୍ମା ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନିମଜ୍ଜିତ ହୋଇଥାନ୍ତି, ସ୍ୱର୍ଗକୁ ମଧ୍ୟ ଖାତିର କରନ୍ତି ନାହିଁ ଓ ବିଷୟ-ଆଶୟକୁ ହେୟଜ୍ଞାନ କରନ୍ତି, ତାଙ୍କର ଟଙ୍କାପଇସା କ'ଣ ହେବ?

୧୦୬। ଯେଉଁମାନେ ସନ୍ଥ, ଧାର୍ମିକ ଓ ପବିତ୍ର ଏବଂ ଯେଉଁମାନେ ଧର୍ମଶାସ୍ତ୍ରରେ ପ୍ରବୀଣ ଓ ଯେଉଁମାନଙ୍କର ଜୀବନ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ଉତ୍ସର୍ଗୀକୃତ,

ସେମାନଙ୍କର ଟଙ୍କାପଇସା କ'ଣ ଦରକାର ?

୧୦୭। ସାଧୁଙ୍କର ଦକ୍ଷିଣାର ଆବଶ୍ୟକତା କ'ଣ ? ସେ ନିଷ୍କାମ ହେବା ଉଚିତ। ସେ ଫକୀର ହୋଇଥିଲେ ମଧ୍ୟ, ଲୋଭ ଛାଡ଼ି ପାରିନାହାନ୍ତି ଓ ସବୁବେଳେ ଅର୍ଥର ଆରାଧନା କରୁଛନ୍ତି।

୧୦୮। ପ୍ରଥମ ଦର୍ଶନ ସମୟରେ ସେ ଦକ୍ଷିଣା ଗ୍ରହଣ କରିଥାନ୍ତି। ପରବର୍ତ୍ତୀ ଦର୍ଶନ ସମୟରେ ଦକ୍ଷିଣା ମାଗିଥାଆନ୍ତି। ବିଦାୟ ନେବା ସମୟରେ ମଧ୍ୟ ଦକ୍ଷିଣା ମାଗିଥାନ୍ତି। ପ୍ରତିଥର ଦକ୍ଷିଣା ମାଗିବାର ଅର୍ଥ କ'ଣ ?

୧୦୯। ପରମ୍ପରା ଅନୁସାରେ ପ୍ରାରମ୍ଭରେ ପିଇବା ପାଣି ଦିଆଯାଇଥାଏ; ତା'ପରେ ମୁହଁହାତଧୁଆ ହୋଇଥାଏ ଓ ତପ୍‌ରେ ପାନଗୁଆ ଦିଆଯାଇ ପଛରେ ଦକ୍ଷିଣା ଦିଆଯାଇଥାଏ।

୧୧୦। କିନ୍ତୁ ବାବାଙ୍କର ପଦ୍ଧତି ଅଦ୍ଭୁତ ଥିଲା। ପ୍ରଥମେ ତାଙ୍କ ମୁଣ୍ଡରେ ଚନ୍ଦନତିଳକ କିମ୍ୱା ହଳଦୀମିଶ୍ରିତ ଅକ୍ଷତ ଓ କୁଙ୍କୁମ ତିଳକ ଆଦି ଲଗାଯାଉଥିଲା। ସେହି ସମୟରେ ଦକ୍ଷିଣା ପ୍ରଦାନ ପାଇଁ ବାବା ଆଶା କରୁଥିଲେ।

୧୧୧। ପ୍ରାରମ୍ଭିକ ରୀତିନୀତି ଆରମ୍ଭ ହେବା ମାତ୍ରକେ ବାବା ଦକ୍ଷିଣା ମାଗି ବସିବେ। ସେହି ସମୟରେ ଏହା ବ୍ରହ୍ମଙ୍କୁ ଅର୍ପଣ କରାଯାଉଛି ବୋଲି ଭାବିବା ଉଚିତ୍।

୧୧୨। ଏହି ସନ୍ଦେହ ଦୂର କରିବା ନିମନ୍ତେ ଅଧିକ ଚେଷ୍ଟା କରିବା ଆବଶ୍ୟକ ନାହିଁ। ଆପଣମାନେ ଟିକିଏ ଧ୍ୟାନ ଦେଲେ ସନ୍ତୁଷ୍ଟ ହୋଇଯିବେ।

୧୧୩। ଭଲ କାମ କରିବା ପାଇଁ ଧନ ସଂଚୟ କରାଯିବା ଆବଶ୍ୟକ। କିନ୍ତୁ ତୁଚ୍ଛ କାର୍ଯ୍ୟ ଓ ସାଂସାରିକ କାମନା ବାସନାପାଇଁ ଏହାକୁ ବ୍ୟୟ କରାଯାଉଅଛି।

୧୧୪। ଧନ ସାହାଯ୍ୟରେ ଭଲକାମ ସଂପାଦନ କରାଯାଇପାରେ। ଭଲ କାମ କଲେ ପ୍ରକୃତ ଜ୍ଞାନ ଲାଭ ହୁଏ ଓ ସ୍ୱାର୍ଥପରତା ଆଧ୍ୟାତ୍ମିକ ଜ୍ଞାନ ଆହରଣରେ ରୂପାନ୍ତରିତ ହୋଇଥାଏ। ତାହାର ଫଳସ୍ୱରୂପ ତୃପ୍ତି ମିଳିଥାଏ।

୧୧୫। ପ୍ରାରମ୍ଭରେ ଦୀର୍ଘକାଳ ଧରି ବାବା କିଛି ଗ୍ରହଣ କରୁନଥିଲେ। ସେ ପୋଡ଼ା ଦିଆସିଲି କାଠି ସଂଗ୍ରହ କରି ନିଜ ପକେଟରେ ଭର୍ତ୍ତି କରୁଥିଲେ।

୧୧୬। ଭକ୍ତ ହୋଇଥାଉ କିମ୍ୱା ଭକ୍ତ ହୋଇନଥାଉ, କାହାରିକୁ ବାବା କିଛି ମାଗୁନଥିଲେ। ତାଙ୍କ ଆଗରେ ପଇସାଏ କି ଦୁଇପଇସା ପକାଗଲେ ସେଥିରେ ସେ ତମାଖୁ କିମ୍ୱା ତେଲ କିଣୁଥିଲେ।

୧୧୭। ବାବା ତମାଖୁକୁ ବହୁତ ଭଲ ପାଉଥିଲେ। ବିଡ଼ି କିମ୍ୱା ଚିଲମ ଟାଣୁଥିଲେ। ଚିଲମ ଅନ୍ତରଙ୍ଗ ଭାବରେ ତାଙ୍କ ସେବାରେ ଲାଗିଥିଲା। ଏହା ପ୍ରାୟ ଲିଭୁନଥିଲା।

୧୧୮। ପରେ କେହି ହୁଏତ ଭାବିଥିଲା ଯେ ସେ ଖାଲି ହାତରେ ସନ୍ଥଙ୍କର ଦର୍ଶନ ପାଇଁ କିପରି ଯିବ ? ଏଣୁ ସେ ପଇସା ହାତରେ ଆଣି ଦକ୍ଷିଣା ଦେଲା ଓ ବାବା ଦକ୍ଷିଣା ନେବା ଆରମ୍ଭ କଲେ।

୧୧୯। ଜଣେ ଗୋଟିଏ ପଇସା ଦେଲେ ବାବା ତାକୁ ପକେଟରେ ପୂରାଇ ଦେଉଥିଲେ, କିନ୍ତୁ ଜଣେ ଦୁଇପଇସା ଦେଲେ ସେ ତାକୁ ତାହା ଫେରାଇ ଦେଉଥିଲେ। ଏହିଭଳି ଅନେକ ଦିନ ଚାଲିଥିଲା।

୧୨୦। କେତେ ଦିନ ମଧ୍ୟରେ ସାଇବାବାଙ୍କର ଖ୍ୟାତି ବଢ଼ି ଯାଇଥିଲା ଓ ଦଳ ଦଳ ହୋଇ ବହୁତ ଭକ୍ତ ଆସିବାକୁ ଲାଗିଥିଲେ। ଧାରାବାହିକ ଭାବରେ ପୂଜା ଆରମ୍ଭ ହୋଇଥିଲା।

୧୨୧। ପୂଜାକରୁଥିବା ଭକ୍ତମାନେ ପୂଜାର ପ୍ରଚଳିତ ପ୍ରଥା ଜାଣିଥିଲେ। ସୁନା କିମ୍ୱା ଫୁଲ ଆକାରରେ ଦକ୍ଷିଣା ନଦେଲେ ପୂଜା ପୂର୍ଣ୍ଣ ହୁଏ ନାହିଁ।

୧୨୨। ରାଜାଙ୍କର ଅଭିଷେକ ସମୟରେ କିମ୍ୱା ପାଦପୂଜା ସମୟରେ ଦିଆଯାଉଥିବା ଉପହାର ଭଳି ଗୁରୁପୂଜା ସମୟରେ ଦକ୍ଷିଣା ଦିଆଯିବା ଆବଶ୍ୟକ।

୧୨୩। ବେଦରେ କୁହାଯାଇଛି ଯେ ଦକ୍ଷିଣା ଦେଉଥିବା ବ୍ୟକ୍ତିର ସ୍ୱର୍ଗପ୍ରାପ୍ତି ହୋଇଥାଏ। ସୁନା ମୋହର ଦେଉଥିବା ବ୍ୟକ୍ତିକୁ ଜ୍ଞାନ, ଶୁଦ୍ଧ ମନ ଓ ମୋକ୍ଷ ପ୍ରାପ୍ତ ହୋଇଥାଏ।

୧୨୪। ଏକଥା ମଧ୍ୟ କୁହାଯାଇଛି ଯେ ଘୋରା ଚନ୍ଦନ ସମର୍ପଣ କଲେ ପବିତ୍ରତା ମିଳିଥାଏ, କୁଙ୍କୁମ ଓ ହଳଦୀ ଗୋଳା ଅକ୍ଷତ ଅର୍ପଣ କଲେ ଦୀର୍ଘଜୀବନ ମିଳିଥାଏ; ଫୁଲ ଓ ପାନଗୁଆ ସମର୍ପଣ କଲେ ସଂପଦ ଓ ସମୃଦ୍ଧି ଆସିଥାଏ ଏବଂ ଦକ୍ଷିଣା ଦେଲେ ବହୁ ଅଧିକ ଧନ ମିଳିଥାଏ।

୧୨୫। ପୂଜାରେ ଚନ୍ଦନ, ହଳଦୀ ପ୍ରଲେପିତ ଅକ୍ଷତ, ତାମ୍ବୁଳ ଗୁବାକ ଓ ପୁଷ୍ପ ଅର୍ପଣ ପରି କାଞ୍ଚନ ଦକ୍ଷିଣା ପ୍ରଦାନ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୋଇଥାଏ। ଏହା କଲେ ଅପରିମିତ

ଧନ ପ୍ରାପ୍ତି ହୋଇଥାଏ।

୧୨୬। ଦେବତା କିମ୍ବା ସିଦ୍ଧପୁରୁଷଙ୍କୁ ପୂଜା କରାଯିବା ସମୟରେ ଦକ୍ଷିଣା ଦେବା ଆବଶ୍ୟକ ହୋଇଥାଏ। ବ୍ରତକାରୀ[୯] ବ୍ରତ ଉଦ୍‌ଯାପନ କରିବା ସମୟରେ ବ୍ରାହ୍ମଣଙ୍କୁ ସୁନାଦାନ କରିବା ଏକ ପ୍ରଚଳିତ ପ୍ରଥା।

୧୨୭। ଏହି ଦୁନିଆରେ ଉନ୍ନତ୍ତ କାର୍ଯ୍ୟ ଧନ ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ। ସମ୍ମାନହାନି ଘୋଡ଼ାଇବାର ଏକ ଉପାୟ ମଧ୍ୟ ହେଉଛି ଧନ। ସେଥିପାଇଁ ଧନ ଆବଶ୍ୟକ ।

୧୨୮। ବୈଦିକ ମନ୍ତ୍ର 'ହିରଣ୍ୟଗର୍ଭ-ଗର୍ଭସ୍ଥ ଇତ୍ୟାଦି' ଦେବତାଙ୍କ ପୂଜା ସମୟରେ ଉଚ୍ଚାରଣ କରାଯିବାବେଳେ ଦକ୍ଷିଣାକୁ ଶୁଦ୍ଧପୂତ କରାହୋଇଥାଏ। ତା'ହେଲେ ସନ୍ଥଙ୍କୁ ପୂଜା କରିବା ସମୟରେ ଏହା କାହିଁକି ଦିଆଯିବ ନାହିଁ?

୧୨୯। ସନ୍ଥଙ୍କର ଦର୍ଶନକୁ ଯିବା ସମୟରେ ପ୍ରତ୍ୟେକ ନିଜ ନିଜ ଭାବ ଧାରାରେ ଯାଇଥାନ୍ତି। ପ୍ରତ୍ୟେକଙ୍କର ଭିନ୍ନ ଭିନ୍ନ ଭାବନା ଥିବା ଯୋଗୁଁ ସମସ୍ତେ ଗୋଟିଏ ବା ଏକା ବିଷୟରେ ଏକମତ ହେବା କଷ୍ଟକର।

୧୩୦। ସନ୍ଥଙ୍କର ଗୁଣଗାନ କରି ସମ୍ମାନ ଜଣାଇବାକୁ କେତେକ ଯାଇଥିବା ସମୟରେ ଆଉ କେତେକ ତାଙ୍କୁ ପରୀକ୍ଷା କରିବାକୁ ଯାଇଥାନ୍ତି। ଅନ୍ୟ କେତେକ ଭାବନ୍ତି ଯେ ଆମେ କିଛି ନ କହିଲେ ମଧ୍ୟ ସନ୍ଥ ହୋଇଥିଲେ ସେ ଆମ ମନକଥା ଜାଣିପାରି ଆମକୁ ନିଶ୍ଚୟ କିଛି କହିବେ।

୧୩୧। କେତେକ ଲୋକ ଦୀର୍ଘଜୀବନ ପାଇଁ ପ୍ରାର୍ଥନା କରୁଥିବା ସମୟରେ ଅନ୍ୟ କେତେକ ହାତୀ, ଘୋଡ଼ା, ସୁନାରୁପା, ଧନସଂପଦ ପାଇବା ନିମନ୍ତେ ଚାହିଁଥାନ୍ତି। କେତେଜଣ ପୁଅ, ନାତି ପାଇବା ପାଇଁ କାମନା କରୁଥିବା ସମୟରେ ଆଉ କେତେକ ଅଖଣ୍ଡ କ୍ଷମତା ମାଗିଥାନ୍ତି।

୧୩୨। ଲୋକମାନଙ୍କ ସହିତ ବାବାଙ୍କର ବ୍ୟବହାର ଅନନ୍ୟ ଧରଣର। ବାବାଙ୍କୁ ଥଟ୍ଟାପରିହାସ କରିବାର ଅଭିପ୍ରାୟ ନେଇ ଆସିଥିବା ବ୍ୟକ୍ତିମାନଙ୍କର ଦୁଷ୍ଟାମିକୁ ସେ ବିନଷ୍ଟ କରି ଦିଅନ୍ତି । ପରେ ସେମାନେ ବିନୀତ ହୋଇଯାଆନ୍ତି ଓ ବାବାଙ୍କ ପାଦପଦ୍ମରେ ପ୍ରଣତି ଢାଳିଥାନ୍ତି।

୧୩୩। ସେମାନେ ସେଭଳି କାର୍ଯ୍ୟ କରିବାପାଇଁ ଯଥେଷ୍ଟ ଭାଗ୍ୟବାନ ହୋଇନଥିଲେ ଅନ୍ତତଃ ଅନୁତାପ କରିଥାନ୍ତି ଓ ନିଃସନ୍ଦେହରେ ସମସ୍ତ ଗର୍ବ ତ୍ୟାଗ କରି ବାବାଙ୍କ ଶକ୍ତିର ନିଶ୍ଚିତ ପ୍ରମାଣ ପାଇଥାନ୍ତି।

୧୩୪। ଏମାନେ ସମସ୍ତେ ଅତି ସାଧାରଣ, ସରଳ ଭକ୍ତ ଓ ସାଂସାରିକ କାର୍ଯ୍ୟରେ ସମ୍ପୂର୍ଣ୍ଣ ଲିପ୍ତ ରହିଥାନ୍ତି। ସେମାନେ ଦକ୍ଷିଣା ଦେଇ ନିଜ ନିଜର ମନକୁ ଶୁଦ୍ଧପୂତ କରନ୍ତୁ ବୋଲି ବାବା ଚାହିଁଥାନ୍ତି।

୧୩୫। 'ବଳି, ଦାନ ଓ ତପ'ର ବିଧାନ ଶ୍ରୁତିରେ ରହିଛି । ଆତ୍ମୋପଲବ୍ଧି ପାଇଁ ଇଚ୍ଛୁକ ବ୍ୟକ୍ତି ଦକ୍ଷିଣା ଦେବା ଉଚିତ୍, କାରଣ ତାହା ଲାଭ କରିବା ନିମନ୍ତେ ଏହାହିଁ ସହଜ ଉପାୟ ବୋଲି ବେଦରେ ସ୍ପଷ୍ଟ ଭାବରେ କୁହାଯାଇଅଛି।

୧୩୬। କେଉଁ ଭକ୍ତ ସ୍ୱାର୍ଥପର ହୋଇଥାଉ କିମ୍ବା କେହି ଆଧ୍ୟାତ୍ମିକ ଜୀବନ ଚାହୁଁଥାଉ, ଉଭୟେ ନିଜନିଜର ଲକ୍ଷ୍ୟ ପୂରଣ ନିମନ୍ତେ ଇଚ୍ଛା କରୁଥିଲେ ସେମାନଙ୍କର ମଙ୍ଗଳ ପାଇଁ ନିଜ ନିଜ ଗୁରୁଙ୍କୁ ଦକ୍ଷିଣା ଦେବା ଉଚିତ୍।

୧୩୭। ଦକ୍ଷ ପ୍ରଜାପତି[୧୦] ତାଙ୍କର ପୁତ୍ରମାନଙ୍କୁ, ଅର୍ଥାତ୍ ଦେବତା, ଅସୁର ଓ ମନୁଷ୍ୟମାନଙ୍କୁ ସେମାନଙ୍କର ବ୍ରହ୍ମଚର୍ଯ୍ୟ ପୂର୍ତ୍ତିପରେ ସେମାନେ ଉପଦେଶ[୧୧] ମାଗିବା ସମୟରେ ସେହି ନୀତିହିଁ ଶୁଣାଇଥିଲେ।

୧୩୮। ସେ ନିଜର ଉପଦେଶକୁ 'ଦ' ଭାବରେ ଗୋଟିଏ ଅକ୍ଷରରେ ଉଚ୍ଚାରଣ କରିଥିଲେ। ଏହାର ଅର୍ଥ କ'ଣ ଥିଲା? ସେମାନଙ୍କୁ ଏହାର ଅର୍ଥ ସେ ପଚାରିଥିଲେ ଓ ସେମାନଙ୍କର ବ୍ୟାଖ୍ୟା ଠିକ୍ ବୋଲି କହିଥିଲେ। ଏହା ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଏକ ଅଦ୍ଭୁତ ଲୀଳା ଥିଲା !

୧୩୯। ଦେବତାମାନେ ତାହାକୁ 'ଦାନ୍ତ' ଅର୍ଥାତ୍ ଜିତେନ୍ଦ୍ରିୟ ହେବା, ଅସୁରମାନେ ତାହାକୁ 'ଦୟା' ପ୍ରଦର୍ଶନ କରିବା ଓ ମଣିଷମାନେ ତାହାକୁ 'ଦାନ' କରାଯିବା ବୋଲି ବୁଝିଥିଲେ। ପ୍ରଜାପତି କହିଥିଲେ, "ତଥାସ୍ତୁ! ତଥାସ୍ତୁ!"

୧୪୦। ଦେବତାମାନେ ମନୁଷ୍ୟଙ୍କଠାରୁ ଅଲଗା ନୁହନ୍ତି। ସେମାନେ ମଧ୍ୟ ମନୁଷ୍ୟ । ମାତ୍ର ସେମାନଙ୍କର ସ୍ୱଭାବ ଭିନ୍ନ। ସେମାନେ ସେମାନଙ୍କର ସଦ୍‌ଗୁଣଗୁଡ଼ିକୁ ଆପଣା ମଧ୍ୟରେ ଆହରଣ କରି ରଖିଥାଆନ୍ତି ଓ ସଂଯତ ଆଚରଣ କରିଥାନ୍ତି। ସେମାନଙ୍କର ଚରିତ୍ର ବଳରେ ସେମାନେ ସେମାନଙ୍କର ପଦବୀ ପାଇଥାନ୍ତି ।

୧୪୧। ମନୁଷ୍ୟଙ୍କ ମଧ୍ୟରେ ବି ଅସୁରମାନେ ରହିଛନ୍ତି। ସେମାନେ ହିଂସା ଆଚରଣ କରିବା ସହିତ ଦୁଷ୍ଟ ଓ ରୁକ୍ଷ

ପ୍ରକୃତିର ହୋଇ ଅତ୍ୟଧିକ ଧନଲୋଭୀ ମଧ ହୋଇଥାନ୍ତି। ଏଭଳି ତିନି[୨] ପ୍ରକାର ମନୁଷ୍ୟ ରହିଛନ୍ତି।

୧୪୨। ଲୋଭ ହିଁ ମନୁଷ୍ୟର ବଡ଼ ପାପ। ତଥାପି ମନୁଷ୍ୟଙ୍କୁ ଗଭୀର, ଅନ୍ଧକାର ଗର୍ତ୍ତରୂପକ ଲୋଭରୁ ଉଦ୍ଧାର କରିବା ପାଇଁ ଦୟାର ସାଗର ଶ୍ରୀସାଇନାଥ ନିଜର ହାତ ବଢ଼ାଇ ଦେଇଥାନ୍ତି ଓ ସେମାନଙ୍କୁ ବାହାରକୁ ଟାଣି ଆଣିଥାନ୍ତି।

୧୪୩। ତୈତିରୀୟ ଉପନିଷଦ ଓ ଏକାଦଶୀ ଶ୍ରୁତିରେ ବିଭିନ୍ନ ପ୍ରକାରର ଦାନ ଦକ୍ଷିଣା ସମ୍ବନ୍ଧରେ ଉଲ୍ଲେଖ ରହିଛି। ସେଥିମଧ୍ୟରୁ ପ୍ରତ୍ୟେକଟିକୁ ଶୁଣନ୍ତୁ।

୧୪୪। ବିଶ୍ୱାସ ଓ ଭକ୍ତି ସହିତ ଦାନ କରନ୍ତୁ। ବିଶ୍ୱାସ ନଥାଇ ଦାନ କଲେ ତାହା ନିଷ୍ଫଳ ହୁଏ । ରାଜାଙ୍କର ଆଦେଶ ଓ ଶାସ୍ତ୍ରର ନିର୍ଦ୍ଦେଶକୁ ସମ୍ମାନ ଦିଅନ୍ତୁ ଏବଂ ସଂଭ୍ରମ ବୋଧ କରି କିଛି ଦାନ ଦିଅନ୍ତୁ।

୧୪୫। ବିବାହ ଉତ୍ସବ କିମ୍ବା ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ ସମୟରେ ସଦିଚ୍ଛାପୂର୍ଣ୍ଣ ସମ୍ପର୍କ ରକ୍ଷା କରିବା ପାଇଁ ସମାଜର ପ୍ରଥା ଅନୁଯାୟୀ ଉପହାର ନିଶ୍ଚୟ ଦିଅନ୍ତୁ । ଏହି ଉପଦେଶ ହିଁ ଦିଆଯାଇଅଛି।

୧୪୬। ବାବା ମଧ ସେହି ଅକ୍ଷର 'ଦ' ଅନୁଯାୟୀ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ସେମାନଙ୍କୁ ଦାନ ମାଗି କହୁଥିଲେ, "ଦୟାଳୁ, ଦାନୀ ଓ ସଂଯମୀ ହେଲେ ପ୍ରଭୂତ ସୁଖ ପାଇବ।"

୧୪୭। ତିନୋଟି ପାପ ମଧ୍ୟରୁ ସଂଯମହୀନତା ହେଲା ଏକ ପାପ। ତାହାର କୁପ୍ରଭାବ ଦୂରୀକରଣ ନିମନ୍ତେ ଏହି ଗୋଟିଏ ଅକ୍ଷରରେ ଉପଦେଶ ହିଁ ଏକମାତ୍ର ସହଜ ପ୍ରତିକାର ଯାହା ଗୁରୁ ଶିଷ୍ୟମାନଙ୍କୁ ଶିକ୍ଷା ଦେଇ ଆସୁଛନ୍ତି।

୧୪୮। କାମନା, କ୍ରୋଧ ଓ ଲୋଭ ଏହି ତିନୋଟି ଅଶୁଭ ଗୁଣ ଆଧ୍ୟାତ୍ମିକ ଉନ୍ନତି ପଥରେ ବାଧକ। ଏମାନଙ୍କୁ ଜୟ କରିବା କଷ୍ଟକର ହୋଇଥିବାରୁ ଏହି ଉପଦେଶ ହିଁ ଅତି ସରଳ ପ୍ରତିକାର ।

୧୪୯। 'ଶ୍ରୁତି' ପରି 'ସ୍ମୃତି' ମଧ ଏହାକୁ ପ୍ରମାଣ କରିଅଛି। ଶ୍ରୋତାମାନଙ୍କର ହିତ ପାଇଁ ମୁଁ ତାହାକୁ ଉଦ୍ଧୃତ କରୁଅଛି, ଯାହାଦ୍ୱାରା ସେମାନେ ଭଲ ଭାବରେ ବୁଝି ପାରିବେ ଓ କୌଣସି ସନ୍ଦେହ ସେମାନଙ୍କର ରହିବ ନାହିଁ ।

୧୫୦। "କାମନା, କ୍ରୋଧ ଓ ଲୋଭ ନର୍କକୁ ଯିବାର ତିନୋଟି ଦ୍ୱାର ଓ ଆତ୍ମାର ବିନାଶର କାରଣ । ତେଣୁ ସେଗୁଡ଼ିକୁ ନିଶ୍ଚିତ ଭାବରେ ତ୍ୟାଗ[୩] କରାଯିବା ଆବଶ୍ୟକ।"

୧୫୧। ଅତି ଦୟାଳୁ ମହାତ୍ମା ସାଇ ଭକ୍ତମାନଙ୍କର ମଙ୍ଗଳ ପାଇଁ ସେମାନଙ୍କ ପାଖରୁ ଦକ୍ଷିଣା ମାଗୁଥିଲେ ଓ ସେମାନଙ୍କୁ ଏହି ତ୍ୟାଗ ଶିକ୍ଷା ଦେଉଥିଲେ।

୧୫୨। ଦକ୍ଷିଣାର ବା ମୂଲ୍ୟ କ'ଣ ? ଗୁରୁଙ୍କ ଆଦେଶ ମାନି ଜୀବନୋତ୍ସର୍ଗ କରିବାକୁ ଶିଷ୍ୟ ପ୍ରସ୍ତୁତ ନଥିଲେ ଏହା କି ପ୍ରକାରର ଆଧ୍ୟାତ୍ମିକତା ?

୧୫୩। ଭକ୍ତମାନଙ୍କର ମଙ୍ଗଳ ପାଇଁ ବାବା ଅନ୍ୟ କିଛି ନ ମାଗି ଦକ୍ଷିଣା ମାଗିବା ମୂଳରେ ପ୍ରକୃତରେ କେଉଁ କାରଣ ଥିଲା ? ତାଙ୍କ ଜୀବନ ନିଶ୍ଚିତ ଭାବରେ ଦକ୍ଷିଣା ଉପରେ ନିର୍ଭର କରୁ ନ ଥିଲା।

୧୫୪। ଖାଇବା ନିମିତ୍ତ ସେ ଭିକ୍ଷା ମାଗୁଥିଲେ। ଦକ୍ଷିଣା ମାଗିବା ପଛରେ ତାଙ୍କର କୌଣସି ସ୍ୱାର୍ଥ ନ ଥିଲା। ଭକ୍ତମାନଙ୍କର ମନକୁ ଶୁଦ୍ଧପୂତ କରିବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ ଥିଲା।

୧୫୫। ଉପରଲିଖିତ ବେଦର ଉଦ୍ଧୃତି ଅନୁଯାୟୀ ଦକ୍ଷିଣା ଦେବା ନିହାତି ଆବଶ୍ୟକ ଓ ତାହା ନଦେବା ପର୍ଯ୍ୟନ୍ତ ପୂଜା ଅସମାପ୍ତ ରହିଥାଏ।

୧୫୬। ଏବେ ଦକ୍ଷିଣା ସମ୍ପର୍କରେ ଏହି ଆଲୋଚନା ଶେଷ କରିବା। ତାହାର ଅର୍ଥ ଅତି ପରିଷ୍କାର ଭାବରେ ବୁଝାଇ ଦିଆଗଲା। କେବଳ ଭକ୍ତମାନଙ୍କର କଲ୍ୟାଣ ପାଇଁ ହିଁ ଦକ୍ଷିଣା ନିଆଯାଉଥିଲା, ଦକ୍ଷିଣା ଗ୍ରହଣ କରିବା ପଛରେ କୌଣସି ଅସତ୍ ଉଦ୍ଦେଶ୍ୟ ବା ଲୋଭ ଆଦୌ କାରଣ ହୋଇନଥିଲା ।

୧୫୭। ଏବେ ଆମେ ଅସମାପ୍ତ କାହାଣୀର ବାକି ଅଂଶ ବର୍ଣ୍ଣନା କରିବା। ରତନଜୀଙ୍କ ଦକ୍ଷିଣା ଦେବା ପ୍ରସଙ୍ଗ ଓ ସାଇବାବା କିପରି ଏ ବ୍ୟାପାରକୁ ଚମତ୍କାର ଭାବରେ ତୁଲାଇଥିଲେ, ତାହା ଶୁଣନ୍ତୁ।

୧୫୮। ଏହି ବିସ୍ମୟକର କାହାଣୀକୁ ଶ୍ରୋତାଗଣ ସମ୍ପୂର୍ଣ୍ଣ ଭକ୍ତି ସହକାରେ ଶୁଣନ୍ତୁ। ତା'ହେଲେ ଶ୍ରୀସାଇଙ୍କର ଅନନ୍ୟତା ଓ ନିର୍ଲୋଭତା ସମ୍ବନ୍ଧରେ ଜାଣି ପାରିବେ।

୧୫୯। ସେଠ୍‌ଜୀଙ୍କୁ ଦକ୍ଷିଣା ମାଗିବା ସମୟରେ ବାବା

ଅତୀତର ଏକ ଘଟଣା ବିଷୟରେ କହିଥିଲେ । ସେ ଘଟଣା ସେଠ୍‌ଜୀ ମନେ ପକାଇ ନପାରି ଧନ୍ଦି ହୋଇଥିଲେ।

୧୬୦। "ମୋତେ ତୁମେ ତିନିଟଙ୍କା ଚଉଦ ଅଣା ପୂର୍ବରୁ ଦେଇଥିଲ। ସେକଥା ମୁଁ ଜାଣିଛି। ମୋତେ ଏବେ ଦେବାକୁ ଚାହୁଁଥିବା ପରିମାଣରୁ ସେତକ କାଟିଦେଇ ବାକି ପଇସା ଦକ୍ଷିଣା ହିସାବରେ ଦିଅ।"

୧୬୧। ବାବାଙ୍କ ସହିତ ଏହା ପ୍ରଥମ ଦର୍ଶନ। ବାବାଙ୍କର ଏଭଳି କଥା ଶୁଣିବା ପରେ ରତନଜୀ ସେଠ୍ ଆଶ୍ଚର୍ଯ୍ୟ ହୋଇ ମନେ ପକାଇବା ପାଇଁ ଚେଷ୍ଟା କରିଥିଲେ।

୧୬୨। "ମୁଁ ଶିରିଡ଼ି ପୂର୍ବରୁ କେବେ ଆସିନାହିଁ। କାହା ହାତରେ ମଧ୍ୟ କିଛି ପଠାଇ ନାହିଁ।" ଏ ପରିସ୍ଥିତିରେ ସାଇ ମହାରାଜଙ୍କ କଥାରେ ସେ କିଭଳି ଆଶ୍ଚର୍ଯ୍ୟ ହୋଇଥିବେ, ଭାବି ଦେଖନ୍ତୁ।

୧୬୩। ଏଭଳି ଘଟଣା କେବେ ଘଟି ନ ଥିଲା। ରତନଜୀ ଅଡୁଆରେ ପଡ଼ିଥିଲେ। ସେ ଦକ୍ଷିଣା ଦେଇ ପ୍ରଣାମ କରିଥିଲେ ମଧ୍ୟ ମନ ଭିତରେ ଥିବା ଦ୍ୱନ୍ଦ୍ୱକୁ ସମାଧାନ କରିପାରିନଥିଲେ।

୧୬୪। ସେକଥା ସେଇଠି ରହିଥିଲା। ସେ ତାଙ୍କର ଆସିବାର ଉଦ୍ଦେଶ୍ୟ କହିଥିଲେ। ପୁଣିଥରେ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରି ସେ ହାତଯୋଡ଼ି ବସିଥିଲେ।

୧୬୫। ସେଠ୍‌ଜୀ ଅତ୍ୟନ୍ତ ତୃପ୍ତହୋଇ କହିଥିଲେ, "ବାବା! ମୋର ପୂର୍ବଜନ୍ମର ସୁକୃତ ଫଳବତୀ ହୋଇଥିବାରୁ ମୁଁ ଆପଣଙ୍କ ପାଦପଦ୍ମର ଦର୍ଶନ ପାଇ ପାରିଲି।

୧୬୬। "ମୁଁ ହତଭାଗା, ଅଜ୍ଞାନ। ପୂଜାପାଠ, କର୍ମକର୍ମାଣି ହୋମଯଜ୍ଞ କିପରି କରିବାକୁ ହୁଏ ଜାଣିନାହିଁ। ଭାଗ୍ୟ ବଳରୁ ଆପଣଙ୍କ ଭଳି ବିଜ୍ଞ, ବିଚକ୍ଷଣ ଓ ତ୍ରିକାଳଦର୍ଶୀ ମହାପୁରୁଷଙ୍କର ଦର୍ଶନ ପାଇପାରିଛି।

୧୬୭। "ମୋର ଦୁଃଖର କାରଣ ଆପଣ ଜାଣିଛନ୍ତି। ହେ ପରମକାରୁଣିକ! ଅନୁଗ୍ରହ କରି ତାହାକୁ ଦୂର କରନ୍ତୁ। ହେ ଦୟାଳୁ! ଏହି ଅଧମ ଭକ୍ତକୁ ଆପଣଙ୍କ ପାଦତଳୁ ବାହୁଡ଼ାଇ ଦିଅନ୍ତୁ ନାହିଁ।"

୧୬୮। ସାଇନାଥଙ୍କ ମନରେ ତାଙ୍କ ପ୍ରତି ଦୟାଭାବ ଆସିଥିଲା । ମହାରାଜ କହିଥିଲେ, "ଅଯଥାରେ ବ୍ୟସ୍ତ ହୁଅନାହିଁ। ତମର ଦୁର୍ଭାଗ୍ୟ ଏଣିକି କମିବା ଆରମ୍ଭ କରିବ।"

୧୬୯। ଶ୍ରୀସାଇ ରତନଜୀଙ୍କୁ ଉଦି ପ୍ରସାଦ ଦେଇଥିଲେ ଓ ତାଙ୍କର ବରଦହସ୍ତ ରତନଜୀଙ୍କ ମସ୍ତକ ଉପରେ ରଖି କହିଥିଲେ, "ଆଲ୍ଲା ତୁମର ମନୋବାଞ୍ଛା ପୂରଣ କରିବେ।" ଏହି କଥା କହି ସେଠଜୀଙ୍କୁ ଆଶୀର୍ବାଦ କରିଥିଲେ।

୧୭୦। ରତନଜୀ ବାବାଙ୍କର ଅନୁମତି ନେଇ ନାଂଦେଡ୍‌କୁ ଫେରିଯାଇଥିଲେ। ଯାହା ଯାହା ଘଟିଥିଲା ବିସ୍ତୃତ ଭାବରେ ଦାସଗଣୁଙ୍କୁ କହିଥିଲେ।

୧୭୧। "ଇଚ୍ଛା ଅନୁଯାୟୀ ଉତ୍ତମ ଦର୍ଶନ ପାଇଲି। ମୋ ମନ ଆନନ୍ଦରେ ପୂରି ଉଠିଲା। ମୁଁ ତାଙ୍କର ବର ଓ ଆଶ୍ୱାସନା ପାଇଛି। ସେ ମୋତେ ଆଶୀର୍ବାଦ କରିଛନ୍ତି।

୧୭୨। "ସବୁ କଥା ଠିକ୍ ଭାବରେ ହେଲା । କେବଳ ଗୋଟିଏ କଥା ମୁଁ ବୁଝି ପାରିଲିନାହିଁ। ମହାରାଜ କ'ଣ କହିଲେ, ମୁଁ ତାହାକୁ ଆଦୌ ଧରି ପାରିନି।

୧୭୩। 'ମୋତେ ତୁମେ ତିନିଟଙ୍କା ଚଉଦଅଣା ପୂର୍ବରୁ ଦେଇଥିଲ, ସେ କଥା ମୁଁ ଜାଣିଛି।' ବାବାଙ୍କର ଏହି କଥାର ଅର୍ଥ କ'ଣ ପରିଷ୍କାର କରି ମୋତେ ବୁଝାଇ ଦିଅନ୍ତୁ।

୧୭୪। "କେଉଁ ଟଙ୍କା, କେଉଁ ଅଣା ? ମୁଁ ତାଙ୍କୁ କିପରି ବା ପୂର୍ବରୁ ଦେଲି ? ମୁଁ ଶିରିଡ଼ି ପ୍ରଥମ ଥର ପାଇଁ ଯାଇଥିବାରୁ ଏହାର ରହସ୍ୟ ବୁଝିପାରୁନାହିଁ।

୧୭୫। "ମୁଁ ଏହି ରହସ୍ୟର ସମାଧାନ କରିପାରୁନାହିଁ। ଏହା ଏକ ରହସ୍ୟମୟ ପ୍ରହେଳିକା ବୋଲି ମୋର ମନେ ହେଉଛି। ଏହା ମୋର ବୋଧଶକ୍ତିର ବାହାରେ। ଏ ବିଷୟରେ ଆପଣ ଅନୁଗ୍ରହକରି ଆଲୋକପାତ କରିବେ କି ?"

୧୭୬। ଦାସଗଣୁ ଏହା ଏକ ରହସ୍ୟ ବୋଲି ମନେ ମନେ ଭାବିଲେ। ଏହାର ଅର୍ଥ କ'ଣ ହୋଇପାରେ ? ସେ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନ ଥିଲେ।

୧୭୭। ଅନେକ ଚିନ୍ତା କରିବା ପରେ ତାଙ୍କର ସନ୍ନ୍ୟାସୀ ମୌଲା ସାହେବଙ୍କର କଥା ମନେ ପଡ଼ିଥିଲା।

୧୭୮। ସେ ଜଣେ ମୁସଲମାନ ଥିଲେ ମଧ୍ୟ ତାଙ୍କର ଆଚରଣ ସନ୍ଥଙ୍କ ଭଳି ଥିଲା। ସେ କୁଲିଗିରି କରି ପେଟ ପୋଷୁଥିଲେ ଓ ନିଜକୁ ଭାଗ୍ୟ ହାତରେ ଛାଡ଼ି ଦେଇଥିଲେ।

୧୭୯। ତାଙ୍କର ଜୀବନଚରିତ ବିଶଦଭାବରେ ବର୍ଣ୍ଣନା କଲେ ଆମର ଆଲୋଚ୍ୟ ବିଷୟବସ୍ତୁରୁ ବିଚ୍ୟୁତି ଘଟିବ। ତା'ଛଡ଼ା, ଏହି ମୌଲା ସାହେବଙ୍କ ଜୀବନଶୈଳୀ ବିଷୟରେ ନାଂଦେଡ୍‌ର ସମସ୍ତଙ୍କୁ ଜଣା।

୧୪ ॥ ରତନଜୀଙ୍କ ଶ୍ରୀସାଇ ଦର୍ଶନ ॥

୧୮୦। ସେଠ୍‌ଜୀ ଶିରିଡ଼ି ଯିବା ପାଇଁ ସ୍ଥିର ହେବା ପରେ ମୌଲା ସାହେବ ନିଜ ଇଛାରେ ଏମିତି ଥରେ ସେଠ୍‌ଜୀଙ୍କ ଘରକୁ ଆସିଥିଲେ।

୧୮୧। ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଗଭୀର ଶ୍ରଦ୍ଧା ରହିଥିଲା। ତାଙ୍କୁ ଫୁଲମାଳ, ଫଳମୂଳ, ଜଳଖିଆ ଇତ୍ୟାଦି ପରମ୍ପରା ଅନୁଯାୟୀ ଦିଆଯାଇଥିଲା।

୧୮୨। ମୌଲା ସାହେବଙ୍କୁ ସେଠ୍‌ଜୀ ଜଳଖିଆ ଖାଇବାକୁ ଦେଇଥିଲେ। ଦାସଗଣୁ ସେହି ଖର୍ଚ୍ଚର ହିସାବ ଜାଣିବା ପାଇଁ ଚାହିଁଥିଲେ।

୧୮୩। ସେ ଖର୍ଚ୍ଚର ଟିକିନିଖି ହିସାବ ମାଗି ପ୍ରତି ପଇସାକୁ ଯୋଗ କରି ମୋଟ ଖର୍ଚ୍ଚ ବାହାର କରିଥିଲେ ।

୧୮୪। ତାହା ଠିକ୍ ତିନିଟଙ୍କା ଚଉଦଅଣା ହିଁ ହୋଇଥିଲା। କିଛି କମ୍ କିମ୍ବା ବେଶି ନୁହେଁ। ବାବା ଏହା ଜାଣିଥିଲେ ଓ ତାହାର ପ୍ରାପ୍ତି ସ୍ୱୀକାର କଲାଭଳି କଥା କହିଥିଲେ । ଏଣୁ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

୧୮୫। ସାଇ ମହାରାଜ ଜ୍ଞାନର ଗନ୍ତାଘର ଥିଲେ। ମସ୍‌ଜିଦ୍‌ରେ ବସି ରହି ସେ ସବୁ ବିଷୟରେ, ଅର୍ଥାତ୍ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ତଥା ପ୍ରତ୍ୟେକ ସ୍ଥାନରେ ଘଟୁଥିବା ଘଟଣାବଳୀ ସମ୍ପର୍କରେ ଜାଣିପାରୁଥିଲେ ।

୧୮୬। ଶ୍ରୀସାଇ ସମର୍ଥ ସମସ୍ତଙ୍କ ସହିତ ଏକାତ୍ମ ହୋଇ ରହୁ ନ ଥିଲେ ନିଜେ ଅନୁଭବ କରି ଏଭଳି କଥା ସମସ୍ତଙ୍କୁ କହିଦେଇ ପାରିବା ସମ୍ଭବ ହୁଅନ୍ତା କି ?

୧୮୭। ନାଂଦେଡ୍ ଶିରିଡ଼ିଠାରୁ ଅନେକ ଦୂରରେ ଅବସ୍ଥିତ। ଦୁଇ ସ୍ଥାନ ମଧ୍ୟରେ ଦୂରତ୍ୱ ବହୁତ । ତା'ଛଡା, ଏହି ଦୁଇ ସନ୍ଥ ପରସ୍ପରର ଅଜଣା ଥିଲେ। ଶ୍ରୀସାଇ ଏହି ଖବର କେମିତି ପାଇଲେ ?

୧୮୮। ସାଇ ମହାରାଜ ଓ ମୌଲା ବୁୱା ଦୁଇ ଜଣ ଭିନ୍ନ ଭିନ୍ନ ବ୍ୟକ୍ତି ଥିଲେ। ଏହି ଭ୍ରାନ୍ତ ଧାରଣା ହିଁ ଦ୍ୱୈତବାଦ। ପ୍ରକୃତ ପକ୍ଷରେ ସେମାନଙ୍କ ମଧ୍ୟରେ କୌଣସି ଭିନ୍ନତା ନ ଥିଲା।

୧୮୯। ପ୍ରତ୍ୟେକ ଜୀବ ମଧ୍ୟରେ ରହୁଥିବା ଆତ୍ମା ଓ ମୌଲା ବୁୱାଙ୍କ ଆତ୍ମା ଏକ ଓ ସମାନ। ଆତ୍ମାର ଏକତ୍ୱ ସମ୍ବନ୍ଧୀୟ ରହସ୍ୟ ଯିଏ ଜାଣିଥାଆନ୍ତି, ସେ ଧନ୍ୟ ଓ ଆଶୀର୍ବାଦାର୍ହ ହୋଇଥାଆନ୍ତି।

୧୯୦। ପାର୍ଥିବ ଶରୀର ଦୁଇଟି ହୋଇଥିଲେ ମଧ୍ୟ ସେମାନେ ଅନ୍ତର ମଧ୍ୟରେ ଏକ ଥିଲେ। ସେମାନେ 'ଦୁଇ ଜଣ' ବୋଲି ଶବ୍ଦ ବ୍ୟବହାର କରିବା ମଧ୍ୟ ଭୁଲ, କାରଣ ସେମାନେ କେବେହେଲେ ଅଲଗା ନ ଥିଲେ।

୧୯୧। ସେ ଦୁଇଜଣଙ୍କର ସମାନ ଜ୍ଞାନ, ସମାନ ଆତ୍ମା, ସମାନ ବ୍ରତ ଓ ସମାନ ଲକ୍ଷ୍ୟ ଥିଲା। ଉଭୟେ ଗୋଟିଏ ପରମ ଶକ୍ତିରହିଁ ସାରସତ୍ତା ଥିଲେ।

୧୯୨। ଶିରିଡ଼ି ଓ ନାଂଦେଡ୍ ମଧ୍ୟରେ ଦୂରତା ଅନେକ ଥିଲା। କିନ୍ତୁ ସେମାନଙ୍କର ମନ ଏକ ଥିଲା। ସେମାନଙ୍କର ଏକ ଆତ୍ମା ଓ ଏକ ଶରୀର ରହିଥିଲା। ସେଥିପାଇଁ ସେମାନଙ୍କ ମଧ୍ୟରେ ଯୋଗସୂତ୍ର ରହିଥିଲା।

୧୯୩। ସାଧୁସନ୍ଥଙ୍କ କାର୍ଯ୍ୟ କେତେ ଚମତ୍କାର ! ସେମାନେ ତାରହୀନ ବେତାରଯନ୍ତ୍ର ଭଳି ! ପୃଥିବୀର ଯେ କୌଣସି ସ୍ଥାନରେ ଯେ କୌଣସି ଘଟଣା ଘଟୁଥିଲେବି ସେମାନେ ମୂଳରୁ ଶେଷ ପର୍ଯ୍ୟନ୍ତ ତାହା ଜାଣିଥାନ୍ତି।

୧୯୪। ଯଥା ସମୟରେ ରତନଜୀ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥିଲେ ଓ ତାଙ୍କ ପତ୍ନୀ ଗର୍ଭବତୀ ହୋଇଥିଲେ। ଆଶାବୃକ୍ଷରେ କଢ଼ ଧରିଥିଲା।

୧୯୫। ଏକ ଶୁଭ ମୁହୂର୍ତ୍ତରେ ତାଙ୍କ ପତ୍ନୀ ପ୍ରସବ କରିଥିଲେ। ଆଶୀର୍ବାଦରୁ ସୁଫଳ ମିଳିଥିଲା । ଗୋଟିଏ ପୁତ୍ରମଣି ଜନ୍ମ ନେଇଥିବାରୁ ରତନଜୀ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ।

୧୯୬। ପୁତ୍ର ଲାଭ ହୋଇଥିବାରୁ ତାଙ୍କର ମନ ଅନେକ ବର୍ଷର ମରୁଡ଼ି ପରେ ପ୍ରଚୁର ବର୍ଷା ହୋଇଥିବା ଭଳି ଆହ୍ଲାଦିତ ହୋଇଥିଲା।

୧୯୭। ତା'ପରେ କୁଳବୃଦ୍ଧି ଘଟିଥିଲା। କୁଳବୃକ୍ଷଟି ଡାଳପତ୍ର ମେଲି ଫୁଲଫଳ[୧୪] ଆକାରରେ ପୁତ୍ର ଓ କନ୍ୟାଙ୍କ ଦ୍ୱାରା ବିକଶିତ ହୋଇଥିଲା। ରତନଜୀ ଖୁସି ଥିଲେ।

୧୯୮। ଶ୍ରୀସାଇଙ୍କ ଆଶୀର୍ବାଦରୁ ତାଙ୍କର ମନୋକାମନା ପୂରଣ ହୋଇଥିବାରୁ ସେ ପୁଣି ତାଙ୍କ ଦର୍ଶନକୁ ଯାଇଥିଲେ। ସେ ପ୍ରକୃତରେ ଖୁସି ଥିଲେ।

୧୯୯। ବସନ୍ତ ସମୟରେ ଆମ୍ବ ଗଛରେ ପୂର୍ଣ୍ଣ ବଉଳ ଆସିଥିଲେ ମଧ୍ୟ ସବୁ ଫଳ ପାଚିବା ଯାଏଁ ରହେ ନାହିଁ। ସେଇଭଳି ତାଙ୍କର ବାର[୧୫] ଜଣ ପିଲାଙ୍କ ମଧ୍ୟରୁ ଚାରି

ଜଣ ବଞ୍ଚି ରହି ନାଂଦେଡ଼୍‌ରେ ସୁଖୀ ଜୀବନ ବିତାଇଥିଲେ ।

୨୦୦। ରତନଜୀ ଭଦ୍ର ପ୍ରକୃତିର ଲୋକ ହୋଇଥିବାରୁ ଭାଗ୍ୟରେ ଯାହା ଘଟିଯାଏ, ତାହାକୁ ଆନନ୍ଦରେ ଗ୍ରହଣ କରିନେବାରେ ବିଶ୍ୱାସ କରୁଥିଲେ। ସେ ଆଦୌ ମନଦୁଃଖ କରିନଥିଲେ।

୨୦୧। ଶ୍ରୀସାଇ ସମଗ୍ର ଚରାଚର ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ବୋଲି ପରବର୍ତ୍ତୀ କାହାଣୀରୁ ଏବେ ଜଣାପଡ଼ିବ। ଜଣେ ଯେ କୌଣସି ସ୍ଥାନରେ ଥିଲେ ମଧ୍ୟ ଏହି ଅନୁଭୂତି ପ୍ରକୃତରେ ପାଇପାରିବ।

୨୦୨। ଠାଣାର ଚୋଲକର ସାଙ୍ଗିଆଧାରୀ ଜଣେ ଗରିବ ଅସହାୟ ବ୍ୟକ୍ତିଙ୍କର ବିଶ୍ୱାସ ଓ ଭକ୍ତି ଯୋଗୁଁ ମହାନ୍ ଗୁରୁ କିପରି ଖୁସି ହୋଇଥିଲେ।

୨୦୩। ଏହି ବ୍ୟକ୍ତି ଶ୍ରୀସାଇଙ୍କୁ ପୂର୍ବରୁ କେବେ ନ ଦେଖି କିଭଳି ସାଇଙ୍କ ପାଖରେ ପ୍ରତିଜ୍ଞା କରିଥିଲେ ଏବଂ ତାଙ୍କର ପ୍ରତିଜ୍ଞା କିଭଳି ପୂରଣ ହୋଇଥିଲା ଓ ସେ ଶ୍ରୀସାଇଙ୍କ ନିକଟରୁ କିଭଳି ଅଭିଜ୍ଞତା ଲାଭ କରିଥିଲେ।

୨୦୪। ଯେପରି ଶ୍ରଦ୍ଧା ବିନା ଭଜନ କେବେ ଭଜନ ନୁହେଁ, ବୋଧଶକ୍ତି ବିନା ବହି ପଢ଼ିବା କଦାପି ପଢ଼ା ନୁହେଁ, ଠିକ୍ ସେହିପରି ଭକ୍ତିଭାବ ବିନା ଭଗବାନଙ୍କୁ ପ୍ରାର୍ଥନା କରିବା ପ୍ରାର୍ଥନା ନୁହେଁ । ଏ ସମସ୍ତ ପ୍ରଚେଷ୍ଟା ନିଷ୍ଫଳ।

୨୦୫। କୁଙ୍କୁମ ତିଳକ ବିନା କପାଳ ଯେମିତି ଶୂନ୍ୟ, ଅନୁଭୂତି ବିନା ଜ୍ଞାନ ସେମିତି ଶୂନ୍ୟ। ଏହା ପୋଥିଗତ ବିଦ୍ୟା ନୁହେଁ, ଆପଣମାନେ ନିଜେ ନିଜେ ଏହା ପରୀକ୍ଷା କରି ପ୍ରମାଣ କରିପାରିବେ।

୨୦୬। ସାଇଲୀଳା ସମ୍ପର୍କରେ ଏହି ଗ୍ରନ୍ଥ କାହିଁକି ଲେଖା ହେଉଛି ? ମୁଁ ଜାଣେ ନାହିଁ। ମୁଁ ଏଥିରେ କାହିଁକି ଏତେ ଜଡ଼ିତ ହୋଇଛି ? ଶ୍ରୀସାଇ ମୋ ମାଧ୍ୟମରେ ଏହା ଲେଖୁଛନ୍ତି। ତେଣୁ ସେ ହିଁ ଏକା ଏହାର ତାତ୍ପର୍ଯ୍ୟ ଜାଣିଛନ୍ତି।

୨୦୭। ତା'ଛଡ଼ା, ଏଭଳି ଏକ ଗ୍ରନ୍ଥ ଲେଖିବା ପାଇଁ ବିଶ୍ୱାସଯୋଗ୍ୟ ଜ୍ଞାନ ରହିଥିବା ଆବଶ୍ୟକ। ମାତ୍ର ମୁଁ କେବଳ ଶ୍ରୀସାଇଙ୍କର ସେବାହିଁ କରୁଛି ଓ ତାଙ୍କର ଜଣେ ଅଧସ୍ତନ ସେବକ। ମୁଁ ତାଙ୍କର ଆଦେଶ ପାଳନ ପାଇଁ ରହିଅଛି।

୨୦୮। ଶ୍ରୋତାଗଣ ତୃଷାର୍ତ୍ତ ଚାତକ ପକ୍ଷୀ ଭଳି। ଶ୍ରୀସାଇ ସମର୍ଥ ଆତ୍ମସନ୍ତୋଷର ବାରିଦ ଭଳି ତାଙ୍କର ଜୀବନଚରିତ ଆକାରରେ ବର୍ଷା ଅଜାଡ଼ିଦେଇ ତୃଷା ମେଣ୍ଟାଉଅଛନ୍ତି।

୨୦୯। ଯାହାଙ୍କ ଆଦେଶରେ ମୋର ଏହି ବଚନ ଅନୁପ୍ରାଣିତ ହୋଇ ତାଙ୍କର ଜୀବନଚରିତ ବର୍ଣ୍ଣନା କରୁଅଛି, ତାଙ୍କ ପଦ୍ମପାଦ ଧୂଳିରେ ମୋର ଶରୀର ସମ୍ପୂର୍ଣ୍ଣ ସାଷ୍ଟାଙ୍ଗ ହୋଇ ରହିଥାଉ।

୨୧୦। ଶବ୍ଦାବଳୀର ଧାରା ପଛରେ ସେହିଁ ପ୍ରେରଣାଦାତା। ସେ ନିଜେହିଁ ନିଜ କଥା କହୁଛନ୍ତି। ତେଣୁ ମୋର ବାରବୁଲା ମନ ତାଙ୍କ ପାଦ ତଳରେ ଆଶ୍ରୟ ନେଇ ରହିଥାଉ।

୨୧୧। ବଚନ ଓ ଶରୀର ମାଧ୍ୟମରେ ଏହି ଭଜନ ଭଳି, ମୋର ମନ ସବୁବେଳେ ଶ୍ରୀସାଇଙ୍କୁ ଚିନ୍ତା କରୁଥାଉ। ସେ ଅସୀମ ଆନନ୍ଦର ଉତ୍ସ ଓ ମୁଁ ତାଙ୍କର ବିନୀତ ଦାସ ମାତ୍ର।

୨୧୨। ପ୍ରକୃତରେ ଶ୍ରୀସାଇ ତାଙ୍କର ଜୀବନଚରିତର ବର୍ଣ୍ଣନା ଓ ପ୍ରେରଣା ମାଧ୍ୟମରେ ସ୍ୱତଃ ମୂର୍ତ୍ତିମନ୍ତ ହେଉଛନ୍ତି। ତେବେ ସେ କ'ଣ ଶ୍ରୋତାଙ୍କଠାରୁ ଭିନ୍ନ ? ନା, ତା' ନୁହେଁ। ଶ୍ରୋତା ମଧ୍ୟ ଶ୍ରୀସାଇଙ୍କ ଠାରୁ ଭିନ୍ନ ନୁହଁନ୍ତି।

୨୧୩। ଆପାତତଃ, ଏହା ଏକ ସାଧାରଣ ଜୀବନୀ ବୋଲି ମନେ ହେଉଥାଇପାରେ। କିନ୍ତୁ ଏହି ସମଗ୍ର ନାଟକ ଶ୍ରୀସାଇ ହିଁ କରୁଛନ୍ତି। ସେ ନିଜେ ଅଭିନେତା ହୋଇ ଏହି ବଳିଷ୍ଠ ନାଟକଟିକୁ ଶ୍ରଦ୍ଧା ସହକାରେ ମଞ୍ଚସ୍ଥ କରୁଛନ୍ତି।

୨୧୪। ଶ୍ରୀସାଇବାବାଙ୍କର ଚରିତ ଅକଳ୍ପନୀୟ। ସେ ଭକ୍ତମାନଙ୍କୁ ରହସ୍ୟମୟ ଅଭିଜ୍ଞତା ଦେଇଥାନ୍ତି। ସେ ମୋତେ ଲେଖିବା ପାଇଁ ଯନ୍ତ୍ରବତ୍ ବ୍ୟବହାର କରି ତାଙ୍କର ଭକ୍ତମାନଙ୍କୁ ଓ ଅଗଣିତ ଅନୁଗାମୀଙ୍କୁ ଖୁସି କରାଉଛନ୍ତି।

୨୧୫। ଏହା ଏକ କାହାଣୀ ନୁହେଁ, ବରଂ ଆନନ୍ଦର ବିଶାଳ ଗନ୍ତାଘର। ଏହା ଆତ୍ମା ନିମିତ୍ତ ଅମୃତ ସଦୃଶ ସୁମିଷ୍ଟ। ଏହାକୁ ବିଶ୍ୱାସ ଓ ଭକ୍ତି ସହକାରେ ପାନ କଲେ, ଯେ କେହି ଅସାଧାରଣଭାବରେ ଆନନ୍ଦିତ ହେବ ।

୨୧୬। ଗୁରୁଙ୍କର କୃପା ଅଦ୍ଭୁତ ଓ ମହତ୍। ତାଙ୍କର ମହିମାକୁ ଆମେ ସବୁବେଳେ ମନେ ରଖିବା ଉଚିତ୍। ତେଣୁ ଭକ୍ତମାନଙ୍କର ଆନନ୍ଦ ନିମିତ୍ତ ବହୁ ପରିଶ୍ରମ କରି ଶ୍ରୀସାଇ ଏହି ଗ୍ରନ୍ଥ ପ୍ରଣୟନ କରୁଛନ୍ତି ଓ ଭକ୍ତମାନଙ୍କର ସେବା କରୁଛନ୍ତି ।

୨୧୭। ଏହି ଗ୍ରନ୍ଥକୁ ଶ୍ରଦ୍ଧା ସହକାରେ ଗାୟନ କଲେ

ଶୁଣିବାର ଆନନ୍ଦ ବୃଦ୍ଧି ପାଇବ। ଏହାର ଅର୍ଥ ଓ ଉଦ୍ଦେଶ୍ୟ ବୁଝି ପାରିଲେ ଭକ୍ତମାନଙ୍କର ଶ୍ରଦ୍ଧା ଓ ଭକ୍ତି ବହୁଗୁଣରେ ବୃଦ୍ଧିପ୍ରାପ୍ତ ଓ ଋଦ୍ଧିମନ୍ତ ହେବ।

୨୧୮। ଦିନରାତି ଏହାକୁ ଶ୍ରବଣ କଲେ ସାଂସାରିକ ଆସକ୍ତି ବନ୍ଧନ ବିନଷ୍ଟ ହୋଇଯିବ। ଧ୍ୟାନକାରୀ, ଧ୍ୟେୟ ବସ୍ତୁ ଓ ଧ୍ୟାନକୁ ନେଇ ତ୍ରିମୁଖୀ ଚେତନା ଉଭେଇଯିବ ଏବଂ ଶ୍ରୋତାଗଣ ପୂର୍ଣ୍ଣ ଆନନ୍ଦ ଲାଭ କରିବେ।

୨୧୯। ଶ୍ରୀସାଇଙ୍କ ପଦତଳେ ହେମାଡ଼ ଏକାଗ୍ର ଚିତ୍ତରେ ଶରଣାଗତ ହେଉଛି ଓ ପାଦ ଦୁଇଟିକୁ ଜୋର୍‌ରେ ଜାବୁଡ଼ିଧରି ପ୍ରାର୍ଥନା କରୁଛି, "ମୁଁ ଆପଣଙ୍କୁ କ୍ଷଣେମାତ୍ର ଭୁଲି ନ ଯାଇ ସବୁ ସମୟରେ ଆପଣଙ୍କ ପଦତଳେ ରହିଥାଏଁ।"

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ରତନଜୀଙ୍କ ଶ୍ରୀସାଇ ଦର୍ଶନ" ଶୀର୍ଷକ ଚତୁର୍ଦ୍ଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଚତୁଃବର୍ଗ ମୋକ୍ଷ- ବ୍ରହ୍ମ ମଧ୍ୟରେ ବିଲୀନ ହେବା, ଭଗବାନଙ୍କ ରୂପ ହେବା, ଭଗବାନଙ୍କର ନିକଟସ୍ଥ ହେବା ଓ ଦେବତାଙ୍କ ସାଙ୍ଗରେ ରହିବା।

୨- ମିଠା ପଦାର୍ଥ।

୩- ତ୍ରିଶୁଦ୍ଧି - ଦେହ, ବଚନ ଓ ମନର ପବିତ୍ରତା।

୪- ରତନଜୀ ଶାପୁରଜୀ ୱାଡ଼ିଆ ଜଣେ ମିଲ୍‌ମାଲିକ।

୫- ସୁନା ମୋହର ହାର କିମ୍ବା କାଚ ଓ ସୁନା ମାଳି ଥିବା ହାର।

୬- ଅଷ୍ଟସିଦ୍ଧି : ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକମ୍ୟ, ଈଶିତ୍ୱ ଓ ବଶିତ୍ୱ-ଯେଉଁ ଅତିମାନବୀୟ ଶକ୍ତି ଦ୍ୱାରା ନିଜକୁ ଛୋଟ କିମ୍ବା ବଡ଼ କରାଯାଇପାରେ।

୭- କୁବେରଙ୍କ ଧନ।

୮- ପଇସା- ସ୍ୱଳ୍ପ ମୂଲ୍ୟର ମୁଦ୍ରା।

୯- ପ୍ରତିଜ୍ଞା ପାଳନ ବା ମାନସିକ ଯାଚି ଇଚ୍ଛା ପୂରଣ ପରେ କରାଯାଉଥିବା ଧର୍ମୀୟ କର୍ମକର୍ମାଣି ।

୧୦- ଦକ୍ଷ ପ୍ରଜାପତି ସୃଷ୍ଟି କରିଥିଲେ।

୧୧- ଶିକ୍ଷା।

୧୨- ବୃହଦାରଣ୍ୟକ ଉପନିଷଦ- ୫ମ ଅଧ୍ୟାୟ।

୧୩- ଶ୍ରୀମଦ୍ ଭଗବତ୍ ଗୀତା - ଅଧ୍ୟାୟ ୧୬, ଶ୍ଳୋକ ୨୧।

୧୪- ରାୟବାହାଦୂର ହରି ବିନାୟକ ସାଠେ କିଭଳି ଶିରିଡ଼ି ଯାଇଥିଲେ, ତାହାର ବର୍ଣ୍ଣନା ଦାସଗଣୁଙ୍କର 'ଭକ୍ତିଲୀଳାମୃତ' ବହିର ୩୧ଶ ଅଧ୍ୟାୟରେ ରହିଛି। ସେତେବେଳେ ତାଙ୍କୁ ମହାରାଜ ଆଶୀର୍ବାଦ ଦେଇ କହିଥିଲେ, 'ତୁମେ ବିବାହ କର, ତୁମର ପୁଅଟିଏ ହେବ'। ସେହି ଅନୁଯାୟୀ ସାଠେ ବିବାହ କରିଥିଲେ। କେତେଦିନ ପରେ ତାଙ୍କ ପତ୍ନୀ ଗର୍ଭବତୀ ହୋଇଥିଲେ। କିନ୍ତୁ ପୁଅ ବଦଳରେ ଝିଅଟିଏ ହୋଇଥିଲା। ସେଥିଯୋଗୁଁ ସାଠେ ଖୁବ୍ ନିରାଶ ହୋଇଥିଲେ। ଦ୍ୱିତୀୟ ଥର ତାଙ୍କ ପତ୍ନୀ ପୁଣି ଗର୍ଭବତୀ ହୋଇଥିଲେ। ସେଥର ମଧ୍ୟ ଝିଅଟିଏ ହୋଇଥିଲା। ସାଠେ ସ୍ୱଭାବତଃ ବହୁତ ଦୁଃଖିତ ହେଲେ। କିନ୍ତୁ ମହାରାଜଙ୍କ ଆଶୀର୍ବାଦ ନିଷ୍ଫଳ ହୋଇନଥିଲା। ତୃତୀୟ ଥର ତାଙ୍କ ପତ୍ନୀ ଗର୍ଭବତୀ ହୋଇଥିଲେ ଓ ଏଥର ପୁଅଟିଏ ଜନ୍ମ ହୋଇଥିଲା। ସେହି ପୁଅ ମହାରାଜଙ୍କ କୃପାରୁ ବେଶ୍ ଭଲରେ ଅଛି ଓ ଉନ୍ନତି କରୁଅଛି।

୧୫- ପଂକ୍ତି ୭୨ରେ କୁହାଯାଇଛି ଯେ ପୁତ୍ର ଜନ୍ମ ହେବା ପୂର୍ବରୁ ତାଙ୍କର ବାରଟି କନ୍ୟା ଥିଲେ। ଏହି ହିସାବରେ ତେର ଜଣ । ତେଣୁ ଏଠାରେ ପିଲାମାନଙ୍କର ସଂଖ୍ୟା ନେଇ କିଛି ଗୋଟାଏ ପ୍ରମାଦ ବା ଅସଙ୍ଗତି ରହିଯାଇଛି ବୋଲି ମନେ ହୁଏ।

ଗଣେଶ ଦତ୍ତାତ୍ରେୟ ସହସ୍ରବୁଦ୍ଧେ ଓରଫ୍ ଦାସଗଣୁ ମହାରାଜ

॥୧୫॥

ଚୋଲକରଙ୍କ ଚିନି ଖାଇବା ପ୍ରସଙ୍ଗ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଯେଉଁମାନଙ୍କର ପୂର୍ବଜନ୍ମର ସୁକୃତ ଫଳଦାୟକ ହୋଇଛି, ସେମାନେ ସାଇଦର୍ଶନ ପାଇଛନ୍ତି । ସେମାନେ ସେତେବେଳେ ତ୍ରିବିଧ ଦୋଷ ଦ୍ୱାରା କ୍ଷତିଗ୍ରସ୍ତ ହୋଇ ନାହାନ୍ତି । ଏହା ସେମାନଙ୍କୁ ଆଧ୍ୟାତ୍ମିକ ଉନ୍ନତି ସାଧନ କରିବାର ଉପାୟ ପ୍ରଦାନ କରିଛି ।

୨ । ଏବେ ଶ୍ରୋତାମାନେ ନିଜ ନିଜର ଗୁରୁଙ୍କୁ ମୁହୂର୍ତ୍ତେ ସ୍ମରଣ କରନ୍ତୁ । ମୋ କଥା ପ୍ରତି ମନଧ୍ୟାନ ଦିଅନ୍ତୁ ଓ ଶୁଣିବାର ମାନସିକ ଅବସ୍ଥାରେ ରହନ୍ତୁ ବୋଲି ମୁଁ ଅନୁରୋଧ କରୁଛି ।

୩ । "ଆପଣ କାହାଣୀ କହିବାକୁ ଆସିଛନ୍ତି ବୋଲି ଆମେ ଜାଣିଛୁ । ଅଯଥାରେ କାହିଁକି ଆପଣ ଏ କଷ୍ଟ କରୁଛନ୍ତି ?" ଦୟାକରି ଏଭଳି କଥା କହନ୍ତୁ ନାହିଁ । ମୋତେ କ୍ଷମା କରନ୍ତୁ । ଆପଣମାନେ ମହାସାଗର ସହିତ ତୁଳନୀୟ ।

୪ । ମହାସାଗର ଜଳପୂର୍ଣ୍ଣ ହୋଇଥିଲେ ମଧ୍ୟ ନଦୀମାନଙ୍କୁ ଫେରାଇ ଦିଏ ନାହିଁ । ଏପରିକି ମେଘମାଳା ହଜାରେ ଗୁଣ ବର୍ଷା କଲେ ମଧ୍ୟ ସମସ୍ତ ଜଳକୁ ମହାସାଗର ଆଶ୍ରୟ ଦେଇଥାଏ ।

୫ । ଶ୍ରୋତାଗଣ ! ଆପଣମାନେ ମହାସାଗର ଭଳି ଗୁଣବାନ । ମୁଁ ତା' ମଧ୍ୟରେ ବୁଡ଼ି ରହିବାକୁ ଚାହେଁ । ମୁଁ ଆପଣମାନଙ୍କୁ ପ୍ରାର୍ଥନା କରୁଛି, ମୋତେ ତଡ଼ି ଦିଅନ୍ତୁ ନାହିଁ । ଦୁର୍ବଳକୁ ପ୍ରତ୍ୟାଖ୍ୟାନ କରାଯିବା ଠିକ୍ ନୁହେଁ ।

୬ । ଗଙ୍ଗାର ଶୁଦ୍ଧଜଳ ତଥା ଗ୍ରାମରୁ ବାହାରିଥିବା ଝରଣାର ଜଳକୁ ସାଗର ଗ୍ରହଣ କରିଥାଏ । ସେମାନେ ସାଗର ସହିତ ମିଶିବା ସମୟରେ କୌଣସି ଗୋଳମାଳ ହୁଏ ନାହିଁ ।

୭ । ତେଣୁ ସନ୍ଥଙ୍କର କାହାଣୀ ଶୁଣିବା ନିମିତ୍ତ ଆପଣମାନେ ଯେଉଁ ଆକାଂକ୍ଷା ପୋଷଣ କରିଛନ୍ତି, ତାହା ଫଳପ୍ରଦ ହୋଇପାରିବ ଯଦି ଆପଣମାନେ ମୋତେ ହିତୈଷୀ ଭାବରେ ଗ୍ରହଣ କରିବେ ।

୮ । ଆପଣମାନେ ଯଦି ଜୀବନଚରିତ ରୂପକ ଏହି ଅମୃତକୁ ଧୈର୍ଯ୍ୟ ଓ ବିଶ୍ୱାସର ସହିତ ଗ୍ରହଣ କରିବେ, ତେବେ ପ୍ରେମମୟ ଭକ୍ତି ଆପଣମାନଙ୍କ ଅନ୍ତରରୁ ନିଃସୃତ ହେବ ଓ ଆପଣମାନେ ଆନନ୍ଦିତ ହେବେ ।

୯ । ଭକ୍ତମାନେ ସହଜରେ ଜୀବନର ସର୍ବୋଚ୍ଚ ସ୍ତରକୁ ଯାଇପାରିବେ । ଶ୍ରୋତାମାନେ ଭକ୍ତିସିକ୍ତ ହୋଇ ସାଂସାରିକ ବନ୍ଧନରୁ ମୁକ୍ତ ହେବେ । ସମ୍ପୂର୍ଣ୍ଣ ଆସ୍ଥା ରଖିଥିବା ବ୍ୟକ୍ତି ଆନନ୍ଦ ଓ ଶାନ୍ତି ଲାଭ କରିବେ ଏବଂ ଅନ୍ୟ ସମସ୍ତେ ସାଧାରଣ ଭାବରେ ସନ୍ତୁଷ୍ଟ ହେବେ ।

୧୦ । ଗୁରୁଙ୍କ ମୁଖରୁ ଏହି କାହାଣୀ ଶୁଣିଲେ ପାର୍ଥିବ ଜୀବନର ଦୁଃଖକ୍ଲେଶ ଓ ଆଶଙ୍କା ଦୂରୀଭୂତ ହୋଇଥାଏ । ଶ୍ରୋତାମାନଙ୍କର ମନରେ ଆନନ୍ଦ ଜାତ ହୁଏ ଓ ଆତ୍ମଜ୍ଞାନ ଉଦୟ ହୁଏ ।

୧୧ । ଏହି ଅଧ୍ୟାୟରେ ପ୍ରିୟ ଭକ୍ତମାନେ କିଭଳି ଶ୍ରୀସାଇଙ୍କୁ ପ୍ରାର୍ଥନା କରିଥିଲେ ଓ ଶ୍ରୀସାଇ କିପରି ସେମାନଙ୍କୁ ଦର୍ଶନ ଦେଇଥିଲେ ଓ ସେମାନଙ୍କ ଉପରେ ସନ୍ତୁଷ୍ଟ ହୋଇଥିଲେ, ତାହାର ବର୍ଣ୍ଣନା କରାଯିବ । ଏବେ ଏହା ମନଦେଇ ଶୁଣନ୍ତୁ ।

୧୨ । ବିରାଡ଼ି ତା' ଛୁଆଙ୍କୁ ଯେତେ ଖୁଆଇ ପିଆଇ ଯାଇଥିଲେ ମଧ୍ୟ ସେ ଫେରିବା ମାତ୍ରକେ ଛୁଆମାନେ ତା' ପାଖକୁ ଆତୁର ହୋଇଧାଆଁନ୍ତି ଓ ବାରମ୍ବାର ଯାଇ କ୍ଷୀର ଖାଇବାକୁ ଭଲ ପାଆନ୍ତି ।

୧୩। ସେ ବିରକ୍ତ ହୋଇ ଗରଗର ହେଲେ ଛୁଆଗୁଡ଼ିକ କିଛି ସମୟ ପାଇଁ ଚୁପ୍‌ଚାପ୍ ହୋଇଯାଆନ୍ତି । ମା' ବିରାଡ଼ି ଟିକିଏ ବିଶ୍ରାମ ନେଇଗଲେ ଛୁଆଗୁଡ଼ିକ କ୍ଷୀର ଖାଇବା ପାଇଁ ତା' ଚାରିପାଖରେ ଘୂରି ବୁଲନ୍ତି ଓ ପୁଣି କ୍ଷୀର ଖାଆନ୍ତି ।

୧୪ । ସେମାନେ ସ୍ନେହଭରେ ମୁଣ୍ଡିଆ ମାରି କ୍ଷୀର ଚୁଷିବା ବେଳେ ମା' ବିରାଡ଼ିଠାରୁ କ୍ଷୀର ବୋହିଯାଏ । ମା' ବିରାଡ଼ି ତାହାର ପୂର୍ବର ଗରଗର ଭାବ ଭୁଲିଯାଇ ଶ୍ରଦ୍ଧାରେ କ୍ଷୀର ଦେବାପାଇଁ ଭୂଇଁ ଉପରେ ଚାରିକାତ ଲମ୍ବେଇ ପଡ଼ିଯାଏ ।

୧୫ । ତା'ର କୁଣ୍ଠାବୋଧ ଅପେକ୍ଷା ସ୍ନେହଭାବ ଅଧିକ ହୋଇଗଲେ ସେ ତା'ର ଚାରିଗୋଡ଼ରେ ଛୁଆଙ୍କୁ ଜୋରରେ ଚାପିଧରି ବାରମ୍ବାର ଚାଟି ସେମାନଙ୍କୁ ଗେଲ କରିଥାଏ । ବାଃ, ସେହି ଦୃଶ୍ୟ କେତେ ସୁନ୍ଦର ?

୧୬। ସେମାନଙ୍କର ଧାରୁଆ ନଖରେ ମା' ବିରାଡ଼ିର ପେଟ ଚିରି ହୋଇଗଲେ ମଧ୍ୟ ତାହାର ସ୍ନେହ ଅଧିକ ବଢ଼ିଥାଏ ଓ ପହ୍ନାରୁ କ୍ଷୀରର ଧାରା ବୋହିଥାଏ ।

୧୭ । ପିଲାମାନଙ୍କର ସ୍ନେହଶ୍ରଦ୍ଧା ଦ୍ୱାରା ମା'ର କ୍ଷୀର ଅଧିକ ଝରିଥାଏ । ସେହିଭଳି ଶ୍ରୀସାଇ ଚରଣରେ ଆପଣମାନଙ୍କର ଭକ୍ତି ଦ୍ୱାରା ତାଙ୍କର ହୃଦୟ ତରଳି ଯାଇଥାଏ ।

୧୮ । ଥରେ ଠାଣାର ଲୋକେ ଅନନ୍ୟ କୀର୍ତ୍ତନକାର ଦାସଗଣୁଙ୍କୁ କୌପୀନେଶ୍ୱର ମନ୍ଦିରରେ କୀର୍ତ୍ତନ କରିବା ନିମନ୍ତେ ଅନୁରୋଧ କରିଥିଲେ ।

୧୯ । ଦାସଗଣୁ ଭଦ୍ରବ୍ୟକ୍ତିମାନଙ୍କର ଅନୁରୋଧ ରକ୍ଷା କରିଥିଲେ ମଧ୍ୟ ସେଥିପାଇଁ ପଇସାଟିଏବି ମାଗିନଥିଲେ କି ଦାବୀ କରିନଥିଲେ ।

୨୦ । କୀର୍ତ୍ତନ ପାଇଁ ପଇସାଟିଏ ମଧ୍ୟ ଦିଆଯାଇନଥିଲା । ସେ ଶରୀରର ଉପର ଭାଗରେ କୌଣସି ପୋଷାକ ପିନ୍ଧିନଥିଲେ । କେବଳ ଗୋଟିଏ ପାଞ୍ଚା[୧] ପିନ୍ଧି ଥିଲେ । ମୁଣ୍ଡରେ ମଧ୍ୟ କିଛି ରହିନଥିଲା । ତଥାପି କୀର୍ତ୍ତନ ଶୁଣିବାକୁ ଶ୍ରୋତାମାନେ ବହୁ ସଂଖ୍ୟାରେ ଜମା ହୋଇଥିଲେ ।

୨୧ । ଏହି ପ୍ରକାର ପରିଧାନ ଉପରେ ମଜା କଥାଟିଏ ରହିଛି । ଏହାକୁ ଶୁଣିଲେ ଆପଣମାନେ ଆନନ୍ଦ ପାଇବେ । ପୂର୍ଣ୍ଣ ଧ୍ୟାନ ଦେଇ ବାବାଙ୍କର ମହିମା ଶୁଣନ୍ତୁ ।

୨୨ । ଥରେ ଦାସଗଣୁ ଶିରିଡ଼ିରେ 'ହରିକଥା' ଗାୟନ ପାଇଁ ଯାଉଥିଲେ । ସେ ଲମ୍ବାକୋଟ ପିନ୍ଧି, ଉପରାଣ[୨] ପକାଇ, ମୁଣ୍ଡରେ ଫେଟା[୩] ଲଗାଇ ସୁନ୍ଦର ଭାବରେ ନିଜକୁ ସଜାଇଥିଲେ ।

୨୩ । ପ୍ରଥା ଅନୁଯାୟୀ ସେ ବାବାଙ୍କ ପାଦତଳେ ପ୍ରଣାମ କରିବା ନିମନ୍ତେ ଆନନ୍ଦ ମନରେ ଯାଇଥିଲେ । ବାବା ତାଙ୍କୁ ଦେଖିବା ମାତ୍ରକେ ପଚାରିଥିଲେ, "ତୁମେ ଏବେ ବର ଭଳି ସଜାଇ ହୋଇଛ !

୨୪ । "ଏଭଳି ବରବେଶରେ କୁଆଡ଼େ ବାହାରିଛ ?" ଦାସଗଣୁ ଉତ୍ତର ଦେଇଥିଲେ, "କୀର୍ତ୍ତନ କରିବାକୁ ବାହାରିଛି ।"

୨୫ । ବାବା ତାଙ୍କୁ ପୁଣି କହିଥିଲେ, "ପୋଷାକ ପିନ୍ଧିବା ନିମନ୍ତେ ଏତେ କଷ୍ଟ କାହିଁକି କରୁଛ ? ଲମ୍ବାକୋଟ, ଉପରାଣ, ଫେଟା କାହିଁକି ପିନ୍ଧିଛ ? ଆମେ ଏସବୁ ଦରକାର କରୁନାହୁଁ ।

୨୬ । "ସେସବୁ ଏଇଠି ମୋ ଆଗରେ ବାହାର କରିଦିଅ । ସେଗୁଡ଼ିକ ପିନ୍ଧି ଶରୀରକୁ କାହିଁକି ଭାରାକ୍ରାନ୍ତ କରୁଛ ?" ଶ୍ରୀସାଇଙ୍କ ଆଦେଶରେ ସେ ସେଗୁଡ଼ିକୁ ବାହାର କରିଦେଇ ତାଙ୍କ ପଦତଳେ ସମର୍ପଣ କରି ଦେଇଥିଲେ ।

୨୭ । ସେଇଦିନଠାରୁ ଆଜି ପର୍ଯ୍ୟନ୍ତ ଦାସଗଣୁ ଅଣ୍ଟା ଉପରକୁ କୌଣସି ପୋଷାକ ନପିନ୍ଧି କୀର୍ତ୍ତନ କରିଥାନ୍ତି । ସେ ହାତରେ ଚିପଲିସ୍[୪] ଧରି ବେକରେ ମାଳା[୫] ପକାଇ କୀର୍ତ୍ତନ କରିଥାନ୍ତି ।

୨୮ । ଯଦିଚ ଏହା ସାଧାରଣତଃ ଭାବରେ ଗ୍ରହଣୀୟ ନୁହେଁ, ତଥାପି ଏହା କୀର୍ତ୍ତନର ମୂଳ ସ୍ୱରୂପ । ମହାଜ୍ଞାନୀ ଯୋଗୀରାଜ ନାରଦ ଏହି ପଦ୍ଧତି ଅନୁସରଣ କରୁଥିଲେ ।

୨୯ । ଏହା ନାରଦୀୟ କୀର୍ତ୍ତନର ମୂଳ ପ୍ରଥା ଓ ଏଇଥିରୁ ହରିଦାସଙ୍କର ସୃଷ୍ଟି । ସେମାନେ ବାହାରର ଚାକଚକ୍ୟରେ ନମାତି ଆତ୍ମଶୁଦ୍ଧି ଉପରେ ଗୁରୁତ୍ୱ ଦେଇଥାନ୍ତି ।

୩୦ । ଅଣ୍ଟାଠାରୁ ତଳକୁ ବସ୍ତ୍ର ଥାଏ । ହାତରେ ଧରିଥାନ୍ତି ଦାସକାଠିଆ କାଠି ଓ ବୀଣା[୬] ବଜାଉଥାନ୍ତି । ହରିନାମ ଉଚ୍ଚ ସ୍ୱରରେ ଗାନ କରିଥାନ୍ତି । ନାରଦଙ୍କର ଏହା ହେଉଛି ଜଣାଶୁଣା ପ୍ରକୃତ ସ୍ୱରୂପ ।

୩୧ । ଶ୍ରୀସାଇ ସମର୍ଥଙ୍କ କୃପାରୁ ଦାସଗଣୁ ସନ୍ଥମାନଙ୍କ ଉପରେ କାହାଣୀ ରଚନା କରି ବିନା ପାରିଶ୍ରମିକରେ କୀର୍ତ୍ତନ କରିଥାନ୍ତି । ସେଥିନିମନ୍ତେ ସେ ବିଖ୍ୟାତ ଥିଲେ ।

୩୨ । ସାଇଭକ୍ତିଭାବନା ପ୍ରଚାର ଓ ପ୍ରସାର କରିବାରେ ସେ ପୁରୋଧା ଥିଲେ । ସେ ସାଇପ୍ରେମ ସାଗରର ଉଚ୍ଚ ଜୁଆର ବୁହାଇ ଦେଇଥିଲେ ଓ ଆତ୍ମସନ୍ତୋଷ ଆଣିଥିଲେ ।

୩୩ । ଏଥିପାଇଁ ଆମେ ଅଗ୍ରଗଣ୍ୟ ଭକ୍ତ ଚାନ୍ଦୋରକରଙ୍କ ନିକଟରେ କୃତଜ୍ଞ । ଶ୍ରୀସାଇଙ୍କ ପଦ ପ୍ରତି ଭକ୍ତି ବୃଦ୍ଧି ପାଇଁ ସେ ନିଶ୍ଚିତ ଭାବରେ ମୂଳ କାରଣ ଥିଲେ ।

୩୪ । ଚାନ୍ଦୋରକରଙ୍କ ଯୋଗୁଁ ଦାସଗଣୁ ମଧ୍ୟ ଏଠାକୁ ଆସିଥିଲେ । ସେ କୀର୍ତ୍ତନ କରିବା ନିମନ୍ତେ ବିଭିନ୍ନ ସ୍ଥାନକୁ ଯାଉଥିଲେ ଓ ଲୋକେ ଶ୍ରୀସାଇଙ୍କ ଗୁଣଗାନ କରିବା ଆରମ୍ଭ କରିଥିଲେ ।

୩୫ । ଶ୍ରୀସାଇଙ୍କର ଖ୍ୟାତି ପୁଣେ, ଅହମଦନଗର ଓ ସୋଲାପୁର ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ଏହି ଦୁଇଜଣଙ୍କ ଯୋଗୁଁ କୋଙ୍କଣ ବାସିନ୍ଦାମାନଙ୍କର ମଧ୍ୟ ଶ୍ରୀସାଇଙ୍କ ପ୍ରତି ବିଶ୍ୱାସ ବୃଦ୍ଧି ପାଇଥିଲା ।

୩୬ । ବମ୍ବେଇ ଓ ତାହାର ଆଖପାଖ ଅଂଚଳରେ ସାଇଭକ୍ତିର ବୃଦ୍ଧି ଓ ପ୍ରସାର ମଧ୍ୟ ଏହି ଦୁଇଜଣଙ୍କ ଯୋଗୁ ସମ୍ଭବ ହୋଇଥିଲା । ଦୟାଳୁ ଶ୍ରୀସାଇ ମହାରାଜ ଏମାନଙ୍କ ମାଧ୍ୟମରେ ସେଠାରେ ମୂର୍ତ୍ତିମନ୍ତ ହୋଇଥିଲେ ।

୩୭ । ଶ୍ରୀ କୌପୀନେଶ୍ୱର ମନ୍ଦିରରେ ଶ୍ରୀସାଇଙ୍କ ମହିମା ସମ୍ପର୍କରେ କୀର୍ତ୍ତନର ସୁଲଳିତ ଝଙ୍କାର ଓ ଭଗବାନଙ୍କର ନାମ ନେବାର ଆନନ୍ଦ କୋଳାହଳ ମଧ୍ୟରେ ଚୋଲକରଙ୍କ ଶରୀର ରୋମାଞ୍ଚିତ ହୋଇଥିଲା ।

୩୮ । କୀର୍ତ୍ତନ ଶୁଣିବା ଓ ଦେଖିବା ପାଇଁ ଅସଂଖ୍ୟ ଲୋକ ଆସୁଥିଲେ, ମାତ୍ର ସେମାନେ ବିଭିନ୍ନ କାରଣରୁ ଏହାକୁ ପସନ୍ଦ କରୁଥିଲେ । କେତେକ ବୁଢ଼ାଙ୍କର ବିଷୟବସ୍ତୁ ଉପରେ ଥିବା ଗଭୀର ଜ୍ଞାନକୁ ପସନ୍ଦ କରୁଥିବା ବେଳେ ଅନ୍ୟ କେତେକ ତାଙ୍କର ଭାବଭଙ୍ଗୀ ଓ ଉପସ୍ଥାପନା ଶୈଳୀକୁ ପ୍ରଶଂସା କରୁଥିଲେ ।

୩୯ । ଆହୁରି ଅନେକେ ତାଙ୍କର ସଂଗୀତ ଗାନକୁ ପ୍ରଶଂସା କରି କହୁଥିଲେ ଯେ ଦେଖ ବୁଢ଼ା କିପରି ଚମତ୍କାର ସଂଗୀତ ଗାନ କରୁଛନ୍ତି ଓ ବିଠଲଙ୍କ ନାମ ସ୍ମରଣ କରି ଭକ୍ତି ସଂଗୀତ ଗାନକଲାବେଳେ କିପରି ବିଭୋର ହୋଇଯାଉଛନ୍ତି ଓ ବିଠଲଙ୍କ ପ୍ରତି ପ୍ରେମର ଆନନ୍ଦାତିଶଯ୍ୟରେ କିଭଳି ସେ ନୃତ୍ୟ ମଧ କରୁଛନ୍ତି ।

୪୦ । କେତେଜଣ କୀର୍ତ୍ତନର ପ୍ରଥମ ଭାଗରେ ପରିବେଷିତ ଦାର୍ଶନିକ ଚିନ୍ତାଭାବନାକୁ ଉପଭୋଗ କରୁଥିବା ସମୟରେ ଆଉ କେତେଜଣ ତା' ମଧ୍ୟରେ ବର୍ଣ୍ଣନା କରାଯାଉଥିବା କାହାଣୀ ଶୁଣିବାକୁ ଭଲପାଉଥିଲେ । କେତେଜଣ ସ୍ଥାନୀୟ ଚରିତ୍ରମାନଙ୍କୁ ଅନୁକରଣ କରି କୀର୍ତ୍ତନକାରଙ୍କ ଥଟାଳିଆ ଅଭିନୟକୁ ଭଲ ପାଉଥିବାବେଳେ ଆଉ କେତେଜଣ କବିତା ଓ ତା'ର ଶବ୍ଦ ସଂଯୋଜନାକୁ ତାରିଫ୍ କରୁଥିଲେ ।

୪୧ । କୀର୍ତ୍ତନର ଦ୍ୱିତୀୟ ଭାଗରେ ବୁଢ଼ା ସାଧାରଣ ଭାବରେ ହୁଅନ୍ତୁ ବା, ବିଦ୍ୱାନ ଭାବରେ ହୁଅନ୍ତୁ କିମ୍ବା ଚତୁର ଭାବରେ ବିଭିନ୍ନ ଅର୍ଥ, ଉଦାହରଣ,ଉଦ୍ଧୃତି କିମ୍ବା ଗଳ୍ପ ମାଧ୍ୟମରେ ଶ୍ରୋତାମାନଙ୍କର ମନୋରଂଜନ କରୁଥିବାରୁ କୀର୍ତ୍ତନ ଶୁଣିବା ବିଭିନ୍ନ ବିଷୟ ଉପରେ ନିର୍ଭର କରୁଥିଲା ।

୪୨ । ଏଭଳି ଶ୍ରୋତାଙ୍କ ସଂଖ୍ୟା ବହୁ ଅଧିକ ଥିଲା । କୀର୍ତ୍ତନ ଶୁଣିବା ଦ୍ୱାରା ସେମାନଙ୍କ ମନରେ ଭକ୍ତି ଓ ବିଶ୍ୱାସ ବଢୁଥିଲା । କିନ୍ତୁ ମନରେ ଈଶ୍ୱରଙ୍କ ପ୍ରତି ପରମ ଶ୍ରଦ୍ଧା କିମ୍ବା ଶ୍ରୀସାଇଙ୍କ ପଦତଳେ ପରିପୂର୍ଣ୍ଣ ଭକ୍ତିଥିବା ଶ୍ରୋତା ବିରଳ ଥିଲେ ।

୪୩ । ଜଣେ ହୁଏତ ଦୀର୍ଘ ସମୟ ଧରି ଶୁଣୁଛି, କିନ୍ତୁ ତାହାର ଭ୍ରାନ୍ତ ଜ୍ଞାନର ସ୍ତର ଉପରେ ଆଉଏକ ସ୍ତର ଜମାଟ ବାନ୍ଧୁଥିଲେ, ତାହାକୁ ଶୁଣିବାର ସଠିକ ଫଳ ବୋଲି କୁହାଯିବ କି ? ଏହି ପ୍ରକାର ଶୁଣିବା ନିଷ୍ଫଳ ହୁଏ ।

୪୪ । ସଫା କରୁନଥିବା ପଦାର୍ଥକୁ ସାବୁନ କୁହାଯିବ କି ? ଶୁଣିବା ଫଳରେ ଯଦି ଭ୍ରାନ୍ତଜ୍ଞାନ ଦୂରୀଭୂତ ନହେଉଛି, ତେବେ ତାହାକୁ ଶୁଣିବା କୁହାଯିବ କି ?

୪୫ । ଚୋଲକର[୭] ଜଣେ ଧାର୍ମିକ ଲୋକ ଥିଲେ । ସେ

୧୫ ॥ ଚୋଲକରଙ୍କ ଚିନି ଖାଇବା ପ୍ରସଙ୍ଗ ॥

ଶ୍ରୀସାଇଙ୍କ ପ୍ରତି ଏକାନ୍ତ ପ୍ରେମଜନିତ ବ୍ୟଥା ଅନୁଭବ କରି ମନକୁ ମନ କହିଥିଲେ, 'ଦୟାଳୁ ବାବା! ଏହି ଅଧମକୁ ରକ୍ଷାକର!'

୪୬। ସେ ଜଣେ ଅସ୍ଥାୟୀ କର୍ମଚାରୀ ହୋଇଥିବାରୁ ଅର୍ଥାଭାବରୁ ତାଙ୍କର ପରିବାରକୁ ଭଲଭାବରେ ଦେଖାଶୁଣା କରିପାରୁନଥିଲେ। ସେ ସରକାରୀ ସ୍ତରରେ ଏକ ଉଚ୍ଚପଦବୀ ପାଇବାର ଆଶାକରି ସେହି ବୋଝକୁ ବାବାଙ୍କ ଉପରେ ନ୍ୟସ୍ତ କରିଦେଇଥିଲେ।

୪୭। ଲୋଭୀ ବ୍ୟକ୍ତିମାନେ ମାନସିକ କରି ପ୍ରତିଜ୍ଞା କରିଥାନ୍ତି ଯେ ଯଦି ସେମାନଙ୍କର ଇଚ୍ଛା ପୂରଣ ହୁଏ, ତେବେ ସେମାନେ ବ୍ରାହ୍ମଣମାନଙ୍କର ମନପସନ୍ଦ ଅନୁଯାୟୀ ଖାଦ୍ୟ ପ୍ରସ୍ତୁତ କରି ଭୂରିଭୋଜନ ଦେବେ ଓ ସମସ୍ତଙ୍କୁ ଉପହାର ମଧ୍ୟ ଦେବେ।

୪୮। ଧନୀ ବ୍ୟକ୍ତିମାନେ ନିଜର ଇଚ୍ଛା ପୂରଣ ହେଲେ ହଜାରେ ଜଣକୁ ଖୁଆଇବେ କିମ୍ବା ଶହେ ଗାଈ ଦାନ ଦେବେ ବୋଲି ପ୍ରତିଜ୍ଞା କରିଥାନ୍ତି।

୪୯। କିନ୍ତୁ ଚୋଲକର ଗରିବ ହୋଇଥିଲେ ମଧ୍ୟ କିଛି ଗୋଟାଏ ପ୍ରତିଜ୍ଞା କରିବାକୁ ଚାହୁଁଥିଲେ। ତେଣୁ ସେ ଶ୍ରୀସାଇଙ୍କ ପଦଯୁଗଳକୁ ସ୍ମରଣ କରି ବିନୀତ ଭାବରେ କହିଥିଲେ-

୫୦। "ବାବା, ମୁଁ ଗରିବ ଓ ମୋତେ ମୋ ପରିବାରକୁ ଦେଖିବାକୁ ପଡୁଛି । ମୋ ଜୀବନ ମୋର ଚାକିରୀ ଉପରେ ନିର୍ଭର କରୁଛି। ମୋର ସ୍ଥାୟୀ ଚାକିରୀ ନିମନ୍ତେ ମୋତେ ଏକ ପରୀକ୍ଷାରେ ପାଶ୍ କରିବାକୁ ପଡ଼ିବ।

୫୧। "ବହୁ ଚେଷ୍ଟାକରି ମୁଁ ପଢ଼ାପଢ଼ି କରିଛି ଓ ପ୍ରସ୍ତୁତ ହୋଇଛି। ପରୀକ୍ଷାରେ ପାଶ୍ କରିବା ମୋର ନିହାତି ଆବଶ୍ୟକ। ନଚେତ୍ ମୁଁ ଏହି ଅସ୍ଥାୟୀ ଚାକିରୀ ଖଣ୍ଡକବି ହରାଇବି ଓ ଯାହାକିଛି ମିଳୁଛି ସେତକ ମଧ ହରାଇବି।

୫୨। "ଆପଣଙ୍କ ଦୟାରୁ ଯଦି ପାଶ୍ କରିଯାଏ, ତେବେ ଆପଣଙ୍କ ଚରଣତଳେ ହାଜର ହେବି ଓ ଆପଣଙ୍କ ନାମରେ ମିଶ୍ରି ବାଣ୍ଟିବି। ମୁଁ ଏହି ପ୍ରତିଜ୍ଞା କରୁଛି।"

୫୩। ସେ ଏଭଳି ପ୍ରତିଜ୍ଞା କରିଥିଲେ। ତାଙ୍କର ଇଚ୍ଛା ପୂରଣ ହୋଇଥିଲା ଓ ସେ ଖୁସି ହୋଇଥିଲେ। ମାତ୍ର ତାଙ୍କର ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ତାଙ୍କୁ ସମୟ ଲାଗିଥିଲା । ଏହି କାରଣରୁ ସେ ଚିନି ଖାଇବା ଛାଡ଼ି ଦେଇଥିଲେ।

୫୪। ଶିରିଡ଼ି ଯିବା ପାଇଁ ହେଲେ କିଛି ବାଟଖର୍ଚ୍ଚ ଦରକାର ହେବ । ଖାଲିହାତରେ ଯିବା ଉଚିତ୍ ନୁହେଁ। ତେଣୁ ସେ ସମୟ ଗଡ଼େଇ ଚାଲିଥିଲେ ଓ ଏପରି ଭାବରେ କିଛି ଦିନ ବିତି ଯାଇଥିଲା।

୫୫। ଉଚ୍ଚ ସହ୍ୟାଦ୍ରି ପର୍ବତର ନାଣେ ଘାଟ୍ ପାରିହେବା ସହଜ, କିନ୍ତୁ ଜଣେ ଗୃହସ୍ଥ ପକ୍ଷରେ ଘରର ଏରୁଣ୍ଡି ବନ୍ଧ ଡେଇଁକିଯିବା କଷ୍ଟକର।

୫୬। ଶିରିଡ଼ି ଯିବାର ପ୍ରତିଜ୍ଞା ପୂରଣ ନହେବା ପର୍ଯ୍ୟନ୍ତ ଚିନିରୁ ତିଆରି କୌଣସି ମିଠାଦ୍ରବ୍ୟ ନଖାଇବା ପାଇଁ ଚୋଲକର ସ୍ଥିର କରିଥିଲେ। ସେ ଚାହା ମଧ ବିନା ଚିନିରେ ଖାଉଥିଲେ।

୫୭। ଏହିଭଳି କେତେଦିନ ଚାଲିଯିବା ପରେ ଶିରିଡ଼ି ଯିବାର ସମୟ ଆସିଯିବାରୁ ସେ ଶିରିଡ଼ି ଯାଇଥିଲେ ଓ ନିଜର ପ୍ରତିଜ୍ଞା ପୂରଣ ହୋଇଥିବାରୁ ଖୁସି ହୋଇଥିଲେ।

୫୮। ଶ୍ରୀସାଇଙ୍କର ଦର୍ଶନ ମିଳିଯିବା ମାତ୍ରକେ ସେ ତାଙ୍କ ପଦତଳେ ଲୋଟି ପଡ଼ିଥିଲେ ଓ ତାଙ୍କୁ ପ୍ରଣାମ କରି ଖୁବ୍ ଆନନ୍ଦିତ ହୋଇଥିଲେ।

୫୯। ପବିତ୍ର ହୃଦୟରେ ସେ ମିଶ୍ରି ବାଣ୍ଟିଥିଲେ ଓ ନଡ଼ିଆ ଅର୍ପଣ କରି କହିଥିଲେ, "ଆଜି ମୋର ସମସ୍ତ ଇଚ୍ଛା ଫଳବତୀ ହେଲା।"

୬୦। ଶ୍ରୀସାଇଙ୍କ ଦର୍ଶନରେ ସେ ଆନନ୍ଦବିହ୍ୱଳ ହୋଇଥିଲେ ଓ ବାବାଙ୍କ ସହିତ କଥା ହୋଇ ଭାରି ଖୁସି ହୋଇଥିଲେ। ସେ ଜୋଗଙ୍କର ଅତିଥି ହୋଇଥିବାରୁ ତାଙ୍କ ସହିତ ଯାଇଥିଲେ ଓ ତାଙ୍କ ସାଙ୍ଗରେ ଫେରିବାର ଥିଲା।

୬୧। ଜୋଗ ଫେରିବାକୁ ଉଠିବା ମାତ୍ରକେ ତାଙ୍କର ଅତିଥି ମଧ ଉଠିଥିଲେ। ବାବା ଜୋଗଙ୍କୁ କହିଥିଲେ, "ତାଙ୍କୁ ବହୁତ ଚିନି ପକାଇ ଥରକୁ ଥର ଚାହା ଦେଉଥିବ।"

୬୨। ବାବାଙ୍କର ଏହି ତାତ୍ପର୍ଯ୍ୟପୂର୍ଣ୍ଣ ଉକ୍ତି ଶୁଣିବାମାତ୍ରକେ ଚୋଲକର ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କର ଚକ୍ଷୁ ଆନନ୍ଦାଶ୍ରୁରେ ପୂରି ଯାଇଥିଲା ଓ ସେ ବାବାଙ୍କ ପଦତଳେ ପୁଣି ମୁଣ୍ଡ ଲଗାଇଥିଲେ।

୬୩। ଜୋଗ ଆଶ୍ଚର୍ଯ୍ୟ ହୋଇଥିଲେ ସତ, କିନ୍ତୁ ଚୋଲକର ଦ୍ୱିଗୁଣ ଆଶ୍ଚର୍ଯ୍ୟ ହୋଇଥିଲେ । କାରଣ, ଉଭୟ ବାବା ଓ ସେ ଏହି କଥାର ତାତ୍ପର୍ଯ୍ୟ ବୁଝିପାରିଥିଲେ।

୬୪। ବାବାଙ୍କର ଚାହା ସହିତ କିଛି ସମ୍ବନ୍ଧ ନଥିଲା। ସେହି ବିଷୟ ସେ କାହିଁକି ଏହି ମୁହୂର୍ତ୍ତରେ ମନେ ପକାଇଥିଲେ ? ଚୋଲକରଙ୍କ ହୃଦ୍‌ବୋଧ କରାଇ ତାଙ୍କର ଭକ୍ତିକୁ ଦୃଢ଼ୀଭୂତ କରିବାର ଉଦ୍ଦେଶ୍ୟ ଥିଲା।

୬୫। ତତ୍‌କ୍ଷଣାତ୍ ପୁଣି ଅଧିକ ଇଙ୍ଗିତ ମିଳିଥିଲା। ସେ କହିଥିଲେ, "ମୁଁ ତୁମର ପ୍ରତିଜ୍ଞାବଦ୍ଧ ଚିନି ପାଇଛି। ଚୋଲକର ! ତୁମର ପ୍ରତିଜ୍ଞା ସମୟ ସରିଯାଇଛି।

୬୬। "ପ୍ରତିଜ୍ଞା କରିବା ସମୟରେ ତୁମ ମନର ଅବସ୍ଥା ଓ ପ୍ରତିଜ୍ଞା ପୂରଣ ପାଇଁ ସମୟ ଗଡ଼ାଉଥିବା ଯୋଗୁଁ ନିଜ ଉପରେ ତୁମେ ଦେଇଥିବା ଦଣ୍ଡ ସମ୍ପର୍କରେ ମୁଁ ଅବହିତ ଅଛି। ତୁମେ ତାହା ଗୁପ୍ତ ରଖିଥିଲେ ମଧ୍ୟ ମୁଁ ତାହା ଭଲଭାବରେ ବୁଝି ପାରିଛି।

୬୭। "ତୁମମାନଙ୍କ ମଧ୍ୟରୁ ଯିଏ କେହି, ଯେଉଁଠାରେ ଥିଲେ ମଧ୍ୟ ମୋ ଆଡ଼କୁ ଭକ୍ତିରେ ହାତ ବଢ଼ାଇ ଯେକୌଣସି ସମୟରେ ଆସିବାକୁ ଚାହୁଁଥିଲେ ମୁଁ ତୁମର ଭକ୍ତି ଗ୍ରହଣ କରିବା ନିମନ୍ତେ ଦିନରାତି ପ୍ରସ୍ତୁତ ହୋଇ ରହିଛି।

୬୮। "ମୁଁ ଏଠାରେ ଯଦିଓ ଶରୀର ଧରି ରହିଛି, ତୁମେ ସାତସମୁଦ୍ରର ସେପାରିରେ ରହି ଯାହା କିଛି କରୁଥିଲେ ମଧ୍ୟ ମୁଁ ତାହା ସାଂଗେ ସାଂଗେ ଜାଣିପାରିଥାଏ।

୬୯। "ତୁମେ ଏହି ପୃଥିବୀପୃଷ୍ଠରେ ଯେଉଁଠାକୁ ଗଲେ ମଧ୍ୟ, ମୁଁ ତୁମ ସହିତ ସବୁବେଳେ ରହିଛି। ମୁଁ ତୁମ ହୃଦୟରେ ବାସ କରିଛି ଓ ତୁମ ଅନ୍ତରରେ ରହିଛି।

୭୦। "ତୁମେ ସବୁବେଳେ 'ମୋତେ' ଯିଏକି ତୁମ ହୃଦୟ ମଧ୍ୟରେ ବାସ କରିଅଛି, ପ୍ରଣାମ କରିବା ଉଚିତ୍। ମୁଁ ମଧ୍ୟ ସେହି 'ମୁଁ', ଯିଏ ସମସ୍ତ ପ୍ରାଣୀଙ୍କ ହୃଦୟ ମଧ୍ୟରେ ବାସ କରୁଅଛି।

୭୧। "ତେଣୁ ତୁମେ ତୁମର ଜୀବନକାଳ ମଧ୍ୟରେ ଯେଉଁମାନଙ୍କର ସଂସ୍ପର୍ଶରେ ଘରେ, ବାହାରେ କିମ୍ବା ଅନ୍ୟ ଯେ କୌଣସି ସ୍ଥାନରେ ଆସୁଅଛ, ସେମାନଙ୍କ ମଧ୍ୟରେ ଓ ସେମାନଙ୍କ ଅନ୍ତରରେ 'ମୁଁ' ଉପସ୍ଥିତ ରହିଅଛି।

୭୨। "ପ୍ରତ୍ୟେକ ଜୀବନ୍ତ ପ୍ରାଣୀ-କୀଟପତଙ୍ଗ, ଜନ୍ଦା ପିମ୍ପୁଡ଼ି, ଜଳଚର, ସ୍ଥଳଚର ତଥା ନଭଶ୍ଚର, କୁକୁର, ଘୁଷୁରୀ ଇତ୍ୟାଦିଙ୍କ ମଧ୍ୟରେ ମୁଁ ସର୍ବଦା ଉପସ୍ଥିତ ରହିଛି । ମୁଁ ସବୁ ଘଟ ମଧ୍ୟରେ ଓ ସବୁଠାରେ ବିଦ୍ୟମାନ।"

୭୩। "ମୋ ନିକଟରୁ ଦୂରେଇ ରହନାହିଁ। ତୁମ ଓ ମୋ ଭିତରେ କୌଣସି ପ୍ରଭେଦ ନାହିଁ। 'ମୋତେ' ଏହିଭଳି ଭାବରେ ଯିଏ ସମ୍ମାନ ଦେଇଥାନ୍ତି, ଶ୍ରଦ୍ଧା କରିଥାନ୍ତି ସେ ପ୍ରକୃତରେ ଭାଗ୍ୟବାନ।''

୭୪। ଏହି କାହାଣୀ ସଂକ୍ଷିପ୍ତ ଲାଗୁଥିଲେ ମଧ୍ୟ ସଦ୍‌ଗୁଣ ପରିପୂର୍ଣ୍ଣ । ଚୋଲକରଙ୍କ ନିମନ୍ତେ ଏହା କେତେ ମଧୁର ଥିଲା ଓ ଏହା ତାଙ୍କର ଭକ୍ତିକୁ କେତେମାତ୍ରାରେ ଦୃଢ଼ୀଭୂତ କରିଥିଲା !

୭୫। ତାଙ୍କ ମନ ଭିତରେ ଯାହା କିଛି ଭାବନା ଆସୁଥିଲା, ତାହାର ପ୍ରମାଣ ବାବା ଏହିଭଳି ଭାବରେ ଦେଇଥିଲେ। ସନ୍ଥମାନଙ୍କ ପାଖରେ କିଭଳି କୌଶଳ ଥାଏ !

୭୬। ବାବାଙ୍କର ବଚନ ଅମୂଲ୍ୟ। ତାହା ଭକ୍ତମାନଙ୍କର ହୃଦୟ କନ୍ଦରକୁ ଭେଦକରିଥାଏ, ସେମାନଙ୍କର ଶ୍ରଦ୍ଧା ପରିପୁଷ୍ଟ କରିଥାଏ ଓ ସେମାନଙ୍କର ଭକ୍ତିକୁ ଏକ କେନ୍ଦ୍ରାଭିମୁଖୀ କରାଇଥାଏ।

୭୭। ଚାତକ ପକ୍ଷୀର ତୃଷା ନିବାରଣ ନିମନ୍ତେ ବାରିଦ ଉଦାରଭାବରେ ବର୍ଷା କରିବା ଫଳରେ ସମଗ୍ର ପୃଥିବୀ ଶୀତଳ ହୋଇଥାଏ। ଏହି କ୍ଷେତ୍ରରେ ତାହାହିଁ ଘଟିଥିଲା।

୭୮। ବିଚରା ଚୋଲକର ସମ୍ପୂର୍ଣ୍ଣ ଅଜଣା ଥିଲେ। ତାଙ୍କୁ ସେହି ପ୍ରତିଜ୍ଞା କରାଇବାରେ ଦାସଗଣୁଙ୍କ କୀର୍ତ୍ତନ ସହାୟକ ହୋଇଥିଲା ଓ ବାବା ମଧ୍ୟ ତାଙ୍କ ଉପରେ ପ୍ରସନ୍ନ ଥିଲେ।

୭୯। ତାଙ୍କରି ଯୋଗୁଁହିଁ ଏହି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା ଓ ତାଙ୍କୁ ଶ୍ରୀସାଇଙ୍କ ହୃଦୟର ଝଲକ ଦେଖିବାକୁ ମିଳିଥିଲା। ବାବା ସବୁସମୟରେ ମହତ୍ ଶିକ୍ଷା ଦେବା ପାଇଁ ପରିସ୍ଥିତି ସୃଷ୍ଟି କରୁଥିଲେ।

୮୦। ସମସ୍ତ ଭକ୍ତଙ୍କର ମଙ୍ଗଳ ପାଇଁ ଚୋଲକର ନିମିତ୍ତ ମାତ୍ର ଥିଲେ। ବାବାଙ୍କର କୌଶଳ ଆମ ବୋଧଶକ୍ତିର ଊର୍ଦ୍ଧ୍ୱରେ। ଆମେ କେବଳ ଆଶ୍ଚର୍ଯ୍ୟ ଓ ଚକିତ ହୋଇ ଚାହିଁ ରହିଥାଉ।

୮୧। ମୁଁ ସେହିପରି ଆଉ ଏକ ଘଟଣା ବର୍ଣ୍ଣନା କରି ଏହି ଅଧ୍ୟାୟକୁ ସମାପ୍ତ କରିବି। ଜଣେ କିଭଳି ପ୍ରଶ୍ନ ପଚାରିଥିଲେ ଓ ବାବା ତାଙ୍କୁ କିଭଳି ବୁଝାଇ ଦେଇଥିଲେ।

୮୨। ଦିନେ ବାବା ମସ୍‌ଜିଦ୍‌ରେ ତାଙ୍କ ଆସନରେ ବସିଥିଲେ। ତାଙ୍କ ଆଗରେ ବସିଥିବା ଜଣେ ଭକ୍ତ ଝିଟିପିଟିର 'ଟି', 'ଟି' ଶବ୍ଦ ଶୁଣିଥିଲେ।

୮୩। ଝିଟିପିଟି ଖସି ପଡ଼ିଲା ଓ ତାହା ଏପରି ଶବ୍ଦ କରିଲା! ଏଥିରୁ କିଛି ସୂଚନା ମିଳେ କି? ସେ କୌତୁହଳବଶତଃ ବାବାଙ୍କୁ ପ୍ରଶ୍ନଟି ପଚାରି ଦେଇଥିଲେ।

୮୪। "ବାବା! ଏହି ଝିଟିପିଟିଟି କାନ୍ଥ ଉପରେ ରହି କାହିଁକି ଏପରି ଶବ୍ଦ କରୁଛି? ତହିଁରେ କିଛି ଅର୍ଥ ନିହିତ ଅଛି କି? ଏହା କ'ଣ ଏକ ଅଶୁଭ ସୂଚନା?"

୮୫। ବାବା ଉତ୍ତର ଦେଇଥିଲେ, "ଝିଟିପିଟିର ଭଉଣୀ ଔରଙ୍ଗାବାଦରୁ ତାକୁ ଦେଖା କରିବାକୁ ଆସୁଥିବାରୁ ସେ ଖୁସି ଅଛି।"

୮୬। ପ୍ରଥମତଃ ଝିଟିପିଟି ଗୋଟିଏ ନଗଣ୍ୟ ପ୍ରାଣୀ। ତାହାର ପୁଣି ବାପା, ମା, ଭାଇ ବା ଭଉଣୀ? ଏଭଳି ସମ୍ପର୍କର ଅର୍ଥ ତା' ପାଇଁ କିଛି ଅଛି କି?

୮୭। ତେଣୁ ବାବା ତୁଚ୍ଛା ଥଟ୍ଟା କରି କଥାଟି କହିଛନ୍ତି ବୋଲି ବିଶ୍ୱାସ କରି ସେ କିଛି କ୍ଷଣ ଚୁପ୍‌ଚାପ୍ ବସି ରହିଥିଲେ।

୮୮। ଏହାରି ମଧ୍ୟରେ ଜଣେ ଭଦ୍ରବ୍ୟକ୍ତି ଔରଙ୍ଗାବାଦରୁ ଘୋଡ଼ାଚଢ଼ି ବାବାଙ୍କ ଦର୍ଶନ ନିମିତ୍ତ ଆସିଥିଲେ। ବାବା ସେତେବେଳେ ସ୍ନାନ କରୁଥିଲେ।

୮୯। ଭଦ୍ରବ୍ୟକ୍ତିଙ୍କର ଆଗକୁ ଯିବାର ଥିଲା, କିନ୍ତୁ ଘୋଡ଼ା ଦାନା ନଖାଇ ଯିବାକୁ ଅମଙ୍ଗ ଥିଲା। ତେଣୁ ସେ ବଜାରକୁ ଯାଇ କିଛି କଂଚା ବୁଟ କିଣି ଆଣିବାକୁ ବାହାରିଥିଲେ।

୯୦। ଯେଉଁ ବ୍ୟକ୍ତି ଝିଟିପିଟି ସମ୍ପର୍କରେ ପ୍ରଶ୍ନ ପଚାରିଥିଲେ, ସେ ଏହି ନୂତନ ଆଗନ୍ତୁକଙ୍କୁ ଆଗ୍ରହ ସହକାରେ ଲକ୍ଷ୍ୟ କରୁଥିଲେ। ସେ ଘୋଡ଼ାର ଖାଦ୍ୟଥଳିକୁ କାଖରେ ଧରିଥିଲେ ଓ ତାହା ମଧ୍ୟରୁ ଧୂଳି ଝାଡ଼ି ଦେବାପାଇଁ ବାଡ଼େଇ ଦେଇଥିଲେ।

୯୧। ଥଳିଟିକୁ ସେ ଭୂମି ଉପରେ କଚାଡ଼ି ଦେବା ମାତ୍ରକେ ତାହା ମଧରୁ ଝିଟିପିଟିଟିଏ ବାହାରି ଆସିଥିଲା ଓ ଭୟ ପାଇ ତରବରରେ କାନ୍ଥଆଡ଼କୁ ଦୌଡ଼ି ପଳାଇଥିଲା। ସମସ୍ତେ ତାହା ଦେଖୁଥିଲେ।

୯୨। ବାବା ପ୍ରଶ୍ନ ପଚାରିଥିବା ବ୍ୟକ୍ତିଙ୍କୁ କହିଥିଲେ, "ଏବେ ତାକୁ ଲକ୍ଷ୍ୟ କର। ଇଏ ସେହି ଝିଟିପିଟିର ଭଉଣୀ। ତା'ର ଅଦ୍ଭୁତ ଆଚରଣ ପ୍ରତି ନଜର ଦିଅ।"

୯୩। ସେ ତତ୍‌କ୍ଷଣାତ୍ ଉପରୁ ଶବ୍ଦ କରୁଥିବା ତା' ଭଉଣୀ ଝିଟିପିଟି ଆଡ଼କୁ ଆନନ୍ଦରେ ଉଠିଯାଇଥିଲା।

୯୪। ବହୁଦିନ ପରେ ଦୁଇ ଭଉଣୀଙ୍କର ସାକ୍ଷାତ ହୋଇଥିଲା। ଦୁଇ ଝିଟିପିଟି ପରସ୍ପରକୁ ଗେଲ କରି କୋଳାକୋଳି ହୋଇଥିଲେ। ଉଭୟଙ୍କର ସ୍ନେହ ପ୍ରଦର୍ଶନ ଅତୁଳନୀୟ ରୀତିରେ ହୋଇଥିଲା।

୯୫। ଦୁହେଁ ପରସ୍ପରର ଚାରିପଟରେ ବୁଲୁଥିଲେ, ଏଣେତେଣେ ଖୁସିରେ ଡିଆଁଡେଇଁ କରୁଥିଲେ। କେତେବେଳେ ସିଧା ତ କେତେବେଳେ ତେର୍ଛା, କେତେବେଳେ ଉପରକୁ ତ କେତେବେଳେ ତଳକୁ କିମ୍ବା କୋଣ ଆଡ଼କୁ ଡେଇଁ ଆନନ୍ଦରେ ନାଚୁଥିଲେ।

୯୬। ଔରଙ୍ଗାବାଦ ସହର କେଉଁଠି ଆଉ ଶିରିଡ଼ି କେଉଁଠି? ଏହାକୁ କେଉଁପରି ଭାବରେ ବୁଝାଇ ହେବ? ସେଠାରେ ଅଶ୍ୱାରୋହୀ ଜଣକ କିପରି ହଠାତ୍ ଝିଟିପିଟି ସହିତ ପହଂଚିଥିଲେ?

୯୭। ଔରଙ୍ଗାବାଦରେ ଝିଟିପିଟି ହୁଏତ ଘୋଡ଼ାର ଖାଦ୍ୟଥଳି ଭିତରକୁ କୌଣସି ପ୍ରକାରେ ପଶିଯାଇଥିଲା। ତେବେ ତାହାର ଆଗମନ କିପରି ପ୍ରଶ୍ନୋତ୍ତର ସହିତ ମିଳିଯାଇଥିଲା?

୯୮। ଝିଟିପିଟି କାହିଁକି ଶବ୍ଦ କରୁଥିଲା? ଏହି ପ୍ରଶ୍ନ ପଚାରିବା ପାଇଁ ଭକ୍ତଜଣକ କାହିଁକି ପ୍ରଣୋଦିତ ହୋଇଥିଲେ? ପ୍ରଶ୍ନର ଉତ୍ତର କାହିଁକି ଦିଆଯାଇଥିଲା? ଏହା କିପରି ସଂଗେ ସଂଗେ ପ୍ରମାଣିତ ହୋଇଯାଇଥିଲା?

୯୯। ଏହା ଥିଲା ଏକ ଅନନ୍ୟ ସଂଯୋଗ। ହାସ୍ୟରସକୁ ଭଲପାଇବା ହେଲା ସର୍ବଜନୀନ। ଭକ୍ତମାନଙ୍କର ମଙ୍ଗଳ ବୃଦ୍ଧି ନିମିତ୍ତ ସନ୍ଥମାନେ ଜାଣିଶୁଣି ଏମିତି ପରିସ୍ଥିତି ସୃଷ୍ଟି କରିଥାନ୍ତି।

୧୦୦। ଏ ଘଟଣାର ଅନୁଧ୍ୟାନ କରନ୍ତୁ। ଏହି ବୁଦ୍ଧିମାନ କୌତୁହଳୀ ବ୍ୟକ୍ତିଟି ଯଦି ସେଠାରେ ନଥାନ୍ତେ, କିମ୍ବା କେହି ଯଦି ଏମିତି ପ୍ରଶ୍ନ ପଚାରିନଥାନ୍ତେ, ତେବେ ଶ୍ରୀସାଇଙ୍କର ମହାନୁଭବତା କିଭଳି ପ୍ରକଟ ହୋଇଥାନ୍ତା ଓ କିଏ ଅବା ସେହି ସଙ୍କେତକୁ ବୁଝି ପାରିଥାନ୍ତା?

୧୦୧। ଅନେକ ସମୟରେ ଅନେକ ବ୍ୟକ୍ତି ଝିଟିପିଟିର ଶବ୍ଦ ଶୁଣିଥାନ୍ତି। କିନ୍ତୁ କେହି କ'ଣ ତାହାର ଅର୍ଥ କିମ୍ବା ସେମାନଙ୍କର ଭାଷା ସମ୍ବନ୍ଧରେ ପଚାରିଥାନ୍ତି କି?

୧୦୨। ସଂକ୍ଷେପରେ ଏହାହିଁ ସଂସାରର ନାଟକ। ଲଗାମର ରଜ୍ଜୁ ଦୃଶ୍ୟ ହୁଏନାହିଁ ଓ ଏହା ଧାରଣାର ବାହାରେ ଥାଏ। ଯଦି କେହି ତାହାକୁ ବୁଝିପାରେ, ତେବେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାନ୍ତି।

୧୦୩ । ଅନ୍ୟ ପକ୍ଷରେ ଯେଉଁଠାରେ ଝିଟିପିଟି ଶବ୍ଦ କରେ, ତାହାକୁ ଅଶୁଭ ବୋଲି ମନେ କରାଯାଇଥାଏ । 'କୃଷ୍ଣ, କୃଷ୍ଣ' ଶବ୍ଦ ଉଚ୍ଚାରଣ କଲେ ତାହାର ଖରାପ ପ୍ରଭାବ ନଷ୍ଟ ହୋଇଯାଇଥାଏ ବୋଲି ଲୋକେ କହିଥାନ୍ତି ।

୧୦୪ । ଏହି ଶବ୍ଦର ଯାହା କିଛି ତାତ୍ପର୍ଯ୍ୟ ଥାଉ ନା କାହିଁକି, ସେଥିରେ କିଛି ଯାଏ ଆସେ ନାହିଁ । ଭକ୍ତମାନଙ୍କର ବିଶ୍ୱାସ ଦୃଢ଼ କରିବା ନିମନ୍ତେ ବାବା ଏହି ଚମତ୍କାର ଉପାୟ ଅବଲମ୍ବନ କରିଥିଲେ ।

୧୦୫ । ଏହି ଅଧ୍ୟାୟକୁ ଯିଏ ସମ୍ମାନ ଦେଇ ପଢ଼ିବ, ନିୟମିତ ଭାବରେ ପ୍ରତ୍ୟହ ଏକ ନିର୍ଦ୍ଦିଷ୍ଟ ଥର ଆବୃତ୍ତି କରିବ, ତାହାର ଦୁଃଖଦୁର୍ଦ୍ଦଶା ଗୁରୁରାୟଙ୍କ ଦୟାରୁ ଦୂର ହୋଇଯିବ । ଏକଥା ଭଲଭାବରେ ମନେ ରଖିଥାନ୍ତୁ ।

୧୦୬ । ଯିଏ ପ୍ରକୃତରେ ଏକାଗ୍ରଚିତ୍ତ ହୋଇ ଭକ୍ତିଭରେ ତାଙ୍କ ପଦତଳେ ମସ୍ତକ ରଖିବ, ସେ ତାହାର ରକ୍ଷାକର୍ତ୍ତା, ଆଶ୍ରୟଦାତା, ଆଶ୍ୱାସନା ପ୍ରଦାନକାରୀ, କାର୍ଯ୍ୟକାରିଣୀ ଶକ୍ତି ଓ ସମସ୍ତ ବିପଦ ଦୂରକାରୀ ହେବେ ।

୧୦୭ । ଶ୍ରୀସାଇନାଥ ପ୍ରକୃତରେ ସେୟା ଅଟନ୍ତି, ଏ ସମ୍ବନ୍ଧରେ ସନ୍ଦେହ କରନ୍ତୁ ନାହିଁ । ମୁଁ ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ ମୋ ଅଭିଜ୍ଞତାର ସାରାଂଶ ଆପଣମାନଙ୍କୁ କହୁଛି ।

୧୦୮ । "ମୁଁ ସର୍ବବ୍ୟାପୀ । ମୋ ଭିନ୍ନ ଏହି ଜଗତରେ ଅନ୍ୟ କେହି ନାହାନ୍ତି । ମୁଁ କେବଳ ଏହି ଜଗତରେ ନୁହେଁ, ତ୍ରିଜଗତରେଂ ରହିଅଛି ।"

୧୦୯ । ଏଭଳି ଅଟଳ ବିଶ୍ୱାସ ରହିଥିଲେ ଭୟର କାରଣ ନଥାଏ । ଯେତେବେଳେ ଜଣେ ଅନୁଭବ କରେ ଯେ ପବିତ୍ର ଚୈତନ୍ୟ ସର୍ବତ୍ର ବିଦ୍ୟମାନ, ସେତେବେଳେ ତାହାର ଅହଂକାର ଓ ଗର୍ବବୋଧ ଦୂର ହୋଇଥାଏ ।

୧୧୦ । ହେମାଡ଼ପନ୍ତ ଶ୍ରୀସାଇଙ୍କ ଶରଣାଗତ ହେଉଛି । ସେ ବାବାଙ୍କର ପଦକୁ କ୍ଷଣେ ମାତ୍ର ତ୍ୟାଗ କରିବା ପାଇଁ ଇଚ୍ଛୁକ ନୁହଁ, କାରଣ ତାହା ତାକୁ ଭବସାଗରର ଆରପାରିକୁ ପଥ କଢ଼ାଇ ନେବ । ସେହି ମଧୁର ବର୍ଣ୍ଣନା ଶୁଣନ୍ତୁ ।

୧୧୧ । ପରବର୍ତ୍ତୀ ଅଧ୍ୟାୟରେ ମହାନ୍ ଗୁରୁ ଶ୍ରୀସାଇ ଏକ ସୁନ୍ଦର ଘଟଣା ସୃଷ୍ଟି କରିଛନ୍ତି, ଯେଉଁଥିରେ ବ୍ରହ୍ମଜ୍ଞାନ ପାଇବା ସମ୍ବନ୍ଧରେ ଜଣେ ବ୍ୟକ୍ତି ଅଚାନକ ପଚାରିଛନ୍ତି ।

୧୧୨ । ଜଣେ ଲୋଭୀ ବ୍ୟକ୍ତି ବ୍ରହ୍ମଜ୍ଞାନ ପ୍ରାପ୍ତି ସମ୍ବନ୍ଧରେ ପଚାରିଛନ୍ତି, ସତେ ଯେପରି ଶ୍ରୀସାଇ ସେହି ଜ୍ଞାନକୁ ପକେଟରୁ ବାହାର କରି ତାଙ୍କୁ ଦେଇଦେବେ ।

୧୧୩ । ଶ୍ରୋତାଗଣ ସେହି କାହାଣୀକୁ ଶୁଣିଲେ ବାବାଙ୍କର ଶକ୍ତି ସମ୍ବନ୍ଧରେ ଜାଣି ପାରିବେ । କାମନାବାସନା ସମ୍ପୂର୍ଣ୍ଣ ରୂପେ ତ୍ୟାଗ ନକଲେ ବ୍ରହ୍ମଜ୍ଞାନ ମିଳିବା ଅସମ୍ଭବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

୧୧୪ । ଆଶାୟୀଙ୍କର ଯୋଗ୍ୟତା କଳନା କରିବାରେ କେହି ବାଧା ଦେଉନାହାନ୍ତି । ଏହାକୁ କିଏ କେଉଁଭଳି ପାଇପାରିବ, ତାହା ଶ୍ରୀସାଇ ବୁଝାଇ ଦେଇଛନ୍ତି ।

୧୧୫ । ମୁଁ ତାଙ୍କର ଅତି ଅଧମ ଦାସ । ମୋର ଶ୍ରୀସାଇଙ୍କ ପ୍ରତି ଥିବା ଅତିଶୟ ଶ୍ରଦ୍ଧାର ବର୍ଣ୍ଣନାକୁ ଆଗ୍ରହ ସହକାରେ ଶୁଣିବା ପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରୁଛି ଓ ଆପଣମାନେ ଶୁଣିବେ ବୋଲି ଆଶା କରୁଅଛି ।

୧୧୬ । ଏହା ଆପଣମାନଙ୍କୁ ଆନନ୍ଦ ଦେବା ସଂଗେ ସଂଗେ ସୁଜ୍ଞାନୀ କରାଇବ । ତେଣୁ ଶ୍ରୋତାଗଣ ମନଧ୍ୟାନ ଦିଅନ୍ତୁ । ଆପଣମାନେ ସନ୍ଥଙ୍କର ମହାନତାକୁ ବୁଝିପାରିବେ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ଚୋଲକରଙ୍କ ଚିନିଖାଇବା ପ୍ରସଙ୍ଗ' ଶୀର୍ଷକ ପଂଚଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଗାମୁଛା ।
୨- କାନ୍ଧ ଉପରେ ପକାଯାଉଥିବା ଛୋଟ ଚାଦର, ଓଢ଼ଣି ।
୩- ପଗଡ଼ି ।
୪- ଦାସକାଠିଆ କାଠି ।
୫- ତୁଳସୀମାଳା କିମ୍ବା ଫୁଲମାଳା ।
୬- ଭାରତୀୟ ବାଦ୍ୟଯନ୍ତ୍ର ।
୭- ସେ ଜଣେ ଅତି ବିଶ୍ୱାସୀ ଦରିଦ୍ର ବ୍ୟକ୍ତି । ଠାଣା ସିଭିଲ କୋର୍ଟରେ ଶିକ୍ଷାନବୀସ ଥିଲେ ।
୮- ଏହି ଘାଟି ଠାଣା ଜିଲ୍ଲାର ମୁରବାଦ ତାଲୁକରେ ଅବସ୍ଥିତ ।
୯- ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

୧୫ ॥ ଚୋଲକରଙ୍କ ଚିନି ଖାଇବା ପ୍ରସଙ୍ଗ ॥



ବହୁଦିନ ପରେ ଦୁଇ ଝିଟିପିଟି ଭଉଣୀଙ୍କର ସାକ୍ଷାତ ହୋଇଥିଲା । ଉଭୟେ ପରସ୍ପରକୁ ଗେଲକରି କୋଳାକୋଳି ହୋଇଥିଲେ । ଦୁହିଁଙ୍କର ସ୍ନେହ ପ୍ରଦର୍ଶନ ଅତୁଳନୀୟ ଢଙ୍ଗରେ ହୋଇଥିଲା । (୧୫ଶ ଅଧ୍ୟାୟ, ପଂକ୍ତି-୯୪)

ବାବାଙ୍କର ବଚନ ଅମୂଲ୍ୟ । ତାହା ଭକ୍ତମାନଙ୍କର ହୃଦୟ କନ୍ଦରକୁ ଭେଦକରିଥାଏ, ସେମାନଙ୍କର ଶ୍ରଦ୍ଧା ପରିପୁଷ୍ଟ କରିଥାଏ ଓ ସେମାନଙ୍କର ଭକ୍ତିକୁ ଏକ କେନ୍ଦ୍ରାଭିମୁଖୀ କରାଇଥାଏ । (୧୫ଶ ଅଧ୍ୟାୟ, ପଂକ୍ତି-୭୬)

॥ ୧୬ ॥

ବ୍ରହ୍ମଜ୍ଞାନର ବର୍ଣ୍ଣନା-୧

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶାନ୍ତି ସିଂହାସନାରୂଢ଼ ଶ୍ରୀରାଜାଧିରାଜ, ଯୋଗୀରାଜ, ପରଂବ୍ରହ୍ମ, ଶ୍ରୀସଚ୍ଚିଦାନନ୍ଦ, ସଦ୍‌ଗୁରୁ ଯିଏ ଏକମାତ୍ର ଆଶ୍ରୟଦାତା, ଆସନ୍ତୁ ତାଙ୍କୁ ପ୍ରଣାମ କରିବା ।

୨ । ଶୁଦ୍ଧ ଭକ୍ତି ଓ ସ୍ୱାଭାବିକ ମନ ଆପଣଙ୍କର ଉଭୟ ପାଖକୁ ଝାଡ଼ି ସଫା କରିଥାନ୍ତି । ଆତ୍ମୋପଲବ୍ଧି ଓ ସତ୍ୟର ଅନୁଭବ ଉଭୟ ପଟୁ ସଂଭ୍ରମ ଭାବରେ ଆଲଟ ପକାଇଥାନ୍ତି ।

୩ । ଆତ୍ମଜ୍ଞାନ ଆପଣଙ୍କ ମସ୍ତକ ଉପରେ ରାଜଛତ୍ର ଧାରଣ କରିଥାଏ । ଶାନ୍ତି ଓ ଚେତନା ରାଜଦଣ୍ଡ ଧାରଣ କରିଥାନ୍ତି । ଲୋଭ, କାମ ଇତ୍ୟାଦି ଷଡ଼ରିପୁ ସେଠାରେ କ୍ଷଣେ ମାତ୍ର ତିଷ୍ଠି ରହିପାରିନଥାନ୍ତି ।

୪ । ଆପଣଙ୍କର ଦରବାର ଦେଖିବାକୁ କେତେ ଉଜ୍ଜ୍ୱଳ । ଚାରିବେଦ, ଷଡ଼ଶାସ୍ତ୍ର, ଅଷ୍ଟାଦଶ ପୁରାଣ ହେଉଛନ୍ତି ଆପଣଙ୍କ ଦରବାରର କବି । ଶୁଦ୍ଧ ଚେତନାର ଉତ୍‌ଥାନ ପୂର୍ଣ୍ଣଚନ୍ଦ୍ର ପରି ଚମତ୍କାର ଭାବରେ ଝଟକୁଅଛି । ଆତ୍ମସନ୍ତୋଷରୁ ଜାତ ଆନନ୍ଦ ଚତୁର୍ଦ୍ଦିଗକୁ ବିଚ୍ଛୁରିତ ହେଉଛି ।

୫ । କାମନାଶୂନ୍ୟ, ଭକ୍ତି, ଶୁଦ୍ଧ ଜ୍ଞାନ, ଶ୍ରବଣ, ଏକାଗ୍ରତା, ଧ୍ୟାନ, ଆତ୍ମୋପଲବ୍ଧି ଓ ଅନୁଭବ-ଏହି ଅଷ୍ଟମନ୍ତ୍ରୀ ଆପଣଙ୍କ ସେବାରେ ନିୟୋଜିତ ଅଛନ୍ତି ।

୬ । ଆପଣଙ୍କ ଗଳାର ଦିବ୍ୟ ମାଳାରେ ଶାନ୍ତି ଓ ସଂଯମର ମୂଲ୍ୟବାନ ରତ୍ନ ଉଜ୍ଜ୍ୱଳ ଭାବରେ ଶୋଭା ପାଉଅଛି । ସାଗର ବକ୍ଷରେ ଅମୃତର ଲହରୀ ସଦୃଶ ଆପଣଙ୍କ ବଚନ ବୈଦିକ ଜ୍ଞାନ ରୂପରେ ଅତୀବ ମଧୁର ।

୭ । ଆପଣ ହସ୍ତରେ ଜ୍ଞାନର ଖଡ଼୍‌ଗ ଧାରଣ କରି ଅଜ୍ଞାନକୁ ଆଘାତ ହାଣିବା ପାଇଁ ଉଦ୍ୟତ ହୋଇ ରହିଛନ୍ତି । ଏହି ଖଡ଼୍‌ଗର ଧାର ସୁତୀକ୍ଷ୍ଣ, ଯାହାର ଦର୍ଶନ ମାତ୍ରକେ ବସ୍ତୁଜଗତ ରୂପକ ମାୟାବୃକ୍ଷ ପ୍ରକମ୍ପିତ ହେଉଅଛି ।

୮ । ହେ ନିଷ୍କଳଙ୍କ ଓ ଅକ୍ଷୟ, ସମସ୍ତ ଗୁଣରେ ଶ୍ରେଷ୍ଠ, ଯୋଗୀରାଜ ! ଆପଣ ଅଧମ ତାରଣ ପାଇଁ ଓ ସମସ୍ତଙ୍କୁ ଅନୁଗୃହୀତ କରିବା ପାଇଁ ମଣିଷ ଦେହ ଧାରଣ କରି ଅଛନ୍ତି ।

୯ । ପୂର୍ବବର୍ତ୍ତୀ ଅଧ୍ୟାୟରେ ଭକ୍ତଙ୍କର ମନୋବାଞ୍ଛା କିପରି ପୂରଣ ହେଲା ଓ ତାଙ୍କର ପ୍ରତିଜ୍ଞା କିପରି ପାଳନ ହେଲା ଏବଂ ତାଙ୍କର ମନର କଥା ସମ୍ବନ୍ଧରେ କିପରି ସୂଚନା ଦିଆଯାଇଥିଲା, ସେସବୁ ବର୍ଣ୍ଣନା କରାଯାଇଛି ।

୧୦ । ସଦ୍‌ଗୁରୁଙ୍କର ନିଜର କୌଣସି ଇଚ୍ଛା ନ ଥିବାରୁ ଭକ୍ତ କ'ଣ କଲେ ତାଙ୍କର ଇଚ୍ଛାକୁ ପୂରଣ କରିପାରିବ ? ସେହିଁ ନିଜ ଶିଷ୍ୟମାନଙ୍କର ସେବା କରି ସେମାନଙ୍କୁ କାମନା ଶୂନ୍ୟ କରିଥାନ୍ତି ।

୧୧ । ଭକ୍ତି ସହକାରେ ଅର୍ପଣ କଲେ ସେ ପତ୍ର କିମ୍ବା ଫୁଲଟିଏବି ଗ୍ରହଣ କରିଥାନ୍ତି, କିନ୍ତୁ ତାହାକୁ ଗର୍ବ ଓ ଅହଂକାର ସହିତ ଦେଉଥିଲେ ସେ ତାହା ଆଡ଼କୁ ଆଡ଼

ଆଖିରେ ମଧ ଚାହିଁ ନ ଥାନ୍ତି।

୧୨। ସତ୍ୟ, ଆନନ୍ଦ ଓ ଜ୍ଞାନର ସାଗର ବାହ୍ୟ ରୂପକୁ ଖାତିର କରନ୍ତି ନାହିଁ । କିନ୍ତୁ ଶ୍ରଦ୍ଧା ଓ ବିଶ୍ୱାସ ସହିତ ଯାହାକିଛି ଅର୍ପଣ କରାଯାଏ, ତାହାକୁ ସେ ପ୍ରକୃତ ଆନନ୍ଦର ସହିତ ଗ୍ରହଣ କରିଥାନ୍ତି।

୧୩। ଅଜ୍ଞତାର ଛଦ୍ମବେଶ ଧାରଣ କରିଛନ୍ତି ବୋଲି ଛଳନା କରି, ସଦ୍‌ଗୁରୁ ଆମମାନଙ୍କୁ ଜ୍ଞାନ ଦାନ କରି ଆମର ଅଜ୍ଞତାକୁ ନେଇଯାଇଥାନ୍ତି। ଶିଷ୍ଟତା ଭଂଗ ନ କରି ସେ ଜୀବନର ନୀତି ସୁନ୍ଦର ଭାବରେ ଶିଖାଇଥାନ୍ତି।

୧୪। ସଦ୍‌ଗୁରୁଙ୍କ ସେବା ଅନୁଗାମୀ ବିଶ୍ୱସ୍ତ ଭାବରେ କରି ବ୍ରହ୍ମ ସହିତ ଏକାତ୍ମ ହୋଇଥାଏ। ତେଣୁ ଅନ୍ୟ ସମସ୍ତ ପ୍ରକାର ପଥ ଛାଡ଼ି ଦେଇ ଗୁରୁଙ୍କ ସେବାରେ ନିମଜ୍ଜିତ ହୁଅନ୍ତୁ।

୧୫। ସେବାରେ ଅବହେଳା କଲେ କିମ୍ବା ଅଧିକ ଚତୁରଂ ହେବାର ଉଦ୍ୟମ କଲେ ଶିଷ୍ୟ ନିଶ୍ଚିତ ଭାବରେ ବିପଦରେ ପଡ଼ିଥାଏ। ଗୁରୁଙ୍କ ପଦରେ ପୂର୍ଣ୍ଣ ବିଶ୍ୱାସ ରଖିବା ଉଚିତ।

୧୬। ଜଣେ ଶିଷ୍ୟ ନିଜେ କ'ଣ କିଛି କରି ପାରିବ? ସଦ୍‌ଗୁରୁ ହିଁ ତାଙ୍କୁ ସୁବିଧାଜନକ ସ୍ଥିତିରେ ପହୁଞ୍ଚାଇଥାନ୍ତି। ନିଜ ଉପରେ ପଡୁଥିବା ବିପଦ ସମ୍ପର୍କରେ ଶିଷ୍ୟ କିଛି ଜାଣି ପାରି ନ ଥାଏ। ଶିଷ୍ୟର ଅଜାଣତରେ ଗୁରୁ ଆପଦବିପଦକୁ ଘଉଡ଼ାଇ ଦେଇଥାନ୍ତି।

୧୭। ତିନିପୁରରେ ଗୁରୁଙ୍କଠାରୁ ଅଧିକ ଦାନଶୀଳ ଦାତା ଆଉ କେହି ନାହାନ୍ତି। ଅଧମଙ୍କ ଭିତରେ ସବୁଠୁ ଅଧମ ହୋଇ ଚାଲନ୍ତୁ ତାଙ୍କ ପାଖରେ ଶରଣ ପଶିବା, କେବଳ ତାଙ୍କରି ଶରଣାଗତ ହେବା।

୧୮। ଆମେ ତାଙ୍କୁ ଚିନ୍ତାମଣି[୨] ସହିତ ତୁଳନା କଲେ, ଚିନ୍ତାମଣି କେବଳ ଈପ୍‌ସିତ ବସ୍ତୁ ଦେଇଥାନ୍ତି। କିନ୍ତୁ, ଗୁରୁ ଆଶ୍ଚର୍ଯ୍ୟଚକିତ କରିଦେଇ ଶିଷ୍ୟ ଚିନ୍ତା କରି ନ ଥିବା ବିଷୟକୁ ମଧ ଦେଇଥାନ୍ତି।

୧୯। ଆମେ ତାଙ୍କୁ କଳ୍ପତରୁ[୩] ସହିତ ତୁଳନା କଲେ, କଳ୍ପତରୁ କେବଳ ଆମେ ମାଗିଥିବା ବସ୍ତୁ ଦେଇଥାଏ। କିନ୍ତୁ, ଗୁରୁରାୟ ଅପ୍ରତ୍ୟାଶିତ ଭାବରେ ନିର୍ବିକଳ୍ପ[୪] ଦାନ କରିଥାନ୍ତି।

୨୦। କାମଧେନୁ[୫] ଆମେ ଆଶାବ୍ୟକ୍ତ କରିଥିବା ବସ୍ତୁ ଦେଇଥାଏ। କିନ୍ତୁ ଗୁରୁଧେନୁ ତାଙ୍କଠାରୁ ମହତ୍ତର। ସେ 'ପ୍ରଭୁ' ନାମରେ ବିଖ୍ୟାତ ଓ ସେ ଆମକୁ ଅଚିନ୍ତନୀୟ ବିଷୟ ପ୍ରଦାନ କରିଥାନ୍ତି। 'ଏହି ପଦବୀର ଯୋଗ୍ୟ ଆଉ କିଏ ହୋଇପାରିବ ?'

୨୧। ଏବେ ମୁଁ ଶ୍ରୋତାଗଣଙ୍କୁ ବିନୀତ ହୋଇ କହୁଛି। ମୁଁ ପୂର୍ବ ଅଧାୟରେ ଯାହାର ସୂଚନା ଦେଇଥିଲି, ଜଣେ ବ୍ରହ୍ମଜ୍ଞାନ ପାଇବାକୁ ଆଶାୟୀ ବ୍ୟକ୍ତି କିପରି ତାହା ପାଇଥିଲେ ଶୁଣିବା ହୁଅନ୍ତୁ।

୨୨। ଜଣେ ବ୍ରହ୍ମଜ୍ଞାନ ଅନୁସନ୍ଧିତ୍ସୁ ବ୍ୟକ୍ତିଙ୍କୁ ବାବା କିଭଳି ସନ୍ତୁଷ୍ଟ କରି ଭକ୍ତମାନଙ୍କୁ ଉପଦେଶ ଦେଇଥିଲେ, ଶୁଣନ୍ତୁ। ସେହି ତାତ୍ପର୍ଯ୍ୟପୂର୍ଣ୍ଣ ଆଲୋଚନାକୁ ବର୍ତ୍ତମାନ ଶୁଣିବା ହୁଅନ୍ତୁ।

୨୩। ସନ୍ଥମାନେ ସର୍ବଦା କାମନାବାସନାରୁ ମୁକ୍ତ ରହିଥାନ୍ତି । କାରଣ ସେମାନଙ୍କର ସମସ୍ତ କାମନା ବା ଇଚ୍ଛା ପୂରଣ ହୋଇଯାଇଥାଏ। ଭକ୍ତମାନେ ଅତିଶୟ ଲୋଭୀ ଓ ସବୁବେଳେ ଅସନ୍ତୁଷ୍ଟ।

୨୪। କେହି ଦାୟାଦ ପାଇଁ ପ୍ରାର୍ଥନା କରୁଥିବା ସମୟରେ, କେହି ଅଖଣ୍ଡ କ୍ଷମତା ଓ ଅମାପ ଧନ ମାଗିଥାନ୍ତି। କେହି କେହି ବିଶ୍ୱାସ ଓ ଭକ୍ତି ଚାହୁଁଥିବା ସମୟରେ ପାର୍ଥିବ ଜୀବନରୁ ଉଦ୍ଧାର ଲୋଡ଼ିବା ଲୋକ କ୍ୱଚିତ୍ ଦେଖିବାକୁ ମିଳନ୍ତି ।

୨୫। ଥରେ ଜଣେ ସାଧାରଣ ଭକ୍ତ ଯିଏକି ଅମାପ ଧନ ସମ୍ପତ୍ତି ଠୁଳ କରିଥିଲେ, ବାବାଙ୍କର ସୁଖ୍ୟାତି ଶୁଣି ତାଙ୍କର ଦର୍ଶନ ନିମିତ୍ତ ଶିରିଡ଼ିରେ ପହଞ୍ଚିଥିଲେ।

୨୬। ତାଙ୍କ ଗୃହରେ ପ୍ରଚୁର ଧନସମ୍ପତ୍ତି, ବହୁସଂଖ୍ୟକ ବଂଶଧର ଓ ଅନେକ ଦାସ, ଦାସୀ ଥିଲେ। ସେ ବାବାଙ୍କ ଦର୍ଶନକୁ ଆସିବା ନିମନ୍ତେ ଇଚ୍ଛା କରିଥିଲେ, କାରଣ ବାବା ଜଣେ ବଦାନ୍ୟ ବ୍ୟକ୍ତି ବୋଲି ବହୁତ ଖ୍ୟାତି ଅର୍ଜନ କରିଥିଲେ।

୨୭। "ବାବା ଦିବ୍ୟ ଜ୍ଞାନରେ ପରିପୂର୍ଣ୍ଣ, ସାଧୁସନ୍ଥଙ୍କ ମଧରେ ରତ୍ନ। ମୁଁ ତାଙ୍କ ପଦତଳେ ମୋର ମସ୍ତକ ରଖିବି। ତାଙ୍କର ଚମତ୍କାରିତା ଅଚିନ୍ତନୀୟ !"

୨୮। "ମୋର ଆଉ କିଛି ଆବଶ୍ୟକ ନ ଥିବାରୁ ମୁଁ କେବଳ ବ୍ରହ୍ମଜ୍ଞାନ ମାଗିବି । ମୁଁ ଯଦି ଏହା ସହଜରେ ଲାଭ କରି ପାରିବି, ତେବେ ମୁଁ ଆଶୀର୍ବାଦମଣ୍ଡିତ ହେଲି ବୋଲି ଭାବିବି ।"

୨୯। ତାଙ୍କ ମୁହଁରୁ ଏକଥା ଶୁଣି ତାଙ୍କର ବନ୍ଧୁ ତାଙ୍କୁ କହିଥିଲେ, "ବ୍ରହ୍ମଜ୍ଞାନ ଜାଣିବା ଏତେ ସହଜ ନୁହେଁ। ତୁମ ଭଳି ଜଣେ ଧନଲୋଭୀ ବ୍ୟକ୍ତି ପକ୍ଷରେ ଏହା ଲାଭ କରିବା ଆହୁରି କଷ୍ଟକର ବ୍ୟାପାର।

୩୦। "ଯିଏ ସ୍ତ୍ରୀ, ପିଲା ଓ ଧନସଂପଦ ଛଡ଼ା ସୁଖଶାନ୍ତିର ଅନ୍ୟ କୌଣସି ଉପାୟ ଅଛି ବୋଲି ଜାଣେ ନାହିଁ, ତା' ପାଇଁ ବ୍ରହ୍ମ ଏକ ଆକାଶ କୁସୁମ। ତାହା ତୁମକୁ ଶାନ୍ତି ଦେଇ ପାରିବ ନାହିଁ।

୩୧। "ଲୋକ ଦୁର୍ବଳ ହୋଇଗଲେ ସେ ଲୋକକୁ ପୃଥିବୀରେ କେହି ସମ୍ମାନ ଦିଅନ୍ତି ନାହିଁ। ଏଭଳି ଅବସ୍ଥାରେ ଲୋକ ଅଳସୁଆ ଭଳି ଘରେ ବସିରହେ ଓ ତାକୁଡ଼ିରେ ସୂତା କାଟିବା ପରି କାମ କରୁ କରୁ ବ୍ରହ୍ମ ସମ୍ବନ୍ଧରେ କହିଥାଏ।

୩୨। "ତୁମର ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ କୌତୁହଳ ସେହିପରି। ତୁମେ ଯେପରି କୃପଣ ଓ ବଦ୍ଧମୁଷ୍ଟି, ସେଥିରେ ତୁମର ଏହି ଇଚ୍ଛା ପୂରଣ କରିବା ପାଇଁ କାହାରିକୁ ତୁମେ ପାଇବ ନାହିଁ।"

୩୩। ଯାହାହେଉ, ଏହି ଆଶାୟୀ ବ୍ୟକ୍ତି ଶିରିଡ଼ି ଯାଇ ପୁଣି ଫେରି ଆସିବା ନିମିତ୍ତ ଟାଙ୍ଗାଟିଏ ଭଡ଼ାକରି ଯାଇଥିଲେ ଓ ଶ୍ରୀସାଇଙ୍କ ଚରଣ ତଳେ ପହଞ୍ଚିଥିଲେ।

୩୪। ସେ ଶ୍ରୀସାଇଙ୍କୁ ଦର୍ଶନ କରି ତାଙ୍କ ପାଦତଳେ ନତମସ୍ତକ ହୋଇଥିଲେ। ଶ୍ରୀସାଇ ତାଙ୍କୁ ମଧୁର କଣ୍ଠରେ ସମ୍ବୋଧନ କରିଥିଲେ। ଆଗନ୍ତୁକ କ'ଣ କହିଥିଲେ ଏବେ ଶୁଣନ୍ତୁ।

୩୫। ଶ୍ରୀସାଇଙ୍କର କାହାଣୀ କଳ୍ପତରୁ ସଦୃଶ। ତାହାକୁ ଏକାଗ୍ରତାର ସହ ଜଳ ପ୍ରଦାନ କଲେ ତାହା ଦୃଢ଼ ଭାବରେ ବୃଦ୍ଧି ପାଇଥାଏ। ଶ୍ରୋତାଗଣ ଯେତେ ଅଧିକରୁ ସମ୍ମାନ ପ୍ରଦର୍ଶନ କରିବେ, ତାହା ସେତେ ଅଧିକ ଫଳ ପ୍ରଦାନ କରିବ।

୩୬। ପ୍ରତ୍ୟେକ ଶାଖା ବଳୁଆ ହେବ, ପତ୍ରଗହଳ ହେବ ଓ ସୁଗନ୍ଧ ପୁଷ୍ପ ପ୍ରସ୍ଫୁଟିତ ହେବ ଓ ଏଥିରୁ ପ୍ରଚୁର ମଧୁର, ରସାଳ ଫଳ ମିଳିବ। ସମସ୍ତ ଭକ୍ତଙ୍କ ମନସ୍କାମନା ପୂରଣ ହେବ।

୩୭। ସେହି ଭଦ୍ରବ୍ୟକ୍ତି କହିଥିଲେ,ବାବା ! ମୋତେ ବ୍ରହ୍ମ ଦର୍ଶନ କରାଇ ଦିଅନ୍ତୁ। ମୁଁ କେବଳ ଏହି ଇଚ୍ଛା ନେଇ ଆପଣଙ୍କ ପାଖକୁ ଆସିଛି। ଲୋକେ କହୁଛନ୍ତି- ଶିରିଡ଼ି ବାବା ତତ୍‌କ୍ଷଣାତ ବ୍ରହ୍ମଦର୍ଶନ କରାଇ ଦେଇଥାନ୍ତି।

୩୮। "ତେଣୁ ମୁଁ ଏତେ ଦୂରରୁ ଆସିଛି। ଦୂର ଯାତ୍ରା କାରଣରୁ ମୁଁ ଭାରି କ୍ଲାନ୍ତ ହୋଇପଡ଼ିଛି। କିନ୍ତୁ ମୁଁ ଯଦି ବ୍ରହ୍ମଜ୍ଞାନ ପାଇପାରିବି, ତେବେ ମୁଁ ନିଜକୁ ବହୁତ ଭାଗ୍ୟବାନ ମଣିବି।"

୩୯। ବାବା କହିଥିଲେ, "ବ୍ୟସ୍ତ ହୁଅନାହିଁ। ମୁଁ ତୁମକୁ ଏଇ ସାଙ୍ଗେ ସାଙ୍ଗେ ବ୍ରହ୍ମଦର୍ଶନ କରାଇ ଦେଉଛି। ଏଠି ବାକିସାକି ଚଳେ ନାହିଁ। ତୁମ ଭଳି ବ୍ରହ୍ମଜ୍ଞାନ ସନ୍ଧାନ କରୁଥିବା ବ୍ୟକ୍ତି ବିରଳ।

୪୦। "ଅନେକେ ଧନ ମାଗିଥାନ୍ତି। କେହି କେହି ରୋଗରୁ ମୁକ୍ତି, କେହି କ୍ଷମତା କିମ୍ବା ସମ୍ମାନ ମାଗୁଥିବା ସମୟରେ ଆଉ କେହି ସଦା ସୁଖ ମାଗିଥାନ୍ତି।

୪୧। "ଲୋକେ ଶିରିଡ଼ିକୁ ଦୌଡ଼ି ଆସିଥାନ୍ତି ଲୌକିକ ସୁଖସ୍ୱାଚ୍ଛନ୍ଦ୍ୟ ମାଗିବା ପାଇଁ ଓ ମୋ ଭଳି ଫକୀରର ଅନୁଗାମୀ ହୋଇଥାନ୍ତି। କେହି କେବେ ବ୍ରହ୍ମଜ୍ଞାନ ମାଗି ନାହାନ୍ତି।

୪୨। "ଏଭଳି ସାଂସାରିକ ସୁଖସନ୍ଧାନୀ ବ୍ୟକ୍ତି ଅନେକ ଅଛନ୍ତି। ତୁମ ଭଳି ଲୋକଙ୍କ କଥା କହିଲେ, ଏ କ୍ଷେତ୍ରରେ ମରୁଡ଼ି ପଡ଼ିଛି ବୋଲି ମୋର ଅଭିଜ୍ଞତା କହୁଛି। ବ୍ରହ୍ମ ଜାଣିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ମୁଁ ଦୀର୍ଘକାଳୁ ପ୍ରତୀକ୍ଷା କରୁଛି । ସେହି ସୁଯୋଗର ସମୟ ମୋ ନିମନ୍ତେ ଆସିଗଲା ବୋଲି ଏବେ ଭାବୁଛି।

୪୩। "ଏହି ବ୍ରହ୍ମଙ୍କୁ ଡରି ସୂର୍ଯ୍ୟଚନ୍ଦ୍ର ଶୃଙ୍ଖଳିତ ଭାବରେ ନିୟମିତ ଆତଯାତ ହେଉଛନ୍ତି। ସୂର୍ଯ୍ୟାଲୋକ ଓ ଚନ୍ଦ୍ର କିରଣ ଚକ୍ରାକାରରେ ନିୟମିତ ଦୃଶ୍ୟମାନ ହେଉଅଛି।

୪୪। "ଶୀତ ଓ ବସନ୍ତ ଇତ୍ୟାଦି ଋତୁ ରହିଥିବାର କାରଣ ହେଉଛନ୍ତି ବ୍ରହ୍ମ। ଇନ୍ଦ୍ର ଭଳି ଦେବତା ଓ ଅନ୍ୟ ରାଜାଗଣ ଠିକ୍ ଭାବରେ ସେମାନଙ୍କର ରାଜ୍ୟ ଶାସନ କରୁଥିବା ସହିତ ସେମାନଙ୍କର ପ୍ରଜାମାନଙ୍କୁ ମଧ୍ୟ ସୁରକ୍ଷା ଦେଉଛନ୍ତି। ଏ ସମସ୍ତର ମୂଳାଧାର ହେଉଛନ୍ତି ବ୍ରହ୍ମ।

୪୫। "ତେଣୁ ଏହି ଶରୀର ତ୍ୟାଗ କରିବା ପୂର୍ବରୁ ଜ୍ଞାନୀ ଲୋକମାନେ ବ୍ରହ୍ମଜ୍ଞାନ ଅର୍ଜନ କରିବାର ଚେଷ୍ଟା କରିଥାନ୍ତି, ନଚେତ୍ ନିଃସନ୍ଦେହରେ ଜନ୍ମମୃତ୍ୟୁ ଚକ୍ର ନିରବଚ୍ଛିନ୍ନ ଭାବରେ ଚାଲିଥିବ।

୪୬। "ତେଣୁ ସେହି ବ୍ରହ୍ମ ପ୍ରାପ୍ତି ନହେବା ପର୍ଯ୍ୟନ୍ତ, ଯଦିବା

ଏହି ଶରୀର କ୍ଷୟ ହୋଇଯାଏ, ତେବେ ଜଗତର ବନ୍ଧନ ଅତୁଟ ରହି ଥିବାରୁ ପୁନର୍ଜନ୍ମକୁ ଏଡ଼ାଇ ଦେଇ ହେବନାହିଁ।

୪୭। "କେବଳ ବ୍ରହ୍ମ କାହିଁକି ? ମୁଁ ତୁମକୁ ସବୁକିଛି ଦେଖାଇ ଦେବି। ବ୍ରହ୍ମର ସାରବତ୍ତା, ଯାହା ତୁମର ମୁଣ୍ଡଠାରୁ ଗୋଡ଼ ଯାଏଁ ବ୍ୟାପ୍ତ, ମୁଁ ତାହାକୁ ବାକିତକଠାରୁ ଅଲଗା କରି ଚିହ୍ନାଇ ଦେବି।"

୪୮। ବାଃ, କେତେ ମଧୁର ସେହି ଅମୃତ ସଦୃଶ ବଚନ ! ଏହା ହେଲା ଆନନ୍ଦର ଏକ ଖଣି ଯେଉଁଥିରେ ରହିଛି ମାନବାତ୍ମାର ପରିଚୟ ଓ ଦିବ୍ୟ ସାରବତ୍ତାର ମୂଳସୂତ୍ର । ସନ୍ଦେହୀ ବ୍ୟକ୍ତିମାନଙ୍କୁ ମଧ୍ୟ ଏହା ମୁକ୍ତି ଦେଇପାରେ।

୪୯। ଏପରିକି ଯେଉଁ ବ୍ୟକ୍ତିମାନେ ଇନ୍ଦ୍ରିୟଗୁଡ଼ିକର କ୍ଷଣିକ ସୁଖଲାଭ ନିମନ୍ତେ ପ୍ରାତକାଳଠାରୁ ରାତ୍ରି ପର୍ଯ୍ୟନ୍ତ ଲାଗିଥାନ୍ତି, ସେମାନଙ୍କୁ ବାବାଙ୍କର ବାଣୀ ଶାସ୍ତ୍ରାନୁମୋଦିତ ପଥରେ ନେଇଯିବ।

୫୦। ଚିନ୍ତାମଣି ସନ୍ତୁଷ୍ଟ ହେଲେ ପାର୍ଥିବ ସମ୍ପତ୍ତି ମିଳିଥାଏ। ମହେନ୍ଦ୍ର[୬] ସନ୍ତୁଷ୍ଟ ହେଲେ ସ୍ୱର୍ଗ ସମ୍ପଦ ଓ କ୍ଷମତା ମିଳିଥାଏ।

୫୧। ଗୁରୁଙ୍କର ବଦାନ୍ୟତା ଏସବୁଠାରୁ ଅଧିକ। ଗୁରୁଙ୍କ ଭଳି ମଙ୍ଗଳକାରୀ ଆଉ କେହି ନାହାନ୍ତି। ସେ ସନ୍ତୁଷ୍ଟ ହେଲେ ଭକ୍ତଙ୍କୁ ବିରଳ ବ୍ରହ୍ମ ଉପଲବ୍ଧି କରାଇଥାନ୍ତି।

୫୨। ଏହି ମଧୁର କାହାଣୀ ଶ୍ରବଣ କଲେ, ସଂସାରର ଦୁଃଖଶୋକ ଭୁଲି ହୋଇଯାଏ। ବ୍ରହ୍ମଜ୍ଞାନ ସନ୍ଧାନୀଙ୍କୁ ଶିକ୍ଷା ଦେବାର ପ୍ରଣାଳୀ ବାବାଙ୍କୁ ଜ୍ଞାତ ଥିଲା।

୫୩। ସେ ଯାହାହେଉ, ବାବା ସେହି ବ୍ୟକ୍ତିଙ୍କୁ କିଛି ସମୟ ବସାଇ ରଖି ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହିଥିଲେ ଓ ତାଙ୍କୁ ଧାରଣା ଦେଇଥିଲେ ଯେ ସେହି ପ୍ରଶ୍ନକୁ ସେ ଭୁଲି ଯାଇଛନ୍ତି।

୫୪। ତା'ପରେ ବାବା କ'ଣ କରିଥିଲେ ? ସେ ଗୋଟିଏ ପିଲାକୁ ପାଖକୁ ଡାକିଥିଲେ ଓ ନାନ୍ଦୁ[୭] ନିକଟକୁ ଶୀଘ୍ର ଯାଇ ତାକୁ ଏକ ଖବର ଦେବାପାଇଁ କହିଥିଲେ।

୫୫। "ପାଂଚଟଙ୍କା କରଜ ଦେବ। ବାବାଙ୍କର ବହୁତ ଦରକାର ଅଛି। ବାବାଙ୍କୁ ଅଳ୍ପଦିନ ପାଇଁ ଶୀଘ୍ର ଏ କରଜ ଦିଅ । ଯା, ତାକୁ ଏକଥା କହିବୁ।"

୫୬। ପିଲାଟି ନାନ୍ଦୁ ଘରକୁ ଯାଇଥିଲା। ତାଙ୍କ ଦରଜାରେ ତାଲା ପଡ଼ିଥିଲା ବୋଲି ସେ ଶୀଘ୍ର ଫେରିଆସି ଖବର ଦେଇଥିଲା।

୫୭। ବାବା କହିଥିଲେ, "ଆଉଥରେ ଯା, ବାଲା ଦୋକାନୀ[୮] ନିଶ୍ଚୟ ଘରେ ଥିବ। ତାକୁ ଏଇ ଖବର ଦେଇ ଟଙ୍କା ଧରି ଆସିବୁ, ଯା !"

୫୮। ଏଥର ମଧ୍ୟ ସେ ନିରାଶ ହୋଇ ଫେରିଥିଲା। ବାଲା ମଧ୍ୟ ସେହି ସମୟରେ ଘରେ ନଥିଲା। ପିଲାଟି ଫେରିଆସି ବାବାଙ୍କ ନିକଟରେ ଏକଥା କହିଥିଲା।

୫୯। ବାବା ବ୍ୟସ୍ତ ହୋଇ ତାକୁ ଆଉ ଗୋଟିଏ ଦୁଇଟି ସ୍ଥାନକୁ ପଠାଇଥିଲେ। ପିଲାଟି ଏଇ ନିଷ୍ଫଳ ଯାତ୍ରା ଦ୍ୱାରା ଥକି ଯାଇଥିଲେ ମଧ୍ୟ କଣା ପଇସାଟିଏ ଆଣି ପାରିନଥିଲା।

୬୦। ସେହି ସମୟରେ ନାନ୍ଦୁ କିମ୍ବା ବାଲା ଘରେ ନଥିବେ ବୋଲି ସର୍ବଦର୍ଶୀ ମହାରାଜ ଭଲଭାବରେ ଜାଣିଥିଲେ ।

୬୧। ଶ୍ରୀସାଇ ବ୍ରହ୍ମଙ୍କର ଅବତାର। ସେ ପାଂଚଟଙ୍କା ପାଇଁ କାହିଁକି ଏତେ ବିବ୍ରତ ହୋଇଥାନ୍ତେ ? କିନ୍ତୁ, ଏହି ନାଟକ ବ୍ରହ୍ମଜ୍ଞାନ ସନ୍ଧାନୀଙ୍କ ନିମନ୍ତେ ଅଭିନୀତ ହୋଇଥିଲା।

୬୨। ଘରକୁ ଜଣେ ଅତିଥି ଆସିଥିଲେ ତାଙ୍କ ସମ୍ମାନାର୍ଥେ ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଖାଦ୍ୟ, ମିଠାଇ ପ୍ରଭୃତିକୁ ଘରେ ମଧ୍ୟ ସମସ୍ତେ ଖାଇଥାନ୍ତି।

୬୩। ଏହି ଭଦ୍ରବ୍ୟକ୍ତିଙ୍କର ବ୍ରହ୍ମଜ୍ଞାନ ପ୍ରାପ୍ତି ଇଚ୍ଛାକୁ ଆଳକରି, ମହାରାଜ ସମସ୍ତଙ୍କର ମଙ୍ଗଳ ନିମିତ୍ତ ଭକ୍ତମାନଙ୍କୁ ମହତ୍ ଶିକ୍ଷା ଦେଇଥିଲେ।

୬୪। ଶ୍ରୀସାଇନାଥ ଜାଣିଥିଲେ ଯେ ବ୍ରହ୍ମଜ୍ଞାନାର୍ଥୀ ପାଖରେ ପୁଳାଏ ନୋଟ୍ ଅଛି, ତାଙ୍କ ପକେଟରେ ଦୁଇଶହ ପଚାଶ ଟଙ୍କା ରହିଅଛି।

୬୫। ବ୍ରହ୍ମଜ୍ଞାନାର୍ଥୀ କ'ଣ ବୁଝିପାରିନଥିଲେ ? ତାଙ୍କର କ'ଣ ଆଖି ନଥିଲା ? ପକେଟରେ ନୋଟ ବଣ୍ଡିଲ ରଖି ମଧ୍ୟ ସେ ସନ୍ଦେହ[୯] ଘେରରେ ବୁଡ଼ିରହିଥିଲେ।

୬୬। ଶ୍ରୀସାଇ ପାଂଚଟଙ୍କା କରଜ ମାଗୁଥିଲେ, ତାହା ପୁଣି ସ୍ୱଳ୍ପ ସମୟ ନିମନ୍ତେ। ସେତିକି ଟଙ୍କା ଦେବା ପାଇଁ ଭଦ୍ରବ୍ୟକ୍ତିଙ୍କର ବିଶ୍ୱାସ ନଥିଲା ! ଅଥଚ ସେ ବ୍ରହ୍ମଜ୍ଞାନ ମାଗୁଥିଲେ ।

୬୭। ଶ୍ରୀସାଇ ମହାରାଜ ସତକଥା କହୁଥିଲେ ଓ ସେ ଅଳ୍ପଟଙ୍କା ମଧ୍ୟ ମାଗୁଥିଲେ। ତେବେ ଦେବାକଥା ଚିନ୍ତାକରିବା ବେଳକୁ ଭଦ୍ରବ୍ୟକ୍ତିଙ୍କ ମନରେ ସନ୍ଦେହ ଆସି ଯାଇଥିଲା।

୬୮ । ପାଂଚଟଙ୍କା କେତେ ନଗଣ୍ୟ ! ସେତକ ମଧ ଦେବାର ହୃଦୟ ତାଙ୍କର ନଥିଲା । ସେତିକି ମଧ ସାହାଯ୍ୟ ସେ କରିପାରିନଥିଲେ । ତା'ହେଲେ ସେହି ବ୍ୟକ୍ତି ହେଉଛନ୍ତି ଲୋଭର ଏକ ମୂର୍ତ୍ତିମନ୍ତ ରୂପ ।

୬୯ । ଯଦି ଅନ୍ୟ କେହି ସରଳ, ସାଧାସିଧା ବ୍ୟକ୍ତି ସେଠାରେ ଥାଆନ୍ତେ ଓ ବାବାଙ୍କ ପ୍ରତି ତାଙ୍କର ପ୍ରକୃତ ଶ୍ରଦ୍ଧା ରହିଥାନ୍ତା, ତେବେ ସେ ଚୁପ୍‌ଚାପ୍ ରହି ବାବାଙ୍କର ଏହି କରଜ ମାଗିବାର ସମଗ୍ର ବ୍ୟାପାରକୁ ବସି ଦେଖିନଥାନ୍ତେ !

୭୦ । ସେହି ବ୍ୟକ୍ତି ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ଏତେ ତୃଷାର୍ତ୍ତ ଥିବା ସତ୍ତ୍ୱେ ଏତିକି କ'ଣ ବୁଝି ପାରିନଥିଲେ ? ମୋର ସେ ସମ୍ବନ୍ଧରେ ତିଳେ ମାତ୍ର ସନ୍ଦେହ ନାହିଁ । ମାତ୍ର ତାଙ୍କୁ ଅର୍ଥର ଲୋଭ ସମ୍ପୂର୍ଣ୍ଣ ଭାବରେ ଗ୍ରାସ କରିଥିଲା ।

୭୧ । ସେ ଅନ୍ତତଃ ଚୁପଚାପ୍ ବସିରହିଥାନ୍ତେ । ସେତକ ମଧ ହେଲା ନାହିଁ । ସେ ଫେରିଯିବା ନିମନ୍ତେ ବ୍ୟଗ୍ର ଥାଇ କହିଥିଲେ, "ହେ ସାଇବାବା ! ମୋତେ ଏଇଠି ବ୍ରହ୍ମଦର୍ଶନ କରାନ୍ତୁ ।"

୭୨ । ବାବା କହିଥିଲେ, "ତୁମେ ବସିଥିବାବେଳେ ତୁମକୁ ବ୍ରହ୍ମଦର୍ଶନ କରାଇବାକୁ ମୁଁ କେତେ ଉପାୟରେ ଚେଷ୍ଟା କରୁଥିଲି । ତୁମେ କ'ଣ କିଛି ବୁଝି ପାରିଲ ନାହିଁ ?

୭୩ । "ବ୍ରହ୍ମ ପ୍ରାପ୍ତି ନିମନ୍ତେ ପଂଚପ୍ରାଣ, ପଂଚ କର୍ମେନ୍ଦ୍ରିୟ ଓ ଜ୍ଞାନେନ୍ଦ୍ରିୟ, ଅହଂକାର, ବୁଦ୍ଧିବୃତ୍ତି ଏବଂ ମନକୁ ଉତ୍ସର୍ଗ କରିଦେବା ପାଇଁ ହେବ ।

୭୪ । "ବ୍ରହ୍ମଜ୍ଞାନ ପ୍ରାପ୍ତିର ରାସ୍ତା କଷ୍ଟକର । ଯାହିତାହି ଯେ କୌଣସି ବ୍ୟକ୍ତି ସେ ରାସ୍ତାରେ ଯାଇପାରନ୍ତି ନାହିଁ । ଠିକ୍ ସମୟ ଆସିଗଲେ, ତାହା ଭାଗ୍ୟବାନ ବ୍ୟକ୍ତିଙ୍କ ସମ୍ମୁଖରେ ହଠାତ୍ ଦେଖାଦେଇଥାଏ ।

୭୫ । "ଯେଉଁ ବ୍ୟକ୍ତି ସମସ୍ତ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ବ୍ରହ୍ମଦେବଙ୍କ ପଦତଳକୁ ଆସିବା ଅବସ୍ଥାରେ ପହଞ୍ଚିଥାଏ, ସେହିଁ କେବଳ ବ୍ରହ୍ମଜ୍ଞାନ ପ୍ରାପ୍ତିର ଯୋଗ୍ୟତା ହାସଲ କରିଥାଏ । ତାହାର ଅନ୍ୟ କୌଣସି ପ୍ରତି ଆସକ୍ତି ରହିନଥାଏ ।

୭୬ । "ଆସକ୍ତି ଟିକିଏ ମାତ୍ର ତ୍ୟାଗ କରିନଥିବା ବ୍ୟକ୍ତିଙ୍କୁ ଯଦି କେହି ବ୍ରହ୍ମଜ୍ଞାନ ପ୍ରଦାନ କରେ, ତେବେ ସେହିବ୍ୟକ୍ତି ସଫଳକାମ ହେବ କି ?

୭୭ । "ଉଚ୍ଚତମ ସ୍ତରର ଆଶାୟୀହିଁ ତ୍ରୁଟିହୀନ ଭାବରେ ବ୍ରହ୍ମଜ୍ଞାନ ଲାଭ କରିପାରିବେ, କିନ୍ତୁ ମଧ୍ୟମ ସ୍ତରର ବ୍ୟକ୍ତି ସର୍ବଦା ପରମ୍ପରାବଦ୍ଧ ହୋଇଥାନ୍ତି ଓ ତାଙ୍କୁ ସ୍ତର ପରେ ସ୍ତର ଅତିକ୍ରମ କରିବାକୁ ପଡ଼ିବ ।

୭୮ । "ପ୍ରଥମ ଧରଣର ବ୍ୟକ୍ତିମାନଙ୍କର ଆଧାତ୍ମିକ ଉଡ଼ାଣ ପକ୍ଷୀଙ୍କର ଉଡ଼ାବାଟ ଭଳି ହୋଇଥାଏ । ଦ୍ୱିତୀୟ ଧରଣର ବ୍ୟକ୍ତିମାନେ ଶାସ୍ତ୍ରାନୁଯାୟୀ ପରମ୍ପରାର ପାହାଚ ପରେ ପାହାଚ ଚଢ଼ି ଯାଇଥାନ୍ତି । କିନ୍ତୁ ଅପାରଗ ବ୍ୟକ୍ତିଙ୍କ ନିମନ୍ତେ ବ୍ରହ୍ମଜ୍ଞାନ ପ୍ରାପ୍ତି ଚେଷ୍ଟା ନିରର୍ଥକ ।

୭୯ । "ଆତ୍ମ-ନିୟନ୍ତ୍ରଣ ଓ ଭେଦାଭେଦ ବିଚାରଜ୍ଞାନ ନଥିଲେ ବ୍ରହ୍ମଜ୍ଞାନ ପାଇବାର ଅନ୍ୟ କୌଣସି ନିଶ୍ଚିତ ରାସ୍ତା ନାହିଁ । ବେଦ ଏହି ସତ୍ୟ ପ୍ରକାଶ କରିଥିଲେ ମଧ ଏହା ସମସ୍ତଙ୍କ ପକ୍ଷରେ ସାଧନା କରିବା ସମ୍ଭବ କି ?

୮୦ । "ଧୀର ସ୍ଥିର ଚିତ୍ତରେ ସାଧନା କଲେ, ଯେତେବେଳେ କି ତୁମର ହାଡ଼ ଖଣ୍ଡ ଖଣ୍ଡ ହୋଇଯିବାକୁ ପ୍ରସ୍ତୁତ ଥିବ, ସେତେବେଳେ ଗୁରୁଙ୍କ କୃପା ଲାଭହୁଏ ଓ ଜ୍ଞାନ ଧୀରେ ଧୀରେ ଉଦୟ ହୋଇଥାଏ ।

୮୧ । "ମୁଁ ଭଗବାନ, ମୁଁ ନିୟନ୍ତ୍ରକ । ଯେତେବେଳେ ଏହି ଅହଂକାର ବ୍ରହ୍ମଦେବଙ୍କୁ ଘାରିଥାଏ, ସେ ତାଙ୍କର ପ୍ରକୃତ ଆତ୍ମା ହିଁ ପରମାତ୍ମା ବୋଲି ଭୁଲିଯାଇଥାନ୍ତି ଓ ସେହି ସମୟରେ ବିଶ୍ୱ ବ୍ରହ୍ମାଣ୍ଡ ସୃଷ୍ଟି ହୋଇଥାଏ ।

୮୨ । "ମୁଁ ସେହି ବ୍ରହ୍ମ ବୋଲି ଯେତେବେଳେ ଅନୁଭୂତି ଆସେ, ସେତେବେଳେ ଯିଏ ଏହି ଅନୁଭୂତି ପାଇଥାନ୍ତି, ସେ ପରଂବ୍ରହ୍ମଙ୍କ ନିକଟରେ ଶରଣାଗତ ହୋଇଥାନ୍ତି ଓ ତାଙ୍କ ନିମନ୍ତେ ବିଶ୍ୱବ୍ରହ୍ମାଣ୍ଡର ସ୍ଥିତି ସମ୍ପର୍କିତ ମାୟା ଉଭେଇ ଯାଇଥାଏ । ଏହା ଶ୍ରୁତି ଉଦ୍‌ଘୋଷଣା କରିଛି ।

୮୩ । "ଯେତେବେଳେ ଆତ୍ମାର ପ୍ରକୃତ ଜ୍ଞାନ ମିଳେ, ସେହି ବ୍ୟକ୍ତିଙ୍କର ପୂରା ସ୍ୱଭାବ ବ୍ରହ୍ମ ସହିତ ଏକ ହୋଇଯାଏ । ଏପରି ଏକ ଅବସ୍ଥାରେ ବିଶ୍ୱବ୍ରହ୍ମାଣ୍ଡ ବ୍ରହ୍ମାଗ୍ନିରେ ଜଳିଯାଇ ପାଉଁଶରେ ପରିଣତ ହୋଇଯାଏ ।

୮୪ । "ମାୟା ହଟିଯିବା ପରେ ମନୁଷ୍ୟର ମାନସିକ ଅବସ୍ଥା ସେହିଭଳି ହୋଇଥାଏ । ରଜ୍ଜୁ, ସୂର୍ଯ୍ୟ କିରଣ, ମୁକ୍ତାର ମା' ଶାମୁକା- ଏ ସମସ୍ତ ଭିନ୍ନ ଭିନ୍ନ ବୋଲି ଦର୍ଶାଉଥିବା ମାୟା ତତ୍‌କ୍ଷଣାତ୍ ହଟିଯାଇଥାଏ ।

୮୫। "ମୁକ୍ତାର ମା' ସମ୍ବନ୍ଧରେ ପ୍ରକୃତ ଜ୍ଞାନ ଯାହା ରୂପା ସମ୍ବନ୍ଧରେ ପ୍ରକୃତ ଜ୍ଞାନ ସେୟା ଓ ସମାନ ହୋଇଥାଏ ଏବଂ ବିପରୀତ ମଧ୍ୟ ସତ୍ୟ ହୋଇଥାଏ। ଏହି ମାୟାର ଅନ୍ତହେବା ପରେ ରୂପା ସମ୍ବନ୍ଧରେ ବିଶ୍ୱାସ ଦୂର ହୋଇଯାଏ ଓ ମୁକ୍ତା ମା'ର ସତ୍ୟରୂପ ଓ ତାହା ସମ୍ବନ୍ଧରେ ଜ୍ଞାନ ମନ ଆଗରେ ଦେଖାଦିଏ।

୮୬। "ଦର୍ଶକ ଓ ଦୃଶ୍ୟ ମଧ୍ୟରେ ପରସ୍ପରର ଆକର୍ଷଣ ଯୋଗୁଁ ଏହି ପ୍ରକାର ହୋଇଥାଏ। ଜ୍ଞାନଦୀପ ଜାଳି ଦେଇ ଅଜ୍ଞତାର ଅଶୁଦ୍ଧତାକୁ ଦୂରକର। ଏହା ମାୟାକୁ ମୂଳପୋଛ କରିଦେବ।

୮୭। "ଜନ୍ମ ଓ ମୃତ୍ୟୁର ବନ୍ଧନ ଯଦି ନଥାନ୍ତା ମୋକ୍ଷ ପାଇଁ ଅନ୍ୱେଷଣ ହୁଅନ୍ତା କି ? କିଏ କାହିଁକି ବେଦର ଦର୍ଶନ ଓ ଏହାର ଆଲୋଚନା ପାଇଁ ଚିନ୍ତା କରନ୍ତା !

୮୮। "ମୁଁ ବନ୍ଧନରେ ପଡିଛି । ମୁଁ ବନ୍ଧନରୁ ମୁକ୍ତ ହେବା ପାଇଁ ଚାହେଁ। ଯିଏ ଏଇକଥା ଦୃଢ଼ ମନରେ ଚିନ୍ତା କରୁଥାଏ, ସେଇ ହିଁ କେବଳ ଏହି ଜ୍ଞାନ ପାଇବା ନିମନ୍ତେ ଯୋଗ୍ୟ। ଜ୍ଞାନୀ କିମ୍ବା ମୂଢ଼ ଏଥିପାଇଁ ଯୋଗ୍ୟ ନୁହନ୍ତି।

୮୯। "ତୁମେ ଯେତେବେଳେ ବନ୍ଧନରେ କେବେ ନାହଁ, ତେବେ ମୁକ୍ତି କଥା କାହିଁକି କହୁଛ ? ଏହା ହିଁ ସତ୍ୟ। ସମସ୍ତେ ଜାଣିଛନ୍ତି ଯେ ବନ୍ଧନ ଓ ମୁକ୍ତିର କାରଣ ହେଉଛି ଗୁଣଗୁଡ଼ିକର, ଅର୍ଥାତ୍ ସତ୍ତ୍ୱ, ରଜ ଓ ତମ ଗୁଣର ଅବଶେଷ ।

୯୦। "ଦ୍ୱୈତ ଭାବ ନଥିଲେ କିଏ ବା କାହାକୁ ବାନ୍ଧିବ ? କିଏ କାହାକୁ ମୁକ୍ତି ଦେବ ? ଦ୍ୱୈତ ଓ ଅଦ୍ୱୈତ ଭାବ ନଥିଲେ କେହି ବନ୍ଧା ନୁହନ୍ତି, କିମ୍ବା କେହି ମୁକ୍ତ ନୁହନ୍ତି।

୯୧। "ସୂର୍ଯ୍ୟ ଦିନରାତି ସୃଷ୍ଟି କରନ୍ତି କି ? ନା। ଏହା ଦର୍ଶକର ଭ୍ରମ ଧାରଣା। ସୂର୍ଯ୍ୟ ସଂପୃକ୍ତ ନୁହଁନ୍ତି।

୯୨। "ମୁଁ କରୁଛି, ମୁଁ ଉପଭୋଗ କରୁଛି। ଜଣେ ବ୍ୟକ୍ତିର ଏଭଳି ଗର୍ବ ରହିଥିଲେ ସେ ସ୍ୱର୍ଗନର୍କର ଅନୁଭୂତି, ଅର୍ଥାତ୍ ସୁଖ ଦୁଃଖର ଅନୁଭୂତି ପାଇଥାଏ ଓ ତାହାର ସ୍ପର୍ଶେନ୍ଦ୍ରିୟରେ ସୁଖଲାଭ ପ୍ରତି ଆସକ୍ତି ବଢ଼ିବଢ଼ି ଚାଲିଥାଏ।

୯୩। "ଆତ୍ମା ଚିରନ୍ତନ, ସନାତନ, ଚିରସ୍ଥାୟୀ ଏବଂ ଜନ୍ମ ଓ ମୃତ୍ୟୁ ଦ୍ୱାରା ପ୍ରଭାବିତ ବା ପରିବର୍ତ୍ତିତ ହୁଏନାହିଁ । ଏହା 'ଓଁ' ଅକ୍ଷର ଦ୍ୱାରା ସୂଚିତ ହୋଇଥାଏ। ଏହାର ଆଦି ନାହିଁ, ଅନ୍ତ ନାହିଁ, ଏହା ଅନାଦି, ଅସୀମ ଓ ଅନନ୍ତ।

୯୪। "ଯିଏ ଶରୀରକୁ ଆତ୍ମା ବୋଲି ଜ୍ଞାନ କରେ ଓ ସେ ପୃଥକ୍ ଓ ଜଗତ ତା'ଠାରୁ ପୃଥକ୍ ବୋଲି ମନେକରେ, ତା'ପାଇଁ ଆତ୍ମୋପଲବ୍ଧି କଷ୍ଟକର। ସେ ବ୍ରହ୍ମଜ୍ଞାନ ପାଇପାରେ ନାହିଁ।

୯୫। "ବାକ୍ ଶକ୍ତି ଓ ସମସ୍ତ ଇନ୍ଦ୍ରିୟ ଜ୍ଞାନକୁ ନଷ୍ଟ କରିଦିଅ। ମନ ସ୍ଥିର ଓ ଅଚଳ କରିଦିଅ ଏବଂ ତା'ପରେ ମନକୁ ଧ୍ୱଂସ କରିଦିଅ। ବୁଦ୍ଧିର ଗଭୀରତମ ପ୍ରଦେଶକୁ ପ୍ରବେଶ କର।

୯୬। "ସେହି ବୁଦ୍ଧି ଆଲୋକ ଆକାରରେ ରହିଥାଏ। ତାହା ଉପରେ ମନକୁ କେନ୍ଦ୍ରୀଭୂତ କର। କାରଣ, ମନ ସମେତ ଜ୍ଞାନେନ୍ଦ୍ରିୟଗୁଡ଼ିକର ସମସ୍ତ କାର୍ଯ୍ୟ ବୁଦ୍ଧିର ନିୟନ୍ତ୍ରଣରେ ରହିଥାଏ।

୯୭। "ପାତ୍ରର ଅସ୍ତିତ୍ୱ ପାଇଁ ପ୍ରଥମ ଆବଶ୍ୟକତା ହେଉଛି ମାଟି । ବୁଦ୍ଧି ଓ ଜ୍ଞାନେନ୍ଦ୍ରିୟ ମଧ୍ୟରେ ସମ୍ବନ୍ଧ ସେହି ପ୍ରକାରର। ବୁଦ୍ଧିର ଶକ୍ତି ଯୋଗୁଁ ସେମାନଙ୍କର ସ୍ଥାୟୀ ସମ୍ବନ୍ଧ ସେହିଭଳି ହୋଇଥାଏ।

୯୮। "ବୁଦ୍ଧି ସର୍ବବ୍ୟାପୀ। ଏହା ସମସ୍ତ ଇନ୍ଦ୍ରିୟ ଓ ମନକୁ ଘେରି ରହିଥାଏ । ତେଣୁ ବୁଦ୍ଧିକୁ ପରଂବ୍ରହ୍ମରେ ସ୍ଥାପନ କରିବା ଉଚିତ୍ ଓ ଆତ୍ମା ସେଇ ପରମାତ୍ମା ପାଖରେ ସମର୍ପିତ ହେବା ଉଚିତ୍।

୯୯। "ଏଭଳି ଐକ୍ୟ ସାଧିତ ହୋଇ ପାରିଲେ ଆତ୍ମୋପଲବ୍ଧି ହୋଇଥାଏ। ଏହା ଫଳରେ ରୂପା (ଓ ଶାମୁକା) ସମ୍ପର୍କରେ, ମରୀଚିକା (ମରୁଭୂମିରେ ଜଳ) ସମ୍ପର୍କରେ ତଥା (ସର୍ପ ସଦୃଶ ରଜ୍ଜୁ) ସମ୍ପର୍କରେ ଥିବା ମାୟା ଏକ ଭ୍ରାନ୍ତ ଧାରଣା ବୋଲି ହୃଦୟଙ୍ଗମ ହୋଇଥାଏ।

୧୦୦। "ଏହା ହେଉଛି ସେହି ଆତ୍ମା, ଯାହା ପରିପୂର୍ଣ୍ଣ ଓ ଜନ୍ମ ମୃତ୍ୟୁ ରହିତ। ଯୋଗୀମାନେ ଏହାରି ସମ୍ପର୍କରେ ସର୍ବଦା କହିଥାନ୍ତି ଯେ ଏହାକୁ ନଜାଣିଲେ ଚିର ଶାନ୍ତି ମିଳିବ ନାହିଁ।

୧୦୧। "ପ୍ରତ୍ୟେକ କାର୍ଯ୍ୟ ନିମନ୍ତେ କାରଣ ଆବଶ୍ୟକ। ମାତ୍ର ଆତ୍ମା ସ୍ୱୟଂଭୂ ଓ ଅକାରଣ। ଏହା ସନାତନ ହୋଇଥିଲେ ମଧ୍ୟ ତରୁଣ। ଏହା ବୁଦ୍ଧିର ବାହାରେ ।

୧୦୨। "ଏହା ଅସୀମ ଆକାଶ ଭଳି ଆଦିଅନ୍ତହୀନ। ଏହା ଆଦି ଶବ୍ଦ 'ଓଁ' ଉପରେ ଆଶ୍ରିତ। ଏହା ସ୍ଥିର ଓ

ଏହାକୁ କଳଙ୍କିତ କରିହୁଏ ନାହିଁ।

୧୦୩। "ପରଂବ୍ରହ୍ମଙ୍କୁ[୧୦] ଚିହ୍ନି ହୁଏ। ଅପରବ୍ରହ୍ମଙ୍କୁ[୧୧] ପାଇହୁଏ। ସେମାନଙ୍କର ଚିହ୍ନ ଆଦି ଶବ୍ଦ 'ଓଁ'କୁ ଧ୍ୟାନ ଓ ପୂଜା ସବୁ ସମୟରେ କରାଯାଏ।

୧୦୪। " 'ଓଁ' ହେଉଛି ଚାରିବେଦର ସାରାଂଶ। ଏହା ପ୍ରଣବ ବା ଓଁକାରରୂପରେ ଜ୍ଞାତ। ଏହାର ଅର୍ଥ ପ୍ରକୃତରେ ନିରର୍ଥକ। ଏହାହିଁ ସମସ୍ତ ଜ୍ଞାନ ପଛରେ ଚିନ୍ତାଭାବନା।

୧୦୫। "ବେଦଗୁଡ଼ିକ ସେହି ଜ୍ଞାନର ଉଦ୍‌ଘୋଷଣା କରିଥାନ୍ତି। ଲୋକେ ବହୁ ଆୟାସକରି ତାହାକୁ ଆୟତ୍ତ କରିଥାନ୍ତି। ସେଥିପାଇଁ ସେମାନଙ୍କୁ ବ୍ରହ୍ମଚର୍ଯ୍ୟ ପାଳନ କରିବା ଭଳି ଅନେକ କୃଚ୍ଛ ସାଧନା କରିବାକୁ ପଡ଼ିଥାଏ ଓ ତାହାଦ୍ୱାରା ଶ୍ରେଷ୍ଠତା ପ୍ରାପ୍ତି ହୋଇଥାଏ।

୧୦୬। "ଏହି ପ୍ରାପ୍ତି କଷ୍ଟକର ହୋଇଥିଲେ ମଧ୍ୟ ପ୍ରୟାସୀଙ୍କ ପ୍ରତି ଗୁରୁ କୃପା ଥିଲେ ତାହା ସହଜ ହୋଇଥାଏ।

୧୦୭। "ଜଣେ ଯଦି ସ୍ଥୁଳ ଇନ୍ଦ୍ରିୟଙ୍କଠାରୁ ଆରମ୍ଭ କରି ସୂକ୍ଷ୍ମ ଇନ୍ଦ୍ରିୟଗଣଙ୍କୁ ନିୟମିତ ଭାବରେ ବେଦ ନୀତି ଅନୁଯାୟୀ ନିୟନ୍ତ୍ରଣରେ ରଖିପାରେ, ତେବେ ସେହି ପ୍ରୟାସୀ ସହଜରେ ଏହାକୁ ପାଇପାରିଥାଏ।

୧୦୮। "ଏହା ହେଉଛି 'ଓଁ'- ଗୋଟିଏ ଶବ୍ଦ, ଗୋଟିଏ ବାକ୍ୟ, ଗୋଟିଏ ଅକ୍ଷର ଯାହା ସମସ୍ତ ଜପତପର[୧୨] ସାରାଂଶ। ଏହାର ଉଚ୍ଚାରଣମାତ୍ରକେ ଅର୍ଥ ଜଣାପଡ଼ିଯାଇଥାଏ ଓ ନିରନ୍ତର ପୁନରାବୃତ୍ତି କଲେ ଜ୍ଞାନାଲୋକ ମିଳିଥାଏ।

୧୦୯। "ତାହା ହେଉଛି ସର୍ବବ୍ୟାପକ ଚେତନା। ଏହାର ବୃଦ୍ଧି କିମ୍ବା କ୍ଷୟ ହୁଏ ନାହିଁ, କାରଣ ଏହା ଅପରିବର୍ତ୍ତନୀୟ। ସଦ୍‌ଗୁରୁଙ୍କର ଏଭଳି ଏକାନ୍ତ ଭକ୍ତ ବିରଳ ଯିଏକି ତାହାର ଆତ୍ମାକୁ ଏହିଭଳି ବୁଝି ପାରିଅଛି।

୧୧୦। "ଯେଉଁମାନେ ତ୍ରିତାପରେ, ଅର୍ଥାତ୍ କାୟିକ, ମାନସିକ ତଥା ଦୈବିକ ବା ଭାଗ୍ୟ-ନିର୍ଦ୍ଧାରିତ ଦୁଃଖକ୍ଳେଶରେ ସଦା ପ୍ରପୀଡ଼ିତ, ସେମାନେ ସନ୍ଥମାନଙ୍କର ବିଶେଷ କୃପା ବିନା ଏହି ଅଭିଜ୍ଞତା ଲାଭ କରିପାରିବେ ନାହିଁ।

୧୧୧। "ଅଜ୍ଞତା ହିଁ ବିଷୟ-ଆଶୟ ସହିତ ଜଡ଼ିତ କରାଇଥାଏ। ତାହାକୁ ଏଡ଼ାଇବାର ଏକମାତ୍ର ଉପାୟ ହେଲା ବ୍ରହ୍ମ ସହିତ ଏକାତ୍ମ ହେବା ଓ ଏହା ସନ୍ଥମାନଙ୍କ ଜରିଆରେ ହିଁ ସାଧନ କରାଯାଇପାରେ।

୧୧୨। "କୌଣସି ନିର୍ଦ୍ଦିଷ୍ଟ ବିଷୟ କିମ୍ବା ଧାରଣା ମନଭିତରେ ନ ରଖି ସମ୍ପୂର୍ଣ୍ଣ କାମନାବାସନାହୀନ ହୁଅ। ଏହି ଅବସ୍ଥା 'ମୁଁ ସେହି ବ୍ରହ୍ମ'ନାମରେ ପରିଚିତ। ବୁଦ୍ଧିର ଏହା ସ୍ୱାଭାବିକ ପ୍ରବୃତ୍ତି ନହେବା ପର୍ଯ୍ୟନ୍ତ ଏହି ଧାରଣାରେ ସମ୍ପୂର୍ଣ୍ଣ ନିମଜ୍ଜିତ ରୁହ।

୧୧୩। "ଗୁରୁଙ୍କର ବାକ୍ୟ ହେଉଛି ଶାସ୍ତ୍ର ବାକ୍ୟ ବୋଲି ଅନୁଭବ କଲେ ଉଭୟ ଅନ୍ତର ଓ ବାହାରର ଆଚରଣ ଶାନ୍ତ ହୋଇଯାଏ ଏବଂ ମାନସିକ ଶାନ୍ତି ମିଳିଥାଏ ଓ ଆତ୍ମା କ'ଣ ବୋଲି ଉପଲବ୍ଧି ହୋଇଥାଏ ।

୧୧୪। "ମନ ତାହାଦ୍ୱାରା ଜଗତର ଏକ ସନ୍ତୁଳିତ ଆଚରଣ ଦେଖିଥାଏ ଓ ସୁଖ, ଧନସମ୍ପତ୍ତି ଭଳି ବିଷୟଆଶୟ ପ୍ରତି ଅନାସକ୍ତଭାବ ଆସିଥାଏ। ଏହା ଆମ ଭିତରେ ଥିବା ଅଜ୍ଞତାର ଗଣ୍ଠିକୁ ଖୋଲି ଦେଇଥାଏ ଓ ବିମୂର୍ତ୍ତ ରାଜ୍ୟରେ ପ୍ରବେଶ କରାଇଦିଏ।

୧୧୫। "ଆତ୍ମା ହେଉଛି ଝରକା ଫାଙ୍କରେ ପଡୁଥିବା ଉଜ୍ଜ୍ୱଳ ସୂର୍ଯ୍ୟକିରଣରେ ଉଡ଼ି ବୁଲୁଥିବା କ୍ଷୁଦ୍ର ଧୂଳିକଣା ଭଳି, ଏଥିରେ ସନ୍ଦେହ ନାହିଁ। ନା! ତାହାଠାରୁ ଆତ୍ମା ଆହୁରି କ୍ଷୁଦ୍ର, ଏପରିକି ପରମାଣୁଠାରୁ ମଧ୍ୟ କ୍ଷୁଦ୍ର । ତାହାହିଁ ନିଶ୍ଚିତ ସିଦ୍ଧାନ୍ତ ।

୧୧୬। "ଆତ୍ମା ସର୍ବବୃହତ୍‌ଠାରୁ ମଧ୍ୟ ବୃହତ୍। କିନ୍ତୁ ଏ ସମସ୍ତ ତୁଳନା କଳ୍ପନା-ପ୍ରସୂତ, କାରଣ ଆତ୍ମାକୁ କୌଣସି ପରିମାପକ ଦ୍ୱାରା ମାପି ହୁଏ ନାହିଁ।

୧୧୭। "ଏହାର ସୂକ୍ଷ୍ମ ଆକାରକୁ ବିଚାର କଲେ ଏହା କେବଳ ଅଣୁବୀକ୍ଷଣୀୟ। ଏହାର ସ୍ଥୁଳ ଆକାରକୁ ବିଚାର କଲେ ଏହା ସର୍ବବୃହତ୍‌ଠାରୁ ବି ବୃହତ୍। ଏଣୁ ଏହାର ଆକାରପ୍ରକାର କେବଳ ନାମକାବାସ୍ତେ। ଆତ୍ମା ସ୍ୱୟଂସମ୍ପୂର୍ଣ୍ଣ ଓ ଏହାର ପ୍ରଭେଦ ବାରିବା ପାଇଁ କୌଣସି ଗୁଣ ବା ଧର୍ମ ନାହିଁ।

୧୧୮। "ଆତ୍ମାର ଜନ୍ମ କିମ୍ବା ମୃତ୍ୟୁ ନାହିଁ। ତାହା ପାଇଁ କୌଣସି ମୂଳ କାରଣ ନାହିଁ। ଏହା ଅଜନ୍ମା, ଅନନ୍ତ, ଅକ୍ଷୟ, ସନାତନ ଓ ଅକଳ୍ପନୀୟ।

୧୧୯। " 'ଓଁ'କୁ ବ୍ରହ୍ମର ସ୍ୱରୂପ ଭାବରେ ଦେଖାଯାଇପାରେ। ତାହାହିଁ ଏହାର ସାମଗ୍ରିକ ପ୍ରକୃତି । ଯେଉଁ ଯୋଗୀଗଣ ସମାଧିସ୍ଥ ହୋଇ ପୁଣି ସ୍ୱାଭାବିକ ଅବସ୍ଥାକୁ

ଫେରି ପାରିବାର ଯୋଗ୍ୟତା ରଖିଥାନ୍ତି, ସେମାନଙ୍କ ପକ୍ଷରେ ମଧ ବ୍ରହ୍ମକୁ ପାଇବା କଷ୍ଟକର ହେଉଥିବାବେଳେ ସମସ୍ତେ ତାହାକୁ ପାଇପାରିବା ସମ୍ଭବ କି ?

୧୨୦। "ଏହାର ପ୍ରକୃତି ଜାଣିବାକୁ ଚେଷ୍ଟା କରି ବେଦଗୁଡ଼ିକ ମଧ ଥକି ଯାଇଛନ୍ତି, ମୁନିଋଷିଗଣ ବନବାସୀ ହୋଇଛନ୍ତି, ଉପନିଷଦଗୁଡ଼ିକ ଏଥିରୁ କ୍ଷାନ୍ତ ହୋଇଛନ୍ତି । କେହି ଏହାକୁ ବିଶ୍ଳେଷଣ କରିପାରିନାହାନ୍ତି କି ସ୍ଥିର ସିଦ୍ଧାନ୍ତରେ ପହଞ୍ଚି ପାରିନାହାନ୍ତି।

୧୨୧। "ଭଗବାନଙ୍କ ସହିତ ଏକାତ୍ମ ହୋଇଥିବା ସଦ୍‌ଗୁରୁ ହିଁ କେବଳ ସେହି ଆତ୍ମୋପଲବ୍ଧି ଲାଭ କରିପାରିବେ। ଅନ୍ୟମାନେ କିଛି କରିପାରିବେ ନାହିଁ। ତର୍କଶାସ୍ତ୍ରୀଙ୍କର ଏଠି ସ୍ଥାନ ଆଦୌ ନାହିଁ।

୧୨୨। "ତର୍କଶାସ୍ତ୍ରୀଙ୍କ ପାଇଁ କୌଣସି ସ୍ଥାନ ନାହିଁ। ସେ କେବଳ ଭ୍ରାନ୍ତ ଧାରଣା ମଧରେ ଚକ୍ରାକାରରେ ଘୂରି ବୁଲୁଥିବେ। ତାଙ୍କର ବୁଦ୍ଧିବୃତ୍ତି ଆଧାତ୍ମିକ ଜ୍ଞାନରେ ବିଶାରଦ ଜଣେ ସଦ୍‌ଗୁରୁଙ୍କ ବିନା ନିବୃତ୍ତ ହେବନାହିଁ।

୧୨୩। "ଅଗଣିତ ତାରାପୁଞ୍ଜରୂପକ ନିଜର ବୁଦ୍ଧିବୃତ୍ତି ଓ କଳ୍ପନା ଜଳ୍ପନା ଦ୍ୱାରା କେହିହେଲେ ଚୌରାଶି ଲକ୍ଷ ଜନ୍ମ ଓ ମୃତ୍ୟୁ ଚକ୍ରରୁ ନିସ୍ତାର ପାଇପାରିବେ ନାହିଁ। କେବଳ ଏକମାତ୍ର ଚନ୍ଦ୍ରରୂପକ ସଦ୍‌ଗୁରୁ, ଆଧାତ୍ମିକ ଜ୍ଞାନରେ ବିଦ୍ୱାନ ଗୁରୁ ହିଁ ସେଥି ନିମନ୍ତେ ଯଥେଷ୍ଟ। ସେ ରହିଥିଲେ ଅନ୍ଧକାରର ଚିହ୍ନବର୍ଣ୍ଣ ମଧ ରହି ପାରିବ ନାହିଁ।

୧୨୪। "ଯାହା ଅନେକ ଲୋକଙ୍କର ବହୁତ ପ୍ରଚେଷ୍ଟା ଦ୍ୱାରା ମିଳିପାରେ ନାହିଁ, ଉତ୍ତମ ଶିକ୍ଷାର ଆଲୋକ ପ୍ରଦାନ କରୁଥିବା ସଦ୍‌ଗୁରୁଙ୍କ ନିକଟରେ ଦୃଢ଼ଭାବରେ ରହିଲେ ତାହା ସହଜରେ ମିଳିପାରିଥାଏ।

୧୨୫ । "କାମନାର ପରିପୂରଣ ପାଇଁ ପ୍ରରୋଚିତ କରୁଥିବା ଭ୍ରାନ୍ତ ଜ୍ଞାନ ଦୂରହୋଇ ଯାଇ ଶୁଦ୍ଧ ଚେତନା, ସତ୍ୟ ଓ ପରମାନନ୍ଦ ସ୍ଥିର ଏବଂ ସ୍ଥାୟୀ ହୋଇ ରହେ। ଆତ୍ମୋପଲବ୍ଧି ଜ୍ଞାନ ଉଦୟ ହୁଏ, ଯାହାର ଅନ୍ୟ ନାମ ହେଉଛି ମୋକ୍ଷପ୍ରାପ୍ତି ।

୧୨୬। "ପ୍ରାଣୀମାନେ ଗଭୀର ଭାବରେ ଏହି ଆକାଂକ୍ଷା ପୋଷଣ କରିଥାନ୍ତି ଓ ସେଥିପାଇଁ ଚେଷ୍ଟା କରିଥାନ୍ତି। ଯେଉଁମାନେ ସବୁ ସମୟରେ ଆତ୍ମୋପଲବ୍ଧି କରିବାରେ ଜଡ଼ିତ ଥାଆନ୍ତି, ସେମାନେ ସବୁବେଳେ ଅନ୍ତର୍ମୁଖୀ ହୋଇଥାନ୍ତି।

୧୨୭। "ମନ ପରମାତ୍ମାଙ୍କ ସମ୍ବନ୍ଧରେ ଦୋଦୁଲ୍ୟମାନ ହେବା ମାତ୍ରକେ ସମସ୍ତ କାମନାବାସନା ଓ ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟ ବ୍ୟସ୍ତ ହୋଇପଡ଼ନ୍ତି, କିନ୍ତୁ ମନ ଯେତେବେଳେ ଆତ୍ମୋପଲବ୍ଧି କରିବା ନିମନ୍ତେ ସ୍ଥିର ସଂକଳ୍ପବଦ୍ଧ ହୋଇଯାଏ, ସେତେବେଳେ କାମନାବାସନା ଦୁର୍ବଳ ହୋଇଯାଇଥାଏ।

୧୨୮। "ଯିଏ ନିଜର ପ୍ରକୃତ ଆତ୍ମାଠାରୁ ଦୂରେଇ ଯାଏ, ସେ ସର୍ବଦା ସବୁ ପ୍ରକାର ପାର୍ଥିବ ସୁଖର ସମ୍ମୁଖୀନ ହୋଇଥାଏ; କିନ୍ତୁ ସେ ଯେତେବେଳେ ପ୍ରକୃତ ଆତ୍ମା ଆଡ଼କୁ ଆଗେଇଆସେ, ସେତେବେଳେ ତା'ପାଖରେ ସେହି ବସ୍ତୁଗୁଡ଼ିକର କୌଣସି ଆକର୍ଷଣ ନ ଥାଏ।

୧୨୯। "ଯିଏ ନିଜ ମଧରେ ଅନ୍ୟ କୌଣସି ଆଶା ପୋଷଣ ନ କରି କେବଳ ମୋକ୍ଷପ୍ରାପ୍ତି ଆଶା କରୁଥାଏ ଓ ମନ ମଧରେ ଇହଜଗତ କିମ୍ବା ପରଜଗତର କୌଣସି ବିଷୟ ପ୍ରତି ତିଳେମାତ୍ର ଲାଳାୟିତ ନ ଥାଏ, ସେଇହିଁ କେବଳ ମୋକ୍ଷ ପାଇବା ନିମନ୍ତେ ଯୋଗ୍ୟ।

୧୩୦। "ଯାହାର ଏ ସମସ୍ତ ଗୁଣ ମଧରୁ ଗୋଟିଏ ମଧ୍ୟ କମ୍ ଥାଏ, ତାହାକୁ ମୋକ୍ଷ-ଅନ୍ୱେଷୀ ବୋଲି ନିଶ୍ଚିତ ଭାବରେ କୁହାଯାଇ ପାରିବ ନାହିଁ। ଟେରା ଯେପରି ସୁନ୍ଦର ପୁରୁଷ ବୋଲି ଦେଖାଇ ହେବାକୁ ଚେଷ୍ଟା କରିଥାଏ, କଣା ଯେପରି ଗୋଟିଏ ଆଖିରେ ସବୁ ଦେଖିପାରୁଥିବାର ଛଳନା କରୁଥାଏ, ଠିକ୍ ସେହିଭଳି ସେ ମୋକ୍ଷ-ଅନ୍ୱେଷୀ ବୋଲି କେବଳ ବାହାନା କରୁଥାଏ।

୧୩୧। "ଅହଂକାର ଦୂର ହୋଇ ନଗଲେ, ଲୋଭର ବିନାଶ ନହେଲେ ଓ ମନ କାମନାବାସନାଶୂନ୍ୟ ନହେଲେ ବ୍ରହ୍ମଜ୍ଞାନ ଆତ୍ମସ୍ଥ ହୋଇପାରିବନାହିଁ।

୧୩୨। "ଶରୀର ହିଁ ଆତ୍ମା ବୋଲି ବିଶ୍ୱାସ ଏକ ବିଭ୍ରମ। ଆସକ୍ତି ହିଁ ସଂସାର ବନ୍ଧନର କାରଣ। ଇନ୍ଦ୍ରିୟମାନଙ୍କୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କର ଓ ଇନ୍ଦ୍ରିୟଜାତ ସୁଖର ଧାରଣାକୁ ମଧ ତ୍ୟାଗକର । ତାହାହେଲେ ଯାଇ ବ୍ରହ୍ମଙ୍କୁ ପାଇପାରିବ।

୧୩୩। "ପରଂବ୍ରହ୍ମ କୌଣସି ସ୍ୱତନ୍ତ୍ର ଗୁଣ ବହନ କରୁନଥିବାରୁ ତାହାଙ୍କୁ ଅନୁଭବ କରିବା କଷ୍ଟକର। ତେଣୁ ଏହାକୁ ଉଦାହରଣ ସାହାଯ୍ୟରେ ବୁଝାଇ ଦିଆଯାଉଛି। ଜ୍ଞାନୀ

ଲୋକେ ଏହି ଏକମାତ୍ର ଉପାୟ ଅବଲମ୍ବନ କରି ତାହାଙ୍କୁ ପାଇବାର ଚେଷ୍ଟା କରିଥାନ୍ତି।

୧୩୪। "ବେଦବିତ୍‌ଗଣ ଜାଣିଛନ୍ତି ଯେ ଆତ୍ମା ହେଉଛି ରହସ୍ୟମୟ ଓ ସର୍ବତ୍ର ବିରାଜିତ। ତେବେ ତାହାକୁ କିପରି ପ୍ରମାଣ କରିହେବ କିମ୍ବା ଅନୁଭବ କରିହେବ ?

୧୩୫। "ପ୍ରାଥମିକ ଆବଶ୍ୟକତା ହେଉଛି ଶୁଦ୍ଧମନ। ତାହା ପରେ ଅନ୍ତର୍ଭେଦୀ ତୀକ୍ଷ୍ଣ ବୁଦ୍ଧି ପ୍ରୟୋଜନ। ଏହା ତିନିପ୍ରକାର ଶୁଦ୍ଧି ଯଥା- ଶାରୀରିକ, ବାଚନିକ ଓ ମାନସିକ ଶୁଦ୍ଧି ଆଡ଼କୁ ଅଗ୍ରସର କରାଇଥାଏ। ସେହି ଅବସ୍ଥା ଆସିଗଲେ ଦୟାରେ ବିଗଳିତ ହୋଇ ପ୍ରଭୁ ନିଜେ ମୂର୍ତ୍ତିମନ୍ତ ହୋଇଥାନ୍ତି।

୧୩୬। "ଆତ୍ମା ଚିରନ୍ତନ ଓ ଅପରିବର୍ତ୍ତନୀୟ। ଆତ୍ମୋପଲବ୍ଧି କରିଥିବା ବ୍ୟକ୍ତି ନିକଟରେ ଦୁଃଖଶୋକ ନଥାଏ, କାରଣ ସେ ଧୈର୍ଯ୍ୟଶୀଳ ଓ ଜ୍ଞାନବନ୍ତ ହୋଇଥାଏ ଏବଂ ସାଂସାରିକ ବନ୍ଧନରୁ ଚିର ମୁକ୍ତି ପାଇଥାଏ।

୧୩୭। "କୌଶଳପୂର୍ଣ୍ଣ ଦ୍ୱନ୍ଦ୍ୱାତ୍ମକ ଆଭିମୁଖ୍ୟ କୌଣସି କାମକୁ ନୁହେଁ । ବେଦ, ଶ୍ରୁତି ଓ ଶାସ୍ତ୍ରମାନଙ୍କୁ ଖାଲି ପଢ଼ିବା, ବୁଝିବା ବା ସେଗୁଡ଼ିକର ବିଶ୍ଳେଷଣ କରିବା ଦ୍ୱାରା କିଛି ଲାଭ ହୁଏ ନାହିଁ।

୧୩୮। "ଆତ୍ମା ଚିରନ୍ତନ ଓ ଅପରିବର୍ତ୍ତନୀୟ। ଶରୀର ପତନଶୀଳ ଓ ନମନୀୟ। ଏହା ଜାଣି ଯିଏ ଆତ୍ମୋନ୍ନତି ପାଇଁ କାର୍ଯ୍ୟ କରିଥାନ୍ତି, ସେ ନିଜର କରଣୀୟ ଓ ଅକରଣୀୟ କାର୍ଯ୍ୟ ସମ୍ପର୍କରେ ସଚେତନ ହୋଇଥାନ୍ତି।

୧୩୯। "ଆତ୍ମାକୁ ଉପଲବ୍ଧି କରିଥିବା ବ୍ୟକ୍ତି ସବୁବେଳେ ନିର୍ଭୟ ଓ ଅନନ୍ୟ ହୁଏ ଏବଂ ଜଗତର ଦ୍ୱୈତ ଭାବକୁ ବିନଷ୍ଟ କରେ ତଥା ଦୁଃଖଶୋକର ସଫଳ ଧ୍ୱଂସକାରୀ ହୁଏ ।

୧୪୦। "ଆତ୍ମାର ଉପଲବ୍ଧି ଅତି କଷ୍ଟକର ଓ ତାହାକୁ କୀର୍ତ୍ତନ କିମ୍ବା ପ୍ରବଚନ ଦ୍ୱାରା ବୁଝି ହୁଏ ନାହିଁ। କେବଳ ବୁଦ୍ଧି ସେ କ୍ଷେତ୍ରରେ କିଛି କରିପାରେ ନାହିଁ । ସ୍ୱତନ୍ତ୍ର ଉପାୟ ଅବଲମ୍ବନ କରି ତାହାକୁ ବୁଝିବା ସମ୍ଭବ ହୁଏ।

୧୪୧। "ଯିଏ ଜୀବନର ପ୍ରତି କ୍ଷେତ୍ରରେ କାମନାବାସନା ଶୂନ୍ୟ ହୋଇଥାନ୍ତି ଓ ଆତ୍ମୋପଲବ୍ଧି ଯାହାଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥାଏ, ସିଏ ଅବିଚଳ ଭାବରେ ଆତ୍ମାର ଅନ୍ୱେଷୀ ହୋଇଥାନ୍ତି ଏବଂ ସେଇହିଁ କେବଳ ଅଶେଷ ଲାଭ ପାଇପାରନ୍ତି।

୧୪୨। "ମୁଁ ସେ ହିଁ ବୋଲି ଯାହାଙ୍କର ଅଟଳ ବିଶ୍ୱାସ ରହିଥାଏ ଓ ଏହାକୁ ଶୁଣିବା ପରେ ତାହାକୁ ଅନୁଭବ କରିବା ତାଙ୍କର ଏକମାତ୍ର ଲକ୍ଷ୍ୟ ହୋଇଥାଏ, ତେବେ ସେ ଆତ୍ମାର ଅନୁଗ୍ରହ ଲାଭ କରିଥାନ୍ତି।

୧୪୩। " ଯେଉଁ ବ୍ୟକ୍ତି ସବୁ ସମୟରେ ଦୁଷ୍କର୍ମରେ ମାତିଥାଏ ଏବଂ ବିବ୍ରତ, ବିଚଳିତ ଓ ଅସ୍ଥିର ରହିଥାଏ, ସେ ଏକାଗ୍ରଚିତ୍ତ ହୋଇପାରେ ନାହିଁ । ଏଭଳି ବ୍ୟକ୍ତି ଜ୍ଞାନୀ ହୋଇଥିଲେ ମଧ୍ୟ ତାଙ୍କ ପକ୍ଷରେ ଆତ୍ମାକୁ ପାଇବା ଅସମ୍ଭବ ହୋଇଥାଏ ।

୧୪୪। "ଯିଏ ଭୁଲ କାର୍ଯ୍ୟକୁ ତ୍ୟାଗକରି ବେଦ ଉପନିଷଦ ଅନୁଯାୟୀ ସତ୍‌କାର୍ଯ୍ୟର ଅଭ୍ୟାସ କରେ ଓ ଯାହାର ମନ ସର୍ବଦା ନିୟନ୍ତ୍ରଣ ମଧ୍ୟରେ ରହିଥାଏ, ଆତ୍ମା ତାହାର ଆଦେଶ ମାନିଥାଏ।

୧୪୫। "ଯିଏ ନିଜକୁ ପାପ କର୍ମଠାରୁ ଦୂରେଇ ରଖେ, ଯିଏ ଗୁରୁଙ୍କ ପଦଯୁଗଳରେ ବିନମ୍ରଭାବରେ ନିଜକୁ ଉତ୍ସର୍ଗ କରିଦେଇଥାଏ ଓ ନିଜ କାର୍ଯ୍ୟର ଫଳ ପ୍ରାପ୍ତି ଆଶାକୁ ତ୍ୟାଗ କରିଥାଏ, ସେ ଆତ୍ମାକୁ ପାଇଥାଏ।

୧୪୬। "କାମନାବାସନାଶୂନ୍ୟ ନହୋଇ, ସମସ୍ତ ଇଚ୍ଛାକୁ ତ୍ୟାଗନକରି କେବଳ ଆତ୍ମାକୁ ଖୋଜିବାରେ ଆଗ୍ରହୀ ହେଲେ ଆତ୍ମୋପଲବ୍ଧି ହୁଏ ନାହିଁ।

୧୪୭। "ଅନ୍ୱେଷଣକାରୀର କଠୋର ବ୍ରତ ଦେଖିବା ପରେ ଆତ୍ମା ଦୟାପରବଶ ହୋଇ, ଅନ୍ୱେଷଣକାରୀକୁ ଦର୍ଶନ ଦେଇଥାଏ। କିନ୍ତୁ ଏହା ବିନାଗୁରୁରେ ସହଜ ହୋଇନଥାଏ।

୧୪୮। "ତେଣୁ ଆତ୍ମୋପଲବ୍ଧି ନିମନ୍ତେ ଶିକ୍ଷାର୍ଥୀ ଅଦ୍ୱୈତ ଭାବକୁ ମନ ମଧ୍ୟରେ ରଖି ଆତ୍ମା ସମ୍ବନ୍ଧରେ ଅଧିକ ଶୁଣିବ ଓ ଧ୍ୟାନ କେନ୍ଦ୍ରୀଭୂତ କରିବ। ତାହାହେଲେ ଯାଇ ସେ ସହଜରେ ଆତ୍ମାକୁ ପାଇପାରିବ।

୧୪୯। "ଏହି ପାର୍ଥିବ ଜଗତ ଅଜ୍ଞତାରେ ପୂର୍ଣ୍ଣ । ଏହା ଅଜ୍ଞତା ଉପରେ ଆଧାରିତ ଓ ପରିବର୍ଦ୍ଧିତ ହୋଇଥାଏ। ସଦ୍‌ଜ୍ଞାନ ବ୍ୟତିରେକେ ମୋକ୍ଷପ୍ରାପ୍ତି ସମ୍ଭବ ନୁହେଁ ବୋଲି ଜାଣି ରଖିଥାନ୍ତୁ।

୧୫୦। "ବିଶ୍ଳେଷଣ ଓ ନିର୍ଣ୍ଣୟ କେବଳ ଶାସ୍ତ୍ରଗୁଡ଼ିକର ବାଣୀ ସମ୍ପର୍କରେ ହୋଇଥାଏ । ଯେତେବେଳେ ବସ୍ତୁବାଦୀ

ମତିଗତି ଲୋପ ପାଇଯାଏ, ସେତେବେଳେ ସଦ୍‌ଜ୍ଞାନ ଉଦୟ ହୁଏ। ନଚେତ୍, ଏହା ସମ୍ଭବ ନୁହେଁ।

୧୫୧। "ଯିଏ ପାପୀ ଓ ଧାର୍ମିକମାନଙ୍କୁ ସମାନ ଭାବରେ ଦେଖେ, ଶରୀର ମଧ୍ୟରେ ଅବସ୍ଥିତ ଆତ୍ମାକୁ ଯିଏ ଭଗବାନ ଜ୍ଞାନ କରେ ଓ ସେହି ଅନୁଯାୟୀ ଆଚରଣ ପ୍ରଦର୍ଶନ କରେ, ସେଭଳି ବ୍ୟକ୍ତି ମହାନ୍ ଅଟନ୍ତି ଓ ଭେଦାଭେଦ ବିଚାର ତାଙ୍କ ପାଖରେ ନଥାଏ।

୧୫୨। "ଯେତେବେଳେ ବ୍ରହ୍ମ ଓ ଆତ୍ମା ଏକ ବୋଲି ଅନୁଭବ ହୁଏ, ତାହାହିଁ ଜ୍ଞାନର ପରମ ଲକ୍ଷ୍ୟ ହୋଇଥାଏ। ଏହି ଆତ୍ମୋପଲବ୍ଧି ଜାଗ୍ରତ ହେବା ପରେ ସମସ୍ତ ଅଜ୍ଞତା ଦୂର ହୋଇଯାଇଥାଏ।

୧୫୩। "ଆତ୍ମୋପଲବ୍ଧି ସମ୍ପୂର୍ଣ୍ଣ ହୋଇଯିବାପରେ ବୁଝିବା ନିମନ୍ତେ ଆଉ କିଛି ବାକି ରହେ ନାହିଁ। ଏହା ପାର୍ଥିବ ବସ୍ତୁବାଦୀ ଜଗତକୁ ତଥା ଭାଗ୍ୟଫଳକୁ ବୁଝିବାରେ ସମର୍ଥ କରେ । ଏହା ଆତ୍ମୋପଲବ୍ଧି ଯୋଗୁ ହିଁ ହୁଏ।

୧୫୪। "ଆତ୍ମୋପଲବ୍ଧିର ଫଳ ହେଉଛି ବିନା ଦ୍ୱିଧାରେ ଜଗତ ପରିହାର। ତାହା ଦ୍ୱାରା ତତ୍‌କ୍ଷଣାତ୍ ଦିବ୍ୟ ଆନନ୍ଦ ମିଳିଥାଏ ଓ ଶାଶ୍ୱତ ମୁକ୍ତି ହୋଇଥାଏ।

୧୫୫। "ଆତ୍ମା ହେଉଛି ସୂକ୍ଷ୍ମରୁ ସୂକ୍ଷ୍ମତମ ଓ ବୃହତ୍‌ରୁ ବୃହତ୍ତମ। ତାହାକୁ ଏହିଭଳି ବର୍ଣ୍ଣନା କରି ତାହାର ସର୍ବବ୍ୟାପକତାକୁ ବୁଦ୍ଧି ବଳରେ ବୋଧଗମ୍ୟ କରାଯାଇଥାଏ।

୧୫୬। "ପ୍ରକୃତ ପକ୍ଷରେ ଏହା ସୂକ୍ଷ୍ମ ନୁହେଁ କି ବୃହତ୍ ନୁହେଁ। ଏହା ସମ୍ପର୍କରେ କୌଣସି ପ୍ରକାର ତୁଳନା କେବଳ କଳ୍ପନା ବୋଲି ମନେହେବ । ସମସ୍ତ ଆକାର ଓ ନିରାକାର, ସଚରାଚର ଏହାରି ପରିସର ମଧ୍ୟରେ ରହିଥାଏ ।

୧୫୭। "ଚିରନ୍ତନ ସତ୍ୟକୁ ବର୍ଣ୍ଣନା କରିହୁଏ ନାହିଁ। ଜ୍ଞାନୀମାନଙ୍କୁ ବୁଝାଇବା ସମୟରେ ଏହାକୁ କେତେଗୁଡ଼ିଏ ଶବ୍ଦ ମଧ୍ୟରେ ପ୍ରକାଶ କରାଯାଇଥାଏ, ଯଦିଚ ଏହା ଅସୀମ।

୧୫୮। "କେବଳ ବିଚକ୍ଷଣ ବୁଦ୍ଧି ଦ୍ୱାରା ପରମ ସତ୍ୟ ବୋଧଗମ୍ୟ ହୋଇପାରିବ ନାହିଁ। ସାଧୁସନ୍ଥ ଓ ସଦ୍‌ଗୁରୁମାନଙ୍କ ସାଙ୍ଗରେ ରହି ଓ ସେମାନଙ୍କର ସେବା ଶ୍ରଦ୍ଧା ସହକାରେ କଲେ, ଏହା ବୁଝିବା ସମ୍ଭବ ହୋଇଥାଏ।

୧୫୯। "ବ୍ରହ୍ମଙ୍କ ବର୍ଣ୍ଣନାର ଅଭାବ ନାହିଁ। ଅସଂଖ୍ୟ ଶାସ୍ତ୍ର ଓ ପୁରାଣମାନଙ୍କରେ ତାଙ୍କର ଅଜସ୍ର ବର୍ଣ୍ଣନା ରହିଛି। ମାତ୍ର ସଦ୍‌ଗୁରୁଙ୍କର କୃପା ବିନା ତାହାଙ୍କୁ ବୁଝିବା ପାଇଁ ଅନନ୍ତକାଳ ବିତିଯିବ।

୧୬୦। "ଦୈନିକ ଉପାସନା ନଥିଲେ ମନ ପବିତ୍ର ହୁଏ ନାହିଁ କି ଉପଯୁକ୍ତ ଶିକ୍ଷା ମିଳେ ନାହିଁ। ସେ କ୍ଷେତ୍ରରେ ବ୍ରହ୍ମଜ୍ଞାନ ଆଦୌ ସମ୍ଭବ ନୁହେଁ।

୧୬୧। "କେବଳ ବ୍ରହ୍ମ ହିଁ ଚିରନ୍ତନ। ଅନ୍ୟ ସମସ୍ତ କ୍ଷଣସ୍ଥାୟୀ । ଯାହା ଦୃଶ୍ୟମାନ ତାହା କ୍ଷୟଶୀଳ। ଏହା ହିଁ ତ୍ରିବାର ସତ୍ୟ।

୧୬୨। "ବ୍ରହ୍ମଙ୍କ ସମ୍ବନ୍ଧରେ କହିପାରିବାର ବକ୍ତା ବିରଳ, ପବିତ୍ର ହୃଦୟରେ ଶୁଣିବାର ଶ୍ରୋତା ମଧ୍ୟ ଆହୁରି ବିରଳ। ମାତ୍ର ବ୍ରହ୍ମଜ୍ଞାତା ପ୍ରେମମୟ ସଦ୍‌ଗୁରୁ ଅଧିକ ମାତ୍ରାରେ ବିରଳ।

୧୬୩। "ଏତେ ସହଜରେ ବ୍ରହ୍ମ ମିଳିଯାଆନ୍ତି କି ? ଗୁମ୍ଫା ମଧ୍ୟରେ ଓ ପର୍ବତ ଶିଖରରେ ଯିଏ ବାସ କରନ୍ତି, ଯୋଗ ସାଧନାର ଜାଲରେ ଯିଏ ପଡ଼ିଥାନ୍ତି କିମ୍ବା ଧ୍ୟାନରେ ବସି ରହିଥାନ୍ତି,ସିଏ ବ୍ରହ୍ମଙ୍କୁ ଖୋଜିଲେ ମଧ୍ୟ ସଫଳ ହୁଅନ୍ତି ନାହିଁ।

୧୬୪। "ଗୁରୁଙ୍କ କୃପା ନହେଲେ କେହି ବ୍ରହ୍ମଜ୍ଞାନ ପାଇବେ ନାହିଁ। ତୁମେ ଲୋଭର ଏକ ମୂର୍ତ୍ତିମନ୍ତ ଅବତାର ହୋଇଥିବାରୁ ବ୍ରହ୍ମଜ୍ଞାନ କିପରି ବା ପାଇପାରିବ ?

୧୬୫। "ଯାହାଙ୍କର ଧନ ପ୍ରତି ଅଦମ୍ୟ ଲୋଭ ରହିଛି, ସେ ଚିରକାଳ ଯାଏଁ କେବେହେଲେ ବ୍ରହ୍ମଜ୍ଞାନ ପାଇବେ ନାହିଁ। ଏକଥା ମନେ ରଖିଥିବ।

୧୬୬। "ଯିଏ ଧର୍ମଜ୍ଞାନ ଶୁଣୁଥିବା ସମୟରେ ସାଂସାରିକ ସୁଖ ଓ ପାର୍ଥିବ ଜଗତ ସମ୍ବନ୍ଧରେ ସବୁବେଳେ ଚିନ୍ତା କରୁଥିବେ, ସେ ସେଇଭଳି ଅନୁଭୂତି ହିଁ କେବଳ ପାଇବେ।

୧୬୭। "ଅପବିତ୍ରତା, ସନ୍ଦିଗ୍ଧତା ଓ ଗୋପନୀୟତା ଏହି ତିନୋଟି ହେଉଛି ମନୁଷ୍ୟ ମନର ସହଜାତ ପ୍ରବୃତ୍ତିଗତ ଦୋଷ। ନିଃସ୍ୱାର୍ଥପର ସେବା ଦ୍ୱାରା ମନର ଅପବିତ୍ରତାକୁ ପରିଷ୍କାର କରିଦିଆଯାଇପାରେ ଓ ଉପାସନା ଦ୍ୱାରା ମନରୁ ସନ୍ଦିଗ୍ଧତାକୁ ଦୂର କରାଯାଇପାରେ ।

୧୬୮। "ନିଜର କର୍ତ୍ତବ୍ୟ, କର୍ମ ଓ ଆରାଧନା କରିବା ଦ୍ୱାରା ମନ ପରିପକ୍ୱ ହୋଇଥାଏ, କାରଣ ମନରୁ ଅପବିତ୍ରତା ଓ ସନ୍ଦିଗ୍ଧତା ଦୂର ହୋଇଯାଇଥାଏ। କେବଳ ପରଦା ହିଁ ରହିଥାଏ।

୧୬୯ । "ସବୁ ଦୁଃଖଦୁର୍ଦ୍ଦଶାର ମୂଳ କାରଣ ହେଉଛି ଏହି ପରଦା । ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଦୂର ହୋଇଯିବା ଭଳି, ସଦ୍‌ଜ୍ଞାନ ଉଦୟ ହେଲେ ଏହି ପରଦା ନଷ୍ଟ ହୋଇଯାଇଥାଏ ।

୧୭୦ । "ବେଦବିତ୍‌ମାନେ ବ୍ରହ୍ମଙ୍କୁ ସତ୍ୟ, ଜ୍ଞାନ, ଶାଶ୍ୱତ ଇତ୍ୟାଦି ଗୁଣ ଦ୍ୱାରା ବର୍ଣ୍ଣନା କରିଥାନ୍ତି । ଆତ୍ମୋପଲବ୍ଧି କରିଥିବା ବ୍ୟକ୍ତିଙ୍କ ନିକଟରେ ବ୍ରହ୍ମ ଆପେ ଆପେ ଉଦୟ ହୋଇଥାନ୍ତି ।

୧୭୧ । "ଜଙ୍ଗଲ ମଧ୍ୟରେ କ୍ଷୀଣ ଚନ୍ଦ୍ରାଲୋକରେ କୌଣସି ପଥିକ ଏକୁଟିଆ ଯାଉଥିବା ସମୟରେ ସେ ଭାଙ୍ଗିପଡ଼ିଥିବା ଗଛର ଗଣ୍ଡିକୁ ଦସ୍ୟୁ ବୋଲି ଭାବି ଡରି ଯାଇଥାଏ ଓ ଲୁଚି ରହି ଚିନ୍ତା କରେ-

୧୭୨ । 'ମୁଁ ଏକୁଟିଆ ଟଙ୍କା ଧରି ଯାଉଛି । ବାଟମାରଣା କରିବା ପାଇଁ ସେ ମୋ ଉପରକୁ କୁଦି ପଡ଼ିବ । ମୋ ଜୀବନ ଏବେ ବିପନ୍ନ ହୋଇଥିବାରୁ ମୁଁ କ'ଣ କରିବି ?'

୧୭୩ । "ସେହି ସମୟରେ ତା' ନିକଟକୁ ଆଲୋକ ଆସିଗଲେ ସେ ପ୍ରକୃତ ସତ୍ୟ ଜାଣିପାରିଥାଏ । ତାହାର ଭୟ ଚାଲିଯାଇଥାଏ ଓ ଦସ୍ୟୁ ସମ୍ପର୍କିତ ଭ୍ରାନ୍ତଧାରଣା ମନରୁ ଦୂର ହୋଇଯାଇଥାଏ ।"

୧୭୪ । ସେ ଯାହା ହେଉ, ମୁଁ ବର୍ତ୍ତମାନ ଶ୍ରୋତାଗଣଙ୍କୁ ବ୍ରହ୍ମଜ୍ଞାନପ୍ରାପ୍ତିରେ ଥିବା ଅସୁବିଧା ସମ୍ପର୍କରେ କହିଲି । ପରବର୍ତ୍ତୀ ଅଧ୍ୟାୟରେ ଆମେ ଚିରସ୍ଥାୟୀ ମଙ୍ଗଳ କିଭଳି ଅନୁସନ୍ଧିତ୍ସୁଙ୍କ ନିକଟରେ ପହଞ୍ଚିଥାଏ, ତାହା ଦେଖିବା ।

୧୭୫ । ଶ୍ରୀସାଇଙ୍କ ପଦତଳେ ହେମାଡ଼ ସ୍ୱେଚ୍ଛାକ୍ରମେ ଶରଣାଗତ ହେଉଛି । ଯାହା ମନକୁ ଆସିଛି, ଏଣୁ ତେଣୁ କହି ଦେଇଛି । ନିଷ୍ପାପର ଓ ନିରୀହ ଶ୍ରୋତାମାନେ ସେହି ଯାଉସାଉ କଥା ଶୁଣନ୍ତୁ, ଯାହା ଶ୍ରୀସାଇଙ୍କ କୃପାରୁ ପ୍ରାଣବନ୍ତ ହେଉଛି ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ବ୍ରହ୍ମଜ୍ଞାନର ବର୍ଣ୍ଣନା-୧' ଶୀର୍ଷକ ଷୋଡ଼ଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- 'ଚତୁରାଇ' ଶବ୍ଦ ବାବାଙ୍କର ପ୍ରିୟ ଥିଲା ଓ ସେ ଭକ୍ତମାନଙ୍କୁ ଅଧିକାଂଶ ସମୟରେ ଏହା କହୁଥିଲେ । "ଚତୁରାଇ କରି ଲାଭ ନାହିଁ । ବୟସ୍କମାନେ ଓ ଜ୍ଞାନୀଲୋକେ ଯେତେବେଳେ ଯାହା କହିଥାନ୍ତି, ସବୁବେଳେ ଶୁଣିବା ଉଚିତ୍ ।"

୨- ଇପ୍‌ସିତ ବସ୍ତୁ ପ୍ରଦାନ କରୁଥିବା ରତ୍ନ ।

୩- ସମସ୍ତ ଆଶା ପୂରଣ କରୁଥିବା ବୃକ୍ଷ ।

୪- ସମାଧି ଅବସ୍ଥା ବା ଶାନ୍ତି ମିଳୁଥିବା ଅବସ୍ଥା ।

୫- ସମସ୍ତ ଇଚ୍ଛା ପୂରଣ କରୁଥିବା ଗାଇ ।

୬- ଇନ୍ଦ୍ର ।

୭- ଶିରିଡ଼ିର ଜଣେ ମାରୁଆଡ଼ି ବେପାରୀ ।

୮- ଶିରିଡ଼ିର ବଣିଆଁ ବେପାରୀ ।

୯- 'ଦେବ କି ନ ଦେବ'ର ସନ୍ଦେହ ।

୧୦- ନିର୍ଗୁଣ ବ୍ରହ୍ମ ।

୧୧- ସଗୁଣ ବ୍ରହ୍ମ ।

୧୨- ତପସ୍ୟାରୁ ପ୍ରାପ୍ତ ଜ୍ଞାନ ।

ସଦା ଆଶିଷ ଦେଇଥାଏ ବାବାଙ୍କର ଏଇ ପଦ୍ମଚରଣ

(ତୃତୀୟ ଦିନର ପାରାୟଣ-ଶନିବାର)

।। ୧୭ ।।

ବ୍ରହ୍ମଜ୍ଞାନର ବର୍ଣ୍ଣନା- ୨

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ମୁଁ ସୂଚନା ଦେଇଥିଲି ଯେ ଏହି ଅଧ୍ୟାୟରେ ଚିରସ୍ଥାୟୀ ମଙ୍ଗଳ(ଶ୍ରେୟ) ଓ ସୁଖ(ପ୍ରେୟ)ର ଗୁଣାବଳୀ ବର୍ଣ୍ଣନା କରିବି । ତାହାକୁ ମର୍ଯ୍ୟାଦା ଦେଇ ଶୁଣନ୍ତୁ ।
୨ । ଆଲୋକ ଓ ଅନ୍ଧାର ମଧ୍ୟରେ ପାରସ୍ପରିକ ସଂପର୍କ ରହିଥିଲେ ମଧ୍ୟ ତାହା ପରସ୍ପରଠାରୁ ଭିନ୍ନ । ମଙ୍ଗଳ ଓ ସୁଖ ସେହିଭଳି ।
୩ । ଯାହାଙ୍କର ମନ ସୁଖ ପଛରେ ଦୌଡ଼ୁଥାଏ, ସେ ତାଙ୍କର ସ୍ୱାର୍ଥପର ଗୁଣ ଯୋଗୁଁ ନଷ୍ଟ ହୋଇଥାନ୍ତି । ମଙ୍ଗଳ ହେଉଛି ସଂଯତ ଓ ସୁଖ ହେଉଛି ଅସଂଯତ ।
୪ । ମଙ୍ଗଳ ଶୁଦ୍ଧ ଜ୍ଞାନ ଦ୍ୱାରା ପରିଚାଳିତ ହେଉଥିବା ସମୟରେ ସୁଖ ମିଥ୍ୟା ଜ୍ଞାନ ଦ୍ୱାରା ପରିଚାଳିତ ହୋଇଥାଏ । ଜ୍ଞାନୀ ବ୍ୟକ୍ତିମାନେ ସୁଖ ପ୍ରତି ଆକୃଷ୍ଟ ହେଉନଥିବା ସମୟରେ ଅଜ୍ଞାନମାନେ ମଙ୍ଗଳକୁ ଭଲ ପାଆନ୍ତି ନାହିଁ ।
୫ । କାମିନୀ ଓ କାଞ୍ଚନ ମିଳୁଥିବା ପର୍ଯ୍ୟନ୍ତ ଇନ୍ଦ୍ରିୟଗଣ ସୁଖଭୋଗରେ ଲିପ୍ତ ରହିଥାନ୍ତି ଓ ସେତେବେଳେ ଆତ୍ମନିୟନ୍ତ୍ରଣ ବା ଅନାସକ୍ତ ଭାବ କଥା ଚିନ୍ତା କରାଯାଏ ନାହିଁ । ସୁଖଭୋଗକୁ ସ୍ୱାଗତ କରାଯାଇଥାଏ ।
୬ । ମଙ୍ଗଳ ଓ ସୁଖ କ୍ଷୀର ନୀର ଭଳି ପରସ୍ପର ସହ ମିଶି ରହିଥାଏ, କିନ୍ତୁ ମାନସ ସରୋବରର ହଂସ ତାହାକୁ ଅଲଗା କରି କେବଳ କ୍ଷୀର ପିଇଥାଏ ।
୭ । ଯେଉଁମାନେ ଆଚରଣରେ ସ୍ଥିର ସଂକଳ୍ପବଦ୍ଧ, ଜ୍ଞାନୀ, ଆତ୍ମସଂଯମୀ ଓ ଭାଗ୍ୟବାନ, ସେମାନେ ମଙ୍ଗଳପ୍ରାପ୍ତି ନିମିତ୍ତ କେବଳ ଚେଷ୍ଟା କରିଥାନ୍ତି ଓ ସୁଖଭୋଗ ଚାହିଁ ନ ଥାନ୍ତି ।
୮ । ନିର୍ବୋଧମାନେ ନିଜ ଶରୀରର ଯତ୍ନ ନେବା, ଗୃହପାଳିତ ପଶୁପକ୍ଷୀ, ସନ୍ତାନସନ୍ତତି, ଧନଦୌଲତ, ମାନମର୍ଯ୍ୟାଦା ପାଇବା ପାଇଁ ଓ ଭଲରେ ରହିବା ପାଇଁ ଆଗ୍ରହୀ ହୋଇଥାନ୍ତି । ସେମାନେ କେବଳ ସୁଖଭୋଗ ଚାହିଁଥାନ୍ତି ।
୯ । ମଙ୍ଗଳ ହେଉ କି ସୁଖଭୋଗ ହେଉ, ଉଭୟକୁ ଠିକ୍ ଭାବରେ ବୁଝି ପାରିଥିଲେ ମଧ୍ୟ ମଙ୍ଗଳ ସାଧନ କରିବା କଷ୍ଟକର । ଏପରିକି ଜଣେ ନିଜର ଚିନ୍ତାଭାବନାରେ ସ୍ୱାଧୀନ ହୋଇଥିଲେ ମଧ୍ୟ ତାଙ୍କ ପକ୍ଷରେ ବି ଏହା କଷ୍ଟକର ।
୧୦ । ଉଭୟ ମିଳୁଥିଲାବେଳେ ତହିଁରୁ ଗୋଟିଏକୁ ବାଛିବାବି କଷ୍ଟକର । ଅଜ୍ଞତା ପ୍ରଭେଦବୋଧକୁ ପଛରେ ପକାଇ ନିର୍ଣ୍ଣାୟକ ହୋଇଥିଲେ ସୁଖଭୋଗ ଆସି ଜାବୁଡ଼ି ଧରିଥାଏ ।
୧୧ । ସୁଖଭୋଗକୁ ଏଡ଼ାଇ ଦେଇ ମଙ୍ଗଳକୁ ଗ୍ରହଣ କରିବା ହିଁ ପ୍ରକୃତ ଆଧ୍ୟାତ୍ମିକ ପ୍ରୟାସ । ଏହା ହଂସ କ୍ଷୀରନୀର ମିଶ୍ରଣରୁ କ୍ଷୀରକୁ ଅଲଗା କରି ପିଇଦେବା ଭଳି ।
୧୨ । ମଙ୍ଗଳ ଓ ସୁଖ ଉଭୟକୁ ଜଣେ ବ୍ୟକ୍ତି ପାଇପାରେ । ନିର୍ବୋଧମାନେ ଆତ୍ମନିୟନ୍ତ୍ରଣରେ ନ ଥାଇ ପ୍ରଭେଦକୁ ଜାଣିପାରନ୍ତି ନାହିଁ ।

୧୩। ପ୍ରଥମରୁ ଜଣେ ନିଶ୍ଚିତଭାବରେ ବୁଝି ପାରିବା ଉଚିତ ଯେ ମଙ୍ଗଳ କେଉଁଠାରେ ରହିଛି ? ପରେ ଯେତେବେଳେ ବାଟରେ କୌଣସି ବାଧାବିଘ୍ନ ଦେଖାଦେବ, ସେତେବେଳେ ତାହାକୁ ପୂରାପୂରି ଏଡ଼ାଇ ଦେଇହେବ।

୧୪। ଏହି ସମୟରେ ମାନବ ଜୀବନର ଚାରି[୧] ଜଣାଶୁଣା ଲକ୍ଷ୍ୟ ହାସଲ କରିବା ନିମନ୍ତେ ମଣିଷର ପ୍ରଚେଷ୍ଟା ହସ୍ତକ୍ଷେପ କରିଥାଏ ଓ ନିଜ ନିଜର ଦାବି ଜଣାଇଥାଏ। କିନ୍ତୁ ବ୍ୟକ୍ତି ମଙ୍ଗଳପ୍ରାପ୍ତି ନିମନ୍ତେ ଗଭୀର ପ୍ରଚେଷ୍ଟା କରି ସେଥିପାଇଁ ସଂଗ୍ରାମ କରିବା ଉଚିତ।

୧୫। ସଂସାରୀ ଜୀବନର ଭଉଁରୀ ଅଚିନ୍ତନୀୟ। ଏହା ଚବିଶ ଘଣ୍ଟା ଅବିରାମ ବୁଲୁଥାଏ। ମନୁଷ୍ୟ ତ୍ରିତାପ[୨] ଦୋଷ ଭୋଗୁଥାଏ।

୧୬। ସଂସାରୀ ଜୀବନର ଭଉଁରୀ ଯୋଗୁଁ ଅତ୍ୟଧିକ ଦୁଃଖଦୁର୍ଦ୍ଦଶା ଆସିଥାଏ ଓ ମନୁଷ୍ୟ ହଇରାଣ ଓ ଅତ୍ୟାଚାରିତ ହୋଇଥାଏ। ସେତେବେଳେ ସେ ଦୁର୍ଦ୍ଦଶା ଏଡ଼ାଇବା ପାଇଁ ସହଜ ସୁଖଭୋଗର ଅନ୍ୱେଷଣ କରିଥାଏ।

୧୭। ସଂସାରୀ ଜୀବନର ଭଉଁରୀ ଅସହ୍ୟ। ଏହାକୁ କିପରି ବନ୍ଦ କରି ହେବ ? ସେଭଳି କିଛି ଉପାୟ ଅଛି କି ନାହିଁ? ମଣିଷ ଏହା ଚିନ୍ତା କରିବାକୁ ଆରମ୍ଭ କରେ।

୧୮। ଭାଗ୍ୟ ଭଲ ଥିଲେ ଏଭଳି ଭାବନା ଉତ୍ପତ୍ତି ହେବା ମାତ୍ରକେ ତାହା ଜୀବନର ଲକ୍ଷ୍ୟକୁ ପ୍ରଣୋଦିତ କରେ। ତଦ୍ଦ୍ୱାରା ନିଜର ମଙ୍ଗଳ ସାଧନ ନିମିତ୍ତ ମଣିଷ ଠିକ୍ ବାଟରେ ଆଗେଇ ଯାଇଥାଏ।

୧୯। ମୂଳରୁ ମିଥ୍ୟା ଜ୍ଞାନ ବା ମାୟା ରହିଥାଏ। ତାହା ଶାମୁକାରେ ରୂପା ଭ୍ରମ ଓ ମରୀଚିକାରେ ଜଳ ଭ୍ରମ ଭଳି ବୃଥା ହୋଇଥାଏ । ତାହାକୁ ଭ୍ରମାତ୍ମକ ଧାରଣା ଓ ବାଧକ ବୋଲି ବିଚାର କରି ଦୂର କରିବା ଉଚିତ।

୨୦। ସ୍ୱପ୍ନରେ ସୁନା ମୋହର ବର୍ଷା ହେଉଥିବାର ଦେଖିଲେ ଓ ଭବିଷ୍ୟତରେ କାମରେ ଆସିବ ବୋଲି ଭାବି ସେଗୁଡ଼ିକୁ ବହୁ ଆୟାସ କରି ଗୋଟାଇଥିବାର ଘଟଣା ଘଟିଥିଲେ ମଧ୍ୟ, ଜାଗ୍ରତ ହେବା ପରେ ସେସବୁ ଉଭେଇଯାଇଥାଏ।

୨୧। ଜାଣତରେ ଓ ଅଜାଣତରେ ଭାଗ୍ୟ, ନିୟତି, କାମନାବାସନା, ଆଶାଆକାଂକ୍ଷା, ଲୋଭ ଇତ୍ୟାଦି ସବୁ ସମୟରେ ବାଧକ ବୋଲି ଜାଣି ରଖନ୍ତୁ। ମୂଳରୁ ଏଗୁଡ଼ିକୁ ନିର୍ମୂଳ କରନ୍ତୁ।

୨୨। ଏପରିକି ଯେଉଁଠାରେ ସୂର୍ଯ୍ୟ କିରଣ ପ୍ରବେଶ କରିପାରେ ନାହିଁ, ଯାହା ବୁଦ୍ଧିର ଅଗମ୍ୟ ହୋଇଥାଏ, ଯେଉଁଠାରେ ବେଦ ଓ ଶ୍ରୁତିମାନେ ମଧ୍ୟ ପାଦ ପକାଇ ପାରିନାହାନ୍ତି, ସେଠାକୁ ଗୁରୁ ତୁମକୁ ନେଇଯାଇଥାନ୍ତି।

୨୩। କାମନା ଓ କ୍ରୋଧ, ଏ ଦୁଇଟି ଭାବାବେଗ ପ୍ରକୃତ ଜ୍ଞାନ ଲାଭ ପଥରେ ପ୍ରତିବନ୍ଧକ ରୂପେ ଆସିଥାଏ। ତାହା ବୋଧଶକ୍ତି, ଏକାଗ୍ରତା ଓ ସମାଧିକୁ ଅତ୍ୟନ୍ତ କୌଶଳ ସହକାରେ ଧୂଳିସାତ୍ କରି ଦେଇଥାଏ।

୨୪। ଅଗ୍ନିଶିଖା ଓ କର୍ପୂର ପରସ୍ପର ସଂସ୍ପର୍ଶରେ ଆସିଯିବା ପରେ ସେ ଦୁହିଁଙ୍କୁ ପରସ୍ପର ନିକଟରୁ ଅଲଗା କରି ହୁଏ କି ? ଉଭୟ ମିଶିଯିବା ମାତ୍ରକେ ଅଗ୍ନି ଯୋଗୁଁ କର୍ପୂର ଜଳିବାକୁ ଆରମ୍ଭ କରିଥାଏ।

୨୫। ଯେଉଁ ବ୍ୟକ୍ତି ସବୁ ସମୟରେ ପାପ ଓ ଶାସ୍ତ୍ର-ନିଷିଦ୍ଧ କର୍ମ ମଧ୍ୟରେ ବୁଡ଼ି ରହିଥାଏ, ସେ ଯେତେ ବିଦ୍ୱାନ ହୋଇଥିଲେ ମଧ୍ୟ ଭୁଲ ଠିକ୍ ଜାଣୁ ନ ଥିବାରୁ ସେଭଳି ବ୍ୟକ୍ତିର ଆବଶ୍ୟକତା ବା କ'ଣ ?

୨୬। ସେହିଭଳି ଯେଉଁ ବ୍ୟକ୍ତି ସବୁବେଳେ ଅସ୍ଥିର, ମନ ମଧ୍ୟରେ ବିଚଳିତ, ଇନ୍ଦ୍ରିୟମାନଙ୍କ ଅକ୍ତିଆରରେ ରହି ଉନ୍ମାଦ ସମ ପରିଚାଳିତ ହେଉଥାଏ, ସେ କେବେ ମଧ୍ୟ ଜ୍ଞାନ ପାଇ ପାରିବ ନାହିଁ।

୨୭। ଯିଏ ସଦା ସନ୍ତୁଷ୍ଟ, ଶାନ୍ତ, ସତ୍ ଆତ୍ମା ସନ୍ଧାନରେ ସଦା ବ୍ୟସ୍ତ ଓ ସର୍ବୋପରି ଗୁରୁଙ୍କର ଆଜ୍ଞାବହ, ସେ ଜ୍ଞାନରେ ପରିପୂର୍ଣ୍ଣ।

୨୮। ସେ ଗୃହୀ କିମ୍ବା ଋଷି ହୋଇଥାଉ, ଯଦି ନିଜର ଗନ୍ତବ୍ୟ ସ୍ଥଳ ଜାଣିଛି, ତେବେ ତାହାର ଶରୀର ରୂପକ ରଥର ସେ ପ୍ରଭୁ ହେବାକୁ ହୁଏ। ବୃଥା ପାଣ୍ଡିତ୍ୟ ଓ ଆସ୍ଫାଳନର ଆବଶ୍ୟକତା କ'ଣ ଅଛି ?

୨୯। ତୁଚ୍ଛା ଗପସପର ଏଠି ସ୍ଥାନ ନାହିଁ। କେବଳ ଶିକ୍ଷା ହିଁ ସାରକଥା। ନିଜ ଶରୀରକୁ ରଥ ମନେ କରି ତା' ମଧ୍ୟରେ ସ୍ଥିରହୋଇ ବସି ରହ।

୩୦। ଶରୀର ରଥରେ ବୁଦ୍ଧିକୁ ସାରଥି କରି ନିଜକୁ ପ୍ରଭୁ କର ଓ ତାହାହେଲେ ଆରାମରେ ବସିପାରିବ।

୩୧। ଇନ୍ଦ୍ରିୟସୁଖରୂପକ ବାଧକ ଦ୍ୱାରା ଭର୍ତ୍ତି ହୋଇଥିବା

ମନରୂପକ ରାସ୍ତାରେ ରଥ ଚଳାଇବା ସମୟରେ ସାରଥିକୁ ଦଶ ଇନ୍ଦ୍ରିୟରୂପକ ଡେଉଁଥିବା ଘୋଡ଼ାମାନଙ୍କର ଲଗାମ ଟାଣି ଧରିବାକୁ ନିର୍ଦ୍ଦେଶ ଦିଅ।

୩୨। ଯଦି ଘୋଡ଼ାଗୁଡ଼ିକ ଏଣେତେଣେ ଦୌଡ଼ିବେ, ତେବେ ସାରଥିକୁ ଲଗାମ ଟାଣି ଧରି ଘୋଡ଼ାଙ୍କୁ ନିୟନ୍ତ୍ରଣ କରିବାକୁ କୁହ। ସେହି କାର୍ଯ୍ୟ ତାହା ଉପରେ ନ୍ୟସ୍ତ କରିଦେଲେ, ତୁମେ ଆରାମରେ ବିଶ୍ରାମ କରିପାରିବ।

୩୩। ସାରଥି କୌଶଳୀ ଓ ଦକ୍ଷ ହୋଇଥିଲେ ଘୋଡ଼ାମାନେ ଠିକ୍ ଭାବରେ ଦୌଡ଼ିବେ। କିନ୍ତୁ ଲଗାମକୁ ନିୟନ୍ତ୍ରଣ କରୁଥିବା ମନ ଯଦି ସ୍ୱାଧୀନ ନୁହେଁ, ତେବେ ଦୁର୍ବଳତା ରହିଯିବ।

୩୪। 'ବୁଦ୍ଧି' ଯେତେବେଳେ 'ବିଚାର' ବୋଧର ଇନ୍ଦ୍ରିୟ ସହିତ ମିଳିତ ହୋଇ ରଥ ଚଳାଉଥାଏ, ସେହି ବ୍ୟକ୍ତିଙ୍କର ନିଜ ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ରହିଥାଏ। ଯିଏ ଏକାଗ୍ର ଚିତ୍ତ ହୋଇପାରେ ଓ ଯାହାର ମନ ସ୍ଥିର, ସେଇ ହିଁ କେବଳ ମୋକ୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚି ପାରିବ। ଅନ୍ୟମାନେ ରାସ୍ତାରେ ଥକି ପଡ଼ିବେ।

୩୫। ଯାହାର ମନ ଅସ୍ଥିର, ସେ କେବେବି ସନ୍ତୁଷ୍ଟ ହୁଏ ନାହିଁ। ମୋକ୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିବାର ବାଟ ତା'ପାଇଁ ଖୋଲା ନୁହେଁ ଓ ଏଣୁ ସେ ଜନ୍ମ ଓ ମୃତ୍ୟୁ ଚକ୍ରକୁ ଏଡ଼ାଇ ଦେଇପାରେ ନାହିଁ।

୩୬। ସର୍ବୋଚ୍ଚ ଅବସ୍ଥା ଏହି ପ୍ରକାରର। ଜଣେ କେତେବେଳେ ଏହାକୁ ପ୍ରାପ୍ତ ହେବ? ଯେତେବେଳେ ମନ ଭିତରୁ ସମସ୍ତ ସନ୍ଦେହ ଦୂର ହୋଇଯିବ, ସେତେବେଳେ ଏହା ଆପେ ଆପେ ତୁମର ପ୍ରାପ୍ତ ହୋଇଯିବ।

୩୭। ଏଠାରେ ଯୁକ୍ତିତର୍କ, ଅନୁମାନ, ନିର୍ଣ୍ଣୟ-ନିର୍ଯ୍ୟାସ, ପର୍ଯ୍ୟାଲୋଚନା, ଆଲୋଚନା ବା ସୁଖସମ୍ଭାଷଣର କିଛି ମୂଲ୍ୟ ନ ଥାଏ। କେବଳ ଈଶ୍ୱରଙ୍କର କୃପା ହେଲେ ଏହା ପ୍ରାପ୍ତ ହୋଇପାରିବ। ଅନ୍ୟ ସମସ୍ତ ଶିକ୍ଷା-ବିଜ୍ଞାନ ଏଠାରେ ନିଷ୍ଫଳ।

୩୮। ଏ କ୍ଷେତ୍ରରେ ଚମତ୍କାରିତା ହେଉଛି ଯେ ସରଳ ବିଶ୍ୱାସୀ ଏହାକୁ ଜାଣି ପାରୁଥିବାବେଳେ ଯୁକ୍ତିବାଦୀର କୌଶଳ ବୃଥା ହୋଇଥାଏ ଓ ଯୁକ୍ତିବାଦୀର ମନ ଦ୍ୱନ୍ଦ୍ୱରେ ପଡ଼ିଥାଏ।

୩୯। ଯେଉଁମାନେ ପ୍ରକୃତ ଜ୍ଞାନ ଆହରଣ କରିଥାନ୍ତି, ସେମାନେ ଭିନ୍ନ ପ୍ରକାରର ଏବଂ ସେମାନଙ୍କର ଚିନ୍ତା ଓ ବୁଦ୍ଧି ଭିନ୍ନ ପ୍ରକାରର। ଅନୁଗ୍ରହ କରି ଏହା ବୁଝିବା ପାଇଁ ଚେଷ୍ଟା କରନ୍ତୁ ଯେ, ଯେଉଁ ବ୍ୟକ୍ତି ପ୍ରକୃତ ଜ୍ଞାନର ଅଧିକାରୀ, ସେ ଭିନ୍ନ ଧରଣର ହୋଇଥାନ୍ତି ଓ ଜ୍ଞାନଦାନ କରିବାପାଇଁ ସେ ହିଁ ପ୍ରକୃଷ୍ଟ ବ୍ୟକ୍ତି।

୪୦। ମୂଲ୍ୟବାନ ଶରୀର କିପରି ନଷ୍ଟ ହୁଏ? ଧନ ସଂପଦ ଓ ସୁଖଭୋଗ ଅପରାହ୍ଣର ଛାଇ ପରି କ୍ଷଣସ୍ଥାୟୀ। ଏହାକୁ ଈଶ୍ୱରଙ୍କର ଶକ୍ତିଶାଳୀ ମାୟା ବୋଲି ବୁଝି ସନ୍ଥମାନଙ୍କ ଚରଣତଳେ ଶରଣ ନିଅନ୍ତୁ।

୪୧। ସନ୍ଥମାନେ ଭବସାଗରରେ ପୋତ ସଦୃଶ। ତୁମେ ଜଣେ ଯାତ୍ରୀ। ଆଉ କିଏ ଅବା ତୁମକୁ ଆରପାରିକୁ ନେଇଯାଇପାରିବ?

୪୨। ଆତ୍ମନିୟନ୍ତ୍ରଣ ଓ ଅନାସକ୍ତ ଭାବ ଉଭୟେ ମିଶିଗଲେ ନିଦାବିଷ୍ଟ ଭଳି ନିର୍ବୋଧ ବ୍ୟକ୍ତିକୁ ମଧ୍ୟ ଭବସାଗରର ଆରପାରିକୁ ନିର୍ବିଘ୍ନରେ ନେଇଯାଇ ପାରିବେ।

୪୩। ଈଶ୍ୱରଙ୍କର ଛଅଟି[୩] ଦିବ୍ୟଗୁଣ ବା ବିଶେଷତ୍ୱ ରହିଛି। ବୈରାଗ୍ୟ ବା ଅନାସକ୍ତ ଭାବ ତନ୍ମଧ୍ୟରେ ମୁଖ୍ୟ ଓ ସର୍ବପ୍ରଥମ। ଯେଉଁମାନେ ଅତ୍ୟନ୍ତ ଭାଗ୍ୟବାନ, କେବଳ ସେଇମାନେ ହିଁ ତାହା ପାଇଥାନ୍ତି ଓ ଅନ୍ୟମାନେ ପାଆନ୍ତି ନାହିଁ।

୪୪। ଶାସ୍ତ୍ରାନୁମୋଦିତ କର୍ତ୍ତବ୍ୟ ପାଳନ ନ କରିବା ପର୍ଯ୍ୟନ୍ତ ମନ ପବିତ୍ର ହୁଏ ନାହିଁ। ମନ ପବିତ୍ର ନ ହେବା ପର୍ଯ୍ୟନ୍ତ ପ୍ରକୃତ ଜ୍ଞାନ ମିଳେ ନାହିଁ।

୪୫। ତେଣୁ ମନେ ରଖନ୍ତୁ ଯେ ନିଜର କର୍ତ୍ତବ୍ୟ ପାଳନ କରିବା ହିଁ ଜ୍ଞାନଲାଭର ମୂଳକଥା। ଦୈନନ୍ଦିନ କର୍ତ୍ତବ୍ୟ, ସାମୟିକ କର୍ତ୍ତବ୍ୟ ଓ ଶାସ୍ତ୍ରାନୁମୋଦିତ କର୍ତ୍ତବ୍ୟ ପାଳନ ଦ୍ୱାରା ମନ ମଧ୍ୟରୁ ଦୂଷିତ ଭାବନା ସଫା ହୋଇଯାଇଥାଏ।

୪୬। ଏହିଭଳି ଭାବରେ ନିର୍ମଳ ବା ପବିତ୍ର ହୋଇଥିବା ମନରେ ଆତ୍ମନିୟନ୍ତ୍ରଣ ଓ ଅନାସକ୍ତ ଭାବ ଜାଗ୍ରତ ହୁଏ, ଶ୍ୱାସ[୪] ପ୍ରଶ୍ୱାସ ଓ ଶରୀର ଇତ୍ୟାଦି ଉପରେ ନିୟନ୍ତ୍ରଣ ମଧ୍ୟ ଆସେ। ଏହା ହେଉଛି ସେହି ସମ୍ପଦଲାଭ କରିବାର ଉପାୟ ଯାହା ତୁମ ହାତରେ ଥାଏ। ଅବଶେଷରେ, ତାହାରି ସାହାଯ୍ୟରେ ଶରୀର ଭିତରେ ଥିଲାବେଳେ ବି ଶରୀରରୁ ମୁକ୍ତି ମିଳେ ବା ମୋକ୍ଷପ୍ରାପ୍ତି ହୁଏ।

୪୭। ସମ୍ପୂର୍ଣ୍ଣ ଏକାଗ୍ର ମନର ସାହାଯ୍ୟ ନେଇ ଯିଏ କର୍ମର

ଫଳ ଓ ଆଶାକୁ ତ୍ୟାଗ କରିଥାଏ ଏବଂ ପୂର୍ଣ୍ଣପ୍ରାଣରେ ଗୁରୁଙ୍କର ଶରଣାପନ୍ନ ହୋଇଥାଏ, ଗୁରୁ ତାହାକୁ ଗ୍ରହଣ କରିଥାନ୍ତି।

୪୮। ଯିଏ ସାଂସାରିକ ସୁଖ ପରିତ୍ୟାଗ କରିଛନ୍ତି, ଯିଏ ନିଷ୍ଠାପର ଭାବରେ ଅନୁଗାମୀ ଅଟନ୍ତି, ଯାହାଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି ଓ ଯିଏ ଜ୍ଞାନ ଅର୍ଜନ କରି ଜ୍ଞାନୀ ହୋଇଛନ୍ତି, ତାଙ୍କ ନିମିତ୍ତ ମଧ୍ୟ ଅନ୍ୟ ଗତି ନାହିଁ।

୪୯। ସେହି ଜ୍ଞାନ ମିଳିଯିବା ପରେ ମଧ୍ୟ ଯଦି ସେ ଠିକ୍ ଆଚରଣ ଦେଖାନ୍ତି ନାହିଁ, ତେବେ ସେ ଏପାରିରେ ରହନ୍ତି ନାହିଁ କି ସେପାରିକୁ ଯାଆନ୍ତି ନାହିଁ । ସ୍ୱର୍ଗକୁ ଯାଇ ନପାରି କିମ୍ବା ମର୍ତ୍ତ୍ୟରେ ରହି ନ ପାରି ତ୍ରିଶଙ୍କୁ ଭଳି ମଝିରେ ଓହଳି ରହିଥାନ୍ତି।

୫୦। ମନୁଷ୍ୟର ଅଜ୍ଞତା ହିଁ ଅତିଶୟ ବସ୍ତୁବାଦୀ ମତିଗତିର କାରଣ। ଯେତେବେଳେ ଆତ୍ମା ସମ୍ପର୍କରେ ଜ୍ଞାନ ପ୍ରକୃତ ଅର୍ଥରେ ରହିଥାଏ, ତାହା ବସ୍ତୁବାଦୀ ଦୁନିଆ ପ୍ରତି ଅନାସକ୍ତ ଭାବ ଆଡ଼କୁ ଆପେ ଆପେ ଟାଣି ନେଇଥାଏ।

୫୧। ଆତ୍ମଜ୍ଞାନୀ ବ୍ୟକ୍ତିଙ୍କର ଅହଂଭାବ ନ ଥାଏ। ତାଙ୍କ ପାଖରେ ଭଲମନ୍ଦ, ପାପପୁଣ୍ୟ, ଠିକ୍ ଭୁଲର ସାଂସାରିକ ଧାରଣା ଅର୍ଥହୀନ ହୋଇଥାଏ ।

୫୨। ଯାହାଙ୍କର ଧନସଂପଦ ଅର୍ଜିଥିବାର ଗର୍ବ ଚାଲିଯାଇଥାଏ, ତାଙ୍କ ମନରେ ଅନାସକ୍ତ ଭାବ ଚାଲିଆସିଥାଏ । ଆଉ ସେହି ଅବସ୍ଥା ହିଁ ମନୁଷ୍ୟର ଶ୍ରେଷ୍ଠ ସ୍ତର। ଏହାକୁ ଭଲ ଭାବରେ ମନେ ରଖନ୍ତୁ।

୫୩। ଜୀବନର ସ୍ୱାଭାବିକ ଧାରା ମଧ୍ୟରେ ମିତ୍ର ଶତ୍ରୁ ରହିଥାନ୍ତି। ଅନାସକ୍ତ ଅବସ୍ଥାରେ ଏହା ହାସ୍ୟାସ୍ପଦ ଲାଗେ, କାରଣ ସମସ୍ତଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦେଖିଲେ ସେଠାରେ ମିତ୍ର କିମ୍ବା ଶତ୍ରୁ କୁଆଡୁ ଆସିବେ ?

୫୪। ପରମ ଆନନ୍ଦ ମିଳୁଥିବା ଅବସ୍ଥାରେ ଶରୀରର ଦୁଃଖ ଅତିଶୟ ହେଲେବି ତାହା ନଗଣ୍ୟ ମନେ ହୁଏ। ତେଣୁ ଜଣେ ପରମ ଆନନ୍ଦ ଲାଭ କରୁଥିବା ସମୟରେ ସାଂସାରିକ ସୁଖ ପାଇଁ କାହିଁକି ଇଚ୍ଛା କରିବ ?

୫୫। ପର୍ବତ ପ୍ରମାଣର ସାଂସାରିକ ଦୁଃଖଦୁର୍ଦ୍ଦଶା ତାଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲେ ମଧ୍ୟ ସେ ଟିକିଏ ମାତ୍ର ବିଚଳିତ ହେବେ ନାହିଁ ଓ ଅଚଳ ମେରୁ ପରି ସାହସର ସହିତ ବସି ରହିବେ।

୫୬। ଈଶ୍ୱର ଯାହାଙ୍କୁ ଆଶୀର୍ବାଦ କରିବାକୁ ଚାହାନ୍ତି, ତାଙ୍କୁ ଅନାସକ୍ତ ଭାବ ଉପହାର ଦେଇଥାନ୍ତି। ତାହା ପରେ ଈଶ୍ୱର ତାଙ୍କୁ ଭେଦାଭେଦ ବିଚାରବୋଧ ଦେଇଥାନ୍ତି ଓ ଭବସାଗର ପାରକରାଇ ଦେଇଥାନ୍ତି।

୫୭। ଆତ୍ମ ଅନ୍ୱେଷଣ କରି, ଆତ୍ମାର ପ୍ରକୃତ ସ୍ୱରୂପକୁ ଦର୍ପଣରେ ନିଜର ପ୍ରତିବିମ୍ବ ଦର୍ଶନ କରିବା ଭଳି ସ୍ପଷ୍ଟଭାବରେ ଦେଖିବା ପାଇଁ ଚାହୁଁଥିବା ବ୍ୟକ୍ତିଙ୍କ ନିମନ୍ତେ ମର୍ତ୍ତ୍ୟ ବା ସ୍ୱର୍ଗ ବ୍ୟତୀତ ଅନ୍ୟ କୌଣସି ତୃତୀୟ ସ୍ଥାନ ନାହିଁ।

୫୮। କର୍ମକର୍ମାଣି ଓ ହୋମଯଜ୍ଞ ଇତ୍ୟାଦି କଲେ ଦେବତାମାନେ ପ୍ରୀତ ହୁଅନ୍ତି ଏବଂ ମୃତ୍ୟୁ ପରେ ସ୍ୱର୍ଗରେ ସ୍ଥାନ ଦେଇଥାନ୍ତି। ଜଣେ କର୍ମର ଫଳ ପାଇପାରେ କିନ୍ତୁ ଆତ୍ମଜ୍ଞାନର ସଂପଦ ଲାଭ କରିପାରିବ ନାହିଁ ।

୫୯। ଏହା ସତ୍ୟ ଯେ, ଅନେକ ତପସ୍ୟା କଲେ ଯାଇ ଜଣେ ଗନ୍ଧର୍ବ[୫] ହୋଇଥାଏ, କିନ୍ତୁ ଆତ୍ମଜ୍ଞାନ ସମ୍ପର୍କରେ ସେ ଅଜ୍ଞ ରହିଥାଏ। ତେଣୁ ଯେଉଁମାନେ ସତ୍ୟ ଆତ୍ମଜ୍ଞାନ ପାଇବା ପାଇଁ ଆଗ୍ରହୀ, ସେମାନେ ପୃଥିବୀ ପୃଷ୍ଠରେ ଦୀର୍ଘ ଜୀବନ ବାଛିନେବା ଉଚିତ।

୬୦। ଏଠାରେ ମନ ନିର୍ମଳ ହୁଏ, ବୁଦ୍ଧି ଏକ ଦର୍ପଣ ଭଳି ସ୍ୱଚ୍ଛ ହୁଏ ଓ ଆତ୍ମଜ୍ଞାନ ସବୁଠାରୁ ପବିତ୍ର ଭାବରେ ମିଳିଥାଏ । ଏହି ଜ୍ଞାନ ତ୍ରିଗୁଣ ପବିତ୍ରତା, ଅର୍ଥାତ୍ ମନ, ବୁଦ୍ଧି ଓ ଆତ୍ମାର ପବିତ୍ରତାରେ ପ୍ରତିଫଳିତ ହୋଇଥାଏ।

୬୧। ଅନ୍ୟ ସ୍ଥାନରେ, ଅର୍ଥାତ୍ ସ୍ୱର୍ଗରେ ମଧ୍ୟ ଆତ୍ମଜ୍ଞାନ ପ୍ରାପ୍ତି ସମ୍ଭବପର । ମାତ୍ର ତାହା ଅତି କଷ୍ଟକର ଓ ସେଥିପାଇଁ ପ୍ରବଳ ଚେଷ୍ଟା କରିବାକୁ ପଡ଼ିଥାଏ।

୬୨। ମାୟା ସର୍ପ ଭଳି ତୁମକୁ ଗୁଡ଼ାଇ ଧରିଛି, ଅନ୍ତନଳୀକୁ ସମ୍ପୂର୍ଣ୍ଣ ଚିପି ରଖିଛି। ମାୟା ବାହାରୁ ମଧ୍ୟ ବେଢ଼ି ରହିଛି। ତାହାକୁ କିଏ ଏଡ଼ାଇଦେଇ ପାରିବ କି ?

୬୩। "ତୁମେ ଏଠାରେ ବସି ଆମକୁ ଲକ୍ଷ୍ୟ କରୁଥିଲ। ମୁଁ ମାଗୁଥିବା ପାଞ୍ଚ ଟଙ୍କାର ପଚାଶ ଗୁଣ ଟଙ୍କା ତୁମେ ପକେଟରେ ଧରି ବସିଛ। ତାକୁ ଏବେ ବାହାର କରିଲ, ଦେଖିବା ! ବିଭ୍ରାନ୍ତି[୬] ତୁମରି ପକେଟ ମଧ୍ୟରେ ହିଁ ରହିଛି।"

୬୪। ବାହାର କରିବାକୁ କୁହାଯିବାରୁ ଭଦ୍ରବ୍ୟକ୍ତି ପକେଟରେ ହାତ ପୂରାଇ ଗୋଟିଏ ପ୍ୟାକେଟ ବାହାର କରିଥିଲେ।

ସେଥିରେ ଦଶ ଟଙ୍କିଆ ନୋଟ୍ ପଚିଶ ଖଣ୍ଡ ଥିଲା ଓ ସେ ତାହାକୁ ଗଣିଥିଲେ।

୬୫। ଭଦ୍ରବ୍ୟକ୍ତି ମନେ ମନେ ଅତ୍ୟନ୍ତ ଲଜ୍ଜିତ ହୋଇଥିଲେ। ନିଜ ମନ ଭିତରେ ଭାବିଥିଲେ, 'ମହାରାଜ ଅନ୍ତରର ଗୋପନ କଥାକୁ କେତେ ଭଲ ଭାବରେ ଜାଣି ପାରୁଛନ୍ତି'। ସେ ତାଙ୍କ ପାଦ ତଳେ ମୁଣ୍ଡିଆ ମାରି ଉତ୍କଣ୍ଠିତ ଭାବରେ ଆଶୀର୍ବାଦ ଭିକ୍ଷା କରିଥିଲେ।

୬୬। ବାବା ସେହି ସମୟରେ କହିଥିଲେ, "ଏବେ ତୁମର ଜାଲ୍ ବ୍ରହ୍ମଙ୍କୁ ବାନ୍ଧି ରଖ। ତୁମର ଲୋଭ ନଷ୍ଟ ନ ହେବା ପର୍ଯ୍ୟନ୍ତ ବ୍ରହ୍ମଙ୍କୁ କଦାପି ଅନୁଭବ କରି ପାରିବ ନାହିଁ।

୬୭। "ଯାହାଙ୍କର ମନ ପରିବାର ଓ ଧନସମ୍ପତ୍ତି (ସନ୍ତାନ ସନ୍ତତି, ଜମିବାଡ଼ି, ଗୋମହିଷାଦି ପଶୁ ପ୍ରଭୃତିଙ୍କ) ପ୍ରତି ଆସକ୍ତ ହୋଇ ରହିଅଛି, ସେ ସବୁ ଆସକ୍ତିକୁ ତ୍ୟାଗ ନ କରିବା ପର୍ଯ୍ୟନ୍ତ କିପରି ବ୍ରହ୍ମ ଜ୍ଞାନଲାଭ କରିପାରିବ ?"

୬୮। "ଟଙ୍କାପଇସା ପ୍ରତି ଲୋଭ ବଡ଼ ଦୁଃସାଧ୍ୟ। ଏହା ଯନ୍ତ୍ରଣାର ଗଭୀର ଭଉଁରୀ, ଯେଉଁଠି ଈର୍ଷା ଓ ଅହଂକାରର କୁମ୍ଭୀର ଭର୍ତ୍ତି ହୋଇ ରହିଛନ୍ତି। କେବଳ କାମନାଶୂନ୍ୟ ବ୍ୟକ୍ତି ହିଁ ଏହି କଠିନ ପାରାବାରକୁ ପାରି ହୋଇପାରିବ।

୬୯। "ଲୋଭ ଓ ବ୍ରହ୍ମ ମଧ୍ୟରେ ଅଶେଷ ଶତ୍ରୁତା ରହିଅଛି। ଯାହାଙ୍କର ଧ୍ୟାନ କରିବା ନିମନ୍ତେ ସମୟର ଅଭାବ, ସେ କିପରି ଆତ୍ମତ୍ୟାଗ ଅଭ୍ୟାସ କରି ମୋକ୍ଷଲାଭ କରିପାରିବ ? ଲୋଭାତୁର ଲୋକ ହେଉଛି ଅଧଃପତିତ ବ୍ୟକ୍ତି ।

୭୦। "ଯେଉଁଠାରେ ଲୋଭ ରହିଥାଏ ସେଠାରେ ଶାନ୍ତି, ତୃପ୍ତି ଓ ବିଶ୍ରାମ ନଥାଏ। ଲୋଭ ମନକୁ ଅକ୍ତିଆର କରିନେଲେ ବ୍ରହ୍ମଜ୍ଞାନପ୍ରାପ୍ତିର ସମସ୍ତ ଉପାୟ ଧୂଳିସାତ୍ ହୋଇଯାଇଥାଏ।

୭୧। "ଯିଏ ହୀନ ଓ ନିଷିଦ୍ଧ କାର୍ଯ୍ୟରେ ମାତିଥାଏ, ଶ୍ରୁତି ଓ ସ୍ମୃତି ଅନୁସାରେ ବର୍ଜନୀୟ ଅତି ନୀଚ ଆଚରଣରେ ମଜ୍ଜି ରହେ ଏବଂ ସେହି ପ୍ରକାର ଜୀବନଯାପନ ନିରନ୍ତର କରେ, ସେ ମାନସିକ ଶାନ୍ତି କେବେହେଲେ ଲାଭକରେ ନାହିଁ।

୭୨। "ଏଭଳି ବ୍ୟକ୍ତିକୁ ଖାମ୍‌ଖିଆଲି ବୋଲି କୁହାଯାଇଥାଏ। ସେ ସବୁ ସମୟରେ ଦୁଷ୍କର୍ମରେ ବ୍ୟସ୍ତଥାଏ, ସାଂସାରିକ ସୁଖ ମଧ୍ୟରେ ଅନବରତ ବୁଡ଼ି ରହିଥାଏ ଓ କେବେହେଲେ ଭଲମନ୍ଦ ବୁଝି ପାରି ନ ଥାଏ।

୭୩। "ସେ ହୁଏତ ବ୍ରହ୍ମଙ୍କର ଚରିତ୍ରକୁ ବୁଝିଥାଇପାରନ୍ତି, ମାତ୍ର ସେ ତାଙ୍କର କର୍ମ ଫଳଠାରୁ ଅସଂପୃକ୍ତ ନ ରହିଲେ ତାଙ୍କର ବ୍ରହ୍ମଜ୍ଞାନ ନିଷ୍ଫଳ ହୁଏ ଓ ତାଙ୍କୁ ଆତ୍ମଜ୍ଞାନୀ କୁହାଯାଏ ନାହିଁ।

୭୪। "ଯଦି କିଏ ସନ୍ଥଙ୍କ ନିକଟକୁ ଯାଇ କିଛି ପ୍ରାର୍ଥନା କରନ୍ତି, ସନ୍ଥ ପ୍ରଥମେ ସେଥିପାଇଁ ଆଶାୟୀ ଯୋଗ୍ୟ କି ନୁହେଁ ବୋଲି ବିଚାର କରିଥାନ୍ତି ଓ ଯୋଗ୍ୟତା ଅନୁଯାୟୀ ତାଙ୍କର ଇଚ୍ଛା ପୂରଣ କରିଥାନ୍ତି।

୭୫। "ଯାହାର ମନ ରାତିଦିନ ବୈଷୟିକ ଲାଭ ନେଇ ଗର୍ବ କରିବାରେ ବ୍ୟସ୍ତଥାଏ ଓ ସୁଖଭୋଗ ଖୋଜି ବୁଲୁଥାଏ, ଏଭଳି ଜଣେ ବ୍ୟକ୍ତିକୁ ଗୁରୁଙ୍କ ପ୍ରଦତ୍ତ ଶିକ୍ଷା ନିରର୍ଥକ ହୋଇଥାଏ। ଉଭୟଙ୍କ ନିମନ୍ତେ କେବଳ ସମୟ ନଷ୍ଟ କରିବା ହିଁ ସାର ହୋଇଥାଏ।

୭୬। "ଯିଏ ନିଜର ମନକୁ ପବିତ୍ର ନ କରି ଦିବ୍ୟ ଜୀବନର ରାଜ୍ୟ ମଧ୍ୟକୁ ପ୍ରବେଶ କରିବାର ଚେଷ୍ଟା କରେ, ତାହାର ଏହି ଚେଷ୍ଟା ତୁଚ୍ଛା ପାଣ୍ଡିତ୍ୟ ପ୍ରଦର୍ଶନ ଭଳି ହୋଇଥାଏ ଓ ବ୍ୟର୍ଥ ଚେଷ୍ଟାରେ ପରିଣତ ହୁଏ।

୭୭। "ସୁତରାଂ ଜଣେ ଯାହା ଠିକ୍ ଭାବରେ ବୁଝିଛି, ତାହାହିଁ କେବଳ କହିବା ଉଚିତ ଓ ଯାହା ହଜମ କରି ପାରିବ, ତାହାହିଁ ଖାଇବା ଉଚିତ, ନଚେତ୍ ଅଯଥାରେ ଅଜୀର୍ଣ୍ଣ ହେବ। ଏହା ସର୍ବଜନବିଦିତ।

୭୮। "ମୋ କୋଷାଗାର ପୂର୍ଣ୍ଣ ହୋଇ ରହିଛି। ଯିଏ ଯାହା ମାଗିବ ତାକୁ ମୁଁ ତାହା ଦେଇ ପାରିବି, କିନ୍ତୁ ଗ୍ରହୀତାର ସାମର୍ଥ୍ୟକୁ ମୋତେ ବିଚାର କରିବାକୁ ହୁଏ । ଯିଏ ଯାହା ଗ୍ରହଣ କରିବାକୁ ସମର୍ଥ, ମୁଁ ତାକୁ ତାହାହିଁ ଦେଇଥାଏ।

୭୯। "ମୁଁ ଯାହା କହିଲି, ସେସବୁ ପ୍ରତି କର୍ଣ୍ଣପାତ କଲେ ତୁମେ ଉପକୃତ ହୋଇପାରିବ। ମୁଁ ଏହି ପବିତ୍ର ମସ୍‌ଜିଦ୍‌ରେ ବସି କେବେହେଲେ ମିଥ୍ୟା କଥା କହେନାହିଁ।"

୮୦। ଜଣେ ଯେତେବେଳେ ଗଭୀର ବିଶ୍ୱାସ ସହକାରେ ସନ୍ଥଙ୍କର କଥାମୃତ ନଦୀରେ ବୁଡ଼ପକାଏ, ସେ ଉଭୟ ଅନ୍ତର ଓ ବାହାରକୁ ପବିତ୍ର କରିଦିଏ ଏବଂ ସମସ୍ତ ଅପବିତ୍ରତାକୁ ଧୋଇ ସଫା କରିଦେଇଥାଏ।

୮୧। ଶ୍ରୀସାଇଙ୍କର ଏହି ମାହାତ୍ମ୍ୟକୁ ମୁଁ ବର୍ଣ୍ଣନା କରିବାର ଚେଷ୍ଟା କରିବା ସମୟରେ ତାହାର ଅନ୍ତ ହୁଏ ନାହିଁ। ଯିଏ

ଅତୁଳନୀୟ ମୁଁ ତାଙ୍କୁ କାହା ସହିତ ବା ତୁଳନା କରିବି ? ସେ କେବଳ ପବିତ୍ର ପ୍ରେମ ମାଧ୍ୟମରେ ହିଁ ମିଳିଥାନ୍ତି।

୮୨। ସେ ସମସ୍ତଙ୍କର ମାତା- ସମସ୍ତ ଅସହାୟ ଓ ଅବସନ୍ନଙ୍କର ଆଶ୍ରୟଦାତା। ତାଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କୁ ସେ ଦୃଢ଼ ଭାବରେ ଆଶ୍ରୟ ଦେଇଥାନ୍ତି, ବୃକ୍ଷ ଯେପରି ଲତାକୁ ମାଡ଼ିବା ପାଇଁ ସାହାଯ୍ୟକରେ । ଗରିବ ଓ ଅସହାୟମାନଙ୍କୁ ସେ ଶୀତଳ ଛାୟା ମଧ୍ୟ ପ୍ରଦାନ କରିଥାନ୍ତି।

୮୩। ଅନେକ ସନ୍ଥ ସଂସାର ତ୍ୟାଗ କରି ଦେଇଥାନ୍ତି। ସେମାନେ ନିରବରେ ନିର୍ଜନ ପର୍ବତ ଗୁମ୍ଫାରେ ଏକାକୀ ରହି ନିଜର ଚିରସ୍ଥାୟୀ ମଙ୍ଗଳ ନିମନ୍ତେ ଯତ୍ନଶୀଳ ହୋଇଥାନ୍ତି ।

୮୪। ଯେଉଁ ସନ୍ଥଗଣ କେବଳ ନିଜର ମଙ୍ଗଳ ପାଇଁ ଆଗ୍ରହୀ ହୋଇଥାନ୍ତି କିମ୍ବା କେବଳ ସେମାନଙ୍କର ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଚେଷ୍ଟା କରୁଥାନ୍ତି, ସେମାନଙ୍କଠୁ ଲାଭ କ'ଣ ମିଳିବ ?

୮୫। ସାଇବାବା ସେଭଳି ସନ୍ଥ ନ ଥିଲେ। ତାଙ୍କର କୌଣସି ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ, ଘରପରିବାର, ସ୍ତ୍ରୀ,ପିଲାପିଲି ନ ଥିଲେ ମଧ୍ୟ ସେ ସଂସାର ମଧ୍ୟରେ ରହିଥିଲେ।

୮୬। ସେ ପାଞ୍ଚଟି ପରିବାରରୁ ସାମାନ୍ୟ ଭିକ୍ଷା ଗ୍ରହଣ କରି ଗୋଟିଏ ବୃକ୍ଷ ତଳେ ଦିବାରାତ୍ର ରହୁଥିଲେ। ତାଙ୍କର ନଗଣ୍ୟ ସମ୍ପଦ ଥିବାର ଦର୍ଶାଇ ସେ ସରଳ ଜୀବନଧାରାର ଶିକ୍ଷା ଦେଇଥିଲେ।

୮୭। ଏହିପରି ମହାନ୍ ସନ୍ଥ ପୃଥିବୀରେ ବିରଳ ଥିଲେ ଯିଏକି, ନିଜର ଆତ୍ମୋପଲବ୍ଧି ପରେ ଲୋକମାନଙ୍କର ମଙ୍ଗଳ ନିମିତ୍ତ ଚେଷ୍ଟା କରିଥିଲେ।

୮୮। ସେହି ରାଜ୍ୟ, ପରିବାର, ଧାର୍ମିକ ପିତାମାତା ଓ ମାତୃଗର୍ଭ ଧନ୍ୟ ଯେଉଁଠାରେ ଏଭଳି ରତ୍ନ ଜନ୍ମ ହୋଇଥିଲେ।

୮୯। ବିନାକଷ୍ଟରେ ଏହି ପରଶମଣି[୭] ମିଳିଥିଲା। ମାତ୍ର ତାଙ୍କୁ ତୁଚ୍ଛା ପଥରଟିଏ ଭାବି ଅନେକ ଲୋକ ତ୍ୟାଗ କରି ଦେଇଥିଲେ। ଶିରିଡ଼ିରେ ଏହି ମହାନ୍ ଦିବ୍ୟ ପୁରୁଷଙ୍କୁ ଦୀର୍ଘକାଳ ଧରି କେହି ଚିହ୍ନି ପାରିନଥିଲେ।

୯୦। ମଇଳା ଗଦାରେ ରତ୍ନ ପଡ଼ିଥିଲେ, ଚଗଲାପିଲାଏ ତାକୁ ପାଇ ପଥର ଭାବି ଅବାଧରେ ଖେଳିବା ଓ ଗୋଇଠା ମାରିବା ଭଳି ଏଇ ଘଟଣା।

୯୧। ସେ ଯାହା ହେଉ, ଏହିଭଳି ଭାବରେ ବ୍ରହ୍ମ ଅନ୍ୱେଷଣକାରୀ ବ୍ୟକ୍ତି ବାବାଙ୍କର ଆଶୀର୍ବାଦ ଲାଭକରି ସନ୍ତୁଷ୍ଟ ହୋଇଥିଲେ। ତାଙ୍କ ଭଳି, ଆମ ସମସ୍ତଙ୍କର ଏକାକଥା। ଆମେ ଏହି କଠିନ ପଥ ପରିତ୍ୟାଗ କରିବା ଉଚିତ୍ ।

୯୨। ଆମେ ଯେତେବେଳ ପର୍ଯ୍ୟନ୍ତ ବାହ୍ୟ ସୁଖ ଭୋଗ କରୁଥିବା, ଅର୍ଥାତ୍ ସୁମଧୁର ସଂଗୀତ ଶୁଣିବା, କୋମଳ ସ୍ପର୍ଶ ଉପଭୋଗ କରିବା, ସୁଗନ୍ଧ ଆଘ୍ରାଣ କରିବା ଓ ମନୋମୁଗ୍ଧକର ଦୃଶ୍ୟ ଦେଖିବା ଭଳି କାର୍ଯ୍ୟ କରୁଥିବା, ସେତେବେଳ ପର୍ଯ୍ୟନ୍ତ ଆମର ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ଆସିବ ନାହିଁ।

୯୩। ଇନ୍ଦ୍ରିୟଗୁଡ଼ିକ ନିୟନ୍ତ୍ରଣରେ ନରହିଲେ, ସେଗୁଡ଼ିକର ନିଛକ ଚରିତ୍ର ନ ବଦଳିଲେ ଓ ଅଭ୍ୟନ୍ତରରେ ରୂପାନ୍ତରିତ ନହେଲେ, ବ୍ରହ୍ମଙ୍କୁ ବୁଝିପାରିବା ଓ ଅନୁଭବ କରି ପାରିବା ଅସମ୍ଭବ।

୯୪। ପ୍ରଥମରୁ ଜଣେ ସମ୍ପୂର୍ଣ୍ଣ କାମନାହୀନ[୮] ବା ନିଷ୍କାମ ହେବା ଉଚିତ୍ ଓ ପରେ ଗୁରୁଙ୍କର ସମ୍ପୂର୍ଣ୍ଣ ଶରଣାଗତ ହେବା ଉଚିତ୍। ଏହିପରି ଭାବରେ ଦୃଢ଼ ଓ ପୂର୍ଣ୍ଣ ବିଶ୍ୱାସ ବୃଦ୍ଧି ହେଲେ ସେ ଆତ୍ମଜ୍ଞାନ ଲାଭ କରିବାର ଯୋଗ୍ୟ ହେବ।

୯୫। ଯେତେବେଳେ ଚକ୍ଷୁ, କର୍ଣ୍ଣ ପ୍ରଭୃତି ପଂଚ ଜ୍ଞାନେନ୍ଦ୍ରିୟ ନିଜ ନିଜର ବାହ୍ୟିକ ସୁଖକୁ ପରିତ୍ୟାଗ କରିବେ, ସେତେବେଳେ ମନ ସଂଶୟ ଓ କାମନାବାସନା ତ୍ୟାଗ କରିଦେଇ ପାରିବ।

୯୬। ଭେଦାଭେଦକୁ ଖାତିର ନକରି ଓ ଅନ୍ତଃକରଣ ମଧ୍ୟରେ ମୁକ୍ତ ହୋଇ, ବୁଦ୍ଧି ତା'ର ନିର୍ଣ୍ଣୟ ନେବାର ବୋଝରୁ ଅବ୍ୟାହତି ଲାଭ କରିବ। ତାହାହିଁ ମନର ସର୍ବୋଚ୍ଚ ସ୍ତର ଓ ତାହା ମଧ୍ୟ ଅପରିବର୍ତ୍ତନୀୟ ବ୍ରହ୍ମ ଅଟେ।

୯୭। ଯେତେବେଳେ ବୁଦ୍ଧି ଜ୍ଞାନେନ୍ଦ୍ରିୟମାନଙ୍କର ସାହାଯ୍ୟ ଆବଶ୍ୟକ କରିବ ନାହିଁ, ମନ ସେତେବେଳେ ଜୀବନ୍ତ ହୋଇ ଉଠିବ। ତାହାହିଁ ପୂର୍ଣ୍ଣଚୈତନ୍ୟ ବା ନିର୍ମଳ ବୋଧଶକ୍ତି। ଅନ୍ୟ କିଛି ନୁହେଁ। ଏହାକୁ ଯିଏ ପାଇପାରିବ ସେ ଧନ୍ୟ।

୯୮। ଯେତେବେଳେ ଜ୍ଞାନେନ୍ଦ୍ରିୟଗୁଡ଼ିକ ସାଂସାରିକ ସୁଖ ପ୍ରତି ବୀତସ୍ପୃହ ହୋଇ ଅନ୍ତର୍ମୁଖୀ ହୋଇଥାନ୍ତି, ସେତେବେଳେ ଆତ୍ମାନନ୍ଦର ଅନୁଭୂତି ହୋଇଥାଏ ଓ ଅନ୍ୟ ସମସ୍ତ ଅଶାନ୍ତି ବୋଲି ବୁଝାଇଥାଏ ।

୯୯ । ଇନ୍ଦ୍ରିୟ ଓ କାମନା ଏହାର ଛଦ୍ମାବରଣ ହୋଇଛି । ଏହା ଅତ୍ୟନ୍ତ କ୍ଷୁଦ୍ର। ଏଣୁ ଏହି ଆତ୍ମଜ୍ଞାନକୁ ଜାଣିବା କଷ୍ଟକର। ଏହା ପରମ ଆନନ୍ଦ ପାଇବାର ଉପାୟ । ଏହାର ସ୍ୱଭାବ ଅତ୍ୟନ୍ତ ରହସ୍ୟମୟ ଓ ଅଜ୍ଞେୟ।

୧୦୦। ଯିଏ ହିରଣ୍ୟଗର୍ଭ[୯] ସ୍ଥିତିରେ ପହଂଚିଯିବା ଯାଏଁ ଇହଜଗତ ଓ ପରଜଗତ ସମ୍ବନ୍ଧରେ ଚିନ୍ତିତ ନଥାଏ, ସେଇ ହିଁ କେବଳ ବନ୍ଧନମୁକ୍ତ ବୋଲି ଜାଣନ୍ତୁ ଓ ସେଇ ହିଁ କେବଳ ବ୍ରହ୍ମପଦରେ[୧୦] ବିଲୀନ ହୋଇପାରିବ।

୧୦୧ । ମନ ଧୀରେ ଧୀରେ ଓ କ୍ରମାଗତ ଭାବରେ ଇନ୍ଦ୍ରିୟଭୋଗ୍ୟ ବସ୍ତୁରୁ ଫେରି ଆସି ଆତ୍ମା ଉପରେ ଏକାଗ୍ର ଚିତ୍ତ ହେଉ। ଆତ୍ମଜ୍ଞାନ ଏପରିଭାବରେ ମିଳିପାରିବ।

୧୦୨। ଇହଜଗତରେ ତଥା ପରଜଗତରେ କର୍ମର ଫଳ ପ୍ରାପ୍ତି ଆଶା ତ୍ୟାଗ କରି, ଶାନ୍ତି ଓ ଅଶାନ୍ତିର ଦ୍ୱୈତ ଚରିତ୍ର ନେଇ ଚିନ୍ତିତ ନହୋଇ କେବଳ ବୁଦ୍ଧିମାନ ଲୋକମାନେ ହିଁ ଦିବ୍ୟ ଅନୁଭୂତି ଲାଭ କରି ପାରିବେ।

୧୦୩। ଭବସାଗରର ଅତଳ ଜଳଭଉଁରୀ ମଧ୍ୟରେ ଭଡ୍ରାନଳର[୧୧] ଅଗ୍ନିଶିଖା ଘେରିଯାଇଥିବା ସମୟରେ ଓ ତ୍ରିତାପ[୧୨] ଦୁଃଖ ଯନ୍ତ୍ରଣା ମଧ୍ୟରେ ପଡ଼ିଲେ କିଏ ଖୁସି ହୋଇପାରିବ କି ?

୧୦୪। ସୁତରାଂ, ନିଜର ଆତ୍ମିକ ଉତ୍ଥାନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ଶ୍ରୀସାଇଙ୍କର ଆଶୀର୍ବାଦ ପ୍ରାପ୍ତ ହୁଅନ୍ତୁ। ତାଙ୍କର କାହାଣୀ ପଢ଼ନ୍ତୁ, ଶୁଣନ୍ତୁ ଓ ତାହା ଉପରେ ଧ୍ୟାନ ରଖନ୍ତୁ।

୧୦୫। ଆପଣ ଯଦି ଶ୍ରୀସାଇନାଥଙ୍କର ଏହି ଜୀବନଚରିତକୁ ପତ୍ନୀ, ପୁତ୍ରକନ୍ୟା, ପରିବାର, ବନ୍ଧୁବାନ୍ଧବଙ୍କ ସହିତ ମିଶିକରି ଶୁଣିବେ, ତେବେ ଉଭୟ ଜଗତର ସୁବିଧା ପାଇବେ। ବାବାଙ୍କର ଲୀଳା ଅନନ୍ୟ!

୧୦୬। କେବଳ ଭାଗ୍ୟବାନ ଓ ବିଶ୍ୱସ୍ତ ଶ୍ରୋତାମାନେ ହିଁ ଏହି କାହାଣୀଗୁଡ଼ିକୁ ଶୁଣିବା ପାଇଁ ସମର୍ଥ ହୁଅନ୍ତି । ଶୁଣିବା ସମୟରେ ମନ ହାଲୁକା ହୋଇଯାଏ ଓ ସର୍ବାଙ୍ଗୀନ ଶାନ୍ତି ମିଳିଥାଏ ।

୧୦୭। ଶ୍ରୀସାଇଙ୍କ ଜୀବନ ଚରିତ ଶୁଣିଲେ ତାହାର ପ୍ରବହମାନ ଜଳସ୍ରୋତରେ ସମସ୍ତ କର୍ମ, ଅକର୍ମ ଲୁଣ ଭଳି ମିଳେଇଯିବ ଓ ଶ୍ରୀସାଇଙ୍କର ମନୋରମ ପ୍ରତିଛବି ଚକ୍ଷୁ ସମ୍ମୁଖରେ ଭାସିଉଠିବ।

୧୦୮। ତାଙ୍କର ଜୀବନ ଚରିତ ଶୁଣିଲେ, ପାପ ନାଶ ହୋଇଯିବ, ଭାଗ୍ୟ ବଦଳିଯିବ ଓ ଶ୍ରୋତାମାନେ ଅନାୟାସରେ ପରମ ଆନନ୍ଦ ଲାଭ କରିବେ।

୧୦୯। ତାଙ୍କର ଜୀବନଚରିତ ଶୁଣିଲେ, ହୃଦୟ ପବିତ୍ର ହେବ, ଜନ୍ମମୃତ୍ୟୁ ଚକ୍ରକୁ ଏଡ଼େଇ ଦେଇହେବ। ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ଯେଉଁ କର୍ମ ସମ୍ପାଦନ କରିବାକୁ ହୁଏ ଓ ଯେଉଁ କର୍ମର ଫଳ ବ୍ରହ୍ମଙ୍କୁ ଅର୍ପଣ କରିବାକୁ ପଡ଼େ, ତାହା ଶ୍ରୋତାଗଣ କରି ବ୍ରହ୍ମଜ୍ଞାନ ଲାଭ କରିପାରିବେ।

୧୧୦। ଯେଉଁ ବ୍ୟକ୍ତି ଶ୍ରୀସାଇଙ୍କର ସେବା କରିବାର ଇଚ୍ଛା ପୋଷଣ କରେ, ଶ୍ରୀସାଇ ସେହି ଭକ୍ତକୁ କାମନା ଶୂନ୍ୟ କରାଇ ଥାଆନ୍ତି ଓ ସାଇରାମ ନିଜର ଭକ୍ତଙ୍କୁ ଆରାମ, ଶାନ୍ତି ଏବଂ ଆନନ୍ଦ ପ୍ରଦାନ କରିଥାନ୍ତି।

୧୧୧। ହେ ଶ୍ରୋତାଗଣ! ଏହି ଗ୍ରନ୍ଥକୁ ପ୍ରତିଦିନ କିମ୍ବା ଏହାର ଖଣ୍ଡିଏ ଖଣ୍ଡିଏ ଅଂଶକୁ ପ୍ରତ୍ୟହ ପଢ଼ନ୍ତୁ, ଶୁଣନ୍ତୁ, ଅନୁଶୀଳନ କରନ୍ତୁ, ମୁଖସ୍ଥ କରନ୍ତୁ, ଗାନ କରନ୍ତୁ କିମ୍ବା ଧ୍ୟାନ କରନ୍ତୁ।

୧୧୨। ‘ନିଜକୁ ସମ୍ପୂର୍ଣ୍ଣ ଭଲଭାବରେ ଜାଣନ୍ତୁ ଓ ସେହି ଆନନ୍ଦ ହିଁ ବ୍ରହ୍ମ’ ବୋଲି ତୈତେରୀୟ ଉପନିଷଦର ଏକ ବିଖ୍ୟାତ ଉଦ୍ଧୃତିରେ କୁହାଯାଇଅଛି। ବାବା ଶ୍ରୁତିଗୁଡିକରେ ପାରଙ୍ଗମ ଥିବାରୁ ଏହା ଭକ୍ତମାନଙ୍କୁ ଶୁଣାଇଥିଲେ।

୧୧୩। “ତିଳେ ମାତ୍ର ଚିନ୍ତା କରନ୍ତୁ ନାହିଁ। ସବୁବେଳେ ଖୁସି ରହନ୍ତୁ। ମୃତ୍ୟୁ ପର୍ଯ୍ୟନ୍ତ କୌଣସି ଦୁର୍ଭାବନା କରନ୍ତୁ ନାହିଁ” ବୋଲି ବାବା ସବୁବେଳେ ଉପଦେଶ ଦେଉଥିଲେ ।

୧୧୪। ଏହି ଅଧ୍ୟାୟରେ ବ୍ରହ୍ମଙ୍କ ବିଷୟରେ ବ୍ୟାଖ୍ୟା କରାଯାଇପାରିଥାନ୍ତା। କିନ୍ତୁ ଗୂଢ଼ ତଥ୍ୟ ହେଉଛି ଯେ ଯିଏ ଶ୍ରୀସାଇଙ୍କର ଶରଣାଗତ ହୁଅନ୍ତି, ତାଙ୍କର ଜୀବନପୋତ ଭବସାଗରକୁ ପାରି ହୋଇଯିବାକୁ ସମର୍ଥ ହୁଏ ।

୧୧୫। ଲୋକମାନଙ୍କର ମଙ୍ଗଳ ନିମିତ୍ତ ବାରମ୍ବାର ଉପଦେଶ ଦିଆଯିବା ଉଚିତ୍ ଓ ଅନ୍ୟମାନଙ୍କୁ କୃତାର୍ଥ କରାଯିବା ଉଚିତ୍। ଏହି ମତକୁ ବାବା ଅନୁସରଣ କରି ସେହି ଅନୁଯାୟୀ କାର୍ଯ୍ୟ କରୁଥିଲେ।

୧୧୬। ଏହା ଠିକ୍ କିମ୍ବା ଭୁଲ, ଏଭଳି ଯୁକ୍ତି ମନୋଗତ । ଏହି ଗ୍ରନ୍ଥରେ ସାଧାରଣ ଲୋକଙ୍କର ଆନନ୍ଦପ୍ରାପ୍ତି ଉପରେ

ଗୁରୁତ୍ୱ ଦିଆଯାଇଛି।

୧୧୭। ଏହାହିଁ ଗ୍ରନ୍ଥର ଉଦ୍ଦେଶ୍ୟ। ବାବା ଏହାର କାରଣ ଓ ପ୍ରଭାବକୁ ଜାଣନ୍ତି। ଲୋକମାନଙ୍କର ଆଶାଆକାଂକ୍ଷାକୁ ବାବା ଯେମିତି ଜାଣନ୍ତି, ସେମିତି ସେମାନଙ୍କର ଭବିଷ୍ୟତ ସମ୍ବନ୍ଧରେ ମଧ୍ୟ ଜାଣିଥାନ୍ତି।

୧୧୮। ଗୁରୁଙ୍କ ମୁଖରୁ କାହାଣୀଗୁଡ଼ିକୁ ଶୁଣନ୍ତୁ। ତାଙ୍କର ଅଚିନ୍ତନୀୟ ଶକ୍ତିକୁ ଅନୁଭବ କରନ୍ତୁ, ଯେତେସଂଖ୍ୟକ କାହାଣୀକୁ ମନେ ରଖିବା ସମ୍ଭବ, ମନେ ରଖିବାକୁ ଚେଷ୍ଟାକରନ୍ତୁ ଓ ମନେ ରଖି ଅନ୍ୟମାନଙ୍କୁ ମଧ୍ୟ କହନ୍ତୁ।

୧୧୯। ଭକ୍ତି ଭାବରେ ବାବାଙ୍କର ଏହି ଚମତ୍କାର ଜୀବନଚରିତକୁ ଶୁଣିଲେ ସମସ୍ତ ଦୁଃଖଦୁର୍ଦ୍ଦଶା ଉଭୟ ବକ୍ତା ଓ ଶ୍ରୋତାମାନଙ୍କର ଚାଲିଯିବ ଓ ଯନ୍ତ୍ରଣାର ଦିନ ସରିଯିବ।

୧୨୦। ହତଭାଗ୍ୟମାନଙ୍କ ବ୍ୟତୀତ ଆଉ କିଏ ତାଙ୍କର ଦିବ୍ୟ ଶକ୍ତିର ଅନୁଭୂତି ପାଇ ଆଶ୍ଚର୍ଯ୍ୟ ନହୋଇ ରହିପାରିବ ? ଦର୍ଶକମାନେ ତାଙ୍କର ଦର୍ଶନ ପାଇବା ମାତ୍ରକେ ଶାନ୍ତ ହୋଇ ତାଙ୍କ ପଦତଳେ ଲୋଟି ପଡ଼ିଥାନ୍ତି।

୧୨୧। ଶ୍ରୀସାଇଙ୍କର ସାବଲୀଳ କାହାଣୀଗୁଡ଼ିକୁ ଶୁଣନ୍ତୁ ଓ ତହିଁରେ ନିହିତ ଗୂଢ଼ତତ୍ତ୍ୱକୁ ଭଲଭାବରେ ବୁଝନ୍ତୁ। ଏଭଳି ଆନନ୍ଦ ପ୍ରାପ୍ତିର ସୁଯୋଗ ରହିଥିବା ସମୟରେ କିଏ ବା ତାହାକୁ ହାତଛଡ଼ା କରିବ ?

୧୨୨। ଆଶାର ଉତ୍ତାଳ ତରଙ୍ଗମାଳା ମଧ୍ୟରେ ପୁତ୍ର କନ୍ୟା ଓ ସ୍ତ୍ରୀ, ବନ୍ଧୁମାନଙ୍କର ଭଉଁରୀ, ଲାଳସା, କାମନା, କ୍ରୋଧ ଇତ୍ୟାଦିର କୁମ୍ଭୀର ସହିତ ବିଭିନ୍ନ ବ୍ୟାଧି ରୂପକ[୧୩] ତିମିଙ୍ଗଳ ପଲ ରହିଛନ୍ତି।

୧୨୩। ବେଳେ ବେଳେ ଅସ୍ଥାୟୀ ଭାବରେ ବିରାଗ ବା ବିମୁଖତା ଘଣ୍ଟା ଘଣ୍ଟା ଧରି ରହେ । ମାନସିକ ଦ୍ୱନ୍ଦ୍ୱ, ଅଶାନ୍ତି ପ୍ରକାଶ ପାଇଲେ ମଧ୍ୟ ସମ୍ପର୍କ ତୁଟିଯାଏ ନାହିଁ।

୧୨୪। ତୁମେ ନିଜର ମନକୁ ଶିକ୍ଷା ଦିଅ ଯେ ତୁମେ ନିଜେ ପବିତ୍ର ବ୍ରହ୍ମ, ମାତ୍ର ଶରୀର ସହିତ ବାନ୍ଧି ହୋଇ ରହିଛ। ପଞ୍ଜୁରୀ ମଧ୍ୟରେ ଶୁଆ[୧୪] ଯେଭଳି ଅହରହ ବୁଲୁଥିବା ଦଣ୍ଡକୁ ଜାବୁଡ଼ି ଧରିଥାଏ।

୧୨୫। ତୁମେ ମାୟାମୋହ ଦ୍ୱାରା ପ୍ରଲୋଭିତ ହୋଇ ଆସିଛ। ତେଣୁ ନିଜର ପ୍ରକୃତ ସ୍ୱରୂପକୁ ଭୁଲି ଯାଇଛ। ସାବଧାନ ହୁଅ ଓ ନିଜର ପ୍ରକୃତ ସ୍ୱରୂପକୁ ଶୀଘ୍ର ଅନୁଭବ କର।

୧୨୬। ଭ୍ରମ ଅଧିକ ଭ୍ରମ ସୃଷ୍ଟି କରେ। ଏପରି ଭାବରେ ଶାରୀରିକ ଗର୍ବବୋଧର ମାୟା ସୃଷ୍ଟି ହୋଇଥାଏ। 'ମୁଁ' ଓ 'ମୋର' ଧାରଣା ମରୀଚିକା ଭଳି। ଏହାକୁ ବୁଝିବା ପାଇଁ ଚେଷ୍ଟା କର। ତେଣୁ କାହିଁକି ଅନାସକ୍ତ ହେଉନାହଁ ?

୧୨୭। ହେ, ଶ୍ରୋତାବନ୍ଧୁ ! ସାଂସାରିକ ଜୀବନରେ 'ମୁଁ' ଓ 'ମୋର' ଏଇ ଧାରଣା ମଧ୍ୟରେ ତୁମେ ବାନ୍ଧି ହୋଇ ରହିବା ନିମନ୍ତେ ଚାହୁଁଛ କି ନାହିଁ ଚିନ୍ତା କର। ହେ ଶୁକ ! ପଂଜୁରୀର ଦଣ୍ଡ ଛାଡ଼ି ଦେଇ ଉଚ୍ଚ ଆକାଶକୁ ଉଡ଼ିଯାଅ।

୧୨୮। ମୁକ୍ତିଥିଲେ ବନ୍ଧନ ରହିଛି। ବନ୍ଧନ ସାଙ୍ଗରେ ମୁକ୍ତି ଆସିଥାଏ। ଏହି ଦୁଇ ଅବସ୍ଥାକୁ ତ୍ୟାଗ କରି ତୁମେ ନିଜ ମଧ୍ୟରେ ଥିବା ଶୁଦ୍ଧତମ ଆତ୍ମା ନେଇ ଜୀବନ ବିତାଅ।

୧୨୯। ଏହା ମନୋଗତ ଜ୍ଞାନ। ସୁଖ ଓ ଦୁଃଖ ସମ୍ପୂର୍ଣ୍ଣ ଅଜ୍ଞତାର ପରିଚାୟକ। ତେଣୁ ସେଭଳି ଜ୍ଞାନକୁ ପରିତ୍ୟାଗ କରି ପ୍ରକୃତ ଜ୍ଞାନ, ଯାହା ତୁମ ମଧ୍ୟରେ ରହିଛି, ଅର୍ଥାତ୍ ବ୍ରହ୍ମଜ୍ଞାନକୁ ଆୟତ୍ତ କର।

୧୩୦। ଯେ ପର୍ଯ୍ୟନ୍ତ 'ତୁମେ' ଓ 'ମୁଁ' ମଧ୍ୟରେ ଭେଦାଭେଦ ରହିଛି, ତୁମେ ନିଜର ମଙ୍ଗଳକୁ ଅନୁଭବ କରି ପାରିବ ନାହିଁ। ଏହାକୁ ତ୍ୟାଗ କରିଦିଅ ଓ ସ୍ୱାର୍ଥପରତାକୁ ଛାଡ଼ି ନିଜ ଅନ୍ତରକୁ ଲକ୍ଷ୍ୟ କର।

୧୩୧। କୁବେରଙ୍କ[୧୫] ଭଳି ଧନଶାଳୀ ବ୍ୟକ୍ତି ଜଣେ ଯଦି ବାହାରକୁ ଭିକାରୀଟିଏ ଭଳି ଚଳୁଥାଏ, ସେ ଠିକ୍ କରୁନାହିଁ। ଏହା ଭ୍ରାନ୍ତଜ୍ଞାନ ଉପରେ ଆଧାରିତ ଛଳନାପୂର୍ଣ୍ଣ ଆଚରଣ।

୧୩୨। ନିୟମିତ ଭାବରେ ପୁରାଣ ଶାସ୍ତ୍ର ଶ୍ରବଣ କରନ୍ତୁ, ଗୁରୁଙ୍କର ଉପଦେଶକୁ ବିଶ୍ୱାସର ସହିତ ପାଳନ କରନ୍ତୁ, ସର୍ବଦା ସଜାଗ ରହନ୍ତୁ ଓ ସୁନିୟନ୍ତ୍ରିତ ଜୀବନ ଯାପନ କରନ୍ତୁ।

୧୩୩। ଯେଉଁମାନେ ଏହି ନୀତିକୁ ପାଳନ କରିଥାନ୍ତି, ସେମାନେ ଆପେ ଆପେ ସେମାନଙ୍କ ମୋକ୍ଷ ବା ମୁକ୍ତି ପଥର ଯାତ୍ରୀ ହୋଇଥାନ୍ତି। ଅତି ସ୍ୱାଭାବିକ ଭାବରେ ଏହି ଉପାୟରେ ଅସଂଖ୍ୟ ଲୋକ ମୁକ୍ତି ପାଇଛନ୍ତି ବା ମୋକ୍ଷପ୍ରାପ୍ତ ହୋଇଛନ୍ତି ।

୧୩୪। ଯିଏ ଦିବାରାତ୍ର ଏହି ସଂସାରର ବନ୍ଧନରୁ ମୁକ୍ତ ହେବା କଥା ଚିନ୍ତା କରୁଥାଏ, ସେ ଏ ବନ୍ଧନକୁ ଛିନ୍ନ କରିପାରିଥାଏ।

୧୬ ॥ ବ୍ରହ୍ମଜ୍ଞାନର ବର୍ଣ୍ଣନା-୨ ॥

୧୩୫ । ଯଥା ସମ୍ଭବ ନିର୍ଜନ ସ୍ଥାନରେ ରହି, ସାଂସାରିକ ଜୀବନ କ୍ଷଣସ୍ଥାୟୀ ବୋଲି ମନେକରି ଆତ୍ମାର ଅର୍ଥ ଜାଣିବାରେ, ବୁଝିବାରେ ଅହରହ ବ୍ୟସ୍ତ ରହିବା ଉଚିତ୍ ।

୧୩୬ । ଶିଷ୍ୟ ମନ ଭିତରେ ପୂର୍ଣ୍ଣ ଭକ୍ତି ଓ ବିଶ୍ୱାସ ସ୍ଥାପନ କରି ବିନୀତ ଭାବରେ ଓ ସମ୍ପୂର୍ଣ୍ଣ ମାତ୍ରାରେ ଗୁରୁଙ୍କର ଶରଣାଗତ ହେବା ଉଚିତ୍ । ତାହା ନହେବା ପର୍ଯ୍ୟନ୍ତ ଗୁରୁ ତାଙ୍କ ଶିଷ୍ୟ ପାଇଁ ଜ୍ଞାନଭଣ୍ଡାରର ଦ୍ୱାର ଖୋଲିବେ ନାହିଁ ।

୧୩୭ । ସର୍ବତୋଭାବରେ ଗୁରୁଙ୍କର ସେବା କର । ମୁକ୍ତି ଓ ବନ୍ଧନ ସମ୍ବନ୍ଧରେ ଚିନ୍ତାକର, ପ୍ରକୃତ ଜ୍ଞାନ ଓ ଅଜ୍ଞାନତା ସମ୍ବନ୍ଧରେ ବିବେଚନା କର ଓ ଫଳାଫଳ ଗୁରୁଙ୍କ ଉପରେ ଛାଡ଼ିଦିଅ ।

୧୩୮ । ଗୁରୁଙ୍କ ବ୍ୟତୀତ ଅନ୍ୟ କେହି ଆତ୍ମା ଓ ପରମାତ୍ମାଙ୍କ ସମ୍ବନ୍ଧରେ କହି ପାରିବେ ନାହିଁ । ଗୁରୁଙ୍କର ସମ୍ପୂର୍ଣ୍ଣ ଶରଣାଗତ ନହେଲେ, ସେ ମଧ୍ୟ କାଣିଚାଏ ଜ୍ଞାନ କାହାରିକୁ ଦେବେ ନାହିଁ ।

୧୩୯ । ଗୁରୁ ବିନା ଅନ୍ୟ କେହି ଜ୍ଞାନ ଦାନ କରୁଥିଲେ, ତାହା ଭବବନ୍ଧନରୁ ତୁମକୁ ମୁକ୍ତ କରିପାରିବ ନାହିଁ, ମୋକ୍ଷ ପ୍ରାପ୍ତି ଦିଗରେ ଆଗେଇ ନେବ ନାହିଁ କିମ୍ବା ତୁମର ମନ ଉପରେ କୌଣସି ପ୍ରଭାବ ପକାଇ ପାରିବ ନାହିଁ ।

୧୪୦ । ତେଣୁ ଗୁରୁବିନା ଜ୍ଞାନ ମିଳିବା ସମ୍ଭବ ନୁହେଁ । ସମସ୍ତ ଜ୍ଞାନୀ ଲୋକ ଏକଥା ଜାଣନ୍ତି ଯେ ଗୁରୁଙ୍କ ସମର୍ଥ ପାଦ ହିଁ ବ୍ରହ୍ମ ଓ ଆତ୍ମାର ରହସ୍ୟକୁ ସମାଧାନ କରିପାରେ ।

୧୪୧ । ବିନା ଦ୍ୱିଧାରେ ନିଜର ଅହଂକାର ଓ ଗର୍ବକୁ ତ୍ୟାଗ କର ଏବଂ ଗୁରୁଙ୍କ ପଦତଳେ ନତମସ୍ତକ ହୋଇ ସାଷ୍ଟାଙ୍ଗ ପ୍ରଣିପାତ କର ।

୧୪୨ । 'ମୁଁ ଆପଣଙ୍କର ସବୁଠାରୁ ଅଧମ ଦାସ ଓ ଆପଣଙ୍କ ଚରଣତଳ ହିଁ ମୋର ଏକମାତ୍ର ଆଶ୍ୱାସନାର ସ୍ଥଳ ବୋଲି ମୁଁ ସବୁବେଳେ ବିଚାର କରି ଆସିଛି ।' ଏହି ବାକ୍ୟ ଉଚ୍ଚାରଣ କରି ଗୁରୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିବାର ସାହସ ସଂଚୟ କର ।

୧୪୩ । ତା'ପରେ, ତୁମେ ଗୁରୁଙ୍କର ଚମତ୍କାରିତାକୁ ଆଖିରେ ଦେଖିପାରିବ । ଦୟାର ସାଗର ଗୁରୁଙ୍କ ହୃଦୟ ତରଳିଯିବ ଓ ଧୀର ଭାବରେ ତାଙ୍କର କରୁଣା ଲହରୀ ତୁମକୁ ଭସାଇ ନେବ ।

୧୪୪ । ସେ ତାଙ୍କର ଦୃଢ଼ ଆଶ୍ୱାସନାର ହସ୍ତ ତୁମର ମସ୍ତକ ଉପରେ ସ୍ଥାପନ କରିବେ, ସମସ୍ତ ଅଶୁଭ ସୂଚନାକୁ ଉଡ଼ାଇଦେବେ, ପାପଗଦାଗୁଡ଼ିକୁ ଜାଳିପୋଡ଼ିଦେବେ ଓ କପାଳରେ ବିଭୂତି ବା 'ଉଦି'ର ତିଳକ ଲଗାଇ ଦେବେ ।

୧୪୫ । ବ୍ରହ୍ମଜ୍ଞାନ ସନ୍ଧାନୀଙ୍କ ପାଖରେ ବ୍ରହ୍ମଜ୍ଞାନର ଅର୍ଥ ସମ୍ବନ୍ଧୀୟ ଏହି ଆଲୋଚନା ଏକ ପ୍ରାସଙ୍ଗିକ ଘଟଣା ଥିଲା । ବାବା ତାଙ୍କର ସମସ୍ତ ଭକ୍ତଙ୍କୁ ଜୀବ ଓ ଶିବର[୬] ଏକାତ୍ମତା ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନର ସାରକଥା କହିଥିଲେ ।

୧୪୬ । ମହାରାଜଙ୍କର ଅମାପ ପାଣ୍ଡିତ୍ୟ ଓ ପ୍ରଗାଢ଼ ଶାସ୍ତ୍ରଜ୍ଞାନ ଥିଲାବେଳେ ସେ ହାସ୍ୟରସରେ ମାତିବା ଓ ବ୍ୟଙ୍ଗ କରିବାର ଆବଶ୍ୟକତା କ'ଣ ଥିଲା ?

୧୪୭ । ଏଭଳି ସନ୍ଦେହ ଜାତହୋଇପାରେ । ଯତ୍ନ ସହିତ ଚିନ୍ତା କଲେ ତାହାର ସନ୍ତୋଷଜନକ ଉତ୍ତର ରହିଅଛି, ମନୋଯୋଗ ଦେଇ ଶୁଣ ।

୧୪୮ । ତୁମେ ଛୋଟ ପିଲାମାନଙ୍କ ମେଳରେ ବସି ସେମାନଙ୍କ ସହିତ ହସଖୁସି ହୋଇ, ସେମାନଙ୍କର ଦରୋଟି କଥା ଶୁଣୁଥିବା ସମୟରେ, କୌଣସି ଗଭୀର ଆଲୋଚନା ହୁଏ କି ?

୧୪୯ । ସେମାନଙ୍କ ନିମନ୍ତେ ସ୍ନେହ ନ ଥାଏ କି ? ବରଂ ସାଧାରଣ ଭାଷାରେ ସେହି ସ୍ନେହକୁ ବର୍ଣ୍ଣନା କରାଯାଇ ପାରିବ ନାହିଁ । କିନ୍ତୁ ହାଲୁକା, ମଜା କଥା ହେଉଛି ଶିକ୍ଷାଦାନର ସୁନ୍ଦର କୌଶଳ ।

୧୫୦ । କେଉଁ ଲୁକ୍କାୟିତ ଯନ୍ତ୍ରଣା ତାକୁ ଅସୁସ୍ଥ କରୁଛି ସେ କଥା ପିଲା ନିଜେ ଜାଣିଥାଏ କି ? ସେ ଜିଦ୍ ଧରି ଖାଇବାକୁ ଚାହୁଁ ନ ଥିଲେ ମଧ୍ୟ ମା' ତାହାକୁ ଠିକ୍ ଔଷଧ, ଜୋର୍ କରି ଖୁଆଇଥାନ୍ତି ।

୧୫୧ । କେତେବେଳେ ମିଠା କଥା କହି, କେତେବେଳେ ଲାଲ ଆଖି ଦେଖାଇ, କେତେବେଳେ ବାଡ଼େଇ ବା ଆଉ କେତେବେଳେ ସ୍ନେହରେ ଆଲିଙ୍ଗନ କରି ମା' ଏହା କରିଥାନ୍ତି ।

୧୫୨ । ପିଲାମାନେ ବଡ଼ ହେଲେ ସେମାନଙ୍କ ପ୍ରତି ଅନୁରାଗ ଦେଖାଇବାକୁ ଇଚ୍ଛା ହୁଏ । କିନ୍ତୁ ସେମାନଙ୍କର ତୀକ୍ଷ୍ଣ ବା ମାନ୍ଦା ବୁଦ୍ଧି ଅନୁଯାୟୀ ସେମାନଙ୍କୁ ଜ୍ଞାନ ସମ୍ବନ୍ଧରେ ଶିକ୍ଷା ଅଧିକା କିମ୍ବା କମ୍ ଦିଆଯାଇଥାଏ ।

୧୫୩। ତୀକ୍ଷ୍ଣ ମେଧାସମ୍ପନ୍ନ ବ୍ୟକ୍ତି ଶୀଘ୍ର ହୃଦୟଙ୍ଗମ କରିଥାନ୍ତି। ସେମାନେ ଉପଦେଶକୁ କ୍ଷଣକ ମଧ୍ୟରେ ବୁଝିଯାଇ ଗ୍ରହଣ କରି ନେଇଥାନ୍ତି। ନିର୍ବୋଧ ବ୍ୟକ୍ତିଙ୍କ ପକ୍ଷରେ ଏହା ଭିନ୍ନ ଧରଣର ହୋଇଥାଏ। ତାଙ୍କୁ ବୁଝାଇବା ନିମନ୍ତେ ଓ ମନେ ରଖାଇବା ପାଇଁ ଅନେକ ଚେଷ୍ଟା କରିବାକୁ ପଡ଼ିଥାଏ।

୧୫୪। ଶ୍ରୀସାଇ ସମର୍ଥ ଜ୍ଞାନର ଗନ୍ତାଘର। ସେ ଭକ୍ତଙ୍କର କ୍ଷମତା ଓ ଶୁଦ୍ଧତା ସମ୍ପର୍କରେ ପ୍ରଥମେ ନିର୍ଣ୍ଣୟ କରିବା ପରେ ଜ୍ଞାନଭଣ୍ଡାରକୁ ଭକ୍ତଙ୍କର ବୁଦ୍ଧିମତ୍ତା ଅନୁଯାୟୀ ବିତରଣ କରିଥାନ୍ତି।

୧୫୫। ସେ ସ୍ୱତଃସ୍ଫୂର୍ତ୍ତ ଭାବରେ ଓ ଏକଦମ୍ ଆରମ୍ଭରୁ ପ୍ରତ୍ୟେକଙ୍କ ବିଷୟରେ ସମ୍ପୂର୍ଣ୍ଣ ରୂପେ ଜାଣୁଥିଲେ। ସେ ଭକ୍ତମାନଙ୍କର ସାମର୍ଥ୍ୟ ଅନୁଯାୟୀ ଶିକ୍ଷାଦାନର ସଠିକ ପନ୍ଥା ନିର୍ଣ୍ଣୟ କରୁଥିଲେ ଓ ସଠିକ୍ ଶୃଙ୍ଖଳା ରଖୁଥିଲେ।

୧୫୬। ବ୍ୟକ୍ତି ତାହାର ସାମର୍ଥ୍ୟ ଅନୁଯାୟୀ କ'ଣ ପାଇବା ପାଇଁ ଯୋଗ୍ୟ, ସେ ସମ୍ବନ୍ଧରେ ପ୍ରଥମେ ସ୍ଥିର କରି ସେହି ଅନୁଯାୟୀ କାର୍ଯ୍ୟ କରୁଥିଲେ। ବାବା ସେହି ବ୍ୟକ୍ତିମାନଙ୍କର ଦାୟିତ୍ୱ ନିଜେ ବହନ କରୁଥିଲେ।

୧୫୭। ସେହିଭଳି ଆମେ ବୟସ୍କ ଓ ମାନ୍ୟଗଣ୍ୟ ବ୍ୟକ୍ତି ପରି ଦେଖାଯାଉଥିଲେ ମଧ୍ୟ, ସିଦ୍ଧ ଶ୍ରୀସାଇଙ୍କ ନିକଟରେ ଆମେମାନେ ପିଲା ଓ ପିଲାଳିଆମି ବ୍ୟବହାର କରି ତାଙ୍କର ହାସ୍ୟରସ ଉପଭୋଗ କରିବାରେ ସର୍ବଦା ଆଗ୍ରହୀ ହେଉଥିଲୁ ।

୧୫୮। ବାବା ବହୁତ ଥଟାମଜା କରୁଥିଲେ। ଭକ୍ତଙ୍କର ଚିନ୍ତାର କାରଣ ଜାଣି ସେହି ଅନୁଯାୟୀ ଜ୍ଞାନ ପ୍ରଦାନ କରି ତାହାକୁ ଚିନ୍ତାମୁକ୍ତ କରୁଥିଲେ।

୧୫୯। ଜଣେ ବୁଦ୍ଧିମାନ କିମ୍ବା ନିର୍ବୋଧ ହୋଇପାରେ। ମାତ୍ର ସେ ଏହାକୁ ପଢ଼ିଲେ ବହୁତ ଆନନ୍ଦ ପାଇଥାଏ। ଏହାକୁ ଶୁଣିଲେ ବାରମ୍ବାର ଶୁଣିବାକୁ ଇଚ୍ଛା ହୋଇଥାଏ। ଏହାକୁ ଧ୍ୟାନ କଲେ ଏହା ଶାନ୍ତି ଓ ଆନନ୍ଦ ଦେଇଥାଏ।

୧୬୦। ଏହାକୁ ବାରମ୍ବାର ଆବୃତ୍ତି କଲେ ଆପେ ଆପେ ଏହାର ଦିବ୍ୟ ଅର୍ଥ ପ୍ରକଟିତ ହୋଇଥାଏ। ଏହାକୁ ପ୍ରତ୍ୟହ ଧ୍ୟାନ କଲେ ବିନା ବାଧାରେ ଅତିଶୟ ସୁଖ ଓ ସ୍ଥାୟୀ ଆନନ୍ଦ ମିଳିଥାଏ। ଏହା ହେଉଛି ବାବାଙ୍କର ଅମାପ ଲୀଳା!

୧୬୧। ଭାଗ୍ୟ ବଳରୁ ଯେଉଁମାନେ ଏହାର କିଞ୍ଚିତ୍ ଅନୁଭୂତି ପାଇଛନ୍ତି, ସେମାନେ କାୟ ମନୋବାକ୍ୟରେ ବାବାଙ୍କ ସହିତ ଅବିଚ୍ଛେଦ୍ୟ ଭାବରେ ସଂଯୁକ୍ତ ହୋଇଯାଇଛନ୍ତି। ଏହା ହେଉଛି ବାବାଙ୍କର ଅଜ୍ଞେୟ ଲୀଳା ।

୧୬୨। ହେମାଡ଼ ଶ୍ରୀସାଇଙ୍କ ପଦରେ ଶରଣାପନ୍ନ। ଭକ୍ତଙ୍କ ମଙ୍ଗଳ ସାଧନର ଗୋଟିଏ ବାଟ ହେଉଛି ହାସ୍ୟରସ ସାହାଯ୍ୟରେ ଜ୍ଞାନଦାନ । ଏଠାରେ ବ୍ରହ୍ମଜ୍ଞାନ ପ୍ରାପ୍ତି ନିମିତ୍ତ ଆସିଥିବା ବ୍ୟକ୍ତି ଏକ ଆୟୁଧ ସ୍ୱରୂପ ଥିଲେ।

୧୬୩। ଏହି ଅଧ୍ୟାୟ ଅପେକ୍ଷା ପରବର୍ତ୍ତୀ ଅଧ୍ୟାୟ ଅଧିକ ଚିତ୍ତାକର୍ଷକ ହେବ। ଏହା ଶ୍ରୋତାମାନଙ୍କର ଇଚ୍ଛା ପୂର୍ତ୍ତି କରିବ। ମୋ ହୃଦୟର ଗୋପନ ଇଚ୍ଛା ଏହି ରସାତ୍ମକ ବର୍ଣ୍ଣନା ଦ୍ୱାରା ପୂରଣ ହୋଇଯାଇଛି ।

୧୬୪। ମୁଁ କିପରି ମାଧବଙ୍କୁ ଭେଟିଥିଲି, ତାଙ୍କୁ କିପରି ବାବାଙ୍କ ବାର୍ତ୍ତା ଦେଇଥିଲି ଓ ମୁଁ କିପରି ଆଶୀର୍ବାଦ ଲାଭ କରିଥିଲି, ସେସବୁ କଥା ମୂଳରୁ ଶେଷ ପର୍ଯ୍ୟନ୍ତ ଶୁଣନ୍ତୁ।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ବ୍ରହ୍ମଜ୍ଞାନର ବର୍ଣ୍ଣନା-୨' ଶୀର୍ଷକ ସପ୍ତଦଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଧର୍ମ, ଅର୍ଥ, କାମ ଓ ମୋକ୍ଷ- ଜୀବନର ଚତୁଃଲକ୍ଷ୍ୟ।
୨- କାୟିକ, ମାନସିକ ଓ ଦୈବିକ ବା ଭାଗ୍ୟନିର୍ଦ୍ଧାରିତ ।
୩- ଯଶ, ଦାନ, ଧର୍ମ, ସୁନାମ, ଜ୍ଞାନ ଓ ଅନାସକ୍ତ।
୪- ସାମ, ଦମ, ତପ, ତିତିକ୍ଷା, ଶ୍ରଦ୍ଧା ଓ ସମାଧାନ।
୫- ସ୍ୱର୍ଗର ନୃତ୍ୟ ଓ ଗୀତିକାର।
୬- ବ୍ରହ୍ମଜ୍ଞାନ ପ୍ରାପ୍ତି ନିମନ୍ତେ ବାଧା।
୭- ପରଶମଣି ଲୁହାକୁ ସୁନାରେ ପରିଣତ କରି ଦେଇଥାଏ।
୮- ସମ୍ପତ୍ତି, ଦାୟାଦ ଓ ସୁଖ୍ୟାତି ପାଇବାର ଆକାଂକ୍ଷାକୁ ତ୍ୟାଗ କରିଦେବା।
୯- ଯୋଗସମାଧିର ଶେଷ ପାହାଚ।
୧୦- ଜପତପ ଦ୍ୱାରା ଉପଲବ୍ଧ ବ୍ରହ୍ମ ସ୍ଥାନ।
୧୧- ସାଗର ଗର୍ଭରେ ଅଗ୍ନି।
୧୨- ଆଧିଦୈବିକ, ଆଧ୍ୟାତ୍ମିକ ଓ ଆଧିଭୌତିକ।

୧୭ ॥ ବ୍ରହ୍ମଜ୍ଞାନର ବର୍ଣ୍ଣନା-୨ ॥

୧୩- ବିରାଟ କାଳ୍ପନିକ ମତ୍ସ୍ୟ ତିମିଙ୍ଗଳ।

୧୪- ପକ୍ଷୀ ଧରାଳିମାନେ ଶୁଆ ଧରିବା ପାଇଁ ଏକ ଯନ୍ତ୍ର ବ୍ୟବହାର କରିଥାନ୍ତି । ସେହି ଅଠାକାଣ୍ଡିଆ କାଠି ଉପରେ ଶୁଆ ବସି ପଡ଼ିଲେ ତାହା ଘୂରିଥାଏ। ଶୁଆ ତାକୁ ଜାବୁଡ଼ି ଧରି ଭ୍ରମରେ ଭାବେ ଯେ ସେ ତାହା ସାହାଯ୍ୟରେ ବଞ୍ଚିଯିବ । କିନ୍ତୁ ତାହାର ସେହି ଭ୍ରମ ଦ୍ୱାରା ହିଁ ସେ ଧରା ପଡ଼ିଥାଏ। ସେହି କାଠିକୁ ଛାଡ଼ି ଦେଇଥିଲେ ସେ ଆରାମରେ ଉଡ଼ି ପଳାଇ ଯାଇପାରିଥାନ୍ତା । ମାତ୍ର ସେଇ କାଠିକୁ ଧରି ସେ ଲଟକିଥାଏ ଓ ଶେଷରେ ଧରାପଡ଼େ।

୧୫- ଧନର ଦେବତା ବା ସ୍ୱର୍ଗପୁରୀର କୋଷାଧ୍ୟକ୍ଷ।

୧୬- ଆତ୍ମା ଓ ପରମାତ୍ମା।

ଶ୍ରୀସାଇବାବା

(ଏହି ପ୍ରତିଛବିଟିକୁ ବାବା ୧୯୧୫ ମସିହା ଫେବୃଆରୀ ୮ ତାରିଖରେ ସାଧୁଭାୟାଙ୍କ ପାଖକୁ ପଠାଇଥିଲେ ।)

॥ ୧୮ ॥

ମୋ ଉପରେ କରୁଣା ଅଜାଡ଼ିଦେଲେ ବାବା(୧)

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତ୍ୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ପରମ ଓ ସନାତନ ସଦ୍‌ଗୁରୁଙ୍କର ଜୟ ହେଉ ! ସଦ୍‌ଗୁରୁ ସତ୍‌ବ୍ରହ୍ମଙ୍କର ଜୟ ହେଉ ! ଜଗତ ଭ୍ରମ ବୋଲି ଅନୁଭୂତି ଆମକୁ ଯିଏ ଦେଇଥାନ୍ତି, ତାଙ୍କର ଜୟ ହେଉ ! ମାୟାର ନିୟନ୍ତ୍ରଣକାରୀଙ୍କର ଜୟ ହେଉ !

୨ । ଯାହାର ଆଦି ନାହିଁ କି ଅନ୍ତ ନାହିଁ, ସେଇ ଅନାଦି, ଅନନ୍ତଙ୍କର ଜୟ ହେଉ ! ଦ୍ୱୈତ ଭାବରୁ ଊର୍ଦ୍ଧ୍ୱରେ ଯିଏ ଅଦ୍ୱୈତ, ଯିଏ ଅପରିବର୍ତ୍ତନୀୟ ତାଙ୍କର ଜୟ ହେଉ ! ଆପଣ ହିଁ ଏକମାତ୍ର ଗୁରୁ ଯିଏ ଆତ୍ମାର ସଠିକ୍ ସ୍ୱରୂପ ସମ୍ବନ୍ଧରେ ଶିକ୍ଷା ଦେଇଥାନ୍ତି ।

୩ । ଏକ ଲବଣ ପ୍ରତିମା ସମୁଦ୍ରରେ ସ୍ନାନକରି ଫେରି ଆସିପାରିବ କି ? ଏହା କେବେ ସମ୍ଭବ ନୁହେଁ, କିନ୍ତୁ ଆପଣ ତାହା ପାରିଥାନ୍ତି !

୪ । ସମସ୍ତ ବେଦ ଓ ଶ୍ରୁତି ଦିନରାତି ବର୍ଣ୍ଣନା କରି ଯାହା ବ୍ୟାଖ୍ୟା କରି ପାରିନାହାନ୍ତି, ତାହା ସହଜରେ ଆପଣ ଭକ୍ତମାନଙ୍କୁ କହି ଦେଇପାରନ୍ତି ।

୫ । ସୌଭାଗ୍ୟକୁ ଆପଣ ଯଦି କାହାରିକୁ ଧରି ପକାନ୍ତି, ତେବେ ସେହି ବ୍ୟକ୍ତି 'ଆମର' ଓ 'ତୁମର' ମଧ୍ୟରେ ପ୍ରଭେଦର ସ୍ୱାର୍ଥପର ଚିନ୍ତା ଆଦୌ କରିବ ନାହିଁ ।

୬ । ଗତ ଅଧ୍ୟାୟରେ ବ୍ରହ୍ମର ଅର୍ଥ ପ୍ରକାଶ କରିଥିବା ପବିତ୍ର କଥା ଓ ବ୍ରହ୍ମାର୍ଥୀ ପଥରେ ଲୋଭ କିପରି ବାଧକ ହୋଇଥାଏ, ସେହି ବିଷୟ ବର୍ଣ୍ଣନା କରାଯାଇଥିଲା ।

୭ । ମୁଁ କିପରି ବାବାଙ୍କର ଆଶୀର୍ବାଦ ପାଇଲି, ବର୍ତ୍ତମାନ ସେହି କାହାଣୀ କହିବି । ଶ୍ରୋତାଗଣ ମନଧ୍ୟାନ ଦେଇ ଏକଥା ଶୁଣନ୍ତୁ । କାରଣ, ଏହା ବାବାଙ୍କର ମାର୍ଗଦର୍ଶନ ଦେବାର ବାଟ ସମ୍ପର୍କରେ ଜଣାଇଦେବ ।

୮ । ଏହି କାହାଣୀ ମଧ୍ୟ ଖୁବ୍ ଆଗ୍ରହଜନକ । ଯାହା ଯେପରି ଘଟିଥିଲା, ତାହା ହିଁ କହିବି । ଶ୍ରୋତାମାନେ ନିଜର ମଙ୍ଗଳ ନିମିତ୍ତ ଧୀରସ୍ଥିର ଚିତ୍ତରେ ଶୁଣନ୍ତୁ ।

୯ । ଶ୍ରୋତାମାନେ ଆଗ୍ରହ ଓ ସଂଭ୍ରମତା ସହକାରେ ଶୁଣିଲେ ବକ୍ତା ଅଧିକ ଉତ୍ସାହିତ ହୋଇଥାଏ ଓ ତାହାର ହୃଦୟ ପ୍ରେମରେ ଉଚ୍ଛୁଳି ପଡ଼େ । ଶ୍ରୋତା ଓ ବକ୍ତା ଉଭୟେ ଏହାକୁ ଉପଭୋଗ କରିଥାନ୍ତି ।

୧୦ । ମନ ବା ଭାବନାରେ ଟିକିଏ ମାତ୍ର ପରିବର୍ତ୍ତନ ନ କରି, ପ୍ରତ୍ୟେକ ବ୍ୟକ୍ତିର ସାମର୍ଥ୍ୟ ଅନୁସାରେ ବାବା ଠିକ ବାଟ ଦେଖାଉଥିଲେ ଓ ସେହି ଅନୁଯାୟୀ ଉପଦେଶ ଦେଉଥିଲେ ।

୧୧ । ଅନେକ ଲୋକ ମତ ଦେଇଥାନ୍ତି ଯେ ଗୁରୁ ଯାହାକୁ ଯାହା କହିଥାନ୍ତି, ତାହା ଅନ୍ୟ କାହାରି ଆଗରେ ପ୍ରକାଶ କରିବା ଉଚିତ ନୁହେଁ ! କାରଣ ତାହା କଲେ ଗୁରୁବାକ୍ୟ ନିଷ୍ଫଳ ହୋଇଯାଏ ।

୧୨। ମାତ୍ର ଏହା ପୂରାପୂରି କାଳ୍ପନିକ- ବୃଥା କଥା । ସେ ବ୍ୟକ୍ତିଗତ ଭାବରେ ଶିଖାଇଥିବା ବିଷୟଗୁଡ଼ିକୁ କେବଳ ନୁହେଁ, ସ୍ୱପ୍ନରେ ଦୃଶ୍ୟ ହୋଇଥିବା ଘଟଣାଗୁଡ଼ିକୁ ମଧ୍ୟ ଅକ୍ଷରେ ଅକ୍ଷରେ ସମସ୍ତଙ୍କୁ କୁହାଯିବା ଉଚିତ।

୧୩। ଏହାକୁ କେହି ଅସତ୍ୟ ବୋଲି ଭାବୁଥିଲେ ମୁଁ ମୋ ଯୁକ୍ତିର ସମର୍ଥନରେ ବୃଦ୍ଧ କୌଶିକ ଋଷିଙ୍କର ଉଦାହରଣ ଦେଉଛି। ସେ ରାମରକ୍ଷାଂ ସ୍ତୋତ୍ର ସ୍ୱପ୍ନରେ ଲାଭ କରିଥିଲେ ଓ ସମସ୍ତଙ୍କୁ ତାହା ଶିକ୍ଷା ଦେଇଥିଲେ।

୧୪। ଗୁରୁ ବର୍ଷାକାଳର ଜଳକଣାଭରା ମେଘ ପରି ସ୍ନେହ ସହକାରେ ଆନନ୍ଦରୂପକ ଜଳ ବର୍ଷା କରାଇଥାନ୍ତି। ଏହାକୁ କାହିଁକି ଲୁଚାଇ ରଖାଯିବ ? ବରଂ, ଏହାକୁ ଜଣେ ମନଭରି ପିଇବ ଓ ଅନ୍ୟମାନଙ୍କୁ ମଧ୍ୟ ପିଆଇବ।

୧୫। ମା' ତାହାର ପିଲାର ଓଠ ଚିପିଧରି, ପିଲାର ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ସ୍ନେହରେ ଔଷଧ ଖୁଆଇଥାଏ। ବାବାଙ୍କର କୌଶଳ ମଧ୍ୟ ସେହି ପ୍ରକାରର ଥିଲା।

୧୬। ତାଙ୍କର କାର୍ଯ୍ୟ କିଛି ଗୋପନୀୟ ନଥିଲା । ସେ ଭକ୍ତମାନଙ୍କର ଇଚ୍ଛାକୁ କିଭଳି ଆଶାତୀତ ଭାବରେ ପୂରଣ କରିଥାନ୍ତି, ତାହା ସାବଧାନ ହୋଇ ଶୁଣନ୍ତୁ।

୧୭। ସଦ୍‌ଗୁରୁଙ୍କ ସାହଚର୍ଯ୍ୟ ଯିଏ ପାଆନ୍ତି, ସିଏ ଧନ୍ୟ ହୋଇଥାନ୍ତି ଓ ଆଶୀର୍ବାଦ ପାଇଥାନ୍ତି । ତାଙ୍କର ଶକ୍ତି ସମ୍ବନ୍ଧରେ କିଏ ବା ବର୍ଣ୍ଣନା କରିପାରିବ ? ତାଙ୍କ ବଚନିକାର ସ୍ମୃତି ଗୋଟିକ ପରେ ଗୋଟିଏ ମୋର ମନେ ପଡ଼ିଯିବା ମାତ୍ରକେ ମୁଁ ବହୁତ ଉତ୍ସାହିତ ହୋଇଥାଏ।

୧୮। ତୁମେ ଈଶ୍ୱରଙ୍କୁ ଶ୍ରଦ୍ଧା ସହକାରେ ପ୍ରାର୍ଥନା କଲେ, ଗୁରୁଙ୍କର ସେବା ଓ ପୂଜା କଲେ, କେବଳ ଗୁରୁଙ୍କ ନିକଟରେ ଥିବା ଜ୍ଞାନ ସେ ତୁମକୁ ଦାନ କରିଦେବେ। ଅନ୍ୟ ସମସ୍ତ ଉପାୟ ନିରର୍ଥକ।

୧୯। ଜଗତର ଏହି ମାର୍ଗ ସଦାବେଳେ ଗୋଳମାଳିଆ ଓ ଅନ୍ଧାରିଆ। ଗୁରୁବାକ୍ୟ ପ୍ରଦୀପର କିରଣ ଭଳି ଏହାକୁ ସହଜ, ସରଳ ଓ ଅନୁଭବକ୍ଷମ କରାଇଥାଏ।

୨୦। ପ୍ରକୃତରେ ଗୁରୁ ହିଁ ସ୍ୱୟଂ ଈଶ୍ୱର। ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ବାସ୍ତବରେ ଗୁରୁ ହେଉଛନ୍ତି ସର୍ବଶକ୍ତିମାନ ପ୍ରଭୁ, ସେ ପରମ ବ୍ରହ୍ମ।

୨୧। ଗୁରୁ ହେଉଛନ୍ତି ବାପା, ମା'। ଦେବତାଙ୍କ ଅଭିଶାପରୁ ଗୁରୁହିଁ ରକ୍ଷା କରିଥାନ୍ତି। କିନ୍ତୁ ଗୁରୁଙ୍କ କ୍ରୋଧରୁ କେହି ତୁମକୁ ରକ୍ଷା କରି ପାରିବେ ନାହିଁ। ଏକଥା ସର୍ବଦା ମନେ ରଖିଥାଅ ।

୨୨। ସାଂସାରିକ ଆଚାରଆଚରଣ ନିମନ୍ତେ ଗୁରୁ ପଥପ୍ରଦର୍ଶକ। କର୍ମକର୍ମାଣି ଓ ପବିତ୍ର ସ୍ଥାନକୁ ତୀର୍ଥ ଯାତ୍ରାରେ ମଧ୍ୟ ସେ ପଥପ୍ରଦର୍ଶକ। ସେ ଭୁଲ ଠିକ୍ ନିର୍ଦ୍ଧାରଣ ଓ ଅନାସକ୍ତି ଅଭ୍ୟାସ କରିବା ପାଇଁ ପଥପ୍ରଦର୍ଶକ ହୋଇଥାନ୍ତି। ସେ ସମସ୍ତ 'ବେଦ' ଓ 'ଉପନିଷଦ'ର ସରଳ ବ୍ୟାଖ୍ୟାକାର।

୨୩। ସନ୍ଥମାନେ ବୁଦ୍ଧିର ଅନ୍ତଶ୍ଚକ୍ଷୁ ଖୋଲି ଦିଅନ୍ତି ଓ ଅନ୍ତରାତ୍ମାର ମହତ୍ୱ ପ୍ରଦର୍ଶନ କରାଇଥାନ୍ତି। ସେମାନେ ଭକ୍ତମାନଙ୍କର ସମସ୍ତ ଇଚ୍ଛାକୁ ପୂରଣ କରିଥାନ୍ତି। ସେମାନଙ୍କର ହୃଦୟ ଅତି କୋମଳ ଓ ଦୟାର୍ଦ୍ର।

୨୪। ସେମାନେ କାମନା ବିନାଶର କାରଣ ହୋଇଥାନ୍ତି। ଏପରିକି ସୁପ୍ତ ଅବସ୍ଥାରେ ମଧ୍ୟ ପ୍ରକୃତ ଜ୍ଞାନ ସ୍ପନ୍ଦିତ ହୋଇଥାଏ । ସେମାନଙ୍କର ଆଶୀର୍ବାଦ ବଳରେ ଆତ୍ମସଂଯମ ଓ ଆତ୍ମତ୍ୟାଗର ଯୁଗ୍ମ ଫଳ ମିଳିଥାଏ।

୨୫। ଯଦି ସନ୍ଥଙ୍କର ନିକଟତର ହୋଇପାରୁଛ, ତେବେ ତାଙ୍କୁ ଶ୍ରଦ୍ଧା କର, ସେବା କର। କଳ୍ପବୃକ୍ଷ ଭଳି ସେ ଭକ୍ତମାନଙ୍କର ସମସ୍ତ ଇଚ୍ଛାକୁ ପୂରଣ କରିଦେବେ ଓ ସମସ୍ତ ଦୁଃଖକଷ୍ଟ ଦୂର କରିଦେବେ।

୨୬। ସବୁବେଳେ ସତ୍ୟନିଷ୍ଠ ହୁଅ, ସନ୍ଥମାନଙ୍କ ବିଷୟରେ ବିଭିନ୍ନ କାହାଣୀ ଶୁଣ, ସନ୍ଥଙ୍କ ପାଦତଳେ ମଥାନତ କର ! ସମସ୍ତ ପାପ ନାଶ ହେବ।

୨୭। ଲର୍ଡ଼ ରେ' ସାହେବ ବମ୍ବେ ଷ୍ଟେଟ୍‌ର ଗଭର୍ଣ୍ଣର ଥିବା ସମୟରେ ପୂର୍ବରୁ ପ୍ରଚଳିତ କ୍ରାଫୋର୍ଡ଼ଙ୍କ ଶାସନ ବ୍ୟବସ୍ଥାକୁ ଓଲଟପାଲଟ କରିଦେଇଥିଲେ । ପୂର୍ବର ଶାସନକାଳରେ ଯେଉଁମାନେ ପ୍ରତିପତ୍ତି ଓ ଖ୍ୟାତି ଲାଭକରିଥିଲେ, ସେମାନେ ଅବଦମିତ ହୋଇଥିଲେ । ସେହି ସମୟରେ ସେଇଭଳି ଜଣେ ଜଣାଶୁଣା ଭଦ୍ରବ୍ୟକ୍ତି ବାବାଙ୍କର ଭକ୍ତ ହୋଇଥିଲେ ।

୨୮। ଏହି ଜଗତ ମିଥ୍ୟା ଓ ତ୍ରିତାପ ଦୁଃଖରେ ପରିପୂର୍ଣ୍ଣ। ଏହି ଭଦ୍ରବ୍ୟକ୍ତି ବ୍ୟବସାୟରେ ବହୁତ କ୍ଷତି କରିଥିଲେ ଓ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସେ ସବୁ କିଛି ତ୍ୟାଗ କରିଦେଇଥିଲେ ଓ ଘରଛାଡ଼ି ଚାଲିଯାଇଥିଲେ।

୨୯। ସେ ବହୁତ ବିଚଳିତ ଥିଲେ। ସେ କୌଣସି ଦୂର

ସ୍ଥାନକୁ ଯାଇ ସେଠାରେ ଏକାନ୍ତରେ ଶାନ୍ତିରେ ରହିବା ପାଇଁ ଚାହୁଁଥିଲେ।

୩୦। ଜଣେ ବହୁତ ଅସୁବିଧାରେ ପଡ଼ିଲେ ଈଶ୍ୱରଙ୍କୁ ମନେ ପକାଇଥାଏ। ତାହା ମଧ୍ୟ ଅନେକ କଷ୍ଟରେ। ତା'ପରେ ସେ ଈଶ୍ୱରଙ୍କ ନାମ ନିରନ୍ତର ନେଇଥାଏ ଓ ଈଶ୍ୱରଙ୍କର ଜଣେ ଅନୁଗାମୀ ହୋଇଥାଏ।

୩୧। କୃତପାପ କ୍ଷୟ ନହେବା ପର୍ଯ୍ୟନ୍ତ କେବଳ ଈଶ୍ୱରଙ୍କ ନାମ ଉଚ୍ଚାରଣ କଲେ କିଛି ଲାଭ ହୁଏ ନାହିଁ। ତାହାର ଭକ୍ତି ଦେଖିବା ପରେ ଈଶ୍ୱର ତାଙ୍କୁ ସନ୍ଥଙ୍କ ନିକଟକୁ ବାଟ କଢ଼ାଇ ନେଇଥାନ୍ତି।

୩୨। ସେହି ଭକ୍ତଙ୍କ କ୍ଷେତ୍ରରେ ତାହା ହିଁ ଘଟିଥିଲା। ସେ ସଂସାର ପ୍ରତି ସମ୍ପୂର୍ଣ୍ଣ ବୀତସ୍ପୃହ ହୋଇପଡ଼ିଥିବା ସମୟରେ ତାଙ୍କର ବନ୍ଧୁମାନେ ଯେଉଁ ପରାମର୍ଶ ଦେଇଥିଲେ, ତାହା ଶୁଣନ୍ତୁ।

୩୩। "ତୁମେ କାହିଁକି ଶିରିଡ଼ି ଯାଇ ସମର୍ଥ ସାଇନାଥଙ୍କୁ ଦର୍ଶନ କରୁନାହଁ ? ସେହି ସନ୍ଥ ଦୟାସାଗର, ତାଙ୍କୁ ପ୍ରାର୍ଥନା କର।

୩୪। "ସନ୍ଥଙ୍କ ସଙ୍ଗତରେ କ୍ଷଣେମାତ୍ର ରହିପାରିଲେ, ବାରବୁଲା ମନ ସ୍ଥିର ହୋଇଯାଏ ଓ ତତ୍‌କ୍ଷଣାତ୍ ଈଶ୍ୱରଙ୍କ ପାଦତଳେ ମନ ଲାଖିଯାଏ ଏବଂ ସେଠାରୁ ଫେରିବା କଷ୍ଟକର ହୁଏ।

୩୫। "ଲୋକେ ଦୂରଦୂରାନ୍ତରରୁ ସେଠାକୁ ଯାଇ ଶ୍ରୀସାଇଙ୍କ ପଦଧୂଳିରେ ନିଜକୁ ବିନମ୍ର ଭାବରେ ଲୋଟାଇ ଦେଉଛନ୍ତି । ସେମାନେ ମହାରାଜଙ୍କର ଆଦେଶ ମାନି କାର୍ଯ୍ୟ କରନ୍ତି ଓ ତାଙ୍କର ସେବା କରିବା ଦ୍ୱାରା ସେମାନଙ୍କର ଇଚ୍ଛାସବୁ ପୂରଣ ହୋଇଯାଉଛି।

୩୬। " ଏହିଭଳି ସୁଖ୍ୟାତି ତାଙ୍କର ସର୍ବତ୍ର ବ୍ୟାପିଯାଇଛି। ବାଳବୃଦ୍ଧ ସମସ୍ତେ ଏକଥା ଜାଣିଛନ୍ତି। ସେ ଯଦି ତୁମ ଉପରେ କୃପା କରିବେ, ତେବେ ତୁମର ସବୁ ଚିନ୍ତା ଦୂରେଇ ଯିବ।

୩୭। "ଶିରିଡ଼ି ବର୍ତ୍ତମାନ ଏକ ତୀର୍ଥସ୍ଥାନ। ରାତିଦିନ ସେଠାକୁ ଚାରିଆଡୁ ଲୋକଙ୍କର ସୁଅ ଛୁଟିଛି। ତୁମେ ମଧ୍ୟ ଏହି ଅନୁଭୂତି ପାଇପାରିବ। ସନ୍ଥଙ୍କ ଦର୍ଶନ କଲ୍ୟାଣକର ହେବ।"

୩୮। ମରୁଡ଼ି ଯୋଗୁ ଚିନ୍ତିତ ଜଣେ ବ୍ୟକ୍ତି ଦରିଦ୍ର ହୋଇ ଯାଇଥିବା ସମୟରେ ହଠାତ୍ ଗୁଡ଼ାଏ ଧନ ପାଇଗଲେ କିମ୍ବା ପ୍ରବଳ ଭୋକରେ ଆଉଟୁପାଉଟୁ ହେଉଥିବା ଜଣେ ବ୍ୟକ୍ତିକୁ ସୁମିଷ୍ଟ ଖାଦ୍ୟପଦାର୍ଥ ଦିଆଗଲେ ସେ ଯେଉଁଭଳି ଅନୁଭବ କରିଥାଏ, ଉକ୍ତ ଭଦ୍ରବ୍ୟକ୍ତି ସେହିଭଳି ଅନୁଭବ କରିଥିଲେ।

୩୯। ସାଂଗମାନେ ଶିରିଡ଼ି ଯିବା ପାଇଁ କହିବା ପରେ ଭଦ୍ରବ୍ୟକ୍ତି ସେହି ପରାମର୍ଶକୁ ଗ୍ରହଣ କରିଥିଲେ ଓ ଶିରିଡ଼ି ଅଭିମୁଖେ ବାହାରି ପଡ଼ିଥିଲେ।

୪୦। ସେ ଶିରିଡ଼ି ଆସିଥିଲେ। ବାବାଙ୍କର ଦର୍ଶନ କରିଥିଲେ ଓ ଶ୍ରୀସାଇଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତତ୍‌କ୍ଷଣାତ୍ ତାଙ୍କ ମନ ହାଲ୍‌କା ହୋଇଯାଇଥିଲା ଓ ସେ ତୃପ୍ତ ହୋଇଥିଲେ ।

୪୧। ଶ୍ରୀସାଇ ପରମବ୍ରହ୍ମ, ସନାତନ, ଦୀପ୍ତିମନ୍ତ, ନିଷ୍କଳଙ୍କ ଥିଲେ। ସେ ଏହି ରୂପରେ ଶ୍ରୀସାଇଙ୍କୁ ଦେଖିଥିଲେ ଓ ଖୁସି ହୋଇଥିଲେ।

୪୨। ସେ ଅନୁଭବ କରିଥିଲେ ଯେ ତାଙ୍କର ପୂର୍ବଜନ୍ମର ସୁକୃତିରୁ ସେ ଶ୍ରୀସାଇଙ୍କ ପାଦ ପାଖକୁ ଆସିପାରିଛନ୍ତି। ତାଙ୍କ ମନରେ କୌଣସି ଚିନ୍ତା ନଥିଲା ଓ ବାବାଙ୍କ ଦର୍ଶନ କରି ସେ ଶାନ୍ତି ଅନୁଭବ କରୁଥିଲେ।

୪୩। ଏହି ବ୍ୟକ୍ତିଙ୍କର ସାଙ୍ଗିଆ ଥିଲା ସାଠେ। ସେ ସ୍ୱଭାବରେ ଦୃଢ଼ମନା ଥିଲେ। ସେ ଗୁରୁଚରିତ୍ର[୨] ପାରାୟଣ ଆରମ୍ଭ କରି ଦେଇଥିଲେ ଓ ଧର୍ମୀୟ କର୍ମକର୍ମାଣି କରିଥିଲେ ।

୪୪। ସାତଦିନ ପାରାୟଣ କରିସାରିବା ପରେ ବାବା ସେହି ରାତିରେ ତାଙ୍କୁ ସ୍ୱପ୍ନରେ ଦେଖା ଦେଇଥିଲେ । ସ୍ୱପ୍ନରେ ବାବା ହାତରେ ବହି ଖଣ୍ଡିଏ ଧରି ସାଠେଙ୍କୁ ତାହାର ଅର୍ଥ ବୁଝାଉଥିଲେ।

୪୫। ବାବା ତାଙ୍କ ଆସନରେ ବସି ରହିଥିଲେ ଓ ସାଠେଙ୍କୁ ତାଙ୍କ ସମ୍ମୁଖରେ ବସାଇ ଗୁରୁଚରିତ୍ର ବହି ପଢ଼ି ତାଙ୍କୁ ଅର୍ଥ ବୁଝାଉଥିଲେ।

୪୬। ବାବା ବହି ପଢ଼ି ପୁରାଣପଣ୍ଡା[୩]ଙ୍କ ଭଳି ବୁଝାଉଥିଲେ। ସାଠେ ସମ୍ପୂର୍ଣ୍ଣ ଭକ୍ତି ଭାବରେ ବସି ଶାନ୍ତିରେ ଶୁଣୁଥିଲେ।

୪୭। 'ମୋ ଜୀବନରେ ଏପରି ଓଲଟା ପରିବର୍ତ୍ତନ

କାହିଁକି ?' ସାଠେ ମନେ ମନେ ଭାବିଥିଲେ । ସେ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ପ୍ରେମରେ ଗଦ୍‌ଗଦ୍ ହୋଇଥିଲେ ।

୪୮ । ' ହେ ମଙ୍ଗଳମୟ ! ଯେଉଁମାନେ ଅଜ୍ଞତାର ଅନ୍ଧାର ତକିଆରେ ମସ୍ତକରଖି କାମନାକୁ ଆଲିଙ୍ଗନ କରି ଘୁଙ୍ଗୁଡ଼ି ମାରୁଥାନ୍ତି, ଆପଣ ସେମାନଙ୍କୁ ଜାଗ୍ରତ କରାଇ ଦେଇଥାନ୍ତି !'

୪୯ । 'ପୁଣି ଏହିପରି ସମୟରେ ନିଦ୍ରାରୁ ଉଠାଇ 'ଗୁରୁଚରିତ୍ରାମୃତ' ରୂପକ ଅମୃତ ପାନ କରାଉଅଛନ୍ତି, ହେ ଦୟାମୟ !'

ହରି ସୀତାରାମ ଦୀକ୍ଷିତ ଓରଫ୍ କାକାସାହେବ ଦୀକ୍ଷିତ

୫୦ । ଏହିଭଳି ସ୍ୱପ୍ନ ଦେଖିବାପରେ ସାଠେ ତତ୍‌କ୍ଷଣାତ୍ ସମ୍ପୂର୍ଣ୍ଣ ଜାଗ୍ରତ ହୋଇଥିଲେ । ସେ କାକାସାହେବ ଦୀକ୍ଷିତଙ୍କୁ ପୂରା ଘଟଣା କହିଥିଲେ ।

୫୧ । ଆଉ କହିଥିଲେ; "ମୁଁ ଏହାର ଅର୍ଥ ବୁଝିପାରୁନାହିଁ । ବାବା କେବଳ ଜାଣିଥିବେ । ତାଙ୍କ ମନ ଭିତରେ କ'ଣ ଅଛି ମୁଁ ଜାଣେ ନାହିଁ । କାକା ! ଆପଣ ଦୟାକରି ତାଙ୍କୁ ଟିକିନିଖି ପଚାରନ୍ତୁ ।

୫୨ । "ମୁଁ ଆଉଥରେ ପାରାୟଣ ଆରମ୍ଭ କରିବି କି ? ନା, ଯାହା ହୋଇଗଲା ତାହା ଯଥେଷ୍ଟ ବୋଲି ଭାବିବି ? ବାବାଙ୍କର ଇଚ୍ଛା କ'ଣ ଦୟାକରି ତାଙ୍କୁ ପଚାରନ୍ତୁ । ତାହାହିଁ କେବଳ ମୋ ମନକୁ ଶାନ୍ତି ଦେବ ।"

୫୩ । ତତ୍ପରେ କାକା ସମୟ ଓ ସୁବିଧା ଦେଖି ବାବାଙ୍କୁ ସ୍ୱପ୍ନ ସମ୍ବନ୍ଧରେ ପଚାରିଥିଲେ । " ହେ ପ୍ରଭୁ ! ଆପଣ ଏହି ସ୍ୱପ୍ନ ମାଧ୍ୟମରେ ସାଠେଙ୍କୁ କି ସନ୍ଦେଶ ଦେଇଛନ୍ତି ?

୫୪ । "ସେ ଆଉ ଏକ ସପ୍ତାହ ପାରାୟଣ କରିବେ ନା ଏବେ ତାହାକୁ ଉଦ୍‌ଯାପନ କରିବେ ? ଆପଣ ସ୍ୱପ୍ନର ଅର୍ଥ କହି ସାଠେଙ୍କୁ ମାର୍ଗ ଦର୍ଶନ କରାନ୍ତୁ ।

୫୫ । "ଏହି ଏକମାତ୍ର ଅନୁରୋଧ ମୁଁ ଆପଣଙ୍କ ପାଦତଳେ କରୁ ଅଛି । ସାଠେ ଜଣେ ଅଟଳ ଭକ୍ତ । ତାଙ୍କ ଉପରେ କୃପା କରନ୍ତୁ ଓ ତାଙ୍କର ଇଚ୍ଛା ପୂରଣ କରନ୍ତୁ ।"

୫୬ । ତା'ପରେ ବାବାଙ୍କର ଆଦେଶ ଥିଲା "ଆହୁରି ପାରାୟଣ କର । ଏହି ଗୁରୁଚରିତ୍ର ପାଠ କଲେ ଭକ୍ତମାନେ ପବିତ୍ର ହୋଇଥାନ୍ତି ।

୫୭ । "ଏହି ବହିକୁ ବାରମ୍ବାର ପାଠକଲେ ଏହା ସେମାନଙ୍କ ନିମିତ୍ତ କଲ୍ୟାଣକର ହୋଇଥାଏ । ସେମାନେ ଈଶ୍ୱରଙ୍କର ଆଶୀର୍ବାଦ ପାଇଥାନ୍ତି ଓ ସାଂସାରିକ ବନ୍ଧନ ଛିନ୍ନ ହୋଇଯାଏ ।"

୫୮ । ବାବା ଏହି କଥା କହୁଥିବା ସମୟରେ ମୁଁ ତାଙ୍କର ପାଦ ଘଷି ଦେଉଥିଲି । ମୁଁ ମନ ମଧ୍ୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି ଓ ଚିନ୍ତା କରିବାକୁ ବାଧ୍ୟ ହୋଇଥିଲି ।

୫୯ । 'ବାବା ଏଭଳି କେମିତି କଲେ ? ଯାହା ଜଣାପଡୁଛି ସାଠେ ଅଳ୍ପ ପରିଶ୍ରମରେ ବହୁତ ଫଳଲାଭ କରିଛନ୍ତି । ମୁଁ ବର୍ଷ ବର୍ଷ ବିତାଇ ଦେଲିଣି ! ଅଥଚ, ସେ ମାତ୍ର ସାତଦିନରେ ଫଳ ପାଇଗଲେ !

୬୦ । 'ସାଠେ ସାତଦିନରେ 'ଗୁରୁଚରିତ୍ର' ଥରେ ମାତ୍ର ପାଠ କରିଛନ୍ତି ଅଥଚ, ମୁଁ ଚାଳିଶି ବର୍ଷ ଧରି ତାହା କରି ଆସିଛି । ମୁଁ ଏଭଳି ଚିନ୍ତା କରିବାର ଯୋଗ୍ୟ ନୁହେଁ କି ?

୬୧ । 'ଜଣେ ସାତଦିନ ମଧ୍ୟରେ ଫଳ ପାଇଯାଉଛି, ଅଥଚ ଅନ୍ୟ ଜଣେ ନିଷ୍ଫଳ ହୋଇ ସାତବର୍ଷ ବିତାଇଛି ! ମୁଁ ଚାତକ ଭଳି ଉତ୍କଣ୍ଠିତ ଭାବରେ ଅପେକ୍ଷା କରି ରହିଛି ଓ ଭାବୁଛି କେତେବେଳେ ଏହି ଦୟାର୍ଦ୍ର ବାରିଦ ମୋ ଉପରେ କରୁଣାବର୍ଷା କରିବେ ?

୬୨ । 'ସେହିଦିନ କେବେ ଆସିବ, ଯେଉଁ ଦିନ ସନ୍ଥମାନଙ୍କର ଏହି ମଉଡ଼ମଣି ମୋତେ ଆଶୀର୍ବାଦ ଦେବେ, ମୋର ହୃଦୟର ଇଚ୍ଛା ପୂରଣ କରିବେ ଓ ମୋତେ ଜ୍ଞାନ ପ୍ରଦାନ କରିବେ ?'

୬୩ । ଶ୍ରୀଗୁରୁ ସାଇ ତାଙ୍କର ଭକ୍ତମାନଙ୍କୁ ବହୁତ ଭଲ ପାଉଥିଲେ । ତାଙ୍କର ଅଲୌକିକ କାର୍ଯ୍ୟ ଦେଖନ୍ତୁ ! ଏ ସମସ୍ତ ଭାବନା ମୋ ମନ ଭିତରକୁ ଆସିଯିବା ମାତ୍ରକେ ସେ ସାଂଗେ ସାଂଗେ ତାହା ଜାଣିପାରିଥିଲେ !

୬୪ । ଏଭଳି ଭାବନା ମାୟାମୋହରୁ ଜାତ ହୋଇଥାଏ ଓ ତାହା ଭଲ ହୋଇଥାଉ କିମ୍ବା ମନ୍ଦ ହୋଇଥାଉ, ନିୟୁତ ନିୟୁତ ସଂଖ୍ୟାରେ ଅନବରତ ମନରେ ଉଠି ଅନବରତ ମିଳାଇ ଯାଉଥିଲେ ମଧ୍ୟ, ସେସବୁ ବିଷୟରେ ବାବା ଜ୍ଞାତ ଥାଆନ୍ତି ।

୬୫ । 'ଜଣେ ଶତ୍ରୁ ଯାହା ଚିନ୍ତା କରିନଥିବ ମନ ତାହା ଚିନ୍ତା କରିପାରେ' ବୋଲି ଏକ ସୁବିଦିତ ପ୍ରବଚନ ଅଛି ।

ଯଦିଓ ମୋର ଭାବନା ସମ୍ବନ୍ଧରେ ଅନ୍ୟ କେହି ଜାଣିନଥିଲେ, ମହାରାଜ ତାହାକୁ ସାଂଗେ ସାଂଗେ ବୁଝିପାରିଥିଲେ।

୬୬। ମାତ୍ର ସେହି ଏକାନ୍ତ ଦୟାଳୁ ମାତା ସବୁ ପ୍ରକାର ଖରାପ କଥାକୁ କ୍ଷମା କରି ଦେଇଥାନ୍ତି ଓ ଠିକ୍ ସମୟରେ ସେ ଉତ୍ତମ ଗୁଣକୁ ପ୍ରୋତ୍ସାହିତ କରାଇ ସଠିକ୍ ଆଚରଣ ଶିଖାଇ ଦେଇଥାନ୍ତି।

୬୭। ମୋର ଭାବନାକୁ ବୁଝିପାରି ବାବା ମୋତେ କହିଥିଲେ, "ତୁମେ ଉଠ। ଶାମା ପାଖକୁ ଯାଇ ତା' ନିକଟରୁ ପନ୍ଦର ଟଙ୍କା ଆଣ।

୬୮। "ତା' ପାଖରେ କିଛି ସମୟ ବସି ଗପସପ କରିବ। ତା'ଠାରୁ ଦକ୍ଷିଣା ଆଣି ଶୀଘ୍ର ଫେରି ଆସିବ।"

୬୯। ଶ୍ରୀସାଇନାଥ ମୋ ଉପରେ କରୁଣା କରିଥିଲେ ଓ ଦକ୍ଷିଣା ଛଳରେ କହିଥିଲେ, "ଶୀଘ୍ର ଯାଇ ମୋ ପାଇଁ ଶାମାଠାରୁ ଟଙ୍କା ମାଗିଆଣ।"

୭୦। ଏଭଳି ଆଦେଶ ପାଇବା ପରେ କେହି ବସି ରହି ପାରେ କି ? ତା' ସତ୍ତ୍ୱେ, ଯଦି କେହି ବସି ରହିବ, ତେବେ ତାହା ଅବଜ୍ଞା ସ୍ୱରୂପ ହେବ। ମୁଁ ଉଠି ପଡ଼ି ବିଦାୟ ନେଇଥିଲି।

୭୧। ମୁଁ ଶୀଘ୍ର ଚାଲିଆସିଥିଲି। ମାଧବରାଓ ବାହାରକୁ ଆସି ମୋତେ ସ୍ୱାଗତ କରିଥିଲେ। ସେ ସେଇମାତ୍ର ସ୍ନାନ ସାରି ଗୋଟିଏ ଧୋତି ପିନ୍ଧି ସେଠାରେ ଛିଡ଼ା ହୋଇଥିଲେ।

୭୨। ସେ ସ୍ନାନ ସାରି ସଫାଧୋତି ପିନ୍ଧି ତାହାର କୁଂଚ ମୋଡୁଥିଲେ ଓ ପ୍ରତି କ୍ଷଣ ଈଶ୍ୱରଙ୍କ ନାମ ଉଚ୍ଚାରଣ କରୁଥିଲେ।

୭୩। ସେ ପଚାରିଥିଲେ, "ହଠାତ୍ କେମିତି ଚାଲି ଆସିଲେ ? ଆପଣ ମସ୍‌ଜିଦ୍‌ରୁ ଆସୁଛନ୍ତି କି ? ଏମିତି ଅସ୍ଥିର କାହିଁକି ଦେଖାଯାଉଛନ୍ତି ? ଆଜି ଆପଣ କାହିଁକି ଏକୁଟିଆ ?

୭୪। "ଆସନ୍ତୁ, ବସନ୍ତୁ ! ମୁଁ ଏବେ ସ୍ନାନ ସାରି ଧୋତି ପିନ୍ଧୁଛି। ମୁଁ ଦେବତାମାନଙ୍କ ପ୍ରତିମା ଉପରେ ଟିକିଏ ପାଣି ଢାଳି ଦେଇ ସାଂଗେ ସାଂଗେ ଆସୁଛି।

୭୫। " ଏହି ସମୟରେ ଆପଣ ପାନ ଭାଙ୍ଗି ଖାଉଥାଆନ୍ତୁ। ମୁଁ ମୋର ପୂଜା ଓ କର୍ମକର୍ମାଣି ସାରିଦେଇ ଆସୁଛି। ତା'ପରେ ଆମେ ଆରାମରେ ବସି ଖୁସିରେ କଥାବାର୍ତ୍ତା ହେବା।"

୭୬। ମାଧବରାଓ ଭିତରକୁ ଚାଲି ଯାଇଥିଲେ। ମୁଁ 'ନାଥ ଭାଗବତ'[୬] ବହିଟି ଝରକା ବନ୍ଧରେ ଥିବାର ଦେଖି ଅତର୍କିତ ଭାବରେ ଉଠାଇ ଆଣିଥିଲି।

୭୭। ମୁଁ ତାହାକୁ ଏପଟ ସେପଟ କରି ଏମିତି ଖୋଲିଦେବା ବେଳକୁ ସକାଳେ ଯାହାକୁ ଅଧାପଢ଼ି ଛାଡ଼ି ଦେଇଥିଲି, ସେହି ପୃଷ୍ଠା ଆଶ୍ଚର୍ଯ୍ୟଜନକ ଭାବରେ ବାହାରି ପଡ଼ିଥିଲା।

୭୮। ମୁଁ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲି। କାରଣ ଯେଉଁ ଅଂଶକୁ ସକାଳେ ପଢୁଥିଲି ଓ ତୁଚ୍ଛା ଅଳସୁଆମି କରି ଅଧାରୁ ଛାଡ଼ି ଦେଇଥିଲି, ବାବା ସେୟାକୁ ପଢ଼ି ଶେଷ କରିବାକୁ, ଅର୍ଥାତ୍ ମୋର ନିତ୍ୟ ନୈମିତ୍ତିକ ବିଧି କରିବା ପାଇଁ ମୋତେ ସତେ ଯେପରି ବାଧ୍ୟ କରିଥିଲେ।

୭୯। 'ବିଧି' ହେଉଛି କିଛି ଅଂଶ ନିତ୍ୟ ପାଠକରିବା। ଯଦି ପୂରା ବୁଝି ନହେଲା କିମ୍ବା ଅଧା ରହିଗଲା, ତେବେ ତାହାକୁ ଶେଷ ନକରି ଉଠି ଚାଲିଯିବା ଉଚିତ୍ ନୁହେଁ। ତାହା ଦ୍ୱାରା ଉପାସନା ଅସମ୍ପୂର୍ଣ୍ଣ ରହେ।

୮୦। ଏହି ବର୍ଣ୍ଣନା ସମୟରେ ଯେଉଁ କ୍ଷୁଦ୍ରକାହାଣୀଟି ଏବେ ମୋ ମନ ମଧ୍ୟକୁ ପଶି ଆସିଛି, ତାକୁ ଛାଡ଼ି ଦେବା ଉଚିତ୍ ହେବନାହିଁ। ଏଣୁ ଶ୍ରୋତାଗଣ, 'ନାଥ ଭାଗବତ' ସଂକ୍ରାନ୍ତ ସେହି କାହାଣୀକୁ ବର୍ତ୍ତମାନ ଭକ୍ତି ସହକାରେ ଶୁଣନ୍ତୁ।

୮୧। 'ନାଥ ଭାଗବତ'ରେ ଗୁରୁଙ୍କ ପ୍ରତି ସମ୍ପୂର୍ଣ୍ଣ ଭକ୍ତିର ଉଲ୍ଲେଖ ରହିଛି ବୋଲି ଶ୍ରୀସାଇ ସ୍ୱୀକାର କରିଥିଲେ ଓ ଦୀକ୍ଷିତ ତାହାକୁ ନିୟମିତ ପଢୁଥିଲେ।

୮୨। ଜଗତର ଉଦ୍ଧାର ପାଇଁ ବିଷ୍ଣୁ (ନାରାୟଣ) ବ୍ରହ୍ମା (ସ୍ରଷ୍ଟା)ଙ୍କୁ ଯାହା କହିଥିଲେ, ସେହି ବିଷୟର ଚର୍ଚ୍ଚା ଏହି ପୁସ୍ତକରେ ହୋଇଛି । ଏହି କ୍ଷେତ୍ରରେ ଯେଉଁ ଭକ୍ତିର ବୀଜ ବପନ ହୋଇଥିଲା, ତାହାର ଫଳ ନାରଦ ଅମଳ କରିଥିଲେ ।

୮୩। ସେହି କ୍ଷେତ୍ରକୁ ଦଶଧା ପନ୍ଥାରେ ବାଦରାୟଣ[୭] ଚାଷକରିଥିଲେ ଓ ଶୁକ[୮] ପରୀକ୍ଷିତଙ୍କ ନିମନ୍ତେ ତାଙ୍କ ଖଳାରେ କେତେକ ବଛାବଛା ଶସ୍ୟକେଣ୍ଡା ଅମଳ କରିଥିଲେ।

୮୪। ଶ୍ରୀଧର ସ୍ୱାମୀ[୯] ସେହି ଶସ୍ୟକୁ ସଫା କରିଥିଲେ, ଜନାର୍ଦ୍ଦନ ସ୍ୱାମୀ[୧୦] ତାହାକୁ ମାପିଥିଲେ ଓ ଏକନାଥ ସେଥିରୁ ବହୁତ ସୁମିଷ୍ଟ ଖାଦ୍ୟ ପ୍ରସ୍ତୁତ କରିଥିଲେ।

୮୫। ଏହାର (ଭାଗବତ) ଏକାଦଶ ସ୍କନ୍ଧ ବତିଶକୋଣ ବିଶିଷ୍ଟ ତୁଳସୀ[୧୧] ବୃନ୍ଦାବନ ଭଳି ଭକ୍ତି, ପ୍ରେମ ଓ ଆନନ୍ଦର

ଖଣି। ଏହି ଏକାଦଶ ସ୍କନ୍ଧକୁ ଦୀକ୍ଷିତ ପ୍ରତ୍ୟହ ପାଠ କରୁଥିଲେ।
୮୬। ଦିନବେଳା ସେ ତାକୁ ପଢ଼ି ଅନ୍ୟ ଭକ୍ତମାନଙ୍କୁ ବୁଝାଉଥିଲେ ଓ ରାତ୍ରି ସମୟରେ 'ଭାବାର୍ଥ[୨] ରାମାୟଣ' ପଢୁଥିଲେ। ଏହି ପୁସ୍ତକକୁ ମଧ୍ୟ ପଢ଼ିବା ପାଇଁ ଗୁରୁ ଆଦେଶ ଦେଇଥିଲେ ଓ ଦୀକ୍ଷିତ ତାହାକୁ ମାନୁଥିଲେ।
୮୭। 'ନାଥ ଭାଗବତ' ଈଶ୍ୱରଙ୍କ ପ୍ରତି ଭକ୍ତି ଓ ଆନନ୍ଦର ସାରାଂଶ। କହିବାକୁ ଗଲେ, ଏହା 'ଜ୍ଞାନେଶ୍ୱରୀ'ର ଦ୍ୱିତୀୟ ସଂସ୍କରଣ ଥିଲା। ଏହା ନାଥଙ୍କର ମହାରାଷ୍ଟ୍ରକୁ ଏକ ବିରାଟ ଅବଦାନ ସ୍ୱରୂପ ଥିଲା।
୮୮। ପ୍ରତିଦିନ ସକାଳୁ ସକାଳୁ ସ୍ନାନ ସାରି ଦୀକ୍ଷିତ ଶ୍ରୀସାଇ ତଥା ଅନ୍ୟ ଦେବତାମାନଙ୍କର ପୂଜା କରୁଥିଲେ, ନୈବେଦ୍ୟ ବାଢୁଥିଲେ ଓ ଆରତି କରୁଥିଲେ।
୮୯। ତା'ପରେ ଅନ୍ୟ ଶ୍ରୋତାମାନଙ୍କ ସହିତ ମିଶି ନୈବେଦ୍ୟ ରୂପେ ବଢ଼ାଯାଇଥିବା କ୍ଷୀର ଓ ଅନ୍ୟ କିଛି ଫଳ ଭକ୍ଷଣ କରି ସେ ଭକ୍ତି ସହକାରେ ପୂରା ଦମ୍‌ରେ ପୋଥି ପଢୁଥିଲେ। ଏହା ତାଙ୍କର ପ୍ରତିଦିନର ବିଧି ଥିଲା।
୯୦। ସେହି ପୋଥିକୁ ଈଶ୍ୱରଙ୍କର ପରମ ଭକ୍ତ ତୁକାରାମ ବାନ୍ଦରା ପାହାଡ଼ ଉପରେ ଏକାନ୍ତରେ ବସି ହଜାରେ ଥର ପାରାୟଣ କରିଥିଲେ ଓ ତାହାର ଆନନ୍ଦ ଉପଭୋଗ କରିଥିଲେ। ତାହାର ମାଧୁର୍ଯ୍ୟକୁ କେହି ବର୍ଣ୍ଣନା କରିବା ସମ୍ଭବ କି ?
୯୧। ଦୀକ୍ଷିତ ଥିଲେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିଥିବା ଜଣେ ଭକ୍ତ । ତାଙ୍କୁ ଏହି ଧର୍ମପୁସ୍ତକ ପଢ଼ିବାକୁ ଶ୍ରୀସାଇ ସମର୍ଥ କହିଥିଲେ । ଏହା ମୋକ୍ଷ ଆଶାୟୀଙ୍କ ପାଇଁ ଉପକାରୀ ଓ ମୋକ୍ଷପ୍ରାପ୍ତି ପଥରେ ସେମାନଙ୍କୁ ଆଗେଇ ନେଇପାରିବ।
୯୨। କାହାରିକୁ ଜଙ୍ଗଲକୁ ଯାଇ ସେଠି ରହିବାର ଆବଶ୍ୟକତା ନାହିଁ । କାରଣ, ଈଶ୍ୱର ଉଦ୍ଧବଗୀତା (ଏକାଦଶ ଅଧ୍ୟାୟ)ରେ ସ୍ୱୟଂ ପ୍ରକଟ ହୋଇଛନ୍ତି। ଯିଏ ଏହାକୁ ପୂର୍ଣ୍ଣ ବିଶ୍ୱାସର ସହିତ ପାରାୟଣ କରିବ, ସେ ସିଧା ଈଶ୍ୱରଙ୍କୁ ପାଇପାରିବ।
୯୩। 'ମହାଭାରତ'ରେ କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ କଥୋପକଥନ ରହିଛି; କିନ୍ତୁ କୃଷ୍ଣ ଓ ଉଦ୍ଧବଙ୍କ ମଧ୍ୟରେ ଏହି କଥୋପକଥନ ତାହାଠାରୁ ଅଧିକ ଚମତ୍କାର। ଭାଗବତର କଥାକୁ ଏକନାଥ ଅଧିକ ସୁନ୍ଦର ଓ ସରଳ ଭାବରେ ବୁଝାଇଛନ୍ତି।
୯୪। ସେ ଯାହାହେଉ, ଏହି ମଙ୍ଗଳକାରୀ ପୁସ୍ତକ ସହିତ ଜ୍ଞାନଦେବଙ୍କର 'ଭାବାର୍ଥ ଦୀପିକା'କୁ ପାଠକରିବା ନିମନ୍ତେ ମହାନ୍ ଓ ଦୟାମୟ ଶ୍ରୀସାଇନାଥ ଶିରିଡ଼ିରେ ଲୋକମାନଙ୍କୁ କହୁଥିଲେ।
୯୫। ସାଠେୱାଡ଼ାରେ ଏହାକୁ ପାଠ କରିବା ପାଇଁ ବାବା ସଖାରାମ ହରି ଜୋଗଙ୍କୁ ନିଯୋଜିତ କରିଥିଲେ ଓ ଭକ୍ତମାନେ ଏହାଦ୍ୱାରା ବିଶେଷ ଭାବରେ ଉପକୃତ ହେଉଥିଲେ।
୯୬। ବାବା ଅନେକ ସମୟରେ ଭକ୍ତମାନଙ୍କୁ ସେହି ପୁସ୍ତକର ପାରାୟଣ କରିବାକୁ କହୁଥିଲେ ଓ ଦୟାର୍ଦ୍ର ହୋଇ ସେମାନଙ୍କର ମଙ୍ଗଳ ପାଇଁ ଏହା ପଢ଼ିବାକୁ ଉପଦେଶ ଦେଉଥିଲେ।
୯୭। ବାବାଙ୍କ ଶିକ୍ଷା ଦେବାର କୌଶଳ ଅଚିନ୍ତନୀୟ ଥିଲା। ତାଙ୍କର ଉପାୟ ଭିନ୍ନ ଭିନ୍ନ ଭକ୍ତଙ୍କ ନିମନ୍ତେ ଭିନ୍ନ ଭିନ୍ନ ପ୍ରକାରର ଥିଲା। ସେମାନେ ଦୂରରେ ଥାଆନ୍ତୁ କିମ୍ବା ପାଖରେ ଥାଆନ୍ତୁ, ଯେଉଁଠି ଥିଲେ ମଧ ବାବା ସେମାନଙ୍କ ନିକଟରେ ଥିଲେ, ଅର୍ଥାତ୍ ହୃଦୟ ମଧ୍ୟରେ ଥିଲେ।
୯୮। ସେ ମସ୍‌ଜିଦ୍‌ରେ ବସୁଥିଲେ ମଧ ଯଦି କାହାରି ଦ୍ୱାରା କିଛି କାର୍ଯ୍ୟ କରାଇନେବାକୁ ଚାହୁଁଥିଲେ, ତେବେ ଉକ୍ତ କାର୍ଯ୍ୟ କରିବା ପାଇଁ ସେହି ବ୍ୟକ୍ତିଙ୍କ ନିକଟକୁ ସେ ନିଜର ଶକ୍ତି ପ୍ରେରଣ କରୁଥିଲେ ଓ ତାହା କରାଇନଉଥିଲେ ।
୯୯। ସେ ବାପୁସାହେବ ଜୋଗଙ୍କୁ ପୋଥି ପଢ଼ିବା ପାଇଁ କହିଥିଲେ ଓ ଜୋଗ ତାହାକୁ ପ୍ରତିଦିନ ଶୁଦ୍ଧପୂତ ଭାବରେ ୱାଡ଼ାରେ ପଢୁଥିଲେ। ଶ୍ରୋତାମାନେ ମଧ ତାହାକୁ ଶୁଣିବା ନିମନ୍ତେ ଆସୁଥିଲେ।
୧୦୦। ଦ୍ୱିପ୍ରହରର ଭୋଜନସାରି ଜୋଗ ପ୍ରତ୍ୟହ ଓପରବେଳା ବାବାଙ୍କ ନିକଟକୁ ଯାଇ ତାଙ୍କ ପଦରେ ପ୍ରଣାମ କରି ବିଭୂତି ପାଉଥିଲେ ଓ ପୋଥି ପାଠ ଆରମ୍ଭ କରିବା ନିମନ୍ତେ ଅନୁମତି ମାଗୁଥିଲେ।
୧୦୧। ବେଳେ ବେଳେ ସେ 'ନାଥ ଭାଗବତ' ପଢୁଥିଲେ ଆଉ କେତେବେଳେ ଜ୍ଞାନେଶ୍ୱରୀ ମଧ ପଠନ କରୁଥିଲେ। ସେ ପାଠ କରିବା ବେଳେ, ଆନନ୍ଦରେ ତାଙ୍କର ହୃଦୟ ପୂରିଯାଉଥିଲା ଓ ପାଠକରି ସାରିବା ପରେ ତାହାର ଅର୍ଥ ମଧ୍ୟ ବୁଝାଇ ଦେଉଥିଲେ।

୧୦୨। ଏହି ନିର୍ଦ୍ଦେଶ ଦିଆଯାଇଥିବାରୁ ଯେତେବେଳେ ଭକ୍ତମାନେ ବାବାଙ୍କ ଦର୍ଶନ ନିମିତ୍ତ ଆସୁଥିଲେ ବାବା ସେମାନଙ୍କୁ ପୋଥି ଶୁଣିବା ନିମନ୍ତେ ପଠାଇ ଦେଉଥିଲେ।

୧୦୩। ବେଳେ ବେଳେ ସେ ସଂକ୍ଷେପରେ ଛୋଟ ଛୋଟ କାହାଣୀ କହୁଥିଲେ ଓ ତାହାକୁ ଶ୍ରୋତାମାନେ ଶୁଣି ମନେ ରଖିବାର ଚେଷ୍ଟା କରୁଥିଲେ। ପରେ ପରେ ବିଳମ୍ବ ନ କରି ସେମାନଙ୍କୁ ଉଠିଯିବା ପାଇଁ କହୁଥିଲେ ଓ ୱାଡ଼ାକୁ ଯାଇ ପୋଥି ଶୁଣିବା ପାଇଁ କହୁଥିଲେ ।

୧୦୪। ଯେତେବେଳେ ଶ୍ରୋତାମାନେ ପୂର୍ଣ୍ଣ ଭକ୍ତି ସହକାରେ ପୋଥି ଶୁଣିବା ନିମନ୍ତେ ଯାଉଥିଲେ, ସେଠାରେ ଯେଉଁ କାହାଣୀ ପୋଥିରୁ ପଢ଼ାଯାଉଥିଲା ଠିକ୍ ସେହି ଅର୍ଥ ଥିବା କାହାଣୀ ବାବା ପୂର୍ବରୁ ସେମାନଙ୍କୁ କହି ସାରିଥିଲେ।

୧୦୫। ଜ୍ଞାନେଶ୍ୱରଙ୍କ ଜ୍ଞାନେଶ୍ୱରୀ କିମ୍ୱା ଏକନାଥଙ୍କ ଭାଗବତରେ ଥିବା ଶବ୍ଦଗୁଡ଼ିକ ବାବାଙ୍କ ଗହ୍ୱରରୁ ଉଦ୍ଧୃତ ହୋଇଥିବା ଭଳି ମନେ ହେଉଥିଲା । ଏହା ଶ୍ରୋତାମାନଙ୍କୁ ବିସ୍ମିତ କରିଦେଉଥିଲା।

୧୦୬। ବେଳେ ବେଳେ ପୋଥିରୁ କୌଣସି ନିର୍ଦ୍ଦିଷ୍ଟ ଅଂଶ ସେଦିନ ପଢ଼ିବା ପାଇଁ ଉଦ୍ଦିଷ୍ଟ ନଥିଲେ ମଧ୍ୟ ଜୋଗ ତାହାକୁ ପଢୁଥିଲେ କିମ୍ୱା ତାହାର ଉଦାହରଣ ଦେଉଥିଲେ।

୧୦୭। 'ଭଗବତ୍ ଗୀତା' ଓ 'ଭାଗବତ' ଏହି ଦୁଇଟି ମୁଖ୍ୟ ପୁସ୍ତକରେ ଭାଗବତ ଧର୍ମର ସାରାଂଶ ରହିଛି ଓ ଜୋଗ ତାହାକୁ ନିୟମିତ ପଢୁଥିଲେ।

୧୦୮। 'ଜ୍ଞାନେଶ୍ୱରୀ' ହେଉଛି ଗୀତାର ଭାଷ୍ୟ ଓ ତାହାକୁ 'ଭାବାର୍ଥ ଦୀପିକା' ନାମ ଦିଆଯାଇଅଛି। ଏହି ଧର୍ମଦର୍ଶନକୁ ନାଥ ସଂକ୍ଷିପ୍ତ ଭାବରେ ତାଙ୍କ 'ଭାଗବତ'ର ଏକାଦଶ ସ୍କନ୍ଧରେ ଦେଇଛନ୍ତି।

୧୦୯। ସେ ଯାହାହେଉ, ଭାଗବତ ଧର୍ମର ସୁଖ୍ୟାତି ଏହିଭଳି ବ୍ୟାପିଥିଲା। ସେଥିପାଇଁ ମୁଁ ପ୍ରତ୍ୟହ ବିଧି ହିସାବରେ ତାହାକୁ ନିୟମିତ ପଢୁଥିଲେ ମଧ୍ୟ ସେଦିନ ପଢ଼ି ପାରିନଥିଲି।

୧୧୦। ଗୋଟିଏ ଅଧ୍ୟାୟ ଅଧାପଢ଼ା ହୋଇଥିଲା। ସେହିସମୟରେ ଲୋକେ ମସ୍‌ଜିଦକୁ ଯିବାପାଇଁ ବାହାରୁଥିବାରୁ ମୁଁ ପଢୁଥିବା ପୋଥିକୁ ସେମିତି ରଖିଦେଇ ତରବରରେ ସେମାନଙ୍କ ସହିତ ଚାଲି ଆସିଥିଲି।

୧୧୧। ବାବାଙ୍କଠାରୁ କାହାଣୀ ଶୁଣିବାର ଇଚ୍ଛା ଥିଲା। କିନ୍ତୁ ବାବାଙ୍କ ମନ ଭିତରେ ଅନ୍ୟ କଥା ରହିଥିଲା। ବାବା ମୋର ଭାଗବତପଢ଼ା ଅଧାରୁ ଛାଡ଼ିଦେଇଯିବାକୁ ପସନ୍ଦ କରିନଥିଲେ ଓ ଅନ୍ୟ ବ୍ୟବସ୍ଥା କରିଥିଲେ।

୧୧୨। କେବଳ ସେହି କାରଣରୁ କିମ୍ୱା ଅନ୍ୟ କୌଣସି କାରଣରୁ ବାବା ମୋତେ ଭାଗବତର ବାକି ଅଂଶତକ ପଢ଼ିବା ପାଇଁ ଦେଇଥିଲେ। ଏହା ବାବାଙ୍କର ମହାନ୍ ଚମତ୍କାରିତା। ସେକଥା ମନେ ପଡ଼ିଗଲେ ମୋର ଶ୍ରଦ୍ଧା ଉଚ୍ଛୁଳି ଉଠେ।

୧୧୩। ସେ ଯାହାହେଉ, ଭାଗବତ ପଢ଼ା ସାରିଥିଲି। ମୋର ଉପକାହାଣୀ ମଧ୍ୟ ଏତିକିରେ ସରିଲା। ତାହାରି ମଧ୍ୟରେ ମାଧବରାଓ ପୂଜାସାରି ବାହାରି ଆସିଥିଲେ।

୧୧୪। ଶୁଣ ! ବାବାଙ୍କ ନିକଟରୁ ଗୋଟିଏ ବାର୍ତ୍ତା ତୁମ ପାଇଁ ଆଣିଛି । ତାହା ହେଉଛି, 'ଶାମାଙ୍କଠାରୁ ପନ୍ଦର ଟଙ୍କା ଦକ୍ଷିଣା ଆଣ!'

୧୧୫। "ମୁଁ ସେଠାରେ ବସି ପଦସେବା କରୁଥିବା ସମୟରେ ସେ ହଠାତ୍ ତୁମକୁ ମନେ ପକାଇଥିଲେ ଓ କହିଥିଲେ, 'ଉଠ୍! ଶାମା ପାଖକୁ ଯା, ଦକ୍ଷିଣା ଧରି ଫେରି ଆସିବୁ'।

୧୧୬। "ସେ ପୁଣି କହିଥିଲେ, 'ତାଙ୍କ ଘରେ କିଛି ସମୟ ବସିବୁ ଓ କଥାଭାଷା ହେବୁ। କଥାବାର୍ତ୍ତା ପରେ ଫେରିବୁ'।"

୧୧୭। ମାଧବରାଓ ଏକଥା ଶୁଣି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ କହିଥିଲେ, "ଟଙ୍କା ବଦଳରେ ମୋର ନମସ୍କାର ଦେବ। କହିଦେବ, ଏହା ହିଁ ମୋର ଦକ୍ଷିଣା।"

୧୧୮। "ଠିକ୍ ଅଛି, ଗୋଟିଏ କାର୍ଯ୍ୟ ହୋଇଗଲା। ମୁଁ ପନ୍ଦରଟି ନମସ୍କାର ସାଥିରେ ନେଇ ଯାଉଛି। ଏବେ ମୋ ପାଖରେ ବସି ଗପସପ କର" ବୋଲି ମୁଁ କହିଥିଲି।

୧୧୯। "ଯେଉଁ କାହାଣୀ ଇଚ୍ଛା ହେଉଛି କୁହ। ମୋର ଶୁଣିବାର ତୃଷା ମେଣ୍ଟିଯାଉ। ବାବାଙ୍କ କାହାଣୀର ଗଙ୍ଗା ତୁମେ ନିକଟରୁ ଝରି ଆସିଲେ ମୋର ସମସ୍ତ ପାପ କ୍ଷୟ ହୋଇଯିବ।"

୧୨୦। ମାଧବରାଓ କହିଥିଲେ, "ବସନ୍ତୁ। ଏହି ଈଶ୍ୱରଙ୍କର ଏମିତି ଲୀଳା ସମ୍ବନ୍ଧରେ ଆପଣ ଜାଣିଛନ୍ତି ! ଟିକିଏ ବିଶ୍ରାମ କରନ୍ତୁ, ବସନ୍ତୁ।

୧୨୧। "ଏହି ପାନ ଓ ଖଇର ନିଅନ୍ତୁ। ଚୂନ ଓ ଗୁଆ

ବାକ୍ସରେ ରହିଛି। ମୁଁ ମୁଣ୍ଡରେ ମୋ ଟୋପିଟି ପିନ୍ଧି ସାଂଗେ ସାଂଗେ ଆସୁଛି।
୧୨୨। "ସାଇବାବାଙ୍କର ଲୀଳା ଅପରିମେୟ। ବହୁତ ଅଛି, ମୁଁ ଆପଣଙ୍କୁ କେତେ କହିପାରିବି ? ଆପଣ ଶିରିଡ଼ି ଆସିବା ପରଠାରୁ ଏପରି ଅନେକ ଦେଖିନାହାନ୍ତି କି ? !
୧୨୩। "ମୁଁ ଜଣେ ଗ୍ରାମବାସୀ। ଆପଣମାନେ ସମସ୍ତେ ସହରରୁ ଆସିଛନ୍ତି। ତାଙ୍କର ଅଚିନ୍ତନୀୟ ଲୀଳା ସମ୍ବନ୍ଧରେ ଆପଣଙ୍କ ଆଗରେ ମୁଁ କେତେ ଅବା କହିପାରିବି ? !"
୧୨୪। ସେ ମୋତେ କହିଥିଲେ ଯେ ଭିତରକୁ ଯାଇ ସଂଗେ ସଂଗେ ଫେରି ଆସିବେ। ସେ ଭିତରକୁ ଯାଇ ଦେବତାଙ୍କୁ ଫୁଲ ଚଢ଼ାଇଥିଲେ। ନିଜର ଟୋପି ପିନ୍ଧି ଫେରି ଆସି ବସି ପଡ଼ିଥିଲେ ଓ ମୋ ସାଙ୍ଗରେ କଥା ହୋଇଥିଲେ।
୧୨୫। "ପ୍ରଭୁଙ୍କର ଏ କି ଅପୂର୍ବ ଲୀଳା ! ତାଙ୍କର କାର୍ଯ୍ୟକୁ କିଏ ଅବା ବୁଝିପାରିବ ? ତାଙ୍କ କାର୍ଯ୍ୟର ସୀମା ନାହିଁ। ସେ ତାଙ୍କର କାର୍ଯ୍ୟ ଆରମ୍ଭ କରିଦେଇ ଅଲଗା ରହି ଯାଆନ୍ତି।
୧୨୬। "ଆପଣମାନେ ସମସ୍ତେ ଜ୍ଞାନ ପ୍ରାପ୍ତି ପାଇଁ ଆଶାୟୀ । ଏକ ଆରକେକୁ ବଳି ବିଦ୍ୱାନ । ଆମଭଳି ସରଳ ଲୋକେ କ'ଣ ବାବାଙ୍କର ଅଜ୍ଞେୟ ବ୍ୟକ୍ତିତ୍ୱକୁ ବୁଝିପାରିବେ ?
୧୨୭। "ସେ କ'ଣ କହିବାକୁ ଚାହାନ୍ତି, ତାହା କଥାବାର୍ତ୍ତା ସମୟରେ ଆପଣଙ୍କୁ ବୁଝାଇ ଦେଇନାହାନ୍ତି କି ? ସେ ମୋ ନିକଟକୁ ଆପଣଙ୍କୁ କାହିଁକି ପଠାଇଛନ୍ତି ? ସେ ମରଣଶୀଳ ନୁହଁନ୍ତି, ତେଣୁ ସେ ହିଁ କେବଳ ତାଙ୍କ କାର୍ଯ୍ୟର ଅର୍ଥ ବୁଝନ୍ତି।
୧୨୮। "ଏହି ଚିନ୍ତାଭାବନାର ସ୍ରୋତରେ ଭାସିଗଲା ବେଳେ ଏବେ ମୋର ହଠାତ୍ ଗୋଟିଏ କଥା ମନେ ପଡୁଛି। ସେ କଥା ସମ୍ବନ୍ଧରେ ଆମେ ଗପସପ କରି ଏହି ସମୟର ସଦୁପଯୋଗ କରିବା ଆସନ୍ତୁ !
୧୨୯। "ମୋ ଆଖି ସାମ୍ନାରେ ଘଟିଥିବା ଗୋଟିଏ ଘଟଣା ସମ୍ପର୍କରେ କହୁଛି। ଜଣେ ଯାହା ମନରେ ସଙ୍କଳ୍ପ କରିଥାଏ, ତାହା ପୂରଣ ହେବା ସେ ଦେଖିପାରିଥାଏ।
୧୩୦। "ବେଳେବେଳେ ବାବା ମଧ୍ୟ ଭକ୍ତର ଶ୍ରଦ୍ଧା ଓ ବିଶ୍ୱାସର କଠିନ ପରୀକ୍ଷା ନେଇଥାନ୍ତି। ସେ କୌଣସି ଉପାୟକୁ ଛାଡ଼ି ଦିଅନ୍ତି ନାହିଁ ଓ ତା'ପରେ ଉପଦେଶ ଦିଅନ୍ତି ।"
୧୩୧। ମୁଁ 'ଉପଦେଶ' ଶବ୍ଦ ଶୁଣିବା ମାତ୍ରକେ ସାଠେଙ୍କର 'ଗୁରୁଚରିତ୍ର' ଘଟଣା ମୋର ମନେ ପଡ଼ିଯାଇଥିଲା। ମୋ ମନ ଭିତରେ ବିଜୁଳିର ଚମକ ଖେଳିଗଲା ବୋଲି ମୋତେ ଲାଗିଥିଲା ।
୧୩୨। ମୋ ମନ ମସ୍‌ଜିଦ୍‌ରେ ବିଚଳିତ ହୋଇ ପଡ଼ିଥିବା ଯୋଗୁଁ ମୋର ମନକୁ ହାଲ୍‌କା କରିବା ଲାଗି ମୋତେ ବାବା ଜାଣିଶୁଣି ଶାମାଙ୍କ ନିକଟକୁ ପଠାଇଛନ୍ତି ଓ ଏହି ଘଟଣା ସେହିଁ ଭିଆଇଛନ୍ତି କି ? ପ୍ରକୃତରେ ବାବାଙ୍କର ଏହି କାର୍ଯ୍ୟ ବିସ୍ମୟକର ଥିଲା !
୧୩୩। ସେ ଯାହାହେଉ, ମୁଁ ଏହି ଚିନ୍ତାଭାବନାକୁ ସାଂଗେ ସାଂଗେ ଦମନ କରି ଦେଇଥିଲି। ଗଳ୍ପ ଶୁଣିବା ନିମନ୍ତେ ମୋର ଆଗ୍ରହ ଦ୍ୱିଗୁଣିତ ହୋଇଥିଲା ଓ ଏହି ଆଗ୍ରହ କିପରି ପୂରଣ ହେଲା ଦେଖନ୍ତୁ।
୧୩୪। ତା'ପରେ ସେ ଯେତେବେଳେ ବାବାଙ୍କର କାହାଣୀ କହିବା ଆରମ୍ଭ କଲେ ଓ ଧୀରେ ଧୀରେ ପ୍ରକାଶ କରୁଥିଲେ, ମୋତେ କ୍ରମେ ଅଧିକରୁ ଅଧିକ ଖୁସି ଲାଗୁଥିଲା ଓ ବାବାଙ୍କର ଭକ୍ତମାନଙ୍କ ନିମନ୍ତେ ଥିବା ଶ୍ରଦ୍ଧା ଅନୁଭବ କରୁଥିଲି।
୧୩୫। ତାହାପରେ ସେ ଅନ୍ୟ ଗୋଟିଏ କାହାଣୀ କହିଥିଲେ। ଜନୈକ ଦେଶମୁଖଙ୍କ ପତ୍ନୀ ସନ୍ତୁମାନଙ୍କ ସହିତ କିଛିଦିନ ବିତାଇବା ନିମନ୍ତେ ଚାହୁଁଥିଲେ।
୧୩୬। ଶ୍ରୀସାଇବାବାଙ୍କର ଖ୍ୟାତି ଶୁଣି ସଙ୍ଗମନେରରୁ ଦଳେ ଲୋକଙ୍କ ସହିତ ମହିଳା ଜଣକ ଶିରିଡ଼ି ଆସିଥିଲେ ଓ ବାବାଙ୍କ ଦର୍ଶନ ନିମିତ୍ତ ଆକାଂକ୍ଷିତ ହୋଇଥିଲେ ।
୧୩୭। ସେ ଖାଶାବା ଦେଶମୁଖଙ୍କର ମା' ଥିଲେ। ତାଙ୍କ ନାମ ଥିଲା ରାଧାବାଇ । ସେ ଶ୍ରୀସାଇଙ୍କ ଉପରେ ଶ୍ରଦ୍ଧା ଓ ବହୁତ ବିଶ୍ୱାସ ରଖି ତାଙ୍କ ପଦତଳେ ପଡ଼ି ଦର୍ଶନ କରିଥିଲେ।
୧୩୮। ସେ ସଠିକ ରୀତିରେ ଦର୍ଶନ କରିଥିଲେ। ଦୂରଯାତ୍ରାଜନିତ ତାଙ୍କର ସମସ୍ତ କ୍ଳାନ୍ତି ଦୂର ହୋଇ ଯାଇଥିଲା ଓ ସେ ତାଙ୍କ ଜୀବନର ଲକ୍ଷ୍ୟକୁ ମନେ ପକାଇଥିଲେ।
୧୩୯। ସେ ଶ୍ରୀସାଇ ସମର୍ଥଙ୍କୁ ଗୁରୁ ରୂପେ ପାଇବା ନିମନ୍ତେ ପ୍ରବଳ ଇଚ୍ଛା ପୋଷଣ କରିଥିଲେ। ତାହା ହେଲେ ବାବା ତାଙ୍କୁ ସଠିକ ଉପଦେଶ ଦେବେ ଓ ସେ ତାଙ୍କ ଜୀବନର ଲକ୍ଷ୍ୟରେ ପହଂଚି ପାରିବେ।
୧୪୦। ମହିଳା ଜଣକ ଅଧିକ ବୟସ୍କା ଥିଲେ ଓ ବାବାଙ୍କ

ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଥିଲା। ସେ ବାବାଙ୍କ ନିକଟରୁ କିଛି ଉପଦେଶ ପାଇବା ପାଇଁ ଦୃଢ଼ ସଂକଳ୍ପ କରିଥିଲେ।

୧୪୧। "ବାବା ମୋତେ କୃପା କରି ନିଜେ ମୋ କାନରେ ମନ୍ତ୍ର ନଦେବା ପର୍ଯ୍ୟନ୍ତ ମୁଁ ଆଉ କୁଆଡ଼େ ଯିବିନାହିଁ।

୧୪୨। "ମୋ ପାଇଁ ଏହି ମନ୍ତ୍ର ବାବାଙ୍କ ମୁଖରୁ ସିଧା ଆସିବା ଦରକାର। କାରଣ, ମୁଁ ଏହା ଅନ୍ୟ କାହାରିଠାରୁ ଶୁଣିଲେ ଏହା ଅପବିତ୍ର ହୋଇଯାଇଥିବ। ପ୍ରଭୁ ଶ୍ରୀସାଇ ହେଉଛନ୍ତି ସନ୍ଥମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ପବିତ୍ରତମ। ସେ ମୋତେ ନିଜେ ଆଶୀର୍ବାଦ କରନ୍ତୁ।"

୧୪୩। ମନ ମଧ୍ୟରେ ଏଭଳି ପ୍ରତିଜ୍ଞା କରି ମହିଳା ଜଣକ ଖାଇବାପିଇବା ଛାଡ଼ି ଦେଇଥିଲେ ଓ ଏ ବ୍ୟାପାରରେ ଅନମନୀୟ ହୋଇ ପଡ଼ିଥିଲେ।

୧୪୪। ସେ ବୃଦ୍ଧା ଥିଲେ। ସେ ମୁଠାଏ ଖାଦ୍ୟବି ଖାଇନଥିଲେ କି ପାଣିଟୋପାଏ ପିଇନଥିଲେ। ତାଙ୍କର ବାବାଙ୍କଠୁ ଉପଦେଶ ପାଇବା ଉପରେ ଅତୁଟ ବିଶ୍ୱାସ ଥିଲା।

୧୪୫। ତିନିଦିନ ତିନିରାତି ଲଗାତର ବୃଦ୍ଧା ଜଣକ ଉପବାସରେ ରହିଥିଲେ ଓ ବାବା ତାଙ୍କୁ ଉପଦେଶ ଦେବା ପର୍ଯ୍ୟନ୍ତ ସେହିଭଳି ରହିଥିବେ ବୋଲି ସ୍ଥିର କରିଥିଲେ।

୧୪୬। "ମନ୍ତ୍ର ବା ଉପଦେଶ ନମିଳିଲେ ଶିରିଡ଼ି ଆସି ଲାଭ କ'ଣ ହେଲା?" ସେ ଯେଉଁଠାରେ ରହୁଥିଲେ, ସେସ୍ଥାନରୁ ଚଳିନଥିଲେ ଓ ସେଠାରେ ମରିବାକୁ ପ୍ରସ୍ତୁତ ହୋଇଥିଲେ।

୧୪୭। ସେ ତିନିଦିନ ଧରି ଜଳ କିମ୍ବା ଖାଦ୍ୟ ଗ୍ରହଣ କରିନଥିଲେ ଓ ଏପରି ଭାବରେ ପ୍ରାୟଶ୍ଚିତ କରିଥିଲେ। ମହିଳା ଜଣକ ଖୁବ୍ ଦୁର୍ବଳ ହୋଇପଡ଼ିଥିଲେ ଓ ଅତ୍ୟନ୍ତ ଦୁଃଖୀ ଥିଲେ।

୧୪୮। ମାଧବରାଓ ବିଚଳିତ ହୋଇ ପଡ଼ିଥିଲେ ଓ ପରିସ୍ଥିତି ଭଲ ନୁହେଁ ବୋଲି ଭାବିଥିଲେ। ବୃଦ୍ଧା ଜଣକ ମୃତ୍ୟୁକୁ ଭୟ କରୁନଥିବାରୁ ଭବିଷ୍ୟତରେ କ'ଣ କରାଯିବ ବୋଲି ତାଙ୍କର ଚିନ୍ତା ଥିଲା।

୧୪୯। ତା'ପରେ ସେ ମସ୍‌ଜିଦ୍‌କୁ ଯାଇଥିଲେ ଓ ବାବାଙ୍କ ନିକଟରେ ବସିଥିଲେ। ସମ୍ମାନ ସହକାରେ ସେ ଦୈନନ୍ଦିନ ଭଲମନ୍ଦ ଖବର ପଚାରିଥିଲେ।

୧୫୦। "ଶାମା ଆଜି ତମର ଯୋଜନା କ'ଣ? ସବୁ ଠିକ୍‌ଠାକ୍ ତ? ସେଇ ନାରାୟଣୀ[୧୩] ତେଲୀ ସୀମା ବାହାରକୁ ଯାଇ ମୋତେ ବହୁତ ହଇରାଣ କରୁଛି।"

୧୫୧। ବୃଦ୍ଧା ସ୍ତ୍ରୀ ଲୋକଟିର ଅବସ୍ଥା ସମ୍ପର୍କରେ ଚିନ୍ତା କରି ଶାମା ପ୍ରଥମରୁ ବିଷଣ୍ଣ ଥିଲେ। ସେ କ'ଣ ବା କରିପାରିବେ? ସାହସ ସଂଚୟ କରି ସେ ବାବାଙ୍କୁ ପଚାରିଥିଲେ।

୧୫୨। "ପ୍ରଭୁ, ଏଭଳି ବିଭ୍ରାଟ ଓ ରହସ୍ୟ[୧୪] କାହିଁକି କରୁଛନ୍ତି? ଆପଣଙ୍କ କାର୍ଯ୍ୟକୁ କେହି ବୁଝିପାରୁ ନାହାନ୍ତି। ଆପଣ ଏ ଗାଁକୁ ଲୋକଙ୍କୁ ଡକାଇ ଆଣୁଛନ୍ତି ଓ ଏବେ ମୋତେ ମୋ ଯୋଜନା ସମ୍ପର୍କରେ ପଚାରୁଛନ୍ତି।

୧୫୩। "ସେହି ଦେଶମୁଖ ବୃଦ୍ଧାଙ୍କର ବୟସ ହୋଇଗଲାଣି। ସେ ଗତ ତିନିଦିନଧରି ଅନ୍ନ ଜଳ ସ୍ପର୍ଶ କରିନାହାଁନ୍ତି। ସେ ଆପଣଙ୍କ ଉପରେ ସମ୍ପୂର୍ଣ୍ଣ ଭାବରେ ନିର୍ଭର କରୁଛନ୍ତି।

୧୫୪। "ସେହି ବୃଦ୍ଧା ବହୁତ ଜିଦ୍‌ଖୋର ଓ ଆପଣଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ରହିଛି। ଆପଣ ତାଙ୍କ ଆଡ଼କୁ ଟିକିଏ ବି ଅନାଉ ନାହାନ୍ତି । ତାଙ୍କୁ କାହିଁକି ଏତେ କଷ୍ଟ ଦେଉଛନ୍ତି?

୧୫୫। "ଦେଖିବାକୁ ଗଲେ, ସେ ବର୍ତ୍ତମାନ ଶୁଖିଲା କାଠ ଖଣ୍ଡେ ଭଳି ହୋଇଗଲେଣି। ସେ ଭାରି ଦୃଢ଼ମନା ଓ ଜିଦ୍‌ଖୋର ପ୍ରକୃତିର। ନିଶ୍ଚିତ ଭାବରେ ସେ ନଖାଇ ନପିଇ ନିଜର ଜୀବନ ହରାଇବାକୁ ଯାଉଛନ୍ତି ।

୧୫୬। "ବୃଦ୍ଧା ଜଣକ ଶ୍ରୀସାଇଙ୍କୁ ଦର୍ଶନ କରିବାକୁ ଆସିଥିଲେ ଓ ଉପଦେଶ ନେବା ପାଇଁ ଇଚ୍ଛା କରିଥିଲେ। ସାଇବାବା ତାଙ୍କ ପ୍ରତି ଦୟା ପ୍ରଦର୍ଶନ ନକରି ତାଙ୍କୁ ମରିବାକୁ ଛାଡ଼ିଦେଲେ ବୋଲି ଏବେ ସମସ୍ତେ କହିବେ।

୧୫୭। "ବାବା! ଏଭଳି କୁଖ୍ୟାତି ବ୍ୟାପି ନଯାଉ! ତାଙ୍କ ପାଇଁ କ'ଣ ମଙ୍ଗଳକର ହେବ, ତାହା ତାଙ୍କୁ କହିଦିଅନ୍ତୁ। ତାଙ୍କୁ କାହିଁକି ଆପଣ କୃପା କରୁନାହାନ୍ତି ଓ ଲାଗିବାକୁ ଯାଉଥିବା କଳଙ୍କକୁ ଲିଭାଇ ଦେଉନାହାନ୍ତି?

୧୫୮। "ତାଙ୍କର ଆଉ ବଳ ପାଉନାହିଁ। ସୂତାଖିଅକରେ ତାଙ୍କ ଜୀବନ ଝୁଲୁଛି। ବୃଦ୍ଧା ଜୀବନ ହାରିବେ ଓ ଆପଣ

ବଦନାମ୍ ହେବେ।

୧୫୯। "ବୃଦ୍ଧାଙ୍କର ପ୍ରାୟଶ୍ଚିତ ବହୁତ କଠିନ। ଆମେ ସମସ୍ତେ ଅତ୍ୟନ୍ତ ଚିନ୍ତିତ। ଦୁର୍ଭାଗ୍ୟକୁ ଯଦି ବୃଦ୍ଧା ଜୀବନ ହାରିବେ, ତେବେ ଏହା ଏକ ବିପର୍ଯ୍ୟୟ ହେବ ।

୧୬୦। "ବୃଦ୍ଧା ଅତି ଭାବପ୍ରବଣ ହୋଇ ନିଜର କ୍ଷତି କରିବାକୁ ବଦ୍ଧପରିକର । ଯଦି ଆପଣ ତାଙ୍କୁ କୃପା ନକରନ୍ତି, ତେବେ ତାଙ୍କର ବଂଚିବାର କୌଣସି ଆଶା ମୁଁ ଦେଖୁନାହିଁ। ତାଙ୍କୁ ଡକାଇ ଆଣି ଆପଣଙ୍କ ଶ୍ରୀମୁଖରୁ କିଛି କହନ୍ତୁ।"

୧୬୧। ଏହି ଅଧ୍ୟାୟ ଯେତିକି ଦୀର୍ଘ ହେବା କଥା, ତାହାର ସୀମାରେ ପହଂଚିଗଲାଣି। ଶ୍ରୋତାମାନଙ୍କର ଇଚ୍ଛା ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପରବର୍ତ୍ତୀ ଅଧ୍ୟାୟରେ ପୂରାପୂରି ପୂରଣ ହେବ।

୧୬୨। ପରେ ବାବା ସେହି ବୃଦ୍ଧାଙ୍କ ଉଦ୍ଦେଶ୍ୟରେ ସଶ୍ରଦ୍ଧ ଉପଦେଶ ଦେଇଥିଲେ। ତାହାକୁ ସମ୍ମାନ ସହକାରେ ଶୁଣିଲେ ଅଜ୍ଞତା ଦୂରହୋଇଯିବ।

୧୬୩। ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି। ଶ୍ରୋତାଗଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଛି । ଏବେ ସେହି ବିଷୟକୁ ଶୁଣିବା ନିମନ୍ତେ ପ୍ରସ୍ତୁତ ହୁଅନ୍ତୁ ଯାହା ଆପଣଙ୍କୁ ଅନାୟାସରେ ଭବସାଗର ପାରକରାଇ ଦେବ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା-(୧)" ଶୀର୍ଷକ ଅଷ୍ଟାଦଶ ଅଧ୍ୟାୟ ଏଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଭଗବାନ ଶ୍ରୀରାମଙ୍କ ସ୍ତୋତ୍ର ସହଜ ଓ ସରଳ ଭାଷାରେ ରଚିତ ଏବଂ ସାଧାରଣ ଲୋକଙ୍କ ଦ୍ୱାରା ଗାନ କରାଯାଏ।

୨- ନରସିଂହ ସରସ୍ୱତୀ ସ୍ୱାମୀଜୀଙ୍କ ଚରିତ। ସେ ଦତ୍ତଙ୍କର ଅବତାର ଥିଲେ ବୋଲି କୁହାଯାଏ। 'ଗୁରୁଚରିତ୍ର' ପାରାୟଣ କଲେ ସମସ୍ତ ପାପ କ୍ଷୟ ହୁଏ ଓ ମୋକ୍ଷପ୍ରାପ୍ତି ହୁଏ ବୋଲି ବିଶ୍ୱାସ କରାଯାଏ।

୩- ପୁରାଣ ପଣ୍ଡା ବା ପୁରାଣରେ ସୁପଣ୍ଡିତ ବ୍ରାହ୍ମଣ ।

୪- ବାବାଙ୍କ ଦର୍ଶନ ପରଠାରୁ ସାତବର୍ଷ।

୫- ଏକନାଥ ମହାରାଜ ଭାଗବତ ଏକାଦଶ ସ୍କନ୍ଧର ଭାଷ୍ୟ ଲେଖିଥିଲେ। ଏହି ଭାଗବତରେ ବତିଶଟି ଅଧ୍ୟାୟ ବା ସ୍କନ୍ଧ ରହିଛି ।

୬- ସୁବିଦିତ ରଚୟିତା ବ୍ୟାସଦେବ ଏହା ରଚନା କରିଥିଲେ ବୋଲି ବେଳେ ବେଳେ ଭୁଲ୍‌ରେ କୁହାଯାଇଥାଏ ।

୭- ବ୍ୟାସଙ୍କର ପୁତ୍ର।

୮- ପାଣ୍ଡବମାନଙ୍କର ନାତି। ଅଭିମନ୍ୟୁଙ୍କ ପୁତ୍ର।

୯- ଗୀତା ଓ ସଂସ୍କୃତ ଭାଗବତର ଚତୁର୍ଦ୍ଦଶ ଶତାବ୍ଦୀର ଟିପ୍ପଣୀକାର।

୧୦- 'ଦତ୍ତ'ଙ୍କର ଆଶୀର୍ବାଦପ୍ରାପ୍ତ ସନ୍ଥ ଓ ଏକନାଥଙ୍କ ଗୁରୁଙ୍କ ଜନ୍ମ ଷୋଡ଼ଶ ଶତାବ୍ଦୀରେ ।

୧୧- ତୁଳସୀ ଚଉରା।

୧୨- 'ଭାବାର୍ଥ ରାମାୟଣ' ଏକନାଥଙ୍କ ବିରଚିତ।

୧୩- ପ୍ରକୃତରେ ସେଭଳି ନାମଧାରୀ ବ୍ୟକ୍ତି କେହି ନଥିଲେ। ବାବାଙ୍କୁ ବିବ୍ରତ କରୁଥିବା ଯେ କୌଣସି ଅସୁବିଧାକୁ ବାବା ସେହି ନାମ ଉପରେ ଲଦି ଦେଉଥିଲେ।

୧୪- "ଗୌଡ଼ ବେଙ୍ଗଲ" ମରାଠୀ ଭାଷାରେ ବ୍ୟବହୃତ ଏକ ସାଙ୍କେତିକ ଶବ୍ଦ ଏବଂ ଏ ଦୁଇ ରାଜ୍ୟ ଯାଦୁ ମନ୍ତ୍ର ଓ ସମ୍ମୋହନ ବିଦ୍ୟା ପାଇଁ ବିଖ୍ୟାତ ।

ଗୋଟିଏ ହାତରେ ଟୁମରେଲ ବା ଟିଣ ପାତ୍ର ଓ ଅନ୍ୟ ହାତରେ ଝୋଲି ଧରି ସେ ନିର୍ଦ୍ଦିଷ୍ଟ କେତେକ ଗୃହକୁ ପ୍ରତିଦିନ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗିବାକୁ ଯାଇଥାନ୍ତି। (୮ମ ଅଧ୍ୟାୟ, ପଂକ୍ତି-୯୩)

ସେହିମାନେ ଧନ୍ୟ, ଯେଉଁମାନଙ୍କ ଦ୍ୱାର ମୁହଁରେ ବାବା ଛିଡ଼ା ହୋଇ ଭିକ୍ଷା ନିମିତ୍ତ ହାତ ପାତି କହିଥାନ୍ତି, "ହେ ମା! ମୋ ପାଇଁ ଚଉଠେ ରୁଟି ଆଣ।" (୮ମ ଅଧ୍ୟାୟ, ପଂକ୍ତି-୯୨)

॥୧୯॥

ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା(୨)

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ଶ୍ରୀସାଇ ହେଉଛନ୍ତି ସୂକ୍ଷ୍ମତରରୁ ସୂକ୍ଷ୍ମତମ, ମହତ୍ତରରୁ ମହତ୍ତମ, ସର୍ବଭେଦୀ, ପରିପୂର୍ଣ୍ଣ ବ୍ରହ୍ମ ଓ ବିଶ୍ୱବ୍ୟାପୀ।

୨। ମୋର ଏହି ଚର୍ମଚକ୍ଷୁରେ ଏଭଳି ଜଣେ ପ୍ରଭୁଙ୍କୁ ଏକ ନିର୍ଦ୍ଦିଷ୍ଟ ରୂପ ଓ ରଙ୍ଗରେ ଦେଖିବାର ଇଚ୍ଛା ମୋର ହୃଦୟ ମଧ୍ୟରେ ଉଦ୍ରେକ ହୋଇଥିଲା।

୩। ସୂର୍ଯ୍ୟ ଉପାସକଗଣ ସୂର୍ଯ୍ୟଙ୍କୁ ସରୁ କନା ବଳିତାଦିଆ ଦୀପ ଜାଳି ପୂଜା କରନ୍ତି ଏବଂ ଗାଣପତ୍ୟମାନେ ଗଣପତିଙ୍କର ମୂର୍ତ୍ତି ମହଣ ମହଣ ମିଠାଇରେ ପ୍ରସ୍ତୁତ କରିଥାନ୍ତି ଓ ତାଙ୍କୁ ପ୍ରସାଦ ଆକାର ମିଠାଇ ବି ଅର୍ପଣ କରିଥାନ୍ତି।

୪। ସେହିପରି ମହାସାଗରରୁ ଆଂଜୁଳାରେ ଜଳ ଗ୍ରହଣ କରି ସେହିଜଳକୁ ତର୍ପଣ ହିସାବରେ ମହାସାଗରକୁ ଅର୍ପଣ କରାଯାଇଥାଏ। ଏସବୁ କିପରି ଅଡୁଆ ଲାଗେ ।

୫। ସୂର୍ଯ୍ୟ ଓ ସାଗର ସବୁଠାରୁ ବଡ଼। ସେମାନେ କେବଳ ଭକ୍ତମାନଙ୍କର ବିଶ୍ୱାସ ସହିତ ଜଡ଼ିତ। କ'ଣ ଭୁଲ୍ ହେଲା କିମ୍ବା ଠିକ୍ ହେଲା, ସେଥିପାଇଁ ସେମାନେ ବ୍ୟସ୍ତ ହୁଅନ୍ତି ନାହିଁ। ସେମାନେ ଭକ୍ତମାନଙ୍କର ଭାବନା ସହିତ କେବଳ ଜଡ଼ିତ ଥାଆନ୍ତି।

୬। 'ଏକ ପ୍ରକାର ପକ୍ଷୀ ଗୋଟିଏ ଜାଗାରେ ଏକତ୍ର ହୋଇଥାନ୍ତି' ବୋଲି କୁହାଯାଏ। ଏହା ଏକ ସାଧାରଣ ନିୟମ ହୋଇଥିଲେ ମଧ୍ୟ ଶରୀର ଓ ଆତ୍ମାର ମିଳନ ଏକ ବ୍ୟତିକ୍ରମ ହୋଇଥାଏ।

୭। ଦୁହିଁଙ୍କର ପ୍ରକୃତି ଭିନ୍ନ ଭିନ୍ନ ହେଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଉତ୍ତମ ବନ୍ଧୁଭାବ ରହିଥାଏ। ଜଣେ ଅନ୍ୟ ଜଣକ ବିନା ସୁଖୀ ହୋଇପାରେନାହିଁ ଓ ଉଭୟେ କ୍ଷଣେମାତ୍ର ଅଲଗା ହୋଇ ରହିପାରନ୍ତି ନାହିଁ।

୮। ତଥାପି ଶରୀର କ୍ଷଣସ୍ଥାୟୀ, ଆତ୍ମା ଅକ୍ଷୟ ଓ ଅପରିବର୍ତ୍ତନୀୟ । ଉଭୟଙ୍କ ମଧ୍ୟରେ ପ୍ରୀତି ଅସୀମ। ତେଣୁ ଜନ୍ମ ଓ ମୃତ୍ୟୁ ଚକ୍ର ଚାଲିଥାଏ, ପୁନର୍ଜନ୍ମ ହୋଇଥାଏ ।

୯। ଆତ୍ମା ଏକ ମହାଶକ୍ତି। ଏହା ସ୍ପର୍ଶହୀନ ଇଥରବାୟୁ ସଦୃଶ, ଯାହା ସମଗ୍ର ବିଶ୍ୱରେ ବ୍ୟାପି ରହିଛି ତାହାଠାରୁ ମଧ୍ୟ କ୍ଷୁଦ୍ରାକାର। ସୃଷ୍ଟିରେ ପରମ ଆତ୍ମାଙ୍କର ମୂର୍ତ୍ତିମନ୍ତ ଇଚ୍ଛା ଅତୀବ ସୂକ୍ଷ୍ମ। ଏହାକୁ ମାୟା ମଧ୍ୟ କୁହାଯାଏ।

୧୦। ପୁରୁଷୋତ୍ତମ ବା ପରମ ଆତ୍ମା ଏମାନଙ୍କଠାରୁ ସୂକ୍ଷ୍ମ। ସମସ୍ତ ଜ୍ଞାନେନ୍ଦ୍ରିୟ ଏଥିରେ ନିମଜ୍ଜିତ ହୋଇଯାଇଥାନ୍ତି। ତାହା ହିଁ ସର୍ବୋଚ୍ଚ ଅବସ୍ଥା ଓ ତାହା ହିଁ ଶୁଦ୍ଧ ବ୍ରହ୍ମ।

୧୧। ଆତ୍ମା ଏହିପରି ଓ ତାହା ପାର୍ଥିବ ଜଗତର ବୋଲି ଜଣାଯାଏ। ଏହାକୁ ମାୟା ଓ କର୍ମ ପଥ ଅନୁସରଣ କରିବାକୁ ହୁଏ, ଯଦିଚ ଏହା ସ୍ଫଟିକ ପରି କଳଙ୍କହୀନ, ସ୍ୱଚ୍ଛ ଓ ଅପରିବର୍ତ୍ତନୀୟ।

୧୨। ସ୍ଫଟିକ ଲାଲ, କଳା, ହଳଦିଆ ରଙ୍ଗ ହୋଇପାରେ, ଯେହେତୁ ଏହା ରଙ୍ଗ ପ୍ରତିଫଳନ କରିପାରେ । କିନ୍ତୁ ଏହା ରଙ୍ଗଠାରୁ ଭିନ୍ନ। ଏହା ଶୁଦ୍ଧ ଓ ସ୍ୱତନ୍ତ୍ର। ଏହା ବଦଳେ ନାହିଁ।

୧୩। ମରୁଭୂମିରେ ମରୀଚିକା, ଶାମୁକା ପାଲିସ୍‌କରା ମୁକ୍ତା ଭଳି ଝଲସେ କିମ୍ବା ରଜ୍ଜୁକୁଣ୍ଡଳୀ ସର୍ପ ଭଳି ବୋଧ ହୋଇଥାଏ।

୧୪। ରଜ୍ଜୁକୁ ସର୍ପ ବୋଲି ଭାବିବା ଯେଉଁଭଳି ମିଥ୍ୟା, 'ମୋ ଶରୀର ମୋର ପ୍ରକୃତ ଆତ୍ମା' ବୋଲି ଭାବି ଗର୍ବ କରିବା ସେହିଭଳି ମିଥ୍ୟା। କାରଣ, ଏହା ମୁକ୍ତ ଆତ୍ମାକୁ ବନ୍ଧନ କରିଥାଏ।

୧୫। ଆତ୍ମା ଅନନ୍ୟ। ଏହା ଶରୀର, ଜ୍ଞାନେନ୍ଦ୍ରିୟ, ମନ ଓ ପ୍ରାଣଠାରୁ ଅଲଗା। ଏହା ସ୍ୱତଃ ଉଦ୍‌ଭାସିତ, ଶୁଦ୍ଧ ଚେତନା, ଅପରିବର୍ତ୍ତନୀୟ ଓ ଅରୂପ।

୧୬। ତୁମର ଶରୀର, ବୁଦ୍ଧି, ମନ ଓ ପ୍ରାଣରେ ଗର୍ବ ଥିବା ପର୍ଯ୍ୟନ୍ତ ତୁମକୁ ପରିଣାମ ଭୋଗ କରିବାକୁ ପଡ଼ିବ, କର୍ତ୍ତବ୍ୟ ସମ୍ପାଦନ ଓ ଫଳ ଭୋଗ କରିବାକୁ ପଡିବ, ସୁଖଦୁଃଖ ଅନୁଭବ କରିବାକୁ ହେବ- ଏହା ଅପରିହାର୍ଯ୍ୟ।

୧୭। ବଟବୃକ୍ଷର ବୀଜ କେତେ କ୍ଷୁଦ୍ର! ଏହା ମଧ୍ୟରେ ବଟବୃକ୍ଷର କ୍ଷମତା ରହିଛି। ବୃକ୍ଷରେ କୋଟି କୋଟି ବୀଜ ରହିଛି ଓ ସେହି ବୀଜମାନଙ୍କରେ କୋଟି କୋଟି ବୃକ୍ଷ ରହିଛି।

୧୮। ଯେତେ ବୀଜ ରହିଛି ସେତେ ବୃକ୍ଷ ଜନ୍ମ ନେଇଥାଏ। ଏହି ପ୍ରକ୍ରିୟା ପୃଥିବୀର ଅନ୍ତ ପର୍ଯ୍ୟନ୍ତ ଚାଲୁ ରହିଥିବ। ଏହା ହିଁ ବିଶ୍ୱବ୍ରହ୍ମାଣ୍ଡ । ଏହାକୁ ଯତ୍ନ ସହକାରେ ପର୍ଯ୍ୟବେକ୍ଷଣ କରନ୍ତୁ।

୧୯। ସ୍ଥାୟିତ୍ୱ, ନିର୍ଭୀକତା, ମୁକ୍ତି, ସ୍ୱାଧୀନତା ଓ ପରମାତ୍ମାଙ୍କ ସହିତ ଏକାତ୍ମ ହେବା ପ୍ରତ୍ୟେକ ଜୀବର ଲକ୍ଷ୍ୟ। ଜୀବ ଜନ୍ମ ହେବା ପରେ, ତାହାର ଏହା ହିଁ ଶେଷ ପରିଣତି ହେବା ଉଚିତ।

୨୦। ଜ୍ଞାନ ବିନା ମୁକ୍ତି ଅସମ୍ଭବ ଓ ଅନାସକ୍ତି ବିନା ଜ୍ଞାନ ଅର୍ଜନ ଅସମ୍ଭବ। ଅନାସକ୍ତ ଭାବ ନ ଆସିବା ପର୍ଯ୍ୟନ୍ତ ମନ ଏ ଜଗତ କ୍ଷଣସ୍ଥାୟୀ, ଭଙ୍ଗୁର ବୋଲି ବିଚାର କରିପାରିବ ନାହିଁ।

୨୧। ଏହି କ୍ଷଣଭଙ୍ଗୁର ଜଗତର ଯାତ୍ରାପଥରେ ବିଶ୍ୱବ୍ରହ୍ମାଣ୍ଡର ମାୟାମୋହରେ ଚକ୍ଷୁ ଝଲସିଯାଏ ଓ ଯାତ୍ରୀ ଅଧାବାଟରେ ଦୋଦୋପାଞ୍ଚ ହୁଏ ଏବଂ କେଉଁ ଦିଗରେ ଅଗ୍ରସର ହେବ ଜାଣିପାରେ ନାହିଁ।

୨୨। ଏହା ହେଉଛି ବିଶ୍ୱବ୍ରହ୍ମାଣ୍ଡର ଛଳନା, ଯାହା ପ୍ରାଣୀମାନଙ୍କ ନିମିତ୍ତ ମିଥ୍ୟା ମାୟାମୋହ ରଚନା କରିଥାଏ। ଏହା ପାର୍ଥିବ ଜଗତରୁ ସୃଷ୍ଟ ରଙ୍ଗୀନ ସ୍ୱପ୍ନ ଭଳି ଏକ ଉଦ୍ଭଟ କଳ୍ପନା ହୋଇଥାଏ। ତେଣୁ ଏହାକୁ ଜାବୁଡ଼ି ଧରି ରଖିବାପାଇଁ ଜଣେ କାହିଁକି ଚେଷ୍ଟା କରିବ ?

୨୩। ଜାଗ୍ରତ ହେଲେ ସ୍ୱପ୍ନ ଅପସରି ଯାଇଥାଏ। ସେହିପରି ଯାହାର ଆତ୍ମା ଉପରେ ବିଶ୍ୱାସ ରହିଛି, ସେ ପାର୍ଥିବ ଜଗତକୁ ମନେ ରଖିବା ନିମନ୍ତେ ଚେଷ୍ଟା କରେ ନାହିଁ।

୨୪। ଆତ୍ମାର ପ୍ରକୃତି ଏବଂ ପରମାତ୍ମା ସହିତ ଏହାର ମିଳନ ସମ୍ବନ୍ଧରେ ସତ୍ୟର ଜ୍ଞାନାଲୋକ ଦୁଃଖଯନ୍ତ୍ରଣା ଓ ଆସକ୍ତି ଇତ୍ୟାଦିର ବନ୍ଧନକୁ ଛିନ୍ନ ନ କରିବା ପର୍ଯ୍ୟନ୍ତ ମିଳିପାରିବ ନାହିଁ। ଏହା ଜାଗରଣ ଛଡ଼ା ଅନ୍ୟ କିଛିନୁହେଁ ।

୨୫। ଜ୍ଞାନ ମାର୍ଗ ସବୁଠାରୁ ଉତ୍ତମ ଓ ବାବା ତାହା ଦିନରାତି ଉପଦେଶ ଦେଇ କହୁଥିଲେ ମଧ୍ୟ ସାଧାରଣ ଲୋକଙ୍କ ନିମିତ୍ତ ସେ ଭକ୍ତି ମାର୍ଗର ପ୍ରଚାର କରୁଥିଲେ।

୨୬। ସେ ଜ୍ଞାନ ମାର୍ଗର ମାହାତ୍ମ୍ୟ ସମ୍ବନ୍ଧରେ କହିବାକୁ ଯାଇ ତାହାକୁ 'ରାମଫଳ' ଓ ଭକ୍ତି ମାର୍ଗକୁ 'ସୀତାଫଳ' ଖାଇବା ସହିତ ତୁଳନା କରୁଥିଲେ।

୨୭। ଭକ୍ତି ହେଲା ବିଶୁଦ୍ଧ ସୀତାଫଳ ଓ ଜ୍ଞାନ ହେଲା ପାଚିଲା ରାମଫଳ। ଉଭୟ ଭିତରୁ ଗୋଟିଏ ଅନ୍ୟ ତୁଳନାରେ ଅଧିକ ରସବନ୍ତ ହୋଇଥିବାବେଳେ ଉଭୟ ସୁଗନ୍ଧଯୁକ୍ତ।

୨୮। ରାମଫଳ ଗଛରେ ପାଚିଲାଯାଏଁ ଯିଏ ଅପେକ୍ଷା କରି ରହେ, ସିଏ ଏହାର ଅତି ମଧୁର ସ୍ୱାଦ ଚାଖିଥାଏ । କଞ୍ଚା ଅବସ୍ଥାରୁ ତୋଳା ରାମଫଳ ପାଚିଯିବା ପରେ ତାହାର ସ୍ୱାଦ ଖରାପ ଲାଗିଥାଏ।

୨୯। ଗଛଡ଼ାଳରେ ରାମଫଳ ପାଚିବା ଆରମ୍ଭ କଲେ ତାହାର ସ୍ୱାଦ ମିଠା ଲାଗିଥାଏ। ଏହା ଗଛରୁ ତଳକୁ ଖସି ପଡ଼ିଥିଲେ ତାହାର ସ୍ୱାଦ ଖରାପ ଲାଗିଥାଏ। ଗଛରେ ପାଚିଥିଲେ ଭାରି ମିଠା ଲାଗେ।

୩୦। ଏହା ଗଛରେ ପାଚିଲେ କେମିତି ଲାଗେ ସେ ସମ୍ବନ୍ଧରେ ଯିଏ ଜାଣିଥାଏ, ସେ ଏକା ତାହାର ମିଷ୍ଟସ୍ୱାଦ ଉପଭୋଗ କରିଥାଏ। ମାତ୍ର ସୀତାଫଳ ପାଇଁ ଏଭଳି ଚେଷ୍ଟାର ଆବଶ୍ୟକତା ନାହିଁ। ଏହାର ଉତ୍ତମ ଗୁଣ ରହିଛି ଓ ଏହା ମଧ୍ୟ ମୂଲ୍ୟବାନ।

୩୧। ରାମଫଳର ତଳକୁ ଖସି ପଡ଼ିବାର ଭୟ ରହିଛି। ଜ୍ଞାନ ଅନ୍ୱେଷଣ କରୁଥିବା ବ୍ୟକ୍ତି କ୍ଷେତ୍ରରେ ମଧ୍ୟ କରୁଣାରୁ ବଞ୍ଚିତ ହେବାର ଭୟ ସବୁବେଳେ ରହିଥାଏ। ତାକୁ ଅଷ୍ଟସିଦ୍ଧି ଜୟ କରିବାକୁ ହେବ ଓ ସେଥିରେ ଆଦୌ ହେଳା କରିବା ଉଚିତ ନୁହେଁ।

୩୨। ତେଣୁ କରୁଣାର ବାରିଦ ଶ୍ରୀସାଇ, ତାଙ୍କର ଭକ୍ତମାନଙ୍କୁ ଭକ୍ତିର ଗୁରୁତ୍ୱ ଓ ଭଗବାନଙ୍କ ନାମସ୍ମରଣର ମହତ୍ୱ ସବୁବେଳେ ବୁଝାଉଥିଲେ।

୩୩। ଶୁଦ୍ଧ ଜ୍ଞାନ ଅର୍ଜନ ଅପେକ୍ଷା ଭଗବାନଙ୍କୁ ଧ୍ୟାନ କରିବା ଶ୍ରେୟସ୍କର । ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଏହି କଥା କହିଛନ୍ତି। ଶ୍ରୀସାଇ ମଧ୍ୟ ଏହାକୁ ଭବବନ୍ଧନ କାଟିବାର ଉପାୟ ବୋଲି କହୁଥିଲେ।

୩୪। ଏ ବିଷୟରେ ଯଥେଷ୍ଟ ଆଲୋଚନା ହୋଇଗଲା । ପୂର୍ବବର୍ତ୍ତୀ ଅଧ୍ୟାୟରେ ମୁଁ ବର୍ଣ୍ଣନା କରିଥିବା କାହାଣୀର ବାକି ଅଂଶ ଏବେ ଶ୍ରୋତାମାନେ ମନଦେଇ ଶୁଣନ୍ତୁ।

୩୫। ଜଣେ ପ୍ରୌଢ଼ା ଓ ଦୁର୍ବଳା ମହିଳା, ଶ୍ରୀସାଇଙ୍କ ନିକଟରୁ ମନ୍ତ୍ର ଦୀକ୍ଷା ନେବାର ଜିଦ୍ ଧରି ଓ ଉପବାସ ରହି, ଜୀବନ ହାରିଦେବା ନିମନ୍ତେ ପ୍ରସ୍ତୁତ ଥିଲେ।

୩୬। ତାଙ୍କର ଅବସ୍ଥା ଦେଖି ମାଧବରାଓ ଆଶଙ୍କିତ ହୋଇଥିଲେ ଓ ତାଙ୍କ ତରଫରୁ ବାବାଙ୍କ ନିକଟକୁ ଯାଇଥିଲେ। ବର୍ଣ୍ଣନା ଏ ପର୍ଯ୍ୟନ୍ତ ଯାଇଥିଲା।

୩୭। 'ଶ୍ରୀସାଇ ସତ୍‌ଚରିତ'ର ଦୀପ ଶ୍ରୀସାଇଙ୍କ ଅନ୍ତରର ଭାବନା ଜାଣିବା ନିମନ୍ତେ ପ୍ରଜ୍ୱଳିତ କରାଯାଇଅଛି। ଏହାର ଉଜ୍ଜ୍ୱଳ ଆଲୋକ ଭକ୍ତମାନଙ୍କୁ ପଥପ୍ରଦର୍ଶନ କରୁ।

୩୮। ବାବାଙ୍କ ଆଦେଶ ଅନୁଯାୟୀ ମାଧବରାଓ ମୋତେ ଯେଉଁ କୌତୁହଳଜନକ ଗଳ୍ପ ଶୁଣାଇବା ଆରମ୍ଭ କରିଥିଲେ, ତାହାକୁ ଚାଲୁ ରଖିବା ଆସନ୍ତୁ।

୩୯। ସେ କହିଥିଲେ ଯେ ଉକ୍ତ ବୃଦ୍ଧାଙ୍କର ଦୃଢ଼ତା ଦେଖି ବାବା କୃପା କରିଥିଲେ। ତାଙ୍କର ମନକୁ ବାବା ପରିବର୍ତ୍ତନ କରାଇଥିଲେ। ଏହା ପ୍ରକୃତରେ ଏକ ଅସାଧାରଣ କାହାଣୀ।

୪୦। ପରେ ତାଙ୍କୁ ବାବା ସ୍ନେହରେ ଡକାଇ ପଠାଇ କହିଥିଲେ, "ହେ ମା! ତୁମେ କାହିଁକି ଏମିତି ରୋଷ କରି ବସି ରହିଛ ?"

୪୧। ବାବା ବୃଦ୍ଧାଙ୍କୁ ମା' ବୋଲି ଡାକୁଥିଲେ। ପୁରୁଷମାନଙ୍କୁ 'କାକା, ବାପୁ, ଭାଇ' ବୋଲି ଡାକୁଥିଲେ। ଏହା ତାଙ୍କର ଅତି ଆନନ୍ଦଦାୟକ ରୀତି ଥିଲା ।

୪୨। ବାବାଙ୍କର ହୃଦୟ ପ୍ରେମପୂର୍ଣ୍ଣ ଥିଲା, ବଚନ ମଧ୍ୟ ମଧୁର ଥିଲା। ସେ ଦଳିତ ଓ ଦରିଦ୍ରମାନଙ୍କର ସାନ୍ତ୍ୱନା ଦାତା ଥିଲେ। ହେ, ଦୟାର ଅବତାର ପ୍ରଭୁ ଶ୍ରୀସାଇ !

୪୩। ସେ ଯାହାହେଉ, ବାବା ତାଙ୍କୁ ଡକାଇ ପାଖରେ ବସାଇଥିଲେ ଓ ଆଦର ସହକାରେ ସତେ ଯେପରି ତାଙ୍କ ଉପଦେଶର ଗୁପ୍ତ ଚାବିକାଠିଟି ବୃଦ୍ଧାଙ୍କୁ ବଢ଼ାଇ ଦେଇଥିଲେ।

୪୪। ସାଂସାରିକ ଦୁଃଖଯନ୍ତ୍ରଣା ଦୂର କରିଦେବା ପାଇଁ ବାବା ପରମ ଆତ୍ମା ରୂପରେ ବାରିଦ ପରି ହୋଇଥିଲେ ଓ ଚାତକ ପକ୍ଷୀର ତୃଷ୍ଣା ମେଣ୍ଟାଇବା ଭଳି ଭକ୍ତମାନଙ୍କର ଆଧାତ୍ମିକ ତୃଷ୍ଣା ମେଣ୍ଟାଇବା ନିମନ୍ତେ ସନ୍ତୋଷ ରୂପକ ଜଳ ବର୍ଷଣ କରିଥିଲେ।

୪୫। ବାବା କହିଥିଲେ, "ମା, ମୋତେ ସତ କୁହ ! ନିଜକୁ କାହିଁକି ଏତେ କଷ୍ଟ ଦେଉଛ ? ମୁଁ ଜଣେ ସାମାନ୍ୟ ଫକୀର, ଭିକ ମାଗି ବୁଲୁଛି। ମୋତେ ଦୟାକରି ସ୍ନେହ ଦିଅ।

୪୬। "ସତ କହିଲେ, ମୁଁ ତୁମର ପୁଅ ଭଳି ଓ ତୁମେ ମୋର ମା'। ମୋ ଆଡ଼କୁ ଧ୍ୟାନ ଦିଅ, ମୁଁ ତୁମକୁ ଗୋଟିଏ ଆଶ୍ଚର୍ଯ୍ୟଜନକ ବିଷୟ କହିବି। ଶୁଣିଲେ ତୁମେ ଭାରି ଖୁସି ହେବ।

୪୭। "ମୋ ଗୁରୁ ଜଣେ ମହାନ୍ ଔଲିଆ, ଦୟାର ସାଗର ଥିଲେ। ମୁଁ ମୋର ପାରୁପର୍ଯ୍ୟନ୍ତ ତାଙ୍କର ବହୁତ ସେବା କରିଥିଲି, କିନ୍ତୁ ସେ କୌଣସି ମନ୍ତ୍ର ମୋ କାନରେ କହି ନ ଥିଲେ।

୪୮। "ମୋର ମଧ୍ୟ ତାଙ୍କ ମୁଖରୁ ମନ୍ତ୍ର ଶୁଣିବାର ବହୁତ ଇଚ୍ଛା ଥିଲା। ମୁଁ ସବୁ ପ୍ରକାର ଚେଷ୍ଟା କରିଥିଲି ଓ ତାଙ୍କୁ ଛାଡ଼ି ନ ଯିବା ପାଇଁ ଶପଥ କରିଥିଲି।

୪୯। "ପ୍ରାରମ୍ଭରେ ସେ ମୋର ମୁଣ୍ଡକୁ ଲଣ୍ଡା କରାଇ

ଦେଇଥିଲେ ଓ ଦୁଇ ପଇସା ମାଗିଥିଲେ । ମୁଁ ତାହା ସାଙ୍ଗେ ସାଙ୍ଗେ ଦେଇଦେଇଥିଲି । ମୁଁ ତାଙ୍କୁ ରହସ୍ୟମୟ ମନ୍ତ୍ର ପ୍ରଦାନ କରିବା ପାଇଁ ଆକୁଳ ପ୍ରାର୍ଥନା କରିଥିଲି ।

୫୦ । "ମୋ ଗୁରୁ ସବୁ କାମନା ପୂରଣ କରୁଥିଲେ । ସେ ମାତ୍ର ଦୁଇ ପଇସା କାହିଁକି ମାଗିଥିଲେ ? ଯିଏ ନିଜର ଶିଷ୍ୟ ନିକଟରୁ ପଇସା ମାଗୁଛନ୍ତି, ତାଙ୍କୁ କାମନାଶୂନ୍ୟ ବୋଲି କିପରି କହିବି ?

୫୧ । "ଏଭଳି ସନ୍ଦେହ କାହିଁକି କରୁଛ ? ସେ ସଂସାରର ମୁଦ୍ରା ଚାହୁଁ ନ ଥିଲେ । ତାହା ତାଙ୍କର ଆଦୌ ଉଦ୍ଦେଶ୍ୟ ନ ଥିଲା । ଟଙ୍କାପଇସା ତାଙ୍କର କି କାମରେ ଲାଗିବ ?"

୫୨ । "ଶ୍ରଦ୍ଧା ଓ ଧୈର୍ଯ୍ୟ ଏହାହିଁ ଦୁଇ ପଇସା ଥିଲା, ଅନ୍ୟ କିଛି ନୁହେଁ । ମୁଁ ତାହାକୁ ସଙ୍ଗେ ସଙ୍ଗେ ଦେଇ ପକାଇଥିବାରୁ, ମୋର ମାତା ସଦୃଶ ଗୁରୁ ମୋ ଉପରେ ଖୁସି ହୋଇଥିଲେ ।

୫୩ । "ସାହସ ହିଁ ସ୍ୱତଃ ଧୈର୍ଯ୍ୟ । ହେ ମା ! ଏହା ତୁମକୁ କେବେ ଛାଡ଼ି ନଯାଉ ! ଆପଦବିପଦ ସମୟରେ ଏହା ତୁମକୁ ନିରାପଦ ସ୍ଥାନରେ ନେଇ ଛିଡ଼ା କରାଇଦେବ ।

୫୪ । "ମଣିଷର ପରାକ୍ରମ ତାହାର ଧୈର୍ଯ୍ୟ ଉପରେ ନିର୍ଭର କରେ । ଏହା ପାପ, ଚିନ୍ତା ଓ ଦୁଃଖଦୁର୍ଦ୍ଦଶାକୁ ଘଉଡ଼ାଇ ଦିଏ । ଅସୁବିଧା ଯେ କୌଣସି ପ୍ରକାରରେ ଦୂରେଇଯାଏ, ଭୟ ଓ ଆତଙ୍କ ଉଭେଇଯାଏ ।"

୫୫ । "ଅବଶେଷରେ ଧୈର୍ଯ୍ୟର ହିଁ ଜୟ ହୋଇଥାଏ । ଅସୁବିଧା ଏଣେତେଣେ ପଳାଇ ଯାଇଥାଏ । ଅମଙ୍ଗଳ ଚିନ୍ତାର କୌଣସି ସ୍ଥାନ ନ ଥାଏ ।

୫୬ । "ଧୈର୍ଯ୍ୟ ସଦ୍‌ଗୁଣମାନଙ୍କର ଖଣି । ସେ ପବିତ୍ର ଚିନ୍ତାର ରାଣୀ । ଆସ୍ଥା ଓ ଧୈର୍ଯ୍ୟ ଦୁଇଜଣ ପ୍ରକୃତ ଭଉଣୀ ଓ ସେମାନେ ପରସ୍ପରକୁ ବହୁତ ଭଲ ପାଆନ୍ତି ।

୫୭ । "ମନୁଷ୍ୟର ଧୈର୍ଯ୍ୟ ନ ଥିଲେ ସେ ଦୟନୀୟ ହୋଇଥାଏ । ସେ ଜଣେ ଜ୍ଞାନୀ କିମ୍ବା ଗୁଣୀ ଲୋକ ହୋଇପାରିଥାଏ, କିନ୍ତୁ ଧୈର୍ଯ୍ୟହୀନ ଜୀବନ ନିଷ୍ଫଳ ହୋଇଥାଏ ।

୫୮ । "ଗୁରୁ ବହୁତ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ସେ ଶିଷ୍ୟଙ୍କ ନିକଟରୁ ବିଦ୍ୟାବୁଦ୍ଧି, ଗୁରୁଙ୍କ ପାଦତଳେ ଦୃଢ଼ ଆସ୍ଥା, ପ୍ରବଳ ସାହସ ଓ ଧୈର୍ଯ୍ୟ ଆଶା କରିଥାନ୍ତି ।"

୫୯ । "ପଥର ଓ ରତ୍ନକୁ ଘଷାପଥରରେ ଘଷିଲେ ଉଭୟ ଉଜ୍ଜ୍ୱଳ ଦେଖାଯାଇଥାନ୍ତି, କିନ୍ତୁ ପଥର ସେମିତି ପଥର ହୋଇ ରହେ ଓ ରତ୍ନ ଉଜ୍ଜ୍ୱଳ ବର୍ଣ୍ଣ ଧାରଣ କରି ମୂଲ୍ୟବାନ ପଥରରେ ପରିଣତ ହୋଇଥାଏ ।

୬୦ । "ଉଭୟ ସମାନ ପ୍ରକ୍ରିୟାରେ ଘଷାଯାଇଥାନ୍ତି । କିନ୍ତୁ ପଥର ରତ୍ନ ଭଳି ଚକ୍ ଚକ୍ କରେ କି ? ରତ୍ନ ହୁଏତ ଉଜ୍ଜ୍ୱଳ ହୀରା ହୋଇପାରେ, କିନ୍ତୁ ପଥର ପଥର ହୋଇ ରହିଯାଏ । ଏହା କେବଳ ଟିକିଏ ଅଧିକ ଚିକ୍କଣ ହୋଇଥାଏ ।

୬୧ । "ମୁଁ ଗୁରୁଙ୍କ ପାଦତଳେ ବାରବର୍ଷ କଟାଇଥିଲି । ସେ ମୋତେ ପିଲାଟି ଦିନରୁ ଲାଳନପାଳନ କରିଥିଲେ । କେବେହେଲେ ମୋର ଖାଦ୍ୟବସ୍ତ୍ରର ଅଭାବ ହୋଇ ନ ଥିଲା ଓ ତାଙ୍କ ମନରେ ମୋ ପ୍ରତି ଅଗାଧ ଶ୍ରଦ୍ଧା ଥିଲା ।

୬୨ । "ସେ ଶ୍ରଦ୍ଧା ଓ ଭକ୍ତିର ଅବତାର ଥିଲେ ଏବଂ ଶିଷ୍ୟଙ୍କ ପ୍ରତି ତାଙ୍କର ପ୍ରକୃତ ସ୍ନେହ ରହିଥିଲା । ମୋ ଗୁରୁଙ୍କ ଭଳି ଗୁରୁ ମିଳିବା ଦୁଷ୍କର । ସେହି ଆନନ୍ଦବିହ୍ୱଳ ଦିନଗୁଡ଼ିକର କଥା ମୁଁ ବର୍ଣ୍ଣନା କରିବାର ଭାଷା ପାଉନାହିଁ ।

୬୩ । "ସେହି ଶ୍ରଦ୍ଧାକୁ ମୁଁ କିଭଳି ବର୍ଣ୍ଣନା କରିବି ? ମୁଁ ତାଙ୍କୁ ଲକ୍ଷ୍ୟ କଲେ ଦେଖେଁ ଯେ, ସେ ଯେପରି ଗଭୀର ଧ୍ୟାନମଗ୍ନ ଅଛନ୍ତି ଓ ଆମେ ଦୁହେଁ ପରମ ଆନନ୍ଦରେ ଅଛୁ । ମୁଁ ଆଉ କୁଆଡ଼କୁ ଅନାଏ ନାହିଁ ।

୬୪ । "ମୁଁ ଗୁରୁଙ୍କ ମୁଖକୁ ଆନ୍ତରିକ ଶ୍ରଦ୍ଧା ସହକାରେ ରାତିଦିନ ଚାହିଁ ରହିଥାଏଁ । ମୋତେ ଭୋକଶୋଷ ଲାଗେ ନାହିଁ । ମୋ ମନ ଗୁରୁବିନା ଅସ୍ଥିର ହୋଇଉଠେ ।

୬୫ । "ସେ ମୋ ଧ୍ୟାନର ଏକମାତ୍ର ଧ୍ୟେୟ ଥିଲେ । ମୁଁ ତାଙ୍କ ବ୍ୟତୀତ ଅନ୍ୟ କୌଣସି ଲକ୍ଷ୍ୟସ୍ଥଳକୁ ଚାହିଁନାହିଁ । ସେ ମୋର ସବୁ ସମୟର ଲକ୍ଷ୍ୟସ୍ଥଳ ଥିଲେ । ଗୁରୁଙ୍କର କାର୍ଯ୍ୟ ଧାରା ରହସ୍ୟମୟ !

୬୬ । "ମୋ ଗୁରୁଙ୍କର ଏକମାତ୍ର ଆଶା ଏହାହିଁ ଥିଲା । ସେ ଏହାଠୁ ଅଧିକ କିଛି ଚାହିଁ ନ ଥିଲେ । ସେ ମୋତେ କେବେହେଲେ ଅବହେଳା କରି ନଥିଲେ, ବରଂ ବିପଦରୁ ସବୁବେଳେ ରକ୍ଷା କରିଥିଲେ ।

୬୭ । "ମୁଁ ବେଳେବେଳେ ତାଙ୍କ ପାଦତଳେ ରହୁଥିଲି ଓ କେତେବେଳେ ମଧ୍ୟ ଦୂରରେ ରହୁଥିଲି । କିନ୍ତୁ କେବେ ମଧ୍ୟ ତାଙ୍କ ନିକଟରୁ ଦୂରେଇ ଯାଇ ନ ଥିଲି । ସେ ମୋତେ ଶ୍ରଦ୍ଧା ଓ ଯତ୍ନ ସହକାରେ ଦେଖୁଥିଲେ ।

୬୮। "ଯେପରି ମା' କଇଁଛ ତାହାର ପିଲାମାନଙ୍କ ପ୍ରତି ଲକ୍ଷ୍ୟ ରଖେ, ମୋ ଗୁରୁ ସେହିଭଳି ମୋ ପ୍ରତି ଲକ୍ଷ୍ୟ ରଖୁଥିଲେ ଓ ମୋର ଯତ୍ନ ନେଉଥିଲେ।

୬୯। "ହେ ମା! ଏଠି ମସ୍‌ଜିଦ୍‌ରେ ବସି ମୁଁ ଯାହା କିଛି କହୁଛି, ସେସବୁ ସତ୍ୟ ବୋଲି ଗ୍ରହଣ କର। ଗୁରୁ କେବେ ହେଲେ କିଛି ଗୁପ୍ତ ମନ୍ତ୍ର ମୋ କାନରେ କହି ନଥିଲେ। ମୁଁ କିପରି ତୁମ କାନରେ କହିବି?

୭୦। "ମା' କଇଁଛର ସ୍ନେହପୂର୍ଣ୍ଣ ଚାହାଣୀ ତା'ର ଛୁଆମାନଙ୍କୁ ଖୁସି କରିବା ପାଇଁ ଯଥେଷ୍ଟ। ହେ, ମା! ନିଜକୁ କାହିଁକି ଅଯଥା କଷ୍ଟ ଦେଉଛ? ମୁଁ ଗୁରୁମନ୍ତ୍ର ସମ୍ବନ୍ଧରେ କିଛି ଜାଣି ନାହିଁ।

୭୧। "ମା' କଇଁଛ ନଦୀର ଗୋଟିଏ କୂଳରେ ରହିଥିବା ସମୟରେ ଛୁଆ କଇଁଛମାନେ ଆରକୂଳରେ ରହିଥାନ୍ତି। ସେମାନଙ୍କର ଲାଳନ କେବଳ ଚାହାଣୀର ବିନିମୟରେ ହିଁ ହୋଇଥାଏ। ଏଣୁ ଏଠି ମନ୍ତ୍ର ପାଇଁ ଅନର୍ଥ କାହିଁକି?

୭୨। "ଯାଅ, କିଛି ଖାଦ୍ୟ ଖାଅ। ଅଯଥାରେ ନିଜ ଜୀବନକୁ ବିପନ୍ନ କରନାହିଁ। ମୋ ପ୍ରତି କେବଳ ଧ୍ୟାନ ଦିଅ, ତୁମେ ଆଧ୍ୟାତ୍ମିକ ଜୀବନ ପାଇପାରିବ।

୭୩। "ମୋତେ ତୁମର ସର୍ବସ୍ୱ ବୋଲି ବିବେଚନା କର। ମୁଁ ମଧ୍ୟ ସେୟା ବିବେଚନା କରିବି। ମୋ ଗୁରୁ ମୋତେ ଆଉ କିଛି ଶିକ୍ଷା ଦେଇନାହାନ୍ତି।

୭୪। "ଅନ୍ୟ କୌଣସି ଉପାୟ କିମ୍ବା ଅର୍ଥର ଆବଶ୍ୟକତା ନାହିଁ। ଷଡ଼ଶାସ୍ତ୍ରରେ ନିପୁଣ ହେବାର ଆବଶ୍ୟକତା ମଧ୍ୟ ନାହିଁ। କେବଳ ସମ୍ପୂର୍ଣ୍ଣ ବିଶ୍ୱାସ ଆବଶ୍ୟକ, କାରଣ ଗୁରୁ 'ଦୁର୍ଭାଗ୍ୟ'କୁ ଘଉଡ଼ାଇ ଦେଇ 'ସୌଭାଗ୍ୟ'କୁ ଡାକିଆଣିଥାନ୍ତି।

୭୫। "ତେଣୁ ଗୁରୁଙ୍କୁ ମହାନ୍ ବୋଲି ଗଣ୍ୟ କରାଯାଇଥାଏ। ଗୁରୁ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତିଛବି। ଯିଏ ତାଙ୍କୁ ପ୍ରକୃତ ସ୍ୱରୂପରେ ଜାଣି ପାରିଛି, ସେ ତ୍ରିଜଗତଯାକରେ ଆଶୀର୍ବାଦାର୍ହ ହୋଇଛନ୍ତି।"

୭୬। ସେହି ବୃଦ୍ଧାଙ୍କୁ ଏଭଳି ବୁଝାଇ ଦେବା ପରେ ତାଙ୍କର ହୃଦ୍‌ବୋଧ ହୋଇଥିଲା। ସେ ତାଙ୍କର ଅନଶନ ଭଙ୍ଗ କରିଥିଲେ ଓ ବାବାଙ୍କ ଇଚ୍ଛାକୁ ସମ୍ମାନ ଦେଇଥିଲେ, ବାବାଙ୍କ ପାଦତଳେ ମୁଣ୍ଡିଆ ମାରି ବସାକୁ ଫେରିଥିଲେ।

୭୭। ପୂରା କାହାଣୀକୁ ଶୁଣି ସାରିବା ପରେ ଓ ତାହାର ଯଥାର୍ଥତାକୁ ହୃଦୟଙ୍ଗମ କରି ମୁଁ ଖୁସି ହୋଇଥିଲି। ସେଥି ସଙ୍ଗେ ସଙ୍ଗେ ପ୍ରକୃତ ଅର୍ଥକୁ ଉନ୍ମୋଚନ କରି ଆଶ୍ଚର୍ଯ୍ୟ ହୋଇଥିଲି।

୭୮। ବାବାଙ୍କର ଶକ୍ତିକୁ ନିରୀକ୍ଷଣ କରି ମୁଁ ଭାବାବେଗରେ ଅଣନିଃଶ୍ୱାସୀ ହୋଇପଡ଼ିଥିଲି, ମୋର ହୃଦୟ ଶ୍ରଦ୍ଧାରେ ପରିପୂର୍ଣ୍ଣ ହୋଇଯାଇଥିଲା ଓ ଏହି ଶିକ୍ଷାକୁ ମୁଁ ଏବେ ପୂରା ମାତ୍ରାରେ ବୁଝିଯାଇଥିଲି।

୭୯। ମୋର ଭାବପ୍ରବଣତା ଦେଖି ମାଧବରାଓ ମୋତେ କହିଥିଲେ, "ଅନ୍ନା ସାହେବ! ଆପଣ କାହିଁକି ଭାବପ୍ରବଣ ହେଉଛନ୍ତି? ଆଉ ଚୁପ୍‌ଚାପ୍ ହୋଇଗଲେ କାହିଁକି?

୮୦। "ବାବାଙ୍କ ସମ୍ପର୍କରେ ଏହିଭଳି ଅସଂଖ୍ୟ କାହାଣୀ ରହିଛି। ମୁଁ କେତେ ଅବା କହିବି?" ମାଧବରାଓ ଏହିପରି କହୁଥିବା ସମୟରେ ମସ୍‌ଜିଦ୍‌ର ଘଣ୍ଟା ବାଜିବା ଆରମ୍ଭ କରିଥିଲା।

୮୧। ମଧ୍ୟାହ୍ନ ଭୋଜନ ପୂର୍ବରୁ ପ୍ରତ୍ୟେକ ଦିନ ଭକ୍ତମାନେ ଯାଇ ମସ୍‌ଜିଦ୍‌ରେ ବସିଥାନ୍ତି। ସୁଗନ୍ଧ, ଅକ୍ଷତ ଓ ଅର୍ଘ୍ୟ ଇତ୍ୟାଦି ଅର୍ପଣ କରି ସମସ୍ତ ବିଧି ଅନୁଯାୟୀ ବାବାଙ୍କର ସମ୍ପୂର୍ଣ୍ଣ ପୂଜା କରାଯାଇଥାଏ।

୮୨। ତା'ପରେ ବାପୁସାହେବ ଜୋଗ ପଞ୍ଚାରତି ପ୍ରଦୀପ ହାତରେ ଧରି ବାବାଙ୍କ ସମ୍ମୁଖରେ ଶ୍ରଦ୍ଧା ଓ ଭକ୍ତି ସହକାରେ ବୁଲାଇଥାନ୍ତି। ଭକ୍ତମାନେ ଭକ୍ତିସଂଗୀତ ଓ ଆରତି ଗାନ କରିଥାନ୍ତି।

୮୩। ଘଣ୍ଟା ବାଜିବାର ଅର୍ଥ ଆରତି ଆରମ୍ଭ ହେଲା। ଆମେ ମସ୍‌ଜିଦ୍‌କୁ ବାହାରି ପଡ଼ିଥିଲୁ। ମୋର ଇଚ୍ଛା ପୂରଣ ହୋଇସାରିଥିଲା।

୮୪। ପୁରୁଷ ଓ ମହିଳାମାନେ ମଧ୍ୟାହ୍ନ ଆରତିରେ ଅଂଶଗ୍ରହଣ କରିଥିଲେ। ମହିଳାମାନେ ମସ୍‌ଜିଦ୍ ଭିତରେ ଛିଡ଼ା ହୋଇଥିଲେ ଓ ପୁରୁଷମାନେ ତଳେ ଅଗଣାରେ ରହିଥିଲେ।

୮୫। ଶୁଭ ବାଦ୍ୟଯନ୍ତ୍ର ସାଙ୍ଗକୁ ମନ୍ଦିରର ଘଣ୍ଟି ବାଜିବାର ପ୍ରତିଧ୍ୱନି ତାଳେ ତାଳେ ଆରତିସଙ୍ଗୀତ ଆନନ୍ଦରେ ଓ ଉଚ୍ଚ ସ୍ୱରରେ ବୋଲାଯାଉଥିଲା।

୮୬। ଆମେ ଅଗଣାର ଫାଟକ ନିକଟରେ ପହଞ୍ଚିବା

ବେଳକୁ ଆରତିଗାନର ସ୍ୱର ଆକାଶରେ ପ୍ରତିଧ୍ୱନିତ ହେଉଥିଲା। ଭକ୍ତମାନେ ପାହାଚ ନିକଟରେ ଭିଡ଼ ଜମାଇଥିଲେ ଓ ଉପରକୁ ଉଠିବାର ବାଟ ନ ଥିଲା।

୮୭। ମୁଁ ଭାବୁଥିଲି ଯେ, ଆରତି ସରିବା ଯାଏଁ ଆମେ ତଳେ ରହିଥିବୁ ଓ ଆରତି ସରିଯିବା ପରେ ପରେ ଅନ୍ୟ ସମସ୍ତଙ୍କ ସହିତ ଉପରକୁ ଉଠି ବାବାଙ୍କ ନିକଟକୁ ଯିବୁ।

ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମା

୮୮। ମୁଁ ଏଭଳି ଚିନ୍ତା କରୁଥିବା ସମୟରେ ମାଧବରାଓ ପାହାଚ ଚଢ଼ିଥିଲେ ଓ ମୋ ହାତଧରି ଟାଣିନେଇ ବାବାଙ୍କ ନିକଟକୁ ନେଇଯାଇଥିଲେ।

୮୯। ବାବା ଆରାମରେ ତାଙ୍କ ଆସନରେ ବସି ରହି ଚିଲମ ଟାଣୁଥିଲେ। ତାଙ୍କ ସମ୍ମୁଖରେ ଜୋଗ ପଞ୍ଚାରତି ପ୍ରଦୀପ ବୁଲାଉଥିବା ସମୟରେ ବାମ ହାତରେ ଘଣ୍ଟି ବଜାଉଥିଲେ।

୯୦। ଆରତିର ବାତାବରଣ ମଧ୍ୟରେ ମାଧବରାଓ ନିଜେ ବାବାଙ୍କ ଦକ୍ଷିଣ ପାର୍ଶ୍ୱରେ ବସି ପଡ଼ି ମୋତେ ମଧ୍ୟ ତାଙ୍କ ପାଖରେ ବାବାଙ୍କ ଆଡ଼କୁ ମୁହଁକରି ବସାଇଦେଇଥିଲେ।

୯୧। ତା'ପରେ ଶାନ୍ତିପ୍ରିୟ ସନ୍ଥ ଶିରୋମଣି ବାବା ମଧୁର କଣ୍ଠରେ ପଚାରିଥିଲେ, "ଶାମାରାଓ ଯେଉଁ ଦକ୍ଷିଣା ମୋ ପାଇଁ ଦେଇଛନ୍ତି, ତାହା ମୋତେ ଦେଇଦିଅ।"

୯୨। "ବାବା! ଶାମାରାଓ ଏଇଠି ଅଛନ୍ତି। ସେ ଦକ୍ଷିଣା ପରିବର୍ତ୍ତେ ନମସ୍କାର ଦେଇଛନ୍ତି ଓ ଆପଣ ତାହାକୁ ପନ୍ଦର ଟଙ୍କା ବିବେଚନା କରନ୍ତୁ ବୋଲି କହିଛନ୍ତି। ବାବାଙ୍କୁ ଏହା ପ୍ରଦାନ କରୁଛି।"

୯୩। "ଭଲ କଥା। ତୁମେ ଗପସପ ହେଲ କି ? ପରସ୍ପର କଥା ହେଲଟି ? କ'ଣ ସବୁ ଆଲୋଚନା କଲ, ସେ ସମସ୍ତ ଏବେ ମୋତେ କୁହ।"

୯୪। "ନମସ୍କାର ଦେବାନେବା କଥା ଛାଡ଼ିଦିଅ। ତୁମେ ତାଙ୍କୁ କ'ଣ କହିଲ ? ମୋତେ ସବୁକଥା ଗୋଟି ଗୋଟି କରି କୁହ।"

୯୫। ମୁଁ ମଧ୍ୟ ଏ କାହାଣୀ କହିବା ପାଇଁ ଇଚ୍ଛୁକ ଥିଲି। ଜୋରରେ ଆରତି ସଙ୍ଗୀତ ଗାନ ଅବିରତ ଚାଲିଥିଲା। ମୋ ମନ ଖୁସିରେ ପୂରି ଉଠିଥିଲା ଓ ମୋର ଅଫୁରନ୍ତ ଆନନ୍ଦ ଓଠ ବାଟେ ଉଛୁଳି ପଡୁଥିଲା।

୯୬। ତକିଆକୁ ଆଉଜି ବାବା ବସିଥିଲେ। ଏବେ ଆଗକୁ ଟିକିଏ ଝୁଙ୍କି ପଡ଼ିଲେ ଓ ଆମ ଆଡ଼କୁ ଘୁଞ୍ଚି ଆସିଲେ। ମୁଁ ମଧ୍ୟ ଆଗକୁ ନଇଁପଡ଼ି ବର୍ଣ୍ଣନା ଆରମ୍ଭ କରିଦେଇଥିଲି।

୯୭। "ବାବା, ଆମେ ଯାହାସବୁ କଥା ହେଲୁ ସବୁତକ ଭାରି ଚିତ୍ତାକର୍ଷକ ଥିଲା। କିନ୍ତୁ ତାହା ମଧ୍ୟରୁ ନିର୍ଦ୍ଦିଷ୍ଟ ଭାବରେ ସେହି ବୃଦ୍ଧାଙ୍କର କାହାଣୀ ବିସ୍ମୟକର ଥିଲା।

୯୮। "ଶାମାରାଓ ମୋତେ ସେହି କାହାଣୀ ଶୁଣାଇବା ସମୟରେ ମୁଁ ଆପଣଙ୍କର କୌଶଳ ଜାଣିପାରିଥିଲି। ସେହି କାହାଣୀ ଛଳରେ ମୁଁ ନିଶ୍ଚିତ ହୋଇଯାଇଥିଲି ଯେ ଆପଣଙ୍କର ଆଶୀର୍ବାଦ ମୁଁ ପାଇପାରିଛି।"

୯୯। ଏହାଶୁଣି ବାବା ଉତ୍ସୁକ ହୋଇ କହିଥିଲେ, "ମୋତେ ପୂରା କାହାଣୀ ଶୁଣାଅ। ଦେଖିବା ସେଥିରେ କ'ଣ ଏତେ ବିସ୍ମୟକର ଅଛି ଓ କିପରି ତୁମେ ଆଶୀର୍ବାଦ ପାଇଛ ବୋଲି ସେଥିରୁ ଅନୁଭବ କଲ ?"

୧୦୦। ମୁଁ କାହାଣୀକୁ ସେଇ ସାଙ୍ଗେ ସାଙ୍ଗେ ଶୁଣିଥିବାରୁ ସବୁକଥା ସଦ୍ୟହୋଇ ମୋର ମନେ ଥିଲା। ତା' ବ୍ୟତୀତ ସେହି କାହାଣୀ ମୋ ମନରେ ଗଭୀର ଛାପ ପକାଇଥିଲା। ତେଣୁ ଅନର୍ଗଳ ଭାବରେ ସମସ୍ତ ବର୍ଣ୍ଣନା କରିଯାଇଥିଲି ଓ ବାବା ଖୁସି ହୋଇଥିଲେ।

୧୦୧। ଏହିଭଳି ମୁଁ ପୂରା କାହାଣୀ ତାଙ୍କୁ କହିଥିଲି। ବାବା ମଧ୍ୟ ମନଧ୍ୟାନ ଦେଇ ସବୁ ଶୁଣିଥିଲେ ଓ ମୋତେ କହିଥିଲେ, "ସବୁ ସମୟରେ ଏହାକୁ ମନେ ରଖିଥିବ।"

୧୦୨। ସେ ମଧ୍ୟ ଅତି ଉତ୍ସାହରେ ମୋତେ ପଚାରିଥିଲେ, "ମୋତେ ଏବେ ଯାହା ଶୁଣାଇଲ ସେହି କାହାଣୀ କେତେ ମଧୁର! ତମକୁ ଏହା ପ୍ରଭାବିତ କରିଛି କି ? ଏହାର ପ୍ରକୃତ ଉଦ୍ଦେଶ୍ୟ ବୁଝି ପାରିଛ କି ?"

୧୦୩। "ବାବା! ଏହି କାହାଣୀ ଶୁଣିବା ପରେ ମୁଁ ମୋ ମନର ଶାନ୍ତି ଫେରି ପାଇଛି। ମୋର ଲାଳସା ଉଭେଇଯାଇଛି ଓ ଠିକ୍ ବାଟ କ'ଣ ବୁଝିପାରିଛି।"

୧୦୪। ତା'ପରେ ବାବା କହିଥିଲେ, "ମୋର ବାଟ ଭିନ୍ନ। ଏହି ଗୋଟିଏ କାହାଣୀର ଶିକ୍ଷାକୁ ଆହରଣ କରିପାରିଲେ ଓ ଉପଦେଶକୁ ମନେ ରଖିଲେ ତୁମର ମଙ୍ଗଳ ହେବ।

୧୦୫। "ପ୍ରକୃତ ଆତ୍ମଜ୍ଞାନ ସର୍ବୋପରି ଈପ୍‌ସିତ ହେବା ଆବଶ୍ୟକ। ସେଥିପାଇଁ ଧ୍ୟାନର ଏକାନ୍ତ ଆବଶ୍ୟକତା ରହିଛି। ଧ୍ୟାନ ସମୟରେ ଜଣେ ଆତ୍ମା ସହିତ ନିମଜ୍ଜିତ ହୋଇଯାଇଥାଏ ଓ ସେହି କାରଣରୁ ତାହାର କାମନା ଶାନ୍ତ ହୋଇଯାଇଥାଏ।

୧୦୬। "ନିଜର ମନକୁ ଇନ୍ଦ୍ରିୟଭୋଗ୍ୟ ବସ୍ତୁ ନିକଟରୁ ଅପସାରଣ କରି ସର୍ବବ୍ୟାପ୍ତ ଶକ୍ତି ଉପରେ ଏକାଗ୍ରଚିତ୍ତ ହୁଅ। ତୁମର ଧ୍ୟାନ ସଫଳ ହେବ ଓ ତୁମେ ଲକ୍ଷ୍ୟସାଧନ କରିବ।

୧୦୭। "ମୋର ଅରୂପ ପ୍ରକୃତି ଯାହା ଜ୍ଞାନର ଅବତାର, ଚେତନ ଓ ପରମ ଆନନ୍ଦ, ତାହା ଉପରେ ସର୍ବଦା ଧ୍ୟାନ ରଖ।

୧୦୮।"ଯଦି ତାହା ତୁମର ଦୃଷ୍ଟିଗୋଚର ହୋଇ ପାରୁନାହିଁ, ତେବେ ମୋର ଦୈହିକ ରୂପକୁ ଧ୍ୟାନ କର। ମନଶ୍ଚକ୍ଷୁରେ ଦିବାରାତ୍ରି ମୋର ଆପାଦମସ୍ତକ ରୂପକୁ ଧ୍ୟାନ କର।

୧୦୯। "ଏଭଳି ଭାବରେ ମୋ ଉପରେ ଏକାଗ୍ରଚିତ୍ତ ହେଲେ ତୁମ ମନର କାର୍ଯ୍ୟ ହେବ ଧ୍ୟାନକାରୀ, ଧ୍ୟାନ ଓ ଧ୍ୟେୟକୁ ଏକଜୁଟ୍ କରିବା ଏବଂ ଏହା ଫଳରେ ସେମାନଙ୍କ ମଧ୍ୟରେ ଥିବା ପ୍ରଭେଦ ରହିବ ନାହିଁ।

୧୧୦। "ଏହି ତ୍ରିମୂର୍ତ୍ତି ଉଭେଇ ଗଲେ ଧ୍ୟାନକାରୀ ପରମ ଶକ୍ତି ନିକଟରେ ପହଞ୍ଚି ପାରିବ ଓ ତାହା ହିଁ ଧ୍ୟାନର ଲକ୍ଷ୍ୟ। ସେତେବେଳେ ତୁମେ ବ୍ରହ୍ମ ସହିତ ଏକାକାର ହୋଇଯିବ।

୧୧୧। "ମା' କଇଁଛ ନଦୀର ଗୋଟିଏ ପାର୍ଶ୍ୱରେ ରହିଥାଏ। ତାହାର ଛୁଆମାନେ ଅପର ପାର୍ଶ୍ୱରେ ରହିଥାନ୍ତି। ସେମାନେ ମା' କୋଳର ଉଷୁମ ପାଆନ୍ତି ନାହିଁ କି କ୍ଷୀର ପାଇ ନଥାନ୍ତି। କେବଳ ମା'ର ଚାହାଣୀରେ ସେମାନଙ୍କର ପାଳନ ପୋଷଣ ହୋଇଥାଏ।

୧୧୨। "ଛୁଆମାନେ ସେମାନଙ୍କର ମା'କୁ ସବୁବେଳେ ମନେ ପକାଇଥାନ୍ତି। ସେମାନେ ଅନ୍ୟ କିଛି କରିବା ଆବଶ୍ୟକ ହୁଏନାହିଁ। ସେମାନେ କ୍ଷୀର କିମ୍ବା ଖାଦ୍ୟ ଆବଶ୍ୟକ କରି ନଥାନ୍ତି। ମା' ସେମାନଙ୍କୁ ମନଧ୍ୟାନ ସହକାରେ ଦେଉଥିବା ଦୃଷ୍ଟି ହିଁ ସେମାନଙ୍କର ପୋଷକ ରକ୍ଷକ ହୋଇଥାଏ।

୧୧୩। "କେବଳ ଦୃଷ୍ଟି ନିକ୍ଷେପ କରି ମା' କଇଁଛ ନେଉଥିବା ଯତ୍ନ ପ୍ରକୃତରେ ଅମୃତ ବର୍ଷଣ ସଦୃଶ। ଛୁଆମାନେ ଆନନ୍ଦ ପାଇଥାନ୍ତି ଓ ବଢୁଥାନ୍ତି। ଗୁରୁ ଓ ଶିଷ୍ୟଙ୍କର ସମ୍ବନ୍ଧ ସେହି ପ୍ରକାରର।"

୧୧୪। ଶ୍ରୀସାଇ ଏହିସବୁ କଥା କହୁଥିବା ସମୟରେ ଉଚ୍ଚସ୍ୱରରେ ବୋଲାଯାଉଥିବା ଆରତି ସଙ୍ଗୀତ ଗାନ ଶେଷ ହୋଇଯାଇଥିଲା ଓ ସମସ୍ତେ ଏକ ସ୍ୱରରେ ଜୟଜୟକାର କରିଥିଲେ, "ଶ୍ରୀ ସଚ୍ଚିଦାନନ୍ଦ ସଦ୍‌ଗୁରୁ ସାଇନାଥ ମହରାଜ କି ଜୟ!"

୧୧୫। ନିରାଞ୍ଜନ ପ୍ରଦୀପ ବୁଲାଇବା ଓ ଅନ୍ୟ ସମସ୍ତ ବିଧିବିଧାନ ସରି ଯାଇଥିଲା। ଆରତି ସମ୍ପୂର୍ଣ୍ଣ ହୋଇଥିଲା। ତା'ପରେ ଜୋଗ ମିଶ୍ରିଖଣ୍ଡ ବାବାଙ୍କୁ ଅର୍ପଣ କରିଥିଲେ ଓ ବାବା ତାଙ୍କର କରତଳରେ ତାହାକୁ ଗ୍ରହଣ କରିଥିଲେ।

୧୧୬। ଜୋଗ ଆନନ୍ଦ ମନରେ ମୁଠାଏ ମିଶ୍ରି ବାବାଙ୍କ ହସ୍ତରେ ବିଧି ଅନୁଯାୟୀ ଦେବାପରେ ମୁଣ୍ଡିଆ ମାରିଥିଲେ।

୧୧୭। ବାବା ସେହି ମୁଠାକଯାକ ମିଶ୍ରି ମୋ ହାତକୁ ବଢ଼ାଇଦେଇ କହିଥିଲେ, "ତୁମେ ଏହି କାହାଣୀକୁ ମନେ ରଖିଥିଲେ ତୁମ ମନର ଅବସ୍ଥା ଏହି ମିଶ୍ରି ଭଳି ମଧୁମୟ ହେବ।

୧୧୮। "ମିଶ୍ରିର ଏହି ମଧୁରତା ଭଳି ତୁମର ଲାଳସା ପୂର୍ତ୍ତି ହେବ। ତୁମେ ଉନ୍ନତି କରିବ ଓ ତୁମ ମନୋବାଞ୍ଛା ପୂରଣ ହେବ।"

୧୧୯। ତା'ପରେ ମୁଁ ବାବାଙ୍କୁ ସମ୍ମାନ ଜଣାଇ କହିଥିଲି, "ଆପଣଙ୍କ ଆଶୀର୍ବାଦ ମୋ ନିମନ୍ତେ ଯଥେଷ୍ଟ। ମୋତେ କେବଳ ଏହି ଅନୁଗ୍ରହ କରନ୍ତୁ ଓ ମୋର ଯତ୍ନ ନିଅନ୍ତୁ।"

୧୨୦। ବାବା କହିଥିଲେ:"ଗଳ୍ପଟିକୁ ଶୁଣ। ତାହାକୁ ବାରମ୍ବାର କୁହ । ସବୁବେଳେ ଆବୃତ୍ତି କର। ମନେ ପକାଇ ତାହା ଉପରେ ଏକାଗ୍ରଚିତ୍ତ ହେଲେ ଅସଲ ଆନନ୍ଦ ଲାଭ କରିବ।

୧୨୧। "ଯାହା ସବୁ ଶୁଣିଛ ସେସବୁକୁ ମନେ ରଖିଲେ ତୁମ ମଙ୍ଗଳର ଖଣି ଖୋଲିଯିବ ଓ ତୁମର ପାପସବୁ କ୍ଷୟ ହୋଇଯିବ।

୧୨୨।"ଜୋରରେ ପବନ ବହୁଥିଲେ ସମୁଦ୍ରରେ ଉଠୁଥିବା ଢେଉ ଉପରେ ବଡ଼ ବଡ଼ ପାଣି ଫୋଟକା ଓ ଫେଣ ବହୁପରିମାଣରେ ଦେଖାଦିଏ ଓ ସେଗୁଡ଼ିକ କୂଳକୁ ଆସି ବାଡ଼େଇ ହୁଅନ୍ତି।

୧୨୩। "ଢେଉ, ପାଣି ଫୋଟକା, ଫେଣ ଓ ଭଉଁରୀ- ଏ ସମସ୍ତ ସେଇ ଏକା ଜଳର ବିଭିନ୍ନ ରୂପ। ଏଗୁଡ଼ିକ କେବଳ ଦୃଷ୍ଟିର ଭ୍ରମ ଓ ପବନ ଶାନ୍ତ ହେବା ପର୍ଯ୍ୟନ୍ତ ଏଗୁଡ଼ିକ ରହିଥାଏ।

୧୨୪। "ଏଗୁଡ଼ିକୁ ବିଭିନ୍ନ ପ୍ରକାରର ଜଳ ବୋଲି କୁହାଯିବ କି ? ସେଗୁଡ଼ିକ ଉଭେଇଗଲା ବୋଲି କହିବା କି ? ଜଣେ ଭାବିବା ଉଚିତ ଯେ ଏସବୁ ମାୟାରୁ ହିଁ ସୃଷ୍ଟି ଓ ତାହା ରହିବା ନ ରହିବା ଏକାକଥା।

୧୨୫। "ଏହି ସୃଷ୍ଟିର ଘଟଣାଗୁଡ଼ିକ ମଧ୍ୟ ସେହିଭଳି । ଭେଦାଭେଦ ଜାଣି ପାରୁଥିବା ବ୍ୟକ୍ତି ଏଥିରେ ଆଶ୍ଚର୍ଯ୍ୟ ହୁଏ ନାହିଁ। ସେ କ୍ଷୟଶୀଳ ବସ୍ତୁ ପ୍ରତି ଲାଳସା କରେ ନାହିଁ, ଯେହେତୁ ସେ ଶାଶ୍ୱତ, ଚିରନ୍ତନ ସହିତ ଜଡ଼ିତ ଥାଏ।

୧୨୬। "ଜ୍ଞାନ ଅପେକ୍ଷା ଧ୍ୟାନ ଅଧିକ ଗୁରୁତ୍ୱପୂର୍ଣ୍ଣ। ଧ୍ୟାନ ନିମିତ୍ତ ସଠିକ ଜ୍ଞାନ ଥିବା ଆବଶ୍ୟକ। ବ୍ରହ୍ମ ସମ୍ବନ୍ଧରେ ଧାରଣା ନଥିଲେ ସଠିକ୍ ଧ୍ୟାନ ହୋଇନଥାଏ।

୧୨୭। "ପ୍ରକୃତ ଜ୍ଞାନ ଲାଭ ପାଇଁ ଧ୍ୟାନର ମୌଳିକ ଆବଶ୍ୟକତା ରହିଛି। ଏହି ପ୍ରକ୍ରିୟାକୁ 'ପ୍ରତ୍ୟାଗ ଆତ୍ମା ଅନୁଷ୍ଠାନ' ବା ଆତ୍ମୋପଲବ୍ଧି ବୋଲି କୁହାଯାଏ। ତେବେ ତାହା କୌଣସି ନିର୍ଦ୍ଦିଷ୍ଟ କ୍ରିୟାରୁ ରହିତ ହୋଇଥାଏ । ସୁତରାଂ, ଏହା ଉପରେ କିପରି ଜଣେ ଏକାଗ୍ରଚିତ୍ତ ହୋଇପାରିବ ?

୧୨୮। "ପ୍ରତ୍ୟାଗ ଆତ୍ମା ହିଁ ସ୍ୱୟଂ ଭଗବାନ। ଭଗବାନ ହିଁ ଗୁରୁ। ଏହି ତ୍ରୟୀଙ୍କ ମଧ୍ୟରେ ଟିକିଏ ମଧ୍ୟ ପ୍ରଭେଦ ନାହିଁ। ଯିଏ ଭେଦାଭେଦ ବାରେ ସେ ଗୁରୁକୃପାରୁ ସମ୍ପୂର୍ଣ୍ଣ ରୂପେ ବଂଚିତ ହୋଇଥାଏ।

୧୨୯। "ଗଭୀର ଏକାଗ୍ର ଚିତ୍ତରେ ଧ୍ୟାନ କଲେ ଧ୍ୟାନକାରୀ ଓ ଧ୍ୟେୟ ବସ୍ତୁ ମଧ୍ୟରେ ପ୍ରଭେଦ ଦୂର ହୋଇଯାଇଥାଏ, ମନ ଆଲୋକବର୍ତ୍ତିକା ସଦୃଶ ସ୍ଥିର ଭାବରେ ଜଳୁଥାଏ। ଶାନ୍ତି ବିରାଜିତ ହୁଏ ଓ ତାହାହିଁ ସ୍ୱତଃ ସମାଧି।

୧୩୦। "ସମ୍ପୂର୍ଣ୍ଣ ଭାବରେ କାମନାଶୂନ୍ୟ ହୋଇ ବିଶ୍ୱାସ କର ଯେ, ଈଶ୍ୱର ସମସ୍ତଙ୍କ ମଧ୍ୟରେ ରହିଛନ୍ତି। ଏକାତ୍ମ ହେବାର ଅବସ୍ଥାରେ ପହଞ୍ଚିଗଲେ ଭୟ ରହେ ନାହିଁ ଏବଂ ଈଶ୍ୱର ତୁମର ଧ୍ୟାନ ମଧ୍ୟକୁ ଆସନ୍ତି ଓ ତୁମେ ତାଙ୍କ ଉପରେ ଏକାଗ୍ରଚିତ୍ତ ହୋଇପାରିଥାଅ ।

୧୩୧। "ତାହା ପରେ ଅଜ୍ଞାନବଶତଃ କରାଯାଇଥିବା କର୍ମ ଯୋଗୁଁ ସୃଷ୍ଟି ହୋଇଥିବା ସେଇ ବନ୍ଧନଗୁଡ଼ିକ ଫଟ୍‌କରି ଛିଣ୍ଡି ଯାଇଥାଏ। ସାଂସାରିକ ଜୀବନର ବାଧା କଟକଣା ମଧ୍ୟ ଦୂର ହୋଇଯାଏ ଏବଂ ପରମ ଆନନ୍ଦ ଓ ଚେତନା ଲାଭହୁଏ ।

୧୩୨। "ପ୍ରଥମରୁ ଆତ୍ମା ରହିଛି କି ନାହିଁ ଦେଖାଯାଉ। ତାହା ଅଲଗା ଅଲଗା ସତ୍ତା ଭାବରେ ପ୍ରତ୍ୟେକଙ୍କ ମଧ୍ୟରେ ରହିଛି; ନା ତାହା ଏକ ସତ୍ତା ଭାବରେ ସମସ୍ତଙ୍କ ମଧ୍ୟରେ ରହିଛି, ଏହା ସକ୍ରିୟ ନା ନିଷ୍କ୍ରିୟ । ଏହାର ଉତ୍ତର ପାଇଁ ଷଡ଼ଶାସ୍ତ୍ରକୁ ଦେଖାଯାଉ ଓ ତହିଁରୁ ବାହାର କରାଯାଉ।

୧୩୩। "କିନ୍ତୁ ଆତ୍ମା ସମ୍ପର୍କରେ ପ୍ରକୃତ ଜ୍ଞାନ ହେଉଛି ଜ୍ଞାନର ସାର। ତାହା ହିଁ ମୁକ୍ତି ଓ ସେଇଥିରୁ ହିଁ ଚିରନ୍ତନ ଆନନ୍ଦ ମିଳିଥାଏ।

୧୩୪। "ଯଦି ଜଣେ ଅନ୍ଧବ୍ୟକ୍ତିକୁ ହାତୀ ସମ୍ବନ୍ଧରେ ବୁଝାଇ ଦେବା ପାଇଁ ବୃହସ୍ପତିଙ୍କ ଭଳି ଜ୍ଞାନୀ ବକ୍ତାଙ୍କୁ ଅଣାଯାଏ, ତେବେ ତାଙ୍କର ବର୍ଣ୍ଣନା ଶୁଣିସାରିବା ପରେ ମଧ୍ୟ ସେହି ଅନ୍ଧବ୍ୟକ୍ତି ହାତୀ କ'ଣ ବୋଲି ବୁଝିପାରିବ ନାହିଁ। ସେହିଭଳି ଯାହା ଭାଷାର ଅଗମ୍ୟ, ତାହାକୁ କଦାପି ଭାଷାରେ ବର୍ଣ୍ଣନା କରାଯାଇ ପାରିବନାହିଁ ।

୧୩୫। "ଜଣେ ବକ୍ତାଙ୍କର ବାଗ୍ମିତା କିମ୍ବା ଶ୍ରୋତାଙ୍କର ଦୁଇ କର୍ଣ୍ଣ ଥରେ ନଷ୍ଟ ହୋଇଯାଇଥିବା ଦୃଷ୍ଟିଶକ୍ତିକୁ ଫେରାଇ ଆଣିପାରିବ କି ? ସତ କହିଲେ, କେବଳ ଚକ୍ଷୁ ଦ୍ୱାରା ହିଁ ହାତୀର ସ୍ୱରୂପ ଅନୁଭବ କରିହେବ।

୧୩୬। "ଯଦି ଚକ୍ଷୁ ନଥାଏ, ତେବେ ସେ ଅନ୍ଧବ୍ୟକ୍ତି କିଭଳି ହାତୀକୁ ବୁଝି ପାରିବ ? ସେହିଭଳି, ଗୁରୁ ଯେଉଁ ଦିବ୍ୟ ଚକ୍ଷୁ ଶିଷ୍ୟକୁ ପ୍ରଦାନ କରିଥାନ୍ତି, କେବଳ ତାହା ଦ୍ୱାରା ହିଁ ଜ୍ଞାନ ସଂପଦ ଅର୍ଜନ କରାଯାଇପାରିବ।"

୧୩୭। ଶ୍ରୀସାଇଙ୍କ ସ୍ୱରୂପକୁ ଜାଣିବା ହିଁ ପ୍ରକୃତ ଜ୍ଞାନ। ସେ ସେହି ଅନନ୍ୟ ଜ୍ଞାନର ସମ୍ପୂର୍ଣ୍ଣ ସାର। ଧ୍ୟାନ, ଅନୁଷ୍ଠାନ ଓ ଦର୍ଶନ -ଏ ସମସ୍ତ ତାଙ୍କ କ୍ଷେତ୍ରରେ ସମ୍ମିଳିତ ହୋଇଥାଏ।

୧୩୮। ଭ୍ରାନ୍ତ ଜ୍ଞାନ, କାମନାବାସନା ଓ କର୍ମ ଶୃଙ୍ଖଳରୁ ସଂପୂର୍ଣ୍ଣ ମୁକ୍ତି ପାଇବା ନିମନ୍ତେ ଗୁରୁଙ୍କୁ ଧ୍ୟାନ କରାଯିବା ଉଚିତ୍। ଅନ୍ୟ ଉପାୟ କିଛି ନାହିଁ ବୋଲି ମନେ ରଖିଥିବ।

୧୩୯। ଶ୍ରୀସାଇ ତମର କିମ୍ବା ମୋର ନୁହଁନ୍ତି। ସେ

ସମସ୍ତ ଘଟ ମଧ୍ୟରେ ରହିଛନ୍ତି। ସୂର୍ଯ୍ୟ ଯେପରି ସମଗ୍ର ଜଗତର, ସିଏ ସେହିପରି ସମସ୍ତଙ୍କର।

୧୪୦। ବର୍ତ୍ତମାନ ତାଙ୍କର ବଚନ ଶୁଣନ୍ତୁ, ଯାହା ମାମୁଲି କଥା ବୋଲି ମନେ ହେଉଥିଲେ ମଧ୍ୟ ଅତି ମୂଲ୍ୟବାନ। ତାହାକୁ ଯଦି ମଝିରେ ମଝିରେ ମନେ ପକାଉଥିବ, ତେବେ ଯେ କୌଣସି କର୍ମ କରୁଥିଲେ ମଧ ସର୍ବଦା ସଫଳତା ପାଇବ।

୧୪୧। "ପୂର୍ବଜନ୍ମରୁ କୌଣସି ସମ୍ପର୍କ ନଥିଲେ କେହିହେଲେ ଏପରିକି କେବଳ ମଣିଷ ନୁହଁନ୍ତି, ପଶୁପକ୍ଷୀମାନେ ମଧ ପରସ୍ପରର ସଂସ୍ପର୍ଶରେ ଆସନ୍ତି ନାହିଁ। ତେଣୁ କାହାରିକୁ ତଡ଼ି ଦିଅନାହିଁ।

୧୪୨। "କେହି ଅଜଣା ବ୍ୟକ୍ତି ତୁମର ଗୃହଦ୍ୱାରକୁ ଆସିଥିଲେ, ତାଙ୍କୁ ସମ୍ମାନ ଦିଅ। ତୃଷାର୍ତ୍ତକୁ ଜଳ, କ୍ଷୁଧାର୍ତ୍ତକୁ ଖାଦ୍ୟ, ଉଲଗ୍ନକୁ ବସ୍ତ୍ର ଓ ଆଶ୍ରୟହୀନଙ୍କୁ ବାରଣ୍ଡାରେ ଟିକିଏ ସ୍ଥାନ ଦିଅ। ଏହାକଲେ ଭଗବାନ ପ୍ରୀତ ହେବେ।

୧୪୩। "ଯଦି କାହାରି କିଛି ଟଙ୍କା ପଇସାର ଦରକାର ରହିଛି ଓ ତୁମେ ଦେବାପାଇଁ ଚାହୁଁନାହଁ, ନ ଦିଅ। କିନ୍ତୁ ତାଙ୍କୁ ଅପମାନ ଦେଲାଭଳି ବ୍ୟବହାର କରନାହିଁ କିମ୍ବା ତାଙ୍କୁ କୁକୁର ଭଳି ଭୁକ ନାହିଁ।

୧୪୪। "ଯିଏ କେହି ଲୋକ ହଜାରେ ପ୍ରକାରେ ତୁମର ଦୁର୍ନାମ ରଟନା କରିପାରେ, କେବେହେଲେ ଉତ୍ତ୍ୟକ୍ତ ହୋଇ ତାଙ୍କୁ କଡ଼ା ଉତ୍ତର ଦିଅନାହିଁ। ଧୈର୍ଯ୍ୟ ଧରି ସହ୍ୟ କରିଯାଅ। ନିଜେ ବହୁତ ଶାନ୍ତି ପାଇବ।

୧୪୫। "ସଂସାର ଓଲଟପାଲଟ ହୋଇଯାଉଥିଲେ ମଧ ନିଜେ ଶାନ୍ତ ରହ। ସ୍ଥିରସଂକଳ୍ପ ରହି ସହିଷ୍ଣୁ ଭାବରେ ଅନୁଧ୍ୟାନ କର।

୧୪୬। ''ତୁମ' ଓ 'ମୋ' ମଧ୍ୟରେ ଥିବା ପ୍ରାଚୀରକୁ ଭାଙ୍ଗିଦିଅ। ତାହାଦ୍ୱାରା ପରସ୍ପର ନିକଟକୁ ଯିବାର ରାସ୍ତା ପରିଷ୍କାର ହୋଇଯିବ ଓ ଭୟ ରହିବ ନାହିଁ।

୧୪୭। "ତୁମ ଓ ମୋ ଭିତରେ ଦ୍ୱୈତ ଭାବନା ହେଉଛି ଗୁରୁ ଓ ଶିଷ୍ୟ ମଧ୍ୟରେ ପ୍ରାଚୀର ସଦୃଶ। ଏହି ପ୍ରାଚୀରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଦିଆନଗଲେ ଏକାତ୍ମ ଅବସ୍ଥା ଲାଭକରିବା ଅସମ୍ଭବ।

୧୪୮। "ଆଲ୍ଲା ହିଁ ମାଲିକ। ଆଲ୍ଲା ହିଁ ମାଲିକ। ତାଙ୍କ ବ୍ୟତୀତ ଅନ୍ୟ କେହି ରକ୍ଷାକର୍ତ୍ତା ନାହାନ୍ତି। ତାଙ୍କର ଲୀଳା ଦିବ୍ୟ, ଅମୂଲ୍ୟ ଓ ଅଚିନ୍ତନୀୟ।

୧୪୯। " ସେ ଯାହା ଚାହିଁବେ ତାହାହିଁ ହେବ। ସେହିଁ କେବଳ ପଥ ଦେଖାଇବେ। ଠିକ୍ ସମୟ ଉପସ୍ଥିତ ହେଲେ, କ୍ଷଣେମାତ୍ର ବିଳମ୍ବ ନହୋଇ ତୁମର ଇଚ୍ଛା ପୂରଣ ହେବ।

୧୫୦। "ଭାଗ୍ୟ ଅନୁସାରେ ଫଳ ମିଳେ। ସୌଭାଗ୍ୟ ଯୋଗୁଁ ଆମେ ଏକତ୍ରିତ ହୋଇଛୁଁ। ତେଣୁ ଆମେ ପରସ୍ପର ପ୍ରତି ଶ୍ରଦ୍ଧାସ୍ନେହ ପୋଷଣ କରିବା ଓ ସୁଖଶାନ୍ତି ଉପଭୋଗ କରିବା।

୧୫୧। "ଏଠି ଅମର କିଏ? ଯିଏ ଜୀବନର ପରମ ଲକ୍ଷ୍ୟ ହାସଲ କରିଛନ୍ତି ସେ ଧନ୍ୟ । ଅନ୍ୟମାନେ କେବଳ ବଞ୍ଚିବା ପାଇଁ ନିଶ୍ୱାସ ନିଅନ୍ତି।"

୧୫୨। ମୁଁ ଏହି ପବିତ୍ର ବଚନ ଶୁଣିବା ପରେ ମୋର ଉତ୍କଣ୍ଠିତ ମନ ଶାନ୍ତ ହୋଇଯାଇଥିଲା। ମୋର ତୃଷା ମେଣ୍ଟି ଯାଇଥିଲା ଓ ମୁଁ ପରମ ଆନନ୍ଦ ଅନୁଭବ କରିଥିଲି।

୧୫୩। ଜଣେ ଅତୁଳନୀୟ ବିଦ୍ୟାବୁଦ୍ଧିର ଅଧିକାରୀ ହୋଇଥାଇପାରନ୍ତି କିମ୍ବା ଦୃଢ଼ ବିଶ୍ୱାସୀ ହୋଇଥାଇପାରନ୍ତି, କିନ୍ତୁ ଶ୍ରୀସାଇଙ୍କ ଭଳି ଗୁରୁଙ୍କର ଅନୁଗ୍ରହ ପାଇବାକୁ ହେଲେ ଭାଗ୍ୟ ଅନୁକୂଳ ଥିବା ଆବଶ୍ୟକ।

୧୫୪। ଏ ସବୁ କଥାର ସାରମର୍ମ ଦେବାକୁ ଗଲେ ଆମେ କହିବା ଯେ ଭଗବାନ ଶ୍ରୀକୃଷ୍ଣ ମଧ ସେହି ସତ୍ୟ ଘୋଷଣା କରିଛନ୍ତି । 'ଜଣକର କାର୍ଯ୍ୟ ଅନୁଯାୟୀ ମୁଁ ଫଳ ପ୍ରଦାନ କରିଥାଏ। କାର୍ଯ୍ୟ ଉପରେ ସମସ୍ତ ଭାର ଛାଡ଼ି ଦେଇଥାଏ।'

୧୫୫। କର୍ମ ଅନୁଯାୟୀ ଫଳ ମିଳିଥାଏ। ପ୍ରଚେଷ୍ଟା ଉପରେ କଲ୍ୟାଣ ନିର୍ଭର କରିଥାଏ। ଏହି ଅଧ୍ୟାୟର ଏହାହିଁ ହେଉଛି ସାରାଂଶ ଓ ଏହା ମଧ ଅମୃତ ସଦୃଶ ଉପଦେଶ।

୧୫୬। 'ଏକାଗ୍ର ଚିତ୍ତରେ ମୋତେ ଧ୍ୟାନ କର' ହେଉଛି ଭଗବତ୍ ଗୀତାର ସାରାଂଶ। ଯିଏ ଭକ୍ତି ସହକାରେ ଭଗବାନଙ୍କର ସମ୍ପୂର୍ଣ୍ଣ ଶରଣାଗତ, ତାଙ୍କର ମଙ୍ଗଳ ନିମିତ୍ତ ଭଗବାନ ସମସ୍ତ ଦାୟିତ୍ୱ ନେଇଥାନ୍ତି।

୧୫୭। ଏହି ମୂଲ୍ୟବାନ ଉପଦେଶ ଶୁଣିସାରିବା ପରେ ମୋର 'ସ୍ମୃତି'ରୁ ଏକ ପଂକ୍ତି ମନେ ପଡ଼ିଥିଲା।– "ଟିକିଏ ବି ସନ୍ଦେହ ନରଖି ଭଗବାନଙ୍କୁ ଆରାଧନା କର, ତତ୍ପରେ ସେ ତୁମକୁ ଦୟା ପ୍ରଦର୍ଶନ କରିବେ।

୧୫୮ । "କଷ୍ଟ କରିବ, କିନ୍ତୁ ଫଳ ସମ୍ପର୍କରେ ଚିନ୍ତା ପୂରା ଛାଡ଼ିଦେବ । ମୁଁ ଉପସ୍ଥିତ ରହିଛି ଓ ତୁମ ପଛରେ କ୍ଷୀରଭାଣ୍ଡ (ଫଳାଫଳ) ଧରି ଛିଡ଼ା ହୋଇଅଛି । ଏପରି ଭାବରେ ମୁଁ ତୁମକୁ ସର୍ବବିଧ ସାହାଯ୍ୟ କରୁଛି ।''

୧୫୯ । "କିନ୍ତୁ ତୁମେ ଯଦି ଭାବୁଥାଅ ଯେ ମୁଁ ସବୁ କରିଦେବି ଓ ତୁମେ କେବଳ ପ୍ରଚୁର କ୍ଷୀର ପିଇବ, ମୁଁ ସେଥିରେ ରାଜି ନୁହେଁ । ଅନ୍ୟ ପକ୍ଷରେ, ତୁମେ ଜାଗ୍ରତ ରହି କର୍ମ କରିଯିବା ଉଚିତ୍ । ସକ୍ରିୟ ରହ ଓ କର୍ମକରିଚାଲ ।''

୧୬୦ । ଏହା ବାବାଙ୍କର ପ୍ରବଚନ ନା ସନନ୍ଦ । ଯିଏ ଏହାକୁ ସତ୍ୟ ବୋଲି ଗ୍ରହଣ କରିନେବ, ସେ ଇହଜଗତ ଓ ପରଜଗତରେ ମଧ୍ୟ ଅପାର ସୁଖ ଭୋଗ କରିବ ।

୧୬୧ । ମୁଁ ଏବେ ଶ୍ରୋତାମାନଙ୍କୁ ଧୈର୍ଯ୍ୟ ଧରି ମୋର ଆଉ ଏକ ବ୍ୟକ୍ତିଗତ ଅଭିଜ୍ଞତା କଥା ଶୁଣିବା ପାଇଁ ଅନୁରୋଧ କରୁଛି । ସେଥିରୁ ଶ୍ରୀସାଇଙ୍କର ପାଳନପୋଷଣ ପ୍ରକୃତି ଦେଖିବାକୁ ମିଳିଥାଏ ।

୧୬୨ । ଯଦି କୌଣସି ଭଲକାମ କରିବା ପାଇଁ ପ୍ରତିଜ୍ଞା କରିଥାଅ, ତେବେ ମହାରାଜ କିଭଳି ଉତ୍ସାହ ଦେଇଥାନ୍ତି ? କୌଣସି ପ୍ରଶ୍ନ ନପଚାରି ଶୁଣନ୍ତୁ ଓ ଶ୍ରୀସାଇଙ୍କର ଆଶୀର୍ବାଦ ପ୍ରଦାନର ପଦ୍ଧତି ପର୍ଯ୍ୟବେକ୍ଷଣ କରନ୍ତୁ ।

୧୬୩ । ଭକ୍ତ କୌଣସି ସର୍ତ୍ତ ନରଖି ଶରଣାଗତ ହେବ ଓ ଭକ୍ତିର ଅଦ୍ଭୁତ ଫଳକୁ ଲକ୍ଷ୍ୟ କରିବ । ପ୍ରତିଦିନ ସାଇଙ୍କର ନୂଆ ନୂଆ ଅଲୌକିକ ଲୀଳା ଦେଖିପାରିବ ।

୧୬୪ । ସେ ଯାହାହେଉ, ସକାଳେ ଉଠିବା ମାତ୍ରକେ ଯଦି କୌଣସି ସତ୍ ଚିନ୍ତା ମନ ମଧ୍ୟକୁ ଆସେ, ତାହାକୁ ବଢ଼ାଇବାରେ ସାହାଯ୍ୟ କରନ୍ତୁ ।

୧୬୫ । ଯଦି ଏହି ଚିନ୍ତା ବଢ଼ିଚାଲେ, ତାହା ସନ୍ତୋଷ ଜାତ କରିବ, ବିଦ୍ୟାବୁଦ୍ଧି ତୀକ୍ଷ୍ଣ କରାଇବ ଓ ମନକୁ ଶାନ୍ତ କରିବ ।

୧୬୬ । ଏହା ସନ୍ଥଙ୍କର ବାଣୀ ଓ ମୁଁ ଏହାକୁ ପରୀକ୍ଷା କରିବାକୁ ଭାବିଥିଲି । ପରୀକ୍ଷାକରି ମୁଁ ଏହାକୁ ଅନୁଭବ କରିବା ପରେ ମୋତେ ଏଭଳି ଶାନ୍ତି ମିଳିଥିଲା ଯେ ମୁଁ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲି ।

୧୬୭ । ଶିରିଡ଼ି ଭଳି ପବିତ୍ର ଭୂମିରେ ଗୁରୁବାର ଭଳି ଶୁଭ ଦିନରେ ମୁଁ ଦିନସାରା 'ରାମ' ନାମ ଅନବରତ ଜପ କରିବି ବୋଲି ଚିନ୍ତା କରିଥିଲି ।

୧୬୮ । ବୁଧବାର ଦିନ ରାତ୍ରିରେ ବିଛଣାରେ ମୋତେ ନିଦ୍ରା ଆସିବା ପର୍ଯ୍ୟନ୍ତ ମୁଁ 'ରାମ' ନାମ ଜପ କରିବା ଉପରେ ମନୋନିବେଶ କରିଥିଲି ଓ ମୋର ହୃଦୟ ଭିତରେ ଏଥିରେ ନିମଗ୍ନ ରହିଥିଲି ।

୧୬୯ । ମୁଁ ବଡ଼ି ସକାଳେ ଉଠିବା ମାତ୍ରକେ ମୋର 'ରାମ' ନାମ ମନେ ପଡ଼ିଯାଇଥିଲା । ଏକଥା ଘଟିବା ବେଳେ ମୁଁ ଭାବିଥିଲି ଯେ ମୋର ଜିହ୍ୱା ତାହାର ଅବସ୍ଥିତିର ପ୍ରକୃତ ଯଥାର୍ଥତା ପ୍ରମାଣ କରିଦେଇଛି ।

୧୭୦ । ତେଣୁ ମୁଁ ଏହା ଚାଲୁ ରଖିବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲି । ମୁଁ ମୋର ପ୍ରାତଃ ନିତ୍ୟକର୍ମ ସମାପନ କରିବା ପରେ, ଯାହା କିଛି ଫୁଲ ପାଇଥିଲି ତାହାକୁ ଧରି, ଶ୍ରୀସାଇଙ୍କର ପ୍ରାତଃଦର୍ଶନ ନିମିତ୍ତ ବାହାରି ଯାଇଥିଲି ।

୧୭୧ । ଦୀକ୍ଷିତଙ୍କ ଘର ଅତିକ୍ରମ କରିସାରି ମୁଁ ବୁଟିଙ୍କ ୱାଡ଼ା ବାହାରେ ଯିବା ସମୟରେ ଔରଙ୍ଗାବାଦକର ମଧୁର କଣ୍ଠରେ ସୁନ୍ଦର ସଂଗୀତ ଗାଉଥିବାର ଶୁଣିଥିଲି ।

୧୭୨ । ମୁଁ ଯଦି ପୂରା ସଂଗୀତକୁ ମୋ ନିଜର ପଂକ୍ତି ଆକାରରେ ପ୍ରକାଶ କରିବି, ତେବେ ଶ୍ରୋତାମାନେ ତାହାର ମୌଳିକ ମାଧୁର୍ଯ୍ୟ ଆସ୍ୱାଦନରୁ ବଂଚିତ ହେବେ ଓ ଏପରିକି ଉପଭୋଗ ମଧ୍ୟ ନକରି ପାରନ୍ତି ।

୧୭୩ । ତେଣୁ ପୂରା ସଂଗୀତଟିକୁ, ମୁଁ ଶ୍ରୋତାମାନଙ୍କ ପାଇଁ ସେହି ଭାବରେ ଗାନ କରିବି ଏବଂ ଏହା ଶୁଣି ମୋର ପ୍ରିୟ ଶ୍ରୋତାମାନେ ଖୁସି ହେବେ । ଏହି ସଂଗୀତରେ ମୌଳିକ ଉପଦେଶ ରହିଛି ।

-ଗୀତ-

ଗୁରୁକୃପା ଅଂଜନ ପାୟୋ ମେରେ ଭାଇ ।
ରାମ ବିନା କୁଛ ମାନତ ନାହିଂ ॥ ଘୋଷା ॥
ଅନ୍ଦର ରାମ ବାହର ରାମ ।
ସପନେ ମେ ଦେଖତ ସୀତାରାମ ॥ ୧ ॥
ଜାଗତ ରାମ ସୋୱତ ରାମା ।
ଜହାଁ ଦେଖେ ୱହପଂ ପୂରନ କାମା ॥ ୨ ॥
ଏକା ଜନାର୍ଦ୍ଦନୀ ଅନୁଭବ ନୀକା ।
ଜହାଁ ଦେଖେ ୱହାଁ ରାମସରୀଖା ॥ ୩ ॥

୧୭୪ । ମୁଁ ରାମ ନାମ ଜପିବା ନିମନ୍ତେ ପ୍ରତିଜ୍ଞା କରିଥିଲି ।

କିନ୍ତୁ ତାହାକୁ ଆରମ୍ଭ କରିବା ପୂର୍ବରୁ ଏହି ସଂଗୀତକୁ ଶୁଣିଥିଲି ଓ ମୋତେ ତାହା ଅଧିକ ଶକ୍ତି ଯୋଗାଇଥିଲା ।

୧୭୫ । ମୋର ହୃଦ୍‌ବୋଧ ହୋଇଥିଲା । ମୋର ସେଇ ପ୍ରତିଜ୍ଞାରୂପକ ବୀଜ ଉପରେ ସେଦିନ ମହାଦୟାଳୁ ଶ୍ରୀସାଇ ଜଳବର୍ଷଣ କରିନଥିଲେ କି ?

୧୭୬ । ହସ୍ତରେ ତାମ୍ବୁରୀ[୨] ଧରି, ଔରଙ୍ଗାବାଦକର ଶ୍ରୀସାଇଙ୍କୁ ମୁଖକରି, ଅଗଣାରେ[୩] ଛିଡ଼ା ହୋଇ, ଉଚ୍ଚକଣ୍ଠରେ ସଂଗୀତ ବୋଲୁଥିଲେ ଓ ତାହାର ମୂର୍ଛନା ସର୍ବତ୍ର ଗୁଞ୍ଜରିତ ହେଉଥିଲା ।

୧୭୭ । ଔରଙ୍ଗାବାଦକର ବାବାଙ୍କର ଜଣେ ବଡ଼ ଭକ୍ତ ଥିଲେ । ମୋ ଭଳି ସେ ମଧ୍ୟ ଶ୍ରୀସାଇଙ୍କର ସମ୍ପୂର୍ଣ୍ଣ ଶରଣାଗତ ଥିଲେ । ସେ ଅନେକ ସଂଗୀତ ମୁଖସ୍ଥ କରିଥିଲେ ମଧ୍ୟ ସେ ଦିନ କାହିଁକି ସେଇ ନିର୍ଦ୍ଦିଷ୍ଟ ସଂଗୀତକୁ ସେହି ସମୟରେ ଗାନ କରିବା ପାଇଁ ଉତ୍ସାହିତ ହୋଇଥିଲେ !

୧୭୮ । ମୋର ପ୍ରତିଜ୍ଞା ସମ୍ବନ୍ଧରେ କାହାରିକୁ ଜଣା ନଥିଲା । ତେବେ ସେହି ସଂଗୀତଟିକୁ କାହିଁକି ବୋଲାଯାଇଥିଲା ? ବାବା ବୋଧହୁଏ ସୂତା ଟାଣି ତାହାଙ୍କୁ ସେଥିପାଇଁ ପ୍ରଣୋଦିତ କରିଥିଲେ ।

୧୭୯ । ଆମେ ସମସ୍ତେ ସଖୀକଣ୍ଢେଇ । ମା' ସାଇ ହେଉଛନ୍ତି ନିୟନ୍ତ୍ରକ । ସେ ସିଧାସଳଖ ନକହି ଉପାସନା ନିମିତ୍ତ ଠିକ୍ ସଙ୍କେତ ଦେଇଥିଲେ ।

୧୮୦ । ମୋର ଅନ୍ତର୍ଭାବନା ବାବାଙ୍କ ମନ ମଧ୍ୟରେ ପ୍ରତିଫଳିତ ହୋଇଥିଲା । ସେ ଏହିଭଳି ଭାବରେ ତାଙ୍କର କଥାକୁ ପ୍ରକୃତରେ ପ୍ରମାଣିତ କରିଥିଲେ ବୋଲି ମୁଁ ନିଶ୍ଚିତ ହୋଇ ଭାବୁଛି ।

୧୮୧ । 'ରାମ ନାମ'ର କି ମହାନ୍ ଶକ୍ତି ! ସବୁ ସମୟରେ ମହାନ୍ ସନ୍ଥମାନେ ଏହାଙ୍କ ଗୁଣଗାନ କରି ଆସିଛନ୍ତି । ଯାହା ଭଗବାନଙ୍କୁ ଅନୁଭବ କରିବା ପାଇଁ ବାଟ କଢ଼ାଇନିଏ, ତାହାକୁ ମୋ ଭଳି ଅଧମ କିପରି ବା ବର୍ଣ୍ଣନା କରିପାରିବ ?

୧୮୨ । ଏକଦା ଡକାୟତି କରୁଥିବା କେଉଟ ଏହି ଦୁଇଟି ଅକ୍ଷରକୁ ଓଲଟାଇ ଜପକରିଥିଲା, ମାମୁଲି ସାଧାରଣ ବାଲିଆରୁ ସନ୍ଥ ବାଲ୍ମିକୀରେ ପରିବର୍ତ୍ତିତ ହୋଇଥିଲା ଓ ଭାଷାଜ୍ଞାନର ଅସାଧାରଣ ଶକ୍ତି ପ୍ରଦର୍ଶନ କରିଥିଲା ।

୧୮୩ । ସେ 'ମରା', 'ମରା' ଉଚ୍ଚାରଣ କରିବା ସମୟରେ ଜିହ୍ୱା ସାଧାରଣ ଭାବରେ 'ରାମ' ନାମ ଜପ କରୁଥିଲା ଏବଂ ରାମଙ୍କର ଅବତାରର ବହୁପୂର୍ବରୁ ସେ ତାଙ୍କର ଜୀବନୀ ଓ ଲୀଳା ରଚନା କରି ପାରିଥିଲେ ।

୧୮୪ । 'ରାମ' ନାମ ଅତି ପବିତ୍ର । ରାମ ନାମ ଧରିଲେ ଜଣେ ପାପୀ ମୁକ୍ତି ପାଇଯାଇଥାଏ । 'ରାମ' ନାମ ଉଚ୍ଚାରଣ କରିବା ମାତ୍ରକେ ଆନନ୍ଦର ଭଣ୍ଡାର ମିଳିଯାଇଥାଏ । ରାମନାମ 'ଉଚ୍ଚାରଣ' ଭଜନ ଗାନ ସହିତ ସମାନ ଓ ଏହାର ପାରାୟଣ ଦ୍ୱାରା ବ୍ରହ୍ମଙ୍କ ନିକଟକୁ ଯାଇହୁଏ ।

୧୮୫ । ବାରମ୍ବାର 'ରାମ' ନାମ ଉଚ୍ଚାରଣ କଲେ ଜନ୍ମମୃତ୍ୟୁ ବନ୍ଧନ ଛିଣ୍ଡି ଯାଇଥାଏ । ରାମଙ୍କର ନାମ ସ୍ମରଣ କଲେ ସୁଫଳ ବହୁଗୁଣିତ ହୋଇଥାଏ ।

୧୮୬ । ରାମନାମ ପ୍ରତିଧ୍ୱନିତ ହେଲେ ବିଷ୍ଣୁଙ୍କର ସୁଦର୍ଶନ[୪] ଚକ୍ର ଘୂରିଥାଏ ଓ ଲକ୍ଷ ଲକ୍ଷ ପ୍ରତିବନ୍ଧକକୁ ଧ୍ୱଂସ କରିଦେଇଥାଏ । ଏହି ନାମ ଦୁର୍ବଳର ରକ୍ଷାକର୍ତ୍ତା ।

୧୮୭ । ଶ୍ରୀସାଇଙ୍କ ପ୍ରଦତ୍ତ ଶିକ୍ଷା ଓ ଉପଦେଶ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ, ନିର୍ଦ୍ଦିଷ୍ଟ ସମୟ କିମ୍ବା ନିର୍ଦ୍ଦିଷ୍ଟ ପରିବେଶ ଲୋଡ଼ା ହେଉନଥିଲା । ଏପରିକି ସେ କଥା କହିବାବେଳେ, ଚାଲିବାବେଳେ କିମ୍ବା ବସିବା ସମୟରେ ଅନାୟାସରେ ସମସ୍ତଙ୍କୁ ଶୁଦ୍ଧ ଜ୍ଞାନ ଶିକ୍ଷା ଦେଉଥିଲେ ।

୧୮୮ । ଶ୍ରୋତାଗଣ ! ଏବେ ଗୋଟିଏ ଚିତ୍ତାକର୍ଷକ କାହାଣୀ ଏ ସମ୍ପର୍କରେ ମନଧ୍ୟାନ ଦେଇ ଶୁଣନ୍ତୁ । ଶ୍ରୀସାଇଙ୍କର ଦୟାର୍ଦ୍ର ପ୍ରବୃତ୍ତି ଓ ସର୍ବବ୍ୟାପକତା ଏ କାହାଣୀରୁ ଜଣାଯିବ ।

୧୮୯ । ଥରେ ଜଣେ ଅନ୍ୟଜଣଙ୍କ ବିଷୟରେ କିଛି କହୁଥିବା ସମୟରେ, ଜଣେ ପରମ ଭକ୍ତ ପକ୍ଷପାତଦୋଷ ଯୁକ୍ତ ହୋଇ ଗଭୀର ସମାଲୋଚନା କରିବାରେ ଲାଗିଥିଲେ ।

୧୯୦ । ଭଲ ଗୁଣଗୁଡ଼ିକୁ ଅଣଦେଖାକରି, ସବୁ ଦିଗରୁ କେବଳ ସମାଲୋଚନାର ଆବୃତ୍ତି ଚାଲିଥିଲା । ମୂଳ ପ୍ରସଙ୍ଗ କୁଆଡ଼େ ଚାଲିଯାଇଥିଲା ଓ କେବଳ ଦୁର୍ନାମ ରଟନାର ଅଧିବେଶନ ଚାଲିଥିଲା ।

୧୯୧ । ଯଦି ମତଭେଦର କାରଣ ରହିଛି କିମ୍ବା ଜଣେ ଘୃଣ୍ୟ ଆଚରଣ ଦେଖାଏ, ତେବେ ତାଙ୍କୁ ସ୍ପଷ୍ଟ ଭାବରେ ଓ ମଧୁର କଣ୍ଠରେ ଠିକ୍ କଥା କହି ସୁଧାରିବାକୁ ଚେଷ୍ଟା କରନ୍ତୁ ଓ ତାଙ୍କ ପ୍ରତି ଦୟା ପ୍ରଦର୍ଶନ କରନ୍ତୁ ।

୧୯୨ । କାହାରିକୁ ନ୍ୟୂନ କରନ୍ତୁ ନାହିଁ । ଏହା ସମସ୍ତଙ୍କୁ

ଜଣା। କିନ୍ତୁ ଏଭଳି ପ୍ରକୃତିକୁ ଦବେଇ ଦିଆଯାଇ ପାରିବ ନାହିଁ କି ଏହା ନିୟନ୍ତ୍ରଣ ମଧ୍ୟରେ ରହି ପାରିବ ନାହିଁ।

୧୯୩। ଏହା ଅନ୍ତର ମଧ୍ୟରୁ କ୍ରମେ ଉଠି ଉଠି ଶେଷରେ ମୁଖବାଟେ ବାହାରିଥାଏ। ପାଟି ଖୋଲିଲେ ସୌଭାଗ୍ୟ ଓ ସନ୍ତୋଷ ବାହାରି ଯାଇଥାଏ।

୧୯୪। ତ୍ରିଜଗତରେ ସମାଲୋଚକଙ୍କଠାରୁ ଉତ୍ତମ ବନ୍ଧୁ ଆଉ କେହି ନାହାନ୍ତି। ସେ ବ୍ୟକ୍ତିଙ୍କୁ ସାହାଯ୍ୟ କରିଥାନ୍ତି। ସମାଲୋଚନା ବ୍ୟକ୍ତିର ମଙ୍ଗଳକରେ ।ତେଣୁ ସମାଲୋଚକ ତାଙ୍କୁ ଅନୁଗ୍ରହ କରିଥାନ୍ତି।

୧୯୫। କେତେକ ଲୋକ ଇଠାଫଳ ଦ୍ୱାରା ମଇଳା ସଫା କରିଥାନ୍ତି, ଆଉ କେତେକ ସାବୁନ ବ୍ୟବହାର କରିଥାନ୍ତି। କେହିକେହି ଏହି କାର୍ଯ୍ୟ ସ୍ୱଚ୍ଛ ଓ ଶୁଦ୍ଧ ଜଳଦ୍ୱାରା କରୁଥିବା ସମୟରେ ସମାଲୋଚକ ନିଜର ଜିହ୍ୱା ଦ୍ୱାରା ଏହି ମଇଳା ସଫା କାମ କରିଥାନ୍ତି।

୧୯୬। ଗୋଟିଏ ଦୃଷ୍ଟିରୁ ଦେଖିଲେ ସେମାନେ ନିଜର ଚାରିତ୍ରିକ ଅଧୋପତନ ଅନ୍ୟମାନଙ୍କ ପାଇଁ, ଅନ୍ୟମାନଙ୍କ ମଙ୍ଗଳ ପାଇଁ ସହ୍ୟ କରିଥାନ୍ତି। ସତ କହିଲେ, ସେମାନଙ୍କର କାର୍ଯ୍ୟ ଅବର୍ଣ୍ଣନୀୟ ଭାବରେ ମଙ୍ଗଳକାରୀ ହୋଇଥାଏ। ଜଣେ ସମାଲୋଚକଙ୍କୁ ନିଶ୍ଚିତ ଭାବରେ ଉଚ୍ଚ ସମ୍ମାନ ଦିଆଯିବା ଉଚିତ୍।

୧୯୭। ସେ ପ୍ରତି ପଦକ୍ଷେପରେ ଆପଦବିପଦ ସମ୍ବନ୍ଧରେ ସୂଚାଇ ଦେଉଥାନ୍ତି। ସମାଲୋଚନା କରିବା ଛଳରେ ସେ ଅନ୍ୟମାନଙ୍କର ଦୋଷତ୍ରୁଟି ଦର୍ଶାଇ ଦେଇ, ଭବିଷ୍ୟତର ବିପଦ ଏଡ଼ାଇ ଦେବାରେ ସାହାଯ୍ୟକରି ସେମାନଙ୍କୁ ଅନୁଗୃହୀତ କରାଇଥାନ୍ତି। ମୁଁ ସେମାନଙ୍କର ଆଉ କେତେ ବା ପ୍ରଶଂସା କରିବି ?

୧୯୮। ଅନେକ ଲୋକ ସେମାନଙ୍କୁ ପ୍ରଶଂସା କରିଛନ୍ତି। ଏପରିକି ସେମାନଙ୍କର ମହାନତା ସମ୍ବନ୍ଧରେ ସାଧୁ ସନ୍ଥମାନେ ମଧ୍ୟ କହିଛନ୍ତି। ମୁଁ ସେହି ସମାଲୋଚକଦଳଙ୍କୁ ପ୍ରଣାମ କରୁଅଛି।

୧୯୯। ଯେଉଁମାନେ ଶୁଣୁଥିଲେ ସେମାନେ ବିରକ୍ତ ହୋଇ ଯାଇଥିଲେ। ସମାଲୋଚକ ଉଠିପଡ଼ିଥିଲେ ଓ ଗୁରୁଶଙ୍କା କର୍ମ କରିବାକୁ ଚାଲିଯାଇଥିଲେ। ଅନ୍ୟମାନେ ମସ୍‌ଜିଦ୍‌କୁ ବାବାଙ୍କ ଦର୍ଶନ ନିମିତ୍ତ ଆସିବା ଆରମ୍ଭ କରିଥିଲେ।

୧୯ ॥ ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା (୨) ॥

୨୦୦। ବାବା ସର୍ବଦର୍ଶୀ। ସେ ଭକ୍ତମାନଙ୍କୁ ଯଥା ସମୟରେ ନିର୍ଦ୍ଦେଶ ଦେଇଥାନ୍ତି। ପରେ ସେ କିପରି ଏହି ଘଟଣାର ଉପଯୋଗ କରିଥିଲେ ଶୁଣନ୍ତୁ।

୨୦୧। ଲେଣ୍ଡିବାଗକୁ ଅନ୍ୟମାନଙ୍କ ଗହଣରେ ଯାଉଥିବା ସମୟରେ ବାବା ସେହି ଭକ୍ତଙ୍କ ସମ୍ପର୍କରେ ପଚାରିଥିଲେ। ତାଙ୍କୁ କୁହାଯାଇଥିଲା ଯେ, ସେ ଗ୍ରାମର ଝରଣା କୂଳକୁ ଗୁରୁଶଙ୍କା କର୍ମ କରିବାକୁ ଯାଇଛନ୍ତି।

୨୦୨। ବାବା ନିଜର ବିଧି ସମାପ୍ତକରି ଲେଣ୍ଡିବାଗରୁ ଫେରୁଥିଲେ। ସେହି ଭକ୍ତ ମଧ୍ୟ ଗ୍ରାମଝରଣାରେ କାର୍ଯ୍ୟସାରି ଘରକୁ ଫେରୁଥିଲେ।

୨୦୩। ଉଭୟଙ୍କର ସାକ୍ଷାତ ହୋଇଥିଲା। ଶୁଣନ୍ତୁ, ସେଇ ସାକ୍ଷାତବେଳେ କ'ଣ ସବୁ କଥାଭାଷା ହୋଇଥିଲା । ମନଦେଇ ଶୁଣିବା ପାଇଁ ମୁଁ ଶ୍ରୋତାମାନଙ୍କୁ ପ୍ରାର୍ଥନା କରୁଛି।

୨୦୪। ବାଡ଼ ନିକଟରେ ଗ୍ରାମର ଘୁଷୁରୀଟିଏ ମହା ଆନନ୍ଦରେ ମଳ ଭକ୍ଷଣ କରୁଥିଲା। ବାବା ତାଙ୍କୁ ସେହି ଦୃଶ୍ୟ ଦେଖାଇ କହିଥିଲେ-

୨୦୫। "ତାହାର ଜିହ୍ୱା ମଣିଷ ମଳକୁ କିଭଳି ଆନନ୍ଦରେ ଉପଭୋଗ କରୁଛି ଦେଖ ! ଯେଉଁ ବ୍ୟକ୍ତି ନିଜର ଭାଇମାନଙ୍କୁ ମନପୂରେଇ ବଦ୍‌ନାମ କରେ ସେ ଠିକ୍ ଏଇଭଳି।

୨୦୬। "ଯିଏ ପୂର୍ବ ଜନ୍ମରେ ଅନେକ ସୁକୃତି କରିଥିବା ହେତୁ ଏହି ଜନ୍ମରେ ମନୁଷ୍ୟ ଶରୀର ଲାଭ କରିଛି, ସିଏ ଯଦି ଏହିଭଳି ଜୀବନକୁ ବରବାଦ କରିବା ପାଇଁ ନିଜେ ନିଜେ ବସିବ, ତେବେ ଶିରିଡ଼ିରେ କିଏ ତା' ପାଇଁ କ'ଣ ବା କରି ପାରିବ ?"

୨୦୭। ଏହି କଥା କହି ବାବା ଚାଲିଯାଇଥିଲେ। ଭକ୍ତ ଜଣକ ମନରେ ଆଘାତ ପାଇଥିଲେ। ତାଙ୍କର ସକାଳର ଘଟଣା ମନେ ପଡ଼ିଯାଇଥିଲା ଓ ବାବାଙ୍କର ଏ ଉକ୍ତି ତାଙ୍କ ହୃଦୟକୁ ବିଦ୍ଧ କରିଥିଲା।

୨୦୮। ସେ ଯାହାହେଉ, ବାବା ତାଙ୍କର ଭକ୍ତମାନଙ୍କୁ ଯଥା ସମୟରେ, ଶ୍ରଦ୍ଧା ସହକାରେ ଶିକ୍ଷା ଦେଉଥିଲେ। ସେହି ଶିକ୍ଷାର ସାରକଥା ଗ୍ରହଣ କଲେ ମୋକ୍ଷପ୍ରାପ୍ତି ଦୂରରେ ରହି ପାରିବ କି ?

୨୦୯। 'ଯଦି ଭଗବାନ ମୋର ଯତ୍ନ ନେଉଛନ୍ତି, ତେବେ ମୋର ବିନା ଚେଷ୍ଟାରେ ସେ ସବୁକିଛି ଦେବେ ବୋଲି

ପ୍ରତିଜ୍ଞା କରିଛନ୍ତି। ଏହା ଅନ୍ନବସ୍ତ୍ର କ୍ଷେତ୍ରରେ ମଧ୍ୟ ସତ୍ୟ।'

୨୧୦। କିନ୍ତୁ ଏହାକୁ ଯଦି କେହି, ବିଶେଷତଃ ଆଧ୍ୟାତ୍ମିକ ଉନ୍ନତି ଅନ୍ୱେଷଣକାରୀ ପ୍ରୟୋଗ କରନ୍ତି ତେବେ ସେ ନିଜକୁ ସମ୍ପୂର୍ଣ୍ଣ ବରବାଦ କରିଦେବେ । ବାବାଙ୍କ ଉକ୍ତି, "ଯେପରି ବୁଣିବ ସେପରି କାଟିବ"ସେହି କ୍ଷେତ୍ରରେ ମୂଲ୍ୟହୀନ ହୋଇ ପଡ଼ିବ।

୨୧୧। ବାବାଙ୍କର ଅନ୍ୟ କେତେକ ବାଣୀ ମଧ୍ୟ ବହୁତ ଆନନ୍ଦ ଦେଇଥାଏ। ବିଶ୍ୱାସ ଓ ଭକ୍ତିର ଉଷ୍ମତା ରହିଥିଲେ ତାହା ହୃଦୟ କନ୍ଦରରେ ଦୃଢ଼ମୂଳ ହୋଇଥାଏ।

୨୧୨। "ମୁଁ ଗୋଟିଏ ସ୍ଥାନରେ ନଥାଏ। ମୁଁ ଜଳ, ସ୍ଥଳ ଓ ବଣ ଜଙ୍ଗଲରେ, ଲୋକମାନଙ୍କ ଭିତରେ ତଥା ଲୋକମାନଙ୍କଠାରୁ ଦୂରରେ, ଦେଶ ବିଦେଶରେ, ଆକାଶରେ ଓ ସୂର୍ଯ୍ୟଙ୍କ ଆଲୋକରେ ରହିଥାଏ।

୨୧୩। "କେବଳ ସାଢ଼େ ତିନିହାତ ଲମ୍ବର ଏହି ଶରୀର ମଧ୍ୟରେ ମୁଁ ରହିଛି ବୋଲି ଯେଉଁମାନେ ଭାବିଥାନ୍ତି, ସେମାନଙ୍କର ଭ୍ରମଧାରଣାକୁ ଦୂର କରିଦେବା ନିମନ୍ତେ ଏହି ମନୁଷ୍ୟ ଶରୀର ମୁଁ ଗ୍ରହଣ କରିଅଛି।

୨୧୪। "ଯେଉଁମାନେ ମୋର ଗୁଣଗାନ ଦିନରାତି କରୁଛନ୍ତି, ସେମାନେ ମୋ ଅନ୍ତରାତ୍ମାର ଅଭିନ୍ନ ପ୍ରତିବିମ୍ବ ଅଟନ୍ତି।

୨୧୫। "ଯଦି ଗୁଡ଼ରୁ ମଧୁରତାକୁ, ସମୁଦ୍ରରୁ ଢେଉକୁ ଅଲଗା କରାଯାଇପାରିବ; ଯଦି ଚକ୍ଷୁ ବିନା ଆଲୋକରେ ଦେଖିପାରିବ, ତେବେ ମୋର ନିଷ୍କପଟ ଭକ୍ତମାନଙ୍କୁ ମୋଠାରୁ ଅଲଗା କରିଦିଆଯାଇପାରିବ।

୨୧୬। "ଯେଉଁମାନେ ଜନ୍ମମୃତ୍ୟୁ ବନ୍ଧନରୁ ନିଶ୍ଚିତଭାବରେ ମୁକ୍ତ ହେବା ପାଇଁ ଚାହିଁଥାନ୍ତି, ସେମାନେ ସାଧୁତା ପଥରେ ଅତି ସାବଧାନ ହୋଇ ଚାଲିବା ଉଚିତ ଓ ସବୁବେଳେ ଶାନ୍ତ ହୋଇ ରହିବା ଉଚିତ୍।

୨୧୭। "ଏଭଳି ବ୍ୟକ୍ତି ରୁକ୍ଷ ଭାଷା ତ୍ୟାଗ କରିବା ଉଚିତ୍ ଓ ଅନ୍ୟର ଦୋଷଦୁର୍ବଳତାକୁ ନଦେଖି ନିଜର କର୍ତ୍ତବ୍ୟ ଉପରେ ଏକାଗ୍ରଚିତ୍ତ ହୋଇ, ଭଲ କାମ କରିବାରେ ନିୟୋଜିତ ହେବା ଉଚିତ୍।

୨୧୮। "ମୋତେ ତୁମର ହୃଦୟ ଓ ମନକୁ ସମର୍ପଣ କରିଦିଅ। ମୋତେ ସବୁବେଳେ ସ୍ମରଣ କର। ନିଜର ଶରୀର ସମ୍ପର୍କରେ ଚିନ୍ତାନକରି ତାହାକୁ ସେହିଭଳି ଛାଡ଼ିଦିଅ। ଏଭଳି ବ୍ୟକ୍ତି ଭୟ କରିବାର ଆବଶ୍ୟକତା ନାହିଁ କି ତ୍ରିବିଧ ପବିତ୍ରତା ପାଇଁ ବ୍ୟସ୍ତହେବାର ଆବଶ୍ୟକତା ନାହିଁ।

୨୧୯। "ଯିଏ ମୋତେ ନିବିଷ୍ଟ ଚିତ୍ତରେ ଅନାଇ ରହି ମୋର ଗୁଣଗାନ କରୁଥାଏ ଓ ମୋର ଗୁଣଗ୍ରାମ ଶୁଣୁଥାଏ, ସେ ଭାଗ୍ୟବାନ। ଯାହାର ମୋ ସାନ୍ନିଧ୍ୟ ବ୍ୟତୀତ ଅନ୍ୟ କୌଣସି ବାସନା ନାହିଁ, ସେ ପରଂବ୍ରହ୍ମଙ୍କୁ ପାଇ ପାରିଥାଏ।"

୨୨୦। "ମୋର ନାମ ସ୍ମରଣ କର ଓ ମୋର ଶରଣାଗତ ହୁଅ" ବୋଲି ସେ ସବୁବେଳେ ସମସ୍ତଙ୍କୁ କହୁଥିଲେ। ଯେଉଁମାନେ ତାଙ୍କୁ ଜାଣିବା ନିମିତ୍ତ ଚାହୁଁଥିଲେ, ସେମାନଙ୍କୁ ନାମ ଶ୍ରବଣ ତଥା ଧ୍ୟାନ କରିବା ନିମନ୍ତେ ସେ କହୁଥିଲେ।

୨୨୧। ସେ ଭିନ୍ନ ଭିନ୍ନ ପ୍ରକାର ଲୋକଙ୍କୁ ଭିନ୍ନ ଭିନ୍ନ ପ୍ରକାରର ଧର୍ମକର୍ମ ଶିକ୍ଷା ଦେଉଥିଲେ। କାହାରିକୁ ଭଗବାନଙ୍କର ନାମ ସ୍ମରଣ କରିବା ପାଇଁ କହୁଥିଲେ ତ, ଆଉ କାହାରିକୁ ଭଗବାନଙ୍କର ଲୀଳା ଶୁଣିବା ପାଇଁ କହୁଥିଲେ। ପୁଣି କେହି କେହି ଭଗବାନଙ୍କର ପଦପୂଜା କରିବାର ଉପଦେଶ ପାଉଥିଲେ।

୨୨୨। କେତେଜଣଙ୍କୁ ଅଧ୍ୟାତ୍ମ ରାମାୟଣ ପଢ଼ିବା ପାଇଁ, ଆଉ କେତେଜଣଙ୍କୁ ଜ୍ଞାନେଶ୍ୱରୀ ଆବୃତ୍ତି କରିବା ପାଇଁ, ପୁଣି କେତେକଙ୍କୁ ହରିବର୍ଦ୍ଧ[୫] ଭଳି ଧର୍ମପୁସ୍ତକ ଓ ଅନ୍ୟ କେତେଜଣଙ୍କୁ ଗୁରୁଚରିତ୍ର ପାଠକରିବା ପାଇଁ କହୁଥିଲେ।

୨୨୩। କେତେଜଣଙ୍କୁ ତାଙ୍କ ପାଖରେ ବସାଉଥିଲେ, କାହାକୁ କାହାକୁ ଖଣ୍ଡୋବା ମନ୍ଦିର ଯିବାକୁ କହୁଥିଲେ ଓ ଆଉ କାହାରିକୁ ବିଷ୍ଣୁ ସହସ୍ରନାମ ପାଠକରି ମୁଖସ୍ଥ କରିବା ପାଇଁ ଉପଦେଶ ଦେଉଥିଲେ।

୨୨୪। କିଛି ଭକ୍ତଙ୍କୁ ରାମ[୬] ବିଜୟ ପଢ଼ିବା ନିମନ୍ତେ, କାହାକୁ ଧ୍ୟାନ କରିବା ନିମନ୍ତେ, କାହାରିକୁ ନାମଜପ କରିବା ନିମନ୍ତେ, କେତେଜଣଙ୍କୁ ଛାନ୍ଦୋଗ୍ୟ[୭] ଉପନିଷଦ ଓ ଗୀତା[୮] ରହସ୍ୟ ପଢ଼ିବା ନିମନ୍ତେ ପରାମର୍ଶ ଦେଉଥିଲେ ଓ ସେମାନେ ନିଜର ବିଶ୍ୱାସ ଦ୍ୱାରା ହିଁ ସେସବୁର ସାରକଥା ବୁଝିପାରିବେ ବୋଲି କହୁଥିଲେ।

୨୨୫। ତାଙ୍କର ଶିକ୍ଷା ଦେବାର ପଦ୍ଧତି ଅନନ୍ୟ ଧରଣର ଥିଲା। ସେ କେତେଜଣଙ୍କୁ ଏକ ନିର୍ଦ୍ଦିଷ୍ଟ ରୀତିରେ ଶିକ୍ଷା ଦେଉଥିବାବେଳେ ଅନ୍ୟମାନଙ୍କ ନିମନ୍ତେ ସମ୍ପୂର୍ଣ୍ଣ ଭିନ୍ନ

ଧରଣର ପଦ୍ଧତି ଗ୍ରହଣ କରୁଥିଲେ। କେତେଜଣଙ୍କୁ ସେ ସିଧାସଳଖ ଉପଦେଶ ଦେଉଥିବାବେଳେ ଅନ୍ୟ କେତେଜଣଙ୍କୁ ସ୍ୱପ୍ନରେ ଭେଟୁଥିଲେ।

୨୨୬। ବିଭିନ୍ନ ଜାତିର[୯] ବହୁଲୋକ ତାଙ୍କର ଦର୍ଶନ ଓ ସାହାଯ୍ୟ ପାଇବା ନିମିତ୍ତ ଆସୁଥିଲେ। ଯେଉଁମାନଙ୍କର ମଦ୍ୟପାନ ପ୍ରିୟ ଥିଲା, ସେମାନଙ୍କୁ ବି ସେ ସ୍ୱପ୍ନରେ ଦର୍ଶନ ଦେଉଥିଲେ।

୨୨୭। ସେ ସେମାନଙ୍କର ଛାତି ଉପରେ ବସି ହାତ ଗୋଡ଼କୁ ଚାପି ଧରୁଥିଲେ ଓ ଆଉ ମଦ ନ ଛୁଇଁବାକୁ ପ୍ରତିଜ୍ଞା କରାଇ ନେଉଥିଲେ।

୨୨୮। ବାହାଘର ପୂର୍ବରୁ ଜ୍ୟୋତିଷ ଯେମିତି ଗୃହର କାନ୍ଥରେ ଚିତ୍ର ଆଙ୍କି ଦିଅନ୍ତି, ସେମିତି ସେ "ଗୁରୁବ୍ରହ୍ମା[୧୦], ଗୁରୁ ବିଷ୍ଣୁ" ମନ୍ତ୍ର ଜଣେ ଭକ୍ତଙ୍କ କାନ୍ଥରେ ସ୍ୱପ୍ନରେ ଲେଖି ଦେଇଥିଲେ।

୨୨୯। ଯଦି କେହି ଭକ୍ତ ବାବାଙ୍କୁ ନଜଣାଇ ବିଭିନ୍ନ ଯୋଗାସନ କିମ୍ବା କଷ୍ଟକର ହଠଯୋଗ ଅଭ୍ୟାସ କରିବା ଆରମ୍ଭ କରିଦେଉଥିଲା, ତେବେ ବାବା ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିଶକ୍ତି ବଳରେ ସବୁକଥା ଜାଣିପାରି ତାହାକୁ ଯଥାଯୋଗ୍ୟ ଦଣ୍ଡ ଦେଉଥିଲେ।

୨୩୦। ଏପରିକି ସେ ପୂର୍ବରୁ ଯେଉଁ ବ୍ୟକ୍ତିଙ୍କୁ ଜାଣିନଥିଲେ, ତାକୁ ଧରିପକାଉଥିଲେ ଓ ତାହା ନିକଟକୁ ଖବର ପଠାଉଥିଲେ, "ତୁମେ ଶାନ୍ତ ଭାବରେ ବସି ପାରୁନାହଁ କିମ୍ବା ନିଜର ରୁଟି ଖଣ୍ଡକ ମଧ୍ୟ ଧୈର୍ଯ୍ୟ ଧରି ଖାଇ ପାରୁନାହଁ!"

୨୩୧। କେତେଜଣଙ୍କୁ ସେ ଚରମ ବାଣୀ ଶୁଣାଇ କହୁଥିଲେ, "ମୁଁ ବହୁତ କଠୋର[୧୧] ପ୍ରକୃତିର ଲୋକ। ମୁଁ ତୁମକୁ ଧୀର ଭାବରେ ଥରେ କିମ୍ବା ଦୁଇଥର କହିବି, ତା' ସତ୍ତ୍ୱେ ଯଦି ତୁମେ ନଶୁଣିବ, ଶେଷରେ ବହୁତ ଅସୁବିଧାରେ ପଡ଼ିବ।

୨୩୨। "ମୁଁ ଥରେ କିମ୍ବା ଦୁଇଥର କହିବି, ଯଦି ମୋ କଥାକୁ କେହି ଖାତିର କରିବେ ନାହିଁ, ସେ ମୋର ଆତ୍ମୀୟ ହୋଇଥିଲେ ମଧ୍ୟ ମୁଁ ତାଙ୍କୁ ଚିରି ଖଣ୍ଡ ଖଣ୍ଡ କରି ଫିଙ୍ଗି ଦେବା ପାଇଁ ଦ୍ୱିଧାବୋଧ କରିବି ନାହିଁ।"

୨୩୩। ସେ ପ୍ରତିଭାସମ୍ପନ୍ନ ଓ ଉଦାରଚେତା ଥିଲେ। ମୁଁ ଜଣେ ସାଧାରଣ ବ୍ୟକ୍ତି ହୋଇ କିପରି ତାଙ୍କର ରହସ୍ୟମୟ ଶକ୍ତି ସମ୍ପର୍କରେ ବର୍ଣ୍ଣନା କରି ପାରିବି ? କେତେଜଣଙ୍କୁ ସେ ଜ୍ଞାନ ପ୍ରଦାନ କରୁଥିଲେ, କେତେଜଣଙ୍କ ମଧ୍ୟରେ ଅନାସକ୍ତ ଭାବ ବୃଦ୍ଧି କରୁଥିଲେ, କେତେଜଣ ତାଙ୍କଠାରୁ ମହତପଣିଆ ଶିଖୁଥିଲେ, ଆଉ କେତେକ ତାଙ୍କଠାରୁ ପ୍ରକୃତ ଭକ୍ତି ସମ୍ପର୍କରେ ସଚେତନତା ଲାଭ କରୁଥିଲେ ।

୨୩୪। କେତେକ କ୍ଷେତ୍ରରେ ସେ ଆଚରଣରେ ଯଥାର୍ଥ ଶୃଙ୍ଖଳା ଆଣିବା ନିମିତ୍ତ ପରାମର୍ଶ ଦେଉଥିଲେ। ଶ୍ରୋତାମାନଙ୍କୁ ଏଭଳି ଏକ ଘଟଣା ସମ୍ପର୍କରେ ମୁଁ ଏକ ଉଦାହରଣ ଦେବି।

୨୩୫। ଦିନେ ଉଦୁଉଦିଆ ଦ୍ୱିପହରରେ କୌଣସି କାରଣ ନଥାଇ ବାବା ହଠାତ୍ ରାଧାକୃଷ୍ଣାନୀଙ୍କର[୧୨] ଘର ପାଖରେ ପହଂଚିଥିଲେ।

୨୩୬। ବାବାଙ୍କ ସହିତ ଆଉ କିଛି ଲୋକ ମଧ୍ୟ ଆସିଥିଲେ। ସେ ଗୋଟିଏ ନିଶୁଣି ଶୀଘ୍ର ଆଣିବା ନିମନ୍ତେ କହିଥିଲେ। ଜଣେ କେହି ତାହା ସାଂଗେ ସାଂଗେ ଆଣି ଦେଇଥିଲେ।

ବାମନ ଗୋନ୍ଦକର

୨୩୭। ବାବା ତାହାକୁ ଘରର କାନ୍ଥକୁ ଆଉଜାଇ ଦେଇ ଛପର ଉପରକୁ ଚଢ଼ି ଯାଇଥିଲେ। ତାଙ୍କ ମନ ଭିତରେ କ'ଣ ଥିଲା ଓ ତାଙ୍କର ଯୋଜନା କ'ଣ ଥିଲା, ତାହା କେହି ଜାଣିପାରିନଥିଲେ।

୨୩୮। ନିଶୁଣିଟି ବାମନ ଗୋନ୍ଦକରଙ୍କ ଘର କାନ୍ଥକୁ ଡେରା ଯାଇଥିଲା ଓ ଶ୍ରୀସାଇ ନିଶୁଣିରେ ଚଢ଼ି ଛପର ଉପରକୁ ଖୁବ୍ ତରତର ହୋଇ ଉଠି ଯାଇଥିଲେ।

୨୩୯। ଘରଗୁଡ଼ିକ ଲଗାଲଗି ହୋଇଥିବାରୁ ସେ ଶୀଘ୍ର ରାଧାକୃଷ୍ଣମାଇଙ୍କ ଘରର ଛପର ଉପରକୁ ଉଠି ଯାଇଥିଲେ। ଏହାର ରହସ୍ୟ କେହି ଜାଣି ପାରୁନଥିଲେ।

୨୪୦। ସେତେବେଳେ ରାଧାକୃଷ୍ଣମାଇ ଗୁରୁତର ମ୍ୟାଲେରିଆରେ ପୀଡ଼ିତା ଥିଲେ ଓ ବହୁତ ଅଶ୍ୱସ୍ତି ଅନୁଭବ କରୁଥିଲେ।

୨୪୧। ବାବା ନିଜେ ସେହି ସମୟରେ ଏତେ ଦୁର୍ବଳ ଥିଲେ ଯେ ତାଙ୍କୁ ଦୁଇପାଖରୁ ଦୁଇଜଣ ଧରିନେଉଥିଲେ ।

କିନ୍ତୁ ସେହି ମୁହୂର୍ତ୍ତରେ ସେ କେଉଁଠାରୁ ଏତେ ଶକ୍ତି ପାଇଥିଲେ ?

୨୪୨। ସେ ସଂଗେ ସଂଗେ ଛପରର ଅପରପାର୍ଶ୍ୱକୁ ଚାଲିଯାଇଥିଲେ ଓ ଓଳିତଳ ବାଟେ ଓହଳି ପଡ଼ି କାନ୍ଥକୁ ଡେରାଯାଇଥିବା ସେଇ ନିଶୁଣିବାଟେ ଓହ୍ଲାଇଥିଲେ।

୨୪୩। ସେ ତଳେ ପାଦ ପକାଇବା ମାତ୍ରେ ଅତି ସାବଧାନରେ ଦୁଇଟଙ୍କା ବାହାର କରିଥିଲେ ଓ ଶୀଘ୍ର ନିଶୁଣି ଆଣି ଦେଇଥିବା ବ୍ୟକ୍ତିଙ୍କୁ ଦେଇଥିଲେ।

୨୪୪। ଲୋକଟି ନିଶୁଣି ଆଣି ଚାଳର ଦୁଇ ସ୍ଥାନରେ କେବଳ ଲଗାଇଥିଲା। ଏହି ଏକମାତ୍ର କାର୍ଯ୍ୟ ସେ ଲୋକଟି କରିଥିଲା ଓ ସେ ସେହି କାର୍ଯ୍ୟ କରିପାରିଥିବା ଯୋଗୁଁ ଗର୍ବ ଅନୁଭବ କରୁଥିଲା। ତାହାର କାର୍ଯ୍ୟ ବାବଦରେ ବାବା ତାକୁ ଦୁଇ ଟଙ୍କା ଦେଇଦେଲେ।

୨୪୫। ଲୋକେ ସ୍ୱାଭାବିକ ଭାବରେ କୌତୁହଳୀ ହୋଇଥିଲେ । ଯେଉଁ ଲୋକଟି ନିଶୁଣି ଆଣି ଦେଇଥିଲା, ବାବା ତାକୁ ଏତେ ଟଙ୍କା କାହିଁକି ଦେଲେ ବୋଲି ଲୋକେ ଭାବୁଥିଲେ ଓ ଏ ସମ୍ପର୍କରେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଥିଲେ।

୨୪୬। ସେହି ସମୟରେ କେହି ଜଣେ ସାହସ ସଂଚୟ କରି ଏକଥା ପଚାରି ଦେଇଥିଲା। ବାବା ଉତ୍ତର ଦେଇଥିଲେ, "କୌଣସି ବ୍ୟକ୍ତି ଅନ୍ୟ କାହାରି ପରିଶ୍ରମକୁ ବିନା ପାରିଶ୍ରମିକରେ ଲଗାଇବା ଉଚିତ୍ ନୁହେଁ ।

୨୪୭। "ଜଣେ ଅନ୍ୟଜଣଙ୍କୁ କାର୍ଯ୍ୟରେ ଲଗାଇପାରେ । କିନ୍ତୁ ସେ ସବୁବେଳେ ସେହି ଲୋକର ପରିଶ୍ରମର ଉପଯୁକ୍ତ ମୂଲ୍ୟ ଦେଇ ତାହାର ପ୍ରାପ୍ୟ ପରିଶୋଧ କରିଦେବା ଉଚିତ୍ । କାହାରିଠାରୁ ବିନା ପାରିଶ୍ରମିକରେ କୌଣସି ସେବା ନନେବା ଉଚିତ୍ ଓ ସେଥିପାଇଁ ନିଜକୁ ଶୃଙ୍ଖଳିତ ରଖିବା ଉଚିତ୍।"

୨୪୮। ବାବାଙ୍କ ଆଚରଣ ସମ୍ବନ୍ଧରେ ଜାଣିବା ପାଇଁ କାହାର ବା ଏତେ ଗଭୀର ଜ୍ଞାନ ରହିଛି ? କେବଳ ସେ ନିଜେ ହିଁ ତାହା ଜାଣିଥିଲେ। ସନ୍ଥମାନଙ୍କର ମନ ମଧ୍ୟକୁ ପ୍ରବେଶ କରିହୁଏ ନାହିଁ।

୨୪୯। ତାଙ୍କ ମୁଖରୁ ଆମେ ଯେଉଁ ବଚନ ଶୁଣିଥିଲୁ, ତାହା ଆମର ପଥପ୍ରଦର୍ଶକ ଓ ସହାୟକ ହୋଇଥିଲା। ଆମର ଯଦି ଦୃଢ଼ ବିଶ୍ୱାସ ଥାଏ ଓ ତଦନୁଯାୟୀ ଆମେ ଆଚରଣ କରୁ, ତାହାହେଲେ ଆମର ଦୈନନ୍ଦିନ ଜୀବନଯାପନ ସହଜ, ସରଳ ହୋଇଯିବ।

୨୫୦। ସେ ଯାହାହେଉ, ଆଗାମୀ ଅଧ୍ୟାୟ ଏହି ଅଧ୍ୟାୟଠାରୁ ନିଶ୍ଚିତ ଭାବରେ ଅଧିକ ମନୋରଞ୍ଜନ କରିବ । ସେଥିରେ ଜଣେ ସରଳା ବାଳିକା ସମ୍ପର୍କରେ କହିବି, ଯିଏକି ଚାକରାଣୀ ହେଲେବି 'ଶ୍ରୁତି'ର ଗଭୀର ତତ୍ତ୍ୱ ଉନ୍ମୋଚନ କରିଥିଲା।

୨୫୧। ଶ୍ରେଷ୍ଠ କୀର୍ତ୍ତନକାର ଦାସଗଣୁ 'ଈଶାବାସ୍ୟ ଉପନିଷଦ'କୁ ମରାଠୀଭାଷୀଙ୍କ ସୁବିଧା ନିମିତ୍ତ ପ୍ରାକୃତ ଭାଷାରେ ଅନୁବାଦକରି ପ୍ରକାଶ କରିବାକୁ ଇଚ୍ଛା କରିଥିଲେ।

୨୫୨। ସେ ଶ୍ରୀସାଇଙ୍କ ଆଶୀର୍ବାଦରୁ ଉକ୍ତ ପୁସ୍ତକ ଲେଖିଥିଲେ, ମାତ୍ର କେତେକ ଗଭୀର ଅର୍ଥ ତାଙ୍କର ବୋଧଗମ୍ୟ ନହୋଇ ମନରେ ସନ୍ଦେହ ସୃଷ୍ଟି କରୁଥିଲା। ବାବା କିପରି ତାହାକୁ ଦୂର କରିଦେଇଥିଲେ ଦେଖନ୍ତୁ!

୨୫୩। ଶିରିଡ଼ିରେ ବସି ରହି ବାବା ତାଙ୍କୁ କହିଥିଲେ, "ତୁମେ ପାର୍ଲେ[୧୩] ଫେରିଗଲେ କାକା[୧୪]ଙ୍କ ଘରର ଚାକରାଣୀ ତୁମର ସଂଶୟ ଦୂର କରିଦେବ।"

୨୫୪। ଈଶାବାସ୍ୟ ରୂପକ ପଦ୍ମ ଚାରିପାଖରେ ବାକ୍‌ଦେବୀ ଭ୍ରମର ରୂପରେ ବୁଲୁଥାନ୍ତି ଓ ଗୁଣୁଗୁଣୁ ହେଉଥାନ୍ତି। କେବଳ ଏକାନ୍ତ ଜ୍ଞାନୀ ହିଁ ଏହାର ସୁଗନ୍ଧ ଆଘ୍ରାଣ କରିପାରିଥାନ୍ତି। ଚତୁର ଶ୍ରୋତାମାନେ ଏଥିରେ ଭାଗ ନେବାକୁ ଆମନ୍ତ୍ରଣ ଜଣାଉଛି।

୨୫୫। ଏତିକିରେ ଥାଉ। ଏହା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ। ଶ୍ରୀସାଇ ନିଜେ ହିଁ କର୍ତ୍ତା । ସେ ଦୟାର ସାଗର ଓ ଏ ବର୍ଣ୍ଣନାର ସୂତ୍ରଧର । ନିଜର ସୁବିଧା ଅନୁଯାୟୀ ଶୁଣନ୍ତୁ, ତଦ୍ୱାରା ଆପଣମାନେ ହିଁ ସୁଖୀ ହେବେ ଓ ଆଶୀର୍ବାଦ ଲାଭ କରିବେ।

୨୫୬। ହେମାଡ଼ପନ୍ତ ଶ୍ରୀସାଇଙ୍କ ଶରଣାଗତ ହେଉଛି। ସେ ପରମେଶ୍ୱର ଓ ସମସ୍ତ ପ୍ରାଣୀଙ୍କ ପାଖରେ ମଧ ବିନୀତ ହେଉଛି। ମୁଁ ସମସ୍ତ ଶ୍ରୋତାଙ୍କୁ ମନଧ୍ୟାନ ଦେଇ ଅତି ମଧୁର ଏହି ଚମତ୍କାର କାହାଣୀକୁ ଶୁଣିବା ନିମନ୍ତେ ଅନୁରୋଧ କରୁଅଛି।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ

ସମର୍ଥ ସତ୍‌ଚରିତ'ର " ମୋ ଉପରେ କରୁଣା ଅଜାଡ଼ିଦେଲେ ବାବା(୨)" ଶୀର୍ଷକ ଊନବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଦେବଗୁରୁଙ୍କୁ ସବୁଠାରୁ ଜ୍ଞାନୀ ବୋଲି କୁହାଯାଏ।

୨- ଚାରୋଟି ତାର ଥାଇ ତୁର୍କଦେଶୀୟ ଗୀଟାର।

୩- ମସ୍‌ଜିଦ୍‌ର ଅଗଣା।

୪- ବିଷ୍ଣୁଙ୍କର ଅସ୍ତ୍ର।

୫- ଭାଗବତ ଦଶମସ୍କନ୍ଧ ଉପରେ କୃଷ୍ଣ ଦୟାରନଭଙ୍କ ମରାଠୀ ଭାଷ୍ୟ।

୬- ଶ୍ରୀଧର ସ୍ୱାମୀଙ୍କ ରାମକଥା ମରାଠୀ ଭାଷାରେ କବିତା ଆକାରରେ ଲେଖା ।

୧୯ ॥ ମୋ ଉପରେ କରୁଣା ଅଜାଡ଼ି ଦେଲେ ବାବା (୨) ॥

୭- ସବୁଠାରୁ ପ୍ରାଚୀନ ଓ ସୁଦୀର୍ଘ ଉପନିଷଦ। ଗଭୀର ଦାର୍ଶନିକ ଚିନ୍ତାଧାରାର ବ୍ୟାଖ୍ୟା ଏଥିରେ ରହିଛି ।

୮- ବାଳ ଗଙ୍ଗାଧର ତିଳକଙ୍କର ମରାଠୀ ଭାଷାରେ ଲିଖିତ ଭଗବତ୍ ଗୀତାର ଭାଷ୍ୟ।

୯- ସେମାନଙ୍କର ପଗଡ଼ି ବା ଟୋପି ପିନ୍ଧାରୁ ଫରକର ସୂଚନା ମିଳେ ।

୧୦- ଗୁରୁବ୍ରହ୍ମା ଗୁରୁବିଷ୍ଣୁ ଗୁରୁଦେବ ମହେଶ୍ୱର।
ଗୁରୁସାକ୍ଷାତ୍ ପରଂବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ।।

୧୧- ରାଜପୁତ୍‌ମାନେ 'କଥା' ଦେବାପରେ ଶିର କଟିଗଲେ ମଧ୍ୟ ତାଙ୍କ କଥା ଭାଙ୍ଗିନଥାନ୍ତି। ସେମାନଙ୍କୁ 'କଡ଼ୱା' (ତିକ୍ତ) ବା ଅନ୍ୟ ଅର୍ଥରେ 'କଠୋର' ବୋଲି କୁହାଯାଇଥାଏ।

୧୨- ରାଧାକୃଷ୍ଣମାଇଙ୍କୁ ବାବା ଏହି ନାମରେ ଡାକୁଥିଲେ।

୧୩- ଭିଲେ ପାର୍ଲେ। ବମ୍ବେଇର ଏକ ସହରତଳି ଅଞ୍ଚଳ।

୧୪- ହରି ସୀତାରାମ ଦୀକ୍ଷିତଙ୍କୁ ବାବା ସ୍ନେହରେ 'କାକା' ବୋଲି ଡାକୁଥିଲେ।

ବାପୁ ସାହେବ ଜୋଗ ପଞ୍ଚାରତି ପ୍ରଦୀପ ହାତରେ ଧରି ବାବାଙ୍କ ସମ୍ମୁଖରେ ଶ୍ରଦ୍ଧା ଓ ଭକ୍ତି ସହକାରେ ବୁଲାଉଛନ୍ତି। ଭକ୍ତମାନେ ଭକ୍ତିସଂଗୀତ ଓ ଆରତି ଗାନ କରୁଛନ୍ତି। (୧୯ଶ ଅଧ୍ୟାୟ, ପଂକ୍ତି-୮୨)

॥ ୨୦ ॥
ଈଶୋପନିଷଦର ସାରକଥା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ଓଁ! ମୁଁ ଗୁରୁଙ୍କୁ ପ୍ରଣାମ କରୁଅଛି। ଆପଣ ହିମାଳୟର ମାନସରୋବର ହେଲେ ଆମେ ଭକ୍ତମାନେ ହଂସ ସଦୃଶ। ଆପଣଙ୍କର ଜ୍ଞାନଦୀପ୍ତ ଅମୃତମୟ କଥା ମୁକ୍ତା ଓ ଆପଣଙ୍କ ପଦତଳ ଆମର ଆଶ୍ରୟସ୍ଥଳ।

୨। ଆପଣ ଆମର ଚିରନ୍ତନ ଅବଲମ୍ବନ। ଆପଣ ପରମ ହିତୈଷୀ । ଆପଣ ଆମକୁ ପ୍ରସାଦ ଭାବରେ ମୁକ୍ତି ରୂପକ ସୁଧା ଖୁଆଇଥାନ୍ତି। ଆପଣ ଆମକୁ ଆଶ୍ରୟ ଓ ଶାନ୍ତି ଦେଇଥାନ୍ତି। ଆମକୁ ଜନ୍ମମୃତ୍ୟୁ ଚକ୍ରକୁ ଏଡ଼ାଇ ଯିବାର ଉପାୟ ଆପଣ ବତାଇଥାନ୍ତି।

୩। ସିଦ୍ଧ ସାଇଙ୍କର ବାସସ୍ଥାନ କେତେ ମହାନ୍! ଦର୍ଶନ ମାତ୍ରକେ ସାଂସାରିକ କ୍ଲେଶ କ୍ଲାନ୍ତି ଦୂର ହୋଇଯାଇଥାଏ। ପାଖକୁ ଗଲେ ଜଗତର ମାୟା ଉଭେଇଯାଏ ଓ ତାଙ୍କ ସାଙ୍ଗରେ ରହିଲେ କର୍ମଜନିତ ଚିନ୍ତା ସେ ଦୂର କରିଦେଇଥାନ୍ତି।

୪। ମୂଳତଃ ଶ୍ରୀସାଇ ଅରୂପ। ଭକ୍ତମାନଙ୍କ ନିମିତ୍ତ ସେ ଏକ ରୂପ ପରିଗ୍ରହ କରିଛନ୍ତି ଓ ମାୟାକୁ ଅଭିନେତ୍ରୀ ସଜାଇ ନିଜେ ଅଭିନେତା ରୂପେ ନାଟକରେ ଉଭା ହୋଇଛନ୍ତି।

୫। ଆସନ୍ତୁ ଆମେ ଶ୍ରୀସାଇଙ୍କୁ ଧ୍ୟାନ କରିବା ଓ ତାଙ୍କର ଗୁଣାବଳୀକୁ ମନନ କରିବା ଏବଂ କିଛି ସମୟ ପାଇଁ ଶିରିଡ଼ି ଯିବା। ମଧ୍ୟାହ୍ନ ଆରତି ସମୟରେ ସେଠାରେ କ'ଣ ଘଟୁଛି, ସଯତ୍ନେ ନିରୀକ୍ଷଣ କରିବା ଆସନ୍ତୁ!

୬। ମଧ୍ୟାହ୍ନ ଆରତି ପରେ ମହାରାଜ ମସ୍‌ଜିଦ୍‌ର ବାହାର ପାର୍ଶ୍ୱକୁ ଆସୁଛନ୍ତି ଓ ଭକ୍ତମାନଙ୍କୁ ଅତ୍ୟନ୍ତ ଦୟାର୍ଦ୍ର ଚାହାଣୀ ଦେଇ 'ଉଦି' ବାଣ୍ଟୁଛନ୍ତି ।

୭। ସ୍ନେହୀ ଭକ୍ତମାନେ ମଧ ସାଙ୍ଗେ ସାଙ୍ଗେ ତାଙ୍କ ପଦ ଛୁଇଁ ମୁଣ୍ଡିଆ ମାରୁଛନ୍ତି ଓ ଛିଡ଼ାହୋଇ ଯାଉଛନ୍ତି। ସେମାନେ ଭକ୍ତି ସହକାରେ ତାଙ୍କ ମୁଖମଣ୍ଡଳକୁ ଚାହିଁ ଉଦି ବର୍ଷଣକୁ ଉପଭୋଗ କରୁଛନ୍ତି।

୮। ବାବା ମଧ ଅତି ଉଦାର ଭାବରେ ଆଂଜୁଳା ଆଂଜୁଳା ଉଦି ଭକ୍ତମାନଙ୍କ ହାତରେ ଅଜାଡ଼ି ଦେଉଛନ୍ତି। ତାଙ୍କର ବୃଦ୍ଧାଙ୍ଗୁଳି ଟିପରେ ସେମାନଙ୍କର ମସ୍ତକରେ ଟୀକା ଲଗାଇ ଦେଉଛନ୍ତି। ତାଙ୍କ ହୃଦୟରେ କେତେ ଶ୍ରଦ୍ଧାର ପ୍ରାଚୁର୍ଯ୍ୟ !

୯। "ଭାଇ! ଯା ଖାଇନେବ। ଅନ୍ନା! ଯା, ତୁମର ସୁଆଦିଆ ଖାଦ୍ୟ ଭୋଜନ କରିବ। ବାପୁ, ତୁମେ ବି ଯାଅ ଖାଇବାକୁ । ସମସ୍ତେ ଏବେ ନିଜ ନିଜ ଘରକୁ ଯାଅ !" ଏହିଭଳି ସେ ପ୍ରତ୍ୟେକଙ୍କୁ ସମ୍ବୋଧନ କରିଥାନ୍ତି ଓ ଘରକୁ ପଠାଇଦିଅନ୍ତି ।

୧୦। ଏଦୃଶ୍ୟ ଆଜି ଅବଶ୍ୟ ଦେଖିହେବ ନାହିଁ। ତେବେ ସେହି ନିର୍ଦ୍ଦିଷ୍ଟ ସ୍ଥାନମାନଙ୍କରେ, ନିର୍ଦ୍ଦିଷ୍ଟ ସମୟରେ, ଗଭୀର

ଏକାଗ୍ରତାରେ ଅତୀତର ସେଇ ଗୌରବମଣ୍ଡିତ ମୁହୂର୍ତ୍ତଗୁଡ଼ିକୁ ଅବଶ୍ୟ ମନେ ପକାଇ ହେବ।

୧୧। ଯାହାହେଉ,ଏହିଭଳି ଧ୍ୟାନାବସ୍ଥାରେ ତାଙ୍କର ପାଦଠାରୁ ମୁଣ୍ଡ ପର୍ଯ୍ୟନ୍ତ କଳ୍ପନା ଚକ୍ଷୁରେ ଦେଖି, ତାଙ୍କ ଆଗରେ ଶ୍ରଦ୍ଧା ସହିତ ବିନୀତ ଭାବରେ ସାଷ୍ଟାଙ୍ଗ ପ୍ରଣିପାତ କରି ଚାଲନ୍ତୁ ତାଙ୍କର କାହାଣୀ ବର୍ଣ୍ଣନା କରିବା।

୧୨। ଗତ ଅଧ୍ୟାୟର ଶେଷରେ ଗୋଟିଏ ବାଳିକା ସମ୍ପର୍କରେ ମୁଁ ଶ୍ରୋତାମାନଙ୍କୁ ସୂଚନା ଦେଇଛି । ବାବା କିପରି ଜଣେ ଚାକରାଣୀକୁ 'ଶ୍ରୁତି'ର ଭାବାର୍ଥ ନେଇ ରହିଥିବା ସନ୍ଦେହ ଦୂରକରିଦେବାର ମାଧ୍ୟମ କରିଥିଲେ, ଶୁଣନ୍ତୁ।



ଦାସଗଣୁ

୧୩। ଦାସଗଣୁ 'ଈଶାବାସ୍ୟ ଭାବାର୍ଥବୋଧିନୀ' ଭାଷ୍ୟ ଲେଖିବା ଆରମ୍ଭ କରି ଦେଇଥିଲେ। ସେଥିରେ କେତେକ ଅର୍ଥ ଅବୋଧ ଥିବାରୁ ସେ ଶିରିଡ଼ିରେ ତାଙ୍କର ସଦ୍‌ଗୁରୁଙ୍କ ନିକଟକୁ ଆସିଥିଲେ ଓ ସେଗୁଡ଼ିକର ବ୍ୟାଖ୍ୟା ଜାଣିବାକୁ ଚାହିଁଥିଲେ।

୧୪। ସେହି ସମୟରେ ବାବା ତାଙ୍କୁ କହିଥିଲେ, "ତୁମେ ଘରକୁ ଫେରିଗଲା ପରେ କାକାଙ୍କ ଘରର ଚାକରାଣୀ ତୁମର ସଂଶୟ ଦୂର କରିଦେବ।"

୧୫। ତାହା ବର୍ଣ୍ଣନାର ଶେଷ ଥିଲା। ଏବେ ସେହିଠାରୁ ପୁଣି ଆରମ୍ଭ କରିବା। ଶ୍ରୋତାମାନେ ମନଦେଇ ଶୁଣନ୍ତୁ, ଯେପରିକି ଧ୍ୟାନ ଭଙ୍ଗ ହେବ ନାହିଁ।

୧୬। ଦାସଗଣୁ ପଦ୍ୟାକାରରେ ଥିବା ଈଶାବାସ୍ୟଂ ଉପନିଷଦର ପ୍ରତ୍ୟେକ ପଂକ୍ତିର ଅର୍ଥ ବୁଝାଇ ଲେଖିବା ଆରମ୍ଭ କରିଥିଲେ । ସଂସ୍କୃତ ଜାଣିନଥିବା ବ୍ୟକ୍ତିମାନଙ୍କ ଅବଗତି ନିମନ୍ତେ ସେ ଏହା କରିଥିଲେ ।

୧୭। ସେହି ଉଦ୍ଦେଶ୍ୟରେ 'ଈଶାବାସ୍ୟ'ର ଭାବାର୍ଥକୁ ସେ ସହଜ, ସରଳ ମରାଠୀ ଭାଷାରେ ଅନୁବାଦ କରୁଥିଲେ।

୧୮। ଏହି 'ଉପନିଷଦ'ରେ ଅନେକ ଲୁକ୍କାୟିତ ଅର୍ଥ ରହିଥିଲା। ପ୍ରତି ଶବ୍ଦର ଅନୁବାଦ କରାଯାଇଥିଲେ ମଧ୍ୟ ଗଭୀର, ଅନ୍ତର୍ନିହିତ ଅର୍ଥ ପରିଷ୍କାର ଓ ବୋଧଗମ୍ୟ ହେଉ ନଥିବାରୁ ସେ ମନେ ମନେ ଅସନ୍ତୁଷ୍ଟ ଅନୁଭବ କରୁଥିଲେ।

୧୯। ଚାରିବେଦର ସାରକଥା ପ୍ରକୃତରେ 'ଉପନିଷଦ' ମାନଙ୍କର ଗନ୍ତାଘର। ଗୁରୁ ଓ ଈଶ୍ୱରଙ୍କର କୃପା ନହେଲେ ଏହା ବୁଝି ପାରିବା କଷ୍ଟକର।

୨୦। କିଏ ହୁଏତ କହିପାରେ ଯେ ସେ ଜ୍ଞାନୀ, ଉପନିଷଦକୁ ଆପେ ଆପେ ବୁଝି ସେ ତାହାର ସଠିକ୍ ଅର୍ଥ ବୁଝାଇ ଦେଇ ପାରିବ।

୨୧। ଏହା କଦାଚନ ସମ୍ଭବ ନୁହେଁ। ଗୁରୁଙ୍କ ଆଶୀର୍ବାଦ ନମିଳିବା ପର୍ଯ୍ୟନ୍ତ ଏହାକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରିହେବ ନାହିଁ। ଗୋଲକ ଧନ୍ଦାର ସମାଧାନ କରିବା ଅସମ୍ଭବ ଓ ପ୍ରତି ପଦକ୍ଷେପରେ ଅସୁବିଧା ଦେଖାଦେବ ।

୨୨। ମାତ୍ର ଯିଏ ଗୁରୁଙ୍କ ପଦାଶ୍ରିତ, ତାଙ୍କ ପାଇଁ ସାମାନ୍ୟତମ ଅସୁବିଧା ବି ହେବ ନାହିଁ। ସୁଗଭୀର ଅର୍ଥ ତାଙ୍କ ନିକଟରେ ଆପେ ଆପେ ସ୍ୱାଭାବିକ ଭାବରେ ଉନ୍ମୋଚିତ ହେବ।

୨୩। ଆତ୍ମାକୁ ଉପଲବ୍ଧି କରିବା ପାଇଁ ଆବଶ୍ୟକ ହେଉଥିବା ଜ୍ଞାନ ହିଁ ହେଉଛି ଜନ୍ମ ଓ ମୃତ୍ୟୁ ଚକ୍ରକୁ ଧ୍ୱଂସ କରି ଦେବାର ହତିଆର । ଅହଂକାର ଓ ଆସକ୍ତିକୁ ତ୍ୟାଗ କଲେ ଜଣେ ଏହି ଜ୍ଞାନର ବ୍ୟାଖ୍ୟା କରିବା ପାଇଁ ଯୋଗ୍ୟତା ହାସଲ କରିପାରିବ।

୨୪। ଏହିଭଳି ବ୍ୟକ୍ତିଙ୍କର ଚରଣରେ ଆଶ୍ରୟ ନେଲେ ମୁହୂର୍ତ୍ତକ ମଧ୍ୟରେ ଅର୍ଥ ଉନ୍ମୋଚିତ ହୋଇଯାଇଥାଏ। ବନ୍ଦୀ ହୋଇ ପଡ଼ିଥିବା ବିଦ୍ୟାବୁଦ୍ଧି ମୁକ୍ତ ହୋଇଥାଏ ଓ ଅର୍ଥର ଜଟିଳତା ଉଭେଇ ଯାଇଥାଏ।

୨୫। 'ଈଶୋପନିଷଦ'ର ମରାଠୀ ଅନୁବାଦ କରୁଥିବାବେଳେ ଦାସଗଣୁ ଏହିଭଳି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଶ୍ରୀସାଇନାଥ ତାଙ୍କୁ ଆଶୀର୍ବାଦ ଦେବାପରେ ତାଙ୍କର ସବୁ ଅସୁବିଧା ଦୂର ହୋଇଯାଇଥିଲା।

୨୬। ତାଙ୍କର ସଂସ୍କୃତ ଭାଷାରେ ବେଶ୍ କିଛି ଜ୍ଞାନ ଥିଲା। ତଥାପି ସେ ଆଚାର୍ଯ୍ୟ ବିଦ୍ୟାରଣ୍ୟ[୨] ଓ ସାଇବାବାଙ୍କ ଚରଣରେ ମଥାନତ କରି ପଂକ୍ତିଗୁଡ଼ିକୁ ପଦ୍ୟ ଆକାରରେ ଅନୁବାଦ କରିଥିଲେ।

୨୭। ଦାସଗଣୁଙ୍କର ଭାଷା କ୍ଷୀର ଭଳି ବୋହିଯାଉଥିବା ସମୟରେ ସେଥିରେ ଶ୍ରୀସାଇଙ୍କର ପ୍ରସାଦ ଚିନି ଭଳି ମିଶି ଯାଇଥିଲା। ଶ୍ରୋତାଗଣ ! ଭକ୍ତି ସହକାରେ ସେହି ମାଧୁର୍ଯ୍ୟ ଆସ୍ୱାଦନ କରନ୍ତୁ।

୨୮ । ମୁଁ କିଛିକ୍ଷଣ ଆଗରୁ ଯେଉଁ 'ବୋଧିନୀ' [୩] ବିଷୟ ଉଲ୍ଲେଖ କରିଛି, ତା'ର ପ୍ରକୃତ ଓ ଗୂଢ଼ ଅର୍ଥ ସମ୍ପୂର୍ଣ୍ଣ ଭାବରେ ଜାଣିବା ନିମନ୍ତେ ମୂଳ ସଂସ୍କୃତ ଲେଖା ପଢ଼ିବା ଆବଶ୍ୟକ। ମୋର ବର୍ଣ୍ଣନାର ଉଦ୍ଦେଶ୍ୟ ଭିନ୍ନ । ଏକଥା ମନେ ରଖିଥାନ୍ତୁ।

୨୯ । ଭକ୍ତମାନେ ପଢୁଥିବା ବହିରେ ଯଦି କୌଣସି କଠିନ ଲେଖାଂଶ ଆସିଯାଏ, ତେବେ ମହାରାଜ ପଦୁଟିଏ ବି କଥା ନ କହି ତାଙ୍କୁ ବୁଝାଇ ସନ୍ତୁଷ୍ଟ କରିଦେଇଥାନ୍ତି। ସେ ଏହା କିପରି କରନ୍ତି, ଦେଖନ୍ତୁ।

୩୦ । ଶ୍ରୋତାମାନେ ସାରାଂଶ ବୁଝିପାରିବା ଉଦ୍ଦେଶ୍ୟରେ ଏହି କାହାଣୀ ଏଠାରେ ବର୍ଣ୍ଣନା କରାଯାଉଛି। ମୋ ମନ ଭିତରେ ଏୟା ହିଁ କେବଳ ରହିଛି। ବର୍ତ୍ତମାନ ମନଧ୍ୟାନ ଦେଇ ଶୁଣନ୍ତୁ।

୩୧ । ପଂକ୍ତି ଅନୁଯାୟୀ ପଦ୍ୟାକାରରେ ଭାଷ୍ୟ ଲେଖିବା ସରିଯାଇଥିଲା। ବିଦ୍ୱାନମାନେ ତାହାକୁ ଅନୁଶୀଳନ ଓ ଅନୁମୋଦନ କରି ସାରିଥିଲେ। ଦାସଗଣୁଙ୍କର ଆକାଂକ୍ଷା ପୂରଣ ହୋଇ ସାରିଥିଲା। ତଥାପି ଗୋଟିଏ ସଂଶୟ ନିଶ୍ଚିତ ଭାବରେ ତାଙ୍କ ମନରେ ରହିଯାଇଥିଲା।

୩୨ । ସେ ଏ ବିଷୟରେ ବିଦ୍ୱାନମାନଙ୍କୁ ପଚାରିଥିଲେ, ସେମାନଙ୍କ ମଧ୍ୟରେ ବହୁସମୟ ଧରି ଆଲୋଚନା ମଧ୍ୟ ହୋଇଥିଲା। କିନ୍ତୁ ସେହି ସଂଶୟ ମୋଚନ ହୋଇ ପାରିନଥିଲା।

୩୩। ଇତିମଧ୍ୟରେ କୌଣସି କାରଣରୁ ଦାସଗଣୁଙ୍କୁ ଶିରିଡ଼ି ଯିବାକୁ ପଡ଼ିଥିଲା । ଆଉ ଦେଖନ୍ତୁ, ଅତି ସହଜ ଭାବରେ ତାଙ୍କର ସେହି ସନ୍ଦେହ କିପରି ଦୂରୀଭୂତ ହୋଇ ଯାଇଥିଲା।

୩୪ । ସେ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଯାଇଥିଲେ, ତାଙ୍କ ପାଦରେ ମୁଣ୍ଡିଆ ମାରି ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଓ ଦର୍ଶନକରି ଅତିଶୟ ଖୁସି ହୋଇଥିଲେ।

୩୫ । ସନ୍ଥଙ୍କର ଦୟାର୍ଦ୍ର ଚାହାଣୀ, ପଦିଏ ମିଷ୍ଟଭାଷା ଓ ହସ ହସ ମୁଖ ଭକ୍ତମାନଙ୍କର ସୌଭାଗ୍ୟର କାରଣ ହୋଇଥାଏ ।

୩୬। ସନ୍ଥଙ୍କର ଦର୍ଶନ ମାତ୍ରକେ ସମସ୍ତ ପାପ କ୍ଷୟ ହୋଇଯାଇଥାଏ। ଯେଉଁମାନେ ତାଙ୍କ ଗହଣରେ ସ୍ଥାୟୀ ଭାବରେ ରହିଥାନ୍ତି, ସେମାନଙ୍କ ସୌଭାଗ୍ୟ ବିଷୟରେ କ'ଣ ବା ବର୍ଣ୍ଣନା ଦେବି ?

୩୭ । "ହେ ଗଣୁ ! କୋଉଠାରୁ ଆସିଲ ?" ବାବା ପଚାରିଥିଲେ। " ସବୁ ଠିକ୍‌ଠାକ୍ ତ ? ତୁମେ ଭଲରେ ଅଛ ତ ?"

୩୮ । ଦାସଗଣୁ ଉତ୍ତର ଦେଇଥିଲେ, "ଆପଣ ଯେତେବେଳେ ମୋତେ କୃପା କରୁଛନ୍ତି ଓ ରକ୍ଷା କରୁଛନ୍ତି, ମୁଁ କାହିଁକି ଦୁଃଖରେ ରହିବି ? ମୁଁ ବହୁତ ଖୁସିରେ ଅଛି।

୩୯ । "ଆପଣ ସବୁ ଜାଣିଛନ୍ତି। ଭଦ୍ରତା ରକ୍ଷାକରି ଏଭଳି ମାମୁଲି କଥା କାହିଁକି ପଚାରୁଛନ୍ତି ? ମୋର ଭଲ ମନ୍ଦ ସମ୍ପର୍କରେ ଆପଣ କାହିଁକି ପଚାରୁଛନ୍ତି, ଅବଶ୍ୟ ମୁଁ ତାହା ଜାଣିଛି।

୪୦ । "ଗୋଟିଏ ନୂଆକାମ କରିବା ନିମନ୍ତେ ଆପଣ ମୋତେ ପ୍ରେରଣା ଦେଇଥିଲେ। ସେହି କାମ ପୂରାଦମ୍‌ରେ ଚାଲିଥିବା ସମୟରେ ଆପଣ ଏମିତି ଅଛିଣ୍ଡା ପ୍ରଶ୍ନଟିଏ ସୃଷ୍ଟିକରିଦେଲେ ଯେ ଯେତେ ଚେଷ୍ଟାକଲେ ମଧ୍ୟ କେହି ତାହାର ସମାଧାନ କରିପାରୁ ନାହାନ୍ତି।"

୪୧ । ପରସ୍ପର ମଧ୍ୟରେ ଏହିଭଳି ଭାବ ଆଦାନପ୍ରଦାନ ଚାଲିଥିଲା। ଦାସଗଣୁ ବାବାଙ୍କର ପାଦ ଚିପିଦେଉଥିଲେ ଓ 'ଈଶାବାସ୍ୟ ଭାବାର୍ଥବୋଧିନୀ' ସମ୍ପର୍କରେ ପ୍ରଶ୍ନ ପଚାରୁଥିଲେ।

୪୨ । "ଈଶାବାସ୍ୟ ଭାବାର୍ଥବୋଧିନୀ ଲେଖିବା ସମୟରେ ମୋର କଲମ ଅଟକି ଯାଇଛି । ଅନେକ ସଂଶୟ ଓ ଭ୍ରମ ଧାରଣା ମନଭିତରେ ଉଠିଛି । ବାବା ! ଦୟାକରି ତାହାର ସମାଧାନ କରିଦିଅନ୍ତୁ।"

୪୩ । ସେ ମୂଳରୁ ଶେଷ ପର୍ଯ୍ୟନ୍ତ ସମ୍ମାନ ସହକାରେ ବାବାଙ୍କ ପଦତଳେ ସମସ୍ତ ବ୍ୟାପାର ଉପସ୍ଥାପନ କରିଥିଲେ। ସେ ସମାଧାନ କରି ପାରୁନଥିବା ସବୁଠାରୁ କଠିନ ସଂଶୟ କଥା ମଧ୍ୟ କହିଥିଲେ।

୪୪ । ଦାସଗଣୁ ବିନୀତ ଭାବରେ ସାଇନାଥଙ୍କୁ କହିଥିଲେ, "ଏହି ବହି ନେଇ ମୋର ସମସ୍ତ ଚେଷ୍ଟା ବିଫଳ ହେବାକୁ ଯାଉଛି। ଆପଣ ଈଶାବାସ୍ୟ ସମ୍ବନ୍ଧରେ ସମଗ୍ର ଚରିତ ଜାଣିଛନ୍ତି।

୪୫ । "ମୋର ସଂଶୟ ଦୂରୀଭୂତ ନହେଲେ ଏହି ବହିର ବିଷୟବସ୍ତୁ ବୋଧଗମ୍ୟ ହେବନାହିଁ।''ଏକଥା ଶୁଣି ମହାରାଜ ତାଙ୍କୁ ଆଶୀର୍ବାଦ ଦେଇ କହିଥିଲେ, 'ସୁଖୀ ହୁଅ !'

୪୬। "ଏଥିରେ ଏତେ କଠିନ କ'ଣ ଅଛି ? ତୁମେ ଘରକୁ ଫେରିଗଲା ପରେ, କାକାଙ୍କ ଘରର ଚାକରାଣୀ ତୁମର ଏହି ସଂଶୟକୁ ସହଜରେ ଦୂର କରିଦେବ।"

୪୭। ସେହି କାକା ଥିଲେ, ଭାଉସାହେବ ଦୀକ୍ଷିତ। ବାବାଙ୍କର ଜଣେ ପ୍ରିୟ ଶିଷ୍ୟ । ଯିଏ ସବୁବେଳେ କାୟ ମନୋବାକ୍ୟରେ ଗୁରୁଙ୍କ ସେବାରେ ସଂପୂର୍ଣ୍ଣ ରୂପେ ନିୟୋଜିତ ହୋଇଥିଲେ ।

କାକାସାହେବ ଦୀକ୍ଷିତ

୪୮। ବିଖ୍ୟାତ ବମ୍ବେଇ ସହରଠାରୁ ଅଳ୍ପ କିଛି ଦୂରରେ ପାର୍ଲେ ନାମକ ଗ୍ରାମରେ ଏହି ହରିଭାଉ ରହୁଥିଲେ।

୪୯ । ତାଙ୍କର ନାମ 'ହରି' ବୋଲି ବାପା ମା' ଦେଇଥିଲେ। ଲୋକେ ତାଙ୍କୁ ଭାଉସାହେବ ଡାକୁଥିବାବେଳେ ବାବା ତାଙ୍କୁ ତୃତୀୟ ନାମ ଦେଇଥିଲେ।

୫୦ । ମହାଜନୀଙ୍କୁ 'ବଡ଼େ କାକା', ନିମୋଣକରଙ୍କୁ 'ମାତରେ କାକା' ଓ ଭାଉସାହେବଙ୍କୁ 'ଲଙ୍ଗ୍‌ଡ଼ୋ କାକା'[୪] ବା 'ବମ୍ବିୟା କାକା[୫]' ବୋଲି ଡକାଯାଉଥିଲା।

୫୧। ବାପାମା' ଗୋଟିଏ ନାମ ଦେଇଥିଲେ, ଜାତକ ହିସାବରେ ଗୋଟିଏ ନାମ ଥିଲା ଓ ଏହା ବାଦ୍ ଡାକ ନାମ ମଧ୍ୟ ଅଲଗା ଥିଲା। ଏହି ଭଳି ଅନେକ ପ୍ରକାରରେ ନାମକରଣ ହେଉଥିଲା।

୫୨। ମହାରାଜ ଅଲଗା ନାମ ଦେଇଥିଲେ ଓ ତାହାକୁ ବାରମ୍ବାର ବ୍ୟବହାର କରାଯାଇଥିଲା । ସେହି ନାମ ସ୍ୱତଃ ପଦବୀ ଭଳି ହୋଇଥିଲା ଓ ସସ୍ନେହେ ଧାରଣ କରାଯାଉଥିଲା ।

୫୩। ବେଳେ ବେଳେ ତାଙ୍କୁ ଭିକ୍ଷୁ[୬], ବେଳେ ବେଳେ କାକା ବୋଲି ଡାକୁଥିଲେ। ବାବା ଏହି ନାମ ଉପରେ ମୋହର ଲଗାଇ ଦେବାରୁ ଶିରିଡ଼ିରେ ସେ କାକା ନାମରେ ବିଖ୍ୟାତ ହୋଇଥିଲେ।

୫୪। ଦାସଗଣୁ ଚମକି ପଡ଼ିଥିଲେ ଓ ଉପସ୍ଥିତ ଥିବା ଅନ୍ୟମାନେ ମଧ୍ୟ ବିସ୍ମୟ ପ୍ରକାଶ କରିଥିଲେ। କାକାଙ୍କର ଚାକରାଣୀ କିପରି ସଂଶୟ ଦୂର କରିଦେବ ?

୫୫। ଚାକରାଣୀ ମାନେତ ଚାକରାଣୀ ! ସେ କେତେ ବା ପାଠ ପଢ଼ିଥିବ ? ସେ କେତେ ବା ଜ୍ଞାନୀ ହୋଇଥିବ ? ଏ ବଡ଼ ବିଚିତ୍ର ଲାଗୁଛି !

୫୬। 'ଶ୍ରୁତି'ର ଅର୍ଥ ବାହାର କରିବା ଜଣେ ଚାକରାଣୀର ବୁଦ୍ଧିର ବାହାରେ। "ମହାରାଜ ଥଟା କରୁଛନ୍ତି" ବୋଲି ଲୋକେ କହିଥିଲେ।

୫୭। ସମସ୍ତେ ଭାବିଥିଲେ ଯେ ମହାରାଜ କେବଳ ରସିକତା କରୁଛନ୍ତି। କିନ୍ତୁ ବାବାଙ୍କର ବାକ୍ୟ ଯଦିବା ଥଟାରେ ଉଚ୍ଚାରିତ ହୋଇଥାଏ, ତଥାପି ଦାସଗଣୁ ତାହାକୁ ସତ୍ୟ ମଣୁଥିଲେ।

୫୮। ଶ୍ରୀସାଇଙ୍କର ଏହି ବାକ୍ୟ ଶୁଣି ଅନ୍ୟମାନେ ଭାବିଥିଲେ ଯେ ବାବା କିଛି ନ ଭାବି ଏମିତି କଥାଟା କହି ଦେଇଛନ୍ତି । କିନ୍ତୁ ଦାସଗଣୁ ସେହି ବାକ୍ୟକୁ ପ୍ରକୃତ ସତ୍ୟ ବୋଲି ଭାବିଥିଲେ।

୫୯। ଶ୍ରୀସାଇ ସାଧାରଣ ଭାବରେ ଏମିତି କଥାଟା କହିଦେଇଥିଲେ ମଧ୍ୟ ଲୋକମାନେ ସେହି ବାକ୍ୟର ଫଳାଫଳ ଜାଣିବା ନିମନ୍ତେ ଉତ୍କଣ୍ଠିତ ଥିଲେ।

୬୦। ସେହି ବାକ୍ୟକୁ ସେ ମଜାରେ କହିଥାନ୍ତୁ କିମ୍ବା ନ କହିଥାନ୍ତୁ, ତାହା କେବେ ଅର୍ଥହୀନ ହୋଇନପାରେ। ତାହାର କାରଣ, ସେ କହୁଥିବା ପ୍ରତ୍ୟେକ କଥାରେ ଅନେକ ଗଭୀର ଅର୍ଥ ଭରି ହୋଇ ରହିଥାଏ।

୬୧। ବାବା ଯାହା କହିଥିଲେ ସେଗୁଡ଼ିକ କେବଳ ଶବ୍ଦର ସମାହାର ନୁହେଁ, ଭାଗ୍ୟର ମୋହର ଭଳି। ଗୋଟିଏ ବାକ୍ୟ ମଧ୍ୟ କେବେ ନିଷ୍ଫଳ ହୋଇନାହିଁ। ଉପଯୁକ୍ତ ସମୟରେ ତାହା କାର୍ଯ୍ୟକାରୀ ହୋଇଥାଏ।

୬୨। ଅନ୍ୟମାନେ ଯାହା ଭାବୁଥାଆନ୍ତୁ ନା କାହିଁକି ଏହା ଥିଲା ଦାସଗଣୁଙ୍କର ଦୃଢ଼ ବିଶ୍ୱାସ। ବିଶ୍ୱାସର ମାତ୍ରା ଅନୁଯାୟୀ ଫଳ ପ୍ରାପ୍ତି ହୋଇଥାଏ।

୬୩। ଭକ୍ତି ଅନୁସାରେ ଜଣେ ଫଳ ଲାଭ କରିଥାଏ। ନିଜର ବିଶ୍ୱାସ ଅନୁଯାୟୀ ମନରେ ଶକ୍ତି ଥାଏ। ପ୍ରେମମୟ ହୃଦୟ ହିଁ ଅଭିଜ୍ଞତାରେ ଶୁଦ୍ଧତାର ମାତ୍ରା ନିର୍ଣ୍ଣୟ କରିଥାଏ ।

୬୪। ଜ୍ଞାନୀମାନଙ୍କ ମଧ୍ୟରେ ସେ ମଉଡ଼ମଣି ଥିଲେ। ତାଙ୍କର କଥା କେବେ ଅସତ୍ୟ ହୁଏ ନାହିଁ। ସେ ଭକ୍ତମାନଙ୍କର କାମନା ପୂରଣ କରିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ଥିଲେ। ଏହା ତାଙ୍କର ଧର୍ମ ଥିଲା।

୬୫। ଗୁରୁବାକ୍ୟ କେବେହେଲେ ବିଫଳ ହୁଏ ନାହିଁ।

ଏହି କାହାଣୀକୁ ମନଧ୍ୟାନ ଦେଇ ଶୁଣନ୍ତୁ । ସଂସାରର ସମସ୍ତ ଦୁଃଖଯନ୍ତ୍ରଣା ଦୂର ହୋଇଯିବ ଓ ଆପଣ ଆଧ୍ୟାତ୍ମିକ ମାର୍ଗରେ ପାଦ ବଢ଼ାଇବେ ।

୬୬। ଦାସଗଣୁ ପାର୍ଲେ ଫେରି ଆସିବାପରେ କାକା ସାହେବ ଦୀକ୍ଷିତଙ୍କ ଘରକୁ ଯାଇଥିଲେ । ତାଙ୍କର ଚାକରାଣୀ ତାଙ୍କୁ କିପରି ସାହାଯ୍ୟ କରିବ, ସେ ବିଷୟରେ ତାଙ୍କର କୌତୂହଳ ଥିଲା ।

୬୭। ତା' ପରଦିନ ପ୍ରଭାତରେ ଦାସଗଣୁ ଶଯ୍ୟା ନଛାଡ଼ି, ଗତରାତ୍ରିର ଗଭୀର ନିଦ୍ରା ପରେ ମିଳୁଥିବା ସମ୍ପୂର୍ଣ୍ଣ ଆନନ୍ଦକୁ ଉପଭୋଗ କରୁଥିବା ସମୟରେ, ଏକ ବିଚିତ୍ର ଘଟଣା ଘଟିଥିଲା ।

୬୮। ଗୋଟିଏ ମଫସଲୀ ଝିଅ ସୁଲଳିତ କଣ୍ଠରେ ଗୀତଟିଏ ଗାଉଥିଲା ଓ ତାହାର ମଧୁର ଧ୍ୱନି ଦାସଗଣୁଙ୍କ ହୃଦୟକୁ ଛୁଇଁଥିଲା ।

୬୯। ଗାନକଲାବେଳେ ଗୀତଟି ଦୀର୍ଘ ମୂର୍ଚ୍ଛନା ତୋଳୁଥିଲା ଓ ତାହାର ରଚନାଶୈଳୀ ଆକର୍ଷଣୀୟ ଥିଲା । ସେ ତାହାକୁ ଶୁଣିବା ପରେ ସେଥିରେ ମଜ୍ଜି ଯାଇଥିଲେ ଓ ମନଦେଇ ଶୁଣୁଥିଲେ ।

୭୦। ହଠାତ୍ ସେ ସମ୍ପୂର୍ଣ୍ଣ ଜାଗ୍ରତ ହୋଇଯାଇଥିଲେ । ସଂଗୀତର ମର୍ମାର୍ଥ ତାଙ୍କ ହୃଦୟକୁ ଛୁଇଁଥିଲା । ସେ ତାହାକୁ ଏକାନ୍ତ ମନଧ୍ୟାନ ଦେଇ ଶୁଣିଥିଲେ ଓ ପୂରାପୂରି ଖୁସି ହୋଇଯାଇଥିଲେ ।

୭୧। 'ଏହି ପିଲାଟି କାହାର ଝିଅ ଯିଏକି ଏତେ ସୁନ୍ଦର ସୁଲଳିତ କଣ୍ଠରେ ଗୀତ ବୋଲୁଛି ? ସେ 'ଈଶାବାସ୍ୟ'ର ଅବୁଝା ପ୍ରଶ୍ନକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟା କରି ଦେଇଛି ବୋଲି ଆମୋଦିତ ହୋଇ ମନରେ ଭାବିଥିଲେ ।

୭୨। 'ଇଏ ବୋଧହୁଏ ସେଇ ଚାକରାଣୀ । ସେ ତା'ର ସରଳଭାଷାରେ 'ଶ୍ରୁତି'ର ଅର୍ଥକୁ ବୁଝାଇଦେଇ ପାରୁଛି ? ମୁଁ ଯାଇ ଦେଖେ ସିଏ କିଏ ?'

୭୩। ଏହା ଚିନ୍ତାକରି ସେ ବାହାରକୁ ଯାଇ ଦେଖିଥିଲେ ଯେ ପ୍ରକୃତରେ ସିଏ ଏକ ଗାଉଁଲୀ ଝିଅ । କାକାଙ୍କ ବାରିପଟ ଅଗଣାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବସି ବାସନ ମାଜୁଥିଲା ।

୭୪। ସେ ଖବରନେଇ ଜାଣିଥିଲେ ଯେ ଝିଅଟି କାକାଙ୍କ ଘରେ ଚାକର କାର୍ଯ୍ୟ କରୁଥିବା ନାମିଆର ଭଉଣୀ ।

୭୫ । ସିଏ ଯେ ସେଇ ଚାକରାଣୀ ସେ ନିଶ୍ଚିତ ହୋଇଥିଲେ । ତାହାର ସଂଗୀତ ସମସ୍ତ ସଂଶୟକୁ ଦୂରକରି ଦେଇଥିଲା । ସନ୍ଥମାନେ କ'ଣ କରିନପାରନ୍ତି ? ସେମାନେ ଚାହିଁଲେ ମଇଁଷି ମଧ୍ୟ ବେଦ ପାଠ କରିପାରିବ[୨] !

୭୬। ଝିଅଟି ଯେଉଁ ଗୀତ ବୋଲୁଥିଲା, ସେଥିରେ ଦାସ ଗଣୁ ଆତ୍ମସନ୍ତୋଷ ଲାଭ କରିଥିଲେ । ବାବାଙ୍କର ଥଟାକିଆ କଥା ପଛରେ ଯେଉଁ ମହିମା ଓ ନିହିତ ଅର୍ଥ ରହିଥିଲା, ତାହାକୁ ସବୁଲୋକ ବୁଝିପାରିଥିଲେ ।

୭୭। କେତେକ କହୁଥିଲେ ଯେ ଦାସ ଗଣୁ ସଂଗୀତ ଶୁଣିବା ସମୟରେ କାକାଙ୍କ ମନ୍ଦିର ଘରେ ବସି ପୂଜା କରୁଥିଲେ ।

୭୮। ସେ ଯାହା ବି ହୋଇଥାଉ, ମହାରାଜ କିପରି ତାଙ୍କ ଭକ୍ତମାନଙ୍କୁ ବିଭିନ୍ନ ଉପାୟରେ ଶିକ୍ଷା ଦେଉଥିଲେ, ତାହାକୁ ଏଠାରେ ଲକ୍ଷ୍ୟ କରିବାର କଥା । ବାବା କହୁଥିଲେ:

୭୯। "ତୁମେ ଯେଉଁଠାରେ ବି ବସି ରହି ମୋତେ ପଚାରିପାର । ଏଠି ସେଠି ତୁମେ ବୁଲିବ କାହିଁକି ? ମୋ ଉପରେ ବିଶ୍ୱାସ ରଖ, ମୁଁ ତୁମର ସମସ୍ତ କୌତୂହଳ ମେଣ୍ଟାଇ ଦେଇ ପାରିବି ।''

୮୦। "ମୁଁ ସର୍ବବ୍ୟାପୀ । ଏମିତି କୌଣସି ସ୍ଥାନ ନାହିଁ ଯେଉଁଠି ମୁଁ ନାହିଁ । ଭକ୍ତର ଗଭୀର ଭକ୍ତି ଥିଲେ ସେ ଯେଉଁଠାରେ ଥିଲେ ମଧ୍ୟ ମୋର ଆବିର୍ଭାବ ସେଠାରେ ହୋଇଥାଏ ।''

୮୧ । ଏତିକିରେ ଥାଉ । ସେଇ ଝିଅଟିର ବୟସ ଆଠବର୍ଷ । ସେ ଛିଣ୍ଡାଫଟା ଲୁଗା ପିନ୍ଧିଥିଲେ ମଧ୍ୟ ତାହାର ସଂଗୀତରେ ସୁନ୍ଦର କମଳାରଙ୍ଗ ଶାଢ଼ୀର ବର୍ଣ୍ଣନା ଥିଲା ।

୮୨। "ଛୁଞ୍ଚି କାମ ଦ୍ୱାରା ଶାଢ଼ୀଟା କେତେ ଚମତ୍କାର ହୋଇଛି, ତାହାର ଧଡ଼ି କେତେ ସୁନ୍ଦର ହୋଇଛି, ତାହାର ଆଂଚଲ କେତେ ମନୋରମ ହୋଇଛି" ବର୍ଣ୍ଣନାକରି ସେ ଗୀତ ଗାଇ ମଜ୍ଜି ଯାଇଥିଲା ।

୮୩। ନିଜେ ଦୁଇମୁଠା ଖାଇବାକୁ ପାଉନଥାଇପାରେ, ଛିଣ୍ଡାଫଟା ଲୁଗାରେ ତାହାର ସମ୍ପୂର୍ଣ୍ଣ ଶରୀର ଢ଼ାଙ୍କି ନହୋଇଥାଇପାରେ, ଅଥଚ ସେ ଅନ୍ୟ ଜଣଙ୍କର କମଳାରଙ୍ଗ ଶାଢ଼ୀର ବର୍ଣ୍ଣନା କେତେ ଖୁସି ମନରେ କରୁଛି ।

୮୪। ତାହାର ଦାରିଦ୍ର୍ୟ ଓ କଳ୍ପନାବିଳାସୀ ଭାବପ୍ରବଣତାକୁ

ଲକ୍ଷ୍ୟକରି ଦାସଗଣୁଙ୍କର ତାହା ପ୍ରତି ଦୟା ଆସିଥିଲା ଓ ସେ ମୋରେଶ୍ୱର୍‌ଙ୍କୁ ଏକଥା କହିଥିଲେ ।

୮୫ । "ଦେଖୁଛ, ତାହାର ଶରୀର ସମ୍ପୂର୍ଣ୍ଣ ଢାଙ୍କି ହେଉନାହିଁ । ତାକୁ ଶାଢ଼ୀ ଖଣ୍ଡିଏ ଦେଉନାହଁ କାହିଁକି ? ଭଗବାନ ଖୁସି ହେବେ, ତମେ ମଧ୍ୟ ପୁଣ୍ୟ କାମଟିଏ କରିପାରିବ ।"

୮୬ । ମୋରେଶ୍ୱର ଦୟାର୍ଦ୍ର ହୃଦୟର ବ୍ୟକ୍ତି ଥିଲେ । ତେଣୁ ଦାସଗଣୁଙ୍କ ଅନୁରୋଧରେ ସେ ସୁନ୍ଦର ଶାଢ଼ୀ ଖଣ୍ଡିଏ ଆଣି ଝିଅକୁ ଖୁସିରେ ଉପହାର ଦେଇଥିଲେ ।

୮୭ । ଶାଢ଼ୀଟିକୁ ଦେଖି ଝିଅଟି ବହୁତ ଖୁସି ହୋଇଯାଇଥିଲା । ମୋଟା ବଗଡ଼ା ଚାଉଳର ଭାତ ବା ଅସ୍ୱାଦ ଖାଦ୍ୟ ଖାଇ କୌଣସି ମତେ ବଞ୍ଚୁଥିବା ବ୍ୟକ୍ତି ଭୂରିଭୋଜନ ପାଇଲେ ଯେପରି ଯଥେଷ୍ଟ ଭାଗ୍ୟବାନ ମନେ କରେ, ସେମିତି ଝିଅଟି ଭାବିଥିଲା ।

୮୮ । ତା'ପରଦିନ ସେ ସେହି ଶାଢ଼ୀ ପିନ୍ଧି ଆସିଥିଲା । ଆନନ୍ଦରେ ନାଚୁଥିଲା, ଘର ଘର ଘୂରିବୁଲୁଥିଲା ଓ ଅନ୍ୟ ଝିଅମାନଙ୍କୁ ଦେଖାଉଥିଲା ଯେହେତୁ ଶାଢ଼ୀଟା ପାଇ ସେ ଅତି ଆନନ୍ଦିତ ହୋଇଥିଲା ।

୮୯ । ଦିନକ ପରେ ସେ ନୂଆଶାଢ଼ୀକୁ ବାକ୍ସ ଭିତରେ ରଖି ପୁରୁଣା ଛିଣ୍ଡା ଶାଢ଼ୀ ପିନ୍ଧି ଆସିଥିଲେ ମଧ୍ୟ ଅସୁଖୀ ମନେହେଉ ନଥିଲା ।

୯୦ । ଯଦିଓ ସେ ଏହି ଶାଢ଼ୀ ନପିନ୍ଧି ଅଲଗା ରଖି ଦେଇଥିଲା, ତେବେ ଦାସଗଣୁ ଅନୁଭବ କରିଥିଲେ ଯେ, ତାହାର ଏବେ ଭିନ୍ନ ମତିଗତି ହେତୁ ପୂର୍ବର କାମନା ତାହାର ଅପସରି ଯାଇଥିଲା ।

୯୧ । ସେ ନୂଆ ଶାଢ଼ୀ ଘରେ ରଖିଦେଇ ପୁରୁଣା ଛିଣ୍ଡା ଶାଢ଼ୀ ପିନ୍ଧି ଆସିଥିଲା । ତଥାପି ଶାଢ଼ୀର ଅଭାବଜନିତ ଦୁଃଖ ତା' ମନ ଭିତରେ ନଥିଲା ।

୯୨ । ଶାଢ଼ୀ ନାହିଁ ବୋଲି ଛିଣ୍ଡାଫଟା ଶାଢ଼ୀ ପିନ୍ଧିବା ଗୋଟିଏ କଥା, ଭଲ ଶାଢ଼ୀ ଥାଇ ମଧ୍ୟ ଛିଣ୍ଡାଫଟା ପିନ୍ଧିବା ଆଉ ଗୋଟିଏ କଥା । ଦ୍ୱିତୀୟ ପ୍ରକାର ଅବସ୍ଥାକୁ ସନ୍ତୋଷ ଅବସ୍ଥା କୁହାଯାଏ । ତେଣୁ ସୁଖଦୁଃଖ ଜଣକର ମତିଗତି ଉପରେ ନିର୍ଭର କରେ ।

୯୩ । ଏହିପରି ଦାସଗଣୁଙ୍କର ସଂଶୟର ସମାଧାନ ହୋଇଯାଇଥିଲା । ସେ 'ଈଶାବାସ୍ୟ'ର ସାରାଂଶ ଓ ଅର୍ଥକୁ ସେହିଦିନ ସେହିଠାରେହିଁ ବୁଝି ପାରିଥିଲେ ।

୯୪ । ଭଗବାନ ସର୍ବବ୍ୟାପୀ ଭାବରେ ସମଗ୍ର ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ହୋଇଥିବା ବେଳେ ଜଣେ କିପରି ଭାବିପାରିବ ଯେ ଏଭଳି ଏକ ସ୍ଥାନ ରହିଛି ଯେଉଁଠାରେ ଭଗବାନ ନାହାନ୍ତି ।

୯୫ । ଏହା ପୂର୍ଣ୍ଣ, ତାହା ମଧ୍ୟ ପୂର୍ଣ୍ଣ । ଏହି ପୂର୍ଣ୍ଣ, ପୂର୍ଣ୍ଣ ମଧ୍ୟରୁ ଆସିଅଛି । ପୂର୍ଣ୍ଣରୁ ପୂର୍ଣ୍ଣ ଗଲେ ପୂର୍ଣ୍ଣହିଁ ରହିଥାଏ ।

୯୬ । ବାଳିକାର ଦାରିଦ୍ର୍ୟ ହେଲା ଭଗବାନଙ୍କର ଏକ ଦାନ । ତା'ର ଛିଣ୍ଡାଫଟା ଲୁଗା ମଧ୍ୟ ଏହାର ଅଂଶ । ଦାତା, ଗ୍ରହୀତା ଓ ଦାନ ମଧ୍ୟ ଭାଗ୍ୟର ଅଧୀନ । ଭଗବାନ ସର୍ବବ୍ୟାପୀ ।

୯୭ । 'ମୁଁ' ଓ 'ମୋର' ଭାବକୁ ସମ୍ପୂର୍ଣ୍ଣ ତ୍ୟାଗ କର । ଗର୍ବହୀନ ଭାବରେ କାର୍ଯ୍ୟକର ଓ ଅନାସକ୍ତ ଭାବରେ ସୁଖ ଅନୁଭବ କର । କେଉଁଥି ପାଇଁ କାମନାବାସନା ରଖନାହିଁ ।

୯୮ । ବାବାଙ୍କର ବାକ୍ୟ କେବେହେଲେ ନିଷ୍ଫଳ ହୁଏ ନାହିଁ । ଅନେକ ବ୍ୟକ୍ତିଙ୍କର ଏହି ଅଭିଜ୍ଞତା ରହିଛି । ସେ ଶେଷ ଯାଏଁ କେବେହେଲେ ଶିରିଡ଼ି ଛାଡ଼ି ନଥିଲେ, କିନ୍ତୁ ବିଭିନ୍ନ ବ୍ୟକ୍ତିଙ୍କୁ ବିଭିନ୍ନ ଅଗମ୍ୟ ସ୍ଥାନରେ ଦର୍ଶନ ଦେଇଥିଲେ ।

୯୯ । ସେ ମଛିନ୍ଦ୍ରଗଡ଼ରେ ଜଣକ ପାଇଁ ଦର୍ଶନ ଦେଇଥିଲେତ ନିଜ ଇଚ୍ଛା ଅନୁସାରେ କାହାରି କାହାରି ପାଇଁ କୋହ୍ଲାପୁର, ସୋଲାପୁର ଓ ରାମେଶ୍ୱର ପରି ସହରରେ ଆବିର୍ଭୂତ ହୋଇଥିଲେ ।

୧୦୦ । କେତେଜଣଙ୍କୁ ସେ ତାଙ୍କର ନିଜର ସ୍ୱାଭାବିକ ରୂପ ଓ ପୋଷାକରେ ଦର୍ଶନ ଦେଇଥିବା ସମୟରେ କେତେଜଣଙ୍କୁ ଦିନରେ ବା ରାତିରେ ସ୍ୱପ୍ନରେ କିମ୍ବା ଜାଗ୍ରତ ଅବସ୍ଥାରେ ଦର୍ଶନ ଦେଇଥିଲେ । ଭକ୍ତମାନଙ୍କର ଇଚ୍ଛା ପୂରଣ କରୁଥିଲେ ।

୧୦୧ । ଏଭଳି ଘଟଣା କିଛି କମ୍ ନଥିଲା । ସେଥିରୁ କେତେ ଘଟଣାର ବର୍ଣ୍ଣନା କରାଯାଇପାରିବ ? ଯଦିଓ ସେ ଶିରିଡ଼ିରେ ରହୁଥିଲେ, ଏଭଳି କୌଣସି ସ୍ଥାନ ନଥିଲା, ଯେଉଁଠାରେ ସେ ପହଞ୍ଚି ପାରୁନଥିଲେ ।

୧୦୨ । ଏହି ବାଳିକା ବିଷୟ ବିଚାର କରାଯାଉ । ସେ ସମ୍ପୂର୍ଣ୍ଣ ଅଜ୍ଞାତ, ସାଧାରଣ, ଗରିବ ଚାକରାଣୀଟିଏ । ସେ ଅତି ସାଧାରଣ ଭାବରେ ଗୋଟାଏ କମଳା ରଙ୍ଗର ଶାଢ଼ୀ

ସମ୍ପର୍କରେ ବର୍ଣ୍ଣନା କରି ଗୀତ ବୋଲୁଥିଲା।
୧୦୩। ଦାସଗଣୁଙ୍କ ମନ ଭିତରେ ଏକ ସଂଶୟ ଜାତ ହେବ, ଏକଥା ସେ ବାବାଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ଓ ତାହାର ଉତ୍ତର କାକାଙ୍କର ଘରେ କାମ କରୁଥିବା ଚାକରାଣୀ ଦେବ, ଏ ସମସ୍ତ ଘଟଣା ମାୟାର ପ୍ରହେଳିକା ନୁହେଁ କି ?
୧୦୪। ଏଭଳି ଜଣେ ଚାକରାଣୀ ରହିଛି ବୋଲି ବାବା କିପରି ଜାଣିଲେ ? ସେ ମଝିରେ ମଝିରେ ଗୀତ ଗାଉଥାଏ ଓ ସେ 'ଶ୍ରୁତି'ର ଅର୍ଥ ବୁଝାଇ ଦେବ ବୋଲି କିପରି ବାବା ଜାଣିପାରିଥିଲେ ?
୧୦୫। କିନ୍ତୁ ଏହା ଘଟିଥିଲା ଓ ନିଶ୍ଚିତଭାବରେ ଏହା ହୋଇଥିଲା। ଦାସଗଣୁ ବିସ୍ମିତ ହୋଇଯାଇଥିଲେ। ତାଙ୍କର ସଂଶୟ ଚାଲିଯାଇଥିଲା ଓ ସେ 'ଈଶାବାସ୍ୟ'ର ଅର୍ଥ ବୁଝିପାରିଥିଲେ।
୧୦୬। ଶ୍ରୋତାମାନେ ଭାବୁଥିବେ ଏତେ ସବୁ ଖେଳ କାହିଁକି ? ବାବା ନିଜେ କାହିଁକି ସେହିଦିନ ସେଇଠାରେ ନିଜ ମୁଖରେ ଏକଥା କହି ସନ୍ଦେହ ଦୂର କରିଦେଲେ ନାହିଁ ?
୧୦୭। ସେଠି ସେ କ'ଣ ଏହା କରିପାରିନଥାନ୍ତେ ? ତାହା କରିଥିଲେ ଏହାର ସମସ୍ତ ତାତ୍ପର୍ଯ୍ୟ ଅବୁଝା ରହିଯାଇଥାନ୍ତା । ବାବା ଦେଖାଇ ଦେଇଥିଲେ ଯେ ବାଳିକାଟି ମଧ୍ୟ ଭଗବାନଙ୍କରଂ ପରିବେଷ୍ଟନୀ ଭିତରେ ରହିଛି ।
୧୦୮। ସମସ୍ତ ଉପନିଷଦରେ ଆତ୍ମାର ବାସ୍ତବତା ସମ୍ପର୍କରେ ବିଶଦ ବ୍ୟାଖ୍ୟା ରହିଛି। ନିଃସନ୍ଦେହରେ ଏହା ମୋକ୍ଷପ୍ରାପ୍ତି। ଗୀତା ମଧ୍ୟ ଏହି ଉପଦେଶ ଦେଇଛି।
୧୦୯। ରୂପ ଅଲଗା ହେଲେ ମଧ୍ୟ ଆତ୍ମା ଏକ। ଆତ୍ମା କିଛି କରେ ନାହିଁ କିମ୍ବା ଉପଭୋଗ କରେ ନାହିଁ। ଏହା ଅପବିତ୍ର ନୁହେଁ ଓ ପାପ କିମ୍ବା ପୁଣ୍ୟ କାର୍ଯ୍ୟ ଦ୍ୱାରା ଏହା ବନ୍ଧନଯୁକ୍ତ ନୁହେଁ ।
୧୧୦। 'ମୁଁ ଶ୍ରେଷ୍ଠ ଜାତିର ବ୍ରାହ୍ମଣ, ଅନ୍ୟମାନେ ନୀଚ ଜାତିର।' ଏଭଳି ଭେଦାଭେଦର ଧାରଣା ଥିବା ପର୍ଯ୍ୟନ୍ତ କର୍ମର ବନ୍ଧନ ନିଶ୍ଚୟ ରହିଥିବ।'
୧୧୧। 'ମୁଁ ଅରୂପ ଓ ସର୍ବବ୍ୟାପୀ। ମୋ ବ୍ୟତୀତ ଆଉ କେହିନାହିଁ। ମୁଁ ସମଗ୍ର ସୃଷ୍ଟିରେ ରହିଛି'-ଏହା ହେଉଛି ଆତ୍ମୋପଲବ୍ଧି ଲାଭ କରିଥିବା ବ୍ୟକ୍ତିର ଉକ୍ତି।
୧୧୨। ସର୍ବୋଚ୍ଚ ଅବସ୍ଥା ବ୍ରହ୍ମତ୍ୱରୁ ହିଁ ମନୁଷ୍ୟ ଖସି ଆସିଛି। ସେ ହରାଇଥିବା ଆସନ ପୁଣି ଯେ କୌଣସି ଉପାୟରେ, ଯେ କୌଣସି ପନ୍ଥାରେ ଫେରିପାଇବା ତା'ର ନିଶ୍ଚିତ ସଂକଳ୍ପ ହେବା ଉଚିତ୍।
୧୧୩। ଶ୍ରୁତି, ସ୍ମୃତି ଓ ବେଦାନ୍ତ ଦର୍ଶନ ମଧ୍ୟ ତାହାହିଁ କହିଛି। ଯେଉଁ ଆସନରୁ ଖସିଆସିଛ, ସେହି ଆସନକୁ ପୁଣି ଉଠିବା ନିଶ୍ଚିତଭାବରେ ଚୂଡ଼ାନ୍ତ ଲକ୍ଷ୍ୟ ହେବା ଉଚିତ୍।
୧୧୪। 'ଈଶ୍ୱର ସମସ୍ତଙ୍କ ମଧ୍ୟରେ ରହିଛନ୍ତି'-ଏହି ଚେତନା ଉଦୟ ନହେବା ପର୍ଯ୍ୟନ୍ତ ସ୍ୱୟଂ ପ୍ରଭୁ ହୃଷିକେଶଂ° ନିଜେ ମଧ୍ୟ ଜ୍ଞାନାଲୋକ ଦେଇପାରିବେ ନାହିଁ।
୧୧୫। ନିଜର କର୍ତ୍ତବ୍ୟ ସମ୍ପାଦନ କଲେ ମନ ଶୁଦ୍ଧ ହୁଏ। ଆତ୍ମାର ଏକତ୍ୱ ସମ୍ବନ୍ଧରେ ଧାରଣା ସ୍ପଷ୍ଟ ହୁଏ। ଏହି ଜ୍ଞାନ ଢାଲ ଭଳି ବସ୍ତୁବାଦୀ ଦୁନିଆରେ ଦ୍ୱୈତ କାମନା ଓ ଦୁଃଖକ୍ଳେଶରୁ ମଣିଷକୁ ରକ୍ଷା କରିଥାଏ।
୧୧୬। ଯେଉଁ ସର୍ବଶକ୍ତିମାନ ଈଶ୍ୱର ସଚରାଚର ତିନିପୁରକୁ ବ୍ୟାପି ରହିଅଛନ୍ତି, ସେ ନିର୍ଗୁଣ, ନିଷ୍କଳଙ୍କ, ନିରାକାର ଓ ପାର୍ଥିବ ପ୍ରକୃତିରୁ ବାହାରେ।
୧୧୭। ଈଶ୍ୱର ସମଗ୍ର ଜଗତରେ ସମସ୍ତ ନାମ ଓ ରୂପରେ, ଭିତର ଓ ବାହାରେ ବ୍ୟାପ୍ତ ରହିଛନ୍ତି। ମୁଁ ସେହି ସର୍ବବ୍ୟାପୀ ନିରାକାର ଆତ୍ମା।
୧୧୮। ଯିଏ ପ୍ରକୃତରେ ନିରାକାର ସିଏ ମାୟା ଦ୍ୱାରା ଏକ ରୂପ ପରିଗ୍ରହ କରିଥିବାର ଦେଖାଯାଇଥାଏ। ଲୋଭୀ ଲୋକଙ୍କ ନିମିତ୍ତ ଏହି ବସ୍ତୁବାଦୀ ଦୁନିଆ ତିଷ୍ଠି ରହିଛି। ସେହି ଦୁନିଆ ଅନାସକ୍ତ ବ୍ୟକ୍ତିଙ୍କ ନିମନ୍ତେ ନିରର୍ଥକ।
୧୧୯। ପ୍ରାଣୀମାନଙ୍କର ଏହି ମାମୁଲି ବସ୍ତୁବାଦୀ ଦୁନିଆ, ସ୍ଥାବର ଅସ୍ଥାବର ପଦାର୍ଥଗୁଡ଼ିକର ଦୁନିଆ ପ୍ରତି ଆଦୌ ଧ୍ୟାନ ନଦେଇ ତୁମେ ପରଂବ୍ରହ୍ମ ଈଶ୍ୱରଙ୍କ ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କର।
୧୨୦। ଯଦି ଏହି ଜଗତ ଓ ତାହାର ପ୍ରକୃତି ସମ୍ବନ୍ଧରେ ସ୍ଥୁଳ ଧାରଣା ବୋଧଗମ୍ୟ ହେଉନାହିଁ, ତେବେ ଅନ୍ତତଃ ପକ୍ଷେ ଧନସମ୍ପତ୍ତି, ସୁନାରୂପା ପ୍ରଭୃତି ଠୁଳ କରିବାର କାମନାକୁ ତ୍ୟାଗ କର।
୧୨୧। ଯଦି ଏହା କାର୍ଯ୍ୟରେ ପାଳନ କରିବା ସମ୍ଭବପର

ହେଉନାହିଁ, ତା'ହେଲେ ଏତିକି ମନେରଖ ଯେ ତୁମର କେବଳ କର୍ମ କରିବାର ଅଧିକାର ରହିଛି। ବଂଚି ରହିଥିବା ପର୍ଯ୍ୟନ୍ତ ନିଜର କର୍ତ୍ତବ୍ୟ କରିଚାଲ, ଯଦିବା ତାହା ଶହେ ବର୍ଷ ହୋଇପାରେ।

୧୨୨। ଶାସ୍ତ୍ର ମତ ଅନୁଯାୟୀ ସର୍ବଦା ସେହି କର୍ମ କରାଯିବା ଦରକାର। ଉଦାହରଣ ସ୍ୱରୂପ, ଜଣକର ଜାତିଗୋତ୍ର ଅନୁଯାୟୀ ଅଗ୍ନିହୋତ୍ର ଇତ୍ୟାଦି କର୍ମ, ଯଥୋପଯୁକ୍ତ ଢଙ୍ଗରେ ନିଜର ବୁଦ୍ଧି ଶୁଦ୍ଧ ହେବାପର୍ଯ୍ୟନ୍ତ କରାଯିବା ଆବଶ୍ୟକ।

୧୨୩। ଏହା ଏକ ପ୍ରକାର ଆତ୍ମଶୁଦ୍ଧିକରଣ। ଅନ୍ୟଟି ହେଉଛି ତ୍ୟାଗ। ଯଦି ଏ ଦୁଇଟି ମଧ୍ୟରୁ ଗୋଟିଏ ବି ଅଭ୍ୟାସ ନକରି କେବଳ ପାର୍ଥିବ ଜ୍ଞାନ ଆହରଣ କରି ଚାଲିବ, ତେବେ ଭାଗ୍ୟ ଅନୁଯାୟୀ ସମସ୍ତ ଦୁଃଖକଷ୍ଟ ଭୋଗିବ ଓ ଜନ୍ମ-ମୃତ୍ୟୁ ଚକ୍ର ସହିତ ତାହା ତୁମକୁ ଚିରକାଳ ବାନ୍ଧି ରଖିବ।

୧୨୪। ବ୍ୟକ୍ତିର ଯୋଗ୍ୟତା ନଜାଣିବା ପର୍ଯ୍ୟନ୍ତ ଏହି ଆତ୍ମୋପଲବ୍ଧି ଜ୍ଞାନ ଓ ଉପନିଷଦ ଶିକ୍ଷା ଦିଆଯାଏ ନାହିଁ। ନିଜ ମଧ୍ୟରେ ଏକାତ୍ମ ଭାବ ବିକଶିତ ନ ହେବା ପର୍ଯ୍ୟନ୍ତ ଉପନିଷଦର ଶାସ୍ତ୍ରମତ କେବଳ ଉପରଠାଉରିଆ ହୋଇ ରହିଥାଏ।

୧୨୫। ଯଦି ପ୍ରଥମରୁ ଅନ୍ୱେଷଣକାରୀ ଏହାକୁ ପାଇବା ପାଇଁ ଦାବୀ କରିଥାଏ, ତେବେ ତାହାକୁ ଦିଆଯିବା ଦରକାର। ସେହି କାରଣରୁ ଦାସଗଣୁଙ୍କୁ ଚାକରାଣୀ ବୁଝାଇଦେବ ବୋଲି କହି ବାବା ତାଙ୍କୁ ପଠାଇ ଦେଇଥିଲେ।

୧୨୬। ଯଦି ବାବା ତାଙ୍କୁ ନିଜେ ସେହି ଜ୍ଞାନ ପ୍ରଦାନ କରିଥାନ୍ତେ, ତେବେ ପରବର୍ତ୍ତୀ ଘଟଣାଗୁଡ଼ିକ ଘଟିନଥାନ୍ତା। 'ମୁଁ ସର୍ବତ୍ର ରହିଛି ଓ ମୋ ବ୍ୟତୀତ କିଛି ନାହିଁ।' ବାବାଙ୍କ ସମ୍ବନ୍ଧରେ ଏହି ଧାରଣା ଅନୁଭୂତ ହୋଇନଥାନ୍ତା।

୧୨୭। "କାକାଙ୍କ ଚାକରାଣୀ ମୋ ବ୍ୟତୀତ ଆଉ କେହି ନୁହେଁ। ମୁଁ ଏହି ସୂଚନା ଦେଇ 'ଈଶାବାସ୍ୟ'ର ବ୍ୟାଖ୍ୟା କରିଛି।"

୧୨୮। ଈଶ୍ୱରଙ୍କ କୃପା ଓ ଗୁରୁଙ୍କର ଆଶୀର୍ବାଦ ବ୍ୟତୀତ ଆତ୍ମୋପୋଲବ୍ଧି ଜ୍ଞାନ ଭେଦ କରିବା ଅସମ୍ଭବ। ତେଣୁ ସିଦ୍ଧପୁରୁଷଙ୍କ ନିକଟରୁ ପ୍ରାଥମିକ ଶିକ୍ଷା ଲାଭ କରିବା ଏକାନ୍ତ ଆବଶ୍ୟକ ।

୧୨୯। ଆତ୍ମା ସମ୍ବନ୍ଧରେ ଜାଣିବା ନିମନ୍ତେ ଯେତିକି ଜ୍ଞାନ ଆବଶ୍ୟକ, କେବଳ ସେତିକି ଶିକ୍ଷା କରାଯିବା ଆବଶ୍ୟକ। 'ପ୍ରକୃତରେ ମୁଁ ହେଉଛି ସମସ୍ତ ପ୍ରତିଷ୍ଠିତ ଜ୍ଞାନ ଓ ମୋ ବ୍ୟତୀତ ଅନ୍ୟ କିଛିର ସ୍ଥିତି ନାହିଁ।'

୧୩୦। ଯେତେବେଳେ ଆତ୍ମଜ୍ଞାନ ସ୍ପଷ୍ଟ ଭାବରେ ହୃଦୟଙ୍ଗମ ହୁଏ ଓ ଦ୍ୱୈତ ମଧ୍ୟରେ ଏକତ୍ୱ, ଅର୍ଥାତ୍ 'ମୁଁ ପରମାତ୍ମା ସହିତ ଏକ' ବୋଲି ଅନୁଭୂତ ହୁଏ, ସେତେବେଳେ ସେହି ବ୍ୟକ୍ତିଙ୍କ ଉପରେ ଈଶ୍ୱର ପ୍ରୀତ ହୋଇଥାନ୍ତି।

୧୩୧। ସେହିଭଳି, ଯେତେବେଳେ ଆତ୍ମାର ସ୍ୱଭାବ ବୁଝି ହୋଇଥାଏ, ଆତ୍ମୋପଲବ୍ଧି ପଥକୁ କଠୋର ଭାବରେ ଅନୁସରଣ କରାଯାଇଥାଏ ଓ ଅଲୌକିକ ଉପରେ ଜଣେ ଅଖଣ୍ଡ ବିଶ୍ୱାସ ରଖିଥାଏ, ସେତେବେଳେ ଚୂଡ଼ାନ୍ତ ଲକ୍ଷ୍ୟରେ ପହଂଚିପାରିଥାଏ।

୧୩୨। ପରବର୍ତ୍ତୀ ଅଧ୍ୟାୟରେ ବିନାୟକ ହରିଶ୍ଚନ୍ଦ୍ର ଠାକୁର ଓ ଅନ୍ୟମାନଙ୍କ ସମ୍ପର୍କରେ ବର୍ଣ୍ଣନା କରାଯିବ। ଶ୍ରୋତାମାନେ ମନୋଯୋଗ ସହକାରେ ଶୁଣିଲେ ଦିବ୍ୟ, ଆଧ୍ୟାତ୍ମିକ ପଥରେ ଅଗ୍ରଗତି କରିପାରିବେ।

୧୩୩। ଏହି କାହାଣୀଗୁଡ଼ିକ ମଧ୍ୟ ଅଧିକ ପ୍ରୀତିକର। ଶ୍ରୋତାମାନେ ସେଗୁଡ଼ିକୁ ଶୁଣିଲେ ସେମାନଙ୍କର ମହାତ୍ମାଙ୍କ ଜୀବନର ଝଲକ ଦେଖିବାର ଆକାଂକ୍ଷା ପୂରଣ ହେବ ଓ ଭକ୍ତଗଣ ଆଶୀର୍ବାଦ ଲାଭ କରିବେ ।

୧୩୪। ସୂର୍ଯ୍ୟ ଉଦୟ ହେଲେ ଅନ୍ଧକାର ଯେମିତି ଦୂର ହୋଇଯାଏ, ସେହିପରି ଏହି କାହାଣୀରୂପକ ଅମୃତ ପାନକଲେ ମାୟା ଦୂର ହୋଇଯିବ।

୧୩୫। ଶ୍ରୀସାଇଙ୍କର କୌଶଳ ଅଚିନ୍ତନୀୟ। ତାଙ୍କ ବ୍ୟତୀତ ଆଉ କିଏ ଅବା ସେହି କାହାଣୀଗୁଡ଼ିକୁ ବର୍ଣ୍ଣନା କରି ପାରିବ। ମୁଁ କେବଳ ଏକ ହାତବାର୍ସି। ସେ ନିଜେ ହିଁ ତାଙ୍କ କାହାଣୀ ମୋ ମୁହଁରେ କହୁଛନ୍ତି।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଈଶୋପନିଷଦର ସାରକଥା" ଶୀର୍ଷକ ବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

୨୦ ॥ ଈଶୋପନିଷଦର ସାରକଥା ॥

ପଦଟୀକା

୧- ଏଗାରଟି ଗୁରୁତ୍ୱପୂର୍ଣ୍ଣ ଉପନିଷଦ ମଧ୍ୟରେ ବିଖ୍ୟାତ। ଏଥିରେ ଅଠରଗୋଟି ଅତି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି। ଚିନ୍ମୟାନନ୍ଦ କହିଛନ୍ତି- ଆଧ୍ୟାତ୍ମିକ ଶକ୍ତି ମନୁଷ୍ୟର ଚତୁଃପାର୍ଶ୍ୱରେ ଥିବା ବସ୍ତୁଜଗତକୁ ଜୀବନୀ ଶକ୍ତି ପ୍ରଦାନ କରିଥାଏ। ଅବଶେଷରେ ଶିକ୍ଷାର୍ଥୀର କ୍ରମବିକଶିତ ଆତ୍ମୋନ୍ନତି ସାଧନ ପାଇଁ ଏହା କେବଳ କରାଯାଇଥାଏ । ଗୀତା ଦର୍ଶନର ମୂଳମନ୍ତ୍ରର ସୂଚନା ଈଶାବାସ୍ୟ ଉପନିଷଦର ପ୍ରଥମ ପଂକ୍ତିରେ ରହିଛି। ଅସୀମ ସତ୍ୟ ସମଗ୍ର ବିଶ୍ୱରେ ବ୍ୟାପ୍ତ। ତେଣୁ ସମସ୍ତ ବହୁତ୍ୱକୁ ତ୍ୟାଗକରି ଅସୀମତାକୁ ଉପଭୋଗ କର, ପରଧନ ପ୍ରତି ଲୋଭ କରନାହିଁ।

୨- 'ପଂଚଦଶୀ'ର ଲେଖକ। ବେଦାନ୍ତ ଉପରେ ସଂସ୍କୃତ ଭାଷାରେ ସୁବିଦିତ ପୁସ୍ତକ।

୩- ଈଶାବାସ୍ୟ ଭାବାର୍ଥବୋଧିନୀ-ଲେଖକ ଦାସଗଣୁ।

୪- ସେ ଲଣ୍ଡନରେ ପଡ଼ିଯାଇ ଆଘାତ ପାଇଥିଲେ ଓ ଛୋଟେଇ ଛୋଟେଇ ଚାଲୁଥିଲେ ।

୫- ସେ ମୋଟା ଓ ସ୍ଥୂଳକାୟ ଥିଲେ।

୬- ଦୀକ୍ଷିତ କୋଟିପତି ଥିଲେ ଓ ସମାଜରେ ଉଚ୍ଚ ମର୍ଯ୍ୟାଦା ପାଉଥିଲେ। ତାଙ୍କର ଅହଂକାର ଦୂରକରି ତାଙ୍କୁ ବିନମ୍ରତା ଶିକ୍ଷା ଦେବା ନିମନ୍ତେ ବାବା ତାଙ୍କୁ ଭିକ୍ଷା ମାଗି ଆଣିବାକୁ ଅନ୍ୟ ଘରକୁ ପଠାଉଥିଲେ ଓ ଉଦ୍ଦେଶ୍ୟମୂଳକ ଭାବରେ ତାଙ୍କୁ ଅନ୍ୟମାନଙ୍କ ଆଗରେ 'ଭିକ୍ଷୁ' ଅର୍ଥାତ୍ 'ଭିକାରୀ' ବୋଲି ଡାକୁଥିଲେ।

୭- ଜ୍ଞାନେଶ୍ୱର ଗୋଟିଏ ଅଣ୍ଡିରା ମଇଁଷି ଦ୍ୱାରା ବେଦପାଠ କରାଇଥିଲେ।

୮- ମୋରେଶ୍ୱର ବିଶ୍ୱନାଥ ପ୍ରଧାନ ଜଣେ ଖ୍ୟାତନାମା ଓକିଲ ଓ ବମ୍ବେଇ ବିଧାନ ପରିଷଦର ସଭ୍ୟ ଥିଲେ।

୯- ଏହି ଉଦାହରଣ ଦ୍ୱାରା 'ଭଗବାନ ସର୍ବତ୍ର ବିରାଜିତ' ବୋଲି ଈଶାବାସ୍ୟର ମୂଳନୀତି ପ୍ରମାଣିତ ହୋଇଛି।

୧୦- ଶ୍ରୀକୃଷ୍ଣ।

କାକା ମହାଜନୀ

॥ ୨୧ ॥

କୃପା କଲେ ବାବା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧ । ଗତ ଅଧ୍ୟାୟର ଶେଷରେ ଆମେ ବିନାୟକ ଠାକୁର ଓ ଅନ୍ୟମାନଙ୍କର ମହାତ୍ମା-ଦର୍ଶନ ସମ୍ବନ୍ଧରେ ସୂଚନା ଦେଇଥିଲୁ । ମନଧ୍ୟାନ ଦେଇ ଏବେ ସେହି କାହାଣୀ ଶୁଣନ୍ତୁ ।

୨ । ଯେଉଁ ବକ୍ତାଙ୍କର ବକ୍ତବ୍ୟ ଶୁଣି ଶ୍ରୋତାମାନେ ପ୍ରଭାବିତ ହୁଅନ୍ତି ନାହିଁ, ଭାବରେ ଅଭିଭୂତ ହୁଅନ୍ତି ନାହିଁ କିମ୍ବା ସେମାନଙ୍କ ଶରୀର ରୋମାଂଚିତ ହୁଏ ନାହିଁ, ସେହି ବକ୍ତା ଅସାର ହୋଇଥାନ୍ତି ।

୩। ଯେଉଁ ବର୍ଣ୍ଣନା ଶୁଣି ଶ୍ରୋତାମାନେ ଉଲ୍ଲସିତ ହୋଇନଥାନ୍ତି, ଭାବାବେଗରେ ସେମାନଙ୍କର ବାକ୍‌ରୁଦ୍ଧ ହୋଇନଥାଏ ଓ ଆନନ୍ଦାଶ୍ରୁରେ ସେମାନଙ୍କର ଆଖି ଭରିଯାଇନଥାଏ, ସେହି ବର୍ଣ୍ଣନା ନିରର୍ଥକ ହୋଇଥାଏ ।

୪ । ବାବାଙ୍କର ବଚନ ଆକର୍ଷଣୀୟ ଥିଲା । ତାଙ୍କର ଉପଦେଶ, ଶିକ୍ଷା ଦେବାର ପଦ୍ଧତି ଅସାଧାରଣ ଥିଲା । ତାଙ୍କର ଯୁକ୍ତିଗୁଡ଼ିକ ଅନନ୍ୟ, ଅକାଟ୍ୟ ଥିଲା । ଯିଏ ପ୍ରତି ପଦପାତରେ ନୂତନର ସର୍ଜନା କରୁଥିଲେ, ତାଙ୍କ ପଦତଳେ ପ୍ରଣତି ଜଣାଉଛି ।

୫ । ଭାଗ୍ୟ ପ୍ରସନ୍ନ ନହେଲେ କେହି ଜଣେ ମହାତ୍ମାଙ୍କର ଦର୍ଶନ ପାଏ ନାହିଁ । ସେହିଭଳି ମହତ୍ ବ୍ୟକ୍ତି ଅତି ପାଖରେ ଥିଲେ ମଧ୍ୟ ପାପୀ ତାହାଙ୍କୁ ଚିହ୍ନି ପାରିନଥାଏ ।

୬ । ଏହି ସିଦ୍ଧାନ୍ତର ପ୍ରମାଣ ପାଇଁ ଅତି ଦୂରକୁ ଯିବାକୁ ପଡ଼ିବ ନାହିଁ, କାରଣ ମୁଁ ମୋ ନିଜ ଅଭିଜ୍ଞତାରୁ ହିଁ ଏକଥା କହିବାକୁ ଯାଉଛି ।

୭ । ଜଣେ ପ୍ରସିଦ୍ଧ ମୁସଲମାନ ସନ୍ଥ ପୀର ମୌଲାନା ବାନ୍ଦ୍ରାରେ ବାସକରୁଥିଲେ । ସେହି ମହାତ୍ମାଙ୍କର ଦର୍ଶନ ନିମନ୍ତେ ହିନ୍ଦୁ, ପାର୍ସୀ ଓ ବିଭିନ୍ନ ଧର୍ମର ଜ୍ଞାନୀ ଲୋକମାନେ ସେଠାକୁ ଆସୁଥିଲେ ।

୮ । ମୁଁ ସେଠାରେ ମାଜିଷ୍ଟ୍ରେଟ୍ ଥିଲି । ଇନୁସ୍ ନାମଧାରୀ ତାଙ୍କର ମୁଜାୱାର (ପୂଜାରୀ) ମୋତେ ତାଙ୍କର ଦର୍ଶନ ପାଇଁ ଅନେକ ପ୍ରବର୍ତ୍ତାଇଥିଲା ।

୯ । 'ହଜାର ହଜାର ଲୋକ ସେଠାକୁ ଆସୁଛନ୍ତି । ଚାପରେ ପଡ଼ି ମୁଁ କାହିଁକି ସେଠାକୁ ଯାଇ ବଦନାମ ହୋଇଥାନ୍ତି ?'

୧୦ । ଏହିଭଳି କେତେକ ଚିନ୍ତା ମନଭିତରକୁ ଆସୁଥିବାରୁ ମୁଁ ଦର୍ଶନ ନିମିତ୍ତ ଯାଇନଥିଲି । ଅସଲକଥା, ମୁଁ ମୋ ନିଜ ଛାଇକୁ ବି ଡରୁଥିଲି ଓ ଦୁର୍ଭାଗ୍ୟ ମୋ ପଥରେ ଆସି ଛିଡ଼ା ହୋଇଥିଲା ।

୧୧ । ବହୁବର୍ଷ ବିତିଯାଇଥିଲା ଓ ମୁଁ ସେଠାରୁ ବଦଳି ହୋଇଯାଇଥିଲି । ପରେ ଯେତେବେଳେ ସୁବିଧାଜନକ ସମୟ ଆସିଥିଲା, ମୁଁ ସବୁଦିନ ପାଇଁ ଶିରିଡ଼ି ସହିତ ଜଡ଼ିତ ହୋଇ ପଡ଼ିଥିଲି ।

୧୨। ସଂକ୍ଷେପରେ କହିଲେ, ଜଣେ ହତଭାଗା କେବେହେଲେ ସନ୍ଥଙ୍କର ଆଖପାଖରେ ପହଂଚିପାରେ ନାହିଁ। କେବଳ ଈଶ୍ୱରଙ୍କର କୃପା ହେଲେହିଁ ବହୁତ କଠିନ ଦର୍ଶନ ସମ୍ପାଦିତ ହୋଇଥାଏ।

୧୩। ଏ ସମ୍ବନ୍ଧରେ ମନୋମୁଗ୍ଧକର କାହାଣୀଟିଏ ଶୁଣନ୍ତୁ। କେଉଁ ଅନାଦି କାଳରୁ ସନ୍ଥମାନଙ୍କ ମଧ୍ୟରେ ଏକପ୍ରକାର ଗୁପ୍ତ ବୁଝାମଣା ହୋଇଥାଏ ଓ ତଦନୁସାରେ ସେମାନେ ସେମାନଙ୍କର ମହାନ୍ ବ୍ରତ ପାଳନ କରିଚାଲିଥାନ୍ତି। ଦୁନିଆ ଏ ସମ୍ବନ୍ଧରେ ଅବଗତ ନଥାଏ ।

୧୪। ସମୟକ୍ରମେ ସନ୍ଥମାନେ ସେମାନଙ୍କର ମନୋନୀତ ଉପଯୁକ୍ତ ସ୍ଥାନ ବାଛି ସେଠାରେ ମନୁଷ୍ୟ ରୂପରେ କିଛି ମହାନ୍ ବ୍ରତ ପୂରଣ ପାଇଁ ଆବିର୍ଭୂତ ହୋଇଥାନ୍ତି। ପ୍ରକୃତ ପକ୍ଷରେ ସେମାନେ ପରସ୍ପରଠାରୁ ଭିନ୍ନ ନୁହନ୍ତି।

୧୫। ସ୍ଥାନ, କାଳ ଓ ପାତ୍ର ଭିନ୍ନ ହୋଇଥିଲେ ମଧ୍ୟ ଜଣେ ସନ୍ଥ ଅନ୍ୟ ସନ୍ଥମାନଙ୍କର ବ୍ୟକ୍ତିତ୍ୱର ସାରମର୍ମ ହୃଦୟଙ୍ଗମ କରିଥାନ୍ତି । ସେମାନେ ଅନ୍ତର ମଧ୍ୟରେ ସଂଯୁକ୍ତ, କାରଣ ସେମାନେ ସମସ୍ତେ ଏକ।

୧୬। ଗୋଟିଏ ସାମ୍ରାଜ୍ୟ ମଧ୍ୟରେ ସମ୍ରାଟଙ୍କର ଦପ୍ତର ଭିନ୍ନ ଭିନ୍ନ ସ୍ଥାନରେ ଖୋଲି ଭାରପ୍ରାପ୍ତ ଅଧିକାରୀମାନଙ୍କ ଦ୍ୱାରା ପ୍ରଜାମାନଙ୍କର ଭଲମନ୍ଦ ଓ ସୁଖସମୃଦ୍ଧି ସମ୍ବନ୍ଧରେ ଖବରଅନ୍ତର ରଖାଯାଇଥାଏ।

୧୭। ସେହିଭଳି ଅସୀମ ଆନନ୍ଦର ସମ୍ରାଟ ଭିନ୍ନ ଭିନ୍ନ ସ୍ଥାନରେ ପ୍ରକଟ ହୋଇ ନିଜ ସାମ୍ରାଜ୍ୟର ଅଦୃଶ୍ୟ ଲଗାମକୁ ହାତରେ ଧରି ନିୟନ୍ତ୍ରଣ କରିଥାନ୍ତି।

୧୮। ଜଣେ ଭଦ୍ରବ୍ୟକ୍ତି ଇଂରାଜୀ ପାଠ ପଢ଼ିବାର ସୁଯୋଗ ପାଇଥିଲେ ଓ କଳାରେ ସ୍ନାତକ ପାଶ୍ କରି ପାହାଚ ପରେ ପାହାଚ ଚଢ଼ି ବଡ଼ ଅଧିକାରୀ ହୋଇପାରିଥିଲେ।

୧୯। ପରେ ସେ ମାମଲତଦାର ହେଲେ ଓ ତା'ପରେ ପଦୋନ୍ନତି ପାଇ ସହକାରୀ କଲେକ୍ଟର ହୋଇଥିଲେ। ନିଜର ସୌଭାଗ୍ୟରୁ ସେ ଶ୍ରୀସାଇଙ୍କ ସଂସ୍ପର୍ଶରେ ଆସିଥିଲେ।

୨୦। ବାହାରୁ ଦେଖିଲେ ଏହି ପଦବୀଗୁଡ଼ିକ ବେଶ୍ ଆକର୍ଷଣୀୟ ଲାଗେ, ଠିକ୍ ଯେପରି ଦୂରରୁ ପର୍ବତଗୁଡ଼ିକ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ପାଖକୁ ଗଲେ କଣ୍ଟାଝଟା, ବୃକ୍ଷଲତା ଇତ୍ୟାଦିରେ ଭର୍ତ୍ତି ହୋଇ ଥିବାରୁ ବିରକ୍ତିକର ବୋଧ ହୋଇଥାଏ। ତେବେ ଏହି ପଦାଧିକାରୀଙ୍କୁ ବେଶ୍ ମର୍ଯ୍ୟାଦା ମିଳୁଥାଏ ।

୨୧। ସେହି ଆନନ୍ଦର ଦିନଗୁଡ଼ିକ ଚାଲିଯାଇଛି, ଯେତେବେଳେ ଏହି ପଦବୀଗୁଡ଼ିକ ପାଇଁ ଲୋକେ ଲାଳାୟିତ ଥିଲେ। ସାଧାରଣ ଲୋକେ ଅଧିକାରୀମାନଙ୍କୁ ସମ୍ମାନ ଦେଉଥିଲେ ଓ ପରସ୍ପର ସୁଖୀ ମଣୁଥିଲେ।

୨୨। ଏବେ ବର୍ତ୍ତମାନର ଅବସ୍ଥା ସମ୍ପର୍କରେ କହିବା। ସରକାରୀ ଚାକିରୀ ଲୋଭନୀୟ ଥିବା ସମୟ ଚାଲିଯାଇଛି। ବର୍ତ୍ତମାନ ଦାୟିତ୍ୱ ବଢ଼ିଛି, ଦରମା କମିଯାଇଛି।

୨୩। ଅତୀତ କାଳରେ ମାମଲତଦାରଙ୍କୁ ଖୁବ୍ ମର୍ଯ୍ୟାଦା ଦିଆଯାଉଥିଲା, କଲେକ୍ଟର ସମ୍ମାନିତ ହେଉଥିଲେ । ଏବେ ସେହି ଆଡ଼ମ୍ବର ଆଉ ନାହିଁ, ଯଦିଚ କଠିନ ପରିଶ୍ରମ କରିବା ପାଇଁ ପଡୁଛି।

୨୪। ସେ ଯାହାହେଉ, ଅନେକ ପଇସା ଖର୍ଚ୍ଚକରି ଓ କଠିନ ପରିଶ୍ରମ କରି ପାଠପଢ଼ିବା ପରେ ଜଣେ ଏହି ଉଚ୍ଚ ପଦବୀ ପାଇବା ପାଇଁ ସକ୍ଷମ ହେଉଥିଲା।

୨୫। ପ୍ରଥମେ ଜଣକୁ କଳାରେ ସ୍ନାତକ ହେବାପରେ ମାସିକ ତିରିଶି ଟଙ୍କା ଦରମାରେ ସରକାରୀ କାର୍ଯ୍ୟାଳୟରେ କିରାଣି ଚାକିରୀ କରିବାକୁ ପଡୁଥିଲା। ଏଭଳି କିଛିଦିନ ଚାଲିଯାଉଥିଲା ।

୨୬। ସମୟ କ୍ରମେ ସେ ପାର୍ବତ୍ୟ ଘାଟି ଅଂଚଳକୁ ଯାଇ ସର୍ଭେ କାମ ଶିଖୁଥିଲା, ସେଠାରେ ଲୋକମାନଙ୍କ ମଧ୍ୟରେ ରହିବାକୁ ପଡୁଥିଲା, ଜମି ମାପଚୁପ କରିବାକୁ ହେଉଥିଲା ଓ ବିଭାଗୀୟ ପରୀକ୍ଷାରେ ପାଶ୍ କରିବାକୁ ପଡୁଥିଲା।

୨୭। ପରେ ଯଦି କେହି ଉପରିସ୍ଥ ଅଧିକାରୀଙ୍କ ମୃତ୍ୟୁ ହେଉଥିଲା ଓ ତାଙ୍କ ପଦ ଖାଲି ପଡୁଥିଲା, ତାହାହେଲେ ସେ ସେହି ପଦ ପାଇପାରୁଥିଲା ।

୨୮। ଏହି ବିରକ୍ତିକର ବର୍ଣ୍ଣନା ବହୁତ ଦୀର୍ଘ ହୋଇଗଲା। ମୁଁ ଅଯଥା ଯାଉସାଉ କାହିଁକି ଗପୁଛି? ଏହି ଭଳି ଜଣେ ବ୍ୟକ୍ତି କିପରି ଶ୍ରୀସାଇଙ୍କୁ ଭେଟିଥିଲେ, ସେଇ କଥା ଶୁଣନ୍ତୁ।

୨୯। ବେଲଗାଁ ନିକଟରେ ବଡ଼ଗାଁ ବୋଲି ଗୋଟିଏ ଛୋଟ ସହର ଅଛି। ଦଳେ ସର୍ଭେୟର ସେଠାରେ ତମ୍ବୁପକାଇ ରହିଥିଲେ।

୩୦। ସେହି ସହରରେ ଜଣେ ସନ୍ଥ ରହୁଥିଲେ। ସେମାନେ

ତାଙ୍କ ଦର୍ଶନ ନିମିତ୍ତ ଯାଇଥିଲେ ଓ ତାଙ୍କ ପଦତଳେ ମୁଣ୍ଡପାତି ଆଶୀର୍ବାଦ ଲାଭ କରିଥିଲେ।

୩୧। ସେହି ମହାତ୍ମା ନିଶ୍ଚଳ'ଦାସଙ୍କ ଲିଖିତ 'ବିଚାର-ସାଗର' ବହି ଧରିଥିଲେ ଓ ସେମାନଙ୍କୁ ପଢ଼ି ଶୁଣାଇଥିଲେ।

୩୨। କିଛି ସମୟ ପରେ ସେମାନେ ତାଙ୍କଠାରୁ ବିଦାୟ ନେଇ ଫେରି ଆସିବାକୁ ବାହାରୁଥିବାବେଳେ ସନ୍ତୁ ସେହି ନିର୍ଦ୍ଦିଷ୍ଟ ଭଦ୍ରବ୍ୟକ୍ତିଙ୍କୁ ଡାକି ଅତି ଆନନ୍ଦ ମନରେ ତାଙ୍କୁ ଯାହା କହିଥିଲେ, ଶୁଣନ୍ତୁ।

୩୩। "ତୁମେ ଏବେ ଯାଇପାର। କିନ୍ତୁ ଏହି ବହିଟିକୁ ନିଶ୍ଚୟ ପଢ଼ିବ, ଯାହାଦ୍ୱାରା ତୁମର ଇଚ୍ଛା ଫଳବତୀ ହେବ। ଏକଥା ମନେ ରଖିଥିବ।

୩୪। "ପରେ ତୁମର ଚାକିରୀ କାର୍ଯ୍ୟ ଭିତରେ ଯେତେବେଳେ ତୁମେ ଉତ୍ତର ଆଡ଼କୁ ଯିବ, ତୁମର ସୌଭାଗ୍ୟ ଯୋଗୁଁ ରାସ୍ତାରେ ଜଣେ ମହାତ୍ମାଙ୍କର ଦର୍ଶନ ପାଇବ।

୩୫। "ସେ ତୁମକୁ ଆଗକୁ ଯିବାର ସଠିକ୍ ମାର୍ଗ ଦେଖାଇବେ ଓ ପୁଣି ତୁମ ମନରେ ଶାନ୍ତି ଆଣିଦେବେ । ସେ ତୁମକୁ ଉପଦେଶ ଦେବେ ଓ ଆତ୍ମଜ୍ଞାନ ସମ୍ବନ୍ଧରେ ଧାରଣାବି ଦେବେ ।"

୩୬। ସେଠାର କାର୍ଯ୍ୟ ସରିଯାଇଥିଲା ଓ ତାଙ୍କର ଜୁନ୍ନରକୁ ବଦଳି ହୋଇଥିଲା। ଜୁନ୍ନରକୁ ଯିବା ବାଟରେ ତାଙ୍କୁ ନାଣେ ଘାଟି ପାରିହେବାକୁ ପଡ଼ିଥିଲା, ଯାହା ଗୋଟିଏ ବଡ଼ ପ୍ରତିବନ୍ଧକ ଥିଲା ।

୩୭। ରାସ୍ତା ଅତ୍ୟନ୍ତ ଅସାଧ୍ୟ ଥିଲା ଓ କେବଳ ମଇଁଷି ପିଠି ଉପରେ ବସି ଯାଇହେଉଥିଲା। ତାହାହିଁ ଯାତାୟତର ଏକମାତ୍ର ମାଧ୍ୟମ ଥିଲା। ତେଣୁ ତାଙ୍କର ଚଢ଼ିବା ନିମନ୍ତେ ମଇଁଷିଟିଏ ଅଣାଯାଇଥିଲା।

୩୮। ପରେ ସେ ବରିଷ୍ଠ ଅଧିକାରୀ ହୋଇ ଘୋଡ଼ା ଓ ଘୋଡ଼ାଗାଡ଼ି ପାଇପାରିଥିଲେ, ମାତ୍ର ବର୍ତ୍ତମାନ ପାଇଁ ତାଙ୍କୁ ମଇଁଷି ଚଢ଼ିଯିବାରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଅନ୍ୟ ଗତି ନଥିଲା ।

୩୯। ସେହି ଘାଟି ରାସ୍ତାକୁ ପାଦରେ ଚଢ଼ି ଉଠିବା ଅସମ୍ଭବ ଥିଲା। ଅନ୍ୟ କୌଣସି ସୁବିଧାଜନକ ଯାତାୟତ ବ୍ୟବସ୍ଥା ନଥିଲା। ନାଣେ ଘାଟିର ଏହାହିଁ ଥିଲା ସ୍ୱତନ୍ତ୍ରତା। ଯାତାୟତ ସତରେ ଅସ୍ୱାଭାବିକ ଥିଲା।

୪୦। ତେଣୁ ସେ ଏପରିଭାବରେ ଯିବାର ସିଦ୍ଧାନ୍ତ ନେଇଥିଲେ ଓ ମଇଁଷିଟିଏ ଯୋଗାଡ଼ କରାଯାଇଥିଲା। ତାହା ଉପରେ ଗଦି ପକାଯାଇଥିଲା ଓ ସେ ବହୁକଷ୍ଟରେ ତା' ଉପରେ ଉଠି ବସିଥିଲେ।

୪୧। ଯଦିଓ ସେ ଏହା ଉପରେ ବସିଥିଲେ, ତୀଖ ରାସ୍ତାରେ ଉଠିବାକୁ ପଡୁଥିଲା। ସବୁକୁ ପଛରେ ପକାଇ ମଇଁଷିଟିଏ ହୋଇଥିଲା ତାଙ୍କର ବାହନ । ସେଇ ମଇଁଷି ଦୋହଲି ଦୋହଲି ଉଠୁଥିବା ଯୋଗୁଁ ହଲି ହଲି ତାଙ୍କର ଅଣ୍ଟା ଦରଜ ହୋଇଯାଇଥିଲା।

୪୨। ସେ ଯାହାହେଉ, ଶେଷରେ ଯାତ୍ରା ସମାପ୍ତ ହୋଇଥିଲା। ଜୁନ୍ନର କାର୍ଯ୍ୟ ଶେଷ ହୋଇଥିଲା। ସେ ବଦଳି ଆଦେଶ ପାଇ ସେଠାରୁ ଚାଲିଆସିଥିଲେ।

୪୩। ଏଥର ତାଙ୍କର ବଦଳି କଲ୍ୟାଣକୁ ହୋଇଥିଲା। ସେଠାରେ ସେ ଚାନ୍ଦୋରକରଙ୍କ ସହିତ ପରିଚିତ ହୋଇଥିଲେ ଓ ସାଇବାବାଙ୍କର ସୁଖ୍ୟାତି ଶୁଣିଥିଲେ। ବାବାଙ୍କୁ ଦର୍ଶନ କରିବାର ଇଚ୍ଛା ତାଙ୍କ ମନରେ ଜାଗ୍ରତ ହୋଇଥିଲା।

୪୪। ସେହି ସୁଯୋଗ ଠିକ୍ ତା' ପରଦିନ ମିଳିଥିଲା, କାରଣ ଚାନ୍ଦୋରକର ଶିରିଡ଼ି ଯିବାପାଇଁ ପ୍ରସ୍ତୁତ ହେଉଥିଲେ। ସେ ତାଙ୍କୁ କହିଥିଲେ, "ଶିରିଡ଼ିକୁ ତୀର୍ଥଯାତ୍ରାରେ ଯିବା ପାଇଁ ମୋ ସାଙ୍ଗରେ ଆସନ୍ତୁ।

୪୫। "ଆସ ବାବାଙ୍କୁ ଦର୍ଶନ କରିବା। ଆମେ ଦୁହେଁ ତାଙ୍କୁ ପ୍ରଣାମ କରି ଦିନେ ଦୁଇଦିନ ସେଠାରେ ରହି କଲ୍ୟାଣକୁ ଫେରିଆସିବା।"

୪୬। କିନ୍ତୁ ସେହିଦିନ ଠାଣାର ଦେଓ୍ୱାନୀ ଅଦାଲତରେ ଗୋଟିଏ ମାମଲାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ତେଣୁ ସେ ତାଙ୍କ ସାଙ୍ଗରେ ଯିବାର ଆଶା ତ୍ୟାଗ କରିଥିଲେ ।

୪୭। ନାନାସାହେବ ତାଙ୍କୁ ଫୁସୁଲାଇଥିଲେ, "ଆସ ଯିବା। ବାବା ମହାନ୍। ତାଙ୍କ ଦର୍ଶନ ପାଇଲେ ସେ ଆପଣଙ୍କର ଇଚ୍ଛା ପୂରଣ କରିବେ। ମାମଲାର ଶୁଣାଣି ଗୋଟିଏ ଛୋଟିଆ କଥା।"

୪୮। ସେ କିପରି ବିଶ୍ୱାସ କରିଥାନ୍ତେ ? ଶୁଣାଣି ତାରିଖ ଏଡ଼େଇ ଦେବାର ଭୟ ତାଙ୍କର ଥିଲା। ମାତ୍ର ସେ କିପରି ଏହି ନିଷ୍ଫଳ ଯାତ୍ରାକୁ ଯାହା ତାଙ୍କ ଭାଗ୍ୟରେ ଲେଖାଯାଇଛି, ତାକୁ ଏଡ଼ାଇ ଦେଇପାରିଥାନ୍ତେ।

୪୯ । ନାନାସାହେବ ଚାନ୍ଦୋରକର ଅନ୍ୟ ଲୋକମାନଙ୍କର ଅତୀତ ଅନୁଭୂତି କଥା କହିଥିଲେ। କିପରି ସେମାନଙ୍କର ଦର୍ଶନ ଇଚ୍ଛା ପୂରଣ ହୋଇଥିଲା ଓ ଅସୁବିଧା ଦୂର ହୋଇଥିଲା ।

ନାନାସାହେବ ଚାନ୍ଦୋରକର

୫୦ । ସେ କିନ୍ତୁ ବିଶ୍ୱାସ କରି ପାରୁନଥିଲେ। ସେ ତାଙ୍କର ପ୍ରକୃତି ଛାଡ଼ିପାରୁନଥିଲେ। ସେ କହିଥିଲେ, "ପ୍ରଥମେ ମୋ ମୁଣ୍ଡରୁ ଚିନ୍ତାଯାଉ, ମାମଲାଟା ଶୀଘ୍ର ସରିଯାଉ।"

୫୧ । ତାହା ହୋଇଥିଲା। ଚାନ୍ଦୋରକର ଶିରିଡ଼ି ବାହାରି ଯାଇଥିଲେ ଓ ସେ ଠାଣା ଯାଇଥିଲେ। ଚାନ୍ଦୋରକର ଦର୍ଶନ କରି ଫେରିବା ବେଳକୁ ଏଠାରେ ଆଶ୍ଚର୍ଯ୍ୟଜନକ ଘଟଣାଟିଏ ଘଟିଯାଇଥିଲା।

୫୨ । ଯଦିଚ ସେ ଠିକ୍ ସମୟରେ ଠାଣାରେ ପହଂଚିଥିଲେ, ମାମଲାର ଶୁଣାଣି ହୋଇନଥିଲା ଓ ତାହା ସ୍ଥଗିତ ରହିଥିଲା। ତେଣେ ସେ ଚାନ୍ଦୋରକରଙ୍କ ସହିତ ଯାଇପାରିନଥିବାରୁ ତାଙ୍କ ମନରେ ବହୁତ ଦୁଃଖ ହୋଇଥିଲା।

୫୩। ସେ ଚାନ୍ଦୋରକରଙ୍କୁ ବିଶ୍ୱାସ କରିବା ଉଚିତ ଥିଲା ବୋଲି ଭାବିଥିଲେ। ଚାନ୍ଦୋରକର ତାଙ୍କୁ ସାଂଗରେ ନେଇଥାନ୍ତେ ଓ ଶିରିଡ଼ିରେ ସେ ଶାନ୍ତିରେ ଦର୍ଶନ କରିପାରିଥାନ୍ତେ ।

୫୪। ମାମଲାଟା ଯେଉଁ ଅବସ୍ଥାରେ ଥିଲା, ସେୟା ହୋଇ ରହିଗଲା। ସେ କିନ୍ତୁ ସନ୍ଥଙ୍କୁ ଦେଖିଯିବାର ସୁଯୋଗ ହରାଇଲେ। ତେଣୁ କ୍ଷଣିକ ଉତ୍ତେଜନାରେ ସେ ଶିରିଡ଼ି ଯିବାକୁ ସ୍ଥିର କରିଥିଲେ।

୫୫। ସେ ଭାବିଥିଲେ ଯେ ଶିରିଡ଼ି ପହଂଚିବା ସମୟକୁ, ତାଙ୍କର ଭାଗ୍ୟ ଜୋର ଥିଲେ, ସେ ନାନାସାହେବଙ୍କୁ ସେଠାରେ ସାକ୍ଷାତ କରିପାରିବେ ଓ ସେ ତାଙ୍କୁ ନିଜେ ନେଇ ଶ୍ରୀସାଇନାଥଙ୍କୁ ଦର୍ଶନ କରାଇବେ। ତା'ହେଲେ ସେ ବହୁତ ଖୁସି ହେବେ।

୫୬। 'ମୁଁ ଶିରିଡ଼ିରେ କାହାରିକୁ ଜାଣେ ନାହିଁ। ମୁଁ ସେଠାରେ ସମ୍ପୂର୍ଣ୍ଣ ଅଜଣା। ନାନାଙ୍କ ସହିତ ଦେଖା ହୋଇଗଲେ ମୋର ସୁବିଧା ହେବ, ଯଦିଓ ସେଇ ସମ୍ଭାବନା କ୍ଷୀଣ ।'

୫୭। ଏହିଭଳି ଚିନ୍ତାକରି ସେ ଟ୍ରେନରେ ବସିଥିଲେ ଓ ତା' ପରଦିନ ଶିରିଡ଼ିରେ ପହଂଚିଥିଲେ। ଅବଶ୍ୟ ନାନା ସେଠାରେ ନଥିଲେ।

୫୮। ଯେଉଁଦିନ ସେ ଶିରିଡ଼ି ଅଭିମୁଖେ ଯାତ୍ରା କରିଥିଲେ, ସେହିଦିନ ନାନା ଶିରିଡ଼ି ଛାଡ଼ି ଦେଇଥିଲେ। ସେ ହତୋତ୍ସାହିତ ହୋଇଥିଲେ ଓ ନୈରାଶ୍ୟ ଅନୁଭବ କରିଥିଲେ।

୫୯। ଯାହାହେଉ, ତାଙ୍କର ଅନ୍ୟ ଜଣେ ବନ୍ଧୁଙ୍କ ସହିତ ସାକ୍ଷାତ ହୋଇଥିଲା। ସେ ଭାରି ଭଲଲୋକ ଥିଲେ ଓ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ତାଙ୍କୁ ନେଇଯାଇଥିଲେ । ତାଙ୍କର ଇଚ୍ଛା ପୂରଣ ହୋଇଥିଲା।

୬୦। ଶ୍ରୀସାଇଙ୍କ ଉପରେ ତାଙ୍କ ଆଖି ପଡ଼ିଯିବାକ୍ଷଣି ସେ ଭକ୍ତି ଓ ବିଶ୍ୱାସରେ ଭାବବିହ୍ୱଳ ହୋଇଯାଇଥିଲେ ଓ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତାଙ୍କ ଶରୀରର ଲୋମ ଟାଙ୍କୁରି ଉଠିଥିଲା ଓ ଚକ୍ଷୁରୁ ପ୍ରେମାଶ୍ରୁ ବୋହିଯାଇଥିଲା।

୬୧। ସେ ଏହିପରି ଭାବରେ ଛିଡ଼ା ହୋଇଥିବା ସମୟରେ, ସର୍ବଦର୍ଶୀ ବାବା ସବୁ ଜାଣିଥିବାର ହସ ହସି, ତାଙ୍କୁ କ'ଣ କହିଥିଲେ ଶୁଣନ୍ତୁ।

୬୨। "ଏହି ସ୍ଥାନକୁ ରାସ୍ତା, କନ୍ନଡୀ ସନ୍ଥ ଅପ୍ପାଙ୍କ ଉପଦେଶ ଭଳି କିମ୍ବା ଘାଟି ରାସ୍ତାରେ ମଇଁଷି ଚଢ଼ିବା ଭଳି ଏତେ ସହଜିଆ ନୁହେଁ। ତୁମର ସର୍ବଶ୍ରେଷ୍ଠ ପ୍ରୟାସ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନାହିଁ।"

୬୩। ଏହି ତାତ୍ପର୍ଯ୍ୟପୂର୍ଣ୍ଣ ବଚନ ଶୁଣିବା ପରେ, ସେ ଭାବାବେଗରେ ଉଦ୍‌ବେଳିତ ହୋଇ ଉଠିଥିଲେ ଓ ଅନୁଭବ କରିଥିଲେ ଯେ ପୂର୍ବରୁ ତାଙ୍କର ଯେଉଁ ମହାତ୍ମାଙ୍କ ସହ ସାକ୍ଷାତ ହୋଇଥିଲା ସେହି ମହାତ୍ମାଙ୍କର କଥା ସତ୍ୟ ପ୍ରମାଣିତ ହେଲା।

୬୪। ତା'ପରେ ସେ ଦୁଇ ହାତଯୋଡ଼ି ଶ୍ରୀସାଇଙ୍କ ଚରଣରେ ପ୍ରଣାମ କରି କହିଥିଲେ, "ମୋତେ କୃପା କରନ୍ତୁ ଶ୍ରୀସାଇନାଥ ! ମୋ ଭଳି ଅନାଥକୁ ଆପଣଙ୍କ ପାଦତଳେ ଆଶ୍ରୟ ପ୍ରଦାନ କରନ୍ତୁ।

୬୫। "ଆପଣ ମୋ ନିମିତ୍ତ ଏକମାତ୍ର ମହାନ୍ ସନ୍ଥ ଓ ଅଭିଭାବକ। ମୁଁ ଆଜି ନିଶ୍ଚଳଙ୍କ ପୁସ୍ତକରେ ପ୍ରଦତ୍ତ ଶିକ୍ଷା,

ତାହାର ସମସ୍ତ ତାତ୍ପର୍ଯ୍ୟ ଓ ଦିବ୍ୟ ଅର୍ଥକୁ ସମ୍ପୂର୍ଣ୍ଣ ଭାବରେ ବୁଝିପାରିଛି।"

୬୬। ବଡ଼ଗାଁ କେଉଁଠି ଆଉ ଶିରିଡ଼ି କେଉଁଠି ! ମହାନ୍ ସନ୍ଥମାନଙ୍କ ଆତ୍ମାର କି ପ୍ରକାର ମିଳନ ଘଟେ ! ସେମାନଙ୍କ ବାଣୀ କେତେ ସ୍ୱଚ୍ଛ ଅଥଚ କେତେ ଶିକ୍ଷାପ୍ରଦ ! ସେମାନଙ୍କର ଶିକ୍ଷାଦାନ ପଦ୍ଧତି କି ଚମତ୍କାର !

୬୭। ଜଣେ ଗୋଟିଏ ବହି ପଢ଼ିବା ପାଇଁ ପରାମର୍ଶ ଦେଲେ ଓ ଭବିଷ୍ୟବାଣୀ ଶୁଣାଇ କହିଲେ ଯେ ତାଙ୍କର ଜଣେ ମହାନ୍ ସନ୍ଥଙ୍କ ସହିତ ସାକ୍ଷାତ ହେବ ଏବଂ ସେ ତାଙ୍କୁ ଉପଦେଶ ଦେବେ ଓ ଅଧିକ ଆଗେଇବା ପାଇଁ ପରାମର୍ଶ ଦେବେ।

୬୮। ଈଶ୍ୱରଙ୍କ କୃପାରୁ ତାଙ୍କର ଦର୍ଶନ ମିଳିଗଲା ଓ ସେ ତାଙ୍କର ତାତ୍ପର୍ଯ୍ୟପୂର୍ଣ୍ଣ ବଚନ ଦ୍ୱାରା ସୂଚାଇ ଦେଲେ ଯେ ସେହିହିଁ ସେଇ ବ୍ୟକ୍ତି। ବହି ପଢ଼ାଯାଇଛି ଓ ଏବେ ତାହାର ଅଭ୍ୟାସ କରିବାକୁ ହେବ ।

୬୯। ତାହାପରେ ଶ୍ରୀସାଇନାଥ ତାଙ୍କୁ କହିଥିଲେ, "ଅପ୍ପା ତୁମକୁ ଯାହାସବୁ କହିଥିଲେ, ସେସବୁ ସତ। ତୁମେ ଯଦି ସେସବୁକୁ ଅଭ୍ୟାସ କରିବ, ତେବେ ତୁମର ସମସ୍ତ ଇଚ୍ଛା ପୂରଣ ହେବ।"

୭୦। ବଡ଼ଗାଁରେ ନିଶ୍ଚଳଦାସଙ୍କ 'ବିଚାର ସାଗର'ର ଉଲ୍ଲେଖ ହୋଇଥିଲା। କିଛିଦିନ ଭିତରେ ତାହାକୁ ବାରମ୍ବାର ପଢ଼ାଯାଇଥିଲା ଓ ଅନେକ ଦିନ ପରେ ତାହାକୁ ଅଭ୍ୟାସ କରିବା ପାଇଁ ଶିରିଡ଼ିରେ ଉପଦେଶ ଦିଆଗଲା।

୭୧। ପ୍ରଥମେ ପୁସ୍ତକଟିକୁ ଯତ୍ନ ସହକାରେ ପଢ଼ିବ ଓ ତାହା ଉପରେ ଚିନ୍ତା କରିବ। ବାରମ୍ବାର ପଢ଼ିବା ପରେ ତୁମେ ଏହାର ବିଷୟବସ୍ତୁ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ନିମଜ୍ଜିତ ହୋଇଯିବ ।

୭୨। କେବଳ ପାଠକରିଦେଲେ ଯଥେଷ୍ଟ ନୁହେଁ। ଏହାକୁ ଅଭ୍ୟାସ କରାଯିବା ଦରକାର। ନଚେତ୍, ହଂସ ପିଠି[୨] ଉପରେ ପାଣି ପକାଇବା ଭଳି ହେବ।

୭୩। ଅର୍ଥ ନବୁଝି କେବଳ ପାଠକଲେ ସମୟର ଅପଚୟ ହୋଇଥାଏ। ସେଥିପାଇଁ ବ୍ରହ୍ମଜ୍ଞାନୀ ଗୁରୁଙ୍କର ଆଶୀର୍ବାଦ ଆବଶ୍ୟକ। କେବଳ ପୁସ୍ତକଗତ ଜ୍ଞାନ ନିରର୍ଥକ।

୭୪। ଅର୍ଥ ଚିତ୍ରଣ କରୁଥିବା ଗୋଟିଏ ସହଜ, ସରଳ ଗଳ୍ପ ବିଶ୍ୱାସର ଗୁରୁତ୍ୱ ପ୍ରକାଶ କରିଥାଏ । ଆଉ ଏହି ବିଶ୍ୱାସହିଁ ଜୀବନର ଲକ୍ଷ୍ୟ ହାସଲ ନିମନ୍ତେ ଅତ୍ୟନ୍ତ ଜରୁରୀ। ଏହାହିଁ ଥିଲା ବିନାୟକ ହରିଶ୍ଚନ୍ଦ୍ର ଠାକୁରଙ୍କ ସାଇଦର୍ଶନର କଥା । ଶ୍ରୋତାମାନେ ଏହାକୁ ନିଜ ନିଜର ମଙ୍ଗଳ ପାଇଁ ଶୁଣିବା ଉଚିତ୍।

୭୫। ଥରେ ପୁଣେର ଅନନ୍ତରାଓ ପାଟଣକର ଶ୍ରୀସାଇ ଦର୍ଶନ ପାଇଁ ବ୍ୟଗ୍ର ହୋଇ ଶିରିଡ଼ି ଆସିଥିଲେ।

୭୬। ସେ ସମସ୍ତ ବେଦ ଶୁଣିଥିଲେ ଓ ମୂଳ ଉପନିଷଦଗୁଡ଼ିକୁ ତାହାର ଭାଷ୍ୟ ସହିତ ପାଠ କରିଥିଲେ । ମାତ୍ର ତାଙ୍କ ମନ ସବୁବେଳେ ଅସ୍ଥିର ରହୁଥିଲା ଓ ମନରେ ଶାନ୍ତି ଆସୁନଥିଲା।

୭୭। ସେ ଶ୍ରୀସାଇ ସମର୍ଥଙ୍କୁ ଦର୍ଶନ କରିବା ସମୟରେ ତାଙ୍କର ଚକ୍ଷୁ ପବିତ୍ର ହୋଇଥିଲା। ଶ୍ରୀସାଇଙ୍କ ପାଦତଳେ ପ୍ରଣାମ ଜଣାଇ ସଠିକ୍ ପୂଜାବିଧି ଅନୁଯାୟୀ ଶ୍ରୀସାଇଙ୍କର ଆରାଧନା କରିଥିଲେ।

୭୮। ପରେ ସେ ହାତଯୋଡ଼ି ବାବାଙ୍କ ଆଗରେ ଅତି ପାଖରେ ବସିଥିଲେ। ଅନନ୍ତରାଓ ଅତ୍ୟନ୍ତ ପ୍ରୀତ ହୋଇ ଅତି ବିନମ୍ର ଭାବରେ ବାବାଙ୍କୁ ପଚାରିଥିଲେ

୭୯। "ବାବା ! ମୁଁ ବେଦ, ବେଦାଙ୍ଗ ଓ ଉପନିଷଦ ସମେତ ବହୁ ଧର୍ମପୁସ୍ତକ ପଢ଼ିଛି। ଅନେକ ଧର୍ମଶାସ୍ତ୍ର, ପୁରାଣ ଇତ୍ୟାଦି ଶୁଣିଛି । ତଥାପି ମୋ ମନରେ କାହିଁକି ନୈରାଶ୍ୟ ଭାବ ଆସୁଛି ?

୮୦। "ମୁଁ ବର୍ତ୍ତମାନ ଭାବୁଛି ଯେ ମୋର ସମସ୍ତ ପାଠନ-ପଠନ ନିଷ୍ଫଳ ହୋଇଯାଇଛି। ନିରକ୍ଷର, ନିଷ୍ପାପର ଭକ୍ତମାନେ ବରଂ ମୋଠାରୁ ଅଧିକ ଭଲରେ ଅଛନ୍ତି।

୮୧। "ମୋର ସମସ୍ତ ପୁସ୍ତକ ପଠନ ଓ ଶାସ୍ତ୍ର ଶ୍ରବଣ ବ୍ୟର୍ଥ ହୋଇଛି। ମୋର ମନ ଅସ୍ଥିର ରହୁଥିବାଯାଏଁ ସମସ୍ତ ପୁସ୍ତକଗତ ଜ୍ଞାନ ବୃଥା।

୮୨। "ଶବ୍ଦବ୍ୟୁତ୍ପତ୍ତି ଅଧ୍ୟୟନ କରିବା ଦିଗରେ ମୋର ଚେଷ୍ଟା କେତେ ଫମ୍ପା ଥିଲା ! ଜପ ତପ ବା ମନ୍ତ୍ରର ଆବଶ୍ୟକତା କ'ଣ ଯଦି ତାହା ମନରେ ଶାନ୍ତି ନ ଦିଏ ? ଏପରି ହେଲେ କେବେ ମୁଁ ବ୍ରହ୍ମଜ୍ଞାନ ଅର୍ଜନ କରି ପାରିବି କି ?

୮୩। "ଲୋକଙ୍କ ମୁଖରୁ ମୁଁ ଶୁଣିଛି ଯେ ଶ୍ରୀସାଇଙ୍କ

ଦର୍ଶନମାତ୍ରକେ ସମସ୍ତ ଚିନ୍ତା ଦୂର ହୋଇଯାଏ ଓ ଆପଣ ହସଖୁସି ମଧ୍ୟରେ ସଠିକ ପଥ ଅତି ସହଜରେ ଦେଖାଇଦେଇଥାନ୍ତି ।

୮୪। "ତେଣୁ ମହାରାଜ! ହେ, ସଂଯମ ସାଧନାର ଗନ୍ତାଘର! ମୁଁ ଆପଣଙ୍କ ପାଦତଳକୁ ଆସିଛି। ମୁଁ ମୋ ମନରେ ଶାନ୍ତି ପାଏ ବୋଲି ଆଶୀର୍ବାଦ କରନ୍ତୁ।"

୮୫। ଏହାପରେ ମହାରାଜ ଗୋଟିଏ ମଜାଳିଆ ନୀତିକଥା କହିଥିଲେ ଓ ତାହାକୁ ଶୁଣିବା ପରେ ଅନନ୍ତରାଓ ସନ୍ତୁଷ୍ଟ ହୋଇଥିଲେ। ତାଙ୍କର ଶିକ୍ଷା ସମ୍ପୂର୍ଣ୍ଣ ହୋଇଛି ବୋଲି ସେ ଅନୁଭବ କରିଥିଲେ।

୮୬। ସେହି କେତୋଟି ବାକ୍ୟ ସମଗ୍ର ଜ୍ଞାନର ନିର୍ଯ୍ୟାସ ଥିଲା। ମୁଁ ସେହି ନୀତିକଥା କହୁଛି। ଶୁଣିବା ପାଇଁ ପ୍ରସ୍ତୁତ ହୁଅନ୍ତୁ। ଏହା ହାସ୍ୟକର, କିନ୍ତୁ ଅର୍ଥପୂର୍ଣ୍ଣ। ଏହି ବଚନକୁ କିଏ ଅମାନ୍ୟ କରିପାରିବ କି ?

୮୭। ବାବା ଉତ୍ତରରେ କହିଥିଲେ, " ଥରେ ଜଣେ ବେପାରୀ ଆସିଥିଲା। ସେହି ସମୟରେ ଘୋଡ଼ାଟିଏ ନଅଟି ମଳଲଣ୍ଡି ତାଙ୍କ ସମ୍ମୁଖରେ ତ୍ୟାଗ କରିଥିଲା।

୮୮। "ବେପାରୀ ବହୁତ ହୁସିଆର ଥିଲା। ସେ ତା'ର ଗାମୁଛାକୁ ସାଂଗେ ସାଂଗେ ପାତି ଦେଇ ନଅଟିଯାକ ଲଣ୍ଡିକୁ ସଂଗ୍ରହ କରି ଗଣ୍ଠି ପକାଇ ଦେଇଥିଲା ଓ ତାହାପରେ ତା' ମନରେ ଏକାଗ୍ରତା ଆସିଥିଲା।"

୮୯। 'ଶ୍ରୀସାଇ ସମର୍ଥ କ'ଣ କହିଲେ ? ତାହାର ଅର୍ଥ କ'ଣ ହୋଇପାରେ ? ବେପାରୀ କାହିଁକି ମଳ ସଂଗ୍ରହ କଲା ?' ସେ କିଛି ବୁଝି ପାରିନଥିଲେ।

୯୦। ଅନନ୍ତରାଓ ଏହିଭଳି ଚିନ୍ତା କରି କରି ଫେରିଆସିଥିଲେ ଓ ମୂଳରୁ ଶେଷ ପର୍ଯ୍ୟନ୍ତ ସମସ୍ତ କଥୋପକଥନ ଦାଦା କେଳକରଙ୍କୁ[୩] କହିଥିଲେ।

୯୧। ପୁଣି କହିଥିଲେ, "ବେପାରୀ ଜଣକ କିଏ ? ମଳର ଲଣ୍ଡିଗୁଡ଼ିକ କି କାର୍ଯ୍ୟରେ ଆସିବ ? ତାହାର ସଂଖ୍ୟା 'ନଅ' ବୋଲି କାହିଁକି କହିଥିଲେ ? ଏହାର ଅର୍ଥ ମୋତେ କହନ୍ତୁ।

୯୨। "ଦାଦା, ଇଏ କେଉଁ ପ୍ରକାରର ଗୋଲକ ଧନ୍ଦା ? ମୁଁ ଏହାର ସମାଧାନ କରି ପାରୁନାହିଁ। ମୋତେ ସରଳ ଭାବରେ ବାବାଙ୍କ ହୃଦୟ ମଧ୍ୟରେ କ'ଣ ଥିଲା ବୁଝାଇଦିଅନ୍ତୁ।"

୯୩। ଦାଦା କହିଥିଲେ, "ମୁଁ ମଧ୍ୟ ବୁଝିପାରୁନାହିଁ। ବାବା ସବୁବେଳେ ଏହିପରି କଥା କହିଥାନ୍ତି। ତେବେ ସେ ଯେପରି ପ୍ରେରଣା ଦେଇ ମୋତେ ଯାହା ବୁଝାଉଛନ୍ତି, ତାହା ମୁଁ କହୁଛି।

୯୪। "ଘୋଡ଼ା ହେଉଛି ଭଗବାନଙ୍କର କୃପା । ଏହା ଦ୍ୱାରା ନବଧା ଭକ୍ତିର ଗୋଲକଧନ୍ଦାକୁ ବୁଝାଇ ଦେଇହେବ। ଭକ୍ତିବିନା ଭଗବାନଙ୍କୁ ପାଇହୁଏ ନାହିଁ କିମ୍ବା ଜ୍ଞାନ ଆହରଣ କରିହୁଏ ନାହିଁ।

୯୫। "(୧) ଶ୍ରବଣ (୨) ଭଗବାନଙ୍କ ଗୁଣଗାନ ବା କୀର୍ତ୍ତନ (୩) ଭଗବାନଙ୍କ ନାମସ୍ମରଣ (୪) ପାଦସେବା (୫) ପ୍ରାର୍ଥନା (୬) ବନ୍ଦନା (୭) ଦାସ୍ୟ (୮) ସଖ୍ୟ ଓ (୯) ଆତ୍ମସମର୍ପଣ ଇତ୍ୟାଦି ନଅଗୋଟି ଭକ୍ତିମାର୍ଗ ରହିଛି।

୯୬। "ପୂର୍ଣ୍ଣ ବିଶ୍ୱାସ ସହକାରେ ଏହି ନଅଗୋଟି ମାର୍ଗ ମଧ୍ୟରୁ ଯେ କୌଣସି ଗୋଟିଏ ମାର୍ଗ ଅଭ୍ୟାସ କଲେ, ଭକ୍ତବତ୍ସଳ ଶ୍ରୀହରି ସ୍ୱୟଂ ଭକ୍ତଙ୍କ ଗୃହରେ ଆସି ଉପସ୍ଥିତ ହୋଇଥାନ୍ତି।

୯୭। "ଭଗବାନଙ୍କର ନାମସ୍ମରଣ, କଠୋର ସଂଯମ ଓ ସାଧନା, ପ୍ରତିଜ୍ଞାପାଳନ, ଯୋଗାଭ୍ୟାସ, ବେଦ ଓ ଉପନିଷଦ ପଠନ ଓ ଶିକ୍ଷା, ଦର୍ଶନ ଶାସ୍ତ୍ରରେ ପ୍ରଚୁର ଜ୍ଞାନ ଅର୍ଜନ ବିଶ୍ୱାସ ସହିତ କରୁ ନଥିଲେ ଏ ସମସ୍ତ ଛଳନା ମାତ୍ର।

୯୮। "ବେଦଶାସ୍ତ୍ରରେ ବିଶେଷ ଜ୍ଞାନ କିମ୍ବା ମହାପଣ୍ଡିତ ବୋଲି ପ୍ରତିଷ୍ଠା ଲଭିବାର ଆବଶ୍ୟକତା ନାହିଁ। ବିନା ଅନୁଭବରେ ଭଗବାନଙ୍କର ଗୁଣଗାନ କରିବାର ଆବଶ୍ୟକତା ମଧ୍ୟ ନାହିଁ। କେବଳ ପ୍ରେମ ଭାବରେ ଭକ୍ତି ଆବଶ୍ୟକ।

୯୯। "ନିଜକୁ ବେପାରୀ ବୋଲି ଭାବି ଉକ୍ତ ଘଟଣାର ତାତ୍ପର୍ଯ୍ୟ ବୁଝିବାକୁ ଚେଷ୍ଟାକର। ଯେତେବେଳେ ନବଧା ଭକ୍ତିରୂପରେ ଭକ୍ତିର ଧ୍ୱଜା ଉଚ୍ଚରେ ଉଡ଼ିବ, ସେତେବେଳେ ଜ୍ଞାନର ଅବତାର ଖୁସିହେବେ।

୧୦୦। "ଘୋଡ଼ା ମଳତ୍ୟାଗ କରିବା ସମୟରେ ନଅଟି ଲଣ୍ଡି ଦେଇଥିଲା ଓ ବେପାରୀ ଆଗ୍ରହ ସହକାରେ ଆଗେଇ ଆସି ତାହାକୁ ସଂଗ୍ରହ କରି ନେଇଥିଲା। ସେହିଭଳି ନବଧା ଭକ୍ତିକୁ ଗ୍ରହଣ କରିନେଲେ ମନରେ ପୂର୍ଣ୍ଣ ଶାନ୍ତି ଆସିଥାଏ।

୧୦୧। "କେବଳ ତାହାହିଁ ମନକୁ ସ୍ଥିରତା ଦେବ ଓ ସମସ୍ତଙ୍କ ପ୍ରତି ସ୍ନେହଭାବ ଉଦ୍ରେକ କରାଇବ। ଏଥିପାଇଁ

ମନରେ ଆନ୍ତରିକତା ଥିବା ଆବଶ୍ୟକ। ନଚେତ୍ ବାରବୁଲା ସ୍ୱଭାବ ଅବଶ୍ୟ ରହିବ। ଏହିକଥା ଶ୍ରଦ୍ଧା ସହକାରେ ଗୁରୁରାୟ କହିଥିଲେ।"

୧୦୨। ପରଦିନ ଅନନ୍ତରାଓ ଶ୍ରୀସାଇଙ୍କ ପଦତଳେ ପ୍ରଣାମ କରିବାକୁ ଯିବା ସମୟରେ ଶ୍ରୀସାଇ ତାଙ୍କୁ ପଚାରିଥିଲେ, "ତୁମେ ମଳ ଲଣ୍ଡିକୁ ସଂଗ୍ରହ କଲ ତ?"

୧୦୩। ଅନନ୍ତରାଓ ପ୍ରାର୍ଥନା କରିଥିଲେ, "ଏହି ଅଧମ ଭକ୍ତ ଉପରେ କୃପା କରନ୍ତୁ। କୃପାଲାଭ କଲେ ଅନାୟାସରେ ତାହା ସଂଗ୍ରହ କରାଯାଇପାରିବ। ନଚେତ୍ ଏଭଳି ବଡ଼ ପଦାର୍ଥକୁ କେହି କ'ଣ ସହଜରେ ସଂଗ୍ରହ କରିପାରିବ?"

୧୦୪। ବାବା ତା'ପରେ ଆଶୀର୍ବାଦ କରି କହିଥିଲେ, "ସମସ୍ତଙ୍କର ମଙ୍ଗଳ ହେଉ।" ଅନନ୍ତରାଓ ଖୁସି ହୋଇଥିଲେ ଓ ପରମ ଆନନ୍ଦ ଅନୁଭବ କରିଥିଲେ।

୧୦୫। ବର୍ତ୍ତମାନ ଆଉ ଗୋଟିଏ ଛୋଟିଆ ଗଳ୍ପ ମନୋଯୋଗ ଦେଇ ଶୁଣନ୍ତୁ। ଏହାଦ୍ୱାରା ଆପଣମାନେ ବାବା ସର୍ବଜ୍ଞ ବୋଲି ଜାଣି ପାରିବେ ଓ ଦିବ୍ୟ ପଥରେ ବାଟ କଢ଼ାଇ ନେବା ପାଇଁ ତାଙ୍କର ପ୍ରଚେଷ୍ଟା ସମ୍ବନ୍ଧରେ ବି ଅବଗତ ହେବେ।

୧୦୬। ଥରେ ପଣ୍ଢରପୁରର ଜଣେ ଓକିଲ ଶିରିଡ଼ି ଆସି ମସ୍‌ଜିଦ୍‌କୁ ଯାଇଥିଲେ। ସେ ପହଂଚିବାକ୍ଷଣି ଶ୍ରୀସାଇନାଥଙ୍କୁ ଦର୍ଶନକରି ତାଙ୍କ ପାଦତଳେ ମୁଣ୍ଡିଆ ମାରିଥିଲେ।

୧୦୭। ବାବା ନମାଗିଥିଲେ ମଧ୍ୟ ତାଙ୍କୁ ଦକ୍ଷିଣା ଦେଇ ସେ ପାଖରେ ବସି ପଡ଼ିଥିଲେ ଓ ଭକ୍ତି ସହକାରେ ଶ୍ରୀସାଇଙ୍କର କଥୋପକଥନକୁ ଶୁଣିବାକୁ ଚାହିଁଥିଲେ।

୧୦୮। ବାବା ମୁହଁ ବୁଲାଇ ଓକିଲଙ୍କ ପ୍ରତି ଉଦ୍ଦିଷ୍ଟ କେତେକ ମନ୍ତବ୍ୟ ଦେଇଥିଲେ। ସେହି ମନ୍ତବ୍ୟ ଓକିଲଙ୍କ ହୃଦୟ ମଧ୍ୟରେ ଭେଦକରି ଯାଇଥିଲା ଓ ସେ ବହୁତ ପଶ୍ଚାତାପ କରିଥିଲେ।

୧୦୯। "ଲୋକେ କେତେ ଛଳନାକାରୀ! ସେମାନେ ମୋର ପାଦ ଛୁଇଁବେ, ଦକ୍ଷିଣା ଦେବେ ଓ ପୁଣି ମନଭରି ଗାଳି ଦେବେ। ସେମାନଙ୍କର ଆଚରଣ କେତେ ଅଦ୍ଭୁତ?"

୧୧୦। ଏହା ଶୁଣିବା ପରେ ଓକିଲ ନିରବ ରହିଥିଲେ। ସେ କିନ୍ତୁ ଏହାର ମର୍ମ ଭଲ ଭାବରେ ବୁଝି ପାରିଥିଲେ। ଏ ମନ୍ତବ୍ୟ ତାଙ୍କ ପାଇଁ ଅଭିପ୍ରେତ ବୋଲି ସେ ହୃଦୟଙ୍ଗମ କରିଥିଲେ ଓ ଏହାର ସାରକଥା ତାଙ୍କ ମର୍ମଭେଦ କରିଯାଇଥିଲା।

୧୧୧। ପରେ ସେ ୱାଡ଼ାକୁ ଫେରି ଦୀକ୍ଷିତଙ୍କୁ କହିଥିଲେ, "ବାବାଙ୍କର ଶାଣିତ ବାକ୍ୟ ତାଙ୍କୁ ଆଘାତ ଦେଇଥିଲେ ମଧ୍ୟ ତାହା ସତ୍ୟ।

୧୧୨। "ମୁଁ ପହଂଚିବା ମାତ୍ରକେ ସେ ମୋତେ ଶରବ୍ୟ କରିଥିଲେ। କିନ୍ତୁ ତାହା ମୋ ପାଇଁ ସତର୍କ ସୂଚନା ଥିଲା, ଯେପରି କାହାକୁ ଥଟା କରିବା କିମ୍ବା କାହାରି କୁତ୍ସାରଟନା କରିବାରେ ମୁଁ ଜଡ଼ିତ ନହୁଏ।

୧୧୩। "ଆମର ମୁନସିଫଙ୍କର ଦେହ ଭଲ ନଥିବାରୁ ସେ ଅସ୍ଥିର ହେଉଥିଲେ। କାର୍ଯ୍ୟାଳୟରୁ ଛୁଟିନେଇ ସେ ଏଠାରେ କିଛିଦିନ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ଶାନ୍ତିରେ ରହିଥିଲେ।

୧୧୪। "ଆମେ ଓକିଲଖାନାରେ ବସିଥିବା ସମୟରେ ଆଲୋଚନା ହେଉ ହେଉ ମୁନସିଫଙ୍କ ସମ୍ପର୍କରେ କଥା ପଡ଼ିଥିଲା। ଆମେ ସେଥିରେ ସିଧାସଳଖ ସଂପୃକ୍ତ ନଥିଲେ ମଧ୍ୟ ଆମେ ଅନ୍ଦାଜ କରି କିଛି ମନ୍ତବ୍ୟ ଦେଇଥିଲୁ।

୧୧୫। "ଚିକିତ୍ସା ନକରି କେବଳ ଶ୍ରୀସାଇଙ୍କୁ ଅନୁସରଣ କଲେ କ'ଣ ଶାରୀରିକ ଅସୁସ୍ଥତା ନିରାକରଣ ହୋଇଯିବ? ମୁନସିଫ୍ ଭଳି ପଦବୀକୁ ଉଠିଥିବା ବ୍ୟକ୍ତିଙ୍କ ପକ୍ଷରେ ଏହା କ'ଣ ଶୋଭା ପାଏ?

୧୧୬। "ତାଙ୍କୁ ଏପରି ନୀଚ ପ୍ରତିପାଦିତ କରାଯାଉଥିବା ସମୟରେ ଶ୍ରୀସାଇଙ୍କୁ ମଧ୍ୟ ନ୍ୟୂନ କରାଯାଇଥିଲା। ମୁଁ ମଧ୍ୟ ସେଇ ଆଲୋଚନାରେ କିଛି ମାତ୍ରାରେ ସଂପୃକ୍ତ ଥିଲି ଓ ମୋର ସେହି ଦୋଷକୁ ବାବା ଆଜି ପ୍ରକାଶ କରିଦେଲେ।

୧୧୭। "ଏହା ମୋ ପ୍ରତି ଗାଳି ନୁହେଁ, ବରଂ ଆଶୀର୍ବାଦ। ଜଣେ ଅଯଥାରେ ଅଦରକାରୀ ଆଲୋଚନା, ଅନ୍ୟମାନଙ୍କର ବଦ୍‌ନାମ୍ କିମ୍ବା ସମାଲୋଚନା ଓ ପଛରେ କୁତ୍ସାରଟନା କରିବା ଉଚିତ୍ ନୁହେଁ। ଏଭଳି କୁଅଭ୍ୟାସରେ ବ୍ୟାପୃତ ହେବାରୁ କ୍ଷାନ୍ତ ରହିବା ଉଚିତ।"

୧୧୮। ଶହେକୋଶ ଦୂରରେ ଥିଲେ ମଧ୍ୟ ଶ୍ରୀସାଇ ସର୍ବଦର୍ଶୀ ଅଟନ୍ତି ଓ ସମସ୍ତଙ୍କ ହୃଦୟର କଥା ଜାଣନ୍ତି। ଏହି ଘଟଣା ତା'ର ଏକ ପ୍ରମାଣ ଥିଲା।

୧୧୯। ଅଧିକନ୍ତୁ ଅନ୍ୟ ଏକ ଘଟଣା ମଧ୍ୟ ଏହାଦ୍ୱାରା

ପ୍ରମାଣିତ ହୋଇଥିଲା। ପାହାଡ଼ପର୍ବତର ବାଧା ଶ୍ରୀସାଇଙ୍କଠାରୁ କିଛି ଲୁଚାଇ ପାରୁନଥିଲା । ନିରାପଦରେ, ନିଭୃତରେ ଓ ଗୁପ୍ତଭାବରେ ରଖାଯାଇଥିବା ସମସ୍ତ ଗୋପନ ରହସ୍ୟର ଦ୍ୱାର ତାଙ୍କ ପାଇଁ ମଧ୍ୟ ଖୋଲା ଥିଲା।

୧୨୦। ସେ ଯାହାହେଉ, ସେହିଦିନଠାରୁ ଓକିଲ ଜଣକ କାହାରିକୁ ସମାଲୋଚନା ନକରିବା ପାଇଁ କିମ୍ବା କାହାରି ବିରୋଧରେ କିଛି ଭବିଷ୍ୟତରେ ନକହିବାକୁ ସ୍ଥିର କରିଥିଲେ।

୧୨୧। ଜଣେ ଯେଉଁଠି ଯାହାକିଛି ବି କରୁ, ତାହା ଶ୍ରୀସାଇଙ୍କୁ ଅଜଣା ନୁହେଁ ବୋଲି ଦୃଢ଼ ବିଶ୍ୱାସ ହୋଇଯାଇଥିଲା। ସେ ବଦଭ୍ୟାସ ଛାଡ଼ି ଦେଇଥିଲେ।

୧୨୨। ସୁକୃତି କରିବା ନିମନ୍ତେ ସେ ସଚେତନ ହୋଇଥିଲେ, କାରଣ ସେ ଜାଣିଥିଲେ ଯେ ଶ୍ରୀସାଇ ତାଙ୍କ ଉପରେ ସବୁଦିଗରୁ ନଜର ରଖିଛନ୍ତି ଓ ଶ୍ରୀସାଇଙ୍କୁ କିଏ ବା ଠକି ଦେଇପାରିବ ? ତାଙ୍କର ଏ ବିଷୟରେ ପୂରା ହୃଦ୍‌ବୋଧ ହୋଇଯାଇଥିଲା ।

୧୨୩। କାହାଣୀଟି ଉକ୍ତ ଓକିଲଙ୍କ ସମ୍ପର୍କରେ ହୋଇଥିଲେ ମଧ୍ୟ, ଏହା ସମସ୍ତଙ୍କ ପାଇଁ, ସବୁ ସମୟରେ, ସବୁ ବିଷୟରେ ଅର୍ଥପୂର୍ଣ୍ଣ ଥିଲା।

୧୨୪। ସମସ୍ତ ଓକିଲ, ଶ୍ରୋତା, ବକ୍ତା ଓ ଶ୍ରୀସାଇ ଭକ୍ତ ସେହିଭଳି ପ୍ରତିଜ୍ଞା କରିବାକୁ ମୁଁ ପ୍ରାର୍ଥନା କରୁଅଛି।

୧୨୫। ଶ୍ରୀସାଇ ତାଙ୍କର କୃପା ବାରିଦ ଆମ ସମସ୍ତଙ୍କ ଉପରେ ବର୍ଷଣ କଲେ ଆମେ ଯେ ଅତି ଆନନ୍ଦିତ ହେବୁ, ଏଥିରେ ସନ୍ଦେହ ନାହିଁ। ଯେଉଁମାନେ ତୃଷାର୍ତ୍ତ, ସେମାନେ ନିଜ ନିଜର ତୃଷା ନିବାରଣ କରିପାରିବେ।

୧୨୬। ଶ୍ରୀସାଇଙ୍କର ମହିମା ଅବର୍ଣ୍ଣନୀୟ, ତାଙ୍କ କାହାଣୀଗୁଡ଼ିକର ଅର୍ଥ ଅକଳନୀୟ ଓ ତାଙ୍କ ଜୀବନଚରିତ ଅସୀମ । ସେ ପରଂବ୍ରହ୍ମଙ୍କର ଅବତାର।

୧୨୭। ଯେଉଁ ଶ୍ରୋତାମାନଙ୍କର ବିଶ୍ୱାସ ରହିଛି, ସେମାନେ ମନୋଯୋଗ ସହକାରେ ପରବର୍ତ୍ତୀ ଅଧ୍ୟାୟର କାହାଣୀ ଶୁଣନ୍ତୁ। ଏହା ସେମାନଙ୍କର ମନସ୍କାମନା ପୂରଣ କରି ମାନସିକ ଶାନ୍ତି ସେମାନଙ୍କୁ ଦେବ।

୧୨୮। ଭକ୍ତମାନଙ୍କ ଜୀବନରେ ଭବିଷ୍ୟତରେ ଆସୁଥିବା ଦୁଃଖଦୁର୍ଦ୍ଦଶାକୁ ଶ୍ରୀସାଇ ସମର୍ଥ ଜାଣିପାରୁଥିଲେ। ସେଇ ଦୁଃଖ ଦୁର୍ଦ୍ଦଶାକୁ ଲଘୁ କଥୋପକଥନ ମଧ୍ୟରେ ସାଧାରଣ ଭାବରେ, ଥଟାମଜାରେ, ହସଖୁସିରେ ସେ ଦୂର କରିଦେଉଥିଲେ ।

୧୨୯। ଭକ୍ତ ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି। ଏହି ବର୍ଣ୍ଣନା ବର୍ତ୍ତମାନ ସମ୍ପୂର୍ଣ୍ଣ ହେଉଛି । ପରବର୍ତ୍ତୀ କାହାଣୀରେ, ଭକ୍ତମାନଙ୍କର ଦୁଃଖଦୁର୍ଦ୍ଦଶାର ଦୂରୀକରଣ ସମ୍ପର୍କରେ କୁହାଯିବ ।

୧୩୦। ଦୟାର ସାଗର ଶ୍ରୀସାଇ କିଭଳି ଭବିଷ୍ୟତରେ ଭକ୍ତମାନଙ୍କ ଉପରେ ପଡ଼ିବାକୁ ଥିବା ଗୁରୁତର ବିପଦ ସମ୍ପର୍କରେ ଆଗରୁ ଜାଣିପାରୁଥିଲେ ଓ କିଭଳି ସେମାନଙ୍କୁ ସମୟୋଚିତ ପରାମର୍ଶ ଓ ସତର୍କବାଣୀ ଶୁଣାଇ, ତାହା ଦୂର କରିଦେଉଥିଲେ, ସେକଥା ଶୁଣିବା ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "କୃପାକଲେ ବାବା" ଶୀର୍ଷକ ଏକବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ୧୮୪୯ ମସିହାରେ 'ପଞ୍ଚଦଶୀ'ର ଏହି ହିନ୍ଦୀ ଅନୁବାଦ ହୋଇଥିଲା । ଅନ୍ୟ ଭାଷାରେ ମଧ୍ୟ ଏହାର ଅନୁବାଦ ହୋଇଛି।

୨- 'ଧୋବାଚୁଲୀରେ ଘିଅ ଢାଳୁଥା' ଏମିତି ଏକ ରଢ଼ି ପ୍ରୟୋଗ ଅଛି। ମରାଠୀ ପ୍ରବଚନରେ କୁହାଯାଇଥାଏ-କଳସୀମୁହଁ ତଳକୁ କରି ଓଲଟା କଳସୀ ଉପରେ ପାଣି ଢାଳିଲେ କ'ଣ ପାଣି ରହେ !।

୩- ଗଣେଶ ଦାମୋଦର କେଲକର ଓରଫ୍ ଦାଦା କେଲକର ।

୪- ଅନ୍‌ଜାନ୍‌ଭେଲରୁ ମଥୁରାଦାସ ଅନେକ ଥର ସାଇବାବାଙ୍କୁ ଦର୍ଶନ କରିବା ନିମିତ୍ତ ଆସୁଥିଲେ। ଶିରିଡ଼ିରେ ସେ ପାଟକ ସଗୁଣଙ୍କ ପାଖରେ ରହୁଥିଲେ। ଥରେ ମଥୁରାଦାସ ଓ ସଗୁଣ ଗପସପ ହେଉଥିଲେ । ସେହି ସମୟରେ କେତେଜଣଙ୍କୁ ସମାଲୋଚନା କରିଥିଲେ। ତା'ପରେ ମଥୁରାଦାସ ସାଇବାବାଙ୍କ ନିକଟକୁ ଯାଇଥିଲେ। ସେ ବସିବା ମାତ୍ରକେ ବାବା ତାଙ୍କୁ ପଚାରିଥିଲେ, "ସଗୁଣ କ'ଣ କହୁଥିଲା ?" ମଥୁରାଦାସ ଲଜ୍ଜିତ ହୋଇଯାଇଥିଲେ ଓ ସେ ହୃଦୟଙ୍ଗମ କରିଥିଲେ ଯେ ସଗୁଣ ସହିତ ତାଙ୍କର ଯାହା କଥାବାର୍ତ୍ତା ହୋଇଥିଲା, ତାହା ସାଇବାବା ପସନ୍ଦ କରନ୍ତି ନାହିଁ। ମଥୁରାଦାସ କାହାରିକୁ ସମାଲୋଚନା ନକରିବା କିମ୍ବା ଏମିତି କଥା ନଶୁଣିବା ପାଇଁ ସେଇଦିନ ଶିକ୍ଷା ପାଇଥିଲେ।

॥ ୨୨ ॥

ଅକାଳ ମୃତ୍ୟୁର ବିତାଡ଼ନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ହେ ସଦ୍‌ଗୁରୁ! ଆନନ୍ଦର ବାରିଦ! ପରଂବ୍ରହ୍ମଙ୍କ ଅବତାର, ପବିତ୍ରଙ୍କ ମଧ୍ୟରେ ପବିତ୍ରତମ ! ଭବଭୟହାରୀ ! କଳିଯୁଗର ପାପବିନାଶକାରୀ !

୨ । ଆପଣ ଆନନ୍ଦସାଗର, ଯେଉଁଥିରେ ବିଭିନ୍ନ ଭାବ ରୂପକ ଲହରୀମାଳା ସୃଷ୍ଟି ହୋଇଥାଏ । ଆପଣ ନିଜେ ତାହାକୁ ନିୟନ୍ତ୍ରଣ କରିଥାନ୍ତି । ଭକ୍ତମାନଙ୍କୁ ଆଶୀର୍ବାଦ କରନ୍ତୁ ।

୩ । ସ୍ତିମିତ ଆଲୋକରେ ଯାହା ସର୍ପର ଭ୍ରମ ସୃଷ୍ଟିକରିଥାଏ, ସୂର୍ଯ୍ୟାଲୋକରେ ତାହା ରଜ୍ଜୁ ପାଲଟି ଯାଇଥାଏ । ଉଭୟ ଆଲୋକ ଓ ସୂର୍ଯ୍ୟାଲୋକ ହେଉଛି ଆପଣଙ୍କ ସର୍ଜନା ।

୪ । ଆପଣ ହିଁ ସର୍ପ ରହିଥିବାର ଧାରଣାକୁ ଜନ୍ମ ଦେଇଥାନ୍ତି ଓ ଆପଣ ମଧ୍ୟ ତାହାକୁ ରଜ୍ଜୁରେ ପରିବର୍ତ୍ତନ କରାଇଥାନ୍ତି । ଆପଣ ଭୟର ସୃଷ୍ଟିକର୍ତ୍ତା ହୋଇଥାନ୍ତି ଓ ଆପଣହିଁ ସେହି ଭୟକୁ ଶେଷରେ ଦୂର କରି ଦେଇଥାନ୍ତି ।

୫ । କାଳର ପ୍ରାରମ୍ଭରେ ଯେତେବେଳେ ଚାରିଆଡ଼େ ଘୋର ଅନ୍ଧକାର ବ୍ୟାପିଥିଲା, ସେତେବେଳେ ସର୍ପ କିମ୍ବା ରଜ୍ଜୁ ନଥିଲେ । ତେଣୁ ଏ ପ୍ରକାର କୌଣସି ଧାରଣା ଉପୁଜିବାର ସମ୍ଭାବନା ନଥିଲା । ସେତେବେଳେ ଆପଣହିଁ ନିରାକାର ଥିଲେ ।

୬ । ପରେ ସ୍ତିମିତ ଆଲୋକରେ ନିରାକାର ଯେତେବେଳେ ଆକାରରେ ପରିଣତ ହେଲେ, ସେତେବେଳେ ସର୍ପର ଭ୍ରମ ଧାରଣା ଜାତ ହେଲା । ତାହା ମଧ୍ୟ ଆପଣଙ୍କର ସୃଷ୍ଟି ।

୭ । ଏହି ଆବିର୍ଭାବ ଓ ଧାରଣା ଆପଣଙ୍କ ପରିବର୍ତ୍ତନଶୀଳ ମାନସିକ କସରତ୍‌ର ମୂର୍ତ୍ତରୂପ । ଆପଣଙ୍କ ପ୍ରକୃତ ପ୍ରକୃତି, ଉଭୟ ସ୍ଥିତି ଓ ଅନୁପସ୍ଥିତିଠାରୁ ମୁକ୍ତ । ଏଣୁ ଆପଣ ଅକଳନୀୟ ।

୮ । ଶ୍ରୁତି ଏ ସମ୍ପର୍କରେ ନିରବ । ଏପରିକି ଶେଷନାଗ ସହସ୍ର ଜିହ୍ୱା ପାଇଥିଲେ ମଧ୍ୟ ତାହା ବର୍ଣ୍ଣନା କରିପାରିନଥିଲେ । ମୁଁ ତାହାକୁ ହୃଦୟଙ୍ଗମ କରିବାକୁ କିଏ ?

୯ । ବାବା ! ଆପଣଙ୍କ ଦର୍ଶନ ବ୍ୟତୀତ ଆଉ କିଛି ମୋତେ ଭଲ ଲାଗେ ନାହିଁ । ଆପଣଙ୍କ ରୂପକୁ ସଦାବେଳେ ମୋ ଚକ୍ଷୁ ସମ୍ମୁଖରେ ରଖି ଧ୍ୟାନ କରିବା ଉଚିତ୍ ବୋଲି ମୁଁ ଅନୁଭବ କରେ ।

୧୦ । ଆପଣ ଶୁଦ୍ଧ ଜ୍ଞାନାବତାର ଅଟନ୍ତି । ଆନନ୍ଦପ୍ରାପ୍ତି ନିମନ୍ତେ ଆପଣଙ୍କର ପଦତଳ ବ୍ୟତୀତ ଆମମାନଙ୍କ ପାଇଁ ଅନ୍ୟ କୌଣସି ଜାଗା ନାହିଁ ।

୧୧ । ଆପଣ ଆପଣଙ୍କର ଆସନ ଉପରେ ବସିଥିବା ସମୟରେ ଆପଣଙ୍କର ସ୍ୱାଭାବିକ ଭାବଭଂଗୀ କେତେ ଚମତ୍କାର ! ଅନେକ ଭକ୍ତ ଆପଣଙ୍କ ଦର୍ଶନ ନିମିତ୍ତ ଆସି,

ଆପଣଙ୍କ ପଦତଳେ ମୁଣ୍ଡିଆ ମାରି ସେମାନଙ୍କର ଆନନ୍ଦ ସଶ୍ରଦ୍ଧେ ସଂଗ୍ରହ କରିନେଇଥାନ୍ତି।

୧୨। ଆପଣଙ୍କ ପାଦ କି ମନୋରମ ! ଆପଣଙ୍କ ପାଦର ଅଗ୍ରଭାଗ ଚନ୍ଦ୍ରକୁ ବୃକ୍ଷର ଦୁଇ ଡାଳ ଫାଙ୍କରେ ଦେଖିବା ପରି ଦେଖାଯାଏ ଯେତେବେଳେ ଆପଣ ତାହାକୁ ଆପଣଙ୍କ ହାତର ଦୁଇଆଙ୍ଗୁଳି ଭିତରେ ଧରିଥାନ୍ତି । ଦର୍ଶନର ପ୍ରବଳ ଆକାଂକ୍ଷା ଏହା ସମ୍ପୂର୍ଣ୍ଣ କରିଥାଏ।

୧୩। ଚାନ୍ଦ୍ରମାସର କୃଷ୍ଣପକ୍ଷ ଶେଷରେ ଅମାବାସ୍ୟାର ରାତ୍ରି ଗତ ହେବାପରେ ସମସ୍ତେ ଚନ୍ଦ୍ରଦର୍ଶନ ନିମିତ୍ତ ସ୍ୱଭାବତଃ ଆଗ୍ରହୀ ହୋଇଥାନ୍ତି।

୧୪। ଚାନ୍ଦ୍ରମାସର ଶୁକ୍ଳପକ୍ଷ ଆରମ୍ଭ ହେବା ମାତ୍ରକେ ଚନ୍ଦ୍ରଦର୍ଶନର ଆଶା ନେଇ ସମସ୍ତେ ପଶ୍ଚିମପଟର ଆକାଶକୁ ଆଗ୍ରହରେ ଚାହିଁ ରହିଥାନ୍ତି।

୧୫। ଆପଣଙ୍କ ଭକ୍ତମାନଙ୍କର ସେହି ମନସ୍କାମନାକୁ ଆପଣ ପୂରଣ କରିଥାନ୍ତି ଯେତେବେଳେ ଆପଣଙ୍କ ଡାହାଣ ଗୋଡ଼କୁ ଆପଣ ବାମ ଗୋଡ଼ ଜଙ୍ଘ ଉପରେ ପକାଇ ଛନ୍ଦିଦେଇ ବସିଥାନ୍ତି ।

୧୬। ବାମହାତର ବିଶି ଓ ମଧ୍ୟମା ଆଙ୍ଗୁଳି ମଝିରେ ଆପଣ ଡାହାଣ ପାଦର ଅଗ୍ରଭାଗକୁ ଧରି ବୃଦ୍ଧାଙ୍ଗୁଷ୍ଠି ପାଖରେ ରଖିଥାନ୍ତି ଓ ବାମହାତର ସେହି ଆଙ୍ଗୁଳିଗୁଡ଼ିକ ଡାହାଣ ପାଦର ବୃଦ୍ଧାଙ୍ଗୁଷ୍ଠି ପାଖରେ ରହିଥାଏ। ଏହା ଡାହାଣ ପାଦ ଉପରେ ଇଂରାଜୀ 'ଭି' ଅକ୍ଷର ପରି ଏକ ଆକୃତି ଆଙ୍କି ଥାଏ ଓ ଦ୍ୱିତୀୟା ଜହ୍ନ ଭଳି ଚମକୁଥାଏ।

୧୭। ଲୋକେ ଚନ୍ଦ୍ରଦର୍ଶନ କରିବାପାଇଁ ବହୁତ ଇଚ୍ଛା କରିଥାନ୍ତି। କ୍ଷୀଣ ଚନ୍ଦ୍ର ଆକାଶରେ ଦେଖାଯାଉନଥିଲେ, ଜ୍ଞାନୀଲୋକେ ଆପଣଙ୍କର ସେଇ ଆଙ୍ଗୁଳି ମଧ୍ୟରେ ତାହାକୁ ଦେଖିବା ପାଇଁ ପରାମର୍ଶ ଦେଇଥାନ୍ତି।

୧୮। ସେମାନେ କହିଥାନ୍ତି, "ଏବେ ଦେଖ, ଏହି ଦୁଇଟି (ଆଙ୍ଗୁଳି) ମଧ୍ୟଦେଇ ଅନାଇଲେ ଚନ୍ଦ୍ର ଆମ ସମ୍ମୁଖରେ ଦେଖାଯିବ। କ୍ଷୀଣଚନ୍ଦ୍ର କ୍ଷୁଦ୍ର ହୋଇଥିଲେ ମଧ୍ୟ ଆମେ ତାହାକୁ ଠିକ୍ ଜାଗାରେ ଦେଖିପାରିବା।"

୧୯। ସେହି ବୃଦ୍ଧାଙ୍ଗୁଳିର ମାହାତ୍ମ୍ୟ ବହୁତ ଅଧିକ। ଆପଣ ନିଜେ ବେଣୀମାଧବଂ ହୋଇ ଗଙ୍ଗା ଓ ଯମୁନାକୁ ଆବିର୍ଭାବ କରାଇ ଦାସଗଣୁଂଙ୍କୁ ସନ୍ତୁଷ୍ଟ କରାଇଥିଲେ।

୨୦। ସେ ପ୍ରୟାଗରେ ସ୍ନାନ କରିବା ନିମିତ୍ତ ଯିବା ପାଇଁ ଅନୁମତି ମାଗିବାକୁ ଆସିଥିଲେ। ଆପଣ ତାଙ୍କୁ କହିଥିଲେ, "ମୋର ପାଦର ବୃଦ୍ଧାଙ୍ଗୁଳିକୁ ପ୍ରୟାଗ ବୋଲି ଜାଣିଥାଅ। ଏହାକୁ ବିଶ୍ୱାସ କରି ଏଠାରେ ସ୍ନାନକର।"

୨୧। ବାବା ଏକଥା କହିବା ପରେ ପରେ ଦାସଗଣୁ ତାଙ୍କ ମୁଣ୍ଡତଳେ ପ୍ରଣାମ କରିଥିଲେ। ତାଙ୍କ ଦୁଇପାଦର ବୁଢ଼ା ଆଙ୍ଗୁଳିରୁ ଗଙ୍ଗା ଓ ଯମୁନାର ଦୁଇ ଧାର ଛୁଟି ଆସିଥିଲା।


ଦାସଗଣୁ

୨୨। ଦାସଗଣୁ ଏ ଘଟଣା ସମ୍ବନ୍ଧରେ ସଂଗୀତଟିଏ ଲେଖିଛନ୍ତି। ସେହି ସଂଗୀତର ମୂଳ ଧାଡ଼ି ହେଉଛି, "ଅସୀମ ତୁମର କ୍ଷମତା, ବିସ୍ମୟକର ତୁମ ଲୀଳା" ଇତ୍ୟାଦି। ଶ୍ରୋତାମାନେ ଆଗ୍ରହୀ ଥିଲେ ତାହା ଶୁଣିପାରିବେ।

୨୩। 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ଚତୁର୍ଥ ଅଧ୍ୟାୟରେ ଏହାକୁ ସେମାନେ ପାଇପାରିବେ। ଦାସଗଣୁ ନିଜେ ଏହା ବୋଲିଥିଲେ। ଏହାକୁ ଶ୍ରୋତାମାନେ ପୁଣି ପାଠକଲେ ଆଉଥରେ ଆନନ୍ଦିତ ହେବେ।

୨୪। ଗଛର ଦୁଇଡ଼ାଳ ମଧ୍ୟରେ କ୍ଷୀଣ ଚନ୍ଦ୍ରକୁ ଦର୍ଶନକରିବା ଭଳି ବାମ ହାତର ବିଶି ଓ ମଧ୍ୟମା ଆଙ୍ଗୁଳି ମଧ୍ୟରେ ଡାହାଣ ପାଦର ଅଗ୍ରଭାଗକୁ ରଖି, ବାବା ସାଇ ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେଉଥିଲେ ଓ ସହଜରେ ଧ୍ୟାନ କରିବା ଶିଖାଉଥିଲେ ।

୨୫। ତାହାଦ୍ୱାରା ସେ ଆମକୁ ଏଇ ଶିକ୍ଷା ଦେଉଥିଲେ ଯେ, ସମସ୍ତଙ୍କ ଆଗରେ ବିନମ୍ର ଭାବ ଦେଖାଇବା ପାଇଁ ପାଦର ବୃଦ୍ଧାଙ୍ଗୁଷ୍ଠି ଉପରେ ମନ ସ୍ଥିର ରଖ । ଏହା ଭକ୍ତିର ସହଜ ମାର୍ଗ।

୨୬। ଏବେ ଆମେ ପୂର୍ବ କାହାଣୀକୁ ଫେରିଯିବା ଓ କିପରି ଭକ୍ତମାନେ ବାବାଙ୍କ କୃପାଲାଭ କରିଥିଲେ, ତାହାର ବର୍ଣ୍ଣନା କରିବା। କାହାଣୀର ପରବର୍ତ୍ତୀ ଭାଗ ଅତୁଳନୀୟ, ତାହାକୁ ଧ୍ୟାନ ସହକାରେ ଶୁଣନ୍ତୁ।

୨୭। ବାବାଙ୍କ ଯୋଗୁଁ ଶିରିଡ଼ି ସବୁଠାରୁ ପବିତ୍ରଧାମ ପାଲଟିଯାଇଥିଲା। ଧାର୍ମିକ ଭକ୍ତମାନେ ଅଧିକ ସଦ୍‌ଗୁଣ ଲାଭ କରିବା ଆଶାରେ ଦିନରାତି ଧାଡ଼ି ଲଗାଇଥିଲେ।

୨୮। ନିଜର କିମ୍ବା ଅନ୍ୟମାନଙ୍କର ଅଭିଜ୍ଞତାରୁ ଜାଣିବା ପରେ ଶିରିଡ଼ିରେ ଅବତାର ନେଇଥିବା କଳ୍ପବୃକ୍ଷ ସଦୃଶ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଦଶଦିଗରୁ ଲୋକେ ଧାଇଁ ଆସୁଥିଲେ।

୨୯। ସେ ଧନୀ ଗରିବ ଉଭୟଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ ଓ ଅଚିନ୍ତନୀୟ କୌଶଳରେ ଭକ୍ତମାନଙ୍କର କଲ୍ୟାଣ ସାଧନ କରୁଥିଲେ।

୩୦। କେତେ ପବିତ୍ର ସ୍ନେହ ! ତାଙ୍କର ସହଜାତ ପ୍ରଜ୍ଞା ଓ ପ୍ରଗାଢ଼ ଭ୍ରାତୃଭାବ ! ଯିଏ ଏହି ଅଭିଜ୍ଞତା ଲାଭ କରିଛି, ସେ ଧନ୍ୟ !

୩୧। ବେଳେବେଳେ ସେ ନିରବ ରହୁଥିଲେ ମଧ୍ୟ ତାହା ସ୍ୱତଃ ବ୍ରହ୍ମ ଉପରେ ଦୀର୍ଘ ବକ୍ତବ୍ୟ ଥିଲା। ସେ ଭକ୍ତମାନଙ୍କ ଗହଣରେ ପରିବେଷ୍ଟିତ ହୋଇଥିବା ସମୟରେ ସର୍ବଶକ୍ତିମାନ, ଆନନ୍ଦର ବାରିଦ ହୋଇଥାନ୍ତି।

୩୨। ବେଳେବେଳେ ତାଙ୍କର ବଚନ ମଧ୍ୟରେ ଗଭୀର ଓ ଗୂଢ଼ ଅର୍ଥ ନିହିତ ଥାଏ। କେତେବେଳେ ସେ ହାସ୍ୟରସ ପ୍ରକାଶ କରି କଥା କହିଥାନ୍ତି ତ ଆଉ କେତେବେଳେ ସିଧାସଳଖ କଥା କହିଥାନ୍ତି ଓ ମୁହେଁ ମୁହେଁ ବହୁତ କ୍ରୋଧ ପ୍ରକାଶ କରିଥାନ୍ତି।

୩୩। କେବେ କେମିତି ସେ ଅନ୍ତରର ଭାବନାକୁ ବ୍ୟକ୍ତ କରୁଥିବାବେଳେ ଅନ୍ୟ ସମୟରେ ନିଜକୁ ନିୟନ୍ତ୍ରଣ କରିଥାନ୍ତି। ବେଳେବେଳେ ସେ ଖୋଲାଖୋଲି ଓ ରୋକ୍‌ଠୋକ୍ କଥା କହିଥାନ୍ତି। ଏହିଭଳି ଭାବରେ ସେ ବିଭିନ୍ନ ବିଷୟରେ, ଭିନ୍ନ ଭିନ୍ନ ଉପାୟରେ ଭିନ୍ନ ଭିନ୍ନ ଲୋକଙ୍କୁ ନାନାଦି ଉପଦେଶ ଦେଇଥାନ୍ତି।

୩୪। ଏହାହିଁ ହେଲା ଶ୍ରୀସାଇ ସମର୍ଥଙ୍କ ଆଚରଣର ଢଙ୍ଗ ଯାହା ମନ, ବୁଦ୍ଧି ଓ ବାକ୍ ଶକ୍ତିର ବାହାରେ। ତାଙ୍କର କାର୍ଯ୍ୟକଳାପ କେବେହେଲେ ବୁଝିହୁଏ ନାହିଁ। କାରଣ, ତାହା ଅପ୍ରତ୍ୟାଶିତ, ଅଚିନ୍ତ୍ୟ ଓ ସହସା ହୋଇଥାଏ।

୩୫। ତାଙ୍କର ମୁଖମଣ୍ଡଳକୁ ଅବଲୋକନ କରିବା, ତାଙ୍କ ସହିତ କଥାଭାଷା ହେବା ଓ ତାଙ୍କର ଲୀଳା ଶ୍ରବଣ କରିବାର ବଳବତୀ ଇଚ୍ଛା ଆମର କେବେହେଲେ ପ୍ରଶମିତ ହୁଏନାହିଁ। ଅଥଚ, ଆମେ ଆନନ୍ଦରେ ଫାଟିପଡ଼ିଥାଉ।

୩୬। ଜଣେ ବର୍ଷା ବିନ୍ଦୁକୁ ଗଣି ଦେଇପାରେ; ପବନକୁ ଚମଡ଼ା ଥଳିରେ[୩] ବାନ୍ଧି ଦେଇପାରେ; କିନ୍ତୁ ତାଙ୍କର ଶକ୍ତିକୁ କିଏ କେବେ ମାପି ପାରିବ କି ?

୩୭। ସେ ଯାହାହେଉ, ଏବେ ନିରବରେ ଶ୍ରୀସାଇଙ୍କର କାହାଣୀ ଆଗକୁ ଶୁଣନ୍ତୁ। ଶ୍ରୀସାଇ କିପରି ଭକ୍ତମାନଙ୍କର ନିରାପତ୍ତା ପ୍ରତି ଦୃଷ୍ଟି ଦେଉଥିଲେ ଓ କିପରି ସେମାନଙ୍କର ଅନତିକ୍ରମ୍ୟ ଆପଦବିପଦକୁ ଦୂର କରିଦେଉଥିଲେ, ସେ ବିଷୟରେ ଶୁଣନ୍ତୁ।

୩୮। ଭକ୍ତମାନଙ୍କ ଉପରକୁ ମାଡ଼ି ଆସୁଥିବା ବିପଦର ଭବିଷ୍ୟ ସୂଚନା ସେ ଦେଉଥିଲେ ଓ ଠିକ୍ ସମୟରେ ସେମାନଙ୍କ ମନୋବଳ ବୃଦ୍ଧିକରି ସେମାନଙ୍କୁ ରକ୍ଷା କରୁଥିଲେ ଏବଂ ନିଜର ପାଦତଳେ ଆଶ୍ରୟ ଦେଉଥିଲେ। ଏପରି ଭାବରେ ସେ ସବୁବେଳେ ସେମାନଙ୍କର କଲ୍ୟାଣ ସାଧନ କରିବା ଲାଗି ପ୍ରସ୍ତୁତ ରହିଥିଲେ ।

୩୯। ଉଦାହରଣ ସ୍ୱରୂପ, ଏକ କାହାଣୀ ବର୍ଣ୍ଣନା କରାଗଲେ ଉପରୋକ୍ତ କଥାର ପ୍ରମାଣ ମିଳିବ ଓ ତାହା ଶୁଣି ଶ୍ରୋତାମାନେ ଖୁସି ହେବେ। ଏହା ଶ୍ରୀସାଇଙ୍କ ସହିତ ରହିବାର ଆନନ୍ଦ ଦେବ ଓ ଭକ୍ତମାନଙ୍କର ବିଶ୍ୱାସକୁ ସୁଦୃଢ଼ କରିବ।

୪୦। ମନୁଷ୍ୟ ଯେତେ ଅଜ୍ଞ, ଅଧମ ବା ସବୁଥିରୁ ବଂଚିତ ହୋଇଥିଲେ ମଧ୍ୟ ଯଦି ସେ ଶ୍ରୀସାଇଙ୍କର କାହାଣୀ ଶୁଣିବା ପାଇଁ ଶ୍ରଦ୍ଧା କରେ ଓ ତାଙ୍କର ନାମ ଅହର୍ନିଶି ସ୍ମରଣ କରେ, ତେବେ ଶ୍ରୀସାଇ ତାକୁ ଭବସାଗରରୁ ପାରିକରାଇ ଦେଇଥାନ୍ତି।

୪୧। ଅହମଦନଗରର କାକାସାହେବ ମିରୀକରଙ୍କୁ ସରକାର ପ୍ରୀତ ହୋଇ ସର୍ଦ୍ଦାର ଉପାଧି ଦେଇଥିଲେ।

୪୨। ତାଙ୍କର ପୁତ୍ର ବାଳାସାହେବ ମିରୀକର ଜଣେ ବିବେକୀ କର୍ମଚାରୀ ଥିଲେ ଓ କୋପରଗାଁର ମାମଲତଦାର ହୋଇଥିଲେ। ସେ ଥରେ ସରକାରୀ ଗସ୍ତରେ ଚିତଳୀ[୪] ଯାଉଥିଲେ ଓ ବାଟରେ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଶିରିଡ଼ିରେ ପହଞ୍ଚିଥିଲେ।

୪୩। ସେ ମସ୍‌ଜିଦ୍‌କୁ ଯାଇ ବାବାଙ୍କ ଚରଣରେ ପ୍ରଣାମ କରିଥିଲେ ଓ ପାଖରେ ବସିଥିଲେ। ସେମାନଙ୍କର କଥାବାର୍ତ୍ତା ଭିତରେ ଔପଚାରିକ ଭାବରେ ଦେହପା' କୁଶଳ ଜିଜ୍ଞାସା ହୋଇଥିଲା ।

୪୪। ମାଧବରାଓଙ୍କ ସମେତ ବହୁତ ଭକ୍ତ ସେଠାରେ ଉପସ୍ଥିତ ଥିଲେ। ନିବିଷ୍ଟ ଚିତ୍ତରେ ସେହି ଚମତ୍କାର କଥାମୃତ ଏବେ ପାନ କରନ୍ତୁ ।

୪୫। ଅନାଗତ ବିପଦ ସମ୍ବନ୍ଧରେ ବାବା କିପରି ଭବିଷ୍ୟବାଣୀ କରୁଥିଲେ ଓ ତାହାକୁ ଏଡ଼ାଇବା ପାଇଁ କିଭଳି ପଦକ୍ଷେପ ନେଉଥିଲେ ଏବଂ ଭକ୍ତମାନଙ୍କୁ କେମିତି ରକ୍ଷା କରୁଥିଲେ-ବାବାଙ୍କର ଏ ସମସ୍ତ କାର୍ଯ୍ୟ ପ୍ରକୃତରେ ଆଶ୍ଚର୍ଯ୍ୟଜନକ ଥିଲା।

୪୬। ବାବା ସେହିସମୟରେ ବାଲାସାହେବଙ୍କୁ ଏକ ବିସ୍ମୟକର ପ୍ରଶ୍ନ ପଚାରିଥିଲେ। "ଏହା ଆମ ଦ୍ୱାରକାମାୟୀ! ତୁମେ ଜାଣିଛଟି ?"

୪୭। ବାଲାସାହେବ ସେହି ପ୍ରଶ୍ନକୁ ଆଦୌ ବୁଝିପାରିନଥିଲେ। ବାବା ପୁଣି କହିଥିଲେ, "ଦେଖ। ଇଏ ଆମ ଦ୍ୱାରକାମାୟୀ!

୪୮। "ଇଏ ଆମ ଦ୍ୱାରକାମାୟୀ! ମସ୍‌ଜିଦ୍ କୋଳରେ ବସିଥିବା ସମୟରେ ସିଏ ପିଲାମାନଙ୍କୁ ରକ୍ଷା କରିଥାନ୍ତି। ଚିନ୍ତା କରିବାର କୌଣସି ପ୍ରଶ୍ନ ଉଠେନାହିଁ।

୪୯। "ଏହି ମସ୍‌ଜିଦ୍‌ମାୟୀ ବହୁତ ଦୟାଳୁ। ସେ ସମସ୍ତ ନିରୀହ ଓ ବିଶ୍ୱସ୍ତ ଭକ୍ତମାନଙ୍କର ମାତା। ଯିଏ ଯେଉଁ ପ୍ରକାର ଅସୁବିଧା ଭୋଗୁଥିଲେ ମଧ୍ୟ ସେ ସତ୍ୱରେ ତାଙ୍କୁ ରକ୍ଷା କରିଥାନ୍ତି।

୫୦। "ଜଣେ ତାଙ୍କ କୋଳରେ ବସିଗଲେ ତା'ର ସମସ୍ତ ଦୁଃଖର ଅବସାନ ଘଟିଥାଏ। ଯିଏ ତାଙ୍କ ଛାଇରେ ବିଶ୍ରାମ କରେ, ସିଏ ଆନନ୍ଦର ସିଂହାସନରେ ବସିଥାଏ।

୫୧। "ଏହା ହେଉଛି ସେଇ ଦ୍ୱାରକା, ଦ୍ୱାରାବତୀ!" ତା'ପରେ ବାବା ତାଙ୍କୁ ଉଦି ପ୍ରଦାନ କରିଥିଲେ ଓ ନିଜର ସୁରକ୍ଷାପ୍ରଦାନକାରୀ ହସ୍ତକୁ ତାଙ୍କ ମସ୍ତକ ଉପରେ ରଖିଥିଲେ। ଏହାପରେ ମିରୀକର ଯିବା ପାଇଁ ଉଠିଥିଲେ।

୫୨। ବାବା ପୁନରାୟ ମିରୀକରଙ୍କୁ ଆଉ ଏକ ପ୍ରଶ୍ନ ପଚାରିଥିଲେ, "ତୁମେ ଲମ୍ବ ବାବା(ସାପ) ଓ ତାଙ୍କର ରହସ୍ୟମୟ ଶକ୍ତିକୁ ଜାଣିଛଟି ?"

୫୩। ତା'ପରେ ସେ ହାତମୁଠା କରିଥିଲେ ଓ ତାଙ୍କର ବାମ ହାତକୁ ଡାହାଣ ହାତର କହୁଣୀ ନିକଟକୁ ନେଇଥିଲେ । ତାହାକୁ ଧରି ଚାରିପଟରେ ବୁଲାଇଥିଲେ ଓ କହିଥିଲେ, "ସେ ଏହିଭଳି ଭୟଙ୍କର!

୫୪। "କିନ୍ତୁ ସେ ଆମର କ'ଣ କରିବ? ଆମେ ଦ୍ୱାରକାମାୟୀର ସନ୍ତାନ। ତାହାର କାର୍ଯ୍ୟକଳାପକୁ କେହି କଳ୍ପନା କରିପାରିବ ନାହିଁ। କେବଳ ତାହାର ବିସ୍ମୟକର କର୍ମକୁ ନିରବରେ ଦେଖ।

୫୫। "ଦ୍ୱାରକାମାୟୀ ରକ୍ଷାକର୍ତ୍ତ୍ରୀ ଥିବା ସମୟରେ ସେହି 'ଲମ୍ବ ବାବା' କିପରି ଆକ୍ରମଣ କରିବାକୁ ସାହସ କରିବ? ଆକ୍ରମଣକାରୀର ବଳ ରକ୍ଷାକର୍ତ୍ତ୍ରୀର ବଳ ସହିତ ଆଦୌ ତୁଳନୀୟ ନୁହେଁ। ଏକଥା କେମିତି ବୁଝାଇ ହେବ!"

ବାଲାସାହେବ ମିରୀକର

୫୬। ବାବା ଏହି ସମୟରେ ଏଭଳି କାହିଁକି ବ୍ୟାଖ୍ୟା କରୁଥିଲେ? ମିରୀକରଙ୍କର ଏହା ସହିତ ସମ୍ପର୍କ କ'ଣ? ସମସ୍ତେ ଜାଣିବା ନିମନ୍ତେ କୌତୁହଳୀ ଥିଲେ।

୫୭। ସେ ବାବାଙ୍କୁ ପଚାରିବା ନିମନ୍ତେ ସାହସ କରିନଥିଲେ। ତେଣୁ ସେ ତାଙ୍କ ପାଦତଳେ ମୁଣ୍ଡିଆ ମାରିଥିଲେ ଓ ଚିତଲୀ ଯିବାକୁ ଡେରି ହେଉଛି ବୋଲି କହି ପାହାଚରୁ ଓହ୍ଲାଇବା ଆରମ୍ଭ କରିଥିଲେ।

୫୮। ମାଧବରାଓ ତାଙ୍କ ସହିତ ଥିଲେ। ଦୁହେଁ ଫାଟକ ପାଖରେ ପହଂଚିଛନ୍ତି କି ନାହିଁ, ବାବା ପଛରୁ ମାଧବାରାଓଙ୍କୁ ଡକାଇ ପଠାଇଲେ। "କିଛିକ୍ଷଣ ପାଇଁ ଏଠାକୁ ଫେରିଆସ।"

୫୯। "ଶାମା! ତୁମେ ମଧ୍ୟ ଯିବାକୁ ପ୍ରସ୍ତୁତ ହୁଅ ଓ ତାଙ୍କ ସହିତ ଯାଅ। ଚିତଲୀ ଯାଇ ବୁଲିଆସ। ତୁମକୁ ବହୁତ ଭଲ ଲାଗିବ"।

୬୦। ଶାମା ସଙ୍ଗେ ସଙ୍ଗେ ପାହାଚରୁ ତଳକୁ ଓହ୍ଲାଇଲେ ଓ ମିରୀକରଙ୍କ ପାଖକୁ ଆସି କହିଲେ, "ମୁଁ ଆପଣଙ୍କ ସାଂଗରେ ଟାଙ୍ଗାରେ ଚିତଲୀ ଯିବି।

୬୧। "ମୁଁ ଘରକୁ ଯାଇ ସାଂଗେ ସାଂଗେ ପ୍ରସ୍ତୁତ ହୋଇ ଆସୁଛି। ମୁଁ ଆପଣଙ୍କ ସହିତ ଚିତଲୀ ଯିବାପାଇଁ ବାବା କହିଲେ।"

୬୨। ମିରୀକର ତାଙ୍କୁ କହିଲେ, "ତୁମେ ଏତେଦୂର ଚିତଲୀ ଯାଇ କ'ଣ କରିବ? ଅଯଥାରେ କଷ୍ଟ ପାଇବ।"

୬୩। ମାଧବରାଓ ଫେରିଆସି ଏକଥା ବାବାଙ୍କୁ କହିଲେ।

ବାବା କହିଲେ, "ଠିକ୍ ଅଛି ! ତୁମର କ'ଣ କ୍ଷତି ହେଉଛି ?"

୬୪। "ମନ୍ତ୍ର, ତୀର୍ଥ, ବ୍ରାହ୍ମଣ, ଭଗବାନ, ଜ୍ୟୋତିଷ, ଡାକ୍ତର ବା ଗୁରୁ-ଏମାନଙ୍କ ଉପରେ ତୁମର ବିଶ୍ୱାସ ଅନୁପାତରେ ଫଳ ମିଳିଥାଏ।

୬୫। "ଆମେ ସବୁବେଳେ ଭଲ ପାଇଁ ଚେଷ୍ଟା କରିବା ଓ ଯଥାଯଥ ଉପଦେଶ ଦେବା। ତା' ସତ୍ତ୍ୱେ ଭାଗ୍ୟରେ ଯାହା ଥିବ ତାହାହିଁ ଘଟିବ।"

୬୬। ଇତିମଧ୍ୟରେ ମିରୀକର ତାଙ୍କର ନିଜସ୍ୱ ନିର୍ଣ୍ଣୟ ଉପରେ ସନ୍ଦେହ ପ୍ରକାଶ କରିଥିଲେ ଓ ବାବାଙ୍କର ଆଦେଶକୁ ମାନିନେବା ଉଚିତ ହୋଇଥାନ୍ତା ବୋଲି ଭାବିଥିଲେ। ତେଣୁ ସେ ମାଧବରାଓଙ୍କୁ ନିରବରେ ଇସାରା ଦେଇଥିଲେ ଓ ତାଙ୍କ ସାଙ୍ଗରେ ଚିତଲୀ ଯିବାପାଇଁ କହିଥିଲେ ।

୬୭। କିନ୍ତୁ ମାଧବରାଓ କହିଥିଲେ, "ଅପେକ୍ଷା କରନ୍ତୁ, ମୁଁ ଆସୁଛି। ମୋତେ ବାବାଙ୍କର ଅନୁମତି ଆଉଥରେ ନେବାକୁ ପଡ଼ିବ। ସେ ଯଦି 'ହଁ' କହିବେ, ମୁଁ ସାଂଗେ ସାଂଗେ ଆସିବି। ମୁଁ ଖୁବ୍‌ଶୀଘ୍ର ଫେରିବି ।

୬୮। "ମୁଁ ଆପଣଙ୍କ ସହିତ ଯିବାକୁ ବାହାରିଥିଲି, କିନ୍ତୁ ଆପଣ ଫେରାଇ ଦେଲେ। ସେ କଥା ଶୁଣି ବାବା କହିଥିଲେ, ଠିକ୍ ଅଛି ! ତୁମର କ'ଣ କ୍ଷତି ହେଉଛି ? ଏହାପରେ ସେ ଚୁପଚାପ ବସିବା ପାଇଁ ମୋତେ କହିଥିଲେ।

୬୯। "ମୋତେ ପୁଣି ତାଙ୍କୁ ପଚାରିବାକୁ ପଡ଼ିବ। ସେ 'ହଁ' କହିଲେ, ମୁଁ ସାଂଗେ ସାଂଗେ ଆସିବି। ସେ ଯାହା କହିବେ, ମୁଁ ଠିକ୍ ତାହା କରିବି। ମୁଁ ତାଙ୍କର ଆଜ୍ଞାଧୀନ ଦାସ ମାତ୍ର।"

୭୦। ତା'ପରେ ସେ ବାବାଙ୍କ ନିକଟକୁ ଯାଇ କହିଥିଲେ ଯେ ତାଙ୍କୁ ମିରୀକର ତାଙ୍କ ସହ ଚିତଲୀ ଯିବାପାଇଁ ଡାକୁଛନ୍ତି ଓ ତାଙ୍କର ଅନୁମତି ଲୋଡ଼ିଛନ୍ତି।

୭୧। ଶ୍ରୀସାଇ ମୁରୁକି ହସି କହିଥିଲେ, "ଠିକ୍ ଅଛି। ସେ ଯଦି ଡାକୁଛନ୍ତି, ତୁମେ ଯାଇପାର। ତାଙ୍କ ନାମ ମସ୍‌ଜିଦ୍‌ମାୟୀ। ସେ ତାଙ୍କର ସୁନାମ ନଷ୍ଟ ହେବାକୁ କେବେ ଦେବେ ନାହିଁ।

୭୨। "ଯାହା ବି ହେଉ 'ମା' ହେଉଛନ୍ତି 'ମା'। ପିଲାମାନଙ୍କ ପ୍ରତି ସେ ସବୁବେଳେ ସ୍ନେହୀ ଓ ଅତି ଦରଦୀ। କିନ୍ତୁ ପିଲାମାନେ ଯଦି ଅବିଶ୍ୱାସ କରିବେ, ତେବେ ସେ କିପରି ସେମାନଙ୍କର ଯତ୍ନ ନେବେ ?"

୭୩। ଶ୍ରୀସାଇଙ୍କ ପଦତଳେ ମୁଣ୍ଡିଆମାରି ମାଧବରାଓ ବାହାରିପଡ଼ିଲେ ଓ ମିରୀକର ଯେଉଁଠି ଟାଙ୍ଗାରେ ବସିବା ପାଇଁ ଅପେକ୍ଷା କରିଥିଲେ, ସେଠାକୁ ଆସିଥିଲେ ।

୭୪। ଉଭୟେ ଚିତଲୀ ଯାଇଥିଲେ ଓ ଖବର ନେଇଥିଲେ ଯେ ଯେଉଁ କେତେଜଣ ଉଚ୍ଚ ଅଧିକାରୀ ଆସିବାର ଥିଲା, ସେମାନେ ଏଯାଏଁ ପହଂଚି ନାହାନ୍ତି। ତେଣୁ ସେମାନେ ଚୁପ୍‌ଚାପ୍ ଅପେକ୍ଷା କରିଥିଲେ।

୭୫। ମାରୁତି ମନ୍ଦିରରେ ରହିବାର ବନ୍ଦୋବସ୍ତ ହୋଇଥିଲା। ତେଣୁ ସେ ଦୁହେଁ ସେଠାକୁ ସାଙ୍ଗେ ସାଙ୍ଗେ ଚାଲିଯାଇଥିଲେ।

୭୬। ରାତ୍ରି ବଢ଼ି ବଢ଼ି ପ୍ରାୟ ଦଶଟା ବାଜି ଯାଇଥିଲା। ସେମାନେ ସତରଂଜି, ବିଛଣା, ତକିଆ ପକାଇ ଦେଇଥିଲେ ଓ ଲଣ୍ଠନ ଆଲୁଅରେ ବସି ଗପସପ କରୁଥିଲେ।

୭୭। ଆଗରେ ଖଣ୍ଡିଏ ଖବରକାଗଜ ପଡ଼ିଥିଲା। ମିରୀକର ତାହାକୁ ଖୋଲି ପଢ଼ିବାରେ ଲାଗିଥିଲେ। ସେ ଗୋଟିଏ ସମ୍ବାଦ ମନ ଦେଇ ପଢୁଥିଲେ। ସେତେବେଳେ ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା।

୭୮। ସେହି ଅଶୁଭ ମୁହୂର୍ତ୍ତରେ ସମସ୍ତଙ୍କ ଅଜାଣତରେ ସାପଟିଏ କେଉଁଠାରୁ ପଶିଆସି ଚକାପାଡି ରହିଥିଲା।

୭୯। ସାପ ଧୀର ଓ ଶାନ୍ତ ଭାବରେ ମିରୀକରଙ୍କ ଅଣ୍ଟାରୁ ଲମ୍ବିଆସିଥିବା କଅଁଳ ଉପରାଣର ଗୋଟିଏ ମୁଣ୍ଡରେ ଶୋଇଥିଲା।

୮୦। ସେ ଘରକୁ ପଶି ଆସିଥିବା ସମୟରେ ଯେଉଁ ଶବ୍ଦ ହୋଇଥିବ, ତାହା ବୋଧହୁଏ ଖବରକାଗଜ ଓଲଟାଇବା ଶବ୍ଦରେ ହଜି ଯାଇଥିଲା। ତେଣୁ ସାପ ପଶି ଆସିଥିବା ସମ୍ବନ୍ଧରେ କେହି ଜାଣି ପାରିନଥିଲେ।

୮୧। ପରିସ୍ଥିତି ଅତି ଆତଙ୍କିତ ହୋଇଥିଲେ ମଧ୍ୟ ଖବରକାଗଜପଢ଼ାରେ ନିମଜ୍ଜିତ ରହି ମିରୀକର ଅବିଚଳିତ ଥିଲେ। କିନ୍ତୁ ତାଙ୍କ ପିଅନ ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲା।

୮୨। 'ଶବ୍ଦ କେଉଁଠାରୁ ଆସୁଛି ? ଏହା କେଉଁ ପ୍ରକାର ଶବ୍ଦ ଓ ଶବ୍ଦର କାରଣ କ'ଣ ?' ପିଅନ ଏହା ଚିନ୍ତାକରି ଲଣ୍ଠନର ଆଲୁଅ ଟିକିଏ ଅଧିକ ତେଜି ଦେଇଥିଲା ଓ ସେ ଲମ୍ବ ମହାରାଜ(ସାପ)ଙ୍କୁ ଦେଖି ପାରିଥିଲା।

୮୩। ତାହାକୁ ଦେଖିଦେବା ମାତ୍ରକେ ସେ ଡରିଯାଇ ଧୀର ସ୍ୱରରେ "ସାପ, ସାପ" ବୋଲି ପାଟି କରିଥିଲା। ମିରୀକରଙ୍କର ପ୍ରଶାନ୍ତ ଭାବ ହଜିଯାଇଥିଲା ଓ ତାଙ୍କର ସାରା ଦେହ ଥରୁଥିଲା ।

୮୪। ମାଧବରାଓ ମଧ୍ୟ ଚମକି ପଡ଼ିଥିଲେ। ସେ ମନକୁ ମନ କହିଥିଲେ, "ବାବା! ତୁମେ ଏ କ'ଣ କଲ? ଏହି ବିପଦକୁ ତୁମେ କେଉଠୁଁ ପଠାଇଲ? ଏବେ ତୁମେ ହିଁ ଏହାକୁ ଦୂର କର!"

୮୫। ସେହି ପରିସ୍ଥିତିରେ ଯିଏ ଯାହା ହାତପାଆନ୍ତାରେ ପାଇଥିଲା, ତାକୁ ଧରି ନିଃଶବ୍ଦରେ ଆଗେଇ ଯାଇଥିଲେ।

୮୬। ସେହି ସମୟରେ ସାପଟି ଅଣ୍ଟାତଳ ପାଖ ଜାଗାରେ ତା'ର ବିଶ୍ରାମସ୍ଥାନରୁ ବାହାରି ଆସିଥିଲା ଓ ଧୀରେ ଧୀରେ ଦୂରକୁ ଚାଲିଯାଉଥିଲା। ସାପତ ନୁହେଁ, ବରଂ ମୃତ୍ୟୁର ଏକ ମୂର୍ତ୍ତିମନ୍ତ ରୂପ ମାଡ଼ି ଆସିଥିଲା।

୮୭। ତା'ପରେ ଅଳ୍ପ ସମୟ ମଧ୍ୟରେ ଏ ବିପଦକୁ ଆୟତ୍ତ କରାଯାଇପାରିଥିଲା। ଠେଙ୍ଗାବାଡ଼ି ଓ ଅନ୍ୟାନ୍ୟ ହାତହତିଆର ଯାହା ସାପକୁ ଉଦ୍ୟତ ଅବସ୍ଥାରେ ବାଡ଼େଇବା ନିମନ୍ତେ ପ୍ରସ୍ତୁତ ରହିଥିଲା, ସେଗୁଡ଼ିକ ଜୋରରେ ସାପ ଉପରେ ପଡ଼ି ତାହାକୁ ଖଣ୍ଡବିଖଣ୍ଡ କରିଦେଇଥିଲା।

୮୮। ଏହିଭଳି ବିପଦ ଦୂର ହୋଇଯାଇଥିଲା। ଏହା ଦେଖିବା ପରେ ମିରୀକରଙ୍କର ଭାବାବେଗରେ ବାକ୍‌ରୁଦ୍ଧ ହୋଇଯାଇଥିଲା ଓ ଶ୍ରୀସାଇ ସମର୍ଥଙ୍କ ଉପରେ ତାଙ୍କର ବିଶ୍ୱାସ ଅଧିକ ଦୃଢ଼ ହୋଇ ଉଛୁଳି ପଡ଼ିଥିଲା।

୮୯। ଭୟରେ ଟାଙ୍କୁରି ଉଠିଥିବା ଲୋମ ତାଙ୍କର ବସି ଯାଇଥିଲା। ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଯାଇଥିଲା। ସେ ଭାବିପାରୁନଥିଲେ ଯେ ଏ ବିପଦ କିଭଳି ଟଳିଗଲା ଓ ସାଇବାବା ଏହା କିପରି ଆଗରୁ ଜାଣିଥିଲେ।

୯୦। 'ଏତେ ବଡ଼ ବିପଦରୁ କିପରି ବର୍ତ୍ତିଗଲି? ବାବା କିପରି ଯଥାସମୟରେ ସତର୍କ କରାଇ ଦେଇଥିଲେ? ଯଦିଚ ମୁଁ ମନାକରି ଦେଇଥିଲି, ମୋତେ ସାହାଯ୍ୟ କରିବା ପାଇଁ ଶାମାଙ୍କୁ ଟାଙ୍ଗାରେ ବସାଇ ଦିଆଯାଇଥିଲା।

୯୧। 'ବାବା କେତେ ଦୟାଳୁ! କିପରି ତ୍ରିକାଳଦର୍ଶୀ! ଏହି ଅଶୁଭ ଘଟଣା ସମ୍ବନ୍ଧରେ କିପରି ମୃଦୁ ଭାଷାରେ ଅଥଚ ଗୁରୁତର ଭାବରେ ମୋତେ ସତର୍କବାଣୀ ଶୁଣାଇଥିଲେ!

୯୨। 'ସେ ଦର୍ଶନର ଗୁରୁତ୍ୱ ସମ୍ବନ୍ଧରେ ସୂଚାଇଥିଲେ, ମସ୍‌ଜିଦ୍‌ର ଶକ୍ତି ସମ୍ବନ୍ଧରେ ଜ୍ଞାପିତ କରିଥିଲେ ଓ ସରଳ କାର୍ଯ୍ୟଟିଏ କରି ଭକ୍ତମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ପ୍ରକଟ କରିଥିଲେ।'

୯୩। ନାନା ଡେଙ୍ଗ୍‌ଲେ ନାମକ ଜଣେ ପ୍ରଖ୍ୟାତ ଜ୍ୟୋତିଷୀ ଏକଦା ବାପୁସାହେବ ବୁଟିଙ୍କ ସାଙ୍ଗରେ ଶିରିଡ଼ିରେ ଥିଲେ । ସେ ତାଙ୍କୁ କ'ଣ କହିଥିଲେ ଶୁଣନ୍ତୁ।

୯୪। "ଆଜି ବହୁତ ଅଶୁଭ ଦିନ। କିଛି ଗୋଟାଏ ବିପଦ ତୁମ ଉପରେ ପଡ଼ିବ। ସାହସ ଧର , କିନ୍ତୁ ବହୁତ ସାବଧାନ ରୁହ।"

୯୫। ଡେଙ୍ଗ୍‌ଲେ ଏପରି କହିବା ପରେ ବାପୁସାହେବ ଅସ୍ଥିର ହୋଇପଡ଼ିଥିଲେ। ସେ ସବୁବେଳେ ଚିନ୍ତା କରିବାକୁ ଲାଗିଥିଲେ । ସମୟ ତାଙ୍କୁ ବୋଝ ପରି ଲାଗୁଥିଲା ଓ ଗଡ଼ିଯାଉଥିଲା ।

୯୬। ତା'ପରେ ସମସ୍ତେ ମସ୍‌ଜିଦ୍‌କୁ ଯଥାରୀତି ଠିକ୍ ସମୟରେ ଯାଇଥିଲେ। ବାପୁସାହେବ, ନାନା ଓ ଅନ୍ୟମାନେ ଯାଇ ବାବାଙ୍କ ନିକଟରେ ବସିଥିଲେ।

୯୭। ବାବା ସାଂଗେ ସାଂଗେ ବୁଟିଙ୍କୁ ପଚାରିଥିଲେ, "ଆଛା, ଏଇ ନାନା କ'ଣ କହୁଥିଲା? ତୁମର ମୃତ୍ୟୁ ଯୋଗ ଅଛି ବୋଲି ସେ କହୁଥିଲା କି? ତୁମେ କିଛି ଭୟ କରନାହିଁ।

୯୮। "କୌଣସି ଦ୍ୱିଧା ନକରି ତାକୁ ଜବାବ ଦିଅ। 'ତୁମର ସାହସ ଥିଲେ ମୋତେ ମାରି ଦେଇପାର!' ଏହାପରେ କିଭଳି ଅଲୌକିକ ଘଟଣା ଘଟିଲା, ତାହା ବର୍ତ୍ତମାନ ଲକ୍ଷ୍ୟ କରନ୍ତୁ।"

୯୯। ସଂଧ୍ୟା ସମୟରେ ବାପୁସାହେବ ଝାଡ଼ାଯିବା ଉଦ୍ଦେଶ୍ୟରେ ପାଇଖାନାକୁ ଯାଇଥିଲେ ଓ ସେଠାରେ ସେ ଗୋଟିଏ ସାପ ଦେଖିଥିଲେ।

୧୦୦। ସେହି ଭୟଙ୍କର ଜନ୍ତୁଟିକୁ ଦେଖି ବାପୁସାହେବ ବାହାରକୁ ପଳାଇ ଆସିଥିଲେ, କିନ୍ତୁ ତାଙ୍କ ଚାକର ଲହୁ ପଥର ଫିଙ୍ଗି ସାପକୁ ମାରି ଦେବା ପାଇଁ ଚାହିଁଥିଲା।

୧୦୧। ଲହୁ ପଥରଟିଏ ଉଠାଇବାକୁ ଚେଷ୍ଟା କରୁଥିବା ସମୟରେ ବାପୁସାହେବ ବାଧା ଦେଇଥିଲେ। ସେ କହିଥିଲେ, "ଶୀଘ୍ର ଯାଇ ଖଣ୍ଡିଏ ବାଡ଼ି ଆଣ। ଏଭଳି କାର୍ଯ୍ୟ ତରବରରେ କରିବା ଉଚିତ୍ ନୁହେଁ।"

୧୦୨ । ଚାକର ବାଡ଼ି ଆଣିବାକୁ ଯାଇଥିବା ସମୟରେ ସାପ କାନ୍ଥ ଉପରକୁ ଚଢ଼ିବାକୁ ଚେଷ୍ଟା କରୁଥିଲା ଓ ହଠାତ୍ ଭାରସାମ୍ୟ ହରାଇ ତଳେ ଖସି ପଡ଼ିଥିଲା । ତା'ପରେ ତାହା ଏକ ଗର୍ତ୍ତ ଭିତରକୁ ପଶିଯାଇଥିଲା ।

୧୦୩ । ସେଠାରୁ ତାହା ଖସି ଚାଲିଯାଇଥିଲା ଓ ତାହାକୁ ମାରିଦେବାର ଅବକାଶ ନଥିଲା । ଏହି ଘଟଣାରୁ ବାବା କହିଥିବା କଥା ତାଙ୍କର ମନେ ପଡ଼ିଯାଇଥିଲା । ସାପ ପାଇଁ ତଥା ତାଙ୍କ ପାଇଁ ଅସମୟ ସରିଯାଇଥିଲା ।

୧୦୪ । ସେ ଯାହାହେଉ, ସେ ନିଜର ସୌଭାଗ୍ୟ ଯୋଗୁଁ ଶ୍ରୀସାଇଙ୍କ ସହିତ ରହିପାରିଥିବାର ଶୁଭାଶୁଭ ପ୍ରତ୍ୟକ୍ଷ କରିଥିଲେ । ଏହି ଘଟଣା ଚିରଦିନ ତାଙ୍କର ଆନନ୍ଦର ଉତ୍ସ ହୋଇ ରହିଲା ଓ ଏହି ଘଟଣାକୁ ସେ ଭୁଲି ଗଲେ ନାହିଁ ।

୧୦୫ । ଭକ୍ତମାନଙ୍କୁ ଏଭଳି ଅଭିଜ୍ଞତା ପ୍ରଦାନକରି ଶ୍ରୀସାଇ ଭକ୍ତମାନଙ୍କର ହୃଦୟକୁ ଆକର୍ଷିତ କରିଥିଲେ ଓ ତାହାକୁ ଭାଷାରେ ପ୍ରକାଶ କରିବାଂ ସମ୍ଭବପର ନୁହେଁ ।

୧୦୬ । ଏହିଭଳି ଆଉ ଗୋଟିଏ କାହାଣୀ ଶୁଣନ୍ତୁ । ବାବାଙ୍କ ସମ୍ମୁଖରେ ପ୍ରାୟ ଅର୍ଦ୍ଧରାତ୍ରିରେ ଚାୱଡ଼ିରେ ଏହି ଘଟଣା ଘଟିଥିଲା । ଅନୁଗ୍ରହ କରି ତାହାକୁ ଶୁଣନ୍ତୁ ।

୧୦୭ । କୋପରଗାଁ ତାଲୁକର କୋରଲେ ଗ୍ରାମରେ ଜନୈକ ଅମୀର ଶକ୍କରଙ୍କର ପୈତୃକ ଜମିବାଡ଼ି ଥିଲା । ଶ୍ରୀସାଇଙ୍କ ଉପରେ ତାଙ୍କର ବହୁତ ବିଶ୍ୱାସ ଥିଲା ।

୧୦୮ । ସେ ଜାତିରେ କଂସାଇ ଥିଲେ ମଧ୍ୟ ବୃତ୍ତିରେ ଦଲାଲୀ କାର୍ଯ୍ୟ କରୁଥିଲେ । ସେ ବାନ୍ଦ୍ରାରେ ଜଣେ ଜଣାଶୁଣା ବ୍ୟକ୍ତି ଥିଲେ । ତାଙ୍କର ଆଣ୍ଠୁଗଣ୍ଠି ବାତ ବାହାରିଥିବାରୁ ସେ ବଡ଼ ମନଦୁଃଖରେ ଥିଲେ ।

୧୦୯ । ବିପଦ ଆସିଲେ ଭଗବାନ ମନେ ପଡ଼ନ୍ତି । ସେ ତାଙ୍କର ବେପାରଧନ୍ଦା ବନ୍ଦକରି ଶିରିଡ଼ି ପଳାଇ ଆସିଥିଲେ ।

୧୧୦ । ପଞ୍ଚୁପାଣ୍ଡବଙ୍କ ମାତା କୁନ୍ତୀ ବହୁତ କଷ୍ଟ ଭୋଗିଥିଲେ । ତାଙ୍କୁ ଜଙ୍ଗଲ ମଧ୍ୟରେ ଅଜ୍ଞାତବାସରେ ବର୍ଷ ବର୍ଷ ଧରି ରହିବା ପାଇଁ ପଡ଼ିଥିଲା । ସବୁ ପ୍ରକାର କଷ୍ଟ ଭୋଗିବା ସତ୍ତ୍ୱେ ସେ ଭଗବାନଙ୍କଠୁ 'ଦୁଃଖ ଭୋଗ କରିବାର ବର' ମାଗିଥିଲେ ।

୧୧୧ । ସେ କହିଥିଲେ, "ହେ, ସର୍ବଶକ୍ତିମାନ ପ୍ରଭୁ ! ଯିଏ ଆପଣଙ୍କୁ ସୁଖ ମାଗୁଛନ୍ତି ତାହା ତାଙ୍କୁ ଦିଅନ୍ତୁ; ମୋତେ କିନ୍ତୁ ନିରବଛିନ୍ନ ଦୁଃଖ ଦିଅନ୍ତୁ । ମୁଁ ଆପଣଙ୍କୁ କଦାପି ଭୁଲି ନଯାଏଁ ।

୧୧୨ । "ହେ ଭଗବାନ ! ମୋର ଏହାହିଁ ଏକମାତ୍ର ପ୍ରାର୍ଥନା । ମୋତେ ଯଦି ଆପଣ କିଛି ଦେବାପାଇଁ ଚାହୁଁଥାନ୍ତି, ତେବେ ଏୟାହିଁ ଦିଅନ୍ତୁ, ଯେପରିକି ମୁଁ ଆପଣଙ୍କ ନାମକୁ କେବେ ଭୁଲିଯିବି ନାହିଁ । ଏହା ଏକ ଅଳଙ୍କାର ଭଳି ମୋର ଗଳାରେ ଶୋଭା ପାଇବ ।"

୧୧୩ । ଏହି ବକ୍ତା ଓ ଆପଣ ଶ୍ରୋତାମାନେ ! ଆସନ୍ତୁ ଆମେ ଶ୍ରୀସାଇଙ୍କୁ ଏହି ବର ଦିନରାତ୍ରି ମାଗିବା– 'ଆମେମାନେ ଆପଣଙ୍କର ନାମ କେବେ ଭୁଲିନଯାଉ, ଆମକୁ ଆପଣଙ୍କ ପଦତଳେ ଆଶ୍ରୟ ଦିଅନ୍ତୁ ।'

୧୧୪ । ସେ ଯାହାହେଉ, ଅମୀର ବାବାଙ୍କର ପାଦତଳେ ପଡ଼ିଗଲେ ଓ ବିଧି ଅନୁଯାୟୀ ବାବାଙ୍କ ହସ୍ତକୁ ଚୁମ୍ବନ କରିଥିଲେ । ସେ ତାଙ୍କର ରୋଗ ସମ୍ପର୍କରେ ବିସ୍ତୃତ ଭାବରେ ବାବାଙ୍କୁ କହିଥିଲେ ଓ ସେଥିରୁ ଆରୋଗ୍ୟ ହେବା ନିମନ୍ତେ ପ୍ରାର୍ଥନା କରିଥିଲେ ।

୧୧୫ । ଆଣ୍ଠୁଗଣ୍ଠି ବାତରୁ ରକ୍ଷାପାଇବା ପାଇଁ ସେ ବାବାଙ୍କୁ ପ୍ରାର୍ଥନା କରିବା ପରେ ବାବା କହିଥିଲେ, "ଚାୱଡ଼ିକୁ ଯାଅ ଓ ସେଠି ଆନନ୍ଦରେ ରହ ।"

୧୧୬ । ମସ୍‌ଜିଦ୍‌ରୁ ବାବା ଦିନେ ଛାଡ଼ି ଦିନେ ଚାୱଡ଼ିକୁ ଯାଇ ରାତ୍ରି ଯାପନ କରୁଥିଲେ । ଅମୀର ସେଠାରେ ରହିଲେ ।

୧୧୭ । ଅମୀର ଆଣ୍ଠୁଗଣ୍ଠିବାତ ଯନ୍ତ୍ରଣା ଭୋଗୁଥିଲେ । ତେଣୁ ସେ ଗ୍ରାମର ଅନ୍ୟ କୌଣସି ସ୍ଥାନରେ ଆରାମରେ ରହିପାରିଥାନ୍ତେ କିମ୍ବା କୋରଲେକୁ ବି ଫେରିଯାଇ ପାରିଥାନ୍ତେ । କୋରଲେ ତାଙ୍କ ପାଇଁ ଅଧିକ ସୁବିଧାଜନକ ହୋଇଥାନ୍ତା ।

୧୧୮ । ମାତ୍ର ଚାୱଡ଼ି ଏକ ଭଙ୍ଗାଦଦରା କୋଠାଘର ଥିଲା । ତାହାର ଚଟାଣ ଆବୁରାଖାବୁରା ହୋଇଥିବାରୁ ସେଥିରେ ସାପ, ବିଛା, ଏଣ୍ଡୁଅ, ଝିଟିପିଟି ଆଦି ଅବାଧରେ ଘୂରି ବୁଲୁଥିଲେ ।

୧୧୯ । ତା'ଛଡା, ସେଠାରେ କୁଷ୍ଠରୋଗୀଙ୍କ ସହ ଅନ୍ୟାନ୍ୟ ରୋଗୀ ମଧ୍ୟ ରହୁଥିଲେ । କୁକୁରମାନେ ଏଣେ ତେଣେ ବୁଲି ଅଇଁଠା ଖାଉଥିଲେ । ଅମୀର ବହୁତ ହଇରାଣ ହେଉଥିଲେ ମଧ୍ୟ ବାବାଙ୍କୁ କିଛି କହି ପାରୁନଥିଲେ ।

୧୨୦। ଘରର ପଛପାଖରେ ଆଣ୍ଠୁଏ ଉଚ୍ଚରେ ଅଳିଆ ଗଦା ହୋଇଥିଲା। ଅଗଣାରେ ଅନେକଗୁଡ଼ିଏ ଗର୍ତ୍ତରେ ସାପ ଓ ବିଛା ରହୁଥିଲେ। ସେଠାରେ ସେ ଅତ୍ୟନ୍ତ ଦୟନୀୟ ଭାବରେ ରହୁଥିଲେ ଓ ଏହା ତାଙ୍କ ନିମିତ୍ତ ଜୀବନର ଏକ କଠୋର ପରୀକ୍ଷା ଥିଲା।

୧୨୧। କଡ଼ରୁ ଓ ଉପରୁ ବର୍ଷାପାଣି ପଡ଼ି ଭୂମି ଚଟାଣ ଓଦା ରହୁଥିଲା। ଚଟାଣ ଅସମତଳ ଥିଲା। କାଲୁଆ ପବନ ଘର ଭିତରକୁ ପଶି ଆସୁଥିଲା। ଅମୀର ବହୁତ ଚିନ୍ତିତ ଥିଲେ।

୧୨୨। ତାଙ୍କ ଶରୀରର ପ୍ରତ୍ୟେକ ଗଣ୍ଠି ଧରିଯାଇଥିଲା, ଶକ୍ତ ହୋଇଥିଲା ଓ ଚଳୁନଥିଲା । ସେ ରହୁଥିବା ସ୍ଥାନ ଓଦାଳିଆ ଥିଲା ଓ ଥଣ୍ଡା ପବନ ତୁହାକୁ ତୁହା ବୋହୁ ଥିଲା। କିନ୍ତୁ ବାବାଙ୍କର ବଚନହିଁ ଔଷଧର କାର୍ଯ୍ୟ କରୁଥିଲା।

୧୨୩। ବର୍ଷା, ପବନ ସହିତ ଚଟାଣ ଓଦା, ଆବୁରା ଖାବୁରା ଖାଲଢ଼ିପ ଓ ଗର୍ତ୍ତଭର୍ତ୍ତି ହୋଇଥିଲେ ମଧ୍ୟ ଏଗୁଡ଼ିକୁ ସେ ବିଚାରକୁ ନେଇ ନଥିଲେ । କାରଣ, ତାଙ୍କୁ ସେଠାରେ ରହିବା ନିମିତ୍ତ ବାବାହିଁ କହିଥିଲେ।

୧୨୪। ଯଦିଚ ସେହି ସ୍ଥାନରେ ରହିବା ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା ଓ ବାସୋପଯୋଗୀ ନଥିଲା, ତଥାପି ଶ୍ରୀସାଇଙ୍କର ଉପସ୍ଥିତି ଓ ସାହଚର୍ଯ୍ୟ ଏକ ବୃହତ୍ ବରଦାନ ଥିଲା। ବାବାଙ୍କର ସେହି ବଚନକୁ ଅମୀର ଔଷଧ ମନେକରି ସେଠାରେ ଖୁସିରେ ରହିଥିଲେ।

୧୨୫। ଅମୀର ଶକ୍କର ଚାଓ୍ଵଡ଼ିରେ ନଅମାସ ରହିଥିଲେ। ଚାଓ୍ଵଡ଼ି ଭିତରକୁ ଯିବାର ପାହାଚରେ ଉଠିଯିବା ପରେ ପରେ ଠିକ୍ ସାମ୍ନାରେ ଘରର ମଝିରେ ସେ ତାଙ୍କର ବିଛଣା ପକାଇଥିଲେ।

୧୨୬। ତାଙ୍କ ଶରୀରକୁ ସମ୍ପୂର୍ଣ୍ଣ ଭାବରେ ସନ୍ଧିବାତ ଗ୍ରାସ କରିଥିଲା। ଆପାତତଃ ତାହାର ପ୍ରତିକାର ବ୍ୟବସ୍ଥା ପାଇଁ ଅବସ୍ଥା ମଧ୍ୟ ପ୍ରତିକୂଳ ଥିଲା। କିନ୍ତୁ ତାଙ୍କ ହୃଦୟରେ ପ୍ରକୃତ ବିଶ୍ୱାସ ରହିଥିବା ଯୋଗୁଁ ସବୁକିଛି ସୁଚାରୁରୂପେ ହୋଇଥିଲା ।

୧୨୭। ଅମୀରଙ୍କୁ ସେଠାରେ ନଅମାସ ରହିବା ପାଇଁ କୁହାଯାଇଥିଲା। ମସ୍‌ଜିଦ୍‌କୁ ଦର୍ଶନ ନିମିତ୍ତ ଆସିବା ପାଇଁ ମନାକରାଯାଇଥିଲା।

୧୨୮। କିନ୍ତୁ ଯେଉଁ ଚାଓ୍ଵଡ଼ିରେ ତାଙ୍କୁ ରହିବା ନିମନ୍ତେ ଅନୁମତି ଦିଆଯାଇଥିଲା, ସେଠାରେ ସେ ଅନାୟାସରେ ବାବାଙ୍କୁ ଦର୍ଶନ କରିପାରୁଥିଲେ।

୧୨୯। ତାହା ପୁଣି ପ୍ରତିଦିନ ସକାଳେ ଓ ସଂଧ୍ୟାରେ। ତା' ଛଡ଼ା, ଦିନେ ଛାଡ଼ି ଦିନେ ଉଭୟ ସମୟରେ ଚାଓ୍ଵଡ଼ିରେ ହେଉଥିବା ଉତ୍ସବକୁ ସେ ହୃଦୟଭରି ଉପଭୋଗ କରୁଥିଲେ।

୧୩୦। ପ୍ରତ୍ୟେକ ଦିନ ସକାଳେ ଭିକ୍ଷା ମାଗିବା ପାଇଁ ବାବା ଯାଉଥିବା ସମୟରେ ଚାଓ୍ଵଡ଼ି ରାସ୍ତାରେ ଯାଉଥିଲେ। ଅମୀର ନିଜର ସ୍ଥାନ ନଛାଡ଼ି ବାବାଙ୍କର ଯିବା ଓ ଫେରିବା ସମୟରେ ସହଜରେ ଦର୍ଶନ କରିବାର ସୁଯୋଗ ପାଉଥିଲେ।

୧୩୧। ସେହିଭଳି ପ୍ରତିଦିନ ସୂର୍ଯ୍ୟାସ୍ତ ସମୟରେ ବାବା ଚାଓ୍ଵଡ଼ି ସାମନାକୁ ଆସି ତାଙ୍କର ବିଶି ଆଂଗୁଠି ହଲାଇ ଓ ମୁଣ୍ଡ ନୁଆଁଇ ଚାରିଦିଗକୁ ପ୍ରଣାମ କରୁଥିଲେ।

୧୩୨। ସେଠାରୁ ସେ ପଛକୁ ଫେରି ସମାଧି କୋଣ ପର୍ଯ୍ୟନ୍ତ ଯାଉଥିଲେ ଓ ସେଠାରୁ ଭକ୍ତମାନଙ୍କ ଗହଣରେ ମସ୍‌ଜିଦ୍‌କୁ ଫେରୁଥିଲେ।

୧୩୩। ସେ ଚାଓ୍ଵଡ଼ିକୁ ଦିନେ ଛାଡ଼ି ଦିନେ ଆସୁଥିଲେ ଓ ଅମୀର ସେଠାରେ ରହୁଥିଲେ । ଦୁହିଁଙ୍କ ମଝିରେ ନାମମାତ୍ର ବାଧା ହିସାବରେ ଗୋଟିଏ ପର୍ଦ୍ଦା-ପ୍ରକୃତରେ କାଠକବାଟଟିଏ ରହୁଥିଲା। ଦୁହେଁ ଆରାମରେ କଥାବାର୍ତ୍ତା କରିପାରୁଥିଲେ। ଉଭୟେ ଗପୁଡ଼ି ମଧ୍ୟ ଥିଲେ।

୧୩୪। ସେଠାରେ ପୂଜା ଓ ଆରତି ହେବାପରେ ଭକ୍ତମାନେ ଯିଏ ଯାହା ଘରକୁ ଚାଲିଯାଉଥିଲେ। ତା'ପରେ ସେ ଦୁଇଜଣ ଶାନ୍ତିରେ ବସି କଥାବାର୍ତ୍ତା କରିବାର ସୁଯୋଗ ପାଉଥିଲେ।

୧୩୫। ଦେଖିବାକୁ ଗଲେ, ଅମୀରଙ୍କ ପାଇଁ ଏହା ଏକ ପ୍ରକାରର ବନ୍ଦୀ ଅବସ୍ଥା ଥିଲା। କିନ୍ତୁ ପ୍ରକୃତରେ ସେ ଶ୍ରୀସାଇଙ୍କର ସାହଚର୍ଯ୍ୟ ପୂର୍ଣ୍ଣମାତ୍ରାରେ ଉପଭୋଗ କରୁଥିଲେ। ଏଭଳି ବିରଳ ସୁଯୋଗ ସୌଭାଗ୍ୟ ନଥିଲେ କାହାରିକୁ ମିଳିବା ସମ୍ଭବ ନଥିଲା।

୧୩୬। ତଥାପି, କେବଳ ଗୋଟିଏ ସ୍ଥାନରେ ଦୀର୍ଘଦିନ ରହିବା ହେତୁ ଅମୀରଙ୍କୁ ବିଜାରିଆ ଲାଗିଥିଲା । ସେ ଏହାକୁ ବନ୍ଦୀ ଜୀବନ ବୋଲି ଭାବିଥିଲେ ଓ ସେଠାରୁ ଅନ୍ୟ କୌଣସି ସ୍ଥାନକୁ ଚାଲିଯିବା ପାଇଁ ଚିନ୍ତା କରିଥିଲେ।

୧୩୭। ଯିଏ ସ୍ୱାଧୀନତାରେ ଅଭ୍ୟସ୍ତ ତାଙ୍କୁ ବନ୍ଧନ ଭଲ ଲାଗିପାରେ କି ? 'ଏଭଳି ବାନ୍ଧିହୋଇ ରହିବା ଏଠି ବହୁତ ହୋଇଗଲା' ବୋଲି ଅମୀର ମନେ ମନେ ଭାବିଥିଲେ।

୧୩୮। ତାଙ୍କୁ ଦିଆଯାଇଥିବା ଆଶ୍ରୟସ୍ଥଳକୁ ସେ ଛାଡ଼ି ଦେଇଥିଲେ। ବାବାଙ୍କର ଅନୁମତି ନନେଇ କୋପରଗାଁକୁ ଯାଇ ଏକ ଧର୍ମଶାଳାରେ ରହିଥିଲେ।

୧୩୯। କିଭଳି କୌତୁହଳପ୍ରଦ ଘଟଣା ସେଠାରେ ଘଟିଥିଲା ଶୁଣନ୍ତୁ! ସେଠାରେ ଜଣେ ଫକୀର ମୁର୍ମୂଷୁ ଅବସ୍ଥାରେ ପଡ଼ି ରହିଥିଲେ। ସେ ଶୋଷରେ ଆତୁର ହୋଇ କହିଥିଲେ, "ମୋତେ ଟୋପେ ପାଣିଦିଅ।''

୧୪୦। ଅମୀର ଦୟା ବହି ଫକୀରଙ୍କୁ ପିଇବାକୁ ପାଣି ଦେଇଥିଲେ। ପାଣି ପିଇବା ମାତ୍ରକେ ଫକୀରଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା।

୧୪୧। ସେ ପ୍ରାଣ ହରାଇଥିଲେ। ରାତ୍ରି ସମୟ, ଆଖପାଖରେ ମଧ୍ୟ କେହି ନଥିଲେ। ଅମୀର ଭୟକରି ଯାଇଥିଲେ।

୧୪୨। ସେ ଭାବିଥିଲେ, 'ସକାଳ ହେଲେ ଫକୀରଙ୍କର ଏଭଳି ହଠାତ୍ ମୃତ୍ୟୁର ଅନୁସନ୍ଧାନ ସରକାରୀ ସ୍ତରରେ ହେବ। ଅଧିକାରୀମାନେ ପାଖରେ ଥିବା ଲୋକମାନଙ୍କୁ ଧରି ପଚରାଉଚରା କରିବେ।

୧୪୩। 'ଯାହା ପ୍ରକୃତରେ ଘଟିଗଲା, ମୁଁ ତାହା ବର୍ଣ୍ଣନା କଲେ କେହି ବିଶ୍ୱାସ କରିବେ କି? ଅନ୍ତିମ ଫଳାଫଳ ତଦନ୍ତ ଓ ସାକ୍ଷୀମାନଙ୍କ ଉପରେ ନିର୍ଭର କରିବ। ଏହା ହେଉଛି ଆଇନର ଧାରା।

୧୪୪। "ମୁଁ ଯଦି ସତ କହିବି ଯେ ମୁଁ ଫକୀରଙ୍କୁ ପାଣି ପିଇବା ପାଇଁ ଦେବା ପରେ ତାଙ୍କର ହଠାତ୍ ମୃତ୍ୟୁ ହେଲା, ତେବେ ମୁଁ ସନ୍ଦେହର ପରିସର ମଧ୍ୟକୁ ଆସିଯିବି।

୧୪୫। "ଏ କ୍ଷେତ୍ରରେ ମୁଁ ପ୍ରଥମେ ଧରାହେବି। ପରେ ଯଦି ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ, ତେବେ ମୁଁ ନିର୍ଦ୍ଦୋଷ ପ୍ରମାଣିତ ହୋଇପାରେ।

୧୪୬। "କିନ୍ତୁ ତାହା ନିଶ୍ଚିତ ଭାବରେ ସ୍ଥିରୀକୃତ ନହେବା ପର୍ଯ୍ୟନ୍ତ ମୋତେ କେତେ ଯାତନା ଭୋଗିବାକୁ ନ ପଡ଼ିବ! ତେଣୁ ମୁଁ ଯେମିତି ଆସିଥିଲି, ସେମିତି ଶୀଘ୍ର ପଳାଇଯିବା ଉଚିତ୍ ହେବ" ବୋଲି ସେ ସ୍ଥିର କରିଥିଲେ।

୧୪୭। ଏଣୁ ସେଇ ରାତ୍ରିରେ ଅମୀରଙ୍କୁ କେହି ଦେଖିବା ପୂର୍ବରୁ ସେ ସେହି ସ୍ଥାନ ଛାଡ଼ି ପଳାଇ ଆସିଥିଲେ। ଫେରୁଥିବା ସମୟରେ ସେ ପଛକୁ ଚାହିଁ ଚାହିଁ ଆସୁଥିଲେ। ରାସ୍ତାଯାକ ତାଙ୍କ ମନ ବଡ଼ ବିଚଳିତ ଥିଲା।

୧୪୮। 'ଚାଓ୍ୱଡ଼ିରେ କେମିତି ପହଂଚିବି ?' ତାଙ୍କ ମନରୁ ଭୟ ଯାଉନଥିଲା। ଅମୀର ଶିରିଡ଼ି ଆଡକୁ ଆସୁଥିବା ସମୟରେ ତାଙ୍କ ମନରେ ନାନା ସଂଶୟ ଦେଖାଦେଇଥିଲା ।

୧୪୯। 'ହେ ବାବା! ମୁଁ କ'ଣ କଲି ? ମୁଁ କାହିଁକି ଏହି ବୋଝ ମୋ ଉପରକୁ ନେଲି ? ଏହା ମୋ ନିଜ କୃତକର୍ମର ଫଳ ବୋଲି ମୁଁ ଭଲ ଭାବରେ ଜାଣିସାରିଲିଣି ।

୧୫୦। 'ଭଲସ୍ଥାନ ଖୋଜି ରହିବା ଆଶାରେ ଚାଓ୍ୱଡ଼ି ଛାଡ଼ିଥିଲି। ମୋତେ ଆପଣ ଉଚିତ୍ ଶିକ୍ଷା ଦେଲେ। ଯାହା ହେବାର ହେଲାଣି, ମୋତେ ଏହି ବିପଦରୁ ଉଦ୍ଧାର କରି ଭଲରେ ଭଲରେ ଶିରିଡ଼ିରେ ପହଂଚାଇ ଦିଅନ୍ତୁ।'

୧୫୧। ଏମିତି ଚିନ୍ତାକରି ଅମୀର ଫକୀରଙ୍କ ମୃତ ଶରୀର ଧର୍ମଶାଳାରେ ଛାଡ଼ିଦେଇ, ସେହି ରାତ୍ରିରେ ପଳାଇ ଆସିଥିଲେ ।

୧୫୨। "ବାବା, ବାବା! ମୋତେ ଦୟାକରି କ୍ଷମା କରି ଦିଅନ୍ତୁ, କୃପାକରନ୍ତୁ" ବୋଲି ସେ କହିଥିଲେ। ସେ ଚାଓ୍ୱଡ଼ିରେ ପହଂଚିବା ଯାଏଁ ରାସ୍ତାଯାକ ବାବାଙ୍କୁ ଏହିଭଳି ଆବେଦନ ନିବେଦନ ଜଣାଉଥିଲେ। ତା'ପରେ ସେ ଆଶ୍ୱସ୍ତ ହୋଇଥିଲେ।

୧୫୩। ଅମୀର ଏହିଭଳି ଭାବରେ ଏକ ଉଚିତ୍ ଶିକ୍ଷା ପାଇଥିଲେ ଓ ଭବିଷ୍ୟତରେ ଠିକ୍ ଆଚରଣ ଦେଖାଇବା ନିମନ୍ତେ ଶପଥ ନେଇଥିଲେ। ପରେ ଅମୀର ଉତ୍ତମ ଆଚରଣ ଦେଖାଇଥିଲେ, ଭୁଲ ତଥା ଜଟିଳ ଓ କୁଟୀଳ ମାର୍ଗ ତ୍ୟାଗ କରିଥିଲେ ।

୧୫୪। ଯାହାହେଉ, ତାଙ୍କ ବିଶ୍ୱାସର ଫଳ ଫଳିଥିଲା ଓ ସେ ସନ୍ଧିବାତରୁ ଆରୋଗ୍ୟ ହୋଇଥିଲେ। ଏହାପରେ କ'ଣ ଘଟିଥିଲା, ତାହା ଏବେ ଶୁଣନ୍ତୁ।

୧୫୫। ଚାଓ୍ୱଡ଼ିକୁ ତିନିଭାଗ କରାଯାଇଥିଲା। ଦକ୍ଷିଣପୂର୍ବ କୋଣ ଅଂଶ ବାବାଙ୍କ ନିମିତ୍ତ ରଖାଯାଇଥିଲା। ତାଙ୍କ ଶୋଇବା ସ୍ଥାନର ଚାରିପାଖରେ କାଠପଟା ଘେରାଇ ଦିଆଯାଇଥିଲା।

୧୫୬। ସେଠାରେ ରାତିସାରା ଆଲୁଅ ଜଳୁଥିଲା। ସେ ସର୍ବଦା ଆଲୁଅ ଜଳୁଥିବା ଅବସ୍ଥାରେ ସାରାରାତି ଶୋଉଥିଲେ। ଫକୀର ଓ ଅନ୍ୟମାନେ ବାହାରେ ଅନ୍ଧାରୁଆ ସ୍ଥାନରେ ଶୋଉଥିଲେ।

୧୫୭। ଅମୀର ସେମାନଙ୍କ ମଧ୍ୟରୁ ଜଣେ ଥିଲେ। ତାଙ୍କ ଚାରିପଟରେ ଆହୁରି ଅନେକ ଲୋକ ମଧ୍ୟ ସେଠାରେ ଶୋଉଥିଲେ। ଏହିଭଳି ବହୁତ ଲୋକ ସେପଟରେ ଥିଲେ।

୧୫୮। ବାବାଙ୍କ ରହିବା ଜାଗାର ପଛପଟରେ ଗୋଟିଏ ଗୋଦାମଘର ଥିଲା ଓ ସେଥିରେ ଜଣେ ଅନାସକ୍ତ ଭକ୍ତ ଅବ୍‌ଦୁଲ୍ ରହୁଥିଲେ। ସେ ବାବାଙ୍କର ସବୁପ୍ରକାର ସେବା କରିବାପାଇଁ ସଦାପ୍ରସ୍ତୁତ ଥିଲେ।

୧୫୯। ଏଇମିତି ଚାଲିଥିଲା। ଦିନେ ରାତି ଅଧରେ ବାବା ଅବଦୁଲ୍‌ଙ୍କୁ ପାଟି କରି ଡାକି କହିଥିଲେ, "ଦେଖ୍! ଗୋଟିଏ ପିଶାଚିନୀକୁ ମୋ ବିଛଣା ପାଖରେ ବୁଲୁଥିବାର ଦେଖିଲି।"



ଅବଦୁଲ୍ ବାବା

୧୬୦। ବାରମ୍ବାର ବାବାଙ୍କ ଡାକ ଶୁଣିବାରୁ ଅବଦୁଲ୍ ତରବରରେ ଲଣ୍ଠନ ଧରି ଆସିଥିଲେ। ବାବା ଜୋରରେ ପଚାରିଥିଲେ, "ପିଶାଚିନୀ ଏଠି ଏବେନଥିଲା କି?"

୧୬୧। ଅବଦୁଲ୍ କହିଥିଲେ, "ମୁଁ ସବୁଆଡ଼େ ଖୋଜିସାରିଲିଣି। କେଉଁଠି କିଛି ଦେଖିପାରୁନାହିଁ।" ବାବା କହିଥିଲେ, "ଆଖି ମେଲାକରି ଚାରିଆଡ଼େ ଭଲ ଭାବରେ ଦେଖ୍।''

୧୬୨। ଅବଦୁଲ୍ ଚାରିଆଡ଼େ ବାରମ୍ବାର ଖୋଜିଥିଲେ। ବାବା ତାଙ୍କ ସଟ୍‌କା ଧରି ଭୂମି ଉପରେ ବାଡ଼ଉଥିଲେ। ବାହାରେ ଶୋଇଥିବା ଲୋକମାନେ ଉଠିପଡ଼ି ଲକ୍ଷ୍ୟ କରୁଥିଲେ।

୧୬୩। ଅମୀର ଶକ୍କର ମଧ୍ୟ ଉଠିପଡ଼ିଥିଲେ। ସେ ଆଶ୍ଚର୍ଯ୍ୟ ହେଉଥିଲେ। 'ଆଜି ଏତେ ହଇଚଇ କାହିଁକି? ରାତି ଅଧରେ ସଟ୍‌କାର ଶବ୍ଦ ଏତେ ଜୋରରେ ଶୁଭୁଛି କାହିଁକି?'

୧୬୪। ବାବାଙ୍କର କାର୍ଯ୍ୟକଳାପ ଦେଖି ଅମୀର ତତ୍‌କ୍ଷଣାତ୍ ଭୟ ପାଇଯାଇଥିଲେ ଓ ଭାବିଥିଲେ ନିଶ୍ଚୟ ସାପଟିଏ କେଉଁଠି ପଶିଯାଇଛି ଓ ବାବା ତାହା ଜାଣି ପାରିଛନ୍ତି।

୧୬୫। ବାବାଙ୍କ ସମ୍ପର୍କରେ ତାଙ୍କର ଦୀର୍ଘ ଅଭିଜ୍ଞତା ଥିଲା। ସେ ବାବାଙ୍କର ପ୍ରକୃତି ଓ ତାଙ୍କର କଥନ ଶୈଳୀକୁ ଜାଣିଥିଲେ। ତେଣୁ ସେ ଏହାକୁ ଭଲଭାବରେ ବୁଝିପାରିଥିଲେ।

୧୬୬। କୌଣସି ଭକ୍ତଙ୍କ ପ୍ରତି କିଛି ବିପଦ ପଡ଼ିଥିଲେ ବାବା ତାହା ତାଙ୍କ ଉପରେ ପଡ଼ିଛି ବୋଲି କହୁଥିଲେ । ଅମୀର ଏଭଳି ଉକ୍ତି ସମ୍ପର୍କରେ ଅବହିତ ଥିଲେ । ତେଣୁ ସେ ଏହି ସିଦ୍ଧାନ୍ତରେ ପହଂଚିଥିଲେ।

୧୬୭। ଠିକ୍ ସେହି ସମୟରେ ସେ ତାଙ୍କର ନିଜ ତକିଆ ପାଖରେ କିଛି ଗୋଟାଏ ଚାଲୁଥିବାର ଦେଖିଥିଲେ। ଅମୀର ପାଟିକରି ଉଠିଥିଲେ, "ଅବଦୁଲ୍! ଲଣ୍ଠନ ଆଣିଲ, ଏଇଠିକି ଆଣ।"

୧୬୮। ଲଣ୍ଠନ ବାହାରକୁ ଅଣାଯିବାପରେ ଗୋଟିଏ ବିରାଟ ସାପ ସେଠି ମଳାବାନ୍ଧି ପଡ଼ିଥିବାର ଦେଖାଯାଇଥିଲା। ସେ ଆଲୁଅରେ ଚିକ୍ ଚିକ୍ ଦେଖାଯାଉଥିଲା ଓ ତାହାର ଫଣାକୁ ତଳ ଉପର କରୁଥିଲା।

୧୬୯। ତାହାକୁ ସାଂଗେ ସାଂଗେ ମାରି ଦିଆଯାଇଥିଲା। ଅମୀର ବାବାଙ୍କ ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ ଓ ଆମ୍ଭମାନଙ୍କୁ ସଚେତନ କରିବା ନିମନ୍ତେ ବାବାଙ୍କର ଏହି ଅସାଧାରଣ ପଦ୍ଧତି ସମ୍ପର୍କରେ ଚିନ୍ତା କରିଥିଲେ।

୧୭୦। ପିଶାଚିନୀ ବୁଲିବା ସମ୍ପର୍କରେ କହିବା, ଅବଦୁଲ୍‌ଙ୍କୁ ଡାକିବା ଓ ଲଣ୍ଠନ ମଗାଇବା ଇତ୍ୟାଦି ଥିଲା ଏକପ୍ରକାର କୌଶଳ । ଏହା ଭକ୍ତମାନଙ୍କୁ ବିପଦ ସମ୍ପର୍କରେ ସାବଧାନ କରାଇଦେବା ଓ ଦୁର୍ଭାଗ୍ୟରୁ ରକ୍ଷା କରିବା ନିମିତ୍ତ ଉଦ୍ଦିଷ୍ଟ ଥିଲା।

୧୭୧। ବାବାଙ୍କ ଜୀବଦ୍ଦଶାରେ ସାପମାନଙ୍କ ସମ୍ବନ୍ଧରେ ଏହିଭଳି ଅନେକ ଘଟଣା ରହିଛି, ଯାହାକୁ ବର୍ଣ୍ଣନା କରିହେବ। କିନ୍ତୁ ତାହାଦ୍ୱାରା ଏହି ଗ୍ରନ୍ଥର କଳେବର ଅତିଶୟ ବୃଦ୍ଧି ପାଇବ। ମୁଁ ତେଣୁ ଏସବୁକୁ ସଂକ୍ଷିପ୍ତ କରି କହୁଛି।

୧୭୨। "ସର୍ପ ଓ ସରୀସୃପ ହେଲେ ନାରାୟଣ। କିନ୍ତୁ ସେମାନଙ୍କୁ ଦୂରରୁ ପୂଜା କରିବ"ବୋଲି ସନ୍ଥ ତୁକାରାମ କହିଛନ୍ତି।

୧୭୩। ସେମାନଙ୍କୁ ଦୁଷ୍ଟ ଆଖ୍ୟାଦେଇ ଜୋତାରେ ବାଡ଼େଇବାର ଯୋଗ୍ୟ ବୋଲି ସେ କହିଛନ୍ତି। କିନ୍ତୁ ଏହି

ମତ ସର୍ବସମ୍ମତ ନୁହେଁ ଓ ସେମାନଙ୍କୁ କିପରି ବ୍ୟବହାର କରାଯିବା ଉଚିତ୍, ସେ ସମ୍ପର୍କରେ ସନ୍ଦେହ ରହିଛି।

୧୭୪। ପ୍ରତ୍ୟେକ ନିଜର ପ୍ରକୃତି ଓ ଈଶ୍ୱରଙ୍କର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିଥାନ୍ତି। ଏହାର ସାରାଂଶ ହେଉଛି ଏଇଆ।

୧୭୫। ଏହି ପ୍ରଶ୍ନର କେବଳ ଗୋଟିଏ ଉତ୍ତର ରହିଛି। ସବୁ ପ୍ରାଣୀ ସମାନ, ତେଣୁ ଅହିଂସା ଆଚରଣ ହିଁ ସର୍ବୋତ୍କୃଷ୍ଟ। ବାବାଙ୍କର ମଧ୍ୟ ସେହି ମତ ଥିଲା।

୧୭୬। ସାପ କିମ୍ବା ବିଛା ଦେହରେ ମଧ୍ୟ ଈଶ୍ୱର ରହିଛନ୍ତି। ଯଦି ଈଶ୍ୱର ଆଘାତ କରିବାକୁ ଚାହାଁନ୍ତି ନାହିଁ, ତେବେ ସେମାନେ କାହାରିକୁ ଆଘାତ କରନ୍ତି ନାହିଁ ।

୧୭୭। ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କ ଆଦେଶରେହିଁ ପରିଚାଳିତ। ଏଠି କେହି ସ୍ୱାଧୀନ ନୁହଁନ୍ତି। ଅଭିଜ୍ଞତାରୁ ଏହା ହେଉଛି ବାବାଙ୍କର ଜ୍ଞାନ। କିନ୍ତୁ ଆମେ ତାହାକୁ ଆମର ଅହଂକାର ଯୋଗୁଁ ଗ୍ରହଣ କରିପାରୁନାହୁଁ।

୧୭୮। ଥରେ ଗୋଟିଏ ବିଛା ଏକ ପୋଖରୀ ମଧ୍ୟରେ ପଡ଼ିଯାଇଥିଲା। ସେ ଯେତେବେଳେ ବୁଡ଼ିଯାଇ ତଳକୁ ତଳକୁ ଯାଉଥିଲା, ଜଣେ ଲୋକ ଖୁସିରେ ତାଳିମାରି କହିଥିଲା, "ତୁ ଏହିଭଳି ଆମର କ୍ଷତି କରିଥାଉ। ତୁ ଏବେ ମର !"

୧୭୯। ତାଳିମାରିବା ଶବ୍ଦ ଶୁଣି ଅନ୍ୟ ଜଣେ ବ୍ୟକ୍ତି ପୋଖରୀକୂଳକୁ ଧାଇଁ ଆସିଥିଲା ଓ ବିଛାଟିକୁ ପାଣି ଭିତରେ ତଳଉପର ହୋଇ ବୁଡ଼ିଯାଉଥିବାର ଦେଖି ଦୟାରେ ତରଳି ଯାଇଥିଲା।

୧୮୦। ସେ ପାଣି ଭିତରେ ବିଛା ପାଖକୁ ଯାଇ ଦୁଇ ଆଙ୍ଗୁଠିରେ ତାହାକୁ ଉଠାଇ ଆଣିଥିଲା। ବିଛା ତାହାର ପ୍ରକୃତିଗତ ଦୋଷରେ ଡେଇଁପଡ଼ି ନାହୁଡ଼ ମାରି ଦେଇଥିଲା।

୧୮୧। ଏଭଳି କ୍ଷେତ୍ରରେ ଆମର ଜ୍ଞାନ ସୀମିତ। ଆମେ ସମ୍ପୂର୍ଣ୍ଣ ଭାବରେ ଭାଗ୍ୟର (ଭଗବାନଙ୍କର) ଦାସ ଓ ସେ ଆମକୁ ବୁଦ୍ଧି ଦେଇଥାନ୍ତି। ଯାହା କିଛି ଘଟଣା ଆମ ଜୀବନରେ ଘଟିଥାଏ, ତାହା ଭଗବାନଙ୍କ ଇଚ୍ଛା ଅନୁସାରେ ହୋଇଥାଏ ।

୧୮୨। ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଅଭିଜ୍ଞତା ରହିଛି। ମୁଁ ମୋର ନିଜର ଅଭିଜ୍ଞତା ମଧ୍ୟ କହିବି। ଶ୍ରୀସାଇଙ୍କ ବାକ୍ୟ ହେଉଛି ମୋର ବିଶ୍ୱାସ ନିମନ୍ତେ ଆଦେଶ ଓ ମୋର ବିଶ୍ୱାସ ହେଉଛି ମୋର ଗୌରବ।

୧୮୩। କାକାସାହେବ ପ୍ରତ୍ୟହ ଦିନରେ 'ନାଥ ଭାଗବତ' ପଢୁଥିବା ବେଳେ ରାତ୍ରିରେ ସେ ଏକନାଥଙ୍କ ରଚିତ 'ଭାବାର୍ଥ ରାମାୟଣ' ପଢୁଥିଲେ।

୧୮୪। ଏହା ଏଭଳି ନିୟମିତ ଥିଲା ଯେ, ଠାକୁରଙ୍କୁ ଫୁଲ ଅର୍ପଣ କିମ୍ବା ସ୍ନାନ କରିବା ଭଳି ଦୈନନ୍ଦିନ କର୍ମ ହୁଏତ ବନ୍ଦ କରି ଦେଉଥିଲେ, କିନ୍ତୁ ସେ ନିଜେ ଠିକ୍ କରିଥିବା ସମୟରେ ପୋଥିପଢ଼ାରୁ କେବେ ବିଚ୍ୟୁତ ହେଉନଥିଲେ।

୧୮୫। ଏକନାଥଙ୍କ ବିରଚିତ ଏହି ଦୁଇଟି ପୁସ୍ତକରେ ଦିବ୍ୟଜ୍ଞାନର ନିର୍ଯ୍ୟାସ ରହିଥିଲା। ଏହା ତାଙ୍କ ପ୍ରତି ଶ୍ରୀସାଇ ସମର୍ଥଙ୍କ ଆଶୀର୍ବାଦ ବୋଲି ଦୀକ୍ଷିତ ଭାବିଥିଲେ।

୧୮୬। ଏହି ଅନୁପମ ପୁସ୍ତକ ଦୁଇଟିରେ ଆତ୍ମଜ୍ଞାନ, ଅନାସକ୍ତ ଭାବ ଓ ନୀତିଶାସ୍ତ୍ର, ଏହି ତ୍ରିଗୁଣ ବିଷୟରେ ଅତ୍ୟନ୍ତ ଚିତ୍ତାକର୍ଷକ ବ୍ୟାଖ୍ୟାନ ହୋଇଛି । ଏହି ତ୍ରିଗୁଣ ମଧ୍ୟ ତ୍ରିଶାଖାଯୁକ୍ତ ଆଲୋକବତୀର ରୂପ ନେଇଥାଏ ଯାହା ଦିବ୍ୟ ଆଲୋକ ପ୍ରଜ୍ୱଳିତ କରିଥାଏ ।

୧୮୭। ଏହି ବହି ଦୁଇଟିର ଉପଦେଶରୂପକ ଅମୃତର ସ୍ୱାଦ ଯେ ଚାଖିଛି, ସେ ଭାଗ୍ୟବାନ । ସେ ବସ୍ତୁବାଦୀ ସଂସାରର ତ୍ରିତାପଜନିତ କ୍ଳେଶକୁ ଅତିକ୍ରମ କରିବା ସଂଗେ ସଂଗେ ମୋକ୍ଷ ମଧ୍ୟ ଲାଭ କରିଥାଏ।

୧୮୮। ଦୀକ୍ଷିତ ଜଣେ ଶ୍ରୋତା ଖୋଜୁଥିବା ସମୟରେ ଶ୍ରୀସାଇଙ୍କ କୃପାରୁ ମୁଁ ଭାଗବତ ଶୁଣିବା ନିମିତ୍ତ ସୁଯୋଗ ପାଇ କୃତଜ୍ଞ ହୋଇଥିଲି।

୧୮୯। ମୋର ସୌଭାଗ୍ୟ ଯୋଗୁଁ ମୁଁ ଦିନ ଓ ରାତି ପାରାୟଣରେ ଅଂଶ ଗ୍ରହଣ କରିପାରିଥିଲି ଏବଂ ଏଥିଯୋଗୁଁ ମୋର କର୍ଣ୍ଣ ପବିତ୍ର ହୋଇଯାଇଥିଲା।

୧୯୦। ସେ ଯାହାହେଉ, ଦିନେ ରାତିରେ ପବିତ୍ର ପୋଥି ପଢ଼ା ହେଉଥିବା ସମୟରେ ଗୋଟିଏ ଘଟଣା ଘଟିଥିଲା। ଶ୍ରୋତାମାନେ ସେହି କାହାଣୀ ଶୁଣନ୍ତୁ, ଯାହା ମୂଳ କାହାଣୀର ଏକ ବିଚ୍ୟୁତି।

୧୯୧। ମୁଁ ବା କ'ଣ କରିପାରିବି ? ମୁଁ ଗୋଟିଏ ବିଷୟରେ ବର୍ଣ୍ଣନା କରିବା ବେଳକୁ ଆଉ ଗୋଟିଏ ବିଷୟରେ କହିବାର ପ୍ରେରଣା ପାଉଛି । ତେଣୁ ଯାହା ମୁଁ ଆଗ୍ରହଜନକ ବୋଲି ଭାବୁଛି, ତାକୁ କେମିତି ଅବା ଏଡ଼େଇ ଦେଇପାରିବି ?

୧୯୨ । ରାମାୟଣରେ ଗୋଟିଏ ଆଗ୍ରହୋଦ୍ଦୀପକ କଥା ହନୁମାନଙ୍କ ସମ୍ପର୍କରେ ରହିଛି । ହନୁମାନ ତାଙ୍କ ମା'ଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରଭୁଙ୍କର ବଳ ପରୀକ୍ଷା କରିବାକୁ ଯାଇ ଭୀଷଣ ଦୁର୍ଦ୍ଦଶା ଭୋଗିଥିଲେ।

୧୯୩। ରାମଙ୍କ ଶର ପଛରେ ଥିବା ପରଗୁଡ଼ିକର ପ୍ରଭାବରୁ ସୃଷ୍ଟି ହୋଇଥିବା ଚକ୍ରବାତର ମଝିରେ ହନୁମାନ ପଡ଼ିଯାଇ ଆକାଶରେ କୂଳକିନାରା ନପାଇ ଘୂରି ବୁଲିଥିଲେ ଓ ତାଙ୍କୁ ମୃତ୍ୟୁର ଭୟ ଘାରିଥିଲା । ସେହି ସମୟରେ ତାଙ୍କର ପିତା ବାୟୁ ତାଙ୍କୁ ରକ୍ଷା କରିଥିଲେ।

୧୯୪ । ତାଙ୍କ ପିତା ବାୟୁଙ୍କର ଉପଦେଶକୁ ଗ୍ରହଣ କରି ହନୁମାନ ଶ୍ରୀରାମଙ୍କ ନିକଟରେ ଶରଣାଗତ ହୋଇଥିଲେ। ଏହି ଅଂଶଟି ପଢ଼ାଯାଉଥିବା ସମୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥିଲା। ମନଦେଇ ଶୁଣନ୍ତୁ।

୧୯୫ । ଆମ ମନ କାହାଣୀରେ ମଜ୍ଜି ଯାଇଥିଲା । ସମସ୍ତେ ଶୁଣିବାର ଆନନ୍ଦରେ ମଗ୍ନ ରହିଥିବା ସମୟରେ ଭଗବାନ ଜାଣନ୍ତି, ମୃତ୍ୟୁର ଅବତାର କଙ୍କଡ଼ା ବିଛାଟିଏ କେଉଁଠାରୁ ଆସି ଉପସ୍ଥିତ ହୋଇଥିଲା।

୧୯୬ । ମୁଁ ଜାଣିପାରୁନି, ସେ କେମିତି ବର୍ଣ୍ଣନା ଦ୍ୱାରା ମୁଗ୍ଧ ହୋଇ, ମୋ ଅଜାଣତରେ କାନ୍ଧ ଉପରକୁ ଉଠିଯାଇ ସେଠାରେ ରହିଥିଲା ଓ କାହାଣୀର ରସ ଆସ୍ୱାଦନ କରୁଥିଲା।

୧୯୭ । ଦେଖନ୍ତୁ । ଏ କ୍ଷେତ୍ରରେ ମଧ୍ୟ ବାବା ଜାଗ୍ରତ ଥିଲେ। ମୁଁ କଙ୍କଡ଼ା ବିଛା ଆସିଥିବା ସମ୍ପର୍କରେ ଜାଣିନଥିଲି । ତେବେ ଭଗବାନ ତାଙ୍କ କାହାଣୀକୁ ଭଲପାଉଥିବା ଭକ୍ତମାନଙ୍କୁ ରକ୍ଷା କରିଥାନ୍ତି।

୧୯୮ । ମୁଁ ଏମିତି ଅନାଇ ଦେବା ମାତ୍ରକେ ଭୟାନକ କଙ୍କଡ଼ା ବିଛା ମୋ ଡାହାଣ କାନ୍ଧ ଉପରେ ଉପରାଣରେ ଶାନ୍ତ ଭାବରେ ରହିଥିବାର ଦେଖିଥିଲି।

୧୯୯ । ସେ ଆଦୌ ହଲଚଲ ନହୋଇ ଧୀରସ୍ଥିର ଭାବରେ, ଅତି ମନୋଯୋଗୀ ଶ୍ରୋତାଟିଏ ଭଳି ଏକ ଧ୍ୟାନରେ ବସି ରହିଥିଲା।

୨୦୦ । ସେ ଯଦି ତାହାର ପ୍ରକୃତି ଅନୁଯାୟୀ ନାହୁଡ଼ ଅଳ୍ପଟିକିଏ ମାରି ଦେଇଥାଆନ୍ତା, ତେବେ ତାହା ମୋତେ ସ୍ୱାଧୀନତା ଓ ଶାନ୍ତି ଉପଭୋଗ କରିବାର ସୁଯୋଗ ନଦେଇ ଅସହ୍ୟ ବେଦନା ଦେଇଥାନ୍ତା !

୨୦୧ । ରାମାୟଣ କାହାଣୀର ବର୍ଣ୍ଣନା ପୂରା ଦମ୍‌ରେ ଚାଲିଥିଲା। ଶ୍ରୋତା ଓ ବକ୍ତା ଉଭୟେ କାହାଣୀ ମଧ୍ୟରେ ମଜ୍ଜି ଯାଇଥିଲେ। ସେସବୁ ନଷ୍ଟ ହୋଇଯାଇଥାଆନ୍ତା ! ସେଇ ସାଥି ଏଇଭଳି ଅମଙ୍ଗଳସୂଚକ ଥିଲା, ଯାହାକୁ ଧରିବା କଷ୍ଟକର ଥିଲା ଓ ମନରେ ଶଙ୍କା ଆସୁଥିଲା ।

୨୦୨ । ରାମଙ୍କ କାହାଣୀର ଏହାହିଁ ମହିମା । ତାହାଠାରୁ ଅଧିକ ଶକ୍ତିଶାଳୀ କୌଣସି ବାଧା ସୃଷ୍ଟି ହେବା ସମ୍ଭବ ନୁହେଁ। ସେପରି ବାଧା ନିଜର ଅନ୍ତରର ପ୍ରକୃତିକୁ ଭୁଲିଯାଇ ଅନୁତାପ କରେ।

୨୦୩। ରାମଙ୍କ କୃପାରୁ ମୋ ମୁଣ୍ଡରେ ବୁଦ୍ଧି ଜୁଟିଥିଲା। ମୁଁ ବିପଦକୁ ଧୀରସ୍ଥିର ଭାବରେ ଦୂରେଇ ଦେଇଥିଲି। ଏହି ଅସ୍ଥିର ଚରିତ୍ରର ପ୍ରାଣୀ ଯେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଧୀରସ୍ଥିର ହୋଇ ରହିବ, ସେଭଳି ଆଶା ମୁଁ କରି ନଥିଲି ।

୨୦୪ । ଯେଉଁ ଉପରାଣକୁ ମୁଁ ଘୋଡ଼ାଇ ହୋଇଥିଲି, ତାହାର ଦୁଇ ମୁଣ୍ଡକୁ ସାବଧାନତା ସହକାରେ ଧରି ତାହା ଭିତରେ କଙ୍କଡ଼ା ବିଛାକୁ ଜୋରକରି ଗୁଡ଼ାଇ ନେଇଥିଲି ଓ ବାହାରେ ବଗିଚାକୁ ନେଇ ସେଠାରେ ମେଲାଇ ଦେଇଥିଲି।

୨୦୫ । ସ୍ୱଭାବତଃ କଙ୍କଡ଼ା ବିଛା ଏକ ଭୟାନକ ପ୍ରାଣୀ। ତାକୁ ସୁବିଧା ଦେଇଥିଲେ ସେ ତାହାର ପ୍ରକୃତି ଦେଖାଇଥାଆନ୍ତା। ମୁଁ ପ୍ରକୃତରେ ଭୟ କରି ଯାଇଥିଲି। କିନ୍ତୁ ବାବାଙ୍କର କଡ଼ା ଆଦେଶକୁ ଏଡ଼ାଇ ଦେଇ ହେବ ନାହିଁ। ମୁଁ କଙ୍କଡ଼ା ବିଛାକୁ ମାରିଦେବା ପାଇଁ ହାତ ଉଠାଇ ପାରିଲି ନାହିଁ।

୨୦୬। ଏଠାରେ ଶ୍ରୋତାମାନଙ୍କର ସ୍ୱାଭାବିକ ଭାବରେ ସନ୍ଦେହ ଉପୁଜିପାରେ । କଙ୍କଡ଼ା ବିଛା କ'ଣ ଏକ ସାଙ୍ଘାତିକ ଜୀବ ନୁହେଁ କି ? ଏହାକୁ ମାରିଦିଆଯିବାର ଯୋଗ୍ୟ ନୁହେଁ କି? ସେ ନାହୁଡ଼ ମାରିଲେ ଖୁସି ଲାଗିବ କି? ତେବେ ତାକୁ ମାରିଦିଆଯିବ ନାହିଁ କାହିଁକି ? କିନ୍ତୁ କିଛି ସ୍ପଷ୍ଟ କରି କହିହୁଏ ନାହିଁ।

୨୦୭ । ସାପ, କଙ୍କଡ଼ା ବିଛା ଓ ଅନ୍ୟାନ୍ୟ ବିଷାକ୍ତ ପ୍ରାଣୀକୁ କେହି କ'ଣ ଅବହେଳା କରିପାରେ ? ସେମାନଙ୍କୁ ଛାଡ଼ିଦେବା ପାଇଁ ବାବା କହିବେକି ?

୨୦୮ । ଶ୍ରୋତାମାନଙ୍କର ସନ୍ଦେହ ସ୍ୱାଭାବିକ ଅଟେ।

ମୋ'ର ମଧ୍ୟ ସେହିଭଳି ଆଶଙ୍କା ଥିଲା। କିନ୍ତୁ, ଅତୀତରେ ସେହିଭଳି ଅନ୍ୟ ଏକ ଘଟଣାରେ ବାବା କ'ଣ କହିଥିଲେ, ଶୁଣନ୍ତୁ।

୨୦୯। ସେତେବେଳେ ଏହାଠାରୁ ଅଧିକ ସାଂଘାତିକ ପରିସ୍ଥିତି ଉପୁଜିଥିଲା। ଶିରିଡ଼ିରେ କାକାଙ୍କ ଘରର ଉପରମହଲାରେ ଏକ କକ୍ଷର ଝରକା ନିକଟରେ ଗୋଟିଏ ବିଷଧର ସାପ ଦେଖାଦେଇଥିଲା।

୨୧୦। ତାହା ଝରକା ଚୌକାଠରେ ଏକ କଣା ମଧ୍ୟଦେଇ ଭିତରକୁ ପଶି ଆସିଥିଲା ଓ ଉଜ୍ଜ୍ୱଳ ଆଲୋକରେ ଜଳକା ହୋଇ ତାହାରି ନିକଟରେ ଗୁଡ଼େଇ ହୋଇ ରହିଥିଲା।

୨୧୧। ଉଜ୍ଜ୍ୱଳ ଆଲୋକରେ ଜଳକା ହୋଇଯାଇଥିଲେ ମଧ୍ୟ ତାହାର ଆଖପାଖରେ ଲୋକମାନେ ଗତାଗତ କରୁଥିବାରୁ ସାପଟି ଡରିଯାଇଥିଲା। ପାଟିଗୋଳ ହେଲେ ସେ ସ୍ତବ୍ଧ ହୋଇଯାଇ ପୁଣି ଟିକିଏ ହଲଚଲ ହେଉଥିଲା ।

୨୧୨। ସେ ଆଗକୁ କିମ୍ବା ପଛକୁ ନଯାଇ କେବଳ ଫଣାକୁ ତଳଉପର କରୁଥିଲା। ତାକୁ କିପରି ମାରିଦିଆଯିବ ବୋଲି ସମସ୍ତେ ସେହି ମୁହୂର୍ତ୍ତରେ ଗୁରୁତର ଭାବରେ ଚିନ୍ତା କରୁଥିଲେ।

୨୧୩। କେତେକ ଠେଙ୍ଗା ଧରିଥିବା ସମୟରେ ଆଉ କେତେଜଣ ତରବର ହୋଇ ବାଡ଼ି ଖଣ୍ଡେ ଖଣ୍ଡେ ଧରି ନେଇଥିଲେ। କିନ୍ତୁ ସେମାନେ ଦେଖିଥିଲେ ଯେ ଆକ୍ରମଣ କରିବା ପାଇଁ ସ୍ଥାନଟି ସୁବିଧାଜନକ ନୁହେଁ । ସେମାନେ ଚିନ୍ତାରେ ପଡ଼ି ଯାଇଥିଲେ।

୨୧୪। ସାପ ଯଦି ଆଉ ଟିକିଏ ଆଗକୁ ଚାଲି ଆସି କାନ୍ଥରୁ ଖସି ଚଟାଣରେ ଓହ୍ଲାଇଥାନ୍ତା, ତେବେ ସେ ପ୍ରଥମେ ମୋ ବିଛଣାଠି ପହଂଚିଥାନ୍ତା । ଆଉ ଏହାର ପରିଣାମ ଭୟଙ୍କର ହୋଇଥାନ୍ତା ।

୨୧୫। ଅସଲ ସ୍ଥାନରେ ଗୋଟିଏ ମାଡ଼ରେ ସେ ମରିଯାଇଥାନ୍ତା। କିନ୍ତୁ ସେହି ମାଡ଼ ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ, ସେ ପ୍ରତିଶୋଧପରାୟଣ ହୋଇ ବିପଦ ସୃଷ୍ଟି କରିଥାନ୍ତା। ତେଣୁ ଗୋଟିଏ ଲଣ୍ଠନ ଅଣାଯାଇ ତାକୁ ଲକ୍ଷ୍ୟ କରାଗଲା। ତା'ପରେ ସେ ଖସିବାର ରାସ୍ତା ପାଇ ପଳାଇ ଯାଇଥିଲା।

୨୧୬। ଯାହା ଜଣାଗଲା,ତାହାର ମୃତ୍ୟୁ ସମୟ ପହଂଚିନଥିଲା ଓ ଆମ୍ଭମାନଙ୍କର ଭାଗ୍ୟ ମଧ୍ୟ ଟାଣ ଥିଲା। ଏହା ଏକ ବିପଜ୍ଜନକ ମୁହୂର୍ତ୍ତ ଥିଲା, କିନ୍ତୁ ବାବା ଆମ ସମସ୍ତଙ୍କୁ ରକ୍ଷା କରିଥିଲେ।

୨୧୭। ଏହା ଯେଉଁ ବାଟେ ଆସିଥିଲା, ସେହି ରାସ୍ତାରେ ଖସିଯାଇଥିଲା। ସେ ଭୟମୁକ୍ତ ହୋଇଯାଇଥିଲା ଓ ଅନ୍ୟ ସମସ୍ତଙ୍କର ମଧ୍ୟ ଭୟର କୌଣସି କାରଣ ନଥିଲା। ଏହିଭଳି ଭାବରେ ଆମ୍ଭେମାନେ ପରସ୍ପର ସୁଖୀ ହୋଇଥିଲୁ।

୨୧୮। ତା'ପରେ ଭକ୍ତ ମୁକ୍ତାରାମ ଉଠି ଛିଡ଼ା ହୋଇ କହିଥିଲେ: "ସେ ବିଚରା ଖସି ପଳାଇଗଲା, ଭଲ ହେଲା। ସେ ଯଦି ଗାତ ଭିତର ଦେଇ ଖସି ପଳାଇ ଯାଇନଥାନ୍ତା, ବିଚରା ପ୍ରାଣ ହରାଇଥାନ୍ତା।"

୨୧୯। ମୁକ୍ତାରାମଙ୍କର ଦୟାର୍ଦ୍ର ଚାହାଣୀକୁ ଦେଖିଲାବେଳେ ମୁଁ ମନରେ ଆଘାତ ପାଇ ଚିନ୍ତା କରିଥିଲି, 'ବିପଜ୍ଜନକ ପ୍ରାଣୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବାରେ ଲାଭ କ'ଣ? ତା'କଲେ ପୃଥିବୀ ଚଳିବ କେମିତି?'

୨୨୦। ମୁକ୍ତାରାମ କେତେବେଳେ କେମିତି ଆସୁଥିଲେ। ଆମ୍ଭେମାନେ କିନ୍ତୁ ଉଭୟ ସକାଳ ଓ ସଂଧ୍ୟାରେ ସେଠାରେ ରହୁଥିଲୁ। ତା'ଛଡ଼ା, ମୋର ବିଛଣା ଝରକା ପାଖରେ ଥିଲା। ତେଣୁ ମୋତେ ତାଙ୍କର ଏହି କଥା ଭଲ ଲାଗିନଥିଲା।

୨୨୧। ସେ ଯୁକ୍ତି ଆରମ୍ଭ କରିଥିଲେ, କିନ୍ତୁ ମୋର ଦୃଷ୍ଟିକୋଣ ସମ୍ପୂର୍ଣ୍ଣ ବିପରୀତ ଥିଲା। ଆମ ମଧ୍ୟରେ ବହୁତ ଯୁକ୍ତିତର୍କ ଲାଗିଥିଲା, କିନ୍ତୁ ସିଦ୍ଧାନ୍ତ କିଛି ହୋଇପାରିନଥିଲା।

୨୨୨। ଜଣେ କହିଥିଲେ, 'ମୁହୂର୍ତ୍ତେ ବିଳମ୍ବ ନକରି ସାପକୁ ସଂଗେ ସଂଗେ ମାରିଦିଆଯିବା ଉଚିତ୍।' ଅନ୍ୟ ଜଣକର ଯୁକ୍ତିଥିଲା, 'ଗୋଟିଏ ନିରୀହ ପ୍ରାଣୀ ପ୍ରତି ଆମେ କାହିଁକି ବିନାକାରଣରେ ଶତ୍ରୁତା ଆଚରଣ କରିବା?'

୨୨୩। କେତେଜଣ ମୁକ୍ତାରାମଙ୍କୁ ବିରୋଧ କରିଥିଲେ। ଆଉ କେତେଜଣ ତାଙ୍କୁ ସମର୍ଥନ କରିଥିଲେ। ଯୁକ୍ତି ପ୍ରବଳ ହୋଇଥିଲା ସିନା, ତାହାର ଶେଷ ନଥିଲା।

୨୨୪। ଶେଷରେ ମୁକ୍ତାରାମ ତଳ ମହଲାକୁ ଓହ୍ଲାଇ ଯାଇଥିଲେ। ମୁଁ ମୋର ଶୋଇବା ସ୍ଥାନ ବଦଳାଇ ଦେଇଥିଲି। କାଠଖଣ୍ଡେ ଗର୍ତ୍ତ ଦେହରେ ଗୁଂଜିଦେବା ପରେ ମୋର ବିଛଣା ପକାଇ ଶୋଇଯାଇଥିଲି।

୨୨୫। ମୋ ଆଖି ନିଦୁଆ ନିଦୁଆ ଲାଗୁଥିଲା ଓ ରୁଣ୍ଡ ହୋଇଥିବା ଲୋକେ ଶୋଇବାକୁ ଯାଇଥିଲେ। ମୁଁ

ହାଇମାରିବା ଆରମ୍ଭ କରିଥିଲି ଓ ଯୁକ୍ତିତର୍କ ସ୍ୱାଭାବିକ ଭାବରେ ସରିଯାଇଥିଲା।

୨୨୬। ରାତ୍ରି ଶେଷ ହୋଇ ସକାଳ ହୋଇଥିଲା। ମୋର ପ୍ରାତଃକର୍ମ ସାରି ନେଇଥିଲି। ବାବା ଲେଣ୍ଡିରୁ ଫେରି ଆସିଥିଲେ। ଲୋକେ ମସ୍‌ଜିଦ୍‌ରେ ଏକତ୍ରିତ ହେଉଥିଲେ।

୨୨୭। ଚିରାଚରିତ ରୀତିରେ ସକାଳୁ ସକାଳୁ ମୁଁ ଯଥା ସମୟରେ ମସ୍‌ଜିଦ୍‌କୁ ଆସିଥିଲି। ମୁକ୍ତାରାମ ତଥା ଅନ୍ୟମାନେ ମଧ୍ୟ ଆସିଯାଇଥିଲେ ଓ ସେମାନଙ୍କ ନିଜ ନିଜ ସ୍ଥାନରେ ବସି ସାରିଥିଲେ।

୨୨୮। କେତେଜଣ ପାପୁଲିରେ ତମାଖୁ ଦଳୁଥିଲେ, କେତେଜଣ ବାବାଙ୍କ ଚିଲମରେ ପୂରାଉଥିଲେ, ଆଉ କେତେଜଣ ତାଙ୍କର ହାତ ଓ ପାଦ ଚିପି ଦେଉଥିଲେ। ଏହିଭଳି ସମସ୍ତେ ତାଙ୍କ ସେବାରେ ଲାଗିଥିଲେ।

୨୨୯। ବାବା ଅନ୍ତର୍ଯ୍ୟାମୀ ଭାବରେ ପ୍ରତ୍ୟେକଙ୍କ ଅନ୍ତରର ଭାବନାକୁ ଜାଣି ପାରୁଥିଲେ ଓ ନମ୍ର ସ୍ୱରରେ ପଚାରିଥିଲେ, "କାଲି ରାତିରେ ୱାଡ଼ାରେ କ'ଣ ଆଲୋଚନା ଚାଲିଥିଲା ?"

୨୩୦। ତା'ପରେ ବାବାଙ୍କ ଆଗରେ ମୁଁ ସମ୍ପୂର୍ଣ୍ଣ ଘଟଣା ବର୍ଣ୍ଣନା କରିଥିଲି ଓ ଏଭଳି ପରିସ୍ଥିତିରେ ସାପଟିକୁ ମାରିଦେବା ଉଚିତ କିମ୍ବା ଅନୁଚିତ ହୋଇଥାନ୍ତା ବୋଲି ପଚାରିଥିଲି।

୨୩୧। ବାବା କେବଳ ପଦେ କଥା କହିଥିଲେ। "ଈଶ୍ୱର ସମସ୍ତ ଘଟରେ, ଏପରିକି ସାପ ଓ ବିଛା ମଧ୍ୟରେ ବିରାଜମାନ କରୁଛନ୍ତି, ତେଣୁ ଆମେ ସମସ୍ତଙ୍କୁ ଭଲ ପାଇବା ଉଚିତ୍।"

୨୩୨। ଈଶ୍ୱର ପୃଥିବୀର ଲଗାମ ଧରିଛନ୍ତି। ଆମେ ସମସ୍ତେ ତାଙ୍କ ଆଦେଶରେ ଚାଲୁଛୁ। ସାପ ହେଉ କିମ୍ବା ବିଛା ହେଉ, କେହି ତାଙ୍କ ଇଚ୍ଛା ବିନା କିଛି କରିପାରନ୍ତି ନାହିଁ।

୨୩୩। ତେଣୁ ଆମେ ସବୁ ପ୍ରାଣୀଙ୍କୁ ଦୟା କରିବା ଓ ଭଲ ପାଇବା ଉଚିତ୍। ହିଂସା ତ୍ୟାଗ କରି ଧୈର୍ଯ୍ୟ ଧରିବା ଉଚିତ୍। ଭଗବାନ ପ୍ରତ୍ୟେକଙ୍କୁ ରକ୍ଷା କରିଥାନ୍ତି।

୨୩୪। ସାଇବାବାଙ୍କର ଏମିତି କେତେ କଥାର ବର୍ଣ୍ଣନା କରାଯାଇପାରିବ ? ତେଣୁ ଶ୍ରୋତାମାନେ ନିଶ୍ଚିତ ହୋଇ ନିର୍ଯ୍ୟାସ ସଂଗ୍ରହ କରନ୍ତୁ।

୨୩୫। ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଆହୁରି ଅଧିକ ମଧୁର ହେବ। ଏହା ହେଉଛି ଭକ୍ତ ଦୀକ୍ଷିତଙ୍କ ସମ୍ପର୍କରେ ଏକ ଘଟଣା । ଏହି ବ୍ୟକ୍ତିଙ୍କ ପାଖରେ ଭକ୍ତି ଓ ବିଶ୍ୱାସ ପୁଂଜୀଭୂତ ହୋଇଥିଲା ଓ ତାହାରି ବଳରେ ସେ ଗୋଟିଏ ଛେଳିକୁ ହାଣିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଅକାଳ ମୃତ୍ୟୁର ବିତାଡ଼ନ'' ଶୀର୍ଷକ ଦ୍ୱାବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ବିଷ୍ଣୁ / କୃଷ୍ଣ।

୨- ସମ୍ପୂର୍ଣ୍ଣ ବିବରଣୀ ୪ର୍ଥ ଅଧ୍ୟାୟରେ ଦିଆଯାଇଛି।

୩- କୂପ ମଧ୍ୟରୁ ପାଣି ଉତ୍ତୋଳନ ନିମିତ୍ତ ପ୍ରସ୍ତୁତ କରାଯାଇଥିବା ଯନ୍ତ୍ରରେ ଲାଗିଥାଏ। ଏହାରି ସାହାଯ୍ୟରେ ବଳଦଙ୍କୁ ଲଗାଇ କ୍ଷେତକୁ ପାଣି ମଡ଼ାଯାଏ।

୪- ରେଳଗାଡ଼ିରେ ଗଲେ ଶିରିଡ଼ିଠାରୁ ୧୩ ମାଇଲ ଦୂର।

୫- ଥରେ ମାଧବରାଓ ଦେଶପାଣ୍ଡେଙ୍କୁ ଶିରିଡ଼ିରେ ସାପ କାମୁଡ଼ିଥିଲା। ଲୋକମାନଙ୍କର ବିଶ୍ୱାସ ଓ ଅନୁଭୂତି ରହିଥିବାରୁ ସାପକାମୁଡ଼ା ରୋଗୀଙ୍କୁ ନିକଟସ୍ଥ ବିଠୋବାଙ୍କ ମନ୍ଦିରକୁ ଭଲହେବାପାଇଁ ନିଆଯାଉଥିଲା। ତେଣୁ ସେଠାକୁ ଯିବାପାଇଁ ଅନେକ ଲୋକ ମାଧବରାଓଙ୍କୁ ପ୍ରବର୍ତ୍ତାଇ ଥିଲେ। ସେ କିନ୍ତୁ କହିଥିଲେ, "ମହାରାଜ ଯେପରି କହିବେ ଆମେ ସେହିପରି କରିବା" ଓ ଏହା କହି ମହାରାଜଙ୍କ ପାଖକୁ ଯାଇଥିଲେ। ମାଧବରାଓ ପାହାଚତଳେ ପହଂଚିବା ମାତ୍ରକେ, ମହାରାଜ ଜୋରରେ ପାଟିକରି ଉଠି ନିର୍ଦ୍ଦେଶ ଦେଇଥିଲେ, "ଉପରକୁ ଉଠନାହିଁ।" ବାବା ତାଙ୍କୁ ଏହି ନିର୍ଦ୍ଦେଶ ଦେଉଛନ୍ତି ଭାବି ମାଧବରାଓ ପାହାଚ ଚଢ଼ିନଥିଲେ । କିନ୍ତୁ ଏହି ନିର୍ଦ୍ଦେଶ ତାଙ୍କ ପ୍ରତି ଅଭିପ୍ରେତ ନଥିଲା, ବରଂ ବିଷ ପ୍ରତି ରହିଥିଲା। କାରଣ, ସେହି ମୁହୂର୍ତ୍ତରୁ ବିଷ ଆଉ ଉପରକୁ ଚରିଯାଇନଥିଲା। ତା'ପରେ କୌଣସି ଉପଚାର କରାଯାଇନଥିଲେ ମଧ୍ୟ ମାଧବରାଓ ଶ୍ରୀସାଇଙ୍କ କୃପାରୁ ଆସ୍ତେ ଆସ୍ତେ ସୁସ୍ଥ ହୋଇ ଉଠିଥିଲେ। ଏହି ଘଟଣା ପ୍ରକୃତରେ ଘଟିବାର ବର୍ଷକ ପୂର୍ବରୁ ସେ ଏହି ବିଷୟ ସ୍ୱପ୍ନରେ ଦେଖିଥିଲେ।

୬- ରାତ୍ରି ଆରତି ଓ ତା' ପରଦିନ ସକାଳର କାକଡ଼ ଆରତି ଚାୱଡ଼ିରେ ବାବା ଦିନେ ଛାଡ଼ି ଦିନେ ଶୋଇବାକୁ ଯାଉଥିବା ବେଳେ କରାଯାଉଥିଲା।



ଅବଦୁଲ୍ ବାବା

ବାବାଙ୍କ ରହିବା ଜାଗାର ପଛପଟେ ଗୋଟିଏ ଗୋଦାମଘର ଥିଲା ଓ ସେଥିରେ ଜଣେ ଅନାସକ୍ତ ଭକ୍ତ ଅବ୍‌ଦୁଲ ବାବା ରହୁଥିଲେ । ସେ ବାବାଙ୍କର ସବୁପ୍ରକାର ସେବା କରିବା ପାଇଁ ସଦାପ୍ରସ୍ତୁତ ଥିଲେ । (୨୨ଶ ଅଧ୍ୟାୟ, ପଂକ୍ତି-୧୫୮)

॥ ୨୩ ॥

ଗୁରୁ-ଶିଷ୍ୟଙ୍କର ଲୀଳାଦୃଶ୍ୟ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ସାରକଥା ହେଲା ଯେ ମନୁଷ୍ୟ ତ୍ରିଗୁଣର ଉର୍ଦ୍ଧ୍ୱରେ, କିନ୍ତୁ ମାୟା ଦ୍ୱାରା ପ୍ରଲୋଭିତ ହୋଇ ନିଜର ସତ୍ୟ, ଶୁଦ୍ଧ ଚେତନା ଓ ପରମ ଆନନ୍ଦ ଅବସ୍ଥାକୁ ଭୁଲି ଯାଇଥାଏ ଏବଂ ନିଜକୁ ସ୍ଥୁଳ ଶରୀର ବୋଲି ଭାବିଥାଏ ।

୨ । ଶାରୀରିକ ଗର୍ବ ନେଇ ସେ ବିଶ୍ୱାସ କରେ ଯେ ସେ ହିଁ କର୍ତ୍ତା ଓ ସେ'ହିଁ ଭୋକ୍ତା । ସେ ଦୁଃଖକଷ୍ଟ ମଧ୍ୟରେ ଛନ୍ଦି ହୋଇଯାଏ ଓ ତାହା ଗୋଟିକ ପରେ ଗୋଟିଏ ଆସିବା ଯୋଗୁଁ ସେଥିରୁ ମୁକୁଳିବାର ବାଟ ଆଉ ପାଏ ନାହିଁ ।

୩ । ଅଶେଷ ଯନ୍ତ୍ରଣା ଓ ଦୁଃଖକଷ୍ଟରୁ ମୁକ୍ତି ମିଳିବାର ଏକ ମାତ୍ର ପଥ ହେଉଛି, ଗୁରୁଙ୍କ ଶ୍ରୀଚରଣ ପ୍ରତି ସଶ୍ରଦ୍ଧ ଓ ଭକ୍ତିପୂର୍ଣ୍ଣ ଆସକ୍ତି । ଶ୍ରୀସାଇ ଶ୍ରୀରଙ୍ଗଂ ହେଉଛନ୍ତି ଜଣେ ମହାନ୍ ଅଭିନେତା ଓ ସେ ନିଜ ରଙ୍ଗରେ ଭକ୍ତମାନଙ୍କୁ ରଙ୍ଗାୟିତ କରନ୍ତି ।

୪ । ଆମେ ତାଙ୍କୁ ଜଣେ ଅବତାର ବୋଲି କହିବାର କାରଣ ହେଲା, ଅବତାରଙ୍କର ସମସ୍ତ ଗୁଣ ତାଙ୍କ ମଧ୍ୟରେ ବିଦ୍ୟମାନ ଥିଲା । ସେ କିନ୍ତୁ ନିଜ ସମ୍ପର୍କରେ ସବୁବେଳେ କହୁଥିଲେ, "ମୁଁ ଆଲ୍ଲାଙ୍କ ପାଦତଳେ ଜଣେ ଦାସ ମାତ୍ର" ।

୫ । ସେ ନିଜେ ଜଣେ ଅବତାର ହୋଇଥିଲେ ମଧ୍ୟ ସେ ସଂସାରର ଜଣେ ସାଧାରଣ ଲୋକ ଭଳି ରହୁଥିଲେ । ଏହାଦ୍ୱାରା ସେ ଅନ୍ୟମାନଙ୍କ ପାଇଁ ନିଜ ନିଜର ଜାତିଧର୍ମ ସହିତ ସଙ୍ଗତି ରକ୍ଷା କରି ଚଳିବାର ଉଦାହରଣ ରଖିଯାଇଥିଲେ ।

୬ । ସେ ନିଜକୁ କାହାରି ସହିତ ତୁଳନା କରୁନଥିଲେ କି ସେଭଳି କରିବାକୁ କାହାରିକୁ ଅନୁମତି ଦେଉନଥିଲେ । ବିଶ୍ୱବ୍ରହ୍ମାଣ୍ଡ ସାରା ଈଶ୍ୱର ବ୍ୟାପି ରହିଛନ୍ତି ବୋଲି ବିଚାର କରୁଥିବା ବ୍ୟକ୍ତିର ବିନମ୍ରତା ହିଁ ହେଉଛି ପ୍ରକୃତ ଭୂଷଣ ।

୭ । ସେ କାହାରିକୁ ବେଖାତିର କରୁନଥିଲେ କି କାହାରିକୁ ନଗଣ୍ୟ ବୋଲି ଭାବୁନଥିଲେ । ତାଙ୍କ ନିମିତ୍ତ ପ୍ରତ୍ୟେକ ବସ୍ତୁହିଁ ଈଶ୍ୱର ଥିଲେ । ସେ ସମସ୍ତଙ୍କ ମଧ୍ୟରେ ଥିବା ଶୁଦ୍ଧ ଚେତନାକୁ ଅନୁଭବ କରୁଥିଲେ ।

୮ । "ମୁଁ ଈଶ୍ୱର"ବୋଲି ସେ କେବେ କହିନଥିଲେ, ବରଂ "ମୁଁ ଈଶ୍ୱରଙ୍କର ଜଣେ ବିନୀତ ଦାସ" ଓ "ମୁଁ ସବୁସମୟରେ ଈଶ୍ୱରଙ୍କୁ ସ୍ମରଣ କରେ" ବୋଲି କହୁଥିଲେ । ସେ ସବୁବେଳେ "ଆଲ୍ଲା ମାଲିକ୍" ବୋଲି ଜପ କରୁଥିଲେ ।

୯ । ଜଣେ ସନ୍ଥ କିଭଳି ଆଚରଣ କରନ୍ତି ଓ କ'ଣ ଖାଆନ୍ତି, ତାହାକୁ ଦେଖି ତାଙ୍କର ସ୍ଥିତି ବା ଚଳଣି ସମ୍ପର୍କରେ ଆମେ କଳନା କରିପାରିବା ନାହିଁ । ସେ ଏସବୁଠାରୁ ଉର୍ଦ୍ଧ୍ୱରେ ।

୧୦ । ସର୍ବ ଦୟାମୟ ଈଶ୍ୱରଙ୍କ କୃପାରୁ, ଅନୁଗ୍ରହକାରୀ

ସନ୍ଥମାନେ ଏହି ଧରାଧାମରେ ଅବତୀର୍ଣ୍ଣ ହୋଇଥାନ୍ତି ଓ ସଚରାଚର ଜଗତ ଉଦ୍ଧାର କରିଥାନ୍ତି।

୧୧। କେବଳ ପୂର୍ବଜନ୍ମର ପୁଞ୍ଜୀଭୂତ ସୁକୃତି ଥିଲେହିଁ ଆମ ମନରେ ସନ୍ଥମାନଙ୍କର ଜୀବନଚରିତ ଶୁଣିବାରେ ଶ୍ରଦ୍ଧା ଓ ଆଗ୍ରହ ଜାତ ହୋଇଥାଏ । କାରଣ, ଏଥିରୁ ଆମକୁ ସୁଖଶାନ୍ତି ମିଳିଥାଏ।

୧୨। ଥରେ ଚାନ୍ଦୋରକରଙ୍କ ସହିତ ଜଣେ ଯୋଗସାଧକ ବାବାଙ୍କ ଦର୍ଶନ ନିମିତ୍ତ ମସ୍‌ଜିଦ୍‌ରେ ଆସି ପହଂଚିଥିଲେ।

୧୩। ସେ ପତଞ୍ଜଳିଙ୍କ ଯୋଗଶାସ୍ତ୍ର ଓ ଆହୁରି ଅନେକ ଶାସ୍ତ୍ର ସମ୍ପୂର୍ଣ୍ଣ ରୂପେ ପାଠ କରିଥିଲେ । ତାଙ୍କର ଅନୁଭୂତି ବିସ୍ମୟକର ଭାବରେ ଯଥେଷ୍ଟ ଥିଲା, ତଥାପି ସେ କ୍ଷଣକ ପାଇଁ ବି ସମାଧି ଅବସ୍ଥା ଲାଭ କରିପାରି ନଥିଲେ ।

୧୪। 'ମହାରାଜ ଶ୍ରୀସାଇ ହେଉଛନ୍ତି ଯୋଗେଶ୍ୱର । ତାଙ୍କ କୃପା ହେଲେ ମୋର ସମସ୍ତ ସଂଶୟ ଦୂରୀଭୂତ ହେବ ଓ ମୁଁ ନିଶ୍ଚିତ ଭାବରେ ସମାଧି ଅବସ୍ଥା ଲାଭ କରିପାରିବି।'

୧୫। ଏହିଭଳି ଇଚ୍ଛା ପୋଷଣ କରି ସେ ଯେତେବେଳେ ଶ୍ରୀସାଇଙ୍କୁ ଦର୍ଶନ କରିଥିଲେ, ଶ୍ରୀସାଇ ଆସନରେ ବସି ରୁଟି ସହିତ ପିଆଜ[୨] ଖାଉଥିବାର ଦେଖିଥିଲେ।

୧୬। ବାସିରୁଟି ଓ ଶୁଖିଲା ପିଆଜ ଶ୍ରୀସାଇ ମୁହଁ ସାମ୍ନାରେ ଧରିଥିବାର ଦେଖି ତାଙ୍କର ଘୋର ସନ୍ଦେହ ଉପୁଜିଥିଲା ଓ ସେ ଭାବିଥିଲେ, 'ଇଏ କ'ଣ ମୋ ସଂଶୟ ଦୂର କରିପାରିବେ ?'

୧୭। ତାଙ୍କ ମନରେ ଏଇ ଧାରଣା ଉପୁଜିବା ମାତ୍ରେ ତାହା ଜାଣିପାରି ସର୍ବାନ୍ତର୍ଯାମୀ ଶ୍ରୀସାଇ ମହାରାଜ କହିଥିଲେ, "ନାନା ! ଯେଉଁମାନେ ହଜମ କରିପାରିବେ, ସେଇମାନେ ପିଆଜ ଖାଇବା ଉଚିତ୍।

୧୮। "ଯାହାର ହଜମ କରିବାର ଶକ୍ତି ରହିଛି, ସେ ନିରାପଦରେ ପିଆଜ ଖାଇପାରିବ।" ଏହି ବାକ୍ୟ ଶୁଣି ଯୋଗୀ ଚମକି ଉଠିଥିଲେ ଓ ପୂର୍ଣ୍ଣ ବିଶ୍ୱାସ ସହିତ ସମ୍ପୂର୍ଣ୍ଣ ଶରଣାଗତ ହୋଇଥିଲେ।

୧୯। ତା'ପରେ ସେହି ଯୋଗସାଧକ, ମନରେ କୌଣସି ସଂଶୟ ନରଖି ବାବାଙ୍କ ଗଦି ପାଖରେ ଯାଇ ବସିଥିଲେ ଓ ବାବା ଆସି ତାଙ୍କର ଆସନ ଗ୍ରହଣ କରିଥିଲେ।

୨୦। ସେ ବିଜ୍ଞତାର ସହ ପ୍ରଶ୍ନଗୁଡ଼ିକୁ ପଚାରିଥିଲେ, ତାଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଥିଲା ଓ ସେ ସନ୍ତୁଷ୍ଟ ହୋଇଥିଲେ। ଉଦି ଓ ଆଶୀର୍ବାଦ ଲାଭକରି ସେ ଆନନ୍ଦ ମନରେ ଘରକୁ ବାହୁଡ଼ି ଯାଇଥିଲେ।

୨୧। ଏଭଳି ଅନେକ କାହାଣୀ ରହିଛି। ସେଗୁଡ଼ିକୁ ବିଶ୍ୱାସ ଓ ଭକ୍ତି ସହକାରେ ଶୁଣିଲେ, ତାହାର ଶକ୍ତି ଦ୍ୱାରା ଭକ୍ତଙ୍କର ଦୁଃଖଶୋକ, ଲୋଭମୋହ ଓ ଅନ୍ୟାନ୍ୟ ଧ୍ୱଂସକାରୀ ବିପଦ ଅବିଳମ୍ବେ ଦୂର ହୋଇଯାଏ ।

୨୨। ଘୁଷୁରୀ ପଚା ପଙ୍କ, ଦୁର୍ଗନ୍ଧ ଜଳ ଭର୍ତ୍ତି କ୍ଷୁଦ୍ର ପୁଷ୍କରିଣୀ ପାଇଲେ ଆନନ୍ଦ ବିହ୍ୱଳ ହୋଇଯାଇଥାଏ ।

୨୩। ମଣିଷର ଆତ୍ମା ଓ ଶୁକପକ୍ଷୀ ମଧ୍ୟରେ ସମାନ ଧରଣର ଅଭିନ୍ନତା ଥାଏ । ଜଣେ ଶରୀର ମଧ୍ୟରେ ବନ୍ଦୀ ହୋଇ ରହିଥିବା ସମୟରେ ଅନ୍ୟଟି ପିଞ୍ଜରା ମଧ୍ୟରେ ଆବଦ୍ଧ ଥାଏ। ଶୁକପକ୍ଷୀ ତାହାର ସମସ୍ତ ସ୍ୱାଧୀନତା ହରାଇ ବସିଥିଲେ ମଧ୍ୟ ସେ ବନ୍ଧନ ମଧ୍ୟରେ ବେଶ୍ ସୁଖୀ ଥାଏ।

୨୪। ଶୁକପକ୍ଷୀ କୂପ ମଣ୍ଡୁକ ଭଳି। ତାହାର ସମସ୍ତ ସୁଖ ପିଞ୍ଜରା ମଧ୍ୟରେ ନିବଦ୍ଧ। ମନୁଷ୍ୟ କାମନାବାସନାର ବୁଢ଼ିଆଣୀ ଜାଲରେ ଛନ୍ଦି ହୋଇ ଶୁକପକ୍ଷୀ ଭଳି ସ୍ୱାଧୀନତାର ଆନନ୍ଦକୁ ଭୁଲି ଯାଇଥାଏ।

୨୫। 'ମୋ ପଞ୍ଜୁରୀ ଓ ତାହା ମଧ୍ୟରେ ଝୁଲିବା ପାଇଁ ରଖାଯାଇଥିବା ସୁନା ଦଣ୍ଡଟି କେତେ ସୁନ୍ଦର ହୋଇଛି ! ମୁଁ ତଳକୁ ଓହଳିବା ସମୟରେ ଗୋଡ଼ ଖସିଯାଉନଥିଲେ, କେତେ ଭଲ ଲାଗେ।

୨୬। 'କିନ୍ତୁ ବାହାରେ ମିଠା ଡାଳିମ୍ବ ମଂଜି ଓ ସ୍ୱାଦିଷ୍ଟ ଲାଲ ଲଙ୍କା ଖାଇବାର ଆନନ୍ଦ ନିଜ ହାତରୁ ଖସାଇଦେବାକୁ ହେବ। ମୁଁ ଏହି ଆନନ୍ଦକୁ ମୋ ନିଜ ଦୋଷରୁ ହରାଇବସିବି।'

୨୭। ଶୁକ ପକ୍ଷୀ ନିମନ୍ତେ ଉପଯୁକ୍ତ ସମୟ ଆସିଗଲେ ଅସମ୍ଭବ ଘଟଣା ଘଟିଥାଏ। ତାହା ଉପରେ ଚାପୁଡ଼ାଏ ପ୍ରେମଭାବ ବସିଲେ ସେ ଜାଗ୍ରତ ହୋଇଯାଏ ଓ ତା'ର ଚକ୍ଷୁରେ ଜ୍ଞାନର କଜ୍ଜ୍ୱଳ ଲାଗିଥାଏ।

୨୮। ଶକ୍ତିପାତ[୩] ଦ୍ୱାରା ଚୈତନ୍ୟ ଉଦୟ ହେଲେ ତାହାର ଚକ୍ଷୁ ଖୋଲିଯାଏ ଓ ସେ ପଂଜୁରୀ ମଧ୍ୟରୁ ବାହାରି ଆସେ। ସେ ତାହାର ଡେଣାକୁ ବ୍ୟବହାର କରି ଉଡ଼ିଗଲେ ତାକୁ କିଏ ଆଉ ନିୟନ୍ତ୍ରଣ କରିପାରିବ ?

୨୯ । ବିରାଟ ବିଶ୍ୱ ଅଙ୍ଗନ ତା'ର ସାମ୍ନାରେ ରହିଛି। ପ୍ରଚୁର ଡାଳିମ୍ବ ଓ ପିଜୁଳି ବଗିଚା ରହିଛି। ସ୍ୱାଧୀନ ଭାବରେ ତାହାର ଯେଉଁଠିକି ଇଚ୍ଛା ସେଠିକି ଉଡ଼ିଯିବା ନିମନ୍ତେ ମୁକ୍ତ ଆକାଶ ତା' ପାଇଁ ରହିଛି ଓ ତା'ର ସ୍ୱାଧୀନତାରେ ସେ ଉଲ୍ଲସିତ ହେଉଛି।

୩୦ । ଆତ୍ମାର ଅବସ୍ଥା ମଧ୍ୟ ସେୟା। ସେ ଈଶ୍ୱରଙ୍କ କୃପା ସାଙ୍ଗକୁ ଗୁରୁ ଲାଭକଲେ, ଉଭୟଙ୍କ ସାହାଯ୍ୟରେ ମୁକ୍ତିଲାଭ କରେ ଓ ସ୍ୱାଧୀନତାର ଆନନ୍ଦ ଅନୁଭବ କରେ ।

୩୧ । ସମସ୍ତ ଏକନିଷ୍ଠ ଶ୍ରୋତାଗଣ ! ଏବେ କିଛିସମୟ ପାଇଁ ମନଧ୍ୟାନ ଦେଇ ଅନାବିଳ ପ୍ରେମର ଏକ ଚିତ୍ତାକର୍ଷକ କାହାଣୀ ଶୁଣନ୍ତୁ।

୩୨ । ଗତ ଅଧ୍ୟାୟରେ ବାବା ଶାମାଙ୍କୁ ମିରୀକରଙ୍କ ସହିତ ଗସ୍ତରେ ଚିତଲୀ ପଠାଇ ଏକ ଅଲୌକିକ ଘଟଣା ଦେଖାଇଥିଲେ।

୩୩। ଶ୍ରୀସାଇ ଭବିଷ୍ୟତଦ୍ରଷ୍ଟା ହିସାବରେ ଗୋଟିଏ ସାପ ଆଡୁ ବିପଦ ଆସୁଥିବାର ଜାଣିପାରିଥିଲେ ଓ ସେହି ବିପଦ ବିଷୟରେ ମିରୀକରଙ୍କୁ ସମୟୋଚିତ ସୂଚନା ଜ୍ଞାପନ କରି ସାବଧାନ କରାଇ ଦେଇଥିଲେ।

୩୪ । ସେ କେବଳ ତାଙ୍କୁ ସାବଧାନ କରାଇ ଦେଇନଥିଲେ। ଶାମାଙ୍କୁ ଜୋରକରି, ମିରୀକରଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କ ସହିତ ପଠାଇ ବିପଦକୁ ଟାଳି ଦେବାର ବନ୍ଦୋବସ୍ତ ମଧ୍ୟ କରିଥିଲେ ଓ ମିରୀକରଙ୍କୁ ବିପଦରୁ ରକ୍ଷା କରିଥିଲେ।

୩୫ । ବାବା ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ସଦା ପ୍ରସ୍ତୁତ ଥିବାରୁ ବାଲାସାହେବ ମିରୀକରଙ୍କୁ ବିପଦରୁ ରକ୍ଷାକରିଥିଲେ ଓ ତାଙ୍କୁ ଅଦ୍ଭୁତ ଅନୁଭୂତି ପ୍ରଦାନ କରିଥିଲେ ।

୩୬ । ତୁଳନାତ୍ମକ ଭାବରେ ଶାମାଙ୍କ ଅବସ୍ଥାକୁ ଦେଖନ୍ତୁ! ହଠାତ୍ ତାଙ୍କୁ ଏକ ସାପକାମୁଡ଼ି ଦେଇଥିଲା ଓ ତାଙ୍କର ବଂଚିବାର ଆଶା ନଥିଲା। ବାବା ସେଥିରୁ ତାଙ୍କୁ ରକ୍ଷା କରିଥିଲେ।

୩୭ । ଏହା ମଧ୍ୟ ବାବାଙ୍କର ଏକ ଲୀଳା ଥିଲା! ପ୍ରଥମେ ମୁଁ ତାହା ଶ୍ରୋତାମାନଙ୍କ ସମ୍ମୁଖରେ ବର୍ଣ୍ଣନା କରୁଛି। ଯଦିଚ ସାପକାମୁଡ଼ି ଥିଲା, ତାହାର ପ୍ରତିକାର କିଭଳି କରାଯାଇଥିଲା!

୩୮ । ସନ୍ଧ୍ୟା ସାତଟା ପାଖାପାଖି ସମୟରେ ଶାମାଙ୍କର କାଣି ଆଂଗୁଠିରେ ସାପଟିଏ ହଠାତ୍ କାମୁଡ଼ିଦେବାରୁ ସେଥିରେ ବିଷ ଚରିଯାଇଥିଲା।

ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମା

୩୯ । ଯନ୍ତ୍ରଣା ଅଧିକ ତୀବ୍ର ହେଉଥିବାରୁ ଜୀବନ ବାହାରିଯିବା ଭଳି ଲାଗୁଥିଲା। ମାଧବରାଓ ଭୟ ପାଇଯାଇଥିଲେ ଓ ବିବ୍ରତ ହୋଇ ପଡ଼ିଥିଲେ।

୪୦ । ତାଙ୍କ ଶରୀର ଲାଲ ପଡ଼ିଯାଇଥିଲା। ସାଂଗସୁଖ, ବନ୍ଧୁବାନ୍ଧବମାନେ ଆସି ପହଂଚିଥିଲେ ଓ ତାଙ୍କର ବଂଚିବାର ଆଶା ଛାଡ଼ିଦେଇ କହିଥିଲେ, "ଚାଲ ବିଠୋବାଙ୍କ[୪] ନିକଟକୁ ନେଇଯିବା।"

ନାନାସାହେବ ନିମୋଣକର

୪୧ । ନିମୋଣକରଙ୍କ[୫] ଦୌଡ଼ି ଆସି କହିଥିଲେ, ତାଙ୍କୁ ଉଦି ଖୁଆଇ ଦେବା ପରେ ନେଇଯିବ। କିନ୍ତୁ ମାଧବ ରାଓ ଦୌଡ଼ି ଦୌଡ଼ି ମସ୍‌ଜିଦକୁ ଯାଇଥିଲେ। ବାବା କ'ଣ କହିଥିଲେ ଦେଖନ୍ତୁ।

୪୨ । ବାବା ତାଙ୍କୁ ଦେଖିବା ମାତ୍ରକେ କି ଲୀଳା କଲେ ଦେଖନ୍ତୁ! ସେ ତାଙ୍କୁ ଭୀଷଣ ଗାଳି ଦେଇଥିଲେ ଓ ଉପରକୁ ଉଠିବାକୁ ଅନୁମତି ଦେଇ ନଥିଲେ।

୪୩। "ପାପୀ ପୁରୋହିତ ! ଉପରକୁ ଉଠନାହିଁ। ଉପରକୁ ଉଠିବାର ଦୁଃସାହସ କରନାହିଁ। ବାହାରି ଯାଆ! ତଳକୁ ଓହ୍ଲା!" ବାବା ଏହିଭଳି ଜୋରରେ ଚିତ୍କାର କରି ଚାଲିଥିଲେ।

୪୪ । ବାବା ହଠାତ୍ କଳ୍ପନା ବାହାରେ ରାଗି ଯାଇଥିଲେ। ଅପ୍ରତ୍ୟାଶିତ ଭାବରେ ଅକାରଣରେ କ୍ରୋଧ କରିଥିଲେ । ମାଧବରାଓ ବିସ୍ମିତ ହୋଇ ପଡ଼ିଥିଲେ। ଏଭଳି କଡ଼ା ଭାଷାରେ ତାଙ୍କୁ କାହିଁକି ଦଣ୍ଡ ଦିଆଯାଉଛି ?

୪୫ । ଏପ୍ରକାର ଘଟଣା ଦେଖି ମାଧବରାଓ ବହୁତ ଡରିଯାଇଥିଲେ। ସେ କିଛି ଭାବିପାରିନଥିଲେ, ବିଷଣ୍ଣ ହୋଇ ବସି ପଡ଼ିଥିଲେ।

୪୬ । 'ଦେବା'[୬] ବିରକ୍ତ ହୋଇଥିବା ଯୋଗୁଁ ମାଧବରାଓ ଭୟ ପାଇଯାଇଥିଲେ ଓ ମନରେ ଭାବିଥିଲେ ଯେ ବାବା ତାଙ୍କୁ ତଡ଼ି ଦେଉଥିବାରୁ ତାଙ୍କର ବଂଚିବାର ଆଶା ଆଉ ନାହିଁ।

୪୭ । 'ବାବାଙ୍କର କ୍ରୋଧ ଓ ରୁକ୍ଷ ବ୍ୟବହାର ଦେଖିବା

ପରେ କିଏ ଅବା ଡରିନଯିବ ? ତାଙ୍କର ଅପମାନଜନକ ଗାଳିମନ୍ଦ ଶୁଣିବା ପରେ ମାଧବରାଓ ଭାବିଥିଲେ ଯେ ଏବେ ମାରାତ୍ମକ ସମୟ ଉପସ୍ଥିତ ହୋଇଛି।

୪୮। 'ଏହି ମସ୍‌ଜିଦ ମୋ ମାତାଙ୍କର ଗୃହ। ମୁଁ ଶ୍ରୀସାଇଙ୍କ ସନ୍ତାନ। ତାହା ଯଦି ସତ, ତେବେ ମା' କାହିଁକି ଆଜି ସନ୍ତାନ ଉପରେ ଏଭଳି କ୍ରୋଧ ପ୍ରକାଶ କରୁଛନ୍ତି ?'

୪୯। 'ସାପ କାମୁଡ଼ିଥିବାର ଦୁଃଖ ନେଇ ମୁଁ ଯଦି ମୋ ମାତାଙ୍କ ନିକଟକୁ ଯାଇପାରୁନାହିଁ, ଆଉ କାହା ନିକଟକୁ ତେବେ ଯାଇପାରିବି ? ସେ ଯେତେବେଳେ ନିଜେ ମୋତେ ତଡ଼ି ଦେଉଛନ୍ତି, ମୋ କପାଳ ନିହାତି ମନ୍ଦ।'

୫୦। ମା' ନିକଟରେ ସନ୍ତାନ ଭଳି, ମାଧବରାଓ ବାବାଙ୍କ ନିକଟରେ ଥିଲେ। ଯଦି ଏହିଭଳି ସମ୍ପର୍କ ସବୁବେଳେ ରହିଥିଲା, ତେବେ ଆଜି ଏପରି କାହିଁକି ଘଟିଲା ?

୫୧। ମା' ତଡ଼ିଦେଲେ ପିଲାର ଯତ୍ନ ଆଉ କିଏ ନେବ ? ମାଧବରାଓ ସେତେବେଳେ ବଂଚି ରହିବାର ସମସ୍ତ ଆଶା ଛାଡ଼ି ଦେଇଥିଲେ।

୫୨। କିଛି ସମୟ ପରେ ବାବା ଯେତେବେଳେ ଶାନ୍ତ ପଡ଼ିଥିଲେ, ମାଧବରାଓ ସାହସ ସଂଚୟ କରି ଉପରକୁ ଉଠି ଯାଇ ବସିଥିଲେ।

୫୩। ବାବା କହିଥିଲେ, "ଧୈର୍ଯ୍ୟ ହରାଅ ନାହିଁ। କୌଣସି ନିରାଶା ତୋ ହୃଦୟ ମଧ୍ୟକୁ ପ୍ରବେଶ ନକରୁ। ତୁ ଭଲ ହୋଇଯିବୁ। ଚିନ୍ତା କରନାହିଁ। ଦୟାଳୁ ଫକୀର ତୋର ଯତ୍ନନେବେ।

୫୪। "ଘରକୁ ଯାଇ ଚୁପଚାପ ବସିରହ। ଘରୁ ବାହାରକୁ ଯିବୁନାହିଁ। ନିର୍ଭୟ ହୋଇ ଚିନ୍ତା ଛାଡ଼ିଦେ। ମୋ ଉପରେ ବିଶ୍ୱାସ ରଖ।"

୫୫। ସେ ଘରେ ପହଂଚିବା ପରେ ପରେ ବାବା ତାତ୍ୟାଙ୍କୁ ପଠାଇ ଭଲମନ୍ଦ ଖବର ନେଇଥିଲେ ଓ ସନ୍ଦେଶ ମଧ୍ୟ ପଠାଇଥିଲେ।

୫୬। "ତାକୁ ବିଛଣାରେ ଗଡ଼ିବା କିମ୍ବା ଶୋଇବା ପାଇଁ ମନାକରିବ। ସେ ଘର ଭିତରେ ଚଲାବୁଲା କରୁ। ତାକୁ ଯାହା ଭଲ ଲାଗୁଛି ଖାଇବା ପାଇଁ କହିବ। କେବଳ ଏହି ଉପଦେଶ ମାନିଚାଲୁ।"

୫୭। ବାବା କାକାସାହେବ ଦୀକ୍ଷିତଙ୍କୁ ମଧ୍ୟ ସେହି ରାତ୍ରିରେ କହିଥିଲେ, "ସେ ତନ୍ଦ୍ରା ଅନୁଭବ କରିବ। ତାକୁ ଶୋଇବାକୁ ଦେବ ନାହିଁ।"

୫୮। ପ୍ରତିକାରର ଏ ସମସ୍ତ ବ୍ୟବସ୍ଥା ଦ୍ୱାରା ତାଙ୍କର ଯନ୍ତ୍ରଣା ଚାଲିଯାଇଥିଲା, ଯଦିଚ ବିଷ ପ୍ରଭାବରେ ତାଙ୍କ ଆଙ୍ଗୁଳିରେ ସାମାନ୍ୟ ଜ୍ୱାଳା ସେ ଅନୁଭବ କରୁଥିଲେ ।

୫୯। ପରେ ତାହା ମଧ୍ୟ ଭଲହୋଇ ଯାଇଥିଲା। ଏଭଳି ଭୟଙ୍କର ବିପଦକୁ ଏଡ଼ାଇ ଦିଆଯାଇଥିଲା। ମା' ସାଇ କେତେ ଦୟାଳୁ ! ସେ ଭକ୍ତମାନଙ୍କ ନିମନ୍ତେ ସର୍ବଦା କରୁଣାବିଗଳିତ ହୋଇଯାଇଥାନ୍ତି।

୬୦। ବାବାଙ୍କ ତୁଣ୍ଡରୁ "ପାପୀ ପୁରୋହିତ, ଉପରକୁ ଉଠନାହିଁ" ଭଳି କଡ଼ାକଥା ମାଧବରାଓଙ୍କୁ ଉଦ୍ଦେଶ୍ୟକରି ବା ତାଙ୍କୁ ସମ୍ବୋଧନ କରି କୁହାଯାଇଥିଲା କି ?

୬୧। ନା, ତାହା ମାଧବରାଓଙ୍କ ପ୍ରତି ଉଦ୍ଦିଷ୍ଟ ନଥିଲା। ଏହା କାମୁଡ଼ିଥିବା ସାପର ବିଷକୁ ଶ୍ରୀସାଇଙ୍କର କଡ଼ା ଆଦେଶ ଥିଲା।

୬୨। "ଉପରକୁ ଉଠିବାର ଦୁଃସାହସ କରନାହିଁ", ଶ୍ରୀସାଇଙ୍କ ମୁଖରୁ ଏହି କଠୋର ଆଦେଶ ଦିଆଯାଇଥିଲା। ତାହାଦ୍ୱାରା ବିଷ ଶରୀର ମଧ୍ୟରେ ଚରିନଯାଇ ଗୋଟିଏ ସ୍ଥାନରେ ଅଟକି ରହିଥିଲା।

୬୩। ଖାଲି ସେତିକି ନୁହେଁ, ଶ୍ରୀସାଇଙ୍କର "ବାହାରିଯାଆ ! ତଳକୁ ଓହ୍ଲା !" ଭଳି ପାଂଚ ଅକ୍ଷର ମନ୍ତ୍ର ବିଷଜନିତ ଜ୍ୱାଳାକୁ ସଂଗେ ସଂଗେ କମାଇ ଦେଇଥିଲା ।

୬୪। ସେଥିପାଇଁ ଅନ୍ୟ କୌଣସି ଉପାୟ ଯଥା ତନ୍ତ୍ର, ମନ୍ତ୍ର ଇତ୍ୟାଦିରେ ପ୍ରବୀଣ ବ୍ୟକ୍ତିଙ୍କର ସାହାଯ୍ୟ ଲୋଡ଼ା ହୋଇନଥିଲା । ଶ୍ରୀସାଇ ଏହିଭଳି ଭକ୍ତମାନଙ୍କର ସହାୟକ ଥିଲେ। ସେ ଆପଦବିପଦକୁ ତତ୍‌କ୍ଷଣାତ୍ ଦୂର କରି ଦେଉଥିଲେ।

୬୫। ସେ କୌଣସି ତନ୍ତ୍ରମନ୍ତ୍ର କରିନଥିଲେ କି ମନ୍ତ୍ରପୂତ ଅକ୍ଷତ କିମ୍ବା ପବିତ୍ର ଜଳ ଛିଞ୍ଚିନଥିଲେ। ତା' ହେଲେ ବିଷ କିପରି ଓହ୍ଲାଇ ଯାଇଥିଲା ?

୬୬। ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି ? ସନ୍ଥଙ୍କର କେତୋଟି ବାକ୍ୟ ହିଁ ମାଧବରାଓଙ୍କୁ ସାପକାମୁଡ଼ାରୁ ଆରୋଗ୍ୟ କରିଦେଇଥିଲା। ତାଙ୍କ କରୁଣାର ପଟାନ୍ତର ନାହିଁ।

୬୭। ବର୍ତ୍ତମାନ ପୂର୍ବବର୍ତ୍ତୀ ଅଧ୍ୟାୟରେ ସୂଚିତ ଆଗ୍ରହଜନକ

ଓ ବିସ୍ମୟକର କାହାଣୀକୁ ଶ୍ରୋତାମାନେ ସମ୍ପୂର୍ଣ୍ଣ ମନଧ୍ୟାନ ଦେଇ ଶୁଣନ୍ତୁ।

୬୮। ପୂର୍ବବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣିତ କାହାଣୀଠାରୁ ଏଇଟି ଅଧିକ ମନୋମୁଗ୍‌ଧକର। ଶ୍ରୀସାଇ କିପରି ଚତୁର କୌଶଳ ଅବଲମ୍ବନ କରନ୍ତି, ସେ ବିଷୟରେ ଶ୍ରୋତାମାନଙ୍କୁ କୁହାଯିବ।

୬୯। ଏହି ଚିତ୍ତାକର୍ଷକ କାହାଣୀଗୁଡ଼ିକୁ ଶୁଣିବା ଦ୍ୱାରା ଗୁରୁଙ୍କର ବଚନ ମନ ମଧ୍ୟରେ ଗଭୀର ଛାପ ପକାଇବା ସହିତ ଅଲିଭା ମୋହର ମଧ୍ୟ ଲଗାଇ ଦେଇଥାଏ। କର୍ତ୍ତାପଣର ସମସ୍ତ ଭଲ ମନ୍ଦ, କର୍ମ ଅକର୍ମ ଉଭେଇ ଯାଇଥାଏ। ଗୁରୁଙ୍କ ପାଦରେ ଆସ୍ଥା ସ୍ଥାପିତ ହୋଇଥାଏ।

୭୦। ମାୟାର ବିନାଶ ପାଇଁ ସବୁଠାରୁ ସହଜ ଉପାୟ ହେଉଛି, ଶ୍ରୀସାଇଙ୍କ ଚରଣ ଛବିକୁ ହୃଦୟ ମଧ୍ୟରେ ସ୍ମରଣ କରିବା। ଏହା ମୋକ୍ଷଲାଭର ଉପାୟ।

୭୧। ପାର୍ଥିବ ସ୍ଥିତିର ଭୟ ବହୁତ ବଡ଼ । ମାୟା ହିଁ ଏହି ବିଗ୍ରହ ନିମନ୍ତେ ଦାୟୀ। କାହାଣୀଗୁଡ଼ିକୁ ଶୁଣିଲେ ଏ ସମସ୍ତ ମୂଳପୋଛ ହୋଇଯିବ ଓ ସ୍ଥାୟୀ ଆନନ୍ଦ ମିଳିବ।

୭୨। ଥରେ ଶିରିଡ଼ିରେ ହଇଜା ମହାମାରୀ ରୂପରେ ବ୍ୟାପିଥିଲା। ଗ୍ରାମବାସୀମାନେ ଅତ୍ୟନ୍ତ ଭୟଭୀତ ହୋଇଥିଲେ । ଗ୍ରାମରୁ ବାହାରକୁ ଓ ବାହାରୁ ଗ୍ରାମ ଭିତରକୁ ସମସ୍ତ ଯିବାଆସିବା ବନ୍ଦ କରାଯିବ ବୋଲି ସମସ୍ତେ ସହମତ ହୋଇ ନିଷ୍ପତ୍ତି ନେଇଥିଲେ ।

୭୩। ହଇଜା ମହାମାରୀ ଭାବରେ ଭୟଙ୍କର ହୋଇଥିଲା। ଗ୍ରାମବାସୀମାନେ ଭୟ ପାଇଯାଇଥିଲେ। ବାହାର ଅଂଚଳର ଲୋକଙ୍କୁ ଭିତରକୁ ଆସିବା ପାଇଁ ଦିଆଯାଉନଥିଲା । ସବୁ ପ୍ରକାର କାର୍ଯ୍ୟ ବନ୍ଦ ହୋଇଯାଇଥିଲା।

୭୪। ହଇଜାରେ ମୃତ୍ୟୁ ହେଉଥିବା ପର୍ଯ୍ୟନ୍ତ ଗ୍ରାମରେ ଛେଳି କଟାଯିବା ଓ ବାହାରର କୌଣସି ଗାଡ଼ି ଗ୍ରାମ ମଧ୍ୟକୁ ପଶିବା ନିଷେଧ ହୋଇଯାଇଥିଲା। ସମସ୍ତେ ଏହି ନିୟମକୁ ମାନିବା ନିମନ୍ତେ ବାଧ୍ୟ ହୋଇଥିଲେ।

୭୫। ଗ୍ରାମବାସୀମାନଙ୍କର ଏହି ସରଳ ବିଶ୍ୱାସଭିତ୍ତିକ ଆଚରଣକୁ ବାବା ଆଦୌ ପସନ୍ଦ କରୁନଥିଲେ। ଗ୍ରାମବାସୀମାନଙ୍କର ଅଜ୍ଞତା ଦୋଷରୁ ଏଭଳି ହାସ୍ୟାସ୍ପଦ ଧାରଣା ଉଦ୍ଭବ ହୋଇଛି ବୋଲି ସେ ମନେ କରୁଥିଲେ।

୭୬। ଗ୍ରାମବାସୀମାନେ ଏକ ପକ୍ଷରେ ଏଭଳି ନିଷ୍ପତ୍ତି ନେଇଥିବାବେଳେ ଅନ୍ୟ ପକ୍ଷରେ ବାବା ତାହାର ଉଦ୍ଦେଶ୍ୟକୁ ପଣ୍ଡ କରିଥିଲେ। ସେ କିଭଳି ଓ କେଉଁ ଉପାୟରେ ତାହା କାର୍ଯ୍ୟକାରୀ କରିଥିଲେ, ସେହି କଥା ଭକ୍ତି ସହକାରେ ଶୁଣନ୍ତୁ।

୭୭। ଗ୍ରାମବାସୀମାନେ ବିଶ୍ୱସ୍ତ ଭାବରେ ବୟସ୍କମାନଙ୍କର ନିଷ୍ପତ୍ତିକୁ ମାନି ନେଇଥିଲେ। ଯଦି ତାହାକୁ କେହି ସାମାନ୍ୟ ମାତ୍ରାରେ ହେଉ ପଛକେ ଉଲ୍ଲଙ୍ଘନ କରୁଥିଲା, ତେବେ ତା' ନିକଟରୁ ଜୋରିମାନା ଆଦାୟ କରାଯାଇ ଛାଡ଼ିଦିଆ ଯାଉଥିଲା।

୭୮। ବାବାଙ୍କର ଜୋରିମାନା ଦେବା ପାଇଁ ଭୟନଥିଲା। ସେ ସବୁବେଳେ ଓ ସବୁକଥାରେ ନିର୍ଭୟ ରହୁଥିଲେ। ସେ ଈଶ୍ୱରଙ୍କ ଚିନ୍ତାରେ ନିମଜ୍ଜିତ ଥାଇ ମୃତ୍ୟୁ ଉପରେ ଜୟଲାଭ କରିଥିଲେ।

୭୯। ସେହି ସମୟରେ ଜାଳେଣି କାଠ ବୋଝେଇ ଗୋଟିଏ ଶଗଡ଼ ଅନ୍ୟ ଗ୍ରାମରୁ ଆସି ଶିରିଡ଼ି ଗ୍ରାମସୀମାରେ ପହଂଚିଥିଲା। ଏହା ଏକ ସମସ୍ୟା ସୃଷ୍ଟି କରିଥିଲା ଓ ସେଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ କଳିତକରାଳ ହୋଇଥିଲା।

୮୦। ଗ୍ରାମବାସୀଙ୍କର ଜାଳେଣି କାଠର ଅଭାବ ରହିଥିଲା ବୋଲି ସମସ୍ତେ ଜାଣିଥିଲେ। ଏଣେ ନିଷ୍ପତ୍ତିକୁ ଅମାନ୍ୟ କରିବା ଠିକ୍ ନଥିଲା । ତେଣୁ ସମସ୍ତେ ବିକ୍ଷୁବ୍ଧ ଥିଲେ।

୮୧। ସେମାନେ ଶଗଡ଼ିଆ ନିକଟକୁ ଯାଇ ତାକୁ ଫେରାଇ ପଠାଇ ଦେବାକୁ ଚାହିଁଥିଲେ। ବାବା ଏକଥା ଜାଣିବା ପରେ ତୁରନ୍ତ ସେହି ସ୍ଥଳକୁ ଯାଇଥିଲେ।

୮୨। ସେ ଶଗଡ଼ ଆଗରେ ଛିଡ଼ା ହୋଇ ଯାଇଥିଲେ। ଶଗଡ଼ିଆ ସାହସ ପାଇଥିଲା। ଗ୍ରାମବାସୀଙ୍କର ଜିଦ୍ ଭାଙ୍ଗି ଯାଇଥିଲା ଓ ଶଗଡ଼କୁ ଗ୍ରାମ ସୀମା ଟପି ଭିତରକୁ ପଶିବା ପାଇଁ ଅନୁମତି ମିଳିଥିଲା।

୮୩। ଶଗଡ଼କୁ ମସ୍‌ଜିଦ୍ ଅଗଣାର ଫାଟକ ନିକଟକୁ ଅଣାଯାଇଥିଲା। ସବୁତକ କାଠ ଓହ୍ଲାଇ ଅଗଣା ମଧ୍ୟରେ ଗଦା କରାଯାଇଥିଲା। କେହି ଜଣେ ମଧ୍ୟ ଊଁଚୁଁ ହୋଇନଥିଲେ।

୮୪। ଖରା, ବର୍ଷା, ଶୀତ, ବସନ୍ତ କାଳରେ ଚବିଶ ଘଣ୍ଟା ବାବାଙ୍କ ମସ୍‌ଜିଦ୍ ମଧ୍ୟରେ ଧୁନି ଜଳୁଥିଲା।

୮୫। ବାବାଙ୍କର ସଂକଳ୍ପ କେତେ ଆଶ୍ଚର୍ଯ୍ୟଜନକ ଥିଲା ! ଅଗ୍ନିହୋତ୍ରୀ ଯେପରି ତାଙ୍କର ଅଗ୍ନିହୋତ୍ର କରନ୍ତି, ସେହିପରି ବାବାଙ୍କର ପବିତ୍ର ଧୁନି ମସ୍‌ଜିଦରେ ଦିବାରାତ୍ରି ଜଳୁଥିଲା।

୮୬। ଧୁନିକୁ ଜଳାଇ ରଖିବା ପାଇଁ ବାବା ଗୋଛା ଗୋଛା କାଠ କିଣି ଅଗଣାରେ ଗୋଟିଏ କାନ୍ଥକୁ ଡେରି ରଖି ଦେଉଥିଲେ।

୮୭। ସାପ୍ତାହିକ ହାଟ ବାରିକୁ ମନେ ପକାଇ ବାବା ସେଦିନ ବଜାରରୁ କାଠ ସଂଗ୍ରହ କରୁଥିଲେ। ପଡ଼ୋଶୀମାନେ ସେମାନଙ୍କର ସହଜାତ ସ୍ୱାର୍ଥପର ଗୁଣ ଯୋଗୁଁ ମଧ୍ୟ ତା' ଉପରେ ନଜର ରଖିଥିଲେ।

୮୮। "ବାବା, ଚୁଲି ଜଳିବା ପାଇଁ କାଠ ନାହିଁ, କାଠ ବିନା ଚୁଲି ଜଳିପାରିବ ନାହିଁ।" ଯେଉଁ ସ୍ୱାର୍ଥପରମାନେ ଏଭଳି କପଟ କଥା କହିଥିଲେ, ସେମାନଙ୍କୁ ମଧ୍ୟ ବାବା କାଠ ବାଣ୍ଟି ଦେଇଥିଲେ।

୮୯। ସ୍ୱାର୍ଥପରମାନେ ସ୍ୱଭାବତଃ ଦୁଷ୍ଟ ମଧ୍ୟ ଅଟନ୍ତି। ଅଗଣାରେ କବାଟ ଲାଗିନଥିଲା। ସେମାନେ ତାହାର ସୁଯୋଗ ନେଇଥିଲେ। ଅଭାବୀ ଓ ଧୂର୍ତ୍ତ ଉଭୟେ ସମାନ ଥିଲେ।

୯୦। ବାବା ବହୁତ ଦୟାଶୀଳ ଥିଲେ। ତାଙ୍କର ମହାନତା ସମ୍ପର୍କରେ କିଏ ବା ବର୍ଣ୍ଣନା କରିପାରିବ ? ଉପରକୁ ରୁକ୍ଷ ଜଣାପଡୁଥିଲେ ମଧ୍ୟ ଅନ୍ତରରେ ସେ ଅତ୍ୟନ୍ତ ନମ୍ର ଥିଲେ।

୯୧। ତାଙ୍କର ମହତ୍‌ପଣିଆ ଅବର୍ଣ୍ଣନୀୟ। ବାକ୍‌ଶକ୍ତି ବିନମ୍ର ହୋଇ ତାଙ୍କ ପାଦତଳେ ନତମସ୍ତକ ହୁଏ ଓ ତାଙ୍କ ମଧ୍ୟରେ ଲୀନ ହୋଇଯାଏ।

୯୨। ସର୍ବଶକ୍ତିମାନ ଈଶ୍ୱର ସାରା ବିଶ୍ୱବ୍ରହ୍ମାଣ୍ଡରେ ପରିବ୍ୟାପ୍ତ ହୋଇଥିବାର ସେ ଦେଖୁଥିଲେ। ଏହି ବିଷୟକୁ ସର୍ବଦା ମନ ମଧ୍ୟରେ ରଖି ସେ କାହାରି ସହିତ ଶତ୍ରୁତା କରୁନଥିଲେ।

୯୩। ସେ ନିଜେ ସମଗ୍ର ସୃଷ୍ଟି, ଦଶଦିଗ, ଆଗ ଓ ପଛରେ ବ୍ୟାପ୍ତ ରହୁଥିଲେ। କେହି କାହାରି ପ୍ରତି ବିଦ୍ୱେଷ ପୋଷଣ କଲେ ସେ ଦୁଃଖ ପାଉଥିଲେ।

୯୪। ସେ ସମ୍ପୂର୍ଣ୍ଣ ଅନାସକ୍ତ ହୋଇଥିଲେ ମଧ୍ୟ ଲୋକମାନଙ୍କ ମଧ୍ୟରେ ଉଦାହରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସାଧାରଣ ଗୃହସ୍ଥି ଜୀବନର ଆଚରଣ କରୁଥିଲେ।

୯୫। ଏହି ମହାତ୍ମାଙ୍କର ବିନମ୍ରତା ଅବର୍ଣ୍ଣନୀୟ। ଏହା ଶୁଣିଲେ ଜଣେ ଚକିତ ହୋଇଯିବା ସଂଗେ ସଂଗେ ଭକ୍ତମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧାକୁ ଲକ୍ଷ୍ୟ କରିପାରିବ। ଏହାହିଁ ତାଙ୍କ ଅବତାରର ପରିପୂର୍ଣ୍ଣ ଭାବ।

୯୬। ଦରିଦ୍ରମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଅପରିସୀମ ଥିଲା। ସେ ପିଲାମାନଙ୍କୁ ବହୁତ ଭଲ ପାଉଥିଲେ। ଏ ସମ୍ପର୍କରେ ହଜାର ହଜାର ଉଦାହରଣ ରହିଛି । ଏହାକୁ ଗୋଟି ଗୋଟି କରି ଗଣି ବସିଲେ ମୁଁ ଗଣିଚାଲିଥିବି। ସରିବ ନାହିଁ।

୯୭। ସେ କୌଣସି ବ୍ରତ, ଉପବାସ କରୁନଥିଲେ। ହଟଯୋଗ କରିବା ନିମିତ୍ତ ମଧ୍ୟ ଚେଷ୍ଟା କରୁନଥିଲେ। ସେ କୌଣସି ସ୍ୱାଦିଷ୍ଟ ଖାଦ୍ୟ ଖାଇବା ପାଇଁକି କେବେହେଲେ ଇଚ୍ଛା ପୋଷଣ କରିନଥିଲେ, ଏଣୁତେଣୁ ଖାଇ ଦେଉଥିଲେ।

୯୮। କେତୋଟି ଧରାବନ୍ଧା ଗୃହକୁ ଯାଇ ସେ ମୋଟା ବଗଡ଼ା ଓ ଶୁଖିଲା ଖାଦ୍ୟ ମାଗୁଥିଲେ। ଏହି ଭିକ୍ଷା ହିଁ ତାଙ୍କର ଦୈନିକ ଖାଦ୍ୟ ମେଣ୍ଟାଉଥିଲା। ସେ କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟ ଖାଇବା ପାଇଁ ଆଗ୍ରହୀ ନଥିଲେ।

୯୯। ସେ ନିଜ ଜିହ୍ୱାକୁ ତୃପ୍ତ କରୁନଥିଲେ। ମିଷ୍ଟାନ୍ନ ଖାଇବା ନିମିତ୍ତ ଇଚ୍ଛା କରିନଥିଲେ ଓ ଯାହା ମିଳୁଥିଲା କିମ୍ବା ଯାହା ମିଳୁନଥିଲା, ସେଇଥିରେ ସମ୍ପୂର୍ଣ୍ଣ ସନ୍ତୁଷ୍ଟ ରହୁଥିଲେ।

୧୦୦। ଜଣେ ଏହିଭଳି ବଞ୍ଚିବା ଉଚିତ। ଯେଉଁ ଶରୀର ଜ୍ଞାନ ଓ ମୋକ୍ଷଲାଭ ନିମନ୍ତେ ଉଦ୍ଦିଷ୍ଟ, ତାହାକୁ କେବଳ ରକ୍ଷା କରାଯିବା ଦରକାର। ସବୁ ସମୟରେ ବିନମ୍ର ରୁହ।

୧୦୧। ଶାନ୍ତି ଯାହାର ଭୂଷଣ, ସେ ହାର କିମ୍ବା ମାଳା କାହିଁକି ଲୋଡ଼ିବ ? ତାହାର ଚନ୍ଦନ, ପବିତ୍ର ଭସ୍ମ, କର୍ମକର୍ମାଣି କିମ୍ବା ଶାସ୍ତ୍ରମତେ ପୂଜାପୂଜିର ଆବଶ୍ୟକତା ନାହିଁ। ଶ୍ରୀସାଇ ହିଁ ପରଂବ୍ରହ୍ମ।

୧୦୨। ଏହି ପୂର୍ବାଭାସ ଶିକ୍ଷଣୀୟ ଓ ଶୁଦ୍ଧିକାରକ। ଏହା ଭକ୍ତି ଉପରେ ଗୁରୁତ୍ୱ ଦେଇଥାଏ। ଯେଉଁମାନେ ଏହାକୁ ମନୋଯୋଗ ଦେଇ ଶୁଣିଥାନ୍ତି, ସେମାନେ ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇଥାନ୍ତି।

୧୦୩। ନିଷ୍ପାପର ଶ୍ରୋତାମାନେ ଅଧିକରୁ ଅଧିକ ସଂଖ୍ୟାରେ ଜଡ଼ିତ ହେଲେ ଶ୍ରୀସାଇଙ୍କର ଗନ୍ତାଘର ଖୋଲି ଯାଇଥାଏ। ଯେଉଁମାନେ କୁଟୀଳ, ସେମାନେ ଏହା ବୁଝିପାରିନଥାନ୍ତି। ନିରୀହ ଓ ଛଳନାମୁକ୍ତ ଭକ୍ତମାନେ ଏହାକୁ ଆନନ୍ଦରେ ଉପଭୋଗ କରିଥାନ୍ତି।

୧୦୪। ଏବେ ଅନ୍ୟ ଗୋଟିଏ କଥା ଆରମ୍ଭ କରିବା।

ଯଦି ଶ୍ରୋତାମାନେ ଏହାକୁ ଏକାଗ୍ର ଚିତ୍ତରେ ଶୁଣିବେ, ତେବେ ଏହା ପ୍ରେମଭାବ ଉଦ୍ରେକ କରିବ ଓ ଚକ୍ଷୁ ଆନନ୍ଦାଶ୍ରୁରେ ଭରିଯିବ ।

୧୦୫। ବାବାଙ୍କର ବୁଦ୍ଧିବୃତ୍ତି ଓ ବିଚକ୍ଷଣତା ତଥା ଉପାୟ ଉପକରଣ କେତେ ବିସ୍ମୟକର ଥିଲା! ପ୍ରକୃତ ଭକ୍ତି ସମ୍ବନ୍ଧରେ ସତ୍ୟ ଯିଏ ଜାଣିଥାଏ, ସେ ସର୍ବଦା ଅନୁଭୂତି ଲାଭ କରିଥାଏ ।

୧୦୬। ଏହି ଶ୍ରୀସାଇ ଚରିତ ଶ୍ରବଣ ଅମୃତପାନ ସଦୃଶ । ଗୁରୁଙ୍କ ପଦ୍ମପାଦରେ ଏକାଗ୍ରଚିତ୍ତ ହୋଇ ଏହାକୁ ମନଧ୍ୟାନ ଦେଇ ଶୁଣନ୍ତୁ। ଏହାର ଅନୁକ୍ରମକୁ ମନଦେଇ ଶୁଣନ୍ତୁ।

୧୦୭। ସ୍ୱାଦିଷ୍ଟ ଖାଦ୍ୟ ଭଳି ଏହି କାହାଣୀ ଅତି ଚମତ୍କାର। ଏହାକୁ ଶ୍ରୋତାମାନେ ଗିଳି ପକାଇବା ନିମନ୍ତେ ତରବର ହୁଅନ୍ତୁ ନାହିଁ। ପ୍ରତ୍ୟେକ ବିଷୟର ଶ୍ରେଷ୍ଠତାକୁ ନୂତନତ୍ୱ ରୂପେ ପୂର୍ଣ୍ଣ ମାତ୍ରାରେ ଉପଭୋଗ କରନ୍ତୁ ।

୧୦୮। କାଠ ଶଗଡ଼ ଗାଡ଼ି କାହାଣୀର ବର୍ଣ୍ଣନା ହୋଇଗଲା। ଛେଳି ସମ୍ବନ୍ଧରେ କାହାଣୀ ଆହୁରି ଅଦ୍ଭୁତ। ଶ୍ରୋତାଗଣ ଚକିତ ହୋଇଯିବେ ଓ ଗୁରୁଙ୍କର ଭକ୍ତମାନେ ଉତ୍‌ଫୁଲ୍ଲିତ ହେବେ।

୧୦୯। ଥରେ ଗୋଟିଏ ଅଦ୍ଭୁତ ଘଟଣା ଘଟିଥିଲା। ମୁମୂର୍ଷୁ ଦୁର୍ବଳକାୟ ଛେଳିଟିଏ ଧରି କେହି ଜଣେ ଆସିଥିଲା। ଲୋକେ ତାକୁ ଦେଖିବା ନିମନ୍ତେ ଆସିଥିଲେ।

୧୧୦। ଯେଉଁମାନେ ଅନାଥ ଓ ଯେଉଁମାନଙ୍କର ରକ୍ଷାକର୍ତ୍ତା ନାହାନ୍ତି, ସେମାନଙ୍କୁ ଶ୍ରୀସାଇମୌଲୀ ରକ୍ଷା କରିଥାନ୍ତି। ରୋଗଗ୍ରସ୍ତ, ପରିତ୍ୟକ୍ତ ଓ ବୈରାଗୀମାନେ ମସ୍‌ଜିଦ୍‌ରେ ସ୍ୱର୍ଗସୁଖ ପାଉଥିଲେ।

୧୧୧। ସେହି ସମୟରେ ବଡ଼େ ବାବା ପାଖରେ ଥିଲେ। ବାବା କହିଲେ "ଏହାକୁ ବଳିଦିଅ। ଗୋଟିଏ ଚୋଟରେ ଏହାକୁ ମାରିଦିଅ।"

୧୧୨। ବଡ଼େ ବାବା କେତେ ଗୁରୁତ୍ୱପୂର୍ଣ୍ଣ ଥିଲେ! ବାବାଙ୍କ ଦକ୍ଷିଣ ପାର୍ଶ୍ୱରେ ସେ ସାଧାରଣତଃ ବସୁଥିଲେ। ବଡ଼େ ବାବା ଚିଲମ ଟାଣିସାରିବା ପରେ ହିଁ ବାବା ଚିଲମ ଟାଣୁଥିଲେ।

୧୧୩। ବଡ଼େ ବାବାଙ୍କ ବିନା ବାବା ପାଦେ ହେଲେ ଚଙ୍କୁ ନଥିଲେ। ସେ କିଛି ନଖାଇବା ପର୍ଯ୍ୟନ୍ତ ବାବା ଖାଦ୍ୟ ଗ୍ରହଣ କରୁନଥିଲେ।

୧୧୪। ଥରେ ଦୀପାବଳୀ ଉତ୍ସବ ଦିନ ସୁମିଷ୍ଟ ଖାଦ୍ୟ ବଢ଼ାଯାଇ ସାରିଥିଲା ଓ ଲୋକମାନେ ପତ୍ର ପାଖରେ ବସି ସାରିଥିଲେ। କୌଣସି କାରଣରୁ ବଡ଼େ ବାବା ଅପମାନ ବୋଧ କରିଥିଲେ ଓ ଉଠି ପଳାଇଥିଲେ।

୧୧୫। ବଡ଼େ ବାବା ନଖାଇବାରୁ ବାବା ମଧ୍ୟ କିଛି ଖାଇନଥିଲେ। ଶ୍ରୀସାଇ ଯେତେବେଳେ ମୁଠାଏ ବି ଖାଇନଥିଲେ ଅନ୍ୟମାନେ ଖାଇଥାନ୍ତେ କିପରି ?

୧୧୬। ଫଳରେ ସମସ୍ତେ ବସି ଅପେକ୍ଷା କରୁଥିଲେ। ବଡ଼େ ବାବାଙ୍କୁ ଖୋଜି ଅଣାଯାଇଥିଲା। ସେ ଖାଇବା ସ୍ଥାନରେ ବସି ଖାଦ୍ୟ ଗ୍ରହଣ କରିବା ପରେ ଯାଇ ବାବା ଭୋଜନ କରିଥିଲେ ଓ ଅନ୍ୟ ସମସ୍ତେ ଖାଇଥିଲେ ।

୧୧୭। ମୁଁ ବର୍ତ୍ତମାନର କାହାଣୀ କହିବା ଛାଡ଼ିଦେଇ ଶ୍ରୋତାମାନଙ୍କୁ ବଡ଼େ ବାବାଙ୍କ ସମ୍ପର୍କରେ ଟିକିଏ ଅଧିକ କହିବାକୁ ଚାହେଁ । ଏହାକୁ ବିଚ୍ୟୁତି ବୋଲି ମନେ କରିବେ ନାହିଁ।

୧୧୮। ବଡ଼େ ବାବା ବାବାଙ୍କର ଅତିଥି ଥିଲେ। ଖାଦ୍ୟ ବଢ଼ାଯିବା ପରେ ତାଙ୍କୁ ଆଗ ଡକରା ହେବ ବୋଲି ସେ ଅଗଣାରେ ଅପେକ୍ଷା କରି ରହୁଥିଲେ।

୧୧୯। ଲୋକେ ପରସ୍ପର ଆଡ଼କୁ ମୁହଁକରି ଦୁଇଧାଡ଼ିରେ ବସୁଥିଲେ। ବାବା ମଝିରେ ମୁରବୀ ହିସାବରେ ବସୁଥିଲେ। ବାବାଙ୍କର ଠିକ୍ ବାମ ପଟର ଆସନଟି ବଡ଼େ ବାବାଙ୍କ ପାଇଁ ସଂରକ୍ଷିତ ରହୁଥିଲା।

୧୨୦। ନୈବେଦ୍ୟ ରୂପେ ଯେଉଁ ଖାଦ୍ୟ ଅର୍ପଣ ହେଉଥିଲା, ତାହାକୁ ସବୁ ଥାଳିରେ ବଢ଼ାଯାଉଥିଲା। ସେହି ଥାଳିଗୁଡ଼ିକୁ ଧାଡ଼ିରେ ସଜାଇ ରଖାଯାଉଥିଲା। ଖାଇବା ସମୟ ହେଲେ ଭୋଜନାର୍ଥୀମାନେ ନିଜ ନିଜ ସ୍ଥାନରେ ଆସି ବସି ଯାଉଥିଲେ।

୧୨୧। ତା'ପରେ ବାବା ସଂଭ୍ରମ ସହକାରେ ଉଚ୍ଚସ୍ୱରରେ "ବଡ଼େମିୟାଁ" ବୋଲି ଡାକୁଥିଲେ। ତତ୍ପରେ ସେ ମୁଣ୍ଡନୁଆଁଇ ଯଥାଶୀଘ୍ର ଆସିଯାଉଥିଲେ।

୧୨୨। ଯିଏ ଖାଦ୍ୟକୁ ଛାଡ଼ି ବିନା କାରଣରେ ହଠାତ୍ ରାଗି ପଳାଇଯାଆନ୍ତି, ତାଙ୍କୁ ପୁଣି ସମ୍ମାନ ଦିଆହେବ

କାହିଁକି ? ଯିଏ ଖାଦ୍ୟକୁ ଅପମାନିତ କରନ୍ତି, ତାଙ୍କୁ ପୁଣି ଏତେ ମର୍ଯ୍ୟାଦା ଦିଆଯିବ କାହିଁକି ?

୧୨୩। ଲୋକେ ସମବେତ ହୋଇଯିବାପରେ ବାବା ନିଜେ ଏହି ନୀତି ପାଳନ କରୁଥିଲେ। ତାଙ୍କର ଏପରି କରିବାର କାରଣ ଥିଲା । ଅତିଥିଙ୍କୁ ଆଗ ଖାଇବାକୁ ଦେଇ ସାରିବା ପରେ ନିଜେ ଖାଇବା ଉଚିତ୍ ବୋଲି ଦେଖାଇବାକୁ ବାବା ଚାହୁଁଥିଲେ ।

୧୨୪। ଭକ୍ତମାନଙ୍କର ଦୁଃଖଦୁର୍ଦ୍ଦଶା ଦୂର କରିବାପାଇଁ ବାବା ପ୍ରତ୍ୟେକ ଗୃହସ୍ଥଙ୍କ ନିମନ୍ତେ ଉଦ୍ଦିଷ୍ଟ ଏହି ଆଚରଣ ବିଧିକୁ ଆଦୌ ଭଂଗ କରିନଥିଲେ। ସେ ନିଜେ ଏହାକୁ ସର୍ବଦା ପାଳନ କରୁଥିଲେ।

୧୨୫। 'ଅତିଥିଙ୍କର ସେବା କଲେ' ନିଜର ସମସ୍ତ ବିପଦ ଦୂର ହୋଇଯିବା ସହିତ ସବୁପ୍ରକାର ଇଚ୍ଛା ମଧ୍ୟ ପୂରଣ ହୋଇଥାଏ। ଏହାକୁ ଅମାନ୍ୟ କଲେ ଜୀବନପଥରେ ବହୁତ ଅସୁବିଧା ଭୋଗିବା ପାଇଁ ପଡ଼ିଥାଏ। ତେଣୁ ଜ୍ଞାନୀ ଲୋକେ ଏହି ନିୟମକୁ ସବୁବେଳେ ମାନିଥାନ୍ତି।

୧୨୬। ଅତିଥି ବିନା ଭୋଜନରେ ଚାଲିଗଲେ ପରିବାର, ଧନସମ୍ପତ୍ତି, ଗାଈଗୋରୁ ଇତ୍ୟାଦିଙ୍କର କ୍ଷତି ହୋଇଥାଏ। ଅତିଥି ଅଖିଆଅପିଆ ଚାଲିଯିବାର ଅର୍ଥ ବିପଦକୁ ନିଶ୍ଚିତ ନିମନ୍ତ୍ରଣ ବୋଲି ଜାଣିବାକୁ ହେବ ।

୧୨୭। ଶ୍ରୀସାଇ ସମର୍ଥ ବଡ଼େ ବାବାଙ୍କୁ ପ୍ରତ୍ୟହ ପଚାଶଟଙ୍କା ଦକ୍ଷିଣା ଦେଉଥିଲେ। ସେ ଚାଲିଯିବା ସମୟରେ ବାବା ତାଙ୍କ ସାଙ୍ଗରେ ଶହେ କଦମ୍ ଯାଉଥିଲେ।

୧୨୮। ସେହି ବଡ଼େ ବାବାଙ୍କୁ ଯେତେବେଳେ ପ୍ରଥମେ ଛେଳିଟିକୁ ହାଣିବା ପାଇଁ କୁହାଯାଇଥିଲା, ସେ ମାଫିମାଗି କହିଥିଲେ, "ଅଯଥାରେ ତାକୁ କାହିଁକି ମାରି ଦିଆଯିବ ?"

୧୨୯। ମାଧବରାଓ ସେଠି ଥିଲେ। ବାବା ତାଙ୍କୁ ଆଦେଶ ଦେଇଥିଲେ: "ଶାମା, ତୁ ଗୋଟାଏ ଛୁରୀ ଆଣିଲୁ। ଆମେ ଛେଳିକୁ କାଟିବା, ଏବେ ଶୀଘ୍ର ଯାଆ !"

୧୩୦। ମାଧବରାଓ ବିଶ୍ୱସ୍ତ ଭକ୍ତ ଥିଲେ। ସେ ରାଧାକୃଷ୍ଣମାଇଙ୍କ ଘରକୁ ଯାଇ ବଡ଼ ଛୁରୀଟିଏ ଆଣି ବାବାଙ୍କ ସମ୍ମୁଖରେ ରଖିଦେଇଥିଲେ।

୧୩୧। ବଡ଼ଛୁରୀ ଆଣିବା ନିମନ୍ତେ ମାଧବରାଓଙ୍କୁ ଅସୁବିଧା ହୋଇଥିଲା। ସେ ଛୁରୀନନେଇ ଆସିଥିଲେ ବାବା ଖୁସି ହୋଇନଥାନ୍ତେ।

୧୩୨। ଏହା ମଧ୍ୟରେ ରାଧାକୃଷ୍ଣମାଇ ଏ ଖବର ପାଇ ଯାଇଥିଲେ ଓ ସେ ଛେଳି ପ୍ରତି ଦୟାର୍ଦ୍ର ହୋଇ ବଡ଼ ଛୁରୀଟିକୁ ମଗାଇ ପଠାଇଥିଲେ।

୧୩୩। ତା'ପରେ ମାଧବରାଓ ଅନ୍ୟ ଏକ ଛୁରୀ ସନ୍ଧାନରେ ବାହାରି ଯାଇଥିଲେ। ସେ ଫେରିବା ଡେରିକରି ୱାଡ଼ାରେ ରହିଯାଇଥିଲେ, କାରଣ ତାଙ୍କ ହାତରେ ଛେଳିଟିର ମୃତ୍ୟୁ ନ ହେଉ ବୋଲି ସେ ଚାହୁଁଥିଲେ ।

୧୩୪। ତା'ପରେ କାକାଙ୍କର ମନକୁ ପରୀକ୍ଷା କରିବା ପାଇଁ ବାବା ତାଙ୍କୁ ଆଦେଶ ଦେଇଥିଲେ, "ଯାଅ, ଗୋଟିଏ ବଡ଼ଛୁରୀ କାଟିବା ପାଇଁ ଆଣ। ଛେଳିକୁ ତା' ଦୁର୍ଗତିରୁ ମୁକ୍ତ କରିଦେବା !"

କାକାସାହେବ ଦୀକ୍ଷିତ

୧୩୫। କାକା ଖାଣ୍ଟି ସୁନା ଥିଲେ। ଏ ବିଷୟ ବାବାଙ୍କୁ ସମ୍ପୂର୍ଣ୍ଣ ଜ୍ଞାତ ଥିଲେ ମଧ୍ୟ, ସର୍ବସାଧାରଣରେ ତାଙ୍କୁ ପରୀକ୍ଷା ନକରିବା ପର୍ଯ୍ୟନ୍ତ ଏହା ବିଶ୍ୱାସଯୋଗ୍ୟ ହୋଇନଥାନ୍ତା ।

୧୩୬। ସୁନା ଖାଣ୍ଟି ହେଉ କିମ୍ବା ଭେଜାଲ ହୋଇଥାଉ, ଚତୁର ବ୍ୟକ୍ତି ତାହାକୁ କଷଟି ପଥରରେ ଘଷି ପରୀକ୍ଷା ନ କରିବାଯାଏଁ କହିବା କଥା ଉପରେ ବିଶ୍ୱାସ କରନ୍ତି ନାହିଁ।

୧୩୭। ହୀରା ତାହାର ଔଜ୍ଜ୍ୱଲ୍ୟ ଲାଭ କରିବା ନିମନ୍ତେ ତାହାକୁ ହାତୁଡ଼ି ମାଡ଼ର ଆଘାତ ସହ୍ୟ କରିବାକୁ ପଡ଼ିଥାଏ। ମୂର୍ତ୍ତିର ଦିବ୍ୟ ସୌନ୍ଦର୍ଯ୍ୟ ଫୁଟାଇବା ପାଇଁ ପ୍ରସ୍ତରକୁ ନିହାଣ ମୂନର ଆଘାତ ସହ୍ୟ କରିବାକୁ ପଡ଼ିଥାଏ।

୧୩୮। କାକା ଗଳାର ତାବିଜ ଭଳି ଅତି ମୂଲ୍ୟବାନ ହୋଇଥିଲେ ମଧ୍ୟ ଅନ୍ୟମାନେ ଏହାକୁ କିପରି ହୃଦୟଙ୍ଗମ କରିଥାନ୍ତେ ? ଧାତୁ ପରୀକ୍ଷକ ହୀରାକୁ ପରୀକ୍ଷା କରିବା ସମୟରେ ତାହାକୁ ଗୋଟିଏ ସୂତାରେ ବାନ୍ଧି ନିଆଁରେ ପକାଇଥାଏ।

୧୩୯। ସନ୍ଥଙ୍କ ବାଣୀ ପ୍ରତି ସନ୍ଦେହ ପ୍ରକାଶ କରୁଥିବା ବ୍ୟକ୍ତିର ସାଫଲ୍ୟ ଅର୍ଜନ ପ୍ରୟାସ ସଫଳ ହୋଇନଥାଏ। ତାହାର କଥାଭାଷା ଅର୍ଥହୀନ, ବ୍ୟର୍ଥ ଓ ନିଷ୍ଫଳ ବାଗାଡ଼ମ୍ବର ହୋଇଥାଏ। ତିଳପ୍ରମାଣର ଆଧ୍ୟାତ୍ମିକ ଉନ୍ନତି ସାଧିତ ହୋଇନଥାଏ ।

୧୪୦। ଯିଏ ଗୁରୁ ବଚନକୁ ସମ୍ମାନ ଦେଇଥାନ୍ତି, ସେ

ନିଜର ମଙ୍ଗଳ ସାଧନ କରିଥାନ୍ତି ଓ ନିଜ ଜୀବନର ପରମ ଲକ୍ଷ୍ୟରେ ପହଞ୍ଚିଯାଇଥାନ୍ତି। ଯିଏ ଗୁରୁଙ୍କର ଦୋଷତ୍ରୁଟି ଦେଖେ ଓ ତାଙ୍କୁ ପାପୀ ବୋଲି ଭାବେ, ସେ ନିଜେ ତଳିତଳାନ୍ତ ହୁଏ ।

୧୪୧ । ଯିଏ ସଦାବେଳେ ଗୁରୁଙ୍କ ସେବାରେ ତତ୍ପର ଥାଏ, ତାଙ୍କୁ ସମ୍ମାନ ଦିଏ ଓ ତାଙ୍କର ଆଦେଶ ପାଳନ କରିଥାଏ, ସେ ସମସ୍ତ ଭୁଲ କିମ୍ବା ଠିକ୍ ପାଇଁ ଗୁରୁଙ୍କୁ ଦାୟୀ କରିଥାଏ।

୧୪୨ । ସେ ଗୁରୁଙ୍କ ଆଦେଶ ପାଳନକାରୀ ସେବକ। ସେ ସ୍ୱାଧୀନ ଭାବରେ କିଛି ଚିନ୍ତା କରନ୍ତି ନାହିଁ। ସେ ଗୁରୁଙ୍କ ଆଦେଶକୁ ସବୁବେଳେ ପାଳନ କରୁଥିବାରୁ ଭଲମନ୍ଦ ମଧ୍ୟରେ ତଫାତ୍ ବାରିନଥାନ୍ତି।

୧୪୩। ଶ୍ରୀସାଇଙ୍କ ନାମ ସ୍ମରଣରେ ମନ ସଦା ମଜ୍ଜି ରହିବା ଉଚିତ୍; ତାଙ୍କ ପଦ୍ମପାଦରେ ଚକ୍ଷୁ ନିବଦ୍ଧ ରହିବା ଉଚିତ୍; ମନ ତାଙ୍କ ଧ୍ୟାନରେ ମଗ୍ନ ରହିବା ଉଚିତ୍- ସମଗ୍ର ସତ୍ତା ଶ୍ରୀସାଇଙ୍କୁ ସମର୍ପିତ ହେବା ଉଚିତ୍।

୧୪୪ । ଆଦେଶ ପାଇବା ଓ ତାହା ପାଳନ କରିବା ମଧ୍ୟରେ ଗୋଟିଏ ମୁହୂର୍ତ୍ତ ବି ଯଦି ବିଳମ୍ବ ହୁଏ, ତେବେ ତାହା ମଧ୍ୟ ସହଣୀୟ ନୁହେଁ। ଏହା ଏକ ଅଦ୍ଭୁତ ସ୍ତରର ଜାଗରଣ !

୧୪୫ । ଦୀକ୍ଷିତ ଅନାବିଳ ହୃଦୟର ବ୍ୟକ୍ତି ଥିଲେ। ସେ ସତ୍ୟବାଦୀ, ସାହସୀ ଓ ନିଜ ସଂକଳ୍ପରେ ଶିଳା ସଦୃଶ ଅଟଳ ଥିଲେ। ଛେଳିକୁ ହାଣିବାର ଯଥାର୍ଥତା ସମ୍ବନ୍ଧରେ ପ୍ରଶ୍ନ କରିବା କଥା ତାଙ୍କ ମୁଣ୍ଡକୁ ଜୁଟିନଥିଲା ।

୧୪୬ । ନିରୀହ ଛେଳିଟି ମରିଯିବ, ତାହାର ଆତ୍ମା ବିଦ୍ରୋହ କରି ଉଠିବ, ତାଙ୍କ ନିଜର ସୁଖ୍ୟାତି ନଷ୍ଟ ହୋଇଯିବ ଓ ସେ ନିଜେ ଏକ ମହାପାପ କରି ବସିବେ।

୧୪୭ । ଏଭଳି ଚିନ୍ତା ତାଙ୍କ ମନ ମଧ୍ୟରେ ଆସି ନଥିଲା। ସେ ଜାଣିଥିଲେ ଗୁରୁଙ୍କ ଆଦେଶ ନ ମାନିବା ଏକ ପାପ। ଆଦେଶ ପାଳନ କରିବା ଓ ରକ୍ଷା କରିବାଠାରୁ ଅଧିକ ପୁଣ୍ୟ କିଛି ନାହିଁ।

୧୪୮ । ଗୁରୁ ଆଦେଶ ପାଳନ କରିବାରେ ବିଶ୍ୱାସ କରୁଥିବା ବ୍ୟକ୍ତି ଅସାଧାରଣ ପ୍ରେରଣା ଲାଭ କରେ ଓ ତାଙ୍କର ସ୍ୱାଭାବିକ ଦୟାର୍ଦ୍ର ହୃଦୟ ମାରିଦେବାକୁ ପ୍ରସ୍ତୁତ ହୋଇଯାଏ।

୧୪୯ । ସେ ସାଠେୱାଡ଼ାକୁ ଯାଇ ଆଦେଶ ଅନୁଯାୟୀ (ମାରିବା ନିମିତ୍ତ) ଉପଯୁକ୍ତ ଅସ୍ତ୍ର ଆଣିଥିଲେ। ଟିକିଏ ମାତ୍ର ଦ୍ୱିଧାବୋଧ ନକରି ସେ ନିଜେ ଛେଳିଟିକୁ ହାଣିବା ନିମନ୍ତେ ପ୍ରସ୍ତୁତ ହୋଇ ଯାଇଥିଲେ।

୧୫୦ । ଗୁରୁଙ୍କ ଆଦେଶ ମାନିଲେ ସାହସିକ (ବୀରତ୍ୱପୂର୍ଣ୍ଣ) କାର୍ଯ୍ୟ ନିମନ୍ତେ ପ୍ରେରଣା ମିଳିଥାଏ। ସେ ହୃଦୟକୁ କଠିନ କରି ଅସ୍ତ୍ର ଧାରଣ କରିଥିଲେ।

୧୫୧ । ସେ ଧାର୍ମିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ ଓ ତାଙ୍କ ନିମନ୍ତେ ଅହିଂସା ଜନ୍ମକାଳରୁ ଜୀବନର ପ୍ରତିଜ୍ଞା ଥିଲା। ଅଥଚ ସେ ଏହିଭଳି ପରିସ୍ଥିତିରେ ପଡ଼ିଯାଇଥିଲେ। ତାଙ୍କ ହାତ କିପରି ଯାଇଥାନ୍ତା ?

୧୫୨ । ସେ ନିର୍ଭୀକ ଭାବରେ ଗୁରୁଙ୍କ ଆଦେଶ ପାଳନ କରିବାକୁ ବଦ୍ଧପରିକର ହୋଇଥିଲେ। କିନ୍ତୁ ତାଙ୍କ ହୃତ୍‌ପିଣ୍ଡର ସ୍ପନ୍ଦନ ବଢ଼ିଯାଇଥିଲା ଓ ଦେହ ଝାଳରେ ବୁଡ଼ି ଯାଇଥିଲା।

୧୫୩। ଯିଏ କାହାରିକୁ କେବେ ଶାରୀରିକ, ମାନସିକ କିମ୍ବା ନିଷ୍ଠୁର କଥା କହି ଆଘାତ ଦେଇ ନାହାନ୍ତି, ସେ କିପରି ଅସ୍ତ୍ର ବ୍ୟବହାର କରିଥାନ୍ତେ ? ଏହା ବହୁତ କଠିନ ପରିସ୍ଥିତି ଥିଲା।

୧୫୪ । ଯିଏ ଗୁରୁଙ୍କର ଆଦେଶକୁ ଅବମାନନା କରିଥାନ୍ତି, ତାଙ୍କ ନିମନ୍ତେ ଅନ୍ୟ କୌଣସି ବିକଳ୍ପ ପନ୍ଥା ନଥାଏ। ଏପରିକି ପୂର୍ବସଂଚିତ ସୁକୃତି ମଧ୍ୟ ନିଶ୍ଚିତ ଭାବରେ ନଷ୍ଟ ହୋଇଯାଇଥାଏ।

୧୫୫ । ଗୁରୁ ଆଜ୍ଞା ପାଳନ ସମସ୍ତ ଭୂଷଣ ମଧ୍ୟରେ ସର୍ବଶ୍ରେଷ୍ଠ ଅଳଙ୍କାର ଅଟେ। ଏହା ଉତ୍ତମ ଶିଷ୍ୟର ପ୍ରକୃତ ଲକ୍ଷଣ। ଅବାଧ୍ୟତା ମାନେ ମହାପାତକ ।

୧୫୬ । ଗୁରୁ ଆଦେଶ ଅବିଳମ୍ବେ ପାଳନ କରିବେ। ଯିଏ ଭାବିଚିନ୍ତି ହୁଅନ୍ତି ଓ ଇତସ୍ତତଃ ହୋଇଥାନ୍ତି, ସେ ହତଭାଗା, ଶିଙ୍ଗବିହୀନ ପଶୁତୁଲ୍ୟ ।

୧୫୭ । ଆଦେଶ ପାଳନ ନିମନ୍ତେ ଶୁଭ ମୁହୂର୍ତ୍ତ ଖୋଜିବାର ଆବଶ୍ୟକତା ନାହିଁ। ଆଦେଶ ଭଲ କିମ୍ବା ମନ୍ଦ, ସେଥିନେଇ ତର୍କ କରିବାର ଆବଶ୍ୟକତା ନାହିଁ । ଆଦେଶ ସଂଗେ ସଂଗେ ପାଳନ କରିବା କିମ୍ବା ପରେ ପାଳନ କରିବା, ଏ ସମ୍ବନ୍ଧରେ ବିଚାର କରିବାର ଆବଶ୍ୟକତା ନାହିଁ । ଜ୍ଞାନୀ ଲୋକେ ସାଂଗେ ସାଂଗେ ପାଳନ କରିଥାନ୍ତି, କେବଳ ହତଭାଗାମାନେ ବିଳମ୍ବ କରିବାର କୌଶଳ ଚିନ୍ତା କରିଥାନ୍ତି।

୧୫୮ । ସେ ଗୋଟିଏ ହାତରେ ଧୋତିକୁ ସାଉଁଟି

ଆଣିଥିଲେ ଓ ଅନ୍ୟ ହସ୍ତରେ ଛୁରୀଟିକୁ ଦୃଢ଼ ଭାବରେ ଧରିଥିଲେ । ଛୁରୀ ଧରିଥିବା ହାତର ଜାମାକୁ କହୁଣୀ ପର୍ଯ୍ୟନ୍ତ ମୋଡ଼ିଦେଇଥିଲେ । ତା'ପରେ ସେ ଛେଳି ନିକଟକୁ ଯାଇଥିଲେ ।

୧୫୯ । ଏଭଳି ଅଦ୍ଭୁତ ଦୃଶ୍ୟ ଦେଖି ଗ୍ରାମବାସୀମାନେ ଚକିତ ହୋଇଯାଇଥିଲେ । ସେମାନେ କାକାଙ୍କର ସ୍ନେହଶୀଳ, କୋମଳ ହୃଦୟ ସହିତ ପରିଚିତ ଥିଲେ ଓ ସେହି ଦୟା ଓ ଉଦାର ମନୋଭାବ କେଉଁଆଡ଼େ ଉଭେଇଗଲା ବୋଲି ଆଶ୍ଚର୍ଯ୍ୟ ହୋଇ ଭାବୁଥିଲେ ।

୧୬୦ । ଜଣେ ମାଂସାହାରୀ ମୁସଲମାନ ଫକୀର ବାବା ଦୟାଭାବ ପୋଷଣ କରି ଛେଳି ମାରିବା ନିମନ୍ତେ ଅସ୍ତ୍ର ଧାରଣ କରିନଥିଲେ । ଅଥଚ କାକା ସାଙ୍ଗେ ସାଙ୍ଗେ ପ୍ରସ୍ତୁତ ହୋଇ ଯାଇଥିଲେ ।

୧୬୧ । ଏହା ସତ୍ୟ ଯେ ଅସାଧାରଣ ବ୍ୟକ୍ତିଙ୍କର ହୃଦୟଂ ବଜ୍ରଠାରୁ କଠିନ ଓ ପୁଷ୍ପଠାରୁ କୋମଳ ।

୧୬୨ । ସେ ବଡ଼ ଛୁରୀଟିକୁ ଜୋରରେ ମୁଠାଇ ଧରି ହାତ ଉପରକୁ ଉଠାଇ ପଚାରିଥିଲେ; "ବାବା ! ହାଣିବିତ ? ଖାଲି 'ହଁ' ଥରେ କହନ୍ତୁ ।''

୧୬୩ । ପ୍ରକୃତରେ କହିବାକୁ ଗଲେ, ଦୁର୍ବଳଙ୍କୁ ରକ୍ଷା କରିବା ନିମିତ୍ତ ଅସ୍ତ୍ର ଧାରଣ କରାଯାଏ । କିନ୍ତୁ ବର୍ତ୍ତମାନ ଏହା ଏକ ନିରୀହ ଛେଳି ପାଇଁ ଧରାଯାଇଅଛି ! ସେ ଗୁରୁଙ୍କର ସେବା କରିବା ନିମନ୍ତେ ତାଙ୍କର ଜୀବନ ଉତ୍ସର୍ଗ କରିଦେଇଛନ୍ତି । ତେଣୁ ତାଙ୍କର କୌଣସି ଦ୍ୱିଧା ନାହିଁ ।

୧୬୪ । ସେ ତାକୁ ଶୀଘ୍ର ମାରିଦେବା ପାଇଁ ଚାହୁଁଥିଲେ । ମାତ୍ର ତାଙ୍କ ହୃଦୟରେ ଦୟା ଆସିଥିଲା ଓ ବଡ଼ଛୁରୀଟି ହଲି ଯାଇଥିଲା । ହାତ ତଳକୁ ଓହ୍ଲାଇ ନଥିଲା ।

୧୬୫ । "ଏବେ ମାର, ଶୀଘ୍ର ମାରିଦିଅ, କ'ଣ ପାଇଁ ଅପେକ୍ଷା କରିଛ ?" ଶେଷ ଆଦେଶ ଶୁଣିବା ମାତ୍ରକେ ସେ ଜୋରରେ ଚୋଟ ପକାଇବା ନିମନ୍ତେ ଅର୍ଦ୍ଧ ଚନ୍ଦ୍ରାକାର ମୋଡ଼ ନେଇଥିଲେ ।

୧୬୬ । ସେ ବଡ଼ ଛୁରୀଟିକୁ ଧରି ହାତ ଉପରକୁ ଉଠାଇଥିଲେ । ଛେଳିର ଶେଷ ମୁହୂର୍ତ୍ତ ଆସିଯାଇଥିଲା । କିନ୍ତୁ ରକ୍ଷାକର୍ତ୍ତା ପ୍ରଭୁଙ୍କର କୃପା ତା' ଉପରେ ସେହି ମୁହୂର୍ତ୍ତରେ ବୃଷ୍ଟି ହୋଇଥିଲା ।

୧୬୭ । ବର୍ତ୍ତମାନ ସେ ଚୋଟ ନିଶ୍ଚୟ ବସାଇ ଦେବେ ଓ ଏହାଦ୍ୱାରା ଏକ ବଡ଼ ବିପଦ ଘଟିବ ବୋଲି ଜାଣିପାରି ମା' ସାଇ କହିଥିଲେ, "ଥାଉ, ଥାଉ ।"

୧୬୮ । "ହେ କାକା, ବନ୍ଦ କର । ତୁମେ କେତେ ନୃଶଂସ ! ତୁମେ ବ୍ରାହ୍ମଣ ହୋଇ ଛେଳି ମାରିବା ନିମନ୍ତେ ବସିଅଛ ! ତୁମେ ଏ ସମ୍ପର୍କରେ କ'ଣ କିଛି ଚିନ୍ତା କରିନାହଁ ?"

୧୬୯ । ସେ ଏକଥା ଶୁଣିବା ପରେ ବଡ଼ ଛୁରୀଟାକୁ ଦୂରକୁ ଫିଙ୍ଗି ଦେଇଥିଲେ । ପିଲାଠାରୁ ବୁଢ଼ାପର୍ଯ୍ୟନ୍ତ ସମସ୍ତେ ଚକିତ ହୋଇଯାଇଥିଲେ । ଛେଳିର ଜୀବନ ବଂଚି ଯାଇଥିଲା । ଗୁରୁଭକ୍ତିର ପରାକାଷ୍ଠା ତୁଙ୍ଗ ଶିଖରରେ ପହଂଚିଥିଲା ।

୧୭୦ । କାକା ବଡ଼ଛୁରୀଟିକୁ ଫିଙ୍ଗିଦେବା ପରେ କ'ଣ କହିଥିଲେ ? ଧ୍ୟାନ ଦେଇ ଶୁଣନ୍ତୁ । "ବାବା ! ଆପଣଙ୍କର ଅମୃତୋପମ ବଚନହିଁ ଆମର ଧର୍ମ ଓ ଜୀବନର ନିୟମ ।

୧୭୧ । "ଆମର ଅନ୍ୟ କୌଣସି ଧର୍ମ ନାହିଁ, ଲଜ୍ଜା ମଧ୍ୟ ନାହିଁ । ଗୁରୁଙ୍କ ଆଦେଶ ପାଳନ ହିଁ ଆମର ଧର୍ମ । ଏହା ଆମର ବେଦ ଓ ଶାସ୍ତ୍ର ।

୧୭୨ । "ଗୁରୁଙ୍କ ଆଦେଶକୁ ସମ୍ପୂର୍ଣ୍ଣଭାବରେ ପାଳନ କରିବା ହିଁ ଶିଷ୍ୟଙ୍କର ଶିଷ୍ୟତ୍ୱ । ଗୁରୁ ଆମର ମଣି । ତାଙ୍କର ଅବାଧ୍ୟ ହେବା ମହାପାପ ।

୧୭୩ । "ଏହାଦ୍ୱାରା ସୁଖ ମିଳିବ କି ଦୁଃଖ ମିଳିବ, ସେହି ଫଳାଫଳକୁ ଆମେ କେବେ ବିଚାରକୁ ନେଉନାହୁଁ । ଆମର ଭାଗ୍ୟ ଅନୁଯାୟୀ ଫଳ ଫଳିବ । ପ୍ରଭୁ ହିଁ ଆମର ଯତ୍ନ ନିଅନ୍ତି ।

୧୭୪ । "ଆମେ କେବଳ ଗୋଟିଏ କଥା ଜାଣିଛୁ । ଆମେ ଦିନରାତି ଆପଣଙ୍କର ନାମ ସ୍ମରଣ କରିବୁ, ଚକ୍ଷୁଦ୍ୱାରା ଅନ୍ୟକିଛି ନଦେଖି ଆପଣଙ୍କ ସ୍ୱରୂପକୁ ଦେଖିବୁ ଓ ଆପଣଙ୍କର ପ୍ରତିଟି ଆଦେଶକୁ ଦିନରାତି ପାଳନ କରିବୁ ।

୧୭୫ । "ମାରିବା ଦ୍ୱାରା କିମ୍ବା ନମାରିବା ଦ୍ୱାରା ପାପ କିମ୍ବା ପୁଣ୍ୟ ହୁଏ, ତାହା ଆମ ପାଇଁ ଅର୍ଥହୀନ । ଆମର ମୁକ୍ତି ସଦ୍‌ଗୁରୁଙ୍କ ଚରଣରେ ନିହିତ । ଆଦେଶ ପଛରେ କାରଣ କ'ଣ ବୋଲି ଆମେ କାହିଁକି ଖୋଜିବୁ ? ଆଦେଶ ମାନିବା ହିଁ ଆମର କର୍ତ୍ତବ୍ୟ ।

୧୭୬ । "ଗୁରୁଙ୍କର ଆଦେଶ ସ୍ପଷ୍ଟ ଥିଲେ, ଶିଷ୍ୟ ତାହାକୁ ଠିକ୍ କିମ୍ବା ଭୁଲ, ଉଚିତ୍ କିମ୍ବା ଅନୁଚିତ ବୋଲି ବିଚାର କଲେ ତାହାର ଅଧୋଗତି ହୋଇଥାଏ । ସେ ସେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ମୁଁ ବିଚାର କରେ ।

୧୭୭ । "ଗୁରୁଙ୍କ ଆଦେଶକୁ ଅମାନ୍ୟ କରିଲେ ତାହା ଜୀବନର ଅଧଃପତନର କାରଣ ହୁଏ । ଗୁରୁ ଆଦେଶ ପାଳନ କରିବା ହେଉଛି ସାଧୁତାର ପ୍ରଧାନ ଶ୍ରେୟଃ ।

୧୭୮ । "ମୁଁ ମରେ କିମ୍ବା ବଞ୍ଚେ, ମନ ସଦାସର୍ବଦା ଗୁରୁଙ୍କ ପାଦରେ ହିଁ ରହିଥାଉ । ଆମେ ଗୁରୁଙ୍କ ଆଦେଶ ପାଳନ କରିଥାଉ । କେବଳ ସେ ହିଁ ପରିଣାମ ବା ଶେଷଫଳ ସମ୍ବନ୍ଧରେ ଜାଣିଥାନ୍ତି ।

୧୭୯ । "ଆମେ ଯଶ କିମ୍ବା ନିନ୍ଦା ଜାଣିନାହୁଁ, ନିଜର ସ୍ୱାର୍ଥ କିମ୍ବା ଅନ୍ୟର ମଙ୍ଗଳ ଜାଣିନାହୁଁ । ଗୁରୁଙ୍କର ନିର୍ଦ୍ଦେଶିତ କାର୍ଯ୍ୟ କରିବାହିଁ କେବଳ ଜାଣିଥାଉ ଓ କରିଥାଉ । ତାହାହିଁ ଆମ ଜୀବନର ଲକ୍ଷ୍ୟ ।

୧୮୦ । "ଗୁରୁଙ୍କ ଆଦେଶକୁ ଉପଦେଶ କିମ୍ବା ନିଷେଧାଜ୍ଞା ସହିତ ତୁଳନା କରିବା ମୂର୍ଖଙ୍କର ବାଚାଳତା ! ଗୁରୁଙ୍କର ଆଦେଶ ପାଳନ ଯଦି ଶିଷ୍ୟର ଏକମାତ୍ର ଲକ୍ଷ୍ୟ ଓ କର୍ତ୍ତବ୍ୟ ହୁଏ, ତେବେ ଶିଷ୍ୟର ସମସ୍ୟା ଗୁରୁଙ୍କର ବୋଝ ହୋଇଥାଏ ।

୧୮୧ । "ଆମେ ଆପଣଙ୍କ ଆଦେଶର ଦାସ । କ'ଣ ଭୁଲ ଆଉ କ'ଣ ଠିକ୍, ତାହା ଆମେ ଚିନ୍ତା କରୁନାହୁଁ । ଆବଶ୍ୟକ ପଡ଼ିଲେ ଆମେ ଆମର ପ୍ରାଣପାତକରି ଗୁରୁଙ୍କର ଆଦେଶ ମାନିବୁ ।"

୧୮୨ । ସ୍ୱଭାବତଃ ଜଣେ ଦୟାଳୁ ମନୁଷ୍ୟ କିଭଳି ପଥର ହୃଦୟ ହୋଇଗଲେ ? ଜଣେ ମୁସଲମାନ ଯାହା କରିବା ପାଇଁ ସାହସ କଲେ ନାହିଁ, ଜଣେ ବ୍ରାହ୍ମଣ ତାହା କରିବାପାଇଁ କିପରି ପ୍ରସ୍ତୁତ ହୋଇଗଲେ !

୧୮୩ । ଶ୍ରୋତାମାନେ ବିଚଳିତ ବୋଧ କରୁଥାଇପାରନ୍ତି, କିନ୍ତୁ ଏହାହିଁ ହେଉଛି ସଦ୍‌ଗୁରୁଙ୍କ ଇନ୍ଦ୍ରଜାଲ । ଗୁରୁଙ୍କର ଆଜ୍ଞାବହ ହେବାର ମାର୍ଗ ଧରିଥିଲେ ଏହା ସଂଗେ ସଂଗେ ତୁମର ବୋଧଗମ୍ୟ ହେବ ।

୧୮୪ । ତୁମେ ତାଙ୍କର ଶରଣାଗତ ହୋଇଗଲେ ଓ ତାଙ୍କ ଚରଣରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖିଲେ ସେ ଶିଷ୍ୟଙ୍କ ନିମନ୍ତେ ଚିନ୍ତା କରିଥାନ୍ତି ଓ ଶିଷ୍ୟ ନିଜେ କିଛି ଚେଷ୍ଟା କରିବା ଦରକାର ପଡ଼େ ନାହିଁ ।

୧୮୫ । ଜଣେ ସମ୍ପୂର୍ଣ୍ଣ ଶରଣାଗତ ହୋଇଗଲେ ତାହାର ଭୟ କରିବାର କୌଣସି ଅବକାଶ ନାହିଁ । ସେହି ଆତ୍ମ ବିଶ୍ୱାସ ହିଁ ତାକୁ ଭବସାଗର ପାରକରାଇଦେବ ।

୧୮୬ । ତିନିପ୍ରକାର ଶିଷ୍ୟ ରହିଛନ୍ତି- ଉତ୍ତମ, ମଧ୍ୟମ ଓ ଅଧମ । ମୁଁ ସେମାନଙ୍କ ସମ୍ବନ୍ଧରେ ବିସ୍ତୃତ ଆଲୋଚନାକୁ ନଯାଇ ସଂକ୍ଷେପରେ ବର୍ଣ୍ଣନା କରିବି ।

୧୮୭ । ଯେଉଁ ଶିଷ୍ୟ ଗୁରୁଙ୍କର ମନଜାଣି, ତାହା ହୃଦୟଙ୍ଗମ କରି, ତାଙ୍କର ନିର୍ଦ୍ଦିଷ୍ଟ ଆଦେଶକୁ ଅପେକ୍ଷା ନକରି, କାର୍ଯ୍ୟ ଆରମ୍ଭ କରିଦେଇଥାଏ, ସେ ହେଉଛି 'ଉତ୍ତମ' ଶିଷ୍ୟ ।

୧୮୮ । ଯେଉଁ ଶିଷ୍ୟ ଗୁରୁଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନକରି କୌଣସି ବିଳମ୍ବନକରି କାର୍ଯ୍ୟ କରିଥାଏ, ସେ ହେଉଛି 'ମଧ୍ୟମ' ଧରଣର ଶିଷ୍ୟ ।

୧୮୯ । ଗୁରୁ ବାରମ୍ବାର ଆଦେଶ ଦେଉଥିଲେ ମଧ୍ୟ ତାହା ପାଳନ କରିବାରେ ଯିଏ କ୍ରମାଗତ ବିଳମ୍ବ କରିଚାଲେ ଓ ପାଳନ କରିବା ସମୟରେ ପ୍ରତି ପଦକ୍ଷେପରେ ଭୁଲ କରୁଥାଏ, ସେହି ଶିଷ୍ୟକୁ 'ଅଧମ' ଶିଷ୍ୟ ବୋଲି କୁହାଯାଇଥାଏ ।

୧୯୦ । ଗୁରୁଙ୍କ ସାହଚର୍ଯ୍ୟରେ ସମଗ୍ର ଜୀବନ ବିତାଇଥିଲେ ମଧ୍ୟ, ଚରମ ତ୍ୟାଗ ଯିଏ କରିନଥିବ କିମ୍ବା କ୍ଷଣସ୍ଥାୟୀ ଓ ଚିରନ୍ତନ ମଧ୍ୟରେ ଭେଦାଭେଦ ବାରିବାର ଜ୍ଞାନ ଯାହାର ନଥିବ, ସେ କିପରି ଗୁରୁଙ୍କର କୃପା ପାଇପାରିବ ?

୧୯୧ । ଗୁରୁଙ୍କର ପଦ ସହିତ ଯିଏ ଓତପ୍ରୋତ ଭାବରେ ଜଡ଼ିତ ହୋଇଥାନ୍ତି, ଈଶ୍ୱର ତାଙ୍କର ଇଚ୍ଛା ପୂରଣ କରିଥାନ୍ତି । ଈଶ୍ୱର ତାଙ୍କୁ ସ୍ଥିର, ସ୍ଥିତିଶୀଳ ଓ କାମନାବାସନାଶୂନ୍ୟ ଶୀଘ୍ର କରାଇ ଦେଇଥାନ୍ତି ଏବଂ ତାଙ୍କୁ ନିଜର ଜଣେ ସମ୍ପର୍କୀୟ ଭାବରେ ବ୍ୟବହାର ଦେଖାଇଥାଆନ୍ତି ।

୧୯୨ । ଯାହାଙ୍କର ଅନାବିଳ ଦୃଢ଼ ବିଶ୍ୱାସ ସାଙ୍ଗକୁ ଶକ୍ତିଶାଳୀ ଜ୍ଞାନ ବଳ ଓ ଅବିଚଳ ଧୈର୍ଯ୍ୟ ରହିଥାଏ, ସେ ଜୀବନର ଆଧ୍ୟାତ୍ମିକ ଲକ୍ଷ୍ୟ ବା ପରମାର୍ଥ ନିଶ୍ଚିତଭାବରେ ଅର୍ଜନ କରିଥାନ୍ତି ।

୧୯୩ । ସେଥିପାଇଁ ନିଃଶ୍ୱାସ ଓ ପ୍ରଶ୍ୱାସ ନିୟନ୍ତ୍ରଣ, ହଠଯୋଗ, ସମାଧି କିମ୍ବା ସେଥିରୁ ବାହାରି ଆସିବାର ନିର୍ଦ୍ଦେଶ କିଛି ଲୋଡ଼ା ନାହିଁ । ସେସବୁ ଆତ୍ମମାନଙ୍କ ପାଇଁ କଠୋର ସାଧନା ।

୧୯୪ । ଶିଷ୍ୟ ଯଦି ଫଳପ୍ରାପ୍ତି ନିମନ୍ତେ ଯଥେଷ୍ଟ ପୋଖତ୍ ହୋଇଥାଏ, ତେବେ ଶିଷ୍ୟକୁ ଫଳ ପ୍ରଦାନ କରିବାପାଇଁ ସଦ୍‌ଗୁରୁ ସଦା ପ୍ରସ୍ତୁତ ଥାଆନ୍ତି । ଗୁରୁ ପ୍ରକୃତରେ ଶିଷ୍ୟକୁ ଦାନ କରିବା ନିମନ୍ତେ ଉତ୍କଣ୍ଠିତ ଓ ଅଧୈର୍ଯ୍ୟ ହୋଇ ଅପେକ୍ଷା କରିଥାନ୍ତି ।

୧୯୫ । ବିଶ୍ୱସ୍ତ ଈଶ୍ୱରବିଶ୍ୱାସୀ ବ୍ୟକ୍ତିହିଁ ଈଶ୍ୱରଙ୍କୁ ତାଙ୍କର ସଦ୍‌ଗୁଣ ସହିତ ଅନୁଭବ କରିପାରିଥାଏ । ଅନ୍ୟମାନେ ତାହାକୁ କଳ୍ପନାବିଳାସ ବୋଲି କହିଥାଆନ୍ତି ।

୧୯୬ । ପରେ ବାବା କାକାଙ୍କୁ କହିଥିଲେ, "ଏହି ପାଣିଟିଣକୁ ତୁମେ ହାତରେ ଧର । ମୁଁ ନିଜେ ଏହାକୁ ହାଣି[୧୦] ତାହାକୁ ଏବେ ସଦ୍‌ଗତି ଦେବି ।"

୧୯୭ । ଛେଳିଟି ପୂର୍ବରୁ ଅର୍ଦ୍ଧମୃତ ଥିଲା । ଫକୀର ବାବାଙ୍କର ଠିକ୍ ସମୟରେ ମନେ ପଡ଼ିଯାଇଥିଲା ଯେ ଟାକିଆ[୧୧] ଅତି ନିକଟରେ ରହିଛି ।

୧୯୮ । ଟାକିଆଠାରେ ଛେଳିଟିକୁ ବଳି ଦେଇଦେବା କି ବୋଲି ସେ ବାବାଙ୍କୁ ପଚାରିଥିଲେ । ସେହି ବାହାନାରେ ଛେଳିଟିକୁ ସେଠାକୁ ନିଆଯାଉଥିବା ସମୟରେ ରାସ୍ତାରେ ସେ ମରିଯାଇଥିଲା ।

୧୯୯ । ଛେଳିଟିର ମୃତ୍ୟୁ ଆସନ୍ନ ବୋଲି ସମସ୍ତେ ଜାଣିଥିଲେ, କିନ୍ତୁ ଉପଯୁକ୍ତ ସମୟ ଦେଖି ବାବା ଏହି ନାଟକ ରଚନା କରିଥିଲେ ।

୨୦୦ । ସଦ୍‌ଗୁରୁଙ୍କର ଶରଣାଗତ ହେଲେ ତାଙ୍କ ସହିତ ଏକାତ୍ମ ହୋଇହୁଏ । ଲୁଣପର୍ବତ ସମୁଦ୍ରକୁ ଗାଧୋଇବା ନିମନ୍ତେ ଗଲେ ସେ ପଦାକୁ ଫେରି ଆସିପାରେକି ?

୨୦୧ । ଜୀବ ସାଂସାରିକ ଭଲ ମନ୍ଦର ଅନୁଭୂତି ପାଇଥାଏ ଈଶ୍ୱରଙ୍କ ଦାନରୁ । କିନ୍ତୁ କେବଳ ସଦ୍‌ଗୁରୁ ହିଁ ମୋକ୍ଷପ୍ରାପ୍ତ କରାଇଥାନ୍ତି । ସେ ସମସ୍ତ ଆତ୍ମାର ଭଣ୍ଡାର ଓ ସମସ୍ତେ ତାଙ୍କ ସହିତ ଏକାତ୍ମ ହୋଇଥାନ୍ତି ।

୨୦୨ । ସଦ୍‌ଗୁରୁ ପ୍ରୀତ ହେଲେ ଦିବ୍ୟ ଅନୁଭବ ପ୍ରାପ୍ତ ହୋଇଥାଏ । ଏହାଦ୍ୱାରା ସମଗ୍ର ସୃଷ୍ଟି ଏକ ଦିବ୍ୟ ଦୃଷ୍ଟି ମଧ୍ୟରେ ଦୃଶ୍ୟ ହୋଇଥାଏ ।

୨୦୩ । ହେମାଡ଼ ଶ୍ରୀସାଇଙ୍କ ପଦରେ ଶରଣାଗତ ହେଉଛି ଓ ନିଜର ଦୈହିକ ଗର୍ବକୁ ସେଠାରେ ସମର୍ପି ଦେଉଛି । ସେ ଜାଗ୍ରତ ହୋଇ ଭାବନା କରୁଛି: 'ବାବା ମୋତେ ବିନୟୀ କରି ଦିଅନ୍ତୁ ।'

୨୦୪ । ପରବର୍ତ୍ତୀ ଦୁଇଟି ଅଧ୍ୟାୟରେ କିଛି ଥଟାତାମସା ଓ ମଜାକଥା ପରିବେଷଣ କରାଯିବ । ତାହା ମହାନ୍ ଶ୍ରୀସାଇଙ୍କର କିପରି ଲୀଳାଖେଳା ଥିଲା, ସେହି ଚମତ୍କାର ବିଷୟ ଶୁଣନ୍ତୁ ।

୨୦୫ । ଯଦିଓ ଏହା ଥଟାତାମସା ଓ ମନୋରଞ୍ଜନ ବୋଲି ମନେହୁଏ, ତଥାପି ଏଥିରେ ବିଜ୍ଞତା ପୂରି ରହିଛି । ଧାର୍ମିକ ଭକ୍ତ ତାହାକୁ ଅନୁଶୀଳନ କଲେ ଅତ୍ୟନ୍ତ ସୁଖୀ ହେବେ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଗୁରୁ-ଶିଷ୍ୟଙ୍କର ଲୀଳାଦୃଶ୍ୟ" ଶୀର୍ଷକ ତ୍ରୟୋବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- କୃଷ୍ଣ / ବିଷ୍ଣୁ
୨- ପିଆଜକୁ ତାମସିକ ଖାଦ୍ୟ ବୋଲି କୁହାଯାଇଥାଏ, ଯେହେତୁ ଏହା ମାନ୍ଦା ଓ ଅଳସୁଆ କରିଦେବାରେ ସାହାଯ୍ୟ କରେ । ଯୋଗ ସାଧନା ନିମିତ୍ତ ତାହାର ଭକ୍ଷଣକୁ ବାରଣ କରାଯାଇଥାଏ ।
୩- ଗୁରୁ ମନ୍ତ୍ର ଦ୍ୱାରା ଶିଷ୍ୟକୁ ଦେଉଥିବା ଶକ୍ତି ।
୪- ବିଠୋବା ଦେବ ଶଙ୍କରଙ୍କର ଅନ୍ୟ ଏକ ରୂପ । ସାପକାମୁଡ଼ା ରୋଗୀକୁ ବିଠୋବାଙ୍କ ମନ୍ଦିରକୁ ନେଇଗଲେ ସେ ଭଲ ହୋଇଯାଏ ବୋଲି ବିଶ୍ୱାସ ରହିଛି ।
୫- ନାନାସାହେବ ନିମୋଣକର ମାଧବରାଓଙ୍କ ମାମୁଁ ଓ ଜଣେ ଅବୈତନିକ ମାଜିଷ୍ଟ୍ରେଟ୍ ।
୬- ମାଧବରାଓ ଓ ଅନ୍ୟ ଗ୍ରାମବାସୀମାନେ ବାବାଙ୍କୁ 'ଦେବା'ବୋଲି ଡାକୁଥିଲେ ।
୭- ତାତ୍ୟା ଗଣପତ୍ କୋତେ ପାଟିଲ ।
୮- ମାଲେଗାଁର ଫକୀର ପୀର ମହମ୍ମଦ ।
୯- ବଜ୍ର ଇନ୍ଦ୍ରଙ୍କର ଅସ୍ତ୍ର । ଋଷି ଦଧିଚିଙ୍କ ଜଙ୍ଘ ହାଡ଼ରୁ ଏହି ଅସ୍ତ୍ର ନିର୍ମିତ ହୋଇଥିଲା ।
୧୦-ମୁସଲମାନମାନେ ଛେଳି, ମେଣ୍ଢା ଓ କୁକୁଡ଼ାଙ୍କୁ 'ହଲାଲ' ଅର୍ଥାତ୍ ବେକକାଟି ହତ୍ୟା କରିଥାନ୍ତି । ଏହା ସେମାନଙ୍କର ଶାସ୍ତ୍ରରେ ବିଧିସମ୍ମତ । ଏ ଘଟଣାରେ ବାବା 'ହଲାଲ' ଶବ୍ଦ ଉଚ୍ଚାରଣ କରିଥିଲେ ।
୧୧-ଯେଉଁ ସ୍ଥାନରେ ଫକୀରମାନେ ଏକତ୍ରିତ ହୋଇଥାନ୍ତି, ତାକୁ 'ଟାକିଆ' କୁହାଯାଏ ।

୨୩ ॥ ଗୁରୁ-ଶିଷ୍ୟଙ୍କର ଲୀଳାଦୃଶ୍ୟ ॥

ତା'ପରେ କାକାଙ୍କର ମନକୁ ପରୀକ୍ଷା କରିବା ପାଇଁ ବାବା ତାଙ୍କୁ ଆଦେଶ ଦେଇଥିଲେ, "ଯାଅ, ଗୋଟିଏ ବଡ଼ଛୁରୀ କାଟିବା ପାଇଁ ଆଣ। ଛେଳିକୁ ତା' ଦୁର୍ଗତିରୁ ମୁକ୍ତ କରିଦେବା!" (୨୩ଶ ଅଧ୍ୟାୟ, ପଂକ୍ତି-୧୩୪)

"ଏବେ ମାର, ଶୀଘ୍ର ମାରିଦିଅ, କ'ଣ ପାଇଁ ଅପେକ୍ଷା କରିଛ ?" ଶେଷ ଆଦେଶ ଶୁଣିବା ମାତ୍ରକେ ସେ ଜୋରରେ ଚୋଟ ପକାଇବା ନିମନ୍ତେ ଅର୍ଦ୍ଧଚନ୍ଦ୍ରାକାର ମୋଡ଼ ନେଇଥିଲେ। (୨୩ଶ ଅଧ୍ୟାୟ, ପଂକ୍ତି-୧୬୫)

"ହେ କାକା, ବନ୍ଦ କର। ତୁମେ କେତେ ନୃଶଂସ! ତୁମେ ବ୍ରାହ୍ମଣ ହୋଇ ଛେଳି ମାରିବା ନିମନ୍ତେ ବସିଅଛ! ତୁମେ ଏ ସମ୍ପର୍କରେ କ'ଣ କିଛି ଚିନ୍ତା କରିନାହଁ?" (୨୩ଶ ଅଧ୍ୟାୟ, ପଂକ୍ତି-୧୬୮)

କାକା ବଡ଼ଛୁରୀଟିକୁ ଫିଙ୍ଗିଦେବା ପରେ କ'ଣ କହିଥିଲେ ? ଧ୍ୟାନ ଦେଇ ଶୁଣନ୍ତୁ। "ବାବା! ଆପଣଙ୍କର ଅମୃତୋପମ ବଚନହିଁ ଆମର ଧର୍ମ ଓ ଜୀବନର ନିୟମ। (୨୩ଶ ଅଧ୍ୟାୟ, ପଂକ୍ତି-୧୭୦)

"ଆମର ଅନ୍ୟ କୌଣସି ଧର୍ମ ନାହିଁ, ଲଜ୍ଜା ମଧ୍ୟ ନାହିଁ। ଗୁରୁଙ୍କ ଆଦେଶ ପାଳନ ହିଁ ଆମର ଧର୍ମ। ଏହା ଆମର ବେଦ ଓ ଶାସ୍ତ୍ର।'' (୨୩ଶ ଅଧ୍ୟାୟ, ପଂକ୍ତି-୧୭୧)

(ଚତୁର୍ଥ ଦିନର ପାରାୟଣ-ରବିବାର)

॥ ୨୪ ॥

ଚମତ୍କାର ହାସ୍ୟରସ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଦୟାସାଗର ଶ୍ରୀସାଇନାଥ କିପରି ହାସ୍ୟରସ ମାଧ୍ୟମରେ ବି ଲୋକଙ୍କୁ ଶିକ୍ଷା ଦେଉଥିଲେ, ତାହା ମୁଁ ବର୍ଣ୍ଣନା କରିବି ବୋଲି ଗତ ଅଧ୍ୟାୟରେ ପ୍ରତିଶ୍ରୁତି ଦେଇଥିଲି ।

୨ । 'ମୁଁ ବର୍ଣ୍ଣନା କରିବି' ବାକ୍ୟ ମଧ୍ୟ ଅହଂକାରର ସୂଚକ । ଗୁରୁଙ୍କ ପଦତଳେ ବିନମ୍ର ଭାବରେ ନିଜକୁ ସମର୍ପଣ କରିଦେବାକୁ ହେବ । ଏହା କଲେ କାହାଣୀର ପ୍ରବାହ ବହିଚାଲିବ ଓ ଆପଣମାନେ ତାହାକୁ ସମ୍ମାନ ସହକାରେ ଶ୍ରବଣ କରିପାରିବେ ।

୩ । ସାଧୁ, ଗୁଣୀ ଓ ମହାତ୍ମାମାନେ ସର୍ବଦା ଅନାବିଳ ଓ ନିଷ୍ପାପ ହୋଇଥାନ୍ତି । ସେମାନେ ମେଘମୁକ୍ତ ଆକାଶ ଭଳି ସ୍ୱଚ୍ଛ ଓ ନିର୍ମଳ । ସେମାନେ ପବିତ୍ର ଓ ନିଷ୍କଳଙ୍କ ।

୪ । ମହାରାଜ ଶ୍ରୀସାଇଙ୍କୁ ଉପାସନା କରି ଆମେ ଉଭୟ ସାଂସାରିକ ଓ ଆଧ୍ୟାତ୍ମିକ ଲକ୍ଷ୍ୟ ସାଧନ କରିଥାଉ ଏବଂ ଆମର ପ୍ରକୃତ ସ୍ୱଭାବ ମଧ୍ୟରେ ସୀମାବଦ୍ଧ ରହି ଅନ୍ତଃକରଣରେ ଶାନ୍ତି ଓ ଆନନ୍ଦ ଲାଭକରିଥାଉ ।

୫ । ଯେଉଁମାନେ ନିଜ ନିଜର ମଙ୍ଗଳ ସାଧନ ଚାହାନ୍ତି, ସେମାନେ ଭକ୍ତି ସହକାରେ ଶ୍ରୀସାଇଙ୍କ ଜୀବନଚରିତର କାହାଣୀଗୁଡ଼ିକୁ ଶୁଣି ଆତ୍ମସନ୍ତୋଷ ଲାଭ କରିବା ସହିତ ନିଜ ଜୀବନର ଲକ୍ଷ୍ୟ ହାସଲ କରିପାରିବେ ।

୬ । ଏହି ଗଳ୍ପଗୁଡ଼ିକୁ ଶ୍ରବଣକଲେ ନିଜକୁ ଶାନ୍ତି ମିଳେ, ସଂସାରର ବିଡ଼ମ୍ବିତ ଭୟ ଦୂର ହୋଇଯାଏ ଓ ନିଶ୍ଚିତ ପରମାନନ୍ଦ ମିଳିଥାଏ । ଶ୍ରୋତାମାନେ ପ୍ରକୃତ ସଦ୍‌ଗତି ପାଇଥାନ୍ତି ।

୭ । ଶ୍ରୀସାଇ ସମର୍ଥ ଲୋକମାନଙ୍କର ମନସ୍କାମନା ଜାଣିଥାନ୍ତି । ଭକ୍ତମାନଙ୍କର ଉଦ୍ଦେଶ୍ୟ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅବହିତ ଥାଆନ୍ତି । ସେ ନିଜ ହାତକୁ ନେଇଥିବା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରନ୍ତି ଓ ନିଜ ଶପଥରୁ ମୁକ୍ତ ହୁଅନ୍ତି ।

୮ । ଶ୍ରୀସାଇ ସମର୍ଥ ମୋର ବୁଦ୍ଧିବୃତ୍ତିକୁ ଅନୁପ୍ରେରଣା ଦେଉଛନ୍ତି । ସେ ତାଙ୍କ ବାଣୀର ଅର୍ଥ ମୋ ଦ୍ୱାରା କୁହାଉଛନ୍ତି । ତାହା ମୁଁ ମୋର ସାମର୍ଥ୍ୟ ଅନୁଯାୟୀ ବର୍ଣ୍ଣନା କରୁଛି ।

୯ । ଲୋକେ ଅନ୍ଧ ନୁହଁନ୍ତି କି ଅନ୍ଧାରକଣା ନୁହଁନ୍ତି । ଲୋକଙ୍କର ସ୍ୱାଭାବିକ ଦୃଷ୍ଟିଶକ୍ତି ଥିବା ସତ୍ତ୍ୱେ, ସେମାନେ ଶରୀର ଓ ମନର ବଳ ଦ୍ୱାରା ନିଜ ନିଜର ମଙ୍ଗଳପ୍ରାପ୍ତି ସମ୍ଭବ ନୁହେଁ ବୋଲି ଜାଣି ପାରୁନାହାନ୍ତି ।

୧୦ । ମଣିଷ ଶରୀର ଏପରି ଯେ କେହି ଜଣେ ମୁହୂର୍ତ୍ତକର ଆୟୁଷ ପାଇଁ ମଧ୍ୟ ନିଶ୍ଚିତ ହୋଇପାରିବ ନାହିଁ । ତେଣୁ ଆପଣ ଏହି ସୁଗନ୍ଧକୁ କ୍ଷଣେମାତ୍ର ଆଘ୍ରାଣ କରିବା ପାଇଁ ମୁଁ

ଆନ୍ତରିକ ଅନୁରୋଧ କରୁଅଛି।

୧୧। ହାସ୍ୟରସର ଆଦର ସର୍ବଜନୀନ; କିନ୍ତୁ ବାବାଙ୍କ କ୍ଷେତ୍ରରେ ତାହା ଅସାଧାରଣ। ହାସ୍ୟରସ ମାଧ୍ୟମରେ ସେ ଏକାନ୍ତ ଗୂଢ଼ ଶିକ୍ଷା ଦେଇ ଆମ ମନକୁ ଗଭୀର ଭାବରେ ପ୍ରଭାବିତ କରିଥାଆନ୍ତି ଓ ତାହା ଆମ ସମସ୍ତଙ୍କ ପାଇଁ କଲ୍ୟାଣକର ହୋଇଥାଏ ।

୧୨। ସାଧାରଣତଃ ଲୋକେ ଥଟାପରିହାସକୁ ଭଲପାଆନ୍ତି ନାହିଁ, କିନ୍ତୁ ବାବାଙ୍କର ରସିକତାକୁ ଆନନ୍ଦରେ ଗ୍ରହଣ କରିଥାନ୍ତି। ସେମାନେ ଏଭଳି ଥଟାପରିହାସର ଶରବ୍ୟ ହେବାକୁ ଉତ୍କଣ୍ଠିତ ହୋଇ ଅପେକ୍ଷା କରିଥାନ୍ତି।

୧୩। ସାଧାରଣତଃ ନିଜ ଉପରେ ଥଟାପରିହାସ କାହାକୁ ଭଲଲାଗେ ନାହିଁ। କିନ୍ତୁ ବାବାଙ୍କର ଥଟାପରିହାସକୁ ବହୁତ ପସନ୍ଦ କରାଯାଏ । ବିଶେଷତଃ, ତାଙ୍କର ଥଟାଳିଆ କଥା ସହିତ ପ୍ରାସଙ୍ଗିକ ଅଙ୍ଗଭଙ୍ଗୀ ବେଶ୍ ଆଦୃତ ହୋଇଥାଏ, ତାହା ସହଜରେ ଈପ୍‌ସିତ ଉଦ୍ଦେଶ୍ୟ ପୂରଣ କରିଥାଏ।

୧୪। ଥଟାପରିହାସ କଲାବେଳେ ସହଜ ଓ ସରଳ ଅଭିନୟ, ହସହସ ମୁହଁ ଏବଂ କୌତୁକିଆ ଆଖି ଅଧିକ ମନୋରଞ୍ଜନ କରିଥାଏ। ତାହାର ମାଧୁର୍ଯ୍ୟ ଅବର୍ଣ୍ଣନୀୟ।

୧୫। ଏବେ ମୁଁ ମୋର ଅଭିଜ୍ଞତା ବର୍ଣ୍ଣନା କରିବି। ଏ ଗଳ୍ପରେ ନୂତନତ୍ୱ ଓ ନୀତିଶିକ୍ଷା ରହିଛି। ଥଟାପରିହାସରୁ କିପରି ଆଧ୍ୟାତ୍ମିକ ଶିକ୍ଷା ଉଦ୍ଭବ ହେଲା, ତାହା ଏହା ଦର୍ଶାଉଛି । ସେହି କଥାକୁ ସମ୍ମାନ ଦେଇ ଶୁଣନ୍ତୁ।

୧୬। ଶିରିଡ଼ିରେ ପ୍ରତି ସପ୍ତାହରେ ରବିବାର ଦିନ ବଡ଼ ହାଟଟିଏ ବସିଥାଏ। ତମ୍ବୁ ପକାଇବା ଭଳି ଚାଳିଆମାନ ଖୋଲା ପଡ଼ିଆରେ ବନ୍ଧା ହୁଏ ଓ ବହୁତ ବିକାକିଣା ବେପାର ହୋଇଥାଏ।

୧୭। ରାସ୍ତାକଡ଼ରେ ପନିପରିବା ଗଦା ହୋଇଥାଏ। ଦଳଦଳ ହୋଇ ତେଜରାତି ଦୋକାନୀ ଓ ପାନପତ୍ର ବିକାଳି ମଧ୍ୟ ଖୋଲା ପଡ଼ିଆରେ ବସିଥାନ୍ତି।

୧୮। ଏହିଭଳି ଏକ ରବିବାର ଅପରାହ୍ନରେ ମୁଁ ବାବାଙ୍କର ଗୋଡ଼ ମୋଡ଼ି ଦେଉଥିବା ସମୟରେ ଚମତ୍କାର ଘଟଣାଟିଏ ଘଟିଥିଲା।

୧୯। ସାଧାରଣତଃ ଓପରବେଳା ଦରବାରରେ ଅଧିକ ଗହଳି ହୋଇଥାଏ । ତାହା ବ୍ୟତୀତ ସେଦିନ ରବିବାର ଓ ହାଟପାଳି ଦିନ ହୋଇଥିବାରୁ ଅସଂଖ୍ୟ ଲୋକ ଆସିଥିଲେ।

୨୦। ବାବାଙ୍କ ସମ୍ମୁଖରେ ଡାହାଣ ପଟରେ ମୁଁ ମୁଣ୍ଡ ନୁଆଁଇ ବସିଥିଲି । ମୁଁ ନାମଜପ କରିବା ସହିତ ତାଙ୍କର ଗୋଡ଼ ମୋଡ଼ିଦେଉଥିଲି।

୨୧। ମାଧବରାଓ ବାମ ପାର୍ଶ୍ୱରେ ଓ ବାମନରାଓ ଡାହାଣ ପାର୍ଶ୍ୱରେ ବସିଥିଲେ। ଶ୍ରୀମନ୍ତ ବୁଟି ତାଙ୍କର ନିଜ ସ୍ଥାନରେ ବସିରହି ସେବା କରିବା ନିମନ୍ତେ ପ୍ରସ୍ତୁତ ରହିଥିଲେ।

୨୨। କାକା ମଧ୍ୟ ସେଠି ବସିଥିଲେ। ସେହି ସମୟରେ ମାଧବରାଓ ହସି ହସି ମନ୍ତବ୍ୟ ଦେଇଥିଲେ, "କ'ଣ ଅନ୍ନାସାହେବ ! ଏଠାରେ ଚଣା ଲଗାହୋଇଛି ବୋଲି ମନେ ହେଉଛି ?"

୨୩। ଏଭଳି କହୁ କହୁ ମାଧବରାଓ ତାଙ୍କର ଆଂଗୁଳିରେ ମୋ କୋଟ୍‌ର ହାତକୁ ଛୁଇଁ ଦେଇଥିଲେ ଓ କୋଟ୍‌ର ଭାଙ୍ଗ ମଧ୍ୟରେ ଗୁଡ଼ାଏ ଚଣା ଦେଖିବାକୁ ମିଳିଥିଲା।

୨୪। କ'ଣ ବୋଲି ଜାଣିବା ନିମିତ୍ତ ମୁଁ ମୋ ବାମହାତକୁ କହୁଣୀଠାରୁ ଲମ୍ବାଇ ସିଧାକରି ଦେଇଥିଲି ଓ ଗୁଡ଼ାଏ ଚଣା ତଳକୁ ଖସିପଡ଼ିଥିଲା ଓ ଲୋକେ ତାହାକୁ ଗୋଟାଇ ନେଇଥିଲେ।

୨୫। ସେମାନେ ତାହାକୁ ଗୋଟାଇ ଗୋଟାଏ ସ୍ଥାନରେ ରଖିଦେଇଥିଲେ। ପ୍ରାୟ ପଚିଶଟି ପାଖାପାଖି ଚଣା ସଂଗୃହୀତ ହୋଇଥିଲା। ତାହା ପରିହାସର ଖୋରାକ୍ ଯୋଗାଇଥିଲା। ଏହା କେଉଁଠାରୁ ଆସିଲା ?

୨୬। ଜଣକ ପରେ ଜଣେ ଅନ୍ଦାଜ କରି ଚାଲିଥିଲେ। ଏତେ ଚଣା କିପରି କୋଟ୍ ଦେହରେ ଲାଖିରହିଥିଲା ବୋଲି ସମସ୍ତେ ଭାବୁଥିଲେ ଓ ଚିନ୍ତିତ ଥିଲେ। ସମସ୍ତେ ବିସ୍ମିତ ହୋଇ କାରଣ ଜାଣିବାକୁ ଉତ୍ସୁକ ଥିଲେ।

୨୭। କାଖତଳ ପାଖରେ କୋଟ୍‌ର କେତୋଟି ବା ଭାଙ୍ଗ ରହିଥିବ? ଏହି ଚଣାଗୁଡ଼ିକ କିପରି ସେଠାକୁ ପଶି ଯାଇଥିଲା ? ଏହି ରହସ୍ୟକୁ କେହି ବୁଝିପାରୁନଥିଲେ।

୨୮। ମୁଁ ବାବାଙ୍କର ଗୋଡ଼ ମୋଡ଼ିଦେବା ସମୟରେ ପ୍ରଭୁଙ୍କର ନାମ ସ୍ମରଣ କରୁଥିଲି। ଏହା ମଧ୍ୟକୁ ଚଣାକାହାଣୀ କିପରି ପଶି ଆସିଲା ?

୨୯। ମୁଁ କିଛି ସମୟ ଧରି ସେବା କରୁଥିଲି। ପ୍ରକୃତରେ ସେଗୁଡ଼ିକ ପୂର୍ବରୁ କାହିଁକି ଖସି ପଡ଼ିଲା ନାହିଁ ? ସେଗୁଡ଼ିକ ସେଠାରେ ଏତେ ସମୟ ଧରି କିପରି ରହିଗଲା ଭାବି

ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ।

୩୦। ଚଣାଗୁଡ଼ିକ କେଉଁଠାରୁ ଆସିଥିଲା ? ସେଗୁଡ଼ିକ କୋଟ୍ ଭାଂଗ ମଧ୍ୟରେ କିପରି ଲାଖି ରହିଥିଲା ? ବାବା ଏ ସମ୍ପର୍କରେ କ'ଣ କହିଥିଲେ ଶୁଣନ୍ତୁ।

୩୧। ଅନେକ ବ୍ୟକ୍ତି ନୂଆ ନୂଆ ପଦ୍ଧତିରେ ଶିକ୍ଷା ଦେଇଥାନ୍ତି। କିନ୍ତୁ ବାବା ଲୋକେ ବୁଝିପାରିବା ଭଳି ଉପାୟରେ ଶିକ୍ଷା ପ୍ରଦାନ କରିଥାନ୍ତି।

୩୨। ମହାରାଜଙ୍କ ପଦ୍ଧତି ଅନନ୍ୟ । ତାଙ୍କ ପଦ୍ଧତିରେ ଶିକ୍ଷାଦାନ ଏପରି ମନୋରଞ୍ଜନ କରୁଥିଲା ଯେ ତାହା ଭଲଭାବରେ ମନେ ରହିଯାଉଥିଲା। ଏଭଳି ଅନ୍ୟ କେଉଁଠାରେ ହେଉଥିବାର ମୁଁ ଶୁଣିନାହିଁ କି ଦେଖିନାହିଁ । ଏ ବିଷୟରେ ମୋର ଅଭିଜ୍ଞତା ନାହିଁ।

୩୩। ସେ କହିଥିଲେ, "ତାଙ୍କୁ ଏକୁଟିଆ ଖାଇବାକୁ ଭଲଲାଗେ, ତାଙ୍କର ଏ ଖରାପ ଅଭ୍ୟାସ ରହିଛି। ହାଟପାଳି ଦିନର ସୁଯୋଗ ନେଇ ସେ ଚଣାଗୁଡ଼ିକୁ ଦୁଇପାପୁଲିରେ ଦଳି ଚୋପା ବାହାର କରି ଖାଇଖାଇ ଆସୁଥିଲେ।

୩୪। "ଏକାକୀ ଖାଇବା କେବେ ଭଲ ନୁହେଁ। କିନ୍ତୁ ମୁଁ ତାଙ୍କର ଅଭ୍ୟାସ ସମ୍ବନ୍ଧରେ ଜାଣିଛି। ଏହି ଚଣାଗୁଡ଼ିକ ତାହାର ପ୍ରମାଣ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

୩୫। ମୁଁ କହିଥିଲି, "କାହାରିକୁ ନନେଇ ଏକା ଏକା କିଛି ଖାଇବା କଥା ମୋ ମୁଣ୍ଡରେ କେବେହେଲେ ପଶି ନାହିଁ । ତେଣୁ ଏହି ବଦ୍‌ଅଭ୍ୟାସର ପ୍ରଶ୍ନ ଉଠିଲା କେଉଁଠୁ ? ଏଭଳି ଦୁର୍ନାମ ମୋ ପ୍ରତି ପ୍ରଯୁଜ୍ୟ ନୁହେଁ।

୩୬। "ବାବା ! ଏପର୍ଯ୍ୟନ୍ତ ମୁଁ ଶିରିଡ଼ି ହାଟ ଦେଖିନାହିଁ। ମୁଁ ସେଠାକୁ ଯାଇଥିଲେ, ହୁଏତ ଚଣା କିଣିଥାନ୍ତି। ତାହା ପରେ ମୋର ଖାଇବା ପ୍ରସଙ୍ଗ ଉଠିପାରିଥାନ୍ତା।

୩୭। "ଅନ୍ୟ କାହାରିକୁ ନଦେଇ ମୁଁ କିଛି ଖାଏ ନାହିଁ। ଯାହାର ସେଭଳି ଇଚ୍ଛା ରହିଛି, ସେ କରୁଥାଇପାରେ କିନ୍ତୁ ମୋର ଏହି ଅଭ୍ୟାସ ନାହିଁ।"

୩୮। ବାବାଙ୍କର କୌଶଳକୁ ଏବେ ଲକ୍ଷ୍ୟ କରନ୍ତୁ। ତାଙ୍କ ପ୍ରତି ଭକ୍ତି କିଭଳି ସେ ଅଧିକ ଦୃଢ଼ କରାଇଥିଲେ ! ମୋର ସ୍ପଷ୍ଟ ନାସ୍ତିବାଚକ ବାକ୍ୟ ଶୁଣିବା ପରେ ସେ କ'ଣ କହିଥିଲେ ଧ୍ୟାନ ଦେଇ ଶୁଣନ୍ତୁ।

୩୯। "ତୁମ ପାଖରେ କେହିଥିଲେ, ତୁମେ ତାହା ସହିତ ମିଶିକରି ଖାଇଥାଅ। କିନ୍ତୁ ତୁମେ ଏକୁଟିଆ ଥିଲେ କ'ଣ କରିଥାଅ ? ମୁଁ ମଧ୍ୟ କ'ଣ କରିପାରିଥାନ୍ତି ? ତୁମେ ମୋତେ ସ୍ମରଣ କରିଛ କି ?

୪୦। "ମୁଁ ତୁମ ପାଖରେ ନଥାଏ କି ? ତୁମେ ମୋତେ ଟିକିଏ ଦେଇଛକି ?" ସେ ଚଣା ଛଳରେ ମୋ ମନରେ ଏହି ନୀତି ଗଭୀର ଭାବରେ ଛାପି ଦେଇଥିଲେ।

୪୧। ଇନ୍ଦ୍ର ତଥା ଅନ୍ୟ ଦେବାଦେବୀଙ୍କୁ, ପଂଚପ୍ରାଣକୁ ଓ ଅଗ୍ନିଙ୍କୁ ଅର୍ପଣ ନକରି ଭୋଜନ କଲେ ଏବଂ ସେମାନଙ୍କୁ ଅର୍ପଣ ନକରି ପ୍ରତାରିତ କଲେ କିମ୍ବା ଭୋଜନ ପୂର୍ବରୁ ଅଗ୍ନିଙ୍କୁ ନୈବେଦ୍ୟ ଅର୍ପଣ ନକଲେ ଓ ତାଙ୍କରି ଜରିଆରେ ସମସ୍ତ ଦେବତାଙ୍କୁ ନୈବେଦ୍ୟ ଅର୍ପଣ ନକରି ଭୋଜନ କଲେ, ଅଚାନକ ଆସି ପହଂଚିଥିବା ଅତିଥିଙ୍କୁ ଭୋଜନ ନଦେଇ ନିଜେ ଭୋଜନ କଲେ ଖାଦ୍ୟ ଅତି ଅଶୁଦ୍ଧ ହୋଇଥାଏ ।

୪୨। ନୀତିଗତ ଭାବରେ ଏହି ବିଧି ନଗଣ୍ୟ ବୋଲି ମନେ ହେଉଥିଲେ ମଧ୍ୟ ତାହାକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ନିହାତି ଜରୁରୀ। କେବଳ ସୁମିଷ୍ଟ ଖାଦ୍ୟର ସ୍ୱାଦ ଆସ୍ୱାଦନ କ୍ଷେତ୍ରରେ ଏହି ନିୟମ ପ୍ରଯୁଜ୍ୟ ନୁହେଁ, ପଂଚଇନ୍ଦ୍ରିୟ ବ୍ୟାପାର ଓ ଅନ୍ୟାନ୍ୟ ସୁଖଭୋଗ ବିଷୟ ମଧ୍ୟ ଏହି ନିୟମର ଅନ୍ତର୍ଭୁକ୍ତ ।

୪୩। ଯେଉଁ ବ୍ୟକ୍ତି ତାଙ୍କର ଇନ୍ଦ୍ରିୟମାନଙ୍କୁ ତୃପ୍ତ କରିବାରେ ଲାଗିଥାନ୍ତି, ସେ ଆଧାତ୍ମିକ ଉନ୍ନତି ହାସଲ କରିବାର ଆଶା କେବେହେଲେ କରିବା ଉଚିତ୍ ନୁହେଁ। ଇନ୍ଦ୍ରିୟମାନଙ୍କ ଉପରେ ଯାହାଙ୍କର କଠୋର ନିୟନ୍ତ୍ରଣ ରହିଥିବ, ସେହି ବ୍ୟକ୍ତିହିଁ ଏକାକୀ ସଫଳ ହୋଇ ପାରିବେ ।

୪୪। ଶ୍ରୁତି କହେ: "ଯଦା ପଂଚବତିଷ୍ଠନ୍ତେ", ଅର୍ଥାତ୍ ଯେତେବେଳେ ସମସ୍ତ ପଂଚଇନ୍ଦ୍ରିୟ ସହିତ ବୁଦ୍ଧିବୃତ୍ତି ସ୍ଥିର ହୋଇଯାଏ, ତାହାହିଁ ଯୋଗର ଶ୍ରେଷ୍ଠ ଅବସ୍ଥା ବୋଲି ବିଚାର କରାଯାଏ। ବାବା ସେଇ କଥାକୁ ଥଟା ଆକାରରେ ଜୋର ଦେଇ କହିଥିଲେ।

୪୫। ବଚନ, ସ୍ପର୍ଶ ଓ ରୂପ ସହିତ ଏହି ନିୟମ ଜଡ଼ିତ। ଏହି ଘଟଣା ସମ୍ପର୍କରେ ବାବାଙ୍କର ଶିକ୍ଷା ମଧ୍ୟରେ କେତେ ଉପଦେଶ ଭରି ରହିଛି !

୪୬। "ମନ, ବୁଦ୍ଧି ଓ ଅନ୍ୟ ଇନ୍ଦ୍ରିୟମାନେ କୌଣସି

ବସ୍ତୁକୁ ଉପଭୋଗ କରିବା ପୂର୍ବରୁ ମୋତେ ପ୍ରଥମେ ସ୍ମରଣ କଲେ, ତାହା ଧୀରେ ଧୀରେ ମୋତେ ଅର୍ପିତ ହୋଇଯାଏ।

୪୭। "ଇନ୍ଦ୍ରିୟମାନେ ସେମାନଙ୍କର ଇପ୍‌ସିତ ବସ୍ତୁକୁ କେବେ ଛାଡ଼ି ରହିପାରିବେ ନାହିଁ। କିନ୍ତୁ ଯଦି ଏହି ବସ୍ତୁକୁ ପ୍ରଥମେ ଗୁରୁଙ୍କୁ ଅର୍ପଣ କରାଯାଏ, ତେବେ ସେହି ବସ୍ତୁ ପ୍ରତି ରହିଥିବା ଆସକ୍ତି ସ୍ୱାଭାବିକ ଭାବରେ ଦୂର ହୋଇଯିବ ।

୪୮। "ଯଦି କିଛି କାମନା କରୁଛ, ତେବେ ମୋତେ କେବଳ କାମନା କର। ଯଦି କ୍ରୋଧ ଆସୁଛି, କେବଳ ମୋ ଉପରେ କ୍ରୋଧ କର। ତୁମର ଗର୍ବ ଓ ଦାମ୍ଭିକତାକୁ ମୋତେ ଅର୍ପଣ କରିଦିଅ। ମୋ ପ୍ରତି ସମର୍ପିତ ପ୍ରାଣ ହୋଇଯାଅ।

୪୯। "ଯେତେବେଳେ କାମନା, କ୍ରୋଧ ଓ ଗର୍ବ ମନ ମଧ୍ୟରେ ଆସୁଛି, ସେସବୁର ଶରବ୍ୟ ମୋତେ କରିଦିଅ ଓ ମୋ ଆଡ଼କୁ ଜୋରକରି ପ୍ରେରଣ କର।

୫୦। "ଏହିପରି ଭାବରେ ପ୍ରଭୁ ତୁମମାନଙ୍କର ସମସ୍ତ ବୃତ୍ତି ଗୋଟିକ ପରେ ଗୋଟିଏ ନିର୍ମୂଳ କରିବାରେ ସାହାଯ୍ୟ କରିବେ। ଏହି ବିଷଧର ଗୁଣତ୍ରୟର ଜୋରଦାର ଢେଉମାନଙ୍କୁ ପ୍ରଭୁ ଗୋବିନ୍ଦ ନିଶ୍ଚିତଭାବରେ ଶାନ୍ତ କରିଦେବେ।

୫୧। "ପ୍ରକୃତ ପକ୍ଷରେ ଏହି ଅବ୍ୟବସ୍ଥିତ ମାନସିକ ଅବସ୍ଥା ମୋର ରୂପ ମଧ୍ୟରେ ନିମଜ୍ଜିତ ହୋଇଯିବ କିମ୍ବା ମୋ ସହିତ ଏକାକାର ହୋଇଯିବ। ମୋ ପାଦତଳେ ତୁମର ଶାନ୍ତି ଅବସ୍ଥା ପ୍ରାପ୍ତ ହେବ ।"

୫୨। ତୁମେ ଏହା ଅଭ୍ୟାସ କଲେ କାମନାବାସନା ଆପେ ଆପେ ଦୁର୍ବଳ ହୋଇଯିବ ଓ ସମୟକ୍ରମେ ନିର୍ମୂଳ ହୋଇ ଧ୍ୱଂସପ୍ରାପ୍ତ ହେବ। ମନ ଏ ସମସ୍ତ ପ୍ରବୃତ୍ତିରୁ ମୁକ୍ତ ହୋଇଯିବ।

୫୩। ଗୁରୁ ତୁମର ପାଖେ ପାଖେ ରହିଛନ୍ତି ବୋଲି ଜାଣିଲେ ଓ ବିଶ୍ୱାସ କଲେ ତୁମେ ଏହିସବୁ ପ୍ରବୃତ୍ତି ଦ୍ୱାରା କେବେ ହେଲେ ବିଚଳିତ ହେବନାହିଁ।

୫୪। ଏଭଳି ଉତ୍ତମ ଅଭ୍ୟାସ ସୁଦୃଢ଼ ହୋଇଗଲେ ସାଂସାରିକ ବନ୍ଧନ ଶିଥିଳ ହୋଇଯିବ। ପ୍ରତ୍ୟେକ ଇପ୍‌ସିତ ବସ୍ତୁ ମଧ୍ୟରେ ଗୁରୁଙ୍କ ରୂପ ଦେଖାଯିବ । ଏହା ଫଳରେ ପ୍ରତ୍ୟେକ କାମନା ଆପେ ଆପେ ଗୁରୁଙ୍କର ରୂପ ଧାରଣ କରିବ।

୫୫। ଯଦି ମନ ଭିତରେ କୌଣସି ବସ୍ତୁକୁ ଉପଭୋଗ କରିବାର ଇଚ୍ଛା ସାମାନ୍ୟ ମାତ୍ରାରେ ବି ଜାଗରିତ ହୁଏ ଓ ତୁମେ ଭାବିଥାଅ ଯେ ବାବା ତୁମ ପାଖେ ପାଖେ ରହିଛନ୍ତି, ତେବେ ସେହି ବସ୍ତୁ ଭୋଗର ଯୋଗ୍ୟ କି ନୁହେଁ, ସେହି ପ୍ରଶ୍ନ ସାଙ୍ଗେ ସାଙ୍ଗେ ଆସିଯିବ।

୫୬। ଯେଉଁ ବସ୍ତୁ ଭୋଗ କରିବା ନିମିତ୍ତ ଅଯୋଗ୍ୟ, ତାହା ସହଜରେ ବର୍ଜିତ ହୋଇଯିବ। ଏହିଭଳି ଭାବରେ ଭକ୍ତଙ୍କର ବଦଭ୍ୟାସ ବା ଘୃଣ୍ୟ ଆସକ୍ତି ଲୋପପାଇଯିବ ଓ ଅବାଞ୍ଛିତ ବସ୍ତୁ ପ୍ରତି ଘୃଣାଭାବ ଉଦ୍ରେକ ହେବ।

୫୭। ମୁଖ୍ୟତଃ ବେଦରେ କୁହାଯାଇଥିବା ପ୍ରକାରେ ଇନ୍ଦ୍ରିୟ ନିୟନ୍ତ୍ରଣର ନିୟମଗୁଡ଼ିକୁ ପାଳନ କରିବାକୁ ସେ ପ୍ରସ୍ତୁତ ହୋଇଯିବ । ତାହାହେଲେ ବସ୍ତୁଗୁଡ଼ିକୁ ଭୋଗ କରିବା କାର୍ଯ୍ୟ ନିୟମ ଅନୁଯାୟୀ ହେବ ଓ ବାଛବିଚାର ନକରି କୌଣସି ପ୍ରବୃତ୍ତିକୁ ପ୍ରଶ୍ରୟ ଦିଆଯିବ ନାହିଁ।

୫୮। ଏହିଭଳି ଅଭ୍ୟାସ ବର୍ଦ୍ଧିତ ହେଲେ, ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକର ଉପଭୋଗ ନିମନ୍ତେ ଭାବନା ଦୁର୍ବଳ ହୋଇପଡ଼ିବ। ଗୁରୁଙ୍କୁ ଉପାସନା କରିବାର ଇଚ୍ଛା ଉଦ୍ରେକ ହେବ ଓ ପରିଶୁଦ୍ଧ ଜ୍ଞାନ ଅଙ୍କୁରିତ ହେବ ।

୫୯। ପରିଶୁଦ୍ଧ ଜ୍ଞାନ ବୃଦ୍ଧିପାଇଲେ ଶରୀର-ସଚେତନ ବନ୍ଧନ ଛିଣ୍ଡିଯିବ ଓ ବୁଦ୍ଧି ଆତ୍ମଚୈତନ୍ୟରେ ନିମଜ୍ଜିତ ହୋଇ ପରମ ଆନନ୍ଦପ୍ରାପ୍ତି ଆଡ଼କୁ ବାଟ କଢ଼ାଇନେବ।

୬୦। ଶରୀର କ୍ଷୟଶୀଳ ହେଲେ ମଧ୍ୟ ଏହା ଜ୍ଞାନାଲୋକ ପ୍ରାପ୍ତିର ମାଧ୍ୟମ। ଜ୍ଞାନାଲୋକପ୍ରାପ୍ତି ମୋକ୍ଷପ୍ରାପ୍ତି ଅପେକ୍ଷା ଅଧିକ ବାଞ୍ଛନୀୟ । କାରଣ ଆମେ ଜ୍ଞାନାଲୋକ ମାଧ୍ୟମରେ ହିଁ ଭକ୍ତିକୁ ଅନୁଭବ କରିଥାଉ।

୬୧। କାମ, ଅର୍ଥ, ଧର୍ମ ଓ ମୋକ୍ଷ ଅପେକ୍ଷା ପଂଚମ ସୋପାନ ଜ୍ଞାନାଲୋକ ଲାଭ ଅଧିକ ମହତ୍ୱପୂର୍ଣ୍ଣ। ଭକ୍ତି ସହିତ ଏଗୁଡ଼ିକ ତୁଳନୀୟ ନୁହେଁ। ଭକ୍ତିରୁ ମିଳୁଥିବା ଲାଭ ଅମୂଲ୍ୟ।

୬୨। ଯିଏ ଗୁରୁଙ୍କର ସେବାକରି ପରିପୂର୍ଣ୍ଣତା ଲାଭ କରିଛି, ସେ ଏହି ବକ୍ତବ୍ୟର ଗୂଢ଼ ତାତ୍ପର୍ଯ୍ୟକୁ ଭଲଭାବରେ ବୁଝିପାରିବ। ଭକ୍ତି, ଜ୍ଞାନ ଓ ଅନାସକ୍ତିର ଅନ୍ତର୍ନିହିତ ଅର୍ଥକୁ ବୁଝି ପାରିଥିବା ବ୍ୟକ୍ତିହିଁ ଜ୍ଞାନାଲୋକ ପ୍ରାପ୍ତ ହୋଇଥାଏ।

୬୩। ଯେଉଁ ବ୍ୟକ୍ତି ଗୁରୁଙ୍କୁ ଈଶ୍ୱରଙ୍କଠାରୁ ପୃଥକ୍ ବୋଲି ଭାବିଥାଏ, ସେ ଈଶ୍ୱର କିଏ ବୋଲି ନଜାଣି ସମୁଦାୟ 'ଭାଗବତ' ପୁସ୍ତକ ପଢ଼ିବା ବ୍ୟକ୍ତି ସହିତ ସମାନ

ହୋଇଥାଏ।

୬୪। ରାମାୟଣ ସମ୍ପୂର୍ଣ୍ଣ ପାଠ କରିଥିଲେ ମଧ୍ୟ ସୀତା ରାମଙ୍କର କ'ଣ ବୋଲି ସେହି ବ୍ୟକ୍ତି ଜାଣିପାରନ୍ତି ନାହିଁ । ଦ୍ୱୈତ ରୂପ ଦର୍ଶନକୁ ଛାଡ଼ିଦେଇ ଗୁରୁ ଓ ଈଶ୍ୱର ଏକ ବୋଲି ଦୃଢ଼ଭାବରେ ଜାଣନ୍ତୁ।

୬୫। ନିର୍ମଳ ହୃଦୟରେ ଗୁରୁଙ୍କର ସେବା କଲେ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁଗୁଡ଼ିକୁ ପାଇବାର ଇଚ୍ଛା ସମୂଳେ ନଷ୍ଟ ହୋଇଯାଇଥାଏ, ମନ ପବିତ୍ର ଓ ପାପଶୂନ୍ୟ ହୋଇଥାଏ ଏବଂ ଆତ୍ମା ଅତି ଉଜ୍ଜ୍ୱଳ ଭାବରେ ପ୍ରତିଭାତ ହୁଏ ।

୬୬। ସେ ଯାହାହେଉ, ବାବାଙ୍କର ବଳବତୀ ଇଚ୍ଛା ରହିଥିଲେ ତାଙ୍କ ପକ୍ଷରେ ଭଜାଚଣା ସୃଷ୍ଟିକରିବା ଅତି ସହଜ ବିଷୟ ! ଅତିଶୟ ଆଶ୍ଚର୍ଯ୍ୟଜନକ କାମ କରିବା ପାଇଁ ତାଙ୍କୁ ବିଶେଷ ସମୟର ଆବଶ୍ୟକତା ପଡ଼େନାହିଁ।

୬୭। ଜଣେ ଜନପ୍ରିୟ ଯାଦୁକର ବା ବାଜିକର, ସାମାନ୍ୟ ଜୀବିକା ଅର୍ଜନ କରିବା ପାଇଁ ନିଜର ଯାଦୁବାଡ଼ି ହଲାଇ ଦର୍ଶକ ମାଗୁଥିବା ଜିନିଷକୁ ଶୂନ୍ୟରୁ ସୃଷ୍ଟି କରିଦେଇପାରିବେ !

୬୮। ସେମିତି ଶ୍ରୀସାଇନାଥ ହେଉଛନ୍ତି ଦିବ୍ୟ ଯାଦୁକର ! ତାଙ୍କ ହାତର ପରାକ୍ରମ ସମ୍ବନ୍ଧରେ କ'ଣ କହିହେବ ? ସେ ଇଚ୍ଛା କରିବା ମାତ୍ରକେ, କ୍ଷଣକ ମଧ୍ୟରେ ଅସଂଖ୍ୟ ଚଣା ସୃଷ୍ଟିକରି ଦେଇଥାନ୍ତେ !

୬୯। ଏହି ଗଳ୍ପରୁ କି ନୀତିଶିକ୍ଷା ମିଳେ ? ଆସନ୍ତୁ ତାହା ଉପରେ ଧ୍ୟାନ ଦେବା । ବାବାଙ୍କୁ ପ୍ରଥମେ ସ୍ମରଣ ନ କରି ଆମର ପଞ୍ଚେନ୍ଦ୍ରିୟ ଭିତରୁ କୌଣସି ଗୋଟିଏ ଇନ୍ଦ୍ରିୟ ଦ୍ୱାରା କୌଣସି ବସ୍ତୁକୁ ଉପଭୋଗ କରନାହିଁ ।

୭୦। ମନ ଏଥିରେ ଅଭ୍ୟସ୍ତ ହୋଇଗଲେ, ଆମେ ତାଙ୍କୁ ସବୁବେଳେ ସ୍ମରଣ କରିବା ସହଜ ହେବ । ପ୍ରତ୍ୟେକ କାର୍ଯ୍ୟ କରିବା ସମୟରେ ଶ୍ରୀସାଇଙ୍କର ପାଦ ପ୍ରତି ଆମର ଧ୍ୟାନ ଆକର୍ଷିତ ହେବ।

୭୧। ପବିତ୍ର ବ୍ରହ୍ମଙ୍କର ଏହି ଅବତାର ଆମ ଚକ୍ଷୁ ସମ୍ମୁଖରେ ସର୍ବଦା ରହିବେ ଓ ତାହା ପରେ ଭକ୍ତି, ମୁକ୍ତି ଓ ଅନାସକ୍ତି ଆସିଯିବ। ମୋକ୍ଷପ୍ରାପ୍ତି ହେବ।

୭୨। ଆମର ମନଶ୍ଚକ୍ଷୁରେ ଏହି ସୁନ୍ଦର ରୂପ ଲାଖି ରହିଗଲେ ଆମେ କ୍ଷୁଧା, ତୃଷ୍ଣା ଓ ସାଂସାରିକ ସ୍ଥିତିକୁ ଭୁଲିଯିବା । ସାଂସାରିକ ସୁଖଭୋଗର ଚିନ୍ତା ଚେତନା ଉଭେଇ ଯିବ ଓ ମନରେ ଶାନ୍ତି ଆସିବ ।

୭୩। ବେଳେ ବେଳେ ଗୋଟିଏ ପଂକ୍ତି ମନେ ପକାଇବାକୁ ଚେଷ୍ଟା କଲେ ମଧ୍ୟ ତାହା ମନ ମଧ୍ୟକୁ ଆସିନଥାଏ। କିନ୍ତୁ ଚକିରେ ପେଷିବା ନିମନ୍ତେ ତଳେ ବସିବା ମାତ୍ରକେ ତାହା ମନଭିତରକୁ ଡିଆଁମାରି ଆସିଥାଏ। ସେହିଭଳି ମୁଁ ଚଣା ଲୀଳା ସମ୍ବନ୍ଧରେ ବର୍ଣ୍ଣନା କରିବା ସମୟରେ ମୋର ସୁଦାମାଙ୍କର କାହାଣୀ ମନେ ପଡ଼ିଯାଉଛି।

୭୪। ଏକଦା ବଳରାମ, କୃଷ୍ଣ ଓ ସୁଦାମା ଗୁରୁଙ୍କ[୧] ଆଶ୍ରମରେ ରହି ସେବା କରୁଥିବା ସମୟରେ କୃଷ୍ଣ ଓ ବଳରାମଙ୍କୁ ଜାଳେଣି କାଠ ସଂଗ୍ରହ ନିମନ୍ତେ ପଠାଯାଇଥିଲା।

୭୫। କୃଷ୍ଣ ଓ ବଳରାମ ଜଙ୍ଗଲକୁ ବାହାରି ଯିବାପରେ ଗୁରୁମାତାଙ୍କର ଆଦେଶରେ ସୁଦାମା ସେମାନଙ୍କର ଅନୁଧାବନ କରିଥିଲେ ।

୭୬। ତାଙ୍କ ହାତରେ ଅଳ୍ପକିଛି ଚଣା ଦିଆଯାଇଥିଲା। ସେହି ଚଣାକୁ ଜଙ୍ଗଲରେ ବୁଲୁଥିବା ସମୟରେ ଭୋକ ଲାଗିଲେ ତିନିଜଣଯାକ ବାଣ୍ଟି ଖାଇବା ପାଇଁ ଗୁରୁମାତା ନିର୍ଦ୍ଦେଶ ଦେଇଥିଲେ।

୭୭। ପରେ ସୁଦାମା କୃଷ୍ଣଙ୍କୁ ଜଙ୍ଗଲରେ ଭେଟିଥିଲେ । କୃଷ୍ଣ କହିଥିଲେ, "ଭାଇ, ମୋତେ ଶୋଷ ଲାଗୁଛି।" ଚଣା ବିଷୟ ନଉଠାଇ ସୁଦାମା କ'ଣ କହିଥିଲେ ଶୁଣନ୍ତୁ।

୭୮। ସୁଦାମା କହିଥିଲେ, "ଖାଲି ପେଟରେ ପାଣି ପିଅନାହିଁ, ଟିକିଏ ବିଶ୍ରାମ ନେଇଯାଅ।" ଚଣା ଖାଇବା କଥା କିନ୍ତୁ ସେ କହିନଥିଲେ। କୃଷ୍ଣ ସୁଦାମାଙ୍କ କୋଳରେ ମୁଣ୍ଡରଖି ଶୋଇଥିଲେ।

୭୯। କୃଷ୍ଣଙ୍କୁ ଶୋଇପଡ଼ିବା ଦେଖି ସୁଦାମା ଚଣା ଖାଇବା ଆରମ୍ଭ କଲେ। "ଭାଇ ! ତମେ କ'ଣ ଖାଉଛ ? ଏ କି ଶବ୍ଦ ହେଉଛି ?" କୃଷ୍ଣ ସେତେବେଳେ ପଚାରିଥିଲେ।

୮୦। "କ'ଣ ଅଛି ଯେ ଖାଇବି ? ଶୀତରେ ମୋ ଦାନ୍ତ ଏମିତି ଠକ୍ ଠକ୍ ହୋଇଯାଉଛି ଯେ ମୁଁ ବିଷ୍ଣୁ[୨] ସହସ୍ରନାମ ମଧ୍ୟ ଠିକ୍ ଭାବରେ ଉଚ୍ଚାରଣ କରିପାରୁନାହିଁ।"

୮୧। ସୁଦାମାଙ୍କ ଉତ୍ତର ଶୁଣିବା ପରେ ସର୍ବଦର୍ଶୀ ଓ ଐଶ୍ୱରିକ ଶକ୍ତିସମ୍ପନ୍ନ କୃଷ୍ଣ କହିଥିଲେ, "ସତରେ ମୁଁ ମଧ୍ୟ ସେହିଭଳି ସ୍ୱପ୍ନଟିଏ ଦେଖିଲି।

୮୨। "ଜଣେ ଅନ୍ୟଜଣକର ଖାଦ୍ୟକୁ ଖାଇଦେଉଥିଲା।

କ'ଣ ଖାଉଛ ବୋଲି ପ୍ରଶ୍ନ ପଚରାଯିବାରୁ ସେ କହିଥିଲେ, 'କ'ଣ ବା ଖାଇପାରିବି ? ଧୂଳି ?'' ଆଉ ସେତିକିବେଳେ ସେ 'ତଥାସ୍ତୁ' ଶବ୍ଦ ଶୁଣିଥିଲେ।

୮୩। "ହେ ଭାଇ ! ହଁ, ଏହା ଏକ ସ୍ୱପ୍ନ । ତୁମେ କ'ଣ ମୋତେ ଭାଗ ନଦେଇ କିଛି ଖାଇ ପାରିବ ? ମୋର ସ୍ୱପ୍ନ ପୂରା ଭାଂଗିନଥିବାରୁ ତୁମେ କ'ଣ ଖାଉଛ ବୋଲି ତୁମକୁ ପଚାରି ଦେଲି।"

୮୪। ସୁଦାମା ଯଦି ତାଙ୍କର ବାଳକ ବୟସରୁ ଶ୍ରୀକୃଷ୍ଣଙ୍କର ଲୀଳା ସମ୍ବନ୍ଧରେ ଜାଣିପାରିଥାନ୍ତେ, ତେବେ ଏଭଳି ଭୁଲ ସେ କେବେ କରିନଥାନ୍ତେ କି ତାହାର ଫଳ ଭୋଗିନଥାନ୍ତେ।

୮୫। ଏହା କିଛି କମ୍ ଯନ୍ତ୍ରଣା ନଥିଲା, କାରଣ ସେ ଅତିଶୟ ଚରମ ଦାରିଦ୍ର୍ୟ ଭୋଗିଥିଲେ। ତେଣୁ ଯେଉଁମାନେ ଏକା ଏକା ଖାଇଥାନ୍ତି, ସେମାନେ ଏକଥା ମନରେ ରଖିବା ଉଚିତ୍।

୮୬। ସୁଦାମାଙ୍କ ଭଳି ଜଣେ ଭକ୍ତ, ଶ୍ରୀକୃଷ୍ଣ ଯାହାଙ୍କର ସଖା, ସେ ମଧ୍ୟ ସଦ୍‌ଗୁଣର ନିୟମକୁ ଭୁଲିଯାଇ ଭୁଲ୍ ଆଚରଣ ଦେଖାଇଥିଲେ ଓ ଏହି ପୃଥିବୀରେ ଅଶେଷ ଯନ୍ତ୍ରଣା ଭୋଗ କରିଥିଲେ।

୮୭। ପରେ ସେ ଯେତେବେଳେ ମୁଠାଏ ଖୁଦଭଜା, ଯାହାକୁ ତାଙ୍କ ପତ୍ନୀ ପରିଶ୍ରମ କରି ଉପାର୍ଜନ କରିଥିଲେ, କୃଷ୍ଣଙ୍କୁ ଅର୍ପଣ କରିଥିଲେ, କୃଷ୍ଣ ପ୍ରୀତ ହୋଇ ତାଙ୍କୁ ସମସ୍ତ ଐଶ୍ୱର୍ଯ୍ୟ ପ୍ରଦାନ କରିଥିଲେ।

୮୮। ଛାଡ଼ନ୍ତୁ। ମୁଁ ଆପଣମାନଙ୍କୁ ଅନ୍ୟ ଗୋଟିଏ କାହାଣୀ କହିବାକୁ ଯାଉଛି ଯାହା ବେଶ୍ ଶିକ୍ଷାଦାୟକ । ଏହା ପ୍ରାରମ୍ଭରେ ଥଟାମଜା ଭାବରେ କୁହାଯାଇଥିବାବେଳେ ଏଥିରେ ଶେଷକୁ ଗଭୀର ଜ୍ଞାନ ପୂରି ରହିଛି।

୮୯। ଏହାକୁ କେତେକ ଆଧ୍ୟାତ୍ମିକ ଲକ୍ଷ୍ୟ ପ୍ରାପ୍ତିର ଉପଦେଶ ଭାବରେ ଗ୍ରହଣ କରିବେ, କେତେକ ଯୁକ୍ତିତର୍କର କୌଶଳ ଭାବରେ ପସନ୍ଦ କରିବେ, କେତେଜଣ ବାକ୍‌ଚାତୁରୀ ହିସାବରେ ଶିଖିବେ ଓ ଆଉ କେତେଜଣ ହାସ୍ୟରସ ଭାବରେ ଏହାକୁ ଉପଭୋଗ କରିପାରିବେ। ସମସ୍ତେ ଖୁସି ହେବେ।

୯୦। ଏଥିରେ ହାସ୍ୟରସ ମଧ୍ୟ ରହିଛି। ଥରେ ଜଣେ ଭଦ୍ରବ୍ୟକ୍ତି ଓ ଜଣେ ଭଦ୍ରମହିଳା ଅତି ଜିଦ୍‌ଖୋର ମନୋଭାବ ନେଇ ଶ୍ରୀସାଇଙ୍କ ଦରବାରରେ କଳିଗୋଳ ଆରମ୍ଭ କରିଦେଇଥିଲେ ଏବଂ କାହାରିକୁ ଅପମାନିତ ନକରି ସେହି ସମସ୍ୟାର ସମାଧାନ କରାଯାଇଥିଲା।

୯୧। ଏହା ଏକ ଚିତ୍ତାକର୍ଷକ କାହାଣୀ। ଶ୍ରୋତାମାନେ ଏହାକୁ ଅଧିକ ମାତ୍ରାରେ ଉପଭୋଗ କରିବେ। ଭକ୍ତମାନେ ନିଜ ନିଜ ମଧ୍ୟରେ କଳି କରୁଥିବା ସମୟରେ ହସ ଲାଗିବ।

୯୨। ଦାମୋଦର ଘନଶ୍ୟାମ ବୋଲି ଜଣେ ଭକ୍ତଙ୍କର ସାଂଗିଆ ଥିଲା ବାବରେ[୩]। ସେ ଅନ୍ନା ଚିଂଚଣୀକର ନାମରେ ପରିଚିତ ଥିଲେ। ବାବାଙ୍କ ପ୍ରତି ତାଙ୍କର ପ୍ରଗାଢ଼ ଭକ୍ତି ଥିଲା।

୯୩। ସ୍ୱଭାବତଃ ସେ ବହୁତ ସ୍ପଷ୍ଟବାଦୀ ଥିଲେ ଓ କାହାରିକୁ ଖାତିର କରୁନଥିଲେ। ସେ ଫଳାଫଳ ପ୍ରତି ଭ୍ରୂକ୍ଷେପ ନକରି, ଭୁଲ କିମ୍ବା ଠିକ୍ ହେଉ ପଛକେ ରୋକଠୋକ୍ କହି ଦେଉଥିଲେ।

ଦାମୋଦର ଘନଶ୍ୟାମ ବାବରେ

୯୪। ସେ ଜଣେ ଧାର୍ମିକ ଓ ଈଶ୍ୱରବିଶ୍ୱାସୀ ଥିଲେ ଓ ସେଥି ସହିତ ଅତିଶୟ କଠୋର ତଥା ନମନୀୟ ମଧ୍ୟ ଥିଲେ। ବୋଧହୁଏ ତାଙ୍କ ମୁଣ୍ଡ ମଧ୍ୟରେ ସବୁବେଳେ ବାରୁଦ ଭର୍ତ୍ତି ହୋଇ ରହୁଥିଲା ଓ ସାମାନ୍ୟ ଅଗ୍ନି ଝଲକରେ ତାହାର ବିସ୍ଫୋରଣ ହେଉଥିଲା।

୯୫। ତାଙ୍କର ସମସ୍ତ କାର୍ଯ୍ୟ ପ୍ରାଣବନ୍ତ ଥିଲା ଓ ସେ ନିର୍ଭୟରେ ସବୁକାମ କରୁଥିଲେ । ତାଙ୍କର ଆଚାର ବ୍ୟବହାର ସିଧାସଳଖ ଥିଲା ଓ ସେ କାହାରିକୁ ଛାଡ଼ି ନ ଦେଇ ରୋକ୍‌ଠୋକ୍ ନଗଦ କାରବାର କରୁଥିଲେ।

୯୬। ହାତ ପାପୁଲିରେ ହୁଏତ ଜଳନ୍ତା ଅଙ୍ଗାର ଖଣ୍ଡିଏ ଧରିହେବ, କିନ୍ତୁ ଅନ୍ନାଚିଂଚଣୀକରଙ୍କର ରାଗକୁ ସମ୍ଭାଳି ହେବନି । ମାତ୍ର ସ୍ୱଭାବରେ ତାଙ୍କର କାହାରି ପ୍ରତି ଦ୍ୱେଷ ବା ଈର୍ଷା ନଥିବାରୁ ବାବା ତାଙ୍କୁ ବହୁତ ଭଲ ପାଉଥିଲେ।

୯୭। ଦିନେ ଅପରାହ୍ଣରେ ମସ୍‌ଜିଦ୍‌ରେ ଚାଲିଥିବା ଦରବାରରେ ଲୋକ ଭର୍ତ୍ତି ହୋଇରହିଥିଲେ। ବାବା ତାଙ୍କର ବାମହାତ ରେଲିଂ ଉପରେ ରଖି ବସିଥିଲେ।

୯୮। ବାବା ନିରପେକ୍ଷ ଓ ନିର୍ଲିପ୍ତ ଭଳି ଜଣା ପଡୁଥିଲେ ମଧ୍ୟ କିଏ ଜାଣେ ସେ ତାଙ୍କର ଦୁଇଜଣ ଭକ୍ତଙ୍କ ମଧ୍ୟରେ କଳି ଲଗାଇଦେଇ ସେମାନେ ଯେତେବେଳେ ରାଗ ଓ

ଅପମାନରେ ଜଳିଗଲେ, ମଧ୍ୟସ୍ଥି ଭାବରେ ଉଭୟ ପକ୍ଷର କଳି ତୁଟାଇ ଦେଇଥିଲେ।

୯୯। ପ୍ରତ୍ୟେକେ ଯିଏ ଯାହା ବାଟରେ ବାବାଙ୍କର ସେବାରେ ଲାଗିଥାନ୍ତି। କେତେଜଣ ତାଙ୍କର ଶରୀରକୁ ଘଷି ଦେଉଥିବା ବେଳେ, କେତେଜଣ ପାଦ ଘଷୁଥାନ୍ତି। ଆଉ କେତେଜଣ ତାଙ୍କର ପିଠି ଓ ପେଟକୁ ଘଷି ଦେଉଥାନ୍ତି।

୧୦୦। ବାବା ଆଜନ୍ମ ବ୍ରହ୍ମଚାରୀ ଥିଲେ। ତାଙ୍କର ଚିନ୍ତା ଭାବନା ଏବଂ ଆଚାରଆଚରଣ ଶୁଦ୍ଧ ଓ ସ୍ୱଚ୍ଛ ଥିଲା। ସେ ଚିର ସଂଯମ ଜୀବନ ଯାପନ କରୁଥିଲେ । ତେଣୁ ଉଭୟ ପୁରୁଷ ଓ ମହିଳାଙ୍କୁ ତାଙ୍କ ସେବାରେ ଲାଗିବାର ଅନୁମତି ଦେଉଥିଲେ।

୧୦୧। ଅନ୍ନା ରେଲିଂ ବାହାରେ ଛିଡ଼ା ହୋଇ, ଆଗକୁ ଟିକିଏ ନଇଁପଡ଼ି, ବାବାଙ୍କର ବାମହାତକୁ ଧୀରେ ଧୀରେ ମୋଡ଼ି ଦେଉଥିଲେ। ସେତେବେଳେ ଡାହାଣ ପାର୍ଶ୍ୱରେ କ'ଣ ହେଉଥିଲା, ଧୀରସ୍ଥିର ଭାବରେ ମନ ଦେଇ ଶୁଣନ୍ତୁ।

୧୦୨। ବାବାଙ୍କୁ ଏକାନ୍ତ ଭକ୍ତି କରୁଥିବା ଜଣେ ଭଦ୍ର ମହିଳା ସେ ପାଖରେ ଥିଲେ। ବାବା ତାଙ୍କୁ 'ମା' ବୋଲି ଡାକୁଥିବା ସମୟରେ ଅନ୍ୟମାନେ ତାଙ୍କୁ 'ମାଉସୀବାଇ' ବୋଲି ଡାକୁଥିଲେ।

୧୦୩। ସମସ୍ତେ ତାଙ୍କୁ ମାଉସୀବାଇ ବୋଲି ଡାକୁଥିଲେ। ତାଙ୍କର ପ୍ରକୃତ ନାମ ବେଣୁବାଇ ଓ ସାଂଗିଆ କୌଜଲଗୀ ଥିଲା। ତାଙ୍କର ବାବାଙ୍କ ପ୍ରତି ଭକ୍ତି ଅତୁଳନୀୟ ଥିଲା।

୧୦୪। ଅନ୍ନାଙ୍କର ବୟସ ପଚାଶ ଟପି ଯାଇଥିଲା ଓ ପାଟିରେ ଅନେକ ଦାନ୍ତ ନଥିଲା। ମାଉସୀବାଇ ବୟସ୍କା ଓ ପରିପକ୍ୱ ଥିଲେ। ଏହି ଦୁଇଜଣଙ୍କ ମଧ୍ୟରେ କଳି ଲାଗିଥିଲା।

୧୦୫। ଅନ୍ନା ଓ ତାଙ୍କର ପତ୍ନୀ ଉଭୟେ ବାବାଙ୍କର ସେବା କରୁଥିଲେ। ମାଉସୀବାଇ ବିଧବା ଥିଲେ। ସେ ବାବାଙ୍କର ପେଟ ଓ ତାହାର ଦୁଇପାଖ ଘଷିବା ସମୟରେ ଅଣନିଃଶ୍ୱାସୀ ହୋଇ ପଡୁଥିଲେ।

୧୦୬। ମାଉସୀବାଇ ଅନାବିଳ ହୃଦୟର ଥିଲେ ଓ ନିଜର ଶକ୍ତି ଅନୁଯାୟୀ ଶ୍ରୀସାଇଙ୍କର ସେବା କରୁଥିଲେ। ସେ ତାଙ୍କର ଦୁଇହାତର ଆଙ୍ଗୁଠିକୁ ମୁଠାକରି ଅଟା ଚକଟିବା ଭଳି ବାବାଙ୍କର ପେଟକୁ ଦଳୁଥିଲେ।

୧୦୭। ବାବାଙ୍କୁ ଦୁଇ ହାତରେ ଧରି ଅଣ୍ଟାରେ ଯେଉଁଠି ବାବା ଧୋତି କଷିକି ବାନ୍ଧିଥାନ୍ତି, ତା'ରି ପାଖରେ, ପେଟକୁ ଆଗପଛ ଟଣାଓଟରା କରି ଦହିଘୋଳି ଲହୁଣୀ ବାହାର କରିବା ପରି ସେ ମନ୍ଥି ପକାଉଥିଲେ ।

୧୦୮। ଶ୍ରୀସାଇନାମ ଜପ କରିବାରେ ମଜ୍ଜି ରହି ମାଉସୀ ବାଇ ନିର୍ଭୟରେ ଘଷି ଚାଲିଥିଲେ। ବାବା ପଦେ ହେଲେ କିଛି ନକହି ବେଶ୍ ଶାନ୍ତ ଓ ସ୍ୱଚ୍ଛନ୍ଦ ଜଣା ପଡୁଥିଲେ।

୧୦୯। ମାଉସୀବାଇଙ୍କ ମାଲିସ୍‌ର ପଦ୍ଧତି ଅସାଧାରଣ ଥିଲା। ସେ ପେଟକୁ ଚିପି ଧରି ଅପରପାର୍ଶ୍ୱରେ ପିଠିସହିତ ଲଗାଇ ଦେଉଥିଲେ। ତାଙ୍କର ଶ୍ରଦ୍ଧା ବାବାଙ୍କ ମନରେ କରୁଣାର ଉଦ୍ରେକ କରୁଥିଲା।

୧୧୦। ଶ୍ରୀସାଇଙ୍କର ଅନାବିଳ ପ୍ରେମ ପରସ୍ପରକୁ ସର୍ବୋତ୍ତମ ସେବାଦେବାରେ ପ୍ରତିଫଳିତ ହେଉଥିଲା। ତେଣୁ ଯେଉଁ ଭକ୍ତମାନେ ନିରନ୍ତର ଶ୍ରୀସାଇଙ୍କୁ ସ୍ମରଣ କରୁଥିଲେ, ସେମାନଙ୍କର କିପରି ମଙ୍ଗଳ ହେବ, ତାହା ଶ୍ରୀସାଇ ଦେଖୁଥିଲେ।

୧୧୧। ଏହି ସନ୍ଥଙ୍କର ସାହଚର୍ଯ୍ୟ ପାଇବା ନିମନ୍ତେ ଆମେ କେତେ ଉତ୍ସର୍ଗୀକୃତ ଅଭ୍ୟାସ କରିନଥିଲୁ ? ତେବେ ବିନମ୍ର ଓ ନିରୀହମାନଙ୍କୁ ଶ୍ରୀସାଇ ନିଶ୍ଚିତଭାବରେ ଭଲ ପାଉଥିଲେ ଓ ଭକ୍ତମାନଙ୍କୁ କେବେ ଅବହେଳା କରୁନଥିଲେ।

୧୧୨। ମନ୍ଥିବା ସମୟରେ ମାଉସୀବାଇ କିଭଳି କୌଶଳ ପ୍ରୟୋଗ କରୁଥିଲେ! ତାହାଦ୍ୱାରା ବାବା ଉପରକୁ ଉଠିଯାଉଥିଲେ ତ ପୁଣି ତଳକୁ ପଡ଼ିଯାଉଥିଲେ। ମହିଳା ଜଣକ ମଧ୍ୟ ସେହିଭଳି ହେଉଥିଲେ। ଏହା ଏକ ଅନନ୍ୟ ଧରଣର ସେବା ଥିଲା।

୧୧୩। ଅନ୍ନା ଆଗକୁ ଝୁଙ୍କି ପଡୁଥିଲେ ମଧ୍ୟ ସ୍ଥିର ରହୁଥିଲେ। ମହିଳା ଜଣକ ବାବାଙ୍କ ସେବାରେ ଏତେ ନିମଜ୍ଜିତ ଥିଲେ ଯେ ପ୍ରତିଥର ସେ ଘଷୁଥିବା ସମୟରେ ତାଙ୍କର ମୁଖ ଉପର ତଳ ହୋଇ ହଲୁଥିଲା। ଶୁଣନ୍ତୁ କ'ଣ ହୋଇଥିଲା।

୧୧୪। ଶ୍ରୀସାଇଙ୍କ ସେବା କରିବାର ପରମ ଆନନ୍ଦରେ ନିମଜ୍ଜିତ ଥାଇ ସେ ବାବାଙ୍କ ପେଟକୁ ଘଷୁ ଘଷୁ ଦୋହଲୁଥିଲାବେଳେ ତାଙ୍କର ମୁହଁ ଅନ୍ନାଙ୍କର ମୁହଁ ପାଖକୁ ଆସିଯାଇଥିଲା ଓ ସେ ଏହା ଲକ୍ଷ୍ୟ କରିଥିଲେ।

୧୧୫। କଥା କହିବାରେ ଅତି ଚତୁରୀ ମାଉସୀବାଇ ଏହି ସୁଯୋଗ ପାଇ କହିଥିଲେ, "କ'ଣ ଅନ୍ନା ! ଲମ୍ପଟ ପୁରୁଷ !

ମୋତେ କ'ଣ ଆଗ ଚୁମା ଦେବାକୁ ଚାହୁଁଛ ?

୧୧୬। "ତୁମର ବାଳ ପାଚିଲାଣି ବୋଲି କ'ଣ ଜାଣିନାହଁ? ମୁଁ ଦେଖିବି ତୁମେ ମୋତେ କିପରି ଚୁମା ଦେବ!" ମାଉସୀବାଇ ଏକଥା କହିବା ପରେ ଅନ୍ନା ତାଙ୍କ ସାର୍ଟକୁ କହୁଣୀ ପର୍ଯ୍ୟନ୍ତ ମୋଡ଼ି ଦେଇଥିଲେ।

୧୧୭। ସେ କହିଥିଲେ, "ମୋତେ ଚରିତ୍ରହୀନ କହୁଛ ? ମୁଁ କ'ଣ ଏମିତି ବୋକା ନା ପୂରା ପାଗଳା ? ତୁମେ ନିଜେ ମୋ ମୁହଁ ପାଖକୁ ତମ ମୁହଁକୁ ଆଣି ମୋ ସହିତ କଳି କରିବାକୁ ଅଣ୍ଟା ଭିଡ଼ିଛ ?

୧୧୮। କଳି ବଢ଼ିଯିବାର ଆଶଙ୍କା କରି, ବାବା ଉଭୟଙ୍କ ପ୍ରତି ଶ୍ରଦ୍ଧା ରହିଥିବା କାରଣରୁ କୌଶଳ ସହକାରେ ଉଭୟଙ୍କୁ ଶାନ୍ତ କରିଥିଲେ।

୧୧୯। ସ୍ନେହ ସହକାରେ ସେ କହିଥିଲେ, "ହେ ଅନ୍ନା! କାହିଁକି ଅଯଥାରେ ପାଟିତୁଣ୍ଡ କରୁଛ ? ମା'କୁ ଚୁମାଦେଲେ କ'ଣ ଅଶୁଦ୍ଧ ହୋଇଯିବ ମୁଁ ବୁଝି ପାରୁନି।"

୧୨୦। ଏକଥା ଶୁଣିବା ପରେ ଉଭୟ ଲଜ୍ଜିତ ହୋଇଥିଲେ। ସେହି ପରିସ୍ଥିତିରେ ଉଚ୍ଚବାଚ ବନ୍ଦ ହୋଇଯାଇଥିଲା। ବାବାଙ୍କର ମଜାଦାର କଥାରେ ସଭିଙ୍କ ଓଠରୁ ହାସ୍ୟରୋଳ ଛୁଟିଥିଲା। ପ୍ରତ୍ୟେକ ବାବାଙ୍କର ହାସ୍ୟରସକୁ ତାରିଫ୍ କରିଥିଲେ ।

୧୨୧। ଆପାତତଃ, ଏହା ଗୋଟିଏ ଛୋଟ କାହାଣୀ ହେଲେ ମଧ୍ୟ ବିଚାରବନ୍ତ ଶ୍ରୋତାଗଣ ଏହାକୁ ଚିତ୍ତାକର୍ଷକ ମନେକରିବେ। କୌଣସି ବିଭ୍ରାଟକୁ କିଭଳି ସାଙ୍ଗେସାଙ୍ଗେ ସମାଧାନ କରାଯାଇଥାଏ, ତାହା ସେମାନେ ଏହି କାହାଣୀରୁ ପରିଷ୍କାର ଭାବରେ ଲକ୍ଷ୍ୟ କରିପାରିବେ।

୧୨୨। ମାତା ଓ ପୁତ୍ରଙ୍କ ମଧ୍ୟରେ ଥିବା ଶ୍ରଦ୍ଧାସ୍ନେହ ଭଳି, ଉଭୟଙ୍କ ମଧ୍ୟରେ ସେମିତି ଶ୍ରଦ୍ଧାସ୍ନେହ ରହିଥିଲେ, ଏଭଳି ପରସ୍ଥିତି ଉପୁଜିନଥାନ୍ତା ଏବଂ ସେମାନଙ୍କ ମନରେ କ୍ରୋଧ ଜାତ ହେବାର ପ୍ରଶ୍ନ ଉଠିନଥାନ୍ତା ।

୧୨୩। ଜଣଙ୍କୁ ଚାବୁକ ମାରିଲେ ହସ ଉଛୁଳି ଉଠେ ଓ ଜଣକ ଉପରେ ପୁଷ୍ପ ବର୍ଷଣ କଲେ ତାହାକୁ କାନ୍ଦ ମାଡ଼ିଲାଭଳି ଲାଗେ। ପ୍ରତିକ୍ରିୟାର ଢେଉ ନିଜର କଳ୍ପନା ଜଳ୍ପନା ଓ ବୁଝାମଣା ଉପରେ ନିର୍ଭର କରେ। ଏହାକୁ କିଏ ବା ଅନୁଭବ କରିନାହିଁ ?

୧୨୪। ବାବାଙ୍କର ସହଜ, ସରଳ କର୍ମକୌଶଳ ମଧ୍ୟରେ ନୂତନତ୍ୱ ଦେଖିବାକୁ ମିଳୁଥିଲା । ସେ ପରିସ୍ଥିତି ଅନୁଯାୟୀ ଉପଯୁକ୍ତ ଶବ୍ଦ ଚୟନ କରୁଥିଲେ ଓ ପରିସ୍ଥିତିକୁ ଶାନ୍ତ କରିଦେଉଥିଲେ । ସେଥି ସଙ୍ଗେ ସଙ୍ଗେ ଭକ୍ତମାନଙ୍କୁ ତାହା ମାଧ୍ୟମରେ ଉପଦେଶ ଦେଉଥିଲେ।

୧୨୫। ସେହିଭଳି ଥରେ ମାଉସୀବାଇ ବାବାଙ୍କର ପେଟ ଉପରେ ଖୁବ୍ ଜୋରରେ ଚାପ ଦେଉଥିବା ସମୟରେ ଜଣେ ଅତ୍ୟନ୍ତ ଅନୁଗତ ଭକ୍ତ ମନରେ ଦୟା ଓ ଆଶଙ୍କା ଅନୁଭବ କରିଥିଲେ।

୧୨୬। ସେ କହିଥିଲେ, "ବାଇ, ଟିକିଏ ଆସ୍ତେକରି ଚିପ ! ଶରୀର ଉପରେ କ'ଣ ଏତେ ଜୋରରେ ଚାପ ପ୍ରୟୋଗ କରାଯାଏ ? ଟିକିଏ ଦୟାକର !ବାବାଙ୍କର ନାଡ଼ୀ ଛିଣ୍ଡିଯିବ।"

୧୨୭। ବାବା ଏହି ବାକ୍ୟ ଶୁଣିବା ମାତ୍ରକେ ଆସନରୁ ଉଠି ପଡ଼ିଥିଲେ, ହାତରେ ସଟ୍‌କା ଉଠାଇନେଇ ଭୂମିରେ ତାହାକୁ ବାଡ଼େଇଥିଲେ।

୧୨୮। ସେ ରାଗରେ ପାଚି ଯାଇଥିଲେ ଓ ତାଙ୍କ ସମ୍ମୁଖରେ କେହି ଛିଡ଼ା ହେବାକୁ ସାହସ କରିପାରିନଥିଲେ। ତାଙ୍କର ଆଖି ରଡ଼ନିଆଁ ଭଳି ଲାଲ ହୋଇ ଯାଇଥିଲା ଓ ସେ ଚାରିଆଡ଼କୁ ଆଖି ତରାଟି ଚାହିଁଥିଲେ।

୧୨୯। ରାତ୍ରିର ଅନ୍ଧକାରରେ ବିରାଡ଼ିର ଆଖି ଚମକୁଥିବା ଭଳି ଦିନବେଳାରେ ତାଙ୍କ ଆଖି ଜଳୁଥିଲା। ଜଣାପଡୁଥିଲା, ସତେ ଯେପରି ତାଙ୍କ ଆଖିରୁ ଏକ ଲେଲିହାନ ଶିଖା ବାହାରି ବିଶ୍ୱବ୍ରହ୍ମାଣ୍ଡକୁ ମୁହୂର୍ତ୍ତକ ମଧ୍ୟରେ ଜାଳିଦେବ।

୧୩୦। ସେ ସଟ୍‌କାର ଗୋଟିଏ ମୁଣ୍ଡକୁ ଦୁଇହାତରେ ଧରି ତାହାକୁ ନିଜ ପେଟର ଖାଲୁଆ ଅଂଶରେ ଚାପି ଧରିଥିଲେ। ବାଡ଼ିର ଅନ୍ୟମୁଣ୍ଡକୁ ତାଙ୍କ ସମ୍ମୁଖରେ ଥିବା ଖୁଣ୍ଟି ଦେହରେ ଲଗାଇ ଦେଇ ଜୋରରେ ଖୁଣ୍ଟକୁ କୁଣ୍ଢାଇ ଧରିଥିଲେ।

୧୩୧। ଦୁଇତିନି ଫୁଟ ଲମ୍ବର ସଟ୍‌କା ପେଟ ଭିତରକୁ ପୂରାପୂରି ପଶିଗଲାଭଳି ଦେଖାଯାଉଥିଲା । ଯେକୌଣସି ମୁହୂର୍ତ୍ତରେ ପେଟ ଫାଟିଯିବ ଓ ବାବାଙ୍କର ପ୍ରାଣବାୟୁ ଉଡ଼ିଯିବ ବୋଲି ସମସ୍ତେ ଆଶଙ୍କା କରିଥିଲେ ।

୧୩୨। ବାବା ଖୁଣ୍ଟର ପାଖ ଆଡ଼କୁ ଲାଗି ଲାଗି ଆସୁଥିଲେ ଅଥଚ ଖୁଣ୍ଟଟି ଅଚଳ ଥିଲା ଓ ଗୋଟିଏ ଜାଗାରେ ଦୃଢ଼

ହୋଇ ଠିଆହୋଇଥିଲା । ଖୁଣ୍ଟ ଦେହରେ ତାଙ୍କର ପେଟ ଅଧିକ ଜୋରରେ ଚାପି ହୋଇଯାଉଥିଲା । ସବୁ ଦର୍ଶକ ଭୟ ପାଇ ଯାଇଥିଲେ ।

୧୩୩ । 'ଏବେ ପେଟ ଫାଟିଯିବ' ବୋଲି ସେମାନେ ଚିନ୍ତା କରି ଦୁଃଖରେ ନିଜ ନିଜର ଆଙ୍ଗୁଠି କାମୁଡୁଥିଲେ । 'ହେ ପ୍ରଭୁ ! କି ଅସହ୍ୟ ପରିସ୍ଥିତି ! ଆମେ ମହାବିପଦ ଆଡ଼କୁ ଟାଣି ହୋଇ ହୋଇ ଯାଉଛୁ ।'

୧୩୪ । ପ୍ରତ୍ୟେକ ବ୍ୟକ୍ତି ଏମିତି ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ । ଏହି ବିପଦ ସମୟରେ କ'ଣ ବା କରାଯାଇ ପାରିବ ? ଏ ସମସ୍ତ ଦୁର୍ଦ୍ଦଶାର ମୂଳ ହେଉଛି ଏହି ମାଉସୀବାଇ ? ଜଣେ ଭକ୍ତଙ୍କ ନିମନ୍ତେ ଏତେ କଠୋର ପରୀକ୍ଷା !

୧୩୫ । କେହି ଭକ୍ତ ବାବାଙ୍କର ସେବା କରୁଥିଲେ, ତାହାକୁ ଅନ୍ୟକେହି ନାପସନ୍ଦ କଲେ କିମ୍ବା ସେଥିରେ କିଛି ସୁଧାର ଆଣିବା ନିମନ୍ତେ ଚାହିଁଲେ କିମ୍ବା ସେବା କରୁଥିବା ବ୍ୟକ୍ତି ଉପରେ କେହି କିଛି ମନ୍ତବ୍ୟ ପ୍ରକାଶ କଲେ, ବାବା ତାହାକୁ ପସନ୍ଦ କରୁନଥିଲେ ।

୧୩୬ । ବାବାଙ୍କର ଆରାମ ନିମନ୍ତେ ଜଣେ ପ୍ରିୟ ଭକ୍ତ ମାଉସୀବାଇଙ୍କୁ ସାମାନ୍ୟ ସୂଚନା ଦେଇଥିଲେ । ତାହାର ଫଳ କ'ଣ ଏଇଆ ?

୧୩୭ । ସେ ଯାହାହେଉ, ଶେଷରେ ପ୍ରଭୁଙ୍କର ଅନୁକମ୍ପା ହୋଇଥିଲା । ଶ୍ରୀସାଇଙ୍କର ହୃଦୟ ଶାନ୍ତ ହୋଇଥିଲା । ସେ ପୁଣି ନିଜ ଆସନରେ ବସିଥିଲେ ଓ ସମସ୍ତଙ୍କୁ ଭୟାତୁର ଅବସ୍ଥାରୁ ମୁକ୍ତି ମିଳିଥିଲା ।

୧୩୮ । ପ୍ରିୟ ଭକ୍ତଜଣକ ନିର୍ଭୟ ହୋଇଥିଲେ ମଧ୍ୟ, ବାବାଙ୍କର କଠୋର ଆଚରଣ ଦେଖି, ଭବିଷ୍ୟତରେ ଏଭଳି ଭୁଲ କେବେ ନକରିବା ପାଇଁ ଶପଥ ନେଇଥିଲେ ।

୧୩୯ । ସେହିଦିନଠାରୁ ସେ ଅନ୍ୟର ବ୍ୟାପାରରେ ମୁଣ୍ଡ ନ ପୂରାଇବାକୁ ସ୍ଥିର କରିଥିଲେ ଓ ଯିଏ ଯାହା ରାସ୍ତାରେ ଯାଆନ୍ତୁ ବୋଲି ଚାହିଁଥିଲେ ।

୧୪୦ । ଶ୍ରୀସାଇ ସମର୍ଥ ନିଜେ ପୂର୍ଣ୍ଣ ଶକ୍ତିଧର ଥିଲେ । ସେ ସେହି ଶକ୍ତିକୁ କେତେବେଳେ ଅଶୁଭକୁ ପ୍ରତିହତ କରିବା ପାଇଁ ଓ କେତେବେଳେ ଶୁଭକୁ ଅନୁଗୃହୀତ କରିବାପାଇଁ ପ୍ରୟୋଗ କରାଯିବ, ତାହା ଜାଣିଥିଲେ । ତାଙ୍କୁ ସେବା କରୁଥିବା ଭକ୍ତମାନଙ୍କର ଭଲ ଓ ମନ୍ଦ ଗୁଣଗୁଡ଼ିକୁ ମଧ୍ୟ ସେ ଜାଣିଥିଲେ । ତେଣୁ ଆମେ ସେଥିରେ ହସ୍ତକ୍ଷେପ କାହିଁକି କରିବା ?

୧୪୧ । 'ଶ୍ରୀସାଇ କାହାର ସେବାକୁ ପସନ୍ଦ କରନ୍ତି କିମ୍ବା କାହାର ସେବାକୁ ନାପସନ୍ଦ କରନ୍ତି'– ଅବଶେଷରେ ତାହା ହେଉଛି ଆମେ ଯେମିତି କଥାଟାକୁ ବୁଝିଥାଉ । ସତ୍ୟ କାହାରିକୁ ଜଣାନାହିଁ ।

୧୪୨ । ଏହି ଥଟାମଜା ଢେର ହୋଇଗଲା । ଯେଉଁମାନେ ଏଥିରୁ ଶିକ୍ଷାଲାଭ କରିବାକୁ ଚାହାନ୍ତି, ତାହା କରନ୍ତୁ । ଶ୍ରୀସାଇଙ୍କ କାହାଣୀଗୁଡ଼ିକରୁ ଭକ୍ତମାନେ ମଧୁ ପାନ କରନ୍ତୁ, ରସ ଆସ୍ୱାଦନ କରନ୍ତୁ ଓ ସୁଗନ୍ଧ ଆଘ୍ରାଣ କରନ୍ତୁ ।

୧୪୩ । ହେମାଡ଼ ଶ୍ରୀସାଇଙ୍କ ପଦରେ ଶରଣାଗତ ହେଉଛି । ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଅଧିକ ନିଗୂଢ଼ । କରୁଣାସାଗର ଶ୍ରୀସାଇ ଭକ୍ତ ଦାମୋଦରଙ୍କର ମନସ୍କାମନା ପୂରଣ କରିଥିଲେ ।

୧୪୪ । ତାହା ମଧ୍ୟ ଏକ ଅତୀବ ଅଲୌକିକ ଘଟଣା । ଦାମୋଦର ତାଙ୍କ ଜୀବନରେ ବହୁତ ଦୁଃଖକଷ୍ଟ ଭୋଗିଥିଲେ । ବାବା ନିଜ ପାଖକୁ ତାଙ୍କୁ ଡକାଇ ଆଣିଥିଲେ ଓ ତାଙ୍କର କଷ୍ଟ ଲାଘବ କରିଥିଲେ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଚମତ୍କାର ହାସ୍ୟରସ" ଶୀର୍ଷକ ଚତୁର୍ବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧– ଗୁରୁ ସନ୍ଦିପନୀ ।

୨– ବିଷ୍ଣୁଙ୍କର ସହସ୍ରନାମ ମଧ୍ୟରେ ଥିବା ନାମ ।

୩– ସେ ଓ ତାଙ୍କର ପତ୍ନୀ ଦୀର୍ଘକାଳ ଶିରିଡ଼ିରେ ବିତାଇଛନ୍ତି । ତାଙ୍କ ପତ୍ନୀ ପ୍ରଥମେ ଇହଧାମ ତ୍ୟାଗ କରିଥିଲେ । ସେ ତାଙ୍କର ସମସ୍ତ ସମ୍ପତ୍ତି ଶିରିଡ଼ି ସଂସ୍ଥାନକୁ ଦାନ କରି ଦେଇ ଯାଇଛନ୍ତି ।

॥ ୨୪ ॥

ମନସ୍କାମନା ପୂରଣ କରି ଭକ୍ତଙ୍କ ମଙ୍ଗଳସାଧନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇ ମହାରାଜ, କରୁଣା ସାଗର, ଈଶ୍ୱରଙ୍କର ବିବିଧ ଅବତାର, ପରଂବ୍ରହ୍ମ, ମହାଯୋଗେଶ୍ୱର ଆପଣଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି ।

୨ । ଶ୍ରୀସାଇ ସମର୍ଥ, ଆପଣଙ୍କର ଜୟ ହେଉ ! ସନ୍ଥମାନଙ୍କର ମଉଡ଼ମଣି, ସର୍ବମଙ୍ଗଳର ଆବାସ, ସମସ୍ତ ଭକ୍ତଙ୍କର ଆଶ୍ରୟସ୍ଥଳ ! ଆପଣଙ୍କ ପାଖରେ ମୁଁ ନତମସ୍ତକ ହେଉଛି । ମୋର ସମସ୍ତ ଇଚ୍ଛା ପୂରଣ ହୋଇଯାଇଛି । ମୁଁ ଆପଣଙ୍କୁ ପ୍ରଣାମ କରୁଅଛି ।

୩ । ଗତ ଅଧ୍ୟାୟରେ ବାବାଙ୍କର ବିଚକ୍ଷଣତା ଓ ହାସ୍ୟରସ ସମ୍ପର୍କରେ ନିବିଡ଼ ଅନୁଧ୍ୟାନ ଓ ବର୍ଣ୍ଣନା କରାଯାଇଛି । ଭକ୍ତପ୍ରିୟ ଶ୍ରୀସାଇ ତାଙ୍କର ଭକ୍ତମାନଙ୍କୁ ସବୁ ସମୟରେ ଖୁସିରେ ରଖିଥାନ୍ତି ।

୪ । ଶ୍ରୀସାଇ ପ୍ରଚୁର ଅନୁକମ୍ପାର ମୂର୍ତ୍ତିମନ୍ତ ରୂପ । ତାଙ୍କ ପାଖରେ କେବଳ ଏକାନ୍ତ ଭକ୍ତି ଆବଶ୍ୟକ । ଯେଉଁ ଭକ୍ତର ଭକ୍ତି ଓ ବିଶ୍ୱାସ ରହିଛି, ତାହାର କୌଣସି ଇଚ୍ଛା ଅପୂରଣୀୟ ରହିବ ନାହିଁ ।

୫ । ଶ୍ରୀକୃଷ୍ଣ ଉଦ୍ଧବଙ୍କୁ କହିଥିଲେ: "ମୁଁ ହିଁ ସଦ୍‌ଗୁରୁ ।" ଏଭଳି ସଦ୍‌ଗୁରୁଙ୍କୁ ଶ୍ରଦ୍ଧା ସହକାରେ ପୂଜା କରାଯିବା ଉଚିତ । ଏହାକୁ ଏକନିଷ୍ଠ ବା ଅନୁପମ ଭକ୍ତି କୁହାଯାଇଥାଏ ।

୬ । ଶ୍ରୀସାଇଙ୍କ ଜୀବନଚରିତ ଲେଖିବା ନିମିତ୍ତ ମୋ ମନ ମଧ୍ୟରେ ଇଚ୍ଛାର ଉଦ୍ରେକ ହୋଇଥିଲା । ଯେଉଁ ଲୀଳାଗୁଡ଼ିକ ଅତି ଚମତ୍କାର ଓ ଶ୍ରବଣଯୋଗ୍ୟ, ସେ ସେହିଗୁଡ଼ିକୁ ବାଛିଥିଲେ ଓ ମୋ ଦ୍ୱାରା ତତ୍‌କ୍ଷଣାତ୍ ଲେଖାଇ ନେଇଥିଲେ ।

୭ । ମୋର ଶାସ୍ତ୍ରଜ୍ଞାନ କିମ୍ବା ଲେଖିବାର ଶକ୍ତି ନଥିଲେ ମଧ୍ୟ ଭକ୍ତମାନଙ୍କ ମଧ୍ୟରେ ସଚେତନତା ଆଣିଦେବା ନିମନ୍ତେ, ସେ ମୋ ଭଳି ନଗଣ୍ୟକୁ ପ୍ରେରଣାଦେଇ ମୋ ଦ୍ୱାରା ପୁସ୍ତକ ଲେଖାଇ ନେଇଥିଲେ ।

୮ । ସେ ଯେତେବେଳେ "ଟିପି ରଖ" ବୋଲି ଆଦେଶ ଦେଉଥିଲେ, ସେତେବେଳେ ମୋର ସାମାନ୍ୟ ବୁଦ୍ଧି ଟିକକ ଜ୍ଞାନ ଓ ସାହସ ଦ୍ୱାରା ଋଦ୍ଧିମନ୍ତ ହୋଇଗଲା ।

୯ । ପ୍ରଗାଢ଼ ସଦ୍‌ଗୁଣର ଅଧିକାରୀ ଶ୍ରୀସାଇନାଥ ତାଙ୍କ ଭକ୍ତମାନଙ୍କର ଉତ୍‌ଥାନ ନିମିତ୍ତ ତାଙ୍କର କାହାଣୀଗୁଡ଼ିକୁ ଏକତ୍ର ସଂକଳିତ କରାଇବେ ବୋଲି ତତ୍‌କ୍ଷଣାତ ମୁଁ ସାହସ ବାନ୍ଧିଥିଲି ।

୧୦ । ନଚେତ୍, ସନ୍ଥଙ୍କ ପାଦତଳେ ଅର୍ପିତ ପ୍ରସାଦର ପାୟସଂ ଭଳି ଏହି ଅମୃତୋପମ ଜୀବନଚରିତକୁ ଭାଷାରେ ପ୍ରକାଶ କରିବାକୁ ମୁଁ ସାହସ କରିପାରିଥାନ୍ତି କି ?

୧୧ । ତୃଷାର୍ତ୍ତଙ୍କୁ ଜଳଦାନ କରାଯାଉଥିବା ସ୍ଥାନରେ

ଶ୍ରୀସାଇଙ୍କର ଏହି କାହାଣୀ ଭକ୍ତମାନଙ୍କ ନିମନ୍ତେ ଜଳ ବଦଳରେ ଅମୃତ ଭଳି। ଶ୍ରୀସାଇଙ୍କ କୃପାରୁ ମନଭରି ପାନ କରନ୍ତୁ । କାରଣ ଏହା ସଂସାରର ସମସ୍ୟାଗୁଡ଼ିକୁ ଦୂର କରିଥାଏ ।

୧୨। ଏହା କେବଳ କାହାଣୀ ନୁହେଁ, ଏହା ହେଉଛି ସୋମକାନ୍ତ[୨] ମଣି । ଏଥିରୁ ଶ୍ରୀସାଇଙ୍କର କାହାଣୀଗୁଡ଼ିକ ଝରିଥାଏ ଚନ୍ଦ୍ରରୁ ଅମୃତ ସଦୃଶ ଝରୁଥିବା କିରଣ ଭଳି । ଆଉ ଏହି ଚନ୍ଦ୍ରକିରଣକୁ ଚକୋର ପାନ କଲାଭଳି, ଏହି କାହାଣୀରୁ ଝରୁଥିବା ଅମୃତକୁ ତୃଷାର୍ତ୍ତ ଭକ୍ତମାନେ ପେଟପୂରା ପାନ କରିପାରିବେ।

୧୩। ହେ ପ୍ରିୟ ଭକ୍ତଗଣ ! ସମ୍ପୂର୍ଣ୍ଣ ମନଧ୍ୟାନ ଦେଇ ବିନା ବାଧାରେ ଏବେ ଶ୍ରୀସାଇଙ୍କର ଏହି ପବିତ୍ର କାହାଣୀଗୁଡ଼ିକୁ ଶୁଣିଲେ, କଳିଯୁଗରେ ଦେଖାଦେଉଥିବା ସମସ୍ତ ପାପ ନାଶ ହୋଇଯିବ।

୧୪। ଏକନିଷ୍ଠ ବିଶ୍ୱାସ ରହିଥିଲେ ଭକ୍ତର ସମସ୍ତ ବିପଦ ଦୂର ହୋଇଯାଇଥାଏ ଓ ସେ ଏକାନ୍ତ ଭାବରେ ଚାହୁଁଥିବା ସମସ୍ତ କିଛି ପ୍ରାପ୍ତ ହୋଇଥାଏ। ସମସ୍ତ ବାଧା ବିଘ୍ନ କଟିଯାଇଥାଏ।

୧୫। ସେହିଭଳି ଏକ କାହାଣୀ ଏଠାରେ କୁହାଯାଉଅଛି । ଏଥିରୁ ଶ୍ରୀସାଇଙ୍କର ଭକ୍ତମାନଙ୍କ ପ୍ରତି ଥିବା ଶ୍ରଦ୍ଧା ସମ୍ପର୍କରେ ଜାଣିହେବ। ଶ୍ରୋତାମାନେ ଏହାକୁ ସମ୍ମାନଦେଇ ଶୁଣନ୍ତୁ। ନିଶ୍ଚୟ ଆନନ୍ଦିତ ହେବେ।

୧୬। ଏଣୁ ଏହି ଚମତ୍କାର କାହାଣୀକୁ ସମ୍ପୂର୍ଣ୍ଣ ଲୟରେ ଶୁଣିଲେ ଗୁରୁମାୟୀଙ୍କ ଦୟାସାଗରକୁ ଅନୁଭବ କରିପାରିବେ !

୧୭। ଏହା ଗୋଟିଏ କ୍ଷୁଦ୍ର କାହାଣୀ ହୋଇଥିଲେ ମଧ୍ୟ, ଏଥିରୁ ମିଳୁଥିବା ନୀତିଶିକ୍ଷା ଯୋଗୁଁ, ଏହାର ପଟାନ୍ତର ନାହିଁ । ଟିକିଏ ଧ୍ୟାନ ଦେଲେ ସବୁ ଅସୁବିଧା ଦୂର ହୋଇଯିବ।

୧୮। ଦାମୁ ଅନ୍ନା ନାମକ ଜଣେ ସ୍ୱଚ୍ଛଳ ଭକ୍ତ ଅହମଦନଗରର ଜଣାଶୁଣା କାଚଚୁଡ଼ି ବ୍ୟବସାୟୀ ଥିଲେ। ସେ ଶ୍ରୀସାଇଙ୍କର ପରମ ଭକ୍ତ ଥିଲେ।

୧୯। ସେହି ଶ୍ରେଷ୍ଠ ଭକ୍ତଙ୍କର କାହାଣୀ ଶୁଣିବାକୁ ଭଲ ଲାଗିବ ଓ ଶ୍ରୀସାଇ ତାଙ୍କ ଭକ୍ତମାନଙ୍କୁ ତତ୍‌କ୍ଷଣାତ୍ ଦେଉଥିବା ସୁରକ୍ଷା ସମ୍ବନ୍ଧରେ ସ୍ପଷ୍ଟ ଭାବରେ ଜାଣିହେବ।

୨୦। ପ୍ରତିବର୍ଷ ରାମନବମୀ ଉତ୍ସବ ଦିନ ଦୁଇଟି ବଡ଼ ନୂଆ ପତାକାକୁ ଶିରିଡ଼ି ଗ୍ରାମ ମଧ୍ୟରେ ଶୋଭାଯାତ୍ରାରେ ନିଆଯାଇଥାଏ। ସେଠାରେ ସମସ୍ତେ ଏ କଥା ଜାଣିଛନ୍ତି।

୨୧। ଏହି ପତାକା ଦୁଇଟି ମଧ୍ୟରୁ ଗୋଟିଏ ନିମୋଣକର ଓ ଅନ୍ୟଟି ଏହି ଦାମୁ ଅନ୍ନା ଦେଇଥାଆନ୍ତି। ଏହି ରୀତି ଅବିଚ୍ଛିନ୍ନ ଭାବରେ ବହୁ ବର୍ଷ ହେଲା ସେମାନଙ୍କର ପ୍ରେମ ଓ ଭକ୍ତିର ନିଦର୍ଶନ ସ୍ୱରୂପ ଚାଲି ଆସୁଛି।

୨୨। ଦାମୁ ଅନ୍ନାଙ୍କର ଦୁଇଟି ପତ୍ନୀ ଥିଲେ ମଧ୍ୟ କୌଣସି ସନ୍ତାନ ନଥିଲେ। ଶ୍ରୀସାଇଙ୍କ କୃପାଲାଭ ପରେ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହୋଇଥିଲା।

୨୩। ତାହାପରେ ସେ ରାମନବମୀ ଉତ୍ସବ ପାଇଁ ଗୋଟିଏ ପତାକା ଯୋଗାଇ ଦେବାକୁ ଶପଥ କରିଥିଲେ ଓ ପ୍ରତିବର୍ଷ ଶୋଭାଯାତ୍ରାରେ ଏହି ପତାକା ନେବା ପ୍ରଥା ସେହି ସମୟଠାରୁ ଆରମ୍ଭ ହୋଇଥିଲା।

୨୪। କୋଣ୍ଡ୍ୟା ବଢ଼େଇ ଘରଠାରୁ ଶୋଭାଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଥାଏ। ସେହିଠାରୁ ପତାକାଗୁଡ଼ିକୁ ଶୋଭାଯାତ୍ରାରେ ବାଦ୍ୟ ଓ ସଂଗୀତର ମୂର୍ଚ୍ଛନା ଭିତରେ ନିଆଯାଇଥାଏ।

୨୫। ଏହି ଦୁଇ ପତାକା ମସ୍‌ଜିଦ୍‌ର ଦୁଇକୋଣରେ ବାନ୍ଧି ଦିଆଯାଇଥାଏ। ପ୍ରତିବର୍ଷ ଉତ୍ସବ ଆରମ୍ଭ ହେବାର ଏହାହିଁ ଶୁଭ ସଂକେତ।

୨୬। ଆଗନ୍ତୁକ ଫକୀରମାନଙ୍କୁ ସେହି ସମୟରେ ଭୂରିଭୋଜନ ଦିଆଯାଇଥାଏ। ଏହି ବ୍ୟବସାୟୀ ରାମନବମୀକୁ ପ୍ରତିବର୍ଷ ଏହିଭଳି ପାଳନ କରୁଥିଲେ।

୨୭। ଶ୍ରୋତାମାନଙ୍କର ହିତରେ ମୁଁ ବର୍ତ୍ତମାନ ସେହି ଦାମୁ ଅନ୍ନାଙ୍କର କାହାଣୀ ଉପସ୍ଥାପନ କରୁଅଛି। ମନ ଦେଇ ଶୁଣିଲେ ଶ୍ରୀସାଇଙ୍କର ଶକ୍ତି ସମ୍ପର୍କରେ ହୃଦୟଙ୍ଗମ କରିହେବ ।

୨୮। ବମ୍ବେଇରୁ ତାଙ୍କର ଜଣେ ବନ୍ଧୁ ତାଙ୍କ ନିକଟକୁ ଖବର ପଠାଇଥିଲେ ଯେ ଦୁଇଲକ୍ଷ ଟଙ୍କା ଲାଭ ମିଳିବାର ସମ୍ଭାବନା ଥିବା ଏକ କାରବାରରେ ସେ ଅଂଶ ଗ୍ରହଣ କରିବେ କି ?

୨୯। "ଆମେ ଦୁହେଁ ମିଶି ଏହି କାର୍ଯ୍ୟ କରିବା ଓ ପ୍ରତ୍ୟେକେ ଲକ୍ଷେ ଟଙ୍କା ଲେଖାଁ ପାଇବା। ଶୀଘ୍ର ଉତ୍ତର

ଦିଅ। ଏ କାରବାର ସ୍ୱଚ୍ଛ ଓ ଏଥିରେ କୌଣସି ବିପଦର ସମ୍ଭାବନା ନାହିଁ।

୩୦। "ଆମେ ଏବେ କଞ୍ଚା ତୁଳା କିଣିନେବା। ପରେ ଦର ବହୁତ ବଢ଼ିଯିବ। ଯଦି ଠିକ୍ ସମୟରେ କାରବାର ନକରିବା, ତେବେ ଆମେ ପରେ ନିଶ୍ଚୟ ପସ୍ତେଇବା।"

୩୧। ଅନ୍ନା ଏହି ସୁଯୋଗ ଛାଡ଼ି ଦେବାକୁ ଚାହୁଁନଥିଲେ । ତେଣୁ ତାଙ୍କର ମନ ବିଚଳିତ ହୋଇଥିଲା। ବନ୍ଧୁଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିବା ସତ୍ତ୍ୱେ ସେ ଦୃଢ଼ ନିଷ୍ପତ୍ତି ନେଇ ପାରୁନଥିଲେ।

୩୨। ଏହି କାରବାରରେ ସେ ପଶିବେ କି ନାହିଁ ସେହି ବିଷୟରେ ଅନ୍ନା ଚିନ୍ତା କରିବାରେ ଲାଗିଥିଲେ। "ହେ ପ୍ରଭୁ! କ'ଣ କେମିତି ହେବ?" ସେ ଏ ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ।

୩୩। ଦାମୁ ଅନ୍ନା ଶିଷ୍ୟ ହିସାବରେ ଶ୍ରୀସାଇଙ୍କୁ ଚିଠି ଲେଖିଥିଲେ- "ବାବା! ମୋର ସ୍ୱାଧୀନ ଭାବରେ ନିଷ୍ପତ୍ତି ନେବାର ନାହିଁ। ଆପଣ ହିଁ ମୋର ରକ୍ଷାକର୍ତ୍ତା।

୩୪। "ଏମିତି ଦେଖିଲେ, ଏହି କାରବାରରେ ପଶିବାକୁ ମୋର ଇଚ୍ଛା ହେଉଛି। ଏଥିରେ ଲାଭ ହେବ ନା କ୍ଷତି ହେବ? ମୋତେ ଦୟାକରି ଜଣାନ୍ତୁ।"


ମାଧବରାଓ ଦେଶପାଣ୍ଡେ ଓରଫ୍ ଶାମା

୩୫। ଚିଠିଟି ମାଧବରାଓଙ୍କର ଠିକଣାରେ ପଠାଇ ସେ ତାଙ୍କୁ ଅନୁରୋଧ କରିଥିଲେ: "ଦୟାକରି ବାବାଙ୍କୁ ଏହା ପଢ଼ି ଶୁଣାଇଦେବ। ମୁଁ ଏ ସମ୍ପର୍କରେ ତାଙ୍କର ନିର୍ଦ୍ଦେଶ ଜାଣିବାକୁ ଚାହୁଁଛି। ବେପାରଟା ଭଲ ବୋଲି ଜଣାପଡୁଛି।"

୩୬। ମାଧବରାଓ ତା'ପରଦିନ ଅପରାହ୍ଣରେ ଚିଠିଟିକୁ ପାଇଥିଲେ। ସେ ତାହାକୁ ମସ୍‌ଜିଦ୍‌କୁ ନେଇଯାଇଥିଲେ ଓ ବାବାଙ୍କର ପାଦତଳେ ରଖିଦେଇଥିଲେ।

୩୭। "ଶାମା ଇଏ କ'ଣ? ଏତେ ତରବର କାହିଁକି? ଏଇଟା କି କାଗଜ ମୋ ପାଦତଳେ ରଖିଲ?" ବାବା ପଚାରିଥିଲେ। "ବାବା! ଅହମଦନଗରରୁ ଦାମୁ ସେଠ୍ ଆପଣଙ୍କଠୁ କିଛି ଜାଣିବା ପାଇଁ ଚାହୁଁଛନ୍ତି।"

୩୮। "ସେ କ'ଣ ଲେଖିଛି? ତାହାର ଏବେ ଯୋଜନା କ'ଣ? ଯାହା ଜଣାପଡୁଛି ସେ ଆକାଶକୁ ଛୁଇଁବା ପାଇଁ ଚାହୁଁଛି। ଭଗବାନ ତାକୁ ଯାହା ଦେଇଛନ୍ତି, ସେ ସେଥିରେ ସନ୍ତୁଷ୍ଟ ନୁହେଁ।"

୩୯। "ପଢ଼ନ୍ତୁ, ଏହି ଚିଠିଟିକୁ ପଢ଼ନ୍ତୁ। ଆପଣ ଯାହା ଯାହା କହିଗଲେ ଦାମୁ ଅନ୍ନାଙ୍କ ଚିଠିର ମର୍ମ ଠିକ୍ ସେୟା, ତାହା ଅକ୍ଷରେ ଅକ୍ଷରେ ସତ" ବୋଲି ଶାମା କହିଥିଲେ।

୪୦। "ପ୍ରଭୁ! ଆପଣ ଚୁପଚାପ୍ ବସିରହି ଭକ୍ତମାନଙ୍କୁ ଗୋଳମାଳରେ ପକାଉଛନ୍ତି। ଯେତେବେଳେ ସେମାନେ ମାନସିକ ସ୍ତରରେ ବିଚଳିତ ହୋଇଥାନ୍ତି, ସେତେବେଳେ ଆପଣ ସେମାନଙ୍କୁ ନିଜ ପାଦତଳକୁ ନେଇ ଆସିଥାନ୍ତି।

୪୧। "କେତେଜଣଙ୍କୁ ଆପଣ ନିଜେ ଏଠାକୁ ଟାଣି ଆଣିଥାନ୍ତି ଆଉ କେତେଜଣଙ୍କୁ ଚିଠି ଲେଖାଇଥାଆନ୍ତି। ଆପଣ ଯଦି ଚିଠିର ଗୁପ୍ତ ବିଷୟକୁ ପୂର୍ବରୁ ପ୍ରକାଶ କରିଦିଅନ୍ତି, ତେବେ ଚିଠି ପଢ଼ିବା ପାଇଁ କାହିଁକି କହୁଛନ୍ତି?"

୪୨। "ହେ ଶାମା! ପଢ଼, ପଢ଼। ମୋତେ କାହିଁକି ବିଶ୍ୱାସ କରୁଛ? ମୋ ମନକୁ ଯାହା ଆସେ, ମୁଁ ତାହା କହିପକାଏ।"

୪୩। ତା'ପରେ ମାଧବରାଓ ଚିଠିଟିକୁ ପଢ଼ିଥିଲେ। ବାବା ମନଦେଇ ଶୁଣିଥିଲେ ଓ ଆନ୍ତରିକତାର ସହ କହିଥିଲେ, "ସେଠ୍‌ର ବୁଦ୍ଧିଶୁଦ୍ଧି ଚାଲିଗଲାଣି।

୪୪। "ତାକୁ ଉତ୍ତରରେ ଲେଖିଦିଅ- ତା' ଘରେ କ'ଣ ବା ଅଭାବ ଅଛି? ସେ ସେଇ ଫାଳେ ରୁଟି ଖାଇ ସନ୍ତୁଷ୍ଟ ରହୁ, ଲକ୍ଷେ ପାଇଁ ମନ ନବଳାଉ।"

୪୫। ଦାମୁ ଅନ୍ନା ଅଧୈର୍ଯ୍ୟ ହୋଇ ଉତ୍ତର ନିମିତ୍ତ ଅପେକ୍ଷା କରୁଥିଲେ। ଚିଠି ପହଂଚିବା ମାତ୍ରେ ସେ ତାକୁ ପଢ଼ିଥିଲେ।

୪୬। ଦାମୁ ସେଠ୍ ଚିଠି ପଢ଼ି ନିରାଶ ହୋଇଥିଲେ। ତାଙ୍କର ଆଶାର ଦୁର୍ଗ ଧୂଳିସାତ୍ ହୋଇଯାଇଥିଲା। ତାଙ୍କର କଳ୍ପବୃକ୍ଷ ମୂଳରୁ ଉପୁଡ଼ି ଯାଇଥିଲା।

୪୭। 'ମୁଁ ଯଦି ବର୍ତ୍ତମାନ ଲକ୍ଷେ ଟଙ୍କା ଆୟ କରିବି, ସେଥିରୁ ଅଧା କରଜରେ ଲଗାଇ ସୁଧ ପାଇବି ଓ ଶୀଘ୍ର ଲକ୍ଷପତି ହୋଇଯିବି । ଆଉ ଅହମଦନଗରରେ ଖୁସିରେ ରହିବି।'

୪୮। ଏ ଯେଉଁ ପ୍ରାସାଦ ସେ ଆକାଶରେ ଗଢ଼ିଥିଲେ, ତାହା ସେହିଠାରେହିଁ ଚୂର୍ଣ୍ଣୀଭୂତ ହୋଇଗଲା। ଦାମୁ ଅନ୍ନା ବହୁତ ଭାଂଗି ପଡ଼ିଥିଲେ। 'ବାବା କ'ଣ କଲେ?'

୪୯ । 'ବାବାଙ୍କୁ ସେଇ ଚିଠି ଲେଖିବା ମୋର ଭୁଲ ଥିଲା। ମୁଁ ମୋର ଦୁର୍ଭାଗ୍ୟକୁ ନିଜେ ଡାକି ଆଣିଛି। ମୋ ପାଇଁ ପରଷା ହୋଇଥିବା ଖାଦ୍ୟଥାଳି ଆସିବା ମାତ୍ରେ ମୁଁ ତାକୁ ଗୋଇଠା ମାରିଦେଲି।'

୫୦ । ସେ ଯାହାହେଉ, ଦାମୁ ଅନ୍ନାଙ୍କ ପାଖକୁ ଆସିଥିବା ସେଇ ଚିଠିରେ ସୂଚନା ଦିଆଯାଇଥିଲା ଯେ "ଦେଖିବା ଓ ଶୁଣିବା ମଧ୍ୟରେ ପ୍ରଭେଦ ରହିଛି। ତୁମେ ନିଜେ ଏଠାକୁ ଆସ"।

୫୧ । ମାଧବରାଓ ଏହିଭଳି ସୂଚନା ଦେଇଥିଲେ। 'ମୁଁ ମଧ୍ୟ ଭାବୁଛି ଯେ ମୁଁ ନିଜେ ଯିବି। ତାହା ହୁଏତ ମଙ୍ଗଳକର ହେବ। ବୋଧହୁଏ ସେ ଅନୁମତି ଦେବେ।'

୫୨ । ଏହି କଥା ଚିନ୍ତାକରି ଅନ୍ନା ଶିରିଡ଼ି ଆସିଥିଲେ ଓ ବାବାଙ୍କୁ ଦଣ୍ଡବତ କରି ପାଖରେ ବସିଥିଲେ।

୫୩। ସେ ବାବାଙ୍କ ପାଦକୁ ଧୀରେ ଧୀରେ ଚିପିଦେଉଥିଲେ ମଧ୍ୟ ପଚାରିବା ନିମନ୍ତେ ସାହସ କରିପାରୁନଥିଲେ। ସେ ମନେ ମନେ ଚିନ୍ତା କଲେ ଯେ ଲାଭର କିଛି ଅଂଶ ସେ ବାବାଙ୍କ ପାଇଁ ରଖିଦେବା ଉଚିତ ହେବ।

୫୪ । 'ଶ୍ରୀସାଇନାଥ, ଏହି ବେପାରରେ ଆପଣ ମୋତେ ସାହାଯ୍ୟ କଲେ ଲାଭରୁ କିଛି ଅଂଶ ଆପଣଙ୍କୁ ଦେବି ଓ ଆପଣଙ୍କ ନିକଟରେ ଚିରକୃତଜ୍ଞ ରହିବି' ବୋଲି ସେ ମନରେ ଭାବିଥିଲେ।

୫୫ । ସେ ବାବାଙ୍କ ଚରଣତଳେ ମୁଣ୍ଡ ରଖିଥିଲେ ଓ କିଛି ସମୟ ଏହିଭଳି ରହିଥିଲେ। ମନୁଷ୍ୟର ପ୍ରକୃତି ହେଉଛି, ନିଷ୍ପତ୍ତି ନେବା ଓ ପୁଣି ଦୋଦୋପାଞ୍ଚ ହେବା । ବେପାର ସମ୍ପର୍କରେ ସେଇଭଳି ଭାବନା ତାଙ୍କ ମନ ଭିତରେ ଗୁଡ଼େଇ ତୁଡ଼େଇ ହେଉଥିଲା।

୫୬। ଭକ୍ତମାନେ କ'ଣ କଲେ ନିଜର ପ୍ରକୃତ ମଙ୍ଗଳ ହେବ, ତାହା ନ ବୁଝି ନାନା ଇଚ୍ଛା ପୋଷଣ କରିଥାନ୍ତି। କେବଳ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ଜାଣିପାରୁଥିବା ଗୁରୁହିଁ ଭକ୍ତମାନଙ୍କର ହିତାହିତ ସମ୍ପର୍କରେ ଜାଣି ପାରିଥାନ୍ତି।

୫୭। ଜଣେ ନିଜର ଭାବନାକୁ ଯେତେ ଲୁଚାଇ ରଖିଲେ ମଧ୍ୟ, ଶ୍ରୀସାଇ ସମର୍ଥ ସମସ୍ତଙ୍କ ହୃଦୟ ମଧ୍ୟରେ ସାକ୍ଷୀରୂପେ ବାସକରି ତାହାର ଅନ୍ତର୍ନିହିତ ଭାବନାକୁ ଜାଣିପାରିଥାନ୍ତି।

୫୮। ଯଦି କେହି ଶ୍ରଦ୍ଧା ସହକାରେ ନିଜର ଉଦ୍ଦେଶ୍ୟକୁ ବ୍ୟକ୍ତ କରି ଶ୍ରୀସାଇଙ୍କ ଚରଣଯୁଗଳରେ ଉପସ୍ଥାପନ କରେ ଓ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଅନୁମତି ପ୍ରାର୍ଥନା କରେ, ବାବା ତାହାକୁ ଠିକ୍ ବାଟ ଦେଖାଇଥାନ୍ତି ।

୫୯ । ଏହା ବାବାଙ୍କର ପ୍ରତିଜ୍ଞା ଥିଲା ଓ ସମସ୍ତ ଭକ୍ତ ତାହା ଜାଣିଥିଲେ। ଯିଏ ସମ୍ପୂର୍ଣ୍ଣ ଶରଣାଗତ ହେଉଥିଲା, ତାହାର ସମସ୍ତ ବାଧାବିଘ୍ନ ସେ ଦୂର କରିଦେଉଥିଲେ।

୬୦। ଗୁରୁ ହେଉଛନ୍ତି ପ୍ରକୃତ ପିତାମାତା। ଜନ୍ମ ଜନ୍ମ ଧରି ସେ ଅଭିଭାବକ ଓ ରକ୍ଷାକର୍ତ୍ତା । ସେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ସେ କର୍ତ୍ତା ଓ ସିଏହିଁ ସବୁକାର୍ଯ୍ୟ କରାଇ ନେଇଥାନ୍ତି।

୬୧। ପିଲା ମିଠା ଖାଇବାକୁ ଚାହିଁଥାଏ। କିନ୍ତୁ, ପିଲା କାନ୍ଦୁ କିମ୍ବା ଭିଡ଼ିମୋଡ଼ି ହେଉ, ମା'ତାକୁ ପିତା ଔଷଧ ଖାଇବାକୁ ଦେଇଥାଏ। ଏହା ମା'ର ସ୍ନେହଶୀଳ ନିଷ୍ପତ୍ତି।

୬୨। ପିଲା ସେହି ପିତା ଔଷଧର ଗୁଣ ସମ୍ବନ୍ଧରେ କିପରି ଜାଣିପାରିବ? ଠିକ୍ ସମୟରେ ତାହା କିପରି ଉପକାରୀ ହେବ, ସେକଥା କେମିତିବା ଜାଣିବ? କେବଳ ମାତାହିଁ ସେହି ସଂକେତକୁ ବୁଝିପାରିଥାଏ।

୬୩। ଅନ୍ନା ଲାଭରୁ ଭାଗ ଦେବା ପାଇଁ ଚାହିଁଥିବାରୁ ବାବା କ'ଣ ସେଥିରେ ଭଳିଯାଇଥାନ୍ତେ? ତାଙ୍କର ଶ୍ରଦ୍ଧା ଆଦୌ ଧନ ଅର୍ଜନ କରିବା ଦ୍ୱାରା ପ୍ରଣୋଦିତ ହୋଇନଥିଲା । ସେ ଭକ୍ତମାନଙ୍କର ମଙ୍ଗଳ କିପରି ହେବ, ସେଥିନିମନ୍ତେ ସଦା ତତ୍ପର ଥିଲେ।

୬୪। ଟଙ୍କା ଓ ସୁନା ତାଙ୍କ ପାଖରେ ଧୂଳି ସଦୃଶ । ତେଣୁ ତାଙ୍କ ପାଖରେ ଲାଭରୁ ଅଂଶ ପାଇବାର ମୂଲ୍ୟ କ'ଣ ଥିଲା? ମାନବଜାତିକୁ ଯନ୍ତ୍ରଣାରୁ ମୁକ୍ତ କରିବା ନିମନ୍ତେହିଁ ଏହି ସନ୍ଥମାନେ ପୃଥିବୀରେ ଅବତାର ନେଇଥାନ୍ତି।

୬୫। ଯାହାଙ୍କର ଇନ୍ଦ୍ରିୟମାନଙ୍କ ଉପରେ ନିୟନ୍ତ୍ରଣ ରହିଥାଏ, ଯିଏ ଅଜ୍ଞତା ତଥା ଈର୍ଷାର କୁଅଭ୍ୟାସରୁ ମୁକ୍ତ ରହିଥାନ୍ତି ଓ ଯାହାଙ୍କର ଅନ୍ୟମାନଙ୍କୁ ଅନୁଗ୍ରହ କରିବାର ଲକ୍ଷ୍ୟ ରହିଥାଏ, ସେ ହେଉଛନ୍ତି ପ୍ରକୃତ ସନ୍ଥ।

୬୬। ଦାମୁ ଅନ୍ନା ଲାଭାଂଶ ଦେବାର ଇଚ୍ଛା ପ୍ରକାଶ କରିନଥିଲେ ଓ ତାହା ଗୋପନ ରଖିଥିଲେ ମଧ୍ୟ ବାବା ତାଙ୍କୁ ପ୍ରକାଶ୍ୟ ଉତ୍ତର ଦେଇଥିଲେ। ଏହା ମନଧ୍ୟାନ ଦେଇ ସମ୍ମାନ ସହକାରେ ଶୁଣନ୍ତୁ।

୬୬। ହାତରେ 'ଆମଳକ' ଫଳ ଧରିଥିବା ଭଳି ବାବା ସମସ୍ତଙ୍କର କାମନାବାସନା ଏବଂ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭାବରେ ଜ୍ଞାତ ଥିଲେ।

୬୮। ବାବା ତାଙ୍କ ଭକ୍ତଙ୍କର ଭବିଷ୍ୟତ ସମ୍ବନ୍ଧରେ ଭଲ ଭାବରେ ଜାଣିଥିଲେ। ସେ କିଭଳି ସମୟୋଚିତ ସତର୍କବାଣୀ ଶୁଣାଇ ସ୍ପଷ୍ଟ ଭାଷାରେ କହିଥିଲେ, ଶୁଣନ୍ତୁ–

୬୯। "ବାପୁ! ମୁଁ କେଉଁଥିରେ ଜଡ଼ିତ ହେବା ପାଇଁ ଚାହୁଁନାହିଁ" ବୋଲି ବାବା ତାଙ୍କୁ ସ୍ନେହମିଶା ଗଳାରେ କହିଥିଲେ । 'ଶ୍ରୀସାଇ ଏହି କାରବାରକୁ ଭଲ ବୋଲି ଭାବୁ ନାହାନ୍ତି' ଅନ୍ନା ଏକଥା ଭାବି ଲଜ୍ଜିତ ହୋଇଥିଲେ।

୭୦। ବାବାଙ୍କର ଏହି ବଚନ ଶୁଣିବା ପରେ, ତାହାର ଅର୍ଥ କ'ଣ ସେକଥା ଦାମୁ ଅନ୍ନା ବୁଝିପାରିଥିଲେ। ସେ ସେହି ଧାରଣା ଛାଡ଼ି ଦେଇ ମୁଣ୍ଡ ତଳକୁ ପୋତି ଚୁପ୍‌ଚାପ୍ ବସି ରହିଥିଲେ।

୭୧। ପୁଣି ତାଙ୍କ ମୁଣ୍ଡକୁ ଅନ୍ୟ କିଛି ବ୍ୟବସାୟ କରିବାର ଧାରଣା ଆସିଥିଲା। ଚାଉଳ, ଗହମ ଭଳି ଖାଦ୍ୟଶସ୍ୟର ବ୍ୟବସାୟ କରିହେବ। ଏ ସମ୍ପର୍କରେ ବାବା କ'ଣ ଉତ୍ତର ଦେଇଥିଲେ ଶୁଣନ୍ତୁ।

୭୨। "ତୁମେ ଟଙ୍କାରେ ପାଂଚସେର ଲେଖାଏଁ କିଣି ସାତସେର ଲେଖାଏଁ ବିକିବ ?" ବାବାଙ୍କର ଏଭଳି କଥା ଶୁଣି ଅନ୍ନା ଲଜ୍ଜା ପାଇଥିଲେ।

୭୩। ଏଭଳି କିଛି ଘଟଣା ଘଟୁ ନଥିଲା, ଯାହା ଶ୍ରୀସାଇଙ୍କ ନଜରକୁ ଆସୁନଥିଲା । ସର୍ବତ୍ର ସବୁକିଛି ତାଙ୍କ ଜ୍ଞାତସାରରେ ଥିଲା ।

୭୪। ଅନ୍ୟ ପକ୍ଷରେ ତାଙ୍କର(ଅନ୍ନାଙ୍କର) ବନ୍ଧୁ ଅସ୍ଥିର ଚିତ୍ତରେ ଦିନ କାଟୁଥିଲେ। ସେ କ'ଣ କରିବେ ବୋଲି ଠିକ୍ କରିପାରୁନଥିଲେ। ଅନ୍ନାଙ୍କ ନିକଟରୁ ସେ କୌଣସି ଉତ୍ତର ପାଇନଥିଲେ।

୭୫। ତାହାପରେ ଯାହା ଯାହା ଘଟି ଯାଇଥିଲା, ସେ ସମସ୍ତ ବିଷୟ ଜଣାଇ ସେଠ୍ ତାଙ୍କ ପାଖକୁ ଚିଠି ଲେଖିଥିଲେ। ତାଙ୍କ ବନ୍ଧୁ ତାହାକୁ ପଢ଼ି ଆଶ୍ଚର୍ଯ୍ୟ ହୋଇ ଭାବିଥିଲେ, ' କି ଅଦ୍ଭୁତ ଭାଗ୍ୟ।'

୭୬। 'ଆମ ବେପାର ମଧ୍ୟକୁ କିଭଳି ଅଦ୍ଭୁତ ଘଟଣା ପଶିଆସିଲା ! ସେ ନିଜ କଥା ନଭାବି ଫକୀର କଥାରେ ନାଚୁଛନ୍ତି କାହିଁକି ? ସେ ଅଯଥାରେ ଏତେ ଲାଭ ହରାଇଲେ।

୭୭। 'ଭଗବାନ ଦେଇଥାନ୍ତି, କିନ୍ତୁ ଆମ ନିଜ କର୍ମଯୋଗୁଁ ଆମେ ତାହାକୁ ହରାଇଥାଉ। ଖରାପ ସମୟ ପହଂଚିଲେ ମୁଣ୍ଡ କାମକରେ ନାହିଁ। ଏଭଳି ସ୍ୱଚ୍ଛ ବେପାର ମଧ୍ୟକୁ ଏ ଫକୀର କାହିଁକି ପଶି ଆସିଲେ ?

୭୮। 'ଯିଏ ସ୍ୱାଭାବିକ ଜୀବନଯାପନ ଛାଡ଼ି, ପାଗଳଙ୍କ ଭଳି ଦ୍ୱାର ଦ୍ୱାର ବୁଲି ନିଜ ଖାଇବା ପାଇଁ ରୁଟି ଖଣ୍ଡେ ଖଣ୍ଡେ ମାଗି ବୁଲୁଛି, ସେ କ'ଣ ଆଉ କହିଥାଆନ୍ତେ ?

୭୯। 'ସେ ଯାହାହେଉ, ତାଙ୍କ କପାଳରେ ପାଇବାର ନଥିବାରୁ ତାଙ୍କ ମନ ଏଇଭଳି କାମକଲା। ମୁଁ ଏବେ ଅନ୍ୟ ଅଂଶୀଦାର ଖୋଜିବି। ଯାହା ଭାଗ୍ୟରେ ନାହିଁ ତାହା କେବେ ହେବନାହିଁ।'

୮୦। ଘଟଣା ଯାହାହେଉନା କାହିଁକି, ଅନ୍ନା ସନ୍ତୁଷ୍ଟ ଥିଲେ। ତାଙ୍କ ବନ୍ଧୁ ଅନ୍ୟ ଜଣେ କାହାକୁ ଅଂଶୀଦାର କରିଥିଲେ । ତାଙ୍କର କର୍ମ ତାଙ୍କୁ ସେଇ ଆଡ଼କୁ ଟାଣି ନେଇଥିଲା। ସେ ଅସୁବିଧାରେ ପଡ଼ିଥିଲେ।

୮୧। ସେମାନେ ବହୁତ ଧନ ଅର୍ଜନ କରିବାକୁ ଆଶା ରଖିଥିଲେ, ମାତ୍ର ଫଳ ବିପରୀତ ହୋଇଥିଲା । ସେମାନେ କ୍ଷତି ଭୋଗିଥିଲେ ସତେ ଯେପରି ଫକୀରଙ୍କ ସଟ୍‌କା ସେମାନଙ୍କୁ ପାହାର ଦେଇଥିଲା।

୮୨। ମୋର ବନ୍ଧୁ ଦାମୁ ଅନ୍ନା କେତେ ଭାଗ୍ୟବାନ୍ ! ବହୁତ ବୁଦ୍ଧିମାନ୍ ! ଶ୍ରୀସାଇ ତାଙ୍କ ନିମିତ୍ତ ପ୍ରକୃତ ମୁକ୍ତା, ଜ୍ଞାନୀ ଓ ବିଚାରବନ୍ତ। ଭକ୍ତଙ୍କ ପ୍ରତି ତାଙ୍କର କେତେ ଅନୁକମ୍ପା !

୮୩। ବନ୍ଧୁଜଣକ ପରେ କହିଥିଲେ, "ସେ ମୋ କଥାରେ ଚାଲିଥିଲେ ବହୁତ କ୍ଷତି ସହିଥାନ୍ତେ। ସେ ଫକୀରଙ୍କ କଥା ମାନିଥିବାରୁ ବଞ୍ଚିଗଲେ । ତାଙ୍କର ବିଶ୍ୱାସ କେତେ ଅଦ୍ଭୁତ !

୮୪। "ମୁଁ ତାଙ୍କର ପାଗଳାମି ଦେଖି ହସିଥିଲି ଓ ମୋ ନିଜର ଚତୁରତା ପାଇଁ ଗର୍ବ କରୁଥିଲି। ଏହା ପ୍ରକୃତରେ ବୃଥା ଥିଲା ଓ ସେହି ଅଭିଜ୍ଞତା ମୁଁ ଲାଭ କଲି।

୮୫। "ମୁଁ ଅଯଥାରେ ସେହି ଫକୀରଙ୍କୁ ଗାଳିଦେଇଥିଲି। ମୁଁ ଯଦି ତାଙ୍କର ପରାମର୍ଶ ଲୋଡ଼ିଥାନ୍ତି ସେ ମୋତେ ଠିକ୍ ସମୟରେ ସତର୍କ କରାଇଦେଇଥାନ୍ତେ ଓ ମୋର ଏହି କ୍ଷତି ହୋଇନଥାନ୍ତା।"

୮୬। ଏବେ ମୁଁ ଆଉ ଗୋଟିଏ କାହାଣୀ ଶୁଣାଇବା ପରେ ଅନ୍ନାଙ୍କ ବିଷୟରେ ବର୍ଣ୍ଣନା ଶେଷ କରିବି। ଶ୍ରୋତାମାନେ ଖୁସି ହେବେ ଓ ବାବାଙ୍କ ଚମତ୍କାରିତା ଶୁଣି ବିସ୍ମିତ ହେବେ।

୮୭। ଏକଦା ଏମିତି ଗୋଟିଏ ଘଟଣା ଘଟିଥିଲା । ଥରେ ଗୋଆରୁ ଗୋଟିଏ ପେଟି ଆସିଥିଲା। ରାଲେ ନାମକ ଜଣେ ମାମଲତଦାର କେତେକ ପ୍ରସିଦ୍ଧ ଆମ୍ବ ପଠାଇଥିଲେ।

୮୮। ଏହା ମାଧବରାଓଙ୍କ ନାମରେ ଆସିଥିଲା । ଏହି ଆମ୍ବ ବାବାଙ୍କର ପାଦପଦ୍ମରେ ଭକ୍ତିର ସହ ଅର୍ପଣ କରାଯିବାର ଉଦ୍ଦେଶ୍ୟ ଥିଲା। ପାର୍ଶଲଟି କୋପରଗାଁରେ ଗ୍ରହଣ କରାଯାଇ ଆମ୍ବପେଟିକୁ ଶିରିଡ଼ି ଅଣାଯାଇଥିଲା।

୮୯। ମସ୍‌ଜିଦ୍‌ରେ ବାବାଙ୍କ ସମ୍ମୁଖରେ ପେଟି ଖୋଲାଯିବା ସମୟରେ ଆମ୍ବଗୁଡ଼ିକ ଅତି ସୁନ୍ଦର ଦେଖାଯାଉଥିଲା। ପେଟିରେ ତିନିଶହରୁ ଅଧିକ ଆମ୍ବ ଥିଲା ଓ ପ୍ରତ୍ୟେକଟି ଆମ୍ବ ସୁମିଷ୍ଟ ବାସ୍ନାରେ ଭରି ରହିଥିଲା।

୯୦। ବାବା ସବୁଗୁଡ଼ିକୁ ଦେଖିସାରିବା ପରେ ମାଧବରାଓଙ୍କୁ ଦେଇ ଦେଇଥିଲେ ଓ ମାଧବରାଓ ସେଥିରୁ ଚାରିଗୋଟି ଆମ୍ବକୁ କୋଲମ୍ବାରେ ରଖିଦେଇଥିଲେ ଏବଂ ବାକିତକ ନେଇଯାଇଥିଲେ ।

୯୧। କୋଲମ୍ବାରେ ଆମ୍ବ ରଖିବା ସମୟରେ ବାବା ସାଙ୍ଗେ ସାଙ୍ଗେ କହିଥିଲେ ଯେ "ସେହି ଚାରିଗୋଟି ଆମ୍ବ ଦାମୁ ଅନ୍ନାଙ୍କ ପାଇଁ ଓ ତାହା ସେଇଠାରେ ଥାଉ।"

(କୋଲମ୍ବା ଏକ ମାଟିହାଣ୍ଡି ଥିଲା, ଯେଉଁଥିରେ ବାବା ସବୁତକ ଖାଦ୍ୟ ରଖୁଥିଲେ।)

୯୨। ଦୁଇଘଣ୍ଟା ପରେ ଫୁଲଫଳ ଧରି ଦାମୁ ଅନ୍ନା ପୂଜା କରିବା ନିମିତ୍ତ ମସ୍‌ଜିଦ୍‌ରେ ଆସି ପହଂଚିଥିଲେ।

୯୩। ଆଗରୁ କ'ଣ ଘଟିଯାଇଛି, ସେ ସମ୍ପର୍କରେ ତାଙ୍କର କୌଣସି ଧାରଣା ନଥିଲା। ବାବା ବଡ଼ ପାଟିରେ କହୁଥିଲେ, "ସେହି ଆମ୍ବଗୁଡ଼ିକ ଦାମିୟାର, ଆମର ନୁହେଁ;'' ଯଦିଓ ଲୋକେ ସେଗୁଡ଼ିକ ଉପରେ ସେମାନଙ୍କର ଲୋଭିଲା ଆଖି ପକାଉଥିଲେ।

୯୪। "ଯାହାଙ୍କ ନିମିତ୍ତ ରହିଛି ସେ ନେବ। ଯାହା ଅନ୍ୟ ପାଇଁ ଉଦ୍ଦିଷ୍ଟ ତାକୁ ଆମେ କାହିଁକି ନେବା? ଯାହା ପାଇଁ ସେଗୁଡ଼ିକ ଉଦ୍ଦିଷ୍ଟ ସେ ସେଗୁଡ଼ିକୁ ଏକା ଖାଇମରୁ।"

୯୫। ଅନ୍ନା ସ୍ୱଭାବତଃ ପ୍ରସାଦ ଭାବି ସେଗୁଡ଼ିକୁ ଅବଶ୍ୟ ଗ୍ରହଣ କରିଥିଲେ। ଅନ୍ନା ଭଲଭାବରେ ଜାଣିଥିଲେ ଯେ ବାବାଙ୍କ ବଚନକୁ ଭୁଲ ବ୍ୟାଖ୍ୟା କରାଯିବା ଉଚିତ୍ ନୁହେଁ, ତାହା କେବେ ମଧ୍ୟ ଅମଙ୍ଗଳ ପାଇଁ ଉଦ୍ଦିଷ୍ଟ ନୁହେଁ।

୯୬। ଅନ୍ନା ପୂଜା ସାରି ଫେରିଥିଲେ। ସେ ପୁଣି ଆସି ପଚାରିଥିଲେ, "ମୁଁ ଜାଣିପାରୁନାହିଁ ମୁଁ ମୋର କେଉଁ ପତ୍ନୀଙ୍କୁ ଏହି ଫଳଗୁଡ଼ିକ ଦେବି? ବଡ଼ ନା ସାନ ?''

୯୭। ବାବା ଉତ୍ତର ଦେଇଥିଲେ, "ସାନକୁ ଦେବ। ତାହାର ଆଠଟି ସନ୍ତାନ ହେବେ। ଚାରୋଟି ପୁଅ ଓ ଚାରୋଟି ଝିଅ। ଏ ସମସ୍ତର କାରଣ ହେଉଛି ଏହି ଆମ୍ରଲୀଳା।"

୯୮। ଦାମୁ ଅନ୍ନାଙ୍କର ପିଲାପିଲି ନଥିବାରୁ ସେ ନାନା ଚେଷ୍ଟା କରିଥିଲେ। ସେ ସାଧୁସନ୍ଥମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ।

୯୯। ସେ ଏହି ଉଦ୍ଦେଶ୍ୟରେ ସାଧୁସନ୍ଥମାନଙ୍କୁ ଖୋଜି ଖୋଜି ସେବା କରୁଥିଲେ ଓ ତାଙ୍କର ଗ୍ରହ ଶାନ୍ତି ପାଇଁ ଜ୍ୟୋତିଷ ବିଦ୍ୟାର ଆଶ୍ରୟ ନେଇଥିଲେ । ସେ ଏଥିରେ ଏତେ ମାତ୍ରାରେ ଜଡ଼ିତ ହୋଇପଡ଼ିଥିଲେ ଯେ ସେ ନିଜେ ଜଣେ ଜ୍ୟୋତିଷ ପାଲଟି ଯାଇଥିଲେ।

୧୦୦। ତାଙ୍କ ଜାତକରେ ଗ୍ରହମାନଙ୍କର ଅବସ୍ଥିତି ଅନୁଯାୟୀ ତାଙ୍କ ଭାଗ୍ୟରେ ପିଲାପିଲି ନଥିଲା। ଜ୍ୟୋତିଷ ବିଦ୍ୟା ଚର୍ଚ୍ଚାରୁ ତାହାହିଁ ଜଣାପଡ଼ିଥିଲା। ଅନ୍ନା ତାହା ଭଲ ଭାବରେ ଜାଣିଥିଲେ ଓ ସମସ୍ତ ଆଶା ଛାଡ଼ି ଦେଇଥିଲେ।

୧୦୧। ତଥାପି ଏହି ବଚନ ସନ୍ଥ ସାଇଙ୍କର ପ୍ରତିଶ୍ରୁତି ଥିଲା। ଶ୍ରୀସାଇ ସମର୍ଥ ଆନନ୍ଦପ୍ରଦାୟକ ହୋଇଥିବାରୁ ତାଙ୍କ ମନରେ ପୁଣି ଆଶାର ସଞ୍ଚାର ହୋଇଥିଲା।

୧୦୨। ଯାହାହେଉ କିଛିଦିନ ପରେ ବାବାଙ୍କର ବଚନ ସତ୍ୟ ହୋଇଥିଲା। ସନ୍ଥଙ୍କର ପ୍ରସାଦ ଅଙ୍କୁରିତ ହୋଇ ଫଳ ଧରିଥିଲା । ଦାମୁ ଅନ୍ନାଙ୍କର ସନ୍ତାନ ହୋଇଥିଲା।

୧୦୩। ବାବା ଯାହା କହିଥିଲେ, ସେଇଆ ଘଟିଥିଲା। ଅନ୍ନାଙ୍କ ନିଜର ଭବିଷ୍ୟତବାଣୀ ଅସତ୍ୟ ହୋଇଥିଲା। ଶ୍ରୀସାଇଙ୍କର ପ୍ରତିଶ୍ରୁତି ଫଳପ୍ରସୂ ହୋଇଥିଲା ଓ ସେ କହିଥିବା ପ୍ରକାରେ ପୁତ୍ର ଜନ୍ମ ହୋଇଥିଲେ।

୧୦୪। ସେ ଯାହାହେଉନା କାହିଁକି, ସଶରୀରରେ ଥିବା ସମୟରେ ବାବା ଏହିକଥା କହିଥିଲେ। ପରେ ଯେତେବେଳେ ସେ ଶରୀର ତ୍ୟାଗ କରିଥିଲେ,

ସେତେବେଳେ ମଧ୍ୟ ସେ ତାଙ୍କ କଥାର ମହତ୍ୱ ରଖିବା ପାଇଁ ବଦ୍ଧପରିକର ହୋଇଥିଲେ।

୧୦୫। "ମୁଁ ଚାଲିଗଲା ପରେ ବି ମୋ କଥାରେ ବିଶ୍ୱାସ ରଖ । ମୋ ସମାଧିରୁ ମୋର ଅସ୍ଥି ତୁମକୁ ଆଶ୍ୱାସନା ଦେବ।"

୧୦୬। "ଯେଉଁମାନେ ପୂର୍ଣ୍ଣ ପ୍ରାଣରେ ମୋର ଶରଣାଗତ ହେବେ, କେବଳ ମୁଁ ନୁହେଁ, ମୋର ସମାଧି ମଧ୍ୟ ସେମାନଙ୍କ ସହିତ କଥାଭାଷା ହେବ, ଗତାଗତ ହେବ ଓ ଭାବର ଆଦାନପ୍ରଦାନ କରିବ।

୧୦୭। "ମୁଁ ତୁମ ଆଖି ଆଗରୁ ଅପସରି ଯିବି ବୋଲି ଚିନ୍ତା କରନାହିଁ। ତୁମେ ଶୁଣିବ, ମୋର ଅସ୍ଥି କଥା କହିବ ଓ ତୁମର ଭଲମନ୍ଦ ଆଲୋଚନା କରିବାର ଶୁଣିବ।

୧୦୮। "ମୋତେ କେବଳ ସବୁସମୟରେ ସ୍ମରଣ କର। ମୋତେ ମନପ୍ରାଣରେ ବିଶ୍ୱାସ କର। ସ୍ୱାର୍ଥପର ଉଦ୍ଦେଶ୍ୟ ନରଖି ପ୍ରାର୍ଥନା କର, ତୁମର ମଙ୍ଗଳ ସାଧିତ ହେବ।"

୧୦୯। "ହେ ସାଇସଦ୍‌ଗୁରୁ ! ଭକ୍ତମାନଙ୍କର ମନୋବାଞ୍ଛା ପୂରଣକାରୀ କଳ୍ପବୃକ୍ଷ ! ଆପଣଙ୍କର ପଦଯୁଗଳ ହେମାଡ଼ର ବିସ୍ମୃତ ନହେଉ ଓ ଦୃଷ୍ଟିପଥରୁ ଅପସରି ନଯାଉ !

୧୧୦। "ହେ ଗୁରୁବର ! ଭକ୍ତମାନଙ୍କ ପ୍ରତି କରୁଣାକର, ଶୀଘ୍ର ଆସି ଆମ ନିକଟରେ ପହଂଚିଯାଅ। ସାଂସାରିକ ବ୍ୟାପାରରେ ବିରାମ ନାହିଁ। ଆମକୁ ଏହି ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ କର।

୧୧୧। "ଆମର ପ୍ରବୃତ୍ତି ଉପରେ ଆମର ପ୍ରକୃତି ନିର୍ଭରଶୀଳ। ଆମର ଜ୍ଞାନେନ୍ଦ୍ରିୟଗୁଡ଼ିକ ସଦାବେଳେ ବହିରାଭିମୁଖୀ। ଆମ ଇନ୍ଦ୍ରିୟଗୁଡ଼ିକର ବାହ୍ୟବସ୍ତୁ ପ୍ରତି ଆକର୍ଷଣକୁ ସଂଯତକର ଓ ଆମକୁ ଅନ୍ତରାଭିମୁଖୀ କର।

୧୧୨। "ଭବସାଗରରେ ଜଳଭଉଁରୀ ମଧ୍ୟରେ ଲହରୀ ଭଳି ଆମେ ଉବୁଟୁବୁ ହେଉଅଛୁ। ଆମକୁ ଯଥା ସମୟରେ ସାହାଯ୍ୟ ପ୍ରଦାନ କରନ୍ତୁ ଓ ସେଥିରୁ ଉଦ୍ଧାର କରନ୍ତୁ।

୧୧୩। "ଜ୍ଞାନେନ୍ଦ୍ରିୟଗୁଡ଼ିକ ଅମାନିଆଁ ହେଉଛନ୍ତି, ଦୁଷ୍କର୍ମ ଆମଠାରୁ ବଳଶାଳୀ ହେଉଛି। ଏହି ଅବାଧ୍ୟ ସ୍ରୋତକୁ ବନ୍ଧ ବାନ୍ଧି ରୋକି ଦିଅନ୍ତୁ। ଜ୍ଞାନେନ୍ଦ୍ରିୟଗୁଡ଼ିକୁ ପଛକୁ ଫେରାଇ ଅନ୍ତର୍ମୁଖୀ କରାନ୍ତୁ।

୧୧୪। "ଜ୍ଞାନେନ୍ଦ୍ରିୟଗୁଡ଼ିକ ଅନ୍ତର୍ମୁଖୀ ନହେଲେ ଆତ୍ମୋପଲବ୍ଧି ହେବା ସମ୍ଭବ ନୁହେଁ। ତାହାନହେଲେ ପରମାନନ୍ଦ କିଭଳି ଲାଭ ହେବ ? ଜୀବନ ବୃଥା ହୋଇଯିବ।

୧୧୫। "ଶେଷ ସମୟରେ ପତ୍ନୀ, ସନ୍ତାନ ବା ଅସଂଖ୍ୟ ବନ୍ଧୁ କୌଣସି କାର୍ଯ୍ୟରେ ଆସିବେ ନାହିଁ। ଶେଷଯାତ୍ରା ସମୟରେ ଆପଣହିଁ କେବଳ ଚିରଦିନର ବନ୍ଧୁ। ଆପଣ ହିଁ ଆନନ୍ଦ ଓ ମୁକ୍ତି ପ୍ରଦାୟକ।

୧୧୬। "କର୍ମ ଓ ପାପର ଜାଲକୁ ଛିଣ୍ଡାଇ ଆମକୁ ଦୁଃଖଦୁର୍ଦ୍ଦଶାରୁ ମୁକ୍ତ କରନ୍ତୁ। ମହାରାଜ, ଆପଣଙ୍କ କରୁଣା ବଳରେ ଦୀନହୀନଙ୍କୁ ଉପରକୁ ଉଠାନ୍ତୁ।

୧୧୭। "ଆମ୍ଭମାନଙ୍କର କୁପ୍ରବୃତ୍ତି ଓ ଯୁକ୍ତିଖୋର ଅଭ୍ୟାସର ମୂଳୋତ୍ପାଟନ କରିଦିଅନ୍ତୁ। ଆମ୍ଭମାନଙ୍କର ଜିହ୍ୱା ସଦାସର୍ବଦା 'ହେ ପବିତ୍ର ସାଇରାମ' ନାମ ଜପ କରିବାରେ ପ୍ରବୃତ୍ତ ହେଉ !

୧୧୮। "ଆପଣଙ୍କୁ ଅତି ଗଭୀର ଭାବରେ ଭଲ ପାଇବାର ସାମର୍ଥ୍ୟ ମୋତେ ପ୍ରଦାନ କରନ୍ତୁ ଯେପରିକି ମୁଁ ମୋର ସମସ୍ତ ସଂକଳ୍ପ, ସନ୍ଦେହ, ଏପରିକି ମୋର ଶରୀର, ଗୃହ ଓ ପରିବାର ବି ଭୁଲିଯିବି । ମୋର ଅହଂକାରକୁ ମଧ୍ୟ ନେଇଯାଆନ୍ତୁ।

୧୧୯। "ମୁଁ ଅନ୍ୟ ସବୁକିଛି ଭୁଲିଯାଇ ଆପଣଙ୍କ ନାମ ଯେପରି ସଦାବେଳେ ସ୍ମରଣ କରେ। ମନର ଅସ୍ଥିରତାକୁ ଦୂର କରିଦେଇ ତାହାକୁ ଶାନ୍ତ ଓ ସ୍ଥିର କରାନ୍ତୁ।

୧୨୦। "ଆପଣ ଆମ୍ଭମାନଙ୍କୁ ଆଲିଙ୍ଗନ କରିଦେଲେ, ଆମ୍ଭମାନଙ୍କର ଅଜ୍ଞତାର ଅନ୍ଧକାର ଉଭେଇଯିବ ଓ ଆମ୍ଭେମାନେ ଆପଣଙ୍କ ଆଲୋକରେ ଆନନ୍ଦରେ ବାସ କରିବୁ। ଆମେ ଆଉ କ'ଣ ଅଧିକ ଇଚ୍ଛା କରିବୁ ?

୧୨୧। "ଆପଣଙ୍କ ଜୀବନ ଚରିତାମୃତ ଆପଣ ଆମକୁ ପାନ କରାଇଛନ୍ତି ଓ ଆପଣଙ୍କର କୃପା ବଳରେ ଆମକୁ ନିଦ୍ରାବସ୍ଥାରୁ ଜାଗ୍ରତ କରାଇଛନ୍ତି। ଏହା ଏକ ଅସାଧାରଣ କାର୍ଯ୍ୟ ନୁହେଁ କି ?"

୧୨୨। ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଅଧିକ ମଧୁର ହେବ। ଶ୍ରୋତାମାନଙ୍କର ଏକାନ୍ତ ଇଚ୍ଛା ପୂରଣ ହେବ। ଶ୍ରୀସାଇଙ୍କ ପଦଯୁଗଳରେ ସେମାନଙ୍କର ଶ୍ରଦ୍ଧା ବୃଦ୍ଧି ପାଇବ। ସେମାନଙ୍କର ବିଶ୍ୱାସ ମଧ୍ୟ ସୁଦୃଢ଼ ହେବ।

୧୨୩। ଥରେ ଜଣେ ଭକ୍ତ ତାଙ୍କର ଗୁରୁଙ୍କ ନିକଟରୁ

ଅନୁମତି ନେଇ ଦର୍ଶନ ନିମିତ୍ତ ଆସିଥିଲେ। ସେ ଶ୍ରୀସାଇଙ୍କ ଚରଣରେ ପ୍ରଣାମ କରିବା ସମୟରେ ତାଙ୍କ ନିଜର ଗୁରୁଙ୍କ ପ୍ରତି ବିଶ୍ୱାସ ଅଧିକ ସୁଦୃଢ଼ ହୋଇଥିଲା।

୧୨୪। ସେହିଭଳି ଅନ୍ୟ ଜଣେ ଭଦ୍ରବ୍ୟକ୍ତି ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ତାଙ୍କର ପତ୍ନୀ ଓ ପୁତ୍ରଙ୍କ ସହିତ ଆସିଥିଲେ। ସେ ଧନୀ ଥିଲେ ମଧ୍ୟ ତାଙ୍କୁ ବହୁତ ସମସ୍ୟା ଘାରିଥିଲା।

୧୨୫। ତାଙ୍କର ମନସ୍କାମନା କିଭଳି ପୂରଣ ହୋଇଥିଲା ଓ କେବଳ ଦର୍ଶନ ଦ୍ୱାରା ତାଙ୍କର ଅପସ୍ମାର ରୋଗଗ୍ରସ୍ତ ପୁତ୍ର କିପରି ଆରୋଗ୍ୟ ଲାଭ କରିଥିଲା, ତାହା ଶୁଣିବା ।

୧୨୬। ତେଣୁ ହେମାଡ଼ପନ୍ତ ଶ୍ରୀସାଇଙ୍କର ଶରଣାଗତ ହେଉଛି ଓ ସଂଭ୍ରମ ସହକାରେ ଶ୍ରୋତାମାନଙ୍କୁ ଶ୍ରୀସାଇଙ୍କର କାହାଣୀ ପ୍ରତି ଆକର୍ଷିତ ହେବା ପାଇଁ ଏବଂ ସେମାନଙ୍କର ଶ୍ରବଣକୁ ସାର୍ଥକ କରିବା ପାଇଁ ଅନୁରୋଧ କରୁଛି।

୨୫ ॥ ମନସ୍କାମନା ପୂରଣ କରି ଭକ୍ତଙ୍କ ମଙ୍ଗଳସାଧନ ॥

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ମନସ୍କାମନା ପୂରଣ କରି ଭକ୍ତଙ୍କ ମଙ୍ଗଳସାଧନ" ଶୀର୍ଷକ ପଞ୍ଚବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଚାଉଳ, କ୍ଷୀର ଓ ଚିନିକୁ ଏକାସାଙ୍ଗରେ ରାନ୍ଧି ପ୍ରସ୍ତୁତ କରାଯାଉଥିବା ସ୍ୱାଦିଷ୍ଟ ଖାଦ୍ୟ।

୨- ସୋମକାନ୍ତ ମଣି ଉପରେ ଚନ୍ଦ୍ରକିରଣ ପଡ଼ିଲେ ଜଳର ଧାରା ବାହାରିଥାଏ।

ଦାମୋଦର ରାସ୍‌ନେ ଓରଫ୍ ଦାମୁ ଅନ୍ନା



ତ୍ରିମ୍ବାକ ଡି.ରାସ୍‌ନେ ଓରଫ୍ ଠାଣାଶାହ



ଦତ୍ତାତ୍ରେୟ ଡି.ରାସ୍‌ନେ ଓରଫ୍ ଦୌଲତଶାହ

॥ ୨୬ ॥

ଅପସ୍ମାର ରୋଗ ଓ ଆତ୍ମହତ୍ୟାର ନିରାକରଣ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ପଞ୍ଚ ମହାଭୂତ ଓ ମୌଳିକ ଉପାଦାନ ସହିତ ସମସ୍ତ ଭୋଗ୍ୟବସ୍ତୁର ସଂପର୍କ ରହିଛି । ବସ୍ତୁତଃ, ଗୋଟିଏ ଦର୍ପଣ ଭିତରେ ଏକ ସହର ଯେମିତି ପ୍ରତିବିମ୍ବିତ ହୁଏ, ବିଶ୍ୱବ୍ରହ୍ମାଣ୍ଡ ସେମିତି ଆତ୍ମାର ଅନ୍ତର୍ଗତ ହୋଇଥାଏ । ପ୍ରକଟିତ ମାୟା ଯୋଗୁଁ ହିଁ ଭ୍ରମ ସୃଷ୍ଟି ହୋଇଥାଏ ।

୨ । ପ୍ରକୃତ ପକ୍ଷରେ ମାୟା ପ୍ରକଟିତ ହୋଇନଥାଏ । ଏହା ସର୍ବଦା ବ୍ରହ୍ମ ମଧ୍ୟରେ ଅବସ୍ଥାନ କରିଥାଏ । କିନ୍ତୁ ଏହା ମଧ୍ୟ ଜଗତରେ ସମସ୍ତ ଚଳ ଓ ଅଚଳ ବସ୍ତୁକୁ ଜନ୍ମ ଦେଇଥାଏ ।

୩ । ଦର୍ପଣ ମଧ୍ୟରେ ଯାହା ଯାହା ଦେଖାଯାଏ, ତାହା ଦର୍ପଣ ଭିତରେ ନଥାଏ । ସ୍ୱପ୍ନରେ ଦେଖାଯାଉଥିବା ସମସ୍ତ ବିଷୟ ସତ୍ୟ ବୋଲି ପ୍ରତୀତ ହେଉଥିଲେ ମଧ୍ୟ ନିଦ୍ରା ଭଙ୍ଗପରେ ସେ ସମସ୍ତ ଉଭେଇ ଯାଇଥାଏ ।

୪ । ଜାଗ୍ରତ ହେବାପରେ ସ୍ୱପ୍ନ ଜଗତ ଉଭେଇ ଯାଇଥାଏ । ସଦ୍‌ଗୁରୁଙ୍କର ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀ ଯୋଗୁ ହିଁ ଏକତ୍ୱର ଆନନ୍ଦାଲୋକ ଦେଖାଦେଇଥାଏ ।

୫ । ବିଶ୍ୱବ୍ରହ୍ମାଣ୍ଡର ସ୍ଥିତିକୁ ସ୍ପନ୍ଦିତ କରୁଥିବା ଶକ୍ତି ହିଁ ପ୍ରକୃତରେ ତାହାର ଧାରଣକାରୀ; ଏହା ଅନ୍ୟ କିଛି ଉପରେ ନିର୍ଭରଶୀଳ ନୁହେଁ । ମହାନ୍ ଆତ୍ମା, ଅର୍ଥାତ୍ ପ୍ରଭୁ ଯେତେବେଳେ ସ୍ୱେଚ୍ଛାରେ କୃପା ପ୍ରଦାନ କରିଥାନ୍ତି, ସେତେବେଳେ ହିଁ ଏହି ଉପଲବ୍ଧି ସମ୍ଭବ ହୋଇଥାଏ ।

୬ । ଆତ୍ମାର ଗୁଣ ହେଉଛି 'ସତ୍' ପ୍ରକୃତି, ଅର୍ଥାତ୍ ଆତ୍ମାର ଔଜ୍ଜଲ୍ୟ । ତେଣୁ ପଂଚମହାଭୂତ ଓ ମୌଳିକ ଉପାଦାନଗୁଡ଼ିକୁ ନେଇ ଏହି ପୃଥିବୀ ହେଉଛି ମାୟା ମରିଚୀକାର ମୂର୍ତ୍ତିମନ୍ତ ରୂପ, ତୁଚ୍ଛା ଖେଳ ।

୭ । ଏହି ପୃଥିବୀର ପଂଚମହାଭୂତ ଓ ମୌଳିକ ଉପାଦାନ, ଅର୍ଥାତ୍ ଆବ୍ରହ୍ମତୃଣ ପର୍ଯ୍ୟନ୍ତ ସମସ୍ତେ କଳ୍ପିତ । ଜଗତର ଏହି ବିସ୍ତୃତି ହେଉଛି କେବଳ ମାୟା ମରୀଚିକାର ଏକ ସୃଷ୍ଟି ।

୮ । ସର୍ପ, ପୁଷ୍ପମାଳା, ଯଷ୍ଟି, ସ୍ରୋତ ପ୍ରଭୃତିର ପ୍ରକୃତି ନଜାଣି ଅଜ୍ଞତାବଶତଃ ସେଗୁଡ଼ିକୁ ରଜ୍ଜୁ ବୋଲି ବିଚାର କରାଯାଇଥାଏ । ସେହିପରି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ପ୍ରକୃତରେ କୌଣସି ଭିତ୍ତି ଉପରେ ଆଧାରିତ ନୁହେଁ ।

୯ । ସମସ୍ତ ଦୃଶ୍ୟଜଗତ ଏକ ପ୍ରହେଳିକା । ଗୁରୁବାକ୍ୟ ଦ୍ୱାରା ସଚେତନ ହୋଇ ପ୍ରକୃତ ସତ୍ୟକୁ ଜାଣିବା ପରେ ଏହାର ଅନ୍ତ ଘଟିଥାଏ ।

୧୦ । ତୃତୀୟ ପୁରୁଷ ଏକବଚନରେ 'ଗୃହ୍ଣାତି'[୧] ଶବ୍ଦର ଅର୍ଥ ନେଇ ଚିନ୍ତାକଲାବେଳେ ଏକମାତ୍ର ଗୁରୁହିଁ ଶିଷ୍ୟକୁ

ଉପଦେଶ ଦେବା ସମୟରେ ଏହାର ଅର୍ଥ ବୁଝାଇଦେଇପାରିବେ ।

୧୧। ତେଣୁ ମୁଁ ଗୁରୁଙ୍କୁ ପ୍ରାର୍ଥନା କରୁଅଛି, "ମୋର ଜ୍ଞାନେନ୍ଦ୍ରିୟଗୁଡ଼ିକୁ ଅନ୍ତର୍ମୁଖୀ କରାନ୍ତୁ। ନିତ୍ୟ ଓ ଅନିତ୍ୟ ମଧ୍ୟରେ ପାର୍ଥକ୍ୟକୁ ଚିହ୍ନି ପାରିବାର ଶକ୍ତି ଓ ଦୃଢ଼ତା ସେ ମୋତେ ପ୍ରଦାନ କରନ୍ତୁ। ମୋତେ ସଂଯମୀ ହେବା ନିମନ୍ତେ ସଂଯମ ମଧ୍ୟ ଉପହାର ରୂପେ ଦିଅନ୍ତୁ।

୧୨। ମୁଁ ସଦାବେଳେ ବିଶୃଙ୍ଖଳିତ, ନିର୍ବୋଧ ଓ ଘୋର ଅଜ୍ଞତା ଦ୍ୱାରା ପ୍ରତିହତ। ମୋ ମନ ସଦାବେଳେ ମନ୍ଦକଳ୍ପନାରେ ଉଦ୍‌ବେଳିତ ହେଉଛି ଓ ଏହା ମୋ ନିମନ୍ତେ ଏମିତି ସବୁ ଅସୁବିଧା ସୃଷ୍ଟି କରୁଛି।

୧୩। ମୋ ମନରେ ଗୁରୁଙ୍କ ବଚନ ଉପରେ ଯେମିତି ଅଟଳ ବିଶ୍ୱାସ ରହେ, ତାହା ଦେଖନ୍ତୁ । ଗୁରୁଙ୍କ ବଚନ ହେଉଛି ବେଦରେ ପ୍ରକାଶିତ ସତ୍ୟ ଭଳି ଅକାଟ୍ୟ। ମୋର ମନକୁ ଏକ ଦର୍ପଣ ଭଳି କରି ଦିଅନ୍ତୁ, ଯେପରିକି ସେଥିରେ ଆତ୍ମଜ୍ଞାନ ପ୍ରତିଫଳିତ ହୋଇପାରିବ।

୧୪। ପୁନଶ୍ଚ ହେ ସଦ୍‌ଗୁରୁ ଶ୍ରୀସାଇନାଥ ! ମୋତେ ଏହି ଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ବୁଝାଇ ଦିଅନ୍ତୁ। କାରଣ ବିନା ଅଭିଜ୍ଞତାରେ ଏହି ଜ୍ଞାନ ବିଷୟରେ କେହି କିଛି କହିଲେ, ତାହା ବାଚାଳତା ଭଳି ଲାଗିଥାଏ। ତାହା ଦ୍ୱାରା ପରମ ଲକ୍ଷ୍ୟ ସାଧିତ ହୋଇଥାଏ କି ?

୧୫। ବାବା ! ତେଣୁ ଆପଣଙ୍କ ଶକ୍ତିବଳରେ ଏହି ଜ୍ଞାନର ଅଭିଜ୍ଞତା ମୋତେ ଦିଅନ୍ତୁ ଯେପରିକି ମୁଁ ସହଜରେ ମୋକ୍ଷ ଲାଭ କରିପାରିବି। ଏହି ଭିକ୍ଷା ମୋତେ ଦେବାପାଇଁ ମୁଁ ପ୍ରାର୍ଥନା କରୁଅଛି।

୧୬। ହେ ସଦ୍‌ଗୁରୁ ସାଇପ୍ରଭୁ ! ମୁଁ ମୋର ଦୈହିକ ଗର୍ବ ଆପଣଙ୍କୁ ଅର୍ପଣ କରୁଅଛି। ଏହି ମୁହୂର୍ତ୍ତରୁ ଆପଣ ମୋର ଦାୟିତ୍ୱ ନିଅନ୍ତୁ, କାରଣ ମୋର ନିଜସ୍ୱ ସତ୍ତା ବୋଲି କିଛି ନାହିଁ ।

୧୭। ମୋର ଶରୀରବୋଧ ନେଇ ଯାଆନ୍ତୁ, ଯାହାଦ୍ୱାରା ମୁଁ ଦୁଃଖ କିମ୍ବା ସୁଖ ଅନୁଭବ ନକରେ। ମୁଁ ଆପଣଙ୍କ ଇଚ୍ଛା ଅନୁଯାୟୀ ଚଳିବା ନିମନ୍ତେ ମୋତେ ଆପଣ ନିୟନ୍ତ୍ରଣ କରନ୍ତୁ।

୧୮। କିମ୍ବା, ଆପଣ ନିଜେ ମୋର ଅହଂକାର ହୁଅନ୍ତୁ ଓ ଉଭୟ କର୍ତ୍ତା ଏବଂ ଭୋକ୍ତାର ସ୍ଥାନ ନିଅନ୍ତୁ। ସେଥିନିମନ୍ତେ ମୋର କୌଣସି ଉତ୍କଣ୍ଠା ନରହୁ।

୧୯। ହେ ସର୍ବ ଅଭୀଷ୍ଟପୂରଣକାରୀ, ଆପଣଙ୍କର ଜୟ ହେଉ ! ଆପଣଙ୍କ ପାଦ ତଳେ ମୋର ଶ୍ରଦ୍ଧା ରହୁ। ହେ ମଙ୍ଗଳମୟ ! ଏହି ଅସ୍ଥିର ମନ ଆପଣଙ୍କ ପାଦ ତଳେ ପୂର୍ଣ୍ଣଶାନ୍ତି ପ୍ରାପ୍ତ ହେଉ।

୨୦। ଆପଣଙ୍କ ଛଡ଼ା ଆଉ କିଏ ଆମର ମଙ୍ଗଳ କଥା କହିପାରିବ ? ଆମକୁ ଦୁଃଖଦୁର୍ଦ୍ଦଶାରୁ ମୁକ୍ତି ଦେଇ ଆନନ୍ଦ ଦିଅନ୍ତୁ।

୨୧। ଶିରିଡ଼ିର ସୌଭାଗ୍ୟରୁ ବାବା ଆପଣ ସେଠାରେ ପହଞ୍ଚିଛନ୍ତି। ସେଠାରେ ସ୍ଥାୟୀ ଭାବରେ ରହି ତାହାକୁ ତୀର୍ଥର ମର୍ଯ୍ୟାଦା ଦେଇଛନ୍ତି।

୨୨। ଶିରିଡ଼ିର ମହାଭାଗ୍ୟ ଯେ ଦୟାମୟ ବାବା ଏହି ସ୍ଥାନକୁ ଶୁଭଙ୍କର କରିବା ସହିତ, ନିଜର ବାସସ୍ଥଳୀ କରି ତାହାକୁ ଶୋଭାମଣ୍ଡିତ କରିଛନ୍ତି।

୨୩। ଆପଣ ମୋ ପ୍ରତି ଦୟା କରିଛନ୍ତି। ମୋର ବାକ୍ ଶକ୍ତିକୁ ଆପଣ ପ୍ରଣୋଦିତ କରିନଥିଲେ ମୁଁ ଆପଣଙ୍କର ଗୁଣଗାନ କରି ପାରିଥାନ୍ତି କି ? ଆପଣ ହିଁ କର୍ତ୍ତା, ସେହି ହିସାବରେ ଆପଣ ସମସ୍ତ କାର୍ଯ୍ୟ କରାଇନେଉଛନ୍ତି।

୨୪। ଆପଣଙ୍କ ଗହଣରେ ସବୁବେଳେ ରହିବା ହିଁ ଆମର ବେଦାନ୍ତ ଶିକ୍ଷା। ଆପଣଙ୍କ ଜୀବନଚରିତ ପ୍ରତିଦିନ ଶୁଣିବା ହିଁ ଆମର ଧର୍ମଶାସ୍ତ୍ରପାଠ।

୨୫। ଆପଣଙ୍କର ନାମକୁ ଅହରହ ଜପ କରିବା ହିଁ ହେଉଛି ସ୍ୱତଃ କଥା ଗାୟନ ଓ କୀର୍ତ୍ତନ। ଏହା ଆମର ଦୈନନ୍ଦିନ ଧ୍ୟାନ ଓ ଏହାହିଁ ଆମର ସନ୍ତୋଷଲାଭ ।

୨୬। ଆପଣଙ୍କର ଉପାସନାଠାରୁ ଆମକୁ ଦୂରେଇ ନେଇ ଯାଉଥିବା କୌଣସି ପ୍ରକାର ସୁଖ ଆମର ଲୋଡ଼ାନାହିଁ। ପରମ ଲକ୍ଷ୍ୟ ହାସଲ କରିବା ବାଟରେ ତାହାଠାରୁ ବଳି ଆଉ କୌଣସି ବାଧା ରହିଛି କି ?

୨୭। ମୋ ଚକ୍ଷୁର ଆନନ୍ଦାଶ୍ରୁ ଆପଣଙ୍କର ପଦଧୌତ କରିବାର ଉଷ୍ଣ ଜଳ ହେଉ; ଅନାବିଳ ଶ୍ରଦ୍ଧାର ଘୋରା ଚନ୍ଦନରେ ମୁଁ ଆପଣଙ୍କ ଶରୀର ଲେପନ କରେ ଓ ପ୍ରକୃତ ବିଶ୍ୱାସ ରୂପକ ବସ୍ତ୍ରରେ ମୁଁ ଆପଣଙ୍କ ଶରୀରକୁ ଢାଙ୍କି ଦିଏ।

୨୮ । ମୋର ହୃଦୟର ପୂଜା ବାହାରର ବିଧି ମୁତାବକ ପୂଜା ଅପେକ୍ଷା ଆପଣଙ୍କୁ ଅଧିକ ଆନନ୍ଦ ଦେଉ ଓ ଆପଣଙ୍କୁ ସୁଖାନନ୍ଦରେ ବିଭୂଷିତ କରୁ ।

୨୯ । ଅତି ଅନାବିଳ ଅଷ୍ଟସାତ୍ତ୍ୱିକ[୨] ଭାବ ରୂପରେ ଆଠଗୋଟି ପଦ୍ମ ଓ ଆମ ମନର ଏକାଗ୍ରତା ସ୍ୱରୂପ ଫଳ ଆମେ ଆପଣଙ୍କୁ ଅର୍ପଣ କରୁଅଛୁ ।

୩୦ । ଆମକୁ ଭକ୍ତିର ପ୍ରତୀକ ଭାବରେ ବୁକ୍କା[୩] ଆପଣଙ୍କ କପାଳରେ ଲଗାଇବାକୁ ଦିଅନ୍ତୁ । ଗଭୀର ଭକ୍ତିର ଶୃଙ୍ଖଳ ଆମ ଗଳାରେ ପିନ୍ଧାଇ ଆପଣଙ୍କ ପାଦର ଅଙ୍ଗୁଳି ଉପରେ ଆମର ମଥା ରଖିବାକୁ ଦିଅନ୍ତୁ ଓ ତାହା ପରେ ଆମକୁ ପ୍ରୀତିକର ଓ ଚମତ୍କାର ଉତ୍ସବକୁ ଉପଭୋଗ କରିବାକୁ ଦିଅନ୍ତୁ !"

୩୧ । ଆମର ଶ୍ରଦ୍ଧାରୂପକ ମଣିମୁକ୍ତାରେ ତାଙ୍କୁ ବିଭୂଷିତ କରି, ଅଶୁଭ ଦୃଷ୍ଟିକୁ ପୂର୍ଣ୍ଣପ୍ରାଣରେ ହଟେଇ ଦେବା ଆସନ୍ତୁ[୪] । ଆମର ପଂଚପ୍ରାଣକୁ ଚାମର କରି ତାଙ୍କୁ ବିଂଚିବା ଦ୍ୱାରା ଉଷ୍ଣତାକୁ ଦୂରେଇ ଦେବା ଆସନ୍ତୁ ।

୩୨ । ଏଭଳି ଶାନ୍ତିଦାୟକ ପୂଜା ସମାପ୍ତି ପରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ଆସନ୍ତୁ, ସୁଗନ୍ଧ ଅର୍ପଣ କରିବା ଆସନ୍ତୁ ଓ ଜଳ ନୈବେଦ୍ୟ ବାଢ଼ିବା ଆସନ୍ତୁ । ଏହିଭଳି ଭାବରେ ଆମ ନିଜର ମଙ୍ଗଳ ନିମିତ୍ତ, ହେ ସାଇରାଜ, ଆମେ ଆପଣଙ୍କର ପୂଜା କରିବୁ ।

୩୩। ଆମର ମନୋବାଞ୍ଛା ପୂରଣ ନିମନ୍ତେ ଆମେ ସବୁସମୟରେ 'ଶ୍ରୀସାଇ ସମର୍ଥ'ଙ୍କୁ ସ୍ମରଣ କରିଥାଉ ଓ ଜପ କରିଥାଉ ଏବଂ ସେହି ମନ୍ତ୍ର ପ୍ରଭାବରୁ ପରମ ଲକ୍ଷ୍ୟ ପ୍ରାପ୍ତି କରିଥାଉ ଓ ଆପଣଙ୍କ ଉପରେ ଆମର ବିଶ୍ୱାସକୁ ମଧ୍ୟ ଦୃଢ଼ୀଭୂତ କରିଥାଉ ।

୩୪ । ଗତ ଅଧ୍ୟାୟରେ ଶ୍ରୀସାଇ ସମର୍ଥ କିପରି ଭକ୍ତମାନଙ୍କର ମଙ୍ଗଳ ସାଧନ ନିମିତ୍ତ ଶିକ୍ଷା ଦେଇଥିଲେ, ସେ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି ।

୩୫ । ଏବେ ଏହି ଅଧ୍ୟାୟରେ ଭକ୍ତଙ୍କର ବିଶ୍ୱାସ ନିଜର ଗୁରୁଙ୍କ ଉପରେ କିଭଳି ଦୃଢ଼ୀଭୂତ ହୋଇଥିଲା, ତାହାର ବର୍ଣ୍ଣନା କରାଯାଉଛି । ସେହି କାହାଣୀ ଶୁଣନ୍ତୁ ।

୩୬ । ଗତ ଅଧ୍ୟାୟରେ ଭକ୍ତ ପନ୍ତଙ୍କ ଅମୃତୋପମ ଚରିତ ସମ୍ପର୍କରେ ବର୍ଣ୍ଣନା ଆରମ୍ଭ କରାହୋଇଥିଲା । ଶ୍ରୋତାମାନେ ମନଧ୍ୟାନ ଦେଇ ଶୁଣିଲେ ପ୍ରକୃତ ଘଟଣାକୁ ଭଲ ଭାବରେ ବୁଝିପାରିବେ ।

୩୭ । ସେ କେତେ ପ୍ରକାର ଅନୁଭୂତି ଅଙ୍ଗେ ଲିଭେଇଥିଲେ, କିଭଳି ବିଶ୍ୱାସରୂପକ କଜ୍ଜ୍ୱଳ ସେ ଚକ୍ଷୁରେ ଲଗାଇଥିଲେ, ସେ ଗୁରୁଙ୍କ ପାଦତଳେ କିଭଳି ମନ ଦୃଢ଼କରି ସମର୍ପିତ ହୋଇଥିଲେ ଓ କିଭଳି ତାଙ୍କ ମନ ସ୍ଥିର ଶାନ୍ତି ଅନୁଭବ କରିଥିଲା, ସେଇ କଥା କୁହାଯାଉଛି ।

୩୮ । ପନ୍ତ ନାମକ ଜଣେ ଭକ୍ତ ବହୁ ଚେଷ୍ଟା ପରେ ଥରେ ଶିରିଡ଼ି ତାଙ୍କର ବନ୍ଧୁମାନଙ୍କ ସହିତ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଆସିଥିଲେ ।

୩୯ । ସେ ପୂର୍ବରୁ ଜଣେ ଗୁରୁଙ୍କ ଦୀକ୍ଷା ନେଇଥିଲେ ଓ ନିଜର ଗୁରୁଙ୍କ ପ୍ରତି ବିଶ୍ୱସ୍ତ ଥିଲେ । ସେ ଗୁରୁଙ୍କ କୃପା ମଧ୍ୟ ଲାଭ କରିଥିଲେ । ତେଣୁ ସେ ଶିରିଡ଼ି ଯିବା ନିମନ୍ତେ ଦ୍ୱିଧାବୋଧ କରୁଥିଲେ ।

୪୦ । ତଥାପି ଅପ୍ରତ୍ୟାଶିତ ଭାବରେ ନିଜର ଭାଗ୍ୟ ଅନୁଯାୟୀ ହିଁ କାର୍ଯ୍ୟ ହୋଇଥାଏ । ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ସୁଯୋଗ ଆସି ପହଞ୍ଚିଥିଲା ଓ ସେ ବହୁତ ଖୁସି ହୋଇଥିଲେ ।

୪୧ । ମଣିଷ ଇଚ୍ଛା କରେ ମାତ୍ର ଭଗବାନ ତାହାର ଫଏସଲା କରିଥାନ୍ତି । ଭାଗ୍ୟ ବିରୋଧରେ କେହି କିଛି କରିପାରିବ ନାହିଁ । ମନ ସ୍ଥିର କରି ତାହା ଶୁଣନ୍ତୁ ।

୪୨ । କେତେକ ବ୍ୟକ୍ତି ଟ୍ରେନରେ ଶିରିଡ଼ି ଯିବା ପାଇଁ ସ୍ଥିର କରିଥିଲେ ଓ ଘର ଛାଡ଼ି ଖୁସିରେ ଯାତ୍ରା କରୁଥିଲେ ।

୪୩ । ସେମାନେ ଟ୍ରେନରେ ବସିବା ପରେ ଅଚାନକ ଭାବରେ ପନ୍ତଙ୍କୁ ତାହା ମଧ୍ୟରେ ବସିଥିବାର ଦେଖିଥିଲେ । ସେମାନେ ଶିରିଡ଼ି ଯାଉଛନ୍ତି ବୋଲି ପନ୍ତ ସେମାନଙ୍କ ନିକଟରୁ ଶୁଣିଥିଲେ ।

୪୪ । ସେହି ଦଳ ମଧ୍ୟରେ ପନ୍ତଙ୍କର କେତେଜଣ ବନ୍ଧୁ ରହିଥିଲେ ଓ ତାଙ୍କ ସନ୍ତାନର ଶ୍ୱଶୁର ଓ ଶାଶୁ ମଧ୍ୟ ଥିଲେ । ପନ୍ତଙ୍କର ଶିରିଡ଼ି ଯିବାର ଯୋଜନା ନଥିଲେ ମଧ୍ୟ, ସେମାନେ ତାଙ୍କୁ ସାଥିରେ ଯିବା ନିମନ୍ତେ ଜୋର କରିଥିଲେ ।

୪୫ । ତାଙ୍କର ଗନ୍ତବ୍ୟସ୍ଥଳ ପାଇଁ ସେହି ଅନୁଯାୟୀ ସେ ପ୍ରଥମେ ଟିକଟ କିଣିସାରିଥିଲେ ମଧ୍ୟ ପରେ ସେ ମନ ପରିବର୍ତ୍ତନ କରିଥିଲେ ।

୪୬ । ପନ୍ତଙ୍କର ଇଚ୍ଛାନଥିଲେ ମଧ୍ୟ ବନ୍ଧୁମାନେ ଓ

ସମୁଦିସମୁଦୁଣୀ ସେମାନଙ୍କ ସାଙ୍ଗରେ ଶିରିଡ଼ି ଯିବାକୁ ପ୍ରବର୍ତ୍ତାଇବାରୁ ସେ ଶିରିଡ଼ି ଯିବାକୁ ରାଜି ହୋଇଥିଲେ।

୪୭। ପନ୍ତ ବିରାରଠାରେ ଓହ୍ଲାଇ ପଡ଼ିଥିଲେ ଓ ଦଳର ଅନ୍ୟ ସମସ୍ତେ ବମ୍ବେଇ ପର୍ଯ୍ୟନ୍ତ ଯାଇଥିଲେ। ପନ୍ତ ତାଙ୍କର ଖର୍ଚ୍ଚ ନିମନ୍ତେ କିଛି ଟଙ୍କା ଧାର କରିବା ପରେ ସେ ମଧ୍ୟ ବମ୍ବେଇ ଚାଲିଯାଇଥିଲେ।

୪୮। ସେ ବନ୍ଧୁମାନଙ୍କୁ ଅସନ୍ତୁଷ୍ଟ କରିବା ପାଇଁ ଚାହୁଁନଥିଲେ । ସେ ନିଜ ଗୁରୁଙ୍କର ଅନୁମତି ନେଇ, ଅନ୍ୟମାନଙ୍କ ସହିତ ଶିରିଡ଼ି ଖୁସିରେ ଆସିଥିଲେ।

୪୯। ସକାଳ ଏଗାରଟା ସମୟରେ ସମସ୍ତେ ମସ୍‌ଜିଦ୍‌କୁ ଯାଇଥିଲେ। ପୂଜା କରିବା ନିମନ୍ତେ ଭକ୍ତମାନଙ୍କର ଗହଳି ଦେଖି ସେମାନେ ଆନନ୍ଦ ଅନୁଭବ କରିଥିଲେ।

୫୦। ବାବାଙ୍କର ଧ୍ୟାନମଗ୍ନ ଚେହେରା ଦେଖି ସମସ୍ତେ ଆହ୍ଲାଦିତ ହୋଇଥିଲେ। ହଠାତ୍ ପନ୍ତକୁ ବାତ ମାରିଥିଲା ଓ ସେ ଅଚେତ ହୋଇ ତଳେ ପଡ଼ିଯାଇଥିଲେ।

୫୧। ତାଙ୍କର ହାତଗୋଡ଼ ଚଳୁନଥିଲା ଓ ସେ ମୃତଭଳି ସ୍ଥାଣୁ ପାଲଟି ଯାଇଥିଲେ। ଯେଉଁମାନେ ତାଙ୍କ ସହିତ ଆସିଥିଲେ, ସେମାନେ ଅତ୍ୟନ୍ତ ଚିନ୍ତାଗ୍ରସ୍ତ ଓ ଭୟଭୀତ ହୋଇପଡ଼ିଥିଲେ।

୫୨। ସେ ଶ୍ରୀସାଇଙ୍କର କରୁଣା ଓ ଅନ୍ୟମାନଙ୍କ ସାହାଯ୍ୟ ପାଇଥିଲେ । ତାଙ୍କ ମସ୍ତକରେ ଜଳ ସିଂଚା ଯାଇଥିଲା ଓ ସେ ଚେତା ପୂରା ଫେରି ପାଇଥିଲେ ।

୫୩। ଚେତନା ଲାଭ କରିବା ପରେ ସେ ନିଦ୍ରାରୁ ଉଠିବାପରି ମନେ ହେଉଥିଲେ ଓ ହତଚକିତ ହୋଇ ବସି ରହିଥିଲେ।

୫୪। ବାବା ସର୍ବଦର୍ଶୀ ହୋଇଥିବାରୁ ପନ୍ତ ଅନ୍ୟ ଗୁରୁଙ୍କର ଜଣେ ଶିଷ୍ୟ ବୋଲି ଜାଣିପାରିଥିଲେ ଓ ତାଙ୍କୁ ନିର୍ଭୟ ହେବାକୁ ଆଶ୍ୱାସନା ଦେଇଥିଲେ ଏବଂ ନିଜ ଗୁରୁଙ୍କ ଉପରେ ଆସ୍ଥା ଦୃଢ଼ କରିବାକୁ କହିଥିଲେ ।

୫୫। ସେ କହିଥିଲେ, "ଯାହା କିଛି ହୋଇଗଲେ ମଧ୍ୟ ନିଜର ଅବଲମ୍ବନ(ଅର୍ଥାତ୍ ନିଜ ଗୁରୁ) ତ୍ୟାଗ କର ନାହିଁ। ସବୁବେଳେ ସ୍ଥିର ହୋଇ ରୁହ ଓ ତାଙ୍କ ସହିତ ଏକାତ୍ମ ହୋଇ ରୁହ।"

୫୬। ପନ୍ତ ଏହି ଉକ୍ତିର ତାତ୍ପର୍ଯ୍ୟ ବୁଝି ପାରିଥିଲେ ଓ ତାଙ୍କର ନିଜ ଗୁରୁଙ୍କ କଥା ମନେ ପଡ଼ିଯାଇଥିଲା। ଜୀବନସାରା ସେ ସାଇବାବାଙ୍କର ଉଦାରତାକୁ ମନେ ରଖିଥିଲେ।

୫୭। ସେହିଭଳି ବମ୍ବେଇନିବାସୀ ହରିଶ୍ଚନ୍ଦ୍ର ପିତଲେ ନାମକ ଜଣେ ଭଦ୍ରବ୍ୟକ୍ତି ତାଙ୍କ ପୁଅର ଅପସ୍ମାର ରୋଗ ହେତୁ ବହୁତ ହଇରାଣ ହୋଇଥିଲେ।

୫୮। ସେ ରୋଗର ଆୟୁର୍ବେଦୀୟ ଓ ଡାକ୍ତରୀ ଚିକିତ୍ସା କରି ଅନେକ ଡାକ୍ତରଙ୍କ ପରାମର୍ଶ ନେଇଥିଲେ ମଧ୍ୟ ପୁଅର ରୋଗ ଆରୋଗ୍ୟ ହୋଇନଥିଲା। ସବୁ ଚେଷ୍ଟା ବିଫଳ ହୋଇଥିଲା। କେବଳ ସାଧୁସନ୍ଥମାନଙ୍କର ଆଶ୍ରୟନେବା ହିଁ ଏକମାତ୍ର ପ୍ରତିକାର ପନ୍ଥା ଥିଲା।

୫୯। ୧୯୧୦ ମସିହାରେ ଦାସଗଣୁ କୀର୍ତ୍ତନ ଆରମ୍ଭ କରିଥିଲେ ଓ ବାବାଙ୍କର ସୁଖ୍ୟାତି ବ୍ୟାପି ଯାଇଥିଲା। ବହୁସଂଖ୍ୟାରେ ଲୋକେ ଶିରିଡ଼ି ଆସୁଥିଲେ।

୬୦। ଯଦିଓ ଗ୍ରାମଟି ଛୋଟ ଥିଲା, ଭାଗ୍ୟ ତାହାର ବହୁତ ବଡ଼ ଥିଲା। ଶିରିଡ଼ି ଅନ୍ୟ ଏକ ପଣ୍ଢରପୁର ପାଲଟି ଯାଇଥିଲା ଓ ବହୁତ ତୀର୍ଥଯାତ୍ରୀ ଦର୍ଶନରେ ଆସୁଥିଲେ।

୬୧। କେବଳ ଦର୍ଶନ ଦ୍ୱାରା ରୋଗ ଭଲ ହୋଇଯାଉଥିବାର ଅଭିଜ୍ଞତା ଅନେକ ଲୋକଙ୍କର ହୋଇଥିଲା। ବାବାଙ୍କ ହାତର ସ୍ପର୍ଶ ପାଇ କିମ୍ବା କୃପା ଦୃଷ୍ଟି ପାଇ ସେମାନଙ୍କ ରୋଗ ମଧ୍ୟ ଭଲ ହୋଇଯାଉଥିଲା ।

୬୨। ଭକ୍ତମାନେ ସମ୍ପୂର୍ଣ୍ଣ ଶରଣାଗତ ହେବାରୁ ସେମାନଙ୍କର ମଙ୍ଗଳ ହେଉଥିଲା। ସମସ୍ତଙ୍କର ମନବୁଝି ବାବା ସେମାନଙ୍କର ସମସ୍ତ ଇଚ୍ଛା ପୂରଣ କରୁଥିଲେ।

୬୩। ଉଦିର ସ୍ପର୍ଶମାତ୍ରକେ ଦୁଷ୍ଟାତ୍ମା ପଳାଇଯାଉଥିଲା, ଆଶୀର୍ବାଦ ଯୋଗୁଁ ରୋଗ ଭଲ ହୋଇଯାଉଥିଲା ଓ ତାଙ୍କ ଆଖିର କରୁଣାପୂର୍ଣ୍ଣ ଚାହାଣୀ ଦ୍ୱାରା ସମସ୍ତ ବାଧା ବିଘ୍ନ ଦୂର ହୋଇଯାଉଥିଲା । ଏହି କାରଣରୁ ଲୋକେ ବାବାଙ୍କ ଦର୍ଶନ ନିମିତ୍ତ ଧାଇଁ ଆସୁଥିଲେ।

୬୪। ଦାସଗଣୁଙ୍କର କୀର୍ତ୍ତନ ତଥା ରଚନାବଳୀରୁ ଓ ଲୋକମୁଖରୁ ଏଭଳି ମାହାତ୍ମ୍ୟ ସମ୍ବନ୍ଧରେ ଶୁଣିବା ପରେ ହରିଶ୍ଚନ୍ଦ୍ର ପିତଲେଙ୍କ ମନରେ ବାବାଙ୍କ ଦର୍ଶନ ନିମିତ୍ତ ଇଚ୍ଛା ଜାଗରିତ ହୋଇଥିଲା।

୬୫। ପିତଲେ ତାଙ୍କର ପତ୍ନୀ ଓ ପିଲାମାନଙ୍କୁ ସାଂଗରେ ଧରି ଶିରିଡ଼ି ଗ୍ରାମକୁ ନିଜର ପୂର୍ବଜନ୍ମ ସୁକୃତରୁ ଦର୍ଶନ

ନିମିତ୍ତ ଫୁଲଫଳ ଓ ଉପହାରାଦି ଧରି ଆସିଥିଲେ।
୬୬। ସେ ବାଳକକୁ ବାବାଙ୍କର ପାଦତଳେ ଶୁଆଇ ଦେଇଥିଲେ ଓ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ସେହି ସମୟରେ ଏକ ଅସାଧାରଣ ଘଟଣା ଘଟିଥିଲା, ଯାହା ପିତଲେଙ୍କୁ ଖୁବ୍ ବିଚଳିତ କରିଦେଇଥିଲା।
୬୭। ଶ୍ରୀସାଇଙ୍କ ଚକ୍ଷୁ ସହିତ ପିଲାଟିର ଚକ୍ଷୁ ମିଶିଯିବା ମାତ୍ରକେ ପିଲାଟି ଅଚେତ ହୋଇଯାଇଥିଲା। ସେ ଆଖିଡ଼ୋଳା ଓଲଟାଇ ହଠାତ୍ ପଡ଼ି ଯାଇଥିଲା। ବାପାମା' ପାଗଳଙ୍କ ଭଳି ବାଉଳି ହୋଇଥିଲେ।
୬୮। ପିଲାଟି ଭୂମି ଉପରେ ଅଚେତ ହୋଇ ପଡ଼ିଥିଲା। ତା'ର ମୁହଁରୁ ଫେଣ ବାହାରୁଥିଲା। ବାପାମା' ସେମାନଙ୍କର ଭାଗ୍ୟକୁ ନେଇ ଅତିଶୟ ଚିନ୍ତିତ ତଥା ଆଶଙ୍କିତ ହୋଇଥିଲେ।
୬୯। ନିଶ୍ୱାସ ଚାଲିବାର ଲକ୍ଷଣ ଜଣା ପଡୁନଥିଲା, ଫେଣ ମୁହଁରୁ ଲଗାତର ବାହାରୁଥିଲା, ଦେହ ଝାଳରେ ବୁଡ଼ିଯାଇଥିଲା ଓ ତାହାର ବଂଚିବାର କୌଣସି ଆଶା ଦେଖାଯାଉନଥିଲା।
୭୦। ପିଲାଟିକୁ ଏହି ବାତମାରି ସେ ଅନେକଥର ଅଚେତ ହୋଇଯାଉଥିଲେ ମଧ୍ୟ, ଏତେ ସମୟ ଧରି ବା ଏଭଳି ତୀବ୍ର ଭାବରେ ଆଗରୁ କେବେ ହୋଇନଥିଲା।
୭୧। ରୋଗର ଏଭଳି ଭୟଙ୍କର ଆକ୍ରମଣ ପୂର୍ବରୁ କେବେ ହୋଇନଥିଲା କିମ୍ବା ଆଉ ପରେ କେବେ ହେବନାହିଁ। ସେ ବୋଧହୁଏ ମରିବାକୁ ଯାଉଥିଲା। ମା' ପୁଅର ଏ ଅବସ୍ଥା ଦେଖି ଆଖିର ଲୁହ ସମ୍ଭରଣ କରି ପାରୁନଥିଲେ।
୭୨। "ଆମେ କେଉଁ ଉଦ୍ଦେଶ୍ୟରେ ଏଠାକୁ ଆସିଥିଲୁ ଓ କ'ଣ ହୋଇଗଲା! ପ୍ରତିକାର ପୁଅର ରୋଗକୁ ଅଧିକ ବଢ଼ାଇ ଦେଲା। ଏହି ପଦ (ସାଇନାଥଙ୍କ) କ୍ଷତିକାରକ ପ୍ରମାଣିତ ହେଲା। କଷ୍ଟ କରି ଆସିବାର ସମସ୍ତ ପରିଶ୍ରମ ବୃଥା ହୋଇଗଲା।
୭୩। " ଚୋରଙ୍କ କବଳରୁ ରକ୍ଷାପାଇବାକୁ ଏକ ଘର ଭିତରକୁ ଧାଇଁ ଯିବା ସମୟରେ ଘରର ଚାଳ ମୁଣ୍ଡ ଉପରେ ଭାଙ୍ଗି ପଡ଼ିଲେ ଯାହା ହୁଏ, ଆମର ଏଠାକୁ ଆଗମନ ସେୟା ହେଲା" ବୋଲି ମହିଳା ଜଣକ ବାହୁନି କାନ୍ଦୁଥିଲେ।
୭୪। "ଗାଈଟିଏ ବାଘ ହାବୁଡ଼ରୁ ରକ୍ଷାପାଇବା ପାଇଁ ଦୌଡ଼ିଯାଇ କଂସେଇ ହାତରେ ପଡ଼ିବା ଭଳି ଆମର ଅବସ୍ଥା ହେଲା।
୭୫। "କିମ୍ବା ଜଣେ ପଥିକ ସୂର୍ଯ୍ୟତାପରୁ ରକ୍ଷା ପାଇବା ପାଇଁ ବୃକ୍ଷମୂଳରେ ବସିଥିବା ବେଳେ ବୃକ୍ଷ ସମୂଳେ ଉପୁଡ଼ିଯାଇ ତାହା ଉପରେ ପଡ଼ିଯିବା ଭଳି ଆମର ଅବସ୍ଥା ହେଲା।
୭୬। "ପ୍ରଭୁଙ୍କ ପ୍ରତି ବିଶ୍ୱାସ ରଖି ପ୍ରାର୍ଥନା କରିବା ପାଇଁ ମନ୍ଦିରକୁ ଯାଇଥିବା ବ୍ୟକ୍ତି ଉପରେ ମନ୍ଦିର ଭାଙ୍ଗି ପଡ଼ିବା ଭଳି ଅବସ୍ଥା ଆମର ହେଲା।"
୭୭। ବାବା ସେମାନଙ୍କୁ ଆଶ୍ୱାସନା ଦେଇଥିଲେ, "ଟିକିଏ ସାହସ ଓ ଧୈର୍ଯ୍ୟ ଧର। ପିଲାକୁ ଯତ୍ନ ସହକାରେ ଟେକିନିଅ। ତାହାର ଚେତା ଫେରିଆସିବ।
୭୮। "ତୁମେ ରହୁଥିବା ବସାଘରକୁ ପିଲାକୁ ନେଇଯାଅ। ପ୍ରାୟ ଅଧଘଣ୍ଟା ମଧ୍ୟରେ ତାହାର ଜୀବନ ଫେରିଆସିବ। ଅଯଥାରେ ଏଠି ହଇଚଇ କରନାହିଁ ।"
୭୯। ଯାହାହେଉ, ସେମାନେ ସେୟା କରିଥିଲେ। ବାବାଙ୍କର କଥା ସତ ହୋଇଥିଲା। ପିତଲେ ଓ ତାଙ୍କ ପରିବାର ଆହ୍ଲାଦିତ ହୋଇଥିଲେ ଓ ସେମାନଙ୍କର ସମସ୍ତ ସନ୍ଦେହ ଉଭେଇ ଯାଇଥିଲା।
୮୦। ଓ୍ୱାଡ଼ାକୁ ନେବାପରେ ବାଳକଟି ସଂଗେ ସଂଗେ ଚେତା ଫେରି ପାଇଥିଲା। ପିତାମାତାଙ୍କର ଚିନ୍ତା ଦୂର ହୋଇ ଯାଇଥିଲା। ସେମାନେ ବହୁତ ଖୁସି ହୋଇଥିଲେ।
୮୧। ତା'ପରେ ପିତଲେ ଓ ତାଙ୍କର ପତ୍ନୀ ବାବାଙ୍କର ଦର୍ଶନ ନିମିତ୍ତ ଆସିଥିଲେ ଓ ଅତ୍ୟନ୍ତ ବିନୟ ସହକାରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ।
୮୨। ପୁଅ ଆରୋଗ୍ୟ ହୋଇଥିବାର ଦେଖି ସେ ଖୁସିରେ ଓ ଗଭୀର କୃତଜ୍ଞତା ସହକାରେ ମନପ୍ରାଣ ଦେଇ ବାବାଙ୍କର ପାଦ ଘଷୁଥିଲେ। ବାବା ହସି ହସି ପଚାରିଥିଲେ-
୮୩। "ସଂଶୟ ଓ କାମନାର ଜୁଆରରେ ଏବେ ଭଟା ପଡ଼ିଯାଇଛିତ ? ଯେଉଁମାନଙ୍କର ଶ୍ରଦ୍ଧା ଓ ଶବୁରୀ (ଧୈର୍ଯ୍ୟ) ଥାଏ, ଶ୍ରୀହରି ସେମାନଙ୍କୁ ରକ୍ଷା କରିଥାନ୍ତି।"
୮୪। ପିତଲେ ମୂଳରୁ ଧନୀ ଥିଲେ। ଏକ ସତ୍ ଓ ସୁପରିଚିତ ପରିବାରରେ ସେ ଜନ୍ମ ହୋଇଥିଲେ। ସେ ବାବାଙ୍କୁ ଫୁଲଫଳ, ପାନପତ୍ର ଇତ୍ୟାଦି ଦେବା ସହିତ

ଅକାତରରେ ମିଠା ଓ ଶୁଖିଲା ଫଳ ବାଣ୍ଟିଥିଲେ।
୮୫। ତାଙ୍କର ପତ୍ନୀ ଅତି ସାତ୍ତ୍ୱିକ ଓ ସ୍ନେହୀ ସ୍ୱଭାବର ଥିଲେ । ତାଙ୍କ ମନରେ ପ୍ରଗାଢ଼ ବିଶ୍ୱାସ ଓ ଭକ୍ତି ରହିଥିଲା । ସେ ଖୁନ୍ଧ ନିକଟରେ ବସି ବାବାଙ୍କୁ ଚାହିଁ ରହୁଥିଲେ।
୮୬। ସେହି ଚାହିଁ ରହିବା ଅବସ୍ଥାରେ ତାଙ୍କ ଚକ୍ଷୁ ଲୋତକ-ପୂର୍ଣ୍ଣ ହୋଇଯାଉଥିଲା। ସେ ଏହିଭଳି ପ୍ରତ୍ୟହ କରୁଥିଲେ। ତାଙ୍କର ଏପ୍ରକାର ଚମତ୍କାର ଢଙ୍ଗରେ ଶ୍ରଦ୍ଧା ପ୍ରକାଶ କରିବାର ଦେଖି ବାବାଙ୍କ ମନ କିଣି ହୋଇଯାଇଥିଲା।
୮୭। ସନ୍ଥମାନେ ହିଁ ଭଗବାନ। ସେମାନେ ଭକ୍ତମାନଙ୍କ ସେବାରେ ସର୍ବଦା ଲାଗିଥାନ୍ତି। ସେମାନଙ୍କୁ ଯେଉଁ ଭକ୍ତମାନେ ମନପ୍ରାଣ ଦେଇ ପୂଜା କରନ୍ତି, ସେଇ ଭକ୍ତମାନଙ୍କ ପ୍ରତି ସେମାନେ ଅଧିକ ଉଦାର ହୋଇଥାନ୍ତି।
୮୮। ସେ ଯାହାହେଉ, କିଛିଦିନ ପରେ ଏହି ପରିବାର ଘରକୁ ଫେରିଯିବାର ଇଚ୍ଛାକରିଥିଲେ । ମସ୍‌ଜିଦ୍‌କୁ ବାବାଙ୍କ ଦର୍ଶନ ଓ ଅନୁମତି ପ୍ରାର୍ଥନା କରିବାକୁ ଆସିଥିଲେ। ବାବାଙ୍କର 'ଉଦି' ଗ୍ରହଣ କରି ଚାଲିଯିବା ପାଇଁ ପ୍ରସ୍ତୁତ ହେଉଥିଲେ।
୮୯। ସେହି ସମୟରେ ବାବା ନିଜ ପକେଟରୁ ତିନିଟଙ୍କା ବାହାର କରି ପିତଲେଙ୍କୁ ନିକଟକୁ ଡାକିଥିଲେ। ବାବା ତାଙ୍କୁ କ'ଣ କହିଥିଲେ ଶୁଣନ୍ତୁ।
୯୦। "ବାପୁ! ପୂର୍ବରୁ ମୁଁ ତୁମକୁ ଦୁଇଟଙ୍କା ଦେଇଥିଲି। ତାହା ସହିତ ଏହି ତିନିଟଙ୍କା ମିଶାଇ ଦିଅ ଓ ସବୁତକ ପୂଜାକର। ତୁମର ମଙ୍ଗଳ ହେବ।"
୯୧। ପିତଲେ ସେହି ଟଙ୍କାକୁ ପ୍ରସାଦ ଭାବି ଖୁସି ମନରେ ଗ୍ରହଣ କରିଥିଲେ। ବାବାଙ୍କ ପଦତଳେ ସେ ସାଷ୍ଟାଙ୍ଗ ପ୍ରଣିପାତ କରି କହିଥିଲେ, "ମହାରାଜ, ମୋ ପ୍ରତି ଏମିତି କୃପା କରିଥାନ୍ତୁ।"
୯୨। ତାଙ୍କ ମନ ଭିତରେ ଚିନ୍ତାର ଢେଉ ଉଠିଥିଲା। 'ଏଠାକୁ ମୁଁ ପ୍ରଥମଥର ଆସିଛି। ବାବା ଏପରି କ'ଣ କହୁଛନ୍ତି ? ମୁଁ ଏହାକୁ ଠିକ୍ ଭାବରେ ବୁଝିପାରୁନାହିଁ।
୯୩। 'ମୁଁ ପୂର୍ବରୁ ବାବାଙ୍କୁ ଦେଖିନଥିଲି । ସେ ମୋତେ ପୂର୍ବରୁ ଦୁଇଟଙ୍କା କିପରି ଦେଇଥିଲେ ? ସେ ତାହାର ଅର୍ଥ କିମ୍ବା ଉପଦେଶକୁ ଆଦୌ ବୁଝି ପାରିନଥିଲେ। ପିତଲେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲେ।'
୯୪। 'ଏହାର ଅର୍ଥ କିଏ ମୋତେ ବୁଝାଇ ଦେବ ?' ତାଙ୍କର କୌତୁହଳ ବଢ଼ିଥିଲା। ବାବା ଅନ୍ୟ କୌଣସି ସୂଚନା ନଦେଇ ଚୁପ୍ ରହିଥିଲେ।
୯୫। ଏମିତି କହୁ କହୁ ସନ୍ଥମାନେ ସାମୟିକ ଭାବରେ ଯାହା କହିଥାନ୍ତି, ତାହା ସତ୍ୟ ବୋଲି ପ୍ରମାଣିତ ହୋଇଥାଏ। ପିତଲେ ଏହା ଭଲଭାବରେ ଜାଣିଥିବାରୁ ହତବାକ୍ ହୋଇପଡ଼ିଥିଲେ।
୯୬। ପରେ ସେ ଯେତେବେଳେ ବମ୍ବେଇ ଫେରି ଘରେ ପହଂଚିଥିଲେ, ଜଣେ ବୃଦ୍ଧା ମହିଳା ତାଙ୍କର ଏହି କୌତୁହଳ ମେଣ୍ଟାଇଥିଲେ।
୯୭। ସେହି ବୃଦ୍ଧା ମହିଳା ଜଣକ ପିତଲେଙ୍କ ମା' ଥିଲେ। ଶିରିଡ଼ିରେ କ'ଣ ସବୁ ଘଟିଥିଲା ସେ ସେହି ବିଷୟରେ ପଚରାପଚରି କରୁଥିବା ସମୟରେ ତିନିଟଙ୍କା କଥା ଉଠିଥିଲା। ସେ ମଧ୍ୟ ତାହାର ସମ୍ପର୍କକୁ ବୁଝି ପାରିନଥିଲେ।
୯୮। ଅନେକ ସମୟ ଚିନ୍ତା କରିବା ପରେ ତାଙ୍କର ମନେପଡ଼ିଥିଲା ଓ ବୃଦ୍ଧା ମା'ପୁତ୍ର ପିତଲେଙ୍କୁ କହିଥିଲେ, "ଏବେ ମୋର ପୂରା ମନେ ପଡୁଛି। ବାବା ଯାହା କହିଥିଲେ ସତ୍ୟ।
୯୯। "ତୁ ତୋ ପୁଅକୁ ନେଇ ଏବେ ଶ୍ରୀସାଇଙ୍କ ଦର୍ଶନ ନିମନ୍ତେ ଶିରିଡ଼ି ଯେମିତି ଯାଇଥିଲୁ, ସେମିତି ଆଗରୁ ତୋ ବାପା ତୋତେ ନେଇ ଅକ୍କଲକୋଟ ଯାଇଥିଲେ।
୧୦୦। "ସେଠାକାର ମହାରାଜ ସିଦ୍ଧପୁରୁଷ ଥିଲେ, ସେ ଅତି ବିଖ୍ୟାତ ହୋଇଥିଲେ ଏବଂ ପରୋପକାରୀ, ସର୍ବଦର୍ଶୀ, ଯୋଗୀ ଓ ବହୁତ ଜ୍ଞାନୀ ଥିଲେ। ତୋ ବାପା ମଧ୍ୟ ଜଣେ ନୀତିବାନ୍, ଧାର୍ମିକ ବ୍ୟକ୍ତି ଥିଲେ।
୧୦୧। "ଯୋଗୀରାଜ ତୋ ବାପାଙ୍କର ପୂଜା ଗ୍ରହଣ କରିଥିଲେ ଓ ଅତ୍ୟନ୍ତ ପ୍ରୀତ ହୋଇଥିଲେ। ସେ ତୋ ବାପାଙ୍କୁ ପ୍ରସାଦ ଆକାରରେ ଦୁଇଟଙ୍କା ପୂଜା କରିବା ନିମିତ୍ତ ଦେଇଥିଲେ।
୧୦୨। "ପୁଅରେ, ଏବେ ବୁଝ ଯେ ପୂର୍ବର ସେହି ଦୁଇଟଙ୍କା ମଧ୍ୟ ଯୋଗୀରାଜ ତୋତେ ପୂଜା କରିବାକୁ ଦେଇଥିଲେ।
୧୦୩। "ସେହି ଦୁଇଟି ଟଙ୍କା ପୂଜା ବେଦୀରେ ରଖାଯାଇଥିଲା ଓ ତୋ ବାପା ତାହାକୁ ଗଭୀର ବିଶ୍ୱାସ ସହକାରେ ପୂଜା କରୁଥିଲେ।

୧୦୪। "ମୁଁ କେବଳ ତାଙ୍କର ବିଶ୍ୱାସ ସମ୍ବନ୍ଧରେ ଜାଣିଥିଲି। ସେ ତାଙ୍କର ବିଶ୍ୱାସ ଅନୁଯାୟୀ କାର୍ଯ୍ୟ କରୁଥିଲେ। ତାଙ୍କର ମୃତ୍ୟୁ ପରେ ପୂଜା ଓ ତାହାର ଉପକରଣାଦି ପିଲାଙ୍କର ଖେଳ ସାମଗ୍ରୀ ହୋଇଯାଇଥିଲା।

୧୦୫। "ଭଗବାନଙ୍କ ଉପରେ ବିଶ୍ୱାସ ରହିନଥିଲା, ଓଲଟି ପୂଜା କରିବାକୁ ଲଜ୍ଜାବୋଧ ହେଉଥିଲା। ପୂଜା କରିବା ନିମନ୍ତେ ପିଲାମାନଙ୍କ ମଧ୍ୟରେ ପାଳି କରାଯାଉଥିଲା। ଟଙ୍କା ଦୁଇଟିର ଯତ୍ନ କିଏ ବା ନେଇଥାନ୍ତା ?

୧୦୬। "ଏହିଭଳି ଅନେକ ବର୍ଷ ବିତିଯାଇଥିଲା। ଟଙ୍କା ଦୁଇଟିର ଗୁରୁତ୍ୱ ଲୋପ ପାଇଯାଇଥିଲା। ସେହି ସ୍ମୃତି ମଳିନ ପଡ଼ିଯାଇଥିଲା। ଦୁଇଟଙ୍କା କୁଆଡେ ହଜିଯାଇଥିଲା।

୧୦୭। "ସେ ଯାହାହେଉ, ତୁ ପ୍ରକୃତରେ ଧନ୍ୟହେଲୁ, ଆଶୀର୍ବାଦ ଲାଭକଲୁ । ମହାରାଜଙ୍କୁ ଶ୍ରୀସାଇ ରୂପରେ କେବଳ ଦର୍ଶନ କଲୁନାହିଁ, ବିପଦକୁ ଦୂରେଇ ଦେବା ପାଇଁ ସେ ତୋତେ ବିସ୍ମୃତ କର୍ତ୍ତବ୍ୟକୁ ମନେ ପକାଇଦେଲେ।

୧୦୮। "ତେଣୁ ବର୍ତ୍ତମାନଠାରୁ ସମସ୍ତ ସଂଶୟ ଓ ଦୁଶ୍ଚିନ୍ତା ମନରୁ ପୋଛିଦେ! ତୋର ପୂର୍ବସୂରୀମାନଙ୍କ ପଦଚିହ୍ନକୁ ଅନୁସରଣ କର ଓ ବଦଭ୍ୟାସର ବଶବର୍ତ୍ତୀ ହୁଅନାହିଁ ।

୧୦୯। "ଟଙ୍କାଗୁଡ଼ିକୁ ପୂଜାକର। ସନ୍ଥଙ୍କର ପ୍ରସାଦକୁ ମଣିତୁଲ୍ୟ ଜ୍ଞାନକର। ଶ୍ରୀସାଇ ସମର୍ଥ ଏହାର ତାତ୍ପର୍ଯ୍ୟ ସମ୍ବନ୍ଧରେ ତୋର ହୃଦ୍‌ବୋଧ କରାଇ ଦେଇଛନ୍ତି ଓ ଏକ ଭକ୍ତିପୂର୍ଣ୍ଣ ଜୀବନର ପୁନରୁତ୍ଥାନ କରିଛନ୍ତି।"

୧୧୦। ମା'ଙ୍କ ନିକଟରୁ ଏହି କଥା ଶୁଣି ପିତଲେ ପରମ ଆନନ୍ଦ ଓ ସନ୍ତୋଷ ଲାଭ କରିଥିଲେ। ସେ ଶ୍ରୀସାଇଙ୍କର ସର୍ବବ୍ୟାପକତା ଓ ତାଙ୍କ ଦର୍ଶନର ମହତ୍ୱକୁ ଅନୁଭବ କରିଥିଲେ।

୧୧୧। ମାତାଙ୍କର ସେହି ଅମୃତମୟ ବାଣୀ ତାଙ୍କର ପୂର୍ବଭାବକୁ ଜାଗ୍ରତ କରାଇଥିଲା। ସେ ପଶ୍ଚାତାପ ଓ ପ୍ରାୟଶ୍ଚିତ କରିଥିଲେ ଏବଂ ତାଙ୍କ ଭବିଷ୍ୟତ ମଙ୍ଗଳର ରାସ୍ତାକୁ ସୁଗମ କରିଥିଲେ।

୧୧୨। ଯାହା ହେବାର ଥିଲା, ହୋଇଗଲା। ସନ୍ଥ ତାଙ୍କ ମଧ୍ୟରେ ଭବିଷ୍ୟତ କର୍ତ୍ତବ୍ୟକୁ ଜାଗ୍ରତ କରାଇଥିଲେ। କୃତଜ୍ଞତା ସହକାରେ ଓ ସଜ୍ଜାନରେ ସେ ତାହା ପରେ ତାଙ୍କର କର୍ତ୍ତବ୍ୟ ନିର୍ବାହ କରିଥିଲେ।

୧୧୩। ମୁଁ ଆଉ ଗୋଟିଏ ଅଭିଜ୍ଞତାର ବର୍ଣ୍ଣନା କରୁଛି। ଧୀରସ୍ଥିର ଭାବରେ ଶ୍ରବଣ କରନ୍ତୁ। ବିଶୃଙ୍ଖଳ ଭକ୍ତଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ବାବା କି ପଦ୍ଧତି ଗ୍ରହଣ କରିଥିଲେ, ତାହା ଏଥିରୁ ଜଣାପଡ଼ିବ।

୧୧୪। ପୁଣେର ଗୋପାଳ ନାରାୟଣ ଆମ୍ବେଦକର ବାବାଙ୍କର ଜଣେ ଶ୍ରେଷ୍ଠ ଭକ୍ତ ଥିଲେ। ତାଙ୍କରି କାହାଣୀ ଶୁଣନ୍ତୁ।

୧୧୫। ଇଂରେଜ ଶାସନ ସମୟରେ ସେ ଅବକାରୀ ବିଭାଗରେ ଚାକିରି କରୁଥିଲେ। ଚାକିରି ଦଶବର୍ଷ ପୂର୍ଣ୍ଣହେବା ପରେ ସେ ତାହାକୁ ଛାଡ଼ି ଦେଇ ଘରେ ରହୁଥିଲେ।

୧୧୬। ତାଙ୍କ ନିମନ୍ତେ ଭାଗ୍ୟ ବଦଳିଯାଇ ପ୍ରତିକୂଳ ହୋଇଥିଲା। ଜୀବନର ସମସ୍ତ ଦିନ ସମାନ ଯାଏନାହିଁ। ରାଶିନକ୍ଷତ୍ର ତାଙ୍କ ଭାଗ୍ୟକୁ ବଦଳିଯାଇଥିଲା ଓ ତାଙ୍କ ପାଇଁ ଏକ ଖରାପ ସମୟ ଆସିଥିଲା। ଏହି ପରିବର୍ତ୍ତନକୁ କିଏ ବା ଏଡ଼ାଇ ଦେଇପାରିବ ?

୧୧୭। ପ୍ରଥମ ଅବସ୍ଥାରେ ସେ ଠାଣା ଜିଲ୍ଲାରେ ଚାକିରି କରୁଥିଲେ ଓ ପରେ ତାଙ୍କ ଭାଗ୍ୟ ତାଙ୍କୁ ଜୱାହାରକୁ ନେଇ ଆସିଥିଲା ଓ ସେଠାରେ ସେ ଜଣେ ଅଧିକାରୀ ହୋଇଥିଲେ। ଏହିଠାରେ ହିଁ ସେ କର୍ମରୁ ବିରତି ନେଇଥିଲେ।

୧୧୮। ପୁଣି ଏକ ଚାକିରି ପାଇବା ସହଜ ନଥିଲା। ସେ କେଉଁଠାରୁ ଅବା ପାଇଥାନ୍ତେ ? ସେତେବେଳେ ସେ ଆପ୍ରାଣ ଚେଷ୍ଟା କରିଥିଲେ।

୧୧୯। କିନ୍ତୁ ସଫଳତା ମିଳିନଥିଲା। ତେଣୁ ସେ ସ୍ୱାଧୀନ ଭାବରେ ବ୍ୟବସାୟ କରିବା ପାଇଁ ଚେଷ୍ଟା କରିଥିଲେ। ଏଥିରେ ମଧ୍ୟ ବିପଦ ତାଙ୍କୁ ଘେରି ଯାଇଥିଲା ଓ ଶେଷରେ ସେ ସମସ୍ତ ଆଶା ତ୍ୟାଗ କରି ଦେଇଥିଲେ।

୧୨୦। ବର୍ଷ ପରେ ବର୍ଷ ଗଡ଼ିଯାଇଥିଲା ଓ ତାଙ୍କର ଆର୍ଥିକ ଅବସ୍ଥା କ୍ରମଶଃ ଶୋଚନୀୟ ହୋଇ ପଡ଼ିଥିଲା । ସେ ତଳିତଳାନ୍ତ ହୋଇଯାଇଥିଲେ। ଦୁର୍ଦ୍ଦଶା ଗୋଟିକ ପରେ ଗୋଟିଏ ଆସୁଥିଲା ଓ ଘରସଂସାରର ଦୁରବସ୍ଥା ଅସହ୍ୟ ହୋଇପଡ଼ିଥିଲା।

୧୨୧। ଏହିପରି ସାତବର୍ଷ କଟିଯାଇଥିଲା। ପ୍ରତ୍ୟେକ ବର୍ଷ ସେ ଶିରିଡ଼ି ଯାଇ ତାଙ୍କର ଦୁଃଖ ବାବାଙ୍କୁ ଜଣାଉଥିଲେ ଓ ଦିନରାତି ଦଣ୍ଡ ପ୍ରଣାମ କରି ପ୍ରାର୍ଥନା କରୁଥିଲେ।

୧୨୨ । ୧୯୧୬ ମସିହାରେ ସେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ ଓ ଶିରିଡ଼ି ଯାଇ ଆତ୍ମହତ୍ୟା କରିବା ନିମନ୍ତେ ସ୍ଥିର କରିଥିଲେ ।

୧୨୩ । ଏଥର ସେ ଶିରିଡ଼ିରେ ପତ୍ନୀଙ୍କ ସହିତ ଦୁଇମାସ ରହିଥିଲେ । ଦିନେ ରାତ୍ରିରେ କ'ଣ ଘଟିଥିଲା ଶୁଣନ୍ତୁ ।

୧୨୪ । ଦୀକ୍ଷିତଓ୍ୱାଡ଼ା ସମ୍ମୁଖରେ ଗୋଟିଏ ଶଗଡ଼ ଗାଡ଼ି ଉପରେ ବସିରହି ଆମ୍ବେଦକର ଗଭୀର ଚିନ୍ତାମଗ୍ନ ଥିଲେ ।

୧୨୫ । ଜୀବନ ପ୍ରତି ବୀତସ୍ପୃହ ଓ ଭଗ୍ନମନୋରଥ ହୋଇ ସେ ଚିନ୍ତା କରିଥିଲେ । 'ବହୁତ ହୋଇଗଲା । ଆଉ ଏ କଷ୍ଟ ସହିହେବନାହିଁ' । ସେ ଜୀବନ ଧରି ରହିବାର ଆଶା ଛାଡ଼ି ଦେଇଥିଲେ ।

୧୨୬ । ଏହିଭଳି ଚିନ୍ତାକରି ସେ ଜୀବନର ଆକର୍ଷଣ ହରାଇଥିଲେ । ସେ କୂପ ଭିତରକୁ ଡେଇଁ ପଡ଼ିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ ।

୧୨୭ । 'କେହି ନଥିବା ବେଳେ ନିର୍ଜନ ସମୟର ଉପଯୋଗ କରିବି । ମୁଁ ମୋର ଉଦ୍ଦେଶ୍ୟ ପୂରଣ କରିବି ଓ ମୋର ସମସ୍ତ ଦୁର୍ଦ୍ଦଶାରୁ ମୁକ୍ତ ହେବି' ବୋଲି ଭାବିଥିଲେ ।

୧୨୮ । ଆତ୍ମହତ୍ୟା ମହାପାପ ବୋଲି ସେ ଜାଣିଥିଲେ । ତଥାପି ତାଙ୍କ ଚିନ୍ତାଧାରା ଅନୁଯାୟୀ କାର୍ଯ୍ୟ କରିବାକୁ ମନସ୍ଥ କରିଥିଲେ । କିନ୍ତୁ ସାଇବାବା କଣ୍ଟେଇନାଚକାରୀ ହୋଇଥିବାରୁ ଏହି ଅପରିଣାମଦର୍ଶୀ ତାକୁ ଏଡ଼ାଇ ଦେଇଥିଲେ ।

୧୨୯ । ସେଠାରୁ ଅଳ୍ପକିଛି ଦୂରରେ ଜଣେ ହୋଟେଲ ମାଲିକ ରହୁଥିଲେ । ସେ ବାବାଙ୍କର ସେବା କରୁଥିବାରୁ ବାବା ତାଙ୍କୁ ସାହାଯ୍ୟ କରୁଥିଲେ ।

୧୩୦ । ସଗୁଣ[*] ସେହି ସମୟରେ ଘରର ପ୍ରବେଶ ପଥ ନିକଟକୁ ଆସିଥିଲେ ଓ ଆମ୍ବେଦକରଙ୍କୁ ପଚାରିଥିଲେ, "ଅକ୍କଲକୋଟ ମହାରାଜଙ୍କ ଜୀବନୀ ସମ୍ପର୍କିତ ଏହି ପୁସ୍ତକଟିକୁ କେବେ ପଢ଼ିଛ କି ?"

୧୩୧ । "ଦେଖି, ଦେଖି, ସେଇଟା କୋଉ ବହି", ଏହା କହି ଆମ୍ବେଦକର ତାକୁ ହାତକୁ ନେଇଥିଲେ । ବହିର ପୃଷ୍ଠା ଓଲଟାଇ ସେ ଏଣୁତେଣୁ ପଢୁଥିଲେ ।

୧୩୨ । ଆଶ୍ଚର୍ଯ୍ୟଜନକ ସଂଯୋଗବଶତଃ ଯେଉଁ ବିଷୟଟିକୁ ସେ ପଢ଼ିଥିଲେ, ତାହା ତାଙ୍କର ଅନ୍ତର୍ଭାବନା ସମ୍ପର୍କିତ ଥିଲା । ସେ ଗଭୀର ଭାବରେ ପ୍ରଭାବିତ ହୋଇଥିଲେ ।

୧୩୩ । ଏହି ଗ୍ରନ୍ଥର କଳେବର ବୃଦ୍ଧିର ଭୟଥିବାରୁ ମୁଁ ଶ୍ରୋତାମାନଙ୍କୁ ସେହି କାହାଣୀକୁ ଅତି ସଂକ୍ଷେପରେ ଶୁଣାଇବି । ଯେଉଁ କାହାଣୀଟି ଦୈବାତ୍ ତାଙ୍କ ଆଖିରେ ପଡ଼ିଯାଇଥିଲା, ସେହି କାହାଣୀର ସାରକଥା କେବଳ କହିବି ।

୧୩୪ । ଅକ୍କଲକୋଟରେ ଜଣେ ମହାନ ସନ୍ଥ ରହୁଥିଲେ । ସେ ସବୁବେଳେ ଧ୍ୟାନମଗ୍ନ ରହୁଥିଲେ । ଜଣେ ଭକ୍ତ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଅସହ୍ୟ ଯନ୍ତ୍ରଣା ଭୋଗୁଥିଲେ ।

୧୩୫ । ସେ ଅନେକ ଦିନଧରି ମହାରାଜଙ୍କର ସେବା କରିଥିଲେ ଓ ରୋଗରୁ ମୁକ୍ତ ହୋଇଯିବାର ଆଶା ରଖିଥିଲେ । ସେ ଆଉ ଅଧିକ ଯନ୍ତ୍ରଣା ସହିପାରୁ ନଥିବାରୁ ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିଥିଲା ।

୧୩୬ । ସେ ଆତ୍ମହତ୍ୟା କରିଦେବାକୁ ବଦ୍ଧପରିକର ହୋଇ ରାତିରେ କୂପ ମଧ୍ୟକୁ ଡେଇଁ ପଡ଼ିଥିଲେ ।

୧୩୭ । ସେହି ସମୟରେ ମହାରାଜ ସେଠାରେ ପହଂଚିଯାଇଥିଲେ । ଭକ୍ତଙ୍କୁ ତାଙ୍କ ହାତରେ ଟେକି ଉପରକୁ ବାହାର କରି ଆଣିଥିଲେ । "ଯାହା ଭାଗ୍ୟରେ ଅଛି, ତାହା ପୂରା ଭୋଗିବାକୁ ପଡ଼ିବ" ବୋଲି କହି ଭକ୍ତଙ୍କୁ ଉପଦେଶ ଦେଇଥିଲେ ।

୧୩୮ । "ଶାରୀରିକ ଯନ୍ତ୍ରଣା, ରୋଗବ୍ୟାଧି, ଏପରିକି କୁଷ୍ଠ ରୋଗ ଓ ଅନ୍ୟାନ୍ୟ ସମସ୍ୟା ଆମମାନଙ୍କର ପୂର୍ବଜନ୍ମର କର୍ମଫଳ ଯୋଗୁଁ ସୃଷ୍ଟି ହୋଇଥାଏ ଓ ସେସବୁକୁ ପୂରାପୂରି ନ ଭୋଗିଲେ ଆମେ ସେଥିରୁ ମୁକ୍ତି ପାଇବାନାହିଁ, ଏପରିକି ଆତ୍ମହତ୍ୟା କଲେ ମଧ୍ୟ ନୁହେଁ ।

୧୩୯ । "ଏହି ଦୁଃଖଭୋଗ ଅସମାପ୍ତ ରହିଗଲେ, ତୁମକୁ ପୁଣିଥରେ ଜନ୍ମ ନେବା ପାଇଁ ପଡ଼ିବ । ତେଣୁ ଏହି କଷ୍ଟକୁ ଆଉ କିଛି ଦିନ ପାଇଁ ତୁମକୁ ସହିବାକୁ ପଡ଼ିବ । ନିଜକୁ ମାରିଦିଅ ନାହିଁ ।"

୧୪୦ । ବର୍ତ୍ତମାନର ଘଟଣା ସହିତ ମେଳ ଖାଉଥିବା ଏହି କାହାଣୀକୁ ପଢ଼ି ଆମ୍ବେଦକର ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ଲଜ୍ଜା ଅନୁଭବ କରିଥିଲେ । ସେ ବାବାଙ୍କର ସର୍ବବ୍ୟାପକତାକୁ ବୁଝିପାରିଥିଲେ ।

୧୪୧ । ପୂର୍ବଜନ୍ମର କର୍ମ ହେତୁ ଏହି ଜନ୍ମରେ ପାଇଥିବା ଭାଗ୍ୟଫଳକୁ ନିଶ୍ଚୟ ସହିଯିବାକୁ ପଡ଼ିବ ବୋଲି ଆମ୍ବେଦକର

ବୁଝିପାରିଥିଲେ । ତାଙ୍କୁ ରାତ୍ରିରେ ଏହି କଥା ଯଥାସମୟରେ ବୁଝାଇ ଦିଆଯାଇଥିଲା ଓ ସୌଭାଗ୍ୟକୁ ସେ ଏପରି ଅବିବେକୀ କାର୍ଯ୍ୟ କରିନଥିଲେ ।

୧୪୨ । ଏହି ଉଦାହରଣାତ୍ମକ କାହାଣୀଟି ଆକାଶବାଣୀ ଭଳି ଥିଲା । ଏହାଦ୍ୱାରା ଶ୍ରୀସାଇଙ୍କ ପଦଯୁଗଳରେ ତାଙ୍କର ବିଶ୍ୱାସ ଅଧିକ ଦୃଢ଼ ହୋଇଥିଲା । ଶ୍ରୀସାଇଙ୍କର ଲୀଳା ଅଚିନ୍ତନୀୟ ।

୧୪୩ । 'ଶ୍ରୀସାଇଙ୍କର ସତର୍କବାଣୀ ସଗୁଣଙ୍କ ଉକ୍ତି ମାଧ୍ୟମରେ ଆସିଥିଲା । ଅପ୍ରତ୍ୟାଶିତ ଭାବରେ ହାତକୁ ଆସିଥିବା ଏହି ବହିଟି ମିଳିବାରେ ସାମାନ୍ୟ ଡେରି ହୋଇଥିଲେ ମୋ ଜୀବନ ନଷ୍ଟ ହୋଇ ଯାଇଥାନ୍ତା ।

୧୪୪ । 'ମୁଁ ମୋର ନିଜର ଜୀବନ ନଷ୍ଟ କରିଦେବା ସହିତ ପରିବାର ଧ୍ୱଂସର କାରଣ ମଧ୍ୟ ହୋଇଥାନ୍ତି । ମୋ ପତ୍ନୀ ଅନେକ କଷ୍ଟ ପାଇଥାନ୍ତା ଓ ମୁଁ ମୋର ନିଜର ମଙ୍ଗଳ କରିପାରିନଥାନ୍ତି କି ମୋର ଆଧ୍ୟାତ୍ମିକ ଲକ୍ଷ୍ୟସିଦ୍ଧି କରିପାରିନଥାନ୍ତି ।

୧୪୫ । 'ବାବା ସଗୁଣଙ୍କୁ ପ୍ରେରଣା ଦେଇ ଓ ବହିକୁ ଯନ୍ତ୍ର ଭାବରେ ବ୍ୟବହାର କରି, ମୋ ମନରୁ ଆତ୍ମହତ୍ୟା କରିବାର ଚିନ୍ତାକୁ ଦୂରେଇ ଦେଇଥିଲେ ।'

୧୪୬ । ଏଭଳି ଘଟଣା ଘଟିନଥିଲେ, ବିଚରା ଦୁଃଖୀଲୋକଟି ବିନାକାରଣରେ ଜୀବନ ହରାଇଥାନ୍ତା । ଯେଉଁଠାରେ ଶ୍ରୀସାଇଙ୍କ ଭଳି ରକ୍ଷାକର୍ତ୍ତା ରହିଛନ୍ତି, ସେଠାରେ କିଏ ଅବା ମାରି ପାରିବ ?

୧୪୭ । ଭକ୍ତଙ୍କ ପିତାଙ୍କର ଅକ୍କଲକୋଟ ସ୍ୱାମୀଙ୍କ ଉପରେ ଆସ୍ଥା ରହିଥିଲା । ବାବା ତାଙ୍କୁ ବୁଝାଇ ଦେଇଥିଲେ ଯେ, ସେ ପିତାଙ୍କର ପଦାଙ୍କ ଅନୁସରଣ କରିବା ଉଚିତ୍ ।

୧୪୮ । ତାହା ପରେ ସବୁ ଠିକ୍‌ଠାକ୍ ଚାଲିଥିଲା । ସେହିସବୁ ଦିନ ଚାଲିଯାଇଥିଲା । ସେ ଅନେକ ପରିଶ୍ରମ କରି ଜ୍ୟୋତିଷଶାସ୍ତ୍ର ପଠନ କରିଥିଲେ ଓ ତାହା ଫଳପ୍ରସୂ ହୋଇଥିଲା ।

୧୪୯ । ସେ ଶ୍ରୀସାଇଙ୍କର କୃପା ଓ ଆଶୀର୍ବାଦ ଲାଭ କରିଥିଲେ । ପରେ ଭାଗ୍ୟଦେବୀ ପ୍ରସନ୍ନ ହୋଇଥିଲେ । ସେ ଜ୍ୟୋତିଷ ବିଦ୍ୟାରେ ପାରଙ୍ଗମ ହୋଇଥିଲେ ଓ ତାଙ୍କର ପୂର୍ବ ଦୁରବସ୍ଥାର ଅନ୍ତ ଘଟିଥିଲା ।

୧୫୦ । ଗୁରୁଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ବିଶ୍ୱାସ ଆହୁରି ବଢ଼ିଥିଲା । ସେ ସୁନ୍ଦର ସ୍ୱାସ୍ଥ୍ୟ ଓ ସୁଖପ୍ରାପ୍ତ ହୋଇଥିଲେ । ପାରିବାରିକ ଜୀବନ ସୁଖଶାନ୍ତିରେ ଓ ସୁରୁଖୁରୁରେ ଚାଲିଥିଲା । ସେ ଅତ୍ୟନ୍ତ ସୁଖୀ ହୋଇଥିଲେ ।

୧୫୧ । ଏଭଳି ଅସଂଖ୍ୟ ଓ ଅଦ୍ଭୁତ ଘଟଣା ରହିଛି, ଏକୁ ଆରେକ ବଳି । ଏହି ଗ୍ରନ୍ଥର କଳେବର ବୃଦ୍ଧି ନହେବା ନିମନ୍ତେ ମୁଁ କେବଳ ସାରକଥା ପ୍ରକାଶ କରିବା ଭିତରେ ନିଜକୁ ସୀମାବଦ୍ଧ କରି ରଖିଛି ।

୧୫୨ । ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି । ପରବର୍ତ୍ତୀ ଅଧ୍ୟାୟରେ ଶାମା[୬] କିପରି ବିଷ୍ଣୁ ସହସ୍ରନାମ ଉପହାର ପାଇଥିଲେ, ସେହି ଆଗ୍ରହଜନକ କାହାଣୀ ବର୍ଣ୍ଣନା କରାଯିବ ।

୧୫୩ । "ମୋର ଏହା ଦରକାର ନାହିଁ, ମୋର ଏହା ଦରକାର ନାହିଁ" ବୋଲି ଶାମା କହିଥିଲେ । କିନ୍ତୁ ବାବାଙ୍କର ତାଙ୍କ ପ୍ରତି ପ୍ରଭୂତ ସ୍ନେହ ରହିଥିଲା । ସେ ସହସ୍ରନାମର ଅଦ୍ଭୁତ ମହିମା ସମ୍ବନ୍ଧରେ ସୂଚନା ଦେବା ସଙ୍ଗେ ସଙ୍ଗେ ଏହାକୁ ଜୋରକରି ଶାମାଙ୍କୁ ପଢ଼ିବା ପାଇଁ ଦେଇଥିଲେ ।

୧୫୪ । ସସମ୍ମାନ ଧ୍ୟାନ ଦେଇ ଏବେ ଏହି କାହାଣୀକୁ ଶୁଣନ୍ତୁ । ଭକ୍ତର ଟିକିଏ ବି ଇଚ୍ଛା ନଥିଲେ ସୁଦ୍ଧା ଠିକ୍ ସମୟରେ ବାବା କୃପା କରିଥାନ୍ତି ।

୧୫୫ । ସଦ୍‌ଗୁରୁଙ୍କ ଆଳୟରେ କିଭଳି ଅବୋଧ ରୀତିରେ କୃପା ମିଳିଥାଏ, ତାହା ଏହି ଅଧ୍ୟାୟରୁ ଜାଣିହେବ । ଶ୍ରୋତାମାନେ ଏହାକୁ ଭକ୍ତି ସହକାରେ ଶୁଣନ୍ତୁ ।

୧୫୬ । ଶ୍ରୀସାଇ ହେଉଛନ୍ତି ସର୍ବମଙ୍ଗଳକାରକ ଓ ସର୍ବଗୁଣାଧାର ! ଯେଉଁ ବ୍ୟକ୍ତି ତାଙ୍କ ସମ୍ବନ୍ଧରେ ଶ୍ରବଣ କରେ ଓ ତାଙ୍କର ଗୁଣଗାନ କରେ, ସେ ଅତ୍ୟନ୍ତ ଭାଗ୍ୟବାନ । କାରଣ, ଏହା ଏକ ଧାର୍ମିକ ଗୁଣସମ୍ପନ୍ନ କାର୍ଯ୍ୟ ହୋଇଥିବାରୁ ତାହାର ଜୀବନ ଶୁଦ୍ଧ ହୋଇଯାଏ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଅପସ୍ମାର ରୋଗ ଓ ଆତ୍ମହତ୍ୟାର ନିରାକରଣ ଏବଂ ନିଜ ଗୁରୁଙ୍କ ପୟରେ ଆସ୍ଥାର ଦୃଢ଼ୀକରଣ" ଶୀର୍ଷକ ଷଡ଼ବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଗୁରୁ ଶିକ୍ଷାଦାନ କରନ୍ତି କିମ୍ବା ଉପଦେଶ ଦିଅନ୍ତି ।

୨- ସ୍ୱେଦ ବୋହିବା, ସ୍ଥିର ହୋଇଯିବା, ବାକ୍‌ରୁଦ୍ଧ ହେବା, ଲୋତକାପ୍ଲୁତ ହେବ, କମ୍ପନ ହେବା, ଅଚେତ ହେବା, ଲୋମ ଟାଙ୍କୁରି ଉଠିବା ଓ ଶେତା ପଡ଼ିଯିବା ।

୩- ସୁଗନ୍ଧିତ କଳାଚୂର୍ଣ୍ଣ ।

୪- ଶରୀର ଉପରକୁ ଲୁଣ, ସୋରିଷ ପକାଇ ନିମ୍ବ ପତ୍ରରେ ଝାଡ଼ିବା ।

୫- ସଗୁଣ ମେରୁ ନାଏକ ।

୬- ମାଧବରାଓ ଦେଶପାଣ୍ଡେ ।



ହେ ସର୍ବ ଅଭୀଷ୍ଟପୂରଣକାରୀ, ଆପଣଙ୍କର ଜୟ ହେଉ ! ଆପଣଙ୍କ ପାଦ ତଳେ ମୋର ଶ୍ରଦ୍ଧା ରହୁ । ହେ ମଙ୍ଗଳମୟ ! ଏହି ଅସ୍ଥିର ମନ ଆପଣଙ୍କ ପାଦ ତଳେ ପୂର୍ଣ୍ଣଶାନ୍ତି ପ୍ରାପ୍ତ ହେଉ । (୨୬ଶ ଅଧ୍ୟାୟ, ପଂକ୍ତି-୧୯)



ସଗୁଣ ମେରୁ ନାଏକ

॥ ୨୭ ॥

ଦୀକ୍ଷା ଓ କୃପା ପ୍ରଦାନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଜଣେ ସଦ୍‌ଗୁରୁଙ୍କ ପଦତଳେ ଆଶ୍ରୟ ଗ୍ରହଣ କଲେ ସେ ତ୍ରିନାଥ, ଅର୍ଥାତ୍ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କୁ ପ୍ରଣାମ କରିବାର ଫଳ ଲାଭ କରିଥାଏ। ପ୍ରକୃତରେ ଏହାର ଅର୍ଥ ହେଲା ସେ ପରଂବ୍ରହ୍ମଙ୍କୁ ପ୍ରଣାମ କରନ୍ତି ଓ ଦିବ୍ୟ ପରମ ଆନନ୍ଦ ପ୍ରକଟ ହୁଏ ।

୨ । ସମୁଦ୍ରରେ ସ୍ନାନକଲେ ସର୍ବତୀର୍ଥସ୍ନାନର ଫଳ ମିଳିଥାଏ। ଗୁରୁଙ୍କ ପଦତଳ ଛାୟାରେ ବସିଲେ ସର୍ବଦେବତା ଦର୍ଶନର ଫଳ ମିଳେ।

୩। ଶ୍ରୀସାଇ ସଦ୍‌ଗୁରୁଙ୍କର ଜୟ ହେଉ ! ପରଂବ୍ରହ୍ମରେ ଲୀନ ହେବାର ଇଚ୍ଛା ପୂରଣକାରୀ ହେ କଳ୍ପବୃକ୍ଷ ! ଆପଣଙ୍କର ଜୟ ହେଉ ! ଆପଣ ଆତ୍ମଜ୍ଞାନର ସାଗର, ଆପଣଙ୍କର ଜୟ ହେଉ ! ଏହି କାହାଣୀ ଶୁଣିବା ନିମିତ୍ତ ଆମ ମନରେ ଭକ୍ତିଭାବ ସୃଷ୍ଟି କରନ୍ତୁ।

୪। ଚାତକ ପକ୍ଷୀ ଟୋପାଏ ବର୍ଷା ଜଳ ପାଇବା ପାଇଁ ଆକାଶରେ ମେଘମାଳାକୁ ଚାହିଁ ରହିଥିବା ଭଳି ଭକ୍ତମାନେ ଆପଣଙ୍କ ଚରିତାମୃତ ପାନକରନ୍ତୁ। ଆପଣଙ୍କର ସମସ୍ତ ଭକ୍ତ ତାହାକୁ ଆସ୍ୱାଦନ କରି ସବୁବେଳେ ଖୁସିରେ ରହନ୍ତୁ।

୫। ଯେଉଁ ଭକ୍ତମାନେ ଆପଣଙ୍କର ପବିତ୍ର କାହାଣୀକୁ ଶ୍ରବଣ କରିବେ, ତାଙ୍କର ସର୍ବାଙ୍ଗରେ ସ୍ୱେଦ ଜାତ ହେଉ, ଚକ୍ଷୁ ଆନନ୍ଦାଶ୍ରୁରେ ଆପ୍ଲୁତ ହେଉ ଓ ଗଳା ଶ୍ୱାସରୁଦ୍ଧ ହୋଇଯାଉ।

୬। ଶ୍ରୋତାମାନେ ଓ ସେମାନଙ୍କର ପରିବାରବର୍ଗ ଭାବବିହ୍ୱଳ ହୁଅନ୍ତୁ, ସେମାନଙ୍କର ଲୋମ ରୋମାଚିଂତ ହୋଇଉଠୁ ଓ ବାରମ୍ବାର ସେମାନଙ୍କର ହୃଦୟକନ୍ଦରରୁ ଭାବୋଚ୍ଛ୍ୱାସ ଓ କୋହ ଉତ୍‌ଥିତ ହେଉ।

୭। ସେମାନଙ୍କର ଛୋଟବଡ଼ ବୈରୀଭାବ ଓ ମତଭେଦ ଦୂର ହୋଇଯାଉ। ଏହା ସେମାନଙ୍କ ଉପରେ ଗୁରୁଙ୍କ କୃପାଦୃଷ୍ଟିର ସୂଚନା ବୋଲି ସେମାନେ ଅନୁଭବ କରନ୍ତୁ।

୮। ଗୁରୁଙ୍କର କୃପା ଆମ ଚକ୍ଷୁ ଦ୍ୱାରା ଦୃଶ୍ୟ ହୁଏ ନାହିଁ କି ଜ୍ଞାନେନ୍ଦ୍ରିୟ ଦ୍ୱାରା ବୋଧଗମ୍ୟ ନୁହେଁ। ସଦ୍‌ଗୁରୁଙ୍କ ବିନା ଅନ୍ୟ କେହି ଏହାକୁ ପ୍ରଦାନ କରିପାରିବେ ନାହିଁ ଓ ତ୍ରିଜଗତରେ ଏଥିପାଇଁ ଆଉ କେହି ସକ୍ଷମ ନୁହଁନ୍ତି ବୋଲି ଆପଣ ଦେଖିବେ।

୯। ଗୁରୁଙ୍କ ପଦରେ ଅସୀମ ଶ୍ରଦ୍ଧା ଜାତ ନହେଲେ, ଆମର କାମନାବାସନା ଓ ଆମ ପ୍ରକୃତିର ଅନ୍ୟ ଷଡ଼ ଦୁର୍ବଳତା ଧ୍ୱଂସ ପାଇବ ନାହିଁ ଏବଂ ଅଷ୍ଟସାତ୍ତ୍ୱିକ ଭାବ ଆମ ମଧ୍ୟରେ ଉନ୍ମେଷ ହୋଇ ପାରିବ ନାହିଁ।

୧୦। ଶିଷ୍ୟ ନିଜ ଆତ୍ମାକୁ ଜାଣିପାରିଲେ ଗୁରୁ ଅତିଶୟ

ପ୍ରୀତ ହୁଅନ୍ତି । ଶିଷ୍ୟ ଯେତେ ଅଧିକ ଆଧ୍ୟାତ୍ମିକ ଲକ୍ଷ୍ୟ ସିଦ୍ଧି ଦିଗରେ ଅଗ୍ରସର ହୁଏ, ଗୁରୁ ସେତିକି ଅଧିକ ସମ୍ମାନିତ ହୁଅନ୍ତି ।

୧୧ । ଶରୀର, ଗୃହ, ପୁତ୍ର ଓ ପତ୍ନୀ- 'ମୁଁ' ଓ 'ମୋର'- ଏ ସବୁ ହେଲା ମନୁଷ୍ୟ ଜୀବନର ନିଷ୍ଫଳ ଫାନ୍ଦ ଓ ବିଭ୍ରାଟ । ମଧ୍ୟାହ୍ନର ଛାଇ ଭଳି ଏଗୁଡ଼ିକ କ୍ଷଣିକ ମାୟା ।

୧୨ । 'ମାୟାର ଫାନ୍ଦ ବନ୍ଧନ ନହେଉ' ବୋଲି ଯଦି ଆପଣ ମନରେ ଭାବୁଥାନ୍ତି, ତେବେ ପୂର୍ଣ୍ଣପ୍ରାଣରେ ଶ୍ରୀସାଇଙ୍କର ଶରଣାଗତ ହୁଅନ୍ତୁ ।

୧୩ । ଏପରିକି ଯେଉଁମାନେ ବେଦଜ୍ଞ, ସେମାନେ ମଧ ମାୟା ଶକ୍ତିର ଅନ୍ତ କରିନପାରି ଅସହାୟ ହୋଇପଡ଼ିଥାନ୍ତି । ଯିଏ ସମସ୍ତ ସୃଷ୍ଟି ମଧ୍ୟରେ ପରମେଶ୍ୱରଙ୍କୁ ଦେଖିଥାନ୍ତି, ସେହିଁ କେବଳ ରକ୍ଷା ପାଇଥାନ୍ତି ।

୧୪ । ଚାନ୍ଦ ପାଟିଲ ଧର୍ମପରାୟଣ ଥିଲେ । ସେ ନିଜାମ ରାଜ୍ୟରୁ ଫକୀର ଶ୍ରୀସାଇଙ୍କୁ ନିଜ ସାଙ୍ଗରେ ନେଭାସାକୁ ନେଇ ଆସିଥିଲେ ।

୧୫ । ଫକୀର ସେଠାରେ ଛଅମାସରୁ ବର୍ଷେ ହେବ ରହିଥିଲେ । ତାଙ୍କ ସହିତ କନାଡ଼ ଗ୍ରାମର କାମା ସେଠାରେ ରହୁଥିଲେ ।

୧୬ । ପରେ ସେ ପ୍ରସିଦ୍ଧ ତାକାଲି ଗ୍ରାମକୁ ଯାଇଥିଲେ । ସେଠାରୁ ଦଗଡୁ ତାମ୍ବୋଲୀକୁ ତାଙ୍କ ସାଙ୍ଗରେ ଆଣିଥିଲେ । ଦଗଡୁ, କାମା ଓ ବାବାଙ୍କୁ ନେଇ ଚାନ୍ଦ ପାଟିଲଙ୍କର ଏହି ଦଳ ସେଠାରୁ ଶିରିଡ଼ିହିଁ ଆସିଥିଲେଂ ।

୧୭ । ଏଠି, ସେଠି, ସବୁଠି ଅନେକ ତୀର୍ଥକ୍ଷେତ୍ର ରହିଛି, କିନ୍ତୁ ସାଇଭକ୍ତମାନଙ୍କ ନିମନ୍ତେ ଶିରିଡ଼ିହିଁ ଏକମାତ୍ର ତୀର୍ଥକ୍ଷେତ୍ର ।

୧୮ । ସୌଭାଗ୍ୟକୁ ଏହି ସମ୍ପର୍କ ସ୍ଥାପିତ ହୋଇଥିଲା । ଯଦି ତାହା ହୋଇନଥାନ୍ତା, ତେବେ ଶ୍ରୀସାଇଙ୍କ ସହିତ ସାହଚର୍ଯ୍ୟର ମହାଭାଗ୍ୟ ଆମର କୋଉଠୁ ହୋଇପାରିଥାଆନ୍ତା ? ଆମ ଭକ୍ତମାନଙ୍କ ପାଇଁ ଏହା ହେଉଛି ସବୁଠୁ ବଡ଼ ଭାଗ୍ୟ ।

୧୯ । ଯେଉଁ ଭକ୍ତମାନେ ସେମାନଙ୍କର ଈପ୍ସିତ ଲକ୍ଷ୍ୟ ପୂର୍ତ୍ତି ନିମନ୍ତେ ଏଠାକୁ ଆସିଥିଲେ ଓ ଶରଣାଗତ ହୋଇଥିଲେ, ଶ୍ରୀସାଇ ସେମାନଙ୍କୁ ସେମାନଙ୍କର ସୁନିଶ୍ଚିତ ମଙ୍ଗଳ ନିମିତ୍ତ ଠିକ୍ ଓ ସତ୍ ପଥ ଦେଖାଇଥିଲେ ।

୨୦ । ତେଣୁ ଶ୍ରୋତାମାନେ ସତ୍‌ଚରିତକୁ ସମ୍ପୂର୍ଣ୍ଣ ଏକାଗ୍ର ଚିତ୍ତରେ ବାରମ୍ବାର ପଠନ କରନ୍ତୁ । ଗୁରୁଙ୍କ କୃପା ପାଇବା ନିମନ୍ତେ ଏହା ହିଁ ସର୍ବୋତ୍ତମ ପନ୍ଥା । ଶ୍ରୀସାଇଙ୍କର ଚରିତ ଶୁଦ୍ଧ ଓ ପବିତ୍ର ।

୨୧ । ଜଣେ ବ୍ୟକ୍ତିଙ୍କର ନିଜ ଗୁରୁଙ୍କ ପ୍ରତି ଥିବା ବିଶ୍ୱାସ କିପରି ଦୃଢ଼ୀଭୂତ ହୋଇଥିଲା ଓ ଅନ୍ୟଜଣଙ୍କୁ ଅକ୍କଲକୋଟ ସ୍ୱାମୀଙ୍କର ସୂଚନା ଦିଆଯାଇ କିଭଳି ଜାଗ୍ରତ କରାଯାଇଥିଲା, ସେହି ବିଷୟ ଗତ ଅଧ୍ୟାୟରେ ବର୍ଣ୍ଣନା କରାଯାଇଥିଲା ।

୨୨ । ଜଣକୁ ଆତ୍ମହତ୍ୟା ଉଦ୍ୟମରୁ ରକ୍ଷାକରାଯାଇଥିଲା ଓ ଏକ ଅଭିନବ ପ୍ରଣାଳୀରେ ତାଙ୍କୁ ନୂତନ ଜୀବନ ଦିଆଯାଇଥିଲା । ତାଙ୍କର ମୃତ୍ୟୁକୁ ନିଶ୍ଚିତ ଓ ଯୋଜନାବଦ୍ଧ ଭାବରେ ଏଡ଼ାଇ ଦିଆଯାଇଥିଲା ।

୨୩ । ଶ୍ରୀସାଇ ପ୍ରୀତ ହେଲେ ଭକ୍ତମାନଙ୍କୁ କିଭଳି କୃପାକରିଥାନ୍ତି ଏବଂ ସେମାନଙ୍କୁ କିପରି ସମୃଦ୍ଧିଶାଳୀ ଓ ଆନନ୍ଦିତ କରାଇଥାନ୍ତି, ତାହାର ବର୍ଣ୍ଣନା ଏବେ ଏହି ଅଧ୍ୟାୟରେ କରାଯିବ ।

୨୪ । ତାଙ୍କର ନୀତିଶିକ୍ଷା ଓ ଉପଦେଶ ଦେବାର ପ୍ରଣାଳୀ ଅଦ୍ଭୁତ ଧରଣର ଥିଲା । ଯାହାକୁ ଯେପରି ଉପଦେଶ ଦିଆଯାଉଥିଲା, ତାହାରି ଉପରେ ପ୍ରଣାଳୀ ନିର୍ଭର କରୁଥିଲା । ତାହା ଚତୁରତା ଓ ରସିକତାପୂର୍ଣ୍ଣ ହେଉଥିଲା ଏବଂ ହାସ୍ୟରସାତ୍ମକ ରହୁଥିଲା । ଶ୍ରୋତାମାନେ ତାହା ଧ୍ୟାନର ସହିତ ଶୁଣନ୍ତୁ ।

୨୫ । ସେ ବିଭିନ୍ନ ଉପାୟରେ ଦେଇଥିବା ନୀତିଶିକ୍ଷା ସମ୍ପର୍କରେ ଏହି ଗ୍ରନ୍ଥରେ ଆଲୋଚନା କରାଯାଇସାରିଛି । ଗ୍ରହଣ କରିବାର କ୍ଷମତାକୁ ଚାହିଁ ପନ୍ଥା ଦର୍ଶାଇ ଦିଆଯାଇଛି ।

୨୬ । ରୋଗନିର୍ଣ୍ଣୟ କରିବାର ପଦ୍ଧତି ଓ ଔଷଧର ପ୍ରଭାବ ସମ୍ପର୍କରେ ଡାକ୍ତରଙ୍କୁ ଜଣାଥାଏ । ରୋଗୀ ଅଜ୍ଞ ହୋଇଥିବାରୁ ସେ ପ୍ରଥମେ ଗୁଡ଼ ଖାଇବାକୁ ମାଗିଥାଏ ।

୨୭ । ଗୁଡ଼ ମଧୁର ହେଲେ ମଧ କ୍ଷତିକାରକ । ରୋଗୀ କିନ୍ତୁ ଅବାଧ୍ୟ ହୋଇଥାଏ ଓ ହାତରେ ଗୁଡ଼ଟିକିଏ ନପାଇଲେ ଚାମୁଚାଏ ଔଷଧ ଖାଇବା ନିମନ୍ତେ ବି ପ୍ରସ୍ତୁତ ହୋଇନଥାଏ ।

୨୮ । ରୋଗୀ ଉପରେ ବଳପ୍ରୟୋଗ କରାଯିବା ଅନୁଚିତ । ଡାକ୍ତର ସେ କ୍ଷେତ୍ରରେ ଗୋଟିଏ ଉପାୟ ପାଞ୍ଚିଥାନ୍ତି । ପ୍ରଥମେ ଟିକିଏ ଗୁଡ଼ଦେଇ, ତା'ପରେ ଔଷଧ ଖୁଆଇ ତାଙ୍କର ଉଦ୍ଦେଶ୍ୟ ପୂରଣ କରିଥାନ୍ତି ।

୨୯ । କିନ୍ତୁ ଗୁଡ଼ର ମନ୍ଦଗୁଣକୁ ନଷ୍ଟ କରିଦେବା ନିମନ୍ତେ ସେ ବିଷଘ୍ନ ପ୍ରୟୋଗ କରିଥାନ୍ତି । ଏଣୁ ଦିଆଯାଇଥିବା ଔଷଧ ତାହାର କାର୍ଯ୍ୟ ଠିକ୍ ଭାବରେ କରି ଚାଲିଥାଏ । ସାଇବାବାଙ୍କର ପ୍ରଣାଳୀ ଠିକ୍ ସେହି ଭଳି ।

୩୦ । ଏହି ନୀତି ସବୁଠାରେ ପ୍ରଯୁଜ୍ୟ ନୁହେଁ । ଭକ୍ତର ଶିକ୍ଷା, ସ୍ୱଭାବ, ସେବା ଓ ଶ୍ରଦ୍ଧା ଉପରେ ଶ୍ରୀସାଇଙ୍କର କୃପା ନିର୍ଭର କରିଥାଏ ।

୩୧ । ବାବାଙ୍କର ଲୀଳା ଅନନ୍ୟ ଧରଣର । ସେ କାହାରି ଉପରେ ପ୍ରୀତ ହୋଇଗଲେ କୃପା ଅଜାଡ଼ି ଦେଇଥାନ୍ତି । କେଉଁଭଳି ପରିସ୍ଥିତିରେ ଏପରି କରାଯାଇଥିଲା, ଶୁଣନ୍ତୁ ।

୩୨ । ତାଙ୍କର ମନକୁ ଆସିଗଲେ ସେ ସାଧାରଣ ହସଥଟା ଓ ମଜାକଥା ମଧ୍ୟରେ, ଅନ୍ୟମାନେ ଏ ବିଷୟରେ କିଛି ଚିନ୍ତାକରିବା ପୂର୍ବରୁ ଭକ୍ତଙ୍କର ମଙ୍ଗଳ ସାଧନ କରୁଥିଲେ ।

୩୩ । ଭକ୍ତ କୌଣସି ଧର୍ମଶାସ୍ତ୍ର ବା ପୁସ୍ତକ ପାଠକରିବା ନିମନ୍ତେ ସାମୟିକ ଭାବରେ ଚାହୁଁଥିଲେ, ସେ ତାହା ବାବାଙ୍କ ହସ୍ତରେ ରଖିଦେଇ ପୁଣି ତାହାକୁ ପ୍ରସାଦ ଆକାରରେ ଫେରସ୍ତ ନେଉଥିଲେ ।

୩୪ । ତାହାପରେ ସେହି ପୁସ୍ତକ ପାଠ କରାଗଲେ ତାହା ସର୍ବାପେକ୍ଷା କଲ୍ୟାଣକର ହେଉଥିଲା । ଏହା ପୂରା ପ୍ରସାଦ ହୋଇଥିବାରୁ ଉଭୟ ବକ୍ତା ଓ ଶ୍ରୋତାଙ୍କର ସର୍ବାଧିକ ମଙ୍ଗଳ ସାଧନ କରୁଥିଲା ।

୩୫ । କେତେକ ଦଶାବତାର[୨] ଚିତ୍ର, କେତେଜଣ ଦଶାବତାର ସ୍ତୋତ୍ର, ଅନ୍ୟ କେତେଜଣ ପଂଚରତ୍ନୀ[୩] ଗୀତା ଓ ଅନ୍ୟାନ୍ୟ ଧର୍ମପୁସ୍ତକ ତଥା ଛବି ଅର୍ପଣ କରୁଥିଲେ ।

୩୬ । ଦାସଗଣୁଙ୍କର 'ସନ୍ଥଲୀଳାମୃତ', 'ଭକ୍ତିଲୀଳାମୃତ' ଓ 'ବିବେକ ସିନ୍ଧୁ'[୪] ବାବାଙ୍କୁ ଅର୍ପିତ ହୋଇଥିଲା ଓ ବାବା ଶାମାଙ୍କୁ ତାହା ଦେଇଥିଲେ ।

୩୭ । "ଶାମା,ଏହି ବହିଗୁଡ଼ିକ ତୁମ ପାଇଁ" ବୋଲି ବାବା କହୁଥିଲେ । "ଏଗୁଡ଼ିକୁ ଘରକୁ ନେଇଯାଅ ଓ ଠିକ୍‌ଭାବରେ ସାଇତି ରଖ ।'' ଶାମା ମୁଣ୍ଡପାତି ସେହି ଆଦେଶ ମାନି ନେଉଥିଲେ ଓ ବହିଗୁଡ଼ିକୁ କପଡ଼ାରେ ବାନ୍ଧି ଯତ୍ନରେ ରଖୁଥିଲେ ।

୩୮ । ବାବାଙ୍କ ଆଶୀର୍ବାଦ ପାଇବା ଉଦ୍ଦେଶ୍ୟରେ ଭକ୍ତମାନେ ଦୋକାନରୁ ବହିକିଣି ଆଣି ବାବାଙ୍କ ହସ୍ତରେ ଦେଉଥିଲେ ଓ ତାହାକୁ ପ୍ରସାଦ ହିସାବରେ ଫେରି ପାଉଥିଲେ ।

୩୯ । ବାବା ସ୍ୱଭାବରେ ଦୟାଳୁ ଓ ଉଦାର ହୋଇଥିଲେ ମଧ୍ୟ ବାବାଙ୍କ ପାଖରେ ଏହି କାର୍ଯ୍ୟ କରିବା ନିମନ୍ତେ ସାହସ ଆବଶ୍ୟକ ହେଉଥିଲା । ତେଣୁ ଏହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ଭକ୍ତମାନେ ମାଧବରାଓଙ୍କର ସାହାଯ୍ୟ ନେଉଥିଲେ ।

୪୦ । ସୁଯୋଗ ଦେଖି ସେ ବାବାଙ୍କ ହସ୍ତରେ ପୁସ୍ତକଟିକୁ ରଖି ଦେଉଥିଲେ । ବାବା ପୁସ୍ତକର ଗୁରୁତ୍ୱକୁ ଠିକ୍ ଯେମିତି ବୁଝୁଥିଲେ, ସେମିତି ସେ ଭକ୍ତମାନଙ୍କର ଯୋଗ୍ୟତା ସମ୍ବନ୍ଧରେ ମଧ୍ୟ ଜାଣୁଥିଲେ ।

୪୧ । ବେଳେ ବେଳେ ଭକ୍ତ ବାବାଙ୍କ ହସ୍ତରେ ପୁସ୍ତକଟିଏ ଦେବାପରେ ସେ ତାହାର ପୃଷ୍ଠାଗୁଡ଼ିକୁ ଓଲଟାଇ ଦେଖୁଥିଲେ । ଭକ୍ତଜଣକ ବହିଟିକୁ ଫେରସ୍ତ ନେବା ନିମିତ୍ତ ହାତ ପାତୁଥିଲେ ।

୪୨ । ବାବା ପୁସ୍ତକଟିକୁ ତାଙ୍କୁ ଫେରାଇ ଦେଉନଥିଲେ । ସେ ତାହାକୁ ମାଧବରାଓଙ୍କୁ ଦେଇ କହୁଥିଲେ, "ଶାମା, ଏଇଟିକୁ ପାଖରେ ରଖ । ଏହା ତୁମ ନିକଟରେ ବର୍ତ୍ତମାନ ପାଇଁ ଥାଉ ।"

୪୩ । ଶାମା ନିର୍ଦ୍ଦିଷ୍ଟ ଭାବରେ ପଚାରୁଥିଲେ, "ଏହା ଯାହାଙ୍କର ପୁସ୍ତକ ତାଙ୍କୁ ଫେରାଇ ଦେବି କି ? ସେ ଏହାକୁ ଫେରି ପାଇବା ନିମନ୍ତେ ଉତ୍କଣ୍ଠିତ ହୋଇ ହାତପାତି ବସିଛନ୍ତି ।" ତାହାପରେ ମଧ୍ୟ ବାବା କହୁଥିଲେ, "ତୁମେ ରଖିଥାଅ ।"

୪୪ । ଭକ୍ତ କାକା ମହାଜନୀ 'ନାଥ ଭାଗବତ' ପଢ଼ିବାକୁ ଭଲ ପାଉଥିଲେ ଓ ଥରେ ଖଣ୍ଡିଏ ଶ୍ରୀ ଏକନାଥୀ ଭାଗବତ ଧରି ଶିରିଡ଼ି ଆସିଥିଲେ ।

୪୫ । ମାଧବରାଓ ତାଙ୍କୁ ସାକ୍ଷାତ କରିବା ନିମନ୍ତେ ଯାଇଥିଲେ । ସେ ଭାଗବତ ପଢ଼ିବା ପାଇଁ ଇଚ୍ଛାକରି ପୁସ୍ତକଟିକୁ ଧରି ମସ୍‌ଜିଦ ଚାଲିଆସିଥିଲେ । ବାବା କଥା ପ୍ରସଙ୍ଗରେ ପଚାରିଥିଲେ ।

୪୬ । "ଶାମା ! ତୁମ ହାତରେ ଥିବା ଏହି ବହିଟି କ'ଣ ?" ଶାମା ପୁସ୍ତକଟି ସମ୍ପର୍କରେ କହିଥିଲେ । ବାବା ତାଙ୍କ ହାତରୁ ବହିଟିକୁ ନେଇ ଦେଖିଥିଲେ ଓ ଦେଖିସାରିବାପରେ ଫେରାଇ ଦେଇଥିଲେ ।

୪୭ । ସେହି 'ନାଥ ଭାଗବତ' ବହିର ସେଇ ସଂସ୍କରଣ

ପୂର୍ବରୁ ଶ୍ରୀସାଇଙ୍କ ଦ୍ୱାରା ପ୍ରସାଦ ରୂପରେ କାକା ମହାଜନୀଙ୍କୁ ଦିଆଯାଇଥିଲା।

ଲକ୍ଷ୍ମଣ ଗଣେଶ
ଓରଫ୍ କାକା ମହାଜନୀ

୪୮। "ଏହି ବହିଟି ମୋ'ର ନୁହେଁ, କାକା ମହାଜନୀଙ୍କର। ମୁଁ ପଢ଼ିବା ନିମନ୍ତେ ତାଙ୍କ ନିକଟରୁ ମାଗି ଆଣିଥିଲି" ବୋଲି ଶାମା କହିଥିଲେ।

୪୯। ବାବା କହିଥିଲେ, "ଏହା ମୁଁ ତୁମକୁ ଦେଉଛି। ଏହାକୁ ତୁମେ କପଡ଼ାରେ ବାନ୍ଧି ପାଖରେ ରଖ। ତୁମର କାର୍ଯ୍ୟରେ ଆସିବ।"

୫୦। କେତେଦିନ ପରେ କାକା ପୁଣି ଶିରିଡ଼ି ଆସିଥିଲେ ଓ ଆଉ ଗୋଟିଏ ଭାଗବତ ବହି ଆଣିଥିଲେ। ସେ ତାହାକୁ ବାବାଙ୍କ ହାତରେ ଦେଇଥିଲେ।

୫୧। ତାହାକୁ ପ୍ରସାଦ ରୂପରେ ଫେରାଇ ଦେଇ ବାବା ନିର୍ଦ୍ଦେଶ ଦେଇଥିଲେ, "ଏହାକୁ ସାଇତି ରଖ। ଏହା ହିଁ ତୁମର ଉପକାର କରିବ" ବୋଲି କାକାଙ୍କୁ ଭରସା ଦେଇଥିଲେ ।

୫୨। "ଏହା ତୁମର ଅତି ଦରକାରରେ ଆସିବ, ନିଶ୍ଚିତ ଭାବରେ ରଖିବ ଓ କାହାରିକୁ ଦେବ ନାହିଁ", ବୋଲି ସେ ଅନୁନୟ ହେଲାଭଳି କହିଥିଲେ। କାକା ସଭକ୍ତି ପ୍ରଣାମ ଜଣାଇ ବହିଟିକୁ ଆଣିଥିଲେ।

୫୩। ବାବା ନିଜେ ସମସ୍ତ ଇଚ୍ଛା ପୂରଣ କରିଥିଲେ । ସେ ଅନ୍ୟ କୌଣସି ବସ୍ତୁ ପ୍ରତି ଟିକିଏ ହେଲେ ବି ଆଶାୟୀ ନଥିଲେ। ସେ ଆଚରଣରେ ଦେବତ୍ୱର ମୂର୍ତ୍ତିମନ୍ତ ରୂପ ହୋଇଥିବାରୁ ତାଙ୍କର ପୁସ୍ତକ ସଂଗ୍ରହ କରିବାର କ'ଣ ଆବଶ୍ୟକତା ଥିଲା ?

୫୪। ବାବାଙ୍କର ଉଦ୍ଦେଶ୍ୟକୁ କିଏ ବା ଜାଣି ପାରିବ? ସଂଗୃହୀତ ପୁସ୍ତକଗୁଡ଼ିକର ପଠନ ଓ ଶ୍ରବଣ ଭକ୍ତମାନଙ୍କର ଶୁଦ୍ଧିକରଣର ଏକ ପନ୍ଥା ଥିଲା ।

୫୫। ବର୍ତ୍ତମାନ ଶିରିଡ଼ି ଏକ ତୀର୍ଥ କ୍ଷେତ୍ରରେ ପରିଣତ ହୋଇଯାଇଛି ଓ ବାବାଙ୍କର ଭକ୍ତମାନେ ଦୂରଦୂରାନ୍ତରୁ ଆସୁଛନ୍ତି, ଏକତ୍ର ହୋଇ ଉତ୍ସବ ପାଳନ କରୁଛନ୍ତି, ଜ୍ଞାନ ଅର୍ଜନ କରୁଛନ୍ତି ଓ ବିଭିନ୍ନ ଅଧିବାସରେ ପରମେଶ୍ୱରଙ୍କ ଗୁଣ କୀର୍ତ୍ତନ କରୁଛନ୍ତି।

୫୬। ସେତେବେଳେ ଏହି ପୁସ୍ତକଗୁଡ଼ିକ ଦରକାରରେ ଆସିବ। ଶାମା ସେଗୁଡ଼ିକୁ ବନ୍ଧାଥିବା ଅବସ୍ଥାରୁ ବାହାର କରି ଦେଖାଇବେ। ଆମେ ସେତେବେଳକୁ ନଥିବା, କିନ୍ତୁ ଏହି ପୁସ୍ତକଗୁଡ଼ିକ ଜ୍ଞାନର ଅବତାର ରୂପରେ ଗଣ୍ୟ ହେବ।

୫୭। ଭକ୍ତମାନେ ଯେତେବେଳେ ଏହି ଅତି ପବିତ୍ର ପୁସ୍ତକଗୁଡ଼ିକୁ ଶିରିଡ଼ି କିମ୍ବା ଅନ୍ୟ ସ୍ଥାନରେ ପାଠକରିବେ, ସେମାନେ ବାବାଙ୍କୁ ଓ ତାଙ୍କର ଉପଦେଶଗୁଡ଼ିକୁ ସ୍ମରଣ କରିବେ। ସେଇଥି ପାଇଁ ବୋଧହୁଏ ଏହି ପୁସ୍ତକଗୁଡ଼ିକୁ ସଂଗ୍ରହ କରାଯାଉଥିଲା।

୫୮। ରାମାୟଣ, ଭାଗବତ କିମ୍ବା ଅନ୍ୟ ଯେ କୌଣସି ଧର୍ମପୁସ୍ତକ ପାଠକଲେ କିମ୍ବା ଶ୍ରୀରାମ, ଶ୍ରୀକୃଷ୍ଣ କିମ୍ବା ଅନ୍ୟ କେଉଁ ମହାପୁରୁଷଙ୍କ ଜୀବନ ଚରିତ ଶୁଣିଲେ ମନଶ୍ଚକ୍ଷୁରେ ଶ୍ରୀସାଇଙ୍କ ରୂପ ଭାସି ଆସିଥାଏ।

୫୯। ଜଣାଯାଏ ଯେପରି ଶ୍ରୀସାଇ ନିଜେ ଏହି ପୁସ୍ତକ ଗୁଡ଼ିକରେ ବର୍ଣ୍ଣିତ ମହାନାୟକମାନଙ୍କର ଚରିତ୍ରରେ ଅଭିନୟ କରୁଛନ୍ତି ଓ ବକ୍ତା ତଥା ଶ୍ରୋତାମାନେ ଶ୍ରୀସାଇଙ୍କର ଭାବମୂର୍ତ୍ତିକୁ ସେମାନଙ୍କ ଚକ୍ଷୁ ସମ୍ମୁଖରେ ଦର୍ଶନ କରୁଛନ୍ତି।

୬୦। ଶାସ୍ତ୍ର କୁହେ ଯେ ଗୁରୁ କିମ୍ବା ବ୍ରାହ୍ମଣଙ୍କୁ ଦାନ ଆକାରରେ ଯଦି ପୁସ୍ତକ ଅର୍ପଣ କରାଯାଏ, ତଦ୍ଦ୍ୱାରା ଦାତାର ମଙ୍ଗଳ ହୁଏ।

୬୧। ଏହି ସାମାନ୍ୟ ଉଦ୍ଦେଶ୍ୟ ନେଇ ବାବା କ'ଣ ପୁସ୍ତକଗୁଡ଼ିକୁ ଶାମାଙ୍କୁ ଦେବା ସମୟରେ କହୁଥିଲେ, "ତୁମେ ଏହି ପୁସ୍ତକକୁ ଘରକୁ ନେଇଯାଇ କପଡ଼ାରେ ବାନ୍ଧି ସାଇତି ରଖ?"

୬୨। ଶାମା ଏକନିଷ୍ଠ ଭକ୍ତ ହୋଇଥିବା ଯୋଗୁଁ ବାବାଙ୍କର ମଧ୍ୟ ତାଙ୍କ ପ୍ରତି ବହୁତ ଶ୍ରଦ୍ଧା ଥିଲା। ତେଣୁ ତାଙ୍କର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ନିୟମିତ ଅଭ୍ୟାସ କରାଇବା ପାଇଁ ବାବାଙ୍କର ଇଚ୍ଛା ହୋଇଥିଲା।

୬୩। ସେ ଥରେ କ'ଣ କରିଥିଲେ, ଦେଖନ୍ତୁ। ଶାମାଙ୍କର ଆଗ୍ରହ ନଥିଲେ ମଧ୍ୟ ତାହାଙ୍କୁ କୃପା ଓ ଅନୁଗ୍ରହ ପ୍ରାପ୍ତ ହୋଇଥିଲା। କିଭଳି ଘଟଣାରେ ଏପରି କରାଯାଇଥିଲା, ଶୁଣନ୍ତୁ।

୬୪। ଦିନେ ମସ୍‌ଜିଦ୍‌ରେ ଜଣେ ରାମଦାସୀ ବୁଆ ଥିଲେ। ରାମାୟଣ ପାଠ କରିବା ତାଙ୍କର ନିୟମିତ ଅଭ୍ୟାସ ଥିଲା ।

୬୫। ପ୍ରତିଦିନ ସକାଳେ ସେ ତାଙ୍କର ନିତ୍ୟକର୍ମ ଶେଷକରି ସ୍ନାନ କରିନେଉଥିଲେ। ସଂଧ୍ୟାଂ କରିବା ପରେ ପବିତ୍ର ଭସ୍ମ ଲେପନ କରି ଓ ଗେରୁଆ ଲୁଗା ପିନ୍ଧି ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ପଢ଼ିବା ନିମନ୍ତେ ବସିଯାଉଥିଲେ।

୬୬। ସେ 'ବିଷ୍ଣୁ ସହସ୍ରନାମ' ଓ ତା'ପରେ 'ଅଧାତ୍ମ୍ୟ ରାମାୟଣ' ପାଠ କରୁଥିଲେ। ସେ ପୂର୍ଣ୍ଣ ବିଶ୍ୱାସର ସହିତ ଥରକୁ ଥର ଏହି ପୁସ୍ତକଗୁଡ଼ିକୁ ପଢ଼ି ଚାଲିଥିଲେ।

୬୭। ଏଭଳି ଅନେକ ଦିନ ଚାଲିଯାଇଥିଲା ଓ ମାଧବରାଓଙ୍କ ନିମିତ୍ତ ସୁଦିନ ଆସିଥିଲା। ଶ୍ରୀସାଇ ସମର୍ଥଙ୍କ ମୁଣ୍ଡରେ କିଛି ଧାରଣା ଉଦ୍ରେକ ହୋଇଥିଲା ଓ ସେ ଯାହା କରିଥିଲେ, ସେହି କାହାଣୀ ଶୁଣନ୍ତୁ।

୬୮। ମାଧବରାଓଙ୍କର ସେବା ଫଳପ୍ରସୂ ହୋଇଥିଲା। ତାଙ୍କର ସାଂସାରିକ ଜୀବନର ବୋଝ ଲାଘବ ହେବା ପାଇଁ ଓ ତାଙ୍କୁ ଭକ୍ତି ମାର୍ଗର ପ୍ରସାଦ ଦିଆଇବା ପାଇଁ ବାବା ତାଙ୍କୁ ନିୟମିତ କୌଣସି ଅଭ୍ୟାସରେ ଲଗାଇବାର ସମୟ ଏବେ ଆସିଯାଇଥିଲା।

୬୯। ବାବା ଏଭଳି ଚିନ୍ତା କରିବା ପରେ ସେ ରାମଦାସୀଙ୍କୁ ପାଖକୁ ଡାକି କହିଥିଲେ, "ମୋ ପେଟରେ ଶୂଳମାରିବା ଭଳି ଯନ୍ତ୍ରଣା ହେଉଛି ଓ ଅନ୍ତନାଡ଼ି ଛିଣ୍ଡିଗଲା ପରି ଲାଗୁଛି।

୭୦। "ପେଟରେ ଏହି ଯନ୍ତ୍ରଣା କମୁନାହିଁ। ଚଂଚଳ ଯାଇ କିଛି 'ଛେନାପୋଡ଼' ଆଣ। ସେଥିରୁ ଟିକିଏ ଖାଇଲେ ଏହି ବିରକ୍ତିକର ଯନ୍ତ୍ରଣା ବନ୍ଦ ହେବ।"

୭୧। ସରଳ ରାମଦାସୀ ଜଣକ ସ୍ନେହୀ ଭକ୍ତ ଥିଲେ। ସେ ପୁସ୍ତକରେ ଚିହ୍ନଦେଇ ପାଖରେ ରଖି ଦେଇଥିଲେ। ବାବାଙ୍କ ଆଦେଶମାନି ସେ ଦୌଡ଼ି ଦୌଡ଼ି ବଜାରକୁ ଯାଇଥିଲେ।

୭୨। ରାମଦାସୀ ପାହାଚ ତଳକୁ ଓହ୍ଲାଇ ଯିବାମାତ୍ରକେ ବାବା କ'ଣ କରିଥିଲେ ଦେଖନ୍ତୁ। ସେ ଆସନରୁ ତତ୍କ୍ଷଣାତ୍ ଉଠିପଡ଼ି ସିଧା ବହି ନିକଟକୁ ଯାଇଥିଲେ।

୭୩। ସେଠାରେ ଅନ୍ୟାନ୍ୟ ଆଧାତ୍ମିକ ପୁସ୍ତକ ମଧ୍ୟରେ 'ବିଷ୍ଣୁସହସ୍ରନାମ' ରହିଥିଲା। ସେ ତାହାକୁ ହାତରେ ଉଠାଇଆଣି ଆସନ ଉପରକୁ ଫେରି ଆସିଥିଲେ।

୭୪। ବାବା କହିଥିଲେ, "ଶାମା! ଏହି ପୋଥି ସମ୍ବନ୍ଧରେ ଜାଣିଛ? ଏହା ବହୁତ ମଙ୍ଗଳକାରୀ। ତେଣୁ ମୁଁ ଏହା ତୁମକୁ ଦେଉଛି। ତୁମେ ଏହାକୁ ପଢ଼।

୭୫। "ମୁଁ ଥରେ ବହୁତ କଷ୍ଟ ପାଉଥିଲି। ମୋ ଛାତି ଧଡ଼ପଡ଼ ହେଉଥିଲା। ମୁଁ ଅସ୍ଥିର ହେଉଥିଲି ଓ ମୋର ବଞ୍ଚିବାର ଆଶା ନଥିଲା।

୭୬। "ଶାମା! ସେଇ ସମୟର ଅନୁଭୂତି ସମ୍ପର୍କରେ ତୁମକୁ କ'ଣ କହିବି? ସେହି ପୁସ୍ତକ କିଭଳି ଉପାଦେୟ ହୋଇଥିଲା? ଏହି ଜୀବନ ତାହା ଦ୍ୱାରା ରକ୍ଷା ପାଇଥିଲା।

୭୭। "ମୁଁ ଏହାକୁ କିଛି ସମୟ ମୋର ହୃଦୟରେ ଜଡ଼ାଇ ଧରିଥିଲି ଓ ତା'ପରେ ସଂଗେ ସଂଗେ ସୁସ୍ଥ ଅନୁଭବ କରିଥିଲି। ମନେ ହେଲା ସତେ ଯେପରି ଆଲ୍ଲା ନିଜେ ତଳକୁ ଓହ୍ଲାଇ ଆସିଲେ ଓ ଏହି ଜୀବନକୁ ରକ୍ଷା କରିଦେଇଗଲେ।

୭୮। "ସେଇଥି ପାଇଁ ଶାମା ତୁମେ ଏହାକୁ ନେଇଯା। ଧୀରେ ସୁସ୍ଥେ ଏହାକୁ ପଢ଼। ପ୍ରତିଦିନ ଗୋଟିଏ ଦୁଇଟି ଶବ୍ଦ ପଢ଼। ଏହା ତୁମକୁ ବହୁତ ଆନନ୍ଦ ଦେବ।"

୭୯। ଶାମା କହିଥିଲେ, "ଏହା ମୋର ଦରକାର ନାହିଁ। ସେହି ରାମଦାସୀ ମୋ ଉପରେ ଖପ୍ପା ହେବେ ଓ ମୁଁ ତାଙ୍କ ପଛରେ ରହି ଏହି ଭୁଲ କାର୍ଯ୍ୟ କରାଇଛି ବୋଲି କହିବେ।

୮୦। "ଏମିତିତ ସେ ଅର୍ଦ୍ଧପାଗଳ, ବଦ୍‌ରାଗୀ, ଅଦମନୀୟ ଓ ସଦା ଅଭିଯୋଗକାରୀ। ତାଙ୍କ ସହିତ ଅକାରଣଟାରେ କଳି କାହିଁକି ଲଗାଇବି? ମୁଁ ଏଭଳି ବିରକ୍ତି କରିବା ଚାହେଁନାହିଁ।

୮୧। "ତାହା ବ୍ୟତୀତ ପୋଥିଟି ସଂସ୍କୃତରେ ଲେଖା ହୋଇଛି। ମୋର କଥାଭାଷା ମାର୍ଜିତ ନୁହେଁ, ଗାଉଁଲିଆ। ଏହି ଯୁକ୍ତାକ୍ଷର ଶବ୍ଦଗୁଡ଼ିକୁ ଉଚ୍ଚାରଣ କରିବା ନିମନ୍ତେ ମୋର ଜିହ୍ୱା ପଇଟିବ ନାହିଁ। ମୁଁ ତାହାକୁ ଠିକ୍ ଭାବରେ ଉଚ୍ଚାରଣ କରିପାରିବି ନାହିଁ।"

୮୨। ବାବାଙ୍କର ଏ ସମସ୍ତ କାର୍ଯ୍ୟକଳାପକୁ ଦେଖି ଶାମା ଭାବିଥିଲେ ଯେ ବାବା ତାଙ୍କୁ ରାମଦାସୀଙ୍କ ବିରୋଧରେ ଲଗାଇ ଦେବାକୁ ଚାହୁଁଛନ୍ତି। କିନ୍ତୁ, ବାବାଙ୍କର ତାଙ୍କ ପ୍ରତି ଥିବା ହୃଦୟଭରା ସ୍ନେହ ସମ୍ପର୍କରେ ତାଙ୍କର ଧାରଣା ନଥିଲା।

୮୩। "ମୋ ଶାମା ପାଗଳା ହୋଇପାରେ । ତେବେ ବି ସେ ମୋର ସ୍ନେହର ପାତ୍ର । ତା'ର ମଧ୍ୟ ମୋ ପ୍ରତି ଅସାଧାରଣ ଶ୍ରଦ୍ଧା ରହିଛି। ମୁଁ ତା'ର ଭଲମନ୍ଦ ସମ୍ପର୍କରେ ଅତିଶୟ ଉଦ୍‌ବିଗ୍ନ ।

୮୪ । "ମୁଁ ତା'ର ଗଳାରେ ଏହି 'ବିଷ୍ଣୁସହସ୍ରନାମ' ମାଳାକୁ ନିଜ ହାତରେ ପିନ୍ଧାଇବି ଓ ଏହାକୁ ଆବୃତ୍ତି କରିବାର ଅଭିଳାଷ ଦେଇ ତାକୁ ସାଂସାରିକ ଜୀବନର ଦୁଃଖଯନ୍ତ୍ରଣାରୁ ମୁକ୍ତ କରିବି ।

୮୫ । 'ପ୍ରଭୁଙ୍କର ନାମୋଚ୍ଚାରଣ ପର୍ବତପ୍ରମାଣ ପାପକୁ କ୍ଷୟ କରିଦେଇପାରେ । ପ୍ରଭୁଙ୍କ ନାମ ଜପକଲେ ଶରୀର ବନ୍ଧନ ଛିନ୍ନ ହୁଏ । ପ୍ରଭୁଙ୍କ ନାମ ନେଲେ କୋଟି କୋଟି କୁଚିନ୍ତାର ମୂଳୋତ୍ପାଟନ ହୋଇଥାଏ ।

୮୬ । 'ପ୍ରଭୁଙ୍କ ନାମ ଯମଦେବତାଙ୍କ ଗର୍ବ ଚୂର୍ଣ୍ଣକରେ ଓ ଜନ୍ମ-ମୃତ୍ୟୁ ଚକ୍ରର ଅନ୍ତ ଘଟାଏ । ଶାମା ଏହି ସହସ୍ରନାମର ମୂଲ୍ୟବାନ ସମ୍ପଦରେ ଆଗ୍ରହୀ ହେଉ ବୋଲି ମୁଁ ଚାହେଁ ।

୮୭ । 'ପ୍ରଭୁଙ୍କ ନାମ ପୂର୍ଣ୍ଣ ଅଭିନିବିଷ୍ଟ ହୋଇ ଉଚ୍ଚାରଣ କଲେ ଅଧିକ ପ୍ରଭାବଶାଳୀ ହୋଇଥାଏ । ତଥାପି ଇଚ୍ଛା ନଥାଇବି ନାମ ନେଲେ ଏହା ମଙ୍ଗଳକାରକ ହୋଇପାରେ । ଅଜାଣତରେ ଉଚ୍ଚାରଣ କଲେ ମଧ୍ୟ ଏହାର ଶକ୍ତି ପ୍ରକଟିତ ହୋଇଥାଏ ।

୮୮ । 'ଅନ୍ତରାତ୍ମାର ଶୁଦ୍ଧିକରଣ ନିମନ୍ତେ ପ୍ରଭୁଙ୍କର ନାମଜପ ଅପେକ୍ଷା ଅନ୍ୟ କୌଣସି ସହଜତର ଉପାୟ ନାହିଁ । ପ୍ରଭୁଙ୍କର ନାମଜପ ହିଁ ଜିହ୍ୱାର ଆଭୂଷଣ ହୋଇଥାଏ । ପ୍ରଭୁଙ୍କ ନାମ ହିଁ ଆଧ୍ୟାତ୍ମିକତାକୁ ବହନ କରିଥାଏ ।

୮୯ ।'ନାମଜପ କରିବା ପାଇଁ ସ୍ନାନ କରାଯିବାର ଆବଶ୍ୟକତା ନାହିଁ । ପ୍ରଭୁଙ୍କ ନାମଜପ କରିବା ନିମନ୍ତେ ଶାସ୍ତ୍ରବିଧି ଦ୍ୱାରା ନିୟନ୍ତ୍ରିତ ହେବାର ଆବଶ୍ୟକତା ନାହିଁ । ପ୍ରଭୁଙ୍କ ନାମଜପ କଲେ ସମସ୍ତ ପାପ କ୍ଷୟ ହୋଇଯାଏ । ପ୍ରଭୁଙ୍କ ନାମ ସବୁ ସମୟରେ ପୂର୍ଣ୍ଣ ପବିତ୍ର ।

୯୦ । 'ମୋର ନାମକୁ ନିରନ୍ତର ଜପକଲେ, ତାହା ତୁମକୁ ଭବସାଗରରୁ ପାର କରାଇଦେବ । ମୋକ୍ଷପ୍ରାପ୍ତି ନିମନ୍ତେ ଅନ୍ୟ କୌଣସି ଉପାୟ ଅବଲମ୍ବନର ଆବଶ୍ୟକତା ନାହିଁ ।

୯୧ । 'ଯିଏ ସବୁ ସମୟରେ ମୋର ନାମ ସ୍ମରଣ କରୁଥାଏ, ତା'ର ସମସ୍ତ ପାପ ନାଶ ହୁଏ । ଯିଏ ମୋର ନାମକୁ ନିରନ୍ତର ଗୁଣୁଗୁଣୁ ହୋଇ ଜପକରୁଥାଏ, ମୁଁ ତାକୁ ଗୁଣୀଙ୍କ ମଧ୍ୟରେ ଗୁଣଶ୍ରେଷ୍ଠ ବୋଲି ବିଚାର କରିଥାଏ ।'

୯୨ । ଏହା ବାବାଙ୍କର ଅନ୍ତର୍ଭାବନା ଥିଲା ଓ ତଦନୁସାରେ ସେ କାର୍ଯ୍ୟ କରିଥିଲେ । ଶାମା ମନା କରୁଥିଲେ ମଧ୍ୟ ବାବା ତାହାର ପକେଟ ମଧ୍ୟକୁ ପୁସ୍ତକଟିକୁ ଗଳାଇ ଦେଇଥିଲେ ।

୯୩ । ଶାମାଙ୍କର ପୂର୍ବସୂରୀଗଣ ନିଶ୍ଚୟ ବହୁତ ସୁକୃତ କରିଥିବେ, ଯାହାର ଫଳ ଭୋଗକରି ଶାମା ଏଭଳି ଆଶୀର୍ବାଦ ଲାଭ କରିଥିଲେ । ଏହି ପବିତ୍ର ସହସ୍ରନାମ ତାଙ୍କର ସାଂସାରିକ ଆସକ୍ତିକୁ ଦୂର କରିଦେବା ପାଇଁ ଉଦ୍ଦିଷ୍ଟ ଥିଲା ।

୯୪ । ଅନ୍ୟ ସମସ୍ତ ଧର୍ମୀୟ କର୍ମକର୍ମାଣି ଶାସ୍ତ୍ରରେ ଲିଖିତ ବିଧି ଅନୁଯାୟୀ କରିବାକୁ ପଡ଼ିଥାଏ । କିନ୍ତୁ ପ୍ରଭୁଙ୍କ ନାମ ଯେ କୌଣସି ସମୟରେ ନିରନ୍ତର ଭାବରେ ଜପକରା ଯାଇପାରେ । ଏହା ଛୁଟିଦିନ କିମ୍ବା ଶିବଙ୍କର ସାନ୍ଧ୍ୟ ଆରାଧନାର ସମୟ ଇତ୍ୟାଦି ବିଚାର କରିବା ମଧ୍ୟରେ ସୀମାବଦ୍ଧ ନୁହେଁ । ଅନ୍ୟ କୌଣସି ଗ୍ରହଣୀୟ ସହଜପନ୍ଥା ମଧ୍ୟ ନାହିଁ ।

୯୫ । ଏହିଭଳି ଭାବରେ ଏକନାଥ ଜଣେ ପଡ଼ୋଶୀଙ୍କୁ ବାଧ୍ୟକରି ସହସ୍ରନାମ ପଢ଼ାଇ ତାଙ୍କୁ ଧାର୍ମିକ ପଥକୁ ଟାଣି ଆଣିଥିଲେ ।

୯୬ । ନାଥଙ୍କ ଗୃହରେ ପ୍ରତିଦିନ ଧର୍ମପୁସ୍ତକମାନ ପାଠ କରାଯାଉଥିଲା । କିନ୍ତୁ ଏହି ପଡ଼ୋଶୀ ଜଣକ ବ୍ରାହ୍ମଣ ହୋଇଥିଲେ ମଧ୍ୟ ଅପରିଷ୍କାର ଅପରିଚ୍ଛନ୍ନ ରହୁଥିଲେ ଓ ସଂଧ୍ୟା ତର୍ପଣାଦି କରୁନଥିଲେ । ସେ କୁକର୍ମରେ ଲିପ୍ତ ରହୁଥିଲେ ।

୯୭ । ସେ ଶାସ୍ତ୍ରପଠନ ପ୍ରତି ଆଦୌ କାନ ଦେଉନଥିଲେ ଓ ଏପରିକି ସେହି ଦୁଷ୍ଟବ୍ୟକ୍ତି ନାଥୱାଡ଼ା(ନାଥଙ୍କ ଗୃହ)ରେ ପଦାର୍ପଣ ମଧ୍ୟ କରୁନଥିଲେ । ନାଥ ନିଜେ ତାଙ୍କ ଉପରେ ଦୟାର୍ଦ୍ର ହୋଇଥିଲେ ଓ ତାଙ୍କୁ ତାଙ୍କ ଘରକୁ ଡାକି ଆଣିଥିଲେ ।

୯୮ । 'ସେ ଉଚ୍ଚକୁଳରେ ଜାତ ହୋଇଥିଲେ ମଧ୍ୟ ତାଙ୍କ ଜୀବନ ବ୍ୟର୍ଥ ହୋଇଯାଉଛି ବୋଲି ନାଥ ଭାବିଥିଲେ । ଏହା ଏକ ସଂବେଦନଶୀଳ ପ୍ରସଙ୍ଗ ବୋଲି ଜାଣି ନାଥ ଅତିଶୟ ଦୟାପରବଶ ହୋଇଥିଲେ । ଏହାକୁ କିଭଳି ଏଡ଼ାଇଦେଇହେବ' ବୋଲି ଚିନ୍ତା କରିଥିଲେ ।

୯୯ । ତେଣୁ ସେ ମନା କରୁଥିଲେ ମଧ୍ୟ ତାଙ୍କୁ ସହସ୍ରନାମରୁ ଥରକରେ ଗୋଟିଏ ଗୋଟିଏ ଶ୍ଳୋକ ସଠିକ୍ ବ୍ୟାଖ୍ୟା କରିବା ସହିତ, ମୁଖସ୍ଥ କରାଇଥିଲେ ଓ ଏପରିଭାବରେ ତାଙ୍କୁ ଉନ୍ନତ ସ୍ତରକୁ ନେଇଯାଇଥିଲେ ।

୧୦୦ । ମନକୁ ନିର୍ମଳ କରିବା ପାଇଁ ସହସ୍ରନାମ ପଠନ ଓ ଅଧ୍ୟୟନ ଅନାଦି କାଳରୁ ପ୍ରଶସ୍ତ ମୁକ୍ତ ପଥ ହୋଇଥିବାରୁ

ବାବା ଶାମାଙ୍କୁ ବାଧ୍ୟ କରିବା ପଛରେ ଏହାହିଁ ମୂଳ କାରଣ ହୋଇଥିଲା।

୧୦୧। ସେହି ରାମଦାସୀ 'ଛେନାପୋଡ଼' ଔଷଧ ଧରି ଶୀଘ୍ର ଫେରି ଆସିଥିଲେ। ଅନ୍ନା[୭] ନାରଦଙ୍କ ଭଳି କଳିହୁଡ଼ା ଥିଲେ ଓ ସେ ପାଖରେ ଛିଡ଼ା ହୋଇଥିଲେ । ଯାହାସବୁ ଘଟି ଯାଇଥିଲା, ବିଶଦ ଭାବରେ କହି ଦେଇଥିଲେ।

୧୦୨। ରାମଦାସୀ କ୍ଷଣକୋପୀ ଥିଲେ। ସେଥିରେ ପୁଣି ନାରଦଙ୍କର ହସ୍ତକ୍ଷେପ ରହିଥିଲା। ତାହା ପରେ ଯେଉଁ ଅସାଧାରଣ ଘଟଣା ଘଟିଯାଇଥିଲା, ତାହାକୁ କିଏ ଅବା ଉପଯୁକ୍ତ ଭାଷାରେ ବର୍ଣ୍ଣନା କରିପାରିବ ?

୧୦୩। ରାମଦାସୀ ସବୁବେଳେ ସନ୍ଦେହୀ ଥିଲେ ଓ ତାଙ୍କର ସନ୍ଦେହ ଅଧିକ ଭାବରେ ମାଧବରାଓଙ୍କ ଉପରେ ଥିଲା। ସେ କହିଥିଲେ, "ମୋ ବହିକୁ ଛଡ଼ାଇ ନେବା ନିମନ୍ତେ ସେ ବାବାଙ୍କୁ ମଧ୍ୟସ୍ଥି କରିଛି।"

୧୦୪। ସେ 'ଛେନାପୋଡ଼' କଥା ଭୁଲି ଯାଇଥିଲେ। ମାଧବରାଓଙ୍କ ସହିତ ଭୀଷଣ ବାକ୍‌ଯୁଦ୍ଧ ଆରମ୍ଭ କରି ଦେଇଥିଲେ। ତାଙ୍କର କ୍ରୋଧ ଭୀଷଣ ଓ ଅନିୟନ୍ତ୍ରିତ ଥିଲା ଏବଂ ସେ ବହୁତ ଖରାପ ଭାଷାରେ ମାଧବରାଓଙ୍କ ଉପରେ ଗାଳି ବର୍ଷଣ କରିଥିଲେ।

୧୦୫। "ପେଟମାରିବା କେବଳ ଏକ ବାହାନା ଥିଲା। ତୁମେ ହିଁ ବାବାଙ୍କୁ ଉସୁକେଇଥିଲ। ତୁମର ଆଖି ମୋ ବହି ଉପରେ ପଡ଼ିଥିଲା । ମୁଁ ଏହା କଦାପି ସହିବି ନାହିଁ।

୧୦୬। "ମୁଁ ନିର୍ଭୟ ରାମଦାସୀ ବୋଲି ମୋର ନାମ ହିଁ ସୂଚାଇଥାଏ। ତୁମେ ଅଧିକ ଗଣ୍ଡଗୋଳ ସୃଷ୍ଟିନକରି ବହିଟିକୁ ଯଦି ଫେରାଇ ନଦିଅ, ତେବେ ମୁଁ ତୁମ ସମ୍ମୁଖରେ ମୁଣ୍ଡପିଟି ଦେବି ଓ ଚାରିଆଡ଼େ ମୋର ରକ୍ତ ପ୍ରବଳ ମାତ୍ରାରେ ବୁହାଇ ଦେବି।

୧୦୭। "ତୁମେ ମୋ ବହି ପ୍ରତି ଲୋଭ କରି ଏହି କପଟ ନାଟକର ଯୋଜନା କରିଛ ଓ ବାବାଙ୍କ ମୁଣ୍ଡରେ ସବୁ ଦୋଷ ବୋଳି ଦେଇ ନିଜକୁ ଅଲଗା କରି ରଖୁଛ।"

୧୦୮। ମାଧବରାଓ ତାଙ୍କୁ ବୁଝାଇବା ନିମନ୍ତେ ଅନେକ ଚେଷ୍ଟା କରିଥିଲେ, କିନ୍ତୁ ରାମଦାସୀ ଶାନ୍ତ ହୋଇନଥିଲେ। ତା'ପରେ ମାଧବରାଓ ଅତି ଶାନ୍ତ ଭାବରେ କ'ଣ କହିଥିଲେ, ତାହା ଶୁଣନ୍ତୁ।

୧୦୯। "ମୁଁ ପ୍ରତାରକ ବୋଲି ମିଥ୍ୟାରେ ମୋତେ ଦୋଷ ଦିଅନାହିଁ। ତୁମର ସେହି ବହି ପାଇଁ ଏତେ ପାଟିତୁଣ୍ଡ କାହିଁକି କରୁଛ ? ତାହା ଦୁଷ୍ପ୍ରାପ୍ୟ ନୁହେଁ।

୧୧୦। "ତୁମ ବହି କ'ଣ ସ୍ୱର୍ଣ୍ଣଖଚିତ ହୋଇ ମଣିମୁକ୍ତାରେ ମଣ୍ଡିତ ହୋଇଛି ? ତୁମର ଯଦି ବାବାଙ୍କ ଉପରେ ବିଶ୍ୱାସ ନାହିଁ, ତୁମ ଜୀବନକୁ ଧିକ୍।"

୧୧୧। ରାମଦାସୀଙ୍କର ଜିଦ୍ ଦେଖି ବାବା ଅତି ମଧୁର କଣ୍ଠରେ ତାଙ୍କୁ କହିଥିଲେ,"ହେ ରାମଦାସୀ, ସମସ୍ୟା କ'ଣ ? ତୁମେ ଅଯଥାରେ କାହିଁକି ବ୍ୟଥିତ ହେଉଛ ?

୧୧୨। "ଶାମା ଆମ ପିଲା ନୁହେଁ କି ? ତୁମେ ଏତେ ଉଚ୍ଚ ସ୍ୱରରେ ଓ ଏମିତି ତୀବ୍ରଭାବରେ ବିନା କାରଣରେ କଳି ଲଗାଇ ପାଲା କାହିଁକି ସୃଷ୍ଟି କରୁଛ ?

୧୧୩। "ତୁମେ ସବୁବେଳେ ଲଢ଼େଇ କରିବା ନିମନ୍ତେ ପ୍ରସ୍ତୁତ କାହିଁକି ? ତୁମେ କୋମଳ କଣ୍ଠରେ ମଧୁର କଥା କହିପାରୁନ କି ? ଯଦିଓ ଏହି ପୁସ୍ତକକୁ ପ୍ରତିଦିନ ପାଠ କରୁଛ, ତଥାପି ତୁମର ମନ ଅଦ୍ୟାପି ନିର୍ମଳ ନୁହେଁ ।

୧୧୪। "ତୁମେ ପ୍ରତ୍ୟହ 'ଅଧ୍ୟାତ୍ମ୍ୟ ରାମାୟଣ' ପାଠ କରୁଛ ଓ 'ସହସ୍ରନାମ' ଆବୃତ୍ତି କରୁଛ। ତଥାପି ତୁମେ ତୁମର ପ୍ରବୃତ୍ତି ପରିତ୍ୟାଗ କରିନାହଁ ଓ ତାହା ମଧ୍ୟ ନିୟନ୍ତ୍ରଣର ବାହାରେ। ଅଥଚ ତୁମେ ନିଜକୁ ରାମଦାସୀ ବୋଲି କହୁଛ।

୧୧୫। "ତୁମେ କେଉଁ ପ୍ରକାରର ରାମଦାସୀ ? ତୁମେ ସମ୍ପୂର୍ଣ୍ଣ ନିରାସକ୍ତ ହେବା ଦୂରେ ଥାଉ, ଖଣ୍ଡିଏ ବହି ପ୍ରତି ମଧ୍ୟ ତୁମର ମୋହ କଟି ନାହିଁ। ଏଭଳି ଆଚରଣକୁ କ'ଣ ବା ନାମ ଦିଆଯିବ ?

୧୧୬। "ପ୍ରକୃତ ରାମଦାସୀଙ୍କର କୌଣସି ଆସକ୍ତି ରହିବା ଉଚିତ ନୁହେଁ ଓ ସେ ଆବାଳବୃଦ୍ଧଙ୍କୁ ସମଦୃଷ୍ଟିରେ ଦେଖିଥାନ୍ତି। ତୁମେ ଏହି ପିଲାଟି ପ୍ରତି ଶତ୍ରୁଭାବ ପୋଷଣ କରୁଛ ଓ ବହିଟିଏ ପାଇଁ ହାତାହାତି ହେବାପର୍ଯ୍ୟନ୍ତ ଚାଲିଯାଉଛ ?

୧୧୭। "ଯାଅ, ନିଜ ଆସନରେ ବସ। ପଇସା ଦେଲେ ବହୁତ ବହି ମିଳିବ, ମଣିଷ ନୁହେଁ। ଶେଷ ସମୟ ପର୍ଯ୍ୟନ୍ତ ଏହାକୁ ଭଲଭାବରେ ମନେ ରଖିଥାଅ।

୧୧୮। "ତୁମ ବହିର ମୂଲ୍ୟ ସମ୍ପର୍କରେ ଶାମାର କୌଣସି ଜ୍ଞାନ ନାହିଁ। ମୁଁ ନିଜେ ଏହାକୁ ଉଠାଇ ଆଣିଥିଲି ଓ ମୋ ତରଫରୁ ତାକୁ ଦେଇଥିଲି।

୧୧୯ । "ବହିଟି ତୁମର ମୁଖସ୍ଥ ହୋଇ ସାରିଛି । ଶାମାକୁ ମୁଁ ଏହା ପଢ଼ିବା ନିମିତ୍ତ ଦେଇଛି । ସେ ଏହାକୁ ବାରମ୍ବାର ଆବୃତ୍ତି କରିଥାନ୍ତା ଓ ଅଶେଷ ଉପକାର ପାଇଥାନ୍ତା ।"

୧୨୦ । ବାବାଙ୍କର ସେଇକଥା କେତେ ଆକର୍ଷଣୀୟ, ମଧୁର ଓ କରୁଣାପୂର୍ଣ୍ଣ ଥିଲା । ତାହା ଯେମିତି ସାନ୍ତ୍ୱନାଦାୟକ, ସେମିତି ଆନନ୍ଦଦାୟକ ମଧ ଥିଲା । ତାହାର ପଟାନ୍ତର ନ ଥିଲା ।

୧୨୧ । ରାମଦାସୀ ପରିସ୍ଥିତିକୁ ହୃଦୟଙ୍ଗମ କରିଥିଲେ । ତଥାପି ସେ ମାଧବରାଓଙ୍କୁ ରାଗରେ ପାଚି କହିଥିଲେ, "ମୁଁ ଏହା ବଦଳରେ ତୁମ ନିକଟରୁ ପଂଚରତ୍ନୀ[୩] ଗୀତା ନେବି ବୋଲି ତୁମକୁ ଏବେ ସଫା ସଫା କହିଦେଉଛି ।"

୧୨୨ । ରାମଦାସୀ ଶାନ୍ତ ପଡ଼ିଆସିଥିବା ଦେଖି ମାଧବରାଓ ଖୁସି ହୋଇ କହିଥିଲେ, "ଗୋଟିଏ କାହିଁକି ? ଏହା ବଦଳରେ ଦଶଖଣ୍ଡ ଗୀତା ମୁଁ ତୁମକୁ ଦେବି ।"

୧୨୩ । ସେ ଯାହାହେଉ, କଳି ଏହିଭଳି ମେଣ୍ଟିଯାଇଥିଲା । କିନ୍ତୁ ଗୀତା ଜାମିନ୍ ପଡ଼ିଥିଲା ଓ ଗ୍ରହଣୀୟ ହୋଇଥିଲା । ମାତ୍ର ଗୀତାରେ ବର୍ଣ୍ଣିତ ଦେବତାଙ୍କ ସମ୍ବନ୍ଧରେ ଜାଣିନଥିବା ଜଣେ ବ୍ୟକ୍ତି ଗୀତା ନେବାପାଇଁ ଦାବୀ କରୁଥିଲେ କାହିଁକି ?

୧୨୪ । ଯିଏ ଶ୍ରୀସାଇଙ୍କ ସମ୍ମୁଖରେ ବରାବର 'ଅଧ୍ୟାତ୍ମ୍ୟ ରାମାୟଣ' ପାଠ କରୁଥିଲେ, ସେହି ରାମଦାସୀ ବାବାଙ୍କ ପ୍ରତି କାହିଁକି ରୁକ୍ଷ ଆଚରଣ କରିଥିଲେ ଓ ତାଙ୍କ ଆଗରେ ଝଗଡ଼ା ମଧ କରିଥିଲେ ?

୧୨୫ । ମୁଁ ତାହା କିପରି କହି ପାରିବି ? ଏଥିରେ କାହାକୁ ଦୋଷୀ କରାଯିବ ବା କ'ଣ ପାଇଁ ଦୋଷ ଦିଆଯିବ ? ଯାହା ଘଟଣା ଭିତରେ ପ୍ରକାଶ ପାଇଲା, ତାହା ଯଦି ଘଟି ନଥାନ୍ତା, ତା'ହେଲେ ଏହି ବିଷୟଟିର ଗୁରୁତ୍ୱ କିପରି ବୁଝା ଯାଇଥାନ୍ତା ?

୧୨୬ । ଯେଉଁ ପୁସ୍ତକଟି ଏତେ ବଡ଼ କଳିର କାରଣ ହୋଇଥିଲା, ତାହା ମଧ ବାବାଙ୍କର ଯନ୍ତ୍ରଣାକୁ ଉପଶମ କରିଥିଲା । ଏହା ମଧ ମୋ ପାଇଁ ଏବେ ମଙ୍ଗଳର କାରଣ ହୋଇଛି । ଶ୍ରୀସାଇଙ୍କର ଉପହାର ଅମୂଲ୍ୟ ।

୧୨୭ । ଯଦି ଏଭଳି ମହତ୍ ଉଦ୍ୟମ କରାଯାଇନଥାନ୍ତା, ମାଧବରାଓ ପୁସ୍ତକଟିର ମହତ୍ୱକୁ ବିଶ୍ୱାସ କରିନଥାନ୍ତେ । ପ୍ରକୃତରେ ସେ ଶବ୍ଦଗୁଡ଼ିକର ସଠିକ୍ ଉଚ୍ଚାରଣ କରି ପାରିନଥାନ୍ତେ କି ଆବୃତ୍ତି କରି ପାରିନଥାନ୍ତେ ।

୧୨୮ । ଶ୍ରୀସାଇନାଥ କେତେ ସ୍ନେହୀ ଥିଲେ ! ସେ ବିରଳ ଆଧ୍ୟାତ୍ମିକ ଗୁରୁ ଥିଲେ ମଧ୍ୟ ଥଟାତାମସାକୁ ପରିତ୍ୟାଗ କରିନଥିଲେ । ସେ କେତେବେଳେ ଓ କିପରି ଏହି କଳାକୁ ପ୍ରୟୋଗ କରୁଥିଲେ, ତାହା କେହି ଜାଣି ପାରୁନଥିଲେ । ତାଙ୍କର ଲୀଳା ଅକଳ୍ପନୀୟ ଥିଲା ।

୧୨୯ । ପରେ ଶାମାଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା । ଦୀକ୍ଷିତ ଓ ନାର୍କେ[୮] ତାଙ୍କୁ ଶବ୍ଦଗୁଡ଼ିକର ସଠିକ୍ ଉଚ୍ଚାରଣର ଶିକ୍ଷା ଦେଇଥିଲେ, ସେଗୁଡ଼ିକୁ ବାରମ୍ବାର ଆବୃତ୍ତି କରାଇଥିଲେ ଓ ପ୍ରତ୍ୟେକଟିର ଅର୍ଥ ହୃଦୟଙ୍ଗମ କରାଇ ଦେଇଥିଲେ । ସେହି ବହିଟିକୁ ଶାମା ମୁଖସ୍ଥ କରି ଦେଇଥିଲେ ।

୧୩୦ । ସେ ଯାହାହେଉ, ଶ୍ରୀସାଇ ଓ ମାଧବରାଓଙ୍କ ମଧରେ ଏହି କଥୋପକଥନ ବାବାଙ୍କର ଶୁଦ୍ଧ ଓ ସରଳ ଉପଦେଶଗୁଡ଼ିକୁ ବୁଝାଇ ସ୍ପଷ୍ଟ କରି ଦେଇଅଛି । ଏହା ମହାଆନନ୍ଦରେ ପରିପୂର୍ଣ୍ଣ । ନିଃସନ୍ଦେହରେ ଏହା ମନୋରଞ୍ଜନର ଏକ ଆନନ୍ଦଦାୟକ ଘଟଣା ଥିଲା ।

୧୩୧ । ସେହିପରି ଯେଉଁମାନେ ଅଧ୍ୟାତ୍ମ୍ୟ ବିଦ୍ୟା ଅଧ୍ୟୟନ କରୁଥିଲେ, ବାବା ସେମାନଙ୍କୁ ବହୁତ ଭଲପାଉଥିଲେ । ସୁବିଧା ମିଳିବା ମାତ୍ରକେ ସେ କିପରି ଶ୍ରଦ୍ଧା ପ୍ରଦର୍ଶନ କରୁଥିଲେ, ଦେଖନ୍ତୁ ।

୧୩୨ । ଥରେ ଜୋଗଙ୍କ ନିକଟକୁ ଶିରିଡ଼ି ଠିକଣାରେ ଏକ ପାର୍ଶଲ ଆସିଥିଲା । ସେ ତାହାକୁ ଆଣିବା ନିମନ୍ତେ ବ୍ୟସ୍ତ ହୋଇ ସେଠାକୁ ଯାଇଥିଲେ ।

୧୩୩ । ସେ ଦେଖିଥିଲେ ଯେ ତାହା ଲୋକମାନ୍ୟ ତିଳକଙ୍କର ଭାଷ୍ୟ "ଗୀତା ରହସ୍ୟ" ଥିଲା । ସେଇଟିକୁ କାଖତଳେ ଜାକି ଧରି ସେ ବାବାଙ୍କର ଦର୍ଶନ ନିମିତ୍ତ ମସ୍‌ଜିଦ୍‌କୁ ଆସିଥିଲେ ।

୧୩୪ । ସେ ବାବାଙ୍କୁ ମୁଣ୍ଡପାତି ତଳେ ପ୍ରଣାମ କରିବା ସମୟରେ ପାର୍ଶଲଟି ବାବାଙ୍କ ପାଦ ପାଖରେ ଖସି ପଡ଼ିଥିଲା । ବାବା ସେତେବେଳେ ପଚାରିଥିଲେ, "ବାପୁ ସାହେବ । ଏହା କ'ଣ ଓ କାହାର ?"

୧୩୫ । ସେ ପାର୍ଶଲକୁ ବାବାଙ୍କ ସମ୍ମୁଖରେ ଖୋଲିଥିଲେ ଓ ପୁସ୍ତକ ସମ୍ପର୍କରେ ବୁଝାଇ ଦେଇଥିଲେ । ସେ ପୁସ୍ତକଟିକୁ ବାବାଙ୍କ ହାତରେ ଥୋଇ ଦେଇଥିଲେ ଓ ବାବା ତାହାକୁ ଦେଖିଥିଲେ ।

୧୩୬ । ବାବା ବହିଟିକୁ ଧରି ତାହାର ପୃଷ୍ଠା ଓଲଟାଇଥିଲେ । ସେ ପକେଟରୁ ଟଙ୍କାଟିଏ ବାହାର କରି ସପ୍ରଶଂସ ଦୃଷ୍ଟିରେ ତାହାକୁ ପୁସ୍ତକ ଉପରେ ରଖିଥିଲେ ।

୧୩୭ । ଟଙ୍କା ସହିତ ବହିଟିକୁ ସେ ଜୋଗଙ୍କ ହାତକୁ ବଢ଼ାଇ ଦେଇ କହିଥିଲେ, "ଏହାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ପଢ଼ିଲେ ତୁମର ମଙ୍ଗଳ ହେବ ।"

୧୩୮ । ବାବାଙ୍କର କୃପାଲାଭ କରିବା ସମ୍ପର୍କରେ ଏହିଭଳି ଅସଂଖ୍ୟ କାହାଣୀ ରହିଛି । କିନ୍ତୁ ସବୁଗୁଡ଼ିକୁ ବର୍ଣ୍ଣନା କଲେ ଏହି ଗ୍ରନ୍ଥର କଳେବର ଅଧିକ ବଢ଼ିଯିବ । ତେଣୁ ମୁଁ ମାତ୍ର କେତୋଟି କଥା ସଂକ୍ଷିପ୍ତ ଭାବରେ ବର୍ଣ୍ଣନା କରୁଛି ।

୧୩୯ । ଥରେ ଦାଦାସାହେବ ଖାପର୍ଡ଼େ ତାଙ୍କର ପୂରା ପରିବାର ସହିତ ଶିରିଡ଼ି ଆସି ରହିଥିଲେ । ସେ ବାବାଙ୍କୁ ମନପ୍ରାଣ ଦେଇ ଭଲପାଉଥିଲେ ।

୧୪୦ । ଖାପର୍ଡ଼େ ଜଣେ ମାମୁଲି ଲୋକ ନଥିଲେ । ସେ ବହୁତ ବିଜ୍ଞ ଓ ଅତି ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତି ଥିଲେ । ସେ ଶ୍ରୀସାଇଙ୍କ ପାଖରେ ଥିବା ସମୟରେ ହାତଯୋଡ଼ି ମୁଣ୍ଡ ନୁଆଁଇ ବାବାଙ୍କ ପାଦ ଉପରେ ଦୃଷ୍ଟି ରଖୁଥିଲେ ।

୧୪୧ । ସେ ଇଂରାଜୀ ଭାଷାରେ ବହୁତ ପାରଙ୍ଗମ ଥିଲେ ଓ ଅମରାବତୀର (ବରାର) ଜଣେ ପ୍ରସିଦ୍ଧ ଓକିଲ ଥିଲେ । କାଉନସିଲ୍ ଅଫ୍ ଷ୍ଟେଟ୍‌ର ସଦସ୍ୟ ଭାବରେ ସୁବିଦିତ ଥିଲେ । ସେ ଜଣେ ଓଜସ୍ୱିନୀ ବକ୍ତା ଥିଲେ ମଧ୍ୟ ଶ୍ରୀସାଇଙ୍କ ଆଗରେ କିଛି କହୁନଥିଲେ ।

୧୪୨ । ବାବାଙ୍କର ଅଗଣିତ ଭକ୍ତଙ୍କ ମଧ୍ୟରେ କେବଳ ଖାପର୍ଡ଼େ, ନୁଲକର ଓ ବୁଟି ବାବାଙ୍କ ଆଗରେ ଚୁପ୍‌ଚାପ ରହୁଥିଲେ ।

୧୪୩ । ଅନ୍ୟମାନେ ବାବାଙ୍କ ସହିତ କଥାବାର୍ତ୍ତା କରୁଥିଲେ, ଏପରିକି କେତେକ ଯୁକ୍ତିତର୍କ ମଧ୍ୟ କରୁଥିଲେ । ସେମାନଙ୍କର ଟିକିଏ ବି ଭୟ ନଥିଲା କିମ୍ବା ଆତ୍ମଚେତନା ରହୁନଥିଲା । କିନ୍ତୁ ଏହି ତିନିଜଣ ଶପଥକଲା ଭଳି ଚୁପ୍‌ଚାପ ରହୁଥିଲେ ।

୧୪୪ । କଥାବାର୍ତ୍ତା କରିବାର ପ୍ରଶ୍ନ ଉଠୁନଥିଲା । ବାବାଙ୍କ ଆଗରେ ସେମାନେ ମୁଣ୍ଡ ମଧ୍ୟ ଉଠାଉନଥିଲେ । ସେମାନଙ୍କର ବିନମ୍ର ଭାବକୁ ବର୍ଣ୍ଣନା କରାଯାଇପାରିବନାହିଁ । ସେମାନେ ବାବାଙ୍କ କଥାକୁ ବଶମ୍ବଦ ଭାବରେ ମଧ୍ୟ ଶୁଣୁଥିଲେ ।

୧୪୫ । ବିଦ୍ୟାରଣ୍ୟ ସ୍ୱାମୀଙ୍କ ରଚିତ 'ପଂଚଦଶୀ' ନାମକ ସଂସ୍କୃତ ଗ୍ରନ୍ଥକୁ ଦାଦାସାହେବ ଅନ୍ୟମାନଙ୍କ ଆଗରେ ବ୍ୟାଖ୍ୟା କରୁଥିଲେ ମଧ୍ୟ, ସେ ମସ୍‌ଜିଦ୍‌କୁ ଆସିଯିବା ମାତ୍ରକେ ଗୋଟିଏ ଶବ୍ଦ ବି ଉଚ୍ଚାରଣ କରୁନଥିଲେ ।

୧୪୬ । ବେଦବେଦାନ୍ତର ଔଜ୍ଜଲ୍ୟ ଯେତେ ଅଧିକ ହୋଇଥିଲେ ମଧ୍ୟ ଶୁଦ୍ଧ ବ୍ରହ୍ମଙ୍କ ଉପସ୍ଥିତିରେ ସେଗୁଡ଼ିକର ଜ୍ୟୋତି ମଳିନ ପଡ଼ିଯାଇଥାଏ । ଶ୍ରୀସାଇ ଜ୍ୟୋତିର୍ମୟ ପରଂବ୍ରହ୍ମଙ୍କର ମୂର୍ତ୍ତିମନ୍ତ ରୂପ ଓ ଜ୍ଞାନ ତାଙ୍କ ନିକଟରେ ନ୍ୟୂନ ବିବେଚିତ ହୋଇଥାଏ ।

୧୪୭ । ଖାପର୍ଡ଼େ ଚାରିମାସ ରହିଥିଲେ,କିନ୍ତୁ ତାଙ୍କ ପତ୍ନୀ ସାତମାସ ରହିଥିଲେ । ଉଭୟ ପ୍ରତ୍ୟେକ ଦିନ ନୂଆ ନୂଆ ଅନୁଭୂତି ପାଇଥିଲେ ଓ ଆନନ୍ଦ ଲାଭ କରିଥିଲେ ।

୧୪୮ । ତାଙ୍କର ପତ୍ନୀ ଅତ୍ୟନ୍ତ ନିଷ୍ପାପର ଥିଲେ ଓ ଶ୍ରୀସାଇଙ୍କ ପ୍ରତି ତାଙ୍କର ଅସୀମ ଶ୍ରଦ୍ଧା ଥିଲା । ପ୍ରତିଦିନ ସେ ମସ୍‌ଜିଦ୍‌କୁ ନିଜ ହାତରେ ନୈବେଦ୍ୟ ଧରି ଆସୁଥିଲେ ।

୧୪୯ । ମହାରାଜ ନୈବେଦ୍ୟ ଗ୍ରହଣ ନକରିବା ପର୍ଯ୍ୟନ୍ତ, ମହିଳା ଜଣକ ଉପବାସ ରହୁଥିଲେ । ବାବା ଭୋଜନ କରିବା ପରେ ସେ ଖାଉଥିଲେ ।

୧୫୦ । ସେ ଯାହାହେଉ, ମହିଳାଙ୍କର ଅଖଣ୍ଡ ବିଶ୍ୱାସ ଦେଖି ଭକ୍ତମାନଙ୍କ ପ୍ରତି ଅତ୍ୟନ୍ତ ସ୍ନେହଶୀଳ ବାବା ତାଙ୍କୁ ସହଜ ଓ ଶୁଦ୍ଧ ପଥ ଦେଖାଇବାର ଏକ ଅବକାଶ ପାଇଥିଲେ ।

୧୫୧ । ବିଭିନ୍ନ ସନ୍ଥଙ୍କର ଭିନ୍ନ ଭିନ୍ନ ଉପାୟ ରହିଥାଏ । ବାବାଙ୍କର ଉପାୟ କିନ୍ତୁ ସମ୍ପୂର୍ଣ୍ଣ ନୂତନ ଧରଣର ଥିଲା । ସେ ତାଙ୍କର କୃପା ବା ଅନୁଗ୍ରହକୁ ହସି ଖେଳି, ଥଟାମଜା ମଧ୍ୟରେ ପ୍ରଦାନ କରୁଥିଲେ ଓ ତାହା ମନରେ ଦୃଢ଼ ଭାବରେ ଅଲିଭା ଛାପ ଆଙ୍କିଦେଉଥିଲା ।

୧୫୨ । ଥରେ ସେହି ମହିଳା ଗୋଟିଏ ଥାଳିରେ ଉପମା, କାକରା, ଭାତ, ଡାଲି, ଖିରି, ସାଲାଡ୍, ପାପଡ଼, ଓ କୋଶିମ୍ବିରୀଂ ଇତ୍ୟାଦି ସଜାଡ଼ି ଆଣିଥିଲେ ।

୧୫୩ । ଏହି ଥାଳି ଆସିଯିବା ପରେ ବାବା ଅତି ଆଗ୍ରହରେ ନିଜ ଆସନରୁ ଉଠି ପଡ଼ିଥିଲେ ଓ କଫ୍‌ନୀକୁ ହାତର କହୁଣୀ ପର୍ଯ୍ୟନ୍ତ ମୋଡ଼ି ଦେଇଥିଲେ ।

୧୫୪ । ସେ ତାଙ୍କ ଖାଇବା ସ୍ଥାନରେ ଯାଇ ବସି ପଡ଼ିଥିଲେ ଓ ଥାଳିଟିକୁ ନିଜ ପାଖକୁ ଟାଣି ଆଣିଥିଲେ । ଥାଳିର ଢାଙ୍କୁଣିକୁ

ଖୋଲି ଦେଇ ଭୋଜନ କରିବାକୁ ପ୍ରସ୍ତୁତ ହୋଇଥିଲେ।
୧୫୫। ଏହି ନୈବେଦ୍ୟଠାରୁ ଆହୁରି ଅଧିକ ଉତ୍କୃଷ୍ଟ ନୈବେଦ୍ୟ ଆସିଥିଲା। ଅଧିକାଂଶ ସମୟରେ ତାହା ଅଛୁଆଁ ହୋଇ ରହିଯାଉଥିଲା। କେବଳ ଏହି ନୈବେଦ୍ୟକୁ ଗ୍ରହଣ କରିବା ପଛରେ କେଉଁ ମହତ୍ ଆକାଙ୍କ୍ଷା ରହିଥିଲା?
୧୫୬। ଏଭଳି ସାଂସାରିକ ମୋହ ଜଣେ ସନ୍ଥଙ୍କୁ କାହିଁକି ବା ପ୍ରଭାବିତ କରିବ? ମାଧବରାଓ ଶ୍ରୀସାଇ ସମର୍ଥଙ୍କୁ ପଚାରିଥିଲେ, "ଏଭଳି ପ୍ରଭେଦ କାହିଁକି?
୧୫୭। "ଆପଣ ଅନ୍ୟ ଥାଳିଗୁଡ଼ିକୁ ଏଡ଼ାଇ ଦେଇଗଲେ। କେତେକ ରୂପା ଥାଳି ଥିବା ସତ୍ତ୍ୱେ ତାହାକୁ ଦୂରକୁ ଠେଲି ଦେଲେ। ଏହି ମହିଳାଙ୍କର ଥାଳି ଆସିଯିବା ମାତ୍ରକେ ଆପଣ ସଙ୍ଗେ ସଙ୍ଗେ ଉଠିପଡ଼ି ଖାଇବାରେ ଲାଗିଗଲେ। ଏହା ଆଶ୍ଚର୍ଯ୍ୟଜନକ ନୁହେଁ କି!
୧୫୮। "ଏହାଙ୍କର ଖାଦ୍ୟ କ'ଣ ଏତେ ସ୍ୱାଦିଷ୍ଟ? ଆମ ପାଇଁ ଏହା ଏକ ବଡ଼ ରହସ୍ୟ। ଏହା ମଧ୍ୟରେ ଆପଣଙ୍କର କିଛି ଚାତୁରୀ ରହିଛି। ଆପଣଙ୍କର ଏପରି ରୁଚି ଅରୁଚି ଭାବ କାହିଁକି ରହିଛି?"
୧୫୯। ବାବା କହିଥିଲେ, "ଏହି ଖାଦ୍ୟର ଅନୁପମ ଗୁଣ ସମ୍ବନ୍ଧରେ କ'ଣ ମୁଁ କହିବି? ପୂର୍ବ ଜନ୍ମରେ ଏହି ମହିଳା ଗୋଟିଏ ମୋଟୀ ଗାଈ ରୂପରେ ଜଣେ ବ୍ୟବସାୟୀଙ୍କ ଗୃହରେ ରହି ବହୁତ କ୍ଷୀର ଦେଉଥିଲେ।
୧୬୦। "ସେହି ଜୀବନ ପରେ ସେ ଗୋଟିଏ ମାଳୀ ପରିବାରରେ ଜନ୍ମ ହୋଇଥିଲେ। ପରେ ଏକ କ୍ଷତ୍ରିୟ ପରିବାରରେ ତାଙ୍କର ପୁନର୍ଜନ୍ମ ହୋଇଥିଲା ଓ ସେ ଜଣେ ବ୍ୟବସାୟୀଙ୍କୁ ବିବାହ କରିଥିଲେ।
୧୬୧। "ତା'ପରେ ତାଙ୍କର ଜନ୍ମ ଏକ ବ୍ରାହ୍ମଣ ପରିବାରରେ ହୋଇଥିଲା। ମୁଁ ତାଙ୍କୁ ବହୁତ ଦୀର୍ଘକାଳ ପରେ ଦେଖିଲି। ସେ ଶ୍ରଦ୍ଧାରେ ଅର୍ପଣ କରିଥିବା ଖାଦ୍ୟରୁ କିଛି ମୁଠା ଖାଇ ମୋତେ ସନ୍ତୋଷ ହେବାପାଇଁ ଦିଅ।"
୧୬୨। ଏ କଥା କହିବା ପରେ ସେ ଥାଳିରେ ବଢ଼ାହୋଇଥିବା ଖାଦ୍ୟକୁ ପୂରା ଖାଇଦେଇଥିଲେ, ମୁହଁ ହାତ ଧୋଇ ହାକୁଟି ମାରି ମାରି ତାଙ୍କର ସନ୍ତୋଷ ଭାବ ଦେଖାଇଥିଲେ ଓ ନିଜ ଆସନରେ ପୁଣି ବସିପଡ଼ିଥିଲେ।
୧୬୩। ମହିଳା ଜଣକ ସଭକ୍ତି ପ୍ରଣାମ କରିସାରି ଶ୍ରୀସାଇଙ୍କ ପାଦକୁ ଧୀରେ ଧୀରେ ଘଷୁଥିଲେ। ବାବା ଏହି ସୁଯୋଗରେ ତାଙ୍କୁ କିଛି ମଙ୍ଗଳକାରକ ଉପଦେଶ ଦେଇଥିଲେ।
୧୬୪। ଗୋଟିଏ ଦିଗରେ ମହିଳା ଜଣକ ବାବାଙ୍କର ପାଦ ଘଷିଦେଉଥିବା ସମୟରେ ଅନ୍ୟ ଦିଗରେ ବାବା ମହିଳାଙ୍କର ସେବା କରୁଥିବା ହାତ ଦୁଇଟିକୁ ଚିପି ଦେଉଥିଲେ। ପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ପରସ୍ପର ପ୍ରତି ସେବା ଦେଖିବା ପରେ ଶାମା ଥଟା କରି କହିଥିଲେ।
୧୬୫। "ଦେବା! ବେଶ୍ ଭଲ ଚାଲିଛି। ଏହି ପାରସ୍ପରିକ ଅନୁରକ୍ତିର ଦୃଶ୍ୟ ଅତୀବ ଆନନ୍ଦଦାୟକ। ଦେଖିବାକୁ ଚମତ୍କାର।"
୧୬୬। ମହିଳାଙ୍କର ସେବାରେ ବାବା ପ୍ରୀତ ହୋଇଥିଲେ ଓ ତାଙ୍କୁ ନିରବଚ୍ଛିନ୍ନ ଭାବରେ "ରାଜାରାମ, ରାଜାରାମ" ଜପ କରିବାକୁ ଧୀର ସ୍ୱରରେ କହିଥିଲେ।
୧୬୭। "ଏହାକୁ ସବୁବେଳେ ଜପ କରୁଥାଅ। ହେ ମା! ତୁମ ଜୀବନର ଲକ୍ଷ୍ୟ ପୂର୍ଣ୍ଣ ହେବ, ତୁମର ମନ ଶାନ୍ତ ରହିବ ଓ ତୁମେ ବହୁତ ଉପକାର ପାଇବ।"
୧୬୮। ସେହି ବାକ୍ୟଗୁଡ଼ିକ କେତେ ଶକ୍ତିଶାଳୀ ଥିଲା? ସେଗୁଡ଼ିକ ତାଙ୍କ ହୃଦୟ ଭେଦ କରିଥିଲା ଓ ସେଠାରେ ଦୃଢ଼ମୂଳ ହୋଇ ସ୍ଥାନିତ ହୋଇଥିଲା। ଏହି ବାକ୍ୟଗୁଡ଼ିକ ସାହାଯ୍ୟରେ ବାବା ସଙ୍ଗେ ସଙ୍ଗେ ଶକ୍ତିପାତ[୧୦] କରିଥିଲେ।
୧୬୯। ଶ୍ରୀସାଇ ସମର୍ଥ ଏହିଭଳି ଦୟାବନ୍ତ ଥିଲେ। ସମସ୍ତ ଶରଣାଗତଙ୍କର ସେ ରକ୍ଷାକର୍ତ୍ତା ଥିଲେ। ଭକ୍ତମାନଙ୍କର ମନସ୍କାମନା ସେ ପୂରଣ କରୁଥିଲେ ଓ ସେମାନଙ୍କର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଥିଲେ।
୧୭୦। ମୁଁ ଆଗକୁ ଯାହା କହିବାକୁ ଯାଉଛି ତାକୁ ଭଲଭାବରେ ମନେ ରଖନ୍ତୁ। କାରଣ, ଏହା ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଓ ବିନୀତ ଭାବରେ ଏବଂ ଶ୍ରୋତାମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ କୁହାଯାଉଅଛି। ଆପ୍ତମାନଙ୍କର ନିବିଡ଼ ସମ୍ପର୍କ ଥିବା ହେତୁ ମୁଁ ଏହି ଅନୁରୋଧ କରୁଅଛି।
୧୭୧। ଜନ୍ଦାର ମୁଣ୍ଡ ଛିଣ୍ଡି ଯାଇଥିଲେ ମଧ୍ୟ ଗୁଡ଼ର ମଧୁରତା ପ୍ରତି ତାହାର ଆସକ୍ତି ଥିବା ହେତୁ ସେ ଯେପରି ଲାଖି ରହିଥାଏ, ସେହିପରି ତୁମେମାନେ ଶ୍ରୀସାଇଙ୍କ ପଦ ସହିତ ବିଜଡ଼ିତ ହୁଅ। ସେ ତୁମର ବିଶେଷ ଯତ୍ନ ନେଇ ତୁମକୁ ରକ୍ଷା କରିବେ।

୧୭୨ । ଗୁରୁ ଓ ଶିଷ୍ୟ ଭିନ୍ନ ଭିନ୍ନ ଭାବରେ ଦୃଶ୍ୟ ହେଉଥିଲେ ମଧ୍ୟ ଉଭୟେ ଅଭିନ୍ନ । ଯିଏ ସେମାନଙ୍କୁ ଜୋର୍ କରି ଅଲଗା କରି ଦେବାକୁ ଚାହୁଁଥାଏ, ସେ ନିଶ୍ଚିତ ଭାବରେ ଅପଦସ୍ଥ ହୋଇଥାଏ ।

୧୭୩ । ଉଭୟେ ଏକ ଓ ଜଣେ ଅନ୍ୟ ଜଣକ ବ୍ୟତିରେକେ ବଞ୍ଚି ପାରନ୍ତି ନାହିଁ । ଗୁରୁ ଅଯୋଗ୍ୟ ଥିଲେ ଶିଷ୍ୟ ମଧ୍ୟ ସେହିଭଳି ହୋଇଥାନ୍ତି । କିନ୍ତୁ ଜଣେ ଯଦି ଯୋଗ୍ୟ ଗୁରୁଙ୍କ ନିକଟରୁ ଶିକ୍ଷା ଗ୍ରହଣ କରିଥାନ୍ତି, ତେବେ ଦ୍ୱୈତ ଭାବନା ସେଠି ରହି ନ ଥାଏ ।

୧୭୪ । ଗୁରୁ ଗୋଟିଏ ସ୍ଥାନରେ ରହୁଥିବା ସମୟରେ ଶିଷ୍ୟ ଅନ୍ୟ ଏକ ସ୍ଥାନରେ ରହିଥାନ୍ତି । ଯିଏ ଏହିଭଳି ଭାବିଥାନ୍ତି, ସେତେବେଳେ ସେମାନଙ୍କର ସମ୍ପର୍କ କେବଳ ଦୃଶ୍ୟ ନିମିତ୍ତ ହୋଇଥାଏ ।

୧୭୫ । ଯଦି ମୂଳତଃ ସେମାନେ ଦୁଇଜଣ ନୁହଁନ୍ତି, ତେବେ ସେମାନଙ୍କୁ କିଭଳି ଅଲଗା କରାଯାଇପାରିବ ! ଉଭୟ ଏତେ ଅବିଚ୍ଛେଦ୍ୟ ଯେ ଜଣେ ଅନ୍ୟଜଣକ ବିନା ବଞ୍ଚି ପାରିବନାହିଁ ।

୧୭୬ । ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ପ୍ରଭେଦ ନ ଥାଏ ଓ ସେମାନେ ସବୁ ସମୟରେ ଏକତ୍ର ରହିଥାନ୍ତି । ଶିଷ୍ୟ ଗୁରୁଙ୍କ ପାଦତଳେ ମୁଣ୍ଡ ରଖିଥିବା ଏକ ବାହ୍ୟିକ ଦୃଶ୍ୟ ବା ଆରାଧନାର ହାବଭାବ ।

୧୭୭ । ଶିଷ୍ୟ ତାହାର ଏକାଗ୍ର ଭକ୍ତି ଦ୍ୱାରା ଗୁରୁଙ୍କ ସହିତ ଏକାତ୍ମ୍ ହୋଇଥାଏ ଓ ଗୁରୁ ଶିଷ୍ୟଙ୍କ ସହିତ ମିଳିତ ହୋଇଥାନ୍ତି । ଯଦି ସେମାନେ ଏଭଳି ଭାବରେ ପରସ୍ପର ସହିତ ମିଶି ସମ୍ପୂର୍ଣ୍ଣ ରୂପେ ଏକ ନ ହୋଇଥାନ୍ତି, ତେବେ ସେହି ସମ୍ପର୍କ ଉଲ୍ଲେଖଯୋଗ୍ୟ ନୁହେଁ ।

୧୭୮ । ଜଣେ କିପରି ଖାଦ୍ୟ ଓ ବସ୍ତ୍ର ପାଇବ ? ସେଥି ପାଇଁ ଚିନ୍ତା କରି ମୁହୂର୍ତ୍ତେ ମାତ୍ର ସମୟ ନଷ୍ଟ କରନ୍ତୁ ନାହିଁ । ଏହା ଭାଗ୍ୟ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ଓ ବିନା ପ୍ରଚେଷ୍ଟାରେ ମିଳିପାରେ ।

୧୭୯ । ତୁମେ ଯଦି ତାହା ପାଇବା ପାଇଁ ଚେଷ୍ଟା କରିବ, ତେବେ ବିଫଳ ହେବ । କେବଳ ଆଧ୍ୟାତ୍ମିକ ଲକ୍ଷ୍ୟ ସିଦ୍ଧି ନିମନ୍ତେ ଚେଷ୍ଟା କର । ସେଇଥିପାଇଁ ଦିବାରାତ୍ରି ପରିଶ୍ରମ କର ।

୧୮୦ । 'ଉଠ' ଓ ଜାଗ୍ରତ ହୁଅ । ଗଭୀର ନିଦ୍ରାରେ ଶୋଇ ଘୁଙ୍ଗୁଡ଼ି ମାରୁଛ କାହିଁକି ? ଶ୍ରୁତିଂଂ ଦ୍ୱାରା ପ୍ରତିଧ୍ୱନିତ ହେଉଥିବା ଏହି ଡାକରା ଭକ୍ତମାନଙ୍କୁ ସ୍ନେହ ସହକାରେ ଜାଗ୍ରତ କରାଇଥାଏ ।

୧୮୧ । ସମସ୍ତ ଦୁର୍ଦ୍ଦଶାର ମୂଳ କାରଣ ହେଉଛି ଅଜ୍ଞତା । ଯେଉଁମାନେ ଅଜ୍ଞାନ ନିଦ୍ରାରେ ଶୋଇଛନ୍ତି, ଅଧିକ ଡେରି ହେବା ପୂର୍ବରୁ ସେମାନେ ଜାଗ୍ରତ ହୋଇ ଯାଆନ୍ତୁ ଓ ଗୁରୁଙ୍କ ନିକଟରୁ ଜ୍ଞାନାମୃତ ପାନ କରନ୍ତୁ ।

୧୮୨ । ତେଣୁ ଅତ୍ୟନ୍ତ ବିନୟ ଭାବରେ ଗୁରୁଙ୍କ ପଦତଳେ ଶରଣାଗତ ହୁଅନ୍ତୁ । ସେ ହିଁ କେବଳ ଭୁଲ୍ କ'ଣ ଓ ଠିକ୍ କ'ଣ ଜାଣିଛନ୍ତି । ଆମେ ସମସ୍ତେ ଅବୋଧ ବାଳକ ମାତ୍ର ।

୧୮୩ । ଜୀବ ତାହାର ସ୍ୱଳ୍ପ ଜ୍ଞାନ ନିମନ୍ତେ ଗର୍ବ କରିଥାଏ । ଶିବ (ପ୍ରଭୁ) ସର୍ବଜ୍ଞ ଓ ଅହଂକାରଶୂନ୍ୟ । କେବଳ ଗୁରୁ ହିଁ ଉଭୟଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ମୀମାଂସା କରି ଦେଇଥାନ୍ତି ଓ ସେମାନେ ଏକ ବୋଲି ପ୍ରଦର୍ଶନ କରିଥାଆନ୍ତି ।

୧୮୪ । ଜୀବ ହିଁ ଆତ୍ମା(ଜୀବାତ୍ମା) ଓ ଏହା ଅଜ୍ଞତା ଦ୍ୱାରା ହଇରାଣରେ ପଡ଼ିଥାଏ । ଶିବ ମଧ୍ୟ ଆତ୍ମା(ଶିବାତ୍ମା) ଯାହାକୁ ମାୟା ହଇରାଣ କରିଥାଏ । କେବଳ ସମର୍ଥ ଗୁରୁ ହିଁ ଉଭୟଙ୍କ ମଧ୍ୟରେ ପ୍ରଭେଦକୁ ଦୂର କରି ଦେବା ପାଇଁ ସକ୍ଷମ ହୋଇଥାନ୍ତି ।

୧୮୫ । ଦୋଦୋପାଞ୍ଚ ହେଉଥିବା ମନକୁ ଶ୍ରୀସାଇଙ୍କ ଚରଣରେ ସମର୍ପଣ କରିଦିଅନ୍ତୁ । ତାହାହେଲେ ତାଙ୍କ ପ୍ରେରଣାରୁ ଜାତ କାର୍ଯ୍ୟର ସେ କର୍ତ୍ତା ହୋଇଯିବେ ।

୧୮୬ । ସେହିଭଳି କାର୍ଯ୍ୟ ଆରମ୍ଭ କରିବାର ଉତ୍ସାହ ଓ କାର୍ଯ୍ୟ କରିବାର ଶକ୍ତିକୁ ଶ୍ରୀସାଇଙ୍କୁ ସମର୍ପଣ କରିଦିଅନ୍ତୁ ଏବଂ ତାଙ୍କର ଇଚ୍ଛା ଅନୁଯାୟୀ ଆଚରଣ ପ୍ରଦର୍ଶନ କରନ୍ତୁ ।

୧୮୭ । ଶ୍ରୀସାଇଙ୍କର ଶକ୍ତି ସର୍ବତ୍ର ବିରାଜିତ ବୋଲି ଜାଣିଥାନ୍ତୁ ଓ ତେଣୁ, ସମସ୍ତ ବୋଝ ତାଙ୍କରି ଉପରେ ନ୍ୟସ୍ତ କରିଦେଇ ନିଜର କାର୍ଯ୍ୟକୁ କୌଣସି ଗର୍ବ ନ କରି ସଂପାଦନ କରନ୍ତୁ । ତୁମେ ନିଶ୍ଚିତ ଭାବରେ ସଫଳତା ଅର୍ଜନ କରିବ ।

୧୮୮ । ତୁମର ଯଦି ଟିକିଏ ମାତ୍ର ଗର୍ବ ରହିଯାଇଥାଏ ଓ "ମୁଁ ଏହା କରିଦେବି" ବୋଲି ଭାବିଥାଅ, ତେବେ ଫଳାଫଳ ସାଙ୍ଗେ ସାଙ୍ଗେ ଜଣାପଡ଼ିଯିବ । କ୍ଷଣେ ମାତ୍ର ଡେରି ହେବ ନାହିଁ ।

୧୮୯ । ହେମାଡ଼ ଯେତେବେଳେ ମାୟା ଓ ମୋହର ବିଛଣାରେ ଶୋଇ ଅଳସୁଆ ଭାବରେ ଭିଡ଼ିମୋଡ଼ି ହୋଇ କଡ଼ ଲେଉଟାଉଥିଲା, ସେତେବେଳେ ପ୍ରଭୁ ଓ ଗୁରୁଙ୍କର କୃପା ଲାଭ କରିଥିଲା ।

୧୯୦ । ଏହାକୁ ଭାଗ୍ୟ ବୋଲି କୁହାଯାଇପାରେ, କାରଣ ଏଥି ନିମନ୍ତେ କୌଣସି ଅଧ୍ୟୟନ କିମ୍ବା ପ୍ରଚେଷ୍ଟା କରାଯାଇ ନ ଥିଲା । ମନେହୁଏ, ପ୍ରଭୁ ଓ ଗୁରୁ ଏହି ସମ୍ମାନ ସେମାନଙ୍କ ନିଜର ଉଦ୍ଦେଶ୍ୟ ପୂରଣ ନିମିତ୍ତ ପ୍ରଦାନ କରିଥିଲେ ।

୧୯୧ । ଭକ୍ତମାନଙ୍କର ଉତ୍‌ଥାନ ନିମିତ୍ତ ଶ୍ରୀସାଇ ତାଙ୍କର ଜୀବନଚରିତ ଲେଖାହେଉ ବୋଲି ଚାହିଁଛନ୍ତି । ତେଣୁ ବଳପୂର୍ବକ ମୋର ହାତ ଧରି ଏହି ପୁସ୍ତକ ବିଶଦ ଭାବରେ ଲେଖାଇ ନେଉଛନ୍ତି ।

୧୯୨ । ପ୍ରେମ ଓ ଶ୍ରଦ୍ଧା ରୂପକ ବହୁରଙ୍ଗର ବିଭିନ୍ନ ପୁଷ୍ପକୁ ନେଇ ଅବିରାମ ଧ୍ୟାନର ସୂତ୍ର ଦ୍ୱାରା ସୁନ୍ଦର ମାଳାଟିଏ ଗୁନ୍ଥି ଶ୍ରୀସାଇଙ୍କୁ ଅର୍ପଣ କରିବା ଆସନ୍ତୁ ।

୧୯୩ । ଆତ୍ମୋପଲବ୍ଧିର ସିଂହାସନ ଲାଭକରି ସେଥିରେ ଆଡ଼ମ୍ବର ସହକାରେ ଉପବେଶନ କରିବା ଆସନ୍ତୁ । ଦିବ୍ୟ ଆନନ୍ଦ ଉପଭୋଗ କରି, ଗର୍ବ ଅହଂକାର ତ୍ୟାଗ କରି ମନ ମଧ୍ୟରେ ସନ୍ତୁଷ୍ଟ ରହିବା ଆସନ୍ତୁ ।

୧୯୪ । ଶ୍ରୀସାଇଙ୍କର ଏହି ଜୀବନଚରିତ ଅତଳସ୍ପର୍ଶୀ । ପରବର୍ତ୍ତୀ କାହାଣୀ ଏହାଠାରୁ ଅଧିକ ଚମତ୍କାର । ଏହି ପାବନ କାହାଣୀକୁ ଟିକିଏ ମନଧ୍ୟାନ ଦେଇ ଶ୍ରବଣ କରନ୍ତୁ, ଜୀବନ ଧନ୍ୟ ହେବ ।

୧୯୫ । ବାବା ଗୋଟିଏ ସ୍ଥାନରେ ରହିଥିଲେ ମଧ୍ୟ ସ୍ୱପ୍ନ ମାଧ୍ୟମରେ ଚମତ୍କାର ଅନୁଭୂତି ପ୍ରଦାନ କରିଥିବାର କାହାଣୀ ପରବର୍ତ୍ତୀ ତିନୋଟି ଅଧ୍ୟାୟରେ ବର୍ଣ୍ଣିତ ହେବ ।

୧୯୬ । ଏହା ଭିତରୁ ପ୍ରଥମ ଅଧ୍ୟାୟରେ ଲାଲା ଲକ୍ଷ୍ମୀଚନ୍ଦଙ୍କ ବିଷୟରେ କୁହାଯାଇଛି । ତାଙ୍କୁ ଶ୍ରଦ୍ଧାପୂର୍ଣ୍ଣ ସୂତ୍ର ଦ୍ୱାରା ଟଣାଯାଇ ତାଙ୍କୁ ତାଙ୍କର ଉପଯୁକ୍ତ ସ୍ଥାନ ଦର୍ଶାଇ ଦିଆଯାଇଥିଲା ।

୧୯୭ । ବୁରହାନପୁରର ମହିଳାଙ୍କ ନିକଟରୁ ଖେଚୁଡ଼ି[୧୨] ଖାଇବା ପାଇଁ ବାବା ଚାହିଁଥିଲେ । ସେଥିପାଇଁ ତାଙ୍କୁ ଦର୍ଶନ କରିବା ନିମନ୍ତେ ତାଙ୍କ ମନକୁ ଉଚ୍ଚାଟିତ କରାଇଥିଲେ ଓ ଶ୍ରଦ୍ଧାର ଚମତ୍କାରିତା ପ୍ରଦର୍ଶନ କରିଥିଲେ ।

୧୯୮ । ମେଘାଙ୍କୁ ସ୍ୱପ୍ନରେ ତ୍ରିଶୂଳ ଆଙ୍କିବା ପାଇଁ ବାବା ନିର୍ଦ୍ଦେଶ ଦେଇଥିଲେ ଓ ତାହା ପରେ ସେ ଅପ୍ରତ୍ୟାଶିତ ଭାବରେ ଶିବଲିଙ୍ଗ ପ୍ରାପ୍ତ ହୋଇଥିଲେ ।

୧୯୯ । ସେହିଭଳି ଅନେକ କାହାଣୀ ତାହା ପରେ କୁହାଯାଇଅଛି । ଶ୍ରୋତାମାନେ ଯଦି ସେସବୁକୁ ଭକ୍ତି ସହକାରେ ଶୁଣିବେ, ତେବେ ସେମାନେ ଉପକୃତ ହେବେ ।

୨୦୦ । ସମୁଦ୍ରରେ ଲବଣ ଯେପରି ମିଳାଇଯାଏ, ସେହିପରି ହେମାଡ଼ ଏକାତ୍ମ ଓ ମିଳିତ ହେବାର ଭାବନା ନେଇ ଶ୍ରୀସାଇଙ୍କର ଶରଣାଗତ ହେଉଛି । ସେ ତାଙ୍କୁ ପୂର୍ଣ୍ଣ ପ୍ରାଣରେ ପ୍ରଣାମ କରୁଛି ।

୨୦୧ । ପୁନଶ୍ଚ ଶ୍ରଦ୍ଧା ସହକାରେ ଦିବାରାତ୍ରି ଶ୍ରୀସାଇଙ୍କୁ ସ୍ମରଣ କରିବା ନିମନ୍ତେ ହେମାଡ଼ ସ୍ନେହଭରେ ଅନୁରୋଧ କରୁଛି ଓ ତା'ର ମନ ସଦାଜାଗ୍ରତ ରହି ଅନ୍ୟ କୌଣସି ବିଷୟରେ ମୁଣ୍ଡ ନ ଖେଳାଇବା ପାଇଁ ପ୍ରାର୍ଥନା କରୁଛି ।

୨୦୨ । ଅତୀତ ଜୀବନ ଲିଭିଯାଉ ଓ ଭବିଷ୍ୟତ ଜୀବନ ମୂଳପୋଛ ହୋଇଯାଉ । ତା'ର ଏହି ଜୀବନ ଗୁରୁଙ୍କର ପଦତଳେ ବିତିଯାଉ ।

ସର୍ବେଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଦୀକ୍ଷା ଓ କୃପା ପ୍ରଦାନ" ଶୀର୍ଷକ ସପ୍ତବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀମଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଏହି ବର୍ଣ୍ଣନା ପଞ୍ଚମ ଅଧ୍ୟାୟରେ ବାବାଙ୍କର ବରଯାତ୍ରୀ ଦଳରେ ଆସିଥିବାର ବର୍ଣ୍ଣନାକୁ ଦେଖିଲେ ଭ୍ରମାତ୍ମକ ମନେହୁଏ ।

୨- ବିଷ୍ଣୁଙ୍କର ଦଶାବତାର- ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପର୍ଶୁରାମ, ରାମ, କୃଷ୍ଣ, ବୁଦ୍ଧ ଓ କଲ୍‌କୀ ଅବତାର । ଭବିଷ୍ୟତରେ କଲ୍‌କୀ ଅବତାର ହେବାର ଅଛି ।

୩- ମହାଭାରତରୁ ପଞ୍ଚରତ୍ନର ସଂକଳନ- (କ) ଶ୍ରୀମଦ୍‌ଭଗବତ୍ ଗୀତା (ଖ) ଶ୍ରୀବିଷ୍ଣୁ ସହସ୍ରନାମ ସ୍ତୋତ୍ର (ଗ) ଭୀଷ୍ମ ସ୍ତବରାଜ (ଘ) ଅନୁସ୍ମୃତି (ଙ) ଗଜେନ୍ଦ୍ର ମୋକ୍ଷ ।

୪- ୧୧୮୮ ମସିହାରେ ମୁକୁନ୍ଦରାଜଙ୍କ ଦ୍ୱାରା ରଚିତ । ଜ୍ଞାନେଶ୍ୱରୀ ମରାଠୀ ଭାଷାରେ ଅଦ୍ୱୈତ ପ୍ରସଙ୍ଗ ଉପରେ ରଚିତ ହେବାର ଶହେବର୍ଷ ପୂର୍ବରୁ ସେ ଏହା ଲେଖିଥିଲେ ।

୫- ପ୍ରାତକାଳରେ ଓ ସନ୍ଧ୍ୟା ସମୟରେ କରାଯାଉଥିବା ଧ୍ୟାନ ଓ ମନ୍ତ୍ର ଉଚ୍ଚାରଣ।

୬- ରାମଙ୍କର ଗୂଢ଼ କାହାଣୀ।

୭- ଚିଞ୍ଚଣୀକର।

୮- ଗଣେଶ ଗୋବିନ୍ଦ ନାର୍କେ ହେଉଛନ୍ତି ବୁଟିଙ୍କର ଜ୍ୱାଇଁ ଓ ପୁଣେ ଇଞ୍ଜିନିୟରିଂ କଲେଜର ପ୍ରଫେସର।

୯- ସାଞ୍ଜା - ଉପମା, ଶିରାପୁରୀ- ଅଟାରେ ଗୁଡ଼ ଓ ଘିଅ ମିଶାଇ ତେଲରେ ଛଣା ଯାଉଥିବା କାକରା, ବରଣ - ଅତି ସୁସ୍ୱାଦୁ ଡାଲି, ଖିରି- ଚାଉଳ, କ୍ଷୀର ଓ ଚିନିରେ ପ୍ରସ୍ତୁତ ପାୟସ, ସାଣ୍ଡଜେ-କାକୁଡ଼ି, ଗାଜର ଇତ୍ୟାଦିର ସାଲାଡ୍, କୋଶିମ୍ବିରୀ- ଆଚାର। ମୂଳ ମରାଠୀ ଭାଷାରେ ଖାଦ୍ୟର ଏଇ ନାମସବୁ ମୂଳ ମରାଠୀ ରହିଛି ।

୧୦- ଶିଷ୍ୟକୁ ଗୁରୁ ସ୍ପର୍ଶ, ବଚନ ଓ ଚାହାଣି ଦ୍ୱାରା ପ୍ରଦାନ କରୁଥିବା ଶକ୍ତି।

୧୧- କଠୋପନିଷଦ।

୧୨- ଅରୁଆ ଚାଉଳ, ଡାଲି, ନଡ଼ିଆ, ଘିଅ, ଚିନି ଇତ୍ୟାଦି ମିଶାଇ ରନ୍ଧା ସୁସ୍ୱାଦୁ ଖାଦ୍ୟ ।



ବେଳେ ବେଳେ ଭକ୍ତ ବାବାଙ୍କ ହସ୍ତରେ ପୁସ୍ତକଟିଏ ଦେବାପରେ ସେ ତାହାର ପୃଷ୍ଠାଗୁଡ଼ିକୁ ଓଲଟାଇ ଦେଖୁଥିଲେ। ଭକ୍ତଜଣକ ବହିଟିକୁ ଫେରସ୍ତ ନେବା ନିମିତ୍ତ ହାତ ପାତୁଥିଲେ। (୨୭ଶ ଅଧ୍ୟାୟ, ପଂକ୍ତି-୪୧)



ଦାଦାସାହେବ ଖାପର୍ଡ଼େ

॥ ୨୮ ॥

ସ୍ୱପ୍ନ ଦର୍ଶନର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇ କୌଣସି ଗୋଟିଏ ସ୍ଥାନରେ ଆବଦ୍ଧ ନୁହଁନ୍ତି । ଶ୍ରୀସାଇ ସମଗ୍ର ସୃଷ୍ଟିରେ, ଅର୍ଥାତ୍ ବ୍ରହ୍ମରୁ ଆରମ୍ଭ କରି ପିମ୍ପୁଡ଼ି ଓ ମାଛି ଭଳି କ୍ଷୁଦ୍ର ପ୍ରାଣୀଙ୍କ ମଧ୍ୟରେ ମଧ୍ୟ ବାସ କରିଥାଆନ୍ତି । ସେ ସମସ୍ତ ଘଟ ମଧ୍ୟରେ ଓ ସର୍ବତ୍ର ପରିବ୍ୟାପ୍ତ ।

୨ । ଶ୍ରୀସାଇ ବେଦବେଦାନ୍ତରେ ପ୍ରବୀଣ ଥିଲେ ଓ ପରଂବ୍ରହ୍ମଙ୍କର ସମସ୍ତ ଗୁଣ ତାଙ୍କ ନିକଟରେ ରହିଥିଲା । ସେ ଉଭୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବାରୁ ସଦ୍‌ଗୁରୁ ରୂପେ ଅଭିହିତ ହେବାର ଯୋଗ୍ୟ ଥିଲେ ।

୩ । ଜଣେ ହୁଏତ ଜ୍ଞାନୀ ହୋଇଥାଇପାରନ୍ତି କିନ୍ତୁ ସେ ଶିଷ୍ୟଙ୍କର ଆତ୍ମୋପଲବ୍ଧି କରି ପାରୁନଥିଲେ କିମ୍ବା ସେମାନଙ୍କୁ ଜାଗ୍ରତ କରାଇ ପାରୁ ନ ଥିଲେ, ସେ ସଦ୍‌ଗୁରୁ ପଦବାଚ୍ୟ ନୁହଁନ୍ତି ।

୪ । ପିତା ଶରୀରର ସ୍ରଷ୍ଟା ହୋଇଥାନ୍ତି, କିନ୍ତୁ ମୃତ୍ୟୁ ଅବିଚଳିତ ଭାବରେ ଜୀବନକୁ ପିଛା କରୁଥାଏ । ଗୁରୁ ଜନ୍ମ ଓ ମୃତ୍ୟୁଚକ୍ରରୁ ମୁକ୍ତି ଦେଉଥିବାରୁ ତାଙ୍କର ପଟାନ୍ତର ନାହିଁ ।

୫ । ପ୍ରସଙ୍ଗକ୍ରମେ ପୂର୍ବରୁ ସୂଚିତ ସ୍ୱପ୍ନ ସମ୍ପର୍କିତ ଅଧ୍ୟାୟକୁ ଏବେ ଶୁଣନ୍ତୁ । ବାବା ସ୍ୱପ୍ନ ମାଧ୍ୟମରେ ତାଙ୍କର ଭକ୍ତମାନଙ୍କୁ କିପରି ଦର୍ଶନ ଦେଉଥିଲେ, ଦେଖନ୍ତୁ ।

୬ । ସେ ଜଣେ ଭକ୍ତଙ୍କୁ ତ୍ରିଶୂଳ ଆଙ୍କିବାକୁ କହିଥିବା ବେଳେ ଅନ୍ୟ ଜଣଙ୍କୁ ଖେଚୁଡ଼ି ରାନ୍ଧିବା ନିମନ୍ତେ କହିଥିଲେ । ଆଉଜଣେ ଭକ୍ତଙ୍କ ପାଇଁ ଶିକ୍ଷକ ହୋଇ ତାଙ୍କ ପିଠିରେ ବେତ୍ରାଘାତ କରିଥିଲେ ।

୭ । ଜଣେ ଭକ୍ତଙ୍କୁ ସ୍ୱପ୍ନରେ ଦେଖାଦେଇ ଡରାଇଥିଲେ ଓ ମଦ ପିଇବାର ବଦଭ୍ୟାସ ଛଡ଼ାଇ ଦେଇଥିଲେ । ଭକ୍ତମାନଙ୍କର ଏମିତି ବହୁ ସମସ୍ୟାକୁ ଦୂରକରି ସେ ସେମାନଙ୍କର ବିଶ୍ୱାସକୁ ଦୃଢ଼ୀଭୂତ କରିଥିଲେ ।

୮ । ଶ୍ରୋତାମାନେ ପୂର୍ବରୁ ଶୁଣି ସାରିଛନ୍ତି ଯେ, ସେ କିପରି ଜଣକର ପିଠିରେ ବେତ୍ରାଘାତ କରି ଛାଲ ଛଡ଼ାଇ ଦେଇଥିଲେ ଓ ତାଙ୍କର ଛାତିକୁ ବଟାଶିଳ ଭାବରେ ବ୍ୟବହାର କରିଥିଲେ । ଆଉ ତା' ଉପରେ ଏକ ପଥରକୁ ଶିଳପୁଆ କରି ବାଟିଥିଲେ । ଏ ସମସ୍ତର ବର୍ଣ୍ଣନା ଦଶମଂ ଅଧ୍ୟାୟରେ କରାଯାଇଛି ।

୯ । ଏହାର ପରବର୍ତ୍ତୀ କାହାଣୀଗୁଡ଼ିକ ବିରଳ ଓ ଚମତ୍କାର । ଶ୍ରୋତା ଓ ବକ୍ତା ଉଭୟେ ଏକା ଭଳି ହୋଇଥିବାରୁ ସେମାନେ ଧନ୍ୟ ହୋଇଥାନ୍ତି ଓ ଆଶୀର୍ବାଦ ଲାଭ କରିଥାନ୍ତି ।

୧୦ । ସନ୍ଥମାନଙ୍କର ଏହି କାହାଣୀଗୁଡ଼ିକ ସବୁ ସମୟରେ ଅତି ପବିତ୍ର । ଅସତ୍ୟ କିମ୍ବା ବିଦ୍ୱେଷପୂର୍ଣ୍ଣ ମନ୍ତବ୍ୟକୁ ଶୁଣି ଅର୍ଜନ କରିଥିବା ପାପକୁ ଏହା କ୍ଷୟ କରିଥାଏ ।

୧୧ । ଏବେ ମୁଁ ସେହି କାହାଣୀଗୁଡ଼ିକୁ କହୁଛି । ଶ୍ରୋତାମାନେ ତାହାକୁ ସମ୍ମାନ ଦେଇ ଶୁଣନ୍ତୁ । ପ୍ରତି ପଦକ୍ଷେପରେ ସେଗୁଡ଼ିକ ଶ୍ରୀସାଇଙ୍କର ଅନୁକମ୍ପାପୂର୍ଣ୍ଣ ସ୍ୱଭାବକୁ ଉନ୍ମେଷ କରିବ ।

୧୨ । ଗ୍ରୀକ୍ ବଣିକ 'ରାଲି ବ୍ରଦର୍ସ' ସମଗ୍ର ଭାରତବର୍ଷରୁ ନାନା ପ୍ରକାର ଜିନିଷ କିଣାକିଣି କରିବା ନିମନ୍ତେ ବିଭିନ୍ନ ସହରରେ କାର୍ଯ୍ୟାଳୟମାନ ସ୍ଥାପନ କରିଥିଲେ । ତନ୍ମଧ୍ୟରୁ ବମ୍ବେଇରେ ଏକ କାର୍ଯ୍ୟାଳୟ ଥିଲା ।

୧୩ । ଲକ୍ଷ୍ମୀଚନ୍ଦ ସେତେବେଳେ ସେହି କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କ ଅଧୀନରେ ମୁନ୍‌ସୀ ଭାବରେ କାର୍ଯ୍ୟ କରୁଥିଲେ । ସେ ଅତ୍ୟନ୍ତ ସଙ୍କୋଚ ଓ ବଶମ୍ବଦ ଥିଲେ ।

୧୪ । ସେ ପ୍ରଥମେ ରେଳବାଇରେ ଓ ପରେ ଭେଙ୍କଟେଶ ପ୍ରେସ୍‌ରେ କାର୍ଯ୍ୟ କରିଥିଲେ । ସେହି ସମୟରେ ସେ ସାଇବାବାଙ୍କ ସଂସ୍ପର୍ଶରେ ଆସିଥିଲେ । କେମିତି କ'ଣ ହୋଇଥିଲା ଶୁଣନ୍ତୁ ।

୧୫ । "ମୋ ଲୋକ ଯେ କୌଣସି ସ୍ଥାନରେ ରହିଥାଉ ପଛକେ, ଏପରିକି ହଜାରେ ମାଇଲ ଦୂରରେ ଥିଲେବି ମୁଁ ତା' ପାଦରେ ଦଉଡ଼ି ବାନ୍ଧି ଖଣ୍ଡିଉଡ଼ା ଦେଉଥିବା ଘରଚଟିଆ ଚଢ଼େଇ ଭଳି ମୋ ପାଖକୁ ଟାଣି ଆଣିଥାଏ ।"

୧୬ । ବାବା ଏହିକଥା ବହୁତ ସମୟରେ କହୁଥିଲେ । ଲୋକେ କେବଳ ଯେ ସେହି କଥା ବାରମ୍ବାର ଶୁଣିଥିଲେ ତା' ନୁହେଁ, ଅନୁଭବ ମଧ୍ୟ କରିଥିଲେ । ବାବାଙ୍କର ସେହି ଲୀଳା ସମ୍ପର୍କରେ ମୁଁ ବର୍ଣ୍ଣନା ଏବେ କରିବି ।

୧୭ । ଏହିଭଳି ବହୁତ 'ପିଲା'ଙ୍କୁ ବିଭିନ୍ନ ସ୍ଥାନରୁ ଶିରିଡ଼ିକୁ ଟାଣି ଅଣାଯାଉଥିଲା ଓ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀଚନ୍ଦ ଅନ୍ୟତମ ଥିଲେ । ସେ ବାବାଙ୍କର ଅତି ଅନୁରକ୍ତ 'ବାଳକ' ଥିଲେ ।

୧୮ । ବହୁ ଜନ୍ମର ସୁକୃତି ଯେତେବେଳେ ଭାଗ୍ୟବଳରେ ଉନ୍ମୋଚିତ ହୋଇଯାଏ, ସେତିକିବେଳେ ହିଁ ଆମେ ଜଣେ ସନ୍ଥଙ୍କୁ ଭେଟିଥାଉ ଯିଏକି ଅଜ୍ଞାନ ଅନ୍ଧକାରକୁ ଦୂର କରି ଦେଇଥାନ୍ତି ।

୧୯ । ଭାଗ୍ୟ ଅନୁକୂଳ ହେଲେ ଭେଦାଭେଦ ବିବେଚନା କରିବାର ଅଗ୍ନି ପ୍ରଜ୍ୱଳିତ ହୋଇଥାଏ ଓ ଆମେ ବୈରାଗ୍ୟ ଲାଭ କରିଥାଉ । ପୂର୍ବ ଜନ୍ମର ସଞ୍ଚିତ କର୍ମଫଳର ଅନ୍ତ ଘଟିଥାଏ ଓ ଜୀବନ ପୂର୍ଣ୍ଣତା ପ୍ରାପ୍ତ ହୋଇଥାଏ ।

୨୦ । ଶ୍ରୀସାଇନାଥ ଥରେ ଦୃଷ୍ଟି ପଥାରୂଢ଼ ହୋଇଗଲେ, ଅନ୍ୟ କାହାରି ସତ୍ତା ସେଠି ରହେ ନାହିଁ । ଚକ୍ଷୁ ମୁଦ୍ରିତ ହୋଇଗଲେ ମଧ୍ୟ ଶ୍ରୀସାଇନାଥ ଦୃଷ୍ଟି ମଧ୍ୟରେ ବ୍ୟାପି ରହିଥାନ୍ତି ।

୨୧ । ମୁଁ ଲାଲାଜୀ(ଲକ୍ଷ୍ମୀଚନ୍ଦ)ଙ୍କୁ ଭେଟିଥିଲି ଓ ସେ ତାଙ୍କର ଯେଉଁ ଅଭିଜ୍ଞତା ବର୍ଣ୍ଣନା କରିଥିଲେ, ତାହା ମୁଁ ମୋ ହୃଦୟ ମଧ୍ୟରେ ଯତ୍ନ ସହକାରେ ସାଇତି ରଖିଛି । ମୁଁ ତାହାକୁ ଅତ୍ୟନ୍ତ ଆଗ୍ରହ ସହକାରେ ଏଠି ବର୍ଣ୍ଣନା କରୁଛି ।

୨୨ । ସେ କିପରି ବାବାଙ୍କ ଦ୍ୱାରା ଧରାପଡ଼ିଥିଲେ ଦେଖନ୍ତୁ ! ସେହି ଲୀଳାର ପଟାନ୍ତର ନାହିଁ । ନିଷ୍ପାପର ଶ୍ରୋତାମାନେ ତାହାକୁ ପୂର୍ଣ୍ଣ ଏକାଗ୍ରତାର ସହିତ ଶୁଣନ୍ତୁ ।

୨୩ । ୧୯୧୦ ମସିହାରେ ବଡ଼ଦିନ (ଖ୍ରୀଷ୍ଟମାସ) ଛୁଟି ସମୟରେ ଲାଲାଜୀ ଶିରିଡ଼ି ଆସିବାର ଏକ ସୁଯୋଗ ପାଇଥିଲେ ।

୨୪ । ସେଥର ତାଙ୍କର ପ୍ରଥମ ଦର୍ଶନ ଥିଲା । ଏହି ଘଟଣାର ସୂଚନା ଦେବା ପାଇଁ ତାହାର କେତେ ମାସ ଆଗରୁ ତାଙ୍କ କ୍ଷେତ୍ରରେ କ'ଣ ଘଟିଥିଲା ଶୁଣନ୍ତୁ ।

୨୫ । ସେ ସାନ୍ତାକ୍ରୁଜ୍[୨]ରେ ଥିବା ସମୟରେ କେବେ ମଧ୍ୟ ଚିନ୍ତା କରି ନ ଥିବା ଏକ ଘଟଣା ସମ୍ପର୍କରେ ହଠାତ୍ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଥିଲେ ।

୨୬ । ସେ ଜଣେ ଶ୍ମଶ୍ରୁଧାରୀ ବୃଦ୍ଧ ସାଧୁଙ୍କୁ ଶିଷ୍ୟ ପରିବେଷ୍ଟିତ ହୋଇଥିବାର ଦେଖିଥିଲେ । ସେହି ମହାତ୍ମା ସେହିଭଳି ଛିଡ଼ା ହୋଇଥିବା ସମୟରେ ସେ ତାହାଙ୍କୁ ସଶ୍ରଦ୍ଧ ପ୍ରଣତି ଜଣାଇଥିଲେ ।

୨୭ । ଏହାର କେତେଦିନ ପରେ ଲକ୍ଷ୍ମୀଚନ୍ଦ ଦାସଗଣୁଙ୍କ କୀର୍ତ୍ତନ ଶୁଣିବା ନିମନ୍ତେ ଦତ୍ତାତ୍ରେୟ ମଂଜୁନାଥ ବିଜୂରଙ୍କ ଘରକୁ ଯାଇଥିଲେ ।

୨୮ । ଦାସଗଣୁ କୀର୍ତ୍ତନ କରିବା ସମୟରେ ସାଇବାବାଙ୍କ ପ୍ରତିଛବିକୁ ସମ୍ମୁଖରେ ରଖୁଥିଲେ । ସେ ଛବିକୁ ଦେଖିବାପରେ ଲକ୍ଷ୍ମୀଚନ୍ଦଙ୍କର ସାଙ୍ଗେ ସାଙ୍ଗେ ସ୍ୱପ୍ନ ବିଷୟ ମନେପଡ଼ି ଯାଇଥିଲା । ସେ ସ୍ୱପ୍ନରେ ଏହି ବ୍ୟକ୍ତିଙ୍କୁହିଁ ଦେଖିଥିଲେ ।

୨୯ । ସେଇଭଳି ଦାଢ଼ି, ସେଇ ବୟସ, ସେଇ ମୁଖମଣ୍ଡଳ, ସେଇଭଳି ଅଙ୍ଗପ୍ରତ୍ୟଙ୍ଗ ରହିଥିଲା । ଲକ୍ଷ୍ମୀଚନ୍ଦ ଏକାନ୍ତ ଭାବରେ ଅନୁଭବ କରିଥିଲେ ଯେ ଇଏ ସେହି ମହାତ୍ମା ।

୩୦ । ଦାସଗଣୁ କୀର୍ତ୍ତନ ପ୍ରାରମ୍ଭରେ ତୁକାରାମଙ୍କର ଗାନରୁ

ଉପକ୍ରମଣିକା ଆରମ୍ଭ କରିଥିଲେ ଓ ତା'ପରେ ଲାଲାଜୀ ସ୍ୱପ୍ନରେ ଦେଖିଥିବା ସାଧୁଙ୍କ ଦର୍ଶନ ସମ୍ପର୍କରେ କହିଥିଲେ। ଲାଲାଜୀ ଗଭୀର ଭାବରେ ଅଭିଭୂତ ହୋଇପଡ଼ିଥିଲେ।

୩୧। ଅତି କୋମଳ ହୃଦୟ ଲକ୍ଷ୍ମୀଚନ୍ଦଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ ଭରି ଯାଇଥିଲା। ସେ ଛବିରେ ଥିବା ସାଧୁଙ୍କର ଦର୍ଶନ କରିବା ନିମିତ୍ତ ବ୍ୟାକୁଳ ହୋଇଉଠିଥିଲେ।

୩୨। ସେ ପୂର୍ବରୁ ସ୍ୱପ୍ନରେ ଦେଖିଥିବା ସାଧୁ ଓ ଯାହାଙ୍କର ଛବି କୀର୍ତ୍ତନ ବେଳେ ଦେଖିଥିଲେ, ତାଙ୍କୁ ଭେଟିବାର ଇଚ୍ଛା ବ୍ୟତୀତ ତାଙ୍କ ମନ ମଧ୍ୟରେ ଅନ୍ୟ କୌଣସି ଚିନ୍ତା ନଥିଲା। ତାଙ୍କର ଅନ୍ତର୍ଭାବନା ସେହିଠାରେ ଲାଖି ରହିଥିଲା।

୩୩। 'ମୋ ସାଙ୍ଗରେ ଶିରିଡ଼ି ଯିବାକୁ କେହି ବନ୍ଧୁ ମିଳିବେ କି ? ସେହି ସାଧୁଙ୍କ ପଦପଙ୍କଜରେ ମୁଁ କେବେ ମୋ ମୁଣ୍ଡ ପାତିବି ?

୩୪। 'ମୁଁ ସେହି ସାଧୁଙ୍କର ଦର୍ଶନ ପାଇପାରିବି ତ ? ମୁଁ ତାଙ୍କର ଶ୍ରଦ୍ଧାନନ୍ଦକୁ ଉପଭୋଗ କରିପାରିବି ତ ?' ଲକ୍ଷ୍ମୀଚନ୍ଦ ସବୁବେଳେ ଏହିଭଳି ଚିନ୍ତା କରୁଥିଲେ।

୩୫। 'ବାଟଖର୍ଚ୍ଚ ନିମନ୍ତେ ପଇସା ମଧ୍ୟ ଯୋଗାଡ଼ କରିବାକୁ ପଡ଼ିବ। ତା'ପରେ କ'ଣ କରାଯିବ ? କିଭଳି ଶୀଘ୍ର ଦର୍ଶନ ପାଇବି ? କିଛି ଗୋଟାଏ ଉପାୟ କରିବାକୁ ପଡ଼ିବ।'

୩୬। ଭଗବାନ ସବୁବେଳେ ଶ୍ରଦ୍ଧା ଚାହିଁଥାନ୍ତି। ଦେଖନ୍ତୁ କିଭଳି ଅଦ୍ଭୁତ ଘଟଣାଟିଏ ଘଟିଥିଲା ! ସେହିଦିନ ରାତ୍ରି ଆଠଟା ସମୟରେ ଜଣେ ବନ୍ଧୁ ତାଙ୍କ କବାଟ ବାଡ଼େଇ ଡାକିଥିଲେ।

୩୭। ସେ କବାଟଖୋଲି ଦେଖିଥିଲେ ଯେ ବନ୍ଧୁ ଶଙ୍କରରାଓ ଛିଡ଼ା ହୋଇଛନ୍ତି ଓ ସେ ଶିରିଡ଼ି ଯିବାକୁ ଚାହାନ୍ତି କି ବୋଲି ତାଙ୍କୁ ପଚାରୁଛନ୍ତି।

୩୮। "ମୋର କେଡ଼ଗାଁ ଯାଇ ନାରାୟଣ ମହାରାଜଙ୍କର ଦର୍ଶନ କରିବାର ପ୍ରସ୍ତାବ ରହିଛି। କିନ୍ତୁ, ପ୍ରଥମେ ମୋର ଶିରିଡ଼ି ଯିବାର ଇଚ୍ଛା ବଳବତ୍ତର ହେଉଛି।"

୩୯। ଜଣେ ଯାହା ଇଚ୍ଛାକରେ ତାହା ପାଇବା ପାଇଁ ଚେଷ୍ଟା କରିଥାଏ, କିନ୍ତୁ ଯାହାପାଇଁ ସେ ଅପେକ୍ଷା କରିଥାଏ ତାହା ଯଦି ଆସି ହଠାତ୍ କୋଳରେ ପଡ଼େ ! ଲକ୍ଷ୍ମୀଚନ୍ଦ ତାଙ୍କର ଆନନ୍ଦକୁ ଧରି ରଖିପାରିଲେ ନାହିଁ।

୪୦। ସେ ତାଙ୍କର ଜଣେ ସମ୍ପର୍କୀୟଙ୍କ ନିକଟରୁ ପନ୍ଦରଟଙ୍କା ଧାର ଆଣିଥିଲେ। ଶଙ୍କରରାଓ ମଧ୍ୟ ସେୟା କରିଥିଲେ। ସେମାନେ ଯାତ୍ରା କରିବାପାଇଁ ପ୍ରସ୍ତୁତ ହୋଇଥିଲେ।

୪୧। ସେମାନେ ତାଙ୍କର ବ୍ୟାଗପତ୍ର ଧରି ସାଙ୍ଗହୋଇ ବାହାରି ପଡ଼ିଥିଲେ, ଠିକ୍ ସମୟରେ ପହଞ୍ଚି ଟିକେଟ କିଣିଥିଲେ ଓ ଦୁହେଁ ଟ୍ରେନରେ ବସିଥିଲେ।

୪୨। ଶଙ୍କରରାଓ ଭଲ ଭଜନ ବୋଲୁଥିବାରୁ ଉଭୟେ ଟ୍ରେନରେ ଭଜନ ଗାନ କରିଥିଲେ। କୌତୁହଳବଶତଃ ବାବାଙ୍କ ସମ୍ବନ୍ଧରେ ଲକ୍ଷ୍ମୀଚନ୍ଦ ରାସ୍ତାରେ ଜିଜ୍ଞାସା କରିଥିଲେ।

୪୩। କେହି ଶିରିଡ଼ି ଯାଉଥିବା ଲୋକକୁ ସେ ଭେଟିଲେ ତାଙ୍କୁ ଅଭିନନ୍ଦନ ଜଣାଇ ପଚାରୁଥିଲେ, "ସାଇବାବାଙ୍କର ମହିମା ସମ୍ପର୍କରେ ଆପଣଙ୍କର ଅଭିଜ୍ଞତା ଆମକୁ କହନ୍ତୁ।

୪୪। "ସାଇବାବା ଜଣେ ମହାନ୍ ସନ୍ଥ ଓ ଅହମଦନଗର ଆଖପାଖରେ ବିଖ୍ୟାତ। ତାଙ୍କ ସମ୍ପର୍କରେ ଆପଣଙ୍କର କିଛି ବ୍ୟକ୍ତିଗତ ଅଭିଜ୍ଞତା ଥିଲେ ଆମକୁ ଖୋଲି କହନ୍ତୁ" ବୋଲି ସେ ପଚାରୁଥିଲେ।

୪୫। ସେହି ଡବା ମଧ୍ୟରେ ଶିରିଡ଼ି ନିକଟରେ ରହୁଥିବା ଚାରିଜଣ ମୁସଲମାନ ଯାତ୍ରୀ ଥିଲେ। ସେମାନଙ୍କ ସହିତ ଗପସପ କରି ଲକ୍ଷ୍ମୀଚନ୍ଦ ଶାନ୍ତି ଅନୁଭବ କରିଥିଲେ।

୪୬। "ସାଇବାବାଙ୍କ ସମ୍ପର୍କରେ ଯାହା କିଛି ଜାଣିଛନ୍ତି, ଆମକୁ କହନ୍ତୁ"। ଲକ୍ଷ୍ମୀଚନ୍ଦ ସେମାନଙ୍କୁ ସମ୍ଭ୍ରମତା ଓ ଶ୍ରଦ୍ଧା ସହକାରେ ପଚାରିଥିଲେ।

୪୭। ସେମାନେ କହିଥିଲେ, "ସାଇବାବା ଜଣେ ମହାନ୍ ସନ୍ଥ ଓ ସେ ଶିରିଡ଼ିରେ ଅନେକ ବର୍ଷ ଧରି ରହିଲେଣି। ସେ ଜଣେ ପ୍ରସିଦ୍ଧ ଔଲିଆ ଓ ସନ୍ନ୍ୟାସୀ।"

୪୮। ଏହିଭଳି ଆନନ୍ଦଦାୟକ କଥାବାର୍ତ୍ତା ମଧ୍ୟରେ ସେମାନଙ୍କର ଯାତ୍ରା ଶେଷ ହୋଇଥିଲା ଓ ସେମାନେ କୋପରଗାଁରେ ପହଂଚି ଯାଇଥିଲେ। ସେଠାରେ ସେଠ୍ଙ୍କର କିଛି ବିଷୟ ମନେ ପଡ଼ିଯାଇଥିଲା।

୪୯। 'ସାଇବାବା ପିଜୁଳି ଖାଇବାକୁ ଭଲ ପାଆନ୍ତି ଓ କୋପରଗାଁରେ ତାହା ପ୍ରଚୁର ଫଳିଥାଏ। ତାହା ଗୋଦାବରୀ ନଦୀ କୂଳରେ ବିକ୍ରିହୁଏ ବୋଲି ସେ ଶୁଣିଛନ୍ତି । ଆମେ ପିଜୁଳି ନେଇ ବାବାଙ୍କୁ ଅର୍ପଣ କରିବା।'

୫୦। କିନ୍ତୁ, ସେମାନେ ଯେତେବେଳେ ଗୋଦାବରୀ ନଦୀତଟକୁ ଆସିଥିଲେ, ସେତେବେଳେ ତାହାର ମନୋରମ

ଦୃଶ୍ୟରେ ଏଭଳି ବିମୋହିତ ହୋଇ ପଡ଼ିଥିଲେ ଯେ ପିଜୁଳି କଥା ପୂରାପୂରି ଭୁଲିଯାଇଥିଲେ ଓ ଟାଙ୍ଗା ନଦୀର ଅପରପାର୍ଶ୍ୱରେ ପହଞ୍ଚି ଯାଇଥିଲା ।

୫୧ । ସେଠାରୁ ମାତ୍ର ଚାରୋଟି ଗ୍ରାମ ପରେ ଶିରିଡ଼ି ପଡ଼ିବ ଓ ଟାଙ୍ଗା ଦ୍ରୁତବେଗରେ ଚାଲୁଥିଲା । ସେହି ସମୟରେ ଲକ୍ଷ୍ମୀଚନ୍ଦଙ୍କର ପିଜୁଳି କଥା ମନେ ପଡ଼ି ଯାଇଥିଲା, କିନ୍ତୁ ସେଠାରେ କୌଣସି ପିଜୁଳି ଦେଖିବାକୁ ମିଳିନଥିଲା ।

୫୨ । ଆକସ୍ମିକ ଭାବରେ ସେହି ସମୟରେ ବୁଢ଼ୀଟିଏ ମୁଣ୍ଡରେ ଗୋଟିଏ ଟୋକେଇ ମୁଣ୍ଡେଇ ଟାଙ୍ଗା ପଛରେ ଧାଇଁ ଧାଇଁ ଆସୁଥିବାର ଦେଖାଯାଇଥିଲା । ସେ ଆସିବାଯାଏଁ ଟାଙ୍ଗାକୁ ଅଟକାଇ ଦିଆଯାଇଥିଲା ଓ ମନେ ହେଲା ସତେ ଯେପରି ପିଜୁଳିଝୁଡ଼ିଏ ଲକ୍ଷ୍ମୀଚନ୍ଦଙ୍କୁ ଦେଖା କରିବା ନିମିତ୍ତ ଆସିଥିଲେ ।

୫୩ । ଲକ୍ଷ୍ମୀଚନ୍ଦଙ୍କର ଖୁସିର ସୀମା ନଥିଲା । ସେ ଟୋକେଇରୁ ଭଲ ଭଲ ପିଜୁଳି ଯତ୍ନ ସହକାରେ ବାଛିଥିଲେ । ବାକି ଯେଉଁତକ ପିଜୁଳି ଟୋକେଇରେ ରହି ଯାଇଥିଲା, ବୁଢ଼ୀଟି ସେଗୁଡ଼ିକୁ ନିଜ ତରଫରୁ ବାବାଙ୍କୁ ଅର୍ପଣ କରିଦେବାକୁ କହିଥିଲା ।

୫୪ । ପିଜୁଳି ସମ୍ବନ୍ଧରେ ମନେ ପକାଇବା ଓ ତାହାକୁ ପରେ ଭୁଲିଯିବା, ବୁଢ଼ୀ ସହିତ ଅଚାନକ ଦେଖାହେବା ଏବଂ ତାହାର ଶ୍ରୀସାଇଙ୍କ ପ୍ରତି ଭକ୍ତିଭାବ ଦେଖିବା, ଏ ସମସ୍ତ ଘଟଣା ଉଭୟଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା ।

୫୫ । ପ୍ରଥମେ ମୁଁ ଜଣେ ବୁଢ଼ା ଲୋକଙ୍କୁ ସ୍ୱପ୍ନରେ ଦେଖିଥିଲି । ତା'ପରେ ତାଙ୍କ ସହିତ କୀର୍ତ୍ତନରେ ଭେଟ ହୋଇଥିଲା । ଏହି ବୁଢ଼ୀ ବୋଧହୁଏ ତାଙ୍କର କେହି ସମ୍ପର୍କୀୟ ହୋଇପାରେ ବୋଲି ଲକ୍ଷ୍ମୀଚନ୍ଦ ଅନୁମାନ କରିଥିଲେ ।

୫୬ । ସେ ଯାହାହେଉ, ଟାଙ୍ଗା ପୁଣି ଚାଲିଥିଲା ଓ ଅଳ୍ପ ସମୟ ମଧ୍ୟରେ ଶିରିଡ଼ିରେ ପହଂଚାଇ ଦେଇଥିଲା । ଦୂରରୁ ସେମାନେ ମସ୍‌ଜିଦ ଉପରେ ଉଡୁଥିବା ପତାକାକୁ ଦେଖି ପାରିଥିଲେ ଓ ଭକ୍ତି ସହକାରେ ପ୍ରଣାମ କରିଥିଲେ ।

୫୭ । ସେମାନେ ପୂଜା ନିମିତ୍ତ ଆବଶ୍ୟକ ସମସ୍ତ ଦ୍ରବ୍ୟ ସାଙ୍ଗରେ ନେଇଥିଲେ ଓ ସଂଗେ ସଂଗେ ମସ୍‌ଜିଦ୍‌କୁ ଯାଇଥିଲେ । ଶ୍ରୀସାଇଙ୍କୁ ଦର୍ଶନ କରିବା ପରେ ଦୁହେଁ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

୫୮ । ପ୍ରବେଶଦ୍ୱାର ମଧ୍ୟଦେଇ ଅଗଣାରେ ପ୍ରବେଶ କରିବା ସମୟରେ ଦୂରରୁ ବାବାଙ୍କର ରୂପକୁ ସେମାନେ ଦର୍ଶନ କରିଥିଲେ ଓ ସେମାନଙ୍କ ମନ ମଧ୍ୟରେ ଗଭୀର ଭାବାବେଗ ସୃଷ୍ଟି ହୋଇଥିଲା ।

୫୯ । ଇପ୍ସିତ ବ୍ୟକ୍ତିଙ୍କୁ ଦର୍ଶନ କରିବା ପରେ ଲକ୍ଷ୍ମୀଚନ୍ଦ ସଂପୂର୍ଣ୍ଣଭାବରେ ନିମଜ୍ଜିତ ହୋଇଯାଇଥିଲେ । ସେ କ୍ଷୁଧାତୃଷା ଭୁଲିଯାଇଥିଲେ ଓ ପରମ ଆନନ୍ଦ[୩] ପାଇଥିଲେ ।

୬୦ । ପରିଷ୍କାର ଜଳରେ ବାବାଙ୍କର ପାଦପଦ୍ମକୁ ନିଜ ହାତରେ ଧୋଇଦେବା ପରେ ବିଧି ଅନୁଯାୟୀ ତାଙ୍କର ପୂଜା କରିଥିଲେ । ତା'ପରେ ସେ ପିଜୁଳି, କଦଳୀ ଓ ନଡ଼ିଆ ଅର୍ପଣ କରିଥିଲେ ।

୬୧ । ସେ ଧୂପ, ଦୀପ ଓ ପାନପତ୍ର ଅର୍ପଣ କରିଥିଲେ । ଦକ୍ଷିଣା ପ୍ରଦାନ କରିବା ପରେ ଏକ ମନ ଏକ ଲୟରେ ଫୁଲମାଳଟିଏ ପିନ୍ଧାଇଦେଇ ବାବାଙ୍କ ପାଦ ପାଖରେ ବସିଥିଲେ ।

୬୨ । ଲକ୍ଷ୍ମୀଚନ୍ଦ ଜଣେ ପ୍ରିୟ ଭକ୍ତ ହୋଇଥିବାରୁ ଗୁରୁଙ୍କ କୃପାରେ ଗୌରବ ଲାଭ କରୁଥିଲେ ଓ ଗୁରୁଙ୍କର ପାଦପଦ୍ମ ଲାଭ କରିଥିବାରୁ ମହୁମାଛି ଭଳି ତା'ର ଚଉପାଶରେ ଘୂରି ବୁଲୁଥିଲେ ।

୬୩ । ତାହା ପରେ ବାବା ହିନ୍ଦୀରେ କହିଥିଲେ, " ଦୁଷ୍ଟ ରାସ୍ତାରେ ଭଜନ ବୋଲୁଥିଲା ଓ ଅନ୍ୟମାନଙ୍କୁ ପଚାରି ବୁଝୁଥିଲା । ଅନ୍ୟମାନଙ୍କୁ ପଚାରୁଥିଲା କାହିଁକି ?

୬୪ ।"ନିଜ ଆଖିରେ ସବୁ ଦେଖ ! ଅନ୍ୟକୁ କାହିଁକି ପଚାରୁଛ ? ସ୍ୱପ୍ନ ସତ୍ୟ ନା ମିଥ୍ୟା ? ନିଜେ ନିଜ ନିଷ୍ପତ୍ତି ନିଅ ।

୬୫ । "ମାରୁଆଡ଼ି ନିକଟରୁ ଟଙ୍କା ଧାର ଆଣି ଦର୍ଶନ ନିମିତ୍ତ ଆସିବା କ'ଣ ଦରକାର ଥିଲା ? ଏବେ ତୁମର ମନସ୍କାମନା ପୂରଣ ହେଲାତ ?" ଏହି ବାକ୍ୟ ଦୁଇଟି ଶୁଣିବା ପରେ ସେମାନେ ସ୍ତମ୍ଭୀଭୂତ ହୋଇଯାଇଥିଲେ ।

୬୬ । ଲକ୍ଷ୍ମୀଚନ୍ଦ ଆସିବା ବେଳେ ବାଟରେ ପଚରାଉଚରା କରିଥିବା ସମ୍ପର୍କରେ ବାବା ଜ୍ଞାତ ଅଛନ୍ତି ବୋଲି ଜାଣି ଅଧିକ ଆଶ୍ଚର୍ଯ୍ୟ ହୋଇଥିଲେ ।

୬୭ । 'ମୁଁ ଘରେ ସ୍ୱପ୍ନ ଦେଖିଥିଲି । ଟ୍ରେନ୍‌ରେ ଭଜନ ବୋଲିଥିଲି । ବାବା ସେସବୁ କଥା ଜାଣିଲେ କିପରି ? ହୃଦୟର

ଗୋପନ କଥା ଜାଣି ପାରିବା କେତେ ଆଶ୍ଚର୍ଯ୍ୟଜନକ ଘଟଣା !
୬୮ । 'ମୋର ଦର୍ଶନ କରିବାର ଆଗ୍ରହାତିଶଯ୍ୟରେ ନିଅଣ୍ଟ ପଡୁଥିବା ଟଙ୍କା ଧାର କରି ଆଣିଥିବା କଥା ମଧ୍ୟ ସେ ଜାଣିଛନ୍ତି ।'

୬୯ । ଲକ୍ଷ୍ମୀଚନ୍ଦ ଅତ୍ୟନ୍ତ ଚକିତ ହେବା ସଙ୍ଗେ ସଙ୍ଗେ ସେଠାରେ ଉପସ୍ଥିତ ଥିବା ସମସ୍ତ ଭକ୍ତ ମଧ୍ୟ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବାବାଙ୍କର ପାଦପଦ୍ମର ଚତୁଃପାର୍ଶ୍ୱରେ ଉଡ଼ି ବୁଲୁଥିବା ସବୁ ମହୁମାଛି ଅନୁଭବ କରିଥିଲେ ଯେ ବାବାଙ୍କର ଜ୍ଞାନ କଳ୍ପନାର ବାହାରେ ।

୭୦ । ଏଠାରେ ପ୍ରଧାନ ନୀତିଶିକ୍ଷା ହେଉଛି ଯେ ବାବା ଧାରକରଜକରି ଉତ୍ସବ ପାଳନ କରିବା, ଛୁଟି ମନାଇବା କିମ୍ବା ତୀର୍ଥଯାତ୍ରା କରିବା ଆଦୌ ପସନ୍ଦ କରନ୍ତି ନାହିଁ ।

୭୧ । ସେ ଯାହାହେଉ, ଲକ୍ଷ୍ମୀଚନ୍ଦ ଅନ୍ୟ ଭକ୍ତମାନଙ୍କ ସହିତ ସାଠେୱାଡ଼ାକୁ ଯାଇଥିଲେ । ଅପରାହ୍ଣରେ ଅତି ଆନନ୍ଦରେ ମଧ୍ୟାହ୍ନ ଭୋଜନ କରିଥିଲେ ।

୭୨ । ସେହି ସମୟରେ ଜଣେ ଭକ୍ତ ବାବାଙ୍କର ପ୍ରସାଦ ହିସାବରେ ଉପମା ଆଣି ସମସ୍ତଙ୍କ ପତ୍ରରେ ଟିକିଏ ଟିକିଏ ଦେଇଥିଲେ । ତାହା ତାଙ୍କୁ ବହୁତ ଭଲ ଲାଗିଥିଲା ।

୭୩। ତା'ପରଦିନ ଭୋଜନ ସମୟରେ ଲାଲାଜୀ ଉପମା ସମ୍ବନ୍ଧରେ ମନେ ପକାଇଥିଲେ । କିନ୍ତୁ ତାହା ପ୍ରତିଦିନ ମିଳୁନଥିଲା । ତାକୁ ପୁଣି ପାଇବା ନିମନ୍ତେ ତାଙ୍କର ବିଶେଷ ଆଗ୍ରହ ରହିଥିଲା ।

୭୪ । ତୃତୀୟ ଦିନ ଏକ ଅଦ୍ଭୁତ ଘଟଣା ଘଟିଥିଲା । ମହାରାଜ ଶ୍ରୀସାଇ ତାଙ୍କର ଅପୂର୍ଣ୍ଣ ଇଚ୍ଛାକୁ ପୂରଣ କରିଥିଲେ । ସେ କିପରି ଏହାର ଆୟୋଜନ କରିଥିଲେ, ଶୁଣନ୍ତୁ ।

୭୫ । ଜୋଗ ମସ୍‌ଜିଦ୍‌କୁ ଘୋରା ଚନ୍ଦନ, ପବିତ୍ର ଅକ୍ଷତ, ଫୁଲ, ଘଣ୍ଟି, ନୀରାଜନ ଓ ପଂଚପ୍ରଦୀପ ଇତ୍ୟାଦି ଧରି ଆସିଥିଲେ ଓ ବାବାଙ୍କୁ ପଚାରିଥିଲେ :

୭୬ ।"ଆଜି ନୈବେଦ୍ୟ ନିମିତ୍ତ କ'ଣ ଆଣିବି ?" ମହାରାଜ ନିର୍ଦ୍ଦେଶ ଦେଇଥିଲେ: "ମୋ ପାଇଁ ଥାଳିଏ 'ଉପମା' ଆଗ ଆଣ । ତୁମେ ଆରତି ଓ ପୂଜା ପରେ କରିପାରିବ ।"

୭୭ । ପୂଜାବିଧି ଛାଡ଼ିଦେଇ ଜୋଗ ସାଂଗେ ସାଂଗେ ଚାଲିଯାଇଥିଲେ ଓ ଅଳ୍ପ ସମୟ ମଧ୍ୟରେ ସମସ୍ତଙ୍କ ପାଇଁ ଯଥେଷ୍ଟ ପରିମାଣର ଉପମା ଓ କାକରା ଧରି ଫେରିଥିଲେ ।

୭୮ । ତାହାପରେ ମଧ୍ୟାହ୍ନ ଆରତି କରାଯାଇଥିଲା । ଭକ୍ତମାନେ ପୂର୍ବରୁ ଥାଳିଗୁଡ଼ିକରେ ନୈବେଦ୍ୟ ପାଇଁ ଯାହା ଆଣିଥିଲେ, ତାହାକୁ ଉପରକୁ ପଠାଯାଇଥିଲା । ଏହାପରେ ବାବା ଭକ୍ତମାନଙ୍କୁ କହିଥିଲେ ।

୭୯ । "ଆଜି ଗୋଟାଏ ଭାରି ଭଲ ଦିନ । ମୁଁ ଭାବୁଛି, ଆଜି କେବଳ 'ଉପମା' ପ୍ରସାଦ କରିବା । ଶୀଘ୍ର ଆଣ । ସମସ୍ତେ ମନଭରି ତାହା ଖାଇବେ ।"

୮୦ । ତା'ପରେ ଭକ୍ତମାନେ ଯାଇ ଦୁଇଟି ବଡ଼ ପାତ୍ରରେ ପୁଣି ଉପମା ଭର୍ତ୍ତି କରି ଆଣିଥିଲେ । ଲକ୍ଷ୍ମୀଚନ୍ଦଙ୍କୁ ଭୋକ ଲାଗୁଥିଲା ଓ ସେ ପିଠିରେ ଯନ୍ତ୍ରଣା ମଧ୍ୟ ଅନୁଭବ କରୁଥିଲେ ।

୮୧ । ଭୋକ ସାଙ୍ଗକୁ ପିଠିରେ ଯନ୍ତ୍ରଣା ଯୋଗୁଁ ଲକ୍ଷ୍ମୀଚନ୍ଦ ଅସ୍ୱସ୍ତି ଅନୁଭବ କରୁଥିଲେ । ଏହି ସମୟରେ ବାବାଙ୍କ ମୁଖରୁ ଯେଉଁ ବଚନ ବାହାରିଥିଲା, ଶୁଣନ୍ତୁ ।

୮୨ । "କ୍ଷୁଧାର୍ତ୍ତ ହେବା ଭଲ ଲକ୍ଷଣ । କିନ୍ତୁ, ପିଠି ଯନ୍ତ୍ରଣା ନିମିତ୍ତ ଔଷଧ ଆବଶ୍ୟକ । ଉପମା ପ୍ରଚୁର ପରିମାଣରେ ଆସି ଯାଇଛି । ଆରତି ନିମିତ୍ତ ଉଠ ।"

୮୩। ଲକ୍ଷ୍ମୀଚନ୍ଦ କିଛି ଉଁ, ଚୁଁ କରିନଥିଲେ । ଅଥଚ ବାବାଙ୍କର ଏହି ବଚନ ଲକ୍ଷ୍ମୀଚନ୍ଦଙ୍କ ଭାବନାର ପ୍ରତିଧ୍ୱନିହିଁ ଥିଲା । ମହାରାଜ ଅନ୍ୟ ହୃଦୟର ଗୋପନକଥା ମଧ୍ୟ ଜାଣି ପାରୁଥିଲେ ।

୮୪ । ସେ ଯାହାହେଉ, ଆରତି ପରେ ମଧ୍ୟାହ୍ନ ଭୋଜନରେ ଉପମା ପରଷା ଯାଇଥିଲା । ଲକ୍ଷ୍ମୀଚନ୍ଦଙ୍କର ଅଭିଳାଷ ପୂରଣ ହୋଇଥିଲା । ସେ ବହୁତ ଖୁସି ହୋଇଥିଲେ ।

୮୫ । ସେହିଦିନଠାରୁ ଲକ୍ଷ୍ମୀଚନ୍ଦ ବାବାଙ୍କ ପ୍ରତି ଉତ୍ସର୍ଗୀତ ପ୍ରାଣ ହୋଇଯାଇଥିଲେ । ସେ ପ୍ରତ୍ୟହ ଅଗରବତୀ, ନଡ଼ିଆ ଓ ଫୁଲମାଳ ଅର୍ପଣ କରୁଥିଲେ । ତାଙ୍କର ସମୃଦ୍ଧି ମଧ୍ୟ ହୋଇଥିଲା । ବାବାଙ୍କର ପୂଜା ନିୟମିତ ଓ ବିଧି ମୁତାବକ ହେଉଥିଲା ।

୮୬ । ଶ୍ରୀସାଇଙ୍କ ପ୍ରତି ତାଙ୍କର ଭକ୍ତି ଏଭଳି ବଢ଼ିଯାଇଥିଲା ଯେ କେହି ଶିରିଡ଼ି ଯାଉଥିବାର ଜାଣିଲେ ସେ ତାଙ୍କ ହସ୍ତରେ ଦକ୍ଷିଣା, ଫୁଲମାଳ, କର୍ପୂର ଓ ଅଗରବତୀ ପଠାଇ ଦେଉଥିଲେ ।

୮୭ । କେହି ଶିରିଡ଼ି ଆସୁଥିଲେ ଲକ୍ଷ୍ମୀଚନ୍ଦ ତାଙ୍କ ହାତରେ ଏହି ତିନୋଟି ଜିନିଷ ସହିତ ବାବାଙ୍କ ନିମିତ୍ତ ଦକ୍ଷିଣା

ନିଶ୍ଚିତ ଭାବରେ ପଠାଇ ଦେଉଥିଲେ।

୮୮। ସେହି ପ୍ରଥମ ଶିରିଡ଼ି ଯାତ୍ରା ସମୟରେ ଲକ୍ଷ୍ମୀଚନ୍ଦ ଚାଓ୍ୱଡ଼ି ଶୋଭାଯାତ୍ରା ଦେଖିବାକୁ ଯାଇଥିଲେ। ବାବା ସେତେବେଳେ ଖୁଁ ଖୁଁ ହୋଇ କାଶୁଥିଲେ ଓ ବହୁକଷ୍ଟରେ ନିଃଶ୍ୱାସ ନେଉଥିଲେ।

୮୯। ଲକ୍ଷ୍ମୀଚନ୍ଦ ଭାବିଥିଲେ, 'ଏହି କାଶ ଯୋଗୁଁ ବାବାଙ୍କୁ କେତେ କଷ୍ଟ ହେଉଛି ! ବୋଧହୁଏ କାହାର ଖରାପ ନଜର ତାଙ୍କ ଉପରେ ପଡ଼ିଛି ! ସେଇଥିପାଇଁ ସେ ଏଭଳି କାଶୁଛନ୍ତି।'

୯୦। ଲକ୍ଷ୍ମୀଚନ୍ଦଙ୍କ ମନ ଭିତରେ ଏଭଳି ଭାବନା ଟିକିଏ ଉପୁଜିଥିଲା। ତା'ପରଦିନ ସକାଳେ ସେ ଯେତେବେଳେ ମସ୍‌ଜିଦକୁ ଆସିଥିଲେ, ଆଶ୍ଚର୍ଯ୍ୟଜନକ ଭାଷାରେ ତାଙ୍କର ସେହି ଭାବନାକୁ ବାବା ଅବିକଳ ପ୍ରକାଶ କରିଥିଲେ।

୯୧। ମାଧବରାଓ ଆସିବାପରେ ବାବା ତାଙ୍କୁ ନିଜ ତରଫରୁ କହିଥିଲେ, "ଗତକାଲି ମୁଁ ବହୁତ କାଶୁଥିଲି। ଏହା କାହାରି ଖରାପ ନଜର ପଡ଼ିଥିବାରୁ ହେଲା କି ?

୯୨। "ମୁଁ ଭାବୁଛି କେହିଜଣେ ବ୍ୟକ୍ତି ମୋ ଉପରେ କୁନଜର ପକାଇଛି। ତେଣୁ ଏହି କାଶ ଅନେକ ସମୟରେ ମୋତେ ବ୍ୟତିବ୍ୟସ୍ତ କରୁଛି ଓ ମୁଁ କଷ୍ଟ ଭୋଗୁଛି।"

୯୩। ଲକ୍ଷ୍ମୀଚନ୍ଦ ନିଜ ମନର ଭାବନାର ଏଭଳି ଅଭିବ୍ୟକ୍ତି ଶୁଣି ବିସ୍ମିତ ହୋଇଯାଇଥିଲେ। 'ବାବା ଏହା କିପରି ଜାଣିଲେ ? ସେ କ'ଣ ସର୍ବଜ୍ଞ ?'

୯୪। ତା'ପରେ ସେ ହାତଯୋଡ଼ି ଗୁହାରି କରିଥିଲେ, "ମୁଁ ଆପଣଙ୍କ ଦର୍ଶନ ଲାଭ କରି ଅତି ଆନନ୍ଦିତ ହେଲି। ଆପଣ ବରାବର ଏଭଳି କୃପା କରି ମୋତେ ରକ୍ଷାକରୁଥାନ୍ତୁ, ମହାରାଜ !

୯୫। "ଏବେ ଏହି ପୟର ଦୁଇଟି ବ୍ୟତୀତ ମୋର ଆଉ କେହି ଦେବତା ନାହାନ୍ତି। ମୋର ମନ ଆପଣଙ୍କର ପୂଜା ଓ ପାଦରେ ସଦା ନିମଜ୍ଜିତ ରହିଥାଉ।"

୯୬। ସେ ପୁଣି କହିଥିଲେ, "ମୁଁ ମୋର ମସ୍ତକ ଆପଣଙ୍କ ପାଦତଳେ ଏବେ ରଖୁଛି ଓ ଫେରିଯିବା ନିମିତ୍ତ ଆପଣଙ୍କ ଅନୁମତି ମାଗୁଛି । ଶ୍ରୀସାଇ ସମର୍ଥ, ଆପଣ ଆମକୁ ଅନୁମତି ଦିଅନ୍ତୁ। ମୋ ଉପରେ ଏମିତି ଦୟାର୍ଦ୍ର ଦୃଷ୍ଟି ସର୍ବଦା ରଖିଥାଆନ୍ତୁ।

୯୭। "ଆପଣଙ୍କ ନିରନ୍ତର କୃପାରୁ ମୋତେ ସମସ୍ତ ସାଂସାରିକ ସମସ୍ୟାରୁ ମୁକ୍ତି ମିଳୁ। ଆପଣଙ୍କ ନାମ ଜପ କରି ଆମର ପୂର୍ଣ୍ଣତା ପ୍ରାପ୍ତି ହେଉ ଓ ସୁଖ ଏବଂ ଆନନ୍ଦ ଆମକୁ ସବୁ ସମୟରେ ମିଳୁଥାଉ।"

୯୮। ଲକ୍ଷ୍ମୀଚନ୍ଦ ଉଦି ଓ ଆଶୀର୍ବାଦ ପ୍ରାପ୍ତ ହୋଇ, ତାଙ୍କ ବନ୍ଧୁଙ୍କ ସହିତ ଫେରିଥିଲେ ଏବଂ ଘରକୁ ଫେରିବା ବାଟରେ, ଆନନ୍ଦମନରେ ବାବାଙ୍କର ମହିମା ରାସ୍ତାଯାକ ଗାନ କରି କରି ଆସିଥିଲେ।

୯୯। ସେହିଭଳି ଅନ୍ୟ ଏକ 'ଘରଚଟିଆ' ପାଦରେ ସୂତା ବନ୍ଧାହୋଇଥିଲା ଓ ଦର୍ଶନ ନିମିତ୍ତ ଠିକ୍ ସମୟ ଉପସ୍ଥିତ ହେବାରୁ ବାବା ତାକୁ ଶିରିଡ଼ି ଟାଣି ଆଣିଥିଲେ । ସେହି ଅଭିନବ ପଦ୍ଧତି କଥା ଶୁଣନ୍ତୁ ।

୧୦୦। ଏହି 'ଘରଚଟିଆ'ଟି ଜଣେ ସ୍ନେହୀ ମହିଳା ଥିଲେ। ତାଙ୍କର କାହାଣୀ ଅତି ବିସ୍ମୟକର । ସେ ବୁରହାନ୍‌ପୁରରେ ରହୁଥିବା ସମୟରେ ଶ୍ରୀସାଇ ମହାରାଜଙ୍କୁ ସ୍ୱପ୍ନରେ ଦେଖିଥିଲେ।

୧୦୧। ସେ ବାବାଙ୍କୁ ବ୍ୟକ୍ତିଗତ ଭାବରେ କେବେହେଲେ ଦେଖିନଥିଲେ ମଧ୍ୟ ସ୍ୱପ୍ନରେ ବାବା ତାଙ୍କ ଦ୍ୱାର ମୁହଁରେ ଛିଡ଼ା ହୋଇ ଖେଚୁଡ଼ି ଖାଇବା ନିମନ୍ତେ ମାଗୁଥିବାର ଦେଖିଥିଲେ।

୧୦୨। ସେ ସଂଗେ ସଂଗେ ଉଠିପଡ଼ିଥିଲେ ମଧ୍ୟ ସେଠାରେ କେହି ଉପସ୍ଥିତ ଥିବାର ଦେଖିନଥିଲେ। ସେ ସେହି ସ୍ୱପ୍ନ ବିଷୟ ସମସ୍ତଙ୍କୁ ସତ୍ୱରେ କହିଦେଇଥିଲେ।

୧୦୩। ତାଙ୍କର ସ୍ୱାମୀ ସେହି ସହରର ପୋଷ୍ଟଅଫିସ୍‌ରେ କାର୍ଯ୍ୟ କରୁଥିଲେ। ତା'ପରେ ତାଙ୍କର ବଦଳି ଅକୋଲାକୁ ହୋଇଥିଲା ଓ ସେମାନେ ଶିରିଡ଼ି ଆସିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ ।

୧୦୪। ସେହି ଦମ୍ପତ୍ତି ଅତି ଧର୍ମପରାୟଣ ଥିଲେ ଓ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଉତ୍କଣ୍ଠିତ ହୋଇଥିଲେ। ସେମାନେ ସେହି ସ୍ୱପ୍ନ ସମ୍ବନ୍ଧରେ କୌତୁହଳୀ ହୋଇଥିଲେ ଓ ଶ୍ରୀସାଇଙ୍କର ଲୀଳା ଅବୋଧ ବୋଲି ଅନୁଭବ କରିଥିଲେ।

୧୦୫। ତେଣୁ ଏକ ସୁବିଧା ଦିନ ଦେଖି ସେମାନେ ଶିରିଡ଼ି ଅଭିମୁଖେ ବାହାରିଥିଲେ। ରାସ୍ତାରେ ଗୋମତୀ ତୀର୍ଥରେ ତର୍ପଣକରି ଶିରିଡ଼ିରେ ପହଂଚିଥିଲେ।

୧୦୬। ସେ ବାବାଙ୍କର ଦର୍ଶନ ଶ୍ରଦ୍ଧା ସହକାରେ କରିଥିଲେ ଓ ଭକ୍ତି ସହିତ ତାଙ୍କର ପୂଜା କରିଥିଲେ। ନିୟମିତ ଭାବରେ ଶ୍ରୀସାଇଙ୍କର ପଦସେବା କରି, ସେମାନେ ଅତିଶୟ ଆନନ୍ଦିତ ହୋଇଥିଲେ।

୧୦୭। ସେହି ଦମ୍ପତ୍ତି ଆନନ୍ଦରେ ଶିରିଡ଼ିରେ ଦୁଇମାସ ରହିଥିଲେ। ବାବା ମଧ୍ୟ ସେମାନଙ୍କ ହାତରୁ ଖେଚୁଡ଼ି ଖାଇ ଏବଂ ସେମାନଙ୍କ ବିଶ୍ୱାସ ଓ ଭକ୍ତିରେ ସନ୍ତୁଷ୍ଟ ହୋଇଥିଲେ।

୧୦୮। ସେହି ଦମ୍ପତ୍ତି ଖେଚୁଡ଼ି ନୈବେଦ୍ୟ ଅର୍ପଣ କରିବା ନିମିତ୍ତ ଶିରିଡ଼ି ଆସିଥିଲେ। କିନ୍ତୁ ଆସିବାର ପନ୍ଦରଦିନ ବିତିଯାଇଥିଲେ ମଧ୍ୟ ଖେଚୁଡ଼ି ନୈବେଦ୍ୟ ଦିଆଯାଇ ପାରିନଥିଲା।

୧୦୯। ସଂକଳ୍ପ ପୂରଣ କରିବାରେ ଡେରି ହୋଇଯାଇଥିଲା ଓ ଭଦ୍ରମହିଳାଙ୍କୁ ଏହା ଭଲ ଲାଗୁନଥିଲା। ପଞ୍ଚଦଶ ଦିନ ମଧ୍ୟାହ୍ନ ସମୟରେ ସେ ଖେଚୁଡ଼ି ଧରି ଆସିଥିଲେ।

୧୧୦। ପରଦା ପଡ଼ି ଯାଇଥିଲା ଓ ବାବା ଭକ୍ତମାନଙ୍କ ସହିତ ଭୋଜନ ନିମିତ୍ତ ବସି ସାରିଥିଲେ। ମହିଳା ଏହା ବୁଝିପାରିଥିଲେ।

୧୧୧। ଭୋଜନ ଚାଲିଥିଲା ବେଳେ କେହି ପରଦା ଆଡ଼େଇ ଭିତରକୁ ଯାଉନଥିଲେ । ମାତ୍ର ଭଦ୍ରମହିଳା ଅତ୍ୟନ୍ତ ବ୍ୟଗ୍ର ଥିଲେ ଓ ଅଗଣାରେ ଚୁପ୍‌ହୋଇ ରହିପାରିନଥିଲେ ।

୧୧୨। ସେ ଅକୋଲାରୁ ଶିରିଡ଼ି କେବଳ ଖେଚୁଡ଼ି ରାନ୍ଧି ଅର୍ପଣ କରିବାର ଉତ୍ସାହ ନେଇ ଆସିଥିଲେ। ତାଙ୍କର ସେହି ଖେଚୁଡି କିପରି ଗ୍ରହଣୀୟ ହେବ ବୋଲି ସେ ଚିନ୍ତା କରୁଥିଲେ ।

୧୧୩। ସେ କାହାରି କଥା ନଶୁଣି ପରଦାକୁ ନିଜ ହାତରେ ଆଡ଼େଇ ଦେଇଥିଲେ। କାହାରି ଅନୁମତି ନନେଇ ଭିତରକୁ ପଶିଯାଇଥିଲେ ଓ ନିଜର ଇଚ୍ଛା ପୂରଣ କରିଥିଲେ।

୧୧୪। ସେହି ସମୟରେ ବାବା ଏକ ବିସ୍ମୟକର କାଣ୍ଡ ଭିଆଇଥିଲେ। ସେ ଖେଚୁଡ଼ି ଖାଇବାକୁ ଏତେ ଆଗ୍ରହ ପ୍ରକାଶ କରିଥିଲେ ଯେ ସେ ଆଗ ଖେଚୁଡି ପରଷିବାକୁ କହିଥିଲେ ଓ ଖାଇବା ଥାଳିକୁ ଦୁଇହାତରେ ଧରିଥିଲେ।

୧୧୫। ବାବା ଖେଚୁଡ଼ି ଦେଖି ଅତି ଖୁସି ହୋଇଯାଇଥିଲେ। ସେ ଗୁଣ୍ଡାକ ପରେ ଗୁଣ୍ଡାଏ ଖାଇ ଯାଉଥିଲେ। ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ ଓ ସ୍ତବ୍ଧ ହୋଇ ଯାଇଥିଲେ।

୧୧୬। ବାବାଙ୍କର ଆଗ୍ରହ ଦେଖି ସମସ୍ତେ ବିସ୍ମିତ ହୋଇ ଯାଇଥିଲେ। ସେମାନେ ଖେଚୁଡ଼ି ସମ୍ବନ୍ଧରେ କାହାଣୀଟିଏ ଶୁଣିବା ପରେ ବାବାଙ୍କର ଅବୋଧ ଆଚରଣର କାରଣ ବୁଝିପାରିଥିଲେ।

୧୧୭। ଏବେ ପରବର୍ତ୍ତୀ କାହାଣୀ ଶୁଣିବା ପରେ ଭାବାବେଗରେ ଆପଣଙ୍କ ଶ୍ୱାସରୁଦ୍ଧ ହୋଇଯିବ । ସେବା କରିବା ନିମନ୍ତେ ଅପ୍ରତ୍ୟାଶିତ ଭାବରେ ଜଣେ ଗୁଜୁରାଟୀ ବ୍ରାହ୍ମଣ ଶିରିଡ଼ି ଆସିଥିଲେ।

୧୧୮। ସେ ରାଓବାହାଦୂର ସାଠେଙ୍କ ପାଖରେ ପୂର୍ବରୁ କାମ କରୁଥିଲେ। ସେ ତାଙ୍କର ସାଧୁତାପୂର୍ଣ୍ଣ ସେବା ଯୋଗୁଁ ବାବାଙ୍କ ଚରଣତଳକୁ ଆସିପାରିଥିଲେ।

୧୧୯। ଏହି କାହାଣୀ ମଧ୍ୟ ବହୁତ ଚିତ୍ତାକର୍ଷକ। ଯାହାଙ୍କର ଶ୍ରଦ୍ଧାପୂର୍ଣ୍ଣ ଭକ୍ତି ପ୍ରବଣତା ରହିଥାଏ, ତାଙ୍କର ମନସ୍କାମନା ପ୍ରଭୁ ପୂରଣ କରି ଦେଇଥାନ୍ତି। ଏଇକଥା ଶୁଣନ୍ତୁ।

୧୨୦। ମେଘା ଥିଲା ତାଙ୍କର ନାମ । ତାଙ୍କର ପୂର୍ବ ଜନ୍ମରେ ଶ୍ରୀସାଇଙ୍କ ସହିତ କିଛି ସମ୍ପର୍କ ଥିବା ହେତୁ ସେ ଶିରିଡ଼ିରେ ସ୍ଥାନ ପାଇଥିଲେ।

୧୨୧। ରାଓବାହାଦୂର ସାଠେ ଖେଡ଼ା ଜିଲ୍ଲାର ଜଣେ ଅଧିକାରୀ ଥିବା ସମୟରେ ଅଚାନକ ମେଘାଙ୍କ ସଂସ୍ପର୍ଶରେ ଆସିଥିଲେ। ସେ ଦୈନିକ ଶିବପୂଜା କରିବା ନିମନ୍ତେ ମେଘାଙ୍କୁ ନିଯୁକ୍ତ କରିଥିଲେ।

୧୨୨। ପରେ ସେହି ସାଠେ ଶିରିଡ଼ି ଆସିଥିଲେ ଓ ଏଥିଯୋଗୁଁ ତାଙ୍କ ଭାଗ୍ୟରେ ପରିବର୍ତ୍ତନ ଘଟିଥିଲା। ସେଠାରେ ଶ୍ରୀସାଇ ମହାରାଜଙ୍କ ସହିତ ନିବିଡ଼ ସମ୍ପର୍କରେ ସେ ଆସିଥିଲେ ଓ ବାବାଙ୍କ ପ୍ରତି ତାଙ୍କର ଗଭୀର ଭକ୍ତିଭାବ ଜାଗ୍ରତ ହୋଇଥିଲା ।

୧୨୩। ଶହ ଶହ ସଂଖ୍ୟାରେ ତୀର୍ଥଯାତ୍ରୀ ପିଲାଛୁଆ ଓ ବନ୍ଧୁବାନ୍ଧବଙ୍କୁ ଧରି ଆସୁଥିବାର ଦେଖି ସେମାନଙ୍କ ରହଣିର ସୁବିଧା ନିମିତ୍ତ ସେ ନିଜର ଏକ ୱାଡ଼ା ନିର୍ମାଣ କରିବାକୁ ସ୍ଥିର କରିଥିଲେ।

୧୨୪। ତା'ପରେ ସେ ଗ୍ରାମର ମୁଖିଆମାନଙ୍କୁ ଭେଟିଥିଲେ ଓ ଯେଉଁଠାରେ ବାବାଙ୍କର ପ୍ରଥମେ ଦେଖା ମିଳିଥିଲା, ସେହି ଜାଗାଟିକୁ କିଣିଥିଲେ। ସେଠାରେ ୱାଡ଼ା ନିର୍ମାଣ କରିବାପାଇଁ ନିଷ୍ପତ୍ତି ହୋଇଥିଲା।

୧୨୫ । ଏହି ପବିତ୍ର ସ୍ଥାନଟିର ଗୁରୁତ୍ୱ ସମ୍ବନ୍ଧରେ ବିଶଦ ଭାବରେ ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି । ତେଣୁ ଦ୍ୱିରୁକ୍ତିର ଆବଶ୍ୟକତା ନାହିଁ । ଏ ବର୍ଣ୍ଣନା ଚାଲୁରହୁ ।

୧୨୬ । ମେଘାଙ୍କର ପୂର୍ବଜନ୍ମରେ ବହୁତ ସୁକୃତି ରହିଥିବାରୁ ସେ ରାଓବାହାଦୂର ସାଠେଙ୍କ ସମ୍ପର୍କରେ ଆସିଥିଲେ । ସାଠେଙ୍କର ପ୍ରଚେଷ୍ଟାକୁ ଧନ୍ୟ, କାରଣ ତାହାପରେ ହିଁ ମେଘାଙ୍କର ଅଧ୍ୟାତ୍ମିକ ଉନ୍ନତି ଆରମ୍ଭ ହୋଇଥିଲା ।

୧୨୭ । ପରିସ୍ଥିତିରେ ପଡ଼ି ମେଘା ନିର୍ଦ୍ଧାରିତ ପୂଜାବିଧି ନିର୍ବାହ କରି ପାରିନଥିଲେ । ତାଙ୍କୁ ସାଠେ ଗାୟତ୍ରୀମନ୍ତ୍ର ଶିକ୍ଷାଦେଇ ସତ୍‌ମାର୍ଗକୁ ଆଣିଥିଲେ ।

୧୨୮ । ମେଘା ସାଠେଙ୍କର ସେବା କରୁଥିଲେ ଓ ଉଭୟଙ୍କର ପରସ୍ପର ପ୍ରତି ସମ୍ମାନ ବୃଦ୍ଧି ପାଇଥିଲା । ମେଘା ସାଠେଙ୍କୁ ଗୁରୁଜ୍ଞାନ କରୁଥିଲେ ଓ ଶ୍ରଦ୍ଧା କରୁଥିଲେ ।

୧୨୯ । ସେ ଯାହାହେଉ, ଥରେ ସାଠେ କଥା ପ୍ରସଙ୍ଗରେ ତାଙ୍କ ଗୁରୁଙ୍କର ମହିମା ବର୍ଣ୍ଣନା କରୁଥିବା ସମୟରେ ଭାବପ୍ରବଣ ହୋଇ ତାଙ୍କର କଣ୍ଠରୋଧ ହୋଇଯାଇଥିଲା ଓ ସେ ସମ୍ମାନ ସହକାରେ ମେଘାଙ୍କୁ କହିଥିଲେ-

୧୩୦ । "ବାବାଙ୍କୁ ଗୋଦାବରୀ ନଦୀର ଜଳରେ ସ୍ନାନ କରାଇବା ନିମିତ୍ତ ମୋର ପ୍ରବଳ ବାସନା ରହିଛି । ତେଣୁ, ମୁଁ ତୁମକୁ ନିର୍ଦ୍ଦିଷ୍ଟ ଭାବରେ ସେହି ଉଦ୍ଦେଶ୍ୟରେହିଁ ଶିରିଡ଼ି ପଠାଉଛି ।

୧୩୧ । "ତା' ବ୍ୟତୀତ ତୁମର ହୃଦୟଭରା ଭକ୍ତି ଦେଖି, ମୁଁ ଅନୁଭବ କରୁଛି ଯେ ତୁମେ ସଦ୍‌ଗୁରୁଙ୍କ ସହିତ ସଂଶ୍ଳିଷ୍ଟ ହୋଇ ତାଙ୍କ ଚରଣରେ ଭକ୍ତି ଜଣାଇବା ଉଚିତ୍ ।

୧୩୨ । "ତୁମ ଜୀବନର ଲକ୍ଷ୍ୟ ପୂରଣ ହେବ ଓ ତୁମେ ପରମ ମଙ୍ଗଳମୟଙ୍କୁ ପାଇପାରିବ । ଯାଅ, ତୁମର ସମ୍ପୂର୍ଣ୍ଣ ସତ୍ତାକୁ ସଦ୍‌ଗୁରୁଙ୍କ ପାଖରେ ସମର୍ପଣ କରିଦିଅ ।"

୧୩୩ । ବାବାଙ୍କର ଜାତି କ'ଣ ବୋଲି ମେଘା ସାଠେଙ୍କୁ ପଚାରିଥିଲେ । ସାଠେଙ୍କୁ ସେ ସମ୍ପର୍କରେ ପ୍ରକୃତରେ ଜଣା ନଥିଲା । ସେ କହିଥିଲେ, "କେତେକ ତାଙ୍କୁ ମୁସଲମାନ ବୋଲି କହୁଛନ୍ତି, କାରଣ ସେ ଏକ ମସ୍‌ଜିଦ୍‌ରେ ବସୁଛନ୍ତି ।"

୧୩୪ । 'ମୁସଲମାନ' ଶବ୍ଦ ଶୁଣିବା ମାତ୍ରକେ ମେଘାଙ୍କର ମନ ଦୋହଲି ଯାଇଥିଲା । ସେହି ଜାତିଠାରୁ ଅଧିକ ନୀଚ ଆଉ କେହି ହୋଇ ପାରିବେ ନାହିଁ । ସେ କି ପ୍ରକାର ଗୁରୁ ତେବେ ହୋଇଥିବେ !

୧୩୫ । ସେ ଯିବାପାଇଁ ମନା କରିଦେଲେ ସାଠେ ବିରକ୍ତ ହେବେ ବୋଲି ସେ ଜାଣିଥିଲେ । ଏଣେ ସେ ଯଦି ରାଜି ହେଉଛନ୍ତି, ତେବେ ସେ ଆଧ୍ୟାତ୍ମିକ ଦୃଷ୍ଟିରୁ ବହୁତ ତଳକୁ ଖସିଯିବା ନିଶ୍ଚିତ । ସେ ଘାବରେଇ ଯାଇଥିଲେ ଓ ବିବ୍ରତ ହୋଇପଡ଼ିଥିଲେ ।

୧୩୬ । ଗୋଟିଏ ପଟେ ରାକ୍ଷସ ଓ ଗଭୀର ସମୁଦ୍ର, ଏହାରି ମଝିରେ ସେ ରହି ଯାଇଥିଲେ । ସେ ଦୋଦୋପାଞ୍ଚ ହେଉଥିଲେ ଓ ଅସ୍ୱସ୍ତି ବୋଧ କରୁଥିଲେ । କିନ୍ତୁ ସାଠେ ବହୁତ ବାଧ୍ୟ କରିବା ଯୋଗୁଁ କେବଳ ଦର୍ଶନ କରିବାକୁ ଯିବା ନିମନ୍ତେ ସେ ସ୍ଥିର କରିଥିଲେ ।

୧୩୭ । ମେଘା ତା'ପରେ ଶିରିଡ଼ି ଆସି ମସ୍‌ଜିଦ୍ ଅଗଣାରେ ପହଞ୍ଚିଥିଲେ । ସେ ମସ୍‌ଜିଦ୍‌ର ପାହାଚ ଚଢ଼ିବାକୁ ଆରମ୍ଭ କରିବା ମାତ୍ରକେ ବାବା ତାଙ୍କର ଲୀଳା ଆରମ୍ଭ କରିଦେଇଥିଲେ ।

୧୩୮ । ସେ ରାଗରେ ପାଚି ଲାଲ୍ ହୋଇଯାଇଥିଲେ ଓ ହାତରେ ଢେଲା ପଥର ଖଣ୍ଡେ ଧରି ପାଟି କରିଥିଲେ "ସାବଧାନ, ପାହାଚ ଉପରେ ପାଦ ପକାଅ ନାହିଁ । ଏଠି ଜଣେ ମୁସଲମାନ ରହନ୍ତି ।"

୧୩୯ । "ତୁମେ ଉଚ୍ଚ ଜାତିର ବ୍ରାହ୍ମଣ ଓ ମୁଁ ନୀଚରୁ ନୀଚ ମୁସଲମାନ ! ତୁମର ଜାତି ଚାଲିଯିବ, ଫେରିଯାଅ ।"

୧୪୦ । ତାଙ୍କର କୋପମୂର୍ତ୍ତି ଠିକ୍ ରୁଦ୍ରଙ୍କର ବ୍ରହ୍ମାଣ୍ଡ ପ୍ରଳୟ ସମୟର ରୂପ ଭଳି ଥିଲା । ଦର୍ଶକମାନେ ଭୟରେ ଥରୁଥିଲେ ଓ ମେଘାଙ୍କର ହୃତ୍‌କମ୍ପ ହେଉଥିଲା ।

୧୪୧ । କିନ୍ତୁ ବାବାଙ୍କର ଏହି କ୍ରୋଧ ଉପରଠାଉରିଆ ଥିଲା । ଅନ୍ତର ମଧ୍ୟରେ ସେ କରୁଣାର୍ଦ୍ର ଥିଲେ । ମେଘା ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ବିବ୍ରତ ହୋଇ ଚିନ୍ତା କରିଥିଲେ- 'ସେ ମୋ ଅନ୍ତରର ଭାବନାକୁ କିପରି ଜାଣିଦେଲେ ?'

୧୪୨ । 'ଖେଡ଼ଗାଁଠାରୁ ଅହମଦନଗର ଅନେକ ଦୂର ବାଟ । ସେ ବୋଧହୁଏ ମୋ ସନ୍ଦେହଭରା ମନର କଥାକୁ ବାହାରେ ପ୍ରକାଶ କରିଦେବା ପାଇଁ ଚାହାନ୍ତି ।'

୧୪୩ । ବାବା ତାଙ୍କୁ ମାରିବା ନିମନ୍ତେ ଆଗକୁ ଦୌଡ଼ି ଆସୁଥିବା ସମୟରେ ମେଘାଙ୍କର ସାହସ କୁଳେଇ ନ ଥିଲା । ସେ ପାଦେ ପାଦେ ହୋଇ ପଛକୁ ହଟି ଆସୁଥିଲେ ଓ ଆଗକୁ ବଢ଼ିବାର ସାହସ ତାଙ୍କର ନଥିଲା ।

୧୪୪ । ଏହିଭଳି ଭାବରେ କିଛି ଦିନ ସେଠି ସେ ରହିଥିଲେ । ସେ ବାବାଙ୍କର ବିଭିନ୍ନ ପ୍ରକାରର ମତିଗତିକୁ ଲକ୍ଷ୍ୟ କରୁଥିଲେ। ସେ ଯାହା ପାରୁଥିଲେ ସେମିତି କିଛି କିଛି ସେବା କରୁଥିଲେ ମଧ୍ୟ ତାଙ୍କ ମନ ମଧ୍ୟରେ ପୂର୍ଣ୍ଣ ବିଶ୍ୱାସ ଆସି ନ ଥିଲା।

୧୪୫ । ପରେ ସେ ଘରକୁ ଫେରି ଆସିଥିଲେ ଓ ଅସୁସ୍ଥ ହୋଇ ଶଯ୍ୟାଶାୟୀ ହୋଇଥିଲେ। ସେତିକିବେଳେ ସେ ବାବାଙ୍କୁ ଧ୍ୟାନ କରିବା ଆରମ୍ଭ କରିଥିଲେ ଓ ଶିରିଡ଼ି ଫେରି ଆସିଥିଲେ।

୧୪୬ । ଏଥର ସେ ସବୁଦିନ ପାଇଁ ଶିରିଡ଼ିରେ ରହିଯାଇଥିଲେ। ସେ ଶ୍ରୀସାଇଙ୍କର ଭକ୍ତ ପାଲଟି ଯାଇଥିଲେ। ସେ ଶ୍ରୀସାଇଙ୍କର ଏକ ଉତ୍ସର୍ଗୀକୃତ ଭକ୍ତ ଥିଲେ। ଶ୍ରୀସାଇଙ୍କ ବ୍ୟତୀତ ତାଙ୍କର ଅନ୍ୟ କୌଣସି ଇଷ୍ଟଦେବତା ନ ଥିଲେ।

୧୪୭ । ମେଘା ପୂର୍ବରୁ ଶଙ୍କରଙ୍କର ଭକ୍ତ ଥିଲେ। ସେ ଶ୍ରୀସାଇଙ୍କ ପଦାଶ୍ରିତ ହେବା ପରେ ଶ୍ରୀସାଇଙ୍କୁ 'ଶଙ୍କର' ରୂପରେ ଦେଖୁଥିଲେ। ସାଇନାଥ ତାଙ୍କ ନିମିତ୍ତ 'ଉମାନାଥ' ହୋଇଗଲେ।

୧୪୮ । ସେ ଦିବାରାତ୍ରି 'ସାଇଶଙ୍କର' ନାମ ଜପ କରୁଥିଲେ ଓ ନିଜର ଅନ୍ତର୍ମନରେ ଏହି ରୂପରେ ନିମଜ୍ଜିତ ହୋଇଯାଇଥିଲେ। ତାଙ୍କ ମନ ପାପମୁକ୍ତ ହୋଇଥିଲା ଓ ଅନାବିଳ ଥିଲା ।

୧୪୯ । ସେ ଶ୍ରୀସାଇଙ୍କର ଜଣେ ନିଷ୍ଠାପର ଭକ୍ତ ହୋଇଥିଲେ। ଶ୍ରୀସାଇ ନିଜେ 'ଶଙ୍କର' ବୋଲି ସେ ଅନୁଭବ କରିଥିଲେ। ତାଙ୍କର ନାମଜପରେ 'ଶଙ୍କର, ଶଙ୍କର' ପ୍ରତିଧ୍ୱନିତ ହେଉଥିଲା। ସେ ଅନ୍ୟ କୌଣସି ଦେବତାଙ୍କୁ ବିଶ୍ୱାସ କରୁ ନ ଥିଲେ।

୧୫୦ । ଶ୍ରୀସାଇଙ୍କର ଉପାସନା ତାଙ୍କ ନିମନ୍ତେ ଈଶ୍ୱରଙ୍କର ଉପାସନା ସହିତ ସମାନ ଥିଲା। ଶ୍ରୀସାଇ ତାଙ୍କର ଗିରିଜା-ରମଣ[୬] ଥିଲେ। ଏହି ଭାବନାକୁ ନିଜ ମନ ମଧ୍ୟରେ ଦୃଢ଼ମୂଳ କରି ସେ ସର୍ବଦା ଆନନ୍ଦରେ ରହୁଥିଲେ।

୧୫୧ । ବେଲପତ୍ର ଶଙ୍କରଙ୍କର ପ୍ରିୟ ହୋଇଥିଲେ ମଧ୍ୟ ଶିରିଡ଼ିରେ ବେଲଗଛ ନ ଥିଲା। ତେଣୁ ସେହି ପତ୍ର ସଂଗ୍ରହକରି ଅର୍ପଣ କରିବାର ଇଚ୍ଛା ପୂରଣ ପାଇଁ ଏବଂ ତାହା ଆଣିବା ନିମନ୍ତେ ମେଘାଙ୍କୁ କୋଶେ, ଦେଢ଼କୋଶ ବାଟ ଚାଲିବାକୁ ପଡୁଥିଲା।

୧୫୨ । କୋଶେ, ଦୁଇକୋଶ ରାସ୍ତା ତାଙ୍କ ପାଇଁ କିଛି ନ ଥିଲା। ବେଲପତ୍ର ପାଇଁ ସେ ପାହାଡ଼ ଚଢ଼ିବାକୁ ମଧ୍ୟ ପ୍ରସ୍ତୁତ ଥିଲେ, ଯେହେତୁ ଏଥିରେ ତାଙ୍କର ମନଲାଖି ପୂଜା କରିବାର ଇଚ୍ଛା ପୂରଣ ହେଉଥିଲା ।

୧୫୩ । ସେ ଅନେକ ଦୂରରୁ ବେଲପତ୍ର ଆଣୁଥିଲେ। ସମସ୍ତ ପୂଜୋପକରଣ ଏକତ୍ର କରୁଥିଲେ ଓ ତାହାପରେ ଗ୍ରାମର ସମସ୍ତ ଦେବଦେବୀଙ୍କୁ ଗୋଟିଏ ପରେ ଗୋଟିଏ ପୂଜା କରୁଥିଲେ। ସେ ସମସ୍ତଙ୍କର ବିଧିପୂର୍ବକ ପୂଜା ସମାପନ କରୁଥିଲେ।

୧୫୪ । ଏହା କରିବା ପରେ ପରେ ସେ ମସ୍‌ଜିଦ୍‌କୁ ସତ୍ୱରେ ଆସିଯାଉଥିଲେ ଓ ଶ୍ରଦ୍ଧା ସହକାରେ ବାବାଙ୍କୁ ପ୍ରଣାମ କରି ତାଙ୍କର ପାଦ ଧୋଇ ପଦଧୁଆ ପାଣିକୁ ତୀର୍ଥଜଳ ରୂପରେ ପାନ କରୁଥିଲେ।

୧୫୫ । ମେଘାଙ୍କ ସମ୍ପର୍କରେ ପରବର୍ତ୍ତୀ କାହାଣୀଗୁଡ଼ିକୁ ଶୁଣିଲେ ଆନନ୍ଦ ମିଳିବ। ସେଗୁଡ଼ିକ ଶ୍ରୀସାଇଙ୍କ ସର୍ବ ବ୍ୟାପକତାର ନିଦର୍ଶନ ହେବ ଓ ଗ୍ରାମ ଦେବଦେବୀଙ୍କ ପ୍ରତି ତାଙ୍କର ସମ୍ମାନବୋଧର ପରିଚାୟକ ହେବ।

୧୫୬ । ମେଘା ଶିରିଡ଼ିରେ ରହିଥିବା ପର୍ଯ୍ୟନ୍ତ ମଧ୍ୟାହ୍ନ ଆରତି ନିୟମିତ ଭାବରେ କରୁଥିଲେ। କିନ୍ତୁ ତା'ପୂର୍ବରୁ ସେ ଗ୍ରାମର ସମସ୍ତ ଦେବଦେବୀଙ୍କର ପୂଜା କରୁଥିଲେ ଓ ତା'ପରେ ମସ୍‌ଜିଦ୍‌କୁ ଆସୁଥିଲେ।

୧୫୭ । ଏହା ତାଙ୍କର ନିତ୍ୟନୈମିତ୍ତିକ କାର୍ଯ୍ୟ ଥିଲା। କିନ୍ତୁ, ଦିନେ ଏହି ପଦ୍ଧତିର ବ୍ୟତିକ୍ରମ ହୋଇଥିଲା। ସେ ଚେଷ୍ଟା କରି ମଧ୍ୟ ଖଣ୍ଡୋବାଙ୍କର ପୂଜା କରି ପାରିନଥିଲେ।

୧୫୮ । ସେ ପୂଜା କରିବା ପାଇଁ ଯାଇଥିଲେ। ମାତ୍ର ସେ ବହୁ ଚେଷ୍ଟା କରିବା ସତ୍ତ୍ୱେ ମନ୍ଦିରର ଦ୍ୱାର ଖୋଲି ନ ଥିଲା। ତେଣୁ ସେହି ପୂଜାକୁ ଛାଡ଼ି ଦେଇ ସେ ମସ୍‌ଜିଦ୍‌କୁ ଆରତି କରିବା ନିମନ୍ତେ ଚାଲି ଆସିଥିଲେ।

୧୫୯ । ସେହି ମୁହୂର୍ତ୍ତରେ ବାବା ତାଙ୍କୁ କହିଥିଲେ- "ତୁମ ପୂଜାରେ ଆଜି ବିଘ୍ନ ଘଟିଛି। ସବୁ ଦେବତାଙ୍କର ପୂଜା ତୁମେ କରିଥିଲେ ମଧ୍ୟ ଆହୁରି ଜଣେ ଅପୂଜା ରହିଛନ୍ତି।

୧୬୦ । "ଯାଅ, ସେ ପୂଜାସାରି ଏଠାକୁ ଆସିବ।" ମେଘା କହିଥିଲେ, "କବାଟରେ ତାଲା ପଡ଼ିଥିଲା ଓ ମୁଁ ଚେଷ୍ଟା

କରିବା ସତ୍ତ୍ୱେ ଦ୍ୱାର ଖୋଲି ନ ଥିଲା। ତେଣୁ ମୁଁ ବାଧ ହୋଇ ସେ ପୂଜା ଛାଡ଼ି ଦେଇ ଆସିଥିଲି।"

୧୬୧। ବାବା କହିଥିଲେ, "ଯାଅ ଦେଖିବ! ଦ୍ୱାର ଏବେ ଖୋଲା ଅଛି।" ମେଘା କ୍ଷଣେ ମାତ୍ର ବିଳମ୍ବ ନ କରି ସଙ୍ଗେ ସଙ୍ଗେ ଯାଇଥିଲେ ଓ ବାବାଙ୍କର କଥା ପ୍ରକୃତରେ ସତ ବୋଲି ଦେଖିଥିଲେ।

୧୬୨। ମେଘା ଖଣ୍ଡୋବାଙ୍କର ପୂଜା କରିଥିଲେ ଓ ଅସ୍ୱସ୍ତିରୁ ମୁକ୍ତି ପାଇଥିଲେ। ବାବା ତା'ପରେ ତାଙ୍କ ନିଜର ପୂଜା କରିବା ପାଇଁ ମେଘାଙ୍କୁ ଅନୁମତି ଦେଇଥିଲେ।

୧୬୩। ମେଘା ଅତ୍ୟନ୍ତ ଭକ୍ତି ସହକାରେ ଘୋରାଚନ୍ଦନ, ପୁଷ୍ପ ଇତ୍ୟାଦି ଅନ୍ୟ ଅଷ୍ଟ ପୂଜା ଦ୍ରବ୍ୟ ଅର୍ପଣ କରିଥିଲେ। ସେ ଦକ୍ଷିଣା, ଫୁଲମାଳ, ଫଳ ଇତ୍ୟାଦି ମଧ୍ୟ ନିଜର ସାମର୍ଥ୍ୟ ଅନୁଯାୟୀ ସମର୍ପଣ କରିଥିଲେ।

୧୬୪। ଗୋଟିଏ ମକର ସଂକ୍ରାନ୍ତି ଦିନ ସେ ବାବାଙ୍କର ସମଗ୍ର ଶରୀରରେ ଘୋରାଚନ୍ଦନ ବୋଳି, ଗୋଦାବରୀ ନଦୀ ଜଳରେ ସ୍ନାନ କରାଇବା ନିମନ୍ତେ ଇଚ୍ଛା ପୋଷଣ କରିଥିଲେ।

୧୬୫। ସେ ବାବାଙ୍କୁ ବାରମ୍ବାର ଗୁହାରି କରି ଅନୁମତି ଲୋଡ଼ିଥିଲେ । ଏଣୁ "ଯାହା କରିବା ପାଇଁ ଚାହୁଁଛ କର" ବୋଲି ବାବା କହିଥିଲେ। ତାହା ପରେ ମେଘା ସଙ୍ଗେ ସଙ୍ଗେ ତମ୍ବା ଗରାଟିଏ ଧରି ପାଣି ଆଣିବାକୁ ବାହାରି ଯାଇଥିଲେ।

୧୬୬। ସକାଳେ ସୂର୍ଯ୍ୟୋଦୟ ହେବା ପୂର୍ବରୁ ମେଘା ଖାଲି ତମ୍ବା ଗରା ଧରି ଯୋତା କିମ୍ବା ଛତା ନନେଇ ଗୋଦାବରୀ ନଦୀରୁ ଜଳ ଆଣିବା ନିମନ୍ତେ ଚାଲି ଯାଇଥିଲେ।

୧୬୭। ଯିବା ଓ ଆସିବା ରାସ୍ତା ମିଶି ପ୍ରାୟ ଆଠ କୋଶ ଥିଲା। ଯେଉଁ ପ୍ରକାର କଷ୍ଟ ଓ ପରିଶ୍ରମ ସେଥିପାଇଁ ତାଙ୍କୁ କରିବାକୁ ପଡ଼ିବ, ତାହାକୁ ସେ ଚିନ୍ତା ମଧ୍ୟ କରି ନଥିଲେ।

୧୬୮। ମେଘା ସେଥି ନିମନ୍ତେ ଆଦୌ ବିବ୍ରତ ବି ନ ଥିଲେ। ସେ ଅନୁମତି ପାଇବା ମାତ୍ରେ ବାହାରି ପଡ଼ିଥିଲେ। ମନରେ ଦୃଢ଼ ସଂକଳ୍ପ ଥିଲେ, କାର୍ଯ୍ୟ ସମାପନ କରିବାରେ ବହୁତ ଆନନ୍ଦ ମିଳିଥାଏ।

୧୬୯। ସେ ଶ୍ରୀସାଇଙ୍କୁ ଗୋଦାବରୀ ଜଳରେ ସ୍ନାନ କରାଇବା ସମ୍ବନ୍ଧରେ ଚିନ୍ତା କରୁଥିବାବେଳେ ସେଥିପାଇଁ ଆବଶ୍ୟକ କଠିନ ପରିଶ୍ରମ ବା କଠୋର ଚେଷ୍ଟାକୁ ତିଳେମାତ୍ର ଭ୍ରୂକ୍ଷେପ କରି ନ ଥିଲେ। ତାଙ୍କର ଦୃଢ଼ ବିଶ୍ୱାସ ହିଁ ତାଙ୍କର ବଳ ଥିଲା।

୧୭୦। ସେ ଯାହାହେଉ, ସେ ଗୋଦାବରୀ ନଦୀରୁ ଜଳ ଆଣିଥିଲେ ଓ ଚଉଡ଼ା ମୁହଁ ଥିବା ଏକ ତମ୍ବା ପାତ୍ରରେ ଢାଳିଥିଲେ। ସେ ବାବାଙ୍କୁ ସ୍ନାନ କରିବା ନିମନ୍ତେ ପ୍ରବର୍ତ୍ତାଇ ଥିଲେ ମଧ୍ୟ ବାବା ରାଜି ହୋଇ ନ ଥିଲେ।

୧୭୧। "ମଧ୍ୟାହ୍ନ ଆରତି ଶେଷ ହୋଇଗଲାଣି ଓ ଲୋକେ ଯେ ଯାହାର ଘରକୁ ଚାଲିଗଲେଣି। ଅପରାହ୍ନ ହୋଇଗଲାଣି ଓ ସ୍ନାନ ନିମିତ୍ତ ସମସ୍ତ ଆୟୋଜନ ହୋଇ ଯାଇଛି" ବୋଲି ମେଘା କହିଥିଲେ।

୧୭୨। ମେଘାର ଅତିଶ୍ରୟ ଆଗ୍ରହ ଦେଖି ବାବା ମିଛ ଖେଳ ଖେଳିବା ପାଇଁ ତାହାର ହାତକୁ ନିଜ ହାତରେ ଧରି କହିଥିଲେ-

୧୭୩। "ମୁଁ ଗୋଦାବରୀ ନଦୀ ଜଳରେ ସ୍ନାନ କରିବାକୁ ଚାହୁଁ ନାହିଁ? ତୁମେ କେତେ ଅପରିପକ୍ୱ ହୋଇପାର! ମୋ ଭଳି ଜଣେ ଫକୀର ଗଙ୍ଗାଜଳ କାହିଁକି ଖୋଜିବ? ମୋ ପାଇଁ ସେ ଜଳ କ'ଣ ହେବ?"

୧୭୪। ମେଘା ବାବାଙ୍କୁ ଶଙ୍କର ବୋଲି ବିଶ୍ୱାସ କରୁଥିବାରୁ ସେ କିଛି ଶୁଣିବା ନିମିତ୍ତ ପ୍ରସ୍ତୁତ ନ ଥିଲେ। ଶଙ୍କର ଗଙ୍ଗା ଜଳକୁ ଭଲ ପାଆନ୍ତି ବୋଲି ସେ କେବଳ ଜାଣିଥିଲେ।

୧୭୫। ସେ କହିଥିଲେ, "ବାବା! ଆଜି ମକର ସଂକ୍ରାନ୍ତି ପର୍ବ। ଶଙ୍କରଙ୍କୁ ଗଙ୍ଗା ଜଳରେ ସ୍ନାନ କରାଇଲେ ସେ ତୁଷ୍ଟ ହୋଇଥାନ୍ତି।"

୧୭୬। ମେଘାଙ୍କ ହୃଦୟ ଅନାବିଳ ଥିଲା ଏବଂ ତାଙ୍କର ଗଭୀର ଶ୍ରଦ୍ଧା ଓ ବଜ୍ର ସଂକଳ୍ପକୁ ବିଚାର କରି ବାବା କହିଥିଲେ, "ତୁମର ଇଚ୍ଛା ପୂରଣ କର।''

୧୭୭। ଏ କଥା କହିବା ସଙ୍ଗେ ସଙ୍ଗେ ସେ ଉଠିଯାଇଥିଲେ ଓ ଗାଧୁଆ ପାଇଁ ରଖାଯାଇଥିବା ଛୋଟ ଷ୍ଟୁଲ୍ ଉପରେ ଯାଇ ବସିଥିଲେ। ସେ ମୁଣ୍ଡ ଆଗକୁ ନୁଆଁଇ ଦେଇଥିଲେ ଓ କହିଥିଲେ,"ଟିକିଏ ପାଣି ମୁଣ୍ଡ ଉପରେ ଢାଳ ।

୧୭୮। "ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ମଧ୍ୟରେ ମସ୍ତକ ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଅଳ୍ପ ପାଣି ଢାଳ। ଏହା ପୂର୍ଣ୍ଣ ସ୍ନାନ ସଦୃଶ । ଅନ୍ତତଃ ଏତିକି ହେଲେ ଶୁଣ।"

୧୭୯। ମେଘା ଏଥିରେ ରାଜି ହୋଇ ପାତ୍ରଟିକୁ ଉଠାଇ

ନେଇଥିଲେ। ସେ ଏତେ ପ୍ରେମବିହ୍ୱଳ ହୋଇପଡ଼ିଥିଲେ ଯେ ବାବାଙ୍କ ମୁଣ୍ଡ ଉପରେ ଜଳ ଢାଳିବା ସମୟରେ 'ହର ହର ଗଙ୍ଗା' କହି ସବୁତକ ଜଳ ସମଗ୍ର ଶରୀର ଉପରେ ଅଜାଡ଼ି ଦେଇଥିଲେ।

୧୮୦। ମେଘା ବହୁତ ଆନନ୍ଦିତ ଥିଲେ। "ମୋ ଶଙ୍କର ତାଙ୍କର ଲୁଗାପଟା ପିନ୍ଧି ସ୍ନାନ କଲେ" ବୋଲି କହି ଖାଲି ଗରାଟିକୁ ତଳେ ଥୋଇ ଦେଇଥିଲେ। କିନ୍ତୁ ସେ ବାବାଙ୍କୁ ଦେଖିଦେବା ପରେ ଅତ୍ୟନ୍ତ ଚକିତ ହୋଇଯାଇଥିଲେ।

୧୮୧। ସେ ସମଗ୍ର ଶରୀର ଉପରେ ଜଳ ଢାଳି ଦେଇଥିଲେ ବି କେବଳ ମସ୍ତକଟି ଓଦା ହୋଇଥିଲା। ଅନ୍ୟ ସମସ୍ତ ଅଙ୍ଗ ପୂରା ଶୁଖିଲା ରହିଥିଲା। ଲୁଗାପଟା ଉପରେ ଟୋପାଏ ହେଲେ ଜଳ ପଡ଼ି ନ ଥିଲା।

୧୮୨। ମେଘାଙ୍କ ଗର୍ବ ଭାଙ୍ଗି ଯାଇଥିଲା। ପାଖରେ ଥିବା ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଶ୍ରୀସାଇ ଭକ୍ତମାନଙ୍କର ସ୍ନେହପୂର୍ଣ୍ଣ ଖାମଖିଆଲକୁ ଏହିଭଳି ତୁଷ୍ଟ କରୁଥିଲେ।

୧୮୩। 'ତୁମେ ମୋତେ ସ୍ନାନ କରାଇବାକୁ ଚାହିଁଥିଲ। ଆଗେଇଯାଅ ! ତୁମର ଇଚ୍ଛା ପୂରଣ ନିମନ୍ତେ କାର୍ଯ୍ୟ କର। ତୁମେ ତାହା କରିବା ସମୟରେ ମୋର ଅନ୍ତର୍ନିହିତ ଶକ୍ତିକୁ ମଧ୍ୟ ସହଜରେ ଜାଣି ପାରିବ' ବୋଲି କହିବାପାଇଁ ବାବା ବୋଧହୁଏ ଏହି ଲୀଳା ରଚନା କରିଥିଲେ।

୧୮୪। ଶ୍ରୀସାଇଙ୍କ ପ୍ରତି ଭକ୍ତିର ଏହାହିଁ ବିଧି। ନିଜର ସୌଭାଗ୍ୟବଶତଃ ଯଦି ତୁମେ ତାଙ୍କ ପାଖରେ ପହଞ୍ଚିଗଲ, ତେବେ କୌଣସି ଲକ୍ଷ୍ୟ ସାଧନ ଅସମ୍ଭବ ହେବ ନାହିଁ। ଧୀରେ ଧୀରେ ସବୁକିଛି ସହଜ ହୋଇଯିବ।

୧୮୫। ସାଧାରଣ ଭାବରେ ବସିବା ବେଳେ, କଥା କହିବା ବେଳେ, ସକାଳେ କିମ୍ବା ସନ୍ଧ୍ୟାରେ ଚଲାବୁଲା କରୁଥିବା ସମୟରେ, ଭକ୍ତଙ୍କର ଶ୍ରଦ୍ଧା ଓ ଶବୁରୀ (ଧୈର୍ଯ୍ୟ) ରହିଥିଲେ ସେମାନେ ଯାହା ଇଚ୍ଛା କରିଥାନ୍ତି, ତାହା ପ୍ରାପ୍ତ କରିଥାନ୍ତି।

୧୮୬। ସ୍ୱାଭାବିକ ନିତ୍ୟନୈମିତ୍ତିକ କାର୍ଯ୍ୟ କରିବା ମଧ୍ୟରେ ଯେ କୌଣସି ଶକ୍ତି କିମ୍ବା ଅଲୌକିକ ଘଟଣା ସେ ପ୍ରଦର୍ଶନ କରୁଥିଲେ। ସେ ଭକ୍ତଙ୍କ ମନରେ କ୍ରମେ କ୍ରମେ ସହଜାତ ଆଗ୍ରହ ସୃଷ୍ଟି କରାଇ ସେମାନଙ୍କୁ ଆଧ୍ୟାତ୍ମିକ ବ୍ୟାପାର ବୁଝାଇ ଦେଉଥିଲେ।

୧୮୭। ମେଘାଙ୍କ ବିଷୟରେ ଅନ୍ୟ ଏକ କାହାଣୀ ମଧ୍ୟ ରହିଛି ଓ ତାହା ଶ୍ରୋତାମାନଙ୍କୁ ବହୁତ ଆନନ୍ଦ ପ୍ରଦାନ କରିବ। ଶ୍ରୀସାଇଙ୍କର ଶ୍ରଦ୍ଧା ତାଙ୍କର ଭକ୍ତମାନଙ୍କ ପ୍ରତି ନିରୀକ୍ଷଣ କରି ଶ୍ରୋତାମାନେ ମଧ୍ୟ ଆନନ୍ଦିତ ହେବେ।

୧୮୮। ବାବାଙ୍କର ଏକ ନୂଆ ବଡ଼ ଛବି ନାନା ଚାନ୍ଦୋରକର ଦେଇଥିଲେ । ମେଘା ତାକୁ ୱାଡ଼ାରେ ରଖି ନିୟମିତ ପୂଜା କରୁଥିଲେ।

୧୮୯। ପ୍ରକୃତ ମୂର୍ତ୍ତି ମସ୍‌ଜିଦ୍‌ରେ ଥିବାବେଳେ ତାଙ୍କର ଅବିକଳ ପ୍ରତିଛବି ୱାଡ଼ାରେ ରଖାଯାଇଥିଲା ଏବଂ ଦିନ ଓ ରାତ୍ରିରେ, ଉଭୟ ସ୍ଥାନରେ ଆରତି ଓ ପୂଜା କରାଯାଉଥିଲା।

୧୯୦। ଏଭଳି ଦିବ୍ୟ ସେବା ବାରମାସ କରାଯିବା ପରେ ଦିନେ ବଡ଼ି ସକାଳେ ଏକ ସ୍ୱପ୍ନ ଦେଖି ମେଘାଙ୍କର ନିଦଭାଙ୍ଗି ଯାଇଥିଲା।

୧୯୧। ମେଘା ବିଛଣାରେ ପଡ଼ିରହିଥିଲେ ଓ ତାଙ୍କର ଚକ୍ଷୁ ବନ୍ଦ ଥିଲେ ମଧ୍ୟ, ସେ ପୂର୍ଣ୍ଣ ଜାଗ୍ରତ ଥିଲେ । ସେ ବାବାଙ୍କୁ ସ୍ପଷ୍ଟ ଭାବରେ ଦେଖୁଥିଲେ।

୧୯୨। ମେଘା ଜାଗ୍ରତ ଅଛନ୍ତି ବୋଲି ବାବା ମଧ୍ୟ ଜାଣିଥିଲେ। ବିଛଣା ଉପରକୁ ଅଭିମନ୍ତ୍ରିତ ଅକ୍ଷତ ପକାଇଥିଲେ ଓ କହିଥିଲେ, "ମେଘା ! ଗୋଟିଏ ତ୍ରିଶୂଳ ଅଙ୍କନ କର।" ତାହା ପରେ ସେ ସେଇଠାରେ ସଂଗେ ସଂଗେ ଅଦୃଶ୍ୟ ହୋଇଯାଇଥିଲେ।

୧୯୩। ବାବାଙ୍କର ଏହି ବଚନ ଶୁଣି ସାରିବା ପରେ ମେଘା ଅତ୍ୟନ୍ତ ଉତ୍ସାହ ସହକାରେ ଆଖି ଖୋଲିଥିଲେ। ମାତ୍ର ବାବା ଅଦୃଶ୍ୟ ହୋଇ ଯାଇଥିବାର ଦେଖି ସେ ଅତିଶୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୧୯୪। ମେଘା ଚତୁଃପାର୍ଶ୍ୱକୁ ଲକ୍ଷ୍ୟକରିଥିଲେ। ବିଛଣା ସାରା ଅକ୍ଷତଚାଉଳ ବିଂଚି ହୋଇ ପଡ଼ିରହିଥିଲା। ପୂର୍ବଭଳି ୱାଡ଼ାର ଦ୍ୱାର ବନ୍ଦ ରହିଥିଲା। ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲେ।

୧୯୫। ସେ ମସ୍‌ଜିଦକୁ ତୁରନ୍ତ ଯାଇଥିଲେ। ସେ ବାବାଙ୍କୁ ଦର୍ଶନ କରୁଥିବା ସମୟରେ ତାଙ୍କୁ ତ୍ରିଶୂଳ କାହାଣୀ ଶୁଣାଇଥିଲେ ଓ ତାହା ଆଙ୍କିବାର ଅନୁମତି ପ୍ରାର୍ଥନା କରିଥିଲେ।

୧୯୬। ମେଘା ସ୍ୱପ୍ନର ସମସ୍ତ ବିବରଣୀ ଦେଇଥିଲେ।

ବାବା ପଚାରିଥିଲେ, "ଏହା କିପରି ସ୍ୱପ୍ନ ହେଲା ? ତୁମେ ମୋର କଥା ଶୁଣି ନଥିଲ କି ? ମୁଁ ତୁମକୁ ତ୍ରିଶୂଳ ଆଙ୍କିବା ନିମିତ୍ତ କହିନଥିଲି କି ?

୧୯୭। "ତୁମେ ଏହାକୁ ସ୍ୱପ୍ନ ବୋଲି କହି ମୋ ବଚନକୁ ପରୀକ୍ଷା କରିବା ନିମନ୍ତେ ଚାହୁଁଛ କି? ମୋର ବଚନ ସର୍ବଦା ଗଭୀର ଅର୍ଥବହ ହୋଇଥାଏ ଓ ଏହାର କୌଣସି ଗୋଟିଏ ଶବ୍ଦ ଫମ୍ପା ନୁହେଁ।"

୧୯୮। "ମୁଁ ମଧ୍ୟ ପ୍ରଥମେ ଭାବିଥିଲି ଯେ ଆପଣ ମୋତେ ଜାଗ୍ରତ କରାଇଦେଲେ। କିନ୍ତୁ ଗୋଟିଏ କବାଟ ବି ଖୋଲା ନଥିଲା। ତେଣୁ ମୁଁ ଭିନ୍ନ କଥା ଚିନ୍ତା କରିଥିଲି" ବୋଲି ମେଘା କହିଥିଲେ।

୧୯୯। ବାବାଙ୍କ ଉତ୍ତରକୁ ଶୁଣନ୍ତୁ। "ମୁଁ କେଉଁଠି ପ୍ରବେଶ କରିବା ନିମନ୍ତେ ଦ୍ୱାର ଆବଶ୍ୟକ କରେ ନାହିଁ। ମୋର କୌଣସି ରୂପ କିମ୍ବା ଆକାର ନାହିଁ। ମୁଁ ସର୍ବତ୍ର ବିରାଜିତ।

୨୦୦। "ଯିଏ ମୋ ଉପରେ ସମସ୍ତ ବୋଝ ନ୍ୟସ୍ତ କରି ଦେଇଥାଏ ଓ ମୋ ସହିତ ଏକାତ୍ମ ହୋଇଯାଇଥାଏ, ମୁଁ ତା'ର ସମସ୍ତ କ୍ରିୟାକୁ ହାରମୋନିଅମର ସ୍ୱର ବଜାଇଲାଭଳି ନିୟନ୍ତ୍ରଣ କରିଥାଏ।"

୨୦୧। ତ୍ରିଶୂଳର ଉଦ୍ଦେଶ୍ୟ ସମ୍ପର୍କରେ ପରବର୍ତ୍ତୀ ବିସ୍ମୟକର ବର୍ଣ୍ଣନାକୁ ଅଧିକ ଧ୍ୟାନଦେଇ ଶୁଣନ୍ତୁ। ସଂଯୋଗ ପରିଷ୍କାର ହୋଇଯିବ।

୨୦୨। ଏକ ପକ୍ଷରେ ମେଘା ଫେରିଆସି ବାବାଙ୍କ ପ୍ରତିଛବି ପାର୍ଶ୍ୱରେ ଓ୍ୱାଡ଼ା କାନ୍ଥରେ ତ୍ରିଶୂଳ ଆଙ୍କିବା ଆରମ୍ଭ କରି ଦେଇଥିଲେ। ସେ ତ୍ରିଶୂଳର ରେଖା ନାଲିରଙ୍ଗରେ ଟାଣିଥିଲେ।

୨୦୩। ତା'ପରଦିନ ଜଣେ ରାମଦାସୀ ଭକ୍ତ ପୁଣେରୁ ମସ୍‌ଜିଦ୍‌କୁ ଆସିଥିଲେ। ସେ ବାବାଙ୍କୁ ଶ୍ରଦ୍ଧା ସହକାରେ ପ୍ରଣାମ କରିଥିଲେ ଓ ଏକ ଶିବଲିଙ୍ଗ[୭] ଉପହାର ଦେଇଥିଲେ।

୨୦୪। ଠିକ୍ ସେହି ସମୟରେ ମେଘା ସେଠାରେ ପହଞ୍ଚିଥିଲେ ଓ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ। ବାବା କହିଥିଲେ, "ହେଇ ଶଙ୍କର ଆସିଗଲେ ! ବର୍ତ୍ତମାନ ତୁମେ ତାଙ୍କର ଦେଖାଶୁଣା କର।"

୨୦୫। ତ୍ରିଶୂଳ ଆଙ୍କିବା ପାଇଁ ସ୍ୱପ୍ନ ଦେଖିବା ପରେ ପରେ ଏଭଳି ଭାବରେ ଶିବଲିଙ୍ଗ ପାଇଥିବାରୁ ମେଘା ସେହି ଲିଙ୍ଗକୁ ଭାବବିହ୍ୱଳ ହୋଇ ଚାହିଁ ରହିଥିଲେ।

୨୦୬। କାକାସାହେବ ଦୀକ୍ଷିତ ମଧ୍ୟ ଶିବ ଲିଙ୍ଗ ସମ୍ବନ୍ଧରେ ଆଉଏକ ବିସ୍ମୟକର ଅନୁଭୂତି ଲାଭ କରିଥିଲେ। ପ୍ରତ୍ୟେକ ବିଷୟକୁ ଭକ୍ତି ସହକାରେ ଶୁଣନ୍ତୁ। ବାବାଙ୍କ ଉପରେ ବିଶ୍ୱାସ ଦୃଢ଼ୀଭୂତ ହେବ।

୨୦୭। ମେଘା ମସ୍‌ଜିଦ୍‌ରୁ ଶିବଲିଙ୍ଗ ଧରି ଫେରୁଥିବା ସମୟରେ ଓ୍ୱାଡ଼ାରେ ଦୀକ୍ଷିତ ସ୍ନାନସାରି ପ୍ରଭୁଙ୍କର ନାମସ୍ମରଣରେ ନିମଜ୍ଜିତ ଥିଲେ।

୨୦୮। ସେ ନିଜ ଶରୀରକୁ ଗୋଟିଏ ସଫା ଲୁଗାରେ ପୋଛିପାଛି ମୁଣ୍ଡ ଉପରେ ଏକ ତଉଲିଆ ଢାଙ୍କି, ଗୋଟିଏ ପଥର ଉପରେ ଛିଡ଼ାହୋଇ ଶ୍ରୀସାଇଙ୍କୁ ଏକାଗ୍ରଚିତ୍ତରେ ଧ୍ୟାନ କରୁଥିଲେ।

୨୦୯। ସେ ସବୁଦିନ ଭଳି ମୁଣ୍ଡଢ଼ାଙ୍କି ପ୍ରଭୁଙ୍କର ନାମ ଜପ କରୁଥିଲେ। ସେତେବେଳେ ତାଙ୍କ ମାନସପଟରେ ଶିବଲିଙ୍ଗ ଦୃଶ୍ୟମାନ ହେଉଥିଲା।

୨୧୦। ଦୀକ୍ଷିତ ଭାବିଥିଲେ, 'ମୁଁ ପ୍ରଭୁଙ୍କ ନାମ ସ୍ମରଣ କରୁଥିବା ସମୟରେ ଶିବଲିଙ୍ଗର ଦର୍ଶନ ଆଜି କାହିଁକି ମିଳୁଛି ?' ମେଘା ସେତିକିବେଳେ ତାଙ୍କ ସମ୍ମୁଖରେ ଅତ୍ୟନ୍ତ କୃତଜ୍ଞ ଭାବରେ ଛିଡ଼ା ହୋଇଥିଲେ।

୨୧୧। ମେଘା କହିଥିଲେ, "ଦେଖନ୍ତୁ କାକା! ବାବା ଏହି ଶିବଲିଙ୍ଗଟିକୁ ଦେଇଛନ୍ତି, ଦେଖନ୍ତୁ।'' ଦୀକ୍ଷିତ ସେହି ନିର୍ଦ୍ଦିଷ୍ଟ ଶିବଲିଙ୍ଗକୁ ଦେଖି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଥିଲେ।

୨୧୨। ତାଙ୍କ ଧ୍ୟାନ ମଧ୍ୟକୁ ଟିକିଏ ପୂର୍ବରୁ ଆସିଥିବା ଶିବଲିଙ୍ଗ ଭଳି ଏହାର ଗଠନ, ଆକାର ଓ ଚିହ୍ନ ସମାନ ରହିଥିଲା। ଦୀକ୍ଷିତ ପୁଲକିତ ହୋଇଥିଲେ।

୨୧୩। ସେ ଯାହାହେଉ, ତ୍ରିଶୂଳ ଚିତ୍ର ଅଙ୍କନ ସମ୍ପୂର୍ଣ୍ଣ ହେବା ପରେ ଶ୍ରୀସାଇ ମେଘାଙ୍କୁ କହି ଚିତ୍ର ନିକଟରେ ଶିବଲିଙ୍ଗର ସ୍ଥାପନା କରାଇଥିଲେ ।

୨୧୪। ମେଘା ଶଙ୍କରଙ୍କୁ ପୂଜା କରିବା ନିମନ୍ତେ ଭଲ ପାଉଥିବାରୁ, ତାଙ୍କୁ ଶିବଲିଙ୍ଗ ଉପହାର ଦେଇ ଶ୍ରୀସାଇ ତାଙ୍କର ଭକ୍ତିଭାବକୁ ଅଧିକ ଦୃଢ଼ୀଭୂତ କରାଇଥିଲେ। ଶ୍ରୀସାଇଙ୍କ ସମ୍ବନ୍ଧରେ ଏହିଭଳି ବିସ୍ମୟକର ବର୍ଣ୍ଣନାମାନ ରହିଛି।

୨୧୫। ଏଭଳି କ'ଣ ଗୋଟିଏ କାହାଣୀ ରହିଛି ! ମୁଁ ଅସଂଖ୍ୟ ବର୍ଣ୍ଣନା କରିପାରିବି। କିନ୍ତୁ ଏହି ଗ୍ରନ୍ଥ ଅତ୍ୟନ୍ତ ଦୀର୍ଘ ହୋଇଯିବ। ତେଣୁ ଶ୍ରୋତାମାନଙ୍କ ନିକଟରୁ କ୍ଷମା ଚାହୁଁଛି।

୨୧୬। ତଥାପି ଶ୍ରୋତାଗଣ, ଆପଣମାନଙ୍କର ଉତ୍କଣ୍ଠାକୁ ଲକ୍ଷ୍ୟକରି ମୁଁ ପରବର୍ତ୍ତୀ ଅଧ୍ୟାୟରେ ଆଉ ଗୋଟିଏ କାହାଣୀ ବର୍ଣ୍ଣନା କରିବି। ଆପଣମାନେ ଶ୍ରୀସାଇଙ୍କର ଅନନ୍ୟ, ଅସାଧାରଣ ଓ ଆହୁରି ଅଦ୍ଭୁତ ଲୀଳା ସମ୍ବନ୍ଧରେ ଅବଗତ ହେବେ।

୨୧୭। ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି ଓ ଲୋକମାନଙ୍କୁ ସାଇଚରିତ ଶୁଣାଉଛି। ଏହା ଶୁଣିଲେ ସାଂସାରିକ ଜୀବନର ଆପଦବିପଦ ଦୂରୀଭୂତ ହେବ ଓ ପ୍ରତ୍ୟେକଙ୍କର ଅସୁବିଧା ଦୂର ହୋଇଯିବ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ସ୍ୱପ୍ନଦର୍ଶନର ବର୍ଣ୍ଣନା" ଶୀର୍ଷକ ଅଷ୍ଟବିଂଶତି ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ପ୍ରକୃତରେ ଭୀମାଜୀ ପାଟିଲଙ୍କ କାହାଣୀ ତ୍ରୟୋଦଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି। ଏହା ଏକ ଅନିଚ୍ଛାକୃତ ତ୍ରୁଟି।

୨- ବମ୍ବେଇରେ ସହରତଳି ଅଂଚଳ।

୩- ଏହିଭଳି ଅନ୍ୟ ଏକ କାହାଣୀ ରହିଛି। ରାମଲାଲ ନାମକ ଜଣେ ପଂଜାବୀ ବ୍ରାହ୍ମଣ ଶିରିଡ଼ିରେ ରହୁଥିଲେ। ସେ ବମ୍ବେଇରେ ରହୁଥିବା ସମୟରେ ମହାରାଜ ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଥିଲେ, "ମୋ ନିକଟକୁ ଆସ !" ସେ କେବେ ମହାରାଜଙ୍କୁ ଦର୍ଶନ କରିନଥିଲେ କି ତାଙ୍କର ଫଟୋ ପୂର୍ବରୁ ଦେଖିନଥିଲେ। ତେଣୁ ସେ ମହାରାଜଙ୍କୁ ସ୍ୱପ୍ନରେ ଚିହ୍ନି ପାରିନଥିଲେ। ପରଦିନ ସେ ଚାଲିଯାଉଥିବାବେଳେ ରାସ୍ତାକଡ଼ର ଏକ ଦୋକାନରେ ତାଙ୍କ ସ୍ୱପ୍ନର ମହାରାଜଙ୍କର ଏକ ଫଟୋ ଦେଖିଥିଲେ। ସେ ଦୋକାନୀଙ୍କୁ ପଚାରିଥିଲେ, "ଏହା କାହାର ଫଟୋ ଓ ଏହି ମହାରାଜ କେଉଁଠାରେ ରହୁଛନ୍ତି ?" ଦୋକାନୀ ତାଙ୍କୁ ସମସ୍ତ ବିବରଣୀ ଦେଇଥିଲେ। ତା'ପରେ ରାମଲାଲ ଶିରିଡ଼ି ଯାଇଥିଲେ ଓ ସେଠାରେ ମହାରାଜଙ୍କ ମହାସମାଧି ପର୍ଯ୍ୟନ୍ତ ରହିଥିଲେ।

୪- ଗୋଦାବରୀ ନଦୀକୁ ଗୋମତୀ ମଧ୍ୟ କୁହାଯାଇଥାଏ।

୫- "ଆଗରେ ଶିକାରୀ ପଛରେ ନିଆଁ" ଭଳି ରଢ଼ି ପ୍ରୟୋଗ।

୬- ଗିରିଜାଙ୍କର ପତି, ଅର୍ଥାତ୍ ଶିବ।

୭- ଶିବଙ୍କର ପ୍ରତୀକାତ୍ମକ ପ୍ରତିଭୂ।

୮- ସେହିଭଳି ହରି ସୀତାରାମ ଦୀକ୍ଷିତ ଗଣେଶଙ୍କର ମୂର୍ତ୍ତି ସ୍ଥାପନ ସମ୍ବନ୍ଧରେ ଜଣେ ମହିଳାଙ୍କର ସ୍ୱପ୍ନ ବିବରଣୀ ଉଲ୍ଲେଖ କରିଛନ୍ତି। "ଥରେ ମୁଁ ଶିରଡ଼ି ଯାଉଥିବା ସମୟରେ, ମୋତେ ଦେଖାକରିବା ପାଇଁ ମୋରେଶ୍ୱର ପ୍ରଧାନ ବୋରିବନ୍ଦର ଷ୍ଟେସନକୁ ଆସିଥିଲେ ଓ ତାଙ୍କର ସାନ୍ତାକ୍ରୁଜ ଘରେ ଗଣେଶ ମୂର୍ତ୍ତି ସ୍ଥାପନ କରିବା ସମ୍ପର୍କରେ ମହାରାଜଙ୍କର ମତ ପଚାରିବାକୁ ଅନୁରୋଧ କରିଥିଲେ। ମୁଁ ଶିରିଡ଼ିରେ ପହଞ୍ଚିବା ପରେ ମହାରାଜଙ୍କୁ ସେ ବିଷୟରେ ପଚାରିଥିଲି। ମହାରାଜ 'ହଁ' କହି ଅନୁମତି ଦେଇଥିଲେ। ମହାରାଜଙ୍କୁ ପଚାରିବା ଦିନ ମୁଁ ମୋରେଶ୍ୱର ପ୍ରଧାନଙ୍କ ନିକଟକୁ ଚିଠିଟିଏ ଲେଖି ପଠାଇ ଦେଇଥିଲି। ସେହିଦିନ ରାତ୍ରିର ଶେଷ ପ୍ରହରକୁ ମୋରେଶ୍ୱରଙ୍କ ଶାଳୀ ତାତୀବାଇ ସାନ୍ତାକ୍ରୁଜରେ ଏକ ସ୍ୱପ୍ନ ଦେଖିଥିଲେ। ତାଙ୍କ ଘରେ ଗୋଟିଏ ବେଦୀ ଉପରେ ଅତି ସୁନ୍ଦର ଗଣେଶମୂର୍ତ୍ତିଟିଏ ସ୍ଥାପିତ ହୋଇଥିବାର ସେ ଦେଖିଥିଲେ। ସକାଳେ ସେ ଗୃହରେ ସେହି ସ୍ୱପ୍ନ ସମ୍ବନ୍ଧରେ ସମସ୍ତଙ୍କୁ କହିଥିଲେ ଓ ତା'ପରଦିନ ମହାରାଜଙ୍କର ଅନୁମତି ଥିବା ପତ୍ରଟି ମିଳିଥିଲା। ସଂକ୍ଷେପରେ, ମହାରାଜ ତାଙ୍କର ସମ୍ମତି ସ୍ୱପ୍ନ ମାଧମରେ ଚିଠି ପହଂଚିବା ପୂର୍ବରୁ ଜଣାଇ ଦେଇଥିଲେ।"



ମେଘା ଗୋଟିଏ ପାଦରେ ଠିଆ ହୋଇ ଆରତି କରୁଛନ୍ତି ।

ମେଘା ଶିରିଡ଼ିରେ ରହିଥିବା ପର୍ଯ୍ୟନ୍ତ ମଧ୍ୟାହ୍ନ ଆରତି ନିୟମିତ ଭାବରେ କରୁଥିଲେ । କିନ୍ତୁ ତା'ପୂର୍ବରୁ ସେ ଗ୍ରାମର ସମସ୍ତ ଦେବଦେବୀଙ୍କର ପୂଜା କରୁଥିଲେ ଓ ତା'ପରେ ମସ୍‌ଜିଦ୍‌କୁ ଆସୁଥିଲେ । (୨୮ଶ ଅଧ୍ୟାୟ, ପଂକ୍ତି ୧୫୬)

ତ୍ରିଶୂଳ

ତ୍ରିଶୂଳ ଆଙ୍କିବା ପାଇଁ ସ୍ୱପ୍ନ ଦେଖିବା ପରେ ପରେ ଏଭଳି ଭାବରେ 'ଶିବଲିଙ୍ଗ' ପାଇଥିବାରୁ ମେଘା ସେହି 'ଲିଙ୍ଗ'କୁ ଭାବବିହ୍ୱଳ ହୋଇ ଚାହିଁ ରହିଥିଲେ । (୨୮ଶ ଅଧ୍ୟାୟ, ପଂକ୍ତି ୨୦୫)

॥ ୨୯ ॥
ସ୍ୱପ୍ନ କାହାଣୀର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଏହି ଅଧ୍ୟାୟରେ ମୁଁ ଆପଣମାନଙ୍କୁ ଶ୍ରୀସାଇଙ୍କର ବିସ୍ମୟକର ଓ ଅଚିନ୍ତନୀୟ କର୍ମକୌଶଳ ସମ୍ପର୍କରେ ଶୁଣାଇବି । ପୂର୍ବ ଅଧ୍ୟାୟରେ ଏହାର କିଂଚିତ୍ ବର୍ଣ୍ଣନା କରାଯାଇଛି । ଉଭୟ ଅଧ୍ୟାୟର ବିଷୟ ପ୍ରାୟ ସମାନ ।

୨ । ବାବାଙ୍କର ଅଦ୍ଭୁତ ଲୀଳା ସମ୍ବନ୍ଧରେ ଶୁଣି ୧୯୧୬ ମସିହାରେ ମାଦ୍ରାଜରୁ ଏକ ଭଜନ ଦଳ ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ ।

୩ । ଏହି ଭ୍ରମଣକାରୀ ଦଳ ମାଦ୍ରାଜରେ ବାବାଙ୍କର ଖ୍ୟାତି ଶୁଣିଥିଲେ । ତୀର୍ଥଯାତ୍ରାରେ କାଶୀ ଯିବା ସମୟରେ ସେମାନେ ବାଟଭାଙ୍ଗି ଶିରିଡ଼ିରେ ପହଞ୍ଚିଥିଲେ ।

୪ । ସାଇବାବା ଜଣେ ମହାନ୍ ସନ୍ଥ, ଧୈର୍ଯ୍ୟଶୀଳ, ବଦାନ୍ୟ ଓ ସଂଯମୀ ଏବଂ ସିଏ ନିଜର ସମସ୍ତ କାମନାବାସନା ନିୟନ୍ତ୍ରଣ କରିଛନ୍ତି ଓ ସେ ତୀର୍ଥଯାତ୍ରୀମାନଙ୍କ ପ୍ରତି ଉଦାର ହୋଇ ପ୍ରଚୁର ଟଙ୍କା ସେମାନଙ୍କୁ ବାଣ୍ଟି ଦିଅନ୍ତି ବୋଲି ସେମାନେ ଶୁଣିଥିଲେ ।

୫ । ଆଠଅଣି, ଚାରଣି ପ୍ରଭୃତି ଖୁଚୁରା ପଇସାକୁ ସେ ବଦାନ୍ୟତା ସହକାରେ ମୁକ୍ତହସ୍ତରେ ଅଜାଡ଼ି ଦିଅନ୍ତି । କେତେଜଣଙ୍କୁ ଦଶ, କୋଡ଼ିଏ ଓ ପଚାଶ ଟଙ୍କା ମଧ୍ୟ ଦିଅନ୍ତି ।

୬ । କୌଣସି ସ୍ୱତନ୍ତ୍ର ଅବସରରେ କିମ୍ବା ପର୍ବଦିନମାନଙ୍କରେ ଯେ ଏପରି ଦିଆହୁଏ, ତାହା ନୁହେଁ; ପ୍ରତ୍ୟେକ ଦିନ ଏହିଭଳି ଭାବରେ ସେ ଆନନ୍ଦରେ ଦାନ କରିଥାନ୍ତି ।

୭ । ଯାତ୍ରାଦଳ, ନାଚବାଲୀ, ଗାୟକ, ଭାଟ ତଥା ତାମସାକାରୀମାନେ ଆସି ନିଜ ନିଜର କଳାକୌଶଳ ପ୍ରଦର୍ଶନ କରନ୍ତି ଓ ଭକ୍ତି ସହକାରେ ପ୍ରଣିପାତ କରନ୍ତି । କୀର୍ତ୍ତନଦଳ ଅଭିଭୂତ କରିଦେଲା ଭଳି ଭଜନକୀର୍ତ୍ତନ କରନ୍ତି ।

୮ । ଲୋକମୁଖରୁ ମହାରାଜଙ୍କର ବଦାନ୍ୟତା ଓ ମୁକ୍ତହସ୍ତରେ ଦାନ କରୁଥିବା ସମ୍ବନ୍ଧରେ ଶୁଣି ମାଦ୍ରାଜର ଭଜନଦଳ ଦର୍ଶନ କରିବା ପାଇଁ ଆଗ୍ରହୀ ହୋଇଥିଲେ ।

୯ । ବେଳେ ବେଳେ ବାବା ଚାହିଁଲେ, ଭ୍ରମଣକାରୀମାନଙ୍କୁ ମଧ୍ୟ ଟଙ୍କାପଇସା ଦେଉଥିଲେ । ସେ ଗରିବ ଓ ଦୁଃଖୀମାନଙ୍କର ଭଲମନ୍ଦ କଥା ପଚାରି ବୁଝୁଥିଲେ । ଶ୍ରୀ ସାଇନାଥ ଥିଲେ ଉଦାରତାର ମୂର୍ତ୍ତିରୂପ ।

୧୦ । ଉକ୍ତ ଭଜନଦଳରେ ଚାରି ଜଣ ଥିଲେ । ଜଣେ ପୁରୁଷ ଓ ତିନି ଜଣ ମହିଳା । ପୁରୁଷ ଜଣକର ପତ୍ନୀ, ଶାଳୀ ଓ ଝିଅ । ସେମାନେ ସନ୍ଥଙ୍କର ଦର୍ଶନ ପାଇଁ ଇଚ୍ଛା କରିଥିଲେ ।

୧୧ । ଶ୍ରୀସାଇଙ୍କ ଦର୍ଶନ ମିଳିଯିବା ପରେ ଦଳର ସମସ୍ତେ

ଆନନ୍ଦ ଅନୁଭବ କରିଥିଲେ। ସେମାନେ ଶ୍ରୀସାଇଙ୍କ ସମ୍ମୁଖରେ ପ୍ରତ୍ୟେକ ଦିନ ସୁନ୍ଦର ଭଜନ ଗାନ କରୁଥିଲେ।

୧୨। ସେମାନେ ରାମଦାସୀ ସମ୍ପ୍ରଦାୟର ଥିଲେ ଓ ମହା ଆନନ୍ଦରେ ଭଜନ ବୋଲୁଥିଲେ। ବାବା ମଧ୍ୟ ଇଚ୍ଛା କଲେ ବେଳେବେଳେ ସେମାନଙ୍କୁ ଟଙ୍କାଏ କିମ୍ବା ଆଠଅଣା ଦେଉଥିଲେ।

୧୩। କେତେବେଳେ କେମିତି ବାବା ସେମାନଙ୍କୁ ବର୍ଫି ଖାଇବାକୁ ଦେଉଥିଲେ ଓ ଆଉ କେତେବେଳେ ସେମାନଙ୍କୁ ଖାଲି ହାତରେବି ଫେରାଇଦେଉଥିଲେ। ଏହା ତାଙ୍କର ଚିରାଚରିତ ଅଭ୍ୟାସ ଥିଲା ଓ ଏଥିରେ କିଛି ନିଶ୍ଚୟତା ନଥିଲା କି ଏ ସମ୍ବନ୍ଧରେ କୌଣସି ଭବିଷ୍ୟବାଣୀ କରି ହେଉନଥିଲା ।

୧୪। ସେ ଟଙ୍କାପଇସା ବାଣ୍ଟୁଥିବା କଥା ସତ୍ୟ। ତାହା ଅସତ୍ୟ ନୁହେଁ। କିନ୍ତୁ ସେ ସମସ୍ତଙ୍କୁ ଦେଉ ନ ଥିଲେ। ତାଙ୍କ ମନ ଭିତରେ କ'ଣ ରହିଛି, କେହି ତାହା ଜାଣି ପାରୁ ନ ଥିଲେ।

୧୫। ଫକୀର ଓ ଭିକାରୀମାନେ ବାବାଙ୍କ ପାଖକୁ ଭିକ୍ଷା ମାଗିବା ପାଇଁ ପ୍ରତିଦିନ ଆସୁଥିଲେ। ବାବା ଅତ୍ୟନ୍ତ ଦୟାଳୁ ହୋଇଥିଲେ ମଧ୍ୟ ସେ ସମସ୍ତଙ୍କୁ ଦାନ ଦେଉ ନ ଥିଲେ।

୧୬। ଯେଉଁମାନଙ୍କର ସୌଭାଗ୍ୟର ସମୟ ଉପସ୍ଥିତ ହେଉଥିଲା, ସେହିମାନେହିଁ ଅର୍ଥପ୍ରାପ୍ତିର ଆନନ୍ଦ ଲାଭ କରୁଥିଲେ। ସନ୍ଥଙ୍କ ହସ୍ତର ସ୍ପର୍ଶ ପାଇଥିବା ଛୋଟିଆ ମୁଦ୍ରାଟିଏ ହେଲେବି ତାହା କେବଳ ଭାଗ୍ୟବାନ ବ୍ୟକ୍ତି ହିଁ ପାଇପାରୁଥିଲେ।

୧୭। ଏହାର ଉଦାହରଣ ହିସାବରେ ଗୋଟିଏ କାହାଣୀ କହିଲେ ଶ୍ରୋତାମାନେ ସନ୍ତୁଷ୍ଟ ହୋଇଯିବେ। ମୁଁ ଏହା ବର୍ଣ୍ଣନା କରି ସାରିବା ପରେ ମୁଖ୍ୟ ବିଷୟକୁ ଫେରିବି।

୧୮। ସକାଳେ ଜଳଖିଆ ଖାଇସାରିବା ପରେ ବାବା ମସ୍‌ଜିଦରେ ଧୁନି ନିକଟରେ ଖମ୍ବକୁ ଆଉଜି ବସୁଥିଲେ। ସେତିକିବେଳେ ଅମନୀ' ନାମକ ଏକ ବାଳିକା ପ୍ରାୟତଃ ଆସିଥାଏ।

୧୯। ତିନିବର୍ଷ ବୟସର ଝିଅଟି ଲଙ୍ଗଳାଫୁଙ୍ଗୁଳା ହୋଇ ତାହାର ମା' ସହିତ ହାତରେ ଟିଣ ଡବା'ଟିଏ ଧରି ପ୍ରାୟତଃ ଏହି ସମୟରେ ଆସିଥାଏ।

୨୦। ଅମନୀ ବାବାଙ୍କ କୋଳରେ ବସିଯାଏ ଓ ତା'ର ଟିଣ ଡ଼ବା ବାବାଙ୍କ ହାତକୁ ବଢ଼ାଇ ଦିଏ । ବାବାଙ୍କ ହାତ ଧରି ସେ ବାରମ୍ବାର, "ବାବା! ଟଙ୍କାଏ, ଟଙ୍କାଏ" ବୋଲି କହୁଥାଏ।

୨୧। ବାବା ପିଲାମାନଙ୍କୁ ବହୁତ ଭଲ ପାଆନ୍ତି। ଝିଅଟି ବେଶ୍ ଗୋଲଗାଲ ଓ ଡଉଲଡ଼ାଉଲ । ବାବା ତାକୁ ଗେଲ କରନ୍ତି ଓ କୋଳରେ ଭିଡ଼ି ଧରନ୍ତି।

୨୨। ବାବା ତାକୁ ସ୍ନେହରେ କୁଣ୍ଢାଇ ପକାଉଥିବା ସମୟରେ ତାହାର ମନ ପଇସା ଉପରେ ରହିଥାଏ। "ବାବା, ମୋତେ ଦିଅ, ମୋତେ ଦିଅ" କହି ସେ ବାବାଙ୍କ ପକେଟ୍ ଉପରେ ଦୃଷ୍ଟି ରଖିଥାଏ।

୨୩। ଅମନୀ ସିନା ଛୋଟ ପିଲାଟିଏ, ବୟସ୍କ ଓ ବରିଷ୍ଠମାନଙ୍କର ମଧ୍ୟ ସମାନ ଲୋଭ ଥାଏ ଏବଂ ସେମାନେ କେବଳ ନିଜର ସ୍ୱାର୍ଥ ସାଧନ ପାଇଁ ଧାଉଁଥାନ୍ତି। ଆଧ୍ୟାତ୍ମିକ ପ୍ରବୃତ୍ତିର ବ୍ୟକ୍ତି ବିରଳ ଅଟନ୍ତି।

୨୪। ଛୋଟ ଝିଅଟି ବାବାଙ୍କ କୋଳରେ ବସିଥିବାବେଳେ ତାହାର ମା' ଅଳ୍ପ ଦୂରରେ ରେଲିଂ ବାହାରେ ଛିଡ଼ା ହୋଇ ରହିଥାଏ। ବାବା ପଇସା ନ ଦେବା ଯାଏ ଝିଅକୁ ନ ଉଠିବା ପାଇଁ ସେ ଇସାରା ଦେଉଥାଏ ।

୨୫। "ମୁଁ ତୋ ବାପାଙ୍କର ସମ୍ପର୍କୀୟ ନା ତାଙ୍କଠାରୁ ଧାର କରିଛି ଯେ ତୁ ସକାଳୁ ଉଠିବା ବେଳଠାରୁ ମୋତେ ବ୍ୟତିବ୍ୟସ୍ତ କରୁଛୁ? ଅପଦାର୍ଥମାନେ ସବୁ କିଛି ବିନା ମୂଲ୍ୟରେ ପାଇବାକୁ ଚାହିଁଥାନ୍ତି" ବୋଲି ବାବା ବେଳେବେଳେ ବିରକ୍ତ ହୋଇ କହିଥାନ୍ତି।

୨୬। କିନ୍ତୁ ଏହି ରାଗ କମିଯାଇ ହୃଦୟ ମଧ୍ୟରେ ପ୍ରେମର ଜୁଆର ଖୁବ୍‌ଶୀଘ୍ର ଆସିଥାଏ। ସେ ପକେଟ୍‌ରେ ହାତ ପୂରାଇ ଟଙ୍କାଟିଏ ବାହାର କରନ୍ତି।

୨୭। ସେ ତାହା ତା'ର ଡବା ମଧ୍ୟକୁ ପକାଇ ଦିଅନ୍ତି ଓ ଡବା ବନ୍ଦ କରିଦେବାର ତୀକ୍ଷ୍ଣ ଶବ୍ଦ ବାହାରିଥାଏ। ସେହି ଛୋଟ ଡବାଟି ଅମନୀ ହାତକୁ ଆସିଯିବା କ୍ଷଣି ସେ ଘରକୁ ଦୌଡ଼ି ପଳାଇଥାଏ।

୨୮। ସକାଳର ଜଳଖିଆ ପରେ ଏହି ଘଟଣା ଘଟିଥାଏ। ସେହିଭଳି ସେ ଲେଣ୍ଡିକୁ ଯିବା ସମୟରେ ଅମନୀକୁ ସେମିତି ବିରକ୍ତ ହୋଇ ଟଙ୍କାଟିଏ ଦେଇଥାନ୍ତି।

୨୯ । ଏହିଭଳି ଭାବରେ ସେ ତାକୁ ପ୍ରତିଦିନ ଦୁଇଟଙ୍କା, ଜମଲୀକୁ[୩] ଛଅ ଟଙ୍କା, ଦାଦା କେଳକରଙ୍କୁ ପାଞ୍ଚ ଟଙ୍କା ଓ ଭାଗ୍ୟା ଏବଂ ସୁନ୍ଦରୀକୁ ଦୁଇ ଟଙ୍କା ଲେଖାଏଁ ଦେଇଥାନ୍ତି।

୩୦ । ତାତ୍ୟାବାଙ୍କୁ ଦଶରୁ ପନ୍ଦର ଟଙ୍କା, ଫକୀରବାବାଙ୍କୁ ପନ୍ଦରରୁ ପଚାଶ ଟଙ୍କା ଓ ଗରିବମାନଙ୍କ ମଧ୍ୟରେ ଆଠ ଟଙ୍କା ପ୍ରତ୍ୟେକ ଦିନ ବଣ୍ଟା ଯାଇଥାଏ।

୩୧ । ସେ ଯାହାହେଉ, ମାଦ୍ରାଜୀ ଦଳ ଏହି ବଦାନ୍ୟତାର ଅନେକ କାହାଣୀ ଶୁଣିଥିଲେ ଓ ଟଙ୍କା ନିମିତ୍ତ ସେମାନଙ୍କର ସ୍ୱାର୍ଥକୈନ୍ଦ୍ରିକ ଇଚ୍ଛା ଜାଗରିତ ହୋଇଥିବାରୁ ସେମାନେ ପ୍ରତିଦିନ ଭଜନ ଗାନ କରୁଥିଲେ।

୩୨ । ଭଜନ ଶୁଣିବାକୁ ବହୁତ ଭଲ ଲାଗୁଥିଲେ ମଧ୍ୟ ତାହା ଲୋଭବଶତଃ ବୋଲାଯାଉଥିଲା। ସେହି ପୂରା ପରିବାରଟି ଶିରିଡ଼ିରେ କେବଳ ଟଙ୍କା ପାଇବା ଆଶାରେହିଁ ରହିଥିଲେ।

୩୩ । ଦଳର ତିନି ଜଣଙ୍କର ଲୋଭ ପ୍ରବଳ ଥିଲା ଓ ବାବା ବହୁତ ଟଙ୍କା ଦେବେ ବୋଲି ସେମାନେ ଭାବିଥିଲେ। କେବଳ ତାଙ୍କ ପତ୍ନୀ ଭକ୍ତି ସହକାରେ ବାବାଙ୍କର ପୂଜା କରୁଥିଲେ। ସେ ଗାନ କରୁଥିବା ସମୟରେ ମଧ୍ୟ ଏହି ଭକ୍ତି ଭାବ ତାଙ୍କ ମନ ମଧ୍ୟରେ ରହୁଥିଲା।

୩୪ । ତାଙ୍କର ଭକ୍ତି ବର୍ଷଣମୁଖୀ ମେଘମାଳାକୁ ଦେଖି ମୟୂର ମନଖୁସିରେ ନାଚୁଥିବା ଭଳି କିମ୍ବା ଚକୋର ଚନ୍ଦ୍ରକୁ ଦେଖିବା ପରେ ଆନନ୍ଦିତ ହେଉଥିବା ପରି ଥିଲା।

୩୫ । ଦିନେ ମଧ୍ୟାହ୍ନ ଆରତି ଚାଲିଥିବା ସମୟରେ, ଦୟାର ଅବତାର ଶ୍ରୀସାଇ ସେଇ ମହିଳାଙ୍କର ଅନାବିଳ ଭକ୍ତି ଭାବକୁ ଦେଖି ତାଙ୍କୁ ରାମ ରୂପରେ ଦର୍ଶନ ଦେଇଥିଲେ।

୩୬ । ଅନ୍ୟ ସମସ୍ତଙ୍କ ନିମନ୍ତେ ସେ ସ୍ୱାଭାବିକ ଭାବରେ ଶ୍ରୀସାଇନାଥ ହିଁ ଥିଲେ। ସେ ଜାନକୀପତିଙ୍କ[୪] ରୂପରେ ମହିଳାଙ୍କ ସମ୍ମୁଖରେ ଉଭା ହୋଇଥିବାରୁ ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିବାରେ ଲାଗିଥିଲା। ଲୋକେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୩୭ । ମହିଳାଙ୍କ ଚକ୍ଷୁରୁ ଲୋତକ ବହିଯାଉଥିଲେ ମଧ୍ୟ ସେ ଦୁଇହାତରେ ତାଳି ମାରି ଚାଲିଥିଲେ। ଏଭଳି ଅସାଧାରଣ ଦୃଶ୍ୟ ଦେଖି ଲୋକେ ଆଚମ୍ବିତ ହୋଇଥିଲେ।

୩୮ । ଏହି ଦୃଶ୍ୟ ଦେଖିବା ପରେ ସମସ୍ତେ କୌତୂହଳୀ ହୋଇ ତାଙ୍କ ପାଇଁ ଏଭଳି ଅହେତୁକ ଗଭୀର ଶ୍ରଦ୍ଧା ଓ ଆନନ୍ଦର ଢେଉ ଖେଳିବାର କାରଣ ଜାଣିବାକୁ ଚାହିଁଥିଲେ।

୩୯ । ପରେ ଅପରାହ୍ନରେ ଆନନ୍ଦରେ ଗଦ୍ ଗଦ୍ ହୋଇ ସେ ତାଙ୍କର ସ୍ୱାମୀଙ୍କ ପାଖରେ ଶ୍ରୀସାଇଙ୍କର ରାମରୂପ ଦର୍ଶନ କରିଥିବାର ଅଦ୍ଭୁତ ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

୪୦ । "ନୀଳ ପଦ୍ମ ରଙ୍ଗର ଶରୀରରେ, ଭକ୍ତମାନଙ୍କର ଇଚ୍ଛାପୂରଣକାରୀ କଳ୍ପତରୁ ଭାବରେ ଭରତଙ୍କର ବଡ଼ଭାଇ, ସୀତାଙ୍କର ଆନନ୍ଦବର୍ଦ୍ଧନକାରୀ, ଦଶରଥଙ୍କ ପୁତ୍ର ଶ୍ରୀରାମଙ୍କୁ ଆଜି ମୁଁ ଦର୍ଶନ କଲି।

୪୧ । "ମୁଁ ଜାନକୀନାଥଙ୍କୁ ମୁକୁଟ ମଣ୍ଡିତ ହୋଇ, କାନରେ କୁଣ୍ଡଳ ଲଗାଇ, ଗଳାରେ ବନଫୁଲମାଳ ଲମ୍ବାଇ, ପୀତ ବସନ ପିନ୍ଧି ଓ ଚତୁର୍ବାହୁଯୁକ୍ତ ହୋଇଥିବା ରୂପରେ ଦର୍ଶନ କଲି।

୪୨ । "ସେ ହସ୍ତରେ ଶଂଖ, ଚକ୍ର ଓ ଗଦା ଧରିଥିଲେ। ତାଙ୍କର ବକ୍ଷ ଉପରେ ବିଷ୍ଣୁଙ୍କର ପାଦ ଚିହ୍ନ ଥିଲା ଓ ସେ କୌସ୍ତୁଭ[୫] ମାଳା ଗଳାରେ ଧାରଣ କରିଥିଲେ। ମୁଁ ସେହି ଯାଦୁକରୀ ଦିବ୍ୟ ପୁରୁଷୋତ୍ତମ ରୂପକୁ ଦର୍ଶନ କଲି।"

୪୩ । ସେ ପୁଣି କହିଥିଲେ, "ମନୁଷ୍ୟ ରୂପ ଧରି ଜାତ ବିଷ୍ଣୁଙ୍କର ସାକ୍ଷାତ ଅବତାର, ଜାନକୀଙ୍କ ହୃଦୟରତ୍ନ ଓ ଆତ୍ମା ସ୍ୱରୂପ ଧନୁର୍ଦ୍ଧାରୀଙ୍କୁ ମୁଁ ଆଜି ଦର୍ଶନ କଲି।

୪୪ । " ସେ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗୁଥିବା ଜଣେ ଫକୀର ବୋଲି ମନେ ହେଉଥିଲେ ମଧ୍ୟ, ତାଙ୍କୁ ମୁଁ ଜାନକୀଙ୍କ ହୃଦୟରତ୍ନ ଓ ଆତ୍ମାସ୍ୱରୂପ ତଥା ଅଦ୍ଭୁତ ଧନୁର୍ଦ୍ଧାରୀ ରୂପରେ ଆଜି ଦର୍ଶନ କଲି।

୪୫ । "ସେ ଜଣେ ଔଲିଆ ବୋଲି ମନେ ହୋଇପାରେ କିମ୍ବା ଲୋକମାନଙ୍କର ଅନ୍ତରରେ ଅନ୍ୟ କେହି ଭିନ୍ନ ବୋଲି ଦେଖାଯାଇପାରେ, ତଥାପି ମୁଁ ତାଙ୍କୁ ଜାନକୀଙ୍କର ହୃଦୟରତ୍ନ ଓ ଆତ୍ମାସ୍ୱରୂପ ତଥା ଅଦ୍ଭୁତ ଧନୁର୍ଦ୍ଧାରୀ ରୂପରେ ଦର୍ଶନ କଲି।"

୪୬ । ମହିଳା ଜଣକ ଖୁବ୍ ଧର୍ମପରାୟଣା ଥିଲେ, କିନ୍ତୁ ତାଙ୍କ ସ୍ୱାମୀ ଅତ୍ୟନ୍ତ ସ୍ୱାର୍ଥପର ଥିଲେ। ସେ କହିଥିଲେ, "ମହିଳାମାନେ ଏହିଭଳି ଅତ୍ୟନ୍ତ ସରଳ, ନିଷ୍କପଟ। ଏଠାକୁ ରଘୁପତି କୁଆଡୁ ଆସିବେ ?

୪୭ । "ନିରୀହ ଓ ଧାର୍ମିକ ଲୋକେ ନିଜ ନିଜର ହୃଦୟ

ମଧ୍ୟରେ ଥିବା ରୂପକୁହିଁ ଦେଖିଥାନ୍ତି। ଆମେ ସମସ୍ତେ ଶ୍ରୀସାଇଙ୍କୁ ଦର୍ଶନ କଲୁ । ଅଥଚ ତୁମେ ଏକା କିପରି ରାମଙ୍କୁ ଦର୍ଶନ କଲ ?"

୪୮। ଏହିଭଳି ନାନା ମନ୍ତବ୍ୟ ପ୍ରଦାନ କରି ସେ ତାଙ୍କର ପତ୍ନୀଙ୍କୁ ଉପହାସ କରିଥିଲେ। କିନ୍ତୁ ମହିଳା ଜଣକ ମନରେ କୌଣସି ମନ୍ଦ ଭାବ ପୋଷଣ କରି ନ ଥିଲେ, କାରଣ ସେ କିଛି ଭୁଲ ଚିନ୍ତା କରି ନ ଥିଲେ।

୪୯। ସେ ପୂର୍ବରୁ ଆଧ୍ୟାତ୍ମିକ ଲକ୍ଷ୍ୟ ପ୍ରାପ୍ତି କରିଥିଲେ ବୋଲି ସାଧାରଣତଃ ସମସ୍ତେ ବିଶ୍ୱାସ କରୁଥିଲେ । ତାଙ୍କର ମନ ଶାନ୍ତ ଓ ସ୍ଥିର ରହୁଥିବା ସମୟରେ ସେ ପ୍ରାୟତଃ ଶ୍ରୀରାମଙ୍କର ଦର୍ଶନ ଲାଭ କରୁଥିଲେ।

୫୦। ପରେ ସେ ଧନଲୋଭୀ ହୋଇପଡ଼ିଥିଲେ। ପ୍ରଭୁ କେବେ ଧନ ସହିତ ଏକତ୍ର ରହନ୍ତି ନାହିଁ। ଲୋଭୀ ଚରିତ୍ରର ହୋଇଥିବା କାରଣରୁ ସେ ଶ୍ରୀରାମଙ୍କ ଦର୍ଶନ ପାଇବାରୁ ବଞ୍ଚିତ ହୋଇଥିଲେ।

୫୧। ଶ୍ରୀସାଇଙ୍କୁ ଏ ସମସ୍ତ କଥା ଜଣାଥିଲା। ସେ ତାଙ୍କର ପ୍ରବୃତ୍ତିକୁ ଜାଣି ତାଙ୍କୁ ଶ୍ରୀରାମଙ୍କ ରୂପରେ ପୁଣି ଦର୍ଶନ ଦେଇଥିଲେ ଓ ତାଙ୍କର ମନସ୍କାମନା ପୂରଣ କରିଥିଲେ ।

୫୨। ସେ ଯାହାହେଉ, ପରେ ସେହିଦିନ ରାତ୍ରିରେ ଅଦ୍ଭୁତ ଘଟଣାଟିଏ ଘଟିଥିଲା। ସେହି ପୁରୁଷ ବ୍ୟକ୍ତି ଶୋଇଥିବା ବେଳେ ଏକ ଭୟଙ୍କର ସ୍ୱପ୍ନ ଦେଖିଥିଲେ।

୫୩। ସେ ନିଜକୁ ଏକ ସହର ମଧ୍ୟରେ ପୋଲିସଙ୍କ ଦ୍ୱାରା ବନ୍ଦୀ ହୋଇଥିବାର ଦେଖିଥିଲେ । ପୋଲିସ ତାଙ୍କର ଦୁଇହାତକୁ ପିଠିପଟକୁ ଟାଣି ଏତେ ଜୋର୍‌ରେ ଦଉଡ଼ିରେ ବାନ୍ଧି ଦେଇଥିଲେ ଯେ ହାଡ଼ କଡ଼ମଡ଼ କରୁଥିଲା ।

୫୪। ହାଜତ ଦ୍ୱାର ମୁହଁରେ ବାହାରପଟରେ ନିରବରେ ତଥା ଅବିଚଳିତ ଭାବରେ ଶ୍ରୀସାଇ ଛିଡ଼ା ହୋଇ ଏହି ଦୃଶ୍ୟ ଦେଖୁଥିଲେ।

୫୫। ମହାରାଜଙ୍କୁ ନିକଟରେ ଦେଖି ସେ ହାତଯୋଡ଼ି ବିନୀତ ଭାବରେ ଓ ଆର୍ତ୍ତ କଣ୍ଠରେ କହିଥିଲେ-

୫୬। "ବାବା! ଆପଣଙ୍କର ସୁଖ୍ୟାତି ଶୁଣି ମୁଁ ଆପଣଙ୍କ ଚରଣ ତଳକୁ ଆସିଥିଲି। ଆପଣ ଏଠାରେ ଥାଉଁ ଥାଉଁ ଏପରି ମୋତେ କାହିଁକି କରାଗଲା ?"

୫୭। ମହାରାଜ ଉତ୍ତର ଦେଇଥିଲେ, "ନିଜ କର୍ମର ଫଳ ଜଣେ ନିଶ୍ଚୟ ଭୋଗିବ"। ଅତ୍ୟନ୍ତ ବିନୟଭାବରେ ପୁରୁଷ ଜଣକ କହିଥିଲେ, "ମୁଁତ କିଛି ଭୁଲ କରିନାହିଁ।"

୫୮। "ଅନ୍ତତଃପକ୍ଷେ ଏହି ଜନ୍ମରେ ଏଭଳି କଠିନ ଦଣ୍ଡ ଭୋଗିବା ନିମନ୍ତେ ସେପରି କିଛି କର୍ମ ମୁଁ କରିନାହିଁ।" ତାହାପରେ ମହାରାଜ କହିଥିଲେ, "ହୁଏତ ଗତ କେଉଁ ଜନ୍ମରେ କରିଥିବ।"

୫୯। ଏହା ଶୁଣିବା ପରେ ସେ ଉତ୍ତର ଦେଇଥିଲେ, "ପୂର୍ବ ଜନ୍ମ ବିଷୟରେ ମୁଁ ଅବା କ'ଣ ଜାଣିଛି ? ଯଦିବା ସେମିତି କିଛି କରିଥିବି, ତେବେ ତାହା ନିଶ୍ଚିତ ଭାବରେ ଆପଣଙ୍କର ଦର୍ଶନ ଦ୍ୱାରା ଜଳିପୋଡ଼ି ପାଉଁଶ ହୋଇଯାଇଥିବ।

୬୦। "ଅଗ୍ନିରେ ତୃଣଖିଏ ଜଳିଗଲା ଭଳି ତାହା ଆପଣଙ୍କୁ ଦର୍ଶନ କରିବା ଦ୍ୱାରା ଜଳି ଯାଇଥିବ। ତେଣୁ ମୁଁ କାହିଁକି ଏଥିରୁ ମୁକ୍ତି ପାଇ ନାହିଁ ?"

୬୧। ତା'ପରେ ମହାରାଜ ତାଙ୍କୁ ପଚାରିଥିଲେ, "ତୁମର ସେହିଭଳି ବିଶ୍ୱାସ ଅଛି କି ?" ସେହି ବ୍ୟକ୍ତି 'ହଁ' କହିବା ପରେ ସେ ତାଙ୍କୁ ଆଖି ବନ୍ଦ କରିବା ନିମନ୍ତେ କହିଥିଲେ।

୬୨। ସେ ନିର୍ଦ୍ଦେଶ ଅନୁଯାୟୀ ଆଖି ବନ୍ଦ କରି ଠିଆ ହୋଇଥିବା ସମୟରେ, ଜଣେ କେହି ତଳେ ପଡ଼ିଯିବା ଭଳି ଜୋର ଶବ୍ଦ ତାଙ୍କୁ ଶୁଭିଥିଲା।

୬୩। ସେ ଏହି ଶବ୍ଦ ଶୁଣି ଡରି ଯାଇଥିଲେ। ସେ ଆଖି ଖୋଲି ଚାରିଆଡ଼କୁ ଚାହିଁଥିଲେ ଓ ନିଜକୁ ମୁକ୍ତ ହୋଇଯାଇଥିବାର ଦେଖିଥିଲେ। ପୋଲିସଟିଏ ରକ୍ତ ଜୁଡୁବୁଡୁ ହୋଇ ତଳେ ପଡ଼ିଥିଲା।

୬୪। ସେ ଏହା ଦେଖି ବହୁତ ଡରି ଯାଇଥିଲେ। ସେ ଶ୍ରୀସାଇନାଥଙ୍କ ଆଡ଼କୁ ଚାହିଁଥିଲେ ଓ ଶ୍ରୀସାଇନାଥ ହସି ହସି ତାଙ୍କୁ କହିଥିଲେ, "ଏବେ ତୁମେ ଧରାପଡ଼ିଯିବ।

୬୫। "ଏବେ ଜଣେ ପୋଲିସ ଅଧିକାରୀ ଆସିବେ ଓ ଏସବୁ ଦେଖିବା ପରେ, ତୁମେ ଦୋଷୀ ବୋଲି ନିଶ୍ଚିତ ଘୋଷଣା କରିବେ । ସେ ତୁମକୁ ଆଉ ଥରେ ବନ୍ଦୀ କରିବେ।"

୬୬। ତାହା ପରେ ସେହି ବ୍ୟକ୍ତି ଆନ୍ତରିକ ଶ୍ରଦ୍ଧାରେ କହିଥିଲେ, "ବାବା! ଆପଣ ଯାହା କହୁଛନ୍ତି ତାହା ସତ୍ୟ । ଏବେ କିଛି କରନ୍ତୁ, ଆପଣଙ୍କ ବ୍ୟତୀତ ଅନ୍ୟ କେହି ମୋତେ ରକ୍ଷା କରିପାରିବେ ନାହିଁ।"

୬୭। ଏ କଥା ଶୁଣିବା ପରେ ଶ୍ରୀସାଇ କହିଥିଲେ, "ଆଉ ଥରେ ତୁମ ଆଖି ବନ୍ଦ କର।" ସେ ସେହି ନିର୍ଦ୍ଦେଶ ମାନି ପୁଣି ଯେତେବେଳେ ଆଖି ଖୋଲିଥିଲେ, ସେ ଆଉ ଏକ ଅଦ୍ଭୁତ ଦୃଶ୍ୟ ଦେଖିଥିଲେ।

୬୮। ସେ ହାଜତ ବାହାରେ ଛିଡ଼ା ହୋଇଥିଲେ ଓ ଶ୍ରୀସାଇ ତାଙ୍କ ପାଖରେ ଥିଲେ । ସେ ଶ୍ରୀସାଇଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତାହାପରେ ବାବା ପଚାରିଥିଲେ:

୬୯। "ଭଲ ଭାବରେ ଚିନ୍ତା କରି ମୋତେ ଉତ୍ତର ଦିଅ। ବର୍ତ୍ତମାନ ତୁମେ କରିଥିବା ଏହି ସାଷ୍ଟାଙ୍ଗ ପ୍ରଣିପାତ ଓ ଏହା ପୂର୍ବରୁ କରିଆସିଥିବା ପ୍ରଣିପାତ ମଧ୍ୟରେ କୌଣସି ପ୍ରଭେଦ ରହିଛି କି?"

୭୦। ସେହି ବ୍ୟକ୍ତି ଉତ୍ତର ଦେଇଥିଲେ, "ପୃଥିବୀ ଓ ଆକାଶ ମଧ୍ୟରେ ଥିବା ତଫାତ୍ ଭଳି ପ୍ରଭେଦ ରହିଛି। ମୁଁ ପୂର୍ବରୁ ଅର୍ଥ ଲାଭ ଉଦ୍ଦେଶ୍ୟରେ ପ୍ରଣିପାତ କରୁଥିଲି, କିନ୍ତୁ ଏବେ ଆପଣଙ୍କୁ ପ୍ରଭୁ ଜ୍ଞାନ କରି ପ୍ରଣିପାତ କଲି।

୭୧। "ପୂର୍ବରୁ ଆପଣଙ୍କ ଉପରେ ମୋର ବିଶ୍ୱାସ ନ ଥିଲା। ଖାଲି ସେତିକି ନୁହେଁ, ଆପଣ ଜଣେ ମୁସଲମାନ ହୋଇଥିବାରୁ ହିନ୍ଦୁମାନଙ୍କୁ କଳୁଷିତ କରୁଛନ୍ତି ବୋଲି ମୁଁ ବିଶ୍ୱାସ କରୁଥିଲି। ସେଇଥିପାଇଁ ମୋ ମନରେ ଆପଣଙ୍କ ଉପରେ କ୍ରୋଧ ରହିଥିଲା।"

୭୨। ତାହା ପରେ ବାବା ପଚାରିଥିଲେ, "ତୁମେ ମୁସଲମାନଙ୍କ ଦ୍ୱାରା ପୂଜିତ ପୀରଙ୍କୁ ବିଶ୍ୱାସ କର କି?" ସେହି ବ୍ୟକ୍ତି 'ନାହିଁ' କହିଥିଲେ ।

୭୩। ବାବା ପୁଣି ପଚାରିଥିଲେ, "ତୁମ ଘରେ ଗୋଟିଏ ପଞ୍ଝା[୬] ନାହିଁକି? ତୁମେ ମହରମ ସମୟରେ ତାବୁତ[୭] ପୂଜା କରନାହିଁକି? ଚିନ୍ତା କରି କୁହ।

୭୪। "ତୁମେ ମଧ୍ୟ ଘରେ କାଡ଼ ବିବିଙ୍କୁ ରଖିଛ । ବିବାହ ଅନୁଷ୍ଠାନ ସମୟରେ ତାଙ୍କୁ ପୂଜା କରି ସନ୍ତୁଷ୍ଟ କରିଥାଅ। ସେ'ତ ଜଣେ ମୁସଲମାନ ଦେବୀ!"

୭୫। ଭଦ୍ରବ୍ୟକ୍ତି ଏହା ସ୍ୱୀକାର କରିଥିଲେ। ତା'ପରେ ସେ କ'ଣ ଚାହାନ୍ତି ବୋଲି ପଚରାଯାଇଥିଲା। ସେ ତାଙ୍କର ନିଜ ଗୁରୁ ରାମଦାସଙ୍କର ଦର୍ଶନ ପାଇବା ନିମନ୍ତେ ଇଚ୍ଛା କରିଥିଲେ।

୭୬। ତତ୍ପରେ ମହାରାଜ ତାଙ୍କୁ ବୁଲିପଡ଼ି ଦେଖିବା ନିମନ୍ତେ କହିଥିଲେ। ସେ ସେଇଭଳି କରିବା ପରେ ସମର୍ଥ ରାମ ଦାସ ତାଙ୍କ ଆଗରେ ଛିଡ଼ା ହୋଇଥିବାର ଦେଖିଥିଲେ।

୭୭। କିନ୍ତୁ ସେ ତାଙ୍କ ପାଦତଳେ ପ୍ରଣାମ କରିବା ପାଇଁ ନଇଁ ପଡ଼ିବା ମାତ୍ରକେ ସମର୍ଥ ରାମଦାସ ଅନ୍ତର୍ହିତ ହୋଇଯାଇଥିଲେ। ତା'ପରେ ସେ କୌତୁହଳୀ ହୋଇ ଚାହିଁ ରହିଥିବା ସମୟରେ ଏକ ଅଜବ ଚିନ୍ତା ତାଙ୍କ ମନରେ ଆସିଥିଲା। ସେ ପଚାରିଥିଲେ-

୭୮। "ବାବା, ଆପଣଙ୍କର ବୟସ ବହୁତ ଅଧିକ ହୋଇଗଲାଣି ଓ ଆପଣ ବୁଢ଼ାଙ୍କ ଭଳି ଦେଖାଯାଉଛନ୍ତି। ଆପଣଙ୍କ ଆୟୁଷ କେତେ ବୋଲି କହି ପାରିବେ କି?"

୭୯। "ମୋତେ ବୁଢ଼ା ବୋଲି କିପରି କହୁଛ? ତୁମେ ମୋ ସହିତ ଦୌଡ଼ି ପାରିବ?" ଶ୍ରୀସାଇ ଏହିକଥା କହି ଦୌଡ଼ିବାକୁ ଆରମ୍ଭ କରିଥିଲେ ଓ ତାଙ୍କ ପଛରେ ସେହି ବ୍ୟକ୍ତି ଦୌଡ଼ିଥିଲେ।

୮୦। ମହାରାଜ ପୂରା ଦମ୍‌ରେ ଦୌଡ଼ିବାରୁ ଧୂଳିପଟଳ ସୃଷ୍ଟି ହୋଇଥିଲା ଓ ତାହାରି ମଧ୍ୟରେ ସେ ସେହି ମୁହୂର୍ତ୍ତରେ ଅଦୃଶ୍ୟ ହୋଇ ଯାଇଥିଲେ। ସେହି ବ୍ୟକ୍ତି ନିଦ୍ରାରୁ ଉଠି ପଡ଼ିଥିଲେ।

୮୧। ସେ ଯାହାହେଉ, ନିଦ୍ରାଭାଙ୍ଗିଯିବା ପରେ ସେ ସ୍ୱପ୍ନ ସମ୍ବନ୍ଧରେ ଚିନ୍ତା କରିଥିଲେ ଓ ତାଙ୍କ ନିଜର ସମସ୍ତ ଚିନ୍ତାଭାବନା ବଦଳି ଯାଇଥିବାର ଦେଖିଥିଲେ। ସେ ବାବାଙ୍କ ମହିମାର ପ୍ରଶଂସା କରିଥିଲେ।

୮୨। ଏଭଳି ଅଦ୍ଭୁତ ବ୍ୟାପାର ଦେଖି ଶ୍ରୀସାଇଙ୍କ ପାଦତଳେ ତାଙ୍କର ଭକ୍ତି ଦୃଢ଼ୀଭୂତ ହୋଇଥିଲା। ତାଙ୍କର ପୂର୍ବର ମତିଗତି ବଦଳି ଯାଇଥିଲା ଓ ବାବାଙ୍କ ସମ୍ପର୍କରେ ଥିବା ସମସ୍ତ ସନ୍ଦେହ ତାଙ୍କର ଦୂର ହୋଇ ଯାଇଥିଲା।

୮୩। ଯଦିଓ ଏ ସମଗ୍ର ବ୍ୟାପାର ଥିଲା ଗୋଟିଏ ସ୍ୱପ୍ନ, ତଥାପି ଶ୍ରୋତାମାନେ ସେଇ ପ୍ରଶ୍ନୋତ୍ତର ଶୁଣିବା ପରେ ଏଥିରେ ନିହିତ ନିଗୂଢ଼ ତତ୍ତ୍ୱକୁ ନିଶ୍ଚୟ ହୃଦୟଙ୍ଗମ କରିଥିବେ।

୮୪। ଏଭଳି ପ୍ରଶ୍ନୋତ୍ତର ମାଧ୍ୟମରେ ସେହି ମାନ୍ଦ୍ରାଜୀ ଭଦ୍ରବ୍ୟକ୍ତି ମହାଶିକ୍ଷା ଲାଭ କରିଥିଲେ। ଶ୍ରୀସାଇଙ୍କ ପ୍ରତି ଥିବା ତାଙ୍କର ବିଦ୍ୱେଷ ଭାବ ଏମିତି ହସ ଓ ଥଟାକୌତୁକ ମଧ୍ୟରେ ଉଭେଇ ଯାଇଥିଲା।

୮୫। ତା'ପରଦିନ ସକାଳେ ଯେତେବେଳେ ସେହି ଦଳଟି ମସ୍‌ଜିଦ୍‌କୁ ଦର୍ଶନ ନିମିତ୍ତ ଆସିଥିଲେ, ସେତେବେଳେ ଶ୍ରୀ ସାଇନାଥ ସେମାନଙ୍କୁ ଦୁଇଟଙ୍କିଆ ବର୍ଫି ଦେଇଥିଲେ ଓ ତାଙ୍କର ଅନୁକମ୍ପା ପ୍ରଦର୍ଶନ କରିଥିଲେ।

୮୬। ବାବା ନିଜ ପକେଟରୁ ଦୁଇଟଙ୍କା କାଢ଼ି ସେମାନଙ୍କୁ ଦେଇଥିଲେ ଓ ଆହୁରି ଅଧିକ ଦିନ ରଖାଇଥିଲେ। ସେମାନେ ସେମାନଙ୍କର ଭଜନ ଗାନ ଓ ପୂଜା ଆରାଧନା ଅବ୍ୟାହତ ରଖିଥିଲେ।

୮୭। କେତେଦିନ ଗତ ହେବାପରେ ଏହି ଦଳ ଶିରିଡ଼ି ଛାଡ଼ିବା ପାଇଁ ସ୍ଥିର କରିଥିଲା। ସେମାନେ ଯଦିଓ ବହୁତ ଟଙ୍କା ପାଇନଥିଲେ, ତଥାପି ପ୍ରଚୁର ଆଶୀର୍ବାଦ ଲାଭ କରିଥିଲେ।

୮୮। "ଆଲ୍ଲା ମାଲିକ ତୁମକୁ ଯଥେଷ୍ଟ ଦେବେ ! ଆଲ୍ଲା ତୁମର ଭଲମନ୍ଦ ବୁଝିବେ !"ସେମାନେ ସେମାନଙ୍କର ଯାତ୍ରା ଆରମ୍ଭ କରିବା ପରେ ଏହା ଅତ୍ୟନ୍ତ ଉପାଦେୟ ବୋଲି ପ୍ରମାଣିତ ହୋଇଥିଲା।

୮୯। ଶ୍ରୀସାଇଙ୍କ ଆଶୀର୍ବାଦ ନେଇ ବାହାରିଥିବାରୁ ଓ ସେମାନଙ୍କର ଯାତ୍ରାକାଳରେ ଦିବାରାତ୍ରି ସେମାନଙ୍କର ମନପ୍ରାଣରେ ଶ୍ରୀସାଇଙ୍କ ନାମ ସ୍ମରଣ କରୁଥିବାରୁ ସେମାନଙ୍କର କୌଣସି ପ୍ରକାର ଅସୁବିଧା ହୋଇନଥିଲା, ଏପରିକି ସ୍ୱପ୍ନରେ ମଧ୍ୟ ହୋଇନଥିଲା।

୯୦। ସେମାନେ ଅନେକ ତୀର୍ଥସ୍ଥାନ ଶ୍ରୀସାଇଙ୍କ ଆଶୀର୍ବାଦରୁ ମନଇଚ୍ଛା ବୁଲିଥିଲେ। ରାସ୍ତାରେ ସେମାନଙ୍କର କୌଣସି ସମସ୍ୟା ଦେଖାଦେଇନଥିଲା ଓ ସେମାନେ ଆନନ୍ଦ ମନରେ ତଥା ଆରାମରେ ଗୃହକୁ ଫେରିଥିଲେ।

୯୧। ସେମାନେ ଯେଉଁ ଯେଉଁ ତୀର୍ଥସ୍ଥାନ ଯିବାକୁ ଇଚ୍ଛା କରିଥିଲେ, ସେହି ତୀର୍ଥସ୍ଥାନଗୁଡ଼ିକ ବ୍ୟତୀତ, ଆହୁରି ଅଧିକ ତୀର୍ଥସ୍ଥାନକୁ ଯାଇପାରିଥିଲେ। ସେମାନେ ଶ୍ରୀସାଇଙ୍କ ବାଣୀର ଚମତ୍କାରିତାକୁ ଅନୁଭବ କରିଥିଲେ ଓ ବହୁତ ଆନନ୍ଦିତ ହୋଇଥିଲେ।

୯୨। ସନ୍ଥଙ୍କର ଆଶୀର୍ବାଦ ବ୍ୟତୀତ ତାଙ୍କର ବାଣୀ "ଆଲ୍ଲା ତୁମର ଭଲମନ୍ଦ ବୁଝିବେ" ପ୍ରତ୍ୟେକ ଦୃଷ୍ଟିକୋଣରୁ ସତ୍ୟ ବୋଲି ପ୍ରମାଣିତ ହୋଇଥିଲା। ସେମାନଙ୍କର ମନସ୍କାମନା ପୂରଣ ହୋଇଥିଲା।

୯୩। ଏହି ମାନ୍ଦ୍ରାଜୀ ଭଜନ ଦଳର ସମସ୍ତେ ତୀର୍ଥଯାତ୍ରା କରିବା ନିମନ୍ତେ ଇଚ୍ଛା କରିଥିଲେ ଓ ଭଗବାନଙ୍କୁ ବିଶ୍ୱାସ କରୁଥିଲେ। ଏଣୁ ସେମାନେ ସମସ୍ତେ ସାଧୁ ଓ ସଦ୍‌ଗୁଣସଂପନ୍ନ ହୋଇଥିଲେ। ଶ୍ରୀସାଇ ସେମାନଙ୍କୁ ଜନ୍ମ ଓ ମୃତ୍ୟୁ ଚକ୍ର ମଧ୍ୟରୁ ଉଦ୍ଧାର କରିଥିଲେ।

୯୪। ମୁଁ ଆଉ ଗୋଟିଏ କାହାଣୀ କହିବି ଯାହା ଏହାଭଳି ସୁମଧୁର ଓ ଚିତ୍ତାକର୍ଷକ। ଶ୍ରୋତାମାନେ ଏହାକୁ ଯଦି ଭକ୍ତି ଓ ସଂଭ୍ରମତାର ସହିତ ଶୁଣିବେ, ସେମାନେ ମଧ୍ୟ ଆଶ୍ଚର୍ଯ୍ୟ ହେବେ।

୯୫। ଶ୍ରୀସାଇ କିଭଳି ଅସୀମ ଦୟାଳୁ ଥିଲେ ଓ ସେ କିପରି ଭକ୍ତମାନଙ୍କର ମନସ୍କାମନା ଶ୍ରଦ୍ଧାର ସହିତ ଅହରହ ଉଦ୍ୟମ କରି ପୂରଣ କରୁଥିଲେ, ତାହା ଜାଣିପାରିବେ । ସେ ଭକ୍ତମାନଙ୍କ ନିମନ୍ତେ ଇଚ୍ଛାପୂରଣକାରୀ କଳ୍ପବଟ ସଦୃଶ ଥିଲେ।

୯୬। ରଘୁନାଥରାଓ ତେଣ୍ଡୁଲକର ନାମରେ ବାବାଙ୍କର ଜଣେ ଦୃଢ଼ମନାଭକ୍ତ ଠାଣା ଜିଲ୍ଲାର ବାନ୍ଦ୍ରାଠାରେ ରହୁଥିଲେ। ସେ ଜଣେ ବିଚକ୍ଷଣ, ସାହସୀ ଓ ଅତି ଜ୍ଞାନୀ ବ୍ୟକ୍ତି ଥିଲେ।

୯୭। ସେ ସଦାପ୍ରଫୁଲ୍ଲିତ ଓ ସ୍ନେହୀ ବ୍ୟକ୍ତି ଥିଲେ। ସେ ଜ୍ଞାନାମୃତ ଲାଭ କରିବା ଆଶାରେ ଶ୍ରୀସାଇଙ୍କର ପାଦପଦ୍ମ ସହିତ ଜଡ଼ିତ ଥିଲେ। ସେ ସବୁବେଳେ ପ୍ରଭୁଙ୍କର ନାମ ଜପ କରୁଥିଲେ।

୯୮। ସେ ଶ୍ରୀସାଇନାଥ 'ଭଜନମାଳା' ନାମକ ମରାଠୀଭାଷାରେ ଲିଖିତ ପୁସ୍ତକରେ ସାଇଲୀଳା ସଂପର୍କରେ ବର୍ଣ୍ଣନା କରିଛନ୍ତି। ସେହି ପୁସ୍ତକକୁ ଭକ୍ତି ଓ ଶ୍ରଦ୍ଧା ସହକାରେ ପାଠ କଲେ, ପାଠକ ପ୍ରତି ପଦକ୍ଷେପରେ ଶ୍ରୀସାଇଙ୍କର ଆଶୀର୍ବାଦ ଲାଭ କରିଥାଏ।

୯୯। ତାଙ୍କ ପତ୍ନୀଙ୍କର ନାମ ସାବିତ୍ରୀ ଓ ବଡ଼ ପୁଅର ନାମ ବାବୁ। ଦେଖନ୍ତୁ କିପରି ତାଙ୍କର ଅପୂର୍ବ ଅନୁଭୂତି ହୋଇଥିଲା। ଶ୍ରୀସାଇଙ୍କ ସମ୍ପର୍କରେ ସେହି କାହାଣୀ ଶୁଣନ୍ତୁ।

୧୦୦। ଥରେ ବାବୁ ଘାବରେଇ ଯାଇଥିଲେ। ସେ ଡାକ୍ତରୀ ପାଠ ପଢୁଥିଲେ । କିନ୍ତୁ ସେପର୍ଯ୍ୟନ୍ତ ପରୀକ୍ଷା ଦେଇନଥିଲେ।

୧୦୧। ସେ ରାତିଦିନ ବହୁତ ପରିଶ୍ରମ କରୁଥିଲେ। ସେ ପରୀକ୍ଷାରେ କୃତକାର୍ଯ୍ୟ ହେବେ କି ନାହିଁ, ସେ ସମ୍ପର୍କରେ

ଜଣେ ଜ୍ୟୋତିଷଙ୍କୁ ପଚାରିଥିଲେ।

୧୦୨। ସେହି ଜ୍ୟୋତିଷ ପଞ୍ଜାଙ୍ଗ ର ପୃଷ୍ଠା ପରେ ପୃଷ୍ଠା ଓଲଟାଇ, ଗ୍ରହମାନଙ୍କର ଅବସ୍ଥାନକୁ ଅନୁଧ୍ୟାନ କରି ଏବଂ ରାଶି ଓ ନକ୍ଷତ୍ରଙ୍କର ଘର କାଟି ଆଙ୍ଗୁଠିରେ ଗଣନା କରିବା ପରେ ଉଦ୍‌ବିଗ୍ନ ହେଲା ଭଳି ଦେଖାଯାଇଥିଲେ।

୧୦୩। ସେ କହିଥିଲେ, "ତୁମେ ବହୁତ ପରିଶ୍ରମ କରିଛ, କିନ୍ତୁ ଏହିବର୍ଷ ତୁମର ନକ୍ଷତ୍ରମାନଙ୍କର ସ୍ଥିତି ଅନୁକୂଳ ନୁହେଁ। ଆସନ୍ତା ବର୍ଷ ଶୁଭଯୋଗ ରହିବ। ଆସନ୍ତା ବର୍ଷ ନିଶ୍ଚିନ୍ତ ହୋଇ ତୁମେ ପରୀକ୍ଷାରେ ପାଶ୍ କରିଯିବ।"

୧୦୪। ଯଦି ପରିଶ୍ରମ ବିଫଳ ହେବ, ତେବେ ପରୀକ୍ଷାରେ ବସି କ'ଣ ଲାଭ ହେବ! ଏକଥା ଭାବି ଛାତ୍ରଜଣକ ଆଶଙ୍କିତ ଓ ଅସ୍ଥିରଚିତ୍ତ ଅବସ୍ଥାରେ ଥିଲେ।

୧୦୫। କେତେଦିନ ପରେ ଛାତ୍ରର ମାତା ସାବିତ୍ରୀ ଶିରିଡ଼ି ଯାଇଥିଲେ। ସେ ଶ୍ରୀସାଇଙ୍କ ପଦତଳେ ପ୍ରଣାମ କରିଥିଲେ । ଭଲମନ୍ଦ ସମ୍ବନ୍ଧରେ ସାଧାରଣ ଭାବରେ କଥାବାର୍ତ୍ତା ହୋଇଥିଲା।

୧୦୬। କଥା ପ୍ରସଙ୍ଗରେ ପୁଅ ବିଷୟ ଉଠିଥିଲା ଓ ସେ ବାବାଙ୍କୁ ବିନୀତ ଭାବରେ ଜଣାଇଥିଲେ ଯେ ଗ୍ରହନକ୍ଷତ୍ରଙ୍କ ସ୍ଥିତି ଅନୁକୂଳ ଥିଲେ ତାଙ୍କ ପୁଅ ଏବର୍ଷ ପରୀକ୍ଷାରେ ବସିଥାନ୍ତା।

୧୦୭। ଜ୍ୟୋତିଷ ଜାତକ ଦେଖି କହିଛନ୍ତି ଯେ ଏବେ ସମୟ ଅନୁକୂଳ ନୁହେଁ। ଭଲଭାବରେ ପଢ଼ାପଢ଼ି କରିଥିଲେ ମଧ୍ୟ ପୁଅ ଏବର୍ଷ ପରୀକ୍ଷା ନଦେବା ପାଇଁ ସ୍ଥିର କରିଛି।

୧୦୮। "ବାବା! ଗ୍ରହମାନେ କାହିଁକି ତା'ର ଭାଗ୍ୟ ଉପରେ ଏପରି ପ୍ରଭାବ ପକାଉଛନ୍ତି ? ଏବର୍ଷ ଏଭଳି ହତାଶ ଅବସ୍ଥା କାହିଁକି ? ସେ ପରୀକ୍ଷାରେ ଭଲ କରୁ ବୋଲି ସମସ୍ତେ ଉତ୍ସୁକ ରହିଛନ୍ତି।"

୧୦୯। ତାଙ୍କଠାରୁ ଏକଥା ଶୁଣିବା ପରେ ବାବା କହିଥିଲେ, "ମୋ କଥା ଶୁଣିବା ପାଇଁ ତାକୁ କହିଦିଅ। ଜାତକକୁ ଗୁଡ଼େଇ ରଖିଦେଉ ଓ କୌଣସି ଚିନ୍ତା ନକରି ପରୀକ୍ଷାରେ ବସୁ।

୧୧୦। "ଅନ୍ୟ କାହାରି ଉପଦେଶ ଗ୍ରହଣ ନକରୁ । ଜାତକ ଆଡ଼କୁ ନ ଅନାଇ ଓ ଜ୍ୟୋତିଷଙ୍କ ଗଣନା ଉପରେ ବିଶ୍ୱାସ ନରଖି ଏକାଗ୍ରଚିତ୍ତରେ ପାଠପଢୁ।

୧୧୧। "ତୁମ ପୁଅକୁ କହିଦିଅ ଯେ ସେ ନିଶ୍ଚୟ କୃତକାର୍ଯ୍ୟ ହେବ। ସେ କୌଣସି ଚିନ୍ତାନକରି ପରୀକ୍ଷାରେ ବସୁ। ଆଶା ଛାଡ଼ିନଦେଇ ମୋ ଉପରେ ପୂର୍ଣ୍ଣ ଆସ୍ଥାରଖୁ।"

୧୧୨। ବାବାଙ୍କର ଅନୁମତି ନେଇ ମା' ଗୃହକୁ ଫେରିଥିଲେ। ସେ ଉତ୍ସୁକତାର ସହିତ ପୁଅକୁ ବାବାଙ୍କର ବାର୍ତ୍ତା ଜଣାଇଦେଇଥିଲେ ଓ ସେ ଯେ ନିଶ୍ଚୟ କୃତକାର୍ଯ୍ୟ ହେବ ବୋଲି ଆଶ୍ୱାସନା ଦେଇଥିଲେ।

୧୧୩। ଶ୍ରୀସାଇଙ୍କ ଉତ୍ସାହପ୍ରଦ ବାଣୀ ଏଭଳି ପ୍ରେରଣା ଦେଇଥିଲା ଯେ ପୁଅ ପରୀକ୍ଷାରେ ବସିଥିଲା ଓ ସମସ୍ତ ପ୍ରଶ୍ନର ଉତ୍ତର ଦୃଢ଼ ପ୍ରତ୍ୟୟ ସହକାରେ ଦେଇଥିଲା।

୧୧୪। ଲିଖିତ ପରୀକ୍ଷା ଶେଷ ହୋଇଥିଲା। ସେ ସମସ୍ତ ପ୍ରଶ୍ନର ଉତ୍ତର ସମ୍ପୂର୍ଣ୍ଣଭାବରେ ଦେଇଥିଲା। ତଥାପି ଆତ୍ମବିଶ୍ୱାସ ନଥିବାରୁ ସେ ବିଚଳିତ ହୋଇପଡ଼ିଥିଲା। ସନ୍ଦେହ ତାହାର ମନକୁ ଭାଙ୍ଗି ପକାଇଥିଲା।

୧୧୫। ସେ ଯେତିକି ଉତ୍ତର ଦେଇଥିଲା, ପାସ୍ କରିଯିବା ନିମନ୍ତେ ତାହା ଯଥେଷ୍ଟ ହୋଇଥିଲେ ମଧ୍ୟ ଛାତ୍ରଜଣକ ମନରେ ସେତିକି ଯଥେଷ୍ଟ ନୁହେଁ ବୋଲି ଧାରଣା ଜନ୍ମିବାରୁ ସେ ସାହସ ହରାଇ ବସିଥିଲା।

୧୧୬। ସେ ପ୍ରକୃତରେ ଲିଖିତ ପରୀକ୍ଷାରେ ପାଶ୍ କରିଯାଇଥିଲା। ତଥାପି ସେ ଭାବିଥିଲା ଯେ ସେ ଫେଲ୍ ହୋଇଯାଇଛି। ତେଣୁ ସେ ଧୈର୍ଯ୍ୟ ହରାଇ ଦେଇଥିଲା ଓ ମୌଖିକ ପରୀକ୍ଷାକୁ ଯିବା ନିମନ୍ତେ ଚାହୁଁ ନଥିଲା।

୧୧୭। ମୌଖିକ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ପ୍ରଥମ ଦିନ ଚାଲିଯାଇଥିଲା। ତା'ପରଦିନ ତାହାର ଜଣେ ବନ୍ଧୁ ଆସିଥିଲେ ଓ ଛାତ୍ରଜଣକ ଦ୍ୱିପହର ଭୋଜନ କରୁଥିବାର ଦେଖିଥିଲେ।

୧୧୮। ସେ କହିଥିଲେ, "କି ଅଦ୍ଭୁତ କଥା! ପରୀକ୍ଷକ ତୁମ ପାଇଁ ବ୍ୟତିବ୍ୟସ୍ତ। ତୁମେ ଗତକାଲି କାହିଁକି ଯାଇନଥିଲ ବୋଲି ଜାଣି ଆସିବା ନିମନ୍ତେ ସେ ମୋତେ ପଠାଇଛନ୍ତି।"

୧୧୯। ତେଣ୍ଡୁଲକର ଖୋଲାଖୋଲି ଭାବରେ ତାଙ୍କୁ କହିଥିଲେ, "ମୁଁ ଯେତେବେଳେ ଲିଖିତ ପରୀକ୍ଷାରେ ଫେଲ୍ ହୋଇଯାଇଛି, ମୌଖିକ ପରୀକ୍ଷା ଦେବାର କଷ୍ଟ କାହିଁକି କରିବି ? ତେଣୁ ହତାଶ ହୋଇ ମୁଁ ଘରେ ବସି ରହିଛି।"

୧୨୦। ବନ୍ଧୁ କହିଥିଲେ,"ଅପରପକ୍ଷରେ ପରୀକ୍ଷକ ତୁମକୁ

କୌଣସିମତେ ନେଇଯିବା ନିମନ୍ତେ ଓ ତୁମେ ଲିଖିତ ପରୀକ୍ଷାରେ ପାଶ୍ କରିଯାଇଛ ବୋଲି ଜଣାଇଦେବାକୁ ମୋତେ ପଠାଇଛନ୍ତି।"

୧୨୧। ସେତେବେଳେ ତାହାର ଆନନ୍ଦକୁ କିଏବା ବର୍ଣ୍ଣନା କରି ପାରିବ ! ସେ ଶ୍ରୀସାଇ ମହାରାଜଙ୍କୁ ଆବାହନ କରିଥିଲେ ଓ କ୍ଷଣେ ମାତ୍ର ସମୟ ନଷ୍ଟନକରି ଅତ୍ୟୁଲ୍ଲାସରେ ପରୀକ୍ଷକଙ୍କ ପାଖକୁ ଦୌଡ଼ିଥିଲେ।

୧୨୨। ଯାହାହେଉ, ସବୁ କାମ ଭଲରେ ଭଲରେ ହୋଇଯାଇଥିଲା। ପରୀକ୍ଷାରେ ପାଶ୍ କରିଯିବାର ଆକାଂକ୍ଷା ପୂରଣ ହୋଇଥିଲା। ଭକ୍ତର ମନୋବାଞ୍ଛା ପୂରଣ କରି ଶ୍ରୀସାଇ ତାଙ୍କ ପାଦରେ ଭକ୍ତର ଭକ୍ତିକୁ ଦୃଢ଼ୀଭୂତ କରାଇଥିଲେ।

୧୨୩। ପଥର ଚକିର ବେଣ୍ଟକୁ ଦୃଢ଼ଭାବରେ ପୁନଃସ୍ଥାପନ କରିବା ନିମନ୍ତେ ତାହାକୁ ବେଳେବେଳେ ବାହାର କରି ଦିଆଯାଇଥାଏ ଓ ପିଟି ମଜଭୁତ କରାଯାଇଥାଏ । ଗୁରୁପାଦରେ ବିଶ୍ୱାସ ସେହିଭଳି ହୋଇଥାଏ। ଶ୍ରୀସାଇ ପରୀକ୍ଷା କରିବାପରେ ବିଶ୍ୱାସକୁ ଦୃଢ଼ୀଭୂତ କରାଇଥାନ୍ତି।

୧୨୪। ମନ ସ୍ଥବିର ହେବାଭଳି ବଚନ ସେ କାହାରିକୁ କେବେ ମଧ୍ୟ କହିନଥିଲେ। ବାବାଙ୍କ ନିକଟରେ ଏହା ଏକ ସ୍ୱାଭାବିକ ଅନୁଭବ ଥିଲା। ସେ ଏହିଭଳି ଭାବରେ ବିଶ୍ୱାସକୁ ଦୃଢ଼ୀଭୂତ କରାଉଥିଲେ।

୧୨୫। ନିର୍ଦ୍ଦେଶିତ ପଥରେ ଜଣେ ଯାତ୍ରାରମ୍ଭ କରିବା ସମୟରେ ପ୍ରଥମ ଅବସ୍ଥାରେ ସବୁ ଠିକ୍ଠାକ୍ ଚାଲିଥାଏ। ପରେ କଣ୍ଟାବୁଦା ଏପରି ବିଛାଡ଼ି ହୋଇ ପଡ଼ିଥାଏ ଯେ ଜଣେ ସବୁଆଡ଼େ କେବଳ କଣ୍ଟାର ସମ୍ମୁଖୀନ ହୋଇଥାଏ ।

୧୨୬। ସେତେବେଳେ ତାହାର ବିଶ୍ୱାସ ଦୋହଲି ଯାଇଥାଏ ଓ ସନ୍ଦେହ ସହଜରେ ଜାତ ହୋଇଥାଏ। 'ଶ୍ରୀସାଇ ମୋତେ ଏଭଳି କଣ୍ଟକିତ ପଥରେ କାହିଁକି ଆଣିଲେ ?' ବୋଲି ଜଣେ ପଚାରିଥାଏ।

୧୨୭। ଜଣେ ଏଭଳି ଅନୁଭବ କଲେ, ଅଧିକ ପ୍ରଚେଷ୍ଟା କରି ନିଜର ବିଶ୍ୱାସ ଅତୁଟ ରଖିବାକୁ ଚାହିଁଥାଏ । ତୁମର ପରୀକ୍ଷା ନେବା ନିମିତ୍ତ ଏହିଭଳି ଅସୁବିଧା ସୃଷ୍ଟି କରାଯାଇଥାଏ ଓ ତାହାହେଲେ ଯାଇ ଦୃଢ଼ ବିଶ୍ୱାସ ତୁମର ଅଙ୍ଗୀଭୂତ ହୋଇଥାଏ।

୧୨୮। ଏହିଭଳି ଅସୁବିଧା ଭୋଗୁଥିବା ସମୟରେ ଶ୍ରୀସାଇଙ୍କର ନାମ ନିରନ୍ତର ଜପ କଲେ, ସମସ୍ତ ଅସୁବିଧା ଦୂର ହୋଇଯାଏ। ନାମର ଏହିଭଳି ଅସୀମ ଶକ୍ତି ରହିଛି।

୧୨୯। ନାନା ଅସୁବିଧା ଦେଖାଦେବାର ଉଦ୍ଦେଶ୍ୟ ମଧ୍ୟ ସେୟା ଓ ଏହା ଶ୍ରୀସାଇ ହିଁ ସୃଷ୍ଟି କରିଥାନ୍ତି। ଏହାହେଲେ ଜଣେ ଶ୍ରୀସାଇଙ୍କୁ ସ୍ମରଣ କରିବ ଓ ତାଙ୍କ ନାମ ଜପ କରିବ। ତାହା ଫଳରେ ସମସ୍ତ ଅସୁବିଧା ଦୂର ହୋଇଯିବ।

୧୩୦। ଯାହାହେଉ, ଏହି ଯୁବକର ପିତା ବାବାଙ୍କର ଜଣେ ପ୍ରିୟ ଭକ୍ତ ଥିଲେ। ସେ ଧୈର୍ଯ୍ୟଶୀଳ, ବଦାନ୍ୟ ଓ ସାଧୁ ପ୍ରକୃତିର ବ୍ୟକ୍ତି ଥିଲେ। ତାଙ୍କର ଶରୀର ଦୁର୍ବଳ ହୋଇଯାଇଥିଲା।

୧୩୧। ସେ ଜଣେ ବିଦେଶୀ ବ୍ୟବସାୟୀଙ୍କ ସଂସ୍ଥାରେ ବମ୍ବେଇଠାରେ ବିଶ୍ୱସ୍ତ ଓ ସାଧୁସଚ୍ଚୋଟ ଭାବରେ କାର୍ଯ୍ୟ କରୁଥିଲେ।

୧୩୨। ପରେ ବୟସ ବଢ଼ିଯିବା କାରଣରୁ ତାଙ୍କର ଦୃଷ୍ଟିଶକ୍ତି କ୍ଷୀଣ ହୋଇଆସିଥିଲା ଓ ଶରୀର ଦୁର୍ବଳ ହୋଇପଡ଼ିଥିଲା। ସେ ପୂର୍ଣ୍ଣ ବିଶ୍ରାମ ଚାହୁଁଥିଲେ।

୧୩୩। କାର୍ଯ୍ୟ କରିବାର କ୍ଷମତା ନ ଥିବାରୁ ରଘୁନାଥ ରାଓ ଛୁଟି ନେଇଥିଲେ ଓ ସ୍ୱାସ୍ଥ୍ୟର ଉନ୍ନତି ନିମନ୍ତେ ସମ୍ପୂର୍ଣ୍ଣ ବିଶ୍ରାମ କରୁଥିଲେ।

୧୩୪। ଛୁଟି ଶେଷ ହେବା ପୂର୍ବରୁ ସେ ସମ୍ପୂର୍ଣ୍ଣ ବିଶ୍ରାମ ନେଇ ନ ଥିବାର କାରଣ ଦର୍ଶାଇ ପୁନର୍ବାର ଛୁଟି ବର୍ଦ୍ଧିତ କରିବା ନିମନ୍ତେ ଦରଖାସ୍ତ ଦେଇଥିଲେ।

୧୩୫। ତାଙ୍କର ଉପରିସ୍ଥ ଅଧିକାରୀ ଦରଖାସ୍ତ ଉପରେ ଛୁଟି ବଢ଼ାଇବା ନିମନ୍ତେ ସୁପାରିଶ କରିଥିଲେ ମାତ୍ର ବିନା ଦରମାରେ। ତେବେ ସଂସ୍ଥାର ମୁଖ୍ୟ ଅତି ବିଚାରବନ୍ତ ଓ ଦୟାଶୀଳ ଥିଲେ।

୧୩୬। ସେହି ସଂସ୍ଥାର ମୁଖ୍ୟ ଉଦାରମନା ମଧ୍ୟ ଥିଲେ। ଏହି କର୍ମଚାରୀଙ୍କର ବିଶ୍ୱସ୍ତ ସେବାକୁ ବିଚାରକୁ ନେଇ ସେ ତାଙ୍କର ଘର ଚଳିବା ନିମନ୍ତେ ତାଙ୍କୁ ଅଧା ଦରମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

୧୩୭। ସରକାରଙ୍କର ଏହି ନୀତିକୁ ସାଧାରଣତଃ ବଡ଼ ବଡ଼ ବ୍ୟବସାୟ ସଂସ୍ଥା ପରିସ୍ଥିତିକୁ ଦେଖି ଓ କର୍ମଚାରୀଙ୍କର

ବିଶ୍ୱସ୍ତତାକୁ ବିଚାରକୁ ନେଇ ସେମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଅନୁସରଣ କରୁଥିଲେ।

୧୩୮। ତେଣ୍ଡୁଲକର ମନେ ମନେ ଭାବୁଥିଲେ: 'ମୋ ନିଯୁକ୍ତିଦାତା ମୁଁ ଆଦୌ କାମ କରି ନ ପାରିଲେ ଏହି ଦରମା ମୋତେ ଆଉ ଦେବେକି ?'

୧୩୯। 'ମୋର ପୂରା ଦରମା ହେଉଛି ଦେଢ଼ ଶହ ଟଙ୍କା। ମୁଁ ପେନ୍‌ସନ୍ ହିସାବରେ ପଞ୍ଚସ୍ତରୀ ଟଙ୍କା ଲେଖାଏଁ ପାଇବି। ଏତିକିରେ ମୋର ପରିବାର କିପରି ଚଳିବ' ବୋଲି ତେଣ୍ଡୁଲକର ବହୁତ ଚିନ୍ତା କରୁଥିଲେ।

୧୪୦। କିଛି ଦିନ ପରେ ଏକ ଆନନ୍ଦଦାୟକ ଘଟଣା ଘଟିଥିଲା। ବାବାଙ୍କର ଅନନ୍ୟ ଚମତ୍କାରିତାକୁ ଦେଖନ୍ତୁ। ସେ ରଘୁନାଥରାଓଙ୍କ ପତ୍ନୀଙ୍କୁ ସେମାନଙ୍କର ଭଲମନ୍ଦ କଥା ପଚାରିଥିଲେ। ସେହି ବିସ୍ମୟକର କାହାଣୀ ଶୁଣନ୍ତୁ।

୧୪୧। ପେନ୍‌ସନ୍ ବାବଦରେ ଚୂଡ଼ାନ୍ତ ଆଦେଶ ଦିଆଯିବାର ପନ୍ଦରଦିନ ପୂର୍ବରୁ ବାବା ତାଙ୍କ ପତ୍ନୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ତାଙ୍କର ମତାମତ ପଚାରିଥିଲେ।

୧୪୨। "ମୁଁ ଭାବୁଛି, ତାଙ୍କୁ ଶହେ ଟଙ୍କା ଲେଖାଏଁ ଦିଆଯାଉ। ତୁମେ ସେଥିରେ ସନ୍ତୁଷ୍ଟ ତ ?" ବୋଲି ବାବା ପଚାରିଥିଲେ। ମହିଳା ଜଣକ ଉତ୍ତର ଦେଇଥିଲେ- "ମୋତେ କାହିଁକି ପଚାରୁଛନ୍ତି ? ଆପଣଙ୍କ ଉପରେ ଆମର ପୂର୍ଣ୍ଣ ବିଶ୍ୱାସ ରହିଛି।"

୧୪୩। ତେଣେ ରଘୁନାଥଙ୍କର ଦରଖାସ୍ତ ଉପରେ ବିଚାର କରାଯାଇଥିଲା। ସେ ଜଣେ ବିଶ୍ୱସ୍ତ କର୍ମଚାରୀ ହିସାବରେ ବହୁ ବର୍ଷ ଧରି ଉତ୍ତମ ଭାବରେ ସେବା କରିଥିବାରୁ ତାଙ୍କୁ ମୋଟା ଅଙ୍କର ପେନ୍‌ସନ୍ ଦେବାକୁ ସ୍ଥିର କରାଯାଇଥିଲା।

୧୪୪। ଯଦିଓ ବାବା ଶହେ ଟଙ୍କା କହିଥିଲେ, ଆହୁରି ଅଧିକ[୧୧] ଦଶ ଟଙ୍କା ମିଳିଥିଲା। ଶ୍ରୀସାଇ ସମର୍ଥ ଏହିଭଳି ଭକ୍ତମାନଙ୍କ ପ୍ରତି ଅସୀମ ସହାନୁଭୂତିଶୀଳ ଓ ସ୍ନେହଶୀଳ ଥିଲେ।

୧୪୫। ଏବେ ଆଉ ଗୋଟିଏ ଅଧିକ ଚିତ୍ତାକର୍ଷକ କାହାଣୀ ଶୁଣନ୍ତୁ। ଏହା ଶୁଣିଲେ ଭକ୍ତମାନଙ୍କ ମଧ୍ୟରେ ଶ୍ରଦ୍ଧା ଓ ଆନନ୍ଦ ଉଜ୍ଜୀବିତ ହେବ। ଶ୍ରୋତାମାନେ ମଧ୍ୟ ଏହାକୁ ଉପଭୋଗ କରିବେ।

୧୪୬। ଏହି ସୁନ୍ଦର କାହାଣୀଟି ଜଣେ ଡାକ୍ତର କ୍ୟାପଟେନ୍ ହାଟେଙ୍କ ସମ୍ପର୍କରେ। ସେ ବାବାଙ୍କର ପରମ ଭକ୍ତ ଥିଲେ। ଦିନେ ବଡ଼ିସକାଳେ ବାବା ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ।

୧୪୭। ଡାକ୍ତର ହାଟେ ଗ୍ୱାଲିୟରରେ ରହୁଥିବା ସମୟରେ ସେହି ସ୍ୱପ୍ନ ଦେଖିଥିଲେ। କିଭଳି କୌଶଳପୂର୍ଣ୍ଣ ରୀତିରେ ବାବା ପ୍ରଶ୍ନ ପଚାରିଥିଲେ ଓ ହାଟେ ତାହାର କ'ଣ ଉତ୍ତର ଦେଇଥିଲେ, ତାହାକୁ ଲକ୍ଷ୍ୟ କରନ୍ତୁ।

୧୪୮। ବାବା ପଚାରିଥିଲେ, "ତୁମେ ମୋତେ ଭୁଲି ଗଲଣି କି ?" ହାଟେ ସଙ୍ଗେ ସଙ୍ଗେ ବାବାଙ୍କର ଦୁଇ ପାଦକୁ ଧରି କହିଥିଲେ, "ପିଲା ତା'ର ମା'କୁ ଭୁଲିଗଲେ ସେ କିପରି ବଞ୍ଚିବ ?"

୧୪୯। ସେଇ ସ୍ୱପ୍ନ ଦେଖିବା ଅବସ୍ଥାରେ ହିଁ ସେ ଦେଖିଥିଲେ ସେ ଶୀଘ୍ର ଉଠି ପଡ଼ି ବଗିଚାକୁ ଯାଇ ସଜ ବଲପପଡ଼ୀ[୧୨] ତୋଳିଲେ, ଗୋଟିଏ ଥାଳିରେ ସୀଦ୍ଧା[୧୩] ଆଣିଲେ ଓ ଏହାକୁ ଦକ୍ଷିଣା ସହିତ ଅର୍ପଣ କରି ସେ ନିଜ ଭକ୍ତିର ପରାକାଷ୍ଠା ପ୍ରମାଣ କରିବାକୁ ପ୍ରସ୍ତୁତ ହେଲେ।

୧୫୦। ଏହି ଦ୍ରବ୍ୟଗୁଡ଼ିକୁ ଯୋଗାଡ଼ କରି ଅର୍ପଣ କରିବା ଦ୍ୱାରା ତାଙ୍କ ଭକ୍ତିର ପ୍ରମାଣ ଦେବାକୁ ସେ ପ୍ରସ୍ତୁତ ହୋଇଯିବା ପରେ ସେଗୁଡ଼ିକୁ ଚାଙ୍ଗୁଡ଼ିରେ ଧରି ଆଗକୁ ଚାଲିଲେ। ହଠାତ୍ ତାଙ୍କର ନିଦ ଭାଙ୍ଗିଗଲା ଓ ସେ ଏହା ଏକ ସ୍ୱପ୍ନ ଥିଲା ବୋଲି ବୁଝିପାରିଲେ।

୧୫୧। ତତ୍‌କ୍ଷଣାତ୍ ହାଟେ ଅନୁଭବ କରିଥିଲେ ଯେ ସେ ସ୍ୱପ୍ନରେ ଦେଖିଥିବା ପଦାର୍ଥଗୁଡ଼ିକୁ ଧରି ନିଜେ ଶିରିଡ଼ି ଯାଇ ବାବାଙ୍କୁ ବ୍ୟକ୍ତିଗତ ଭାବରେ ଅର୍ପଣ କରିବା ଉଚିତ ହେବ।

୧୫୨। କିନ୍ତୁ ସେ ଗ୍ୱାଲିୟରରେ ରହୁଥିବାରୁ, ସେ ତାଙ୍କର ଜଣେ ବନ୍ଧୁଙ୍କ[୧୪] ନିକଟକୁ ଚିଠି ଲେଖିଥିଲେ ଓ ସମସ୍ତ ବିଷୟ ଜଣାଇଥିଲେ। ଆଉ ତାଙ୍କୁ ନିଜେ ଶିରିଡ଼ି ଯିବାକୁ ପ୍ରବର୍ତ୍ତାଇ ଥିଲେ।

୧୫୩। "ମୁଁ ଡାକରେ ଟଙ୍କା ପଠାଇ ଦେଉଛି। 'ସୀଦ୍ଧା' ପାଇଁ ଭଲ ଦ୍ରବ୍ୟ କିଣିବ ଓ ଯେପରି ହେଉ, ତାଜା 'ବଲପପଡ଼ୀ' ସଂଗ୍ରହ କରିନେବ।

୧୫୪। "ବାକି ଟଙ୍କା ତୁମେ ସାଥିରେ ନେଇଯିବ ଓ ବାବାଙ୍କୁ ତାହା ଦକ୍ଷିଣା ସ୍ୱରୂପ 'ସୀଦ୍ଧା' ଓ ଅନ୍ୟାନ୍ୟ ପଦାର୍ଥ ସହିତ ଦେବ। ତାଙ୍କ ପାଦରେ ପ୍ରଣାମ କରିବ ଓ ପ୍ରସାଦ ମାଗି ଆଣି ମୋ ନିକଟକୁ ପଠାଇଦେବ।"

୧୫୫। ଟଙ୍କା ମିଳିଯିବା ପରେ ପରେ ବନ୍ଧୁ ଶିରିଡ଼ି ଯାଇଥିଲେ। ସେ ସମସ୍ତ ଦରକାରୀ ଜିନିଷ କିଣିଥିଲେ ମଧ୍ୟ 'ବଲପପଡ଼ୀ' ମିଳିବା କଷ୍ଟକର ହୋଇଥିଲା। ହଠାତ୍ ତାଙ୍କ ପାଖକୁ ଏକ ଟୋକେଇ ଧରି ଜଣେ ଆସିଥିଲା।

୧୫୬। ଜଣେ ମହିଳା ତାକୁ ମୁଣ୍ଡେଇ ଆଣିଥିଲେ। ସେ ତାଙ୍କୁ ଡାକିଥିଲେ ଓ ସେଥିରେ କେବଳ 'ବଲପପଡ଼ୀ' ଥିବାର ଦେଖି ଚକିତ ହୋଇଥିଲେ । ସମସ୍ତେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୧୫୭। ସେ ସମସ୍ତ ଦ୍ରବ୍ୟ କିଣି ସାରିବା ପରେ ଶ୍ରୀସାଇଙ୍କ ନିକଟକୁ ଯାଇ ଭକ୍ତି ସହକାରେ ସେଗୁଡ଼ିକୁ ଅର୍ପଣ କରିଥିଲେ। ସେ ନିମୋଣକରଙ୍କୁ ତା'ପରଦିନ ନୈବେଦ୍ୟ ପାଇଁ ରାନ୍ଧି ଆଣିବାକୁ ଦେଇଦେଇଥିଲେ।

୧୫୮। ତା'ପରଦିନ ବାବା ଯେତେବେଳେ ଖାଇ ବସିଥିଲେ, ସେ ଡାଲି, ଭାତ ପ୍ରଭୃତି କିଛି ଛୁଇଁ ନ ଥିଲେ ଅଥଚ କେବଳ 'ବଲପପଡ଼ୀ' ନେଇ ଖାଇଥିଲେ। ଏହା ଦେଖି ସମସ୍ତେ ବିସ୍ମିତ ହୋଇଯାଇଥିଲେ।

୧୫୯। ସେ କେବଳ 'ବଲପପଡ଼ୀ' ଗ୍ରହଣ କରିଥିଲେ ଓ କେବଳ ତାହାହିଁ ଖାଇଥିଲେ। ହାଟେ ଏହି ଖବର ଶୁଣିବା ମାତ୍ରେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ।

୧୬୦। 'ଭକ୍ତି ଅନୁଯାୟୀ ଅନୁଭୂତି ମିଳିଥାଏ' ବୋଲି ହାଟେ ମଧ୍ୟ ଅନୁଭବ କରିଥିଲେ । ପରବର୍ତ୍ତୀ କାହାଣୀର ଚମତ୍କାରିତାକୁ ଶୁଣନ୍ତୁ ଓ ଶ୍ରୀସାଇଙ୍କର ମଧୁମୟ ସୌଜନ୍ୟ ସମ୍ପର୍କରେ ଜାଣନ୍ତୁ।

୧୬୧। ଶ୍ରୀସାଇଙ୍କ ହସ୍ତର ସ୍ପର୍ଶ ପାଇଥିବା ଓ ପବିତ୍ର ହୋଇଥିବା ଗୋଟିଏ ଟଙ୍କିକିଆ ମୁଦ୍ରାକୁ ଘରେ ରଖିବା ପାଇଁ ହାଟେଙ୍କ ମନରେ ଇଚ୍ଛା ଉଦ୍ରେକ ହୋଇଥିଲା। ଶ୍ରୀସାଇ ସେଇ ଇଚ୍ଛା ପୂରଣ କରିଥିଲେ।

୧୬୨। ମନ ମଧ୍ୟରେ ବିଭିନ୍ନ ପ୍ରକାରର ଚିନ୍ତାଭାବନା ପୂରି ରହିଥାଏ। ଅଶୁଭ ଚିନ୍ତାକୁ ଦୂର କରିଦେଇ କେବଳ ଶୁଭଚିନ୍ତାକୁ ସାମ୍ନାରେ ରଖିବା ଉଚିତ। ତାହା କରିବା ପାଇଁ ଭକ୍ତମାନଙ୍କୁ ସାହାଯ୍ୟ କରିବା ଦିଗରେ ବାବାଙ୍କର କୌଶଳକୁ ଦେଖନ୍ତୁ।

୧୬୩। ହାଟେଙ୍କ ମନ ମଧ୍ୟରେ ଏଭଳି ଶୁଭ ଚିନ୍ତା ଉଦ୍ରେକ ହେବା ମାତ୍ରକେ ତାହା ଅବିଳମ୍ବେ ପୂରଣ ହୋଇଥିଲା। ତାଙ୍କର ଜଣେ ବନ୍ଧୁ ସାଇଦର୍ଶନ ପାଇଁ ଇଚ୍ଛୁକ ହୋଇ ଶିରିଡ଼ିଯାତ୍ରାରେ ବାହାରିଥିଲେ।

୧୬୪। ଯଦି ଉଦ୍ଦେଶ୍ୟ ମହତ୍ ହୋଇଥାଏ, ତେବେ ଶ୍ରୀସାଇ ତାହାକୁ ଚମତ୍କାର ଭାବରେ ପୂରଣ କରିଦିଅନ୍ତି । ଯେଉଁମାନଙ୍କର ମହତ୍ ଉଦ୍ଦେଶ୍ୟ ରହିଥାଏ, ସେମାନଙ୍କର ଭଲମନ୍ଦ ଦାୟିତ୍ୱ ଶ୍ରୀସାଇଙ୍କ ହସ୍ତରେ ନ୍ୟସ୍ତ ହୋଇଥାଏ।

୧୬୫। ହାଟେ ସେହି ବନ୍ଧୁଙ୍କୁ ଏକଟଙ୍କିଆ ମୁଦ୍ରା ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଦେଇଥିଲେ ଓ ଭୁଲି ନଯାଇ ବାବାଙ୍କ ହାତରେ ତାହା ରଖିଦେବାକୁ କହିଥିଲେ।

୧୬୬। ସେହି ବନ୍ଧୁ ଜଣକ ଶିରିଡ଼ିରେ ପହଞ୍ଚି ଶ୍ରୀସାଇଙ୍କର ଦର୍ଶନ ନିମିତ୍ତ ସଙ୍ଗେ ସଙ୍ଗେ ଯାଇଥିଲେ। ସେ ବାବାଙ୍କୁ ପ୍ରଣାମ କରିଥିଲେ ଓ ତାଙ୍କ ପାଦତଳେ ମୁଣ୍ଡ ରଖିଥିଲେ । ତତ୍ପରେ ସେ ବାବାଙ୍କ ଆଗରେ ବସିଥିଲେ।

୧୬୭। ବାବା ଦକ୍ଷିଣା ନିମିତ୍ତ ହାତ ପତାଇଥିଲେ ଓ ସେ ତେଣୁ ତାଙ୍କର ଦକ୍ଷିଣା ପ୍ରଥମେ ପ୍ରଦାନ କରିଥିଲେ। ବାବା ପାଇବା ମାତ୍ରେ ତାହାକୁ ନିଜ ପକେଟ୍‌ରେ ରଖି ଦେଇଥିଲେ। ଏହାପରେ ବନ୍ଧୁଜଣକ ହାଟେଙ୍କର ଟଙ୍କାଟିକୁ ବାହାର କରିଥିଲେ।

୧୬୮। ସେ ହାତଯୋଡ଼ି ଟଙ୍କାଟିକୁ ବାବାଙ୍କ ପାପୁଲି ଉପରେ ରଖିଦେଇ କହିଥିଲେ, "ଡାକ୍ତର ହାଟେ ଏହି ଦକ୍ଷିଣା ମୋ ହାତରେ ପଠାଇଛନ୍ତି।"

୧୬୯। ଏହି ଶ୍ରୀସାଇ ସମସ୍ତଙ୍କର ହୃଦୟ ମଧ୍ୟରେ ବିରାଜମାନ କରିଥାନ୍ତି। ହାଟେ ସେତେବେଳେ ଗ୍ୱାଲିୟରରେ ଥିଲେ ମଧ୍ୟ ତାଙ୍କ ହୃଦୟର ଇଚ୍ଛା ବାବା ଜାଣି ପାରିଥିଲେ। ସେହି ଟଙ୍କାଟିକୁ ବାବା ଧରି ବସିଥିଲେ ଓ ଭଲଭାବରେ ନିରୀକ୍ଷଣ କରିଥିଲେ।

୧୭୦। ଶ୍ରଦ୍ଧା ସହକାରେ ବାବା ଟଙ୍କାଟିକୁ ନିଜର ଚକ୍ଷୁ ସମ୍ମୁଖରେ ଧରିଥିଲେ। ସେ ତାହାକୁ ଗୋଟିଏ ଆଖିରେ ଚାହିଁ ରହିଥିଲେ। ଲୋକେ ତାଙ୍କ ଆଡ଼କୁ ଆଖିର ପଲକ ନ ପକାଇ ଅନାଇ ରହିଥିଲେ।

୧୭୧। ସେ ଟଙ୍କାଟିକୁ ଡାହାଣ ହାତର ବୁଢ଼ା ଆଙ୍ଗୁଳି ସାହାଯ୍ୟରେ ଉପରକୁ ପକାଇ ହାତରେ ଧରି ନେଉଥିଲେ। ଏହିଭଳି ଭାବରେ ସେ ଟଙ୍କାଟିକୁ ଧରି କିଛି ସମୟ ଖେଳିଥିଲେ। ତା'ପରେ ସେ ତାକୁ ଫେରାଇ ଦେଇଥିଲେ।

୧୭୨ । ଆଉ କହିଥିଲେ,"ଯାହାର ଟଙ୍କା ତାଙ୍କୁ ଫେରାଇ ଦେବ ।ତା'ସହିତ ଏହି ଉଦି ପ୍ରସାଦ ନିଅ । ମୁଁ ତାଙ୍କ ନିକଟରୁ କିଛି ଚାହୁଁ ନାହିଁ ବୋଲି କହିଦେବ । ସେ ଭଲରେ ଥାଉ ।"

୧୭୩ । ବାବାଙ୍କ ପାଦତଳେ ମୁଣ୍ଡିଆ ମାରି ଓ ଉଦି ପ୍ରସାଦକୁ ଯଥା ସ୍ଥାନରେ ରଖି, ସେହି ବନ୍ଧୁ ଜଣକ ବାବାଙ୍କର ଅନୁମତି ନେଇ ଗ୍ୱାଲିୟରରେ ତାଙ୍କ ଘରକୁ ଫେରିଥିଲେ ।

୧୭୪ । ଗ୍ୱାଲିୟରରେ ପହଞ୍ଚିବା ପରେ ସେ ଡାକ୍ତରଙ୍କୁ ଟଙ୍କାଟିକୁ ଦେବା ସମୟରେ ଯେଉଁ ଯେଉଁ ଘଟଣା ଘଟିଥିଲା, ତାହାର ବିଶଦ ବିବରଣୀ ଦେଇଥିଲେ । ଭାବବିହ୍ୱଳ ହୋଇ ହାଟେଙ୍କର କଣ୍ଠରୁଦ୍ଧ ହୋଇଯାଇଥିଲା ।

୧୭୫ । ସେ କହିଥିଲେ, "ଯେଉଁ ଉଦ୍ଦେଶ୍ୟ ମୁଁ ମନ ମଧ୍ୟରେ ପୋଷଣ କରିଥିଲି ଓ ଯେଉଁଭଳି ଇଚ୍ଛା କରିଥିଲି, ବାବା ତାହାକୁ ଜାଣିପାରି ମୋ ଇଚ୍ଛାକୁ ପୂରଣ କରିଦେଲେ ।"

୧୭୬ । ହାଟେ ଏହା ଅନୁଭବ କରିଥିଲେ ମଧ୍ୟ ଏହା ତାଙ୍କ ନିଜର ବ୍ୟାଖ୍ୟା ଥିଲା । ସନ୍ଥଙ୍କର ପରିକଳ୍ପନା ଓ ତାଙ୍କର ଉଦ୍ଦେଶ୍ୟକୁ କିଏ କେବେ ବୁଝି ପାରିବ କି ?

୧୭୭ । ଯଦି ଏହା (ହାଟେଙ୍କର ବିଶ୍ୱାସ) ସତ୍ୟ, ତେବେ ଅନ୍ୟ ଏକ ଘଟଣା ଦେଖନ୍ତୁ । ଏହା ପୂରାପୂରି ବିପରୀତ ଘଟଣା । ସନ୍ଥହିଁ ଏକା ଜାଣିଥାନ୍ତି ତାଙ୍କର ଉଦ୍ଦେଶ୍ୟ ।

୧୭୮ । ସେ ଜଣକର ଟଙ୍କା ଫେରାଇ ଦେଇଥିଲେ ଓ ଅନ୍ୟ ଜଣକର ଟଙ୍କାକୁ ପକେଟ୍‌ରେ ପକାଇ ଦେଇଥିଲେ । ବାବାଙ୍କ ମନ ମଧ୍ୟରେ କ'ଣ ଥିଲା, ତାହାର କାରଣ ନିଶ୍ଚିତ ଭାବରେ କ'ଣ ଥିଲା, କିଏ ଏହା ବୁଝାଇ ଦେଇପାରିବ ?

୧୭୯ । ସେ ଏକାହିଁ ନିଜର କାର୍ଯ୍ୟ-କାରଣ ଜାଣିଥାନ୍ତି । ଆମେ କେବଳ ଯାହା ଘଟିଯାଉଛି, ତାହାକୁ ଲକ୍ଷ୍ୟ କରିଥାଉ ଓ ସେହି ଅନୁପମ ସୁଯୋଗକୁ ହାତଛଡ଼ା କରିବାକୁ ଚାହିଁନଥାଉ । ସେହି ଉଦ୍ଦେଶ୍ୟରେ କାହାଣୀଟିଏ ଶୁଣନ୍ତୁ ।

୧୮୦ । ବାମନ ରାଓ ନାରୱେକରଙ୍କର ବାବାଙ୍କ ପ୍ରତି ଅସୀମ ଶ୍ରଦ୍ଧା ରହିଥିଲା । ସେ ଗୋଟିଏ ଅତି ସୁନ୍ଦର ମୁଦ୍ରା ବାବାଙ୍କୁ ଏକାନ୍ତ ଭକ୍ତି ସହକାରେ ଅର୍ପଣ କରିବାକୁ ଆଣିଥିଲେ ।

୧୮୧ । ମୁଦ୍ରାର ଗୋଟିଏ ପାର୍ଶ୍ୱରେ ରାମ, ଲକ୍ଷ୍ମଣ ଓ ସୀତାଙ୍କର ମୂର୍ତ୍ତି ଖୋଦିତ ହୋଇଥିଲା । ଅନ୍ୟ ପାର୍ଶ୍ୱରେ ହନୁମାନଙ୍କର ଯୋଡ଼ହସ୍ତ ମୂର୍ତ୍ତି ମନୋମୁଗ୍ଧକର ଭାବରେ ରହିଥିଲା ।

୧୮୨ । ଏହାକୁ ଅର୍ପଣ କରିବା ପଛରେ ବାମନରାଓଙ୍କର ଉଦ୍ଦେଶ୍ୟ ଥିଲା ଯେ ବାବା ଏହାକୁ ସ୍ପର୍ଶ କରିବା ପରେ ଉଦି ଓ ପ୍ରସାଦ ସହିତ ତାଙ୍କୁ ଏହା ଫେରାଇଦେବେ ।

୧୮୩ । ଅନ୍ୟମାନଙ୍କର ଅନ୍ତର୍ଭାବନାକୁ ବାବା ସର୍ବଦା ଭଲ ଭାବରେ ଜାଣି ପାରୁଥିଲେ । ତଥାପି ଯେତେବେଳେ ମୁଦ୍ରାଟି ତାଙ୍କ ହସ୍ତରେ ଦିଆଯାଇଥିଲା, ସେ ତାହାକୁ ସଙ୍ଗେ ସଙ୍ଗେ ତାଙ୍କ ପକେଟ୍ ମଧ୍ୟରେ ପୂରାଇ ଦେଇଥିଲେ ।

୧୮୪ । ମାଧବରାଓ ବାମନରାଓଙ୍କର ଇଚ୍ଛା ସମ୍ପର୍କରେ ବାବାଙ୍କୁ ବୁଝାଇ ଦେଇଥିଲେ ଓ ତାଙ୍କୁ ମୁଦ୍ରାଟିକୁ ଫେରାଇ ଦେବା ପାଇଁ ଅତ୍ୟନ୍ତ ଆନ୍ତରିକତା ସହକାରେ ବାବାଙ୍କୁ ପ୍ରାର୍ଥନା କରିଥିଲେ ।

୧୮୫ । "ତାଙ୍କୁ କାହିଁକି ଏହା ଫେରାଇ ଦିଆଯିବ ? ଆମେ ନିଜ ନିମନ୍ତେ ଏହାକୁ ରଖିବା" ବୋଲି ବାବା ରୋକ୍‌ଠୋକ୍ ବାମନରାଓଙ୍କ ଆଗରେ କହିଥିଲେ ।

୧୮୬ । "ଯଦି ସେ ଏହାର ମୂଲ୍ୟ ବାବଦରେ ପଚିଶି ଟଙ୍କା ଦେବାକୁ ପ୍ରସ୍ତୁତ ଅଛି, ତେବେ ମୁଁ ତାହା ବିନିମୟରେ ଏହାକୁ ଦେଇପାରେ" ବୋଲି ବାବା ତାଙ୍କୁ କହିଦେବା ପାଇଁ କହିଥିଲେ ।

୧୮୭ । ସେହି ମୁଦ୍ରାକୁ ଫେରସ୍ତ ପାଇବା ନିମନ୍ତେ ବାମନ ରାଓ ଆବଶ୍ୟକ ଟଙ୍କା ଏଠୁସେଠୁ ସଂଗ୍ରହ କରିଥିଲେ ଓ ଖୁବ୍ ଶୀଘ୍ର ବାବାଙ୍କୁ ନେଇ ଦେଇଥିଲେ ।

୧୮୮ । ପୂର୍ବ ଭଳି ସେହି ଟଙ୍କାକୁ ମଧ୍ୟ ବାବା ପକେଟ୍ ଭିତରେ ପକାଇ ଦେଇଥିଲେ ଓ କହିଥିଲେ, "ଗଦାଏ ଟଙ୍କା ମଧ୍ୟ ଏହି ମୁଦ୍ରାର ମୂଲ୍ୟ ସମାନ ହେବନାହିଁ ।"

୧୮୯ । ସେ ପୁନଶ୍ଚ କହିଥିଲେ, "ଶାମା ! ତୁମେ ଏହାକୁ ନିଅ । ଏହା ଆମ ସଂଗ୍ରହାଳୟରେ ରହୁ । ଏହାକୁ ଗାଦିରେ ରଖି ପୂଜା କର ।"

୧୯୦ । ଏଥର ସେ ଏଭଳି କାହିଁକି କରିଥିଲେ ? ତାଙ୍କୁ ପଚାରିବାର ଅଧିକାର କାହାର ରହିଛି ? କେଉଁଟି ଭଲ କିମ୍ବା କେଉଁଟି ମନ୍ଦ ଶ୍ରୀସାଇ ହିଁ ଜାଣନ୍ତି । ସେ ଶ୍ରେଷ୍ଠ ଦାତା ଓ ଗ୍ରହୀତା ମଧ୍ୟ ।

୧୯୧ । ଏତିକିରେ ଥାଉ । ବର୍ତ୍ତମାନ ଏହି କାହାଣୀ ଶେଷ ହେଲା । ଶ୍ରୋତାମାନଙ୍କର ଭାରାକ୍ରାନ୍ତ ମନକୁ ଟିକିଏ ବିଶ୍ରାମ ଦିଆଯାଉ । ତାହାହେଲେ ସେମାନେ ଯେଉଁ କାହାଣୀଗୁଡ଼ିକୁ

ଶୁଣିଲେ, ତାହା ଉପରେ ଚିନ୍ତା କରିବେ ଓ ନିରନ୍ତର ଅନୁଶୀଳନ କରିବେ।

୧୯୨। ଯାହା କିଛି କରାଯାଏ କିମ୍ବା ଶୁଣାଯାଏ, ସେ ସମ୍ବନ୍ଧରେ ଚିନ୍ତା ଓ ନିରନ୍ତର ଅନୁଧାନ ନ କଲେ, ତାହା ଆତ୍ମସ୍ଥ ହୋଇପାରେ ନାହିଁ। କେବଳ ଶ୍ରବଣ କରିବା ନିରର୍ଥକ ହୁଏ।

୧୯୩। ତେଣୁ ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି। ସେ ତାଙ୍କର ପଦଯୁଗଳକୁ ନିଜ ମସ୍ତକରେ ଧାରଣ କରୁଛି । କାରଣ, କିଛି ହାସଲ କରିବା ନିମନ୍ତେ ତାହା ହିଁ ସର୍ବଶ୍ରେଷ୍ଠ ଉପାୟ । ପରବର୍ତ୍ତୀ ବର୍ଣ୍ଣନା ପରେ କରାଯିବ।

ସର୍ବେ ଭବନ୍ତୁ ସୁଖିନଃ !ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ସ୍ୱପ୍ନ କାହାଣୀର ବର୍ଣ୍ଣନା" ଶୀର୍ଷକ ଊନତ୍ରିଂଶ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଭକ୍ତ କୋଣ୍ଡାଜୀଙ୍କ କନ୍ୟା।

୨- ପାନମସଲାର ଡବା।

୩- କୋଣ୍ଡାଜୀଙ୍କ ପତ୍ନୀ, ଅମନୀର ମାତା।

୪- ସୀତା ରାମ। ସେ କେବଳ ରାମ ରୂପରେ ବାବାଙ୍କୁ ଦେଖିଥିଲେ।

୫- ସମୁଦ୍ର ମନ୍ଥନରୁ ମିଳିଥିବା ଚଉଦଟି ଅମୂଲ୍ୟ ଦ୍ରବ୍ୟ ମଧ୍ୟରୁ ଏକ ଦ୍ରବ୍ୟ ।

୬- ଗୋଟିଏ ହାତ (ପଞ୍ଝା)। ଏହା ମୁସଲମାନଙ୍କର ପାଞ୍ଚଜଣ ମହାନ୍ ସନ୍ଥଙ୍କ ପ୍ରତୀକ।

୭- ତାବୁତ- ହାସାନ ଓ ହୁସେନଙ୍କ ସମାଧିର ପ୍ରତୀକ। ମହରମରେ ତାହାକୁ ଶୋଭାଯାତ୍ରାରେ ନିଆଯାଇଥାଏ।

୮- ପାଞ୍ଜି। ଏଥିରେ ଚନ୍ଦ୍ରଚଳନ ହିସାବରେ ଦିନ ବା ଚାନ୍ଦ୍ରଦିବସ, ସପ୍ତାହର ବିଭିନ୍ନ ଦିନ, ଗ୍ରହସ୍ଥିତି ଓ ଯୋଗ ଏବଂ ଅର୍ଦ୍ଧଚନ୍ଦ୍ର ଦିବସ ସଂପର୍କରେ ଉଲ୍ଲେଖ ରହିଥାଏ।

୯- ସୂର୍ଯ୍ୟଙ୍କ ଗତିପଥ।

୧୦- ଚନ୍ଦ୍ରଙ୍କ ଗତିପଥ।

୧୧- ତେଣ୍ଡୁଲକରଙ୍କ ପେନ୍‌ସନ୍‌ର ପରିମାଣ ୧୧୦ ଟଙ୍କା ହେଲା।

୧୨- ବଲପପଡ଼ୀ- ଶିମ୍ବ ।

୧୩- ସୀଦ୍ଧା- ଚାଉଳ, ଡାଲି, ମଇଦା, ଘିଅ ଓ ପରିବା ଇତ୍ୟାଦି ଯାହା ଭୋଜନ ପାଇଁ ଦିଆଯାଏ।

୧୪- କ୍ୟାପଟେନ୍ ହାଟେ ବଡ଼ଦିନ ସମୟରେ ଲସ୍କର (ଗ୍ୱାଲିୟର)ରୁ ମିଃ ଏଚ୍.ଏସ୍. ଦୀକ୍ଷିତଙ୍କୁ ଲେଖିଥିବା ପତ୍ରର ଉଦ୍ଧୃତି।

"ଯଦିଓ ମୁଁ ମାଇଲ ମାଇଲ ଦୂରରେ ରହିଛି, ସାଇବାବା ସଦ୍‌ଗୁରୁଙ୍କର ମୋ ପ୍ରତି ଅନୁଗ୍ରହ ଅତି ଚମତ୍କାର। ମୋର କର୍ତ୍ତବ୍ୟ ମୋତେ ଏଠି ବାନ୍ଧି ରଖିଛି। କିନ୍ତୁ ସୁଯୋଗ ପାଇବା ମାତ୍ରକେ ମୁଁ ଶିରିଡ଼ିରେ ପହଞ୍ଚିଯିବି। ମୋର ସାଇବାବାଙ୍କୁ ବିନୀତ ପ୍ରଣାମ। ମୁଁ ମାତ୍ର ଟ୧୨.୦୦ ମନିଅର୍ଡର ଦ୍ୱାରା ପଠାଇଲି। ସେଥିରୁ ଦକ୍ଷିଣା ଟ୧୦.୦୦ ଦେବେ ଓ ବାକି ଟ୨.୦୦ରେ ଘିଅ, ମଇଦା, ଡାଲି, ଚାଉଳ ପ୍ରଭୃତି କିଣି ସୀଦ୍ଧା ପ୍ରଦାନ କରିବେ । ଏହା ସାଙ୍ଗରେ ପରିବା ହିସାବରେ 'ବଲପପଡ଼ୀ ରଖିବେ। ଏହି ସୀଦ୍ଧାର ଏକ ସ୍ୱତନ୍ତ୍ର ଅର୍ଥ ରହିଛି ଓ ଆପଣଙ୍କର ଏହି ଅନୁଗ୍ରହ ନିମିତ୍ତ ମୁଁ ଆପଣଙ୍କ ପାଖରେ ଏକାନ୍ତ କୃତଜ୍ଞ ରହିବି।"

ରାହାତାର ଖୁଶାଲଚନ୍ଦ

॥ ୩୦ ॥

ପ୍ରତିଜ୍ଞା ପାଳନ ଓ ଅନ୍ୟାନ୍ୟ କାହାଣୀର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଓଁ ! ମୁଁ ଶ୍ରୀସାଇଙ୍କୁ ପ୍ରଣାମ କରୁଅଛି । ସେ କୃପାମୟ, ଭକ୍ତଜନପ୍ରିୟ ଓ ଦୟାବତାର ! ଆପଣଙ୍କର ଦର୍ଶନ କଲେ ଭକ୍ତମାନଙ୍କର ଦୁଃଖ ଦୂର ହୋଇଯାଏ ଓ ଇହଜଗତର ଭୟରୁ ମୁକ୍ତି ମିଳିଥାଏ ।

୨ । ହେ ଶ୍ରୀସାଇନାଥ ! ପ୍ରଥମେ ଆପଣ ନିରାକାର ଓ ନିର୍ଗୁଣ ଥିଲେ । ଭକ୍ତମାନଙ୍କର ଭକ୍ତିଯୋଗ ଦ୍ୱାରା ଆପଣ ସଦ୍‌ଗୁଣମାନଙ୍କରେ ବିଭୂଷିତ ହୋଇଛନ୍ତି ଓ ସନ୍ଥମାନଙ୍କର ମଉଡ଼ମଣି ରୂପେ ଅବତାର ଗ୍ରହଣ କରିଛନ୍ତି ।

୩ । ସନ୍ଥମାନଙ୍କର ଆଗମନର ଉଦ୍ଦେଶ୍ୟ ସର୍ବଦା ହେଉଛି ଭକ୍ତମାନଙ୍କୁ ଉଦ୍ଧାର କରିବା । ମାତ୍ର ଆପଣ ହେଉଛନ୍ତି ସନ୍ଥମାନଙ୍କର ଗୁରୁ । ତେଣୁ ସେହି ଉଦ୍ଦେଶ୍ୟ ମଧ୍ୟ ଆପଣଙ୍କ ନିମନ୍ତେ ଅପରିହାର୍ଯ୍ୟ ।

୪ । ଆପଣଙ୍କ ପଦାଶ୍ରିତ ଭକ୍ତମାନଙ୍କର ସମସ୍ତ ପାପ ନାଶ ହୋଇଯାଇଛି । ସୁକୃତି ଉତ୍‌ଥିତ ହୋଇ ରାସ୍ତାକୁ ପରିଷ୍କାର କରିଦେବା ସହିତ ଭୟ ଓ ବିପଦମୁକ୍ତ କରିଦେଇଛି ।

୫ । ଆପଣଙ୍କର ପଦସ୍ମରଣ କରି ବ୍ରାହ୍ମଣମାନେ ପ୍ରସିଦ୍ଧ ତୀର୍ଥମାନଙ୍କରୁ ଆସି ଗାୟତ୍ରୀ ମନ୍ତ୍ର ଆବୃତ୍ତି କରୁଛନ୍ତି ଓ ଧର୍ମପୁସ୍ତକ ପାଠ କରୁଛନ୍ତି ।

୬ । ଆମ୍ଭେମାନେ ଦୁର୍ବଳ ଓ ଗୁଣହୀନ ହୋଇଥିବାରୁ ଭକ୍ତି ବିଷୟରେ କ'ଣ ଅବା ଜାଣିଛୁ ? ଅନ୍ୟ ସମସ୍ତେ ଆମକୁ ଛାଡ଼ି ଚାଲିଗଲେ ମଧ୍ୟ ଶ୍ରୀସାଇ ଆମକୁ କେବେ ପରିତ୍ୟାଗ କରିବେ ନାହିଁ ।

୭ । ଆମ୍ଭେ ଯେଉଁମାନେ ଆପଣଙ୍କ କୃପାଲାଭ କରିଛୁ, ଅବିଶ୍ୱାସ୍ୟ ଭାବରେ ଶକ୍ତିଶାଳୀ ହୋଇଛୁ । କାରଣ, ଆମେ ଆତ୍ମାନନ୍ଦର ଭଣ୍ଡାର ପାଇଛୁ, ଭେଦାଭେଦ ବିଚାର କରିବାର ଜ୍ଞାନଲାଭ କରିଛୁ ।

୮ । ଶ୍ରୀସାଇଙ୍କ ମୁଖନିଃସୃତ ବାଣୀ ଶୁଣିବାର ବ୍ୟଗ୍ରତା, ଭକ୍ତମାନଙ୍କୁ ପାଗଳ କରିଦେଇଛି । ପ୍ରତ୍ୟେକଟି ଶବ୍ଦ ସେମାନଙ୍କ ମନରେ ଗଭୀର ଛାପ ପକାଇଛି ଓ ସେମାନେ ତାହାର ଅନ୍ତର୍ନିହିତ ସତ୍ୟକୁ ଉପଲବ୍ଧି କରିଅଛନ୍ତି ।

୯ । ଶ୍ରୀସାଇନାଥ ଭକ୍ତମାନଙ୍କର ସମସ୍ତ ମନସ୍କାମନା ଭଲଭାବରେ ଜାଣିଥାନ୍ତି । ସେ ହିଁ ଏକା ତାହା ପୂରଣ କରି ପାରୁଥିବାରୁ ଭକ୍ତମାନେ ତାଙ୍କ ପ୍ରତି କୃତଜ୍ଞ ରହିଥାନ୍ତି ।

୧୦ । ହେ ଶ୍ରୀସାଇନାଥ ! ମୁଁ ଆପଣଙ୍କର ସାହାଯ୍ୟ ଭିକ୍ଷା କରୁଛି ଓ ମୋର ମସ୍ତକକୁ ଆପଣଙ୍କ ପଦତଳେ ରଖୁଛି । ମୋର ସମସ୍ତ ଭୁଲଭ୍ରାନ୍ତି ଭୁଲିଯାଇ ଆପଣଙ୍କର ଏହି ସେବକକୁ ସମସ୍ତ ଦୁଃଶ୍ଚିନ୍ତାରୁ ମୁକ୍ତ କରନ୍ତୁ ।

୧୧ । ଯଦି କୌଣସି ଭକ୍ତ ଦୁର୍ଦ୍ଦଶାଗ୍ରସ୍ତ ହୋଇ,

ଶ୍ରୀସାଇନାଥଙ୍କୁ ଏହିଭଳି ପ୍ରାର୍ଥନା କରେ, ତେବେ ତାହାର ମନ ଶାନ୍ତ ହୋଇଯାଇଥାଏ। କାରଣ, ଶ୍ରୀସାଇନାଥହିଁ ହେଉଛନ୍ତି ଶାନ୍ତିଦାତା ।

୧୨। ଦୟାର ସାଗର ଶ୍ରୀସାଇ ଏହି ପ୍ରକାର ଅନୁଗ୍ରହ ମୋତେ କରିଛନ୍ତି। ତାହାର ଫଳ ସ୍ୱରୂପ, ଏହି ଶୁଭଦାୟକ ଗ୍ରନ୍ଥ ସମସ୍ତ ପାଠକଙ୍କୁ ସମ୍ମାନର ସହ ପ୍ରଦାନ କରାଯାଉଛି।

୧୩। ନଚେତ୍ ଏଭଳି ବିରାଟ କାର୍ଯ୍ୟ କରିବା ନିମନ୍ତେ ମୋର କି ଯୋଗ୍ୟତା ଅଛି ? ସେ ସମସ୍ତ ଦାୟିତ୍ୱ ବହନ କରିଥିବାରୁ ମୋ ଉପରେ କୌଣସି ବୋଝ ନାହିଁ।

୧୪। ଜ୍ଞାନର ଆଲୋକ ଶ୍ରୀସାଇ ସମର୍ଥ ମୋର ଭାଷାକୁ ଆଲୋକିତ କରିବା ପାଇଁ ଓ ଅଜ୍ଞାନର ଅନ୍ଧକାରକୁ ଲୋପ କରିବା ପାଇଁ ରହିଥିବାବେଳେ ମୋର କାହିଁକି କୌଣସି ସନ୍ଦେହ ରହିଥାନ୍ତା ?

୧୫। ସେହି ଦୟାର ବାରିଦ ପ୍ରଭୁଙ୍କ ଉପରେ ମୋର ରହିଥିବା ବିଶ୍ୱାସ କାରଣରୁ ମୁଁ କୌଣସି ପରିଶ୍ରମ କରିଥିବାର ଅନୁଭବ କରିନାହିଁ। ତାଙ୍କରି କୃପାରୁ ମୁଁ ମୋର ଈପ୍‌ସିତ ଲକ୍ଷ୍ୟ ହାସଲ କରିପାରିଛି।

୧୬। ଗ୍ରନ୍ଥ ରଚନା ଆକାରରେ ସନ୍ଥଙ୍କ ପ୍ରତି ମୋର ଏହି ସେବା ମୋର ପୂର୍ବ ଜନ୍ମର ସୁକୃତି ଯୋଗୁଁ ହିଁ ସମ୍ଭବ ହୋଇଛି। ହେ ପ୍ରଭୁ! ଆପଣ ଏହାକୁ ସହୃଦୟତାର ସହିତ ଗ୍ରହଣ କରିଛନ୍ତି। ମୁଁ ମୋର ଭାଗ୍ୟ ନିକଟରେ ସେଥିପାଇଁ କୃତଜ୍ଞ । ମୁଁ ଆଶୀର୍ବାଦପ୍ରାପ୍ତ ହୋଇଛି ବୋଲି ଅନୁଭବ କରୁଛି।

୧୭। ଦୟାବତାର ଶ୍ରୀସାଇ କିପରି ବିଭିନ୍ନ ପ୍ରକାର ସ୍ୱପ୍ନ ମାଧମରେ ତାଙ୍କର ଭକ୍ତମାନଙ୍କୁ ନୀତିଶିକ୍ଷା ଦେଇଥାନ୍ତି, ଗତ ଅଧ୍ୟାୟରେ ସେ କଥା ଆପଣମାନେ ଶୁଣିଛନ୍ତି।

୧୮। ଏହି ଅଧ୍ୟାୟରେ 'ସପ୍ତଶୃଙ୍ଗୀ' ଠାକୁରାଣୀଙ୍କର ଜଣେ ଭକ୍ତଙ୍କ ସମ୍ପର୍କରେ ଗୋଟିଏ ଚିତ୍ତାକର୍ଷକ କାହାଣୀ ଶୁଣନ୍ତୁ ଓ ତାହା ଆନନ୍ଦଦାୟକ ହେବ।

୧୯। ଦେବାଦେବୀଗଣ କିପରି ସେମାନଙ୍କର ଭକ୍ତମାନଙ୍କୁ ସନ୍ଥଙ୍କ ହାତରେ ସମର୍ପି ଦେଇଥାନ୍ତି, ତାହା ମଧ୍ୟ ବିସ୍ମୟକର ମନେହୁଏ। ସେ କଥା ମନଧ୍ୟାନ ଦେଇ ଶୁଣନ୍ତୁ।

୨୦। ମହାରାଜଙ୍କ ସମ୍ପର୍କରେ ଅନେକ କାହାଣୀ ରହିଛି। ଏକ ଆରେକଠାରୁ ବିସ୍ମୟକର। ଏହି କାହାଣୀଟି ମଧ୍ୟ ଶ୍ରବଣଯୋଗ୍ୟ। ମନଧ୍ୟାନ ଦେଇ ଶୁଣନ୍ତୁ।

୨୧। ଏହା କାହାଣୀ ଶୁଣିବା ନୁହେଁ, ପବିତ୍ର ସୁଧାପାନ ସଦୃଶ । ଏଥିରେ ଆପଣମାନେ ସନ୍ତୁଷ୍ଟ ହେବେ। ଶ୍ରୀସାଇଙ୍କର ମାହାତ୍ମ୍ୟ ତଥା ତାଙ୍କର ସର୍ବବ୍ୟାପକତା ସମ୍ବନ୍ଧରେ ଆପଣମାନେ ଜାଣିପାରିବେ।

୨୨। ସମାଲୋଚକ ଓ ତର୍କଶାସ୍ତ୍ରୀମାନେ ଏହା ପଛରେ ପଡ଼ନ୍ତୁ ନାହିଁ। ଏଠାରେ ଯୁକ୍ତିତର୍କ କରିବାର ସୁଯୋଗ ନାହିଁ, କେବଳ ଅସୀମ ଶ୍ରଦ୍ଧାଭାବହିଁ ଆବଶ୍ୟକ।

୨୩। ବ୍ୟକ୍ତି କେବଳ ଜ୍ଞାନୀ ନ ହୋଇ ଧର୍ମପରାୟଣ ହେବା ଉଚିତ ଏବଂ ସନ୍ଥଙ୍କ ଉପରେ ତାଙ୍କର ପୂର୍ଣ୍ଣ ଆସ୍ଥା, ବିଶ୍ୱାସ ଓ ସନ୍ଥଙ୍କ ପାଖରେ ସଦା ଉପସ୍ଥିତ ରହିବାର ଇଚ୍ଛା ଥିବା ଆବଶ୍ୟକ। ଅନ୍ୟମାନେ ଏସବୁକୁ ତୁଚ୍ଛା ଗଳ୍ପ ବୋଲି ଭାବିବେ।

୨୪। ଶ୍ରୀସାଇଙ୍କ ଲୀଳାର କଳ୍ପଦ୍ରୁମ ନିଃସନ୍ଦେହରେ ଫୁଲ ଓ ଫଳ ଧାରଣ କରିଥାଏ। କେବଳ ଭାଗ୍ୟବାନ ଭକ୍ତ ହିଁ ତାହା ନିକଟରେ ପହଞ୍ଚିପାରେ ଓ ତାହା ତୋଳି ଆଣିପାରେ ।

୨୫। ଏହି ଶୁଦ୍ଧପୂତ କାହାଣୀ ଶୁଣନ୍ତୁ । ଏହା ମୋକ୍ଷକାମୀଙ୍କର ମୋକ୍ଷଦାତା, ସମସ୍ତ ଉପାୟ ମଧ୍ୟରେ ଶ୍ରେଷ୍ଠ ଓ ସମସ୍ତଙ୍କ ନିମନ୍ତେ ମଙ୍ଗଳକର।

୨୬। ଶ୍ରୀସାଇ କଥାମୃତ ପାନ କରନ୍ତୁ । ଏହା ଅଜ୍ଞମାନଙ୍କ ସମେତ ସମସ୍ତ ପ୍ରାଣୀଙ୍କର ଆଧ୍ୟାତ୍ମିକ ଉନ୍ନତିରେ ସାହାଯ୍ୟ କରେ। ଏଥିରେ ସଂସାରୀ ଲୋକେ ସନ୍ତୁଷ୍ଟ ହୁଅନ୍ତି ଓ ମୋକ୍ଷକାମୀଙ୍କ ନିମିତ୍ତ ଏହା ଏକ ଉତ୍ତମ ଉପାୟ ହୁଏ ।

୨୭। ମୁଁ ଗୋଟିଏ କାହାଣୀ ସମ୍ବନ୍ଧରେ ଚିନ୍ତା କଲାବେଳକୁ ଆହୁରି ଅନେକ ବିଷୟ ମନ ମଧ୍ୟକୁ ଆସିଯାଉଛି। ତେଣୁ ସେଗୁଡ଼ିକୁ ଶ୍ରବଣ କରିବା ନିମନ୍ତେ ହେମାଡ଼ ବିନୀତ ଭାବରେ ଶ୍ରୋତାମାନଙ୍କୁ ଆମନ୍ତ୍ରଣ ଜଣାଉଛି।

୨୮। ଗୋଟିକ ପରେ ଗୋଟିଏ କାହାଣୀ କହି ଚାଲିଲେ, ଏହି ମଧୁର ଲୀଳାକୁ ଉପଭୋଗ କରିହେବ। ସାଂସାରିକ ସମସ୍ୟାରେ ନିପୀଡ଼ିତ ଲୋକେ ସାନ୍ତ୍ୱନା ଲାଭ କରିବେ। ଏହା ହିଁ ଶ୍ରୀସାଇଙ୍କର ମହିମା ।

୨୯। ନାସିକ ଜିଲ୍ଲାର ବଣୀ ଗ୍ରାମରେ କାକାଜୀ ବୈଦ୍ୟ ନାମରେ ଜଣେ ବ୍ୟକ୍ତି ରହୁଥିଲେ । ସେଠାର ଦେବୀ ମନ୍ଦିରର ସେ ପୂଜାରୀ ଥିଲେ ।

୩୦। ଦେବୀଙ୍କର ନାମ 'ସପ୍ତଶୃଙ୍ଗୀ' ଥିଲା। ପୂଜାରୀ ଜଣକ

ଅନତିକ୍ରମ୍ୟ ଅସୁବିଧାର ସମ୍ମୁଖୀନ ହୋଇ ବିଚଳିତ ଥିଲେ ଓ ସାଂସାରିକ ଜୀବନରେ ଦୁଃଖ ଭୋଗ କରୁଥିଲେ।

୩୧। ଖରାପ ସମୟ ଉପସ୍ଥିତ ହେଲେ, ମନ ନଟୁ ଭଳି ଅସ୍ଥିର ହୋଇ ଘୂରି ବୁଲେ ଓ ଶରୀର ଅସ୍ତବ୍ୟସ୍ତ ହୋଇଥାଏ। ଶାନ୍ତି ଆଦୌ ନ ଥାଏ।

୩୨। କାକାଜୀ ଏହି ଭଳି ଅତି ଶୋଚନୀୟ ଅବସ୍ଥା ମଧ୍ୟରେ ଥିଲେ। ସେ ମନ୍ଦିରକୁ ଯାଇ ଦୁଃଶ୍ଚିନ୍ତାରୁ ମୁକ୍ତି ଦେବା ପାଇଁ, ଦେବୀଙ୍କୁ ଅତ୍ୟନ୍ତ ଆତୁର ଭାବରେ ପ୍ରାର୍ଥନା କରୁଥିଲେ।

୩୩। ସେ ହୃଦୟ ଭରି ପ୍ରାର୍ଥନା କରୁଥିବାରୁ ଦେବୀଙ୍କର ଆସନ ଟଳି ଥିଲା। ସେହିଦିନ ରାତ୍ରିରେ ସେ ଏକ ସ୍ୱପ୍ନ ଦେଖିଥିଲେ। ଶ୍ରୋତାମାନେ ସେହି ଅଦ୍ଭୁତ ବ୍ୟାପାରକୁ ଶୁଣନ୍ତୁ।

୩୪। ଦେବୀ ମା' 'ସପ୍ତଶୃଙ୍ଗୀ' କାକାଜୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଥିଲେ, "ତୁ ବାବାଙ୍କ ନିକଟକୁ ଯା', ମନରେ ଶାନ୍ତି ପାଇବୁ।"

୩୫। ଏହି ବାବା କିଏ ଓ ସେ କେଉଁଠି ରହନ୍ତି, ଏକଥା ଦେବୀ ସ୍ପଷ୍ଟ କରି କହିଦେବେ ବୋଲି କାକାଜୀ ଆଶା କରୁଥିଲେ । କାକାଜୀ ଏହିପରି ବ୍ୟଗ୍ର ଥିବା ସମୟରେ ତାଙ୍କର ଆଖି ଖୋଲିଯାଇଥିଲା।

୩୬। ସ୍ୱପ୍ନର ଅଚାନକ ସମାପ୍ତି ଘଟିଯିବାରୁ କାକାଙ୍କର ପ୍ରଶ୍ନ ଅସମାହିତ ରହିଯାଇଥିଲା। ଦେବୀ କାହାକୁ 'ବାବା' ବୋଲି କହିଥିଲେ, କାକା ଅନୁମାନ କରିବାକୁ ଲାଗିଲେ।

୩୭। ସେ ନିଶ୍ଚୟ ବାବା ତ୍ରେମ୍ବକେଶ୍ୱର ହୋଇଥିବେ ବୋଲି କାକାଜୀ ସ୍ଥିର କରିଥିଲେ। ତେଣୁ ସେ ସଙ୍ଗେ ସଙ୍ଗେ ଯାଇ ତାଙ୍କର ଦର୍ଶନ କରିଥିଲେ। କିନ୍ତୁ ତାଙ୍କ ମନ ସେହିଭଳି ଅସ୍ଥିର ରହିଥିଲା।

୩୮। କାକାଜୀ ତ୍ରେମ୍ବକେଶ୍ୱରରେ ଦଶ ଦିନ ରହିଥିଲେ, କିନ୍ତୁ ଶେଷ ପର୍ଯ୍ୟନ୍ତ ସେ ଅବସନ୍ନ ଓ ବିମର୍ଷ ରହୁଥିଲେ।

୩୯। ଅବସାଦ ତାଙ୍କୁ ଛାଡ଼ି ନ ଥିଲା। ମନ ଦୋଦୁଲ୍ୟମାନ ଅବସ୍ଥାରେ ଥିଲା। ଦିନକୁ ଦିନ ଅସ୍ଥିରତା ବଢୁଥିଲା। ତେଣୁ କାକାଜୀ ଭଗ୍ନ ମନୋରଥ ହୋଇ ଫେରି ଆସିଥିଲେ।

୪୦। ସେଠାରେ ସେ ରହୁଥିବା ସମୟରେ ବଡ଼ିସକାଳୁ ସ୍ନାନ ସାରି ପ୍ରଥମେ ରୁଦ୍ରସ୍ତୋତ୍ର ପାଠ କରୁଥିଲେ ଓ ତା'ପରେ ଶିବଲିଙ୍ଗ ଉପରେ ଜଳାଭିଷେକ କରୁଥିଲେ। ତଥାପି ସେ ପୂର୍ବଭଳି ଅସ୍ୱସ୍ତି ଅନୁଭବ କରୁଥିଲେ।

୪୧। ପୁନଶ୍ଚ ଦେବୀ ମନ୍ଦିରକୁ ଯାଇ ସେ କହିଥିଲେ, "ମୋତେ କାହିଁକି ତ୍ରେମ୍ବକେଶ୍ୱରକୁ ପଠାଇଲ ? ଅନ୍ତତଃ ଏବେ ମୋ ମନରେ ଶାନ୍ତି ଦିଅ । ଏଣେ ତେଣେ ଅକାରଣରେ ଧାଁଦଉଡ଼ ବହୁତ ହୋଇଗଲା !"

୪୨। ଏହିଭଳି ଭାବରେ ସେ ଦେବୀଙ୍କୁ ଯାଚଜ୍ଞା ଓ ପ୍ରାର୍ଥନା କରିଥିଲେ। ଦେବୀ ତାଙ୍କୁ ରାତ୍ରିରେ ପୁଣି ସ୍ୱପ୍ନରେ ଦର୍ଶନ ଦେଇ କହିଲେ-

୪୩। "ମୁଁ ଯେଉଁ 'ବାବା'ଙ୍କ କଥା କହିଥିଲି, ସେ ହେଉଛନ୍ତି ଶିରିଡ଼ିର ଶ୍ରୀସାଇ ସମର୍ଥ । ତୁମେ କାହିଁକି ଅକାରଣରେ ତ୍ରେମ୍ବକେଶ୍ୱର ଗଲ, ମୁଁ ବୁଝି ପାରୁନାହିଁ।"

୪୪। ଶିରିଡ଼ି କେଉଁଠି ଓ କିପରି ସେଠାକୁ ଯିବି ? ମୁଁ ଏ ବାବାଙ୍କୁ ଜାଣିନାହିଁ। ଏବେ କିପରି ଏହି ଯାତ୍ରା କରିବି ? ଏସବୁ କିପରି ହେବ ମୁଁ ବୁଝିପାରୁ ନାହିଁ ବୋଲି ସେ ମନେ ମନେ ଭାବିଥିଲେ।

୪୫। ଯେଉଁ ବ୍ୟକ୍ତି ସନ୍ଥଙ୍କ ପାଦରେ ଉତ୍ସର୍ଗୀକୃତ ଓ ମନ ମଧ୍ୟରେ ତାଙ୍କର ଦର୍ଶନ ନିମିତ୍ତ ଇଚ୍ଛା ପୋଷଣ କରିଥାନ୍ତି, ତାଙ୍କର ସେଇ ଇଚ୍ଛାକୁ ସନ୍ଥ ଏବଂ ଏପରିକି ସ୍ୱୟଂ ଭଗବାନ ପୂରଣ କରିଥାନ୍ତି।

୪୬। ସନ୍ଥ ଓ ଭଗବାନ ଏକ। ସେମାନଙ୍କ ମଧ୍ୟରେ କୌଣସି ଭେଦାଭେଦ ନାହିଁ। ତାଙ୍କୁ କୌଣସି କାରଣରୁ ସେଭଳି ଭାବିବା ହିଁ ଦ୍ୱୈତ ଭାବନା। ସନ୍ଥମାନେ ହିଁ ଭଗବାନଙ୍କ ସହ ଏକାତ୍ମ ହୋଇଥାନ୍ତି।

୪୭। ଯଦି କେହି ଭାବୁଥାନ୍ତି ଯେ ମୁଁ ଯାଇ ସନ୍ଥଙ୍କର ଦର୍ଶନ କରି ମୋର ଇଚ୍ଛା ପୂରଣ କରିବି, ଏହା ତାଙ୍କର ତୁଚ୍ଛା ଗର୍ବ । ସନ୍ଥମାନେ ଲୀଳାମୟ ।

୪୮। ସନ୍ଥ ନିଜେ ଇଚ୍ଛା ନ କଲେ, କିଏ ଅବା ଯାଇ ତାଙ୍କର ଦର୍ଶନ କରିପାରିବ ? ତାଙ୍କର ଅନୁମତି ନ ହେଲେ ପତ୍ରଟିଏ ମଧ୍ୟ ହଲିପାରିବ ନାହିଁ।

୪୯। ଯେଉଁ ଭକ୍ତ ଦର୍ଶନ ନିମିତ୍ତ ଯେତେ ଅଧିକ ଉତ୍କଣ୍ଠିତ ହୋଇଥାନ୍ତି, ସେ ସେତେ ଅଧିକ ଉତ୍ସର୍ଗୀକୃତ ଓ ବିଶ୍ୱସ୍ତ ହୋଇଥାନ୍ତି। ଭକ୍ତମାନଙ୍କ ମଧ୍ୟରେ ଯିଏ ଶ୍ରେଷ୍ଠ, ତାଙ୍କର ଦିବ୍ୟ ଆନନ୍ଦାନୁଭୂତି ମଧ୍ୟ ଅଧିକ ହୋଇଥାଏ।

୫୦। କାକାଜୀ ଶ୍ରୀସାଇଙ୍କର ଦର୍ଶନ ନିମିତ୍ତ କିପରି ଯିବେ ବୋଲି ଚିନ୍ତାଗ୍ରସ୍ତ ହୋଇ ରହିଥିବା ସମୟରେ ତାଙ୍କ ଠିକଣା

ଖୋଜି ଖୋଜି ଶିରିଡ଼ିରୁ ଜଣେ ଅତିଥି ଆସି ପହଞ୍ଚିଥିଲେ।

୫୧। ସେହି ଅତିଥି କ'ଣ ଜଣେ ସାଧାରଣ ବ୍ୟକ୍ତି ଥିଲେ ? ବାବା ତାଙ୍କୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଭଲ ପାଉଥିଲେ। ବାବାଙ୍କର ତାଙ୍କ ପ୍ରତି ଥିବା ଶ୍ରଦ୍ଧା ଅତୁଳନୀୟ ଥିଲା ଓ ସେଥିନିମନ୍ତେ ଯୋଗ୍ୟ ସେହି ଭାଗ୍ୟବାନ ହିଁ ଥିଲେ।

୫୨। ତାଙ୍କ ନାମ ମାଧବରାଓ ଓ ତାଙ୍କ ବଂଶ ପରମ୍ପରାର ପଦବୀ 'ଦେଶପାଣ୍ଡେ' ଥିଲା। ବାବା ତାଙ୍କୁ ଅତି ଗେହ୍ଲା କରୁଥିଲେ। ତେଣୁ ସେ ଯେପରି ବାବାଙ୍କ ପାଖରେ ଚଳୁଥିଲେ, ଅନ୍ୟ କେହି ପାରୁନଥିଲେ।

୫୩। ଦୁହେଁ ପରସ୍ପର ସାଙ୍ଗରେ ସ୍ନେହମିଶା ଝଗଡ଼ା କରୁଥିଲେ ଓ ପରସ୍ପରକୁ ପ୍ରିୟ ଭାଷାରେ ଡାକୁଥିଲେ। ବାବା ତାଙ୍କୁ ନିଜର ପୁଅ ଭଳି ଅତିଶୟ ଭଲ ପାଉଥିଲେ। ଦେଶପାଣ୍ଡେ ସେହି ସମୟରେ ବଣୀ ଗ୍ରାମକୁ ଆସିଥିଲେ।

୫୪। ସେ ଯେତେବେଳେ ପିଲା ଥିଲେ ଓ ରୋଗରେ ପଡ଼ିଥିଲେ, ତାଙ୍କ ମା' ଦେବୀଙ୍କୁ ପ୍ରାର୍ଥନା କରି କହିଥିଲେ, "ମୁଁ ଏହି ପିଲାଟିକୁ ତୁମରି ଆଶ୍ରାରେ ଛାଡ଼ି ଦେଲି। ତୁମେ ତାକୁ ରଖିଲେ ରଖ ମାରିଲେ ମାର। ଯାହା ତୁମର ଇଚ୍ଛା!

୫୫। "ଯଦି ସେ ଭଲ ହୋଇଯାଏ, ତାକୁ ମୁଁ ତୁମର ଦର୍ଶନ ପାଇଁ ଆଣିବି।'' ଦେବୀଙ୍କ ଅନୁଗ୍ରହ ପ୍ରାର୍ଥନା କରିବା ପରେ ପିଲାଟି କ୍ରମେ ସୁସ୍ଥ ହୋଇଥିଲା।

୫୬। ଡାକ୍ତର ହୁଅନ୍ତୁ କିମ୍ବା ଦେବତା ହୁଅନ୍ତୁ, କଷ୍ଟ ଦୂର ହୋଇଗଲା ପରେ ସେମାନଙ୍କୁ ସମସ୍ତେ ଭୁଲି ଯାଇଥାନ୍ତି। ବିପଦ ସମୟରେ ଅନୁଗ୍ରହ ପ୍ରାର୍ଥନା ଓ ପ୍ରତିଜ୍ଞା କରିବା ପାଇଁ ଜଣେ ମନ ବଳାଇଥାଏ। କିନ୍ତୁ ତାହା ପୂରଣ କରି ନ ଥିଲେ ମନରେ ଭୟ କରିବାର କାରଣ ହୋଇଥାଏ।

୫୭। ଏହା ମଧ୍ୟରେ ଅନେକ ବର୍ଷ ବିତିଯାଇଥିଲା ଓ କୃତ ପ୍ରତିଜ୍ଞା ସମ୍ପୂର୍ଣ୍ଣ ଭାବରେ ବିସ୍ମୃତ ହୋଇଯାଇଥିଲା। ଦେଶପାଣ୍ଡେଙ୍କ ମା' ତାଙ୍କର ଶେଷ ସମୟରେ ଏଇ ପ୍ରତିଜ୍ଞା କଥା ମନେ ପକାଇଥିଲେ ଓ ମାଧବରାଓଙ୍କୁ କହିଥିଲେ।

୫୮। "ଏହି ପ୍ରତିଜ୍ଞା ବହୁତ ପୂର୍ବରୁ କରାଯାଇଥିଲା। ତାହା ଆଜି ପର୍ଯ୍ୟନ୍ତ ପୂରଣ ନହୋଇ ରହିଛି। ଏତେ ଡେରି ହେବା ଭଲ ନୁହେଁ। ତୁ ଦେବୀଙ୍କ ଦର୍ଶନ କରିବାକୁ ଯା!"

୫୯। ତାଙ୍କ ମା'ଙ୍କର ସ୍ତନରେ ଯେତେବେଳେ ଯାଦୁ ହୋଇ ଅସହ୍ୟ ଯନ୍ତ୍ରଣା ହେଉଥିଲା, ସେତେବେଳେ ସେ ଦେବୀଙ୍କ ନିକଟରେ ମଧ୍ୟ ଅନ୍ୟ ଏକ ପ୍ରତିଜ୍ଞା କରିଥିଲେ।

୬୦। "ମା' ! ମୋତେ ଯଦି ଏହି କଷ୍ଟରୁ ଉଦ୍ଧାର କରିଦେଉ, ତେବେ ସାଷ୍ଟାଙ୍ଗ ପ୍ରଣାମ କରି କରି ମୁଁ ତୁମ ନିକଟକୁ ଆସିବି। ମୁଁ ତୁମକୁ ରୁପାରେ ତିଆରି ଦୁଇଟି ସ୍ତନ ଅର୍ପଣ କରିବି।"

୬୧। ସେହି ପ୍ରତିଜ୍ଞା ମଧ୍ୟ ଗଡ଼ାଇ ଗଡ଼ାଇ ଏ ପର୍ଯ୍ୟନ୍ତ ପୂରଣ ନ ହୋଇ ରହିଛି। ମା' ତାଙ୍କର ମୃତ୍ୟୁ ଆସନ୍ନ ହେବା ସମୟରେ ସେହି ଉଭୟ ପ୍ରତିଜ୍ଞା କଥା ମନେ ପକାଇଥିଲେ।

୬୨। ସେ ବାବ୍ୟାକୁଂ ପାଖକୁ ଡାକି ଏ କଥା କହିଥିଲେ। ପୁଅ ଏହି ପ୍ରତିଜ୍ଞା ଦୁଇଟିକୁ ନିଶ୍ଚୟ ପାଳନ କରିବେ ବୋଲି ମା'ଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତାହାପରେ ମାତା କାମନା ଶୂନ୍ୟ ହୋଇ, ପ୍ରଭୁଙ୍କ ପାଦପଦ୍ମରେ ଚିରଦିନ ପାଇଁ ଲୀନ ହୋଇଯାଇଥିଲେ।

୬୩। ପରେ ମାଧବରାଓ ମଧ୍ୟ ଏ ବିଷୟରେ ବର୍ଷ ବର୍ଷ ଧରି ସମୟ ଗଡ଼ାଇ ଚାଲିଥିଲେ। ସେ ବି ଏକଥା ଭୁଲି ଯାଇଥିଲେ ଓ ପ୍ରତିଜ୍ଞା ସେମିତି ପୂରଣ ନହୋଇ ରହିଥିଲା।

୬୪। ଏହିଭଳି ତିରିଶି ବର୍ଷ ବିତିଯିବା ପରେ ଶିରିଡ଼ିରେ କ'ଣ ହୋଇଥିଲା, ଶୁଣନ୍ତୁ। ଯାତ୍ରା ପଥରେ ଯାଉ ଯାଉ ଜଣେ ଜ୍ୟୋତିଷ ସେଠାରେ ଆସି ପହଞ୍ଚିଥିଲେ।

୬୫। ତାଙ୍କର ଜ୍ୟୋତିଷଶାସ୍ତ୍ର ଉପରେ ଅଗାଧ ପାଣ୍ଡିତ୍ୟ ଥିଲା ଓ ସେ ଭୂତ, ଭବିଷ୍ୟତ ଏବଂ ବର୍ତ୍ତମାନ କାଳର ଭଲମନ୍ଦ କହି ଦେଉଥିଲେ। ସେ ଅନେକ ଲୋକଙ୍କର କୌତୁହଳ ମେଣ୍ଟାଇ ପ୍ରଶଂସାର ପାତ୍ର ହୋଇଥିଲେ ଓ ସେଠାରେ କିଛି ଦିନ ରହିଥିଲେ।

୬୬। ସେ ଶ୍ରୀମନ୍ତ କେଶବରାଓଜୀ ବୁଟିଂଙ୍କୁ ତଥା ଅନ୍ୟମାନଙ୍କୁ ତାଙ୍କର ଗଣନା ଓ ଭବିଷ୍ୟବାଣୀ ଦ୍ୱାରା ଅଳ୍ପ ସମୟ ମଧ୍ୟରେ ଖୁସି ଓ ସନ୍ତୁଷ୍ଟ କରାଇ ପାରିଥିଲେ।

୬୭। ମାଧବରାଓଙ୍କ ସାନ ଭାଇ ବାପାଜୀ ତାଙ୍କର ଆଗତ ଭବିଷ୍ୟତ ସମ୍ବନ୍ଧରେ ପଚାରିଥିଲେ। ସେହି ସମୟରେ ଜ୍ୟୋତିଷ ତାଙ୍କୁ ଦେବୀ ପ୍ରସନ୍ନ ନଥିବାର ସୂଚନା ଦେଇଥିଲେ।

୬୮। ସେ କହିଥିଲେ, "ତୁମ ମା' ଦେବୀଙ୍କ ପାଖରେ କରିଥିବା ପ୍ରତିଜ୍ଞା ପାଳନ କରିବା ନିମନ୍ତେ ତାଙ୍କ ମୃତ୍ୟୁ ସମୟରେ ସେ ତୁମ ବଡ଼ଭାଇଙ୍କୁ କହି ଯାଇଥିଲେ।

୬୯। "ଏବେ ସେହି ପ୍ରତିଜ୍ଞା ପୂରଣ ହୋଇ ନ ଥିବାରୁ

ଦେବୀ ତୁମ ଉପରେ ରୁଷ୍ଟ ହୋଇଛନ୍ତି ।" ମାଧବରାଓ ଘରକୁ ଆସିବା ପରେ ବାପାଜୀ ତାଙ୍କୁ ଏହି କଥା କହିଥିଲେ।

୭୦। ମାଧବରାଓ ନିଜର ଭୁଲ ବୁଝିପାରିଥିଲେ। ସେ ସୁନାରୀ ବଣିଆକୁ ଡକାଇଥିଲେ ଓ ରୂପାରେ ଦୁଇଟି ସ୍ତନ ଗଢ଼ାଇଥିଲେ ଓ ତାହାକୁ ଧରି ମସ୍‌ଜିଦ୍‌କୁ ଯାଇଥିଲେ।

୭୧। ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରି ସେହି ରୂପା ସ୍ତନ ଦୁଇଟିକୁ ତାଙ୍କ ପାଦତଳେ ରଖି ଦେଇ କହିଥିଲେ, "ଦୟାକରି ଏ ଦୁଇଟିକୁ ଗ୍ରହଣ କରନ୍ତୁ ଓ ମୋତେ ସେହି ପ୍ରତିଜ୍ଞାରୁ ମୁକ୍ତ କରନ୍ତୁ।

୭୨। "ଆପଣ ଆମର 'ସପ୍ତଶୃଙ୍ଗୀ'। ଆପଣ ଆମର ଦେବୀ। ପ୍ରତିଜ୍ଞା ଅନୁଯାୟୀ ଏହାକୁ ଆପଣ ଗ୍ରହଣ କରନ୍ତୁ ଓ ତୁଷ୍ଟ ହୁଅନ୍ତୁ।"

୭୩। ବାବା ଉତ୍ତର ଦେଇଥିଲେ, "ସପ୍ତଶୃଙ୍ଗୀ ମନ୍ଦିରକୁ ଯାଅ ଓ ଦେବୀଙ୍କ ପାଦ ତଳେ ଏହି ଆଳଙ୍କାରିକ ସ୍ତନ ଦୁଇଟିକୁ ନିଜ ହାତରେ ରଖି, ପ୍ରତିଜ୍ଞା ଅନୁଯାୟୀ ଅର୍ପଣ କର।"

୭୪। ବାବା ଜୋରଦେଇ ଏପରି କହିବା ପରେ ମାଧବରାଓ ମଧ୍ୟ ସେହିଭଳି ଅନୁଭବ କରିଥିଲେ। ସେ ଦର୍ଶନ କରିବା ନିମନ୍ତେ ବଦ୍ଧପରିକର ହୋଇ ଘର ଛାଡ଼ିଥିଲେ।

୭୫। ସେ ବାବାଙ୍କୁ ଦର୍ଶନ କରି ତାଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ବାବାଙ୍କଠାରୁ ଉଦି ଓ ପ୍ରସାଦ ସହିତ ଅନୁମତି ନେଇ ସେ ବାହାରି ଯାଇଥିଲେ।

୭୬। ସେ ସପ୍ତଶୃଙ୍ଗୀ ମନ୍ଦିରକୁ ଆସି କୁଳପୁରୋହିତଙ୍କୁ ଖୋଜିଥିଲେ। ଭାଗ୍ୟବଶତଃ ତାଙ୍କୁ କାକାଜୀଙ୍କ ଘରକୁ ଯିବାକୁ ପଡ଼ିଥିଲା ଓ ସେଠାରେ ଅନାୟାସରେ ତାଙ୍କର ସାକ୍ଷାତ ମିଳିଥିଲା।

୭୭। କାକାଜୀ ଶିରିଡ଼ି ଯାଇ ବାବାଙ୍କୁ ଯଥାଶୀଘ୍ର ଦର୍ଶନ କରିବାକୁ ଚାହୁଁଥିଲେ। ଅକସ୍ମାତ୍ ମାଧବରାଓଙ୍କ ସହିତ ତାଙ୍କର ଭେଟ ହୋଇଗଲା। ଏହା ଏକ ସାଧାରଣ କାକତାଳୀୟ ଘଟଣା କି ?

୭୮। ମାଧବରାଓଙ୍କ ସମ୍ପର୍କରେ ପ୍ରଥମେ ପଚରାପଚରି କରୁ କରୁ ସେ ଯେତେବେଳେ ଶିରିଡ଼ିରୁ ଆସିଛନ୍ତି ବୋଲି କାକାଜୀ ଜାଣିଗଲେ, ତାଙ୍କ ଆନନ୍ଦର ସୀମା ରହିନଥିଲା ଓ ଉଭୟ ପରସ୍ପରକୁ ଆଲିଙ୍ଗନ କରିଥିଲେ।

୭୯। ଘଟଣାର ମୋଡ଼ ଦେଖି ଉଭୟେ ଖୁସି ହୋଇଥିଲେ ଓ ଶ୍ରୀସାଇଙ୍କର ଲୀଳାକୁ ପ୍ରଶଂସା କରିଥିଲେ। ପ୍ରତିଜ୍ଞା ପୂରଣ ବିଧି ସମାପ୍ତ ହେବା ପରେ ମାଧବରାଓ ଶିରିଡ଼ି ଫେରିବାକୁ ବାହାରିଥିଲେ ।

୮୦। ପୂଜକ ଅପ୍ରତ୍ୟାଶିତ ଭାବରେ ମାଧବରାଓଙ୍କ ଭଳି ଜଣେ ବ୍ୟକ୍ତିଙ୍କୁ ସାଥି ହିସାବରେ ପାଇଥିଲେ ଓ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ। ସେ କେବଳ ତାଙ୍କର ଶିରିଡ଼ି ଯାତ୍ରା ସମ୍ବନ୍ଧରେ ଚିନ୍ତା କରୁଥିଲେ ଓ ତାଙ୍କର ଚିନ୍ତା ଦୂର ହୋଇଥିଲା ।

୮୧। ଭାବାବେଗର ତୀବ୍ରତା ଯାତ୍ରୀର ଗତିବେଗ ବଢ଼ାଇ ଦେଇଥାଏ। କାକାଜୀ ଗୋଦାବରୀ କୂଳରେ ପହଞ୍ଚିଥିଲେ ଓ ସେଠାରୁ ଶିରିଡ଼ି ଅଳ୍ପ ଦୂର ଥିଲା।

୮୨। ଉଭୟ ଶୀଘ୍ର ଶିରିଡ଼ିରେ ପହଞ୍ଚିଥିଲେ। ସେମାନେ ଶିରିଡ଼ିରେ ପହଞ୍ଚିବା ମାତ୍ରକେ ପ୍ରବଳ ଶ୍ରଦ୍ଧା ଓ ଆଗ୍ରହ ସହକାରେ ଶ୍ରୀସାଇଙ୍କୁ ଦର୍ଶନ କରିବା ନିମିତ୍ତ ଯାଇଥିଲେ।

୮୩। ପୂଜକ ବାବାଙ୍କ ପାଦତଳେ ପଡ଼ି ଯାଇଥିଲେ ଓ ପଦ ଦୁଇଟିକୁ ଅଶ୍ରୁ ଜଳରେ ଧୋଇ ଦେଇଥିଲେ। ଦର୍ଶନ ସୁଖ ଲାଭ ଯୋଗୁଁ ସେ ଶାନ୍ତି ଅନୁଭବ କରିଥିଲେ ।

୮୪। ସ୍ୱପ୍ନରେ ଦେବୀ ଦେଖାଦେବାର ଏହାହିଁ ଉଦ୍ଦେଶ୍ୟ ଥିଲା। କାକାଜୀ ଶ୍ରୀସାଇ ସମର୍ଥଙ୍କୁ ନିଜ ଚକ୍ଷୁରେ ଦର୍ଶନ କରିବା ପରେ ପ୍ରକୃତରେ ଖୁସି ହୋଇଥିଲେ ଓ ତାଙ୍କର ଇଚ୍ଛା ପୂର୍ଣ୍ଣ ହୋଇଥିଲା।

୮୫। ସେ ଯାହାହେଉ, କାକାଜୀଙ୍କ ମନ ଆନନ୍ଦରେ ପୂରି ଉଠିଥିଲା । ଦର୍ଶନ ପରେ ତାଙ୍କ ମନରେ ଶାନ୍ତି ଆସିଥିଲା। କରୁଣାର ବାରିଦ ବର୍ଷିଯିବା ପରେ ସେ ପ୍ରକୃତରେ ସମସ୍ତ ଚିନ୍ତାରୁ ମୁକ୍ତ ହୋଇଥିଲେ।

୮୬। ତାଙ୍କ ମନର ଅସ୍ଥିରତା ଉଭେଇ ଯାଇଥିଲା। ସେ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହେଉଥିଲେ। ଏହା କିଭଳି ଅଦ୍ଭୁତ ଘଟଣା ବୋଲି ସେ ବିସ୍ମିତ ହୋଇ ଭାବୁଥିଲେ।

୮୭। ବାବା ପଦେ ହେଲେ କିଛି କହି ନ ଥିଲେ। ଏହି ସନ୍ତୋଷ ଲାଭ କରିବା ପ୍ରସଙ୍ଗରେ ସେ କୌଣସି ପ୍ରଶ୍ନ ମଧ୍ୟ କରି ନ ଥିଲେ। ଆଶୀର୍ବାଦ ମଧ୍ୟ ଦେଇ ନ ଥିଲେ। କେବଳ ଦର୍ଶନ ଦ୍ୱାରା ହିଁ ଏଭଳି ଆନନ୍ଦ ମିଳିଥିଲା।

୮୮। କାକାଜୀ ମନେ ମନେ ଭାବୁଥିଲେ: "ମୋ ମନର ଅସ୍ଥିରତା କେବଳ ଦର୍ଶନ ଦ୍ୱାରା ହିଁ ପ୍ରଶମିତ ହୋଇଗଲା। ମୁଁ

ଅନିର୍ବଚନୀୟ ଆନନ୍ଦ ଓ ପରିପୂର୍ଣ୍ଣ ଉପଲବ୍ଧି ଲାଭ କଲି। ଏହା ହିଁ ଦର୍ଶନର ମାହାତ୍ମ୍ୟ ।"

୮୯। ତାଙ୍କର ଚକ୍ଷୁ ଦୁଇଟି ଶ୍ରୀସାଇଙ୍କ ପାଦରେ ଲାଖି ଯାଇଥିଲା ଓ ସେ ପଦେ ହେଲେ କିଛି କହି ପାରି ନ ଥିଲେ। ବାବାଙ୍କର ଲୀଳାଗୁଡ଼ିକୁ ଶୁଣି ତାଙ୍କର ଆନନ୍ଦ ଉଚ୍ଛୁଳି ପଡୁଥିଲା।

୯୦। ପୂଜକ ପୂର୍ଣ୍ଣ ବିଶ୍ୱାସ ନେଇ ଶ୍ରୀସାଇ ସମର୍ଥଙ୍କର ଶରଣାଗତ ହୋଇଥିଲେ ଓ ଆନନ୍ଦପ୍ରାପ୍ତ କରିଥିଲେ। ସେ ତାଙ୍କର ପୂର୍ବ ସମସ୍ୟାଗୁଡ଼ିକୁ ଭୁଲି ଯାଇଥିଲେ।

୯୧। କାକାଜୀ ଶିରିଡ଼ିରେ ବାରଦିନ ରହିଥିଲେ। ତାଙ୍କ ମନ ସ୍ଥିର ହୋଇଥିଲା ଓ ତା'ପରେ ସେ ବଣୀଗ୍ରାମକୁ ଫେରିଆସିଥିଲେ।

୯୨। ସ୍ୱପ୍ନ ଦର୍ଶନ ସହିତ ସମୟର ପ୍ରାସଙ୍ଗିକତା ରହିଛି। ଭୋରରେ କିମ୍ବା ବଡ଼ି ସକାଳେ ଦେଖୁଥିବା ସ୍ୱପ୍ନ ପ୍ରାୟତଃ ସତ୍ୟ ହୋଇଥାଏ ବୋଲି ବିଶ୍ୱାସ କରାଯାଏ। ଅନ୍ୟବେଳରେ ଦେଖିଥିବା ସ୍ୱପ୍ନ ନିଷ୍ଫଳ ବା କାର୍ଯ୍ୟକାରୀ ହୋଇନଥାଏ।

୯୩। ଏହା ସର୍ବଜନବିଦିତ। କିନ୍ତୁ, ଶିରିଡ଼ି ସମ୍ପର୍କିତ କୌଣସି ସ୍ୱପ୍ନ ଯେଉଁଠାରେ କିମ୍ବା ଯେତେବେଳେ ଦେଖାଯାଇଥିଲେ ମଧ୍ୟ ଚରିତାର୍ଥ ହୋଇଥାଏ। ଏହା ଭକ୍ତମାନଙ୍କର ଅଟଳ, ଅବିଚଳ ଅନୁଭୂତି।

୯୪। ମୁଁ ଶ୍ରୋତାମାନଙ୍କୁ ଏ ସମ୍ବନ୍ଧରେ ଏକ କ୍ଷୁଦ୍ର କାହାଣୀ ଉଦାହରଣ ସ୍ୱରୂପ ଶୁଣାଇବି। ସେମାନେ ଏଥିରେ ବିରାଟ ଚମତ୍କାରିତା ଦେଖିବାକୁ ପାଇବେ ଓ ଏହା ଶୁଣିଲେ ସେମାନଙ୍କୁ ଅଧିକ ଆନନ୍ଦ ମିଳିବ ।

୯୫। ଦିନେ ଅପରାହ୍ନରେ ବାବା ଦୀକ୍ଷିତଙ୍କୁ କହିଥିଲେ, "ଟାଙ୍ଗାଟିଏ ନେଇ ରାହାତା ଯାଅ ଓ ଖୁଶାଲ[୩] ଭାଇଙ୍କୁ ସାଥିରେ ଧରି ଆସ।

୯୬। "ତାଙ୍କୁ ଅନେକ ଦିନ ତଳେ ଦେଖିଥିଲି । ଏଣୁ ଏବେ ତାଙ୍କୁ ଦେଖିବା ନିମିତ୍ତ ଇଚ୍ଛା ହେଉଛି । ବାବା ତୁମକୁ ଦେଖିବା ପାଇଁ ଡାକୁଛନ୍ତି ବୋଲି ତାଙ୍କୁ କହିବ।"

୯୭। ସମ୍ମାନ ସହକାରେ ଏ ଆଦେଶକୁ ମାନି ଦୀକ୍ଷିତ ଟାଙ୍ଗା ନେଇ ଚାଲିଯାଇଥିଲେ। ଖୁଶାଲ ଭାଇଙ୍କ ସହିତ ଶୀଘ୍ର ଦେଖାହୋଇଥିଲା ଓ ଦୀକ୍ଷିତ ତାଙ୍କୁ ଆସିବାର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

୯୮। ବାବାଙ୍କର ସନ୍ଦେଶ ଶୁଣିବା ପରେ ଖୁଶାଲଚନ୍ଦ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ କହିଥିଲେ, "ମୁଁ ବର୍ତ୍ତମାନ ନିଦରୁ ଉଠିଲି ଓ ମୋତେ ସ୍ୱପ୍ନରେ ସେହି ଆଦେଶ ମିଳିଲା।

୯୯। "ମଧ୍ୟାହ୍ନ ଭୋଜନ ପରେ ମୁଁ ଟିକିଏ ବିଶ୍ରାମ ନେଉଥିଲି। ମୋ ଆଖିପତା ବନ୍ଦ ହୋଇଛି କି ନାହିଁ ବାବା ସେହି କଥା ମୋତେ ନିଦ୍ରାବସ୍ଥାରେ କହିଦେଲେ।

୧୦୦। "ବାବା କହିଥିଲେ-'ସାଙ୍ଗେ ସାଙ୍ଗେ ଶିରିଡ଼ି ଚାଲିଆସ'। ମୋର ମଧ୍ୟ ଯିବାର ପ୍ରବଳ ଇଚ୍ଛା ଥିଲା, କିନ୍ତୁ ମୁଁ କ'ଣ ଅବା କରିପାରିବି ? ଘୋଡ଼ାଗୁଡ଼ିକ ନାହାନ୍ତି। ମୁଁ ଏ କଥା ବାବାଙ୍କୁ ଜଣାଇ ଦେବାକୁ ପୁଅକୁ ପଠାଇ ଦେଇଛି।

୧୦୧। "ପିଲାଟା ଗ୍ରାମର ସୀମା ଟପିଥିବ କି ନାହିଁ, ଏବେ ତୁମର ଟାଙ୍ଗା ଆସି ଏଠି ପହଞ୍ଚିଗଲା।'' ଦୀକ୍ଷିତ ମଜା କରି କହିଥିଲେ, "ସେଇଥିପାଇଁ ମୋତେ ଆସିବାକୁ ନିର୍ଦ୍ଦେଶ ହେଲା।

୧୦୨। "ଆପଣ ଯଦି ଆସିବା ପାଇଁ ଚାହାନ୍ତି, ଟାଙ୍ଗା ପ୍ରସ୍ତୁତ ହୋଇ ଅପେକ୍ଷା କରିଛି।" ଦୀକ୍ଷିତଙ୍କ ସହିତ ଖୁଶାଲ ଖୁସି ମନରେ ଶିରିଡ଼ି ଅଭିମୁଖେ ବାହାରି ପଡ଼ିଥିଲେ।

୧୦୩। ଫଳରେ, ଖୁଶାଲଚନ୍ଦ ବାବାଙ୍କର ଦର୍ଶନ ଲାଭ କରିଥିଲେ ଓ ବାବାଙ୍କର ଇଚ୍ଛା ପୂରଣ ହୋଇଥିଲା। ବାବାଙ୍କର ଏହି ଲୀଳା ଦେଖି ଖୁଶାଲଚନ୍ଦ ମଧ୍ୟ ଗଭୀର ଭାବରେ ବିମୋହିତ ହୋଇଥିଲେ।

୧୦୪। ଥରେ ବାବା ବମ୍ବେଇନିବାସୀ ପଞ୍ଜାବୀ ବ୍ରାହ୍ମଣ ରାମଲାଲଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ।

୧୦୫। ଗଗନ, ପବନ, ସୂର୍ଯ୍ୟ, ବର୍ଷା ଓ ଅନ୍ୟାନ୍ୟ ଦେବତାଙ୍କର କରୁଣାପୂର୍ଣ୍ଣ ଶକ୍ତି ଦ୍ୱାରା ଯେଉଁ ଜ୍ଞାନ ବିଭିନ୍ନ ଅନ୍ତଃ ଓ ବାହ୍ୟ ପଦାର୍ଥ ସମ୍ବନ୍ଧରେ ମିଳିଥାଏ, ତାହାକୁ ଜାଗ୍ରତ ଅବସ୍ଥା ବୋଲି କୁହାଯାଇଥାଏ।

୧୦୬। ଯେତେବେଳେ ସମସ୍ତ ଜ୍ଞାନେନ୍ଦ୍ରିୟ ବିଶ୍ରାମ ନେଇଥାନ୍ତି, ସେତେବେଳେ ଜାଗ୍ରତ ଅବସ୍ଥାରେ ଅବଚେତନ ମନର ଧାରଣା ଉତ୍‌ଥିତ ହୋଇଥାଏ। ଏହା ବୋଧଶକ୍ତିର ରୂପ ନେଇଥାଏ ଓ ବ୍ୟକ୍ତି ଅନୁଭବ କରିପାରିଥାଏ। ଏହା ହିଁ ସ୍ୱପ୍ନାବିଷ୍ଟ ଅବସ୍ଥାର ସୂଚନା।

୧୦୭। ରାମଲାଲ ଦେଖିଥିବା ସ୍ୱପ୍ନ ଅଦ୍ଭୁତ ଧରଣର ଥିଲା। ସେ ବାବାଙ୍କର ରୂପ କିମ୍ବା ଗୁଣ ସମ୍ବନ୍ଧରେ କିଛି ଜାଣି ନ ଥିଲେ। ସେ ତାଙ୍କୁ ପୂର୍ବରୁ କେବେ ହେଲେ ଦେଖି ନ ଥିଲେ।

"ମୋ ପାଖକୁ ଆସ" ବୋଲି ବାବା କେବଳ ସ୍ୱପ୍ନରେ କହିଥିଲେ।

୧୦୮। ସେ ଜଣେ ମହାନ୍ ସନ୍ଥ ବୋଲି ତାଙ୍କ ଚେହେରାରୁ ଜଣାପଡୁଥିଲା। ସେ କିଏ ଥିଲେ ଓ କେଉଁଠୁ ଆସିଥିଲେ ? ରାମଲାଲ ନିଦରୁ ଉଠିବା ପରେ ଗଭୀର ଭାବରେ ଚିନ୍ତା କରିଥିଲେ।

୧୦୯। ସେ ତାଙ୍କ ପାଖକୁ ଯିବାକୁ ଚାହୁଁଥିଲେ । କିନ୍ତୁ ତାଙ୍କର ଠିକଣା କିମ୍ବା ତାଙ୍କ ସମ୍ବନ୍ଧରେ କିଛି ଜଣା ନ ଥିଲା। ଯିଏ ଦର୍ଶନ ପାଇଁ ଡାକିଥାନ୍ତି, ସେ ସେଥିପାଇଁ ବନ୍ଦୋବସ୍ତ ମଧ୍ୟ କରିଥାନ୍ତି।

୧୧୦। ସେହିଦିନ ଅପରାହ୍ନରେ ସେ ଇତସ୍ତତଃ ହୋଇ ବୁଲୁଥିବା ସମୟରେ ରାସ୍ତା କଡ଼ର ଏକ ଦୋକାନରେ ଗୋଟିଏ ଫଟୋକୁ ଦେଖି ଚମକି ପଡ଼ିଥିଲେ।

୧୧୧। ସ୍ୱପ୍ନରେ ଦେଖିଥିବା ରୂପ ଯେଉଁ ଭଳି ଥିଲା, ଏହି ଫଟୋ ଅବିକଳ ସେଇ ରୂପର ଥିଲା ବୋଲି ରାମଲାଲ ଅନୁଭବ କରିଥିଲେ । ସେ ଦୋକାନୀଙ୍କୁ ତତ୍‌କ୍ଷଣାତ୍ ଏ ସମ୍ବନ୍ଧରେ ପଚରାଉଚୁରା କରିଥିଲେ।

୧୧୨। ସେ ଫଟୋଟିକୁ ଭଲ ଭାବରେ ଦେଖିଥିଲେ। "ସେ କିଏ ଓ କେଉଁ ସ୍ଥାନର ?" ସେ ଶ୍ରୀସାଇ ଓ ଶିରିଡ଼ିର ବୋଲି ଜାଣିବା ପରେ ରାମଲାଲ ସନ୍ତୁଷ୍ଟ ହୋଇଥିଲେ।

୧୧୩। ପରେ ସେ ସମ୍ପୂର୍ଣ୍ଣ ଖବର ନେଇଥିଲେ। ରାମଲାଲ ଶିରିଡ଼ି ଯାଇଥିଲେ ଓ ସେଠାରେ ବାବାଙ୍କର ମହାସମାଧି ପର୍ଯ୍ୟନ୍ତ ବାବାଙ୍କ ପାଖରେ ରହିଥିଲେ।

୧୧୪। ବାବା ଭକ୍ତମାନଙ୍କୁ ଦର୍ଶନ କରିବା ପାଇଁ ଆଣି ସେମାନଙ୍କର ଆକାଂକ୍ଷା ପୂରଣ କରୁଥିଲେ ଓ ସେମାନଙ୍କର ସାଂସାରିକ ତଥା ଆଧ୍ୟାତ୍ମିକ ଲକ୍ଷ୍ୟ ହାସଲ କରାଉଥିଲେ।

୧୧୫। ଏହିଭଳି ସମସ୍ତ ଭକ୍ତଙ୍କର ଇଚ୍ଛାପୂରଣ ହେଉଥିଲା। ସେ ନିଜେ ଇଚ୍ଛାଶୂନ୍ୟ, ନିଃସ୍ୱାର୍ଥପର, ଅହଂକାରଶୂନ୍ୟ ଓ ଅନାସକ୍ତ ଥିଲେ। ଭକ୍ତମାନଙ୍କର ଇଚ୍ଛା ପୂରଣ କରିବା ନିମିତ୍ତ ସେ ଅବତାର ଗ୍ରହଣ କରିଥିଲେ ।

୧୧୬। ଯିଏ କ୍ରୋଧରହିତ, ଘୃଣାକୁ ସ୍ଥାନ ଦିଅନ୍ତି ନାହିଁ ଓ ନିଜର ସ୍ୱାର୍ଥ ପ୍ରତି ଟିକିଏ ମଧ୍ୟ ଭ୍ରୂକ୍ଷେପ କରନ୍ତି ନାହିଁ, ତାଙ୍କୁ ପ୍ରକୃତ ସନ୍ଥ ବୋଲି ଜାଣିବ।

୧୧୭। ଯାହାଙ୍କର ବ୍ରତ ହେଉଛି ନିଃସ୍ୱାର୍ଥପର ଶ୍ରଦ୍ଧା ଓ ଯିଏ ନ୍ୟାୟପରତା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଶବ୍ଦଟିଏ ମଧ୍ୟ ବ୍ୟୟ କରନ୍ତି ନାହିଁ, ସେ ପ୍ରକୃତ ସନ୍ଥ।

୧୧୮। ଶେଷରେ,ବାବା ତାଙ୍କର ଜୀବନଚରିତ ମୋ ହାତ ଧରି ଲେଖାଇ ନେଇଛନ୍ତି। ଏହା ପଠନ-ଶ୍ରବଣ କରି ଥିଲେ, ଭକ୍ତମାନେ ନିରନ୍ତର ତାଙ୍କୁ ସ୍ମରଣ କରିବାରେ ନିମଜ୍ଜିତ ହୋଇ ରହିବେ। ଏହା ହିଁ ତାଙ୍କର ଉଦ୍ଦେଶ୍ୟ ।

୧୧୯। ତେଣୁ ହେମାଡ଼ ଅତ୍ୟନ୍ତ ବିନୟ ଭାବରେ ଶ୍ରୋତାମାନଙ୍କୁ 'ଶ୍ରୀସାଇ ସତ୍‌ଚରିତ' ବିଶ୍ୱାସ ଓ ଭକ୍ତି ସହକାରେ ଶୁଣିବା ପାଇଁ ଅନୁରୋଧ କରୁଛି।

୧୨୦। ଶ୍ରୋତାମାନେ ଏଥିରେ ଆନନ୍ଦ ପାଇବେ ଓ ଏହା କୁଅଭ୍ୟାସ ଦୂର କରିବାରେ ସାହାଯ୍ୟ କରିବ। ଏହା ଫଳରେ ଶ୍ରୀସାଇଙ୍କ ଚରଣରେ ଭକ୍ତି ଦୃଢ଼ୀଭୂତ ହେବ ଓ ମୋକ୍ଷପ୍ରାପ୍ତି ହେବ।

୧୨୧। ତାହା ହିଁ ହେଉ। ପରବର୍ତ୍ତୀ ଅଧ୍ୟାୟରେ ସନ୍ନ୍ୟାସୀ ବିଜୟାନନ୍ଦଙ୍କ କାହାଣୀ ବର୍ଣ୍ଣନା କରାଯିବ । ସିଏ ମାନସରୋବରକୁ ଯିବା ପରିବର୍ତ୍ତେ ଶ୍ରୀସାଇଙ୍କ ଚରଣାଶ୍ରିତ ହୋଇ ମୋକ୍ଷପ୍ରାପ୍ତି କରିଥିଲେ।

୧୨୨। ଭକ୍ତ ବାଲାରାମ ମାନକର ମଧ୍ୟ ଚିର ବିଶ୍ରାମ ନେଇଥିଲେ। ନୁଲକର ଓ ମେଘାଙ୍କର ମନସ୍କାମନା ଶ୍ରୀସାଇନାଥ ପୂର୍ଣ୍ଣ ରୂପେ ପୂରଣ କରିଥିଲେ।

୧୨୩। ବ୍ୟାଘ୍ର ଭଳି ଏକ ହିଂସ୍ର ପ୍ରାଣୀ ମଧ୍ୟ ତାଙ୍କ ପଦତଳେ ଆଶ୍ରୟ ପାଇଥିଲା। ଶ୍ରୀସାଇଙ୍କର ଲୀଳା ଏହିଭଳି ଅବିଶ୍ୱାସ୍ୟ ଥିଲା । ତାହା ଶ୍ରବଣ କରିବା ଏକ ମହୋତ୍ସବ ପାଳନ କରିବା ସଦୃଶ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ପ୍ରତିଜ୍ଞା ପାଳନ ଓ ଅନ୍ୟାନ୍ୟ କାହାଣୀର ବର୍ଣ୍ଣନା" ଶୀର୍ଷକ ତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ମାଧବରାଓଙ୍କୁ ତାଙ୍କ ମା' ସ୍ନେହରେ ବାବ୍ୟା ବୋଲି ଡାକୁଥିଲେ।

୨- ନାଗପୁରର ବାପୁସାହେବ ବୁଟୀଙ୍କର ପୁଅ।

୩- ବାବାଙ୍କର ଭକ୍ତ ଓ ରାହାତାର ଜଣେ ଧନୀ ବ୍ୟକ୍ତି।

॥ ୩୧ ॥

ଦର୍ଶନର ମାହାତ୍ମ୍ୟ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ଦେବୀ ସପ୍ତଶୃଙ୍ଗୀଙ୍କ ଭକ୍ତର କାହାଣୀ ଓ ଶ୍ରୀସାଇ କିପରି ମାଧବରାଓଙ୍କ ଦ୍ୱାରା ପ୍ରତିଜ୍ଞା ପାଳନ କରାଇଲେ, ସେହି କାହାଣୀର ବର୍ଣ୍ଣନା କରାଯାଇଥିଲା ।

୨ । ଆହୁରି ମଧ୍ୟ, ଖୁଶାଲଚନ୍ଦ ଓ ରାମଲାଲଙ୍କୁ ସ୍ୱପ୍ନ ମାଧ୍ୟମରେ କିପରି ଦର୍ଶନ ଦେଇଥିଲେ ଓ ରାମଲାଲ କିପରି ବାବାଙ୍କର ମହାସମାଧିଯାଏଁ ଶିରିଡ଼ିରେ ରହିଯାଇଥିଲେ, ତାହାର ବର୍ଣ୍ଣନା କରାଯାଇଛି ।

୩। ବର୍ତ୍ତମାନର କାହାଣୀ ସେଗୁଡ଼ିକ ତୁଳନାରେ ଅଧିକ ଅନନ୍ୟ । ଶ୍ରୋତାମାନେ ଏହାକୁ ଅତି ସଂଭ୍ରମର ସହିତ ଶୁଣନ୍ତୁ- କିପରି ଜଣେ ସନ୍ନ୍ୟାସୀ ମାନସରୋବରକୁ ଯିବା ବାଟରେ ମୋକ୍ଷପ୍ରାପ୍ତ ହୋଇଥିଲେ ।

୪। ଆଉ କିପରି ମାନକର, ନୁଲକର ଓ ମେଘାଙ୍କର ଲକ୍ଷ୍ୟ ପୂରଣ ହୋଇଥିଲା । ଏମାନେ ତ ସହଜେ ମଣିଷ ଥିଲେ, ଏପରିକି ଗୋଟିଏ ହିଂସ୍ର ବ୍ୟାଘ୍ର ମଧ୍ୟ ବାବାଙ୍କ ପଦତଳେ ଆଶ୍ରୟ ପାଇଥିଲା ।

୫ । ଏହିସବୁ କାହାଣୀ ଅତି ବିସ୍ତାରିତ, ତାହାକୁ ସନ୍ନିବେଶିତ କଲେ ଏ ଗ୍ରନ୍ଥର କଳେବର ଅତିଶୟ ବୃଦ୍ଧିପାଇବ । ତେଣୁ ମୁଁ ସେଗୁଡ଼ିକର ସାରକଥା ସଂକ୍ଷେପରେ ବର୍ଣ୍ଣନା କରିବି, ଯାହା ମୁକ୍ତିକାମୀମାନଙ୍କ ପାଇଁ ମଙ୍ଗଳଦାୟକ ହେବ ।

୬। ମୃତ୍ୟୁ ସମୟରେ ନିଜର ଚିନ୍ତନ ଅନୁଯାୟୀ ଜଣେ ପୁନର୍ଜନ୍ମ ପ୍ରାପ୍ତ ହୋଇଥାଏ । କୀଟ ତା'ର ଭୟ ଯୋଗୁଁ ମହୁମାଛିରେ ପରିଣତ ହୋଇଥାଏ । ରାଜା ଜଡ଼ଭରତ ହରିଣ ଶାବକଟିଏ ଲାଳନପାଳନ କରିଥିଲେ ଓ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ତାହାରି ମଙ୍ଗଳ ଚିନ୍ତାରେ ଜଡ଼ିତ ହୋଇରହିଥିଲେ, ସେଇଥିପାଇଁ ତାଙ୍କୁ ହରିଣ ଜନ୍ମ ନେବାକୁ ପଡ଼ିଥିଲା ।

୭ । ମୃତ୍ୟୁ ସମୟରେ ମନୁଷ୍ୟ ଯେଉଁ ରୂପର ଚିନ୍ତା କରିଥାଏ, ପରଜନ୍ମରେ ସେହି ରୂପ ପ୍ରାପ୍ତ ହୋଇଥାଏ । ଯେଉଁ ବ୍ୟକ୍ତି ଭଗବାନଙ୍କ ପାଦତଳେ ଅବନତ ହୋଇଥାନ୍ତି, ସେ ପୁନର୍ଜନ୍ମ ପାଇ ନ ଥାନ୍ତି ।

୮ । ସେହି କାରଣରୁ ନିରନ୍ତର ଭଗବାନଙ୍କ ନାମ ଜପ କରିବାର ଅଭ୍ୟାସ କରିବାପାଇଁ କୁହାଯାଇଥାଏ, ଯାହାଦ୍ୱାରା ଜଣେ ମୃତ୍ୟୁ ସମୟରେ ବିଭ୍ରାନ୍ତ ହେବ ନାହିଁ ଓ ସେହି ସମୟରେ ମଧ୍ୟ ନାମ ଜପ କରି ପାରିବ ।

୯ । ସନ୍ଧିକ୍ଷଣରେ ଜାଗ୍ରତ ନ ରହିଲେ, ଜୀବନର ସମସ୍ତ ସାଧନା ପଣ୍ଡ ହୋଇଯାଏ ଓ ଜୀବନକାଳ ମଧ୍ୟରେ ସନ୍ଥମାନଙ୍କ ସହ କରିଥିବା ସତ୍‌ସଙ୍ଗ ମଧ୍ୟ ବ୍ୟର୍ଥ ପ୍ରମାଣିତ ହୋଇଥାଏ ।

୧୦। ତେଣୁ ଯେଉଁ ଭକ୍ତମାନଙ୍କ ମନରେ ସମ୍ପୂର୍ଣ୍ଣ ଭକ୍ତି ଥାଏ, ସେମାନେ ସେମାନଙ୍କର ଜୀବନକୁ ସନ୍ଥମାନଙ୍କ ହାତରେ ସମର୍ପି ଦେଇଥାନ୍ତି। କାରଣ, କେବଳ ସେହିମାନେ ହିଁ ପୁନର୍ଜନ୍ମ ରହିଛି କି ନାହିଁ ଜାଣିଥାନ୍ତି। ସନ୍ଥମାନେହିଁ ଶେଷ ସମୟରେ ଏକମାତ୍ର ସାଥି ହୋଇଥାନ୍ତି।

୧୧। ଏହି ଉଦାହରଣ ବହନ କରୁଥିବା କାହାଣୀଟି ସାଇବାବାଙ୍କର ସମ୍ମୁଖରେ ଘଟିଥିଲା। ଶ୍ରୋତାମାନେ ଏଥିରୁ ଭକ୍ତମାନଙ୍କ ପ୍ରତି ଶ୍ରୀସାଇଙ୍କର ଥିବା ଶ୍ରଦ୍ଧାସ୍ନେହକୁ ଉପଲବ୍ଧି କରିପାରିବେ।

୧୨। ମାନ୍ଦ୍ରାଜରୁ ଶିରିଡ଼ି ଓ ଶିରିଡ଼ିରୁ ମାନସରୋବରର ତୀଖ ଘାଟୀ ରାସ୍ତା ଚଢ଼ିବା କେତେ ଦୂର ଥିଲା! ମାତ୍ର ଯେତେବେଳେ ଠିକ୍ ସମୟ ହୋଇଯାଏ, ସେତେବେଳେ ସେ ଭକ୍ତମାନଙ୍କୁ ନିଜ ପଦତଳକୁ ନେଇ ଆସିଥାନ୍ତି।

୧୩। ଥରେ ବିଜୟାନନ୍ଦ ନାମକ ଜଣେ ମାନ୍ଦ୍ରାଜୀ ସନ୍ନ୍ୟାସୀ ମାନସରୋବର ଯିବା ନିମନ୍ତେ ଅତ୍ୟନ୍ତ ଉତ୍ସାହରେ ମାନ୍ଦ୍ରାଜରୁ ବାହାରି ପଡ଼ିଥିଲେ।

୧୪। ସେ ଜଣେ ଜାପାନୀ ପର୍ଯ୍ୟଟକଙ୍କ ପର୍ଯ୍ୟଟନ ମାନଚିତ୍ରରୁ ମାନସରୋବରକୁ ଦେଖିବା ପରେ ତାହାର ଦର୍ଶନ ନିମିତ୍ତ ତାଙ୍କର ପ୍ରବଳ ଆଗ୍ରହ ସୃଷ୍ଟି ହୋଇଥିଲା।

୧୫। ତାଙ୍କର ଯିବା ରାସ୍ତାରେ ଶିରିଡ଼ି ପଡୁଥିଲା ଓ ସେ ବାବାଙ୍କର ଖ୍ୟାତି ଶୁଣିଥିଲେ। ଦର୍ଶନ କରିବା ନିମିତ୍ତ ଇଚ୍ଛୁକ ହୋଇ ସେ ବାବାଙ୍କୁ ଖୋଜି ଖୋଜି ଆସିଥିଲେ।

୧୬। ଶ୍ରୀସାଇ ମହାରାଜ ଜଣେ ମହାନ୍ ସନ୍ଥ ଓ ଦେଶ ବିଦେଶରେ ବିଖ୍ୟାତ ବୋଲି ସେ ଶୁଣିଥିଲେ । ତେଣୁ ତାଙ୍କର ଦର୍ଶନ କରିବା ନିମିତ୍ତ ଇଚ୍ଛାକରି ସେ ତାଙ୍କର ଯାତ୍ରା ପଥରେ ଶିରିଡ଼ିଠାରେ ଅଟକିଯାଇଥିଲେ।

୧୭। ହରଦ୍ୱାରର ସ୍ୱାମୀ ସୋମଦେବଜୀ ମଧ୍ୟ ସେତେବେଳେ ଶିରିଡ଼ିରେ ଥିଲେ। ଉଭୟେ ଭକ୍ତମାନଙ୍କ ସମାବେଶରେ ପରସ୍ପରକୁ ସ୍ୱାଭାବିକ ଭାବରେ ଭେଟିଥିଲେ।

୧୮। ମାନସରୋବର କେତେ ବାଟ ବୋଲି ସନ୍ନ୍ୟାସୀ ତାଙ୍କୁ ପଚାରିଥିଲେ। ସ୍ୱାମୀଜୀ ତାଙ୍କୁ କହିଥିଲେ ଯେ ତାହା ପାଞ୍ଚଶହ ମାଇଲ ଦୂର ହେବ ଓ ଗଙ୍ଗୋତ୍ରୀ ଉପର ଦେଇ ସେହି ବାଟ ପଡ଼ିଛି ।

୧୯। "ସେଠାରେ ବହୁତ ବରଫ ପଡ଼େ। ପ୍ରତି ପଚାଶ କୋଶ ପରେ ଭାଷା ବଦଳିଯାଏ। ଭୁଟାନୀମାନେ ଅତ୍ୟନ୍ତ ସନ୍ଦେହୀ, ତେଣୁ ଯାତ୍ରୀମାନେ ବହୁତ ହଇରାଣ ହୋଇଥାନ୍ତି।"

୨୦। ସ୍ୱାମୀଜୀଙ୍କ ନିକଟରୁ ଏଭଳି ସୂଚନା ପାଇ ସନ୍ନ୍ୟାସୀ ବ୍ୟଥିତ ହୋଇଥିଲେ। ସେ ଦ୍ୱିଧାରେ ପଡ଼ିଥିଲେ ଓ ଖୁବ୍ ବିବ୍ରତ ବୋଧ କରିଥିଲେ।

୨୧। ସେ ସାଇବାବାଙ୍କର ଦର୍ଶନ ସାରି ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ତାଙ୍କର ଅତ୍ୟନ୍ତ ଆନନ୍ଦ ଅନୁଭବ ହୋଇଥିଲା। ସେ ଚକାସନରେ ବାବାଙ୍କ ସମ୍ମୁଖରେ ବସିଥିଲେ।

୨୨। ତା'ପରେ ବାବା କ୍ରୁଦ୍ଧ ହୋଇଥିଲେ ଓ ଉପସ୍ଥିତ ଲୋକଙ୍କୁ କହିଥିଲେ, "ସନ୍ନ୍ୟାସୀଙ୍କୁ ବାହାର କରିଦିଅ। ତାଙ୍କର ସଙ୍ଗ ଯୋଗ୍ୟୋଚିତ ନୁହେଁ।"

୨୩। ସନ୍ନ୍ୟାସୀ ଜଣକ ସେଠାକୁ ପ୍ରଥମ ଥର ଆସିଥିବାରୁ ବାବାଙ୍କର ସ୍ୱଭାବ ତାଙ୍କୁ ଜଣା ନ ଥିଲା। ସେ ଲଜ୍ଜା ଅନୁଭବ କରିଥିଲେ ମଧ୍ୟ ସେ କିପରି, କ'ଣ ସେବା ଚାଲିଛି, ଦେଖିବା ନିମନ୍ତେ ବସି ରହିଥିଲେ।

୨୪। ଏହା ସକାଳ ବେଳାର ଦରବାର ଥିଲା ଓ ବହୁତ ଲୋକ ମସ୍‌ଜିଦ୍‌ରେ ରୁଣ୍ଡ ହୋଇଥିଲେ। ଭକ୍ତମାନେ ଯଥାବିଧି ପୂଜାର୍ଚ୍ଚନା କରୁଥିବାର ଦେଖି ସେ ସ୍ତବ୍ଧ ହୋଇଯାଇଥିଲେ।

୨୫। କେତେଜଣ ବାବାଙ୍କର ପାଦ ଧୋଇ ଦେଉଥିଲେ ଓ ତାଙ୍କ ବୃଦ୍ଧାଙ୍ଗୁଷ୍ଠିରୁ ତୀର୍ଥ ଜଳ ଏକ କ୍ଷୁଦ୍ର ପାତ୍ରରେ ସଂଗ୍ରହ କରୁଥିଲେ। ସେମାନେ ଏକାନ୍ତ ଭକ୍ତି ସହକାରେ ତାହାକୁ ପାନ କରୁଥିଲେ ଓ ଆଉ କେତେଜଣ ତାହା ଅତି ମାନ୍ୟ ଜଣାଇ ଚକ୍ଷୁରେ ଲଗାଉଥିଲେ।

୨୬। କେତେ ଜଣ ଘୋରା ଚନ୍ଦନ ବାବାଙ୍କ ଦେହରେ ଲଗାଇଦେଉଥିଲେ ଓ ଆଉ କେତେଜଣ ସୁଗନ୍ଧ ଅତର ବୋଳୁଥିଲେ। ସେମାନେ ବ୍ରାହ୍ମଣ କି ଶୂଦ୍ର, ସେମାନଙ୍କ ନିଜ ନିଜର ଜାତିଗୋତ୍ରର ସମସ୍ତ ପାର୍ଥକ୍ୟ ଭୁଲି ଯାଇଥିଲେ।

୨୭। ବାବା ସନ୍ନ୍ୟାସୀଙ୍କ ଉପରେ କ୍ରୋଧ ପ୍ରକାଶ କରିଥିଲେ ମଧ୍ୟ ସନ୍ନ୍ୟାସୀଙ୍କର ବାବାଙ୍କ ପ୍ରତି ଶ୍ରଦ୍ଧା ଉଚ୍ଛୁଳି ଉଠିଥିଲା। ସେ ବସିବା ସ୍ଥାନରୁ ଉଠି ନ ଥିଲେ କି ଚାଲିଯିବା ନିମନ୍ତେ ଭାବୁନଥିଲେ।

୨୮ । ସେ ଶିରିଡ଼ିରେ ଦୁଇଦିନ ରହିଥିଲେ । ଇତିମଧ୍ୟରେ ତାଙ୍କ ଘରୁ ସେ ଗୋଟିଏ ଚିଠି ପାଇଥିଲେ ଓ ସେଥିରୁ ତାଙ୍କ ମାତା ଅସୁସ୍ଥ ହୋଇପଡ଼ିଥିବାର ସମ୍ବାଦ ପାଇଥିଲେ । ସେହି ଖବର ପାଇ ସେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ ।

୨୯ । ସେ ନିଜ ମାତାଙ୍କ ପାଖରେ ରହିବାପାଇଁ ଘରକୁ ଫେରିଯିବା ନିମନ୍ତେ ଚାହିଁଥିଲେ । କିନ୍ତୁ ବାବାଙ୍କର ଅନୁମତି ବିନା ସେ ଗୋଟିଏ ପାହୁଣ୍ଡେ ବି ଯାଇପାରି ନ ଥିଲେ ।

୩୦ । ଚିଠିଟିକୁ ହାତରେ ଧରି ସନ୍ନ୍ୟାସୀ ମସ୍‌ଜିଦ୍‌କୁ ଯାଇଥିଲେ । ସେ ମାତାଙ୍କର ଅବସ୍ଥା ବର୍ଣ୍ଣନା କରି ବାବାଙ୍କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା କରିଥିଲେ ।

୩୧ । "ମହାରାଜ, ଶ୍ରୀସାଇ ସମର୍ଥ ! ମୁଁ ମୋର ମା'ଙ୍କୁ ଦେଖିବାକୁ ଆକୁଳ ହେଉଛି । ମୋତେ ଖୁସିରେ ଅନୁମତି ଦିଅନ୍ତୁ ଓ ମୋର ଯାତ୍ରା ନିମନ୍ତେ ମୋତେ ଆଶୀର୍ବାଦ କରନ୍ତୁ ।"

୩୨ । ସେ ବାବାଙ୍କ ପାଦତଳେ ପଡ଼ି ପୁଣି କହିଥିଲେ, "ଆପଣ ଅନୁଗ୍ରହ କରି ମୋତେ ଅନୁମତି ଦେବେ ନାହିଁ ? ମୋର ମା' ବିଛଣାରେ ପଡ଼ିରହି ମୃତ୍ୟୁକୁ ଅପେକ୍ଷା କରି ରହିଛି ।

୩୩ । "ସେ ନିଶ୍ଚୟ ମୋତେ ଅପେକ୍ଷା କରିଥିବ । ମୋତେ ମା'ର ଶେଷ ଦର୍ଶନ କରିବା ନିମିତ୍ତ ଅନୁମତି ଦିଅନ୍ତୁ । ଏହାଫଳରେ ସେ ଯନ୍ତ୍ରଣା ସହ୍ୟ କରିବାକୁ ସମର୍ଥ ହେବ ଓ ଶାନ୍ତିରେ ମରିବ ।"

୩୪ । ଶ୍ରୀସାଇ ସର୍ବଦ୍ରଷ୍ଟା ଥିଲେ ଓ ସନ୍ନ୍ୟାସୀଙ୍କର ନିଜ ମରଣକାଳ ଆସନ୍ନ ଜାଣି ତାଙ୍କୁ କ'ଣ କହିଥିଲେ, ମନ ଧ୍ୟାନ ଦେଇ ଶୁଣନ୍ତୁ ।

୩୫ । "ଯଦି ତୁମର ମା'ଙ୍କ ପ୍ରତି ଏତେ ମମତା ଥିଲା, ତେବେ ଏହି ପୋଷାକ (ସନ୍ନ୍ୟାସୀ ପୋଷାକ) ପିନ୍ଧିଥିଲ କାହିଁକି ? ଏହି ପୋଷାକରେ ରହି ଆସକ୍ତି ଶୋଭା ପାଏନାହିଁ । ଏହି ଗେରୁଆ ବସ୍ତ୍ରକୁ ତୁମେ କଳଙ୍କିତ କଲ !

୩୬ । "ଯାଅ, ବସ । ଭାଙ୍ଗିପଡ଼ନାହିଁ । କିଛି ଦିନ ଚାଲି ଯାଉ । ତା'ପରେ ଆମେ ପୁଣି ଚିନ୍ତା କରିବା । ଧୈର୍ଯ୍ୟ ହରାଅ ନାହିଁ, ସାହସ ବାନ୍ଧ ।

୩୭ । "ୱାଡ଼ାରେ ବହୁତ ଚୋର ଅଛନ୍ତି । ସବୁ କବାଟକୁ ବନ୍ଦ କରି ଜାଗ୍ରତ ରୁହ । ସେମାନେ ତୁମର ସମସ୍ତ ସମ୍ପଦ ଅପହରଣ କରି ନେବେ ଓ ତୁମକୁ ନୃଶଂସ ଭାବରେ ଆକ୍ରମଣ କରିବେ ।

୩୮ । "ସମ୍ପଦ ଚିରସ୍ଥାୟୀ ନୁହେଁ, ଶରୀର ମଧ୍ୟ ସବୁବେଳେ କ୍ଷୟଶୀଳ । ମୃତ୍ୟୁ ସବୁବେଳେ ପାଖରେ ଛକି ବସିଛି ବୋଲି ଅବହିତ ହୋଇ ଶାସ୍ତ୍ରାନୁଯାୟୀ ଆଚରଣ କର ଓ ନିଜର ଧର୍ମପ୍ରତି ସଚେତନ ରୁହ ।

୩୯ । "ଏହି ଜଗତରେ ଯଦି ଜଣେ ନିଜର ଶରୀର, ସ୍ତ୍ରୀ, ପିଲାମାନଙ୍କୁ ନେଇ ଗର୍ବ କରୁଥାଏ, ସେ ତ୍ରିତାପରେ ପୀଡ଼ିତ ହୋଇଥାଏ । ସାଂସାରିକ ଜୀବନର ଏହା ହିଁ ଦୁଃଖ ।

୪୦ । "ଦ୍ୱିତୀୟ ଦୁଃଖ ହେଉଛି ସ୍ୱର୍ଗ ପ୍ରାପ୍ତିର ଆକାଂକ୍ଷା । ଯେଉଁମାନେ ପରଜଗତ (ସ୍ୱର୍ଗ ଲୋକ) ପାଇଁ ଆକାଂକ୍ଷିତ ହୋଇଥାନ୍ତି, ସେମାନଙ୍କ ନିମିତ୍ତ ତାହା ମଧ୍ୟ ଆତ୍ମୋପଲବ୍ଧିରେ ପ୍ରତିବନ୍ଧକ ହୁଏ । ସେମାନେ ସବୁବେଳେ ନିରୁତ୍ସାହିତ ରହିଥାନ୍ତି ।

୪୧ । "ସ୍ୱର୍ଗଲୋକରେ ସୁକୃତି ସଂଚିତ ହୋଇ ରହେ ନାହିଁ । ତେଣୁ ନିର୍ଭୟରେ ରହିହୁଏ ନାହିଁ । ସୁକୃତି ସରିଯିବା ମାତ୍ରକେ ପତନର ଭୟ ରହିଥାଏ ।

୪୨ । "ତେଣୁ ଇହଜଗତ ଓ ପରଜଗତ ଉଭୟରେ ଉପଭୋଗ କରିବା ଦୁର୍ଭାଗ୍ୟଜନକ ଅଟେ । ଉଭୟକୁ ସମ୍ପୂର୍ଣ୍ଣ ଭାବରେ ତ୍ୟାଗ କରିଦେଲେ ଚିରନ୍ତନ ଆନନ୍ଦ ମିଳିଥାଏ ।

୪୩ । "ଯେଉଁମାନେ ସାଂସାରିକ ଜୀବନ ପ୍ରତି ବୀତସ୍ପୃହ ହୋଇ ପ୍ରଭୁଙ୍କ ପାଦରେ ଶରଣାଗତ ହୋଇଥାନ୍ତି, ସେମାନଙ୍କ ଆସକ୍ତିର ଗଣ୍ଠି ଢିଲା ହୋଇଯାଏ ଓ ଅଜ୍ଞତାର ବନ୍ଧନ ଦୂର ହୋଇଯାଏ ।

୪୪ । "ଯେଉଁମାନେ ଅଟଳ ଭାବରେ ପ୍ରଭୁଙ୍କର ନାମ କୀର୍ତ୍ତନ କରିବାରେ ପ୍ରବୃତ୍ତ ଥାଆନ୍ତି, ସେମାନଙ୍କର ପାପ, ଦୁଃଖଶୋକ ଓ ଦାରିଦ୍ର୍ୟ ଦୂରହୋଇ ଯାଇଥାଏ । ଯିଏ ପ୍ରଭୁଙ୍କୁ ଶ୍ରଦ୍ଧାସ୍ନେହ ସହକାରେ ଧ୍ୟାନ କରିଥାନ୍ତି, ପ୍ରଭୁ ତାଙ୍କ ନିକଟକୁ ଧାଇଁ ଆସି ସାହାଯ୍ୟ କରନ୍ତି ।

୪୫ । "ତୁମର ପୂର୍ବ ଜନ୍ମରେ ସଞ୍ଚିତ ସୁକୃତି ବେଶ୍ ଅଧିକ ଥିବାରୁ ତୁମେ ଏଠାକୁ ଆସି ପାରିଛ । ଏବେ ମୁଁ ଯାହା କହୁଛି, ତାହା କର ଓ ଜୀବନର ମହତ୍ତର ଉଦ୍ଦେଶ୍ୟକୁ ଅନୁଭବ କର ।

୪୬ । "ଆସନ୍ତାକାଲିଠାରୁ ଠିକ୍ ଭାବରେ 'ଭାଗବତ' ପଠନ

ଆରମ୍ଭ କର। ଏକାଦିକ୍ରମେ ତିନି ସପ୍ତାହ ମଧ୍ୟରେ ଲାଗ ଲାଗ ତିନିଥର ବିବେକସମ୍ମତ ଭାବରେ ପାରାୟଣ କର।"

୪୭। "କାମନାବାସନା ଶୂନ୍ୟ ହୋଇ ସେହି ପୁସ୍ତକକୁ ଏକାଗ୍ରତା ସହକାରେ ପଢ଼ କିମ୍ବା ଶୁଣ ଓ ଦିବାରାତ୍ରି ତାହାର ଚିନ୍ତନ କର।

୪୮। "ପ୍ରଭୁ ଖୁସି ହେବେ ଓ ତୁମର ସମସ୍ତ ଦୁଃଖ ଦୂର କରିଦେବେ। ମାୟାମୋହ ଓ ଆସକ୍ତି ଦୂର ହେବ ଓ ତୁମେ ପରମ ଆନନ୍ଦ ଲାଭ କରିବ।

୪୯। "ଶୁଦ୍ଧପୂତ ଭାବରେ ସ୍ନାନାଦି ନିତ୍ୟକର୍ମ ସାରି, ପ୍ରଭୁଙ୍କ ଉପରେ ଧ୍ୟାନରଖି ମୁଁ ଯାହା ତୁମକୁ କହିଲି, ସେହି ପ୍ରତିଜ୍ଞା ପାଳନ କର ଓ ତୁମେ ଆସକ୍ତିରୁ ମୁକ୍ତି ପାଇବ।"

୫୦। ଯେତେବେଳେ ସନ୍ନ୍ୟାସୀଙ୍କ ନିଜର ମୃତ୍ୟୁ ନିକଟତର ହୋଇ ଆସୁଥିଲା,ବାବା 'ରାମ ବିଜୟ' ପାରାୟଣର ଆୟୋଜନ କରାଇଥିଲେ। କାରଣ, ତାହା ଯମ ଦେବତାଙ୍କୁ ଆନନ୍ଦ ଦେଇଥାଏ।

୫୧। ତା'ପରଦିନ ସକାଳେ ଶୁଦ୍ଧପୂତ ଭାବରେ ସ୍ନାନାଦି ନିତ୍ୟକର୍ମ ସାରି ସେ ବାବାଙ୍କୁ ଆଞ୍ଜୁଳାଏ ପୁଷ୍ପ ଅର୍ପଣ କରିଥିଲେ ଓ ତାଙ୍କର ପାଦଧୂଳିକୁ ମୁଣ୍ଡରେ ଲଗାଇଥିଲେ।

୫୨। ଭାଗବତ ପୋଥିକୁ କାଖରେ ଜାକି ଧରି ସେ ପାରାୟଣ କରିବା ନିମିତ୍ତ ନିରୋଳା ସ୍ଥାନ ଖୋଜିଥିଲେ ଓ ଲେଣ୍ଡିବାଗକୁ ସବୁଠୁ ଶାନ୍ତ ଏବଂ ଉପଯୁକ୍ତ ସ୍ଥଳ ରୂପେ ବାଛିଥିଲେ।

୫୩। ସେ ଚକାସନରେ ବସି ପାରାୟଣ ଆରମ୍ଭ କରିଥିଲେ। ସନ୍ନ୍ୟାସୀ ହୋଇଥିବାରୁ ତାଙ୍କର ସ୍ୱଭାବରେ ଭଗବାନଙ୍କ ପ୍ରତି ଶ୍ରଦ୍ଧା ଥିଲା ଓ ସେ ଦୁଇ ସପ୍ତାହରେ ଦୁଇଥର ପାରାୟଣ ସମାପ୍ତ କରିଥିଲେ।

୫୪। ତୃତୀୟ ଥର ପାରାୟଣ ଆରମ୍ଭ କରିବା ସମୟରେ ହଠାତ୍ ସେ ଅସୁସ୍ଥ ବୋଧ କରିଥିଲେ। ତାଙ୍କର ଦୁର୍ବଳତା କ୍ରମଶଃ ବଢ଼ିଯାଇଥିଲା। ତେଣୁ ସେ ପାରାୟଣ ସମାପ୍ତ କରି ପାରିନଥିଲେ।

୫୫। ସେ ୱାଡ଼ାକୁ ଫେରି ଆସିଥିଲେ ଓ ଦୁଇଦିନ ଅତ୍ୟନ୍ତ ଅସୁସ୍ଥ ହୋଇପଡ଼ିଥିଲେ। ତୃତୀୟ ଦିନ ସକାଳେ ସେ ଆଉ ଆଖି ଖୋଲି ନ ଥିଲେ।

୫୬। ଫକୀର ବାବାଙ୍କ କୋଳରେ ମୁଣ୍ଡ ରଖି ସନ୍ନ୍ୟାସୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସେ ମରଶରୀରରୁ ମୁକ୍ତ ହୋଇଯାଇଥିଲେ।

୫୭। ସନ୍ନ୍ୟାସୀଙ୍କ ମୃତ୍ୟୁ ଖବର ବାବାଙ୍କୁ ଦିଆଯାଇଥିଲା। ବାବା ଶବକୁ ଗୋଟିଏ ଦିନ ରଖିବା ପାଇଁ କହିଥିଲେ।

୫୮। "ସଙ୍ଗେ ସଙ୍ଗେ ସତ୍କାର କରନାହିଁ" ବୋଲି ବାବା କହିଥିଲେ। ହୁଏତ ତାଙ୍କ ଜୀବନ ଫେରି ଆସିବ ବୋଲି ଲୋକେ ଭାବିଥିଲେ ଓ ସେଥିପାଇଁ ମୃତ ଶରୀରକୁ ସୁରକ୍ଷିତ ରଖିଥିଲେ ।

୫୯। ମଣିଷ ଥରେ ମରିଗଲେ ପୁଣି ଜୀଇଁ ଥାଏ କି? କିନ୍ତୁ ବାବାଙ୍କ ନିର୍ଦ୍ଦେଶକୁ ମାନିନେଇ ମୃତ ଶରୀରର ଯତ୍ନ ନିଆଯାଇଥିଲା।

୬୦। ଶେଷରେ ବାବାଙ୍କର କଥା ସତ୍ୟ ପ୍ରମାଣିତ ହୋଇଥିଲା। ଦାବୀଦାର ନ ଥିବା ଶବର ଯତ୍ନ ନିଆଯାଇଥିଲା। ପୋଲିସର ସନ୍ଦେହ ଅନୁସନ୍ଧାନ ପରେ ଦୂର ହୋଇଥିଲା। କିନ୍ତୁ ପୁଣି ଶବ ଜୀଇଁ ଉଠିବାର ପ୍ରଶ୍ନ ଉଠି ନ ଥିଲା।

୬୧। ମୃତ ଶରୀର ପୁନଶ୍ଚ ଜୀବନ ଫେରି ପାଏ ନାହିଁ ବୋଲି ବାବା କ'ଣ ଜାଣି ନ ଥିଲେ! ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା ଯେ ଶବ ସତ୍କାର କରିବା ପୂର୍ବରୁ ପୋଲିସର ଯାହା ଅନୁସନ୍ଧାନ କରିବା କଥା, ତାହା ହୋଇଯାଉ।

୬୨। ଦାବୀଦାର ନ ଥିବା ଶବ ସଂସ୍କାରର ଦାୟିତ୍ୱ ସରକାରଙ୍କ ଉପରେ ନ୍ୟସ୍ତ ଥିବାରୁ ସବୁବେଳେ ଅଚାନକ ମୃତ୍ୟୁ ଘଟଣାର ତଦନ୍ତ ହୋଇଥାଏ। ତେଣୁ ତା' ପୂର୍ବରୁ ଶବ ସତ୍କାର ନ କରିବାକୁ ବାବା ନିର୍ଦ୍ଦେଶ ଦେଇଥିଲେ।

୬୩। ସେ ଯାହାହେଉ, ତା'ପରେ ଯଥାବିଧି କ୍ରିୟାକର୍ମ କରାଯାଇଥିଲା। ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଓ ଯଥୋପଯୁକ୍ତ ସ୍ଥାନରେ ସମାଧି ଦିଆଯାଇଥିଲା। ସନ୍ଥଙ୍କର ସନ୍ନ୍ୟାସୀଙ୍କୁ ମୋକ୍ଷଦାନ କାର୍ଯ୍ୟ ସଂପନ୍ନ ହୋଇଥିଲା।

୬୪। ସେହିଭଳି ଅନ୍ୟ ଏକ କାହାଣୀ ଶ୍ରୋତାମାନଙ୍କୁ ଶୁଣାଉଛି। ଏହାକୁ ମନ ଧ୍ୟାନ ଦେଇ ଶୁଣିଲେ ଶ୍ରୀସାଇଙ୍କର ସର୍ବବ୍ୟାପକତା ସମ୍ବନ୍ଧରେ ଜାଣି ପାରିବେ।

୬୫। ବାଲାରାମ ମାନକର ନାମକ ଜଣେ ଗୃହସ୍ଥ ବାବାଙ୍କର ବଡ଼ ଭକ୍ତ ଥିଲେ।

୬୬। ପରେ ତାଙ୍କ ପତ୍ନୀଙ୍କର ମୃତ୍ୟୁ ହୋଇଥିଲା ଓ ଜଣେ ଗୃହସ୍ଥ ହିସାବରେ ତାଙ୍କ କର୍ତ୍ତବ୍ୟ ତୁଲାଇବାରେ ବ୍ୟାଘାତ

ଘଟିଥିଲା । ସେ ମନର ଶାନ୍ତି ହରାଇଥିଲେ ମଧ୍ୟ ପରମ ଆନନ୍ଦ ପାଇବା ଆଡ଼କୁ ଅଗ୍ରସର ହୋଇଥିଲେ ।

୬୭ । ପୂର୍ବ ଜନ୍ମରୁ ସଞ୍ଚିତ ସୁକୃତି ଯୋଗୁଁ ସେ ଶ୍ରୀସାଇଙ୍କ ପଦରେ ସଂଶ୍ଲିଷ୍ଟ ହୋଇଥିଲେ । ସେଥିରେ ସେ ଅଖଣ୍ଡ ବିଶ୍ୱାସ ସ୍ଥାପନ କରିଥିଲେ ଓ ସାଂସାରିକ ବନ୍ଧନରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିଲେ ।

୬୮ । ସମସ୍ତ କାମନାବାସନା ତ୍ୟାଗକରି, ସନ୍ତାନ ଓ ପରିବାର ସହ ସମ୍ପର୍କ ଛିନ୍ନକରି ମାନକର ତାଙ୍କର ଅସାଧାରଣ ଭାଗ୍ୟ ଯୋଗୁଁ ସାଂସାରିକ ଜୀବନ ପରିତ୍ୟାଗ କରିଥିଲେ ।

୬୯ । ଆଧ୍ୟାତ୍ମିକ ଜଗତକୁ ପ୍ରବେଶ କରିବା ପଥରେ ପ୍ରଧାନ ପ୍ରତିବନ୍ଧକ ହେଲା ଜୀବିକାର୍ଜନ ଓ ଅନ୍ୟମାନଙ୍କର ଯତ୍ନ ନେବାର ଇଚ୍ଛା । ଏହି ଭାର ସେ ତାଙ୍କ ପୁତ୍ର ଉପରେ ନ୍ୟସ୍ତ କରିଦେଇଥିଲେ,ସାଂସାରିକ ଜୀବନରୁ ନିଜକୁ ଦୂରେଇ ନେଇଥିଲେ ଓ ଶିରିଡ଼ି ଚାଲିଆସିଥିଲେ ।

୭୦ । ବିଭିନ୍ନ ପ୍ରକାର ସନ୍ନ୍ୟାସ ମଧ୍ୟରୁ ଏହା ମଧ୍ୟ ଏକ ପ୍ରକାର ସନ୍ନ୍ୟାସ । କିନ୍ତୁ ଯେଉଁ ଧାରଣା ଜ୍ଞାନରୁ ଜାତ ନ ହୋଇ କେବଳ ମନରୁ ସୃଷ୍ଟ ହୋଇଥାଏ, ତାହା ପ୍ରତି ପଦକ୍ଷେପରେ ଅସୁବିଧା ସୃଷ୍ଟି କରିଥାଏ ।

୭୧ । ତେଣୁ ବଦାନ୍ୟତାର ଅବତାର ଶ୍ରୀସାଇ ମାନକରଙ୍କ ଏକାନ୍ତ ଭକ୍ତିରେ ପ୍ରୀତ ହୋଇ ତାଙ୍କୁ କରୁଣା ପ୍ରଦାନ କରିଥିଲେ ଓ ତାଙ୍କର ଅନାସକ୍ତ ଭାବକୁ ସୁଦୃଢ଼ କରାଇଥିଲେ ।

୭୨ । ଅସଂଖ୍ୟ ଜନ୍ମର ଛାପ ପରସ୍ତକୁ ପରସ୍ତ ଜମି ରହି ଅସ୍ଥିର ମନକୁ ସ୍ଥିର ହେବା ପାଇଁ ଦିଏ ନାହିଁ । ନିର୍ବୋଧ ଭାବରେ ବିଶ୍ୱାସଯୋଗ୍ୟ ସ୍ୱପ୍ନଗୁଡ଼ିକର ଜୁଆର ଅଧିକ ଶକ୍ତିଶାଳୀ ହୋଇଥାଏ ଓ ଅନାସକ୍ତ ଭାବ ଦୃଢ଼ୀଭୂତ ହୋଇ ନ ଥାଏ ।

୭୩ । "ଶିରିଡ଼ି ମୋର ଏକମାତ୍ର ନିବାସ ନୁହେଁ; ମୁଁ ସ୍ଥାନ, କାଳ, ପାତ୍ରର ବାହାରେ ।" ଏହି ଉକ୍ତିକୁ ପ୍ରମାଣିତ କରିବା ପାଇଁ ବାବା ମାନକରଙ୍କୁ ନିମ୍ନୋକ୍ତ ଆଦେଶ ଦେଇଥିଲେ ।

୭୪ । "ତୁମେ ଶିରିଡ଼ିରେ ଦୀର୍ଘଦିନ ହେଲା ରହିଗଲଣି । ଖର୍ଚ୍ଚ ନିମନ୍ତେ ଏହି ବାର ଟଙ୍କା ନିଅ । ମଚ୍ଛିନ୍ଦ୍ରଗଡ଼କୁ ତପସ୍ୟା କରିବାକୁ ଯାଅ । ସେଠାରେ ଆନନ୍ଦପ୍ରାପ୍ତି ପାଇଁ ଦୃଢ଼ପରିକର ହୋଇ ରହିବ ।"

୭୫ । ଶ୍ରୀସାଇଙ୍କ ବଚନ ଶୁଣିବା ପରେ, ତାଙ୍କ ଆଦେଶକୁ ମାନି ନେବାକୁ ସେ ସ୍ଥିର କରିଥିଲେ ଓ ବାବାଙ୍କ ଚରଣରେ ନତମସ୍ତକ ହୋଇଥିଲେ । ସେ ବାବାଙ୍କୁ ଭକ୍ତିପୂତ ଶ୍ରଦ୍ଧା ଜଣାଇ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।

୭୬ । କିନ୍ତୁ ଅତି ବିନୟ ଭାବରେ ମାନକର ଶ୍ରୀସାଇଙ୍କୁ ପଚାରିଥିଲେ, "ଆପଣଙ୍କ ଦର୍ଶନ ପାଇ ପାରୁ ନ ଥିବା ସ୍ଥାନରେ ମୁଁ ଯାଇ କ'ଣ କରିବି ?

୭୭ । "ଏଠାରେ ମୁଁ ଆପଣଙ୍କ ପଦଯୁଗଳକୁ ପ୍ରତ୍ୟହ ଦର୍ଶନ କରୁଛି, ଆପଣଙ୍କ ପାଦଧୁଆ ତୀର୍ଥଜଳ ପାନ କରୁଛି ଓ ଅନାୟାସରେ ଆପଣଙ୍କୁ ଦିନରାତି ଧ୍ୟାନ କରିପାରୁଛି । ମୁଁ ସେଠାରେ ନିଃସ୍ୱ ହୋଇଯିବି ।

୭୮ । "ତେଣୁ, ବାବା ! ଆପଣଙ୍କ ବିନା ସେଠାରେ ମୋର ମଙ୍ଗଳ ସାଧନ କିପରି ମୁଁ କରିପାରିବି ? ମୋତେ ସେଠାକୁ ପଠାଇବା ପଛରେ ଆପଣଙ୍କର ଉଦ୍ଦେଶ୍ୟ କ'ଣ ମୁଁ ବୁଝି ପାରୁନାହିଁ ।"

୭୯ । ଭକ୍ତ କେବେହେଲେ, ଏପରିକି କ୍ଷଣିକପାଇଁ ବି ନିଜର ଗୁରୁବାକ୍ୟକୁ ସନ୍ଦେହ କରିବା ଉଚିତ ନୁହେଁ ବୋଲି ଜାଣିଥିବା ହେତୁ ବାଲାରାମ ମାନକର ସାଙ୍ଗେ ସାଙ୍ଗେ ମନସ୍ତାପ କରିଥିଲେ ଓ ତାଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଇଥିଲା ।

୮୦ । ସେ କହିଥିଲେ, "ବାବା, ମୋତେ କ୍ଷମା କରିଦିଅନ୍ତୁ । ମୋର ଚିନ୍ତାଭାବନା ଏକାନ୍ତ ନିରର୍ଥକ । ମୁଁ ଏମିତି ସନ୍ଦେହ କରିଥିବା ହେତୁ ଲଜ୍ଜିତ । ମୋ ପକ୍ଷରେ ସନ୍ଦେହ କରିବା ଶୋଭାପାଏ ନାହିଁ ।

୮୧ । "ଆପଣଙ୍କ ଆଦେଶ ଅନୁଯାୟୀ, ମୁଁ ସର୍ବଦା ପ୍ରଭୁଙ୍କ ନାମ ସ୍ମରଣରେ ମଜ୍ଜି ରହିବି ଓ ମଚ୍ଛିନ୍ଦ୍ରଗଡ଼ରେ ଆପଣଙ୍କ ଶକ୍ତି ବଳରେ ସୁରକ୍ଷିତ ରହିବି ।

୮୨ । "ସେଠାରେ ମୁଁ ଆପଣଙ୍କୁ ଧ୍ୟାନ କରିବି ଓ ଆପଣଙ୍କର ଦୟାମୟ ରୂପକୁ ସ୍ମରଣ କରିବି । ଆପଣଙ୍କ ପଦଯୁଗଳକୁ ହିଁ କେବଳ ଚିନ୍ତା କରିବି । ତାହା ହିଁ ମୋର ସର୍ବକାଳୀନ ତପସ୍ୟା ହେବ ।

୮୩ । "ମୁଁ ଆପଣଙ୍କର ସମ୍ପୂର୍ଣ୍ଣ ଶରଣାଗତ । ମୋର ସମସ୍ତ ଗତି ଅଗତି ଆପଣଙ୍କ ହସ୍ତରେ ନ୍ୟସ୍ତ ରହିଛି । ସେ କ୍ଷେତ୍ରରେ, ଏଭଳି ଭାବନା ମୋ ମନ ମଧ୍ୟକୁ ଆସୁଛି କାହିଁକି ?

୮୪ । "ଆପଣଙ୍କ ଆଦେଶ ବଳରେ ମୁଁ ସେଠାରେ ମଧ୍ୟ ଶାନ୍ତି ଲାଭ କରିବି । ମୁଁ ଆପଣଙ୍କର କ୍ଷମତା ସମ୍ବନ୍ଧରେ ଅବହିତ ଥିବା ବେଳେ ଏଭଳି ଅଯଥାରେ ବିବ୍ରତ ହେବି କାହିଁକି ?"

୮୫ । ଶ୍ରୀସାଇ ସମର୍ଥ ଚିରନ୍ତନ ବ୍ରହ୍ମ ହୋଇଥିବାରୁ ତାଙ୍କର ବାକ୍ୟ ବ୍ରହ୍ମାଙ୍କର ବେଦ ଭଳି ଅଟଳ । ଯିଏ ତାହାକୁ ବିଶ୍ୱାସ କରିଥାନ୍ତି, ସିଏ ଏହିଭଳି ଅନୁଭୂତି ପାଇଥାନ୍ତି ।

୮୬ । ବାବା ତାଙ୍କୁ କହିଥିଲେ, "ମୋ କଥାକୁ ସାବଧାନ ହୋଇ ଶୁଣ । କୌଣସି ପ୍ରକାର ସନ୍ଦେହ କର ନାହିଁ ।

୮୭ । "ସାଙ୍ଗେ ସାଙ୍ଗେ ମଚ୍ଛିନ୍ଦ୍ରଗଡ଼ ଚାଲିଯାଅ । ପ୍ରତ୍ୟହ ତିନି ଥର ଲେଖାଏଁ ଧ୍ୟାନ କରିବ । କିଛି ଦିନ ପରେ ତୁମେ ସ୍ୱର୍ଗୀୟ ଆନନ୍ଦ ଲାଭ କରିବ ।"

୮୮ । ଏଭଳି ଆଶ୍ୱାସନା ମିଳିଯିବା ପରେ, ମାନକର ଚୁପ୍ ହୋଇଯାଇଥିଲେ,"ମୁଁ ଅଧର୍ମୀ ଲୋକ, କ'ଣ ଆଉ କହିବି ?" ସେ ମଚ୍ଛିନ୍ଦ୍ରଗଡ଼ ଅଭିମୁଖେ ଯିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ ।

୮୯ । ଆଉ ଥରେ ଶ୍ରୀସାଇଙ୍କ ଚରଣରେ ପ୍ରଣାମ କରି, ଉଦି ଓ ଆଶୀର୍ବାଦ ଗ୍ରହଣ କରି ମାନକର ଶାନ୍ତ ମନରେ ମଚ୍ଛିନ୍ଦ୍ରଗଡ଼ ଅଭିମୁଖେ ବାହାରି ଯାଇଥିଲେ ।

୯୦ । ସେହି ମନୋରମ ସ୍ଥାନରେ ପହଞ୍ଚିବା ପରେ ସେଠାକାର ଶୁଦ୍ଧ ସ୍ୱଚ୍ଛ ଜଳ ଓ ଶୀତଳ ପବନ ଦେଖି ସେ ମନରେ ତୃପ୍ତି ଅନୁଭବ କରିଥିଲେ ।

୯୧ । ଏହି ମାନକର ଶ୍ରୀସାଇଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇ ମଚ୍ଛିନ୍ଦ୍ରଗଡ଼ରେ ଶ୍ରୀସାଇଙ୍କ ବିନା ରହିଥିଲେ । ତାଙ୍କୁ ଯେଉଁପ୍ରକାରେ କୁହାଯାଇଥିଲା ଓ ପରାମର୍ଶ ଦିଆଯାଇଥିଲା, ସେହି ପ୍ରକାରେ ସେ ଧ୍ୟାନର ଅଭ୍ୟାସ କରିଥିଲେ ।

୯୨ । ତା'ପରେ ବାବାଙ୍କର ଚମତ୍କାରିତାକୁ ଦେଖନ୍ତୁ । ମାନକର ଗଭୀର ଭାବରେ ଧ୍ୟାନମଗ୍ନ ଥିବା ସମୟରେ ମଚ୍ଛିନ୍ଦ୍ରଗଡ଼ଠାରେ ବାବାଙ୍କୁ ବ୍ୟକ୍ତିଗତ ଭାବରେ ଦର୍ଶନ କରିଥିଲେ ଓ ତାଙ୍କର ଏକ ବିରଳ ଅନୁଭୂତି ହୋଇଥିଲା ।

୯୩। ଧ୍ୟାନରତ ସମାଧି ଅବସ୍ଥାରେ ଦର୍ଶନ ଲାଭ କରିବା କିଛି ଆଶ୍ଚର୍ଯ୍ୟଜନକ ଘଟଣା ନୁହେଁ । କିନ୍ତୁ ଏହି ଦର୍ଶନ ସେ ବସିଥିବା ଅବସ୍ଥାରେ ଓ ଧ୍ୟାନରୁ ଉଠିବାକୁ ଯାଉଥିବା ବେଳେହିଁ ପାଇଥିଲେ । ସେ ଶ୍ରୀସାଇ ସମର୍ଥଙ୍କୁ ସ୍ୱଚକ୍ଷୁରେ ଦେଖିଥିଲେ ।

୯୪ । କେବଳ ସେ ଦେଖି ନ ଥିଲେ, ତାଙ୍କୁ ବ୍ୟକ୍ତିଗତ ଭାବରେ ପଚାରିଥିଲେ, "ବାବା ମୋତେ ଏଠାକୁ କାହିଁକି ପଠାଇଦେଲେ ?" ବାବା କ'ଣ ଉତ୍ତର ଦେଇଥିଲେ ଶୁଣନ୍ତୁ ।

୯୫ । "ତୁମେ ଶିରିଡ଼ିରେ ଥିବା ସମୟରେ ତୁମ ମନ ଭିତରେ ଅନେକ ଧାରଣା ଓ ବହୁ ଚିନ୍ତାର ଲହରୀ ଖେଳୁଥିଲା । ତୁମର ଅଶାନ୍ତ ମନକୁ ଶାନ୍ତ କରିବା ନିମନ୍ତେ ମୁଁ ତୁମକୁ ମଚ୍ଛିନ୍ଦ୍ରଗଡ଼କୁ ପଠାଇଦେଲି ।

୯୬ । "ତୁମେ ଭାବିଥିଲ ଯେ ମୁଁ ଶିରିଡ଼ିରେ ପଞ୍ଚ ମହାଭୂତର ସାଢ଼େ ତିନି ହାତ ଲମ୍ବର ଶରୀର ଧରି ରହିଛି ଓ ଆଉ କେଉଁଠାରେ ନୁହେଁ ।

୯୭ । "ଏବେ ତୁମେ ମୋତେ ଦେଖି ନିଜେ ସ୍ଥିର କର ଯେ ତୁମେ ଏଠାରେ ଯେଉଁ ବ୍ୟକ୍ତିକୁ ଦେଖୁଛ ସେଇ ଏକା ବ୍ୟକ୍ତିକୁ ଶିରିଡ଼ିରେ ଦେଖିଥିଲ ନା ନାହିଁ ! ଏହି କାରଣ ଜାଣିବା ପାଇଁ ମୁଁ ତୁମକୁ ଏଠାକୁ ପଠାଇଥିଲି ।"

୯୮ । ସେ ଯାହାହେଉ, ତା'ପରେ ବାଲାରାମ ମାନକର ନିର୍ଦ୍ଦିଷ୍ଟ ସମୟ ପୂରିଯିବା ପରେ ମଚ୍ଛିନ୍ଦ୍ରଗଡ଼ ଛାଡ଼ି ନିଜ ଘରକୁ ଯିବା ପାଇଁ ମନ କରିଥିଲେ ।

୯୯ । ଯେଉଁ ବାଉଲେଠାରେ ସେ ରହୁଥିଲେ, ସେଠାକୁ ସେ ଯିବାକୁ ଚାହିଁଥିଲେ । ତେଣୁ ସେ ପୁଣେରୁ ଦାଦରକୁ ଟ୍ରେନ୍‌ରେ ଯିବା ପାଇଁ ସ୍ଥିର କରିଥିଲେ ।

୧୦୦ । ସେ ପୁଣେ ରେଳଷ୍ଟେସନକୁ ଯାଇଥିଲେ ଓ ଟିକେଟ କିଣିବା ନିମନ୍ତେ ଟିକେଟ ଝରକା ନିକଟରେ ଛିଡ଼ା ହୋଇଥିବା ସମୟରେ ଏକ ବିସ୍ମୟକର ଘଟଣା ଘଟିଥିଲା ।

୧୦୧ । ଅଜଣା ଗାଉଁଲି ଲୋକ ଭଳି ଦିଶୁଥିବା ଜଣେ ଯାତ୍ରୀ ଅଣ୍ଟାରେ ଲୁଗା ଖଣ୍ଡେ ଗୁଡ଼ାଇ ହୋଇ, କାନ୍ଧରେ ମୋଟା କମ୍ବଳଟିଏ ପକାଇ, ଟିକେଟ ଝରକା ନିକଟରେ ଦେଖାଦେଇଥିଲେ ।

୧୦୨ । ସେହି ଗାଉଁଲି ବ୍ୟକ୍ତି ଜଣକ ଦାଦର ନିମନ୍ତେ ଟିକେଟ ଖଣ୍ଡିଏ କିଣିଥିଲେ । ଝରକା ପାଖରୁ ବୁଲି ପଡ଼ିବା ମାତ୍ରକେ ମାନକରଙ୍କ ଆଖି ଉପରେ ତାଙ୍କ ଆଖି ପଡ଼ିଯାଇଥିଲା । ଏଣୁ ସେ ମାନକରଙ୍କ ପାଖକୁ ଆସିଥିଲେ ।

୧୦୩ । ସେ ତାଙ୍କୁ ପଚାରିଥିଲେ "କେଉଁଠାକୁ ଯିବେ ?" ତାହାର ଉତ୍ତରରେ ଦାଦର ଶୁଣିବା ପରେ ସେ ସଙ୍ଗେ

ସଙ୍ଗେ ତାଙ୍କ ହାତକୁ ଟିକେଟ ବଢ଼ାଇଦେଇ କହିଥିଲେ "ତୁମେ ଏଇଟିକୁ ନିଅ।"

୧୦୪। "ମୋର ମଧ୍ୟ ଦାଦର ଯିବାର ଥିଲା, କିନ୍ତୁ ଏକ ଜରୁରୀ କାର୍ଯ୍ୟ ଅଛି ବୋଲି ମୋର ମନେପଡ଼ିଗଲା । ସେଥିନିମନ୍ତେ ମୋତେ ଏଠାରେ ରହିବା ପାଇଁ ପଡ଼ିବ। ତେଣୁ ମୁଁ ଯାଇପାରିବି ନାହିଁ।"

୧୦୫। ପଇସା ଦେଲେ ମଧ୍ୟ ଟିକେଟ ସହଜରେ ମିଳୁ ନ ଥିଲା। ଅନାୟାସରେ ଏହା ମିଳି ଯାଇଥିବାରୁ ମାନକର ଅତିଶୟ ଖୁସି ହୋଇଥିଲେ।

୧୦୬। ସେ ଭଡ଼ା ଟିକେଟ ମୂଲ୍ୟ ଦେବା ପାଇଁ ପକେଟରୁ ପଇସା ବାହାର କରିବା ଅବସରରେ ଗାଉଁଲି ବ୍ୟକ୍ତିଟି ଭିଡ଼ ମଧ୍ୟରେ ପଶି ଯାଇଥିଲା ଓ ସେ କୁଆଡ଼େ ଉଭେଇଗଲା ଖୋଜିଲେ ମଧ୍ୟ ଜାଣିହେଲା ନାହିଁ।

୧୦୭। ସେହି ଗାଉଁଲି ବ୍ୟକ୍ତିଙ୍କୁ ଖୋଜି ପାଇବା ନିମନ୍ତେ ମାନକର ବହୁତ ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏଣେ ଟ୍ରେନ୍ ଆସି ଯାଇଥିଲା।

୧୦୮। 'ନଗ୍ନ ପାଦ ଓ ନଗ୍ନ ଶରୀରରେ କେବଳ ମୋଟା କମ୍ବଳଟାଏ କାନ୍ଧରେ ପକାଇଥିବା ଓ ନିଜ ମୁଣ୍ଡରେ ଖଣ୍ଡେ ଛିଣ୍ଡା ଲୁଗା ବାନ୍ଧିଥିବା ଏହି ଗାଉଁଲି ବ୍ୟକ୍ତି ଜଣକ କିଏ ଥିଲେ ?'

୧୦୯। 'ଗାଡ଼ି ଟଙ୍କାର ପରିମାଣ କିଛି କମ୍ ନ ଥିଲା ଓ ସେ ତାହାକୁ ନିଜ ହାତରୁ ଦେଇଥିଲେ। ମୋତେ ଏଭଳି ଅନୁଗୃହୀତ କରି ସେ କାହିଁକି ଋଣୀ କରି ଦେଇଗଲେ ? ମୁଁ କିଛି ବୁଝି ପାରୁନାହିଁ !'

୧୧୦। 'ସେ ଉଦାର ଓ ନିଃସ୍ୱାର୍ଥପର ଥିଲେ। ଏଭଳି ଗାଉଁଲି ରୂପରେ କିଏ ବା ଆସିପାରେ ?' ଏହି ଘଟଣା ଶେଷ ପର୍ଯ୍ୟନ୍ତ ରହସ୍ୟମୟ ହୋଇ ରହିଯାଇଥିଲା। ମାନକର ବିଚଳିତ ହୋଇପଡ଼ିଥିଲେ।

୧୧୧। ଏହିଭଳି ଅନେକ ପ୍ରଶ୍ନ ତାଙ୍କ ମନ ଭିତରେ ଉଙ୍କି ମାରୁଥିଲା । ସେ କମ୍ପାର୍ଟମେଣ୍ଟର ଦ୍ୱାର ନିକଟରେ ଟ୍ରେନ ଚାଲିବା ପର୍ଯ୍ୟନ୍ତ ଛିଡ଼ା ହୋଇ ଗାଉଁଲି ଲୋକଟିକୁ ଦେଖିବା ଆଶାରେ ଚାହିଁ ରହିଥିଲେ।

୧୧୨। ଟ୍ରେନ୍ ଚାଲିବାକୁ ଆରମ୍ଭ କରିବା ମାତ୍ରକେ ସେ ତାଙ୍କ ସହିତ ଦେଖା ହେବାର ଆଶା ଛାଡ଼ି ଦେଇଥିଲେ ଓ ଦ୍ୱାର ନିକଟସ୍ଥ କଡ଼ା ଧରି ଟ୍ରେନ୍ ଭିତରକୁ ଡିଆଁ ମାରି ଉଠି ପଡ଼ିଥିଲେ।

୧୧୩। ମଛିନ୍ଦ୍ରଗଡ଼ରେ ବାବାଙ୍କର ବ୍ୟକ୍ତିଗତ ଭାବରେ ଦର୍ଶନ ମିଳିବା ପରେ ପୁଣି ଏଠାରେ ଏଭଳି ଆଶ୍ଚର୍ଯ୍ୟଜନକ ଘଟଣା ଘଟିଲାଣି ! ଗାଉଁଲି ବ୍ୟକ୍ତିଙ୍କର ବିଚିତ୍ର ପୋଷାକକୁ ମନେ ପକାଇ ମାନକର ଅସ୍ୱସ୍ତି ବୋଧ କରୁଥିଲେ।

୧୧୪। ସେ ଯାହାହେଉ, ଏହି ବିଶ୍ୱସ୍ତ ଭକ୍ତ ଜଣକ ନିଜର ମଙ୍ଗଳ ନିମିତ୍ତ ଶ୍ରୀସାଇଙ୍କ ଚରଣରେ ଦୃଢ଼ ବିଶ୍ୱାସ ଓ ଭକ୍ତିର ଏକମାତ୍ର ଆସକ୍ତି ନେଇ ଶିରିଡ଼ି ଆସିଥିଲେ।

୧୧୫। ଭକ୍ତ ମାନକର ଶିରିଡ଼ିରେ ବାସ କରିଥିଲେ ଏବଂ ଶ୍ରୀସାଇଙ୍କର ପାଦପଦ୍ମର ଧୂଳିକଣାର ଚାରିପାଖରେ ଘୁରି ବୁଲିଥିଲେ ଓ ଶ୍ରୀସାଇନାମ ବରାବର ଗୁଣୁଗୁଣୁ ହୋଇ ଗାଉଥିଲେ ।

୧୧୬। ବାବାଙ୍କର ଅନୁମତି ନେଇ ମୁକ୍ତାରାମଜୀଙ୍କ ସାହଚର୍ଯ୍ୟରେ ସେ କିଛିଦିନ ପାଇଁ ଶିରିଡ଼ିରୁ ଅନ୍ୟ ସ୍ଥାନକୁ ଭ୍ରମଣ ନିମନ୍ତେ ଯାଇଥିଲେ।

୧୧୭। କିନ୍ତୁ ସେ ଶିରିଡ଼ିକୁ ମୁଖ୍ୟ ସ୍ଥାନ ରୂପେ ଗଣ୍ୟ କରି ବାରମ୍ବାର ସେଠାକୁ ଫେରି ଆସୁଥିଲେ। ଶେଷରେ ସେ ଶିରିଡ଼ିର ପବିତ୍ର ମାଟିରେ ଦେହତ୍ୟାଗ କରିଥିଲେ।

୧୧୮। ଯେଉଁ ବ୍ୟକ୍ତି ଶ୍ରୀସାଇଙ୍କ ସମ୍ମୁଖରେ ଓ ତାଙ୍କ ଚରଣରେ ମନୋନିବେଶ ପୂର୍ବକ ନିଜର ମରଣଶୀଳ ଶରୀରକୁ ତ୍ୟାଗ କରିଥାନ୍ତି, ତାଙ୍କର କେତେ ପୁଣ୍ୟ ସଞ୍ଚିତ ହୋଇ ରହିନଥିବ ! ତାଙ୍କ ପାଇଁ ମୃତ୍ୟୁର ଭୟ ନଥାଏ।

୧୧୯। ସେମିତି ତାତ୍ୟା ନୁଲକର ଆଶୀର୍ବାଦପ୍ରାପ୍ତ ହୋଇ ଧନ୍ୟ ହୋଇଥିଲେ। ଆଉ ମହାନ୍ ଭକ୍ତ ମେଘା ମଧ୍ୟ ଆଶୀର୍ବାଦପ୍ରାପ୍ତ ହୋଇ ଧନ୍ୟ ହୋଇଥିଲେ। ସେମାନେ ଶ୍ରୀସାଇଙ୍କର ପୂଜା କରୁ କରୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

୧୨୦। ମେଘାଙ୍କର ଦେହାନ୍ତ ପରେ ତାଙ୍କର ଶବ ସଂସ୍କାର ଉପରେ ବାବା ଦେଇଥିବା ଗୁରୁତ୍ୱ ତଥା ଭକ୍ତ ପ୍ରତି ବାବାଙ୍କର ଥିବା ଶ୍ରଦ୍ଧାସ୍ନେହକୁ ଲକ୍ଷ୍ୟ କରନ୍ତୁ। ମେଘା ସଦ୍‌ଗତି ପାଇ ସାରିଥିଲେ।

୧୨୧। ସମସ୍ତ ଭକ୍ତଙ୍କ ଗହଣରେ ଗ୍ରାମବାସୀମାନେ ଶୋଭାଯାତ୍ରାରେ ଶ୍ମଶାନ ଭୂମିକୁ ଯାଇଥିଲେ। ମେଘାର

ଶରୀର ଉପରକୁ ଫୁଲ ପକାଇ ପକାଇ ବାବା ମଧ୍ୟ ଶ୍ମଶାନକୁ ଯାଇଥିଲେ ।

୧୨୨ । ମେଘାର ଶେଷକୃତ୍ୟ ପରେ ବାବାଙ୍କ ଆଖିରେ ଲୁହ ଭରିଯାଇଥିଲା । ସମସ୍ତ ଆସକ୍ତିପ୍ରବଣ ଜଣେ ମାମୁଲି ଲୋକ ଭଳି ସେ ଶୋକରେ ମ୍ରିୟମାଣ ହୋଇପଡ଼ିଥିଲେ ।

୧୨୩ । ଶ୍ରଦ୍ଧା ସହକାରେ ବାବା ନିଜ ହାତରେ ଅନେକ ଫୁଲ ନେଇ ମୃତ ଶରୀରକୁ ଆଚ୍ଛାଦିତ କରି ଦେଇଥିଲେ । ମୃତ୍ୟୁ ନିମନ୍ତେ କରୁଣ ସ୍ୱରରେ ଦୁଃଖ ପ୍ରକାଶ କରି ସେ ଫେରି ଆସିଥିଲେ ।

୧୨୪ । ଅନେକ ସନ୍ଥ ମନୁଷ୍ୟମାନଙ୍କୁ ମୋକ୍ଷ ଦେଇଥିବାର ଦେଖାଯାଇଅଛି । କିନ୍ତୁ ଜଣେ କିପରି ଏ କ୍ଷେତ୍ରରେ ସାଇବାବାଙ୍କର ମହନୀୟତାକୁ ବିସ୍ତୃତ ଭାବରେ ବର୍ଣ୍ଣନା କରିବ !

୧୨୫ । ବ୍ୟାଘ୍ର ଭଳି ହିଂସ୍ର ପଶୁର ମନୁଷ୍ୟଙ୍କ ପରି ଜ୍ଞାନ ବୁଦ୍ଧି ରହିଛି କି ? ତଥାପି ସେ ତାଙ୍କ ପାଦତଳେ ବିନୀତ ଭାବରେ ପଡ଼ିଥିଲା । ବାବାଙ୍କର ଲୀଳା ଅବର୍ଣ୍ଣନୀୟ !

୧୨୬ । ଏ ସମ୍ପର୍କରେ ମନଧ୍ୟାନ ଦେଇ ଏକ ଚିତ୍ତାକର୍ଷକ କାହାଣୀ ଶୁଣନ୍ତୁ । ଏହା ଶୁଣିଲେ ଆପଣମାନେ ବାବାଙ୍କର ସର୍ବବ୍ୟାପୀ ଚରିତ୍ର ଓ ତାଙ୍କର ସମସ୍ତ ଜୀବଙ୍କ ସମ୍ପର୍କରେ ରହିଥିବା ଉଦ୍‌ବେଗ ସମ୍ବନ୍ଧରେ ଜାଣିପାରିବେ ।

୧୨୭ । ଶିରିଡ଼ିରେ ଏକ ବିସ୍ମୟକର ଘଟଣା ଥରେ ଘଟିଥିଲା । ବାବାଙ୍କର ମହାନିର୍ବାଣର ସାତ ଦିନ ପୂର୍ବରୁ ଏକ ଶଗଡ଼ଗାଡ଼ି ମସ୍‌ଜିଦ୍‌ର ଦ୍ୱାର ନିକଟରେ ଆସି ଅଟକି ଥିଲା ।

୧୨୮ । ତାହା ମଧ୍ୟରେ ଏକ ବିରାଟ ବ୍ୟାଘ୍ରକୁ ତା'ର ବେକ ଚାରିପଟରେ ଲୁହା କଡ଼ି ଦ୍ୱାରା ଜୋର କରି ବନ୍ଧା ଯାଇଥିଲା ଓ ତାହାର ଭୀଷଣାକୃତି ମୁଖ ଶଗଡ଼ର ପଛ ପାଖକୁ ରହିଥିଲା ।

୧୨୯ । ସେହି ବ୍ୟାଘ୍ର କୌଣସି ଏକ ଅଜଣା ରୋଗରେ ପୀଡ଼ିତ ହୋଇଥିଲା । ତାହାର ମାଲିକ ଥିଲେ 'ଦରୱେଶ' (ଏକପ୍ରକାର ଯାଯାବର) । ସେମାନେ ତାକୁ ସୁସ୍ଥ କରି ନ ପାରି ସର୍ବଶେଷ ଓ ସର୍ବଶ୍ରେଷ୍ଠ ଉପାୟ ଭାବରେ ଜଣେ ସନ୍ଥଙ୍କ ନିକଟକୁ ଆଣିବା ନିମନ୍ତେ ସ୍ଥିର କରିଥିଲେ ।

୧୩୦ । ସେମାନେ ତିନି ଜଣ 'ଦରୱେଶ' ଥିଲେ ଓ ବ୍ୟାଘ୍ର ସେମାନଙ୍କ ଜୀବିକାର୍ଜନର ଏକମାତ୍ର ଅବଲମ୍ବନ ଥିଲା । ଗ୍ରାମରୁ ଗ୍ରାମକୁ ବୁଲି ତାକୁ ଦେଖାଇ ସେମାନେ ଜୀବିକା ନିର୍ବାହ କରୁଥିଲେ ।

୧୩୧ । ସେମାନେ ଆଖପାଖ ଅଂଚଳରେ ଥିବା ସମୟରେ ବାବାଙ୍କର ଅଦ୍ଭୁତ ଲୀଳା ସମ୍ବନ୍ଧରେ ଶୁଣିଥିଲେ ଓ ବ୍ୟାଘ୍ରକୁ ସାଙ୍ଗରେ ଆଣି ବାବାଙ୍କ ଦର୍ଶନ କରିବାର ଇଚ୍ଛା ପୋଷଣ କରିଥିଲେ । ସେମାନେ କହିଥିଲେ, "ଚାଲ ଦର୍ଶନ କରିବା, ବ୍ୟାଘ୍ରକୁ ମଧ୍ୟ ନେଇଯିବା ।

୧୩୨ । "ତାଙ୍କର ପାଦଦୁଇଟି ଇଚ୍ଛାପୂରଣକାରୀ ରତ୍ନ ପରି, ଅଷ୍ଟସିଦ୍ଧି ତାଙ୍କ ପାଦ ତଳେ ସାଷ୍ଟାଙ୍ଗ ପଡ଼ିଥାନ୍ତି, ନବନିଧି ତାଙ୍କ ପାଦତଳେ ଲୋଟୁଥାନ୍ତି ଓ ତାଙ୍କ ପାଦଧୁଆ ଜଳ ତୀର୍ଥ ସ୍ଥଳ ପାଲଟିଥାଏ ।

୧୩୩ । "ଚାଲ, ତାଙ୍କ ପାଦତଳେ ମୁଣ୍ଡ ନୁଆଁଇବା ଓ ବ୍ୟାଘ୍ରକୁ ଆଶୀର୍ବାଦ ଦେବା ପାଇଁ କହିବା । ଆମେ ତାଙ୍କ ଆଶୀର୍ବାଦବାଣୀର ଅନୁଗ୍ରହ ଲାଭ କରିପାରିଲେ ଆମ ସମସ୍ତଙ୍କର କଲ୍ୟାଣ ହେବ ।"

୧୩୪ । ସେହି ଉଦ୍ଦେଶ୍ୟ ନେଇ ଦରୱେଶମାନେ ବ୍ୟାଘ୍ରକୁ ଶଗଡ଼ରୁ ମସ୍‌ଜିଦ୍‌ର ଦ୍ୱାର ପାଖରେ ତଳକୁ ଓହ୍ଲାଇଦେଇଥିଲେ । ଲୁହାକଡ଼ିକୁ ଦୃଢ଼ ଭାବରେ ହାତରେ ଧରି ସେମାନେ ଦ୍ୱାର ସମ୍ମୁଖରେ ଅପେକ୍ଷା କରି ଛିଡ଼ା ହୋଇଥିଲେ ।

୧୩୫ । ପ୍ରାରମ୍ଭରୁ ବ୍ୟାଘ୍ର ଅତ୍ୟନ୍ତ ଭୟଙ୍କର ଓ ହିଂସ୍ର ଥିଲା । ଅଧିକନ୍ତୁ, ଏହା ଅସାଧ୍ୟ ରୋଗଗ୍ରସ୍ତ ଥିଲା । ସେଥିପାଇଁ ସେ ଖୁବ୍ ଅସ୍ଥିର ହୋଇ ପଡ଼ିଥିଲା । ସମସ୍ତେ ଚକିତ ହୋଇ ଚାହିଁ ରହିଥିଲେ ।

୧୩୬ । ଦରୱେଶମାନେ ବାବାଙ୍କୁ ବ୍ୟାଘ୍ରର ଅବସ୍ଥା ସମ୍ପର୍କରେ ବିସ୍ତୃତ ଭାବରେ କହିଥିଲେ ଓ ବାବାଙ୍କର ଅନୁମତି ନେଇ ତାକୁ ଭିତରକୁ ଆଣିବା ନିମନ୍ତେ ଦ୍ୱାର ପାଖକୁ ଆସିଥିଲେ ।

୧୩୭ । ବ୍ୟାଘ୍ର ଖସିଯାଇପାରେ ବୋଲି ଆଶଙ୍କା କରି ସେମାନେ ତାହାର କଡ଼ିକୁ ଜୋର୍‌ରେ ଭିଡ଼ି ଧରିଥିଲେ ଓ ସାବଧାନତା ସହକାରେ ବାବାଙ୍କ ସମ୍ମୁଖକୁ ଆଣିଥିଲେ ।

୧୩୮ । ବ୍ୟାଘ୍ର ପାହାଚ ନିକଟକୁ ଆସିଥିଲା ଓ ଶ୍ରୀସାଇଙ୍କର ଦିବ୍ୟଜ୍ୟୋତିକୁ ଦେଖିବା କ୍ଷଣି ଚମକି ପଡ଼ିଥିଲା । ସଂଭ୍ରମତା

ସହକାରେ ମସ୍ତକ ତଳକୁ ପୋତି ଦେଇଥିଲା । ସେ ଯେ କାହିଁକି ଏପରି କରିଥିଲା, ତାହା ବୁଝାଇବା କଷ୍ଟକର ।

୧୩୯ । ତାହା ପରର ବିସ୍ମୟକର ଘଟଣାକୁ ଦେଖନ୍ତୁ ! ବ୍ୟାଘ୍ର ପାହାଚ ଆରୋହଣ କରିଥିଲା ଓ ଉଭୟେ ପରସ୍ପରକୁ ଦେଖିଥିଲେ । ବ୍ୟାଘ୍ର ସସ୍ନେହରେ ବାବାଙ୍କ ଆଡ଼କୁ ଏକ ଲୟରେ ଲକ୍ଷ୍ୟ କରିଥିଲା ।

୧୪୦ । ବ୍ୟାଘ୍ର ତାହାର ଲାଞ୍ଜର କେଶଗୁଚ୍ଛକୁ ହଲାଇଲା ଓ ଲାଞ୍ଜକୁ ଭୂମି ଉପରେ ତିନି ଥର ପିଟିଲା । ତା'ପରେ ଶ୍ରୀସାଇଙ୍କ ପାଦ ତଳେ ଜୀବନ ହରାଇ ପଡ଼ିଯାଇଥିଲା ।

୧୪୧ । ସେ ଜୋର୍‌ରେ ଗୋଟିଏ ଗର୍ଜନ ଛାଡ଼ିଥିଲା ଓ ସେହି ସ୍ଥାନରେ ଟଳି ପଡ଼ିଥିଲା । ବ୍ୟାଘ୍ର ମରିଯିବାର ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

୧୪୨ । ଦରଓ୍ୱେଶମାନେ ପ୍ରଥମେ ଖୁବ୍ ବିଷଣ୍ଣ ହୋଇଥିଲେ । ପରେ ସେମାନେ ଖୁସି ହୋଇଥିଲେ ଓ ଭାବିଥିଲେ ଯେ ଏହି ରୋଗଗ୍ରସ୍ତ ପଶୁଟି ଯେ କୌଣସି ସମୟରେ ମରିଯାଇଥାନ୍ତା, କିନ୍ତୁ ଏଠାରେ ସେ ମୋକ୍ଷଲାଭ କଲା ।

୧୪୩ । ସାଧୁସନ୍ଥମାନଙ୍କ ସମ୍ମୁଖରେ ମୃତ୍ୟୁବରଣ କଲେ ଅଶେଷ ପୁଣ୍ୟ ହୁଏ । ଏହି ମୃତ୍ୟୁ କୀଟ, ପତଙ୍ଗ କିମ୍ବା ବାଘର ହୋଇପାରେ । ଏ କ୍ଷେତ୍ରରେ ସମସ୍ତ ପାପ ମୋଚନ ହୋଇଯାଇଥାଏ ।

୧୪୪ । "ଏହି ବ୍ୟାଘ୍ର ନିଶ୍ଚୟ ଆମ୍ଭମାନଙ୍କ ନିକଟରେ ପୂର୍ବ ଜନ୍ମରେ ଋଣୀ ରହିଥିଲା । ସେ ତାହାକୁ ପରିଶୋଧ କରି ଦେଇ ଋଣମୁକ୍ତ ହୋଇଗଲା । ସେ ଶ୍ରୀସାଇଙ୍କ ପଦତଳେ ମୃତ୍ୟୁବରଣ କଲା । ଭାଗ୍ୟର ଖେଳ ଅତି ଆଶ୍ଚର୍ଯ୍ୟଜନକ !"

୧୪୫ । ଯିଏ ସନ୍ଥଙ୍କର ପଦତଳେ ମୁଣ୍ଡ ରଖି ମୃତ୍ୟୁଲଭେ, ସେ ଉଦ୍ଧାର ପାଇଥାଏ ଓ ଜୀବନଯାକର ପୁଣ୍ୟ ଅର୍ଜନ କରେ ।

୧୪୬ । ଜଣେ ଅତି ଭାଗ୍ୟବାନ ହୋଇ ନ ଥିଲେ, ସନ୍ଥଙ୍କ ସମ୍ମୁଖରେ ଶରୀର ତ୍ୟାଗ କରିପାରିବ କି ? ଭାଗ୍ୟବାନ ହୋଇଥିଲେ ମୋକ୍ଷପ୍ରାପ୍ତି ହୁଏ ।

୧୪୭ । ସନ୍ଥଙ୍କ ଉପସ୍ଥିତିରେ ଶରୀର ତ୍ୟାଗ କରିବା ଅଶେଷ ଆନନ୍ଦର କଥା । ଏପରିକି ବିଷ ମଧ୍ୟ ଅମୃତ ପାଲଟି ଯାଇଥାଏ । ମୃତ୍ୟୁ ସୁଖକର, ଦୁଃଖଦ ନୁହେଁ ।

୧୪୮ । ଯିଏ ସନ୍ଥଙ୍କ ଉପସ୍ଥିତିରେ ଓ ତାଙ୍କ ପାଦତଳେ ମୃତ୍ୟୁବରଣ କରନ୍ତି, ସେ ଆଶୀର୍ବାଦପ୍ରାପ୍ତ ହୋଇ ଧନ୍ୟ ହୋଇଥାନ୍ତି ଏବଂ ତାଙ୍କର ପୁନର୍ଜନ୍ମ କେବେ ହୁଏ ନାହିଁ ଓ ସେ ପ୍ରଭୁଙ୍କ ପାଦରେ ଲୀନ ହୋଇଯାଆନ୍ତି ।

୧୪୯ । ସନ୍ଥଙ୍କ ସମ୍ମୁଖରେ ମୃତ୍ୟୁବରଣ କରିବା ମୃତ୍ୟୁ ନୁହେଁ, ବରଂ ସ୍ୱର୍ଗସୁଖ । ଯିଏ ଏହା କରେ, ଏହି କ୍ଷଣସ୍ଥାୟୀ ସଂସାରକୁ ଜୟ କରିଯାଏ ଓ ପୁନର୍ଜନ୍ମର ଆଶଙ୍କା ତା'ର ରହେନାହିଁ ।

୧୫୦ । ଯେଉଁ ବ୍ୟକ୍ତି ସନ୍ଥଙ୍କ ଉପସ୍ଥିତିରେ ଶରୀର ତ୍ୟାଗ କରିଥାନ୍ତି, ସେ ପୁନର୍ବାର ଏହି ସଂସାରକୁ ଆଉ ଆସି ନ ଥାନ୍ତି । ତାଙ୍କର ସମସ୍ତ ପାପମୋଚନ ହୋଇଥାଏ ଓ ସେ ଉଦ୍ଧାର ପାଇଯାଆନ୍ତି ।

୧୫୧ । ଯିଏ ମୃତ୍ୟୁ ସମୟରେ ସନ୍ଥଙ୍କର ମସ୍ତକରୁ ବୃଦ୍ଧାଙ୍ଗୁଷ୍ଠର ନଖ ପର୍ଯ୍ୟନ୍ତ ଦେଖିଥାନ୍ତି, ତାହାକୁ ମୃତ୍ୟୁ ବୋଲି କୁହାଯିବ କି ? ଏହା ପ୍ରକୃତ ଆତ୍ମୋପଲବ୍ଧି ।

୧୫୨ । ଏହି ବ୍ୟାଘ୍ରର ପୂର୍ବ ଜନ୍ମର ସୁକୃତକୁ ବିଚାର କଲେ ଇଏ ନିଶ୍ଚିତ ଭାବରେ ଜଣେ ଗୁଣୀ ବ୍ୟକ୍ତି ଥିଲେ, କିନ୍ତୁ ତାଙ୍କର ପାଣ୍ଡିତ୍ୟର ବୃଥାବଡ଼ିମା ପ୍ରଦର୍ଶନ କରିବାକୁ ଯାଇ ସେ ପ୍ରଭୁଙ୍କର କୌଣସି ମହାନ୍ ଭକ୍ତଙ୍କୁ ତାଚ୍ଛଲ୍ୟ କରିଥିଲେ ।

୧୫୩ । ସେହି ଭକ୍ତଙ୍କ ଅଭିଶାପ କଟିଯିବା ପରେ ସେ ଏଭଳି ହିଂସ୍ର ରୂପରେ ଜନ୍ମ ନେଇଥିଲେ । ଅଭିଶାପର ଉପଶମ ପରେ ସେ ଶ୍ରୀସାଇଙ୍କ ପାଦତଳକୁ ଆସିଥିଲେ । ମହାନ୍ ଭକ୍ତମାନଙ୍କର କାର୍ଯ୍ୟ ବିଚିତ୍ର ଧରଣର !

୧୫୪ । ଅଭିଶାପ କଟିଗଲା ଭଳି ମନେହେଲା । ତାଙ୍କର ସମସ୍ତ ପାପ ଶ୍ରୀସାଇଙ୍କ ଦର୍ଶନଯୋଗୁଁ ବିନଷ୍ଟ ହେଲା । ତାଙ୍କର ବନ୍ଧନ କଟିଗଲା, ସେ ପ୍ରାୟଶ୍ଚିତ କଲେ ଓ ଅନାୟାସରେ ମୋକ୍ଷପ୍ରାପ୍ତ ହେଲେ ।

୧୫୫ । କାହାରି ସୌଭାଗ୍ୟ ନ ହୋଇଥିଲେ ସେ ସନ୍ଥଙ୍କ ସମ୍ମୁଖରେ ମୃତ୍ୟୁବରଣ କରିପାରିବକି ? ତାଙ୍କର ତ୍ରିତାପ, ତ୍ରିଲକ୍ଷ୍ୟ, ତ୍ରିକର୍ମ ଓ ତ୍ରିଗୁଣ ଧ୍ୱଂସ ପାଇଥାଏ । ସେ ନିରାକାର ହୋଇଯାଆନ୍ତି ।

୧୫୬ । ଏହିପରି ପୂର୍ବ ଜନ୍ମର ପୁଣ୍ୟ ଯୋଗୁଁ ସେ ଏଭଳି ହିଂସ୍ର ଶରୀର ବନ୍ଧନରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ, ଲୌହ

ଶୃଙ୍ଖଳରୁ ମଧ୍ୟ ମୁକ୍ତ ହୋଇଗଲେ । ଏହା କେବଳ ପ୍ରଭୁଙ୍କର ନିର୍ଣ୍ଣୟରୁହିଁ ହୋଇପାରେ ।

୧୫୭ । ଯଦି ସାଧୁସନ୍ଥମାନଙ୍କ ପଦତଳେ ମୋକ୍ଷପ୍ରାପ୍ତି ନହେଲା, ତେବେ ଅନ୍ୟ କେଉଁଠାରୁ ତାହା ପ୍ରାପ୍ତ ହେବ ? ବ୍ୟାଘ୍ର ଏହା ଲାଭ କରିଥିବାରୁ ଦରୱେଶମାନେ ଖୁସି ହୋଇଥିଲେ ।

୧୫୮ । ବ୍ୟାଘ୍ର ସେମାନଙ୍କର ଜୀବିକା ନିର୍ବାହ କରିବାର ଅବଲମ୍ବନ ଓ ସେମାନଙ୍କ ପରିବାର ପୋଷଣର ଉପାୟ ମଧ୍ୟ ଥିଲା । ତେଣୁ ଏହି ବ୍ୟାଘ୍ରର ମୃତ୍ୟୁ ଘଟିବା ଦ୍ୱାରା ଦରୱେଶମାନେ ଦୁଃଖିତ ମଧ୍ୟ ହୋଇଥିଲେ ।

୧୫୯ । ଦରୱେଶମାନେ ମହାରାଜଙ୍କୁ ପଚାରିଥିଲେ, "ଏବେ ଆମେ କ'ଣ କରିବୁ ? ଆମେ ତାହାକୁ କିପରି ସମାଧି ଦେବୁ ? ଆପଣ ତାହାକୁ ନିଜ ହାତରେ ଉଦ୍ଧାର କରନ୍ତୁ ।"

୧୬୦ । ମହାରାଜ କହିଥିଲେ, "ଦୁଃଖ କର ନାହିଁ । ତାହାର ଭାଗ୍ୟରେ ଏଠି ମୃତ୍ୟୁଯୋଗ ଥିଲା । ସେ ବହୁତ ପୁଣ୍ୟବାନ୍ ଥିଲା ଓ ଏବେ ଅଶେଷ ସୁଖପ୍ରାପ୍ତ ହେଲା ।

୧୬୧ । "ସେହି ଟାକିଆ ପରେ ଯେଉଁଠାରେ ଶିବ ମନ୍ଦିର ରହିଛି, ସେଠାକୁ ତାକୁ ନିଅ ଓ ନନ୍ଦୀ ପାଖରେ ତାହାର ସମାଧି ଦିଅ ।

୧୬୨ । "ତୁମ୍ଭେମାନେ ତାହାକୁ ସମାଧି ଦେଲେ ସେ ମୋକ୍ଷପ୍ରାପ୍ତ ହେବ । ସେ ତୁମ ଋଣରୁ ତଥା ବନ୍ଧନରୁ ମୁକ୍ତି ତୁମ ହାତରେ ହିଁ ପାଇବ ।

୧୬୩ । "ପୂର୍ବ ଜନ୍ମରେ ସେ ତୁମମାନଙ୍କ ପାଖରେ ଋଣୀ ହୋଇଥିବାରୁ ତାହାକୁ ସୁଝିବା ନିମନ୍ତେ ଏହି ଜନ୍ମ ନେଇଥିଲା । ସେଇଥିପାଇଁ ସେ ତୁମ ବନ୍ଧନରେ ଆଜି ପର୍ଯ୍ୟନ୍ତ ରହିଥିଲା ।"

୧୬୪ । ତାହା ପରେ ଦରୱେଶ୍‌ମାନେ ତାକୁ ଉଠାଇ ମନ୍ଦିର ଆଡ଼କୁ ନେଇ ଯାଇଥିଲେ ଓ ନନ୍ଦୀଙ୍କ ପଶ୍ଚାତ୍‌ରେ ତାହାର ସମାଧି ଦେଇଥିଲେ ।

୧୬୫ । କି ଅଦ୍ଭୁତ ଘଟଣା ଘଟିଗଲା ! ବ୍ୟାଘ୍ର କିପରି ହଠାତ୍ ମରିଗଲା ? ଯଦି କେବଳ ସେତିକି ମାତ୍ର ଘଟିଥାନ୍ତା, ତେବେ ଲୋକେ ତାହା ଭୁଲି ଯାଇଥାନ୍ତେ ।

୧୬୬ । ମାତ୍ର ସାତ ଦିନ ପରେ ବାବା ନିଜେ ତାଙ୍କ ମରଶରୀର ତ୍ୟାଗ କରିଥିଲେ । କେବଳ ସେଇଥିପାଇଁ ଏହି ଘଟଣାର ସ୍ମୃତି ବାରମ୍ବାର ଉଦୟ ହେଉଅଛି ।

୧୬୭ । ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଅଧିକ ଚିତ୍ତାକର୍ଷକ ହେବ । ଶ୍ରୀସାଇ ନିଜେ ତାଙ୍କ ଗୁରୁଙ୍କର ଚମତ୍କାରିତା ବର୍ଣ୍ଣନା କରିଛନ୍ତି । ଗୋଖଲେବାଇଙ୍କ ଇଚ୍ଛାପୂରଣ ଓ ତାଙ୍କୁ କରୁଣା ପ୍ରଦାନ କରିବା ନିମନ୍ତେ ସେ ଏହା କହିଛନ୍ତି ।

୧୬୮ । ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି । ସାଇ କିପରି ଗୁରୁଙ୍କର କୃପାଲାଭ କରିଥିଲେ ଓ ଗୁରୁ କିଭଳି ତାଙ୍କୁ ଗୋଟିଏ କୂଅ ଭିତରେ ତଳକୁ ମୁଣ୍ଡ କରି ଝୁଲାଇ ଦେଇଥିଲେ ଶୁଣନ୍ତୁ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଦର୍ଶନର ମାହାତ୍ମ୍ୟ" ଶୀର୍ଷକ ଏକତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

ତାତ୍ୟା ସାହେବ ନୁଲକର

ବାବାଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ତାତ୍ୟା ନୁଲକର୍ ଧନ୍ୟ ହୋଇଥିଲେ । ଆଉ ମହାନ୍ ଭକ୍ତ ମେଘା ମଧ୍ୟ ଆଶୀର୍ବାଦପ୍ରାପ୍ତ ହୋଇ ଧନ୍ୟ ହୋଇଥିଲେ । ସେମାନେ ଶ୍ରୀସାଇଙ୍କର ପୂଜା କରୁ କରୁ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । (୩୧ଶ ଅଧ୍ୟାୟ, ପଂକ୍ତି-୧୧୯)

(ପଞ୍ଚମ ଦିନର ପାରାୟଣ - ସୋମବାର)

॥ ୩୨ ॥

ଗୁରୁମାହାତ୍ମ୍ୟ ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ କିପରି ସନ୍ନ୍ୟାସୀ ବିଜୟାନନ୍ଦ ମୋକ୍ଷପ୍ରାପ୍ତ ହୋଇଥିଲେ ଓ ବାଲାରାମ ମାନକର କିପରି ଆନନ୍ଦରେ ଶ୍ରୀସାଇଙ୍କ ପାଦତଳେ ଲୀନ ହୋଇଥିଲେ, ତାହାର ବର୍ଣ୍ଣନା କରାଯାଇଛି ।

୨ । ସେହିଭଳି ତାତ୍ୟାସାହେବ ନୁଲକର ଓ ମହାନ୍ ଭକ୍ତ ମେଘା, ଉଭୟେ ଶ୍ରୀସାଇଙ୍କ ସମ୍ମୁଖରେ ଶରୀର ତ୍ୟାଗ କରିଥିଲେ ।

୩ । ଏମାନଙ୍କଠାରୁ ଚମତ୍କାରିତାରେ ବଳି ଯାଇଥିଲା ବ୍ୟାଘ୍ର ଭଳି ହିଂସ୍ରପ୍ରାଣୀଟିର ମୃତ୍ୟୁ ଘଟଣା । ତାହା ବିସ୍ତୃତ ଭାବରେ ଶ୍ରୋତାମାନେ ଶ୍ରବଣ କରିଛନ୍ତି ।

୪ । ଏହି ଅଧ୍ୟାୟରେ ବାବା ନିଜେ କହିଥିବା ଏକ ଚିତ୍ତାକର୍ଷକ କାହାଣୀ ମୁଁ ଏବେ ବର୍ଣ୍ଣନା କରିବି । ଶ୍ରୋତାମାନେ ଏଥିରୁ ପ୍ରଭୂତ ଉପକାର ପାଇବେ ।

୫ । ବାବା ଯେତେବେଳେ ଜଙ୍ଗଲରେ ଥିଲେ ଅଚାନକ ତାଙ୍କ ଗୁରୁଙ୍କର ଦର୍ଶନ ପାଇଥିଲେ । ଗୁରୁଙ୍କର ବିଚିତ୍ର ବ୍ୟବହାର ସମ୍ପର୍କରେ ପୂର୍ଣ୍ଣ ଧ୍ୟାନ ଦେଇ ଶୁଣନ୍ତୁ ।

୬ । ମୁଁ ଜଣେ ନଗଣ୍ୟ ବ୍ୟକ୍ତି ହୋଇ କିପରି ସେହି ବିସ୍ମୟକର କାହାଣୀର ବର୍ଣ୍ଣନା କରିପାରିବି ? ଏହା ଭକ୍ତି, ବିଶ୍ୱାସ ଓ ମୋକ୍ଷର ପରିଚାୟକ ବୋଲି ଶ୍ରୀସାଇ ନିଜେ କହିଛନ୍ତି ।

୭ । ଜଣେ ଭଦ୍ରମହିଳା କିଭଳି ବାବାଙ୍କର ଦର୍ଶନ ନିମିତ୍ତ ଇଚ୍ଛାକରି ଶିରିଡ଼ିରେ ରହିଥିଲେ ଓ ତିନି ଦିନ ଧରି ଅନ୍ନଜଳ ସ୍ପର୍ଶ ନ କରି ଅନଶନ କରିଥିଲେ ।

୮ । ତାଙ୍କର ପ୍ରତିଜ୍ଞା ଭଙ୍ଗ କରିବା ନିମନ୍ତେ କିଭଳି ପରିସ୍ଥିତି ସୃଷ୍ଟି କରାଯାଇଥିଲା ଓ ସେ କିପରି ନିଜେ ରାନ୍ଧିଥିଲେ ଓ ସ୍ୱାଦିଷ୍ଟ ଏବଂ ଉତ୍ତମ ଭାବରେ ସେକାଯାଇଥିବା ସୁନେଲୀ ରଙ୍ଗର 'ପୂରଣପୋଲୀ' ପ୍ରସ୍ତୁତ କରିଥିଲେ ।

୯ । ସେ ଯେ କେବଳ ପୋଲୀ ପ୍ରସ୍ତୁତ କରିଥିଲେ ତାହା ନୁହେଁ, ସେ ଅନ୍ୟମାନଙ୍କୁ ତାହା ଖୁଆଇଥିଲେ ଓ ନିଜେ ମଧ୍ୟ ମନ ଭରି ଖାଇଥିଲେ । ନିଜର ଶରୀରକୁ ଅନ୍ୟମାନଙ୍କର ସେବା କରିବା ନିମନ୍ତେ ବ୍ୟବହାର କରିବାର ସଦ୍‌ଗୁଣ ବାବା ତାଙ୍କୁ ଶିଖାଇଥିଲେ ।

୧୦ । ବାବା ଏଭଳି ଭାବରେ ଭଦ୍ରମହିଳାଙ୍କ ମନରେ ଗଭୀର ଛାପ ପକାଇଥିଲେ ଯେ ମହିଳା ଜଣକ ତାଙ୍କ ଜୀବନସାରା ତାହା ମନେ ରଖିଥିଲେ । ଉପବାସ କରିବାରେ ମିଳୁଥିବା ଉପକାର ଅପେକ୍ଷା ଅନ୍ୟମାନଙ୍କର ସେବା କରିବାରେ ଅଧିକ ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ବାବା ତାଙ୍କୁ ବୁଝାଇ ଦେଇଥିଲେ ।

୧୧ । ଯେଉଁ ବ୍ୟକ୍ତି ଜୀବନର ଚରମ ଲକ୍ଷ୍ୟପ୍ରାପ୍ତିର ଆଶା ରଖିଥାନ୍ତି, ସେହି ଲକ୍ଷ୍ୟପ୍ରାପ୍ତି ପାଇଁ ସେ କିଭଳି ଉତ୍ତମ ଶିକ୍ଷାପ୍ରାପ୍ତ ହେବେ ଓ କିଭଳି ମହତ୍ ଓ ନିରନ୍ତର ପ୍ରଚେଷ୍ଟା ନିୟମିତ ଭାବରେ କରିବେ, ତାହା ବାବା ବୁଝାଇ କହିଥିଲେ।

୧୨ । ଏହି ଉଦ୍ଦେଶ୍ୟର ଗୁରୁତ୍ୱ ପ୍ରକାଶ କରୁଥିବା କାହାଣୀଗୁଡ଼ିକ ଅମୃତଠାରୁ ମଧ୍ୟ ଅଧିକ ମଧୁର ଓ ଏଗୁଡ଼ିକୁ ଶୁଣିଲେ ଶ୍ରୋତାମାନଙ୍କ ମନରେ ଭକ୍ତିଭାବ ଜାଗ୍ରତ ହେବ ଏବଂ ସେମାନଙ୍କର ଦୁଃଖଶୋକ ଦୂର ହେବ ।

୧୩ । ଅତଃପର ସୁନ୍ଦର କାହାଣୀଗୁଡ଼ିକ ଏବେ ଶ୍ରୋତାମାନଙ୍କୁ ସନ୍ତୁଷ୍ଟ କରିବ ଓ ଉଭୟ ବକ୍ତା ଏବଂ ଶ୍ରୋତାମାନଙ୍କୁ ହର୍ଷୋଲ୍ଲାସର ଅତୁଟ ବନ୍ଧନରେ ବାନ୍ଧି ରଖିବ।

୧୪ । ମୋ ଭଳି ଜଣେ ନିର୍ବୋଧ ଓ ନଗଣ୍ୟ ବ୍ୟକ୍ତି ମାଧ୍ୟମରେ ଶ୍ରୀସାଇ ତାଙ୍କର ଏହି ବିସ୍ମୟକର ଓ ଶ୍ରଦ୍ଧାପୂର୍ଣ୍ଣ କାହାଣୀଗୁଡ଼ିକୁ ଲେଖାଇ ନେଉଛନ୍ତି। ମୁଁ ଏହା ଲେଖିଯାଉଥିବା ସମୟରେ ପ୍ରତି ପଦପାତରେ ଏହାର ଚମତ୍କାରିତା ଅନୁଭବ କରୁଛି ।

୧୫ । ଗଙ୍ଗାଦର୍ଶନ ଦ୍ୱାରା ପାପ କ୍ଷୟ କିମ୍ବା ଚନ୍ଦ୍ରଦର୍ଶନ ଦ୍ୱାରା ସାଂସାରିକ ଜଞ୍ଜାଳ ଦୂର ହୋଇଥାଏ । ସେହିପରି ଶ୍ରୀସାଇଙ୍କର ବାଣୀ ସମସ୍ତ ପାପ ଓ ଦୁଃଖଶୋକକୁ ନାଶ କରିଦିଏ।

୧୬। ଏବେ ସମସ୍ତ ଶ୍ରୋତା ଏକାନ୍ତ ଭକ୍ତି ସହକାରେ, ମନଧ୍ୟାନ ଦେଇ ମହାରାଜ ଶ୍ରୀସାଇଙ୍କ ମୁଖରୁ ତାଙ୍କ ନିଜ ଗୁରୁଙ୍କ ଦର୍ଶନ କାହାଣୀ ଶୁଣନ୍ତୁ।

୧୭। ବେଦ, ଶ୍ରୁତି, ଶାସ୍ତ୍ର ଓ ଅନ୍ୟାନ୍ୟ ପୋଥି ଯେତେ ପାଠକଲେ ମଧ୍ୟ ଗୁରୁଙ୍କର କୃପା ନଥିଲେ ଜ୍ଞାନ ଲାଭ ହୁଏ ନାହିଁ। କେବଳ ଶାରୀରିକ ଓ ମାନସିକ କସରତ୍ କରିବା ହିଁ ସାର ହୋଇଥାଏ।

୧୮ । ଏହି ସାଂସାରିକ ସ୍ଥିତି ରୂପକ ବୃକ୍ଷର ବିସ୍ତାର ବିଶାଳ। ଆଦ୍ୟରୁ ଦୃଶ୍ୟ ହେଉ ନ ଥିଲେ ମଧ୍ୟ ଜନ୍ମ ଓ ମୃତ୍ୟୁ କାରଣରୁ ଏହା ଦୁଃଖଶୋକଭରା ବୋଲି ପରେ ଅନୁଭୂତ ହୋଇଥାଏ। ଏହା ଅଳୀକ ଓ କ୍ଷୟଶୀଳ ।

୧୯ । ଏହି ସାଂସାରିକ ସ୍ଥିତିକୁ ଏକ ବୃକ୍ଷ ବୋଲି କୁହାଯାଇଥାଏ। ତାହାର କାରଣ, ବୃକ୍ଷ ଭଳି ଏହାକୁ ଖଣ୍ଡ ଖଣ୍ଡ କରି କାଟି ଦିଆଯାଇପାରେ ଓ ସେଥିପାଇଁ ଏହା କ୍ଷୟଶୀଳ ହୋଇଥାଏ। ପ୍ରଥମରୁ ଏହି ସ୍ଥିତିକୁ ଜାଣି ହୋଇ ନ ଥାଏ। କାରଣ ଗୋଟିଏ ସମୟରେ ଏହା ସ୍ଥିର ହୋଇ ରହିଥାଏ ଓ ସେଇଥିପାଇଁ ତାହାକୁ ବୃକ୍ଷ ସହିତ ତୁଳନା କରାଯାଇଥାଏ।

୨୦। ସେହି ସାଂସାରିକ ସ୍ଥିତି ରୂପକ ବୃକ୍ଷ ଦୃଶ୍ୟ ହୋଇଥାଏ, କିନ୍ତୁ ତାହାର ସ୍ୱଭାବ ଅଜ୍ଞାତ ଥାଏ। ଏହାର ଚେର ଉପରେ ମାଡ଼ିଥାଏ ଓ ଅସଂଖ୍ୟ ଶାଖାପ୍ରଶାଖା ବିସ୍ତାରିତ ହୋଇଥାଏ । ଏହି ବୃକ୍ଷର ଅତି କ୍ଷୁଦ୍ର ଅଂଶ ମଣିଷର ଦୃଷ୍ଟି ପରିସର ଭିତରକୁ ଆସିଥାଏ ।

୨୧ । ସମୟ କ୍ରମେ ଏହାର ଅଧିକରୁ ଅଧିକ ଶାଖା ବାହାରିଥାଏ ଓ ଏହା ବିସ୍ତାର ଲାଭ କରିଥାଏ । ଦୂରରୁ ଏହା ବେଳେ ବେଳେ ଅତି ସୁନ୍ଦର ଦେଖାଯାଇଥାଏ, କିନ୍ତୁ ତାହାକୁ ଆଲିଙ୍ଗନ କଲେ ସମଗ୍ର ଶରୀର କଣ୍ଟକବିଦ୍ଧ ହୋଇଥାଏ।

୨୨ । କଦଳୀ ଗଛର ଗଣ୍ଡି ଭଳି ଏହି ବୃକ୍ଷର ମଞ୍ଜ ଅଂଶ ନାହିଁ। ଏକ ମରୀଚିକା କିମ୍ବା ଗନ୍ଧର୍ବପୁରୀ ସଦୃଶ ଏହି ବୃକ୍ଷ ଅତ୍ୟନ୍ତ ଆକର୍ଷଣୀୟ ହୋଇଥାଏ। କାମନାରୂପକ ଜଳ ପାଇ ଏହାର ଚେର ଚାରି ପାଖରେ ମାଡ଼ିଯାଇ ଦୃଢ଼ହୋଇ ରହିଥାଏ।

୨୩। ଏହି ବୃକ୍ଷର ସ୍ୱଭାବତଃ ସ୍ଥିତି ନ ଥିଲେ ମଧ୍ୟ ଅଜ୍ଞତା ମଧ୍ୟରେ ବଦ୍ଧମୂଳ କର୍ମ ଓ କାମନାରୁ ଏହାର ଉତ୍ପତ୍ତି ହୋଇଥାଏ ଏବଂ ଏହାର ସ୍ୱଭାବ ସବୁ ସମୟରେ ବଦଳୁଥାଏ।

୨୪। ଅଜ୍ଞତାରୁ ଉଦ୍ଭବ ହୋଇଥିବା ଏହି ବୃକ୍ଷର ପ୍ରକୃତି ହେଉଛି ବିପଦପୂର୍ଣ୍ଣ। ଏହି ବୃକ୍ଷର ଚତୁଃପାର୍ଶ୍ୱରେ କାମନା ଓ ଲାଳସା ରୂପକ ଜଳଭଣ୍ଡାର ବେଢ଼ି ରହିଛି।

୨୫। ଏହି ବୃକ୍ଷର ବିସ୍ତାର ଘଟିଛି ବିଷୟ-ଆଶୟ ବା ସମ୍ପତ୍ତିବାଡ଼ି ଦଖଲ ମଧ୍ୟରେ ଅର୍ଥାତ୍, ଧନରତ୍ନ, ଅନ୍ନବସ୍ତ୍ର, ପତ୍ନୀ, ପୁତ୍ର, ପରିବାର ଇତ୍ୟାଦି ପାଇବା ଭିତରେ । ଏହି ବୃକ୍ଷର ପ୍ରଧାନ ବଳ ହେଉଛି ଶରୀର ସହିତ ଏକ ହୋଇଯିବାର ଧାରଣା । ପ୍ରକୃତ ପକ୍ଷରେ ଏଭଳି ଧାରଣା ସର୍ବଦା ହୋଇଥାଏ ଏହି ବୃକ୍ଷର ମୂଳ।

୨୬। ଲିଙ୍ଗଭେଦ ନେଇ ରହିଥିବା ଅସଂଖ୍ୟ ଜୀବ ହେଉଛନ୍ତି

ପ୍ରକୃତରେ ଏହି ବୃକ୍ଷର ଗଣ୍ଡି। ଶାଖାପ୍ରଶାଖା ରୂପରେ ବହୁ ଉଦ୍‌ଗତ ଅଂଶ କର୍ମ ଓ ମହତ୍ ଧାରଣା ଦ୍ୱାରା ଗଠିତ ହୋଇଥାଏ । ଏମାନଙ୍କ ଯୋଗୁଁ ଏହି ବୃକ୍ଷର ବୃଦ୍ଧି ଘଟିଥାଏ।

୨୭। ଶ୍ରୁତି ଇତ୍ୟାଦି ରୂପକ ପତ୍ରରେ ଏହି ବୃକ୍ଷ ପୂରି ଯାଇଥାଏ। ପ୍ରାଥମିକ ଭାବାବେଗ ରୂପରେ ଏହାର ଅଙ୍କୁରଗୁଡ଼ିକ ସ୍ପନ୍ଦିତ ହୋଇଥାଏ। କର୍ମ, କର୍ମାଣି ଓ ଦାନଧର୍ମ ରୂପକ ପୁଷ୍ପ ଏହାର ଗୌରବ ବହନ କରିଥାଏ। ଏହା ଯୋଡ଼ା ଯୋଡ଼ା ବିପରୀତ ଭାବର ରସ ଦ୍ୱାରା ପୂର୍ଣ୍ଣ ହୋଇଥାଏ।

୨୮। ଏ ବୃକ୍ଷର ଫଳଗୁଡ଼ିକର ଅନ୍ତ ନାହିଁ। ଏହା ଉପରେ ବସ୍ତୁତଃ ସମସ୍ତ ଜୀବ ନିର୍ଭର କରୁଥିବା ବେଳେ 'ଭୂଃ ଓ ଭୁବଃ' ମଧ୍ୟ ନିଜର ସ୍ଥିତି ପାଇଁ ନିର୍ଭର କରିଥାନ୍ତି। କାରଣ, ସେମାନେ ଏହି ବୃକ୍ଷଠାରୁ ବିଚ୍ଛିନ୍ନ ହୋଇ ରହିପାରିବେ ନାହିଁ।

୨୯। ଏହା ଏକ ପୁରାତନ ଅଶ୍ୱତଥ୍ ବୃକ୍ଷ ସଦୃଶ, ଯାହାର ମୁଖ ସର୍ବଦା ବିଷଣ୍ଣ। ବେଳେ ବେଳେ ଏହା ନାଚେ, କେତେବେଳେ ଗୀତ ଗାଏ ଓ ଆଉ କେତେବେଳେ ଏହା ଯନ୍ତ୍ର ସଙ୍ଗୀତ ବାଦନ କରିଥାଏ। ବେଳେ ବେଳେ ଏହା ଖେଳବୁଲ କରେ, ହସେ ଓ କେତେ ବେଳେ କାନ୍ଦିଥାଏ।

୩୦। ଏହି ବୃକ୍ଷର ଉପସ୍ଥିତି ପ୍ରକୃତରେ ବ୍ରହ୍ମ ମଧ୍ୟରେ ରହିଛି। ଏହି ବୃକ୍ଷକୁ କେବଳ ଅନାସକ୍ତ ରୂପକ କୁରାଢ଼ୀ ଦ୍ୱାରାହିଁ କାଟି ହେବ। ଏହା ସେହି ବୃକ୍ଷ ଯାହାର ଶକ୍ତି ହେଉଛି ପୂରାପୂରି ଚେର । ଏହା ଜ୍ୟୋତିପ୍ରଭା ବୋଲି ଜାଣନ୍ତୁ।

୩୧। ସେହି ବ୍ରହ୍ମ ହିଁ ସତ୍ୟ ଓ ସମସ୍ତଙ୍କ ବଳ। ଏହି ପୃଥିବୀ ଏକ ସ୍ୱପ୍ନ ଭଳି ଅଳୀକ ଚରିତ୍ରର । ଏହା ନିଶ୍ଚିତ ଯେ, ଏହି ବୃକ୍ଷର ଆଦି କିମ୍ବା ଅନ୍ତ ନାହିଁ। ଏହା କିଭଳି କେବଳ ମଧ୍ୟଭାଗକୁ ନେଇ ରହି ପାରିବ ?

୩୨। ଯେଉଁମାନେ ଅନାସକ୍ତ, ସେମାନେ ଏହି ଉଦ୍ଦେଶ୍ୟରେ ହିଁ ସାଧନା କରନ୍ତି । ଧାର୍ମିକମାନେ ଏହା ସହିତ ସଦା ଜଡ଼ିତ। ମୋକ୍ଷକାମୀ ବ୍ୟକ୍ତିମାନଙ୍କ ନିମନ୍ତେ ଏହାହିଁ ଲକ୍ଷ୍ୟସ୍ଥଳ ଓ ସମସ୍ତ ଆଶାୟୀଙ୍କ ନିମନ୍ତେ ଏହା ଏକ ଲୋଭନୀୟ ପରିସମାପ୍ତି।

୩୩। ତୁମକୁ ଯେଉଁ ସ୍ଥାନରେ ରହିବାକୁ ଭଲ ଲାଗୁଛି, ସେଠାରେ ରହିବାକୁ ଚେଷ୍ଟାକର। ସନ୍ଥଙ୍କ ପଦତଳେ ଆଶ୍ରୟ ନେବାର ଇଚ୍ଛା ପୋଷଣ କର । ସନ୍ଥ ଯାହା ଯାହା କହନ୍ତି, ସେ ସବୁକୁ ଧ୍ୟାନର ସହିତ ଶୁଣ ଓ ସନ୍ଦେହ ଉପୁଜିଲେ ତାହାକୁ ମୂଳରୁ ଦୂରକରି ଦେବାକୁ ଯତ୍ନବାନ ହୁଅ।

୩୪। ମନକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରିବା ନିମନ୍ତେ ବୁଦ୍ଧିବୃତ୍ତିକୁ ମୂଳରୁ ଛିନ୍ନ କର। ନିଜକୁ ସମ୍ପୂର୍ଣ୍ଣ ନିରାସକ୍ତ କରିବାକୁ ଚେଷ୍ଟାକର ଓ ଗୁରୁପଦରେ ନିରନ୍ତର ଦୃଷ୍ଟିନିବଦ୍ଧ କର ।

୩୫। ସମସ୍ତ ଭ୍ରମ ଧାରଣାକୁ ନିଶ୍ଚିହ୍ନ କରିଦିଅ। ନଚେତ୍ ତାହା ରାସ୍ତାରେ ବାଧା ସୃଷ୍ଟି କରିବ। ସବୁ ପ୍ରକାର ଅହଂକାରକୁ ନିଜ ପାଦରେ ଦଳି ଦିଅ। ତାହା ପରେ ଯାଇ ଅନ୍ୟ କୂଳରେ ପହଞ୍ଚି ପାରିବ।

୩୬। ଏଭଳି ବିଶଦ ବ୍ୟାଖ୍ୟା ଏହି ସୁମଧୁର କାହାଣୀରେ ରହିଛି। ବାବା ନିଜେ ଏହା ବର୍ଣ୍ଣନା କରିଛନ୍ତି । ତାହାକୁ ଏବେ ଶୁଣନ୍ତୁ। ଗୁରୁ ବଚନାମୃତ ପାନ କଲେ ଅଶେଷ ଆନନ୍ଦ ଲାଭ ହେବ ।

୩୭। "ଥରେ ଆମେ ଚାରିଜଣ ଶାସ୍ତ୍ର ପୁରାଣ ପଢ଼ି ନିଜ ନିଜକୁ ଅତି ବିଜ୍ଞ ବୋଲି ଭାବି ବ୍ରହ୍ମଙ୍କର ସ୍ୱରୂପ ବର୍ଣ୍ଣନା କରୁଥିଲୁ।

୩୮। ଆମ ଭିତରୁ ଜଣେ ଗୀତା ପଂକ୍ତି ଉଦ୍ଧାର କରି 'ସ୍ୱସାଧନାରେ ମୋକ୍ଷପ୍ରାପ୍ତି'ର ବ୍ୟାଖ୍ୟା କରିଥିଲେ ଓ ନିଜର ମୋକ୍ଷପ୍ରାପ୍ତି ନିମନ୍ତେ ଅନ୍ୟ କାହାରି ଉପରେ ନିର୍ଭର କରାଯିବାର ମନୋବୃତ୍ତିକୁ ନାପସନ୍ଦ କରିଥିଲେ।

୩୯। ଦ୍ୱିତୀୟ ବ୍ୟକ୍ତି ଏହାର ଉତ୍ତରରେ କହିଥିଲେ ଯେ, ଯିଏ ନିଜର ମନକୁ ନିୟନ୍ତ୍ରଣ କରିପାରିଛି ସେ ସୁଖୀ। ଆମେ ଚିନ୍ତା ଓ ଭାବନାରୁ ମୁକ୍ତ ରହିବା ଉଚିତ। ଆମ ନିଜ ଆତ୍ମାଛଡ଼ା ଜଗତରେ ଅନ୍ୟକିଛି ନାହିଁ ।

୪୦। ତୃତୀୟ ଜଣକ କହିଥିଲେ ଜଗତ ସଦା ପରିବର୍ତ୍ତନଶୀଳ। ନିରାକାର ହିଁ ଚିରନ୍ତନ। ତେଣୁ ଆମେ ପ୍ରକୃତ ଓ ଅପ୍ରକୃତ ମଧ୍ୟରେ, ଅର୍ଥାତ୍ ଚିରସ୍ଥାୟୀ ଓ ଅସ୍ଥାୟୀ ମଧ୍ୟରେ ଥିବା ପ୍ରଭେଦକୁ ଜାଣିବା ଉଚିତ।

୪୧। ଚତୁର୍ଥ ଜଣକ ପୁସ୍ତକପଠିତ ଜ୍ଞାନକୁ ଅନୁମୋଦନ ନ କରି ପ୍ରସ୍ତାବ ଦେଇଥିଲେ ଯେ ନିର୍ଦ୍ଧାରିତ କର୍ତ୍ତବ୍ୟ ସମ୍ପାଦନ କରିବା ଉଚିତ୍ ଏବଂ ଆମେ ଆମର ତନ, ମନ, ଧନ ଓ

ପଞ୍ଚପ୍ରାଣକୁ ଗୁରୁଙ୍କ ପଦତଳେ ସମର୍ପଣ କରିଦେବା ଉଚିତ୍।

୪୨। ଗୁରୁ ହିଁ ଈଶ୍ୱର ଓ ସେ ସର୍ବତ୍ର ବିରାଜିତ। ଏହାକୁ ହୃଦୟଙ୍ଗମ କରିବା ନିମନ୍ତେ ଅସୀମ ଦୃଢ଼ ବିଶ୍ୱାସ ରହିବା ଆବଶ୍ୟକ।

୪୩। ଯେଉଁମାନେ ଶାସ୍ତ୍ରଜ୍ଞାନୀ ଅଟନ୍ତି, ଯେଉଁମାନେ ପଣ୍ଡିତ ହୋଇଥାନ୍ତି, ଯେଉଁମାନେ ସବୁବେଳେ ଯୁକ୍ତିତର୍କ ଓ ଆଲୋଚନା କରିବା ନିମନ୍ତେ ଆଗଭର ହୋଇଥାନ୍ତି, ଆଉ ଯେଉଁମାନେ ଅଯଥାରେ ସନ୍ଦେହ ପ୍ରକାଶ କରନ୍ତି ଓ ସନ୍ଦିଗ୍ଧମନା ଅଟନ୍ତି, ସେମାନେ କେବେହେଲେ ସମ୍ପୂର୍ଣ୍ଣ ଜ୍ଞାନ ସେମାନଙ୍କ ସ୍ୱପ୍ନରେ ମଧ୍ୟ ପାଇପାରିବେ ନାହିଁ। ଏଥିପାଇଁ ବ୍ୟକ୍ତିର କେବଳ ସମ୍ପୂର୍ଣ୍ଣ ବିଶ୍ୱାସ ଓ ଭକ୍ତି ଥିବା ଆବଶ୍ୟକ।

୪୪। ଆମେ ଚାରି ଜଣ 'ଜ୍ଞାନୀ' ବ୍ୟକ୍ତି ବ୍ରହ୍ମଙ୍କୁ ଖୋଜିବା ନିମନ୍ତେ ବାହାରି ପଡ଼ିଥିଲୁ। ବ୍ରହ୍ମଙ୍କୁ ଚିନ୍ତାମୁକ୍ତ ମନରେ ଓ ବୁଦ୍ଧି ବଳରେ ସ୍ୱାଧୀନ ଭାବରେ ଅନୁଭବ କରିହେବ ବୋଲି ଜାଣିଥିଲୁ।

୪୫। ଆମ ଭିତରୁ ତିନିଜଣଙ୍କର ଏହି ଲକ୍ଷ୍ୟ ଥିଲା। ମନମର୍ଜିରେ ଆମେ ଜଙ୍ଗଲ ମଧ୍ୟରେ ଘୂରି ବୁଲୁଥିବା ସମୟରେ ବାଟରେ ଜଣେ 'ବଂଜାରା'ଙ୍କ ସହିତ ଆମର ଭେଟ ହୋଇଥିଲା ଓ ସେ ଆମକୁ ପ୍ରଶ୍ନ କରିଥିଲେ -

୪୬। "ଖରାତାତି ଦେହହାତ ପୋଡ଼ି ପକାଉଛି । ତୁମେମାନେ କ'ଣ ପାଇଁ କେଉଁଠିକୁ ଯାଉଛ ?" ଆମେ ତାଙ୍କୁ ଉତ୍ତର ଦେଇଥିଲୁ ଯେ "ଆମେ ଜଙ୍ଗଲରେ ଖୋଜୁଛୁ।"

୪୭। ବଂଜାରା ଆମକୁ କି ଜିନିଷ ଖୋଜୁଛୁ ବୋଲି ପୁଣି ପଚାରିବାରୁ ତାଙ୍କ କଥାକୁ ଏଡ଼ାଇଦେବା ନିମନ୍ତେ ଆମେ ତାଙ୍କୁ ଯାଉସାଉ ଉତ୍ତର ଦେଇଥିଲୁ। ନିର୍ଦ୍ଦିଷ୍ଟ ଭାବରେ କିଛି କହି ନ ଥିଲୁ।

୪୮। ଆମ୍ଭମାନଙ୍କୁ ଇତସ୍ତତଃ ହୋଇ ଲକ୍ଷ୍ୟହୀନ ଭାବରେ ବୁଲୁଥିବାର ଦେଖି ତାଙ୍କ ହୃଦୟ ଦୟାବିଗଳିତ ହୋଇଥିଲା । ଜଙ୍ଗଲ ଅତି ଘଞ୍ଚ ଓ ଅଭେଦ୍ୟ ଏବଂ ଜଙ୍ଗଲକୁ ପୂରାପୂରି ଭଲଭାବରେ ନଜାଣି ଲକ୍ଷ୍ୟହୀନ ଭାବରେ ଘୂରି ବୁଲିବା ଠିକ୍ ନୁହେଁ ବୋଲି ସେ କହିଥିଲେ।

୪୯। ଜଙ୍ଗଲ ଭିତରେ ଯିବାକୁ ଥିଲେ, ଜଣେ ପଥପ୍ରଦର୍ଶକକୁ ସାଥିରେ ନିଅ ଓ ଏହି ମଧ୍ୟାହ୍ନ ସୂର୍ଯ୍ୟ ତାତି ସମୟରେ ଅଯଥାରେ ନିଜକୁ କଷ୍ଟ ଦିଅନାହିଁ ବୋଲି ମଧ୍ୟ ସେ କହିଥିଲେ।

୫୦। ଆମ୍ଭମାନଙ୍କର ଗୋପନ ଲକ୍ଷ୍ୟ ସମ୍ବନ୍ଧରେ ତାଙ୍କୁ ଖୋଲି ନ କହିଲେ ନାହିଁ, ତେବେ ତାଙ୍କ ପାଖରେ ଆମେ କିଛିକ୍ଷଣ ବିଶ୍ରାମ ନେଇ ଓ କିଛି ଖାଇବା ପରେ ଟିକିଏ ପାଣି ପିଇ, ହୃଦୟରେ ଶାନ୍ତି ଅନୁଭବ କରି ଯାଇପାରୁ ବୋଲି ସେ ପରାମର୍ଶ ଦେଇଥିଲେ।

୫୧। ସେ ସହାନୁଭୂତିଶୀଳ ହୋଇ ଏତେ କଥା କହିବା ପରେ ମଧ୍ୟ ଆମେ ତାଙ୍କ ଅନୁରୋଧକୁ ଉଦ୍ଧତ ଭାବରେ ପ୍ରତ୍ୟାଖ୍ୟାନ କରି ଆଗକୁ ଚାଲିଥିଲୁ ଓ କିଛି ବାଟ ଯିବା ପରେ ବହୁତ କ୍ଳାନ୍ତ ଅନୁଭବ କରିଥିଲୁ।

୫୨। ଆମର ଗର୍ବିତ ସ୍ପର୍ଦ୍ଧା ଥିଲା ଯେ ଆମେ ସମସ୍ତେ ଅତି ଜ୍ଞାନୀ ଓ ବିନା ପଥପ୍ରଦର୍ଶକ ସାହାଯ୍ୟରେ, ଆମେ ଆମର ବାଟ ଖୋଜି ରାସ୍ତା ପାଇପାରିବୁ।

୫୩। ସେହି ଜଙ୍ଗଲ ଅତି ବିସ୍ତୃତ ଥିଲା ଓ ନାନା ଜାତିର ବିଶାଳ ଗଛରେ ଭର୍ତ୍ତି ହୋଇଥିଲା । ସେଗୁଡ଼ିକର ଗହଳିଆ ପତ୍ର ଭେଦ କରି ସୂର୍ଯ୍ୟକିରଣ ତଳେ ପଡ଼ି ପାରୁ ନ ଥିବା ବେଳେ ଆମେ କିପରି ବାଟ ଖୋଜି ପାଇପାରିଥାନ୍ତୁ ?

୫୪। ଆମେ ରାସ୍ତା ହରାଇଥିଲୁ ଓ ଏଣେ ତେଣେ ନିଷ୍ଫଳ ଭାବରେ ଘୂରି ବୁଲୁଥିଲୁ। ସୌଭାଗ୍ୟବଶତଃ ଆମେ ଯେଉଁଠାରୁ ଯାତ୍ରାରମ୍ଭ କରିଥିଲୁ, ବୁଲି ବୁଲି ଆସି ସେଇଠାରେ ହିଁ ପହଞ୍ଚିଯାଇଥିଲୁ।

୫୫। ଆମର ଭାଗ୍ୟ ଆମକୁ ଫେରାଇ ଆଣି ସେହି ସ୍ଥାନରେ ପହଞ୍ଚାଇ ଦେଇଥିଲା। ଆମର ସେଇ ବଂଜାରାଙ୍କ ସହିତ ପୁଣି ଦେଖା ହୋଇଥିଲା ଓ ସେ କହିଥିଲେ ଯେ 'ଆମେ ଦିଗହରା ହୋଇଯାଇଛୁ। ବେଳେ ବେଳେ କେବଳ ବୁଦ୍ଧି ଥିଲେ ଯଥେଷ୍ଟ ହୁଏ ନାହିଁ।'

୫୬। 'ଛୋଟ ହେଉ କିମ୍ବା ବଡ଼ ବ୍ୟାପାର ହେଉ, ସବୁକ୍ଷେତ୍ରରେ ଠିକ୍ ପଥ ଦେଖାଇବା ନିମନ୍ତେ ଜଣେ ପଥପ୍ରଦର୍ଶକ ଆବଶ୍ୟକ ହୋଇଥାନ୍ତି। ଖାଲି ପେଟରେ କୌଣସି ଅନୁସନ୍ଧାନ ସଫଳ ଭାବରେ କରାଯାଇପାରେ ନାହିଁ। ବୁଦ୍ଧିର ଦୋଷ ବିଚିତ୍ର।

୫୭। 'ଈଶ୍ୱର ନ ଚାହିଁଲେ ରାସ୍ତାରେ ଆମକୁ କେହି ମିଳନ୍ତି ନାହିଁ। ଖାଇବାକୁ ମିଳିଲେ, ମନା କର ନାହିଁ କିମ୍ବା ଖାଦ୍ୟ ବଢ଼ାଯାଇଥିବା ଥାଳିକୁ ଫିଙ୍ଗିଦିଅ ନାହିଁ।

୫୮ । 'କେହି ଜଣେ ଖାଇବାକୁ ଦେଲେ ଓ ଖାଇବା ନିମିତ୍ତ ବାଧ୍ୟ କଲେ, ତାହା ବହୁତ ଶୁଭ ବୋଲି ବିଶ୍ୱାସ କର । ଏହା ତୁମକୁ କାର୍ଯ୍ୟରେ ସଫଳ ହେବାରେ ସାହାଯ୍ୟ କରେ ।'

୫୯ । ସେ ପୁଣି ଆମକୁ ଖାଦ୍ୟ ଯାଚିଥିଲେ ଓ କିଛି ଖାଇନେବା ପାଇଁ ବଳେଇଥିଲେ ଏବଂ ଶାନ୍ତ ହୋଇ ଧୈର୍ଯ୍ୟ ଧରିବାକୁ କହିଥିଲେ । ତାଙ୍କର ଏହି ଉତ୍ତମ ପ୍ରସ୍ତାବକୁ ଆମେ ପୁନଶ୍ଚ ଗ୍ରହଣ କରିନଥିଲୁ ଓ କିଛି ନ ଖାଇ ପୁଣି ଆମେ ଆମ ରାସ୍ତାରେ ଚାଲି ଯାଇଥିଲୁ ।

୬୦ । "ଆମର ଲକ୍ଷ୍ୟ ସାଧନ ନ ହେବା ପର୍ଯ୍ୟନ୍ତ ଆମେ ଅନ୍ନ ଜଳ ସ୍ପର୍ଶ କରିବୁ ନାହିଁ ।" ଆମର ଜିଦ୍‌ଖୋରପଣିଆ ଯୋଗୁଁ କିଭଳି ବାଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ଦେଖନ୍ତୁ ।

୬୧ । ସେତେବେଳକୁ ମୁଁ ପ୍ରବଳ କ୍ଷୁଧା ଅନୁଭବ କରୁଥିଲି ଓ ତୃଷାରେ ମୋର ତଣ୍ଟି ଶୁଖି ଯାଉଥିଲା । ବଂଜାରାଙ୍କର ସ୍ନେହ ଅସାଧାରଣ ଥିଲା ଓ ତାହାର ଚମତ୍କାରିତା ମୁଁ ଅନୁଭବ କରୁଥିଲି ।

୬୨ । ଆମ୍ଭେମାନେ ବିଦ୍ୱାନ ଓ ଜ୍ଞାନୀ ବୋଲାଉଥିଲୁ । କିନ୍ତୁ ଉଦାରତା ଓ ସମ୍ବେଦନଶୀଳତା କ'ଣ, ଆମେ ଜାଣି ନ ଥିଲୁ । ଜଣେ ଧନୀ ବ୍ୟକ୍ତି ଡାହାଣ ହାତରେ ଖାଦ୍ୟ ଧରିଥିବା ସମୟରେ କାଉକୁ ମଧ୍ୟ ଘଉଡ଼ାଇ ଦିଏ ନାହିଁ । କାରଣ ହେଉଛି ଯେ, ସେ ସେପରି କଲେ ହୁଏତ କିଛି ଖାଦ୍ୟକଣିକା ତଳେ ପଡ଼ିଯିବ ଓ ସେତକ ନଷ୍ଟ ହୋଇଯିବ ।

୬୩ । ଏହି ବଂଜାରା ଅଶିକ୍ଷିତ, ମୂର୍ଖ ଓ ନୀଚ ଜାତିର ହୋଇଥିଲେ ମଧ୍ୟ ତାଙ୍କ ହୃଦୟରେ ଶ୍ରଦ୍ଧାସ୍ନେହ ଭରି ରହିଥିଲା ଓ ସେ ତାଙ୍କର ଖାଦ୍ୟରୁ ଆମକୁ ଅଂଶ ଯାଚିଥିଲେ ଓ 'କିଛି ରୁଟି ଓ ତରକାରୀ ଖାଇଦିଅ' ବୋଲି କହିଥିଲେ ।

୬୪ । ଯିଏ ନିଃସ୍ୱାର୍ଥପର ଭାବରେ ଅନ୍ୟକୁ ଶ୍ରଦ୍ଧା କରେ, ସେ ପ୍ରକୃତରେ ଜ୍ଞାନୀ । ତାଙ୍କର ଆତିଥେୟତା ଗ୍ରହଣ କଲେ, ଜ୍ଞାନ ଲାଭ ନିମିତ୍ତ ତାହା ଶ୍ରେଷ୍ଠ ଅୟମାରମ୍ଭ ହେବ ବୋଲି ମୁଁ ଭାବିଥିଲି ।

୬୫ । ତେଣୁ ଅତି ସମ୍ମାନପୂର୍ବକ ମୁଁ ବଂଜାରାଙ୍କ ପ୍ରଦତ୍ତ ଖାଦ୍ୟ ଖାଇଥିଲି ଓ ପାଣି ପିଇଥିଲି । ତାହାପରେ କିଭଳି ବିସ୍ମୟକର ଘଟଣା ଘଟିଥିଲା, ଶୁଣନ୍ତୁ !

୬୬ । ଗୁରୁରାୟ ଅପ୍ରତ୍ୟାଶିତ ଭାବରେ ଆସି ପଚାରିଥିଲେ, "ଯୁକ୍ତି କରିବାର କାରଣ କ'ଣ ଥିଲା ?" ଯାହାସବୁ ଘଟି ଯାଇଥିଲା ମୂଳରୁ ଶେଷ ପର୍ଯ୍ୟନ୍ତ ମୁଁ ବର୍ଣ୍ଣନା କରିଥିଲି ।

୬୭ । "ତୁମେ ମୋ ସହିତ ଆସିବ କି ? ତୁମର ଅନ୍ୱେଷଣକୁ ଶୀଘ୍ର ସମ୍ପୂର୍ଣ୍ଣ କରିବାରେ ମୁଁ ସାହାଯ୍ୟ କରିବି, କିନ୍ତୁ ଯିଏ କୌଣସି ସନ୍ଦେହ ନରଖି ମୋ କଥା ମାନି କାମ କରିବ, ସେ ସଫଳକାମ ହେବ ।"

୬୮ । ଅନ୍ୟମାନେ ଏଥିରେ ରାଜି ହେଲେ ନାହିଁ । ମୁଁ କିନ୍ତୁ ଗଭୀର ଭକ୍ତି ସହକାରେ ତାଙ୍କ ପ୍ରସ୍ତାବରେ ରାଜି ହୋଇଥିଲି । ଅନ୍ୟମାନେ ଚାଲି ଯାଇଥିଲେ । ତା'ପରେ ଗୁରୁରାୟ ମୋତେ ତାଙ୍କ ସାଙ୍ଗରେ ନେଇଥିଲେ ।

୬୯ । ସେ ମୋତେ ଗୋଟିଏ କୂପ ନିକଟକୁ ନେଇ ଯାଇଥିଲେ । ସେଠାରେ ସେ ମୋର ଗୋଡ଼ ଦୁଇଟିକୁ ଗୋଟିଏ ଦଉଡ଼ିରେ ବାନ୍ଧି ଦେଇଥିଲେ ଓ ଗୋଡ଼ ଉପରକୁ ଏବଂ ମୁଣ୍ଡ ତଳକୁ କରି କୂପ ଭିତରର ପାଣି ଉପରେ ଝୁଲାଇ ଦେଇଥିଲେ ।

୭୦ । ଗୁରୁରାୟ କୂପ ଭିତରେ ମୋତେ ଏପରି ଭାବରେ ଝୁଲାଇ ଦେଇଥିଲେ ଯେ ମୋର ହାତ ଜଳକୁ ସ୍ପର୍ଶ କରି ପାରୁ ନ ଥିଲା କି ମୋ ପାଟି ପାଖକୁ[୨] ପାଣି ଆସିପାରୁ ନ ଥିଲା ।

୭୧ । ଗୁରୁରାୟ ଦଉଡ଼ିର ଅପର ମୁଣ୍ଡକୁ କୂପ କଡ଼ରେ ଥିବା ଏକ ଗଛ ଦେହରେ ବାନ୍ଧି ଦେଇଥିଲେ ଓ ନିଶ୍ଚିନ୍ତ ମନରେ ଚାଲିଯାଇଥିଲେ । ସେ କେଉଁଆଡ଼େ ଚାଲିଗଲେ, ମୋତେ ଜଣା ନଥିଲା କି କେହି ଜାଣିନଥିଲେ ।

୭୨ । ସେ ଚାରି, ପାଞ୍ଚ ଘଣ୍ଟା ପରେ ଫେରି ଆସିଥିଲେ ଓ ମୋତେ ତରବର ହୋଇ ବାହାର କରି ଆଣିଥିଲେ । ମୁଁ ଭଲରେ ଅଛି କି ନାହିଁ ବୋଲି ମୋତେ ପଚାରିଥିଲେ ।

୭୩ । ମୁଁ ତାଙ୍କୁ ଉତ୍ତର ଦେଇଥିଲି, "ମୁଁ ପରମାନନ୍ଦରେ ମଗ୍ନ ଥିଲି । ଯେଉଁ ଆନନ୍ଦ ମୁଁ ଅନୁଭବ କରୁଥିଲି, ତାହାକୁ ବର୍ଣ୍ଣନା କରିବା ମୋର କ୍ଷୀଣଶକ୍ତିର ବାହାରେ ।"

୭୪ । ଗୁରୁରାୟ ମୋର ଉତ୍ତର ଶୁଣି ପ୍ରୀତ ହୋଇଥିଲେ । ସେ ହାତରେ ମୋ ପିଠିକୁ ଥାପୁଡ଼ାଇ ତାଙ୍କ ସହିତ ନେଇଯାଇଥିଲେ ।

୭୫ । ମୁଁ ଏହାକୁ ବର୍ଣ୍ଣନା କରିବା ସମୟରେ, ଏବେ ମଧ୍ୟ

ମୋର ହୃଦୟ ଆନନ୍ଦରେ ପୁଲକିତ ହୋଇ ଉଠୁଛି। ତା'ପରେ ଗୁରୁ ମୋତେ 'ବିଦ୍ୟାଳୟ'କୁ ନେଇଯାଇଥିଲେ। ମା' ଚଢ଼େଇ ତାହାର ପକ୍ଷ ଘୋଡ଼ାଇ ତା'ର ଛୋଟ ଛୁଆଙ୍କୁ ଯେମିତି ଯତ୍ନ ସହକାରେ ରକ୍ଷାକରେ, ସେମିତି ସେ ଆଦରକରି ମୋର ଯତ୍ନ ନେଉଥିଲେ।

୭୬। ଗୁରୁଙ୍କର ବିଦ୍ୟାଳୟ କେତେ ବିସ୍ମୟକର ଥିଲା! ମୁଁ ପିତାମାତାଙ୍କର ସ୍ନେହକୁ ପାଶୋରି ଦେଇଥିଲି ଓ ଲୋଭ ଏବଂ ମୋହର ବନ୍ଧନ ଛିଣ୍ଡି ଯାଇଥିଲା। ମୁଁ ସହଜରେ ମୋକ୍ଷ ଲାଭ କରିଥିଲି।

୭୭। କିଛି ଅସମ୍ଭବ ଲାଗୁ ନ ଥିଲା। ମୋର କୁପ୍ରବୃତ୍ତି ଲୋପ ପାଇଥିଲା । ମୋର ପୂର୍ବ କର୍ମସବୁ ପୋଛି ହୋଇଯାଇଥିଲା। ମୋର ଇଛା ହେଉଥିଲା, ଏହି ଗୁରୁଙ୍କର ବେକକୁ କୁଣ୍ଢେଇ ଧରି ତାଙ୍କର ମୁଖକୁ ସବୁବେଳେ ଚାହିଁ ରହିଥାନ୍ତି !

୭୮। ଯଦି ତାଙ୍କର ମୂର୍ତ୍ତି ମୋ ଆଖିରେ ପ୍ରତିବିମ୍ବିତ ନ ହୁଏ, ତେବେ ତାହା ମାଂସ ପିଣ୍ଡୁଳା ମାତ୍ର। ତା' ଅପେକ୍ଷା ବରଂ ଅନ୍ଧ ହୋଇଯିବାକୁ ମୁଁ ଶ୍ରେୟସ୍କର ମଣୁଥିଲି। ବିଦ୍ୟାଳୟର ପ୍ରଭାବ ମୋ ଉପରେ ଏପରି ପଡ଼ିଥିଲା!

୭୯। ଏହି ବିଦ୍ୟାଳୟରେ ଥରେ ପ୍ରବେଶ କଲାପରେ କିଏ ଏଭଳି ହତଭାଗା ହେବ ଯିଏକି ଏହାର ପରିସୀମା ଛାଡ଼ି ଚାଲିଯିବାକୁ ଚାହିଁବ? ମୋ ଗୁରୁରାୟ ମୋର ପିତାମାତା, ମୋର ଧନସମ୍ପତ୍ତି- ସବୁକିଛି ଥିଲେ।

୮୦। ମନ ସହିତ ସମସ୍ତ ଇନ୍ଦ୍ରିୟ ମୋର ଚକ୍ଷୁ ମଧ୍ୟରେ କେନ୍ଦ୍ରୀଭୂତ ହୋଇ ତାଙ୍କୁ ଧ୍ୟାନ କରୁଥିଲେ।

୮୧। ଗୁରୁ ଥିଲେ ମୋ ଧ୍ୟାନର ଏକମାତ୍ର ଧ୍ୟେୟ । ବିଶ୍ୱବ୍ରହ୍ମାଣ୍ଡ ତାଙ୍କରି ରୂପ ଧାରଣ କରିଥିଲା । ମୁଁ ଆଉ କାହାରି ବିଷୟରେ ସଚେତନ ନ ଥିଲି। ଏହାକୁ 'ଐକାନ୍ତିକ ଭକ୍ତି' କୁହାଯାଇଥାଏ।

୮୨। ଗୁରୁଙ୍କ ସ୍ୱରୂପକୁ ଧ୍ୟାନ କଲେ ମନ ଓ ବୁଦ୍ଧି ଦ୍ରବୀଭୂତ ହେଉଥିଲା। ତେଣୁ ମୁଁ ଅବଶେଷରେ ନିର୍ବାକ ଭାବରେ କେବଳ ତାଙ୍କୁ ହିଁ ପ୍ରଣାମ କରୁଥିଲି।

୮୩। ଜଣେ ଯଦି ଏଭଳି ଅବସ୍ଥାକୁ ଆସି ପାରୁ ନ ଥିବ, ତେବେ ସେ ଜ୍ଞାନ ଆହରଣ ନିମନ୍ତେ ଗୁରୁ କରିଲେ ମଧ୍ୟ ଗୁରୁଙ୍କର ଉପଦେଶ କେବଳ ଏକ ବଡ଼ ଶୂନ୍ୟରେ ପରିଣତ ହେବ। ଜଣେ ଦକ୍ଷିଣା ହିସାବରେ ଗୁଡ଼ାଏ ଅର୍ଥ ହିଁ କେବଳ ଦେବ ଓ ଶେଷରେ ଅନୁତାପ କରିବ।

୮୪। ସେଭଳି ଗୁରୁ ନିଜର ଗୁପ୍ତଜ୍ଞାନ ସମ୍ବନ୍ଧରେ ତୁଚ୍ଛା ଆସ୍ଫାଳନ କରିଥାନ୍ତି ଓ ନିଜର ପବିତ୍ରତା ତଥା ସ୍ୱଷ୍ଟବାଦିତା ନିମନ୍ତେ ବଡ଼ିମା ଦେଖାଇଥାନ୍ତି। ଯିଏ ପିଲାଟି ଦିନରୁ ଛଳନା କରିବା ଶିଖିଥାଏ, ସିଏ ଶେଷରେ ଅନ୍ୟକୁ କ'ଣ ଦେଇପାରିବ ?

୮୫। ମହା ଆଡ଼ମ୍ବର ସହକାରେ ନିଜର ପବିତ୍ରତା ପ୍ରଦର୍ଶନ କରୁଥିଲେ ମଧ୍ୟ ଅନ୍ତର ଭିତରେ ପ୍ରକୃତ ସ୍ନେହଶ୍ରଦ୍ଧା ନଥାଏ। ଯାହାଙ୍କର ନିଜର ପ୍ରକୃତ ଅଭିଜ୍ଞତା କିଛି ନଥାଏ, ତାଙ୍କର ବିଦ୍ୟାଳୟ ମୂଲ୍ୟହୀନ ହୁଏ।

୮୬। ଯେଉଁଠାରେ ଜ୍ଞାନ ସମ୍ବନ୍ଧରେ ପ୍ରଚୁର କଥା କୁହାଯାଏ, ସେଠାରେ ବ୍ରହ୍ମଜ୍ଞାନ କେବେହେଲେ ଉପଲବ୍ଧ ହୁଏ ନାହିଁ। ଯେଉଁଠାରେ ଗୁରୁ ନିଜର ବଡ଼ିମା ବଖାଣିବାରେ ବ୍ୟସ୍ତ ଥାଆନ୍ତି, ସେଠାରେ ଶିଷ୍ୟ ନିଜର ମଙ୍ଗଳ କିପରି ସାଧନ କରିବ ?

୮୭। ଯାହାଙ୍କର କଥା ହୃଦୟକୁ ସ୍ପର୍ଶକରେ ନାହିଁ ଓ ଶିଷ୍ୟମାନଙ୍କର ପ୍ରତ୍ୟୟ ଜାତହୁଏ ନାହିଁ, ସେଠାରେ ଗୁରୁପଦର କି ମୂଲ୍ୟ ଅଛି ? ତାଙ୍କର ସମସ୍ତ କଥା ନିରର୍ଥକ ବାଚାଳତା।

୮୮। ଛାଡ଼, ବହୁତ ହୋଇଗଲା! ମୋ କ୍ଷେତ୍ରରେ ମୁଁ ଗୁରୁଙ୍କର ଏଭଳି ସେବା କରିଥିଲି ଯେ, ସେ ମୋତେ ତାଙ୍କର ଜ୍ଞାନଭଣ୍ଡାରକୁ ଉପହାର ଦେଇଥିଲେ। ମୋତେ ଆଉ କିଛି ଖୋଜିବା ପାଇଁ ପଡ଼ିନଥିଲା କି କିଛି ଅଧିକ ଗୂଢ଼ତତ୍ତ୍ୱ ମୁଁ ଚାହିଁନଥିଲି।

୮୯। ଗୁରୁଙ୍କ କୃପାରୁ ବିନା ଚେଷ୍ଟାରେ ବା ବିନା ଅଧ୍ୟୟନରେ ମୋର ସ୍ୱତଃ ଆତ୍ମୋପଲବ୍ଧି ପ୍ରାପ୍ତ ହୋଇଥିଲା। ମୋତେ ଆଉ କିଛି ଖୋଜିବାକୁ ପଡ଼ିନଥିଲା। କାରଣ, ସ୍ୱଷ୍ଟ ଦିବାଲୋକ ଭଳି ମୋ ସମ୍ମୁଖରେ ସବୁକିଛି ପରିଷ୍କାର ହୋଇଯାଇଥିଲା।

୯୦। କେବଳ ସମର୍ଥ ଗୁରୁରାୟ ହିଁ ମୋର ମୁଣ୍ଡ ତଳକୁ ଓ ଗୋଡ଼ ଉପରକୁ କରି ମୋତେ ଓଲଟା ଝୁଲାଇ ଦେବା ଯୋଗୁଁ ମୋତେ ମିଳିଥିବା ଆନନ୍ଦ ସମ୍ପର୍କରେ ଜାଣନ୍ତି।

୯୧। ସନ୍ଥମାନଙ୍କର କାର୍ଯ୍ୟ କିଛିଟା ଭିନ୍ନ ଧରଣର

ହୋଇଥାଏ । କେବଳ ଅନୁଭବ ଦ୍ୱାରାହିଁ ତାହା ବୁଝିହୋଇଥାଏ। ଏ କ୍ଷେତ୍ରରେ ବିଶ୍ୱାସ ହିଁ ଏକମାତ୍ର ବିଚାର୍ଯ୍ୟ ବିଷୟ ଓ ଗୁରୁଙ୍କ କୃପା ହେଉଛି ଲକ୍ଷ୍ୟସାଧନର ଏକମାତ୍ର ଉପାୟ।

୯୨। କେଉଁ କର୍ମ କରଣୀୟ ଓ କେଉଁ କର୍ମ ବର୍ଜନୀୟ, ତାହା ଜଣେ କର୍ମଠହିଁ କେବଳ ଜାଣିଥାଏ। ଜ୍ଞାନୀ ନିଜର ଜ୍ଞାନ ନିମିତ୍ତ ଗର୍ବୀ ହୋଇଥାଏ ଓ ଯୋଗୀ ଛଳନାକାରୀ ହୋଇଥାଏ। ପ୍ରକୃତପକ୍ଷରେ ବିନା ବିଶ୍ୱାସରେ କିଛି ପ୍ରାପ୍ତି ହୋଇନଥାଏ।

୯୩। ପଣ୍ଡିତମାନେ ଅହଂକାର ଦ୍ୱାରା ଅନ୍ଧ ହୋଇଯାଆନ୍ତି ଓ ଗର୍ବର ମୂର୍ତ୍ତିମନ୍ତ ରୂପ ହୋଇଥାନ୍ତି। ଜ୍ଞାନୀମାନେ ସେମାନଙ୍କ ନିକଟରୁ ଦୂରେଇ ଯାଇଥାନ୍ତି, କାରଣ ସେମାନେ ପରସ୍ପରର ସାନ୍ନିଧ୍ୟକୁ ଭଲ ପାଇନଥାନ୍ତି।

୯୪। ଜ୍ଞାନୀମାନେ କହିଥାନ୍ତି, 'ମୋ ବ୍ୟତୀତ ଅନ୍ୟ କୌଣସି ପ୍ରଭୁ ନାହାନ୍ତି, କାରଣ ମୁଁ ସମସ୍ତ ଜ୍ଞାନକୁ ଆୟତ୍ତ କରିଛି ଓ ମୁଁ ହେଉଛି ସେହି ଶୁଦ୍ଧ ଚେତନା।'

୯୫। ଭକ୍ତ ନିଜର ଭକ୍ତି ଓ ବିଶ୍ୱାସ ଯୋଗୁଁ ନିଜ ଜ୍ଞାନର ବଡ଼େଇ ପ୍ରଦର୍ଶନ କରିନଥାଏ। ସେ ଗୁରୁଙ୍କର ସମ୍ପୂର୍ଣ୍ଣ ଶରଣାଗତ ହୋଇଥାଏ ଏବଂ ନିଜର ତନ, ମନ, ଧନ ଓ ତା'ର ଯାହା ଅଛି, ସେ ସମସ୍ତ ଗୁରୁଙ୍କୁ ପ୍ରଦାନକରି ସେବା କରିଥାଏ।

୯୬। ଏହା ତା'ର ସିଦ୍ଧି, ତା'ର ପରାକ୍ରମର ମାହାତ୍ମ୍ୟ କିମ୍ୱା ତା'ର ଜ୍ଞାନର ବିଚକ୍ଷଣତା ବୋଲି ବିଶ୍ୱାସ କରିବାର ଅହଙ୍କାର ତା'ପାଖରେ ନଥାଏ ।

୯୭। ଯାହା କିଛି ଘଟେ, ତାହା ଈଶ୍ୱର ହିଁ କରାଇଥାନ୍ତି। ସେ ଉତ୍‌ଥାନ କରାଇଥାନ୍ତି ଓ ପତନ ବି କରାଇଥାନ୍ତି। ସେ ଯୁଝିଥାନ୍ତି ଓ ଯୁଝିବାର କାରଣ ମଧ୍ୟ ହୋଇଥାନ୍ତି। ସେହିଁ ଏକମାତ୍ର କର୍ତ୍ତା।

୯୮। ଗୁରୁଙ୍କୁ ସମସ୍ତ କର୍ତ୍ତୃତ୍ୱ ବା କ୍ଷମତା ଅର୍ପଣ କରିଦେଇ ଭକ୍ତ ସମ୍ପୂର୍ଣ୍ଣ ବିନମ୍ର ଭାବ ପୋଷଣ କରିଥାଏ। ଭକ୍ତ ସବୁ ସମୟରେ ପ୍ରଭୁଙ୍କ ଉପରେ ନିର୍ଭର କରିଥାଏ ଓ ସେ ସ୍ୱାଧୀନ ହୋଇନଥାଏ।

୯୯। ଏ ଆଲୋଚନା ବହୁତ ହୋଇଗଲା ! ସେଇ ଚାରିଜଣ ଜ୍ଞାନୀ ବ୍ୟକ୍ତି କ'ଣ ଖୋଜୁଥିଲେ ? ଏ ପର୍ଯ୍ୟନ୍ତ ସେହି ବିଷୟରେ କୁହାଯାଇନାହିଁ। ବର୍ତ୍ତମାନ ତାହାର ବ୍ୟାଖ୍ୟା ଶୁଣନ୍ତୁ।

୧୦୦। ଏହି କର୍ମଠମାନେ ବେଦବେଦାନ୍ତରେ ଅତ୍ୟନ୍ତ ପ୍ରବୀଣ ଥିଲେ ଓ ନିଜ ନିଜର ଜ୍ଞାନ ନିମନ୍ତେ ଅତି ଗର୍ବ ବୋଧ କରୁଥିଲେ । ସେମାନଙ୍କର ଶାସ୍ତ୍ରୀୟ ଆଲୋଚନା-ପର୍ଯ୍ୟାଲୋଚନା ଭିତରେ ଈଶ୍ୱରଙ୍କ ପ୍ରସଙ୍ଗ ଉଠିଥିଲା।

୧୦୧। ଈଶ୍ୱରଙ୍କୁ ଚିହ୍ନିବା, ତାଙ୍କ ନିବାସ ପାଇବା, ଜାଣିବା ଓ ତାଙ୍କ ପାଖକୁ ଯିବାର ବାଟ ବାହାର କରିବାର ଲକ୍ଷ୍ୟ ସେମାନଙ୍କର ଥିଲା । ସେମାନେ ନିଜର ପ୍ରୟାସ ଓ ଜ୍ଞାନ ବଳରେ ଏହା କରିବାକୁ ଚାହୁଁଥିଲେ ।

୧୦୨। ସେହି ଚାରିଜଣ ଜ୍ଞାନୀଙ୍କ ମଧ୍ୟରେ ଶ୍ରୀସାଇ ଜଣେ ଥିଲେ। ସେ ନିଜେ ପରଂବ୍ରହ୍ମ ହୋଇଥିବାରୁ ବିଚାରବୁଦ୍ଧି ଓ ଅନାସକ୍ତ ଭାବର ମୂର୍ତ୍ତିମନ୍ତ ରୂପ ଥିଲେ। ତେବେ ସେ କାହିଁକି ଏଭଳି ଅଯୌକ୍ତିକର ପ୍ରୟାସରେ ଭାଗ ନେଇଥିଲେ ?

୧୦୩। ଶ୍ରୋତାମାନଙ୍କ ମନରେ ସ୍ୱାଭାବିକ ଭାବରେ ଏଭଳି ସନ୍ଦେହ ଉପୁଜିବ । ଏହା ମାନବ ସମାଜର ମଙ୍ଗଳ ନିମନ୍ତେ ଉଦ୍ଦିଷ୍ଟ ଥିଲା। ଭକ୍ତମାନଙ୍କର ଉଦ୍ଧାରକର୍ତ୍ତା ଶ୍ରୀସାଇ ସମର୍ଥ ଏହି ଘଟଣା ଯୋଗୁଁ ନ୍ୟୂନ ହୋଇଯାଇଥିଲେ କି ?

୧୦୪। ସେ ଅବତାର ପୁରୁଷ ହୋଇଥିଲେ ମଧ୍ୟ ଜଣେ 'ବଂଜାରା'ଙ୍କୁ ସମ୍ମାନ ଦେଇ ତାଙ୍କର ଖାଦ୍ୟ ଗ୍ରହଣ କରିଥିଲେ। 'ଖାଦ୍ୟ ହିଁ ବ୍ରହ୍ମ' ବୋଲି ତାଙ୍କର ଦୃଢ଼ ବିଶ୍ୱାସ ରହିଥିଲା ଓ ସେଥିପାଇଁ ସେ ତାହାର ଉଚ୍ଚପ୍ରଶଂସା କରିଥିଲେ।

୧୦୫। ଯେଉଁମାନେ ସେହି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଥିଲେ, ସେମାନେ କିଭଳି ଅସୁବିଧା ଭୋଗିଥିଲେ ତାହା ମଧ୍ୟ ସେ ଦର୍ଶାଇଛନ୍ତି। ଗୁରୁବିନା ଜ୍ଞାନ ଆହରଣ ଅସମ୍ଭବ ବୋଲି କହିବାକୁ ଯାଇ ସେ ଏହି ଜ୍ଞାନୀମାନଙ୍କର କାହାଣୀ[୨] ବର୍ଣ୍ଣନା କରିଛନ୍ତି।

୧୦୬। ପିତାମାତା ଓ ଗୁରୁଙ୍କର ଶିକ୍ଷା ତଥା ଉପଦେଶ ବିନା ଧର୍ମଜ୍ଞାନାର୍ଜନ ସମ୍ଭବ ହୁଏ ନାହିଁ। ଏହା ମଧ୍ୟ ଅଧ୍ୟୟନ ଉପରେ ନିର୍ଭର କରେ । ଅଧ୍ୟୟନକୁ କାର୍ଯ୍ୟରେ ଉପଯୋଗ ନକଲେ ତାହା ନଷ୍ଟ ହୋଇଯାଏ।

୧୦୭। ପିତାମାତା ତଥା ଗୁରୁଙ୍କୁ ସମ୍ମାନ ଜ୍ଞାପନପୂର୍ବକ ପୂଜା କରିବାକୁ ଓ ସେମାନଙ୍କର ବଳିଷ୍ଠ ଆଶୀର୍ବାଦପ୍ରାପ୍ତ କରିବାକୁ ଶ୍ରୁତି ଆମକୁ ଉପଦେଶ ଦେଇଛି।

୧୦୮। ଜନ୍ମ ଓ ମୃତ୍ୟୁ ଚକ୍ରକୁ ଏଡ଼ାଇବା ନିମନ୍ତେ ଏହି ତିନିଙ୍କର ଆଶୀର୍ବାଦ ସହିତ ଯଜ୍ଞ, ଶାସ୍ତ୍ରାଧ୍ୟୟନ ଓ ଦାନ ଧର୍ମ ହେଉଛି ସର୍ବଶ୍ରେଷ୍ଠ ଉପାୟ ।

୧୦୯। ଏହା ମନକୁ ଶୁଦ୍ଧ କରିବାର ପନ୍ଥା ଓ ମନ ଶୁଦ୍ଧ ନହେଲେ ଆତ୍ମୋପଲବ୍ଧି ସମ୍ଭବ ହୁଏ ନାହିଁ। ଏଭଳି ଜୀବନ ଜୀଇଁବା ନିରର୍ଥକ ହୁଏ।

୧୧୦। ତନ୍, ମନ, ବୁଦ୍ଧି ଓ ପଞ୍ଚେନ୍ଦ୍ରିୟ ପ୍ରକୃତ ଆତ୍ମାର ଗଭୀରତାକୁ କଳିପାରନ୍ତି ନାହିଁ। ଗୁରୁକୃପା ଦ୍ୱାରା ଏହା ସମ୍ଭବ ହୋଇଥାଏ।

୧୧୧। ପ୍ରମାଣ କରିବାର ପଦ୍ଧତି, ଅର୍ଥାତ୍ ସ୍ପର୍ଶ ଓ ନିଷ୍କର୍ଷ ଯେଉଁଠାରେ ସାହାଯ୍ୟ କରିପାରେ ନାହିଁ, ସେଠାରେ କେବଳ ଗୁରୁହିଁ ହସ୍ତରେ ଆମଳକ ଫଳ ଧରିଥିବା ଭଳି ସହଜରେ ମାର୍ଗ ଦର୍ଶାଇ ଦେଇଥାନ୍ତି।

୧୧୨। ଜୀବନର ଲକ୍ଷ୍ୟ, ଅର୍ଥାତ୍ ଧର୍ମ, ଅର୍ଥ ଓ କାମ ନିଜ ପ୍ରଚେଷ୍ଟାରେ ହାସଲ କରିହେବ, କିନ୍ତୁ ଚତୁର୍ଥ ଲକ୍ଷ୍ୟ ଅର୍ଥାତ୍ ମୋକ୍ଷ ବା ପୁରୁଷାର୍ଥ କେବଳ ଗୁରୁଙ୍କର ସାହାଯ୍ୟ ନେଲେହିଁ ପାଇପାରିବ। ଗୁରୁଙ୍କ ବିନା ସମସ୍ତ ପ୍ରକାର ପ୍ରଚେଷ୍ଟା ବୃଥା ହୋଇଯିବ।

୧୧୩। ଶିରିଡ଼ିର ଏହି ସନ୍ଥଙ୍କ ଦରବାରକୁ ଜ୍ୟୋତିଷମାନେ ଆସିଛନ୍ତି ଓ ସେମାନଙ୍କର ପ୍ରଣତି ଜଣାଇଛନ୍ତି ଏବଂ ଆବାଳବୃଦ୍ଧମାନଙ୍କୁ ସେମାନଙ୍କର ଭବିଷ୍ୟତବାଣୀ ଶୁଣାଇଛନ୍ତି।

୧୧୪। ଧନୀ ଓ ସମ୍ଭ୍ରାନ୍ତ, ବଡ଼ ଓ ଛୋଟ, ରାଜା, ଭିକ୍ଷୁ ଓ ଯୋଗୀ, କାମନା ଓ ଆସକ୍ତି ପରିତ୍ୟାଗ କରିଥିବା ସାଧୁସନ୍ଥ ମଧ୍ୟ ସମାନ ଆଗ୍ରହରେ ଦର୍ଶନ ନିମିତ୍ତ ଆସିଛନ୍ତି।

୧୧୫। ପ୍ରଭୁଙ୍କ ନାମ ଜପ କରୁଥିବା ସନ୍ନ୍ୟାସୀ, ପ୍ରାୟଶ୍ଚିତ କରୁଥିବା ବ୍ୟକ୍ତି, ପ୍ରତିଜ୍ଞାବଦ୍ଧ ବ୍ୟକ୍ତି, ବିଭିନ୍ନ ତୀର୍ଥସ୍ଥାନରୁ ଆଗତ ତୀର୍ଥଯାତ୍ରୀ, ସଂଗୀତଜ୍ଞ ଓ ନୃତ୍ୟଶିଳ୍ପୀ ପ୍ରଭୃତି ବାବାଙ୍କ ଦର୍ଶନ ନିମିତ୍ତ ସେମାନଙ୍କର ପରିବାରବର୍ଗଙ୍କୁ ଧରି ଶିରିଡ଼ିକୁ ଆସିଛନ୍ତି।

୧୧୬। ହରିଜନମାନେ ମଧ୍ୟ ନିଜର ପ୍ରଣାମ ଜଣାଇବାକୁ ଶ୍ରୀସାଇଙ୍କର ଦରବାରକୁ ଆସିଛନ୍ତି। ସେମାନେ ଶ୍ରୀସାଇଙ୍କୁ ନିଜର ପିତାମାତା ଭାବରେ ଗ୍ରହଣ କରି ନେଇ ବିଶ୍ୱାସ କରିଛନ୍ତି ଯେ ସେହିଁ ଜନ୍ମ ଓ ମୃତ୍ୟୁ ଚକ୍ରରୁ ଉଦ୍ଧାର ପାଇବାରେ ସାହାଯ୍ୟ କରିବେ।

୧୧୭। ଯେଉଁମାନେ ବେକରେ ଶିବଲିଙ୍ଗ ଓହଳାଇଥାନ୍ତି ଓ କପାଳରେ ଭସ୍ମ ପ୍ରଲେପନ କରିଥାନ୍ତି ଏବଂ କେବଳ ଅସିଦ୍ଧ ଖାଦ୍ୟ ଭକ୍ଷଣ କରିଥାନ୍ତି ଓ ଭିକ୍ଷା ଉପରେ ନିର୍ଭର କରିଥାନ୍ତି, ସେମାନେ ମଧ୍ୟ ଏହି ଉତ୍ସବ ସମାରୋହକୁ ଦେଖିବା ପାଇଁ ଆସିଛନ୍ତି ।

୧୧୮। ଚତୁର ଯାଦୁକରମାନେ ଆସିଛନ୍ତି । ମନୋରଞ୍ଜନକାରୀମାନେ ସାଦରେ ପ୍ରହେଳିକା ସୃଷ୍ଟି କରିଛନ୍ତି ଓ ଭବାନୀ ଦେବୀଙ୍କ ନାମରେ ଭିକ୍ଷା ସଂଗ୍ରହ କରିବା ପାଇଁ ଗଭୀର ଶ୍ରଦ୍ଧା ସହକାରେ ବାବାଙ୍କ ପାଖକୁ ଆସିଛନ୍ତି ।

୧୧୯। ଅନ୍ଧ, ମୂକ ଓ ବଧିର, ଯୋଗୀ, ଗୁରୁନାନକଙ୍କ ଅନୁଗାମୀ, ଭାଟ ଓ ମଶାଲଧାରୀମାନେ ମଧ୍ୟ ଶ୍ରଦ୍ଧା ସହକାରେ ଶ୍ରୀସାଇ ସମର୍ଥଙ୍କ ନିକଟକୁ ଧାଇଁ ଆସିଛନ୍ତି ।

୧୨୦। ଡୁଗୁଡୁଗୀ[୩], ସାରୋଦ୍[୪], କୋହ୍ଲାଟିନ୍[୫] ଓ ଛୋଟା, କେମ୍ପା ମଧ୍ୟ ଆସିଛନ୍ତି । ଏବେ ସମୟ ଦେଖି ବଂଜାରା ମଧ୍ୟ ଆସିଛନ୍ତି।

୧୨୧। ଅନାସକ୍ତର ଛାଞ୍ଚରେ ଗଢ଼ା ଶ୍ରୀସାଇଙ୍କର ରୂପ ଧନ୍ୟ। ସେ କାମନାଶୂନ୍ୟ, ଆସକ୍ତିମୁକ୍ତ, ନିଃସ୍ୱାର୍ଥପର ଓ ଭକ୍ତଙ୍କ ପ୍ରତି ଅତୁଳନୀୟ ଶ୍ରଦ୍ଧାର ଭଣ୍ଡାର ।

୧୨୨। ଏ ବର୍ଣ୍ଣନା ଢେର୍ ହୋଇଗଲାଣି। ଏବେ ମୂଳ କାହାଣୀର ସୂତ୍ରଧରି ଫେରିବା ଆସନ୍ତୁ । ଶ୍ରୋତାମାନେ ମନଧ୍ୟାନ ଦିଅନ୍ତୁ।

୧୨୩। ବାବା କେବେହେଲେ ଉପବାସ କରୁନଥିଲେ କି କାହାରିକୁ ଭୋକିଲା ରହିବା ନିମନ୍ତେ ଅନୁମତି ଦେଉନଥିଲେ। ଉପବାସ କରୁଥିବା ବ୍ୟକ୍ତିର ମନ କେବେହେଲେ ଶାନ୍ତ ରହେନାହିଁ, ତାହାହେଲେ ସେ କିପରି ପରମାର୍ଥ ଲାଭ କରିପାରିବ ?

୧୨୪। 'ଭୋକିଲା ପେଟରେ ରହି ପ୍ରଭୁଙ୍କୁ ପାଇ ପାରିବ ନାହିଁ। ପ୍ରଥମେ ଆତ୍ମାକୁ ସନ୍ତୁଷ୍ଟ (ଶାରୀରିକ କ୍ଷୁଧା ତୃପ୍ତି କରିବା)କରିବାକୁ ପଡ଼ିବ।' ଶ୍ରୋତାମାନଙ୍କର ମଙ୍ଗଳ ପାଇଁ ମୁଁ ଆଉ ଗୋଟିଏ କାହାଣୀ ବର୍ଣ୍ଣନା କରୁଛି। ଏହି ଉପଦେଶ ଦୃଷ୍ଟିରୁ ତାହାର ପ୍ରାସଙ୍ଗିକତା ରହିଛି ।

୧୨୫। ଦ୍ୱିପ୍ରହର ସମୟରେ ପେଟ ଭୋକରେ

ଆଉଟୁପାଉଟୁ ହେଉଥିଲେ 'ଖାଦ୍ୟ ହିଁ ବ୍ରହ୍ମ' ଉକ୍ତିର ଗୁରୁତ୍ୱ ଓ ସତ୍ୟତା ଉପଲବ୍ଧି କରାଯାଇଥାଏ।

୧୨୬। କିଛି ଖାଦ୍ୟ ପାଟିରେ ନଦେବା ପର୍ଯ୍ୟନ୍ତ ପରିସ୍ଥିତି ବାସ୍ତବିକ ଅତି ଜଟିଳ ହୋଇଥାଏ । ସମସ୍ତ ଜ୍ଞାନେନ୍ଦ୍ରିୟ ଦୁର୍ବଳ ହୋଇପଡ଼ିଥାନ୍ତି ଓ ଠିକ୍ ଭାବରେ କାର୍ଯ୍ୟ କରିପାରନ୍ତି ନାହିଁ।

୧୨୭। ଯଦି ଖାଦ୍ୟଖାଇ ପେଟ ଥଣ୍ଡାନଥାଏ, ତେବେ କେଉଁ ଚକ୍ଷୁରେ ଆମେ ଈଶ୍ୱରଙ୍କୁ ଦେଖିବା, କେଉଁ ଜିହ୍ୱାରେ ତାଙ୍କର ଗୁଣକୀର୍ତ୍ତନ କରିବା ଓ କେଉଁ କର୍ଣ୍ଣରେ ତାଙ୍କର ମହିମା ଶୁଣିପାରିବା ?

୧୨୮। ସଂକ୍ଷେପରେ କହିଲେ, ଆମ୍ଭମାନଙ୍କର ସମସ୍ତ ଜ୍ଞାନେନ୍ଦ୍ରିୟ ବଳିଷ୍ଠ ଓ ସୁସ୍ଥ ରହିଲେହିଁ ଆମେ ଭକ୍ତି ପ୍ରଦର୍ଶନ କରିବା ସମ୍ଭବପର ହେବ । ଜଣେ ଉପବାସ ରହି ଦୁର୍ବଳ ଅନୁଭବ କରୁଥିଲେ, ସେ ଜୀବନର ପରମ ଲକ୍ଷ୍ୟ ପ୍ରାପ୍ତି ଦିଗରେ ଅଗ୍ରଗତି କରିପାରିବ ନାହିଁ।

୧୨୯। ଅତ୍ୟଧିକ ଖାଦ୍ୟ ଖାଇବା ମଙ୍ଗଳକର ନୁହେଁ। ପରିମିତ ଆହାର ହିଁ ପ୍ରକୃତରେ ହିତକର । ଅତିବେଶି ଉପବାସ ବିପଜ୍ଜନକ । ଏହା ଯାତନା ଆଡ଼କୁ ସବୁବେଳେ ଆଗେଇ ନେଇଥାଏ।

୧୩୦। ଥରେ ଜଣେ ମହିଳା ଅତ୍ୟନ୍ତ ଆଗ୍ରହରେ ଶ୍ରୀ କେଲକରଙ୍କ ନିକଟକୁ ଚିଠିଟିଏ ଧରି ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ।

୧୩୧। ସେହି ମହିଳା ମହାରାଜଙ୍କ ପାଦତଳେ ବସି ତିନିଦିନ ଉପବାସ ପାଳନ କରିବାକୁ ସଂକଳ୍ପ କରିଥିଲେ। କିନ୍ତୁ ତାଙ୍କର ସେହି ସଂକଳ୍ପକୁ ଅଗ୍ରାହ୍ୟ କରାଯାଇଥିଲା।

୧୩୨। ବାବା ତାଙ୍କର ଉପଦେଶ ଅନୁଯାୟୀ ବିଶ୍ୱାସ କରୁଥିଲେ ଯେ ଜୀବନର ପରମ ଲକ୍ଷ୍ୟ ହାସଲ କରିବା ପାଇଁ ଚିନ୍ତାକରୁଥିବାବେଳେ ଜଣେ କିଛି ଖାଇବା ଉଚିତ୍।

୧୩୩। ଯିଏ ପ୍ରଭୁଙ୍କୁ ପାଇବା ନିମନ୍ତେ ଇଚ୍ଛା କରିଥାନ୍ତି, ସେ ପ୍ରଥମରୁ କିଛି ଖାଦ୍ୟ ଗ୍ରହଣ କରିଥିବା ଉଚିତ୍। ଶରୀର ଶାନ୍ତ ନଥିଲେ ପ୍ରଭୁଙ୍କୁ କିପରି ବା ଉପଲବ୍ଧି କରିହେବ ?

୧୩୪। ଜଣେ କ୍ଷୁଧାର୍ତ୍ତ ରହିଥିଲେ ପ୍ରଭୁଙ୍କୁ ଉପଲବ୍ଧି କରିବା ଅସମ୍ଭବ। ଜଣକ ଉପରେ ବୋଝ ସଦୃଶ କଠୋରବ୍ରତ ପାଳନ କରିବା ନିମନ୍ତେ ବାବା କେବେହେଲେ ଅନୁମତି ଦେଉନଥିଲେ।

୧୩୫। ପୂର୍ବଦିନରୁ ବାବା ତାଙ୍କର ଅନ୍ତର୍ଜ୍ଞାନ ବଳରେ ଏକଥା ଜାଣିପାରିଥିଲେ ଓ ଦାଦା କେଲକରଙ୍କୁ ଆଗତୁରା କହିଥିଲେ।

୧୩୬। "ଏହି ହୋଲି ଛୁଟି ସମୟରେ ମୋର କୌଣସି ସନ୍ତାନ ଉପବାସରେ ରହିବେ କି ? ମୁଁ କେମିତି ସେଥିପାଇଁ ଅନୁମତି ଦେବି ? ତାହାହେଲେ ମୁଁ ଏଠି ରହିବି କାହିଁକି ?"

୧୩୭। ଶ୍ରୀସାଇ ଏକଥା କହିବାର ପରଦିନ ମହିଳା ଜଣକ ଶିରିଡ଼ିରେ ଆସି ପହଂଚିଥିଲେ।

୧୩୮। ମହିଳାଙ୍କର ସାଙ୍ଗିଆ ଗୋଖଲେ ଥିଲା। ସେ ପୂର୍ବରୁ ସ୍ଥିର କରିଥିବାରୁ ଦାଦାଙ୍କ ଘରେ ବ୍ୟାଗପତ୍ର ରଖିଥିଲେ ଓ ତାଙ୍କୁ ଚିଠିଟି ଦେଇଥିଲେ।

୧୩୯। ଶ୍ରୀମତୀ କାଶୀବାଇ କାନିତ୍‌କର ତାଙ୍କର ସମ୍ପର୍କୀୟ ହୋଇଥିବାରୁ ଦାଦାଙ୍କୁ ପତ୍ରଲେଖି ଶ୍ରୀସାଇବାବାଙ୍କ ଦର୍ଶନର ଆୟୋଜନ ଏ ମହିଳାଙ୍କ ପାଇଁ କରାଇଦେବାକୁ ତାଙ୍କୁ ଅନୁରୋଧ କରିଥିଲେ।

୧୪୦। ଶିରିଡ଼ିରେ ପହଂଚିବା ମାତ୍ରେ ମହିଳା ଜଣକ ବାବାଙ୍କ ଦର୍ଶନ ନିମିତ୍ତ ଯାଇଥିଲେ। ସେ ବାବାଙ୍କ ନିକଟରେ କିଛି ସମୟ ବସିଥିବା ସମୟରେ ବାବା ତାଙ୍କୁ ଉପଦେଶ ଦେଇଥିଲେ।

୧୪୧। ଶ୍ରୀସାଇନାଥ ପ୍ରତ୍ୟେକଙ୍କ ଏକାନ୍ତ ଅନ୍ତରର ଅଭିପ୍ରାୟକୁ ଜାଣି ପାରୁଥିଲେ । ତେଣୁ ଦୁନିଆର କୌଣସି ବିଷୟ ତାଙ୍କର ଅଜ୍ଞାତ ନଥିଲା।

୧୪୨। "ଖାଦ୍ୟ ଓ ଖାଦକ ଉଭୟେ ବିଷ୍ଣୁଙ୍କର ପ୍ରତିରୂପ। ଉପବାସ, କଠୋର ବ୍ରତ, ଅରୁଆ ଭୋଜନ, ଅନ୍ନଜଳ ବର୍ଜନ ଇତ୍ୟାଦିରେ ମାତୁଛ କାହିଁକି ?

୧୪୩। "ଉପବାସ ଓ କଠୋର ବ୍ରତ ପାଳନ କରିବା ଆମର କ'ଣ ଦରକାର ?" ବାବା ଏକଥା ଆପେ ଆପେ ଉକ୍ତ ମହିଳାଙ୍କୁ କହିଥିଲେ।

୧୪୪। "ସେହି ଦାଦା ଭଟ୍ଟଙ୍କ[୬] ଘରକୁ ଯାଅ। ପୂରନପୋଲୀ ଆନନ୍ଦରେ ପ୍ରସ୍ତୁତକରି ତାଙ୍କ ପିଲାମାନଙ୍କୁ ଖୁଆଅ ଓ ନିଜେ ମନଭରି ଖାଅ।"

୧୪୫। ସଂଯୋଗବଶତଃ ମହିଳା ଜଣକ ହୋଲି ଉତ୍ସବ ସମୟରେ ଆସିଥିଲେ। ଦାଦାଙ୍କ ପତ୍ନୀଙ୍କର ସେତେବେଳେ ମାସିକ ରକ୍ତସ୍ରାବ ହେଉଥିଲା । ତେଣୁ ସେ ରୋଷେଇବାସ କରି ପାରୁନଥିଲେ।

୧୪୬। ଏଇ ପରିସ୍ଥିତିରେ ଭଦ୍ରମହିଳାଙ୍କର ଉପବାସ ପାଳନର ପ୍ରବଳ ଇଚ୍ଛା ଉଭେଇ ଯାଇଥିଲା, ଯେହେତୁ ସେ ନିଜେ ରୋଷେଇ କରିବାକୁ ଆସିଥିଲେ। ସେ ବାବାଙ୍କର ଆଦେଶକୁ ଆନନ୍ଦ ସହକାରେ ମାନି ନେଇଥିଲେ।

୧୪୭। ବାବାଙ୍କ ପାଦତଳେ ପ୍ରଣାମ କରି ସେ ଦାଦାଙ୍କ ଘରକୁ ଯାଇଥିଲେ ଓ ପୂରନପୋଲୀ ପ୍ରସ୍ତୁତ କରି ସମସ୍ତଙ୍କୁ ପରଷିବା ସହିତ ନିଜେ ଖାଇଥିଲେ।

୧୪୮। ଏହା କେତେ ସୁନ୍ଦର କାହାଣୀ ଓ କେତେ ଗଭୀର ଏହାର ଅର୍ଥ ! ଗୁରୁବାକ୍ୟ ଉପରେ ଏଭଳି ବିଶ୍ୱାସ ସ୍ଥାପନ କଲେ, ଆଧ୍ୟାତ୍ମିକ ଉନ୍ନତିରେ କୌଣସି ବିଳମ୍ବ ହେବନାହିଁ।

୧୪୯। ଶ୍ରୀସାଇ ସମର୍ଥ ମନେ ପକାଇ ତାଙ୍କ ଭକ୍ତମାନଙ୍କୁ ଅନ୍ୟ ଗୋଟିଏ କାହାଣୀ କହିଥିଲେ। ଏହାକୁ ଯତ୍ନ ସହକାରେ ଶୁଣନ୍ତୁ।

୧୫୦। ଆଧ୍ୟାତ୍ମିକ ଉନ୍ନତି ଚାହୁଁଥିବା ବ୍ୟକ୍ତି କଠୋର ଶ୍ରମ କରିବା ସହିତ ନିରନ୍ତର ଅଧ୍ୟୟନ କରୁଥିବା ଆବଶ୍ୟକ। ସେ ସାହସୀ ଓ ନିର୍ଭୀକ ହୋଇଥିବା ଦରକାର।

୧୫୧। ଜଣେ ନିଜର ମଙ୍ଗଳ ନିମିତ୍ତ ସନ୍ଥଙ୍କର ପଦ ପ୍ରକ୍ଷାଳନ କରିବା ଭଳି ପ୍ରକୃତ କାହାଣୀଗୁଡ଼ିକର ଅମୃତକୁ ସବୁବେଳେ ଆସ୍ୱାଦନ କରୁଥିବା ଆବଶ୍ୟକ। ବିନୀତ ଭାବରେ ସନ୍ଥଙ୍କ ଚରଣାଶ୍ରିତ ହେଲେ ଅନ୍ତର୍ଶୁଦ୍ଧି ହୋଇଥାଏ।

୧୫୨। "ମୁଁ ଯେତେବେଳେ ପିଲାଥିଲି ଓ ବଂଚିରହିବା ନିମନ୍ତେ କାମଟିଏ ଖୋଜୁଥିଲି, ମୁଁ ମୋ ନିଜର ଆବଶ୍ୟକତାକୁ ସୀମିତ ରଖିଥିଲି ଓ ତାହାକୁ ମେଣ୍ଟାଇବା ପାଇଁ ବାହାରି ପଡ଼ିଥିଲି।

୧୫୩। "ମୁଁ ଚାଲି ଚାଲି ବିଡ଼ଗାଁରେ ପହଂଚିଥିଲି ଓ ସେଠାରେ ବିଶ୍ରାମ ନେଇଥିଲି। ଫକୀର (ଈଶ୍ୱର) ମୋ ନିମନ୍ତେ ଅନ୍ୟ ଯୋଜନା କରିଥିଲେ। ମୁଁ ଖୁସି ଥିଲି।

୧୫୪। "ମୁଁ ସେଠାରେ ଜରିକାମ(ସୂଚୀକାର୍ଯ୍ୟ) ପାଇଥିଲି। ମୁଁ ଅକ୍ଳାନ୍ତ ପରିଶ୍ରମ ମଧ୍ୟ କରିଥିଲି ଓ ମୋର ଶ୍ରମର ଫଳ ମିଳିଥିଲା। ଫକୀରଙ୍କ ଶକ୍ତି ଦେଖନ୍ତୁ !

୧୫୫। "ମୋ ପୂର୍ବରୁ ଯେଉଁମାନେ ସେଠାରେ ନିଯୁକ୍ତି ପାଇଥିଲେ, ସେମାନେ ବହୁତ ଚତୁର ଓ କୁଶଳୀ କାରିଗର ଥିଲେ। ଆମେ ସେଠି ଚାରିଜଣ କାମ କରୁଥିଲୁ ଓ ଆମର ମଜୁରି ଆମ କାମର ପରିମାଣ ଉପରେ ନିର୍ଭର କରୁଥିଲା।

୧୫୬। "ପ୍ରଥମ ବ୍ୟକ୍ତି ପଚାଶ ଟଙ୍କାର କାମ, ଦ୍ୱିତୀୟ ବ୍ୟକ୍ତି ଶହେ ଟଙ୍କା ଓ ତୃତୀୟ ବ୍ୟକ୍ତି ଦେଢ଼ଶହ ଟଙ୍କାର କାମ କରୁଥିଲେ। ମୋ କାମର ମୂଲ୍ୟ ସେ ସମସ୍ତଙ୍କ କାମର ମୂଲ୍ୟକୁ ମିଶାଇ ଦେବା ପରେ ଯାହା ହେଲା, ତାହାର ଦୁଇଗୁଣ ହୋଇଥିଲା।

୧୫୭। "ମାଲିକ ମୋର କାମ ଓ କୁଶଳତା ଦେଖି ବହୁତ ଖୁସି ଥିଲେ। ସେ ସମସ୍ତଙ୍କ ଆଗରେ ମୋର ପ୍ରଶଂସା କରୁଥିଲେ ଓ ମୋତେ ବହୁତ ଭଲ ପାଉଥିଲେ।

୧୫୮। "ସେ ମୋତେ ଗୋଟିଏ ପୂରା ପୋଷାକ, ଗୋଟିଏ ପଗଡ଼ି ଓ ଚମତ୍କାର ଶାଲ୍‌ଟିଏ ଦେଇଥିଲେ। ମୁଁ କିନ୍ତୁ ସେଗୁଡ଼ିକୁ ବ୍ୟବହାର ନକରି ବାନ୍ଧି ରଖିଦେଇଥିଲି।

୧୫୯। "ଜଣେ ଆଉ ଜଣକୁ କେତେ ଅଧିକ ଦେଇପାରିବ ? ଯେତେ ଅଧିକ ଦେଲେ ବି ସର୍ବଦା ଯଥେଷ୍ଟ ହୁଏନାହିଁ । କିନ୍ତୁ ମୋ ସରକାର (ଈଶ୍ୱର) ଦେବା ଆରମ୍ଭ କଲେ ଶେଷ ସମୟ ପର୍ଯ୍ୟନ୍ତ ଏହା ଚାଲିଥାଏ।

୧୬୦। "ପ୍ରକୃତ ଦାତା ହେଉଛନ୍ତି ମୋ ସରକାର। ଅନ୍ୟ କେହି ତାଙ୍କ ସହିତ ତୁଳନୀୟ ହେବେ କି ? ସସୀମ କିପରି ଅସୀମର ଭୂଷଣ ହୋଇପାରିବ ?

୧୬୧। ମୋ ସରକାର କହିଥାନ୍ତି 'ନିଅ, ନିଅ'। କିନ୍ତୁ ମୋ ନିକଟକୁ ସମସ୍ତେ ଆସି 'ଦିଅ, ଦିଅ' ବୋଲି କହିଥାନ୍ତି। ମୁଁ ଯାହା କହୁଛି ତାହାର ଅର୍ଥ କେହି ବୁଝୁନାହାନ୍ତି। ତାକୁ କେହି ନଜରକୁ ମଧ୍ୟ ନେଉନାହାନ୍ତି।

୧୬୨। ମୋ 'ସରକାର'ର ସଂପଦ ଭଣ୍ଡାର ଉଚ୍ଛୁଳୁଛି। ତାକୁ ଶଗଡ଼ରେ ଭର୍ତ୍ତିକରି ନେଇ ଯିବାପାଇଁ କେହି ଆସୁନାହାନ୍ତି। ମୁଁ ଖୋଲିବା ପାଇଁ କହିଲେ ମଧ୍ୟ କେହି ଖୋଲୁନାହାନ୍ତି। ଚେଷ୍ଟା କରିବାକୁ କେହି ଚାହୁଁ ନାହାନ୍ତି।

୧୬୩। "ଏହି ସମ୍ପଦକୁ ଖୋଲି ଶଗଡ଼ ଶଗଡ଼ ଭର୍ତ୍ତିକରି ଲୁଟି ନେଇଯାଅ ବୋଲି ମୁଁ କହିଥାଏ। ଠିକ୍ ମାତାଙ୍କର ଧନ୍ୟ ସନ୍ତାନ ହିଁ ଏହି ସମ୍ପଦକୁ ନେଇ ନିଜର ଭଣ୍ଡାରକୁ ପୂର୍ଣ୍ଣକରି ପାରିବ।

୧୬୪। "ଏକ ଜୀବନ୍ତ ପ୍ରାଣୀର ଭାଗ୍ୟ କ'ଣ ହେବ ? ମାଟିର ଶରୀର ମାଟିରେ ମିଶିଯିବ ଓ ନିଶ୍ୱାସର ବାୟୁ

ବାୟୁରେ ମିଶିଯିବ। ଏହି ସମୟ ଆଉ କେବେ ଫେରି ଆସିବ ନାହିଁ।

୧୬୫। "ଏ ବର୍ଣ୍ଣନା ବହୁତ ହୋଇଗଲା। ମୋ ଫକୀରଙ୍କ କୌଶଳ, ମୋ ଈଶ୍ୱରଙ୍କର ଲୀଳା, ମୋ ସରକାରଙ୍କର ପ୍ରବୃତ୍ତି ଅନନ୍ୟ ଧରଣର।

୧୬୬। "ମୁଁ ମଧ୍ୟ କେଉଁଠାକୁ ଚାଲିଯିବି ଓ କେଉଁଠାରେ ବସିବି। କିନ୍ତୁ ଏହି ଜୀବକୁ ମାୟା ଭ୍ରମରେ ପକାଉଛି ଓ ବିଭ୍ରାନ୍ତ କରୁଛି । ଏହା ମାୟାର ଫାନ୍ଦରେ ପଡ଼ି ଦୁଃଖ ଭୋଗ କରୁଛି ।

୧୬୭। "ମାୟା ବହୁତ ନିର୍ଦ୍ଦୟ। ସେ ମୋତେ ବହୁତ ହନ୍ତସନ୍ତ କରୁଛି। ମୁଁ ମୋର ଲୋକମାନଙ୍କ ପାଇଁ ଦିନରାତି ଉଦ୍‌ବିଗ୍ନ ହେଉଛି।

୧୬୮। "ଯିଏ ଯାହା ବୁଣେ, ସେୟା କାଟେ। ମୋର ଏହି କଥା ପଦକ ଯିଏ ସର୍ବଦା ମନେ ରଖିଥିବ, ସେ ଅମୂଲ୍ୟ ଆନନ୍ଦ ଲାଭ କରୁଥିବ।"

୧୬୯। ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି। ଏହି କାହାଣୀର ବର୍ଣ୍ଣନା ଅତୁଳନୀୟ। ଶ୍ରୀସାଇ ନିଜେ ଯେତେବେଳେ କାର୍ଯ୍ୟ କରନ୍ତି, ସେତେବେଳେ ମୋର ଅହଂଭାବ ବିନଷ୍ଟ ହୋଇଯାଏ ।

୧୭୦। ଶ୍ରୀସାଇ ନିଜେ ଏହି କାହାଣୀକୁ ବର୍ଣ୍ଣନା କରୁଛନ୍ତି। ସେ ଉଭୟ ପାଠକ ଓ ଶ୍ରୋତା। ସେ ନିଜେ ଲେଖକ ଓ ଲେଖେଇବା ଲୋକ । ସିଏହିଁ ଏହାକୁ ବୋଧଗମ୍ୟ କରାଉଛନ୍ତି।

୧୭୧। ଶ୍ରୀସାଇ ନିଜେ ଏହି କାହାଣୀର ନାୟକ, ସିଏହିଁ ଏହି କାହାଣୀର ମାଧୁର୍ଯ୍ୟ ଏବଂ ସିଏହିଁ ଶ୍ରୋତା ଓ ବକ୍ତା ଅଟନ୍ତି। ସିଏହିଁ ଏହାର ପରମ ଆନନ୍ଦକୁ ଉପଭୋଗ କରନ୍ତି।

୧୭୨। ତେଣୁ ଏହି କାହାଣୀ ଶୁଣି ଆନନ୍ଦ ଲାଭ କରିବାର ବିଶେଷ ସୁଯୋଗ ଯେଉଁ ଭକ୍ତମାନେ ପାଉଛନ୍ତି, ସେମାନେ କ'ଣ ଆଧ୍ୟାତ୍ମିକତା ପ୍ରାପ୍ତ କରିପାରିବେ ନାହିଁ? ସେହି ଭକ୍ତମାନେ ଭାଗ୍ୟବାନ, ଯେଉଁମାନେ ଏହାକୁ ଉପଭୋଗ କରୁଛନ୍ତି ଓ ଏହାର ପ୍ରଶଂସା କରୁଛନ୍ତି।

୧୭୩। ଏବେ ପରବର୍ତ୍ତୀ ଅଧ୍ୟାୟରେ ଶ୍ରୀସାଇଙ୍କ 'ଉଦି'ର ଅତୁଳନୀୟ ମହତ୍ତ୍ୱକୁ ସାରକଥାରେ ବର୍ଣ୍ଣନା କରାଯିବ। ଗୁଣୀ ଶ୍ରୋତାମାନଙ୍କୁ ମୁଁ ବିନୀତ ପ୍ରାର୍ଥନା କରୁଛି, ସେମାନେ ସମ୍ମାନ ସହକାରେ ତାହା ଶୁଣନ୍ତୁ।

୧୭୪। ଶ୍ରୀସାଇ ସମର୍ଥ ମୋ ଉପରେ କୃପା କରିଛନ୍ତି ଓ ତାଙ୍କ ଜୀବନର ଏହି ଚିତ୍ତାକର୍ଷକ କାହାଣୀଗୁଡ଼ିକୁ ମୋ ଦ୍ୱାରା ବର୍ଣ୍ଣନା କରାଇଛନ୍ତି ବୋଲି ଅତ୍ୟନ୍ତ ବିନୀତ ଭାବରେ ହେମାଡ଼ କହୁଛି ।

ସର୍ବେ ଭବନ୍ତୁ ସୁଖିନଃ । ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଗୁରୁମାହାତ୍ମ୍ୟ ବର୍ଣ୍ଣନା" ଶୀର୍ଷକ ଦ୍ୱାତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- ବଂଜାରାମାନେ ଲାମା ଜାତିର ଅଟନ୍ତି ଏବଂ ଲୁଣ ଓ ଶସ୍ୟ ଇତ୍ୟାଦି ବେପାର କରନ୍ତି। ବଳଦ ପିଠିରେ ପଣ୍ୟ ନେଇ ଗ୍ରାମେ ଗ୍ରାମେ ବୁଲି ବିକ୍ରୟ କରୁଥିବାରୁ ସେମାନେ ଜଙ୍ଗଲ ମଧ୍ୟରେ ବାଟ ଜାଣିଥାନ୍ତି।

୨- ଏହି ଗଳ୍ପ ଏକ ରୂପକ ମାତ୍ର। ଆକ୍ଷରିକ ଭାବରେ ଏହାକୁ ଅର୍ଥ କରାଯିବା ଉଚିତ ନୁହେଁ ।

୩- ନକଲ କରି ଶବ୍ଦ ସୃଷ୍ଟିକରି ଆନନ୍ଦ ଦେଉଥିବା ବ୍ୟକ୍ତି।

୪- ସାରୋଦବାଦକ । ନୀଚ ଜାତିର ଲୋକଙ୍କ ପାଇଁ ସୌଭାଗ୍ୟର ଦିନ ଆସୁଛି ବୋଲି ବରାବର ଭବିଷ୍ୟବାଣୀ ଶୁଣାଇଥାନ୍ତି ।

୫- ବାଉଁଶରାଣୀ।

୬- ଦାଦା କେଳକର।

୭- ବିଦ୍‌ବତ୍ତା ଓ ଉତ୍ତମ ଆଚରଣକୁ ଅନୁମୋଦନ କରି ଦିଆଯାଉଥିବା ବସ୍ତ୍ର । ଏହା ଏକ ବଡ଼ ସମ୍ମାନ ବୋଲି ବିବେଚିତ ହୁଏ ।



ଗୁରୁରାୟ କୂପ ଭିତରେ ମୋତେ ଏପରି ଭାବରେ ଝୁଲାଇ ଦେଇଥିଲେ ଯେ ମୋର ହାତ ଜଳକୁ ସ୍ପର୍ଶ କରିପାରୁ ନ ଥିଲା କି ମୋ ପାଟି ପାଖକୁ ପାଣି ଆସିପାରୁ ନ ଥିଲା। (୩୨ଶ ଅଧ୍ୟାୟ, ପଂକ୍ତି-୭୦)

ଗୁରୁରାୟ ଦଉଡ଼ିର ଅପର ମୁଣ୍ଡକୁ କୂପ କଡ଼ରେ ଥିବା ଏକ ଗଛ ଦେହରେ ବାନ୍ଧି ଦେଇଥିଲେ ଓ ନିଶ୍ଚିନ୍ତ ମନରେ ଚାଲିଯାଇଥିଲେ। ସେ କେଉଁଆଡ଼େ ଚାଲିଗଲେ, ମୋତେ ଜଣା ନଥିଲା କି କେହି ଜାଣିନଥିଲେ । (୩୨ଶ ଅଧ୍ୟାୟ, ପଂକ୍ତି-୭୧)

ସେ ଚାରି, ପାଞ୍ଚ ଘଣ୍ଟା ପରେ ଫେରି ଆସିଥିଲେ ଓ ମୋତେ ତରବର ହୋଇ ବାହାର କରି ଆଣିଥିଲେ । ମୁଁ ଭଲରେ ଅଛି କି ନାହିଁ ବୋଲି ମୋତେ ପଚାରିଥିଲେ। (୩୨ଶ ଅଧ୍ୟାୟ, ପଂକ୍ତି-୭୨)

ମୁଁ ତାଙ୍କୁ ଉତ୍ତର ଦେଇଥିଲି, "ମୁଁ ପରମାନନ୍ଦରେ ମଗ୍ନ ଥିଲି। ଯେଉଁ ଆନନ୍ଦ ମୁଁ ଅନୁଭବ କରୁଥିଲି, ତାହାକୁ ବର୍ଣ୍ଣନା କରିବା ମୋର କ୍ଷୀଣଶକ୍ତିର ବାହାରେ।" (୩୨ଶ ଅଧ୍ୟାୟ, ପଂକ୍ତି-୭୩)

॥ ୩୩ ॥
ଉଦିର ଶକ୍ତି

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ସନ୍ଥ ଓ ଗୁଣୀଜନଙ୍କୁ ମୁଁ ବର୍ତ୍ତମାନ ପ୍ରଣାମ କରୁଅଛି। ସେମାନଙ୍କର କରୁଣାପୂର୍ଣ୍ଣ କଟାକ୍ଷ ଦ୍ୱାରା ପର୍ବତ ପ୍ରମାଣର ପାପ ସଂଗେ ସଂଗେ ନାଶ ହୋଇଯାଏ ଓ କଳିଯୁଗର କଳୁଷ କ୍ଷୟ ହୋଇଯାଏ।

୨। ସେମାନଙ୍କ ପାଖରେ ଆମର ଗଦା ଗଦା ଋଣକୁ ଏହି ଜନ୍ମରେ ସୁଝି ହେବ ନାହିଁ କି ଆଗାମୀ ବହୁ ଜନ୍ମରେ ମଧ୍ୟ ସୁଝିହେବ ନାହିଁ। ସେମାନଙ୍କର ସାମୟିକ କଥାଭାଷା ମଧ୍ୟରେ ଆମମାନଙ୍କର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଅମୂଲ୍ୟ ଶିକ୍ଷା ଭରି ରହିଛି ଓ ତାହା ଅକ୍ଷୟ ଆନନ୍ଦ ପ୍ରଦାନ କରୁଛି ।

୩। ସେମାନଙ୍କ ମନ ମଧ୍ୟରେ 'ମୋର , ତୋର' ଭଳି କୌଣସି ଭେଦଭାବ ନଥାଏ। ଏଭଳି ପାର୍ଥିବ ଭେଦାଭେଦର ବିଚାର ସେମାନଙ୍କ ମନ ମଧ୍ୟରେ କେବେ ଉଦୟ ହୋଇନଥାଏ।

୪। ଗତ ଅଧ୍ୟାୟରେ ଗୁରୁଙ୍କର ମାହାତ୍ମ୍ୟ ସମ୍ବନ୍ଧରେ କିଛି ବର୍ଣ୍ଣନା କରାଯାଇଛି। ଏହି ଅଧ୍ୟାୟରେ ଶ୍ରୋତାମାନେ 'ଉଦି'ର ଶକ୍ତି ସମ୍ପର୍କରେ ଶୁଣିବେ।

୫। ବାବା ବାରମ୍ବାର ମାଗି ମାଗି ଦକ୍ଷିଣା ନେଉଥିଲେ ଓ ସେ ତାହାକୁ ଗରିବ ଓ ଅଭାବୀ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ। ବଳକା ଟଙ୍କାରେ କାଠ କିଣି ସେ ଗଦା କରିଦେଉଥିଲେ।

୬। ତାଙ୍କ ସମ୍ମୁଖରେ ଜଳୁଥିବା ଧୁନି ମଧ୍ୟକୁ ଆହୂତି ହିସାବରେ ଶୁଷ୍କ କାଷ୍ଠଖଣ୍ଡକୁ ସେ ପକାଉଥିଲେ । ସେହି ଧୁନିରୁ ମିଳୁଥିବା ପ୍ରଚୁର ପରିମାଣର ପାଉଁଶ ବା ବିଭୂତିକୁ ବାବା ଭକ୍ତମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ।

୭। କେହି ଶିରିଡ଼ି ଛାଡ଼ିବା ପୂର୍ବରୁ ବାବାଙ୍କର ଅନୁମତି ନେବା ପାଇଁ ଯାଉଥିବା ସମୟରେ ସାଧାରଣତଃ ବାବା ଚିରାଚରିତ ଭାବରେ 'ଉଦି' ଦେଉଥିଲେ। ସବୁ ଭକ୍ତ ଏହି ବିଷୟ ଜାଣିଥିଲେ।

୮। ପ୍ରକୃତ ପକ୍ଷରେ ବାବା ଯେତେବେଳେ 'ଉଦି' ଆଣିବା ନିମନ୍ତେ କହୁଥିଲେ, ଭକ୍ତମାନେ ଶିରିଡ଼ି ଛାଡ଼ିବା ନିମନ୍ତେ ଅନୁମତି ମିଳିଗଲା ବୋଲି ଜାଣିପାରି ଘରକୁ ଖୁସିରେ ଫେରୁଥିଲେ।

୯। ଜଣେ ଶିରିଡ଼ିରେ ରହୁଥିବା ସମୟରେ ବାବା କାହାରିକୁ ଅପରାହ୍ଣ, ସାୟାହ୍ନ କିମ୍ବା ପ୍ରାତଃ କାଳରେ ଉଦି ଦେଉନଥିଲେ। କେହି ମାଗୁଥିଲେ ମଧ୍ୟ ଖାଲି ହାତରେ ଫେରି ଯାଉଥିଲେ।

୧୦। ଏହା ଦୈନନ୍ଦିନ ରୀତି ଥିଲା। ଏହି 'ଉଦି'ର ତାତ୍ପର୍ଯ୍ୟ

କ'ଣ ଥିଲା, ଯେଉଁଥିପାଇଁ ମସ୍‌ଜିଦ୍‌ରେ ଧୁନିକୁ ନିରବଚ୍ଛିନ୍ନ ଭାବରେ ଜଳାଇ ରଖାଯାଉଥିଲା ? ପ୍ରତିଦିନ ଏଭଳି କାହିଁକି କରାଯାଉଥିଲା ?

୧୧ । ବାବା ଏହି ବିଭୂତି ଦେବା ସମୟରେ କ'ଣ ସଂକେତ ଦେଇଥାନ୍ତି ବା ତାଙ୍କ ମନ ମଧ୍ୟରେ କ'ଣ ଥାଏ ? "ଜଗତର ଏ ସମସ୍ତ ଦୃଶ୍ୟମାନ ପଦାର୍ଥ ଏହି ପାଉଁଶ ଭଳି କ୍ଷୟଶୀଳ । ଏହି କଥାକୁ ମନ ମଧ୍ୟରେ ନିଶ୍ଚୟ ରଖିଥିବ ।

୧୨ । "ସେହି ଶୁଖିଲା କାଠ ଯେମିତି ଏହି ଶରୀର ସେମିତି ପଂଚ ମହାଭୂତରେ ତିଆରି । ଜୀବନକୁ ଧରି ରଖିବା ପାଇଁ ଏହା ରହିଥାଏ । ଜୀବନକାଳ ସରିଯିବା ପରେ ଏହା ମୃତ ହୋଇ ପଡ଼ିଯାଇଥାଏ ଓ ନିଶ୍ଚିତଭାବରେ ପାଉଁଶରେ ପରିଣତ ହୋଇଥାଏ ।

୧୩ । "ତୁମେ ଓ ମୁଁ ସେହି ଅବସ୍ଥାକୁ ଯିବା । ତେଣୁ ତୁମେ ଏକଥା ମନେ ରଖିବା ଉଚିତ୍ ଓ ମୁଁ ମଧ ଦିନରାତି ଏ ବିଷୟରେ ସଚେତନ ହୋଇ ରହିବା ନିମନ୍ତେ ଏହି ବିଭୂତି ଦେଉଛି ।

୧୪ । "ମାୟା ସମଗ୍ର ଜଗତରେ ପରିବ୍ୟାପ୍ତ । ବ୍ରହ୍ମହିଁ କେବଳ ସତ୍ୟ ହୋଇଥିବାବେଳେ, ସମଗ୍ର ଜଗତ ଏକ ମରୀଚିକା । ଉଦି ଏହି ଶିକ୍ଷା ଦେଇଥାଏ ବୋଲି ମନେରଖ ।

୧୫ । "ଏ ପୃଥିବୀରେ କେହି କାହାର ନୁହଁନ୍ତି । ସେମାନେ ପତ୍ନୀ, ପୁତ୍ର, କକା କିମ୍ବା ପୁତୁରା ହୋଇଥିଲେ ମଧ କେହି ନିଜର ନୁହନ୍ତି । ତୁମେ ଲଙ୍ଗଳା ହୋଇ ଆସିଛ, ଲଙ୍ଗଳା ହୋଇ ଫେରିଯିବ । ଉଦି ତାହାହିଁ ମନେ ପକାଇ ଦେଇଥାଏ ।"

୧୬ । ଏହି ଉଦିକୁ ଶରୀରରେ ଲେପନ କଲେ ଶାରୀରିକ ଓ ମାନସିକ କ୍ଲେଶ ଦୂର ହୋଇଯାଇଥାଏ । କିନ୍ତୁ ଉଦିର ପ୍ରକୃତ ତାତ୍ପର୍ଯ୍ୟ ଅତ୍ୟନ୍ତ ଗଭୀର ଓ ଏହା ଭେଦାଭେଦ ଜ୍ଞାନ ଓ ଅନାସକ୍ତ ଭାବ ଉଦୟ ହେବା ନିମନ୍ତେ ଉଦ୍ଦିଷ୍ଟ ।

୧୭ । ଯଥାସମ୍ଭବ ଅଧିକରୁ ଅଧିକ ଦକ୍ଷିଣା ପ୍ରଦାନ କଲେ, ଅନାସକ୍ତ ପ୍ରବୃତ୍ତି ବୃଦ୍ଧି ପାଇଥାଏ । ପରେ ଧୀରେ ଧୀରେ ବ୍ୟକ୍ତି ଅନାସକ୍ତ ଭାବ କ'ଣ ତାହା ଜାଣି ପାରିଥାଏ ।

୧୮ । ଅନାସକ୍ତ ଭାବ ଆସିଥିଲେ ମଧ ଭେଦାଭେଦ ଜ୍ଞାନ ଅଭାବରେ ତାହା ନିରର୍ଥକ ହୋଇଥାଏ । ତେଣୁ ବିଭୂତିକୁ ସମ୍ମାନ ଦିଅ ।

୧୯ । ଭେଦାଭେଦ ଜ୍ଞାନ ଓ ଅନାସକ୍ତ ଭାବ ଏକ ସଂଗରେ ଆହରଣ କରିବା ନିମନ୍ତେ ଉଦି ଓ ଦକ୍ଷିଣାକୁ ସଂଯୁକ୍ତ କରାଯାଇଥାଏ । ଆମ ନିକଟରେ ଉଭୟ ଏକସଂଗରେ ରହିନଥିଲେ ଅସ୍ତିତ୍ୱର ନଦୀ ପାରିହେବା କଷ୍ଟକର ହୋଇଥାଏ ।

୨୦ । କି ଯୁବକ, କି ବୃଦ୍ଧ ସବୁ ବୟସର ଲୋକ ବାବାଙ୍କୁ ଦର୍ଶନ କରିବାକୁ ଆସୁଥିଲେ ଓ ବାବାଙ୍କ ପଦତଳେ ବିନମ୍ର ଭକ୍ତି ଜଣାଉଥିଲେ । ସେମାନେ ଫେରିଯିବା ସମୟରେ ବାବା ସେମାନଙ୍କୁ ବିଭୂତି ଦେଉଥିଲେ ।

୨୧ । ଧୁନିକୁ ମସ୍‌ଜିଦ୍‌ରେ ନିୟମିତ ଭାବରେ ଜଳାଇ ରଖାଯାଉଥିଲା । ଏହା ଦିନରାତି ସବୁବେଳେ ବର୍ଷଯାକ ଜଳୁଥିଲା । ବାବା ସେଥିରୁ ମୁଠାଏ ପାଉଁଶ ଆଣି ଭକ୍ତ ବିଦାୟ ନେବାବେଳେ ଦେଉଥିଲେ ।

୨୨ । ସେ ପ୍ରସାଦ ଆକାରରେ ପାଉଁଶ ଦେଉଥିଲେ । ବୁଢ଼ାଆଙ୍ଗୁଳି ସାହାଯ୍ୟରେ କପାଳରେ ଟିପା ଲଗାଇଦେଉଥିଲେ ଓ ଭକ୍ତର ମଙ୍ଗଳକାମନା କରି ତାଙ୍କ ମୁଣ୍ଡ ଉପରେ ହାତ ଛୁଆଁଇ ଦେଉଥିଲେ ।

୨୩ । ପାଉଁଶ, ବିଭୂତି ଓ ଉଦି-ଏହି ତିନୋଟି ଶବ୍ଦର ଅର୍ଥ ସମାନ । ଏହାକୁ ପ୍ରସାଦ ରୂପେ ପ୍ରତ୍ୟହ ପ୍ରଚୁର ପରିମାଣରେ ବାବା ବାଣ୍ଟୁଥିଲେ ।

୨୪ । ଏହି ସଂସାର ଉଦି ଭଳି । ଏହାହିଁ ଉଦିର ପ୍ରକୃତ ଗୁରୁତ୍ୱ । ଏକଥା ମନେ ରଖ ଓ ଦିନେ ଏହାର ମହତ୍ତ୍ୱ ନିଶ୍ଚୟ ବୁଝିପାରିବ ।

୨୫ । ପଦ୍ମପାଖୁଡ଼ାରେ ଟୋପାଏ ଜଳ ଭଳି ଏହି ଅନିଶ୍ଚିତ ଶରୀର ଦିନେ ନା ଦିନେ ପଡ଼ିଯିବ, ତେଣୁ ଏହି ଶରୀର ନେଇ ସମସ୍ତ ଗର୍ବ ପରିତ୍ୟାଗ କର । ଉଦି ଏହି ବାର୍ତ୍ତା ଦେଇଥାଏ ।

୨୬ । ବିଶ୍ୱବ୍ରହ୍ମାଣ୍ଡର ଏହି ବିସ୍ତୃତି ପାଉଁଶରେ ଅଙ୍କାଯାଇଥିବା 'ରଙ୍ଗୋଲି' ବା ଚିତା ଭଳି । ଜଗତର ଅଳୀକ ଚରିତ୍ର ସମ୍ପର୍କରେ ଚିନ୍ତାକର । ଉଦିରେ ହିଁ କେବଳ ବାସ୍ତବତା ରହିଛି ।

୨୭ । ଉଦି ହେଉଛି କେବଳ ଧୂଳି । ଯେ କୌଣସି ଅସ୍ତିତ୍ୱ, ଯାହାର ନାମ ଓ ରୂପ ରହିଛି, ସର୍ବଶେଷରେ ସେ ସେହି ଅବସ୍ଥାରେ ପହଂଚିଥାଏ । ପୃଥିବୀରେ ଯାହାକିଛି ପରିବର୍ତ୍ତନ ଦୃଷ୍ଟିଗୋଚର ହୁଏ, ତାହା କେବଳ ନାମକୁ ମାତ୍ର । ଧୂଳିର

ଅପରିବର୍ତ୍ତନୀୟ ଗୁଣ ଯୋଗୁଁ ଆମେ ଏହି ଅନୁଭୂତି ପାଇଥାଉଁ।

୨୮। ବାବାଙ୍କର ମନ ଖୁସି ଥିଲେ ସେ ଗୀତ ବୋଲନ୍ତି। ତାଙ୍କ ଗୀତମାନଙ୍କରୁ ଗୋଟିଏ ଗୀତର ଚିତ୍ତାକର୍ଷକ ଦି'ଧାଡ଼ି ଶ୍ରୋତାଗଣ ସଂଭ୍ରମ ସହକାରେ ଶ୍ରବଣ କରନ୍ତୁ।

୨୯। "ଲୀଳାମୟ ରାମ ଆସିଛନ୍ତି,
ବସ୍ତା ବସ୍ତା ଉଦି ଆଣିଛନ୍ତି।"
ସେହି ଗୀତର ଏହା ଦୁଇଟି ଧାଡ଼ି ।

ବାବାଙ୍କର ମିଜାଜ୍ ଖୁସି ଥିଲେ ସେ ଆନନ୍ଦରେ ଏହି ପଦକୁ ସୁଲଳିତ ସ୍ୱରରେ ବାରମ୍ବାର ଦୋହରାନ୍ତି।

୩୦। ତେବେ କେତେ ବସ୍ତା ଉଦି ଏହି ଧୁନିରୁ ବାହାରୁଥିବ ? ଏହାକୁ କେହି ଗଣିପାରିବେ ନାହିଁ। ଏହି ଉଦି ଅତ୍ୟନ୍ତ ହିତକର ଓ ଶୁଭପ୍ରଦ।

୩୧। ଶ୍ରୋତାମାନେ ଏହି ଉଦିଦାନର ଗଭୀର ଉଦ୍ଦେଶ୍ୟ ଓ ତାହାର ଆଧ୍ୟାତ୍ମିକ ତଥା ଭକ୍ତିପୂତ ତାତ୍ପର୍ଯ୍ୟ ଜାଣିସାରିବା ପରେ, ଏହାର ପ୍ରଭାବ ସମ୍ପୂର୍ଣ୍ଣ ପାର୍ଥିବ ପଦାର୍ଥ ଉପରେ ଅର୍ଥାତ୍ ସ୍ୱାସ୍ଥ୍ୟ ଓ ସମୃଦ୍ଧି ଉପରେ କିପରି ପଡ଼େ, ତାହା ନିଶ୍ଚୟ ଜାଣିବାକୁ ଚାହିଁବେ।

୩୨। ଉଦିର ସେହି ଗୁଣ ମଧ୍ୟ ଥିଲା। ତା' ନହୋଇଥିଲେ ତାହାର ଗୁରୁତ୍ୱ ବଢ଼ିଥାନ୍ତା କାହିଁକି ? ଶ୍ରୀସାଇ ମୋକ୍ଷ ପଥ ପ୍ରଦର୍ଶନ କରିବାରେ ପାରଙ୍ଗମ ଥିଲେ। ଭକ୍ତମାନଙ୍କୁ ସାଂସାରିକ ବ୍ୟାପାରରେ ସାହାଯ୍ୟ କରି ସାରିବା ପରେ ସେ ସେମାନଙ୍କୁ ଆଧ୍ୟାତ୍ମିକ ଉନ୍ନତି ମାର୍ଗରେ ନେଇ ଯାଉଥିଲେ।

୩୩। ଲୋକମାନେ ସେମାନଙ୍କର ସୁଖ, ସ୍ୱାସ୍ଥ୍ୟ ଓ ସମୃଦ୍ଧି ପାଇଁ ଉଦି ଦ୍ୱାରା କିପରି ଉପକୃତ ହୋଇଛନ୍ତି, ସେ ସମ୍ବନ୍ଧରେ ଅସଂଖ୍ୟ କାହାଣୀ ରହିଛି। କିନ୍ତୁ ଏହି ଗ୍ରନ୍ଥର କଳେବରକୁ ଆଖି ଆଗରେ ରଖି ମୁଁ ସେଥିରୁ କେତୋଟି ମାତ୍ର କାହାଣୀ ସଂକ୍ଷେପରେ ବର୍ଣ୍ଣନା କରିବି।

୩୪। ନାରାୟଣରାଓ ମୋତିରାମ ନାମରେ ଜଣେ ବ୍ରାହ୍ମଣ ରୋଷେୟା ଏକଦା ନାସିକ୍‌ରେ ରହୁଥିଲେ। ତାଙ୍କର ସାଂଗିଆ 'ଜାନି' ଥିଲା।

୩୫। ବାବାଙ୍କର ଅନ୍ୟଜଣେ ଭକ୍ତଙ୍କର ନାମ ଥିଲା ରାମଚନ୍ଦ୍ର ବାମନ୍ ମୋଡ଼କ । ତାଙ୍କ ନିକଟରେ ନାରାୟଣ ରାଓ ଚାକିରୀ କରୁଥିଲେ। ସେ ବାବାଙ୍କର ବିଶ୍ୱାସୀ ଭକ୍ତ ମଧ୍ୟ ଥିଲେ।

୩୬। ବାବା ସ୍ୱଦେହରେ ଥିବା ସମୟରେ ନାରାୟଣରାଓ ତାଙ୍କ ମା'ଙ୍କୁ ସାଂଗରେ ଧରି ବାବାଙ୍କର ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ।

୩୭। ସେତିକିବେଳେ ତାଙ୍କ ମା'ଙ୍କୁ ବାବା କହିଥିଲେ ଯେ ତୁମ ପୁଅ ଚାକିରୀ ଛାଡ଼ି ଦେଇ ମୋର ସେବା କରିବାର ସମୟ ଆସିଯାଇଛି। "ଏବେ ତାହାର ସମ୍ପର୍କ କେବଳ ମୋ ସହିତ ରହିବ।

୩୮। "ଚାକିରୀ ବହୁତ ହୋଇଗଲା। ଏବେ ସେ ନିଜର ବେପାର କଲେ ଭଲହେବ।" ଏହାର ଅଳ୍ପ କିଛିଦିନ ପରେ ଈଶ୍ୱର ତାଙ୍କୁ କୃପା କରିଥିଲେ।

୩୯। ତାଙ୍କର ଚାକିରୀ ଉପରେ ନିର୍ଭର କରିବା ଶେଷ ହୋଇଥିଲା ଓ ସେ ସ୍ୱାଧୀନତା ଉପଭୋଗ କରିଥିଲେ। ସେ ନିଜର ଏକ 'ବୋର୍ଡ଼ିଂ ଓ ଲଜିଂ ହାଉସ୍' ସେହି ସହରରେ ସ୍ଥାପନ କରିଥିଲେ।

୪୦। ସେ ତାହାର ନାମ 'ଆନନ୍ଦାଶ୍ରମ' ରଖିଥିଲେ। ସେଥିନିମନ୍ତେ ସେ କଠିନ ପରିଶ୍ରମ କରୁଥିଲେ । ଖୁବ୍ ଶୀଘ୍ର ତାହା ବହୁତ ଭଲ ବ୍ୟବସାୟରେ ପରିଣତ ହୋଇଥିଲା ଓ ତାଙ୍କୁ ଆନନ୍ଦ ଦେଇଥିଲା ।

୪୧। ଏଭଳି ପରିବର୍ତ୍ତନ ଲକ୍ଷ୍ୟ କରିବା ପରେ, ଶ୍ରୀସାଇଙ୍କ ଉପରେ ତାଙ୍କର ବିଶ୍ୱାସ ବଢ଼ିଯାଇଥିଲା ଓ ପରେ ତାହା ଅଟଳ ଭକ୍ତିରେ ପରିଣତ ହୋଇ ଅନୁଭବସିଦ୍ଧ ହୋଇଥିଲା।

୪୨। ସେ ଶ୍ରୀସାଇଙ୍କ ଉକ୍ତିର ସତ୍ୟତା ଅନୁଭବ କରିଥିଲେ। ଶ୍ରୋତାମାନେ ଅନ୍ୟ ଗୋଟିଏ କାହାଣୀ ଶୁଣିଲେ ଶ୍ରୀସାଇଙ୍କ ପ୍ରତି ସେମାନଙ୍କର ଶ୍ରଦ୍ଧା ବୃଦ୍ଧିପାଇବ। ଶ୍ରୀସାଇଙ୍କର ଲୀଳା ଅବର୍ଣ୍ଣନୀୟ।

୪୩। ଶ୍ରୀସାଇ ସବୁ ସମୟରେ 'ପ୍ରଥମ ପୁରୁଷ'ରେ କହୁଥିଲେ ମଧ୍ୟ ତାହା ଅନ୍ୟମାନଙ୍କ ନିମିତ୍ତ ଉଦ୍ଦିଷ୍ଟ ରହୁଥିଲା। ଯେଉଁମାନେ ତାହାକୁ ଯତ୍ନସହକାରେ ଅନୁଧ୍ୟାନ କରୁଥିଲେ, ସେମାନଙ୍କର ଏହିଭଳି ଅନୁଭୂତି ରୀତିମତ୍ ହେଉଥିଲା।

୪୪। କ୍ରମେ ଅଧିକରୁ ଅଧିକ ଅନୁଭୂତି ଲାଭ କରିବାରୁ ନାରାୟଣରାଓଙ୍କର ଭକ୍ତି ଓ ଶ୍ରଦ୍ଧାର ମହନୀୟତା ବୃଦ୍ଧି

ପାଇଥିଲା। ତାଙ୍କ ଭକ୍ତିର ଅନ୍ୟ ଏକ ଅଭିନବ ଅନୁଭୂତି ଶୁଣନ୍ତୁ।

୪୫। ଦିନେ ନାରାୟଣରାଓଙ୍କର ଜଣେ ବନ୍ଧୁଙ୍କୁ ହଠାତ୍ ଏକ କଙ୍କଡ଼ାବିଛା କାମୁଡ଼ି ଦେଇଥିଲା ଓ ସେ ତୀବ୍ର, ଅସହ୍ୟ ଯନ୍ତ୍ରଣା ଭୋଗୁଥିଲେ।

୪୬। ଯନ୍ତ୍ରଣା ହେଉଥିବା ସ୍ଥାନରେ ବାବାଙ୍କର ବିଭୂତି ଲଗାଇଲେ ବହୁତ ଉପକାର ମିଳିଥାଏ ବୋଲି ନାରାୟଣରାଓ ଜାଣିଥିଲେ। ସେ ଅନେକ ଚେଷ୍ଟାକରି ଖୋଜିଥିଲେ ମଧ୍ୟ ବିଭୂତି ପାଇ ପାରିନଥିଲେ।

୪୭। ତାଙ୍କ ବନ୍ଧୁ ଦାରୁଣ ଯନ୍ତ୍ରଣା ସହ୍ୟ କରିପାରୁନଥିଲେ, ଏଣେ ଉଦି ମଧ୍ୟ କେଉଁଠାରେ ମିଳୁନଥିଲା। ତେଣୁ ସେ ବାବାଙ୍କର ଛବିକୁ ଦର୍ଶନ କରିଥିଲେ ଓ ବାବାଙ୍କୁ ଆକୁଳ ପ୍ରାର୍ଥନା କରିଥିଲେ।

୪୮। ସେହି ଛବି ନିକଟରେ ପୂର୍ବରୁ ଉଦ୍‌ବତୀ ଜଳାଯାଇଥିଲା ଓ ତାହାର ପାଉଁଶ ସେଠାରେ ପଡ଼ି ରହିଥିଲା। ସେହି ପାଉଁଶକୁ ସେ ଉଦି ଭାବରେ ଗ୍ରହଣ କରି ନେଇଥିଲେ।

୪୯। ସେଥିରୁ ଅଳ୍ପଟିକିଏ ନେଇ, ବାବାଙ୍କର ନାମ ଜପକରି ସେ ବନ୍ଧୁଙ୍କର କଙ୍କଡ଼ାବିଛା କାମୁଡ଼ିବା ସ୍ଥାନରେ ବୋଳି ଦେଇଥିଲେ। ବିଶ୍ୱାସ ଅନୁରୂପ ଅନୁଭୂତି ପ୍ରାପ୍ତ ହୋଇଥିଲା।

୫୦। ଅତି ବିସ୍ମୟର କଥା ଯେ ପାଉଁଶକୁ ଆଙ୍ଗୁଠିରେ ନେଇ ବିନ୍ଧିବା ସ୍ଥାନରେ ବୋଳିଦେବା ମାତ୍ରକେ ଯନ୍ତ୍ରଣା ଯେଉଁଭଳି ତୀବ୍ର ଗତିରେ ଆସିଥିଲା, ସେହି ଗତିରେ ଉଭେଇ ଯାଇଥିଲା। ଉଭୟେ ଶ୍ରଦ୍ଧାରେ ବାଷ୍ପାକୁଳ[୧] ହୋଇ ଯାଇଥିଲେ।

୫୧। ଅନ୍ତତଃ, ଏହି କ୍ଷେତ୍ରରେ ଉଦ୍‌ବତୀର ପାଉଁଶକୁ ଯନ୍ତ୍ରଣାଜର୍ଜରିତ ଜଣକର ଅଂଗରେ ବୋଳି ଦିଆଯାଇଥିଲା। କିନ୍ତୁ ଯଦି ଦାଣ୍ଡର ଧୂଳିକୁବି ଉଦି ମନେ କରାଯାଇ ବୋଳି ଦିଆଯାଇଥାନ୍ତା, ତେବେ ମଧ୍ୟ ସେହି ଏକାପ୍ରକାରର ଅନୁଭୂତି ହୋଇଥାନ୍ତା।

୫୨। ଏହି ଧୂଳିର ଏପରି ପ୍ରୟୋଗ କେବଳ ଯେ ପୀଡ଼ିତ ବ୍ୟକ୍ତିଙ୍କ ଉପରେ କରାଯିବ ବା କୌଣସି ରୋଗୀଙ୍କ କ୍ଷେତ୍ରରେ କରାଯିବ ତା' ନୁହେଁ, ଅନ୍ୟ କାହାରି ପାଇଁ କଲେ ମଧ୍ୟ ମଙ୍ଗଳକର ହୋଇଥାଏ।

୫୩। ଜଣେ ଭକ୍ତଙ୍କର କନ୍ୟାକୁ ଥରେ ପ୍ଲେଗ୍ ରୋଗ ହୋଇଥିଲା। ଏହି ଖବର ତାଙ୍କ ବାପା ଅନ୍ୟ ଏକ ଗ୍ରାମରେ ଥିବା ସମୟରେ ହଠାତ୍ ପାଇଥିଲେ ଓ ବିବ୍ରତ, ବିଚଳିତ ହୋଇଥିଲେ।

୫୪। ପିତା ବାନ୍ଦ୍ରାରେ ରହୁଥିବା ସମୟରେ କନ୍ୟା ଅନ୍ୟ ଏକ ଗ୍ରାମରେ ରହୁଥିଲେ। ତାଙ୍କ ନିକଟରେ ଉଦି ଆଦୌ ନଥିଲା। ତେଣୁ ସେ ନାନାଙ୍କ[୨] ନିକଟକୁ ଖବର ପଠାଇଥିଲେ।

୫୫। "ମୋର ଦୁଃଶ୍ଚିନ୍ତା ଦୂର କରିଦେବା ପାଇଁ ଦୟାକରି ବାବାଙ୍କୁ ପ୍ରାର୍ଥନା କରନ୍ତୁ" ବୋଲି ଚାନ୍ଦୋରକରଙ୍କୁ ସେ ଅନୁରୋଧ କରିଥିଲେ ଓ ପ୍ରସାଦ ରୂପେ ଉଦି ପଠାଇ ଦେବାକୁ କହିଥିଲେ।

୫୬। ପତ୍ରବାହକ ନାନାଙ୍କୁ ରାସ୍ତାରେ ଭେଟିଥିଲେ ସେ ସେତେବେଳେ ତାଙ୍କ ପତ୍ନୀଙ୍କ ସହିତ କଲ୍ୟାଣ ଯାଉଥିଲେ।

୫୭। ନାନା ଏହି ଖବର ଠାଣା ରେଲୱେ ଷ୍ଟେସନ ନିକଟରେ ପାଇଥିଲେ। ତାଙ୍କ ନିକଟରେ ଉଦି ନଥିବାରୁ, ସେ ଭୂମିରୁ ଟିକିଏ ଧୂଳି ଉଠାଇ ନେଇଥିଲେ।

୫୮। ସେହି ରାସ୍ତା ଉପରେ ଛିଡ଼ାହୋଇ ଶ୍ରୀସାଇ ସମର୍ଥଙ୍କୁ ଆବାହନ କରି ଚାରିପାଖରେ ଘୁରିଆସି ସେହି ଧୂଳିରୁ ଟିକିଏ ନିଜ ପତ୍ନୀଙ୍କ[୩] କପାଳରେ ଲଗାଇ ଦେଇଥିଲେ।

୫୯। ଅନ୍ୟ ପକ୍ଷରେ, ସେହି ଭକ୍ତଜଣକ ଝିଅ ରହୁଥିବା ଗ୍ରାମକୁ ଚାଲିଆସିଥିଲେ। ସେଠାରେ ସେ ଆନନ୍ଦଦାୟକ ସୂଚନା ପାଇ ଅତ୍ୟନ୍ତ ଖୁସି ହୋଇଥିଲେ।

୬୦। ତାଙ୍କ କନ୍ୟା ତିନିଦିନ ଧରି ପ୍ରବଳ ଜ୍ୱର ଭୋଗୁଥିଲା। ସେ ଜ୍ୱର ଯୋଗୁଁ ଅତିଶୟ ଦୁର୍ବଳ ହୋଇ ପଡ଼ିଥିଲା। କିନ୍ତୁ ଦିନକ ପୂର୍ବରୁ ସେ ଟିକିଏ ଭଲ ହୋଇଆସିଥିଲା।

୬୧। ଅନୁସନ୍ଧାନରୁ ଜଣାପଡ଼ିଥିଲା ଯେ ନାନାସାହେବ ଯେଉଁ ସମୟରେ ସାଇବାବାଙ୍କୁ ମିନତି କରିଥିଲେ ଓ ଧୂଳିକୁ ଉଦି ଭାବରେ ତାଙ୍କ ପତ୍ନୀଙ୍କ କପାଳରେ ଲଗାଇ ଦେଇଥିଲେ, ସେହି ସମୟଠାରୁ ପୀଡ଼ିତା କନ୍ୟାର ଆରୋଗ୍ୟଲାଭ ଆରମ୍ଭ ହୋଇଥିଲା।

୬୨। ଅସୁସ୍ଥ ଲୋକ ଭଲହେବା ସମ୍ବନ୍ଧରେ ଏ କାହାଣୀ ଅଧିକ ହୋଇଗଲା। ଉପଯୁକ୍ତ ସମୟରେ ଏହାକୁ

ବିଶଦଭାବରେ ବର୍ଣ୍ଣନା କରାଯିବ। ଉଦିର ଶକ୍ତି ସମ୍ପର୍କରେ ଏହା ଏକ ସଂକ୍ଷିପ୍ତ ଚିତ୍ତାକର୍ଷକ ବିବରଣୀ ଥିଲା।

୬୩। ଶ୍ରୀସାଇ ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ ସଦାତତ୍ପର ଥିଲେ। ସେହି ଚାନ୍ଦୋରକର ଜାମନେରର ମାମଲତଦାର ଥିବା ସମୟରେ ଶ୍ରୀସାଇ ଏକ ବିସ୍ମୟକର କାର୍ଯ୍ୟ କରିଥିଲେ। ତାହା ଶୁଣନ୍ତୁ।

୬୪। ଏହି ଉଦିର ମାହାତ୍ମ୍ୟ ଅସୀମ । ଶ୍ରୋତାମାନେ ଚାହିଁଲେ ମୁଁ ଅନ୍ୟ ଏକ ବିସ୍ମୟକର କାହାଣୀ ଶୁଣାଇବି । ଏହା ଶୁଣିଲେ ସେମାନେ ସ୍ତବ୍ଧ ହୋଇଯିବେ।

୬୫। ନାନାଙ୍କ ଝିଅର ପ୍ରସବ ବେଦନା ଅତିଶୟ ହେଉଥିଲା ଓ ଜାମନେରରୁ ଶ୍ରୀସାଇ ସମର୍ଥଙ୍କୁ ନିରନ୍ତର ଆବାହନ କରାଯାଉଥିଲା।

୬୬। ଜାମନେରରେ କ'ଣ ଘଟୁଛି, ଶିରିଡ଼ିରେ କେହି ଜାଣିନଥିଲେ। ବାବା ସର୍ବବ୍ୟାପୀ ହୋଇଥିବାରୁ ସବୁକଥା ଜାଣିଥିଲେ। ସମଗ୍ର ଜଗତରେ ତାଙ୍କର ଅଜ୍ଞାତ କିଛି ନଥିଲା।

୬୭। ବାବା ଭକ୍ତଙ୍କ ସହିତ ଏକାତ୍ମ ହୋଇଯାଉଥିଲେ। ନାନାଙ୍କ ଘରର ପରିସ୍ଥିତିକୁ ହୃଦୟଙ୍ଗମ କରି, ଶ୍ରୀସାଇ ସମର୍ଥଙ୍କ ହୃଦୟ ଦୟାରେ ବିଗଳିତ ହୋଇଯାଇଥିଲା। ସେ ସଂଗେ ସଂଗେ କ'ଣ କରିଥିଲେ ଶୁଣନ୍ତୁ!

୬୮। ସେ ଉଦି ପଠାଇବାକୁ ଚିନ୍ତା କରିଥିଲେ। ସେହି ସମୟରେ ଗୋସାଭୀ ରାମଗୀର ବୁଢ଼ା ତାଙ୍କ ଗ୍ରାମକୁ ଯିବାର ଇଚ୍ଛା ପ୍ରକାଶ କରିଥିଲେ।

୬୯। ତାଙ୍କର ଗ୍ରାମ ଥିଲା ଖାନ୍‌ଦେଶରେ। ସେ ଯିବା ନିମନ୍ତେ ସମସ୍ତ ପ୍ରସ୍ତୁତି ସାରି ମସ୍‌ଜିଦ୍‌କୁ ବାବାଙ୍କ ଦର୍ଶନ ନିମିତ୍ତ ଆସିଥିଲେ ଓ ପାଦତଳେ ମୁଣ୍ଡିଆ ମାରିଥିଲେ।

୭୦। ବାବା ସ୍ୱଦେହରେ ଥିବା ଯାଏଁ ତାଙ୍କ ପାଦ ନଛୁଇଁ ଓ ତାଙ୍କର ଅନୁମତି ନନେଇ କେହି କୌଣସି କାର୍ଯ୍ୟରେ ଶିରିଡ଼ି ଛାଡ଼ି କୁଆଡ଼େ ଯାଉନଥିଲେ।

୭୧। ବାହାଘର, ବ୍ରତଘର, ଶାସ୍ତ୍ରୀୟ ବିଧି ଅନୁସାରେ କୌଣସି ଶୁଭକାର୍ଯ୍ୟ ବା ଅନ୍ୟ କୌଣସି କର୍ମକର୍ମାଣି ଅଥବା କୌଣସି କାର୍ଯ୍ୟ କରିବାର ସଂକଳ୍ପ କରିବା ସମୟରେ ଲୋକେ ବାବାଙ୍କର ଅନୁମତି ଲୋଡୁଥିଲେ।

୭୨। ବାବାଙ୍କର ଆନ୍ତରିକ ଅନୁମତି, ଉଦି ପ୍ରସାଦ ଓ ଆଶୀର୍ବାଦ ନଥିଲେ କୌଣସି କାର୍ଯ୍ୟ ସୁରୁଖୁରୁରେ ହୋଇପାରିବ ନାହିଁ ବୋଲି ସମସ୍ତଙ୍କର ଦୃଢ଼ ବିଶ୍ୱାସ ଥିଲା।

୭୩। ସେହି ଗ୍ରାମରେ ଏଭଳି ପ୍ରଥା ପ୍ରଚଳିତ ଥିବାରୁ, ରାମଗୀର ତଦନୁସାରେ ବାବାଙ୍କ ପାଖକୁ ଆସିଥିଲେ, ବାବାଙ୍କ ପାଦ ଛୁଇଁଥିଲେ ଓ ଯିବାପାଇଁ ଅନୁମତି ମାଗିଥିଲେ।

୭୪। ସେ କହିଥିଲେ, "ବାବା ମୁଁ ଖାନ୍‌ଦେଶରେ ମୋ ଗାଁକୁ ଯାଉଛି। ମୋତେ ଉଦି ଓ ଆଶୀର୍ବାଦ ଦିଅନ୍ତୁ ଏବଂ ଏହି ଦାସକୁ ଶିରିଡ଼ି ଛାଡ଼ି ଯିବାପାଇଁ ଅନୁମତି ଦିଅନ୍ତୁ।

୭୫। ବାବା ତାଙ୍କୁ ସ୍ନେହରେ 'ବାପୁଗୀର' ବୋଲି ଡାକୁଥିଲେ। ସେ କହିଥିଲେ, "ଆନନ୍ଦରେ ତୁମ ଗ୍ରାମକୁ ଯାଅ। କିନ୍ତୁ ବାଟରେ ଟିକିଏ ବିଶ୍ରାମ ନେବ।

୭୬। "ପ୍ରଥମେ ଜାମନେର ଯିବ ଓ ନାନାଙ୍କ ଘରେ ରହିବ। ସେଠାରେ ତାଙ୍କର ଭଲମନ୍ଦ ବୁଝିସାରି ଆଗକୁ ଯିବ।"

୭୭। ତା'ପରେ ସେ ମାଧବରାଓ ଦେଶପାଣ୍ଡେଙ୍କୁ ଡାକି କହିଥିଲେ- "ଶାମା, ଆଡ଼କରଙ୍କ ସେହି ଆରତିଗାନ ଖଣ୍ଡେ କାଗଜରେ ଲେଖି ଦିଅ ଓ ବାପୁଗୀରଙ୍କ ହାତରେ ନାନାଙ୍କ ପାଖକୁ ପଠାଇ ଦିଅ।"

୭୮। ତା'ପରେ ସେ ବାପୁଗୀରଙ୍କୁ ଉଦି ଦେଇଥିଲେ ଓ ଉଦିର ଛୋଟିଆ ପୁଡ଼ିଆଟିଏ କରିଥିଲେ । ପୁଡ଼ିଆ ତାଙ୍କ ହାତରେ ଦେଇଥିଲେ ଓ ନାନାଙ୍କୁ ଦେଇଦେବାକୁ କହିଥିଲେ ।

୭୯। "ଉଦି ଓ ଆରତି ନେଇ ନାନାଙ୍କୁ ଦେବ। ତାଙ୍କର ଭଲମନ୍ଦ ବିଷୟ ବୁଝି ତା'ପରେ ତୁମ ଗ୍ରାମକୁ ଯିବ" ବୋଲି ବାବା କହିଥିଲେ।

୮୦। ଏହି 'ଆରତି ସାଇବାବା' ମାଧବ ଆଡ଼କର ରଚନା କରିଥିଲେ। ଏହା ରାମ ଜନାର୍ଦ୍ଦନଙ୍କ ଦ୍ୱାରା ରଚିତ 'ଜ୍ଞାନେଶ୍ୱରଙ୍କ ଆରତି' ଭଳି। ଉଭୟର ସ୍ୱର ଏକାପରି।

୮୧। ରାମ ଜନାର୍ଦ୍ଦନ ଥିଲେ ସ୍ୱାମୀ ଜନାର୍ଦ୍ଦନଙ୍କର ଜଣେ ଭକ୍ତ । ମାଧବ ଆଡ଼କର ଶ୍ରୀସାଇଙ୍କ ଚରଣାଶ୍ରିତ ଥିଲେ। ଏହି ଆରତି ଅତ୍ୟନ୍ତ ପ୍ରେରଣାଦାୟକ ଥିଲା ଓ ଏହା ବିନା ଶ୍ରୀସାଇଙ୍କର ପୂଜାର୍ଚ୍ଚନା ଅସମ୍ପୂର୍ଣ୍ଣ ରହୁଥିଲା।

୮୨। ବାବା ଏହି ଆରତିଗାନକୁ ଅତ୍ୟନ୍ତ ଭଲ ପାଉଥିବାରୁ ଶ୍ରୋତାମାନେ ଏହାକୁ ମୂଳରୁ ଶେଷ ପର୍ଯ୍ୟନ୍ତ ଶୁଣିବା ଉଚିତ୍। ବାବା ଏହି ଆରତି ସଂଗୀତର ଲେଖା ଉଦି ସହିତ ପଠାଇଥିଲେ। ପରେ ଆପଣମାନେ ଏହାର ଫଳ ଉପଲବ୍ଧି କରିପାରିବେ।

ଆରତି

ଆରତି ସାଇବାବା। ସୌଖ୍ୟଦାତାର ଜୀବା।
ଚରଣରଜାତଲୀ ଦ୍ୟାଓ୍ୱା ଦାସା ବିସାଓ୍ୱା,
ଭକ୍ତା ବିସାଓ୍ୱା।
ଆରତି ସାଇବାବା...।୦।

ଭାବାର୍ଥ-ହେ ସାଇବାବା ! ଆମେ ତୁମର ଆରତି କରୁଅଛୁ। ତୁମେ ସମସ୍ତ ଜୀବଙ୍କର ସୁଖଦାତା। ଲାଂଛିତ, ଅବହେଳିତ ଓ ଭକ୍ତମାନଙ୍କୁ ତୁମର ପାଦତଳେ ଶୀତଳ ଛାୟାରେ ଆଶ୍ରୟ ଦିଅ। ଆମେ ତୁମର ଆରତି କରୁଅଛୁ।

ଜାଲୁନିୟା ଅନଂଗ। ସ୍ୱସ୍ୱରୂପୀ ରାହେ ଦଂଗ।
ମୁମୁକ୍ଷୁ ଜନା ଦାବୀ। ଜିନ ଡୋଳା ଶ୍ରୀରଙ୍ଗ, ଡୋଳା
ଶ୍ରୀରଙ୍ଗ।
ଆରତି ସାଇବାବା...।୧।

ଭାବାର୍ଥ-ତୁମେ ଜାଜ୍ୱଲ୍ୟମାନ ହୋଇ ନିଜର ଆତ୍ମା ମଧ୍ୟରେ ଲୀନ ହୋଇ ରହିଛ । ତୁମେ ମୁମୁକ୍ଷୁ ଜନଙ୍କୁ ମୋକ୍ଷଲାଭ କରିବାର ବାଟ ଦେଖାଅ । ସେମାନେ ନିଜ ଆଖିରେ ପ୍ରଭୁଶ୍ରୀରଙ୍ଗଙ୍କୁ ଦର୍ଶନ କରନ୍ତୁ। ପ୍ରଭୁ ଶ୍ରୀରଙ୍ଗ[4], ଆମେ ତୁମର ଆରତି କରୁଅଛୁ।

ଜୟା ମନୀଂ ଜୈସା ଭାବ। ତୟା ତୈସା ଅନୁଭବ।
ଦାବିସୀ ଦୟାଘନା ଐସୀ ତୁଝି ହି ମାଓ୍ୱ,
ତୁଝି ହି ମାଓ୍ୱ।
ଆରତି ସାଇବାବା...।୨।

ଭାବାର୍ଥ- ଯାହାର ଭାବ ଯେପରି, ତାକୁ ତୁମେ ସେପରି ଅନୁଭବ ଦେଇଥାଅ। ହେ ଦୟାମୟ ! ତୁମର ଏହାହିଁ ବୈଶିଷ୍ଟ୍ୟ । ଆମେ ତୁମର ଆରତି କରୁଅଛୁ।

ତୁମଚେ ନାମ ଧ୍ୟାତାଂ। ହରେ ସଂସ୍କୃତି ବ୍ୟଥା।
ଅଗାଧ ତବ କରଣୀ। ମାର୍ଗ ଦାଓ୍ୱିସୀ ଅନାଥା,
ଦାଓ୍ୱିସୀ ଅନାଥା।
ଆରତି ସାଇବାବା...।୩।

ଭାବାର୍ଥ- ତୁମ ନାମକୁ ଧ୍ୟାନ କଲେ, ଭକ୍ତ ଏଇ ସଂସାରର ସମସ୍ତ ଭୟରୁ ମୁକ୍ତ ହୋଇଯାଏ। ଅପୂର୍ବ ତୁମର ଲୀଳା । ତୁମେ ସର୍ବଦା ଦୀନ ଓ ଅନାଥଙ୍କୁ ରକ୍ଷା କରିଥାଅ । ଆମେ ତୁମର ଆରତି କରୁଅଛୁ।

କଳିଯୁଗୀ ଅବତାର। ସଗୁଣ ବ୍ରହ୍ମ ସାଚାର।
ଅବତୀର୍ଣ୍ଣ ଝାଲାସୀ। ସ୍ୱାମୀ ଦତ୍ତ ଦିଗଂବର,
ଦତ୍ତ ଦିଗଂବର।
ଆରତି ସାଇବାବା...।୪।

ଭାବାର୍ଥ- କଳିଯୁଗରେ ତୁମେ ସଗୁଣ ପରଂବ୍ରହ୍ମ ରୂପରେ ସାକ୍ଷାତ ଅବତାର ଗ୍ରହଣ କରିଅଛ। ହେ ସ୍ୱାମୀ ଦତ୍ତ[5] ଦିଗମ୍ବର ଆମେ ତୁମର ଆରତି କରୁଅଛୁ।

ଆଠା ଦିବସା ଗୁରୁବାରୀ। ଭକ୍ତ କରୀତି ବାରୀ।
ପ୍ରଭୁପଦ ପହାବୟା। ଭବ ଭୟ ନିବାରୀ
ଭୟ ନିବାରୀ।
ଆରତି ସାଇବାବା...।୫।

ଭାବାର୍ଥ- ସପ୍ତାହରେ ଥରେ ଗୁରୁବାର ଦିନ ପ୍ରଭୁଙ୍କ ପଦଦର୍ଶନ କରି ଭବଭୟ ନିବାରଣ କରିବା ନିମନ୍ତେ ଭକ୍ତମାନେ ତୁମ ପାଖକୁ ଆସନ୍ତି, ସେମାନଙ୍କର ଭବ, ଭୟ ନିବାରଣ କରନ୍ତୁ। ଆମେ ତୁମର ଆରତି କରୁଅଛୁ।

ମାଝା ନିଜ ଦ୍ରବ୍ୟ ଠେବା। ତବ ଚରଣରଜ ସେବା।
ମାଗଣେ ହେଚୀ ଆତା। ତୁହ୍ମା ଦେବାଧିଦେବା,
ଦେବାଧିଦେବା।
ଆରତି ସାଇବାବା...।୬।

ଭାବାର୍ଥ- ହେ ଦେବାଧିଦେବ ! ସବୁ ସମ୍ପଦ ଛାଡ଼ି, ମୁଁ କେବଳ ତୁମର ଚରଣ ସେବା ପାଇଁ ଇଚ୍ଛା କରିଅଛି। ଆମେ ତୁମର ଆରତି କରୁଅଛୁ।

ଇଚ୍ଛିତ ଦୀନ ଚାତକ। ନିର୍ମଳ ତୋୟ ନିଜସୁଖ।
ପାଜାବେ ମାଧବା ୟା। ସାଭାଳ ଆପୁଲୀ ଭାକ, ଆପୁଲୀ
ଭାକ।
ଆରତି ସାଇବାବା....।୭।

ଭାବାର୍ଥ- ଶୁଦ୍ଧ[6] ଜଳପାନ ଇଚ୍ଛାକରି ଚାତକ ପକ୍ଷୀ ଆକାଶକୁ ଚାହିଁ ରହିଥିବା ପରି ମୋର ଅବସ୍ଥା। ହେ ମାଧବ, ଜ୍ଞାନ ଦାନ କରି ଏ ଅଧମକୁ ରକ୍ଷା କରନ୍ତୁ । ଆମେ ତୁମର ଆରତି କରୁଅଛୁ।

୮୩। ବାପୁଗୀର ବାବାଙ୍କୁ କହିଥିଲେ, "ମୋ ନିକଟରେ ମାତ୍ର ଦୁଇଟଙ୍କା ରହିଛି। ଏତିକି ଟଙ୍କାରେ ମୁଁ କିପରି ଜାମନେର ଯିବି ?"

୮୪। ବାବା କହିଥିଲେ, "କିଛି ଚିନ୍ତା ନକରି ଯାଅ। ତୁମ

ପାଇଁ ସବୁ ସୁବିଧା କରି ଦିଆଯିବ।" ଶ୍ରୀସାଇଙ୍କ ବଚନ ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରି ବାପୁଗୀର ବିଦାୟ ନେଇଥିଲେ।

୮୫। ବାବାଙ୍କ ନିକଟରୁ ଏଭଳି ନିର୍ଦ୍ଦେଶ ଗ୍ରହଣ କରି ଓ ତାଙ୍କର ଆଦେଶ ମାନି, ଉଦି ପ୍ରସାଦକୁ ନେଇ ବାପୁଗୀର ସଙ୍ଗେ ସଙ୍ଗେ ତାଙ୍କ ଉପରେ ନ୍ୟସ୍ତ କାର୍ଯ୍ୟରେ ବାହାରି ଯାଇଥିଲେ।

୮୬। ବର୍ତ୍ତମାନ ଯେପରି ଗତାଗତ ସୁବିଧା ହୋଇଛି, ସେତେବେଳେ ସେପରି ସୁବିଧା ନଥିଲା । ଜାମନେରକୁ ରେଳରାସ୍ତା ନ ଥିଲା ଓ ସେଠାକୁ ଯିବା ସହଜ ନ ଥିଲା। ତେଣୁ ବାପୁଗୀର ବିବ୍ରତ ଥିଲେ।

୮୭। ଟ୍ରେନ୍‌ରେ ଯିବାପରେ ଯାତ୍ରୀମାନଙ୍କୁ ଜଲଗାଁ ଷ୍ଟେସନରେ ଓହ୍ଲାଇବାକୁ ପଡୁଥିଲା। ସେଠାରୁ ସେମାନେ ବାକିତକ ରାସ୍ତା ପାଦରେ ଚାଲି ଚାଲି ଯାଉଥିଲେ।

୮୮। ଟ୍ରେନ୍ ଭଡ଼ା ଟଙ୍କାଏ ଚଉଦଅଣା ଦେବା ପରେ ତାଙ୍କ ନିକଟରେ ବାକି ଦୁଇଅଣା ରହିଥିଲା। ସେଥିରେ ସେ କେତେ ବା ବାଟ ଯାଇପାରିବେ ?

୮୯। ଜଲଗାଁ ଷ୍ଟେସନ୍‌ରେ ବାପୁଗୀରଙ୍କୁ ଏହି ଚିନ୍ତା ଘାରିଥିଲା। ସେ ଟିକଟ ବଢ଼ାଇ ଦେଇ ବାହାରକୁ ଆସିବା ମାତ୍ରକେ ଟିକିଏ ଦୂରରେ ଜଣେ ପିଅନକୁ ଦେଖିଥିଲେ।

୯୦। ପିଅନ ଜଣକ କାହାରିକୁ ଖୋଜୁଥିଲେ। ସେ ପ୍ରତ୍ୟେକ ଯାତ୍ରୀଙ୍କ ନିକଟକୁ ଯାଇ ପଚାରୁଥିଲେ, "ଶିରିଡ଼ିରୁ ଆସିଛନ୍ତି, ବାପୁଗୀର ଆସିଛନ୍ତି, ବାପୁଗୀର କି ?''

୯୧। ପିଅନ ଜଣକ ତାଙ୍କୁ ଖୋଜୁଥିବାର ଜାଣିପାରି ବାପୁଗୀର ଆଗକୁ ଆସି କହିଥିଲେ, "ହଁ, ମୁଁ ବାପୁଗୀର ଆପଣ କାହିଁକି ଖୋଜୁଛନ୍ତି ?

୯୨। ସେ କହିଥିଲେ, "ଚାନ୍ଦୋରକର ମୋତେ ଆପଣଙ୍କୁ ନେବା ସକାଶେ ପଠାଇଛନ୍ତି। ଶୀଘ୍ର ଆସି ଟାଙ୍ଗାରେ ବସନ୍ତୁ। ସେ ଆପଣଙ୍କୁ ଅପେକ୍ଷା କରିଛନ୍ତି।"

୯୩। ବାପୁଗୀର ବହୁତ ଖୁସି ହୋଇଯାଇଥିଲେ ଓ ଅନୁଭବ କରିଥିଲେ ଯେ ଶିରିଡ଼ିରୁ ନାନାଙ୍କ ନିକଟରେ ନିଶ୍ଚିତ ଭାବରେ ଖବର ପହଞ୍ଚି ସାରିଛି, ଯେଉଁଥିପାଇଁ ସେ ଠିକ୍ ସମୟରେ ଟାଙ୍ଗା ପଠାଇପାରିଛନ୍ତି ଓ ତାଙ୍କୁ ଅନେକ ଅସୁବିଧାରୁ ବଞ୍ଚାଇ ଦେଇଛନ୍ତି।

୯୪। ପିଅନ ଜଣକ ଅତ୍ୟନ୍ତ ଚତୁର ଜଣାପଡୁଥିଲେ। ସେ ଦାଢ଼ି ରଖିଥିଲେ, ଲମ୍ବା ନିଶ ରଖି ମୋଡ଼ିଥିଲେ, କାନ ପାଖରେ କଲି ରଖିଥିଲେ ଓ ସେବାକାରୀ ପୋଷାକ ପିନ୍ଧିଥିଲେ । ଟାଙ୍ଗା ଖୁବ୍ ଭଲ ଅବସ୍ଥାରେ ଥିଲା ଓ ତାହାର ସୂଚାରୁରୂପେ ଯତ୍ନ ନିଆଯାଉଥିଲା ବୋଲି ମନେହେଉଥିଲା ।

୯୫। ଘୋଡ଼ା ଦୁଇଟି ଟାଙ୍ଗା ସହିତ ମେଳ ଖାଉଥିଲେ। ସେମାନେ ନିଶ୍ଚିତ ଭାବରେ ଭଡ଼ାବୁହା ଘୋଡ଼ା ନଥିଲେ। ଅନ୍ୟ ଟାଙ୍ଗାଗୁଡ଼ିକୁ ପଛରେ ପକାଇ ସେମାନେ ନିଜର ଆଗ୍ରହାତିଶଯ୍ୟରୁ ଆଗକୁ ଚାଲିଥିଲେ।

୯୬। ଟାଙ୍ଗା ପ୍ରାୟ ରାତ୍ରି ୨ ଘଣ୍ଟା ୪୮ ମିନିଟ୍‌ରେ ଯାତ୍ରା ଆରମ୍ଭ କରିଥିଲା ଓ ଭୋର ସମୟରେ ରାସ୍ତାରେ ଏକ ଝରଣା କୂଳରେ ଅଟକି ଥିଲା।

୯୭। ଟାଙ୍ଗାବାଲା ଘୋଡ଼ାକୁ ପାଣି ପିଆଇବାକୁ ଫିଟାଇ ଦେଇ କହିଥିଲେ, "ମୁଁ ଶୀଘ୍ର ଫେରି ଆସିବି ଓ ତା'ପରେ ଆମେ ଆରାମରେ ଜଳଖିଆ ଖାଇବା।

୯୮। "ମୁଁ କିଛି ପାଣି ଆଣିଥିବି ଓ ଆମେ ଆମ୍ବ, ପେଡ଼ା[୬], ଗୁଲପାପଡ଼ୀ ଖାଇବା। ତା'ପରେ ଘୋଡ଼ାଙ୍କୁ ଯୋଚି ଆମେ ଏ ଜାଗା ଛାଡ଼ିବା।"

୯୯। ତାଙ୍କର ଦାଢ଼ି ଓ ପୋଷାକରୁ ସେ ଜଣେ ମୁସଲମାନ ଭଳି ଦିଶୁଥିଲେ। ତାଙ୍କ କଥାବାର୍ତ୍ତା ଶୁଣି ବାପୁଗୀର ସେମାନଙ୍କ ନିକଟରୁ ଜଳଖିଆ ଗ୍ରହଣ କରିବା ନେଇ ସନ୍ଦେହ ପୋଷଣ କରୁଥିଲେ।

୧୦୦। ତେଣୁ ସେ ପିଅନ ଭଳି ଦିଶୁଥିବା ବ୍ୟକ୍ତିଙ୍କୁ ତାଙ୍କର ଜାତି ସମ୍ପର୍କରେ ପଚାରିଥିଲେ। ସେ କହିଥିଲେ, "ମୋତେ ସନ୍ଦେହ କରୁଛନ୍ତି କି? ମୁଁ ଜଣେ ହିନ୍ଦୁ ଓ ଗଡ଼ୱାଲର କ୍ଷତ୍ରିୟ। ମୋର ଜାତି ରାଜପୁତ୍।

୧୦୧। "ଏହି ଜଳଖିଆ ମଧ୍ୟ ନାନା ମୋ ହାତରେ ଆପଣଙ୍କ ପାଇଁ ପଠାଇଛନ୍ତି। ଟିକିଏ ମାତ୍ର ସନ୍ଦେହ ନ କରି ନିଶ୍ଚିନ୍ତରେ ଖାଆନ୍ତୁ।"

୧୦୨। ବାପୁଗୀର ସନ୍ଦେହ ଏଭଳି ଭାବରେ ଦୂର ହୋଇଯିବାରୁ ଉଭୟେ ଜଳଖିଆ ଖାଇଥିଲେ। ଟାଙ୍ଗାବାଲା ଘୋଡ଼ା ଯୋଚିଥିଲେ ଓ ସୂର୍ଯ୍ୟୋଦୟ ସମୟକୁ ଯାତ୍ରା ଶେଷ ହୋଇଯାଇଥିଲା।

୧୦୩। ସେମାନେ ଗ୍ରାମ ମଧ୍ୟକୁ ପ୍ରବେଶ କରିବା

ସମୟରେ ନାନାଙ୍କ କାର୍ଯ୍ୟାଳୟ ଦୃଷ୍ଟିଗୋଚର ହୋଇଥିଲା। ଘୋଡ଼ାମାନେ ମଧ୍ୟ କିଛି କ୍ଷଣପାଇଁ ଅଟକି ଯାଇଥିଲେ। ବାପୁଗୀର ଖୁସି ହୋଇଥିଲେ।

୧୦୪। ବାପୁଗୀର ପରିସ୍ରା କରିବା ପାଇଁ ନିଛାଟିଆ ସ୍ଥାନଟିଏ ଖୋଜିଥିଲେ। ସେ ଫେରି ଆସିବା ପରେ ଯାହା ଦେଖିଲେ, ସେଥିରେ ବିସ୍ମିତ ହୋଇଯାଇଥିଲେ।

୧୦୫। ଟାଙ୍ଗା, ଘୋଡ଼ା, ପିଅନ କିମ୍ବା ଟାଙ୍ଗାବାଲା କେହି ଦେଖାଯାଉ ନ ଥିଲେ। ସେଠାରେ କେହି ନ ଥିଲେ। ସ୍ଥାନଟି ପୂରାପୂରି ନିର୍ଜନ ଥିଲା।

୧୦୬। ବାପୁଗୀର ଚକିତ ହୋଇ ଭାବିଥିଲେ, "କି ଚମତ୍କାର ଘଟଣା ? ମୋତେ ଏତେ ବାଟ ଆଣିବା ପରେ, ଏତେ ଅଳ୍ପ ସମୟ ମଧ୍ୟରେ ଏମାନେ କୁଆଡ଼େ ଚାଲିଗଲେ ?"

୧୦୭। ନାନାଙ୍କୁ ଶୀଘ୍ର ଭେଟିବାକୁ ବ୍ୟଗ୍ର ଥିବାରୁ ସେ ଅଫିସ୍ ଭିତରକୁ ଯାଇଥିଲେ। ସେଠାରୁ ସେ ଶୁଣିଥିଲେ ଯେ ନାନା ତାଙ୍କ ବସାଘରେ ଅଛନ୍ତି । ତେଣୁ ସେ ସେଠାକୁ ଯିବାପାଇଁ ସ୍ଥିର କରିଥିଲେ ।

୧୦୮। ବାପୁଗୀର ରାସ୍ତା ପଚାରି ପଚାରି ସହଜରେ ନାନାଙ୍କ ଘର ପାଇଥିଲେ । ସେ ସେଠାରେ ପହଞ୍ଚି ବାରଣ୍ଡାରେ ବସିଥିଲେ ଓ ନାନା ତାଙ୍କୁ ଘର ଭିତରକୁ ଡାକି ନେଇଥିଲେ।

୧୦୯। ସେମାନେ ପରସ୍ପରକୁ ଭେଟିଥିଲେ। ସେ ଉଦି ଓ ଆରତିଗାନ ବାହାର କରି ନାନାଙ୍କ ସମ୍ମୁଖରେ ରଖିଥିଲେ ଓ ସମସ୍ତ ଘଟଣା କହିଥିଲେ ।

୧୧୦। ଏହା ମଧ୍ୟ ବିସ୍ମୟକର ଥିଲା ଯେ ଯେତେବେଳେ ଉଦି ଆସି ପହଞ୍ଚିଥିଲା, ସେତେବେଳେ ପ୍ରସବରେ କିଛି ବାଧା ପଡ଼ିବା କାରଣରୁ ନାନାଙ୍କର ଝିଅ ବହୁତ କଷ୍ଟ ପାଉଥିଲା।

୧୧୧। ସେହି ଅସୁବିଧା ଦୂର କରିବା ନିମନ୍ତେ ନବଚଣ୍ଡୀ[୮], ହବନ[୯] ଓ ସପ୍ତଶତୀ[୧୦] ପଠନ କରାଯାଉଥିଲା। ବାପୁଗୀର ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୧୧୨। କ୍ଷୁଧାର୍ତ୍ତ ଆଗରେ ସୁସ୍ୱାଦୁ ଖାଦ୍ୟ ଥାଳିଏ ପରଷି ଦିଆଗଲେ କିମ୍ବା ତୃଷାର୍ତ୍ତ ଚକୋର ପାଟିରେ ଅମୃତ କଣା ପଡ଼ିଗଲେ, ସେମାନେ ଯେଉଁଭଳି ଅନୁଭବ କରିଥାନ୍ତି, ନାନା ଉଦି ପାଇବା କ୍ଷଣି ସେହିଭଳି ଅନୁଭବ କରିଥିଲେ।

୧୧୩। ନାନା ତାଙ୍କ ପତ୍ନୀଙ୍କୁ ଡାକିଥିଲେ ଓ ଉଦି ତାଙ୍କୁ ଦେଇଥିଲେ। ଝିଅକୁ ପାଣିରେ ଗୋଳାଇ ଉଦି ପିଇବା ନିମିତ୍ତ ଦେବାପାଇଁ କହିଥିଲେ ଓ ନିଜେ ଆରତି ବୋଲିବା ଆରମ୍ଭ କରି ଦେଇଥିଲେ।

୧୧୪। କ୍ଷଣକ ମଧ୍ୟରେ ଭିତରୁ ଖବର ଆସିଲା ଯେ ଉଦି ମିଶା ଜଳପାନ କଲା ପରେ ପରେ ଝିଅ ସୁସ୍ଥ ବୋଧ କଲାଣି ।

୧୧୫। ତତ୍‌କ୍ଷଣାତ୍ ତାହାର ଯନ୍ତ୍ରଣା ଦୂର ହୋଇଗଲା ଓ ସେ ସୁଖ ପ୍ରସବ କଲା । ସଙ୍କଟ ଅପସରିଗଲା ଓ ଆନନ୍ଦ ଜାତ ହେଲା । ସମସ୍ତଙ୍କର ଚିନ୍ତା ଚାଲିଗଲା ।

୧୧୬। ତତ୍ପରେ ବାପୁଗୀର ନାନାଙ୍କୁ ପଚାରିଲେ, "ଟାଙ୍ଗାବାଲା କୁଆଡ଼େ ଗଲା ? ତାଙ୍କୁ ଏଠି ମଧ୍ୟ ଦେଖୁ ନାହିଁ। ଯେଉଁ ଟାଙ୍ଗାକୁ ଆପଣ ପିଅନ ସାଙ୍ଗରେ ପଠାଇଥିଲେ ସେଇଟି କାହିଁ ?"

୧୧୭। ନାନା ଉତ୍ତର ଦେଲେ, "ମୁଁ ପଠାଇ ନ ଥିଲି। ତୁମେ କେଉଁ ଟାଙ୍ଗା ସମ୍ପର୍କରେ କହୁଛ, ମୁଁ ଜାଣି ପାରୁ ନାହିଁ। ତୁମେ ଆସୁଛ ବୋଲି କିଏ ଜାଣିଥିଲା ? ମୁଁ କାହିଁକି ଟାଙ୍ଗା ପଠାଇବି ?"

୧୧୮। ତା'ପରେ ବାପୁଗୀର ଟାଙ୍ଗା କଥା ମୂଳରୁ ଶେଷ ପର୍ଯ୍ୟନ୍ତ କହିଥିଲେ। ବାବାଙ୍କର ଭକ୍ତମାନଙ୍କ ପ୍ରତି ନିଜର ସନ୍ତାନ ଭଳି ରହିଥିବା ସ୍ନେହ ବିଷୟରେ ଚିନ୍ତା କରି ନାନା ବିସ୍ମିତ ହୋଇଥିଲେ।

୧୧୯। କେଉଁ ଟାଙ୍ଗା ? କେଉଁ ପିଅନ ! ଶ୍ରୀସାଇ ମୌଲୀ (ମାତା) ହେଉଛନ୍ତି ଜଗଦୀଶ୍ୱର ଓ ସେ ଅନେକ ବିସ୍ମୟକର ଲୀଳା ରଚନା କରୁଛନ୍ତି। ଭକ୍ତିର ପରାକାଷ୍ଠା ଯୋଗୁଁ ସେ ବିପଦ ସମୟରେ ଭକ୍ତ ନିକଟକୁ ଦୌଡ଼ି ଆସନ୍ତି।

୧୨୦। ସେ ଯାହାହେଉ, ପୂର୍ବ ସୂଚିତ କାହାଣୀକୁ ଆଗେଇ ନିଆଯାଉ। କିଛି ଦିନ ପରେ ବାବା ନିଜେ ମହାସମାଧି ନେଇଥିଲେ।

୧୨୧। ୧୯୧୮ ମସିହାରେ ବିଜୟା ଦଶମୀ ଦିନ ଦଶହରା ପର୍ବ ପାଳନ କରାଯାଉଥିଲା। ବାବା ଏହାକୁ ଶୁଭ ସମୟ ବିଚାରିଥିଲେ ଓ ନିଜର ଦେହ ତ୍ୟାଗ କରିଦେବାକୁ ଚାହିଁଥିଲେ।

୧୨୨। ତା'ପରେ ସମାଧି ନିର୍ମାଣ କରାଯାଇଥିଲା। ଏହା

ପୂର୍ବରୁ ବାବା ସ୍ୱଦେହରେ ଥିବା ସମୟରେ ଭକ୍ତ ନାରାୟଣରାଓ ଦୁଇଥର ଦର୍ଶନ ପାଇଥିଲେ।

୧୨୩। ଏବେ ସମାଧି ପରଠାରୁ ତିନିବର୍ଷ ବିତିଗଲାଣି। ଯଦିଓ ବାବାଙ୍କୁ ଦର୍ଶନ କରିବା ନିମିତ୍ତ ତାଙ୍କର ଆନ୍ତରିକ ଇଚ୍ଛା ରହିଥିଲା, ସେ ଉପଯୁକ୍ତ ସୁବିଧା ପାଇପାରିନଥିଲେ । ତେଣୁ ମନ ଦୁଃଖରେ ରହୁଥିଲେ।

୧୨୪। ସମାଧିର ବର୍ଷକ ପରେ ନାରାୟଣ ଗୁରୁତର ଅସୁସ୍ଥ ହୋଇଥିଲେ। ସବୁ ପ୍ରକାର ଔଷଧ ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା ।

୧୨୫। ସେ ରୋଗରେ ପଡ଼ି କଷ୍ଟ ଭୋଗୁଥିଲେ ମଧ୍ୟ ଦିନରାତି ବାବାଙ୍କୁ ଧ୍ୟାନ କରୁଥିଲେ। ଗୁରୁରାୟଙ୍କର ମୃତ୍ୟୁ କେବେ ହୋଇପାରେକି ? ସେ ନାରାୟଣଙ୍କୁ ଦର୍ଶନ ଦେଇଥିଲେ।

୧୨୬। ଦିନେ ରାତିରେ ନାରାୟଣରାଓ ସ୍ୱପ୍ନରେ ବାବାଙ୍କୁ ଦେଖିଥିଲେ । ବାବା ଏକ ମାଟିତଳ ଘର ଭିତରୁ ବାହାରି ଆସିଲେ। ସେ ନାରାୟଣରାଓଙ୍କ ନିକଟକୁ ଆସିଲେ ଓ ତାଙ୍କୁ ଆଶ୍ୱାସନା ଦେଲେ।

୧୨୭। "ବ୍ୟସ୍ତ ହୁଅ ନାହିଁ। ତୁମେ ଆସନ୍ତାକାଲିଠାରୁ କ୍ରମେ ଆରୋଗ୍ୟ ଲାଭ କରିବ ଓ ସପ୍ତାହକ ପରେ ନିଜେ ନିଜେ ବସି ପାରିବ।"

୧୨୮। ତାହାହିଁ ହୋଇଥିଲା। ଆଠଦିନ ଚାଲିଯାଇଥିଲା। ପ୍ରତ୍ୟେକ ଶବ୍ଦ ସତ୍ୟ ବୋଲି ପ୍ରତିପାଦିତ ହୋଇଥିଲା। ନାରାୟଣରାଓ ବସି ପାରିଥିଲେ ଓ ତାଙ୍କ ହୃଦୟ ଭାବାବେଗରେ ବୁଡ଼ି ଯାଇଥିଲା।

୧୨୯। କିଛି ଦିନ ପରେ ନାରାୟଣରାଓ ସମାଧି ଦର୍ଶନ କରିବା ନିମିତ୍ତ ଶିରିଡ଼ି ଆସିଥିଲେ ଓ ସେ ତାଙ୍କର ଅଭିଜ୍ଞତା ବର୍ଣ୍ଣନା କରିଥିଲେ।

୧୩୦। ସ୍ୱଦେହରେ ଥିଲେ ବୋଲି କ'ଣ ତାଙ୍କୁ ଜୀବନ୍ତ କୁହାଯିବ ? ସେ ସମାଧି ନେଲେ ବୋଲି ତାଙ୍କୁ କାହିଁକି ମୃତ କୁହାଯିବ ? ଶ୍ରୀସାଇ ଜୀବନ ଓ ମୃତ୍ୟୁର ବହୁତ ଊର୍ଦ୍ଧ୍ୱରେ। ସେ ସମଗ୍ର ଜଗତରେ ପରିବ୍ୟାପ୍ତ।

୧୩୧। ଜାଳେଣି କାଠ ମଧ୍ୟରେ ଅଗ୍ନି ରହିଥିଲେ ମଧ୍ୟ ଯେପରି ଦୃଶ୍ୟ ହୋଇ ନ ଥାଏ ଓ ଦୁଇଟି କାଠକୁ ଘର୍ଷଣ କଲେ ଯେମିତି ଅଗ୍ନି ଉତ୍ପନ୍ନ ହୁଏ, ସେମିତି ଶ୍ରୀସାଇ ଭକ୍ତମାନଙ୍କ ନିକଟରେ ସବୁବେଳେ ରହିଅଛନ୍ତି।

୧୩୨। ଥରେ ଯିଏ ବାବାଙ୍କୁ ଶ୍ରଦ୍ଧା ସହକାରେ ଭଜ ପାଇଛି, ତାହାର ଅବଶିଷ୍ଟ ଜୀବନ ପାଇଁ ବାବା ତା'ର ଦାସ ହୋଇଛନ୍ତି । ଏକନିଷ୍ଠ ଶ୍ରଦ୍ଧା ପାଇଁ ବାବା ଆତୁର ହୋଇଥାନ୍ତି ଓ ଡାକିବା ମାତ୍ରକେ ଉତ୍ତର ଦେଇଥାନ୍ତି।

୧୩୩। କୌଣସି ନିର୍ଦ୍ଦିଷ୍ଟ ସମୟ କିମ୍ବା ସ୍ଥାନ ତାଙ୍କର ଉପସ୍ଥିତି ନିମନ୍ତେ ଆବଶ୍ୟକ ହୁଏ ନାହିଁ। ସେ ସଦାବେଳେ, ସବୁଠାରେ ବିଦ୍ୟମାନ। ସେ କେମିତି ଓ କେଉଁ ଉପାୟ ଅବଲମ୍ବନ କରିଥାନ୍ତି, ତାହା କାହାରି କଳ୍ପନା ମଧ୍ୟରେ ନ ଥାଏ।

୧୩୪। ବେଳେ ବେଳେ ସେ ଏଭଳି ପରିସ୍ଥିତି ସୃଷ୍ଟି କରିଦିଅନ୍ତି ଯେ ଆମ ମନରେ ଅକାରଣରେ ସନ୍ଦେହ ଉପୁଜିଥାଏ। ଏହି ସମୟରେ ତାଙ୍କର ପଦଯୁଗଳ ଉପରେ ଏକାଗ୍ର ଚିତ୍ତ ହୋଇ ଧ୍ୟାନ କରିବାର କ୍ଷମତା ବଢ଼ିଥାଏ।

୧୩୫। ଏଭଳି ଭାବରେ ମନକୁ ଏକାଗ୍ର କରିପାରିଲେ, ଜଣେ ଶ୍ରୀସାଇଙ୍କୁ ଲୟକରି ଗଭୀର ଭାବରେ ଧ୍ୟାନ କରିପାରିବ। ଶ୍ରୀସାଇ ଏହିଭଳି କରାଇଥାନ୍ତି ଓ ବିନା ବାଧାରେ ଏହା ସାଧିତ ହୋଇଥାଏ ।

୧୩୬। ଦୈନନ୍ଦିନ କାର୍ଯ୍ୟରୁ ବିରତ ରହିବାର ଆବଶ୍ୟକତା ନାହିଁ। ସମସ୍ତ କାମନା ଆପେ ଆପେ ଉଭେଇଯିବ। ମନକୁ ଏଭଳି ଭାବରେ ତାଲିମ କରାଗଲେ ସମସ୍ତ କାର୍ଯ୍ୟ ଅନାୟାସରେ ସମାପନ ହୋଇଯିବ।

୧୩୭। ଏ ପୃଥିବୀ ହେଉଛି ଏକ କର୍ମକ୍ଷେତ୍ର ଓ ଯେହେତୁ ଏହି ଶରୀର ପୃଥିବୀ ଉପରକୁ ଆସିଛି, ତେଣୁ ନିଶ୍ଚିତ ଭାବରେ କର୍ମ କରିବାକୁ ପଡ଼ିବ। ଏଣୁ କାହିଁକି ପ୍ରଚୁର ଧନସମ୍ପତ୍ତି ଠୁଳ କରିବା ନାହିଁ ଏବଂ ପତ୍ନୀ ଓ ସନ୍ତାନସନ୍ତତି ରଖିବା ନାହିଁ ?

୧୩୮। ଯାହା ହେବାର କଥା, ତାହା ସବୁଠୁ ଭଲ ଭାବରେ ହୋଇଯାଉ। କେବଳ ସଦ୍‌ଗୁରୁଙ୍କୁ ଧ୍ୟାନ କରିବାର ଗଭୀର ଇଚ୍ଛା ପୋଷଣ କରାଯାଉ । ସନ୍ଦେହ ଓ ଭ୍ରମ ଧାରଣା ଦୂର ହୋଇଯିବ। ଭାଗ୍ୟ-ନିର୍ଦ୍ଧାରିତ ଅଭାବଅସୁବିଧା ମଧ୍ୟ ଦୂର ହୋଇଯିବ ।

୧୩୯। ଭକ୍ତଙ୍କ ଭକ୍ତିଭାବକୁ ବିବେଚନା କରି ପ୍ରତିଭାଧର, ପ୍ରବୀଣ ଶିକ୍ଷାଦାତା ଓ ଶୌର୍ଯ୍ୟଶାଳୀ ଶ୍ରୀସାଇ ଭକ୍ତଙ୍କୁ ବିଭିନ୍ନ

ପ୍ରକାରର ଅନୁଭୂତି ଦେଇଥାନ୍ତି ଓ ଭକ୍ତିର ମହତ୍ୱ ବୃଦ୍ଧି କରାଇଥାନ୍ତି।

୧୪୦। ସେ ଯେକୌଣସି ପ୍ରକାର ବେଶ ଧାରଣ କରିପାରନ୍ତି ଓ ଇଚ୍ଛା ଅନୁସାରେ ଯେ କୌଣସି ସ୍ଥାନରେ ଆବିର୍ଭୂତ ହୋଇଥାନ୍ତି। ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ସେ ଯେକୌଣସି ସ୍ଥାନକୁ ଯାଇଥାନ୍ତି। ଏଥିପାଇଁ ଏକମାତ୍ର ଆବଶ୍ୟକତା ହେଉଛି ଭକ୍ତଙ୍କର ଭକ୍ତିର ପରାକାଷ୍ଠା।

୧୪୧। ସଂଭ୍ରମ ସହକାରେ ସମାନ ଧରଣର ଅନ୍ୟ ଏକ କାହାଣୀ ଶୁଣନ୍ତୁ। ସନ୍ଥମାନେ କିପରି ଭକ୍ତମାନଙ୍କର ହିତପାଇଁ ଦିବାରାତ୍ର ପ୍ରୟାସ କରିଥାନ୍ତି, ସେ ସମ୍ବନ୍ଧରେ ଅବଗତ ହୁଅନ୍ତୁ।

୧୪୨। ତୁମ୍ଭ କର୍ଣ୍ଣର ଦ୍ୱାର ଖୋଲିଦିଅ ଓ ହୃଦୟ ମନ୍ଦିରକୁ ଉନ୍ମୁକ୍ତ କରିଦିଅ ଏବଂ ଏହି କାହାଣୀ ହୃଦୟକନ୍ଦରକୁ ସ୍ପର୍ଶ କରୁ । ଏହା ପାର୍ଥିବ ଅସ୍ତିତ୍ୱର ଭୟଗୁଡ଼ିକୁ ଘଉଡ଼ାଇ ଦେବ।

୧୪୩। ଗଲାବର୍ଷ ଜର୍ମାନୀ ସହିତ ସୁବିଦିତ ଯୁଦ୍ଧ ସମୟରେ ଶତ୍ରୁ ବିରୁଦ୍ଧରେ ଲଢ଼ିବାପାଇଁ ସୈନ୍ୟ ସଂଗ୍ରହ କରିବା ଦରକାର ହୋଇଥିଲା।

୧୪୪। ଭାରତରେ ଅବସ୍ଥାପିତ ବ୍ରିଟେନର ଅଧିକାରୀମାନେ ସବୁ ସହରରୁ ସବୁ ସ୍ତରର ଲୋକଙ୍କ ଭିତରୁ ସୈନ୍ୟ ମନୋନୟନ କରୁଥିଲେ।

୧୪୫। ଠାଣା ଜିଲ୍ଲାରୁ ଜଣେ ଭକ୍ତଙ୍କର ୧୯୧୭ ମସିହାରେ ସୈନିକ ରୂପେ କାର୍ଯ୍ୟ କରିବାର ପାଳି ପଡ଼ିଥିଲା। କାହାଣୀଟି ଏକ ଭିନ୍ନ ମୋଡ଼ ନେଇଥିଲା।

୧୪୬। ତାଙ୍କ ନାଁ ଥିଲା ଅପ୍ପାସାହେବ କୁଲକର୍ଣ୍ଣୀ। ସେ ଶ୍ରୀସାଇଙ୍କର ଭକ୍ତ ଥିଲେ। ଏହା ମଧ୍ୟ ଶ୍ରୀସାଇଙ୍କର କୃପା ଥିଲା। ତାଙ୍କର ଲୀଳା ଅକଳନୀୟ ।

୧୪୭। ଅନେକ ବର୍ଷ ତଳେ ସେ ବାଲାସାହେବ ଭାଟେଙ୍କ ନିକଟରୁ ବାବାଙ୍କର ଖଣ୍ଡିଏ ଫଟୋ ପାଇଥିଲେ ଓ ତାହାକୁ ପୂଜାର୍ଚ୍ଚନା କରୁଥିଲେ।

୧୪୮। ସେ ପୂର୍ଣ୍ଣପ୍ରାଣରେ ନିୟମିତ ଭାବରେ ସେହି ଫଟୋକୁ ଉପଲକ୍ଷ ଘୋରା ଚନ୍ଦନ, ଅକ୍ଷତ ଓ ପୁଷ୍ପ ଅର୍ପଣ କରି ପୂଜାର୍ଚ୍ଚନା କରୁଥିଲେ ଏବଂ ନୈବେଦ୍ୟ ବାଢୁଥିଲେ।

୧୪୯। ସ୍ୱଚକ୍ଷୁରେ ଶ୍ରୀସାଇଙ୍କର ଦର୍ଶନ ନିମନ୍ତେ ଅପ୍ପାଙ୍କର ହୃଦୟ ଉତ୍କଣ୍ଠିତ ଥିଲା। ମୁଁ କର୍ମବନ୍ଧନରୁ କେବେ ମୁକ୍ତି ପାଇବି ? ମୋ ହୃଦୟର ଇଚ୍ଛା କେବେ ପୂରଣ ହେବ ?

୧୫୦। ଶ୍ରୀସାଇଙ୍କର ଚିତ୍ରପଟକୁ ଦର୍ଶନ କରିବାର ଅର୍ଥ ତାହାଙ୍କୁ ବ୍ୟକ୍ତିଗତ ଭାବରେ ଦର୍ଶନ କରିବା। କେବଳ ସମ୍ପୂର୍ଣ୍ଣ ଭକ୍ତି ରହିଥିବା ଆବଶ୍ୟକ। ତୁମେ ଏହାର ପ୍ରମାଣ ଯଥା ସମୟରେ ପାଇବ।

୧୫୧। ଚିତ୍ରପଟର ଦର୍ଶନ କଲେ ତାହା ବ୍ୟକ୍ତିଗତ ଦର୍ଶନ ସହିତ ସମାନ ହୁଏ। ଶ୍ରୋତାମାନେ ଏ ସମ୍ପର୍କରେ ବର୍ଣ୍ଣନା ସଂଭ୍ରମ ସହକାରେ ଶୁଣନ୍ତୁ।

୧୫୨। ବମ୍ବେଇନିବାସୀ ବାଲାବୁଓ୍ୱା ସୂତାର ନାମକ ଜଣେ ଭଜନ ଗାୟକଙ୍କୁ ଆଧୁନିକ ଯୁଗର ତୁକାରାମ ବୋଲି ଲୋକେ କହୁଥିଲେ। ସେ ଥରେ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ।

୧୫୩। ଦୁହିଁଙ୍କ ମଧ୍ୟରେ ଆଗରୁ କେବେ ସାକ୍ଷାତ ହୋଇନଥିଲା । ଏହା ପ୍ରଥମ ଦର୍ଶନ ଥିଲା । କିନ୍ତୁ ଉଭୟେ ପରସ୍ପରକୁ ଭେଟିବା ମୁହୂର୍ତ୍ତରେ ହିଁ ଶ୍ରୀସାଇ ତାଙ୍କୁ ପରିଷ୍କାର ଭାବରେ କହିଥିଲେ-

୧୫୪। "ମୁଁ ତାଙ୍କୁ ଗତ ଚାରିବର୍ଷ ଧରି ଜାଣିଛି।" ବାଲାବୁଓ୍ୱା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। "ସେ ଏମିତି କାହିଁକି କହିଲେ ?

୧୫୫। "ବାବା କେବେ ଶିରିଡ଼ି ଛାଡ଼ି ଯାଇ ନାହାନ୍ତି। ମୁଁ ମଧ୍ୟ ଏହି ସ୍ଥାନକୁ ପ୍ରଥମ ଦେଖୁଛି। ତା'ହେଲେ ସେ କିପରି ମୋତେ ଗତ ଚାରିବର୍ଷ ହେଲା ଜାଣିଛନ୍ତି ?"

୧୫୬। ଏହିଭଳି ବାରମ୍ବାର ଚିନ୍ତାକଲା ପରେ ତାଙ୍କର ଚାରିବର୍ଷ ତଳର ଏକ ଘଟଣା ମନେ ପଡ଼ିଥିଲା। ବାଲାବୁଓ୍ୱା ବାବାଙ୍କର ଚିତ୍ରପଟକୁ ଥରେ ପ୍ରଣାମ କରିଥିଲେ।

୧୫୭। ତା'ପରେ ବାଲାବୁଓ୍ୱା ବାବାଙ୍କର ସେହି କଥାର ତାତ୍ପର୍ଯ୍ୟ ତତ୍‌କ୍ଷଣାତ୍ ବୁଝି ପାରିଥିଲେ ଓ କହିଥିଲେ, "ସନ୍ଥମାନଙ୍କର ସର୍ବବ୍ୟାପକତା ଓ ତାଙ୍କର ଭକ୍ତମାନଙ୍କ ପ୍ରତି ସ୍ନେହଶ୍ରଦ୍ଧାକୁ ଲକ୍ଷ୍ୟ କରନ୍ତୁ।

୧୫୮। "ମୁଁ କେବଳ ତାଙ୍କର ଛବିକୁ ପ୍ରଣାମ କରିଥିଲି ଓ ଆଜି ତାଙ୍କୁ ବ୍ୟକ୍ତିଗତ ଭାବରେ ଦେଖିଲି। ଅନେକ ଦିନ ତଳର ଏହି ଘଟଣାକୁ ମୁଁ ଭୁଲିଯାଇଥିବା ବେଳେ, ବାବା ତାହାକୁ ମନେ ରଖିଛନ୍ତି।

୧୫୯। "ମୁଁ ଭୁଲି ଯାଇଥିଲି କହିଲେ ଠିକ୍ ହେବନାହିଁ।

ବରଂ ମୁଁ ତାଙ୍କ କଥାର ଅର୍ଥ ସଂଗେ ସଂଗେ ବୁଝିପାରିନଥିଲି। ଏହା ଛବିକୁ ଭକ୍ତିଭରେ ପ୍ରଣାମ କରିବାର ଫଳ ଥିଲା ବୋଲି ମୋର ଜାଣିବାର କ୍ଷମତା ନଥିଲା।

୧୬୦। "ବାବା ମୋତେ ଜାଣିଥିଲେ, କିନ୍ତୁ ସେ ମୋତେ ମନେ ରଖିଛନ୍ତି ବୋଲି ମୋର ଧାରଣା ନଥିଲା। ସନ୍ଥମାନେ ମନେ ପକାଇ ଦେବାପରେ ହିଁ ଜଣେ ବୁଝିପାରିଥାଏ।"

୧୬୧। ଚନ୍ଦ୍ର କିମ୍ବା ସୂର୍ଯ୍ୟଙ୍କର ପ୍ରତିବିମ୍ବକୁ ସ୍ୱଚ୍ଛ ଦର୍ପଣ କିମ୍ବା ନିର୍ମଳ ଜଳ ଉପରେ ଦେଖି ହୋଇଥାଏ। ଛବି ମଧ୍ୟ ବ୍ୟକ୍ତିତ୍ୱର ଶୁଦ୍ଧ ପ୍ରତିବିମ୍ବ ହୋଇଥାଏ ଓ ତାହାଦ୍ୱାରା ଅଧସ୍ତନ ଭାବରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଉପରେ ଚମତ୍କାର ପ୍ରଭାବ ପଡ଼ିଥାଏ।

୧୬୨। ତେଣୁ ସନ୍ଥଙ୍କର ଚିତ୍ରକୁ ଦର୍ଶନ କରିବା ସନ୍ଥଙ୍କୁ ବ୍ୟକ୍ତିଗତ ଭାବରେ ଦର୍ଶନ କରିବା ସହିତ ସମାନ। ସନ୍ଥଙ୍କର ସର୍ବଜ୍ଞାତା ଗୁଣ ସମ୍ବନ୍ଧରେ ଶିକ୍ଷା ଏଥିରୁ ସମସ୍ତଙ୍କୁ ମିଳିଥାଏ।

୧୬୩। ଏ ବର୍ଣ୍ଣନା ଯଥେଷ୍ଟ ହୋଇଗଲା । ଶ୍ରୋତାମାନେ ମନଦେଇ ଏବେ ପୂର୍ବର କାହାଣୀ ଶୁଣନ୍ତୁ। ପୂର୍ବରୁ ଉଲ୍ଲେଖ କରାଯାଇଥିବା ବିଷୟକୁ ମନେପକାନ୍ତୁ।

୧୬୪। ଅପ୍ପାସାହେବ କୁଲକର୍ଣ୍ଣୀ ଠାଣା ସହରରେ ରହୁଥିଲେ। ତାଙ୍କର ଭିବଂଡ଼ୀରେ କିଛି କାର୍ଯ୍ୟ ଥିଲା । ସେ ସେଠାକୁ ଯାଇଥିଲେ ଓ ଆଠଦିନ ପରେ ଫେରିବେ ବୋଲି ଘରେ କହିଥିଲେ।

୧୬୫। ମାତ୍ର ଦୁଇଦିନ ବିତିଯିବାପରେ ତାଙ୍କ ଘରେ ଏକ ଅସାଧାରଣ ଘଟଣା ଘଟିଥିଲା। ଜଣେ ଫକୀର ଠାଣାସ୍ଥିତ ତାଙ୍କ ଘରର ଦ୍ୱାରମୁହଁକୁ ଆସିଥିଲେ।

୧୬୬। ଯେଉଁମାନେ ତାଙ୍କୁ ଦେଖିଥିଲେ, ସେମାନେ ଅନୁଭବ କରିଥିଲେ ଯେ ଶ୍ରୀସାଇ ନିଜେ ଆସିଛନ୍ତି। ତାଙ୍କର ରୂପ ଛବିରେ ଠିକ୍ ଦେଖାଯାଉଥିବା ଭଳି ଥିଲା ଓ ଶିରଠାରୁ ନଖ ପର୍ଯ୍ୟନ୍ତ ଏକଦମ୍ ମିଶି ଯାଉଥିଲା।

୧୬୭। ତାଙ୍କର ପତ୍ନୀ ଓ ପିଲାମାନେ ଫକୀରଙ୍କୁ ଅପଲକ ଦୃଷ୍ଟିରେ ଚାହିଁ ରହିଥିଲେ ଓ ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ବାବା ନିଜେ ଆସିଛନ୍ତି ବୋଲି ସେମାନେ ଅନୁଭବ କରିଥିଲେ ।

୧୬୮। କେହି ବାବାଙ୍କର ଦର୍ଶନ ପୂର୍ବରୁ ପାଇନଥିଲେ ମଧ୍ୟ ଛବି ମିଶିଯାଉଥିବାରୁ ସେ ସେହି ବାବା ବୋଲି ମନେ କରୁଥିଲେ। ସେମାନଙ୍କର କୌତୁହଳ ବଢ଼ିଥିଲା।

୧୬୯। ସମସ୍ତେ ଫକୀରଙ୍କୁ ପଚାରିଥିଲେ, "ଆପଣ ଶିରିଡ଼ିର ଶ୍ରୀସାଇ ଅଟନ୍ତି କି?" ଫକୀର କ'ଣ ଉତ୍ତର ଦେଇଥିଲେ, ତାହା ଶ୍ରୋତାମାନେ ମନଧ୍ୟାନ ଦେଇ ଶୁଣନ୍ତୁ।

୧୭୦। "ପ୍ରକୃତରେ, ମୁଁ ନିଜେ ସାଇ ନୁହେଁ, ମୁଁ ତାଙ୍କର ଆଜ୍ଞାଧୀନ ଦାସ। ମୁଁ ଏଠାକୁ ତାଙ୍କ ଆଦେଶରେ ପିଲାମାନଙ୍କର ଭଲମନ୍ଦ ବୁଝିବାକୁ ଆସିଛି।"

୧୭୧। ତା'ପରେ ସେ ଦକ୍ଷିଣା ମାଗିଥିଲେ। ପିଲାମାନଙ୍କର ମା' ଫକୀରଙ୍କ ବାକ୍ୟକୁ ସମ୍ମାନ ଜଣାଇ ସଂଗେ ସଂଗେ ଟଙ୍କାଟିଏ ଦେଇଥିଲେ। ସେ ତାଙ୍କୁ ଉଦି ଦେଇଥିଲେ।

୧୭୨। ସେ ସାଇବାବାଙ୍କ ବିଭୂତିର ଛୋଟ ପୁଡ଼ିଆଟିଏ ମହିଳାଙ୍କୁ ଦେଇ କହିଥିଲେ, "ଏହାକୁ ଫଟୋ ପାଖରେ ରଖିଦିଅ, ଏହା ତୁମପାଇଁ ସୁଖ ଆଣିବ ।"

୧୭୩। ଫକୀର ତାଙ୍କ ଆଗମନର ଉଦ୍ଦେଶ୍ୟ ପୂରଣ କରି ବିଦାୟନେବା ସମୟରେ କହିଥିଲେ, "ଶ୍ରୀସାଇ ମୋତେ ନିଶ୍ଚୟ ଅପେକ୍ଷା କରିଥିବେ।" ଏହା କହି ତାଙ୍କ ରାସ୍ତାରେ ବାହାରିଯାଇଥିଲେ।

୧୭୪। ସେ ଯେଉଁ ରାସ୍ତାରେ ଆସିଥିଲେ, ସେହି ରାସ୍ତାରେ ଚାଲି ଯାଇଥିଲେ। ତା'ପରେ କ'ଣ ଘଟିଥିଲା, ଶୁଣନ୍ତୁ। ଶ୍ରୀସାଇଙ୍କର ଲୀଳା ଅଚିନ୍ତନୀୟ।

୧୭୫। ଅପ୍ପାସାହେବ ଭିବଂଡ଼ୀ ଅଭିମୁଖେ ବାହାରି ଯାଇଥିଲେ କିନ୍ତୁ ବାଟରେ ତାଙ୍କ ଟାଙ୍ଗାର ଘୋଡ଼ାଦୁଇଟି ଅସୁସ୍ଥ ହୋଇପଡ଼ିବାରୁ ଆଉ ଆଗକୁ ନଯାଇ ଫେରି ଆସିଥିଲେ। ତାଙ୍କୁ ତାଙ୍କର ଭିବଂଡ଼ୀ ଯାତ୍ରା ବାତିଲ କରିବାକୁ ପଡିଥିଲା ।

୧୭୬। ସେ ଅପରାହ୍ନରେ ଠାଣା ଫେରିଆସିଥିଲେ ଓ ଇତିମଧ୍ୟରେ ଯାହା ସବୁ ଘଟଣା ଘଟି ଯାଇଥିଲା, ଶୁଣିଥିଲେ। ଦର୍ଶନ ପାଇବାରୁ ବଞ୍ଚିତ ହେଲେ ବୋଲି ଅପ୍ପାସାହେବ ମନ ଦୁଃଖ କରିଥିଲେ।

୧୭୭। ଦକ୍ଷିଣା ହିସାବରେ ମାତ୍ର ଗୋଟିଏ ଟଙ୍କା ଦିଆଯାଇଥିବାରୁ ସେ ଲଜ୍ଜାବୋଧ କରିଥିଲେ। "ମୁଁ ଏଠି ଥିଲେ ସେ ବିଦାୟ ନେବା ପୂର୍ବରୁ ତାଙ୍କୁ କେବେହେଲେ ଦଶ ଟଙ୍କାରୁ କମ୍ ଦକ୍ଷିଣା ଦେଇ ନ ଥାନ୍ତି।"

୧୭୮ । ଅପ୍ପାସାହେବ ଏହିଭଳି କହିଥିଲେ । ସେ ବିମର୍ଷ ଓ ଦୁଃଖ ଅନୁଭବ କରିଥିଲେ । ସେ ଫକୀରଙ୍କୁ ମସ୍‌ଜିଦ୍‌ରେ ପାଇପାରିବେ ବୋଲି ବିଶ୍ୱାସ କରିଥିଲେ ଓ କିଛି ନ ଖାଇ ନ ପିଇ ତାଙ୍କୁ ଖୋଜିବା ନିମନ୍ତେ ବାହାରି ଯାଇଥିଲେ ।

୧୭୯ । ଅପ୍ପାସାହେବ ଫକୀରଙ୍କୁ ମସ୍‌ଜିଦ୍, ଟାକିଆ ଓ ଅନ୍ୟ ସମସ୍ତ ଯାତ୍ରୀରହଣିସ୍ଥଳରେ ଖୋଜିଥିଲେ ।

୧୮୦ । ସେ ଖୋଜି ଖୋଜି ଥକି ଯାଇଥିଲେ ମଧ ଫକୀରଙ୍କର ପତ୍ତା ମିଳି ନ ଥିଲା । ସେ ହତାଶ ଓ କ୍ଷୁଧାତୁର ହୋଇ ଘରକୁ ଫେରିଥିଲେ ଓ ଭୋଜନ କରିଥିଲେ ।

୧୮୧ । ମାତ୍ର ଖାଲି ପେଟରେ ଖୋଜିବା ପାଇଁ ବାହାରିଯିବା ଉଚିତ ନ ଥିଲା ବୋଲି ସେ ଜାଣି ନ ଥିଲେ । ଜଣେ ନିଜର ଆତ୍ମାକୁ ସନ୍ତୁଷ୍ଟ କରିବା ପରେ ହିଁ ଖୋଜିବାକୁ ଯିବା ଆବଶ୍ୟକ ।

୧୮୨ । ବାବାଙ୍କର ଏ ସମ୍ବନ୍ଧରେ ଥିବା କାହାଣୀ ଏହି ନିୟମର ଯଥାର୍ଥତା ପ୍ରତିପାଦନ କରିଥାଏ । ତାହାର ପୁନରାବୃତ୍ତି ଏଠାରେ କାହିଁକି କରିବା ? ଶ୍ରୋତାମାନେ ସେହି ଅଧ୍ୟାୟକୁ ଭଲ ଭାବରେ ଜାଣିଛନ୍ତି ।

୧୮୩ । ପୂର୍ବବର୍ତ୍ତୀ ଅଧ୍ୟାୟ "ଗୁରୁମାହାତ୍ମ୍ୟ ବର୍ଣ୍ଣନା"ରେ ଶ୍ରୀସାଇ ତାଙ୍କ ଗୁରୁଙ୍କର ବଚନ ବୋଲି ଅତି ସ୍ନେହରେ କହି ଏକ ଚମତ୍କାର କାହାଣୀ ବର୍ଣ୍ଣନା କରିଛନ୍ତି ।

୧୮୪ । ଅପ୍ପାସାହେବ ଭୋଜନ କରି ସାରି ବନ୍ଧୁ ଚିତ୍ରେଙ୍କ ସହିତ ବାହାରେ ଚଲାବୁଲା କରୁଥିବା ସମୟରେ ସେହି ସତ୍ୟ ଅନୁଭବ କରିଥିଲେ ।

୧୮୫ । ସେମାନେ କିଛି ଦୂର ଯିବା ପରେ ଜଣେ ଭଦ୍ରବ୍ୟକ୍ତି ଦ୍ରୁତଗତିରେ ସେହି ସ୍ଥାନକୁ ତାଙ୍କ ଆଡ଼କୁ ଆସୁଥିବାର ଦେଖିଥିଲେ ଓ ସେ ତାଙ୍କୁ ଖୋଜି ପାଇବା ପାଇଁ ଉତ୍କଣ୍ଠିତ ଥିଲା ଭଳି ମନେ ହେଉଥିଲେ ।

୧୮୬ । ସେ ଅପ୍ପାସାହେବଙ୍କ ପାଖକୁ ଆସିଥିଲେ ଓ ତାଙ୍କ ନିକଟରେ ଛିଡ଼ା ହୋଇଥିଲେ । ଅପ୍ପାସାହେବ ଭଦ୍ର ଭାବରେ ଓ ଯତ୍ନ ସହକାରେ ତାଙ୍କୁ ନିରୀକ୍ଷଣ କରିଥିଲେ । ସେ ମନରେ ଭାବିଥିଲେ ଯେ ବୋଧହୁଏ ଇଏ ସେହି ବ୍ୟକ୍ତି, ଯିଏକି ସକାଳେ ତାଙ୍କ ଘରକୁ ଆସିଥିଲେ ।

୧୮୭ । "ଇଏ ବୋଧହୁଏ ସେଇ ଫକୀର ମୁଁ ଯାହାଙ୍କୁ ପୂର୍ବରୁ ଖୋଜୁଥିଲି । ସେ ଛବି ସହିତ ଆମୂଳଚୂଳ ମିଶି ଯାଉଛନ୍ତି । ମୁଁ ସନ୍ଦିହାନ ହୋଇପଡୁଛି ।"

୧୮୮ । ଅପ୍ପା ମନ ମଧରେ ଏଭଳି ବିଚାର କରୁଥିବା ସମୟରେ, ଫକୀର ତାଙ୍କ ହାତ ବଢ଼ାଇ ଦେଇଥିଲେ ଓ ଅପ୍ପା ତାଙ୍କ ହାତରେ ଟଙ୍କାଟିଏ ରଖି ଦେଇଥିଲେ ।

୧୮୯ । ସେ ଅଧିକ ମାଗିବାରୁ ଆଉ ଟଙ୍କାଟିଏ ଦେଇଥିଲେ ଓ ଏହିପରି ସେ ତିନି ଟଙ୍କା ଦେଇସାରିଥିଲେ । ତଥାପି ଫକୀର ଆହୁରି ଅଧିକା ମାଗିଥିଲେ । ପ୍ରକୃତ ବିସ୍ମୟ ଆଗକୁ ରହିଥିଲା ।

୧୯୦ । ଚିତ୍ରେଙ୍କ ନିକଟରେ ତିନି ଟଙ୍କା ଥିଲା । ଅପ୍ପା ତାଙ୍କ ନିକଟରୁ ଧାର ଆଣି ସେତକ ଫକୀରଙ୍କୁ ଦେଇଥିଲେ । ତଥାପି ଫକୀର ଅଧିକା ମାଗିଥିଲେ ।

୧୯୧ । ଅପ୍ପାସାହେବ ତାଙ୍କୁ କହିଥିଲେ, "ଆମ ଘରକୁ ଆସିଲେ ଅଧିକ ଦେବି ।" ଫକୀର ରାଜି ହୋଇଥିଲେ ଓ ତିନିହେଁ ଘରକୁ ଫେରିଥିଲେ ।

୧୯୨ । ଘରକୁ ଫେରିଆସିବା କ୍ଷଣି ସେ ତିନି ଟଙ୍କା ନେଇ ତାଙ୍କ ହାତରେ ଦେଇଥିଲେ । ଏହିଭଳି ମୋଟ ନଅ ଟଙ୍କା ହୋଇଥିଲା । ତଥାପି ଫକୀର ସନ୍ତୁଷ୍ଟ ନ ଥିଲେ ।

୧୯୩ । ସେ ଆହୁରି ଅଧିକ ଦକ୍ଷିଣା ମାଗିବା ପରେ ଅପ୍ପା ସାହେବ ସତ୍ୟ ପ୍ରକାଶ କରିଥିଲେ । ତାଙ୍କ ନିକଟରେ ଏବେ କେବଳ ଗୋଟିଏ ଦଶ ଟଙ୍କିଆ ନୋଟ୍ ରହିଛି ବୋଲି କହିଥିଲେ ।

୧୯୪ । ସବୁତକ ଖୁଚୁରା ସରିଯାଇଥିଲା ଓ ଆଉ କିଛି ରହି ନ ଥିଲା । ଫକୀର କହିଥିଲେ, "ସେହି ନୋଟ୍‌ଟିକୁ ଦେଉନ କାହିଁକି ?" ଆଉ ଅପ୍ପା ତାହାହିଁ କରିଥିଲେ ।

୧୯୫ । ଫକୀର ନୋଟ୍‌ଟିକୁ ହାତରେ ପାଇଯିବା ପରେ ତାଙ୍କୁ ନଅ ଟଙ୍କା ଖୁଚୁରା ଫେରାଇ ଦେଇଥିଲେ ଓ ତା'ପରେ ସେ ଆସିଥିବା ରାସ୍ତାରେ ଦ୍ରୁତ ଗତିରେ ଫେରି ଯାଇଥିଲେ ।

୧୯୬ । ଏହି କାହାଣୀର ସାରକଥାକୁ ବିଚାର କଲେ ଜଣାଯିବ ଯେ ଭକ୍ତ ଯେଉଁ ଇଚ୍ଛା ପ୍ରକାଶ କରନ୍ତି, ତାହା ଶ୍ରୀ ସାଇ ପୂରଣ କରନ୍ତି । ଏହାହିଁ ତାଙ୍କର ଧର୍ମ ଥିଲା ।

୧୯୭ । ଶ୍ରୋତାମାନଙ୍କର ଉତ୍ସାହକୁ ବିବେଚନା କରି ମୋର ଆଉ ଗୋଟିଏ ସେହିଭଳି ଉଦ୍ଦେଶ୍ୟ ଥିବା କାହାଣୀ ଏହି ଅବକାଶରେ ମନେ ପଡୁଛି । ଅତ୍ୟନ୍ତ ସମ୍ମାନ ପ୍ରଦର୍ଶନ

ପୂର୍ବକ ଏହି କାହାଣୀ ଶୁଣନ୍ତୁ।

୧୯୮। ଡହାଣୁର ଅଧିବାସୀ ହରିଭାଇ କାର୍ତ୍ତିକ ବାବାଙ୍କର ଜଣେ ପ୍ରିୟ ଭକ୍ତ ଥିଲେ। ସେ ବାବାଙ୍କର ଏକନିଷ୍ଠ ଭକ୍ତ ଥିଲେ।

୧୯୯। ୧୯୧୭ ମସିହାରେ ପବିତ୍ର ଗୁରୁପୂର୍ଣ୍ଣିମା ଦିନ ସେ ଶିରିଡ଼ିକୁ ତୀର୍ଥଯାତ୍ରାରେ ଆସିଥିଲେ। ମୁଁ ତାଙ୍କ ସମ୍ପର୍କରେ କ୍ଷୁଦ୍ର କାହାଣୀଟିଏ କହୁଛି।

୨୦୦। ବିଧି ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟ ସାରି ସେ ଲୁଗାପଟା ଓ ଦକ୍ଷିଣା ପ୍ରଦାନ କରିଥିଲେ। ସେ ଅନୁମତି ନେଇ ଫେରିଯିବା ନିମନ୍ତେ ମସ୍‌ଜିଦ୍ ପାହାଚରୁ ତଳକୁ ଓହ୍ଲାଉଥିବା ସମୟରେ ତାଙ୍କ ମନରେ ଏକ ଭାବନା ଆସିଥିଲା ।

୨୦୧। ସେ ଉପରକୁ ଯାଇ ବାବାଙ୍କୁ ଆଉ ଟଙ୍କାଟିଏ ଦେଇ ଆସିବାପାଇଁ ଭାବୁଥିଲେ। କିନ୍ତୁ ସେ ସେହି ଭାବନା ପରିତ୍ୟାଗ କରି ଟଙ୍କାଟିକୁ ଅର୍ପଣ ନକରି ରଖି ଦେଇଥିଲେ।

୨୦୨। ସେହି ଭଦ୍ରବ୍ୟକ୍ତି[୧୧] ଯିଏ ତାଙ୍କୁ ଫେରିଯିବା ନିମନ୍ତେ ଅନୁମତି କରାଇ ଦେଇଥିଲେ, ସେ ନିଜେ ଉପରୁ ଇଙ୍ଗିତ କରିଥିଲେ ଯେ ଅନୁମତି ମିଳିଯିବା ମାତ୍ରକେ ସଙ୍ଗେ ସଙ୍ଗେ ସେହି ସ୍ଥାନ ତ୍ୟାଗ କରି ଚାଲିଯିବ।

୨୦୩। ସେହି ଇଙ୍ଗିତ ଉପରେ ବିଶ୍ୱାସ ରଖି କାର୍ତ୍ତିକ ତାଙ୍କ ରାସ୍ତାରେ ଫେରିଯାଇଥିଲେ। ସେ ରାସ୍ତାରେ ନାସିକ୍‌ଠାରେ ତାଙ୍କ ବନ୍ଧୁଙ୍କ ସହିତ ଓହ୍ଲାଇଥିଲେ।

୨୦୪। କାର୍ତ୍ତିକ କାଲାରାମଙ୍କ ମନ୍ଦିରକୁ ଦର୍ଶନ ନିମିତ୍ତ ଯାଇଥିବା ସମୟରେ ଅଚାନକ ସନ୍ଥ ନରସିଂହ ମହାରାଜଙ୍କୁ ଦର୍ଶନ କରିଥିଲେ ।

୨୦୫। ମହାରାଜ ଭକ୍ତମାନଙ୍କ ଗହଣରେ ବସିଥିଲେ। ସେ ହଠାତ୍ ଉଠିପଡ଼ି କାର୍ତ୍ତିକଙ୍କର କଚଟିକୁ ଧରି ପକାଇ କହିଥିଲେ, "ମୋ ଟଙ୍କାଟା ଦେଇଦିଅ !"

୨୦୬। କାର୍ତ୍ତିକ ବିସ୍ମୟ ପ୍ରକାଶ କରିଥିଲେ ମଧ ଆନନ୍ଦରେ ଟଙ୍କାଟିଏ ବଢ଼ାଇ ଦେଇଥିଲେ। ସେ ଅନୁଭବ କରିଥିଲେ ଯେ ଶ୍ରୀସାଇ ତାଙ୍କ ଭାବନାକୁ ଜାଣି ପାରି ନିଜେ ଟଙ୍କାଟିକୁ ଗ୍ରହଣ କରିଥିଲେ।

୨୦୭। ଶ୍ରୀସାଇ ତାହାକୁ ଗ୍ରହଣ କରିଥିବା କଥା ସତ୍ୟ ନୁହେଁ। କାର୍ତ୍ତିକ ତାହା ଭୁଲି ଯାଇଥିଲେ ମଧ୍ୟ ସେ ତାଙ୍କ ହାତଧରି ବଳପୂର୍ବକ ଟଙ୍କାଟା ନେଇଯାଇଥିଲେ। ଏହା ହିଁ ପ୍ରକୃତ ସତ୍ୟ।

୨୦୮। ଦୋଦୋପାଞ୍ଚ ହେବା ମନର ଲକ୍ଷଣ। ଢେଉ ପରେ ଢେଉ ଉଠିଥାଏ । ପ୍ରଥମେ ଜଣେ କିଛି ଭାବିଥାଏ, କିନ୍ତୁ ପରେ ଅନ୍ୟ ଭାବନା ଆସିଥାଏ।

୨୦୯। ପ୍ରଥମେ ଆସିଥିବା ଭାବନା ଯଦି ଉତ୍ତମ ଓ ସଦ୍‌ଗୁଣସମ୍ପନ୍ନ, ତେବେ ତାହାର ପୋଷଣ କରାଯିବା ଉଚିତ। ଏହାକଲେ ମଙ୍ଗଳ ହୋଇଥାଏ।

୨୧୦। ଏକଥା ମନେ ରଖ। ଏହାକୁ ଯତ୍ନ ସହକାରେ ଅନୁଧ୍ୟାନ କର ଓ ଏହା ଉପରେ ଧ୍ୟାନକର। ଏହାକୁ ଭୁଲିଯାଅ ନାହିଁ ଓ ନିଜର କଥା ରକ୍ଷା କରିବା ନିମନ୍ତେ ସବୁମନ୍ତେ ଚେଷ୍ଟାକର।

୨୧୧। ଅପ୍ପାସାହେବ ନିଜେ ଏକଥା କହିଥିଲେ ମଧ ପରବର୍ତ୍ତୀ ଅବସ୍ଥାରେ ହୁଏତ ଭୁଲି ଯାଇଥିଲେ। କିନ୍ତୁ ଯେହେତୁ ସେ ଏହା କହିଥିଲେ, ବାବା ତାଙ୍କର ସେହି ଇଚ୍ଛା ପୂରଣ କରିଥିଲେ ଓ ଭକ୍ତିର ଚମତ୍କାରିତା ପ୍ରଦର୍ଶନ କରିଥିଲେ।

୨୧୨। ତା' ନ ହୋଇଥିଲେ ଫକୀରଙ୍କ ପାଖରେ ଦଶ ଟଙ୍କିଆ ନୋଟ୍‌ଟି ସହିତ ମୋଟ ଉଣେଇଶ ଟଙ୍କା ଥିବାବେଳେ ଅପ୍ପାଙ୍କୁ କାହିଁକି ଖୁଚୁରା ନଅଟଙ୍କା ଫେରାଇ ଦେଇଥିଲେ ? ତାହାର କାରଣ ହେଲା ଅପ୍ପା କେବଳ ଦଶ ଟଙ୍କା ଦେବା ପାଇଁ ଆନ୍ତରିକ ଇଚ୍ଛା ପ୍ରକାଶ କରିଥିଲେ।

୨୧୩। ଏହା ନଅଟି ମୁଦ୍ରାର ମାଳା ଥିଲା, ଯାହାକୁ ବାବା ନିଜ ହାତରେ ଛୁଇଁ ନବଧା ଭକ୍ତିର ସୂଚନା ଦେଇଥିଲେ। ଏହି ଉପାୟରେ ବାବା ତାଙ୍କୁ ତାହା ମନେ ପକାଇ ଦେଇଥିଲେ।

୨୧୪। ବାବାଙ୍କର ମରଣଶୀଳ ଶରୀର ଛାଡ଼ିଯିବାର କାହାଣୀ ଶୁଣିଲେ ତୁମେ ତାଙ୍କର ଅଭିନବ ଭାବରେ ଦାନ ଦେବାର ପଦ୍ଧତିକୁ ହୃଦୟଙ୍ଗମ କରି ପାରିବ, କାରଣ ସେ ସେହି ସମୟରେ[୧୨] ନଅଟଙ୍କା ଦେଇଥିଲେ।

୨୧୫। ଅପ୍ପାଙ୍କ ପତ୍ନୀ ପୂର୍ଣ୍ଣ ପ୍ରାଣରେ କେବଳ ଗୋଟିଏ ଟଙ୍କା ଦେଇଥିଲେ ଓ ତାହା ମହାସନ୍ତୋଷରେ ଗୃହୀତ ହୋଇଥିଲା। ଫକୀର ବାବା ଆଉ ଅଧିକା ମାଗି ନ ଥିଲେ।

୨୧୬। କିନ୍ତୁ ଅପ୍ପା ଅନୁଭବ କରିଥିଲେ ଯେ ତାଙ୍କ ପତ୍ନୀ

ଦେଇଥିବା ଗୋଟିଏ ଟଙ୍କା ବହୁତ କମ୍ ଥିଲା ଓ ସେ ନିଜେ ଥିଲେ ତାହାର ଦଶଗୁଣା ଫକୀରଙ୍କୁ ଦେଇଥାନ୍ତେ।

୨୧୭। ଏହିଭଳି ଅପ୍ପା ତାଙ୍କ ନିଜ ବଚନ ଦ୍ୱାରା ନିଜେ ଆବଦ୍ଧ ହୋଇଥିଲେ। ସେ ଦଶଟଙ୍କା ଦେବାକୁ ଚାହିଁଥିଲେ ଓ ନିଜ କଥା ଅନୁସାରେ ସେହି ପରିମାଣର ଟଙ୍କା ନ ଦେବା ପର୍ଯ୍ୟନ୍ତ ସେ କିପରି ଋଣମୁକ୍ତ ହୋଇଥାନ୍ତେ ?

୨୧୮। ଏହି ଫକୀର ଅନ୍ୟମାନଙ୍କ ଭଳି ନଥିଲେ। ସେ କ'ଣ ଭିକାରୀ ଥିଲେ ଯେ ଯାହା ତାଙ୍କ ହାତରେ ଦେଇଦେଲେ ସେ ତାହାକୁ ଗ୍ରହଣ କରି ଫେରିଯିବେ ?

୨୧୯। ଦିନ ସରିନଥିଲା ଏବଂ ଅପ୍ପା ଯେଉଁ ଦିନ କହିଥିଲେ ସେହିଦିନ ସେ ପୁଣି ଫେରିଥିଲେ। ସେ ଜଣେ ଅଜ୍ଞାତ ଫକୀର ହୋଇଥାଇପାରନ୍ତି ବୋଲି ଅପ୍ପାଙ୍କର ସନ୍ଦେହ ହୋଇଥିଲା।

୨୨୦। ପ୍ରଥମେ ଫକୀର ଟଙ୍କା ମାଗିବା ସମୟରେ ଅପ୍ପାଙ୍କ ନିକଟରେ ଛଅଟଙ୍କା ଥିଲା, କିନ୍ତୁ ନିଜର ସନ୍ଦେହ ଯୋଗୁଁ ସେ ସେହି ଟଙ୍କାକୁ ହାତଛଡ଼ା କରିବାକୁ ଚାହୁଁ ନ ଥିଲେ।

୨୨୧। ଏତିକି କହିଲେ ଯଥେଷ୍ଟ ହେବ ଯେ ଅପ୍ପାଙ୍କ ପ୍ରତି ବାବାଙ୍କର ଶ୍ରଦ୍ଧା ନ ଥିଲେ ସେ ଜଣେ ଫକୀର ବେଶରେ ଆସିଥାନ୍ତେ କି? ସେ ଦକ୍ଷିଣା ନିମିତ୍ତ ଛଳନା କରି ନ ଥିଲେ କାହାଣୀଟି କେମିତି ଚିତ୍ତାକର୍ଷକ ହୋଇଥାନ୍ତା ?

୨୨୨। ଆମ୍ଭମାନଙ୍କୁ ନୀତିଶିକ୍ଷା ଦେବା ନିମନ୍ତେ ଅପ୍ପାସାହେବ କେବଳ ଥିଲେ ଉପଲକ୍ଷ୍ୟ ମାତ୍ର, କାରଣ ଆମେ ସମସ୍ତେ ସେଇଆ। ଆମେ ଉତ୍ତମ ପ୍ରତିଜ୍ଞାରୁ ଆରମ୍ଭ କରିଥିଲେ ମଧ୍ୟ ପରିସ୍ଥିତି ଦେଖି ତାହାକୁ ବଦଳାଇ ଦେଇଥାଉ।

୨୨୩। ଆମେ କଥା କହିବା ସମୟରେ ବହୁତ ବଦାନ୍ୟତା ଦେଖାଇଥାଉ, କିନ୍ତୁ ଦାନ ଦେବା ସମୟରେ ଆମର ପୂର୍ଣ୍ଣ ସନ୍ଦେହ ଉପୁଜିଥାଏ। ଆମେ ଦୋଦୋପାଞ୍ଚ ହେଉ ଓ କ୍ୱଚିତ୍ ନିଷ୍ଠୟତା ଦେଖାଇଥାଉ ।

୨୨୪। ଈଶ୍ୱରଙ୍କ ସେହି ପ୍ରିୟ ପୁତ୍ର ଦେଖିବାକୁ ବିରଳ ଯିଏକି କମ୍ କଥା କହନ୍ତି ଓ ଭଲ କଥା କହିଥାନ୍ତି। ସେ ଯାହା କହନ୍ତି, ତାହା କରିଥାନ୍ତି ଓ ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା କରନ୍ତି ।

୨୨୫। ଅଖଣ୍ଡ ବିଶ୍ୱାସ ରଖିଥିବା ଭକ୍ତ ଯାହା ଇଛା କରନ୍ତି, ତାହା ସାଂସାରିକ ହୋଇଥାଉ କି ଆଧ୍ୟାତ୍ମିକ ହୋଇଥାଉ, ସେଇ ଇଛା ପୂରଣ କରିବା ପାଇଁ ଶ୍ରୀସାଇଙ୍କର ଶକ୍ତି ରହିଥାଏ।

୨୨୬। ଅପ୍ପାସାହେବ ବୁଦ୍ଧିମାନ ଓ ଇଂରାଜୀରେ ପ୍ରବୀଣ ଥିଲେ ମଧ୍ୟ ତାଙ୍କୁ ସରକାର ପ୍ରଥମେ ଚାଳିଶି ଟଙ୍କା ଦରମା ଦେଉଥିଲେ।

୨୨୭। କିନ୍ତୁ ଏହି ଫଟୋ ପାଇବା ପରଠାରୁ ତାଙ୍କର ଦରମା ଧୀରେ ଧୀରେ ବଢ଼ି ଚାଳିଶି ଟଙ୍କାର ବହୁଗୁଣା ହୋଇଯାଇଥିଲା।

୨୨୮। ଅବିଳମ୍ବେ ସବୁଲୋକଙ୍କର ଗୋଟିଏ ଅନୁଭୂତି ହୋଇଥିଲା ଯେ ବାବା ଯାହା ନେଉଥିଲେ, ତାହାର ଦଶଗୁଣା ଫେରାଇ ଦେଉଥିଲେ। ଅର୍ଥାତ୍ କ୍ଷମତା ଓ ପଦବୀର ଦଶଗୁଣା ମିଳୁଥିଲା ।

୨୨୯। ଏତଦ୍‌ବ୍ୟତୀତ ବିଶ୍ୱାସ ଓ ଭକ୍ତି ବୃଦ୍ଧି ହେତୁ ଆଧ୍ୟାତ୍ମିକତା ପ୍ରତି ଆଗ୍ରହ ବୃଦ୍ଧି ପାଇଥାଏ । ଏହା ଅସାଧାରଣ ନୁହେଁ କି? ବାବାଙ୍କର କୌଶଳ ଅଦ୍ଭୁତ।

୨୩୦। ପରେ ଅପ୍ପାସାହେବ ବିଭୂତି ମାଗିଥିଲେ ଓ ଫକୀର ଦେଇଥିଲେ। ପୁଡ଼ିଆଟିକୁ ଛୋଟିଆ ଦେଖି ସେ ଆଗ୍ରହରେ ଖୋଲିଥିଲେ।

୨୩୧। ପୁଡ଼ିଆ ମଧ୍ୟରେ ଉଦି ବ୍ୟତୀତ କିଛି ଫୁଲ ଓ ଅକ୍ଷତ ଚାଉଳ ରହିଥିଲା। ସେ ତାହାକୁ ନେଇ ଏକ ତେଉଁରିଆ ଗଢ଼ିଥିଲେ ଓ ଏକାନ୍ତ ଭକ୍ତି ସହକାରେ ହାତରେ ପିନ୍ଧିଥିଲେ।

୨୩୨। ପରେ ସେ ଯେତେବେଳେ ବାବାଙ୍କର ଦର୍ଶନ ନିମିତ୍ତ ଯାଇଥିଲେ, ବାବା ତାଙ୍କୁ ନିଜେ ଏକ କେଶ ଦେଇଥିଲେ ଓ ସେ ତାକୁ ମଧ୍ୟ ତେଉଁରିଆରେ ଅତ୍ୟନ୍ତ ଶ୍ରଦ୍ଧାରେ ପୂରାଇ ଦେଇଥିଲେ।

୨୩୩। ବାବାଙ୍କର ଉଦି[୩] କେତେ ଶକ୍ତିଶାଳୀ! ଭସ୍ମ ମଧ୍ୟ ଶିବଶଙ୍କରଙ୍କର ଭୂଷଣ। ଯିଏ ନିଜ କପାଳରେ ଭକ୍ତି ସହିତ ତାହାକୁ ଲଗାଇଥାଏ, ତାହାର ସମସ୍ତ ଅସୁବିଧା ସଙ୍ଗେ ସଙ୍ଗେ ଦୂର ହୋଇଯାଇଥାଏ।

୨୩୪। ଯିଏ ନିଜର ସ୍ନାନତର୍ପଣ ପରେ ନିୟମିତ ଭାବରେ ଉଦି ଲଗାଏ ଓ ବାବାଙ୍କର ଗୋଡ଼ଧୁଆ ତୀର୍ଥ ଜଳକୁ ପାନ

କରେ, ସେ ପବିତ୍ରିତ ଓ ଉପକୃତ ହୋଇଥାଏ ।

୨୩୫ । ଏହା ବ୍ୟତୀତ ଉଦିର ପ୍ରକୃତ ଗୁରୁତ୍ୱ ହେଉଛି ଯେ ଏହାକୁ ଯିଏ ପ୍ରତ୍ୟହ ପାନ କରେ ସେ ପରିପୂର୍ଣ୍ଣ ଜୀବନଯାପନ କରେ ଓ ତାହାର ସମସ୍ତ ପାପ ସମ୍ପୂର୍ଣ୍ଣ ରୂପେ ନାଶ ହୋଇଯାଇଥାଏ । ସେ ସବୁବେଳେ ପରମ ଆନନ୍ଦ ଓ ଶାନ୍ତି ଉପଭୋଗ କରିଥାଏ ।

୨୩୬ । ଅସ୍ମାଙ୍କ ନିମନ୍ତେ ଶ୍ରୀସାଇ ଏଭଳି ମଧୁର ଅମୃତ କାହାଣୀଭୋଜିର ଆୟୋଜନ କରିଛନ୍ତି । ସେଠାରେ ଆମେ ସମସ୍ତେ ଅନିମନ୍ତ୍ରିତ ଅତିଥି ହୋଇଥିଲେ ମଧ୍ୟ ତାଙ୍କ ସହିତ ମିଶି ପୂର୍ଣ୍ଣ ଉପଭୋଗ କରିବା ଆସନ୍ତୁ ।

୨୩୭ । ଆୟୋଜକ ଓ ଅତିଥିବୃନ୍ଦ ଉଭୟେ ସମାନ ଭୋଜି ଖାଇବେ । ତାହାର ସ୍ୱାଦ ଓ ମଧୁରତାରେ କୌଣସି ପାର୍ଥକ୍ୟ ନାହିଁ । ଏହି ଆନନ୍ଦଦାୟକ ଖାଦ୍ୟ ଗ୍ରହଣ କରି ସନ୍ତୁଷ୍ଟ ହୁଅନ୍ତୁ ।

୨୩୮ । ହେମାଡ଼ ଶ୍ରୀସାଇଙ୍କ ଶରଣାଗତ ହେଉଛି । ବର୍ତ୍ତମାନ ପାଇଁ ଆମେ ଏକଥା ବହୁତ ଶୁଣିଲୁଣି । ପରବର୍ତ୍ତୀ ଅଧ୍ୟାୟରେ ଉଦିର ଆହୁରି ଅଧିକ ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରାଯିବ ।

୨୩୯ । କିପରି ଉଦି ପ୍ରୟୋଗ କରି ଓ ଶ୍ରୀସାଇଙ୍କ ଦର୍ଶନ କରି ରାଜଯକ୍ଷ୍ମାରେ ଆକ୍ରାନ୍ତ ହାଡ଼ର କ୍ଷତ, ଗିନି ୱର୍ମ ଓ ବ୍ୟୁବନିକ ପ୍ଲେଗ୍ ରୋଗ ଭଲ ହୋଇଥିଲା, ତାହାକୁ ପୂର୍ଣ୍ଣ ଧ୍ୟାନ ଦେଇ ଶୁଣନ୍ତୁ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ଉଦିର ଶକ୍ତି' ଶୀର୍ଷକ ତ୍ରୟସ୍ତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ବାବାଙ୍କ ସମ୍ପର୍କରେ ହରି ସୀତାରାମ ଦୀକ୍ଷିତ ନିଜର ସମାନ ଧରଣର ଏକ ଅନୁଭୂତି ଏହିଭଳି ଭାଷାରେ ଲେଖିଛନ୍ତି- ଥରେ ବାପୁସାହେବ ଜୋଗଙ୍କୁ ରାତ୍ରି ପ୍ରାୟ ଆଠଟା ସମୟରେ ଗୋଟିଏ କଙ୍କଡ଼ାବିଛା ଦଂଶନ କରିଥିଲା । ସେ ସଙ୍ଗେ ସଙ୍ଗେ ମହାରାଜଙ୍କ ନିକଟକୁ ଯାଇଥିଲେ । ସେ ମସ୍‌ଜିଦ୍‌ର ପାହାଚକୁ ଉଠୁଥିବା ସମୟରେ ମହାରାଜ ପଚାରିଥିଲେ, "ବାପୁସାହେବ, କ'ଣ ହେଲା ?" ବାପୁସାହେବ ଉତ୍ତର ଦେଇଥିଲେ, "ମହାରାଜ ! ମୋତେ ଗୋଟିଏ କଙ୍କଡ଼ା ବିଛା କାମୁଡ଼ି ଦେଇଛି ।" ମହାରାଜ କହିଥିଲେ, "ଭଲ ହୋଇଯିବ, ଯାଅ ।" ବାପୁସାହେବ ପାହାଚ ପାଖରୁ ଫେରି ଆସିଥିଲେ । ସେ ମସ୍‌ଜିଦ୍ ଛାଡ଼ିବା ପୂର୍ବରୁ ଯନ୍ତ୍ରଣା ବନ୍ଦ ହୋଇଯାଇଥିଲା ।

ଥରେ ଜଣେ ଜ୍ୟୋତିଷ ଶିରିଡ଼ି ଆସିଥିଲେ । ସେ ତାଙ୍କର ଶକ୍ତି ବଳରେ ଗୋଟିଏ ପିଶାଚ ପାଳିଥିଲେ ଯିଏକି ତାଙ୍କ କର୍ଣ୍ଣରେ ଲୋକମାନଙ୍କ ଭଲମନ୍ଦ ସମ୍ପର୍କରେ ଫୁସ୍‌ଫାସ୍ କହି ଦେଉଥିଲା । ସେ ମହାରାଜଙ୍କୁ ଦର୍ଶନକରିବାକୁ ଯାଇଥିଲେ ମଧ୍ୟ ତାଙ୍କ ମନ ମଧ୍ୟରେ ଧନପ୍ରାପ୍ତିର ନିଶା ଅଧିକ ଥିଲା । ସେଠାରେ ଧନ ଆୟର ସୁବିଧା ନ ଦେଖି ଦର୍ଶନ ସାରି ସେ ଶୀଘ୍ର ରାହାତା ପଳାଇ ଆସିଥିଲେ । ସେଠାରେ ରାତିରେ ତାଙ୍କୁ ଗୋଟିଏ କଙ୍କଡାବିଛା ଦଂଶନ କରିଥିଲା । ସେ ପ୍ରବଳ ଯନ୍ତ୍ରଣା ଭୋଗିଥିଲେ । ସେ ମହାରାଜ ଦେଇଥିବା ଉଦିକୁ ବୋଳି ଦେଇଥିଲେ ଓ ମହାରାଜଙ୍କ ନାମକୁ ନିରନ୍ତର ଜପ କରିଥିଲେ । ଫଳରେ ଯନ୍ତ୍ରଣା କମି ଯାଇଥିଲା ଓ ତାଙ୍କର ବିଶ୍ୱାସ ମହାରାଜଙ୍କ ଉପରେ ବଢ଼ି ଯାଇଥିଲା । ତା'ପରଦିନ ଜ୍ୟୋତିଷ ଜଣକ ପୁଣି ଶିରିଡ଼ି ଆସିଥିଲେ । ସେ ସେଠାରେ ୧୫-୨୦ ଦିନ ରହିଥିଲେ ଓ ମହାରାଜଙ୍କ କୃପାରୁ ପ୍ରାୟ ୩ ଶହ ଟଙ୍କା ଆୟ କରିଥିଲେ ।

୨- ନାନା ଚାନ୍ଦୋରକର ।

୩- ହିନ୍ଦୁ ପ୍ରଥା ଅନୁଯାୟୀ ପତ୍ନୀ ସାଙ୍ଗରେ ଗଲାବେଳେ ପଛରେ ଚାଲିଥାନ୍ତି ।

୪- ବିଷ୍ଣୁ ।

୫- ଦତ୍ତ- ତିନିମୁଣ୍ଡିଆ ଠାକୁର ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ମିଳିତ ଅବତାର ।

୬- ବର୍ଷା ଜଳ ।

୭- ମିଷ୍ଟ ଦ୍ରବ୍ୟ ।

୮- ଦେବୀ ଦୁର୍ଗାଙ୍କୁ ଆବାହନ କରି ତାଙ୍କ ସ୍ତୋତ୍ର ନଅ ଥର ପାଠ କରିବା ।

୯- ଯଜ୍ଞ ।

୧୦- ସପ୍ତଶତୀ- ଦୁର୍ଗାଙ୍କ ପ୍ରଶସ୍ତିଗାନ କରାଯାଇଥିବା ସାତଶହ ଶ୍ଳୋକ ମାର୍କଣ୍ଡେୟ ପୁରାଣରେ ରହିଛି ।

୧୧- ମାଧବରାଓ ଦେଶପାଣ୍ଡେ ।

୧୨- ଲକ୍ଷ୍ମୀବାଇ ଶିନ୍ଦେଙ୍କୁ ନଅ ଟଙ୍କା ଦେଇଥିଲେ ।

୧୩- ଉଦିର ଗୁରୁତ୍ୱ ସମ୍ବନ୍ଧରେ ହରି ସୀତାରାମ ଦୀକ୍ଷିତ ଅନ୍ୟ ଏକ ଉଦାହରଣ ଲେଖିଛନ୍ତି । ସେଥିରୁ ଉଦ୍ଧୃତ ଏକାଂଶ ନିମ୍ନରେ ପ୍ରଦତ୍ତ

ହେଉଛି ।

"ଖିମ୍‌ଜୀ ଲାଲାଜୀ ଯୋଷୀ ନାମକ ଜଣେ ଭଦ୍ରବ୍ୟକ୍ତି ପାର୍ଲେର ପଞ୍ଜାବୀ ଚୌକରେ ରହୁଥିଲେ। ତାଙ୍କ ଝିଅ ବହୁଦିନ ଧରି ଅସୁସ୍ଥ ଥିଲା। ଦିନେ ତା'ର ଅବସ୍ଥା ଗୁରୁତର ହୋଇଯାଇଥିଲା। ସେହି ସମୟରେ ତା'ର ମାତା ଆମ ଘରକୁ ଆସି ମହାରାଜଙ୍କର ଉଦି ନେଇଯାଇଥିଲେ। ସେହି ଉଦି ସେବନ କରିବା ପରେ ସେ ସଙ୍ଗେ ସଙ୍ଗେ ଟିକିଏ ସୁସ୍ଥବୋଧ କରିଥିଲା । ପରେ ଖିମ୍‌ଜୀ ତାଙ୍କ ପତ୍ନୀଙ୍କ ସହିତ ଝିଅକୁ ଶିରିଡ଼ି ନେଇଯାଇଥିଲେ। ଝିଅଟି ଏତେ ଦୁର୍ବଳ ହୋଇଯାଇଥିଲା ଯେ ଚାଲି ପାରୁ ନ ଥିଲା ଏବଂ ତା'ର ହାତ ଓ ଗୋଡ଼ ସରୁ କାଠଭଳି କ୍ଷୀଣ ହୋଇଯାଇଥିଲା। ତାକୁ କେହି ଜଣେ ଟେକି ଆଣି ବାବାଙ୍କ ନିକଟରେ ବସାଇ ଦେଇଥିଲେ।

ମହାରାଜ ତା' ଦେହରେ ଉଦି ବୋଳି ଦେଇଥିଲେ ଓ ତାକୁ ଆଶୀର୍ବାଦ ଦେଇଥିଲେ। ଦି' ଚାରି ଦିନ ଭିତରେ ସେ ଆପେ ଆପେ ଚାଲି ପାରିଥିଲା। ସେ ବସିବା ଓ ଉଠିବା ସମୟରେ କେବଳ ଅସୁବିଧା ଭୋଗୁଥିଲା। ସେ ମହାରାଜଙ୍କ ନିକଟରେ ସେହି ଅସୁବିଧା କଥା ଜଣାଇଥିଲା । ମହାରାଜ ତାକୁ ଫଳଟିଏ ଖାଇବା ପାଇଁ ଦେଇଥିଲେ ଓ ସେହିଦିନଠାରୁ ତା'ର ଅସୁବିଧା ଦୂର ହୋଇଯାଇଥିଲା।

ଦିନେ ଜଣେ ବନ୍ଧୁ ମୋ କାର୍ଯ୍ୟାଳୟକୁ ଆସି କହିଥିଲେ, "ଗତ ଆଠଦିନ ହେଲାଣି ମୁଁ ଶୋଇପାରୁ ନାହିଁ। ମୁଁ ଡାକ୍ତରଙ୍କ ପାଖରୁ ଔଷଧ ଖାଇଲିଣି, କିଛି ଲାଭ ହେଉନାହିଁ।" ମୁଁ ତାଙ୍କୁ ମହାରାଜଙ୍କ ଉଦି ଦେଇଥିଲି ଓ ତିନି ଦିନ ଖାଇବା ପାଇଁ କହିଥିଲି। ମାତ୍ର ତା'ପରଦିନ ହିଁ ସେ ମୋ କାର୍ଯ୍ୟାଳୟକୁ ଆସି କହିଥିଲେ, "ମୁଁ ଗତକାଲି ଉଦି ଖାଇଥିଲି ଓ ରାତି ସାରା ଅତି ଆରାମରେ ଶୋଇଥିଲି।"

ସେହିଭଳି ମୋ ସାଙ୍ଗର ପୁଅ ବାନ୍ଦ୍ରାରେ ରହୁଥିଲା ଓ ଦୁଇମାସ ଧରି ତାକୁ ନିଦ ହେଉ ନ ଥିଲା। ତା'ର ବାପା ତାକୁ ମହାରାଜଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ନେଇ ଯାଇଥିଲେ। ସେହିଦିନ ରାତ୍ରିରେ ତାକୁ ଭଲ ନିଦ ହୋଇଥିଲା ଓ ସେହିଦିନଠାରୁ ସେ ପ୍ରତି ରାତ୍ରିରେ ଆରାମରେ ଶୋଉଥିଲା।

ଦ୍ୱାରକାମାୟୀରେ ବାବା ଉଦି ବାଣ୍ଟୁଛନ୍ତି।

ଅପ୍ପା କୁଲକର୍ଣ୍ଣୀ



ଏମ୍.ଭି. ଆଡ଼କର

॥ ୩୪ ॥
ଉଦିର ମାହାତ୍ମ୍ୟ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ଉଦିର ଶକ୍ତି ସମ୍ବନ୍ଧରେ ମୁଁ ଯାହା ସତକୁ ସତ ଜାଣିଥିଲି, ତାହା ବର୍ଣ୍ଣନା କରିଛି । ଏହି ଅଧ୍ୟାୟରେ ସେହି ବର୍ଣ୍ଣନା ଚାଲୁ ରହିବ ଓ ତାହାର ମାହାତ୍ମ୍ୟର ବର୍ଣ୍ଣନା କରାଯିବ ।

୨ । ଗତ ଅଧ୍ୟାୟରେ ବର୍ଣ୍ଣିତ ବିଭିନ୍ନ କାହାଣୀ ଓ ଏହି ଅଧ୍ୟାୟର କାହାଣୀଗୁଡ଼ିକ ମଧ୍ୟରେ ଉଦିର ଶକ୍ତି ନେଇ ସମ୍ପର୍କ ରହିବ । ଶ୍ରୋତାମାନେ ଧୀରସ୍ଥିର ଚିତ୍ତରେ ନିଜର ଆନନ୍ଦ ଓ ଅବଗତି ନିମନ୍ତେ ତାହା ଶୁଣନ୍ତୁ ।

୩ । ରାଜଯକ୍ଷ୍ମାରେ ଆକ୍ରାନ୍ତ ହାଡ଼ର ମାରାତ୍ମକ ଘା' ଯାହା ଅନ୍ୟ କୌଣସି ଉପଚାର ଦ୍ୱାରା ଭଲ ହୋଇ ପାରି ନ ଥିଲା, ତାହା ଶ୍ରୀସାଇ ନିଜ ହାତରେ ରୋଗୀକୁ ଉଦି ଦେଇ ସମ୍ପୂର୍ଣ୍ଣ ରୂପେ ଭଲ କରିଦେଇଥିଲେ ।

୪ । ଉଦି ସମ୍ପର୍କରେ ଏହି ଭଳି ଅନେକ କାହାଣୀ ରହିଛି । ମୁଁ ସୂଚନା ସ୍ୱରୂପ ଗୋଟିଏ କାହାଣୀ ବର୍ଣ୍ଣନା କରୁଅଛି । ତୁମେମାନେ ଏହା ଶୁଣିଲେ ବିସ୍ମିତ ହେବ, କାରଣ ଏହା ଗଭୀର ଭାବରେ ଅନୁଧ୍ୟାନ କରାଯାଇଥିବା ଏକ ଅନୁଭୂତି ।

୫ । ନାସିକ ଜିଲ୍ଲାର ମାଲେଗାଁର ଜଣେ ଉଚ୍ଚ ଯୋଗ୍ୟତା ସମ୍ପନ୍ନ ଡାକ୍ତର ତାଙ୍କ ନିଜ ପୁତୁରାର ରୋଗକୁ କୌଣସି ଔଷଧ ଦ୍ୱାରା ଆରୋଗ୍ୟ କରିପାରୁ ନ ଥିଲେ ।

୬ । ସେ ନିଜେତ ଜଣେ ଡାକ୍ତର ଥିଲେ । ତା'ଛଡ଼ା, ତାଙ୍କର ଅନେକ ଡାକ୍ତର ବନ୍ଧୁବି ରହିଥିଲେ । ସେମାନେ ସବୁ ପ୍ରକାର ଚିକିତ୍ସା କରିଥିଲେ । ଏପରିକି କୁଶଳୀ ଶଲ୍ୟ ଚିକିତ୍ସକମାନେ ବିଫଳ ହୋଇଥିଲେ ଓ ଭ୍ରମରେ ପଡ଼ିଥିଲେ ।

୭ । ରୋଗଟି ଥିଲା ରାଜଯକ୍ଷ୍ମାରେ ଆକ୍ରାନ୍ତ ହାଡ଼ର କ୍ଷତ । ଏହାକୁ ନିୟନ୍ତ୍ରଣକୁ ଆଣିବା ଅତୀବ କଷ୍ଟକର ଥିଲା ଓ କୌଣସି ଔଷଧ କାମ ଦେଉନଥିଲା ।

୮ । ଦେଶୀ ଓ ବିଦେଶୀ ସମସ୍ତ ପ୍ରକାର ଚିକିତ୍ସା କରାଯାଇଥିଲା । ସକଳ ଚେଷ୍ଟା କରାଯାଇଥିଲା । ଏପରିକି ଶଲ୍ୟ ଚିକିତ୍ସା ମଧ୍ୟ କରାଯାଇଥିଲା । କିଛି ସଫଳ ହୋଇ ନ ଥିଲା ।

୯ । ପୁତୁରାର ବୟସ କମ୍ ଥିଲା । ସେ କଷ୍ଟ ସହି ପାରୁ ନ ଥିଲା । ତାକୁ ପ୍ରବଳ ଯନ୍ତ୍ରଣା ଭୋଗ କରିବାକୁ ପଡୁଥିଲା । ତେଣୁ ତା'ର ଆତ୍ମୀୟମାନେ ଅତିଶୟ ବ୍ୟଥିତ ହେଉଥିଲେ ।

୧୦ । ସମସ୍ତ ଡାକ୍ତରୀ ଚିକିତ୍ସାର ସୀମା ଟପିଯାଇଥିଲା । ତଥାପି ସାମାନ୍ୟ ଆରୋଗ୍ୟର ଲକ୍ଷଣ ଦେଖାଯାଉ ନ ଥିଲା । ଏହି ଅବସ୍ଥାରେ କେତେକ ବନ୍ଧୁ ଓ ଆତ୍ମୀୟସ୍ୱଜନ ଐଶ୍ୱରୀୟ କୃପା ଭିକ୍ଷା କରିବାକୁ ପରାମର୍ଶ ଦେଇଥିଲେ ।

୧୧ । ତେଣୁ କୁଳଦେବତା ଓ ଅନ୍ୟ ଦେବାଦେବୀଙ୍କୁ ଆବାହନ ଓ ପୂଜାର୍ଚ୍ଚନା କରାଯାଇଥିଲା, କିନ୍ତୁ କେହି ସାହାଯ୍ୟ କରିବା ପରି ଦେଖାଯାଇନଥିଲା । ତା'ପରେ ସେମାନେ ଶିରିଡ଼ି ଗ୍ରାମରେ ଜଣେ ବିଖ୍ୟାତ ଔଲିଆ ରହୁଥିବାର ଖବର କେଉଁଠୁ ଶୁଣିଥିଲେ ।

୧୨ । ସେ ଜଣେ ମହାନ୍ ସନ୍ଥ ଓ ଶିରିଡ଼ିରେ ରହୁଛନ୍ତି । ସେହି ସାଇ ମହାରାଜ ଯୋଗୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଯୋଗୀ । ତାଙ୍କର ଦର୍ଶନ ମାତ୍ରକେ ରୋଗ ମୂଳପୋଛ ହୋଇଯାଉଛି । ସେମାନେ ଏହିଭଳି କଥା ଶୁଣିଥିଲେ ।

୧୩ । ଶ୍ରୀସାଇଙ୍କୁ ଦର୍ଶନ କରିବା ନିମିତ୍ତ ମନ ହେଉଥିଲା । ପିଲାର ପିତାମାତା ଭାବିଥିଲେ, "ଚାଲ, ପ୍ରଭୁଙ୍କ ଉପରେ ବିଶ୍ୱାସ ରଖି ସେଠାକୁ ଯାଇ ଚେଷ୍ଟା କରିବା ।

୧୪ । "ସେ ଜଣେ ମହାନ୍ ଔଲିଆ ବୋଲି ଲୋକେ କହୁଛନ୍ତି । ସେ ତାଙ୍କ ହାତରେ 'ଉଦି' ବୋଳିଦେଲେ ଅସାଧ ରୋଗ ପୂରା ଭଲ ହୋଇଯାଉଛି । ଆମେ ଯାଇ ଏହା ଆଖିରେ ଦେଖିଲେ ଆମର କ'ଣ କ୍ଷତି ହୋଇଯାଉଛି ?

୧୫ । "ଚାଲ ଯାଇ ତାଙ୍କ ପାଦତଳେ ପ୍ରଣାମ କରିବା । ଏହି ଶେଷ ଉପାୟରେ ଚେଷ୍ଟାକରିବା । ସମ୍ଭବତଃ ଏହା ଫଳରେ ଆମର ଦୁଃଖ ଚାଲିଯାଇପାରେ । ଏହାହିଁ ଆମର ଶେଷ ଆଶ୍ରୟ ।"

୧୬ । ତା'ର ପିତାମାତା ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଉତ୍କଣ୍ଠିତ ହୋଇ ଶୀଘ୍ର ବାହାରିଯିବାର ବନ୍ଦୋବସ୍ତ କରିଥିଲେ । ସେମାନେ ଶୀଘ୍ର ଶିରିଡ଼ିରେ ପହଂଚି ଯାଇଥିଲେ ।

୧୭ । ସେମାନେ ପହଞ୍ଚିବା ମାତ୍ରକେ ବାବାଙ୍କୁ ଦର୍ଶନ କରିଥିଲେ । ପାଦତଳେ ମୁଣ୍ଡ ନୁଆଁଇଥିଲେ ଓ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ସେମାନେ ପିଲାଟିର ଯନ୍ତ୍ରଣା ବିଷୟରେ ବର୍ଣ୍ଣନା କରିଥିଲେ ଓ ବାବାଙ୍କ ସମ୍ମୁଖରେ ଛିଡ଼ା ହୋଇଥିଲେ ।

୧୮ । ଦୁଃଖରେ ବିଗଳିତ ହୋଇ, ଯୋଡ଼ହସ୍ତ ପୂର୍ବକ ସେମାନେ ଶ୍ରୀସାଇଙ୍କ ଚରଣରେ ଶରଣ ପଶିଥିଲେ । ଆକୁଳ ହୋଇ ସେମାନେ ଶ୍ରୀସାଇଙ୍କୁ ଅନୁନୟ କରିଥିଲେ ।

୧୯ । "ଏହି ପିଲାଟି ରୋଗ ଭୋଗୁଛି । ତା'ର କଷ୍ଟ ଦେଖି ଆମେ ସହି ପାରୁନାହୁଁ, ଆମେ ଆଉ କ'ଣ କରିପାରିବୁ ? କୌଣସି ଆଶା ଦେଖୁନାହୁଁ," ବୋଲି ସେମାନେ କହିଥିଲେ ।

୨୦ । "ପୁଅର ଅବସ୍ଥାରେ କ୍ରମଶଃ ଅବନତି ହେଉଥିବା ଦେଖି ଆମେ ଶ୍ରାନ୍ତକ୍ଳାନ୍ତ ହୋଇଗଲୁଣି । ହେ ଶ୍ରୀସାଇ ସମର୍ଥ ! ଆପଣଙ୍କ ବରଦହସ୍ତ ତା' ମୁଣ୍ଡ ଉପରେ ରଖି ତାକୁ ଏ କଷ୍ଟରୁ ଉଦ୍ଧାର କରନ୍ତୁ ।

୨୧ । "ଆପଣଙ୍କର ମହିମା ସମ୍ପର୍କରେ ଶୁଣି ଆମେ ଏଠାକୁ ଆସିଅଛୁ । ସମ୍ପୂର୍ଣ୍ଣ ଭକ୍ତି ଭାବରେ ଆମେ ଆପଣଙ୍କର ଶରଣାଗତ ହୋଇଛୁଁ । ତା' ଜୀବନ ଆମକୁ ପ୍ରଦାନ କରନ୍ତୁ ।"

୨୨ । ତାହା ପରେ ଦୟାର ଅବତାର ଶ୍ରୀସାଇ ସେମାନଙ୍କୁ ଆଶ୍ୱାସନା ଦେଇଥିଲେ । "ଯେଉଁମାନେ ଏହି ମସ୍‌ଜିଦ୍‌କୁ ଆସି ଆଶ୍ରୟ ନେଇଥାନ୍ତି, ସେମାନେ ଏହି ଜୀବନରେ କେବେ କୌଣସି କଷ୍ଟ ଭୋଗନ୍ତି ନାହିଁ ।

୨୩ । "ଏବେ ଚିନ୍ତା ଛାଡ଼ିଦିଅ । 'ଉଦି' ନେଇ କ୍ଷତଜାଗା ଉପରେ ଲଗାଅ । ସାତଆଠ ଦିନ ମଧ୍ୟରେ ସେ ଭଲ ହୋଇଯିବ । ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ ।

୨୪ । "ଏହା ମସ୍‌ଜିଦ୍ ନୁହେଁ ଦ୍ୱାରକାମାୟୀଂ । ଯିଏ ଏଠାରେ ପାଦ ପକାଇବ, ସେ ସଂଗେ ସଂଗେ ସ୍ୱାସ୍ଥ୍ୟ ଓ ସୁଖ ଲାଭ କରିବ । ତୁମେ ମଧ୍ୟ ଏହି ଅନୁଭୂତି ପାଇବ ।

୨୫ । "ଏଠାକୁ ଯିଏ ଆସନ୍ତି, ସିଏ ନିଶ୍ଚୟ ଆଶ୍ୱସ୍ତ ହୁଅନ୍ତି । ଯିଏ ଏହି ମସ୍‌ଜିଦ୍‌ର ପାହାଚ ଚଢ଼ିବ, ସେ ତା'ର ଲକ୍ଷ୍ୟ ସାଧନ କରିପାରିବ । ଏକଥା ଜାଣିଥାଅ !"

୨୬ । ତା'ପରେ ବାବାଙ୍କ ନିର୍ଦ୍ଦେଶରେ ରୋଗୀକୁ ତାଙ୍କ ସମ୍ମୁଖରେ ବସାଇ ଦିଆଯାଇଥିଲା । ବାବା କରୁଣାପୂର୍ଣ୍ଣ ଚାହାଣି ପକାଇଥିଲେ ଓ ତାହାର ଗୋଡ଼କୁ ଆଉଁଷି ଦେଇଥିଲେ ।

୨୭ । ଏହା ଏକ ସାଧାରଣ ଶାରୀରିକ କଷ୍ଟ ଥିଲା । ମାନସିକ ଓ ଭାଗ୍ୟ-ନିର୍ଦ୍ଧାରିତ କଷ୍ଟ ମଧ୍ୟ କେବଳ ଦର୍ଶନରେ ହିଁ ମୂଳରୁ ନାଶ ଯାଇଥାଏ ।

୨୮ । ଶ୍ରୀସାଇଙ୍କ ମୁଖକୁ ନିରୀକ୍ଷଣ କରିବା ମାତ୍ରକେ ସବୁ ଅସୁବିଧା ସଂଗେ ସଂଗେ ଦୂର ହୋଇଯାଇଥାଏ ଓ ତାଙ୍କର ଅମୃତୋପମ ବାଣୀ ପୀଡ଼ିତମାନଙ୍କୁ ଆନନ୍ଦିତ କରିଥାଏ ।

୨୯ । ସେ ଯାହାହେଉ, ସେମାନେ ସେଠାରେ ଚାରିଦିନ ରହିଥିଲେ । ରୋଗର ଉପଶମ ହୋଇଥିଲା ଓ ଶ୍ରୀସାଇଙ୍କ ଉପରେ ସେମାନଙ୍କର ବିଶ୍ୱାସ ବୃଦ୍ଧି ପାଇଥିଲା ।

୩୦। ତା'ପରେ ସେହି ତିନିଜଣ ବାବାଙ୍କର ପୂର୍ଣ୍ଣ ଅନୁମତି ପାଇ ଘରକୁ ଫେରିଥିଲେ ଏବଂ ପୂରାପୂରି ଖୁସି ଓ ସନ୍ତୁଷ୍ଟ ହୋଇ ଲେଉଟିଥିଲେ।
୩୧। ରାଜଯକ୍ଷ୍ମାରେ ଆକ୍ରାନ୍ତ ହାଡ଼ର ଘା' କେବଳ ଉଦି ବୋଳିବା ଓ କରୁଣାପୂର୍ଣ୍ଣ ଚାହାଣି ପକାଇବା ଦ୍ୱାରା ଭଲ ହୋଇଯିବା କ'ଣ ଏକ ଛୋଟିଆ ବିସ୍ମୟ ? ଏହା ଏକ ଅସାଧାରଣ ଉପଚାର ଥିଲା, ଯାହାର ପଟାନ୍ତର ନଥିଲା।
୩୨। ସେମାନଙ୍କର ସୌଭାଗ୍ୟ ଯୋଗୁଁ ସେମାନେ ମହାନ୍ ସନ୍ଥଙ୍କର ଦର୍ଶନ, ଆଶ୍ୱାସନା ଓ ମଙ୍ଗଳକାରୀ ଆଶୀର୍ବାଦ ପାଇ ପାରିଥିଲେ। ଏହାଦ୍ୱାରା ରୋଗ ନିର୍ମୂଳ ହୋଇଥିଲା।
୩୩। ସେ ଯାହାହେଉ, କିଛିଦିନ ପାଇଁ ଉଦି ବୋଳିବା ଓ ପ୍ରତିଦିନ ପାନ କରିବାପରେ ଘା'ରୁ ସବୁ ପୂଜ ବାହାରିଯାଇଥିଲା ଓ କ୍ଷତ ପୂରଣ ହୋଇଥିଲା । ପିଲାଟି ତାହାର ପୂର୍ବ ସ୍ୱାସ୍ଥ୍ୟ' ଫେରି ପାଇଥିଲା।
୩୪। ମାଲେଗାଁରେ ଡାକ୍ତର କକା ଏକଥା ଶୁଣିବା ପରେ ତାଙ୍କ ମନ ମଧ୍ୟରେ ଶ୍ରୀସାଇଙ୍କୁ ଦର୍ଶନ କରିବାର ଆକାଂକ୍ଷା ଜାଗରିତ ହୋଇଥିଲା। ସେ ବମ୍ବେଇ ଫେରିବା ସମୟରେ ସେହି ଇଚ୍ଛାକୁ ପୂରଣ କରିବେ ବୋଲି ସ୍ଥିର କରିଥିଲେ।
୩୫। ସେ ବମ୍ବେଇ ଅଭିମୁଖେ ଆସିବା ସମୟରେ ମାଲେଗାଓଁରେ ଓ ମନମାଡ଼ରେ କେହି ଜଣେ ତାଙ୍କ ମନ ମଧ୍ୟରେ ସନ୍ଦେହ ଭରି ଦେଇଥିଲା ଓ ସେ ଶିରିଡ଼ି ଯିବାର ପରିକଳ୍ପନା ପରିତ୍ୟାଗ କରିଥିଲେ।
୩୬। ଅନେକ ସଦିଚ୍ଛାର ଭାଗ୍ୟ ଏହିଭଳି ହୋଇଥାଏ ! ଖଳ ଲୋକେ ଠିକ୍ ଆରମ୍ଭ ସମୟରେ ବିଘ୍ନ ଘଟାଇଥାନ୍ତି । ଯେଉଁମାନେ ଏପରି ଲୋକଙ୍କର ଅମୂଳକ ମତାମତକୁ ଭ୍ରୂକ୍ଷେପ କରନ୍ତି ନାହିଁ, ସେମାନେ ଶେଷରେ ଆନନ୍ଦ ଲାଭ କରିଥାନ୍ତି।
୩୭। ସନ୍ଥ ଦର୍ଶନର ଇଚ୍ଛା ପରିହାର କରି ସେ ସିଧା ବମ୍ବେଇ ଚାଲିଯାଇଥିଲେ ଓ ଅବଶିଷ୍ଟ ଛୁଟି ସମୟ ଅଲିବାଗରେ କଟାଇ ଦେବାକୁ ସ୍ଥିର କରିଥିଲେ।
୩୮। ଏଭଳି ନିଷ୍ପତ୍ତି ନେବା ପରଠାରୁ ଲାଗ ଲାଗ ତିନିରାତି ସେ ନିଦ୍ରା ଯାଇଥିବାବେଳେ ଗୋଟିଏ କଣ୍ଠସ୍ୱର ଶୁଣିବାକୁ ପାଇଥିଲେ- "ତୁ ତଥାପି ମୋତେ ଅବିଶ୍ୱାସ କରୁଛୁ ?"
୩୯। ବାରମ୍ବାର ଏଭଳି ଆକାଶବାଣୀ ଶୁଣି ଡାକ୍ତର ବିଚଳିତ ହୋଇ ପଡ଼ିଥିଲେ। ସେହି ଉକ୍ତି ଭିତରେ ବହୁତ ଅର୍ଥ ରହିଛି ବୋଲି ହୃଦୟଙ୍ଗମ କରି ସେ ଶିରିଡ଼ି ଯିବାକୁ ମନସ୍ଥ କରିଥିଲେ।
୪୦। କିନ୍ତୁ ସେହି ସମୟରେ ଡାକ୍ତର ସଂକ୍ରାମକ ଜ୍ୱରରେ ପୀଡିତ ଜଣେ ରୋଗୀକୁ ଚିକିତ୍ସା କରୁଥିବାରୁ ରୋଗୀର ଅବସ୍ଥା ଭଲ ଆଡ଼କୁ ଗତିକଲେ ତତ୍କ୍ଷଣାତ୍ ସେ ଶିରିଡ଼ି ଅଭିମୁଖେ ବାହାରି ଯିବେ ବୋଲି ସ୍ଥିର କରିଥିଲେ।
୪୧। ସଂପୃକ୍ତ ରୋଗୀ ଶରୀରର ତାପମାତ୍ରା ବହୁତ ଅଧିକ ରହୁଥିଲା ଓ କୌଣସି ଔଷଧ ବା ଚିକିତ୍ସା ଫଳପ୍ରଦ ହେଉନଥିଲା। ଜ୍ୱର କମୁନଥିବାରୁ ସେ ତାକୁ ଛାଡ଼ି ସାଙ୍ଗେ ସାଙ୍ଗେ ଯାଇପାରୁନଥିଲେ।
୪୨। ତେଣୁ ସେ ଶେଷକୁ ସ୍ଥିର କଲେ ଯେ ଯଦି ରୋଗୀ ସେଇଦିନ ସୁସ୍ଥ ଅନୁଭବ କରିବ, ତେବେ ସେ ତା'ପରଦିନ ଗୋଟିଏ ମୁହୂର୍ତ୍ତବି ନଷ୍ଟ ନକରି ଶିରିଡ଼ି ଯାତ୍ରା କରିବେ।
୪୩। ଏଭଳି ଦୃଢ଼ ପ୍ରତିଜ୍ଞା କରିବାର କେତେଘଣ୍ଟା ପରେ ରୋଗୀର ଜ୍ୱର କମିଯାଇଥିଲା। ଡାକ୍ତରଙ୍କ ଉଦ୍ଦେଶ୍ୟ ପୂରଣ ହୋଇଯାଇଥିଲା ଓ ସେ ଶିରିଡ଼ି ବାହାରି ଯାଇଥିଲେ।
୪୪। ପ୍ରତିଜ୍ଞା ଅନୁଯାୟୀ ସେ ଶିରିଡ଼ି ଯାଇଥିଲେ। ପୂର୍ଣ୍ଣ ବିଶ୍ୱାସ ସହିତ ସେ ବାବାଙ୍କ ପାଦତଳେ ମୁଣ୍ଡିଆ ମାରିଥିଲେ। ବାବା ତାଙ୍କୁ ତାଙ୍କର ଗୋପନ ଅଭିଜ୍ଞତା ସମ୍ପର୍କରେ କହି ତାଙ୍କ ମନରେ ଦୃଢ଼ ପ୍ରତ୍ୟୟ ଜନ୍ମାଇଥିଲେ ଓ ତାଙ୍କୁ ଜଣେ ଅଟଳ ଭକ୍ତ କରି ଦେଇଥିଲେ।
୪୫। ବାବା ଡାକ୍ତରଙ୍କ ମୁଣ୍ଡ ଉପରେ ହାତ ରଖିଥିଲେ, ତାଙ୍କୁ ଆଶୀର୍ବାଦ ଓ ଉଦି ପ୍ରସାଦ ଦେଇଥିଲେ। ଶ୍ରୀସାଇଙ୍କର ଅକଳନୀୟ ମହିମାକୁ ଅନୁଭବ କରି ସେ ଆନନ୍ଦାଭିଭୂତ ହୋଇ ପଡ଼ିଥିଲେ।
୪୬। ସେ ସେଠାରେ ଚାରିଦିନ ରହିଥିଲେ ଓ ମନ ଆନନ୍ଦରେ ଫେରିଥିଲେ। ମାତ୍ର ପନ୍ଦରଦିନ ମଧ୍ୟରେ ତାଙ୍କର ପଦୋନ୍ନତି ହୋଇ ବୀଜାପୁରକୁ ବଦଳି ହୋଇଥିଲା।
୪୭। ପୁତୁରାର ରାଜଯକ୍ଷ୍ମାରେ ଆକ୍ରାନ୍ତ ହାଡ଼ର ଘା' ଯୋଗୁ ତାଙ୍କୁ ସାଇଦର୍ଶନର ସୁଯୋଗ ମିଳିଥିଲା। ଶ୍ରୀସାଇଙ୍କ ପଦରେ ତାଙ୍କର ଭକ୍ତି ଓ ଶ୍ରଦ୍ଧା ବୃଦ୍ଧି ପାଇଥିଲା ଓ ସେ ପରମ ଆନନ୍ଦ ଲାଭ କରିଥିଲେ।
୪୮। ସେହିଭଳି ଡାକ୍ତର ପିଲ୍ଲେ ଏକଦା ନିଜ ଶରୀରରେ

ସୂତ୍ରାକାର କୃମି (ଗିନିୱାର୍ମ)ଯୋଗୁଁ ଘା' ବାହାରିବାରୁ ଅଶେଷ ଯନ୍ତ୍ରଣା ଭୋଗ କରୁଥିଲେ। ସେଗୁଡ଼ିକ ଗୋଟାକରୁ ବଢ଼ି ସାତୋଟି ହୋଇଥିଲା। ସେ ଜୀବନ ପ୍ରତି ବୀତସ୍ପୃହ ହୋଇ ପଡ଼ିଥିଲେ।

୪୯। ଶ୍ରୀସାଇ ତାଙ୍କୁ ବହୁତ ଭଲ ପାଉଥିଲେ ଓ ସ୍ନେହରେ ତାଙ୍କୁ 'ଭାଇ' ବୋଲି ଡାକୁଥିଲେ। ବାବା ଅତ୍ୟନ୍ତ ଶ୍ରଦ୍ଧାରେ ତାଙ୍କର ଭଲମନ୍ଦ କଥା ସବୁବେଳେ ପଚାରୁଥିଲେ।

୫୦। ସକାଳେ ଓ ସଂଧ୍ୟାରେ ମସ୍‌ଜିଦ୍‌ରେ 'ଭାଇ'ଙ୍କର ସ୍ଥାନ ରେଲିଂ ନିକଟରେ ଥିଲା। ବାବା ଭାଇଙ୍କ ସହିତ ଅନେକ ସମୟ ବିତାଉଥିଲେ ଓ ଗପସପ କରୁଥିଲେ।

୫୧। ଚିଲମଟଣା ସମୟରେ ଭାଇଙ୍କର ଉପସ୍ଥିତି ଦରକାର ହେଉଥିଲା । ବିଡ଼ି[୩] ପିଇବା ସମୟରେ ଓ କୌଣସି ବ୍ୟାପାରରେ ନିଷ୍ପତ୍ତି ନେବା ସମୟରେ ଭାଇଙ୍କୁ ଖୋଜା ପଡୁଥିଲା। ସେ ପାଖରେ ନଥିଲେ ବାବାଙ୍କୁ ଭଲ ଲାଗୁନଥିଲା।

୫୨। ଏହା ହେଉଛି ତାଙ୍କ ପ୍ରଚ୍ଛଦପଟର କାହାଣୀ। କୃମିଜନିତ ଯନ୍ତ୍ରଣା ଅସହ୍ୟ ହେଉଥିବାରୁ ଭାଇ ଦୁର୍ବଳ ହୋଇଯାଇ ବିଛଣାରେ ପଡ଼ି ରହିଥିଲେ। ଯନ୍ତ୍ରଣା ପ୍ରବଳ ହେବା ଯୋଗୁଁ ସେ ବହୁତ କଷ୍ଟ ପାଉଥିଲେ।

୫୩। ଏଭଳି ଦୟନୀୟ ଅବସ୍ଥାରେ ମଧ୍ୟ ଭାଇ ଶ୍ରୀସାଇଙ୍କ ନାମ ଜପ କରୁଥିଲେ । ଶ୍ରୀସାଇଙ୍କ ଶରଣାଗତ ହୋଇ ସେ କାନ୍ଦି କାନ୍ଦି କହିଥିଲେ, "ଏ କଷ୍ଟ ବହୁତ ଭୋଗିଲାଣି । ମୃତ୍ୟୁ ବରଂ ଶ୍ରେୟସ୍କର ।"

୫୪। ସେ ବାବାଙ୍କ ନିକଟକୁ ଖବର ପଠାଇଥିଲେ, "ମୁଁ ଏହି ଯନ୍ତ୍ରଣା ଆଉ ସହି ପାରୁନାହିଁ। ମୋ ଶରୀରରେ ଆହୁରି କେତେ ଘା' ବାହାରିବ ! ସେସବୁକୁ ଧାରଣ କରିବା ନିମନ୍ତେ ମୋର ବଳ ନାହିଁ।

୫୫। "ଜୀବନସାରା ମୁଁ ସତ୍‌ରେ ଚଳି ଆସିଛି। ଏଭଳି ଯନ୍ତ୍ରଣାଦାୟକ ଅବସ୍ଥା କାହିଁକି ଭୋଗୁଛି ? ମୁଁ କେବେହେଲେ ସତ୍‌ପଥରୁ ବିଚ୍ୟୁତ ହୋଇନାହିଁ। ମୁଁ କେଉଁ ପାପ ପାଇଁ ଏଭଳି ଦଣ୍ଡ ପାଉଛି ?

୫୬। "ବାବା! କୃମିଜନିତ ଏହି ମୃତ୍ୟୁବତ୍ ଯନ୍ତ୍ରଣାକୁ ମୁଁ ଆଉ ସହି ପାରୁନାହିଁ। ତା' ବଦଳରେ ଏବେ ମୋତେ ମରିବାକୁ ଦିଅନ୍ତୁ। ମୁଁ ମୋର ପରଜନ୍ମରେ ଏହା ଭୋଗ କରିବି।

୫୭। "ଏହି ଯନ୍ତ୍ରଣା ଭୋଗିବା ବ୍ୟତୀତ ଅନ୍ୟ ବିକଳ୍ପ ନାହିଁ। ମୋତେ ଆହୁରି ଅନେକ ଜନ୍ମ ନେବା ପାଇଁ ପଡ଼ିବ। କିନ୍ତୁ ଯାହା ଭାଗ୍ୟ ଦ୍ୱାରା ନିର୍ଦ୍ଧାରିତ, ତାହାକୁ ଏଡ଼ାଇ ଦେଇ ହେବନାହିଁ। ମୁଁ କ୍ଷୀଣବୁଦ୍ଧିସମ୍ପନ୍ନ ହୋଇଥିଲେ ମଧ୍ୟ ଏହାହିଁ ଅନୁଭବ କରୁଛି।

୫୮। "ମୁଁ ଖୁସିରେ ଆହୁରି ଦଶଟି ଜନ୍ମ ଗ୍ରହଣ କରିବି ଓ ତାହାରି ମଧ୍ୟରେ ମୋର କର୍ମଫଳ ଭୋଗ କରିବି। ମୋତେ ଏହି ଜନ୍ମର ପରିସମାପ୍ତି ନିମନ୍ତେ ବର ପ୍ରଦାନ କରନ୍ତୁ।

୫୯। "ଏ ଜୀବନ ବହୁତ ଅଧିକ ହୋଇଗଲା। ମୋତେ ଏହି ଜନ୍ମରୁ ମୁକ୍ତି ଦିଅନ୍ତୁ। ମୁଁ ଏହି ଯନ୍ତ୍ରଣା ସହିବାକୁ ଇଚ୍ଛା କରୁନାହିଁ। ମୁଁ ବର୍ତ୍ତମାନ ଏହାହିଁ ପ୍ରାର୍ଥନା କରୁଛି।"

୬୦। ଏଭଳି ପ୍ରାର୍ଥନା ଶୁଣି ସିଦ୍ଧରାଣ[୪] ଦୟା ପରବଶ ହୋଇଥିଲେ ଓ ଡାକ୍ତର ପିଲ୍ଲେଙ୍କ ସନ୍ତୁଷ୍ଟି ନିମନ୍ତେ କରୁଣାର ଅମୃତ ବର୍ଷା କରିଥିଲେ। ତାହାକୁ ଆସ୍ୱାଦନ କରନ୍ତୁ।

୬୧। ଡାକ୍ତର ପିଲ୍ଲେଙ୍କ ଅତିଶୟ ଯନ୍ତ୍ରଣାକ୍ଳିଷ୍ଟ ଅବସ୍ଥା ଦେଖି ଭକ୍ତକଳ୍ପଦ୍ରୁମ ତାହାକୁ ଦୂର କରିଦେବା ପାଇଁ କ'ଣ କରିଥିଲେ, ଶୁଣନ୍ତୁ।

୬୨। ଡାକ୍ତର ପିଲ୍ଲେଙ୍କ ନିକଟରୁ ଏହି ସମ୍ବାଦ ଦୀକ୍ଷିତ ଆଣିଥିଲେ। ଏହି ଖବର ଶୁଣି ବାବା କହିଥିଲେ, "ତାଙ୍କୁ ନିର୍ଭୟ ହୋଇ ରହିବା ନିମନ୍ତେ କୁହ।"

୬୩। ଆହୁରି ପୁଣି କହିଥିଲେ, " ସେ ଦଶଜନ୍ମ ଧରି ପଙ୍ଗୁ ହୋଇ ରହିବେ କାହିଁକି ? ସେ ମାତ୍ର ଦଶଦିନ ତାହା ଭୋଗିବେ ଓ ଆମେ ଦୁହେଁ ତାହା ବାଣ୍ଟିକରି ଭୋଗିବୁ।

୬୪। "ମୁଁ ମୋକ୍ଷ, ବିଷୟ-ଆଶୟ ବା ଆଧ୍ୟାତ୍ମିକତା ଦାନ କରିପାରୁଥିବା ସମୟରେ ତୁମେ ମୃତ୍ୟୁ ଭଳି ନିରର୍ଥକ ପଦାର୍ଥକୁ ମାଗିବାରେ କାହିଁକି ସାହସୀ ହୋଇଛ ?

୬୫। "ତାଙ୍କୁ ଏଠାକୁ ଉଠାଇ ନେଇଆସ। ଯାହା ଭାଗ୍ୟରେ ରହିଛି, ତାକୁ ସୁସ୍ଥିର ମନରେ ଭୋଗ କରିବାକୁ ହେବ। ଜଣେ ଏଭଳି ବ୍ୟାକୁଳ ହେବା ଉଚିତ୍ ନୁହେଁ। ତାଙ୍କୁ କାହାରି ପିଠିରେ ପକାଇ ଏଠାକୁ ବୋହି ଆଣ।"

୬୬। ତା'ପରେ ଡାକ୍ତରଙ୍କୁ ସେହିଭଳି ଅବସ୍ଥାରେ ସଙ୍ଗେ ସଙ୍ଗେ ମସ୍‌ଜିଦ୍‌କୁ ଅଣାଯାଇଥିଲା। ବାବା ତାଙ୍କ ପିଠି ପଟୁ ଗଦି ବାହାରକରି ଡାକ୍ତର ପିଲ୍ଲେଙ୍କୁ ଆଉଜି ବସିବାକୁ ଦେଇଥିଲେ।

୬୭ । ଫକୀର ବାବା ସାଧାରଣତଃ ଯେଉଁଠାରେ ବସୁଥିଲେ, ସେହି ଡାହାଣ ପାର୍ଶ୍ୱରେ ତାଙ୍କୁ ବସାଇ ଦିଆଯାଇଥିଲା ଓ ବାବା କହିଥିଲେ, "ଆଉଜି କରି ଚୁପଚାପ୍ ବସ । ଅଯଥାରେ ଭୟଭୀତ ହୁଅନାହିଁ ।

୬୮ । "ତୁମେ ଗୋଡ଼ ଲମ୍ୱାଇ ଆରାମରେ ବସ । ଭାଗ୍ୟଫଳ ଭୋଗିବାକୁ ପଡ଼ିବ । ତାହାହିଁ ଏକମାତ୍ର ଉପଚାର ।

୬୯ । "ଭଲ ହେଉ କିମ୍ୱା ମନ୍ଦ ହେଉ, ସୁଖ ହେଉ କି ଦୁଃଖ ହେଉ, ତାହା ଭାଗ୍ୟ ଅନୁଯାୟୀ ଅମୃତ କିମ୍ୱା ବିଷ ଭଳି ହୋଇଥାଏ । ଏହା ପରସ୍ପର ବିପରୀତ ଯୋଡ଼ି ହୋଇଥିଲେ ମଧ୍ୟ ସ୍ୱାଭାବିକ ଭାବରେ ଜୀବନରେ ଆସିଥାଏ । ଦୁଃଖ କରନାହିଁ କି ସୁଖ କରନାହିଁ ।

୭୦ । "ଯାହାବି ଆସୁ ସହ୍ୟକର । ଆଲ୍ଲା ମାଲିକ ଓ ରକ୍ଷକ । ତାଙ୍କୁ ସବୁବେଳେ ଧ୍ୟାନ କର । ସେ ସବୁ ଯତ୍ନ ନେବେ ।

୭୧ । "ତାଙ୍କ ପାଦତଳେ ତନ୍, ମନ୍, ବାକ୍ ଓ ସମ୍ପଦ ଉତ୍ସର୍ଗ କରିଦିଅ । ତାଙ୍କୁ ନିରନ୍ତର ସ୍ମରଣ କଲେ ତାଙ୍କର କୃତ୍ୟ ବୁଝିପାରିବ ।"

୭୨ । ତା'ପରେ ଡାକ୍ତର ପିଲ୍ଲେ କହିଥିଲେ ଯେ ନାନାସାହେବ ଚାନ୍ଦୋରକର ଗୋଟିଏ ପଟି ଘା' ଉପରେ ବାନ୍ଧି ଦେଇଥିଲେ ମଧ୍ୟ ଯନ୍ତ୍ରଣାର ଉପଶମ ହେଉନଥିଲା ।

୭୩ । ବାବା କହିଥିଲେ, " ନାନା ପାଗଳ ! ପଟି ଖୋଲି ନଦେଲେ ତୁମେ ମରିବ । ବର୍ତ୍ତମାନ କାଉଟିଏ ଆସି ତାକୁ ଖୁମ୍ପିବ ଓ ତା'ପରେ ତୁମେ ଭଲ ହୋଇଯିବ ।"

୭୪ । ଏହିଭଳି କଥାବାର୍ତ୍ତା ଚାଲିଥିବା ସମୟରେ ଅବ୍‌ଦୁଲ୍‌ ସାଙ୍ଗେ ସାଙ୍ଗେ ଆସି ଦୀପଗୁଡ଼ିକରେ ତେଲ ପୂରାଇଥିଲେ । ହଠାତ୍ କ'ଣ ଘଟିଗଲା, ଦେଖ ।

୭୫ । ମସ୍‌ଜିଦ୍‌ଟ ସହଜେ ଛୋଟ ଥିଲା, ତା'ଛଡ଼ା ଭକ୍ତମାନଙ୍କର ବହୁତ ଗହଳି ହୋଇଥିଲା । ଏସବୁ ମଧ୍ୟରେ ପିଲ୍ଲେଙ୍କୁ ନେଇ କୋଳାହଳ ହେଉଥିଲା । ଅବଦୁଲ୍‌ଙ୍କ ପାଇଁ ଗୋଡ଼ ପକାଇବାକୁବି ଜାଗା ନଥିଲା ।

୭୬ । ଅବ୍‌ଦୁଲ୍ ତାଙ୍କ କାମରେ ମନଧ୍ୟାନ ଦେଇ ଲାଗିଥିଲେ ଓ ଦୀପଗୁଡ଼ିକ ଉପରେ ତାଙ୍କର ପୂର୍ଣ୍ଣ ନଜର ରହିଥିଲା । ପିଲ୍ଲେଙ୍କୁ ସେ ଦେଖିନଥିଲେ । ଏକ ଅସ୍ୱାଭାବିକ ଘଟଣା ଘଟିଯାଇଥିଲା !

୭୭ । ଅବ୍‌ଦୁଲ୍‌ ଅବା କ'ଣ କରିପାରିଥାନ୍ତେ ? ଯାହା ଘଟିବାର ଥାଏ ଘଟିଯାଇଥାଏ । ଅଜାଣତରେ ତାଙ୍କ ପାଦ ପିଲ୍ଲେ ଲମ୍ୱାଇଥିବା ଗୋଡ଼ ଉପରେ ପଡ଼ିଯାଇଥିଲା ।


ଅବଦୁଲ୍ ବାବା

୭୮ । ଗୋଡ଼ଟି ଫୁଲିଥିଲା ଓ ଅବ୍‌ଦୁଲ୍ ସେହି ଫୁଲା ଜାଗା ଉପରେ ଚଢ଼ିଯାଇଥିଲେ । ଦାରୁଣ ଯନ୍ତ୍ରଣାରେ ବିକଳ ହୋଇ ପିଲ୍ଲେ ଚିତ୍କାର କରି ଉଠିଥିଲେ ।

୭୯ । ସେ ଗୋଟିଏ ଥର ଏଭଳି ରଡ଼ି ଛାଡ଼ିଥିଲେ ଯେ, ମନ ବିଦାରି ହୋଇଯାଇଥିଲା । ତା'ପରେ ସେ ହାତଯୋଡ଼ି ବାବାଙ୍କୁ ପ୍ରାର୍ଥନା କରିଥିଲେ ଓ କୃପାଭିକ୍ଷା କରିଥିଲେ । ସେକଥା ଶୁଣନ୍ତୁ ।

୮୦ । ଘା' ଫାଟି ଯାଇଥିଲା ଓ ପୋକଗୁଡ଼ିକ ବାହାରି ଆସୁଥିଲେ । ପିଲ୍ଲେ ଅସ୍ଥିର ଭାବରେ ଜୋରରେ କାନ୍ଦୁଥିଲେ ଓ ତାହା ସହିତ ଗୀତ ମଧ୍ୟ ବୋଲୁଥିଲେ ।

" ଏ କରୁଣ ଅବସ୍ଥାରେ ମୋର
    ହେ କରିମ୍ ! ତୁମେ କରୁଣା କର !
ତୁମେ କରୁଣାସାଗର, ତୁମେ ଦୟାବତାର
    ଜଗଦୀଶ୍ୱର ତୁମେ ଦୁଇ ଜଗତର
ଜଗତ ତୁମର ଅତି ଚମତ୍କାର ।
    ଯେବେ ଧ୍ୱଂସମୁଖେ ଯାଏ ଏ ସଂସାର
    ଶାଶ୍ୱତ ଅଟଇ ମହିମା ତୁମର
    ସଦା ତ୍ରାଣକର୍ତ୍ତା ତୁମେ ଭକ୍ତମାନଙ୍କର ।''

୮୧ । ମଝିରେ ମଝିରେ ଯନ୍ତ୍ରଣା ହେଉଥିଲା । ସେ ବିକଳ ହେଉଥିଲେ ଓ ଅସହାୟ ଭାବରେ ପଡ଼ିଥିଲେ । ସମସ୍ତେ ଏହାକୁ ସାଇବାବାଙ୍କର ଲୀଳା ବୋଲି ଭାବୁଥିଲେ ।

୮୨ । ବାବା କହିଥିଲେ, "ଭାଇଙ୍କୁ ଦେଖ । ସେ ଭଲ ଜଣାପଡୁଛନ୍ତି । ସେ ଏବେ ଗୀତ ବୋଲୁଛନ୍ତି ।" ପିଲ୍ଲେ ତତ୍ପରେ ପଚାରିଥିଲେ, "ସେହି କାଉ ଆସି ମୋତେ ଏବେ ଖୁମ୍ପିବ ତ ?"

୮୩ । ତା'ପରେ ବାବା କହିଥିଲେ, "ଏବେ ଯାଅ, ୱାଡ଼ାରେ ବିଶ୍ରାମ କର । କାଉ ଖୁମ୍ପି ସାରିଲାଣି, ପୁଣି ତୁମକୁ ଖୁମ୍ପିବା ନିମନ୍ତେ ଆଉ ଆସିବ ନାହିଁ ।

୮୪ । "ସେ ଆସିନଥିଲା କି ? ସେ ତୁମ ଗୋଡ଼ ଉପରେ ଚଢ଼ି ଯାଇଥିଲା । ସେହି କାଉ ଖୁମ୍ପା ମାରି ଦେଇ ପଳାଇ ଗଲାଣି । ସେ ପୋକଗୁଡ଼ିକୁ ଚିପି ବାହାର କରିଦେଲା ।"

୮୫ । କେଉଁ କାଉ ! ଏହା କେବଳ କଥାକୁ ଥିଲା । ଯାହା ଘଟିବାର ଥିଲା, ତାହା ସମସ୍ତଙ୍କ ସମ୍ମୁଖରେ ଘଟିଗଲା । ସେ ତାଙ୍କର ଭବିଷ୍ୟତବାଣୀ ପୂରଣ କରିଥିଲେ ।

୮୬ । ଏହା ମାମୁଲି କଥା ନଥିଲା, ଭାଗ୍ୟ ହିଁ ଥିଲା । ଯେଉଁଠି ପୂର୍ବଜନ୍ମରେ କୃତକର୍ମର ପ୍ରଭାବ ମଧ୍ୟ ରହି ନ ଥାଏ । ଅଳ୍ପ ସମୟ ମଧ୍ୟରେ ଭାଇ ସୁସ୍ଥ ଅନୁଭବ କରିଥିଲେ ।

୮୭ । କେବଳ ଉଦି ଲେପନ ଓ ସେବନ ଦ୍ୱାରା ଦଶଦିନ ସକାଳ ବେଳକୁ ରୋଗ ସମ୍ପୂର୍ଣ୍ଣ ରୂପେ ଭଲ ହୋଇଯାଇଥିଲା । ତାହା ହିଁ ଏକମାତ୍ର ଔଷଧ ଥିଲା ।

୮୮ । ସାତୋଟିଯାକ ପୋକ ଘା'ରୁ ଜୀବନ୍ତ ଅବସ୍ଥାରେ ବାହାରି ଆସିଥିଲେ । ସେଗୁଡ଼ିକ କ୍ଷୀଣ ଓ ଦୀର୍ଘ ଥିଲେ । ଦାରୁଣ ଯନ୍ତ୍ରଣାର ଅବସାନ ଘଟିଥିଲା । ଦୁଃଖର ଉପଶମ ହୋଇଥିଲା ।

୮୯ । ଏଭଳି ବିସ୍ମୟକୁ ଅନୁଭବ କରି ପିଲ୍ଲେ ଅଭିଭୂତ ହୋଇପଡ଼ିଥିଲେ ଓ ବାବାଙ୍କର ଏହି ଚମତ୍କାର ଲୀଳା ଦେଖି ତାଙ୍କର ଚକ୍ଷୁରୁ ଶ୍ରଦ୍ଧାର ଅଶ୍ରୁ ବୋହିଆସିଥିଲା ।

୯୦ । ପିଲ୍ଲେ ବାବାଙ୍କର ଗୋଡ଼କୁ କୁଣ୍ଢାଇ ପକାଇଥିଲେ । ଭାବାବେଗରେ ତାଙ୍କର କଣ୍ଠରୋଧ ହୋଇଯାଇଥିଲା ଓ ସେ ପଦେ ହେଲେ କଥା କହି ପାରି ନ ଥିଲେ ।

୯୧ । ଆଉ ଗୋଟିଏ କାହାଣୀ ବର୍ଣ୍ଣନା କରିସାରିବା ପରେ, ଆମେ ଉଦିର ମାହାତ୍ମ୍ୟ ସମ୍ପର୍କରେ ବର୍ଣ୍ଣନା ଶେଷ କରିବା । ନିଜର ଭକ୍ତି ଅନୁଯାୟୀ ଅନୁଭୂତି ମିଳିଥାଏ । ଏହା ହିଁ ଏହି ଗ୍ରନ୍ଥର ସାରକଥା ।

୯୨ । ଏ ଗଳ୍ପଟି ମାଧବରାଓଙ୍କ ସାନଭାଇ ବାପାଜୀଙ୍କ ସମ୍ବନ୍ଧରେ । ସେ ଅସୁବିଧାରେ ପଡ଼ିଥିବା ବେଳେ ଉଦି ବ୍ୟବହାର କରି ନିଜର ମଙ୍ଗଳ ସାଧନ କିପରି କରିଥିଲେ ।

୯୩। ଏହି ଉଦିର ବିସ୍ମୟକର ଶକ୍ତି ଓ ଚମତ୍କାରିତା ସମ୍ବନ୍ଧରେ କେତେ ମୁଁ କହିବି ! ଉଦି ପ୍ଲେଗ୍ ଓ ଅନ୍ୟାନ୍ୟ ବ୍ୟାଧି ପାଇଁ ମହୌଷଧିର କାର୍ଯ୍ୟ କରିଥାଏ ।

୯୪ । ଶିରିଡ଼ି ନିକଟରେ ସାବଲୀ ବିହୀର ନାମକ ସ୍ଥାନରେ ରହୁଥିବା ସମୟରେ ବାପାଜୀଙ୍କ ପତ୍ନୀଙ୍କୁ ଜ୍ୱର ହୋଇଥିଲା ଓ ତାଙ୍କର ଜଙ୍ଘ ସନ୍ଧିରେ ଦୁଇଟି ଫୋଟକା ବାହାରିଥିଲା । ସେ ବହୁତ ଉଦ୍‌ବିଗ୍ନ ହୋଇଥିଲେ ।

୯୫ । ଭୟଙ୍କର ରାତ୍ରି ସମୟରେ ପତ୍ନୀଙ୍କର ଭୀଷଣ କଷ୍ଟକୁ ଲକ୍ଷ୍ୟ କରି ବାପାଜୀ ତାଙ୍କର ସମସ୍ତ ଧୈର୍ଯ୍ୟ ଓ ସାହସ ହରାଇ ଦେଇଥିଲେ ।

୯୬ । ସେହି ରାତିରେ ସେ ଶିରିଡ଼ି ଧାଇଁଯାଇଥିଲେ ଓ ଅବସନ୍ନ ହୋଇ ଥରି ଥରି ଯାଇ ପହଞ୍ଚିଥିଲେ । ତାଙ୍କ ଭାଇଙ୍କ ନିକଟରେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲେ ।

୯୭ । ସେ କହିଥିଲେ, "ତା'ଦେହରେ ଦୁଇଟି ଫୋଟକା ବାହାରିଛି ଓ ତାକୁ ପ୍ରବଳ ଜ୍ୱର ହେଉଛି । ନିଜେ ଆସି ଦେଖ । ମୋତେ କିଛି ଭଲ ଦିଶୁ ନାହିଁ ।"

୯୮ । ବାପାଜୀ ସେହି କରୁଣ ଅବସ୍ଥାର ବର୍ଣ୍ଣନା କରିବାବେଳେ ମାଧବରାଓ ସ୍ତମ୍ଭୀଭୂତ ଓ ଭୀତତ୍ରସ୍ତ ହୋଇଥିଲେ । ତାଙ୍କର ବୁଦ୍ଧି ହଜିଯାଇଥିଲା ।

୯୯ । ମାଧବରାଓ ଯଦିଓ ସ୍ୱାଭାବିକ ଭାବରେ ଜଣେ ଧୀରସ୍ଥିର ବିଚାରବୁଦ୍ଧିସମ୍ପନ୍ନ ବ୍ୟକ୍ତି ଥିଲେ, ପ୍ଲେଗ୍‌ର ଫୋଟକା ବାହାରିଥିବା ଶୁଣି ଖୁବ୍ ଭୟ ପାଇଯାଇଥିଲେ । କାରଣ ପ୍ଲେଗ୍‌ସଂକ୍ରମିତ ଫୋଟକା ଦ୍ୱାରା ରୋଗୀର ଶୀଘ୍ର ମୃତ୍ୟୁ ହୋଇଯାଏ ବୋଲି ସମସ୍ତେ ଜାଣନ୍ତି ।

୧୦୦ । ପରିସ୍ଥିତି ଭଲ ହୋଇଥାଉ କିମ୍ବା ମନ୍ଦ ହୋଇଥାଉ ଓ କାର୍ଯ୍ୟ ଶୁଭ ହୋଇଥାଉ କିମ୍ବା ଅଶୁଭ ହୋଇଥାଉ, ସବୁପ୍ରକାର ପରିସ୍ଥିତିରେ ଶିରିଡ଼ିରେ ବାବାଙ୍କ ସହିତ ପରାମର୍ଶ କରିବା ଏକ ପ୍ରଚଳିତ ପ୍ରଥା ଥିଲା ।

୧୦୧ । ସେ ଯାହା କହୁଥିଲେ, ତାହା ସମସ୍ତେ ସାବଧାନତା ସହକାରେ ପାଳନ କରୁଥିଲେ । ସେ ଏକାକୀ ଭକ୍ତମାନଙ୍କର ସମସ୍ତ ସମସ୍ୟା ଦୂର କରି ଦେଉଥିଲେ । ସେଭଳି କେତେ ଅନୁଭୂତି ମୁଁ ବର୍ଣ୍ଣନା କରିପାରିବି ?

୧୦୨ । ଏହି ପ୍ରଥା ପ୍ରଚଳିତ ଥିବା ଯୋଗୁଁ ମାଧବରାଓ ମଧ୍ୟ ତାହା ଅନୁସରଣ କରିବାକୁ ଚିନ୍ତା କରିଥିଲେ । ସେ ବାବାଙ୍କ ନିକଟକୁ ଯାଇଥିଲେ, ମୁଣ୍ଡ ନୁଆଁଇ ଭକ୍ତି ଜଣାଇଥିଲେ ଓ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।

୧୦୩ । ସେ କହିଥିଲେ, "ଶ୍ରୀସାଇନାଥଙ୍କର ଜୟ ହେଉ ! ଆମେ ଅସହାୟ, ଆମକୁ କୃପା କରନ୍ତୁ । ଏଭଳି ସମସ୍ୟା

ବର୍ତ୍ତମାନ କାହିଁକି ଉପୁଜିଛି, ଏହା ଅକାରଣରେ ଆମକୁ ଉଦ୍‌ବିଗ୍ନ କରୁଛି ।
୧୦୪ । "ତୁମ ବ୍ୟତୀତ ଆମେ ଆଉ କାହାକୁ ପ୍ରାର୍ଥନା କରିବୁ ? ଏହି ଝିଅଟିର ଦୁଃଖ ହରଣ କରିନିଅନ୍ତୁ ଓ ତାକୁ ଆପଣଙ୍କର ଆଶୀର୍ବାଦ ଦିଅନ୍ତୁ ।
୧୦୫ । "ଏହି ଅସୁବିଧା ଦୂର କରିଦିଅନ୍ତୁ । ଆମର ଆଉ କିଏ ଅଛି ଯେ, ଯତ୍ନ ନେବ ? ଏହି ଭୟଙ୍କର ଜ୍ୱରକୁ ଭଲ କରିଦିଅନ୍ତୁ । ଆପଣଙ୍କର ରକ୍ଷକ ଧର୍ମକୁ ବଜାୟ ରଖନ୍ତୁ ।"
୧୦୬ । ସେ ସେଠାକୁ ଯିବା ନିମନ୍ତେ ଅନୁମତି ପ୍ରାର୍ଥନା କରିବାରୁ ବାବା ତାଙ୍କୁ କହିଥିଲେ, "ଏତେ ରାତିରେ ସେଠାକୁ ଯାଅ ନାହିଁ । ତା' ନିକଟକୁ ଉଦି ପଠାଇଦିଅ ।
୧୦୭ । "ଜ୍ୱର ଓ ପ୍ଲେଗ୍ ସଂକ୍ରମିତ ଫୋଟକା ପାଇଁ କାହିଁକି ଚିନ୍ତା କରୁଛ ? ପ୍ରଭୁ ଆମର ପିତା । ସେ ଶୀଘ୍ର ଭଲ ହୋଇଯିବ । ସବୁ ଠିକ୍‌ଠାକ୍ ହେବ, କିଛି ସମସ୍ୟା ରହିବ ନାହିଁ ।
୧୦୮ । "ବଡ଼ି ସକାଳୁ ସାବଲୀବିହୀର ଯାଅ ଓ ଫେରିଆସ । ଏତେ ତରବର ହୋଇ ଏବେ ଯାଅନାହିଁ । ଏଠି ଧୀରସ୍ଥିର ଓ ଶାନ୍ତ ଭାବରେ ରହ ।
୧୦୯ । "କାଲି ଯିବ । ବ୍ୟସ୍ତ ହେବା ଦରକାର ନାହିଁ । ବିଶ୍ୱାସ ରଖି ଉଦି ବୋଳିଲେ ଓ ଖାଇଲେ କିଏ କାହିଁକି ଭୟଭୀତ ହେବ ।"
୧୧୦ । ଏ କଥା ଶୁଣି ବାପାଜୀ ଡରି ଯାଇଥିଲେ । ସେ ବହୁତ ହତାଶ ହୋଇପଡ଼ିଥିଲେ । ମାଧବରାଓ ଏହି ରୋଗ ପାଇଁ ପ୍ରତିଷେଧକ ଔଷଧୀୟ ଗଛକୁ ଜାଣିଥିଲେ ମଧ୍ୟ ବର୍ତ୍ତମାନ ତାଙ୍କର ସେହି ଜ୍ଞାନ ନିରର୍ଥକ ଥିଲା ।
୧୧୧ । ମାଧବରାଓ ଭଲ ଭାବରେ ଜାଣିଥିଲେ ଯେ ଶ୍ରୀସାଇଙ୍କ କୃପା ବିନା କୌଣସି ଔଷଧ ଫଳପ୍ରଦ ହେବ ନାହିଁ । ଏହା ଏକ ଗୁପ୍ତ ସଙ୍କେତ ଥିଲା ।
୧୧୨ । ତେଣୁ ବାବାଙ୍କ କଥା ମାନି ମାଧବରାଓ ଉଦି ପଠାଇ ଦେଇଥିଲେ ଏବଂ ଶାନ୍ତ ଓ ନିରବ ରହିଥିଲେ । ଉଦି ଧରି ବାପାଜୀ ହତାଶ ହୋଇ ଫେରି ଯାଇଥିଲେ ।
୧୧୩ । ଉଦିକୁ ପାଣିରେ ଗୋଳାଇ ରୋଗୀକୁ ପିଇବାକୁ ଦେଇଥିଲେ ଓ କିଛି ଉଦି ଶରୀରରେ ବୋଳି ଦେଇଥିଲେ । ରୋଗୀ ଦେହରୁ ପ୍ରଚୁର ଝାଳ ବାହାରିଥିଲା ଓ ସେ ଶୋଇ ପଡ଼ିଥିଲା ।
୧୧୪ । ସୂର୍ଯ୍ୟୋଦୟ ପୂର୍ବରୁ ବାପାଜୀଙ୍କ ପତ୍ନୀ ଠିକ୍ ହୋଇଯାଇଥିଲେ । ଜ୍ୱର ଛାଡ଼ିଯାଇଥିଲା ଓ ବିଷାକ୍ତ ଫୋଟକା ଗୁଡ଼ିକ ମଧ୍ୟ ମିଳାଇ ଯାଇଥିଲା । ବାପାଜୀ ଆଶ୍ଚର୍ଯ୍ୟ ହୋଇଥିଲେ ।
୧୧୫ । ଶିରିଡ଼ିରେ ମାଧବରାଓ ସକାଳୁ ଉଠି ସାଙ୍ଗେ ସାଙ୍ଗେ ପ୍ରାତଃକର୍ମ ସାରି ଦେଇଥିଲେ । ସାବଲୀ ବିହୀର ଯିବା ରାସ୍ତାରେ ମସ୍‌ଜିଦ୍‌କୁ ବାବାଙ୍କ ଦର୍ଶନ ନିମିତ୍ତ ଯାଇଥିଲେ ।
୧୧୬ । ସେ ବାବାଙ୍କ ଦର୍ଶନ ସାରି ତାଙ୍କ ପାଦ ତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ଉଦି ଓ ଆଶୀର୍ବାଦ ପାଇବା ପରେ ସେ ସେଠାରୁ ଚାଲିଆସିଥିଲେ ।
୧୧୭ । ସେ ମସ୍‌ଜିଦ୍‌ର ପାହାଚ ଡେଇଁ ତଳକୁ ଓହ୍ଲାଉଥିବା ସମୟରେ ବାବାଙ୍କର ଆଦେଶ ଶୁଣିଥିଲେ, "ଶାମା, ସାଙ୍ଗେ ସାଙ୍ଗେ ଫେରିଆସିବ । ଡେରି କରିବାର କୌଣସି କାରଣ ନାହିଁ ।"
୧୧୮ । ରାସ୍ତାରେ ଚିନ୍ତିତ ମନରେ ଶାମା ଭାବି ଚାଲିଥିଲେ, ମୋ ଭାଇବୋହୂ ନିଶ୍ଚୟ ବହୁତ କଷ୍ଟ ପାଉଥିବେ ? ପ୍ଲେଗ୍ ସଂକ୍ରମିତ ଫୋଟକା ଦୁଇଟିର ଯନ୍ତ୍ରଣା ସେ କିଭଳି ସହୁଥିବେ ? ସେ ଦୁଃଖରେ ଭାଙ୍ଗିପଡ଼ିଥିବେ ।
୧୧୯ । ବାବାଙ୍କ ବଚନ "ସାଙ୍ଗେ ସାଙ୍ଗେ ଫେରି ଆସିବ"ର ଅର୍ଥ ବୁଝିନପାରି ଶାମା ଅଧିକ ବିବ୍ରତ ହୋଇଥିଲେ ଓ ରାସ୍ତାରେ ଆହୁରି ଜୋରରେ ଚାଲିଥିଲେ ।
୧୨୦ । ସେ ସାବଲୀ ବିହୀରରେ କେମିତି ଚଞ୍ଚଳ ପହଞ୍ଚିବେ ଭାବି ଅଧୈର୍ଯ୍ୟ ହେଉଥିଲେ । ମାତ୍ର ଘରର ଏରୁଡ଼ିବନ୍ଧ ଡେଇଁବା ପରେ ସେ ଏକ ବିସ୍ମୟକର ଘଟଣା ଦେଖିଥିଲେ ।
୧୨୧ । ଗତକାଲି ରାତିରେ ଯିଏ ଭୟଙ୍କର ପ୍ଲେଗଜ୍ୱର ଭୋଗୁଥିଲେ, ଆଜି ଚୁଲି ପାଖରେ ବସି ସିଏ ଚା' କରୁଛନ୍ତି । ତାଙ୍କ ଅବସ୍ଥାରେ ପରିବର୍ତ୍ତନ ଦେଖି ମାଧବରାଓ ଚକିତ ହୋଇ ଯାଇଥିଲେ ।
୧୨୨ । ତା'ପରେ ସେ ବାପାଜୀଙ୍କୁ ପଚାରିଥିଲେ, "ଭାଇବୋହୂ କିପରି ସ୍ୱାଭାବିକ ଭାବରେ ତାଙ୍କର ଘରକାମ କରୁଛନ୍ତି ?" ବାପାଜୀ ଉତ୍ତର ଦେଇଥିଲେ, "ନିଶ୍ଚିତ ଭାବରେ ବାବାଙ୍କ ଉଦି ଯୋଗୁଁ ଏଭଳି ବିସ୍ମୟକର ଘଟଣା ଘଟିଛି ।''

୧୨୩। ସେ ପୁଣି କହିଥିଲେ,"ମୁଁ ଫେରିଆସି ତାଙ୍କୁ ପାଣିରେ ଉଦି ଗୋଳି ପିଇବାକୁ ଦେଇଥିଲି ଓ ସମଗ୍ର ଶରୀରରେ ବୋଳି ଦେଇଥିଲି। ତତ୍‌କ୍ଷଣାତ ତାଙ୍କ ଦେହରୁ ପ୍ରଚୁର ଝାଳ ବୋହିଥିଲା ଓ ସେ ଆରାମରେ ଶୋଇଥିଲେ।

୧୨୪। "ଆଜି ସକାଳେ ସୂର୍ଯ୍ୟୋଦୟ ବେଳକୁ ସେ ବେଶ୍ ସୁସ୍ଥ ହୋଇ ଉଠିଥିଲେ। ଦେହରେ ଜ୍ୱର କିମ୍ବା ଫୋଟକା ନଥିଲା। ଏହା ସବୁ ଶ୍ରୀସାଇଙ୍କ ଲୀଳା।"

୧୨୫। ଶାମା ଏଭଳି ଅବସ୍ଥା ଦେଖିବା ପରେ ତାଙ୍କର ଶ୍ରୀସାଇଙ୍କ କଥା ମନେ ପଡ଼ିଯାଇଥିଲା । "ସାଙ୍ଗେ ସାଙ୍ଗେ ଫେରିଆସିବ"ର ଅର୍ଥ ବୁଝିପାରି ବିସ୍ମିତ ହୋଇ ଯାଇଥିଲେ।

୧୨୬। ଏପରିକି ସେ ପହଂଚିବା ପୂର୍ବରୁ ସମସ୍ୟାର ଅନ୍ତ ଘଟିଥିଲା । ମାଧବରାଓ କପେ ଚା' ପିଇଦେଇ ଫେରି ଆସିଥିଲେ। ସେ ସିଧା ମସ୍‌ଜିଦ୍‌କୁ ଯାଇ ବାବାଙ୍କ ପଦରେ ପ୍ରଣାମ କରିଥିଲେ।

୧୨୭। ସେ କହିଥିଲେ, "ହେ ଦେବା ! ତୁମେ କି ଖେଳ ଖେଳୁଛ ? ଏଠି ବସିରହି ଆମ ମନକୁ ଅସ୍ତବ୍ୟସ୍ତ କରୁଛ। ଝଡ଼ ସୃଷ୍ଟି କରୁଛ ଓ ପରେ ତାହାକୁ ଶାନ୍ତ କରୁଛ !"

୧୨୮। ବାବା ଉତ୍ତର ଦେଇଥିଲେ, "ଦେଖ, ଭାଗ୍ୟର ଗତି-ପ୍ରକୃତି ବୁଝିବା କଷ୍ଟକର। ମୁଁ କିଛି କରେ ନାହିଁ କି କାହାରି ଦ୍ୱାରା କିଛି କରାଏ ନାହିଁ। ତଥାପି ଯାହାସବୁ ଘଟି ଯାଉଛି, ସେଥିପାଇଁ ମୋତେ ଦାୟୀ କରାଯାଉଛି !

୧୨୯। "ଭାଗ୍ୟ ହେତୁ ଘଟିଯାଉଥିବା ଘଟଣାଗୁଡ଼ିକର ମୁଁ ଏକ ସାକ୍ଷୀ ମାତ୍ର। ସନାତନ ଈଶ୍ୱର ହିଁ କର୍ତ୍ତା ଓ ଚାଳକ । ସେ ପରମ ଦୟାଳୁ।

୧୩୦। "ମୁଁ ଈଶ୍ୱର ନୁହେଁ କି ସର୍ବଶକ୍ତିମାନ କର୍ତ୍ତା ନୁହେଁ। ମୁଁ ପରମେଶ୍ୱର ନୁହେଁ କି ପରଂବ୍ରହ୍ମ ନୁହେଁ। ମୁଁ କେବଳ ଈଶ୍ୱରଙ୍କୁ ସ୍ମରଣ କରେ ଓ ଲୋକମାନଙ୍କୁ ପରମେଶ୍ୱରଙ୍କ ସ୍ଥିତି ସମ୍ବନ୍ଧରେ ମନେ ପକାଇଦିଏ । ମୁଁ ଆଲ୍ଲାଙ୍କର ଜଣେ ଦୀନ ସେବକ ମାତ୍ର।

୧୩୧। "ଯିଏ ସମସ୍ତ ଗର୍ବ ତ୍ୟାଗ କରିଦେଇଥାଏ, ଈଶ୍ୱରଙ୍କ ପ୍ରତି ସଦା କୃତଜ୍ଞ ରହିଥାଏ ଓ ନିଜର ସମସ୍ତ ବୋଝ ଈଶ୍ୱରଙ୍କ ଉପରେ ଲଦିଦେଇଥାଏ, ସେ ନିଜର ଲକ୍ଷ୍ୟ ସାଧନ କରିପାରିଥାଏ।"

୧୩୨। ଜଣେ ଇରାନୀ ଭଦ୍ରବ୍ୟକ୍ତିଙ୍କର ଅତି ଗୁରୁତ୍ୱପୂର୍ଣ୍ଣ ଓ ସମାନ ଧରଣର ଅନୁଭୂତି ସମ୍ପର୍କରେ ଶୁଣନ୍ତୁ। ତାଙ୍କର ସାନଝିଅଟି ଘଣ୍ଟା ଘଣ୍ଟା ଧରି କଥା କହି ପାରୁନଥିଲା।

୧୩୩। ପ୍ରତି ଘଣ୍ଟାରେ ସେ ଅଚେତ ହୋଇ ଯାଉଥିଲା। ତାହାର ଦାନ୍ତ ଜାବ ପଡ଼ିଯାଉଥିଲା ଓ ଶରୀର ଧନୁ ଭଳି ବଙ୍କା ହୋଇଯାଉଥିଲା ଓ ସେ ସେହି ସ୍ଥାନରେ ଟଳି ପଡୁଥିଲା । ସେ ଅଚେତ ହୋଇଯାଇ ମୃତବତ୍ ପଡ଼ି ରହୁଥିଲା। ତା' କ୍ଷେତ୍ରରେ କୌଣସି ଉପଚାର ଫଳପ୍ରଦ ହେଉନଥିଲା।

୧୩୪। ପରେ ତାଙ୍କର ଜଣେ ସାଂଗ 'ଉଦି'ର ମାହାତ୍ମ୍ୟ ସମ୍ପର୍କରେ ତାଙ୍କୁ କହିଥିଲେ ଓ ଏହା ମଧ୍ୟ କହିଥିଲେ ଯେ ଉଦିଠାରୁ ବଳି ଆଉ କିଛି ନିଶ୍ଚିତ ଓ ବିଶ୍ୱାସଯୋଗ୍ୟ ଉପଚାର ନାହିଁ।

୧୩୫। "ଡେରି ନକରି ଶୀଘ୍ର ଭିଲେ ପାର୍ଲେ (ବମ୍ବେଇ) ଯାଅ ଓ କାକାସାହେବ ଦୀକ୍ଷିତଙ୍କ ପାଖରୁ ଉଦି ମାଗିଆଣ। ସେ ତାହା ଅତି ଖୁସିରେ ତୁମକୁ ଦେବେ।

୧୩୬। "ତା'ପରେ ତୁମେ ଯଦି ଶ୍ରୀସାଇଙ୍କ ନାମ ସ୍ମରଣକରି ପୂର୍ଣ୍ଣ ବିଶ୍ୱାସ ସହକାରେ ପ୍ରତିଦିନ ଉଦି ଖାଇବାକୁ ଦେବ, ତେବେ ତାହାର ଏହି ମୂର୍ଚ୍ଛା ହେବା ବାତ ଭଲ ହୋଇଯିବ ଏବଂ ସେ ସୁସ୍ଥ ଓ ଖୁସି ହୋଇ ରହିବ।"

୧୩୭। ଏକଥା ଶୁଣିବା ପରେ ସେହି ଇରାନୀ ଭଦ୍ରବ୍ୟକ୍ତି ଭିଲେପାର୍ଲେ ଯାଇ ଦୀକ୍ଷିତଙ୍କ ନିକଟରୁ ଉଦି ଆଣିଥିଲେ ଓ ତାଙ୍କ ଝିଅକୁ ନିୟମିତ ସେବନ କରିବାକୁ ଦେଇଥିଲେ । ଝିଅ କ୍ରମେ କ୍ରମେ ଆରୋଗ୍ୟ ହୋଇଯାଇଥିଲା।

୧୩୮। ଯେଉଁଠାରେ ପ୍ରତ୍ୟେକ ଘଣ୍ଟାରେ ସେ ଅଚେତ ହୋଇଯାଉଥିଲା, ଉଦି ସେବନ ପରେ ତାହା କମିଯାଇ ସାତଘଣ୍ଟାରେ ଥରେ ହେଲା।

୧୩୯। ପ୍ରଥମେ ଏହି ବାତର ପୌନଃପୁନିକତା ଏକ ଘଣ୍ଟାରୁ ସାତ ଘଣ୍ଟାକୁ ହ୍ରାସ ପାଇଥିଲା । ଆଉ କିଛିଦିନ ପରେ ପୂରାପୂରି ବନ୍ଦ ହୋଇଯାଇଥିଲା[୭] ।

୧୪୦। ହରଦା ନିକଟସ୍ଥ ଏକ ଗ୍ରାମରେ ଜଣେ ବୃଦ୍ଧ ରହୁଥିଲେ। ତାଙ୍କ ବୃକକ୍(କିଡ଼୍‌ନୀ)ରେ ପଥର ସୃଷ୍ଟି ହୋଇଥିବାରୁ ସେ ବହୁତ ଯନ୍ତ୍ରଣା ଭୋଗକରୁଥିଲେ ଓ ମ୍ରିୟମାଣ ହୋଇ ରହିଥିଲେ ।

୧୪୧। ତାଙ୍କର ଅସ୍ତ୍ରୋପଚାର ବ୍ୟତୀତ ଭଲ ହେବାର

ଅନ୍ୟ କିଛି ଉପାୟ ନଥିଲା । ତେଣୁ ଜଣେ କୁଶଳୀ ଶଲ୍ୟ ଚିକିତ୍ସକଙ୍କୁ ଭେଟିବାପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା ।

୧୪୨ । ରୋଗୀ ବହୁତ ବିବ୍ରତ ହୋଇ ପଡ଼ିଥିଲେ ଓ କ'ଣ କରିବେ ଭାବିପାରୁନଥିଲେ । ଅତ୍ୟନ୍ତ କ୍ଷୀଣକାୟ ଓ ଦୁର୍ବଳ ହୋଇଥିବାଯୋଗୁଁ ସେ ସତେକି ମୃତ୍ୟୁର ଦ୍ୱାରଦେଶରେ ଛିଡ଼ା ହୋଇଛନ୍ତି ବୋଲି ମନେ ହେଉଥିଲା । ସେ ପ୍ରବଳ ଯନ୍ତ୍ରଣା ସହ୍ୟ କରିପାରୁନଥିଲେ ।

୧୪୩ । ଅସ୍ତ୍ରୋପଚାର ନିମନ୍ତେ ରୋଗୀର ଯେଉଁ ସାହସ ବା ଆତ୍ମବିଶ୍ୱାସ ରହିବା ଆବଶ୍ୟକ, ତାହା ତାଙ୍କର ନଥିଲା । ମାତ୍ର ଭାଗ୍ୟବଳରୁ ତାଙ୍କର ସେହି ଦୁର୍ଦ୍ଦଶା ଶେଷ ହୋଇଥିଲା । ସେହି ବିଷୟ ଶ୍ରବଣ କଲେ ଆଶ୍ଚର୍ଯ୍ୟ ହୋଇଯିବେ ।

୧୪୪ । ପରିସ୍ଥିତି ଏହିଭଳି ଥିବା ସମୟରେ ସହରର ଇନାମଦାର ସେହି ଗ୍ରାମକୁ ଆସିଥିଲେ । ସିଏ ସାଇବାବାଙ୍କର ଜଣେ ପରମ ଭକ୍ତ ଥିଲେ ।

୧୪୫ । ସେ ତାଙ୍କ ନିକଟରେ ସବୁ ସମୟରେ ବାବାଙ୍କର ବିଭୂତି ରଖୁଥିଲେ ବୋଲି ସମସ୍ତେ ଜାଣିଥିଲେ । ରୋଗୀର ସମ୍ପର୍କୀୟମାନେ ତାଙ୍କ ନିକଟକୁ ଆସିଥିଲେ ଓ କିଛି ଉଦି ଦେବାପାଇଁ ଅନୁରୋଧ କରିଥିଲେ ।

୧୪୬ । ଇନାମଦାର ଉଦି ଦେଇଥିଲେ । ପାଣିରେ ଗୋଳାଇ ପୁଅ ବାପାଙ୍କୁ ପିଇବାପାଇଁ ଦେଇଥିଲେ । ପାଂଚମିନିଟ୍ ବି ବିତିନଥିଲା, ଏହି ସମୟରେ ବିସ୍ମୟକର ଘଟଣାଟିଏ ଘଟିଥିଲା ।

୧୪୭ । ଉଦିପ୍ରସାଦ ଶରୀରରେ ଭେଦିଯିବା ମାତ୍ରକେ ବୃକ୍କ ମଧ୍ୟରୁ ପଥର ଠେଲିହୋଇ ବାହାରି ଆସିଥିଲା ଓ ପରିସ୍ରାବାଟେ ବାହାରିଯାଇଥିଲା । ସେ ସଂଗେ ସଂଗେ ଆରାମ ପାଇଥିଲେ ।

୧୪୮ । ବମ୍ବେଇର କାୟସ୍ଥପ୍ରଭୁ ଜାତିର ଜଣେ ଭଦ୍ରବ୍ୟକ୍ତିଙ୍କର ପତ୍ନୀ ପ୍ରସବ କରିବା ସମୟରେ ସବୁବେଳେ କଷ୍ଟ ପାଉଥିଲେ ।

୧୪୯ । ଯେତେ ପ୍ରକାର ପ୍ରତିକାର କରାଗଲେ ମଧ୍ୟ ତଦ୍ୱାରା କିଛି ଉପକାର ହେଉନଥିଲା । ମହିଳାଜଣକ ଗର୍ଭବତୀ ହେଲେ ମରିଯିବେ ବୋଲି ଭାବୁଥିଲେ । ବିଚରା ଭଦ୍ରବ୍ୟକ୍ତି ବଡ଼ ଦୁଃଖିତ ଥିଲେ ।

୧୫୦ । ସାଇଭକ୍ତ ଶ୍ରୀରାମ ମାରୁତି ଜଣେ ବିଖ୍ୟାତ ବ୍ୟକ୍ତି ଥିଲେ । ତାଙ୍କ ସହିତ ପରାମର୍ଶ କରିବା ପରେ ସେହି ଭଦ୍ରବ୍ୟକ୍ତି ଶିରିଡ଼ି ଯିବାକୁ ସ୍ଥିର କରିଥିଲେ ।

୧୫୧ । ଗର୍ଭବତୀ ପତ୍ନୀଙ୍କର ପ୍ରସବ ସମୟ ପାଖେଇ ଆସିଥିବାରୁ ଉଭୟେ ଭୀଷଣ ମନ ଦୁଃଖରେ ଥିଲେ ମଧ୍ୟ ସେମାନେ ଶିରିଡ଼ି ଯିବାକୁ ସ୍ଥିର କରିଥିଲେ ଓ ସେମାନଙ୍କର ଭୟ କରିବାର କିଛି ନାହିଁ ବୋଲି ଭାବୁଥିଲେ ।

୧୫୨ । 'ଯାହା ଘଟିବାର ଅଛି, ଅନ୍ତତଃ ବାବାଙ୍କ ପାଖରେ ତାହା ଘଟୁ' ବୋଲି ଦୃଢ଼ ବିଶ୍ୱାସ ନେଇ ସେମାନେ ଶିରିଡ଼ି ଆସିଥିଲେ ଓ ସେଠାରେ ବାସ କରିଥିଲେ ।

୧୫୩ । ଏଭଳି ଭାବରେ ସେମାନେ ଶିରିଡ଼ିରେ କ୍ରମାଗତ ଅନେକ ମାସ ଧରି ରହିଥିଲେ । ଶ୍ରୀସାଇଙ୍କର ପୂଜାର୍ଚ୍ଚନା କରି ଓ ତାଙ୍କ ଗହଣରେ ରହି ଉଭୟେ ଆନନ୍ଦିତ ହେଉଥିଲେ ।

୧୫୪ । ଏଭଳି କିଛିଦିନ ଗତ ହେବାପରେ ପ୍ରସବ ସମୟ ଆସନ୍ନ ହୋଇଥିଲା । ବିପଦ କିଭଳି କଟିବ, ସେଥିନିମନ୍ତେ ସେମାନେ ଅତ୍ୟନ୍ତ ଆଶଙ୍କିତ ଥିଲେ ।

୧୫୫ । ଶେଷରେ ସେହି ପ୍ରସବଦିନ ଆସି ପହଂଚିଥିଲା ଓ ଗର୍ଭନଳୀ ମଧ୍ୟରେ ବାଧା ଉପୁଜିଥିଲା । ସମସ୍ତେ ଛାନିଆଁ ହୋଇ ପଡ଼ିଥିଲେ ।

୧୫୬ । ମହିଳାଜଣକ ଭୀଷଣ କଷ୍ଟ ପାଉଥିଲେ ଓ କ'ଣ କରିବେ କିଛି ଭାବିପାରୁନଥିଲେ । ସେ ବାବାଙ୍କର ନାମଜପ କରୁଥିଲେ ଓ କହୁଥିଲେ, 'ତାଙ୍କ ଛଡ଼ା ଆଉ କିଏ କୃପାକରି ପାରିବ !'

୧୫୭ । ପାଖପଡ଼ିଶାର ମହିଳାମାନେ ସତ୍ୱରେ ଆସିଥିଲେ । ବାବାଙ୍କୁ ଆକୁଳ ପ୍ରାର୍ଥନା କରି ସେମାନଙ୍କ ମଧ୍ୟରୁ ଜଣେ ଗୋଟିଏ ଗ୍ଲାସରେ ପାଣି ଢାଳିଥିଲେ ଓ ସେଥିରେ ଉଦି ମିଶାଇ ପିଇବାକୁ ଦେଇଥିଲେ ।

୧୫୮ । ପାଂଚମିନିଟ୍ ଯାଇଛି କି ନାହିଁ ମହିଳାଜଣକ ସନ୍ତାନ ପ୍ରସବ କରିଥିଲେ । କିନ୍ତୁ ପିଲାଟି ଜଠର ମଧ୍ୟରେ ମରିଯାଇ ଜନ୍ମ ହୋଇଥିଲା ।

୧୫୯ । ତାହା ପିଲାର ଭାଗ୍ୟରେ ଥିଲା । ଭବିଷ୍ୟତରେ ମହିଳାଜଣକ ପୁନଶ୍ଚ ଗର୍ଭଧାରଣ କରିପାରନ୍ତି । କିନ୍ତୁ ସେ ଭୟରୁ ମୁକ୍ତ ହୋଇଯାଇଥିଲେ ଓ ଖୁସି ହୋଇଥିଲେ ।

୧୬୦। ଅଧିକ ଅସୁବିଧାରେ ନପଡ଼ି ତାଙ୍କର ପ୍ରସବ ହୋଇଥିଲା। ତାଙ୍କର ଜୀବନ ପ୍ରତି କୌଣସି ବିପଦ ନଥିଲା। ସେ ବାବାଙ୍କ ପ୍ରତି ସାରା ଜୀବନ କୃତଜ୍ଞ ରହିଥିଲେ।

୧୬୧। ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଅଧିକ ଚିତ୍ତାକର୍ଷକ ହେବ ଓ ଶ୍ରୋତାମାନଙ୍କର ଆଗ୍ରହ ମେଣ୍ଟିବ । ଭକ୍ତି ବୃଦ୍ଧି ପାଇଲେ ସମାଲୋଚନା କରିବାର ଅଭ୍ୟାସ ଦୂରହେବ ।

୧୬୨। "ଆମେ ନିରାକାରଙ୍କୁ ଉପାସନା କରୁ। ଆମେ ଦକ୍ଷିଣା ଦେବୁ ନାହିଁ। ଆମେ ପ୍ରଣାମ କରିବୁ ନାହିଁ। ଏହି ସର୍ତ୍ତରେହିଁ ଆମେ ଦର୍ଶନକରିବାକୁ ଆସିବୁ।"

୧୬୩। ଏଭଳି ଦୃଢ଼ ପ୍ରତିଜ୍ଞାକାରୀ ବ୍ୟକ୍ତିମାନେ ଶ୍ରୀସାଇଙ୍କର ପଦଯୁଗଳକୁ ସନ୍ଦର୍ଶନ କରିବା ମାତ୍ରକେ, ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ ଓ ଦକ୍ଷିଣା ଦେଉଥିଲେ। ଏହା କିଭଳି ବିସ୍ମୟକର !

୧୬୪। ଉଦିର ଅତୁଳନୀୟ ମାହାତ୍ମ୍ୟ, ନେଓ୍ୱାସ୍କରଙ୍କ ଶ୍ରଦ୍ଧାପୂର୍ଣ୍ଣ ଭକ୍ତି ଓ ସେ କିପରି ଗୋଟିଏ ବିଷଧର ସର୍ପକୁ କ୍ଷୀର ଅର୍ପଣ କରି ଗୃହସ୍ଥର ସଦ୍ ଆଚରଣ ନିର୍ବାହ କରିଥିଲେ, ସେସବୁ ବିଷୟରେ ବର୍ଣ୍ଣନା କରାଯିବ।

୧୬୫। ଏଭଳି ଚମତ୍କାର କାହାଣୀଗୁଡ଼ିକୁ ଶ୍ରବଣ କଲେ ଶ୍ରଦ୍ଧାପୂର୍ଣ୍ଣ ଭକ୍ତି ଉଦୟ ହୋଇଥାଏ। ଏହି ସାଂସାରିକ ଅସ୍ତିତ୍ୱର ଦୁଃଖଦୁର୍ଦ୍ଦଶା ହ୍ରାସ ପାଇଥାଏ। ଏହାଠାରୁ ଅଧିକ ଆନନ୍ଦର ବିଷୟ କିଛି ରହିଛି କି ?

୧୬୬। ତେଣୁ ହେମାଡ଼ ଶ୍ରୋତାମାନଙ୍କ ମନରେ ଶ୍ରଦ୍ଧା ଉଦ୍ରେକ କରିବାପାଇଁ ତଥା ଗଳ୍ପଗୁଡ଼ିକରେ ନିମଜ୍ଜିତ ହେବାପାଇଁ ଶ୍ରୀସାଇଙ୍କ ପଦରେ ପ୍ରାର୍ଥନା କରୁଅଛି ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଉଦିର ମାହାତ୍ମ୍ୟ" ଶୀର୍ଷକ ଚତୁସ୍ତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହୋଇଛି ।

ଏହା ଶ୍ରୀ ସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଶ୍ରୀକୃଷ୍ଣଙ୍କର ଦ୍ୱାରକା।

୨- ଠାଣା ଜିଲ୍ଲାର ବେଲପୁର ନିକଟବର୍ତ୍ତୀ ତୁରାମ୍ବେ ଗ୍ରାମରେ ଶାନ୍ତାବାଇ ନାମକ ଜଣେ ମହିଳାଙ୍କର ବାମହାତର ବୃଦ୍ଧାଙ୍ଗୁଳି ଉପରେ ଯକ୍ଷ୍ମାଆକ୍ରାନ୍ତ ହାଡ଼ବଥ ହୋଇଥିଲା। ସେ ଏହାକୁ ସାତବର୍ଷ ଭୋଗିଥିଲେ। ଦିନେ ରାତ୍ରିରେ ମହାରାଜ ତାଙ୍କୁ ସ୍ୱପ୍ନରେ କହିଥିଲେ, "ତୁମେ 'ଡିକେମାଳି' ଲଗାଅ" (ଏହା ଗୋଟିଏ ଔଷଧୀୟ ବୃକ୍ଷ ଓ ଏହାର ଅଠା କଡ଼ା ଗନ୍ଧ ଦେଇଥାଏ।) ନିଦ୍ରାରୁ ଉଠିବା ପରେ ମହିଳା ଜଣକ ଅତିଶୟ ଆନନ୍ଦିତ ହୋଇଥିଲେ। ସେ 'ଡିକେମାଳି' ଲଗାଇଥିଲେ ଓ ତାହା ଦ୍ୱାରା ଉପକାର ପାଇଥିଲେ। ତା'ପରେ ସେ ଖଣ୍ଡିଏ ପୋଷ୍ଟକାର୍ଡ଼ରେ ଏ ଖବର ଉଲ୍ଲେଖ କରି ମହାରାଜଙ୍କୁ ଜଣାଇ ଦେଇଥିଲେ। ସେହି କାର୍ଡ଼ର ତାରିଖ ଥିଲା ସେପ୍ଟେମ୍ବର ୧ତାରିଖ, ୧୯୧୮ ମସିହା।

୩- ବିଡ଼ି-କେନ୍ଦୁପତ୍ର ଓ ଧୂଆଁପତ୍ର ଦ୍ୱାରା ପ୍ରସ୍ତୁତ ହୋଇଥାଏ।

୪- ଯିଏ ଅଷ୍ଟସିଦ୍ଧି ସାଧନା କରିଥାନ୍ତି।

୫- ମସ୍‌ଜିଦରେ ଦୀପଗୁଡ଼ିକୁ ପରିଷ୍କାର କରି ଜଳାଇଦେଉଥିବା ଭକ୍ତ ଅବଦୁଲ।

୬- ଅବଦୁଲ ଭାଇ ମୂଳତଃ ନାଂଦେଡ଼ ଅଧିବାସୀ ଥିଲେ। ମହାରାଜଙ୍କ ମହାସମାଧିର ନଅ/ଦଶବର୍ଷ ପୂର୍ବରୁ ସେ ତାଙ୍କର ସେବା କରିବା ପାଇଁ ଶିରିଡ଼ି ଆସିଥିଲେ ଓ ଏଠାରେ ରହିଯାଇଥିଲେ। ସମାଧି ପରେ ମଧ ସେ ଅନ୍ୟ କୌଣସି ପାରିଶ୍ରମିକ ନନେଇ, କେବଳ ଖାଦ୍ୟ ଓ ବସ୍ତ୍ର ନେଇ ସେବାକରି ଚାଲିଥିଲେ। ମହାରାଜ ସଶରୀରରେ ଥିବା ସମୟରେ ତାଙ୍କ ଉପରେ କାର୍ଯ୍ୟଚାପ ଅଧିକ ଥିଲା ଓ ସେ ଗଭୀର ଶ୍ରଦ୍ଧା ସହକାରେ ସେସବୁ କାର୍ଯ୍ୟ ନିର୍ବାହ କରୁଥିଲେ। ପ୍ରଥମେ ସେ ଚାଓ୍ୱଡ଼ିରେ ରହୁଥିଲେ। ପରେ ସେ ଦ୍ୱାରକାମାୟୀ ନିକଟରେ ରହିଥିଲେ। ରାତ୍ରିରେ ବିଶ୍ରାମ ନନେଇ ସେ ଅଧିକାଂଶ ସମୟରେ କୋରାନ ଆବୃତ୍ତି କରୁଥିଲେ। ତାଙ୍କ ଘରେ ମା, ପତ୍ନୀ ଓ ପୁତ୍ର ଥିଲେ ମଧ୍ୟ, ସେ ସେମାନଙ୍କୁ ଛାଡ଼ିଦେଇ ଶିରିଡ଼ିରେ ଆସି ରହୁଥିଲେ। ତାଙ୍କ ମା' ଓ ପୁଅ ବେଳେବେଳେ ଶିରିଡ଼ି ଆସୁଥିଲେ। ତାଙ୍କ ପତ୍ନୀ ମଧ ଥରେ ଆସିଥିଲେ, କିନ୍ତୁ ତାଙ୍କର କାହାରି ପ୍ରତି ଆସକ୍ତି ନଥିଲା। ତାଙ୍କ ମା' ଅବଦୁଲଙ୍କ ପୁତ୍ରର ବିବାହ ନିମନ୍ତେ ଚିନ୍ତିତ ଥିଲେ ଓ ଗୋଟିଏ ପ୍ରସ୍ତାବ ସେ ଠିକ୍ କରିଥିଲେ। କିନ୍ତୁ କନ୍ୟା ପକ୍ଷ ତରଫରୁ ରୁକ୍ଷ ଭାଷାରେ କୁହାଯାଇଥିଲା ଯେ ଯେହେତୁ ଅବଦୁଲଭାଇ ଫକୀର ହୋଇଯାଇଛନ୍ତି, ସେହି ପରିବାରରେ ସେମାନେ କନ୍ୟା ବିବାହ ଦେବା ପାଇଁ ଚାହାନ୍ତି ନାହିଁ। ଫଳରେ ମା' ଶିରିଡ଼ି ଆସି ମହାରାଜଙ୍କ ନିକଟରେ ଅଭିଯୋଗ କରିଥିଲେ। ମହାରାଜ କହିଥିଲେ, "ଧୈର୍ଯ୍ୟ ଧର, ଚିନ୍ତା କରନାହିଁ। ପୁଅ ଭଲ ଝିଅଟିଏ ପାଇବ ଓ ବାହାଘର ସମ୍ବନ୍ଧ ଆପେ ଆପେ ସ୍ଥିର ହୋଇଯିବ।" ଅବଶ୍ୟ ମହାରାଜ ଯେପରି କହିଥିଲେ ସେଇଭଳି ସବୁକଥା ହୋଇଥିଲା। ଥରେ ଅବଦୁଲ ଭାଇଙ୍କ ମା' ଓ ତାଙ୍କ ପୁଅ କୌଣସି ଏକ ଗ୍ରାମକୁ ଯାଇଥିଲେ। ସେଠାରେ ଜଣେ ଭଦ୍ରବ୍ୟକ୍ତିଙ୍କ ସହିତ ସେମାନଙ୍କର ଦେଖାହୋଇଥିଲା ଓ ସେ ନିଜଆଡୁ ନିଜ ଝିଅର ବିବାହ ପ୍ରସ୍ତାବ ଦେଇଥିଲେ। କେତେକ

ବ୍ୟକ୍ତି ତାଙ୍କୁ କହିଥିଲେ ଯେ ପୁଅଟିର ପିତା ଫକୀର ହୋଇଯାଇଛନ୍ତି। ତାହାର ଉତ୍ତରରେ ସେ କହିଥିଲେ, "ଯଦି ସେଥିପାଇଁ ମୁଁ ନିଜେ ଫକୀର ହୋଇଯାଏ, ତେବେ ମଧ ମୋର କୌଣସି ଅସୁବିଧା ନାହିଁ। ମୁଁ ମୋର ଝିଅର ବିବାହ ଏହି ପୁଅ ସାଙ୍ଗରେହିଁ କରିବି"। ସେହି ଅନୁଯାୟୀ ବିବାହ ଖୁବ୍ ଶୀଘ୍ର ଅନୁଷ୍ଠିତ ହୋଇଥିଲା। ଭଦ୍ରବ୍ୟକ୍ତିଙ୍କର ବଡ଼ଝିଅ ବିବାହଯୋଗ୍ୟା ହୋଇଥିଲା। ତାହାର ବିବାହ ଠିକ୍ ହୋଇସାରିଥିଲା ଓ କିଛିଦିନ ପରେ ବିବାହ ହେବାର ଥିଲା। ତଥାପି ବିଳମ୍ବ ନକରି ସାନଝିଅର ବିଭାଘର ଅବଦୁଲଙ୍କ ପୁଅ ସହିତ ସେ ପ୍ରଥମେ କରିଥିଲେ।

୭- ଉଦି ସମ୍ପର୍କରେ ଏଭଳି ଅନୁଭୂତି ଅନେକ ରହିଛି। ନାରାୟଣ ଗୋପୀନାଥ ଦୀଘେ ନାମକ ଜଣେ ଭଦ୍ରବ୍ୟକ୍ତି ବମ୍ବେଇରେ ରହୁଥିଲେ। ତାଙ୍କ ପାକସ୍ଥଳୀରେ ଗୋଟିଏ ଆବୁ (ଟ୍ୟୁମର) ହୋଇଥିଲା। ଏହା ଗୋଟିଏ କଠିନ ପଥର ଭଳି ଥିଲା ଓ ସେଥିଯୋଗୁ ସେ ବହୁତ ଯନ୍ତ୍ରଣା ପାଉଥିଲେ। ସେ ବମ୍ବେଇର ଜଣେ/ଦୁଇଜଣ ବିଖ୍ୟାତ ଡାକ୍ତରଙ୍କୁ ଦେଖାଇଥିଲେ ମଧ୍ୟ କୌଣସି ଲାଭ ହୋଇନଥିଲା। ତା'ପରେ ତାଙ୍କୁ ମହାରାଜଙ୍କ ନିକଟକୁ ଯିବାପାଇଁ କେହି ଜଣେ ଉପଦେଶ ଦେଇଥିଲେ। ଅବଶ୍ୟ ତାଙ୍କର ସେହି ଅବସ୍ଥାରେ ଶରିଡ଼ି ଯିବା ସମ୍ଭବ ନଥିଲା। ସେ କହିଥିଲେ, ଯଦି ମହାରାଜଙ୍କ ଆଶୀର୍ବାଦରୁ ଏହି ଟ୍ୟୁମରଟି ଫାଟିଯାଏ ଓ ପୂଜପାଣି ବାହାରିଯାଏ, ତେବେ ସେ ଆଶ୍ୱସ୍ତ ହେବେ ଓ ତା'ପରେ ମହାରାଜଙ୍କ ନିକଟକୁ ଯାଇପାରିବେ। ସେହି ଭଦ୍ରବ୍ୟକ୍ତି ତାଙ୍କୁ ଉଦି ଦେଇଥିଲେ। ସେ ତାହାକୁ ପାନ କରିଥିଲେ ଓ ତାହା ପରଦିନ ଟ୍ୟୁମରଟି ଫାଟିଯାଇ ଭିତରୁ ପୂଜପାଣି ବାହାରି ଆସିଥିଲା। ଆଉ କିଛିଦିନ ଯିବାପରେ ସେ ସୁସ୍ଥ ଅନୁଭବ କରିଥିଲେ। ତା'ପରେ ସେ ଯଥାଶୀଘ୍ର ମହାରାଜଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଯାଇଥିଲେ।

ଡାକ୍ତର ପିଲ୍ଲେ

ଜୀବନସାରା ମୁଁ ସତ୍‌ରେ ଚଳି ଆସିଛି। ଏଭଳି ଯନ୍ତ୍ରଣାଦାୟକ ଅବସ୍ଥା କାହିଁକି ଭୋଗୁଛି ? ମୁଁ କେବେହେଲେ ସତ୍‌ପଥରୁ ବିଚ୍ୟୁତ ହୋଇନାହିଁ। ମୁଁ କେଉଁ ପାପ ପାଇଁ ଏଭଳି ଦଣ୍ଡ ପାଉଛି ? (୩୪ଶ ଅଧ୍ୟାୟ, ପଂକ୍ତି-୫୫)

॥ ୩୬ ॥
ସନ୍ଦେହ ଓ ଭ୍ରମ ଧାରଣାର ଦୂରୀକରଣ ଏବଂ ବିଭୂତିର ଶ୍ରେଷ୍ଠତ୍ୱ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ମୁଁ କେଉଁ କାହାଣୀଗୁଡ଼ିକୁ ବର୍ଣ୍ଣନା କରିବି, ତାହାର ସୂଚନା ମୁଁ ପୂର୍ବରୁ ଗତ ଅଧ୍ୟାୟରେ ଦେଇଛି । ମୁଁ ବର୍ତ୍ତମାନ ସେଗୁଡ଼ିକୁ ପରିବର୍ଦ୍ଧିତ କରିବି । ଧୈର୍ଯ୍ୟଧରି ସେଗୁଡ଼ିକୁ ଶୁଣନ୍ତୁ।

୨। ସଂକୀର୍ଣ୍ଣତାବାଦୀ ଗର୍ବ ଆଧ୍ୟାତ୍ମିକତା ଅର୍ଜନ ପଥରେ ବିରାଟ ପ୍ରତିବନ୍ଧକ। ଏହି ଗର୍ବଠାରୁ ଆଉ ଅଧିକ ବିପଦ କିଛି ନାହିଁ।

୩। "ଆମ୍ଭେମାନେ ନିରାକାରଙ୍କୁ ଉପାସନା କରୁ । ରୂପଧାରଣ କରିଥିବା ଦେବତା ମଣିଷର ମନରେ ବିଭ୍ରାନ୍ତି ସୃଷ୍ଟି କରିଥାନ୍ତି। ସାଧୁ ଓ ସନ୍ଥମାନେ ମଣିଷ ଅଟନ୍ତି। ଆମେ ସେମାନଙ୍କ ପାଖରେ ମୁଣ୍ଡ ନୁଆଁଇବୁ କାହିଁକି ?

୪। "ଆମେ ସେମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ କାହିଁକି କରିବୁ ? ଆମେ ସେମାନଙ୍କୁ ଦକ୍ଷିଣା କିମ୍ବା ଭିକ୍ଷା ଦେବୁ କାହିଁକି ? ଏହା ଭକ୍ତି ନାମରେ ପ୍ରହସନ ନୁହେଁ କି !"

୫। ଅନେକ ବ୍ୟକ୍ତି ଶିରିଡ଼ି ସମ୍ପର୍କରେ ଏମିତି ଅସଂଖ୍ୟ କାହାଣୀ ପ୍ରଚାର କରି ଭିନ୍ନ ଭିନ୍ନ ମତ ଦେଇଥାନ୍ତି। ଆମେ ସେ ସବୁକୁ ସମ୍ପୂର୍ଣ୍ଣ ବିଶ୍ୱାସ କରିବା ଉଚିତ୍ ନୁହେଁ।

୬। କେତେକ କହିଥାନ୍ତି ଯେ ସେମାନେ ଦର୍ଶନକୁ ଯାଇଥିବା ବେଳେ ସାଇବାବା ଦକ୍ଷିଣା ମାଗିଥାନ୍ତି। ଯଦି ଜଣେ ସାଧୁ ସମ୍ପତ୍ତି ଠୁଳ କରିବାରେ ଲାଗିଯାଆନ୍ତି, ତେବେ ତାଙ୍କର ସାଧୁପଣିଆ ନଷ୍ଟ ହୋଇଯାଇଥାଏ।

୭। କେତେକ କହିଥାନ୍ତି ଯେ ଅନ୍ଧ ବିଶ୍ୱାସ ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ଅଭିଜ୍ଞତା ଲାଭ କଲାପରେ ଜଣେ କିପରି ଆଚରଣ ଦେଖାଇବା ଉଚିତ୍, ତାହା ସେ ହିଁ ଠିକ୍ କରିବ।

୮। "ଆମେ ଦକ୍ଷିଣା ଦେବୁ ନାହିଁ। ଯାହାଙ୍କର ଟଙ୍କା ପଇସା ପାଇବାର ଆକାଂକ୍ଷା ରହିଛି, ତାଙ୍କୁ କେବେ ସାଧୁ ପୁରୁଷ ବୋଲି କୁହାଯାଇ ପାରିବ ନାହିଁ ଓ ସେ ସମ୍ମାନ ପାଇବାର ଯୋଗ୍ୟ ନୁହନ୍ତି।"

୯। "ଆମେ ଶିରିଡ଼ି ଯାଇ ତାଙ୍କ ସହିତ ସାକ୍ଷାତ କରି ଫେରି ଆସିବୁ। ଆମେ ତାଙ୍କ ପାଦତଳେ ନତମସ୍ତକ ହେବୁ ନାହିଁ କି ଦକ୍ଷିଣା ଦେବୁ ନାହିଁ।"

୧୦। ଏଭଳି ଅସତ୍ ଉଦ୍ଦେଶ୍ୟ ନେଇ ଯେଉଁମାନେ ଘରୁ ବାହାରିଥାନ୍ତି ଓ ସେମାନଙ୍କ ପ୍ରତିଜ୍ଞାରେ ଅଟଳ ରହିବେ ବୋଲି ଦୃଢ଼ ନିଷ୍ପତ୍ତି ନେଇଥାନ୍ତି, ଶ୍ରୀସାଇଙ୍କ ଦର୍ଶନ ପାଇବା ପରେହିଁ ସେହିମାନେ ଶେଷକୁ ଶରଣାଗତ ହୋଇଯାଆନ୍ତି।

୧୧। ଯିଏ ଶ୍ରୀସାଇଙ୍କୁ କେବଳ ଦେଖିବା ନିମନ୍ତେ ଆସୁଥିଲେ, ସିଏ ଆଉ କେବେ ଫେରି ଯାଉନଥିଲେ, ତାଙ୍କ ସଙ୍ଗତରେ ରହୁଥିଲେ ଓ ତାଙ୍କ ଚରଣରେ ସଂଯୁକ୍ତ ହୋଇ ପଡୁଥିଲେ।

୧୨। ନିଜର ପୂର୍ବ ପ୍ରତିଜ୍ଞା ଭୁଲି ଯାଇ ସେମାନେ ଶ୍ରୀସାଇଙ୍କ ପଦତଳେ ଶରଣାଗତଙ୍କ ପରି ପୂର୍ଣ୍ଣ ବିଶ୍ୱାସ ଓ ବିନୟ ସହକାରେ ପ୍ରଣାମ କରୁଥିଲେ।

୧୩। ସଂକୀର୍ଣ୍ଣତାବାଦର ଗର୍ବକୁ ତ୍ୟାଗ କରି ଦେଲେ ଅମାପ ଆନନ୍ଦ ମିଳିଥାଏ। ଏହି ପଞ୍ଚତ୍ରିଂଶ ଅଧ୍ୟାୟରେ ଶ୍ରୋତାମାନେ ତାହା ସଂଭ୍ରମତା ସହିତ ଶୁଣି ପାରିବେ।

୧୪। ସେହିଭଳି ଉଦିର ଗୁରୁତ୍ୱ ସମ୍ପର୍କରେ ସୂଚନା ଓ ଗୋଟିଏ ସାପ ସମ୍ପର୍କରେ ବାଳାଜୀ ପାଟିଲ ନେଓ୍ୱାସ୍କରଙ୍କ ଅନୁଭୂତି ତଥା ସେଇ ସାପ ଶ୍ରୀସାଇଙ୍କ ବ୍ୟତୀତ ଆଉ କେହି ନୁହେଁ ବୋଲି ବିଚାରକରି ସାପ ପ୍ରତି ଶ୍ରଦ୍ଧାଶୀଳ ବ୍ୟବହାର ପ୍ରସଙ୍ଗ ମଧ୍ୟ ବର୍ଣ୍ଣନା କରାଯିବ।

୧୫। ଶ୍ରୋତାମାନେ, ମୋ ପ୍ରତି ସଦୟ ହୁଅନ୍ତୁ। ମୁଁ ଜଣେ ଆଜ୍ଞାଧୀନ ସେବକ ଓ କିପରି ସସମ୍ମାନେ ନିର୍ଦ୍ଦେଶକୁ ପାଳନ କରାଯାଏ, ସେତିକି ଜାଣିଛି। ତାହା ପାଳନ କରିବା ଦ୍ୱାରା ଏହି 'ସତ୍‌ଚରିତ'ର ପ୍ରତିଟି ଶବ୍ଦ ରୂପ ନେଇପାରିଛି।

୧୬। ମୁଁ ତାଙ୍କ ପାଦକୁ ଚାହିଁବା ମାତ୍ରକେ ପଦମାନଙ୍କର ଲହରୀ ମୋର ମନ ମଧ୍ୟକୁ ମାଡ଼ି ଆସୁଛି ଓ ମୁଁ ତାହାକୁ ଏହି ପବିତ୍ର ଜୀବନୀର ମାଟି କଳସୀରେ ଅବିରତ ଭର୍ତ୍ତି କରି ଚାଲିଛି ।

୧୭। ଆମେ ସମସ୍ତେ ମା' କଇଁଛର ପିଲା ଭଳି କେବଳ ଚାହାଣି ଦ୍ୱାରା ଲାଳିତପାଳିତ ହେଉଛୁ ଓ କେବେ ମଧ କ୍ଷୁଧାର୍ତ୍ତ ବା ତୃଷାର୍ତ୍ତ ନ ହୋଇ ସଦାବେଳେ ଆନନ୍ଦରେ ରହିଛୁ।

୧୮। ତାଙ୍କର ଆନନ୍ଦପ୍ରଦ ଚାହାଣିର ଉଷ୍ମତାରେ ଆମର ଖାଦ୍ୟ କିମ୍ବା ଜଳ ଲୋଡ଼ା ହୁଏନାହିଁ। ଏହି ଚାହାଣି ହିଁ ଭୋକଶୋଷ ମେଣ୍ଟାଇଦେଇଥାଏ। ସେହି ଚମତ୍କାରିତାକୁ ମୁଁ କିପରି ବର୍ଣ୍ଣନା କରିପାରିବି ?

୧୯। ଦୟାର ସାଗର ସାଇରାୟ ହିଁ ଆମ ଦୃଷ୍ଟିର ଏକମାତ୍ର ଲକ୍ଷ୍ୟ। ଯାହା ଦୃଶ୍ୟହୁଏ, ଯିଏ ଦେଖେ ଓ ଦେଖିବାର କାର୍ଯ୍ୟ- ଏହି ତିନୋଟିଯାକ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଥାଏ।

୨୦। ସେହିଭଳି କେବଳ ଶ୍ରୀସାଇଙ୍କର ଆଲୋକ ହିଁ ଆମର ଚର୍ମ ଉପରେ ପଡ଼ିବା ଓ ତାହାକୁ ସ୍ପର୍ଶ କରିବା ଆମେ ଅନୁଭବ କରୁ ଏବଂ ଆମର ଘ୍ରାଣେନ୍ଦ୍ରିୟରେ ରହିଛି ଶ୍ରୀସାଇଙ୍କର ସୁବାସ ।

୨୧। ଅଥବା, କୌଣସି ଶବ୍ଦ ଶୁଣିବା ମାତ୍ରକେ ଶ୍ରୀସାଇଙ୍କର ରୂପ ପ୍ରତିଭାତ ହୋଇଥାଏ। ଯାହା ଶୁଣାଯାଏ, ଯିଏ ଶୁଣେ ଓ ଶୁଣିବାର କାର୍ଯ୍ୟ- ଏହି ତିନୋଟିଯାକ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ ହୋଇଥାଏ।

୨୨। ଅଥବା, ଜିହ୍ୱା କୌଣସି ସ୍ୱାଦକୁ ଆସ୍ୱାଦନ କଲେ ଏହା ଶ୍ରୀସାଇଙ୍କ ସହିତ ଏକୀଭୂତ ହୋଇଯାଇଥାଏ। ତେବେ କେଉଁଠାରେ ଜିହ୍ୱା, ସ୍ୱାଦ ବା ଆସ୍ୱାଦନର ଅନୁଭୂତି ରହିଥାଏ ? ଏହା ଏକ ଶୋଚନୀୟ ତ୍ରିବିଧ ପ୍ରହେଳିକା ।

୨୩। ଯଦି ଏହା ସମସ୍ତ ଜ୍ଞାନେନ୍ଦ୍ରିୟର ଅବସ୍ଥା ଓ ଜ୍ଞାନେନ୍ଦ୍ରିୟଗୁଡ଼ିକ କେବଳ ଶ୍ରୀସାଇଙ୍କର ସେବାହିଁ କରୁଥାନ୍ତି, ତେବେ ସମସ୍ତ ମନ୍ଦ କର୍ମ ଧ୍ୱଂସ ହୋଇଯିବ ଓ କର୍ମ ଫଳରୁ ମୁକ୍ତି ମିଳିଯିବ।

୨୪। ବହୁତ ହୋଇଗଲା ଏ ବର୍ଣ୍ଣନା। ଏବେ ଏହି ଗ୍ରନ୍ଥ ଶ୍ରୀସାଇଙ୍କ ପ୍ରତି ଶ୍ରଦ୍ଧା କାରଣରୁ କ୍ରମେ ଦୀର୍ଘ ହୋଇଯାଉଛି ଓ ତାହା ଦ୍ୱାରା ଆମେ ମୂଳ ପ୍ରସଙ୍ଗରୁ ସମୟେ ସମୟେ ବିଚ୍ୟୁତ ମଧ ହେଉଛୁ । ବର୍ତ୍ତମାନ ଆମେ ପୂର୍ବ ବର୍ଣ୍ଣନାକୁ ମନେ ପକାଇବା ଓ ଆମର କାହାଣୀ ଚାଲୁ ରଖିବା।

୨୫। ଜଣେ ବ୍ୟକ୍ତି ସାକାର ରୂପକୁ ପୂଜା କରିବାରେ ବିଶ୍ୱାସ କରୁ ନ ଥିଲେ ଓ ନିରାକାରଙ୍କ ପ୍ରତି ଦୃଢ଼ ବିଶ୍ୱାସୀ ଥିଲେ । ସେ କେବଳ ନିଜର କୌତୁହଳ ମେଣ୍ଟାଇବା ନିମନ୍ତେ ଥରେ ଶିରିଡ଼ି ଆସିବାକୁ ଇଚ୍ଛା କରିଥିଲେ ।

୨୬। ସେ କହିଥିଲେ,"ମୁଁ ଶିରିଡ଼ି ଗଲେ କେବଳ ସାଧୁଙ୍କର ଦର୍ଶନ କରିବି। ମୁଁ କେବେ ତାଙ୍କ ପାଖରେ ମଥାନତ କରିବିନାହିଁ କି ତାଙ୍କୁ ଦକ୍ଷିଣା ଦେବିନାହିଁ।"

୨୭। "ତୁମେ ଯଦି ଏହି ଦୁଇଟି ସର୍ତ୍ତକୁ ମାନି ନେବ, ତେବେ ମୁଁ ତୁମ ସହିତ ଶିରିଡ଼ି ଯିବି।" ତାଙ୍କ ବନ୍ଧୁ ଏଥିରେ ସମ୍ମତ ହୋଇଥିଲେ ଓ ସେ ଆନନ୍ଦରେ ତାଙ୍କ ବନ୍ଧୁଙ୍କ ସହିତ ଆସିବା ପାଇଁ ପ୍ରସ୍ତୁତ ହୋଇଥିଲେ।

୨୮। ତାଙ୍କର ବନ୍ଧୁ ଥିଲେ କାକା ମହାଜନୀ ଯାହାଙ୍କର ସନ୍ଥଙ୍କ ପ୍ରତି ନିରୋଳା ଭକ୍ତି ରହିଥିଲା। ଅଥଚ, ତାଙ୍କର ଏଇ ବନ୍ଧୁଙ୍କ ମନରେ ସନ୍ଦେହ ଓ ନାସ୍ତିକତା ଭରି ରହିଥିଲା।

୨୯। ଦୁଇବନ୍ଧୁ ଶନିବାର ରାତ୍ରିରେ ବମ୍ବେଇ ଛାଡ଼ିଥିଲେ ଓ ଶିରିଡ଼ିରେ ରବିବାର ସକାଳେ ପହଞ୍ଚିଥିଲେ।

୩୦। ଉଭୟେ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଯାଇଥିଲେ।

ସେହି ସମୟରେ କ'ଣ ଘଟିଥିଲା, ଶାନ୍ତ ଭାବରେ ଶୁଣନ୍ତୁ।

୩୧। ଦୁହେଁ ମସ୍‌ଜିଦ୍‌ର ପାହାଚ ଚଢୁଥିବା ବେଳେ ଦୂରରୁ କାକା ମହାଜନୀଙ୍କ ବନ୍ଧୁଙ୍କୁ ଦେଖି ବାବା କହିଥିଲେ, "ଓଃ, ତୁମେ ଆସିଛ ! ଆସ, ଆସ !"

୩୨। ଏଭଳି ସ୍ନେହପୂର୍ଣ୍ଣ ବାକ୍ୟ ଶୁଣିବା ପରେ ତାହା ତାଙ୍କ ପିତାଙ୍କର ସମ୍ବୋଧନ ଭଳି ତାଙ୍କୁ ଲାଗିଥିଲା ଓ ସେ ପିତାଙ୍କୁ ମନେ ପକାଇଥିଲେ।

୩୩। "ଓଃ, ତୁମେ ଆସିଛ ! ଆସ, ଆସ !" ବାକ୍ୟକୁ କାକାଙ୍କର ବନ୍ଧୁ ଶୁଣିଥିଲେ ଓ ଯେଉଁ ସ୍ୱରରେ ବାବା ଏହା କହିଥିଲେ, ତାହା ଶୁଣି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୩୪। ସେହି ଆକର୍ଷଣୀୟ ସ୍ୱର ଓ କହିବାର ଭଙ୍ଗୀ ତାଙ୍କୁ ତାଙ୍କର ପରଲୋକଗତ ପିତାଙ୍କୁ ମନେ ପକାଇ ଦେଇଥିଲା। ପିତାଙ୍କର କହିବାର ଭଙ୍ଗୀ ଠିକ୍ ଏଇଭଳି ଥିଲା। ଏହା ତାଙ୍କର ପିତାଙ୍କର ଅବିକଳ ସ୍ମୃତି ବୋଲି ସେ ଅନୁଭବ କରିଥିଲେ ।

୩୫। ଏହି କେତେପଦ କଥାର ଶକ୍ତି କିଭଳି ଆକର୍ଷଣୀୟ ! କାକାଙ୍କର ବନ୍ଧୁ ଚକିତ ହୋଇ ମନକୁ ମନ କହିଥିଲେ, "ଏହା ନିଶ୍ଚିତ ଭାବରେ ମୋ ପିତାଙ୍କର କଣ୍ଠସ୍ୱର। ଏହି ସ୍ୱର ମୋର ଅତି ପରିଚିତ ।"

୩୬। ଏହି ସମ୍ବୋଧନ ବାକ୍ୟ ଶୁଣି ଏହା ତାଙ୍କ ପିତା କହୁଥିବା ଭଳି ମନେ ହୋଇଥିଲା ଓ ସେ ଆବେଗରେ ବିଗଳିତ ହୋଇପଡ଼ିଥିଲେ। ସେ ତାଙ୍କର ପୂର୍ବ ପ୍ରତିଜ୍ଞା ଭୁଲିଯାଇଥିଲେ ଓ ଭକ୍ତିଭରେ ବାବାଙ୍କ ପାଦତଳେ ମୁଣ୍ଡିଆ ତତ୍‌କ୍ଷଣାତ୍ ମାରିଥିଲେ।

୩୭। ତା'ପରେ ବାବା କେବଳ କାକାଙ୍କୁ ଦକ୍ଷିଣା ମାଗିଥିଲେ ଓ କାକା ଦେଇଥିଲେ। ସେମାନେ ୱାଡ଼ାକୁ ଫେରିଥିଲେ ଓ ଉପରବେଳା ପୁଣି ମସ୍‌ଜିଦ୍‌କୁ ଆସିଥିଲେ।

୩୮। ବାବାଙ୍କ ପାଖକୁ ଦୁହେଁ ମିଶି କରି ଯାଇଥିଲେ। ଉଭୟେ ବମ୍ବେଇ ଫେରିଯିବାକୁ ଥିବାରୁ କାକା ଅନୁମତି ପ୍ରାର୍ଥନା କରିଥିଲେ ଓ ବାବା ତାଙ୍କୁ ଦକ୍ଷିଣା ମାଗିଥିଲେ।

୩୯। ତାହା ପୁଣି କେବଳ କାକାଙ୍କୁ ମାଗିଥିଲେ। ସେ କହିଥିଲେ, "ମୋତେ ସତର ଟଙ୍କା ଦିଅ" ଓ ତାଙ୍କ ବନ୍ଧୁଙ୍କୁ କିଛି ମାଗି ନ ଥିଲେ। ତେଣୁ ତାଙ୍କ ବନ୍ଧୁ ମାନସିକ ସ୍ତରରେ ବିବ୍ରତ ହୋଇପଡ଼ିଥିଲେ।

୪୦। ବନ୍ଧୁଜଣକ କାକାଙ୍କୁ ଧୀର ସ୍ୱରରେ ପଚାରିଥିଲେ, "କେବଳ ତୁମକୁ କାହିଁକି ବାବା ଦକ୍ଷିଣା ମାଗିଲେ ? ସକାଳେ ମଧ୍ୟ ସେ ତୁମକୁ ଏକୁଟିଆ ମାଗିଥିଲେ ଓ ଏବେ ମଧ୍ୟ କେବଳ ତୁମକୁ ହିଁ ମାଗୁଛନ୍ତି।

୪୧। "ଏଠି ମୁଁ ତୁମ ସାଙ୍ଗରେ ରହିଛି, ଦକ୍ଷିଣା ମାଗିବା ବେଳକୁ ମୋତେ କାହିଁକି ବାଦ୍ ଦେଉଛନ୍ତି ?" କାକା ଫୁସ୍ ଫୁସ୍ କରି କହିଥିଲେ, "ସେ କଥା ବାବାଙ୍କୁ ହିଁ ପଚାର।"

୪୨। ସେହି ସମୟରେ ବାବା କାକାଙ୍କୁ ପଚାରିଥିଲେ, "ସିଏ ତୁମକୁ କ'ଣ କହୁଛି ?" ବନ୍ଧୁ ଜଣକ ନିଜେ ବାବାଙ୍କୁ ପଚାରିଥିଲେ, "ମୁଁ ଆପଣଙ୍କୁ ଦକ୍ଷିଣା ଦେଇ ପାରିବି କି ?"

୪୩। ବାବା ଉତ୍ତର ଦେଇଥିଲେ, "ତୁମର ଦେବା ପାଇଁ ଇଚ୍ଛା ନ ଥିଲା, ତେଣୁ ତୁମକୁ ମାଗି ନ ଥିଲି। ଯଦି ଦେବା ପାଇଁ ଚାହୁଁଛ, ତେବେ ଦେଇପାର।"

୪୪। ବାବା ମାଗିଲେ ଦକ୍ଷିଣା ଦେଉଥିବା ଭକ୍ତମାନଙ୍କୁ ସେହି ବନ୍ଧୁ ଜଣକ ଆଗରୁ ସମାଲୋଚନା କରୁଥିଲେ। ଏବେ ସେହି ବ୍ୟକ୍ତିଙ୍କୁ ଦକ୍ଷିଣାମଗା ନ ଯିବା ସତ୍ତ୍ୱେ ସେ ଦେବାକୁ ଚାହୁଁଛନ୍ତି ଦେଖି କାକା ଆଶ୍ଚର୍ଯ୍ୟ ହୋଇଥିଲେ ।

୪୫। ବାବା ଯେତେବେଳେ କହିଥିଲେ, "ଯଦି ଦେବା ପାଇଁ ଚାହୁଁଛ, ତେବେ ଦେଇ ପାର", ସେହି ବନ୍ଧୁଜଣକ ତରବର ହୋଇ ସତର ଟଙ୍କା ବାବାଙ୍କର ପାଦ ତଳେ,ବାବା ନମାଗିବା ସତ୍ତ୍ୱେ, ରଖି ଦେଇଥିଲେ।

୪୬। ବାବା ତାଙ୍କୁ କହିଥିଲେ, "ତରବର ହେଉଛ କାହିଁକି ? ଟିକିଏ ବସ।" ତା'ପରେ 'ତୁମେ ଓ ମୁଁ'ର ପ୍ରଭେଦ ବୁଝାଇ ଦେବା ପାଇଁ ବାବା ତାଙ୍କୁ କେତେକ ମୂଲ୍ୟବାନ ଉପଦେଶ ଦେଇଥିଲେ।

୪୭। "ଆମ ମଧ୍ୟରେ ଥିବା ତେଲୀଂ ଘରର ପାଚେରିକୁ ସମ୍ପୂର୍ଣ୍ଣ ଭାଙ୍ଗିଦିଅ । ତାହା କଲେ ରାସ୍ତା ପ୍ରଶସ୍ତ ହୋଇଯିବ ଓ ଆମେ ପରସ୍ପରକୁ ଭେଟି ପାରିବା।"

୪୮। ତା'ପରେ ସେମାନଙ୍କୁ ଫେରିଯିବା ନିମନ୍ତେ ଅନୁମତି ମିଳିଥିଲା। ଆକାଶ ମେଘୁଆ ଦେଖି ସେମାନେ ବର୍ଷାରେ ଓଦା ହୋଇଯିବେ ବୋଲି ମାଧବରାଓ ଆଶଙ୍କା ପ୍ରକାଶ କରିଥିଲେ ।

୪୯। ବାବା ତାଙ୍କୁ ଉତ୍ତର ଦେଇଥିଲେ, "ସେମାନେ

ଅଚିନ୍ତା ହୋଇ ଯାଆନ୍ତୁ। ସେମାନଙ୍କ ରାସ୍ତାରେ ବର୍ଷା ହେବାର ଭୟ ଆଦୌ ରଖ ନାହିଁ।”

୫୦। ଶ୍ରୀସାଇଙ୍କ ପାଦରେ ପ୍ରଣାମ କରି ଉଭୟେ ଟାଙ୍ଗାରେ ବସିଥିଲେ। ଆକାଶ ଖୁବ୍ ଅନ୍ଧାରୁଆ ଥିଲା ଓ ବିଜୁଳି ଝଟକୁ ଥିଲା। ଗୋଦାବରୀ ଫୁଲି ଉଠୁଥିଲା।

୫୧। ଆକାଶରେ ବଜ୍ର ଗର୍ଜୁଥିଲା। ସେମାନଙ୍କୁ ଡଙ୍ଗାରେ ଯିବାକୁ ପଡ଼ିଥିଲା । ବାବାଙ୍କ ଆଶ୍ୱାସନା ପାଇଥିବାରୁ କାକାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଓ ସେ ନିର୍ଭୟ ଥିଲେ ।

୫୨। କିନ୍ତୁ ତାଙ୍କ ବନ୍ଧୁ ଯାତ୍ରା କିଭଳି ନିରାପଦରେ ସମାପ୍ତ ହେବ, ସେଥିପାଇଁ ଚିନ୍ତିତ ଥିଲେ। ସେମାନେ ଶିରିଡ଼ି ଛାଡ଼ି ଚାଲି ଆସିଥିବାରୁ ରାସ୍ତାରେ ଅସୁବିଧା ହେବ ବୋଲି ଭାବି ସେ ବିବ୍ରତ ହେଉଥିଲେ।

୫୩। ସେମାନେ କିନ୍ତୁ ଭଲରେ ଭଲରେ ଷ୍ଟେସନରେ ପହଞ୍ଚିଥିଲେ। ଟ୍ରେନ୍‌ଡବା ଭିତରକୁ ଚଢ଼ିଯିବା ପରେ ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିଲା। ସେମାନେ ନିର୍ଭୟରେ ବମ୍ବେଇରେ ପହଞ୍ଚିଯାଇଥିଲେ।

୫୪। କାକାଙ୍କ ବନ୍ଧୁ ଘରକୁ ଫେରିଆସି ଝରକାକବାଟ ଖୋଲି ଦେଇଥିଲେ। ଘର ମଧ୍ୟରେ ବନ୍ଦୀ ହୋଇ ରହିଯାଇଥିବା ଘରଚଟିଆଟିଏ ଉଡ଼ି ପଳାଇଥିଲା। ଆଉ ଦୁଇଟି ମରି ପଡ଼ିଥିବାର ସେ ଦେଖିଥିଲେ।

୫୫। ଏହି ଦୃଶ୍ୟ ଦେଖି ସେ ଅତ୍ୟନ୍ତ ବ୍ୟଥିତ ହୋଇ କହିଥିଲେ- “ହେ ଭଗବାନ! ସେମାନେ ଖାଦ୍ୟ ଓ ଜଳ ନପାଇ ଜୀବନ ହରାଇ ଦେଲେ।

୫୬। “ମୁଁ ଶିରିଡ଼ି ଯିବାବେଳେ ଯଦି ଝରକା ଖୋଲା ରଖିଥାନ୍ତି, ତେବେ ସେମାନେ ମରି ନ ଥାନ୍ତେ। ବିଚରା ଚଢ଼େଇ ଦୁଇଟି ମୋ ପାଇଁ ମରିଗଲେ।

୫୭। “ଏବେ ଯେଉଁ ଚଢ଼େଇଟି ଉଡ଼ିଗଲା ବାବା ବୋଧହୁଏ, ତାହାରି ପାଇଁ ବିବ୍ରତ ଥିଲେ। ସେଇଥିପାଇଁ ସେ ଆନନ୍ଦରେ ଆଜି ଆସିବା ନିମନ୍ତେ ଅନୁମତି ଦେଲେ।

୫୮।“ନଚେତ୍ ଏଇଟି ମଧ୍ୟ ମରିଯାଇଥାନ୍ତା। ଏହା ଖାଦ୍ୟ ବିନା ବଞ୍ଚିଥାନ୍ତା କିପରି? ଗୋଟିଏ ରକ୍ଷା ପାଇଯାଇଥିବା ସମୟରେ ଅନ୍ୟ ଦୁଇଟି ନିଜ ନିଜର କର୍ମଫଳ ଭୋଗିଲେ।”

୫୯। ତାଙ୍କର ଅନ୍ୟ ଏକ ଅଭିଜ୍ଞତା ମଧ୍ୟ ଶ୍ରବଣଯୋଗ୍ୟ। ସେ ନିଜର ଗୋଟିଏ ପାଦର ଗୋଇଠିରେ ଦୀର୍ଘଦିନ ଧରି ଯନ୍ତ୍ରଣା ଭୋଗୁଥିଲେ।

୬୦। ଶିରିଡ଼ି ଯିବା ପୂର୍ବରୁ ସେ ଏହି ଯନ୍ତ୍ରଣା କେତେ ମାସ ଧରି ଭୋଗୁଥିଲେ। ସେଠାରୁ ଫେରିବା ପରେ ସେହି ଯନ୍ତ୍ରଣା କମିଯାଇଥିଲା ଓ ଅଳ୍ପ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭଲ ହୋଇଯାଇଥିଲା।

୬୧। ସେହିଭଳି ଆଉ ଗୋଟିଏ କାହାଣୀ ବି ରହିଛି। ଅନ୍ୟ ଏକ ଘଟଣାରେ ଜଣେ ବ୍ୟକ୍ତି ସନ୍ଥଙ୍କୁ ଦେଖିବା ପାଇଁ ଯାଇଥିଲେ ଓ ନିଜର ଅନିଚ୍ଛା ସତ୍ତ୍ୱେ ତାଙ୍କ ପାଦତଳେ ତାଙ୍କୁ ମୁଣ୍ଡିଆ ମାରିବା ପାଇଁ ପଡ଼ିଥିଲା। ସେଇକଥା ଶୁଣନ୍ତୁ।

୬୨। ସାଂସାରିକ ମାୟାମୋହର ବନ୍ଧନରେ ବାନ୍ଧି ହୋଇ ଜଣେ ଦକ୍ଷିଣା ଦେବା ପାଇଁ ଚାହିଁ ନ ଥାଏ, କିନ୍ତୁ ଜଣେ ନ ଦେବାପାଇଁ ଦୃଢ଼ ପ୍ରତିଜ୍ଞା କରିଥିବା ସତ୍ତ୍ୱେ କିଭଳି ଦକ୍ଷିଣା ଦେବାକୁ ବାଧ୍ୟ ହୋଇଥାଏ!

୬୩। ଧରମସୀ ଜେଠାଭାଇ ଠକ୍କର ବମ୍ବେଇରେ ଜଣେ ସଲିସିଟର ଥିଲେ ଓ ପୂର୍ବ ଜନ୍ମର ପୁଣ୍ୟ ବଳରୁ ଶ୍ରୀସାଇଙ୍କୁ ଭେଟିବା ନିମନ୍ତେ ଇଚ୍ଛା କରିଥିଲେ।

୬୪। ସେ ମହାଜନୀଙ୍କର ନିଯୁକ୍ତିଦାତା ଥିଲେ ମଧ୍ୟ ଉଭୟଙ୍କ ମଧ୍ୟରେ ଅନ୍ତରଙ୍ଗ ସମ୍ପର୍କ ରହିଥିଲା। ସେ ଶିରିଡ଼ି ଯାଇ ବ୍ୟକ୍ତିଗତ ଭାବରେ ବାବାଙ୍କୁ ସାକ୍ଷାତ କରିବାକୁ ଚାହିଁଥିଲେ।

ଲକ୍ଷ୍ମଣ ଗଣେଶ
ଓରଫ୍ କାକା ମହାଜନୀ

୬୫। କାକା (ମହାଜନୀ) ଠକ୍କରଙ୍କ ଫାର୍ମରେ ମ୍ୟାନେଜର ଥିଲେ। ଛୁଟିଦିନମାନଙ୍କର ସୁଯୋଗ ନେଇ କାକା ଅଧିକାଂଶ ସମୟରେ ଶିରିଡ଼ି ଆସିବା ପାଇଁ ପ୍ରସ୍ତୁତ ହୋଇ ରହୁଥିଲେ।

୬୬। କାକା ଠିକ୍ ସମୟରେ ସବୁଥର ଫେରି ପାରୁନଥିଲେ। ସେ ଶିରିଡ଼ିରେ ବେଳେ ବେଳେ ଏକାଦିକ୍ରମେ ଆଠଦିନ ରହିଯାଉଥିଲେ ଓ ନିଜ କୈଫିୟତରେ କହୁଥିଲେ ଯେ ଫେରିବା ପାଇଁ ବାବାଙ୍କର ଅନୁମତି ମିଳିଲା ନାହିଁ। ଏପରିଭାବରେ କ’ଣ କାମ ଚାଲେ?

୬୭। ସେ କି ପ୍ରକାର ସନ୍ଥ? ଏ ପ୍ରକାର ସନ୍ଥବୃତ୍ତିକୁ ମୁଁ ପସନ୍ଦ କରେନାହିଁ। ସେହି ସାଇ କିଏ ବୋଲି ତାଙ୍କୁ ଦେଖିବା ନିମିତ୍ତ ଧରମସୀ ଠକ୍କର ହୋଲିଛୁଟି ସମୟରେ ଶିରିଡ଼ି ଯିବାକୁ ମନସ୍ଥ କରିଥିଲେ।

୬୮ । ନିଜର ସମ୍ମାନଜନକ ବୃତ୍ତି ଓ ପଦବୀ ପାଇଁ ତାଙ୍କ ମନରେ ବହୁତ ଅହଂକାର ଓ ଗର୍ବ ରହିଥିଲା । 'ସାଧୁସନ୍ଥ ତ ମଣିଷ ! ତାଙ୍କ ପାଖରେ କାହିଁକି ଜଣେ ମଥାନତ କରିବ ?' ତାଙ୍କ ମନରେ ଏହି ଭଳି ଭାବନା ଥିଲା ।

୬୯ । ମହା ମହା ଶାସ୍ତ୍ରୀ ଓ ପଣ୍ଡିତମାନେ ଶ୍ରାନ୍ତକ୍ଳାନ୍ତ ହୋଇ ଶ୍ରୀସାଇଙ୍କ ଜ୍ଞାନଗାରିମା ପାଖରେ ହାର ମାନିଛନ୍ତି । ସେ କ୍ଷେତ୍ରରେ ବିଚରା ଧରମ୍‌ସୀ କେତେ ମାତ୍ର ଓ ସେ କେତେ ଦୂର ତାଙ୍କ ପ୍ରତିଜ୍ଞାକୁ ରକ୍ଷା କରିପାରିଥାନ୍ତେ ?

୭୦ । 'କିନ୍ତୁ ଅନ୍ଧ ବିଶ୍ୱାସ ବା ଭ୍ରମଧାରଣା ରଖିବା ଠିକ୍ ନୁହେଁ । ମୁଁ ନିଜେ ଯାଇ ଦେଖି ନିଶ୍ଚିତ ହେବି ।' ଏହା ସ୍ଥିର କରି ସେ ଶିରିଡ଼ି ଯାତ୍ରା ପାଇଁ ପ୍ରସ୍ତୁତ ହୋଇଥିଲେ ।

୭୧ । ପୂର୍ବରୁ କାକାଙ୍କର ଅନ୍ୟ ଜଣେ ବନ୍ଧୁଙ୍କ କଥା କୁହାଯାଇଛି । ସେଇ ବନ୍ଧୁ ଯେଉଁ ସର୍ତ୍ତ ରଖିଥିଲେ, ଧରମସୀ ମଧ୍ୟ ସେହିପ୍ରକାର ସର୍ତ୍ତ ରଖିଥିଲେ । ସେ କାକାଙ୍କ ସହିତ ଆସିବା ସମୟରେ କହିଥିଲେ-

୭୨ । "ଏହି ଯାତ୍ରାରେ ତୁମେ ଶିରିଡ଼ି ଗଲେ ସେଠାରେ ରହିଯାଇ ପାରିବ ନାହିଁ । ତୁମକୁ ମୋ ସହିତ ନିଶ୍ଚୟ ଫେରିବାକୁ ପଡ଼ିବ । ଏକଥା ଭଲ ଭାବରେ ଜାଣି ରଖିଥାଅ ।"

୭୩ । କାକା କହିଥିଲେ, "ତାହା ଆମ ହାତରେ ନାହିଁ ।" ତେଣୁ ଧରମ୍‌ସୀ ଆଉ ଜଣକୁ ସାଥିରେ ନେଇଯାଇଥିଲେ ।

୭୪ । ଯଦି କାକା ନ ଆସନ୍ତି, ତେବେ ତାଙ୍କୁ ଏକୁଟିଆ ଫେରିବାରେ ଅସୁବିଧା ହେବ ବୋଲି ଭାବି ସାଥିରେ ଆଉ ଜଣକୁ ରଖିବା ପାଇଁ ସେ ତୃତୀୟ ବ୍ୟକ୍ତିଙ୍କୁ ନେଇଥିଲେ ଓ ତିନିଜଣଯାକ ଶିରିଡ଼ି ଅଭିମୁଖେ ବାହାରି ପଡ଼ିଥିଲେ ।

୭୫ । ଏ ପୃଥିବୀରେ ବହୁତ ପ୍ରକାରର ଲୋକ ଅଛନ୍ତି ଯେଉଁମାନେ ଭକ୍ତମାନଙ୍କ ପାଖରେ ଋଣୀ ହୋଇଥାନ୍ତି । ବାବା ସେମାନଙ୍କୁ (ଶିରିଡ଼ିକୁ) ଟାଣିଆଣି ସେମାନଙ୍କର ସନ୍ଦେହ ମୋଚନ କରାଇଥାନ୍ତି ।

୭୬ । ସେମାନେ ଫେରିଯିବା ପରେ ସେମାନଙ୍କର ଅନୁଭୂତି ଅନ୍ୟମାନଙ୍କ ଆଗରେ ବଖାଣିଥାନ୍ତି ଅଥବା ସେମାନେ ତାହାକୁ ଅନ୍ୟ କାହାରି ଦ୍ୱାରା ଲେଖାଇ ନେଇଥାନ୍ତି, ଯାହା ପଢ଼ି ବା ଶୁଣି ଲୋକେ ସଠିକ୍ ମାର୍ଗରେ ଯାଇପାରିବେ ।

୭୭ । ସଂକ୍ଷେପରେ କହିଲେ, ଯେଉଁମାନେ ଶିରିଡ଼ି ଆସୁଥିଲେ ଓ ଶ୍ରୀସାଇଙ୍କୁ ଦର୍ଶନ କରି ଆନନ୍ଦ ପାଉଥିଲେ, ସେମାନଙ୍କ ମନର ପ୍ରାଥମିକ ଅବସ୍ଥା ଯାହା ଥିଲେ ମଧ୍ୟ ଶେଷରେ ସେମାନେ ପରମାନନ୍ଦ ପ୍ରାପ୍ତ ହେଉଥିଲେ ।

୭୮ । ସେମାନେ କହୁଥିଲେ ଯେ ନିଜ ନିଜର କୌତୂହଳ ମେଣ୍ଟାଇବା ନିମନ୍ତେ ସେମାନେ ଆପେ ଆପେ ସେଠାକୁ ଯାଇଥିଲେ । କିନ୍ତୁ ପ୍ରକୃତ ଅବସ୍ଥା ତାହା ନ ଥିଲା । ସେମାନେ ବାବାଙ୍କର ଉଦ୍ଦେଶ୍ୟ ସାଧନ କରୁଥିଲେ ।

୭୯ । ସେମାନଙ୍କୁ ବାହାରି ଆସିବା ନିମନ୍ତେ ବାବା ହିଁ ପ୍ରେରଣା ଦେଉଥିଲେ । ସେମାନଙ୍କର ସ୍ୱାଭାବିକ ପ୍ରବୃତ୍ତିକୁ ଜାଗ୍ରତ କରାଇ ସେମାନଙ୍କୁ ଆଧ୍ୟାତ୍ମିକ ପଥରେ ବାବାହିଁ ଅବସ୍ଥାପିତ କରୁଥିଲେ ।

୮୦ । ତାଙ୍କର କୌଶଳ ଓ ଉପାୟ ସମ୍ବନ୍ଧରେ କିଏ ଅବା ଜାଣେ ? କେହି ଜାଣିବାକୁ ଚେଷ୍ଟା କଲେ ଦୁର୍ଭାଗ୍ୟକୁ ଡାକି ଆଣିଥାଏ । ତେଣୁ ନିଜର ଅହଂକାର ଛାଡ଼ି ଦେଇ ତାଙ୍କ ପଦରେ ଶରଣାଗତ ହୁଅ ଓ ଆନନ୍ଦର ଉତ୍ସବକୁ ଉପଭୋଗ କର ।

୮୧ । ଖାଲି ହାତରେ କେହି ମନ୍ଦିର, ବ୍ରାହ୍ମଣ ଓ ଗୁରୁଙ୍କ ନିକଟକୁ ଯାଆନ୍ତି ନାହିଁ । ତେଣୁ କାକା ବାଟରେ ଦୁଇ ସେର ଅଙ୍ଗୁର କିଣିଥିଲେ ।

୮୨ । ସେ ମଞ୍ଜିବିହୀନ ଅଙ୍ଗୁର କିଣିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ ମଧ୍ୟ କେବଳ ମଞ୍ଜିଥିବା ଅଙ୍ଗୁର ସେତେବେଳେ ମିଳିଥିଲା । ତେଣୁ କାକା ତାକୁ କିଣିଥିଲେ ।

୮୩ । ସେ ଯାହାହେଉ, ମନ ଖୁସିରେ ଗପସପ କରି ସେମାନେ ତିନି ଜଣ ଶିରିଡ଼ିରେ ଆସି ପହଞ୍ଚିଥିଲେ । ଏକାଠି ହୋଇ ତିନିଜଣଯାକ ମସ୍‌ଜିଦ୍‌କୁ ବାବାଙ୍କର ଦର୍ଶନ ନିମିତ୍ତ ଯାଇଥିଲେ ।

୮୪ । ବାବାଙ୍କର ଜଣେ ଅଗ୍ରଗଣ୍ୟ ଭକ୍ତ ବାବାସାହେବ ତର୍ଖଡ଼ ମଧ୍ୟ ସେଠାରେ ଉପସ୍ଥିତ ଥିଲେ । ସେଠ୍ ଧରମ୍‌ସୀ ତାଙ୍କୁ କୌତୂହଳବଶତଃ କ'ଣ ପଚାରିଥିଲେ, ଶୁଣନ୍ତୁ ।

୮୫ । "ଏଠି କ'ଣ ଅଛି ? ତୁମେ କାହିଁକି ଆସିଛ ?" ତର୍ଖଡ଼ କହିଥିଲେ, "ଦର୍ଶନ ପାଇଁ ।" ସେଠ୍ ପଚାରିଥିଲେ, "ମୁଁ ଶୁଣିଥିଲି ଏଠି ବିସ୍ମୟକର ଘଟଣା ସବୁ ଘଟୁଛି ।"

୮୬ । ତାହାର ଉତ୍ତରରେ ତର୍ଖଡ଼ କହିଥିଲେ, "ମୋର

ଧାରଣା ତାହା ନୁହେଁ। ତେବେ ଭକ୍ତମାନଙ୍କର ମନସ୍କାମନା ଏଠାରେ ପୂରଣ ହୋଇଥାଏ।"

୮୭। କାକା ବାବାଙ୍କ ଚରଣରେ ମୁଣ୍ଡ ଲଗାଇଥିଲେ ଓ ବାବାଙ୍କୁ ଅଙ୍ଗୁର ଅର୍ପଣ କରିଥିଲେ। ବହୁତ ଲୋକ ଥିଲେ। ବାବା ଅଙ୍ଗୁର ସେଠାରେ ସମସ୍ତଙ୍କୁ ବାଣ୍ଟି ଦେଇଥିଲେ।

୮୮। ବାବା ଅନ୍ୟମାନଙ୍କ ସହିତ ଧରମସୀଙ୍କୁ ମଧ୍ୟ କିଛି ଅଙ୍ଗୁର ଦେଇଥିଲେ। ସେ ଏହି ଧରଣର ଅଙ୍ଗୁର ଭଲ ପାଉ ନ ଥିଲେ। ମଞ୍ଜିବିହୀନ ଅଙ୍ଗୁର ତାଙ୍କୁ ଭଲ ଲାଗେ।

୮୯। ମଞ୍ଜି ଥିବା ଅଙ୍ଗୁର ପ୍ରତି ତାଙ୍କର ବିତୃଷ୍ଣା ଥିଲା। ଏପରିଭାବରେ ପ୍ରଥମରୁହିଁ ଏକ ବାଧା ଆସି ପହଞ୍ଚିଥିଲା। ସେ ସେହି ଅଙ୍ଗୁର ଖାଇବାକୁ ଇଚ୍ଛା କରୁ ନ ଥିଲେ। କିନ୍ତୁ ମନା କରି ଦେବାରେ ମଧ୍ୟ ଅସୁବିଧା ଥିଲା।

୯୦। ଏଣେ ଡାକ୍ତରମାନେ ଅଙ୍ଗୁରକୁ ନ ଧୋଇ ଖାଇବା ପାଇଁ ତାଙ୍କୁ ବାରଣ କରିଥିଲେ। ସେ ଏକୁଟିଆ ଧୋଇ ଖାଇବା ମଧ୍ୟ ଉଚିତ ହେବନାହିଁ ବୋଲି ଭାବିଥିଲେ। ମନରେ ଅନେକ ସନ୍ଦେହ ଉପୁଜିଥିଲା।

୯୧। ଶେଷରେ, ସେ ସେହି ଅଙ୍ଗୁରକୁ ପାଟିରେ ପକାଇ ଦେଇଥିଲେ ଓ ଧୀରେ ଧୀରେ ରସ ଶୋଷି ନେଇ ମଞ୍ଜିଗୁଡ଼ିକୁ ବାହାର କରିଆଣି ନିଜ ପକେଟରେ ରଖି ଦେଇଥିଲେ। ଏହା ଜଣେ ସନ୍ଥଙ୍କର ପବିତ୍ର ନିବାସ ଓ ଅଇଁଠା ମଞ୍ଜି ଫୋପାଡ଼ି ଏହାକୁ ସେ ଅପବିତ୍ର କରିପାରିବେ ନାହିଁ।

୯୨। ତା'ପରେ ସେଠ୍ ଭାବିଥିଲେ, "ସେ ଯଦି ଜଣେ ସନ୍ଥ, ତେବେ ମୁଁ ଏଭଳି ଅଙ୍ଗୁରକୁ ଭଲପାଏ ନାହିଁ ବୋଲି ସେ କିପରି ଜାଣିଲେ ନାହିଁ? ସେ ମୋତେ ବାଧ୍ୟ କରି କାହିଁକି ଏ ଅଙ୍ଗୁର ଦେଲେ।"

୯୩। ଏଭଳି ଚିନ୍ତା ମନରେ ଉଦୟ ହେବା ମାତ୍ରକେ ବାବା ତାଙ୍କୁ ଆହୁରି ଅଧିକ ଅଙ୍ଗୁର ଦେଇଥିଲେ। ସେଗୁଡ଼ିକ ମଞ୍ଜିଥିବା ଅଙ୍ଗୁର ହୋଇଥିବ ଭାବି ସେ ସେଗୁଡ଼ିକୁ ପାଟିରେ ଆଉ ନ ପକାଇ ହାତରେ ମୁଠାଇ ଧରିଥିଲେ।

୯୪। ସେ ମଞ୍ଜିଥିବା ଅଙ୍ଗୁର ଖାଆନ୍ତି ନାହିଁ, ଏ କଥା ସତ୍ୟ। କିନ୍ତୁ ବାବା ତାଙ୍କୁ ନିଜ ହାତରେ ଦେଇଥିଲେ। ସେଠ୍ ଧରମ୍‌ସୀ ବିଚଳିତ ହୋଇପଡ଼ିଥିଲେ ଓ କ'ଣ କରିବେ ଜାଣି ପାରୁନଥିଲେ।

୯୫। ସେ ତାହାକୁ ପାଟିରେ ପକାଇବା ପାଇଁ ଇଚ୍ଛା କରୁ ନ ଥିଲେ ମଧ୍ୟ ବାବା ଦେଇଥିବାରୁ ଯତ୍ନରେ ମୁଠା ମଧ୍ୟରେ ଧରିଥିଲେ। ବାବା କହିଥିଲେ, "ଅଙ୍ଗୁର ଖାଅ।" ସେଠ୍ ବାବାଙ୍କର ନିର୍ଦ୍ଦେଶକୁ ମାନି ନେଇଥିଲେ।

୯୬। "ଅଙ୍ଗୁର ଖାଅ" ବୋଲି ବାବା କହିବାରୁ ଧରମସୀ ପାଟି ଭିତରେ ଅଙ୍ଗୁର ପୂରାଇଥିଲେ। ମାତ୍ର ତାହା ମଞ୍ଜିବିହୀନ ଅଙ୍ଗୁର ବୋଲି ସେ ଜାଣିପାରିଥିଲେ ଓ ଅତ୍ୟନ୍ତ ଚମକୃତ ହୋଇଥିଲେ।

୯୭। "ସେହି ଅଙ୍ଗୁର ମଞ୍ଜିବିହୀନ ହୋଇଥିବାର ଦେଖି ଧରମ୍‌ସୀ ହତବୁଦ୍ଧି ହୋଇପଡ଼ିଥିଲେ ଓ ଭାବିଥିଲେ, 'କି ଅଦ୍ଭୁତ ଶକ୍ତି! ଏଭଳି ସନ୍ଥଙ୍କ ପାଖରେ ଅସମ୍ଭବ ବୋଲି କ'ଣ କିଛି ଅଛି?

୯୮। 'ଅଙ୍ଗୁରରେ ମଞ୍ଜି ଥିବାରୁ ଓ ତାହା ଧୁଆ ହୋଇ ନ ଥିବାରୁ ମୁଁ ଖାଉନାହିଁ ବୋଲି ମୋର ଅଭିପ୍ରାୟ ବୁଝିନେଇ ଶ୍ରୀସାଇ ମୋତେ ଯାହା ଦେଇଥିଲେ, ସେଥିରେ ଆଦୌ ମଞ୍ଜି ନ ଥିଲା ଏବଂ ମୋ ନିମନ୍ତେ ଭଲ କିସମର ଥିଲା।'

୯୯। ସେ ଚକିତ ହୋଇପଡ଼ିଥିଲେ। ତାଙ୍କର ସନ୍ଦେହ ଦୂର ହୋଇଯାଇଥିଲା। ଗର୍ବ ଖର୍ବ ହୋଇଥିଲା। ସନ୍ଥଙ୍କ ପ୍ରତି ପ୍ରଗାଢ଼ ଭକ୍ତି ତାଙ୍କ ମନରେ ଜାତ ହୋଇଥିଲା।

୧୦୦। ତାଙ୍କର ପୂର୍ବ ପ୍ରତିଜ୍ଞା କୁଆଡ଼େ ଚାଲିଯାଇଥିଲା। ଶ୍ରୀସାଇଙ୍କ ପ୍ରତି ତାଙ୍କ ହୃଦୟରେ ଶ୍ରଦ୍ଧା ଜାତ ହୋଇଥିଲା। ଯେଉଁ ଆଗ୍ରହ ନେଇ ସେ ଶିରିଡ଼ି ଆସିଥିଲେ, ତାହା ନିଃସନ୍ଦେହରେ ଯଥାର୍ଥ ପ୍ରମାଣିତ ହୋଇଥିଲା।

୧୦୧। ତର୍ଖଡ଼ ସେଠାରେ ବାବାଙ୍କ ନିକଟରେ ବସିଥିଲେ। ସାଇବାବା ତାଙ୍କୁ ମଧ୍ୟ କିଛି ଅଙ୍ଗୁର ତା'ରି ଭିତରୁ ଦେଇଥିଲେ।

୧୦୨। ତାଙ୍କୁ ଧରମ୍‌ସୀ ପଚାରିଥିଲେ, "ତୁମେ କେଉଁ କିସମର ଅଙ୍ଗୁର ପାଇଲ?" ସେଥିରେ ମଞ୍ଜି ଥିଲା ବୋଲି ତର୍ଖଡ଼ ଉତ୍ତର ଦେଇଥିଲେ। ସେ ସେହି ଉତ୍ତର ଶୁଣି ଆହୁରି ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୧୦୩। ବାବା ଜଣେ ସନ୍ଥ ବୋଲି ତାଙ୍କର ବିଶ୍ୱାସ ହୋଇଥିଲା। ପୁଣି ସେଥିରେ ନିଶ୍ଚିତ ହେବା ନିମନ୍ତେ ସେ ଏକ ଉପାୟ ପାଞ୍ଚିଥିଲେ। ସେ ଭାବିଥିଲେ, "ବାବା ଯଦି ପ୍ରକୃତରେ ସନ୍ଥ, ତେବେ ଏଥର ବାଣ୍ଟିବା କାମ ସେ କାକାଙ୍କଠାରୁ ଆରମ୍ଭ କରନ୍ତୁ।"

୧୦୪। ବାବା ଅନେକଙ୍କୁ ବାଣ୍ଟୁଥିଲେ। କିନ୍ତୁ ସେଠ୍‌ଜୀଙ୍କ ମନ ମଧ୍ୟରେ ଏଭଳି ଭାବନା ଆସିବା ପରେ ବାବା କାକାଙ୍କ ନିକଟରୁ ହିଁ ବାଣ୍ଟିବା ଆରମ୍ଭ କରିଥିଲେ। ସେଠ୍‌ଜୀ ଅତ୍ୟନ୍ତ ଚକିତ ହୋଇଥିଲେ ।

୧୦୫। ସନ୍ଥଙ୍କର ଅନ୍ୟମାନଙ୍କ ମନକୁ ପଢ଼ି ପାରୁଥିବାର ଶକ୍ତି ଦେଖିବା ପରେ ଧରମ୍‌ସୀଙ୍କ ମନ ଶ୍ରୀସାଇଙ୍କୁ ଜଣେ ସନ୍ଥ ରୂପେ ଗ୍ରହଣ କରିନେବା ନିମନ୍ତେ ସେହି ସୂଚନା ଯଥେଷ୍ଟ ଥିଲା।

୧୦୬। ସେଠାରେ ଉପସ୍ଥିତ ଥିବା ମାଧବରାଓ ତତ୍ପରେ ବାବାଙ୍କୁ କହିଥିଲେ, "ଇଏ ହେଉଛନ୍ତି କାକାଙ୍କର ମାଲିକ।" ଚିହ୍ନାଇଦେବା ଓ ବୁଝାଇଦେବା ତାଙ୍କର ଉଦ୍ଦେଶ୍ୟ ଥିଲା।

୧୦୭। "ସେ କିପରି କାକାଙ୍କର ମାଲିକ ହେବେ? ତାଙ୍କରତ ଆଉ ଜଣେ ମାଲିକ ଅଛନ୍ତି!'' ବୋଲି ବାବା ରୋକ୍‌ଠୋକ୍ କହିଥିଲେ। କାକା ଏହି ଉତ୍ତରକୁ ପସନ୍ଦ କରିଥିଲେ।

୧୦୮। ପୁଣି ଆଉ ଏକ ଆଶ୍ଚର୍ଯ୍ୟଜନକ ଘଟଣା। ଅପ୍ପା ନାମକ ଜଣେ ରୋଷେଇଆ ଧୁନି ନିକଟରେ ଛିଡ଼ା ହୋଇଥିଲେ। ବାବା ତାଙ୍କୁ ପ୍ରଶଂସା କରିଥିଲେ।

୧୦୯। ସେ କହିଥିଲେ, "ଏହି ସେଠ୍‌ଜୀ ଏଠାକୁ ଏତେ କଷ୍ଟ କରି ମୋ ପାଇଁ ଆସି ନାହାନ୍ତି। ତାଙ୍କର ଅପ୍ପା ପ୍ରତି ସ୍ନେହ ପ୍ରବଳ[୨] ହୋଇଥିବାରୁ ସେ ଶିରିଡ଼ି ଆସିଛନ୍ତି।"

୧୧୦। ଏହିଭଳି କଥାବାର୍ତ୍ତା ଶେଷ ହୋଇଥିଲା। ଧରମସୀ ତାଙ୍କ ପ୍ରତିଜ୍ଞାକୁ ଭୁଲି ଯାଇଥିଲେ। ଆପେ ଆପେ ସେ ବାବାଙ୍କ ଗୋଡ଼ ତଳେ ପଡ଼ିଯାଇଥିଲେ। ତା'ପରେ ସେ ୱାଡ଼ାକୁ ଫେରିଥିଲେ।

୧୧୧। ସେ ଯାହାହେଉ, ମଧ୍ୟାହ୍ନ ଆରତି ସରିଥିଲା। ସେମାନେ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଥିଲେ । ବାବାଙ୍କ ଅନୁମତି ଭିକ୍ଷା କରିବା ସମୟ ହୋଇଥିଲା। ତେଣୁ ସେମାନେ ମସ୍‌ଜିଦ୍‌କୁ ଫେରିଥିଲେ।

୧୧୨। ସେତେବେଳେ ଧରମ୍‌ସୀ କାକାଙ୍କୁ କହିଥିଲେ, "ମୁଁ ଅନୁମତି ମାଗିବି ନାହିଁ । ତୁମର ଦରକାର ଅଛି, ତୁମେ ମାଗିପାର।" ତା'ପରେ ମାଧବରାଓ ମନ୍ତବ୍ୟ ଦେଇଥିଲେ ...

୧୧୩। "କାକାଙ୍କ ଯିବାର କିଛି ଠିକ୍ ଠିକଣା ନାହିଁ। ସପ୍ତାହେ ଖଣ୍ଡେ ବିତି ନଗଲେ ସେ ଅନୁମତି ପାଇବେ ନାହିଁ। ତୁମେ କାହିଁକି ନିଜେ ମାଗୁନ?"

୧୧୪। ତା'ପରେ ସେହି ତିନି ଜଣ ମସ୍‌ଜିଦ୍‌ରେ ପହଞ୍ଚିଥିଲେ ଓ ତଳେ ବସିପଡ଼ିଥିଲେ । ମାଧବରାଓ ସେମାନଙ୍କ ତରଫରୁ ଅନୁମତି ମାଗିଥିଲେ। ବାବା ଗୋଟିଏ କାହାଣୀ ଆରମ୍ଭ କରିଥିଲେ। ତାହାକୁ ଶାନ୍ତ ମନରେ ଶୁଣନ୍ତୁ।

୧୧୫। "ଜଣେ ଚଞ୍ଚଳମନା ବ୍ୟକ୍ତି ଥିଲେ। ସେ ବହୁତ ଧନୀ ଥିଲେ। ତାଙ୍କର ଶାରୀରିକ କିମ୍ବା ମାନସିକ ପୀଡ଼ା କିଛି ନ ଥିଲା। କିନ୍ତୁ ସେ ଅଯଥାରେ ଗୁଡ଼ାଏ ଚିନ୍ତା ମୁଣ୍ଡରେ ପୂରାଇ ରହୁଥିଲେ।

୧୧୬। 'ସେ ନିଜ ଉପରେ ଅଯଥା ଗୁଡ଼ିଏ ଦାୟିତ୍ୱ ବହନ କରିଥିଲେ। ସେ ଅଶାନ୍ତିରେ ଏଣେତେଣେ ଘୂରି ବୁଲୁଥିଲେ। ବେଳେ ବେଳେ ଦାୟିତ୍ୱବୋଝକୁ ମୁଣ୍ଡରୁ ଖସାଇ ଦେଉଥିଲେତ ଅନ୍ୟ କେତେବେଳେ ସେ ପୁଣି ତାହା ବହନ କରୁଥିଲେ।'

୧୧୭। "ତାଙ୍କର ଅବସ୍ଥାକୁ ବୁଝି ପାରି ମୋର ତାଙ୍କ ଉପରେ ଦୟା ଆସିଥିଲା ଓ କହିଥିଲି, 'ଯେ କୌଣସି ଗୋଟିଏ ସ୍ଥାନରେ ବିଶ୍ୱାସ ସ୍ଥାପନ କର।

୧୧୮। 'ଏମିତି ଅଯଥାରେ ଘୂରି ବୁଲୁଛ କାହିଁକି? ଚୁପ୍‌ଚାପ୍ ଗୋଟିଏ ସ୍ଥାନରେ ଲାଖି ରୁହ।" ଏ କାହାଣୀଟି ଧରମ୍‌ସୀଙ୍କ ଦୁର୍ବଳ ସ୍ଥାନକୁ ସ୍ପର୍ଶ କରିଥିଲା। ଏହା କେବଳ ତାଙ୍କ ନିମିତ୍ତ ହିଁ ଉଦ୍ଦିଷ୍ଟ ବୋଲି ସେ ବୁଝି ପାରିଥିଲେ।

୧୧୯। ତାଙ୍କ ନିକଟରେ ଅକଳନ ଧନସମ୍ପତ୍ତି ଓ ସମୃଦ୍ଧି ଥିବା ସତ୍ତ୍ୱେ କୌଣସି କାରଣ ନ ଥାଇ ଧରମ୍‌ସୀ ସବୁ ସମୟରେ ଚିନ୍ତାଗ୍ରସ୍ତ ରହୁଥିଲେ ଓ ଅଯଥାରେ ବିଚଳିତ ହେଉଥିଲେ।

୧୨୦। ତାଙ୍କର ଅନେକ ଧନ ସଂପଦ ଓ ସମ୍ମାନ ରହିଥିଲେ ମଧ୍ୟ ସେ ଶାନ୍ତିରେ ରହି ପାରୁ ନ ଥିଲେ। ସେ କାଳ୍ପନିକ ଓ ଗଭୀର ସମସ୍ୟାର ବୋଝ ମୁଣ୍ଡାଇଥିଲେ ଏବଂ ତାହା ମଧ୍ୟରେ ନିମଜ୍ଜିତ ହୋଇ ରହୁଥିଲେ।

୧୨୧। ଶ୍ରୀସାଇଙ୍କ ମୁଖରୁ ଏହି କାହାଣୀ ଶୁଣି ସେଠ୍‌ଜୀ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। 'ଏହା ମୋ ମନର ଅବସ୍ଥା' ବୋଲି ସେ ଚିନ୍ତା କରିଥିଲେ ଓ ବହୁତ ସଂଭ୍ରମ ସହକାରେ ଶୁଣିଥିଲେ।

୧୨୨। ଏତେ ଶୀଘ୍ର କାକାଙ୍କୁ ଫେରିଯିବା ପାଇଁ ଅନୁମତି ମିଳିବା ଲକ୍ଷେକରେ ଗୋଟିଏ ନଜିର୍ ଥିଲା। ସେ ଅନୁମତି ପାଇବା ପରେ ଧରମ୍‌ସୀ ଖୁସି ହୋଇଥିଲେ।

୧୨୩। ଧରମ୍‌ସୀଙ୍କର ଆନ୍ତରିକ ଇଛା ଥିଲା ଯେ କାକା ତାଙ୍କ ସହିତ ଫେରି ଚାଲନ୍ତୁ। ତାଙ୍କର ଏହି ଇଚ୍ଛାକୁ ମଧ୍ୟ ବାବା ଯିବା ପାଇଁ ଅନୁମତି ପ୍ରଦାନ କରି ପୂରଣ କରିଥିଲେ।

୧୨୪। ସେଠ୍‌ଜୀଙ୍କର ଇଏ ମଧ୍ୟ ଏକ ସର୍ତ୍ତ ଥିଲା ବୋଲି ବାବା କିପରି ଜାଣିଲେ ? ଏହା ମଧ୍ୟ ସନ୍ଥଙ୍କର ଏକ ବିଶିଷ୍ଟ ଗୁଣ ବୋଲି ଧରମସୀଙ୍କର ଧାରଣା ହୋଇଥିଲା ଓ ତାହା ସେ ଅଭୁତ ଭାବରେ ଗ୍ରହଣ କରିଥିଲେ।

୧୨୫। ତାଙ୍କର ସମସ୍ତ ସନ୍ଦେହ ଦୂର ହୋଇଯାଇଥିଲା ଓ ଶ୍ରୀସାଇ ଜଣେ ସନ୍ଥ ବୋଲି ତାଙ୍କ ପାଖରେ ପରିଷ୍କାର ହୋଇଯାଇଥିଲା। ପ୍ରତ୍ୟେକଙ୍କର ଚିନ୍ତା ଭାବନା ଯାହା ଥିଲା, ତଦନୁଯାୟୀ ଅନୁଭୂତି ବାବାଙ୍କଠାରୁ ମିଳିଥିଲା।

୧୨୬। ଯିଏ ଯେଉଁ ପଥରେ ଯିବାକୁ ଇଛା କରିଥାଏ, ତାକୁ ସେଇ ନିର୍ଦ୍ଦିଷ୍ଟ ପଥରେ ଯିବା ପାଇଁ ସାହାଯ୍ୟ ମିଳିଥାଏ । ଶ୍ରୀସାଇ ପ୍ରତ୍ୟେକଙ୍କର ଯୋଗ୍ୟତା ଓ ମୂଲ୍ୟ ବୁଝିଥାନ୍ତି ଓ ସେହି ଅନୁଯାୟୀ ଜଣେ ଆଧାତ୍ମିକ ଉନ୍ନତି ଲାଭ କରିଥାଏ।

୧୨୭। ଭକ୍ତର ପୂର୍ଣ୍ଣ ବିଶ୍ୱାସ ଥାଉ କିମ୍ବା ସେ ବାହାନା କରୁଥାଉ,ଶ୍ରୀସାଇ ଉଭୟଙ୍କୁ ସମାନ ଭାବରେ କୃପା କରିଥାନ୍ତି। ଏହି ସ୍ନେହଶୀଳା ମାତା ଦୁଇ ଜଣକ ମଧ୍ୟରେ ପ୍ରଭେଦ ବାରୁନଥିଲେ ।

୧୨୮। ତା'ପରେ ଉଭୟେ ଯେତେବେଳେ ଯିବାକୁ ବାହାରି ଥିଲେ, ବାବା କାକାଙ୍କୁ ପନ୍ଦର ଟଙ୍କା ଦକ୍ଷିଣା ମାଗିଥିଲେ ଓ ନିଜ ତରଫରୁ କାକାଙ୍କୁ କହିଥିଲେ-

୧୨୯। "ମୋତେ କେହି ଟଙ୍କାଏ ଦକ୍ଷିଣା ଦେଲେ, ମୋତେ ତା' ବଦଳରେ ଠିକ୍ ଦଶଗୁଣା ଦେବାକୁ ପଡ଼ିଥାଏ।

୧୩୦। "ମୁଁ କାହାରିଠାରୁ କିଛି ମାଗଣାରେ କେବେ ନିଏ ନାହିଁ। ମୁଁ ଏଣୁତେଣୁ କିଛି ମାଗେ ନାହିଁ। ଫକୀର ଯାହାଙ୍କଠୁ ନେବାକୁ ନିର୍ଦ୍ଦେଶ ଦେଇଥାନ୍ତି, ମୁଁ କେବଳ ତାଙ୍କୁହିଁ ଦକ୍ଷିଣା ମାଗିଥାଏ।

୧୩୧। "ଫକୀର କେବଳ ସେଇମାନଙ୍କୁ ମାଗିଥାନ୍ତି, ଯେଉଁମାନଙ୍କ ପାଖରେ ସେ ଋଣୀ ଥାଆନ୍ତି । ଦାତା ଦାନ ଦେବା ଦ୍ୱାରା ବିହନ ବୁଣିଥାଏ ଓ ପରେ ଫସଲ ଅମଳ କରିଥାଏ।

୧୩୨। "ଧନ କେବଳ ସତ୍ ଉଦ୍ଦେଶ୍ୟରେହିଁ ବ୍ୟବହାର କରାଯିବା ଉଚିତ। ଧନକୁ ଏଭଳି ଭାବରେ ବ୍ୟୟକଲେହିଁ ତାହା ମଙ୍ଗଳକର ହୋଇଥାଏ। ସଦ୍‌ଗୁଣ ଦ୍ୱାରା ପ୍ରକୃତ ଜ୍ଞାନ ଲାଭ ହୋଇଥାଏ ।

୧୩୩। "ଯେଉଁ ଧନକୁ ଏତେ କଠିନ ପରିଶ୍ରମ କରି ଅର୍ଜନ କରାଯାଇଥାଏ, ତାହାକୁ ଲୋକେ କେବଳ ନିଜର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ବ୍ୟବହାର କରୁଛନ୍ତି ବୋଲି ବେଳେବେଳେ ବିଶ୍ୱାସ କରାଯାଏ। ସତ୍ ଉଦ୍ଦେଶ୍ୟରେ ଏହି ଧନ ବ୍ୟବହାର ନ କଲେ ତାହାର ଅପଚୟ ହୁଏ ।

୧୩୪। "ଯିଏ ପଇସାଏ ପଇସାଏ କରି ସଞ୍ଚୟ କରି କୋଟି କୋଟି ଟଙ୍କା ଜମା କରିଥାନ୍ତି ଓ ସେଇ ଧନ ଇନ୍ଦ୍ରିୟସୁଖପ୍ରାପ୍ତି ନିମିତ୍ତ କେବେହେଲେ ବ୍ୟୟ କରି ନଥାନ୍ତି, ସେହି ବ୍ୟକ୍ତିହିଁ ସୁଖୀ।"

୧୩୫। "ଦେଇଥିଲେ ପାଇ" ବୋଲି ଶ୍ରୁତି କହେ ଓ ଏକଥା ପ୍ରତ୍ୟେକ ଲୋକ ଭଲ ଭାବରେ ଜାଣନ୍ତି । ତୁମେ ପୂର୍ବରୁ ଦେଇ ନ ଥିଲେ ଏବେ ପାଇବ ନାହିଁ। ତେଣୁ ବାବା ଦକ୍ଷିଣା ମାଗୁଥିଲେ।

୧୩୬। ରାମ ଅବତାରରେ ରଘୁନନ୍ଦନ ସ୍ୱର୍ଣ୍ଣନିର୍ମିତ ଅସଂଖ୍ୟ ନାରୀ ମୂର୍ତ୍ତି ଦାନ କରିଥିବାରୁ କୃଷ୍ଣ ଅବତାରରେ ଷୋହଳ ସହସ୍ର ନାରୀ ପାଇ ପାରିଥିଲେ।

୧୩୭। ଯେଉଁ ଭକ୍ତ ଭକ୍ତିହୀନ, ଜ୍ଞାନହୀନ ଓ ବିଷୟାସକ୍ତ, ସେ ପ୍ରକୃତରେ ଦରିଦ୍ର। ସେଭଳି ବ୍ୟକ୍ତିଙ୍କୁ ପ୍ରଥମେ ଅନାସକ୍ତ ହେବାର ଶିକ୍ଷା ଦିଆଯାଇ ସେଥିରେ ପ୍ରତିଷ୍ଠିତ ହେବା ପରେ ତାଙ୍କୁ ଭକ୍ତି ଓ ଜ୍ଞାନ ଶିକ୍ଷା ଦିଆଯାଇଥାଏ।

୧୩୮। ବାବା ଦକ୍ଷିଣା ମାଗିବା ବେଳେ ନିରାସକ୍ତ ହେବା ପାଇଁ ସୂଚନା ଦେଇଥାନ୍ତି । ପରେ ଭକ୍ତଙ୍କୁ ଭକ୍ତି ପଥରେ ନେଇ ଜ୍ଞାନଲାଭ କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚାଇ ଦେଇଥାନ୍ତି।

୧୩୯। "ମୁଁ ଶେଷକୁ କ'ଣ କରିଥାଏ ? ଗୋଟିଏ ନିଏ, ଦଶଗୁଣା ଦିଏ। ମୁଁ ଜ୍ଞାନମାର୍ଗରେ ଜଣକୁ ପାଦେ ପାଦେ କରି ଅଗ୍ରସର କରାଇଥାଏ" ବୋଲି ବାବା କହିଥିଲେ। ଧରମ୍‌ସୀଙ୍କ ମନରେ ଏହା ପ୍ରଗାଢ଼ ଆଗ୍ରହ ସୃଷ୍ଟି କରିଥିଲା।

୧୪୦। ସେ ଆପେ ଆପେ ବାବାଙ୍କ ହାତରେ ପନ୍ଦରଟଙ୍କା ରଖିଦେଇଥିଲେ ଓ ତାଙ୍କ ପୂର୍ବ ପ୍ରତିଜ୍ଞା ପୂରାପୂରି ଭୁଲି

ଯାଇଥିଲେ। ସମଗ୍ର ଘଟଣାଟିର ପଟାନ୍ତର ନଥିଲା।

୧୪୧। ପୂର୍ବରୁ ସେ ଅଯଥାରେ ଗର୍ବ କରୁଥିଲେ ବୋଲି ହୃଦୟଙ୍ଗମ କରିଥିଲେ। ସେ ନିଜେ ଆସିଥିବାରୁ ଆନନ୍ଦ ଅନୁଭବ କରୁଥିଲେ । କାରଣ, ସନ୍ଥମାନେ କିଭଳି ହୋଇଥାନ୍ତି, ତାହା ସେ ଜାଣିପାରିଥିଲେ ଓ ଅନେକ ଅନୁଭୂତି ନେଇ ତାଙ୍କ ସହିତ ସଂପୃକ୍ତ ହୋଇଯାଇଥିଲେ।

୧୪୨। 'ମୁଁ ସେଭଳି ପ୍ରତିଜ୍ଞା କରିନଥିଲେ ସମ୍ମାନ ଜଣାଇବାକୁ ଆସିନଥାନ୍ତି। ତା'ପରେ ମୁଁ ମୋ ନିଜ ଇଚ୍ଛାରେହିଁ ଆସିଥିଲି। ସନ୍ଥମାନଙ୍କର ଲୀଳା ଅକଳ୍ପନୀୟ !

୧୪୩। 'ଯାହାଙ୍କ ଜିହ୍ୱାରେ ଆଲ୍ଲା ମାଲିକ ସବୁବେଳେ ବସି ରହିଛନ୍ତି, ତାଙ୍କ ପକ୍ଷରେ କିଛି ଅସମ୍ଭବ ହେବକି ? ମୁଁ ଏହି ସନ୍ଥଙ୍କର କିଛି ଚମତ୍କାରିତା ଦେଖିବା ନିମନ୍ତେ ଉତ୍କଣ୍ଠିତ ଥିଲି ।

୧୪୪। 'ମୋର ସମସ୍ତ ପ୍ରତିଜ୍ଞା ତୁଚ୍ଛା ହୋଇଗଲା। ମୁଁ ଜଣେ ଲୋକର ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କଲି ଓ ସେ ନମାଗିଲେ ମଧ୍ୟ ଆପେ ଆପେ ଦକ୍ଷିଣା ଦେଇଦେଲି।

୧୪୫। 'ମୋର ଗର୍ବ ମଧ୍ୟ ଖର୍ବ ହେଲା । ମୋ ନିଜ ଇଚ୍ଛାରେ ଶ୍ରୀସାଇଙ୍କ ପାଦତଳେ ଭକ୍ତିର ସହ ପ୍ରଣାମ କଲି। ଏହାଠାରୁ ଅଧିକ ବିସ୍ମୟକର ଆଉ କ'ଣ ହୋଇଥାନ୍ତା ?'

୧୪୬। ଶ୍ରୀସାଇଙ୍କର ଏହି ଲୀଳାକୁ ମୁଁ କିପରି ଭାବରେ ବର୍ଣ୍ଣନା କରିବି ? ସେ ଏସବୁ କାର୍ଯ୍ୟ କରାଇବାରେ ସୂତ୍ରଧର ହୋଇଥିଲେ ମଧ୍ୟ ବାହ୍ୟତଃ ଅସଂପୃକ୍ତ ହୋଇ ରହୁଥିଲେ। ଏହାଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ଆଉ କ'ଣ ହୋଇପାରେ ?

୧୪୭। କେହି ତାଙ୍କୁ ପ୍ରଣାମ କଲା କି ନକଲା, କିମ୍ବା କେହି ତାଙ୍କୁ ଦକ୍ଷିଣା ଦେଲା କି ନଦେଲା, କରୁଣାସାଗର ତଥା ଆନନ୍ଦର ଉତ୍ସ ଶ୍ରୀସାଇ କେବେ କାହାରିକୁ ଘୃଣା ଚକ୍ଷୁରେ ଦେଖୁନଥିଲେ ।

୧୪୮। ତାଙ୍କୁ ପୂଜା କଲେ ସେ ଖୁସି ହେଉନଥିଲେ କି ତାଙ୍କୁ ପରିହାସ କଲେ ସେ ଦୁଃଖ ପାଉନଥିଲେ । ଯେଉଁଠାରେ ସୁଖ ନାହିଁ, ସେଠାରେ ଦୁଃଖ ମଧ୍ୟ ନାହିଁ। ତାଙ୍କର ଅବସ୍ଥିତି ଦ୍ୱୈତର ବହୁତ ଊର୍ଦ୍ଧ୍ୱରେ।

୧୪୯। କୌଣସି ବ୍ୟକ୍ତିର ଉଦ୍ଦେଶ୍ୟ ଯାହା ହୋଇଥାଉନା କାହିଁକି, ଥରେ ଶ୍ରୀସାଇଙ୍କର ଦର୍ଶନ ମିଳିଗଲେ ସେହି ବ୍ୟକ୍ତି ହୃଦୟରେ ଶ୍ରୀସାଇଙ୍କ ଚରଣ ପ୍ରତି ଭକ୍ତିଭାବ ଉଦୟ ହେଉଥିଲା। ଶ୍ରୀସାଇଙ୍କର ଏଭଳି ବିସ୍ମୟକର ଶକ୍ତି ରହିଥିଲା।

୧୫୦। ସେ ଯାହାହେଉ, ସେମାନେ ଉଦି ପ୍ରସାଦ ଓ ଆଶୀର୍ବାଦ ପାଇବା ପରେ ନିଃସନ୍ଦେହ ହୋଇ ଘରକୁ ଫେରିଥିଲେ। ଶ୍ରୀସାଇଙ୍କର ଖ୍ୟାତି ଏହିଭଳି ଥିଲା !

୧୫୧। ଶିରିଡ଼ିରୁ ଫେରିବା ନିମନ୍ତେ ବାବାଙ୍କର ଅନୁମତିର ଆବଶ୍ୟକତା ପଡୁଥିଲା। ତାହାକୁ ଅବଜ୍ଞା କରିବାର ଅର୍ଥ ବିପଦକୁ ବରଣ କରି ଆଣିବା।

୧୫୨। ନିଜ ଇଚ୍ଛା ଅନୁଯାୟୀ କେହି ଶିରିଡ଼ିରୁ ଚାଲି ଆସିଥିଲେ ହଇରାଣ ହୋଇଥାଏ ଓ ଅନୁତାପ କରିଥାଏ । ରାସ୍ତାରେ ଭୟଙ୍କର ବାଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ ଓ ତାହାକୁ ଅତିକ୍ରମ କରିପାରିବା କଷ୍ଟକର ହୋଇଥାଏ।

୧୫୩। ଶିରିଡ଼ିରୁ ପ୍ରସ୍ଥାନ କରିବା ବିଷୟରେ ଏମିତି କଥା କୁହାଯାଉଥିଲା । ମୋର ଅବସ୍ଥା ମଧ୍ୟ ସେୟା ହୋଇଥିଲା। ବାବା କହୁଥିଲେ, "ମୁଁ ଟାଣି ନଆଣିଲେ ଏଠାକୁ କେହି ଆସିପାରେ ନାହିଁ।"

୧୫୪। "ମୁଁ ଇଚ୍ଛା ନକଲେ କିଏ ତାହାର ଏରୁଣ୍ଡିବନ୍ଧ ଡେଇଁ ପାରିବ କି ? କିଏ କେବେ ନିଜର ଇଚ୍ଛାରେ ଦର୍ଶନ ପାଇପାରିବ ନା ଶିରିଡ଼ି ଆସିପାରିବ ?"

୧୫୫। କରୁଣାର ଅବତାର, ଯାହାଙ୍କ ହସ୍ତରେ ଆମ ଜୀବନ ଆଶ୍ରୟ ନେଇଛି, ସେହି ଶ୍ରୀସାଇ ସମର୍ଥଙ୍କ ହୃଦୟରେ କରୁଣା ଜାତହେଲେ ଯାଇ ଆମେ ତାଙ୍କୁ ଦର୍ଶନ କରିବାକୁ ଆସିପାରିବା ?

୧୫୬। ଶ୍ରୀସାଇ ଯିବା ଆସିବା ବ୍ୟାପାରରେ ସମ୍ମତନଥିଲେ କାହାରିକୁ ଅନୁମତି ଦିଅନ୍ତି ନାହିଁ କି ଉଦି ଦେଇନଥାନ୍ତି।

୧୫୭। ଯଦି କେହି ଅନୁମତି ଆଣିବା ପାଇଁ ଯାଇଥାଏ, ପ୍ରଣାମ କରିସାରିବା ପରେ ସେ ଯଦି ଆଶୀର୍ବାଦ ଓ ଉଦି ପାଇଯାଏ, ତାହା ସେହି ସ୍ଥାନ ଛାଡ଼ିଯିବାର ଅନୁମତି ବୋଲି ସୂଚିତ ହୋଇଥାଏ।

୧୫୮। ବର୍ତ୍ତମାନ ମୁଁ ଶ୍ରୋତାମାନଙ୍କୁ ଉଦି ସମ୍ପର୍କରେ ଏକ ଅଭିନବ ଅଭିଜ୍ଞତାର ବର୍ଣ୍ଣନା କରିବି। ତାହା ପରେ ମହାନୁଭବ ଶ୍ରୀସାଇଙ୍କର କରୁଣାପ୍ରାପ୍ତ ନେଓ୍ୱାସ୍କରଙ୍କ ଭକ୍ତିର ଶକ୍ତି ସମ୍ପର୍କରେ କହିବି।

୧୫୯। ବାନ୍ଦ୍ରାର ପ୍ରଭୁକାୟସ୍ଥ ଜାତିର ଜଣେ ଭଦ୍ରବ୍ୟକ୍ତି ସବୁପ୍ରକାର ପ୍ରତିକାର ଚେଷ୍ଟା କରିଥିବା ସତ୍ତ୍ୱେ ଅନିଦ୍ରା ରୋଗ ଭୋଗୁଥିଲେ।

୧୬୦ । ସେ ନିଦ୍ରାଗତ ହେବା ମାତ୍ରକେ ତାଙ୍କର ପରଲୋକଗତ ପିତା ମୁହୂର୍ତ୍ତେବି ବିଳମ୍ବ ନ କରି ତାଙ୍କ ପାଖକୁ ସ୍ୱପ୍ନରେ ଆସିଯାଉଥିଲେ ଓ ତାଙ୍କୁ ପ୍ରତ୍ୟେକ ଥର ଜାଗ୍ରତ କରାଉଥିଲେ ।

୧୬୧ । ତାଙ୍କର ଆଦ୍ୟ ଜୀବନରେ ଯାହା କିଛି ଭଲ ମନ୍ଦ ଘଟଣା ଘଟିଥିଲା, ପ୍ରସଙ୍ଗତଃ ତାହାର ସୂଚନା ଦେଇ ଓ ତାଙ୍କର କୌଣସି ଗୋପନୀୟ କୁଚିନ୍ତା ତଥା କପୋଳକଳ୍ପିତ ଭାବନା କଥା କହି ତାଙ୍କର ପିତା ଅତ୍ୟନ୍ତ ଅଭଦ୍ରଭାଷାରେ ତାଙ୍କୁ ତୀବ୍ର ଭର୍ତ୍ସନା କରୁଥିଲେ ।

୧୬୨ । ରାତ୍ରି ପରେ ରାତ୍ରି ଏକାପରି ଘଟଣା ଘଟିଚାଲିଥିଲା । ରାତିରାତି ସେ ଶୋଇପାରୁନଥିଲେ । ସେ ଭାଙ୍ଗି ପଡ଼ିଥିଲେ । ତାଙ୍କ ପଛରେ ପଡ଼ିଥିବା ଯନ୍ତ୍ରଣାକୁ ସେ ଏଡ଼ାଇ ଦେଇ ପାରୁନଥିଲେ ।

୧୬୩। ଭଦ୍ରବ୍ୟକ୍ତି ବ୍ୟତିବ୍ୟସ୍ତ ହୋଇ ପଡ଼ିଥିଲେ । ସେ ପ୍ରତିକାରର କୌଣସି ଉପାୟ ଚିନ୍ତାକରି ପାରୁନଥିଲେ । ସେ ଜଣେ ସାଇଭକ୍ତଙ୍କୁ ଏ ସମ୍ପର୍କରେ ପଚାରିଥିଲେ ।

୧୬୪ । "ଆମେ ଅନ୍ୟ କିଛି ପ୍ରତିକାର ଜାଣିନାହୁଁ । ଶ୍ରୀସାଇ ମହାରାଜହିଁ ଭରସା । ତୁମର ଯଦି ସେହି ବିଶ୍ୱାସ ଥାଏ, ତେବେ ଉଦି ତା'ର ଶକ୍ତି ଦେଖାଇବ," ବୋଲି ସେହି ସାଇଭକ୍ତ କହିଥିଲେ ।

୧୬୫ । ସାଇଭକ୍ତଙ୍କ ନିର୍ଦ୍ଦେଶକୁ ଉକ୍ତ ବ୍ୟକ୍ତି ଅକ୍ଷରେ ଅକ୍ଷରେ ପାଳନ କରିଥିଲେ ଓ ଉଦିର ମାହାତ୍ମ୍ୟ ଅନୁଭବ କରିଥିଲେ । ତା'ପରେ ସେ ଆଉ କୌଣସି ଖରାପ ସ୍ୱପ୍ନ ଦେଖୁନଥିଲେ ।

୧୬୬ । ସେହି ବନ୍ଧୁଜଣକ ନିଜର ପୂର୍ବ ଜନ୍ମର ପୁଣ୍ୟକର୍ମ ଯୋଗୁଁ ଶ୍ରୀସାଇ ସମର୍ଥଙ୍କ ଭକ୍ତ ହୋଇ ପାରିଥିଲେ । ଉଦିର ଅଦ୍ଭୁତ ଶକ୍ତି ସମ୍ପର୍କରେ ବର୍ଣ୍ଣନା କଲାପରେ ସେ ସେଥିରୁ କିଛି ତାଙ୍କୁ ଦେଇଥିଲେ ।

୧୬୭ । ସେ ତାଙ୍କୁ କହିଥିଲେ, "ଶୋଇବାକୁ ଯିବା ପୂର୍ବରୁ କପାଳରେ ଟିକିଏ ଲଗାଇଦେବ ଓ ଛୋଟିଆ ପୁଡ଼ିଆଟିଏ ତକିଆ ତଳେ ରଖିଦେବ । ଶ୍ରୀସାଇଙ୍କୁ ସ୍ମରଣ କରୁଥିବ ।

୧୬୮ । "ବିଶ୍ୱାସ ରଖ । ତା'ପରେ ଉଦିର ଶକ୍ତିକୁ ଅନୁଭବ କରିପାରିବ । ଏହା ତୁମର ଦୁର୍ଦ୍ଦଶାକୁ ସଂଗେ ସଂଗେ ଦୂର କରିଦେବ । ଉଦିର ମାହାତ୍ମ୍ୟ ଏହିପରି ।"

୧୬୯ । ତାଙ୍କରି ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କଲାପରେ, ସେ ସେହିଦିନ ରାତ୍ରିରେହିଁ ଗଭୀର ନିଦ୍ରା ଯାଇଥିଲେ । ସେହି ଖରାପ ସ୍ୱପ୍ନର ଚିହ୍ନବର୍ଣ୍ଣ ନଥିଲା । ଭଦ୍ରବ୍ୟକ୍ତି ଜଣକ ବହୁତ ଖୁସି ଥିଲେ ।

୧୭୦ । ତାଙ୍କର ସେହି ଆନନ୍ଦକୁ କିପରି ବର୍ଣ୍ଣନା କରାଯାଇପାରିବ ? ସେ ଉଦି ପୁଡ଼ିଆକୁ ସବୁବେଳେ ତକିଆ ତଳେ ରଖୁଥିଲେ ଓ ପ୍ରତ୍ୟହ ଶ୍ରୀସାଇଙ୍କୁ ସ୍ମରଣ କରୁଥିଲେ ।

୧୭୧ । ପରେ ସେ ବାବାଙ୍କର ଏକ ଫଟୋ କିଣି ଆଣିଥିଲେ, ତାଙ୍କ ବିଛଣାର ମୁଣ୍ଡ ପାଖ କାନ୍ଥରେ ଟାଙ୍ଗିଥିଲେ ଓ ପ୍ରତି ଗୁରୁବାର ଦିନ ଫୁଲମାଳ ପିନ୍ଧାଉଥିଲେ । ସେ ଭକ୍ତି ସହକାରେ ପୂଜାର୍ଚ୍ଚନା କରୁଥିଲେ ।

୧୭୨ । ସେ ପ୍ରତ୍ୟହ ବାବାଙ୍କ ଚିତ୍ରକୁ ଦର୍ଶନ କରୁଥିଲେ, ଗୁରୁବାର ଦିନ ଫୁଲମାଳ ଅର୍ପଣ କରୁଥିଲେ ଓ ପ୍ରତିଦିନ ଶ୍ରୀସାଇଙ୍କୁ ସ୍ମରଣ କରୁଥିଲେ । ତାଙ୍କର ବିପଦ ସମ୍ପୂର୍ଣ୍ଣ ରୂପେ ଟଳି ଯାଇଥିଲା ।

୧୭୩। ସେ ବିଶ୍ୱାସ ସ୍ଥାପନ କରି ତାଙ୍କର ଅଭ୍ୟାସକୁ ନିଷ୍ଠାପର ଭାବରେ ଚଳାଇ ରଖିଥିଲେ । ତାଙ୍କର ଅଧିକରୁ ଅଧିକ ମଙ୍ଗଳ ହୋଇଥିଲା । ପୂର୍ବର ଅନିଦ୍ରା ରୋଗ ଓ ଖରାପ ସ୍ୱପ୍ନ ଦେଖା କଥା ସେ ସମ୍ପୂର୍ଣ୍ଣ ଭୁଲି ଯାଇଥିଲେ ।

୧୭୪ । ଉଦିର ପ୍ରଭାବ ସମ୍ପର୍କରେ ଏହା ଗୋଟିଏ ଉଦାହରଣ ଥିଲା । ମୁଁ ଆଉ ଗୋଟିଏ ଅନନ୍ୟ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିବି । ଯେ କୌଣସି ପ୍ରକାର ସମସ୍ୟା କ୍ଷେତ୍ରରେ ଉଦି ପ୍ରୟୋଗ କରାଗଲେ ତାହା ନିତାନ୍ତ ସୁଫଳ ପ୍ରଦାନ କରିଥାଏ ।

୧୭୫ । ବାଲାଜୀ ପାଟିଲ ନେଓ୍ୱାସ୍କର ଜଣେ ପରମ ଭକ୍ତ ଥିଲେ । ସେ ନିଷ୍କାମ ଓ ନିଃସ୍ୱାର୍ଥପର ସେବାକାର୍ଯ୍ୟ କରୁଥିଲେ ଏବଂ ବାବାଙ୍କ ନିମନ୍ତେ ତାଙ୍କ ଶରୀରକୁ ଉତ୍ସର୍ଗ କରିଦେଇଥିଲେ ।

୧୭୬ । ବାବା ଶିରିଡ଼ିରେ ତାଙ୍କର ପ୍ରତିଦିନର ଚଲାବୁଲା ମଧ୍ୟରେ ଲେଣ୍ଡିବାଗକୁ ଯିବାର ବାଟ ସମେତ ଯେଉଁସବୁ ଗଳିକନ୍ଦି ବାଟ ଓ ରାସ୍ତା ଦେଇ ଯାତାୟାତ କରୁଥିଲେ, ସେସବୁ ରାସ୍ତାକୁ ଝାଡୁମାରି ସଫା କରିବା ଥିଲା ନେଓ୍ୱାସକରଙ୍କର ଦୈନନ୍ଦିନ କାର୍ଯ୍ୟ ।

୧୭୭ । ତାଙ୍କ ପରେ ସେହି ସେବା କାର୍ଯ୍ୟର ପରମ୍ପରା

ରାଧାକୃଷ୍ଣମାଈ[୩] ଚାଲୁ ରଖିଥିଲେ । ସେ ମଧ୍ୟ ଏହି କାର୍ଯ୍ୟ ଚମତ୍କାର ଭାବରେ ସମ୍ପାଦନ କରୁଥିଲେ।

୧୭୮। ସେ ସର୍ବଜନବନ୍ଦିତା ଓ ଜାତିରେ ବ୍ରାହ୍ମଣୀ ଥିଲେ ମଧ୍ୟ ଏହି କାର୍ଯ୍ୟକୁ ନୀଚ କର୍ମ ବୋଲି କେବେହେଲେ ଭାବିନଥିଲେ ଓ ତାଙ୍କର ଅକପଟ ହୃଦୟରେ ଏପରି ଘୃଣ୍ୟ ଭାବନା କେବେ ଆଣିନଥିଲେ ।

୧୭୯। ବଡ଼ି ସକାଳୁ ଉଠି ଓ ହାତରେ ଝାଡୁଧରି ସେ ବାବା ଯାତାୟାତ କରୁଥିବା ସମସ୍ତ ରାସ୍ତାକୁ ଝାଡୁ ମାରି ସଫା କରୁଥିଲେ। ଧନ୍ୟ ତାଙ୍କର ସେବା!

୧୮୦। ତାଙ୍କର କାର୍ଯ୍ୟ ନିର୍ମଳ ଓ ଚଂଚଳ ଥିଲା। ତାଙ୍କ ସହିତ କିଏ ପ୍ରତିଦ୍ୱନ୍ଦିତା କରିପାରିବ? କିଛିଦିନ ପରେ ଅବଦୁଲ୍[୪] ଏ କାମ କରିବାକୁ ଆଗଭର ହୋଇଥିଲେ ।

୧୮୧। ସେହି ବାଲାଜୀ ପାଟିଲ (ନେଓ୍ୱାସ୍କର) ବହୁତ ଭାଗ୍ୟବାନ ଥିଲେ। ସେ ସଂସାର ମଧ୍ୟରେ ରହିଥିଲେ ମଧ୍ୟ ତାହା ସହିତ ଜଡ଼ିତ ନଥିଲେ। ସେ କେତେ ନିଷ୍କାମ ଥିଲେ! କାହାଣୀର ସେହି ଅଂଶକୁ ଶୁଣନ୍ତୁ।

୧୮୨। ଫସଲ ଅମଳ ସରିଯିବା ପରେ ସେ ସମସ୍ତ ଶସ୍ୟକୁ ମସ୍‌ଜିଦ୍‌କୁ ଆଣି ଖୋଲାଜାଗାରେ ଗଦା କରିଦେଉଥିଲେ ଓ ସେସବୁକୁ ବାବାଙ୍କ ଚରଣରେ ଅର୍ପଣ କରିଦେଉଥିଲେ।

୧୮୩। ବାବା ସମସ୍ତ ପଦାର୍ଥର ମାଲିକ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଏବଂ ସେଥିରୁ ବାବା ତାଙ୍କୁ ଯେତିକି ଦେଉଥିଲେ, ସେତିକି ସେ ଘରକୁ ଫେରାଇ ନେଉଥିଲେ ଓ ତହିଁରେ ଚଳୁଥିଲେ ।

୧୮୪। ଶ୍ରୀସାଇ ଗାଧୋଇବା ସମୟରେ କିମ୍ବା ହାତଗୋଡ଼ ଧୋଇବା ସମୟରେ ଯେଉଁ ଜଳ ବହି ଆସୁଥିଲା, ସେହି ଜଳକୁ ପାନୀୟ ରୂପରେ ବାଲାଜୀ ବ୍ୟବହାର କରୁଥିଲେ।

୧୮୫। ସେ ଏହି ଅଭ୍ୟାସ ନିଜର ମୃତ୍ୟୁ ପର୍ଯ୍ୟନ୍ତ ଚଳାଇ ରଖିଥିଲେ। ଆଜି ମଧ୍ୟ ତାଙ୍କର ପ୍ରିୟ ପୁତ୍ର ସେହି କାର୍ଯ୍ୟକୁ କିଛି ମାତ୍ରାରେ କରିଚାଲିଛନ୍ତି।

୧୮୬। ସେ ମଧ୍ୟ ନିୟମିତ ଭାବରେ ଶସ୍ୟ ପଠାଉଛନ୍ତି। ସେଥିରୁ ଶ୍ରୀସାଇ ଜଅର[୫] ଭାକରୀ ବା ରୋଟି ଦିନକୁ ଚାରିଥର ନିଜର ମହାନିର୍ବାଣ ପର୍ଯ୍ୟନ୍ତ ଗ୍ରହଣ କରୁଥିଲେ।

୧୮୭। ଏ ବର୍ଣ୍ଣନା ଯଥେଷ୍ଟ ହୋଇଗଲା। ଥରେ କ'ଣ ଘଟିଥିଲା ଶୁଣନ୍ତୁ। ସେଦିନ ବାଲାଜୀଙ୍କର ଶ୍ରାଦ୍ଧ ଥିଲା। ଖାଦ୍ୟ ରନ୍ଧା ହୋଇଯାଇଥିଲା ଓ ଅତିଥିମାନଙ୍କୁ ପରିବେଷଣ ଆରମ୍ଭ ହୋଇଥିଲା ।

୧୮୮। କେତେ ଅତିଥିଙ୍କ ଆଗମନ ହେବ, ତାହା ମୋଟାମୋଟି ଅନୁମାନ କରି ଘରେ ଖାଦ୍ୟପ୍ରସ୍ତୁତ କରାଯାଇଥିଲା। ଖାଦ୍ୟ ପରଷିବା ସମୟରେ ମୁଣ୍ଡଗଣତିରୁ ଜଣାପଡ଼ିଥିଲା ଯେ ଅପ୍ରତ୍ୟାଶିତ ଭାବରେ ତିନିଗୁଣା ଅତିଥି ଆସି ପହଂଚିଯାଇଛନ୍ତି।

୧୮୯। ଶ୍ରୀମତୀ ନେଓ୍ୱାସ୍କର[୬] ବିବ୍ରତ ହୋଇ ପଡ଼ିଥିଲେ। ସେ ତାଙ୍କ ଶାଶୁଙ୍କୁ ଫୁସ୍‌ଫୁସ୍ କରି କହିଥିଲେ, "ଆମେ ଆଜି ଲଜ୍ଜିତ ହେବାକୁ ଯାଉଛେ । ଏହାକୁ କିପରି ଏଡ଼ାଇବା?"

୧୯୦। ଶ୍ରୀସାଇଙ୍କ ଉପରେ ଶାଶୁଙ୍କର ଅଗାଧ ବିଶ୍ୱାସ ଥିଲା। "ଯେତେବେଳେ ଶ୍ରୀସାଇ ସମର୍ଥ ଆମର ବଳ, ଆମେ କାହିଁକି ଚିନ୍ତା କରିବା? ଶାନ୍ତ ରହ!" ବୋଲି ସେ କହିଥିଲେ।

୧୯୧। ଶାଶୁ ଏକଥା କହି ବୋହୂକୁ ଆଶ୍ୱାସନା ଦେବାପରେ ହାତରେ ଉଦିମୁଠାଏ ନେଇ ପ୍ରତ୍ୟେକ ଖାଦ୍ୟ ହାଣ୍ଡିରେ ଟିକିଏ ଟିକିଏ ପକାଇ ଦେଇଥିଲେ ଓ ହାଣ୍ଡି ଉପରେ ଖଣ୍ଡେ ଖଣ୍ଡେ କପଡ଼ା ଘୋଡ଼େଇ ଦେଇଥିଲେ।

୧୯୨। ସେ କହିଥିଲେ, "ତୁମେ ଯାଅ ଓ ଖାତିର ନକରି ପରଷାପରଷି କର। କପଡ଼ା ଢାଙ୍କୁଣି ଆଂଶିକ ଭାବରେ କାଢ଼ିବ ଯେପରିକି ହାଣ୍ଡିଭିତରୁ ଖାଦ୍ୟ ପରଷିବା ପାଇଁ ନେଇ ପାରିବ ଓ କପଡ଼ା ପୁନଶ୍ଚ ଢାଙ୍କିଦେବ । ଏଭଳି କରିବାକୁ ଆଦୌ ଭୁଲିବ ନାହିଁ।

୧୯୩। "ଏହି ଖାଦ୍ୟ ଶ୍ରୀସାଇଙ୍କ ଘରୁ ଆସିଛି। ଗୋଟିଏ ଦାନା ମଧ୍ୟ ଆମର ନୁହେଁ। ଆମେ ଯେପରି ଲଜ୍ଜିତ ନହେବୁ, ସେକଥା ସେ ବୁଝିବେ। ଖାଦ୍ୟ ଅଣ୍ଟ ନିଅଣ୍ଟ ତାଙ୍କର ଦାୟିତ୍ୱ।"

୧୯୪। ଶାଶୁ ଯେଉଁଭଳି ସଂକଳ୍ପ କରିଥିଲେ, ଠିକ୍ ସେହିପରି ଅନୁଭୂତି ଲାଭ କରିଥିଲେ। ସମସ୍ତ ଅତିଥି ଓ ଅନ୍ୟମାନେ ବି ନିର୍ବିଘ୍ନରେ ପେଟପୂରା ଭୋଜନ କରିଥିଲେ ।

୧୯୫। ଯିଏ ବି ଆସିଥିଲେ, ସେ ଖାଇଥିଲେ। ଯେମିତି ଇଚ୍ଛା କରାଯାଇଥିଲା, ସେମିତି ସବୁକିଛି ହୋଇଥିଲା। ତଥାପି

ସମସ୍ତ ହାଣ୍ଡିରେ ପୂର୍ବଭଳି ଖାଦ୍ୟ ଭର୍ତ୍ତି ହୋଇ ରହିଥିଲା।

୧୯୬। ‘ଉଦି’ର ଶକ୍ତି ଏହିଭଳି। ସନ୍ଥଙ୍କର ସ୍ୱଭାବ ହେଉଛି ପ୍ରତ୍ୟେକଙ୍କୁ ସାହାଯ୍ୟ କରିବା। ନିଜର ବିଶ୍ୱାସ ଅନୁଯାୟୀ ଜଣେ ଅଭିଜ୍ଞତା ଲାଭ କରିଥାଏ।

୧୯୭। ଉଦିର ମାହାତ୍ମ୍ୟ ବିଷୟରେ ବର୍ଣ୍ଣନା କରିବା ସମୟରେ ନେଓ୍ୱାସ୍କରଙ୍କର ଅଗାଧ ବିଶ୍ୱାସ ସମ୍ବନ୍ଧରେ ଆଉ ଗୋଟିଏ କାହାଣୀ ମୋର ମନେ ପଡୁଛି। ତାହା ଶୁଣନ୍ତୁ।

୧୯୮। ଗୋଟିଏ ସମୟରେ ମୋର ସନ୍ଦେହ ହୋଇଛି ଯେ ହୁଏତ ଏହା ମୂଳ କାହାଣୀରୁ ଏକ ବିଚ୍ୟୁତି ହୋଇପାରେ। ସେ ଯାହାହେଉନା କାହିଁକି, ମୁଁ ପରିସ୍ଥିତିକୁ ଚାହିଁ ତାହା ବର୍ଣ୍ଣନା କରିବାର ଆବଶ୍ୟକତା ଅନୁଭବ କରିଛି।

୧୯୯। ଏହାହିଁ ନିର୍ଣ୍ଣୟ କରି ମୁଁ ଏହି କ୍ଷଣରେ ସେହି କାହାଣୀର ବର୍ଣ୍ଣନା କରୁଛି। ଯଦି ଏହାକୁ ଅବାନ୍ତର ବୋଲି ମନେ କରନ୍ତି, ତାହାହେଲେ ଶ୍ରୋତାମାନେ ମୋତେ କ୍ଷମା କରିବେ।

୨୦୦। ଥରେ ଶିରିଡ଼ିର ରଘୁ ପାଟିଲ ଅତିଥି ହିସାବରେ ନେଓ୍ୱାସ ଗ୍ରାମକୁ ଯାଇଥିଲେ ଓ ନେଓ୍ୱାସ୍କରଙ୍କ ଘରେ ଅଟକି ଯାଇଥିଲେ।

୨୦୧। ଦିନେ ରାତିରେ ଗୁହାଳରେ ଗୋରୁଗାଈ ମୋଟା ଟାଣ ଦଉଡ଼ିରେ ମାଟିରେ ଦୃଢ଼ଭାବରେ ପୋତା ହୋଇଥିବା ଲୁହା କୀଳାରେ ବନ୍ଧା ହୋଇଥିଲେ । ସେହି ସମୟରେ ଗୋଟିଏ ବିଷାକ୍ତ ସର୍ପ ହିସ୍ ହିସ୍ ଶବ୍ଦକରି ଗୁହାଳ ଭିତରକୁ ହଠାତ୍ ପଶିଯାଇଥିଲା।

୨୦୨। ଏଭଳି ଘଟଣା ଦେଖି ସମସ୍ତେ ହତବାକ୍ ହୋଇ ପଡ଼ିଥିଲେ। ସାପଟି ତାହାର ଫଣା ଟେକି ପୂରା ଚକାପାଟି ବସି ରହିଥିଲା।

୨୦୩। ଗୋରୁଗାଈ ଭୟରେ ରଡ଼ି ଛାଡ଼ି ବାହାରକୁ ପଳାଇଆସିବାକୁ ଠେଲାପେଲା ହେଉଥିଲେ । ଶ୍ରୀସାଇ ନିଜେ ସେଠାରେ ଆବିର୍ଭାବ ହୋଇଛନ୍ତି ବୋଲି ନେଓ୍ୱାସ୍କର ଦୃଢ଼ ଭାବରେ ବିଶ୍ୱାସ କରୁଥିଲେ ।

୨୦୪। ଗୋରୁଗାଈଙ୍କୁ ବାହାର କରିଦେବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନଥିଲା। ସେମାନଙ୍କର ପାଦ ସାପ ଉପରେ ପଡ଼ିଗଲେ ବିପଦର ଭୟ ରହିଥିଲା।

୨୦୫। ନେଓ୍ୱାସ୍କର ସାପକୁ ଦୂରରୁ ଦେଖିବା ପରେ ସଂପୂର୍ଣ୍ଣ ଆନନ୍ଦିତ ହୋଇଥିଲେ ଓ ତାଙ୍କର ସମଗ୍ର ଶରୀରରେ ଶିହରଣ ଖେଳିଯାଇଥିଲା। ସେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ।

୨୦୬। ସେ କହିଥିଲେ, “ ଏହା ଶ୍ରୀସାଇଙ୍କର କୃପା ଯେ ସେ ସର୍ପରୂପରେ ଆମକୁ ଦର୍ଶନ ଦେଇଛନ୍ତି।” ସେ ସେହି ସାପ ପାଇଁ ପୂରା କପେ କ୍ଷୀର ଆଣିଥିଲେ।

୨୦୭। ବାଲାଜୀଙ୍କର ମତିଗତି କିଭଳି ଅଦ୍ଭୁତ ଥିଲା। ତାଙ୍କର ଭୟ ଟିକିଏ ମାତ୍ର ନଥିଲା। ସର୍ପକୁ ସେ କ’ଣ କହିଥିଲେ ଲକ୍ଷ୍ୟ କରନ୍ତୁ। ଶ୍ରୋତାମାନେ ଏହାକୁ ଧ୍ୟାନ ସହକାରେ ଶୁଣନ୍ତୁ।

୨୦୮। “ବାବା! ଆପଣ କାହିଁକି ହିସ୍ ହିସ୍ ଗର୍ଜନ କରୁଛନ୍ତି ? ଆପଣ ଆମକୁ ଭୟଭୀତ କରାଇବାକୁ ଚାହୁଁଛନ୍ତି କି? ଏବେ ଏହି କ୍ଷୀର କପେ ନିଅନ୍ତୁ ଓ ଶାନ୍ତିରେ ପିଇ ଦିଅନ୍ତୁ।”

୨୦୯। କପେ କ୍ଷୀରରେ କ’ଣ ଚଳିବ ! ଏହା ଭାବି ସେ ଗୋଟିଏ ବଡ଼ ପାତ୍ରରେ କ୍ଷୀର ଭର୍ତ୍ତିକରି ଆଣି ନିର୍ଭୟରେ ସର୍ପ ଆଗରେ ରଖିଦେଇଥିଲେ। ଭୟ କେବଳ ମନ ମଧ୍ୟରେ ରହିଥାଏ।

୨୧୦। ସର୍ପ ନିକଟରେ କ୍ଷୀର ରଖିଦେଇ ସେ ତାଙ୍କ ପୂର୍ବସ୍ଥାନରେ ବସି ପଡ଼ିଥିଲେ ଯାହା ଖୁବ୍ ନିକଟରେ କିମ୍ବା ଦୂରରେ ନଥିଲା। ସର୍ପଟି ସମ୍ବନ୍ଧରେ ତାଙ୍କ ମୁଖରେ ବିସ୍ମିତ ଭାବ ଫୁଟି ଉଠିଥିଲା ।

୨୧୧। ସର୍ପଟିର ଚେହେରା ଅତି ଭୟଙ୍କର ଥିଲା। ସମସ୍ତଙ୍କର ଭାବନା ସମାନ ନଥାଏ । ଅନ୍ୟମାନେ ବିଚଳିତ ହୋଇପଡ଼ିଥିଲେ ଓ କିପରି ଏହି ବିପଦକୁ ଏଡ଼ାଇ ଦେଇହେବ ବୋଲି ଚିନ୍ତା କରୁଥିଲେ।

୨୧୨। ସେମାନେ ଘରୁ ପଦାକୁ ବାହାରିଗଲେ ଅଧିକ ବିପଦର ଆଶଙ୍କା ଥିଲା । କାରଣ, ତାହାହେଲେ ସର୍ପ ଘର ଭିତରକୁ ଚାଲିଯାଇପାରେ ଓ ସେତେବେଳେ ତାକୁ ବାହାର କରିବା ଅଧିକ କଷ୍ଟକର ହୋଇପଡ଼ିବ। ସେମାନେ ସମସ୍ତେ କେବଳ ଜଗି ବସିଥିଲେ।

୨୧୩। ସର୍ପଟି ପେଟେ କ୍ଷୀର ପିଇଥିଲା। ସମସ୍ତଙ୍କର ଅଲକ୍ଷ୍ୟରେ ସେ କୁଆଡ଼େ ଉଭେଇଯାଇଥିଲା। ସମସ୍ତେ ଆଚମ୍ବିତ ହୋଇଥିଲେ।

୨୧୪। ତା'ପରେ ପୂରା ଗୁହାଳଘର ଖୋଜାଯାଇଥିଲା, କିନ୍ତୁ ସର୍ପର କୌଣସି ପତ୍ତା ମିଳିନଥିଲା। ସମସ୍ତେ ଆଶ୍ୱସ୍ତ ହୋଇଥିଲେ ମାତ୍ର ନେଓ୍ୱାସ୍କର ବ୍ୟସ୍ତ ହେଉଥିଲେ।

୨୧୫। ଗୁହାଳ ଭିତରକୁ ସର୍ପ ଯେଉଁପରି ପଶିଥିଲା, ଯାହା ସେ ଆରମ୍ଭରେ ଦେଖିଥିଲେ, ସେହିଭଳି ବାହାରି ଯାଇଥିଲେ ସେ ଆଶ୍ୱସ୍ତ ହୋଇଥାନ୍ତେ। ସେଥିପାଇଁ ତାଙ୍କୁ ବ୍ୟସ୍ତ ଲାଗୁଥିଲା।

୨୧୬। ବାଲାଜୀଙ୍କର ଦୁଇ ପତ୍ନୀ ଓ ଛୋଟ ଛୋଟ ପିଲା ଥିଲେ। ବେଳେବେଳେ ସେମାନେ ନେଓ୍ୱାସ୍‌ରୁ ଶ୍ରୀସାଇଙ୍କର ଦର୍ଶନ ପାଇଁ ଶିରିଡ଼ି ଆସୁଥିଲେ।

୨୧୭। ବାବା ଉଭୟଙ୍କ ନିମନ୍ତେ ଶାଢ଼ୀ ଓ ବ୍ଲାଉଜ୍ କିଣୁଥିଲେ ଓ ଆଶୀର୍ବାଦ ସହିତ ସେମାନଙ୍କୁ ଦେଉଥିଲେ। ବାଲାଜୀ ସେହିଭଳି ଭକ୍ତ ଥିଲେ !

୨୧୮। 'ସତ୍‌ଚରିତ'ର ପଥ ଏହିଭଳି ସରଳ। ଏହାକୁ ଯେଉଁଠାରେ ପଠନ କରାଯାଏ, ତାହା ଦ୍ୱାରକାମାୟୀ ହୋଇଥାଏ ଓ ଶ୍ରୀସାଇ ସେଠାରେ ନିଶ୍ଚିତଭାବରେ ଆବିର୍ଭୂତ ହୋଇଥାନ୍ତି।

୨୧୯। ସେଠାରେ ଗୋଦାବରୀ ନଦୀର କୂଳ, ଶିରିଡ଼ିର ତୀର୍ଥକ୍ଷେତ୍ର, ସମସ୍ତ ଦୁଃଖଦୁର୍ଦ୍ଦଶା ଦୂର କରୁଥିବା ଧୁନି ସହିତ ସାଇବାବା ସ୍ମରଣମାତ୍ରକେ ପହଂଚି ଯାଇଥାନ୍ତି।

୨୨୦। ଯେଉଁଠାରେ 'ସାଇଚରିତ' ନିୟମିତ ପାଠକରାଯାଇଥାଏ, ସେଠାରେ ଶ୍ରୀସାଇ ସବୁବେଳେ ଅବସ୍ଥାନ କରିଥାନ୍ତି। ଏହି ଚରିତକୁ ବାରମ୍ବାର ପୂର୍ଣ୍ଣ ବିଶ୍ୱାସ ସହକାରେ ପଠନକଲେ ତାହା ତାଙ୍କୁ ସବୁ ଦିଗରୁ ଆନନ୍ଦ ଦେଇଥାଏ।

୨୨୧। ଆତ୍ମାନନ୍ଦରେ ବାରିଦ ଶ୍ରୀସାଇଙ୍କର ନାମଜପ ପ୍ରତ୍ୟହ କରାଗଲେ ଅନ୍ୟ କୌଣସି ପ୍ରାର୍ଥନା ଓ ସାଧନା କିମ୍ବା ଧ୍ୟାନ କରିବାର ଆବଶ୍ୟକତା ପଡ଼େ ନାହିଁ।

୨୨୨। ଶ୍ରୀସାଇଙ୍କ ଚରଣରେ ଭକ୍ତିରଖି ଯେଉଁମାନେ ନିୟମିତ ଶ୍ରୀସାଇଙ୍କ ବିଭୂତି ଲଗାନ୍ତି ଓ ପାନ କରନ୍ତି, ସେମାନେ ସମସ୍ତେ ଯାହା ଇଚ୍ଛା କରିଥାନ୍ତି, ତାହା ପାଇଥାନ୍ତି।

୨୨୩। ସେମାନେ ଜୀବନର ଚତୁର୍ଲକ୍ଷ୍ୟ ପୂରଣ କରିପାରିଥାନ୍ତି ଓ ସଦ୍‌ଗୁଣ ମଧ୍ୟ ଲାଭ କରିଥାନ୍ତି। ସାଂସାରିକ ଓ ଆଧ୍ୟାତ୍ମିକ ବ୍ୟାପାର ସାଙ୍ଗକୁ ଏସବୁର ଗଭୀର ଗୂଢ଼ ଅର୍ଥ ସେମାନଙ୍କ ନିକଟରେ ପରିଷ୍କାର ହୋଇଯାଇଥାଏ ।

୨୨୪। ଉଦି ଲଗାଇଲେ ମହାପାପ[୭] ଠାରୁ ଆରମ୍ଭକରି ଗୌଣ ପାପ ସମେତ ସମସ୍ତ ଗୁରୁତର ପାପ ସଂପୂର୍ଣ୍ଣ ଭାବରେ କ୍ଷୟ ହୋଇଥାଏ ଏବଂ ମଣିଷର ଅନ୍ତଃକରଣ ଓ ବହିଃଭାଗ ମଧ୍ୟ ଶୁଦ୍ଧ ହୋଇଥାଏ।

୨୨୫। ଭକ୍ତମାନେ ଏହି ବିଭୂତି ବ୍ୟବହାର କରିବାର ମାହାତ୍ମ୍ୟ ସମ୍ବନ୍ଧରେ ଅବହିତ ଥାଆନ୍ତି। ମୁଁ ଶ୍ରୋତାମାନଙ୍କର ମଙ୍ଗଳ ନିମିତ୍ତ ଏସବୁ କଥା ଏତେ ବିସ୍ତୃତ ଭାବରେ ବର୍ଣ୍ଣନା କଲି।

୨୨୬। ମୁଁ ବିଭୂତିର ସମ୍ପୂର୍ଣ୍ଣ ମାହାତ୍ମ୍ୟ ଜାଣିନଥିଲେ ମଧ୍ୟ ବର୍ଣ୍ଣନା ଏତେ ବଢ଼ାଇଦେଲି ବୋଲି କହିବା ଠିକ୍ ନୁହେଁ। ଶ୍ରୋତାମାନଙ୍କର ମଙ୍ଗଳ ନିମନ୍ତେ ମୁଁ ଏ ସମସ୍ତ ତଥ୍ୟ ସଂଗ୍ରହ କରିଥିଲି ଓ ତାହା ବର୍ଣ୍ଣନା କଲି।

୨୨୭। ତେଣୁ ଶ୍ରୋତାମାନଙ୍କୁ ମୋର ଏକମାତ୍ର ପ୍ରାର୍ଥନା, ସେମାନେ ଶ୍ରୀସାଇଙ୍କ ଚରଣରେ ପ୍ରଣିପାତକରି ଉଦିର ମାହାତ୍ମ୍ୟ ନିଜେ ନିଜେ ଅନୁଭବ କରନ୍ତୁ। ଅନ୍ତତଃ ମୋର ଏହି ଗୋଟିଏ କଥା ଅନୁସରଣ କରନ୍ତୁ।

୨୨୮। ସନ୍ଦେହ, ସଂଶୟ ଓ ନାସ୍ତିକତାର ସ୍ଥାନ ଏଠି ନାହିଁ। କେବଳ ଅଟଳ ଭକ୍ତି ହିଁ ଆବଶ୍ୟକ। ଦୋଦୁଲ୍ୟମାନ ଚିତ୍ତର ଆବଶ୍ୟକତା ନାହିଁ। ମନରେ ସଂପୂର୍ଣ୍ଣ ବିଶ୍ୱାସ ରହିଥିବା ଆବଶ୍ୟକ।

୨୨୯। କେବଳ ସମାଲୋଚକ, ଯୁକ୍ତିତର୍କକାରୀ ଓ ସନ୍ଦେହୀମାନଙ୍କର ବିଶ୍ୱାସ ନଥିବାରୁ ସେମାନେ ସନ୍ଥଙ୍କ ନିକଟରୁ ଶ୍ରେଷ୍ଠଜ୍ଞାନ ଆହରଣ କରିପାରନ୍ତି ନାହିଁ। କେବଳ ଶୁଦ୍ଧପୂତ ଭକ୍ତମାନେ ହିଁ ତାହା ପାଇପାରିଥାନ୍ତି।

୨୩୦। କାହାଣୀଗୁଡ଼ିକରେ ଯାହା କିଛି ଅଧିକ ପୁଟ ମିଶାଯାଇଛି ବା ଯାହା କିଛି ବାଦ୍ ଦିଆଯାଇଛି, ସେ ସମସ୍ତ ଶ୍ରୀସାଇଙ୍କର ଅନୁପ୍ରେରଣାରୁ ହିଁ ହୋଇଛି ବୋଲି ବିଶ୍ୱାସ କରନ୍ତୁ ଓ ଦୋଷ ତ୍ରୁଟି ନ ଖୋଜି 'ଶ୍ରୀସାଇ ସତ୍‌ଚରିତ' ପାଠ କରନ୍ତୁ।

୨୩୧। ଏହିଭଳି ଭାବରେ ପରମ ଦୟାମୟ ଓ ଶ୍ରଦ୍ଧାଶୀଳ ଶ୍ରୀସାଇ ତାଙ୍କର ଭାବମୂର୍ତ୍ତିକୁ ଆଗ୍ରହୀ ଶ୍ରୋତାମାନଙ୍କ ମନ ମଧ୍ୟରେ ଅବସ୍ଥାପିତ କରାଇଛନ୍ତି, ଯେପରିକି ସେମାନେ ତାଙ୍କୁ ସବୁବେଳେ ସ୍ମରଣ କରିବେ।

୨୩୨ । ଗୋଆ କେଉଁଠି ଆଉ ଶିରିଡ଼ି କେଉଁଠି ? ଶ୍ରୀସାଇ ସେଠାରେ ଏକ ଚୋରି ଘଟଣା ସମ୍ପର୍କରେ ସର୍ବସମକ୍ଷରେ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି । ତାହା ଶ୍ରୋତାମାନଙ୍କୁ ପରବର୍ତ୍ତୀ ଅଧ୍ୟାୟରେ ଆନନ୍ଦ ପ୍ରଦାନ କରିବ ।

୨୩୩ । ତେଣୁ ହେମାଡ଼ ଶ୍ରୀସାଇଙ୍କ ପଦତଳେ ହୃଦୟ ଓ ଆତ୍ମା ଅର୍ପଣ କରି ମଥାନତ କରୁଛି ଓ ସେଇ କାହାଣୀ ସସମ୍ମାନେ ଶ୍ରବଣ କରିବା ନିମନ୍ତେ ପ୍ରସ୍ତୁତ ରହିବାକୁ ଶ୍ରୋତାମାନଙ୍କୁ ଅତି ବିନୀତ ଭାବରେ ଅନୁରୋଧ କରୁଛି ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ସନ୍ଦେହ ଓ ଭ୍ରମ ଧାରଣାର ଦୂରୀକରଣ ଏବଂ ବିଭୂତିର ଶ୍ରେଷ୍ଠତ୍ୱ" ଶୀର୍ଷକ ପଞ୍ଚତ୍ରିଂଶତ ଅଧ୍ୟାୟ, ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ବାବା 'ତେଲୀ' ଶବ୍ଦକୁ ଦୁଷ୍ଟ ପ୍ରକୃତିର ଲୋକଙ୍କ ପ୍ରତୀକ ରୂପେ ବ୍ୟବହାର କରୁଥିଲେ ।

୨- ଧରମ୍‌ସୀ ସ୍ୱାଦିଷ୍ଟ ଖାଦ୍ୟ ପସନ୍ଦ କରୁଥିବାରୁ ତାଙ୍କର ସେହି ଦୁର୍ବଳତାକୁ ବାବା ସୂଚାଇ ଦେଇଥିଲେ ।

୩- ମହିଳା ଜଣକ ଜାତିରେ ଦେଶସ୍ଥ ବ୍ରାହ୍ମଣ ଥିଲେ । ତାଙ୍କର ପ୍ରକୃତ ନାମ ହେଉଛି, ସୁନ୍ଦରବାଇ ଶିରସାଗର । ସେ କାହାରିକୁ ଡାକିବା ସମୟରେ "ରାଧାକୃଷ୍ଣ"ବୋଲି ଡାକୁଥିବାରୁ ତାଙ୍କର ନାମ ରାଧାକୃଷ୍ଣବାଇ ହୋଇ ଯାଇଥିଲା । ସେ ତାଙ୍କ ନିକଟରେ ବାଳକୃଷ୍ଣଙ୍କର ପିତ୍ତଳ ମୂର୍ତ୍ତି ସବୁବେଳେ ରଖୁଥିଲେ । ଏପରିକି ସେ ନିଜର ଗାଧୋଇବା, ଶୋଇବା, ଖାଇବା ଇତ୍ୟାଦି ସମୟରେ ମଧ ତାଙ୍କୁ ପାଖରେ ରଖୁଥିଲେ । ସାଇବାବା ତାଙ୍କୁ "ରାମକ୍ରିଷ୍ଟି" ବୋଲି ଡାକୁଥିଲେ ଓ ପ୍ରତିଦିନ ସେ ଖାଇବାକୁ ବସିବା ପୂର୍ବରୁ ଦୁଇଟି ରୋଟି ଓ କିଛି ତରକାରୀ ତାଙ୍କ ନିକଟକୁ ଅପରାହ୍ଣରେ ପଠାଇ ଦେଉଥିଲେ । ସେ ମସ୍‌ଜିଦ୍ ଭିତରକୁ ଯାଉନଥିଲେ । ସେ ଶିରିଡ଼ି ଆସିବା ପୂର୍ବରୁ ବାଲ୍ୟବିଧବା ହୋଇଥିଲେ ଓ ସନ୍ଥଙ୍କର ସେବା କରିବା ନିମନ୍ତେ ଏଠାରେ ରହିଯାଇଥିଲେ । ସେ ସେବା କାର୍ଯ୍ୟ ପୂର୍ଣ୍ଣ ପ୍ରାଣରେ କରୁଥିଲେ । ସେ ସବୁବେଳେ ଭଜନ ବୋଲୁଥିଲେ ।

୪- ସେ ଶ୍ରୀସାଇଙ୍କର ଦୃଢ଼ ଭକ୍ତ ଥିଲେ । ପତ୍ନୀ, ପୁତ୍ର ଓ ଗୃହ ତ୍ୟାଗକରି ସେ ଶିରିଡ଼ିରେ ରହି ଶ୍ରୀସାଇଙ୍କର ସେବା କରିଥିଲେ ।

୫- ସରଘମ୍ । ଜଅରୁ ପ୍ରସ୍ତୁତ ରୁଟି ।

୬- ସେ ବୋଧହୁଏ ତାଙ୍କ ପୁତ୍ରବଧୂ । ପୁତ୍ର ଓ ପୁତ୍ରବଧୂ ପାରମ୍ପରିକ ଭାବରେ ଶ୍ରାଦ୍ଧ ପାଳନ କରୁଥିଲେ ।

୭- ବ୍ରହ୍ମହତ୍ୟା, ସୁରାପାନ, ଚୋରୀ ନାରୀ ଇତ୍ୟାଦି ।

ବଡ଼ିସକାଳୁ ଉଠି ଓ ହାତରେ ଗୋଟିଏ ଝାଡୁ ଧରି ରାଧାକୃଷ୍ଣମାଇ ବାବା ଯାତାୟାତ କରୁଥିବା ସମସ୍ତ ରାସ୍ତାକୁ ଝାଡୁମାରି ସଫା କରୁଥିଲେ । ଧନ୍ୟ ତାଙ୍କର ସେବା ! (୩୫ଶ ଅଧ୍ୟାୟ, ପଂକ୍ତି-୧୭୯)

॥ ୩୬ ॥

ଶ୍ରୀସାଇଙ୍କର ସର୍ବବ୍ୟାପକତା ଓ ତାଙ୍କ ଆଶୀର୍ବାଦ ପୂର୍ତ୍ତି

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ଚୋରି ସମ୍ବନ୍ଧରେ ଏକ ଚିତ୍ତାକର୍ଷକ କାହାଣୀର ବର୍ଣ୍ଣନା କରାଯିବ ବୋଲି ଏକ ପ୍ରତିଶ୍ରୁତି ଦିଆଯାଇଛି । ଏବେ ସେ କଥା ମନେ ପକାନ୍ତୁ ଓ ସଂପୂର୍ଣ୍ଣ ଧ୍ୟାନଦେଇ ଶୁଣନ୍ତୁ ।

୨ । ଏହା ଏକ କାହାଣୀ ନୁହେଁ, ବରଂ ଚିରନ୍ତନ ଆନନ୍ଦର ଅମୃତ ଯାହା ପାନ କଲେ ତୃଷ୍ଣା ଅଧିକ ବଢ଼ିଥାଏ । ସେହି ତୃଷ୍ଣା ତୃପ୍ତି କରିବା ନିମନ୍ତେ ଅନ୍ୟ ଏକ କାହାଣୀ ପରିବେଷଣ କରାଯିବ ।

୩ । ଶ୍ରୋତାମାନେ ଶୁଣି ଆନନ୍ଦିତ ହେବେ ଯେ ଏହା ଏହି ପାର୍ଥିବ ଅସ୍ତିତ୍ୱର ଦୁଃଖଦୁର୍ଦ୍ଦଶା ନଷ୍ଟ କରିଥାଏ ଓ ଆନନ୍ଦମୟ ଅବସ୍ଥା ପ୍ରଦାନ କରିଥାଏ ।

୪ । ଯେଉଁ ଭାଗ୍ୟବାନ ନିଜର ମଙ୍ଗଳ ବାଞ୍ଛା କରିଥାଏ, ସେ ଶ୍ରୀସାଇଙ୍କ କାହାଣୀଗୁଡ଼ିକର ବର୍ଣ୍ଣନା ଭକ୍ତି ସହକାରେ ଶୁଣିବା ପାଇଁ ପ୍ରସ୍ତୁତ ରହିବା ଉଚିତ୍ ।

୫ । ସନ୍ଥମାନଙ୍କର ମହିମା ଅସୀମ ! କେହି ଏହାକୁ ସମ୍ପୂର୍ଣ୍ଣରୂପେ ବର୍ଣ୍ଣନା କରିପାରିନାହାନ୍ତି । ମୋର ମଧ୍ୟ ସେହି ଯୋଗ୍ୟତା ନାହିଁ ବୋଲି ମୁଁ ପୂର୍ଣ୍ଣ ଭାବରେ ଜ୍ଞାତ ରହିଛି ।

୬ । ବକ୍ତାଙ୍କର ଅହଂକାର ବହୁ ଅଧିକ । ବିଚାରବନ୍ତ ଶ୍ରୀସାଇ ଯେ କୌଣସି ବ୍ୟକ୍ତିଙ୍କୁ ଧରି ତାଙ୍କର ଗୁଣଗ୍ରାମ ବର୍ଣ୍ଣନା କରାଇ ପାରିଥାନ୍ତେ ଯେପରିକି ତାଙ୍କର ଭକ୍ତମାନେ ତାହା ଶୁଣିପାରିବେ ।

୭ । ସେ ବାସ୍ତବିକ ଏକ ହ୍ରଦରେ ସର୍ବଶ୍ରେଷ୍ଠ ରାଜହଂସ । ସେହି ହଂସ ତା' ମଧ୍ୟରେ ରହିଥିବା ସଂସାରକୁ ଦେଖୁଅଛି ଓ ସେହି ସଂସାର ମଧ୍ୟରେ ବାସ୍ତବରେ ଅସଂପୃକ୍ତ ରହି ନିଜେ ରହିବାର ଦେଖୁଅଛି । ସେ ବ୍ରହ୍ମରୂପକ ମୁକ୍ତାକୁ ଖାଦ୍ୟ ଭାବରେ ଭକ୍ଷଣ କରି ଉଲ୍ଲସିତ ହେଉଛି ଓ ମହା ସାହସିକ କର୍ମପ୍ରବୃତ୍ତିକୁ ଉପଭୋଗ କରୁଅଛି ।

୮ । ଯାହାଙ୍କର ନିଜର ନାମ ନାହିଁକି ନିଜର ସ୍ଥାନ ନାହିଁ କିନ୍ତୁ ଅତୁଳନୀୟ ଯଶ ରହିଛି, ସେ ଆଖିର ପଲକମାତ୍ରକେ ନିଃସ୍ୱକୁ ତତ୍‌କ୍ଷଣାତ୍ ଧନୀରେ ପରିଣତ କରିଦେଇପାରନ୍ତି ।

୯ । ସେ ଶ୍ରେଷ୍ଠ ଜ୍ଞାନାବତାର, ନିଜେ କେବଳ ସାକ୍ଷୀଟିଏ ହୋଇ ରହିବା ଛଡ଼ା ପୂରାପୂରି ଅସଂପୃକ୍ତ ରହିଥାନ୍ତି ଓ ଅକଳନ ପରିସ୍ଥିତି ସୃଷ୍ଟିକରି ପ୍ରଭୁଙ୍କର ପ୍ରକୃତ ସ୍ୱରୂପକୁ ପ୍ରଦର୍ଶନ କରାଇଥାନ୍ତି ।

୧୦ । ସେ ଅକଳ୍ପନୀୟ ଘଟଣାବଳୀର ଅବତାରଣା କରି ସେହିମାନଙ୍କୁ ବିଭିନ୍ନ ରୂପରେ ଦର୍ଶନ ଦେଇଥାନ୍ତି, ଯେଉଁମାନଙ୍କ ଉପରେ ସେ କୃପା ଅଜାଡ଼ି ଦେଇଥାନ୍ତି । ସେହି ମହାତ୍ମାଙ୍କର ଯଶୋଗାନ ଶୁଣନ୍ତୁ ।

୧୧। ଯେଉଁମାନେ ଅବିଚଳିତ ଚିତ୍ତରେ ତାଙ୍କର ଧ୍ୟାନ କରିଥାନ୍ତି, କିମ୍ବା ତାଙ୍କର ପ୍ରିୟ ଭଜନ ବୋଲିଥାନ୍ତି ତାଙ୍କର ଗୁଣଗାନ କରନ୍ତି ଓ ପୂଜାର୍ଚ୍ଚନା କରନ୍ତି, ସେମାନଙ୍କର ପୂରା ଯତ୍ନ ସେ ନିଅନ୍ତି ଓ ସେମାନଙ୍କର କେବେ କିଛି ଅଭାବ ରହେନାହିଁ ।

୧୨। ତାଙ୍କର କାହାଣୀ କୁହାଗଲେ, ସେ ତାହା ଉପଭୋଗ କରନ୍ତି ଓ ତେଣୁ ଭକ୍ତମାନଙ୍କର କାମନା ପୂରଣ ଉଦ୍ଦେଶ୍ୟରେ ଜଣେ ବକ୍ତା ତଥା ଶ୍ରୋତାବୃନ୍ଦ ସୃଷ୍ଟି କରିବାରେ ସହାୟକ ହୋଇ ମୋତେ ତାଙ୍କ କାହାଣୀ ମନେ ପକାଇ ଦିଅନ୍ତି ।

୧୩। ଯିଏ ନିଜକୁ ବିଷ୍ଣୁ(ଚକ୍ରପାଣି)ଙ୍କର ଆଜ୍ଞାବହ ବୋଲି କହିଥାନ୍ତି ଓ ସାଂସାରିକ ବନ୍ଧନ ତ୍ୟାଗକରି ଆଧ୍ୟାତ୍ମିକ ଲକ୍ଷ୍ୟ ସାଧନରେ ସମ୍ପୂର୍ଣ୍ଣ ରୂପେ ମଜ୍ଜି ରହିଥାନ୍ତି, ସେ ଅନେକଙ୍କୁ ଉଦ୍ଧାର କରିଥାନ୍ତି।

୧୪। ଯିଏ ଦେଶ ମଧ୍ୟରେ ତଥା ବିଦେଶରେ ପୂଜିତ ହୋଇଥାନ୍ତି ଓ ଯାହାଙ୍କ ନିମିତ୍ତ ଭକ୍ତି ପତାକା ଉଚ୍ଚରେ ଉଡୁଥାଏ, ସେ ଦୀନ ଦରିଦ୍ରଙ୍କୁ ନିମନ୍ତ୍ରଣ କରିଥାନ୍ତି ଓ ସମସ୍ତଙ୍କର ଇଚ୍ଛା ପୂରଣ କରିଥାନ୍ତି।

୧୫। ସେ ଯାହାହେଉ, ଏବେ ସଂଭ୍ରମତା ସହକାରେ ଶ୍ରୀସାଇଙ୍କର ଏହି ପରମ ପବିତ୍ର କାହାଣୀ ଶୁଣନ୍ତୁ। ଶ୍ରୋତାମାନଙ୍କର କର୍ଣ୍ଣ ଓ ବକ୍ତାଙ୍କର ଜିହ୍ୱା ତାହା ଦ୍ୱାରା ପବିତ୍ର ହୋଇଯିବ।

୧୬। ଶ୍ରୀସାଇଙ୍କ ଦର୍ଶନ ନିମନ୍ତେ ଗୋଆରୁ ଦୁଇଜଣ ଭଦ୍ରବ୍ୟକ୍ତି ଆସିଥିଲେ। ଉଭୟେ ଶ୍ରୀସାଇଙ୍କର ପଦତଳେ ସାଷ୍ଟାଙ୍ଗ ପ୍ରଣାମ କରିଥିଲେ ଓ ଦର୍ଶନ ଲାଭକରି ଆନନ୍ଦିତ ହୋଇଥିଲେ।

୧୭। ଯଦିଓ ଉଭୟ ଏକତ୍ର ଆସିଥିଲେ, ଶ୍ରୀସାଇ କେବଳ ଜଣକୁ ଦକ୍ଷିଣା ମାଗିଥିଲେ। "ମୋତେ ପନ୍ଦରଟଙ୍କା ଦିଅ"ବୋଲି ସେ କହିଥିଲେ ଓ ଭଦ୍ରବ୍ୟକ୍ତି ତାହା ଖୁସିରେ ଦେଇଥିଲେ।

୧୮। ସେ ଦ୍ୱିତୀୟ ବ୍ୟକ୍ତିଙ୍କୁ କିଛି ମାଗିନଥିଲେ। କିନ୍ତୁ ଦ୍ୱିତୀୟ ବ୍ୟକ୍ତି ନିଜେ ପଇଁତିରିଶ ଟଙ୍କା ଦେଇଥିଲେ। ଶ୍ରୀସାଇ ତାହା ସାଙ୍ଗେ ସାଙ୍ଗେ ଫେରାଇ ଦେଇଥିଲେ। ଦ୍ୱିତୀୟ ବ୍ୟକ୍ତି ଅତ୍ୟନ୍ତ ବିସ୍ମୟ ପ୍ରକାଶ କରିଥିଲେ।

୧୯। ସେତେବେଳେ ମାଧବରାଓ ସେଠାରେ ଥିଲେ। ଏଭଳି ଭେଦାଭେଦ ବିଚାର ଦେଖି ସେ ଏ ସମ୍ପର୍କରେ ବାବାଙ୍କୁ ପଚାରିଥିଲେ। ତାହା ଶୁଣନ୍ତୁ।

୨୦। "ବାବା, ଏପରି କାହିଁକି କରୁଛନ୍ତି ? ଦୁଇବନ୍ଧୁ ସାଥିହୋଇ ଆସିଛନ୍ତି। ଜଣକୁ ଆପଣ ଦକ୍ଷିଣା ମାଗିଲେ ଓ ଆଉଜଣେ ଯାହା ଆପଣଙ୍କୁ ସ୍ୱେଚ୍ଛାରେ ଦେଲେ, ତାହା ଆପଣ ଫେରାଇ ଦେଲେ।

୨୧। "ସନ୍ଥ କାହିଁକି ଏଭଳି ଭେଦାଭେଦ ବିଚାର କରିବେ ? ଆପଣ ନିଜେ ଜଣକୁ ମାଗିଲେ ଓ ଅନ୍ୟ ଜଣକ ନିଜ ଇଚ୍ଛାରେ ଯାହା ଦେଲେ, ତାହାକୁ ଫେରାଇ ଦେଲେ। ଆପଣ ଦ୍ୱିତୀୟ ବ୍ୟକ୍ତିକୁ ହତାଶ କଲେ।

୨୨। "ଆପଣ ଅଳ୍ପ ଦକ୍ଷିଣାରେ ଖୁସି ହେଲେ ଓ ଅଧିକା ଦକ୍ଷିଣାକୁ ଫେରାଇ ଦେଲେ । ମୁଁ ଆପଣଙ୍କ ସ୍ଥାନରେ ଥିଲେ, ଏଭଳି ଆଚରଣ କରିନଥାନ୍ତି।"

୨୩। "ଶାମା, ତୁମେ କିଛି ଜାଣିନାହଁ। ମୁଁ କାହାରି ନିକଟରୁ କିଛି ନିଏ ନାହିଁ। ମସ୍‌ଜିଦ୍‌ମାୟୀ(ମସ୍‌ଜିଦ୍‌ର ଅଧିକର୍ତ୍ତ୍ରୀ ଦେବୀ) ହିଁ ତାଙ୍କ ନିକଟରେ ଋଣୀଥିବା ବ୍ୟକ୍ତିଙ୍କ ନିକଟରୁ ମାଗି ନେଇଥାନ୍ତି। ଦାତା ତାହା ଦେଇ ଋଣରୁ ମୁକ୍ତ ହୋଇଥାନ୍ତି।

୨୪। "ମୋର ଘର ଅଛି ନା ପିଲାଛୁଆ, ପରିବାର ଅଛି ଯେ ମୁଁ ଟଙ୍କା ପଇସା ଦରକାର କରିବି ? ମୁଁ ସବୁଥିରୁ ମୁକ୍ତ।

୨୫। "ଋଣ, ଶତ୍ରୁତା ଓ ହତ୍ୟା ପ୍ରଭୃତି କର୍ମର ପ୍ରାୟଶ୍ଚିତ କରିବାକୁ ପଡ଼େ, ନଚେତ୍ ତ୍ରାହି ନାହିଁ। ଲୋକେ ଆବଶ୍ୟକ ପଡ଼ିବା ସମୟରେ କୌଣସି ନା କୌଣସି ଦେବଦେବୀଙ୍କ ନିକଟରେ ମାନସିକ କରିଥାନ୍ତି। କିନ୍ତୁ ଏହା ମୋ ପାଇଁ ଏକ ସମସ୍ୟା, କାରଣ ମୁଁ ସେମାନଙ୍କର ଉତ୍‌ଥାନ ନିମନ୍ତେ ପ୍ରୟାସ କରିଥାଏ ।

୨୬। "ତୁମେ ସେଥିପାଇଁ ବିବ୍ରତ ହୁଅନାହିଁ। ତୁମେ କେବଳ ସେହି ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ମୋତେ ପ୍ରାର୍ଥନା କରିଥାଅ। ମୋର ଯେଉଁ ଭକ୍ତମାନଙ୍କର କୌଣସି ପ୍ରକାର ଋଣ ନଥାଏ, ମୁଁ ସେମାନଙ୍କ ପ୍ରତି ସର୍ବଦା ପ୍ରୀତ ହୋଇଥାଏ।

୨୭। "ପ୍ରଥମେ ସେ ଗରିବ ଥିଲେ। ସେ ତାଙ୍କର ପ୍ରଥମ ଦରମା ଈଶ୍ୱରଙ୍କୁ ପ୍ରଦାନ କରିବେ ବୋଲି ପ୍ରତିଜ୍ଞା କରିଥିଲେ। ଏହା ପନ୍ଦର ଟଙ୍କା ଥିଲା। କିନ୍ତୁ ପରେ ସେ

ତାହା ଭୁଲି ଯାଇଥିଲେ।

୨୮। "ତା'ପରେ ତାଙ୍କ ଦରମା ପନ୍ଦର ଟଙ୍କାରୁ ବଢ଼ି ତିରିଶି ଟଙ୍କା, ଷାଠିଏ ଟଙ୍କା ଓ ଶହେ ଟଙ୍କାରେ ପହଂଚିଥିଲା। ଯଦିଓ ତାଙ୍କ ଦରମା ବଢ଼ି ବଢ଼ି ଦୁଇଗୁଣା, ଏପରିକି ଚାରିଗୁଣା ମଧ୍ୟ ହୋଇଥିଲା, ସେ ପ୍ରତିଜ୍ଞା ସମ୍ପର୍କରେ ପୂରାପୂରି ଭୁଲି ଯାଇଥିଲେ।''

୨୯। "ଏଭଳି ଭାବରେ ତାଙ୍କ ଦରମା ୭୦୦ ଟଙ୍କାକୁ ବୃଦ୍ଧି ପାଇଥିଲା। ସୌଭାଗ୍ୟବଶତଃ ସେ ଏଠାକୁ ଆସିଲେ। ସେହି ସମୟରେ ମୁଁ ମୋର ପନ୍ଦରଟଙ୍କା ଦକ୍ଷିଣା ଆକାରରେ ମାଗିନେଲି।"

୩୦। "ଏବେ ଆଉ ଗୋଟିଏ କାହାଣୀ କହୁଛି, ଶୁଣ। ଥରେ ମୁଁ ସମୁଦ୍ର କୂଳରେ ବୁଲୁଥିବା ସମୟରେ, ଗୋଟିଏ ବିଶାଳ ପ୍ରାସାଦ ନିକଟରେ ପହଂଚିଥିଲି ଓ ସେହି ବାରଣ୍ଡାରେ ମୁଁ ବସିଥିଲି।

୩୧। "ସେହି ପ୍ରାସାଦର ମାଲିକ ଜଣେ ରୁଚିସମ୍ପନ୍ନ ଓ ଅତିଶୟ ଧନୀ ବ୍ରାହ୍ମଣ ଥିଲେ। ସେ ମୋତେ ଶ୍ରଦ୍ଧାର ସହିତ ସ୍ୱାଗତ କରିଥିଲେ ଓ ଭୂରି ଭୋଜନ ଦେଇଥିଲେ।

୩୨। "ସେଠାରେ ଗୋଟିଏ ସୁନ୍ଦର, ପରିଷ୍କାର, ସୁବ୍ୟବସ୍ଥିତ ସ୍ଥାନ ସେ ମୋତେ ଶୋଇବା ପାଇଁ ଦେଇଥିଲେ । ସେଠି ଠେଲା ଦରଜା ଲାଗିଥିଲା । ମୁଁ ସେଇଠି ଶୋଇ ପଡ଼ିଥିଲି।

୩୩। "ମୋତେ ଗଭୀର ନିଦ୍ରାରେ ଶୋଇଯିବାର ଦେଖି କେହି ଜଣେ ସିନ୍ଧିଗାତ କରିଥିଲା ଓ ଭିତରେ ପଶିଥିଲା। ମୋ ଅଜାଣତରେ ମୋ ପକେଟକୁ ମଧ୍ୟ କାଟି ଦେଇଥିଲା । ମୋର ଯାହା କିଛି ଥିଲା, ସବୁ ନେଇ ଯାଇଥିଲା।

୩୪। "ମୁଁ ନିଦ୍ରାରୁ ଉଠି କ'ଣ ସବୁ ଘଟିଯାଇଥିଲା, ବୁଝି ପାରିଥିଲି। ମୋ ଆଖିରେ ଲୁହ ଆସିଯାଇଥିଲା। ମୋର ୩୦,୦୦୦ ଟଙ୍କା ଚୋରି ହୋଇଥିଲା ଓ ମୁଁ ଭାସି ଯାଇଥିଲି।

୩୫। "ଟଙ୍କାଗୁଡ଼ିକ ବ୍ୟାଙ୍କ ନୋଟ୍ ଆକାରରେ ଥିଲା। ଏଭଳି ହଠାତ୍ କ୍ଷତିରେ ପଡ଼ି ମୁଁ ତଟସ୍ଥ ହୋଇଯାଇଥିଲି। ବ୍ରାହ୍ମଣ ମୋତେ ଆଶ୍ୱାସନା ଦେଇଥିଲେ।

୩୬। "ମୁଁ ଦୁଃଖରେ ଭାଙ୍ଗିପଡ଼ି ଖିଆପିଆ ଛାଡ଼ି ଦେଇଥିଲି। ପନ୍ଦରଦିନ ଧରି ସେହି ବାରଣ୍ଡାରେ ଗୋଟିଏ ସ୍ଥାନରେ ମୁଁ ବସିରହିଥିଲି।

୩୭। "ପନ୍ଦରଦିନ ପରେ ଜଣେ ବୁଲାଫକୀର ଉର୍ଦ୍ଦୁଭାଷାରେ ଆଧ୍ୟାତ୍ମିକ ବିଷୟବସ୍ତୁ ଉପରେ ପଂକ୍ତି ଆବୃତ୍ତି କରୁ କରୁ ହଠାତ୍ ଆବିର୍ଭୂତ ହୋଇଥିଲେ ଓ ମୋତେ କାନ୍ଦୁଥିବାର ଦେଖିଥିଲେ।

୩୮। "ସେ ମୋ ଦୁଃଖର କାରଣ ପଚାରିବାରୁ ମୁଁ ସମସ୍ତ ଘଟଣା କହିଥିଲି। ତାଙ୍କ କହିବା ଅନୁଯାୟୀ କାମକଲେ, ମୋର ବିପଦର ସମାଧାନ ହୋଇଯିବ ବୋଲି ମୋତେ ସେ କହିଥିଲେ।

୩୯। "ସେ କହିଥିଲେ ଯେ, ସେ ମୋତେ ଜଣେ ଫକୀରଙ୍କ ନାମ ଓ ଠିକଣା ଜଣାଇଦେବେ। ମୁଁ ତାଙ୍କର ଶରଣାଗତ ହେଲେ ସେ ମୋର ଟଙ୍କା ଫେରାଇ ଆଣିବେ।

୪୦। "ମୁଁ ଯାହା ଇଚ୍ଛା କରୁଛି, ତାହା ଫେରି ପାଇବା ପର୍ଯ୍ୟନ୍ତ, ମୋତେ ଏକ ଶପଥ ପାଳନ କରିବାକୁ ହେବ ଓ ମୋର କୌଣସି ପ୍ରିୟ ଖାଦ୍ୟକୁ ପରିତ୍ୟାଗ କଲେ ମୋର ଲକ୍ଷ୍ୟ ପୂରଣ ହେବ ବୋଲି ସେ କହିଥିଲେ।

୪୧। "ଫକୀରଙ୍କ ଉପଦେଶ ଅନୁଯାୟୀ ମୁଁ କାର୍ଯ୍ୟ କରିବା ପରେ ମୋ ଟଙ୍କା ଫେରି ପାଇଥିଲି। ତା'ପରେ ମୁଁ ମୋର ଓ୍ୱାଡ଼ା ଛାଡ଼ି ସମୁଦ୍ରକୂଳକୁ ଯାଇଥିଲି।

୪୨। "ଏମିତି ବୁଲୁଥିବା ସମୟରେ ମୁଁ ଗୋଟିଏ ଷ୍ଟିମର ଦେଖିଥିଲି। କିନ୍ତୁ ବହୁତ ଭିଡ଼ ହୋଇଥିବାରୁ ତାହା ମଧ୍ୟକୁ ପ୍ରବେଶ କରିପାରିନଥିଲି। ଜଣେ ସଦ୍‌ଗୁଣ ସଂପନ୍ନ ପିଅନ ମୋ ପାଇଁ କୁହାକୁହି କରିଥିଲେ ଓ ମୁଁ ଷ୍ଟିମର ଭିତରେ ସ୍ଥାନଟିଏ ପାଇପାରିଥିଲି।

୪୩। "ଭାଗ୍ୟ ଅନୁକୂଳ ଥିବା ହେତୁ ଷ୍ଟିମର ଆରପାରିରେ ଲାଗିଥିଲା। ମୁଁ ଟ୍ରେନଧରି ଘରକୁ ଫେରି ଆସିବା ପରେ ମସ୍‌ଜିଦ୍‌ମାୟୀକୁ ଦେଖିଥିଲି।"

୪୪। ବାବାଙ୍କର କାହାଣୀ ଏହିଠାରେ ସରିଥିଲା। ପରେ ଅତିଥିମାନଙ୍କୁ ଘରକୁ ନେଇ ଖିଆପିଆର ବନ୍ଦୋବସ୍ତ କରିବାକୁ ଶାମାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

୪୫। ସେ ଯାହାହେଉ, ଘରେ ଖଲିପତ୍ରରେ ଖାଦ୍ୟ ବଢ଼ାଯାଇଥିଲା। ମାଧବରାଓ କୌତୁହଳୀ ହୋଇ ସେମାନେ ବାବାଙ୍କର ଏ ଗଳ୍ପକୁ ବୁଝିପାରିଛନ୍ତି କି ନାହିଁ ବୋଲି ଅତିଥିମାନଙ୍କୁ ପଚାରିଥିଲେ।

୪୬। "ପ୍ରକୃତରେ ଦେଖିଲେ, ସାଇବାବା ଏଠାରେ ସବୁବେଳେ ରହୁଛନ୍ତି। ଏଠାରେ ସମୁଦ୍ର, ଷ୍ଟିମର, ପିଅନ

କେହି ନାହାନ୍ତି। ସେ ଏକଥା ଭଲ ଭାବରେ ଜାଣିଛନ୍ତି।

୪୭। "ବ୍ରାହ୍ମଣ କିଏ ଥିଲେ ? ବିଶାଳ ପ୍ରାସାଦ କେଉଁଠା ଥିଲା ? ସେତ ତାଙ୍କର ସମଗ୍ର ଜୀବନକାଳ ଗଛମୂଳରେ କଟାଇଛନ୍ତି। ସେ କେଉଁଠାରୁ ଏତେ ଟଙ୍କା ପାଇଥିଲେ ଯେ ଚୋର ତାକୁ ଚୋରାଇ ନେଇ ଯାଇଥିଲା ?

୪୮। "ସେ ଏହି କାହାଣୀ ତୁମେମାନେ ଆସିବା ପରେହିଁ ବର୍ଣ୍ଣନା କରିଥିଲେ ଓ ଏପରିଭାବରେ ସେ ତୁମର ଅତୀତ ସହିତ ସମ୍ପର୍କ ଥିବା କୌଣସି କଥା ତୁମକୁ କହିଥିଲେ କି ?"

୪୯। ତା'ପରେ ଅତିଥିମାନେ ଛଳ ଛଳ ଚକ୍ଷୁ ତଥା ବାଷ୍ପାକୁଳ କଣ୍ଠରେ କହିଥିଲେ, "ଶ୍ରୀସାଇ ସର୍ବଦର୍ଶୀ। ସେ ଦ୍ୱୈତ ନହୋଇ ଅଦ୍ୱୈତ, ପରଂବ୍ରହ୍ମଙ୍କ ଅବତାର। ସେ ଅସୀମ ଓ ସର୍ବବ୍ୟାପୀ।

୫୦। "ଏବେ ସେ ଯାହାସବୁ କହିଗଲେ, ତାହା ଅକ୍ଷରେ ଅକ୍ଷରେ ଆମ ନିଜର କାହାଣୀ। ଏହି ସୁସ୍ୱାଦୁ ଭୋଜନ ଶେଷ ହୋଇଯିବା ମାତ୍ରେ ଆମେ ବିସ୍ତୃତ ଭାବରେ ସବୁ କିଛି କହିବୁ।

୫୧। "ବାବା ଯାହାସବୁ କହିଗଲେ, ତାହା ପ୍ରକୃତରେ ଟିକିନିଖି ହୋଇ ଘଟିଥିଲା। ସେ ଆମ୍ଭମାନଙ୍କୁ ଆଦୌ ଜାଣିନଥିଲେ ମଧ୍ୟ ଏସବୁ କିପରି ଜାଣିଲେ ? ତେଣୁ ଏହା ଆମ ଧାରଣାର ବାହାରେ।"

୫୨। ତାହାହିଁ ହୋଇଥିଲା। ଭୋଜନ ପରେ ସେମାନେ ଯେତେବେଳେ ପାନଗୁଆ ଚୋବାଉଥିଲେ ଓ ମାଧବରାଓ ଉପସ୍ଥିତ ଥିଲେ, ସେମାନେ କାହାଣୀ କହିବା ଆରମ୍ଭ କରିଥିଲେ ।

୫୩। ଦୁଇ ଭଦ୍ରବ୍ୟକ୍ତିଙ୍କ ମଧ୍ୟରୁ ଜଣେ କହିଥିଲେ, "ଘାଟୀ ମଝିରେ ପାହାଡ଼ିଆ ଜାଗା ମୋର ଜନ୍ମସ୍ଥାନ ହୋଇଥିଲେ ମଧ୍ୟ ମୋର ଭାଗ୍ୟ ସମୁଦ୍ର ପାଖ ଏକ ସ୍ଥାନରେ ମୋର ଜୀବିକା ନିର୍ବାହ କରାଇଥିଲା।

୫୪। "ତେଣୁ ମୁଁ ଗୋଆ ଯାଇ ସେଠାରେ ଚାକିରୀଟିଏ ଯୋଗାଡ଼ କରିବାକୁ ଭାବିଥିଲି। ସେହି ଉଦ୍ଦେଶ୍ୟରେ ମୁଁ ଭଗବାନ ଦତ୍ତାତ୍ରେୟଙ୍କର ପରିତୁଷ୍ଟି ନିମିତ୍ତ ପୂଜା କରିଥିଲି ଓ ତାଙ୍କ ନିକଟରେ ଅତୀବ ସଂଭ୍ରମତାର ସହିତ ଏକ ପ୍ରତିଜ୍ଞା କରିଥିଲି।

୫୫। "ମୁଁ କହିଥିଲି, 'ହେ, ଭଗବାନ ! ମୋ ପରିବାରର ଭରଣପୋଷଣ ପାଇଁ ମୋର ଚାକିରୀଟିଏ ଦରକାର। ସେଥିପାଇଁ ମୋ ପ୍ରତି କୃପା କରନ୍ତୁ ଓ ଚାକିରୀଟିଏ ମୋତେ କରାଇ ଦିଅନ୍ତୁ। ମୁଁ ଆପଣଙ୍କ ପଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି।

୫୬। "ଅଳ୍ପଦିନ ମଧ୍ୟରେ ଯଦି ଆପଣ ଆପଣଙ୍କର କଥା ରକ୍ଷା କରିବେ, ତେବେ ମୁଁ ମୋର ପ୍ରଥମ ମାସର ସମସ୍ତ ଆୟ ଆପଣଙ୍କୁ ଅର୍ପଣ କରିଦେବି।

୫୭। "ସୌଭାଗ୍ୟକୁ ଭଗବାନ ଦତ୍ତାତ୍ରେୟ ସନ୍ତୁଷ୍ଟ ହୋଇଥିଲେ ଓ ଅଳ୍ପଦିନ ମଧ୍ୟରେ ମୋର ପ୍ରତିଜ୍ଞାର ଉଦ୍ଦେଶ୍ୟ ପୂରଣ ହୋଇଥିଲା । ପ୍ରାରମ୍ଭରେ ଦରମା ହିସାବରେ ମୁଁ ମାସକୁ ୧୫ ଟଙ୍କା ଲେଖାଏଁ ପାଇଲି ।

୫୮। "ପରେ ସାଇବାବାଙ୍କ ବର୍ଣ୍ଣନା ଅନୁଯାୟୀ ମୋର ପଦୋନ୍ନତି ହୋଇଥିଲା । କିନ୍ତୁ ମୁଁ ପ୍ରତିଜ୍ଞା ସମ୍ବନ୍ଧରେ ପୂରାପୂରି ଭୁଲିଯାଇଥିଲି । ବାବା ଏ ସମ୍ପର୍କରେ ଏହିଭଳି ଭାବରେ ମୋର ମନେ ପକାଇ ଦେଇଥିଲେ।

୫୯। "ଏମିତି ବିଚାର କରିବାକୁ ଗଲେ ସେ ଦକ୍ଷିଣା ନେଇଥିଲେ। କିନ୍ତୁ ଏହା ଦକ୍ଷିଣା ନଥିଲା, ଋଣ ପରିଶୋଧ ଥିଲା। ଏଭଳି ଉପାୟରେ ସେ ମୋତେ ଅତି ପୁରୁଣା ପ୍ରତିଜ୍ଞା କଥା ମନେ ପକାଇ ଦେଇଥିଲେ।"

୬୦। ପ୍ରକୃତରେ ଶ୍ରୀସାଇ ଟଙ୍କା ପଇସା ମାଗୁନଥିଲେ କି ତାଙ୍କ ଭକ୍ତମାନଙ୍କୁ ସେଥିନିମନ୍ତେ ଅନୁମତି ଦେଉନଥିଲେ। ଧନ ସମସ୍ତ ଅନର୍ଥର ମୂଳ ବୋଲି ସେ ବିଚାର କରୁଥିଲେ ଓ ତାଙ୍କର ଭକ୍ତମାନଙ୍କୁ ଏଥିପ୍ରତି କୌଣସି ପ୍ରକାରେ ପ୍ରଲୋଭିତ ହେବାକୁ ଦେଉନଥିଲେ।

୬୧। ମହାଲସାପତିଙ୍କ ଭଳି ପରମ ଭକ୍ତ ସବୁବେଳେ ଶ୍ରୀସାଇଙ୍କ ପଦ ସହିତ ଜଡ଼ିତ ଥିଲେ । ସେ ଦୁଇବେଳା ପେଟପୂରା ଭୋଜନ ପାଉନଥିଲେ ମଧ୍ୟ ତାଙ୍କୁ ଅର୍ଥ ଉପାର୍ଜନ କରିବାର ଅନୁମତି ଦିଆଯାଇନଥିଲା।

୬୨। ଶ୍ରୀସାଇ ଦକ୍ଷିଣା ଭାବରେ ପାଉଥିବା ଟଙ୍କାକୁ ବହୁ ସମୟରେ ବିଭିନ୍ନ ଲୋକଙ୍କ ମଧ୍ୟରେ ନିଜେ ବାଣ୍ଟି ଦେଉଥିଲେ। ମାତ୍ର ମହାଲ୍‌ସାପତି ସବୁବେଳେ ଅସୁବିଧାରେ ରହିଥିବା ସତ୍ତ୍ୱେ ତାଙ୍କୁ ପଇସାଟିଏ ମଧ୍ୟ ଦେଉନଥିଲେ।

୬୩। ମହାଲ୍‌ସାପତି ମଧ୍ୟ ଜଣେ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ଶ୍ରୀସାଇ ଏତେ ବଦାନ୍ୟ ଥିଲେ ମଧ୍ୟ ମହାଲ୍‌ସାପତି

କେବେହେଲେ ହାତପତାଇ କିଛି ମାଗି ନଥିଲେ।

୬୪। ତାଙ୍କର ଆର୍ଥିକ ଅବସ୍ଥା ଦୁର୍ବିସହ ଥିଲେ ମଧ୍ୟ, ସେ ସମ୍ପୂର୍ଣ୍ଣ ନିରାସକ୍ତ ଥିଲେ। ସେ ଦାରିଦ୍ର୍ୟଜନିତ ଅଭାବ ଅସୁବିଧା ସହ୍ୟ କରୁଥିଲେ ଓ ଯାହା ଅଳ୍ପ କିଛି ମିଳୁଥିଲା, ସେଥିରେ ସର୍ବଦା ସନ୍ତୁଷ୍ଟ ରହୁଥିଲେ।

୬୫। ଥରେ ହଂସରାଜ ନାମକ ଜଣେ ଭାରି ଦୟାଳୁ ବ୍ୟବସାୟୀ ମହାଲ୍‌ସାପତିଙ୍କୁ କିଛି ଦେବା ନିମନ୍ତେ ଚିନ୍ତା କରିଥିଲେ।

୬୬। ତାଙ୍କର ଦାରିଦ୍ର୍ୟ ଅବସ୍ଥା ଜାଣିପାରି ତାଙ୍କୁ ହଂସରାଜ ନିଜର ସାଧ୍ୟମତେ କିଛି ସାହାଯ୍ୟ କରିବାକୁ ସ୍ୱାଭାବିକ ଭାବରେ ମନସ୍ଥ କରିଥିଲେ।

୬୭। ତାଙ୍କର ଏଭଳି ଅବସ୍ଥାରେ ତାଙ୍କୁ କେହି ଜଣେ କିଛି ସାହାଯ୍ୟ କରିବାକୁ ଚେଷ୍ଟା କଲେ ଶ୍ରୀସାଇନାଥ ସେଥିପାଇଁ ଅନୁମତି ଦେଉନଥିଲେ, କାରଣ ସେ ଅର୍ଥ ପ୍ରତି ଉଦାସୀନତାକୁହିଁ ଶ୍ରେୟସ୍କର ମଣୁଥିଲେ ।

୬୮। ଏଣୁ ସେହି ବ୍ୟବସାୟୀ କ'ଣ କରିଥିଲେ ଲକ୍ଷ୍ୟ କରନ୍ତୁ! ସେ ଭକ୍ତ ମହାଲସାପତିଙ୍କ ଦୁଃଖ ଦେଖି ଦୟା ବିଗଳିତ ହୋଇଥିଲେ ଓ ଉଭୟେ ଶ୍ରୀସାଇଙ୍କ ଦରବାରରେ ଉପସ୍ଥିତ ଥିବା ସମୟରେ ସେ କିଛି ଟଙ୍କା ମହାଲ୍‌ସାପତିଙ୍କ ହାତରେ ଗୁଂଜି ଦେଇଥିଲେ।

୬୯। ଅତ୍ୟନ୍ତ ବିନୀତ ଭାବରେ ମହାଲସାପତି ସେହି ଟଙ୍କା ଫେରାଇ ଦେଇ କହିଥିଲେ, "ଶ୍ରୀସାଇଙ୍କର ବିନାନୁମତିରେ ମୁଁ ଏହା କଦାପି ଗ୍ରହଣ କରିପାରିବି ନାହିଁ।"

୭୦। ସେ ଅର୍ଥର ପୂଜାରୀ ନଥିଲେ। ସେ କେବଳ ଆଧ୍ୟାତ୍ମିକତାରେ ଆଗ୍ରହୀ ଥିଲେ। ସେ ନିଜର ତନ୍, ମନ ନିଃସ୍ୱାର୍ଥପର ଭାବରେ ତଥା ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ଶ୍ରୀସାଇଙ୍କୁ ସମର୍ପଣ କରିଦେଇଥିଲେ।

୭୧। ହଂସରାଜ ଶ୍ରୀସାଇଙ୍କୁ କାତର ପ୍ରାର୍ଥନା କରିଥିଲେ ମଧ୍ୟ ଶ୍ରୀସାଇ ପଇସାଟିଏ ଛୁଇଁ ନଥିଲେ ଓ କହିଥିଲେ, "ମୋର ଭକ୍ତମାନେ ମଧ୍ୟ ଧନ ଦ୍ୱାରା ପ୍ରଲୋଭିତ ନୁହଁନ୍ତି ଓ ତୁମେ ସେମାନଙ୍କୁ ଧନର ଆଡ଼ମ୍ବର ଓ ବଡ଼ିମା ଦେଖାଇ ଫସାଇ ପାରିବ ନାହିଁ।"

୭୨। ଏବେ ଦ୍ୱିତୀୟ ଭଦ୍ରବ୍ୟକ୍ତି କହିଥିଲେ, "ମୁଁ ବର୍ତ୍ତମାନ ସମସ୍ତ ଘଟଣା ବୁଝିପାରିଛି। ସେହି କାହାଣୀ ସମ୍ପୂର୍ଣ୍ଣ ଭାବରେ କହୁଛି, ଶୁଣନ୍ତୁ। ତୁମେ ଏହା ଶୁଣିଲେ ଖୁସି ହେବ।"

୭୩। "ମୋର ପାଚକ ପଂଚତ୍ରିଶ ବର୍ଷଧରି ମୋର ସେବା ସଂପୂର୍ଣ୍ଣ ନିଷ୍କପଟ ଓ ବିଶ୍ୱସ୍ତ ଭାବରେ କରିଆସୁଥିଲା। ତା'ର ଦୁର୍ଭାଗ୍ୟବଶତଃ କୁପଥରେ ଯାଇ ସେ ମୋର ସମସ୍ତ ସଞ୍ଚିତ ଅର୍ଥ ଚୋରାଇ ନେଇଯାଇଥିଲା।"

୭୪। "ସେ ଲୁଚିଛପି ମୋ ଘରର କାନ୍ଥ ଆଲମାରି ତାଡ଼ି ଦେଇଥିଲା ଓ ସେଥିରେ ସିନ୍ଧିଗାତ କରିଥିଲା । ତାହା କେହି ଜାଣିପାରିନଥିଲେ।"

୭୫। "ଯେଉଁ କାନ୍ଥ ତାଡ଼ିବା କଥା ବାବା ପୂର୍ବରୁ ସୂଚନା ଦେଇଥିଲେ, ସେଥିରେ ସିନ୍ଧିଗାତ କରିବା ନିମନ୍ତେ ସେ ସମସ୍ତେ ଶୋଇଥିବା ସମୟରେ କାନ୍ଥର ପଥର ଖୋଲି ଦେଇଥିଲା।"

୭୬। "ଆଉ ବାବା କହିବା ପ୍ରକାରେ ସେ ମୋର ବ୍ୟାଙ୍କ ନୋଟ୍ ଆକାରରେ ଥିବା ସମସ୍ତ ଟଙ୍କା ଚୋରାଇ ନେଇଯାଇଥିଲା। ସେ ସମସ୍ତ କଥା ସତ୍ୟ।"

୭୭। "ଏହା ଠିକ୍ ୩୦,୦୦୦ ଥିଲା! ବାବା କିଭଳି ଟଙ୍କାର ସେହି ନିର୍ଦ୍ଦିଷ୍ଟ ପରିମାଣ କଥା କହିଲେ, ଜାଣିପାରୁନାହିଁ। ସମସ୍ତ ଟଙ୍କା ମୋର କଷ୍ଟାର୍ଜିତ ଥିଲା। ମୁଁ ରାତିଦିନ କାନ୍ଦିଥିଲି।"

୭୮। "ମୋର ଅନୁସନ୍ଧାନ କିଛି ଫଳବତୀ ହୋଇନଥିଲା। କ'ଣ କରିବି ଭାବି ପାରୁନଥିଲି। ଗୋଟିଏ ପକ୍ଷକାଳ ମୁଁ ଉଦ୍‌ବିଗ୍ନର ଭଉଁରୀ ମଧ୍ୟରେ ଘୂରି ବୁଲିଥିଲି। ମୋର ବୁଦ୍ଧି ହଜି ଯାଇଥିଲା।"

୭୯। "ଦିନେ ମୁଁ ବାରଣ୍ଡାରେ ଅତ୍ୟନ୍ତ ଦୁଃଖ ଓ ବିଷାଦ ମନରେ ବସିଥିଲି। ଜଣେ ଫକୀର ଆଧ୍ୟାତ୍ମିକ ଭାବାର୍ଥବିଶିଷ୍ଟ ପଂକ୍ତି ଗାନ କରି କରି ରାସ୍ତାରେ ଯାଉଥିଲେ।"

୮୦। "ମୋତେ ଦୁଃଖିତ ଓ ବିଷଣ୍ଣ ଥିବା ଦେଖି ଫକୀର ମୋର ଦୁଃଖର କାରଣ ସମ୍ପର୍କରେ ପଚାରିଥିଲେ। ମୁଁ ତାଙ୍କ ଆଗରେ ସମସ୍ତ ବିଷୟ ବିଶଦ ଭାବରେ ବର୍ଣ୍ଣନା କରିଥିଲି। ସେ ସେହି ବିପଦକୁ କିପରି ଅତିକ୍ରମ କରିହେବ, ତାହାର ଉପାୟ ମୋତେ ବତାଇ ଦେଇଥିଲେ।"

୮୧। "କୋପରଗାଁ ତାଲୁକର ଶିରିଡ଼ି ଗ୍ରାମରେ ସାଇ ନାମରେ ଜଣେ ଔଲିଆ ରହୁଛନ୍ତି। ତାଙ୍କ ନାମରେ ପ୍ରତିଜ୍ଞା କର।"

୮୨। "ତୁମେ ଭଲ ପାଉଥିବା କୌଣସି ଖାଦ୍ୟକୁ ପରିତ୍ୟାଗ କର ଓ ତାଙ୍କୁ ସତରେ ମନେ ମନେ କୁହ ଯେ, 'ମୁଁ ଆପଣଙ୍କ ଦର୍ଶନ ଲାଭ ନକରିବା ଯାଏଁ ଏହି ଖାଦ୍ୟ ଖାଇବା ଛାଡ଼ିଦେଲି।

୮୩। ଫକୀର ଏପରି କହିବା ପରେ ମୁଁ ତତ୍‌କ୍ଷଣାତ୍ ଭାତ ଖାଇବା ଛାଡ଼ି ଦେଇଥିଲି ଓ କହିଥିଲି, "ବାବା, ଯେ ପର୍ଯ୍ୟନ୍ତ ମୋର ସମ୍ପତ୍ତି ଫେରି ନପାଇଛି ଓ ଆପଣଙ୍କର ଦର୍ଶନ ନପାଇଛି, ସେ ପର୍ଯ୍ୟନ୍ତ ମୁଁ ଭାତ ଖାଇବି ନାହିଁ।"

୮୪। "ପନ୍ଦରଦିନ ଯାଇଥିବକି ନାହିଁ, ପାଚକ ମନ ଭିତରେ କ'ଣ ହୋଇଥିଲା କେଜାଣି, ସେ ଆପେ ଆପେ ଆସି ନିଜ ଇଚ୍ଛାରେ ମୋର ସବୁ ଟଙ୍କା ଫେରାଇ ଦେଇ ଯାଇଥିଲା।"

୮୫। "ସେ କହିଥିଲା, 'ମୁଁ ମାନସିକ ଭାରସାମ୍ୟ ହରାଇ ଏଭଳି କୁକର୍ମ କରିଥିଲି। ମୁଁ ବର୍ତ୍ତମାନ ମୋର ମସ୍ତକ ଆପଣଙ୍କ ପଦତଳେ ଅର୍ପଣ କରୁଛି। ଦୟାକରି 'ମୋତେ କ୍ଷମାକରି ଦେଲେ' ବୋଲି କୁହନ୍ତୁ।"

୮୬। "ସେ ଯାହାହେଉ, ତା'ପରେ ସବୁକଥା ଭଲରେ ଭଲରେ ହୋଇଗଲା। ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ମୋର ପ୍ରବଳ ଇଚ୍ଛା ହୋଇଥିଲା, ଯାହା ଆଜି ପୂର୍ଣ୍ଣ ହେଲା। ଏଭଳି ସୌଭାଗ୍ୟ ଧନ୍ୟ!

୮୭। "ମୁଁ ବାରଣ୍ଡାରେ ଦୁଃଖିତ, ବିମର୍ଷ ଓ ଅତିଶୟ ଦୁର୍ଭାଗ୍ୟଗ୍ରସ୍ତ ହୋଇ ବସିଥିବା ସମୟରେ ମୋତେ ସାନ୍ତ୍ୱନା ଦେବାକୁ ଆସିଥିବା ସେହି ବ୍ୟକ୍ତି ଆଉ କେବେ ଦେଖା ଦେଇନାହାନ୍ତି।"

୮୮। "ଯେଉଁ ବ୍ୟକ୍ତି ମୋ ପ୍ରତି ଏଭଳି ସ୍ନେହ ରଖିଥିଲେ ଓ ମୋ ପାଇଁ ଯିଏ ଉଦ୍‌ବିଗ୍ନ ଥିଲେ, ଯିଏ ଶ୍ରୀସାଇଙ୍କ ବିଷୟରେ କହି ମୋତେ ଶିରିଡ଼ି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ, ତାଙ୍କୁ ଆଉ କେବେ ଭେଟିନାହିଁ।

୮୯। "ଆଧ୍ୟାତ୍ମିକ ପଂକ୍ତି ଗାନ କରିବା ସମୟରେ ଯାହାଙ୍କ ସହିତ ମୋର ହଠାତ୍ ଦେଖାହୋଇଥିଲା ଓ ଯିଏ ମୋତେ ପ୍ରତିଜ୍ଞା କରାଇଥିଲେ, ତାଙ୍କୁ ମୁଁ ଆଉ କେବେ ମଧ୍ୟ ଭେଟିନାହିଁ।

୯୦। "ମୁଁ ଅନୁଭବ କରୁଛି ଯେ, ସେହି ଫକୀର ହିଁ ପ୍ରକୃତରେ ଆପଣମାନଙ୍କର ଏହି ଶ୍ରୀସାଇ ଭଳିଆ ଥିଲେ। ସେ ନିଜେ ମୋତେ ତାଙ୍କର ଦର୍ଶନ ଦେବା ପାଇଁ ଅଧିକ ଉତ୍କଣ୍ଠିତ ହୋଇଥିଲେ।

୯୧। "ଯିଏ ଯେତେ ପ୍ରକାର ପ୍ରଲୋଭନ ଦେଖାଇଥିଲେ ମଧ୍ୟ, ମୋର ଏହି ଦର୍ଶନ ନିମିତ୍ତ ଅଭିଳାଷ ନଥିଲା। ମୂଳରୁ ଫକୀର ମୋ ମନରେ ଏହି ଅଭିଳାଷ ସୃଷ୍ଟି କରିଥିଲେ, ଯାହାଫଳରେ ମୁଁ ମୋର ଅର୍ଥ ଫେରି ପାଇଲି।"

୯୨। "ଯିଏ ମୋତେ ମୋର ସମସ୍ତ ସମ୍ପତ୍ତି କେବଳ ଗୋଟିଏ ପ୍ରତିଜ୍ଞା କରିବାରୁ ଓ ଅନ୍ୟ କୌଣସି ଚେଷ୍ଟା ବିନା ଫେରାଇ ଦେଇଥିଲେ, ସେ ୩୫ ଟଙ୍କା ମୋ ନିକଟରୁ ନେବାକୁ ଲୋଭ କରିବା ତାଙ୍କ ପକ୍ଷରେ କେବେ ସମ୍ଭବ ନୁହେଁ।

୯୩। "ଅପରପକ୍ଷରେ ଆମେ ଅଜ୍ଞ ଲୋକ। ଆମ୍ଭମାନଙ୍କୁ ଆଧ୍ୟାତ୍ମିକ ମାର୍ଗରେ ନେବା ନିମନ୍ତେ ଓ ଆମ୍ଭମାନଙ୍କର ମଙ୍ଗଳ ସାଧନ ନିମନ୍ତେ, ସେ ଚେଷ୍ଟା କରିଥାନ୍ତି ଓ ଏଭଳି ଉପାୟ କରି ଆମକୁ ବାଟକୁ ଆଣିଥାନ୍ତି।

୯୪। "ଏହି ଅବତାରର ଉଦ୍ଦେଶ୍ୟ ହେଉଛି ଏୟା। ନଚେତ୍ ଆମେ ଯେଉଁମାନେ ଭକ୍ତିହୀନ ଓ ନଗଣ୍ୟ ଏହି ଭବସାଗରକୁ କିପରି ପାରହୋଇ ପାରନ୍ତୁ। ସେ ସମ୍ବନ୍ଧରେ ଧୀରସ୍ଥିର ଭାବରେ ଚିନ୍ତା କରନ୍ତୁ।

୯୫। "ତେବେ ସେ ଯାହାହେଉ, ଚୋରି ହୋଇଯାଇଥିବା ସମ୍ପତ୍ତି ଫେରି ପାଇବା ପରେ ମୁଁ ଅତ୍ୟନ୍ତ ଆହ୍ଲାଦିତ ହୋଇଥିଲି। ଆଉ ଏହା ଫଳରେ ମୁଁ ମୋର ପ୍ରତିଜ୍ଞାକୁ ପୂରା ଭୁଲି ଯାଇଥିଲି। ଅର୍ଥ ଲୋଭ ମାରାତ୍ମକ।

୯୬। "ତା'ପରେ ଦେଖନ୍ତୁ। ଦିନେ ରାତିରେ ମୁଁ କୁଲାବାଂରେ ଥିଲି। ମୁଁ ଶ୍ରୀସାଇଙ୍କୁ ସ୍ୱପ୍ନରେ ଦେଖିଲି ଓ ତତ୍‌କ୍ଷଣାତ୍ ଶିରିଡ଼ି ଅଭିମୁଖେ ବାହାରି ପଡ଼ିଲି।"

୯୭। "ଶ୍ରୀସାଇ ସମର୍ଥ ମୋର ଯାତ୍ରାର ବିବରଣୀ ଦେଇ ସାରିଛନ୍ତି। ମୋତେ ଷ୍ଟିମରରେ ସ୍ଥାନ ମିଳିନଥିଲା। ମାତ୍ର ଜଣେ ପିଅନ ମୋ ନିମନ୍ତେ କୁହାବୋଲା କରିଥିଲେ ଓ ମୋର ଅସୁବିଧା ଦୂର କରିବାରେ ସାହାଯ୍ୟ କରିଥିଲେ।

୯୮। "ମୁଁ ଷ୍ଟିମର ପାଖକୁ ଆସିବାବେଳକୁ ଏହି ଅସୁବିଧା ହୋଇଥିଲା। ପ୍ରକୃତରେ ଜଣେ ଅପରିଚିତ ପିଅନ ମୋ ତରଫରୁ କଥାବାର୍ତ୍ତା କରିଥିଲେ।

୯୯। "ତା'ପରେ ଯାଇ ପ୍ରଥମରୁ ରୁକ୍ଷ ଥିବା ସେହି

କ୍ୟାପଟେନ୍ ଶେଷକୁ ମୋତେ ଷ୍ଟିମରରେ ସ୍ଥାନଦେଇଥିଲେ ଓ ଅନୁଗୃହୀତ କରିଥିଲେ।

୧୦୦। "ପିଅନ ଜଣକ ମୋ ନିମନ୍ତେ ସମ୍ପୂର୍ଣ୍ଣ ଅଜ୍ଞାତ ଥିଲେ ମଧ୍ୟ ସେ ମୋତେ ଜାଣିଛନ୍ତି ବୋଲି କହିଥିଲେ। ତେଣୁ ମୋତେ ଭିତରକୁ ଯିବାର ଅନୁମତି ଦିଆଯାଇଥିଲା ଓ ମୁଁ ଗୋଟିଏ ଭଲ ସ୍ଥାନ ପାଇଥିଲି।

୧୦୧। "ଷ୍ଟିମରର କାହାଣୀ ପରି ପିଅନଟିର କାହାଣୀ ମୋ କ୍ଷେତ୍ରରେ ପ୍ରକୃତରେ ଘଟିଥିଲା। ଶ୍ରୀସାଇ ଯେପରି ଭାବରେ କଥାଟା କହିଥିଲେ, ସତେ ଯେପରି ତାଙ୍କ କ୍ଷେତ୍ରରେ ସେୟା ଘଟିଥିଲା।

୧୦୨। "ଏଭଳି ବିସ୍ମୟକର ଅନୁଭୂତି ଲାଭ କରି ମୁଁ ହତବୁଦ୍ଧି ହୋଇଯାଇଛି। ମୁଁ ଅନୁଭବ କରୁଛି ଯେ ଶ୍ରୀସାଇହିଁ ସର୍ବତ୍ର ବିଦ୍ୟମାନ ।

୧୦୩। "ଏଭଳି କୌଣସି ଅଣୁ ନାହିଁ, ଯେଉଁଥିରେ ସେ ଉପସ୍ଥିତ ନାହାନ୍ତି। ସେ ମୋତେ ଯେଉଁଭଳି ଅନୁଭୂତି ଦେଲେ, ସେହିଭଳି ଅନୁଭୂତି ମଧ୍ୟ ଅନ୍ୟମାନଙ୍କୁ ବି ଦେଉଥିବେ।

୧୦୪। "ମୁଁ କିଏ ? ମୁଁ କେଉଁଠାରୁ ଆସିଛି ? ମୁଁ କେତେ ଭାଗ୍ୟବାନ ଯେ ମୋତେ ଏତେ ଚେଷ୍ଟାକରି ସେ ଟାଣି ଆଣିଛନ୍ତି ଓ ମୋତେ ଆଧ୍ୟାତ୍ମିକ ପଥର ଯାତ୍ରୀ କରାଇଛନ୍ତି।

୧୦୫। "କେଉଁଥି ପାଇଁ ମୁଁ ପ୍ରତିଜ୍ଞା କରିଥିଲି ? ମୋ ସଞ୍ଚିତ ଅର୍ଥ କାହିଁକି ଚୋରି ଯାଇଥିଲା ? ପ୍ରତିଜ୍ଞା ପୂରଣ କରିବା ଓ ବିନା ଚେଷ୍ଟାରେ ଚୋରି ଧନ ଫେରି ପାଇବା କିଭଳି ବିସ୍ମୟକର ଘଟଣା !

୧୦୬। "ଅଚିନ୍ତନୀୟ ଭାବରେ ମୁଁ କେତେ ଭାଗ୍ୟବାନ ! ମୁଁ ଯାହାଙ୍କର ଦର୍ଶନ ପୂର୍ବରୁ କେବେ ପାଇ ନ ଥିଲି କିମ୍ବା ସେଥିପାଇଁ ଚିନ୍ତା କରି ନ ଥିଲି କି ଶୁଣିନଥିଲି, ସେ ମୋର ଯତ୍ନ ନେଉଥିଲେ।

୧୦୭। "ଯେଉଁ ଭକ୍ତମାନେ ତାଙ୍କ ନିକଟରେ ବର୍ଷ ବର୍ଷ ଧରି ରହୁଛନ୍ତି, ତାଙ୍କ ପଦାଶ୍ରିତ ହୋଇଛନ୍ତି ଓ ତାଙ୍କର ସେବା ରାତିଦିନ କରୁଛନ୍ତି, ସେମାନେ କେତେ ଭାଗ୍ୟବାନ ନୁହଁନ୍ତି !

୧୦୮। "ଯେଉଁମାନଙ୍କ ସହିତ ଶ୍ରୀସାଇ ଖେଳୁଛନ୍ତି, ହସୁଛନ୍ତି, ବସୁଛନ୍ତି, ଗପୁଛନ୍ତି, ଚାଲୁଛନ୍ତି, ଖାଉଛନ୍ତି, ଶୋଉଛନ୍ତି ଓ ଏପରିକି ରାଗରୋଷ କରୁଛନ୍ତି, ସେମାନେ ମହାଭାଗ୍ୟବାନ !

୧୦୯। "ଯିଏ ମୋ ପ୍ରତି ଏଭଳି ସଦୟ ହୋଇଛନ୍ତି, ମୁଁ ତାଙ୍କ ନିମନ୍ତେ କିଛି କରି ନାହିଁ। ଆପଣମାନଙ୍କୁ ଧନ୍ୟ କହିବା, ଯେହେତୁ ଆପଣମାନେ ତାଙ୍କର ଏତେ ନିକଟତର !

୧୧୦। "ଯାହା ଜଣାପଡୁଛି, ଆପଣମାନଙ୍କର ପୂର୍ବ ପୁଣ୍ୟ ବଳ ଏତେ ଅଧିକ ଯେ ତାହା ବାବାଙ୍କୁ ମାନବ ଶରୀର ଧାରଣ କରାଇ ଶିରିଡ଼ିକୁ ଟାଣି ଆଣିଛି। ଆପଣମାନେ ଅସୀମ ଭାବରେ ଧନ୍ୟ।

୧୧୧। "ମୋର ବିରାଟ ସୌଭାଗ୍ୟରୁ ମୁଁ ଶିରିଡ଼ି ଆସି ପାରିଛି। ମୁଁ ଅନୁଭବ କରୁଛି ଯେ, ଶ୍ରୀସାଇଙ୍କ ଦର୍ଶନ ଯାତ୍ରା ପାଇଁ ମୁଁ ସବୁ କିଛି ତ୍ୟାଗ କରିଦେଇ ପାରିବି।

୧୧୨। "ଶ୍ରୀସାଇ ଅନାବିଳ ଓ ହିତୈଷୀ ଏବଂ ପରମ ବୈଷ୍ଣବ। ସେ ଜ୍ଞାନବୃକ୍ଷର ପ୍ରକୃତ ପଲ୍ଲବ, ଯାହା ଚୈତନ୍ୟ ସାଗରରେ ସୂର୍ଯ୍ୟ ଭଳି ଦେଦୀପ୍ୟମାନ।

୧୧୩। "ସେ ଯାହାହେଉ, ମୋର ମଧ୍ୟ କିଛି ପୁଣ୍ୟବଳ ଥିବାରୁ ମୁଁ ଏହି ମସିଦାଇ(ଦ୍ୱାରକାମାୟୀ)ଙ୍କୁ ଦର୍ଶନ କରିଛି ଓ ସେ ମୋର ପ୍ରତିଜ୍ଞା ପୂରଣ କରାଇ ମୋତେ ତାଙ୍କର ଦର୍ଶନ କରାଇଦେଇଛନ୍ତି।

୧୧୪। "ସେ ମୋର ଦତ୍ତାତ୍ରେୟ ମହାପ୍ରଭୁ। ସେ ମୋତେ ଏଭଳି ପ୍ରତିଜ୍ଞା କରିବାକୁ ପ୍ରବର୍ତ୍ତାଇ ଥିଲେ। ସେ ମୋତେ ଷ୍ଟିମରରେ ବସିବା ସ୍ଥାନ ଯୋଗାଇ ଦେଇଥିଲେ ଓ ଶିରିଡ଼ିକୁ ଦର୍ଶନ ନିମିତ୍ତ ଅଣାଇଥିଲେ।

୧୧୫। "ଏଭଳି ଭାବରେ ଶ୍ରୀସାଇ ତାଙ୍କର ସର୍ବବ୍ୟାପୀ ସ୍ୱଭାବ ଦର୍ଶାଇଛନ୍ତି ଓ ସେ ସର୍ବତ୍ର ଘଟୁଥିବା ସମସ୍ତ ଘଟଣାର ସାକ୍ଷୀ ହୋଇ କିପରି ସବୁରି ହୃଦୟରେ ଆସନ ପାତିଛନ୍ତି, ତାହା ଦେଖାଇ ଦେଇଛନ୍ତି ।

୧୧୬। "ଶ୍ରୀସାଇଙ୍କର ହସ ହସ ମୁଖମଣ୍ଡଳ ଦେଖି, ମୁଁ ଅତ୍ୟନ୍ତ ଆନନ୍ଦିତ ହୋଇଛି ଓ ମୁଁ ଯଦିଓ ଜଣେ ସଂସାରୀ, ସମସ୍ତ ସାଂସାରିକ ଦୁଃଖଶୋକ ଭୁଲିଯାଇଛି। ମୋର ସେହି ପରମ ଆନନ୍ଦକୁ ଧରି ରଖିପାରୁନାହିଁ।

୧୧୭। "ଭାଗ୍ୟ ଅନୁଯାୟୀ ସମସ୍ତ ଘଟଣା ଘଟିଯାଉ ଓ ମୋର ମନ ନିଶ୍ଚିତ ଭାବରେ ସେହି ଅବସ୍ଥା ପ୍ରାପ୍ତ ହେଉ ।

ମୋର ଶ୍ରୀସାଇଙ୍କ ପଦରେ ଚିରନ୍ତନ ଶ୍ରଦ୍ଧା ଓ ଭକ୍ତି ରହିଥାଉ ଓ ସେ ମୋର ହୃଦୟ କନ୍ଦରରେ ତଥା ଚକ୍ଷୁ ମଧ୍ୟରେ ସର୍ବଦା ବାସ କରିଥାନ୍ତୁ !

୧୧୮। "ସାଇଲୀଳା ଅଚିନ୍ତନୀୟ ଓ ଅକଳନୀୟ ! ତାଙ୍କ ଅନୁଗ୍ରହର ସୀମା ନାହିଁ। ହେ, କରୁଣାମୟ ! ମୋର ତନ୍ ମନ ଆପଣଙ୍କ ସେବାରେ ଲାଗି କ୍ଷୟ ହୋଇଯାଉ ବୋଲି ମୁଁ ଚାହୁଁଛି।"

୧୧୯। ଏବେ ମୂଳ କାହାଣୀରୁ ବିଚ୍ୟୁତ ହୋଇ ଅନ୍ୟ ଗୋଟିଏ କାହାଣୀ ଶୁଣନ୍ତୁ। ଶ୍ରୀସାଇଙ୍କର କେତୋଟି ବାକ୍ୟ, ଯାହା ବ୍ରହ୍ମାଙ୍କର ବେଦ ଭଳି, ତାହାକୁ ଧ୍ୟାନ ଦେଇ କିଛି ସମୟ ଶୁଣନ୍ତୁ।

୧୨୦। ସଖାରାମ ଔରଙ୍ଗାବାଦକରଙ୍କ ପତ୍ନୀ ସୋଲାପୁର ସହରରେ ରହୁଥିଲେ। ଗୋଟିଏ ସନ୍ତାନପ୍ରାପ୍ତିର ଆକାଂକ୍ଷା ନେଇ ସେ ଶିରିଡ଼ି ଆସିଥିଲେ।

୧୨୧। ମହାନ୍ ସନ୍ଥ ସାଇବାବାଙ୍କ ସମ୍ପର୍କରେ ଅଚିନ୍ତନୀୟ କାହାଣୀମାନ ଶୁଣି ତାଙ୍କର ପବିତ୍ର ଦର୍ଶନ ନିମିତ୍ତ ସେ ନିଜର ପୋଷ୍ୟପୁତ୍ରକୁ ଧରି ଆସିଥିଲେ।

୧୨୨। ତାଙ୍କର ବିବାହ ହେବାର ସତେଇଶ ବର୍ଷ ହୋଇଯାଇଥିଲେ ମଧ୍ୟ ସେ ଗର୍ଭବତୀ[୨] ହେଉ ନ ଥିଲେ। ସେ ଦେବାଦେବୀଙ୍କ ପାଖରେ ଅନେକ ବ୍ରତ ଓ ମାନସିକ କରି ମଧ୍ୟ ନିରାଶ ହୋଇଥିଲେ। ସେ ସମସ୍ତ ଆଶା ଛାଡ଼ି ଦେଇଥିଲେ।

୧୨୩। ଯାହାହେଉ, ଏହି ବିବାହିତା ମହିଳା ଜଣକ ନିଜର ଏଇ ଉଦ୍ଦେଶ୍ୟ ନେଇ ବାବାଙ୍କୁ ଦର୍ଶନ କରିବାକୁ ଆସିଥିଲେ। ସେ ଶିରିଡ଼ି ଆସିବା ପରଠାରୁ ଉପାୟ ଚିନ୍ତା କରିବାକୁ ଲାଗିଥିଲେ।

୧୨୪। "ବାବା ସବୁବେଳେ ଭକ୍ତମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ରହୁଛନ୍ତି। ମୁଁ ତାଙ୍କୁ ଏକୁଟିଆ ବେଳେ କିପରି ପାଇବି ? ମୋ ମନର କଥା କିପରି ତାଙ୍କ ଆଗରେ ପ୍ରକାଶ କରିବି ?" ଏକଥା ଭାବି ବାବାଙ୍କୁ ଦେଖା କରିବାକୁ ସେ ଗଭୀର ଭାବରେ ଉତ୍କଣ୍ଠିତ ଥିଲେ।

୧୨୫। ମସ୍‌ଜିଦ୍ ଓ ଅଗଣା ଖୋଲା ରହୁଥିଲା। ସବୁବେଳେ ଭକ୍ତମାନେ ବାବାଙ୍କୁ ଘେରି ରହୁଥିଲେ। ସେ କିପରି ଏକାନ୍ତରେ ବାବାଙ୍କୁ ନିଜର ଆନ୍ତରିକ ଇଚ୍ଛା ଜଣାଇବେ ?

୧୨୬। ସେ ଓ ତାଙ୍କର ପୋଷ୍ୟପୁତ୍ର ବିଶ୍ୱନାଥ ଦୁଇ ମାସ ରହି ବାବାଙ୍କର ସେବା କରିଥିଲେ।

୧୨୭। ବିଶ୍ୱନାଥ କିମ୍ବା ଅନ୍ୟ କେହି ବାବାଙ୍କ ନିକଟରେ ନଥିବାବେଳେ ଏହି ମହିଳା ନିଜର ଆକାଂକ୍ଷାନେଇ ମାଧବରାଓଙ୍କୁ କିଭଳି କାତର ପ୍ରାର୍ଥନା କରିଥିଲେ, ଶୁଣନ୍ତୁ।

୧୨୮। "ବାବା ଖୁସି ମିଜାଜ୍‌ରେ ଥିବା ସମୟରେ ଆପଣ ଅନ୍ତତଃ ସୁବିଧା ଦେଖି ମୋ ଅନ୍ତରର କଥା କହନ୍ତୁ।

୧୨୯। "ଯେତେବେଳେ ସେ ଏକୁଟିଆ ଥିବେ ଓ ତାଙ୍କ ଭକ୍ତ ପରିବାର ତାଙ୍କୁ ବେଢ଼ି ରହି ନ ଥିବେ, ଯେମିତି ଅନ୍ୟ କେହି ଶୁଣି ନ ପାରିବେ, ସେଭଳି ସୁବିଧା ଦେଖି ଯଥା ଶୀଘ୍ର ତାଙ୍କୁ ମୋ କଥା କହନ୍ତୁ।"

୧୩୦। ମାଧବରାଓ କହିଥିଲେ, "ମସ୍‌ଜିଦ୍ କେବେ ଫାଙ୍କା ନ ଥାଏ, ଜଣେ ଦି'ଜଣ ଲୋକ ବରାବର ଦର୍ଶନ ନିମିତ୍ତ ଆସୁଥାନ୍ତି ବା ପାଖରେ ଥାଆନ୍ତି।

୧୩୧। "ଶ୍ରୀସାଇଙ୍କର ଏହି ଦରବାର ସବୁବେଳେ ଖୋଲା। ଏହା ମଧ୍ୟକୁ ପ୍ରବେଶ କରିବା ପାଇଁ କାହାରିକୁ ମନା କରାଯାଏ ନାହିଁ। କିନ୍ତୁ, ମୁଁ ଗୋଟିଏ ପ୍ରସ୍ତାବ ଦେଉଛି, ତାକୁ ଭଲ ଭାବରେ ମନରେ ରଖ।

୧୩୨। "ଚେଷ୍ଟା କରିବା ମୋର କର୍ତ୍ତବ୍ୟ। ଶ୍ରୀସାଇ ସଫଳତାଦାନକାରୀ ଓ ଶୁଭ ଅନୁକୂଳର ଆଧାର । ଅବଶେଷରେ ସେ ହିଁ ତୁମକୁ ଶାନ୍ତି ପ୍ରଦାନ କରିବେ ଓ ତୁମର ଚିନ୍ତା ଦୂର କରିଦେବେ।

୧୩୩। " ବାବା ଖାଇ ବସିଥିବାବେଳେ ତୁମେ ଧୂପକାଠି ଓ ଗୋଟିଏ ନଡ଼ିଆ ଧରି ପଥର ଉପରେ ଅଗଣାରେ ଅପେକ୍ଷା କରିଥିବ।

୧୩୪। "ବାବା ଖାଇ ସାରିବା ପରେ ଯଦି ମୁଁ ତାଙ୍କର ମନ ଖୁସି ଅଛି ବୋଲି ଜାଣିବି, ମୁଁ ତୁମକୁ ଇସାରା ଦେବି ଓ ତୁମେ ସେତିକି ବେଳେ ଉପରକୁ ଉଠିଆସିବ।"

୧୩୫। କେତେ ଦିନ ପରେ ଭାଗ୍ୟନିର୍ଦ୍ଧାରିତ ସେଇ ମୁହୂର୍ତ୍ତ ଆସିଥିଲା । ଦିନେ ବାବାଙ୍କ ଖାଇବା କାମ ସରିଗଲା ପରେ ସେ ଅପ୍ରତ୍ୟାଶିତ ଭାବରେ ସୁଯୋଗ ପାଇଥିଲେ।

୧୩୬। ଶ୍ରୀସାଇ ହାତ ଧୋଇ ସାରିବା ପରେ ମାଧବ ରାଓ ତାଙ୍କ ହାତ ଲୁଗାରେ ପୋଛି ଦେଉଥିଲେ। ଶ୍ରୀସାଇଙ୍କ ମନ ଖୁସି ଥିବାରୁ ସେ କ'ଣ କରିଥିଲେ ଲକ୍ଷ୍ୟ କରନ୍ତୁ !

୧୩୭ । ସ୍ନେହାଭିଭୂତ ହୋଇ ବାବା ମାଧବରାଓଙ୍କ ଗାଲକୁ ଚିପି ଦେଇଥିଲେ । ସେହି ମଙ୍ଗଳ ମୁହୂର୍ତ୍ତରେ ଭକ୍ତ ଓ ପ୍ରଭୁଙ୍କ ମଧ୍ୟରେ ହୋଇଥିବା ମଧୁର କଥାବାର୍ତ୍ତାକୁ ଶୁଣନ୍ତୁ ।

୧୩୮ । ମାଧବରାଓ ପୂର୍ଣ୍ଣ ବିନୟୀ ଥିଲେ ମଧ୍ୟ କପଟ ରାଗ ପ୍ରକାଶ କରି ଥଟାରେ ବାବାଙ୍କୁ କହିଥିଲେ, "ଏଭଳି ଆଚରଣ କ'ଣ ଭଲ ?

୧୩୯ । "ଆମେ ଏଭଳି ଦୁଷ୍ଟ ପ୍ରଭୁଙ୍କୁ ଚାହୁଁନା, ଯିଏ କି ଆମର ଗାଲକୁ ଏତେ ଜୋର୍‌ରେ ଚିପି ଦେବେ । ଆମେ କ'ଣ ତୁମକୁ ଏତେ ଭୟ କରୁଛୁ ? ଆତ୍ମୀୟତାର ଫଳ କ'ଣ ଏଇଆ ?"

୧୪୦ । ତା'ପରେ ବାବା କହିଥିଲେ, "ମୁଁ ଗତ ବାସ୍ତରୀ ଜନ୍ମ ଭିତରେ ତୁମକୁ କେବେ ଛୁଇଁଛି କି ? ତୁମର ଏଭଳି ଘଟଣା କିଛି ମନେ ଅଛି କି ?"

୧୪୧ । ତା'ପରେ ମାଧବରାଓ କହିଥିଲେ, "ଆମର ଏପରି ପ୍ରଭୁ ଦରକାର, ଯିଏକି ସବୁଦିନ ଆମକୁ ଭୋକ ଲାଗିବା ସମୟରେ ନୂଆ ନୂଆ ଚମତ୍କାର ମିଠା ଖାଇବାକୁ ଦେଉଥିବେ ।

୧୪୨ । "ଆମେ ଆପଣଙ୍କଠାରୁ ସମ୍ମାନ କିମ୍ବା ସ୍ୱର୍ଗକୁ ଯିବା ନିମନ୍ତେ ଦେବରଥ ଚାହୁଁନାହୁଁ । କେବଳ ଆପଣଙ୍କ ପାଦ ତଳେ ବିଶ୍ୱାସ ରଖିବା ନିମନ୍ତେ ମୋତେ ବର ଦିଅନ୍ତୁ ।"

୧୪୩ । ତା'ପରେ ବାବା କହିଥିଲେ, "ଅବଶ୍ୟ ତାହା ସତ୍ୟ । ମୁଁ ସେଇଥିପାଇଁ ଆସିଛି, ତୁମକୁ ଖୁଆଉଛି ଓ ତୁମ ସହିତ ସ୍ନେହରେ ଜଡ଼ିତ ରହିଛି ।"

୧୪୪ । ସେମାନେ ସେତେବେଳକୁ ବସିବା ସ୍ଥାନ ପାଖକୁ ଆସି ଯାଇଥିଲେ ଓ ବାବା ନିଜ ସ୍ଥାନରେ ବସିଥିଲେ । ମାଧବ ରାଓ ତତ୍ପର ହୋଇ ଅପେକ୍ଷାରତା ମହିଳାଙ୍କୁ ସଙ୍କେତ ଦେଇଥିଲେ ।

୧୪୫ । ସଙ୍କେତ ପାଇବା ମାତ୍ରକେ ସେ ତରବରରେ ପାହାଚ ଚଢ଼ି ମସ୍‌ଜିଦର ଭିତରକୁ ଆସି ଯାଇଥିଲେ । ସେ ବାବାଙ୍କ ସମ୍ମୁଖକୁ ଆସି ବିନମ୍ର ପ୍ରଣାମ କରିଥିଲେ ।

୧୪୬ । ତା'ପରେ ସେ ନଡ଼ିଆଟିକୁ ବାବାଙ୍କ ପଦତଳେ ରଖି ଦେଇଥିଲେ ଓ ପଦ୍ମପାଦରେ ପୁନଶ୍ଚ ପ୍ରଣାମ କରିଥିଲେ । ବାବା ନିଜ ହାତରେ ନଡ଼ିଆଟିକୁ ଉଠାଇ ନେଇ ଚଟାଣ ଉପରେ ଜୋର୍‌ରେ ବାଡ଼େଇଥିଲେ ।

୧୪୭ । ସେ କହିଥିଲେ, "ଶାମା, ଇଏ କ'ଣ କହୁଛି ? ଏହି ନଡ଼ିଆ ବହୁତ ଠକ୍ ଠକ୍ ହେଉଛି ।" ଶାମା ସେହି ସୁଯୋଗରେ ବାବାଙ୍କୁ କ'ଣ କହିଥିଲେ ଶୁଣନ୍ତୁ ।

୧୪୮ । "ଏହି ମହିଳା ଚାହାନ୍ତି, ତାଙ୍କ ଜଠରରେ ଏହିଭଳି ପିଲାଟିଏ ଗଡ଼ାଗଡ଼ି କରୁ । ତାଙ୍କୁ ସେହି ବର ଦିଅନ୍ତୁ । ସେ ଆପଣଙ୍କ ପାଦତଳେ ସଦା ଆଶ୍ରିତା ହୁଅନ୍ତୁ ! ତାଙ୍କ ସମସ୍ୟାର ସମାଧାନ ହୋଇଯାଉ !

୧୪୯ । "ତାଙ୍କ ଉପରେ କୃପା ଦୃଷ୍ଟି ପକାନ୍ତୁ । ତାଙ୍କ ଶାଢ଼ୀର ପଣତରେ[୩] ନଡ଼ିଆଟିକୁ ରଖି ଦିଅନ୍ତୁ । ଆପଣଙ୍କ ଆଶୀର୍ବାଦରୁ ତାଙ୍କର ପୁଅ କି ଝିଅ ହେଉ !"

୧୫୦ । ବାବା ତାଙ୍କୁ କହିଥିଲେ, "ନଡ଼ିଆ ପିଲା ଦେଇ ପାରିବ କି ? ମୂର୍ଖଙ୍କ ଭଳି ଏମିତି ବିଶ୍ୱାସ କାହିଁକି ରହିଛି ? ମୁଁ ଭାବୁଛି ଲୋକମାନେ ସେମାନଙ୍କର ମଗଜ ହରାଇ ଦେଲେଣି ?"

୧୫୧ । ଶାମା କହିଥିଲେ, "ଆପଣଙ୍କ ବଚନର ଚମତ୍କାରିତା ମୁଁ ଜାଣିଛି । ଆପଣଙ୍କ ବଚନ ଏତେ ମୂଲ୍ୟବାନ ଯେ ତାଙ୍କର ସାଙ୍ଗେ ସାଙ୍ଗେ ପଣ ପଣ ପିଲା ଜନ୍ମ ହୋଇଯିବେ ।

୧୫୨ । "କିନ୍ତୁ ଆଜିକାଲି ଆପଣ ବାଛବିଚାର କରୁଛନ୍ତି । ଆପଣ ତାଙ୍କୁ ପ୍ରକୃତରେ ଆଶୀର୍ବାଦ ଦେଉନାହାନ୍ତି । ଆପଣ କେବଳ ବାଆଁରେଇ ଦେଉଛନ୍ତି । ତାଙ୍କୁ ପ୍ରସାଦ ହିସାବରେ ନଡ଼ିଆଟିକୁ ଦିଅନ୍ତୁ ।"

୧୫୩ । ବାବା କହିଥିଲେ, "ନଡ଼ିଆ ଭାଙ୍ଗ ।" ଶାମା କହିଥିଲେ, "ତାଙ୍କ କାନିରେ ରଖିଦିଅନ୍ତୁ ।" ଏଭଳି ମଜାରେ କଥା କଟାକଟି କିଛି ସମୟ ଚାଲିଥିଲା ଓ ତା'ପରେ ବାବା ରାଜି ହୋଇଥିଲେ ।

୧୫୪ । ସେ କହିଥିଲେ, "ଯା, ତାହାର ପିଲାଟିଏ ହେବ ।" ଶାମା ପଚାରିଥିଲେ, "କେବେ ? ଠିକ୍ ଉତ୍ତର ଦିଅନ୍ତୁ ।" ବାବା କହିଥିଲେ, "ବାରମାସ ପରେ ।" ନଡ଼ିଆଟିକୁ ଜୋରରେ ବାଡ଼େଇ ଶାମା ଭାଙ୍ଗିଥିଲେ ।

୧୫୫ । ଅଧେ ନଡ଼ିଆ ବାବା ଓ ଶାମା ଦୁହେଁ ମିଶି ଖାଇଥିଲେ । ବାକି ଅଧକ ମହିଳାଙ୍କୁ ଦେଇଥିଲେ । ମାଧବରାଓ ମହିଳାଙ୍କୁ କହିଥିଲେ, "ତୁମେ ମୋ କଥାର ସାକ୍ଷୀ ରହିଥାଅ ।

୧୫୬। "ଆଜିଠାରୁ ବାରମାସ ଶେଷ ହେବା ପରେ ତୁମର ଯଦି ପିଲାପିଲି ନ ହୁଏ, ମୁଁ କ'ଣ କରିବି ଶୁଣ !

୧୫୭। "ମୁଁ ଏଇଭଳି ଏକ ନଡ଼ିଆ ପ୍ରଭୁଙ୍କ ମୁଣ୍ଡ ଉପରେ ବାଡ଼େଇବି ଓ ତାଙ୍କୁ ମସ୍‌ଜିଦ୍‌ରୁ ବାହାର କରିଦେବି। ମୁଁ ଯଦି ଏହା ନ କରେ, ତେବେ ମୋ ନା ମାଧବ ନୁହେଁ।

୧୫୮। "ମୁଁ ଏଭଳି ପ୍ରଭୁଙ୍କୁ ମସ୍‌ଜିଦ୍‌ରେ ରହିବା ପାଇଁ ଦେବି ନାହିଁ। ଏକଥା ନିଶ୍ଚିତ ମୁଁ ସଂକଳ୍ପ କରି କହୁଛି। ସମୟକ୍ରମେ ତୁମେ ଏହି କଥାର ସତ୍ୟତା ଅନୁଭବ କରିବ। ନିଶ୍ଚିତ ମନରେ ଓ ଦୃଢ଼ ଭାବରେ ଏହା ବିଶ୍ୱାସ କର।"

୧୫୯। ଏଭଳି ପ୍ରତିଶ୍ରୁତି ପାଇବା ପରେ ମହିଳା ଜଣକ ଅତ୍ୟନ୍ତ ଖୁସି ହୋଇଥିଲେ। ବାବାଙ୍କ ପଦ ତଳେ ସାଷ୍ଟାଙ୍ଗ ପ୍ରଣିପାତ କରି ସେ ଘରକୁ ଫେରି ଆସିଥିଲେ।

୧୬୦। ଶାମା ସର୍ବଦା ଆଜ୍ଞାଧୀନ ବୋଲି ଜାଣିଥିବାରୁ ଶ୍ରୀସାଇ ଭକ୍ତର ଇଚ୍ଛାକୁ ସ୍ନେହର ଡୋର ଟାଣି ପୂରଣ କରିଥିଲେ ଓ ଏହି ବାକ୍ୟଗୁଡ଼ିକୁ ଅପମାନଜନକ ବୋଲି ଗ୍ରହଣ କରି ନ ଥିଲେ।

୧୬୧। ଶରଣାଗତଙ୍କ ରକ୍ଷକ, କରୁଣାସାଗର, ଦୟାମୟ ଶ୍ରୀସାଇ ଭକ୍ତଙ୍କ ବଚନ ସତ୍ୟହେବା ନିମନ୍ତେ ସ୍ନେହରେ ଇଚ୍ଛା ପୂରଣ କରିଥିଲେ।

୧୬୨। ଶାମା ତାଙ୍କର ପ୍ରିୟ ଭକ୍ତ ଥିଲେ ଓ ସନ୍ଥ ଭକ୍ତଙ୍କର ଇଚ୍ଛା ପୂରଣ କରିଥିଲେ । ଅଜ୍ଞତାବଶତଃ ଓ ସ୍ନେହାତିଶଯ୍ୟରେ ଏହି ଇଚ୍ଛା ପୂରଣ କରିବା ପାଇଁ ଯଦିଓ ପ୍ରାର୍ଥନା କରାଯାଇଥିଲା, ବାବା ଠିକ୍ କିମ୍ବା ଭୁଲ ବୋଲି ବିଚାର ନ କରି, ତାହା ପୂରଣ କରିଥିଲେ। ଏହା ଥିଲା ତାଙ୍କ ନିଜର ପ୍ରତିଜ୍ଞା ।

୧୬୩। ତାହାହିଁ ହୋଇଥିଲା। ବାରମାସ ନ ପୂରୁଣୁ ବାବା ତାଙ୍କର ପ୍ରତିଜ୍ଞା ପୂରଣ କରିଥିଲେ। ବାର୍ତ୍ତାଳାପର ତିନି ମାସ ମଧ୍ୟରେ ମହିଳା ଗର୍ଭବତୀ ହୋଇଥିଲେ।

୧୬୪। ସୌଭାଗ୍ୟକୁ ସେ ଏକ ପୁତ୍ରର ଜନନୀ ହୋଇଥିଲେ। ସେ ତାଙ୍କ ପାଞ୍ଚ ମାସର ପୁତ୍ର ଓ ସ୍ୱାମୀଙ୍କ ସହିତ ଦର୍ଶନ ନିମିତ୍ତ ଶିରିଡ଼ି ଆସିଥିଲେ।

୧୬୫। ସ୍ୱାମୀ ଅତ୍ୟନ୍ତ ଆନନ୍ଦ ମନରେ ଶ୍ରୀସାଇଙ୍କ ପାଦରେ ଭକ୍ତି ଜଣାଇ ପ୍ରଣାମ କରିଥିଲେ, ପାଞ୍ଚ ଶହ ଟଙ୍କା ଅର୍ପଣ କରିଥିଲେ ଓ ନିଜର ଅକୁହା କୃତଜ୍ଞତା ଜ୍ଞାପନ କରିଥିଲେ।

୧୬୬। ସେହି ଟଙ୍କା ପରେ ବାବାଙ୍କ ଘୋଡ଼ା ଶ୍ୟାମକର୍ଣ୍ଣର ଅସ୍ତାବଲର କାନ୍ଥ ନିର୍ମାଣରେ ବ୍ୟୟ କରାଯାଇଥିଲା। ତାହା ସେ ବନ୍ଧାଯାଉଥିବା ସ୍ଥାନ ନିକଟରେ କରାଯାଇଥିଲା।

୧୬୭। ତେଣୁ ଏହି ଶ୍ରୀସାଇଙ୍କୁ ଚିନ୍ତା କରନ୍ତୁ, ସ୍ମରଣ କରନ୍ତୁ ଓ ତାଙ୍କୁ ଧ୍ୟାନ କରନ୍ତୁ। ଏହା ହେମାଡ଼ର ନିଜର ଆଶ୍ରୟସ୍ଥଳ। ସେ ଏଣେ ତେଣେ କେଉଁଆଡ଼େ ଧାଇଁ ବୁଲଇ ନାହିଁ।

୧୬୮। ଯେତେବେଳେ କସ୍ତୁରୀ[୪] ନିଜ ନାଭିରେ ରହିଛି, ସେତେବେଳେ ଏଣେ ତେଣେ କିଏ ଦୌଡ଼ିବ କାହିଁକି ? ଶ୍ରୀସାଇଙ୍କ ପାଦତଳେ ସବୁବେଳେ ବିନମ୍ର ରହି ହେମାଡ଼ ଅତୁଳନୀୟ ଆନନ୍ଦ ଉପଭୋଗ କରୁଛି।

୧୬୯। ପରବର୍ତ୍ତୀ ଅଧ୍ୟାୟ ଏହାଠାରୁ ଅଧିକ ଚିତ୍ତାକର୍ଷକ। ଭକ୍ତମାନେ ମହା ଆନନ୍ଦରେ କିଭଳି ମସ୍‌ଜିଦ୍‌ରୁ ଚାଓ୍ୱଡ଼ିକୁ ବାବାଙ୍କୁ ଶୋଭାଯାତ୍ରାରେ ନେଉଥିଲେ, ତାହାର ବର୍ଣ୍ଣନା ସେଥିରେ ରହିଛି।

୧୭୦। ବାବାଙ୍କ ରନ୍ଧାହାଣ୍ଡିର କାହାଣୀ ଓ ମଜାଦାର କଥା କହି କହି ପ୍ରସାଦ ବିତରଣ କରିବାର ବର୍ଣ୍ଣନା ରହିଛି। ତାହା ପରବର୍ତ୍ତୀ ଅଧ୍ୟାୟରେ ଶୁଣନ୍ତୁ। ତାହା ଉତ୍ସାହ ଓ ଆଗ୍ରହ ବୃଦ୍ଧି କରିବ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ, ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇଙ୍କର ସର୍ବବ୍ୟାପକତା ଓ ତାଙ୍କ ଆଶୀର୍ବାଦର ପୂର୍ତ୍ତି" ଶୀର୍ଷକ ଷଟ୍‌ତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ ।

ପଦଟୀକା

୧- କୁଲାବା ମହାରାଷ୍ଟ୍ରର ରାଇଗଡ଼ ଜିଲ୍ଲାର ପଶ୍ଚିମ ତଟରେ ।

୨- ନିୟମିତ ଋତୁସ୍ରାବ ହେଉଥିବା ସତ୍ତ୍ୱେ।

୩- କୋଳରେ ପଡୁଥିବା ଶାଢ଼ୀର ଅଂଶ।

୪- ମୃଗ ନାଭିରେ ଥିବା କସ୍ତୁରୀ।



ମହାଲ୍‌ସାପତି ଓରଫ୍ ଭଗତ

ମହାଲ୍‌ସାପତି ମଧ୍ୟ ଜଣେ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ଶ୍ରୀସାଇ ଏତେ ବଦାନ୍ୟ ଥିଲେ ମଧ୍ୟ ମହାଲ୍‌ସାପତି କେବେହେଲେ ହାତପତାଇ କିଛି ମାଗି ନଥିଲେ। (୩୬ଶ ଅଧ୍ୟାୟ, ପଂକ୍ତି ୬୩)

ତାଙ୍କର ଆର୍ଥିକ ଅବସ୍ଥା ଦୁର୍ବିସହ ଥିଲେ ମଧ୍ୟ ସେ ସମ୍ପୂର୍ଣ୍ଣ ନିରାସକ୍ତ ଥିଲେ। ସେ ଦାରିଦ୍ର୍ୟଜନିତ ଅଭାବ ଅସୁବିଧା ସହ୍ୟ କରୁଥିଲେ ଓ ଯାହା ଅଳ୍ପ କିଛି ମିଳୁଥିଲା, ସେଥିରେ ସର୍ବଦା ସନ୍ତୁଷ୍ଟ ରହୁଥିଲେ। (୩୬ଶ ଅଧ୍ୟାୟ, ପଂକ୍ତି ୬୪)

ସେ ଅର୍ଥର ପୂଜାରୀ ନଥିଲେ। ସେ କେବଳ ଆଧ୍ୟାତ୍ମିକତାରେ ଆଗ୍ରହୀ ଥିଲେ। ସେ ନିଜର ତନ ମନ ନିଃସ୍ୱାର୍ଥପର ଭାବରେ ତଥା ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ଶ୍ରୀସାଇଙ୍କୁ ସମର୍ପଣ କରିଦେଇଥିଲେ। (୩୬ଶ ଅଧ୍ୟାୟ, ପଂକ୍ତି ୭୦)

॥ ୩୭ ॥
ଚାଓ୍ୱଡ଼ିର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ଧନ୍ୟ, ଧନ୍ୟ ଶ୍ରୀସାଇଙ୍କ ଜୀବନ। ତାଙ୍କର ଦୈନନ୍ଦିନ କାର୍ଯ୍ୟକର୍ମ ମଧ୍ୟ ଧନ୍ୟ! ତାଙ୍କର କାର୍ଯ୍ୟ, ଲୀଳା ଅଦ୍ଭୁତ ଓ ସଂପୂର୍ଣ୍ଣ ରୂପେ ଅବର୍ଣ୍ଣନୀୟ।

୨। ପ୍ରକୃତରେ ତାଙ୍କର କାର୍ଯ୍ୟ ଅକଳନୀୟ। ତାଙ୍କ ଜୀବନ ଧାରା ଧନ୍ୟ। ତାଙ୍କର ସଂକଳ୍ପବଦ୍ଧ ବ୍ରହ୍ମଚର୍ଯ୍ୟ ଜୀବନ ଯାହା କ୍ଷୁର ଧାରରେ ଚାଲିବା ପରି, ତାହା ମଧ୍ୟ ଧନ୍ୟ।

୩। ବେଳେବେଳେ ସେ ଦିବ୍ୟ ଆନନ୍ଦରେ ବିଭୋର ହେଉଥିଲେତ କେତେବେଳେ ଆତ୍ମଜ୍ଞାନରେ ଆନନ୍ଦିତ ହେଉଥିଲେ, କେତେବେଳେ ପୁଣି ସେ ସମ୍ପୂର୍ଣ୍ଣ ଅନାସକ୍ତ ରହୁଥିଲେ। ତାଙ୍କର ଏହିଭଳି ଭିନ୍ନ ଭିନ୍ନ ଅବସ୍ଥା ରହୁଥିଲା।

୪। ବେଳେବେଳେ ସେ ସଂପୂର୍ଣ୍ଣ କ୍ରିୟାହୀନ ହୋଇ ରହୁଥିଲେ ମଧ୍ୟ ଶୋଉ ନ ଥିଲେ। ତାଙ୍କର ଲକ୍ଷ୍ୟକୁ ମନ ମଧ୍ୟରେ ସ୍ଥିର କରି ନିଜ ଆତ୍ମାର ଆହ୍ୱାନରେ ସେ ସର୍ବଦା ପରିଚାଳିତ ହେଉଥିଲେ।

୫। ବେଳେବେଳେ ସେ ମହାସାଗର ଭଳି ଶାନ୍ତ, ଅସୀମ, ଅଗାଧ ଗଭୀର ଓ ଅକଳନୀୟ ରହୁଥିଲେ। ତାଙ୍କର ଅବର୍ଣ୍ଣନୀୟ ପ୍ରକୃତି ସମ୍ବନ୍ଧରେ କିଏ ସଠିକ୍ ବର୍ଣ୍ଣନା କରିପାରିବ ?

୬। ସେ ପୁରୁଷମାନଙ୍କୁ ଭାଇ ଭଳି ଓ ମହିଳାମାନଙ୍କୁ ଭଉଣୀ କିମ୍ବା ମା’ ଭଳି ସମ୍ମାନ ପ୍ରଦର୍ଶନ କରୁଥିଲେ। ସେ ସ୍ୱୟଂସିଦ୍ଧ ଓ ଅକ୍ଷୟ ବ୍ରହ୍ମଚର୍ଯ୍ୟର ଅଧିକାରୀ ଥିଲେ ବୋଲି ସମସ୍ତେ ଜାଣିଥିଲେ।

୭। ତାଙ୍କର ପବିତ୍ର ସାହଚର୍ଯ୍ୟରେ ଆସି ଆମେ ଯେଉଁ ଉପଲବ୍ଧି ଲାଭ କରିଛୁ, ତାହା ଆମର ଆମୃତ୍ୟୁ ଅମଳିନ ରହୁ।

୮। ତାଙ୍କୁ ସେବା କରିବାର ଇଚ୍ଛା ଆମର ପ୍ରବଳ ହେଉ। ତାଙ୍କ ପାଦରେ ଆମର ଭକ୍ତି ସ୍ୱତନ୍ତ୍ର ଭାବରେ ରହୁ। ଆମେ ସବୁ ଘଟ ମଧ୍ୟରେ ପ୍ରଭୁଙ୍କୁ ଦର୍ଶନ କରୁ ଓ ତାଙ୍କ ନାମ ପ୍ରତି ଶ୍ରଦ୍ଧା ସର୍ବଦା ଆମ ମନରେ ରହିଥାଉ।

୯। ଯେଉଁମାନେ ତାଙ୍କର ପ୍ରତ୍ୟେକ କାର୍ଯ୍ୟକୁ ବୁଝିବା ନିମନ୍ତେ ଚେଷ୍ଟା କରିଛନ୍ତି, ସେମାନେ ବିଫଳ ହୋଇଛନ୍ତି ଓ ଶେଷରେ ବିଷମ ସଂକଟରେ ପଡ଼ିଛନ୍ତି ଏବଂ ଚୁପ୍‌ଚାପ୍ ରହିଛନ୍ତି।

୧୦। ଅନେକ ବ୍ୟକ୍ତି ସ୍ୱର୍ଗସୁଖ ଲାଭ ପାଇଁ ସାଧନା କରିଥାନ୍ତି, ସେମାନେ ସ୍ୱର୍ଗର ମହତ୍ୱ ଗାନ କରିଥାନ୍ତି ଓ ମର୍ତ୍ତ୍ୟରେ ମୃତ୍ୟୁଭୟ ରହିଥିବାରୁ ମର୍ତ୍ତ୍ୟ ଜୀବନକୁ ନିନ୍ଦନୀୟ ମଣିଥାନ୍ତି।

୧୧। ଏକପ୍ରକାରରେ ଜଣେ ଅରୂପରୁ ରୂପ ପାଇଥାଏ।

ତାହାକୁ ଦୃଶ୍ୟ ଅବସ୍ଥା କୁହାଯାଇଥାଏ। ପୁଣି ସେହି ଅରୂପ ଅବସ୍ଥାକୁ ସେ ଫେରିଯାଇଥାଏ। ତାହାକୁ ତା'ର ମୃତ୍ୟୁ ବୋଲି କୁହାଯାଏ।

୧୨ । ଅସତ୍ ଆଚରଣ, ଅଜ୍ଞତା, କ୍ରୋଧ, ଘୃଣା ଇତ୍ୟାଦିର ଶୃଙ୍ଖଳ ଆମକୁ ମୃତ୍ୟୁ ଆଡ଼କୁ ବନ୍ଦୀ କରି ନେଇଥାଏ। ଯେଉଁମାନେ ଏ ସମସ୍ତ ଦୋଷ ଅତିକ୍ରାନ୍ତ କରିପାରିଥାନ୍ତି, ସେମାନେହିଁ କେବଳ ସ୍ୱର୍ଗରେ ପ୍ରବେଶ କରିପାରନ୍ତି।

୧୩। ସ୍ୱର୍ଗ ? ସ୍ୱର୍ଗ ଆଉ କ'ଣ କି ? ଅନାସକ୍ତିହିଁ ସ୍ୱର୍ଗ। ଜଣକର ନିଜ ଆତ୍ମାହିଁ ଚେତନା ରୂପରେ ଦୁଃଖଶୋକକୁ ବାଦ୍ ଦେଇ ସର୍ବତ୍ର ବ୍ୟାପ୍ତ ରହିଛି ବୋଲି ବିଚାର କରନ୍ତୁ।

୧୪ । ସେହି ଅବସ୍ଥାରେ ରୋଗବ୍ୟାଧି, ଦୁଃଖଯନ୍ତ୍ରଣା, ଭୋକ ଶୋଷ ଓ ବୃଦ୍ଧ ହୋଇଯିବାର ଭୟ ନ ଥାଏ।

୧୫ । ଯେଉଁଠାରେ ମୃତ୍ୟୁ ଭୟ ନ ଥାଏ ଓ କୌଣସି ପ୍ରକାର ଆଦେଶ, ଉପଦେଶ କିମ୍ବା ନିଷେଧାଦେଶ ନ ଥାଏ, ସେଠାରେ ଜୀବନ ନିର୍ଭୟରେ ଗତି କରିଥାଏ। ତାହାହିଁ ଦିବ୍ୟ ସ୍ୱର୍ଗୀୟ ସ୍ଥିତି।

୧୬ । ସେହି ସାରବତ୍ତାହିଁ ବ୍ରହ୍ମଠାରୁ ଜୀବଯାଏଁ, ଚଳ ଓ ଅଚଳ ପର୍ଯ୍ୟନ୍ତ ସମସ୍ତଙ୍କୁ ଯେମିତି ପରଲୋକରେ ଭେଦି ରହିଥାଏ, ସେମିତି ଇହଲୋକରେ ମଧ୍ୟ ସମାନ ଭାବରେ ପରିବ୍ୟାପ୍ତ ହୋଇଥାଏ । ଏଥିରେ ଦ୍ୱୈତ ଭାବ ନାହିଁ।

୧୭ । ଯଦିଓ ଏହି ବିଧି ସାଂସାରିକ ଅସ୍ତିତ୍ୱର ସମସ୍ତ ଗୁଣ ବିବର୍ଜିତ ହୋଇଥାଏ, ଏହା ସୀମିତ କରିବାର ଆନୁଷଙ୍ଗିକ ଉପାଦାନ ସାଙ୍ଗକୁ ଅଜ୍ଞତା ଦ୍ୱାରା ବିମୋହିତ ହୋଇ ବ୍ୟକ୍ତିଗତ ଆତ୍ମାକୁ ଅବ୍ରହ୍ମ ବୋଲି ମନେ କରିଥାଏ ।

୧୮ । 'ପରଂବ୍ରହ୍ମ ମୋ ନିକଟରୁ ଭିନ୍ନ। ମୁଁ ମଧ୍ୟ ଭିନ୍ନ।' ଯେଉଁମାନେ ଏଭଳି ଭେଦାଭେଦ ବିଚାରରେ ବିଶ୍ୱାସୀ, ସେମାନେ ମୃତ୍ୟୁର ନିୟମରେ ଆବଦ୍ଧ।

୧୯ । ଜନ୍ମ ପରେ ମୃତ୍ୟୁ ଆସିଥାଏ ଓ ମୃତ୍ୟୁ ପରେ ପୁନର୍ଜନ୍ମ ହୋଇଥାଏ। ପ୍ରକୃତିର ଏହି ନିରନ୍ତର ଚକ୍ର ମଧ୍ୟରେ ଏଭଳି ବିଶ୍ୱାସୀମାନେ ନିଜ ନିଜର ଭାଗ୍ୟ ଖୋଜୁଥାନ୍ତି।

୨୦ । ଯେଉଁ ସ୍ୱର୍ଗକୁ କଠୋର ତପସ୍ୟା, ତ୍ୟାଗ, ପ୍ରାୟଶ୍ଚିତ ଓ ଦାନଧ୍ୟାନ ଦ୍ୱାରା ଲାଭ କରାଯାଇଥାଏ, ସେଠାରେ ପ୍ରଭୁ ନାରାୟଣଙ୍କ ପାଦ ସ୍ମରଣ କରାଯାଉ ନ ଥିଲେ ସେଭଳି ସ୍ୱର୍ଗର ମୂଲ୍ୟ କ'ଣ ଅଛି ?

୨୧ । ଯେଉଁଠାରେ କେବଳ ଇନ୍ଦ୍ରିୟକର୍ତ୍ତୃକ ଉପଭୋଗ ରହିଛି, ସେଭଳି ସ୍ୱର୍ଗ ପ୍ରାପ୍ତି ନିମନ୍ତେ ଆମେ ଇଚ୍ଛୁକ ନୋହୁଁ। ଯଦି ସେଠାକୁ ଯାଇ ଆମେ ଗୋବିନ୍ଦଙ୍କ ନାମ ଭୁଲିଯିବୁ, ତେବେ ସେଠାକୁ ଯିବାରେ ଲାଭ କ'ଣ ?

୨୨ । ସ୍ୱର୍ଗ ହେଉ କିମ୍ବା ନର୍କ ହେଉ, ଇନ୍ଦ୍ରିୟସୁଖ ସବୁଠାରେ ସମାନ ଧରଣର। ଇନ୍ଦ୍ରଙ୍କର ସୁଖ ଓ ଗୋଟିଏ ଗଧର ସୁଖ ଏକ ଧରଣର।

୨୩। ଇନ୍ଦ୍ର ତାଙ୍କର ନନ୍ଦନକାନନରେ ଖୁସିରେ ବୁଲୁଥିବା ବେଳେ ଗଧ ମଇଳା ଗଦାରେ ଗଡୁଥାଏ। ଉଭୟଙ୍କର ଆନନ୍ଦ ଏକାପରି। ସେଥିରେ କିଛି ମାତ୍ର ଫରକ୍ ନାହିଁ।

୨୪ । ନିଜର ସଞ୍ଚିତ ପୁଣ୍ୟ ଶେଷ ହୋଇଯିବାପରେ ଯେଉଁଠାରୁ ନିଶ୍ଚିତ ଭାବରେ ଫେରି ଆସିବାକୁ ପଡ଼ିବ, ସେହି ସ୍ଥାନକୁ ଯିବା ପାଇଁ କାହିଁକି ଚେଷ୍ଟା କରୁଛନ୍ତି ? ତା' ଅପେକ୍ଷା ବରଂ ଏହି ପୃଥିବୀରେ ଜନ୍ମ ନେବା ଶ୍ରେୟସ୍କର । ଏହି ପୃଥିବୀର ଶ୍ରେଷ୍ଠତ୍ୱ ଅକଳନୀୟ।

୨୫ । ସ୍ୱର୍ଗରେ ଜଣକର ଆୟୁଷ ହଜାର ହଜାର ବର୍ଷ ବୋଲି କ'ଣ ସେହି ସ୍ୱର୍ଗ ଗୁରୁତ୍ୱପୂର୍ଣ୍ଣ ? ପୃଥିବୀରେ କ୍ଷଣସ୍ଥାୟୀ ଜୀବନ ତାହାଠାରୁ ବହୁଗୁଣ ଭଲ।

୨୬ । ଏହି ଜୀବନ କ୍ଷଣସ୍ଥାୟୀ ହୋଇଥିବାରୁ ସମସ୍ତ କର୍ମକୁ ପ୍ରଭୁଙ୍କ ପଦରେ ଉତ୍ସର୍ଗ କରିଦେଲେ ବ୍ୟକ୍ତି ଭୟଶୂନ୍ୟ ଅବସ୍ଥା ଲାଭ କରିଥାଏ।

୨୭ । ଯେଉଁ ସ୍ଥାନରେ ଭକ୍ତମାନେ ଗୁରୁ କିମ୍ବା ପ୍ରଭୁଙ୍କର କାହାଣୀ ଶ୍ରବଣ କିମ୍ବା ଆବୃତ୍ତି କରନ୍ତି ନାହିଁ, ଗୁଣଗାନ କରି ପ୍ରଭୁଙ୍କର ପୂଜା କରନ୍ତି ନାହିଁ, ସେଭଳି ସ୍ଥାନର ମୂଲ୍ୟ କ'ଣ ?

୨୮ । ବ୍ରହ୍ମ ଓ ଆତ୍ମାର ମିଳନ ସମ୍ବନ୍ଧରେ ଜ୍ଞାନଲାଭ ହିଁ ସ୍ଥାୟୀ ହୋଇଥାଏ; ଆଉ ତାହାହିଁ ସର୍ବୋତ୍ତମ ଲକ୍ଷ୍ୟ ହାସଲ କରିବାର ଉପାୟ ହୋଇଥାଏ । ସେଇଥିପାଇଁ ପୃଥିବୀ ହିଁ ସର୍ବୋତ୍ତମ ସ୍ଥାନ, ସ୍ୱର୍ଗ ନୁହେଁ।

୨୯ । ଗୁରୁଙ୍କ ନିକଟରେ ତନ୍,ମନ୍, ବାକ୍ ଓ ପଞ୍ଚ 'ପ୍ରାଣ'କୁ ସମର୍ପଣ କରିଦିଅନ୍ତୁ। ପ୍ରଶ୍ନ ପଚାରିବାର ବୁଦ୍ଧିକୁ ଗୁରୁଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ଲୀନ କରିଦିଅନ୍ତୁ ଓ ଗୁରୁଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୁଅନ୍ତୁ ।

୩୦ । ସଦ୍‌ଗୁରୁଙ୍କ ନିକଟରେ ଏଭଳି ସମର୍ପିତ ହୋଇଗଲେ ପୃଥିବୀର କେଉଁ ଭୟ ଆଉ ରହିପାରିବ କି ? ପୁଣି ସାଂସାରିକ

ବ୍ୟାପାର ନେଇ ଅଯଥାରେ କାହିଁକି ଚିନ୍ତା କରୁଛନ୍ତି, ଯେତେବେଳେ ସମସ୍ତ ସମସ୍ୟାର ସମାଧାନ ପାଇଁ ଗୁରୁ ରହିଛନ୍ତି ?

୩୧ । ଯେଉଁଠାରେ ଅଜ୍ଞତା ରହିଛି, ସେଠାରେ ଦାୟାଦଙ୍କ ପ୍ରତି ତଥା ଧନସମ୍ପତ୍ତି ପ୍ରତି ଆସକ୍ତି ରହିଛି ଓ ସାଂସାରିକ ବ୍ୟାପାର ସମ୍ବନ୍ଧରେ ବରାବର ଚିନ୍ତା ଭାବନା ରହିଛି। ସେଠାରେ ଟିକିଏ ମଧ୍ୟ ସଦ୍‌ଚିନ୍ତା ନ ଥାଏ।

୩୨ । ଅଜ୍ଞତାହିଁ ଏହି ବହୁତ୍ୱ ଭାବନାର ମୂଳ କାରଣ। ତେଣୁ ଯୋଗ୍ୟ ଓ ଉପଯୁକ୍ତ ଗୁରୁଙ୍କ ନିକଟରୁ ସଂସ୍କୃତ ଭାଷାରେ ଶାସ୍ତ୍ରଜ୍ଞାନ ଆହରଣ ଆବଶ୍ୟକ ହୁଏ।

୩୩। ଏହି ଅଜ୍ଞତା ଥରେ ଦୂର ହୋଇଗଲେ ବହୁତ୍ୱର ଚିହ୍ନବର୍ଣ୍ଣ ଟିକିଏ ବି ରହେ ନାହିଁ ଓ ମନୁଷ୍ୟ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇଯାଏ। ଏକତ୍ୱ ଜ୍ଞାନଲାଭ ହିଁ ଏହାର କାରଣ।

୩୪ । ଯାହାର ଟିକିଏ ମଧ୍ୟ ଭିନ୍ନ ପରିଚିତି ରହିଥିବ, ସେ ଜନ୍ମମୃତ୍ୟୁ ଚକ୍ରରେ ଘାଣ୍ଟିହେଉଥିବ । କାରଣ ସୃଷ୍ଟି ଓ ଧ୍ୱଂସ ସେହି ଭାବନାହିଁ ଅବିଚଳଭାବରେ ପୋଷଣ କରିଥାଏ।

୩୫ । 'ଉତ୍ତମ' ବା ମଙ୍ଗଳ ନିଃସନ୍ଦେହରେ ଜ୍ଞାନର ବିଷୟବସ୍ତୁ। କିନ୍ତୁ ଯେଉଁଠାରେ କେବଳ ସୁଖଭୋଗହିଁ ବିଷୟ ବସ୍ତୁ, ତାହା ନିଶ୍ଚିତ ଭାବରେ ଅଜ୍ଞତା।

୩୬ । ମୃତ୍ୟୁର ଭୟ ହିଁ ସଂସାରରେ ସବୁଠାରୁ ବଡ଼ ଭୟ। ଏଥିରୁ ବର୍ତ୍ତିବା ନିମନ୍ତେ ଗୁରୁଙ୍କର ପାଦକୁ ଦୃଢ଼ଭାବରେ ଧରନ୍ତୁ, କାରଣ ସେଇହିଁ ତୁମକୁ ଏକତ୍ୱର ଚେତନା ଦେବେ।

୩୭ । ଯେଉଁଠାରେ ଦ୍ୱୈତ ଓ ବହୁତ୍ୱ ରହିଛି, ସେଠାରେ ଏଭଳି ଭୟ ପ୍ରବେଶ କରିପାରେ । ତେଣୁ ଯେଉଁଠାରେ ଏଭଳି ଭୟର ଲେଶମାତ୍ର ନାହିଁ, ସେହିଭଳି ଗୁରୁଙ୍କର ପଦସେବା କରନ୍ତୁ।

୩୮ । ଏଭଳି ଗୁରୁଙ୍କର କପାଳରେ ପବିତ୍ର ପ୍ରେମର ଘୋରା ଚନ୍ଦନଚିତା ଲଗାଇ ତାଙ୍କୁ ନିଜ ଭକ୍ତିର ଗେରୁଆବସ୍ତ୍ର ଅର୍ପଣ କରନ୍ତୁ। ବିଶ୍ୱବ୍ରହ୍ମାଣ୍ଡକୁ କ'ଣ ବ୍ୟାପି ରହିଛି, ତାହା ସେ ନିଜର ଭକ୍ତମାନଙ୍କୁ ଦର୍ଶାଇଦେବେ।

୩୯ । ତାଙ୍କୁ ଦୃଢ଼ ବିଶ୍ୱାସରୂପକ ସିଂହାସନରେ ବସାଇ ଦିଅନ୍ତୁ, ଉପଯୁକ୍ତ ସାତ୍ତ୍ୱିକ ଭାବନା ଦ୍ୱାରା ସଜାଇ ଦିଅନ୍ତୁ ଓ ଆନନ୍ଦାଶ୍ରୁ ଦ୍ୱାରା ତାଙ୍କର ସ୍ନାନ କରାନ୍ତୁ। ତାହା କଲେ ସେ ଆନନ୍ଦିତ ହେବେ।

୪୦ । ତାଙ୍କର ଅଣ୍ଟାସୂତା ରୂପରେ ଭକ୍ତିର ପଟି ପିନ୍ଧାଇ ଦିଅନ୍ତୁ, ଅଶୁଭ ଦୃଷ୍ଟି ଏଡ଼ାଇ ଦେବାପାଇଁ ଲୁଣ ଓ ଲେମ୍ବୁ ପ୍ରଭୃତି ଦିଅନ୍ତୁ। ତାଙ୍କର ଶରଣାଗତ ହୋଇ ଆରତି କରନ୍ତୁ।

୪୧ । ଯେ କୌଣସି ବସ୍ତୁ ବା କାର୍ଯ୍ୟର ବିଲୁପ୍ତିକରଣ ବା ବିଳୟ ତାହାର ସ୍ଥିତି ଉପରେ ନିର୍ଭର କରେ। ଗୋଟିଏ ମାଟିପାତ୍ରକୁ ପଥରରେ ବାଡ଼େଇ ଭାଂଗିଦିଆଗଲେ, ତାହାର ସ୍ୱରୂପ ରହିନଥାଏ।

୪୨ । ମାତ୍ର ସେହି ପାତ୍ରର ସ୍ଥିତିର କୌଣସି ଚିହ୍ନ ନାହିଁ ବୋଲି କହିହେବ ନାହିଁ। ସେହି ପାତ୍ରର ଖଣ୍ଡିତ ଅଂଶଗୁଡ଼ିକୁ ପୁନର୍ବାର ଯୋଡ଼ି ଦିଆଗଲେ, ସେ ତାହାର ପୂର୍ବରୂପକୁ ପୁଣି ଫେରି ପାଇବ।

୪୩ । ତେଣୁ ଯେଉଁ କାର୍ଯ୍ୟର ପ୍ରଭାବ ଧ୍ୱଂସ ହୋଇଗଲା ବୋଲି କୁହାଯାଏ, ତାହା କାରଣର ସ୍ଥାୟୀ ଅବସ୍ଥିତି ଉପରେ ପ୍ରକୃତରେ ନିର୍ଭର କରେ। ତେଣୁ କାହାରି ଶରୀର ଶେଷ ହୋଇଗଲେ ଶୂନ୍ୟତା ସୃଷ୍ଟି ହୁଏନାହିଁ ।

୪୪ । କୌଣସି କାର୍ଯ୍ୟ ବିନା କାରଣରେ ହୁଏ ନାହିଁ। ଯାହା ଅନୁଭବହୀନ ଥାଏ, ତାହା ଅନୁଭବଯୋଗ୍ୟ ବି ହୋଇଥାଏ, ଯେହେତୁ ତାହା ସତ୍ୟ ସହିତ ସର୍ବଦା ଜଡ଼ିତ ହୋଇଥାଏ। ଏହା ଅନୁଭୂତି ସାହାଯ୍ୟରେ ଭଲଭାବରେ ଜଣାପଡ଼ିଥାଏ।

୪୫ । କାରଣ ଓ କାର୍ଯ୍ୟର ସମ୍ପର୍କ, ସୂକ୍ଷ୍ମତାର ନିମ୍ନତମ ଓ ଅଧିକତମ ମାତ୍ରାକୁ ଦର୍ଶାଇଥାଏ। ଏଭଳି ଅବସ୍ଥାରେ ସ୍ଥୂଳ କାର୍ଯ୍ୟ ନଷ୍ଟ ହୋଇଯାଏ ଓ ସୂକ୍ଷ୍ମ କାରଣ ପ୍ରକୃତରେ ବିଦ୍ୟମାନ ଥାଏ ।

୪୬ । ତାହା ମଧ୍ୟ ବିନଷ୍ଟ ହୋଇଗଲେ ଆହୁରି ଅଧିକ ସୂକ୍ଷ୍ମ ବୋଧଶକ୍ତି ରହିଥାଏ ଓ ତାହା ସମସ୍ତ ଇନ୍ଦ୍ରିୟ, ମନ ଓ ବୁଦ୍ଧିକୁ ଅନୁଭବ କରିଥାଏ।

୪୭ । ସଂକ୍ଷେପରେ କହିଲେ, ଯେଉଁଠାରେ ବୁଦ୍ଧିର ପରିସମାପ୍ତି ଘଟିଥାଏ, ସେଠାରେ ନିର୍ଦ୍ଦିଷ୍ଟ ମୂର୍ତ୍ତରୂପ ବିମୂର୍ତ୍ତ ହୋଇଯାଏ । ତା' ସତ୍ତ୍ୱେ କାରଣର ଅବସ୍ଥିତି ଯାହା ବିମୂର୍ତ୍ତ ତାହାକୁ ଘୋଡ଼ାଇ ହୁଏ ନାହିଁ, ଯେହେତୁ ଅସ୍ତିତ୍ୱ ସବୁଠାରେ ଜାଜ୍ୱଲ୍ୟମାନ ହୋଇଥାଏ।

୪୮ । ବୁଦ୍ଧି ଇଚ୍ଛାକୁ ବଳ ଯୋଗାଇଥାଏ। ତେଣୁ ବୁଦ୍ଧିର ବିଲୁପ୍ତି ମାତ୍ରକେ ଆତ୍ମା ଆବିର୍ଭୂତ ହୁଏ ଓ ଅକ୍ଷୟ ଅବସ୍ଥା ପାଦତଳକୁ ଆସିଯାଏ।

୪୯ । ଅଜ୍ଞତା, ମାୟା, ମୋହ, ଇଚ୍ଛା ଓ କର୍ମ ହେଉଛି ପ୍ରକୃତରେ ମୃତ୍ୟୁର ପ୍ରଧାନ ଲକ୍ଷଣ। ଏଗୁଡ଼ିକ ଲାଘବ ହୋଇଗଲେ ବନ୍ଧନ ଶେଷ ହୋଇଯାଏ।

୫୦ । ସମସ୍ତ ବନ୍ଧନ ନଷ୍ଟ ହୋଇଗଲେ, ଆତ୍ମା ଅନାୟାସରେ ମୂର୍ତ୍ତିମନ୍ତ ହୋଇଉଠେ ଠିକ୍ ଯେପରି ମେଘମାଳା ଅପସରି ଗଲେ ସ୍ୱୟଂ ଜାଜ୍ୱଲ୍ୟମାନ ସୂର୍ଯ୍ୟ ଆତ୍ମପ୍ରକାଶ କରେ ଓ ଦୀପ୍ତିମାନ ହୁଏ ।

୫୧ । 'ଏ ଶରୀର ମୋର, ଏହା ମୋର ସମ୍ପଦ'। ଏହା ହେଉଛି ପ୍ରବଳ ଅହଂକାର। ଏହି ଗ୍ରନ୍ଥି ଦ୍ୱାରା ମାୟା ଆମ ହୃଦୟକୁ ବାନ୍ଧିଦେଇଥାଏ ଓ ତାହାହିଁ ଆମର ସମସ୍ତ ଦୁଃଖର କାରଣ ହୋଇଥାଏ।

୫୨ । ଶରୀରର ମୃତ୍ୟୁ ହେଲେ କର୍ମ ବଳରେ ଅନ୍ୟ ଗୋଟିଏ ଶରୀର ଗ୍ରହଣ କରିବାକୁ ପଡ଼େ ସେହି କର୍ମର ବୀଜମୂଳକୁ ଧ୍ୱଂସ କରିବାପାଇଁ । କିନ୍ତୁ ତାହାକୁ ଧ୍ୱଂସ କରିନପାରିଲେ ଅନ୍ୟ ଗୋଟିଏ ଜନ୍ମ ନେବାକୁ ପଡ଼ିଥାଏ।

୫୩। ପୁନରାୟ ବୀଜ ବଢ଼ି ବଢ଼ି ବୃକ୍ଷରେ ପରିଣତ ହୁଏ। ବାସନାରୂପକ ବୀଜ ନିମିତ୍ତ ଶରୀର ଧାରଣ କରାଯାଏ। ଏଣୁ ସମସ୍ତ ବାସନା ଲୁପ୍ତ ହେବା ପର୍ଯ୍ୟନ୍ତ ଏହି ଚକ୍ର ନିରନ୍ତର ଚାଲେ।

୫୪। କାମନାବାସନାର ମୂଳୋତ୍ପାଟନ କରାଗଲେ ହୃଦୟର ଗ୍ରନ୍ଥି ଖୋଲିଯାଏ। ଏଭଳି ବ୍ୟକ୍ତି ଅମର ହୁଏ। ବେଦରୁ ଏହି ଶିକ୍ଷା ମିଳେ ।

୫୫। ଯେଉଁ ଅବସ୍ଥାରେ ଜଣେ ସତ୍ ବା ଅସତ୍ ଆଚରଣକୁ ଶାସ୍ତ୍ରରେ କୁହାଯାଇଥିବା ପ୍ରକାରରେ ଅତିକ୍ରମ କରିଯାଏ, ତାହାକୁ 'ବିରଜା' ବା ଶୁଦ୍ଧ ଅବସ୍ଥା କୁହାଯାଏ ଓ ଏହା ସମସ୍ତ ପ୍ରକାରର ଅଜ୍ଞତାମୂଳକୁ ନାଶ କରିଦିଏ ଏବଂ ସେଠାରେ ମୃତ୍ୟୁର ସ୍ଥାନ ନଥାଏ।

୫୬। ବାସନାରୁ ମୁକ୍ତି ପାଇଲେ ବ୍ରହ୍ମାନନ୍ଦ ସହିତ ମିଳନ ହୁଏ, ଯାହାକୁ ଲିଖିତ କିମ୍ବା କଥିତ ଶବ୍ଦରେ ପ୍ରକାଶ କରାଯାଇ ପାରିବନାହିଁ।

୫୭। ପରଂବ୍ରହ୍ମଙ୍କ ସମ୍ପର୍କରେ ପୂର୍ଣ୍ଣଜ୍ଞାନ ଲାଭ କଲେ ସମସ୍ତ ଅମଙ୍ଗଳର ବିଲୋପ ସାଧିତ ହୋଇଥାଏ। ତାହାହିଁ ପରମପ୍ରାପ୍ତି ବୋଲି ଶ୍ରୁତି ଓ ସ୍ମୃତିରେ କୁହାଯାଇଅଛି।

୫୮। "ବ୍ରହ୍ମଜ୍ଞାନ ଓ ବ୍ରହ୍ମ ଅନୁଭବ ହିଁ ପରମ ପ୍ରାପ୍ତି।" ଏହା ବ୍ରହ୍ମାନନ୍ଦର ସର୍ବୋଚ୍ଚ ଅବସ୍ଥା। ଏହାଠାରୁ ଆଉ ଅଧିକ ଶ୍ରେଷ୍ଠତ୍ୱ କ'ଣ ଅଛି ? "ଆତ୍ମାର ସମସ୍ତ ଦୁଃଖଶୋକ ଅତିକ୍ରାନ୍ତ ହୋଇଥାଏ।"

୫୯। ସଂସାର ସାଗରକୁ ସମ୍ପୂର୍ଣ୍ଣ ରୂପେ ଅତିକ୍ରମ କରି ଅପରପାର୍ଶ୍ୱରେ ପହଂଚିବା ପାଇଁ ଓ ସମସ୍ତ ପ୍ରାପ୍ତିପାଇଁ ବ୍ରହ୍ମଜ୍ଞାନ ହେଉଛି ସର୍ବଶ୍ରେଷ୍ଠ ଓ ଅତ୍ୟାବଶ୍ୟକ ଉପାୟ।

୬୦। ସଂପୂର୍ଣ୍ଣ ବିଶ୍ୱାସ ରଖନ୍ତୁ ଓ ଅସୀମ ଧୈର୍ଯ୍ୟ ଧରନ୍ତୁ। ତାହା ହେଉଛି ଉମା ଓ ମହେଶ୍ୱରଙ୍କର ମୂର୍ତ୍ତିମନ୍ତ ରୂପ। ଯେଉଁ ପ୍ରଭୁ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ, ସେ ତୁମ ମସ୍ତକରେ କରୁଣାହସ୍ତ ସ୍ଥାପନ ନକରିବା ପର୍ଯ୍ୟନ୍ତ ସେ ତୁମ ହୃଦୟରେ ଦୃଶ୍ୟ ହେବେ ନାହିଁ।

୬୧। ପରମ ସଦ୍‌ଗୁରୁ ଶ୍ରୀସାଇନାଥଙ୍କ ବାକ୍ୟରେ ଅଟଳ ଶକ୍ତି ଭରି ରହିଥିଲା । ସେ ଥରେ କହିଥିଲେ, "କେବଳ ବିଶ୍ୱାସ ଓ କିଛି ସାହସ ଥିଲେ ତୁମେ ସର୍ବାଧିକ ଯଶସ୍ୱୀ ହେବ ।"

୬୨। ଜଗତରେ ଯାହା କିଛି ଦୃଶ୍ୟ, ସେ ସମସ୍ତ ମିଥ୍ୟା। ଏହି କଥାକୁ ଗ୍ରହଣ କରିବାକୁ ହେବ । ଦୃଷ୍ଟାନ୍ତ ସ୍ୱରୂପ, ସ୍ୱପ୍ନରେ ଦେଖିଥିବା ସମସ୍ତ ବସ୍ତୁ ଜାଗ୍ରତ ଅବସ୍ଥାକୁ ଆସିଗଲେ ପୂରା ଉଭେଇ ଯାଇଥାଏ।

୬୩। ବୁଦ୍ଧି ଥିବା ପର୍ଯ୍ୟନ୍ତ ବ୍ୟକ୍ତିଗତ ଆତ୍ମାର ଆଚରଣ ରହିଥାଏ। ଯେଉଁଠାରେ ସ୍ଥିତି ଓ ଅସ୍ଥିତିର ପ୍ରଶ୍ନ ନଥାଏ, ତାହାହିଁ ପ୍ରକୃତରେ ସତ୍ୟ ଅବସ୍ଥା ବା ପରମାତ୍ମା ।

୬୪। ଯାହା ସତ୍ କ'ଣ ଓ ଅସତ୍ କ'ଣ ଜାଣିପାରିବାର ଶକ୍ତିରୁ ବଂଚିତ, ଲିଙ୍ଗଭେଦ ସଂପର୍କରେ ଧାରଣା କରିବାରୁ ବଞ୍ଚିତ ଓ ସମସ୍ତ ଗୁଣାଗୁଣ ବିବର୍ଜିତ, ତାହା ଗୁରୁଙ୍କର ବିଭିନ୍ନ ବାଣୀ ଆକାରରେ ପ୍ରକାଶିତ ସର୍ବବ୍ୟାପୀ ପ୍ରକୃତିର ନିଦର୍ଶନ।

୬୫। ଆତ୍ମାର କୌଣସି ଗୁଣ ନାହିଁ। ଏହା ବାର୍ଦ୍ଧକ୍ୟ ତଥା ଜନ୍ମ ଓ ମୃତ୍ୟୁଠାରୁ ଊର୍ଦ୍ଧ୍ୱରେ। ଏହା ସନାତନ ଓ ଚିରନ୍ତନ। ଏହାର କ୍ଷୟ ନାହିଁ କି ବିନାଶ ନାହିଁ।

୬୬। ଏହା ଅନନ୍ତ, ଅଜନ୍ମା, ସନାତନ, ଆକାଶ ଭଳି ପରିବ୍ୟାପ୍ତ, ଅସୀମ, ଅବିଭାଜ୍ୟ, ହ୍ରାସ-ବୃଦ୍ଧିନାସ୍ତି ଓ ଅପରିବର୍ତ୍ତନୀୟ।

୬୭। ଯିଏ ନିରାକାର, ଯାହାର ଆଦି ନାହିଁ କି ଅନ୍ତ ନାହିଁ,

ଯିଏ ଅମାପ, ଅକ୍ଷୟ, ଗନ୍ଧହୀନ, ସ୍ୱାଦହୀନ ଓ ନିଷ୍କଳଙ୍କ, ଯାହା ଭାଷାରେ ପ୍ରକାଶ କରିବାର ବାହାରେ, ତାହାକୁ କିଏ ଅବା ବର୍ଣ୍ଣନା କରିପାରିବ ?

୬୮ । ତେଣୁ ଏହି ନିର୍ଗୁଣ ଓ ଅଦୃଶ୍ୟ ଆତ୍ମାକୁ ଅଜ୍ଞତା ଯୋଗୁଁ ଜାଣିହୁଏ ନାହିଁ। ଏହି ଅଜ୍ଞତାକୁ ଜ୍ଞାନ ଦ୍ୱାରା ଦୂର କରିଦିଅନ୍ତୁ। କିନ୍ତୁ କେତେବେଳେ ହେଲେ ଆତ୍ମାର ସ୍ଥିତି ନାହିଁ ବୋଲି କହନ୍ତୁ ନାହିଁ।

୬୯ । ଶ୍ରୀସାଇଙ୍କର ଆତ୍ମଜ୍ଞାନ ଅବସ୍ଥା ହିଁ ତାଙ୍କର ବ୍ୟକ୍ତିଗତ ମହତ୍ୱ ଥିଲା ଓ ସେହି ନିଜସ୍ୱ ଆତ୍ମିକ ସମ୍ପଦ କେତେ ବିସ୍ମୟକର ଥିଲା ! ସମୟ ତାହାକୁ ଲୁଟି ନେଇ ଯାଇଛି। ତାହା ଆଉ ଦେଖି ହେବ କି ?

୭୦ । ଯେଉଁ ଭକ୍ତମାନେ ଧନଦୌଲତ, ଜାୟା, ପୁତ୍ରକନ୍ୟା ଇତ୍ୟାଦି ପ୍ରତି ଆସକ୍ତ, ସେମାନଙ୍କ ସମ୍ବନ୍ଧରେ ମୁଣ୍ଡ ଖେଳାଇ ଲାଭ ନାହିଁ। ଏପରିକି ବନ୍ଧନମୁକ୍ତ ଶ୍ରେଷ୍ଠ ଯୋଗୀମାନେ ମଧ୍ୟ ତାଙ୍କୁ ଦର୍ଶନ କରିବାକୁ ଶିରିଡ଼ି ଆସୁଥିଲେ ଓ ତାଙ୍କର ପାଦପଦ୍ମରେ ଗଭୀର ଭାବରେ ନିମଜ୍ଜିତ ହେଉଥିଲେ ।

୭୧ । ଯେଉଁ ଭକ୍ତ ସଂସାର ମଧ୍ୟରେ ରହିଥିଲେ ମଧ୍ୟ ସମସ୍ତ କର୍ମବନ୍ଧନ ଓ ଇଚ୍ଛାରୁ ମୁକ୍ତ ହୋଇ, ଶରୀର ଏବଂ ଗୃହ କର୍ମରେ ନିର୍ଲିପ୍ତ ରହିଥାନ୍ତି, ସେ ଅତିଶୟ ଧନ୍ୟ।

୭୨ । ଶ୍ରୀସାଇ ଯାହାଙ୍କ ଦୃଷ୍ଟିପଥର ଲକ୍ଷ୍ୟ, ସେ କ'ଣ ଅନ୍ୟ କିଛି ଦେଖିପାରିବ ? ସେ ଯେଉଁଠାକୁ ଚାହେଁ, ସେଠାରେ ସାଇବିହୀନ ସ୍ଥାନ ଦେଖିପାରେ ନାହିଁ।

୭୩। ଯିଏ ସାଇଙ୍କର ନାମ ଜପ କରେ ଓ ହୃଦୟରେ ଶ୍ରୀସାଇଙ୍କ ପ୍ରତି ଶ୍ରଦ୍ଧା ରଖିଥାଏ, ତା'ର ସୁଖଶାନ୍ତି ସର୍ବଦା ସୁନିଶ୍ଚିତ ହୋଇଥାଏ। ଶ୍ରୀସାଇ ନିଜେ ତାକୁ ରକ୍ଷା କରିଥାନ୍ତି।

୭୪। ଯିଏ କେବଳ ଶ୍ରୀସାଇଙ୍କ ସମ୍ବନ୍ଧରେ ଶୁଣେ, ଶ୍ରୀସାଇଙ୍କ ବ୍ୟତୀତ ଅନ୍ୟ କିଛି କୁହେ ନାହିଁ, ଶ୍ରୀସାଇଙ୍କର ଗନ୍ଧ କେବଳ ଆଘ୍ରାଣ କରୁଥାଏ ଓ ଶ୍ରୀସାଇଙ୍କ ନାମ ରସକୁ ଜିହ୍ୱା ଦ୍ୱାରା ଆସ୍ୱାଦନ କରୁଥାଏ, ସେ ସେଇଭଳି ରକ୍ଷା ପାଇଥାଏ।

୭୫। ଶ୍ରୀସାଇଙ୍କର ହସହସ ମୁହଁ କେତେ ଚମତ୍କାର, ଯାହା ବିମଳ ଆନନ୍ଦ ପ୍ରଦାନ କରିଥାଏ। ଯିଏ ତାଙ୍କୁ ଥରେ ଦେଖିଛି ଓ ତାଙ୍କ କଥାମୃତକୁ ଆସ୍ୱାଦନ କରିଛି, ସେ ଭାଗ୍ୟବାନ ଓ ଧନ୍ୟ !

୭୬। ସେ ଆତ୍ମମାନଙ୍କର ମଙ୍ଗଳର ଭଣ୍ଡାର, ଶାନ୍ତି ଓ ଆନନ୍ଦର ଉତ୍ସ। ସେ ସମ୍ପୂର୍ଣ୍ଣ ଭାବରେ ଭେଦାଭେଦ ବିଚାର ଓ ଆସକ୍ତିରୁ ମୁକ୍ତ ଥିଲେ ତଥା ଅନ୍ତର ମଧ୍ୟରେ ସଦା ଜାଗ୍ରତ ରହୁଥିଲେ।

୭୭। ବାଛୁରୀର ପେଟ ମା' କ୍ଷୀର ଦ୍ୱାରା ପୂର୍ଣ୍ଣ ହୋଇଯାଇଥିଲେ ମଧ୍ୟ ସେ ତା'ର ମା'ର ପାଖ ଛାଡ଼ୁ ନ ଥିବା ଭଳି ମନକୁ ଗୁରୁଙ୍କର ପାଦ ସହିତ ବାନ୍ଧି ଦିଅନ୍ତୁ।

୭୮। ଗୁରୁଙ୍କର କୃପା ଓ ସ୍ନେହ ପାଇବା ନିମନ୍ତେ ତାଙ୍କର ପଦ୍ମପାଦ ଧୂଳିରେ ନତମସ୍ତକ ହୁଅନ୍ତୁ। ତାଙ୍କର ଉପଦେଶକୁ ମନେ ରଖନ୍ତୁ ଓ ପ୍ରତି ପଦକ୍ଷେପରେ ତାହା ଅନୁଭବ କରନ୍ତୁ ।

୭୯ । ନିଜର ହୃଦୟଭରି ଭୋଗ-ଉପଭୋଗରେ ବ୍ୟାପୃତ ରହିଥିବା ସମୟରେ ମନ ଭିତରେ ଶ୍ରୀସାଇଙ୍କ ପ୍ରତି ଶ୍ରଦ୍ଧା ରଖିଥାନ୍ତୁ । କାରଣ, ଶେଷରେ ସେଇହିଁ ପାର୍ଥିବ ହିତ ତଥା ଆଧାତ୍ମିକ ଲକ୍ଷ୍ୟସାଧନ କରିବାରେ ସହାୟକ ହେବେ ।

୮୦। ଗୁଣିଗାରେଡ଼ିରେ ଦକ୍ଷ ଗୁଣିଆଠାରୁ କଜ୍ଜ୍ୱଳ ନେଇ ପିନ୍ଧିଲେ ମାଟି ତଳେ ପୋତା ଯାଇଥିବା ଧନର ସନ୍ଧାନ, ପ୍ରଥମେ ପାଦ ବାହାର କରି ଭୂମିଷ୍ଠ ହୋଇଥିବା ମାନବକୁ ଦୃଶ୍ୟ ହୋଇଥାଏ। ସେହିଭଳି ଗୁରୁଙ୍କ ପାଦଧୂଳି ଆଧାତ୍ମିକ ତଥା ବୈଜ୍ଞାନିକ ଜ୍ଞାନ ପ୍ରଦାନ କରିଥାଏ।

୮୧ । ସିଦ୍ଧଙ୍କର ଯାହା ଯାହା ଗୁଣଥିବ, ତାହା ଶିଷ୍ୟ ପାଇଁ ଦୀର୍ଘ କାଳ ଅଭ୍ୟାସ ଓ ଅନୁଶୀଳନ ଜରିଆରେ ଶିଖିବାର ଉପାୟ ହେବା ଉଚିତ୍ ।

୮୨ । ଘିଅ ଦୁଧରୁ ତିଆରି ହୋଇଥାଏ। କିନ୍ତୁ ଦୁଧକୁ ଖଟାଳିଆ ନ କଲେ ସେଥିରୁ ଦହି ପ୍ରସ୍ତୁତ ହେବ ନାହିଁ କିମ୍ବା ଘିଅ ମିଳି ପାରିବ ନାହିଁ। ତାହାର କାରଣ ହେଉଛି, ଏ ସମସ୍ତ ଦ୍ରବ୍ୟର ପ୍ରାପ୍ତି କିଛି ନିର୍ଦ୍ଦିଷ୍ଟ କର୍ମ ସଂପାଦନ କରିବା ଉପରେ ନିର୍ଭର କରିଥାଏ।

୮୩। ଦହିକୁ ମନ୍ଥନ ନକଲେ ଲହୁଣୀ ମିଳିପାରିବ ନାହିଁ। ଲହୁଣୀକୁ ନିଆଁରେ ଉତ୍ତପ୍ତ ନ କଲେ ସ୍ୱାଦିଷ୍ଟ ଘିଅ ମିଳି ପାରିବ ନାହିଁ।

୮୪। ପୂର୍ବେ କରାଯାଇଥିବା କାର୍ଯ୍ୟରୁ ଲବ୍ଧ ଧାରଣା, ଅଭିଜ୍ଞତା ଓ ବୁଦ୍ଧିର ବଳ ଏଠାରେ ପ୍ରୟୋଜନ ହୋଇଥାଏ । ବିନା ଅଧ୍ୟୟନରେ ମନ ନିର୍ମଳ ହେବ ନାହିଁ ଓ ତାହା ନ ହେଲେ

ଆଧ୍ୟାତ୍ମିକ ଜ୍ଞାନ ଆହରଣ ପ୍ରକୃତରେ କରିହେବ ନାହିଁ।

୮୫। ମନ ନିର୍ମଳ ରହିଥିବା ଆବଶ୍ୟକ। ତାହା ପରେ ହିଁ ଆତ୍ମୋପଲବ୍ଧି ପ୍ରାପ୍ତ କରିହେବ। ସେଭଳି ଅବସ୍ଥା ପ୍ରାପ୍ତ ନ ହେବା ପର୍ଯ୍ୟନ୍ତ ଭଗବାନଙ୍କ ପ୍ରତି ଭକ୍ତି ତ୍ୟାଗ କର ନାହିଁ।

୮୬। ଆତ୍ମୋପଲବ୍ଧିର ମନ୍ଦିର ନିର୍ମାଣ ପାଇଁ ଭଗବାନଙ୍କୁ ଭକ୍ତି କରିବାର ମୂଳଦୁଆ ପକାଯିବା ଉଚିତ। ସେଥିରେ ମୁକ୍ତିର ଚାରୋଟି ଚୂଡ଼ା ଉଜ୍ଜ୍ୱଳ ହୋଇ ଉଠିବା ସହିତ ସନ୍ନ୍ୟାସର ଧ୍ୱଜା ଉଡୁଥିବା ଆବଶ୍ୟକ।

୮୭। କୁକୁର ଓ ଘୁଷୁରୀଗୁଡ଼ିକ ରାତିଦିନ ଘୂରି ବୁଲୁଥାନ୍ତି ଓ ମଳ ଭକ୍ଷଣ କରୁଥାନ୍ତି। ସେମାନେ ଇନ୍ଦ୍ରିୟ ସୁଖ ଭୋଗ କରୁଥାନ୍ତି। ମନୁଷ୍ୟଙ୍କ କ୍ଷେତ୍ରରେ ମଧ୍ୟ ସେୟା ହେବା ଉଚିତ କି ?

୮୮। ମନୁଷ୍ୟ ପ୍ରାୟଶ୍ଚିତ କରି ମନକୁ ନିର୍ମଳ କରିଦେବା ଉଚିତ, ଯାହାଦ୍ୱାରା ପରଂବ୍ରହ୍ମଙ୍କୁ ପୂର୍ଣ୍ଣ ଭାବରେ ପ୍ରାପ୍ତ କରିହେବ। ଏଭଳି ଆଚରଣ ଧର୍ମଶାସ୍ତ୍ରାନୁଯାୟୀ ପ୍ରଥମରୁ କରାଯିବା ଉଚିତ।

୮୯। ସନ୍ନ୍ୟାସୀମାନଙ୍କୁ ସେବା କରାଗଲେ ମୋକ୍ଷପ୍ରାପ୍ତି ପାଇଁ ଆଶ୍ରୟସ୍ଥଳ ମିଳିଥାଏ, ଅଥଚ ଯୌନକ୍ରିୟାରେ ଲିପ୍ତ ହେଲେ ନର୍କକୁ ରାସ୍ତା ଫିଟିଯାଏ। ଏହି କଥା ବହୁ ମାନ୍ୟଗଣ୍ୟ ବୟୋଜ୍ୟେଷ୍ଠ କହିଛନ୍ତି, ଯାହା ସବୁବେଳେ ମନେ ରଖିବା ଆବଶ୍ୟକ।

୯୦। ଯାହାଙ୍କର ଆଚରଣ ସର୍ବଦା ସଠିକ୍ ଓ ଉତ୍ତମ, ଯିଏ କେବଳ ଶରୀର ରକ୍ଷା ନିମିତ୍ତ ଯେତିକି ଆବଶ୍ୟକ, ଠିକ୍ ସେତିକି ଭୋଜନ କରିଥାନ୍ତି ଓ ଗୃହ, ପରିବାର କିମ୍ବା ପତ୍ନୀଙ୍କ ପ୍ରତି ଆସକ୍ତ ନ ଥାନ୍ତି, ସେହିଭଳି ବ୍ୟକ୍ତି ସାଧୁ ଓ ଧନ୍ୟ।

୯୧। ଯେଉଁମାନେ ସବୁବେଳେ ଶ୍ରୀସାଇଙ୍କୁ ଧ୍ୟାନ କରୁଥାନ୍ତି (ଚକ୍ଷୁ ନବୁଜି), ଶ୍ରୀସାଇ ସେମାନଙ୍କ ପ୍ରତି ଅନୁଗ୍ରହଶୀଳ ହୋଇ ସେମାନଙ୍କ ବିଷୟରେ ଚିନ୍ତା କରିଥାନ୍ତି-ଏଭଳି ବିସ୍ମୟକର ଅନୁଭୂତିକୁ ଅନୁଭବ କରନ୍ତୁ !

୯୨। ପ୍ରଭୁଙ୍କ ନାମ ଜପ କରୁଥିବା ମହାତ୍ମାମାନେ ଧନ୍ୟ। ସେ କ୍ଷେତ୍ରରେ ଗୁରୁ ଶିଷ୍ୟମାନଙ୍କୁ ମନେ ପକାଇଥାନ୍ତି। ଧ୍ୟାନକାରୀ ଓ ସଂପୂର୍ଣ୍ଣରୂପେ ଧ୍ୟେୟ ପରସ୍ପରକୁ ଭୁଲିଯାଇ ଏକ ହୋଇଯାଇଥାନ୍ତି।

୯୩। "ତୁମେ ତୁମର କର୍ମ ପାଇଁ ଦାୟୀ। ମୁଁ ସବୁବେଳେ ତୁମ ହୃଦୟରେ ବସି ରହିଛି।" ଅନେକ ବ୍ୟକ୍ତି ବାବାଙ୍କର ଏହି ମଧୁରବାଣୀକୁ ଶୁଣିଛନ୍ତି ଓ ମନେ ରଖିଛନ୍ତି।

୯୪। ଆମର ଗୁଡ଼ାଏ ଧର୍ମଗ୍ରନ୍ଥ ଲୋଡ଼ା ନାହିଁ। ଶ୍ରୀସାଇଙ୍କ ସମ୍ୱନ୍ଧରେ ଏହି ଗୋଟିଏ ଧର୍ମପୁସ୍ତକ ହିଁ ଯଥେଷ୍ଟ। ଯେତେ ପାପ କରିଥିଲେ ମଧ୍ୟ ସେ ସମସ୍ତ ଆପଦବିପଦରେ ଆମର ରକ୍ଷାକର୍ତ୍ତା।

୯୫। ଯଦି ନିରନ୍ତର ଭାବରେ ଏହି ପୁସ୍ତକକୁ ସମ୍ପୂର୍ଣ୍ଣ ଭାବରେ ପାଠ କରି ନ ହେବ, ତେବେ ଗୁରୁଭକ୍ତି ସମ୍ପର୍କୀୟ ଅଧ୍ୟାୟଗୁଡ଼ିକୁ ଏକାଗ୍ରତା ସହକାରେ ହୃଦୟ ଭରି ପାଠ କରନ୍ତୁ। ନିୟମ କରି ପ୍ରତିଦିନ ତାହା ଶୁଣନ୍ତୁ।

୯୬। ଦିନର ଯେକୌଣସି ସମୟରେ ଏହି ଜୀବନୀକୁ ନିୟମିତ ପଢ଼ନ୍ତୁ। ଶ୍ରୀହରି ତୁମର ଗୁରୁରାଜଙ୍କ ସାଙ୍ଗରେ ମିଶି ନିଶ୍ଚିତ ଭାବରେ ତାଙ୍କ ଭକ୍ତଙ୍କୁ ଦର୍ଶନ ଦେବେ।

୯୭। ଯେଉଁ ଗୃହରେ ଏହା ପ୍ରତିଦିନ ପାଠ କରାଯାଏ, ସେଠାରେ ଦେବୀ ମହାଲକ୍ଷ୍ମୀ ସ୍ଥାୟୀ ଭାବରେ ରହିଥାନ୍ତି। ଅନ୍ତତଃ, ଗୋଟିଏ ସପ୍ତାହରେ ଏହି ପୁସ୍ତକର ସଂପୂର୍ଣ୍ଣ ପାରାୟଣ କରାଗଲେ ଦାରିଦ୍ର୍ୟ ଓ ଦୁଃଖ ଦୂର ହୋଇଯିବ।

୯୮। ଭାବନ୍ତୁ ନାହିଁ ଯେ ସନ୍ଦେହ ସୃଷ୍ଟି ହେବା କାରଣରୁ ମୁଁ ଏସବୁ କଥା କହୁଛି। ଶ୍ରୀସାଇ ନିଜେ ମୋର ବାକ୍‌ଶକ୍ତି ଦ୍ୱାରା ଏସବୁ କୁହାଉଛନ୍ତି। ଗୋଳମାଳିଆ କଳ୍ପନାଜଳ୍ପନା ତ୍ୟାଗ କରନ୍ତୁ।

୯୯। ଶ୍ରୀସାଇ ସମସ୍ତ ଗୁଣର ଗନ୍ତାଘର ଓ ଭକ୍ତମାନଙ୍କର ମୋକ୍ଷଦାତା। ତାଙ୍କର କାହାଣୀ କଳିଯୁଗର ସମସ୍ତ ପାପକ୍ଷୟ କରେ। ଶ୍ରୋତାମାନେ ତାହା ନିଶ୍ଚୟ ଶୁଣନ୍ତୁ।

୧୦୦। ସ୍ୱର୍ଗର ଆନନ୍ଦ ଏଭଳି ଜଣେ ସନ୍ଥଙ୍କର କାହାଣୀ ତୁଳନାରେ ନିହାତି ତୁଚ୍ଛ। ତୁରନ୍ତ ହିତକର ଏହି ସତ୍ୟ କାହାଣୀ ଶୁଣିବା ଛାଡ଼ି ଦେଇ କିଏ ଅବା ମୁଣ୍ଡ ଟେକି ସେ ଆଡ଼କୁ ଅନାଇବାକୁ କେବେ ଚାହିଁବ କି ?

୧୦୧। ସୁଖ ଓ ଦୁଃଖ ହେଉଛି ମନର ଅବସ୍ଥା। ସନ୍ଥଙ୍କର ସଙ୍ଗ ସବୁବେଳେ ଅପରିବର୍ତ୍ତନୀୟ। ଏହା ମନକୁ ଚୈତନ୍ୟ ସହିତ ଏକ କରାଇଦିଏ ଓ ଦୁଃଖ କିମ୍ବା ସୁଖ ନିମିତ୍ତ ସ୍ଥାନ ରଖି ନ ଥାଏ।

୧୦୨। ଜଣେ ଅନାସକ୍ତ ବ୍ୟକ୍ତି ନିର୍ଜନରେ ବସି ଯେଉଁ

ଆନନ୍ଦ ଲାଭ କରିଥାଏ ବା ଜଣେ ଭକ୍ତ ଭକ୍ତିରେ ରହି ଯେଉଁ ଆନନ୍ଦ ପାଇଥାଏ, ସେହି ଆନନ୍ଦ ଏପରିକି ଇନ୍ଦ୍ରଦେବ କିମ୍ବା ଚକ୍ରବର୍ତ୍ତୀ ମଧ୍ୟ ଶେଷ ସମୟ ପର୍ଯ୍ୟନ୍ତ ଅନୁଭବ କରିନଥାନ୍ତି ।

୧୦୩। ଭାଗ୍ୟ ବହୁତ ଶକ୍ତିଶାଳୀ। ବୁଦ୍ଧିମାନ ବ୍ୟକ୍ତି ପୂର୍ବ ଜନ୍ମମାନଙ୍କର କର୍ମଫଳ ଉପରେ ନିର୍ଭର କରିଥାଏ, କିନ୍ତୁ ଜଣେ ଭକ୍ତ ସନ୍ଥଙ୍କର ଅନୁଗ୍ରହରେ ଭାଗ୍ୟଫଳକୁ ସହଜରେ ଏଡ଼ାଇ ଦେଇପାରିଥାଏ।

୧୦୪। ତୁମେ ଅକ୍ଳାନ୍ତ ଚେଷ୍ଟା କଲେ ମଧ୍ୟ କର୍ମର ଫଳ ଭୋଗକୁ ଏଡ଼ାଇ ଦେଇ ପାରିବ ନାହିଁ। ଯେଉଁ କର୍ମ ଫଳଧାରଣ କରିବାକୁ ଆରମ୍ଭ କରିଥାଏ, ତାହା ଅପରିହାର୍ଯ୍ୟ ସ୍ତରରେ ପହଞ୍ଚିଥାଏ ଓ ସେଥିରୁ ମୁକ୍ତ ହେବା ପ୍ରକୃତରେ ଅସମ୍ଭବ ହୋଇଥାଏ ।

୧୦୫। ସନ୍ଥମାନେ ଭାଗ୍ୟର ଫଳ ଅନୁଯାୟୀ ପରେ ମିଳିବାକୁ ଥିବା ଅବାଞ୍ଛିତ ଦୁଃଖକଷ୍ଟ ବା ଅନାବଶ୍ୟକ ଯନ୍ତ୍ରଣା ଓ ଅଚିନ୍ତନୀୟ ସୁଖଶାନ୍ତିକୁ ପୂର୍ବରୁ ଦେଖି ପାରିଥାନ୍ତି।

୧୦୬। ଶ୍ରୀସାଇଙ୍କର ନାମ ଅହରହ ଜପକରିବା ଆମର ପ୍ରାୟଶ୍ଚିତ, ପ୍ରତିଜ୍ଞା ଓ ଦାନଧର୍ମ। ମଝିରେ ମଝିରେ ଶିରିଡ଼ି ଆଗମନହିଁ ଆମର ଏକମାତ୍ର ତୀର୍ଥଯାତ୍ରା।

୧୦୭। 'ସାଇ, ସାଇ' ନାମକୁ ଆମେ ସ୍ମରଣ କରିବାକୁ ହେବ। ଏହା ସବୁ ଦେବତାଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ମନ୍ତ୍ର। ଏହା ଆମର ଧ୍ୟାନ ଓ ଏହା ହେଉଛି ଆମର ଜପ। ପୂର୍ଣ୍ଣ ପ୍ରାଣରେ ତାଙ୍କର ଶରଣାପନ୍ନ ଆମେ ହେବା ।

୧୦୮। ତାଙ୍କର ପ୍ରକୃତ ପୂଜା ହେଉଛି ଛଳନାହୀନ ଓ ପ୍ରେମମୟ ସମ୍ବନ୍ଧ। ତା'ପରେ ତାଙ୍କର ଅଚିନ୍ତନୀୟ ଉପସ୍ଥିତିକୁ ନିଜ ମଧ୍ୟରେ ଅନୁଭବ କରିହେବ।

୧୦୯। କଥାକୁ କଥା ଛନ୍ଦି ହୋଇ ଏହି ବର୍ଣ୍ଣନା ବହୁତ ଦୀର୍ଘ ହୋଇଗଲାଣି। ଏବେ କିଛି ମଧୁର କଥାର ପରିବେଷଣ ଆବଶ୍ୟକ। ପୂର୍ବରୁ ସୂଚିତ ହୋଇଥିବା ଚିତ୍ତାକର୍ଷକ କାହାଣୀ ଶୁଣିବାକୁ ସମସ୍ତେ ଉତ୍ସୁକ ହେଉଥିବେ।

୧୧୦। ମୋର ଶ୍ରୋତାମାନଙ୍କର ଏକାନ୍ତ ଆଗ୍ରହକୁ ଅନୁଭବ କରି ମୁଁ କାହାଣୀ ସମ୍ବନ୍ଧରେ ଦେଇଥିବା ପୂର୍ବ ସୂଚନା ଅନୁଯାୟୀ ଚମତ୍କାରିତା ସଜାଇରଖିଛି, ଯାହା ପୂରା ଧ୍ୟାନ ଦେଇ ଶୁଣିହେବ।

୧୧୧। ମୋ ଭଳି ଦୀନହୀନ, ମୋଟାବୁଦ୍ଧିଆ, କାବ୍ୟ ବ୍ୟାକରଣ ସମ୍ପର୍କରେ ଏକବାରେ ପ୍ରାଥମିକ ଜ୍ଞାନ ଜାଣି ନ ଥିବା ଜଣେ ଅଜ୍ଞର ହାତଧରି ଶ୍ରୀସାଇ ତାଙ୍କର ଇଚ୍ଛାନୁସାରେ ଏହା ଲେଖାଇ ନେଉଛନ୍ତି।

୧୧୨। ଶ୍ରୀସାଇ ମୋତେ ବୁଦ୍ଧି ନ ଦେଲେ ମୁଁ ଏହି କାହାଣୀ ଲେଖିବାକୁ କିଏ ? ସେ ନିଜେ ତାଙ୍କର କାହାଣୀ କହୁଛନ୍ତି ଓ ସେ ନିଜେ ମଧ୍ୟ ଲେଖୁଛନ୍ତି।

୧୧୩। ଚାୱଡ଼ି, ରନ୍ଧାହାଣ୍ଡି ଓ ପ୍ରସାଦ ବିତରଣ ସମ୍ପର୍କରେ କହିବାର ପ୍ରତିଶ୍ରୁତି ପୂର୍ବରୁ ଦିଆଯାଇଛି । ଏବେ ସେଇ କାହାଣୀ କୁହାଯିବ। ସେହି ବର୍ଣ୍ଣନା ଶୁଣନ୍ତୁ।

୧୧୪। ମୁଁ ଅବଶ୍ୟ ଶ୍ରୋତାମାନଙ୍କୁ ଏଥିସହିତ ସମ୍ପର୍କିତ କିମ୍ବା ସେହିଭଳି ଅନ୍ୟ କୌଣସି କାହାଣୀ, ଯାହା ମୋର ମନେ ପଡ଼ିବ ତାକୁ ମଧ୍ୟ କହିବି। ଧ୍ୟାନ ସହକାରେ ସେସବୁ କାହାଣୀ ଶୁଣନ୍ତୁ।

୧୧୫। ଶ୍ରୀସାଇଙ୍କ ସମ୍ପର୍କରେ କାହାଣୀଗୁଡ଼ିକର ଚମତ୍କାରିତାକୁ ଧନ୍ୟ ! ଯେଉଁମାନେ ତାହାକୁ ଶୁଣୁଛନ୍ତି, ସେମାନେ ଧନ୍ୟ ଓ ସେମାନଙ୍କ ଉପରେ ପଡୁଥିବା ପ୍ରଭାବକୁ ଦୁଇଗୁଣ ଧନ୍ୟ। ତାହା ଉପରେ ଧ୍ୟାନ ରଖିଲେ ଜଣେ ନିଜର ପ୍ରକୃତ ଆତ୍ମାକୁ ଜାଣି ପାରିବ, ଯାହା ଫଳରେ ଶ୍ରୀସାଇଙ୍କ ଚରଣରେ ଆମର ଭକ୍ତି ବୃଦ୍ଧିପାଇବ।

୧୧୬। ଏବେ ପ୍ରଥମେ ଚାୱଡ଼ିର ବର୍ଣ୍ଣନା କରାଯିବ ଓ ତାହା ପରେ ଉତ୍ସବସମାରୋହର ଏକ ସାଧାରଣ ଚିତ୍ର ପ୍ରଦାନ କରାହେବ । ବାବା ଦିନେ ଛଡ଼ା ଦିନେ ଚାୱଡ଼ିରେ ଶୋଉଥିଲେ। ଏହା ଏକପ୍ରକାର ନିୟମରେ ପରିଣତ ହୋଇଥିଲା ।

୧୧୭। ବାବାଙ୍କର ଏହି ନିୟମିତ କାର୍ଯ୍ୟ, ଅର୍ଥାତ୍ ଗୋଟିଏ ରାତ୍ରି ମସ୍‌ଜିଦ୍‌ରେ ଶୋଉଥିବା ବେଳେ ପର ରାତ୍ରିଟି ଚାୱଡ଼ିରେ ଶୋଇବା ନିରନ୍ତରଭାବରେ ତାଙ୍କର ସମାଧି ପର୍ଯ୍ୟନ୍ତ ଚାଲିଥିଲା।

୧୧୮। ପରେ ୧୯୦୯ ମସିହା ଡିସେମ୍ବର ୧୦ ତାରିଖ ପରଠାରୁ ଚାୱଡ଼ିରେ ବାବାଙ୍କର ପୂଜାର୍ଚ୍ଚନା ଓ ଭଜନ ମଧ୍ୟ ଆରମ୍ଭ ହେଲା ।

୧୧୯। ମୋର ଯୋଗ୍ୟତା ଅନୁଯାୟୀ ମୁଁ ଚାୱଡ଼ି ଉତ୍ସବ ସମାରୋହ ସମ୍ବନ୍ଧରେ ବର୍ଣ୍ଣନା ଆରମ୍ଭ କରୁଛି। ଶ୍ରୀସାଇ

ମୋତେ ଅନୁଗ୍ରହ କରି ଉତ୍ସାହ ଦିଅନ୍ତୁ ଓ ପ୍ରଭୁ ମୋତେ ଏହାକୁ ସଂପୂର୍ଣ୍ଣ କରିବା ନିମନ୍ତେ ସାହାଯ୍ୟ କରିବେ।

୧୨୦। ଯେଉଁଦିନ ରାତ୍ରିରେ ବାବାଙ୍କର ଚାଓ୍ୱଡ଼ି ଯିବାର କାର୍ଯ୍ୟକ୍ରମ ରହୁଥିଲା, ଭଜନ ଦଳ ମସ୍‌ଜିଦ୍‌କୁ ସେଦିନ ଆସୁଥିଲେ। ମସ୍‌ଜିଦ୍ ଅଗଣାରେ କିଛି ଘଣ୍ଟା ଧରି ଭଜନ ବୋଲାଯାଉଥିଲା ।

୧୨୧। ତାହାର ପଛପଟରେ ସୁସଜ୍ଜିତ ରଥଟିଏ ରହୁଥିଲା। ତାହାର ଡାହାଣ ପାର୍ଶ୍ୱରେ ଛୋଟ ଚଉରାବେଦୀଟିଏ ଥିଲା ଓ ସେଥିରେ ତୁଳସୀ ଗଛ ଲଗାଯାଇଥିଲା। ସେଇ ଆଡ଼କୁ ମୁହଁ କରି ବାବା ନିଜେ ବସୁଥିଲେ ଓ ମଝିରେ ରହି ଗାୟକମାନେ ଭଜନ ବୋଲୁଥିଲେ।

୧୨୨। ମହିଳା ଓ ପୁରୁଷ ଭକ୍ତମାନେ, ଯେଉଁମାନଙ୍କର ଭକ୍ତି ସଙ୍ଗୀତ ପ୍ରତି ଗଭୀର ଶ୍ରଦ୍ଧା ସମ୍ମାନ ରହିଥିଲା, ସେମାନେ ଅଗଣାକୁ ଆଗରୁ ଆସି ଭଜନ ଶୁଣିବା ନିମିତ୍ତ ପ୍ରସ୍ତୁତ ହୋଇ ବସିଯାଉଥିଲେ ।

୧୨୩। ଭଜନର ତାନ ବିଭିନ୍ନ ବାଦ୍ୟଯନ୍ତ୍ରର ଶବ୍ଦ ତରଙ୍ଗରେ ଝଙ୍କୃତ ହେଉଥିଲା। ଭକ୍ତମାନେ ତାଳ[୧], ଦାସକାଠି[୨], ମୃଦଙ୍ଗ[୩], ଖଞ୍ଜଣି[୪], ଢୋଲ, ଘୋଳ[୫] ଇତ୍ୟାଦି ବାଦ୍ୟଯନ୍ତ୍ର ବଜାଉଥିବା ସମୟରେ କେହି କେହି ହାତରେ ତାଳି ବଜାଉଥିଲେ।

୧୨୪। ଶ୍ରୀସାଇ ସମର୍ଥ ଚୁମ୍ବକ ପଥର ଭଳି ନିଜର ଆକର୍ଷଣ ଶକ୍ତି ବଳରେ ଭକ୍ତମାନଙ୍କୁ ଲୁହା ଗୁଣ୍ଡ ପରି ସେମାନଙ୍କ ଅଜାଣତରେ ନିଜ ପାଦ ତଳକୁ ଟାଣି ଆଣୁଥିଲେ।

୧୨୫। ମଶାଲଧାରୀମାନେ ସେମାନଙ୍କର ମଶାଲ ସାହାଯ୍ୟରେ ଅଗଣାକୁ ଆଲୋକିତ କରୁଥିଲେ। କେତେଜଣ ପାଲିଙ୍କି ସଜାଉଥିଲେ। ଫାଟକ ନିକଟରେ ଲାଠିଧାରୀମାନେ ଠିଆହେଉଥିଲେ ଓ ବାରମ୍ବାର ଜୟଗାନ କରିବାକୁ ପ୍ରସ୍ତୁତ ହୋଇ ରହୁଥିଲେ।

୧୨୬। ରାସ୍ତାର ଛକମାନଙ୍କରେ ତୋରଣ, ଫୁଲମାଳ, ପତାକା ଇତ୍ୟାଦି ରହି ଶୋଭା ପାଉଥିଲା। ବଡ଼ ବଡ଼ ଧ୍ୱଜା ଉଚ୍ଚ ଆକାଶରେ ଉଡୁଥିଲା। ପିଲାମାନେ ନୂଆ ଲୁଗା ପିନ୍ଧୁଥିଲେ ଓ ନାନାଦି ଅଳଙ୍କାରରେ ସଜେଇ ହେଉଥିଲେ।

୧୨୭। ମସ୍‌ଜିଦ୍ ଚାରିପାଖରେ ଧାଡ଼ିକି ଧାଡ଼ି ମାଟିଦୀପ ଜଳୁଥିଲା ଓ ଆଲୋକିତ କରୁଥିଲା। ଅଗଣାର ଦ୍ୱାର ଦେଶରେ ଶ୍ୟାମକର୍ଣ୍ଣ ଘୋଡ଼ା ପୂର୍ଣ୍ଣ ଭାବରେ ସଜ୍ଜିତ ହୋଇ ଛିଡ଼ା ହେଉଥିଲା।

୧୨୮। ଏହାରି ମଧ୍ୟରେ ତାତ୍ୟା ପାଟିଲ ଦଳେ ଲୋକଙ୍କୁ ସାଙ୍ଗରେ ନେଇ ଆସୁଥିଲେ। ସେ ବାବାଙ୍କ ପାଖରେ ବସୁଥିଲେ ଓ ବାବାଙ୍କ ସହିତ ଯିବା ପାଇଁ ପୂର୍ଣ୍ଣ ରୂପେ ପ୍ରସ୍ତୁତ ରହୁଥିଲେ।

୧୨୯। ବାବା ପ୍ରସ୍ତୁତ ହୋଇ ସାରିଥିଲେ ମଧ୍ୟ ତାତ୍ୟା ନ ଆସିବା ପର୍ଯ୍ୟନ୍ତ ସେ ଅପେକ୍ଷା କରି ନିଜ ସ୍ଥାନରେ ବସି ରହୁଥିଲେ।

୧୩୦। ତାତ୍ୟା ବାବାଙ୍କ ବାହୁତଳେ ହାତ ପୂରାଇ ତାଙ୍କୁ ଛିଡ଼ା କରାଇବା ପରେ ବାବା ସେଠାରୁ ଚାଓ୍ୱଡ଼ିକୁ ଯିବା ନିମନ୍ତେ ବାହାରୁଥିଲେ।

୧୩୧। ତାତ୍ୟା ବାବାଙ୍କୁ ମାମୁଁ ବୋଲି ଡାକୁଥିଲେ। ସେମାନଙ୍କର ପରସ୍ପର ପ୍ରତି ସେହିଭଳି ସ୍ନେହ ଶ୍ରଦ୍ଧା ଆନ୍ତରିକ ଭାବରେ ରହିଥିଲା। ଏହାର ପଟାନ୍ତର ନ ଥିଲା।

୧୩୨। ସେ ତାଙ୍କର ସେହି କଫ୍‌ନୀ ପିନ୍ଧୁଥିଲେ ଓ ସଟ୍‌କା (ବାଡ଼ି)କୁ କାଖତଳେ ଜାକୁଥିଲେ। ସେ କାନ୍ଧରେ ଖଣ୍ଡିଏ ଲୁଗା ପକାଇ ଚିଲମ ଓ ତମାଖୁ ଧରୁଥିଲେ।

୧୩୩। ବାବା ଏହିଭଳି ପ୍ରସ୍ତୁତ ହୋଇଯିବା ପରେ ତାତ୍ୟା ତାଙ୍କ ଉପରେ ଜରିକାମକରା ସୁନ୍ଦର ଚଦରଟିଏ ପକାଇ ମୁଣ୍ଡ ଓ ଶରୀରକୁ ଢାଙ୍କି ଦେଉଥିଲେ।

୧୩୪। ଏହାପରେ ବାବା ଟିକିଏ ଘୁଞ୍ଚିଯାଇ ଆଗରେ ପଡ଼ିଥିବା ଧୁନି କାଠକୁ ଗୋଡ଼ର ବୁଢ଼ା ଆଙ୍ଗୁଠି ଲଗାଇ ଯଥା ସ୍ଥାନକୁ ଠେଲି ଦେଉଥିଲେ।

୧୩୫। ତାହା ପରେ ସେ ଡାହାଣ ହାତ ହଲାଇ ଜଳୁଥିବା ଦୀପକୁ ଲିଭାଇ ଦେଉଥିଲେ ଓ ଚାଓ୍ୱଡ଼ିକୁ ଯିବାପାଇଁ ବାହାରି ପଡୁଥିଲେ।

୧୩୬। ଶ୍ରୀସାଇ ବାହାରିବା ମାତ୍ରକେ ସମସ୍ତ ବାଦ୍ୟଯନ୍ତ୍ର ବାଜିଉଠୁଥିଲା। ବାଣ ମରା ଯାଉଥିଲା। ଉଜ୍ଜ୍ୱଳ ଆଲୋକବତୀଗୁଡ଼ିକ ଭଗବାନଙ୍କୁ ଅର୍ପଣ କରିବା ଭଳି ଜଳି ଉଠୁଥିଲା ଓ ମାଟି ଦୀପଗୁଡ଼ିକ ସମଗ୍ର ଅଂଚଳକୁ ଆଲୋକିତ କରୁଥିଲା।

୧୩୭। କେତେ ଜଣ ଶିଙ୍ଗାବାଦନ କରୁଥିଲେ। କେହି କେହି ବ୍ୟାଣ୍ଡବାଜା, ଡ୍ରମ୍, ଝାଞ୍ଜ ବଜାଉଥିଲେ। ସଙ୍ଗୀତର

ତାଳେ ତାଳେ ତାଳ ଦେଇ କରତାଳି ମାରିବା ଲୋକଙ୍କର ଅଭାବ ନ ଥିଲା ।

୧୩୮ । ଶ୍ରୀସାଇଙ୍କ ନାମ କୀର୍ତ୍ତନ ମଧ୍ୟରେ ମୃଦଙ୍ଗ ଓ ବୀଣା ବାଜି ଉଠୁଥିଲା । ଭଜନ ବୋଲି ବୋଲି ପୁରୁଷ ଓ ମହିଳାମାନେ ଧାଡ଼ି ବାନ୍ଧି ଚାଲୁଥିଲେ ।

୧୩୯ । ନାନାରକମର ପତାକା ଓ ନିଶାଣ ଧରି ଅନେକ ବ୍ୟକ୍ତି ଚାଲୁଥିଲେ । କେତେକରେ ଇଗଲର ଛବି ଥିଲା । ସେମାନେ ନାଚି, ଡେଇଁ ଆନନ୍ଦରେ ଭଜନ ବୋଲୁଥିଲେ ।

୧୪୦ । ସମସ୍ତେ ଭାରି ଆନନ୍ଦିତ ହେଉଥିଲେ । ସେମାନେ ଶୋଭାଯାତ୍ରାରେ ପତାକା ଓ ନିଶାଣ ଧରି ଆଗଉଥିଲେ । ଧାତୁନିର୍ମିତ ପେଁକାଳୀ ଓ ପବନଚାଳିତ ବାଦ୍ୟଯନ୍ତ୍ରଗୁଡ଼ିକ ଜୋର୍‌ରେ ଶବ୍ଦ କରୁଥିଲେ । ସେମାନଙ୍କ ସହିତ ଚାଲୁଥିବା ବ୍ୟକ୍ତିମାନେ ଉପରକୁ ହାତ ଟେକି ଜୋର୍‌ରେ ସ୍ଲୋଗାନ୍ ଦେଉଥିଲେ । ଅନେକ ଲୋକ ସଲାମ୍ ପକାଉଥିଲେ ଓ ଶ୍ୟାମକର୍ଣ୍ଣ ଘୋଡ଼ା ଆଗକୁ ଆଗକୁ ଚାଲୁଥିଲା ।

୧୪୧ । ଏହିଭଳି ବାଦ୍ୟଯନ୍ତ୍ରର ତାଳେ ତାଳେ ଉତ୍ତାଳ ଧ୍ୱନି ମଧ୍ୟରେ ଶୋଭାଯାତ୍ରା ମସ୍‌ଜିଦ୍ ଛାଡୁଥିଲା । ବାବା ପାହାଚ ନିକଟକୁ ଆସିଯିବା କ୍ଷଣି ଦ୍ୱାରୀମାନେ ବାବାଙ୍କର ଜୟଗାନ କରି ଅଭିବାଦନ ଜଣାଉଥିଲେ ।

୧୪୨ । ଭକ୍ତମାନେ ତାଳ, ମୃଦଙ୍ଗ, ବୀଣା, ଗିନି ଓ ଝାଞ୍ଜ ଆନନ୍ଦରେ ବଜାଇ ବଜାଇ ଭଜନ ବୋଲୁଥିଲେ ।

୧୪୩ । ଆହୁରି ଅନେକ ଭକ୍ତ ଧ୍ୱଜା, ନିଶାଣ ଓ ନାନା ସାଜସଜ୍ଜା ଧରି ଆନନ୍ଦରେ ଚାଲୁଥିଲେ । ବାବାଙ୍କ ଉଭୟ ପାର୍ଶ୍ୱରେ କେତେଲୋକ ଠିଆହୋଇ ଚାମର ଧରି ତାଙ୍କ ଉପରକୁ ଚାମର ପକାଉଥିଲେ ।

୧୪୪ । ଲୋକେ ଚାଦର ଓ ଲୁଗାକୁ ବାବାଙ୍କ ଚଲା ପଥରେ ଗାଲିଚା ଭଳି ତଳେ ପାରିଦେଉଥିଲେ ଓ ତାହାରି ଉପରେ ଭକ୍ତମାନଙ୍କର ହାତଧରି ବାବା ଚାଲୁଥିଲେ । ଅନ୍ୟମାନେ ତାଙ୍କ ଉପରେ ଚାମର ପକାଉଥିଲେ ।

୧୪୫ । ତାତ୍ୟା ବାବାଙ୍କର ବାମ ହାତ ଧରୁଥିଲେ ଓ ମହାଲ୍‌ସାପତି ଡାହାଣ ହାତ ଧରୁଥିଲେ । ବାପୁ ସାହେବ (ଜୋଗ) ଚାନ୍ଦୁଆ ଭଳି ଏକ ବଡ଼ ଛତା ତାଙ୍କ ମୁଣ୍ଡ ଉପରେ ଧରୁଥିଲେ ଓ ଏହିଭଳି ଭାବରେ ଶୋଭାଯାତ୍ରା ଚାଓ୍ୱଡ଼ି ଆଡ଼କୁ ଯାଉଥିଲା ।

୧୪୬ । ଆଗରେ ତମ୍ବାରଙ୍ଗର ଶ୍ୟାମକର୍ଣ୍ଣ ନାମକ ଘୋଡ଼ା ରହୁଥିଲା । ତାହାକୁ ସୁନ୍ଦର ଭାବରେ ସଜାଇ ଦିଆଯାଉଥିଲା । ତା'ଉପରେ ଜିନ୍ ପଡୁଥିଲା ଓ ପାଦରେ ଘଣ୍ଟିଘାଙ୍ଗୁଡ଼ି ବନ୍ଧା ଯାଉଥିଲା ।

୧୪୭ । ଲାଠିଧାରୀଗଣ ଶ୍ରୀସାଇଙ୍କ ନାମରେ ଜୟଜୟକାର ଧ୍ୱନି ଦେଇ ଦେଇ ଆଗେ ଆଗେ ଚାଲୁଥିଲେ । ଚାନ୍ଦୁଆଧାରୀମାନେ ଚାନ୍ଦୁଆକୁ ଧରି ଚାଲୁଥିଲେ ଓ ଚାମରଧାରୀମାନେ ଅନବରତ ଚାମର ପକାଉଥିଲେ ।

୧୪୮ । ବାଦ୍ୟଯନ୍ତ୍ର ଓ ଘଣ୍ଟପିଟା ଚାଲୁଥିଲା ଏବଂ ଭକ୍ତମାନେ ଜୟଧ୍ୱନି କରି ଗଗନପବନ କମ୍ପାଉଥିଲେ । ଏହିଭଳି ଭାବରେ ଭକ୍ତମାନେ ଏକାଠି ଅଗ୍ରସର ହେଉଥିଲେ ଓ ଦ୍ୱାରୀଗଣ ଆନନ୍ଦରେ ଘୋଷଣା କରୁଥିଲେ ।

୧୪୯ । ପ୍ରଭୁନାମ ଗାନ ନିରନ୍ତର ଗୁଞ୍ଜରିତ ହେଉଥିଲା । ତାଳ, ଝାଞ୍ଜ, ମୃଦଙ୍ଗ ସୁମଧୁର ଧ୍ୱନି ତୋଳୁଥିଲେ । ଭକ୍ତମାନେ ସମ୍ମିଳିତ ଭାବରେ ତାହା ସହିତ ତାଳ ଦେଇ ବଡ଼ପାଟିରେ ଘୋଷଣା କରି କରି ଆଗକୁ ଚାଲୁଥିଲେ ।

୧୫୦ । ଭକ୍ତଗଣ ଓ ଭଜନ ଗାୟକମାନେ ଆନନ୍ଦ ସହକାରେ ଶ୍ରୀସାଇଙ୍କର ଯଶଗାନ କରି କରି ରାସ୍ତାର ଛକ ଜାଗାରେ ଆସି ପହଞ୍ଚି ଯାଉଥିଲେ ।

୧୫୧ । ତାଳ, ଝାଞ୍ଜ, ଢୋଲ ଓ ଘୋଳ ଆଦି ବାଦ୍ୟଯନ୍ତ୍ର ଜୋର୍‌ରେ ବାଜୁଥିଲା । ଶ୍ରୀସାଇଙ୍କର ନାମରେ ଉଚ୍ଚ ସ୍ୱରରେ ଜୟଧ୍ୱନି ହେଉଥିଲା । ଭଜନ ଖୁବ୍ ମନମତାଣିଆ ଓ ଆନନ୍ଦଦାୟକ ହେଉଥିଲା ।

୧୫୨ । ମହିଳା ଓ ପୁରୁଷମାନେ ଆନନ୍ଦ ମନରେ ଭଜନ ବୋଲି ବୋଲି ଓ ଶ୍ରୀସାଇଙ୍କ ନାମରେ ଜୟଧ୍ୱନି ଦେଇ ଦେଇ ଚାଲୁଥିଲେ ଏବଂ ଗଗନ ପବନରେ ତାହା ପ୍ରତିଧ୍ୱନିତ ହେଉଥିଲା ।

୧୫୩ । ବିଭିନ୍ନ ବାଦ୍ୟ ଯନ୍ତ୍ରର ଶବ୍ଦରେ ଆକାଶ ମୁଖରିତ ହେଉଥିଲା । ଦର୍ଶକମାନଙ୍କର ହୃଦୟ ଆନନ୍ଦରେ ଭରି ଯାଉଥିଲା । ଚାଓ୍ୱଡ଼ି ଶୋଭାଯାତ୍ରା ଏହିଭଳି ଦର୍ଶନଯୋଗ୍ୟ ଥିଲା । ତାହାର ଆଡ଼ମ୍ବର ଓ ସାଜସଜ୍ଜା ଅତୁଳନୀୟ ଥିଲା ।

୧୫୪ । ଶ୍ରୀସାଇ ଚାଓ୍ୱଡ଼ିକୁ ମୁହଁ କରି ଛିଡ଼ା ହୋଇଥିବା ସମୟରେ ଆଦ୍ୟ ସକାଳର ଆକାଶରେ କିମ୍ବା ଉତ୍ତୀର୍ଣ୍ଣ ସନ୍ଧ୍ୟାକାଳର ଆକାଶରେ ସୂର୍ଯ୍ୟର ଜ୍ୟୋତି ଭଳି ଉତ୍ତପ୍ତ ଶୁଦ୍ଧ

ସୁବର୍ଣ୍ଣର ଆଭା ଶ୍ରୀସାଇଙ୍କର ମୁଖମଣ୍ଡଳରେ ଝଟକୁଥିଲା ।

୧୫୫ । ମୁଖମଣ୍ଡଳର ଜ୍ୟୋତି ସେହି ସମୟରେ ବାଳ ସୂର୍ଯ୍ୟର ପ୍ରସାରିତ ଛଟା ଭଳି ଦେଖାଯାଉଥିଲା । ଏହା ଶୁଦ୍ଧ ଚୈତନ୍ୟର ମୂଳପିଣ୍ଡ ସଦୃଶ ଥିଲା । ତାହା ଦର୍ଶନ କରିବାର ସୁଯୋଗ କିଏ ଅବା ନେଉ ନ ଥିଲେ ?

୧୫୬ । ସେହି ସମୟର ଦର୍ଶନ ଧନ୍ୟ ! ତାଙ୍କ ମୁଖମଣ୍ଡଳ ବିକ୍ଷିପ୍ତ ଲାଲ ରଙ୍ଗରେ ଜଳି ଉଠୁଥିଲା । ସେ ଉତ୍ତର ଦିଗକୁ ମୁହଁକରି ଏକାଗ୍ର ଚିତ୍ତରେ ଛିଡ଼ା ହୋଇ ସତେ ଯେପରି କାହାରିକୁ ଆହ୍ୱାନ କରୁଥିଲେ ।

୧୫୭ । ସଙ୍ଗୀତ, ବାଦ୍ୟଯନ୍ତ୍ର ଓ ଘଣ୍ଟ ବାଜି ଉଠୁଥିଲା । ମହାରାଜ ପୂରା ଆନନ୍ଦ ମନରେ ଛିଡ଼ା ହୋଇ ତାଙ୍କର ଡାହାଣ ହାତ ଉପରକୁ ଉଠାଉଥିଲେ ଓ ପୁଣି ତଳକୁ ନେଇ ଆସୁଥିଲେ । ସେହି ସମୟରେ ସେ ଏହିଭଳି କେତେ ଥର କରୁଥିଲେ ।

୧୫୮ । ସେହି ସମୟର ଜଣେ ଅଗ୍ରଗଣ୍ୟ ଭକ୍ତ ଦୀକ୍ଷିତ ଗୋଟିଏ ରୂପା ଥାଳିରେ ଅନେକ ପ୍ରକାରର ସୁଗନ୍ଧ ପୁଷ୍ପ ଆଣି ବାବାଙ୍କର ସମଗ୍ର ଶରୀର ଉପରେ ବାରମ୍ବାର ପକାଉଥିଲେ ।

୧୫୯ । କାକାସାହେବ ଗୋଲାପ ପାଖୁଡ଼ାରେ ଲାଲ ଅବିର ମିଶାଇ ଉପରକୁ ପକାଉଥିଲେ ଓ ତାଙ୍କ କପାଳରେ ଏକାନ୍ତ ଶ୍ରଦ୍ଧା ଓ ଭକ୍ତି ସହକାରେ ବୋଳିଦେଉଥିଲେ ।

୧୬୦ । କାକାସାହେବ ଅବିରଗୋଳା ଗୋଲାପ ପାଖୁଡ଼ା ପକାଇବା ସମୟରେ ଘଣ୍ଟ, ଘଣ୍ଟା, ଝାଞ୍ଜ ଓ ତାଳ ଏକ ସାଙ୍ଗରେ ଥରେ ବାଜି ଉଠୁଥିଲା ଓ ତା'ପରେ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଉଚ୍ଚ ସ୍ୱରରେ ବାଜୁଥିଲା ।

୧୬୧ । ବାବାଙ୍କର ଭକ୍ତ ଗ୍ରାମବାସୀମାନେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଦର୍ଶନ ନିମିତ୍ତ ଆସୁଥିଲେ । ସେହି ସମୟରେ ବାବାଙ୍କ ମୁଖମଣ୍ଡଳର ଜ୍ୟୋତି ଲାଲ ଆଭା ବିକୀରଣ କରି ଅତ୍ୟନ୍ତ କମନୀୟ ଦିଶୁଥିଲା ।

୧୬୨ । ତାଙ୍କ ମୁଖମଣ୍ଡଳର ଜ୍ୟୋତିକୁ ଦର୍ଶକମାନେ ବିସ୍ମୟ ବିସ୍ଫାରିତ ଚକ୍ଷୁରେ ନିରୀକ୍ଷଣ କରୁଥିଲେ । ସେମାନଙ୍କର ଶ୍ରଦ୍ଧାଶୀଳ ମନ ପ୍ରଚୁର ଆନନ୍ଦରେ ଭରିଯାଉଥିଲା ଓ ସାଂସାରିକ ଜୀବନର ଶ୍ରମ କଷ୍ଟରୁ ସହଜରେ ମୁକ୍ତ ହେଉଥିଲା ।

୧୬୩ । ସେହି ଦିବ୍ୟ ଉଜ୍ଜ୍ୱଳତା କେତେ ଚମତ୍କାର ଥିଲା ! ଏହାର ସୌନ୍ଦର୍ଯ୍ୟ ଉଦିତ ସୂର୍ଯ୍ୟ ଭଳି ପ୍ରତିଭାତ ହେଉଥିଲା ! ତାଙ୍କ ସମ୍ମୁଖରେ ଘଣ୍ଟ, ଘଣ୍ଟା ଓ ଅନ୍ୟାନ୍ୟ ବାଦ୍ୟଯନ୍ତ୍ର ଦୀର୍ଘ ସମୟ ଧରି ବାଜୁଥିଲା ।

୧୬୪ । ପ୍ରାୟ ଘଣ୍ଟାଏ ଦେଢ଼ଘଣ୍ଟା କାଳ ବାବା ଉତ୍ତର ଆଡ଼କୁ ମୁହଁକରି, ଡାହାଣ ହାତକୁ ନିରନ୍ତର ତଳ ଉପର କରି ଗୋଟିଏ ସ୍ଥାନରେ ଛିଡ଼ା ହୋଇ ରହୁଥିଲେ ।

୧୬୫ । ବାବାଙ୍କର କେତକୀ[୬] ଫୁଲର ମଧ୍ୟ ଭାଗ ଭଳି ସୁନେଲୀ ରଙ୍ଗର ରୂପ ସହିତ ଅଳ୍ପ ଲାଲ ରଙ୍ଗର ମୁଖମଣ୍ଡଳକୁ ଜିହ୍ୱା ଦ୍ୱାରା ବର୍ଣ୍ଣନା କରାଯାଇ ପାରିବ ନାହିଁ । କେବଳ ଚକ୍ଷୁ ହିଁ ତାହାକୁ ସନ୍ଦର୍ଶନ ଓ ଉପଭୋଗ କରିପାରିବ ।

୧୬୬ । ବେଳେବେଳେ କୌଣସି ଦେବତା ସବାର ହେବାଭଳି ମହାଲ୍‌ସାପତି ଅତି ଜୋର୍‌ରେ ନାଚି ଉଠୁଥିଲେ । ମାତ୍ର ଏତେ ସବୁ ହୋହଲ୍ଲା ସତ୍ତ୍ୱେ ବାବାଙ୍କର ଏକାଗ୍ରତା ଟିକିଏ ହେଲେ ବି ଭାଙ୍ଗୁ ନଥିଲା । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ ।

୧୬୭ । ବାବାଙ୍କ ଡାହାଣ ପାର୍ଶ୍ୱରେ ଭଗତ ମହାଲ୍‌ସାପତି ରହି ବାବାଙ୍କ କଫ୍‌ନୀ ଧଡ଼ିକୁ ଅତି ଧୀର ଭାବରେ ଟେକି ଧରୁଥିଲେ । ବାମ ପାର୍ଶ୍ୱରେ ତାତ୍ୟା କୋତେ ହାତରେ ଲଣ୍ଠନ ଧରି ଚାଲୁଥିଲେ ।

୧୬୮ । ଏହି ଉତ୍ସବସମାରୋହ କେତେ ଉପଭୋଗ୍ୟ ଥିଲା, କହିହେବ ନାହିଁ । ଏହା ଶ୍ରଦ୍ଧା ଓ ଭକ୍ତିର ଗୌରବମୟ ପରିପ୍ରକାଶ ଥିଲା । ବହୁ ଧନୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଏହି ବିସ୍ମୟକର ଦୃଶ୍ୟ ଦର୍ଶନ କରିବା ନିମନ୍ତେ ଉପସ୍ଥିତ ହେଉଥିଲେ ।

୧୬୯ । ଆତ୍ମଜ୍ୟୋତି ତାଙ୍କର ଗୌରବର୍ଣ୍ଣ ରୂପକୁ ଅଧିକ ଉଜ୍ଜ୍ୱଳ କରୁଥିଲା । ଚନ୍ଦ୍ରସମ ଉଜ୍ଜ୍ୱଳ ମୁଖମଣ୍ଡଳରେ ଅଳ୍ପ ଲାଲିମା ଉଦ୍‌ଭାସିତ ହେଉଥିଲା । ଏହି ଅବର୍ଣ୍ଣନୀୟ ସୌନ୍ଦର୍ଯ୍ୟ ସନ୍ଦର୍ଶନ କରି ଲୋକମାନେ ଅଭିଭୂତ ହୋଇପଡୁଥିଲେ ।

୧୭୦ । ବାବା ଧୀରେ ଧୀରେ ଚାଲୁଥିଲେ । ଭକ୍ତମାନଙ୍କର ଗହଳି ଉଭୟ ପାର୍ଶ୍ୱରେ ହେଉଥିଲା ଏବଂ ସେମାନେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ସହକାରେ ଆଗକୁ ଚାଲି ଚାଲି ଯାଉଥିବା ସମୟରେ ପ୍ରତ୍ୟେକ ଅତି ଆନନ୍ଦରେ ଗଦ୍‌ଗଦ୍ ହୋଇଯାଉଥିଲେ ।

୧୭୧ । ସେଭଳି ଉତ୍ସବ ସମାରୋହ କାହାରି ପାଇଁ ଦେଖିବା ନିମନ୍ତେ ଆଉ ନାହିଁ । ସେହି ଦିନ ଓ ସମୟ ଚାଲିଯାଇଛି ।

ସେହି ସ୍ମୃତିକୁ ମନେ ପକାଇ ଆମେ ନିଜକୁ ସାନ୍ତ୍ୱନା ଦେବା ଛଡ଼ା ଆଉ କିଛି କରିପାରିବା ନାହିଁ ।

୧୭୨ । ସମସ୍ତ ବାଦ୍ୟଯନ୍ତ୍ର ଜୋର୍‌ରେ ବାଜୁଥିଲା । ବାଟରେ ବାବାଙ୍କର ଜୟଧ୍ୱନି ଶୁଭୁଥିଲା । ଚାଓ୍ଡିରେ ପହଞ୍ଚି ବାବାଙ୍କୁ ଧୀରେ ଧୀରେ ଆସନ ଉପରକୁ ନିଆଯାଉଥିଲା ଓ ତାଙ୍କୁ ମହାଆଡ଼ମ୍ବରରେ ପୂଜା କରାଯାଉଥିଲା ।

୧୭୩ । ଚାଓ୍ଡ଼ିର ଛାତକୁ ଧଉଳାଯାଇ ସେଥିରୁ ମହମବତୀ ଝାଡ଼ ଓ ଆଲୋକ ଓହଳାଇ ଦିଆଯାଉଥିଲା । ସେହି ଆଲୋକ ଦର୍ପଣ ଉପରେ ପଡ଼ି ବିଚ୍ଛୁରିତ ହେଉଥିଲା । ପୂରା ସ୍ଥାନଟି ଉଜ୍ଜ୍ୱଳତାରେ ଭରି ଯାଉଥିଲା ।

୧୭୪ । ଭକ୍ତମାନେ ଚାଓ୍ଡ଼ିଠାରେ ଅତି ନିକଟରେ ଏକତ୍ରିତ ହେଉଥିଲେ । ତା'ପରେ ତାତ୍ୟା ଏକ ଆସନ ବିଛାଇଦେଉଥିଲେ ଓ ବାବାଙ୍କୁ ଧରି ତାହା ଉପରେ ବସାଇବାରେ ସାହାଯ୍ୟ କରୁଥିଲେ ।

୧୭୫ । ସେହି ସୁନ୍ଦର ଆସନରେ ବସିବା ସମୟରେ ଆଉଜିବା ନିମନ୍ତେ ତାଙ୍କ ପଛରେ ଏକ ଗୋଲାକାର ତକିଆ ଦିଆଯାଉଥିଲା । ବାବା ଆସନରେ ସ୍ଥିର ହୋଇ ବସିବା ପରେ ତାଙ୍କୁ ପିନ୍ଧିବା ନିମନ୍ତେ ଏକ କୁର୍ତ୍ତା ଦିଆଯାଉଥିଲା ।

୧୭୬ । ତାଙ୍କ ଉପରେ ସୁନ୍ଦର ଓଢ଼ଣି ପକାଇ ଦିଆଯାଉଥିଲା ଓ ବିପୁଳ ଆନନ୍ଦ ସହକାରେ ତାଙ୍କର ପୂଜା କରାଯାଉଥିଲା । ଉଚ୍ଚ ସ୍ୱରରେ ଆରତି ବୋଲାଯାଉଥିଲା ଓ ତାଙ୍କୁ ଫୁଲମାଳ ଓ ତୋଡ଼ା ଦିଆଯାଉଥିଲା ।

୧୭୭ । ତାଙ୍କ ହାତରେ ଘୋରା ଚନ୍ଦନ ଓ ଅତର ବୋଳାଯାଉଥିଲା, ଦାମିକା ବସ୍ତ୍ର ପରିଧାନ କରିବାପରେ ଅଳଙ୍କାର ପିନ୍ଧାଇ ଦିଆଯାଉଥିଲା । ମୁଣ୍ଡରେ ମୁକୁଟଟିଏ ପିନ୍ଧାଇ ଦେଇ ସମସ୍ତେ ତାଙ୍କୁ ଅନାଇ ରହୁଥିଲେ ।

୧୭୮ । ବେଳେବେଳେ ମୁଣ୍ଡରେ ଏକ ସୁନ୍ଦର ସୁନାମୁକୁଟ ରହୁଥିଲାତ ଆଉ କେତେବେଳେ ସୁନାସୂତାର ସୂକ୍ଷ୍ମ କାମ କରାହୋଇ ମଣିମୁକ୍ତା ଓ ସୁନ୍ଦର ପର ଖଚିତ ପଗଡ଼ି ରହୁଥିଲା । ତାଙ୍କ ଗଳାର ଚାରିପଟେ ହୀରା ଓ ମାଣିକ ଖଞ୍ଜି ଦିଆଯାଉଥିଲା ।

୧୭୯ । ଏହା ପରେ ଶ୍ୱେତ ମୁକ୍ତାମାଳ ତାଙ୍କ ବେକରେ ପକାଇଦିଆଯାଉଥିଲା । ଏ ସମସ୍ତ ଅଳଙ୍କାର ଓ ଅଙ୍ଗବସ୍ତ୍ର ଆଲୋକରେ ଚମତ୍କାର ଭାବରେ ଝଲସି ଉଠୁଥିଲା ।

୧୮୦ । କପାଳରେ ସୁଗନ୍ଧ କସ୍ତୁରୀମିଶା କଳା ତିଳକରେଖା ଲମ୍ବା ଆକାରରେ ଟଣାଯାଉଥିଲା ଓ ବୈଷ୍ଣବୀୟ ରୀତିରେ କପାଳରେ କଳା ତିଳକ ଟୋପା ମଧ୍ୟ ଦିଆଯାଉଥିଲା ।

୧୮୧ । ବାଇଗଣୀ ରଙ୍ଗର ଭେଲ୍‌ଭେଟ୍ ଶାଲ୍ ଜରିକାମ କରାଯାଇ ବାବାଙ୍କ କାନ୍ଧ ଉପରେ ପକାଇ ଦିଆଯାଉଥିଲା ଓ ତାହା ଖସି ପଡୁଥିଲେ ତାହାକୁ ସଙ୍ଗେ ସଙ୍ଗେ ଦୁଇପଟରୁ ଟେକି ନେଇ ପୁନଶ୍ଚ ରଖିଦିଆଯାଉଥିଲା ।

୧୮୨ । ସେହିଭଳି ମୁକୁଟ ବା ପଗଡ଼ି ତାଙ୍କ ମୁଣ୍ଡ ଉପରେ ଆସ୍ତେ କରି ରଖି ଦିଆଯାଇ ହାତରେ ଧରାଯାଉଥିଲା ଓ ଏମିତି ଧୀରଭାବରେ ରଖାଯାଉଥିଲା ଯେ ବାବା ଜାଣିପାରୁନଥିଲେ ।

୧୮୩ । ମୁକୁଟ କିମ୍ବା ପଗଡ଼ି ବାବାଙ୍କ ମୁଣ୍ଡରେ ବାଜିବା ମାତ୍ରକେ ସେ କାଢ଼ି ଫିଙ୍ଗି ଦେଉଥିଲେ । ତେଣୁ ଭକ୍ତମାନଙ୍କ ନିମନ୍ତେ ଏହା ଖୁବ୍ ଦୁଃଶ୍ଚିନ୍ତାର କାରଣ ହୋଇଥିଲେ ମଧ୍ୟ ସେମାନଙ୍କର ଶ୍ରଦ୍ଧାପୂର୍ଣ୍ଣ ଆଗ୍ରହ ଅଧିକ ଶକ୍ତିଶାଳୀ ଥିଲା ।

୧୮୪ । ଶ୍ରୀସାଇ ସମସ୍ତଙ୍କ ଅନ୍ତରର ଭାବନାକୁ ଜାଣି ପାରୁଥିବାବେଳେ ଭକ୍ତମାନଙ୍କର ଏହି ଗୁପ୍‌ଚୁପ୍ କାମକୁ କ'ଣ ଜାଣି ପାରୁ ନ ଥିଲେ ? କିନ୍ତୁ ସେମାନଙ୍କର ଶ୍ରଦ୍ଧା ସ୍ନେହକୁ ବିଚାର କରି ସେ ଜାଣିଶୁଣି ଚୁପ୍ ରହୁଥିଲେ ।

୧୮୫ । ବ୍ରହ୍ମୋପଲବ୍ଧି ଭଳି ଯାହାଙ୍କର ମହନୀୟ ଆଡ଼ମ୍ବର ରହିଥିଲା, ତାଙ୍କର ଜରିକାମକରା ଚାଦର କିମ୍ବା ଅଳଙ୍କାର କ'ଣ ବା ହେବ ? ଯିଏ ନିଜ ଅନ୍ତରର ଶାନ୍ତିକୁ ସାନନ୍ଦେ ବିଚ୍ଛୁରିତ କରୁଥିଲେ, ତାଙ୍କ ପାଖରେ ସୁଶୋଭିତ ମୁକୁଟର ମୂଲ୍ୟ ଅବା କ'ଣ ?

୧୮୬ । ତା' ସତ୍ତ୍ୱେ ଭକ୍ତମାନେ ବାବାଙ୍କୁ ବିଭିନ୍ନ ଅଳଙ୍କାରରେ ସଜ୍ଜିତ କରୁଥିଲେ ଓ କୁଙ୍କୁମ ତିଳକ ତାଙ୍କ କପାଳରେ ସୁନ୍ଦର ଭାବରେ ଲଗାଉଥିଲେ ।

୧୮୭ । କେତେ ଜଣ ହୀରା ଓ ମୁକ୍ତାମାଳା ତାଙ୍କ ଗଳାରେ ପିନ୍ଧାଉଥିବାବେଳେ ଆଉ କେତେକ କପାଳରେ ତିଳକ ଲଗାଉଥିଲେ । ଭକ୍ତମାନଙ୍କର ଖେଳ ଏହିପରି ଚାଲୁଥିଲା ।

୧୮୮ । ଭକ୍ତମାନେ ବାବାଙ୍କୁ ସଜାଇ ସାରି, ଲୁଗାପଟା ପିନ୍ଧାଇ ମୁଣ୍ଡରେ ମୁକୁଟ ଓ ଗଳାରେ ମୁକ୍ତାମାଳ ଲମ୍ବାଇ ଦେବା ପରେ ସେ କେତେ ସୁନ୍ଦର ଦେଖାଯାଉଥିଲେ !

୧୮୯ । ନାନାସାହେବ ନିମୋଣକର ଶ୍ୱେତ ଛତ୍ର ଧାରଣ

କରୁଥିଲେ । ସେଇ ଛତ୍ର ତାହାର ଦଣ୍ଡ ଉପରେ ଚକ୍ରାକାରରେ ଘୂରୁଥିଲା ଓ ସେଥିରେ ଓହଳିଥିବା ଝୁମୁକା ଓ ଝୁମ୍ପାଗୁଡ଼ିକ ମଧ୍ୟ ଝୁଲି ଝୁଲି ଘୂରୁଥିଲା।

୧୯୦। ବାପୁସାହେବ ଗୁରୁଙ୍କର ପାଦ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଧୋଇ ଦେଉଥିଲେ, ପ୍ରଗାଢ଼ ଭକ୍ତି ସହକାରେ ଅର୍ଘ୍ୟ ଦାନ କରୁଥିଲେ ଓ ସମସ୍ତ ବିଧି ଅନୁଯାୟୀ ପୂଜାର୍ଚ୍ଚନା କରୁଥିଲେ।

୧୯୧। ତା'ପରେ ସେ ଏକ ରୂପା ଥାଳି ଉପରେ ବାବାଙ୍କର ପାଦଦ୍ୱୟକୁ ରଖି ଏକାନ୍ତ ଭକ୍ତି ସହକାରେ ଧୋଇ ଦେଉଥିଲେ। ହାତ ଦୁଇଟିକୁ ସୁଗନ୍ଧ ଦ୍ରବ୍ୟ ଲଗାଇ ସଫା କରିଦେଉଥିଲେ ।

୧୯୨। ଗୋଟିଏ ଛୋଟ ଗିନାରେ ସୁଗନ୍ଧିତ କୁଙ୍କୁମ ନେଇ ହାତରେ ଲଗାଇ ଦେଉଥିଲେ। ବାବାଙ୍କ ହାତରେ ପାନପତ୍ର ଅର୍ପଣ କରୁଥିଲେ । ବାବା ଖୁସି ଦେଖାଯାଉଥିଲେ ।

୧୯୩। ବାବା ଆସନ ଉପରକୁ ଯାଉଥିବା ସମୟରେ ତାତ୍ୟା ଓ ଅନ୍ୟମାନେ ଛିଡ଼ାହୋଇ ରହୁଥିଲେ । ସେମାନେ ବାବାଙ୍କର ହାତ ଧରି ତାଙ୍କୁ ବସିବାରେ ସାହାଯ୍ୟ କରୁଥିଲେ ଓ ସମ୍ମାନ ଜଣାଇ ତାଙ୍କ ପାଦରେ ମୁଣ୍ଡ ନୁଆଁଉଥିଲେ ।

୧୯୪। ଚାଓ୍ୱଡ଼ି ଏକ ଶୁଦ୍ଧ ଓ ପବିତ୍ର ସ୍ଥାନ ଥିଲା ଏବଂ ମାର୍ବଲ ଭଳି ଚକ୍‌ଚକ୍ କରୁଥିଲା । ଶ୍ରଦ୍ଧାରେ ଶ୍ରୀସାଇଙ୍କ ପଦାଶ୍ରିତ ଆବାଳବୃଦ୍ଧବନିତା ପର୍ଯ୍ୟନ୍ତ ସବୁ ବର୍ଗର ଭକ୍ତଙ୍କ ପାଇଁ ଏହା ମିଳନସ୍ଥଳ ଥିଲା ।

୧୯୫। ବାବାଙ୍କର ଜ୍ୟୋତିର୍ମୟ ରୂପ ଆସନ ଉପରେ ତକିଆରେ ଆଉଜି ବସିଥିବା ସମୟରେ ଧୀରେ ଧୀରେ ପଙ୍ଖାରେ ବିଞ୍ଚାହେଉଥିଲା ଓ ଚାମର ପକାଯାଉଥିଲା।

୧୯୬। ମାଧବରାଓ ତମାଖୁ ଦଳି ଗୁଣ୍ଡ କରି ଦେଉଥିଲେ ଓ ସାଙ୍ଗେ ସାଙ୍ଗେ ଚିଲମରେ ଭର୍ତ୍ତି କରି ତାତ୍ୟାବାଙ୍କ ହାତକୁ ବଢ଼ାଇ ଦେଉଥିଲେ। ତାତ୍ୟାବା ଚିଲମରେ ପ୍ରଥମ ପରଶ ଦେଉଥିଲେ।

୧୯୭। ତମାଖୁରେ ନିଆଁ ଲାଗି ଝାସ ଦେଖାଦେଲେ, ତାତ୍ୟାବା ତାହାକୁ ବାବାଙ୍କ ହାତରେ ଦେଉଥିଲେ। ବାବା ଜୋରରେ ପୂରା ଦମ୍‌କାଏ ଟାଣିନେବା ପରେ ତାହାକୁ ଭଗତ ମହାଲ୍‌ସାପତିଙ୍କୁ ଦେଉଥିଲେ।

୧୯୮। ତା'ପରେ ଚକ୍ରାକାରରେ ବୁଲିଆସି ଭଗତଙ୍କଠାରୁ ଶାମା, ତାତ୍ୟାବା ହୋଇ ତମାଖୁସେବନ ଚିଲମରୁ ଶେଷ ହେବା ପର୍ଯ୍ୟନ୍ତ ଚାଲୁଥିଲା।

୧୯୯। ସେ ଚିଲମକୁ ଧନ୍ୟ କହିବ ଓ ତାହା ସତରେ କେତେ ଭାଗ୍ୟବାନ ଥିଲା! ତାହାର ପ୍ରଦତ୍ତ ସେବାକୁ ଦେଖିଲେ ଆମେ ଜୀବଗଣ ସେହି ନିର୍ଜୀବ ସହିତ କେବେ ସମାନ ହେବା ନାହିଁ।

୨୦୦। ତାହାର ପ୍ରାୟଶ୍ଚିତ କରିବାର ଧାରା ମଧ୍ୟ ବଡ଼ କଠିନ ଥିଲା। ତାହା ଆଦ୍ୟରେ ଦଳାଚକଟା ହୋଇଥିଲା (କୁମ୍ଭାର ହାତରେ), ମଝିରେ ଖରାତରା ସହ୍ୟ କରିଥିଲା (ଶୁଖାହେବା ସମୟରେ) ଓ ଶେଷରେ ନିଆଁରେ ପୋଡ଼ାଯାଇଥିଲା।

୨୦୧। ତାହାର ଭାଗ୍ୟବଳରୁ ବାବାଙ୍କର ସ୍ପର୍ଶ ପାଇଥିଲା ଓ ଧୁନିରେ ପୁଣି ସେକ ହୋଇଥିଲା। ତାହା ଦେହରେ ଗେରୁ ରଙ୍ଗମାଟି ଓ ସୁଗନ୍ଧ ବୋଳାଯାଇଥିଲା। ଏହାପରେ ବାବା ତାଙ୍କ ଓଠରେ ଚୁମି ତାହାକୁ ଧନ୍ୟ କରିଥିଲେ !

୨୦୨। ଏ ବର୍ଣ୍ଣନା ବହୁତ ହୋଇଗଲା। କର୍ପୂର, କୁଙ୍କୁମ ଓ ଘୋରା ଚନ୍ଦନ ବାବାଙ୍କ ହାତରେ ଲଗାଯାଉଥିଲା। ବାବାଙ୍କ ବେକରେ ଅନେକ ଫୁଲମାଳ ଲମ୍ବାଇ ଦିଆଯାଉଥିଲା ଓ ଭକ୍ତମାନେ ଛୋଟ ଛୋଟ ପୁଷ୍ପଗୁଚ୍ଛ ପ୍ରଦାନ କରୁଥିଲେ ।

୨୦୩। ଯାହାଙ୍କର ମୁଖ ଥିଲା ସଦା ହସ ହସ ଏବଂ ଯିଏ ସର୍ବଦା ସ୍ନେହ ଓ କରୁଣାପୂର୍ଣ୍ଣ ଦୃଷ୍ଟିରେ ଅନାଉଥିଲେ, ତାଙ୍କୁ ଏପରି ସଜାଇଲେ ସେ କାହିଁକି ଗର୍ବ ଅନୁଭବ କରିବେ ? କେବଳ ଭକ୍ତମାନଙ୍କର ଭାବନାକୁ ବୁଝି ସେ ଏଥିପାଇଁ ସ୍ୱୀକୃତି ଦେଉଥିଲେ।

୨୦୪। ଯାହାଙ୍କର ଶରୀର ଭକ୍ତିଭାବନାରେ ଅଳଙ୍କୃତ ଓ ଯିଏ ଶାନ୍ତିରୂପକ ଅଳଙ୍କାରରେ ବିଭୂଷିତ, ତାଙ୍କ ପାଖରେ ଏହି ପାର୍ଥିବ ଫୁଲମାଳ ଓ ମଣିମାଣିକର ମୂଲ୍ୟ କ'ଣ ଅଛି ?

୨୦୫। ଯିଏ ଅନାସକ୍ତିର ମୂର୍ତ୍ତିମନ୍ତ ରୂପ ତାଙ୍କ ପାଖରେ ମଣିମୁକ୍ତାମାଳର ମୂଲ୍ୟ କ'ଣ ଅଛି ? କିନ୍ତୁ ଏହା ତାଙ୍କୁ ଅର୍ପଣ କରାଗଲେ ସେ ଭକ୍ତମାନଙ୍କର ଇଚ୍ଛା ପୂର୍ତ୍ତି ନିମନ୍ତେ ମୁଣ୍ଡକୁ ନୁଆଁଇ ଦେଉଥିଲେ। କୁଣ୍ଠିତ ହେଉ ନଥିଲେ।

୨୦୬। ସୁନା ଓ ମଣିମୁକ୍ତାର ହାର ତାଙ୍କ ଗଳାରେ

ଝଲସୁଥିଲା। ସେଗୁଡ଼ିକ ପୁଷ୍ପରାଗ ମଣି ସହିତ ମିଶି ଆଠ କିମ୍ବା ଷୋହଳ ସରିରେ ଗୁନ୍ଥାଯାଇଥିଲା।

୨୦୭। ଗଳାରେ ତୁଳସୀ ଓ ମଲ୍ଲୀଫୁଲର ମାଳା ପକାଯାଉଥିଲା ଏବଂ ତାହା ପାଦ ପର୍ଯ୍ୟନ୍ତ ଲମ୍ବିଯାଉଥିଲା। ମୁକ୍ତାମାଳର ଜ୍ୟୋତିରେ ତାଙ୍କର ଗଳା ଅସମ୍ଭବ ଭାବରେ ଉଜ୍ଜ୍ୱଳ ଦେଖାଯାଉଥିଲା।

୨୦୮। ମର୍କତ ମଣି ଓ ସୁନା କଣ୍ଢିରେ ଗୁନ୍ଥା ଯାଇଥିବା ମାଳାରେ ସୁନାର ପଦକଟିଏ ଲାଗିଥିଲା ଓ ତାହା ବାବାଙ୍କର ଛାତି ଉପରେ ଝୁଲୁଥିଲା। କପାଳରେ କଳା ତିଳକ ଅତି ଆକର୍ଷଣୀୟ ଦେଖାଯାଉଥିଲା।

୨୦୯। ଯିଏ ବିଷ୍ଣୁଙ୍କର ସମୁଜ୍ଜ୍ୱଳ ଅବତାର ବୋଲି ଲାଗୁଥିଲେ, ତାଙ୍କୁ କାହିଁକି ଫକୀର ବୋଲି କୁହାଯିବ? ତାଙ୍କ ଉପରେ ଚାନ୍ଦୁଆ ରହିଥିଲା, ଚାମର ପଡୁଥିଲା ଓ ମସ୍ତକରେ ଜରିକାମକରା ଶାଲ୍ ପଡ଼ିଥିଲା ।

୨୧୦। ବାଦ୍ୟଯନ୍ତ୍ରଗୁଡ଼ିକର ମଙ୍ଗଳସୂଚକ ଧ୍ୱନିର ଝଙ୍କାର ଭିତରେ ସାଧାରଣତଃ ଜୋଗ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପଞ୍ଚାରତି ହାତରେ ଧରି ବାବାଙ୍କୁ ଆରତି କରୁଥିଲେ ।

୨୧୧। ପଞ୍ଚାର୍ପଣ କରିବାପରେ ପୂଜାର୍ଚ୍ଚନା କରୁଥିଲେ ଏବଂ ତା'ପରେ ତୈଳପୂର୍ଣ୍ଣ ପଞ୍ଚ ପ୍ରଦୀପ ନେଇ ନୀରାଞ୍ଜନ ଓ କର୍ପୂର ଆଳତି ବାବାଙ୍କର ଚାରିପଟରେ ବୁଲାଉଥିଲେ।

୨୧୨। ଆରତି ସରିଯିବା ପରେ ଜଣକ ପରେ ଜଣେ ଭକ୍ତ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରୁଥିଲେ ଓ ବାବାଙ୍କର ଶରଣାଗତ ହୋଇ ନିଜ ନିଜର ଗୃହକୁ ବାହୁଡ଼ି ଯାଉଥିଲେ।

୨୧୩। ଚିଲମ, ଅତର ଓ ଗୋଲାପ ଜଳ ଦେବା ପରେ ତାତ୍ୟାବା ଘରକୁ ବାହୁଡ଼ିଯିବା ନିମନ୍ତେ ଅନୁମତି ମାଗିବା ସମୟରେ ବାବା ସାଧାରଣତଃ କହୁଥିଲେ, "ମୋ କଥା ବୁଝୁଥିବୁ।"

୨୧୪। "ଯାଉଛୁ ଯଦି ଯା'। କିନ୍ତୁ ରାତିରେ ମଝିରେ ମଝିରେ ମୋ କଥା ବୁଝୁଥିବୁ।" "ଠିକ୍ ଅଛି" ବୋଲି କହି ତାତ୍ୟାଜୀ ଚାଓ୍ୱଡ଼ି ଛାଡ଼ି ଘରକୁ ଯାଉଥିଲେ।

୨୧୫। ସମସ୍ତେ ଚାଲିଯିବା ପରେ ବାବା ନିଜେ ଗଣ୍ଠିଲି ଫିଟାଇ ଧୋତିକୁ ପରସ୍ତ ପରସ୍ତ କରି ଭାଙ୍ଗି ନିଜ ହାତରେ ବିଛଣା ପାରୁଥିଲେ।

୨୧୬। ଷାଠିଏରୁ ପଞ୍ଚଷଠି ଖଣ୍ଡ ଧଳା ଚାଦର ଗୋଟିକ ଉପରେ ଗୋଟିଏ ପକାଇ ବାବା ତା'ଉପରେ ଶୋଉଥିଲେ।

୨୧୭। ଚାଓ୍ୱଡ଼ିରେ ଯାହା ସବୁ ଘଟୁଥିଲା, ତାହାର କାହାଣୀ ଏଠାରେ ସମାପ୍ତ ହେଲା। ବାକି ଯେଉଁ ସବୁ କାହାଣୀ ଏବେବି ରହିଗଲା, ତାହା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ।

୨୧୮। ମୁଁ ଶ୍ରୋତାମାନଙ୍କ ନିକଟରୁ କ୍ଷମା ଚାହୁଁଛି। ଶ୍ରୀସାଇଙ୍କର ମାହାତ୍ମ୍ୟ ଅକଳନୀୟ। ମୁଁ ତାହା ସଂକ୍ଷେପରେ ବର୍ଣ୍ଣନା କରିବା ପାଇଁ ଚାହୁଁଥିବା ସତ୍ତ୍ୱେ କରିପାରୁନାହିଁ। କାରଣ, ପ୍ରତ୍ୟେକଟି ବିଷୟ ଅତି ତାତ୍ପର୍ଯ୍ୟପୂର୍ଣ୍ଣ।

୨୧୯। ବାବାଙ୍କର ରନ୍ଧା ହାଣ୍ଡି ଓ ଆଉ ଯେଉଁସବୁ କାହାଣୀ ରହିଯାଇଛି, ତାହାକୁ ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ। ଦୟାକରି ସଂଭ୍ରମତାର ସହିତ ଧ୍ୟାନ ଦିଅନ୍ତୁ।

୨୨୦। ଗୁରୁଙ୍କୁ ସର୍ବଦା ସ୍ମରଣ କରିବାରେ ହେମାଡ଼ର ସ୍ୱାର୍ଥପର ଉଦ୍ଦେଶ୍ୟ ରହିଛି । କାରଣ ତାହାକଲେ ଇହ ଜଗତ ତଥା ପରଜଗତରେ ସେ ଚାହୁଁଥିବା ସମସ୍ତ ଜିନିଷ ପାଇ ପାରିବ। ସେ ଗୁରୁଙ୍କ ଚରଣ ତଳେ ସାଷ୍ଟାଙ୍ଗ ପ୍ରଣିପାତ କଲେ ଜୀବନର ଚତୁର୍ବର୍ଗ ଲକ୍ଷ୍ୟ ସାଧନ କରି ପାରିବ, କାରଣ ସେଇ ଚରଣରେହିଁ ସେ ସମସ୍ତ ରହିଅଛି।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର 'ଚାଓ୍ୱଡ଼ିର ବର୍ଣ୍ଣନା' ଶୀର୍ଷକ ସପ୍ତତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- ହଳେ ଝାଞ୍ଜ ବା ଗିନି ।

୨- ଦୁଇଟି କାଠରେ ତାଳ ପକାଇ ବଜାଯାଉଥିବା ଦାସକାଠି।

୩- ମୃଦଙ୍ଗ ବାଜା।

୪- ଖଞ୍ଜଣି।

୫- ଘୋଳ: ଗୋଟିଏ ଦଣ୍ଡ ଉପରେ ଢିଲା ଭାବରେ ବନ୍ଧା ଯାଇଥିବା ଗୋଲ ଗୋଲ ଲୁହା ବଳା।

୬- କିଆ ଫୁଲ।

ସାଇବାବା ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ମଧ୍ୟରେ ଚାୱ୍ଡ଼ି ଅଭିମୁଖେ ଯାଉଛନ୍ତି ।

ଏହି ଉତ୍ସବସମାରୋହ କେତେ ଉପଭୋଗ୍ୟ ଥିଲା, କହିହେବ ନାହିଁ । ଏହା ଶ୍ରଦ୍ଧା ଓ ଭକ୍ତିର ଗୌରବମୟ ପରିପ୍ରକାଶ ଥିଲା । ବହୁ ଧନୀ ଓ ଗଣ୍ୟମାନ୍ୟ ବ୍ୟକ୍ତି ଏହି ବିସ୍ମୟକର ଦୃଶ୍ୟ ଦର୍ଶନ କରିବା ନିମନ୍ତେ ଉପସ୍ଥିତ ହେଉଥିଲେ । (୩୭ଶ ଅଧ୍ୟାୟ, ପଂକ୍ତି ୧୬୮)

ନାନା ସାହେବ ନିମୋଣକର

(ଷଷ୍ଠଦିନର ପାରାୟଣ-ମଙ୍ଗଳବାର)

॥ ୩୮ ॥

ରୋଷେଇ ଓ ରନ୍ଧାହାଣ୍ଡିର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତ୍ୟୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ହେ ଗୁରୁବର ! ଆପଣଙ୍କ ପାଦରେ ପ୍ରଣାମ କରୁଅଛି । ଆପଣ ସମଗ୍ର ଜଗତକୁ ଆନନ୍ଦ ପ୍ରଦାନ କରୁଛନ୍ତି । ଯେଉଁମାନେ ଆପଣଙ୍କର ପଦାଶ୍ରିତ ହେଉଛନ୍ତି, ସେମାନଙ୍କୁ ତ୍ରିତାପରୁ ରକ୍ଷା କରୁଛନ୍ତି ଓ ଭକ୍ତମାନଙ୍କର ମଙ୍ଗଳ ସାଧନ କରୁଛନ୍ତି ।

୨ । ଦୀନହୀନ ଓ ଦୁର୍ବଳମାନଙ୍କର ରକ୍ଷାକର୍ତ୍ତା, ଶରଣାଗତ ଭକ୍ତମାନଙ୍କର ଉଦ୍ଧାରକର୍ତ୍ତା, ହେ ପରମ ଦୟାଳୁ ପ୍ରଭୁ, ଆପଣ ପତିତଜନଙ୍କୁ ଅନୁଗ୍ରହ ପ୍ରଦାନ କରିବା ନିମନ୍ତେ ପୃଥିବୀରେ ଅବତରି ଅଛନ୍ତି ।

୩ । ଦ୍ୱୈତବାଦର ବିନାଶକ, ଆପଣଙ୍କର ଜୟ ହେଉ ! ହେ ଭକ୍ତମାନଙ୍କର ଆରାଧ୍ୟ, ଆପଣଙ୍କର ଜୟ ହେଉ ! ହେ ଭବଭୟହାରୀ ଗୁରୁରାୟ, କରୁଣାବାରିଦ, ଆପଣଙ୍କର ଜୟ ହେଉ !

୪ । ମୋର କେଉଁ ସୌଭାଗ୍ୟ ଫଳବତୀ ହେବାରୁ ମୁଁ ଆପଣଙ୍କର ପାଦ ଦୁଇଟିକୁ ସ୍ୱଚକ୍ଷୁରେ ଦେଖି ପାରିଛି ଓ ଆପଣଙ୍କ ସଙ୍ଗଲାଭର ଆନନ୍ଦ ପାଇପାରିଛି ! ସେହି ଯୁଗ ଚାଲିଯାଇଛି ଓ ଆଉ ଫେରିଆସିବ ନାହିଁ !

୫ । ଶୁଦ୍ଧ ଆତ୍ମାର ତରଳ ନିର୍ଯ୍ୟାସ ବ୍ରହ୍ମଙ୍କ ଛାଞ୍ଚରେ ଢଳା ଯିବା ପରେ ଏହି ମୁକୁଟମଣ୍ଡିତ ସନ୍ଥଶ୍ରେଷ୍ଠ ଶ୍ରୀସାଇ ରୂପରେ ଉଦ୍ଭୂତ ହୋଇଛନ୍ତି ।

୬ । ଶ୍ରୀସାଇ ନିଜେ ଆତ୍ମାରାମ । ସେ ବିମଳ ଦିବ୍ୟ ଆନନ୍ଦର ନିବାସ । ଜୀବନର ସମସ୍ତ ଲକ୍ଷ୍ୟପ୍ରାପ୍ତ ହୋଇ ସେ ନିଜର ଭକ୍ତମାନଙ୍କୁ କାମନାବାସନା ଶୂନ୍ୟ କରାଉଛନ୍ତି ।

୭ । ସେ ସମସ୍ତ ଧର୍ମର ସମର୍ଥକ ଓ ରକ୍ଷକ । ସେ ବ୍ରାହ୍ମଣିକ ଦୀପ୍ତି ତଥା କ୍ଷାତ୍ର ଶକ୍ତି ଦ୍ୱାରା ମୃତ୍ୟୁର ବିନାଶକ । ଏହା ତାଙ୍କର ସଂକ୍ଷିପ୍ତ ଚାରିତ୍ରିକ ବୈଶିଷ୍ଟ୍ୟ ।

୮ । ଯିଏ ପୂର୍ବଜନ୍ମର ଜନ୍ମ ଓ ମୃତ୍ୟୁର ଶୃଙ୍ଖଳକୁ ରାଗରେ ଟାଣି ଛିଣ୍ଡାଇ ଦେଇପାରିଛନ୍ତି, ତାଙ୍କୁ ମୁଁ ଅଜ୍ଞ ଓ ମୋଟାବୁଦ୍ଧିଆଟାଏ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି ।

୯ । ଗତ ଅଧ୍ୟାୟରେ ମୁଁ ଅତି ଆନନ୍ଦ ସହକାରେ ଶ୍ରୀସାଇନାଥଙ୍କ ଚାଓ୍ୱଡ଼ି ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରିଛି । ଏହି ଅଧ୍ୟାୟରେ ତାଙ୍କର ରନ୍ଧନ ପ୍ରଣାଳୀ ଓ ରନ୍ଧା ହାଣ୍ଡି ସମ୍ବନ୍ଧରେ ବର୍ଣ୍ଣନା ଶୁଣନ୍ତୁ । ଏହା ନିର୍ମଳ ଆନନ୍ଦ ପ୍ରଦାନ କରିବ ।

୧୦ । ଦୁଗ୍ଧପୋଷ୍ୟ ଶିଶୁ କେବଳ ଖାଇବା ନିମନ୍ତେ ଆଗ୍ରହୀ ହୋଇଥାଏ, କିନ୍ତୁ କ'ଣ ଖାଇବ ବୋଲି ଜାଣି ପାରି ନ ଥାଏ । ତାହାକୁ ଦୁଗ୍ଧ କିମ୍ବା ଅନ୍ୟ କ'ଣ ହାଲୁକା ଖାଦ୍ୟ

ଦିଆଯିବ, ତାହାର ମାତା ସେହି ଦାୟିତ୍ୱ ନେଇଥାଏ।

୧୧। ସେହିଭଳି ମୋର ସାଇମାତା। ସେ ମୋ ହାତରେ କଲମ ଧରାଇଦେଇଛନ୍ତି ଓ ଏ ଗ୍ରନ୍ଥକୁ ମୋର ବିନା ଚେଷ୍ଟାରେ, ଭକ୍ତମାନଙ୍କର ଆନନ୍ଦ ନିମିତ୍ତ ଲେଖାଇ ନେଉଛନ୍ତି।

୧୨। ଶାସ୍ତ୍ରମାନଙ୍କରେ ନିର୍ବାଣ ପ୍ରାପ୍ତି ପାଇଁ ଭିନ୍ନ ଭିନ୍ନ ଯୁଗ ନିମନ୍ତେ ଭିନ୍ନ ଭିନ୍ନ ସାଧନାର ଅବତାରଣା କରାଯାଇଅଛି। ସତ୍ୟ ଯୁଗରେ ତପସ୍ୟା, ତ୍ରେତାଯୁଗରେ ଜ୍ଞାନାର୍ଜନ, ଦ୍ୱାପରଯୁଗରେ ହୋମଯଜ୍ଞ ଓ କଳି ଯୁଗରେ ଦାନଧର୍ମକୁ ସାଧନାର ମାର୍ଗ ବୋଲି କୁହାଯାଇଅଛି।

୧୩। ଦାନ ଦେବା ଓ ସତ୍‌କାର୍ଯ୍ୟ କରିବା ସବୁ ସମୟରେ ଗୁରୁତ୍ୱପୂର୍ଣ୍ଣ। କ୍ଷୁଧା ନିବାରଣ କରାଇବା ସବୁଠାରୁ ଉତ୍କୃଷ୍ଟ। ତେଣୁ ନିୟମିତ ଭାବରେ ଅନ୍ନଦାନ କରାଯିବା ଆବଶ୍ୟକ। ଏହା ଅନ୍ୟ ଯେ କୌଣସି କର୍ମ ଅପେକ୍ଷା ଅଧିକ ଗୁରୁତ୍ୱ ପାଇଥାଏ ଓ ଶ୍ରେୟସ୍କର ହୋଇଥାଏ ।

୧୪। ଦ୍ୱିପ୍ରହର ସମୟରେ ଆମେ ଭୋକ ଯନ୍ତ୍ରଣା ପାଇଥାଉ। ଆମେ ଯେଉଁଭଳି ଅନୁଭବ କରୁଁ, ଅନ୍ୟମାନେ ମଧ୍ୟ ଠିକ୍ ସେହିଭଳି ଅନୁଭବ କରିଥାନ୍ତି। ଯେଉଁ ବ୍ୟକ୍ତି ଏହି ଅନ୍ତର୍ଭାବନାକୁ ବୁଝି ପାରିଥାନ୍ତି, ସେ ଜଣେ ଗୁଣୀ ବ୍ୟକ୍ତି।

୧୫। ଶାସ୍ତ୍ରବିଧି ଅନୁଯାୟୀ ଅନ୍ନଦାନ ପ୍ରଥମ ସ୍ଥାନରେ ରହିଛି। ତାହାଠାରୁ ବଳି ଆଉ କିଛି ଧର୍ମକାର୍ଯ୍ୟ ନାହିଁ।

୧୬। ଅନ୍ନ ହିଁ ପରଂବ୍ରହ୍ମ। ଅନ୍ନରୁ ସମସ୍ତ ପ୍ରାଣୀ ଜାତ ହୋଇଥାନ୍ତି, ଅନ୍ନ ଦ୍ୱାରା ବଢ଼ିଥାନ୍ତି ଓ ବଞ୍ଚିଥାନ୍ତି ଏବଂ ଶେଷ ବିଦାୟ ନେବା କାଳରେ ସେମାନେ ଅନ୍ନ ମଧ୍ୟକୁ ହିଁ ପ୍ରବେଶ କରିଥାନ୍ତି।

୧୭। ଯଦି କେହି ଅନାହୂତ ଅତିଥି ଅସମୟରେ ଆସି ଘରେ ପହଞ୍ଚିଯାଆନ୍ତି, ତେବେ ଗୃହସ୍ଥ ତାଙ୍କୁ ଖାଦ୍ୟ ଦାନ କରି ଖୁସି କରାଇବା ଉଚିତ୍। ଯେଉଁମାନେ ତାଙ୍କୁ ଭୋକିଲା ରଖି ଫେରାଇ ଦେଇଥାନ୍ତି, ସେମାନେ ବହୁତ ଅସୁବିଧା ଭୋଗ କରିଥାନ୍ତି।

୧୮। ଟଙ୍କାପଇସା, ଧନସମ୍ପତ୍ତି, ଲୁଗାପଟା ଇତ୍ୟାଦି ଦାନ କରିବା ସମୟରେ କିଛି ବାଛବିଚାର କରାଯାଇଥାଏ, କିନ୍ତୁ ଅନ୍ନଦାନ ସମୟରେ ସେଭଳି ବିଚାର କରାଯାଏ ନାହିଁ। ଯେ କୌଣସି ବ୍ୟକ୍ତି ଯେ କୌଣସି ସମୟରେ ଗୃହକୁ ଆସିଥିଲେ ମଧ୍ୟ ତାଙ୍କୁ ଅସମ୍ମାନିତ କରାଯିବା ଉଚିତ ନୁହେଁ।

୧୯। ଅନ୍ନଦାନ କରିବାର ମହତ୍‌ପଣିଆ ସମ୍ବନ୍ଧରେ ଶ୍ରୁତିରେ ମଧ୍ୟ ଅନେକ ପ୍ରମାଣ ରହିଛି। ବହୁ ଦିନରୁ ଚଳିଆସୁଥିବା ପ୍ରଥାନୁଯାୟୀ ବାବା ମଧ୍ୟ ଲୋକମାନଙ୍କୁ ଖାଦ୍ୟ ବିତରଣ କରୁଥିଲେ।

୨୦। ଅର୍ଥ ଦାନ କିମ୍ବା ଅନ୍ୟ ଯେ କୌଣସି ପ୍ରକାର ଦାନ, ଅନ୍ନ ଦାନ ବିନା ନିରର୍ଥକ। ସେହିପରି ଦାନ ଚନ୍ଦ୍ରମାବିହୀନ ତାରାପୁଞ୍ଜୀ, ପଦକବିହୀନ ଗଳାହାର ସଦୃଶ। ତାହା ସୁନ୍ଦର ଦେଖାଯାଇଥାଏ କି ?

୨୧। ଷଡ଼ ସ୍ୱାଦ[୧] ମଧ୍ୟରେ ବରଣ[୨] ଶ୍ରେଷ୍ଠ ସ୍ୱାଦ ହୋଇଥାଏ। ସେହିଭଳି ଅନ୍ନଦାନ ଶ୍ରେଷ୍ଠ ଓ ସର୍ବାଧିକ ପୁଣ୍ୟକାରକ। ଚୂଡ଼ାବିହୀନ ମନ୍ଦିର ଯେମିତି ଶୋଭା ପାଏନାହିଁ, ସେମିତି କମଳବିହୀନ ସରୋବର ମନୋରମ ଦେଖାଯାଏ ନାହିଁ ।

୨୨। ସେମିତି ଭକ୍ତିହୀନ ଭଜନ ମନକୁ ପାଏନାହିଁ, ସୁନ୍ଥାରେ ସିନ୍ଦୂର ଲଗାଇ ନ ଥିବା ସଧବା ନାରୀ ଅସୁନ୍ଦର ଦିଶିଥାଏ। ମଧୁର ସ୍ୱର ନ ଥାଇ ସଙ୍ଗୀତ ପରିବେଷଣ ଶ୍ରୁତିକଟୁ ହୋଇଥାଏ ଓ ଲୁଣ ବିନା ଚହ୍ଲାର ସ୍ୱାଦ ଭଲ ଲାଗିନଥାଏ।

୨୩। ଅନ୍ନଦାନ ସମୟରେ ରୋଗୀ, ଦୁର୍ବଳ, ଅନ୍ଧ, ଅଥର୍ବ ଓ ଗରିବମାନଙ୍କୁ ପ୍ରଥମେ ଖାଦ୍ୟ ପରିବେଷଣ କରାଯିବା ଆବଶ୍ୟକ। ସେମାନଙ୍କ ପରେ ବନ୍ଧୁବାନ୍ଧବ ଓ ଅନ୍ୟଲୋକମାନଙ୍କୁ ପରିବେଷଣ କରାଯିବା ବିଧେୟ।

୨୪। ଶ୍ରୋତାମାନଙ୍କୁ ବାବାଙ୍କର ରାନ୍ଧିବା ହାଣ୍ଡି ସମ୍ପର୍କରେ ସାମାନ୍ୟ ଧାରଣା ଦେବା ନିମନ୍ତେ ଓ କୌତୁହଳୀମାନଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ମୁଁ ଏବେ ଚେଷ୍ଟା କରୁଅଛି।

୨୫। ମସ୍‌ଜିଦ୍ ଅଗଣାରେ ଗୋଟିଏ ବଡ଼ ଚୁଲା କରାଯାଇଥିଲା ଓ ତାହା ଉପରେ ବଡ଼ ହାଣ୍ଡିଟାଏ ବସାଇ ସେଥିରେ ବାବା ଉପଯୁକ୍ତ ମାପରେ ଜଳ ଦେଉଥିଲେ।

୨୬। ବେଳେ ବେଳେ ସେ କାନିକା ରାନ୍ଧୁଥିଲେ ଓ ଆଉ କେତେବେଳେ ମାଂସ ପଲାଉ ରାନ୍ଧୁଥିଲେ। ବେଳେ ବେଳେ ସେ ମଇଦାର ମୋଟା ମୋଟା ଗୁଲା ତିଆରି କରୁଥିଲେ ଓ ତାହାକୁ ବରଣରେ ପକାଇ ଦେଉଥିଲେ ।

୨୭। ବେଳେ ବେଳେ ସେ ଅଟାର ରଗଡ଼ା[୩] କିମ୍ବା ପଙ୍ଗା[୪] କରୁଥିଲେ ଓ ସେଗୁଡ଼ିକୁ ବରଣରେ ପକାଇ ଦେଉଥିଲେ। ତାହା ପରେ ସେଥିରେ ମଇଦା ଗୁଳା ପକାଇ ସୁସ୍ୱାଦୁ ତରକାରୀ ରାନ୍ଧୁଥିଲେ।

୨୮ । ପଥର ଶିଳରେ ମସଲା ଆଗ ପେଷି ଦେଉଥିଲେ । ସେ ରୋଷେଇ ପାଇଁ ସବୁ ଜିନିଷ ପ୍ରସ୍ତୁତ କରୁଥିଲେ। ମୁଗ ବଡ଼ି[୪] ନିଜ ହାତରେ ତିଆରି କରି ସେ ତାହାକୁ ରନ୍ଧା ହାଣ୍ଡି ମଧ୍ୟକୁ ଧୀରେ ଧୀରେ ଛାଡ଼ି ଦେଉଥିଲେ।

୨୯ । ସ୍ୱର୍ଗରେ ସ୍ଥାନ ପାଇବା ଆଶାରେ ଯଜ୍ଞ ଆୟୋଜନ କରି ପଶୁବଳି ଦିଆଯାଇଥାଏ। ଶାସ୍ତ୍ର ଏହି ବଳିବିଧିକୁ ଗ୍ରହଣ କରୁଥିବାରୁ ବ୍ରାହ୍ମଣମାନେ ମଧ୍ୟ ଅର୍ପଣ[୬] ପରେ ସେହି ମାଂସ ଭକ୍ଷଣ କରିଥାନ୍ତି।

୩୦ । ସେହିଭଳି ଧର୍ମୀୟ ବିଧିବିଧାନ ଅନୁସାରେ ଛେଳିକୁ ମାରିବା ପୂର୍ବରୁ କୋରାନ୍ ଆବୃତ୍ତି କରିବାପାଇଁ ମୁଲା[୭]ମାନଙ୍କୁ ବାବା ଆମନ୍ତ୍ରଣ କରିଆଣୁଥିଲେ।

୩୧ । ରନ୍ଧା ହାଣ୍ଡି ଦୁଇଟି ଥିଲା। ଗୋଟିଏ ବଡ଼ ଓ ଅନ୍ୟଟି ଛୋଟ। କେତେଜଣ ଲୋକଙ୍କୁ ଖାଇବାକୁ ଦିଆଯିବ, ସେହି ହିସାବରେ ସେ ବଡ଼ କିମ୍ବା ଛୋଟ, ଗୋଟିଏ ହାଣ୍ଡିରେ ଖାଦ୍ୟ ରାନ୍ଧୁଥିଲେ ।

୩୨ । ଛୋଟ ହାଣ୍ଡିରେ ରନ୍ଧାଗଲେ ପଚାଶ ଜଣଙ୍କ ପାଇଁ ଖାଦ୍ୟ ଯଥେଷ୍ଟ ହେଉଥିବାବେଳେ ବଡ଼ ହାଣ୍ଡିରେ ରନ୍ଧା ଯାଇଥିଲେ ଶହେ ଲୋକ ଖାଇ ସାରିବା ପରେ ମଧ୍ୟ କିଛି ଖାଦ୍ୟ ବଳୁଥିଲା।

୩୩। ରୋଷେଇ ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ ଆଣିବା ପାଇଁ ବାବା ନିଜେ ଦୋକାନକୁ ଯାଉଥିଲେ ଓ ହିସାବକରି ସବୁ ଜିନିଷ କିଣି ଆଣୁଥିଲେ। ସେ ସାଙ୍ଗେ ସାଙ୍ଗେ ସମସ୍ତ ମୂଲ୍ୟ ନଗଦ ଟଙ୍କା ଆକାରରେ ଦେଇ ଦେଉଥିଲେ ଓ ଧାର୍‌ରେ କିଛି କିଣାଯିବାର ପ୍ରଶ୍ନ ନ ଥିଲା।

୩୪। କ'ଣ ରାନ୍ଧିବେ, ତାହା ଭାବିଚିନ୍ତି ବାବା ଆବଶ୍ୟକତା ଅନୁଯାୟୀ ଲୁଣ, ଲଙ୍କା, ଧଣିଆଁ, ଗୋଲମରିଚ, ପନିପରିବା, ଡାଲି, ନଡ଼ିଆ ଇତ୍ୟାଦି ନିଜେ କିଣୁଥିଲେ।

୩୫ । ମସ୍‌ଜିଦ୍‌ରେ ବସି ଓ ପେଷଣ ପଥର ଚକି ନିଜ ହାତରେ ଧରି ବାବା ଗହମ, ଚାଉଳ, ବାଜରା ଓ ମସଲା ପ୍ରଭୃତି ନିଜେ ପେଷୁଥିଲେ।

୩୬। ବାବା ରାନ୍ଧିବା ନିମନ୍ତେ ସବୁ କାମ ଅବିଶ୍ରାନ୍ତ ଭାବରେ ନିଜେ କରୁଥିଲେ। ଏପରିକି ସେ ମସଲା ବାଟିବା କାର୍ଯ୍ୟ ମଧ୍ୟ ଆନନ୍ଦରେ ନିଜେ କରୁଥିଲେ।

୩୭। ବାବା ନିଜେ ଚୁଲୀ ଜାଳୁଥିଲେ, ଜାଳେଣିକାଠ ଖଞ୍ଜୁଥିଲେ ଓ ଆବଶ୍ୟକତା ଅନୁଯାୟୀ ଅଗ୍ନିଶିଖାକୁ କମ୍ ବେଶି କରୁଥିଲେ।

୩୮ । ଡାଲିକୁ ବତୁରାଇ ନିଜେ ଚକିରେ ତାହାକୁ ପେଷୁଥିଲେ ଓ ସେଥିରେ ଧନିଆ, ଜୀରା, ହେଙ୍ଗୁ ଇତ୍ୟାଦି ମିଶାଇ ଖାଦ୍ୟକୁ ମସଲାଯୁକ୍ତ ଓ ସ୍ୱାଦିଷ୍ଟ କରୁଥିଲେ।

୩୯ । ସେ ଅଟାକୁ ଭଲ ଭାବରେ ଚକଟି ଆବଶ୍ୟକ ଆକାରରେ ଲମ୍ବ କରିଦେଉଥିଲେ ଓ ସେଥିରୁ ଛୋଟ ଛୋଟ ଗୁଳା କରି ତାହାକୁ ବେଲି ପତଳା ରୋଟି ତିଆରି କରୁଥିଲେ।

୪୦ । ବେଳେ ବେଳେ ସେ ହାଣ୍ଡିରେ ଆମ୍ବିଳ ମଧ୍ୟ ରାନ୍ଧୁଥିଲେ । ବାଜରା ବା ମକାଗୁଣ୍ଡରେ ପାଣି ଓ ଘୋଳଦହି ମିଶାଇ ତାହା ପ୍ରସ୍ତୁତ କରୁଥିଲେ।

୪୧ । ବାବା ଖାଦ୍ୟ ସହିତ ଆମ୍ବିଳ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ନିଜ ହାତରେ ସମସ୍ତଙ୍କୁ ପରଷୁଥିଲେ।

୪୨ । ଖାଦ୍ୟ ଭଲ ଭାବରେ ରନ୍ଧା ହୋଇଗଲା ବୋଲି ଜାଣିବା ପରେ ହାଣ୍ଡିକୁ ଚୁଲୀ ଉପରୁ ଉଠାଇ ମସ୍‌ଜିଦ୍‌କୁ ଅଣାଯାଉଥିଲା ଓ ସେଠାରେ ରହୁଥିଲା ।

୪୩। ମୌଲବୀ ଖାଦ୍ୟକୁ ବିଧି ଅନୁଯାୟୀ ଫତେହା କରିବା ପରେ ପ୍ରଥମେ ମହାଲ୍‌ସାପତି ଓ ତାତ୍ୟାଙ୍କ ନିକଟକୁ ପ୍ରସାଦ ପଠାଯାଉଥିଲା।

୪୪। ତା'ପରେ ସମସ୍ତ ଖାଦ୍ୟ ବାବା ନିଜ ହାତରେ ଗରିବ ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ପରଷୁଥିଲେ ଓ ସେମାନଙ୍କୁ ପେଟପୂରା ଖୁଆଇ ସନ୍ତୁଷ୍ଟ କରୁଥିଲେ।

୪୫ । ଖାଦ୍ୟ ଅଭାବୀ ଲୋକେ ଆଗ୍ରହ ସହକାରେ ପେଟ ଭର୍ତ୍ତି ହେବା ପର୍ଯ୍ୟନ୍ତ ଖାଉଥିଲେ। ବାବା ସେମାନଙ୍କୁ ସ୍ନେହରେ 'ଆଉ ଟିକିଏ ନିଅ, ଖାଅ' କହି ବାଧ୍ୟ କରି ଖୁଆଉଥିଲେ।

୪୬ । ଯେଉଁମାନେ ମନ ତୃପ୍ତିହେବା ପର୍ଯ୍ୟନ୍ତ ଏହି ଖାଦ୍ୟ ଖାଉଥିଲେ, ସେମାନଙ୍କର ପୁଣ୍ୟବଳ କେତେ ଥିଲା ! ବାବା ନିଜେ ସେମାନଙ୍କୁ ପରଷୁଥିଲେ। ସେମାନେ କେଡ଼େ ଭାଗ୍ୟବାନ !

୪୭ । ଏଠି ସ୍ୱାଭାବିକ ଭାବରେ ମନରେ ଏକ ସନ୍ଦେହ ଉପୁଜିଥାଏ । ବାବା କ'ଣ ସମସ୍ତ ଭକ୍ତଙ୍କୁ ଆମିଷ ଖାଦ୍ୟ ବିନା ଦ୍ୱିଧାରେ ବାଣ୍ଟୁଥିଲେ !

୪୮ । ଏହି ସନ୍ଦେହ ମୋଚନ ନିମନ୍ତେ ଅଧିକ ସମୟ ଲାଗିବ ନାହିଁ। ସେ କେବଳ ଏହି ପ୍ରକାର ଖାଦ୍ୟ ନିୟମିତ ଆମିଷ ଖାଉଥିବା ବ୍ୟକ୍ତିମାନଙ୍କୁହିଁ ଦେଉଥିଲେ।

୪୯ । ଯେଉଁମାନେ ଏହି ଜନ୍ମରେ ଏଭଳି ଖାଦ୍ୟ ଖାଇବାରେ ଅଭ୍ୟସ୍ତ ନ ଥିଲେ, ସେମାନଙ୍କୁ ତାହା ଏପରିକି ଛୁଇଁବା ନିମିତ୍ତ ବି ଦିଆଯାଉ ନ ଥିଲା । ସେ କେବେ ଏହା କରିବାର ଚେଷ୍ଟା ମଧ୍ୟ କରି ନ ଥିଲେ । ଯେଉଁମାନଙ୍କର ପ୍ରସାଦ ଆକାରରେ ମାଂସ ଭକ୍ଷଣ କରିବା ନିମନ୍ତେ ଏକାନ୍ତ ଆଗ୍ରହ ଥିଲା, କେବଳ ସେଇମାନଙ୍କୁହିଁ ଏହା ସେ ଦେବାର ଚେଷ୍ଟା କରୁଥିଲେ ।

୫୦ । ଗୁରୁ ପ୍ରସାଦ ଭାବରେ କିଛି ଦେଉଥିବା ସମୟରେ ଶିଷ୍ୟ ଏହା ଗ୍ରହଣୀୟ କି ନୁହେଁ ବୋଲି ଚିନ୍ତା କରୁଥିଲେ ବା ସନ୍ଦେହ କରୁଥିଲେ ସେ ଶିଷ୍ୟ ନର୍କଗାମୀ ହୋଇଥାଏ ।

୫୧ । ଏହି ନୀତିକୁ କେଉଁ ଶିଷ୍ୟ କେତେଦୂର ଗ୍ରହଣ କରିଛି, ତାହା ଜାଣିବା ନିମିତ୍ତ ବାବା ରସିକତା କରି ପରୀକ୍ଷା କରୁଥିଲେ ।

୫୨ । ଏ କଥା ଲେଖି ବସିବା ସମୟରେ ମୋର ଗୋଟିଏ ଘଟଣା ମନେ ପଡ଼ିଯାଉଛି ଓ ତାହା ଶ୍ରୋତାମାନେ ମନ ଧ୍ୟାନ ଦେଇ ଶୁଣିବା ଉଚିତ । ଏହା ସେମାନଙ୍କ ପାଇଁ ମଙ୍ଗଳକର ହେବ ।

୫୩ । ଥରେ ଗୋଟିଏ ଏକାଦଶୀ ଦିନ ବାବା ଦାଦା କେଲକରଙ୍କୁ କହିଥିଲେ, "ତୁମେ କୋରହାଲା ଯାଇ ମୋ ପାଇଁ କିଛି ମାଂସ ଆଣି ଦେବ କି ?"

୫୪ । ବାବା ସେଥିପାଇଁ କିଛି ଟଙ୍କା ବାହାର କରି ଦାଦାଙ୍କୁ ଗଣି ଗଣି ଦେଇଥିଲେ । "ତୁମେ ନିଜେ ଯିବ ଓ ନିଜେ ଆଣିବ" ବୋଲି ଆଦେଶ ଦେଇଥିଲେ ।

୫୫ । ତାଙ୍କର ନାମ ଗଣେଶ ଦାମୋଦର ଥିଲା ଓ ସାଙ୍ଗିଆ କେଳକର ଥିଲା । ସେ ବୟୋଜ୍ୟେଷ୍ଠ ଥିବାରୁ ଲୋକେ ତାଙ୍କୁ 'ଦାଦା' ବୋଲି ଡାକୁଥିଲେ ।

୫୬ । ସେ ହରି ବିନାୟକ ସାଠେଙ୍କର ଶ୍ୱଶୁର ଥିଲେ । ଶ୍ରୀସାଇଙ୍କ ପ୍ରତି ତାଙ୍କର ଅଗାଧ ଶ୍ରଦ୍ଧା ରହିଥିଲା । ବ୍ରାହ୍ମଣ ହିସାବରେ ସେ ବ୍ରାହ୍ମଣଙ୍କ ଯୋଗ୍ୟ ଧର୍ମୀୟ ବିଧିବିଧାନ ଅତି ନିଷ୍ଠା ସହକାରେ ପାଳନ କରୁଥିଲେ । ସେ ସଦ୍‌ଚିନ୍ତା ଓ ସଦାଚରଣ କରୁଥିଲେ ।

୫୭ । ସେ ଦିବାରାତ୍ର ଗୁରୁଙ୍କର ସେବା କରୁଥିଲେ ମଧ୍ୟ ସନ୍ତୁଷ୍ଟ ନ ଥିଲେ । ଏହି ଅଦ୍ଭୁତ ଆଦେଶର ଅଭିଜ୍ଞତା ସେ କିପରି ଅବା ପାଇ ନ ଥାନ୍ତେ ?

୫୮ । ଯାହାଙ୍କର ଶରୀର ସୁସ୍ଥ ରହିଥାଏ ଓ ପୂର୍ବାଭ୍ୟାସର ଶକ୍ତି ରହିଥାଏ, ସେହିଭଳି ବ୍ୟକ୍ତିଙ୍କର ମନ କେବେ ଚଞ୍ଚଳ ହୁଏନାହିଁ ଓ ବୁଦ୍ଧି ଗୁରୁଙ୍କର ପାଦ ତଳେ ସ୍ଥିର ରହିଥାଏ ।

୫୯ । ସେ ଜାଣିଥିଲେ ଯେ ଅର୍ଥ, ଶସ୍ୟ, ବସ୍ତ୍ର ଇତ୍ୟାଦି ଅର୍ପଣ କରିବା କେବଳ ଦକ୍ଷିଣା ନୁହେଁ, ଗୁରୁଙ୍କର ଆଜ୍ଞାକୁ ନିଷ୍ଠାପର ଭାବରେ ପାଳନ କରିବା ହିଁ ପ୍ରକୃତ ଦକ୍ଷିଣା ଓ ତାହା କଲେ ଗୁରୁ ସବୁଠାରୁ ବେଶି ପ୍ରୀତ ହୋଇଥାନ୍ତି ।

୬୦ । ଯିଏ ନିଜର ସମଗ୍ର ଶରୀର ସମର୍ପଣ କରିଦେଇଥାଏ, ତାହାର ପ୍ରକୃତ ବିଶ୍ୱାସ ରହିଥାଏ ଓ ଶେଷରେ ସେ ଗୁରୁଙ୍କ କରୁଣା ଲାଭ କରିଥାଏ ।

୬୧ । ଆଦେଶ ପାଇବା ମାତ୍ରକେ ସେ ତୁରନ୍ତ ଲୁଗାପଟା ବଦଳାଇ ସେହି ଗ୍ରାମକୁ ଯିବା ପାଇଁ ବାହାରି ପଡ଼ିଥିଲେ । ସେତିକିବେଳେ ତାଙ୍କୁ ବାବା ପଛରୁ ଡାକିଥିଲେ ଓ ସେ ଫେରିଆସିଥିଲେ ।

୬୨ । "ତୁମେ ଏଥିପାଇଁ ଆଉ କାହାରିକୁ ପଠାଇଦିଅ" ବାବା କହିଥିଲେ । "ତୁମେ ନିଜେ ଏଥିପାଇଁ ଯାଇ ଆସି ଅଯଥାରେ ହଇରାଣ ହେବା ଉଚିତ ନୁହେଁ ।"

୬୩ । ଦାଦା ଚାକର ପାଣ୍ଡୁଙ୍କୁ ମାଂସ ଆଣିବା ପାଇଁ କହିଥିଲେ । ବାବା ସେତେବେଳେ ଦାଦାଙ୍କୁ କ'ଣ କହିଥିଲେ, ଶୁଣନ୍ତୁ ।

୬୪ । ପାଣ୍ଡୁ ଯିବାପାଇଁ ବାହାରିଥିଲା ଓ ଠିକ୍ ଗୋଡ଼ ବଢ଼ାଇବା ସମୟରେ ବାବା କହିଥିଲେ, "ଆଜି ଥାଉ, ତାକୁ ଫେରି ଆସିବାକୁ କୁହ ।"

୬୫ । ତାହା ହିଁ ହୋଇଥିଲା । ଅନ୍ୟ ଏକ ଘଟଣାରେ ବାବାଙ୍କର ମାଂସ ରାନ୍ଧିବା ପାଇଁ ପ୍ରବଳ ଇଚ୍ଛା ହୋଇଥିଲା । ସେ ଚୁଲୀରେ ବଡ଼ ହଣ୍ଡାଟିକୁ ବସାଇ ଦେଇ ମାଂସ ଭର୍ତ୍ତି କରି ଦେଇଥିଲେ ।

୬୬ । ସେ ଚାଉଳ ଧୋଇଥିଲେ ଓ ମାପ ଅନୁସାରେ ସେଥିରେ ଆବଶ୍ୟକୀୟ ଜଳ ଦେଇଥିଲେ । ଚୁଲୀରେ କାଠ ଭର୍ତ୍ତି କରି ଦେଇ ଜୋର୍‌ରେ ଜଳିବା ପାଇଁ ଫୁଙ୍କିବାକୁ ବସି ଯାଇଥିଲେ ।

୬୭ । ସମୁଦାୟ ଗ୍ରାମବାସୀ ବାବାଙ୍କର ଆଜ୍ଞାବହ ଥିଲେ ଓ ଯେ କେହି ବ୍ୟକ୍ତି ବସି ରହି ଖୁସିରେ ଚୁଲୀ ଜାଳିଦେଇଥାନ୍ତେ, ମାତ୍ର ବାବାଙ୍କର ବିନା ଆଦେଶରେ କେହି ତାହା କରିବାକୁ ସାହସ କରିପାରୁ ନ ଥିଲେ ।

୬୮ । ସେଥିପାଇଁ କେବଳ ଆଦେଶ ଦେବାହିଁ ଲୋଡ଼ା

ଥିଲା । ଆଦେଶ ଦେଇଥିଲେ ଖାଦ୍ୟ ରନ୍ଧା ହୋଇଯାଇଥାନ୍ତା ଓ ତାଙ୍କ ନିକଟକୁ ଆସିଯାଇଥାନ୍ତା । ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସେବା କରିବା ନିମନ୍ତେ ସର୍ବଦା ଆଗ୍ରହୀ ଥିଲେ ମଧ୍ୟ ବାବା ସେଥିପାଇଁ ଆଗ୍ରହୀ ନଥିଲେ ।

୬୯ । ସେ ଆଗ୍ରହୀ ନ ଥିଲେ ବୋଲି କହିଲେ ଅବଶ୍ୟ ଠିକ୍ ହେବନାହିଁ । ଅଜ୍ଞାତ ଆଗନ୍ତୁକମାନଙ୍କୁ ଅନ୍ନଦାନ ଦେବା ପାଇଁ ଯିଏ ନିଜେ ରାନ୍ଧିବାକୁ ଚାହୁଁଥିଲେ, ସେ ଅନ୍ୟମାନଙ୍କୁ ହଇରାଣ କରିଥାନ୍ତେ କାହିଁକି ?

୭୦ । ସେ ନିଜର ଜୀବନଧାରଣ ପାଇଁ ଭିକ୍ଷା ମାଗୁଥିଲେ ଓ ଦ୍ୱାର ଦ୍ୱାର ବୁଲି ଫାଳେ ଅଧେ ରୁଟି ମାଗି ଆଣୁଥିଲେ ।

୭୧ । କିନ୍ତୁ ସେ ଯେତେବେଳେ ନିଜେ ଅନ୍ନଦାନ କରିବାକୁ ଇଚ୍ଛୁକ ଥିଲେ, ସେତେବେଳେ ଅନ୍ୟ କାହାରି ଉପରେ ନିର୍ଭର କରୁନଥିଲେ ଓ ନିଜେ ସବୁ କାମ ନ କଲେ ସନ୍ତୁଷ୍ଟ ହେଉନଥିଲେ ।

୭୨ । ବାବା ନଗଦ ଟଙ୍କାଦେଇ ନିଜେ ମଇଦା, ଅଟା, ଚାଉଳ, ଡାଲି ଇତ୍ୟାଦି କିଣି ଆଣୁଥିଲେ ଓ ଶହ ଶହ ଲୋକଙ୍କୁ ଖୁଆଉଥିଲେ ।

୭୩। ବାବା ନିଜ ହାତରେ ବସ୍ତା ଧରି ଦୋକାନକୁ ଯାଉଥିଲେ ଓ ଦୋକାନୀଠାରୁ ଜିନିଷପତ୍ର ଆଣୁଥିଲେ । କିପରି ସଚ୍ଚୋଟ ଭାବରେ କାରବାର କରାଯାଏ, ସେଇ ଶିକ୍ଷା ଲୋକେ ସେଥିରୁ ଲାଭ କରୁଥିଲେ ।

୭୪ । ସେ ଭିନ୍ନ ଭିନ୍ନ ଜିନିଷ ହାତରେ ପରଖି ମୂଲଚାଲ କରି ଦର ସ୍ଥିର କରୁଥିଲେ । ତାଙ୍କୁ କେହି ଠକି ପାରୁ ନ ଥିଲେ କିମ୍ବା ଠକି ଦେଇଛି ବୋଲି କହି କେହି ଗର୍ବ କରୁ ନ ଥିଲେ ।

୭୫ । ସେ ଅବଶେଷରେ ଦୋକାନୀ ଯାହା ମାଗିଥାଏ, ତାହାର ଦୁଇଗୁଣା ପଇସା ନଗଦ ଆକାରରେ ଦେଉଥିଲେ । ମାତ୍ର ମୂଲଚାଲ କରିବା ସମୟରେ ପଇସାଟିଏ ମଧ୍ୟ ଅଧିକ ଦେଉ ନ ଥିଲେ କି ଛାଡୁନଥିଲେ ।

୭୬ । ସେ ନିଜେ ଏ କାମ କରିବାକୁ ବହୁତ ଭଲ ପାଉଥିଲେ ଓ ତାହା ଆଉ କେହି କରୁ ବୋଲି ଆଦୌ ଚାହୁଁ ନ ଥିଲେ । ସେ ଅନ୍ୟ କାହାରି ନିକଟରୁ ସାହାଯ୍ୟ ଚାହୁଁ ନ ଥିଲେ ଓ ଅନ୍ୟମାନଙ୍କୁ ହଇରାଣ କରିବା ନିମନ୍ତେ ଇଚ୍ଛା ମଧ୍ୟ କରୁ ନ ଥିଲେ ।

୭୭ । ଏହି ନିୟମଟିକୁ ବାବା ସବୁ ସମୟରେ ପାଳୁଥିଲେ । ତେଣୁ ରୋଷେଇ କରିବା ପାଇଁ ସେ ଅନ୍ୟ କାହାରି ସାହାଯ୍ୟ ଲୋଡୁନଥିଲେ ।

୭୮ । ତାଙ୍କର କାର୍ଯ୍ୟ କେବଳ ରୋଷେଇ କରିବାରେ ସୀମିତ ନଥିଲା । ଧୁନି ନିକଟରେ ଥିବା ଘରେ ଯେଉଁଠାରେ ଜାଳକାଠ ରହୁଥିଲା, ସେହି ଘରର ପୂର୍ବ ପଟ କାନ୍ଥର ପ୍ରାୟ ତିନି ଚତୁର୍ଥାଂଶ ବାବା ନିଜ ହାତରେ ଗଢ଼ିଥିଲେ ।

୭୯ । ସେ ପାଣିରେ ମାଟିକୁ କାଦୁଅ କରିଥିଲେ ଓ ହାତରେ କରଣି ଧରି ସେହି କାଦୁଅ ସାହାଯ୍ୟରେ ଇଟା ଉପରେ ଇଟା ବସାଇ କାନ୍ଥ ତିଆରି କରିଥିଲେ ।

୮୦ । ବାବା କ'ଣ ଅବା କରୁନଥିଲେ ! ସେ ମସ୍‌ଜିଦ୍‌କୁ ଗୋବରରେ ନିଜେ ଲିପୁଥିଲେ । ସେ କଫ୍‌ନୀ ଓ ଲେଙ୍ଗୁଟି ନିଜେ ସିଲାଇ କରୁଥିଲେ । ସେଥିନିମନ୍ତେ କାହାରିଠୁ କିଛି ସାହାଯ୍ୟ ଆଶା କରୁନଥିଲେ ।

୮୧ । ଚୁଲାରେ ବସିଥିବା ହାଣ୍ଡିରୁ ବାମ୍ଫ ବାହାରିଲେ ଓ ତାହା ମଧ୍ୟରେ ରନ୍ଧା ହେଉଥିବା ସାମଗ୍ରୀ ଜୋରରେ ଫୁଟିଲେ ବାବା ତାଙ୍କ ହାତରୁ କଫ୍‌ନୀକୁ ଉପରକୁ ଉଠାଇ ଦେଇ ହାଣ୍ଡି ଭିତରେ ହାତ ଭର୍ତ୍ତିକରି ରନ୍ଧାଦ୍ରବ୍ୟଗୁଡ଼ିକୁ ଉପର ତଳ କରି ଓଲଟାଉଥିଲେ କିମ୍ବା ଘାଣ୍ଟି ଦେଉଥିଲେ ।

୮୨ । ହାଣ୍ଡି ଭିତରେ ଖାଦ୍ୟଦ୍ରବ୍ୟ ଫୁଟିବା ସମୟରେ ତାହାକୁ ଘାଣ୍ଟିବାର ଆବଶ୍ୟକତା ପଡୁଥିଲେ ବାବା ଏହିଭଳି ଅବିଶ୍ୱାସ୍ୟ ଲୀଳା ପ୍ରଦର୍ଶନ କରୁଥିଲେ ।

୮୩। ରକ୍ତମାଂସର ହାତ ଓ ସେହି ଫୁଟନ୍ତା ତତଲାହାଣ୍ଡି ସମ୍ବନ୍ଧରେ ଚିନ୍ତା କରନ୍ତୁ । କିନ୍ତୁ ତାଙ୍କ ମୁହଁରେ କୌଣସି ଶଙ୍କା ପ୍ରକାଶ ପାଉନଥିଲା, ହାତରେ ଫୋଟକା ହେବାର ଚିହ୍ନ ନଥିଲା କି ହାତ ତାତିଯିବାର ଦାଗ ନଥିଲା ।

୮୪ । ଯେଉଁ ହସ୍ତ ଭକ୍ତଙ୍କର କପାଳ ସ୍ପର୍ଶକଲେ ଭକ୍ତମାନଙ୍କର ତ୍ରିତାପ ଦୂର ହୋଇଯାଉଥିଲା, ତାହାକୁ ଅଗ୍ନି କିପରି ଅସୁବିଧାରେ ପକାଇପାରିବ ? ସେ କ'ଣ ତାହାର ମାହାତ୍ମ୍ୟ ଜାଣିନାହିଁ ?

୮୫ । ସେ ଭିଜା ଡାଲିକୁ ପେଷଣ ଚକିରେ ପକାଇ ନିଜେ ବାଛି ପରିଷ୍କାର କରୁଥିଲେ ଓ ନିଜେ ତାହାକୁ ପେଷି ମୁଗବଡ଼ି ତିଆରି କରୁଥିଲେ ।

୮୬ । ତା'ପରେ ସେଗୁଡ଼ିକୁ ହାଣ୍ଡି ଭିତରକୁ ଧୀରେ ଧୀରେ ପକାଇଦେଉଥିଲେ ଓ ସେଗୁଡ଼ିକ ତଳେ ଲାଗିନଯିବା ପାଇଁ

ଘାଣ୍ଟି ଦେଉଥିଲେ। ରନ୍ଧା ସରିଯିବା ପରେ ସେ ହାଣ୍ଡିକୁ ଚୁଲୀ ଉପରୁ ଉଠାଇ ଆଣି ସମସ୍ତଙ୍କୁ ପ୍ରସାଦ ବାଣ୍ଟୁଥିଲେ।

୮୭। ଶ୍ରୋତାମାନେ ପ୍ରଶ୍ନ କରିପାରନ୍ତି ଯେ ସାଇବାବା ଜଣେ ମୁସଲମାନ ହୋଇଥିବାରୁ ସେ କିପରି ସମସ୍ତଙ୍କୁ ପ୍ରସାଦ ବାଣ୍ଟୁଥିଲେ ? ସେ ନିଜେ ରାନ୍ଧିଥିବା ଖାଦ୍ୟକୁ କିପରି ଲୋକମାନଙ୍କୁ ଖାଇବାକୁ ଦେଉଥିଲେ ? ହିନ୍ଦୁମାନଙ୍କର ଆଚରଣ ବିଧି ଅନୁଯାୟୀ ଏହା ଫଳରେ ସେମାନେ ଅପବିତ୍ର ହୋଇଯାଉନଥିଲେ ?

୮୮। ଏହି ପ୍ରଶ୍ନର ଏକମାତ୍ର ଉତ୍ତର ରହିଛି। ଧର୍ମ ଅନୁମୋଦିତ ଓ ଅଣ-ଅନୁମୋଦିତ ବିଧିବିଧାନ ସମ୍ପର୍କରେ ଶ୍ରୀସାଇ ସବୁବେଳେ ସଚେତନ ରହୁଥିଲେ।

୮୯। ହାଣ୍ଡିରେ ରନ୍ଧା ଯାଇଥିବା ଖାଦ୍ୟକୁ ସମସ୍ତେ ନିର୍ବିଚାରରେ ଖାଇବା ପାଇଁ ବାବା କେବେ ମଧ୍ୟ ବାଧ୍ୟ କରୁନଥିଲେ।

୯୦। କିନ୍ତୁ ଯିଏ ସ୍ୱେଚ୍ଛାରେ ଓ ବିଶ୍ୱାସ ସହକାରେ ପ୍ରସାଦ ପାଇବାର ଇଚ୍ଛା କରୁଥିଲେ, ବାବା ତାଙ୍କର ଇଚ୍ଛା ପୂରଣ କରୁଥିଲେ । ସେ କେବେ ଛଳନା କିମ୍ୱା ଠକାମି କରିନଥିଲେ।

୯୧। ତାହା ବ୍ୟତୀତ ତାଙ୍କର ଜାତି ବିଷୟରେ କିଏ ବା ଜାଣିଥିଲା ? ସେ ଗୋଟିଏ ମସ୍‌ଜିଦ୍‌ରେ ରହୁଥିଲେ ବୋଲି ତାଙ୍କୁ ମୁସଲମାନ କୁହାଯାଉଥିଲା। କିନ୍ତୁ ତାଙ୍କର ହାବଭାବ ଓ ଆଚରଣ ଦେଖି ସେ କେଉଁ ଜାତିର ବୋଲି କେହି ଜାଣିପାରୁନଥିଲେ।

୯୨। ଯାହାଙ୍କୁ ଭଗବାନଙ୍କ ଅବତାର ବୋଲି ବିଶ୍ୱାସ କରାଯାଉଥିଲା ଓ ଯାହାଙ୍କ ପାଦଧୂଳିରେ ଆଶ୍ରୟ ନିଆଯାଉଥିଲା, ତାଙ୍କର ପୁଣି ଜାତି ପ୍ରଶ୍ନ ଉଠିଲା କେଉଁଠୁ ? ଏଭଳି ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କର ଆଧାତ୍ମିକ ଉନ୍ନତି ପାଇଁ ଉଦ୍ୟମକୁ ହେୟଜ୍ଞାନ କରାଯିବା ଉଚିତ୍।

୯୩। ଯିଏ ସ୍ୱର୍ଗ ଓ ମର୍ତ୍ତ୍ୟ ପ୍ରତି ବୀତସ୍ପୃହ, ଯାହାଙ୍କର ଏକମାତ୍ର ସମ୍ପତ୍ତି ହେଉଛି ଅନାସକ୍ତି ଓ ବିଚାରବୁଦ୍ଧି, ତାଙ୍କର ଜାତି କ'ଣ ବୋଲି ଜାଣିବାର ପ୍ରଶ୍ନ ଉଠିଲା କେଉଁଠୁ ? ଏଭଳି ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କର ଆଧାତ୍ମିକ ଉନ୍ନତି ପାଇଁ ପ୍ରଚେଷ୍ଟାକୁ ଅବଜ୍ଞା କରାଯିବା ଆବଶ୍ୟକ।

୯୪। ଯିଏ ଧର୍ମ ଓ ଅଧର୍ମର ଦ୍ୱୈତ ଭାବନାଠାରୁ ଊର୍ଦ୍ଧ୍ୱରେ ଓ ଯିଏ ଶୁଦ୍ଧ ଓ ପରମ ଆନନ୍ଦରେ ନିମଜ୍ଜିତ, ତାଙ୍କର ପୁଣି ଜାତି ପ୍ରଶ୍ନ ଉଠିଲା କେଉଁଠୁ ? ଯେଉଁମାନେ ଏଭଳି ସନ୍ଦେହ ପୋଷଣ କରି ଆଧାତ୍ମିକ ଉନ୍ନତି ପାଇଁ ପ୍ରୟାସ କରିଥାନ୍ତି, ସେମାନଙ୍କୁ ହୀନ ବୋଲି ଜ୍ଞାନ କରାଯିବା ଉଚିତ୍।

୯୫। ବାବାଙ୍କର ଜୀବନର ଏହି କାହାଣୀଗୁଡ଼ିକୁ ମୁଁ ମୋ ନିଜର ଆନନ୍ଦ ପାଇଁ ଗାୟନ କରୁଅଛି। ଯିଏ ଏହାକୁ ଶୁଣିବା ନିମନ୍ତେ ଗଭୀର ଇଚ୍ଛା ପ୍ରକାଶ କରିବ, ତାଙ୍କର ଭକ୍ତିଭାବନା ପୂର୍ଣ୍ଣ ହେବ।

୯୬। ତାହାହିଁ ହେଉ। ଏହି କାହାଣୀ ସମାପ୍ତ ହୋଇନାହିଁ। ଆମେ ପଛକୁ ଫେରିଯିବା ଓ ବାବା ଦାଦାଙ୍କୁ କ'ଣ କହିଥିଲେ, ଚାଲନ୍ତୁ ଶୁଣିବା।

୯୭। "ମୁଁ ମାଂସ ପଲାଉ ରାନ୍ଧିଛି। କେମିତି ହୋଇଛି ଦେଖିଲଣି ?" ଦାଦା ଉପରଠାଉରିଆ ଭାବରେ କହିଥିଲେ, "ହଁ, ହଁ, ବହୁତ ଭଲ ହୋଇଛି।"

୯୮। ଦାଦା ଜଣେ ପୁରୁଖା ଓ ଅଗ୍ରଗଣ୍ୟ ଭକ୍ତ ଥିଲେ । ସେ ପ୍ରତ୍ୟହ ସ୍ନାନ, ପ୍ରାର୍ଥନା ଇତ୍ୟାଦି ବିଧି ମୁତାବକ କରୁଥିଲେ ଓ ଧାର୍ମିକ ବିଧିବିଧାନ ମାନି ଚଳୁଥିଲେ। ଏହି ପ୍ରଶ୍ନ ଠିକ୍ ନଥିଲା ବୋଲି ସେ ମନେ କରିଥିଲେ ।

୯୯। ବାବା ତା'ପରେ ଦାଦାଙ୍କୁ କହିଥିଲେ, "ତୁମେ ତାହା ଆଖିରେ ଦେଖିନାହଁ କି ଚାଖିନାହଁ। ବହୁତ ଭଲ ହୋଇଛି ବୋଲି କିପରି କହୁଛ ?

୧୦୦। "ତୁମେ ହାଣ୍ଡିର ଢାଙ୍କୁଣି କାଢ଼ି ନିଜ ହାତରେ ତାହା ଅନୁଭବ କର।" ତା'ପରେ ଦାଦାଙ୍କ ହାତକୁ ଧରିନେଇ ବାବା ନିଜେ ହାଣ୍ଡି ଭିତରେ ବୁଡ଼ାଇ ଦେଇଥିଲେ।

୧୦୧। ପୁଣି କହିଥିଲେ, "ହାତ ବାହାର କରିଆଣ। କରଚୁଲୀରେ ଆଣି ଥାଳିରେ ବାଢ଼। ତୁମର ନୈଷ୍ଠିକତାକୁ ଖାତିର କରନାହିଁ। ଅଯଥାରେ ହୋହଲ୍ଲା କରନାହିଁ।"

୧୦୨। ସନ୍ଥ ଜଣେ ଶିଷ୍ୟଙ୍କୁ ଅପବିତ୍ର କରିଦେବାର ଚିନ୍ତା ପ୍ରଥମତଃ ଅଦ୍ଭୁତ ! ସନ୍ଥଙ୍କର କରୁଣା ସଦାବେଳେ ଉଚ୍ଛୁଳି ଉଠୁଥାଏ। କିଭଳି ଆଚରଣ କରାଯିବା ଆବଶ୍ୟକ, ସେମାନେ ତାହା ଜାଣିଥାନ୍ତି।

୧୦୩। ଯେତେବେଳେ ପ୍ରକୃତ ପ୍ରେମର ଜୁଆର ଉଠିଥାଏ, ସେତେବେଳେ ମା' ମଧ୍ୟ ନିଜ ହାତରେ ନିଜର ପିଲାକୁ ଚିମୁଟି ଦେଇଥାଏ। ପିଲା କାନ୍ଦି ଉଠିଲେ ସେ ତାକୁ ଗେଲକରି ନିଜର ଛାତିରେ ଜଡ଼ାଇ ଧରିଥାଏ।

୧୦୪। ନିଷିଦ୍ଧ ଖାଦ୍ୟ ଖାଇବାକୁ ଯିଏ ଚାହୁଁଥିଲା, ତା'ର ଇଚ୍ଛା ପୂରଣ କରାଯାଉଥିଲା। ଯିଏ ନିଜର ମନକୁ ନିୟନ୍ତ୍ରଣ ମଧ୍ୟରେ ରଖିଥିଲା, ଶ୍ରୀସାଇ ତାଙ୍କୁ ଏଭଳି ଖାଦ୍ୟ ଖାଇବା ନିକଟରୁ ଦୂରେଇ ରଖୁଥିଲେ।

୧୦୫। ଗୁରୁଙ୍କର ଆଦେଶ ମାନିବାର ଏହି ଆଗ୍ରହ ବେଳେ ବେଳେ ଏଭଳି ଶୀର୍ଷରେ ପହଞ୍ଚିଯାଉଥିଲା ଯେ ଯେଉଁମାନେ ସେମାନଙ୍କର ଜୀବନକାଳ ମଧ୍ୟରେ କେବେବି ମାଂସ ଛୁଇଁନଥିଲେ, ସେମାନେ ଦୋଦୋପାଞ୍ଚ ହେଉଥିଲେ ।

୧୦୬। ପ୍ରକୃତ ପକ୍ଷରେ, ବାବା କୌଣସି ଭକ୍ତଙ୍କୁ ଭୁଲମାର୍ଗରେ ଯିବା ନିମନ୍ତେ କେବେହେଲେ ପ୍ରବର୍ତ୍ତାଇ ନଥିଲେ।

୧୦୭। ସେ ଯାହାହେଉ, ୧୯୧୦ ମସିହା ପର୍ଯ୍ୟନ୍ତ ଏହିଭଳି ରନ୍ଧାରନ୍ଧି କାର୍ଯ୍ୟ ଅତ୍ୟନ୍ତ ଉତ୍ସାହ ସହକାରେ ଚାଲିଥିଲା।

୧୦୮। ତାହା ପରେ ଦାସଗଣୁ ବମ୍ବେଇ ସହରରେ ପହଂଚିଥିଲେ ଓ ତାଙ୍କ କୀର୍ତ୍ତନ ମାଧ୍ୟମରେ ଶ୍ରୀସାଇଙ୍କର ମହିମା ଗାନକରି ସମସ୍ତଙ୍କ ହୃଦୟରେ ସ୍ପନ୍ଦନ ଆଣିଥିଲେ।

୧୦୯। ସେହି ଦିନଠାରୁ ବାବାଙ୍କର ମହିମା ସମ୍ବନ୍ଧରେ ଆବାଳବୃଦ୍ଧବନିତା ସମସ୍ତେ ଜାଣିଥିଲେ ଓ ଅସଂଖ୍ୟ ଲୋକ କ୍ରମେ କ୍ରମେ ଶିରିଡ଼ି ଆସିବା ଆରମ୍ଭ କରିଦେଇଥିଲେ।

୧୧୦। ଏହାପରେ ବାବାଙ୍କର ପୂଜାର୍ଚ୍ଚନା ପଞ୍ଚାମୃତ ଦେଇ ଆରମ୍ଭ ହେଲା ଓ ନୈବେଦ୍ୟ ଆକାରରେ ବିଭିନ୍ନ ପ୍ରକାରର ଖାଦ୍ୟ, ଜଳଖିଆ ଇତ୍ୟାଦି ମଧ୍ୟାହ୍ନ ଓ ସଂଧ୍ୟାରେ ଅର୍ପଣ କରାଗଲା।

୧୧୧। ବରଣ, ଭାତ, ଶିରାପୁରି, ଚପାତି, ଚଟଣି, ସାଲାଡ୍, ବିଭିନ୍ନ ପ୍ରକାରର ପଞ୍ଚାମୃତ, ଖିରୀ ଇତ୍ୟାଦି ଖାଦ୍ୟ ବହୁଳ ପରିମାଣରେ ଆସୁଥିଲା।

୧୧୨। ବହୁସଂଖ୍ୟାରେ ତୀର୍ଥଯାତ୍ରୀ ଆସୁଥିଲେ। ସମସ୍ତେ ଦର୍ଶନ କରିବାକୁ ଆସୁଥିଲେ। ସେମାନେ ଶ୍ରୀସାଇଙ୍କ ପଦରେ ନୈବେଦ୍ୟ ଅର୍ପଣ କରୁଥିଲେ ଓ ଭୋକିଲା ଲୋକେ ସ୍ୱାଭାବିକ ଭାବରେ ସନ୍ତୁଷ୍ଟ ହେଉଥିଲେ।

୧୧୩। ବାବାଙ୍କ ଉପରେ ଛତ୍ର ଧାରଣ ଓ ଚାମର ବ୍ୟଜନ କରି ତଥା ତାଳ ଓ ଘୋଳ ନାଦକରି ତାଙ୍କୁ ଜଣେ ରାଜା ଭଳି ସମ୍ମାନ ଦିଆଯାଉଥିଲା ଓ ପୂଜା କରାଯାଉଥିଲା। ଭକ୍ତମାନଙ୍କର ସଂଖ୍ୟା ବଢୁଥିଲା।

୧୧୪। ତାଙ୍କର ଖ୍ୟାତି ସବୁଆଡ଼େ ବ୍ୟାପିଯାଇଥିଲା। ଲୋକେ ତାଙ୍କର ଗୁଣଗାନ କରୁଥିଲେ। ପରେ ଶିରିଡ଼ି ଏକ ତୀର୍ଥକ୍ଷେତ୍ରରେ ପରିଣତ ହୋଇଥିଲା ଓ ଆଗନ୍ତୁକମାନଙ୍କ ନିମନ୍ତେ ଏକ ଅତି ପବିତ୍ର ସ୍ଥାନ ହୋଇଥିଲା।

୧୧୫। କେବଳ ସେହି କାରଣରୁ ରୋଷେଇ କରାଯିବାର ଆବଶ୍ୟକତା ଆଉ ପଡ଼ିନଥିଲା। ନୈବେଦ୍ୟ ଏତେ ପରିମାଣରେ ଆସୁଥିଲା ଯେ ସମସ୍ତ ଫକୀର ଓ ଗରିବ ଲୋକେ ପେଟଭରି ଖାଇସାରିବା ପରେ ମଧ୍ୟ ଆହୁରି ଅନେକ ଖାଦ୍ୟ ବଳି ପଡୁଥିଲା।

୧୧୬। ଏବେ ମୁଁ ଅନ୍ୟ ଗୋଟିଏ କାହାଣୀ ବର୍ଣ୍ଣନା କରିବି । ତାହା ଆପଣମାନଙ୍କୁ ଶୁଣିବାକୁ ଆନନ୍ଦ ଲାଗିବ। କୌଣସି ଦେବତା କିମ୍ବା ଧର୍ମପୀଠ ପ୍ରତି ଅବମାନନା କରାଗଲେ ବାବା କିଭଳି ବିରକ୍ତ ହେଉଥିଲେ, ତାହା ଜାଣିପାରିବେ।

୧୧୭। ଭିନ୍ନ ଭିନ୍ନ ଯୁକ୍ତି ଦର୍ଶାଇ କେତେକ ଶ୍ରୀସାଇଙ୍କୁ ବ୍ରାହ୍ମଣ ବୋଲି କହୁଥିଲେ। ଆଉ କେତେଜଣ ତାଙ୍କୁ ମୁସଲମାନ ବୋଲି କହୁଥିଲେ । କିନ୍ତୁ ସେ ସମସ୍ତ ଜାତି-ବର୍ଣ୍ଣ-ଧର୍ମ ବା ସଂପ୍ରଦାୟର ଊର୍ଦ୍ଧ୍ୱରେ ଥିଲେ।

୧୧୮। ସେ କେବେ, କେଉଁଠି ଜନ୍ମ ହୋଇଥିଲେ, କେଉଁ ସମ୍ପ୍ରଦାୟର ଥିଲେ ଓ ତାଙ୍କର ପିତାମାତା କିଏ ଥିଲେ, ତାହା କେହି ନିଶ୍ଚିତଭାବରେ ଜାଣିନଥିଲେ। ତେବେ ସେ କିପରି ବ୍ରାହ୍ମଣ ବା ମୁସଲମାନ ହୋଇଗଲେ ?

୧୧୯। ଯଦି ସେ ଜଣେ ମୁସଲମାନ ଥିଲେ, ତେବେ ମସ୍‌ଜିଦ୍‌ରେ କିପରି ଧୁନି ଜାଳି ଅଗ୍ନିଙ୍କୁ ସେଠାରେ ପୂଜା କରୁଥିଲେ କିମ୍ବା ତୁଳସୀ ବୃନ୍ଦାବନ ସୃଷ୍ଟି କରିଥିଲେ ? ସେ ଘଣ୍ଟ, ଘଣ୍ଟାର ବାଦନକୁ କିପରି ସହ୍ୟ କରୁଥିଲେ ?

୧୨୦। ଶଙ୍ଖବାଦନକୁ ସେ କେମିତି ଅନୁମତି ଦେଉଥିଲେ ? ବାଦ୍ୟଯନ୍ତ୍ର ବାଦନ ସହିତ ହରିକଥା ଓ କୀର୍ତ୍ତନ କିଭଳି କରାଉଥିଲେ ? ତାଳ, ଘୋଳ, ମୃଦଙ୍ଗ ବାଦନ କରିବା ସହିତ ଉଚ୍ଚସ୍ୱରରେ ପ୍ରଭୁଙ୍କ ନାମ ଜପ କରିବାକୁ ସେ କିପରି କହୁଥିଲେ ?

୧୨୧। ଯଦି ସେ ଜଣେ ମୁସଲମାନ ଥିଲେ, ତେବେ ଚନ୍ଦନଚିତା ଲଗାଇବା ପାଇଁ କିପରି ଅନୁମତି ଦେଇଥିଲେ, ମସ୍‌ଜିଦ୍‌ରେ ବସି ଅନ୍ୟାନ୍ୟ ଧର୍ମୀୟ ପୂଜାବିଧି କିଭଳି ଗ୍ରହଣ କରୁଥିଲେ ଓ କିପରି ସମସ୍ତଙ୍କ ସହିତ ବସି ସେଠାରେ ଭୋଜନ କରୁଥିଲେ ?

୧୨୨। ସେ ଯଦି ମୁସଲମାନ ହୋଇଥାନ୍ତେ, ତେବେ ନିଜର କର୍ଣ୍ଣ ଫୋଡ଼ାଇଥାନ୍ତେ କି? ସେ ହାତରୁ ପଇସା ଖର୍ଚ୍ଚକରି ମନ୍ଦିରଗୁଡ଼ିକର ଜୀର୍ଣ୍ଣ ସଂସ୍କାର ଓ ମରାମତି କରାଇଥାନ୍ତେ କି?

୧୨୩। ସ୍ନାନ ସାରିବା ପରେ ସେ ଦାମୀ ପୀତାମ୍ବରଂ ପିନ୍ଧୁଥାନ୍ତେ କି? ସେ କୌଣସି ଦେବତାଙ୍କ ପ୍ରତି ସାମାନ୍ୟତମ ଅସମ୍ମାନକୁ ଆଦୌ ବରଦାସ୍ତ କରୁନଥିଲେ।

୧୨୪। ମୁଁ ଏ ବିଷୟ ଲେଖିବା ସମୟରେ ମୋର ଏକ ଘଟଣା ଏହି ସମ୍ବନ୍ଧରେ ମନେ ପଡୁଛି, ଯାହା ମୁଁ ବିନୀତ ଭାବରେ ଉପସ୍ଥାପନ କରୁଅଛି। ଧ୍ୟାନ ଦେଇ ଶୁଣନ୍ତୁ।

୧୨୫। ଥରେ କ'ଣ ହୋଇଥିଲା ଦେଖନ୍ତୁ! ବାବା ଲେଣ୍ଡିରୁ ଫେରି ଆସି ମସ୍‌ଜିଦ୍‌ରେ ବସିଥିଲେ। ଭକ୍ତମାନେ ଦର୍ଶନକୁ ଆସିବା ଆରମ୍ଭ କରିଦେଇଥିଲେ।

୧୨୬। ସେମାନଙ୍କ ମଧ୍ୟରେ ମହାନ୍ ଭକ୍ତ ଚାନ୍ଦୋରକର ଥିଲେ, ଯାହାଙ୍କୁ ବାବା ଅତ୍ୟନ୍ତ ଭଲ ପାଉଥିଲେ। ସେ ତାଙ୍କର ସହୁ ବିନୀଓ୍ୱଲେଙ୍କୁ ସାଙ୍ଗରେ ଧରି ଆସିଥିଲେ ଓ ସେ ବାବାଙ୍କ ଦର୍ଶନ ନିମିତ୍ତ ବ୍ୟାକୁଳ ଥିଲେ।

୧୨୭। ଶ୍ରୀସାଇନାଥଙ୍କୁ ପ୍ରଣାମ କରିସାରି ଉଭୟେ ତାଙ୍କ ସମ୍ମୁଖରେ ବସିଥିଲେ। ସେମାନେ ସାଧାରଣ ଭଲମନ୍ଦ କଥା ହେଉଥିବା ସମୟରେ ବାବା ହଠାତ୍ ରାଗି ଯାଇଥିଲେ।

୧୨୮। ବାବା କହିଥିଲେ, " ନାନା! ତୁମେ କେମିତି ଭୁଲିଗଲ? ମୋ ସହିତ ଏତେଦିନ ରହିବା ପରେ ତୁମେ କ'ଣ ଏଇଆ ଶିଖିଲ?

୧୨୯। "ମୋ ସହିତ ଏତେ ଦିନ ବିତାଇବାର ଫଳ କ'ଣ ଏୟା? ତୁମର କିପରି ବିଚାର ବିଭ୍ରାଟ ହୋଇଗଲା? ମୋତେ ବୁଝାଇ ଦିଅ।"

୧୩୦। ଏସବୁ ଶୁଣିବା ମାତ୍ରକେ ନାନା ବିଷଣ୍ଣ ହୋଇ ପଡ଼ିଥିଲେ। ବାବା ଏଭଳି ରାଗିଯିବାର କାରଣ ସମ୍ପର୍କରେ ସେ ଚିନ୍ତା କରିବାକୁ ଲାଗିଥିଲେ ମଧ୍ୟ କିଛି ମନେ ପଡୁନଥିଲା। ସେ ଦୁଃଖିତ ହୋଇଥିଲେ।

୧୩୧। ତାଙ୍କର କେଉଁଠି ଭୁଲ ରହିଗଲା, ସେ ମନେ ପକାଇ ପାରୁନଥିଲେ। ବାବା ରାଗିବାର କୌଣସି କାରଣ ସେ ଖୋଜିପାଉନଥିଲେ। କିନ୍ତୁ କିଛି ଗର୍ହିତ ଘଟଣା ନଘଟିଲେ ବାବା କାହାରିକୁ ଆଘାତ ଦେଉନଥିଲେ।

୧୩୨। ତେଣୁ ସେ ବାବାଙ୍କ ପାଦଧରି ବାରମ୍ବାର କାତର ପ୍ରାର୍ଥନା କରିବାକୁ ଲାଗିଥିଲେ। ଶେଷରେ ନାନା ଅନୁନୟ ବିନୟ ହୋଇ ପଚାରିଥିଲେ, "ଆପଣ କାହିଁକି ରାଗିଲେ?"

୧୩୩। "ଯଦିଓ ତୁମେ ମୋ ସହିତ ଏତେବର୍ଷ ଧରି ରହିଲଣି, ତଥାପି କିପରି ଏଭଳି ଆଚରଣ କଲ? ତୁମର ବୁଦ୍ଧିବୃତ୍ତି କୁଆଡ଼େ ଗଲା?" ବାବା ନାନାଙ୍କୁ ପଚାରିଥିଲେ।

୧୩୪। "ତୁମେ କୋପରଗାଁରେ କେତେବେଳେ ପହଂଚିଥିଲ? ରାସ୍ତାରେ କ'ଣ ହୋଇଥିଲା? ରାସ୍ତାରେ କେଉଁଠି ଓହ୍ଲାଇଥିଲ? ନା, ସିଧା ଏଠାକୁ ଚାଲିଆସିଲ?

୧୩୫। "ରାସ୍ତାରେ କିଛି ଅଦ୍ଭୁତ ଘଟଣା ଘଟିଥିଲା। ମୁଁ ତାହା ବିସ୍ତୃତ ଭାବରେ ଶୁଣିବା ପାଇଁ ଚାହେଁ। ଛୋଟ ହେଉ କିମ୍ବା ବଡ଼ ଘଟଣା ହେଉ, କେଉଁଠି କ'ଣ ଘଟିଥିଲା ମୋତେ କୁହ।"

୧୩୬। ଏକଥା ଶୁଣିବା ପରେ ନାନା ତାଙ୍କର ଭୁଲ ବୁଝିପାରିଥିଲେ ଓ ସାଙ୍ଗେ ସାଙ୍ଗେ ତାଙ୍କ ମୁଣ୍ଡ ତଳକୁ ନଇଁ ଯାଇଥିଲା। ଯଦିଓ ସେ ତାହା ବର୍ଣ୍ଣନା କରିବା ନିମନ୍ତେ ଲଜ୍ଜା ଅନୁଭବ କରୁଥିଲେ, ତଥାପି ବର୍ଣ୍ଣନା କରିଥିଲେ।

୧୩୭। ଏଠି କିଛି ଲୁଚି ରହିପାରିବ ନାହିଁ ବୋଲି ଭାବିନେଇ ନାନା ଯାହା ଯାହା ଘଟଣା ଘଟିଥିଲା, ବାବାଙ୍କୁ ସବୁକଥା ବିଶଦ ଭାବରେ କହିଥିଲେ।

୧୩୮। ଶ୍ରୀସାଇଙ୍କ ସମ୍ମୁଖରେ ମିଛ କହିହୁଏନାହିଁ। ମିଥ୍ୟାବାଦୀ କେବେ ଶ୍ରୀସାଇଙ୍କର କରୁଣା ଲାଭ କରେନାହିଁ। ଅସାଧୁତା ବିନାଶ ଆଡ଼କୁ ନେଇଯାଇଥାଏ ଓ ଶେଷରେ ତାହା ନର୍କକୁ ବାଟ କଢ଼ାଇନିଏ ।

୧୩୯। ଗୁରୁଙ୍କୁ ଠକିବା ମହାପାପ ଓ ସେଥିରୁ ମୁକ୍ତି ନାହିଁ। ଏହି କଥା ହୃଦୟଙ୍ଗମ କରି ନାନା ଯାହା ଯାହା ଘଟିଯାଇଥିଲା, ସମସ୍ତ ବିଷୟ ବାବାଙ୍କୁ କହିଥିଲେ।

୧୪୦। ନାନା କହିଥିଲେ, "ଆମେ ସିଧା ଶିରିଡ଼ି ଆସିବା ନିମନ୍ତେ ଟାଙ୍ଗାଟିଏ ଭଡ଼ା କରିଥିଲୁ। ତେଣୁ ବିନୀଓ୍ୱଲେ ଗୋଦାବରୀ କୂଳରେ ଦତ୍ତ ଭଗବାନଙ୍କର ଦର୍ଶନ କରିପାରିନଥିଲେ।

୧୪୧। "ବିନୀଓ୍ୱଲେ ଦତ୍ତାତ୍ରେୟଙ୍କର ଭକ୍ତ ଥିଲେ। ଆମେ ରାସ୍ତାରେ ଦତ୍ତାତ୍ରେୟ ମନ୍ଦିର ପାରହୋଇ ଆସୁଥିବା ସମୟରେ ସେ ଓହ୍ଲାଇ ପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ପ୍ରକାଶ କରିଥିଲେ।

୧୪୨। "କିନ୍ତୁ, ମୁଁ ତରବର ଥିବାରୁ ତାଙ୍କୁ ବାରଣ କରିଥିଲି ଓ କହିଥିଲି ଯେ ଆମେ ଶିରିଡ଼ିରୁ ଫେରିବା ସମୟରେ ପ୍ରଭୁଙ୍କୁ ଦର୍ଶନ କରିପାରିବା।

୧୪୩। "ଶିରିଡ଼ିରେ ପହଞ୍ଚିବା ଡେରି ହୋଇଯିବ ବୋଲି ଭାବି ମୁଁ ତରବର ଥିଲି। ତେଣୁ ସେଠାକୁ ନଯାଇ ଏଡ଼ାଇ ଦେବାକୁ ମୁଁ ଚେଷ୍ଟା କରିଥିଲି ଓ ଏହାଦ୍ୱାରା ଦତ୍ତାତ୍ରେୟଙ୍କ ଦର୍ଶନ ପ୍ରତି ଅସମ୍ମାନ ଦେଖାଇଥିଲି ।

୧୪୪। "ପରେ ଗୋଦାବରୀ ନଦୀରେ ଗାଧୋଇବା ସମୟରେ ଗୋଟିଏ ବଡ଼କଣ୍ଟା ମୋ ଗୋଡ଼ରେ ଗଳିଯାଇଥିଲା ଓ ରାସ୍ତାରେ ମୋତେ ବହୁତ କଷ୍ଟ ଦେଇଥିଲା । ଅନେକ ଚେଷ୍ଟା କରିବା ପରେ ମୁଁ ତାକୁ ଟାଣି ବାହାର କରିପାରିଥିଲି।"

୧୪୫। ତା'ପରେ ବାବା ଉପଦେଶ ଦେଇଥିଲେ, "ଏଭଳି ତରବର ହେବା ଉଚିତ ନୁହେଁ। ତୁମେ ଦତ୍ତାତ୍ରେୟଙ୍କ ଦର୍ଶନକୁ ଅବଜ୍ଞା କରିଥିଲେ ମଧ୍ୟ ତୁମର ଗ୍ରହଜୋରରୁ ତୁମର କେବଳ ଗୋଟିଏ କଣ୍ଟାରେ ଗ୍ରହଶାନ୍ତି ହୋଇଗଲା ।

୧୪୬। "ଯେତେବେଳେ ଦତ୍ତ ଭଗବାନଙ୍କ ଭଳି ଅତି ପୂଜ୍ୟ ଦେବତା ରାସ୍ତାରେ ରହି ଦର୍ଶନ ଦେଉଛନ୍ତି, ଯିଏ ତାଙ୍କର ଦର୍ଶନ କରେ ନାହିଁ, ସେ ହତଭାଗା! ମୁଁ କିପରି ତାକୁ ସାହାଯ୍ୟ କରିପାରିବି ?"

୧୪୭। ଏବେ ରୋଷେଇ ସମ୍ପର୍କରେ କାହାଣୀ ଶେଷ କରିବା। ମସ୍‌ଜିଦ୍‌ରେ ଶ୍ରୀସାଇଙ୍କ ସହିତ ବସି ମଧ୍ୟାହ୍ନ ଭୋଜନ କରିବା କେତେ ପବିତ୍ର ଓ ଶୁଦ୍ଧ ଥିଲା! ଭକ୍ତମାନଙ୍କ ପ୍ରତି ଶ୍ରୀସାଇଙ୍କର ଶ୍ରଦ୍ଧା କେତେ ଚମତ୍କାର ଥିଲା!

୧୪୮। ବାବାଙ୍କର ମଧ୍ୟାହ୍ନ ପୂଜା ଓ ଦୈନନ୍ଦିନ ଆରତି ସରିଯିବା ପରେ ଭକ୍ତମାନେ ଘରକୁ ଫେରି ଯାଉଥିବା ସମୟରେ ବାବା ସମସ୍ତଙ୍କୁ ଉଦି ଦେଉଥିଲେ।

୧୪୯। ବାବା ସାଧାରଣତଃ ମସ୍‌ଜିଦର କାନ୍ଥକଡ଼ରେ ଛିଡ଼ା ହେଉଥିଲେ। ସମବେତ ଭକ୍ତମାନେ ଅଗଣାରେ ଠିଆହୋଇ ଅପେକ୍ଷା କରୁଥିଲେ ଓ ସମସ୍ତେ ଧାଡ଼ି ବାନ୍ଧି ଜଣକ ପରେ ଜଣେ ଯାଉଥିଲେ। ପ୍ରତ୍ୟେକ ବାବାଙ୍କର ସମ୍ମୁଖରେ ପହଞ୍ଚିଗଲେ ଛିଡ଼ା ହୋଇ ତାଙ୍କ ପାଦରେ ପ୍ରଣାମ କରୁଥିଲେ।

୧୫୦। ବାବାଙ୍କ ପାଦରେ ମୁଣ୍ଡଲଗାଇ ପ୍ରଣାମ କରିବା ପରେ ବାବା ଭକ୍ତଙ୍କର କପାଳରେ ଉଦି ଲଗାଇ ଦେଉଥିଲେ ଓ ସେହି କ୍ରମରେ ଜଣକ ପରେ ଜଣେ ଆସୁଥିଲେ ।

୧୫୧। "ଏବେ ତୁମେ ସମସ୍ତେ ନିଜନିଜ ଘରକୁ ଖାଇବାକୁ ଯାଅ ।" ବାବାଙ୍କର ଏହି ଆଦେଶ ପାଇବା ପରେ ସମସ୍ତେ ଆନନ୍ଦ ମନରେ ଘରକୁ ଫେରୁଥିଲେ।

୧୫୨। ବାବା ପଛକୁ ମୁହଁ ବୁଲାଇ ଦେବାପରେ ପ୍ରଥା ଅନୁସାରେ ମସ୍‌ଜିଦର ପର୍ଦ୍ଦା ଟାଣି ଦିଆଯାଉଥିଲା । ଥାଳି ଓ ଗିନାର ରଣଝଣ ଶବ୍ଦ ଶୁଣାଯାଉଥିଲା। ତା'ପରେ ଆଡ଼ମ୍ବରରେ ପ୍ରସାଦ ସେବନ ଆରମ୍ଭ ହେଉଥିଲା।

୧୫୩। ଅନେକ ଲୋକ ଖୋଲା ଅଗଣାରେ ବସିରହୁଥିଲେ ଓ ଶ୍ରୀସାଇଙ୍କର ହସ୍ତସ୍ପର୍ଶରେ ପବିତ୍ର ହୋଇଥିବା ବଳକା ନୈବେଦ୍ୟ ପାଇବା ନିମନ୍ତେ ଅପେକ୍ଷା କରୁଥିଲେ।

୧୫୪। ବାବା ସେହି ସମୟରେ ନିମ୍ବାର[୧୦] ନିକଟରେ ତାକୁ ପଛକରି ବସୁଥିଲେ ଓ ଦୁଇପାଖରେ ଦୁଇଧାଡ଼ିରେ ଭକ୍ତମାନେ ବସୁଥିଲେ। ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ।

୧୫୫। ପ୍ରତ୍ୟେକ ନିଜ ନିଜର ନୈବେଦ୍ୟ ଶ୍ରୀସାଇ ସମର୍ଥଙ୍କ ଆଡ଼କୁ ବଢ଼ାଇ ଦେଉଥିଲେ ଓ ସେ ସବୁତକ ନିଜ ହାତରେ ପୂରା ସଂଗ୍ରହ କରି ଗୋଟିଏ ଥାଳିରେ ରଖୁଥିଲେ।

୧୫୬। ବାବାଙ୍କର ହସ୍ତର ସ୍ପର୍ଶ ପାଇଥିବା ସେହି ଖାଦ୍ୟରୁ ଗୋଟିଏ ମାତ୍ର ଦାନାବି ପାଇଗଲେ ଜଣେ ଅଶେଷ ଭାଗ୍ୟବାନ ହେଉଥିଲା । ପ୍ରତ୍ୟେକ ତାହା ଭୋଜନ କରିପାରିଲେ ନିଜର ଅନ୍ତର ଓ ବାହାର ପବିତ୍ର ହୋଇଯାଉଥିଲା। ନିଜ ଜୀବନର ଲକ୍ଷ୍ୟ ପୂରଣ ହୋଇ ଯାଉଥିଲା ।

୧୫୭। ଅସଂଖ୍ୟ ବଡ଼ା[୧୧], ସଂଯୋରିୟା[୧୨], ପୁରି, କେତେବେଳେ ଶିଖରିଣି[୧୩], ଘର୍ଗେ[୧୪], ଫେଣି[୧୫], ବିଭିନ୍ନ ପ୍ରକାରର ପନିପରିବା ତରକାରୀ, ସାଲାଡ଼ ଇତ୍ୟାଦିକୁ ବାବା ଭଲଭାବରେ ମିଶାଇ ଦେଉଥିଲେ।

୧୫୮। ଏ ସମସ୍ତ ଫେଣ୍ଟାଫେଣ୍ଟି ଖାଦ୍ୟ ପ୍ରଭୁଙ୍କୁ ବାବା ଅର୍ପଣ କରୁଥିଲେ ଓ ତାହା ପବିତ୍ରିତ ହେଉଥିଲା। ତା'ପରେ ସେ ଥାଳିଗୁଡ଼ିକରେ ପ୍ରସାଦ ଭର୍ତ୍ତି କରୁଥିଲେ ଓ ସେଗୁଡ଼ିକୁ ନାନା(ନିମୋଣକର) ଓ ଶାମାଙ୍କୁ ବାଣ୍ଟିଦେବା ପାଇଁ ଦେଉଥିଲେ ।

୧୫୯। ତା'ପରେ ସେ ଜଣକ ପରେ ଜଣକୁ ଡାକି ତାଙ୍କ ପାଖରେ ବସାଉଥିଲେ ଓ ଅତି ଆନନ୍ଦ ଏବଂ ଶ୍ରଦ୍ଧା ସହକାରେ ପ୍ରତ୍ୟେକଙ୍କୁ ପେଟପୂରା ଖୁଆଉଥିଲେ।

୧୬୦ । ଏହିସବୁ ଖାଦ୍ୟ ବିଶୁଦ୍ଧ ଓ ସ୍ୱାଦିଷ୍ଟ ଘିଅରେ ପ୍ରସ୍ତୁତ ହୋଇଥିବାରୁ ଅତିଶୟ ସୁସ୍ୱାଦୁ ହେଉଥିଲା । ଚପାତି, ଡାଲି ପ୍ରଭୃତିକୁ ମିଶାଇ ଦିଆଯାଉଥିଲା । ବାବା ନିଜେ ଏହି ମିଶାମିଶି ଘାଣ୍ଟକରି ସମସ୍ତଙ୍କୁ ପରଷୁଥିଲେ ।

୧୬୧ । ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପ୍ରସ୍ତୁତ କରାଯାଇଥିବା ଏହି ଘାଣ୍ଟକୁ ଭୋଜନ କଲେ ଦିବ୍ୟ ଆନନ୍ଦ ଲାଭ କରିବା ସମ ହେଉଥିଲା । ଯେଉଁମାନେ ଖାଉଥିଲେ, ସେମାନେ ଶେଷକୁ ନିଜ ନିଜର ଆଙ୍ଗୁଳିଚାଟି ପୂର୍ଣ୍ଣ ସନ୍ତୋଷ ଲାଭ କରୁଥିଲେ ।

୧୬୨ । ବେଳେବେଳେ ମଣ୍ଡା[୧୬], ପୁରନପୋଲୀ, କାକରା, କେତେବେଳେ ବାସୁନ୍ଦି[୧୭], ଶିରା, ସଂଯୋରିୟା, ଗୁଲଭାରି[୧୮] ଇତ୍ୟାଦି ବଣ୍ଟନ କରାଯାଉଥିଲା ।

୧୬୩ । ବେଳେବେଳେ ସୁସ୍ୱାଦୁ ଆମ୍ବେମୋହର ଚାଉଳର ଧଳାମୋଟା ଭାତରେ ଡାଲି ଏବଂ ବିଭିନ୍ନ ପନିପରିବା ମିଶାଇ ତାଜାଘିଅରେ ପ୍ରସ୍ତୁତ ସ୍ୱାଦିଷ୍ଟ ପଲାଉ ନୈବେଦ୍ୟରେ ଦିଆଯାଉଥିଲା ।

୧୬୪ । ଏହା ସହିତ ଆଚାର, ପାମ୍ପଡ଼, ରାଇତା, ବିଭିନ୍ନ ପ୍ରକାରର ଭଜା[୧୯] ଓ ଭରତା[୨୦], ପଂଚାମୃତରେ ଦହି ଚହ୍ଲାର ମିଶ୍ରଣ ଇତ୍ୟାଦି ନୈବେଦ୍ୟରେ ରହୁଥିଲା । ଏଭଳି ଦିବ୍ୟ ଖାଦ୍ୟ ଯେଉଁମାନେ ଖାଉଥିଲେ, ସେମାନେ ଧନ୍ୟ ହେଉଥିଲେ ।

୧୬୫ । ଶ୍ରୀସାଇ ଯେଉଁ ଖାଦ୍ୟ ନିଜେ ଖାଉଥିଲେ ଓ ଖୁଆଉଥିଲେ ବା ବାଣ୍ଟୁଥିଲେ, ସେହି ଖାଦ୍ୟର ବର୍ଣ୍ଣନା ମୁଁ କିପରି କରିପାରିବି ? ଭକ୍ତମାନେ ମନଭରି ଖାଉଥିଲେ ଓ ବେଳେବେଳେ ହାକୁଟି ମାରି ସେମାନଙ୍କର ସନ୍ତୋଷ ପ୍ରଦର୍ଶନ କରୁଥିଲେ ।

୧୬୬ । ପ୍ରତ୍ୟେକ ଗୁଣ୍ଡା ଖାଦ୍ୟ ସେମାନଙ୍କର କ୍ଷୁଧା ନିବାରଣ କରୁଥିଲା, ଆନନ୍ଦ ଦେଉଥିଲା ଏବଂ ପୁଷ୍ଟିକର ହେଉଥିଲା । ଏହି ଖାଦ୍ୟ ଶ୍ରଦ୍ଧା ସହକାରେ ଖାଇବାକୁ ଦିଆଯାଉଥିବାରୁ ତାହା ଅତ୍ୟନ୍ତ ରୁଚିକର, ସ୍ୱାଦିଷ୍ଟ ଓ ପବିତ୍ର ଥିଲା ।

୧୬୭ । ପ୍ରତ୍ୟେକ ଗୁଣ୍ଡା ଖାଇବା ସମୟରେ ପ୍ରଭୁଙ୍କର ନାମ ନିଆଯାଉଥିଲା ଓ ଏହି ଦିବ୍ୟ ଖାଦ୍ୟ ଆହୂତି[୨୧] ଦିଆଯାଉଥିଲା । ବାରମ୍ବାର ଖାଦ୍ୟ ପରଷା ଯାଉଥିଲା । ତେଣୁ ଖାଇବା ଥାଳି କାହାର ଖାଲି ରହୁନଥିଲା ।

୧୬୮ । ଯେଉଁମାନେ କୌଣସି ନିର୍ଦ୍ଦିଷ୍ଟ ପ୍ରକାରର ମିଷ୍ଟାନ୍ନ ପସନ୍ଦ କରୁଥିଲେ, ସେମାନଙ୍କୁ ତାହା ଶ୍ରଦ୍ଧା ସହକାରେ ଦିଆଯାଉଥିଲା । ଅନେକ ବ୍ୟକ୍ତି ଆମ୍ର-ରସାମୃତ ଖାଇବାକୁ ଭଲ ପାଉଥିବାରୁ ସେମାନଙ୍କୁ ତାହା ମଧ୍ୟ ଶ୍ରଦ୍ଧା ସହକାରେ ଦିଆଯାଉଥିଲା ।

୧୬୯ । ବାବା ପ୍ରତିଦିନ ଏହି ଖାଦ୍ୟ ବାଣ୍ଟିବାର ଦାୟିତ୍ୱ ନାନାସାହେବ ନିମୋଣକର ବା ମାଧବରାଓ ଦେଶପାଣ୍ଡେଙ୍କୁ ଦେଉଥିଲେ ।

୧୭୦ । ସେମାନେ ନୈବେଦ୍ୟ ବଣ୍ଟନ କରିବାର ଦାୟିତ୍ୱକୁ ନିଜର ଦୈନନ୍ଦିନ ଧାର୍ମିକ କର୍ତ୍ତବ୍ୟ ବୋଲି ମନେକରି ଅତ୍ୟନ୍ତ ଶ୍ରଦ୍ଧା ସହକାରେ ସେହି କାର୍ଯ୍ୟ ସମ୍ପାଦନ କରୁଥିଲେ ।

୧୭୧ । ଭାତ ସ୍ୱାଦିଷ୍ଟ 'ଦିରେସାଲ[୨୨]' ଚାଉଳରୁ ହେଉଥିବାରୁ ମଲ୍ଲୀକଢ଼ ଭଳି ଦିଶୁଥିଲା । ତାହା ଉପରେ ହଳଦୀରଙ୍ଗର ତୁଭାର ଡାଲି ପରଷା ଯାଉଥିଲା । ଭାତ ଉପରେ ଗୋଲ ଚାମଚରେ ଘିଅ ସମସ୍ତଙ୍କୁ ଦିଆଯାଉଥିଲା ।

୧୭୨ । ଖାଦ୍ୟପରଷା ଯାଉଥିବା ସମୟରେ ବାୟୁମଣ୍ଡଳରେ ମନମତାଣିଆ ବାସ୍ନାଖେଳି ଯାଉଥିଲା । ବିଭିନ୍ନ ପ୍ରକାରର ଚଟଣି ଯୋଗୁ ଖାଦ୍ୟ ଅଧିକ ରୁଚିକର ହେଉଥିଲା । କୌଣସି ଖାଦ୍ୟ ଅସିଝା ଓ ସ୍ୱାଦହୀନ ନଥିଲା । ସମସ୍ତେ ମନତୃପ୍ତିକରି ଖାଉଥିଲେ ।

୧୭୩ । ଥାଳିଗୁଡ଼ିକରେ ପରଷାଯାଉଥିବା ସିମେଇ ଦିବ୍ୟ ଆନନ୍ଦ ପ୍ରଦାନ କରୁଥିବା ସମୟରେ କୁର୍ଦ୍ଦିୟା[୨୩] ଶ୍ରଦ୍ଧା ଓ ଭକ୍ତିରେ ପ୍ରସ୍ତୁତ କରାଯାଉଥିଲା । ଶାନ୍ତି ଓ ଆନନ୍ଦ ଅନୁଭବ କରୁଥିବା ବ୍ୟକ୍ତିଙ୍କ ବ୍ୟତୀତ ଆଉ କିଏ ଏହି ଖାଦ୍ୟ ଖାଇବାପାଇଁ ଆସିପାରୁଥାନ୍ତେ କି ?

୧୭୪ । ଯେଉଁଠାରେ ବ୍ରହ୍ମହିଁ ଅନ୍ନ ଓ ବ୍ରହ୍ମ ନିଜେ ଏହାକୁ ଗ୍ରହଣ କରି ଆସ୍ୱାଦନ କରୁଛନ୍ତି, ସେଠାରେ ପରିବେଷଣକାରୀ ଧନ୍ୟ ଓ ଗ୍ରହୀତା ମଧ୍ୟ ଧନ୍ୟ ।

୧୭୫ । ଏ ସମସ୍ତ ଆନନ୍ଦର ମୂଳ କାରଣ ହେଉଛି, ଗୁରୁଙ୍କ ଚରଣରେ ଦୃଢ଼ ବିଶ୍ୱାସ । ଚିନି କିମ୍ବା ଗୁଡ଼ ତ ସହଜେ ମଧୁର, ମାତ୍ର ପ୍ରଭୁଙ୍କ ଉପରେ ସଂପୂର୍ଣ୍ଣ ବିଶ୍ୱାସହିଁ ତାହାକୁ ଦିବ୍ୟ ମଧୁମୟ କରିଥାଏ ।

୧୭୬ । ଏହିପରି ସେଠାରେ ସମୃଦ୍ଧି ଚିରନ୍ତନ ଥିଲା ଓ ପ୍ରଚୁର ପରିମାଣରେ ଖିରୀ, ଶିରା ଓ କାଲ୍ୟା ମିଳୁଥିଲା । କେହି ଜଣେ ଖାଇବା ନିମିତ୍ତ ବସିଗଲେ ଦେବା ପାଇଁ କିଞ୍ଚିତ ମାତ୍ରାରେ ବି କେହି କୁଣ୍ଠିତ ହେଉନଥିଲେ ।

୩୮ ॥ ରୋଷେଇ ଓ ରନ୍ଧାହାଣ୍ଡିର ବର୍ଣ୍ଣନା ॥

୧୭୭ । ଯଦିଓ ବିଭିନ୍ନ ପ୍ରକାରର ଖାଦ୍ୟ ରନ୍ଧନ କରାଯାଉଥିଲା ଓ ସମସ୍ତେ ମନ ଭରି ଖାଉଥିଲେ, ତଥାପି ଭାତ ଓ ଦହି ବିନା ଭୋଜନ ଅସଂପୂର୍ଣ୍ଣ ଲାଗୁଥିଲା । ଯଦି ଦହିଭାତ ସରିଯାଉଥିଲା, ତେବେ ଲୋକେ ଚହ୍ଲ ମାଗୁଥିଲେ ।

୧୭୮ । ଥରେ ଗୁରୁରାୟ ଗୋଟିଏ ଗ୍ଲାସରେ ଖାଣ୍ଟି ଘୋଳଦହି ନିଜେ ଭର୍ତ୍ତି କରି ଶ୍ରଦ୍ଧାରେ ମୋତେ ପିଇବା ନିମନ୍ତେ ଦେଇଥିଲେ । ମୁଁ ତାହାକୁ ପାଟିରେ ଲଗାଇଥିଲି ।

୧୭୯ । ତାହା ଖାଣ୍ଟି ଘୋଳଦହି ଥିଲା । ମୁଁ ବହୁତ ପ୍ରୀତ ଓ ଆନନ୍ଦିତ ହୋଇଥିଲି । ମୁଁ ଗ୍ଲାସକୁ ଓଠରେ ଲଗାଇଦେବା ମାତ୍ରକେ ପୂର୍ଣ୍ଣ ଆନନ୍ଦ ଲାଭ କରିଥିଲି ।

୧୮୦ । ମନଭରି ଭୋଜନ କରି ମୋ ପେଟ ପୂରି ଯାଇଥିଲା ଓ ମୁଁ କିପରି ଗ୍ଲାସେ ଦହି ଉଦରସ୍ଥ କରିବି ବୋଲି ଭାବୁଥିଲି । ମୁଁ ଏଭଳି ଦୋଦୋପାଞ୍ଚ ହୋଇ ସନ୍ଦେହ ପୋଷଣ କରୁଥିଲି । ପ୍ରଥମ ସୁଡୁକାଏ ନେଇଥିଲି ଓ ତାହା ସ୍ୱାଦିଷ୍ଟ ଥିଲା ।

୧୮୧ । ମୋର ଏଭଳି ଦ୍ୱିଧା ଭାବ ଦେଖି ବାବା ବହୁତ ଆଗ୍ରହ ସହକାରେ କହିଥିଲେ, "ହେଇ ! ସବୁ ପିଇଦିଅ ! ଏଭଳି ସୁଯୋଗ ଆଉ ପାଇବ ନାହିଁ !"

୧୮୨ । ସେ ଯାହାହେଉ, ମୁଁ ସେହି ବାକ୍ୟର ସତ୍ୟତା ପରେ ହୃଦୟଙ୍ଗମ କରିଥିଲି । କାରଣ, ଦୁଇମାସ ପରେ ବାବା ସମାଧି ନେଇଯିବାରୁ ତାଙ୍କର ସେହି ମୂର୍ତ୍ତିମନ୍ତ ଅବତାର ଆଉ ଦୃଶ୍ୟ ହୋଇନଥିଲା ।

୧୮୩ । ବର୍ତ୍ତମାନ ଘୋଳଦହି ପିଇବାର ତୃଷ୍ଣା ମେଣ୍ଟାଇବା ନିମନ୍ତେ ଶ୍ରୀସାଇଙ୍କର କଥାମୃତ ପାନ କରିବା ବ୍ୟତୀତ ଆଉ କିଛି ବାଟ ନାହିଁ । ତାହାହିଁ କେବଳ ଆମର ଅବଲମ୍ବନ ।

୧୮୪ । ହେମାଡ଼ ଶ୍ରୀସାଇଙ୍କର ଶରଣାଗତ ହେଉଛି । ଭବିଷ୍ୟତରେ ଶ୍ରୀସାଇ ଯାହା ମନେ ପକାଇଦେବେ, ତାହା ମୁଁ ବର୍ଣ୍ଣନା କରିବି । ଶ୍ରୋତାମାନେ ମନଧ୍ୟାନ ଦେଇ ରହିଥାନ୍ତୁ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ବାବାଙ୍କ ରୋଷେଇ ଓ ରନ୍ଧା ହାଣ୍ଡିର ବର୍ଣ୍ଣନା" ଶୀର୍ଷକ ଅଷ୍ଟାତ୍ରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଷଡ଼ସ୍ୱାଦ-ମିଠା, ଖଟା, ଲୁଣି, ରାଗ, ପିତା ଓ କଷା ।
୨- ବରଣ ହେଉଛି ଡାଲିରୁ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ।
୩- ଜଳନ୍ତା କୋଇଲା ଉପରେ ସେକାଯାଉଥିବା ରୋଟି ।
୪- ମଇଦାକୁ ପତଳା ରୁଟି ପରି ବେଲିବା ପରେ ଗୁଡ଼ାଇ ଦିଆଯାଇ ଗୋଟିଏ ପତ୍ର ଉପରେ ରଖି ନିଆଁରେ ସେକାଯାଏ ।
୫- ମୁଗକୁ ବାଟି କରାଯାଉଥିବା ବଡ଼ା ।
୬- ପୁରୋଦସା କୁହାଯାଏ ।
୭- ମୁସଲମାନ ଧର୍ମଶାସ୍ତ୍ରଜ୍ଞ ।
୮- ଦୁଧ, ଦହି, ମହୁ, ଗୁଡ଼ ଓ ଘିଅ ।
୯- ହଳଦିଆ ସିଲ୍କ ଧୋତି ।
୧୦- ମସଜିଦ୍‌ର ପଶ୍ଚିମ ପଟ କାନ୍ଥରେ ରହିଥିବା ଠଣା । ସେଠାରେ ଘୋରାଚନ୍ଦନ ଇତ୍ୟାଦି ରଖାଯାଇଥାଏ ।
୧୧- ଡାଲିକୁ ବାଟି ମସଲା ମିଶାଇ ଭଜାଯାଇ ପିଠା କରାଯାଇଥାଏ ।
୧୨- ଶିରାରେ ତିଆରି ପିଠା ।
୧୩- କ୍ଷୀରରେ ପାଚିଲା କଦଳୀ ପକାଇ ପ୍ରସ୍ତୁତ ମିଠାଖାଦ୍ୟ ।
୧୪- ଚାଉଳ ଚୂନା କିମ୍ବା ଅଟାରେ ଚିନି ମିଶାଇ ରନ୍ଧାଯାଇଥାଏ ।
୧୫- ଚାଉଳ କିମ୍ବା ଗହମରୁ ପ୍ରସ୍ତୁତ ପାମ୍ପଡ଼ ।
୧୬- ଧଳା ଅଟାରେ ଅତି ପତଳା ରୁଟି କରାଯାଇଥାଏ ଓ ଏହା ସାମାନ୍ୟ ମିଠା ହୋଇଥାଏ ।
୧୭- କ୍ଷୀରରେ ଚିନି ଓ ମସଲା ମିଶାଇ ଏବଂ ଫୁଟାଇ ବହଳିଆ କରାଯାଇଥାଏ ।
୧୮- ଅଟାରେ ଗୁଡ଼ ମିଶାଯାଇ ହୁଏ, କାକରା କୁହାଯାଏ ।
୧୯- ବୁଟକୁ ଭାଜି ଗୁଣ୍ଡକରି ବେସନ ପ୍ରସ୍ତୁତ କରାଯାଇଥାଏ ।
୨୦- ପୋଡ଼ା ବାଇଗଣ ଭର୍ତ୍ତା ।
୨୧- ଘିଅ ଓ ଅକ୍ଷତ ସାଧାରଣତଃ ଯଜ୍ଞରେ ଆହୂତି ଦେବାବେଳେ ଅର୍ପଣ କରାଯାଏ ।
୨୨- ବେଶି ଦାମ୍‌ର ସରୁ ଚାଉଳ ।
୨୩- ଚାଉଳ ଚୂନାରୁ ତିଆରି ଗୋଲ ଗୋଲ କରି ପ୍ରସ୍ତୁତ ପିଠା, ଘିଅ ପିଠା ।





ଚୁଲାରେ ବସିଥିବା ହାଣ୍ଡିରୁ ବାମ୍ଫ ବାହାରିଲେ ଓ ତାହା ମଧ୍ୟରେ ରନ୍ଧା ହେଉଥିବା ସାମଗ୍ରୀ ଜୋରରେ ଫୁଟିଲେ, ବାବା ତାଙ୍କ ହାତରୁ କଫ୍‌ନୀକୁ ଉପରକୁ ଉଠାଇ ଦେଇ ହାଣ୍ଡି ଭିତରେ ହାତ ଭର୍ତ୍ତିକରି ରନ୍ଧାଦ୍ରବ୍ୟଗୁଡ଼ିକୁ ଉପର ତଳ କରି ଓଲଟାଉଥିଲେ କିମ୍ବା ଘାଣ୍ଟି ଦେଉଥିଲେ। (୩୮ଶ ଅଧ୍ୟାୟ, ପଂକ୍ତି-୮୧)

ହାଣ୍ଡି ଭିତରେ ଖାଦ୍ୟଦ୍ରବ୍ୟ ଫୁଟିବା ସମୟରେ ତାହାକୁ ଘାଣ୍ଟିବାର ଆବଶ୍ୟକତା ପଡୁଥିଲେ ବାବା ଏହିଭଳି ଅବିଶ୍ୱାସ୍ୟ ଲୀଳା ପ୍ରଦର୍ଶନ କରୁଥିଲେ। (୩୮ଶ ଅଧ୍ୟାୟ, ପଂକ୍ତି-୮୨)

ରକ୍ତମାଂସର ହାତ ଓ ସେହି ଫୁଟନ୍ତା ତତଲାହାଣ୍ଡି ସମ୍ବନ୍ଧରେ ଚିନ୍ତା କରନ୍ତୁ। କିନ୍ତୁ ତାଙ୍କ ମୁହଁରେ କୌଣସି ଶଙ୍କା ପ୍ରକାଶ ପାଉନଥିଲା, ହାତରେ ଫୋଟକା ହେବାର ଚିହ୍ନ ନଥିଲା କି ହାତ ତାତିଯିବାର ଦାଗ ନଥିଲା । (୩୮ଶ ଅଧ୍ୟାୟ, ପଂକ୍ତି-୮୩)

ଯେଉଁ ହସ୍ତ ଭକ୍ତଙ୍କର କପାଳ ସ୍ପର୍ଶକଲେ ଭକ୍ତମାନଙ୍କର ତ୍ରିତାପ ଦୂର ହୋଇଯାଉଥିଲା, ତାହାକୁ ଅଗ୍ନି କିପରି ଅସୁବିଧାରେ ପକାଇପାରିବ ? ସେ କ'ଣ ତାହାର ମାହାତ୍ମ୍ୟ ଜାଣିନାହିଁ ? (୩୮ଶ ଅଧ୍ୟାୟ, ପଂକ୍ତି-୮୪)

॥ ୩୯ ॥

ଗୀତାର ଶ୍ଳୋକ ଉପରେ ଚର୍ଚ୍ଚା ଓ ସମାଧିମନ୍ଦିର ନିର୍ମାଣ କଥା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଧନ୍ୟ ଧନ୍ୟ ଶିରିଡ଼ି, ଧନ୍ୟ ସେ ବାସସ୍ଥାନ ଦ୍ୱାରକାମାୟୀ, ଯେଉଁଠାରେ ପୁଣ୍ୟଶ୍ଳୋକ ଶ୍ରୀସାଇ ଇହଜଗତ ପରିତ୍ୟାଗ କରିବା ପର୍ଯ୍ୟନ୍ତ ସମସ୍ତଙ୍କ ମଧ୍ୟରେ ବାସ କରୁଥିଲେ ।

୨ । ଧନ୍ୟ, ଧନ୍ୟ ସେହି ଶିରିଡ଼ିବାସୀମାନେ, ଯେଉଁମାନଙ୍କ ପାଇଁ ଶ୍ରୀସାଇ ଏତେ ଦୂରରୁ ଆସିଥିଲେ ଓ ଉଦ୍ଦେଶ୍ୟ ଯାହା ହେଉନା କାହିଁକି, ସେମାନଙ୍କୁ ଅନୁଗୃହୀତ କରୁଥିଲେ ।

୩ । ଶିରିଡ଼ି ମୂଳତଃ ଏକ ଛୋଟ ଗାଁ ଥିଲା । ଶ୍ରୀସାଇ ସେଠାରେ ବସବାସ କରିବା ଦିନଠାରୁ ତାହାର ଗୁରୁତ୍ୱ ବୃଦ୍ଧି ପାଇଥିଲା । ତାଙ୍କରି ଯୋଗୁଁ ଏହା ଏକ ପାବନଧାମ ଓ ତୀର୍ଥ ସ୍ଥାନ ହୋଇଥିଲା ।

୪ । ସେହି ଶିରିଡ଼ିର ମହିଳାମାନେ ଧନ୍ୟ ଓ ସେମାନଙ୍କର ଏକାନ୍ତ ବିଶ୍ୱାସ ମଧ୍ୟ ଧନ୍ୟ । ସେମାନେ ସ୍ନାନ କରିବାବେଳେ, ଚକି ପେଷିବା ଓ ଧାନ କୁଟିବା ସମୟରେ ବି ବାବାଙ୍କର ଅସାଧାରଣ ମହିମା ଗାନ କରୁଥିଲେ ।

୫ । ଧନ୍ୟ ଧନ୍ୟ ସେମାନଙ୍କର ଶ୍ରଦ୍ଧା । ସେମାନେ ଅନେକ ଚମତ୍କାର ଗୀତ ବୋଲୁଥିଲେ । ସେମାନଙ୍କର ଗୀତଗୁଡ଼ିକ ମଧ୍ୟରୁ କେତେଗୋଟି ଶ୍ରେଷ୍ଠ ଗୀତ ଶୁଣିଲେ ମନରେ ଶାନ୍ତି ଭରିଯାଉଥିଲା ଓ ସ୍ଥିରତା ଆସୁଥିଲା ।

୬ । ତେଣୁ ଶ୍ରୋତାମାନଙ୍କର ମଙ୍ଗଳ ନିମନ୍ତେ ଏହି ବର୍ଣ୍ଣନା କରିବା ସମୟରେ, ସେମାନଙ୍କର କୌତୁହଳ ମେଣ୍ଟାଇବା ପାଇଁ ଠିକ୍ ସମୟରେ ମୁଁ ସେଗୁଡ଼ିକୁ ବର୍ଣ୍ଣନା କରି ସେମାନଙ୍କୁ ସନ୍ତୁଷ୍ଟ ଓ ଆନନ୍ଦିତ କରାଇବି ।

୭ । ବାବା ପ୍ରଥମେ ନିଜାମ ରାଜ୍ୟରେ ଗୋଟିଏ ରାସ୍ତା କଡ଼ରେ ଆମ୍ବଗଛ ତଳେ ବସିଥିବା ଅବସ୍ଥାରେ ଦୃଶ୍ୟ ହୋଇଥିଲେ ଓ ଅପ୍ରତ୍ୟାଶିତ ଭାବରେ ଧୂପଖେଡ଼ରୁ ବରଯାତ୍ରୀଦଳ ସହିତ ଶିରିଡ଼ି ଆସିଥିଲେ ।

୮ । ସେହି ଗ୍ରାମର ଚାନ୍ଦ ପାଟିଲ ନାମକ ଜଣେ ଅତି ସାଧୁ ବ୍ୟକ୍ତି ଏହି ରତ୍ନଙ୍କୁ ପ୍ରଥମେ ଦେଖିଥିଲେ । ଅନ୍ୟମାନେ କେବଳ ଦର୍ଶନ ପାଇଥିଲେ ।

୯ । ଚାନ୍ଦଭାଇଙ୍କର ଘୋଡ଼ୀ ହଜିବା କଥା ଓ ସେ କିପରି ଶ୍ରୀସାଇଙ୍କ ଭେଟ ପାଇଥିଲେ, ତାଙ୍କୁ କିପରି ଶ୍ରୀସାଇ ଧୂମପାନ କରିବାକୁ ଚିଲମ ଦେଇଥିଲେ ଏବଂ ସେ କିଭଳି ଶ୍ରୀସାଇଙ୍କ ସାହାଯ୍ୟରେ ଘୋଡ଼ୀ ଖୋଜି ପାଇଥିଲେ, ତାହା ପୂର୍ବରୁ କୁହାଯାଇଅଛି ।

୧୦ । ଚାନ୍ଦଭାଇଙ୍କ ପତ୍ନୀର ପୁତୁରାର ବାହାଘର ହେବା ଓ କନ୍ୟା ଶିରିଡ଼ିରେ ଠିକ୍ ହୋଇଥିବା ଯେପରି ନିୟତି-ନିର୍ଦ୍ଧାରିତ ଥିଲା । ବରଯାତ୍ରୀଦଳ କନ୍ୟାର ଗାଁକୁ ଆସିଥିଲେ ।

୧୧। ଏ ସମ୍ବନ୍ଧରେ ବିସ୍ତୃତ କାହାଣୀ ପୂର୍ବରୁ ବର୍ଣ୍ଣନା କରାଯାଇସାରିଛି। ତଥାପି କେତେକ କାରଣରୁ ଏହାକୁ ମନେପକାଇ ଦିଆଯାଉଛି ସିନା, ତାହାର ପୁନରାବୃତ୍ତିର ଆବଶ୍ୟକତା ନାହିଁ।

୧୨। ଚାନ୍ଦ ପାଟିଲ କେବଳ ଜଣେ ମାଧ୍ୟମ ଥିଲେ। ଭକ୍ତମାନଙ୍କର ଆଧ୍ୟାତ୍ମିକ ଉତ୍ଥାନ ନିମିତ୍ତ ଶ୍ରୀସାଇଙ୍କର ପ୍ରବଳ ଆଗ୍ରହ ଥିଲା ଓ ସେଇଥିପାଇଁ ଏହି ଅବତାର ଗ୍ରହଣ କରି ସେ ନିଜେ ନିଜେ ଶିରିଡ଼ି ଆସିଥିଲେ।

୧୩। ଶ୍ରୀସାଇଙ୍କ ବିନା ଆଉ କିଏ ଏହି କ୍ଷୀଣବୁଦ୍ଧିସମ୍ପନ୍ନ, ନିର୍ବୋଧ, ନିଃସ୍ୱ, ଅସହାୟ, ଅଶିକ୍ଷିତ ଓ ଆଧ୍ୟାତ୍ମିକ ସାଧନା ବିବର୍ଜିତ ସରଳ, ଅନୁରକ୍ତ ପତିତଜନଙ୍କର ଆଧ୍ୟାତ୍ମିକ ଉତ୍ଥାନ କରାଇଥାନ୍ତା ?

୧୪। ଅଠର ବର୍ଷ ବୟସରୁ ସେ ନିର୍ଜନରେ ବାସ କରୁଥିଲେ। ରାତ୍ରିରେ ସେ ଯେ କୌଣସି ସ୍ଥାନରେ ନିର୍ଭୟରେ ଶୋଇ ଯାଉଥିଲେ। ପ୍ରଭୁ ସର୍ବବ୍ୟାପୀ ଓ ସର୍ବତ୍ର ବିରାଜିତ ବୋଲି ସେ ଅନୁଭବ କରୁଥିଲେ।

୧୫। ଦିନବେଳେ ସେ ଚାରିଆଡ଼େ ବୁଲୁଥିଲେ ଓ ରାତ୍ରିରେ ସେ ଯେଉଁଠାରେ ଶୋଉଥିଲେ, ସେଠାରେ ପୂର୍ବରୁ ଏକ ଖାତ ଥିଲା ଓ ଲୋକେ ସେଠାରେ ଖତ ଗଦା କରୁଥିଲେ।

୧୬। ଏଭଳି ଅନେକ ବର୍ଷ ଚାଲିଯାଇଥିଲା। ଖାତର ଭାଗ୍ୟ ବଦଳିବାର ସମୟ ଆସିଯାଇଥିଲା ଓ ସେଠାରେ ଏକ ସୁଦୃଶ୍ୟ ପ୍ରାସାଦ ନିର୍ମାଣ ହୋଇଥିଲା। ଦୟାସାଗର ଶ୍ରୀସାଇଙ୍କର ଏହି ଇଚ୍ଛା ଥିଲା ।

୧୭। ଶେଷରେ ସେହି ଖାତ ହିଁ ପବିତ୍ରତମ ସ୍ଥାନ ପାଲଟି ଯାଇଥିଲା, ସେଠାରେ ଶ୍ରୀସାଇଙ୍କ ଶରୀରକୁ ଚିର ବିଶ୍ରାମ ଦିଆଯାଇଥିଲା ଓ ତାଙ୍କର ସମାଧି ନିର୍ମାଣ କରାଯାଇଥିଲା।

୧୮। ଦୁର୍ବଳର ପୃଷ୍ଠପୋଷକ ସେହି ଶ୍ରୀସାଇ ସମର୍ଥ ଦୁସ୍ତର ଭବସାଗରକୁ ଭକ୍ତମାନେ ସହଜରେ ପାର ହୋଇଯିବା ପାଇଁ ଏହି ଜୀବନ କାହାଣୀରୂପକ ତରଣୀକୁ ଭକ୍ତମାନଙ୍କର ମଙ୍ଗଳ ଉଦ୍ଦେଶ୍ୟରେ ମୋ ଭଳି ହତିଆର ଦ୍ୱାରା ଯଥାର୍ଥରେ ସୃଷ୍ଟି କରିଛନ୍ତି।

୧୯। ସାଂସାରିକ ଜୀବନର ଏହି ନଦୀକୁ ପାରି ହେବା ଅତ୍ୟନ୍ତ କଷ୍ଟକର। ଆଉ ତାଙ୍କ ଉପରେ ନିର୍ଭରଶୀଳ ଭକ୍ତମାନେ ଅନ୍ଧ ଓ ଛୋଟା ହୋଇଥିବାରୁ ସେ ସେମାନଙ୍କ ନିମନ୍ତେ ଗଭୀର ଉଦ୍‌ବେଗ ପ୍ରକାଶ କରୁଥିଲେ ଓ କିପରି ସେମାନେ ଆର କୂଳକୁ ଯିବେ, ସେକଥା ଚିନ୍ତା କରୁଥିଲେ ।

୨୦। ଆମ ଭିତରୁ ପ୍ରତ୍ୟେକଙ୍କୁ ଏହି ଭବସାଗର ପାରି ହେବା ନିମନ୍ତେ ପଡୁଥିବାରୁ ଅନ୍ତର୍ମନ ଶୁଦ୍ଧ ହେବା ଆବଶ୍ୟକ। ଏଥିପାଇଁ ଶ୍ରେଷ୍ଠ ଉପାୟ ହେଉଛି, ମୂଳଦୁଆ ହିସାବରେ ପ୍ରଭୁଙ୍କୁ ପୂଜା କରି ମନକୁ ଶୁଦ୍ଧ କରିବା।

୨୧। ତାଙ୍କର କାହାଣୀ ଶୁଣିବାଠାରୁ ଅଧିକ ଭକ୍ତିଭାବ ଆଉ କିଛି ନାହିଁ। ଏହା ଶ୍ରବଣ କରିବା ଦ୍ୱାରାହିଁ ଗୁରୁଙ୍କ ଚରଣ ପ୍ରତି ଆକର୍ଷଣ ସହଜରେ ସୃଷ୍ଟି ହୋଇଥାଏ; ଏକ ଶୁଦ୍ଧ ଓ ସ୍ୱଚ୍ଛ ମନ ବିକଶିତ ହୋଇଥାଏ, ଯେଉଁଥିରୁ ଆଧ୍ୟାତ୍ମିକ ଭାବ ଗଜୁରିଥାଏ।

୨୨। ଶ୍ରୀସାଇଙ୍କ ସଂପର୍କରେ ଅସଂଖ୍ୟ କାହାଣୀ ରହିଛି । ସବୁ କାହାଣୀ ବର୍ଣ୍ଣନା କରାଗଲେ ଏକ ବିରାଟ ପୁସ୍ତକ ହେବ। ମୁଁ ସେଗୁଡ଼ିକୁ ସଂକ୍ଷେପରେ ବର୍ଣ୍ଣନା କରିବାକୁ ଚେଷ୍ଟା କଲେ ମଧ୍ୟ ସେଗୁଡ଼ିକୁ ସଂକ୍ଷିପ୍ତ କରିବା ସମ୍ଭବ ନୁହେଁ।

୨୩। ସେସବୁ ଶୁଣିବାପାଇଁ ଶ୍ରୋତାମାନଙ୍କର ଇଚ୍ଛା ଯେମିତି ବୃଦ୍ଧି ପାଉଛି, ସେମିତି ମୋର ବର୍ଣ୍ଣନା କରିବାର ଇଚ୍ଛା ମଧ୍ୟ ବଢୁଛି। ଆମେ ପରସ୍ପରର ଇଚ୍ଛା ପରିପୂରଣ କରି ଆମମାନଙ୍କର କଲ୍ୟାଣସାଧନ କରିବା ଆସନ୍ତୁ ।

୨୪। ଶ୍ରୀସାଇ ଏକମାତ୍ର କର୍ଣ୍ଣଧାର ଓ ଏକାଗ୍ର ଧ୍ୟାନ ହେଉଛି ନୌକା। କାହାଣୀଗୁଡ଼ିକୁ ବିଶ୍ୱାସ ଓ ଭକ୍ତି ସହକାରେ ଶୁଣିଲେ ଜଣକୁ ଆର କୂଳରେ ସେହି ନୌକା ସଙ୍ଗେ ସଙ୍ଗେ ପହୁଞ୍ଚାଇ ଦେଇଥାଏ।

୨୫। ଗତ ଅଧ୍ୟାୟରେ ରନ୍ଧା ହାଣ୍ଡି ସମ୍ବନ୍ଧରେ ସଂକ୍ଷେପରେ ବର୍ଣ୍ଣନା କରାଯାଇଛି। ଦତ୍ତ ଭଗବାନଙ୍କ ପ୍ରତି ଭକ୍ତିର ସୁଦୃଢ଼ୀକରଣ (ଚାନ୍ଦୋରକରଙ୍କର) ଓ ନୈବେଦ୍ୟ ବଣ୍ଟନ କରି ଭକ୍ତମାନଙ୍କର ଇଚ୍ଛା ପୂରଣ ସମ୍ପର୍କରେ ମଧ୍ୟ ବର୍ଣ୍ଣନା କରାଯାଇଛି।

୨୬। ପ୍ରତି ଅଧ୍ୟାୟର ଶେଷରେ ପରବର୍ତ୍ତୀ ଅଧ୍ୟାୟ ସମ୍ପର୍କରେ କିଞ୍ଚିତ୍ ସୂଚନା ଦେବାର ବିଧି ରହିଛି। ଏ ବିଷୟରେ ସମସ୍ତେ ଅବଗତ ଅଛନ୍ତି ।

୨୭। କିନ୍ତୁ ଗତ ଅଧ୍ୟାୟ ମୁଁ ଶେଷ କଲାବେଳେ ପରବର୍ତ୍ତୀ ଅଧ୍ୟାୟ ସମ୍ପର୍କରେ ମୋର କୌଣସି ଧାରଣା ନଥିଲା। ତେଣୁ ମୁଁ କହିଥିଲି ଯେ ଶ୍ରୀସାଇ ଯାହା ଭବିଷ୍ୟତରେ ମୋର

ମନେ ପକାଇଦେବେ, ତାହାହିଁ ମୁଁ ବର୍ଣ୍ଣନା କରିବି ।

୨୮ । ମୁଁ ପୂର୍ବରୁ ପରିଷ୍କାର ଭାବରେ କହିଛି ଯେ ଶ୍ରୀସାଇଙ୍କ କୃପାରୁ ଯାହା ମୋର ମନେ ପଡୁଛି, ତାହାହିଁ ମୁଁ ବର୍ତ୍ତମାନ ଶ୍ରୋତାମାନଙ୍କୁ ବର୍ଣ୍ଣନା କରୁଅଛି । ଏହାକୁ ସଂଭ୍ରମତାର ସହିତ ଉପସ୍ଥାପନ କରୁଅଛି ।

୨୯ । ତେଣୁ ଶ୍ରୋତାମାନଙ୍କୁ ମୋର ଆନ୍ତରିକ ଅନୁରୋଧ ଯେ ସେମାନେ ସେମାନଙ୍କର ସମସ୍ତ ଅସୁବିଧାକୁ ଭ୍ରୂକ୍ଷେପ ନକରି ଶାନ୍ତ ମନରେ ଧ୍ୟାନ ଦିଅନ୍ତୁ । ସେମାନେ ଖୁସି ହେବେ ।

୩୦ । ଥରେ ମହାନ୍ ଭକ୍ତ ଚାନ୍ଦୋରକର ମସ୍‌ଜିଦ୍‌ରେ ବସି ବାବାଙ୍କର ଗୋଡ଼ ମୋଡିଦେଉଥିଲେ ଓ ଅସ୍ପଷ୍ଟ ସ୍ୱରରେ ମନକୁ ମନ ଗୀତା ଆବୃତ୍ତି କରୁଥିଲେ ।

୩୧ । ସେ ଭଗବତ୍‌ଗୀତାର ଚତୁର୍ଥ ଅଧ୍ୟାୟକୁ ମୁଖସ୍ଥ କରି ଦେଇଥିଲେ ଓ ଅଭ୍ୟାସବଶତଃ ଶ୍ରୀସାଇଙ୍କ ପାଦ ଘଷୁଥିବା ସମୟରେ ସେ ତାହା ମନେ ମନେ ଆବୃତ୍ତି କରୁଥିଲେ । ସେହି ସମୟରେ କିଭଳି ଅଦ୍ଭୁତ ଘଟଣା ଘଟିଥିଲା, ଶୁଣନ୍ତୁ ।

୩୨ । ଶ୍ରୀସାଇ ସମର୍ଥଙ୍କୁ ଅତୀତ, ଭବିଷ୍ୟତ ଓ ବର୍ତ୍ତମାନର ସମସ୍ତ କଥା ଜଣାଥିଲା । ସେ ଗୀତାର ସାରତତ୍ତ୍ୱ ନାନାଙ୍କୁ ବୁଝାଇ ଦେବା ନିମନ୍ତେ ଚାହିଁଥିଲେ ।

୩୩ । ଏହି ଅଧ୍ୟାୟରେ 'ଜ୍ଞାନକର୍ମସନ୍ନ୍ୟାସଯୋଗ' ସମ୍ପର୍କରେ କୁହାଯାଇଛି ଓ ନାନାଙ୍କ କଣ୍ଠରେ ଶ୍ଳୋକର ଅସ୍ପଷ୍ଟ ଉଚ୍ଚାରଣ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ।

୩୪ । "ପାର୍ଥ ! ସକଳ କର୍ମର ପରିସମାପ୍ତି ଜ୍ଞାନରେ ହୋଇଯାଏ (ସର୍ବଂ କର୍ମାଖିଳଂ ପାର୍ଥ ଜ୍ଞାନେ ପରିସମାପ୍ୟତେ) । ତ୍ରୟସ୍ତ୍ରିଂଶତ୍ ଶ୍ଳୋକର ସମାପ୍ତି ପରେ ପରବର୍ତ୍ତୀ ଶ୍ଳୋକ 'ତଦ୍‌ବିଦ୍ଧି ପ୍ରଣିପାତେନ...ରୁ ଆରମ୍ଭ ହୋଇଅଛି ।

୩୫ । ଚତୁସ୍ତ୍ରିଂଶତ୍ ଶ୍ଳୋକ ଆରମ୍ଭରେ ନାନାଙ୍କର ଆବୃତ୍ତି ବନ୍ଦ ହୋଇଥିଲା । କାରଣ, ବାବା ଏକ ପ୍ରଶ୍ନ ପଚାରିଥିଲେ ଓ ପ୍ରଶ୍ନ ଛଳରେ ନାନାଙ୍କୁ କିଛି ଶିକ୍ଷାଦେବାକୁ ଚାହିଁଥିଲେ ।

୩୬ । ସେ କହିଥିଲେ, "ନାନା ! କ'ଣ ସବୁ ଗୁଣୁଗୁଣୁ ହେଉଛ ? ଯାହା କହିବାର କଥା ଧୀର ସ୍ୱରରେ ଓ ସ୍ପଷ୍ଟ ଭାବରେ କୁହ, ତାହାହେଲେ ତୁମେ ଯାହା ଗୁଣୁଗୁଣୁ ହେଉଛ ମୁଁ ମଧ୍ୟ ସେକଥା ଶୁଣିପାରିବି ।"

୩୭ । ତାଙ୍କୁ ଆବୃତ୍ତି କରାଯିବା ପାଇଁ କୁହାଯିବାରୁ ସେ ଆଦେଶ ମାନି ଶ୍ଳୋକ ଦୁଇଟିର ଚାରିଟିଯାକ ଧାଡ଼ି ବୋଲିଥିଲେ । ତା'ପରେ ସେଗୁଡ଼ିକର ଅର୍ଥ ବିଶଦ ଭାବରେ ବୁଝାଇ ଦେବା ନିମନ୍ତେ ବାବା ତାଙ୍କୁ କହିଥିଲେ ।

୩୮ । ନାନା ଅତ୍ୟନ୍ତ ବିନମ୍ର ହୋଇ ଓ ଦୁଇ ହାତ ଯୋଡ଼ି ଆନନ୍ଦ ମନରେ ଓ ମଧୁର ସ୍ୱରରେ ଏହି ଶ୍ଳୋକରେ ପ୍ରଭୁ ଶ୍ରୀକୃଷ୍ଣ ଯାହା କହିଥିଲେ, ତାହା ବୁଝାଇ ଦେଇଥିଲେ ।

୩୯ । ପ୍ରତ୍ୟେକ ବ୍ୟକ୍ତି ବାବା ଓ ନାନାଙ୍କ ମଧ୍ୟରେ ହୋଇଥିବା ବାକ୍ୟାଳାପକୁ ଭଲଭାବରେ ବୁଝିବା ପାଇଁ ହେଲେ ଗୀତାର ଏହି ମୂଳ ଶ୍ଳୋକର ପ୍ରତିଟି ଶବ୍ଦକୁ ଅନୁଧ୍ୟାନ କରିବା ଉଚିତ ।

୪୦ । ଏହି ପ୍ରଶ୍ନର ସଠିକ୍ ଅର୍ଥ ବୁଝିବାପାଇଁ ତଥା ସନ୍ଥଙ୍କର ମତିଗତି ଜାଣିବା ପାଇଁ ଏହି ଅଭ୍ୟାସକୁ ଅନୁସରଣ କରାଯିବା ଆବଶ୍ୟକ, ଯାହାଦ୍ୱାରା ଭାବାର୍ଥ ପୂରାପୂରି ପରିଷ୍କାର ଓ ସନ୍ଦେହମୁକ୍ତ ହୋଇଯିବ ।

୪୧ । ପ୍ରଥମତଃ, ସଂସ୍କୃତ ଏକ କଠିନ ଭାଷା । ଶ୍ରୀସାଇ ଏହାକୁ ସହଜରେ ବୁଝି ଏଭଳି ଗୂଢ଼ ପ୍ରଶ୍ନ କିପରି ପଚାରି ପାରିଥିଲେ ? ସନ୍ଥମାନଙ୍କର ଜ୍ଞାନ ଅକଳ୍ପନୀୟ !

୪୨ । ବାବା କେତେବେଳେ ସଂସ୍କୃତ ପଢ଼ିଥିଲେ ? ସେ କେତେବେଳେ ଗୀତା ପଢ଼ିଥିଲେ, କେହି ଜାଣନ୍ତି ନାହିଁ ! ତଥାପି ଜଣେ ଜ୍ଞାନୀ ବ୍ୟକ୍ତି ଭଳି ଗୀତାର ଗୂଢ଼ ଅର୍ଥ ସମ୍ବନ୍ଧରେ ସେ ପଚାରିଥିଲେ ।

୪୩ । ଶ୍ରୋତାମାନଙ୍କର ସନ୍ତୋଷ ବିଧାନ ଉଦ୍ଦେଶ୍ୟରେ ତଥା ସେମାନଙ୍କର ମୂଳ ଶ୍ଳୋକ ସମ୍ବନ୍ଧରେ ଧାରଣା ହେବା ପାଇଁ ମୁଁ ଶ୍ରୀକୃଷ୍ଣଙ୍କ ଉକ୍ତିର ଅବତାରଣା କରିବି, ଯାହା ଏହି ଆଲୋଚନା ପାଇଁ ବିଶେଷ ସହାୟକ ହେବ ।

୪୪ । "ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା
ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।"

୪୫ । ଏହା ହେଉଛି ଗୀତାର ମୂଳ ଶ୍ଳୋକ । ଭାବ ଅନୁସାରେ ତାହାର ଆକ୍ଷରିକ ଅର୍ଥ ବୁଝନ୍ତୁ । ଏହା ଉପରେ ଅସଂଖ୍ୟ ଭାଷ୍ୟ ଲେଖାଯାଇଅଛି, ଯାହା ସେହି ଅର୍ଥକୁ ସମର୍ଥନ କରି ଆସିଛି ।

୪୬ । ନାନା ଗୀତାକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ ଓ ସେଥିରେ ଦକ୍ଷ ଥିଲେ । ସେ ଏହି ଶ୍ଳୋକର ପ୍ରତ୍ୟେକ

ପଦର ଅର୍ଥ ସୁନ୍ଦର ଭାବରେ ବୁଝାଇବାକୁ ଯାଇଥିଲେ।

୪୭। ନାନା ଅତି ମଧୁର ସ୍ୱରରେ, ସଂଭ୍ରମ ଓ ବିନୟ ସହକାରେ ଶବ୍ଦବିନ୍ୟାସର ସ୍ୱାଭାବିକ ଧାରା ବିଷୟରେ ଚିନ୍ତାକରି ସସମ୍ମାନେ ବୁଝାଇବା ଆରମ୍ଭ କରିଥିଲେ।

୪୮। ସେ କହିଥିଲେ, "ଗୁରୁଙ୍କ ପାଦରେ ସାଷ୍ଟାଙ୍ଗ ପ୍ରଣିପାତ କରି, ଗୁରୁଙ୍କ ସେବାରେ ପ୍ରାଣପାତ କରି ଓ ତାଙ୍କୁ ସସମ୍ମାନେ ପ୍ରଶ୍ନ କରି, ଯେଉଁ ଜ୍ଞାନୀମାନେ ପ୍ରକୃତ ଜ୍ଞାନଲାଭ କରିଥାନ୍ତି, ସେମାନେ ସେହି ଜ୍ଞାନୋପଦେଶ ଦେବେ।

୪୯। "ସାରାଂଶରେ, କରୁଣାର ଅବତାର ଶ୍ରୀକୃଷ୍ଣ ଶ୍ରଦ୍ଧା ସହକାରେ ଅର୍ଜୁନଙ୍କୁ କହୁଛନ୍ତି ଯେ, ପ୍ରକୃତ ଜ୍ଞାନଲାଭ କରିବାକୁ ହେଲେ ଗୁରୁଙ୍କର ସେବା ଓ ତାଙ୍କ ପାଦରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ଆବଶ୍ୟକ ।

୫୦। "ଅର୍ଜୁନ! ତୁମେ ଏହି ପଥରେ ଗଲେ, ପ୍ରକୃତ ଜ୍ଞାନୀମାନେ ତୁମକୁ ଜ୍ଞାନଲାଭର ବାଟ ବତାଇଦେବେ। ବାବା, ଏହାର ଏହିଭଳି ଅର୍ଥ ମୁଁ ଜାଣିଛି।"

୫୧। ଶଙ୍କରଭାଷ୍ୟ ଉପରେ ଆନନ୍ଦଗିରିଙ୍କ[୧] ଭାଷ୍ୟ, ଶଙ୍କରାନନ୍ଦ[୧] ଓ ଶ୍ରୀଧରଙ୍କ[୧] ଭାଷ୍ୟ, ନୀଳକଣ୍ଠଙ୍କ ମତ ଉପରେ ଆଧାରିତ ମଧୁସୂଦନଙ୍କ ଭାଷ୍ୟରେ ପ୍ରଭୁ ଏହି ପ୍ରକାର ଉପଦେଶ ଦେଇଥିଲେ ବୋଲି କୁହାଯାଇଅଛି।

୫୨। ଶ୍ରୀସାଇ ସମର୍ଥ ପ୍ରଥମ ଦୁଇଟି ପଦର ଅର୍ଥକୁ ଗ୍ରହଣ କରି ନେଇଥିଲେ ମଧ୍ୟ ବାକି ପଦ ସମ୍ପର୍କରେ ସେ କ'ଣ କହିଥିଲେ, ଶୁଣନ୍ତୁ।

୫୩। ଅନ୍ୟ ଭକ୍ତମାନେ ଚକୋର ପକ୍ଷୀ ଭଳି ଚାତକ ନୟନରେ ଅନାଇ ବସିରହିଥିଲେ ଏବଂ ଶ୍ରୀସାଇଙ୍କ ମୁଖଚନ୍ଦ୍ରରୁ ଝରୁଥିବା ଅମୃତକଣା ଆସ୍ୱାଦନ କରିବା ନିମନ୍ତେ ମୁହଁ ମେଲାଇ ଓ ଆଖିର ପଲକ ନପକାଇ ଚାହିଁ ରହିଥିଲେ।

୫୪। ସେ କହିଥିଲେ, "ନାନା! ତୁମେ ତୃତୀୟ ପଦକୁ ପୁଣିଥରେ ବିଚାର କର। 'ଜ୍ଞାନ' ଶବ୍ଦ ପୂର୍ବରୁ ବିରତି ଚିହ୍ନ ରହିଛି। ତାହାକୁ ଅର୍ଥ କର।

୫୫। "ମୁଁ କ'ଣ କିଛି ବିପରୀତ କଥା କହୁଛି! ମୁଁ କ'ଣ ପ୍ରକୃତ ଅର୍ଥକୁ ବିକୃତ କରୁଛି ? ପୂର୍ବ ଭାଷ୍ୟକାରଗଣ କ'ଣ ଭୁଲ କହିଛନ୍ତି ? ଅଯଥାରେ ସେଭଳି ବିଶ୍ୱାସ କରନାହିଁ।

୫୬। "ଯେତେବେଳେ ତୁମେ କହୁଛ ଯେ ଦାର୍ଶନିକ ଓ ପ୍ରକୃତ ଜ୍ଞାନୀମାନେ ଜ୍ଞାନର ଉପଦେଶ ଦେବେ, ସେହି ସମୟରେ ତୁମେ ଯଦି 'ଅଜ୍ଞାନ' ଶବ୍ଦ ବ୍ୟବହାର କରିବ ତେବେ ତାହାର ପ୍ରକୃତ ଅର୍ଥ ପାଇପାରିବ।

୫୭। "ଜ୍ଞାନ ଗୋଟିଏ ଶବ୍ଦବିଶିଷ୍ଟ ବିଷୟବସ୍ତୁ ନୁହେଁ। ତାକୁ କିପରି ବା ଶିକ୍ଷା ଦିଆଯାଇ ପାରିବ ? ତେଣୁ ଜ୍ଞାନର ବିପରୀତ ଶବ୍ଦ ନିଅ ଓ ତାହାହେଲେ ପ୍ରତ୍ୟେକ ପଦକୁ ଅନୁଭବ କରିପାରିବ।

୫୮। "ତୁମେ 'ଜ୍ଞାନ' ଶବ୍ଦ ବ୍ୟବହାର କରି ଯେଉଁ ଅର୍ଥ ବୁଝାଇଲ, ମୁଁ ତାହା ଶୁଣିଲି । ତୁମେ ଏଥିରେ 'ଅଜ୍ଞାନ' ଶବ୍ଦ ବ୍ୟବହାର କଲେ ତୁମର କ'ଣ କ୍ଷତି ହେଉଛି ? ଅଜ୍ଞାନ ଗୋଟିଏ ବିଷୟ ଓ ତାହାର ଆଲୋଚନା କରାଯାଇପାରିବ। ଜ୍ଞାନ ଶବ୍ଦଗୁଡ଼ିକୁ ଅତିକ୍ରମ କରିଯାଉଛି।

୫୯। "ବୀଜପତ୍ର ଅଙ୍କୁରକୁ ଘୋଡ଼ାଇ ରଖିଥିବା ପରି ବା ଧୂଳି ଦର୍ପଣକୁ ଆଚ୍ଛାଦିତ କରିଥିବା ଭଳି ଅଥବା ଅଙ୍ଗାରକୁ ପାଉଁଶ ଢାଙ୍କିରଖିଥିବା ପରି ଅଜ୍ଞାନ ଜ୍ଞାନକୁ ଘୋଡ଼ାଇ ରଖିଥାଏ ।

୬୦। "ଭଗବାନ ଗୀତାରେ[୨] କହିଛନ୍ତି ଯେ ଜ୍ଞାନ ଅଜ୍ଞାନ ଦ୍ୱାରା ଆବୃତ। ତେଣୁ ଅଜ୍ଞାନ ଦୂରୀଭୂତ ହୋଇଗଲେ ଜ୍ଞାନ ଆପେ ଆପେ ପ୍ରତିଭାତ ହୁଏ ।

୬୧। "ଜ୍ଞାନ ନିଜ ଦୀପ୍ତିରେ ପ୍ରତିଭାତ ହୋଇଥାଏ ଓ ସ୍ୱପ୍ରଭାବିତ ହୁଏ। ଏହା ଦଳରେ ଆଚ୍ଛାଦିତ ନିର୍ମଳ ଜଳ ଭଳି। ଯେଉଁ ବିଜ୍ଞ ବ୍ୟକ୍ତି ଏହି ଦଳକୁ ଆଡ଼େଇ ଦେଇ ପାରିଥାନ୍ତି, ସେ ନିର୍ମଳ ଜଳ ଲାଭ କରିଥାନ୍ତି।

୬୨। "ପରାଗ ଓ ଗ୍ରହଣ ସମୟରେ ଯଥାକ୍ରମେ ସୂର୍ଯ୍ୟ ଓ ଚନ୍ଦ୍ର ପୂର୍ବଭଳି ଉଜ୍ଜ୍ୱଳ ରହିଥାନ୍ତି। କିନ୍ତୁ ଆମ ଦୃଷ୍ଟିପଥ ଓ ସେମାନଙ୍କ ଅବସ୍ଥାନ ମଧ୍ୟରେ ରାହୁ ଓ କେତୁ ଗ୍ରହ ଆସି ବ୍ୟାଘାତ ସୃଷ୍ଟି କରୁଥିବାରୁ ଆମେ ସେହି ଉଜ୍ଜ୍ୱଳ ପ୍ରଭାକୁ ଦେଖି ପାରିନଥାଉ।

୬୩। "ସୂର୍ଯ୍ୟ କିମ୍ବା ଚନ୍ଦ୍ରଙ୍କ ନିମନ୍ତେ କୌଣସି ବାଧା ନାହିଁ। କେବଳ ଆମର ଧାରଣାହିଁ ପ୍ରଭାବିତ ହୋଇଥାଏ। ସେହିଭଳି ଜ୍ଞାନର ବାଧାପ୍ରତିବନ୍ଧକ ନଥାଏ। ଜ୍ଞାନ ସ୍ୱତଃ ପ୍ରତୀୟମାନ ଓ ସ୍ୱସ୍ଥାନାବିଷ୍ଟ ।

୬୪। "ଅନ୍ତର୍ଦୃଷ୍ଟିଶକ୍ତି ହିଁ ଜ୍ଞାନ। ଏହା ଉପରେ ପରଦା

ବା ଆବରଣର ବୃଦ୍ଧି ଘଟିବା ହିଁ ଅଜ୍ଞାନ ଓ ଏହାକୁ ହଟେଇ ଦିଆଯିବା ଉଚିତ୍।

୬୫। "ସେହି ପରଦା ବା ଆବରଣକୁ ତୁମର କୁଶଳୀ ହସ୍ତ ଦ୍ୱାରା ହଟେଇ ଦିଆଯିବା ଉଚିତ୍ ଓ ଅଜ୍ଞାନର ଅନ୍ଧକାରକୁ ଦୂର କରିଦେଇ ଅନ୍ତର୍ଦୃଷ୍ଟିକୁ ପ୍ରକଟିତ ହେବା ପାଇଁ ଦିଆଯିବା ଉଚିତ୍ ।

୬୬। " ଏହି ଦୃଶ୍ୟମାନ ସମଗ୍ର ଜଗତକୁ ଦେଖ। ଏହା ମିଥ୍ୟା, କେବଳ ମାୟାର ଖେଳ ଛଡ଼ା ଆଉ କିଛି ନୁହେଁ ଓ ତାହା ଅବର୍ଣ୍ଣନୀୟ। ଏହି ମାୟାର ଆଦି ନାହିଁ କି ଅନ୍ତ ନାହିଁ। ଏହାର ରୂପ ଦୃଶ୍ୟ ନୁହେଁ କି ଅନୁଭବଯୋଗ୍ୟ ମଧ୍ୟ ନୁହେଁ। ଏହା ଅଜ୍ଞାନର ମୂର୍ତ୍ତିମନ୍ତ ରୂପ।

୬୭। "ଜ୍ଞାନକୁ ଅନୁଭବ କରାଯାଇଥାଏ, ତାହାକୁ ଶିକ୍ଷା ଦିଆଯାଇପାରିନଥାଏ। ସାଷ୍ଟାଙ୍ଗ ପ୍ରଣିପାତ କରିବା, ସମ୍ମାନ ଜଣାଇ ପ୍ରଶ୍ନ କରିବା ଓ ଗୁରୁଙ୍କର ସେବା କରିବା ହେଉଛି ଗୁରୁଙ୍କ କୃପାଲାଭ କରିବାର ଏକମାତ୍ର ବାଟ ।

୬୮। "ଜଗତ ସତ୍ୟ ପ୍ରତିଭାତ ହେଉଥିବାହିଁ ହେଉଛି ବିରାଟ ମାୟା। ଜ୍ଞାନ ଉପରେ ତାହାହିଁ କଳା ପରଦା। ତାହାକୁ ପ୍ରଥମେ ଦୂର କରାଯିବା ଉଚିତ୍। ତାହା ପରେ ବ୍ରହ୍ମ ଉଦୟ ହେବେ ଓ ତାହାହିଁ ଶ୍ରେଷ୍ଠ ଜ୍ଞାନ।

୬୯। "ପାର୍ଥିବ ସ୍ଥିତିର ମୂଳ କାରଣ ହେଉଛି ଅଜ୍ଞାନ। ଗୁରୁକୃପାଞ୍ଜନ ଚକ୍ଷୁରେ ଧାରଣ କଲେ ମାୟାର ପରଦା ଅପସରି ଯାଇଥାଏ ଓ ପ୍ରକୃତ ଜ୍ଞାନ ରହିଥାଏ।

୭୦। "ଜ୍ଞାନ ଅର୍ଜନ କରାଯାଏ ନାହିଁ। ମୂଳରୁ ଏହା ସ୍ୱତଃ ପ୍ରତୀୟମାନ । ବେଦ ଆଦି ଶାସ୍ତ୍ରରେ ମଧ୍ୟ ଏହାହିଁ ପ୍ରମାଣିତ ହୋଇଛି । ଜ୍ଞାନ ଅର୍ଜନ କରିବାରେ ପ୍ରକୃତ ପ୍ରତିବନ୍ଧକ ହେଉଛି ଅଜ୍ଞାନ।

୭୧। "ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦ୍ୱୈତ ଭାବନା ରହିବା ହିଁ ହେଉଛି ସବୁଠାରୁ ବଳି ଅଜ୍ଞାନ। ସେହି ଅଜ୍ଞାନ ଦୂର ହୋଇଯିବା ପରେ କେବଳ ପ୍ରକୃତ ଜ୍ଞାନହିଁ ରହିଥାଏ।

୭୨। "ଅଜ୍ଞାନ ପୂର୍ଣ୍ଣମାତ୍ରାରେ ରହିଥିଲେ ରଜ୍ଜୁ ଦେଖିଲେ ସର୍ପ ଭ୍ରମ ସୃଷ୍ଟି ହୋଇଥାଏ। ପ୍ରକୃତ ରୂପରେ ଶିକ୍ଷା ଲାଭ ହେଲେ ଅଜ୍ଞାନ ଦୂର ହୋଇଯାଏ। ତାହା ପରେ ରଜ୍ଜୁଜ୍ଞାନହିଁ ରହିଥାଏ।

୭୩। "ସୁନା ଯଦି ଅଳିଆ ତଳେ ପଡ଼ିଥାଏ,ତେବେ ଅଳିଆ ସଫା କରାଯିବାପରେ ହିଁ ଏହାର ଦୀପ୍ତି ଦୃଶ୍ୟ ହୋଇଥାଏ। ତାହା ସୁନା ଭଳି ଦୃଶ୍ୟ ହେବା ନିମନ୍ତେ ତାହାକୁ ଅଗ୍ନିରେ ପକାଇ ଶୁଦ୍ଧ କରାଯିବାର ଆବଶ୍ୟକତା ପଡ଼ିଥାଏ।

୭୪। "ଜୀବ ଜନ୍ମ ନେବାର ମୂଳ କାରଣ ହେଉଛି ମାୟା। ଜୀବ ତାହାର ଭାଗ୍ୟ ଅନୁଯାୟୀ ଗତି କରିଥାଏ। ଦ୍ୱୈତ ଭାବନା ସମ୍ପୂର୍ଣ୍ଣ ରୂପେ ଭାଗ୍ୟ ଉପରେ ନିର୍ଭରଶୀଳ। ମଣିଷ ଶରୀର ପାଇଥିବାର ଅହଂକାର ଅଜ୍ଞାନରୁହିଁ ଜାତ ହୋଇଥାଏ।

୭୫। "ତେଣୁ ଗର୍ବଶୂନ୍ୟ ବ୍ୟକ୍ତିମାନେ ସୁଖ କିମ୍ବା ଦୁଃଖ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ। ଯେଉଁମାନେ ଗର୍ବ ପ୍ରଦର୍ଶନଠାରୁ ଅଲଗା ରହିଥାନ୍ତି, ସେମାନେ ଅଜ୍ଞାନକୁ ଦୂର କରିଦେଇଥାନ୍ତି।

୭୬।"ଯେଉଁଠାରେ ନିଜର ସତ୍ତା ସମ୍ବନ୍ଧରେ ଅଜ୍ଞାନ ରହିଛି, ତାହାହିଁ ମାୟାର ଜନ୍ମସ୍ଥାନ ହୁଏ। ଗୁରୁଙ୍କ କୃପାରୁ ମାୟା ଦୂର ହୋଇଯିବା ପରେ ଆତ୍ମଜ୍ଞାନ ଉପଲବ୍ଧ ହୋଇଥାଏ।

୭୭। "ଜଣେ କାହିଁକି ଭଗବାନଙ୍କୁ ଭକ୍ତି ନକରି ଅନ୍ୟ ଶକ୍ତିକ୍ଷୟକାରୀ ସାଧନା କରିବ ? ଏପରିକି ବ୍ରହ୍ମଦେବ ମଧ୍ୟ ମାୟା କବଳିତ ହୋଇଥିଲେ ଓ ଭକ୍ତିହିଁ ତାଙ୍କୁ ଉଦ୍ଧାର କରିଥିଲା।

୭୮। "ଜଣେ ବ୍ରହ୍ମଲୋକ ପ୍ରାପ୍ତ ହୋଇଥିଲେ ମଧ୍ୟ ଭକ୍ତି ବିନା ମୁକ୍ତି ଅସମ୍ଭବ। ସେଠାରେ ଯଦି କେହି ଭକ୍ତି ପାଶୋରି ଦେଇଥାଏ, ତେବେ ସେ ପୁନର୍ବାର ଜନ୍ମ ଓ ମୃତ୍ୟୁ ଚକ୍ର ମଧ୍ୟକୁ ଫେରି ଆସିଥାଏ।

୭୯। "ତେଣୁ ମାୟାର ଦୂରୀକରଣ ନିମନ୍ତେ ପ୍ରଭୁଙ୍କୁ ଭକ୍ତି କରାଯିବା ଆବଶ୍ୟକ। ପ୍ରଭୁଭକ୍ତର ବିଚ୍ୟୁତି ଘଟିନଥାଏ ଓ ସିଏ ଏହି ପାର୍ଥିବ ସ୍ଥିତି ସହିତ ଜଡ଼ିତ ହୁଏ ନାହିଁ।

୮୦। "ଲୋକେ ମାୟାକୁ ମିଥ୍ୟା ବୋଲି କହୁଥିଲେ ମଧ୍ୟ ଏହା କିମିଆ କରିବାରେ ଶକ୍ତିଶାଳିନୀ ଓ ଏପରିକି ଜ୍ଞାନକୁ ମଧ୍ୟ ନିଜ ଫାନ୍ଦ ମଧ୍ୟରେ ସବୁବେଳେ ବାନ୍ଧି ରଖିଥାଏ। କିନ୍ତୁ ଭକ୍ତ ମାୟାକୁ ନିଜ ଇଚ୍ଛା ଅନୁଯାୟୀ ନଚାଇଥାଏ।

୮୧। "ଯେଉଁଠାରେ ଅଗାଧ ଜ୍ଞାନୀ ବ୍ୟକ୍ତି ଠକି ଯାଇଥାନ୍ତି, ସେଠାରେ ଭକ୍ତ ମାୟାର ସମ୍ମୁଖୀନ ହୋଇପାରିଥାଏ। କାରଣ, ଭକ୍ତ ନିଜକୁ ପ୍ରଭୁଙ୍କ ପାଦତଳେ ସମର୍ପି ଦେଇଥାଏ। ଅଥଚ ଜ୍ଞାନୀ ନିଜର ଜ୍ଞାନ ପାଇଁ ଗର୍ବରେ ଫାଟି ପଡ଼ିଥାଏ।

୮୨ । "ତେଣୁ ମାୟାକୁ ଜୟ କରିବା ନିମନ୍ତେ ସଦ୍‌ଗୁରୁଙ୍କ ଚରଣାଶ୍ରିତ ହୁଅ ଓ ସର୍ବାନ୍ତଃକରଣରେ ତାଙ୍କ ପାଖରେ ସମର୍ପିତ ହୁଅ। ପାର୍ଥିବ ସ୍ଥିତିର ଭୟ ସଂଗେ ସଂଗେ ଦୂର ହୋଇଯିବ।

୮୩। "ମୃତ୍ୟୁ ଅବଧାରିତ ହୋଇଥିବାରୁ ତାହା ନିଶ୍ଚୟ ଆସିବ; କିନ୍ତୁ ପ୍ରଭୁଙ୍କୁ ଭୁଲିଯାଅ ନାହିଁ। ଇନ୍ଦ୍ରିୟଗଣ ସେମାନଙ୍କର ପ୍ରକୃତି ଅନୁଯାୟୀ ଆଚରଣ କରୁଥିଲେ ମଧ ମନ ପ୍ରଭୁଙ୍କ ଉପରେ ସର୍ବଦା ଧ୍ୟାନସ୍ଥ ହେଉ।

୮୪। "ଘୋଡ଼ାଗୁଡ଼ିକୁ ଲଗାମ ପକାଇ ଯେପରି ରଥରେ ଯୋଚାଯାଏ, ସେମିତି ଇନ୍ଦ୍ରିୟଗୁଡ଼ିକ ଶରୀର ସହିତ ଯୋଚାଯାଇଥାନ୍ତି। ସେଥିପାଇଁ ମନର ଲଗାମକୁ ବୁଦ୍ଧିରୂପକ ହସ୍ତ ଦ୍ୱାରା ଦୃଢ଼ଭାବରେ ଧରି ରଖିବାକୁ ହେବ।

୮୫। "ମନ ସନ୍ଦେହ ଓ ମାୟାର ପ୍ରହେଳିକାରେ ପୂର୍ଣ୍ଣ ହୋଇ ନିଜ ଇଚ୍ଛାରେ ଏଣେ ତେଣେ ଦୌଡ଼ିଥାଏ। ବୁଦ୍ଧି ଆପେ ଆପେ ତାହାକୁ ନିୟନ୍ତ୍ରଣ କରିଥାଏ ଓ ନିଜର ଶକ୍ତି ଅନୁଯାୟୀ ତାହା ଉପରେ ଲଗାମ ପକାଇଥାଏ ।

୮୬। "ବୁଦ୍ଧି ଭଳି ଦକ୍ଷ ସାରଥି ଥିବା ସମୟରେ ରଥୀ କାହିଁକି ଅବା ବିବ୍ରତ ହେବ? ସେ ତାହାର ସମସ୍ତ କର୍ମ ଶାନ୍ତ ମନରେ ସଂପାଦନ କରିବ।

୮୭। "ମନ ଶରୀରର ସମସ୍ତ କର୍ମକୁ ବୁଦ୍ଧିର ନିୟନ୍ତ୍ରଣରେ ଛାଡ଼ିଦେଲେ ସମସ୍ତ କାର୍ଯ୍ୟ ତାହା ପାଇଁ ମଙ୍ଗଳକର ହେବ।

୮୮। "ଇନ୍ଦ୍ରିୟଗୁଡ଼ିକ ଇନ୍ଦ୍ରିୟଭୋଗ୍ୟ ପଦାର୍ଥଗୁଡ଼ିକୁ ଉପଭୋଗ କରିବାକୁ ଲାଗିଲେ ଶକ୍ତିର ଅପଚୟ ହେବ ଓ ପ୍ରତି ପଦକ୍ଷେପରେ ପତନର ଭୟ ଲାଗି ରହିବ।

୮୯। "ପଂଚଇନ୍ଦ୍ରିୟ ତଥାକଥିତ ସୁଖଭୋଗ ବୋଲି ଯାହାକୁ ମଣିଥାନ୍ତି, ଅବଶେଷରେ ତାହା କେବଳ ଦୁଃଖର କାରଣ ହୋଇଥାଏ ଓ ଏହା ମଧ୍ୟରେ ସବୁଠାରୁ ବଳି ଦୁଃଖ ହେଉଛି ଅଜ୍ଞାନ।

୯୦। "ଧ୍ୱନି ଦ୍ୱାରା ମୋହିତ ହୋଇ ମୃଗ ଶେଷରେ ମୃତ୍ୟୁବରଣ କରିଥାଏ। ସ୍ପର୍ଶସୁଖ ପାଇବା ପାଇଁ ହସ୍ତୀ ଫାନ୍ଦରେ ପଡ଼ିଯାଏ ଓ ଅଙ୍କୁଶ କେଞ୍ଚାର କଷ୍ଟ ଭୋଗ କରିଥାଏ।

୯୧। "ଆଲୋକର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ପତଙ୍ଗ ଅନଳରେ ପୋଡ଼ି ହୋଇ ପ୍ରାଣତ୍ୟାଗ କରିଥାଏ। ଖାଦ୍ୟ ଭାବି ମତ୍ସ୍ୟ ଥୋପକୁ ଗିଳିଦେଲେ ତାହାର ଶୀଘ୍ର ମୃତ୍ୟୁ ହୋଇଥାଏ।

୯୨। "ଭ୍ରମର ମଧୁଲୋଭରେ ପ୍ରଲୋଭିତ ହୋଇ କୋରକିତ କମଳରେ ବନ୍ଦୀ ହୋଇଯାଏ। କେବଳ ଗୋଟିଏ ଇନ୍ଦ୍ରିୟର କାର୍ଯ୍ୟ ଦ୍ୱାରା ଯଦି ଏତେ କ୍ଷତି ହୋଇଯାଉଛି, ତେବେ ସମସ୍ତ ଇନ୍ଦ୍ରିୟ ଜଡ଼ିତ ଥିବା କାର୍ଯ୍ୟର ମୁକାବିଲା ପାଇଁ ଆମକୁ କେତେ ଭୟଙ୍କର ଲଢ଼େଇ କରିବାକୁ ପଡ଼ିବ!

୯୩। "ଏହା ଭୂପୃଷ୍ଠର ପଶୁ, ଜଳରେ ବାସ କରୁଥିବା ପ୍ରାଣୀ ଓ ଆକାଶରେ ଉଡୁଥିବା ପକ୍ଷୀ ସମସ୍ତଙ୍କ କ୍ଷେତ୍ରରେ ସମାନ ହୋଇଥାଏ । ସେମାନଙ୍କର ଦୁରବସ୍ଥାକୁ ଲକ୍ଷ୍ୟକରନ୍ତୁ। ଏପରିକି ଜ୍ଞାନୀମାନେ ମଧ ଇନ୍ଦ୍ରିୟ ସୁଖ ପଛରେ ଦୌଡ଼ିଥାନ୍ତି। ଏହା ଅଜ୍ଞାନ ନୁହେଁ ତ ଆଉ କ'ଣ?

୯୪। "ଜଣେ ଯଦି ଅଜ୍ଞାନକୁ ଦୂର କରିଦେଇ ଇନ୍ଦ୍ରିୟ ସୁଖଠାରୁ ଦୂରକୁ ଯାଇ ପାରିବ, ତେବେ ସେ ଦିବ୍ୟ ଚିନ୍ତାରେ ଆନନ୍ଦରେ ନିମଗ୍ନ ହୋଇପାରିବ। ସେ ଆତ୍ମୋପଲବ୍ଧି ପ୍ରାପ୍ତି କରିବାରେ ଜଡ଼ିତ ହେବ ଓ ଅଶେଷ ଆନନ୍ଦ ଲାଭ କରିବ ।

୯୫। "ତୁମର ବୁଦ୍ଧି ଗୁରୁ ରୂପକ ଈଶ୍ୱରଙ୍କୁ ଧ୍ୟାନକରୁ, ତୁମର କର୍ଣ୍ଣ ତାଙ୍କରି କାହାଣୀ ଶୁଣୁ, ତୁମର ମନ ତାଙ୍କରି ଉପରେ ଏକାଗ୍ରଚିତ୍ତ ହେଉ ଓ ତୁମର ଜିହ୍ୱା ତାଙ୍କରି ନାମ ଜପ କରୁଥାଉ।

୯୬। "ତୁମର ପାଦ ଗୁରୁଙ୍କ ବାସସ୍ଥଳକୁ ନେଇଯାଉ, ତୁମର ଘ୍ରାଣେନ୍ଦ୍ରିୟ ଗୁରୁଙ୍କୁ ଅର୍ପଣ କରାଯାଇଥିବା ପୁଷ୍ପର ସୁଗନ୍ଧକୁ ଆଘ୍ରାଣ କରୁ; ତୁମର ହସ୍ତ ତାଙ୍କର ଚରଣକୁ ଭକ୍ତିରେ ସ୍ପର୍ଶକରୁ ଓ ତୁମର ଦର୍ଶନେନ୍ଦ୍ରିୟ ତାଙ୍କୁ ଦର୍ଶନ କରୁ।

୯୭। "ଏହିପରି ଭାବରେ ଯେଉଁ ଭକ୍ତ ସମସ୍ତ ଇନ୍ଦ୍ରିୟଙ୍କୁ ପ୍ରଭୁଙ୍କ ସେବାରେ ଶ୍ରଦ୍ଧା ସହକାରେ ଲଗାଇ ଦେଇପାରେ, ସେହି ଭକ୍ତ ଧନ୍ୟ ହୋଇଥାଏ ଓ ପରମ ଆନନ୍ଦ ଲାଭ କରିଥାଏ । ଭଗବାନଙ୍କ ପ୍ରତି ଭକ୍ତି ଆଉ କ'ଣ କି?

୯୮। " ପରିଶେଷରେ, ଅଜ୍ଞାନର ମୂଳୋତ୍ପାଟନ କର। ଯାହା ଅବଶେଷ ରହିଗଲା, ତାହାକୁ ପ୍ରକୃତ ଜ୍ଞାନ ବୋଲି ଜାଣ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ବୁଝାଇଥିବା ସେହି ଶ୍ଳୋକର ଉଦ୍ଦେଶ୍ୟ ହେଉଛି ଏୟା।"

୯୯। ନାନା ସମ୍ପୂର୍ଣ୍ଣ ଭାବରେ ବିନୟାବନତ ହୋଇଥିଲେ।

ସେ ଏଭଳି ମଧୁର ଓ ସରଳ ବ୍ୟାଖ୍ୟା ଶୁଣି ସାରିବା ପରେ ବାବାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଓ ତାଙ୍କ ପାଦକୁ ଦୁଇହାତରେ ଜାବୁଡ଼ି ଧରିଥିଲେ।

୧୦୦। ତା'ପରେ ସେ ପୂର୍ଣ୍ଣ ବିଶ୍ୱାସ ରଖି ଆନ୍ତରିକ ପ୍ରାର୍ଥନା କରିଥିଲେ, "ମୋର ଅଜ୍ଞାନ ଦୂର କରିଦିଅନ୍ତୁ। ମୋର ବୃଥା ଗର୍ବକୁ ଉପଯୁକ୍ତ ଉପାୟରେ ଦଣ୍ଡିତ କରନ୍ତୁ।

୧୦୧। "ମୋର ସାତ୍ତ୍ୱିକତା ଉପରଠାଉରିଆ। ମୋ ଅନ୍ତର ମଧ୍ୟରେ ସନ୍ଦେହ ଓ ପ୍ରଶ୍ନବାଚୀ ଭର୍ତ୍ତି ହୋଇ ରହିଛି। ମୁଁ ସାମାନ୍ୟତମ ଲାଞ୍ଛନାକୁ କ୍ଷଣେ ମାତ୍ର ସମୟ ପାଇଁ ମଧ ସହ୍ୟ କରି ପାରୁନାହିଁ। ଅଜ୍ଞାନ ଆଉ କ'ଣ କି?

୧୦୨। "ମୋର ଖ୍ୟାତି ସର୍ବତ୍ର ବ୍ୟାପିଯାଉ ବୋଲି ମୁଁ ଅନ୍ତର ମଧ୍ୟରେ ଏକାନ୍ତ ଭାବରେ ଚାହୁଁଛି, ଅଥଚ ବାହାରକୁ ମୁଁ ଆଧ୍ୟାତ୍ମିକତା ମାର୍ଗରେ ପ୍ରବୃତ୍ତ ବୋଲି ଦେଖାଇ ହେଉଛି। ମୋ ମଧ୍ୟରେ ଲାଳସା ଓ କ୍ରୋଧ ଭରି ହୋଇ ରହିଛି। ଅଜ୍ଞାନ ଆଉ କ'ଣ କି?

୧୦୩। "ଅନ୍ତର ମଧ୍ୟରେ ମୁଁ ସମସ୍ତ କୁକର୍ମର କର୍ତ୍ତା, କିନ୍ତୁ ବାହାରକୁ ଉତ୍ତମ ବା ସଦ୍ ଆଚରଣ ପ୍ରଦର୍ଶନ କରୁଛି। ମୁଁ ସବୁଠୁ ଦୁରାଚାରୀ ଓ ସଦ୍‌ଗୁଣ ବିବର୍ଜିତ । ନିର୍ଦ୍ଦିଷ୍ଟ ଭାବରେ ଅଜ୍ଞାନ ଆଉ କାହାକୁ କହନ୍ତି କି?

୧୦୪। "ବାବା, ଆପଣ କରୁଣାର ବାରିଧି । ମୋ ଉପରେ କୃପାଜଳ ବୃଷ୍ଟି କରି ଏହି ଅଜ୍ଞାନରୂପକ ଅଗ୍ନିକୁ ନିର୍ବାପିତ କରନ୍ତୁ। ତାହା କଲେ ମୁଁ ଖୁବ୍ ଧନ୍ୟ ହେବି।

୧୦୫। "ମୋର ଜ୍ଞାନ ଉପରେ ଚର୍ଚ୍ଚା କରିବା ଆବଶ୍ୟକ ନାହିଁ। ମୋର ଅସୀମ ଅଜ୍ଞାନ ଦୂର କରିଦିଅନ୍ତୁ। ମୋ ଉପରେ କରୁଣାପୂର୍ଣ୍ଣ ଦୃଷ୍ଟିପାତ କରନ୍ତୁ। ମୁଁ ତାହା ଦ୍ୱାରା ସନ୍ତୋଷ ଓ ଆନନ୍ଦ ଲାଭ କରିବି।"

୧୦୬। ପ୍ରେମର ଅବତାର ତଥା କରୁଣାବାରିଧି ଶ୍ରୀସାଇ ନାନାଙ୍କୁ ଏକ ମାଧ୍ୟମ ରୂପେ ବ୍ୟବହାର କରିଥିଲେ ଏବଂ ମୋ ପାଇଁ ଓ ତୁମ ପାଇଁ ଏବଂ ଆମର ମଙ୍ଗଳ ପାଇଁ ଗୀତାର ଶ୍ଳୋକ ଉପରେ ଏପରି ଚର୍ଚ୍ଚା କରିଥିଲେ।

୧୦୭। ଗୀତା ହେଉଛି ପ୍ରଭୁଙ୍କର ଶିକ୍ଷା ଓ ଉପଦେଶ। ତେଣୁ ତାହା ପ୍ରକୃତରେ ଏକ ଶାସ୍ତ୍ର ବୋଲି ଜାଣିଥାଅ। ଏହା ଚିରନ୍ତନ। ଏହାକୁ କେବେହେଲେ ଅବମାନନା କରିବା ଉଚିତ୍ ନୁହେଁ ।

୧୦୮। ମାତ୍ର ଯିଏ ପ୍ରବଳ ମାତ୍ରାରେ ଇନ୍ଦ୍ରିୟାସକ୍ତ, ତାଙ୍କ ପାଇଁ ଶାସ୍ତ୍ରର କିଛି ପ୍ରାସଙ୍ଗିକତା ନାହିଁ। ଠିକ୍ ସେଇଭଳି, ଯିଏ ପ୍ରକୃତରେ ମୋକ୍ଷପ୍ରାପ୍ତ ହୋଇଛନ୍ତି, ତାଙ୍କ ନିକଟରେ ଶାସ୍ତ୍ର ନିରର୍ଥକ। କେବଳ ମୋକ୍ଷକାମୀଙ୍କ ନିମନ୍ତେ ଶାସ୍ତ୍ରର ପ୍ରୟୋଜନ ରହିଛି।

୧୦୯। 'ମୁଁ ଇନ୍ଦ୍ରିୟାସକ୍ତିରେ ପୂର୍ଣ୍ଣ ନିମଜ୍ଜିତ ହୋଇ ରହିଛି, ମୁଁ କେବେ ମୋକ୍ଷପ୍ରାପ୍ତ ହେବି?' କେବଳ ମୋକ୍ଷକାମୀ ଓ ସେ ସମ୍ବନ୍ଧରେ ଚିନ୍ତା କରୁଥିବା ବ୍ୟକ୍ତିମାନଙ୍କ ନିମିତ୍ତ ଏହି ଶାସ୍ତ୍ରଗୁଡ଼ିକ ଉଦ୍ଦିଷ୍ଟ, ଯାହାଦ୍ୱାରା ସେମାନେ ଉଦ୍ଧାର ପାଇବେ ।

୧୧୦। ନିଜ ଭକ୍ତଙ୍କର ଏଭଳି ଭକ୍ତିଭାବନା ଦେଖିଲେ ଯେତେବେଳେ ତାଙ୍କ ପ୍ରତି ସନ୍ଥଙ୍କର ଦୟା ଉଦ୍ରେକ ହୁଏ, କୌଣସି ନା କୌଣସି ଆଳରେ ସନ୍ଥ ତାଙ୍କୁ ସହଜ କଥାରେ ଶିକ୍ଷା ପ୍ରଦାନ କରିଥାନ୍ତି।

୧୧୧। ପ୍ରଭୁ କିମ୍ବା ଗୁରୁଦେବ ସର୍ବାନ୍ତଃକରଣରେ ଭକ୍ତମାନଙ୍କର ମଙ୍ଗଳ ପାଇଁ ଉତ୍କଣ୍ଠିତ ହୋଇଥାନ୍ତି ଓ ସେମାନଙ୍କର କଲ୍ୟାଣ ସର୍ବଦା ଚିନ୍ତା କରୁଥାନ୍ତି। ସେ ନିଜ ଉପରକୁ ସମସ୍ତ ଅସୁବିଧାକୁ ନେଇ ଯାଇଥାନ୍ତି।

୧୧୨। ଏବେ ଶ୍ରୀସାଇଙ୍କ କାର୍ଯ୍ୟପ୍ରଣାଳୀର ଏକ କ୍ଷୁଦ୍ର ବର୍ଣ୍ଣନା ଉପସ୍ଥାପନ କରିବା ଓ ସେ କିପରି କେତେକ କାର୍ଯ୍ୟ ପାଟିତୁଣ୍ଡ ନକରି ନିରବରେ କରାଇ ନେଇଥାନ୍ତି, ତାହା ଦେଖିବା।

୧୧୩। କାର୍ଯ୍ୟ ବଡ଼ କିମ୍ବା ଛୋଟ ହୋଇପାରେ, କିନ୍ତୁ ତାହାର ପ୍ରକୃତ କାରଣ ପ୍ରକାଶ କରାଯାଇନଥାଏ। ଧୀରେ ଧୀରେ କାର୍ଯ୍ୟ ସମାପ୍ତ ହୋଇଯାଇଥାଏ ଓ କୌଣସିଠାରେ ତାହାର ଉଲ୍ଲେଖ ରହିନଥାଏ।

୧୧୪। ଯଦି ସାଧାରଣ ଭାବରେ କୌଣସି କାର୍ଯ୍ୟ କରିବା ଦରକାର ହୁଏ, ତେବେ ତାହାର ମୂଳ କାରଣ ଉପରେ ଚିନ୍ତା ନକରି କିମ୍ବା ସୂଚନା ଖୋଜି ନବସି ସଂଗେ ସଂଗେ ଆରମ୍ଭ କରିଦେବା ଉଚିତ୍ । ନଚେତ୍ ସେଥିରେ ବିଭ୍ରାଟ ଦେଖାଦେଇଥାଏ।

୧୧୫। "ଯିଏ କେବଳ କଥା କହେ, ସେ କ'ଣ କରିପାରିବ? ଗରଜିଲା ମେଘ ବର୍ଷା କରେ କି?" ଏହି ପ୍ରବାଦର ପ୍ରକୃତ ତାତ୍ପର୍ଯ୍ୟ ଶ୍ରୀସାଇ ନିଜ ଅଭିଜ୍ଞତାରୁ ପ୍ରକାଶ

କରିଥିଲେ।

୧୧୬। ଅନ୍ୟମାନଙ୍କର ମଙ୍ଗଳ ନିମିତ୍ତ ସାଇବାବାଙ୍କ ଭଳି ଅବତାରୀ ପୁରୁଷ ପୃଥିବୀପୃଷ୍ଠରେ ଅବତରଣ କରିଥାନ୍ତି। ସେମାନଙ୍କର ଈପ୍‌ସିତ ଲକ୍ଷ୍ୟ ପୂରଣ ପରେ ସେମାନେ ଅବ୍ୟକ୍ତ ବ୍ରହ୍ମ ସହିତ ମିଳିତ ହୋଇଯାଇଥାନ୍ତି।

୧୧୭। ଆମ ଜୀବନର ମୂଳ କାରଣ କ'ଣ ? ଆମେ କେଉଁଠାରୁ ଆସିଛୁ ଓ କେଉଁଠାକୁ ଯିବୁ, ଆମେ କାହିଁକି ସୃଷ୍ଟି ହୋଇଛୁ ! ଆମ ଜନ୍ମର ଏଇ ମୂଳ କାରଣ ମଧ୍ୟ ଆମେ ଜାଣିନାହୁଁ।

୧୧୮। ଆମେ ଆମର ନିଜ ଇଚ୍ଛା ଅନୁଯାୟୀ ଜୀବନ ବିତାଇଥାଉ। ତା'ପରେ ମୃତ୍ୟୁ ସମୟ ଆସି ପହଞ୍ଚିଯାଏ ଓ ସମସ୍ତ ଇନ୍ଦ୍ରିୟ ଅଚଳ ହୋଇଯାଆନ୍ତି । ଏହା ସତ୍ତ୍ୱେ ଆମ ମନରେ ସଦ୍‌ଚିନ୍ତା ଆସେ ନାହିଁ।

୧୧୯। ଯଦିଓ ଆମ ଆଖି ଆଗରେ ପତ୍ନୀ, ପୁତ୍ର, ଭ୍ରାତା, ପିତାମାତା ଆଦି ପ୍ରିୟଜନଙ୍କର ମୃତ୍ୟୁ ଘଟୁଥିବାର ଆମେ ଦେଖିଥାଉ, ସଦ୍‌ଚିନ୍ତା ଆମ ମନରେ ଆସିନଥାଏ।

୧୨୦। ସନ୍ଥମାନେ ଏଭଳି ପ୍ରକୃତିର ନୁହନ୍ତି। ସେମାନେ ଖୁବ୍ ଜାଗ୍ରତ ରହିଥାନ୍ତି ଓ ନିଜର ଶେଷ ସମୟ ସମ୍ବନ୍ଧରେ ସଂପୂର୍ଣ୍ଣ ଅବହିତ ରହିଥାନ୍ତି। ନିଜର ମୃତ୍ୟୁ ସମୟ ମଧ୍ୟ ସେମାନେ ଜାଣିଥାନ୍ତି।

୧୨୧। ସେମାନେ ଶରୀର ଧରି ରହିଥିବା ପର୍ଯ୍ୟନ୍ତ ଅଶେଷ ଶ୍ରଦ୍ଧା ସହକାରେ ନିଜର ଭକ୍ତମାନଙ୍କ ନିମନ୍ତେ ନିଜ ଶରୀର କ୍ଷୟ କରିଥାନ୍ତି ଓ ଶେଷରେ ଶରୀର ଯେଉଁ ସ୍ଥାନରେ ତ୍ୟାଗ କରିଥାନ୍ତି, ସେହି ସ୍ଥାନ ମଧ୍ୟ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ବ୍ୟବହୃତ ହୋଇଥାଏ।

୧୨୨। କେତେକ ନିଜର ଶରୀର ତ୍ୟାଗ କରିବା ପୂର୍ବରୁ ସମାଧି ତିଆରି କରି ନେଇଥାନ୍ତି। ଏହା ଫଳରେ ସେମାନଙ୍କ ଶରୀର ସେହି ସ୍ଥାନରେ ନିଶ୍ଚିତଭାବରେ ଶାନ୍ତିଲାଭ କରିଥାଏ।

୧୨୩। ବାବା ସେହିଭଳି କରିଥିଲେ। କିନ୍ତୁ ତାହା କେହି ପୂର୍ବରୁ ବୁଝି ପାରିନଥିଲେ। ସେ ଏକ ଅନନ୍ୟ ଉପାୟରେ ସମାଧି ମନ୍ଦିର ନିର୍ମାଣ କରାଇ ନେଇଥିଲେ।

୧୨୪। ନାଗପୁରରେ ବାପୁସାହେବ ବୁଟି ନାମରେ ଜଣେ ବିରାଟ ଧନୀ ବ୍ୟକ୍ତି ଥିଲେ। ବାବା ତାଙ୍କ ଦ୍ୱାରା ଶିରିଡ଼ିରେ ଏକ ଅଟ୍ଟାଳିକା ତୋଳାଇ ନେଇଥିଲେ।

୧୨୫। ବାପୁସାହେବ ଜଣେ ପ୍ରଧାନ ଭକ୍ତ ଭାବରେ ଶ୍ରୀସାଇଙ୍କ ଚରଣାଶ୍ରିତ ଥିଲେ। ସେ ଅଧିକାଂଶ ସମୟରେ ପରିବାରବର୍ଗଙ୍କ ସହିତ ଆସି ଶିରିଡ଼ିରେ ରହୁଥିଲେ ଓ ଦିନଦିନ ଧରି ବାବାଙ୍କର ସେବା କରୁଥିଲେ।

୧୨୬। ଶ୍ରୀସାଇଙ୍କର ନିଷ୍ପାପର ଭକ୍ତ ହୋଇଥିବାରୁ ସେ ଶ୍ରୀସାଇଙ୍କ ଚରଣତଳେ ଅଧିକାଂଶ ସମୟ କଟାଉଥିଲେ। ସେ ସର୍ବଦା ବାବାଙ୍କର ଆଜ୍ଞାବହ ଥିଲେ ଓ ଶିରିଡ଼ିରେ ସବୁଦିନ ପାଇଁ ରହିଯିବାକୁ ଇଚ୍ଛା କରୁଥିଲେ।

୧୨୭। ସେ ଖଣ୍ଡିଏ ଛୋଟିଆ ଜମି କିଣି ସେଥିରେ ଛୋଟ ଗୃହଟିଏ ନିର୍ମାଣ କରି ସ୍ୱାଧୀନ ଭାବରେ ରହିବା ନିମନ୍ତେ ଚାହୁଁଥିଲେ।

୧୨୮। ଏହିଭଳି ଭାବରେ ମୂଳ ମଞ୍ଜି ପୋତା ଯାଇଥିଲା ଓ ସେଥିରୁ ବୃକ୍ଷ ବଢ଼ିବା ଭଳି ବଢ଼ି ବଢ଼ି ଶେଷରେ ଆଜିର ମନ୍ଦିର ଛିଡ଼ା ହୋଇଛି। ଏହାହିଁ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ସାଇମହାରାଜଙ୍କ ଶ୍ରଦ୍ଧାର ଏକ ଦୃଶ୍ୟମାନ ସ୍ମୃତିସ୍ତମ୍ଭ।

୧୨୯। ଏହି ମନ୍ଦିର ନିର୍ମାଣ କିପରି ହୋଇଥିଲା, ଏହାର ଆରମ୍ଭ କିପରି ଭାବରେ ହୋଇଥିଲା ଓ ଏହା କିପରି ରୂପ ନେଇଥିଲା, ଏ ସଂପର୍କରେ ସମ୍ପୂର୍ଣ୍ଣ ବର୍ଣ୍ଣନା ଶ୍ରବଣ କରନ୍ତୁ।

୧୩୦। ଦିନେ ବାପୁସାହେବ ଦୀକ୍ଷିତୱାଡ଼ାର ପ୍ରଥମ ମହଲାରେ ଶୋଇଥିବା ବେଳେ ଏକ ଅଦ୍ଭୁତ ସ୍ୱପ୍ନ ଦେଖିଥିଲେ ଓ ଏ ସଂପର୍କରେ ପ୍ରଥମ ଧାରଣା ଲାଭ କରିଥିଲେ।

୧୩୧। ସେଠାରେ ଅନ୍ୟ ଏକ ବିଛଣାରେ ମାଧବରାଓ ଶୋଇଥିଲେ ଓ ସେ ମଧ୍ୟ ସେହି ସ୍ୱପ୍ନ ଦେଖିଥିଲେ। ଉଭୟ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଥିଲେ।

୧୩୨। ବାପୁସାହେବଙ୍କ ସ୍ୱପ୍ନରେ ବାବା ତାଙ୍କୁ ଆଦେଶ ଦେଉଥିଲେ, "ତୁମେ ତୁମ ନିଜର ଗୋଟିଏ ୱାଡ଼ା ନିଶ୍ଚୟ ନିର୍ମାଣ କରିବ ଓ ତାହା ମଧ୍ୟରେ ମନ୍ଦିରଟିଏ ରଖିବ।"

୧୩୩। ସ୍ୱପ୍ନଦେଖା ଶେଷ ହେବା ପରେ ପରେ ବାପୁସାହେବ ତତ୍‌କ୍ଷଣାତ୍ ଉଠିପଡ଼ିଥିଲେ। ବିଛଣାରେ ବସି ରହି ସେ ପୂରା ସ୍ୱପ୍ନଟାକୁ ମନେ ପକାଉଥିଲେ।

୧୩୪। ସେ ଏପରି ବସି ରହିଥିବା ସମୟରେ ମାଧବ ରାଓ କାନ୍ଦୁଥିବାର ଶୁଣିଥିଲେ। ସେ ବଡ଼ ପାଟିରେ ତାଙ୍କୁ ଡାକି 'ଉଠିପଡ଼' ବୋଲି କହିଥିଲେ ଓ ଏହାଶୁଣି ମାଧବରାଓ ପୂର୍ଣ୍ଣ ଜାଗ୍ରତ ହୋଇଥିଲେ।

୧୩୫ । "ତୁମେ କାନ୍ଦୁଥିଲ କାହିଁକି ?" ଏକଥା ପଚାରିବାରୁ ମାଧବରାଓ ଉତ୍ତର ଦେଇଥିଲେ, "ଶ୍ରୀସାଇଙ୍କର ସ୍ନେହପୂର୍ଣ୍ଣ କଥା ଶୁଣିବା ପରେ ମୁଁ ଧୈର୍ଯ୍ୟ ଧରି ରହିପାରିନଥିଲି ।

୧୩୬ । "ମୋର କଣ୍ଠ ବାଷ୍ପରୁଦ୍ଧ ହୋଇଯାଇଥିଲା ଓ ଆଖିରୁ ଲୁହ ଝରି ଆସିଥିଲା । ମୁଁ ମୋର ଭକ୍ତିଭାବକୁ ନିୟନ୍ତ୍ରଣ କରିନପାରି ବିଳପି ଉଠିଥିଲି ।"

୧୩୭ । ବାବା ମୋ ପାଖକୁ ଆସିଥିଲେ ଓ ସ୍ପଷ୍ଟ ଭାଷାରେ ନିର୍ଦ୍ଦିଷ୍ଟ ଭାବରେ ଆଦେଶ ଦେଇଥିଲେ । "ୱାଡ଼ା ସହିତ ଗୋଟିଏ ମନ୍ଦିର ତିଆରି କର । ଏହା ସମସ୍ତଙ୍କର ଇଚ୍ଛା ପୂରଣ କରିବ ।"

୧୩୮ । ବାପୁସାହେବ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲେ, ଗୋଟିଏ ପ୍ରକାରର ସ୍ୱପ୍ନ କିପରି ଉଭୟ ଦେଖିଲେ । ତାଙ୍କ ମନ ମଧ୍ୟରେ କୌଣସି ସନ୍ଦେହ ନରଖି ସେ କାର୍ଯ୍ୟ ଆରମ୍ଭ କରିଦେବାକୁ ନିଷ୍ପତ୍ତି ନେଇଥିଲେ ।

୧୩୯ । ବୁଟି ଆଜନ୍ମରୁ ଧନଶାଳୀ ଥିଲେ ଓ ମନ୍ଦିର ସହିତ ୱାଡ଼ା ନିର୍ମାଣ କରିବାର ସାମର୍ଥ୍ୟ ତାଙ୍କର ରହିଥିଲା । ମାଧବ ରାଓ କୌଣସିମତେ ଭଲରେ ଭଲରେ ଚଳିଯାଉଥିଲେ ମଧ୍ୟ ଉଭୟଙ୍କର ଲକ୍ଷ୍ୟ ଏକ ଥିଲା ।

୧୪୦ । ଦୁହିଁଙ୍କର ସ୍ୱପ୍ନ ଏକାପରି ହୋଇଥିଲା ଓ ଏ ସଂପର୍କରେ ଦୁହେଁ ଏକମତ ହୋଇଥିଲେ । ଉଭୟ ଆନନ୍ଦାତିଶଯ୍ୟରେ ଉଚ୍ଛୁଳି ପଡ଼ିଥିଲେ । ଦୁହେଁ ବସି ଗୋଟିଏ ନକ୍ସା ଆଙ୍କିଥିଲେ ଓ କାକା (ଦୀକ୍ଷିତ) ମଧ୍ୟ ତାହାକୁ ଦେଖି ଅନୁମୋଦନ କରିଥିଲେ ।

୧୪୧ । ସେ ଯାହାହେଉ, ତା' ପରଦିନ ସକାଳେ ଯେତେବେଳେ ତିନିଜଣଯାକ ବାବାଙ୍କ ପାଖରେ ଥିଲେ, ବାବା ତାଙ୍କର ସବୁଦିନିଆ ଅଭ୍ୟାସ ଅନୁସାରେ ଶାମାଙ୍କ ମୁଖକୁ ଅତି ନିକଟରୁ ନିରୀକ୍ଷଣ କରୁଥିଲେ ।

୧୪୨ । ଶାମା କହିଥିଲେ, "ହେ ପ୍ରଭୁ ! ଇଏ କି ଅକଳ୍ପନୀୟ ଲୀଳା ଲଗାଇଛ ? ତୁମେ ଆମକୁ ନିଶ୍ଚିନ୍ତରେ ଶୋଇବାକୁ ମଧ୍ୟ ଦେବ ନାହିଁ ! ସେତେବେଳେ ମଧ୍ୟ ତୁମେ ଆମକୁ ପ୍ରଳାପ କରାଉଛ ।"

୧୪୩ । ଏକଥା ଶୁଣି ବାବା ତାଙ୍କର କାନ ଦିଇଟାକୁ ଦୁଇ ହାତରେ ଘୋଡ଼ାଇ ପକାଇଥିଲେ ଓ କହିଥିଲେ, "ଯିଏ ଯାହା କହୁ ନା କାହିଁକି, ମୁଁ ଏଠି ସବୁବେଳେ ରହିଛି ।"

୧୪୪ । ଏତିକିବେଳେ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ନକ୍ସା ବାବାଙ୍କର ଅନୁମୋଦନ ପାଇଁ ତାଙ୍କ ଆଗରେ ଉପସ୍ଥାପନ କରାଯାଇଥିଲା । ବାବା ସଂଗେ ସଂଗେ ମନ୍ଦିର ସହିତ ପ୍ରାସାଦ ନିର୍ମାଣ କରିବା ପାଇଁ ଅନୁମତି ପ୍ରଦାନ କରିଥିଲେ ।

୧୪୫ । ମାଧବରାଓ ନିର୍ମାଣକାର୍ଯ୍ୟର ଦେଖାଶୁଣା କରିବା ନିମନ୍ତେ ପ୍ରସ୍ତୁତ ହୋଇଯାଇଥିଲେ । କୋଠାର ଭୂତଳ ଅଙ୍ଗନ (ବେସ୍‌ମେଣ୍ଟ) ଓ ତଳ ମହଲାର ନିର୍ମାଣ ଖୁବ୍ ଶୀଘ୍ର ହୋଇଯାଇଥିଲା । କୂପଟିଏ ମଧ୍ୟ ତାଙ୍କ ତତ୍ତ୍ୱାବଧାନରେ ଖୋଳାସରିଯାଇଥିଲା । ନିର୍ମାଣ କାର୍ଯ୍ୟ ଏହି ପର୍ଯ୍ୟନ୍ତ ହୋଇଥିଲା ।

୧୪୬ । ଲେଣ୍ଡିକୁ ଯିବା ଓ ସେଠାରୁ ଫେରିବା ସମୟରେ ଯେତେବେଳେ ଦ୍ୱାର ଓ ଝରକା ପ୍ରଭୃତି ଲଗାଯାଉଥିଲା, ବାବା ତାହାକୁ ଅତି ଆଦର ଓ ଆଗ୍ରହର ସହିତ ଦେଖୁଥିଲେ ।

୧୪୭ । ବାବା ବେଳେବେଳେ ଆଙ୍ଗୁଠି ଦେଖାଇ କହୁଥିଲେ, "ଏଠାରେ ଗୋଟିଏ ଦ୍ୱାର ଓ ସେଠାରେ ଗୋଟିଏ ଝରକା ରଖ । ଏହି ପୂର୍ବପଟରେ ଗୋଟିଏ ଗ୍ୟାଲେରୀ ରଖାଗଲେ ସୁନ୍ଦର ଦେଖାଯିବ ।"

୧୪୮ । ପରେ କାର୍ଯ୍ୟ ଓ କାରଣର ନିୟମ ଅନୁଯାୟୀ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟ ବାପୁସାହେବ ଜୋଗଙ୍କ ଦ୍ୱାରା ସଂପାଦିତ ହେବା ଦୈବ-ନିର୍ଦ୍ଧାରିତ ଥିଲା । ତେଣୁ ସେହି କାର୍ଯ୍ୟ ତାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା ।

୧୪୯ । କାର୍ଯ୍ୟ ଆଗେଇ ଚାଲିଥିବା ସମୟରେ ବୁଟିଙ୍କର ଅନ୍ତର୍ମନରେ ଏକ ପ୍ରେରଣା ମିଳିଥିଲା । ଅଟ୍ଟାଳିକାର ଅଭ୍ୟନ୍ତରରେ ସେ ମୁରଲୀଧର(ଶ୍ରୀକୃଷ୍ଣ)ଙ୍କର ଏକ ମୂର୍ତ୍ତି ସ୍ଥାପନ କରିବେ ବୋଲି ଭାବିଥିଲେ ।

୧୫୦ । ତାଙ୍କ ମନ ମଧ୍ୟରେ ଏଭଳି ଧାରଣା ଉପୁଜିଥିଲେ ମଧ୍ୟ ବାବାଙ୍କର ମନ ନଜାଣି ଓ ଗୁରୁ ଅନୁମତି ବିନା ସେ କେବେ କୌଣସି କାର୍ଯ୍ୟ ଆରମ୍ଭ କରୁନଥିଲେ ।

୧୫୧ । ଏହା ମଧ୍ୟ ତାଙ୍କର ଦୈନନ୍ଦିନ ଅଭ୍ୟାସ ଥିଲା । ବାବାଙ୍କର ଅନୁମତି ହିଁ ଥିଲା ତାଙ୍କର ଧର୍ମ । ସେ ନିଜ ଇଚ୍ଛାରେ କୌଣସି କାର୍ଯ୍ୟ କେବେ ଆରମ୍ଭ କରୁନଥିଲେ ।

୧୫୨ । ମଝିରୁ କାହିଁକି ବିଘ୍ନ ହେବ ? ଏହାର ଆବଶ୍ୟକତା କ'ଣ ? ଦୁଇ ପାଖର କାନ୍ଥ ଭାଙ୍ଗିଦେଇ ମୁରଲୀଧରଙ୍କ ମୂର୍ତ୍ତି ମଧ୍ୟ ସ୍ଥାପନ କରିହେବ ।

୧୫୩ । କେନ୍ଦ୍ରସ୍ଥଳରେ ଥିବା ହଲଘରକୁ ମନ୍ଦିର କରିବାପାଇଁ ବାପୁସାହେବଙ୍କର ଇଚ୍ଛା ଥିଲା । ତେବେ ବାବା ଏ ବିଷୟରେ କ'ଣ ଭାବୁଛନ୍ତି ବୋଲି ଜାଣିବା ପାଇଁ ବାବାଙ୍କୁ ପଚାରିବା ନିମନ୍ତେ ସେ ଚାହିଁଥିଲେ । ବାବା ରାଜି ହୋଇଗଲେ ଏହା ନିଃସନ୍ଦେହରେ ନିର୍ମାଣ କରାଯାଇପାରିବ ।

୧୫୪ । ତେଣୁ ସେ ମାଧବରାଓଙ୍କୁ କହିଥିଲେ, "ଆପଣ ବାବାଙ୍କର ମତାମତ ନିଅନ୍ତୁ । ପ୍ରଭୁ ଯେପରି କହିବେ, ସେଇ ଅନୁଯାୟୀ ପରବର୍ତ୍ତୀ ନିର୍ମାଣ କାର୍ଯ୍ୟର ବ୍ୟବସ୍ଥା କରିବା ।"

୧୫୫ । ବାବା ନିତିଦିନିଆ ବୁଲାବୁଲି ସାରି ଅଟ୍ଟାଳିକା ନିକଟକୁ ଆସିଥିଲେ । ଠିକ୍ ଦ୍ୱାର ପାଖରେ ସେ ପହଞ୍ଚିବା ସମୟରେ ଶାମା ତାଙ୍କୁ ଯାହା ପଚାରିଥିଲେ, ଶୁଣନ୍ତୁ ।

୧୫୬ । "ପ୍ରଭୁ ! ବାପୁସାହେବ କହୁଛନ୍ତି ଯେ ମଝିରେ ଥିବା ହଲଘରର ଦୁଇ କାନ୍ଥକୁ ଭାଙ୍ଗି ଦେଇ କୃଷ୍ଣକାୟ ମୁରଲୀଧରଙ୍କର ପ୍ରତିମୂର୍ତ୍ତିକୁ ସେଠାରେ ଏକାନ୍ତ ଭକ୍ତି ସହକାରେ ସ୍ଥାପନ କରାଯାଇପାରିବ ।

୧୫୭ । "ମଝିରେ ଗୋଟିଏ ଚାରିକୋଣିଆ ବେଦୀ ତିଆରି କରି ସେଠାରେ ସିଂହାସନଟିଏ କରାଯିବ ଓ ସେଥିରେ ମୁରଲୀଧରଙ୍କୁ ବସାଇ ଦିଆଯିବ । ଏହା ସୁନ୍ଦର ଦେଖାଯିବ ।

୧୫୮ । "ବାପୁସାହେବ ଏଭଳି ଯୋଜନା କରୁଥିଲେ ମଧ ଆପଣଙ୍କର ଅନୁମତି ଆବଶ୍ୟକ । ଏହିପରି ଭାବରେ ମନ୍ଦିର ଓ ଅଟ୍ଟାଳିକା ନିର୍ମାଣ ଖୁବ୍ ଶୀଘ୍ର ସମାପ୍ତ ହୋଇଯିବ ।"

୧୫୯ । ଶାମାଙ୍କର ଏହି କଥା ଶୁଣି ବାବା ଖୁସିରେ ଅନୁମତି ଦେଇଥିଲେ ଓ କହିଥିଲେ, "ମନ୍ଦିର ନିର୍ମାଣ ସରିଗଲା ପରେ ଆମେ ଯାଇ ସେଠି ରହିବା ।"

୧୬୦ । ଓ୍ୱାଡ଼ାକୁ ଚାହିଁ ରହି ବାବା ମଧୁର ସ୍ୱରରେ ପୁଣି କହିଥିଲେ, "ଓ୍ୱାଡ଼ାର ନିର୍ମାଣ କାମ ସରିଗଲେ ଆମେ ଏହାକୁ ନିଜ ପାଇଁ ବ୍ୟବହାର କରିବା ।

୧୬୧ । "ଆମେ ସେଠି ଏକାଠି ରହିବା, ସେଠାରେ ହିଁ ଆମେ ସମସ୍ତେ ଖେଳାଖେଳି କରିବା, ପରସ୍ପରକୁ ଶ୍ରଦ୍ଧାରେ ଆଲିଙ୍ଗନ କରିବା ଓ ବହୁତ ଆନନ୍ଦରେ ପ୍ରଚୁର ସମୟ ଅତିବାହିତ କରିବା ।"

୧୬୨ । ସେ ଯାହାହେଉ, ମାଧବରାଓ ତତ୍ପରେ ଶ୍ରୀସାଇଙ୍କୁ ପଚାରିଥିଲେ, "ଏହା ଯଦି ନିଶ୍ଚିତ ଅନୁମତି, ତେବେ ଏହାର ମୂଳଦୁଆ ପକାଇବା କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଏହି ସମୟଟି ଶୁଭ ଅଟେ କି ?

୧୬୩ । "ପ୍ରଭୁ ! ଏହା ବୋଧହୁଏ ଭଲ ସମୟ ! ନୁହଁକି ? ଗୋଟିଏ ନଡ଼ିଆ ଭାଙ୍ଗିବା ନିମିତ୍ତ ଆଣିବି କି ?" "ଭାଙ୍ଗ, ଭାଙ୍ଗ" ବୋଲି ବାବା କହିଥିଲେ । ତେଣୁ ସେ ସଂଗେ ସଂଗେ ନଡ଼ିଆଟିଏ ଆଣି ତାକୁ ଭାଙ୍ଗିଥିଲେ ।

୧୬୪ । ଇତିମଧ୍ୟରେ ମଝିରେ ଥିବା ହଲଘରର କାମ ସରିଯାଇଥିଲା ଓ ମୁରଲୀଧରଙ୍କ ନିମିତ୍ତ ଚାରିକୋଣିଆ ବେଦୀ ମଧ ନିର୍ମିତ ହୋଇଯାଇଥିଲା । ଜଣେ ଶିଳ୍ପୀଙ୍କୁ ପ୍ରତିମୂର୍ତ୍ତି ନିର୍ମାଣ କରିବା ନିମନ୍ତେ ବରାଦ ଦିଆଯାଇଥିଲା ।

୧୬୫ । ଏହା ପରେ ହଠାତ୍ ବାବା ଗୁରୁତର ଭାବରେ ଅସୁସ୍ଥ ହୋଇପଡ଼ିଥିଲେ ଓ ମୃତ୍ୟୁ ଆସନ୍ନ ବୋଲି ଲାଗୁଥିଲା । ଭକ୍ତମାନେ ଭୀଷଣ ଉଦ୍‌ବିଗ୍ନ ଥିଲେ ।

୧୬୬ । ଓ୍ୱାଡ଼ାର ଭବିଷ୍ୟତ ବିଷୟରେ ଚିନ୍ତାକରି ବାପୁ ସାହେବ ଖୁବ୍ ଅସ୍ଥିର ଓ ଚିନ୍ତିତ ହୋଇ ପଡ଼ିଥିଲେ । କ'ଣ ଘଟିବ ବୋଲି ଜାଣିନପାରି ସେ ବିଚଳିତ ହେଉଥିଲେ ।

୧୬୭ । କାମ ସରିବା ପରେ ବାବାଙ୍କର ଚରଣ ଏହି ମନ୍ଦିରକୁ ସ୍ପର୍ଶ କରିପାରିବ କି (ଓ ତାହାକୁ ପବିତ୍ର କରିପାରିବ କି) ? ଏବେ ଏହି ସମସ୍ୟା ଉପୁଜିଥିବାରୁ ବ୍ୟୟ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା କ'ଣ ବ୍ୟର୍ଥ ହୋଇଯିବ ?

୧୬୮ । ଯେତେବେଳେ ବାବା ଆଉ ରହିବେ ନାହିଁ, ସେତେବେଳେ ମୁରଲୀଧର ବା ଅଟ୍ଟାଳିକା ଆଉ କାହିଁକି ଓ ମନ୍ଦିର ବା ଓ୍ୱାଡ଼ା ଆଉ କି କାମରେ ଲାଗିବ ? ବୁଟି ମ୍ରିୟମାଣ ହୋଇ ଏମିତି ଚିନ୍ତାକରୁଥିଲେ ।

୧୬୯ । ପରେ ଯେତେବେଳେ ଅନ୍ତିମ ସମୟ ପହଞ୍ଚିଥିଲା, ସୌଭାଗ୍ୟକୁ ଶ୍ରୀସାଇଙ୍କର ଆଦେଶ ହେତୁ ଓ୍ୱାଡ଼ାର ମହାଭାଗ୍ୟ ଫିଟିଥିଲା ଓ ସମସ୍ତେ ଆନନ୍ଦିତ ହୋଇଥିଲେ ।

୧୭୦ । "ମୋତେ ଓ୍ୱାଡ଼ାରେ ନେଇ ରଖ", ବାବା ଚାଲିଯିବା ସମୟରେ ଏହି କଥା କହିଥିବାରୁ ସମସ୍ତେ ଅତ୍ୟନ୍ତ ଆଶ୍ୱସ୍ତ ହୋଇଥିଲେ ।

୧୭୧ । ତା'ପରେ ଶ୍ରୀସାଇଙ୍କର ପବିତ୍ର ଶରୀରର ଅବଶେଷକୁ ମଝିରେ ଥିବା ହଲ୍‌ଘରେ ରଖାଯାଇଥିଲା । ଶେଷରେ ଓ୍ୱାଡ଼ାଟି ସମାଧି ମନ୍ଦିରରେ ପରିଣତ ହୋଇଥିଲା । ଶ୍ରୀସାଇଙ୍କ ଜୀବନ ଓ ଲୀଳା ଥିଲା ଅକଳନୀୟ !

୧୭୨। ବୁଟି ଭାଗ୍ୟବାନ ଓ ଧନ୍ୟ ହେଲେ। କାରଣ, ତାଙ୍କରି ନିଜ ଘର ହେଲା ଶ୍ରୀସାଇଙ୍କ ମରଶରୀରର ଚିର ବିଶ୍ରାମ ସ୍ଥଳ। ଅତି ପବିତ୍ର ସେହି ସାଇଙ୍କ ନାମ।

୧୭୩। ଯାହାହେଉ, ମୁଁ ଆଶା କରୁଛି ଯେ ଏହି ପବିତ୍ର କାହାଣୀ ଶ୍ରବଣ କରି ଶ୍ରୋତାମାନେ ଆନନ୍ଦିତ ହୋଇଛନ୍ତି। ହେମାଡ଼ ଶ୍ରୀସାଇନାଥଙ୍କର ଶରଣାଗତ ହେଉଛି ଓ ସେ ବାବାଙ୍କ ପାଦପଦ୍ମରୁ କ୍ଷଣକ ପାଇଁ ମଧ୍ୟ କେବେ ଅଲଗା ନହେଉ।

୧୭୪। ଭଲ ହେଉ କିମ୍ବା ମନ୍ଦ ହେଉ, କିଛି ଘଟୁନା କାହିଁକି, ମୋର ସତ୍‌ପଥ ଅନୁସରଣରେ ଯଦି ଶ୍ରୀସାଇ ପ୍ରୀତ ହୋଇଥାନ୍ତି, ନିଃସନ୍ଦେହରେ ମୋର ମଙ୍ଗଳ ହେବ ।

୧୭୫। କାହାଣୀ, ବର୍ଣ୍ଣନାକାରୀ ଓ ବର୍ଣ୍ଣନା-ଏ ସମସ୍ତର କର୍ତ୍ତା ହେଉଛନ୍ତି ଶ୍ରୀସାଇ ସମର୍ଥ ନିଜେ। ଏଠାରେ ହେମାଡ଼ କିଏ ଓ କ'ଣ ପାଇଁ? ସେ ତୁଚ୍ଛା ନାମକୁ ମାତ୍ର।

୧୭୬। ପରବର୍ତ୍ତୀ ବର୍ଣ୍ଣନା ମୋର ଭବିଷ୍ୟତର ପ୍ରେରଣା ଅନୁଯାୟୀ ଶୁଣିବାକୁ ପାଇବେ। ଯାହା କିଛି ଘଟିଲେ ମଧ୍ୟ ମୁଁ କାହିଁକି ସେଥିନିମନ୍ତେ ବର୍ତ୍ତମାନଠାରୁ ବିବ୍ରତ ହେବି ?

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଗୀତାର ଶ୍ଳୋକ ଉପରେ ଚର୍ଚ୍ଚା ଓ ସମାଧି ମନ୍ଦିରର ନିର୍ମାଣ କଥା" ଶୀର୍ଷକ ଊନଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଏହା ବିଜ୍ଞ ଦାର୍ଶନିକମାନଙ୍କର ଭାଷ୍ୟ, ଯାହା ପ୍ରସିଦ୍ଧ 'ଶଙ୍କର ଭାଷ୍ୟ'ରେ ସ୍ଥାନିତ ହୋଇଅଛି। ଏହା ମଧ୍ୟ ବାଦରାୟଣଙ୍କ 'ବେଦାନ୍ତ ସୂତ୍ର'ର ଭାଷ୍ୟ । ଏହି ବେଦାନ୍ତ ସୂତ୍ର ଭାରତୀୟ ଦର୍ଶନର ତିନୋଟି ମୂଳସ୍ତମ୍ଭ ମଧ୍ୟରୁ ଗୋଟିଏ ।

୨- ଅଧ୍ୟାୟ-୫, ଶ୍ଳୋକ-୧୫।



ସମାଧି ମନ୍ଦିର

ଗୋପାଳରାଓ ଓରଫ୍ ବାପୁସାହେବ ବୁଟି

ବାପୁସାହେବ ବୁଟି ଭାଗ୍ୟବାନ ଓ ଧନ୍ୟ ହେଲେ । କାରଣ, ତାଙ୍କରି ନିଜ ଘର ହେଲା ଶ୍ରୀସାଇଙ୍କ
ମରଶରୀରର ଚିରବିଶ୍ରାମ ସ୍ଥଳ। ଅତି ପବିତ୍ର । (୩୯ଶ ଅଧ୍ୟାୟ, ପଂକ୍ତି-୧୭୨)

॥ ୪୦ ॥
ଉଦ୍‌ଯାପନ କାହାଣୀର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧। ଶ୍ରୀସାଇ ସମର୍ଥଙ୍କୁ ଅଶେଷ ଧନ୍ୟବାଦ। ସେ ଉଭୟ ଜାଗତିକ ଓ ପାରମାର୍ଥିକ ବ୍ୟାପାରରେ ଭକ୍ତଙ୍କୁ ଏହି ପୁସ୍ତକ ମାଧ୍ୟମରେ ଉପଦେଶ ପ୍ରଦାନ କରିଛନ୍ତି, ତାହା ଚରିତାର୍ଥ କରିଛନ୍ତି ଓ ନିଜର ଲକ୍ଷ୍ୟ ସାଧନ କରିଛନ୍ତି।

୨। ସେ ତାଙ୍କର ବରଦ ହସ୍ତ ଭକ୍ତଙ୍କର ମସ୍ତକ ଉପରେ ସ୍ପର୍ଶ କରାଇ ସଙ୍ଗେ ସଙ୍ଗେ ନିଜର ଶକ୍ତି ଅର୍ପଣ କରିଦିଅନ୍ତି ଓ ଭକ୍ତଙ୍କର ଦ୍ୱୈତଭାବକୁ ବିନାଶ କରିଦିଅନ୍ତି ଓ ଭକ୍ତଙ୍କୁ ଅସାଧ୍ୟ ସାଧନ କରାଇଥାନ୍ତି ।

୩। ଯେଉଁମାନେ ଦ୍ୱୈତଭାବ ପରିତ୍ୟାଗ କରି କୌଣସି ସର୍ତ୍ତ ନରଖି ଅନାସକ୍ତ ଭାବରେ ତାଙ୍କର ସଂପୂର୍ଣ୍ଣ ଶରଣାଗତ ହୁଅନ୍ତି ଓ ତାଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତି, ସେ ସେମାନଙ୍କୁ ଆଲିଙ୍ଗନ କରି ହୃଦୟରେ ଜଡ଼ାଇ ଧରନ୍ତି।

୪। ନଦୀ ଓ ସାଗରର ନାମ ଭିନ୍ନ ଭିନ୍ନ ରହିଥିଲେ ମଧ୍ୟ ସେମାନେ ବର୍ଷାଦିନେ ମିଶିଯାଇ ଏକାକାର ହୋଇଯାଆନ୍ତି। ଟିକିଏ ମଧ୍ୟ ଭିନ୍ନତା ରହିନଥାଏ।

୫। ସେହିଭଳି ଭକ୍ତ ପୂର୍ଣ୍ଣପ୍ରାଣରେ ବିଶ୍ୱାସ ରଖି ସଦ୍‌ଗୁରୁ ସାଇନାଥଙ୍କର ଶରଣାଗତ ହୋଇଗଲେ ସେ ଭକ୍ତର ପ୍ରକୃତ ଭକ୍ତିକୁ ବିଚାର କରି ତାଙ୍କର ମହିମାନ୍ୱିତ କୃପା ଭକ୍ତ ଉପରେ ଅଜାଡ଼ି ଦିଅନ୍ତି।

୬। ହେ ନିରାଶ୍ରୟର ଆଶ୍ରୟଦାତା! ଦୟାବତାର, ଆପଣଙ୍କର ଜୟ ହେଉ! ଭକ୍ତଙ୍କ ପ୍ରତି ପରମ ସ୍ନେହଶୀଳ ଓ ଭକ୍ତଙ୍କର ଉଦ୍ଧାରକର୍ତ୍ତା! ଆପଣ ସମଗ୍ର ବିଶ୍ୱକୁ ବ୍ୟାପି ରହିଥିଲେ ମଧ୍ୟ ସ୍ୱତନ୍ତ୍ର ଭାବରେ ଶିରିଡ଼ିରେହିଁ ବାସ କରନ୍ତି।

୭। ଆପଣ ଜଣେ ସନ୍ଥ ହୋଇଥିଲେ ମଧ୍ୟ ଦୁଇ ଗୋଡ଼ ଲମ୍ୱାଇ ଗୋଡ଼ ମଝିରେ ଚକି ପକାଇ, ଚକିରେ ଦୃଢ଼ଭାବରେ କୀଳକ ଲଗାଇ ଯଥାସମ୍ଭବ ଅଧିକ ପରିମାଣରେ ଗହମ ପୂରାଇ ପେଷୁଥିବା ଅବସ୍ଥାରେ ଆପଣଙ୍କୁ ଦେଖି ମୁଁ ଚକିତ ହୋଇଯାଇଥିଲି।

୮। ଏହି ଘଟଣା ହିଁ ଏ ପୁସ୍ତକ ରଚନା କରିବାର ମୂଳ କାରଣ ଥିଲା। ଏହିଭଳି ଘଟଣାଗୁଡ଼ିକୁ ବର୍ଣ୍ଣନା କରାଗଲେ ସମସ୍ତ ପାପ ସମୂଳେ କ୍ଷୟ ହେବ । ଏପରି ପ୍ରବଳ ଇଚ୍ଛା ମନ ଭିତରେ ସେତେବେଳେ ଜାଗ୍ରତ ହୋଇଥିଲା।

୯। ଏହା କଲେ ପ୍ରଭୁ ନିଜେ ମଧ୍ୟ ପ୍ରୀତ ହେବେ। କାରଣ, ପ୍ରଭୁ ତାଙ୍କ ନିଜ ଭକ୍ତମାନଙ୍କର ଲୀଳା ବର୍ଣ୍ଣନା କିମ୍ବା ସେମାନଙ୍କ ଗୁଣ କୀର୍ତ୍ତନକୁ ଅଧିକ ପସନ୍ଦ କରିଥାନ୍ତି।

୧୦। ଗୁଣୀ ଶ୍ରୋତାମାନେ ସନ୍ଦେହ ପ୍ରକାଶ କରି କହିପାରନ୍ତି ଯେ ବିନା ସାକ୍ଷ୍ୟପ୍ରମାଣରେ ଏଭଳି ଏକ ବିବୃତି ଦିଆଯାଉଛି। ଏମିତି ଭାବୁଥିଲେ ସେମାନେ ତ୍ରିପୁରାରିଙ୍କ ଦ୍ୱାରା ବର୍ଣ୍ଣିତ

ଭବିଷ୍ୟୋତ୍ତର ପୁରାଣ[୨]କୁ ପାଠ କରିବା ଉଚିତ ।

୧୧ । ଏ ସମସ୍ତ ମୂଳରେ ରହିଛି ଶ୍ରୀସାଇଙ୍କର ପ୍ରେରଣା । ଭକ୍ତମାନଙ୍କର ମଙ୍ଗଳ ପାଇଁ ଓ ଜନାଦୃତ ପ୍ରଥାନୁଯାୟୀ ସେ ଏହି ପୁସ୍ତକ ରଚନା କରିବାକୁ ଅନୁମତି ଦେଇଛନ୍ତି ।

୧୨ । ତା'ପରେ 'ଶ୍ରୀସାଇଲୀଳା' ପତ୍ରିକାରେ ପ୍ରତ୍ୟେକ ମାସ ପ୍ରକାଶ ପାଉଥିବା ଶ୍ରୀସାଇ ସମର୍ଥଙ୍କ କାହାଣୀଗୁଡ଼ିକୁ ଭକ୍ତମାନେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପାଠ କରିଆସୁଛନ୍ତି ।

୧୩ । ଶ୍ରୀସାଇ ହିଁ ଏଥିରେ ସମ୍ମତି ପ୍ରଦାନ କରିଛନ୍ତି । ସେ ମୋର ବୁଦ୍ଧିଦାତା । ସେ ମୋ ପ୍ରେରଣାର ପ୍ରଧାନ ଉତ୍ସ । ସେ ତାଙ୍କ ନିଜର କାହାଣୀ ନିଜେ କହୁଛନ୍ତି ।

୧୪ । ହେମାଡ଼ ତାହାର ନିଜ ବୁଦ୍ଧିରେ ଏସବୁ ଲେଖୁଛି ବୋଲି ଭ୍ରମଧାରଣା କେବେହେଲେ ପୋଷଣ କରନ୍ତୁ ନାହିଁ । ତେଣୁ ଶ୍ରୋତାମାନଙ୍କୁ ମୋର ବିନୀତ ପ୍ରାର୍ଥନା, ସେମାନେ ଏହି ଲେଖାର ଦୋଷଗୁଣ ନିମିତ୍ତ ମୋତେ ଦାୟୀ କରନ୍ତୁ ନାହିଁ ।

୧୫ । ଏଥିରେ ଗୁଣ ଥିଲେ ତାହାର ଶ୍ରେୟ ଶ୍ରୀସାଇଙ୍କର । ଏଥିରେ କିଛି ଦୋଷ ଥିଲେ ତାହା ମଧ୍ୟ ଶ୍ରୀସାଇଙ୍କର । ମୁଁ କେବଳ ତାଙ୍କ ହାତର ସଖୀ କୁଣ୍ଢେଇ ଓ ସୂତାରେ ବନ୍ଧା ହୋଇ ତାଙ୍କ ହାତରେ ଟଣା ହୋଇ ନାଚୁଛି ।

୧୬ । କଣ୍ଢେଇନଚାଳି ହାତରେ ସୂତା ଧରି ରଖିଥାଏ ଓ ସେ ତାହାର କଣ୍ଢେଇ ନାଚ ବର୍ଣ୍ଣାଢ୍ୟ କିମ୍ବା ଅଦ୍ଭୁତ ରୂପରେ ଦେଖାଇବ, ତାହା ନିଜ ଇଚ୍ଛାରେ କରିଥାଏ । କାହାଣୀ ଅନୁଯାୟୀ କଣ୍ଢେଇଗୁଡ଼ିକୁ ସେ ନଚାଇଥାଏ ।

୧୭ । ଏବେ ଏ ଆଲୋଚନା ଅଧିକ ହୋଇଗଲାଣି । ଶ୍ରୋତାମାନେ ନିଜର ସ୍ୱଭାବ ଅନୁଯାୟୀ ନୂଆ କାହାଣୀ ଶୁଣିବା ନିମନ୍ତେ ଉଦ୍‌ଗ୍ରୀବ ହେଲେଣି । ସେମାନଙ୍କ ନିମନ୍ତେ ଗୁରୁ ଓ ଶିଷ୍ୟଙ୍କର ଗୁଣ କୀର୍ତ୍ତନ କରିବା ଆସନ୍ତୁ ।

୧୮ । ଗତ ଅଧ୍ୟାୟକୁ ଶେଷ କଲାବେଳେ ମୁଁ ପରବର୍ତ୍ତୀ ଅଧ୍ୟାୟର ସୂତ୍ର ସମ୍ବନ୍ଧରେ ସୂଚନା ଦେଇଥିଲି ଓ ତାହା ମୋର ମନେ ଅଛି । ମୋର ଯାହା ମନେ ପଡୁଛି, ତାହା କହୁଛି ଶୁଣନ୍ତୁ ।

୧୯ । କିପରି ଜଣେ ଭକ୍ତ ଅତି ଶ୍ରଦ୍ଧା ସହକାରେ ଅର୍ପଣ କରିଥିବା ଖାଦ୍ୟକୁ ଗ୍ରହଣ କରି ଶ୍ରୀସାଇ ପରମ ତୃପ୍ତି ଲାଭ କରିଥିଲେ,ସେହି ମଧୁର ବର୍ଣ୍ଣନା ଏବେ ମନଦେଇ ଶୁଣନ୍ତୁ ।

୨୦ । ମା' ତାହାର ଶିଶୁର ଯତ୍ନ ଯେମିତି ନିଏ, ଠିକ୍ ସେମିତି ଶ୍ରୀସାଇ ତାଙ୍କର ଭକ୍ତମାନଙ୍କର ଯତ୍ନ ନେଇଥାନ୍ତି । ଆପଣ ଯେଉଁଠାରେ ଥିଲେ ମଧ୍ୟ ସେ ଦୌଡ଼ି ଆସିଥାନ୍ତି । ତାଙ୍କର ଋଣ କେହି କେବେ ପରିଶୋଧ କରି ପାରିବ କି ?

୨୧ । ସେ ଶିରିଡ଼ିରେ ରହୁଥିଲେ ମଧ୍ୟ କିପରି ତ୍ରିଲୋକରେ ଏକ ସଂଗରେ ବିଚରଣ କରୁଥିଲେ, ସେହି ବର୍ଣ୍ଣନାକୁ ଶାନ୍ତ ମନରେ ଶୁଣନ୍ତୁ ।

ବାଲାସାହେବ ଦେଓ

୨୨ । ବାଲାସାହେବଙ୍କ[୩] ମାତା ବାବାଙ୍କର ପରମ ଭକ୍ତ ଥିଲେ ଓ ଚରଣାଶ୍ରିତା ହୋଇଥିଲେ । ପରିବାରର ମଙ୍ଗଳ ପାଇଁ ସେ ଅନେକ ମାନସିକ ପୂଜା, ବ୍ରତ ଇତ୍ୟାଦି ଧାର୍ମିକ ରୀତିନୀତି ପାଳନ କରୁଥିଲେ । ତହିଁରେ ଥିବା ଭୁଲଭ୍ରାନ୍ତି ଦୂରକରିବାରେ ସେ ନିଷ୍ଠାପର ଥିଲେ ।

୨୩ । ସେ ଅନେକ ସମୟରେ ବ୍ରତ ଉପବାସ ଇତ୍ୟାଦି ଧର୍ମାଚରଣ କରୁଥିଲେ । ସେଗୁଡିକର ଉଦ୍‌ଯାପନ[୪] ହୋଇନଥିଲା ।

୨୪ । ଯେକୌଣସି ଓଷା, ବ୍ରତ ବା ସଂକଳ୍ପ ନିର୍ଦ୍ଦିଷ୍ଟ କେତେଥର ହୋଇଯିବା ପରେ ତାହାର ଉଦ୍‌ଯାପନ କରାଯାଇଥାଏ । ତାହା ନକରିବା ପର୍ଯ୍ୟନ୍ତ ସଂକଳ୍ପ ପୂର୍ଣ୍ଣ ହୁଏ ନାହିଁ, କିମ୍ବା ସେଥିରୁ ପୁଣ୍ୟ ମିଳେନାହିଁ ।

୨୫ । ସଂକଳ୍ପର ସଂଖ୍ୟା ପଚିଶିରୁ ତିରିଶି ଥିଲା ଓ ସେ ସମସ୍ତର ଉଦ୍‌ଯାପନ ଉତ୍ସବକୁ ଦେଓ ଶହେ ଦୁଇ ଶହ ବ୍ରାହ୍ମଣଙ୍କୁ ଭୋଜନ ନିମିତ୍ତ ନିମନ୍ତ୍ରଣ କରିଥିଲେ ।

୨୬ । ହିନ୍ଦୁ ପଞ୍ଜିକା ଅନୁଯାୟୀ ଉଦ୍‌ଯାପନ ଉତ୍ସବର ଦିନ ସ୍ଥିର କରାଯାଇଥିଲା । ବାବାଙ୍କୁ ଆସିବାକୁ ଅନୁରୋଧ କରିବା ପାଇଁ ଜୋଗଙ୍କ[୫] ପାଖକୁ ଦେଓ ଏକ ପତ୍ର ଲେଖିଥିଲେ ।

୨୭ । ଦେଖନ୍ତୁ, ଆପଣଙ୍କ ଉପସ୍ଥିତି ବିନା ଏହି ଉଦ୍‌ଯାପନ ଉତ୍ସବ ସମାପନ ହୋଇପାରିବ ନାହିଁ । ତେଣୁ ଏହି ପ୍ରାର୍ଥନା ଗ୍ରହଣ କରି ଏହି ଅଧୀନକୁ ଅନୁଗ୍ରହ କରନ୍ତୁ ।

୨୮ । "ମୁଁ ଜଣେ ସରକାରୀ ଚାକିରିଆ ଓ ମୋ ପରିବାରର ଭରଣପୋଷଣ ପାଇଁ କାର୍ଯ୍ୟ କରିଥାଏ । ସେହି ସୀମିତ ସମ୍ବଳରୁ ମୁଁ ଏହିଭଳି ଧାର୍ମିକ କାର୍ଯ୍ୟ ଯେତିକି

ପାରେ ସେତିକି କରିଥାଏ ବୋଲି ଆପଣ ଜାଣିଛନ୍ତି।

୨୯। "ଠାଣା ଜିଲ୍ଲାର ଡହାଣୁ ଶିରିଡ଼ିଠୁ ବହୁତ ଦୂର ହୋଇଥିବାରୁ ମୁଁ ନିଜେ ଶିରିଡ଼ି ଯାଇପାରୁନାହିଁ। କିନ୍ତୁ ମୁଁ ନିହାତି ଆଶା କରୁଛି ଯେ ଆପଣ ମୋର ଏହି ନିମନ୍ତ୍ରଣ ନିଶ୍ଚୟ ରକ୍ଷା କରିବେ।"

୩୦। ବାପୁସାହେବ ଜୋଗ ଚିଠିଟି ସଂପୂର୍ଣ୍ଣ ଭାବରେ ପଢ଼ି ବାବାଙ୍କୁ ଶୁଣାଇ ଦେଇଥିଲେ ଓ ଏ ବ୍ୟାପାରରେ ଦେଓଙ୍କର ଇଚ୍ଛା ପୂର୍ଣ୍ଣ କରିବାକୁ କହିଥିଲେ।

୩୧। ବାବା ପୂରା ଧ୍ୟାନ ଦେଇ ଏହି ପବିତ୍ର ହୃଦୟର ଆମନ୍ତ୍ରଣକୁ ଶୁଣିଥିଲେ ଓ କହିଥିଲେ, "ଯିଏ ମୋତେ ସ୍ମରଣ କରେ, ସେ ସର୍ବଦା ମୋ ଦୃଷ୍ଟିରେ ଥାଏ।"

୩୨। "ମୋର କୁଆଡ଼େ ଯିବା ପାଇଁ ଗାଡ଼ି, ଘୋଡ଼ା, ଟ୍ରେନ କିମ୍ବା ଉଡାଜାହାଜର ଆବଶ୍ୟକତା ନାହିଁ। ମୋତେ ଶ୍ରଦ୍ଧା ସହକାରେ ଡାକିଲେ ମୁଁ କ୍ଷଣେମାତ୍ର ବିଳମ୍ବ ନକରି ସଂଗେ ସଂଗେ ତା'ପାଖରେ ପହଞ୍ଚି ଯାଇଥାଏ।

୩୩। "ତାଙ୍କୁ ଲେଖିଦିଅ ଯେ ତୁମେ, ମୁଁ ଓ ଆଉ ଜଣେ ଲୋକ, ଏମିତି ଆମେ ତିନିଜଣ ମିଶିକରି ଯିବା। ପତ୍ର ଲେଖକ ଖୁସି ହେବେ।"

୩୪। ସେ ଯାହାହେଉ, ବାବା ଯାହା କହିଲେ, ଜୋଗ ତାହା ଦେଓଙ୍କୁ ଜଣାଇ ଦେଇଥିଲେ। ବାବାଙ୍କ କଥା ସବୁ ସମୟରେ ସତ ହୋଇଥାଏ ବୋଲି ଜାଣିଥିବାରୁ ଦେଓ ଭାରି ଖୁସି ହୋଇଥିଲେ।

୩୫। ବାବା ନିଶ୍ଚୟ ଆସିବେ ବୋଲି ଏବେ ଦେଓଙ୍କର ପୂର୍ଣ୍ଣ ବିଶ୍ୱାସ ହୋଇଗଲା । ତେବେ ସେ ଯେଉଁଦିନ ସେହି ଅନୁଭୂତି ଲାଭ କରିବେ, ସେହିଦିନଟି ତାଙ୍କ ନିମିତ୍ତ ଏକ ସ୍ମରଣୀୟ ଦିବସ ହେବ।

୩୬। କିନ୍ତୁ ଦେଓଙ୍କୁ ମଧ୍ୟ ଏକଥା ଭଲ ଭାବରେ ଜଣାଥିଲା ଯେ ଶିରିଡ଼ି ବ୍ୟତୀତ ବାବା କେବଳ ତିନୋଟି ଗ୍ରାମକୁ କେବେ କେମିତି ଯାଉଥିଲେ। ପ୍ରାୟତଃ ସବୁବେଳେ ଶିରିଡ଼ିରେ ରହୁଥିଲେ।

୩୭। ବାବାଙ୍କର ଇଚ୍ଛା ହେଲେ ଛ' ମାସରେ ଥରେ ଅଧେ ରାହାତା[୬], ରୁଇ[୭] କିମ୍ବା ନିମଗାଁ[୮] ଯାଉଥିଲେ। ନହେଲେ ସେ ସବୁ ସମୟରେ ଶିରିଡ଼ିରେ ହିଁ ରହୁଥିଲେ।

୩୮। ସେ ଏହି ଗ୍ରାମଗୁଡ଼ିକରେ କାହାରି କାହାରି ପାଖକୁ ଯିବା ଛଡ଼ା ଆଉ କୁଆଡ଼େ ଯାଉନଥିବା ସମୟରେ ତାଙ୍କ ପାଇଁ ଡହାଣୁ ଭଳି ଏତେ ଦୂର ଜାଗାକୁ କିପରି ଆସିବେ?

୩୯। କିନ୍ତୁ ସେ ଭଗବାନ ବିଷ୍ଣୁଙ୍କର ଅବତାର ହୋଇଥିବାରୁ ସେ ଯେଉଁଠିକି ଯିବାକୁ ଚାହିଁବେ, ସେଠାକୁ ଯାଇପାରିବେ। ଏହି ଯାତାୟତ କରିବା କେବଳ ପୃଥିବୀର ଲୋକମାନଙ୍କର କ୍ଷେତ୍ରରେ ଦେଖାଯାଏ । ମାତ୍ର ସେ ବାହାରେ ସର୍ବତ୍ର ଓ ଭିତରେ ସବୁ ଘଟ ମଧ୍ୟରେ ସଂପୂର୍ଣ୍ଣ ରୂପେ ବିଦ୍ୟମାନ।

୪୦। ସେଠୁ ଏଠାକୁ ଆସିବା କିମ୍ବା ଏଠୁ ସେଠିକି ଯିବା ସମୟରେ ଆକାଶ ମଧ୍ୟ ତାହାର ଖବର ଜାଣି ପାରିନଥାଏ, ଯେହେତୁ ସେ ସ୍ୱୟଂସଂପୂର୍ଣ୍ଣ ଓ ସର୍ବବ୍ୟାପୀ ।

୪୧। ପ୍ରକୃତରେ ବାବାଙ୍କର ଗତାଗତ ଖବର ବୁଝିବା ଅସମ୍ଭବ। ସମସ୍ତ ଚଳ ଓ ଅଚଳ ମଧ୍ୟରେ ସେ ପୂର୍ଣ୍ଣ ବିରାଜିତ। ତେଣୁ ତାଙ୍କ ନିମନ୍ତେ ଗମନାଗମନ କରିବାର ପ୍ରଶ୍ନ ଉଠେ ନାହିଁ। ସେ ଇଚ୍ଛାନୁଯାୟୀ ଆବିର୍ଭାବ ହୋଇଥାଆନ୍ତି ।

୪୨। ସେ ଯାହାହେଉ, ଏହାର ପ୍ରାୟ ମାସକ ପୂର୍ବରୁ ଜଣେ ସନ୍ନ୍ୟାସୀ ଡହାଣୁ ଷ୍ଟେସନର ଷ୍ଟେସନମାଷ୍ଟରଙ୍କ ନିକଟକୁ ତାଙ୍କ ନିଜ କାମରେ ଆସିଥିଲେ।

୪୩। ସେ ଗୋରକ୍ଷା ସମିତିର ଜଣେ ପ୍ରଚାରକ ଓ ସ୍ୱେଚ୍ଛାସେବୀ ଥିଲେ। ସମିତିର ଆର୍ଥିକ ଅସୁବିଧା ଦୂର କରିବା ନିମନ୍ତେ କିଛି ଦାନ ସଂଗ୍ରହ କରିବାକୁ ସେ ଆସିଥିଲେ।

୪୪। ତାଙ୍କ ବେଶଭୂଷାରୁ ଜଣାପଡୁଥିଲା ଯେ ସେ ଜଣେ ବଙ୍ଗାଳୀ। ଷ୍ଟେସନମାଷ୍ଟର ତାଙ୍କୁ ସହର ଭିତରକୁ ଯିବା ନିମନ୍ତେ ପରାମର୍ଶ ଦେଇଥିଲେ । ସେଠାକୁ ଗଲେ ତାଙ୍କର ଯତ୍ନ ନିଆଯିବ ଓ ସେଥି ସଙ୍ଗେ ସଙ୍ଗେ ସେ କିଛି ସାହାଯ୍ୟ ମଧ୍ୟ ପାଇପାରିବେ ବୋଲି ତାଙ୍କୁ କହିଥିଲେ ।

୪୫। "ସେଠାରେ ଜଣେ ମାମଲତଦାର ଅଛନ୍ତି। ତାଙ୍କୁ ଆପଣଙ୍କର ଏହି ଉଦ୍ଦେଶ୍ୟ ସମ୍ବନ୍ଧରେ କହିବେ। ସେଠାରେ ଅନେକ ଧନୀ ବ୍ୟକ୍ତିଙ୍କ ସାଥିରେ ଆପଣଙ୍କର ଦେଖାହେବ ଓ ସେମାନେ ଆପଣଙ୍କୁ ସାହାଯ୍ୟ କରିପାରିବେ।

୪୬। "ମାମଲତଦାରଙ୍କୁ ବୁଝାଇ ପାରିଲେ ଏହି ଧର୍ମକାର୍ଯ୍ୟ ପାଇଁ ଟଙ୍କା ସଂଗେ ସଂଗେ ସଂଗ୍ରହ ହୋଇଯିବ। ଦ୍ୱିଧା ନକରି ସେଠାକୁ ଯାଆନ୍ତୁ।"

୪୭। ଷ୍ଟେସନ ମଧ୍ୟରେ ଷ୍ଟେସନମାଷ୍ଟର ଏଭଳି କହୁଥିବା

ସମୟରେ ଅଶ୍ୱକ୍ଷୁରା ଶବ୍ଦ ବାହାରେ ଶୁଭିଥିଲା । ମାମଲତଦାର ନିଜେ ଆସି ଯାଇଥିଲେ । ସେ ଘୋଡ଼ାରୁ ଓହ୍ଲାଇଥିଲେ ଓ ଷ୍ଟେସନ ଭିତରକୁ ଯାଇଥିଲେ ।

୪୮ । ଷ୍ଟେସନମାଷ୍ଟରଙ୍କୁ ଦେଖା କରିବା ନିମିତ୍ତ ସେ ଭିତରକୁ ପଶିବାକ୍ଷଣି ଷ୍ଟେସନମାଷ୍ଟର ସନ୍ନ୍ୟାସୀଙ୍କୁ କହିଥିଲେ, "ମାମଲତଦାର ନିଜେ ଏଠାକୁ ଆସିଗଲେଣି !

୪୯ । "ଏବେ ତାଙ୍କୁ ଯାହା ଆପଣଙ୍କର କହିବାର ଅଛି, କୁହନ୍ତୁ । ସୌଭାଗ୍ୟକୁ ଆପଣ ତାଙ୍କର ସାକ୍ଷାତ ସହଜରେ ପାଇପାରିଲେ ।'' ସେଠାରେ ସନ୍ନ୍ୟାସୀ ତାଙ୍କୁ ମନକଥା କହିଥିଲେ ।

୫୦ । ତା'ପରେ ସେମାନେ ଦୁହେଁ ବାହାରି ଆସିଥିଲେ ଓ ଗୋଟିଏ କାଠ ବେଞ୍ଚ ଉପରେ ବସିଥିଲେ । ସନ୍ନ୍ୟାସୀ ତାଙ୍କର କାମ କରିଦେବା ନିମନ୍ତେ ଦେଓଙ୍କୁ ଅନୁରୋଧ କରିଥିଲେ ।

୫୧ । "ଆପଣ ଯଦି ନିଜେ ଗୋରକ୍ଷଣ ଭଳି ଧାର୍ମିକ ଓ ପବିତ୍ର କାର୍ଯ୍ୟ ହାତକୁ ନ ନିଅନ୍ତି, ତେବେ ମୋ ଭଳି ଜଣେ ଅଜ୍ଞାତ ବ୍ୟକ୍ତି କିଛି କରିପାରିବ ନାହିଁ ।

୫୨ । "ଆପଣ ଏହି ତାଲୁକର ଜଣେ ଅଧିକାରୀ, ଅଥଚ ମୁଁ ଜଣେ ନିଃସ୍ୱବ୍ୟକ୍ତି । ଦ୍ୱାର ଦ୍ୱାର ବୁଲି ଗୋମାତାଙ୍କର କଷ୍ଟ ନିବାରଣ ପାଇଁ ଭିକ୍ଷା ମାଗୁଛି ।

୫୩ । "ଆପଣ ପଦେ କହିଦେଲେ ମୋ କାମ ଶୀଘ୍ର ସରିଯିବ । ଆପଣ ଗୋମାତାଙ୍କର ଆଶୀର୍ବାଦ ଲାଭ କରିବେ ଓ ଆପଣଙ୍କର ଯଶ, ଖ୍ୟାତି ନିଶ୍ଚିତ ଭାବରେ ବୃଦ୍ଧି ପାଇବ ।"

୫୪ । ସନ୍ନ୍ୟାସୀଙ୍କର ଅନୁରୋଧ ଶୁଣିବା ପରେ ଦେଓ ତାଙ୍କୁ ଉତ୍ତର ଦେଇଥିଲେ, "ଅନ୍ୟ ଗୋଟିଏ କାରଣ ପାଇଁ ଏବେ ସହରରେ ଏଇ ସାଥେ ସାଥେ ଚାନ୍ଦା ସଂଗ୍ରହ ଆରମ୍ଭ ହୋଇଛି ।

୫୫ । "ରାଓସାହେବ ନରୋତ୍ତମ ସେଟ୍ଠୀ ଜଣେ ଗଣ୍ୟମାନ୍ୟ ଓ ପରୋପକାରୀ ବ୍ୟକ୍ତି । ସେ ଏହି ଚାନ୍ଦା ସଂଗ୍ରହ ଆରମ୍ଭ କରିଛନ୍ତି ।

୫୬ । "ଏବେ ଆପଣ କୁହନ୍ତୁ, ଏଭଳି ଅବସ୍ଥାରେ ଆପଣଙ୍କ ପକ୍ଷରେ ଆଉ ଗୋଟିଏ ଉଦ୍ଦେଶ୍ୟରେ ଚାନ୍ଦା ସଂଗ୍ରହ କରିବା ସମ୍ଭବ ହେବ କି ? ଏହା ଉପଯୁକ୍ତ ସମୟ ନୁହେଁ । ପରେ ଆମେ ଏହା ଦେଖିବା ।

୫୭ । "ତେଣୁ ଦୁଇ ଚାରି ମାସ ପରେ ଆପଣ ଆଉ ଥରେ ଏହି ସହରକୁ ଆସନ୍ତୁ । ସେତେବେଳେ କ'ଣ କରାଯାଇପାରିବ, ଆମେ ଦେଖିବା । ଏବେ ଠିକ୍ ସମୟ ନୁହେଁ ।"

୫୮ । ତାହାହିଁ ହୋଇଥିଲା ଓ ସେ ସେଇଠୁ ଫେରିଯାଇଥିଲେ । ମାସେ ଖଣ୍ଡେ ଯାଇଥିବକି ନାହିଁ, ସେ ଗୋଟିଏ ଟାଙ୍ଗାରେ ବସି ଡହାଣୁ ଆସିଥିଲେ ।

୫୯ । ଓକିଲ ପରଞ୍ଜପେଙ୍କ ଘର ଦେଓଙ୍କ ଘର ସାମ୍ନାରେ । ଟାଙ୍ଗା ସେଠାରେ ଅଟକିବା ପରେ ସେ ସନ୍ନ୍ୟାସୀଙ୍କୁ ଓହ୍ଲାଇବାର ଦେଖିଥିଲେ ।

୬୦ । "ଇଏ କ'ଣ ସେହି ବ୍ୟକ୍ତି ଯିଏ ଗୋରକ୍ଷା ସମିତି ପାଇଁ ଚାନ୍ଦା ସଂଗ୍ରହ ଉଦ୍ଦେଶ୍ୟରେ କିଛିଦିନ ପୂର୍ବରୁ ଆସିଥିଲେ ?" ଦେଓ ନିଶ୍ଚିତ ହୋଇନପାରି ତାଙ୍କ ପୁଅକୁ ପଚାରିଥିଲେ ।

୬୧ । "ଯେତେବେଳେ ଗୋଟିଏ ମାସବି ବିତିନାହିଁ, ସେ ଏଠାକୁ କାହିଁକି ପୁଣି ଆସିଛନ୍ତି ? ସେ ଆମର ପୂର୍ବ କଥାବାର୍ତ୍ତା ଭୁଲିଯାଇଛନ୍ତି କି ?" ଦେଓ ଏଭଳି ସନ୍ଦେହ କରିଥିଲେ ।

୬୨ । ସନ୍ନ୍ୟାସୀ ଟାଙ୍ଗାକୁ ବିଦାକରିଦେଇ ସେଠାରେ କିଛି ସମୟ କଟାଇଥିଲେ । ତା'ପରେ ସେ ଦେଓଙ୍କ ଘରକୁ ଆସି କହିଥିଲେ-

୬୩ । "ଟଙ୍କା ପାଇବା ପାଇଁ ମୁଁ ତରବର ହେଉନାହିଁ ।" ସେତେବେଳକୁ ସକାଳ ଦଶଟା ବାଜିବାକୁ ଯାଉଥିଲା ଓ ବ୍ରାହ୍ମଣ ଭୋଜନ ଆରମ୍ଭ କରିବା ସମୟ ହୋଇଯାଉଥିବାରୁ ଦେଓ ବହୁତ ବ୍ୟସ୍ତ ଥିଲେ ।

୬୪ । "ମୁଁ ଚାନ୍ଦା ପାଇଁ ଆଜି ଆସିନାହିଁ । ଆଜି ମୋର ଖାଦ୍ୟ ଦରକାର ।" ଦେଓ ଉତ୍ତର ଦେଇଥିଲେ, "ଆନନ୍ଦରେ ଆସନ୍ତୁ ! ଏହାକୁ ଆପଣଙ୍କର ନିଜର ଘର ବୋଲି ବିଚାର କରନ୍ତୁ ।"

୬୫ । ସନ୍ନ୍ୟାସୀ ସଂଗେ ସଂଗେ କହିଥିଲେ, "ମୋ ସାଙ୍ଗରେ ମୋର ଦୁଇଜଣ ଚେଲା ଅଛନ୍ତି ।" ଏକଥା ଶୁଣି ଦେଓ ତାଙ୍କୁ ଉତ୍ତର ଦେଇଥିଲେ, "ବହୁତ ଭଲ କଥା ।"

୬୬ । ଭୋଜନ ପରଷାଯିବା ନିମନ୍ତେ କିଛି ସମୟ ବାକି ରହିଥିବାରୁ ଦେଓ ତାଙ୍କୁ ପଚାରିଥିଲେ, "ଆପଣ କେଉଁଠି ରହୁଛନ୍ତି, ମୁଁ ସେଠାକୁ ଲୋକ ପଠାଇ ଡାକି ଆଣିବି ।"

୬୭ । "ଡାକିବା ଦରକାର ନାହିଁ ? ମୁଁ କେତେବେଳେ ଆସିବି ? ଠିକ୍ କେତେଟା ସମୟରେ ମୁଁ ଆସି ପହଞ୍ଚିବି

କହନ୍ତୁ। ଆପଣ ଯେତେବେଳେ କହିବେ, ମୁଁ ଆସି ପହଞ୍ଚିଯିବି” ବୋଲି ସନ୍ନ୍ୟାସୀ କହିଥିଲେ।

୬୮। “ଠିକ୍ ଅଛି। ଆପଣ ପିଲାମାନଙ୍କୁ ଧରି ପବିତ୍ରଭୋଜନ ନିମନ୍ତେ ବାରଟା ବେଳକୁ ଆସନ୍ତୁ!” ଦେଓ ତାଙ୍କୁ ଏଇକଥା କହିଥିଲେ।

୬୯। ତା’ପରେ ସନ୍ନ୍ୟାସୀ ଚାଲିଯାଇଥିଲେ ଓ ଠିକ୍ ବାରଟା ବେଳେ ଆସି ପହଞ୍ଚିଥିଲେ। ତିନିଜଣଯାକ ଭୋଜନ ପାଇଁ ବସିପଡ଼ିଥିଲେ ଓ ମନତୃପ୍ତିକରି ଭୋଜନ କରିଥିଲେ।

୭୦। ଖାଦ୍ୟ ପ୍ରସ୍ତୁତ ହୋଇଯିବା ପରେ ବ୍ରାହ୍ମଣମାନେ ଧାଡ଼ି ଧାଡ଼ି କରି ବସିଥିଲେ। ଅତିଥିସତ୍କାରକ ଦେଓ ସମସ୍ତଙ୍କ କଥା ବୁଝୁଥିଲେ ଏବଂ ସନ୍ନ୍ୟାସୀ ଓ ତାଙ୍କ ଚେଲାଙ୍କର ମଧ୍ୟ ଉତ୍ତମ ଯତ୍ନ ନେଉଥିଲେ।

୭୧। ସନ୍ନ୍ୟାସୀ ନିଜେ ତାଙ୍କର ଦୁଇଜଣ ଲୋକଙ୍କୁ ଧରି ଆସିଥିଲେ। କିନ୍ତୁ ତାଙ୍କର ପୂର୍ବର ଉଦ୍ଦେଶ୍ୟ ଯୋଗୁଁ ପ୍ରହେଳିକାର ଏକ ପରଦା ଘେରିହୋଇ ରହିଥିଲା।

୭୨। ତେଣୁ ଦେଓ ଭାବିଥିଲେ ଯେ ଜଣେ ଅତିଥି ଖାଇବା ପାଇଁ ଆସିଛନ୍ତି। କିନ୍ତୁ, ତାଙ୍କର ମନରେ ଧାରଣା ଥିଲା ଯେ, ସନ୍ନ୍ୟାସୀ ଟଙ୍କା ଚାହୁଁଛନ୍ତି ଓ ସେହି ଧାରଣା ଦୃଢ଼ୀଭୂତ ହୋଇଥିଲା।

୭୩। ଏହିଭଳି ଅବସ୍ଥାରେ ଭୋଜନ ପର୍ବ ସରିଥିଲା। ବ୍ରାହ୍ମଣମାନେ ପାପୁଲିରେ ପାଣିନେଇ ଚଳୁ କରିଥିଲେ ଏବଂ ଶୀତଳ ଓ ସୁଗନ୍ଧ ଜଳପାନ କରିଥିଲେ। ଭୋଜନ ସମାପ୍ତ ହେବାପରେ ସେମାନେ ତାମ୍ବୁଳାଦି ମଧ୍ୟ ସେବନ କରିଥିଲେ।

୭୪। ପ୍ରଥାନୁଯାୟୀ ଦେଓ ଅତ୍ୟନ୍ତ ସଂଭ୍ରମତା ସହକାରେ ଓ ଆନନ୍ଦରେ ପୁଷ୍ପ, ଘୋରାଚନ୍ଦନ, ପାନପତ୍ର, ଅତର ଓ ଗୋଲାପଜଳ ସମସ୍ତଙ୍କୁ ଅର୍ପଣ କରିଥିଲେ।

୭୫। ସେ ଯାହାହେଉ, ଏସବୁ ଶେଷ ହେବାପରେ ଏକତ୍ରିତ ହୋଇଥିବା ବ୍ୟକ୍ତିମାନେ ଯେ ଯାହାର ଗୃହକୁ ଫେରି ଯାଇଥିଲେ। ସନ୍ନ୍ୟାସୀ ମଧ୍ୟ ନିଜର ଚେଲାଙ୍କ ସହିତ ନିଜ ସ୍ଥାନକୁ ଚାଲିଯାଇଥିଲେ।

୭୬। ଯଦିଓ ସନ୍ନ୍ୟାସୀ ଅପ୍ରତ୍ୟାଶିତ ଓ ଅନିମନ୍ତ୍ରିତ ଭାବରେ ଠିକ୍ ସମୟରେ ପହଞ୍ଚି ଭୋଜନ କରିଥିଲେ, ତଥାପି ତାଙ୍କୁ ବାବା ବୋଲି ଦେଓ ଭାବି ପାରିନଥିଲେ। ସେ ସନ୍ଦେହ ମଧ୍ୟରେ ରହିଥିଲେ।

୭୭। ଯଦିଓ ତିନିଜଣ ଲୋକ ଅପ୍ରତ୍ୟାଶିତ ଭାବରେ ଆସି ପହଞ୍ଚିଥିଲେ ଓ ଦେଓ ନିଜେ ସେମାନଙ୍କର ସେବା କରିଥିଲେ, ତଥାପି ତାଙ୍କ ମନ ଭିତରେ ସନ୍ଦେହ ରହିଥିଲା। ତେଣୁ ସେ ଜୋଗଙ୍କୁ ପ୍ରମାଣ ନିମିତ୍ତ ପଚାରିଥିଲେ।

୭୮। ଏଣୁ ଉଦ୍‌ଯାପନ ଉତ୍ସବ ସରିଯିବା ପରେ ଦେଓ ଜୋଗଙ୍କ ନିକଟକୁ ଖଣ୍ଡେ ଚିଠି ଲେଖିଥିଲେ। “ବାବା କିଭଳି ଏପରି ଠକିଲେ? ତାଙ୍କ ପକ୍ଷରେ ଏଭଳି କରିବା ଠିକ୍ ହେଲା କି?

୭୯। “ତାଙ୍କ ସହିତ ତୁମର ମଧ୍ୟ ଆସିବାର ଥିଲା। ତାଙ୍କ ବାକ୍ୟ କେବେ ଅସତ୍ୟ ହେବାର ନୁହେଁ। ତୁମେ ଆସିଥିଲେ କିଛି ଗୋଟାଏ ପ୍ରମାଣ ଥାଆନ୍ତା। ଏବେ ମୁଁ କିପରି ବିଶ୍ୱାସ କରିବି?

୮୦। “ତେବେ ଏପରି କାହିଁକି ହେଲା। ମୁଁ ଏଭଳି କାହିଁକି ନିରାଶ ହେଲି? ମୁଁ ବହୁତ ଆଗ୍ରହରେ ଅପେକ୍ଷା କରୁଥିଲି। କିନ୍ତୁ ମୋର କୌଣସି ଅନୁଭୂତି ହେଲାନାହିଁ।

୮୧। “ମୁଁ ବାବାଙ୍କୁ ଅତ୍ୟନ୍ତ ଶ୍ରଦ୍ଧାରେ ଡାକିଥିଲି ଓ ସେ କହିଥିଲେ ଯେ ତାଙ୍କର ଶରଣାଗତ ମୁଁ ହୋଇଥିବାରୁ ସେ ନିଶ୍ଚୟ ମୋ ପାଖକୁ ଆସିବେ। କିନ୍ତୁ କିଛି ଅଲଗା ଘଟିଗଲା। ଏଭଳି କାହିଁକି ଘଟିଲା, ମୁଁ ବୁଝି ପାରୁନାହିଁ।

୮୨। “ମୁଁ ବାବାଙ୍କ ଉପରେ ନିର୍ଭର କରି ରହିଥିବାର ଅବସ୍ଥାକୁ ବିଚାର କରି, ମୁଁ ଅତ୍ୟନ୍ତ ବିନୟ ହୋଇ ଚିଠିଟି ଲେଖିଥିଲି। ବାବା ଆସୁଥିବାର ଜାଣିବା ପରେ, ମୁଁ ଅତ୍ୟନ୍ତ ଭାଗ୍ୟବାନ ବୋଲି ଅନୁଭବ କରିଥିଲି।

୮୩। “ମୁଁ ଜାଣିଥିଲି ଯେ ସେ ଯେ କୌଣସି ରୂପରେ ଓ ଯେ କୌଣସି ବାହାନାରେ ନିଶ୍ଚୟ ଆସିବେ। କିନ୍ତୁ ସେଭଳି କିଛି ଘଟିଲା ନାହିଁ କାହିଁକି? ମୁଁ ବହୁତ ବିଚଳିତ ହୋଇ ପଡ଼ିଛି।”

୮୪। ଦେଓ ବର୍ଣ୍ଣନା କରିଥିବା ସମସ୍ତ ଘଟଣା ଜୋଗ ବାବାଙ୍କ ପାଖରେ ପ୍ରକାଶ କରିଥିଲେ। ବାବା ପୂରାପୂରି ଆଶ୍ଚର୍ଯ୍ୟ ହୋଇ ଜୋଗଙ୍କୁ କହିଥିଲେ-

୮୫। “ତୁମେ ଚିଠି ଖୋଲିବା ପୂର୍ବରୁ ସେଥିରେ ଯାହାସବୁ ଲେଖାଥିଲା, ମୁଁ ତାହା ଜାଣିଥିଲି। ଏପରିକି ତୁମର ଚିଠି ପଢ଼ିବା ପୂର୍ବରୁ ମୋତେ ଜଣାଥିଲା। ସେଥିରେ କ’ଣ ସବୁ ଲେଖା ହୋଇଛି, ମୋତେ ଜଳ ଜଳ ଦିଶୁଛି।

୮୬। "ସେ କହୁଛନ୍ତି ଯେ ମୁଁ ଯିବାପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ମୋ କଥା ରକ୍ଷା ନ କରି ମୁଁ ତାଙ୍କୁ ଠକି ଦେଇଛି। ତାଙ୍କୁ କହିଦିଅ ଯେ ସେ ମୋତେ ଚିହ୍ନିପାରିଲେ ନାହିଁ । ତାହାହେଲେ ସେ ମୋତେ କାହିଁକି ନିମନ୍ତ୍ରଣ କରିଥିଲେ ?

୮୭। "ଜଗତ ଜାଣିବାକୁ ମୁଁ ଏଠାରୁ ଚଳି ନଥିଲି। ମୁଁ କିନ୍ତୁ ତାଙ୍କର ଉଦ୍‌ଯାପନ ଉତ୍ସବରେ ଭୋଜି ଖାଇଥିଲି। ମୁଁ କହିଥିଲି ଯେ ଆଉ ଦୁଇଜଣଙ୍କୁ ସାଂଗରେ ଧରି ମୁଁ ଯିବି। ତଦନୁସାରେ ମୁଁ ଆଉ ଦୁଇଜଣଙ୍କୁ ସାଥିରେ ନେଇ ଯାଇଥିଲି।

୮୮। "ମୁଁ ଏକୁଟିଆ ଯାଇଥିବା ସମୟରେ ଭୋଜନ ପାଇଁ ବସିବା ଡେରି ଥିଲା ଓ ମୋ ହାତରେ ସମୟ ଥିଲା। ମୁଁ ପ୍ରଥମେ ଯେତେବେଳେ ପ୍ରବେଶ କରିଥିଲି ସନ୍ନ୍ୟାସୀ ବେଶରେ ଯାଇଥିଲି ବୋଲି କ'ଣ ତାଙ୍କର ମନେ ନାହିଁ।

୮୯। "ମୁଁ ଅପ୍ରତ୍ୟାଶିତ ଭାବରେ ଆସିଥିବାର ଦେଖି ମୁଁ ଟଙ୍କା ମାଗିବି ବୋଲି ସିଏ ଭୟ କରିନଥିଲେ କି ? ଆଉ ମୁଁ ତାଙ୍କ ସନ୍ଦେହ ଦୂରକରି ଦେଇନଥିଲି କି ?

୯୦। "ମୁଁ କେବଳ ଭୋଜନ କରିବା ନିମନ୍ତେ ଅନ୍ୟ ଦୁଇଜଣଙ୍କ ସହିତ ଆସିବି ବୋଲି କହିଥିଲି। ମୁଁ ଠିକ୍ ସମୟରେ ଅନ୍ୟ ଦୁଇଜଣଙ୍କ ସହିତ ମିଶି ଖାଇନଥିଲି କି ?

୯୧। "ଏହା ମନେରଖ ଯେ ମୁଁ ମୋ ଜୀବନ ଦେଇଦେବି ପଛକେ ମୋ କଥା ନିଶ୍ଚୟ ରକ୍ଷା କରିବି । ମୁଁ ଯାହା କହିଥାଏ, ତାହା କେବେ ଅସତ୍ୟ ହୁଏନାହିଁ ।"

୯୨। ସାଇନାଥ ଏକଥା କହିବା ପରେ ଜୋଗଙ୍କର ଆନନ୍ଦ କହିଲେ ନସରେ। ଶ୍ରୀସାଇ ଯାହା କହିଥାନ୍ତି, ତାହା କେବେ ଅସତ୍ୟ ହୋଇନପାରେ। ଏହି ଅଭିଜ୍ଞତା ପ୍ରତ୍ୟେକଙ୍କର ସବୁ ସମୟରେ ହୋଇଥାଏ।

୯୩। ପରେ ଏହି ସମ୍ବାଦ ଦେଓଙ୍କୁ ଜୋଗ ଜଣାଇ ଦେଇଥିଲେ। ସେ ଅତି ଆନନ୍ଦ ମନରେ ସମସ୍ତ ବିବରଣୀ ବିଶଦଭାବରେ ଏକ ଚିଠିରେ ଲେଖି ଡହାଣୁ ପଠାଇଥିଲେ।

୯୪। ଦେଓ ଚିଠିଟି ପଢ଼ିବା ସମୟରେ ତାଙ୍କ ଚକ୍ଷୁରୁ ଆନନ୍ଦାଶ୍ରୁ ବୋହିଯାଇଥିଲା। ସେ ଅଯଥାରେ ଶ୍ରୀସାଇଙ୍କୁ ଦୋଷ ଦେଇଥିବାରୁ ନିଜକୁ ଧିକ୍କାର କରିଥିଲେ ଓ ଅତ୍ୟନ୍ତ ମ୍ରିୟମାଣ ହୋଇଥିଲେ ।

୯୫। "ବାବାଙ୍କର ମହନୀୟତାକୁ ଧନ୍ୟ! ମୋର ଅହଂକାରୀ ବୋଧଶକ୍ତିକୁ ଧିକ୍ ! ତେବେ ବାବା ଯେ ସେଇ ସନ୍ନ୍ୟାସୀ ଥିଲେ, ତାହା ମୁଁ କିପରି ଠିକ୍ କରି ଜାଣିଥାନ୍ତି ବୁଝିପାରୁନାହିଁ!

୯୬। "କାରଣ, ମୁଁ ବାବାଙ୍କୁ ଆମନ୍ତ୍ରଣ କରିବା ପୂର୍ବରୁ, ସେ ସନ୍ନ୍ୟାସୀ ନିଜ କାମରେ ପ୍ରଥମେ ଆସିଥିଲେ। ତାଙ୍କର ଗୋରକ୍ଷା ସମିତି ପାଇଁ କିଛି ଚାନ୍ଦା ସଂଗ୍ରହ କରିବାର ଇଚ୍ଛା ଥିଲା ଓ ସେ ମୋତେ ସାକ୍ଷାତ କରିଥିଲେ।

୯୭। "ମୁଁ ତାଙ୍କୁ ଦୁଇ ଚାରିମାସ ଛାଡ଼ି ଆସିବାକୁ କହିଥିଲି। ଯଦିଓ ସେ ସେତେବେଳେ ଖାଇବା ନିମନ୍ତେ ଆସିଛନ୍ତି ବୋଲି କହିଥିଲେ, ମୁଁ କେମିତି ତାଙ୍କୁ ବାବା ବୋଲି ଅନୁମାନ କରି ପାରିଥାନ୍ତି ?

୯୮। "ବାବା 'ଦୁଇଜଣଙ୍କୁ ସାଙ୍ଗରେ ଧରି ଖାଇବା ନିମନ୍ତେ ଆସିବେ' ବୋଲି ଯାହା କହିଥିଲେ, ସେ କଥା ମୁଁ ଭୁଲିଯାଇଥିଲି।

୯୯। "ବାବାଙ୍କୁ ନିମନ୍ତ୍ରଣ କରାଯିବା ପରେ ଯଦି ସନ୍ନ୍ୟାସୀଙ୍କୁ ମୁଁ ପ୍ରଥମ ଥର ପାଇଁ ଦେଖିଥାନ୍ତି ଓ କେବଳ ଖାଇବା ନିମନ୍ତେ ଆସିଥିବାର ଜାଣିଥାନ୍ତି, ତେବେ ମୁଁ ଏଭଳି ପ୍ରତାରିତ ହୋଇନଥାନ୍ତି।

୧୦୦। "ସେ କିନ୍ତୁ ଗୋରକ୍ଷା ଓ ସେମାନଙ୍କର କଲ୍ୟାଣ ନିମିତ୍ତ ଚାନ୍ଦା ସଂଗ୍ରହ କରିବା ବାହାନାରେ ଆସିଥିଲେ। ତା'ପରେ ଉଦ୍‌ଯାପନ ଉତ୍ସବରେ ଯୋଗଦେବା ନିମିତ୍ତ ଶ୍ରୀସାଇଙ୍କ ନିକଟକୁ ନିମନ୍ତ୍ରଣ ପତ୍ର ପଠାଯାଇଥିଲା।

୧୦୧। "ତେଣୁ ଏପ୍ରକାର ଗୋଳମାଳ ହୋଇଗଲା ଓ ଏତେ ସବୁ ଘଟଣା ଘଟିଗଲା। ଯଦିଓ ସେ ଅନ୍ୟ ଦୁଇଜଣଙ୍କ ସହିତ ଆସି ଭୋଜି ଖାଇଥିଲେ, ମୁଁ ତାଙ୍କୁ କେବଳ ଭୋଜନାର୍ଥୀ ବୋଲି ଧରି ନେଇଥିଲି।

୧୦୨। "ମୁଁ ଯଦି ତାଙ୍କୁ ପୂର୍ବରୁ ଭେଟି ନ ଥାନ୍ତି ଓ ସେ ଅପ୍ରତ୍ୟାଶିତ ଭାବରେ ଭୋଜନ ସମୟରେ ଅନ୍ୟ ଦୁଇଜଣଙ୍କୁ ସାଥିରେ ଧରି ଆସିଥାନ୍ତେ, ତେବେ ମୁଁ ତାଙ୍କୁ ଶ୍ରୀସାଇ ବୋଲି ନିଶ୍ଚିତ ଭାବରେ ଜାଣି ପାରିଥାନ୍ତି।"

୧୦୩। ସନ୍ଥମାନଙ୍କର କାର୍ଯ୍ୟ ଏହି ପ୍ରକାରର! ସେମାନଙ୍କର ଲୀଳା ଅକଳନୀୟ ଓ ସେମାନଙ୍କର କାର୍ଯ୍ୟ ବିସ୍ମୟକର! ଭକ୍ତ ଜାଣିବା ପୂର୍ବରୁ ସେମାନେ ଭକ୍ତର ଘରେ ସେମାନଙ୍କର କାର୍ଯ୍ୟକ୍ରମର ଯୋଜନା କରିଥାନ୍ତି।

୧୦୪ । ଭକ୍ତ ଯେତେବେଳେ ତାଙ୍କ ପଦତଳେ ବିନୀତ ଭାବରେ ଶରଣାଗତ ହୁଏ, ଭକ୍ତର ଶୁଭ କାର୍ଯ୍ୟ ତାହାର ଅଜାଣତରେ ସମାପନ ହୋଇଯାଇଥାଏ। ସନ୍ଥମାନଙ୍କର କାର୍ଯ୍ୟ ଅଚିନ୍ତନୀୟ !

୧୦୫ । ଚିନ୍ତାମଣି ମନୋବାଞ୍ଛା ପୂରଣ କରିଥାନ୍ତି, କଳ୍ପବୃକ୍ଷ ଅଭିଳାଷ ପୂରଣ କରନ୍ତି, କାମଧେନୁ କାମନା ପୂରଣ କରନ୍ତି, କିନ୍ତୁ ଗୁରୁମାୟୀ ଅପ୍ରତ୍ୟାଶିତ ବିଷୟ ପ୍ରଦାନ କରନ୍ତି।

୧୦୬ । ସେ ଯାହାହେଉ, ଏହି ଘଟଣାରେ ବାବା ନିମନ୍ତ୍ରଣ ପାଇବା ପରେ ଜଣେ ସନ୍ନ୍ୟାସୀ ରୂପରେ ଦେଖା ଦେଇଥିଲେ। ତାଙ୍କର ଲୀଳା ଅପୂର୍ବ। ସେ ବିନା ନିମନ୍ତ୍ରଣରେ ମଧ୍ୟ ବେଳେବେଳେ ଆସିଥାନ୍ତି।

୧୦୭ । ବେଳେ ବେଳେ ସେ ଫଟୋ ରୂପରେ, କେତେବେଳେ ମୂର୍ତ୍ତି ରୂପରେ ଆବିର୍ଭାବ କରିଥାନ୍ତି। ତାଙ୍କ ଅନୁଗ୍ରହର ସୀମା ନାହିଁ। ସେ ତାଙ୍କ ନିଜର ଇଚ୍ଛା ଅନୁଯାୟୀ ଆବିର୍ଭୂତ ହୋଇଥାନ୍ତି।

୧୦୮ । ମୋ ନିଜର ଏ ସମ୍ପର୍କରେ ଏକ ଅନୁଭୂତି ଶୁଣିଲେ ଶ୍ରୋତାମାନେ ଆଶ୍ଚର୍ଯ୍ୟ ହୋଇଯିବେ। ସେମାନେ ସାଇଲୀଳାର ଅମାପ ଶକ୍ତି ବୁଝିପାରିବେ। ଏହି କାହାଣୀ ଅଦ୍ଭୁତ ଓ ଅପୂର୍ବ।

୧୦୯ । କେହି କେହି ଏହାକୁ ଧର୍ମୀୟ ଅନୁଭୂତି ବୋଲି କହିପାରନ୍ତି, ଆଉ କେହି କେହି ଏହାକୁ ଏକ କାହାଣୀ ବୋଲି କହି ପାରନ୍ତି। ଏହାକୁ ଆପଣମାନେ ଯିଏ ଯାହା କହନ୍ତୁ ପଛକେ ଧ୍ୟାନ ସହକାରେ ଶୁଣନ୍ତୁ।

୧୧୦ । ନିଦ୍ରା ଓ କ୍ଲାନ୍ତି ଦୂରେଇ ଦେଇ ପୂର୍ଣ୍ଣ ଜାଗ୍ରତ ରହି ଏହି କାହାଣୀ ଶୁଣନ୍ତୁ। ମୋର ଏହି ଇଚ୍ଛା ପୂରଣ କଲେ ମୁଁ ସନ୍ତୁଷ୍ଟ ହେବି।

୧୧୧ । କିଛି ସମୟ ନିମନ୍ତେ ଅଶାନ୍ତି ତ୍ୟାଗ କରିଦିଅନ୍ତୁ। ଧୀରସ୍ଥିର ମନରେ ଏ କାହାଣୀ ଶ୍ରବଣ କଲେ ଏହା ଉପଯୋଗୀ ବୋଲି ସାବ୍ୟସ୍ତ ହେବ। ପରେ ଏହା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିପାରନ୍ତି।

୧୧୨ । ତାହା ପରେ କ୍ରମେ ଆତ୍ମୋପଲବ୍ଧି ହେବ। ତେବେ ଏ ସମସ୍ତ ସିଦ୍ଧି ଆପଣ କିଭଳି ଶ୍ରବଣ କଲେ, ତାହା ଉପରେ ନିର୍ଭର କରୁଛି। ଏହା ହେଉଛି ସାରକଥା। ତାହାହେଲେ ଆପଣ ଭବସାଗର ପାର ହୋଇ ଯାଇପାରିବେ।

୧୧୩। ୧୯୧୭ ମସିହା ଫାଲ୍‌ଗୁନ ପୂର୍ଣ୍ଣିମା ଦିନ ମୁଁ ବଡ଼ି ସକାଳେ ବିଛଣାରେ ନିଦରେ ଶୋଇଥିବାବେଳେ ଏକ ସ୍ୱପ୍ନ ଦେଖିଥିଲି।

୧୧୪ । ଶ୍ରୀସାଇଙ୍କ କାର୍ଯ୍ୟ କେମିତି, ଦେଖନ୍ତୁ ! ଅତି ସୁନ୍ଦର ଭାବରେ ସନ୍ନ୍ୟାସୀ ବସ୍ତ୍ର ପିନ୍ଧି ସେ ମୋତେ ଡାକି ଉଠାଇଥିଲେ ଓ ଦର୍ଶନ ଦେଇଥିଲେ । ସେ କହିଥିଲେ, "ମୁଁ ଆଜି ମଧ୍ୟାହ୍ନ ଭୋଜନ କରିବାକୁ ଆସିବି।"

୧୧୫ । ସେ ମୋତେ ଡାକିବା ମଧ୍ୟ ସ୍ୱପ୍ନର ଏକ ଅଂଶ ଥିଲା । କାରଣ, ପ୍ରକୃତରେ ନିଦ୍ରା ତ୍ୟାଗ କରିବାପରେ ହିଁ ମୁଁ ସ୍ୱପ୍ନ ବିଷୟ ମନେ ପକାଇଥିଲି।

୧୧୬ । ମୋର ଆଖି ଖୋଲିବା ବେଳକୁ ଘରେ ଶ୍ରୀସାଇ କିମ୍ବା ଅନ୍ୟ କେହି ନଥିଲେ । କିଛି ସମୟ ତଳେ ଏହା ଏକ ସ୍ୱପ୍ନହିଁ ଥିଲା ଓ ମୁଁ ସେତେବେଳେ ଜାଗ୍ରତ ନଥିଲି।

୧୧୭ । ମୁଁ ଏ ସମ୍ପର୍କରେ ନିଶ୍ଚିତ ହେବା ପରେ ସ୍ୱପ୍ନ ବିଷୟ ମନେ ପକାଇଥିଲି। ମୋର ତାଙ୍କ କଥାର ପ୍ରତ୍ୟେକଟି ଶବ୍ଦ ମନେ ରହିଥିଲା ଓ ମୁଁ କିଛି ଭୁଲି ନ ଥିଲି।

୧୧୮ । "ମୁଁ ଆଜି ମଧ୍ୟାହ୍ନ ଭୋଜନ କରିବାକୁ ଆସିବି।" ଶ୍ରୀସାଇଙ୍କ ମୁଖରୁ ଏହି ବାକ୍ୟ ପରିଷ୍କାର ଭାବରେ ଶୁଣିଥିବାରୁ ମୁଁ ଅତ୍ୟନ୍ତ ଖୁସି ଥିଲି। ମୁଁ ମୋ ପତ୍ନୀଙ୍କୁ ଏ ସମ୍ବନ୍ଧରେ କହିଥିଲି।

୧୧୯ । ଶ୍ରୀସାଇଙ୍କ ସମ୍ବନ୍ଧରେ ଚିନ୍ତା କରିବା ଓ ତାଙ୍କୁ ଧ୍ୟାନ କରିବା ମୋର ସଦାବେଳର ଅଭ୍ୟାସ ଥିଲା। ଯଦିଓ ତାଙ୍କ ସହିତ ମୋର ସମ୍ବନ୍ଧ ସ୍ଥାପନ ସାତ ବର୍ଷ ହେଲାଣି, ସେ ଭୋଜନ କରିବା ନିମନ୍ତେ ଆସିବେ ବୋଲି ମୁଁ କେବେ ମଧ୍ୟ ଆଶା କରି ନ ଥିଲି।

୧୨୦ । ସେ ଯାହାହେଉ, ମୁଁ ମୋ ପତ୍ନୀଙ୍କୁ କହିଥିଲି, "ଆଜି ହୋଲି ପର୍ବ। ଆଉ ପାଏ ଚାଉଳ ଅଧିକା ଫୁଟାଇ ଥିବ। ଭୁଲିଯିବ ନାହିଁ।"

୧୨୧ । ମୁଁ ତାଙ୍କୁ ଏପରି କହିବା ପରେ ସେ ତାହାର କାରଣ ପଚାରିଥିଲେ। ମୁଁ ତାଙ୍କୁ କହିଥିଲି, "ଆଜି ଗୋଟିଏ ପର୍ବ। ଜଣେ ଅତିଥି ମଧ୍ୟାହ୍ନ ଭୋଜନକୁ ଆସିବେ।"

୧୨୨ । ତା'ପରେ ସେ ପଚାରିଥିଲେ, "କିଏ ଆସୁଛନ୍ତି ?" ସେ ତାଙ୍କର କୌତୁହଳ ମେଣ୍ଟାଇବାକୁ ଚାହୁଁଥିଲେ। କିନ୍ତୁ ମୁଁ ଯଦି ପ୍ରକୃତ କାରଣ ଖୋଲିକି କହିଦେବି, ମୁଁ ହୁଏତ

ହାସ୍ୟାସ୍ପଦ ହୋଇପାରେ ବୋଲି ଭାବିଥିଲି।

୧୨୩। ମୁଁ ଏକଥା ଭଲଭାବରେ ଜାଣିଥିଲେ ମଧ୍ୟ ତାଙ୍କୁ ଭଣ୍ଡାଇଦେବାକୁ ଚାହିଁ ନ ଥିଲି। ତେଣୁ ସମ୍ପୂର୍ଣ୍ଣ ବିଶ୍ୱାସ ସହକାରେ ମୁଁ ତାଙ୍କୁ ସତକଥା କହି ଦେଇଥିଲି।

୧୨୪। କିନ୍ତୁ ଏହା ବିଶ୍ୱାସ ଉପରେ ନିର୍ଭର କରିଥାଏ। ଜଣେ ନିଜ ଅନ୍ତରରେ କ'ଣ ଅନୁଭବ କରେ, ସତ୍ୟ କିମ୍ବା ମିଥ୍ୟା, ତାହା ନିଜର ମନ ଉପରେ ନିର୍ଭର କରିଥାଏ।

୧୨୫। ସେ ଯାହାହେଉ, ମୁଁ ତାଙ୍କୁ ଯେତେ ବୁଝାଇବାକୁ ଚେଷ୍ଟା କଲେ ମଧ୍ୟ ସେ ତାହା ଗ୍ରହଣ କରିବା ନିମନ୍ତେ ପ୍ରସ୍ତୁତ ନ ଥିଲେ। ସେ କହିଥିଲେ, "ବାବା ଏତେ ଦୂର ଶିରିଡ଼ିରୁ କାହିଁକି ଆସିବେ ?

୧୨୬। "ଏଠି ଆମେ କ'ଣ ଖାଉଛୁ ? ଆମେ ହୋଲି ପର୍ବ କିପରି ପାଳନ କରୁଛୁ ? ଶିରିଡ଼ିର ସରୁ ଅନ୍ନ ଛାଡ଼ି, ସେ ଏଠାକୁ ଆମର ମୋଟା ବଗଡ଼ା ଚାଉଳର ଭାତ ଖାଇବାକୁ କାହିଁକି ଆସିବେ ?"

୧୨୭। ଏଭଳି ଯୁକ୍ତି ତାଙ୍କଠାରୁ ମୁଁ ଶୁଣିବା ପରେ କହିଥିଲି, "ଆଉ ଗଣ୍ଡେ ଚାଉଳ ଅଧିକା ରାନ୍ଧିବାରେ ଅସୁବିଧା କ'ଣ ଅଛି ? ତୁମର ତ କିଛି କ୍ଷତି ହେଉନାହିଁ !

୧୨୮। "ଶ୍ରୀସାଇ ଯେ ନିଜେ ଅତିଥି ଭାବରେ ଆସିବେ, ସେ କଥା ମୁଁ କହୁନାହିଁ। ମୁଁ ତୁମକୁ ସେଭଳି କହିବି ନାହିଁ। କିନ୍ତୁ କେହି ନା କେହି ଜଣେ ଆସିବେ। ମୋର ଏ ସମ୍ପର୍କରେ ଅଣୁମାତ୍ର ସନ୍ଦେହ ନାହିଁ।

୧୨୯। "ତୁମେ ଯାହା ଇଚ୍ଛା ତାହା ଭାବିପାର, ମୁଁ କିନ୍ତୁ ତାଙ୍କୁ ନିଜେ ଶ୍ରୀସାଇ ବୋଲି ଅଭ୍ୟର୍ଥନା କରିବି । ସେ ଶ୍ରୀସାଇ ଛଡ଼ା ଅନ୍ୟ କେହି ନୁହଁନ୍ତି ବୋଲି ଭାବିବି । ନଚେତ୍ ମୋର ସ୍ୱପ୍ନ ନିରର୍ଥକ ହୋଇଯିବ।"

୧୩୦। ତାହାହିଁ ହୋଇଥିଲା। ଏହି କଥାବାର୍ତ୍ତା ପରେ ଦ୍ୱିପ୍ରହର ସମୟରେ ହୋଲିକା ପୂଜାର ସମସ୍ତ ନୀତିବିଧି ସରିଯିବା ପରେ ମଧ୍ୟାହ୍ନ ଭୋଜନ ନିମିତ୍ତ ଖଲିପତ୍ର ପଡ଼ିଥିଲା।

୧୩୧। ପରିବାରର ସମସ୍ତ ସଦସ୍ୟ ଯଥା- ସବୁ ପୁଅ, ନାତି, ଝିଅ, ଜ୍ୱାଇଁ, ବନ୍ଧୁ ଓ ସମ୍ପର୍କୀୟମାନେ ପହଞ୍ଚିଥିଲେ ଓ ଧାଡ଼ିରେ ପାଖକୁ ପାଖ ବସି ଯାଇଥିଲେ। ବିଭିନ୍ନ ରଙ୍ଗରେ ଚିତା ପକାଇ ରଙ୍ଗୋଲୀରେ ସ୍ଥାନଟି ସୁଶୋଭିତ ହୋଇଥିଲା ।

୧୩୨। ପ୍ରଥମ ଧାଡ଼ିର ମଝିରେ ବାବାଙ୍କ ସମ୍ମାନାର୍ଥେ ଏକ ଆସନ ପକାଯାଇଥିଲା ଓ ଅନ୍ୟମାନଙ୍କ ସହିତ ତାଙ୍କ ପାଇଁ ମଧ୍ୟ ପତ୍ର ପଡ଼ିଥିଲା ।

୧୩୩। ଖଲିପତ୍ରର ଚତୁଃପାର୍ଶ୍ୱରେ ନୀଳ ଓ ଅନ୍ୟରଙ୍ଗର ଅବିର ପକାଯାଇ ସୁନ୍ଦର ଭାବରେ ରଙ୍ଗୋଲୀ ଅଙ୍କନ କରାଯାଇଥିଲା। ପ୍ରତ୍ୟେକ ପତ୍ର ପାଖରେ ଗ୍ଲାସେ ପାଣି, ମଗ୍‌ରେ ପାନୀୟ ଜଳ ଓ ଚାମଚଟିଏ ରଖାଯାଇଥିଲା।

୧୩୪। ବିଭିନ୍ନ ପ୍ରକାରର ଖାଦ୍ୟ, ଯଥା-ପାପଡ଼, ସ୍ୟାଣ୍ଡୋଜ, ସାଲାଡ଼, ଆଚାର, ରାଇତା, ଭଜା, ନାନା ତରକାରୀ, ଖିରୀ ଇତ୍ୟାଦି ପ୍ରସ୍ତୁତ କରାଯାଇଥିଲା।

୧୩୫। ବାରଟା ବାଜିଯିବା ପରେ ଅତିଥିମାନେ ଲୁଗାଯୋଡ଼ ପିନ୍ଧି ଜଣ ଜଣ ହୋଇ ନିଜ ଆସନରେ ବସିଥିଲେ। ଆଉ କେହି ଆସିନଥିଲେ।

୧୩୬। ସବୁ ଖଲିପତ୍ରରେ ଭାତ, ଡାଲି, ତରକାରୀ ଇତ୍ୟାଦି ବଢ଼ାଯାଇଥିଲା ଓ କେବଳ ମଝିରେ ପଡ଼ିଥିବା ପତ୍ର ଯାହାକୁ ଶ୍ରୀସାଇଙ୍କ ସମ୍ମାନାର୍ଥେ ପକାଯାଇଥିଲା, ତାହା ଖାଲି ରହିଥିଲା। ଏହା ବ୍ୟତୀତ ସେଠାରେ ଆଉ କିଛି ଫାଙ୍କା ସ୍ଥାନ ନ ଥିଲା।

୧୩୭। ମୁଁ ଜାଣିଥିଲି ଯେ କେହି ଜଣେ ଅତିଥି କିମ୍ବା ଅପ୍ରତ୍ୟାଶିତ ଆଗନ୍ତୁକ ଆସିବେ ଓ ସେଥିପାଇଁ ତାଙ୍କର ଆଗମନକୁ ଅପେକ୍ଷା ମଧ୍ୟ କରିଥିଲି। ତେବେ କେତେ ସମୟ ମୁଁ ଅପେକ୍ଷା କରିରହିପାରିବି ବୋଲି ମନେ ମନେ ଚିନ୍ତା କରୁଥିଲି ।

୧୩୮। ତେଣୁ ଦ୍ୱାର ବନ୍ଦ କରି ଦିଆଯାଇ ଶିକୁଳି ଲଗାଇ ଦିଆଯାଇଥିଲା। ଅନ୍ନଶୁଦ୍ଧି ନିମନ୍ତେ ଘିଅ ଦିଆଯାଇଥିଲା। ପ୍ରଭୁ ବୈଶ୍ୱଦେବଙ୍କୁ ଆନୁଷ୍ଠାନିକ ରୀତିରେ ନୈବେଦ୍ୟ ଅର୍ପଣ କରାଯାଇଥିଲା । ଖାଇବା ଆରମ୍ଭ ହେବାକୁ ଯାଉଥିଲା।

୧୩୯। ଠିକ୍ ପ୍ରାଣାହୁତି[୨] ସମୟରେ କାହାରି ପାଦଶବ୍ଦ ପାହାଚରେ ଶୁଭିଥିଲା ଓ କେହି ଜଣେ ଡାକିଥିଲେ, "ଅନ୍ନାସାହେବ ଅଛନ୍ତି ?" ସମସ୍ତ ଅତିଥି ଚୁପଚାପ ବସିଯାଇଥିଲେ।

୧୪୦। କେହି ଜଣେ ଆସିଛନ୍ତି ବୋଲି ଜାଣିପାରି ମୁଁ ଦ୍ୱାରମୁହଁ ନିକଟକୁ ସଂଗେ ସଂଗେ ଯାଇଥିଲି। ମୁଁ ଧୀରେ ଧୀରେ କବାଟର ଶିକୁଳି ଫିଟାଇ ଦେବାପରେ ପାହାଚ

ପାଖରେ ଦୁଇଜଣଙ୍କୁ ଛିଡ଼ା ହୋଇଥିବାର ଦେଖିଥିଲି।
୧୪୧। ଜଣେ ଥିଲେ ଅଲ୍ଲୀ ମହମ୍ମଦ, ଅନ୍ୟ ଜଣକ ହେଲେ ଇସ୍‌ମୁ ମୁଜାୱର। ସେ ସନ୍ଥ ମୌଲାନାଙ୍କର ଶିଷ୍ୟ ଥିଲେ। ଉଭୟ ଅତ୍ୟନ୍ତ ଖୁସି ଥିଲେ ବୋଲି ମନେ ହେଉଥିଲା।
୧୪୨। ସମସ୍ତ ଆୟୋଜନ ଦେଖି ଓ ସମସ୍ତେ ଖାଇବାକୁ ବସିଥିବାର ଦେଖି ଅଲ୍ଲୀ କ୍ଷମାମାଗି କହିଥିଲେ, "ଆପଣମାନଙ୍କୁ ଅସୁବିଧାରେ ପକାଇଥିବାରୁ ମୋତେ କ୍ଷମା କରନ୍ତୁ।
୧୪୩। "ଯାହା ଜଣାପଡୁଛି, ଆପଣ ଭୋଜନ ସ୍ଥାନରୁ ମୋ ଡାକ ଶୁଣି ଉଠି ଆସିଛନ୍ତି। ଆପଣଙ୍କ ନିମିତ୍ତ ଅନ୍ୟମାନେ ମଧ୍ୟ ଖାଇବା ବନ୍ଦକରି ଅପେକ୍ଷା କରିଛନ୍ତି।
୧୪୪। "ତଥାପି, ଏହି ଜିନିଷଟିକୁ ଗ୍ରହଣ କରନ୍ତୁ। ପରେ ମୁଁ ଆପଣଙ୍କୁ ବିଶ୍ରାମ ନେବା ସମୟରେ ଭେଟି ଏହାର ଚମତ୍କାରିତା ସମ୍ପର୍କରେ ବିଶଦ ଭାବରେ କହିବି। ଏହା ଏକ ଅଦ୍ଭୁତ କାହାଣୀ ।"
୧୪୫। ଏହି କଥା କହିବା ପରେ ଅଲ୍ଲୀ ତାଙ୍କ କାଖତଳୁ ଗୋଟିଏ ପ୍ୟାକେଟ୍ ବାହାର କରିଥିଲେ ଓ ତାହାକୁ ଟେବୁଲ ଉପରେ ରଖି ତାହାର ପ୍ୟାକିଂକୁ ଖୋଲି ଦେଇଥିଲେ।
୧୪୬। ଗୁଡ଼ାହୋଇଥିବା ଖବରକାଗଜକୁ ଖୋଲି ଦିଆଯିବା ପରେ ସେଥିମଧ୍ୟରୁ ଶ୍ରୀସାଇଙ୍କର ଫଟୋ ଦୃଶ୍ୟମାନ ହୋଇଥିଲା। ସେ କହିଥିଲେ, "ମୋର ଅନୁରୋଧ ରକ୍ଷାକରି, ଆପଣ ଏହାକୁ ରଖନ୍ତୁ।"
୧୪୭। ବାବାଙ୍କର ଫଟୋକୁ ଦେଖିବା ମାତ୍ରକେ ମୁଁ ମୋର ସମଗ୍ର ଶରୀରରେ ପୁଲକ ଅନୁଭବ କରିଥିଲି ଓ ମୋର ମସ୍ତକ ତାଙ୍କ ପାଦରେ ଛୁଆଁଇଥିଲି। ମୁଁ ଭାବବିହ୍ୱଳ ହୋଇପଡ଼ିଥିଲି ।
୧୪୮। ମୁଁ ଏହାକୁ ଏକ ଅଲୌକିକ ଘଟଣା ବୋଲି ଭାବିଥିଲି। ଏହା ଶ୍ରୀସାଇଙ୍କର ଏକ ଅଦ୍ଭୁତ ଲୀଳା ଥିଲା। ତାଙ୍କର ଏପରି କାର୍ଯ୍ୟ ଯୋଗୁଁ ମୁଁ ନିଜକୁ ଧନ୍ୟ ମଣୁଥିଲି।
୧୪୯। ମୋର କୌତୁହଳ ପ୍ରବଳ ହୋଇଥିଲା। "ଆପଣ ଏହି ଫଟୋ କେଉଁଠାରୁ ପାଇଲେ?" ସେ ଉତ୍ତର ଦେଇଥିଲେ, "ଏହା ଗୋଟିଏ ଦୋକାନରୁ ମୁଁ କିଣିଥିଲି।"
୧୫୦। ସେ ଦୁହେଁ ଆଉ କ୍ଷଣେମାତ୍ର ରହିନଥିଲେ ଓ କହିଥିଲେ, "ଆମେ ଏବେ ଯାଉଛୁ। ଆପଣମାନେ ଆରାମରେ ଭୋଜନ କରନ୍ତୁ।
୧୫୧। "ଏଇ ମୁହୂର୍ତ୍ତରେ ମୁଁ ଏହା ପଛରେ ଥିବା କାରଣ ବର୍ଣ୍ଣନା କରିବସିଲେ ସମସ୍ତଙ୍କର ମଧ୍ୟାହ୍ନ ଭୋଜନ ଅଯଥାରେ ବିଳମ୍ବ ହେବ। ପରେ ମୁଁ ଏ ସମ୍ପର୍କରେ ଆପଣଙ୍କୁ କହିବି।"
୧୫୨। ମୁଁ ତାଙ୍କ କଥାରେ ଏକମତ ହୋଇଥିଲି। ଫଟୋଟି ଠିକ୍ ସମୟରେ ପହଞ୍ଚିଥିବାରୁ ମୁଁ ଖୁବ୍ ଖୁସି ହୋଇଥିଲି ଓ ଏ ଘଟଣା ନେଇ ଭାବନାରେ ବୁଡ଼ିଯାଇଥିଲି । ମୁଁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲି।
୧୫୩। "ଠିକ୍ ଅଛି, ଆମେ ବିଦାୟ ନେଉଛୁ। ଫଟୋଟି ଏଠାକୁ କାହିଁକି ଓ କିପରି ଆସିଲା, ସେକଥା ଆମେ ଆପଣଙ୍କୁ ପରେ କହିବୁ। ଏଠି ସଂଗେ ସଂଗେ କହିବାର କୌଣସି ଆବଶ୍ୟକତା ନାହିଁ।"
୧୫୪। ସେ ଯାହାହେଉ, ସେମାନେ ଚାଲିଯିବା ପରେ ଫଟୋଟିକୁ ମଝିରେ ଶ୍ରୀସାଇଙ୍କ ନିମିତ୍ତ ଉଦ୍ଦିଷ୍ଟ ଆସନରେ ବସାଇ ଦିଆଯାଇଥିଲା।
୧୫୫। ସମସ୍ତେ ଖୁସି ହୋଇଥିଲେ। ଶ୍ରୀସାଇଙ୍କର କାର୍ଯ୍ୟଧାରା କଳ୍ପନାର ବାହାରେ । ସେ ସ୍ୱପ୍ନରେ କହିଥିବା ବାକ୍ୟକୁ ଫଟୋ ରୂପରେ ଆସି ସତ୍ୟରେ ପରିଣତ କରିଦେଲେ।
୧୫୬। ଯେଉଁମାନେ ସେମାନଙ୍କ ସହିତ ଭୋଜନ କରିବାକୁ କେହି ଅତିଥି ଆସିବେ ବୋଲି ଭାବିଥିଲେ, ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।
୧୫୭। ଫଟୋରେ ବାବାଙ୍କର ସୁନ୍ଦର ମୂର୍ତ୍ତିକୁ ସନ୍ଦର୍ଶନ କରି ସମସ୍ତେ ଅତିଶୟ ଆନନ୍ଦିତ ହୋଇଥିଲେ। ଅକଳ୍ପନୀୟ ଭାବରେ ଯାହାସବୁ ଘଟିଗଲା, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା।
୧୫୮। ଫଟୋଟିକୁ ମଝିରେ ପଡ଼ିଥିବା ଆସନରେ ବସାଯାଇ ସମସ୍ତ ପୂଜାବିଧି କରାଯାଇଥିଲା ଓ ଶ୍ରଦ୍ଧା ତଥା ଭକ୍ତି ସହକାରେ ନୈବେଦ୍ୟ ଅର୍ପଣ କରାଯାଇଥିଲା। ତା'ପରେ ସମସ୍ତେ ଭୋଜନ କରିଥିଲେ।
୧୫୯। ସେହିଦିନଠାରୁ ଆଜିଯାଏଁ ପ୍ରତ୍ୟେକ ହୋଲି ପର୍ବରେ ସମସ୍ତ ପୂଜାବିଧି ଅନୁସରଣପୂର୍ବକ ଏହି ପରମ୍ପରା ଚାଲୁ ରହିଛି ।
୧୬୦। ଏହି ଫଟୋକୁ ଅନ୍ୟ ଦେବଦେବୀଙ୍କ ସହିତ

ପରିବାରର ପୂଜାଘରେ ବେଦୀ ଉପରେ ରଖାଯାଇ ପୂଜା କରାଯାଉଛି । ଶ୍ରୀସାଇ ଏହିଭଳି ପ୍ରତ୍ୟେକ ପଦକ୍ଷେପରେ ତାଙ୍କର ଭକ୍ତଙ୍କ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରୁଥିଲେ।

୧୬୧। ପରେ ସେହି ଦୁଇଜଣ ବ୍ୟକ୍ତି ମୋତେ ଆଉ ସାକ୍ଷାତ କରିନଥିଲେ ଓ ଇତିମଧ୍ୟରେ ନଅବର୍ଷ ବିତି ଯାଇଥିଲେ ମଧ୍ୟ ମୁଁ ସେମାନଙ୍କର ଭେଟ ପାଇନଥିଲି।

୧୬୨। ପରେ ଦୈବାତ୍ ମୁଁ ଅଲ୍ଲୀ ମହମ୍ମଦଙ୍କ ଦେଖା ପାଇଥିଲି। ମୁଁ ଏମିତି ଥରେ ବୁଲାଚଲା କରୁଥିବା ସମୟରେ ତାଙ୍କ ସହିତ ହଠାତ୍ ଭେଟ ହୋଇଥିଲା।

୧୬୩। ତାଙ୍କର ସାକ୍ଷାତ ପାଇବା ମାତ୍ରକେ ମୁଁ ସେହି ଫଟୋ ସମ୍ପର୍କିତ ଅଦ୍ଭୁତ ଘଟଣା ବିଷୟରେ ଉଦଗ୍ରୀବ ହୋଇ ଜାଣିବାକୁ ଚାହିଁଥିଲି। "ଆପଣ କାହିଁକି ଏତେବର୍ଷ ଧରି ନିରବ ରହିଗଲେ ଓ କିଛି କହିଲେ ନାହିଁ?

୧୬୪। "ସେଦିନ ଭଳି ଆଜି ମଧ୍ୟ ଆମେ ପରସ୍ପରକୁ ଅପ୍ରତ୍ୟାଶିତ ଭାବରେ ଭେଟିଛେ । ଏବେ ଉପଯୁକ୍ତ ସମୟ ଆସିଯାଇଛି। ସେହି ଅଦ୍ଭୁତ କାହାଣୀ ମୋତେ ସମ୍ପୂର୍ଣ୍ଣ ଭାବରେ କହନ୍ତୁ।

୧୬୫। "ଆପଣ ଯେ ଜଣେ ସାଇଭକ୍ତ, ମୁଁ ତାହା ଭଲ ଭାବରେ ଜାଣିଛି। ତେବେ ସେଦିନ ଏମିତି ହଠାତ୍ ଆସିବା ନିମନ୍ତେ ଆପଣ କାହିଁକି ପସନ୍ଦ କରିଥିଲେ?"

୧୬୬। ତା'ପରେ ଅଲ୍ଲୀ ଘଟଣାଟି ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ, "ସେହି ସମୁଦାୟ କାହାଣୀ ଏବେ ଶୁଣନ୍ତୁ। ଶ୍ରୀସାଇଙ୍କ ଲୀଳା କେତେ ଚମତ୍କାର! ସେଥିରେ ବିସ୍ମୟ ଭରି ରହିଛି ।

୧୬୭। "ଏହି ଲୀଳାର ଅର୍ଥ କ'ଣ? ତାଙ୍କର ଉଦ୍ଦେଶ୍ୟ କ'ଣ ଓ ଭକ୍ତମାନଙ୍କର କେଉଁ ଗୂଢ଼ ଉଦ୍ଦେଶ୍ୟ ଏଥିରେ ସାଧିତ ହେଉଛି। ଶ୍ରୀସାଇହିଁ କେବଳ ତାହା ଭଲ ଭାବରେ ଜାଣିଛନ୍ତି।

୧୬୮। "ଆମେ କେବଳ ପ୍ରତ୍ୟେକ ଲୀଳା ଶୁଣିବା ଓ ତାହା ଦ୍ୱାରା ନିଶ୍ଚିତ ଆନନ୍ଦ ମିଳୁଥିବାରୁ ତାହାର କୀର୍ତ୍ତନ କରିବା।"

୧୬୯। ସେ ଯାହାହେଉ, ଏ ସମ୍ପର୍କରେ ଅଧିକ ବର୍ଣ୍ଣନା ପରବର୍ତ୍ତୀ ଅଧ୍ୟାୟରେ କରାଯିବ। ଭକ୍ତମଣ୍ଡଳୀ ଶ୍ରୀସାଇଙ୍କର ଅଭ୍ରାନ୍ତ କାହାଣୀ ଶୁଣି ଆନନ୍ଦିତ ହେବେ।

୧୭୦। ପରମାନନ୍ଦର ବାରିଦ ଶ୍ରୀସାଇଙ୍କର କାହାରି ପ୍ରତି ଦ୍ୱେଷବିଦ୍ୱେଷ ନଥାଏ। ତାହାଙ୍କୁ ନିରନ୍ତର ପୂଜା କରନ୍ତୁ। ଆପଣ ସୁଖ ଓ ଆନନ୍ଦ ଲାଭ କରିବେ ଏବଂ ମନ କାମନାବାସନାରୁ ମୁକ୍ତ ହେବ।

୧୭୧। ଚାତକ ନିଜ ତୃଷା ନିବାରଣ ପାଇଁ ଅନୁରୋଧ କରିଥାଏ, କିନ୍ତୁ ବାରିଦ ସମଗ୍ର ପୃଥିବୀର ମଙ୍ଗଳ କରିଥାଏ। ସେହିଭଳି ବାଲାସାହେବ ବାବାଙ୍କୁ ନିମନ୍ତ୍ରଣ କରିଥିଲେ, କିନ୍ତୁ ବାବା ସମସ୍ତ ଭକ୍ତଙ୍କୁ ନିମନ୍ତ୍ରଣ କରିଥାନ୍ତି।

୧୭୨। ଶ୍ରୋତାମାନେ ଏଠି ଭକ୍ତମାନଙ୍କ ସହିତ ଗୋଟିଏ ଧାଡ଼ିରେ ଏକାଠି ବସି ଉଦ୍‌ଯାପନ କାହାଣୀ ଆନନ୍ଦରେ ଶୁଣିଲେ। ସେମାନେ ଶ୍ରୀସାଇଙ୍କ ସାହଚର୍ଯ୍ୟକୁ ଉପଭୋଗ କଲେ ଓ ତୃପ୍ତିର ହାକୁଟି ମାରିଲେ।

୧୭୩। ସେ କିପରି ଅନିମନ୍ତ୍ରିତ ଭାବରେ ଆସିଥାନ୍ତି ଓ ସଶରୀରରେ ଦେଖାଦେଇଥାନ୍ତି ଏବଂ ଭକ୍ତମାନଙ୍କୁ ଅନୁଗ୍ରହ ପ୍ରଦର୍ଶନ କରିଥାନ୍ତି ଓ ସେମାନଙ୍କୁ ପ୍ରତି ପଦକ୍ଷେପରେ ଜାଗ୍ରତ କରାଇଥାନ୍ତି, ଶୁଣିଲେ।

୧୭୪। ସେ ଯାହାହେଉ, ହେମାଡ଼ ଶ୍ରୀସାଇଙ୍କର ଚରଣାଶ୍ରିତ । ପରବର୍ତ୍ତୀ ଅଧ୍ୟାୟରେ ଏହି କାହାଣୀ ଚାଲୁ ରହିବ । ଶ୍ରୀସାଇ ନିଜେ ତାହାର ସଂପୂର୍ଣ୍ଣ ବର୍ଣ୍ଣନାର ବନ୍ଦୋବସ୍ତ କରିବେ।

୧୭୫। ଶ୍ରୀସାଇଙ୍କର ପବିତ୍ର ଧର୍ମ ହେଉଛି ଯେ ସେ ଶରଣାଗତମାନଙ୍କୁ ରକ୍ଷା କରିଥାନ୍ତି। ହେମାଡ଼ ତାଙ୍କର ଚରଣାଶ୍ରିତ ଓ ସେ ତାକୁ ବାହାର କରିଦେବେ ନାହିଁ।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ, ଭକ୍ତ ହେମାଡ଼ପନ୍ଥ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଉଦ୍‌ଯାପନ କାହାଣୀର ବର୍ଣ୍ଣନା" ଶୀର୍ଷକ ଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀ ସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ତ୍ରିପୁରା ରାକ୍ଷସକୁ ଶିବଶଙ୍କର ମାରିଥିଲେ। ତେଣୁ ମହାଦେବ ଶିବଙ୍କୁ ତ୍ରିପୁରାରି ବୋଲି କୁହାଯାଇଥାଏ।

୪୦ ॥ ଉଦ୍‌ଯାପନ କାହାଣୀର ବର୍ଣ୍ଣନା ॥

୨- ଭବିଷ୍ୟବାଣୀ କରୁଥିବା ପୁରାଣ।

୩- ବାଲାସାହେବ ଦେଓ ଠାଣା ଜିଲ୍ଲା ଅନ୍ତର୍ଗତ ଡହାଣୁର ମାମଲତଦାର ଥିଲେ।

୪- ବ୍ରତ ଉଦ୍‌ଯାପନ ସମୟରେ କରାଯାଉଥିବା ଧର୍ମୀୟ ରୀତିନୀତି।

୫- ସଖାରାମ ହରି ଜୋଗ।

୬- ଏହି ତିନୋଟିଯାକ ଗ୍ରାମ ଶିରିଡ଼ିଠାରୁ ଦୁଇ ବା ତିନି ମାଇଲ ଦୂରତା ମଧ୍ୟରେ ଅବସ୍ଥିତ।

୭- ଖାଦ୍ୟ ଗ୍ରହଣ କରିବା ପୂର୍ବରୁ ପଞ୍ଚପ୍ରାଣକୁ ଅର୍ପଣ କରାଯାଉଥିବା ଧାର୍ମିକ ରୀତି।



"ମୁଁ ଆଜି ମଧ୍ୟାହ୍ନ ଭୋଜନ କରିବାକୁ ଆସିବି।" ଶ୍ରୀସାଇଙ୍କ ମୁଖରୁ ଏହି ବାକ୍ୟ ପରିଷ୍କାର ଭାବରେ ଶୁଣିଥିବାରୁ ମୁଁ ଅତ୍ୟନ୍ତ ଖୁସି ଥିଲି। ମୁଁ ମୋ ପତ୍ନୀଙ୍କୁ ଏ ସମ୍ବନ୍ଧରେ କହିଥିଲି। (୪୦ଶ ଅଧ୍ୟାୟ, ପଂକ୍ତି-୧୧୮)

ମୁଁ ଜାଣିଥିଲି ଯେ କେହି ଜଣେ ଅତିଥି କିମ୍ବା ଅପ୍ରତ୍ୟାଶିତ ଆଗନ୍ତୁକ ଆସିବେ ଓ ସେଥିପାଇଁ ତାଙ୍କର ଆଗମନକୁ ଅପେକ୍ଷା ମଧ୍ୟ କରିଥିଲି। ତେବେ କେତେ ସମୟ ମୁଁ ଅପେକ୍ଷା କରିରହିପାରିବି ବୋଲି ମନେ ମନେ ଚିନ୍ତା କରୁଥିଲି । (୪୦ଶ ଅଧ୍ୟାୟ, ପଂକ୍ତି-୧୩୭)

ଠିକ୍ 'ପ୍ରାଣାହୁତି' ସମୟରେ କାହାରି ପାଦଶବ୍ଦ ପାହାଚରେ ଶୁଭିଥିଲା ଓ କେହି ଜଣେ ଡାକିଥିଲେ, "ଅନ୍ନାସାହେବ ଅଛନ୍ତି ?" ସମସ୍ତ ଅତିଥି ଚୁପଚାପ ବସିଯାଇଥିଲେ। (୪୦ଶ ଅଧ୍ୟାୟ, ପଂକ୍ତି-୧୩୯)

ଏହି କଥା କହିବା ପରେ ଅଲ୍ଲୀ ତାଙ୍କ କାଖତଳୁ ଗୋଟିଏ ପ୍ୟାକେଟ୍ ବାହାର କରିଥିଲେ ଓ ତାହାକୁ ଟେବୁଲ ଉପରେ ରଖି ତାହାର ପ୍ୟାକିଂକୁ ଖୋଲି ଦେଇଥିଲେ। (୪୦ଶ ଅଧ୍ୟାୟ, ପଂକ୍ତି-୧୪୫)

ବାବାଙ୍କର ଫଟୋକୁ ଦେଖିବା ମାତ୍ରକେ ମୁଁ ମୋର ସମଗ୍ର ଶରୀରରେ ପୁଲକ ଅନୁଭବ କରିଥିଲି ଓ ମୋର ମସ୍ତକ ତାଙ୍କ ପାଦରେ ଛୁଆଁଇଥିଲି। ମୁଁ ଭାବବିହ୍ୱଳ ହୋଇପଡ଼ିଥିଲି । (୪୦ଶ ଅଧ୍ୟାୟ, ପଂକ୍ତି-୧୪୭)

॥ ୪୧ ॥

ଶ୍ରୀସାଇଙ୍କର କରୁଣା ଓ ଅନୁଗ୍ରହ ବର୍ଷଣ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇଙ୍କ କାହାଣୀର ମାହାତ୍ମ୍ୟ ହେଉଛି ଯେ ଜଣେ ତାହାକୁ ଯେତେଥର ଶୁଣିଲେ ମଧ୍ୟ ପୁଣି ଶୁଣିବା ଲାଗି ନିରୁତ୍ସାହିତ ହୁଏନାହିଁ । ପୂର୍ବବର୍ତ୍ତୀ କାହାଣୀ କେଉଁଠି ଶେଷ ହୋଇଥିଲା, ତାହା ଶ୍ରୋତାମାନେ ମନେରଖିଥାନ୍ତି ଓ ପରବର୍ତ୍ତୀ କାହାଣୀ ଶୁଣିବା ଲାଗି ଅତି ମନୋଯୋଗୀ ହୋଇ ରହିଥାନ୍ତି ।

୨ । ଶ୍ରୋତାମାନେ ଏକାଗ୍ର ଚିତ୍ତରେ କାହାଣୀ ଶୁଣିବା ଲାଗି ବ୍ୟଗ୍ର ହୋଇ ରହିଥିବା ସମୟରେ ସେମାନଙ୍କୁ ମନଧ୍ୟାନ ଦେଇ ଶୁଣିବା ନିମନ୍ତେ କୁହାଯିବାର କି ଆବଶ୍ୟକତା ରହିଛି ?

୩ । ନିଜ ଗୁରୁଙ୍କ ସମ୍ପର୍କରେ ଶୁଣିଲେ କିମ୍ବା ତାଙ୍କର ମହିମା ଗାନ କଲେ ମନ ପବିତ୍ର ହୋଇଯାଇଥାଏ । ଏକାଗ୍ର ଚିତ୍ତରେ ଓ ଅବିଚଳ ଭାବରେ ତାଙ୍କର ନାମଜପ କଲେ ଆନନ୍ଦ ମୂର୍ତ୍ତିମନ୍ତ ହୋଇ ପ୍ରକାଶ ପାଇଥାଏ ।

୪ । ପୂର୍ବବର୍ତ୍ତୀ ଅଧ୍ୟାୟରେ କିପରି ବ୍ରତ ଉଦ୍‌ଯାପନ ଉତ୍ସବ ରୀତିନୀତି ଅନୁଯାୟୀ ସମାପନ କରାଯାଇଥିଲା ଓ ହେମାଡ଼ ଦେଖିଥିବା ସ୍ୱପ୍ନ କିଭଳି ସତ୍ୟରେ ପରିଣତ ହୋଇଥିଲା, ତାହାର ବର୍ଣ୍ଣନା କରାଯାଇଛି ।

୫ । ସେହିଭଳି ଅପ୍ରତ୍ୟାଶିତ ଭାବରେ ଜଣେ କିପରି ଶ୍ରୀସାଇଙ୍କର ଫଟୋ ଆଣିଦେଇଥିଲେ ଓ ମୋର ଏକାନ୍ତ ଇଚ୍ଛା ଠିକ୍ ସମୟରେ କିଭଳି ପୂରଣ କରିଥିଲେ, ସେହି କାହାଣୀ ଏବେ ଶୁଣନ୍ତୁ ।

୬ । ଥରେ ହୋଲି ଉତ୍ସବ ଅବସରରେ ଶ୍ରୀସାଇ ମୋତେ ସ୍ୱପ୍ନରେ ଦର୍ଶନ ଦେଇ କହିଥିଲେ ଯେ ସେ ମଧ୍ୟାହ୍ନ ଭୋଜନ ନିମିତ୍ତ ଆସିବେ । ସେ ମୋର ସେହି ଇଚ୍ଛା ପୂରଣ କରିଥିଲେ ।

୭ । ମୁଁ ସେହି କାହାଣୀକୁ ବିଶଦ ଭାବରେ ବର୍ଣ୍ଣନା କରି ସାରିଛି । ତେବେ ସେହି ଫଟୋ କିଭଳି ଅଦ୍ଭୁତ ଭାବରେ ଆସି ଠିକ୍ ସମୟରେ ପହଞ୍ଚିଥିଲା, ସେଇ କାହାଣୀ ଏବେ ଭକ୍ତି ସହକାରେ ଶୁଣନ୍ତୁ ।

୮ । ଏହି କାହାଣୀ ମୋତେ ଅଲ୍ଲୀ ମହମ୍ମଦ ଶୁଣାଇଥିଲେ ଓ ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗିଥିଲା । ନିଶ୍ଚିତ ଭାବରେ ଏହା ବାବାଙ୍କର ଏକ ଲୀଳା ଥିଲା ଓ ତାହା ବେଶ୍ ମଜାଦାର ମଧ୍ୟ ଥିଲା ।

୯ । ହୋଲିଦିନ ଆମେ ସମସ୍ତେ ମଧ୍ୟାହ୍ନ ଭୋଜନ କରିବା ନିମନ୍ତେ ବସିଥିବା ସମୟରେ ସେ ଏହି ଫଟୋ ଆଣି ଦେଇଥିଲେ ଓ ମୋତେ ଅତ୍ୟନ୍ତ ଆନନ୍ଦିତ କରିଥିଲେ ।

୧୦ । ଏହା ପୂର୍ବ କାହାଣୀର ସୂଚନା । ଶ୍ରୀସାଇଙ୍କ ପବିତ୍ର କାହାଣୀର ପରବର୍ତ୍ତୀ ବର୍ଣ୍ଣନା ଶ୍ରୋତାମାନେ ଦୟାକରି ମନଧ୍ୟାନ ଦେଇ ଶୁଣନ୍ତୁ ।

୧୧ । ପୂରା କାହାଣୀଟା ଅତୀବ ଚମତ୍କାର । ଶ୍ରୋତାମାନେ ମନୋଯୋଗ ଦେଇ ଶୁଣିବାକୁ ପ୍ରସ୍ତୁତ ହୋଇ ରହିଛନ୍ତି । ବକ୍ତା ଶ୍ରୀସାଇଙ୍କ ପାଦତଳେ ବିନୀତ ହେଉଛି । ଶ୍ରୀସାଇଙ୍କର କାହାଣୀ ଅକଳ୍ପନୀୟ ।

୧୨ । ସେ ହେଉଛନ୍ତି ଦୟାବତାର । ସେଇଥିପାଇଁ ସେ ନିଜ ଶରୀରକୁ ମଧ୍ୟ ଉତ୍ସର୍ଗ କରି ଦେଇଥିଲେ । ତାଙ୍କର ସ୍ୱଭାବ ଏଭଳି ଥିଲା ଯେ ତାଙ୍କର କାହାରି ପ୍ରତି ଶତ୍ରୁତା ନଥିଲା ଓ ସେ ସବୁବେଳେ ସତ୍ କାର୍ଯ୍ୟରେ ନିୟୋଜିତ ରହୁଥିଲେ ।

୧୩ । ଭଲ ଅବସ୍ଥା ହେଉକି ଖରାପ ଅବସ୍ଥା ହେଉ, ଶରୀର ତାହାର କର୍ତ୍ତବ୍ୟ ଅବଧାରିତ ଭାବରେ କରି ଚାଲିବ । କିନ୍ତୁ ନିଜର ଇନ୍ଦ୍ରିୟଗୁଡ଼ିକୁ ସମସ୍ତ ଶ୍ରଦ୍ଧା ସହକାରେ ଗୁରୁଙ୍କ ପାଦତଳକୁ ଅନ୍ତର୍ମୁଖୀ କରାଇଦିଅନ୍ତୁ ।

୧୪ । ତା'ପରେ ଗୁରୁ କିପରି ଶିଷ୍ୟଙ୍କର ମଙ୍ଗଳ ନିମନ୍ତେ ନିରନ୍ତର ଯତ୍ନ ନେଉଛନ୍ତି, ଗୁରୁଙ୍କ ପ୍ରତି ନିଜ ହୃଦୟରେ ଶ୍ରଦ୍ଧା ରଖି ନିରୀକ୍ଷଣ କରନ୍ତୁ ଓ ଚମତ୍କାର ଅନୁଭୂତି ଲାଭ କରନ୍ତୁ ।

୧୫ । ଏଭଳି ଅବସ୍ଥା ମାଗିଲେ ମିଳଇ ନାହିଁ । ପ୍ରଭୂତ ଚେଷ୍ଟା କରିବା ଦ୍ୱାରା ଯେଉଁ ଅବସ୍ଥା ଉପଲବ୍ଧ ହୁଏ ନାହିଁ, ତାହା ଗୁରୁଙ୍କୁ ପୂଜା କଲେ ଓ ଗୁରୁଙ୍କର କରୁଣାପ୍ରାପ୍ତ ହେଲେ ସହଜରେ ଆପେ ଆପେ ଆସିଯାଇଥାଏ ।

୧୬ । ଯେଉଁମାନେ ତାଙ୍କୁ ନିକଟରୁ ନିରୀକ୍ଷଣ କରିବା ପାଇଁ ମନରେ ଗର୍ବନେଇ ଆସିଥାନ୍ତି, ସେମାନେ ଦର୍ଶନ ଲାଭ କରି ଆନନ୍ଦିତ ହୋଇଥାନ୍ତି ଓ ନିଜର ଅହଂକାରକୁ ପଛରେ ଛାଡ଼ିଦେଇ ଫେରିଯାଇଥାନ୍ତି ।

୧୭ । ଈଶ୍ୱରଙ୍କର ସମସ୍ତ ମହତ୍ ଗୁଣ, ଛଅଟିଯାକ ଗୁଣ ଅର୍ଥାତ୍ ଗୌରବ, ଐଶ୍ୱର୍ଯ୍ୟ, ବଦାନ୍ୟତା, ଜ୍ଞାନ, ଶାନ୍ତି ଓ ଅନାସକ୍ତି ଶ୍ରୀସାଇଙ୍କ ନିକଟରେ ରହିଥିଲା ।

୧୮ । ଆମ୍ଭମାନଙ୍କର ପରମ ସୌଭାଗ୍ୟ ଯେ ପୂର୍ଣ୍ଣ ଚୈତନ୍ୟର ଅବତାର ଶ୍ରୀସାଇ ଆମକୁ ବିନା ପୂଜାରେ, ଆରାଧନା ବା ଅନ୍ୟାନ୍ୟ ବିଧିବିଧାନ ନ କରିଲେବି ଦର୍ଶନ ଦେଉଛନ୍ତି ।

୧୯ । "ଭକ୍ତିରେ ମିଳନ୍ତି ହରି" ବୋଲି କୁହାଯାଇଥାଏ । ଆମମାନଙ୍କ ମନରେ ଭକ୍ତିର ଅଭାବ ରହିଛି, ତଥାପି ମହାନ୍ ସନ୍ଥ ଶ୍ରୀସାଇ ଦୁଃସ୍ଥମାନଙ୍କ ପ୍ରତି କରୁଣାର୍ଦ୍ର ହୋଇଥାନ୍ତି ।

୨୦ । ବର୍ତ୍ତମାନ ମନଧ୍ୟାନ ଦେଇ ଅଲ୍ପ କହିଥିବା କାହାଣୀ ଶୁଣନ୍ତୁ । ଶ୍ରୀସାଇଙ୍କ ଲୀଳାର ଗୂଢ଼ତତ୍ତ୍ୱ ଓ ତାଙ୍କର ଅମାପ ଶକ୍ତି ସମ୍ବନ୍ଧରେ ବୁଝିପାରିବେ । ସେ କହିଥିଲେ-

୨୧ । "ଦିନେ ମୁଁ ବମ୍ବେଇର ଏକ ଗଳି ମଧ୍ୟରେ ଯାଉଥିବା ସମୟରେ ଗୋଟିଏ ଦୋକାନରେ ଜଣେ ଦୋକାନୀ ଅନେକ ସୁନ୍ଦର ଚିତ୍ର ଓ ପ୍ରତିକୃତି ବିକ୍ରି କରୁଥିବାର ଦେଖିଥିଲି ।

୨୨ । "ସେଠାରେ ସନ୍ଥ, ମହନ୍ତ ଓ ଔଲିଆମାନଙ୍କର ବିଭିନ୍ନ ପ୍ରକାରର ସୁନ୍ଦର ଫଟୋମାନ ରହିଥିଲା । ସେଗୁଡ଼ିକ ଆଡ଼କୁ ଅନାଇବା ପରେ କାହାକୁ ଦେଖିବି ବୋଲି ଦ୍ୱନ୍ଦ୍ୱରେ ପଡ଼ିଥିଲି ।

୨୩ । "ତା'ପରେ ଗୋଟିକ ପରେ ଗୋଟିଏକୁ ଦେଖିବା ପରେ ଏହି ଫଟୋଟି ମୋତେ ଅନ୍ୟମାନଙ୍କଠାରୁ ଅଧିକ ଭଲ ଲାଗିଥିଲା ଓ ଅଧିକନ୍ତୁ, ମୁଁ ଏହାକୁ ପୂର୍ବରୁ ମଧ୍ୟ ପୂଜା କରୁଥିଲି ।

୨୪ । "ମୁଁ ଶ୍ରୀସାଇଙ୍କୁ ପୂର୍ବରୁ ଭଲ ପାଉଥିଲି । ତାଙ୍କର ଫଟୋ ଆଖି ଆଗରେ ପଡ଼ିବା ମାତ୍ରେ କିଣିବାକୁ ଇଚ୍ଛା ହୋଇଥିଲା ଓ ମୁଁ ପଇସା ଦେଇ କିଣି ଆଣିଥିଲି ।

୨୫ । "ମୁଁ ସେହି ଫଟୋଟିକୁ ଘରକୁ ଆଣି କାନ୍ଥରେ ଟାଙ୍ଗି ଦେଇଥିଲି । ମୁଁ ବାବାଙ୍କୁ ବହୁତ ଭଲ ପାଉଥିବାରୁ ତାଙ୍କୁ ଆନନ୍ଦରେ ପ୍ରତ୍ୟହ ଦର୍ଶନ କରୁଥିଲି ।

୨୬ । "ଆପଣଙ୍କୁ ଏହି ଫଟୋଟି ମୁଁ ଦେବାର ତିନିମାସ ପୂର୍ବରୁ ମୋ ଦେହ ଭଲ ନଥିଲା ଓ ମୁଁ ଭିଣୋଇଙ୍କ ଘରକୁ ଯାଇ ସେଠାରେ ରହିଥିଲି ।

୨୭ । "ମୋ ଭିଣୋଇଙ୍କ ନାମ ନୁର ମହମ୍ମଦ ପୀରଭାଇ । ମୋ ଗୋଡ଼ ଫୁଲି ଯାଇଥିଲା ଓ ତାହାକୁ ଅସ୍ତ୍ରୋପଚାର କରିବାକୁ ପଡ଼ିଥିଲା ।

୨୮ । "ମୋ ଦେହ ଖରାପ ଥିବାରୁ ମୋତେ ସେଠାରେ ତିନିମାସ ରହିବାକୁ ପଡ଼ିଥିଲା । ସେହି ସମୟରେ ମୋ ଘରେ କେହି ରହୁନଥିଲେ ।

୨୯ । "କିନ୍ତୁ ବିଖ୍ୟାତ ବାବା ଅବଦୁଲ ରହମାନ, ମୌଲାନା ସାହେବ, ମହମ୍ମଦ ହୁସେନ୍, ସାଇବାବା, ତାଜୁଦ୍ଦିନ ବାବା ଇତ୍ୟାଦି ସନ୍ଥମାନଙ୍କର ଫଟୋ ସେହି ଘରେ ରହିଥିଲା ।

୩୦ । "ଏମାନଙ୍କ ଫଟୋ ସହିତ ଅନ୍ୟ କେତେଜଣଙ୍କର

ଫଟୋ କାନ୍ଥରେ ଟଙ୍ଗାଯାଇ ଘରର ଶୋଭାବର୍ଦ୍ଧନ କରୁଥିଲା। କିନ୍ତୁ ଭାଗ୍ୟ ସେମାନଙ୍କୁ ଛାଡ଼ିନଥିଲା।

୩୧। "ଏଠାରେ ମୁଁ ଏଭଳି ଅବସ୍ଥାରେ ପଡ଼ିରହିଥିବା ସମୟରେ, ଫଟୋଗୁଡ଼ିକ ମଧ୍ୟ ଶନିଦଶାରେ ସାଢ଼େ ସାତବର୍ଷ ପଡ଼ିଥିଲେ! ମୁଁ ଭାବୁଛି, ଯାହା ସବୁ ସୃଷ୍ଟି ହୋଇଛି, ସେଗୁଡ଼ିକ ନିଶ୍ଚିତ ଭାବରେ ଦିନେନା ଦିନେ ଧ୍ୱଂସ ମୁଖରେ ପଡ଼ିବେ।

୩୨। "ଏତେ ଅଘଟଣ ସତ୍ତ୍ୱେ ସାଇବାବା ଏକାକୀ କିଭଳି ବର୍ତ୍ତିଯାଇଥିଲେ! ଏକଥା ଆଜିପର୍ଯ୍ୟନ୍ତ ମୋତେ କେହି ବୁଝାଇ ପାରିନାହାନ୍ତି।

୩୩। "ଆପଣ ପୂରା କାହାଣୀଟିକୁ ଶୁଣିବା ପରେ ନିଜେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯିବେ। ସର୍ବତ୍ର ଚଳ ଓ ଅଚଳ ସହିତ ଶ୍ରୀସାଇଙ୍କର ଏକତ୍ୱ ହୋଇଯିବା କଥା ଆପଣ ବୁଝିପାରିବେ। ତାଙ୍କର ଶକ୍ତି ଅଚିନ୍ତନୀୟ।

୩୪। "ସନ୍ଥ ବାବା ଅବ୍‌ଦୁଲ ରହମାନଙ୍କର ଗୋଟିଏ ଛୋଟିଆ ଫଟୋ ମହମ୍ମଦ ହୁସେନଙ୍କ ନିକଟରେ ଥିଲା। ତାଙ୍କୁ ସମସ୍ତେ ଥାରିୟା ବୋଲି ମଧ୍ୟ ଡାକୁଥିଲେ।

୩୫। "ଅନେକ ବର୍ଷ ତଳେ ସେ ମୋତେ ତାହାର କପିଟିଏ ଦେଇଥିଲେ ଓ ମୁଁ ତାଙ୍କର ଶିଷ୍ୟ ମୋ ଭିଣୋଇ ନୁର ମହମ୍ମଦଙ୍କୁ ସେଇଟିକୁ ଦେଇଥିଲି।

୩୬। "ତାହା ତାଙ୍କ ଟେବୁଲର ଡ୍ରୟାରରେ ପ୍ରାୟ ଆଠବର୍ଷ କାଳ ପଡ଼ି ରହିଥିଲା। ସେ ଥରେ ଦୈବାତ୍ ତାହାକୁ ଦେଖିପାରିଥିଲେ ଓ ବମ୍ବେଇର ଏକ ଫଟୋଦୋକାନରେ ଦେଇଥିଲେ।

୩୭। "ସେ ଫଟୋଟିର ଆକାର ବୃଦ୍ଧି କରାଇଥିଲେ ଓ ଅବ୍‌ଦୁଲ ବାବାଙ୍କର ଏକ ପୂର୍ଣ୍ଣାବୟବ ସମାନ ଚିତ୍ର ତାକୁ କରିଥିଲେ। ତାହାକୁ ନେଇ ଅବଦୁଲ୍ ବାବାଙ୍କୁ ଉପହାର ଦେଲେ ସେ ଅଧିକ ଖୁସି ହେବେ ବୋଲି ଭାବିଥିଲେ।

୩୮। "ସେ ସେହି ଫଟୋର କେତେକ କପି କରାଇ ନିଜର ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ବାଣ୍ଟିଥିଲେ ଓ ମୋ ଭାଗ୍ୟରେ ମଧ୍ୟ ଗୋଟିଏ ପଡ଼ିଥିଲା ଏବଂ ମୁଁ ତାହାକୁ କାନ୍ଥରେ ଟାଙ୍ଗି ଦେଇଥିଲି।

୩୯। "ତା'ପରେ ନୁର ମହମ୍ମଦ ଏହି ସୁନ୍ଦର ଚିତ୍ରପଟଟିକୁ ଅବ୍‌ଦୁଲ ରହମାନଙ୍କୁ ଭେଟି ଦେବାପାଇଁ ଭକ୍ତି ଓ ଆଗ୍ରହର ସହିତ ଯାଇଥିଲେ। ସେତେବେଳେ ସନ୍ଥଙ୍କ ଚାରି ପାଖରେ ଅନେକ ଲୋକ ବେଢ଼ି ରହିଥିଲେ।

୪୦। "ଅବଦୁଲ୍ ରହମାନ୍ ଫଟୋଟିକୁ ଦେଖି ଓ ତାଙ୍କର ଉଦ୍ଦେଶ୍ୟ ଜାଣିପାରି ବହୁତ ରାଗିଯାଇଥିଲେ ଓ ତାଙ୍କୁ ପିଟିବା ପାଇଁ ବାହାରିଥିଲେ।

୪୧। "ତାଙ୍କୁ ଗାଳି ଦେଇ ଓ ତାଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ କରି ତାଙ୍କୁ ଘଉଡ଼ାଉ ଦେଇଥିଲେ। ଏହି କାରଣରୁ ସେ ବିଷଣ୍ଣ ହୋଇପଡ଼ିଥିଲେ ଓ ତାଙ୍କ ମନ ମଧ୍ୟରେ ଅନେକ ଦୁର୍ଭାବନା ଆସିଥିଲା।

୪୨। "ସେ ଅପଦସ୍ଥ, ଦୁର୍ବଳ, ଦୁଃଖୀ ଓ ବିଷଣ୍ଣ ବୋଧ କରିଥିଲେ। ତାଙ୍କର କେବଳ ଗୁଡ଼ାଏ ଟଙ୍କା ଅଯଥାରେ ଯେ ଖର୍ଚ୍ଚ ହୋଇଥିଲା ତାହା ନୁହେଁ, ସେ ଗୁରୁଙ୍କର ଅନୁଗ୍ରହ ମଧ୍ୟ ହରାଇଥିଲେ। ତାଙ୍କ ପାଇଁ ଦୁର୍ଦ୍ଦଶା ଉପୁଜିଥିଲା।

୪୩। "ସେ ଭାବିଥିଲେ ଆଜି ପର୍ଯ୍ୟନ୍ତ ମୁଁ ଗୁରୁଙ୍କର ଅନୁଗ୍ରହ ଲାଭ କରୁଥିଲି। କିନ୍ତୁ ବର୍ତ୍ତମାନ ତାହା ମୋ ପ୍ରତି କ୍ରୋଧରେ ପରିଣତ ହୋଇଗଲା।' ଏହିଭଳି ଚିନ୍ତାକରି ସେ ସଂଶୟ ମଧ୍ୟରେ ରହି ଚିତ୍ରଗୁଡ଼ିକୁ ଜଳରେ ବିସର୍ଜନ କରିଦେବାକୁ ଆରମ୍ଭ କରିଥିଲେ।

୪୪। "ସେ ପୁଣି କହିଥିଲେ, 'ଆଜିଠାରୁ ମୁଁ ଗୃହରେ ସନ୍ଥମାନଙ୍କର ଫଟୋ ରଖିବି ନାହିଁ। ସେହି କାରଣରୁ ମୁଁ ଗୁରୁଙ୍କର ସ୍ନେହ ହରାଇଛି। ମୁଁ ଏଭଳି କାର୍ଯ୍ୟ ବିନା କାରଣରେ କାହିଁକି ଆଉ କରିବି?'

୪୫। "ପୁନଶ୍ଚ ସେ କହିଥିଲେ, 'ଯଦି କେବଳ ଏହି ଚିତ୍ର ପାଇଁ ଗୁରୁ ମୋ ଉପରେ ବିରକ୍ତ ହେଲେ, ତେବେ ଏହା ମୋତେ କେତେବେଳେ ନା କେତେବେଳେ ନିଶ୍ଚିତ ଭାବରେ ଅସୁବିଧାରେ ପକାଇବ। ମୋ ପାଇଁ ଏଗୁଡ଼ିକର କିଛି ମୂଲ୍ୟ ନାହିଁ!'

୪୬। 'ଏହା ମଧ୍ୟ ଏକ ମୂର୍ତ୍ତିପୂଜା ଓ ମୋ ଗୁରୁ ଏହାକୁ ନାପସନ୍ଦ କରିଥାନ୍ତି। ତେଣୁ ତାଙ୍କୁ କାହିଁକି ଅପ୍ରସନ୍ନ କରିବି? ଏହି ଛବି ମୋର କ'ଣ ଦରକାର?'

୪୭। 'ଏହି ଛବିଗୁଡ଼ିକୁ ସଂଗ୍ରହ କରିବା ନିମନ୍ତେ ମୋର ଅନେକ ପଇସା ଖର୍ଚ୍ଚ ହୋଇଗଲା। କିନ୍ତୁ ସେଗୁଡ଼ିକୁ ଜଳରେ ବିସର୍ଜନ କରିବା ବ୍ୟତୀତ ଅନ୍ୟ ପନ୍ଥା ନାହିଁ।'

୪୮। "ତେଣୁ ମୋ ଭିଣୋଇ ସେହି ଚିତ୍ରପଟକୁ ଧରି

ନିଜେ ବନ୍ଦରକୁ ଯାଇଥିଲେ ଓ ଜଳରେ ବିସର୍ଜନ କରି ଦେବାକୁ ଚାହିଁଥିଲେ। ଯେଉଁମାନେ ସେହି ଚିତ୍ରକୁ ମାଗୁଥିଲେ ସେମାନଙ୍କୁ ସେ ନିରାଶ କରିଥିଲେ।

୪୯। "ସେ ସିଧା ଆପୋଲୋ ବନ୍ଦରକୁ ଯାଇଥିଲେ ଓ ବୋଟ ଭଡ଼ା କରି ଯେତେ ଦୂର ଯିବା ସମ୍ଭବ, ସମୁଦ୍ର ମଝିକୁ ଯାଇ ତାହାକୁ ବିସର୍ଜନ କରିଥିଲେ।

୫୦। "ସେତିକିରେ ସେ ଚୁପ୍ ହୋଇ ବସିନଥିଲେ। ସେ ବାନ୍ଦ୍ରାରେ ମଧ୍ୟ ସେହି କାର୍ଯ୍ୟ କରିଥିଲେ। ସେ ତାଙ୍କର ସବୁ ବନ୍ଧୁ ଓ ସମ୍ପର୍କୀୟମାନଙ୍କୁ ଅନୁରୋଧ କରିଥିଲେ। ଫଟୋଗୁଡ଼ିକୁ ତାଙ୍କୁ ଫେରାଇ ଦେବାକୁ ପ୍ରବର୍ତ୍ତାଇ ଥିଲେ।

୫୧। "ସେ କହିଥିଲେ, 'ଅବ୍‌ଦୁଲ୍ ବାବା ରାଗିଛନ୍ତି। ଯେଉଁମାନଙ୍କ ନିକଟରେ ଫଟୋଗୁଡ଼ିକ ରହିଛି, ଫେରାଇ ଦିଅନ୍ତୁ ଓ ସେଗୁଡ଼ିକୁ ଜଳରେ ବିସର୍ଜନ କରିଦେବି।' ସେ ସମସ୍ତଙ୍କୁ ଏହିଭଳି ଅନୁରୋଧ କରିଥିଲେ।

୫୨। "ମୋତେ ଦିଆଯାଇଥିବା ଫଟୋକୁ ମଧ୍ୟ ସେ ଫେରାଇ ନେଇଥିଲେ। ମୋ ଭଉଣୀ ଓ ଭାଇମାନଙ୍କ ନିକଟରୁ ମଧ୍ୟ ଫଟୋଗୁଡ଼ିକୁ ନେଇ ଯାଇଥିଲେ। ସମୁଦାୟ ସେ ଛଅଟି କପି ଫେରି ପାଇଥିଲେ।

୫୩। "ସେହି ଛଅଟିଯାକ ଫଟୋ କପିକୁ ନେଇ ସେ ବାନ୍ଦ୍ରା ନିକଟସ୍ଥ ସମୁଦ୍ର କୂଳକୁ ରାଗରେ ଯାଇଥିଲେ।

୫୪। "ଗୋଟିଏ ଧୀବରକୁ ଡାକି ସେ ସେହି ଛଅଟି ଫଟୋକୁ ସମୁଦ୍ର ପାଣିରେ ବିସର୍ଜନ କରିଦେବାକୁ କହିଥିଲେ।

୫୫। "ସେହି ସମୟରେ ମୋ ଦେହ ଖରାପ ହୋଇଥିବାରୁ ମୁଁ ତାଙ୍କ ଘରେ ଥିଲି। ସେ ମୋତେ ସେହି ଏକା ଉପଦେଶ ଦେଇ କହିଥିଲେ, 'ଏହି ଫଟୋଗୁଡ଼ିକ ସମସ୍ତ ଅସୁବିଧାର କାରଣ ।

୫୬। "ତେଣୁ ତୁ ଯେତେବେଳେ ଫଟୋଗୁଡ଼ିକୁ ସଂଗ୍ରହ କରି ପାଣିରେ ବିସର୍ଜନ କରିଦେବୁ, ତୋ ଦେହ ଭଲ ହୋଇଯିବ। ଏହା ସତ୍ୟ ବୋଲି ଜାଣିଥା।'

୫୭। "ତା'ପରେ ମୁଁ ମୋର ମୁନିମ୍(ମ୍ୟାନେଜର)ଙ୍କୁ ଡକାଇ ପଠାଇଥିଲି, ଘରର ଚାବି ଦେଇଥିଲି ଓ ସନ୍ଥମାନଙ୍କର ଫଟୋ ଅଣାଇଥିଲି, ଏବଂ ଭିଣୋଇଙ୍କୁ ଯଥୋଚିତ କାର୍ଯ୍ୟ କରିବାକୁ ସମର୍ପି ଦେଇଥିଲି।

୫୮। "ସେ ତାଙ୍କର ମାଳୀକୁ ଡକାଇ ତାକୁ ଫଟୋଗୁଡ଼ିକୁ ଦେଇଥିଲେ ଓ ସେସବୁକୁ ସଂଗେ ସଂଗେ ଚିମ୍ବାଇ ମନ୍ଦିର ପାଖ ସମୁଦ୍ରରେ ବିସର୍ଜନ କରିଦେବାକୁ କହିଥିଲେ।

୫୯। "ଏହାର ଦୁଇମାସ ପରେ ମୁଁ ଯେତେବେଳେ ସୁସ୍ଥ ହୋଇ ଘରକୁ ଫେରିଥିଲି, ଅତ୍ୟନ୍ତ ଚକିତ ହୋଇ ଯାଇଥିଲି।

୬୦। "ଦ୍ୱାର ମୁହଁ ସାମ୍ନା କାନ୍ଥରେ ସାଇବାବାଙ୍କର ଫଟୋ ଯଥା ସ୍ଥାନରେ ପୂର୍ବବତ୍ ଝୁଲି ରହିଥିଲା। ସେଇ ଫଟୋଟିକୁ ମୁଁ ଆପଣଙ୍କୁ ଦେଇଥିଲି। ଏହି ଦୃଶ୍ୟ ଦେଖି ମୋର ଆଶ୍ଚର୍ଯ୍ୟର ସୀମା ରହିନଥିଲା।

୬୧। "ମୁନିମ୍ ସବୁତକ ଫଟୋ କାଢ଼ିନେବା ସମୟରେ ଏଇଟିକୁ କିପରି ଛାଡ଼ି ଦେଇଥିଲେ ? ତେଣୁ ମୁଁ ତାହାକୁ ସଂଗେ ସଂଗେ ବାହାର କରିଆଣି କପ୍‌ବୋର୍ଡ଼ ଥାକରେ ଲୁଚାଇ ରଖି ଦେଇଥିଲି।

୬୨। "ମୋର ଭୟ ହୋଇଥିଲା ଯେ ମୋ ଭିଣୋଇ ଏହାକୁ ଦେଖିବା ମାତ୍ରକେ ନେଇଯାଇ ଜଳରେ ବିସର୍ଜନ କରିଦେବେ।

୬୩। "ସେ ଦୃଷ୍ଟିରୁ ଏହାକୁ ଘରେ ରଖାଯିବା ଉଚିତ୍ ନୁହେଁ। ମୁଁ ମଧ୍ୟ ନିଃସନ୍ଦେହରେ ବା ମନରେ କୌଣସି ସଂଶୟ ନରଖି ଆଉ କାହାରିକୁ ଏହି ଫଟୋ ଦେଇପାରିବି ନାହିଁ, କାଳେ ସିଏ ଭକ୍ତ ହୋଇନଥିବେ !

୬୪। "ଯଦି ମୁଁ ଠିକ୍ ଭାବରେ ନଭାବିନଚିନ୍ତି ଏହି ଫଟୋ କାହାରିକୁ ଦେଇଦିଏ ଓ ଏହାର ଉପଯୁକ୍ତ ଯତ୍ନ ସେ ଯଦି ନନିଅନ୍ତି, ତେବେ ମୁଁ କେବଳ ସବୁଦିନ ପାଇଁ ପଶ୍ଚାତାପହିଁ କରିବି ଓ ତାହା ଜୀବନବ୍ୟାପୀ ମୋତେ ବିଚଳିତ କରିବ।

୬୫। "ତେଣୁ ମୋତେ ଗୋଟିଏ ଉପଯୁକ୍ତ ସ୍ଥାନ ଖୋଜିବାକୁ ପଡ଼ିଥିଲା, ଯେଉଁଠି ଏହା ଭଲରେ ରହିବ ଓ ସେହି ବ୍ୟକ୍ତି ନିଜ ଗୃହରେ ଏହାକୁ ଉତ୍ତମ ଭାବରେ ରଖିବେ । ମୁଁ ସେହିଭଳି ବ୍ୟକ୍ତିଙ୍କୁ ଏହା ଦେବା ପାଇଁ ଚାହୁଁଥିଲି।

୬୬। "ମୋର ମନରେ ଏହିଭଳି ଦ୍ୱନ୍ଦ୍ୱ ଚାଲିଥିବା ସମୟରେ ବୋଧହୁଏ ଶ୍ରୀସାଇ ନିଜେ ମୋତେ ମୌଲାନାଙ୍କ ଦରବାରକୁ ଯିବାର ଧାରଣା ଦେଇଥିଲେ ।

୬୭। "ତେଣୁ ମୁଁ ତତ୍‌କ୍ଷଣାତ୍ ପୀର ମୌଲାନାଙ୍କ ଦରବାରକୁ ଯାଇଥିଲି ଓ ସମସ୍ତ ଘଟଣା ମୌଲାନା ଇସ୍ମୁ ମୁଜାଓ୍ୱରଙ୍କୁ ସମ୍ମାନ ଜଣାଇ ସେ ଏକୁଟିଆ ଥିବା ସମୟରେ କହିଥିଲି।

୬୮ । " ଆମେ ଉଭୟ ସ୍ଥିର କରିଥିଲୁ ଯେ ଏହା ଆପଣଙ୍କ ନିକଟରେ ନିରାପଦରେ ରହି ପାରିବ । ତେଣୁ ଆମେ ଦୁହେଁ ସେହିଦିନ ଏହି କାର୍ଯ୍ୟ କରିବାକୁ ସ୍ଥିର କରିଥିଲୁ ।

୬୯ । "ଶ୍ରୀସାଇ ସମର୍ଥଙ୍କର ଏହି ଫଟୋ ଆପଣଙ୍କ ନିକଟରେହିଁ ରଖାଯିବା ଉଚିତ୍ । ଆମେ ନିଜେ ଏହାକୁ ଆପଣଙ୍କ ହାତରେ ଦେଲେ ଏହା ନିରାପଦରେ ରହିପାରିବ ।

୭୦ । "ସେହି ପ୍ରକାରର ଦୃଢ଼ ନିଷ୍ପତ୍ତି ନେଇ ଆମେ ସଂଭ୍ରମତାର ସହିତ ଫଟୋଟିକୁ ଆପଣଙ୍କୁ ଅର୍ପଣ କରିଥିଲୁ । କିନ୍ତୁ ଆପଣମାନଙ୍କର ମଧ୍ୟାହ୍ନ ଭୋଜନ ପରଷା ଯାଉଥିବାର ଦେଖି ଆମେ ତରବର ହୋଇ ଫେରି ଆସିଥିଲୁ ।

୭୧ । "ସେତେବେଳେ ଏତେକଥା ଶୁଣିବା ନିମନ୍ତେ ଆପଣଙ୍କ ନିକଟରେ ସମୟ ନଥିଲା । ତେଣୁ ସୁବିଧା ଦେଖି ଅବସର ସମୟରେ ଆସି ବର୍ଣ୍ଣନା କରିବି ବୋଲି କହି ମୁଁ ଚାଲିଆସିଥିଲି ।

୭୨ । "ଏମିତି ଗଡ଼ି ଗଡ଼ି ନଅବର୍ଷ ବିତି ଯାଇଥିଲା । ଆଜି ଆମେ ଅପ୍ରତ୍ୟାଶିତ ଭାବରେ ପରସ୍ପରକୁ ଭେଟିଲେ ।"

୭୩। ଏହି ବର୍ଣ୍ଣନା ସରିଯିବା ପରେ ଏହାର ପୃଷ୍ଠଭୂମିରେ ଥିବା ଘଟଣା ମୋର ମନେ ପଡ଼ିଯାଇଥିଲା । ମୁଁ ତାଙ୍କୁ ମୋର ଅଦ୍ଭୁତ ସ୍ୱପ୍ନ ବିଷୟରେ କହିଥିଲି ଓ ଏହି ଦୁଇ ଘଟଣାର ଅଦ୍ଭୁତ ସଂଯୋଗ ସମ୍ପର୍କରେ ବି କହିଥିଲି । ଏହି ଲୀଳା ଅତି ବିସ୍ମୟକର ନୁହେଁ କି ?

୭୪ । ଏବେ ଅନ୍ୟ ଗୋଟିଏ କାହାଣୀ ମନୋଯୋଗ ଦେଇ ଶୁଣନ୍ତୁ । ଶ୍ରୀସାଇ କିପରି ସ୍ନେହରେ ତାଙ୍କ ପ୍ରିୟ ଭକ୍ତମାନଙ୍କର ଯତ୍ନ ନେଇଥାନ୍ତି, ତାହା ଜାଣିପାରିବେ ।

୭୫ । ଆଧ୍ୟାତ୍ମିକତା ଦିଗରେ ପ୍ରକୃତ ଶ୍ରଦ୍ଧା ରଖିଥିବା ଭକ୍ତମାନଙ୍କୁ ଶ୍ରୀସାଇ ଅତ୍ୟନ୍ତ ଭଲ ପାଇଥାନ୍ତି । ସେମାନଙ୍କର ସମସ୍ତ ଅସୁବିଧା ଦୂର କରିଦେଇ ସେ ଆନନ୍ଦପ୍ରାପ୍ତିର ଆଜ୍ଞା ଦେଇଥାନ୍ତି ।

୭୬ । ବାଲାସାହେବ ଦେଓଙ୍କ ପାଖରେ କରିଥିବା ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ବାବାଙ୍କର କାର୍ଯ୍ୟ ତାଙ୍କୁ ଏକ ଚିତ୍ତାକର୍ଷକ ଅନୁଭୂତି ଦେଇଥିଲା । ତାଙ୍କର ଇଚ୍ଛା ପୂରଣ ହୋଇଥିଲା ଓ ସେ ଭକ୍ତିଭାବରେ ଆବିଷ୍ଟ ହୋଇଥିଲେ ।

୭୭ । ଜୀବିକା ନିର୍ବାହ ପାଇଁ ଦିନସାରା ପରିଶ୍ରମ କରିବା ବ୍ୟତୀତ ତାଙ୍କ ନିକଟରେ ଅନ୍ୟ କୌଣସି ବିକଳ୍ପ ନଥିଲା । କିନ୍ତୁ ରାତ୍ରିରେ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ପ୍ରୟାସ କରିବାରେ ତାଙ୍କର କାହିଁକି ବାଧା ରହିବ ?

୭୮ । ନିୟମିତ ଜ୍ଞାନେଶ୍ୱରୀ ପାଠ କରିବା ନିମନ୍ତେ ତାଙ୍କର ଅନେକ ଦିନରୁ ଇଚ୍ଛା ରହିଥିଲା । କିନ୍ତୁ ବିଭିନ୍ନ ପ୍ରକାରର ଅସୁବିଧା ଯୋଗୁଁ ସେ ତାହା କରିପାରୁନଥିଲେ ।

୭୯ । ସେ ଗୀତାର ଏକ ଅଧ୍ୟାୟ ପ୍ରତ୍ୟହ ପାଠ କରୁଥିଲେ । ସେମିତି ଜ୍ଞାନେଶ୍ୱରୀରୁ ଗୋଟିଏ ଅଧ୍ୟାୟ ପଢ଼ିବା ପାଇଁ ଇଚ୍ଛୁକ ଥିଲେ ମଧ୍ୟ ବାଧାବିଘ୍ନ ଯୋଗୁଁ ତାହା କରି ପାରୁନଥିଲେ ।

୮୦ । ସେ ଯେ କୌଣସି ଧର୍ମପୁସ୍ତକ ପଢ଼ିବାକୁ ଚାହିଁଲେ ତାହାକୁ ନିୟମିତ ଭାବରେ ପଢ଼ି ପାରୁଥିଲେ । କିନ୍ତୁ ଜ୍ଞାନେଶ୍ୱରୀ ପାଠ କରିବାକୁ ତାଙ୍କର ପ୍ରବଳ ଇଚ୍ଛା ରହିଥିଲେ ମଧ୍ୟ, ତାହା ସେ କରିପାରୁନଥିଲେ ।

୮୧ । ଦେଓ ଥରେ ତିନିମାସ ଛୁଟି ନେଇ ପ୍ରଥମେ ଶିରିଡ଼ି ଓ ତା'ପରେ ତାଙ୍କ ଗ୍ରାମ ପୌଡ଼କୁ ଯାଇ ବିଶ୍ରାମ ନେବାକୁ ଚାହିଁଥିଲେ ।

୮୨ । ସେଠାରେ କ'ଣ ହୋଇଥିଲା ? ସେଠାରେ ମଧ୍ୟ ଅନ୍ୟାନ୍ୟ ଧର୍ମପୁସ୍ତକ ନିୟମିତ ଭାବରେ ପାଠ କରିପାରିଥିଲେ, କିନ୍ତୁ ଠିକ୍ ସମୟ ଆସିନଥିବାରୁ ଜ୍ଞାନେଶ୍ୱରୀ ପାଠକରିବାର ଇଚ୍ଛା ପୂରଣ ହୋଇ ପାରିନଥିଲା ।

୮୩ । ସେ ଜ୍ଞାନେଶ୍ୱରୀ ପାଠ କରିବାକୁ ବସିବା ମାତ୍ରକେ କିଛି ଗୋଟାଏ ସଂଶୟ ତାଙ୍କ ମନ ମଧ୍ୟକୁ ଆସିଯାଉଥିଲା । ତେଣୁ ତାଙ୍କର ପଠନ ଉପରଠାଉରିଆ ହେଉଥିଲା ଓ ସେଥି ନିମନ୍ତେ ତାଙ୍କ ମନରେ ଶ୍ରଦ୍ଧା ଜାତ ହେଉନଥିଲା ।

୮୪ । ଏହି ଦୁର୍ଭାଗ୍ୟର ମୂଳ କାରଣ କ'ଣ ଥିଲା ? ଯେଉଁଥିପାଇଁ ସେ ତାଙ୍କ ସଂକଳ୍ପରେ ସଫଳ ହେଉନଥିଲେ । ଏପରିକି ସେ ପ୍ରତିଦିନ ପାଞ୍ଚୋଟି ଶ୍ଳୋକ ମଧ୍ୟ ପାଠ କରିପାରୁନଥିଲେ ?

୮୫ । ସେ ପ୍ରତ୍ୟେକ ଦିନ ପାଞ୍ଚୋଟି ଶ୍ଳୋକ ପଢ଼ିବାର ନିଷ୍ପତ୍ତି ନେଇଥିଲେ । "ମୁଁ ସେତକ ମଧ୍ୟ ଆନନ୍ଦରେ ଓ ନିୟମିତ ଭାବରେ ପାଠକରି ପାରୁନାହିଁ ।

୮୬ । "ତେଣୁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚିଥିଲି ଯେ ଯେତେବେଳେ ଶ୍ରୀସାଇ ମୋ ମନରେ ଏଥିନିମନ୍ତେ

ଶ୍ରଦ୍ଧାଭାବ ସୃଷ୍ଟିକରି 'ପଢ଼' ବୋଲି କହିବେ, ସେଇଦିନଠାରୁ ମୁଁ ନିର୍ବିଘ୍ନରେ ତାହାର ପଠନ ଆରମ୍ଭ କରିବି।

୮୭। "ମୋର ଶ୍ରୀସାଇଙ୍କ ଉପରେ ଭରସା ରହିଛି। ଶ୍ରୀସାଇ ମୋତେ ଏହା କରିବାକୁ ନିର୍ଦ୍ଦେଶ ଦେବା ପରେ ହିଁ ମୁଁ ଜ୍ଞାନେଶ୍ୱରୀ ପଠନ ଆରମ୍ଭ କରିବି। ମୁଁ ଏହି ଦୃଢ଼ ନିଷ୍ପତ୍ତି ନେଇ ଅପେକ୍ଷା କରି ରହିବି।"

୮୮। ସେୟା ହୋଇଥିଲା। ଦେଓ ୧୯୧୪ ମସିହା ଫେବୃୟାରୀ ମାସରେ ତାଙ୍କ ପତ୍ନୀ ଓ ମା'ଙ୍କୁ ଧରି ମହୋଦୟଂ ପର୍ବରେ ଗୁରୁପୂଜାର ବର୍ଣ୍ଣାଢ଼୍ୟ ଉତ୍ସବ ଦେଖିବା ନିମନ୍ତେ ଶିରିଡ଼ି ଆସିଥିଲେ।

୮୯। ଦେଓ କାହିଁକି ନିୟମିତ ଭାବରେ ଜ୍ଞାନେଶ୍ୱରୀ ପଢୁନାହାନ୍ତି ବୋଲି ଜୋଗ ତାଙ୍କୁ ପଚାରିଥିଲେ। ତାଙ୍କ ଉତ୍ତର ଶୁଣନ୍ତୁ।

୯୦। "ମୋର ଜ୍ଞାନେଶ୍ୱରୀ ପାଠ କରିବା ନିମନ୍ତେ ପ୍ରବଳ ଇଚ୍ଛା ରହିଥିଲେ ମଧ୍ୟ ମୁଁ ସେଥିରେ ସଫଳ ହୋଇପାରୁନାହିଁ। ଏବେ ବାବା ମୋତେ ପାଠ କରିବା ପାଇଁ କହିବା ପରେ ହିଁ ମୁଁ ପଠନ ଆରମ୍ଭ କରିବି।"

୯୧। ଜୋଗ ତାଙ୍କୁ ଏକ ଉପାୟ ବତାଇଥିଲେ । "ଜ୍ଞାନେଶ୍ୱରୀ ପୋଥିନେଇ ସାଇବାବାଙ୍କ ହାତରେ ଦିଅନ୍ତୁ। ସେ ଆପଣଙ୍କୁ ପାଠ କରିବା ନିମନ୍ତେ କହି ଫେରାଇ ଦେବେ।"

୯୨। "ମୋର କୌଣସି ଉପାୟ କରିବା ଆବଶ୍ୟକ ନାହିଁ। ବାବା ମୋ ଅନ୍ତରର ଭାବନା ଜାଣିଛନ୍ତି। ସେ କାହିଁକି ମୋର ମନୋବାଞ୍ଛା ପୂର୍ଣ୍ଣ କରିବା ପାଇଁ ପରିଷ୍କାର ଭାବରେ 'ପଢ଼' ବୋଲି ମୋତେ କହିବେ ନାହିଁ ?

୯୩। ସେ ଶ୍ରୀସାଇ ସମର୍ଥଙ୍କୁ ଦର୍ଶନ କରିବାକୁ ଯାଇଥିବା ସମୟରେ ଗୋଟିଏ ଟଙ୍କା ଦକ୍ଷିଣା ଦେଇଥିଲେ। "ଟଙ୍କାଏ କାହିଁକି ? କୋଡ଼ିଏ ଟଙ୍କା ଆଣ" ବୋଲି ବାବା ସେତେବେଳେ ତାଙ୍କୁ କହିଥିଲେ।

୯୪। ସେ କୋଡ଼ିଏ ଟଙ୍କା ଆଣି ଦେଇଥିଲେ। ରାତ୍ରିରେ ତାଙ୍କର ବାଲକରାମଙ୍କ ସହିତ ଦେଖାହୋଇଥିଲା। ସେ ବାବାଙ୍କର କୃପା କିପରି ପାଇଲେ ବୋଲି ତାଙ୍କୁ ଦେଓ ପଚାରିଥିଲେ।

୯୫। "ଆସନ୍ତାକାଲି ଆରତି ପରେ ମୁଁ ଆପଣଙ୍କୁ ପୂରା କାହାଣୀ ଶୁଣାଇବି" ବୋଲି ବାଲକରାମ ପ୍ରତିଶ୍ରୁତି ଦେଇଥିଲେ ଓ ଦେଓ ସେଥିରେ ସମ୍ମତ ହୋଇଥିଲେ।

୯୬। ତା'ପରଦିନ ଦେଓ ମସ୍‌ଜିଦକୁ ଦର୍ଶନ ପାଇଁ ଯାଇଥିବାବେଳେ ତାଙ୍କୁ କୋଡ଼ିଏ ଟଙ୍କା ଦେବା ପାଇଁ ବାବା କହିଥିଲେ ଓ ସେ ତାହା ଖୁସିରେ ଦେଇଥିଲେ।

୯୭। ସେଠାରେ ଅଧିକ ଭିଡ଼ ହୋଇଥିବାର ଦେଖି ଦେଓ ଗୋଟିଏ ପାଖକୁ ଚାଲି ଯାଇଥିଲେ। ବାବା ପଚାରିଥିଲେ, "ତୁମେ କେଉଁ କନ୍ଦିରେ ଯାଇ ଲୁଚିବସିଛ ?"

୯୮। ଦେଓ ଉତ୍ତର ଦେଇଥିଲେ, "ବାବା ମୁଁ ଏଇଠି, ଏଇଠି ଅଛି।'' ବାବା ତା'ପରେ ତାଙ୍କୁ ପଚାରିଥିଲେ, "ତୁମେ କାହିଁକି ମୋତେ ସାତଟଙ୍କା ଦେଲ ?"

୯୯। ଦେଓ ଉତ୍ତର ଦେଇଥିଲେ, "ମୁଁ କୋଡ଼ିଏ ଟଙ୍କା ଦେଇଛି।" ବାବା ପଚାରିଥିଲେ, "ଇଏ କାହାର ଟଙ୍କା ?" ସେ କହିଥିଲେ, "ବାବା! ଆପଣଙ୍କର"। ବାବା ପୁଣି ପଚାରିଥିଲେ, "ତୁମେ କାହିଁକି ଦୌଡ଼ି ପଳାଉଛ ?

୧୦୦। "ଏଠିକି ଆସ ! ପାଖକୁ ଆସ ! ଧୀରସ୍ଥିର ହୋଇ ପାଖରେ ବସ।" ଦେଓ ବାବାଙ୍କର ନିର୍ଦ୍ଦେଶ ମାନିଥିଲେ ଓ ଭକ୍ତିପୂର୍ଣ୍ଣ ହୃଦୟରେ ପାଖରେ ବସିଥିଲେ।

୧୦୧। ଆରତି ସାଧାରଣ ଦିନ ଭଳି ସମାପ୍ତ ହୋଇଥିଲା। ସମବେତ ହୋଇଥିବା ଲୋକେ ନିଜ ନିଜ ଗୃହକୁ ଫେରି ଯାଇଥିଲେ। ବାଲକରାମ ଓ ଦେଓଙ୍କ ମଧ୍ୟରେ ପୁଣି ସାକ୍ଷାତ ହୋଇଥିଲା। ପୂର୍ବ ପ୍ରଶ୍ନ ପୁଣି ଥରେ ଦେଓ ପଚାରିଥିଲେ ।

୧୦୨। ସେ ବାଲକରାମଙ୍କୁ ତାଙ୍କର ଆଦ୍ୟ ଜୀବନ ସମ୍ପର୍କରେ ପଚାରିଥିଲେ। ବାଲକରାମ ମୂଳରୁ ଆରମ୍ଭ କରି ସବୁକଥା କହିଥିଲେ ଏବଂ ଆଧ୍ୟାତ୍ମିକ ଉପଦେଶ କିପରି ପାଇଥିଲେ, ତାହା ବର୍ଣ୍ଣନା କରିଥିଲେ।

୧୦୩। "କିପରି ଧ୍ୟାନ କରାଯିବ, ତାହା ଆପଣଙ୍କୁ କୁହାଯାଇଛି କି ? ଅନୁଗ୍ରହକରି ମୋର ଇଚ୍ଛା ପୂରଣ କରି ଦିଅନ୍ତୁ"ବୋଲି ଦେଓ କାତର ପ୍ରାର୍ଥନା କରିଥିଲେ।

୧୦୪। ଦେଓଙ୍କୁ ସନ୍ତୁଷ୍ଟ କରିବା ପାଇଁ ବାଲକରାମ କଥା ଆରମ୍ଭ କରିବା ମାତ୍ରକେ ଦେଓଙ୍କୁ ବାବା ଡକାଇ ପଠାଇଥିଲେ।

୧୦୫। ଶ୍ରୀସାଇ କିଭଳି ଅତି କୁଶଳୀ ଥିଲେ ! ସେ ଚନ୍ଦୁଙ୍କୁ ପଠାଇ ଦେଓଙ୍କୁ ଡକାଇଥିଲେ। କ୍ଷଣେମାତ୍ର ବିଳମ୍ବ ନକରି

ଦେଓ ଶ୍ରୀସାଇଙ୍କୁ ଭେଟିବାକୁ ଯାଇଥିଲେ।

୧୦୬। ସେତେବେଳେ ଅପରାହ୍ଣ ହୋଇଥିଲା। ଶ୍ରୀସାଇ ମସ୍‌ଜିଦ୍‌ର କାନ୍ଥରେ ଦୁଇହାତ ରଖି ଆଉଜି ପଡ଼ିଥିଲେ।

୧୦୭ । ପହଞ୍ଚିବାମାତ୍ରେ ଦେଓ ତାଙ୍କୁ ପ୍ରଣାମ କରିଥିଲେ। ବାବା ତାଙ୍କୁ ପଚାରିଥିଲେ, "ତୁମେ କେଉଁଠି, କାହା ସହିତ, କ'ଣ କଥାବାର୍ତ୍ତା କରୁଥିଲ ?"

୧୦୮। ଦେଓ ଉତ୍ତର ଦେଇଥିଲେ, "କାକାଙ୍କ ଘରର ଉପର ମହଲାରେ ବାଳକରାମଙ୍କ ନିକଟରୁ ଆପଣଙ୍କର ମହିମା ସମ୍ପର୍କରେ ଶୁଣୁଥିଲି ଓ ସେ ସମ୍ବନ୍ଧରେ କଥା ହେଉଥିଲୁ।"

୧୦୯। ବାବା ଦେଓଙ୍କୁ ଆଦେଶ ଦେଇଥିଲେ, "ପଚିଶି ଟଙ୍କା ଆଣ୍!" ସେ ସଂଗେ ସଂଗେ ଆଣି ତାହା ବାବାଙ୍କୁ ଦେଇଥିଲେ।

୧୧୦। "କେତେ ଆଣିଛ ?" ବାବା ପଚାରିଥିଲେ। ଦେଓ ଉତ୍ତର ଦେଇଥିଲେ, "ପଚିଶି"। ବାବା କହିଥିଲେ, "ଆସ, ଏଇଠି ବସ।" ଦେଓ ବାବାଙ୍କ ସହିତ ମସ୍‌ଜିଦ୍ ଭିତରକୁ ଯାଇଥିଲେ।

୧୧୧। ବାବା ଖମ୍ବ ନିକଟରେ ଯାଇ ବସିଥିଲେ। ସେତେବେଳେ ମସ୍‌ଜିଦ୍‌ରେ କେହି ନ ଥିଲେ। ସେ କହିଥିଲେ, "ତୁମେ ମୋ ଅଜ୍ଞାତରେ ମୋର ଚିରାଫଟା ଲୁଗା ଚୋରି କରିଛ।"

୧୧୨। "ମୁଁ ଚିରାଫଟା ଲୁଗା ସମ୍ପର୍କରେ କିଛି ଜାଣିନାହିଁ," ଦେଓ ବୁଝାଇଥିଲେ। "ତା'ହେଲେ ସେଗୁଡ଼ିକୁ ଏଇଠି କୋଉଠି ଅଛି, ଖୋଜ୍" ବୋଲି ବାବା କହିଥିଲେ।

୧୧୩। "ଏଠି ଚିରାଫଟା ଲୁଗା କୋଉଠି ରହିଛି ?" ବୋଲି ଦେଓ ପଚାରିଥିଲେ। ବାବା କହିଥିଲେ, "ତୁମେ ତାକୁ ଖୋଜିଆଣ। ଚୋରୀ କରିବା ବଡ଼ ଖରାପ ଅଭ୍ୟାସ।

୧୧୪। "କେହି ବଦ୍‌ମାସ ତାକୁ ନେଇଯାଇଛି ! ଦେଖ୍, ଦେଖ୍ ! ସେଗୁଡ଼ିକ ଏଇଠି ନିଶ୍ଚୟ ଥିବ।" ବାବାଙ୍କ ନିକଟରୁ ଏପରି ଶୁଣିବା ପରେ ଦେଓ ଆଉଥରେ ଖୋଜିଥିଲେ, କିନ୍ତୁ କିଛି ପାଇନଥିଲେ ।

୧୧୫। ତା'ପରେ ବାବା ଆଖିର ପଲକ ନପକାଇ ଏଣେ ତେଣେ ଅନାଇଥିଲେ। ଦେଓଙ୍କ ଉପରେ ଚକ୍ଷୁ ନିବଦ୍ଧ ରଖି ଗର୍ଜି ଉଠିଥିଲେ। ତୁଣ୍ଡକୁ ଯାହା ଆସିଥିଲା ବକିଥିଲେ ।

୧୧୬। "ତୁ ଗୋଟାଏ ମିଛୁଆ ! ତୋ ବ୍ୟତୀତ ଏଠି ଆଉ କିଏ ଅଛି ଯେ ମୋର ଚିରାଫଟା ଲୁଗା ଚୋରୀ କରିବ ? ତୁ ଚୋର ବୋଲି ମୋର ବିଶ୍ୱାସ।

୧୧୭। "ତୁ ଏହିଭଳି ଚୋରୀ କରିବାପାଇଁ କ'ଣ ଏଠାକୁ ଆସିଛୁ ? ତୋର ମୁଣ୍ଡବାଳ ପାଚି ଧଳା ହୋଇଗଲାଣି, ବଦଭ୍ୟାସ ଯାଇନାହିଁ !

୧୧୮। "ମୁଁ ତୋତେ ଗୋଟାଏ କୁରାଢ଼ୀରେ ହାଣିବି। ତୋତେ ଟିକିଟିକି କରି କାଟି ମାରିବି। ଦେଖିବି, ତୁ ମୋ ନିକଟରୁ କିପରି ରକ୍ଷା ପାଇବୁ ? ତୁ ଯେଉଁଠି ରହିଲେ ବି ମୁଁ ଯାଇ ତୋତେ ମାରିବି।

୧୧୯। "ତୁ ଘରୁ ଶିରିଡ଼ିକୁ କ'ଣ ଚୋରୀ କରିବାକୁ ଆସିଛୁ ? ତୋ ଜିନିଷ ନେଇଯା, ମୋ ଚିରାଫଟାଲୁଗା ମୋତେ ଆଣିଦେ।"

୧୨୦। ଶ୍ରୀସାଇ ରାଗରେ ଲାଲ ପଡ଼ିଯାଇଥିଲେ। ସେ ରାଗରେ ଦେଓଙ୍କ ମା', ଗୋସିମାଙ୍କଠାରୁ ଆରମ୍ଭ କରି ସମସ୍ତଙ୍କୁ କଟୁଭାଷାରେ ଭର୍ତ୍ସନା କରିଥିଲେ। ସେ ରାଗରେ ତମ୍‌ତମ୍ ହୋଇ ଜଳୁଥିଲେ।

୧୨୧। ଶ୍ରୀସାଇନାଥଙ୍କର କ୍ରୋଧ ଦେଖି ଦେଓ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ମନଭିତରେ ସମ୍ପୂର୍ଣ୍ଣ ଚକିତ ହୋଇ ଛିଡ଼ା ହୋଇ ରହି ତାଙ୍କୁ ଦେଖୁଥିଲେ।

୧୨୨। ଦେଓ ବାବାଙ୍କ ପାଖରେ ଏକୁଟିଆ ଥିଲେ ଓ ଭାବୁଥିଲେ ଯେ ତାଙ୍କ ଉପରେ ମାଡ଼ ମଧ୍ୟ ବସିପାରେ ! ଏହା କ'ଣ ଭଗବାନଙ୍କର ଏକ ସୁନ୍ଦର ରୂପ ? ସେହି ବିଶ୍ୱାସରେ ସେ ଆନନ୍ଦରେ ବାଷ୍ପାକୁଳ ହୋଇଯାଉଥିଲେ।

୧୨୩। 'ସେ ଏବେ ତାଙ୍କର ସଟ୍‌କା ଉଠାଇ ମୋତେ ରାଗରେ ବାଡ଼େଇବେ କି ? ମୁଁ ଏଠି ଏକୁଟିଆ ଓ ଏବେ ତାଙ୍କ ହାତମୁଠାରେ। ସେ ଯାହା କରିବା ପାଇଁ ଚାହାନ୍ତି, କରନ୍ତୁ।

୧୨୪। 'ତେବେ ଏହି ଚିରାଫଟା ଲୁଗାର ରହସ୍ୟ କ'ଣ ?' - ଦେଓ କିଛି ବୁଝି ପାରୁନଥିଲେ। "ପଳା, ପଳା, କୋଉଠିକି ପଳାଇଯା !" ଶ୍ରୀସାଇନାଥ ଏକଥା କହିବାରୁ ସେ ମସ୍‌ଜିଦ ପାହାଚ ଆଡ଼କୁ ଆଗେଇ ଯାଇଥିଲେ।

୧୨୫। ମୁଁ ଏଇ 'ଚିରାଫଟା ଲୁଗା'ର ଗୂଢ଼ ଅର୍ଥ ବୁଝିପାରୁନାହିଁ। ଶ୍ରୀସାଇଙ୍କର କରୁଣାରୁ ଏହା ଜାଣି ପାରିଲେ

ମୁଁ ଶ୍ରୋତାମାନଙ୍କୁ ତାହା ନିଶ୍ଚୟ ଜଣାଇଦେବି।

୧୨୬। ପନ୍ଦର ମିନିଟ ମଧ୍ୟରେ ଦେଓ ପୁଣି ବାବାଙ୍କର ସାମ୍ନାକୁ ଆସିଥିଲେ ଓ ସେତେବେଳଯାଏଁ ଗାଳିବର୍ଷଣ ଚାଲିଥିଲା। "ତୁ ପୁଣି ଆସିଛୁ ?" ଶ୍ରୀସାଇ ପଚାରିଥିଲେ।

୧୨୭। "ଆଉ ଥରେ ୱାଡ଼ାକୁ ଯା!" ବାବା ଏକଥା କହିବା ପରେ ଦେଓ ଆଦେଶ ପାଳନ କରି ବାବାଙ୍କୁ ପ୍ରଣିପାତ କରି ୱାଡ଼ାକୁ ଫେରି ଯାଇଥିଲେ।

୧୨୮। ଯାହା ଯାହା ଘଟି ଯାଇଥିଲା ଓ ଯେଉଁ ପ୍ରକାରରେ ହୋଇଥିଲା, ମୂଳରୁ ଶେଷ ପର୍ଯ୍ୟନ୍ତ ଜୋଗ ଓ ବାଳକରାମଙ୍କୁ ଦେଓ କହିଥିଲେ।

୧୨୯। ବାବାଙ୍କର ଗାଳିବର୍ଷଣ ପ୍ରାୟ ଅଧଘଣ୍ଟା ଧରି ଚାଲିଥିଲା। କିଛି ସମୟ ଚୁପ୍ ରହିଯିବା ପରେ ବାବା ସମସ୍ତଙ୍କୁ ଡାକିଥିଲେ।

୧୩୦। ଦେଓ ମଧ୍ୟ ସେତେବେଳେ ଆସିଥିଲେ ଓ ଅନ୍ୟମାନଙ୍କ ମଝିରେ ବସିଥିଲେ। "ବୁଢ଼ା ନିଶ୍ଚୟ ଖରାପ ଭାବିଥିବ" ଶ୍ରୀସାଇ ପରେ କହିଥିଲେ।

୧୩୧। "ଚିରାଫଟା ଲୁଗାର ମୂଲ୍ୟ ବା କ'ଣ? ତଥାପି ମୁଁ କୁଭାଷା ପ୍ରୟୋଗ କରି ତାଙ୍କୁ ଅପମାନିତ କରିଛି। ସେ କିନ୍ତୁ ଚୋରୀ କରିଛନ୍ତି, ତେଣୁ ଗାଳିନଦେଇ ଆଉ କ'ଣ ବା ଉପାୟ ଥିଲା!

୧୩୨। "ଛାଡ଼୍। ଈଶ୍ୱର ସବୁ ଦେଖୁଛନ୍ତି ଓ ତାଙ୍କର ମଙ୍ଗଳ କରିବେ। ଭାଇ! ତୁମେ କିଛି ଦକ୍ଷିଣା ଦେବ କି?

୧୩୩। "କେତେ ଟଙ୍କା ଆଣିବି ?" ଦେଓ ପଚାରିଥିଲେ। "ଶୀଘ୍ର ବାର ଟଙ୍କା ଆଣ।" ଦେଓ ଦେଖିଥିଲେ ଯେ ତାଙ୍କ ନିକଟରେ ଖଣ୍ଡିଏ ଶହେ ଟଙ୍କିଆ ନୋଟ୍ ବ୍ୟତୀତ ଆଉ କିଛି ଖୁଚୁରା ନାହିଁ।

୧୩୪। ଦେଓ ବାବାଙ୍କୁ ଏକଥା କହିଥିଲେ। "ବ୍ୟସ୍ତ ହୁଅ ନାହିଁ, ମୋର ଦରକାର ନାହିଁ । ସକାଳେ ତୁମେ ମୋତେ ଦ୍ୱିଗୁଣା ଦେଇଥିଲ। ଏବେ ସେ କଥା ଭୁଲିଯାଅ," ବୋଲି ବାବା କହିଥିଲେ।

୧୩୫। ତଥାପି ଦେଓ ଟଙ୍କା ଆଣି ବାବାଙ୍କୁ ଦେଇଥିଲେ ଓ ପାଦରେ ମୁଣ୍ଡିଆ ମାରିଥିଲେ। ପରେ ସେ କ'ଣ କହିଥିଲେ ଶୁଣନ୍ତୁ।

୧୩୬। "କ'ଣ କରୁଛ ?" – ବାବା ପଚାରିଥିଲେ। "କିଛି ନାହିଁ" ବୋଲି ଦେଓ କହିଥିଲେ। ଏକଥା ଶୁଣି ବାବା କହିଥିଲେ, "ପୋଥି ନିୟମିତ ପଢ଼।" ଦେଓଙ୍କୁ ଏହି କାର୍ଯ୍ୟ କରିବା ନିମନ୍ତେ ବାବା ଆଦେଶ ଦେଇଥିଲେ।

୧୩୭। "ଯା, ୱାଡ଼ାରେ ବସିବ। ନିୟମିତ ପଢ଼। ପାଠ କରିବା ସମୟରେ ସମସ୍ତଙ୍କୁ ଶ୍ରଦ୍ଧା ଓ ନିଷ୍ଠା ସହକାରେ ପଠିତ ବିଷୟ ବୁଝାଇଦେବ ।

୧୩୮। "ମୁଁ ଏଠାରେ ତୁମକୁ ଜରିକାମକରା ଜାମା ଦେବାକୁ ବସିଥିବା ସମୟରେ ତୁମେ କାହିଁକି ଚିରାଫଟା ଲୁଗା ଚୋରୀ କରୁଛ ? ଚୋରୀ କରିବା ଅଭ୍ୟାସ ତୁମର ଅଛି କି ?"

୧୩୯। ସେ ଯାହାହେଉ, ପୋଥି ପଢ଼ିବାକୁ ଶ୍ରୀସାଇ କହି ମୋର ମନୋବାଞ୍ଛା ପୂର୍ଣ୍ଣ କରିଥିଲେ ଓ ମୁଁ ଅତିଶୟ ଆନନ୍ଦିତ ହୋଇଥିଲି ।

୧୪୦। ବାବାଙ୍କ ଆଦେଶ ମାନିନେଇ ମୁଁ ସେହିଦିନଠାରୁ ଜ୍ଞାନେଶ୍ୱରୀ ନିୟମିତ ପଠନ କରିଥିଲି ଓ ତାହା ବୁଝାଇ ଦେବା କାର୍ଯ୍ୟ ଆରମ୍ଭ କରିଥିଲି।

୧୪୧। ମୋର ଇପସିତ ଆଦେଶ ମୁଁ ଏବେ ପାଇ ଯାଇଥିଲି। ପ୍ରତିଜ୍ଞା ରକ୍ଷା କରିବାରୁ ମୋ ମନର ଯନ୍ତ୍ରଣା ଦୂର ହୋଇଯାଇଥିଲା। ଏବେଠାରୁ ଜ୍ଞାନେଶ୍ୱରୀ ପାଠ କଲେ କାର୍ଯ୍ୟରେ ନିୟମିତତା ରହିବ।

୧୪୨। ଏବେ ମୋ ଗୁରୁଙ୍କ ଆଦେଶରେ ଜ୍ଞାନେଶ୍ୱରୀ ମଧ୍ୟ ପ୍ରୀତ ହୋଇଥିବେ। ଅତୀତରେ ଯାହା କିଛି ଘଟି ଯାଇଥିଲେ ମଧ୍ୟ ଏବେ ମୁଁ ନିୟମିତ ହୋଇ ପାରିବି।

୧୪୩। ମୋର ପୂର୍ଣ୍ଣ ବିଶ୍ୱାସ ଯେ ଶ୍ରୀସାଇଙ୍କ ଆଦେଶ ଓ ତାଙ୍କ ଉପଦେଶର ଶକ୍ତି ବଳରେ ମୁଁ ପୋଥିର ପାରାୟଣ ନିର୍ବିଘ୍ନରେ କରିପାରିବି ।

୧୪୪। "ବାବା! ମୁଁ ଆପଣଙ୍କର ଶରଣାଗତ ହେବାକୁ ଆସିଛି। ମୁଁ ଆପଣଙ୍କ ଚରଣରେ ପୂରାପୂରି ସମର୍ପିତ ହେଉଛି। ଏହି ଅବୋଧ ବାଳକକୁ ଆପଣଙ୍କର ଆଶ୍ରୟକୁ ନେଇଯାଆନ୍ତୁ। ମୋତେ ପୋଥି ପଠନରେ ସହାୟତା କରନ୍ତୁ ।"

୧୪୫। ଚିରାଫଟା ଲୁଗାର ଅର୍ଥ ମୋ ନିକଟରେ ପରିଷ୍କାର ହୋଇଯାଇଥିଲା ଓ ମୁଁ ବୁଝି ପାରିଥିଲି। ବାଳକରାମଙ୍କୁ ଯାହା ଯାହା ପଚାରିଥିଲି, ସେଗୁଡ଼ିକ ଥିଲା ଚିରାଫଟା ଲୁଗା।

ଶ୍ରୀସାଇ ତାହାକୁ ପସନ୍ଦ କରିନଥିଲେ ଓ ସେଥିପାଇଁ ବିରକ୍ତ ହୋଇଥିଲେ ।

୧୪୬ । ମୋର ବାଲକରାମଙ୍କୁ ପଚାରିବାଟା ବାବାଙ୍କୁ ଭଲ ଲାଗିନଥିଲା । ସେ କିପରି ପୂଜା କରୁଛନ୍ତି ଓ ପରଂବ୍ରହ୍ମଙ୍କୁ ସେ କିପରି ଧ୍ୟାନ କରୁଛନ୍ତି, ମୋର ତାଙ୍କୁ ପଚାରିବା ଉଚିତ୍ ନଥିଲା ।

୧୪୭ । ବାବା ଯେତେବେଳେ ସବୁ ପ୍ରଶ୍ନର ଉତ୍ତର ଦେବା ନିମନ୍ତେ ପ୍ରସ୍ତୁତ ଅଛନ୍ତି, ଉପସ୍ଥିତ ଅଛନ୍ତି, ସେତେବେଳେ ଜଣେ ଅନ୍ୟ ଜଣକୁ କାହିଁକି ବା ପଚାରିବ ? ସେଥିପାଇଁ ମୋତେ ସେ ଭୀଷଣ ହଇରାଣ କରିଥିଲେ ।

୧୪୮ । "ହଇରାଣ" ଶବ୍ଦଟା ରୁକ୍ଷ ଓ ଧୃଷ୍ଟତା । ଯାହାଙ୍କଠାରେ ଭକ୍ତମାନଙ୍କ ପ୍ରତି ଶ୍ରଦ୍ଧାର ପ୍ରବଳ ଧାରା ଉଚ୍ଛୁଳୁଚି, ସେ କୌଣସି ଭକ୍ତଙ୍କୁ ସ୍ୱପ୍ନରେ ମଧ୍ୟ ହଇରାଣ କରିବା ପାଇଁ ଚାହାନ୍ତି ନାହିଁ । ସେଥିପାଇଁ ସେହି ଶବ୍ଦ ଓ ତାହାର ବ୍ୟବହାର ଭୁଲ ।

୧୪୯ । ସେ ମୋତେ ହଇରାଣ କରିନାହାନ୍ତି ବରଂ ଶିକ୍ଷା ଦେଇଛନ୍ତି ଯେ, 'ତୁମ ମନ ମଧ୍ୟରେ ଯାହା ରହିଛି, ସେ ସବୁକୁ ମୁଁ ପୂରଣ କରିବି ଓ ଯାହା ଚୋରୀ ଯାଇଛି, ତାହା କୌଣସି କାର୍ଯ୍ୟରେ ଆସିବ ନାହିଁ ।'

୧୫୦ । ଶ୍ରୀସାଇ ବାହାରକୁ କ୍ରୋଧୀ ବୋଲି ଜଣାପଡୁଥିଲେ ମଧ୍ୟ ଅନ୍ତର ମଧ୍ୟରେ ସର୍ବଦା ଶାନ୍ତ ରହୁଥିଲେ । ସେ ବାହାରକୁ ରାଗୀ ଜଣାଯାଉଥିଲେ ମଧ୍ୟ ଅନ୍ତର ମଧ୍ୟରେ ଆନନ୍ଦରେ ପରିପୂର୍ଣ୍ଣ ଥିଲେ ।

୧୫୧ । ସ୍ନେହଶ୍ରଦ୍ଧା ଥିବା କାରଣରୁ ସେ ବାହାରକୁ କ୍ରୋଧ ପ୍ରକାଶ କରୁଥିଲେ । ଅନ୍ତର ମଧ୍ୟରେ ସେ ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ ଥିଲେ । ସାଇଲୀଳାର ସେହି ମହନୀୟତା ଗାନ କରିବା ନିମିତ୍ତ ଜଣେ ସେଇଭଳି ଭାଗ୍ୟବାନ ହୋଇଥିବା ଦରକାର !

୧୫୨ । ଯିଏ ନିଜର ଲକ୍ଷ୍ୟ ହାସଲ କରିବାର ଗଭୀର ଇଚ୍ଛା ରଖିଥାଏ, ସିଏ ଗାଳିବର୍ଷଣକୁ ପୁଷ୍ପବର୍ଷଣ ବୋଲି ବିଶ୍ୱାସ କରିଥାଏ ଓ ତାହା ନିଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ଭାବି ମନଦୃଢ଼ କରିଥାଏ ।

୧୫୩ । ଅତ୍ୟନ୍ତ ଅପମାନଜନକ ଲାଗୁଥିବା କଟୁ ଗାଳି କାନରେ ଶୁଣିବା ପରେ ମଧ୍ୟ ଦେଓ ଚହଲି ଯାଇନଥିଲେ । ବାବାଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଅତୁଟ ଥିଲା ଓ ତାଙ୍କ ଉପରେ ପୁଷ୍ପ ବୃଷ୍ଟି ହୋଇଥିଲା ବୋଲି ସେ ଅନୁଭବ କରୁଥିଲେ ।

୧୫୪ । "ଭାଗ୍ୟବାନ ହିଁ ଗାଭୀର ଚିରରେ ଭର୍ତ୍ତି ହୋଇଥିବା ଦୁଗ୍ଧକୁ ପାନ କରିଥାଏ । ଟିଙ୍କ ଗାଭୀର ଦୁଗ୍ଧଭରା ଚିର ନିକଟରେ ଅବସ୍ଥାନ କରୁଥିଲେ ମଧ୍ୟ ଭାଗ୍ୟଦୋଷରୁ ରକ୍ତପାନ କରିବାକୁ ମନ ବଳାଇଥାଏ ।

୧୫୫ । "ମଣ୍ଡୁକ ପଦ୍ମଫୁଲର ଆଖପାଖରେ ରହିଥାଏ । ମଧୂପ ପଦ୍ମଫୁଲରୁ ମଧୁ ଶୋଷି ନେଉଥିବା ସମୟରେ ବିଚରା ମଣ୍ଡୁକ ଦୁର୍ଭାଗ୍ୟକୁ କେବଳ ମଇଳା ଭକ୍ଷଣ କରିଥାଏ । ମଧୂପର ସୌଭାଗ୍ୟର ସୀମା ନଥାଏ ।

୧୫୬ । "ସେହିଭଳି ତୁମେ ଭାଗ୍ୟବାନ । ଆମେ ପରସ୍ପରର ନିକଟବର୍ତ୍ତୀ । ଯାହା ଚାହୁଁଛ ପଚାରିନିଅ ଓ ନିଜର ସନ୍ଦେହ ମୋଚନ କର" ବୋଲି ଶ୍ରୀସାଇ କହିଥାନ୍ତି ।

୧୫୭ । "ପୋଥି ସମ୍ବନ୍ଧରେ ମୋର ଅହଂଭାବକୁ ଲକ୍ଷ୍ୟ କରନ୍ତୁ । ସେ 'ପଢ଼' ବୋଲି ନ କହିବା ପର୍ଯ୍ୟନ୍ତ ମୁଁ ଜ୍ଞାନେଶ୍ୱରୀ ପୋଥି ଖୋଲିନଥିଲି ଓ ବାବା ମୋର ଇଚ୍ଛା ସଂପୂର୍ଣ୍ଣ ଭାବରେ ପୂରଣ କରିଥିଲେ ।"

୧୫୮ । ସ୍ନେହଶୀଳା ମାତା କିପରି ତା'ର ପିଲାର ସମସ୍ତ ଇଚ୍ଛା ପୂରଣ କରି ତାହାକୁ ନଷ୍ଟ କରି ଦେଇଥାଏ ! ଏହି ମଧୁର ଅନୁଭୂତିର କାହାଣୀ ଭକ୍ତର ଭକ୍ତିକୁ ଅଧିକ ଦୃଢ଼ୀଭୂତ କରିଥାଏ ।

୧୫୯ । ଦେଓ କହିଥିଲେ, "ସେ ମୋତେ ଖାଲି ପଢ଼ିବାକୁ କହିଦେଇ ଚୁପ୍ ରହିନଥିଲେ । ବର୍ଷେ ପୂରିବା ପୂର୍ବରୁ ସେ ମୋତେ ସ୍ୱପ୍ନରେ ଦର୍ଶନ ଦେଇଥିଲେ । କିପରି ଚମକପ୍ରଦ ପ୍ରଶ୍ନ ସେ ମୋତେ ପଚାରିଥିଲେ, ଶୁଣନ୍ତୁ ।

୧୬୦ । "୧୯୧୪ ମସିହା ଏପ୍ରିଲ ୨ ତାରିଖ[୩] ଗୁରୁବାର ସକାଳେ ମୁଁ ଏହି ବରଦ ସ୍ୱପ୍ନ ଦେଖିଥିଲି ।

୧୬୧ । "ଶ୍ରୀସାଇ ସମର୍ଥ ସ୍ୱପ୍ନରେ ଆସି ପ୍ରଥମ ମହଲାରେ ବସିଥିଲେ । ମୁଁ ପୋଥିକୁ ବୁଝିପାରୁଛି କି ନାହିଁ ବୋଲି ସେ ମୋତେ ପଚାରିଥିଲେ ଓ ମୁଁ ନାସ୍ତିସୂଚକ ଉତ୍ତର ଦେଇଥିଲି ।''

୧୬୨ । ତା'ପରେ ସେ ପଚାରିଥିଲେ, "ତା'ହେଲେ ତୁମେ କେବେ ବୁଝିବ ?" ମୋ ଆଖି ଲୁହରେ ଛଳ ଛଳ ହୋଇଯାଇଥିଲା ଓ ମୁଁ କ'ଣ ଉତ୍ତର ଦେଇଥିଲି, ଶୁଣନ୍ତୁ ।

୧୬୩। "ଆପଣଙ୍କର କରୁଣା ନହେଲେ ପୋଥି ପଢ଼ିବା ଯେତିକି ବିବ୍ରତକର, ଏହାକୁ ବୁଝିପାରିବା ତତୋଧିକ କଷ୍ଟକର। ବାବା ! ମୁଁ ଏକଥା ମୁକ୍ତ କଣ୍ଠରେ ସ୍ୱୀକାର କରୁଛି।"

୧୬୪। ବାବା କହିଥିଲେ, "ତୁମେ ପୋଥି ପଢ଼ିବା ବେଳେ ବହୁତ ତରବର ହୋଇଯାଉଛ। ମୋ ପାଖରେ ବସି ମୋ ଉପସ୍ଥିତିରେ ପଢ଼।"

୧୬୫। କ'ଣ ପଢ଼ିବି ବୋଲି ଦେଓ ପଚାରନ୍ତେ ତାଙ୍କୁ ଆଧ୍ୟାତ୍ମ୍ୟ ପଢ଼ିବା ନିମନ୍ତେ କୁହାଯାଇଥିଲା। ଦେଓ ପୁସ୍ତକ ଆଣିବାକୁ ଯାଇଥିବା ସମୟରେ ତାଙ୍କ ଆଖି ଖୋଲି ଯାଇଥିଲା ଓ ସ୍ୱପ୍ନ ଭାଙ୍ଗି ଯାଇଥିଲା।

୧୬୬। ଦେଓ ଜାଗ୍ରତ ହୋଇଥିଲେ। ଶ୍ରୋତାଗଣ ! ସ୍ୱପ୍ନ କଥା ଚିନ୍ତାକରି ତାଙ୍କର ମନର ଅବସ୍ଥା କିପରି ହୋଇଥିବ ଅନୁମାନ କରି ପାରୁଥିବେ।

୧୬୭। ଆଉ କିଏ ଅବା ବର୍ଷେ ପର୍ଯ୍ୟନ୍ତ ଅପେକ୍ଷା କରି ପିଲା ନିର୍ଦ୍ଦେଶ ମାନି ପୋଥିକୁ ନିୟମିତ ତଥା ଠିକ୍ ଭାବରେ ପଢୁଛି କି ନାହିଁ, ବୁଝିବ ! ଏଭଳି ଅଯଥା ଚିନ୍ତା କିଏ ବା କରିବ ?

୧୬୮। ପିଲା ଶୃଙ୍ଖଳା ମାନି ଚଳୁଥିଲା ତ ? ପାଠପଢ଼ା ନିୟମିତ ହେଉଥିଲା ତ ? ତା'ହେଲେ କାହିଁକି ଫେଲ୍ ହେଲା ? ଏଭଳି ଉତ୍କଣ୍ଠା କିଏ ଅବା ଦେଖାଇବ ?

୧୬୯। ପାଠକ କେଉଁଥି ପ୍ରତି ଧ୍ୟାନ ଦେବେ ? କାହାକୁ ଅଧିକ ଗୁରୁତ୍ୱ ଦେବେ ? ସ୍ନେହଶୀଳା ସାଇମାତାହିଁ କେବଳ ଏଭଳି ଗୁରୁତ୍ୱ ଦେଇଥାନ୍ତି।

୧୭୦। ଭକ୍ତମାନେ ଏଭଳି ବହୁତ କ୍ଷେତ୍ରରେ ଶ୍ରୀସାଇ ସମର୍ଥଙ୍କ ଲୀଳା ଅନୁଭବ କରିଥିଲେ ଓ ଦିବ୍ୟ ଆନନ୍ଦ ଲାଭ କରିଥିଲେ। ମୁଁ ସେସବୁ ମୋ ନିଜ ଆଖିରେ ଦେଖିଛି।

୧୭୧। ଏବେ ସମବେତ ହୋଇଥିବା ସମସ୍ତ ଶ୍ରୋତା ଗୁରୁଙ୍କ ପଦ୍ମପାଦରେ ବିନୀତ ହୋଇ ଉପଯୁକ୍ତ ସମୟରେ ପରବର୍ତ୍ତୀ ଅଭିନବ କାହାଣୀ ଶ୍ରବଣ କରିପାରିବେ।

୧୭୨। ଶ୍ରୀସାଇ ସମର୍ଥଙ୍କ ଚରଣକୁ ସ୍ମରଣ କରି ଅଟଳ ବିଶ୍ୱାସ ସହକାରେ ମୁଁ ସାଷ୍ଟାଙ୍ଗ ପ୍ରଣିପାତ କରୁଛି। ସିଏହିଁ କେବଳ ଏହି ଜଗତର ସମସ୍ତ ଦୁଃଖଶୋକ ଦୂର କରିପାରିବେ। ଭକ୍ତିଭରେ ହେମାଡ଼ ଶରଣାଗତ ହେଉଛି।

୧୭୩। ଶ୍ରୀସାଇହିଁ କେବଳ ମୋର ପ୍ରେରଣା। ଶ୍ରୀସାଇହିଁ କେବଳ ଆଧ୍ୟାତ୍ମିକତାର ପରମ ଆନନ୍ଦ; ଶ୍ରୀସାଇହିଁ କେବଳ ମୋତେ ପରିପୂର୍ଣ୍ଣ କରିପାରିବେ। ମୋର ଏହା ଦୃଢ଼ ବିଶ୍ୱାସ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇଙ୍କର କରୁଣା ଓ ଅନୁଗ୍ରହ ବର୍ଷଣ" ଶୀର୍ଷକ ଏକଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧– ଆନନ୍ଦଉଲ୍ଲାସର ଏକ ପର୍ବ। ଭଲ କାମର ପ୍ରଶଂସା ଏହି ପର୍ବରେ ମିଳିଥାଏ।

୨– ଜଣେ କୁଷ୍ଠରୋଗୀ ଭକ୍ତ। ସେହି ସମୟରେ ବାବାଙ୍କ ନିକଟରେ ଉପସ୍ଥିତ ଥିଲେ।

୩– କୁହାଯାଏ ଯେ ଦେଓ ଏହି ସ୍ୱପ୍ନ ତାଙ୍କର ଶିରିଡ଼ି ଗସ୍ତର ଦୁଇ ମାସ ପରେ ଦେଖିଥିଲେ। ବର୍ଷକର ପ୍ରଶ୍ନ ଉଠୁ ନାହିଁ।

ନିଜ ଗୁରୁଙ୍କ ସମ୍ପର୍କରେ ଶୁଣିଲେ କିମ୍ବା ତାଙ୍କର ମହିମା ଗାନ କଲେ ମନ ପବିତ୍ର ହୋଇଯାଇଥାଏ। ଏକାଗ୍ର ଚିତ୍ତରେ ଓ ଅବିଚଳ ଭାବରେ ତାଙ୍କର ନାମଜପ କଲେ ଆନନ୍ଦ ମୂର୍ତ୍ତିମନ୍ତ ହୋଇ ପ୍ରକାଶ ପାଇଥାଏ। (୪୧ଶ ଅଧ୍ୟାୟ, ପଂକ୍ତି ୩)

॥ ୪୨ ॥

ଶ୍ରୀସାଇନାଥଙ୍କ ଦେହତ୍ୟାଗ (୧)

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରୁବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଓଁ! ଶ୍ରୀମଦ୍ ଗୋଦାବରୀ ତଟବାସୀ, ସର୍ବଅଭୀଷ୍ଟ ପୂରଣକାରୀ, ସଦ୍‌ଗୁରୁଙ୍କ ଚରଣରେ ମୋର ଗଭୀର ପ୍ରଣତି ! ହେ ବ୍ରହ୍ମାବତାର, ଲେଙ୍ଗୁଟିଧାରୀ, ସନ୍ଥ ମଉଡ଼ମଣି, ମୁଁ ଆପଣଙ୍କୁ ପ୍ରଣାମ କରୁଅଛି।

୨ । ସେ ଭବସାଗର ପାରିକରି ଦେବାର ପଥପ୍ରଦର୍ଶକ, ନିରାଶ୍ରୟଙ୍କ ପାଇଁ ନିଜ ପାଦତଳେ ଆଶ୍ରୟଦାତା ଓ ସେ ହେଉଛନ୍ତି ଭକ୍ତ କଳ୍ପଦ୍ରୁମ। ସେ ହେଉଛନ୍ତି ଶ୍ରୀସାଇ, ସନ୍ଥ ଅବତାର ।

୩। ଗତ ଅଧ୍ୟାୟରେ ଶ୍ରୀସାଇଙ୍କର ଫଟୋ କିଭଳି ଜଳରେ ବିସର୍ଜନ ହେବାରୁ ରକ୍ଷା ପାଇଯାଇଥିଲା, ତାହାର ଚମତ୍କାରିତା ବୟାନ କରି ଏକ ଚିତ୍ତାକର୍ଷକ କାହାଣୀର ବର୍ଣ୍ଣନା କରାଯାଇଛି।

୪। ପୁନଶ୍ଚ ସେ କିପରି ଭକ୍ତକୁ ସ୍ୱପ୍ନରେ ଦର୍ଶନ ଦେଇ ଭକ୍ତର ଇଚ୍ଛା ପୂରଣ କରିଥିଲେ ଓ ତାଙ୍କୁ ଜ୍ଞାନେଶ୍ୱରୀ ପାଠ କରିବା ନିମନ୍ତେ ନିଜର ଅନୁମତି ଦେଇ ପ୍ରବର୍ତ୍ତାଇଥିଲେ, ତାହାର ବର୍ଣ୍ଣନା କରାଯାଇଛି।

୫। ସଂକ୍ଷେପରେ କହିଲେ, ତୁମ ପ୍ରତି ଗୁରୁଙ୍କର କରୁଣା ରହିଥିଲେ ସାଂସାରିକ ଜୀବନର ଅଭାବଅସୁବିଧା ଦୂର ହୋଇଯିବ, ଅନାୟାସରେ ସତ୍‌ପଥର ଦ୍ୱାର ଖୋଲିଯିବ ଓ ଦୁଃଖ ପ୍ରକୃତ ସୁଖରେ ପରିବର୍ତ୍ତିତ ହୋଇଯିବ।

୬। ନିରନ୍ତର ସଦ୍‌ଗୁରୁଙ୍କ ଚରଣ ସ୍ମରଣ କଲେ ବାଧା ବିଘ୍ନ ହଟିଯିବ, ମୃତ୍ୟୁର ନାଗଫାଶ ଛିଣ୍ଡିଯିବ ଓ ସାଂସାରିକ ଦୁଃଖଶୋକ ବିସ୍ମୃତ ହୋଇଯିବ।

୭। ତେଣୁ ଶ୍ରୋତାଗଣ, ନିଜର ମଙ୍ଗଳ ଦୃଷ୍ଟିରୁ ଶ୍ରୀସାଇ ସମର୍ଥଙ୍କ କାହାଣୀ ଶୁଣନ୍ତୁ ଓ ତାହା ଶୁଣିଲେ ମହନୀୟ ପବିତ୍ରତା ପ୍ରକୃତରେ ପ୍ରାପ୍ତହେବ।

୮। ଏବେ ଏହି ଅଧ୍ୟାୟରେ ବର୍ଣ୍ଣନାରୁ ଆମେ ଶ୍ରୀସାଇ କିଭଳି କ୍ରୋଧୀ ବା କେତେ ଦରଦୀ ଥିଲେ, ତାହା ଜାଣିବା।

୯। ଏପର୍ଯ୍ୟନ୍ତ ଆପଣମାନେ ପୂର୍ଣ୍ଣ ଏକାଗ୍ରଚିତ୍ତରେ ବାବାଙ୍କର ଜୀବନଚର୍ଯ୍ୟା ଓ ଆଚାରଆଚରଣ ସମ୍ବନ୍ଧରେ ଶୁଣୁଥିଲେ। ସେହିଭଳି ସେ କିପରି ତାଙ୍କର ଦେହତ୍ୟାଗ କରିଥିଲେ, ତାହାକୁ ମନଧ୍ୟାନ ଦେଇ ଶୁଣନ୍ତୁ।

୧୦। ଧନ୍ୟ, ଧନ୍ୟ ସେହି ଶିରିଡ଼ିବାସୀ, ଯେଉଁମାନେ ବାବାଙ୍କ ଗହଣରେ ପଚାଶ ବର୍ଷରୁ ଊର୍ଦ୍ଧ୍ୱକାଳ ବିତାଇ ଦେବାର ଆନନ୍ଦ ପାଇଥିଲେ । ସେହି ସମୟ ନିଶ୍ଚୟ ସେମାନଙ୍କ ପାଇଁ ଅତି ସୁଖପ୍ରଦ ହୋଇଥିବ!

୧୧। ଶକାବ୍ଦ ୧୮୪୦ (ଖ୍ରୀଷ୍ଟାବ୍ଦ ୧୯୧୮) ଦକ୍ଷିଣାୟନରଂ ପ୍ରଥମ ମାସରେ ଶୁକ୍ଳପକ୍ଷ ବିଜୟା ଦଶମୀ

ଦିନ ବାବା ଦେହତ୍ୟାଗ କରିଥିଲେ।

୧୨। ମୁସଲମାନଙ୍କ ମହରମ ମାସର ଏହା ନବମ ଦିନ ଓ 'ବଡ଼ ଛୁରୀର ରାତ୍ରି' ଥିଲା (ଏହି ରାତ୍ରିରେ ଇମାମ ହୁସେନଙ୍କୁ ହତ୍ୟା କରାଯାଇଥିଲା)। ସେହିଦିନ ଅପରାହ୍ନରେ ଶ୍ରୀସାଇନାଥ ଚିର ମୁକ୍ତି ନିମନ୍ତେ ପ୍ରସ୍ତୁତ ହୋଇଥିଲେ।

୧୩। ବୁଦ୍ଧଙ୍କ ଜନ୍ମତିଥିରେ ଯେଉଁଭଳି ଉତ୍ସବ ହୁଏ, ଶ୍ରୀସାଇଙ୍କର ପୁଣ୍ୟତିଥିରେ ସେଇଭଳି ହେଲା । ଦେବଦେବୀଙ୍କର ଜନ୍ମତିଥି ପାଳନ ଯେମିତି ଉତ୍ସବ ମୁଖର, ସନ୍ଥମାନଙ୍କର ମୃତ୍ୟୁବାର୍ଷିକୀ ସେମିତି ହୋଇଥାଏ ।

୧୪। ଘଣ୍ଟାରେ ୧୨ଟା ୩୦ ମିନିଟ୍ ବାଜିଯିବା ପରେ ଦଶମୀ ତିଥି ଅପସରି ଯାଇ ଏକାଦଶୀ ତିଥି ଆସିଥିଲା। ତେଣୁ ତାଙ୍କର ନିର୍ବାଣ ଏକାଦଶୀ ତିଥିରେ ହୋଇଥିଲା।

୧୫। ସୂର୍ଯ୍ୟ ଉଦୟ ସମୟରେ ଦଶହରା ହୋଇଥିବାରୁ ସେହିଦିନ[୨] ବିଜୟା ଦଶମୀ ପାଳନ କରାଯାଉଥିଲା ଓ ସେହି ସ୍ମୃତି ଅନୁଯାୟୀ ପ୍ରତିବର୍ଷ ସେହିଦିନ ପାଳନ କରାଯାଉଛି।

୧୬। ମଙ୍ଗଳବାର ରାତ୍ରି 'ବଡ ଛୁରୀର ରାତ୍ରି' ହୋଇଥିବାରୁ ମୁସଲମାନଙ୍କ ନିମିତ୍ତ ସେହି ଦିନଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ସେହି ଦିନ ମହାନ୍ ଶ୍ରୀସାଇ ନିଜର ଆଲୋକକୁ ବ୍ରହ୍ମାଲୋକ ସହିତ ମିଶାଇ ଦେଇଥିଲେ।

୧୭। ବଙ୍ଗଳାରେ ଏହି ଦିନକୁ ଦୁର୍ଗାପୂଜା ଉତ୍ସବର ଶେଷଦିନ ଭାବରେ ପାଳନ କରାଯାଉଥିଲା ଓ ସମଗ୍ର ଉତ୍ତର ଭାରତରେ ମଧ୍ୟ ଏହାକୁ ପର୍ବଦିନ ଭାବରେ ପାଳନ କରାହେଉଥିଲା ।

୧୮। ଶକାବ୍ଦ ୧୮୩୮ (ଖ୍ରୀଷ୍ଟାବ୍ଦ ୧୯୧୬)ରେ ବିଜୟା ଦଶମୀ ସଂଧ୍ୟାରେ ରାତ୍ରିହେବା ପୂର୍ବରୁ ଭବିଷ୍ୟତ ସମ୍ବନ୍ଧରେ ବାବା ଏକ ସୂଚନା ଦେଇଥିଲେ।

୧୯। ସେହି ଅଚିନ୍ତନୀୟ, ଅଦ୍ଭୁତ ଘଟଣା ମୁଁ ବର୍ଣ୍ଣନା କରିବି ଓ ତାହା ଶୁଣି ଶ୍ରୋତାମାନେ ଚକିତ ହୋଇଯିବେ। ଏହା ଫଳରେ ସେମାନେ ଶ୍ରୀସାଇ ସମର୍ଥଙ୍କର ଅବୋଧ୍ୟ କାର୍ଯ୍ୟକଳାପ ସମ୍ବନ୍ଧରେ ଜାଣିପାରିବେ।

୨୦। ୧୯୧୬ ମସିହାରେ ଦଶହରା ପର୍ବର ସୀମା ଲଙ୍ଘନ[୩] କାର୍ଯ୍ୟକ୍ରମ ସଂଧ୍ୟାରେ ସାରି ଶୋଭାଯାତ୍ରା ଫେରି ଆସିବା ପରେ ଏହି ଅଦ୍ଭୁତ ଘଟଣା ଘଟିଥିଲା।

୨୧। ଆକାଶରେ ମେଘ ଗର୍ଜୁଥିଲା ଓ ବିଜୁଳି ଘଡ଼ଘଡ଼ିରେ ମେଦିନୀ କମ୍ପୁଥିଲା। ସେହି ସମୟରେ ଶ୍ରୀସାଇ ଜମଦଗ୍ନି[୪] ଅବତାର ଗ୍ରହଣ କରିଥିଲେ।

୨୨। ସେ ମୁଣ୍ଡର କପଡ଼ା ଫିଟାଇ ଦେଇଥିଲେ ଏବଂ ହଠାତ୍ କଫନୀ ବାହାର କରିଦେଇଥିଲେ। ଲେଙ୍ଗୁଟି କନା ସହିତ ଧୁନି ମଧ୍ୟକୁ ସବୁ ଫିଙ୍ଗି ଦେଇଥିଲେ । ଧୁନି ଜୋରରେ ଜଳି ଉଠିଥିଲା।

୨୩। ଅଗ୍ନି ପ୍ରଥମରୁ ତେଜୀୟାନ ଥିଲା ଓ ଏହି ଆହୁତି ଗ୍ରହଣ କରି ଅଧିକ ପ୍ରଜ୍ୱଳିତ ହୋଇଥିଲା। ପ୍ରବଳ ଶିଖା ଉପରକୁ ଉଠିଥିଲା ଓ ଜୋରରେ କଡ଼ କଡ଼ ଶବ୍ଦ ଶୁଭିଥିଲା। ଭକ୍ତମାନେ କିଛି ବୁଝି ପାରିନଥିଲେ ।

୨୪। ଅପ୍ରତ୍ୟାଶିତ ଭାବରେ ଏ ସମସ୍ତ ଘଟଣା ଘଟିଯାଇଥିଲା। ବାବାଙ୍କ ମନ ଭିତରେ କ'ଣ ଥିଲା, ତାହା କେହି ଜାଣିପାରି ନଥିଲେ। 'ସୀମାଲଙ୍ଘନ' ସମୟରେ ତାଙ୍କର ଏପରି ଆଚରଣ ଅତ୍ୟନ୍ତ ଭୟପ୍ରଦ ଥିଲା।

୨୫। ଅଗ୍ନିର ଉଜ୍ଜ୍ୱଳତା ବଢ଼ିଥିଲା। କିନ୍ତୁ ବାବାଙ୍କର ଔଜ୍ଜଲ୍ୟ ଅଗ୍ନିଠାରୁ ଅଧିକ ଥିଲା। ଲୋକମାନଙ୍କର ଆଖି ଝଲସି ଯାଇଥିଲା ଓ ସେମାନେ ମୁହଁ ବୁଲାଇ ଦେଇଥିଲେ।

୨୬। ସନ୍ଥଙ୍କ ହସ୍ତରୁ ଆହୁତି ଗ୍ରହଣ କରି ଅଗ୍ନିନାରାୟଣ, ଅଗ୍ନିଦେବତା ପ୍ରୀତ ହୋଇଥିଲେ। ଦିଗମ୍ବର ଜମଦଗ୍ନିଙ୍କୁ ଯେଉଁମାନେ ସ୍ୱଚକ୍ଷୁରେ ସେଦିନ ଦର୍ଶନ କରିଥିଲେ, ସେମାନେ ଧନ୍ୟ ! ସେମାନଙ୍କର ଆଖିକୁ କହିବ ଧନ୍ୟ !

୨୭। ସେ ରାଗରେ ପାଚିଯାଇ ରକ୍ତରଞ୍ଜିତ ଚକ୍ଷୁ ବିସ୍ଫାରିତ କରିଥିଲେ। ପାଟିକରି କହିଥିଲେ: "ମୁଁ ହିନ୍ଦୁ କି ମୁସଲମାନ, ତୁମେ ନିଜେ ଏବେ ସ୍ଥିର କରିନିଅ।"

୨୮। ବଜ୍ରଗମ୍ଭୀର ସ୍ୱରରେ ବାବା କହିଥିଲେ, "ଦେଖ ! ମୁଁ ହିନ୍ଦୁ କି ମୁସଲମାନ ଅବାଧରେ ଆଜି ସ୍ଥିରକର ଓ ନିଜ ନିଜର ସମସ୍ତ ସନ୍ଦେହ ଦୂର କରିଦିଅ।"

୨୯। ଏହି ଦୃଶ୍ୟ ଦେଖି ଚାରିପାଖରେ ରୁଣ୍ଡ ହୋଇଥିବା ଲୋକେ ଭୟରେ ଥରିଥିଲେ ଓ କିଭଳି ବାବାଙ୍କୁ ଶାନ୍ତ କରାଯିବ ବୋଲି କେବଳ ଭାବୁଥିଲେ।

୩୦। ଭାଗୋଜୀ ଶିନ୍ଦେ କୁଷ୍ଠରୋଗୀ ହୋଇଥିଲେ ମଧ୍ୟ ବାବାଙ୍କର ଜଣେ ପରମ ଭକ୍ତ ଥିଲେ। ସେ ସାହସ ସଞ୍ଚୟ କରି ବାବାଙ୍କ ନିକଟକୁ ଆସିଥିଲେ ଓ ତାଙ୍କୁ ଲେଙ୍ଗୁଟି ପିନ୍ଧାଇ ଦେବାକୁ ଚେଷ୍ଟା କରିଥିଲେ।

୩୧ । ସେ କହିଥିଲେ, "ବାବା ! ଏପରି ଆଚରଣ କାହିଁକି କରୁଛନ୍ତି ? ଆଜି ଦଶହରା ପର୍ବର ସୀମାଲଙ୍ଘନ କାର୍ଯ୍ୟକ୍ରମ ପରା !" ବାବା ଉତ୍ତର ଦେଇଥିଲେ, "ଏହା ମଧ୍ୟ ମୋର ସୀମାଲଙ୍ଘନ" ଓ ଏହା କହି ଜୋରରେ ଭୂମି ଉପରେ ସଟକା ବାଡ଼େଇବାରେ ଲାଗିଥିଲେ।

୩୨ । ବାବା ଏହିଭଳି ଅବସ୍ଥାରେ ଧୁନି ନିକଟରେ ବିନା ବସ୍ତ୍ରରେ ଛିଡ଼ା ହୋଇଥିଲେ। ସେହିଦିନ ଚାଓ୍ୱଡ଼ି ଶୋଭାଯାତ୍ରା ବାହାରିବାର କଥା ଥିଲା। ତାହା କିପରି ପାଳନ କରାଯିବ, ସେଥିନେଇ ସମସ୍ତେ ବିବ୍ରତ ଥିଲେ।

୩୩। ଚାଓ୍ୱଡ଼ି ଶୋଭାଯାତ୍ରା ପାଇଁ ସାଧାରଣ ସମୟ ନିର୍ଘଣ୍ଟ ରାତ୍ରି ୯ଟା ଥିବାବେଳେ ସେତେବେଳକୁ ୧୦ଟା ବାଜି ସାରିଥିଲା। ବାବା ସେ ପର୍ଯ୍ୟନ୍ତ ଶାନ୍ତ ପଡ଼ିନଥିଲେ। ଲୋକେ ହଲଚଲ ନହୋଇ କିଂକର୍ତ୍ତବ୍ୟବିମୂଢ଼ ଭାବରେ ଅନେଇ ରହିଥିଲେ।

୩୪। ଦେଖୁ ଦେଖୁ ରାତ୍ରି ୧୧ଟା ବାଜି ଯାଇଥିଲା। ବାବା ଟିକିଏ ଶାନ୍ତ ପଡ଼ି ଆସିଥିଲେ। ନୂଆ ଲେଙ୍ଗୁଟି ପିନ୍ଧିନେଇଥିଲେ ଓ ତା'ପରେ କଫ୍‌ନୀ ପିନ୍ଧିଥିଲେ।

୩୫। ଚାଓ୍ୱଡ଼ି ଯାତ୍ରା ପାଇଁ ଘଣ୍ଟା ବାଜିଥିଲା। ସମବେତ ଲୋକେ ତଥାପି ନିଜ ନିଜ ସ୍ଥାନରେ ବସି ରହିଥିଲେ। ବାବାଙ୍କର ଅନୁମତି ନେଇ ପାଲିଙ୍କି ଫୁଲରେ ସଜାଇ ଅଗଣା ମଧ୍ୟକୁ ଅଣାଯାଇଥିଲା।

୩୬। ରୂପା ଗଦା, କାଗଜ ଫୁଲ, ଚାମର, ଛତ୍ର, ପତାକା ଇତ୍ୟାଦି ନିଆଯାଇ ରାଜକୀୟ ଆଡ଼ମ୍ବରରେ ଯେଉଁ ଶୋଭାଯାତ୍ରା ଦିନେ ଛଡ଼ା ଦିନେ ଯାଉଥିଲା, ତାହା ବାହାରିଥିଲା।

୩୭। ସମବେତ ଭକ୍ତମାନଙ୍କର ମିଳିତ କଣ୍ଠରେ "ଜୟ, ଜୟ ସାଇନାଥ !" ଧ୍ୱନି ଜୋରରେ ପ୍ରତିଧ୍ୱନିତ ହୋଇଥିଲା। ଆନନ୍ଦର ଲହରୀ ଖେଳିଯାଇଥିଲା।

୩୮। ପରେ ଗୋଟିଏ ଭଲ ଧଳା କପଡ଼ା ବାବା ମୁଣ୍ଡ ଉପରେ ଗୁଡ଼ାଇ ନେଇଥିଲେ। ସେ ତାଙ୍କର ଚିଲମ, ତମାଖୁ ଓ ସଟ୍‌କା ହାତରେ ଉଠାଇ ନେଇଥିଲେ ଏବଂ ସତେ ଯେପରି ଏହା ଯାତ୍ରା କରିବାର ଶୁଭ ମୁହୂର୍ତ୍ତ ବୋଲି ସୂଚାଇ ଦେଇଥିଲେ।

୩୯। କେହି କେହି ଛତ୍ର ଧାରଣ କରିଥିବା ସମୟରେ କେହି ଚାମର ଧରିଥିଲେ। କିଏ ମୟୂର ଚନ୍ଦ୍ରିକାର ଆଳଙ୍କାରିକ ଆଲଟ ଧରିଥିବା ସମୟରେ ଆଉ କେହି କେହି ଇଗଲଅଙ୍କା ପତାକା ଓ ରେଶମ କପଡ଼ାରେ ଜରିକାମକରା ନିଶାଣ ଧରିଥିଲେ। ଦଣ୍ଡଧାରୀମାନେ ସେମାନଙ୍କର ହସ୍ତରେ ଦଣ୍ଡ ଧାରଣ କରିଥିଲେ ।

୪୦। ଏହି ବାହାନାରେ ଶ୍ରୀସାଇ ସମସ୍ତଙ୍କୁ ସୂଚାଇ ଦେଇଥିଲେ ଯେ ଜାଗତିକ ସ୍ଥିତିର ସୀମାଲଙ୍ଘନ କରିବାକୁ ଦଶହରା ହିଁ ଶୁଭ ସମୟ।

୪୧। ତା'ପରେ ଶିରିଡ଼ିବାସୀଙ୍କ ସହିତ ଆଉ ଗୋଟିଏ ଦଶହରା ବାବା ପାଳନ କରିଥିଲେ। ତାହାର ପରବର୍ତ୍ତୀ ଦଶହରା ଶୁଭ ସମୟ ହେବ ବୋଲି ବିଚାର କରି ସେ ତାଙ୍କର ଶରୀର ଭୂମିକୁ ଅର୍ପଣ କରି ଦେଇଥିଲେ।

୪୨। ସେ ଯେ କେବଳ ସୂଚନା ଦେଇଥିଲେ ତାହା ନୁହେଁ, ଲୋକମାନଙ୍କୁ ତାହାର ଅନୁଭୂତି ମଧ୍ୟ ପ୍ରଦାନ କରିଥିଲେ। ତାଙ୍କର ଶରୀର ଏକ ପୋଷାକ ସଦୃଶ ଥିଲା । ସେ ତାହାକୁ ସେଦିନ ଯାଗାଗ୍ନିରେ ଆହୁତି ଦେଇଥିଲେ ।

୪୩। ୧୯୧୮ ମସିହାର ଦଶହରା ପର୍ବ ସମୟରେ ସେ ତାଙ୍କର ବାକ୍ୟ ଅନୁଯାୟୀ ଶୁଭ ମୁହୂର୍ତ୍ତ ଦେଖି ପରାମାତ୍ମାଙ୍କ ସହିତ ନିଜକୁ ନିମଜ୍ଜିତ କରି ଦେଇଥିଲେ।

୪୪। ମୁଁ ଏକଥା ଲେଖିବାବେଳେ ମୋର ବାବାଙ୍କ ସମ୍ପର୍କରେ ଅନ୍ୟ ଏକ ଘଟଣା ମନେ ପଡ଼ିଯାଉଛି। ତାହା ପୂର୍ବରୁ ଥରେ ଏହି ଦଶହରାବେଳେ ଘଟିଥିଲା ।

୪୫। ଶିରିଡ଼ିର ପାଟିଲ ରାମଚନ୍ଦ୍ର ଦାଦା ଥରେ ଖୁବ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କର ଯନ୍ତ୍ରଣା ଅତ୍ୟଧିକ ଓ ଅସହ୍ୟ ଥିଲା।

୪୬। ସବୁ ପ୍ରକାର ଚିକିତ୍ସା କରାଯାଇଥିଲେ ମଧ୍ୟ ତାଙ୍କର ରୋଗ ଯନ୍ତ୍ରଣା କମିନଥିଲା। ସେ ଜୀବନ ପ୍ରତି ବୀତସ୍ପୃହ ହୋଇପଡ଼ିଥିଲେ ଓ ବହୁତ ବିବ୍ରତ ଥିଲେ।

୪୭। ସେ ଏଭଳି ମାନସିକ ଅବସ୍ଥା ମଧ୍ୟରେ ଥିବା ସମୟରେ ଦିନେ ଅର୍ଦ୍ଧରାତ୍ରିରେ ବିଛଣାରେ ଶୋଇଥିବା ବେଳେ ହଠାତ୍ ତାଙ୍କର ମୁଣ୍ଡ ପାଖରେ ବାବା ଛିଡ଼ା ହୋଇଥିବାର ଦର୍ଶନ କରିଥିଲେ।

୪୮। ପାଟିଲ ବାବାଙ୍କର ଗୋଡ଼ ଧରି ହତାଶ ହୋଇ କହିଥିଲେ, "ମୋର ମୃତ୍ୟୁ କେବେ ହେବ, ଦୟାକରି ମୋତେ କହିଦିଅନ୍ତୁ।

୪୯। "ମୁଁ ଜୀବନ ପ୍ରତି ବୀତସ୍ପୃହ ହୋଇ ପଡ଼ିଲିଣି। ମୃତ୍ୟୁକୁ ମୁଁ ଡରୁନାହିଁ। ମୃତ୍ୟୁ କେତେବେଳେ ଆସିବ, କେବଳ ଅପେକ୍ଷା କରି ରହିଛି।"

୫୦। ତାହା ପରେ କରୁଣାବତାର ବାବା କହିଥିଲେ, "ବ୍ୟସ୍ତ ହୁଅନାହିଁ । ତୁମର ଜୀବନ ପ୍ରତି ବିପଦର ଆଶଙ୍କାକୁ ହଟାଇ ଦିଆଯାଇଛି। ତୁମେ ଅଯଥାରେ ଚିନ୍ତା କରୁଛ କାହିଁକି ?

୫୧। "ତୁମର ଡରିବାର କୌଣସି କାରଣ ନାହିଁ। ତୁମ ମୃତ୍ୟୁର ପରୱାନାକୁ ଫେରାଇ ଦିଆଯାଇଛି। କିନ୍ତୁ ରାମଚନ୍ଦ୍ର ! ମୁଁ ତାତ୍ୟାକୁ ରକ୍ଷା କରିବାର ବାଟ ଦେଖି ପାରୁନାହିଁ।

୫୨। "ଶକାବ୍ଦ ୧୮୪୦ରେ ସୂର୍ଯ୍ୟଙ୍କର ଦକ୍ଷିଣାୟନ ସମୟରେ ଆଶ୍ୱିନ ମାସର ଶୁକ୍ଳପକ୍ଷରେ ବିଜୟା ଦଶମୀ ଦିନ ତାତ୍ୟା ସ୍ୱର୍ଗଗାମୀ ହେବ।

୫୩। "କିନ୍ତୁ, ତାକୁ ଏ ସଂପର୍କରେ କିଛି କହିବ ନାହିଁ। କହିଦେଲେ ସେ ଡରିଯାଇ ଦିବାରାତ୍ର ଚିନ୍ତା କରିବ । ମୃତ୍ୟୁକୁ କେହି ଭଲ ପାଆନ୍ତି ନାହିଁ।"

୫୪। ମାତ୍ର ଦୁଇବର୍ଷ ରହିଥିଲା। ତାତ୍ୟାର ଶେଷ ସମୟ ପାଖେଇ ଆସୁଥିଲା। ରାମଚନ୍ଦ୍ର ଉତ୍କଣ୍ଠିତ ହୋଇ ପଡ଼ିଥିଲେ। କାରଣ, ବାବାଙ୍କର ବଚନ ସଦାବେଳେ ସତ୍ୟ ହେଉଥିଲା ଓ ବଜ୍ରସମ ଅଟଳ ଥିଲା।

ରାମଚନ୍ଦ୍ର ଦାଦା ପାଟିଲ

୫୫। ତାତ୍ୟାଙ୍କୁ କେବେ ଏହି ଭବିଷ୍ୟତବାଣୀ ପାଟିଲ କହିନଥିଲେ। କିନ୍ତୁ ବାଲାଶିମ୍ପିଙ୍କୁ ଏ କଥା ସେ କହିଥିଲେ। ଆଉ କାହାରି ନିକଟରେ ଏହା ପ୍ରକାଶ ନକରିବାକୁ ଅନୁରୋଧ କରିଥିଲେ। ଉଭୟ ଏଥିପାଇଁ ବହୁତ ଚିନ୍ତିତ ଥିଲେ।

୫୬। ସେହିଦିନଠାରୁ ରାମଚନ୍ଦ୍ର ପାଟିଲ ପ୍ରକୃତରେ ସୁସ୍ଥ ହେବା ଆରମ୍ଭ କରିଥିଲେ ଓ ବିଛଣା ଛାଡ଼ିଥିଲେ। ଦିନ ପରେ ଦିନ ସମସ୍ତଙ୍କ ଅଜାଣତରେ କଟି ଯାଇଥିଲା।

୫୭। ବାବାଙ୍କ ବଚନର ସତ୍ୟତା ବଡ଼ ଅଦ୍ଭୁତ ! ଶକାବ୍ଦ ୧୮୪୦ର ଭାଦ୍ରବ ମାସ ଶେଷ ହୋଇଥିଲା ଓ ଆଶ୍ୱିନ ଆରମ୍ଭ ହୋଇଥିଲା । ତାତ୍ୟାଙ୍କ ଶରୀର ଖରାପ ହୋଇଥିଲା ଓ ସେ ଶଯ୍ୟାଶାୟୀ ହୋଇଥିଲେ।

୫୮। ଗୋଟିଏ ପକ୍ଷରେ ତାତ୍ୟା ଘରେ ଜ୍ୱରରେ ପଡ଼ିଥିବା ସମୟରେ ଅପର ପକ୍ଷରେ ବାବାଙ୍କୁ ପ୍ରବଳ କମ୍ପ ହେଉଥିଲା। ତାତ୍ୟାଙ୍କର ବାବାଙ୍କ ଉପରେ ଅଗାଧ ବିଶ୍ୱାସ ଥିଲା ଓ ବାବାଙ୍କର ରକ୍ଷାକର୍ତ୍ତା ସ୍ୱୟଂ ଈଶ୍ୱର ଥିଲେ।

୫୯। ତାତ୍ୟା ଶଯ୍ୟା ତ୍ୟାଗକରି ବାବାଙ୍କୁ ଦର୍ଶନ କରିବାକୁ ଆସି ପାରୁନଥିଲେ। ତାଙ୍କର ଶରୀରରେ ପ୍ରବଳ କଷ୍ଟ ହେଉଥିଲା ଓ ସେ ତାହା ସହ୍ୟ କରି ପାରୁନଥିଲେ।

୬୦। ସେ ନିଜର ଯନ୍ତ୍ରଣା ନିମିତ୍ତ ବ୍ୟଥିତ ଥିବା ସତ୍ତ୍ୱେ ତାଙ୍କର ମନ ଅହରହ ବାବାଙ୍କୁ ସ୍ମରଣ କରୁଥିଲା। ସେ ଏପଟ ସେପଟ ହୋଇପାରୁନଥିଲେ ଓ ତାଙ୍କର ଯନ୍ତ୍ରଣା ଅଧିକ ବଢ଼ୁଥିଲା।

୬୧। ଅନ୍ୟ ପକ୍ଷରେ ବାବାଙ୍କର ବିଳାପ ଓ କୋହ ଦିନ ପରେ ଦିନ ଦ୍ୱିଗୁଣିତ ହୋଇଥିଲା। ଅଳ୍ପକ୍ଷଣ ମଧ୍ୟରେ ଅସୁସ୍ଥତା ନିୟନ୍ତ୍ରଣର ବାହାରକୁ ଚାଲିଯାଇଥିଲା ଓ ଆଦୌ କମିନଥିଲା।

୬୨। ବାବାଙ୍କ ଭବିଷ୍ୟବାଣୀରେ ସୂଚିତ ଦିନ ପାଖେଇ ଆସୁଥିଲା। ବାଲା ଶିମ୍ପି ଓ ରାମଚନ୍ଦ୍ର ପାଟିଲ ଉଭୟେ ଭୟରେ ଥରୁଥିଲେ।

୬୩। ସେମାନେ କହିଥିଲେ, "ବାବାଙ୍କର କଥା ଏକଦମ୍ ସତ୍ୟ। ବର୍ତ୍ତମାନ ତାହା ନିଶ୍ଚିତ ହୋଇଗଲାଣି । ଲକ୍ଷଣ ଆଦୌ ଭଲ ନୁହେଁ ଓ ଯନ୍ତ୍ରଣା ବଢ଼ି ବଢ଼ି ଚାଲିଛି।"

୬୪। ଶୁକ୍ଳ ପକ୍ଷର ଦଶମୀ ଆସି ଯାଇଥିଲା। ତାତ୍ୟାଙ୍କର ନାଡ଼ୀଗତି ଶିଥିଳ ହୋଇଯାଇଥିଲା ଓ ମୃତ୍ୟୁର ସମସ୍ତ ଲକ୍ଷଣ ଦେଖାଦେଇଥିଲା। ତାଙ୍କୁ ବେଢ଼ି ରହିଥିବା ଆତ୍ମୀୟମାନେ ଆଶା ଛାଡ଼ି ଦେଇଥିଲେ।

୬୫। ତାହା ପରେ ଏକ ଅଦ୍ଭୁତ ଘଟଣା ଘଟିଥିଲା ! ତାତ୍ୟାଙ୍କର ଜୀବନ ପ୍ରତି ଭୟ ଟଳିଯାଇଥିଲା। ତାତ୍ୟା ବଞ୍ଚି ଯାଇଥିଲେ କିନ୍ତୁ ବାବା ଚାଲି ଯାଇଥିଲେ। ସତେ ଯେପରି ସେ ତାଙ୍କ ସହିତ ସ୍ଥାନ ବଦଳ କରି ଦେଇଥିଲେ !

୬୬। ଏବେ ବାବାଙ୍କର ଉକ୍ତିକୁ ମନେ ପକାନ୍ତୁ। ଯଦିଓ ବାବା ତାତ୍ୟାଙ୍କ ନାମ ନେଇଥିଲେ, ସେ ନିଜେ ଫେରିଯିବାର ଘଣ୍ଟା, କଣ୍ଟା ଓ ମିନିଟ୍ ସ୍ଥିର କରିସାରିଥିଲେ।


ତାତ୍ୟା ଜି. କୋତେ ପାଟିଲ

୬୭। ବାବା ଯେଉଁ ସୂଚନା

ଦେଇଥିଲେ, ସେଥିରେ ସେ ଭବିଷ୍ୟତ ଆଡ଼କୁ ଆଲୋକ ପକାଇଥିଲେ । ଏକଥା ଅସ୍ୱୀକାର କରି ହେବନାହିଁ । ତେବେ ଘଟଣା ଘଟିନଯିବା ପର୍ଯ୍ୟନ୍ତ କେହି ତାହାର ଗୂଢ଼ ଅର୍ଥ ବୁଝିପାରିନଥିଲେ ।

୬୮ । ଲୋକେ କହନ୍ତି ଯେ ବାବା ନିଜର ଜୀବନ ଦେଇ ତାତ୍ୟାଙ୍କର ମୃତ୍ୟୁକୁ ଏଡ଼ାଇ ଦେଇଥିଲେ । ସତ୍ୟ କ'ଣ, ସେ ହିଁ କେବଳ ଜାଣିଥିଲେ ।

୬୯ । ଯେଉଁ ଦିନ ବାବା ଦେହତ୍ୟାଗ କରିଥିଲେ, ସେହିଦିନ ରାତ୍ରିର ଶେଷ ଆଡ଼କୁ ସୂର୍ଯ୍ୟୋଦୟ ପୂର୍ବରୁ, ଦାସଗଣୁଙ୍କୁ ପଣ୍ଢରପୁରଠାରେ ବାବା ସ୍ୱପ୍ନରେ ଦର୍ଶନ ଦେଇଥିଲେ ।

୭୦ । "ମସ୍‌ଜିଦ୍ ଭାଙ୍ଗି ପଡ଼ିଛି । ଶିରିଡ଼ିର ସବୁ ଦୋକାନୀ ଓ ତେଲୀମାନେ ମୋତେ ବଡ଼ ହଇରାଣ କରିବାରୁ ମୁଁ ସେହି ସ୍ଥାନ ଛାଡ଼ିଦେଉଛି ।

୭୧ । " ତେଣୁ ମୁଁ ଏଠାକୁ ଆସିଛି । ମୋର ଶରୀରକୁ ବଉଳ ଫୁଲରେ ଘୋଡ଼ାଇଦିଅ । ମୋର ଏଇ ଇଚ୍ଛା ପୂରଣ କର । ଶିରିଡ଼ି ଶୀଘ୍ର ଆସ !"

୭୨ । ଠିକ୍ ସେହି ସମୟରେ ସେ ଶିରିଡ଼ିରୁ ପ୍ରେରିତ ଏକ ପତ୍ରରୁ ବାବାଙ୍କର ମହାପ୍ରୟାଣ ସମ୍ପର୍କରେ ଅବଗତ ହୋଇଥିଲେ । ଏହି ଖବର ପାଇ ଦାସଗଣୁ କ୍ଷଣେମାତ୍ର ବିଳମ୍ବ ନକରି ଶିରିଡ଼ି ବାହାରି ଆସିଥିଲେ ।

୭୩ । ତାଙ୍କ ସହିତ ତାଙ୍କର ସବୁ ଶିଷ୍ୟ ମଧ୍ୟ ଆସିଥିଲେ । ବାବାଙ୍କ ମରଶରୀର ପାଖରେ ସେମାନଙ୍କୁ ବସାଇ ପ୍ରଭୁଙ୍କର ନାମ କୀର୍ତ୍ତନ ଓ ଭଜନ ଉଚ୍ଚସ୍ୱରରେ ସେ ଦିନତମାମ ଗାନ କରିଥିଲେ ।

୭୪ । ସେ ନିଜ ହସ୍ତରେ ସୁନ୍ଦର ପୁଷ୍ପମାଳଟିଏ ଗୁନ୍ଥିଥିଲେ ଓ ସେଥିରେ ହରିନାମ ଖଞ୍ଜିଦେଇ ବାବାଙ୍କ ମରଶରୀର ଉପରେ ସେହି ମାଳ ଶ୍ରଦ୍ଧା ସହକାରେ ଅର୍ପଣ କରିଥିଲେ ଓ ନୈବେଦ୍ୟ ପ୍ରଦାନ କରିଥିଲେ ।

୭୫ । ନିରନ୍ତର ପ୍ରଭୁଙ୍କ ନାମ ଜପର ପ୍ରତିଧ୍ୱନିରେ ଶିରିଡ଼ି ସ୍ୱର୍ଗସମ ସ୍ଥାନ ବୋଲି ମନେ ହେଉଥିଲା । ସମଗ୍ର ବାତାବରଣ ପ୍ରଭୁଙ୍କ ନାମ କୀର୍ତ୍ତନରେ ଭରି ଯାଇଥିଲା ଓ ସମସ୍ତଙ୍କୁ ମନ ପୂରାଇ ଆସ୍ୱାଦନ କରିବାର ପ୍ରଚୁର ଆନନ୍ଦ ଦେଇ ଦାସ ଗଣୁ ଆପ୍ୟାୟିତ କରିଥିଲେ ।

୭୬ । ବାବା କାହିଁକି ଦଶହରାକୁ ଭଲପାଉଥିଲେ ? କାରଣ, ଏହି ଦିନଟି ବର୍ଷଯାକରେ ସାଢ଼େ ତିନିଦିନ ଶୁଭଦିନ ମଧ୍ୟରୁ ଗୋଟିଏ ଶୁଭଦିନ (ଏହି ଦିନଗୁଡ଼ିକରେ ଶୁଭ ମୁହୂର୍ତ୍ତ ଖୋଜିବା ପାଇଁ ପଡ଼ିନଥାଏ) । ଯାତ୍ରା କରିବାପାଇଁ ଥିଲେ ଶୁଭ ମୁହୂର୍ତ୍ତ ଖୋଜା ଯାଇଥାଏ ବା ଏଭଳି ମୁହୂର୍ତ୍ତକୁ ଗୁରୁତ୍ୱ ଦିଆଯାଇଥାଏ । ଏକଥା ସମସ୍ତେ ଭଲଭାବରେ ଜାଣନ୍ତି ।

୭୭ । ଯିଏ ଜନ୍ମ ବା ମୃତ୍ୟୁଠାରୁ ଊର୍ଦ୍ଧ୍ୱରେ, ତାଙ୍କର ପୁଣି ଯାତ୍ରା କ'ଣ ଓ ସେଥିପାଇଁ ପୁଣି ଶୁଭ ମୁହୂର୍ତ୍ତ ଖୋଜିବାର ଆବଶ୍ୟକତା କ'ଣ ? ଏକଥା କହିବା ମଧ୍ୟ ଠିକ୍ ନୁହେଁ ।

୭୮ । ଯିଏ କୌଣସି ଧର୍ମ ମଧ୍ୟରେ ବା ଅନ୍ୟଥା ଆବଦ୍ଧ ନୁହଁନ୍ତି, ଯିଏ ସମସ୍ତ ଆସକ୍ତିକୁ ନିୟନ୍ତ୍ରଣ ମଧ୍ୟରେ ରଖିଥାନ୍ତି, ଓ ଯାହାଙ୍କର ଜୀବନଶକ୍ତିର ଊର୍ଦ୍ଧ୍ୱଗତି ନାହିଁ, ତାଙ୍କ ପାଇଁ ନିର୍ବାଣ କ'ଣ ଦରକାର ?

୭୯ । ବ୍ରହ୍ମୈବ ସଂବ୍ରହ୍ମପା ଯେତି[୫] । ଶ୍ରୀସାଇ ମହାରାଜଙ୍କ କ୍ଷେତ୍ରରେ ଏହି ବର୍ଣ୍ଣନା ପ୍ରଯୁଜ୍ୟ । ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ । ତାଙ୍କ ପାଇଁ ନିର୍ବାଣ କ'ଣ ?

୮୦ । ସୂର୍ଯ୍ୟ ଉତ୍ତରକୁ କିମ୍ବା ଦକ୍ଷିଣକୁ ଗତି କରିବାର ଦେଖାଯାଇଥାଏ । କିନ୍ତୁ ଯିଏ ଆଦୌ ଗତି କରନ୍ତି ନାହିଁ ଓ ଯାହାଙ୍କର ଜୀବନୀଶକ୍ତି ଯେଉଁଠାରେ ବିଦ୍ୟମାନ ସେଇଠାରେହିଁ ପରମଶକ୍ତି ସହିତ ମିଳିତ ହୋଇଥାଏ, ତାହା ଆଲୋକବର୍ତ୍ତିକା ନିର୍ବାପିତ ହୋଇ ଅନ୍ଧାର ଘୋଟିଯିବା ଭଳି ପ୍ରତୀତ ହୋଇଥାଏ ।

୮୧ । ଶରୀରକୁ ପଞ୍ଚଭୂତରୁ କରଜ ଅଣାଯାଇଥାଏ । ଶରୀରର କାର୍ଯ୍ୟ ସମାପ୍ତି ପରେ ଏହା ସେହି ପଞ୍ଚଭୂତକୁ ଫେରି ଯାଇଥାଏ ।

୮୨ । କ'ଣ ଘଟିବାକୁ ଯାଉଛି, ତାହାର ସୂଚନା ପୂର୍ବରୁ ବାବା ଅଦ୍ଭୁତ ଉପାୟରେ ଦେଇଥିଲେ । ମୂଲ୍ୟବାନ ସମୟ ବିତିଯାଇଛି, କିନ୍ତୁ ଯଶ ରହିଛି ।

୮୩ । ଜ୍ୱର ହେବା ଏକ ବାହାନା ଥିଲା । ସେ ସାଧାରଣ ଲୋକଙ୍କ ପରି ସମୟେ ସମୟେ ଯନ୍ତ୍ରଣାରେ କଷ୍ଟପାଇବା ଓ ବେଦନା ପ୍ରକାଶ କରିବାର ଛଳନା କରୁଥିଲେ । କିନ୍ତୁ ଅନ୍ତର ମଧ୍ୟରେ ସେ ସଦା ଜାଗ୍ରତ ଓ ସତର୍କ ରହୁଥିଲେ ।

୮୪ । ସକାଳ ସାଢ଼େ ନଅଟା ବା ଦଶଟା ପରେ ଯେତେବେଳେ ନିର୍ବାଣ ପାଖେଇ ଆସୁଥିଲା, ସେ ପୂର୍ଣ୍ଣ ସଚେତନ ରହି ଆପେ ଆପେ ଉଠି ବସିଥିଲେ ।

୮୫। ବାବାଙ୍କୁ ଏପରି ଅବସ୍ଥାରେ ଉଠିବାର ଦେଖି ଲୋକମାନଙ୍କ ମନରେ ଆଶାର ସଞ୍ଚାର ସୃଷ୍ଟି ହୋଇଥିଲା। ବିପଦ ସମୟ ବା ଅଶୁଭ ସମୟ ଟଳିଗଲା ବୋଲି ସମସ୍ତେ ଅନୁଭବ କରିଥିଲେ ।

୮୬। ସମସ୍ତେ ଏପରି ବିଷଣ୍ଣ ଓ ବିବ୍ରତ ଅବସ୍ଥାରେ ବସିରହିଥିବା ସମୟରେ ବାବାଙ୍କର ନିର୍ବାଣ ସମୟ ପାଖେଇ ଆସିଥିଲା। ସେତେବେଳେ କ'ଣ ଘଟିଥିଲା, ଶୁଣନ୍ତୁ।

୮୭। ନିର୍ବାଣ ନିମନ୍ତେ ଅଳ୍ପ କିଛିକ୍ଷଣ ବାକି ଥିବା ସମୟରେ, ତାଙ୍କ ମନ ଭିତରେ କ'ଣ ଅଛି ବୋଲି କେହି ଜାଣି ପାରୁନଥିଲେ । ସେ କଫ୍‌ନୀ ପକେଟରେ ହାତ ପୂରାଇଥିଲେ ଓ ଦାନ ଦେବାର ଏହାହିଁ ଥିଲା ପ୍ରକୃଷ୍ଟ ସମୟ ବୋଲି ସେ ଜାଣିଥିଲେ ।

୮୮। ଲକ୍ଷ୍ମୀ ନାମ୍ନୀ ଜଣେ ସମସ୍ତ ସଦ୍‌ଗୁଣ ବିଭୂଷିତା ମହିଳା ସେହି ସମୟରେ ବାବାଙ୍କ ନିକଟରେ ଥିଲେ। ତାଙ୍କର ସମସ୍ତ କାମ ତାଙ୍କ ନାମ ସମକକ୍ଷ ଥିଲା । ଶ୍ରୀସାଇଙ୍କ ଚରଣରେ ତାଙ୍କର ସର୍ବଦା ଭକ୍ତି ରହିଥିଲା ।

୮୯। ବାବା ଅତ୍ୟନ୍ତ ସାବଧାନତା ସହକାରେ ତାଙ୍କୁ କିଛି ଟଙ୍କା ଦେଇଥିଲେ । ସେତେବେଳକୁ ବାବା ତାଙ୍କର ନିର୍ବାଣ ଆସନ୍ନ ବୋଲି ଜାଣିସାରିଥିଲେ।

୯୦। ସେ ସେହି ଲକ୍ଷ୍ମୀବାଇ ଶିନ୍ଦେ ଥିଲେ ଯିଏକି ବାବାଙ୍କର ଆବଶ୍ୟକ ସେବା କିମ୍ବା ଅନ୍ୟ କୌଣସି କାର୍ଯ୍ୟ କରିବା ନିମନ୍ତେ ମସ୍‌ଜିଦ୍‌କୁ ବରାବର ଆସୁଥିଲେ।

୯୧। ଦିନବେଳା ନିୟମତଃ ବାବାଙ୍କ ଦରବାର ସମସ୍ତଙ୍କ ନିମିତ୍ତ ଖୋଲା ରହୁଥିଲା। ସେତେବେଳେ ସାଧାରଣତଃ କାହାରିକୁ ଫେରାଇ ଦିଆଯାଉନଥିଲା। କିନ୍ତୁ ରାତ୍ରିରେ ନିୟମ ବହୁତ କଠୋର ଥିଲା।

୯୨। ସଂଧ୍ୟାଆରତି ପରେ ସମସ୍ତେ ନିଜ ନିଜ ଗୃହକୁ ଫେରିଯାଉଥିଲେ ଓ ତା' ପରଦିନ ସକାଳେ ମସ୍‌ଜିଦ୍‌କୁ ଆସୁଥିଲେ।

୯୩। କିନ୍ତୁ, ଭଗତ ମହାଲସାପତି, ଦାଦା କେଲକର ଓ ଲକ୍ଷ୍ମୀଙ୍କର ଭକ୍ତିକୁ ବିଚାରକୁ ନିଆଯାଇ ସେମାନଙ୍କର ରାତ୍ରି ଗତାଗତକୁ ବାରଣ କରାଯାଉନଥିଲା।

୯୪। ସେହି ଲକ୍ଷ୍ମୀ ପ୍ରତିଦିନ ଠିକ୍ ସମୟରେ ବାବାଙ୍କ ନିମିତ୍ତ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ରୁଟି ଓ ତରକାରୀ ପଠାଉଥିଲେ। ତାଙ୍କର ଏହି ସେବାକୁ ଉପଯୁକ୍ତ ପ୍ରଶଂସା କରିବାର ଭାଷା ମିଳେନାହିଁ!

୯୫। ଯେତେବେଳେ ଆପଣମାନେ ରୁଟି ପଠାଇବାର ମୂଳ କାରଣ ସମ୍ବନ୍ଧରେ ଶୁଣିବେ, ସେତେବେଳେ ବାବାଙ୍କର ଦୟାର୍ଦ୍ର ହୃଦୟ ସମ୍ବନ୍ଧରେ ଜାଣିପାରିବେ ଓ କୁକୁର ତଥା ଘୁଷୁରୀଙ୍କ ସହିତ ତାଙ୍କର ଏକାତ୍ମଭାବର ପରିଚୟ ପାଇ ପାରିବେ। ଆପଣମାନେ ଚକିତ ହୋଇଯିବେ।

୯୬। ଦିନେ ସଂଧ୍ୟାବେଳେ ବାବା କାନ୍ଥ ଆଡ଼କୁ ପିଠି ଦେଇ ଛାତିକୁ ରେଲିଂଉପରେ ଭରାଦେଇ ଖୁସିବାସି କଥା ହେଉଥିଲେ। ସେତିକିବେଳେ ସେଠାରେ ଲକ୍ଷ୍ମୀ ଆସି ପହଞ୍ଚିଥିଲେ।

୯୭। ପାଖରେ ତାତ୍ୟା ପାଟିଲ ଓ ଅନ୍ୟମାନେ ମଧ୍ୟ ଥିଲେ। ଲକ୍ଷ୍ମୀ ବାବାଙ୍କୁ ସଭକ୍ତି ପ୍ରଣାମ ଜଣାଇ ସାରିବା ପରେ ବାବା ତାଙ୍କୁ କହିଥିଲେ-

୯୮। "ଲକ୍ଷ୍ମୀ, ମୋତେ ଭୋକ ଲାଗୁଛି।" ଉତ୍ତରରେ ଲକ୍ଷ୍ମୀ କହିଲେ, "ବାବା, ମୁଁ ଯାଇ ରୁଟି ଆଣୁଛି। ମୁଁ ଯିବି ଓ ସାଂଗେ ସାଂଗେ ନେଇ ଫେରି ଆସିବି।"

୯୯। ଏକଥା କହି ସେ ତତ୍‌କ୍ଷଣାତ୍ ଚାଲି ଯାଇଥିଲେ। ଘରେ ସେ କେତୋଟି ରୁଟି ସେକିଥିଲେ ଓ କୌଣସି ସମୟ ନଷ୍ଟ ନକରି ଫେରିଆସିଥିଲେ । ତା' ସାଙ୍ଗରେ କିଛି ତରକାରୀ ଓ ଚଟଣୀ ମଧ୍ୟ ଆଣିଥିଲେ । ଏହି ଜଳଖିଆ ବାବାଙ୍କ ସାମ୍ନାରେ ରଖିଦେଇଥିଲେ।

୧୦୦। ବାବା ଥାଳିଟିକୁ ଉଠାଇ ନେଇ କୁକୁର ଆଗରେ ରଖି ଦେଇଥିଲେ। "ବାବା! ଆପଣ ଏ କ'ଣ କଲେ?", ଲକ୍ଷ୍ମୀ ସାଙ୍ଗେ ସାଙ୍ଗେ ପଚାରିଥିଲେ।

୧୦୧। "ମୁଁ ଦୌଡ଼ି ଦୌଡ଼ି ଗଲି ଓ ତରବର ହୋଇ ରୁଟି ସେକିଲି, ଅଥଚ ଆପଣ ତାହାକୁ କୁକୁରକୁ ଦେଇଦେଲେ! ଏହା ଆପଣଙ୍କର କି ନୂଆ କଥା?

୧୦୨। "ଆପଣଙ୍କୁ ଭୋକ ଲାଗୁଛି ବୋଲି କହୁଥିଲେ। ଇଏ କିପରି ଅଦ୍ଭୁତ ପ୍ରକାରର ଭୋକ? ମୁଁ ଯାହା ଆପଣଙ୍କ ପାଇଁ ଖାଇବାକୁ ଆଣିଛି, ଆପଣ ତାକୁ ଟିକିଏ ମଧ୍ୟ ଚାଖି ନାହାନ୍ତି! ଆପଣ ମୋତେ ଅଯଥାରେ ହଇରାଣ କଲେ।"

୧୦୩। ତା'ପରେ ବାବା ତାଙ୍କୁ କହିଥିଲେ, "ତୁମେ ଅଯଥାରେ ବ୍ୟସ୍ତ ହେଉଛ କାହିଁକି? ଏହି କୁକୁରର କ୍ଷୁଧା

ନିବାରଣ କରିବାର ଅର୍ଥ, ମୋତେ ସନ୍ତୋଷ ଦେବା, ଏକଥା ମନେ ରଖିଥାଅ।

୧୦୪। "ଏହି କୁକୁର ଗୋଟିଏ ଜୀବ କି ନୁହେଁ ? ସମସ୍ତ ଜୀବ ସମପ୍ରକାରର କ୍ଷୁଧା ଅନୁଭବ କରିଥାନ୍ତି। ସେ ମୂକ ଓ ମୁଁ କଥା କହି ପାରୁଛି ବୋଲି ତାହାର କ୍ଷୁଧା ଅନୁଭବ କ'ଣ ମୋଠାରୁ ଭିନ୍ନ ?

୧୦୫। "ଯିଏ କ୍ଷୁଧାର୍ତ୍ତଙ୍କୁ ଖୁଆଇଥାଏ, ସେ ପ୍ରକୃତରେ ମୋତେ ଖୁଆଇଥାଏ। ଏହା ଏକ ପରମ ସତ୍ୟ ବୋଲି ଜାଣିଥାଅ ଓ ଏ କଥାକୁ ସମ୍ମାନ ଦିଅ।"

୧୦୬। ଏହା ଏକ ସାଧାରଣ ଓ ଦୈନନ୍ଦିନ ଜୀବନ ସହିତ ଜଡ଼ିତ ଘଟଣା ଥିଲା। କିନ୍ତୁ ଏହି ଉପଦେଶରେ ଆଧାତ୍ମିକ ମୂଲ୍ୟବୋଧ ଭରି ରହିଥିଲା। ଶ୍ରୀସାଇଙ୍କର ଏହି ଉପଦେଶାତ୍ମକ ବାକ୍ୟରେ ଶ୍ରଦ୍ଧା ଓ ଦୟାଭାବ ପରିପୂର୍ଣ୍ଣ ହୋଇ ରହିଥିଲା।

୧୦୭। ଦୈନନ୍ଦିନ କାମଧନ୍ଦା ସମ୍ବନ୍ଧରେ କଥାବାର୍ତ୍ତା ହେଉଥିବା ବେଳେ ସେ ଆଧାତ୍ମିକ ଶିକ୍ଷା ପ୍ରଦାନ କରୁଥିଲେ। କାହାରି ଦୋଷଦୁର୍ବଳତାକୁ ଆକ୍ଷେପ ନକରି ସେ ନିଜର ଭକ୍ତମାନଙ୍କୁ ଖୁସି ରଖୁଥିଲେ।

୧୦୮। ସେହିଦିନଠାରୁ ଉପଦେଶ ଅନୁଯାୟୀ ଲକ୍ଷ୍ମୀଙ୍କର ରୁଟି ଦେବା ଆରମ୍ଭ ହୋଇଥିଲା। ତାହା କ୍ଷୀରରେ ଚକଟା ଯାଉଥିଲା ଓ ଶ୍ରଦ୍ଧା ସହକାରେ ପ୍ରତ୍ୟହ ଦିଆଯାଉଥିଲା।

୧୦୯। ଶ୍ରଦ୍ଧା ଓ ଭକ୍ତି ସହକାରେ ଦିଆଯାଉଥିବା ସେହି ରୁଟିକୁ ପରେ ବାବା ପ୍ରତିଦିନ ଖାଇବା ଆରମ୍ଭ କରିଥିଲେ। ଯେଉଁଦିନ ଡେରି ହୋଇଯାଉଥିଲା, ସେ ସେଦିନ ଅସ୍ୱସ୍ତିବୋଧ କରୁଥିଲେ। ତାଙ୍କୁ କିଛି ଖାଇବାକୁ ଭଲ ଲାଗୁନଥିଲା।

୧୧୦। ଲକ୍ଷ୍ମୀଙ୍କ ନିକଟରୁ ରୁଟି ଆସିବାରେ ଡେରି ହୋଇଗଲେ ମଧ୍ୟାହ୍ନ ଭୋଜନର ସମୟ ଗଡ଼ିଗଲେ ମଧ୍ୟ ବାବା ପାଟିରେ କିଛି ପକାଉନଥିଲେ।

୧୧୧। ତାଙ୍କୁ ଥାଳିରେ ପରିବେଷଣ କରାଯାଇଥିବା ଖାଦ୍ୟ ଥଣ୍ଡା ହୋଇଯାଉଥିଲା। ଭୋକିଲା ଥିଲେ ବି ସେ ଅପେକ୍ଷା କରୁଥିଲେ ଓ ଲକ୍ଷ୍ମୀଙ୍କ ଭାକରୀ ବା ରୁଟି, ତରକାରୀ ନ ଆସିବା ପର୍ଯ୍ୟନ୍ତ କିଛି ଖାଉନଥିଲେ।

୧୧୨। କିଛି ଦିନ ଗତ ହେବାପରେ ବାବା ପ୍ରତ୍ୟେକ ଅପରାହ୍ଣରେ ଲକ୍ଷ୍ମୀ ପ୍ରସ୍ତୁତ କରିଥିବା ସିମେଇ ଖାଇବାକୁ ମାଗୁଥିଲେ ଓ ତାଙ୍କୁ ପାଖରେ ବସାଇ ତାଙ୍କ ସାଙ୍ଗରେ ଖାଉଥିଲେ।

୧୧୩। ବାବା ଅତି ଅଳ୍ପ ଖାଉଥିଲେ ଓ ଯାହା ବଳୁଥିଲା, ତାହାକୁ ଲକ୍ଷ୍ମୀଙ୍କ ହାତରେ ରାଧାକ୍ରିଷ୍ଣମାଇଙ୍କ ନିକଟକୁ ପଠାଇ ଦେଉଥିଲେ। ରାଧାକ୍ରିଷ୍ଣମାଇ ସେହି ବଳକା ଖାଦ୍ୟ ଏକାନ୍ତ ଶ୍ରଦ୍ଧାରେ ଆସ୍ୱାଦନ କରୁଥିଲେ।

୧୧୪। ଯେତେବେଳେ ବାବାଙ୍କ ଦେହତ୍ୟାଗର ବର୍ଣ୍ଣନା ଚାଲିଥିଲା, ସେତେବେଳେ ସେ ଏହି ରୁଟି, ତରକାରୀ ସମ୍ପର୍କରେ ଅବାନ୍ତର କାହାଣୀ କାହିଁକି କହିଲେ ? ଶ୍ରୋତାମାନେ କ'ଣ ଏପ୍ରଶ୍ନ ପଚାରିବେ ନାହିଁ ! ମାତ୍ର ଏହା ହେଉଛି ଶ୍ରୀସାଇଙ୍କର ସର୍ବବ୍ୟାପକତାର ପରିଚୟ।

୧୧୫। ଶ୍ରୀସାଇ ସମସ୍ତ ଦୃଶ୍ୟ ଓ ଅଦୃଶ୍ୟ ମଧ୍ୟରେ ସଦା ବିରାଜିତ ଓ ସବୁଠୁ ଊର୍ଦ୍ଧ୍ୱରେ ସେ ପରମ ଆତ୍ମା। ସେ ଅଜନ୍ମା ଓ ଚିରନ୍ତନ।

୧୧୬। ଏହି କାହାଣୀର ନିର୍ଯ୍ୟାସ ହେଉଛି ଏୟା। ସେଇଥି ପାଇଁ ମୋତେ ଲକ୍ଷ୍ମୀଙ୍କର ମଧୁର କାହାଣୀ ସମ୍ପର୍କରେ କଥାରେ କଥାରେ ମନେ ପକାଇ ଦିଆଗଲା। ମୋର ବିଶ୍ୱାସ, ଏହା ଶ୍ରୋତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଥିଲା।

୧୧୭। ଲକ୍ଷ୍ମୀଙ୍କର ଏପରି ନିଷ୍ପାପର ସେବାକୁ ଶ୍ରୀସାଇ କିପରି ବା ଭୁଲି ପାରିଥାନ୍ତେ ? ସେ କିଭଳି ଚମତ୍କାର ଭାବରେ ମନେ ପକାଇଦେଇଥିଲେ, ସେଇ ବର୍ଣ୍ଣନା ସଂଭ୍ରମତାର ସହିତ ଶୁଣନ୍ତୁ।

୧୧୮। ଯଦିଓ ସେ ଶେଷ ନିଶ୍ୱାସ ତ୍ୟାଗ କରିବାକୁ ଯାଉଥିଲେ, ଶରୀର ଶିଥିଳ ଓ ଦୁର୍ବଳ ହୋଇ ପଡ଼ିଥିଲା, ବାବା ନିଜ ହାତରେ ତାଙ୍କର ବିଦାୟ ନେବା ସମୟରେ ଲକ୍ଷ୍ମୀଙ୍କୁ ଦାନ ଦେଇ ଯାଇଥିଲେ।

୧୧୯। ପକେଟରୁ ସେ ପ୍ରଥମେ ପାଞ୍ଚଟଙ୍କା ଓ ତା'ପରେ ଚାରିଟଙ୍କା ବାହାରକରି ତାଙ୍କ ହାତରେ ଦେଇଥିଲେ। ଏହା ବାବାଙ୍କର ଶେଷ କାର୍ଯ୍ୟ ଥିଲା।

୧୨୦। ଏହା କ'ଣ ନବଧା ଭକ୍ତିର ସୂଚନା ଥିଲା ନା, ଅମ୍ବିକାଙ୍କ 'ନବରାତ୍ର' ପୂଜା ଶେଷ ହୋଇଥିବାରୁ ସୀମା ଲଙ୍ଘନ ପାଇଁ ଉଦ୍ଦିଷ୍ଟ ଥିଲା ? ଏହା କ'ଣ ସୀମାଲଙ୍ଘନର ଦକ୍ଷିଣା ଥିଲା ?

୧୨୧ । ଅଥବା, ଶିଷ୍ୟର ନଅଟି ସଦ୍‌ଗୁଣ ଆବଶ୍ୟକ ବୋଲି ଶ୍ରୀମଦ୍ ଭାଗବତରେ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯାହା କହିଥିଲେ, ତାହାକୁ ମନେ ପକାଇଦେବା ପାଇଁ ବାବା ଏହା କରିଥିଲେ ?

୧୨୨ । ଏକାଦଶସ୍କନ୍ଧରେ, ଦଶମ ଅଧ୍ୟାୟର ଷଷ୍ଠ ଶ୍ଳୋକରେ ଆଧ୍ୟାତ୍ମିକ ଉନ୍ନତି ସାଧନ ନିମନ୍ତେ ଶିଷ୍ୟ କେଉଁଭଳି ଆଚରଣ କରିବ, ତାହାର ସୁନ୍ଦର ବର୍ଣ୍ଣନା ରହିଛି।

୧୨୩। ପୂର୍ବରୁ ପ୍ରଥମାର୍ଦ୍ଧରେ ପାଞ୍ଚୋଟି ଗୁଣ ବର୍ଣ୍ଣନା କରାଯାଇଥିବା ସମୟରେ, ଦ୍ୱିତୀୟାର୍ଦ୍ଧରେ ଚାରୋଟି ଗୁଣର ବର୍ଣ୍ଣନା ରହିଛି। ବାବା ସେହି ପ୍ରକାରର ପଦ୍ଧତି ଅନୁସରଣ କରିଥିବାରୁ ମୁଁ ଭାବୁଛି ବୋଧହୁଏ, ସେଇ ଉଦ୍ଦେଶ୍ୟହିଁ ରହିଥିବ ।

୧୨୪। ଜଣେ ଶିଷ୍ୟ ଭଦ୍ର, ଯୋଗ୍ୟ, ଈର୍ଷାଶୂନ୍ୟ, ନିଃସ୍ୱାର୍ଥପର ବା ଅନାସକ୍ତ ହେବା ସହିତ ଗୁରୁଙ୍କର ସେବାରେ ସଦା ତତ୍ପର ରହିବା, ଆଧ୍ୟାତ୍ମିକ ଜ୍ଞାନ ଲାଭ ନିମନ୍ତେ ଏକାନ୍ତ ଆଗ୍ରହୀ ହେବା ଓ ସ୍ଥିର ମତିସମ୍ପନ୍ନ ହେବା ଉଚିତ୍।

୧୨୫। ତାଙ୍କର କୌଣସି ଘୃଣା ଭାବ ରହିନଥିବ କି ସେ କୁକର୍ମରେ ଲିପ୍ତ ରହୁନଥିବେ। ଗୁରୁରାୟଙ୍କୁ ତୁଷ୍ଟ କରାଇବା ନିମନ୍ତେ ଏ ସମସ୍ତ ଗୁଣର ପ୍ରୟୋଜନ ରହିଛି।

୧୨୬। ଶ୍ରୀସାଇନାଥଙ୍କର ଏହି ଉଦ୍ଦେଶ୍ୟକୁ ସେ ଏହିଭଳି ଭାବରେ ପ୍ରକାଶ କରିଥିଲେ। ଦୟାଳୁ ସନ୍ଥଗଣ, ସେମାନଙ୍କ ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ ସବୁବେଳେ ଏହିପରି କରିଥାନ୍ତି।

୧୨୭। ଲକ୍ଷ୍ମୀ ଭଲରେ ଚଳୁଥିଲେ। ସେ ନଅ ଟଙ୍କା ପ୍ରତି କାହିଁକି ଖାତିର କରିଥାନ୍ତେ ? ସେ ଏହାର ଅନେକ ଗୁଣ ଟଙ୍କା ଦାନ ଦେଇପାରିଥାନ୍ତେ । କିନ୍ତୁ ଏହି ଦାନଗ୍ରହଣ ତାଙ୍କ ପକ୍ଷରେ ଅତ୍ୟନ୍ତ ଅମୂଲ୍ୟ ଥିଲା !

୧୨୮। ସେ ଅତ୍ୟଧିକ ଭାଗ୍ୟବତୀ ହୋଇଥିବାରୁ ଏଭଳି କରୁଣା ପ୍ରାପ୍ତି ନିମନ୍ତେ ଯୋଗ୍ୟା ହୋଇଥିଲେ ଓ ସାଇଙ୍କ କରକମଳରୁ ନଅଟି ରତ୍ନ ଗ୍ରହଣ କରିଥିଲେ।

୧୨୯। ଲକ୍ଷ୍ମୀ ତାଙ୍କ ନିଜ ହାତରେ ଖାଲି 'ନଅ' ନୁହେଁ, 'ନଅ'ର କେତେଗୁଣା ଟଙ୍କା କାରବାର କରିଥିଲେ। କିନ୍ତୁ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏହି ଅସାଧାରଣ ଉପହାର ତାଙ୍କୁ ଶ୍ରୀସାଇଙ୍କ କଥା ମନେ ପକାଇ ଦେଉଥିଲା ।

୧୩୦। ଯଦିଓ ଶ୍ରୀସାଇଙ୍କର ଦେହତ୍ୟାଗ କରିବାର ସମୟ ହୋଇଯାଇଥିଲା, ତଥାପି ସେ ସଠିକ୍ ପରିକଳ୍ପନା କରି ପ୍ରଥମେ ପାଞ୍ଚ ଓ ପରେ ଚାରିଟଙ୍କା ଲକ୍ଷ୍ମୀଙ୍କୁ ଜୀବନସାରା ମନେ ପକାଇବା ପାଇଁ ଦେଇ ଯାଇଥିଲେ।

୧୩୧। ଏଭଳି ସାବଧାନତା ସର୍ବସାଧାରଣରେ ପ୍ରଦର୍ଶନ କରି ଶ୍ରୀସାଇ ସମସ୍ତ ପ୍ରିୟପରିଜନଙ୍କୁ ମଧ୍ୟାହ୍ନଭୋଜନ କରିବା ନିମିତ୍ତ ପଠାଇ ଦେଇଥିଲେ । କିନ୍ତୁ ଦେଖାଯାଇଥିଲା ଯେ ଜଣେ ଦୁଇଜଣ ଗ୍ରାମବାସୀଙ୍କୁ ସେଠାରେ ରହିବା ପାଇଁ ସେ ଚାହିଁଥିଲେ।

୧୩୨। ତାଙ୍କର ପ୍ରିୟ ଭକ୍ତମାନଙ୍କ ମଧ୍ୟରୁ ଅଳ୍ପ କେତେଜଣ ଦୁଃସମୟ ଜାଣି ତାଙ୍କ ପାଖ ଛାଡ଼ି ଯିବାକୁ ରାଜି ହେଉନଥିଲେ।

୧୩୩। କିନ୍ତୁ ଠିକ୍ ସମୟରେ ସେ ସମସ୍ତଙ୍କୁ ଶେଷ ମୁହୂର୍ତ୍ତରେ ଶୀଘ୍ର ବିଦାକରି ଦେଇଥିଲେ। ସେମାନେ ରହିଲେ ସେ ସ୍ନେହ ଓ ଶ୍ରଦ୍ଧାରେ ବାନ୍ଧି ହୋଇଯାଇପାରନ୍ତି ବୋଲି ଭାବିଥିଲେ ।

୧୩୪। ଯିବାର ସମୟ ଆସନ୍ନ ବୋଲି ଜାଣିପାରି ବାବା ବୁଟି, କାକା ଓ ଅନ୍ୟମାନଙ୍କୁ କହିଥିଲେ, "ଯାଅ, ୱାଡ଼ାକୁ ଯାଅ ଓ ମଧ୍ୟାହ୍ନ ଭୋଜନ ସାରିଦେଇ ଆସ।"

୧୩୫। ଅନ୍ୟମାନଙ୍କର ବିଷାଦ ଓ ଉଦ୍‌ବେଗକୁ ଲକ୍ଷ୍ୟ କରି ବାବା ନିଜେ ବିଚଳିତ ହୋଇ ପଡ଼ିଥିଲେ । "ଯାଅ, ଯାଅ। ଖାଇସାରି ଆସିବ, ବର୍ତ୍ତମାନ ଯାଅ !" ବୋଲି କହି ସେ ସମସ୍ତଙ୍କୁ ଆଦେଶ ଦେଇଥିଲେ।

୧୩୬। ଏହି ଭକ୍ତମାନେ ତାଙ୍କର ପ୍ରତିଦିନର ସହଚର ଥିଲେ ଓ ବରାବର ଆସି ରାତିଦିନ ତାଙ୍କ ନିକଟରେ ରହୁଥିଲେ। ସେମାନେ ବିଷାଦଗ୍ରସ୍ତ ଥିଲେ ମଧ୍ୟ ଆଦେଶ ମାନି ଉଠି ଯାଇଥିଲେ।

୧୩୭। ସେହି ସମୟରେ ସେମାନେ ତାଙ୍କ ପାଖ ଛାଡ଼ି ପାରୁନଥିଲେ କିମ୍ବା ତାଙ୍କ ଆଦେଶକୁ ଅମାନ୍ୟ କରିପାରୁନଥିଲେ। ସେମାନେ ବାବାଙ୍କ ଇଚ୍ଛା ବିରୋଧରେ ଯାଇପାରୁନଥିଲେ ଓ ସେଥିପାଇଁ ବାଧ୍ୟ ହୋଇ ମଧ୍ୟାହ୍ନ ଭୋଜନ ନିମିତ୍ତ ୱାଡ଼ାକୁ ଯାଇଥିଲେ।

୧୩୮। ସେମାନଙ୍କର ଦୁଃଖ ଅସହ୍ୟ ଥିଲା। ସେମାନେ କିପରି ମଧ୍ୟାହ୍ନ ଭୋଜନରେ ବସି କିଛି ଖାଇପାରିଥାନ୍ତେ ?

ସେମାନଙ୍କର ମନ ଓ ହୃଦୟ ବାବାଙ୍କ ନିକଟରେ ଥିଲା । ସେମାନେ ତାଙ୍କୁ କ୍ଷଣକ ପାଇଁ ମଧ୍ୟ ଭୁଲିପାରୁନଥିଲେ।

୧୩୯ । ତଥାପି ସେମାନେ ଯାଇଥିଲେ ଓ ଖାଇବାକୁ ବସିଥିଲେ। କିନ୍ତୁ ପରେ ପରେ ସେମାନଙ୍କୁ ଶୀଘ୍ର ଫେରି ଆସିବାକୁ କୁହାଯାଇଥିଲା। ସେମାନେ ଅର୍ଦ୍ଧଭୁକ୍ତ ଅବସ୍ଥାରେ ଦୌଡ଼ି ଆସିଥିଲେ ମଧ୍ୟ ବାବାଙ୍କର ସାକ୍ଷାତ ଲାଭ କରି ପାରିନଥିଲେ।

୧୪୦ । ଜୀବନଦୀପର ତେଲ ସରିଯାଇଥିଲା ଓ ଜୀବନ ଶିଖା ମଉଳି ଯାଇଥିଲା। ଶରୀର ଯାହା ଥିଲା ଠିକ୍ ଥିଲା। ଶରୀର ବାୟାଜୀ (ଅପ୍ପା କୋତେ)ଙ୍କ କୋଳ ଉପରେ ଚିରବିଶ୍ରାମ ନେଇଯାଇଥିଲା।

୧୪୧ । ସେ ଭୂମି ଉପରେ ପଡ଼ିନଥିଲେ କିମ୍ବା ବିଛଣାରେ ଶୋଇନଥିଲେ। ସେ ନିଜ ଆସନ ଉପରେ ଶାନ୍ତ ଭାବରେ ବସି ଓ ନିଜ ହାତରେ ଦାନ ଦେଇ ପାର୍ଥିବ ଶରୀର ତ୍ୟାଗ କରିଥିଲେ।

୧୪୨ । ଶ୍ରୀସାଇ ସମର୍ଥଙ୍କ ହୃଦୟ ବା ମନର ଗୋପନ କଥା କେହି ଜାଣିନଥିଲେ। ସେ ନିଜର ଶରୀର ନିମିଷକ ମଧ୍ୟରେ ତ୍ୟାଗ କରି ଦେଇ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇଯାଇଥିଲେ।

୧୪୩। ମାୟାରୁ ଲବ୍ଧ ଶରୀରରୂପକ ପୋଷାକ ପରିଧାନ କରି ସନ୍ଥଗଣ ଏହି ପୃଥିବୀରେ ଅବତରିଥାଆନ୍ତି। ସେମାନଙ୍କର ଜଗତ ଉଦ୍ଧାର କାର୍ଯ୍ୟ ସମାପ୍ତ ହେବାପରେ ସେମାନେ ଅରୂପଙ୍କ ସହିତ ଲୀନ ହୋଇଯାଇଥାନ୍ତି।

୧୪୪। ଜଣେ ଅଭିନେତା ଅନେକ ଭୂମିକାରେ ଅଭିନୟ କରୁଥିଲେ ମଧ୍ୟ ସେ ନିଜର ପରିଚୟ ଜାଣିଥାନ୍ତି। ଯେଉଁମାନେ ନିଜେ ନିଜେ ଅବତରିଥାଆନ୍ତି, ସେମାନଙ୍କର କାର୍ଯ୍ୟ ସମାପ୍ତିପରେ ସେମାନେ ନିଜର ପୂର୍ବ ପରିଚୟ ପୁଣି ଗ୍ରହଣ କରିଥାନ୍ତି। ସେମାନଙ୍କ ନିକଟରେ ମୃତ୍ୟୁ କ'ଣ ?

୧୪୫। ଯିଏ ଲୋକମାନଙ୍କର ମଙ୍ଗଳ ନିମିତ୍ତ ଅବତାର ନେଇଥାନ୍ତି, ସିଏ ନିଜର ଲକ୍ଷ୍ୟ ସାଧନ କରିବାପରେ ପରେ ସେହି ଅବତାରର ଅନ୍ତ ହୋଇଥାଏ। ସେ କ'ଣ ଜୀବନ ଓ ମୃତ୍ୟୁ ଚକ୍ରମଧ୍ୟରେ ଆବଦ୍ଧ ହୋଇ ରହିପାରିଥାନ୍ତେ ? କାରଣ ସେ ନିଜର ଦିବ୍ୟ ଖେଳ ନିମନ୍ତେ ଏକ ରୂପ ପରିଗ୍ରହ କେବଳ କରିଥାନ୍ତି ।

୧୪୬। ଯିଏ ପରମାତ୍ମା ବୋଲି ଗୌରବାନ୍ୱିତ, ତାଙ୍କର ମୃତ୍ୟୁ ହେବା ସମ୍ଭବ କି ? ଯିଏ ଅନାସକ୍ତର ମୂର୍ତ୍ତିମନ୍ତ ରୂପ, ତାଙ୍କୁ ସ୍ଥିତି ବା ସ୍ଥିତିହୀନତା କିପରି ପ୍ରଭାବିତ କରିପାରିବ ?

୧୪୭। ଯଦିଓ ସେ ବାହ୍ୟରୂପରେ କାର୍ଯ୍ୟ କରୁଥିବାର ଜଣାଯାଇଥାଏ, ତଥାପି ସେ ପ୍ରାୟତଃ କିଛି କରିନଥାନ୍ତି । ସେ ଅହଂଶୂନ୍ୟ ହୋଇଥିବାରୁ ସେ ଯାହାକିଛି କରିଥାନ୍ତି, ସେ ତାହା କରିନାହାନ୍ତି ବୋଲି ବିଶ୍ୱାସ କରନ୍ତି।

୧୪୮। "କର୍ମ କେବେ ବିନା ଫଳଭୋଗରେ ଶେଷହୁଏ ନାହିଁ।" ବେଦରେ କର୍ମର ସାରାଂଶ ହିସାବରେ ଏହାହିଁ କୁହାଯାଇଛି। ବ୍ରହ୍ମଜ୍ଞାନୀଙ୍କ ନିକଟରେ ମାୟା ନଥାଏ, କାରଣ ସେ ପ୍ରତି ସତ୍ତା ମଧ୍ୟରେ ବ୍ରହ୍ମଙ୍କୁ ହିଁ ଦର୍ଶନ କରିଥାନ୍ତି।

୧୪୯। ସଞ୍ଚିତ କର୍ମରୁ ଫଳ ମିଳିଥାଏ। ଏଭଳି ଦ୍ୱୈତ ଭାବନା ସର୍ବଜନଜ୍ଞାତ। କିନ୍ତୁ ଏଠାରେ ମଧ୍ୟ ବ୍ରହ୍ମଜ୍ଞାନୀ ଏହାକୁ ବ୍ରହ୍ମ ବୋଲି ବିଶ୍ୱାସ କରିଥାନ୍ତି, ଯେପରି ଶାମୁକାରେ ରୌପ୍ୟଭ୍ରମ ସୃଷ୍ଟି ହୋଇଥାଏ।

୧୫୦। ବାବା ସ୍ନେହଶୀଳା ମାତା ସଦୃଶ ଥିଲେ । ସେ କିପରି ମୃତ୍ୟୁର ଶିକାର ହୋଇଥାନ୍ତେ ? ଏହା ଆଲୋକିତ ଦିନକୁ ଅନ୍ଧକାର ରାତ୍ରି ଗିଳି ପକାଇବା ଭଳି ଘଟଣା ହୋଇଥାନ୍ତା।

୧୫୧। ମୋତେ ଏହି ଅଧ୍ୟାୟ ଏଠାରେ ସମାପ୍ତ କରିବାକୁ ଦିଅନ୍ତୁ। ମାସିକ ବୟାନ ପାଇଁ ନିର୍ଦ୍ଧାରିତ କିସ୍ତିଠାରୁ ମୁଁ ଯଦି ଅଧିକ କିଛି କହିବି, ଶ୍ରୋତାମାନେ ଅସ୍ଥିର ହୋଇ ପଡ଼ିବେ ଓ କ୍ଳାନ୍ତ ବୋଧ କରିବେ।

୧୫୨। ଶ୍ରୋତାମାନେ ବାବାଙ୍କର ଦେହତ୍ୟାଗ କରିବାର ଅବଶିଷ୍ଟ କାହାଣୀ ଯଥା ସମୟରେ ଶୁଣିବାକୁ ପାଇବେ। ହେମାଡ଼ ଶ୍ରୀସାଇ ସମର୍ଥଙ୍କର ଶରଣାଗତ ହେଉଛି। ତାଙ୍କରି କୃପାରୁ ସେ ନିଜର ମଙ୍ଗଳ ପ୍ରାପ୍ତ କରିଛି।

ସର୍ବେ ଭବନ୍ତୁ ସୁଖିନଃ। ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇନାଥଙ୍କ ଦେହତ୍ୟାଗ (୧)" ଶୀର୍ଷକ ଦ୍ୱାଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ବର୍ଷକରେ ଛଅମାସ ସୂର୍ଯ୍ୟ ଉତ୍ତରରୁ ଦକ୍ଷିଣକୁ ଗତି କରିଥାନ୍ତି ବୋଲି କୁହାଯାଏ।

୨- ତିଥି କହିଲେ ଭାରତୀୟ ପଞ୍ଜିକା ଅନୁଯାୟୀ ଗୋଟିଏ ଦିନର ସୂର୍ଯ୍ୟୋଦୟଠାରୁ ପରଦିନର ସୂର୍ଯ୍ୟୋଦୟ ମଧ୍ୟରେ ଥିବା ସମୟର ବ୍ୟବଧାନକୁ ବୁଝାଏ।

୩- ଦଶହରା ପର୍ବରେ 'ସୀମାଲଙ୍ଘନ' ଶୋଭାଯାତ୍ରା ମହା ଆଡ଼ମ୍ବରରେ ବାହାରିଥାଏ।

୪- ଭୃଗୁଙ୍କର ପୁତ୍ର। ପର୍ଶୁରାମଙ୍କ ପିତା। ସେ ଜ୍ଞାନୀ ହୋଇଥିଲେ ମଧ୍ୟ କ୍ରୋଧର ମୂର୍ତ୍ତିମନ୍ତ ରୂପ ଥିଲେ।

୫- ଯାହାଙ୍କର କାମନାବାସନା ନାହିଁ, ତାଙ୍କର କର୍ମଫଳ ନଥାଏ । ତେଣୁ ତାଙ୍କର ପୁନର୍ଜନ୍ମ ହୁଏ ନାହିଁ। ଜନ୍ମନଥିବାରୁ ତାଙ୍କ ଜୀବନୀ ଶକ୍ତିର ଫେରିବା ମଧ୍ୟ ନଥାଏ। ଏହି ଜଗତରେ ସେହି ବ୍ୟକ୍ତିହିଁ ବ୍ରହ୍ମଜ୍ଞାନୀ ଓ ସେ ବ୍ରହ୍ମତ୍ୱ ଲାଭ କରିଥାନ୍ତି।

୬- ଦେବୀ ଦୁର୍ଗାଙ୍କୁ ଅମ୍ବିକା ବୋଲି ମଧ୍ୟ କୁହାଯାଇଥାଏ। ସେ ଆଶ୍ୱିନ ମାସରେ ନଅଦିନ ନଅରାତି ଧରି ପୂଜିତା ହୋଇଥାନ୍ତି।



ବାୟାଜୀ ଅପ୍ପା କୋତେଙ୍କ କୋଳ ଉପରେ ବିଶ୍ରାମ ନେଇଯାଇଥିଲେ। (୪୨ତମ ଅଧ୍ୟାୟ, ପଂକ୍ତି-୧୪୦)

ବାୟାଜୀ ଅପ୍ପା କୋତେ

ଲକ୍ଷ୍ମୀବାଇ ଓ ତାଙ୍କୁ ବାବା ଦେଇଥିବା ୯ଟି ମୁଦ୍ରା

॥ ୪୩ ॥

ଶ୍ରୀସାଇନାଥଙ୍କ ଦେହତ୍ୟାଗ (୨)

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀ କୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଗତ ଅଧ୍ୟାୟରେ ସନ୍ଥ ଶ୍ରୀସାଇ ସମର୍ଥଙ୍କ ଦେହତ୍ୟାଗ ବିଷୟରେ କିଛି ବର୍ଣ୍ଣନା କରାଯାଇଛି । ଅବଶିଷ୍ଟ ବିଷୟ ଏହି ଅଧ୍ୟାୟରେ ଏବେ ବର୍ଣ୍ଣନା କରାହେବ ।

୨ । ସେହି ସମର୍ଥଙ୍କ ଯୋଗୁଁ ମୋର ଶ୍ରୀସାଇଙ୍କ ପ୍ରତି ଅନନ୍ୟ ଶ୍ରଦ୍ଧା ଜାତ ହୋଇଛି । ହେମାଡ଼ ତାଙ୍କ ଚରଣରେ ଶରଣ ପଶିଛି ଓ ତାଙ୍କ କାହାଣୀକୁ ରୂପ ଦେଉଛି ।

୩ । ସେଇ ସାଇହିଁ ଭକ୍ତି ନିମନ୍ତେ ଶ୍ରଦ୍ଧା ଜନ୍ମାଇଛନ୍ତି; ସେଇ ସାଇହିଁ କାହାଣୀଗୁଡ଼ିକର ମହତ୍ୱ ବଢ଼ାଇଛନ୍ତି, ତାଙ୍କରି ଯୋଗୁହିଁ ଭଜନ ମାଧ୍ୟମରେ ପୂଜନ ମହିମାନ୍ୱିତ ହୋଇଛି ଓ ପାର୍ଥିବ ଜୀବନ ପ୍ରତି ବିତୃଷ୍ଣା ଆସୁଛି ।

୪ । ତେଣୁ ମୁଁ ସର୍ବାନ୍ତଃକରଣରେ ତାଙ୍କୁ ଅସଂଖ୍ୟ ଥର ପ୍ରଣିପାତ କରୁଅଛି । ମୁଁ ଧ୍ୟାନରେ ମଧ୍ୟ ତାଙ୍କର ସମ୍ପୂର୍ଣ୍ଣ ମହତ୍ୱ ଉପଲବ୍ଧି କରିପାରୁନାହିଁ । କେବଳ ସମ୍ପୂର୍ଣ୍ଣ ଶରଣାଗତ ହେଲେ ତାହା ସମ୍ଭବପର ହେବ ।

୫ । ପାପର ସମସ୍ତ କାଳିମାକୁ ସଂପୂର୍ଣ୍ଣରୂପେ ଧୋଇଦେଇ ଆତ୍ମ-ଶୁଦ୍ଧିକରଣ ନିମନ୍ତେ ଅନ୍ୟ ଯେ କୌଣସି ଉପାୟ ନିଷ୍ଫଳ ।

୬ । ଆତ୍ମ-ଶୁଦ୍ଧିକରଣ ନିମନ୍ତେ ଭକ୍ତ ଉପଲବ୍ଧି କରିଥିବା ପ୍ରଭୁଙ୍କର ମହିମାକୁ ଭଜନ ଓ କୀର୍ତ୍ତନ ମାଧ୍ୟମରେ ଗାନ କରିବା ବ୍ୟତୀତ ଅନ୍ୟ କୌଣସି ସହଜ ପନ୍ଥା ନାହିଁ ।

୭ । ସେ ଯାହାହେଉ, ଗତ ଅଧ୍ୟାୟରେ ବର୍ଣ୍ଣିତ ହୋଇଥିବା କାହାଣୀକୁ ଟିକେ ମନେ ପକାନ୍ତୁ ଓ ତାହା ଉପରେ ବିଚାର କରନ୍ତୁ । ତାହା ପରେ ଆମେ ଆଗକୁ ବଢ଼ିବା ଓ ଆତ୍ମାନନ୍ଦରେ ଶ୍ରୀସାଇ ଲୀନହେବା ବିଷୟରେ ଅଧିକ ବର୍ଣ୍ଣନା କରିବା ।

୮ । ବିଜୟା ଦଶମୀ ଦିନ ସେ କାହିଁକି ଦେହତ୍ୟାଗ କରିଥିଲେ, ସେ ସମ୍ବନ୍ଧରେ ବିଶଦ ବର୍ଣ୍ଣନା ଗତ ଅଧ୍ୟାୟରେ କରାଯାଇସାରିଛି ଓ ସେଥିପାଇଁ ସେ ଏକ ବାହାନା କରି ତାତ୍ୟାଙ୍କ ନାମ ନେଇ କିପରି ଭବିଷ୍ୟସୂଚନା ଦେଇଥିଲେ, ତାହା ମଧ୍ୟ କୁହାଯାଇଅଛି ।

୯ । ଦେହତ୍ୟାଗ କରିବା ପୂର୍ବରୁ ଧର୍ମୀୟ ବିଧିବିଧାନ ଅନୁଯାୟୀ ସେ ଲକ୍ଷ୍ମୀଙ୍କୁ କିଭଳି ଟଙ୍କା ଦାନ ଦେଇଥିଲେ, ସେ ସମ୍ବନ୍ଧରେ ସଂପୂର୍ଣ୍ଣ ବୟାନ କରାଯାଇଅଛି ।

୧୦ । ଏହି ଅଧ୍ୟାୟରେ ଏବେ ଶ୍ରୀସାଇ କିପରି ନିଜର ମଙ୍ଗଳ ନିମନ୍ତେ ବ୍ରାହ୍ମଣଙ୍କ ମୁଖରୁ ରାମାୟଣ ଶୁଣିଥିଲେ ଓ ସେତେବେଳେ କିପରି ତାଙ୍କର ଦେହତ୍ୟାଗ କରିବା ସମୟ ପାଖେଇ ଆସୁଥିଲା, ତାହାର ବର୍ଣ୍ଣନା କରାଯିବ ।

୧୧ । ସମାଧିସ୍ଥଳ କିପରି ଚିହ୍ନିତ ହୋଇଥିଲା ଓ କିପରି ଆକସ୍ମିକ ଭାବରେ ବାବାଙ୍କର ପ୍ରିୟ ଇଟା ପଡ଼ି

ଭାଙ୍ଗିଯାଇଥିଲା, ସେ ସମ୍ବନ୍ଧରେ ମଧ୍ୟ ମନଧ୍ୟାନ ଦେଇ ଶୁଣନ୍ତୁ।

୧୨। କିପରି ସେ ଥରେ ନିଜର ପ୍ରାଣ ତିନିଦିନ ନିମନ୍ତେ ଊର୍ଦ୍ଧ୍ୱକୁ ନେଇଯାଇଥିଲେ ଓ ତାହା କି ପ୍ରକାରର ସମାଧି ଅବସ୍ଥା ଥିଲା ? ସେ ଦେହତ୍ୟାଗ କରି ଦେଇଥିଲେ ବୋଲି ଲୋକେ ଏକବାରେ ନିଶ୍ଚିତ ହୋଇଯାଇଥିଲେ।

୧୩। ସେତେବେଳେ ସମାଧି ନିମିତ୍ତ ପ୍ରସ୍ତୁତି ଆରମ୍ଭ ହୋଇଯାଇଥିଲା । ମାତ୍ର ବାବା ଅପ୍ରତ୍ୟାଶିତ ଭାବରେ ଚେତନା ଲାଭକରିଥିଲେ ଓ ଲୋକମାନେ ଅବାକ୍ ହୋଇଯାଇଥିଲେ। କିପରି ତାହା ସବୁ ଘଟିଥିଲା, ଶୁଣନ୍ତୁ।

୧୪। ଶ୍ରୋତାମାନେ ଦେହତ୍ୟାଗର ବିବରଣୀ ଶୁଣିବାକୁ ବିରକ୍ତି ବୋଧ କରିବେ। କାରଣ, ଏଭଳି କାହାଣୀ ଶୁଣିବାକୁ କେହି ଭଲ ପାଆନ୍ତି ନାହିଁ।

୧୫। କିନ୍ତୁ ସାଧୁସନ୍ଥଙ୍କର ଦେହତ୍ୟାଗ କାହାଣୀ ଶୁଣିଲେ ଉଭୟ ବକ୍ତା ଓ ଶ୍ରୋତାମାନେ ପୂତ ପବିତ୍ର ହୋଇଥାନ୍ତି। ବର୍ଣ୍ଣନା ଦୀର୍ଘ ହୋଇଯାଉଥିବାରୁ ଏହାକୁ ଭାଗ ଭାଗ କରି ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ଶୁଣନ୍ତୁ।

୧୬। ଦେହତ୍ୟାଗ କରିଦେବା ପରେ ସେ ଅପହଞ୍ଚ ହୋଇ ଯାଇଥିଲେ, କିନ୍ତୁ ତାଙ୍କ ନିମନ୍ତେ ତାହା ଆନନ୍ଦପୂର୍ଣ୍ଣ ଅବସ୍ଥା ଥିଲା। ବାବା ଚିରନ୍ତନ ଅବସ୍ଥା ପ୍ରାପ୍ତ କରିଥିଲେ, ଯେଉଁଥିରୁ ପୁନର୍ଜନ୍ମ ଆଉ ହେବାର ନଥିଲା ।

୧୭। ସେ ଶରୀର ଧାରଣ କରିଥିବା ପର୍ଯ୍ୟନ୍ତ ଦୃଶ୍ୟ ହେଉଥିଲେ, କିନ୍ତୁ ଦେହତ୍ୟାଗ କରିଦେବା ପରେ ସେ ଇନ୍ଦ୍ରିୟଗ୍ରାହ୍ୟ ହୋଇ ରହିନଥିଲେ। ତାଙ୍କର ଅବତାର ଗୋଟିଏ ସ୍ଥାନରେ ଓ ଗୋଟିଏ ଲକ୍ଷ୍ୟ ପାଇଁ ପୂର୍ଣ୍ଣ ହୋଇଥିଲା; କିନ୍ତୁ ସେ ସର୍ବତ୍ର ବିରାଜିତ, ସର୍ବବ୍ୟାପ୍ତ ଓ ସର୍ବଶକ୍ତିମାନ ଥିଲେ।

୧୮। ସେ ଗୋଟିଏ ସ୍ଥାନରେ ବାନ୍ଧି ହୋଇ ରହିବାରୁ ମୁକ୍ତ ହୋଇଥିଲେ ଓ ସର୍ବବ୍ୟାପକ ହୋଇଯାଇଥିଲେ। ସେ ପୂର୍ଣ୍ଣ ଚିରନ୍ତନ ହୋଇ ପରମ ଆତ୍ମାରେ ଲୀନ ହୋଇ ଯାଇଥିଲେ।

୧୯। ପ୍ରତ୍ୟେକଙ୍କ ଜୀବନ ନିମନ୍ତେ ଶ୍ରୀସାଇହିଁ କାରଣ ହୋଇଥିଲେ। ଶ୍ରୀସାଇଙ୍କ ବିନା ଗ୍ରାମବାସୀମାନେ ଉଜୁଡ଼ି ଯାଇଥିଲେ।

୨୦। ତାଙ୍କ ଶରୀର ନିର୍ଜୀବ ହୋଇଯିବା ପରେ ବିକଳ କ୍ରନ୍ଦନର ରୋଳ ଉଠିଥିଲା। ଆବାଳବୃଦ୍ଧବନିତା ଶୋକଜର୍ଜରିତ ହୋଇ ସ୍ୱତଃ ନିର୍ଜୀବ ଭଳି ଦେଖାଯାଉଥିଲେ।

୨୧। ଜ୍ୱର ଓ ଅନ୍ୟାନ୍ୟ ରୋଗବ୍ୟାଧି ଯାହା ସାଧାରଣ ଲୋକଙ୍କୁ ଆକ୍ରମଣ କରିଥାଏ, ତାହା ସାଧୁସନ୍ଥଙ୍କୁ ଅଯଥାରେ ହଇରାଣ କରିନଥାଏ।

୨୨। ସନ୍ଥମାନେ ସେମାନଙ୍କ ନିଜର ଜ୍ୟୋତିକୁ ପ୍ରଜ୍ୱଳିତ କରାଇ ଶରୀରର ଅବସାନ ଘଟାଇଥାନ୍ତି । ବାବା ସେହି କର୍ମ ନିଜ ହସ୍ତରେ କରିଥିଲେ।

୨୩। ଯାହା କେବେ ହେବାର ନଥିଲା, ତାହାହିଁ ହୋଇଥିଲା । ମହାରାଜ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇ ଯାଇଥିଲେ। ଲୋକେ ନିରୁତ୍ସାହିତ ହୋଇପଡ଼ିଥିଲେ ଓ କରୁଣ ବିଳାପ କରୁଥିଲେ।

୨୪। 'ମୁଁ ଯଦି ସ୍ଥାନ ଛାଡ଼ିନଥାନ୍ତି, ଭଲ ହୋଇଥାନ୍ତା। ମୁଁ ତାଙ୍କର ଶେଷ ଦର୍ଶନ କରିପାରିଲି ନାହିଁ। ମୁଁ ସେଠାରେ ଥିଲେ କୌଣସି ପ୍ରକାର ଉପକାରରେ ଲାଗି ପାରିଥାନ୍ତି। ଠିକ୍ ସମୟରେ ମୋର ବୁଦ୍ଧି ସ୍ଫୁରି ନଥିଲା।'

୨୫। ଏହିପରି ପ୍ରାୟ ଏକାପ୍ରକାର ଭାବନାରେ ସମସ୍ତେ ନୈରାଶ୍ୟ ବୋଧ କରୁଥିଲେ। ବାବାଙ୍କ ମନ ମଧ୍ୟରେ କ'ଣ ରହିଥିଲା, କିଏ ଅବା ଜାଣିଥିଲା ?

୨୬। ମୃତ୍ୟୁର କୌଣସି ଲକ୍ଷଣ ନଥିଲା କି ନିଶ୍ୱାସପ୍ରଶ୍ୱାସ ନେବାରେ କଷ୍ଟ ହେଉନଥିଲା, କାଶ କଫ ନଥିଲା କି ଦେହ ଥରୁନଥିଲା କିମ୍ବା ମୃତ୍ୟୁ ସହିତ ଯୁଝୁଥିବାର ଲକ୍ଷଣ ନଥିଲା। ସେ ସହଜ ଓ ଶାନ୍ତ ଭାବରେ ଚାଲିଯାଇଥିଲେ।

୨୭। 'ଏବେ କିପରି ଶ୍ରୀସାଇ ଦର୍ଶନ, ତାଙ୍କର ପଦସେବା କିମ୍ବା ତୀର୍ଥଜଳ ପାନ ହୋଇପାରିବ ?'

୨୮। ଶେଷ ସମୟ ପାଖେଇ ଆସୁଥିବାର ଜାଣି କାହିଁକି ପ୍ରିୟ ଭକ୍ତମାନେ ଏତେ ନିକଟରେ ଥିଲେ ମଧ୍ୟ ସେମାନଙ୍କୁ ଘରକୁ ପଠାଇ ଦିଆଯାଇଥିଲା ? ସେମାନଙ୍କୁ କାହିଁକି ମାନସିକ ଯାତନା ମଧ୍ୟକୁ ଠେଲି ଦିଆଯାଇଥିଲା ?

୨୯। ନିଜର ପ୍ରିୟ ଭକ୍ତମାନଙ୍କୁ ପାଖରେ ଦେଖି ବାବା ଚାଲିଯାଉଥିବା ସମୟରେ ତାଙ୍କର ସ୍ନେହ ହୁଏତ ଉଚ୍ଛୁଳି ଉଠିଥାନ୍ତା ?

୩୦ । ମୁକ୍ତିପଥରେ ଗଲାବେଳେ ଆସକ୍ତିର ବନ୍ଧନ ଆସିଯାଇପାରେ । ତାହାକୁ ଠିକ୍ ସମୟରେ ଖଣ୍ଡନ କରିନପାରିଲେ ମନ କିପରି କାମନାବାସନାରୁ ମୁକ୍ତ ହୋଇପାରିବ ?

୩୧ । ଏହା ହୋଇନଥିବା ଅବସ୍ଥାରେ ଯଦି ମୃତ୍ୟୁ ଆସିଯାଏ ଓ ଜୀବନ ଏହି କାମନା ଓ ଆସକ୍ତି ନେଇ ଚାଲିଯାଏ, ତେବେ ଅତିଶୀଘ୍ର ଅସ୍ତିତ୍ୱର ଆଉଏକ ଚକ୍ର ଆରମ୍ଭ ହୋଇଯାଏ ଓ ଆସକ୍ତିର ବନ୍ୟା ମାଡ଼ି ଆସିଥାଏ ।

୩୨ । ତାହାକୁ ଏଡ଼ାଇଦେବା ନିମନ୍ତେ ସାଧୁସନ୍ଥମାନେ ସଦାଜାଗ୍ରତ ରହିଥାନ୍ତି । ଲୋକଙ୍କ ମଧ୍ୟରେ ପ୍ରଚଳିତ ପ୍ରଥାକୁ ଅଭ୍ୟାସ କରାଇବା ମଧ୍ୟ ବାବାଙ୍କର ସବୁ ସମୟର ବିଚାର ରହିଥିଲା ।

୩୩। ଶେଷ ମୁହୂର୍ତ୍ତରେ ଜଣେ ଏ ସମ୍ବନ୍ଧରେ ସଜାଗ ରହିଥିବା ଆବଶ୍ୟକ । ସେତେବେଳେ ଶାନ୍ତ ଓ ନିରବ ପରିବେଶ ମଧ୍ୟରେ ଇଷ୍ଟଦେବତାଙ୍କର ମୂର୍ତ୍ତିକୁ ମନ ମଧ୍ୟରେ ସ୍ଥାପନ କରି ମନ ଅବିଚଳିତ ରହିଥିବା ଆବଶ୍ୟକ ।

୩୪ । "ନିଜର ଶେଷଚିନ୍ତା ଅନୁଯାୟୀ ଜଣେ ପୁନର୍ଜନ୍ମ ପାଇଥାଏ" ବୋଲି ଜଣାଶୁଣା ସିଦ୍ଧାନ୍ତ ରହିଛି । ସନ୍ଥମାନେ ପ୍ରଚଳିତ ପ୍ରଥାକୁ ବଜାୟ ରଖିବା ନିମନ୍ତେ ଏହାର ଅଭ୍ୟାସ କରିଥାନ୍ତି ।

୩୫ । ବାବାଙ୍କ ବିୟୋଗର ଚଉଦଦିନ ପୂର୍ବରୁ ବାବା ରାମବିଜୟ ପାଠକରିବା ନିମନ୍ତେ 'ଓ୍ୱଝେ'ଙ୍କୁ ନିଯୁକ୍ତ କରିଥିଲେ ।

୩୬ । ଓ୍ୱଝେ ମସ୍‌ଜିଦ୍‌ରେ ବସି ସେହି ପବିତ୍ର ଗ୍ରନ୍ଥ ପାଠ କରିଥିଲେ ଓ ବାବା ବସି ରହି ତାହା ଶୁଣିଥିଲେ । ଏହିଭଳି ଆଠଦିନ ବିତିଯାଇଥିଲା ।

୩୭ । ତା'ପରେ ବାବା ସେହି ଧର୍ମଗ୍ରନ୍ଥର ଅହରହ ପଠନ ନିମିତ୍ତ ଆଦେଶ ଦେଇଥିଲେ ଓ ସେହି ପ୍ରକାରେ ଓ୍ୱଝେ ତିନିଦିନ ଓ ତିନିରାତି ପାଠ କରିଥିଲେ ।

୩୮ । ଓ୍ୱଝେ ପୂରା ଏଗାର ଦିନ କାଳ ବସି ରହିଥିଲେ ଓ ପାଠ କରୁଥିଲେ । ତା'ପରେ ଥକି ଯାଇଥିଲେ ଓ ଦୁର୍ବଳ ଅନୁଭବ କରିଥିଲେ । ସେ ପଠନରେ କ୍ଳାନ୍ତି ଅନୁଭବ କରିଥିଲେ । ଏହିପରି ଭାବରେ ଆଉ ତିନିଦିନ ବିତି ଯାଇଥିଲା ।

୩୯ । ତା'ପରେ ବାବା କ'ଣ କରିଥିଲେ ? ସେ 'ରାମ ବିଜୟ' ପଠନ ବନ୍ଦ କରିଦେଇଥିଲେ । ଓ୍ୱଝେଙ୍କୁ ସେଠାରୁ ଅନ୍ୟତ୍ର ପଠାଇ ଦେଇଥିଲେ । ନିଜେ ନିରବରେ ରହିଥିଲେ ।

୪୦ । ଶ୍ରୋତାମାନେ ଓ୍ୱଝେଙ୍କୁ ଅନ୍ୟତ୍ର ପଠାଇଦେବାର କାରଣ ପଚାରି ପାରନ୍ତି । ମୁଁ ମୋର ଯୋଗ୍ୟତା ଅନୁଯାୟୀ ତାହାକୁ ବୁଝାଇବାର ଚେଷ୍ଟା କରୁଛି, ଶୁଣନ୍ତୁ । ଏହା ମନଧ୍ୟାନ ଦେଇ ଶୁଣନ୍ତୁ ।

୪୧ । ମୃତ୍ୟୁ ନିକଟବର୍ତ୍ତୀ ହେଲେ ସାଧୁ, ସନ୍ଥ ଓ ଜ୍ଞାନୀ ଲୋକେ ଧର୍ମପୁସ୍ତକ ପଠନ ଶୁଣିଥାନ୍ତି । ଏହା ସେମାନଙ୍କର ଚଳଣି ।

୪୨ । ଆଚାର୍ଯ୍ୟ ଶୁକ୍‌ଦେବ ଶ୍ରୀମଦ୍ ଭାଗବତ ପୁରାଣ ରାଜା ପରୀକ୍ଷିତ'ଙ୍କୁ ସାତଦିନ ପାଠ କରି ଶୁଣାଇଥିଲେ । ରାଜା ଏହା ଶୁଣିବା ପରେ ଆନନ୍ଦରେ ମୃତ୍ୟୁବରଣ କରିଥିଲେ ।

୪୩ । ଜଣେ ଯେତେବେଳେ ପ୍ରଭୁଙ୍କର ଲୀଳା ଶ୍ରବଣ କରୁଥାଏ ଓ ପ୍ରଭୁଙ୍କର ଚିତ୍ର ଚକ୍ଷୁ ସମ୍ମୁଖରେ ରଖିଥାଏ, ସେତେବେଳେ ତାହାର ମୃତ୍ୟୁ ଘଟିଲେ ସେ ପରମ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରିଥାଏ ।

୪୪ । ସାଧାରଣ ଲୋକଙ୍କ ମଧ୍ୟରେ ଏହାହିଁ ପ୍ରଥା । ସନ୍ଥମାନେ ତାହା ନିଶ୍ଚିତ ଭାବରେ ଅନୁସରଣ କରିଥାନ୍ତି । ସେମାନେ ସେହି ଧାରାକୁ ଭାଙ୍ଗନ୍ତି ନାହିଁ, କାରଣ ସେମାନେ ତାହାର ସୁରକ୍ଷା ପାଇଁ ହିଁ ଧରାବତରଣ କରିଥାନ୍ତି ।

୪୫ । ସେମାନେ ପଞ୍ଚଭୂତରେ ଗଢ଼ା ହେଲେ ମଧ୍ୟ ସେମାନଙ୍କର ଶରୀରକୁ ଉପେକ୍ଷା କରିଥାନ୍ତି, ସେମାନେ ମୃତ୍ୟୁ ସମୟରେ ଦୁଃଖ କିମ୍ବା ଶୋକ କରିନଥାନ୍ତି । ଏହା ସେମାନଙ୍କ ନିମନ୍ତେ ଏକ ସ୍ୱାଭାବିକ ବ୍ୟାପାର ହୋଇଥାଏ ।

୪୬ । ସେ ଯାହାହେଉ, ଏଠାରେ ଶ୍ରୋତାମାନେ ସନ୍ଦେହ ପ୍ରକାଶ କରି ପଚାରିପାରନ୍ତି ଯେ ଯେଉଁମାନେ ପରମ ଆନନ୍ଦରେ ଜଡ଼ିତ ହୋଇଥାନ୍ତି, ସେମାନଙ୍କୁ ମାୟାମୋହ, ଲୋଭ ଇତ୍ୟାଦି ଅସୁବିଧାରେ ପକାଇଥାଏ କି ! ଏ ବିଷୟରେ ଜଣେ କି ଚିନ୍ତା କରିପାରିବ ?

୪୭ । ଯିଏ ଆତ୍ମା ଦ୍ୱାରା ପରିଚାଳିତ ହୋଇ ସବୁସମୟରେ "ଆଲ୍ଲା ମାଲିକ" ଉଚ୍ଚାରଣ କରୁଥିଲେ, ସେ କିପରି ପ୍ରିୟ ଭକ୍ତମାନଙ୍କ ସାନ୍ନିଧ୍ୟ ଦ୍ୱାରା ବାନ୍ଧିହୋଇ ରହିଯାଇଥାନ୍ତେ ?

୪୮ । ସେ ଧରାଧାମରେ ଅବତରିଥିଲେ । ତାଙ୍କର

ଆଧାତ୍ମିକତା ଅକ୍ଷୁର୍ଣ୍ଣ ରହିଥିଲା। ଦ୍ୱୈତ ଭାବନା ତାଙ୍କ ନିକଟରେ ଆଦୌ ନଥିଲା। ସେ ପରମାତ୍ମାଙ୍କ ସହିତ ଏକାକାର ହୋଇଯାଇଥିଲେ।

୪୯। ମୁଁ ଯାହାସବୁ ଆପଣମାନଙ୍କୁ କହୁଛି, ସେସବୁ ଅକ୍ଷରେ ଅକ୍ଷରେ ସତ୍ୟ। ଏଥିରେ କାଣିଚାଏ ମିଥ୍ୟା ନାହିଁ। ଲୋକମାନଙ୍କର ମଙ୍ଗଳ ନିମିତ୍ତ ସନ୍ଥମାନେ ଅବତାର ଗ୍ରହଣ କରିଥାନ୍ତି ଓ ସେମାନଙ୍କର ଲକ୍ଷ୍ୟ ପୂରଣ ହୋଇଥିବାର ଜାଣିଲେ ସେମାନେ ଆନନ୍ଦିତ ହୋଇଥାନ୍ତି।

୫୦। ସନ୍ଥମାନେ ଷଡ଼ ପାପ ଓ କାମନାରୁ ମୁକ୍ତ ରହିଥାନ୍ତି। ସେମାନେ ଅଦୃଶ୍ୟ ଭାବରେ ସବୁବେଳେ ଉପସ୍ଥିତ ରହିଥାନ୍ତି। ସେମାନେ କେବଳ ଭକ୍ତମାନଙ୍କର ପରିତ୍ରାଣ ନିମନ୍ତେ ରୂପ ପରିଗ୍ରହ କରିଥାନ୍ତି। ସେମାନଙ୍କର ମୃତ୍ୟୁ କିପରି ହେବ?

୫୧। ଶରୀର ସହିତ ସଂଯୁକ୍ତ ହୋଇ ଜ୍ଞାନେନ୍ଦ୍ରିୟମାନେ ଜନ୍ମ ନେଇଥାନ୍ତି। ସେମାନଙ୍କର ବିଯୁକ୍ତ ହିଁ ମୃତ୍ୟୁ। ଏହି ଯୋଗ ଓ ବିଯୋଗ ହିଁ ଜନ୍ମ ବା ମୃତ୍ୟୁ।

୫୨। ଜନ୍ମ ପଛେ ପଛେ ମୃତ୍ୟୁ ଧାଇଁଥାଏ। ଦୁହେଁ ଅଭିନ୍ନ। ମୃତ୍ୟୁ ଜୀବନର ଏକ ସ୍ୱାଭାବିକ ଅବସ୍ଥା। ଖାଲି ବଞ୍ଚିରହିବାର ଅର୍ଥ ହେଲା ଜୀବନର ପ୍ରକୃତ ନିର୍ଯ୍ୟାସକୁ ବିକୃତ କରିବା।

୫୩। ଯେଉଁମାନେ ମୃତ୍ୟୁକୁ ଜୟ କରିଥାନ୍ତି, ସେମାନେ ମଧ୍ୟ ତାହାକୁ ନିୟନ୍ତ୍ରଣ କରିଥାନ୍ତି। ସେମାନେ ଯେତେବେଳେ ନିଜର ଇଚ୍ଛାନୁଯାୟୀ ଅବତରଣ କରିଥାନ୍ତି, ସେତେବେଳେ ସେମାନଙ୍କର ଆୟୁକାଳ ସମ୍ବନ୍ଧରେ କାହିଁକି ଉଦ୍‌ବିଗ୍ନ ହେବେ?

୫୪। ଯିଏ କେବଳ ଭକ୍ତମାନଙ୍କର କଲ୍ୟାଣ କରିବାର ଇଚ୍ଛାନେଇ ବିଭିନ୍ନ ଅବତାର ଗ୍ରହଣ କରିଥାନ୍ତି, ତାଙ୍କୁ କିପରି ଜନ୍ମ ଓ ମୃତ୍ୟୁ ସ୍ପର୍ଶ କରିପାରିବ? ଏହି ଦୁଇଟିଯାକ ମାୟା।

୫୫। ଯିଏ ଶରୀର ଧାରଣ କରିବା ପୂର୍ବରୁ ତାହାକୁ ପାଉଁଶରେ ପରିଣତ କରି ଦେଇଥାନ୍ତି, ତାଙ୍କର ମୃତ୍ୟୁ ଭୟ ରହିବ କିପରି? ତାଙ୍କ ସମ୍ମୁଖରେ ମୃତ୍ୟୁ ଜଳି ପୋଡ଼ି ପାଉଁଶ ହୋଇଯାଇଥାଏ।

୫୬। ମୃତ୍ୟୁ ହେଉଛି ଶରୀରର ଏକ ସ୍ୱାଭାବିକ ପ୍ରକ୍ରିୟା। ମୃତ୍ୟୁ ହେଲା ଶରୀର ନିମନ୍ତେ ଏକ ଆନନ୍ଦମୟ ଅବସ୍ଥା। ଜୀବନ ହେଉଛି ଶରୀରର କ୍ଷୟକାରକ ଲକ୍ଷଣ। ଜ୍ଞାନୀମାନଙ୍କୁ ଏ ସମ୍ବନ୍ଧରେ ପଚାରନ୍ତୁ।

୫୭। ଆନନ୍ଦର ବାରିଧି ଶ୍ରୀସାଇ ସମର୍ଥ ଯିଏକି ନିଜ ଶରୀରର ଜନ୍ମ ସମ୍ବନ୍ଧରେ ଜାଣିନଥିଲେ, ସେ କିପରି ଶରୀରର ମୃତ୍ୟୁକୁ ଅନୁଭବ କରି ପାରିଥାନ୍ତେ? ସେ ଶରୀରର ଅବସ୍ଥିତି ସମ୍ବନ୍ଧରେ ମଧ୍ୟ ଜାଣିନଥିଲେ।

୫୮। ଶ୍ରୀସାଇ ନିଜେ ପରଂବ୍ରହ୍ମ ହୋଇଥିବାବେଳେ ତାଙ୍କର ଜନ୍ମ ବା ମୃତ୍ୟୁ କେଉଁଠାରୁ ଆସିଲା? 'ବ୍ରହ୍ମ ହିଁ ସତ୍ୟ ଓ ଜଗତ୍ ମିଥ୍ୟା' ବୋଲି ଜାଣିଥିବାରୁ ସେ ଶରୀର ପ୍ରତି କିପରି ସଚେତନ ରହିଥାନ୍ତେ?

୫୯। ଜୀବନ ଧାରଣ କରିବା କିମ୍ବା ତ୍ୟାଗ କରିବା ବା ଅରୂପଭାବରେ ଆକାଶରେ ଘୂରିବୁଲିବା କାର୍ଯ୍ୟ ଯୋଗଶକ୍ତି ଦ୍ୱାରା ତାଙ୍କର ଇଚ୍ଛାନୁଯାୟୀ ଭକ୍ତମାନଙ୍କର କଲ୍ୟାଣ ପାଇଁ କରାହୋଇଥାଏ।

୬୦। "ସୂର୍ଯ୍ୟୋପରାଗ ହୋଇ ସୂର୍ଯ୍ୟକୁ ସମ୍ପୂର୍ଣ୍ଣ ଭାବରେ ଲୁଚାଇ ଦେଲା" ବୋଲି ଲୋକେ କହିଥାନ୍ତି। କିନ୍ତୁ, ଏହା କେବଳ ଇନ୍ଦ୍ରିୟଗ୍ରାହୀର ଦୋଷ। ସନ୍ଥମାନଙ୍କର ମୃତ୍ୟୁ ସେହି ପ୍ରକାରର।

୬୧। ସେମାନଙ୍କ ପାଇଁ ଶରୀର ଏକ ବୋଝ। ସେମାନଙ୍କର ଦୁଃଖ କିମ୍ବା ଯନ୍ତ୍ରଣା କୋଉଠୁ ଆସିବ? ସେମାନଙ୍କର ଯଦିବା କିଛି ଥାଏ, ତାହାହିଁ ଭାଗ୍ୟର ବନ୍ଧନ। ସେଥିପାଇଁ ସେମାନେ ଉଦ୍‌ବିଗ୍ନ ହୁଅନ୍ତି ନାହିଁ।

୬୨। ଭକ୍ତମାନଙ୍କର ପୂର୍ବର ସୁକୃତି ଯୋଗୁଁ ଯିଏ ଅବତାର ଗ୍ରହଣ କରିଥିଲେ ଓ ଅଦୃଶ୍ୟ ଭାବରେ ଭକ୍ତିରେ ପରିପୂର୍ଣ୍ଣ ହୋଇଥିଲେ, ସେ ଭକ୍ତମାନଙ୍କର କଲ୍ୟାଣ ନିମନ୍ତେ ଦୃଶ୍ୟମାନ ହୋଇଥିଲେ। ତା'ପରେ ସେ ଶିରିଡ଼ିରେ ଦେଖାଦେଇଥିଲେ।

୬୩। ଭକ୍ତମାନଙ୍କର ମଙ୍ଗଳ ସାଧନ କାର୍ଯ୍ୟ ଏବେ ଶେଷ ହେଲା ଓ ତେଣୁ ସେ ଦେହତ୍ୟାଗ କଲେ ବୋଲି କୁହାଯାଉଥିଲା। ଏ କଥାରେ କିଏ ଅବା ବିଶ୍ୱାସ କରିବ? ଯୋଗୀଙ୍କର ଜୀବନ ବା ମୃତ୍ୟୁ କ'ଣ?

୬୪। ଶ୍ରୀସାଇ ସମର୍ଥ ନିଜ ଶରୀରକୁ ସ୍ୱେଚ୍ଛାରେ ତ୍ୟାଗ କରିଥିଲେ ଓ ତାହାକୁ ଯୋଗାଗ୍ନି ଦ୍ୱାରା ଭସ୍ମୀଭୂତ କରି ଦେଇଥିଲେ। ସେ ଅରୂପଙ୍କ ମଧ୍ୟରେ ଅନ୍ୟତମ ହୋଇଯାଇଥିଲେ ମଧ୍ୟ ଭକ୍ତମାନଙ୍କ ହୃଦୟରେ ଚିରନ୍ତନ ହୋଇ ରହିଥିଲେ।

୬୫। ତାଙ୍କର ନାମ ସ୍ମରଣ କରି ଅନ୍ୟମାନେ ଯେତେବେଳେ ଜନ୍ମ ଓ ମୃତ୍ୟୁ ଚକ୍ରକୁ ଖଣ୍ଡନ କରି ପାରୁଛନ୍ତି, ସେତେବେଳେ ତାଙ୍କର କିପରି ମୃତ୍ୟୁ ହୋଇ ପାରିବ ? ସେ ତାଙ୍କର ପୂର୍ବର ଅରୂପ ଆତ୍ମା ଲାଭ କରିଥିଲେ ।

୬୬। ସାକାର ଅବସ୍ଥାକୁ ଅତିକ୍ରମ କରି ବାବା ଅରୂପ ହୋଇ ପ୍ରଭୁଙ୍କ ସହିତ ଏକାକାର ହୋଇଥିଲେ। କିନ୍ତୁ ସେ ସବୁବେଳେ ଭକ୍ତମାନଙ୍କୁ ଜାଗ୍ରତ ରଖିଥିଲେ।

୬୭। ଯିଏ ପରମାତ୍ମାଙ୍କ ସହିତ ସ୍ପନ୍ଦିତ ହୁଏ ଓ ଭକ୍ତମାନଙ୍କ ହୃଦୟରେ ସ୍ଥାୟୀ ଭାବରେ ଖୋଦିତ ହୋଇ ରହେ, ତାଙ୍କର ଶରୀର କିପରି ମୃତ ହୋଇଗଲା ବୋଲି କୁହାଯାଇପାରିବ ? ଏଭଳି ବାକ୍ୟ ଗ୍ରହଣୀୟ ନୁହେଁ।

୬୮। ତେଣୁ ଏହି ଶ୍ରୀସାଇ, ଯାହାଙ୍କର ଆଦି ନାହିଁ କି ଅନ୍ତ ନାହିଁ, ସେ ପୃଥିବୀରେ ପ୍ରଳୟ ଘଟିବା ପର୍ଯ୍ୟନ୍ତ ରହିଥିବେ।

୬୯। ଜ୍ଞାନୋବା ମହାରାଜ ଚାଲି ଯାଇଛନ୍ତି କି? ସେ ଏକନାଥ ମହାରାଜଙ୍କୁ ତିନିଶହ ବର୍ଷ ପରେ ବି ଦର୍ଶନ ଦେଇଥିଲେ ଓ ଜଗତକୁ ଅନୁଗୃହୀତ କରିଥିଲେ।

୭୦। ପାଇଥନିରେ ଏକନାଥ ମହାରାଜ, ଦେହୁରେ ତୁକାରାମ ମହାରାଜ ଓ ଆଳନ୍ଦୀରେ ନରସିଂହ ସରସ୍ୱତୀ ଆଲୋକବର୍ତ୍ତିକା ସଦୃଶ ଥିଲେ।

୭୧। ପାର୍ଲିରେ ସମର୍ଥ ରାମଦାସ, ଅକଲକୋଟରେ ଅକଲକୋଟକାର ଓ ହୁମନାବାଦରେ ପ୍ରଭୁ ମାଣିକଙ୍କ ପରି ଶିରିଡ଼ିରେ ଶ୍ରୀସାଇ ଥିଲେ।

୭୨। ନିଜର ବିଶ୍ୱାସ ଅନୁଯାୟୀ ଅନୁଭୂତି ହୋଇଥାଏ; ଆଜି ମଧ୍ୟ ହେଉଛି। ଏହି ସ୍ୱତଃସିଦ୍ଧ ପ୍ରମାଣର ଶକ୍ତି ତାଙ୍କ ପାଇଁ ରହିଥିବା ସମୟରେ ତାଙ୍କର କ'ଣ ମୃତ୍ୟୁ ହୋଇପାରେ !

୭୩। ଯିଏ ଭକ୍ତମାନଙ୍କର ହିତ ସାଧନରେ ସଦା ବ୍ୟସ୍ତ ରହୁଥିଲେ, ସେ ତାଙ୍କର ଶରୀର ଶିରିଡ଼ିରେ ଛାଡ଼ି ଦେଇଛନ୍ତି ଓ ଚର ଏବଂ ଅଚରଙ୍କ ମଧ୍ୟରେ ଏକୀଭୂତ ହୋଇଯାଇଛନ୍ତି। ସେ ଆଉଥରେ ଅବତାର ଗ୍ରହଣ କରିପାରନ୍ତି।

୭୪। ଶ୍ରୀସାଇ ସମର୍ଥ ବ୍ରହ୍ମ ସହିତ ବିଲୀନ ହୋଇଯିବା ପରେ ଶିରିଡ଼ିରେ ଆଉ କ'ଣ ଅଛି? ଏଭଳି ସନ୍ଦେହ ରଖନ୍ତୁ ନାହିଁ, କାରଣ ଶ୍ରୀସାଇ ମୃତ୍ୟୁଠାରୁ ଊର୍ଦ୍ଧ୍ୱରେ।

୭୫। ସନ୍ଥମାନେ ଜନ୍ମ ହୋଇନଥାନ୍ତି (ଜଠରରୁ)। ସେମାନେ ଅନ୍ୟମାନଙ୍କୁ ଅନୁଗୃହୀତ କରିବା ନିମନ୍ତେ ନିଜକୁ ପ୍ରକଟ କରିଥାନ୍ତି। ସେମାନେ ବ୍ରହ୍ମଙ୍କର ମୂର୍ତ୍ତିମନ୍ତ ରୂପ। କେବଳ ଭାଗ୍ୟବାନହିଁ ଏଭଳି ପ୍ରକଟ ହୋଇଥାନ୍ତି।

୭୬। ଅବତାର ପୁରୁଷମାନଙ୍କର ଜନ୍ମ କିମ୍ବା ମୃତ୍ୟୁ ନଥାଏ। ସେମାନଙ୍କର ଲକ୍ଷ୍ୟ ପୂରଣ ହୋଇଗଲେ ସେମାନେ ବ୍ରହ୍ମଙ୍କ ସହିତ ଲୀନ ହୋଇଯାଆନ୍ତି ଓ ଅରୂପ ସହ ଏକାକାର ହୋଇଯାଆନ୍ତି।

୭୭। ଶରୀର ସାଢ଼େ ତିନି ହାତ ଲମ୍ବା। ବାବା ତାହାରି ମଧ୍ୟରେ ଆବଦ୍ଧ ରହିଥିଲେ ବୋଲି କୁହାଯିବ କି? ସେ କୌଣସି ନିର୍ଦ୍ଦିଷ୍ଟ ଆକାରପ୍ରକାର ବା ରୂପରଙ୍ଗର ଥିଲେ ବୋଲି କୁହାଯିବା ଠିକ୍ ନୁହେଁ।

୭୮। ଅଷ୍ଟସିଦ୍ଧି, ଅର୍ଥାତ୍ ଅଣିମା, ଗରିମା ଇତ୍ୟାଦି ଏହିଭଳି ବ୍ୟକ୍ତିମାନଙ୍କର ଯିବା ଆସିବା କରିବା ଦ୍ୱାରା କମିଯାଏ ନାହିଁ କିମ୍ବା ବଢ଼ି ଯାଇନଥାଏ। ସେଗୁଡ଼ିକ ସେମାନଙ୍କର ନିଜସ୍ୱ ଓ ଚିରନ୍ତନ ଗରିମା। ସେମାନେ ସେଇଥିପାଇଁ ମହିମାନ୍ୱିତ।

୭୯। ଏଭଳି ମହାତ୍ମାମାନଙ୍କର ଅବତାର କେବଳ ଲୋକମାନଙ୍କର ମଙ୍ଗଳ ନିମିତ୍ତ ଉଦ୍ଦିଷ୍ଟ। ସେମାନଙ୍କର ଆବିର୍ଭାବ, ଅସ୍ତିତ୍ୱ ଓ ଅନ୍ତର୍ଦ୍ଧାନ ଏକ ସ୍ୱାଭାବିକ ପ୍ରକ୍ରିୟା। ସନ୍ଥମାନେ ଲୋକମାନଙ୍କୁ ସେମାନଙ୍କର ଅନୁଗାମୀ କରାଇବା ପାଇଁ ସଦା ପ୍ରସ୍ତୁତ ରହିଥାନ୍ତି ।

୮୦। ଜନ୍ମ ଏକ ମରୀଚିକା ଓ ମୃତ୍ୟୁ ହେଉଛି ଏକ ପ୍ରହେଳିକା। ଆତ୍ମାର ଏକାତ୍ମତା କ୍ଷୟର ଊର୍ଦ୍ଧ୍ୱରେ ଓ ଏହା ହିଁ ସ୍ୱପ୍ନର ପରମାନନ୍ଦ ଅବସ୍ଥା। ସନ୍ଥମାନଙ୍କର ଅବସ୍ଥା ଏୟା।

୮୧। ଅନ୍ୟ ପକ୍ଷରେ ଯିଏ ଜ୍ଞାନର ଭଣ୍ଡାର ଓ ସବୁବେଳେ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇଥାନ୍ତି, ତାଙ୍କ ନିମନ୍ତେ ଶରୀର ରକ୍ଷା ବା ତ୍ୟାଗ ଏକପ୍ରକାରର ଘଟଣା।

୮୨। ଏ ବିଷୟରେ ବହୁତ ଚର୍ଚ୍ଚା ହୋଇଗଲା। ବାବା ଦେହତ୍ୟାଗ କରିଦେବା ପରେ ପର୍ବତ ପ୍ରମାଣ ଦୁର୍ଦ୍ଦଶା ଆମ ମୁଣ୍ଡ ଉପରେ ପଡ଼ିଥିଲା। ଶିରିଡ଼ିର ସବୁଠାରେ ଶୋକାକୁଳ ପରିବେଶ ଛାଇ ହୋଇଥିଲା। ସମସ୍ତେ ଦୁଃଖରେ ଭାଙ୍ଗି ପଡ଼ିଥିଲେ ।

୮୩। ବାବାଙ୍କ ଦେହତ୍ୟାଗର ଖବର ସମସ୍ତଙ୍କ

ହୃଦୟରେ ତୀକ୍ଷ୍ଣ ତୀର ଭଳି ବିଦ୍ଧହୋଇଯାଇଥିଲା। ସମସ୍ତ ଦୈନନ୍ଦିନ କାର୍ଯ୍ୟ ବନ୍ଦ ହୋଇଯାଇଥିଲା ଓ ଲୋକେ ବିକଳ ହୋଇ ଦୌଡ଼ିଥିଲେ।

୮୪। ଏହି ଅଶୁଭ ସମ୍ବାଦ ପ୍ରଚାରିତ ହୋଇଯିବା ପରେ ସମସ୍ତେ ବଜ୍ରାଘାତ ହେବା ପରି ଅନୁଭବ କରିଥିଲେ। କେତେକ ସଚେତନ ବ୍ୟକ୍ତି ନିରବରେ ବସିଥିଲେ ଓ ଅନ୍ୟମାନେ କ୍ରନ୍ଦନ କରୁଥିଲେ।

୮୫। ସେମାନଙ୍କର ଅତ୍ୟଧିକ ଶ୍ରଦ୍ଧା ଯୋଗୁଁ ଆବେଗରେ ସେମାନଙ୍କର କଣ୍ଠ ବାଷ୍ପରୁଦ୍ଧ ହୋଇଯାଉଥିଲା। ଦୁଃଖାଶ୍ରୁ ଚକ୍ଷୁରୁ ଟପ୍ ଟପ୍ ଝରୁଥିଲା। ସେମାନେ ଉଚ୍ଚ ସ୍ୱରରେ 'ଶିବ' 'ଶିବ' ଜପ କରୁଥିଲେ।

୮୬। ପ୍ରତ୍ୟେକ ଘରେ ହଇଚଇ ଓ ଗୋଳମାଳ ସୃଷ୍ଟି ହୋଇଥିଲା। ସବୁଠାରେ ସେହି ଅବସ୍ଥା ଦେଖା ଦେଇଥିଲା। ସମସ୍ତଙ୍କର ଛାତି ଧଡ଼୍ ଧଡ଼୍ ହେଉଥିଲା।

୮୭। ମହାରାଜଙ୍କର ଦେହତ୍ୟାଗ ପରେ ସମୁଦାୟ ଗ୍ରାମ ମୃତବତ୍ ପଡ଼ି ରହିଥିଲା। ସେମାନେ କହିଥିଲେ, "ପ୍ରଭୁ! ଏହି ଦୁଃଖଦ ଘଟଣା ଆମ ହୃଦୟକୁ ବିଦୀର୍ଣ୍ଣ କରିଦେଇଛି ।"

୮୮। ସମସ୍ତେ ଉଠିପଡ଼ି ଧାଇଁଥିଲେ। ସମସ୍ତେ ମସଜିଦ୍‌ଠାରେ ଓ ଏହାର ଅଗଣାରେ ରୁଣ୍ଡ ହୋଇଥିଲେ। ପରିସ୍ଥିତି ହୃଦୟ ବିଦାରକ ଥିଲା ଓ ଦୁଃଖରେ ସମସ୍ତଙ୍କର କଣ୍ଠରୋଧ ହୋଇଥିଲା।

୮୯। ଶିରିଡ଼ିର ଗୌରବ ଚାଲିଯାଇଥିଲା। ଏହାର ସୁଖ ସମୃଦ୍ଧିର ଅନ୍ତ ଘଟିଥିଲା । ସବୁକିଛି ହଜି ଯାଇଥିଲା । ସମସ୍ତଙ୍କ ଆଖିରେ ଲୁହ ଭରି ହୋଇ ରହିଥିଲା ଓ ସାହସ ଦୋହଲି ଯାଇଥିଲା।

୯୦। ଯାହାକୁ ସାତ ପବିତ୍ର ସ୍ଥାନମାନଙ୍କ ମଧ୍ୟରେ ଗଣାଯାଉଥିଲା ଓ ଯାହାକୁ ବାବା ନିର୍ଭୁଲ ଭାବରେ ଦ୍ୱାରକାମାୟୀ ବୋଲି କହୁଥିଲେ, ସେହି ମସଜିଦ୍‌ର ମାହାତ୍ମ୍ୟ ସେଇଭଳି ଥିଲା।

୯୧। ଏହା ଚିରନ୍ତନ ମୁକ୍ତି ହେଉ, ଦେହତ୍ୟାଗ କିମ୍ବା ମୃତ୍ୟୁ ହେଉ, ଯାହା ହୋଇଥାଉନା କାହିଁକି, ଦ୍ୱାରକାରେ ତାହା ବ୍ରହ୍ମ ମଧ୍ୟରେ ଲୀନ ହୋଇଥାଏ। ଯିଏ ନିରନ୍ତର ଈଶ୍ୱରଙ୍କୁ ଧ୍ୟାନ କରିଥାନ୍ତି, ସେଠାରେ ସେ ସ୍ଥାନ ପାଇଥାନ୍ତି।

୯୨। ସେହି ଗୁରୁରାଜ ସାଇରାୟ, ଭକ୍ତମାନଙ୍କର ଦୟାଳୁ ପିତା ଓ ମାତା ଏବଂ ସେମାନଙ୍କର ଆଶ୍ରୟଦାତା ଭାବରେ ସବୁବେଳେ ମନେ ରହିବେ।

୯୩। ବାବାଙ୍କ ବିନା ଶିରିଡ଼ି ନିକାଞ୍ଚନ ହୋଇଯାଇଥିଲା। ଚତୁର୍ଦ୍ଦିଗରେ ଶୂନ୍ୟତା ଓ ଦୁଃଖ ଭରିଯାଇଥିଲା। ଶିରିଡ଼ି ଏକ ମୃତ ଶରୀର ଭଳି ଦିଶୁଥିଲା।

୯୪। ଜଳଶୂନ୍ୟ ପୁଷ୍କରିଣୀରେ ମତ୍ସ୍ୟଗୁଡ଼ିକ ଛଟପଟ ହେଉଥିବା ଭଳି ଶିରିଡ଼ିର ଜନସାଧାରଣ ସେହିପରି ଦୁଃଖ ଭୋଗୁଥିଲେ ଓ ଉତ୍ସାହ ହରାଇଥିଲେ ।

୯୫। ହ୍ରଦରେ ପଦ୍ମ ନଥିଲେ, ଘରେ ପୁତ୍ର ନଥିଲେ ବା ମନ୍ଦିରରେ ଆଲୋକ ନଥିଲେ ଯେପରି ଲାଗିଥାଏ, ମସଜିଦର ବାତାବରଣ ସେହିପରି ହୋଇଥିଲା।

୯୬। ଘରେ ମୁରବୀ ନଥିଲେ, ରାଜ୍ୟରେ ରାଜା ନଥିଲେ, କୋଷାଗାର ଶୂନ୍ୟ ହୋଇଥିଲେ, ଅରଣ୍ୟ ଅଗମ୍ୟ ହୋଇଥିଲେ ଯେଉଁଭଳି ହୋଇଥାଏ, ଶିରିଡ଼ିରେ ବାବା ନଥିବାରୁ ସେହିଭଳି ଅବସ୍ଥା ହୋଇଥିଲା।

୯୭। ବାବାଙ୍କ ପ୍ରତି ଶିରିଡ଼ି ଲୋକଙ୍କର ତଥା ଭକ୍ତମାନଙ୍କର ଶ୍ରଦ୍ଧା, ପୁତ୍ର ପ୍ରତି ମାତାର ସ୍ନେହ କିମ୍ବା ବାରିଦର ଜଳ ପ୍ରତି ଚାତକର ଶ୍ରଦ୍ଧା ସଦୃଶ ଥିଲା ।

୯୮। ଶିରିଡ଼ି ଉତ୍ସାହହୀନ, ଅର୍ଦ୍ଧମୃତ, ଦୀନଦୁଃଖୀ ଓ ନିଃସ୍ୱ ଭଳି ଦୃଶ୍ୟ ହେଉଥିଲା। ଜଳ ବିନା ମତ୍ସ୍ୟ ଭଳି ଲୋକେ କଷ୍ଟରେ ଛଟପଟ ହେଉଥିଲେ।

୯୯। ଆବାଳବୃଦ୍ଧବନିତା ସମସ୍ତେ ସ୍ୱାମୀ ପରିତ୍ୟକ୍ତା ସ୍ତ୍ରୀ, ମାତୃତେଜ୍ୟା ଦୁଗ୍ଧପୋଷ୍ୟ ଶିଶୁ କିମ୍ବା ଗାଈ ନିକଟରୁ ଛଡ଼ାଇ ନିଆଯାଉଥିବା ବାଛୁରୀଙ୍କ ଭଳି ଅଥୟ ହେଉଥିଲେ।

୧୦୦। ଏଭଳି ଶୋକାକୁଳ ଅବସ୍ଥା ଅସହ୍ୟ ହେଉଥିଲା। ଶିରିଡ଼ିର ଲୋକେ ଏଣେ ତେଣେ ବିଶୃଙ୍ଖଳିତ ଭାବରେ ଦିଗହରା ହୋଇ ଦୌଡୁଥିଲେ।

୧୦୧। ଶ୍ରୀସାଇଙ୍କ ନିମିତ୍ତ ଶିରିଡ଼ି ପବିତ୍ର ସ୍ଥାନ ହୋଇଥିଲା ଓ ତାହାର ଐତିହାସିକ ଗୁରୁତ୍ୱ ବଢ଼ିଯାଇଥିଲା। ଶ୍ରୀସାଇ ସମସ୍ତଙ୍କର ରକ୍ଷକ ଥିଲେ ଓ ତାଙ୍କ ଯୋଗୁଁ ଶିରିଡ଼ି ଏକ ତୀର୍ଥସ୍ଥାନରେ ପରିଣତ ହୋଇଥିଲା।

୧୦୨। କେହି କେହି ଉଚ୍ଚ ସ୍ୱରରେ କାନ୍ଦୁଥିଲେ, କେହି କେହି ଧୂଳିରେ ଗଡୁଥିଲେ ଓ ଆଉ କେହି ଅଚେତ ହୋଇ ଯାଉଥିଲେ। ଲୋକେ ଅତ୍ୟନ୍ତ ଶୋକଗ୍ରସ୍ତ ହୋଇଥିଲେ।

୧୦୩। ବିଷାଦଗ୍ରସ୍ତ ନାରୀ ଓ ପୁରୁଷଙ୍କ ଚକ୍ଷୁରୁ ଦୁଃଖାଶ୍ରୁ ବୋହି ଚାଲିଥିଲା। ସେମାନେ ଅନ୍ନଜଳ ପରିତ୍ୟାଗ କରିଥିଲେ ଓ ଦୟନୀୟ ଅବସ୍ଥାରେ ଥିଲେ।

୧୦୪। ବାବାଙ୍କର ନିଶ୍ଚଳ ଶରୀରକୁ ଦେଖି ଗ୍ରାମବାସୀମାନେ ଅତ୍ୟନ୍ତ ବିଷଣ୍ଣ ହୋଇଥିଲେ। ଆବାଳବୃଦ୍ଧବନିତା ସମସ୍ତ ଭକ୍ତ ଅତ୍ୟନ୍ତ ଅସ୍ୱସ୍ତି ଅନୁଭବ କରୁଥିଲେ।

୧୦୫। ଯେଉଁ ମସ୍‌ଜିଦରେ ମଧୁର ଓ ଚିତ୍ତାକର୍ଷକ କାହାଣୀମାନ ଶୁଣାଯାଉଥିଲା, ଯେଉଁଠାରେ ପ୍ରତ୍ୟହ ଆନନ୍ଦର ଲହରୀ ଖେଳୁଥିଲା ଓ ଯେଉଁଠାକୁ ପଶିବା ପାଇଁ ବାଟ ଟିକିଏବି ମିଳୁନଥିଲା, ତାହା ନିର୍ଜନ ହୋଇଯାଇଥିଲା।

୧୦୬। ଯେଉଁ ଶିରିଡ଼ି କେବଳ ବାବାଙ୍କର ଉପସ୍ଥିତି ଯୋଗୁଁହିଁ ପୂର୍ବରୁ ସମସ୍ତଙ୍କ ପାଇଁ ଶୁଭ, ସୁଖ ଓ ସମୃଦ୍ଧିର ସ୍ଥଳ ଥିଲା, ବର୍ତ୍ତମାନ ତାଙ୍କର ଅବର୍ତ୍ତମାନରେ ସେହି ଶିରିଡ଼ିର ଗ୍ରାମବାସୀମାନେ ବ୍ୟତିବ୍ୟସ୍ତ ହୋଇଯାଇଥିଲେ।

୧୦୭। "ଦିବ୍ୟ ଆନନ୍ଦର ମୂଳ ତଥା ଅବତାର ଶ୍ରୀସାଇ ଆପଣ ଭକ୍ତମାନଙ୍କର କଲ୍ୟାଣ ନିମନ୍ତେ ଏକ ରୂପ ପରିଗ୍ରହ କରିଥିଲେ ଓ ସେହି ଲକ୍ଷ୍ୟ ପୂର୍ଣ୍ଣ ହୋଇ ଯିବା ପରେ ଆପଣ କିଭଳି ଆଶ୍ଚର୍ଯ୍ୟଜନକ ଭାବରେ ଗ୍ରାମ ମଧ୍ୟରେ ଶରୀର ତ୍ୟାଗ କରିଦେଲେ।

୧୦୮। "ଆମ୍ଭେମାନେ ସବୁବେଳେ ବିଭ୍ରାନ୍ତ ହୋଇଥିବାରୁ ଚବିଶି ଘଣ୍ଟା ଧରି ଆମର କଲ୍ୟାଣ ପାଇଁ ଆପଣ ଆମ୍ଭମାନଙ୍କୁ ନାନା ଉପଦେଶ ଦେଉଥିଲେ।

୧୦୯। "ଆପଣଙ୍କ ଉପଦେଶ, ଓଲଟାଇ ରଖାଯାଇଥିବା ମାଠିଆ ଉପରେ ଜଳ ପଡ଼ିବା ଭଳି ଆମ ଉପରେ ପଡ଼ିଥିଲା ଓ ବୋହିଯାଇଥିଲା । ଆମେ ଟୋପାଏବି ରଖିପାରିଲୁ ନାହିଁ।

୧୧୦। "କେହି କାହାରି ନିନ୍ଦା କଲେ ତାହା ମୋତେ ତତ୍‌କ୍ଷଣାତ୍ ଦୁଃଖ ଦେଇଥାଏ" ବୋଲି ଆପଣ ବାରମ୍ବାର କହୁଥିଲେ। ଆମେ କିନ୍ତୁ ଆପଣଙ୍କୁ ମାନୁନଥିଲୁ।

୧୧୧। ଏହି ଉତ୍ତମ ଉପଦେଶକୁ ଅବଜ୍ଞା କରିଥିବାରୁ ଆମ ଭିତରୁ କେତେଜଣ ଦୋଷୀ ଅଟନ୍ତି ! ଆମର ଅବାଧ୍ୟତା କାରଣରୁ ଓ ଅନୁତାପ ନ କରିବା ଯୋଗୁଁ ଆପଣ ଆମକୁ ଏହିପରି ଦଣ୍ଡ ଦେଲେ କି?

୧୧୨। ବାବା, ସେହିସବୁ ପାପର ଏହା କ'ଣ ପ୍ରତିଶୋଧ? ଏବେ ଅନୁତାପ କରି ଲାଭ ବା କ'ଣ? ପ୍ରତ୍ୟେକଙ୍କୁ ସେମାନଙ୍କ କର୍ମର ଫଳ ଭୋଗ କରିବାକୁ ପଡ଼ିଥାଏ।

୧୧୩। ସେହି କାରଣରୁ ଆପଣ ଆମ ଉପରେ ବିରକ୍ତ ହୋଇଥିଲେ କି? ଆଉ ନିଜକୁ ପରଦାର ଆଢୁଆଳରେ ରଖିଦେଲେ? ମୃତ୍ୟୁ କିପରି ଅଚାନକ ଭାବରେ ଆମ ଉପରେ ଏହି ବିପଦ ଆଣିଦେଲା?

୧୧୪। ଯାହା ଜଣାପଡୁଛି ଆପଣଙ୍କ ଗଳା ପଡ଼ିଯିବା ପର୍ଯ୍ୟନ୍ତ ଆମକୁ ଆପଣ ଉପଦେଶ ଦେଇଚାଲିଥିଲେ ଓ ଆମର ଉଦାସୀନତା ଦେଖି ବିରକ୍ତ ହୋଇ ଉଠିଗଲେ।

୧୧୫। ସେଇଥିପାଇଁ ଆପଣ ଆମ ଉପରେ ବିରକ୍ତ ହୋଇ ପୂର୍ବର ସମସ୍ତ ଶ୍ରଦ୍ଧାସ୍ନେହ ଭୁଲିଗଲେ? କିମ୍ବା ଆମ ମଧ୍ୟରେ ରହିଥିବା ପୂର୍ବ ଜନ୍ମର ବନ୍ଧନ ଆଜିଠାରୁ ଶେଷ ହୋଇଗଲା କିମ୍ବା ଆପଣଙ୍କର ସ୍ନେହର ସ୍ରୋତ ଆମପାଇଁ ଶୁଖିଗଲା?

୧୧୬। ଆପଣ ଏମିତି ହଠାତ୍ ଆମକୁ ଛାଡ଼ି ଚାଲିଯିବେ ବୋଲି ଆମେ ଆଗରୁ ବୁଝି ପାରିଥିଲେ ବହୁତ ଭଲ ହୋଇଥାନ୍ତା। ଅନ୍ତତଃ ଆମେ ଅଧିକ ସଜାଗ ରହି ପାରିଥାନ୍ତୁ।

୧୧୭। ଆମେ ସମସ୍ତେ ଅଳସୁଆ ଓ ତନ୍ଦ୍ରାଳୁ। ଶେଷରେ ଆମେ ଏଭଳି ଫାନ୍ଦରେ ପଡ଼ିଗଲୁ ଓ କିଛି କରିପାରିଲୁ ନାହିଁ ।

୧୧୮। ଆମେ ଗୁରୁଙ୍କ ପାଖରେ ବିଶ୍ୱାସଘାତକ ହେଲୁ, କାରଣ ଠିକ୍ ସମୟରେ ଆମେ କିଛି କରିଲୁନାହିଁ। ଆମେ ଶାନ୍ତିରେ ବି ରହିପାରିଲୁ ନାହିଁ ।

୧୧୯। ଆମେ ବହୁ ଦୂର ଦୂର ସ୍ଥାନରୁ ଶିରିଡ଼ି ଆସିଥିଲୁ ଓ ଏଠାରେ ବସି ବସି ବୃଥା ଗପ ଗପୁଥିଲୁ। ଆମେ ଯେ ଏକ ପବିତ୍ର ସ୍ଥାନକୁ ଆସିଥିଲୁ, ତାହା ପୂରା ଭୁଲିଯାଇଥିଲୁ ଓ ଆମ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରୁଥିଲୁ।

୧୨୦। ବିଭିନ୍ନ ପ୍ରକାରର ତଥା ବିଭିନ୍ନ ପ୍ରକୃତିର ଭକ୍ତ ଆସୁଥିଲେ । ସେମାନଙ୍କ ମଧ୍ୟରେ ଜ୍ଞାନୀ, ଅହଙ୍କାରୀ, ସ୍ୱାର୍ଥପର ତଥା ଯୁକ୍ତିବାଦୀ ଥିଲେ। କିନ୍ତୁ ଆତ୍ମଜ୍ଞାନୀଙ୍କ ନିମନ୍ତେ ସେମାନେ ସମସ୍ତେ ସମାନ ସ୍ୱରୂପ ଥିଲେ ଓ ସେମାନଙ୍କ ମଧ୍ୟରେ ଉଚ୍ଚ କିମ୍ବା ନୀଚ କେହି ନଥିଲେ।

୧୨୧। ଯିଏ ସମଗ୍ର ସୃଷ୍ଟିରେ ପ୍ରଭୁଙ୍କ ବ୍ୟତୀତ ଅନ୍ୟ କିଛି ଦେଖିପାରନ୍ତି ନାହିଁ, ସେ ପ୍ରକୃତରେ ମହିମାନ୍ୱିତ ଓ ଅଦ୍ୱିତୀୟ ।

୧୨୨ । ଭକ୍ତ ହିଁ ଭଗବାନ । ଗୁରୁ ମଧ୍ୟ ଭିନ୍ନ ନୁହନ୍ତି । କିନ୍ତୁ ଯେତେବେଳେ ଭକ୍ତ ଓ ଗୁରୁ ଉଭୟେ ପ୍ରକୃତ ଆତ୍ମାକୁ ଭୁଲି ଯାଇଥାନ୍ତି, ସେତେବେଳେ ସେହି କାରଣରୁ ଭିନ୍ନତା ଉପୁଜିଥାଏ ।

୧୨୩ । ପ୍ରକୃତରେ ଆମ୍ଭେମାନେ ହିଁ ଭଗବାନ । କିନ୍ତୁ ଆମେ ଆମ ଅନ୍ତରରେ ଥିବା ଦିବ୍ୟ ସତ୍ତାକୁ ଭୁଲି ଯାଇଛୁ । ଏହାହିଁ ଭିନ୍ନ ହେବାର ଓ କୃପାରୁ ବଞ୍ଚିତ ହେବାର ପ୍ରଧାନ କାରଣ ।

୧୨୪ । ଜଣେ ସମ୍ରାଟ ହୁଏତ ସ୍ୱପ୍ନରେ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗୁଥିବାର ଦେଖିଥାନ୍ତି । ଜାଗ୍ରତ ହେବା ପରେ ସେ ସତ୍ୟ କ'ଣ ବୁଝିଥାନ୍ତି ଓ ଜାଣିଥାନ୍ତି ଯେ ପରିସ୍ଥିତି ବଦଳିନାହିଁ ।

୧୨୫ । ଆମ୍ଭମାନଙ୍କ ଜାଗ୍ରତ ଅବସ୍ଥାର କାର୍ଯ୍ୟ ସ୍ୱପ୍ନାବସ୍ଥାରେ ବନ୍ଦ ହୋଇଯାଇଥାଏ । ପ୍ରକୃତ ଜାଗ୍ରତାବସ୍ଥା ହେଉଛି ଆତ୍ମୋପଲବ୍ଧି ଓ ଏକତ୍ୱରେ ସଂପୂର୍ଣ୍ଣ ବିଲୀନ ହୋଇଯିବା ହେଉଛି ଚୈତନ୍ୟାବସ୍ଥା ।

୧୨୬ । ବାବାଙ୍କର ଜ୍ଞାନୀ, ଅଜ୍ଞାନ ଓ ନିର୍ଭରଶୀଳମାନଙ୍କ ପ୍ରତି ଅମାପ ସ୍ନେହ ରହିଥିଲା । ସେ ସେମାନଙ୍କୁ ଜୀବନ ଠାରୁ ଅଧିକ ମୂଲ୍ୟବାନ ଭଳି ଦେଖୁଥିଲେ । ସେଥିରେ ତିଳେ ମାତ୍ର ଭିନ୍ନତା ନଥିଲା ।

୧୨୭ । ଯଦିଓ ଅଭିଜ୍ଞତାରୁ ଜଣାଯାଇଥିଲା ଯେ ସେ ମନୁଷ୍ୟ ରୂପରେ ଭଗବାନ ହିଁ ଥିଲେ, ତଥାପି ତାଙ୍କର ଅତ୍ୟଧିକ ସ୍ନେହଶ୍ରଦ୍ଧା କରିବା, ପ୍ରଶ୍ରୟ ଦେବା ଓ ପରିତୃପ୍ତ କରିବାର ପ୍ରବୃତ୍ତି ସମସ୍ତଙ୍କୁ ନିକମା କରିଦେଇଥିଲା ।

୧୨୮ । ସେ କେତେଜଣଙ୍କୁ ଧନସମ୍ପତ୍ତି, କେତେକଙ୍କୁ ସାଂସାରିକ ଜୀବନରେ ସୁଖ ଓ ସନ୍ତାନ ପ୍ରାପ୍ତିର ବର ଦେଇଥିଲେ । ସେହି କାରଣରୁ ମାୟା ଅଧିକ ଶକ୍ତିଶାଳୀ ହୋଇଥିଲା ଓ ପ୍ରକୃତ ଜ୍ଞାନ ଆହରଣର ପନ୍ଥା ହଜି ଯାଇଥିଲା ।

୧୨୯ । ସେ ଯଦି କେତେବେଳେ କାହା ସହିତ ଥଟା କିମ୍ୱା ମଜା କରୁଥିଲେ, ତେବେ ସେହି ବ୍ୟକ୍ତି ଜଣକ ଗର୍ବରେ ଫୁଲି ଉଠି ଭାବୁଥିଲେ ଯେ କେବଳ ତାଙ୍କୁ ହିଁ ବାବା ଅଧିକ ଭଲ ପାଉଛନ୍ତି ଓ ଅନ୍ୟମାନଙ୍କୁ ସେଭଳି ସ୍ନେହ କରୁନାହାନ୍ତି ।

୧୩୦ । ସେହିଭଳି ସେ ଯଦି କାହାରିକୁ ବିରକ୍ତ ହେଉଥିଲେ, ତେବେ ଅନ୍ୟମାନେ ଭାବୁଥିଲେ ଯେ ବାବା ତାଙ୍କୁ ଭଲ ପାଉନାହାନ୍ତି ଓ ଅନ୍ୟମାନଙ୍କୁ ମର୍ଯ୍ୟାଦା ଦେଉଛନ୍ତି ।

୧୩୧ । ଏଭଳି ତୁଳନା କରାଯିବା କଥା ବାବା ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ ମଧ୍ୟ ଆମେମାନେ ନିଜର ହିତାହିତ ଜ୍ଞାନ ହରାଇ ଆମର ପରମ ଲକ୍ଷ୍ୟ ଭୁଲି ଯାଇଥିଲୁ ।

୧୩୨ । ସୌଭାଗ୍ୟକୁ ପରଂବ୍ରହ୍ମ ଓ ପରମାତ୍ମାଙ୍କର ଅବତାର ଆମର ଅତି ନିକଟତର ଥିଲେ । କିନ୍ତୁ ଆମେ ଆମର ଅସଲ ଉଦ୍ଦେଶ୍ୟକୁ ପାଶୋରିଦେଇଥିଲୁ ଓ ଥଟାମଜାରେ ମାତି ଆମକୁ ମିଳିଥିବା ସୁଯୋଗ ହରାଇଦେଇଥିଲୁ ।

୧୩୩ । ଲୋକେ ଆସିବା ମାତ୍ରକେ ବାବାଙ୍କର ଦର୍ଶନ କରୁଥିଲେ ଏବଂ ତାଙ୍କୁ ଫଳ, ପୁଷ୍ପ ଓ ଅନ୍ୟାନ୍ୟ ଦ୍ରବ୍ୟ ଅର୍ପଣ କରୁଥିଲେ । କିନ୍ତୁ ବାବା ଦକ୍ଷିଣା ମାଗିଲେ ସେମାନେ ସେଠାରୁ ଖସି ଯାଉଥିଲେ ଓ ସେଠାରେ ରହୁନଥିଲେ ।

୧୩୪ । ଆମ୍ଭମାନଙ୍କର ଛୋଟ ଛୋଟ ଭୁଲଭଟକା ଦେଖିଲେ ସେ ଆମର ମଙ୍ଗଳ ପାଇଁ ନାନା କାହାଣୀ ଶୁଣାଉଥିଲେ । ଯାହା ଜଣାଯାଉଛି ସେ ଆମପାଇଁ ବହୁତ ହଇରାଣ ହେଲେ ଓ ହଠାତ୍ ନିଜ ସ୍ଥାନକୁ ଫେରିଗଲେ ।

୧୩୫ । ଏହି ଚକ୍ଷୁ ଆଉ ଥରେ ଆପଣଙ୍କର ଆତ୍ମାନନ୍ଦ ଅବସ୍ଥାକୁ ଦେଖିପାରିବ କି ? ସେହି ଆନନ୍ଦପୂର୍ଣ୍ଣ ମୂର୍ତ୍ତି ଚାଲିଗଲା ଓ ସବୁଦିନ ନିମନ୍ତେ ଆମ ନିକଟରୁ ହଜିଗଲା ।

୧୩୬ । ସେହି ଉଜୁଡ଼ିଯାଇଥିବା ଭାଗ୍ୟକୁ ଦେଖନ୍ତୁ ! ଆମର ବନ୍ଧୁ ଶ୍ରୀସାଇ ସବୁଦିନ ପାଇଁ ହଜିଗଲେ । ସେ ନିଃସ୍ୱାର୍ଥପର ଓ ଦୟାଳୁ ଥିଲେ । ଏଭଳି ଜଣେ ମହାପୁରୁଷ ଆମ ପାଇଁ ଅଜଣା ହୋଇଗଲେ !

୧୩୭ । "ଅନ୍ୟଙ୍କୁ ହଇରାଣ କରିବା ଉଚିତ ନୁହେଁ, ତାହା ମୋତେ ଆଘାତ କରିଥାଏ" ବୋଲି ସେ କହିଥିଲେ । ଆମେ ତାଙ୍କ କଥାକୁ ଧ୍ୟାନ ଦେଉନଥିଲୁ ଓ ଆମର ଯେତେ ଇଚ୍ଛା ସେତେ କଳିଗୋଳ କରୁଥିଲୁ ।

୧୩୮ । ଆମେ ଭକ୍ତ ଓ ଅନ୍ୟମାନେ ପରସ୍ପରକୁ ହଇରାଣ କରି ଆମ ସାଇନାଥଙ୍କୁ ହରାଇଲୁ । ଆମେ ଆପଣଙ୍କ କଥା ମନେ ପକାଇ ଏବେ ପଶ୍ଚାତାପ କରୁଛୁ ।

୧୩୯ । ମହାରାଜ ଆଠ ବର୍ଷର ବାଳକ ରୂପରେ ଆଗାମୀ କାଳରେ ପୁନରାବିର୍ଭାବ ହେବେ ବୋଲି ତାଙ୍କ ଭକ୍ତମାନଙ୍କୁ କହିଥିବାର ଶୁଣାଯାଏ ।

୧୪୦ । ଏହି ବାକ୍ୟ ଜଣେ ସନ୍ଥଙ୍କର । ତେଣୁ ଏଥିରେ

କେହି ସନ୍ଦେହ କରିବା ଉଚିତ ନୁହେଁ। କୃଷ୍ଣ ଅବତାରରେ ଚକ୍ରପାଣି ଠିକ୍ ତାହାହିଁ କରିଥିଲେ।

୧୪୧। କୃଷ୍ଣ ବନ୍ଦୀଶାଳାରେ ଦେବକୀଙ୍କ ନିକଟରେ ଆଠବର୍ଷର ବାଳକ ରୂପେ ଚତୁଃଭୁଜରେ ଅସ୍ତ୍ରଶସ୍ତ୍ର ଧାରଣ କରି ଜ୍ୟୋତିପ୍ରଦର୍ଶନ ପୂର୍ବକ ଦର୍ଶନ ଦେଇଥିଲେ।

୧୪୨। ସେହି ଅବତାରରେ ପୃଥିବୀର ଭାରା ନିବାରଣ କରିବାର ଉଦ୍ଦେଶ୍ୟ ରହିଥିଲା। ଏହି ଅବତାରରେ ଭକ୍ତମାନଙ୍କର ଉତ୍‌ଥାନ ଉଦ୍ଦେଶ୍ୟ ଥିବାରୁ ଏଥିରେ ସନ୍ଦେହ କାହିଁକି ବା ରହିବ? ସନ୍ଥମାନଙ୍କର ମାର୍ଗ ପ୍ରକୃତରେ ରହସ୍ୟମୟ !

୧୪୩। ଏହି ବିଚାର କେବଳ ଗୋଟିଏ ଜନ୍ମର ସଂପର୍କ ପାଇଁ ନୁହେଁ, ବରଂ ବାସ୍ତରୀ ଜନ୍ମର ସଂପର୍କ ସହିତ ଜଡ଼ିତ ବୋଲି ବାବା ତାଙ୍କ ଭକ୍ତମାନଙ୍କୁ କହୁଥିଲେ ଓ ତାହା ପୂର୍ବରୁ ବର୍ଣ୍ଣନା କରାଯାଇଛି।

୧୪୪। ଏଭଳି ଶ୍ରଦ୍ଧାର ବନ୍ଧନରେ ବାନ୍ଧିଦେଇ ମହାରାଜ ଗସ୍ତରେ ଯିବା ପରି ଯାଇଛନ୍ତି ଓ ଭକ୍ତମାନଙ୍କର ଦୃଢ଼ ବିଶ୍ୱାସ ଯେ ସେ ନିଶ୍ଚୟ ଫେରିଆସିବେ।

୧୪୫। ସେ ଅନେକଙ୍କୁ ଦିବ୍ୟ ଦର୍ଶନ ଦେଇଛନ୍ତି, କେତେଜଣଙ୍କୁ ସ୍ୱପ୍ନରେ ଦେଖାଦେଇଛନ୍ତି ଓ ଅନେକ ଲୋକଙ୍କ ନିମନ୍ତେ ଗୋପନରେ ଅଦ୍ଭୁତ କାର୍ଯ୍ୟ ସଂପାଦନ କରିଛନ୍ତି।

୧୪୬। ସଂଶୟୀ ବା ଅବିଶ୍ୱାସୀମାନଙ୍କୁ ସେ କେବେହେଲେ ଦର୍ଶନ ଦେଇନାହାନ୍ତି, ଯଦିଓ ଭକ୍ତ ଓ ବିଶ୍ୱାସୀମାନେ ତାଙ୍କୁ ସବୁବେଳେ ନିଜ ପାଖରେ ପାଇଛନ୍ତି। ନିଜର ମାନସିକ ସ୍ଥିତି ଅନୁଯାୟୀ ଜଣେ ଅନୁଭୂତି ଲାଭ କରିଥାଏ।

୧୪୭। ସେ ଚାଓ୍ୱଡ଼ିରେ ଅଦୃଶ୍ୟ ରୂପରେ, ମସ୍‌ଜିଦରେ ବ୍ରହ୍ମାବତାର ରୂପରେ ଓ ସମାଧି ମନ୍ଦିରରେ ସମାଧି ରୂପରେ ରହିଛନ୍ତି। ତାଙ୍କ ଉପସ୍ଥିତିର ଆନନ୍ଦ ସର୍ବତ୍ର ଅନୁଭୂତ ହେଉଛି ।

୧୪୮। ତେଣୁ ବର୍ତ୍ତମାନ ଭକ୍ତମାନେ ଏଇ ବିଶ୍ୱାସ ପୋଷଣ କରିବା ଉଚିତ ଯେ ଶ୍ରୀସାଇ ସମର୍ଥ ସବୁ ସମୟରେ ସ୍ଥାୟୀ ଓ ନିରନ୍ତର ଭାବରେ ସେମାନଙ୍କ ପାଖରେ ରହୁଛନ୍ତି।

୧୪୯। ଦେବତାମାନେ ନିଜର ବାସସ୍ଥାନକୁ ପ୍ରସ୍ଥାନ କରିଥାନ୍ତି। ସନ୍ଥମାନେ ବ୍ରହ୍ମ ଅବସ୍ଥାରେ ରହିଥାନ୍ତି। ତେଣୁ ସେମାନଙ୍କର ଯିବା ଆସିବା ହୁଏ ନାହିଁ। ସେମାନେ ଆନନ୍ଦରେ ପରମାତ୍ମାଙ୍କ ସହିତ ଏକାତ୍ମ ହୋଇଥାନ୍ତି।

୧୫୦। ତେଣୁ ମୋର ଏହା ଏକମାତ୍ର ଅନୁରୋଧ। ମୁଁ ବିନୀତ ଭାବରେ ଆବାଳବୃଦ୍ଧବନିତା ସମସ୍ତଙ୍କୁ ପ୍ରଣାମ କରୁଅଛି। ମୁଁ ଯାହା କହୁଛି, ତାହା ସମ୍ମାନ ଦେଇ ଶୁଣନ୍ତୁ।

୧୫୧। ସୁବିଦିତ ସାଧୁ, ସନ୍ଥ ଗୁଣୀଜନ ଓ ଧର୍ମପରାୟଣ ବ୍ୟକ୍ତିଙ୍କ ସହିତ ସତ୍‌ସଙ୍ଗ ବା ସାହଚର୍ଯ୍ୟ ବୃଦ୍ଧି କରନ୍ତୁ, ଗୁରୁଙ୍କ ପଦତଳେ ନିଃସ୍ୱାର୍ଥପର ଶ୍ରଦ୍ଧା ଅଜାଡ଼ି ଦିଅନ୍ତୁ ଓ ଗୁରୁଙ୍କର ଗୁଣ, ମହିମା ସଂପର୍କିତ କାହାଣୀ ଅନ୍ୟକୁ ଶୁଣାଇବାର ଇଚ୍ଛା ପୋଷଣ କରନ୍ତୁ।

୧୫୨। ଗୁରୁଙ୍କ ପ୍ରତି ଅଖଣ୍ଡ ଶ୍ରଦ୍ଧା ବୃଦ୍ଧି କରନ୍ତୁ ଓ ସେହି ଶ୍ରଦ୍ଧାର ବନ୍ଧନକୁ ଭାଙ୍ଗିଯିବାକୁ ଦିଅନ୍ତୁ ନାହିଁ। ଭକ୍ତଗଣ ଗୁରୁଙ୍କ ପାଦତଳେ ଦିବାରାତ୍ର ପୂର୍ଣ୍ଣ ଆନନ୍ଦରେ ରହନ୍ତୁ।

୧୫୩। ତାହା ପରେ ସମସ୍ତ ଲୋକ, ଭକ୍ତ ଓ ଗ୍ରାମବାସୀ ମିଶି ବାବାଙ୍କ ଶରୀରର ଉପଯୁକ୍ତ ଅନ୍ତିମ ସଂସ୍କାର ସମ୍ବନ୍ଧରେ ଆଲୋଚନା କରିଥିଲେ।

୧୫୪। ଜଣେ ପରମ ଭକ୍ତ ଶ୍ରୀମନ୍ତ ବୁଟି ଏକ ବିଶାଳ ମନୋରମ ଓ୍ୱାଡ଼ା ନିର୍ମାଣ କରିସାରିଥିଲେ । ଏହା ଭବିଷ୍ୟତରେ ସ୍ମୃତିସୌଧ ହେଲା ।

୧୫୫। ଶରୀରକୁ କେଉଁଠାରେ ସ୍ଥାପନ କରାଯିବ, ସେଥିପାଇଁ ଛତିଶି ଘଣ୍ଟା ଧରି ଘମାଘୋଟ ଆଲୋଚନା ଚାଲିଥିଲା। ତାହା ପରେ ଯାହା ହେବାର ଥିଲା, ତାହାହିଁ ହୋଇଥିଲା।

୧୫୬। ଜଣେ କହିଥିଲେ ଯେ ବର୍ତ୍ତମାନ ହିନ୍ଦୁମାନଙ୍କୁ ବାବାଙ୍କ ଶରୀର ସ୍ପର୍ଶ କରିବାକୁ ଦିଆଯିବ ନାହିଁ। ତାଙ୍କୁ ଆଡ଼ମ୍ବର ସହକାରେ ନିଆଯାଇ ମୁସଲମାନଙ୍କ କବରଖାନାରେ କବର ଦିଆଯିବ।

୧୫୭। ଅନ୍ୟ ଜଣେ କହିଥିଲେ ଯେ ତାଙ୍କୁ ଖୋଲା ପଡ଼ିଆରେ କବର ଦିଆଯିବ ଓ ସେଠାରେ ସୁନ୍ଦର ସମାଧି ତିଆରି କରାଯିବ, ଯାହା ସବୁଦିନ ନିମନ୍ତେ ରହିବ ଓ ସମସ୍ତେ ସେଠାକୁ ଯାଇପାରିବେ।

୧୫୮। ଖୁଶାଲଚନ୍ଦ ଓ ଅମୀର ଶକ୍କରଙ୍କର ମତ ମଧ୍ୟ ସେୟା ଥିଲା। କିନ୍ତୁ ବାବା ପୂର୍ବରୁ କହିଥିଲେ, "ମୋର ପାର୍ଥିବ ଶରୀରକୁ ଓ୍ୱାଡ଼ାରେ ରଖିବ।"

ରାମଚନ୍ଦ୍ର ପାଟିଲ

୧୫୯। ରାମଚନ୍ଦ୍ର ପାଟିଲ ଜଣେ ସ୍ଥିତପ୍ରଜ୍ଞ ବ୍ୟକ୍ତି ଥିଲେ। ସେ ଗ୍ରାମର ମାମଲତକାର ଥିଲେ ଓ ବାବାଙ୍କର ଜଣେ ପ୍ରିୟ ସେବକ ମଧ୍ୟ ଥିଲେ। ସେ ଗ୍ରାମବାସୀଙ୍କୁ କହିଥିଲେ:

୧୬୦। "ତୁମେମାନେ ଯାହାସବୁ କହୁଛ, ତାହା ଆଦୌ ଗ୍ରହଣୀୟ ନୁହେଁ। ଶ୍ରୀସାଇଙ୍କ ଶରୀର ୱାଡ଼ା ବାହାରେ କେଉଁଠି କ୍ଷଣେ ମାତ୍ର ସମୟ ପାଇଁ ମଧ୍ୟ ରଖାଯିବ ନାହିଁ।"

୧୬୧। ହିନ୍ଦୁମାନେ ସେମାନଙ୍କର ଧର୍ମବିଶ୍ୱାସ ଅନୁଯାୟୀ ମତାମତ ଦେଇଥିବା ବେଳେ ମୁସଲମାନମାନେ ମଧ୍ୟ ସେହିପରି କହିଥିଲେ। କେଉଁଟି ଠିକ୍ ଓ କେଉଁଟି ଭୁଲ୍, ଏହି ଆଲୋଚନା ରାତ୍ରିସାରା ଚାଲିଥିଲା।

୧୬୨। ଲକ୍ଷ୍ମଣ ମାମା ଘରେ ଗଭୀର ନିଦ୍ରାରେ ଶୋଇଥିବା ଅବସ୍ଥାରେ ପ୍ରାତଃକାଳରେ ଏକ ସ୍ୱପ୍ନ ଦେଖିଥିଲେ। ସେହି ସ୍ୱପ୍ନରେ ବାବା ତାଙ୍କର ହାତଧରି ଉଠାଇ କହିଥିଲେ, "ଶୀଘ୍ର ଉଠିକରି ଆସ।

୧୬୩। "ଆଜି ବାପୁସାହେବ ଆସିବ ନାହିଁ, କାରଣ ସେ ଭାବୁଛି ଯେ ମୁଁ ମରିଯାଇଛି। ଅନ୍ତତଃ, ତୁମେ ମୋ ନିମିତ୍ତ କାକଡ଼ ଆରତି ଓ ପୂଜାର୍ଚ୍ଚନା କର।"

୧୬୪। ସଂଗେ ସଂଗେ, ଅନ୍ୟ ଦିନ ଭଳି ନିଜ ସଂଗରେ ସମସ୍ତ ପୂଜା ସାମଗ୍ରୀ ଧରି ଲକ୍ଷ୍ମଣ ମାମା ଠିକ୍ ସମୟରେ ପହଞ୍ଚିଯାଇଥିଲେ ଓ ପୂଜା କରିବା ନିମନ୍ତେ ପ୍ରସ୍ତୁତ ହୋଇଥିଲେ।

୧୬୫। ସେ ଶିରିଡ଼ି ଗ୍ରାମର ଜ୍ୟୋତିଷ ଥିଲେ ଓ ମାଧବରାଓଙ୍କର ମାମୁଁ ଥିଲେ। ସେ ପ୍ରତ୍ୟହ ସକାଳେ ବାବାଙ୍କର ପୂଜା କରୁଥିଲେ।

୧୬୬। ଲକ୍ଷ୍ମଣ ମାମା ଜଣେ ନୈଷ୍ଠିକ ବ୍ରାହ୍ମଣ ଥିଲେ। ସକାଳେ ସ୍ନାନାଦି କାର୍ଯ୍ୟସାରି ଓ ସଫାଲୁଗା ପିନ୍ଧି ସେ ବାବାଙ୍କୁ ଦର୍ଶନ କରୁଥିଲେ।

୧୬୭। ସେ ବାବାଙ୍କର ପଦପ୍ରକ୍ଷାଳନ କରି ଘୋରା ଚନ୍ଦନ, ଅକ୍ଷତ, ପୁଷ୍ପ ଓ ତୁଳସୀ ଅର୍ପଣ କରୁଥିଲେ। ପରେ ଧୂପଦୀପ ଲଗାଇ ନୈବେଦ୍ୟ ପ୍ରଦାନ କରୁଥିଲେ । ତା' ପରେ ଦକ୍ଷିଣା ଦେଉଥିଲେ।

୧୬୮। ସାଷ୍ଟାଙ୍ଗ ପ୍ରଣିପାତ କରି ଭକ୍ତି ସହକାରେ ପ୍ରାର୍ଥନା କରିବା ପରେ ସେ ବାବାଙ୍କର ଆଶୀର୍ବାଦପ୍ରାପ୍ତ ହେଉଥିଲେ। ତା'ପରେ ସେ ସମସ୍ତଙ୍କୁ ଚନ୍ଦନତିଳକ ଲଗାଇ ଦେଉଥିଲେ ଓ ପ୍ରସାଦ ବାଣ୍ଟୁଥିଲେ। ଏହାପରେ ସେ ଚାଲିଯାଉଥିଲେ।

୧୬୯। ତା'ପରେ ସେ ଗ୍ରାମ୍ୟ ଦେବତାମାନଙ୍କୁ ଅର୍ଥାତ୍ ଗଜାନନ, ଶନିଦେବ, ଶିବ ଓ ଅଞ୍ଜନାପୁତ୍ର ମାରୁତିଙ୍କ ପୂଜା କରୁଥିଲେ।

୧୭୦। ଏହିପରି ଭାବରେ ଜ୍ୟୋତିଷ ମାମା ପ୍ରତ୍ୟହ ଗ୍ରାମ ଦେବତାମାନଙ୍କୁ ପୂଜା କରୁଥିଲେ। ତେଣୁ ସେ ସମସ୍ତ ପୂଜୋପକରଣ ଧରି ବାବାଙ୍କ ମର ଶରୀରକୁ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ପୂଜା କରିବାକୁ ଆସିଥିଲେ।

୧୭୧। ଏମିତିବି ମାମା ଅଧିକ ଭକ୍ତି କରୁଥିଲେ ଓ ସର୍ବୋପରି ସେ ସ୍ୱପ୍ନରେ ଆଦେଶ ଲାଭ କରିଥିଲେ। ତେଣୁ କାକଡ଼ ଆରତିର ସମସ୍ତ ସାମଗ୍ରୀ ଧରି ଆସିଥିଲେ ଓ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।

୧୭୨। ସେ ବାବାଙ୍କ ମୁଖ ଉପରେ ପକାଯାଇଥିବା କପଡ଼ାକୁ ହଟାଇ ଦେଇଥିଲେ ଓ ତାଙ୍କୁ ଶ୍ରଦ୍ଧା ସହକାରେ ନିରୀକ୍ଷଣ କରି ତାଙ୍କର ହସ୍ତ ଓ ପଦ ଧୌତ କରିଥିଲେ ଓ ସେହି ପବିତ୍ର ତୀର୍ଥ ଜଳକୁ ଚଳୁ କରିଥିଲେ। ତା'ପରେ ସେ ସମସ୍ତ ବିଧି ଅନୁଯାୟୀ ପୂଜା କରିଥିଲେ।

୧୭୩। ମୌଲବୀ ଓ ଅନ୍ୟ ମୁସଲମାନମାନେ ଆପତ୍ତି କରିଥିଲେ। ତାଙ୍କୁ ବାବାଙ୍କର ଶରୀର ସ୍ପର୍ଶ କରିବାକୁ ବାରଣ କରିଥିଲେ। ମାମା ସେସବୁକୁ ଖାତିର ନକରି ଘୋରା ଚନ୍ଦନ ଲଗାଇ ପୂଜାର ସମସ୍ତ ବିଧି ସମାପ୍ତ କରିଥିଲେ।

୧୭୪। ଯାହା ବି ହେଉ, ଶରୀର ଶ୍ରୀସାଇ ସମର୍ଥଙ୍କର ଥିଲା ଓ ସେ ତାଙ୍କୁ ପୂଜା କରୁଥିଲେ। ବାବା ହିନ୍ଦୁ ଥିଲେ ନା ମୁସଲମାନ ଥିଲେ, ତାହା ସେ କେବେ ମଧ୍ୟ ଚିନ୍ତା କରିନଥିଲେ।

୧୭୫। ବାବା ସଶରୀରରେ ଥିବା ସମୟରେ ତାଙ୍କର ପୂଜା କରିବା କେତେ ଆନନ୍ଦଦାୟକ ଥିଲା! ଏବେ ଶରୀରରେ ଜୀବନ ନଥିଲେ ମଧ୍ୟ ଏହା କେବଳ ବିଧିରକ୍ଷା ନଥିଲା।

୧୭୬। ବାବାଙ୍କୁ ଏହି ଅବସ୍ଥାରେ ଦେଖି ମାମା ଅତିଶୟ ଶୋକସନ୍ତପ୍ତ ହୋଇଥିଲେ । ସେ ଏହି ଶେଷ ପୂଜା କରିବାକୁ

ଆସିଥିଲେ । କାରଣ, ଏହା ପରେ ସେ ଆଉ ତାଙ୍କର ଦର୍ଶନ ପାଇପାରିବେ ନାହିଁ ବୋଲି ଭାବିଥିଲେ ।

୧୭୭। ବାବାଙ୍କର ଏହି ଅବସ୍ଥାକୁ ମାମା ସହ୍ୟ କରିପାରିନଥିଲେ। ତାଙ୍କ ଚକ୍ଷୁରେ ଲୋତକ ଭର୍ତ୍ତି ହୋଇଯାଇଥିଲା ଓ ହସ୍ତ ପାଦ ଥରୁଥିଲା। ମାମା ଗଭୀର ଭାବରେ ମର୍ମାହତ ହୋଇଥିଲେ।

୧୭୮। ବାବାଙ୍କର ହାତମୁଠାକୁ ଖୋଲି ସେଥିରେ ବିଡ଼ିଆ ପାନ ଓ ଦକ୍ଷିଣା ଦେଇ ଶରୀରକୁ ପୂର୍ବଭଳି ଆବୃତ କରିଦେଇ ମାମା ଚାଲିଯାଇଥିଲେ।

୧୭୯। ତା'ପରେ ମଧ୍ୟାହ୍ନ ଆରତି ବାପୁସାହେବ ଜୋଗଙ୍କ ଦ୍ୱାରା ପ୍ରତ୍ୟେକ ଦିନ ଭଳି ଯଥାରୀତିରେ ମସ୍‌ଜିଦ୍‌ରେ ସମାପନ କରାଯାଇଥିଲା। ସେଥିରେ ଅନ୍ୟମାନେ ଯୋଗ ଦେଇଥିଲେ।

୧୮୦। ଏହାପରେ କ'ଣ ସବୁ ହୋଇଥିଲା, କିପରି ହିନ୍ଦୁ ରୀତିନୀତି ଅନୁସାରେ ସମସ୍ତ ବିଧିବିଧାନ କରି ବାବାଙ୍କ ଶରୀରକୁ ରଖିବା ପାଇଁ ଏକ ପ୍ରଶସ୍ତ ସ୍ଥାନ ପ୍ରସ୍ତୁତ କରାଯାଇଥିଲା, ତାହା ପରବର୍ତ୍ତୀ ଅଧ୍ୟାୟରେ ବର୍ଣ୍ଣନା କରାଯିବ।

୧୮୧। ଯେଉଁ ଇଟାଖଣ୍ଡକୁ ବାବା ଖୁବ୍ ଭଲ ପାଉଥିଲେ ଓ ଅନେକ ବର୍ଷଧରି ପାଖରେ ରଖିଥିଲେ, ସେହି ଇଟାଟି କିପରି ଭାଙ୍ଗିଯାଇଥିଲା ଏବଂ ତାହା କିଭଳି ଏକ ଅଶୁଭ ଘଟଣା ଥିଲା ତଥା ମୃତ୍ୟୁର ଅଗ୍ରଦୂତ ସ୍ୱରୂପ ଥିଲା, ସେ କଥା ଶୁଣିବା ।

୧୮୨। ଏହି ଘଟଣା ଯଦି ବତିଶିବର୍ଷ ତଳେ ଘଟିଥାନ୍ତା, ଯେତେବେଳେ ପ୍ରାଣବାୟୁକୁ ଊର୍ଦ୍ଧ୍ୱଗାମୀ କରାଇ ବାବା ସମାଧିସ୍ଥ ହୋଇଥିଲେ, ତାହାହେଲେ କ'ଣ ହୋଇଥାନ୍ତା ? ଏହା ନିଶ୍ଚୟ ଏକ କଠିନ ପରିସ୍ଥିତି ହୋଇଥାନ୍ତା ।

୧୮୩। ସେତେବେଳେ କିପରି ଭକ୍ତ ମହାଲ୍‌ସାପତି ବାବାଙ୍କର ଯତ୍ନ ଦିବାରାତ୍ର ନେଇଥିଲେ ଓ ସମସ୍ତେ ଆଶା ଛାଡ଼ି ଦେଇଥିବା ସମୟରେ ବାବା କିପରି ହଠାତ୍ ଉଠି ବସିଥିଲେ ।

୧୮୪। ସେହି ଯୋଗାଚାର୍ଯ୍ୟ ଯିଏ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିଥିଲେ ଓ ଯିଏ ଜ୍ଞାନୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ, ତାଙ୍କର ମହିମା କିଏ ଅବା ବର୍ଣ୍ଣନା କରିପାରିବ !

୧୮୫। ଏଭଳି ଜଣେ ମହାତ୍ମାଙ୍କୁ ଭକ୍ତିଭରେ ପ୍ରଣାମ ଜଣାଇବା ଆସନ୍ତୁ । ବିନୀତ ହେମାଡ଼ ସର୍ବାନ୍ତଃକରଣରେ ଶ୍ରୀସାଇଙ୍କର ଶରଣାଗତ ହେଉଛି ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇନାଥଙ୍କ ଦେହତ୍ୟାଗ (୨)" ଶୀର୍ଷକ ତ୍ରୟଶ୍ଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଶୁକ ଜନ୍ମରୁ ଦାର୍ଶନିକ ଥିଲେ ।

୨- ବ୍ରହ୍ମଶାପ ପାଇଥିବାରୁ ରାଜା ପରୀକ୍ଷିତଙ୍କର ମୃତ୍ୟୁ ସାତଦିନ ମଧ୍ୟରେ ହେବାର ଥିଲା। ତେଣୁ ଶୁକ ଦର୍ଶନ ବ୍ୟାଖ୍ୟା କରିଥିଲେ। କଳିଯୁଗ ଏହି ରାଜାଙ୍କ ରାଜତ୍ୱ ସମୟରେ ଆରମ୍ଭ ହୋଇଥିଲା ବୋଲି କୁହାଯାଇଥାଏ।



ତିନିଦିନ ଧରି ନିଶ୍ୱାସ ପ୍ରଶ୍ୱାସ ବନ୍ଦ ଅବସ୍ଥାରେ ବାବା ଭକ୍ତ ମହାଲ୍‌ସାପତିଙ୍କ କୋଳରେ ପଡ଼ିଥିଲେ ।

ଏହି ଘଟଣା ଯଦି ବତିଶିବର୍ଷ ତଳେ ଘଟିଥାନ୍ତା, ଯେତେବେଳେ ପ୍ରାଣବାୟୁକୁ ଊର୍ଦ୍ଧ୍ୱଗାମୀ କରାଇ ବାବା ସମାଧିସ୍ଥ ହୋଇଥିଲେ, ତାହାହେଲେ କ'ଣ ହୋଇଥାନ୍ତା ? ଏହା ନିଶ୍ଚୟ ଏକ କଠିନ ପରିସ୍ଥିତି ହୋଇଥାନ୍ତା ।
(୪୩ଶ ଅଧ୍ୟାୟ, ପଂକ୍ତି-୧୮୨)

ସେତେବେଳେ କିପରି ଭକ୍ତ ମହାଲ୍‌ସାପତି ବାବାଙ୍କର ଯତ୍ନ ଦିବାରାତ୍ର ନେଇଥିଲେ ଓ ସମସ୍ତେ ଆଶା ଛାଡ଼ି ଦେଇଥିବା ସମୟରେ, ବାବା କିପରି ହଠାତ୍ ଉଠି ବସିଥିଲେ । (୪୩ଶ ଅଧ୍ୟାୟ, ପଂକ୍ତି-୧୮୩)

ସେହି ଯୋଗାଚାର୍ଯ୍ୟ ଯିଏ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ପାଳନ କରିଥିଲେ ଓ ଯିଏ ଜ୍ଞାନୀମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ, ତାଙ୍କର ମହିମା କିଏ ଅବା ବର୍ଣ୍ଣନା କରିପାରିବ ! (୪୩ଶ ଅଧ୍ୟାୟ, ପଂକ୍ତି-୧୮୪)

॥ ୪୪ ॥

ଶ୍ରୀସାଇନାଥଙ୍କ ଦେହତ୍ୟାଗ (୩)

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ।

୧। ଓଁ। ସର୍ବୋଚ୍ଚ ଚେତନାର ଆଧାର, ସମସ୍ତ ଆନନ୍ଦର ଆବାସ ଓ ସମୃଦ୍ଧିର ଗନ୍ତାଘର ଶ୍ରୀସାଇଙ୍କୁ ପ୍ରଣାମ କରୁଅଛି। ଆପଣଙ୍କ କୃପାରୁହିଁ ସମସ୍ତ ବାଧାବିଘ୍ନ ଦୂର ହୋଇଯାଏ ।

୨। ଆପଣଙ୍କର ପଦସ୍ପର୍ଶ କଲେ ସମସ୍ତ ପାପ କ୍ଷୟ ହୋଇଯାଏ। ଯେଉଁମାନେ ପୂର୍ଣ୍ଣ ଭକ୍ତିରେ ଆପଣଙ୍କୁ ପୂଜା କରିଥାନ୍ତି, ସେମାନେ କେତେ ଭାଗ୍ୟବାନ !

୩। ଆପଣଙ୍କର ହସ ହସ ମୁହଁକୁ ଥରେ ଚାହିଁଦେଲେ ସଂସାରର ସମସ୍ତ ଦୁଃଖଶୋକ ଭୁଲି ହୋଇଯାଏ, ଭୋକ ଓ ଶୋଷର ତୃପ୍ତି ସଙ୍ଗେ ସଙ୍ଗେ ଘଟିଥାଏ। ଶ୍ରୀସାଇଙ୍କର ଦର୍ଶନ ଏହି ଭଳି ଅନନ୍ୟ ଥିଲା।

୪। ଯିଏ ସଦାବେଳେ "ଆଲ୍ଲା ମାଲିକ"ଙ୍କୁ ଧ୍ୟାନ କରୁଥିଲେ, ଯିଏ ନିଃସ୍ୱାର୍ଥପର ଥିଲେ, ନିରାସକ୍ତ ଥିଲେ, ଯାହାଙ୍କ ମନରେ ଗର୍ବ ନଥିଲା, ଅହଙ୍କାର ନଥିଲା, ଲୋଭ ନଥିଲା କି କିଛି କାମନାବାସନା ନଥିଲା, ତାଙ୍କର ମାହାତ୍ମ୍ୟ ମୁଁ କିପରି ବର୍ଣ୍ଣନା କରିପାରିବି ।

୫। ଯାହାଙ୍କ ମନ ମଧ୍ୟରେ ଶାନ୍ତି ଭରି ରହିଥିଲା ଓ ଯିଏ ତାଙ୍କର ଅନିଷ୍ଟକାରୀକୁ ମଧ୍ୟ ଅନୁଗୃହୀତ କରୁଥିଲେ, ତାଙ୍କୁ ଆମେମାନେ କ୍ଷଣେମାତ୍ର ମଧ୍ୟ ଭୁଲିପାରିବୁ ନାହିଁ। ତାଙ୍କୁ ନିଜ ହୃଦୟକନ୍ଦରରେ ସ୍ଥାନ ଦିଅନ୍ତୁ ।

୬। ଶ୍ରୀରାମ ଓ ଶ୍ରୀକୃଷ୍ଣ କମଳଲୋଚନ ଅଟନ୍ତି। ସନ୍ଥ କଣା କିମ୍ବା ଅନ୍ଧ ହୋଇପାରିଥାନ୍ତି। ଭଗବାନଙ୍କର ରୂପ କମନୀୟ। ସନ୍ଥମାନେ ସର୍ବଦା ଆନନ୍ଦର ଅବତାର।

୭। ଭଗବାନଙ୍କୁ ଯିଏ ଡାକେ, ଭଗବାନ ତା'ର ଡାକ ଶୁଣନ୍ତି ଓ ତା'ର ମଙ୍ଗଳ କରନ୍ତି । କିନ୍ତୁ ସନ୍ଥମାନଙ୍କ ଅନୁଗ୍ରହର ସୀମା ନାହିଁ। ଭଗବାନ କହନ୍ତି, 'ବାସ୍ ଏତିକି, ଆଉ ଅଧିକ ନୁହେଁ ।' କିନ୍ତୁ ସନ୍ଥମାନେ ସେମାନଙ୍କର ଦୁର୍ଗୁଣ ପ୍ରଚାର କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଅନୁଗ୍ରହ କରିଥାନ୍ତି, ଦୟା ଦେଖାଇଥାନ୍ତି ।

୮। ଶ୍ରୀରାମ, ଶ୍ରୀକୃଷ୍ଣ ଓ ଶ୍ରୀସାଇଙ୍କ ମଧ୍ୟରେ ଭିନ୍ନତା ନାହିଁ। ସେମାନେ ତିନି ରୂପରେ ଦୃଶ୍ୟ ହେଉଥିଲେ ମଧ୍ୟ ମୂଳତଃ ସେମାନେ ଏକ।

୯। ଏହି ତିନିଜଣଯାକ ମୃତ୍ୟୁର ସମ୍ମୁଖୀନ ହୋଇଥିଲେ ବୋଲି କହିଲେ ପୂରାପୂରି ଭୁଲ୍ ହେବ । ଯାହାଙ୍କର ମୃତ୍ୟୁ ଉପରେ କର୍ତ୍ତୃତ୍ୱ ରହିଛି, ସେ କିପରି ମୃତ୍ୟୁ ଦ୍ୱାରା ଉପଦ୍ରୁତ ହେବେ ?

୧୦। ଆମେମାନେ ପୂର୍ବ ଜନ୍ମମାନଙ୍କର ସୁକୃତି ଓ ଦୁଷ୍କୃତି ବିଷୟରେ ଜାଣିନାହୁଁ । କିନ୍ତୁ ସେହି କର୍ମଫଳରୁ ଏହି ଜନ୍ମ ପ୍ରାପ୍ତ ହୋଇଅଛୁ। ଏହି ଜନ୍ମରେ ମଧ୍ୟ କେଉଁ ସତ୍‌କର୍ମ

କିମ୍ବା ଦୁଷ୍କର୍ମ କରିଛି, ତାହା ମଧ୍ୟ ମୁଁ ଜାଣିନାହିଁ। ଦୟାଳୁ ଗୁରୁରାୟ ଶ୍ରୀସାଇଙ୍କୁ ସମସ୍ତ ଜ୍ଞାତଥିବାରୁ ମୁଁ ତାଙ୍କ ପାଖରେ କ୍ଷମା ପ୍ରାର୍ଥନା କରୁଅଛି।

୧୧। ଅନେକ କାମନାର ଢେଉ ଉତ୍‌ଥିତ ହେଉଥିବାରୁ ମନରେ ଶାନ୍ତି ରହୁନାହିଁ। ଆପଣଙ୍କର କରୁଣା ପ୍ରାପ୍ତ ନହେଲେ ମନ ଶାନ୍ତ ହେବ ନାହିଁ।

୧୨। ଗତ ଅଧ୍ୟାୟର ଆରମ୍ଭରେ ମୁଁ ଯାହା କିଛି ବର୍ଣ୍ଣନା କରିବାର ପ୍ରତିଶ୍ରୁତି ଦେଇଥିଲି, ତାହା କରିପାରିନଥିଲି। ସେଗୁଡ଼ିକର ସମ୍ପୂର୍ଣ୍ଣ ବର୍ଣ୍ଣନା କରିପାରିଲିନାହିଁ। ବର୍ତ୍ତମାନ ତାହା ମୂଳରୁ ଶେଷ ପର୍ଯ୍ୟନ୍ତ ଶୁଣନ୍ତୁ।

୧୩। ଶେଷ ସମୟ ଉପସ୍ଥିତ ବୋଲି ଜାଣିପାରି ବାବା ରାତ୍ରିଦିନ ଚଉଦ ଦିନ ଧରି ରାମାୟଣ ଜଣେ ବ୍ରାହ୍ମଣଙ୍କ ଦ୍ୱାରା ପାଠ କରାଇ ଶୁଣିଥିଲେ।

୧୪। ରାମାୟଣ ଶୁଣିବାରେ ଦୁଇ ସପ୍ତାହ ବିତି ଯାଇଥିଲା। ବିଜୟାଦଶମୀ ଦିନ ବାବା ଦେହତ୍ୟାଗ କରିଥିଲେ।

୧୫। ବାବା ଚାଲିଯିବା ପରେ କିପରି ଲକ୍ଷ୍ମଣମାମା ଓ ଜୋଗ ଯଥାକ୍ରମେ ସକାଳର ପୂଜା ଓ ମଧ୍ୟାହ୍ନ ଆରତି କରିଥିଲେ, ତାହା ଗତ ଅଧ୍ୟାୟରେ କୁହାଯାଇଅଛି।

୧୬। ଏହାପରେ ହିନ୍ଦୁ ଓ ମୁସଲମାନମାନେ ଶେଷକୃତ୍ୟ କିଭଳି କରାଯିବ, ତାହାର ଆଲୋଚନା ଛତିଶି ଘଣ୍ଟା ଧରି କରିଥିଲେ।

୧୭। ଏହି ଅଧ୍ୟାୟରେ ସମାଧିସ୍ଥଳ କିଭଳି ସ୍ଥିର କରାଗଲା, ଅପ୍ରତ୍ୟାଶିତ ଭାବରେ ବାବାଙ୍କ ପ୍ରିୟ ଇଟାଖଣ୍ଡିକ କିଭଳି ଭାଙ୍ଗିଯାଇଥିଲା ଓ ଅନେକ ବର୍ଷ ଆଗରୁ ବାବା ଥରେ କିପରି ତାଙ୍କ ପ୍ରାଣ ବାୟୁକୁ ଊର୍ଦ୍ଧ୍ୱଗାମୀ କରି ତିନିଦିନ ଧରି ଶରୀରରୁ ଅଲଗା କରି ରଖିଥିଲେ, ସେ ବିଷୟରେ କୁହାଯିବ।

୧୮। ସେତେବେଳେ ସମସ୍ତେ ତାହାକୁ ସମାଧି କିମ୍ବା ଦେହତ୍ୟାଗ ବୋଲି ଜାଣିନପାରି ସନ୍ଦେହରେ ଥିଲେ। ନିଶ୍ୱାସ ପ୍ରଶ୍ୱାସର ଅନୁପସ୍ଥିତି ଦେଖି ସେ ଯେ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିପାରିବେ, ସେଥି ନେଇ ସନ୍ଦେହ ଲାଗିଥିଲା।

୧୯। ଏହି ଅବସ୍ଥାରେ ତିନିଦିନ ଚାଲିଯିବା ପରେ ସେ ଯେ ଶରୀର ତ୍ୟାଗକରି ଦେଇଛନ୍ତି, ସମସ୍ତେ ନିଶ୍ଚିତ ହୋଇ ତାହା ଭାବିନେଇ ଥିଲେ। ତେଣୁ ସ୍ୱାଭାବିକ ଭାବରେ ସମସ୍ତେ ଶେଷକୃତ୍ୟ କରିବା ନିମନ୍ତେ ଆଲୋଚନା ଆରମ୍ଭ କରିଥିଲେ।

୨୦। ଠିକ୍ ସେହି ସମୟରେ ବାହାରକୁ ଅଚେତ ହୋଇ ପଡ଼ିରହିଥିବା ଅଥଚ ଅନ୍ତର ମଧ୍ୟରେ ପୂର୍ଣ୍ଣ ଜାଗ୍ରତ ଥିବା ବାବା ସ୍ୱାଭାବିକ ଅବସ୍ଥାକୁ ଫେରି ଆସିଥିଲେ ଓ ଲୋକମାନଙ୍କର ଚିନ୍ତା ଦୂର ହୋଇଯାଇଥିଲା।

୨୧। ଶ୍ରଦ୍ଧା ଓ ଭକ୍ତି ସହକାରେ ଏହିଭଳି କାହାଣୀଗୁଡ଼ିକୁ ଶୁଣନ୍ତୁ। ଆପଣମାନେ ଆନନ୍ଦିତ ହେବେ ଓ ଭାବବିହ୍ୱଳ ହୋଇଯିବେ।

୨୨। ଏହା କେବଳ କାହାଣୀ ନୁହେଁ, ଅମୂଲ୍ୟ ସାଇରତ୍ନର ଭଣ୍ଡାର। ଏହାକୁ ଶ୍ରଦ୍ଧା ସହକାରେ ଖୋଲିଲେ ଦର୍ଶନର ପରମ ଆନନ୍ଦ ପାଇବେ।

୨୩। ଏହି ଅଧ୍ୟାୟରେ ଶ୍ରୀସାଇନାଥ ଗଭୀର ଭାବରେ ପୂରି ରହିଥିବାର ଦେଖିବେ। ଏହାକୁ ଶ୍ରବଣ କଲେ ଆପଣ ମଧ୍ୟ ପରିପୂର୍ଣ୍ଣ ହୋଇଯିବେ। ଏହାକୁ ସ୍ମରଣ କଲେ ଆପଣ ରକ୍ଷାକର୍ତ୍ତାଙ୍କୁ ପାଇ ପାରିବେ।

୨୪। ଏହି କାହାଣୀ ସେହି ଅତିଶୟ ଦୟାଳୁ ଶ୍ରୀସାଇଙ୍କର। ସେହି କାହାଣୀ ଶ୍ରଦ୍ଧାଶୀଳ ଓ ଅବିଚଳିତ ମନ ନେଇ ଶୁଣିବାକୁ ପ୍ରସ୍ତୁତ ହୋଇ ରହନ୍ତୁ।

୨୫। ଏଭଳି ପବିତ୍ର କାହାଣୀ ଶୁଣିବା ପରେ ଭକ୍ତମାନଙ୍କର ଆଗ୍ରହ ପ୍ରଶମିତ ହୋଇଯାଏ ନାହିଁ, ମାତ୍ର ସେମାନେ ଆଧ୍ୟାତ୍ମିକ ଆନନ୍ଦରେ ପରିପୂର୍ଣ୍ଣ ହୋଇଯାନ୍ତି ଓ ଯେଉଁମାନେ ସାଂସାରିକ ସମସ୍ୟାରେ ବ୍ୟତିବ୍ୟସ୍ତ ହେଉଥାନ୍ତି, ସେମାନେ ଆଶ୍ୱସ୍ତି ଲାଭ କରିଥାନ୍ତି।

୨୬। ଶ୍ରୀସାଇଙ୍କର ଏହି କାହାଣୀ ମନକୁ ସନ୍ତୋଷ ଦିଏ ଓ ଆନନ୍ଦିତ କରାଇଥାଏ। ଆତ୍ମାନନ୍ଦ ଆମ ସମ୍ମୁଖରେ ଛିଡ଼ା ହୋଇଥାନ୍ତି ଓ ଜଣେ ଭକ୍ତ ସମସ୍ତ ଆନନ୍ଦର ପବିତ୍ରତମ ଆନନ୍ଦ ଲାଭ କରିଥାଏ।

୨୭। ଆପଣମାନେ ଯେତେଥର ଶୁଣିଲେ ମଧ୍ୟ ଏହା ସବୁଥର ନୂଆ ନୂଆ ଲାଗିଥାଏ, ସଦ୍ୟ କାହାଣୀ ବୋଲି ମନେହୁଏ। ଏହାର ଗୁଣ ହେଉଛି ବିମୋହିତ କରିବା। ତେଣୁ ସନ୍ଥଙ୍କର ଏହି କାହାଣୀ ପବିତ୍ର ଓ ଏକାଗ୍ର ଚିତ୍ତରେ ଶୁଣନ୍ତୁ।

୨୮। ସେ ଯାହାହେଉ, ମରଶରୀରର ଶେଷକୃତ୍ୟର ବିଧି ପଦ୍ଧତି ସମ୍ବନ୍ଧରେ ଆଲୋଚନାର ଅନ୍ତ ହୋଇନଥିଲା। ଅବିରାମ ଆଲୋଚନା କରୁ କରୁ ସମସ୍ତେ କ୍ଳାନ୍ତ ହୋଇ

ପଡ଼ିଥିଲେ। ଫଳ କ'ଣ ହୋଇଥିଲା, ଶୁଣନ୍ତୁ।

୨୯। ସର୍ବଶେଷରେ ସ୍ଥିର ହୋଇଥିଲା ଯେ ବୁଟି ଓ୍ୱାଡ଼ାରେ ମୁରଲୀଧର ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ନିର୍ମାଣ କରାଯାଇଥିବା ବେଦୀ ଉପରେ ବାବାଙ୍କର ଶରୀରକୁ ସ୍ଥାପନ କରାଯିବ।

୩୦। ପୂର୍ବରୁ ତାହାର ମୂଳଦୁଆ ଖୋଳାଯାଉଥିବାବେଳେ ବାବା ସେହି ବାଟଦେଇ ଲେଣ୍ଡିବାଗ ଯାଉଥିଲେ। ମାଧବରାଓଙ୍କ ଅନୁରୋଧରେ ବାବା ସମ୍ମତି ଦେଇଥିଲେ।

୩୧। ମାଧବରାଓ ବାବାଙ୍କ ହାତରେ ନଡ଼ିଆଟିଏ ଧରାଇ ଦେଇଥିଲେ ଓ ଅନୁରୋଧ କରିଥିଲେ, "ଆପଣ ଅନୁଗ୍ରହର ଚାହାଣି ପକାଇ ମୁଁ ଖୋଳିବାକୁ ଯାଉଥିବା ମୁରଲୀଧରଙ୍କ ବେଦୀ ପ୍ରତି ଆଶୀର୍ବାଦ ଦିଅନ୍ତୁ।"

୩୨। ଏହା ଏକ ଶୁଭ ମୁହୂର୍ତ୍ତ ବୋଲି ବିବେଚନା କରି ବାବା କହିଥିଲେ "ଏହି ନଡ଼ିଆ ଏଠି ଭାଙ୍ଗ୍। ଆମେ ସମସ୍ତେ, ବାଳଗୋପାଳମାନେ ଏଠି ସମୟ କଟେଇବା ।

୩୩। "ଏଠି ଆମର ବିଭିନ୍ନ ସମସ୍ୟା ସମ୍ବନ୍ଧରେ ଥରକୁଥର ଆଲୋଚନା କରିବା । ଆମର ପରିବାର ଓ ପିଲାମାନଙ୍କ ସହିତ ଆମେ ଏଠି ଶାନ୍ତିରେ ରହିବା।"

୩୪। ପ୍ରଥମେ ସମସ୍ତେ ଭାବିଥିଲେ ଯେ ବାବା ଏ କଥା ଏମିତି କିଛି ନଭାବି ନଚିନ୍ତି ସ୍ୱାଭାବିକ ଢଙ୍ଗରେ କହୁ କହୁ କହି ଦେଇଛନ୍ତି। କିନ୍ତୁ ପରବର୍ତ୍ତୀ ଘଟଣାଗୁଡ଼ିକ ଘଟିଯିବାପରେ ସମସ୍ତେ ଅନୁଭବ କରିଥିଲେ ଯେ ସେମାନେ ସେତେବେଳେ ବାବାଙ୍କ କଥା ବୁଝିପାରିନଥିଲେ।

୩୫। ବାବା ଦେହତ୍ୟାଗ କରିବା ପରେ ଏହି ସ୍ଥାନ ବାବାଙ୍କର ଅମୂଲ୍ୟ ଶରୀରକୁ ରକ୍ଷାକରିବା ନିମନ୍ତେ ସର୍ବୋତ୍କୃଷ୍ଟ ବୋଲି ବିଚାର କରାଯାଇଥିଲା। ଶ୍ରୀକୃଷ୍ଣଙ୍କ ମୂର୍ତ୍ତି ସ୍ଥାପନ କରିବାର ପରିକଳ୍ପନା ପରିତ୍ୟକ୍ତ ହୋଇଥିଲା ।

୩୬। ବାବାଙ୍କର ଶେଷ ବାକ୍ୟ, "ଏହି ଶରୀରକୁ ଓ୍ୱାଡ଼ାରେ ରଖ" ଉପରେ ସମସ୍ତେ ସହମତ ହୋଇଥିଲେ। ବାବା ନିଜେ ମୁରଲୀଧର ପାଲଟି ଯାଇଥିଲେ।

୩୭। ଶ୍ରୀମନ୍ତ ବୁଟି ଓ ଅନ୍ୟ ସମସ୍ତେ, ହିନ୍ଦୁ ଓ ମୁସଲମାନମାନେ ଏହି ନିଷ୍ପତ୍ତିରେ ଖୁସି ହୋଇଥିଲେ ଏବଂ ଓ୍ୱାଡ଼ାର ସଦ୍‌ବ୍ୟବହାର ହୋଇଥିଲା।

୩୮। ବାବାଙ୍କର ଶରୀରକୁ ଅନ୍ୟ କେଉଁଠାରେ ସ୍ଥାପନ କରାଯାଇଥିଲେ ସେହି ମୂଲ୍ୟବାନ ଓ୍ୱାଡ଼ା ଶୂନ୍ୟ ଓ ନିର୍ଜନ ହୋଇ ପଡ଼ିରହିଥାନ୍ତା।

୩୯। ଶ୍ରୀସାଇଙ୍କ ଯୋଗୁଁ ଆଜିକାଲି ସେଠାରେ ପୂଜାପାଠ, ଧ୍ୟାନ, ପାରାୟଣ, ଭଜନ ଓ ପ୍ରସାଦ ବିତରଣ ସବୁ ଭକ୍ତ, ଅତିଥି ଏବଂ ଦର୍ଶକଙ୍କ ମଧ୍ୟରେ କରାଯାଉଅଛି।

୪୦। ଶ୍ରୀସାଇଙ୍କ ଯୋଗୁଁ ସେଠାରେ ପ୍ରଚୁର ଖାଦ୍ୟ ବିତରଣ କରାଯାଉଛି, ବିଭିନ୍ନ ପ୍ରକାରର ବିଧିବିଧାନ ବାରମ୍ବାର କରାଯାଉଛି ଓ ଲୋକମାନେ ଦୂରଦୂରାନ୍ତରରୁ ତଥା ବିଭିନ୍ନ ଦେଶରୁ ଆସୁଛନ୍ତି।

୪୧। ତେଣୁ ଶ୍ରୀସାଇଙ୍କର ସମସ୍ତ ବକ୍ତବ୍ୟକୁ ମନେ ପକାନ୍ତୁ ଓ ଶୁଣିଥିବା ପ୍ରତିଟି ଶବ୍ଦକୁ ଅନୁଶୀଳନ କରନ୍ତୁ। ତାହା ଅବିଶ୍ୱାସ୍ୟ ମନେ କରି ଓ ଅତି ସାଧାରଣ କଥା ବୋଲି କହି ଉଡ଼ାଇ ଦିଅନ୍ତୁ ନାହିଁ।

୪୨। ବାବା ଯାହା କହିଥିଲେ, ତାହା ବାଜେ କଥା ବୋଲି ମନେକରି ଓ ପ୍ରଥମେ ସନ୍ଦେହ କରି ବୁଝିହେଉନଥିଲେ ମଧ୍ୟ ପରେ ସମୟକ୍ରମେ ତାହାର ଅର୍ଥ ପରିଷ୍କାର ହୋଇଯାଇଥିଲା।

୪୩। ବାବାଙ୍କ ଦେହତ୍ୟାଗ ପୂର୍ବରୁ ଶିରିଡ଼ିରେ ଓ ମସ୍‌ଜିଦ୍‌ରେ ଅନେକ ଅଶୁଭ ଘଟଣା ଘଟି ଆଗାମୀ ବିପଦର ସୂଚନା ଦେଇଥିଲା।

୪୪। ସେଥିମଧ୍ୟରୁ ଶ୍ରୋତାମାନଙ୍କର ଉପକାର ନିମିତ୍ତ ମୁଁ ଗୋଟିକର ବର୍ଣ୍ଣନା କରୁଛି। ତା' ନକରି ମୁଁ ଯଦି ସବୁ ଘଟଣାର ବର୍ଣ୍ଣନା କରିବି, ତେବେ ପୁସ୍ତକର କଳେବର ବଢ଼ିଯିବ।

୪୫। ବହୁବର୍ଷ ଧରି ବାବା ତାଙ୍କ ନିକଟରେ ଖଣ୍ଡେ ପୁରୁଣା ଇଟା ରଖିଥିଲେ। ତାହା ଉପରେ ସେ ହାତ ପକାଉଥିଲେ ଓ ଯୋଗନିଦ୍ରାରେ ବସି ରହୁଥିଲେ।

୪୬। ନିର୍ଜନ ରାତ୍ରିରେ ଏକାନ୍ତରେ ମସ୍‌ଜିଦ୍‌ରେ ବାବା ପ୍ରତ୍ୟହ ସେଇ ଇଟା ତଳେ ରଖୁଥିଲେ ଓ ଯୋଗନିଦ୍ରାରେ ଶାନ୍ତ ଭାବରେ ରହୁଥିଲେ।

୪୭। ଏହି ଅଭ୍ୟାସ ଦୀର୍ଘକାଳ ଧରି ନିରନ୍ତର ଭାବରେ କୌଣସି ଅସୁବିଧା ବିନା ଚାଲୁଥିଲା। କିନ୍ତୁ ଭାଗ୍ୟ କୌଣସି ନିୟମ ମାନେ ନାହିଁ ଓ ଅପ୍ରତ୍ୟାଶିତ ଭାବରେ ସବୁ ନିୟମ ଭାଙ୍ଗି ଯାଇଥାଏ।

୪୮। ବାବା ଦିନେ ମସ୍‌ଜିଦ୍‌ରେ ନଥିବା ସମୟରେ ଛୋଟ

ପିଲାଟିଏ ତଳ ଓଳାଉଥିଲା । ଇଟା ତଳେ ଜମିଥିବା ମଇଳାକୁ ସଫା କରିବା ଉଦ୍ଦେଶ୍ୟରେ ସେ ତାହାକୁ ଟିକିଏ ଟେକି ଦେଇଥିଲା ।

୪୯ । ଇଟା ଭାଙ୍ଗିଯିବାର ସମୟ ବୋଧହୁଏ ପହଞ୍ଚି ଯାଇଥିଲା । ତା'ର ହାତରୁ ସେଇଟି ଖସି ପଡ଼ିଥିଲା । ଜୋର ଶବ୍ଦ କରି ତାହା ତଳେ ପଡ଼ିଯାଇଥିଲା ଓ ଦୁଇଖଣ୍ଡ ହୋଇଯାଇଥିଲା ।

୫୦ । ଏକଥା ଶୁଣିବା ପରେ ବାବା କହିଥିଲେ, "କେବଳ ଇଟା ନୁହେଁ, ମୋର ଭାଗ୍ୟ ମଧ୍ୟ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇଗଲା ।" ସେ ଏକଥା କହୁଥିବା ସମୟରେ ତାଙ୍କ ଚକ୍ଷୁରେ ଲୋତକ ଆସିଯାଇଥିଲା ଓ ସେ ବିଷଣ୍ଣ ହୋଇପଡ଼ିଥିଲେ ।

୫୧ । ବାବା ଯେଉଁ ଇଟା ଉପରେ ଯୋଗମୁଦ୍ରାରେ ପ୍ରତ୍ୟହ ବସୁଥିଲେ, ତାହା ଭାଙ୍ଗିଯିବା ପରେ ତାଙ୍କର ହୃଦୟ ବିଦାରିତ ହୋଇଥିଲା ଓ ଆବେଗରେ ତାଙ୍କ ତୁଣ୍ଡରୁ କଥା ବାହାରି ନ ଥିଲା ।

୫୨ । ଅନେକ ବର୍ଷ ଧରି ଏହି ଇଟା ଖଣ୍ଡିକ ତାଙ୍କ ନିକଟରେ ରହିଥିଲା ଓ ଯୋଗମୁଦ୍ରାରେ ବସିବା ବେଳେ ପ୍ରଧାନ ସହାୟକ ହେଉଥିଲା । ଏହା ହଠାତ୍ ଭାଙ୍ଗିଯିବାରୁ ତାଙ୍କ ନିମିତ୍ତ ମସ୍‌ଜିଦ୍ ତ୍ୟାଗର ସୂଚନା ମିଳିଥିଲା ।

୫୩ । ଏହା ଖଣ୍ଡିଏ ଇଟା ହୋଇଥିଲେ ମଧ୍ୟ ବାବା ତାହାକୁ ନିଜ ଜୀବନଠାରୁ ବଳି ଭଲ ପାଉଥିଲେ । ତାହାର ଅବସ୍ଥା ଦେଖି ବାବା ଦୁଃଖିତ ହୋଇଥିଲେ ।

୫୪ । ବାବା ଯୋଗମୁଦ୍ରାରେ ବସୁଥିବା ସମୟରେ ତାହା ଉପରେ ଭାରା ଦେଇ ନିଜର କହୁଣୀକୁ ଘଣ୍ଟା ଘଣ୍ଟା ଧରି ରଖୁଥିଲେ । ତେଣୁ ତାକୁ ସେ ବହୁତ ଭଲ ପାଉଥିଲେ ।

୫୫ । "ଯାହା ସହିତ ମୁଁ ଧ୍ୟାନ କରୁଥିଲି ଓ ଯାହା ମୋର ପ୍ରାଣାଧିକ ପ୍ରିୟ ଥିଲା, ମୋର ସେହି ସାଥି ଭାଙ୍ଗିଗଲା । ମୁଁ ମଧ୍ୟ ତାହା ବିନା ରହିପାରିବି ନାହିଁ ।

୫୬ । "ମୋ ଜୀବନର ସାଥି ଇଟା ମୋତେ ଛାଡ଼ିଦେଇ ଆଜି ଚାଲିଗଲା ।" ବାବା ତାହାର ଗୁଣ ବାହୁନି ଏମିତି ବିଳାପ କରୁଥିଲେ ।

୫୭ । ସ୍ୱାଭାବିକ ଭାବରେ ମନରେ ଏଠି ସନ୍ଦେହ ଉପୁଜିପାରେ ଯେ ଇଟା କ'ଣ ଗୋଟିଏ କ୍ଷୟଶୀଳ ପଦାର୍ଥ ନୁହେଁ ? ତାହା ପାଇଁ ଦୁଃଖ କାହିଁକି ? ଲୋକେ କ'ଣ କହିବେ ?

୫୮ । ଯେ କୌଣସି ବ୍ୟକ୍ତି ଏଭଳି ସନ୍ଦେହ ମୂଳରୁ କରିଥାନ୍ତେ । ଶ୍ରୀସାଇଙ୍କ ଚରଣରେ ମଥାନତ କରି ମୁଁ ସେଇ ସଂଶୟ ଦୂର କରିଦେବା ପାଇଁ ଚେଷ୍ଟା କରୁଛି ।

୫୯ । ସନ୍ଥମାନେ ଏହି ଜଗତର ଉଦ୍ଧାର ପାଇଁ ଏବଂ ପତିତ ଓ ପାପୀଜନଙ୍କର ପରିତ୍ରାଣ ପାଇଁ ଧରାବତରଣ କରିଥାନ୍ତି । ସେମାନଙ୍କର ଅନ୍ୟ କୌଣସି ଲକ୍ଷ୍ୟ ଓ କାର୍ଯ୍ୟ ନଥାଏ ।

୬୦ । ସେମାନେ ସାଧାରଣ ମନୁଷ୍ୟଙ୍କ ଭଳି ହସ, କାନ୍ଦ ଓ କ୍ରୀଡ଼ାକୌତୁକ କରୁଥିଲେ ମଧ୍ୟ ତାହା ସେମାନଙ୍କର ଏକ ଏକ ନାଟକ ହୋଇଥାଏ । ଏହା ହେଉଛି ଜଗତରେ ମହାତ୍ମାମାନଙ୍କ ଆଚରଣର ଗୋପନ କଥା, ଯାହା ସାଧାରଣ ଲୋକଙ୍କ ଭଳି ହୋଇଥାଏ ।

୬୧ । ସନ୍ଥମାନେ ପୂର୍ଣ୍ଣଜ୍ଞାନୀ, କାମନା ତଥା ବାସନାହୀନ ହୋଇଥାନ୍ତି ଓ ସାରା ଦୁନିଆର ଲୋକମାନଙ୍କର ପରିତ୍ରାଣ ନିମନ୍ତେ ସେମାନେ କାର୍ଯ୍ୟ କରିବାକୁ ପ୍ରସ୍ତୁତ ହୋଇ ରହିଥାନ୍ତି ।

୬୨ । ସେ ଯାହାହେଉ, ପ୍ରକୃତ ଦେହତ୍ୟାଗର ବତିଶି ବର୍ଷ ପୂର୍ବରୁ ତାଙ୍କୁ ହୁଏତ ସମାଧି ଦିଆଯାଇ ସାରିଥାନ୍ତା । କେବଳ ମହାଲ୍‌ସାପତିଙ୍କର ବୁଦ୍ଧିମତ୍ତା ଓ ଦୃଢ଼ତା ଯୋଗୁଁହିଁ ଏହି ଅଶୁଭ ଘଟଣାକୁ ନିଶ୍ଚିତ ଭାବରେ ଏଡ଼ାଇ ଦିଆଯାଇ ପାରିଥିଲା ଓ ତାହାହିଁ ସତ୍ୟ ।

୬୩ । ଯଦି ସେଇ ଘଟଣାକୁ ରୋକାଯାଇନଥାନ୍ତା, ତେବେ ସମସ୍ତେ ଶ୍ରୀସାଇଙ୍କର ସାହଚର୍ଯ୍ୟ କିଭଳି ଲାଭ କରିପାରିଥାନ୍ତେ ? ଏହି ଘଟଣା ସମ୍ବନ୍ଧରେ ଲେଖିବାର ତେୟାଳିଶି ବର୍ଷ ପୂର୍ବରୁ ହୁଏତ ଏହା ଘଟିଯାଇଥାନ୍ତା ।

୬୪ । ସମାଧିର ବତିଶି ବର୍ଷ ପୂର୍ବରୁ ଏକ ମାର୍ଗଶୀର ପୂର୍ଣ୍ଣିମାରେ ବାବାଙ୍କୁ ଆଜ୍‌ମା ଧରିଥିଲା ଓ ସେ ବହୁତ କଷ୍ଟ ପାଇଥିଲେ । ଏହି ଶାରୀରିକ କଷ୍ଟରୁ ମୁକ୍ତିଲାଭ ପାଇଁ ସେ ତାଙ୍କର ପ୍ରାଣବାୟୁକୁ ଊର୍ଦ୍ଧ୍ୱଗତି କରାଇ ସମାଧି ଅବସ୍ଥାପ୍ରାପ୍ତ ହୋଇଥିଲେ ।

୬୫ । "ଏବେଠାରୁ ତିନିଦିନ ପର୍ଯ୍ୟନ୍ତ ମୁଁ ମୋର ପ୍ରାଣ ବାୟୁକୁ ଊର୍ଦ୍ଧ୍ୱଗାମୀ କରାଇ ସମାଧି ଅବସ୍ଥାକୁ ଯିବି । ମୋତେ

କେହି ଉଠାଇବ ନାହିଁ।" ସମସ୍ତଙ୍କୁ ବାବା ଏହା କହିଥିଲେ।

୬୬। "ନଫେରିଲେ ଅଗଣାର ସେହି କୋଣକୁ ଅନାଅ, ସେଠାରେ ଗାତ ଖୋଳି ମୋତେ ସମାଧି ଦେଇଦେବ।" ବାବା ଆଙ୍ଗୁଳି ଦେଖାଇ ଏହି କଥା କହିଥିଲେ।

୬୭। ତା'ପରେ ମହାଲ୍‌ସାପତିଙ୍କୁ ସିଧା ସିଧା କହିଥିଲେ, "ତିନିଦିନ ଧରି ମୋତେ ଆଦୌ ଅବହେଳା କରିବ ନାହିଁ।

୬୮। "ଦୁଇଟି ପତାକା ସେହି ସମାଧି ସ୍ଥାନରେ ଚିହ୍ନ ହିସାବରେ ପୋତିଦେବ।" ଏକଥା କହିବା ପରେ ସେ ତାଙ୍କର ପ୍ରାଣବାୟୁ ଉର୍ଦ୍ଧ୍ୱକୁ ଟେଳି ନେଇଥିଲେ।

୬୯। ହଠାତ୍ ସେ ଚାରିପଟକୁ ଘୂରିଯାଇ ଅଚେତ ହୋଇ ପଡ଼ିଥିଲେ। ମହାଲ୍‌ସାପତି ତାଙ୍କୁ ତାଙ୍କ କୋଳରେ ଧରି ନେଇଥିଲେ। ଅନ୍ୟମାନେ ଆଶା ଛାଡ଼ି ଦେଇଥିଲେ।

୭୦। ଏ ଘଟଣା ରାତ୍ରି ପ୍ରାୟ ଦଶ ଘଣ୍ଟା ସମୟରେ ଘଟିଥିଲା। ଘଟଣା ଏଇଭଳି ମୋଡ଼ ନେବା ଦେଖି ଅନ୍ୟମାନେ ପାଷାଣ ପ୍ରାୟ ଛିଡ଼ା ହୋଇଥିଲେ।

୭୧। ନିଃଶ୍ୱାସ କିମ୍ବା ନାଡ଼ୀ ଚାଲୁନଥିଲା। ଶରୀରରେ ଜୀବନର କୌଣସି ଲକ୍ଷଣ ଦିଶୁନଥିଲା। ଲୋକେ ଭୀଷଣ ଭାବରେ ଡରି ଯାଇଥିଲେ ମଧ୍ୟ ଶ୍ରୀସାଇ ପୂର୍ଣ୍ଣ ଶାନ୍ତିରେ ଥିଲେ।

୭୨। ତା'ପରେ ମହାଲ୍‌ସାପତି ରାତ୍ରିଦିନ ଜାଗ୍ରତ ରହି ଯତ୍ନ ନେଇଥିଲେ। ସେ ଶ୍ରୀସାଇଙ୍କ ନିକଟରେ ପୂର୍ଣ୍ଣ ଜାଗ୍ରତ ହୋଇ ବସି ରହିଥିଲେ।

୭୩। ଯଦିଓ ଶ୍ରୀସାଇ ନିଜେ ସମାଧି ନିମନ୍ତେ ମାଟି ଖୋଳିବାକୁ କହିଯାଇଥିଲେ, ସେଥିପାଇଁ କାହାରି ସାହସ ହୋଇନଥିଲା।

୭୪। ବାବାଙ୍କର ସମାଧି ଅବସ୍ଥା ଦେଖିବାକୁ ଗ୍ରାମର ସମସ୍ତ ଲୋକ ସେଠାରେ ରୁଣ୍ଡ ହୋଇଥିଲେ। ଲୋକେ ଭକ୍ତିମିଶା ଭୟ ମନରେ ପୋଷଣ କରିଥିଲେ ଓ ଅବସ୍ଥା ଲକ୍ଷ୍ୟକରି ସ୍ତମ୍ଭିତ ହୋଇ ଯାଇଥିଲେ। ଭଗତ ମହାଲ୍‌ସାପତି ନିଜ କୋଳରୁ ବାବାଙ୍କ ଶରୀରକୁ ଅପସାରଣ କରିନଥିଲେ।

୭୫। ଶରୀରରେ ଜୀବନ ନାହିଁ ବୋଲି ଜାଣିଥିଲେ ଲୋକେ ହୁଏତ ଆଘାତ ପାଇଥାନ୍ତେ। ଶ୍ରୀସାଇ ବୋଧହୁଏ ସେଇଥିପାଇଁ ଲୋକମାନଙ୍କୁ ଠକାଇବା ନିମନ୍ତେ ଶରୀରକୁ ତିନିଦିନ ରଖିବା ନିମନ୍ତେ କହିଯାଇଥିଲେ।

୭୬। ନିଃଶ୍ୱାସ ବନ୍ଦ ହୋଇଯାଇଥିଲା। ସମସ୍ତ ଜ୍ଞାନେନ୍ଦ୍ରିୟ ସ୍ଥିର ହୋଇଯାଇଥିଲେ ଓ ଟିକିଏ ବି ହଲଚଲ ହେଉନଥିଲେ। ମୁଖମଣ୍ଡଳର ଜ୍ୟୋତି ମଳିନ ପଡ଼ିଯାଇଥିଲା।

୭୭। ତାଙ୍କର ବାହ୍ୟ ଜ୍ଞାନ ନଥିଲା। ସେ ସମ୍ପୂର୍ଣ୍ଣ ଅଚଳ ଥିଲେ। ସେ କିପରି ଚେତନା ଫେରି ପାଇବେ ? ସମସ୍ତଙ୍କର ତାହାହିଁ ପ୍ରଧାନ ଚିନ୍ତା ଥିଲା।

୭୮। ଦୁଇଦିନ ବିତି ଯାଇଥିଲେ ମଧ୍ୟ ତାଙ୍କର ଚେତା ଫେରି ନଥିଲା। ମୌଲବୀ, ମୌଲାନା ଓ ଫକୀରମାନେ ସେଠାକୁ ଆସିଥିଲେ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ବନ୍ଧରେ ସେମାନଙ୍କ ମତାମତ ଦେଉଥିଲେ।

୭୯। ଅପ୍ପା କୁଲକର୍ଣ୍ଣୀ ଓ କାଶୀରାମ ମଧ୍ୟ ଆସିଥିଲେ। ସେମାନେ ଦୃଢ଼ ନିଷ୍ପତ୍ତି ନେଇ କହିଥିଲେ ଯେ ବାବା ଶାନ୍ତିଧାମ ପ୍ରାପ୍ତ ହୋଇଛନ୍ତି ଓ ତାଙ୍କ ଶରୀରକୁ ଚିରବିଶ୍ରାମ ଦିଆଯିବା ଉଚିତ୍।

୮୦। କେତେଜଣ କହିଥିଲେ, "ଆଉ ଟିକିଏ ଅପେକ୍ଷା କରନ୍ତୁ, ଏଭଳି ତରବର ହେବା ଠିକ୍ ନୁହେଁ। ବାବା ସାଧାରଣ ଲୋକ ନୁହନ୍ତି, ତାଙ୍କର ବଚନ ନିଶ୍ଚୟ ସତ୍ୟ ହେବ।"

୮୧। ଅନ୍ୟମାନେ ସଂଗେ ସଂଗେ ଉତ୍ତର ଦେଇଥିଲେ, "ଯେଉଁ ଶରୀର ବରଫ ଭଳି ଶୀତଳ ହୋଇଗଲାଣି, ତାହା ମଧ୍ୟକୁ ଜୀବନ କିପରି ଫେରିବ ? ଏମାନେ କେତେ ବୋକା !

୮୨। "ସେ ଦେଖାଇଥିବା ସ୍ଥାନରେ କବରପାଇଁ ଗାତ ଖୋଳାଯାଉ। ସମସ୍ତଙ୍କୁ ଡାକ। ଶେଷକୃତ୍ୟ ଠିକ୍ ସମୟରେ କରିବାକୁ ହେବ। ସମସ୍ତ ଆୟୋଜନ କରାଯାଉ।"

୮୩। ଏହିଭଳି କ'ଣ କରାଯିବ, ବା କ'ଣ କରାନଯିବ ନେଇ ଆଲୋଚନା ଚାଲିଥିବାବେଳେ ତିନିଦିନ ବିତି ଯାଇଥିଲା। ରାତି ପାହାନ୍ତା ବେଳକୁ ଭୋର୍ ୩ ଟା ସମୟରେ ଜୀବନ ଫେରିବାର ଲକ୍ଷଣ ଦେଖାଯାଇଥିଲା।

୮୪। ଧୀରେ ଧୀରେ ତାଙ୍କ ଆଖି ଖୋଲିଥିଲା। ଶରୀର ହଲଚଲ ହୋଇଥିଲା ଓ ସେ ହାତଗୋଡ଼ ଲମ୍ବାଇଥିଲେ। ନିଶ୍ୱାସପ୍ରଶ୍ୱାସ ଆରମ୍ଭ ହୋଇ ପେଟ ଉପର ତଳ ହେବାରେ ଲାଗିଥିଲା।

୮୫। ମୁଖରେ ପ୍ରସନ୍ନତାର ଚିହ୍ନ ଦେଖାଦେଇଥିଲା। ଆଖିପତାରେ ପଲକ ପଡ଼ିଥିଲା, ଅଚେତ ଅବସ୍ଥା

ଚାଲିଯାଇଥିଲା ଓ ଜାଗ୍ରତ ଅବସ୍ଥା ଫେରି ଆସିଥିଲା।
୮୬। ଜଣାପଡୁଥିଲା, ସତେ ଯେପରି ସେ ଭୁଲି ଯାଇଥିବା ଶରୀରକୁ ମନେ ପକାଉଥିଲେ। ହୃତ୍‌ଧନ ପୁଣି ଫେରି ଆସିଥିଲା ଓ ତାହା ଅବାଧରେ ମିଳିଥିଲା।
୮୭। ଶ୍ରୀସାଇଙ୍କୁ ପୂର୍ଣ୍ଣ ଜାଗ୍ରତ ହେବା ଦେଖି ସମସ୍ତେ ଆନନ୍ଦିତ ହୋଇଥିଲେ। ଭଗବାନଙ୍କ କୃପାରୁ ଏକ ବିରାଟ ବିପତ୍ତି ଟଳିଯାଇଥିଲା। ଭକ୍ତମାନେ ବିସ୍ମୟବିମୂଢ଼ ହୋଇଥିଲେ।
୮୮। ଭଗତ ମହାଲ୍‌ସାପତି ଶ୍ରୀସାଇଙ୍କର ମୁଖକୁ ସପ୍ରଶଂସ ଦୃଷ୍ଟିରେ ଲକ୍ଷ୍ୟ କରୁଥିଲେ ଓ ଆମୋଦିତ ହେଉଥିଲେ। ଶ୍ରୀସାଇ ମଧ୍ୟ ଧୀରେ ଧୀରେ ମୁଣ୍ଡ ହଲାଇଥିଲେ । ମୌଲବୀ ଓ ଫକୀରମାନଙ୍କ ମୁହଁ ଶୁଖିଯାଇଥିଲା । ଏହିଭଳି ଭାବରେ ଏକ ଭୟଙ୍କର ଘଟଣା ଚାଲିଯାଇଥିଲା।
୮୯। ମହାଲ୍‌ସାପତି ବାବାଙ୍କର ନିର୍ଦ୍ଦେଶ ମାନିନଥିଲେ, ମୌଲବୀଙ୍କର କୁପରାମର୍ଶ ଗ୍ରହଣ କରିନେଇଥିଲେ ଓ ନିଜର ଦୃଢ଼ତା ସାମାନ୍ୟ ହରାଇ ଦେଇଥିଲେ, କିଭଳି ବିପଜ୍ଜନକ ପରିସ୍ଥିତି ସୃଷ୍ଟି ହୋଇଥାନ୍ତା !
୯୦। ଏହି ଲେଖାର ତେୟାଳିଶି ବର୍ଷ ପୂର୍ବରୁ କବର ଗଢ଼ା ହୋଇଯାଇଥାନ୍ତା। କିଏ ଅବା ଶ୍ରୀସାଇଙ୍କର ପାବନ ଦର୍ଶନ ଲାଭକରି ଏତେ ଆନନ୍ଦ ପାଇପାରିଥାନ୍ତା ?
୯୧। ସମାଧି ଅବସ୍ଥା ପରିତ୍ୟାଗ କରି ଶ୍ରୀସାଇ ପୁଣି ଉଠିଥିଲେ, ଦୀର୍ଘଦିନ ପାଇଁ ଲୋକମାନଙ୍କୁ ଅନୁଗୃହୀତ କରିଥିଲେ ଓ ଭକ୍ତମାନଙ୍କୁ ସନ୍ତୋଷ ପ୍ରଦାନ କରିଥିଲେ।
୯୨। ଯିଏ ଭକ୍ତଗଣଙ୍କ ନିମନ୍ତେ କଷ୍ଟ ସହିଥିଲେ ଓ କଠିନ ଶ୍ରମ କରିଥିଲେ ଏବଂ ତା'ପରେ ପରମ ଆନନ୍ଦରେ ନିଜକୁ ନିମଜ୍ଜିତ କରିଥିଲେ, ସେ କିପରି ପୂର୍ବରୁ ଜାଗ୍ରତ ହୋଇଥାନ୍ତେ ? ତାଙ୍କର ଲୀଳାଖେଳା ଅଚିନ୍ତନୀୟ !
୯୩। ବାବାଙ୍କର ଚେତନା ଫେରି ଆସିଥିବାର ଦେଖି ସବୁ ଭକ୍ତ ବହୁତ ଖୁସି ହୋଇଥିଲେ। ସମସ୍ତେ ତାଙ୍କର ଦର୍ଶନ ନିମିତ୍ତ ଦୌଡ଼ି ଆସିଥିଲେ। ତାଙ୍କର ଜୀବନ ଫେରି ଆସିବାରୁ ଉପସ୍ଥିତ ପ୍ରତ୍ୟେକଙ୍କ ମୁହଁରେ ଆନନ୍ଦର ଢେଉ ଖେଳିଥିଲା ।
୯୪। ସେ ଯାହାହେଉ, ମହାସମାଧି ସମ୍ପର୍କିତ କାହାଣୀ ପୂର୍ବରୁ ବର୍ଣ୍ଣନା କରାଯାଇଅଛି। ପୂର୍ଣ୍ଣ ବିଶଦ ବିବରଣୀ ଦିଆଯାଇଛି । ମୋର ଯାହା ମନେପଡୁଛି, ତାହାସବୁ ଘଟିଛି ।
୯୫। ତେଣୁ ଆପଣମାନେ, ଶ୍ରୋତାମାନେ କ୍ଷଣିକ ପାଇଁ ନିଜେ ନିଜକୁ ପ୍ରଶ୍ନ ପଚାରନ୍ତୁ ଜଣେ କାହିଁକି ଖୁସି ହେବ ? (କେତେବର୍ଷ ତଳେ ବାବା ତାଙ୍କର ସଂଜ୍ଞା ଫେରିପାଇଥିଲେ, ସେଇଥିପାଇଁ !) ପୁନଶ୍ଚ, ଜଣେ କାହିଁକି ଦୁଃଖୀ ହେବ ? (ବାବା ମହାସମାଧି ନେଇଗଲେ, ସେଇଥିପାଇଁ !)। ଏହି ଉଭୟ କ୍ଷେତ୍ରରେ ଭାବାବେଗର କାରଣ ହେଉଛି ଭିନ୍ନ ବିଚାରବୋଧର ଅଭାବ।
୯୬। ଆପଣ ଏ ବିଷୟରେ ନିଶ୍ଚିତ କି ଶ୍ରୀସାଇ ହେଉଛନ୍ତି ସାଢ଼େତିନି ହାତ ଲମ୍ବର ହାଡ଼ମାଂସର ଶରୀର ଓ କେତେକ ଇନ୍ଦ୍ରିୟମାନଙ୍କର ସମଷ୍ଟି ମାତ୍ର ? ଏହି ସନ୍ଦେହକୁ ଚିରଦିନପାଇଁ ସମ୍ପୂର୍ଣ୍ଣ ରୂପେ ବିଦା କରି ଦିଅନ୍ତୁ।
୯୭। କେହି ସେହି ଶରୀରକୁ ଶ୍ରୀସାଇ ବୋଲି କହିଲେବି ଶ୍ରୀସାଇ ସମସ୍ତ ଶରୀରବୋଧ, ସାଂସାରିକ ସୁଖଭୋଗ ଓ ସୁଖ ଅନ୍ୱେଷଣରୁ ମୁକ୍ତ ଅଟନ୍ତି । ତାଙ୍କ ନିମନ୍ତେ କୌଣସି ନାମ ନାହିଁ। ତାଙ୍କ ପାଇଁ କୌଣସି ରୂପ ମଧ୍ୟ ନାହିଁ। ଶ୍ରୀସାଇ ରୂପର ଊର୍ଦ୍ଧ୍ୱରେ।
୯୮। ଶରୀର କ୍ଷୟଶୀଳ। ବ୍ରହ୍ମ ଅକ୍ଷୟ। ଶରୀର ପଞ୍ଚମହାଭୂତର ଅନ୍ତର୍ଗତ। କିନ୍ତୁ ବ୍ରହ୍ମର ଆଦି ନାହିଁ କିମ୍ବା ଅନ୍ତ ନାହିଁ।
୯୯। ସେହି ଶୁଦ୍ଧ, ଶ୍ରେଷ୍ଠାତ୍ମା, ପରମ ସତ୍ତା, ଜୀବନୀ ଶକ୍ତିକୁ ଲକ୍ଷ୍ୟ କରନ୍ତୁ ଯାହା ସ୍ଥୁଳ ଇନ୍ଦ୍ରିୟମାନଙ୍କୁ ଜୀବନ୍ତ କରାଏ । ତାହାରି ନାମହିଁ ଶ୍ରୀସାଇ।
୧୦୦। ସେ ଇନ୍ଦ୍ରିୟମାନଙ୍କୁ ଅତିକ୍ରମ କରିଛନ୍ତି। ଇନ୍ଦ୍ରିୟମାନେ ସ୍ଥୁଳ ଓ ସେମାନେ ଜାଣିନଥାନ୍ତି ଯେ ଇଏ ହେଉଛନ୍ତି ସେଇ ଶକ୍ତିଧର ଯିଏ ଇନ୍ଦ୍ରିୟମାନଙ୍କୁ ପ୍ରାଣଦିଅନ୍ତି ଓ ସେମାନଙ୍କୁ ସକ୍ରିୟ କରାନ୍ତି ।
୧୦୧। ସେହି ଶକ୍ତିର ନାମ ହେଲା ଶ୍ରୀସାଇ। ତାଙ୍କ ବିନା କୌଣସି ସ୍ଥାନ ନାହିଁ। ତାଙ୍କ ବିନା ସମସ୍ତ ଦଶଦିଗ ଶୂନ୍ୟ। ସେ ଚର ଓ ଅଚରଙ୍କ ମଧ୍ୟରେ ବିଦ୍ୟମାନ।
୧୦୨। ସେଇହିଁ ଅବତାର ଗ୍ରହଣ କରନ୍ତି। ପୂର୍ବରୁ ସେ ଅପ୍ରକାଶ୍ୟ ଥାଆନ୍ତି। ଏକ ନାମ ଓ ରୂପ ନେଇ, ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱ ନେଇ ସେ ପ୍ରକାଶ୍ୟ ହୁଅନ୍ତି। ନିଜର ଲକ୍ଷ୍ୟ

ପୂର୍ତ୍ତି ପରେ ସେ ପୁନଶ୍ଚ ଅପ୍ରକାଶ୍ୟରେ ଲୀନ ହୋଇ ଯାଆନ୍ତି।

୧୦୩। ଅବତାରର ଉଦ୍ଦେଶ୍ୟ ହାସଲ ପରେ ଅବତାର ନିମିତ୍ତ ଗ୍ରହଣ କରାଯାଇଥିବା ଶରୀର ସେ ତ୍ୟାଗ କରି ଦିଅନ୍ତି ଓ ଜ୍ଞାନ ଏବଂ ଜ୍ଞେୟର ଆବାସରେ ପ୍ରବେଶ କରନ୍ତି। ଶ୍ରୀସାଇ ଏହିଭଳି କରିଥିଲେ।

୧୦୪। ଯେତେବେଳେ ସେ ପରଦାର ଉର୍ଦ୍ଧ୍ୱକୁ ଯିବାର ଆବଶ୍ୟକତା ଅନୁଭବ କରିଥିଲେ, ଗଙ୍ଗାପୁରର ସ୍ୱାମୀ ଶ୍ରୀ ନରସିଂହ ସରସ୍ୱତୀ ଯେମିତି କହିଥିଲେ, "ମୁଁ ବର୍ତ୍ତମାନ ପର୍ବତକୁ ଯାଉଛି", ସେମିତି କହି ସେ ହଠାତ୍ ଚାଲି ଯାଇଥିଲେ।

୧୦୫। ଶିଷ୍ୟମାନେ ତାଙ୍କୁ ବାଧାଦେବା ସମୟରେ ସେ ସେମାନଙ୍କୁ ଶାନ୍ତ କରିବାପାଇଁ କହିଥିଲେ, "ମୋର ଯାତ୍ରା ସାଧାରଣ ଅଭ୍ୟାସ ଅନୁଯାୟୀ ହେଉଛି। ମୁଁ ଗଙ୍ଗା ଭୁବନ ଛାଡୁନାହିଁ।

୧୦୬। "ସକାଳେ କୃଷ୍ଣା ନଦୀରେ ସ୍ନାନ ସାରି, ବିନ୍ଦୁ କ୍ଷେତ୍ରରେ ପୂଜାସାରି, ମଠରେ ପାଦୁକା ପୂଜା କରିଥାଏ। ମୁଁ ସେଠାରେ ସବୁବେଳେ ରହିଥାଏ।"

୧୦୭। ସାଇବାବାଙ୍କର କାହାଣୀ ମଧ୍ୟ ସେହି ପ୍ରକାରର। ଦେହତ୍ୟାଗ କରିବା ଏକ ବାହ୍ୟ କାର୍ଯ୍ୟ। ଶ୍ରୀସାଇ ସମଗ୍ର ସୃଷ୍ଟି ଓ ସମସ୍ତଙ୍କ ହୃଦୟରେ ବ୍ୟାପି ରହିଛନ୍ତି ।

୧୦୮। ଶ୍ରୀସାଇ ମୃତ୍ୟୁକୁ ଅତିକ୍ରମ କରି ସାରିଛନ୍ତି। ସେ ସମ୍ବନ୍ଧରେ ସନ୍ଦେହ ରଖନ୍ତୁ ନାହିଁ। ଜଣେ ନିଜର ଭକ୍ତି ଅନୁଯାୟୀ ଅନୁଭୂତିଂ ପାଇଥାଏ।

୧୦୯। ଶ୍ରୀସାଇ ଜଡ଼ ଓ ଚେତନ ମଧ୍ୟରେ ବିସ୍ତାରିତ। ଶ୍ରୀସାଇ ଆମର ଅନ୍ତର ଭିତରେ ତଥା ବାହାରେ ମଧ୍ୟ ରହିଛନ୍ତି। ଶ୍ରୀସାଇ ଆପଣଙ୍କ ହୃଦୟରେ ଓ ମୋ ହୃଦୟରେ ମଧ୍ୟ ରହିଛନ୍ତି। ସେ ସେଠାରେ ସ୍ଥାୟୀ ଭାବରେ ରହିଛନ୍ତି।

୧୧୦। ଶ୍ରୀସାଇ ସମର୍ଥ ବିନୀତ ଓ ବଶମ୍ୱଦଙ୍କ ନିମନ୍ତେ ଦୟାଶୀଳ। ସେ ନିରୀହ ଭକ୍ତମାନଙ୍କର ରକ୍ଷାକର୍ତ୍ତା। ସେ ପ୍ରକୃତ ଶ୍ରଦ୍ଧା ପାଇବାକୁ କାଙ୍ଗାଳ ଓ ସମସ୍ତଙ୍କ ପ୍ରତି ଏକାନ୍ତ ସ୍ନେହଶୀଳ ।

୧୧୧। ଆମେ ତାଙ୍କୁ ଚର୍ମ ଚକ୍ଷୁରେ ଦର୍ଶନ କରିନପାରିଲେ ମଧ୍ୟ ସେ ସର୍ବତ୍ର ବିରାଜିତ। ଅଦୃଶ୍ୟ ରୂପରେ ଲୁଚି ରହିଥିଲେ ମଧ୍ୟ ସେ ଆମକୁ ତାଙ୍କ ମଧ୍ୟରେ ଜଡ଼ାଇ ଧରିଛନ୍ତି।

୧୧୨। ତାଙ୍କର ଦେହତ୍ୟାଗ ଏକ ଭେଳିକି । ଆମକୁ ଠକିବା ପାଇଁ ଏହା ଏକ କୌଶଳ। ସେ ଜଣେ ଦକ୍ଷ ଅଭିନେତା, ଯିଏକି ସ୍ଥିତିହୀନ ଭଳି ମନେ ହେଉଥିଲେ ମଧ୍ୟ ଚିରନ୍ତନ।

୧୧୩। ଆମର ତାଙ୍କ ପ୍ରତି ରହିଥିବା ଶ୍ରଦ୍ଧାସ୍ନେହ ନେଇ ଆସନ୍ତୁ ତାଙ୍କୁ ଅନୁସରଣ କରିବା ଓ ତାଙ୍କୁ ଶେଷରେ ପାଇପାରିବା। ଚାଲନ୍ତୁ ଆମର ଲକ୍ଷ୍ୟ ପୂରଣ କରିବା।

୧୧୪। ମନପ୍ରାଣ ଦେଇ ତାଙ୍କୁ ପୂଜା କଲେ ଓ ଶ୍ରଦ୍ଧା ଏବଂ ଭକ୍ତି ସହକାରେ ତାଙ୍କୁ ସ୍ମରଣ କଲେ ଭକ୍ତମାନେ ତାଙ୍କର ସର୍ବବ୍ୟାପକତାକୁ ଅନୁଭବ କରି ପାରିବେ।

୧୧୫। ଯିଏ ଶାଶ୍ୱତଧର୍ମୀ, ସିଏ ଜନ୍ମ, ସ୍ଥିତି ଓ ମୃତ୍ୟୁ ନିମନ୍ତେ ଭୟ କରନ୍ତି ନାହିଁ। ସେ ସୁଜ୍ଞାନୀ ଓ ସନାତନ। ଭାବାବେଗର ସ୍ଥାନ ସେଠାରେ ନଥାଏ।

୧୧୬। ସୁନା ସବୁବେଳେ ସୁନା ହିଁ ରହିଥାଏ। ଅଳଙ୍କାର ତିଆରି ହେବା ପୂର୍ବରୁ ତାହା ସୁନା ଓ ପରେ ସେଥିରୁ ବିଭିନ୍ନ ପ୍ରକାରର ଅଳଙ୍କାର ଗଢ଼ାହେଲେ ମଧ୍ୟ ତାହା ସୁନା ହୋଇ ରହିଥାଏ।

୧୧୭। ବିଭିନ୍ନ ଅଳଙ୍କାରକୁ ଅଦଳବଦଳ ଓ ଭଙ୍ଗାଗଢ଼ା କରି ବଦଳାଯାଇପାରେ। ସେଗୁଡ଼ିକୁ ତରଳା ଯିବାପରେ କେବଳ ସୁନା ହିଁ ରହେ, ତାହାର ଆକାର ଓ ନାମ ଲୋପପାଏ।

୧୧୮। ତେଣୁ ଏହି ହେମାଡ଼ପନ୍ତ ସେହି ସାଇରୂପକ ସୁନାରେ ମିଶିଯିବାର ଇଚ୍ଛା ପୋଷଣ କରେ ଓ ଖାଣ୍ଟିସୁନାର ସମସ୍ତ ଗୁଣର ମୂର୍ତ୍ତିମନ୍ତ ରୂପ ଶ୍ରୀସାଇଙ୍କ ପାଦତଳେ ଏମିତି ଶେଷ ପର୍ଯ୍ୟନ୍ତ ରହିବାକୁ ଚାହେଁ ।

୧୧୯। ତା'ପରେ ତ୍ରୟୋଦଶୀ କ୍ରିୟାକର୍ମ ଭକ୍ତମାନଙ୍କ ମଧ୍ୟରେ ରତ୍ନତୁଲ୍ୟ ବାଲାସାହେବ[୨] ସମ୍ପାଦନ କରିଥିଲେ । ଏଥିରେ ସେ ଗ୍ରାମର ବ୍ରାହ୍ମଣମାନଙ୍କ ସାହାଯ୍ୟ ନେଇଥିଲେ ।

୧୨୦। ସ୍ନାନ ସମାପନାନ୍ତେ ଓଦା ବସ୍ତ୍ରରେ ପୂଜା ତର୍ପଣାଦି କର୍ମସାରି ବାଲାସାହେବ ତିଳତର୍ପଣ କରିଥିଲେ, ଅନ୍ୟାନ୍ୟ ବିଧିପାଳନ କରିଥିଲେ ଓ ଅନ୍ନ ପିଣ୍ଡଦାନ ମଧ୍ୟ କରିଥିଲେ ।

୧୨୧। ଅନ୍ନ ପିଣ୍ଡଦାନ ଓ ଅନ୍ୟାନ୍ୟ ମୃତାହ ବିଧି ଶାସ୍ତ୍ରାନୁଯାୟୀ ଯଥା ସମୟରେ ପାଳନ କରାଯାଇଥିଲା ଓ

ସାରାବର୍ଷ ଧରି ମାସିକିଆ ଶ୍ରାଦ୍ଧ ମଧ୍ୟ ହିନ୍ଦୁ ଶାସ୍ତ୍ରମତେ କରାହୋଇଥିଲା।

୧୨୨। ମହାନ୍ ଭକ୍ତ ଉପାସନୀ ମହାରାଜ ବାପୁସାହେବ ଜୋଗଙ୍କ ସହିତ ମିଶି ଭାଗିରଥୀ ନଦୀର ପବିତ୍ର ତଟକୁ ଯାଇ ହୋମ ଓ ହବନ କର୍ମ ଇତ୍ୟାଦି କରିଥିଲେ।

୧୨୩। ସେମାନେ ଦରିଦ୍ର ଓ ବ୍ରାହ୍ମଣ ଭୋଜନ ଦେଇ ବିଧିମୁତାବକ ଦକ୍ଷିଣା ପ୍ରଦାନ କରିଥିଲେ ଏବଂ ଅନ୍ୟାନ୍ୟ ବିଧିବିଧାନ ଶାସ୍ତ୍ରମତେ ସମାପନ କରି ଫେରିଥିଲେ।

୧୨୪। ବର୍ତ୍ତମାନ ବାବା ନଥିବାରୁ ସମସ୍ତ ଆଲୋଚନା ଓ କାର୍ଯ୍ୟକଳାପ ଭିନ୍ନ। କିନ୍ତୁ ମସ୍‌ଜିଦ୍‌କୁ ଦର୍ଶନ କରିବା ମାତ୍ରକେ ପୁରୁଣା ଦିନର ମଧୁର ସ୍ମୃତି ମନେ ପଡ଼ିଯାଇଥାଏ।

୧୨୫। ବାବା ତାଙ୍କର ସ୍ୱାଭାବିକ ଭଙ୍ଗୀରେ ବସି ରହିଥିବାର ଏକ ସୁନ୍ଦର ଚିତ୍ର ମସ୍‌ଜିଦରେ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ରଖାଯାଇଅଛି। ଏହା ଦ୍ୱାରା ବାବା ସାଧାରଣତଃ ବସି ରହୁଥିବାର ସେହି ମଧୁର ସ୍ମୃତି ପୁନଃଜାଗରୂକ ହେଉଛି।

୧୨୬। ଶ୍ରୀସାଇ ସଶରୀରରେ ନଥିଲେ ମଧ୍ୟ ଏହି ଚିତ୍ରପଟକୁ ଦର୍ଶନ କଲେ ସେ ବଞ୍ଚି ରହିଥିବା ଭଳି ପ୍ରିୟ ଭକ୍ତମାନଙ୍କୁ ଦେଖାଯାଇଥାଏ ।

୧୨୭। ଶ୍ୟାମରାଓ ଜୟକର ଏହି ସୁନ୍ଦର ଚିତ୍ରପଟଟିକୁ ଅଙ୍କନ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ଓ ବାବାଙ୍କୁ ନିରନ୍ତର ମନେ ପକାଇ ଦେଇଥାଏ।

୧୨୮। ଜୟକର ଯେମିତି ଜଣେ ବିଶିଷ୍ଟ ଭକ୍ତ ଥିଲେ, ସେମିତି ଜଣେ ବିଖ୍ୟାତ ଚିତ୍ରଶିଳ୍ପୀ ମଧ୍ୟ ଥିଲେ। ସେ ବାବାଙ୍କର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିଥିଲେ ଓ ବାବାଙ୍କର ଚାଲିଚଳଣ ପ୍ରତି ଯଥୋଚିତ ନଜର ଦେଇଥଲେ।

୧୨୯। ବାବାଙ୍କର ଏକ ସୁନ୍ଦର ଚିତ୍ର ଅଙ୍କନ କରିବାକୁ ତାଙ୍କୁ ଡକାଯାଇଥିଲା। ଭକ୍ତମାନେ ସେଇ ଚିତ୍ର ନିଜ ଘରେ ରଖି ଧ୍ୟାନ କରିପାରିବେ ବୋଲି ଉଦ୍ଦେଶ୍ୟ ରହିଥିଲା।

୧୩୦। ପୂର୍ବରୁ ଏକଥା ବହୁବାର ଆଲୋଚିତ ହୋଇଛି ଓ ଆପଣମାନେ ମଧ୍ୟ ମନେ ପକାଇ ପାରନ୍ତି ଯେ ସନ୍ଥମାନଙ୍କର କଦାପି ମୃତ୍ୟୁ ହୁଏ ନାହିଁ। ତାହାର ପୁନରୁକ୍ତିର ଆବଶ୍ୟକତା ନାହିଁ।

୧୩୧। ବାବା ବର୍ତ୍ତମାନ ସଶରୀରରେ ନାହାନ୍ତି। ତଥାପି କେହି ବାବାଙ୍କୁ ଏବେ ମଧ୍ୟ ସ୍ମରଣ କଲେ ଅତୀତରେ ସଶରୀରରେ ଥାଇ ସେ ଯେମିତି ସାହାଯ୍ୟ କରୁଥିଲେ, ସେମିତି ତାକୁ ସାହାଯ୍ୟ କରିଥାନ୍ତି।

୧୩୨। ଯଦି ଜଣେ ବାବା କହିଥିବା ପ୍ରକାରେ ଅନୁଭବ କରିପାରିନଥାଏ, ତେବେ ବାବା ନାହାନ୍ତି ବୋଲି ଏଭଳି ଘଟଣା ଘଟିଲା କହିଲେ ଏହା ବିଶ୍ୱାସ କରାଯାଇ ପାରିବ ନାହିଁ ।

୧୩୩। କାରଣ, ବାବାଙ୍କ ବାକ୍ୟ ହିଁ ଭାଗ୍ୟ। ଜଣେ ଏହା ଅବଶ୍ୟ ବିଶ୍ୱାସ ଓ ଅନୁଭବ କରିବ । ଯେବେ ତାହା ସଂଗେ ସଂଗେ ସତ ହେଲାନାହିଁ, ତଥାପି ଠିକ୍ ସମୟରେ ହେବ।

୧୩୪। ସେ ଯାହାହେଉ, ବାପୁସାହେବ ଜୋଗଙ୍କ କଥା ପଡ଼ିଥିବା ସମୟରେ ମୋର ଗୋଟିଏ କାହାଣୀ ମନେ ପଡ଼ିଯାଉଛି, ଯଦିଓ ଏହା ପ୍ରସଙ୍ଗଚ୍ୟୁତି ହୋଇପାରେ। ଏହି ଅସାଧାରଣ କାହାଣୀଟିକୁ ଶୁଣନ୍ତୁ, ଶ୍ରୀସାଇଙ୍କର ସ୍ନେହଶୀଳ ସ୍ୱଭାବ ସମ୍ପର୍କରେ ଜାଣିପାରିବେ।

୧୩୫। ଗୁରୁ ଓ ଶିଷ୍ୟ ମଧ୍ୟରେ କଥୋପକଥନ ସଂକ୍ଷିପ୍ତ, ସାଙ୍କେତିକ ହୋଇଥିଲେ ମଧ୍ୟ ଏହା ଭକ୍ତମାନଙ୍କୁ ଆଲୋକ ଦେଖାଇଥାଏ । ଯିଏ ବୈରାଗ୍ୟ ସମ୍ପର୍କରେ ଜାଣିପାରିଛି, ସେ ନିଶ୍ଚୟ ଭାଗ୍ୟବାନ। ଆଉ ଯିଏ ସାଂସାରିକ ବନ୍ଧନରେ ବାନ୍ଧିହୋଇ ପଡ଼ିଛି, ସେ ହତଭାଗ୍ୟ ବୋଲି କହିବାକୁ ହେବ ।

୧୩୬। ଜୋଗ ଥରେ ବାବାଙ୍କୁ ପଚାରିଥିଲେ, "ମୁଁ କାହିଁକି ଏଭଳି ସ୍ଥିତିରେ ଏବେ ମଧ୍ୟ ରହିଛି ? ମୋର ଭାଗ୍ୟ କେତେ ଅଦ୍ଭୁତ ! ମୁଁ କେବେ ସ୍ଥିରତା ଲାଭ କରିବି ?

୧୩୭। "ଦେବ ! ମୁଁ ଆପଣଙ୍କୁ ଏକାଗ୍ର ଚିତ୍ତରେ ଅନେକ ବର୍ଷଧରି ସେବା କରିଆସୁଅଛି। ତଥାପି ଏହି ଚଞ୍ଚଳ ମନ ଶାନ୍ତି ପାଉନାହିଁ। ଏପରି କାହିଁକି ହେଉଛି ?

୧୩୮। "ମୁଁ ଏଭଳି ହତଭାଗ୍ୟ ହେଲି କାହିଁକି ? ଜଣେ ସନ୍ଥଙ୍କ ଗହଣରେ ରହି ମୁଁ କ'ଣ ଏହାହିଁ ପାଇଲି ? ସନ୍ଥ ସଙ୍ଗତରେ ରହିବାର ସୁଫଳ କେବେ ପ୍ରାପ୍ତ ହେବି ?"

୧୩୯। ଶ୍ରୀସାଇ ମହାରାଜ ଜଣେ ଭକ୍ତଙ୍କର ଏଭଳି କାତର ପ୍ରାର୍ଥନା ଶୁଣି ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଜୋଗଙ୍କୁ ଉତ୍ତର ଦେଇଥିଲେ। ସେ କ'ଣ କହିଥିଲେ, ଧୀରସ୍ଥିର ଚିତ୍ତରେ ଶୁଣନ୍ତୁ।

୧୪୦। "ତୁମର ସମସ୍ତ କୁକର୍ମ ନାଶ ହେବ। ତୁମର ପାପ, ପୁଣ୍ୟ ପୋଡ଼ି ପାଉଁଶ ହୋଇଯିବ। ତୁମ କାନ୍ଧରେ

ଭିକ୍ଷା ଝୁଲି ଝୁଲିବା ଦେଖିଲେ ମୁଁ ତୁମକୁ ଭାଗ୍ୟବାନ ବୋଲି ମନେ କରିବି ।

୧୪୧ । "ତୁମେ ଯେତେବେଳେ ସମସ୍ତ ବାଧାବନ୍ଧନକୁ ଅତିକ୍ରମ କରିଯିବ ଓ ପ୍ରଭୁଙ୍କ ଉପରେ ଲୟ ରଖି ଧ୍ୟାନରେ ନିଜେ ନିମଜ୍ଜିତ ହେବ; ସମସ୍ତ ଆସକ୍ତି, ଆଶା, ଅଭିଳାଷ ଇତ୍ୟାଦି ସଂପୂର୍ଣ୍ଣରୂପେ ତ୍ୟାଗ କରିଦେବ, ସେତେବେଳେ ତୁମକୁ ମୁଁ ଭାଗ୍ୟବାନ ବୋଲି ବିବେଚନା କରିବି।

୧୪୨ । "ଯେତେବେଳେ ତୁମେ ସମସ୍ତ ପାର୍ଥିବ ସୁଖକୁ ପରିତ୍ୟାଗ କରିଦେବ, ଦ୍ୱୈତ ଭାବନା ଯୁକ୍ତିଯୁକ୍ତ ନୁହେଁ ବୋଲି ଭାବିବ ଏବଂ ତୁମର ଲାଳସା, ଲୋଭ ଓ ମାୟାମୋହକୁ ନିୟନ୍ତ୍ରଣ କରିପାରିବ, ସେତେବେଳେ ମୁଁ ତୁମକୁ ଭାଗ୍ୟବାନ ବୋଲି କହିବି।"

୧୪୩। କିଛିଦିନ ପରେ ବାବାଙ୍କର ବାକ୍ୟ ସତ୍ୟ ହୋଇଥିଲା। ସଦ୍‌ଗୁରୁଙ୍କ କରୁଣାରୁ ଜୋଗ ବୈରାଗ୍ୟ ଲାଭ କରିଥିଲେ ଓ ବାବାଙ୍କର ଭବିଷ୍ୟବାଣୀକୁ ସତ୍ୟ ବୋଲି ପ୍ରମାଣିତ କରି ଦେଇଥିଲେ।

୧୪୪ । ସେ ନିଃସନ୍ତାନ ଥିବାରୁ ସେଥିପ୍ରତି କୌଣସି ଆକର୍ଷଣର ପ୍ରଶ୍ନ ନଥିଲା। ତାଙ୍କ ପତ୍ନୀ ଇହଧାମ ତ୍ୟାଗ କରିଥିଲେ । ନିଜର ମୃତ୍ୟୁପୂର୍ବରୁ ଜୋଗ ସନ୍ନ୍ୟାସ ଗ୍ରହଣ କରିଥିଲେ ଓ ସହଜରେ ନିରାସକ୍ତ ହୋଇଯାଇଥିଲେ।

୧୪୫ । ଏହି ଜୋଗ ମଧ୍ୟ ଭାଗ୍ୟବାନ ଥିଲେ ଓ ବାବାଙ୍କ ବାଣୀ ସତ୍ୟ ହୋଇଥିଲା। ଶେଷକୁ ସନ୍ନ୍ୟାସୀ ହୋଇ ସେ ବ୍ରହ୍ମରେ ଲୀନ ହୋଇଥିଲେ।

୧୪୬। ଶ୍ରୀସାଇ ଯାହାସବୁ କହିଥିଲେ, ସେସବୁ ଅବଶେଷରେ ଘଟିଥିଲା । ଏହା ଫଳରେ ସେ ଠିକ୍ ଅବସ୍ଥାରେ ପହଞ୍ଚିଥିଲେ । ଶ୍ରୀସାଇଙ୍କର କଥା ପ୍ରତିପାଦିତ ହୋଇଥିଲା। ପ୍ରକୃତରେ ଜୋଗ ଭାଗ୍ୟବାନ ଥିଲେ !

୧୪୭ । ସଂକ୍ଷେପରେ କହିଲେ, ବାବା ଯନ୍ତ୍ରଣାଜର୍ଜରିତ ଓ ଦୀନଦୁଃଖୀଜନଙ୍କ ପ୍ରତି ଦୟାର୍ଦ୍ର ଥିଲେ ଏବଂ ଭକ୍ତମାନଙ୍କର ମଙ୍ଗଳ ନିମନ୍ତେ ସଦା ଉତ୍କଣ୍ଠିତ ଥିଲେ। ସେ ସେମାନଙ୍କୁ ସର୍ବଦା ଶିରିଡ଼ିରେ ପ୍ରଚୁର ଜ୍ଞାନାମୃତ ପ୍ରଦାନ କରୁଥିଲେ। ଏକଥା ଶୁଣନ୍ତୁ ।

୧୪୮ । "ଯେଉଁମାନେ ମୋତେ ଅଧିକ ଭଲ ପାଇଥାନ୍ତି, ସେମାନେ ମୋତେ ସବୁବେଳେ ଆଖି ସାମନାରେ ଦେଖିଥାନ୍ତି। ମୋ ବିନା ସେମାନଙ୍କ ଦୁନିଆ ନିର୍ଜନ । ସେମାନଙ୍କ ଜିହ୍ୱାରେ କେବଳ ମୋରି କଥା ହିଁ ରହିଥାଏ।

୧୪୯ । "ସେମାନେ ମୋତେ ଅବିରତ ଧ୍ୟାନ କରିଥାନ୍ତି; ସେମାନଙ୍କ ଜିହ୍ୱାରେ ମୋରି ନାମହିଁ ଥାଏ ଓ ସେମାନେ ମୋରି ନାମ ନିରନ୍ତର ଜପ କରୁଥାନ୍ତି ଓ ସେମାନେ ଯେଉଁଠାକୁ ଯାଆନ୍ତି ବା ଆସନ୍ତି, ସେଠାରେ ମୋରି ଗୁଣ କୀର୍ତ୍ତନହିଁ କରନ୍ତି।

୧୫୦ । "ଯେଉଁମାନେ ମୋ ମଧ୍ୟରେ ଏମିତି ନିମଜ୍ଜିତ ହୋଇ ରହିଥାନ୍ତି, ସେମାନେ ସେମାନଙ୍କର ସମସ୍ତ କୃତାକୃତ କର୍ମକୁ ଭୁଲି ଯାଇଥାନ୍ତି ଓ ଯେଉଁଠାରେ ସେମାନେ ମୋର ସେବା କରିବାକୁ ଭକ୍ତି ସହକାରେ ଅପେକ୍ଷା କରିଥାନ୍ତି, ମୁଁ ସେଠାରେ ସେମାନଙ୍କ ସାଙ୍ଗରେ ସବୁବେଳେ ରହିଥାଏ।

୧୫୧ । "ଯିଏ ମୋର ସମ୍ପୂର୍ଣ୍ଣ ଶରଣାଗତ ହୋଇ ମୋତେ ନିରନ୍ତର ଜପ କରୁଥାଏ, ମୁଁ ତାହା ନିକଟରେ ଋଣୀ ହୋଇ ରହିଥାଏ ଓ ତାହାକୁ ଉଦ୍ଧାର କରି ସେହି ଋଣ ପରିଶୋଧ କରିଥାଏ।

୧୫୨ । "ଯିଏ ମୋତେ ଆଗେ ଅର୍ପଣ ନକରି କୌଣସି ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରେ ନାହିଁ ଓ ମୋତେ ସବୁବେଳେ ଧ୍ୟାନ କରୁଥାଏ, ମୁଁ ତା' ପାଖରେ ବାନ୍ଧି ହୋଇରହିଯାଏ। ମୁଁ ତା'ର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିଥାଏ।

୧୫୩। "ଯିଏ ମୋତେ ସବୁବେଳେ ଚାହୁଁଥାଏ ଓ ତା'ପାଖରେ ମୋ ସହିତ ସରିହେବାକୁ ଆଉ କେହିନଥାନ୍ତି, ମୁଁ ତା'ର ନିରନ୍ତର ଯତ୍ନ ନେଇଥାଏ ।

୧୫୪। "ପିତା, ମାତା, ଜ୍ଞାତି, କୁଟୁମ୍ବ, ମିତ୍ର, ପତ୍ନୀ ଓ ପୁତ୍ରଙ୍କୁ ତ୍ୟାଗ କରିଥିବା ବ୍ୟକ୍ତିହିଁ ମୋ ଚରଣରେ ଜଡ଼ିତ ହୋଇଥାଏ ।

୧୫୫ । "ବର୍ଷାଦିନେ ଅନେକ ନଦୀର ବନ୍ୟାଜଳ ସମୁଦ୍ର ସହିତ ମିଶିଯାଇ ନିଜର ଅସ୍ତିତ୍ୱକୁ ହଜାଇ ଦେଇଥାନ୍ତି। ସେମାନେ ସମୁଦ୍ର ସହିତ ଏକାକାର ହୋଇଯାଇଥାନ୍ତି।

୧୫୬।"ରୂପ ଓ ନାମ ଲିଭି ଯାଇଥାଏ। ନଦୀ ଜଳ ସମୁଦ୍ରଗର୍ଭରେ ମିଶିଯାଇଥାଏ। ନଦୀ ଓ ସମୁଦ୍ର ଏକାକାର ହୋଇଥାଏ। ଏକତ୍ୱ ମଧ୍ୟରେ ଦ୍ୱୈତଭାବ ବିଲୀନ ହୋଇଯାଏ ।

୧୫୭ । "ଏଭଳି ଏକତ୍ୱ ଲାଭ କଲାପରେ ମନ ମଧ୍ୟରୁ

ନାମ ଓ ରୂପ ଭୁଲି ହୋଇଯାଇଥାଏ। ସେ ସ୍ୱାଭାବିକ ଭାବରେ ମୋତେ ହିଁ ଦେଖିଥାଏ। କାରଣ ମୋ ବ୍ୟତୀତ ଅନ୍ୟ କୌଣସି ସ୍ଥାନ ତା'ପାଇଁ ରହିନଥାଏ।

୧୫୮। "ମୁଁ ପରଶମଣି[୩] ନୁହେଁ, ଖଣ୍ଡିଏ ପ୍ରସ୍ତର ମାତ୍ର। ଏକଥା ଲୋକଙ୍କୁ ଶିଖାଇବା ପାଇଁ ଅବଧାନମାନେ ଫମ୍ପା ଆବାଜ ଦେଇଛନ୍ତି ଓ ଲୌହଖଣ୍ଡମାନ ଆଣିଛନ୍ତି।

୧୫୯। "ସେହି ଲୌହଖଣ୍ଡମାନ ମୋ ସହିତ ଧକ୍କା ଖାଇବା ପରେ ସୁନା ହୋଇଯାଉଥିବାରୁ ମୁଁ ପ୍ରସ୍ତର ବୋଲି ଦାବୀ ମିଥ୍ୟା ପ୍ରମାଣିତ ହୁଏ। ଏହା ଏକ ଅଦ୍ୱିତୀୟ ଅନୁଭୂତି।

୧୬୦। "ତୁମ ହୃଦୟରେ ମୁଁ ରହିଥିବା ହେତୁ ସମସ୍ତ ଗର୍ବ, ଅହଙ୍କାର ପରିତ୍ୟାଗ କରି ମୋ ନିକଟରେ ଶରଣାଗତ ହୁଅ। ସାଙ୍ଗେ ସାଙ୍ଗେ ଅଜ୍ଞତା ନାଶ ହେବ ଓ କୌଣସି ଜ୍ଞାନୋପଦେଶ ଶୁଣିବାର କୌଣସି ଆବଶ୍ୟକତା ପଡ଼ିବ ନାହିଁ।

୧୬୧। "ଅଜ୍ଞତାରୁ ଶରୀରବୋଧ ଜାତ ହୋଇଥାଏ ଓ ଏହା ଦୁଃଖଶୋକ ବା ଅସୁସ୍ଥତା ଆଡ଼କୁ ଘେନିଯାଏ ।। ତାହା ଆଚରଣବିଧିକୁ ଅମାନ୍ୟ କରିବାକୁ ପ୍ରବର୍ତ୍ତାଇଥାଏ ଓ ତଦ୍ଦ୍ୱାରା ଆତ୍ମୋପଲବ୍ଧି ପଥରେ ବାଧା ଆସିଥାଏ।

୧୬୨। "ତୁମେ ପଚାରିପାର ମୁଁ ବର୍ତ୍ତମାନ କେଉଁଠି ଓ ମୋ ସହିତ ତୁମର କେମିତି ଦେଖାହେବ ? ମୁଁ ତୁମ ହୃଦୟ ମଧ୍ୟରେ ରହିଛି ଓ ଆମେ ଅନାୟାସରେ ପରସ୍ପରକୁ ଦେଖାସାକ୍ଷାତ କରିପାରିବା।

୧୬୩। "ତୁମେ ପଚାରିପାର ହୃଦୟରେ କିଏ ଅଛନ୍ତି ଓ କିପରି ? ତାଙ୍କର ଗୁଣାବଳୀ କ'ଣ ? ତାଙ୍କର ପରିଚୟ କ'ଣ ଓ ତାଙ୍କୁ କିପରି ଚିହ୍ନିହେବ ?

୧୬୪। "ତେବେ ଧୀରସ୍ଥିର ଚିତ୍ତରେ ସମ୍ପୂର୍ଣ୍ଣ ଧ୍ୟାନଦେଇ ହୃଦୟ ମଧ୍ୟରେ କିଏ ବାସ କରୁଛନ୍ତି ଓ କାହା ନିକଟରେ ଶରଣାଗତ ହେବାକୁ ହେବ, ପରିଷ୍କାର ଭାବରେ ଶୁଣ।

୧୬୫। "ସୃଷ୍ଟିରେ ବିଭିନ୍ନ ନାମ ଓ ରୂପଧାରୀ ଅସଂଖ୍ୟ ପଦାର୍ଥ ରହିଛନ୍ତି। ତାହାକୁ କେହି ଗଣିପାରିବେ ନାହିଁ । ସମସ୍ତେ ମାୟାର ରୂପ।

୧୬୬। "ଠିକ୍ ସେହିଭଳି ସତ୍ୟର ସ୍ପନ୍ଦନ ଯାହା 'ସତ୍ତ୍ୱ, ରଜ ଓ ତମ' ଗୁଣଠାରୁ ଉର୍ଦ୍ଧ୍ୱରେ, ତାହାହିଁ ପ୍ରକୃତରେ ସେହି ଏକକଙ୍କ ରୂପ ଯିଏ ହୃଦୟ ମଧ୍ୟରେ ସ୍ଥାନିତ ହୋଇ ରହିଛନ୍ତି।

୧୬୭। "ସେହି ନାମ ଓ ରୂପହୀନ ଅବସ୍ଥା, ଯାହା ତୁମ ନିଜର ସାରତତ୍ତ୍ୱ ତାହା ହେଉଛି ପ୍ରକୃତରେ ସେହି ଏକକଙ୍କ ସୂଚନା, ଯିଏ ହୃଦୟ ମଧ୍ୟରେ ସ୍ଥାନିତ ହୋଇ ରହିଛନ୍ତି । ଏହା ଜାଣି ତାଙ୍କର ଶରଣାଗତ ହୁଅନ୍ତୁ।

୧୬୮। "ମୁଁ ହିଁ 'ସେ' ଓ 'ତୁମେ' ବୋଲି ଧାରଣା ପୋଷଣ କରିବାକୁ ହେବ। ଏହି ପରିଚିତିର ଧାରଣା ଜୀବଜଗତରେ ବିସ୍ତାରିତ ହୋଇଗଲେ ନିଜ ନିଜ ଆତ୍ମାର ବଳିଷ୍ଠ ସାରତତ୍ତ୍ୱ ପ୍ରକଟିତ ହେବ । ମୋ ବ୍ୟତୀତ ଅନ୍ୟ କାହାରି ବା ଅନ୍ୟ କିଛିର ସ୍ଥାନ ସେଠି ନାହିଁ।

୧୬୯। "ନିରନ୍ତର ଅଭ୍ୟାସ କଲେ ତୁମେ ମୋର ସର୍ବବ୍ୟାପକତାକୁ ଅନୁଭବ କରିପାରିବ। ତାହା ଦ୍ୱାରା ତୁମେ ମୋ ସହିତ ଏକୀଭୂତ ହୋଇପାରିବ ଓ ମୋ ବ୍ୟତୀତ ଅନ୍ୟ କିଛି ନାହିଁ ବୋଲି ଅନୁଭବ କରିବ।

୧୭୦। "ତୁମେ ପରମାତ୍ମାଙ୍କ ସହିତ ଏକ ହୋଇପାରିବ ଓ ତୁମର ହୃଦୟ ପବିତ୍ର ହୋଇଯିବ। ଗଙ୍ଗାଜଳ ନଥିଲେ ବି ତୁମେ ଗଙ୍ଗାସ୍ନାନ କରିପାରିବ (ଅର୍ଥାତ୍, ତୁମେ ପବିତ୍ର ହୋଇପାରିବ)।

୧୭୧। "ଜ୍ଞାନୀଜନ ସାଂସାରିକ ସାଫଲ୍ୟର ଗର୍ବରେ କାଳେ ବାନ୍ଧିହୋଇଯିବେ ସେଥିନେଇ ସର୍ବଦା ସାବଧାନ ରହିଥାନ୍ତି ଓ ତାହାକୁ ପ୍ରଭାବୀ କରାଇ ଦେଇନଥାନ୍ତି।

୧୭୨।"ଯିଏ ଅବିଚଳିତ ଓ ଏକାଗ୍ର ଚିତ୍ତରେ ନିଜର ଆତ୍ମାକୁ ଧ୍ୟାନ କରିଥାନ୍ତି, ତାଙ୍କ ନିମନ୍ତେ ସମାଧିକୁ ଯିବା ବା ସମାଧିରୁ ବାହାରିବା,ଏହି ଉଭୟର ଆବଶ୍ୟକତା ନାହିଁ।"

୧୭୩। ତେଣୁ ମୁଁ ଶ୍ରୋତାମାନଙ୍କ ପାଦତଳେ ମୋର ପ୍ରଣତି ଜଣାଇ ବିନୀତ ଭାବରେ ଅନୁରୋଧ କରୁଛି ଯେ ସେମାନେ ଅତ୍ୟନ୍ତ ଆନ୍ତରିକତା ସହକାରେ ସମସ୍ତଙ୍କୁ, ଅର୍ଥାତ୍ ଦେବତା, ସନ୍ଥ, ଭକ୍ତ ଓ ଅନ୍ୟମାନଙ୍କୁ ଶ୍ରଦ୍ଧା କରନ୍ତୁ।

୧୭୪। ବାବା ବାରମ୍ବାର କହିଥିଲେ, "ଯଦି ଜଣେ ଅନ୍ୟଜଣକୁ ଅପମାନ ହେଲାଭଳି କଥା କହେ ବା କାମ କରେ, ସେ ମୋତେ ଆଘାତ ଦେଇ ମୋର ହୃଦୟକୁ ବିଦୀର୍ଣ୍ଣ କରେ।

୧୭୫। "ଯିଏ ଅନ୍ୟଜଣକୁ କଟୁ କଥା କହେ, ସେ ତତ୍‌କ୍ଷଣାତ୍ ମୋତେ ଆଘାତ ଦେଇଥାଏ। କିନ୍ତୁ ଜଣେ ଯଦି ବହୁ ସମୟ ଧରି ଧୈର୍ଯ୍ୟର ସହିତ ଅପମାନକୁ

ସହ୍ୟକରିପାରେ, ମୁଁ ବହୁତ ଖୁସି ହୋଇଥାଏ।"
୧୭୬। ସମଗ୍ର ସୃଷ୍ଟିରେ ଶ୍ରୀସାଇ ସର୍ବବ୍ୟାପୀ ଓ ସେ ଶ୍ରଦ୍ଧା ବ୍ୟତୀତ ଅନ୍ୟ କିଛି ଚାହାନ୍ତି ନାହିଁ।
୧୭୭। ଏହିଭଳି ମହାଶୁଭଙ୍କର ଅମୃତୋପମ ଉପଦେଶ ଶ୍ରୀସାଇଙ୍କ ମୁଖରୁ ସଦାସର୍ବଦା ନିଃସୃତ ହେଉଥିଲା। ତାଙ୍କର ଭକ୍ତମାନଙ୍କ ପ୍ରତି ଅସୀମ ଶ୍ରଦ୍ଧା ରହିଥିଲା। ଆଉ କେଉଁ ଭାଗ୍ୟବାନ ତାହା ଜାଣି ନଥିଲେ ?
୧୭୮। ଯେଉଁମାନେ ତାଙ୍କ ସାଙ୍ଗରେ ଖାଇବା, ପିଇବା, ହସଖୁସି ହେବା ଓ ଥଟାମଜା କରିବାର ବିଶେଷ ସୁଯୋଗ ପାଉଥିଲେ, ସେମାନେ ତାଙ୍କର ଦେହତ୍ୟାଗ ଯୋଗୁ ଶୋକଗ୍ରସ୍ତ ହେବାପରେ କ'ଣ ଅନୁଭବ କରିଥିବେ ?
୧୭୯। ମୁଁ କେବଳ ଜ୍ଞାନୀଜନଙ୍କଠାରୁ ଏହି ବଳକା ଅମୃତ ସଂଗ୍ରହ କରିଛି। କିନ୍ତୁ ପ୍ରତ୍ୟେକ ବୁନ୍ଦାକୁ ସଂଗ୍ରହ କରି ତାହାକୁ ଆନନ୍ଦରେ ବିତରଣ କରୁଛି।
୧୮୦। ଏପର୍ଯ୍ୟନ୍ତ ବର୍ଣ୍ଣନା କରାଯାଇଥିବା ସମସ୍ତ କାହାଣୀ ପାଇଁ ହେମାଡ଼ପନ୍ତଙ୍କୁ ଶ୍ରେୟ ଦିଆଯିବ କି ? ଶ୍ରୀସାଇ ସମର୍ଥ ହିଁ ସେସବୁ କାହାଣୀର ବକ୍ତା, ରଚୟିତା ଓ ସେସବୁ କାହାଣୀକୁ ସେ ହାତଧରି ଲେଖାଇ ନେଉଛନ୍ତି।
୧୮୧। ଶ୍ରୀସାଇ ସମର୍ଥଙ୍କର ଏହି କାହାଣୀ ବର୍ଣ୍ଣନାରେ ମୁଁ ସନ୍ତୁଷ୍ଟ ନୁହେଁ। ମୁଁ କେବଳ ଏଥିରେ ମଜ୍ଜିରହିଛି ଓ ଶ୍ରୋତାମାନେ ମଧ୍ୟ ଆନନ୍ଦରେ ଶୁଣୁଛନ୍ତି।
୧୮୨। ତାହା ବ୍ୟତୀତ ଯେଉଁମାନେ ଶ୍ରୀସାଇଙ୍କର ଗୁଣକୀର୍ତ୍ତନ କରିଥାନ୍ତି, କିମ୍ବା ତାହାକୁ ପ୍ରକୃତ ବିଶ୍ୱାସ ସହକାରେ ଶୁଣିଥାନ୍ତି, ଉଭୟେ ଶ୍ରୀସାଇଙ୍କ ସହିତ ଏକ ହୋଇ ଯାଇଥାନ୍ତି। ଏହାକୁ ନିଶ୍ଚିତ ଭାବରେ ମନେ ରଖନ୍ତୁ।
୧୮୩। ବର୍ତ୍ତମାନ ହେମାଡ଼ ଏହି ଅଧ୍ୟାୟ ସମାପ୍ତ କରୁଛି ଓ ଶ୍ରୀସାଇଙ୍କ ପାଦତଳେ ଶ୍ରଦ୍ଧା ସହକାରେ ନିଜକୁ ସମର୍ପଣ କରୁଛି।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇନାଥଙ୍କ ଦେହତ୍ୟାଗ (୩)" ଶୀର୍ଷକ ଚତୁଶ୍ଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଥରେ ଶ୍ରୀସାଇବାବାଙ୍କର ଭକ୍ତ ଶ୍ରୀ ମୋରେଶ୍ୱର ସାଠେ ବାବାଙ୍କ ପୂଜା କରିବାକୁ ଶିରିଡ଼ି ଆସିବା ପାଇଁ ଆଗ୍ରହୀ ଥିଲେ। କିନ୍ତୁ ଘରୁ ବାହାରିବାର ଦୁଇଦିନ ପୂର୍ବରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ ଓ ଆସିପାରିନଥିଲେ। ସେ ଅତ୍ୟନ୍ତ ଦୁଃଖିତ ହୋଇଥିଲେ ଓ ରାତ୍ରିରେ ଶୋଇ ପାରିନଥିଲେ। ଯେଉଁଦିନ ପୂଜା କରିବା ପାଇଁ ସେ ସ୍ଥିର କରିଥିଲେ, ସେଦିନ ତାଙ୍କୁ ସକାଳ ପର୍ଯ୍ୟନ୍ତ ନିଦ ଲାଗିଯାଇଥିଲା। ନିଦରେ ମହାରାଜ ତାଙ୍କୁ ଦର୍ଶନ ଦେଇ ଦକ୍ଷିଣା ମାଗିଥିଲେ। ନିଦ ଭାଙ୍ଗିଯିବା ପରେ ସେ ଉଠିଥିଲେ ଓ ସେତେବେଳେ ସୁସ୍ଥ ଏବଂ ଆନନ୍ଦ ଅନୁଭବ କରିଥିଲେ। ମହାରାଜ ଦେହତ୍ୟାଗ କରିଯାଇଥିଲେ ମଧ୍ୟ ସେ ଭକ୍ତମାନଙ୍କର ଦୁଃଖଦୁର୍ଦ୍ଦଶାକୁ କୌଣସି ନା କୌଣସି ପ୍ରକାରରେ ଉପଶମ କରୁଥିଲେ।

୨- ବାଲାସାହେବ ଭଟେ ବାବାଙ୍କୁ ସବୁବେଳେ ଥଟା କରି 'ପାଗଳା ଫକୀର' ବୋଲି ଡାକୁଥିଲେ। ପରେ ସେ ବାବାଙ୍କର ଏଭଳି ନିଷ୍ଠାପର ଭକ୍ତ ପାଲଟି ଯାଇଥିଲେ ଯେ ଚାକିରିରୁ ଅବସର ନେଇ ଶିରିଡ଼ିରେ ସବୁଦିନ ପାଇଁ ରହିଯାଇଥିଲେ।

୩- ଯେଉଁ ପଥରର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ।

ଶ୍ୟାମରାଓ ଜୟକର

ଶ୍ୟାମରାଓ ଜୟକର ମସ୍‌ଜିଦରେ ଥିବା ବାବାଙ୍କର ସୁନ୍ଦର ଚିତ୍ରପଟଟିକୁ ଅଙ୍କନ କରିଥିଲେ। ଏହା ଅତ୍ୟନ୍ତ ମନୋମୁଗ୍ଧକର ଓ ବାବାଙ୍କୁ ନିରନ୍ତର ମନେ ପକାଇ ଦେଇଥାଏ। (୪୪ଶ ଅଧ୍ୟାୟ, ପଂକ୍ତି ୧୨୭)

ବାଲାସାହେବ ଭଟେ

ତା'ପରେ ତ୍ରୟୋଦଶୀ କ୍ରିୟାକର୍ମ ଭକ୍ତମାନଙ୍କ ମଧ୍ୟରେ ରତ୍ନତୁଲ୍ୟ ବାଲାସାହେବ ସମ୍ପାଦନ କରିଥିଲେ । ଏଥିରେ ସେ ଗ୍ରାମର ବ୍ରାହ୍ମଣମାନଙ୍କ ସାହାଯ୍ୟ ନେଇଥିଲେ ।(୪୪ଶ ଅଧ୍ୟାୟ, ପଂକ୍ତି ୧୧୯)



ଉପାସନୀ ବାବା

॥ ୪୫ ॥
ଶ୍ରୀଗୁରୁପଦର ମାହାତ୍ମ୍ୟ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତି ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଚକିରେ ଗହମ ପେଷିବା ଭଳି ଏକ ସାମାନ୍ୟ ଘଟଣାରୁ ଯିଏ ତାଙ୍କର ନିଜ କାହାଣୀ ଲେଖିବା ପାଇଁ ପ୍ରେରଣା ଦେଇଥିଲେ, ତାଙ୍କର କୌଶଳ କିଭଳି ବିସ୍ମୟକର ! ସେ ଏହିଭଳି ଲୋକମାନଙ୍କୁ ସତ୍‌ପଥକୁ ଆଣୁଥିଲେ ।

୨ । ଜୀବନର ପରମ ଲକ୍ଷ୍ୟ ସାଧନ, ଅର୍ଥାତ୍ ମୋକ୍ଷଲାଭ କରିବା ଅପେକ୍ଷା ଗୁରୁପଦସେବା ଅଧିକ ମହତ୍ତର । ଏଭଳି ଜଣେ ଗୁରୁଙ୍କର ପଦତୀର୍ଥ ଜଳ ପାନକଲେ ଅଗୋଚରରେ ମୋକ୍ଷପ୍ରାପ୍ତି ହୁଏ ।

୩ । ଗୁରୁ ଦୟାଶୀଳ ହୋଇଥିଲେ ଜୀବନ ଆନନ୍ଦରେ ଭରି ଯାଇଥାଏ । ଅସମ୍ଭବ ସମ୍ଭବ ହୋଇଥାଏ । ସେ କ୍ଷଣକ ମଧ୍ୟରେ ତୁମକୁ ଭବସାଗର ପାର କରାଇ ଦେଇପାରନ୍ତି ।

୪ । ଏ ଗ୍ରନ୍ଥର କଳେବର ବେଶ୍ ବୃଦ୍ଧି ପାଇଥିଲେ ମଧ୍ୟ ମୁଁ ସମସ୍ତ କାହାଣୀ ସଂକ୍ଷେପରେ ବର୍ଣ୍ଣନା କରିଛି । ସାଇମହିମା ଅକଳନୀୟ, ତାହା କିପରି ମୁଁ ପର୍ଯ୍ୟାପ୍ତ ଭାବରେ ବର୍ଣ୍ଣନା କରିପାରିବି ?

୫ । ଶ୍ରୀସାଇଙ୍କର ଯେଉଁ ସସୀମ ରୂପକୁ ଦର୍ଶନ କଲେ ସର୍ବଦା ସନ୍ତୋଷ ଆସୁଥିଲା, ଯାହାଙ୍କର ସାହଚର୍ଯ୍ୟ ଆନନ୍ଦ ପ୍ରଦାନ କରୁଥିଲା ଓ ଯିଏ ସାଂସାରିକ ଜୀବନର ଭୟ ଦୂରକରିଦେଉଥିଲେ, ସିଏ ଚାଲିଯାଇଛନ୍ତି ।

୬ । ଶ୍ରୀସାଇଙ୍କର ସେହି ସସୀମ ରୂପ, ଯାହା ଭକ୍ତମାନଙ୍କୁ ଆଧ୍ୟାତ୍ମିକ ପଥକୁ ଟାଣି ଆଣୁଥିଲା, ସେମାନଙ୍କୁ ମୋହମାୟାରୁ ମୁକ୍ତ କରୁଥିଲା ଓ ଯାହାଙ୍କ ଯୋଗୁଁ ଆତ୍ମମାନଙ୍କର ସର୍ବୋତ୍ତମ, ସର୍ବଶ୍ରେଷ୍ଠ କଲ୍ୟାଣ ସାଧିତ ହୋଇଥିଲା, ସେ ଚାଲିଯାଇଛନ୍ତି ।

୭ । ଶ୍ରୀସାଇଙ୍କର ସେହି ସସୀମ ରୂପ, ଯାହାଙ୍କ ଯୋଗୁ ସାଂସାରିକ ଭୟ ନଥିଲା, ଯାହାଙ୍କ ଯୋଗୁଁ ସତ୍‌ଆଚରଣ ଜାଗ୍ରତ ହୋଇଥିଲା ଓ ଯାହାଙ୍କ ଯୋଗୁଁ ଆପଦବିପଦ ସମୟରେ ଆମର ମନ ଅବିଚଳିତ ରହୁଥିଲା, ସେ ଚାଲିଯାଇଛନ୍ତି ।

୮ । ଶ୍ରୀସାଇ ତାଙ୍କର ରୂପକୁ ଆମ ମନର ଗଭୀରରେ ଛାପି ଦେଇ ଓ ତାଙ୍କର ଅବତାର ଶେଷ କରି ନିଜ ଆବାସକୁ ବାହୁଡ଼ି ଯାଇଛନ୍ତି । ତାଙ୍କର ସେହି ଅଚିନ୍ତନୀୟ ଅବସ୍ଥାକୁ ଯୋଗଦ୍ୱାରା ପ୍ରାପ୍ତ କରିହୁଏ ।

୯ । ଅବତାରଙ୍କର ଉଦ୍ଦେଶ୍ୟ ସମାପ୍ତ ହେବାପରେ ସେହି କ୍ଷୟଶୀଳ ରୂପ ଚାଲିଯାଇଛି । ତଥାପି ଏହି ଗ୍ରନ୍ଥ ପ୍ରତି ପଦପାତରେ ଆମକୁ ତାଙ୍କ ସମ୍ପର୍କରେ ମନେ ପକାଇଦେଉଛି ।

୧୦। ଏହା ବ୍ୟତୀତ ତାଙ୍କର କାହାଣୀଗୁଡ଼ିକୁ ଶୁଣିବା ଦ୍ୱାରା ମନରେ ମିଳୁଥିବା ଶାନ୍ତି ଓ ମନର ଏକାଗ୍ରତା ଅବର୍ଣ୍ଣନୀୟ।

୧୧। ସମସ୍ତ ଶ୍ରୋତା ଅତ୍ୟନ୍ତ ଜ୍ଞାନୀ ଓ ସେମାନଙ୍କ ତୁଳନାରେ ମୁଁ ନିହାତି ଅଜ୍ଞ । ତଥାପି ଶ୍ରୀସାଇଙ୍କର ଏହି କଥାବଳୀକୁ ଭକ୍ତି ଓ କୃତଜ୍ଞତା ସହକାରେ ଶ୍ରବଣ କରନ୍ତୁ।

୧୨। ଏହି କଥାଯଜ୍ଞ ଅତ୍ୟନ୍ତ କଲ୍ୟାଣକର । ମୋଭଳି ଅଜ୍ଞବ୍ୟକ୍ତିକୁ ବ୍ୟବହାର କରି ସେ ତାଙ୍କର ନିଜର କାର୍ଯ୍ୟ କରାଇନେଉଛନ୍ତି। ଶ୍ରୋତାମାନଙ୍କୁ ଏ ବିଷୟ ଜଣାଅଛି।

୧୩। ଶ୍ରୀସାଇଙ୍କ ପାଦତଳେ ପ୍ରଣାମ କରି ଯିଏ ଏହି କାହାଣୀକୁ ଏକାଗ୍ରଚିତ୍ତରେ ଶ୍ରବଣ କରିବ, ସେ ଏହାକୁ ସର୍ବାଧିକ ଶୁଭଙ୍କର ତଥା ପରମ ପାବନକ ବୋଲି ଜାଣିପାରିବ।

୧୪। ଯେଉଁ ଭକ୍ତଙ୍କର ପ୍ରକୃତ ଭକ୍ତି ରହିଛି ଓ ସ୍ୱଂୟସିଦ୍ଧି ନିମିତ୍ତ ହୃଦୟରେ ଇଚ୍ଛା ରହିଛି, ସେ ମନଧ୍ୟାନ ଦେଇ ଶୁଣି କାହାଣୀର ଅମୃତ ଆସ୍ୱାଦନ କରିବେ।

୧୫। ସେବା ବ୍ୟର୍ଥ ଯାଏ ନାହିଁ। ପାର୍ଥିବ ଲାଭ ହେଉ କିମ୍ବା ଆଧ୍ୟାତ୍ମିକ ଉନ୍ନତି ହେଉ, ଭକ୍ତଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସେ ସାଧନ କରନ୍ତି ଏବଂ ଅବଶେଷରେ ଜୀବନର ଅଭିଳାଷ ପୂରଣ କରିବାରେ ସାହାଯ୍ୟ କରନ୍ତି ।

୧୬। ଏହି ଗ୍ରନ୍ଥର ଚତୁଶ୍ଚତ୍ୱାରିଂଶତ୍ ଅଧ୍ୟାୟରେ ଶ୍ରୀସାଇଙ୍କର ଦେହତ୍ୟାଗ ସମ୍ବନ୍ଧରେ କୁହାଯାଇଅଛି। ତଥାପି ବହି ଲେଖା ଚାଲିଛି, ମୁଁ ଏହି ଅଦ୍ଭୁତ କାଣ୍ଡ ସମ୍ପର୍କରେ କିଛି ବୁଝିପାରୁନାହିଁ।

୧୭। ଗତ ଅଧ୍ୟାୟରେ ଶ୍ରୀସାଇନାଥଙ୍କର ଦେହତ୍ୟାଗ ସମ୍ବନ୍ଧରେ ବର୍ଣ୍ଣନା ଯଥାରୀତି ସମ୍ପୂର୍ଣ୍ଣ କରାଯାଇଥିଲା। ତଥାପି ଶ୍ରୀସାଇଲୀଳାର ବୁଢ଼ିଆଣୀ ଜାଲ କ୍ଷଣେମାତ୍ର ବନ୍ଦ ନରହି ଚାଲୁରହିଛି।

୧୮। ପ୍ରକୃତରେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଏହି ସାଇ ଜନ୍ମ ଓ ମୃତ୍ୟୁର ଊର୍ଦ୍ଧ୍ୱରେ । କେବଳ ମାତ୍ର ଦେହତ୍ୟାଗ କରିଛନ୍ତି। ସେ ପୂର୍ବଭଳି ଅରୂପ ଭାବରେ ରହିଛନ୍ତି।

୧୯। ଶରୀର ଚାଲିଯାଇଛି ଓ ରୂପବି ଚାଲିଯାଇଛି। ଆତ୍ମା ପୂର୍ବଭଳି ରହିଛି। ତାଙ୍କ ଦେହତ୍ୟାଗ ପରେ ମଧ୍ୟ ଲୀଳା ଲାଗି ରହିଛି। ସମସ୍ତେ ସେକଥା ଜାଣିଛନ୍ତି।

୨୦। ଏଭଳି ଲୀଳାର ମଧ୍ୟ ଶେଷ ନାହିଁ ଓ ସେସବୁ କଥା ବର୍ଣ୍ଣନା କଲେ ଏ ଗ୍ରନ୍ଥର କଳେବର ବହୁତ ବୃଦ୍ଧି ପାଇଥାନ୍ତା । ତେଣୁ ତାହାକୁ ଏଡ଼ାଇବା ପାଇଁ ଆମେ କେବଳ ସାରକଥା ତହିଁରୁ ସଂଗ୍ରହକରି ସସମ୍ମାନେ ଶ୍ରୋତାମାନଙ୍କୁ ଅର୍ପଣ କରିଛୁ।

୨୧। ଶ୍ରୀସାଇ ନିଜେ ଅବତରିଥିବା ସମୟରେ ଆମେ ତାଙ୍କର ସାହଚର୍ଯ୍ୟ କେଡ଼େ ସହଜରେ ପାଇଥିଲୁ! ସେ ଦୃଷ୍ଟିରୁ ଆମ୍ଭେମାନେ କେତେ ଭାଗ୍ୟବାନ ଥିଲୁ!

୨୨। ଯଦି ଆମେ ସଂସାରର ଆସକ୍ତି ଛାଡ଼ିନଥାନ୍ତୁ କିମ୍ବା ପ୍ରଭୁଙ୍କୁ ଗଭୀର ଭକ୍ତି କରିପାରିନଥାନ୍ତୁ, ତାହା କେତେ ଅସମ୍ମାନଜନକ ହୋଇଥାନ୍ତା!

୨୩। ସମସ୍ତ ଇନ୍ଦ୍ରିୟଙ୍କୁ ନିୟନ୍ତ୍ରିତ କରି ଶ୍ରୀସାଇଙ୍କୁ ଭକ୍ତି କରିବା ହିଁ ପ୍ରକୃତ ପୂଜା । ତାଙ୍କର ମୂର୍ତ୍ତିକୁ ଦେଖିଲେ ମଧ୍ୟ ବାକ୍ ସ୍ଫୁରେ ନାହିଁ।

୨୪। କର୍ଣ୍ଣ ଶ୍ରୀସାଇ କୀର୍ତ୍ତନ ଶ୍ରବଣ କଲେ ଜିହ୍ୱା ଆମ୍ରରସ ଆସ୍ୱାଦନ କରିବା ସଦୃଶ ହୋଇଥାଏ । ଶ୍ରୀସାଇଙ୍କର ପଦସ୍ପର୍ଶ କଲେ, ଜଣେ ନରମ ଗଦିର ସ୍ପର୍ଶ ଅନୁଭବ କରିଥାଏ ଓ ତାହା ଛାଡ଼ିବାକୁ ଇଚ୍ଛା କରେନାହିଁ ।

୨୫। ଯିଏ ଶ୍ରୀସାଇଙ୍କ ନିକଟରୁ କ୍ଷଣେ ମାତ୍ର ବିଚ୍ଛେଦ ସହିପାରନ୍ତି, ତାଙ୍କୁ ପ୍ରକୃତ ସାଇଭକ୍ତ କୁହାଯିବ କି? ସେ ଯଦି ନିଜକୁ ପାର୍ଥିବ ଜଗତରୁ ମୁକ୍ତ କରିପାରନ୍ତି ନାହିଁ, ତେବେ ତାଙ୍କୁ ଶ୍ରୀସାଇଙ୍କ ପଦରେ ଜଡ଼ିତ ବୋଲି କୁହାଯାଇପାରିବ କି?

୨୬। ଯଦି ନିଜର ସ୍ୱାମୀଙ୍କ ବ୍ୟତୀତ ଅନ୍ୟ କୌଣସି ପୁରୁଷ କୌଣସି ନାରୀ ସମ୍ମୁଖରେ ଛିଡ଼ା ହୋଇଯାନ୍ତି, ତେବେ ସେ ତାଙ୍କୁ ଶ୍ୱଶୁର, ଭିଣୋଇ କିମ୍ବା ଭାଇ ଜ୍ଞାନ କରି ସମ୍ମାନ ଜଣାଇ ପ୍ରଣାମ କରିଥାନ୍ତି।

୨୭। ପତିବ୍ରତା ନାରୀଙ୍କର ହୃଦୟ ସ୍ଥିର, ଅଟଳ। ସେ କେବେ ଗୃହତ୍ୟାଗ କରନ୍ତି ନାହିଁ ଓ ସ୍ୱାମୀଙ୍କ ନିମନ୍ତେ ତାଙ୍କ ମନରେ ଅସୀମ ପ୍ରେମ ରହିଥାଏ। ଜୀବନକାଳ ମଧ୍ୟରେ ସ୍ୱାମୀ ହିଁ ତାଙ୍କର ଏକମାତ୍ର ବଳ।

୨୮। ପତିବ୍ରତା ନାରୀ ସଦ୍‌ଗୁଣସମ୍ପନ୍ନା ଓ ଧର୍ମପରାୟଣା। ସେ ତାଙ୍କ ସ୍ୱାମୀଙ୍କ ପାଖରେ ଯେମିତି କାମନା କରନ୍ତି, ସେମିତି କାମନା ନେଇ ଅନ୍ୟ କୌଣସି ପୁରୁଷକୁ କେବେ ଆଡ଼ ଆଖିରେ ଅନାନ୍ତି ନାହିଁ କି ଭେଟନ୍ତି ନାହିଁ ।

୨୯ । ତାଙ୍କ ନିମନ୍ତେ ନିଜର ସ୍ୱାମୀ ହିଁ ସବୁକିଛି ଓ ତାଙ୍କ ତୁଲ୍ୟ ଆଉ କେହି ନୁହଁନ୍ତି ବୋଲି ସେ ଦେଖିଥାନ୍ତି । ସ୍ୱାମୀଙ୍କ ନିମନ୍ତେ ତାଙ୍କ ମନରେ ଏକାନ୍ତ ପ୍ରେମ ରହିଥାଏ । ଜଣେ ଶିଷ୍ୟର ମଧ୍ୟ ଏହିପରି ଅଟଳ ପ୍ରେମ ଗୁରୁଙ୍କ ପ୍ରତି ରହିଥିବା ଆବଶ୍ୟକ ।

୩୦ । ଯଦିଓ ମୁଁ ପ୍ରତିବ୍ରତା ନାରୀର ନିଜ ସ୍ୱାମୀ ପ୍ରତି ରହିଥିବା ପ୍ରେମ ସହିତ ଶିଷ୍ୟଙ୍କର ଗୁରୁଙ୍କ ପ୍ରତି ରହିଥିବା ପ୍ରେମର ତୁଳନା କଲି, ତଥାପି ଏହା ପ୍ରକୃତରେ ଅସୀମ । ଉତ୍ତମ ଶିଷ୍ୟ ଏହାର ମହତ୍ୱ ଜାଣିଥାନ୍ତି ।

୩୧ । କାହାରି ଦୈନନ୍ଦିନ ଜୀବନରେ ଯଦି କେହି କୌଣସି ସାହାଯ୍ୟ କରିପାରୁନାହାନ୍ତି, ତେବେ ତାଙ୍କର ଆଧ୍ୟାତ୍ମିକ ବ୍ୟାପାରରେ କିଏ କ'ଣ ସାହାଯ୍ୟ କରିପାରିବ ? ପତ୍ନୀ, ଶାଳକ ବା ଜ୍ୱାଇଁଙ୍କୁ ଅଥବା ପିଲାଙ୍କର ଶାଳକ, ଶ୍ୱଶୁର ଇତ୍ୟାଦିଙ୍କୁ ମଧ୍ୟ ଏ କ୍ଷେତ୍ରରେ ବିଶ୍ୱାସ କରାଯାଇପାରିବ ନାହିଁ ।

୩୨ । ପିତା ଓ ମାତା ସ୍ନେହଶୀଳ ହେବେ; ନିଜର ପୁତ୍ରମାନେ କେବଳ ଧନସମ୍ପତ୍ତି ଓ ଉତ୍ତରାଧିକାର କଥା ଭାବିବେ, ପତ୍ନୀ କେବଳ ନିଜର ପତ୍ନୀତ୍ୱ ବଜାୟ ରଖିବାକୁ ଚାହିଁବେ । ଆଧ୍ୟାତ୍ମିକ ବ୍ୟାପାରରେ କେହି ସାହାଯ୍ୟ କରିବେ ନାହିଁ ।

୩୩ । ତେବେ କିଏ ଆଉ ବାକି ରହିଗଲେ ଯିଏ ସାହାଯ୍ୟ କଲେ ଆଧ୍ୟାତ୍ମିକ ଉନ୍ନତି କରିହେବ ? ଶେଷ ପର୍ଯ୍ୟନ୍ତ ଅନୁଶୀଳନ କଲେ କେବଳ ନିଜର ଆତ୍ମାହିଁ ବାକି ରହିଯିବ, ଯାହା ଉପରେ ଭରସା କରିହେବ ।

୩୪ । ଯିଏ ଚିରନ୍ତନ ଓ କ୍ଷୟଶୀଳ ମଧ୍ୟରେ ପ୍ରଭେଦ ଜାଣିବାପରେ, ସାଂସାରିକ ବା ଆଧ୍ୟାତ୍ମିକ କାର୍ଯ୍ୟର ଫଳାଫଳକୁ ତ୍ୟାଗ କରିବାପରେ ଏବଂ ମନ, ଇନ୍ଦ୍ରିୟ ଓ ଷଡ଼ରିପୁକୁ ନିୟନ୍ତ୍ରଣରେ ରଖିବାପରେ ମୋକ୍ଷପ୍ରାପ୍ତି ନିମନ୍ତେ ପ୍ରଚେଷ୍ଟା ଜାରି ରଖିଥାନ୍ତି, ସେଇହିଁ ଧନ୍ୟ ହୋଇଥାନ୍ତି ।

୩୫ । ତେଣୁ ଅନ୍ୟ କାହାରି ଉପରେ ନିର୍ଭର ନକରି ଓ ନିଜ ମନରେ ଦୃଢ଼ ଆତ୍ମବିଶ୍ୱାସ ରଖି ଯିଏ କର୍ମ କରିବାକୁ ସଦା ପ୍ରସ୍ତୁତ ହୋଇରହେ, ସେ ନିଶ୍ଚିତ ଭାବରେ ଆଧ୍ୟାତ୍ମିକତା ଲାଭ କରିଥାଏ ।

୩୬ । ବ୍ରହ୍ମ ଚିରନ୍ତନ, ଜଗତ କ୍ଷଣିକ । ଗୁରୁହିଁ ପ୍ରକୃତ ବ୍ରହ୍ମ । କ୍ଷଣିକ ବସ୍ତୁକୁ ପୂରା ତ୍ୟାଗକରି କେବଳ ଗୁରୁଙ୍କ ଉପରେ ଏକାଗ୍ର ଚିତ୍ତ ହୁଅନ୍ତୁ । ଏହି ସ୍ଥିରତା ଅନୁଭବହିଁ ଆଧ୍ୟାତ୍ମିକତା ଲାଭ କରିବାର ମାଧ୍ୟମ ।

୩୭ । କ୍ଷଣିକ ବସ୍ତୁଗୁଡ଼ିକୁ ତ୍ୟାଗ କରିଦେଲେ ଅନାସକ୍ତି ଜନ୍ମ ନିଏ । ସଦ୍‌ଗୁରୁହିଁ ବ୍ରହ୍ମ, ଯିଏ ପରମ ଆନନ୍ଦର ସାଗର । ପ୍ରଭୁ ସକଳ ଘଟରେ ବିଦ୍ୟମାନ ବୋଲି ବିଶ୍ୱାସ ଉଭବ ହୁଏ । ଏହାକୁ ଏକାତ୍ମ ପୂଜା ବୋଲି କୁହାଯାଏ ।

୩୮ । ଜାଣିରଖନ୍ତୁ ଯେ ଭୟରୁ ହେଉ କିମ୍ବା ଶ୍ରଦ୍ଧାରୁ ହେଉ କାହାରିକୁ ଅନବରତ ଧ୍ୟାନ କରାଗଲେ ଧ୍ୟାନକାରୀ ଶେଷକୁ ଧ୍ୟେୟରେ ପରିଣତ ହୋଇଯାଏ । ସେ କଂସ[୧] ହୋଇପାରେ, ରାବଣ[୨] ହୋଇପାରେ କିମ୍ବା ଏକ ନଗଣ୍ୟ କୀଟ ବି[୩] ହୋଇପାରେ ।

୩୯ । ଧ୍ୟାନ କରିବା ସମୟରେ ପୂର୍ଣ୍ଣ ଏକାଗ୍ର ଚିତ୍ତ ହେବା ଦରକାର । ଧ୍ୟାନ ବ୍ୟତୀତ ଅନ୍ୟ କୌଣସି ଭଲ ଉପାୟ ନାହିଁ । ଯିଏ ଏହା ଅଭ୍ୟାସ କରୁଥାଏ, ସେ ନିଃସନ୍ଦେହରେ ନିଜକୁ ଉନ୍ନତ କରିଥାଏ ।

୪୦ । ଯିଏ ଜୀବନର ଇଚ୍ଛା ଓ ଜଗତକୁ ଭୁଲିଯାଇଥାନ୍ତି, ତାଙ୍କର ଜନ୍ମ କିମ୍ବା ମୃତ୍ୟୁ କିପରି ହେବ ? ସେ ଆତ୍ମାରେ ନିମଜ୍ଜିତ ରହି ଆନନ୍ଦ ପ୍ରାପ୍ତ କରିଥାନ୍ତି ।

୪୧ । ତେଣୁ ଗୁରୁଙ୍କର ନାମ ଜପ କଲେ ପରମ ଆନନ୍ଦପ୍ରାପ୍ତ ହୁଏ ଓ ସକଳ ଘଟରେ ଭଗବାନଙ୍କର ରୂପ ଦେଖିବାକୁ ମିଳିଥାଏ । ନାମର ଆଉ ଅଧିକ ମହତ୍ୱ କ'ଣ କି ?

୪୨ । ଯାହାଙ୍କ ନାମର ଏତେ ବିରାଟ ଶକ୍ତି ରହିଛି, ମୁଁ ତାଙ୍କୁ ବିଶ୍ୱାସ ଓ ଭକ୍ତି ସହକାରେ ପ୍ରଣାମ କରୁଛି । ମୁଁ କାୟ ମନୋବାକ୍ୟରେ ଏବଂ ସର୍ବାନ୍ତଃକରଣରେ ତାଙ୍କ ଚରଣରେ ନିଜକୁ ସମର୍ପି ଦେଉଛି ।

୪୩ । ଏହାର ଉଦାହରଣ ହିସାବରେ ମୁଁ ବର୍ତ୍ତମାନ ଶ୍ରୋତାମାନଙ୍କ ଆଗରେ ଏକ କାହାଣୀ ବର୍ଣ୍ଣନା କରୁଛି । ପୂର୍ଣ୍ଣ ଧ୍ୟାନ ଦେଇ ନିଜର ମଙ୍ଗଳ ନିମନ୍ତେ ତାହା ଶୁଣନ୍ତୁ ।

୪୪ । ସ୍ୱର୍ଗତ କାକା ଦୀକ୍ଷିତ ଶ୍ରୀସାଇ ସମର୍ଥଙ୍କ ଆଦେଶରେ ପ୍ରତ୍ୟହ ଶ୍ରୀମଦ୍ ଭଗବତ୍ ଗୀତା ପାଠ କରୁଥିଲେ । ସମସ୍ତେ ଏକଥା ଜାଣିଥିଲେ ।

୪୫ । ଦିନେ ଦୀକ୍ଷିତ ନିଜର ଅଭ୍ୟାସ ଅନୁଯାୟୀ ମଧ୍ୟାହ୍ନ ଭୋଜନ ପରେ ବମ୍ବେଇର ଚୌପାଟୀଠାରେ କାକା ମହାଜନୀଙ୍କ ଘରେ ଏହା ପାଠ କରୁଥିଲେ ।

୪୫ ॥ ଶ୍ରୀଗୁରୁପଦର ମାହାତ୍ମ୍ୟ ॥

୪୬ । ଶ୍ରୋତାମାନେ ସେହି ଅଧ୍ୟାୟକୁ ମନୋଯୋଗ ଦେଇ ଶୁଣୁଥିଲେ ଓ ଆନନ୍ଦିତ ହେଉଥିଲେ । ତାହା ଭାଗବତର ଏକାଦଶ ସ୍କନ୍ଧର ଦ୍ୱିତୀୟ ଅଧ୍ୟାୟ ଥିଲା । ଏହା ଅତ୍ୟନ୍ତ ହୃଦୟଗ୍ରାହୀ ଓ ଅତୁଳନୀୟ ଭାବବ୍ୟଞ୍ଜକ ଥିଲା ।

୪୭ । ବାବାଙ୍କର ଭକ୍ତ ମାଧବରାଓ ଦେଶପାଣ୍ଡେ (ଶାମା) ଓ କାକା ମହାଜନୀ ସେଠାରେ ବସି ଭାଗବତ ପାଠକୁ ଏକାଗ୍ରଚିତ୍ତରେ ଶୁଣୁଥିଲେ ।

୪୮ । ସୌଭାଗ୍ୟକୁ କାହାଣୀଟି ଅତ୍ୟନ୍ତ ଚିତ୍ତାକର୍ଷକ ଥିଲା ଓ ଶ୍ରୋତାମାନଙ୍କର ଆଗ୍ରହକୁ ଚରିତାର୍ଥ କରୁଥିଲା । ଏହା ଭକ୍ତିଭାବ ବୃଦ୍ଧିରେ ସହାୟକ ହେବା ଦୃଷ୍ଟିରୁ ଆକର୍ଷଣୀୟ ଥିଲା ।

୪୯ । ସେହି ଚିତ୍ତାକର୍ଷକ କାହାଣୀଟି ନବନାଥ, ଅର୍ଥାତ୍ ଋଷଭ ବଂଶର ନଅସିଦ୍ଧଯୋଗୀ, କବି, ହରି, ପ୍ରବୁଦ୍ଧ ଓ ଅନ୍ୟମାନଙ୍କ[୪] ସମ୍ପର୍କରେ ଥିଲା । ଏହା ଶିକ୍ଷଣୀୟ ତଥା ଆନନ୍ଦଦାୟକ ଥିଲା ।

୫୦ । ସେହି ନଅଜଣଯାକ ଈଶ୍ୱରଙ୍କର ଅବତାର ଥିଲେ । ସେମାନେ ଶାନ୍ତି ଓ କ୍ଷମାର ମୂର୍ତ୍ତିମନ୍ତ ରୂପ ଥିଲେ । ସେମାନେ ଭାଗବତ ଧର୍ମର ମହିମା ସମ୍ପର୍କରେ ଜନକ ରାଜାଙ୍କୁ କହୁଥିବା ସମୟରେ ରାଜା ସ୍ଥିର ଓ ମନ୍ତ୍ରମୁଗ୍ଧ ହୋଇ ଶୁଣୁଥିଲେ ।

୫୧ । ଅସୀମ ଆନନ୍ଦ କ'ଣ ? ଈଶ୍ୱରଙ୍କ ପ୍ରତି ଶ୍ରେଷ୍ଠ ଭକ୍ତି କ'ଣ ? ଗୁରୁଙ୍କ ପାଦପଦ୍ମର ପରମ ସାହାଯ୍ୟ ବିନା ଈଶ୍ୱରଙ୍କ ମାୟାକୁ ସହଜରେ ଅତିକ୍ରମ କରିହେବ କି ?

୫୨ । କାର୍ଯ୍ୟ କରିବା, କାର୍ଯ୍ୟ ନକରିବା ଓ କାର୍ଯ୍ୟ ପ୍ରତି ବିମୁଖ ହେବା-ଏ ସମସ୍ତର ଅନ୍ତର୍ନିହିତ ଅର୍ଥ ଏକ ଓ ସମାନ । ଗୁରୁ ହିଁ ଈଶ୍ୱରଙ୍କର ରୂପ । ଗୁରୁଭକ୍ତି (ପୂଜା)ହିଁ ଭାଗବତ ଧର୍ମ ।

୫୩। କବି ନାଥ ଭାଗବତ ଧର୍ମ, ହରି ନାଥ ଭକ୍ତିର ବିଶେଷତ୍ୱ, ଅନ୍ତରୀକ୍ଷ ନାଥ ମାୟା କ'ଣ, ପ୍ରବୁଦ୍ଧ ନାଥ ମାୟାରୁ ମୁକ୍ତିର ବାଟ କ'ଣ, ପିପ୍ପଲାୟନ ପରଂବ୍ରହ୍ମଙ୍କ ସ୍ୱରୂପ, ଆବିର୍ହୋତ୍ର କର୍ମର ସ୍ୱରୂପ, ଦ୍ରୁମିଳ ଈଶ୍ୱରଙ୍କ ଅବତାରର ବୈଶିଷ୍ଟ୍ୟ ଓ ତାଙ୍କର ଲୀଳା ସମ୍ବନ୍ଧରେ ବୁଝାଇଥିଲେ । ସେ ନାରାୟଣଙ୍କ ମାନବାବତାରର ସୂଚନା ଦେବା ସମୟରେ ନାରାୟଣଙ୍କର ରୂପ ଓ ସୌନ୍ଦର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ ।

୫୪ । ଅଧିକନ୍ତୁ, ଚମସ ନାଥ ରାଜା ଜନକଙ୍କୁ ଈଶ୍ୱର ଭକ୍ତି ପ୍ରତି ନିସ୍ପୃହ ତଥା ନାସ୍ତିକ ବ୍ୟକ୍ତିମାନଙ୍କର ଅବସ୍ଥା ସମ୍ପର୍କରେ ବୁଝାଇଥିଲେ । ବେଦନିର୍ଦ୍ଦିଷ୍ଟ ଆଚରଣବିଧିକୁ ସେମାନେ ଉଲ୍ଲଙ୍ଘନ କରୁଥିବାରୁ ସେମାନଙ୍କର ସଂପୂର୍ଣ୍ଣ ବିନାଶ ଘଟିଥାଏ ବୋଲି କହିଥିଲେ ।

୫୫ । ଈଶ୍ୱର ସର୍ବତ୍ର ଓ ସକଳ ଘଟରେ ବିରାଜମାନ କରୁଥିବାରୁ କାହାରିକୁ ଘୃଣା କିମ୍ବା ଈର୍ଷା କରନ୍ତୁ ନାହିଁ । ପ୍ରତ୍ୟେକଙ୍କ ମଧ୍ୟରେ ଈଶ୍ୱରଙ୍କୁ ଦର୍ଶନ କରନ୍ତୁ । ତାଙ୍କ ବିନା ଉପସ୍ଥିତିରେ ତିଳେମାତ୍ର ସ୍ଥାନ କେଉଁଠାରେ ନାହିଁ ।

୫୬ । ଶେଷରେ ନବମ ନାଥ କରଭାଜନ ଦେବତାମାନଙ୍କର ପୂଜା ଓ ଧ୍ୟାନ ତ୍ରେତା ଓ କଳି ଯୁଗରେ କିପରି କରାଯିବ, ତାହାର ସଠିକ୍ ବର୍ଣ୍ଣନା କରିଥିଲେ ।

୫୭ । କଳିକାଳରେ ମୋକ୍ଷଲାଭର ଏକମାତ୍ର ଉପାୟ ହେଉଛି ଈଶ୍ୱର ଓ ଗୁରୁଙ୍କ ପାଦ ସ୍ମରଣ । ତାହା କଲେ ସାଂସାରିକ ଜୀବନର ଭୟ ବିଲୋପ ହୋଇଥାଏ । ଯେଉଁମାନେ ଶରଣାଗତ ହୋଇଥାନ୍ତି, ସେମାନଙ୍କ ନିମନ୍ତେ ଏହା ଏକମାତ୍ର ରକ୍ଷକ ହୋଇଥାଏ ।

୫୮ । ଭାଗବତରୁ ଏହି ଚରିତ ପାଠ କରିବା ପରେ କାକାସାହେବ ପଚାରିଥିଲେ, "ଏହି ନବନାଥଙ୍କର କୃତି ଓ ବ୍ୟାଖ୍ୟାନ କେତେ ବିସ୍ମୟକର ଓ ଚମତ୍କାର ! ସେମାନଙ୍କର ଆଚାର ବିଚାର ଅଚିନ୍ତନୀୟ !"

୫୯ । ଆଦର ସହକାରେ ସେ ମାଧବରାଓଙ୍କୁ କହିଥିଲେ, "ଏଭଳି ଭକ୍ତି କାର୍ଯ୍ୟରେ ଦେଖାଇବା କେତେ କଠିନ ! ଆମ ଭଳି ମୂର୍ଖଙ୍କ ପକ୍ଷରେ ଏଭଳି ଦୃଢ଼ ଭକ୍ତି ପୋଷଣ କରିବା ସମ୍ଭବ କି ? ଅନେକ ଜନ୍ମ ପରେ ମଧ୍ୟ ଆମ୍ଭମାନଙ୍କର ଏଭଳି ସୌଭାଗ୍ୟ ହୋଇ ପାରିବ ନାହିଁ ।

୬୦ । "ଆମ ଭଳି ଜନ୍ମରୁ ପାପୀଥିବା ବ୍ୟକ୍ତିମାନଙ୍କ ସହିତ ଏହି ଗୌରବୋଜ୍ଜ୍ୱଳ ନାଥମାନେ ତୁଳନୀୟ କି ? ଏଭଳି ଭକ୍ତି କ'ଣ ସହଜ ? ସେମାନେ ସତ୍ୟ ଓ ଜ୍ଞାନର ପ୍ରତୀକ ହୋଇଥିବାରୁ ଧନ୍ୟ ହୋଇଛନ୍ତି ।

୬୧ । "ମୁଁ କ'ଣ ଏମିତି ଭକ୍ତି କେବେ କରିପାରିବି ? ମୁଁ କିପରି ମୋକ୍ଷଲାଭ କରିବି ? ମୁଁ ହତାଶ ଓ ଦୁର୍ବଳ ଅନୁଭବ କରୁଛି । ଏହି ଜନ୍ମ ଓ ଜୀବନ ମୋର ବ୍ୟର୍ଥ ।"

୬୨ । କାକାସାହେବ ଶ୍ରୀସାଇଙ୍କର ପ୍ରିୟ ଭକ୍ତ ଥିଲେ । ସେ

ନିଶ୍ଚିତ ଭାବରେ ହତାଶ ହୋଇ ଅସ୍ଥିର ଓ ବିଚଳିତ ହେଉଥିଲେ। ଶାମା ମଧ୍ୟ ବିବ୍ରତ ଥିଲେ ।

୬୩। କାକାଙ୍କୁ ଶାମା ଅତ୍ୟନ୍ତ ଭଲ ପାଉଥିଲେ। କାକା ଏଭଳି ନିରାଶାବାଦୀ ମତିଗତିର କବଳିତ ହେବା ସେ ପସନ୍ଦ କରିନଥିଲେ।

୬୪। ସେ କହିଥିଲେ, "ଯିଏ ନିଜର ସୌଭାଗ୍ୟ ବଳରୁ ବାବାଙ୍କ ଭଳି ପବିତ୍ର ରତ୍ନ ପାଇପାରିଛି, ସିଏ ଯଦି ଏପରି ରୋଦନ କରନ୍ତି, ତେବେ ତା'ର ଅର୍ଥ ହେଉଛି ଯେ ତାଙ୍କର ଜୀବନ ବିଫଳ।

୬୫। "ଯଦି ଶ୍ରୀସାଇଙ୍କର ଚରଣରେ ଅଟଳ ବିଶ୍ୱାସ ରହିଛି, ତେବେ ଜଣେ କାହିଁକି ଅସ୍ଥିର ଓ ବିଚଳିତ ବୋଧ କରିବ ? ନବନାଥଙ୍କର ଭକ୍ତି ଦୃଢ଼ ଓ ବଳିଷ୍ଠ ହୋଇଥାଇପାରେ, ଆମ୍ଭମାନଙ୍କର ଭକ୍ତି କ'ଣ ସ୍ନେହ ଓ ଶ୍ରଦ୍ଧାପୂର୍ଣ୍ଣ ନୁହେଁ ?

୬୬। "ଆପଣଙ୍କୁ ପରିଷ୍କାର ଭାବରେ ପ୍ରତ୍ୟହ 'ଏକ ନାଥ ଭାଗବତ'ର ଏକାଦଶ ସ୍କନ୍ଧ ଓ ତାହାର ଭାଷ୍ୟ ଏବଂ 'ଭାବାର୍ଥ ରାମାୟଣ' ପାଠ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

୬୭। "ଏହା ବ୍ୟତୀତ ଆପଣ ବାବାଙ୍କ ଉପଦେଶ ଅନୁଯାୟୀ ସବୁବେଳେ ଈଶ୍ୱର ଓ ଗୁରୁଙ୍କର ନାମ ଜପ ମଧ୍ୟ କରୁଛନ୍ତି। ସାଂସାରିକ ଜୀବନର ଭୟକୁ ଅତିକ୍ରମ କରିବାର ଏହା ହେଉଛି ଏକମାତ୍ର ମାଧ୍ୟମ। ଆପଣ କ'ଣ ପାଇଁ ଚିନ୍ତା କରୁଛନ୍ତି ?"

୬୮। କିନ୍ତୁ ସେହି ନବନାଥ(ଯୋଗୀ)ଙ୍କ ଜୀବନ ସମ୍ପର୍କରେ କାକା ବରାବର ଚିନ୍ତା କରୁଥିଲେ। ଖଣ୍ଡାଧାରରେ ଚାଲିବା ଭଳି ସେମାନଙ୍କ ଜୀବନର ସଂଯମ ଓ ସାଧନାର ସାମାନ୍ୟ ଅଂଶ ସେ ହାସଲ କରିପାରିବେ କି ନାହିଁ ବୋଲି ଭାବି ସନ୍ଦିହାନ ଥିଲେ।

୬୯। ନବନାଥ (ଯୋଗୀ)ଙ୍କ ଭକ୍ତି ନିଶ୍ଚିତ ଭାବରେ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ବୋଲି ସେ ମନକୁ ମନ ଭାବିଚାଲିଥିଲେ। ସେ କିପରି ଓ କେଉଁ ସାଧନା କଲେ ସେହି ଭକ୍ତିର ଅଧିକାରୀ ହୋଇପାରିବେ ଏବଂ ପ୍ରକୃତରେ ଈଶ୍ୱରଙ୍କୁ ପାଇପାରିବେ ବୋଲି ବିସ୍ମିତ ମନରେ ଚିନ୍ତା କରୁଥିଲେ।

୭୦। ସେ ଏହି ଭାବନାକରି ସବୁ ସମୟରେ ଚିନ୍ତାମଗ୍ନ ରହୁଥିଲେ । ଏପରିକି ନିଜର ଖାଇବା, ପିଇବା ଓ ଶୋଇବା ସମୟରେ ମଧ୍ୟ ଅସ୍ୱସ୍ତି ଅନୁଭବ କରୁଥିଲେ । ତା'ପରଦିନ ଏକ ଅଦ୍ଭୁତ ଘଟଣା ଘଟିଥିଲା। ଶ୍ରୋତାମାନେ ତାହାକୁ ବିସ୍ତୃତ ଭାବରେ ଶ୍ରବଣ କରନ୍ତୁ।

ଆନନ୍ଦରାଓ ପାଖାଡ଼େ

୭୧। ସେହି ଅଦ୍ଭୁତପୂର୍ବ ଅନୁଭୂତି ସମ୍ପର୍କରେ ଶୁଣନ୍ତୁ। ବଡ଼ି ସକାଳୁ ମାଧବରାଓଙ୍କୁ ଖୋଜି ଖୋଜି ଆନନ୍ଦରାଓ ପାଖାଡ଼େ ଆସିଥିଲେ।

୭୨। ମାଧବରାଓ ମଧ୍ୟ ଭାଗବତ ପଢ଼ା ପାଇଁ ଠିକ୍ ସମୟରେ ପହଞ୍ଚିବାକୁ ଶୀଘ୍ର ଆସିଥିଲେ। ମାଧବରାଓଙ୍କ ନିକଟରେ ଆନନ୍ଦରାଓ ବସିଥିଲେ ଓ ସେ ଦେଖିଥିବା ଏକ ଅଦ୍ଭୁତ ସ୍ୱପ୍ନ ସମ୍ପର୍କରେ ମାଧବରାଓଙ୍କୁ କହିଥିଲେ।

୭୩। ଏଣେ ଭାଗବତ ପଢ଼ା ଚାଲିଥିବା ସମୟରେ ସେ ଦୁଇ ଜଣ ନିଜ ନିଜ ମଧ୍ୟରେ ନିମ୍ନସ୍ୱରରେ କଥା ହେଉଥିଲେ। ସେଥିଯୋଗୁଁ ପାଠକ ଓ ଶ୍ରୋତାମାନଙ୍କର ଅସୁବିଧା ହେଉଥିଲା।

୭୪। ଆନନ୍ଦରାଓ ତାଙ୍କ ସ୍ୱପ୍ନର କଥା ଅବିକଳ ଓ ଜୀବନ୍ତ ଭାବରେ ବର୍ଣ୍ଣନା କରୁଥିଲେ। ଉଭୟ ନିମ୍ନସ୍ୱରରେ କଥାବାର୍ତ୍ତା କରୁଥିବାରୁ ଭାଗବତ ପାଠରେ ତାହା ବିଘ୍ନ ସୃଷ୍ଟି କରୁଥିଲା। କିଛିକ୍ଷଣ ପାଇଁ ଭାଗବତ ପାଠ ଅଟକିଯାଇଥିଲା ।

୭୫। ତାହା ପରେ କାକାସାହେବ ଉଭୟଙ୍କୁ ପଚାରିଥିଲେ, "କ'ଣ ଏମିତି ବିଚିତ୍ର ଘଟଣା ଘଟିଛି ଯେ ତୁମେ ଦୁହେଁଯାକ ଏତେ ଆନନ୍ଦିତ ଜଣାପଡୁଛ ? ଆମକୁ ମଧ୍ୟ ଶୁଣାଅ।"

୭୬। ମାଧବରାଓ ଉତ୍ତର ଦେଇଥିଲେ, "ଆପଣ ଗତକାଲି ସନ୍ଦେହ ପ୍ରକାଶ କରିଥିଲେ। ମୋକ୍ଷଲାଭ ପାଇଁ ଭକ୍ତିର ବୈଶିଷ୍ଟ୍ୟ ସମ୍ବନ୍ଧରେ ସଂଗେ ସଂଗେ ଏକ ଉତ୍ତର ମିଳିଯାଇଛି।

୭୭। "ପାଖାଡ଼େ ଦେଖିଥିବା ସ୍ୱପ୍ନ ସମ୍ବନ୍ଧରେ ଶୁଣନ୍ତୁ ଓ ବାବା କିପରି ଦର୍ଶନ ଦେଇଥିଲେ, ଜାଣନ୍ତୁ। ଆପଣଙ୍କ ସନ୍ଦେହ ଦୂର ହୋଇଯିବ। ଗୁରୁପଦରେ ଭକ୍ତି ହିଁ ରଖିଲେ ଯଥେଷ୍ଟ।"

୭୮। ତେଣୁ ସ୍ୱପ୍ନ ସମ୍ବନ୍ଧରେ ଶୁଣିବା ନିମନ୍ତେ ସମସ୍ତଙ୍କର ପ୍ରବଳ ଆଗ୍ରହ ହୋଇଥିଲା। ବିଶେଷତଃ, କାକାଙ୍କର ମୂଳରୁ ସନ୍ଦେହ ରହିଥିଲା।

୭୯ । ସମସ୍ତଙ୍କର ଆନ୍ତରିକ ଆଗ୍ରହକୁ ଲକ୍ଷ୍ୟକରି ଆନନ୍ଦରାଓ ସରଳ ବିଶ୍ୱାସରେ ତାଙ୍କର ସ୍ୱପ୍ନର ବର୍ଣ୍ଣନା କରିଥିଲେ। ଶ୍ରୋତାମାନେ ମଧ୍ୟ ଚକିତ ହୋଇ ଯାଇଥିଲେ।

୮୦ । "ମୁଁ ଏକ ସମୁଦ୍ର ଭିତରେ ଅଣ୍ଟାଏ ଗଭୀର ଜଳରେ ଛିଡ଼ା ହୋଇଥିଲି। ହଠାତ୍ ସେଠାରେ ସାଇସମର୍ଥ ମୋ ସମ୍ମୁଖରେ ଉଭା ହୋଇଥିଲେ।

୮୧ । "ଶ୍ରୀସାଇ ଏକ ରତ୍ନ ସିଂହାସନ ଉପରେ ବସିଥିଲେ ଓ ତାଙ୍କର ପାଦଦୁଇଟି ଜଳ ମଧ୍ୟରେ ବୁଡ଼ି ରହିଥିଲା। ମୁଁ ଏହିଭଳି ସୁନ୍ଦର ମୂର୍ତ୍ତି ଦେଖିଥିଲି।

୮୨ । "ଏଭଳି ମନୋମୋହକର ରୂପ ଦେଖି ମୁଁ ଆନନ୍ଦ ବିହ୍ୱଳ ହୋଇଥିଲି। ସେହି ଦୃଶ୍ୟ ଏଭଳି ବାସ୍ତବ ଲାଗୁଥିଲା ଯେ ମୁଁ ତାକୁ ସ୍ୱପ୍ନ ବୋଲି ଭାବିନଥିଲି। ଏହି ଦୃଶ୍ୟ ଦେଖି ମୋ ହୃଦୟ ଆନନ୍ଦରେ ପୂରି ଉଠିଥିଲା।

୮୩। "ବିଚିତ୍ର ସଂଯୋଗବଶତଃ ମାଧବରାଓ ମଧ୍ୟ ସେଠାରେ ଛିଡ଼ା ହୋଇଥିଲେ। 'ଆନନ୍ଦରାଓ ! ଚରଣରେ ପ୍ରଣାମ କର' ବୋଲି ସେ ମୋତେ ଭାବାବେଗରେ କହିଥିଲେ।

୮୪। "ତାଙ୍କୁ ମୁଁ ଉତ୍ତର ଦେଇଥିଲି, 'ମୁଁ ସେଥିପାଇଁ ଆନ୍ତରିକ ଭାବରେ ଆଗ୍ରହୀ। କିନ୍ତୁ ବାବାଙ୍କ ଚରଣ ଜଳ ମଧ୍ୟରେ ବୁଡ଼ିରହିଛି। ମୁଁ କିପରି ତାହାକୁ ସ୍ପର୍ଶ କରିପାରିବି ?'

୮୫। "ମୁଁ କିପରି ମୋ ମସ୍ତକକୁ ତାଙ୍କ ଚରଣ ଉପରେ ଥାପିପାରିବି, ତାହାତ ଜଳ ମଧ୍ୟରେ ରହିଛି ? ମୁଁ କିଛି ବୁଝି ପାରୁନାହିଁ।'

୮୬। "ଏକଥା ଶୁଣି ମାଧବରାଓ ବାବାଙ୍କୁ କ'ଣ କହିଥିଲେ, ଶୁଣନ୍ତୁ। 'ପ୍ରଭୁ ! ଜଳରେ ଲୁଚି ଯାଇଥିବା ଆପଣଙ୍କର ପାଦ ଦୁଇଟିକୁ ଉପରକୁ ଉଠାଇ ଆଣନ୍ତୁ'।

୮୭। "ସେ ଏପରି କହିବା ମାତ୍ରକେ ବାବା ପାଦଦୁଇଟିକୁ ବାହାର କରି ଆଣିଥିଲେ ଓ ମୁଁ ସେହି ଦୁଇଟିକୁ ସଂଗେ ସଂଗେ ଧରି ପକାଇ ପ୍ରଣାମ କରିଥିଲି।

୮୮। "ମୁଁ ସେ ପାଦ ଦୁଇଟିକୁ ଜୋରରେ ଧରିଥିବା ସମୟରେ ବାବା ମୋତେ ଆଶୀର୍ବାଦ ଦେଇଥିଲେ, 'ଯାଅ, ତୁମର ମଙ୍ଗଳ ହେବ। ଭୟ କରିବାର କୌଣସି କାରଣ ନାହିଁ।'

୮୯। "ବାବା ଆହୁରି ମଧ୍ୟ କହିଥିଲେ, 'ମୋ ଶାମାକୁ ଗୋଟିଏ ଜରିଧଡ଼ିଥିବା ଧୋତି ଦେବ। ତାହା ଦ୍ୱାରା ତୁମର ଉପକାର ହେବ'।"

୯୦ । ତେଣୁ ଗଭୀର ଭକ୍ତି ସହକାରେ ଓ ବିନୀତ ଭାବରେ ସେହି ନିର୍ଦ୍ଦେଶ ଅନୁଯାୟୀ ମୁଁ ଗୋଟିଏ ଜରିଧଡ଼ିଥିବା ଧୋତି ଆଣିଛି। କାକାସାହେବ ନିଜ ହାତରେ ତାହା ମାଧବରାଓଙ୍କୁ ଦିଅନ୍ତୁ ଓ ମାଧବରାଓ ଯେପରି ତାହା ଗ୍ରହଣ କରନ୍ତି, ଦେଖନ୍ତୁ ।

୯୧ । ମୋର ଅନୁରୋଧ ରକ୍ଷାକରନ୍ତୁ ଓ ଦେଖନ୍ତୁ ମାଧବରାଓ ଏ ଧୋତି ଯେପରି ପିନ୍ଧନ୍ତି। ଏହା ମୋତେ ବହୁତ ଆନନ୍ଦ ଦେବ ଓ ମୁଁ ଅତ୍ୟନ୍ତ କୃତଜ୍ଞ ରହିବି।

୯୨ । ଆନନ୍ଦରାଓଙ୍କର ଏହି କଥା ମାଧବରାଓ ନିଜେ ମଧ୍ୟ ଶୁଣୁଥିଲେ। କାକାସାହେବ ତାଙ୍କୁ ସେହି ବସ୍ତ୍ର ଦେଇଥିଲେ । କିନ୍ତୁ ସେ ତାହା ଗ୍ରହଣ କରିନଥିଲେ।

୯୩। ଏହା ଏକ ସ୍ୱପ୍ନ ଥିଲା ବୋଲି ସେ ଅନୁଭବ କରିଥିଲେ। ସେ ନିଜେ ସେମିତି କିଛି ସ୍ୱପ୍ନ ନ ଦେଖିଲେ କିମ୍ବା ସୂଚନା ନପାଇଲେ ସେ ସେହି ଧୋତିକୁ ଗ୍ରହଣ କରି ପାରିବେ ନାହିଁ ବୋଲି କହିଥିଲେ ।

୯୪। ତା'ପରେ କାକାସାହେବ କହିଥିଲେ, "ଆସନ୍ତୁ, ସ୍ୱପ୍ନରେ ବାବା କହିଥିବା କଥାର ସତ୍ୟାସତ୍ୟ ବୁଝିବା। ଆମେ ଏହାକୁ ଗ୍ରହଣ କରିବା କିମ୍ବା ନକରିବା, ତାହା ଗୁଳା ପକାଇ ନିର୍ଣ୍ଣୟ କରିବା ।

୯୫। "ଯେଉଁ ଗୁଳାଟିକୁ ଉଠାଇନେବା, ସେଥିରେ ଯାହା ନିର୍ଦ୍ଦେଶ ଥିବ, ତାହା ବାବାଙ୍କର ଇଚ୍ଛା ବୋଲି ବିଚାର କରିବା।" ଗୁଳା ଦୁଇଟିକୁ ବାବାଙ୍କର ପଦତଳେ ରଖି ଦିଆଗଲା ଓ ତାହାର ଫଳାଫଳ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ହେଲା ।

୯୬। କାକାସାହେବ ସମସ୍ତ ବ୍ୟାପାରରେ ତାଙ୍କର ଦାୟିତ୍ୱ ବାବାଙ୍କ ଉପରେ ଲଦି ଦେଉଥିଲେ। ସେ କୌଣସି କାର୍ଯ୍ୟ କରିବା ପୂର୍ବରୁ ବାବାଙ୍କର ପରାମର୍ଶ ନେବାରେ ବିଶ୍ୱାସ କରୁଥିଲେ।

୯୭। ଏହି ଅଭ୍ୟାସ ବାବାଙ୍କ ଜୀବିତାବସ୍ଥାରେ ମଧ୍ୟ ତାଙ୍କର ରହିଥିଲା ଓ ବାବା ଚାଲିଯିବାପରେ ମଧ୍ୟ ତାହା ଚଳାଇ ରଖିଥିଲେ। ସେ ଗୁଳା ପକାଇ ବାବାଙ୍କର ଅନୁମତି ଭିକ୍ଷା କରୁଥିଲେ ଓ ସେହି ଅନୁଯାୟୀ କାର୍ଯ୍ୟ କରୁଥିଲେ।

୯୮ । କାର୍ଯ୍ୟଟି ଛୋଟ ହେଉ କିମ୍ବା ବଡ଼ ହୋଇଥାଉ, ଗୁଳା ନପକାଇ ସେ ସେହି କାର୍ଯ୍ୟ ଜୀବନ ଚାଲିଯାଉ ପଛକେ କେବେ କରୁନଥିଲେ । ସଠିକ୍ ନିର୍ଣ୍ଣୟରେ ପହଞ୍ଚିବା ନିମନ୍ତେ ବାବାଙ୍କର ଅନୁମତି ସେ ସବୁବେଳେ ଲୋଡ଼ୁଥିଲେ ।

୯୯ । ଆମେ ବାବାଙ୍କ ଚରଣରେ ଶରଣାଗତ ହୋଇଯିବା ପରେ ଆମ ଶରୀର ମଧ୍ୟ ଆମର ହୋଇ ରହିନଥାଏ । ତେଣୁ ତାହାର ଗତାଗତ ଉପରେ ଆମର କି କର୍ତ୍ତୃତ୍ୱ ରହିଛି ?

୧୦୦ । ଏହି ଦୃଢ଼ ପ୍ରତ୍ୟୟକୁ ଭିତ୍ତିକରି ସେ ଲକ୍ଷ ଲକ୍ଷ ଟଙ୍କା ଉପାର୍ଜନର ସୁଯୋଗ ଛାଡ଼ି ଦେଇଥିଲେ । କିନ୍ତୁ ଏହି ବିଚାରକୁ ସେ ଦୃଢ଼ଭାବରେ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଜାରି ରଖିଥିଲେ ।

୧୦୧ । "ତୁମର ବିଶ୍ୱାସ ହିଁ ତୁମକୁ ଫଳ ଦେବ । ମୁଁ ତୁମ ନିକଟକୁ ଉଡ଼ାଜାହାଜ ପଠାଇ ତୁମକୁ ନେଇଯିବି । ଚିନ୍ତା ତ୍ୟାଗ କରି ରୁହ ।"

୧୦୨ । ବାବାଙ୍କର ଏହି ଆଶୀର୍ବଚନ ଅକ୍ଷରେ ଅକ୍ଷରେ ସତ୍ୟ ହୋଇଥିଲା । କାକାଙ୍କର ଜୀବନାବସାନ କିପରି ହୋଇଥିଲା, ତାହା 'ସାଇଲୀଳା'ର ପାଠକମାନେ ଜାଣିଛନ୍ତି ।

୧୦୩। ଜଣେ ତାହା ମନେ ପକାଇଲେ ଜାଣିପାରିବେ ଯେ ପ୍ରକୃତରେ ସେ ଶେଷ ସମୟରେ ଉଡ଼ାଜାହାଜରେ ଯିବାଭଳି ବନ୍ଦୋବସ୍ତ ହୋଇଥିଲା । ଗୁରୁଙ୍କ ନାମଜପ କରିବା ମଧ୍ୟରେ ତାଙ୍କର ଏହି ମୃତ୍ୟୁ କେତେ ଅନନ୍ୟ ଥିଲା !

୧୦୪ । ଦୀକ୍ଷିତ ଏହିଭଳି ଏକ ଦୃଢ଼ପ୍ରତିଜ୍ଞ ବ୍ୟକ୍ତି ଥିଲେ । ସେ ସବୁବେଳେ ଶ୍ରୀସାଇଙ୍କ ପଦାଶ୍ରିତ ଥିଲେ । ସେ ତାଙ୍କର ଆତ୍ମୀୟ ଓ ବନ୍ଧୁବାନ୍ଧବମାନଙ୍କୁ ଏଭଳି କରିବା ନିମନ୍ତେ ଶିକ୍ଷା ଦେଇଥିଲେ ଓ ଶେଷରେ ଗୁରୁଙ୍କ ପଦରେ ଲୀନ ହୋଇଯାଇଥିଲେ ।

୧୦୫ । ଏବେ ପୂର୍ବ ବର୍ଣ୍ଣନାକୁ ଫେରିଯିବା ଆସନ୍ତୁ । ଉଭୟ ଆନନ୍ଦରାଓ ଓ ମାଧବରାଓ ଏହି ଗୁଳାପକାଇବାର ଉପାୟକୁ ଗ୍ରହଣ କରି ନେଇଥିଲେ । କାରଣ ଉଭୟେ କାକାସାହେବଙ୍କୁ ଭଲ ପାଉଥିଲେ । ସମୟ ନଷ୍ଟ ନକରି ଗୁଳା ଲେଖାଯାଇଥିଲା ।

୧୦୬। ଗୋଟିଏ କାଗଜରେ ଲେଖା ଥିଲା, 'ଧୋତିକୁ ଗ୍ରହଣ କର' ଓ ଅନ୍ୟଟିରେ 'ପ୍ରତ୍ୟାଖ୍ୟାନ କର' ବୋଲି ଲେଖାଯାଇଥିଲା । ଏହିଭଳି ଲେଖାଯିବାପରେ ସେହି ଦୁଇଟି କାଗଜଗୁଳାକୁ ଶ୍ରୀସାଇଙ୍କ ଚିତ୍ରପଟର ପାଦତଳେ ରଖି ଦିଆଯାଇଥିଲା ।

୧୦୭ । ସେଠାରେ ଉପସ୍ଥିତ ରହିଥିବା ଏକ ଛୋଟ ପିଲାକୁ ତନ୍ମଧ୍ୟରୁ ଗୋଟିଏ ଗୁଳା ଉଠାଇ ଆଣିବାକୁ କୁହାଯାଇଥିଲା । 'ଧୋତିକୁ ଗ୍ରହଣ କରିବା' ନିମନ୍ତେ ମାଧବରାଓ ନିର୍ଦ୍ଦେଶ ପାଇଥିଲେ ।

୧୦୮ । ସ୍ୱପ୍ନରେ ଯାହା କହିଥିଲେ, ଗୁଳାରୁ ତାହା ପ୍ରମାଣିତ ହୋଇଥିଲା । ସମସ୍ତେ ଖୁସି ହୋଇଥିଲେ । ତା'ପରେ ଜରିଧଡ଼ିଲଗା ଧୋତି ଶାମାଙ୍କ ହସ୍ତରେ ଦିଆଯାଇଥିଲା ।

୧୦୯ । ସ୍ୱପ୍ନରେ ଯାହା କୁହାଯାଇଥିଲା, ଗୁଳାରୁ ତାହାର ପ୍ରମାଣ ମିଳିଯିବା ପରେ ସେମାନେ ଆନନ୍ଦରେ ଆତ୍ମହରା ହୋଇ ପଡ଼ିଥିଲେ । ଉଭୟେ ଖୁସି ଓ ସନ୍ତୋଷ ହୋଇଥିଲେ ।

୧୧୦ । ମାଧବରାଓ ମନରେ ଅତ୍ୟନ୍ତ ଖୁସି ହୋଇଥିଲେ । ଆନନ୍ଦରାଓ ମଧ୍ୟ ଆନନ୍ଦିତ ହୋଇଥିଲେ । ଶ୍ରୀସାଇଙ୍କ ପ୍ରତି ଭକ୍ତି ବୃଦ୍ଧି ପାଇଥିଲା । କାକାଙ୍କର ସନ୍ଦେହ ମୋଚନ ହୋଇଥିଲା ।

୧୧୧ । ଏ ବର୍ଣ୍ଣନା ବହୁତ ହୋଇଗଲା । ଜଣେ ଏହି କାହାଣୀର ସାରକଥା ସମ୍ବନ୍ଧରେ ନିଜେ ଚିନ୍ତା କରିବା ଉଚିତ୍ । ଥରେ ଜଣେ ଗୁରୁଙ୍କର ଶରଣାପନ୍ନ ହୋଇଗଲେ ସେ ଗୁରୁଙ୍କର ନିର୍ଦ୍ଦେଶକୁ ପାଳନ କରିବା ଉଚିତ୍ ।

୧୧୨ । ଗୁରୁ, ଆମର ଆପାଦମସ୍ତକଠାରୁ ଆମ ଉନ୍ନତିର ସ୍ତର, ଜୀବନରେ ଆମ ଭୂମିକା, ଆମର ପ୍ରବୃତ୍ତି-ପ୍ରକୃତି ପର୍ଯ୍ୟନ୍ତ ଆମ ବିଷୟରେ ଆମଠାରୁ ଅଧିକ ଜାଣିଥାନ୍ତି । ସେ ଆମର ଚୂଡ଼ାନ୍ତ ମୋକ୍ଷପ୍ରାପ୍ତିର ଉପାୟ ।

୧୧୩। ରୋଗ ନିର୍ଣ୍ଣୟ କରାଯିବା ପରେ ଔଷଧପତ୍ର ଦିଆଯାଇଥାଏ ଓ ପ୍ରତିକାର ବ୍ୟବସ୍ଥା ହୋଇଥାଏ । ସଦ୍‌ଗୁରୁ ଶିଷ୍ୟର ସ୍ଥିତି ଓ ତତ୍‌ଜନିତ ଅସୁସ୍ଥତା ବୁଝି ଉପଯୁକ୍ତ ନିରାକରଣ କରିଥାନ୍ତି ।

୧୧୪ । ଗୁରୁଙ୍କୁ ଅନୁକରଣ କରନାହିଁ କି ତାଙ୍କ ଆଚରଣକୁ ଅନୁକରଣ କରନାହିଁ । ସେ ଯେଉଁ ନିର୍ଦ୍ଦେଶ ଦେଉଛନ୍ତି, ତାହାକୁ ସମ୍ମାନ ଜଣାଇ ପାଳନ କର ।

୧୧୫ । ତାଙ୍କର ବାଣୀ ପ୍ରତି ଏକାଗ୍ରଚିତ୍ତ ହୁଅ । ତାହା

ଉପରେ ନିୟମିତ ଧ୍ୟାନକର । ସେହି ବାଣୀହିଁ ତୁମ ଉନ୍ନତିର କାରଣ ହେବ ବୋଲି ମନେ ରଖ ।

୧୧୬ । ଗୁରୁ ଯାହା କହନ୍ତି, ତାହା ଧର୍ମପୁସ୍ତକ ଓ ପୁରାଣ; ପ୍ରକୃତରେ ତାଙ୍କ ବାଣୀ ଓ ତାଙ୍କର ବ୍ୟାଖ୍ୟା ସେଥିରେ ସନ୍ନିବେଶିତ । ତେଣୁ ତାଙ୍କର ପ୍ରଧାନ ନିର୍ଦ୍ଦେଶ ଉପରେ ଧ୍ୟାନ ଦିଅ । ତାହାହିଁ ଆମ ନିମନ୍ତେ ବେଦବାକ୍ୟ ।

୧୧୭ । ସନ୍ଥମାନଙ୍କର ବାଣୀକୁ ହତାଦର କରନାହିଁ । ଆମ ନିଜ ମାତା(ଗୁରୁମାତା)ଙ୍କ ବ୍ୟତୀତ ଆଉ କିଏ ଆମର ଅଧିକ ଯତ୍ନ ନେଇ ପାରିବ ?

୧୧୮ । ମାତା ତା'ର ହୃଦୟରେ ସନ୍ତାନ ପ୍ରତି ପ୍ରକୃତରେ ଯେଉଁ ସ୍ନେହଶ୍ରଦ୍ଧା ପୋଷଣ କରିଥାଏ, ତାହା ସନ୍ତାନକୁ ଅଜ୍ଞାତ ଥାଏ ଓ ମା' ସେଥିରୁ ଯେଉଁପ୍ରକାର ସନ୍ତୋଷ ଲାଭ କରିଥାଏ, ସନ୍ତାନ ତାହା ପାଇନଥାଏ । ସନ୍ତାନ ମା'ର ଆଶ୍ରୟହିଁ ପାଇଥାଏ ।

୧୧୯ । ତୁମର ହୃଦୟରେ ଶ୍ରୀସାଇଙ୍କର ଏହି ସ୍ନେହସିକ୍ତ ବାଣୀ ଖୋଦନ କରିଦିଅ । "ପୃଥିବୀରେ ଅସଂଖ୍ୟ ସନ୍ଥ ରହିଛନ୍ତି, କିନ୍ତୁ ଆମର ଗୁରୁ(ପିତା) ହିଁ ଅସଲ ଗୁରୁ(ପିତା) ।''

୧୨୦ । ଶ୍ରୀସାଇଙ୍କର ଏଇ ବଚନ ପ୍ରତି ଧ୍ୟାନ ଦିଅ । ଶେଷରେ କରୁଣାର ଗନ୍ତାଘର ଶ୍ରୀସାଇ ହିଁ ତୁମର ତ୍ରିତାପ କଷ୍ଟ ଦୂର କରିଦେବେ ।

୧୨୧ । ସେହିଁ କେବଳ ତାଙ୍କର କୌଶଳ ଜାଣିଛନ୍ତି । ଆମେ କେବଳ ଆଶ୍ଚର୍ଯ୍ୟ ନୟନରେ ଚାହିଁ ରହିଥାଉ । ସେ ଆମ୍ଭମାନଙ୍କ ନିମନ୍ତେ ସହଜରେ ପ୍ରକଟ କରୁଥିବା ଲୀଳା ସତରେ କେତେ ଚମତ୍କାର !

୧୨୨ । ଅନ୍ୟମାନେ କ'ଣ କହୁଛନ୍ତି, ଶୁଣ । କିନ୍ତୁ ତାହା ତୁମର ଧ୍ୟାନକୁ ଅନ୍ୟଆଡ଼େ ବୁଲାଇ ନଦେଉ । ନିଜ ଗୁରୁଙ୍କର ବାଣୀକୁ ଭୁଲିଯାଅ ନାହିଁ ।

୧୨୩ । ଏଥିରେ ତୁମର ଚୂଡ଼ାନ୍ତ ମଙ୍ଗଳ ରହିଛି । ଏହା ତୁମର ସର୍ତ୍ତଯୁକ୍ତ ସ୍ଥିତିର ଭୟକୁ ଦୂର କରିଦେବ ଓ ଭବସାଗରକୁ ପାର ହେବାରେ ସାହାଯ୍ୟ କରିବ । ସେଥିରେ ସମସ୍ତ ଶାସ୍ତ୍ର ନିହିତ ରହିଛି । ଏହା ତୁମ ନିମିତ୍ତ ନିର୍ଦ୍ଧାରଣ କରାଯାଇଥିବା ପୂଜାର ବାଟ ।

୧୨୪ । ସଂକ୍ଷେପରେ, ଗୁରୁଙ୍କୁ ଭଲପାଅ । ସର୍ବାନ୍ତଃକରଣରେ ତାଙ୍କର ଶରଣାଗତ ହୁଅ । ସୂର୍ଯ୍ୟଙ୍କ ଆଗରେ ଯେମିତି ଅନ୍ଧକାର ନଥାଏ, ସେମିତି ତୁମେ ପାରି ହେବା ନିମନ୍ତେ ଏ ଜୀବନର ସଂସାର ସାଗର ନଥିବ ।

୧୨୫ । ଦୁନିଆରେ ଯେଉଁଠାରେ ତୁମେ ଥାଅନା କାହିଁକି, ପାଖରେ କିମ୍ବା ଦୂରରେ, ଏପରିକି ସାତ ସମୁଦ୍ରର ଆରପାରିରେ ଥିଲେବି ଗୁରୁ ତାଙ୍କର ଶିଷ୍ୟ ବା ଭକ୍ତ ପ୍ରତି ଅତ୍ୟନ୍ତ ସ୍ନେହଶୀଳ ଥାଆନ୍ତି ।

୧୨୬ । ମୁଁ ଏ ବିଷୟ ଲେଖିବା ସମୟରେ ଜଣେ ଅନ୍ୟଜଣକର ଅନୁକରଣ କରି କିପରି ନିଜପାଇଁ ଅସୁବିଧା ଡାକିଆଣିଥିଲେ, ସେକଥା ମୋର ମନେ ପଡ଼ିଯାଉଛି ।

୧୨୭ । ଥରେ ବାବା ମସ୍‌ଜିଦ୍‌ରେ ମହାଲ୍‌ସାପତିଙ୍କ ସହିତ କଥା ହେଉଥିବା ସମୟରେ ତାଙ୍କର ହଠାତ୍ ତାଙ୍କ ପୂର୍ବ କାଠପଟା ବିଛଣା ବିଷୟରେ ମନେ ପଡ଼ିଯାଇଥିଲା ।

୧୨୮ । ଏହା ଓସାରରେ ଏକ ଫୁଟରୁ ଅଧିକ ନଥିଲା । ସେ ତାହାର ଉଭୟ ମୁଣ୍ଡକୁ କନାଧଡ଼ିରେ ବାନ୍ଧିଦେଇଥିଲେ, ମସ୍‌ଜିଦ୍ ବରଗାରେ ଝୁଲାଇ ଦେଇଥିଲେ ଓ ତାହା ଉପରେ ଶୋଉଥିଲେ ।

୧୨୯ । ସେ ଅନ୍ଧାରରେ ଶୋଉନଥିବାରୁ ମାଟିଦୀପ ଜାଳି ଗୋଡ଼ ଓ ମୁଣ୍ଡ ପାଖରେ ରଖି ଦେଉଥିଲେ ଓ ତାହା ରାତିସାରା ଜଳୁଥିଲା । ତା'ପରେ ବାବା କାଠପଟା ଉପରେ ଶୋଉଥିଲେ ।

୧୩୦ । ଏହି କାଠପଟା ସମ୍ପର୍କରେ ବିଶଦ ବର୍ଣ୍ଣନା ପୂର୍ବରୁ ଏକ ଅଧ୍ୟାୟରେ ଦିଆଯାଇଅଛି । ବର୍ତ୍ତମାନ ତାହାର ଗୁରୁତ୍ୱ ସମ୍ପର୍କରେ ଶୁଣନ୍ତୁ ।

୧୩୧ । ବାବା ଏହି କାଠପଟାର ଗୁରୁତ୍ୱ ସମ୍ପର୍କରେ ଥରେ ବୁଝାଉଥିବା ସମୟରେ କାକାସାହେବଙ୍କ ମନ ମଧ୍ୟରେ ଏକ ଧାରଣା ଉପୁଜିଥିଲା । ସେକଥା ଶୁଣନ୍ତୁ ।

୧୩୨ । ସେ ବାବାଙ୍କୁ କହିଥିଲେ, "ଆପଣ ଯଦି ପଟା ଉପରେ ଶୋଇବା ପାଇଁ ଭଲ ପାଉଥାନ୍ତି, ତେବେ ଆଉ ଗୋଟିଏ ପଟା ମୁଁ ସୁନ୍ଦର ଭାବରେ ଟାଙ୍ଗିଦେବି । ଆପଣ ତା' ଉପରେ ଆରାମରେ ଶୋଇ ପାରିବେ ।"

୧୩୩ । ବାବା ଉତ୍ତର ଦେଇଥିଲେ, "ମୁଁ ମହାଲ୍‌ସାପତିଙ୍କୁ ତଳେ ଛାଡ଼ିଦେଇ କିପରି ଉପରେ ଏକୁଟିଆ ପଟାରେ ଶୋଇବି ? ମୁଁ ଭୂଇଁ ଉପରେ ଠିକ୍ ଅଛି ।"

୧୩୪ । କାକା ଶ୍ରଦ୍ଧା ସହକାରେ ଉତ୍ତର ଦେଇଥିଲେ, "ମୁଁ ଆଉ ଗୋଟିଏ ପଟା ଟାଙ୍ଗିଦେବି। ଆପଣ ଗୋଟିକରେ ଶୋଇବେ ଓ ଅନ୍ୟଟିରେ ମହାଲ୍‌ସାପତି ଶୋଇବେ।"

୧୩୫ । ଏ କଥାରେ ବାବା ବାଧାଦେଇ କହିଥିଲେ, "ସେ ଖଣ୍ଡିଏ ପଟା ଉପରେ କିପରି ଶୋଇପାରିବେ? କେବଳ ଯାହା ନିକଟରେ ଅସଂଖ୍ୟ ସଦ୍‌ଗୁଣ ରହିଥିବ, ସେଇହିଁ ଏ ପଟା ଉପରେ ଶୋଇପାରିବ।

୧୩୬। "ପଟା ଉପରେ ଶୋଇବା ସହଜ ନୁହେଁ। ମୋ ବ୍ୟତୀତ ଆଉ କିଏ ଏହା ଉପରେ ଶୋଇପାରିବ? ଯିଏ ନିଜ ଆଖି ଖୋଲାରଖି ଶୁଅନ୍ତି, ସେଇହିଁ କେବଳ ଏହା ଉପରେ ଶୋଇପାରିବ।

୧୩୭। "ମୁଁ ଶୋଇବାକୁ ଯିବା ସମୟରେ ତାଙ୍କୁ ନିର୍ଦ୍ଦେଶ ଦେଇଥାଏ, 'ତୁମ ହାତକୁ ମୋ ଛାତି ଉପରେ ରଖି ମୋ ପାଖରେ ବସି ରହିଥାଅ'।

୧୩୮। "ସେ ସେତକ ମଧ୍ୟ କରିପାରନ୍ତି ନାହିଁ। ସେ ବସିଥିବା ସମୟରେ ଢୁଳାଇଥାନ୍ତି ଓ ନିଦ୍ରାରେ ମୁଣ୍ଡ ଝୁଙ୍କାଇ ପକାନ୍ତି। ଏହି ପଟା ତାଙ୍କର କିଛି କାମରେ ଆସିବ ନାହିଁ। ଏହା କେବଳ ମୋରି ବିଛଣା ଭାବରେ କାମ କରିପାରିବ।

୧୩୯। 'ମୋ ହୃଦୟ ଉପରେ ହାତ ରଖି ପ୍ରଭୁଙ୍କ ନାମୋଚ୍ଚାରଣ ମୋର ହୃଦୟ ଭିତରେ ହେଉଥିବାର ଅନୁଭବ କର। ମୋତେ ନିଦ ହୋଇଯାଇଥିଲେ ଉଠାଇ ଦେବ,' ତାଙ୍କୁ ଏହିଭଳି ଆଦେଶ ହୋଇଥାଏ।

୧୪୦। "ଏହା ସତ୍ତ୍ୱେ ସେ ଗଭୀର ନିଦ୍ରାରେ ଶୋଇ ପଡ଼ନ୍ତି। ତାଙ୍କ ହାତର ଓଜନ ପଥର ଭଳି। ମୁଁ ଭଗତଙ୍କୁ ଡାକିଦିଏ ଓ ସେ ଆଖି ମଳ ମଳ କରି ନିଦରୁ ଉଠିପଡ଼ନ୍ତି।

୧୪୧। "ଯିଏ ସ୍ଥିର ହୋଇ ଭୂମି ଉପରେ ବସିପାରନ୍ତି ନାହିଁ, ଯିଏ ନିଦ୍ରାର ଦାସ ହୋଇଥାନ୍ତି, ସେ କିପରି ଏତେ ଉପରେ ଶୋଇ ପାରିବେ?"

୧୪୨। ତେଣୁ ବାବା ବହୁତ ସମୟରେ କହୁଥିଲେ, "ଯାହା ଆମର, ତାହା ଆମ ନିକଟରେ ଅଛି ଓ ଯାହା ଅନ୍ୟର, ତାହା ତାଙ୍କ ନିକଟରେ ରହିଛି।"

୧୪୩। ଶ୍ରୀସାଇନାଥଙ୍କର କାର୍ଯ୍ୟ ଅବର୍ଣ୍ଣନୀୟ! ତେଣୁ ହେମାଡ଼ ତାଙ୍କର ଶରଣାଗତ ହେଉଛି। ତାଙ୍କର କରୁଣା ଓ ଆଶୀର୍ବାଦ ମୋ ଉପରେ ରହିଛି ଏବଂ ମୋର ତାଙ୍କ ଉପରେ ସର୍ବଦା ଧ୍ୟାନ ରହିବା ସେହିଁ କରାଉଛନ୍ତି।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର ପଞ୍ଚଚତ୍ୱାରିଂଶତ୍ ଅଧ୍ୟାୟ "ଶ୍ରୀ ଗୁରୁପଦର ମାହାତ୍ମ୍ୟ" ଏଇଠାରେ ଶେଷ ହେଉଛି।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- କଂସ କୃଷ୍ଣଙ୍କର ମାମୁଁ ଥିଲେ କିନ୍ତୁ କୃଷ୍ଣଙ୍କୁ ମାରିବାକୁ ଚେଷ୍ଟା କରୁଥିଲେ।

୨- ରାବଣ ଲଙ୍କାର ରାଜା ଥିଲା। ସେ ସୀତାଙ୍କୁ ହରଣ କରିନେଇଥିଲା ଓ ଶ୍ରୀରାମଙ୍କର ଶତ୍ରୁ ହୋଇଥିଲା।

୩- ପୋକଜୋକ।

୪- ଋଷଭ ବଂଶର ନବନାଥ ହେଉଛନ୍ତି-କବି, ହରି, ଅନ୍ତରୀକ୍ଷ, ପ୍ରବୁଦ୍ଧ, ପିପ୍ପଲାୟନ, ଆବିର୍ହୋତ୍ର, ଦ୍ରୁମିଳ, ଚମସ ଓ କରଭାଜନ।

ଶ୍ରୀସାଇ ଏକ ରତ୍ନ ସିଂହାସନ ଉପରେ ବସିଥିଲେ ଓ ତାଙ୍କର ପାଦଦୁଇଟି ଜଳ ମଧ୍ୟରେ ବୁଡ଼ି ରହିଥିଲା। ମୁଁ ଏହିଭଳି ସୁନ୍ଦର ମୂର୍ତ୍ତି ଦେଖିଥିଲି। (୪୫ଶ ଅଧ୍ୟାୟ, ପଂକ୍ତି ୮୧)

ବିଚିତ୍ର ସଂଯୋଗବଶତଃ ମାଧବରାଓ ମଧ୍ୟ ସେଠାରେ ଛିଡ଼ା ହୋଇଥିଲେ। 'ଆନନ୍ଦରାଓ ! ଚରଣରେ ପ୍ରଣାମ କର' ବୋଲି ସେ ମୋତେ ଭାବାବେଗରେ କହିଥିଲେ। (୪୫ଶ ଅଧ୍ୟାୟ, ପଂକ୍ତି ୮୩)

ମୁଁ କିପରି ମୋ ମସ୍ତକକୁ ତାଙ୍କ ଚରଣ ଉପରେ ଥାପିପାରିବି, ତାହାତ ଜଳ ମଧ୍ୟରେ ରହିଛି ? ମୁଁ କିଛି ବୁଝି ପାରୁନାହିଁ'। (୪୫ଶ ଅଧ୍ୟାୟ, ପଂକ୍ତି ୮୫)

ସେ ଏପରି କହିବା ମାତ୍ରକେ ବାବା ପାଦଦୁଇଟିକୁ ବାହାର କରି ଆଣିଥିଲେ ଓ ମୁଁ ସେହି ଦୁଇଟିକୁ ସଂଗେ ସଂଗେ ଧରି ପକାଇ ପ୍ରଣାମ କରିଥିଲି। (୪୫ଶ ଅଧ୍ୟାୟ, ପଂକ୍ତି ୮୭)

(ସପ୍ତମ ଦିନର ପାରାୟଣ-ବୁଧବାର)

॥ ୪୬ ॥

କାଶୀ ଓ ଗୟା ଯାତ୍ରା ଏବଂ ଛାଗଳ ଜନ୍ମ ବୃତ୍ତାନ୍ତ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇ, ଆପଣଙ୍କର ଚରଣକୁ ଧନ୍ୟ । ଆପଣଙ୍କର ସ୍ମରଣ ଓ ଦର୍ଶନ ମଧ୍ୟ ଆମକୁ କର୍ମବନ୍ଧନରୁ ମୁକ୍ତ କରିଥାଏ ଓ ଆମେ ମଧ୍ୟ ଧନ୍ୟ ହୋଇଥାଉ ।

୨ । ଯଦିଓ ଆପଣଙ୍କର ଶାରୀରିକ ରୂପ ଆମ ନିମନ୍ତେ ବର୍ତ୍ତମାନ ଅଦୃଶ୍ୟ, ତଥାପି ଭକ୍ତି ଓ ବିଶ୍ୱାସ ଯୋଗୁଁ ଭକ୍ତମାନେ ଜୀବନ୍ତ ଅନୁଭୂତି ଲାଭ କରି ପାରୁଛନ୍ତି । ସମାଧି ମଧ୍ୟରୁ ଆପଣଙ୍କ ଆତ୍ମା ଜାଗ୍ରତ ହୋଇ ସଂଗେ ସଂଗେ ଦୃଶ୍ୟମାନ ହେଉଅଛି ।

୩ । ଏକ ସୂକ୍ଷ୍ମ ଓ ଅଦୃଶ୍ୟ ସୂତ୍ର ଦ୍ୱାରା ଆପଣ ନିଜର ଭକ୍ତମାନଙ୍କୁ ଦୂର ଦୂରାନ୍ତରରୁ ଟାଣି ଆଣୁଛନ୍ତି ।

୪ । ସେମାନଙ୍କୁ ଆଣି ନିଜ ପାଦତଳେ ସ୍ଥାନ ଦେଉଛନ୍ତି ଓ ମାତା ତାହାର ସନ୍ତାନକୁ ଛାତିରେ ଜଡ଼ାଇ ଧରିବା ପରି ସେମାନଙ୍କୁ ନିଜ ବକ୍ଷରେ ଆଲିଙ୍ଗନ କରୁଛନ୍ତି ।

୫ । ଆପଣ କେଉଁଠାରେ ରହିଛନ୍ତି, କେହି ଜାଣନ୍ତି ନାହିଁ । କିନ୍ତୁ ଆପଣ ଏଭଳି କୌଶଳରେ ସୂତ୍ରକୁ ଟାଣିଧରିଥାନ୍ତି ଯେ ଶେଷରେ ସେମାନେ ହୃଦୟଙ୍ଗମ କରନ୍ତି ଆପଣ ଭକ୍ତମାନଙ୍କ ପଛରେ ରହିଛନ୍ତି, ସେମାନଙ୍କୁ ସାହାଯ୍ୟ ଓ ବଳ ଦେଉଛନ୍ତି ।

୬ । ବୁଦ୍ଧିମାନ, ବିଜ୍ଞ ଓ ଜ୍ଞାନୀମାନେ ସେମାନଙ୍କର ଅହଂକାର ଯୋଗୁଁ ସଂସାର ବନ୍ଧନର ବୁଡ଼ିଆଣୀ ଜାଲ ମଧ୍ୟରେ ଛନ୍ଦି ହୋଇ ପଡ଼ିଥାନ୍ତି; କିନ୍ତୁ ନିଃସ୍ୱ, ନିଷ୍ପାପର ଓ ସରଳ ଭକ୍ତମାନେ ଆପଣଙ୍କର ଶକ୍ତିବଳରେ ଆପଣଙ୍କଠୁ ନିର୍ଭୟ ଆଶ୍ରୟ ପାଇଥାନ୍ତି ।

୭ । ଅଭ୍ୟନ୍ତରରେ ରହି ଅଦୃଶ୍ୟ ଭାବରେ ଆପଣ ସମସ୍ତ ଖେଳ ଖେଳିଥାନ୍ତି । ଅଥଚ ଅନାସକ୍ତର ପତାକା ଉଡ଼ାଇଥାନ୍ତି । ଆପଣ ସବୁ କରୁଥିଲେ ମଧ୍ୟ କିଛି କରନ୍ତି ନାହିଁ ବୋଲି ବାହାରେ ଦେଖାଇଥାଆନ୍ତି । ଆପଣଙ୍କର କାର୍ଯ୍ୟାଧାରାକୁ କେହି ଜାଣନ୍ତି ନାହିଁ ।

୮ । ତେଣୁ ଆପଣଙ୍କ ପାଦତଳେ ତନ୍, ମନ୍ ଓ ବାକ୍‌ଶକ୍ତିକୁ ସମର୍ପି ଦେଇ ଆମର ପ୍ରାରବ୍ଧର ବିନାଶ ପାଇଁ ଆମେ ସର୍ବଦା ଆପଣଙ୍କ ନାମ ଜପ କରୁଥାଉ ।

୯ । ଆପଣ ଆଶାୟୀମାନଙ୍କର ଆଶା ପୂରଣ କରିଥାନ୍ତି ଓ ଅନାସକ୍ତମାନଙ୍କୁ ଆପଣଙ୍କ ବାସସ୍ଥଳର ଆନନ୍ଦ ପ୍ରଦାନ କରିଥାନ୍ତି । ଆପଣଙ୍କର ଭକ୍ତମାନଙ୍କ ନିମନ୍ତେ ଆପଣଙ୍କର ମଧୁର ନାମ ଜପ କରିବାହିଁ ସହଜତମ ସାଧନା ।

୧୦ । ତାହା ଦ୍ୱାରା ପାପର ବିନାଶ ଘଟିଥାଏ ।

କାମନାବାସନା ଓ ଅଜ୍ଞତା ନିଃସନ୍ଦେହରେ ମୂଳପୋଛ ହୋଇଥାଏ। ସଦ୍‌ଗୁଣ କ୍ରମଶଃ ଉଦ୍ଭବ ହୁଏ ଓ ତାହାପରେ ପୁଣ୍ୟ ସଞ୍ଚୟ ବୃଦ୍ଧିପାଏ।

୧୧। ସଦ୍‌ଗୁଣ ଜାଗ୍ରତ ହେଲେ ଅନାସକ୍ତି ସତ୍ୱରେ ଆସିଥାଏ। ଇନ୍ଦ୍ରିୟଭୋଗ୍ୟ ସୁଖସନ୍ତୋଷର ମୁଠା ଶିଥିଳ ହୋଇଯାଏ, ଆତ୍ମଜ୍ଞାନ ଶୀଘ୍ର ମୂର୍ତ୍ତିମନ୍ତ ରୂପ ଧାରଣ କରେ ।

୧୨। ଭେଦାଭେଦ ଜାଣିପାରିବା ଯୋଗୁଁ ଜ୍ଞାନ ଅର୍ଜନ ହୋଇଥାଏ। ତା'ପରେ ଆମେ ଆମ ନିଜ ଆତ୍ମା ମଧ୍ୟରେ ନିବିଷ୍ଟ ହୋଇଥାଉ ଓ ଗୁରୁପଦରେ ବିନୀତ, ବଶମ୍ୱଦ ହୋଇଥାଉ। ଏହାକୁ ଗୁରୁଙ୍କ ନିକଟରେ ସମ୍ପୂର୍ଣ୍ଣ ସମର୍ପଣ ବୋଲି କୁହାଯାଇଥାଏ।

୧୩। ଶ୍ରୀସାଇଙ୍କ ଚରଣରେ ଶରଣାଗତ ହେବାର ଏକମାତ୍ର ଓ ନିଶ୍ଚିତ ଲକ୍ଷଣ ହେଉଛି ଯେ ଶିଷ୍ୟ ଧୀରସ୍ଥିର ଓ ଶାନ୍ତ ହୋଇଯାଏ ଏବଂ ଆନନ୍ଦ ଓ ଆଗ୍ରହ ସହକାରେ ତାହାର ଭକ୍ତିକୁ ସଠିକ ଭାବରେ ପ୍ରଦର୍ଶନ କରିଥାଏ।

୧୪। ଗୁରୁଙ୍କ ପ୍ରତି ଶ୍ରଦ୍ଧାପୂର୍ଣ୍ଣ ଭକ୍ତିଭାବହିଁ ଏକ ପବିତ୍ର ବିଧି। 'ମୁଁ ହିଁ ସେ' ହେଉଛି ଜ୍ଞାନର ସାରମର୍ମ। ଇନ୍ଦ୍ରିୟଗ୍ରାହ୍ୟ ସୁଖ ପ୍ରତି ବିମୁଖତା ହେଉଛି ସବୁଠାରୁ ବଳି ଅନାସକ୍ତି। ସତ୍ତ୍ୱଯୁକ୍ତ ସ୍ଥିତି ପ୍ରତି ବୈରାଗ୍ୟ ଏହି ସମୟରେ ଆସିଥାଏ।

୧୫। ଏକାନ୍ତ ବିଶ୍ୱାସ ଓ ନିଷ୍ଠା ସହକାରେ ଶାନ୍ତି, ଅନାସକ୍ତି, ଯଶ ଓ ଖ୍ୟାତି ପ୍ରାପ୍ତି ନିମିତ୍ତ ଯେଉଁ ଭକ୍ତି କରାଯାଇଥାଏ, ତାହାର ମହିମା ଧନ୍ୟ ।କାରଣ ଏହାପରେ ଶାନ୍ତି, ଅନାସକ୍ତି, ଯଶ ଓ ଖ୍ୟାତି ଅବିଚଳିତ ଭାବରେ ଆସିଥାଏ ଯାହା ସର୍ବଦା ଏହାର ଶକ୍ତି ମଧ୍ୟରେ ଥାଏ ।

୧୬। ଗୁରୁଙ୍କ ପ୍ରତି ଯାହାଙ୍କର ଏଭଳି ଭକ୍ତି ରହିଛି, ତାଙ୍କର ଅଭାବ କ'ଣ ରହିବ ? ସେ ଯାହା ଚାହିଁଥାନ୍ତି, ଅନାୟାସରେ ତାହା ପ୍ରାପ୍ତ ହୋଇଥାନ୍ତି।

୧୭। ବିଭାଘରରେ ଉପହାର ସ୍ୱରୂପ କନ୍ୟା ସାଙ୍ଗରେ ଜଣେ 'ଦାସ' ଯେମିତି ଦିଆଯାଏ, ସେମିତି ଏକ 'ଦାସ' ପକ୍ଷରେ ଏଭଳି ଭକ୍ତି ଉଦୟ ହେଲେ ଈଶ୍ୱରଙ୍କ ସହିତ ମିଳନ ହୋଇଥାଏ। ମୋକ୍ଷପ୍ରାପ୍ତି ନିଃସନ୍ଦେହରେ ହୋଇଥାଏ ଓ ତୀର୍ଥସ୍ଥଳଗୁଡ଼ିକ ପାଦ ତଳେ ଲୋଟି ଯାଇଥାନ୍ତି।

୧୮। ପୂର୍ବବର୍ତ୍ତୀ ଅଧ୍ୟାୟରେ ଦୀକ୍ଷିତଙ୍କ ଭାଗବତ ପଠନର ବର୍ଣ୍ଣନା କରାଯାଇଛି। ନବନାଥଙ୍କ ଭକ୍ତି ସମ୍ପର୍କରେ ତଥା ଶ୍ରୀସାଇ ପଦଦର୍ଶନ ସମ୍ପର୍କରେ ମଧ୍ୟ କୁହାଯାଇଅଛି।

୧୯। ସାଇଭକ୍ତ ଆନନ୍ଦରାଓ ପାଖାଡ଼େ ତାଙ୍କର ଆଶ୍ଚର୍ଯ୍ୟଜନକ ସ୍ୱପ୍ନର ବର୍ଣ୍ଣନା ଓ ସାଇଭକ୍ତିର ମହିମା ଶୁଣାଇଥିଲେ।

୨୦। ଶ୍ରୀସାଇ ଯାହାଙ୍କୁ ରକ୍ଷା କରିଥାନ୍ତି, ତାଙ୍କ ସହିତ ଅହର୍ନିଶି ଘରେ ବାହାରେ ସବୁଠାରେ ରହିଥାନ୍ତି।

୨୧। ଭକ୍ତ ଯେଉଁଠାକୁ ଯାଇଥାନ୍ତି, ପ୍ରତ୍ୟେକ ସ୍ଥାନରେ ଶ୍ରୀସାଇଙ୍କୁ ପାଇଥାନ୍ତି ଓ ଶ୍ରୀସାଇ ସେଠାରେ ପୂର୍ବରୁ ପହଞ୍ଚିଯାଇଥାନ୍ତି ଓ ଭକ୍ତଙ୍କୁ ଅପ୍ରତ୍ୟାଶିତ ଭାବରେ ଦର୍ଶନ ଦେଇଥାନ୍ତି।

୨୨। ଶ୍ରୋତାଗଣ ! ଆପଣମାନଙ୍କୁ ଏକ ଚମତ୍କାର ଓ ନୂତନ କାହାଣୀ ଶୁଣାଉଛି ।ଏହାକୁ ଶୁଣିଲେ ଆପଣମାନେ ଚମତ୍କୃତ ହେବେ। ଏହା ଆପଣମାନଙ୍କୁ ଆନନ୍ଦ ଦେବ ।

୨୩। ଏହି କାହାଣୀରେ ଶ୍ରୀସାଇଙ୍କର ଉକ୍ତିକୁ ଶୁଣିଲେ ସମାଧିର ଆନନ୍ଦ ନଗଣ୍ୟ ଓ ମ୍ଳାନ ହୋଇଯିବ। ଗୁଣୀ ଭକ୍ତମାନେ ଆତ୍ମାନନ୍ଦରେ ମଜ୍ଜିଯିବେ।

୨୪। ଏହି ମଧୁର କାହାଣୀର ପ୍ରତି ପଦପାତରେ ବିସ୍ମୟ ଭରି ରହିଛି, ଏହାକୁ ଶୁଣିଲେ ଶ୍ରୋତାମାନେ ନିଜକୁ ଭୁଲିଯିବେ ଓ ଭାବାବେଗରେ ଅତିଶୟ ନିମଗ୍ନ ହେବେ ।

ରାମକୃଷ୍ଣ ଦୀକ୍ଷିତ ଓରଫ୍ ବାବୁ

୨୫। କାକାସାହେବ ଦୀକ୍ଷିତଙ୍କ ବଡ଼ପୁଅ ବାବୁର ବ୍ରତୋପନୟନ ନାଗପୁରରେ କରାଯିବାର ସ୍ଥିର ହୋଇଥିଲା।

୨୬। ନାନାସାହେବ ଚାନ୍ଦୋରକରଙ୍କର ବଡ଼ପୁଅର ବାହାଘର ନିମନ୍ତେ ଗ୍ୱାଲିୟର ଯିବାର ଆବଶ୍ୟକତା ଥିଲା।

୨୭। ନାନା ଭାବିଥିଲେ ଯେ ବ୍ରତୋପନୟନ ସରିଯିବା ପରେ ପରେ କାକା ଡେରିନକରି ବାହାଘର ନିମନ୍ତେ ଗ୍ୱାଲିୟରକୁ ସଂଗେ ସଂଗେ ଚାଲି ଆସିପାରିବେ।

୨୮। କାକା ନାଗପୁରରୁ ଗ୍ୱାଲିୟରକୁ ନିର୍ବିଘ୍ନରେ ଆସି ପାରିବେ ବୋଲି ଭାବି ନାନା ଏଭଳି ଏକ ଶୁଭ ମୁହୂର୍ତ୍ତ ସ୍ଥିର କରିଥିଲେ, ଯାହା ଉଭୟଙ୍କ ନିମନ୍ତେ ସୁବିଧାଜନକ ହେବ।

୨୯। ତା'ପରେ ବାବାଙ୍କର ଅଗ୍ରଗଣ୍ୟ ଭକ୍ତ ନାନା ଆଗ୍ରହ ସହକାରେ ଶ୍ରୀସାଇଙ୍କ ଦର୍ଶନ ପାଇଁ ଓ ତାଙ୍କୁ ବିଭାଘର

ନିମନ୍ତ୍ରଣ ଜଣାଇବା ପାଇଁ ଶିରିଡ଼ି ଆସିଥିଲେ ।

୩୦ । କାକାସାହେବ ସେତେବେଳକୁ ସେଠାରେ ଥିଲେ । ନାନା ବାବାଙ୍କୁ ପୁଅ ବାହାଘରକୁ ଆସିବାପାଇଁ ନିମନ୍ତ୍ରଣ କରିବା ନିମନ୍ତେ ମସ୍‌ଜିଦ୍‌କୁ ଯୋଡ଼ ହସ୍ତରେ ଯାଇଥିଲେ ।

୩୧ । ବାବା କହିଥିଲେ, "ଭଲ କଥା । ଶାମାକୁ ସାଙ୍ଗରେ ନେଇଯାଅ !" ଦୁଇଦିନ ପରେ କାକା ପୁଅର ବ୍ରତଘର ନିମନ୍ତେ ବାବାଙ୍କୁ ନିମନ୍ତ୍ରଣ କରିଥିଲେ ।

୩୨ । ବାବା ତାଙ୍କୁ ମଧ୍ୟ ସେହି କଥା କହିଥିଲେ, "ଶାମାକୁ ସାଙ୍ଗରେ ନେଇଯାଅ !" କାକାସାହେବ କିନ୍ତୁ ବିନୀତ ଭାବରେ ବାବାଙ୍କୁ ନିଜେ ଆସିବା ନିମନ୍ତେ ପ୍ରାର୍ଥନା କରିଥିଲେ ।

୩୩ । ବାବା ସଂଗେ ସଂଗେ କହିଥିଲେ, "ମୁଁ କାଶୀ, ପ୍ରୟାଗ ଶୀଘ୍ର ବୁଲି ଆସି ଶାମା ଆଗରୁ ପହଞ୍ଚିଯିବି । ମୋତେ କେତେ ସମୟ ଲାଗିବ କି !"

୩୪ । ଶ୍ରୋତାଗଣ, ଏହି କଥାର ପ୍ରକୃତ ଅର୍ଥ ଖୋଜି ବୁଝିବାକୁ ଚେଷ୍ଟା କରନ୍ତୁ । ଏହା ବାବାଙ୍କର ସର୍ବବ୍ୟାପକତାକୁ ଦର୍ଶାଉଛି ।

୩୫ । ସେ ଯାହାହେଉ, ମଧ୍ୟାହ୍ନଭୋଜନ ପରେ ଶାମା (ମାଧବରାଓ) ଚିନ୍ତା କରିଥିଲେ ଯେ ସେ ଗ୍ୱାଲିୟରରେ ପହଞ୍ଚିଯିବା ପରେ, କାଶୀ ସେଠାରୁ ବେଶିଦୂର ହେବନାହିଁ ।

୩୬ । ସେ ନନ୍ଦରାମ(ମାରୁଆଡ଼ି)ଙ୍କ ନିକଟରୁ ଯାତ୍ରା ଖର୍ଚ୍ଚ ନିମନ୍ତେ ଶହେଟଙ୍କା କରଜ କରିଥିଲେ । ତା'ପରେ ସେ ବାବାଙ୍କ ନିକଟକୁ ତାଙ୍କର ଅନୁମତି ଭିକ୍ଷା କରିବା ନିମନ୍ତେ ଯାଇ ଅତି ସଂଭ୍ରମତାର ସହିତ କହିଥିଲେ ।

୩୭ । "ମୁଁ ଏଇ ମାଙ୍ଗଳିକ ଅନୁଷ୍ଠାନ ନିମନ୍ତେ ଗ୍ୱାଲିୟର ଯାଉଥିବାରୁ ସେହି ସୁଯୋଗରେ କାଶୀ ଓ ଗୟା ବୁଲି ଆସିଲେ ଭଲ ହେବ ବୋଲି ଭାବୁଛି ।

୩୮ । "ତେଣୁ ପ୍ରଭୁ ! ମୁଁ ଆପଣଙ୍କ ଚରଣ ସ୍ପର୍ଶକରି ପଚାରୁଛି, ମୁଁ କାଶୀ ଓ ଗୟା ଯାଇପାରିବି କି ?" ବାବା ଆନନ୍ଦରେ ମାଧବରାଓଙ୍କୁ ଅନୁମତି ଦେଇଥିଲେ ।

୩୯ । ଅଧିକନ୍ତୁ, ବାବା ତାଙ୍କୁ କହିଥିଲେ, "ଅଲୋଡ଼ା ପ୍ରଶ୍ନ କାହିଁକି ପଚାରୁଛ ? ସ୍ୱାଭାବିକ ଧାରାରେ ଯାହା କିଛି ହୋଇପାରୁଛି, ତାକୁ କେବେ ଛାଡ଼ିଦେବା ଉଚିତ୍ ନୁହେଁ ।"

୪୦ । ଯାହାହେଉ,ଏଭଳି ଅନୁମତି ମିଳିଯିବାପରେ ମାଧବରାଓ ଗାଡ଼ିଟିଏ ଭଡ଼ା କରି କୋପରଗାଁ ଯିବାକୁ ବାହାରିଥିଲେ । ତାଙ୍କର ଅପ୍ପା (କୋତେ)ଙ୍କ ସହିତ ଦେଖା ହୋଇଥିଲା ।

୪୧ । ଅପ୍ପା ତାଙ୍କ ନାତୁଣୀକୁ ଆଣିବା ନିମନ୍ତେ ଚାନ୍ଦୱାଡ଼ ଯାଉଥିଲେ । ମାଧବରାଓଙ୍କଠାରୁ କାଶୀ ଯିବାର ପ୍ରସ୍ତାବ ଶୁଣି ସେ ତାଙ୍କ ଟାଙ୍ଗାରୁ ଡେଇଁ ପଡ଼ିଥିଲେ ।

୪୨ । କାଶୀ ଯିବା ନିମନ୍ତେ ବାଟ ଖର୍ଚ୍ଚ ପାଇଁ ତାଙ୍କ ନିକଟରେ ଯଥେଷ୍ଟ ପଇସା ନଥିଲା । ତଥାପି ସେ ମାଧବରାଓଙ୍କ ଭଳି ଜଣେ ସଂଗୀଙ୍କର ସାହଚର୍ଯ୍ୟ ଛାଡ଼ିଦେବାକୁ ପ୍ରସ୍ତୁତ ନଥିଲେ ।

୪୩ । ମାଧବରାଓ ଆଗ୍ରହ ଦେଖାଇ ତାଙ୍କୁ ଉତ୍ସାହିତ କରୁଥିବାରୁ ଅପ୍ପା କୋତେଙ୍କୁ ବାଧାଦେବା ପାଇଁ ଆଉ କେହି ନଥିଲେ । ସେ ପରିସ୍ଥିତିର ସୁଯୋଗ ନେଇ ସଂଗେ ସଂଗେ ଗାଡ଼ି ଭିତରକୁ ଆନନ୍ଦରେ ପଶିଯାଇଥିଲେ ।

୪୪ । ଅପ୍ପା କୋତେ ପାଟିଲ ସ୍ୱଚ୍ଛଳ ବ୍ୟକ୍ତି ଥିଲେ । କିନ୍ତୁ ଯାତ୍ରା ନିମିତ୍ତ ତାଙ୍କ ନିକଟରେ ସେତେବେଳେ ଯଥେଷ୍ଟ ପଇସା ନଥିଲା । ତେଣୁ ସେ ଆଶଙ୍କା କରୁଥିଲେ ଯେ ହୁଏତ ତାଙ୍କର କାଶୀଯାତ୍ରା ସମ୍ଭବପର ହେବ ନାହିଁ ।

୪୫ । ସମୟ ଅନୁକୂଳ ଥିଲେ ଜଣେ ସୁଯୋଗକୁ ହାତଛଡ଼ା କରିବ ନାହିଁ । ଅପ୍ପା କୋତେ ମାଧବରାଓଙ୍କ ସାଙ୍ଗରେ ନିଶ୍ଚିତ ଭାବରେ ଯିବେ ବୋଲି ଭାବିଥିଲେ ।

୪୬ । ତାଙ୍କର ଅସୁବିଧା ବୁଝିପାରି ମାଧବରାଓ ଠିକ୍ ସମୟରେ ତାଙ୍କୁ ଉତ୍ସାହିତ କରିଥିଲେ ଓ ତାଙ୍କୁ ସାଙ୍ଗରେ କାଶୀ ନେଇଯାଇ ତାଙ୍କର ଇଚ୍ଛା ପୂରଣ କରିଥିଲେ ।

୪୭ । ସେମାନେ ପ୍ରଥମେ ନାଗପୁର ଯାଇ ବ୍ରତୋପନୟନ ଉତ୍ସବରେ ଯୋଗ ଦେଇଥିଲେ । ସେଠାରେ କାକାସାହେବ ମାଧବରାଓଙ୍କୁ ଖର୍ଚ୍ଚପତ୍ର କରିବା ନିମନ୍ତେ ଦୁଇଶହ ଟଙ୍କା ଦେଇଥିଲେ ।

୪୮ । ସେଠାରୁ ସେମାନେ ବିଭାଘର ଉତ୍ସବରେ ଯୋଗଦେବାକୁ ଗ୍ୱାଲିୟର ଯାଇଥିଲେ । ସେତେବେଳେ ନାନାସାହେବ ମାଧବରାଓଙ୍କୁ ଶହେଟଙ୍କା ଦେଇଥିଲେ ।

୪୯ । ନାନାଙ୍କର ନୂଆ ବନ୍ଧୁ ଶ୍ରୀମନ୍ତ ଜାଠର (ପୁଅର ଶ୍ୱଶୁର) ମଧ୍ୟ ମାଓବରାଓଙ୍କୁ ଶହେଟଙ୍କା ଦେଇଥିଲେ । ନାନା ତାଙ୍କର ଗୁରୁଭାଇ ମାଧବରାଓଙ୍କ ପ୍ରତି ଏହିପରି ସ୍ନେହ ପ୍ରଦର୍ଶନ କରିଥିଲେ ।

୫୦ । କାଶୀର ମଙ୍ଗଳା ଘାଟରେ ଜାଠରଙ୍କର ସୁନ୍ଦର

ରତ୍ନଖଚିତ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ମନ୍ଦିର ରହିଥିଲା।

୫୧। ଅଯୋଧ୍ୟାରେ ମଧ୍ୟ ତାଙ୍କର ଭବ୍ୟ ଶ୍ରୀରାମ ମନ୍ଦିର ରହିଥିଲା। ସେ ତାଙ୍କ ମ୍ୟାନେଜରଙ୍କ ଉପରେ ଏହି ଦୁଇ ଅତିଥିଙ୍କୁ ସମସ୍ତ ମର୍ଯ୍ୟାଦା ସହକାରେ ଉଭୟ ସ୍ଥାନରେ ଅଭ୍ୟର୍ଥନା ଜଣାଇବାର ଭାର ନ୍ୟସ୍ତ କରିଥିଲେ।

୫୨। ଗ୍ୱାଲିୟରରୁ ସେ ଦୁହେଁ ଓଜେ (ପାଲାସ୍କାର ଇନାମଦାର), ବିନିଓ୍ୱାଲେ (ନାନାଙ୍କ ଶଳା) ଓ ପେଣ୍ଢାରକର (ଜ୍ୱାଇଁ)ଙ୍କ ସହିତ ମଥୁରା ଯାଇଥିଲେ। ଏହି ତିନିଜଣ ସେଠାରୁ ଫେରି ଆସିଥିଲେ।

୫୩। ମାଧବରାଓ ଏବଂ କୋତେ ସେଠାରୁ ପ୍ରୟାଗ ଯାଇଥିଲେ ଓ ଅଯୋଧ୍ୟାରେ ରାମନବମୀ ଉତ୍ସବ ସମୟରେ ପହଞ୍ଚିଥିଲେ।

୫୪। ସେମାନେ ସେଠାରେ ଏକୋଇଶି ଦିନ ରହିଥିଲେ ଓ କାଶୀରେ ଦୁଇ ମାସ କଟାଇଥିଲେ। ସେହି ସମୟରେ ଚନ୍ଦ୍ରଗ୍ରହଣ ଓ ସୂର୍ଯ୍ୟୋପରାଗ ଘଟିଥିଲା। ତା'ପରେ ଦୁହେଁ ଗୟା ଯାଇଥିଲେ।

୫୫। ସେମାନେ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଶୁଣିବାକୁ ପାଇଥିଲେ ଯେ ଗୟାରେ ପ୍ଲେଗ ରୋଗ ମହାମାରୀ ରୂପରେ ବ୍ୟାପିଛି ଓ ସମସ୍ତେ ସେଠାରେ ଭୟାତୁର ଭାବରେ ରହିଛନ୍ତି।

୫୬। ଟ୍ରେନ ରାତ୍ରି ସମୟରେ ଷ୍ଟେସନରେ ପହଞ୍ଚିଥିଲା। ଦୁହେଁ ଧର୍ମଶାଳାରେ ଆରାମରେ ବିଶ୍ରାମ କରିଥିଲେ।

୫୭। ଗୟାପଣ୍ଡା (ତୀର୍ଥଯାତ୍ରୀମାନଙ୍କୁ ରହିବା ଖାଇବାର ବନ୍ଦୋବସ୍ତ କରାଇ ପୂଜାପାଠାଦି କରାଇ ଦେଇଥାନ୍ତି) ସେମାନଙ୍କୁ ବଡ଼ି ଭୋର ସମୟରେ ଭେଟିଥିଲେ। ସେ କହିଥିଲେ, "ଶୀଘ୍ର ଆସ। ତୀର୍ଥସ୍ନାନ ଆରମ୍ଭ ହୋଇଗଲାଣି।"

୫୮। ମାଧବରାଓ ମନ ଭିତରେ ବିଚଳିତ ବୋଧ କରୁଥିଲେ । ସେ ପଣ୍ଡାଙ୍କୁ ନିମ୍ନ ସ୍ୱରରେ ପଚାରିଥିଲେ, "ଆମେ ଯାଉଛୁ। କିନ୍ତୁ ତୁମ ଅଞ୍ଚଳରେ ପ୍ଲେଗ ମହାମାରୀ ବ୍ୟାପିଛି କି?"

୫୯। ସେ ସେମାନଙ୍କୁ କହିଥିଲେ, "ତୁମେ ନିଜେ ଆସି ଦେଖ। ସେଭଳି କିଛି ନାହିଁ। ନିର୍ଭୟରେ ଓ ନିଃସନ୍ଦେହରେ ମୋ ସାଙ୍ଗରେ ଆସ।"

୬୦। ତା'ପରେ ସେମାନେ ଗୟାପଣ୍ଡାଙ୍କ ବାସଭବନକୁ ଯାଇଥିଲେ। ତାଙ୍କର ବୃହତ୍ ଓ ସୁରମ୍ୟ ପ୍ରାସାଦକୁ ଦେଖି ସେମାନେ ଅତି ତୁଷ୍ଟ ହୋଇଥିଲେ।

୬୧। ସେମାନଙ୍କର ତୁଷ୍ଟ ହେବାର ଅନ୍ୟ ଏକ କାରଣ ମଧ୍ୟ ରହିଥିଲା। ସେମାନେ ଯେଉଁଠାରେ ବସିଥିଲେ, ସେଠାରେ ସେମାନଙ୍କ ସମ୍ମୁଖରେ ବାବାଙ୍କର ଏକ ଚିତ୍ରପଟ ରହିଥିବାର ଦେଖିଥିଲେ। ମାଧବରାଓ ଭାବବିହ୍ୱଳ ହୋଇ ପଡ଼ିଥିଲେ।

୬୨। ଶ୍ରୀସାଇଙ୍କର ଚିତ୍ରପଟ ଏତେ ଦୂରରେ ଗୟାରେ ଦେଖିପାରିବେ ବୋଲି ସେମାନେ କଦାପି ଆଶା କରୁନଥିଲେ।

୬୩। ମାଧବରାଓ ଅତି ଗଭୀରଭାବରେ ବିମୋହିତ ହୋଇ ପଡ଼ିଥିଲେ ଓ ତାଙ୍କର ଚକ୍ଷୁ ଲୋତକାପ୍ଲୁତ ହୋଇଯାଇଥିଲା। "ଆପଣ କାହିଁକି କାନ୍ଦୁଛନ୍ତି?" ବୋଲି ଗୟାପଣ୍ଡା ତାଙ୍କୁ ପଚାରିଥିଲେ।

୬୪। ବିନା କାରଣରେ ମାଧବରାଓ କାନ୍ଦୁଥିବାରୁ ଗୟା ପଣ୍ଡାଙ୍କ ମନରେ ସନ୍ଦେହ ଜାତହୋଇଥିଲା ଓ ସେ ବିବ୍ରତ ହୋଇ ପଡ଼ିଥିଲେ।

୬୫। ଗୟାପଣ୍ଡା ଅତ୍ୟନ୍ତ ବିଚଳିତ ହୋଇ ଭାବୁଥିଲେ ଯେ ମାଧବରାଓ ଗୟାରେ ପ୍ଲେଗ ଲାଗିଥିବାରୁ ଚିନ୍ତିତ ଅଛନ୍ତି ଓ ତାଙ୍କର ତୀର୍ଥଯାତ୍ରା ସମ୍ପୂର୍ଣ୍ଣ ହେବ ନାହିଁ ବୋଲି ବୋଧହୁଏ ଭାବୁଛନ୍ତି।

୬୬। "ମୁଁ ତୁମକୁ କହିସାରିଛି ଯେ ଏଠାରେ ପ୍ଲେଗ୍ ଆଦୌ ହୋଇନାହିଁ। ତଥାପି ତୁମେ ଚିନ୍ତା କରୁଛ? ତୁମକୁ ଚିନ୍ତିତ ଦେଖି ମୁଁ ପ୍ରକୃତରେ ଆଶ୍ଚର୍ଯ୍ୟ ହେଉଛି।

୬୭। "ତୁମର ଯଦି ମୋ ଉପରେ ବିଶ୍ୱାସ ନାହିଁ, ଅନ୍ୟ କାହାରିକୁ ପଚାରୁନାହଁ କାହିଁକି? ତୁମ ମୁଣ୍ଡର ଗୋଟିଏ ବାଳ ମଧ୍ୟ ବଙ୍କା ହେବ ନାହିଁ। ତୁମେ କାନ୍ଦୁଛ କାହିଁକି?

୬୮। "ଏହି ତୀର୍ଥଯାତ୍ରୀଙ୍କୁ ଦେଖ! ସେ କିପରି ବିନା କାରଣରେ କାନ୍ଦୁଛନ୍ତି। ପ୍ଲେଗ ମହାମାରୀ ତାଙ୍କୁ ହତବାକ୍ କରିଦେଇଛି ଓ ସେ ତାଙ୍କର ସାହସ ହରାଇଛନ୍ତି ।"

୬୯। ତେଣୁ ମାଧବରାଓ ଗୟାପଣ୍ଡାଙ୍କୁ ନିଜ ଅନ୍ତରର ଭାବନା ବୁଝାଇବାକୁ ଚେଷ୍ଟା କରି କହିଥିଲେ, "ମୋର ଏହି ମା(ସାଇ) ମୋ ଆଗରୁ କିପରି ଆସି ଏଠି ପହଞ୍ଚିଗଲେ?"

୭୦। "ମୁଁ କାଶୀ ଓ ପ୍ରୟାଗ ଶୀଘ୍ର ବୁଲି ଆସି ଶାମା ଆଗରୁ ପହଞ୍ଚିଯିବି" ବୋଲି ବାବା ପୂର୍ବରୁ କହିଥିଲେ। ଏହି ଚିତ୍ରପଟ ହିଁ ତାହାର ପ୍ରମାଣ ସ୍ୱରୂପ ଏଠାରେ ରହିଛି।

୭୧। ସେ ଗୃହ ମଧ୍ୟକୁ ପ୍ରବେଶ କରିବା ମାତ୍ରକେ ବାବାଙ୍କର ଚିତ୍ରପଟ ତାଙ୍କ ସମ୍ମୁଖରେ ଗୃହ ମଧ୍ୟରେ ଦେଖି ଏହା ଏକ ଅପ୍ରତ୍ୟାଶିତ ଓ ଅଦ୍ଭୁତ ଘଟଣା ବୋଲି ଅନୁଭବ କରିଥିଲେ।

୭୨। ସେ ଆବେଗ ଓ ଶ୍ରଦ୍ଧାରେ ବାଷ୍ପାକୁଳ ହୋଇ ପଡ଼ିଥିଲେ, ଆନନ୍ଦାଶ୍ରୁରେ ତାଙ୍କର ଚକ୍ଷୁ ଆପ୍ଲୁତ ହୋଇଯାଇଥିଲା, ତାଙ୍କର ସମଗ୍ର ଶରୀର ରୋମାଞ୍ଚିତ ହୋଇଥିଲା ଓ ଶରୀରରୁ ପ୍ରବଳ ଘର୍ମ ବୋହିଯାଇଥିଲା।

୭୩। ମାଧବରାଓଙ୍କର ଏହି ଅବସ୍ଥା ଗୟାପଣ୍ଡାଙ୍କ ମନରେ ଏକ ବିପରୀତ ପ୍ରଭାବ ପକାଇଥିଲା। ସେ ପ୍ରକୃତରେ ଭାବି ନେଇଥିଲେ ଯେ ପ୍ଲେଗ ଭୟରେ ମାଧବରାଓ କାନ୍ଦୁଛନ୍ତି।

୭୪। ଶାମା ଏହି ସମୟରେ କୌତୁହଳୀ ହୋଇ ଗୟାପଣ୍ଡାଙ୍କୁ ପଚାରି ଦେଇଥିଲେ, "ତୁମେ କିପରି ଏହି ଫଟୋଟିକୁ ପାଇଲ, ଆମକୁ କହିବ!"

୭୫। ତା' ପରେ ଗୟାପଣ୍ଡା ବାର ବର୍ଷ ତଳର ଏକ ଘଟଣା ମାଧବରାଓଙ୍କୁ କହିଥିଲେ। ଏହା ଏକ ଅଦ୍ଭୁତ ଘଟଣା ଥିଲା। ସେଇକଥା ଶୁଣନ୍ତୁ।

୭୬। ଗୟାପଣ୍ଡା ଜଣେ ଦୁଇଜଣ ନୁହେଁ, ଦୁଇଶହରୁ ତିନିଶହ ପର୍ଯ୍ୟନ୍ତ ଦଲାଲଙ୍କୁ ଗୟା ତୀର୍ଥଯାତ୍ରୀମାନଙ୍କର ନାମଧାମ ଇତ୍ୟାଦି ବିବରଣୀ ଲେଖି ରଖିବା ପାଇଁ ମନମାଡ୍ ଓ ପୁଣତାମ୍ବେଠାରେ ନିଯୁକ୍ତ କରିଥିଲେ।

୭୭। ତୀର୍ଥଯାତ୍ରୀମାନଙ୍କର ସୁବିଧା ଅସୁବିଧା ଦେଖିବା ଗୟାପଣ୍ଡାଙ୍କ ବ୍ୟବସାୟର ଅଙ୍ଗ । ସେ ଏହି କାର୍ଯ୍ୟରେ ବ୍ୟସ୍ତ ଥିବା ସମୟରେ ଥରେ ଶିରିଡ଼ି ଯାଇଥିଲେ।

୭୮। ଶ୍ରୀସାଇ ସମର୍ଥ ଜଣେ ମହାନ୍ ସନ୍ଥ ବୋଲି ସେ ଶୁଣିଥିଲେ। ସେ ତାଙ୍କୁ ଦର୍ଶନ କରି ନିଜକୁ ଶୁଦ୍ଧ କରିବାକୁ ଚାହିଁଥିଲେ।

୭୯। ସେ ଶ୍ରୀସାଇବାବାଙ୍କୁ ଦର୍ଶନ କରି ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ବାବାଙ୍କର ଏକ ଫଟୋ ସାଙ୍ଗରେ ନେଇଯିବା ପାଇଁ ତାଙ୍କ ମନରେ ଅଭିଳାଷ ହୋଇଥିଲା।

ମାଧବରାଓ ଦେଶପାଣ୍ଡେ
ଓରଫ୍ ଶାମା

୮୦। ମାଧବରାଓ ତାଙ୍କ କାନ୍ଥରେ ଫଟୋଟିଏ ଟାଙ୍ଗିଥିଲେ। ଗୟାପଣ୍ଡା ସେଇଟିକୁ ମାଗିଥିଲେ । ବାବାଙ୍କର ଅନୁମତି ନେଇ ମାଧବରାଓ ତାଙ୍କୁ ତାହା ଦେଇଥିଲେ।

୮୧। ଏହି ଚିତ୍ରଟି ତାଙ୍କ ପାଖରେ ଥିଲା ଓ ଇଏ ସେହି ଗୟାପଣ୍ଡା ଥିଲେ ବୋଲି ମାଧବରାଓ ମନେ ପକାଇଥିଲେ । 'ବାବା ମୋତେ ଏଠାକୁ କାହିଁକି ପଠାଇଦେଲେ ? ଆଉ ଏତେ ଦିନ ପରେ ତାଙ୍କ ସହିତ ସାକ୍ଷାତ କରାଇଦେଲେ' ବୋଲି ସେ ଚିନ୍ତା କରୁଥିଲେ।

୮୨। ଏହା ବାର ବର୍ଷ ତଳର ଏକ ଘଟଣା ହୋଇଥିବାରୁ କିଏ କାହିଁକି ଓ କିପରି ଏହାକୁ ମନେ ରଖିବ ? ସେ ଏ ସମ୍ବନ୍ଧରେ କେବେ ମଧ୍ୟ ଚିନ୍ତା କରିନଥିଲେ।

୮୩। କିନ୍ତୁ, ବାବାଙ୍କର ଲୀଳା ଅକଳ୍ପନୀୟ ! ସେ ଶାମାଙ୍କୁ କେବଳ ସେଇଠାକୁ ପଠାଇନଥିଲେ, ସେଠାରେ ତାଙ୍କର ଦର୍ଶନ ମଧ୍ୟ ଦେଇଥିଲେ। ଗୟାପଣ୍ଡା ମଧ୍ୟ ବହୁତ ଖୁସି ହୋଇଥିଲେ।

୮୪। ଶାମା ପଛ କଥା ମନେ ପକାଇଥିଲେ । ସେ ତାଙ୍କ ଘରେ ଥିବା ଏହି ଫଟୋଟି ବାବାଙ୍କର ଅନୁମତି ନେଇ ଏହି ଗୟାପଣ୍ଡାଙ୍କୁ ଦେଇଥିଲେ ।

୮୫। ଗୟାପଣ୍ଡା ମଧ୍ୟ ମନେ ପକାଇଥିଲେ । ସେ ଶିରିଡ଼ିରେ ପହଞ୍ଚିବା ପରେ ଶାମାଙ୍କ ଘରେ ରହିଥିଲେ ଓ ତାଙ୍କୁ ବାବାଙ୍କର ଦର୍ଶନ ଶାମା କରାଇଦେଇଥିଲେ।

୮୬। ତାହା ପରେ ସେମାନଙ୍କ ଆନନ୍ଦର ସୀମା ରହିନଥିଲା ଓ ପରସ୍ପରକୁ କୃତଜ୍ଞତା ଜ୍ଞାପନ କରିଥିଲେ। ସେ ଗୟାରେ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଇ ଶାମାଙ୍କର ବହୁତ ଯତ୍ନ ନେଇଥିଲେ ।

୮୭। ସେ ଏତେ ଧନୀ ଥିଲେ ଯେ ତାଙ୍କ ଦ୍ୱାର ସମ୍ମୁଖରେ ଏକାଧିକ ହାତୀ ବନ୍ଧା ହୋଇ ରହିଥିଲେ। ସେ ନିଜେ ପାଲିଙ୍କିରେ ବସି ଶାମାଙ୍କୁ ହାତୀରେ ବସାଇ ବୁଲାଇଥିଲେ।

୮୮। ଆବଶ୍ୟକୀୟ ପୂଜା ସାମଗ୍ରୀ ଧରି ସେମାନେ ଆନନ୍ଦରେ ବିଷ୍ଣୁପାଦଂ ଯାଇଥିଲେ। ସେମାନେ ଦେବତାଙ୍କୁ

ବିଧି ଅନୁଯାୟୀ ସ୍ନାନ କରାଇଥିଲେ ଓ ନିର୍ଦ୍ଧାରିତ ପଦ୍ଧତିରେ ପିଣ୍ଡଦାନ[୨] କରିଥିଲେ।

୮୯। ପରେ ନୈବେଦ୍ୟ ଅର୍ପଣ କରିଥିଲେ ଓ ବ୍ରାହ୍ମଣମାନଙ୍କୁ ଭୋଜନ ଦେଇ ସନ୍ତୁଷ୍ଟ କରାଇଥିଲେ। ବାବାଙ୍କ ଅନୁଗ୍ରହରୁ ସେମାନଙ୍କର ତୀର୍ଥଯାତ୍ରା ଆନନ୍ଦରେ ସମାପ୍ତ ହୋଇଥିଲା।

୯୦। ଏହି କାହାଣୀର ସାରାଂଶ ହେଉଛି ବାବାଙ୍କ କଥାର ତାତ୍ପର୍ଯ୍ୟ । ବାବାଙ୍କ କଥା କିପରି ଅକ୍ଷରେ ଅକ୍ଷରେ ସତ୍ୟ ବୋଲି ଅନୁଭବ ହୋଇଥାଏ । ଭକ୍ତମାନଙ୍କ ପ୍ରତି ତାଙ୍କର କିଭଳି ପ୍ରଚୁର ସ୍ନେହ ରହିଥିଲା, ଏହାର ସୂଚନା ଏଇଥିରୁ ମିଳେ ।

୯୧। କେବଳ ଭକ୍ତମାନଙ୍କ ନିମନ୍ତେ ଯେ ସ୍ନେହ ରହିଥିଲା, ତାହା ନୁହେଁ । ସେ ସମସ୍ତ ପ୍ରାଣୀଙ୍କୁ ସମାନ ଦୃଷ୍ଟିରେ ଦେଖୁଥିଲେ। ସେ ସର୍ବୋଚ୍ଚ ସ୍ତରରେ ସେମାନଙ୍କ ସହିତ ଏକ ଥିଲେ। ସେମାନଙ୍କ ନିମିତ୍ତ ତାଙ୍କର ଅତିଶୟ ସ୍ନେହ ରହିଥିଲା।

୯୨। ବାବା ବେଳେ ବେଳେ ଲେଣ୍ଡିରୁ ମସ୍‌ଜିଦ୍ ଫେରୁଥିବା ସମୟରେ ଦଳ, ଦଳ ହୋଇ ଛେଳିଙ୍କୁ ଯାଉଥିବାର ଦେଖୁଥିଲେ ଓ ଅତ୍ୟନ୍ତ ଆନନ୍ଦିତ ହେଉଥିଲେ।

୯୩। ଦଳର ସମସ୍ତଙ୍କ ଉପରେ ଆଖି ବୁଲାଇ ଆଣି ବେଳେ ବେଳେ ସେ ଗୋଟିଏ କିମ୍ବା ଦୁଇଟି ଛେଳିକୁ ଧରି ପକାଉଥିଲେ ଓ ସେମାନଙ୍କୁ ଦଳଠାରୁ ଅଲଗା କରି ରଖୁଥିଲେ।

୯୪। ମାଲିକ ଯେଉଁ ଦାମ୍ କହୁଥିଲେ, ବାବା ତାଙ୍କୁ ତାହା ସଂଗେ ସଂଗେ ଦେଇ ଦେଉଥିଲେ। ସେ ଛେଳିଙ୍କୁ ନେଇ କୋଣ୍ଡାଜୀଙ୍କ ଘରେ ରଖୁଥିଲେ। ଏହା ବାବାଙ୍କର ଏକ ଅଭ୍ୟାସ ଥିଲା।

୯୫। ଥରେ ବାବା ଦୁଇଟି ଛେଳିକୁ ବତିଶି ଟଙ୍କା ଦେଇ କିଣିଥିଲେ। ସମସ୍ତେ ଚକିତ ହୋଇ ଯାଇଥିଲେ।

୯୬। ସେ ଏହି ଛେଳି ଦୁଇଟିକୁ ଦେଖିବା ପରେ ତାଙ୍କ ମନ ମଧ୍ୟରେ ହଠାତ୍ ସ୍ନେହ ଉଚ୍ଛୁଳି ପଡ଼ିଥିଲା। ସେ ଛେଳି ପାଖକୁ ଯାଇଥିଲେ ଓ ଦୁଇ ଛେଳିର ପିଠି ଆପୁଡ଼ାଇଥିଲେ।

୯୭। ଦୁହେଁଯାକ ପଶୁଯୋନିରେ ଜନ୍ମ ହୋଇଥିବାର ଦେଖି ଉଭୟଙ୍କ ପ୍ରତି ଶ୍ରୀସାଇଙ୍କର କରୁଣା ଉଦ୍ରେକ ହୋଇଥିଲା। ଉଭୟଙ୍କୁ ଏହି ଅବସ୍ଥାରେ ଦେଖି ସେ ଦୟାରେ ବିଗଳିତ ହୋଇ ପଡ଼ିଥିଲେ ଓ ତାଙ୍କ ଅନ୍ତରରୁ ସ୍ନେହ ହଠାତ୍ ଉଚ୍ଛୁଳି ପଡ଼ିଥିଲା।

୯୮। ଛେଳି ଦୁଇଟିକୁ ବାବା ପାଖକୁ ଆଣି ଦୁହିଁଙ୍କୁ ସ୍ନେହରେ ଗେଲ କରିଥିଲେ। ଦୁହିଁଙ୍କ ପ୍ରତି ବାବାଙ୍କର ସ୍ନେହ ଦେଖି ଉପସ୍ଥିତ ଭକ୍ତମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୯୯। ସେ ଦୁହେଁ ପୂର୍ବ ଜନ୍ମରେ ଅତ୍ୟଧିକ ଲୋଭର ବଶବର୍ତ୍ତୀ ଥିଲେ ବୋଲି ଶ୍ରୀସାଇ ମନେ ପକାଇଥିଲେ ଓ ବର୍ତ୍ତମାନର ପଶୁଜନ୍ମ ଦେଖି ଦୁହିଁଙ୍କ ପ୍ରତି ସ୍ନେହ ପ୍ରକାଶ କରିଥିଲେ। ଦୁହିଁଙ୍କ ପ୍ରତି ତାଙ୍କର ଅତୁଳନୀୟ ଦୟା ଉଦ୍ରେକ ହୋଇଥିଲା।

୧୦୦। ଯେତେବେଳେ ଛେଳି ଗୋଟାକର ମୂଲ୍ୟ ମାତ୍ର ଦୁଇଟଙ୍କା, କିମ୍ବା ଅତିବେଶିରେ ତିନି କିମ୍ବା ଚାରି ଟଙ୍କା ହୋଇଥାନ୍ତା, ବାବା ଷୋହଳ ଟଙ୍କା ଦେଇଥିଲେ । ଏହା ଧାରଣାର ବାହାରେ ଥିଲା। ତାତ୍ୟା ମଧ୍ୟ ଏହାଦେଖି ଚକିତ ହୋଇଥିଲେ।

୧୦୧। ଛେଳିମାଲିକ ଏହି ମୂଲ୍ୟ ମାଗିଥିଲେ ଓ କିଛି ମୂଲଚାଲ ନକରି ତାହା ବାବା ଦେଇଥିଲେ । ମାଧବରାଓ ଓ ତାତ୍ୟା ଏସବୁ ନିଜ ଆଖିରେ ଦେଖି ବାବାଙ୍କର ଆଚରଣକୁ ନାପସନ୍ଦ କରିଥିଲେ।

୧୦୨। ଦୁଇ ଟଙ୍କାର ଜିନିଷ ପାଇଁ ସେ କାହିଁକି ଷୋହଳ ଟଙ୍କା ଦେଲେ ? ବାବାଙ୍କ ନିକଟରେ ଟଙ୍କାର କ'ଣ କିଛି ମୂଲ୍ୟ ନାହିଁ ? କିମ୍ବା ସେ ନିଜ ମନ ଇଚ୍ଛା ଏପରି କଲେ ? ଏଭଳି ଯୁକ୍ତି ମଧ୍ୟ ଗ୍ରହଣୀୟ ନୁହେଁ।

୧୦୩। ଉଭୟ ରାଗରେ ବହୁତ ଗରଗର ହେଉଥିଲେ। ବାବା କାହିଁକି ଦରଦାମ୍ କଲେ ନାହିଁ ? ଉଭୟ ବାବାଙ୍କୁ ଦୋଷ ଦେଉଥିଲେ। ଏହା କିପରି ମୂଲଚାଲ ହେଲା ?

୧୦୪। ବାବା କିପରି ଠକି ଗଲେ ? ଏହାକୁ ଦେଖିବା ନିମନ୍ତେ ସେଠାରେ ଅନେକ ଲୋକ ଠିଆ ହୋଇଥିଲେ। କିଛି କ୍ଷତି ହୋଇନଥିବା ଭଳି ମନୋଭାବ ଦେଖାଇ ବାବା ଶାନ୍ତ ଭାବରେ ଛିଡ଼ା ହୋଇଥିଲେ।

୧୦୫। ଦୁଇଜଣଯାକ ମନେ ମନେ ରାଗିଯାଇ ବାବାଙ୍କୁ ଦୋଷ ଦେଉଥିଲେ ମଧ୍ୟ ବାବା ଅବିଚଳିତ ଥିଲେ। ସେ ଅବିଚଳିତ ରହି ବେଶ୍ ଶାନ୍ତ ଓ ଆନନ୍ଦିତ ଥିଲେ।

୧୦୬। ତା'ପରେ ଉଭୟେ ସମ୍ମାନ ଓ ବିନୟ ସହକାରେ ବାବାଙ୍କୁ ପଚାରିଥିଲେ, "ଏହା କେଉଁ ପ୍ରକାରର ବଦାନ୍ୟତା ? ବତିଶି ଟଙ୍କା ବୃଥାରେ ଗଲା !"

୧୦୭। ଏହା କ'ଣ ଖାଲି ଟଙ୍କା ପଇସାର ପ୍ରଶ୍ନ ! ଏକଥା ଶୁଣିବା ପରେ ଶ୍ରୀସାଇ ସ୍ମିତ ହାସ୍ୟ ଦେଇ ଚିନ୍ତା କରିଥିଲେ, 'ମୁଁ ଏହି ପାଗଳମାନଙ୍କୁ କିପରି ବୁଝାଇବି ?'

୧୦୮। ତେବେ ବାବାଙ୍କର ମୁଖମଣ୍ଡଳକୁ ଲକ୍ଷ୍ୟ କରିବାର ଥିଲା । ତାଙ୍କର ଦୃଢ଼ତା ଟିକିଏ ବି ଟଳି ନଥିଲା। ଏହା ହେଲା ପରମ ଆନନ୍ଦର ଲକ୍ଷଣ । ସମସ୍ତେ ଦେଖି ବିସ୍ମିତ ହୋଇଥିଲେ।

୧୦୯। ଯାହାଙ୍କ ନିକଟରେ ଟିକିଏ ବି ବିରକ୍ତି ଭାବ ନାହିଁ, ଯିଏ ସର୍ବଦା ପରମଶାନ୍ତି ଅନୁଭବ କରୁଥାନ୍ତି ଓ ଯିଏ ସର୍ବତ୍ର ସର୍ବପ୍ରାଣୀଙ୍କ ମଧ୍ୟରେ ଭଗବତ୍ ଦର୍ଶନ କରୁଥାନ୍ତି, ତାଙ୍କୁ କେବେ ନିର୍ବୋଧତା ସ୍ପର୍ଶ କରିପାରିବ କି ?

୧୧୦। ଯିଏ ସଠିକ୍ ନିର୍ଣ୍ଣୟ ନେଇପାରନ୍ତି, ସେ କ୍ରୋଧ ଜାତହେବାକୁ ଦେଇନଥାନ୍ତି। ଯଦି ଦୈବାତ୍ ତାହା ହୋଇଥାଏ, ତେବେ ଶାନ୍ତିର ରତ୍ନଭଣ୍ଡାର ଖୋଲି ଯାଇଥାଏ।

୧୧୧। ଯାହାଙ୍କର ସବୁ ସମୟର ଚିନ୍ତା ହେଲା "ଆଲ୍ଲା ମାଲିକ," ତାଙ୍କ ମହିମାର ବର୍ଣ୍ଣନା ମୁଁ କିପରି କରିପାରିବି ? ତାଙ୍କର ଜୀବନ ଗହନ, ଅକଳ୍ପନୀୟ, ସମ୍ପୂର୍ଣ୍ଣ ପବିତ୍ର ଓ ମଙ୍ଗଳମୟ।

୧୧୨। ଯିଏ ସର୍ବଜ୍ଞାନର ସ୍ରଷ୍ଟା, ଭେଦାଭେଦ ନିର୍ଣ୍ଣୟର ରତ୍ନାଗାର, ଆତ୍ମାନନ୍ଦର ସାଗର, ଯାହାଙ୍କର ବୁଦ୍ଧିବୃତ୍ତିରେ କରୁଣା ରସାଣିତ ଓ ଯିଏ ତ୍ରିବାର ଶୁଦ୍ଧ, ସେ କ'ଣ କହିଥିଲେ ତାହା ଶୁଣନ୍ତୁ।

୧୧୩। ଉଭୟଙ୍କର ଜିଦ୍ ଦେଖି ବାବା ବୁଝାଇବାକୁ ଚେଷ୍ଟା କରିଥିଲେ। "ମୋର ଯେତେବେଳେ ଘରଦ୍ୱାର ନାହିଁ କି ବସିବା ପାଇଁ ସ୍ଥାନଟିକିଏ ନାହିଁ, ସେତେବେଳେ ମୁଁ କାହିଁକି ଧନ ଠୁଳ କରିବି ?"

୧୧୪। ତା'ପରେ ପୁଣି ସେ କହିଥିଲେ, "ଦୋକାନକୁ ପ୍ରଥମେ ଯାଇ ଚାରିସେର ମସୁର ଡାଲି କିଣିଆଣ। ସେଥିରୁ ଗୋଟିଏ ସେର ଛେଳିଙ୍କୁ ପେଟପୂରାଇ ଖାଇବାକୁ ଦିଅ। ତା'ପରେ ସେମାନଙ୍କୁ ନେଇ ସେହି ଛେଳିଗୋଠମାଲିକଙ୍କ ନିକଟରେ ଛାଡ଼ିଦିଅ।"

୧୧୫। ନିର୍ଦ୍ଦେଶ ଅନୁଯାୟୀ ଛେଳିମାନଙ୍କୁ ସେମାନେ ସଙ୍ଗେ ସଙ୍ଗେ ମସୁର ଡାଲି ଖୁଆଇଥିଲେ। ତା'ପରେ ସମୟ ନଷ୍ଟ ନକରି ସେ ଦୁହିଁଙ୍କୁ ଛେଳି ଗୋଠରେ ଛାଡ଼ି ଦେଇଥିଲେ ।

୧୧୬। ଏହି ସାଇଅବତାର ସ୍ପଷ୍ଟତଃ କଲ୍ୟାଣର ମୂର୍ତ୍ତିମନ୍ତ ରୂପ। ତାଙ୍କର ଏଇ ମହତ୍ ଚିନ୍ତାଧାରାରେ ତାତ୍ୟା, ଶାମା କିମ୍ବା ଅନ୍ୟ କେହି କ'ଣ ଅବା ପରାମର୍ଶ ଦେଇପାରିଥାନ୍ତେ ?

୧୧୭। ସେ ଅତି ସ୍ନେହରେ ଛେଳିଙ୍କୁ ମସୁର ଡାଲି ଖୁଆଇଥିଲେ ଓ ସେମାନେ ବେଶ୍ ସନ୍ତୁଷ୍ଟ ହୋଇଥିବାର ଲକ୍ଷ୍ୟ କରିଥିଲେ। ତା'ପରେ ମାଲିକଙ୍କ ନିକଟକୁ ଛେଳିମାନଙ୍କୁ ନେଇ ଛାଡ଼ିଦେବାକୁ କହିଥିଲେ। କାରଣ ଥିଲା ଯେ ସେ ଦୁହେଁ ନିଜ ଗୋଠ ମଧ୍ୟରେ ନିଶ୍ଚିନ୍ତରେ ବିଶ୍ରାମ ନେଇପାରିବେ।

୧୧୮। ଏହିଭଳି ଭାବରେ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ଛେଳି ଦୁଇଟିକୁ ଫେରାଇ ଦିଆଯାଇଥିଲା। ଦେଖିବାକୁ ଗଲେ,ଏହା ଏକ କ୍ଷତିକାରକ କାରବାର ଥିଲା। ତା'ପରେ ଶ୍ରୀସାଇ ସେମାନଙ୍କର ପୂର୍ବ ଜନ୍ମ ସମ୍ପର୍କରେ ଏକ ଅଦ୍ଭୁତ କାହାଣୀ ଶୁଣାଇଥିଲେ।

୧୧୯। ବାବା ଉଭୟ ତାତ୍ୟା ଓ ଶାମାଙ୍କୁ ସମାନ ଭାବରେ ଭଲ ପାଉଥିଲେ। ସେମାନଙ୍କର କ୍ରୋଧ ଶାନ୍ତ କରିବା ନିମନ୍ତେ ସେ ଏଇ ମଜାଦାର କାହାଣୀ କହିଥିଲେ।

୧୨୦। ଶ୍ରୀସାଇ ତାଙ୍କ ନିଜ ତରଫରୁ ଛେଳି ଦୁଇଟିର ପୂର୍ବ ଜନ୍ମର କାହାଣୀ ଶୁଣାଇଥିଲେ। ଶ୍ରୋତାମାନେ ମଧ୍ୟ ତାହା ଶୁଣନ୍ତୁ।

୧୨୧। "ଗତ ଜନ୍ମରେ ସେ ଦୁହେଁ ଭାଗ୍ୟବାନ ଥିଲେ। ଦୁହେଁ ମନୁଷ୍ୟ ଜନ୍ମ ପାଇଥିଲେ ଓ ମୋ ନିକଟରେ ରହୁଥିଲେ। ଦୁହିଁଙ୍କର କର୍ମଫଳ ଭୋଗ କରିବାର ଥିଲା।

୧୨୨। "ଏହି ଯେଉଁ ଦୁଇଟି ଛେଳି ଦେଖିଲ, ସେ ଦୁହେଁ ପୂର୍ବ ଜନ୍ମରେ ଦୁଇ ଭାଇ ଥିଲେ। ନିଜ ନିଜ ଭିତରେ ଅନ୍ତର୍ଦ୍ୱନ୍ଦ୍ୱ ଯୋଗୁଁ ସେମାନଙ୍କର ଶେଷ ଅବସ୍ଥା ପହଞ୍ଚିଥିଲା। ସେଇଥିଯୋଗୁଁ ଏହିପରି ଫଳ ହେଲା ।

୧୨୩। "ପ୍ରଥମେ ଦୁଇ ଭାଇଙ୍କ ମଧ୍ୟରେ ଖୁବ୍ ସ୍ନେହଶ୍ରଦ୍ଧା ରହିଥିଲା। ଉଭୟ ଏକତ୍ର ଖାଉଥିଲେ ଓ ଶୋଉଥିଲେ ଏବଂ

ପରସ୍ପରର ଭଲମନ୍ଦ ବୁଝୁଥିଲେ। ଦୁହିଁଙ୍କ ମଧ୍ୟରେ ବହୁତ ଏକତା ଓ ସଦ୍‌ଭାବ ରହିଥିଲା।

୧୨୪। ଦୁହେଁ ନିଜ ନିଜର ଭାଇ ଥିଲେ ମଧ୍ୟ ଧନ ପ୍ରତି ଦୁହିଁଙ୍କର ପ୍ରବଳ ଲୋଭ ଥିଲା ଓ ସେଇଥିପାଇଁ ଉଭୟଙ୍କ ମଧ୍ୟରେ ଶତ୍ରୁତା ପ୍ରଥମେ ସୃଷ୍ଟି ହୋଇଥିଲା। ଦୁହିଁଙ୍କର ନିଜ ନିଜର କର୍ମ ଓ ଭାଗ୍ୟ ସମ୍ମିଳିତ ହୋଇ ଦୁହିଁଙ୍କୁ ବହୁତ ଦୁଃଖ ଦେଇଥିଲା।

୧୨୫। ବଡ଼ଭାଇଟି ଖୁବ୍ ଅଳସୁଆ ଥିଲା। ସାନଭାଇ ସଦା ପରିଶ୍ରମୀ ଥିବାରୁ ଅଧିକ ଧନ ଠୁଳ କରିଥିଲା। ଏହା ଦେଖି ବଡ଼ ଭାଇର ଈର୍ଷା ବଢୁଥିଲା।

୧୨୬। ବଡ଼ଭାଇର ଧନ ପ୍ରତି ଲୋଭ ଯୋଗୁଁ ତା' ମନରେ କୁଭାବନା ଖେଳୁଥିଲା ଓ ସେ ତା'ର ରାସ୍ତାରୁ କଣ୍ଟାକୁ ହଟାଇ ଦେଲେ ତାହାର ଧନର ଅଭାବ ରହିବ ନାହିଁ ବୋଲି ଭାବୁଥିଲା।

୧୨୭। ଧନ ପ୍ରତି ଲୋଭ ତାହା ସମ୍ମୁଖରେ ବଡ଼ ହୋଇ ଛିଡ଼ା ହୋଇଥିଲା ଓ ତାହାର ଚକ୍ଷୁଥିବା ସତ୍ତ୍ୱେ ଧନଲୋଭ ତାକୁ ଅନ୍ଧକରି ଦେଇଥିଲା। ସେ ଭ୍ରାତୃସ୍ନେହକୁ ସମ୍ପୂର୍ଣ୍ଣ ରୂପେ ଜଳାଞ୍ଜଳି ଦେଇଥିଲା ଓ ସାନଭାଇକୁ ଜୀବନରୁ ମାରି ଦେବାକୁ ପ୍ରସ୍ତୁତ ହୋଇଥିଲା।

୧୨୮। ଭାଗ୍ୟର ମୁକାବିଲା କରିବା ଅତିଶୟ କଠିନ। ବିନା କାରଣରେ ଶତ୍ରୁତା ଦେଖାଦେଇଥିଲା। ଉଭୟ ଉଭୟଙ୍କର ଶଠତା ଜାଣି ଯାଇଥିଲେ ଓ ଲୋଭକୁ ନିୟନ୍ତ୍ରଣ କରିପାରିନଥିଲେ।

୧୨୯। ଦୁଇ ଭାଇଙ୍କର ଜୀବନକାଳ ସରିଯାଇଥିଲା। ଦୁହେଁ ଭ୍ରାତୃସ୍ନେହକୁ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଥିଲେ। ଦୁହେଁ ମଉଗର୍ବରେ ଆନ୍ଦୋଳିତ ହେଉଥିଲେ ଓ ଉଭୟେ ଶତ୍ରୁଭଳି ଲଢ଼ିଥିଲେ।

୧୩୦। ଜଣେ ଗୋଟାଏ ବଡ଼ ଠେଙ୍ଗାରେ ଅନ୍ୟର ମୁଣ୍ଡକୁ ଫଟାଇ ଦେଇଥିଲା ଓ ସେ ତଳେ ପଡ଼ିଯାଇଥିଲା। ସେହିଭଳି ଅନ୍ୟଜଣକ ଗୋଟିଏ କୁରାଢ଼ୀ ଧରି ନିଜର ଭାଇକୁ ଆଘାତ କରିଥିଲା।

୧୩୧। ତା'ପରେ ଦୁଇଜଣଯାକ ରକ୍ତର ଝରଣା ମଧ୍ୟରେ ଅଚେତ ହୋଇ ପଡ଼ିଯାଇଥିଲେ। କିଛି ସମୟ ପରେ ଦୁହିଁଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା ଓ ଉଭୟଙ୍କର ମୃତ୍ୟୁ ଘଟିଥିଲା।

୧୩୨। ଏହିଭଳି ଦୁଇଭାଇଙ୍କ ଜୀବନର ଅନ୍ତ ଘଟିଥିଲା। ଦୁହେଁ ତା'ପରେ ଏହି ଛେଳି ରୂପରେ ଜନ୍ମ ହୋଇଛନ୍ତି। ଦୁହିଁଙ୍କୁ ଦେଖିବା ପରେ ମୋର ଉଭୟଙ୍କର କାହାଣୀ ପରିଷ୍କାର ଭାବରେ ମନେ ପଡ଼ିଯାଇଥିଲା।

୧୩୩। ପୂର୍ବ ଜନ୍ମର କର୍ମଫଳ ଯୋଗୁଁ ସେ ଦୁହେଁ ଏବେ ଛେଳି ଜନ୍ମ ପାଇଛନ୍ତି। ଦୁହିଁଙ୍କୁ ଅପ୍ରତ୍ୟାଶିତ ଭାବରେ ଛେଳି ପଲ ମଧ୍ୟରେ ଦେଖି ମୋ ମନରେ ଶ୍ରଦ୍ଧା ଜାତ ହୋଇଥିଲା।

୧୩୪। ତେଣୁ ମୁଁ ଦୁହିଁଙ୍କ ନିମିତ୍ତ ପକେଟରୁ ଟଙ୍କା ଖର୍ଚ୍ଚ କରି ଦୁହିଁଙ୍କୁ ଆଶ୍ରୟ ଦେବାକୁ ଚାହିଁଥିଲି। ତୁମେ ଦୁହେଁ ଯନ୍ତ୍ରବତ୍ ହୋଇ ସେଦୁହିଁଙ୍କ ପୂର୍ବ ଜନ୍ମର କର୍ମଫଳ ଭଳି ରାସ୍ତାରେ ଛିଡ଼ା ହୋଇ ବାଧା ଦେଲ।

୧୩୫। ଛେଳି ଦୁଇଟି ପାଇଁ ମୁଁ ଦୟା ଅନୁଭବ କରିଥିଲି। କିନ୍ତୁ ତୁମ୍ଭମାନଙ୍କର ଜିଦ୍ ଯୋଗୁଁ ମୁଁ ଶେଷରେ ରାଜି ହୋଇ ଛେଳି ଦୁଇଟିକୁ ଛେଳିପଲର ମାଲିକଙ୍କୁ ଫେରାଇ ଦେଲି।"

୧୩୬। ସେ ଯାହାହେଉ, ଏ କାହାଣୀ ଏହିଠାରେ ସରିଲା। ଶ୍ରୋତାମାନେ ମୋତେ କ୍ଷମାକରନ୍ତୁ। ପରବର୍ତ୍ତୀ ଅଧ୍ୟାୟ ଶ୍ରବଣ କରି ଆପଣମାନେ ନିଶ୍ଚୟ ଆନନ୍ଦିତ ହେବେ।

୧୩୭। ତାହା ମଧ୍ୟ ପରମ ଶ୍ରଦ୍ଧାରେ ଭରପୂର। ତାହା ମଧ୍ୟ ଶ୍ରୀସାଇଙ୍କ ମୁଖନିଃସୃତ ଅମୃତ। ହେମାଡ଼ ଶ୍ରୀସାଇଙ୍କ ଚରଣରେ ଶରଣ ପଶୁଛି ଓ ଶ୍ରୋତାମାନଙ୍କୁ ବିନୟ ହେଉଛି ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "କାଶୀ ଓ ଗୟା ଯାତ୍ରା ଏବଂ ଛାଗଳ ଜନ୍ମବୃତ୍ତାନ୍ତ" ଶୀର୍ଷକ ଷଡ୍‌ଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ !

ପଦଟୀକା

୧- ଗୟାରେ ବିଷ୍ଣୁଙ୍କର ପଦଚିହ୍ନ।

୨- ମୃତ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଉଥିବା ପିଣ୍ଡୁଳା ଆକାରରେ ଅନ୍ନ କିମ୍ବା ଚାଉଳର ମୁଠା।

॥ ୪୭ ॥

ଶ୍ରୀସାଇଙ୍କ କଥିତ କାହାଣୀର ବର୍ଣ୍ଣନା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇଙ୍କ ମୁଖମଣ୍ଡଳକୁ ଧନ୍ୟ । ତାଙ୍କ ମୁଖମଣ୍ଡଳକୁ ଥରେ ଚାହିଁଦେଲେ ଜନ୍ମଜନ୍ମାନ୍ତରର ଦୁଃଖଶୋକ ଦୂର ହୋଇଯାଏ । ଏହା ଆନନ୍ଦର ଶାଶ୍ୱତ ଫଲଗୁ ଧାରା ।

୨ । ତାଙ୍କର ଦୟାପୂର୍ଣ୍ଣ ଚାହାଣି ମାତ୍ରକେ ପୂର୍ବ କର୍ମର ବନ୍ଧନ ତୁଟି ଯାଇଥାଏ । ତାଙ୍କର ଭକ୍ତଗଣ କ୍ଷଣିକ ମଧ୍ୟରେ ଆତ୍ମାନନ୍ଦରେ ମଜ୍ଜି ଯାଇଥାନ୍ତି ।

୩ । ତାଙ୍କର କରୁଣାପୂର୍ଣ୍ଣ ଚାହାଣିରେ ପୂର୍ବକର୍ମର ଦୋଷତ୍ରୁଟିଜନିତ ହତବୁଦ୍ଧି ଦୂର ହୋଇଯାଇଥାଏ । ତାଙ୍କର ଅନୁଗ୍ରହ ସୂର୍ଯ୍ୟକିରଣ ସଦୃଶ, ଯେଉଁଥିରେ ଜୁଳୁଜୁଳିଆ ପୋକମାନଙ୍କର ତେଜ ଲୁଚିଯାଇଥାଏ ।

୪ । ଭାଗିରଥୀ ନଦୀ ଏ ପୃଥିବୀର ସମସ୍ତ ପାପ ପ୍ରକ୍ଷାଳନ କରି ନିଜେ ଅପବିତ୍ର ହୋଇଯାଏ । ତାହାର ପୁଞ୍ଜୀଭୂତ ଅପବିତ୍ରତାକୁ ଦୂର କରିବା ନିମନ୍ତେ ସେ ସନ୍ଥମାନଙ୍କର ପଦଧୂଳିକୁ ଆଶ୍ରାକରିଥାଏ । ଗଙ୍ଗାମାତା ଭାବିଥାଆନ୍ତି:

୫ । 'ସନ୍ଥଙ୍କର ପାଦ ମୋତେ କେବେ ସ୍ପର୍ଶ କରିବ ? ସେମାନେ ସ୍ନାନ କରିବା ନିମନ୍ତେ କେବେ ଆସିବେ ? ସେମାନଙ୍କ ବିନା ମୋର ପାପ ଧୌତ ହେବନାହିଁ ।'

୬ । ଶ୍ରୀସାଇ ସମର୍ଥ ଏଭଳି ସନ୍ଥମାନଙ୍କର ମଉଡ଼ମଣି । ଏହିସବୁ କଥା ତାଙ୍କରି ବୋଲି ଜାଣିଥିବାରୁ ଗୁଣୀ ଓ ଜ୍ଞାନୀ ବ୍ୟକ୍ତିମାନେ ଏହି ପାବନ କାହାଣୀ ଅତି ସଂଭ୍ରମତା ସହକାରେ ଶୁଣିଥାନ୍ତି ।

୭ । ଏହି କାହାଣୀର ମାହାତ୍ମ୍ୟ ଅଦ୍ଭୁତ । ଶ୍ରୋତାମାନେ ବିଜ୍ଞ ହୁଅନ୍ତୁ ବା ଅଜ୍ଞ ହୁଅନ୍ତୁ, ସେମାନଙ୍କ କର୍ମର ବନ୍ଧନ ତୁଟି ଯାଇଥାଏ । ଏହା ଅତି ପବିତ୍ର କାହାଣୀ ।

୮ । ସମସ୍ତ ଚକ୍ଷୁର ଦୃଶ୍ୟ ଓ ସମସ୍ତ କର୍ଣ୍ଣର ଶ୍ରାବ୍ୟ ହେଉଛନ୍ତି ଶ୍ରୀସାଇ । ସେ ନିଜେ ମୋର ହୃଦୟ ମଧ୍ୟରେ ପ୍ରବେଶ କରିଛନ୍ତି ଓ ଏହି କାହାଣୀ ବର୍ଣ୍ଣନା କରୁଛନ୍ତି ।

୯ । ଶ୍ରୀସାଇ ନିଜେ ବିଶିଷ୍ଟ ଜ୍ଞାନୀ ଥିଲେ । ଏହି ଚମତ୍କାର କାହାଣୀ ଶୁଣିବା ପରେ ଶ୍ରୋତାମାନେ ନିଜ ନିଜର ଅହଂକାର ହରାଇବେ ଓ ଅଷ୍ଟସାତ୍ତ୍ୱିକ ଭାବରେ ପରିପୂର୍ଣ୍ଣ ହୋଇଯିବେ ।

୧୦ । ଶ୍ରୀସାଇଙ୍କ ମୁଖନିଃସୃତ ଏହି କାହାଣୀର ଉଦ୍ଦେଶ୍ୟ ପ୍ରତି ଧ୍ୟାନ ଦେଲେ ଓ ଏହାର ନୀତିବାଣୀ ଉପରେ ଦୃଷ୍ଟି ରଖିଲେ ଶ୍ରୋତାମାନେ ନିଜସ୍ୱ ପ୍ରଚେଷ୍ଟାରେ ସେମାନଙ୍କର ଈପ୍ସିତ ଲକ୍ଷ୍ୟ ହାସଲ କରିପାରିବେ ।

୧୧ । କିନ୍ତୁ ଶ୍ରୋତାମାନେ ମୋର ଯୁକ୍ତି ଟିକିଏ ଶୁଣନ୍ତୁ । ମୁଁ ଏହି କାହାଣୀର ବର୍ଣ୍ଣନାକାରୀ ହୋଇଥିଲେ ମଧ୍ୟ ଏକାଗ୍ରଚିତ୍ତ ନହେଲେ ଏହି କାହାଣୀର ସାରାଂଶ ବୁଝିପାରିବି ନାହିଁ ଓ ଆପଣମାନଙ୍କ ଭଳି ଫମ୍ପା ମସ୍ତିଷ୍କରେ ରହିଯିବି ।

୧୨। ଭକ୍ତମାନଙ୍କ ପ୍ରତି ଶ୍ରୀସାଇଙ୍କର ସ୍ନେହକୁ ମନେ ପକାଇଲେ ମୋର ମନ ତା'ର ସ୍ୱଭାବକୁ ଭୁଲିଯାଏ ଓ ସାଂସାରିକ ଜୀବନର ଜଞ୍ଜାଳ ସତ୍ତ୍ୱେ ମୁଁ ଶାନ୍ତି ଲଭିଥାଏ।

୧୩। ଏହି କାହାଣୀ ଧ୍ୟାନ ସହକାରେ ଶୁଣନ୍ତୁ । ଏହା ପୂର୍ବ କାହାଣୀ ସହିତ ସଂଶ୍ଳିଷ୍ଟ। କାହାଣୀକୁ ବିନା ବିରତିରେ ଶୁଣିଲେ ଏହା ସନ୍ତୋଷ ପ୍ରଦାନ କରିବ।

୧୪। ଗତ ଅଧ୍ୟାୟର ଶେଷରେ ଶ୍ରୋତାମାନେ ଦୁଇଟି ଛେଳିର କାହାଣୀ ଶୁଣିଥିଲେ । ସେ ଦୁହିଁଙ୍କର ପୂର୍ବ ଜନ୍ମ କଥା ବାବାଙ୍କର ମନେ ପଡ଼ିଯାଇଥିଲା ଓ ଉଭୟଙ୍କ ପ୍ରତି ବାବାଙ୍କର ଶ୍ରଦ୍ଧା ଓ ଆଦର କଥା ଶୁଣିଥିଲେ।

୧୫। ଏହି କାହାଣୀ ମଧ୍ୟ ସେହି ପ୍ରକାରର । ଧନ ପ୍ରତି ପ୍ରବଳ ଲୋଭ କିଭଳି ପତନ ଘଟାଇଥାଏ, ତାହା ଧ୍ୟାନ ଦେଇ ଶୁଣନ୍ତୁ।

୧୬। ଶ୍ରୀସାଇ ତାଙ୍କର ଅପାର ଅନୁଗ୍ରହରୁ ଗୋଟିଏ ପରେ ଗୋଟିଏ କାହାଣୀର ଅବତାରଣା କରି ଶ୍ରୋତାମାନଙ୍କୁ ନିରବଚ୍ଛିନ୍ନ ଭାବରେ ଶୁଣାଇ ଚାଲିଛନ୍ତି ଏବଂ ସେମାନଙ୍କ ସୁଖ ଓ ଆନନ୍ଦ ପ୍ରବର୍ଦ୍ଧିତ କରାଉଛନ୍ତି।

୧୭। ଶ୍ରୀସାଇ ସମର୍ଥ ନିଜେହିଁ ହେଉଛନ୍ତି କାହାଣୀ, ବର୍ଣ୍ଣନାକାରୀ ଓ ବର୍ଣ୍ଣନା। ହେମାଡ଼ ଏଠି କାହିଁକି ଓ କିପରି ରହିଛି ? ଏହା କେବଳ ଏକ ଧରିନିଆଯାଇଥିବା ନାମ।

୧୮। ମୁଁ ଯେତେବେଳେ ସାଇକାହାଣୀମାଳାର ସମୁଦ୍ର ତଟରେ ଉପବିଷ୍ଟ, ସେତେବେଳେ ସେଗୁଡ଼ିକର ଅଭାବ ରହିବ କାହିଁକି ? କଳ୍ପବୃକ୍ଷ ତଳେ ବସିଥିଲେ ଇଚ୍ଛା କରିବା ମାତ୍ରକେ ସବୁ ମନୋବାଞ୍ଛା ପୂରଣ ହୋଇଯାଏ ।

୧୯। ସୂର୍ଯ୍ୟଙ୍କ ବାସସ୍ଥାନରେ କେହି ପ୍ରଦୀପ ପାଇଁ ବ୍ୟସ୍ତ ହୋଇଥାନ୍ତି କି ? ଯିଏ ପ୍ରତିଦିନ ଅମୃତ ପାନ କରୁଛି, ସେ ବିଷ ପିଇବ କି ?

୨୦। ଯେତେବେଳେ ଆମର ରକ୍ଷକ ଭାବରେ ଶ୍ରୀସାଇଙ୍କ ଭଳି ଜଣେ ଅଛନ୍ତି, ସେତେବେଳେ ଅମୃତକାହାଣୀର ଅଭାବ ଘଟିବ କି ? ହୃଦୟଭରି ତାହା ଆସ୍ୱାଦନ କରନ୍ତୁ।

୨୧। 'କର୍ମ'ର ନିୟମ ଅକଳ୍ପନୀୟ। କେହି ଏହାକୁ ଭଲ ଭାବରେ ବୁଝି ପାରିନାହାନ୍ତି। ଏପରିକି ଅତି ଜ୍ଞାନୀ ମଧ୍ୟ ବୋକା ବନିଯାଆନ୍ତି, ଅଥଚ ଅଜ୍ଞ ନିଷ୍ପାପର ଭକ୍ତ ଉଦ୍ଧାର ପାଇଯାଆନ୍ତି।

୨୨। ସେହିପରି ଈଶ୍ୱରଙ୍କ ନିୟମକୁ ମଧ୍ୟ ବୁଝିବା କଠିନ। କିଏ ଅବା ତାହା ଲଙ୍ଘନ କରିପାରିବ ? ଆମେ କେବଳ ଆମର କର୍ତ୍ତବ୍ୟ କରିଯିବା ଓ ସଂସାରର ଆଚରଣ ବିଧି ଅନୁସରଣ କରିବା।

୨୩। ନଚେତ୍, ଏହା ସମ୍ପୂର୍ଣ୍ଣ ଶାସ୍ତ୍ରବିରୋଧୀ ହେବ ଓ ଜୀବନରେ ନିଜର କର୍ମମୁତାବକ ରୂପଧରି ମୃତ୍ୟୁପରେ ପୁନର୍ଜନ୍ମ ପ୍ରାପ୍ତ ହେବ।

୨୪। କେତେକ ନିଜ ନିଜର କୃତକର୍ମ ଅନୁସାରେ ତଥା ପବିତ୍ର ବିଧିବିଧାନର ସ୍ୱୀକୃତ ବ୍ୟବସ୍ଥା ଅନୁସାରେ ବୀଜ ବା ବୀର୍ଯ୍ୟ ଧାରଣ କରି ଜନନେନ୍ଦ୍ରିୟ ମଧ୍ୟରେ ପ୍ରବେଶ କରିଥାନ୍ତି ଓ ଅନ୍ୟ କେତେକ ସ୍ଥିର ସତ୍ତା ମଧ୍ୟରେ ପ୍ରବେଶ କରିଥାଆନ୍ତି ।

୨୫। ଜଣକର ଚିନ୍ତା ଅନୁଯାୟୀ ସେ ସାଧାରଣତଃ ଜନ୍ମ ହୋଇଥାଏ। ଶ୍ରୁତି ବା ପବିତ୍ରବିଧିର ପ୍ରକୃତ ଅର୍ଥ କାହାରିକୁ ଜଣାନାହିଁ। ଯଦି ପୁନର୍ଜନ୍ମ ନେବାକୁ ପଡୁଛି, ତେବେ ଆତ୍ମା ତାହାର ଇଚ୍ଛା ଅନୁଯାୟୀ ରୂପ ପରିଗ୍ରହ କରୁ।

୨୬। ଏକ ଶରୀର ମଧ୍ୟରେ ପୁନର୍ଜନ୍ମ ନେବା ବିଷୟରେ ମୂର୍ଖ ଓ ଅଜ୍ଞ ଲୋକମାନେ ଏକଥା ମନେ ରଖିବା ଉଚିତ୍ ଯେ ଏହା ନିଜର ପୁଣ୍ୟ ଉପରେ ନିର୍ଭର କରେ ଓ ସେମାନେ ସେହି ଅନୁଯାୟୀ ଶରୀର ଲାଭ କରିଥାନ୍ତି।

୨୭। ଯିଏ ମୃତ୍ୟୁ ପୂର୍ବରୁ ଆତ୍ମୋପଲବ୍ଧି ଲାଭ କରିବା ନିମନ୍ତେ ନିଜର ମନୁଷ୍ୟ ଶରୀରକୁ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରିଥାଏ, ତାହାକୁ ଜ୍ଞାନୀ ବୋଲି ବିବେଚନା କରାଯାଇଥାଏ ।

୨୮। ସେ ହିଁ କେବଳ ପାର୍ଥିବ ସ୍ଥିତିରୁ ମୁକ୍ତ। ଅନ୍ୟମାନେ ଭଉଁରୀ ମଧ୍ୟରେ ପଡ଼ି ଶରୀର ବନ୍ଧନରୁ ମୁକ୍ତ ହୋଇ ପାରନ୍ତି ନାହିଁ ଓ ଜନ୍ମ ଯନ୍ତ୍ରଣା ଭୋଗ କରୁଥାନ୍ତି।

୨୯। ଏହି କାହାଣୀର ଚମତ୍କାରିତା ହେଉଛି ଯେ 'ମୁଁ ହିଁ ଏ ଶରୀର' ଏଇ କୁଚିନ୍ତା ଦୂର ହୋଇଯାଏ ଓ ଅଷ୍ଟସାତ୍ତ୍ୱିକ ଭାବ ଉଦ୍ରେକ ହୋଇଥାଏ।

୩୦। ପ୍ରଚୁର ଧନସମ୍ପତ୍ତି ଥିବା ସତ୍ତ୍ୱେ ଯିଏ ବଡ଼ କୃପଣ, ସେ ଜୀବନରେ କେବଳ କନ୍ଦଳକୁ ନିମନ୍ତ୍ରଣ କରିଥାଏ। ମୃତ୍ୟୁ ପର୍ଯ୍ୟନ୍ତ ସେ ବ୍ୟର୍ଥ ଜୀବନ ଯାପନ କରୁଥାଏ।

୩୧। ତାହା ସହିତ ଯଦି ଶତ୍ରୁ ମନୋଭାବ ମିଶିଯାଏ, ତେବେ କଦାପି ଭଲ ହୋଇନଥାଏ। ସେଥିରୁ ନିବୃତ୍ତ ହୁଅ

ଓ ନିଜକୁ ସେଥିରୁ ଦୂରେଇ ରଖି ନିୟନ୍ତ୍ରଣରେ ରୁହ । ନଚେତ୍ ଏହା ମଣିଷ ଜୀବନକୁ ସମ୍ପୂର୍ଣ୍ଣ ରୂପେ ନଷ୍ଟ କରିଦେବ ।

୩୨ । ପରସ୍ପର ପ୍ରତି ଶତ୍ରୁତା ଆଚରଣ କଲେ ଜୀବନର ଉଚ୍ଚସ୍ତରରୁ ନିମ୍ନସ୍ତରକୁ ଖସି ଯିବାକୁ ହୋଇଥାଏ । ଋଣ, ଶତ୍ରୁଭାବ ଓ ହତ୍ୟା ଦ୍ୱାରା ଜୀବନର ସ୍ୱାଭାବିକ ବିବର୍ତ୍ତନ ବାଧା ପାଇଥାଏ ।

୩୩ । ମୁଁ ତେଣୁ ଶ୍ରୋତାମାନଙ୍କ ମଙ୍ଗଳ ନିମନ୍ତେ ଶ୍ରୀସାଇ ତାଙ୍କ ଅମୃତୋପମ ବାକ୍ୟରେ କହିଥିବା ଏହି ନିୟମ ସମ୍ପର୍କିତ ଏକ କାହାଣୀର ବର୍ଣ୍ଣନା କରୁଅଛି । ଏହା ଧ୍ୟାନ ସହକାରେ ଶୁଣନ୍ତୁ ।

୩୪ । ମା' ସାଇ ଯେଉଁଭଳି ଭାବରେ ଏହାକୁ ବର୍ଣ୍ଣନା କରିଥିଲେ ଓ ମୁଁ ତାହା ଶୁଣି ଯେଉଁପରି ମନେ ରଖିଛି, ଠିକ୍ ସେହି ଭାବରେ ତାହାର ପୁନରାବୃତ୍ତି କରୁଛି ।

୩୫ । ଶ୍ରୀସାଇ ନିଜେ ହିଁ ନିଜ ଜୀବନଚରିତର ରଚୟିତା ଓ ସେ ନିଜେହିଁ ବିଶଦଭାବରେ ଏହାକୁ ଲେଖାଇ ନେଉଛନ୍ତି । ହେମାଡ଼ କେବଳ ଗୋଟିଏ ଆୟୁଧ, ଯାହାକୁ ବାବା ନିୟନ୍ତ୍ରଣ କରୁଛନ୍ତି । ବାବା ଯାହା କହିଥିଲେ:

୩୬ । "ଦିନେ ସକାଳ ପ୍ରାୟ ୮ଟା ସମୟରେ ଜଳଖିଆ ସ୍ୱାଭାବିକ ଭାବରେ ଖାଇସାରି ବୁଲିବାକୁ ବାହାରି ଯାଇଥିଲି ।

୩୭ । ଚାଲି ଚାଲି ଥକିଯିବା ବେଳକୁ ଗୋଟିଏ ନଦୀ କୂଳରେ ପହଞ୍ଚିଥିଲି । ମୁଁ ଗୋଡ଼ ହାତ ଧୋଇ ସ୍ନାନ କରିଥିଲି ଓ ସତେଜ ବୋଧ କରିଥିଲି ।

୩୮ । ନଦୀଟି କେତେ ବଡ଼ ଥିଲା ? ଏହା ଆକାରରେ ରାହାତା ପାଖ ନଦୀ ଭଳି ହେବ । ସେଥିରେ ଜଳ ଭରପୂର ହୋଇ ବହିଯାଉଥିଲା ଓ ତାହାର ଦୁଇ କୂଳରେ ଗୁଡ଼ାଏ ବୁଦା ବଢ଼ିଥିଲା ।

୩୯ । ସେଠାରେ ଗୋଟିଏ ଚଲାପଥ ଥିଲା ଓ ଗାଡ଼ିଘୋଡ଼ାଙ୍କ ଯିବା ଆସିବା ନିମନ୍ତେ ଅନ୍ୟ ଏକ ରାସ୍ତା ମଧ୍ୟ ଥିଲା । ନଦୀକୂଳରେ ଗହଳିଆ ଗଛବୃକ୍ଷ ଥାଇ ତାହାର ଛାୟା ସୁନ୍ଦର, ଶୀତଳ ପରିବେଶ ସୃଷ୍ଟି କରୁଥିଲା ।

୪୦ । ଧୀରେ ଧୀରେ ଥଣ୍ଡା ପବନ ବହୁଥିବାରୁ ମୋତେ ବହୁତ ଆନନ୍ଦ ଲାଗୁଥିଲା । ମୁଁ ଗଛବୃକ୍ଷକୁ ଅନାଇ ରହି ଆରାମରେ ଛାଇରେ ବସିଯାଇଥିଲି ।

୪୧ । ମୁଁ ଚିଲମ ଲଗାଇବା ନିମନ୍ତେ ଛାପିକନାକୁ ଭିଜାଇବାକୁ ଯାଉଛି, ମୋତେ ଗୋଟିଏ ମଣ୍ଡୁକର ରଡ଼ି ଶୁଣାଗଲା ।

୪୨ । ନଦୀ କୂଳରେ ମଣ୍ଡୁକ ରହିବା କିଛି ବିଚିତ୍ର ନୁହେଁ ବୋଲି ଭାବି ମୁଁ ଛାପିକନାକୁ ଓଦାକରି ଫେରି ଆସିଥିଲି ଓ ଚକମକି ପଥର ହାତରେ ଧରିଥିଲି ।

୪୩ । ଚକମକି ପଥରକୁ ବାଡ଼େଇଦେବାରୁ ଅଗ୍ନି ସ୍ଫୁଲିଙ୍ଗ ବାହାରି ଥିଲା ଓ ଚିଲମରେ ଥିବା ତମାଖୁରେ ଲାଗିଥିଲା । ଏହି ସମୟରେ ଜଣେ ପଥିକ ସେଠାରେ ପହଞ୍ଚିଥିଲେ ଓ ମୋତେ ପ୍ରଣାମ କରି ମୋ ପାଖରେ ବସିଥିଲେ ।

୪୪ । ସେ ସସମ୍ମାନେ ମୋ ହାତରୁ ଚିଲମ ନେଇ ତାଙ୍କ ହାତରେ ଧରିଥିଲେ ଓ ସେହି ସମୟରେ କହିଥିଲେ, 'ଆପଣ ଅନେକ ଦୂରରୁ ଆସିଛନ୍ତି ବୋଲି ଜଣାପଡୁଛି ।

୪୫ । 'ମସ୍‌ଜିଦ୍ ଏଠାରୁ ଅନେକ ଦୂର । ଆପଣ ସେଠାରେ ଯାଇ ପହଞ୍ଚିବା ବେଳକୁ ବହୁତ ଖରା ହୋଇଯାଇଥିବ । ମୋ ଘର ନଦୀ ଆରପାଖରେ । ଚିଲମ ଟାଣି ସାରିବା ପରେ ଚାଲନ୍ତୁ, ଆମ ଘରକୁ ଯିବା ।'

୪୬ । 'ସେଠାରେ ଆପଣ କିଛି ଖାଇ ଟିକିଏ ବିଶ୍ରାମ ନେବେ । ତା'ପରେ ସୂର୍ଯ୍ୟ ଢଳିଗଲେ ଆପଣ ଆରାମରେ ଫେରିଯାଇ ପାରିବେ ।

୪୭ । 'ମୁଁ ମଧ୍ୟ ଆପଣଙ୍କ ସହିତ ଆସିବି ।' ଏହା କହିବା ପରେ ପଥିକ ଚିଲମରେ ନିଆଁ ଧରାଇଥିଲେ ଓ ଭକ୍ତି ସହକାରେ ମୋତେ ଟାଣିବା ନିମନ୍ତେ ଦେଇଥିଲେ ।

୪୮ । ସେହି ସମୟରେ ମଣ୍ଡୁକ ଅଧିକ ଜୋରରେ ଓ ବିକଳରେ ରଡ଼ି ଛାଡ଼ିଥିଲା । କିଏ ଏପରି କରୁଣ ଚିତ୍କାର କରୁଛି ବୋଲି ପଥିକ ମୋତେ ପଚାରିଥିଲେ ।

୪୯ । ମୁଁ କହିଥିଲି, "ନିଜର ପୂର୍ବ କର୍ମ ପାଇଁ ନଦୀକୂଳରେ ମଣ୍ଡୁକଟିଏ ବହୁତ ବିପଦରେ ପଡ଼ିଛି । ମୁଁ ସେହି କାହାଣୀ କହୁଛି, ଶୁଣ ।

୫୦ । "ଆମର ପୂର୍ବ ଜନ୍ମରେ ଆମେ ଯାହା ବୁଣିଥିବା, ଏ ଜନ୍ମରେ ତାହାହିଁ ଅମଳ କରିବା । ଜଣେ ନିଜର ଭାଗ୍ୟଫଳକୁ ଧୀରସ୍ଥିର ଭାବରେ ଭୋଗିବା ଉଚିତ୍ । କାନ୍ଦାକଟା କଲେ କିଛି ଲାଭ ହୁଏ ନାହିଁ ।"

୫୧ । ଏକଥା ଶୁଣିବା ପରେ ପଥିକ ମୋ ହାତକୁ ଚିଲମ ବଢ଼ାଇଦେଇ କହିଥିଲେ, "ମୁଁ ଯାଇ ଦେଖି ଆସୁଛି ।

୫୨ । "ଏହା ମଣ୍ଡୁକ ନା ଅନ୍ୟ କୌଣସି ଜନ୍ତୁ ? ତାହାର କ'ଣ ଅସୁବିଧା ମୁଁ ନିଜେ ଦେଖିବି ।"

୫୩ । ତାଙ୍କର ଆଗ୍ରହକୁ ଲକ୍ଷ୍ୟ କରି ମୁଁ କହିଥିଲି, "ଯାଇ ଦେଖିକରି ଆସ । ଗୋଟିଏ ବଡ଼ ସାପ ପାଟିରେ ବେଙ୍ଗ ପଡ଼ିଛି ଓ ତେଣୁ ଏପରି କାନ୍ଦୁଛି ।

୫୪ । "ଉଭୟ ବହୁତ ଦୁଷ୍ଟ ଥିଲେ ଓ ଉଭୟଙ୍କର କର୍ମ ମଧ୍ୟ ଭୟାନକ ଥିଲା । ସେମାନଙ୍କର ପୂର୍ବ ଜନ୍ମର ପାପ ଭୟଙ୍କର ଥିବାରୁ ସେମାନେ ଭିନ୍ନ ଭିନ୍ନ ରୂପରେ ଜନ୍ମନେଇ ନିଜ କର୍ମଫଳ ଭୋଗୁଛନ୍ତି ।"

୫୫ । ମୁଁ ଏଭଳି ମତ ଦେଇଥିଲି । ଏହାଶୁଣି ପଥିକ ସେହି ସ୍ଥାନକୁ ଯାଇଥିଲେ ଓ ପ୍ରକୃତରେ କ'ଣ ଘଟଣା ଦେଖିବା ପରେ ଫେରିଥିଲେ । ସେ ପ୍ରକୃତ ଅବସ୍ଥା ଜାଣିପାରିଥିଲେ ଓ ଫେରିଆସି ନିଶ୍ଚିତ ହୋଇ କହିଥିଲେ ।

୫୬ । "ସାପଟିର ପାଟି ବଡ଼ ଓ ବିକଟ ଦର୍ଶନ । ବେଙ୍ଗଟି ମଧ୍ୟ ଭୟଙ୍କର, କିନ୍ତୁ ସାପ ତାହାକୁ ନିଶ୍ଚିତ ଭାବରେ ଗିଳି ଦେବ ।

୫୭ । "ତାହାର ଆୟୁଷ ଆଉ ଅଳ୍ପ କ୍ଷଣ । ସେ ସାପ ପାଟିରେ ପଡ଼ିଯାଇଛି । ତା'ର ଭାଗ୍ୟ କେଢ଼େ ବିଚିତ୍ର ! ଶୀଘ୍ର ତାହାର ଅସ୍ତିତ୍ୱ ଲୋପ ହୋଇଯିବ ।"

୫୮ । ତା'ପରେ ମୁଁ ତାଙ୍କୁ କହିଥିଲି, "ଦେଖିବା, ସେ କିପରି ତାକୁ ମାରିବ ? ମୁଁ ତାହାର ରକ୍ଷକ ପିତା ଏଠାରେ ଉପସ୍ଥିତ ରହିଛି ! ମୁଁ ତାହାହେଲେ ଏଠି ରହିବି କାହିଁକି ?

୫୯ । "ମୁଁ କ'ଣ ପାଇଁ ମୋର ବାସସ୍ଥାନ ଛାଡ଼ି ଆସିଛି ! ସେହି ବେଙ୍ଗକୁ ସାପ ପାଟିରେ ପଡ଼ିବାକୁ ଦେବାପାଇଁ କ'ଣ ଏଠିକି ଆସିଛି ? ଦେଖ, ମୁଁ ତାହାକୁ କିପରି ରକ୍ଷା କରୁଛି ।

୬୦ । "ଏହି ଲଢ଼େଇ ସରିବା ପରେ ଆମେ ନିଜ ନିଜ ଘରକୁ ଯିବା । ଯାଅ, ଯାଅ, ଆଉଥରେ ଚିଲମ ଭର୍ତ୍ତିକର । ତା'ପରେ ସାପ କ'ଣ କରିବ, ଦେଖିବା ।"

୬୧ । ଚିଲମ ସଂଗେ ସଂଗେ ପ୍ରସ୍ତୁତ ହୋଇଯାଇଥିଲା । ପଥିକ ନିଜେ ସେଥିରେ ନିଆଁ ଧରାଇଥିଲେ ଓ ଜୋର୍‌ରେ ଗୋଟାଏ ଦମ୍ ଟାଣି ନେଇସାରି ମୋତେ ଦେଇଥିଲେ । ମୁଁ ଧୂଆଁ ଟାଣିବା ନିମନ୍ତେ ହାତରେ ଚିଲମ ଧରିଥିଲି ।

୬୨ । ମୁଁ ଜୋର୍‌ରେ ଗୋଟାଏ ଦିଇଟା ଦମ୍ ଧୂଆଁ ଟାଣିବା ପରେ ପଥିକକୁ ଧରି ସେଇ ବହଳ ଶାଗୁଆ ଘାସବୁଦା ପାଖକୁ ଯାଇଥିଲି ଓ ଘଟଣା ସ୍ଥଳରେ ପହଞ୍ଚିଥିଲି ।

୬୩ । ସେହି ସାପଟିକୁ ଆଉଥରେ ଦେଖି ପଥିକ ଭୟଭୀତ ହୋଇପଡ଼ିଥିଲେ । "ଏଇଟା କେତେ ବଡ଼ ?" କହି ଦେଇ ସେ ମୋତେ ଭୟରେ ଜାବୁଡ଼ି ଧରିଥିଲେ ।

୬୪ । ସେ ମୋତେ କହିଥିଲେ, "ଆଉ ଆଗକୁ ବଢ଼ନ୍ତୁ ନାହିଁ । ସାପ ଆମ ଆଡ଼କୁ ମାଡ଼ି ଆସିବ । ଏଠି ଏତେ ଅଣଓସାରିଆ ସ୍ଥାନରେ ଆମେ ଦୌଡ଼ି ପାରିବା ନାହିଁ । ନା, ନା, ସେଠାକୁ ମୋଟେ ଯାଆନ୍ତୁ ନାହିଁ ।"

୬୫ । ଏପ୍ରକାର ଦୃଶ୍ୟ ଦେଖି ପଥିକଙ୍କର ନିଜ ଜୀବନ ପ୍ରତି ଆଶଙ୍କା ଜାତ ହୋଇଥିଲା । ସାପ ଓ ବେଙ୍ଗର ଶତ୍ରୁତା ସମ୍ପର୍କରେ ବାବାଙ୍କର ଏହି ଉପଦେଶ ଶୁଣନ୍ତୁ ।

୬୬ । "ହେ ବୀରଭଦ୍ରପ୍ପା ! ତୁମର ଶତ୍ରୁ ବାସପ୍ପା ବେଙ୍ଗ ହୋଇ ଜନ୍ମ ହୋଇଥିଲେବି, କ'ଣ ସେ ଏପର୍ଯ୍ୟନ୍ତ ଅନୁତାପ କରିନାହିଁ ?

୬୭ । "ତୁମେ ସାପ ହୋଇ ଜନ୍ମନେବା ପରେ ମଧ୍ୟ ସେଇ ଅତୀତର ଘୋର ପାର୍ଥିବ ଶତ୍ରୁତା ଏବେବି ବଜାୟ ରଖିଛ ? ଅନ୍ତତଃପକ୍ଷେ ଏବେ ଲଜ୍ଜାବୋଧ କରି ତୁମର ଶତ୍ରୁତା ପରିତ୍ୟାଗ କର ଓ ଶାନ୍ତିରେ ରୁହ ।"

୬୮ । ଏହି ବାକ୍ୟ ଶୁଣିବା ମାତ୍ରକେ ସାପଟି ବେଙ୍ଗକୁ ଛାଡ଼ିଦେଇଥିଲା ଓ ଗଭୀର ଜଳ ମଧ୍ୟକୁ ଶୀଘ୍ର ପଳାଇ ଯାଇ ସେଠାରୁ ଅଦୃଶ୍ୟ ହୋଇଯାଇଥିଲା ।

୬୯ । ମୃତ୍ୟୁ ମୁଖରୁ ରକ୍ଷାପାଇ ବେଙ୍ଗଟି ଜୋର୍‌ରେ କୁଦାମାରି ଘଞ୍ଚ ଜଙ୍ଗଲିଆ ସ୍ଥାନରେ ଲୁଚି ଯାଇଥିଲା । ପଥିକ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

୭୦ । ସେ କହିଥିଲେ, "ମୁଁ ଏକଥା କିଛି ବୁଝି ପାରୁନାହିଁ । ଆପଣଙ୍କ କଥା ଶୁଣିବା ମାତ୍ରକେ ସାପ କାହିଁକି ବେଙ୍ଗକୁ ଛାଡ଼ିଦେଲା ଓ ପଳାଇଲା, ନିଜେ ବେଙ୍ଗ ମଧ୍ୟ ଲୁଚିଗଲା ?

୭୧ । "ଏମାନଙ୍କ ମଧ୍ୟରୁ ବୀରଭଦ୍ରାପ୍ପା କିଏ ଓ ବାସପ୍ପା କିଏ ?" ସେମାନଙ୍କର ଶତ୍ରୁତାର କାରଣ ସମ୍ପର୍କରେ ଜାଣିବାକୁ ପଥିକ ଚାହିଁଥିଲେ ଓ ପଚାରିଥିଲେ, "ମୋତେ ଏ ସମ୍ବନ୍ଧରେ ଦୟାକରି କହନ୍ତୁ ।"

୭୨ । "ଠିକ୍ ଅଛି । ଚାଲ, ଗଛ ଛାଇରେ ବସି ଆଉଥରେ

ଚିଲମ ଟାଣିବା ଓ କଥା ହେବା" ବୋଲି ବାବା କହିଥିଲେ। "ତା'ପରେ ମୁଁ ତୁମର କୌତୁହଳ ମେଣ୍ଟାଇବି ଓ ମୁଁ ମୋ ନିଜ ସ୍ଥାନକୁ ଫେରିଯିବି।"

୭୩। 'ଗହଳିଆ ଗଛ ଛାଇଥିବା ସ୍ଥାନକୁ ଆମେ ଦୁହେଁ ଆସିଥିଲୁ। ଥଣ୍ଡା ପବନ ଧୀରେ ଧୀରେ ବହୁଥିଲା। ଆମେ ଆଉଥରେ ଚିଲମ ଲଗାଇଥିଲୁ।

୭୪। 'ପଥିକ ପ୍ରଥମେ ଧୂଆଁ ଟାଣିବା ପରେ ମୋତେ ଦେଇଥିଲେ। ଧୂଆଁ ଟାଣୁଥିବା ସମୟରେ, ମୁଁ ଏହି ସୁନ୍ଦର କାହାଣୀଟି ପଥିକଙ୍କୁ ଶୁଣାଇଥିଲି।'

୭୫। "ମୁଁ ଯେଉଁଠାରେ ରହୁଥିଲି, ସେଠାରୁ ତିନି ଚାରିକୋଶ ଦୂରରେ ଗୋଟିଏ ପ୍ରାଚୀନ କୀର୍ତ୍ତି ଓ ଗୌରବମଣ୍ଡିତ ପବିତ୍ର ସ୍ଥାନ ଥିଲା।

୭୬। ସେଠାରେ ଗୋଟିଏ ପ୍ରାଚୀନ, ଜରାଜୀର୍ଣ୍ଣ ଶିବ ମନ୍ଦିର ଥିଲା ଓ ସମସ୍ତେ ତାହାର ଜୀର୍ଣ୍ଣ ସଂସ୍କାର କରିବାପାଇଁ ଚିନ୍ତା କରୁଥିଲେ।

୭୭। ସେଥିପାଇଁ ଅନେକ ଚାନ୍ଦା ଆଦାୟ କରାଯାଇଥିଲା ଓ ବହୁପରିମାଣରେ ଟଙ୍କା ମଧ୍ୟ ମିଳିଥିଲା। ପୂଜା ଓ ଅନ୍ୟାନ୍ୟ ରୀତିନୀତି ପାଳନ ନିମନ୍ତେ ବିଶଦ ଯୋଜନା କରାଯାଇଥିଲା । ସେଥିପାଇଁ ଉପଯୁକ୍ତ ଆୟୋଜନ ମଧ୍ୟ ହୋଇଥିଲା।

୭୮। ଜଣେ ସ୍ଥାନୀୟ ଧନୀ ବ୍ୟକ୍ତିଙ୍କୁ ପରିଚାଳକ ଭାବରେ ଦାୟିତ୍ୱ ଦିଆଯାଇଥିଲା । ତାଙ୍କ ନିକଟରେ ସମସ୍ତ ଟଙ୍କା ଜମା ରଖାଯାଇଥିଲା ଓ ଜୀର୍ଣ୍ଣ ସଂସ୍କାର କରିବାର ସଂପୂର୍ଣ୍ଣ ଭାର ତାଙ୍କୁ ଦିଆଯାଇଥିଲା।

୭୯। ସେ ଗୋଟିଏ ସ୍ୱତନ୍ତ୍ର ଜମାଖାତା ଖୋଲି ଦାନଆକାରରେ ମିଳୁଥିବା ନଗଦ ଟଙ୍କାର ହିସାବ ରଖୁଥିଲେ। ସେ ଏହି କାର୍ଯ୍ୟ ନିଷ୍ଠା ଓ ସାଧୁତା ସହକାରେ କରିବେ ବୋଲି ସମସ୍ତଙ୍କର ଆଶା ଥିଲା।

୮୦। କିନ୍ତୁ ସେ ଅତ୍ୟନ୍ତ କୃପଣ ଥିଲେ । ସେ କାର୍ଯ୍ୟଟିକୁ ଏଭଳି ଭାବରେ କରିଥିଲେ ଯେପରିକି ତାଙ୍କର କୌଣସି କ୍ଷତି ହେବନାହିଁ। ଫଳରେ ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିଲା।

୮୧। ସବୁତକ ଟଙ୍କା ଖର୍ଚ୍ଚ ହୋଇଯାଇଥିଲେ ମଧ୍ୟ କେବଳ ଅଧା କାମହିଁ ହୋଇଥିଲା। ସେ ନିଜ ପକେଟରୁ ପଇସାଟିଏ ବି ଖର୍ଚ୍ଚ କରିନଥିଲେ।

୮୨। ସେ ଜଣେ ବଡ଼ ମହାଜନ ଥିଲେ ମଧ୍ୟ କୃପଣଙ୍କ ପ୍ରତ୍ୟକ୍ଷ ଅବତାର ଥିଲେ। ସେ ମିଛରେ ମିଛରେ ବହୁତ ମିଠା କଥା କହୁଥିଲେ ମଧ୍ୟ କାର୍ଯ୍ୟରେ କିଛି କରୁନଥିଲେ।

୮୩। ଯେଉଁ ଲୋକମାନେ ଚାନ୍ଦା ଦେଇଥିଲେ ଓ ଚାନ୍ଦା ସଂଗ୍ରହ କରିଥିଲେ, ସେମାନେ ତାଙ୍କ ଘର ସମ୍ମୁଖରେ ରୁଣ୍ଡ ହୋଇ ପଚାରିଥିଲେ, "ଆପଣ ଜଣେ ଧନୀ ଲୋକ ହୋଇ କ'ଣ ଲାଭ ହେଲା !

୮୪। ଆପଣ ଯଦି ମନ ଦୃଢ଼ କରି ଆର୍ଥିକ ସାହାଯ୍ୟ ନଦେବେ, ତେବେ ଶିବ ମନ୍ଦିରର ଜୀର୍ଣ୍ଣ ସଂସ୍କାର କାର୍ଯ୍ୟ କିଭଳି ସମ୍ପୂର୍ଣ୍ଣ ହେବ ? ଏ ବିଷୟରେ ଚିନ୍ତା କରନ୍ତୁ।

୮୫। କହିବେ ଯଦି ଆମେ ଲୋକମାନଙ୍କୁ ପୁଣିଥରେ ମାଗିବୁ ଓ ଆହୁରି ଟଙ୍କା ସଂଗ୍ରହ କରିବୁ। ଆପଣଙ୍କୁ ସେସବୁ ଟଙ୍କା ଆଣିଦେବୁ। ଏହି କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ହେବ, ଦେଖନ୍ତୁ।"

୮୬। ଆହୁରି ଅଧିକ ଟଙ୍କା ସଂଗ୍ରହ କରାଯାଇଥିଲା। ବହୁ ପରିମାଣରେ ଟଙ୍କା ମଧ୍ୟ ମିଳିଥିଲା । କିନ୍ତୁ ସେ ଟଙ୍କାକୁ କୌଣସି କାର୍ଯ୍ୟରେ ନଲଗାଇ ସେହି ଧନୀ ବ୍ୟକ୍ତି ଜଣକ ଚୁପଚାପ୍ ବସି ଯାଇଥିଲେ।

୮୭। ଏଭଳି କିଛିଦିନ ବିତିଯିବା ପରେ ସ୍ୱୟଂ ମହାଦେବ ଏ ବ୍ୟାପାର ନିଜ ହାତକୁ ନେଇଥିଲେ। ସେହି ସମୟରେ ସେହି ଧନୀ ବ୍ୟକ୍ତିଙ୍କ ପତ୍ନୀ ଏକ ସ୍ୱପ୍ନ ଦେଖିଥିଲେ।

୮୮। ମହାଦେବ ତାଙ୍କୁ ସ୍ୱପ୍ନରେ କହିଥିଲେ, "ଅନ୍ତତଃ, ତୁ ଉଠି ଏ କାମକର। ମନ୍ଦିରର ଚୂଡ଼ା ନିର୍ମାଣ କର। ଯେତେଟଙ୍କା ଖର୍ଚ୍ଚ କରିବ, ତା'ର ଶହେଗୁଣ ଟଙ୍କା ନୀଳକଣ୍ଠ ତୁମକୁ ଦେବେ।"

୮୯। ତା' ପରଦିନ ସେ ତାଙ୍କର ସ୍ୱାମୀଙ୍କୁ ସ୍ୱପ୍ନ କଥା କହିଥିଲେ। ଯିଏ ପଇସାଟାଏ ଖର୍ଚ୍ଚ ହେଲେ ଜୀବନ ଚାଲିଗଲା ବୋଲି ମନେ କରୁଥିଲେ, ତାଙ୍କୁ ଏହା ଅତ୍ୟନ୍ତ ବିଚଳିତ କରିଥିଲା।

୯୦। ଯିଏ ଦିନରାତି ଧନ ଠୁଳ କରିବା ବ୍ୟତୀତ ଜୀବନର ଅନ୍ୟ କୌଣସି ଉଦ୍ଦେଶ୍ୟ ନାହିଁ ବୋଲି ଭାବୁଥିଲେ, ତାଙ୍କ ନିମନ୍ତେ ଏହି ସ୍ୱପ୍ନର ଅର୍ଥ ଅଯଥାରେ ପଇସା ଖର୍ଚ୍ଚ କରିବା କଥା ହୋଇଥିବାରୁ ସେ କିପରି ଏହାକୁ ବିଶ୍ୱାସ କରିଥାନ୍ତେ ?

୯୧ । ସେ ତାଙ୍କ ପତ୍ନୀଙ୍କୁ କହିଥିଲେ, "ମୋର ଏଭଳି ସ୍ୱପ୍ନରେ ବିଶ୍ୱାସ ନାହିଁ । ମୁଁ ଏହାକୁ ଆଦୌ ବିଶ୍ୱାସ କରେ ନାହିଁ ।" ଏମିତି କହି ସେ ପତ୍ନୀଙ୍କୁ ବିଦ୍ରୂପ କରିବାରେ ଲାଗିଥିଲେ ।

୯୨ । ପ୍ରତ୍ୟେକ ଲୋକ ନିଜ ନିଜର ଦୃଷ୍ଟିକୋଣରୁ ଏ ପୃଥିବୀକୁ ବିବେଚନା କରିଥାନ୍ତି । ସେ ନିଜେ ଜଣେ ଖଳଲୋକ ହୋଇଥିବାରୁ ଅନ୍ୟମାନଙ୍କୁ ମଧ୍ୟ ସେହିଭଳି ଦୃଷ୍ଟିରେ ଦେଖୁଥିଲେ ।

୯୩ । "ଯଦି ମହାଦେବ ମୋ ଧନ ଖର୍ଚ୍ଚ ହେଉ ବୋଲି ଚାହୁଁଛନ୍ତି, ମୁଁ କ'ଣ ତୁମଠାରୁ ଦୂରରେ ଥିଲି କି ? ସେ କାହିଁକି ତୁମକୁ ସ୍ୱପ୍ନରେ ଦର୍ଶନ ଦେଲେ ?

୯୪ । "ତୁମେ କାହିଁକି ଏକୁଟିଆ ଏଭଳି ସ୍ୱପ୍ନ ଦେଖିଲ ? ମୋତେ କାହିଁକି ମହାଦେବ ଏ ସ୍ୱପ୍ନ ଦେଖାଇଲେ ନାହିଁ ? ତେଣୁ ମୋର ସେଥିରେ ବିଶ୍ୱାସ ନାହିଁ । ମୁଁ ତାହାର ଅର୍ଥ ବୁଝି ପାରୁନାହିଁ ।

୯୫ । "ଏହା ହୁଏତ ଏକ ଦୁଃସ୍ୱପ୍ନ କିମ୍ବା ଆମ ପତିପତ୍ନୀଙ୍କ ମଧ୍ୟରେ ଝଗଡ଼ା ସୃଷ୍ଟି କରାଇବା ନିମନ୍ତେ ମହାଦେବଙ୍କର ଏହା ଏକ ଅପଚେଷ୍ଟା । ମୁଁ କେବଳ ଏହି ଦୁଇଟି ବିକଳ୍ପ ଦେଖିପାରୁଛି ।

୯୬ । "ମୁଁ କ'ଣ ଜୀର୍ଣ୍ଣ ସଂସ୍କାର କାର୍ଯ୍ୟପାଇଁ ଯଥେଷ୍ଟ ଦାନ ଦେଉନାହିଁ ? ପ୍ରତିମାସରେ ଯେତେ ଟଙ୍କା ଆସିଲେବି ଟଙ୍କାଥଳି ମାସ ଶେଷକୁ ଖାଲି ହୋଇଯାଉଛି ।

୯୭ । "ଲୋକେ ସବୁ ଟଙ୍କା ଆଣୁଛନ୍ତି । ବାହାରୁ ଦେଖିଲେ ଏହା ସତ୍ୟ ବୋଲି ଜଣା ପଡୁଛି । କିନ୍ତୁ ଜମା ଖର୍ଚ୍ଚ ହିସାବ ରଖିବା ବଡ଼ କାଠିକର ପାଠ । ଏହି କାର୍ଯ୍ୟ ମୋ ପାଇଁ କ୍ଷତିକାରକ ।

୯୮ । "ଲୋକେ ଏକଥା ଜାଣୁନାହାନ୍ତି । ମୁଁ କେମିତି ତୁମକୁ ବୁଝାଇବି ? ତେଣୁ ଏଭଳି ପରିସ୍ଥିତିରେ ତୁମର ଏହି ସ୍ୱପ୍ନ ଆଦୌ ଗ୍ରହଣୀୟ ନୁହେଁ ।

୯୯ । "ଯଦି ଏହା ସତ୍ୟ ବୋଲି ଆମେ ବିଶ୍ୱାସ କରିବା, ତେବେ ଆମେ ଠକିଯିବା । ନିଦ ଭାଙ୍ଗିବା ସମୟରେ ଯେଉଁ ସ୍ୱପ୍ନ ଦେଖାଯାଏ, ତାହାକୁ କ'ଣ କିଏ କେବେ ବିଶ୍ୱାସ କରେ ?" ଧନୀ ବ୍ୟକ୍ତି ପତ୍ନୀଙ୍କ ଆଗରେ ଏହି ନୀତି ବଖାଣିଥିଲେ ।

୧୦୦ । ଏକଥା ଶୁଣିବା ପରେ ପତ୍ନୀ କୌଣସି ଉତ୍ତର ସ୍ୱାମୀଙ୍କୁ ଦେଇନପାରି ଚୁପଚାପ୍ ରହିଥିଲେ । ଲୋକେ ଚାନ୍ଦା ଭେଦା କରି ଟଙ୍କା ଦେଉଥିଲେ ମଧ୍ୟ ଖୁସିରେ ଏହା ଦେଉନଥିଲେ ।

୧୦୧ । ଯେଉଁ ଚାନ୍ଦା ଶ୍ରଦ୍ଧାରେ ଦିଆଯାଇନଥାଏ, ଚାପ ପ୍ରୟୋଗ କରି ଆଦାୟ କରାଯାଇଥାଏ, ମିଛ ସତ କହି ଅଣାଯାଇଥାଏ କିମ୍ବା ବଳ ପ୍ରୟୋଗ କରି ସଂଗ୍ରହ କରାଯାଇଥାଏ, ସେଇ ଚାନ୍ଦା ମହାଦେବ ଗ୍ରହଣ କରିନଥାନ୍ତି । ସ୍ନେହରେ ସାମାନ୍ୟ କିଛି ଉପହାର ଦେଲେ ସେ ତାହାକୁ ଅତି ମୂଲ୍ୟବାନ ମଣିଥାନ୍ତି ।

୧୦୨ । ଏଣେ ସଂଗୃହୀତ ଟଙ୍କା ଉପରେ ନିର୍ଭର କରି କାର୍ଯ୍ୟ ଚାଲୁଥିଲା । ଟଙ୍କାର ଅଭାବ ଘଟିଲେ କାର୍ଯ୍ୟ ବନ୍ଦ ରହୁଥିଲା । ଏଥିପାଇଁ କାର୍ଯ୍ୟରେ ବହୁତ ବିଳମ୍ବ ହେଉଥିଲା ।

୧୦୩ । ଧନୀ ବ୍ୟକ୍ତି ଜଣକ ଅତି କୃପଣ ଥିବାରୁ ପକେଟରୁ ପଇସାଏ ମଧ୍ୟ ଖର୍ଚ୍ଚ କରୁନଥିଲେ । ତାଙ୍କ ପତ୍ନୀ ଦେଖିଥିବା ପରବର୍ତ୍ତୀ ସ୍ୱପ୍ନ ସମ୍ବନ୍ଧରେ ଶୁଣନ୍ତୁ ।

୧୦୪ । "ତୁମ ସ୍ୱାମୀଙ୍କୁ ମନ୍ଦିର ନିମନ୍ତେ ଟଙ୍କା ଦେବା ପାଇଁ ବାଧ୍ୟ କରନାହିଁ । ତୁମର ଠାକୁରଙ୍କ ପ୍ରତି ଭକ୍ତି ହିଁ ଯଥେଷ୍ଟ । ତୁମେ ଯାହା ଚାହୁଁଛ, ତାହା ଦିଅ ।

୧୦୫ । "ଭାବ ଓ ଭକ୍ତି ସହିତ ନିଜର ଟଙ୍କାରୁ ପଇସାଟିଏ ଦେଲେ ମଧ୍ୟ ତାହା ଲକ୍ଷକର ମୂଲ୍ୟ ହୋଇଥାଏ । ତୁମ ସ୍ୱାମୀଙ୍କର ଅନୁମତି ନେଇ ତାହା ଠାକୁରଙ୍କୁ ସମର୍ପଣ କର ।

୧୦୬ । "ଅଯଥାରେ ଚିନ୍ତା କରନାହିଁ । ଯାହା ଭାବୁଛ ଦିଅ । ତମ ନିକଟରେ ଯଦି ସାମାନ୍ୟ କିଛି ଅଛି, ସେତକ ଦିଅ ।

୧୦୭ । "ଏ କ୍ଷେତ୍ରରେ ଭକ୍ତି ହିଁ ଗୁରୁତ୍ୱପୂର୍ଣ୍ଣ । ତୁମ ନିକଟରେ ଭକ୍ତି ଅଛି ବୋଲି ଜାଣି ଠାକୁର ତୁମକୁ କିଛି ମାଗୁଛନ୍ତି ।

୧୦୮ । "ତେଣୁ ଯାହା କିଛି ଧନ ତୁମ ପାଖରେ ରହିଛି, ଅଳ୍ପ ହେଲେବି ତାହାକୁ ଦାନ କରି ଶାନ୍ତିରେ ରହ । ଭକ୍ତି ବିନା ଦାନ, ଦାନ ନୁହେଁ । ଠାକୁର ତାହାକୁ ଆଦୌ ଭଲ ପାଆନ୍ତି ନାହିଁ ।

୧୦୯ । "ଅଶ୍ରଦ୍ଧାରେ ବା ବିଶ୍ୱାସ ନଥାଇ ଯାହା କିଛି ଦାନ କରାଯାଏ, ତାହା ଧୂଳି ସହିତ ସମାନ, ମୂଲ୍ୟହୀନ । ଶେଷରେ

ତାହା ବ୍ୟର୍ଥ ହୁଏ । ଏପରି ଅନୁଭବ ସଂଗେ ସଂଗେ ଅନୁଭୂତ ହୋଇଥାଏ।”

୧୧୦। ସେ ଯାହାହେଉ, ଏହି ସ୍ୱପ୍ନ ଦର୍ଶନ ପରେ ପତ୍ନୀ ଗୋଟିଏ ଉପାୟ ପାଞ୍ଚିଥିଲେ। ସେ ତାଙ୍କର ବାପଘରୁ ଆଣିଥିବା ଅଳଙ୍କାରଗୁଡ଼ିକୁ ବିକ୍ରୟ କରି ଠାକୁରଙ୍କର ଇଚ୍ଛା ପୂରଣ କରିବେ ବୋଲି ସ୍ଥିର କରିଥିଲେ।

୧୧୧। ସେ ତାଙ୍କର ନିଷ୍ପତ୍ତି ସ୍ୱାମୀଙ୍କୁ ଶୁଣାଇଥିଲେ ଓ ସ୍ୱାମୀ ଏକଥା ଶୁଣିବା ପରେ ବିଷଣ୍ଣ ହୋଇଥିଲେ।

୧୧୨। ଲୋଭ ଯେଉଁଠାରେ ପ୍ରବଳ, ସେଠାରୁ କ'ଣ ବା ଆଶା କରାଯିବ ? ସେଠାରେ ଆଧ୍ୟାତ୍ମିକତା, ସାଧୁତା କିମ୍ବା ନୈତିକତାର ଚିହ୍ନ ବର୍ଣ୍ଣ ନଥାଏ। ଠାକୁରଙ୍କ କଥା ଭାବୁଛି କିଏ ! ଧନୀ ବ୍ୟକ୍ତି ତାଙ୍କ ପତ୍ନୀଙ୍କ କଥା ଶୁଣି ଭାବିଥିଲେ, ଏହା କି ପ୍ରକାର ନିର୍ବୋଧତା ! ସେ ପ୍ରକୃତରେ ନିଜର ମାନସିକ ସ୍ଥିରତା ହରାଇ ଦେଇଛନ୍ତି ନା କ'ଣ ?

୧୧୩। ଅଳଙ୍କାରଗୁଡ଼ିକର ମୂଲ୍ୟ ନିର୍ଦ୍ଧାରଣ କରି ଓ ତାହାକୁ ଏକ ହଜାର ଟଙ୍କା ମଧ୍ୟରେ ସୀମିତ ରଖି ସେହି ଟଙ୍କାରେ ଜମି କିଣି ପତ୍ନୀଙ୍କ ନାମରେ କରିଦେବେ ବୋଲି ସେ କହିଥିଲେ।

୧୧୪। ସେ ନିଜେ ଅଳଙ୍କାରଗୁଡ଼ିକୁ କିଣି ନେଇଥିଲେ। ଟଙ୍କା ବଦଳରେ ସେ ପତ୍ନୀଙ୍କୁ ଗୋଟିଏ ବାଲିଚର ଲୁଣା ଜମି ଦେଇଥିଲେ। ସେହି ଜମିଟି ଅନ୍ୟ ଜଣକର ଥିଲା ଓ ତାଙ୍କ ନିକଟରେ ବନ୍ଧକ ପଡ଼ିଥିଲା।

୧୧୫। ଏହି ପତିତ ଜମିରେ ବର୍ଷାଦିନରେ ମଧ୍ୟ କୌଣସି ଫସଲ ହେଉନଥିଲା। ସେ ତାଙ୍କର ପତ୍ନୀଙ୍କୁ କହିଥିଲେ, “ଏହି ଜମିକୁ ପିନାକପାଣି ମହାଦେବଙ୍କୁ ଉତ୍ସର୍ଗ କରିଦିଅ।

୧୧୬। ଠାକୁର ତୁମକୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ। ତୁମେ ଯେତେବେଳେ ଏକ ହଜାର ଟଙ୍କା ମୂଲ୍ୟର ଜମି ଖଣ୍ଡେ ଠାକୁରଙ୍କୁ ଦାନ କରିବ, ସେ ସନ୍ତୁଷ୍ଟ ହୋଇ ତୁମକୁ ଋଣମୁକ୍ତ କରିଦେବେ।”

୧୧୭। ତାହାହିଁ ହୋଇଥିଲା। କୃପଣ ସ୍ୱାମୀଙ୍କ କଥାକୁ ବିଶ୍ୱାସ କରି ତାଙ୍କ ପତ୍ନୀ ଶ୍ରଦ୍ଧା ଓ ଭକ୍ତି ସହକାରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ସେହି ଜମିକୁ ଉତ୍ସର୍ଗ କରି ଦେଇଥିଲେ।

୧୧୮। ପ୍ରକୃତରେ ସେହି ଜମି ଉପରେ ମାଲିକାନା ରହିଥିଲା ଦୁବକୀ ବୋଲି ଜଣେ ମହିଳାଙ୍କର । କାରଣ, ସେ ସେହି ଜମିଟିକୁ ଧନୀ ବ୍ୟକ୍ତିଙ୍କ ନିକଟରେ ଦୁଇ ଶହ ଟଙ୍କାରେ ବନ୍ଧକ ରଖିଥିଲେ।

୧୧୯। ଦୁବକୀ ଜଣେ ଅସହାୟା ମହିଳା ଥିଲେ ଓ ସେ ଏହି ଜମିର ମାଲିକାଣୀ ଥିଲେ। ଆର୍ଥିକ ଅଭାବ ଦୃଷ୍ଟିରୁ ସେ ଦୁଇଶହ ଟଙ୍କା ନେଇ ଏହାକୁ ବନ୍ଧକ ରଖିଥିଲେ।

୧୨୦। ଧନୀ ବ୍ୟକ୍ତି ଜଣକ ଅତ୍ୟନ୍ତ ଲୋଭୀ ଥିଲେ। ସେ ଯେ କେବଳ ମହାଦେବଙ୍କୁ ଠକିଥିଲେ, ତାହା ନୁହେଁ। ସେ ତାଙ୍କ ପତ୍ନୀଙ୍କର ନିଜସ୍ୱ ଧନକୁ ମଧ୍ୟ ଆତ୍ମସାତ୍ କରିଥିଲେ। ସେ ଏଭଳି ଠକାଇପାରିଥିବାରୁ ବହୁତ ଖୁସି ହୋଇଥିଲେ।

୧୨୧। ଜ୍ଞାନେନ୍ଦ୍ରିୟମାନଙ୍କର ଉଦଗ୍ର ବାସନା ଅତିଶୟ ଖରାପ। ଏହା ଯେଉଁ ଜୀବନ ସହିତ ଜଡ଼ିତ ଥାଏ, ସେହି ଜୀବନକୁ ନଷ୍ଟ କରିଦିଏ। ଜଣେ ବଞ୍ଚି ରହିବାକୁ ଚାହିଁଲେ ସାଂସାରିକ ସୁଖଭୋଗରେ ଆସକ୍ତ ହୋଇ ପଡ଼ିବା ଉଚିତ ନୁହେଁ।

୧୨୨। ମୃଗୁଣୀ ନିଜର କର୍ଣ୍ଣରେ ଶୁଣିବାର ଇଚ୍ଛା ଯୋଗୁଁ ମୃତ୍ୟୁମୁଖରେ ପଡ଼ିଥାଏ, ନାଗସାପ ନିଜ ମସ୍ତକରେ ଥିବା ସୁନ୍ଦର ମଣି ଯୋଗୁଁ ମୃତ୍ୟୁ ଲଭିଥାଏ ଓ ପତଙ୍ଗ ଆଲୋକ ପ୍ରତି ଆକୃଷ୍ଟ ହୋଇ ନିଆଁରେ ଝାସଦେଇଥାଏ। ପ୍ରବଳ ଇଚ୍ଛାର ପରିଣାମ ଏୟା ହୋଇଥାଏ।

୧୨୩। ସାଂସାରିକ ସୁଖଭୋଗ ନିମନ୍ତେ ଧନ ପ୍ରୟୋଜନ ହୁଏ। ସେଥିପାଇଁ ଧନ ଆହରଣ ନିମନ୍ତେ ପ୍ରବଳ ପ୍ରଚେଷ୍ଟା ଆବଶ୍ୟକ ହୁଏ। ଏହି ପ୍ରକାର ଇଚ୍ଛା ପୂରଣ ନିମନ୍ତେ ଚେଷ୍ଟାକଲେ ତାହା କେବଳ ବହୁଗୁଣିତ ହୋଇଥାଏ। ତାହାର ବିନାଶ କରିବା ଅସମ୍ଭବ ହୁଏ।

୧୨୪। ନିଃସନ୍ଦେହରେ ସେହି ଜମି ନିଷ୍ଫଳା ଥିଲା ଓ ଯେତେ ଚେଷ୍ଟା କଲେବି ସେଥିରେ କୌଣସି ଫସଲ ଉତ୍ପାଦନ ହେଉନଥିଲା। ସେହି ଭଳି ଜମିଖଣ୍ଡେ ମହାଦେବଙ୍କୁ ଉତ୍ସର୍ଗ କରାଯାଇଥିଲା। ଏହି ଉତ୍ସର୍ଗରେ କେତେ ପୁଣ୍ୟ ହୋଇଥିଲା, କେଜାଣି ?

୧୨୫। କୌଣସି ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ନରଖି ଦାନକଲେ ତାହା ପ୍ରକୃତ ଦାନ ହୋଇଥାଏ। ତାହା ନହେଲେ ଏହା ଏକ ପାପ ଓ ଏହି ପାପର ଫଳ ଶେଷରେ କଷ୍ଟଦାୟକ ହୋଇଥାଏ।

୧୨୬। ଅନ୍ୟ ପକ୍ଷରେ, ମହାଦେବଙ୍କ ନାମରେ ଖଣ୍ଡିଏ ଜମି ମିଳିଯାଇଥିବାରୁ ଗରିବ ବ୍ରାହ୍ମଣ ପୂଜକ ଖୁବ୍ ସନ୍ତୁଷ୍ଟ ଥିଲେ ।

୧୨୭। କେତେଦିନ ପରେ ଏକ ବିପରୀତ ଘଟଣା ଘଟିଥିଲା। କୃତ୍ତିକା ନକ୍ଷତ୍ରରେ ତୃତୀୟ ଚାନ୍ଦ୍ର ମାସରେ ପ୍ରବଳ ବର୍ଷା ଓ ଭୟଙ୍କର ତୋଫାନ ହୋଇଥିଲା।

୧୨୮। ହଠାତ୍ ବଜ୍ରାଘାତ ହୋଇ ଧନୀ(କୃପଣ) ବ୍ୟକ୍ତିଙ୍କର ପ୍ରାସାଦ ଧୂଳିସାତ୍ ହୋଇଯାଇଥିଲା। ଅନ୍ୟ ସମସ୍ତ ଜଳିପୋଡ଼ି ପାଉଁଶ ହୋଇ ଯାଇଥିଲା। କୌଣସି ଦାବୀଦାର ନଥାଇ କେବଳ ଜମିଟି ପଡ଼ିରହିଥିଲା।

୧୨୯। ସେହି ଧନୀ ବ୍ୟକ୍ତି ନିଜର ପତ୍ନୀଙ୍କ ସହିତ ସେହି ଆଘାତରେ ମୃତ୍ୟୁ ଲଭିଥିଲେ। ଦୁବକୀ ମଧ୍ୟ ମରି ଯାଇଥିଲେ। ଏହିଭଳି ତିନିଜଣଙ୍କର ମୃତ୍ୟୁ ହୋଇଥିଲା।

୧୩୦। ପର ଜନ୍ମରେ ସେହି ଧନୀ ବ୍ୟକ୍ତି ମଥୁରାରେ ଏକ ଗରିବ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇଥିଲେ। ତାଙ୍କର ପତିବ୍ରତା ପତ୍ନୀ ପୂଜାରୀ ଘରେ ଜନ୍ମ ଗ୍ରହଣ କରିଥିଲେ।

୧୩୧। ତାଙ୍କର ନାମ ଥିଲା ଗୌରୀ। ଦୁବକୀର କାହାଣୀ ଭିନ୍ନ ପ୍ରକାରର ଥିଲା। ସେ ଶିବପୂଜା କରୁଥିବା ଗୁରବ (ସେବକ) ଜାତିରେ ଜନ୍ମ ହୋଇଥିଲେ ଓ ନାରୀ ଶରୀର ପରିତ୍ୟାଗ କରି ପୁରୁଷ ରୂପରେ ଜନ୍ମ ଗ୍ରହଣ କରିଥିଲେ।

୧୩୨। ନାମକରଣ ଉତ୍ସବରେ ତାଙ୍କର ନାମ ଚେନବସାପ୍ପା ଦିଆଯାଇଥିଲା। ଏହିଭଳି ଭାବରେ ତିନିଜଣଙ୍କର ଅବସ୍ଥା ବଦଳିଯାଇଥିଲା ଓ ପୂର୍ବ ଜନ୍ମର କର୍ମ ଫଳବତୀ ହୋଇଥିଲା।

୧୩୩। ଧନୀ ବ୍ୟକ୍ତିଟି ନୂଆ ଜନ୍ମ ନେବା ପରେ ବୀରଭଦ୍ରାପା ନାମ ପାଇଥିଲା। ଏହା ହେଉଛି ପ୍ରାରବ୍ଧ କର୍ମର ସାରକଥା । ଏହି ପ୍ରାରବ୍ଧ କର୍ମର ଫଳ ଶେଷଯାଏଁ ଭୋଗ କରିବାକୁ ପଡିଥାଏ ।

୧୩୪। ମୁଁ ଶିବମନ୍ଦିରର ପୂଜକଙ୍କୁ ବହୁତ ଭଲ ପାଉଥିଲି। ସେ ମୋ ପାଖକୁ ନିୟମିତ ଆସୁଥିଲେ ଓ ଚିଲମ ଟାଣୁଥିଲେ।

୧୩୫। ଆମେ ରାତିସାରା ଗପସପକରି ସମୟ ବିତାଉଥିଲୁ । ଗୌରୀ ବଡ଼ ହୋଇ ବିବାହଯୋଗ୍ୟା ହୋଇ ଯାଇଥିଲା। ପୂଜାରୀ ବେଳେ ବେଳେ ଗୌରୀକୁ ମଧ୍ୟ ସାଥିରେ ଆଣୁଥିଲେ।

୧୩୬। ଗୌରୀ ମଧ୍ୟ ମୋତେ ବହୁତ ଭକ୍ତି କରୁଥିଲା। ଦିନେ ପୂଜାରୀ ମୋତେ କହିଥିଲେ, "ମୁଁ ବହୁତ ଖୋଜିଲିଣି, କିନ୍ତୁ କେଉଁଠାରେ ତା'ର ବାହାଘର ଠିକ୍ କରିପାରୁନାହିଁ।

୧୩୭। "ବାବା! ତା' ପାଇଁ ଭଲ ବର କି ଘରଟିଏ ପାଉନାହିଁ। ମୋର ସମସ୍ତ ଚେଷ୍ଟା ବ୍ୟର୍ଥ ହେଲାଣି। ମୁଁ ଥକିପଡ଼ିଲିଣି।" ମୁଁ କହିଥିଲି, "ତୁମେ କାହିଁକି ଅଯଥାରେ ଚିନ୍ତା କରୁଛ ? ବର ବାଟରେ ଅଛି ।

୧୩୮। "ତୁମର ଝିଅ ବହୁତ ଭାଗ୍ୟବତୀ। ସେ ବହୁତ ଧନୀ ହେବ। ବର ତାହାକୁ ଖୋଜି ଖୋଜି ଆପେ ଆସି ପହଞ୍ଚିବ।

୧୩୯। "ଅଳ୍ପ ଦିନ ମଧ୍ୟରେ ସେ ତୁମ ଗୃହକୁ ଆସିବ ଓ ତୁମର ଇଚ୍ଛା ପୂରଣ କରିବ। ତୁମର ଇଚ୍ଛାନୁଯାୟୀ ସେ ତୁମ ଝିଅ ଗୌରୀକୁ ବିବାହ କରିବ।"

୧୪୦। ଅନ୍ୟ ପକ୍ଷରେ, ବୀରଭଦ୍ରାପ୍ପାଙ୍କ ପରିବାର ଅତ୍ୟନ୍ତ ଦରିଦ୍ର ଥିଲେ । ସେ ତାଙ୍କ ପିତାମାତାଙ୍କୁ ଧୈର୍ଯ୍ୟ ଧରିବାକୁ କହି ଘର ଛାଡ଼ିଥିଲେ।

୧୪୧। ସେ ଗାଁ ଗାଁ ବୁଲି ଭିକ ମାଗି କିମ୍ବା ଦିନେ ଦିନେ କାମ କରି ପେଟ ପୋଷୁଥିଲେ। ଯାହା ଯେତେବେଳେ ମିଳିଲା, ତାକୁ ଖାଇ ସେ ସନ୍ତୁଷ୍ଟ ରହୁଥିଲେ।

୧୪୨। ଏମିତି ଘୂରି ବୁଲିବା ମଧ୍ୟରେ ସୌଭାଗ୍ୟକୁ ସେ ପୂଜାରୀଙ୍କ ଘରକୁ ଆସିଥିଲେ। ଆଲ୍ଲା-ମିୟାଁଙ୍କର ଏହା ଏକ ଅବିଶ୍ୱାସ୍ୟ ଲୀଳା ଥିଲା! ତାଙ୍କୁ ସମସ୍ତେ ଭଲ ପାଇ ବସିଥିଲେ।

୧୪୩। ଧୀରେ ଧୀରେ ପୂଜାରୀଙ୍କର ତାଙ୍କ ପ୍ରତି ମମତା ବଢ଼ିଥିଲା ଓ ସେ ଗୌରୀ ସହିତ ତାଙ୍କର ବିବାହ ଦେବାକୁ ଚାହିଁଥିଲେ। ଜାତକ ମେଳଖାଇଥିଲା ଓ ପୂଜାରୀ ଖୁସିହୋଇଥିଲେ।

୧୪୪। ପୂଜାରୀ ଦିନେ ବୀରଭଦ୍ରାପ୍ପାଙ୍କୁ ଧରି ମୋ ନିକଟକୁ ଆସିଥିଲେ। ସେତେବେଳେ ଉଭୟଙ୍କୁ ଏକାଠି ଦେଖି ମୋ ମନ ମଧ୍ୟରେ ହଠାତ୍ ଏକ ଧାରଣା ଆସିଥିଲା।

୧୪୫। ମୋ ମନ ମଧ୍ୟରେ ସେହି ଧାରଣା ଆସିବା ମାତ୍ରକେ କହିଥିଲି, "ଯଦି ଏବେ ବିଭାଘର ନିମନ୍ତେ ଶୁଭ ଦିନ ଅଛି, ତେବେ ଏହା ସାଥିରେ ଗୌରୀକୁ ବିଭା ଦେଇ ମୁକ୍ତ ହୋଇଯାଅ।"

୧୪୬ । ଚେନବସାପ୍ପା ନିଜ ପତ୍ନୀଙ୍କର ସମ୍ମତି ନେଇଥିଲେ ଓ ବୀରଭଦ୍ରାପ୍ପାଙ୍କୁ ଜ୍ୱାଇଁ ମନୋନୀତ କରିଥିଲେ । ଶୁଭ ମୁହୂର୍ତ୍ତ ଦେଖି ଉପଯୁକ୍ତ ବିଧିବିଧାନରେ ବିଭାଘର ହୋଇଥିଲା ।

୧୪୭ । ବିବାହ ଉତ୍ସବ ସରିଯିବା ପରେ ନବଦମ୍ପତି ମୋର ଦର୍ଶନ ପାଇଁ ଆସିଥିଲେ ଓ ସୁଖୀ ବିବାହିତ ଜୀବନ ଯାପନ ପାଇଁ ଆଶୀର୍ବାଦ ଚାହିଁଥିଲେ ।

୧୪୮ । ମୁଁ ଖୁସିରେ ଆଶୀର୍ବାଦ ଦେଇଥିଲି । ବୀରଭଦ୍ରାପ୍ପା ଏବେ ସରଳ ଜୀବନଯାପନ କରି ସନ୍ତୋଷ ବୋଧ କରୁଥିଲା, କାରଣ ସେ ଆନନ୍ଦ ଓ ସମୃଦ୍ଧି ଲାଭ କରିଥିଲା ।

୧୪୯ । ସେ ମୋର ଭକ୍ତ ହୋଇଥିଲା । ତାହାର ସମୃଦ୍ଧି କ୍ରମଶଃ ବୃଦ୍ଧି ପାଇଥିଲା । କିନ୍ତୁ ତୁମେ କ'ଣ ଏପରି କୌଣସି ବ୍ୟକ୍ତିଙ୍କୁ କେବେ ଦେଖିଛ ଯିଏକି ପ୍ରକୃତରେ ସନ୍ତୁଷ୍ଟ ଥାଆନ୍ତି ଓ ଟଙ୍କା ପଛରେ ଦୌଡ଼ନ୍ତି ନାହିଁ ?

୧୫୦ । ଟଙ୍କା ଗୋଟାଏ ବଡ଼ ଫାନ୍ଦ ! ଏପରିକି ବିସ୍ତର ଧନଶାଳୀ ବ୍ୟକ୍ତି ମଧ୍ୟ ଏହାଦ୍ୱାରା ହଇରାଣ ହୋଇଛନ୍ତି । ବୀରଭଦ୍ରାପ୍ପା ମଧ୍ୟ ବେଳେବେଳେ ବିଚଳିତ ହେଉଥିଲା ।

୧୫୧ । ବୀରଭଦ୍ରାପ୍ପା କହିଥିଲା, "ବାବା ! ଏହି ବିବାହ ଶୃଙ୍ଖଳ ଗୋଟିଏ ବଡ଼ ପ୍ରତିବନ୍ଧକ । ଟଙ୍କାର ଅଭାବ ମୋତେ କଷ୍ଟ ଦେଉଛି । ପରିସ୍ଥିତିକୁ ସମ୍ଭାଳିବା ପାଇଁ କିଛି ଉପାୟ ବତାନ୍ତୁ, ମୋ ସଂସାର ଚଳାଇବାପାଇଁ ମୁଁ ଯେପରି ସମର୍ଥ ହେବି ।

୧୫୨ । ମୁଁ ଆପଣଙ୍କ ପାଦତଳେ ପଡୁଛି । ମୁଁ ଆପଣଙ୍କୁ ଠକିଦେବା ପାଇଁ ଚାହୁଁନାହିଁ । ମୋର ଅସୁବିଧା ଦୂର କରିଦେବା ନିମିତ୍ତ ମୁଁ ଆପଣଙ୍କର ସାହାଯ୍ୟ ପ୍ରାର୍ଥନା କରୁଛି । ସର୍ବୋପରି, ଆପଣ ହିଁ ଏହି ବାହାଘର କରାଇଛନ୍ତି ।"

୧୫୩ । ମୁଁ ତାକୁ ଅନେକ ଉତ୍ତମ ଉପଦେଶ ଦେଇଥିଲି ଓ ସ୍ନେହରେ ଆଶୀର୍ବାଦ କରିଥିଲି । "ଆଲ୍ଲା-ମାଲିକ ସବୁ ଜାଣନ୍ତି । ସେଇହିଁ କେବଳ ଅସୁବିଧା ଦୂର କରିଦେଇ ପାରିବେ ।"

୧୫୪ । ମୁଁ ବୀରଭଦ୍ରାପ୍ପାର ଇଚ୍ଛା ଜାଣିଥିଲି ଓ ତାହା ପୂରଣ ହୋଇଯିବ ବୋଲି ମଧ୍ୟ ଜାଣିଥିଲି । ତେଣୁ ମୁଁ ତାକୁ ଆଶ୍ୱାସନା ଦେଇଥିଲି ଓ କେବେହେଲେ ଧୈର୍ଯ୍ୟ ନ ହରାଇବାକୁ କହିଥିଲି ।

୧୫୫ । "ଭଲ ସମୟ ଖୁବ୍ ଶୀଘ୍ର ଆସୁଛି । ଅଯଥାରେ ଅସ୍ଥିର ହୁଅନାହିଁ । ତୁମେ ଅତି ସହଜରେ ଓ ବହୁ ପରିମାଣରେ ଟଙ୍କା ପଇସା ପାଇବ ।"

୧୫୬ । ସେ କହିଥିଲା, "ସମ୍ପ୍ରତି ମୋତେ ବୋଧହୁଏ ଅଶ୍ରଦ୍ଧା କରୁଛି । ମୋ ପତ୍ନୀର ଛୋଟ ଛୋଟ ଜିନିଷ ପାଇଁ ଅନୁରୋଧ ପୂରଣ କରିହେଉନାହିଁ । ଏବେ ଏଭଳି ହଟହଟା ବହୁତ ହୋଇଗଲାଣି ! ଏଭଳି ଅବସ୍ଥାରେ ମୋର ବାହାହେବା ଉଚିତ ନଥିଲା !"

୧୫୭ । ସେ ଯାହାହେଉ, କିଛି ଗୋଟାଏ ଚମତ୍କାର ଘଟଣା ପରେ ଘଟିଥିଲା ! ଗୌରୀର ଗ୍ରହବଳକୁ ଦେଖନ୍ତୁ । ପତିତ ଜମିର ମୂଲ୍ୟ ବଢ଼ିଯାଇଥିଲା । ମହାଦେବଙ୍କ ଲୀଳା ବୁଝିହୁଏନାହିଁ ।

୧୫୮ । ଜଣେ କ୍ରେତା ଉକ୍ତ ଜମିଟିକୁ ଏକ ଲକ୍ଷ ଟଙ୍କାରେ କିଣିବା ନିମନ୍ତେ ଆଗେଇ ଆସିଥିଲେ । ସେ ଅଧା ଟଙ୍କା ନଗଦ ଦେଇଥିଲେ ଓ ବାକି ଅଧକ କିସ୍ତି ଆକାରରେ ଦେବାକୁ ରାଜି ହୋଇଥିଲେ ।

୧୫୯ । ସେ ପ୍ରତ୍ୟେକ ବର୍ଷ ଦୁଇ ହଜାର ଟଙ୍କା ସୁଧ ସହିତ ଦେବେ ବୋଲି ସମ୍ମତ ହୋଇଥିଲେ । ତାହାହେଲେ ପଚିଶ ବର୍ଷରେ ଗୌରୀ ସବୁତକ ଟଙ୍କା ପାଇଯିବ ।

୧୬୦ । ଏହି କାରବାରରେ ସମସ୍ତେ ଏକମତ ହୋଇଥିଲେ । ଚେନବସାପ୍ପା ପୂଜକ ହିସାବରେ ଗୋଟିଏ କଥା ଉଠାଇଥିଲେ । "ମହାଦେବଙ୍କୁ ପ୍ରଦତ୍ତ ସମସ୍ତ ଅର୍ଥରେ ପୂଜକଙ୍କର ଭାଗ ପ୍ରଥମେ ରହିଥାଏ ।

୧୬୧ । "ମିଳୁଥିବା ସୁଧରୁ ମୋର ପୂଜକ ଅଂଶ ହିସାବରେ ଅଧା ପଇସା ପାଇବା କଥା । ମୁଁ ତାହାଠାରୁ କମ୍ ହେଲେ ଗ୍ରହଣ କରିବି ନାହିଁ ।"

୧୬୨ । ବୀରଭଦ୍ରାପ୍ପା କିଛି ଦେଇନଥିଲା । ଚେନବସାପ୍ପା ଚୁପ୍‌ଚାପ୍ ରହି ଯାଇନଥିଲେ । ବହୁତ ଯୁକ୍ତିତର୍କ ହୋଇଥିଲା । ଦୁଇଜଣଯାକ ମୀମାଂସା ପାଇଁ ମୋ ନିକଟକୁ ଆସିଥିଲେ ।

୧୬୩ । "ମହାଦେବ ହିଁ ଏକାକୀ ଜମିର ମାଲିକ । ଏହାକୁ ଅନ୍ୟ କେହି ବ୍ୟବହାର କରିପାରିବେ ନାହିଁ । ଲୋଭର ବଶବର୍ତ୍ତୀ ହୁଅନାହିଁ" ବୋଲି ମୁଁ ସେ ଦୁହିଁଙ୍କୁ କହିଥିଲି ।

୧୬୪ । "ଏହି ମୂଲ୍ୟ ମହାଦେବଙ୍କ ଜମି ବାବଦରେ

ମିଳିଛି । ଗୌରୀ ବ୍ୟତୀତ ଅନ୍ୟ କେହି ଯଦି ଏହା ଉପରେ ଦାବୀ କରିବ, ସେ କିଛି ପାଇବ ନାହିଁ।

୧୬୫। "ଅନ୍ୟ କେହି ବ୍ୟକ୍ତି ଯଦି ମହାଦେବଙ୍କ ବିନାନୁମତିରେ ସେହି ଟଙ୍କାକୁ ସ୍ପର୍ଶ କରିବ, ସେ ନିଶ୍ଚିତଭାବରେ ଅଭିଶାପଗ୍ରସ୍ତ ହେବ। ଏହା ସମ୍ପୂର୍ଣ୍ଣ ଭାବରେ ମହାଦେବଙ୍କର।

୧୬୬। "ଜମିର ମାଲିକାନା ପୂଜାରୀଙ୍କର ଥିଲା। ଗୌରୀ ତାଙ୍କର ଏକମାତ୍ର ଉତ୍ତରାଧିକାରିଣୀ। ଅନ୍ୟ କାହାରି ଏଥିରେ ଅଧିକାର ନାହିଁ। ଏହା ଗୌରୀର ନିଜସ୍ୱ ଟଙ୍କା।"

୧୬୭। ମୁଁ ଗୌରୀ ତରଫରୁ କହିଥିଲି, "ତା'ର ଇଚ୍ଛାନୁଯାୟୀ ତୁମେମାନେ କାର୍ଯ୍ୟ କଲେ ତୁମ ଦୁହିଁଙ୍କର ମଙ୍ଗଳ ହେବ।

୧୬୮। "ତୁମେମାନେ ତା'ର ଇଚ୍ଛା ବିରୋଧରେ କାର୍ଯ୍ୟ କଲେ ଠାକୁର ଖୁସି ହେବେ ନାହିଁ। ବୀରଭଦ୍ରପ୍ପା ନିଜର ମନଇଚ୍ଛା ଏହାକୁ ଖର୍ଚ୍ଚପତ୍ର କରିବାର ଅଧିକାର ନାହିଁ।"

୧୬୯। ମୁଁ ପରିଷ୍କାର ଭାବରେ ଏ ସମ୍ବନ୍ଧରେ ମୋର ମତ ଦେବା ପରେ ବୀରଭଦ୍ରାପ୍ପା ରାଗରେ ପାଚି ଯାଇ ମୋ ଉପରେ ଗାଳି ବର୍ଷଣ କରିଥିଲା।

୧୭୦। ସେ କହିଥିଲା, "ବାବା, ମୋ ପତ୍ନୀର ଅଧିକାର ସାବ୍ୟସ୍ତ କରି ତୁମେ ସମୁଦାୟ ସମ୍ପତ୍ତିକୁ ତୁମ ନିଜର ଲାଭ ପାଇଁ ଆତ୍ମସାତ୍ କରିବାକୁ ବସିଛ ?"

୧୭୧। ଏଭଳି କଥା ଶୁଣି ମୁଁ ସ୍ତମ୍ଭିତ ହୋଇ ଯାଇଥିଲି। ଆଲ୍ଲା-ମିୟାଁଙ୍କର ଲୀଳା ଅବିଶ୍ୱସନୀୟ। କାହିଁକି ଅଯଥାରେ ଦୁଃଖ କରିବି ?

୧୭୨। ମୋତେ ଏଭଳି ଗାଳି ଦେବା ପରେ ବୀରଭଦ୍ରପ୍ପା ବହୁତ କ୍ରୁଦ୍ଧ ହୋଇ ଘରକୁ ଯାଇଥିଲା ଓ ପତ୍ନୀ ସହିତ ପାଟିତୁଣ୍ଡ କରିଥିଲା। ଗୌରୀ ଅପରାହ୍ନରେ ମୋତେ ଦର୍ଶନ କରିବାକୁ ଆସିଥିବା ସମୟରେ ସେ ତା'ର ମନକଥା ମୋତେ କହିଥିଲା।

୧୭୩। "ବାବା ! କାହାରି କଥା ଶୁଣି ଆପଣ ମୋ ଉପରେ ବିରକ୍ତ ହୁଅନ୍ତୁ ନାହିଁ। ମୋତେ ପୂର୍ବବତ୍ ଝିଅ ପରି ସ୍ନେହ କରନ୍ତୁ । ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି।"

୧୭୪। ମୁଁ ତା'ର ଏଭଳି କଥା ଶୁଣିବା ପରେ ତାକୁ ନିର୍ଭର ପ୍ରତିଶ୍ରୁତି ଦେଇଥିଲି। "ମୁଁ ତୋ ଉପରେ ଏଭଳି ଆନନ୍ଦ ବର୍ଷଣ କରିବି, ଯାହାକୁ ସାତ ସମୁଦ୍ରବି ଧରି ରଖିପାରିବେ ନାହିଁ ! ମନ ଦୁଃଖ କରନାହିଁ।"

୧୭୫। ସେହିଦିନ ରାତ୍ରିରେ ଗୌରୀ ଶୋଇଥିବା ସମୟରେ ଏକ ସ୍ୱପ୍ନ ଦେଖିଥିଲା । ମହାଦେବ ତା'ର ସ୍ୱପ୍ନରେ ଆସିଥିଲେ । ସେ କ'ଣ କହିଥିଲେ, ଶୁଣନ୍ତୁ।

୧୭୬। "ଦେଖ୍ ! ଏ ସମସ୍ତ ଟଙ୍କା ତୋର। ଏଥିରୁ କାହାରିକୁ କିଛି ଦେବୁ ନାହିଁ। ଏଥିରେ ମନ୍ଦିର କିପରି ଚଳାଇବୁ, ତାହାର ନିର୍ଦ୍ଦେଶ ମୁଁ ତୋତେ ଦେଉଛି। ସେଇଭଳି କଲେ ଏହା ସବୁବେଳେ ଚାଲିବ।

୧୭୭। "ଚେନବସାପ୍ପାର ପରାମର୍ଶ ଅନୁଯାୟୀ ମନ୍ଦିର ନିମନ୍ତେ ଟଙ୍କା ଖର୍ଚ୍ଚକର। ମୁଁ ତାକୁ ବିଶ୍ୱାସ କରେ। ଏହିଭଳି କାମ କରିବୁ।

୧୭୮। "ଅନ୍ୟ କୌଣସି ଉଦ୍ଦେଶ୍ୟରେ ଟଙ୍କା ଖର୍ଚ୍ଚ କରିବା ଦରକାର ହେଉଥିଲେ, ଏହି ଟଙ୍କାର ଦୁରୁପଯୋଗ କରିବୁ ନାହିଁ। ତେଣୁ ମସ୍‌ଜିଦ୍‌ର ବାବାଙ୍କୁ ନ ପଚାରି କୌଣସି କାର୍ଯ୍ୟ କରିବୁ ନାହିଁ।"

୧୭୯। ଗୌରୀ ସ୍ୱପ୍ନର ସମସ୍ତ ବୃତ୍ତାନ୍ତ ମୋତେ କହିଥିଲା। ସେ ସ୍ୱପ୍ନରେ ପାଇଥିବା ନିର୍ଦ୍ଦେଶକୁ ଠିକ୍ ଭାବରେ ମାନି ସମସ୍ତ କାର୍ଯ୍ୟ କରିବାକୁ ମୁଁ ମଧ୍ୟ ତାକୁ ଉପଦେଶ ଦେଇଥିଲି।

୧୮୦। "ମୂଳଧନ ତୋର ଓ ତୁ ତାକୁ ପାଖରେ ରଖ। ସୁଧର ଅଧା ଚେନବସାପ୍ପାକୁ ଦେବୁ। ତାହାକୁ ନିୟମିତ ପାଳନ କରିବୁ। ବୀରଭଦ୍ରାପ୍ପାର ସେଥିରେ କୌଣସି ଅଧିକାର ନାହିଁ।"

୧୮୧। ଆମେ ଏଭଳି କଥା ହେଉଥିବା ସମୟରେ ଉଭୟ ଚେନବସାପ୍ପା ଓ ବୀରଭଦ୍ରାପ୍ପା ପାଟିତୁଣ୍ଡ କରି ସେଠାକୁ ଆସିଥିଲେ। ସେମାନଙ୍କୁ ଶାନ୍ତ ରହିବା ନିମନ୍ତେ ମୁଁ ପରାମର୍ଶ ଦେଇ ବହୁତ ଚେଷ୍ଟା କରିଥିଲି ।

୧୮୨। ଗୌରୀକୁ ସ୍ୱପ୍ନରେ ମହାଦେବ ଦେଖାଦେଇ ଯାହା କହିଥିଲେ, ସେମାନଙ୍କୁ ସେସବୁ କଥା ମୁଁ କହିଥିଲି। ସେ କଥା ଶୁଣିବାପରେ ବୀରଭଦ୍ରପ୍ପା ରାଗରେ ପାଗଳ ପ୍ରାୟ ହୋଇଯାଇଥିଲା।

୧୮୩। ବୀରଭଦ୍ରାପ୍ପା ମନଇଚ୍ଛା, ବିନା କାରଣରେ ଚେନବସାପ୍ପାଙ୍କୁ ପ୍ରବଳ ଗାଳି ଦେଇଥିଲା। ସେ ଏଭଳି ଖରାପ ଶବ୍ଦ ବ୍ୟବହାର କରିଥିଲା, ଯାହା ଚେନବସାପ୍ପାଙ୍କୁ

ଭୟଭୀତ ଓ ବିଚଳିତ କରିଥିଲା।

୧୮୪। ଚେନବସାପ୍ପା ମଧ୍ୟ ପାଗଳସମ ପ୍ରଳାପ କରିଥିଲେ। ସେ ଅଭିଶାପ ଓ ଗାଳି ବର୍ଷଣ କରି କହିଥିଲେ, "ମୁଁ ତୋତେ ଯେଉଁଠି ପାଇବି, ସେଠି ହତ୍ୟା କରିବି।"

୧୮୫। ବୀରଭଦ୍ରାପ୍ପା କ୍ରୋଧରେ ଉନ୍ମତ୍ତ ହୋଇ ଚେନବସାପ୍ପାଙ୍କୁ କହିଥିଲା, "ମୁଁ ତୋତେ ଟିକିଟିକି କରି କାଟି ଖାଇବି।"

୧୮୬। ଚେନବସାପ୍ପା ବହୁତ ଡରି ଯାଇଥିଲେ। ସେ ମୋର ପାଦକୁ ଜାବୁଡ଼ି ଧରି କହିଥିଲେ, "ମୋତେ ଏହି ବିପଦରୁ ଉଦ୍ଧାର କରନ୍ତୁ।" ତା'ପରେ ମୁଁ ତାଙ୍କୁ ରକ୍ଷା କରିଥିଲି।

୧୮୭। ମୁଁ ସେହି ବିନୀତ ଚେନବସାପ୍ପାଙ୍କୁ ସାହସ ବାନ୍ଧିବାକୁ ପରାମର୍ଶ ଦେଇ କହିଥିଲି, "ମୁଁ ତୋତେ ବୀରଭଦ୍ରାପ୍ପା ହାତରେ କେବେ ମରିବାକୁ ଦେବିନାହିଁ।"

୧୮୮। ତାହାହିଁ ହୋଇଥିଲା। ବୀରଭଦ୍ରାପ୍ପାର ହୃଦ୍‌ଘାତରେ ମୃତ୍ୟୁ ହୋଇଥିଲା ଓ ସେ ସାପ ରୂପରେ ଜନ୍ମ ନେଇଥିଲା। ଏହିପରି ତାହାର ଶାରୀରିକ ରୂପ ବଦଳି ଯାଇଥିଲା।

୧୮୯। ଚେନବସାପ୍ପା ଭୟ ଓ ଆଶଙ୍କାର କବଳିତ ହୋଇ ମୃତ୍ୟୁବରଣ କରିଥିଲେ। ସେ ମଣ୍ଡୁକ ରୂପରେ ପୁନର୍ଜନ୍ମ ନେଇଥିଲେ। ଏହାହିଁ କାହାଣୀ।

୧୯୦। ପୂର୍ବଜନ୍ମର ଶତ୍ରୁତା କାରଣରୁ ବୀରଭଦ୍ରପ୍ପା ସର୍ପ ରୂପରେ ମଣ୍ଡୁକରୂପୀ ଚେନବସାପ୍ପାଙ୍କୁ ଖୋଜି ବୁଲୁଥିଲା। ଶେଷରେ ବୀରଭଦ୍ରପ୍ପା ତାଙ୍କୁ ଧରିଥିଲା।

୧୯୧। ବିଚରା ଚେନବସାପ୍ପା ମଣ୍ଡୁକ ରୂପରେ ସର୍ପରୂପକ ବୀରଭଦ୍ରପ୍ପାର ପାଟିରେ ପଡ଼ିଯାଇଥିଲା। ତାହାର କରୁଣ କ୍ରନ୍ଦନ ଶୁଣି ମୁଁ ବିଚଳିତ ହୋଇ ପଡ଼ିଥିଲି।

୧୯୨। ପୂର୍ବ ଜନ୍ମରେ ଦେଇଥିବା ପ୍ରତିଶ୍ରୁତିକୁ ମନେପକାଇ ମୁଁ ଚେନବସାପ୍ପାଙ୍କୁ ସର୍ପମୁଖରୁ ମୁକୁଳାଇ ଦେଲି ଓ ମୋର ପ୍ରତିଶ୍ରୁତି ପୂରଣ କଲି।

୧୯୩। ଭକ୍ତମାନଙ୍କର ଆପଦବିପଦ ସମୟରେ ଆଲ୍ଲା ଦୌଡ଼ି ଆସିଥାନ୍ତି। ସେ ତାଙ୍କର ଭକ୍ତକୁ ରକ୍ଷାକରିବା ନିମନ୍ତେ ମୋତେ ଏଠାକୁ ପଠାଇଥିଲେ।

୧୯୪। ତୁମେ ଏହି ଅନୁଭୂତି ଲାଭ କଲ। ବୀରଭଦ୍ରାପ୍ପାକୁ ତଡ଼ି ଦିଆଗଲା। ଚେନବସାପ୍ପାଙ୍କୁ ବିପଦରୁ ଉଦ୍ଧାର କରାଗଲା। ଏହା ହେଉଛି ମହାପ୍ରଭୁଙ୍କର ଲୀଳା।

୧୯୫। ସେ ଯାହାହେଉ, ଆଉଥରେ ଏବେ ଚିଲମ ଭର୍ତ୍ତିକର। ଧୂମପାନ ପରେ ମୁଁ ମୋ ସ୍ଥାନକୁ ବାହୁଡ଼ିଯିବି। ତୁମେ ମଧ୍ୟ ତୁମ ଘରକୁ ଯିବ। ମୋତେ ମନେରଖିଥିବ।

୧୯୬। ଏକଥା କହି ମୁଁ ଚିଲମ ଟାଣିଥିଲି। ସାହଚର୍ଯ୍ୟର ଆନନ୍ଦ ଉପଭୋଗ କରିବା ପରେ ମୁଁ ଚାଲି ଚାଲି ଘରକୁ ଫେରିଥିଲି। ମୁଁ ବହୁତ ଖୁସି ଥିଲି।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଶ୍ରୀସାଇଙ୍କ କଥିତ କାହାଣୀର ବର୍ଣ୍ଣନା" ଶୀର୍ଷକ ସପ୍ତଚତ୍ୱାରିଂଶତ୍ ଅଧ୍ୟାୟଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- ସ୍ୱେଦ ବୋହିବା, ଶରୀର କଠିନ ହୋଇଯିବା, ଲୋମ ଟାଙ୍କୁରିବା, ବାକ୍ ନ ସ୍ଫୁରିବା, ଦେହ କମ୍ପିବା, ଅଙ୍ଗଭଙ୍ଗୀ ବଦଳିଯିବା, ଅଶ୍ରୁ ବହିବା, ଚେତନା ହରାଇବା ।

॥ ୪୮ ॥

ସନ୍ଦେହୀ ଭକ୍ତଙ୍କୁ ଅଭୟ ପ୍ରଦାନ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ମୁଁ ଏବେ ଏହି ଅଧ୍ୟାୟ ଆରମ୍ଭ କରିବା ସମୟରେ ଜଣେ ଅତି କୌତୂହଳୀ ଶ୍ରୋତା, ଯିଏ ମୋ କଥା ପୂର୍ବରୁ ଏକାନ୍ତ ଭକ୍ତି ସହକାରେ ମଧ୍ୟ ଶୁଣିଛନ୍ତି, ସେ ମୋତେ ପଚାରିଛନ୍ତି ଯେ ଶ୍ରୀସାଇ ଜଣେ ଗୁରୁ ନା ସଦ୍‌ଗୁରୁ ।

୨ । ତାଙ୍କର ସନ୍ତୁଷ୍ଟି ନିମନ୍ତେ, ମୁଁ ସଦ୍‌ଗୁରୁଙ୍କ ଗୁଣାବଳୀ ସଂକ୍ଷେପରେ ବର୍ଣ୍ଣନା କରିବି, ଯାହା ଶ୍ରୀସାଇ ସମର୍ଥଙ୍କ ନିକଟରେ ଉପଲବ୍ଧ ।

୩। ଯାହାଙ୍କ ଉପଦେଶରେ ବେଦର ଜ୍ଞାନ ଥାଏ, ଷଡ଼ଶାସ୍ତ୍ରର ଜ୍ଞାନ ମଧ୍ୟ ମିଳେ, କିମ୍ବା ଯେଉଁ ପଣ୍ଡିତ ବେଦାନ୍ତ ବୁଝାଇଥାନ୍ତି, ତାଙ୍କୁ ଜ୍ଞାନୀମାନେ ସଦ୍‌ଗୁରୁ କହିନଥାନ୍ତି।

୪ । ଯିଏ ପ୍ରାଣାୟାମ କରନ୍ତି ବା ତପ୍ତମୁଦ୍ରାଂରେ ବସନ୍ତି କିମ୍ବା ଶ୍ରୋତାମାନଙ୍କୁ ବ୍ରହ୍ମ ସମ୍ବନ୍ଧରେ ଅନର୍ଗଳ ବକ୍ତୃତା ଶୁଣାଇଥାନ୍ତି, ତାଙ୍କୁ ବି ଜ୍ଞାନୀମାନେ ସଦ୍‌ଗୁରୁ ବୋଲି କହି ନଥାନ୍ତି।

୫ । କେତେକ ଗୁରୁ ସେମାନଙ୍କର ଶିଷ୍ୟମାନଙ୍କୁ ଶାସ୍ତ୍ରବିଧି ଅନୁଯାୟୀ ମନ୍ତ୍ରଦାନ କରିଥାନ୍ତି ଓ ସେମାନଙ୍କୁ ନାମଜପ କରିବାକୁ ମଧ୍ୟ କହିଥାନ୍ତି। କିନ୍ତୁ ଏହି ସାଧନା କେବେ ଫଳବତୀ ହେବ, ତାହା କେହି ଦୃଢ଼ ପ୍ରତ୍ୟୟ ସହକାରେ କହିପାରିନଥାନ୍ତି।

୬ । ଯେଉଁମାନଙ୍କର ବ୍ରହ୍ମ ସୂତ୍ର ସମ୍ବନ୍ଧରେ ବ୍ୟାଖ୍ୟା ଅତ୍ୟନ୍ତ ଚିତ୍ତାକର୍ଷକ; ପାର୍ଥିବ ଜ୍ଞାନ ଅତି ବ୍ୟାପକ, କିନ୍ତୁ ସେଥିରେ ଆତ୍ମୋପଲବ୍ଧି ମୋଟେ ନଥାଏ, ସେମାନଙ୍କର ସେହି ଜ୍ଞାନ ଫମ୍ପା ଓ ବାକ୍‌ସର୍ବସ୍ୱ ହୋଇଥାଏ ।

୭ । ଜଣେ ଏଭଳି ସରଳ ବ୍ୟାଖ୍ୟା ଶୁଣିଲେ ତାହାର ସାଂସାରିକ ଓ ଆଧାତ୍ମିକ ଅଭିଜ୍ଞତା ପ୍ରତି ଘୃଣାଭାବ ଆସିବ। କିନ୍ତୁ ଆତ୍ମୋପଲବ୍ଧିର ସ୍ୱାଦ ପ୍ରାଞ୍ଜଳ ଓ ତାହାକୁ କେବଳ ଜଣେ ଆତ୍ମଜ୍ଞାନୀ ପୁରୁଷହିଁ ଅନ୍ୟକୁ ଦେଇ ପାରିବ।

୮ । ଯାହାଙ୍କର ପୂର୍ଣ୍ଣ ଶାସ୍ତ୍ରଜ୍ଞାନ ରହିଛି, ଯିଏ ପୂର୍ଣ୍ଣ ଅଭିଜ୍ଞତାସମ୍ପନ୍ନ ଅଟନ୍ତି ଓ ଯିଏ ବ୍ୟାବହାରିକ ଜ୍ଞାନ ଶିଷ୍ୟଙ୍କୁ ଦାନ କରିପାରନ୍ତି, ତାଙ୍କୁହିଁ ସଦ୍‌ଗୁରୁ କୁହାଯାଇଥାଏ।

୯ । ଯାହାଙ୍କର ନିଜର ଆତ୍ମୋପଲବ୍ଧି ହୋଇନାହିଁ, ସେ କିପରି ଶିଷ୍ୟଙ୍କୁ ତାହା ଦାନ କରିପାରିବେ ? ଯାହାଙ୍କର କୌଣସି ବ୍ୟାବହାରିକ ଜ୍ଞାନ ନାହିଁ, ସିଏ ସଦ୍‌ଗୁରୁ ହେବାର ଯୋଗ୍ୟ ନୁହଁନ୍ତି ।

୧୦ । ଯିଏ ଶିଷ୍ୟଙ୍କ ନିକଟରୁ କୌଣସି ସେବା କିମ୍ବା ଫାଇଦା ଉଠାଇବା ନିମନ୍ତେ ସ୍ୱପ୍ନରେ ମଧ୍ୟ ଚିନ୍ତା କରି ନଥାନ୍ତି, ସିଏ ସଦ୍‌ଗୁରୁ ବୋଲି ଜାଣିଥାଅ । ବରଂ ସେ ଶିଷ୍ୟର ସେବା କରିବାକୁ ଇଚ୍ଛା କରିଥାନ୍ତି।

୧୧ । ଯିଏ ଶିଷ୍ୟକୁ ନଗଣ୍ୟ ମନେ କରନ୍ତି ନାହିଁ ଓ ଗୁରୁ ସର୍ବଶ୍ରେଷ୍ଠ ବୋଲି ବିଚାର କରନ୍ତି ନାହିଁ ଏବଂ ଯାହାଙ୍କର

ଅହଂଭାବ ନଥାଏ, ସେହି ସଦ୍‌ଗୁରୁହିଁ ମଙ୍ଗଳକାରୀ ଅଟନ୍ତି।

୧୨। ସେ ଶିଷ୍ୟଙ୍କୁ ପୂର୍ଣ୍ଣବ୍ରହ୍ମ ବୋଲି ବିଶ୍ୱାସ କରନ୍ତି ଓ ତାଙ୍କୁ ନିଜର ପୁତ୍ର ଭଳି ଦେଖିଥାନ୍ତି। ସେ ନିଜର ଭରଣପୋଷଣ ନିମନ୍ତେ ଶିଷ୍ୟ ନିକଟରୁ କିଛି ଆଶା କରିନଥାନ୍ତି। ଏଭଳି ସଦ୍‌ଗୁରୁହିଁ ପୃଥିବୀରେ ଶ୍ରେଷ୍ଠ।

୧୩। ଯିଏ ପରମ ଆନନ୍ଦର ଆବାସ, ଯିଏ ଜ୍ଞାନ ନିମିତ୍ତ ଗର୍ବ କରନ୍ତି ନାହିଁ, ଯିଏ ଧନୀ ଓ ଦରିଦ୍ର, ଆବାଳବୃଦ୍ଧବନିତାଙ୍କ ମଧ୍ୟରେ ବାଛବିଚାର କରନ୍ତି ନାହିଁ, ସେ ସଦ୍‌ଗୁରୁଙ୍କର ଏକ ମୂର୍ତ୍ତିମନ୍ତ ରୂପ।

୧୪। ଯେଉଁ ଶ୍ରୋତାମାନେ ସମ୍ପୂର୍ଣ୍ଣ ରୂପେ ସମର୍ପିତ, ସେମାନଙ୍କ ନିମନ୍ତେ ସଦ୍‌ଗୁରୁଙ୍କ ସାଧାରଣ ଗୁଣାବଳୀ ସଂଗ୍ରହ କରି ମୁଁ ସଂକ୍ଷେପରେ ବର୍ଣ୍ଣନା କରିଲି।

୧୫। ଯେଉଁ ଭାଗ୍ୟବାନମାନେ ସାଇଦର୍ଶନ କରି ଜୀବନକୁ ପରିପୂର୍ଣ୍ଣ ଓ ଚରିତାର୍ଥ କରିଛନ୍ତି, ସେମାନଙ୍କୁ ଏ ବିଷୟରେ କ'ଣ ଅଧିକ କହିବି ? ଏହାହିଁ ହେଉଛି ସଦ୍‌ଗୁରୁଙ୍କର ପ୍ରକୃତ ଗୁଣାବଳୀ ।

୧୬। ପୂର୍ବଜନ୍ମମାନଙ୍କରୁ ଗଚ୍ଛିତ ହୋଇ ଆସିଥିବା ପୁଣ୍ୟ ଫଳ ଯୋଗୁଁ ମୁଁ ସଦ୍‌ଗୁରୁ ଶ୍ରୀସାଇଙ୍କ ପାଦପଦ୍ମ ପାଖରେ ପହଞ୍ଚିପାରିଛି ।

୧୭। ଏପରିକି ପୂର୍ଣ୍ଣ ଯୌବନାବସ୍ଥାରେ ମଧ୍ୟ ଏହି ସଦ୍‌ଗୁରୁଙ୍କର ପିଲା ପରିବାର ନଥିଲା କି ସମ୍ପତ୍ତିବାଡ଼ି ନଥିଲା, କୌଣସି ଆଶ୍ରୟ ନଥିଲା କି ଘରଦ୍ୱାର ନଥିଲା । ତାଙ୍କ ନିକଟରେ ତମାଖୁ, ଚିଲମ ଓ ଦୃଢ଼ ସଂକଳ୍ପ କେବଳ ରହିଥିଲା।

୧୮। ଏପରିକି ଅଠର ବର୍ଷ ବୟସରେ ମଧ୍ୟ ତାଙ୍କର ମନ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ମଧ୍ୟରେ ଥିଲା। ସେ ସବୁବେଳେ ଆତ୍ମସ୍ଥ ରହି ନିର୍ଭୟରେ ଓ ନିର୍ଜନରେ ରହୁଥିଲେ।

୧୯। ଭକ୍ତମାନଙ୍କର ଶୁଦ୍ଧ ସଂପୃକ୍ତିକୁ ଲକ୍ଷ୍ୟକରି ସେ ସେମାନଙ୍କର ସେବା କରିବା ନିମିତ୍ତ ମତି ବଳାଇଥିଲେ। ଭକ୍ତମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ପ୍ରଦର୍ଶନ କରିବା ନିମନ୍ତେ ସେ ଭକ୍ତମାନଙ୍କ ସାଙ୍ଗରେ ଅତ୍ୟନ୍ତ ଶ୍ରଦ୍ଧାସ୍ନେହ ସହକାରେ ରହିଥିଲେ।

୨୦। ହେ ଚିରନ୍ତନ ପରଂବ୍ରହ୍ମ! ଅସହାୟର ସହାୟ, ଆନନ୍ଦପ୍ରଦାୟକ, ପରମ ଚୈତନ୍ୟ ଓ ଭକ୍ତମାନଙ୍କର ସେବକ, ଆପଣଙ୍କର ଜୟ ହେଉ !

୨୧। ହେ ଦ୍ୱୈତରୁ ଊର୍ଦ୍ଧ୍ୱରେ, ସର୍ବଗୁଣଯୁକ୍ତ ଓ ଗୁଣାତୀତ ଆପଣଙ୍କର ଜୟ ହେଉ ! ହେ ସର୍ବଭୂତସାକ୍ଷୀ, ଜ୍ଞାନାତୀତ, ଭକ୍ତବିନା ଆପଣଙ୍କୁ କିଏ ଅବା ଜାଣିପାରେ ?

୨୨। ସାଂସାରିକ ଜୀବନର ଦୁର୍ଦ୍ଦଶା ଅପନୋଦନକାରୀ, ଆପଣଙ୍କର ଜୟ ହେଉ ! ହେ ସଦ୍‌ଗୁରୁରାୟ ! ଆପଣଙ୍କର ଶରଣାଗତ ହେଲେ ଓ ଆପଣଙ୍କ ପ୍ରତି ପୂର୍ଣ୍ଣ ଶ୍ରଦ୍ଧା ଜ୍ଞାପନ କଲେ ଆପଣ ସମସ୍ତ ଅସୁବିଧା ଦୂର କରିଦିଅନ୍ତି।

୨୩। ଆପଣ ଅରୂପରେ ମିଳିତ ହୋଇ ଅଦୃଶ୍ୟ ହୋଇ ଯାଇଛନ୍ତି। କିନ୍ତୁ, ଆପଣ ଦେହତ୍ୟାଗ କରିବା ପରେ ମଧ୍ୟ ଭକ୍ତମାନଙ୍କର ମଙ୍ଗଳ କରି ଚାଲିଛନ୍ତି।

୨୪। ଆପଣଙ୍କର ଆଶ୍ରିତମାନେ ଆପଣ ସଶରୀରରେ ଥିବାବେଳେ ଯେଉଁଭଳି ଅନୁଭୂତି ଲାଭ କରୁଥିଲେ, ଆଜି ଆପଣ ଅଦୃଶ୍ୟ ହୋଇଯିବା ପରେ ମଧ୍ୟ ସେମାନେ ସେଇଭଳି ଅନୁଭୂତି ଲାଭ କରୁଛନ୍ତି।

୨୫। ଅଜ୍ଞତାର ଅନ୍ଧକାରକୁ ଦୂର କରିବା ନିମନ୍ତେ ଆପଣ ଏହି ନଗଣ୍ୟକୁ ଯନ୍ତ୍ରବତ୍ ବ୍ୟବହାର କରିଛନ୍ତି ଏବଂ ଆପଣଙ୍କ ଜୀବନଚରିତର ସୂର୍ଯ୍ୟକୁ ଆପଣ ପ୍ରକଟ କରିଛନ୍ତି, ଯାହାର ଭକ୍ତମାନଙ୍କୁ ଉତ୍‌ଥାନ କରିବାର ଶକ୍ତି ରହିଛି ।

୨୬। ଈଶ୍ୱରଙ୍କର ଅସ୍ତିତ୍ୱରେ ବିଶ୍ୱାସ ଓ ତାଙ୍କ ଉପରେ ଆସ୍ଥା ସ୍ଥାପନ ନିମିତ୍ତ ଏଭଳି ହୃଦୟପ୍ରଦୀପ ଭକ୍ତଙ୍କର ରହିବା ଉଚିତ୍। ଶ୍ରଦ୍ଧାର ତୈଳରେ ବଳିତା ଭିଜାଇ ପ୍ରଦୀପ ଜଳାଇଲେ ଜ୍ଞାନାଲୋକ ଦୃଶ୍ୟ ହେବ।

୨୭। ଶ୍ରଦ୍ଧା ନଥାଇ ଜ୍ଞାନ ଅର୍ଜନ ଔପଚାରିକତା ମାତ୍ର । ଏ ଜ୍ଞାନ କାହାରି କୌଣସି କାମରେ ଲାଗେ ନାହିଁ । ଶ୍ରଦ୍ଧା ବିନା ସନ୍ତୋଷ ନାହିଁ। ଶ୍ରଦ୍ଧା ସୀମାହୀନ ହେବା ଉଚିତ୍।

୨୮। ଶ୍ରଦ୍ଧାର ଶକ୍ତି ସମ୍ବନ୍ଧରେ ମୁଁ କ'ଣ କହିବି ? ଅନ୍ୟ ସମସ୍ତ ଏହା ନିକଟରେ ନଗଣ୍ୟ। ଗଭୀର ଶ୍ରଦ୍ଧା ନଥିଲେ ଶୁଣିବା କିମ୍ବା ପଢ଼ିବା ନିରର୍ଥକ ହୋଇଯାଏ।

୨୯। ଶ୍ରଦ୍ଧାର ପଛେ ପଛେ ଭକ୍ତି, ଅନାସକ୍ତି, ଶାନ୍ତି ଓ ଆନନ୍ଦ ସହିତ ମୋକ୍ଷ ପରି ସମସ୍ତ ରତ୍ନ ଆସି ପହଞ୍ଚିଯାଆନ୍ତି ।

୩୦। ବିଶ୍ୱାସ ନଥିଲେ ଶ୍ରଦ୍ଧା ଜାତ ହୁଏନାହିଁ। ବିଶ୍ୱାସେ ମିଳନ୍ତି ହରି। ବିଶ୍ୱାସ ସହିତ ଶ୍ରଦ୍ଧାର ପ୍ରାଚୁର୍ଯ୍ୟ ଆସିଥାଏ ଓ ବିଶ୍ୱାସହିଁ ମୋକ୍ଷପ୍ରାପ୍ତିର ମାଧ୍ୟମ।

୩୧ । ଶ୍ରୀସାଇ ଚରିତ ଗଙ୍ଗାଜଳ ପରି ପବିତ୍ର। ସେ ନିଜେ ତାଙ୍କ ସ୍ତୋତ୍ରରେ ଭୂଷିତ ହୋଇଛନ୍ତି। ହେମାଡ଼ କେବଳ ଏକ ଆୟୁଧ ।

୩୨ । ଶ୍ରୀସାଇ ଚରିତ ଶ୍ରବଣ କଲେ ଶ୍ରୋତା ଓ ବକ୍ତା ଉଭୟ ପବିତ୍ର ହୋଇଥାନ୍ତି। ପାପ ଓ ପୁଣ୍ୟର ବିନାଶ ଘଟିଥାଏ ଏବଂ ଉଭୟ ପାପୀ ଓ ପୁଣ୍ୟବାନ୍ ମୋକ୍ଷପ୍ରାପ୍ତ ହୋଇଥାନ୍ତି ।

୩୩। ଯେଉଁ ଶ୍ରୋତାମାନେ ଏହା ଶ୍ରବଣ କରୁଛନ୍ତି, ସେମାନେ ମହାଭାଗ୍ୟବାନ୍। ବକ୍ତା ମଧ୍ୟ ସେହିପରି ଭାଗ୍ୟବାନ୍। ଶ୍ରୀସାଇ ସ୍ତୋତ୍ର ଧନ୍ୟ ! କାରଣ, ଏହା ଭକ୍ତମାନଙ୍କୁ ପବିତ୍ର କରୁଛି।

୩୪ । ଯିଏ ଏହି ଚରିତ ପ୍ରଗାଢ଼ ବିଶ୍ୱାସ ଓ ପବିତ୍ର ମନ ନେଇ ଶୁଣିଥାନ୍ତି,ତାଙ୍କର ସମସ୍ତ ଇଚ୍ଛା ପରିପୂରଣ ହୋଇଥାଏ ।

୩୫ । ଯିଏ ଏହି ସାଇଚରିତ ପରମ ବିଶ୍ୱାସ ଓ ଭକ୍ତି ସହକାରେ ଶୁଣନ୍ତି, ସେ ଶ୍ରୀସାଇଙ୍କ ପଦାଶ୍ରିତ ସଂଗେ ସଂଗେ ହୋଇଯାଆନ୍ତି ।

୩୬। ଶ୍ରୀସାଇଙ୍କୁ ସ୍ମରଣ କରି ଭକ୍ତି ସହକାରେ ତାଙ୍କର ପାଦସେବା କଲେ ଇନ୍ଦ୍ରିୟଗଣ ବଶୀଭୂତ ହୋଇଯାଇଥାନ୍ତି ଓ ଭବସାଗର ସହଜରେ ଅତିକ୍ରମ କରି ହୋଇଥାଏ।

୩୭ । ଶ୍ରୀସାଇ ଚରିତର ବର୍ଣ୍ଣନା ଭକ୍ତମାନଙ୍କ ନିମନ୍ତେ ଶୁଦ୍ଧ ଜଳ ଭଳି, କାରଣ ସେମାନେ ଚାତକ ପକ୍ଷୀ ସଦୃଶ ତୃଷାର୍ତ୍ତ ହୋଇ ଜଳକୁ ଅପେକ୍ଷା କରିଥାନ୍ତି । ଶ୍ରୋତାମାନେ ଶୁଣିବା ପରେ ତାହା ଉପରେ ଧ୍ୟାନସ୍ଥ ହେଲେ ଶ୍ରୀସାଇଙ୍କର କରୁଣା ଲାଭ କରି ପାରିଥାଆନ୍ତି।

୩୮ । ଶ୍ରୋତାମାନେ ଏହା ସମ୍ପୂର୍ଣ୍ଣ ମନୋଯୋଗ ଦେଇ ଶ୍ରବଣ କଲେ ଭବସାଗର ପାରହେବା ସହଜସାଧ୍ୟ ହୋଇଥାଏ, କାରଣ ଏହା ଦ୍ୱାରା କର୍ମବନ୍ଧନ ତୁଟି ଯାଇଥାଏ।

୩୯ । ସେ ଯାହାହେଉ, ଶ୍ରୋତାମାନେ କେତେବେଳେ କାହାଣୀ ଆରମ୍ଭ ହେବ ବୋଲି ଅଧୈର୍ଯ୍ୟ ହେଉଥିବେ। ମୁଁ ମୁଖବନ୍ଧ ଆରମ୍ଭକରି ସେମାନଙ୍କର ଅସ୍ଥିରତାକୁ ଦୂର କରିଦେବି।

୪୦ । ପୂର୍ବବର୍ତ୍ତୀ ଅଧ୍ୟାୟରେ କୁହାଯାଇଛି ଯେ ଶତ୍ରୁତା, ହତ୍ୟା ଓ ଋଣ ପରବର୍ତ୍ତୀ ଜୀବନରେ ପରିଶୋଧ କରିବାକୁ ପଡ଼ିଥାଏ। ସେହି କର୍ମଫଳ ଭୋଗ କରିବାକୁ ପୁନର୍ବାର ଜନ୍ମ ନେବା ଆବଶ୍ୟକ ହୋଇଥାଏ।

୪୧ । ଯେଉଁମାନେ ଏଭଳି ପାପ କରିଥାନ୍ତି, ସେମାନେ ଭୁଲି ଯାଇଥିଲେ ମଧ୍ୟ ସନ୍ଥଗଣ କଦାପି ଭୁଲି ନଥାନ୍ତି। ସେମାନେ ଭକ୍ତମାନଙ୍କୁ ଯେଉଁଠାରେ ଜନ୍ମ ଲଭିଥିଲେ ମଧ୍ୟ, ସେମାନଙ୍କ ଅସୁବିଧା ଦୂର କରିବାରେ ସାହାଯ୍ୟ କରିଥାନ୍ତି।

୪୨ । ସନ୍ଥଙ୍କର ଚରଣାଶ୍ରିତ ହେଲେ, ଭକ୍ତ ଯାହା କରିଥିଲେ ମଧ୍ୟ କିଭଳି ଉଦ୍ଧାର ପାଇଥାଏ, ସେ ସମ୍ପର୍କରେ ଅନ୍ୟ ଗୋଟିଏ କାହାଣୀ ଏଠାରେ କୁହାଯାଉଛି।

୪୩। ଗୁରୁହିଁ ଈଶ୍ୱର । କୌଣସି କାର୍ଯ୍ୟାରମ୍ଭ ପୂର୍ବରୁ ଯଦି ଗୁରୁଙ୍କୁ ସ୍ମରଣ କରାଯାଏ ଓ କାର୍ଯ୍ୟ ପ୍ରତି ସଠିକ୍ ମନୋଯୋଗ ଦିଆଯାଏ, ତେବେ ଗୁରୁ ଭକ୍ତଙ୍କର ଚିନ୍ତା ଦୂରକରି ଦେଇଥାନ୍ତି।

୪୪ । ମୁଁ କେବଳ କାର୍ଯ୍ୟର କର୍ତ୍ତା। ଶ୍ରୀସାଇ ସମର୍ଥ ହିଁ ଗୁରୁ ଓ ଈଶ୍ୱର । ସେ କାର୍ଯ୍ୟର ଫଳ ପ୍ରଦାନ କରନ୍ତି । ଯିଏ ଏଥିରେ ଦୃଢ଼ ବିଶ୍ୱାସୀ ଅଟନ୍ତି, ସେ ସହଜରେ ଭବସାଗର ପାର ହୋଇଯାଆନ୍ତି ।

୪୫ । ମୂଳରୁ ଦେଖିଲେ ସନ୍ଥମାନେ କଠୋର ଜଣାପଡ଼ନ୍ତି। କିନ୍ତୁ ଅନ୍ତର ମଧ୍ୟରେ ସେମାନଙ୍କର ନିଃସ୍ୱାର୍ଥପର ଶ୍ରଦ୍ଧା ରହିଥାଏ। ଆମେ ଟିକିଏ ଧୈର୍ଯ୍ୟ ଧରିରହିବା ଆବଶ୍ୟକ। ଅବଶେଷରେ ସେମାନେ ଆମର ମଙ୍ଗଳକର କାର୍ଯ୍ୟ କରନ୍ତି।

୪୬ । ସନ୍ଥଙ୍କ ସାହଚର୍ଯ୍ୟରେ ଜଣେ ରହିଥିଲେ, ତାଙ୍କର ଅମଙ୍ଗଳ କେହି ମନାସୁଥିଲେ କିମ୍ବା ଭାଗ୍ୟଦୋଷରୁ ତାଙ୍କର ଦୁର୍ଭାଗ୍ୟ ପଡ଼ିଥିଲେ କିମ୍ବା ଏହି ସଂସାରର ମାୟାମୋହରେ ସେ ପଡ଼ିଥିଲେ, ତାହା ସଙ୍ଗେ ସଙ୍ଗେ ମୂଳପୋଛ ହୋଇଯାଇଥାଏ। ତେଣୁ ସନ୍ଥଙ୍କର ଚରଣାଶ୍ରିତ ହୁଅନ୍ତୁ।

୪୭ । ବିନୀତ ଭାବରେ ସନ୍ଥଙ୍କର ଶରଣାଗତ ହୁଅ ଓ ଗର୍ବରେ ଫୁଲି ଉଠନାହିଁ। ଗୋପନରେ ତୁମ ନିଜର ମଙ୍ଗଳ ପାଇଁ ପ୍ରାର୍ଥନା କର ଓ ସେ ତୁମ ମନରେ ଶାନ୍ତି ଦେବେ।

୪୮ । ଯିଏ ନିଜର ସାମାନ୍ୟ ଜ୍ଞାନ ପାଇଁ ଗର୍ବ ଅନୁଭବ କରେ ଓ ସନ୍ଥଙ୍କ କଥାରେ ସନ୍ଦେହ ପୋଷଣ କରେ, ତାହାର କ୍ଷତି ହୋଇଥାଏ। କିନ୍ତୁ ପରେ ବିଶ୍ୱାସ ସ୍ଥାପନ କଲେ ସେ ଉପକାର ପାଇଥାଏ।

୪୯ । ସନ୍ଥଙ୍କ ଚରଣରେ ସରଳ ବିଶ୍ୱାସରେ, କିମ୍ବା ଧୂର୍ତ୍ତଭାବରେ ଶରଣ ପଶିଲେ ମଧ୍ୟ ଶେଷରେ ମୋକ୍ଷପ୍ରାପ୍ତି ହୋଇଥାଏ। ସନ୍ଥମାନଙ୍କର ମାହାତ୍ମ୍ୟ ଅବିଶ୍ୱାସ୍ୟ !

୫୦ । ଏହି ନୀତିଶିକ୍ଷା ଦେଉଥିବା ଗୋଟିଏ କାହାଣୀ ପୂର୍ଣ୍ଣ

ମନ ଧ୍ୟାନ ଦେଇ ଶୁଣନ୍ତୁ। ଶ୍ରୋତାମାନେ ଆନନ୍ଦରେ ବିଭୋର ହୋଇଯିବେ ଓ ବକ୍ତା ଉତ୍ସାହିତ ହେବେ।

୫୧। ଅକଲକୋଟ ନିବାସୀ ଓକିଲ ସପ୍‌ଟଣେକରଙ୍କ ଅନୁଭୂତି ଶୁଣନ୍ତୁ । ଆପଣମାନେ ଖୁସି ହେବେ।

୫୨। ସେ ଦିନରାତି ଆଇନ ପାଠ ପଢୁଥିବା ସମୟରେ ଅନ୍ୟ ଜଣେ ଛାତ୍ର ଶେଓ୍ୱଡ଼େଙ୍କୁ ଭେଟିଥିଲେ ଓ ଉଭୟଙ୍କ ମଧ୍ୟରେ ଆଳାପଆଲୋଚନା ହେଉଥିଲା ।

୫୩। ଅନ୍ୟ ସହପାଠୀମାନେ ମଧ୍ୟ ସେଠାକୁ ଆସିଥିଲେ ଓ ସେହି କୋଠରୀରେ ଏକାଠି ହୋଇଥିଲେ। ପରୀକ୍ଷା ପାଇଁ କିଏ କିଭଳି ପ୍ରସ୍ତୁତ ହୋଇଛି, ତାହା ଜାଣିବା ନିମନ୍ତେ ସେମାନେ ପରସ୍ପରକୁ ବିଭିନ୍ନ ପ୍ରଶ୍ନ କରି ପଚରାପଚରି ହେଉଥିଲେ।

୫୪। ଏହାଦ୍ୱାରା ଭୁଲ ଠିକ୍ ଉତ୍ତର ଜାଣି ହେଉଥିଲା ଓ ପରସ୍ପରର ସନ୍ଦେହ ଦୂର ହେଉଥିଲା ଏବଂ ସମସ୍ତଙ୍କ ମନରେ ଶାନ୍ତି ଆସୁଥିଲା ।

୫୫। ଶେଓ୍ୱଡ଼େ ଉତ୍ତରଦେବା ସମୟରେ ଅନେକ ଭୁଲ କରିଥିଲେ। ତାଙ୍କର ପାଠପଢ଼ା ଠିକ୍ ଭାବରେ ହୋଇନାହିଁ ବୋଲି ସବୁ ସହପାଠୀ ଧରିନେଇଥିଲେ ଓ ସେ କିଭଳି ପାଶ୍ କରିବେ ବୋଲି ସେମାନେ ସନ୍ଦିହାନ ହୋଇଥିଲେ।

୫୬। ସେମାନେ ତାଙ୍କୁ ବିଦ୍ରୂପ କରିଥିଲେ । କିନ୍ତୁ ଯଥାସମୟରେ ଶେଓ୍ୱଡ଼େ ନିଶ୍ଚୟ ପାଶ୍ କରିଯିବେ ବୋଲି ତାଙ୍କର ପୂର୍ଣ୍ଣ ବିଶ୍ୱାସ ରହିଥିଲା । ତାଙ୍କର ପାଠପଢ଼ା ଯଥେଷ୍ଟ ହୋଇଥାଉ କି ନ ହୋଇଥାଉ, ସେଥିରେ କିଛି ଯାଏ ଆସେ ନାହିଁ ବୋଲି ସେ ଭାବିଥିଲେ।

୫୭। "ମୁଁ ପଢ଼ିନଥିଲେ ମଧ୍ୟ ସାଇବାବାଙ୍କ କୃପାରୁ ନିଶ୍ଚୟ ପାଶ୍ କରିଯିବି। ମୁଁ ସେଥିପାଇଁ କାହିଁକି ଚିନ୍ତା କରିବି ?"

୫୮। ଏକଥା ଶୁଣିବା ପରେ ସପ୍‌ଟଣେକର ଆଶ୍ଚର୍ଯ୍ୟ ହୋଇଥିଲେ। ସେ ଶେଓ୍ୱଡ଼େଙ୍କୁ ଗୋଟିଏ ପାର୍ଶ୍ୱକୁ ଡାକିନେଇ ତାଙ୍କୁ ପଚାରିଥିଲେ-

୫୯। "ହେ ବନ୍ଧୁ! ସେ ସାଇବାବା କିଏ, ଯାହାଙ୍କ ଉପରେ ତୁମେ ଏମିତି ନିର୍ଭର କରୁଛ ଓ ତୁମର ଏତେ ଆସ୍ଥା ରହିଛି ? ସେ କେଉଁଠାରେ ରହନ୍ତି ?"

୬୦। ତା'ର ଉତ୍ତରରେ ଶେଓ୍ୱଡ଼େ ଶ୍ରୀସାଇଙ୍କ ସମ୍ପର୍କରେ ଓ ତାଙ୍କ ପ୍ରତି ରହିଥିବା ନିଜର ବିଶ୍ୱାସ ସମ୍ପର୍କରେ ସମସ୍ତ ବିଷୟ ପରିଷ୍କାର ଭାବରେ ମନଖୋଲି କହିଥିଲେ।

୬୧। "ବିଖ୍ୟାତ ଅହମଦନଗର ଜିଲ୍ଲାରେ ଶିରିଡ଼ି ବୋଲି ଏକ ଗ୍ରାମ ଅଛି। ସେଠାର ମସ୍‌ଜିଦ୍‌ରେ ଜଣେ ଗୁଣୀ ଓ ସୁପରିଚିତ ଫକୀର ରହୁଛନ୍ତି।

୬୨। "ବିଭିନ୍ନ ସ୍ଥାନରେ ଅନେକ ସନ୍ଥ ରହୁଥିଲେ ମଧ୍ୟ ଅଧିକ ପୁଣ୍ୟବଳ ନଥିଲେ ସମସ୍ତଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଜୁଟେନାହିଁ। ନିଜ ତରଫରୁ ଯେତେ ଚେଷ୍ଟା କଲେ ମଧ୍ୟ ଏହା ଫଳବତୀ ହୋଇନଥାଏ।

୬୩। "ମୋର ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି। ସେ ଯାହା କହିଥାନ୍ତି, ତାହାହିଁ ଘଟିଥାଏ ଓ ତାଙ୍କ ବାକ୍ୟ ସବୁବେଳେ ସତ୍ୟ ହୋଇଥାଏ। ଟିକିଏ ମାତ୍ର ଭିନ୍ନ ହୋଇନଥାଏ।

୬୪। "ମୁଁ ଏବର୍ଷ ଯେତେ ଚେଷ୍ଟା କଲେ ମଧ୍ୟ ପାଶ୍ କରିପାରିବି ନାହିଁ। ଆସନ୍ତା ବର୍ଷ ମୁଁ ଆଦୌ ନ ପଢ଼ିଲେ ମଧ୍ୟ ପାଶ୍ କରିଯିବି। ଏହାହିଁ ସତ୍ୟ, କେବଳ ସତ୍ୟ।

୬୫। "ମୁଁ ଏହି ପ୍ରତିଶ୍ରୁତି ପାଇଛି। ମୋର ତାଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ରହିଛି, କାରଣ ତାଙ୍କର ବାକ୍ୟ କେବେ ମିଥ୍ୟା ହୁଏ ନାହିଁ। ମୁଁ ସେ ସମ୍ବନ୍ଧରେ ନିଃସନ୍ଦେହ।

୬୬। "ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ? ଏହାହିଁ ନିଶ୍ଚୟ ଘଟିବ ଓ ଆସନ୍ତା ବର୍ଷ ପରୀକ୍ଷାରେ ପାଶ୍ କରିଯିବି।" ସପ୍‌ଟଣେକର ଶେଓ୍ୱଡ଼େଙ୍କର ଏହି ବାକ୍ୟଗୁଡ଼ିକୁ ହାସ୍ୟାସ୍ପଦ ଓ ଫମ୍ପା କଥା ବୋଲି ଭାବିଥିଲେ।

୬୭। ତାଙ୍କ ମନ ମଧ୍ୟରେ ପୂରା ସନ୍ଦେହ ଥିବାରୁ ସେ କିପରି ଏହାକୁ ପସନ୍ଦ କରିଥାନ୍ତେ ? ଯାହାହେଉ, ଶେଓ୍ୱଡ଼େ ସେଠାରୁ ଚାଲିଯାଇଥିଲେ ଓ ତାହା ପରେ କ'ଣ ହୋଇଥିଲା, ଶୁଣନ୍ତୁ।

୬୮। ତାହାର କେତେଦିନ ପରେ ଶେଓ୍ୱଡ଼େଙ୍କର କଥା ସତ୍ୟ ପ୍ରମାଣିତ ହୋଇଥିଲା। ସେ ଦିଓଟିଯାକ ପରୀକ୍ଷାରେ ପାଶ୍ କରିଥିଲେ। ସପ୍‌ଟଣେକର ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୬୯। ଦଶବର୍ଷ ବିତିଯାଇଥିଲା। ସପ୍‌ଟଣେକର ହଠାତ୍ ଦୁର୍ଭାଗ୍ୟର ଶିକାର ହୋଇ ବିଷଣ୍ଣ ହୋଇଥିଲେ। ତାଙ୍କ ଅବସ୍ଥା ଶୋଚନୀୟ ହୋଇଥିଲା।

୭୦। ୧୯୧୩ ମସିହାରେ ତାଙ୍କର ଏକମାତ୍ର ପୁତ୍ର ଡିପ୍‌ଥେରିଆ ରୋଗରେ ମୃତ୍ୟୁବରଣ କରିଥିଲା ଓ ସେ ନିଜେ ବଞ୍ଚିରହିବାର ଇଚ୍ଛା ହରାଇ ବସିଥିଲେ।

୭୧ । ସେ ସମସ୍ତ ତୀର୍ଥାଟନ କରିଥିଲେ । ଏପରିକି ପଣ୍ଢରପୁର ଓ ଗଙ୍ଗାପୁର ଯିବାପରେ ମଧ୍ୟ ତାଙ୍କ ମନରେ ଶାନ୍ତି ଆସିନଥିଲା । ତା'ପରେ ସେ ବେଦ ବେଦାନ୍ତ ପାଠ କରିଥିଲେ ।

୭୨ । ଏହିଭଳି କେତେଦିନ ଚାଲିଯାଇଥିଲା । ସମୟକ୍ରମେ ତାଙ୍କର ଶାନ୍ତି ଫେରି ଆସିବ ବୋଲି ସେ ଭାବୁଥିଲେ । ସେଥିପାଇଁ ସେ ଅପେକ୍ଷା କରି ରହିଥିବା ସମୟରେ ତାଙ୍କର ଶେଓ୍ୱଡ଼େଙ୍କର କଥା ମନେ ପଡ଼ିଥିଲା ।

୭୩। ଶେଓ୍ୱଡ଼େଙ୍କର ଦୃଢ଼ ନିଷ୍ଠା ଓ ଶ୍ରୀସାଇଙ୍କ ଉପରେ ତାଙ୍କର ବିଶ୍ୱାସ ସମ୍ପର୍କରେ ସେ ମନେ ପକାଇଥିଲେ । ସେ ସାଇଦର୍ଶନ ନିମିତ୍ତ ଯିବା ଉଚିତ୍ ବୋଲି ସ୍ଥିର କରିଥିଲେ ।

୭୪ । ସେ ସନ୍ଥଦର୍ଶନ କରିବାର ଇଚ୍ଛା କରିଥିଲେ । ୧୯୧୩ ମସିହାରେ ଶିରିଡ଼ି ଯିବାର ଆୟୋଜନ ହୋଇଥିଲା ଓ ସେ ତାଙ୍କର ଭାଇଙ୍କ ସହିତ ସେଠାକୁ ଯାଇଥିଲେ ।

୭୫ । ଶ୍ରୀସାଇ ତାଙ୍କୁ ଶେଓ୍ୱଡ଼େଙ୍କ ସମ୍ପର୍କରେ ମନେ ପକାଇଦେଇଥିଲେ ଓ ସେହି ସ୍ମୃତିକୁ ଆୟୁଧ କରି ସପ୍‌ଟଣେକରଙ୍କୁ ସେ ନିଜ ପଦତଳକୁ ଟାଣି ନେଇଥିଲେ । ଏକଥା ମନଦେଇ ଶୁଣନ୍ତୁ ।

୭୬ । ସପ୍‌ଟଣେକର ନିଜର ସାନଭାଇ ପଣ୍ଡିତରାଓଙ୍କୁ ସାଥିରେ ଧରି ସନ୍ଥ ଦର୍ଶନକୁ ବାହାରି ଯାଇଥିଲେ ।

୭୭ । ସେଠାରେ ଉଭୟ ପହଞ୍ଚିବା ମାତ୍ରକେ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଯାଇଥିଲେ । ସେମାନେ ବାବାଙ୍କୁ ଦୂରରୁ ଦର୍ଶନ କରିଥିଲେ ଓ ବହୁ ସନ୍ତୋଷ ଲାଭ କରିଥିଲେ ।

୭୮ । ଯଦିଓ ସେମାନେ ଦୂରରେ ଛିଡ଼ା ହୋଇଥିଲେ ସେମାନଙ୍କର ଚକ୍ଷୁ ବାବାଙ୍କ ଚକ୍ଷୁ ସହିତ ମିଶି ଯାଇଥିଲା ଓ ସେମାନେ ଶୀଘ୍ର ବାବାଙ୍କ ପାଖକୁ ଯାଇଥିଲେ । ଉଭୟ ହାତଯୋଡ଼ି ବାବାଙ୍କ ସମ୍ମୁଖରେ ଠିଆହୋଇ ରହିଥିଲେ ।

୭୯ । ଉଭୟ ଅତି ବିନୀତ ଭାବରେ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ଓ ଗୋଟିଏ ନଡ଼ିଆ ବାବାଙ୍କ ପାଦତଳେ ପବିତ୍ର ବିଶ୍ୱାସ ଓ ଶ୍ରଦ୍ଧା ସହକାରେ ଅର୍ପଣ କରିଥିଲେ ।

୮୦ । ସପ୍‌ଟଣେକର ଶ୍ରୀସାଇ ସମର୍ଥଙ୍କ ପାଦତଳେ ନଡ଼ିଆ ଅର୍ପଣ କରୁଥିବା ସମୟରେ ବାବା ରାଗରେ କହିଥିଲେ, "ପଳା ଏଠୁ !"

୮୧ । ସପ୍‌ଟଣେକର ବହୁତ ବିଚଳିତ ହୋଇ ପଡ଼ିଥିଲେ । ବାବା କାହିଁକି ରାଗିଗଲେ ? ବାବାଙ୍କର କେହି ପାଖ ଲୋକଙ୍କୁ ପଚାରିଲେ ଏହାର ଉତ୍ତର ମିଳିପାରିବ ବୋଲି ସେ ଭାବିଥିଲେ ।

୮୨ । ବାବାଙ୍କୁ ଦର୍ଶନ କରି ତାଙ୍କୁ ଯେତିକି ଆନନ୍ଦ ମିଳିଥିଲା, ଏହି ବାକ୍ୟ ପଦକ ତାଙ୍କୁ ସେତିକି ଚିନ୍ତିତ ଓ ବିଚଳିତ କରିଦେଲା । ସେ ଦୁଃଖରେ ମୁଣ୍ଡ ତଳକୁ କରି ସେଠାରୁ ଫେରି ଆସିଥିଲେ ଓ ଅଲଗା ବସିଥିଲେ ।

୮୩ । 'ବର୍ତ୍ତମାନ ମୁଁ କାହା ପାଖକୁ ଯିବି ? କେଉଁ ଭକ୍ତଙ୍କୁ ମୁଁ ପଚାରିବି ? ବାବା ଏହା କହିବାର ଅର୍ଥ କ'ଣ ? ମୁଁ କାହା ନିକଟରେ ମନଖୋଲି କହିପାରିବି ?' ଏ ବିଷୟରେ ଚିନ୍ତାକରି ସେ ଆନ୍ଦୋଳିତ ହେଉଥିଲେ ।

୮୪ । ତାଙ୍କ ମନର ଅବସ୍ଥା ବୁଝିପାରି ସନ୍ତୋଷ ପାଇବା ନିମନ୍ତେ କେହି ଜଣେ ବାଲା ଶିମ୍ପିଙ୍କ ନାମ କହିଥିଲା । ସେ ତାଙ୍କୁ ଖୋଜି ପାଇଥିଲେ ।

୮୫ । ସପ୍‌ଟଣେକର ସମସ୍ତ ଘଟଣା ତାଙ୍କୁ କହିଥିଲେ । "ବାବା ବହୁତ କଠୋର ଶବ୍ଦ ପ୍ରୟୋଗ କରି ମୋତେ ଭର୍ତ୍ସନା କରିଛନ୍ତି ।

୮୬ । "ଆପଣ ମୋ ସହିତ ଆସି ଟିକିଏ ଶାନ୍ତିରେ ଦର୍ଶନ କରାଇ ଦିଅନ୍ତୁ । ମୁଁ ବାବାଙ୍କର କୃପାଦୃଷ୍ଟି ଚାହୁଁଛି ଓ ସେ ମୋତେ ବିରକ୍ତ ହେବା ଚାହୁଁନାହିଁ ।"

୮୭ । ବାଲା ସେଥିପାଇଁ ରାଜି ହୋଇଥିଲେ ଓ ସପ୍‌ଟଣେକର ଆଶ୍ୱସ୍ତି ଲାଭ କରିଥିଲେ । ବାଲା ବାବାଙ୍କର ଏକ ଫଟୋ ତାଙ୍କୁ କିଣାଇ ଦେଇଥିଲେ ଓ ଉଭୟ ବାବାଙ୍କର ଦର୍ଶନ ନିମିତ୍ତ ଯାଇଥିଲେ ।

୮୮ । ବାଲା ଶିମ୍ପି ତାଙ୍କ ସହିତ ଥିଲେ ଓ ତାଙ୍କ ହାତରେ ଫଟୋ ଧରିଥିଲେ । ସେ ବାବାଙ୍କୁ ତାହା ଦେଇଥିଲେ ଓ କାତରଭାବରେ ପ୍ରାର୍ଥନା କରିବାକୁ ଲାଗିଥିଲେ ।

୮୯ । "ହେ ପ୍ରଭୁ ! ଏହା କାହାର ଫଟୋ" ତାହାକୁ ଦେଖି ବାବା ସପ୍‌ଟଣେକରଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ କହିଥିଲେ, "ଏହା ତାହାର ପ୍ରେମିକର ଫଟୋ ।"

୯୦ । ଏକଥା କହି ବାବା ହସିଥିଲେ । ଉପସ୍ଥିତ ସମସ୍ତେ ଆମୋଦିତ ହୋଇଥିଲେ । "ବାବା ! ଏହା ପଶ୍ଚାତ୍‌ରେ କ'ଣ ଗୁପ୍ତ କଥା ରହିଛି ?" ବାଲା ବାବାଙ୍କୁ ପଚାରିଥିଲେ ।

୯୧ । ସେହି ସମୟରେ ବାଲା ସପ୍‌ଟଣେକରଙ୍କୁ କହିଥିଲେ, "ଦର୍ଶନ କର । ଚଞ୍ଚଳ ସାର ।" ସେ

ଯେତେବେଳେ ଭକ୍ତି ଜଣାଇ ପ୍ରଣାମ କରିଥିଲେ, ସେହି ବାକ୍ୟ ଶୁଣିଥିଲେ, ପଳା ଏଠୁ !

୯୨। "ସେହି ପୁରୁଣା ବାକ୍ୟ 'ପଳା ଏଠୁ' ମୋତେ ଏବେ ମଧ୍ୟ ଆଘାତ କରୁଛି। ଏବେ ମୁଁ କ'ଣ କରିବି ?" ସପଟଣେକର ଆଶ୍ଚର୍ଯ୍ୟ ହୋଇ ଭାବିଥିଲେ ଓ ବିବ୍ରତ ବୋଧ କରୁଥିଲେ।

୯୩। ତା'ପରେ ଉଭୟ ହାତଯୋଡ଼ି ବାବାଙ୍କ ସମ୍ମୁଖରେ ଛିଡ଼ା ହୋଇଥିବା ସମୟରେ ବାବା ଶେଷ ଆଦେଶ ଦେଇଥିଲେ, "ଏଠାରୁ ଶୀଘ୍ର ଚାଲିଯାଅ !"

୯୪। "ଶ୍ରୀସାଇ ସମର୍ଥ ! ଆପଣଙ୍କୁ କେହି କେବେ ଅମାନ୍ୟ କରି ପାରିବ ନାହିଁ। ମୋ ଭଳି ନଗଣ୍ୟ କ'ଣ ଅବା କହିପାରିବ ! ମୁଁ ଏବେ ଏହି ମୁହୂର୍ତ୍ତରୁ ବିଦାୟ ନେଉଛି।

୯୫। "ଆପଣଙ୍କର ମହାନ୍ ବଦାନ୍ୟତା ସମ୍ପର୍କରେ ଶୁଣି ଆପଣଙ୍କ ଦର୍ଶନ ନିମିତ୍ତ ଆସିଥିଲି। କିନ୍ତୁ ମୋତେ 'ପଳା ଏଠୁ' ରାଗିକରି କହିଲେ। ଏହି ଭାଷାରେ ମୋତେ ସ୍ୱାଗତ କରାଗଲା । ଅଦ୍ଭୁତ କଥା ମୁଁ ବୁଝିପାରୁ ନାହିଁ।

୯୬। "ମୁଁ ଆପଣଙ୍କର କୃପାଦୃଷ୍ଟି ଓ ଆଶୀର୍ବାଦବାଣୀ ଆଶା କରୁଥିଲି। ମୁଁ ଆଶା କରୁଛି, ଅତି ଶୀଘ୍ର ପୁଣି ଥରେ ଆପଣଙ୍କ ଦର୍ଶନକୁ ଆସିବି।" ସେ ଏହି ପ୍ରତିଶ୍ରୁତି ମାଗିଥିଲେ।

୯୭। ବାବାଙ୍କ ମନ ଭିତରେ କ'ଣ ଅଛି, କିଏ ଏପରି ଜ୍ଞାନୀ ଅଛି ଯେ ଠଉରାଇ ପାରିବ ? କିନ୍ତୁ ବାବାଙ୍କର ଆଦେଶ ମାନି ସେହି ଦୁଇଜଣ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରିଥିଲେ ।

୯୮। ସେମାନଙ୍କର ପ୍ରଥମ ଦର୍ଶନ ଏହିଭଳି ଥିଲା ! ସେଥିପାଇଁ ଉଭୟ ବିମର୍ଷ ଥିଲେ। ଆଉ ଡେରିନକରି ଉଭୟ ଗୃହକୁ ବାହୁଡ଼ି ଆସିଥିଲେ।

୯୯। ଆଉ ଗୋଟିଏ ବର୍ଷ ଚାଲିଯାଇଥିଲା। ତାଙ୍କ ମନରେ ଶାନ୍ତି ଆସି ନଥିଲା । ସେ ପୁନଶ୍ଚ ଗଙ୍ଗାପୁର ଯାଇଥିଲେ, କିନ୍ତୁ ତାଙ୍କ ମନର ଅବସ୍ଥା ଅଧିକ ଖରାପ ହୋଇଥିଲା।

୧୦୦। ତା'ପରେ ସପ୍ଟଣେକର ମାଧେଗାଁକୁ ବିଶ୍ରାମ ନେବା ନିମନ୍ତେ ଯାଇଥିଲେ। ଶେଷରେ ସେ କାଶୀ ଯିବାର ନିଷ୍ପତ୍ତି ନେଇଥିଲେ।

୧୦୧। କାଶୀ ଯିବାପାଇଁ ମାତ୍ର ଦୁଇଦିନ ସମୟ ବାକି ଥିବାବେଳେ ତାଙ୍କ ପତ୍ନୀ ଏକ ସ୍ୱପ୍ନ ଦେଖିଥିଲେ ଓ ସେମାନଙ୍କର କାଶୀଯାତ୍ରା ସମ୍ଭବ ହୋଇନଥିଲା।

୧୦୨। ଏହି ସ୍ୱପ୍ନର ଅଦ୍ଭୁତ ବିବରଣୀ ଓ ତାହାର ବିସ୍ମୟକର ପ୍ରଭାବ ସମ୍ପର୍କରେ ମୁଁ ବର୍ଣ୍ଣନା କରୁଛି। ଏହା ଏବେ ସଂଗେ ସଂଗେ ଶୁଣନ୍ତୁ। ଏହା ଶ୍ରୀସାଇଙ୍କର ଖେଳ।

୧୦୩। ସେ ବିଛଣାରେ ଶୋଇଥିବା ସମୟରେ ଏହି ସ୍ୱପ୍ନ ଦେଖିଥିଲେ- 'ସେ ମାଠିଆଟିଏ ଧରି ଲକ୍କଡ଼ଶାହଙ୍କ କୂପ ଆଡ଼କୁ ପାଣି ଆଣିବାକୁ ଯାଉଥିଲେ।

୧୦୪। ସେଠାରେ ନିମ୍ବବୃକ୍ଷ ତଳେ ଜଣେ ଫକୀର ବସିଥିଲେ। ଫକୀରଙ୍କ ମୁଣ୍ଡରେ ଖଣ୍ଡେ କପଡ଼ା ଗୁଡ଼ାହୋଇଥିଲା ଓ ଫକୀର ତାଙ୍କ ନିକଟକୁ ଆସିଥିଲେ ।

୧୦୫। "ଝିଅ, ତୁ କାହିଁକି ଅଯଥାରେ ଏତେ ହଇରାଣ ହେଉଛୁ ?" ଫକୀର ଜଣକ ଅତି ମଧୁର, କୋମଳ କଣ୍ଠରେ ଏକଥା କହିଥିଲେ। "ମୁଁ ତୋ ମାଠିଆରେ ଶୁଦ୍ଧ ଜଳ ଭର୍ତ୍ତି କରିଦେବି।"

୧୦୬। ସେ ଫକୀରଙ୍କୁ ଦେଖି ଭୟ ପାଇଥିଲେ। ସେ ଶୂନ୍ୟକଳସୀ ଧରି ଘରକୁ ଫେରି ଆସିଥିଲେ। ଫକୀର ତାଙ୍କ ପଛେ ପଛେ ଆସିଥିଲେ।

୧୦୭। ଏଭଳି ଏକ ସ୍ୱପ୍ନ ଦେଖି ସେ ଉଠି ପଡ଼ିଥିଲେ ଓ ଆଖି ଖୋଲିଥିଲେ । ପତ୍ନୀଙ୍କର ସ୍ୱପ୍ନ କଥା ଶୁଣି ସପ୍ଟଣେକର ଶିରିଡ଼ି ଯିବାପାଇଁ ନିଷ୍ପତ୍ତି ନେଇଥିଲେ।

୧୦୮। ସେମାନେ ସଂଗେ ସଂଗେ ବାହାରିଯାଇ ତା'ପରଦିନ ଶିରିଡ଼ିରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ମାତ୍ରକେ ମସ୍‌ଜିଦ୍‌କୁ ଯାଇଥିଲେ। ବାବା ସେତେବେଳେ ଲେଣ୍ଡିରେ ଥିଲେ।

୧୦୯। ବାବା ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରି ସେମାନେ ବସି ରହିଥିଲେ। ଅଳ୍ପ କିଛି ସମୟ ପରେ ବାବା ଫେରିଥିଲେ।

୧୧୦। ମହିଳା ଜଣକ ସେହି ଫକୀରଙ୍କୁ ଆମୂଳଚୂଳ ପର୍ଯ୍ୟନ୍ତ ସ୍ୱପ୍ନରେ ଦେଖିଥିଲେ। ସେ ବହୁତ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ସେ ତାଙ୍କୁ ଅନାଇ ରହିଥିଲେ।

୧୧୧। ଭକ୍ତମାନେ ବାବାଙ୍କର ପାଦ ଧୋଇ ଦେଇଥିଲେ । ଏହି ମହିଳା ଜଣକ ବାବାଙ୍କର ଦର୍ଶନ ନିମିତ୍ତ ଆଗକୁ ଯାଇଥିଲେ। ସେ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରି ବସିଥିଲେ ଓ ତାଙ୍କୁ ଅନାଇ ରହିଥିଲେ।

୧୧୨। ତାଙ୍କର ବିନୟ ଭାବ ଦେଖି ଶ୍ରୀସାଇନାଥ ଖୁସି ହୋଇଥିଲେ। ତାଙ୍କର ମାନସିକ ବେଦନା ଲାଘବ କରିବା ଉଦ୍ଦେଶ୍ୟରେ ବାବା ଧୀରେ ଧୀରେ ଏକ ଗଳ୍ପ କହିବା ଆରମ୍ଭ କରିଥିଲେ।

୧୧୩। ବାବା ନିଜର ରୀତି ଅନୁଯାୟୀ ନିଜ ଯନ୍ତ୍ରଣା ବିଷୟରେ ମଧୁର ସ୍ୱରରେ ସେଠାରେ ଉପସ୍ଥିତ ଥିବା ଜଣେ ତୃତୀୟ ବ୍ୟକ୍ତିଙ୍କୁ ଏକଥା ବଖାଣିଥିଲେ।

୧୧୪। ପ୍ରକୃତରେ ତାହା ସେହି ମହିଳାଙ୍କର ନିଜର କଥାହିଁ ଥିଲା, ଯାହା ସେ ବାବାଙ୍କୁ କହିଥାନ୍ତେ। ସେହି କଥା ତାଙ୍କ ଆଗରେ କୁହାଯାଉଥିଲା ଓ ସେ ବସିରହି ଆଗ୍ରହ ସହକାରେ ତାହା ଶୁଣୁଥିଲେ।

୧୧୫। "ମୋ ହାତ, ପେଟ ଓ ଅଣ୍ଟାରେ ବହୁତ ଦିନ ଧରି ଭୀଷଣ କଷ୍ଟ ହେଉଥିଲା। ମୁଁ ଔଷଧ ଖାଇ ଖାଇ ବିରକ୍ତ ହୋଇଯାଇଥିଲି, ମୋର କଷ୍ଟ କିଛି ଉପଶମ ହେଉନଥିଲା ।

୧୧୬। "ଔଷଧ କୌଣସି ଫଳ ଦେଉନଥିବାରୁ ମୁଁ ଔଷଧ ଖାଇ ଖାଇ ଥକି ଯାଇଥିଲି । କିନ୍ତୁ ବର୍ତ୍ତମାନ ବିସ୍ମିତ ହୋଇ ଦେଖୁଛି, ମୋର ସମସ୍ତ ଯନ୍ତ୍ରଣା ହଠାତ୍ ଦୂର ହୋଇଯାଇଛି।"

୧୧୭। ଏହି କାହାଣୀ ଅନ୍ୟ ଏକ ତୃତୀୟ ବ୍ୟକ୍ତିଙ୍କୁ କୁହାଯାଇଥିଲା। ବାବା ମହିଳାଙ୍କ ନାମ ନେଇନଥିଲେ କି ତାଙ୍କ ପ୍ରତି କୌଣସି ଇଙ୍ଗିତ କରିନଥିଲେ। କିନ୍ତୁ ଏହି କାହାଣୀ ପ୍ରକୃତରେ ଥିଲା ସେହି ମହିଳାଙ୍କର ଓ ତାଙ୍କ ନିମିତ୍ତ ହିଁ ଉଦ୍ଦିଷ୍ଟ ଥିଲା।

୧୧୮। ପରେ ବାବା ଯେମିତି କହିଥିଲେ, ସେମିତି ମହିଳାଙ୍କର ସମସ୍ତ ଯନ୍ତ୍ରଣା ମାସେ ଦି' ମାସ ଗଲାପରେ ଚାଲିଯାଇଥିଲା ଓ ସେ ବାବାଙ୍କ କଥାର ଅର୍ଥ ବୁଝି ପାରିଥିଲେ।

୧୧୯। ମହିଳାଙ୍କର ଇଚ୍ଛା ପୂରଣ ହୋଇଥିଲା। ତା'ପରେ ସପଟଣେକର ଦର୍ଶନ ନିମିତ୍ତ ଯାଇଥିଲେ ଓ ବାବା ତାଙ୍କର ସେହି ପୁରୁଣା ସମ୍ଭାଷଣ 'ପଳା ଏଠୁ!' ପୁଣି ଶୁଣାଇଥିଲେ ।

୧୨୦। "ମୁଁ କି ଭୁଲ କରିଛି ଜାଣିନାହିଁ! ବାବା ନିଶ୍ଚୟ ମୋତେ ଘୃଣା ଚକ୍ଷୁରେ ଦେଖୁଛନ୍ତି । ମୁଁ ତାଙ୍କୁ ପ୍ରଣାମ କରିବା ମାତ୍ରକେ ସେ କେବଳ ଗୋଟିଏ ବାକ୍ୟ ଘୋଷା ଲଗାଇବା ଭଳି କହୁଛନ୍ତି।

୧୨୧। "ଏହା ନିଶ୍ଚିତ ଭାବରେ ମୋର ପୂର୍ବ ଜନ୍ମମାନଙ୍କରୁ ଗଚ୍ଛିତ ହୋଇଥିବା ପାପର ଫଳ ଯେଉଁଥିପାଇଁ ସେ ମୋ ଉପରେ ବିରକ୍ତ ହେଉଛନ୍ତି । ଅଥଚ ମୋ'ରି ଚକ୍ଷୁ ସମ୍ମୁଖରେ ସେ ଅନ୍ୟମାନଙ୍କ ସହିତ ଅତି ସ୍ନେହପୂର୍ଣ୍ଣ ବାର୍ତ୍ତାଳାପ କରୁଛନ୍ତି।

୧୨୨। "ସମବେତ ହୋଇଥିବା ସମସ୍ତ ଭକ୍ତ ସକାଳ ଓ ସନ୍ଧ୍ୟାରେ ଚିରନ୍ତନ ଦିପାବଳୀର ଆନନ୍ଦ ଅନୁଭବ କରୁଛନ୍ତି। ମୋ ନିଜର ଭାଗ୍ୟ ଯୋଗୁଁ ମୋତେ 'ପଳା ଏଠୁ!' ସମ୍ଭାଷଣ ଶୁଣିବାକୁ ପଡୁଛି।

୧୨୩। "ମୋର କୌଣସି କାର୍ଯ୍ୟ ତାଙ୍କର ଅସନ୍ତୋଷ ବଢ଼ାଇ ଦେଇଛି ଓ ମୋତେ ତାଙ୍କ ଆଖିରେ ଅସାଧୁ କରାଇଛି। ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗୁଛି । ମୋର ପାପ ନିଶ୍ଚୟ ବହୁଗୁଣ ଅଧିକ ଓ ସେଇଥିପାଇଁ ସେ ବିରକ୍ତ ହେଉଛନ୍ତି।

୧୨୪। "ପ୍ରଥମରୁ ମୁଁ ବାବାଙ୍କୁ ହୀନ ଦୃଷ୍ଟିରେ ଦେଖୁଥିଲି ଓ ପୂରା ସନ୍ଦେହ କରୁଥିଲି। ମୋର ମନେ ହେଉଛି, ବୋଧହୁଏ ସେହି କାରଣରୁ ଏଭଳି ବାକ୍ୟ ପ୍ରୟୋଗ କରି ବାବା ମୋତେ ମୋ ସ୍ଥାନରେ ରଖି ଦେଉଛନ୍ତି।"

୧୨୫। ତେଣୁ ବାବା ତାଙ୍କୁ କରୁଣା କରିବା ପର୍ଯ୍ୟନ୍ତ ସେ ସେଠାରେ ଏକାଗ୍ର ଚିତ୍ତରେ ଓ ଶାନ୍ତ ମନରେ ରହିବେ ବୋଲି ନିଷ୍ପତ୍ତି ନେଇଥିଲେ।

୧୨୬। ଯଦିବି କେହି ତ୍ରିତାପ ଦୁର୍ଦ୍ଦଶା ଭୋଗୁଛନ୍ତି, ସେ ଶ୍ରୀସାଇଙ୍କର ଦର୍ଶନ ନିମିତ୍ତ ଅଧୀର ହେଉଛନ୍ତି । ଏମିତି କେହି କୌଣସି ଉପଶମ ନପାଇ ଭଗ୍ନମନୋରଥ ହୋଇ ଫେରିଯାଇଛନ୍ତି କି?

୧୨୭। ସେ ଦିନ ସେ ଅତ୍ୟନ୍ତ ବିଷଣ୍ଣ ହୋଇଥିଲେ ଓ ତାଙ୍କୁ ଭୋକଶୋଷ ଲାଗିନଥିଲା। ସେ କୁଆଡ଼େ ଯିବାପାଇଁ ଇଚ୍ଛା କରିନଥିଲେ। ସେ ଶୋଇ ମଧ୍ୟ ପାରିନଥିଲେ।

୧୨୮। ବାବା କେତେବେଳେ ତାଙ୍କ ଆସନରେ ଏକୁଟିଆ ବସିଥିବେ ଓ ତାଙ୍କ ପାଖରେ କେହି ନଥିବେ, ସେହି ସୁଯୋଗ ସେ ଖୋଜୁଥିଲେ। ସେ ସେତେବେଳେ ବାବାଙ୍କ ପାଦତଳେ ପଡ଼ିଯିବେ ଓ ତାଙ୍କର ପାଦ ଧରି ପକାଇ ଦୁଃଖ ଜଣାଇବେ।

୧୨୯। ସପଟଣେକର ଏଭଳି ନିଷ୍ପତ୍ତି ନେବାମାତ୍ରକେ ତାଙ୍କର ଦୃଢ଼ ନିଷ୍ଠା ଫଳପ୍ରଦ ହୋଇଥିଲା। ଅତିଶୟ ଭାବାବେଗରେ ସେ ବାବାଙ୍କର ପାଦତଳେ ପଡ଼ିଯାଇଥିଲେ ଓ ବାବାଙ୍କର ପାଦ ଜାବୁଡ଼ି ଧରିଥିଲେ।

୧୩୦। ସେ ତାଙ୍କର ମୁଣ୍ଡ ବାବାଙ୍କ ପାଦ ଉପରେ ରଖିବାକ୍ଷଣି ବାବା ତାଙ୍କର ମସ୍ତକକୁ ଆସ୍ତେ ଆସ୍ତେ

ଥାପୁଡ଼ାଇଥିଲେ। ସପ୍‌ଟଣେକର ବାବାଙ୍କର ପାଦ ଚିପିବାରେ ଲାଗିଥିଲେ । ସେହି ସମୟରେ ଜଣେ ମେଷପାଳିକା (ଧାଙ୍ଗର) ସେଠାକୁ ଆସିଥିଲେ।

୧୩୧ । ସେଇ ମହିଳା ସେଠାକୁ ଆସିବା ମାତ୍ରକେ ବାବାଙ୍କର ଅଣ୍ଟା ଘଷି ଦେଇଥିଲେ। ବାବା ସବୁଦିନିଆଁ ଅଭ୍ୟାସ ଭଳି ସେହି ମେଷପାଳିକା ସହିତ କଥା ହୋଇଥିଲେ।

୧୩୨ । ସେହି କାହାଣୀ ଅଦ୍ଭୁତ ଥିଲା । କାରଣ, ତାହାକୁ ସପ୍‌ଟଣେକର ମନଦେଇ ଶୁଣିବା ପରେ, ତାହା ଅକ୍ଷରେ ଅକ୍ଷରେ ତାଙ୍କ ନିଜର ଜୀବନ କାହାଣୀ ବୋଲି ଜାଣିପାରିଥିଲେ।

୧୩୩। ସେହି ମେଷପାଳିକା ବାବାଙ୍କ କାହାଣୀର ଯଥାଯଥ ଉତ୍ତର ଦେଉଥିଲେ ଓ ସପ୍‌ଟଣେକର ମନ୍ତ୍ରମୁଗ୍ଧ ଭାବରେ ବସି ରହି ନିଜ କାହାଣୀ ଶୁଣି ଚକିତ ହୋଇଯାଇଥିଲେ।

୧୩୪ । ଏହା ଜଣେ ଦୋକାନୀର କାହାଣୀରୂପେ ଯଦିଓ କୁହାଯାଉଥିଲା, ଏହା ପ୍ରକୃତରେ ସପ୍‌ଟଣେକରଙ୍କର ନିଜର କାହାଣୀ ଥିଲା । ସେଥିରେ ତାଙ୍କ ମୃତ ପୁତ୍ର ଓ ତା'ର ମୃତ୍ୟୁ ବିଷୟ ରହିଥିଲା।

୧୩୫ । ସେହି କାହାଣୀଟି ଜଣେ କେହି ଘନିଷ୍ଠ ବ୍ୟକ୍ତି ବା ତାଙ୍କର ନିକଟ ସମ୍ପର୍କୀୟ ବ୍ୟକ୍ତି ପୁତ୍ରର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ବିଶଦ୍ ଭାବରେ ବର୍ଣ୍ଣନା କରୁଥିବା ଭଳି ଲାଗୁଥିଲା।

୧୩୬ । ଯଦିଓ କାହାଣୀଟି ସେହି ମହିଳାଙ୍କୁ କୁହାଯାଉଥିଲା, ତଥାପି ତାଙ୍କର କାହାଣୀ ସହିତ କୌଣସି ସମ୍ପର୍କ ନଥିଲା ବୋଲି ଜଣାପଡୁଥିଲା। କାହାଣୀଟି ସବୁଦିଗରୁ ବାପ ଓ ପୁଅଙ୍କ ମଧ୍ୟରେ ହିଁ ସୀମିତ ଥିଲା।

୧୩୭ । ସେ ଯାହାହେଉ, ଯେତେବେଳେ ସପ୍‌ଟଣେକର ନିଜର କାହାଣୀ ଶ୍ରୀସାଇଙ୍କ ମୁଖରୁ ଏହିଭଳି ଭାବରେ ଶୁଣିଥିଲେ, ସେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ତାଙ୍କର ଶ୍ରୀସାଇଙ୍କ ଚରଣରେ ଭକ୍ତି ଅଧିକ ଦୃଢ଼ୀଭୂତ ହୋଇଥିଲା ।

୧୩୮ । ସେ ଖୁବ୍ ଆଚମ୍ଭିତ ହୋଇଯାଇଥିଲେ ! ବାବା କିପରି ଏସବୁ କଥା ଜାଣିଲେ? ବାବା ସତେକି ତାଙ୍କ ହାତରେ ଆମଳକ ଫଳଟିଏ ଧରିଛନ୍ତି, ସେମିତି ସହଜରେ ଏ ସମସ୍ତ କଥା ଜାଣିଯାଇଥିଲେ।

୧୩୯ । ସେ ନିଜେ ପରଂବ୍ରହ୍ମ ହୋଇଥିବାରୁ ବିଶ୍ୱବ୍ରହ୍ମାଣ୍ଡ ତାଙ୍କର ପରିବାର। ଏ ଜଗତରେ ସେ ସର୍ବବ୍ୟାପୀ। ଏହାହିଁ ଶ୍ରୀସାଇଙ୍କର ସଦ୍‌ଗୁଣ।

୧୪୦ । ଶ୍ରୀସାଇ ଅବତାର ପୁରୁଷ ହୋଇଥିବାରୁ ଓ ସମସ୍ତ ଜୀବଙ୍କୁ ଏକ ଭାବରେ ଦେଖୁଥିବାରୁ ସେ କିପରି ଭିନ୍ନତା ସୃଷ୍ଟି କରିବେ ? ସେ ନିଜେହିଁ ବିଶ୍ୱବ୍ରହ୍ମାଣ୍ଡ।

୧୪୧ । ଯିଏ ଈଶ୍ୱରଙ୍କ ସହିତ ଏକାତ୍ମ ଓ ତାଙ୍କର ସ୍ୱରୂପ, ତାଙ୍କ ନିକଟରେ ଦ୍ୱୈତଭାବ ଆସିବ କେଉଁଠୁ ? ଦେଖିବା ବ୍ୟକ୍ତି, ଦେଖିବା କାର୍ଯ୍ୟ ଓ ଦେଖୁଥିବା ଦୃଶ୍ୟ ଏହି ତିନୋଟିଯାକ ସେଭଳି ବ୍ୟକ୍ତିଙ୍କ ନିକଟରେ ଅଭିନ୍ନ, ଠିକ୍ ଯେପରି ଆକାଶ କୌଣସି ରଙ୍ଗ କିମ୍ବା ଧୂଳି ଦ୍ୱାରା ପ୍ରଭାବିତ ହୋଇନଥାଏ।

୧୪୨ । ବାବା ସର୍ବଦର୍ଶୀ ଥିଲେ। ସପ୍‌ଟଣେକର ଏହା ଉପଲବ୍ଧି କରିଥିଲେ। ବାବା ତାଙ୍କୁ କ'ଣ କହିଥିଲେ, ସୁଧୀ ଓ ଗୁଣୀ ଶ୍ରୋତାଗଣ ଏବେ ଶୁଣନ୍ତୁ ।

୧୪୩। ତାଙ୍କ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରି ଓ ବିସ୍ମୟଭାବ ପ୍ରକାଶ କରି ବାବା କହିଥିଲେ, "ସେ କହୁଛି, ମୁଁ ତା' ପୁଅକୁ ମାରିଦେଇଛି। ସେଥିପାଇଁ ସେ ମୋତେ ଦୋଷ ଦେଉଛି।

୧୪୪। "ମୁଁ କ'ଣ ଲୋକଙ୍କ ପିଲାଙ୍କୁ ମାରିଦିଏ ? ସେ କାହିଁକି ମସ୍‌ଜିଦ୍‌କୁ ଆସି କାନ୍ଦୁଛି ? ଠିକ୍ ଅଛି, ମୁଁ ଏବେ ଗୋଟିଏ କାମ କରିବି। ମୁଁ ତାହାର ପୁଅକୁ ତା' ପତ୍ନୀର ଜଠର ଭିତରକୁ ଫେରାଇ ଆଣିବି।

୧୪୫। "ମୃତ ରାମଦାସଙ୍କୁ ଯେପରି ସେହି ମହିଳାଙ୍କୁ ଫେରାଇ ଦିଆଯାଇଥିଲା, ସେମିତି ମୁଁ ତାହାର ନିଜ ପୁଅକୁ ତା'ପତ୍ନୀର ଗର୍ଭକୁ ଫେରାଇ ଆଣିବି।"

୧୪୬। ଏକଥା ଶୁଣି ସପ୍‌ଟଣେକର ବାବାଙ୍କୁ ଅପଲକ ନୟନରେ ଚାହିଁ ରହିଥିଲେ। ବାବା ତାଙ୍କ ମସ୍ତକ ଉପରେ ବରଦ ହସ୍ତ ରଖି ଆଶ୍ୱାସନା ଦେଇଥିଲେ।

୧୪୭ । ବାବା କହିଥିଲେ, "ଏହି ଚରଣ ହେଉଛି ସନାତନ । ତୁମର ଚିନ୍ତା ଏବେ ଚାଲିଗଲା। ମୋ ଉପରେ ପୂର୍ଣ୍ଣ ବିଶ୍ୱାସ ରଖ । ଶୀଘ୍ର ତୁମର ଇଚ୍ଛା ପୂରଣ ହେବ।"

୧୪୮ । ସପ୍‌ଟଣେକର ଏହି ମଧୁର ବାଣୀ ଶୁଣିବା ସମୟରେ ବାବାଙ୍କର ପାଦ ଘଷିଦେଉଥିଲେ। ସେ

ଭାବାବେଗରେ ବାଗରୁଦ୍ଧ ହୋଇଯାଇଥିଲେ ଓ ଚକ୍ଷୁ ତାଙ୍କର ଲୋତକାପ୍ଲୁତ ହୋଇଥିଲା । ସେ ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ ।

୧୪୯ । ତାଙ୍କ ମନରେ ଅଷ୍ଟସାତ୍ତ୍ୱିକ ଭାବ ଆସିଥିଲା । ଚକ୍ଷୁର ଆନନ୍ଦାଶ୍ରୁରେ ସେ ବାବାଙ୍କ ଚରଣ ଶ୍ରଦ୍ଧା ସହକାରେ ଧୌତ କରିଥିଲେ ।

୧୫୦ । ବାବା ତାଙ୍କ ମସ୍ତକ ଉପରେ ଆଉଥରେ ବରଦ ହସ୍ତରଖି କହିଥିଲେ, "ଶାନ୍ତିରେ ରହ, ଚିନ୍ତା ଛାଡ଼ିଦେ !" ସପ୍ଟଣେକର ସେହି ସ୍ଥାନ ଛାଡ଼ି ଅତି ଆନନ୍ଦରେ ବସାଘରକୁ ଫେରିଆସିଥିଲେ ।

୧୫୧ । ସେ ନୈବେଦ୍ୟ ପ୍ରସ୍ତୁତ କରି ପତ୍ନୀଙ୍କୁ ଦେଇଥିଲେ । ତା'ପରେ ପୂଜା ଓ ଆରତି କରାଯାଇଥିଲା । ନୈବେଦ୍ୟ ଥାଳି ବାବାଙ୍କ ସମ୍ମୁଖରେ ରଖାଯାଇଥିଲା ।

୧୫୨ । ତା' ଉପରେ ପାଣି ଛିଞ୍ଚା ଯାଇଥିଲା । ଚକ୍ଷୁକୁ ଜଳ ଦ୍ୱାରା ସ୍ପର୍ଶ କରିବା, ମନ୍ତ୍ର ପଢ଼ିବା, ଭୂତ ବଳି ଦେବା ଇତ୍ୟାଦି ସମସ୍ତ ବିଧିବିଧାନ କରାଯାଇଥିଲା । ଆଉ ତା'ପରେ ଏହା ବାବାଙ୍କୁ ଅର୍ପଣ କରାଯାଇଥିଲା ।

୧୫୩ । ବାବା ଚିରାଚରିତ ପ୍ରଥାରେ ନୈବେଦ୍ୟକୁ ହାତରେ ଛୁଇଁ ଦେଇ ତାହାକୁ ଗ୍ରହଣ କରିଥିଲେ ।

୧୫୪ । ତାହା ପରେ ଉପସ୍ଥିତ ଅନ୍ୟ ଭକ୍ତମାନେ ବାବାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ସପ୍ଟଣେକର ଭିଡ଼ ଭିତରକୁ ପଶିଯାଇଥିଲେ ଓ ଆଉଥରେ ହାତଯୋଡ଼ି ବାବାଙ୍କୁ ସତ୍ୱରେ ନମସ୍କାର କରିଥିଲେ ।

୧୫୫ । ସେହି ଭିଡ଼ ମଧ୍ୟରେ ସମସ୍ତେ ତରବର ହେଉଥିଲେ, ମୁଣ୍ଡକୁ ମୁଣ୍ଡ ବାଜୁଥିଲା । ସେତେବେଳେ ବାବା ସପ୍ଟଣେକରଙ୍କୁ ଶାନ୍ତ ଓ ଗମ୍ଭୀର ସ୍ୱରରେ କହିଥିଲେ:

୧୫୬ । "ତୁମେ ନମସ୍କାର ପରେ ନମସ୍କାର ଏତେ ନମସ୍କାର କରୁଛ କାହିଁକି ? ଭକ୍ତି ଓ ସମ୍ମାନ ସହକାରେ ଥରେ କଲେତ ଯଥେଷ୍ଟ ।"

୧୫୭ । ସେ ଯାହାହେଉ, ସେହି ଦିନ ରାତ୍ରିରେ ଚାୱଡ଼ି ଶୋଭାଯାତ୍ରା ଥିଲା ଓ ସପ୍ଟଣେକର ସେଥିରେ ଯୋଗଦେଇ ଖୁବ୍ ଉପଭୋଗ କରିଥିଲେ । ସେ ଶ୍ରଦ୍ଧା ସହକାରେ ପାଲିଙ୍କି ଆଗରେ ଛିଡ଼ା ହୋଇଥିଲେ ଓ ଆନନ୍ଦରେ ଦଣ୍ଡ ବହନ କରିଚାଲିଥିଲେ ।

୧୫୮ । ଶ୍ରୋତାମାନେ ଚାୱଡ଼ି ଶୋଭାଯାତ୍ରା ସମ୍ପର୍କରେ ଆଗରୁ ଭଲଭାବରେ ଜାଣିଛନ୍ତି । ତେଣୁ ଗ୍ରନ୍ଥର କଳେବର ବୃଦ୍ଧି ନ କରିବା ଉଦ୍ଦେଶ୍ୟରେ ମୁଁ ତାହାର ପୁନରାବୃତ୍ତି କରୁନାହିଁ ।

୧୫୯ । ପରେ ସେହି ରାତ୍ରିରେ ସପ୍ଟଣେକର ଏକ ସ୍ୱପ୍ନ ଦେଖିଥିଲେ । କିନ୍ତୁ ସେ ସ୍ୱପ୍ନରେ ବାବାଙ୍କୁ ନଦେଖି ପାଣ୍ଡୁରଙ୍ଗଙ୍କୁ ଦର୍ଶନ କରିଥିଲେ । ଏହା ବାବାଙ୍କର ଅକଳ୍ପନୀୟ ଲୀଳା ଥିଲା !

୧୬୦ । ତା' ପରଦିନ ସେ ଫେରିଯିବା ନିମନ୍ତେ ଅନୁମତି ମାଗିବା ସମୟରେ ତାଙ୍କୁ ଖିଆପିଆ ସାରି ଯିବାକୁ କୁହାଯାଇଥିଲା । ସେ ସେହି ନିର୍ଦ୍ଦେଶ ବିନା ଦ୍ୱିଧାରେ ପାଳନ କରିଥିଲେ । ଫେରିଯିବା ସମୟରେ ସେ ଦର୍ଶନ କରିବାକୁ ଯାଇଥିଲେ ।

୧୬୧ । ହଠାତ୍ ତାଙ୍କ ମନ ଭିତରେ ଚିନ୍ତା ଆସିଥିଲା । 'ଯଦି ବାବା ମୋତେ ଏବେ ଦକ୍ଷିଣା ମାଗିବେ, ମୁଁ କିପରି ଦେବି ?'

୧୬୨ । ସେ ଯାହା ପଇସା ଆଣିଥିଲେ, ସବୁ ଖର୍ଚ୍ଚ ହୋଇ ଯାଇଥିଲା ଓ କେବଳ ବାଟ ଖର୍ଚ୍ଚ ରହିଥିଲା । ତେଣୁ ବାବା ଯଦି "ଦକ୍ଷିଣା ଦିଅ"ବୋଲି କହିବେ, ତେବେ ତାହାର ଉତ୍ତର ଦେବା ନିମନ୍ତେ ସେ ମାନସିକ ପ୍ରସ୍ତୁତି କରି ସାରିଥିଲେ ।

୧୬୩ । ବାବା ମାଗିବା ପୂର୍ବରୁ ସେ ତାଙ୍କ ହାତରେ ଟଙ୍କାଟିଏ ଧରାଇ ଦେବେ ବୋଲି ସ୍ଥିର କରିଥିଲେ । ଯଦି ସେ ପୁଣି ମାଗନ୍ତି, ତେବେ ତାଙ୍କ ପାଖରେ ଆଉ ଟଙ୍କାଏ ଅଛି ଯାହା ଦେଇହେବ । ଯଦି ସେ ଅଧିକ ମାଗନ୍ତି, ତେବେ ଆଉ ନାହିଁ ବୋଲି କହିବା ପାଇଁ ପଡ଼ିବ ।

୧୬୪ । ସେ ବାବାଙ୍କୁ ସତ କଥା କହିଦେବେ ଯେ ତାଙ୍କ ନିକଟରେ ଟ୍ରେନଭଡ଼ା ଦେବାପାଇଁ ଯେତିକି ଟଙ୍କା ଦରକାର, କେବଳ ସେତିକି ଟଙ୍କାହିଁ ରହିଛି । ଏହା ଠିକ୍ କରି ସେ ବାବାଙ୍କ ଦର୍ଶନ ନିମନ୍ତେ ଯାଇଥିଲେ ।

୧୬୫ । ତାଙ୍କର ପୂର୍ବ ନିଷ୍ପତ୍ତି ଅନୁଯାୟୀ ସେ ଗୋଟିଏ ଟଙ୍କା ବାବାଙ୍କ ହାତରେ ଦେଇଥିଲେ । ତାଙ୍କୁ ଆଉ ଟଙ୍କାଏ ଦେବା ପାଇଁ ବାବା କହିଥିଲେ । ତାହା ଦେବା ପରେ ବାବା ପରିଷ୍କାର ଭାବରେ ତାଙ୍କୁ କହିଥିଲେ:

୧୬୬। "ଏହି ନଡ଼ିଆ ନେଇ ତୁମ ପତ୍ନୀଙ୍କ ଶାଢ଼ୀ କାନିରେ ରଖିଦିଅ ଓ ତା'ପରେ ଜୀବନର ସମସ୍ତ ଚିନ୍ତା ଛାଡ଼ିଦେଇ ଆନନ୍ଦରେ ଯାଅ।"

୧୬୭। ବର୍ଷେ ବିତିଯିବା ପରେ ସେମାନଙ୍କର ପୁଅଟିଏ ହୋଇଥିଲା। ପୁଅ ଆଠମାସର ହୋଇଥିଲାବେଳେ ଦୁହେଁ ଦର୍ଶନ ନିମନ୍ତେ ଶିରିଡ଼ି ଆସିଥିଲେ।

୧୬୮। ସେମାନେ ବାବାଙ୍କ ପାଦତଳେ ପୁଅକୁ ଗଡ଼ାଇ ଦେଇଥିଲେ। ସନ୍ଥମାନଙ୍କର କାର୍ଯ୍ୟ କେତେ ଆଶ୍ଚର୍ଯ୍ୟ ଜନକ! ତା'ପରେ ଦୁହେଁ ହାତଯୋଡ଼ି ବାବାଙ୍କୁ ଯେଉଁ କାତର ପ୍ରାର୍ଥନା କରିଥିଲେ, ଶୁଣନ୍ତୁ।

୧୬୯। "ହେ ଶ୍ରୀସାଇନାଥ! ଆମେ ଏବେ ଆପଣଙ୍କର ଏଇ ଋଣ କିପରି ପରିଶୋଧ କରିବୁ। ଆମେ କିଛି ବୁଝି ପାରୁନାହୁଁ। ଆମେ କେବଳ ଆମର ମସ୍ତକ ଆପଣଙ୍କ ପାଦତଳେ ରଖିଦେଉଛୁ ।

୧୭୦। "ଆମେ ଦୀନ, ଦରିଦ୍ର ଓ ନଗଣ୍ୟ। ଆମେ ଅନାଥ। ଆମକୁ କୃପା କରନ୍ତୁ। ଆଜିଠାରୁ ଆମେ ଆପଣଙ୍କ ପଦାଶ୍ରିତ ହେଉଅଛୁ ।

୧୭୧। "ଆମର ସ୍ୱପ୍ନ ଓ ଜାଗରଣରେ ଦିବାରାତ୍ରି ଆମକୁ ଅନେକ ଚିନ୍ତାଭାବନା ବିବ୍ରତ କରୁଛି। ତେଣୁ ଆପଣଙ୍କ ପୂଜାରେ ଆମର ମନକୁ ସ୍ଥିର କରାଇଦିଅନ୍ତୁ।"

୧୭୨। ସେ ଯାହାହେଉ, ସେହି ବାଳକ ପୁତ୍ର ମୁରଲୀଧର ପଛକୁ ଆଉ ଦୁଇଜଣ ଭାସ୍କର ଓ ଦିନକର ଆସି ସପ୍‌ଟଣେକରଙ୍କ ପରିବାରରେ ମିଶିଥିଲେ ।ତାଙ୍କର ଆଶା ପୂରଣ ହୋଇଥିଲା। ଯାହା ଚାହିଁଥିଲେ, ତା'ଠୁ ବେଶି ମିଳିଥିଲା ।

୧୭୩। ତାହା ପରେ ସେ ପତ୍ନୀଙ୍କ ସହିତ ଯାଇ ଦୟାସାଗର ଶ୍ରୀସାଇଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ। ସେମାନେ ମାନସିକ ଶାନ୍ତି ଓ ସ୍ଥିରତା ଲାଭ କରିଥିଲେ ଓ ମନୋବାଞ୍ଛା ପୂରଣ କରି ଗୃହକୁ ଫେରିଥିଲେ।

୧୭୪। ମୁଁ ଏହି କାହାଣୀ ଅତି ସଂକ୍ଷେପରେ ବର୍ଣ୍ଣନା କରିବି ବୋଲି ଆରମ୍ଭରୁ ଭାବିଥିଲି। କିନ୍ତୁ ଶ୍ରୀସାଇନାଥ ମୋତେ କୁହାଇ ଚାଲିଥିଲେ ଓ ସେଥିପାଇଁ ଏହି ଅଧ୍ୟାୟ ଦୀର୍ଘ ହୋଇଗଲା।

୧୭୫। ଏହି ହେମାଡ଼ ତାଙ୍କ ପାଖରେ ଶରଣ ପଶୁଛି । ପରବର୍ତ୍ତୀ ଅଧ୍ୟାୟର କାହାଣୀ ସମ୍ପର୍କରେ ଶ୍ରୋତାମାନଙ୍କୁ ମୁଁ ଏବେ ସୂଚନା ପ୍ରଦାନ କରୁଛି।

୧୭୬। ଆଗାମୀ କାହାଣୀ ଏହାଠାରୁ ଅଧିକ ଚିତ୍ତାକର୍ଷକ ହେବ। ଜଣେ ଭକ୍ତଙ୍କର ଅଦ୍ଭୁତ ଲୀଳା ସନ୍ଦର୍ଶନର ଇଚ୍ଛା ଶ୍ରୀସାଇ କିପରି ନିରବରେ ପୂରଣ କରିଥିଲେ, ଜାଣିବେ।

୧୭୭। ଶ୍ରୀସାଇଙ୍କର ଗୁଣାବଳୀର ବର୍ଣ୍ଣନା କଲାବେଳେ କେତେଜଣ ତାହା ମଧ୍ୟରୁ କେବଳ ଦୋଷ ବାଛିବାରେ ଲାଗିଥାନ୍ତି। ସେମାନଙ୍କର କୌଣସି ସ୍ୱାର୍ଥସିଦ୍ଧିର ଉଦ୍ଦେଶ୍ୟ ନଥାଏ କି ସେମାନେ ଆଧ୍ୟାତ୍ମିକ ସିଦ୍ଧି ସହିତ ଜଡ଼ିତ ନଥାନ୍ତି । ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଦୋଷବାଛିବା।

୧୭୮। "ଶ୍ରୀସାଇବାବା ଜଣେ ସନ୍ଥ ହୋଇ ଥାଇପାରନ୍ତି। ତଥାପି ସେ ମୋତେ କିଛି ଅନୁଭୂତି ନଦେଲେ କିମ୍ବା ପ୍ରମାଣ ନଦେଖାଇଲେ ମୁଁ ତାଙ୍କୁ ବିଶ୍ୱାସ କରିପାରିବି ନାହିଁ କି ଗ୍ରହଣ କରିବି ନାହିଁ।" ସେମାନେ ଏହିଭଳି କଥା କହିଥାନ୍ତି।

୧୭୯। ପରବର୍ତ୍ତୀ ଅଧ୍ୟାୟରେ ଶ୍ରୀସାଇବାବାଙ୍କୁ କେବଳ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଆସିଥିବା ଜଣେ ବ୍ୟକ୍ତିଙ୍କର କାହାଣୀ ବର୍ଣ୍ଣନା କରାଯିବ । ତା' ସତ୍ତ୍ୱେ ତାଙ୍କର ଇଚ୍ଛା କିପରି ପୂରଣ ହୋଇଥିଲା, ଦେଖନ୍ତୁ। ଗୁଣୀ ଶ୍ରୋତାମାନେ ସେଇ କାହାଣୀ ଶୁଣିବା ଉଚିତ୍।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ସନ୍ଦେହୀ ଭକ୍ତଙ୍କୁ ଅଭୟ ପ୍ରଦାନ" ଶୀର୍ଷକ ଅଷ୍ଟଚତ୍ୱାରିଂଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- ବିଷ୍ଣୁଭକ୍ତମାନେ ତମ୍ବାକୁ ତତାଇ ତାହା ସାହାଯ୍ୟରେ ନିଜ ଶରୀରରେ ଚେଙ୍କ ଦେଇ ଛାପ ସୃଷ୍ଟି କରିଥାନ୍ତି।

୨- ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଏମ୍.ବି. ନିମ୍ବଲକର (ଅବସରପ୍ରାପ୍ତ)ଲେଖିଛନ୍ତି ଯେ ସପ୍‌ଟଣେକର ଓ ତାଙ୍କ ପତ୍ନୀ ପାର୍ବତୀବାଇଙ୍କର ଆଠ ପୁଅ ଓ ଗୋଟିଏ ଝିଅ ହୋଇଥିଲା ।କୁହାଯାଏ ଯେ ବାବା ପାର୍ବତୀବାଇଙ୍କ କପାଳରେ ଉଦି-ତିଳକ ଅନେକ ଥର ଲଗାଇ ଦେଇଥିଲେ ଓ ସେ ଯେତେ ପିଲାପିଲି ଚାହିଁବେ, ସେତେ ପାଇପାରିବେ ବୋଲି ଆଶୀର୍ବାଦ କରିଥିଲେ।



ମହାଦେଓ ଭି.ସପ୍‌ଟଣେକର

ପାର୍ବତୀବାଇ ଏମ୍.ସପ୍‌ଟଣେକର

"ଏହି ନଡ଼ିଆ ନେଇ ତୁମ ପତ୍ନୀଙ୍କ ଶାଢ଼ୀ କାନିରେ ରଖିଦିଅ ଓ ତା'ପରେ ଜୀବନର ସମସ୍ତ ଚିନ୍ତା ଛାଡ଼ିଦେଇ ଆନନ୍ଦରେ ଯାଅ।" (୪୮ଶ ଅଧ୍ୟାୟ, ପଂକ୍ତି ୧୬୬)

ବର୍ଷେ ବିତିଯିବା ପରେ ସେମାନଙ୍କର ପୁଅଟିଏ ହୋଇଥିଲା। ପୁଅ ଆଠମାସର ହୋଇଥିଲାବେଳେ ଦୁହେଁ ଦର୍ଶନ ନିମନ୍ତେ ଶିରିଡ଼ି ଆସିଥିଲେ। (୪୮ଶ ଅଧ୍ୟାୟ, ପଂକ୍ତି ୧୬୭)

ହେ ଶ୍ରୀସାଇନାଥ! ଆମେ ଏବେ ଆପଣଙ୍କର ଏଇ ଋଣ କିପରି ପରିଶୋଧ କରିବୁ। ଆମେ କିଛି ବୁଝି ପାରୁନାହୁଁ। ଆମେ କେବଳ ଆମର ମସ୍ତକ ଆପଣଙ୍କ ପାଦତଳେ ରଖିଦେଉଛୁ । (୪୮ଶ ଅଧ୍ୟାୟ, ପଂକ୍ତି-୧୬୯)

॥ ୪୯ ॥

ସନ୍ଥଙ୍କୁ ପରୀକ୍ଷା ଓ ମନର ନିୟନ୍ତ୍ରଣ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେି ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧। ଯେଉଁଠାରେ ସବୁ ବେଦ, ଉପନିଷଦ ଓ ପୁରାଣ ସଦ୍‌ଗୁରୁଙ୍କର ସମସ୍ତ ଗୁଣଗାନ କରିନପାରି ଥକି ଯାଇଛନ୍ତି, ସେଠାରେ ମୋ ଭଳି ଜଣେ ଅଜ୍ଞ, ଅକିଞ୍ଚନ ଓ ଅଶିକ୍ଷିତ ବ୍ୟକ୍ତି ଚୁପ୍‌ହୋଇ ରହିଯିବା ବରଂ ଶ୍ରେୟସ୍କର ।

୨। ଯଥାର୍ଥରେ କହିଲେ, ଚୁପ୍ ହୋଇ ରହିଯିବାହିଁ ସଦ୍‌ଗୁରୁଙ୍କ ଗୁଣଗାନ କରିବାର ସାରକଥା। କିନ୍ତୁ ଶ୍ରୀସାଇଙ୍କର ଗୁଣାବଳୀ ଏପରି ଯେ ତାହା ତୁମକୁ ଚୁପ୍ ହୋଇ ରହିଯିବାକୁ ଦେବନାହିଁ ।

୩। ଶ୍ରୀସାଇଙ୍କର ଅବର୍ଣ୍ଣନୀୟ ଲୀଳା ଧନ୍ୟ! ମୁଁ ଯେତେବେଳେ ତାହା ବୁଝିପାରିଲି, ଚୁପ୍ ହୋଇ ରହି ପାରିଲି ନାହିଁ। ମୁଁ ଯେତେବେଳେ ସେହି ସ୍ୱାଦିଷ୍ଟ ଲୀଳାଗୁଡ଼ିକର ମଧୁର ସୁଗନ୍ଧ ଆଘ୍ରାଣ କଲି, ମୋର ଶ୍ରୋତାମାନଙ୍କର କଥା ମନେ ପଡ଼ିଗଲା।

୪। ସେମାନେ ମୋ ସହିତ ମିଶି ଏହା ଆସ୍ୱାଦନ କଲେ ମୋର ଉପଭୋଗ ସୁଖ ଦ୍ୱିଗୁଣ ବଢ଼ିଯିବ ବୋଲି ମୁଁ ଅନୁଭବ କଲି। ସେହି କାରଣରୁ ମୁଁ ଏହି କଥାମୃତ ଭୋଜିର ଆୟୋଜନ କରିଅଛି।

୫। କେହି ବନ୍ଧୁ ବା ଗୁଣଗ୍ରାହୀ ଜନ ସାଙ୍ଗରେ ନଥାଇ ଏକୁଟିଆ ଖାଇ ବସିଲେ ସବୁଠୁ ସ୍ୱାଦିଷ୍ଟ ଖାଦ୍ୟ ମଧ୍ୟ ସ୍ୱାଦୁ ଲାଗିନଥାଏ ।

୬। ଶ୍ରୀସାଇ ସମସ୍ତ ଇଚ୍ଛା ପୂରଣ କରନ୍ତି। ସେ ସମସ୍ତ ସନ୍ଥଙ୍କର ମଉଡ଼ମଣି । ଶ୍ରୀସାଇ ତାଙ୍କ ଭକ୍ତମାନଙ୍କୁ ଆଶ୍ରୟ ଦିଅନ୍ତି ଓ ଜୀବନର ଜଳଭଉଁରୀ ଭିତରେ ସମସ୍ତ ଦୁଃଖଦୁର୍ଦ୍ଦଶାର ବିନାଶ କରନ୍ତି ।

୭। ତାଙ୍କର ଲୀଳା ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ। ମୋର ବାକ୍‌ଶକ୍ତି ତାହା ବର୍ଣ୍ଣନା କରିବାକୁ ଅକ୍ଷମ। ସେ ଯେମିତି ଅଚିନ୍ତନୀୟ, ତାଙ୍କର କୌଶଳ ମଧ୍ୟ ସେମିତି ଅଚିନ୍ତନୀୟ, ଧାରଣାର ବାହାରେ । ମୁଁ ତାହା କିପରି ଜାଣିବି ?

୮। ସେ ମଙ୍ଗଳମୟ । ସେହି ଶ୍ରୀସାଇଙ୍କ କୃପାରୁ ଏହି ଗ୍ରନ୍ଥ ରଚନା ସଂପୂର୍ଣ୍ଣ କରିବା ପାଇଁ ସେ ତାଙ୍କର କାହାଣୀଗୁଡ଼ିକୁ ମୋର ମନେ ପକାଇ ଦେଉଛନ୍ତି ବୋଲି ଜାଣିଥାନ୍ତୁ।

୯। ତାଙ୍କର ଅବର୍ଣ୍ଣନୀୟ ମହିମା ଗାନ କରିବା ନିମନ୍ତେ ମୁଁ ଚେଷ୍ଟା କରୁଅଛି। କିନ୍ତୁ ସେଥିନିମନ୍ତେ କାହାର ଯୋଗ୍ୟତା ରହିଛିକି ? ଯେତେବେଳେ 'ପରାଂ' କିଛି ନକରିପାରି

ଫେରି ଆସିଥାଏ, ସେତେବେଳେ 'ପଶ୍ୟନ୍ତି[୨]' ଓ 'ମଧ୍ୟମା[୩]' କ'ଣ ଅବା କରିପାରିବେ ?

୧୦। ଯେତେବେଳେ ତିନିହେଁ ସେମାନଙ୍କ ମୁଖ ଖୋଲନ୍ତିନାହିଁ, ସେତେବେଳେ ଚତୁର୍ଥ, 'ବୈଖରୀ[୪]' କ'ଣ ବା କରିପାରିବ ? ମୁଁ ତାହା ପୂରାପୂରି ଜାଣିଥିଲେ ମଧ୍ୟ ନିଜକୁ ନିୟନ୍ତ୍ରଣରେ ରଖିପାରୁନାହିଁ।

୧୧। ସଦ୍‌ଗୁରୁଙ୍କ ଚରଣାଶ୍ରିତ ନହେଲେ, ଆତ୍ମୋପଲବ୍ଧି ଲାଭ କରିହେବ ନାହିଁ। ସନ୍ଥମାନେ ହେଉଛନ୍ତି ଈଶ୍ୱରଙ୍କର ମୂର୍ତ୍ତିରୂପ ଓ ମୁଁ ସେମାନଙ୍କର ବରଦ ହସ୍ତ ଲୋଡ଼ୁଛି।

୧୨। ଗୁରୁ ଚରଣରେ ଶ୍ରଦ୍ଧା ଥିଲେ ସମସ୍ତ ପ୍ରାପ୍ତି ସହଜ ହୋଇଥାଏ। ଆମମାନଙ୍କ ମନରେ ସନ୍ଥଙ୍କ ସାହଚର୍ଯ୍ୟ ପାଇବାର ଇଚ୍ଛା ଓ ସେମାନଙ୍କ ପ୍ରତି ଶ୍ରଦ୍ଧା ଜାଗରିତ ହେଉ !

୧୩। ଯାହା ମନରେ ଅହଂକାର ଭର୍ତ୍ତି ହୋଇଥାଏ, ସେ ଶିଷ୍ୟ ପଦବାଚ୍ୟ ନୁହେଁ। ପ୍ରକୃତ ଭକ୍ତ ମନରେ ଅହଂକାର ଆଦୌ ନଥାଏ।

୧୪। ଯିଏ ନିଜର ଜ୍ଞାନ ନିମିତ୍ତ ଉଦ୍ଧତ ହୋଇଥାଏ ଓ ନିଜକୁ ବଡ଼ ବୋଲି ବୃଥା ଦମ୍ଭ ଦେଖାଇ ହେଉଥାଏ, ସେ ହେଉଛି ଗର୍ବର ଅବତାର। ସେ କିପରି ଗଣ୍ୟମାନ୍ୟ ଭକ୍ତ ହୋଇପାରିବ ?

୧୫। ଯେଉଁମାନେ ନିଜ ଗୁରୁଙ୍କର ଗୁଣଗାନ କରନ୍ତି ନାହିଁ, ସେମାନେ ହତଭାଗ୍ୟ ଓ ଯେଉଁମାନେ ବଧିର ନ ହୋଇବି ସେଇ ଗୁଣଗାନ ଶୁଣନ୍ତି ନାହିଁ, ସେମାନେ ହତବୁଦ୍ଧିର ମୂର୍ତ୍ତିମନ୍ତ ପ୍ରତୀକ।

୧୬। ପ୍ରାୟଶ୍ଚିତ କରିବା ହେଉଛି ତୀର୍ଥଯାତ୍ରା, ପ୍ରତିଜ୍ଞା ପାଳନ, ବଳିଦାନ ଓ ଦାନଧର୍ମ କରିବା ଅପେକ୍ଷା ଶ୍ରେୟସ୍କର । ଈଶ୍ୱରଙ୍କର ପୂଜା କରିବା ହେଉଛି ପ୍ରାୟଶ୍ଚିତ କରିବା ଅପେକ୍ଷା ଶ୍ରେୟସ୍କର, କିନ୍ତୁ ନିଜ ଗୁରୁଙ୍କୁ ଧ୍ୟାନ କରିବା ହେଉଛି ସବୁଠାରୁ ଭଲ ।

୧୭। କେବଳ ଶ୍ରୀସାଇହିଁ ହେଉଛନ୍ତି ତାଙ୍କ ଭକ୍ତମାନଙ୍କର ଧ୍ୟେୟ; କେବଳ ଶ୍ରୀସାଇହିଁ ହେଉଛନ୍ତି ସେମାନଙ୍କର ପୂଜ୍ୟ ଦେବତା; କେବଳ ଶ୍ରୀସାଇହିଁ ହେଉଛନ୍ତି ସେମାନଙ୍କର ଗୁପ୍ତ ରତ୍ନଭଣ୍ଡାର। ସେହି ରତ୍ନଭଣ୍ଡାରର ସୁରକ୍ଷା କରାଯିବା ଉଚିତ୍, କିନ୍ତୁ କୃପଣ ଭାବରେ ନୁହେଁ।

୧୮। ବେଳେ ବେଳେ ମୁଁ ଅଳସୁଆ ହୋଇ ପଡ଼ିଥାଏ ମାତ୍ର ମୋ ଅନ୍ତରାତ୍ମାରେ ଥାଇ ଶ୍ରୀସାଇ କଦାପି ସେୟା ହୋଇ ନଥାନ୍ତି । ମୁଁ କୌଣସି କାହାଣୀ ଭୁଲି ଯାଇଥିଲେ ସେ ମୋତେ ଠିକ୍ ସମୟରେ ମନେ ପକାଇ ଦିଅନ୍ତି।

୧୯। ମୁଁ ଚୁପ୍‌ଚାପ୍ ବସି ରହିବା ପାଇଁ ଚାହୁଁଥିଲେ ମଧ୍ୟ ସେପରି କରିବା ନିମନ୍ତେ ମୋର କ୍ଷମତା ନାହିଁ। କାହାଣୀ ଲିଖନ ପାଇଁ ପ୍ରେରଣା ଏମିତି ଅପ୍ରତ୍ୟାଶିତ ଭାବରେ ଆସିଯାଇଥାଏ ଯେ ମୁଁ ହାତରେ କଲମ ଧରିବାକୁ ବାଧ୍ୟ ହୋଇଥାଏ।

୨୦। ବାବା ଶ୍ରୋତାମାନଙ୍କୁ ନିଜର ଏହି ଅକଳ୍ପନୀୟ କାହାଣୀ ଶୁଣାଇବାକୁ ଚାହୁଁଛନ୍ତି ଓ ଆମର ସ୍ୱାର୍ଥ ଦୃଷ୍ଟିରୁ ସେ ମୋ ହାତରେ ଏହି ସତ୍‌ଚରିତ ଲେଖାଇ ନେଉଛନ୍ତି ।

୨୧। ଅନ୍ୟ ପକ୍ଷରେ, ସନ୍ଥମାନଙ୍କ କାହାଣୀର ସୃଷ୍ଟି ଓ ରଚନା ସେମାନେ ନିଜେ ହିଁ କରିଥାନ୍ତି। ସେମାନଙ୍କ ନିକଟରୁ ପ୍ରେରଣା ନମିଳିଲେ ତାହା ପ୍ରତି ପଦରେ ନିରସ ଓ ନିଷ୍ପ୍ରାଣ ହୋଇଥାଏ।

୨୨। ତେଣୁ ଦୟାବତାର ଶ୍ରୀସାଇନାଥ ମୋ ମନ ମଧ୍ୟରେ ପ୍ରବେଶ କରି ଏହି ଗ୍ରନ୍ଥ ମୋ ହାତରେ ଲେଖାଇ ନେଉଛନ୍ତି ଓ ତଦ୍ୱାରା ମୋର ଇଚ୍ଛା ପୂରଣ କରୁଛନ୍ତି।

୨୩। ମୁଁ ଯେତେବେଳେ ଶ୍ରୀସାଇଙ୍କ ନାମ ବରାବର ଜପ କରେ, ତାଙ୍କ ପ୍ରବଚନ ସମ୍ବନ୍ଧରେ ଚିନ୍ତା କରେ ଓ ତାଙ୍କ ରୂପକୁ ଧ୍ୟାନ କରେ, ସେତେବେଳେ ମୁଁ ସଂପୂର୍ଣ୍ଣ ସନ୍ତୋଷ ଲାଭ କରିଥାଏ ।

୨୪। ଯିଏ ଶ୍ରୀସାଇଙ୍କ ନାମ ଜପ କରେ, ହୃଦୟ ଭିତରେ ତାଙ୍କ ପ୍ରତି ଶ୍ରଦ୍ଧାଭାବ ପୋଷଣ କରେ ଓ ତାଙ୍କ ନିମନ୍ତେ ସମସ୍ତ କାର୍ଯ୍ୟ ସଂପାଦନ କରିଥାଏ, ତା'ପାଖରେ ଶ୍ରୀସାଇ ଗଭୀର ଭାବରେ କୃତଜ୍ଞ ରହିଥାନ୍ତି।

୨୫। ଏହି ସଂସାରର ବନ୍ଧନ ଛିନ୍ନ କରିଦେବା ପାଇଁ ଅନ୍ୟ କୌଣସି ଭଲ ଉପାୟ ନାହିଁ; ଶ୍ରୀସାଇଙ୍କର କାହାଣୀ ଶ୍ରୋତାଙ୍କୁ ଅତି ପବିତ୍ର କରିଦେଇଥାଏ ଓ ତାହାର ରସ ଆସ୍ୱାଦନ ଆନନ୍ଦ ଦେଇଥାଏ।

୨୬। ଶ୍ରୀସାଇଙ୍କୁ ପ୍ରଦକ୍ଷିଣ କରିବା ନିମନ୍ତେ ପାଦକୁ ବ୍ୟବହାର କରନ୍ତୁ,ସତ୍‌ଚରିତ ଶ୍ରବଣ ନିମନ୍ତେ କର୍ଣ୍ଣକୁ ନିୟୋଜିତ କରନ୍ତୁ, ନିଜର ସମଗ୍ର ଶରୀରରେ ତାଙ୍କୁ

ଶ୍ରଦ୍ଧାରେ ଜଡ଼ାଇ ଧରି ଆଲିଙ୍ଗନ କରନ୍ତୁ ଓ ଚକ୍ଷୁକୁ ସାଇଦର୍ଶନରେ ଲିପ୍ତ କରାନ୍ତୁ।

୨୭। ସାଷ୍ଟାଙ୍ଗ ପ୍ରଣିପାତ କରି କରି ତାଙ୍କ ସମ୍ମୁଖକୁ ଗଡ଼ି ଗଡ଼ି ଆସନ୍ତୁ ଓ ନିଜର କପାଳ ତାଙ୍କ ପାଦ ଉପରେ ରଖିଦିଅନ୍ତୁ, ଜିହ୍ୱାକୁ ତାଙ୍କର ନାମ ରଟନା କରିବାରେ ଲଗାଇ ଦିଅନ୍ତୁ ଓ ନାସାକୁ ତାଙ୍କୁ ଅର୍ପଣ କରାଯାଇଥିବା ପୁଷ୍ପମାନଙ୍କର ସୁଗନ୍ଧ ଆଘ୍ରାଣ କରିବାରେ ନିଯୁକ୍ତ କରନ୍ତୁ।

୨୮। ଏବେ ପୂର୍ବ ଅଧ୍ୟାୟରେ ସୂଚିତ ଜଣେ ଭକ୍ତଙ୍କ କାହାଣୀ ମୋର ପ୍ରତିଶ୍ରୁତି ଅନୁଯାୟୀ ମୁଁ ବର୍ଣ୍ଣନା କରିବି । ସେହି ଭକ୍ତଙ୍କର ଏକ ବିସ୍ମୟକର ଘଟଣା ଦେଖିବାର ଇଛା ମନରେ ରହିଥିଲା ।

୨୯। ସେ ତାଙ୍କର କିଛି ବ୍ୟକ୍ତିଗତ ସ୍ୱାର୍ଥ ଦ୍ୱାରା ପ୍ରଣୋଦିତ ହୋଇନଥିଲେ କି କୌଣସି ପ୍ରକାର ଅଧ୍ୟାତ୍ମିକ ଇଚ୍ଛା ପୂର୍ତ୍ତି ନିମନ୍ତେ ଆଗ୍ରହୀ ନଥିଲେ। ସେ ସନ୍ଥମାନଙ୍କର ମାହାତ୍ମ୍ୟ ସମ୍ବନ୍ଧରେ ଅଜ୍ଞ ଥିଲେ। ତଥାପି କେହି ତାଙ୍କ ନିକଟରେ ସନ୍ଥମାନଙ୍କର ମହିମା କଥା କହୁଥିଲେ, ସେ ତାହା ବିଶ୍ୱାସ କରୁନଥିଲେ।

୩୦। ତାଙ୍କ ବନ୍ଧୁମାନେ ଶ୍ରୀସାଇଙ୍କ ସମ୍ପର୍କରେ ଅନେକ କାହାଣୀ କହିଥିଲେ। ତାହା ଶୁଣିବା ପରେ ସେ ସେଥିରୁ ସର୍ବଦା ଦୋଷ ବାହାର କରୁଥିଲେ। ନିଜର ଅଭିଜ୍ଞତାରୁ ତାହା ପ୍ରତିପାଦିତ ନହେବାଯାଏଁ ତାହାକୁ ବିଶ୍ୱାସ କରିବେ ନାହିଁ ବୋଲି ସେ କହୁଥିଲେ।

୩୧। ତାଙ୍କର ନାମ ଥିଲା ହରିଭାଉ କାନୋବା। ସେ ଶ୍ରୀସାଇଙ୍କୁ ପରୀକ୍ଷା କରିବା ନିମନ୍ତେ ତାଙ୍କର ଜଣେ ବନ୍ଧୁଙ୍କ ସହିତ ବମ୍ବେଇ ଛାଡ଼ିଥିଲେ।

୩୨। ଯେଉଁ ସାଇ ସମସ୍ତଙ୍କର ଅନ୍ତରାତ୍ମାକୁ ଆଲୋକିତ କରିଥାନ୍ତି, ତାଙ୍କର କୌଶଳକୁ କିଏ ନିଶ୍ଚିତ ହୋଇ ଜାଣିପାରିବ କି ? କୌଶଳରେ ସେ ଓସ୍ତାଦ୍ ଓ ବିଚକ୍ଷଣ ।

୩୩। ହରିଭାଉ ଶିରିଡ଼ି ଅଭିମୁଖେ ଯାତ୍ରାରମ୍ଭ କରିବା ମାତ୍ରକେ ଶ୍ରୀସାଇ ସମର୍ଥ ତାଙ୍କର ଉଦ୍ଦେଶ୍ୟ ଜାଣି ପାରିଥିଲେ। ସେ ମାତ୍ର ଗୋଟିଏ ବିସ୍ମୟକର ଘଟଣା ଦେଖିବାକୁ ଚାହୁଁଥିଲେ ଓ ତାହା ଦେଖିବାର ଯୋଗ୍ୟ ଥିଲେ ।

୩୪। ବାବା ତାଙ୍କୁ ତାହାର ସ୍ୱାଦ ଚଖାଇଥିଲେ ଓ ତାଙ୍କୁ ନିଜର ଭକ୍ତ କରି ନେଇଥିଲେ। ଅଧିକନ୍ତୁ ତାଙ୍କର ଯାତ୍ରାକୁ ସଫଳ କରିଥିଲେ । ସନ୍ଥମାନେ ନିଜ ନିଜର କୌଶଳ ସ୍ଥିର କରିଥାନ୍ତି ଓ ଏଥିପାଇଁ ପ୍ରକୃତରେ ସକ୍ଷମ ଥାଆନ୍ତି ।

୩୫। କୋପରଗାଁରେ ହରିଭାଉ ତାଙ୍କ ବନ୍ଧୁଙ୍କ ସହିତ ଗୋଦାବରୀରେ ସ୍ନାନ ସମାପନାନ୍ତେ ଟାଙ୍ଗାଟିଏ ଭଡ଼ା କରିଥିଲେ। ସେମାନେ କାଳ ବିଳମ୍ବ ନକରି ଶିରିଡ଼ି ଅଭିମୁଖେ ବାହାରି ପଡ଼ିଥିଲେ ।

୩୬। କୋପରଗାଁରୁ ଆସି ଶିରିଡ଼ିରେ ପହଞ୍ଚିଯିବା ପରେ ହରିଭାଉ ନିଜର ହାତଗୋଡ଼ ଧୁଆଧୋଇ କରି ସନ୍ଥଙ୍କୁ ଦେଖିବା ପାଇଁ ଓ ଜାଣିବା ପାଇଁ ମସ୍‌ଜିଦ୍‌କୁ ଆସିଥିଲେ।

୩୭। ହରିଭାଉ ବାବାଙ୍କ ଦର୍ଶନ ନିମିତ୍ତ ଆଗ୍ରହୀ ଥିଲେ । ଏହି ଉପଲକ୍ଷେ ସେ ହଳେ ନୂଆ ଚପଲ ପାଦରେ ପିନ୍ଧିଥିଲେ ଓ ଜରିକାମକରା ପଗଡ଼ି ମୁଣ୍ଡରେ ବାନ୍ଧିଥିଲେ ।

୩୮। ସେ ମସ୍‌ଜିଦ୍‌ରେ ପହଞ୍ଚିବା ପରେ ଦୂରରୁ ଶ୍ରୀସାଇଙ୍କୁ ଦେଖିଥିଲେ ଓ ପାଖକୁ ଯାଇ ତାଙ୍କ ଚରଣରେ ସାଷ୍ଟାଙ୍ଗ ପ୍ରଣିପାତ କରିବାର ଇଚ୍ଛା ପୋଷଣ କରିଥିଲେ।

୩୯। କିନ୍ତୁ କେଉଁ ନିରାପଦ ସ୍ଥାନରେ ସେ ଚପଲ ଦୁଇଟିକୁ ରଖିବେ, ଖୋଜି ପାଉନଥିଲେ। ଶେଷରେ ଏକ କୋଣ ଦେଖି ତା' ଭିତରକୁ ନୂଆ ଚପଲ ହଳକୁ ଠେଲି ଦେଇଥିଲେ।

୪୦। ତା'ପରେ ମସ୍‌ଜିଦ୍‌ର ପାହାଚ ଚଢ଼ି ଯାଇଥିଲେ ଓ ଶ୍ରଦ୍ଧା ସହକାରେ ବାବାଙ୍କ ପାଦରେ ପ୍ରଣାମ କରିଥିଲେ। ବାବାଙ୍କଠାରୁ ଉଦି ଓ ପ୍ରସାଦ ଗ୍ରହଣ କରି ବାବାଙ୍କ ପାଖରୁ ଫେରି ୱାଡ଼ାକୁ ବାହାରିଥିଲେ।

୪୧। ବାବାଙ୍କ ପାଖରୁ ଫେରି ସେ ଚପଲ ପିନ୍ଧିବାକୁ ଗଲାବେଳେ ତାହା ମିଳିନଥିଲା। ସେ ବହୁତ ଖୋଜିବା ପରେ ମଧ୍ୟ ନ ମିଳିବାରୁ ଅତି ମନ ଦୁଃଖରେ ଚପଲ ପାଇବାର ଆଶା ଛାଡ଼ିଦେଇ ୱାଡ଼ାକୁ ଫେରିଆସିଥିଲେ।

୪୨। ବହୁତ ଲୋକ ଯିବା ଆସିବା କରୁଥିଲେ। ଏମିତି କେହିନଥିଲେ ଯାହାକୁ ସେ ପ୍ରକୃତରେ ପଚାରିପାରିଥାନ୍ତେ ? ସେ କୌଣସି ସମାଧାନର ସୂତ୍ର ପାଇ ପାରିନଥିଲେ।

୪୩। ଏଣୁ ସେ ବିଚଳିତ ହୋଇପଡ଼ିଥିଲେ। ତାଙ୍କ ଚକ୍ଷୁ ସମ୍ମୁଖରେ ଚପଲ ଦୁଇଟି ନାଚି ଉଠୁଥିଲା, ମନ ଚପଲହଳକ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ତାଙ୍କର ସମଗ୍ର ସତ୍ତା ଚପଲକୁ କେନ୍ଦ୍ରକରି ଆନ୍ଦୋଳିତ ହେଉଥିଲା ।

୪୪ । ସେ ସେହି ଚପଲ ହଳକ ଅତ୍ୟନ୍ତ ଆଗ୍ରହରେ କିଣିଥିଲେ, କିନ୍ତୁ ତାହା କୁଆଡ଼େ ହଜିଗଲା ! ତାହାକୁ କେହି ନିଶ୍ଚୟ ଚୋରି କରିନେଇଛି ବୋଲି ସେ ନିଶ୍ଚିତ ହୋଇଥିଲେ ।

୪୫ । ତା'ପରେ ସେ ଗାଧୋଇପାଧୋଇ ପୂଜା କରିଥିଲେ ଓ ନୈବେଦ୍ୟ ବାଢ଼ିଥିଲେ । ଅନ୍ୟମାନଙ୍କ ସାଙ୍ଗରେ ଖାଇ ବସିଥିଲେ । କିନ୍ତୁ, ମନରେ ତାଙ୍କର ଶାନ୍ତି ନଥିଲା ।

୪୬ । 'ସେହି ଅଗଣା ଶ୍ରୀସାଇଙ୍କର ! ଶ୍ରୀସାଇଙ୍କ ଆଖିକୁ ଫାଙ୍କି ଦେଇ ମୋ ଚପଲ କିଏ ନେଇ ଚାଲିଯିବ ? ଏହା କ'ଣ ଛୋଟିଆ କଥା ?' ଅନ୍ୟତମ ବିସ୍ମୟ !

୪୭ । ସେ ବହୁତ ଦୁଃଖିତ ଥିଲେ । ଖାଦ୍ୟ ଖାଇବାରେ ତାଙ୍କର ମନ ଲାଗିନଥିଲା । ସେ ହାତ ଧୋଇବା ପାଇଁ ବାହାରକୁ ଆସିଥିଲେ ।

୪୮ । ସେହି ସମୟରେ ଜଣେ ମରାଠୀ ବାଳକ ସେଠାକୁ ଅପ୍ରତ୍ୟାଶିତ ଭାବରେ ଆସିଥିଲା । ହଜିଯାଇଥିବା ଚପଲ ଦୁଇଟିକୁ ସେ ଖଣ୍ଡିଏ ବାଡ଼ିଅଗରେ ପତାକା ଭଳି ଝୁଲାଇ ହଲାଉଥିଲା ।

୪୯ । ସମସ୍ତେ ଖାଇସାରି ହାତ ଧୋଉଥିଲେ । ସେହି ବାଳକଟି ଖୋଜି ଖୋଜି କହୁଥିଲା, "ବାବା ମୋତେ ଏହି ବାଡ଼ିଟି ଧରାଇ ଦେଇ ପଠାଇଛନ୍ତି ।

୫୦ । "ସେ କହିଛନ୍ତି, 'ପୁଅ, ଏହାକୁ ଭଲ ଭାବରେ ଧରି 'କା'ଙ୍କ ପୁଅ ହରିକୁ ଡାକି ଡାକି ଯିବୁ । ସେ ଜରିଦିଆ ପଗଡ଼ି ପିନ୍ଧିଥିବ । ଯିଏ ଏହାକୁ ନିଜର ବୋଲି ଦାବି କରିବ ଓ ନିଶ୍ଚିତ ହୋଇ ଜାବୁଡ଼ି ଧରିବ, ତାକୁ ଏହା ଦେଇଦେବୁ ।

୫୧ । "କିନ୍ତୁ ପ୍ରଥମେ ନିଶ୍ଚିତ ହେବୁ ଯେ ତା' ନାମ 'ହରି' ଓ ସେ 'କା'ଙ୍କର ପୁଅ । ସେ ଜରିଦିଆ ପଗଡ଼ି ପିନ୍ଧିଥିବ । ବେଶି ପାଟିତୁଣ୍ଡ କରିବୁ ନାହିଁ ।"

୫୨ । ପିଲାଟିର ଡାକଶୁଣି ଓ ନିଜର ଚପଲକୁ ଚିହ୍ନିପାରି ହରିଭାଉ ଅତ୍ୟନ୍ତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ପିଲାଟି ନିକଟକୁ ଦୌଡ଼ି ଆସିଥିଲେ ।

୫୩ । ହରିଭାଉଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ ଭରି ଯାଇଥିଲା ଓ ହଜିଯାଇଥିବା ଚପଲ ଦୁଇଟିକୁ ଦେଖି ଭାବାବେଗରେ ତାଙ୍କର କଣ୍ଠରୋଧ ହୋଇଯାଇଥିଲା । ସେ ବହୁତ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ।

୫୪ । ସେ ପିଲାଟିକୁ ଡାକି କହିଥିଲେ, "ଆସ ଆସ, ଏଠିକି ଆସ ! ମୁଁ ଚପଲକୁ ଦେଖିବି, ଏଠିକି ଆଣ !" ଚପଲକୁ ଦେଖିବା ପରେ ସେ କହିଥିଲେ, "ଏହାକୁ କେଉଁଠାରୁ ପାଇଲୁ ? ମୋତେ ସଫାସଫା କହ ।"

୫୫ । ବାଳକ କହିଥିଲା, "ମୁଁ ଏସବୁ କିଛି ଜାଣେ ନାହିଁ । ମୁଁ କେବଳ ବାବାଙ୍କର ନିର୍ଦ୍ଦେଶକୁ ପାଳନ କରୁଛି । ଯିଏ 'କା'ଙ୍କର ପୁଅ 'ହରି', ସେ ମୋତେ ତାଙ୍କର ଜରିକାମ କରା ପଗଡ଼ି ଦେଖାଇବେ ।

୫୬ । "ମୁଁ ଚପଲ ହଳକ ତାଙ୍କୁହିଁ ଦେବି । ମୁଁ କାହାରିକୁ ଚିହ୍ନିନାହିଁ । ଯେଉଁ ବ୍ୟକ୍ତି ବାବାଙ୍କର ଏହି ସଂକେତ ପୂରଣ କରିବେ, ସେଇହିଁ କେବଳ ଏହି ଚପଲ ନେବେ ।"

୫୭ । "ହେ ବାଳକ ! ଏହା ମୋ ଚପଲ ।'' ହରିଭାଉ ଏପରି କହିଥିଲେ ମଧ୍ୟ ବାଳକ ତାଙ୍କୁ ଚପଲ ଦେଇନଥିଲା । ତା'ପରେ ସେ ବାବାଙ୍କ ସଙ୍କେତ ଅନୁଯାୟୀ ବାଳକକୁ ବୁଝାଇବାକୁ ଚେଷ୍ଟା କରିଥିଲେ ।

୫୮ । ସେ କହିଥିଲେ, "ବାଳକ ! ମୁଁ ହେଉଛି ସେଇ 'ହରି' । ମୁଁ 'କାନୋବା'ଙ୍କ ପୁଅ । ଏ ସମସ୍ତ ସତ୍ୟ ଅଟେ ଓ ତାହା ସବୁଦିଗରୁ ମୋ ପାଇଁ ହିଁ ପ୍ରଯୁଜ୍ୟ ।

୫୯ । "ଏବେ ଜରିକାମକରା ଏହି ପଗଡ଼ି ଦେଖ । ଏହା ତୁମର ସମସ୍ତ ସନ୍ଦେହ ଦୂର କରିଦେବ । ତାହା ଦେଖିଲେ ଚପଲର ମାଲିକ ବୋଲି ମୁଁ ଚିହ୍ନିତ ହେବି ଓ ଅନ୍ୟ କେହି ତାହାକୁ ଦାବୀ କରିପାରିବେ ନାହିଁ ।"

୬୦ । ବାଳକ ସନ୍ତୁଷ୍ଟ ହୋଇଥିଲା । ସେ ହରିଭାଉଙ୍କୁ ଚପଲ ଦେଇଥିଲା । ହରିଭାଉଙ୍କର ଇଚ୍ଛା ପୂରଣ ହୋଇଥିଲା ଓ ଶ୍ରୀସାଇ ପ୍ରକୃତରେ ଜଣେ ସନ୍ଥ ବୋଲି ସେ ଅନୁଭବ କରିଥିଲେ ।

୬୧ । ସେ ଭାବିଥିଲେ, 'ଯଦିଓ ମୋ ନିକଟରେ ଏକ ଜରିକାମକରା ପଗଡ଼ି ରହିଛି, ତାହା କ'ଣ ଏତେ ଅନନ୍ୟ ? ଏହା ମୋ ମୁଣ୍ଡରେ ଅଛି ଓ ସମସ୍ତଙ୍କୁ ଦୃଶ୍ୟ ହେଉଛି ।

୬୨ । 'କିନ୍ତୁ ମୁଁ ବହୁତ ଦୂରରୁ ଆସିଛି । ମୁଁ ଶିରିଡ଼ି ପ୍ରଥମଥର ପାଇଁ ଆସିଛି । ମୋର ନାମ 'ହରି' ବୋଲି ସାଇବାବା କିପରି ଜାଣିଲେ ?

୬୩ । 'କାନୋବା ମୋର ପିତା । କେହି ତାଙ୍କୁ ଦେଖି ନାହାନ୍ତି, କିମ୍ବା ତାଙ୍କୁ ଜାଣିନାହାନ୍ତି । ତାଙ୍କୁ ସମସ୍ତେ 'କା' ବୋଲି ଡାକନ୍ତି । ମୁଁ ଚକିତ ହେଉଛି ।

୬୪। 'ପୂର୍ବରୁ ମୋ ବନ୍ଧୁମାନେ ଜଣେ ସନ୍ଥଭାବରେ ସାଇବାବାଙ୍କ ମହିମା ବିଷୟରେ କହୁଥିବାବେଳେ ମୁଁ ସେକଥା ବିଶ୍ୱାସ କରୁନଥିଲି। ବର୍ତ୍ତମାନ ପ୍ରକୃତରେ ମୁଁ ପଶ୍ଚାତାପ କରୁଛି।

୬୫। 'ବର୍ତ୍ତମାନ ମୋର ନିଜସ୍ୱ ଅନୁଭୂତି ହେଲା । ମୁଁ ସାଇବାବାଙ୍କର ଶକ୍ତି ସମ୍ବନ୍ଧରେ ଜାଣିପାରିଲି। ଏବେ ସନ୍ଦେହର ଅବକାଶ ନାହିଁ। ଶ୍ରୀସାଇ ଯେ ଜଣେ ଅତି ମହାନ୍ ସନ୍ଥ, ତାହା ମୋର ହୃଦ୍‌ବୋଧ ହୋଇଛି।'

୬୬। ଜଣକର ଉଦ୍ଦେଶ୍ୟ ଉପରେ ତାହାର ଅନୁଭୂତି ନିର୍ଭର କରେ। ହରିଭାଉଙ୍କ କ୍ଷେତ୍ରରେ ତାହାହିଁ ଘଟିଥିଲା। ସେ ଜଣେ ସନ୍ଥଙ୍କୁ ପରୀକ୍ଷା କରିବାକୁ ଚାହୁଁଥିଲେ ଓ କୌଣସି ଆଧାତ୍ମିକ ସିଦ୍ଧି ସମ୍ପର୍କରେ ଚିନ୍ତା ମଧ୍ୟ କରିନଥିଲେ।

୬୭। ଶ୍ରୀସାଇ ସମର୍ଥ ଜଣେ ଅତି ମହାନ୍ ସନ୍ଥ ବୋଲି ବନ୍ଧୁ ଓ ସମ୍ପର୍କୀୟମାନେ ବର୍ଣ୍ଣନା କରୁଥିଲେ। ନିଜେ ଅନୁଭବ କରିବା କିମ୍ବା କିଛି ଗୋଟାଏ ବିସ୍ମୟକର ଘଟଣା ଦେଖିବା ଥିଲା ସେ ଶିରିଡ଼ି ଆସିବା ପଛରେ ଅସଲ ଉଦ୍ଦେଶ୍ୟ ।

୬୮। ସନ୍ଥଙ୍କ ଚରଣରେ ଜୀବନ ସମର୍ପି ଦେଲେ ଈଶ୍ୱରଙ୍କୁ ପାଇପାରିବ, ଏଭଳି ଇଚ୍ଛା ତାଙ୍କର ଆଦୌ ନଥିଲା। ବହୁରୂପୀ ଏଣ୍ଡୁଅଁ କେତେ ବାଟ ବା ଯାଇ ପାରିବ ?'

୬୯। 'ମୁଁ ସଂଭ୍ରମତା ସହକାରେ ସନ୍ଥଙ୍କ ଦରବାରରେ ବିସ୍ମୟକର ଘଟଣାଟିଏ ଦେଖିବି ବୋଲି ଭାବିଥିଲି। ହଜିଯାଇଥିବା ଏହି ନୂଆ ଚପଲ ହଳକ ମୋ ହାତରେ ମୁଁ ପାଇପାରିଲି। (ମୋ ଦ୍ୱାରମୁହଁରେ ପାଇଲା ଭଳି ହେଲା) ।

୭୦। 'ଦେଖିବାକୁ ଗଲେ ଏହା ହଲେ ଅତି ସାଧାରଣ ଚପଲ। ସେ ହଳକ ହଜି ଯାଇଥିଲେ କ'ଣ କ୍ଷତି ହୋଇଥାନ୍ତା ? କିନ୍ତୁ ତାହା ନ ମିଳିବା ପର୍ଯ୍ୟନ୍ତ ମନ ବିଚଳିତ ହେଉଥାନ୍ତା ଓ ସ୍ଥିର ହୋଇନଥାନ୍ତା ।

୭୧। ସନ୍ଥଙ୍କର ଅନୁଗ୍ରହ ଲାଭ କରିବାର ଦୁଇଟି ପନ୍ଥା ରହିଛି। ଗୋଟିଏ ଭକ୍ତିମାର୍ଗ ହୋଇଥିବା ସମୟରେ ଅନ୍ୟଟି ଜ୍ଞାନମାର୍ଗ। ଜ୍ଞାନମାର୍ଗ ଅତ୍ୟନ୍ତ ଗଭୀର ଓ କଠିନ। ଭକ୍ତିମାର୍ଗ ଅପେକ୍ଷାକୃତ ସହଜ।

୭୨। ଯଦି ଭକ୍ତିମାର୍ଗ ଏତେ ସହଜସାଧ, ତେବେ ସମସ୍ତେ କାହିଁକି ଏହାକୁ ଅନୁସରଣ କରୁନାହାନ୍ତି ? ସେଥିପାଇଁ ପରମ ସୌଭାଗ୍ୟ ଦରକାର। ତାହା ଥିଲେ ହିଁ ଏହାକୁ ପ୍ରାପ୍ତ କରିହେବ।

୭୩। ଲକ୍ଷେ ଜନ୍ମର ପୁଣ୍ୟ ବଳରେ ଜଣେ ବ୍ୟକ୍ତି ସନ୍ଥଙ୍କର ଦର୍ଶନଲାଭ କରିଥାଏ। ସନ୍ଥଙ୍କ ସାହଚର୍ଯ୍ୟର ଆନନ୍ଦ ଲାଭ କଲେ ଭକ୍ତିଭାବ ଉଦୟ ହୋଇଥାଏ।

୭୪। ଆମେ ସମସ୍ତେ ଏହି ଦୈହିକ ଅସ୍ତିତ୍ୱ ସମ୍ବନ୍ଧରେ ଜାଣିଛୁ। ଏଥିରେ ଆସକ୍ତି ରହିଛି । କିନ୍ତୁ ଅନାସକ୍ତି କ'ଣ ଆମେ ଜାଣିନାହୁଁ। ମନର ଅବସ୍ଥା ଏଭଳି ଥିଲେ ତାହାକୁ ଭକ୍ତି ବୋଲି କୁହାଯିବ କି ?

୭୫। ଆମ ଭକ୍ତିର ଦୃଢ଼ତା ଅନୁଯାୟୀ ଆମର ଇଚ୍ଛା ପୂରଣ ହୋଇଥାଏ। ସବୁ ସମୟରେ ଏହା ସତ୍ୟ ଓ ଏଥିରେ ଟିକିଏ ବି ସନ୍ଦେହ ରହିବା ଉଚିତ୍ ନୁହେଁ।

୭୬। ଆମେ ଯେଉଁମାନେ ବିଷୟ-ଆଶୟ ପାଇଁ ରାତିଦିନ ଶ୍ରୀସାଇଙ୍କ ଚାରିପାଖରେ ରୁଣ୍ଡ ହୋଇଥାଉ, ଏହିଭଳି ଉପହାର ପାଇଥାଉଁ। ମାତ୍ର ଯେଉଁମାନେ ଆଧାତ୍ମିକ ଉଦ୍ଦେଶ୍ୟରେ ଆସିଥାନ୍ତି, ସେମାନେ ତାହାବି ପାଇଥାନ୍ତି।

୭୭। ଏବେ ଅନ୍ୟ ଗୋଟିଏ କାହାଣୀ ଶୁଣନ୍ତୁ। ସୋମଦେବ ସ୍ୱାମୀ ନାମରେ ଜଣେ ବ୍ୟକ୍ତି ଥରେ ଶ୍ରୀସାଇଙ୍କୁ ପରୀକ୍ଷା କରିବା ନିମନ୍ତେ ଶିରିଡ଼ି ଆସିଥିଲେ।

୭୮। ୧୯୦୬ ମସିହାରେ ଏହି ବ୍ୟକ୍ତି ଉତ୍ତରକାଶୀରେ 'ଭାଇଜୀ'ଙ୍କୁ ସେଠାରେ ଗୋଟିଏ ଧର୍ମଶାଳାରେ ରହୁଥିବା ସମୟରେ ଭେଟିଥିଲେ।

୭୯। ଭାଇଜୀ ଖ୍ୟାତନାମା କାକାସାହେବ ଦୀକ୍ଷିତଙ୍କର ସୁପରିଚିତ ଭାଇ ଥିଲେ। ସେ ବଦ୍ରିକେଦାର ତୀର୍ଥ କରିବାକୁ ଯାଇଥିବା ସମୟରେ ସୋମଦେବଙ୍କୁ ରାସ୍ତାରେ ଭେଟିଥିଲେ।

୮୦। ବଦ୍ରି-କେଦାର ଦର୍ଶନ ସାରି ତଳକୁ ଫେରୁଥିବା ସମୟରେ ସେ ରାସ୍ତାରେ ଅନେକ ଯାତ୍ରୀବିଶ୍ରାମସ୍ଥଳ ଦେଖିଥିଲେ ଓ ସେଠାରେ ଦଳ ଦଳ ତୀର୍ଥଯାତ୍ରୀଙ୍କୁ ଭେଟିଥିଲେ।

୮୧। ସେମାନଙ୍କ ମଧ୍ୟରେ ଜଣେ ବ୍ୟକ୍ତି ଥିଲେ, ଯିଏକି ପରେ ହରିଦ୍ୱାରର ଜଣେ ବିଖ୍ୟାତ ସ୍ୱାମୀ ହୋଇଥିଲେ। ବାବା ଯେ ତାଙ୍କୁ ମାର୍ଗଦର୍ଶନ କରାଇବେ, ଏହା ତାଙ୍କର ଭାଗ୍ୟ ନିର୍ଦ୍ଧାରିତ ଥିଲା ।

୮୨। ତାଙ୍କ ସମ୍ବନ୍ଧରେ ଏହି କାହାଣୀ ଖୁବ୍ ଶିକ୍ଷଣୀୟ । ଏହା ବାବାଙ୍କର ସ୍ୱଭାବକୁ ସ୍ପଷ୍ଟ କରିଦେବ। ଏ କାହାଣୀ

ଶ୍ରୋତାମାନଙ୍କୁ ଆନନ୍ଦ ପ୍ରଦାନ କରିବ ଓ ସମସ୍ତଙ୍କୁ ସୁଖଶାନ୍ତି ଦେବ ।

୮୩। ଭାଇଜୀ ସକାଳର ନିତ୍ୟକର୍ମ କରିବାକୁ ଯାଉଥିବା ସମୟରେ ଏହି ସ୍ୱାମୀଜୀଙ୍କ ସହିତ ତାଙ୍କର ସାକ୍ଷାତ ହୋଇଥିଲା। ସାଧାରଣ କଥାବାର୍ତ୍ତା ମଧ୍ୟରେ ସେମାନେ ପରସ୍ପରକୁ ଭଲ ପାଇଥିଲେ ।

୮୪। ସ୍ୱାମୀଜୀ ଡେରାଡୁନଠାରୁ ପ୍ରାୟ ୭୦କୋଶ ଦୂରରେ ଗଙ୍ଗୋତ୍ରୀ ଘାଟୀ ତଳେ ହରିଦ୍ୱାର ନିକଟବର୍ତ୍ତୀ ଉତ୍ତରକାଶୀରେ ଥିବା ସମୟରେ ଏହି ଦେଖାସାକ୍ଷାତ ହୋଇଥିଲା।

୮୫। ସ୍ୱାମୀଜୀ ସକାଳର ନିତ୍ୟକର୍ମ ନିମନ୍ତେ ହାତରେ ଲୋଟା ଧରି ଯାଉଥିବାବେଳେ ଭାଇଜୀ ମଧ୍ୟ ସେହି ଉଦ୍ଦେଶ୍ୟରେ ସେହି ସ୍ଥାନକୁ ଯାଇଥିଲେ।

୮୬। ପ୍ରଥମେ ସେମାନଙ୍କ ଚକ୍ଷୁର ମିଳନ ଘଟିଥିଲା। ପରେ ବାଟରେ ଚାଲୁଥିବା ସମୟରେ ଉଭୟ ଉଭୟଙ୍କର ପରିଚୟ ଦେଇଥିଲେ ଓ ପରସ୍ପରର ଭଲମନ୍ଦ ଆନନ୍ଦ ସହକାରେ ପଚାରିଥିଲେ।

୮୭। କଥାବାର୍ତ୍ତା ସମୟରେ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଶ୍ରଦ୍ଧାଭାବ ଜାଗ୍ରତ ହୋଇଥିଲା ଓ ପରସ୍ପରର ନାମଧାମ ସମ୍ପର୍କରେ ପଚରାପଚରି ହୋଇଥିଲେ।

୮୮। "ଆପଣ ହରିଦ୍ୱାରରେ ରହୁଛନ୍ତି, କିନ୍ତୁ ମୁଁ ନାଗପୁରରେ ରହୁଛି। ଯଦି ଦୈବାତ୍ ସେ ଆଡ଼କୁ କେବେ ଆସନ୍ତି, ତେବେ ଆପଣଙ୍କୁ ଦେଖିବାର ଆନନ୍ଦ ମୋତେ ଦେବେ।

୮୯। "ଆପଣଙ୍କ ଯାତ୍ରା କାଳରେ ଯଦି ଆମ ଅଂଚଳକୁ କେବେ ଆସନ୍ତି, ତେବେ ଆମ ଘରେ ପାଦ ପକାଇ ତାହାକୁ ପବିତ୍ର କରିବେ ଓ ଆମକୁ ପୁନରାୟ ଦର୍ଶନ ଦେଇ ଆନନ୍ଦ ପ୍ରଦାନ କରିବେ। ଆଉ ଆପଣଙ୍କ ସାମାନ୍ୟ ସେବା କରିବାର ସୁଯୋଗ ମଧ୍ୟ ଆମକୁ ଦେବେ।

୯୦। "ଦୟାକରି ମୋତେ ମନେ ରଖିବେ ଓ ଆମ ଘରେ ପାଦ ପକାଇବେ । ଏହା ମୋର ଅନୁରୋଧ। ଈଶ୍ୱର ସେୟା ଚାହିଁଲେ ପୁଣି ନିଶ୍ଚୟ ସାକ୍ଷାତ ହେବ ।"

୯୧। ୧୯୦୬ ମସିହାରେ ଉତ୍ତରକାଶୀ ନିକଟରେ ଏହିଭଳି କଥାବାର୍ତ୍ତା ହୋଇଥିଲା।

୯୨। ଉଭୟ ଉଭୟଙ୍କର ଠିକଣା ଟିପି ନେଇଥିଲେ। ସମତଳ ଭୂମିରେ ପହଞ୍ଚିବା ପରେ ସେମାନେ ପରସ୍ପରଠାରୁ ବିଦାୟ ନେଇଥିଲେ ।

୯୩। ପାଂଚବର୍ଷ ବିତିଯିବା ପରେ ଯେତେବେଳେ ଶ୍ରୀସାଇଙ୍କ ସହିତ ସମ୍ପର୍କ ସ୍ଥାପନର ସମୟ ପହଞ୍ଚିଥିଲା, ସ୍ୱାମୀଜୀ ସେତେବେଳେ ଭାଇଜୀଙ୍କୁ ସାକ୍ଷାତ କରିବା ପାଇଁ ବହୁତ ଅସ୍ଥିର ହୋଇଥିଲେ।

୯୪। ସ୍ୱାମୀଜୀ ୧୯୧୧ ମସିହାରେ ନାଗପୁର ଆସିଥିଲେ। ସେ ଶ୍ରୀସାଇନାଥଙ୍କ ସମ୍ପର୍କରେ ଅନେକ କାହାଣୀ ଶୁଣିଥିଲେ ଓ ପୂରାପୂରି ଖୁସି ହୋଇଥିଲେ।

୯୫। ଭାଇଜୀ ତାଙ୍କ ହସ୍ତରେ ଏକ ପରିଚୟପତ୍ର ପଠାଇଥିଲେ । ସେ ଯେପରି ସୁବିଧାରେ ଶିରିଡ଼ିରେ ପହଞ୍ଚି ପାରିବେ, ସେମିତି ଯାତ୍ରାର ସମସ୍ତ ବ୍ୟବସ୍ଥା କରି ଦେଇଥିଲେ ଓ ସ୍ୱାମୀଜୀ ନାଗପୁର ଛାଡ଼ିଥିଲେ।

୯୬। ସେ ମନମାଡ଼ରେ ଓହ୍ଲାଇବା ମାତ୍ରକେ କୋପରଗାଁ ଯିବାକୁ ଥିବା ଟ୍ରେନ୍ ପ୍ରସ୍ତୁତ ହୋଇ ରହିଥିଲା। କୋପରଗାଁରେ ଓହ୍ଲାଇବା ପରେ ସନ୍ଥ ଦର୍ଶନର ଆନନ୍ଦକୁ ଅପେକ୍ଷା କରି ସେ ଏକ ଟାଙ୍ଗାରେ ବସିଥିଲେ।

୯୭। ତୁମେ ଯେଉଁଠାକୁ ଯିବ, ସେଠାରେ ଦେଖିବ ଯେ ସନ୍ଥମାନଙ୍କର ଆଚରଣ ବା ଜୀବନଧାରା ପରସ୍ପରଠାରୁ ଭିନ୍ନ ଭିନ୍ନ । ସବୁଠି ଏହା କଦାପି ସମାନ ନଥାଏ।

୯୮। ଜଣେ ସନ୍ଥଙ୍କର ଆଚରଣ ଅନ୍ୟ ଜଣେ ସନ୍ଥଙ୍କର ଆଚରଣ ଭଳି ହୋଇନଥାଏ। ସେମାନଙ୍କର ଯୋଗ୍ୟତା ଜାଣିବାର ମାପକାଠି ମଧ୍ୟ ତାହା ହୁଏ ନାହିଁ।

୯୯। ଜଣେ ଯେତେବେଳେ କୌଣସି ସନ୍ଥଙ୍କର ପ୍ରଥମ ଦର୍ଶନ ନିମନ୍ତେ ଯାଉଥାଏ, ତାହାର ଏଭଳି ଉତ୍କଣ୍ଠା କାହିଁକି ହେବ ? ଯଦି କେହି ତାଙ୍କର ଆଚରଣ ଦେଖିବାକୁ କେବଳ ଯାଉଥାଏ, ତେବେ ସେ ତାହାର ନିଜ ମଙ୍ଗଳରୁ ବଂଚିତ ହୋଇଥାଏ।

୧୦୦। କିନ୍ତୁ ସ୍ୱାମୀଜୀଙ୍କ ମାନସିକ ଅବସ୍ଥା ଏଭଳି ଥିଲା ଯେ ତାଙ୍କ ମନରେ ଅନେକ ଅନ୍ଦାଜ ଓ ନିର୍ବୋଧ ଧାରଣାର ଉଦ୍ଭବ ହୋଇଥିଲା। ଦୂରରୁ ସେ ଯେତେବେଳେ ଶିରିଡ଼ିର ପତାକାଗୁଡ଼ିକୁ ଦେଖିଥିଲେ, ତାଙ୍କ ଚିନ୍ତାରେ ବିଭ୍ରାଟ ଘଟିଥିଲା।

୧୦୧ । ତାଙ୍କ ସାଙ୍ଗରେ ଅନ୍ୟ ଯେଉଁ ବ୍ୟକ୍ତିମାନେ ଥିଲେ, ସେମାନେ ସମସ୍ତେ ଦୂରରୁ ମସ୍‌ଜିଦ୍ ଉପରେ ଉଡୁଥିବା ପତାକାଗୁଡିକୁ ଦେଖିବା ମାତ୍ରକେ ଶ୍ରଦ୍ଧା ସହକାରେ ନତମସ୍ତକ ହୋଇଥିଲେ ।

୧୦୨ । ସେମାନଙ୍କ ହୃଦୟ ସାଇଦର୍ଶନ ନିମିତ୍ତ ଉତ୍କଣ୍ଠିତ ହେଉଥିଲା ଓ ତାହା କିଛି ସମୟ ପରେ ସମ୍ଭବ ହେବାର ଥିଲା । ତଥାପି ସେମାନେ ତାଙ୍କର ପତାକାଗୁଡ଼ିକୁ ଦେଖିବା ମାତ୍ରକେ ତାହାକୁ ଅସମ୍ମାନ କରି ପାରିନଥିଲେ ।

୧୦୩ । ପତାକାଗୁଡ଼ିକୁ ଦର୍ଶନ କରିବା ଦ୍ୱାରା ଶ୍ରଦ୍ଧାଭାବ ଜାଗ୍ରତ ହୋଇଥାଏ । ଏହା ସମସ୍ତେ ଅନୁଭବ କରିଥାନ୍ତି । ଏହା ଶ୍ରଦ୍ଧାପୂର୍ଣ୍ଣ ଭକ୍ତିର ସୂଚନା । ଏଥିରେ କୌଣସି ଅସ୍ୱାଭାବିକତା ନାହିଁ ।

୧୦୪ । କିନ୍ତୁ ଦୂରରୁ ସେହି ପତାକାଗୁଡ଼ିକୁ ଦେଖି ସ୍ୱାମିଜୀଙ୍କ କୁଟୀଳ ମନରେ ଅନେକ ବିଚିତ୍ର ଧାରଣା ସୃଷ୍ଟି ହୋଇଥିଲା । ତାଙ୍କର ମତିଗତି ଅତି ଅଦ୍ଭୁତ ଥିଲା ।

୧୦୫ । 'ପତାକାକୁ ଭଲ ପାଇବା ବା ଧ୍ୱଜା ଉଡ଼ାଇବା କ'ଣ ସନ୍ଥତ୍ୱର ଲକ୍ଷଣ ? ପତାକା ମସ୍‌ଜିଦ୍ ଉପରେ ଉଡ଼ାଇବାର ଅର୍ଥ ସନ୍ଥଙ୍କର କିଛି ନା କିଛି ଦୋଷ ରହିଛି ।

୧୦୬ । 'ଯଦି ସନ୍ଥ ଏହିଭଳି କରି ସମ୍ମାନ ପାଇବାକୁ ଚାହୁଁଥାନ୍ତି, ତେବେ ତାହା ଶସ୍ତା ଲୋକପ୍ରିୟତାର ସୂଚନା । ମୁଁ ଏଭଳି ଜଣେ ସନ୍ଥଙ୍କର ମହିମାକୁ ପସନ୍ଦ କରି ପାରିବି ନାହିଁ । ଏହା ତାଙ୍କର ଅପରିପକ୍ୱତାର ଲକ୍ଷଣ ।'

୧୦୭ । ସଂକ୍ଷେପରେ, ସ୍ୱାମିଜୀ ତାଙ୍କ ମତାନୁଯାୟୀ ସନ୍ଥଙ୍କର ଉପଯୁକ୍ତ ଆଚରଣ ସମ୍ବନ୍ଧରେ ଏକ ନିଷ୍ପତ୍ତି ନେଇଥିଲେ ଓ ଶ୍ରୀସାଇଙ୍କର ଆଶୀର୍ବାଦ ଗ୍ରହଣ ନକରିବାକୁ ମନେ ମନେ ସ୍ଥିର କରିଥିଲେ ।

୧୦୮ । 'ଏଠାକୁ ଆସିବା ଅକାରଣ ହୋଇଗଲା' ବୋଲି ସେ ଚିନ୍ତା କରିଥିଲେ । ସ୍ୱାମିଜୀ ଏଭଳି ବିରକ୍ତ ହୋଇ ଯାଇଥିଲେ ଯେ ସେ ସେହିଠାରୁ ସଂଗେ ସଂଗେ ଫେରିଯିବା ପାଇଁ ଦୃଢ଼ଚିତ୍ତରେ ସ୍ଥିର କରିଥିଲେ ।

୧୦୯ । 'ଏହା ଶସ୍ତାରେ ଲୋକପ୍ରିୟତା ହାସଲ କରିବାପାଇଁ ବୃଥା ଗର୍ବ । ସନ୍ଥ କାହିଁକି ସମ୍ମାନ ଲୋଡ଼ିବେ ? ପତାକାଗୁଡ଼ିକୁ ଦେଖି ମୁଁ ଅନ୍ୟକୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁନାହିଁ ।

୧୧୦ । 'ଏହି ସନ୍ଥ ତାଙ୍କର ମହିମା ଦେଖାଇବା ପାଇଁ ପତାକା ଉଡ଼ାଉଛନ୍ତି ଓ ଲୋକମାନଙ୍କୁ ନିଜର ଦର୍ଶନ ନିମିତ୍ତ ଆକର୍ଷଣ କରୁଛନ୍ତି । ଏହା ସନ୍ଥଗୁଣର ଅଭାବ ବୁଝାଏ । ମୁଁ କାହିଁକି ତାଙ୍କର ଦର୍ଶନକୁ ଯିବି ?

୧୧୧ । 'ଏଭଳି ଦର୍ଶନ କରି ମୁଁ କି ପ୍ରକାର ଶାନ୍ତି ମନରେ ପାଇବି ? ଏହା ନିଜର ଗର୍ବ ପ୍ରଦର୍ଶନର ପତାକା । ମୁଁ ଏଥିରୁ କୌଣସି ସନ୍ତୋଷ ପାଇପାରିବି ନାହିଁ ।'

୧୧୨ । ସେ କହିଥିଲେ, "ମୁଁ ବରଂ ଘରକୁ ଫେରିଯିବି । ତାଙ୍କୁ ଦେଖିବା ଉଚିତ୍ ହେବ ବୋଲି ମୋର ଧାରଣା ହେଉନାହିଁ । ମୁଁ ପ୍ରକୃତରେ ଏଥିରେ ସହମତ ହୋଇପାରୁନାହିଁ ।"

୧୧୩ । ତାଙ୍କ ସାଥିରେ ଥିବା ଅନ୍ୟମାନେ ତାଙ୍କୁ କହିଥିଲେ, "ଆପଣ ଏତେ ବାଟ ଆସୁଥିଲେ କାହିଁକି ? ଏହି ସାମାନ୍ୟ ପତାକାଗୁଡ଼ାକ ଆପଣଙ୍କୁ ଏତେ ବିଚଳିତ କରିଦେଲା କିପରି ?

୧୧୪ । "ଏବେ ଆମେ ଶିରିଡ଼ି ପାଖରେ ପହଂଚିଗଲେଣି । ଆପଣ ଯଦି ତାଙ୍କର ରଥ, ପାଲିଙ୍କି, ଘୋଡ଼ା ଓ ଅନ୍ୟାନ୍ୟ ଆଦବକାଇଦା ଦେଖିବେ, ତେବେ କେତେ ଆନ୍ଦୋଳିତ ନହେବେ ?"

୧୧୫ । ଏକଥା ଶୁଣି ସ୍ୱାମିଜୀ ଆହୁରି ଅଧିକ ବିରକ୍ତ ହୋଇ ପଡ଼ିଥିଲେ । 'ଘୋଡ଼ାଗାଡ଼ି, ପାଲିଙ୍କି, ଘୋଡ଼ା ଆଦି କେତେ ଆଡ଼ମ୍ବର ନେଇ ରହୁଥିବା କେତେ କେତେ ଫମ୍ପା ସାଧୁଙ୍କୁ ମୁଁ ଦେଖିଛି !'

୧୧୬ । ସ୍ୱାମିଜୀ ଏକଥା ଚିନ୍ତା କରି ଫେରିଯିବା ପାଇଁ ବସିଥିଲେ । "ଶିରିଡ଼ି ଆସିବାର ଇଚ୍ଛା ଠିକ୍ ନଥିଲା । ମୋତେ ପୁଣି ନଦୀକୂଳକୁ ଫେରିଯିବାର ବାଟ ଧରିବାକୁ ପଡ଼ିବ ।"

୧୧୭ । ତାଙ୍କର ସହଯାତ୍ରୀମାନେ ତାଙ୍କୁ ପ୍ରବର୍ତ୍ତାଇଥିଲେ । "ଆପଣ ଏତେ ବାଟ ଆସିବା ପରେ ଫେରିଯାନ୍ତୁ ନାହିଁ ।

୧୧୮ । "ଯେମିତି ଆସିଛେ, ସେମିତି ଆଗକୁ ଯିବା ଚାଲନ୍ତୁ । ଏଭଳି ଅନିଷ୍ଟକର ବା ବିଦ୍ୱେଷପୂର୍ଣ୍ଣ ଚିନ୍ତା ମନରୁ ତ୍ୟାଗ କରାନ୍ତୁ । ମସ୍‌ଜିଦ୍ ଉପରେ ଉଡୁଥିବା ଏହି ପତାକାଗୁଡ଼ିକ ସହିତ ସନ୍ଥଙ୍କର କୌଣସି ସମ୍ପର୍କ ନାହିଁ ।

୧୧୯ । "ଏହି ସନ୍ଥ କୌଣସି ପତାକା, ଲୋକପ୍ରିୟତା କିମ୍ବା ସମ୍ମାନ ଲୋଡ଼ନ୍ତି ନାହିଁ । ଗ୍ରାମବାସୀମାନେହିଁ ଏଭଳି ପତାକା ଖଞ୍ଜି ମସ୍‌ଜିଦ୍‌ର ଶୋଭାବର୍ଦ୍ଧନ କରୁଛନ୍ତି । ଏହା ସେମାନଙ୍କ ଭକ୍ତିର ପ୍ରତୀକ ।

୧୨୦। "ଆପଣ ପତାକା ଆଡ଼କୁ ଅନାନ୍ତୁ ନାହିଁ। ସିଧା ଯାଇ ଦର୍ଶନ କରନ୍ତୁ। ସେଠାରେ କ୍ଷଣେମାତ୍ର ରହିବେ ନାହିଁ। ତା'ପରେ ଆପଣ ସାଙ୍ଗେ ସାଙ୍ଗେ ଫେରିଚାଲିଯିବେ।"

୧୨୧। ଏହା ମଧ୍ୟରେ, ସେମାନେ ଶିରିଡ଼ି ପାଖରେ ପହଞ୍ଚିଯାଇଥିଲେ। ସେ ଏହି ସହଜ ପରାମର୍ଶକୁ ଗ୍ରହଣ କରିଥିଲେ ଓ ମନର ଅସ୍ଥିରତା ଦୂର କରିଦେଇଥିଲେ । ତେଣୁ ପରେ ସେ ଅସ୍ୱସ୍ତି ଅନୁଭବ କରିନଥିଲେ।

୧୨୨। ସେ ଯାହାହେଉ, ସେ ଯେତେବେଳେ ଶ୍ରୀସାଇ ସମର୍ଥଙ୍କୁ ଦେଖିଥିଲେ, ତାଙ୍କର ହୃଦୟ ତରଳି ଯାଇଥିଲା, ତାଙ୍କ ଚକ୍ଷୁରେ ଆନନ୍ଦାଶ୍ରୁ ଭରିଯାଇଥିଲା ଓ ଭାବବିହ୍ୱଳ ହୋଇ ତାଙ୍କ କଣ୍ଠରୋଧ ହୋଇଥିଲା।

୧୨୩। ସେ ପରମାନନ୍ଦ ଅନୁଭବ କରିଥିଲେ, ତାଙ୍କର ଚକ୍ଷୁ ଆନନ୍ଦରେ ଉଜ୍ଜ୍ୱଳି ଉଠିଥିଲା ଓ ସେ ବାବାଙ୍କ ପଦଧୂଳିରେ ଗଡ଼ିଯିବା ପାଇଁ ଉତ୍କଣ୍ଠିତ ହୋଇଥିଲେ।

୧୨୪। ବାବାଙ୍କର କମନୀୟ ଓ ଶାନ୍ତକାନ୍ତ ଚେହେରାକୁ ଦେଖି ତାଙ୍କର ଚକ୍ଷୁ ଓ ମନ ବିସ୍ମୟାଭିଭୂତ ହୋଇଯାଇଥିଲା ଓ ସେ ଏକଲୟରେ ଚାହିଁ ରହିଥିଲେ। ସେ ଶ୍ରଦ୍ଧାସିକ୍ତ ହୋଇ ପଡ଼ିଥିଲେ।

୧୨୫। ତାଙ୍କ ମନରୁ କୁଚିନ୍ତା ଦୂର ହୋଇଯାଇଥିଲା। ବାବାଙ୍କ ଦର୍ଶନ ଯୋଗୁ ତାଙ୍କ ମନ ଆନନ୍ଦରେ ଉଛୁଳି ଉଠିଥିଲା। ତାଙ୍କର ଚକ୍ଷୁ ଦିବ୍ୟରୂପରେ ଲାଖି ରହିଥିଲା। ସେ ଗଭୀର ଭାବରେ ଅଭିଭୂତ ହୋଇ ପଡ଼ିଥିଲେ।

୧୨୬। ମହାନ୍ ସନ୍ଥଙ୍କୁ ଚାହିଁ ରହି ସ୍ୱାମିଜୀ ପରମାନନ୍ଦ ଲାଭ କରିଥିଲେ। ସେ ଶାନ୍ତି ଅନୁଭବ କରିଥିଲେ ଓ ସେଠାରେ ସବୁଦିନ ପାଇଁ ରହିଯିବାକୁ ଚାହିଁଥିଲେ।

୧୨୭। କେବଳ ଦର୍ଶନ ମାତ୍ରକେ ତାଙ୍କର ସମସ୍ତ ସନ୍ଦେହ ଦୂରୀଭୂତ ହୋଇଥିଲା ଓ ମନ ନିର୍ମଳ ହୋଇଯାଇଥିଲା। ତାଙ୍କ ମନରୁ ଦ୍ୱୈତ ଭାବନା ଚାଲିଯାଇଥିଲା ଓ ସେ ସମ୍ପୂର୍ଣ୍ଣ ରୂପେ ଏକକ ଚୈତନ୍ୟ ଲାଭ କରିଥିଲେ।

୧୨୮। ତାଙ୍କର ବାକ୍ୟ ସ୍ଫୁରୁ ନଥିଲା ଓ ଆଖିରେ ପଲକ ପଡୁନଥିଲା । ପରମ ଚୈତନ୍ୟ ତାଙ୍କୁ ଆଚ୍ଛାଦିତ କରିଥିଲା। ସେ ସନ୍ତୋଷର ମୂର୍ତ୍ତିମନ୍ତ ରୂପ ହୋଇଯାଇଥିଲେ।

୧୨୯। ପ୍ରଥମେ ପତାକାକୁ ଦେଖି ସେ ଫେରିଯିବାକୁ ବସିଥିଲେ। ପରେ ଅତିଶୟ ଶ୍ରଦ୍ଧାରେ ତାଙ୍କ ଚକ୍ଷୁ ଲୋତକାପ୍ଲୁତ ହୋଇଥିଲା। ଅଷ୍ଟସାତ୍ତ୍ୱିକ ଗୁଣ ପ୍ରକାଶ ପାଇଥିଲା। ସେ ବାବାଙ୍କ ପ୍ରେମରେ ବାନ୍ଧି ହୋଇପଡ଼ିଥିଲେ।

୧୩୦। "ଯେଉଁଠାରେ ମନ ସମ୍ପୂର୍ଣ୍ଣ ମଜ୍ଜିଯାଏ, ତାହାହିଁ ଆମର ଆଶ୍ରୟସ୍ଥଳ।" ସେ ତାଙ୍କ ନିଜ ଗୁରୁଙ୍କର ଏହି ବାଣୀକୁ ମନେ ପକାଇଥିଲେ। ସେ ଶ୍ରଦ୍ଧାରେ ଆକୁଳ ହୋଇ ଉଠିଥିଲେ।

୧୩୧। ସ୍ୱାମିଜୀ ଧୀରେ ଧୀରେ ଆଗେଇ ଆସୁଥିବା ସମୟରେ ମହାରାଜ ରାଗରେ ପାଚି ଯାଇଥିଲେ। ସେ ଗାଳିବର୍ଷଣ କରିଥିଲେ । କିନ୍ତୁ ତାହା ସ୍ୱାମିଜୀଙ୍କର ଶ୍ରଦ୍ଧାକୁ ଦ୍ୱିଗୁଣିତ କରିଥିଲା।

୧୩୨। ମହାନ୍ ବାବାଙ୍କର ଆଚରଣ ଅଦ୍ଭୁତ ଥିଲା। ସେ ଅସାଧାରଣ ରୂପ ପରିଗ୍ରହ କରିଥିଲେ ଓ ନରସିଂହ ଅବତାର ପ୍ରଦର୍ଶନ କରିଥିଲେ। ଏହା ସେହି ଅବତାର ସଦୃଶ ଥିଲା।

୧୩୩। "ମୋର ମିଥ୍ୟା ବଡ଼ିମା (ଫମ୍ପା ଆଡ଼ମ୍ବର) ମୋତେ ଛାଡ଼ିଦିଅ। ତୁମେ ଏଠୁ ଚାଲିଯାଅ ଓ ତୁମ ଘରକୁ ଫେରିଯାଅ। ସାବଧାନ! ଆଉ କେବେହେଲେ ମୋ ମସ୍‌ଜିଦ୍‌କୁ ଆସିବ ନାହିଁ!

୧୩୪। "ଯିଏ ମସ୍‌ଜିଦ୍ ଉପରେ ପତାକା ଉଡ଼ାଉଛି, ତା'ର ଦର୍ଶନ କାହିଁକି ତୁମେ କରିବ? ଏହା କ'ଣ ସନ୍ଥତ୍ୱର ସନ୍ତକ? କ୍ଷଣିକ ପାଇଁ ବି ଏଠାରେ ରହନାହିଁ!"

୧୩୫। ସେ ଯାହାହେଉ, ସେହି ସନ୍ଦେହୀ ସ୍ୱାମିଜୀ ଜଣକ ପରେ ଅଗଣା ଭିତରକୁ ଯାଇଥିଲେ। ଦୂରରୁ ଶ୍ରୀସାଇଙ୍କ ମୁଖମଣ୍ଡଳକୁ ଲକ୍ଷ୍ୟକରି ସେ ଚୁପ୍‌ଚାପ୍ ରହିପାରି ନଥିଲେ।

୧୩୬। 'ଏହି କଥାଗୁଡ଼ାକ ମୋ ନିଜ ଭାବନାର ପ୍ରତିଧ୍ୱନି।' ବାବାଙ୍କ ବଚନର ପ୍ରତ୍ୟେକଟି ଶବ୍ଦ ତାଙ୍କ କର୍ଣ୍ଣକୁହରରେ ପତିତ ହେବା କ୍ଷଣି ସ୍ୱାମିଜୀ ଲଜ୍ଜାରେ ମଥା ଅବନତ କରି ଦେଇଥିଲେ ଓ ଅନୁଭବ କରିଥିଲେ ଯେ ମହାରାଜ ପ୍ରକୃତରେ ସର୍ବଦର୍ଶୀ।

୧୩୭। 'ମୁଁ କେତେ ନିର୍ବୋଧ! ଆଉ ମହାରାଜ କେତେ ଜ୍ଞାନୀ! ତାଙ୍କ ସମ୍ପର୍କରେ ମୋର ଧାରଣା କେତେ ଭୁଲ ଥିଲା! ତାଙ୍କର ହୃଦୟ କେତେ ନିର୍ମଳ!'

୧୩୮। ଶ୍ରୀସାଇ କେତେଜଣଙ୍କୁ ଆଲିଙ୍ଗନ କରୁଥିଲେତ ଆଉ କେତେଜଣଙ୍କୁ ନିଜ ହାତରେ ସ୍ପର୍ଶ କରୁଥିଲେ।

କେତେଜଣଙ୍କୁ ଆଶ୍ୱାସନା ଦେଉଥିଲେ ତ ଆଉ କେତେ ଜଣଙ୍କ ଉପରେ କୃପାଦୃଷ୍ଟି ପକାଉଥିଲେ।

୧୩୯। ସେ କେତେଜଣଙ୍କୁ ହସ ହସ ମୁଖରେ ଚାହୁଁଥିଲେ, ଦୁଃଖୀମାନଙ୍କୁ ସାନ୍ତ୍ୱନା ଦେଉଥିଲେ ଓ କେତେକଙ୍କୁ ଉଦି ଓ ପ୍ରସାଦ ବାଣ୍ଟୁଥିଲେ। ସେ ଏହିଭଳି ସମସ୍ତଙ୍କୁ ସନ୍ତୁଷ୍ଟ କରୁଥିଲେ।

୧୪୦। 'ଏମିତି କରୁଥିବାବେଳେ ସେ କେବଳ ମୋ ଉପରେ ହିଁ ବିରକ୍ତ ହୋଇଥିଲେ! ଏହା ମୋର ପୂର୍ବ ଆଚରଣ କାରଣରୁ ବୋଲି ଜଣାପଡୁଛି। ଏହା ମୋ ପ୍ରତି ବିରକ୍ତି ନୁହେଁ, ବରଂ ଏହା ମୋତେ ଶିକ୍ଷାଦାନ। ଏହା ମୋ ନିମନ୍ତେ ମଙ୍ଗଳକର।'

୧୪୧। ସେ ଯାହାହେଉ, ପରବର୍ତ୍ତୀ ଅବସ୍ଥାରେ ତାହାହିଁ ପ୍ରତୀତ ହୋଇଥିଲା। ସ୍ୱାମିଜୀ ବାବାଙ୍କ ଭାବନାରେ ଏପରି ନିମଜ୍ଜିତ ହୋଇ ଯାଇଥିଲେ ଯେ, ସେ ଶ୍ରୀସାଇଙ୍କ କୃପାରୁ ପବିତ୍ର ହୋଇଯାଇଥିଲେ ଓ ବାବାଙ୍କ ଚରଣରେ ଜଣେ ଶ୍ରେଷ୍ଠ ଭକ୍ତ ହୋଇ ଶେଷ ପର୍ଯ୍ୟନ୍ତ ରହିଥିଲେ ।

୧୪୨। ସାଇଭକ୍ତିର ଅମାପ ଶକ୍ତି ସମସ୍ତ କୁପ୍ରବୃତ୍ତି ଓ ଈର୍ଷାଦ୍ୱେଷ ଦୂର କରିଦିଏ। ଶାନ୍ତି, ସ୍ଥିରତା ଓ ଧୈର୍ଯ୍ୟ ଜାତ କରାଏ ଏବଂ ଭକ୍ତମାନଙ୍କର ଲକ୍ଷ୍ୟ ସାଧନ କରାଇଥାଏ।

୧୪୩। ଏହି ଚଳ ଓ ଅଚଳ ଜଗତ ଅନେକ ସ୍ୱର୍ଗୀୟ ସଂଗୀତକାର, କୁବେରଙ୍କ ଦାସଦାସୀ, ଦେବଦେବୀ ଓ ରାକ୍ଷସଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଛି। ସମଗ୍ର ବିଶ୍ୱରେ ଶ୍ରୀସାଇ ହେଉଛନ୍ତି ସର୍ବବ୍ୟାପୀ। ସେ ସମସ୍ତଙ୍କ ମଧ୍ୟରେ ପ୍ରକୃତରେ ଓ ନିରବଚ୍ଛିନ୍ନ ଭାବରେ ପୂର୍ଣ୍ଣହୋଇ ରହିଛନ୍ତି।

୧୪୪। ସେ ଯଦି ଏବେ ରୂପ ପରିଗ୍ରହ କରିନଥାନ୍ତେ ଓ ଅରୂପ ଭାବରେ ସବୁବେଳେ ରହିଥାନ୍ତେ, ତେବେ ଆମ ମାନବଜାତି ତାଙ୍କଠାରୁ କୌଣସି ସାହାଯ୍ୟ କିମ୍ବା ଅନୁଗ୍ରହ ଲାଭ କରିପାରି ନଥାନ୍ତା।

୧୪୫। ଶେଷତଃ, ଯଦି ଶ୍ରୀସାଇ ତାଙ୍କର ଦିବ୍ୟ ଲୀଳାର ଏକ ଅଙ୍ଗ ଭାବରେ ରୂପ ପରିଗ୍ରହ କରିନଥାନ୍ତେ, ଏ ଲୋକମାନଙ୍କୁ ଏକତ୍ରିତ କରାଇନଥାନ୍ତେ, କିମ୍ବା ଦୁଷ୍ଟ ଓ ଦୁରାଚାରୀମାନଙ୍କୁ ପ୍ରତିରୋଧ କରିନଥାନ୍ତେ, ତେବେ ଆମେ ଭକ୍ତମାନେ କିପରି ତାଙ୍କର ଅନୁଗ୍ରହ ଲାଭ କରିପାରିଥାନ୍ତେ ?

୧୪୬। ଏବେ ଏହି ଅଧ୍ୟାୟ ସରିଯିବାକୁ ବସିଲାଣି। ଏତିକିବେଳେ ମୋର ଆଉ ଗୋଟିଏ ଘଟଣା ମନେ ପଡୁଛି। ଏହା ଶ୍ରୀସାଇଙ୍କ ଅମୂଲ୍ୟ ଶିକ୍ଷାଦାନର ଏକ ଉଦାହରଣ । ଏଣୁ ମୁଁ ଭାବୁଛି, ଯିଏବି ଏହାକୁ ଅନୁସରଣ କରିବେ, ତାଙ୍କର ନିଶ୍ଚୟ ମଙ୍ଗଳ ହେବ।

୧୪୭। ଛୋଟିଆ ଘଟଣାଟିଏ। ଯିଏ ଏହାକୁ ମନେ ରଖିବେ, ତାଙ୍କର ଉପକାର ହେବ। ତେଣୁ ଶ୍ରୋତାଗଣ, ମୁଁ ଆପଣମାନଙ୍କର ଧ୍ୟାନ ଅଳ୍ପ ସମୟ ନିମନ୍ତେ ଆକର୍ଷଣ କରୁଛି।

୧୪୮। ଥରେ ଭଗତ୍ ମହାଲ୍‌ସାପତି, ନାନାସାହେବ ଚାନ୍ଦୋରକର ଓ ଅନ୍ୟ କେତେଜଣ ମସ୍‌ଜିଦ୍‌ରେ ବସିଥିଲେ। କେମିତି ଅଦ୍ଭୁତ ଘଟଣା ଘଟିଥିଲା, ତାହା ଶୁଣନ୍ତୁ।

୧୪୯। ବୀଜାପୁରରୁ ଜଣେ ଧନୀବ୍ୟକ୍ତି ତାଙ୍କ ପରିବାରଙ୍କ ସହିତ ଶ୍ରୀସାଇ ସମର୍ଥଙ୍କ ଦର୍ଶନ ନିମନ୍ତେ ଆସିଥିଲେ।

୧୫୦। ପରଦାସୀନା ମହିଳାମାନଙ୍କୁ ଦେଖି ନାନା ସଂକୋଚବୋଧ କରିଥିଲେ ଓ ସେମାନଙ୍କୁ ଅଧିକ ସ୍ଥାନ, ସୁବିଧା ଓ ସନ୍ତୋଷ ଲାଭ କରିବାର ସୁଯୋଗ ଦେବା ଉଦ୍ଦେଶ୍ୟରେ ନିଜେ ସେଠାରୁ ଉଠି ଚାଲିଯିବାକୁ ଭାବୁଥିଲେ ।

୧୫୧। ସେଥିପାଇଁ ନାନା କଡ଼କୁ ଘୁଂଚିଯାଇ ଉଠିଯିବାକୁ ଯାଉଥିବା ସମୟରେ ବାବା ତାଙ୍କୁ ମନା କରିଥିଲେ। ସେ କହିଥିଲେ, "ଯେଉଁମାନେ ଆସିବା ପାଇଁ ଇଚ୍ଛା କରୁଛନ୍ତି, ସେମାନେ ଆସନ୍ତୁ। ତୁମେ ଶାନ୍ତିରେ ବସିରହିଥାଅ।"

୧୫୨। "ସେମାନେ ଦର୍ଶନ ପାଇଁ ଆସିଛନ୍ତି। ତୁମେମାନେ ମଧ୍ୟ ଆସିଛ। ସେଥିରେ କୌଣସି ଅସୁବିଧା ନାହିଁ" ବୋଲି ବାବା ସେମାନଙ୍କୁ ପରାମର୍ଶ ଦେଇଥିଲେ। ସେମାନେ ଆସି ବାବାଙ୍କୁ ପ୍ରଣାମ କରିଥିଲେ।

୧୫୩। ଜଣେ ମହିଳା ପ୍ରଣାମ କରିବା ସମୟରେ ତାଙ୍କ ମୁଖ ଉପରୁ ବୁର୍ଖାକୁ ସେ ହଟାଇ ଦେଇଥିଲେ। ତାଙ୍କର ଅନିନ୍ଦ୍ୟ ରୂପଲାବଣ୍ୟ ଦେଖି ନାନା ଉଦ୍‌ବେଳିତ ହୋଇ ପଡ଼ିଥିଲେ।

୧୫୪। ଉକ୍ତ ମହିଳାଙ୍କୁ ଖୋଲାଖୋଲି ଅନାଇ ଦେଖିବାକୁ ସଂକୋଚବୋଧ କରୁଥିଲେ ମଧ୍ୟ ସେ ତାଙ୍କୁ ଆଖି ପୂରାଇ ଦେଖିବାକୁ ଚାହୁଁଥିଲେ। ସେ କିପରି ତାହା କରିବେ ? ସେ ତାଙ୍କର ମନର ଲାଳସାକୁ ନିୟନ୍ତ୍ରଣ କରିପାରୁନଥିଲେ।

୧୫୫। ମାତ୍ର ବାବାଙ୍କ ଉପସ୍ଥିତିରେ ସେ ଏଥିପାଇଁ

ଲଜ୍ଜାବୋଧ କରୁଥିଲେ। ତେଣୁ ସେ ମୁଣ୍ଡ ଉଠାଇ ନଥିଲେବି ତାଙ୍କର ଆଗ୍ରହୀ ଚକ୍ଷୁ ସେହି ରୂପସୀଙ୍କୁ ଖୋଜି ବୁଲୁଥିଲା। ନାନା ଦ୍ୱନ୍ଦ୍ୱରେ ପଡ଼ିଥିଲେ।

୧୫୬। ନାନାଙ୍କର ଅନ୍ତର୍ଦାହ ଏହିଭଳି ହେଉଥିଲା। ବାବା ସର୍ବଜ୍ଞ ହୋଇଥିବାରୁ ତାହା ଜାଣି ପାରିଥିଲେ। ଅନ୍ୟମାନେ କିପରି ତାହା ଜାଣିପାରିଥାନ୍ତେ ? କଥାର ଅର୍ଥ ଖୋଜି ବାହାର କରିବା ନିମନ୍ତେ ସେମାନଙ୍କୁ ସେଇଠି ଛାଡ଼ି ଦିଆଯାଇଥିଲା।

ନାନା ସାହେବ ଚାନ୍ଦୋରକର

୧୫୭। ନାନାଙ୍କର ଉଦ୍‌ବେଳିତ ମନର ଅବସ୍ଥାକୁ ଜାଣିପାରି ତାଙ୍କୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ନିମନ୍ତେ ବାବା ସ୍ଥିର କରିଥିଲେ । ସେ ଏହି ସମୟରେ ଦେଇଥିବା ଉପଦେଶ ଶୁଣନ୍ତୁ।

୧୫୮। "ନାନା! ତୁମ ମନ କାହିଁକି ବିଚଳିତ ହେଉଛି ? ଇନ୍ଦ୍ରିୟଗଣ ସେମାନଙ୍କର ସ୍ୱାଭାବିକ ଆଚରଣ କରନ୍ତୁ। ସେଥିରେ ହସ୍ତକ୍ଷେପ କରନାହିଁ। ସେଥିରେ କିଛି କ୍ଷତି ମଧ୍ୟ ନାହିଁ।

୧୫୯। "ବ୍ରହ୍ମଦେବ ଏହି ସୁନ୍ଦର ପୃଥିବୀ ସୃଷ୍ଟି କରିଛନ୍ତି ଓ ଆମର କର୍ତ୍ତବ୍ୟ ହେଉଛି, ସେହି ସୌନ୍ଦର୍ଯ୍ୟକୁ ଦେଖିବା ଓ ପ୍ରଶଂସା କରିବା । ତାହା ନ କଲେ ଏହି ସୃଷ୍ଟିର କିଛି ମୂଲ୍ୟ ଓ ଆକର୍ଷଣ ରହିବ ନାହିଁ। ମନ ଆସ୍ତେ ଆସ୍ତେ ଓ କ୍ରମେ କ୍ରମେ ସ୍ଥିର ଏବଂ ଶାନ୍ତ ହୋଇଯିବ।

୧୬୦। "ଘରର ସାମ୍ନାପଟ ଦ୍ୱାର ଖୋଲାଥିବା ସମୟରେ ଜଣେ ପଛପଟ ଦ୍ୱାର ଦେଇ ଯିବ କାହିଁକି ? ମନ ପବିତ୍ର ରହିଥିଲେ କୌଣସି ଅସୁବିଧା ହୁଏ ନାହିଁ।

୧୬୧। "ଆମ ମନରେ କୌଣସି କୁଚିନ୍ତା ନଥିଲେ କିଏ କାହିଁକି କାହାରିକୁ ଭୟ କରିବ ? ଚକ୍ଷୁକୁ ତାହାର କାର୍ଯ୍ୟ କରିବାକୁ ଦିଅ। ତୁମେ ସେଥିପାଇଁ ଅସ୍ୱସ୍ତିବୋଧ କରୁଛ କାହିଁକି ?"

୧୬୨। ମାଧବରାଓ ସେଠାରେ ଥିଲେ। ଏକଥା ଶୁଣି ସ୍ୱାଭାବିକ ଭାବରେ ତାଙ୍କ ମନ ମଧ୍ୟରେ କୌତୁହଳ ଉଦ୍ରେକ ହୋଇଥିଲା। କୌତୁହଳ ଉପଶମ ପାଇଁ ସେ ସେହି କଥାର ଅର୍ଥ ଜାଣିବାକୁ ଚାହିଁଥିଲେ।

୧୬୩। ମାଧବରାଓ ପଚାରିବାରୁ ନାନା କହିଥିଲେ, "ଏବେ ଟିକିଏ ଅପେକ୍ଷା କର। ଆମେ ୱାଡ଼ାକୁ ଫେରିବା ବାଟରେ ବାବାଙ୍କ କଥାର ଅର୍ଥ ମୁଁ ବୁଝାଇ ଦେବି।"

୧୬୪। ସାଧାରଣ ଭଲମନ୍ଦ କଥା ସରିଯିବାପରେ ନାନା ଶ୍ରୀସାଇ ସମର୍ଥଙ୍କୁ ପ୍ରଣାମ କରି ଘରକୁ ଫେରିଥିଲେ। ମାଧବରାଓ ତାଙ୍କ ସାଥିରେ ଥିଲେ।

୧୬୫। ସେ ନାନାଙ୍କୁ ସାଙ୍ଗେ ସାଙ୍ଗେ ପଚାରିଥିଲେ, "ବାବାଙ୍କର କଥା 'ମନ ଆସ୍ତେ ଆସ୍ତେ ଓ କ୍ରମେ କ୍ରମେ ସ୍ଥିର ଏବଂ ଶାନ୍ତ ହୋଇଯିବ'ର ଅର୍ଥ କ'ଣ? ତାହାର ପ୍ରକୃତ ଅର୍ଥ ମୋତେ ବୁଝାଇଦିଅ।"

୧୬୬। ନାନା ତାହାର ଅର୍ଥ କହିବା ପାଇଁ ଚାହୁଁନଥିଲେ। ସେ ଘଟଣାକୁ ଏଡ଼ାଇ ଯିବାକୁ ଚେଷ୍ଟା କରିଥିଲେ। ତାହାକରି ଅବଶ୍ୟ ସେ ଅସ୍ଥିର ବୋଧ କରିଥିଲେ।

୧୬୭। ମାଧବରାଓ ଜିଦ୍ କରିବାରୁ ନାନା ଖୋଲା ମନରେ ସେଠି ଯାହା ଯାହା ଘଟଣା ଘଟିଥିଲା, ସେ ସମସ୍ତ କଥା ଖୋଲି କହିଦେଇଥିଲେ।

୧୬୮। ବାବା କେତେ ଜାଗ୍ରତ ! କାହା ମନ ମଧ୍ୟରେ କ'ଣ ରହିଛି, ସେ ତାହାର ସାକ୍ଷୀ ସ୍ୱରୂପ ସବୁ ଦେଖୁଛନ୍ତି ଓ ସବୁ ଜାଣୁଛନ୍ତି।

୧୬୯। ଶ୍ରୋତାମାନେ ନିଶ୍ଚିତ ଭାବରେ ଏହି କ୍ଷୁଦ୍ର ଅଥଚ ଅଦ୍ଭୁତ କାହାଣୀ ଶୁଣି ଚକିତ ହୋଇଥିବେ। ଏହାର ଗୂଢ଼ ଅର୍ଥକୁ ହୃଦୟଙ୍ଗମ କଲେ ଜଣେ ଦୁର୍ଲ୍ଲଭ ସ୍ଥିରତା ଓ ଗାମ୍ଭୀର୍ଯ୍ୟ ଲାଭ କରିପାରିବ।

୧୭୦। ମନର ଗତି, ତାହାର ପ୍ରକୃତି ଅନୁଯାୟୀ ଚଂଚଳ। ତେଣୁ ତାହାକୁ ଲଗାମହୀନ ଭାବରେ ଛାଡ଼ି ଦିଅନାହିଁ। ଇନ୍ଦ୍ରିୟମାନେ ଉତ୍ତେଜିତ ହୋଇ ପଡୁଥିଲେ ମଧ ଶରୀରକୁ ଅଧୈର୍ଯ୍ୟ ହେବାକୁ ଦିଅନାହିଁ।

୧୭୧। ଇନ୍ଦ୍ରିୟମାନଙ୍କୁ ବିଶ୍ୱାସ ନାହିଁ। ଇନ୍ଦ୍ରିୟ ସୁଖ ନିମିତ୍ତ ବ୍ୟାକୁଳ ହୁଅନାହିଁ। ଅଟଳ ଅଭ୍ୟାସ କଲେ ଧୀରେ ଧୀରେ ଅର୍ବାଚୀନତା ଉଭେଇଯିବ।

୧୭୨। ଇନ୍ଦ୍ରିୟମାନଙ୍କର ଦାସ ହୁଅନାହିଁ ବି ବଶ ହୁଅନାହିଁ। ସେମାନେ ସବୁବେଳେ ଅବଦମିତ ହୋଇ ରହନ୍ତି ନାହିଁ। ପରିସ୍ଥିତିକୁ ଚାହିଁ ସୁବ୍ୟବସ୍ଥିତ ଭାବରେ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରଣ କରିବାକୁ ହେବ ।

୧୭୩। ଦର୍ଶନେନ୍ଦ୍ରିୟର ଧ୍ୟେୟ ହେଉଛି ସୌନ୍ଦର୍ଯ୍ୟ ଦର୍ଶନ। ସୁନ୍ଦର ବସ୍ତୁକୁ ନିର୍ଭୟରେ ଦେଖିବା ଉଚିତ୍। ସୁନ୍ଦର ତୃପ୍ତିରେ

ଅବସାଦ ନାହିଁ । ସେଥିପାଇଁ ଲଜ୍ଜା ବା ଅସ୍ୱସ୍ତିବୋଧ କରିବାରେ କ'ଣ ଅଛି ? କେବଳ କୁଭାବନାକୁ କଦାପି ପ୍ରଶ୍ରୟ ଦିଅନାହିଁ।

୧୭୪। ମନକୁ କାମନାବାସନା ଶୂନ୍ୟକରି ଈଶ୍ୱରଙ୍କର ସୃଷ୍ଟିକୁ ଲକ୍ଷ୍ୟକର। ତାହାହେଲେ ଜ୍ଞାନେନ୍ଦ୍ରିୟଗୁଡ଼ିକୁ ସହଜରେ ନିୟନ୍ତ୍ରଣ କରିହେବ ଓ ଜଣେ ଇନ୍ଦ୍ରିୟସୁଖଭୋଗ ଭୁଲିଯିବ।

୧୭୫। ସାରଥି ରଥକୁ ନେଇ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଂଚାଇଦେବାର ମୂଳ ହୋଇଥାଏ। ସେହିଭଳି ବୁଦ୍ଧି ସବୁବେଳେ ଇନ୍ଦ୍ରିୟମାନଙ୍କର ଆକର୍ଷଣ ସମ୍ବନ୍ଧରେ ସଚେତନ ରହିବା ଆବଶ୍ୟକ।

୧୭୬। ସାରଥି ଯେମିତି ରଥକୁ ନିୟନ୍ତ୍ରଣ କରିଥାଏ, ସେମିତି ବୁଦ୍ଧିମତ୍ତା ଇନ୍ଦ୍ରିୟମାନଙ୍କୁ ପଦାନତ କରି ପରାଭୂତ କରିଥାଏ ଏବଂ ଅବାଟରେ ଯାଉଥିବା ଶରୀରକୁ ଓ ମାତ୍ରାଧିକ ଦୋଦୁଲ୍ୟମାନ ମନକୁ ନିୟନ୍ତ୍ରଣ କରିଥାଏ ।

୧୭୭। ଜଣେ ବ୍ୟକ୍ତି ଯେତେବେଳେ ଶରୀର, ଇନ୍ଦ୍ରିୟ ଓ ମନର ଭୋଗବିଳାସରୁ ମୁକ୍ତ ହୋଇଯାଏ, ସେ ବିଷ୍ଣୁଙ୍କ ପାଦତଳେ ସ୍ଥାନ ପାଇଥାଏ। ବୁଦ୍ଧିମତ୍ତାର ଶକ୍ତି ଏହିପରି।

୧୭୮। ଚକ୍ଷୁ ଓ ଅନ୍ୟ ସମସ୍ତ ଇନ୍ଦ୍ରିୟକୁ ଘୋଡ଼ା ବୋଲି ବିବେଚନା କରିବା ଉଚିତ୍ ଏବଂ ସୌନ୍ଦର୍ଯ୍ୟଲାଳସା, ଉପଭୋଗ ଇତ୍ୟାଦି ଯେ କୌଣସି ସଂସାରସୁଖ ହେଉଛି ନର୍କକୁ ପଡ଼ିଥିବା ରାସ୍ତା ବୋଲି ମନେ କରିବା ଉଚିତ୍ ।

୧୭୯। ଇନ୍ଦ୍ରିୟସୁଖ ଭୋଗ କରିବାର ସାମାନ୍ୟତମ କାମନା ବି ଥିଲେ ତାହା ଆଧ୍ୟାତ୍ମିକ ଆନନ୍ଦକୁ ବିନଷ୍ଟ କରିଦେଇଥାଏ। ତେଣୁ ତାହାକୁ ସମ୍ପୂର୍ଣ୍ଣ ରୂପେ ତ୍ୟାଗ କଲେଯାଇ ତୁମେ ମୋକ୍ଷପ୍ରାପ୍ତ ହେବ ।

୧୮୦। ଏପରିକି ଯଦିଓ ବାହ୍ୟଭାବରେ ଇନ୍ଦ୍ରିୟଗୁଡ଼ିକୁ ନିୟନ୍ତ୍ରଣ କରାଯାଇଥାଏ, ତଥାପି ଅନ୍ତର ମଧ୍ୟରେ ଆସକ୍ତି ରହିଥାଏ। ଏହା ଫଳରେ ଜନ୍ମ ଓ ମୃତ୍ୟୁ ଚକ୍ରର ଅନ୍ତ ଘଟିନଥାଏ। ଇନ୍ଦ୍ରିୟଭୋଗ୍ୟ ବସ୍ତୁଗୁଡ଼ିକର ଆକର୍ଷଣ ପ୍ରବଳ ଓ ତାହା ଅତି ମାରାତ୍ମକ ବିନାଶକ ହୋଇଥାଏ।

୧୮୧। ବିଚାରବୁଦ୍ଧିସମ୍ପନ୍ନ ସାରଥି ସାହାଯ୍ୟରେ ଯିଏ ଲଗାମକୁ ନିଜ ହାତରେ ଦୃଢ଼ ଭାବରେ ଧରିଥାଏ, ତା'ର ଘୋଡ଼ା ବା ଇନ୍ଦ୍ରିୟଗୁଡ଼ିକ ଅବାଟରେ ଯାଆନ୍ତି ନାହିଁ; ଏପରିକି ସ୍ୱପ୍ନରେ ମଧ୍ୟ ନୁହେଁ।

୧୮୨। ଯଦି ଜଣେ ଏମିତି ଦକ୍ଷ, ଆବଶ୍ୟକତା ଅନୁରୂପ, ଦୃଢ଼ପ୍ରତିଜ୍ଞ, ସୁକୌଶଳୀ, ଯତ୍ନଶୀଳ ଓ ଚତୁର ସାରଥି ପାଇପାରେ, ତେବେ ତାହା ପାଇଁ ସ୍ୱର୍ଗପୁର ବେଶି ଦୂର ହେବନାହିଁ !

୧୮୩। ସେହି ସ୍ୱର୍ଗପୁର ହେଉଛି ପରଂବ୍ରହ୍ମଙ୍କର ନିବାସ, ଯାହାଙ୍କର ଅନ୍ୟ ନାମ ହେଉଛି ବାସୁଦେବ। ସେ ହେଉଛନ୍ତି ପରମପୁରୁଷ, ସର୍ବପରିପୂର୍ଣ୍ଣ ଓ ସର୍ବଶ୍ରେଷ୍ଠ।

୧୮୪। ସେ ଯାହାହେଉ,ଏହି ଅଧ୍ୟାୟ ବର୍ତ୍ତମାନ ଶେଷ ହେଉଛି। ପରବର୍ତ୍ତୀ ଅଧ୍ୟାୟ ଆହୁରି ଅଧିକ ଚିତ୍ତାକର୍ଷକ ହେବ ଓ ଗୁଣଗ୍ରାହୀ ଭକ୍ତମାନଙ୍କର ଅନ୍ତରାତ୍ମାକୁ ଆମୋଦିତ କରିବ। ଏହାକୁ ଯଥାରୀତି ଶ୍ରବଣ କରନ୍ତୁ।

୧୮୫। ଶେଷରେ ହେମାଡ଼ ନିଜକୁ ସଦ୍‌ଗୁରୁଙ୍କ ଚରଣରେ ସମର୍ପି ଦେଉଛି । ସେ ହେଉଛନ୍ତି ଏହି ବିଶ୍ୱବ୍ରହ୍ମାଣ୍ଡର ଚାଳକ ଓ ବୁଦ୍ଧିର ପ୍ରେରଣାଦାତା। ତାଙ୍କ ପାଖରେ ହେମାଡ଼ ଗଭୀର କୃତଜ୍ଞତା ଜଣାଉଛି ।

ସର୍ବେ ଭବନ୍ତୁ ସୁଖିନଃ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ଥ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ସନ୍ଥଙ୍କୁ ପରୀକ୍ଷା ଓ ମନର ନିୟନ୍ତ୍ରଣ" ଶୀର୍ଷକ ଊନପଞ୍ଚାଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି।

ଶୁଭମସ୍ତୁ!

ପଦଟୀକା

୧- 'ପରା' ହେଉଛି ବାକ୍‌ର ପ୍ରଥମ ଅବସ୍ଥା। ନିଶ୍ୱାସର ପ୍ରଥମ ତରଙ୍ଗ ।

୨- ପଶ୍ୟନ୍ତି ହେଲା ବାକ୍‌ର ଦ୍ୱିତୀୟ ଅବସ୍ଥା। ପ୍ରଥମ ତରଙ୍ଗରୁ ସ୍ୱଷ୍ଟ ଉଚ୍ଚାରଣ।

୩- ମଧ୍ୟମା ହେଉଛି ବାକ୍‌ର ତୃତୀୟ ଅବସ୍ଥା। ପ୍ରଥମାବସ୍ଥାର ତରଙ୍ଗରୁ କଣ୍ଠନଳୀ ଓ ସ୍ୱରଯନ୍ତ୍ରରେ ସ୍ୱଷ୍ଟ ଉଚ୍ଚାରଣ।

୪- ବୈଖରୀ-ବାକ୍‌ର ଚତୁର୍ଥ ଅବସ୍ଥା। ପ୍ରକୃତ ଶବ୍ଦ।

୫- ବହୁରୂପୀ ଏଣ୍ଡୁଅ ପାଚେରି ଡିଏଁ ନାହିଁ ବୋଲି କୁହାଯାଏ।

॥ ୫୦ ॥

ଅଜ୍ଞତାର ଦୂରୀକରଣ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ମୁଁ ମୋର ପିତାମାତାଙ୍କ ପ୍ରତି ଅସୀମ କୃତଜ୍ଞ ଏଇ କାରଣରୁ ଯେ ସେମାନେ ମୋତେ ମାନବ ଶରୀରରେ ଜନ୍ମ ଦେଇଛନ୍ତି ଓ ମୁଁ କୌଣସି କୀଟ ରୂପରେ ଜନ୍ମ ନେଇନାହିଁ।

୨ । ମୁଁ ଗର୍ଭରେ ଥିଲାବେଳେ ମୋ ମାତାଙ୍କୁ କଷ୍ଟ ଦେଇନଥିଲି। ମୁଁ ଅନ୍ଧ, ଛୋଟା, କଣା, କୁଜା, କାଲ କିମ୍ବା ମୂକ ହୋଇ ଜନ୍ମ ହୋଇନଥିଲି। ମୁଁ ସୁସ୍ଥ, ସୁନ୍ଦର ଓ ସମ୍ପୂର୍ଣ୍ଣ ସୁଗଠିତ ଶିଶୁ ହୋଇ ଜନ୍ମ ହୋଇଥିଲି।

୩। ମୁଁ ଈଶ୍ୱରଙ୍କ କୃପାରୁ ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲି ଓ ବହୁତ ଭାଗ୍ୟବାନ ଥିଲି। ଆମ ବ୍ରାହ୍ମଣକୁଳକୁ ଦେବତାମାନେ ମଧ୍ୟ ସମ୍ମାନ ଦେଇଥାନ୍ତି ।

୪। ଆମେ ଲକ୍ଷ ଲକ୍ଷ ଥର ଜନ୍ମ ଗ୍ରହଣ କରୁଥିବାରୁ ପ୍ରତ୍ୟେକ ଜନ୍ମ ନିମନ୍ତେ ଜଣେ ଜଣେ ପିତାମାତା ରହିଥାନ୍ତି। କିନ୍ତୁ ଏଭଳି ପିତାମାତା ବିରଳ, ଯିଏକି ଜନ୍ମ ଓ ମୃତ୍ୟୁ ଚକ୍ରକୁ ଏଡ଼ାଇ ଯିବାରେ ସାହାଯ୍ୟ କରିଥାନ୍ତି।

୫। ଯିଏ ଜୀବନ ଦେଇଥାନ୍ତି ସେ ପ୍ରକୃତ ପିତା, ଯିଏ ବ୍ରତଘର କରାଇଥାନ୍ତି ସେ ଦ୍ୱିତୀୟ, ଯିଏ ପାଳନ ଓ ପୋଷଣ କରିଥାନ୍ତି ସେ ତୃତୀୟ ଏବଂ ଚତୁର୍ଥ ପିତା ହେଉଛନ୍ତି ଯିଏ ଭୟ ଓ ଆପଦବିପଦରୁ ରକ୍ଷା କରିଥାନ୍ତି।

୬। ଏହି ଜଗତରେ ସେମାନେ ସମସ୍ତେ ସମାନ । କିନ୍ତୁ ଦୟାସାଗର ସଦ୍‌ଗୁରୁଙ୍କୁ ଛାଡ଼ିଦେଲେ ଅନ୍ୟ କେହି ପ୍ରକୃତ ପିତା ନୁହଁନ୍ତି। ପ୍ରକୃତ ସିଦ୍ଧିଲାଭ ନିମନ୍ତେ ତାଙ୍କ କଥା ଆଶ୍ଚର୍ଯ୍ୟ ହୋଇ ଶୁଣନ୍ତୁ।

୭। ମାତୃଗର୍ଭ ସଞ୍ଚାର ଯିଏ କରିଥାନ୍ତି, ଯିଏ ଜନ୍ମ ଦିଆଇଥାଆନ୍ତି, ସେଇହିଁ ଜୀବନଦାତା ଓ ତାଙ୍କୁ ସାଧାରଣତଃ ପିତା ବୋଲି କୁହାଯାଇଥାଏ। କିନ୍ତୁ ସଦ୍‌ଗୁରୁ ହେଉଛନ୍ତି ଅସାଧାରଣ ପିତା।

୮। ସେ ତାଙ୍କ ବୀଜ ନ ଲଗାଇ, ଶରୀରର କୌଣସି ଇନ୍ଦ୍ରିୟକୁ ବ୍ୟବହାର ନକରି ପୁତ୍ର ଉପୁଜାଇଥାନ୍ତି। ସେ ତାଙ୍କର କୃପା ସମ୍ପୂର୍ଣ୍ଣ ରୂପେ ଦାନ କରିଥାନ୍ତି।

୯। ଯିଏ ଜନ୍ମ ଓ ମୃତ୍ୟୁ ଚକ୍ରରୁ ମୁକ୍ତ କରି ଦେଇଥାନ୍ତି, ଯିଏ କରୁଣାସାଗର, ଯିଏ ଜ୍ଞାନାଲୋକ, ଯିଏ ବେଦର ଗୂଢ଼ ଓ ସତ୍ୟ ଜ୍ଞାନ ପ୍ରଦାନ କରିଥାନ୍ତି, ଯିଏ ଗୁରୁଶ୍ରେଷ୍ଠ ଓ ସର୍ବବ୍ୟାପୀ, ତାଙ୍କୁ ମୁଁ ପ୍ରଣାମ କରୁଅଛି।

୧୦। ଯିଏ ସୂର୍ଯ୍ୟସମ ପୃଥିବୀର ଅଜ୍ଞାନ ଅନ୍ଧକାରକୁ ଦୂର କରିଦେଇଥାନ୍ତି, ଯିଏ ଆତ୍ମଜ୍ଞାନୀ, ଯିଏ ସନ୍ତଶ୍ରେଷ୍ଠ, ଯିଏ ଚକୋରରୂପୀ ଭକ୍ତମାନଙ୍କର ଚନ୍ଦ୍ରସ୍ୱରୂପ, ଯିଏ କଳ୍ପତରୁ ଓ ଯିଏ ମହାଗୁରୁ, ତାଙ୍କୁ ମୁଁ ପ୍ରଣାମ କରୁଅଛି।

୧୧। ଗୁରୁରାୟଙ୍କର ମାହାତ୍ମ୍ୟ ଅକଳନୀୟ, ତାହାର ବର୍ଣ୍ଣନା କରିବାପାଇଁ ମୋର ଭାଷା ନାହିଁ କି ବାକ୍ ସ୍ଫୁରେ ନାହିଁ।

ତେଣୁ ନିରବ ରହି ଗୁରୁଙ୍କ ପାଦତଳେ ନତମସ୍ତକ ହେବା ଶ୍ରେୟସ୍କର ।

୧୨ । ପୂର୍ବଜନ୍ମରେ ଜଣେ କଠୋର ସାଧନା କରିନଥିଲେ, ସିଏ ସନ୍ଥଙ୍କର ଦର୍ଶନ ଲାଭ କରିପାରେ ନାହିଁ କି ତ୍ରିତାପରୁ ମୁକ୍ତି ପାଇବାର ବାଟ ପାଇନଥାଏ।

୧୩। ଯେଉଁ ବ୍ୟକ୍ତି ଆଧାତ୍ମିକ ସିଦ୍ଧିଲାଭ କରିବାକୁ ଚାହେଁ, ମୋକ୍ଷପ୍ରାପ୍ତି ଓ ନିଜର ମଙ୍ଗଳ ଇଚ୍ଛା କରୁଥାଏ, ସେ ସନ୍ଥଙ୍କ ଚରଣରେ ସମର୍ପିତ ହୋଇଯିବା ଉଚିତ୍। ତା'ହେଲେ ତାଙ୍କର କୌଣସି ଅଭାବ ରହିବ ନାହିଁ।

୧୪। ଗୁଣୀଜନଙ୍କ ସଂଗ ଦ୍ୱିଗୁଣ ଧନ୍ୟ! ତାହାର ମାହାତ୍ମ୍ୟ ବର୍ଣ୍ଣନା କରିହେବନାହିଁ । ଗୁଣୀ ଭକ୍ତମାନେ ବିଚାରବୁଦ୍ଧି, ଅନାସକ୍ତି ଓ ପରମାନନ୍ଦ ନିଜ ନିକଟରେ ଲାଭ କରିଥାନ୍ତି।

୧୫। ଶ୍ରୀସାଇ ହିଁ ପରମ ଚୈତନ୍ୟ। ସେ ଅରୂପ ଅବସ୍ଥାରୁ ଏକ ରୂପ ପରିଗ୍ରହ କରିଛନ୍ତି। ତାଙ୍କର କାମନାବାସନାହୀନ ଅବସ୍ଥାକୁ କିଏ ସଠିକ୍ ଭାବରେ ବର୍ଣ୍ଣନା କରିପାରିବ!

୧୬। ସେ ଶ୍ରଦ୍ଧା ସହକାରେ ତାଙ୍କର ଚିତ୍ତାକର୍ଷକ କାହାଣୀଗୁଡ଼ିକୁ ତାଙ୍କର ନିଷ୍ପାପର ଓ ପ୍ରିୟ ଭକ୍ତ ଶ୍ରୋତାମାନଙ୍କୁ ଦୟା ପରବଶ ହୋଇ ଶୁଣାଉଛନ୍ତି। ଏହି କାହାଣୀଗୁଡ଼ିକ ହିଁ ତାଙ୍କର କୀର୍ତ୍ତି ମନ୍ଦିର।

୧୭। ତାଙ୍କ ହସ୍ତର ସ୍ପର୍ଶ ମସ୍ତକରେ ଲାଗିଲେ ଅହଂ ଭାବ ନଷ୍ଟହୋଇ ଯାଇଥାଏ ଓ 'ମୁଁ ହିଁ ସେ' ଭାବ ଅନୁରଣିତ ହୋଇ ସମଗ୍ର ଜଗତକୁ ଆନନ୍ଦ ଢେଉରେ ବୁଡ଼ାଇ ଦେଇଥାଏ।

୧୮। ମୋ ଭଳି ଜଣେ ନଗଣ୍ୟର କି ଶକ୍ତି ରହିଛି ଯେ ତାଙ୍କର ଯଶ ବର୍ଣ୍ଣନା କରିପାରିବ? ତାଙ୍କ କରୁଣାରୁ ଓ ଭକ୍ତମାନଙ୍କ ପ୍ରତି ଶ୍ରଦ୍ଧାରୁ ଜାତ ଏହି ଗ୍ରନ୍ଥକୁ ସେ ନିଜେ ଆଲୋକକୁ ଆଣିଛନ୍ତି।

୧୯। ଶ୍ରୀସାଇଙ୍କ ଚରଣ ଧୂଳିରେ ଲୋଟି ମୁଁ ସାଧୁ, ସନ୍ଥ ଓ ଗୁଣୀଜନଙ୍କୁ ପ୍ରଣାମ କରୁଅଛି, ଶ୍ରୋତାମାନଙ୍କୁ ଅଭିନନ୍ଦନ ଜଣାଉଅଛି ଓ ସମସ୍ତଙ୍କୁ ଆନନ୍ଦରେ ଆଲିଙ୍ଗନ କରୁଛି।

୨୦। ଶ୍ରୀସାଇ ତାଙ୍କର ସହଜ ଲୀଳାଖେଳା ଭାବରେ କାହାଣୀଗୁଡ଼ିକୁ ବର୍ଣ୍ଣନା କରୁଥିଲେ ମଧ୍ୟ ସେଥିରେ ନୈତିକତା ଓ ସାଧୁତାର ଆଚରଣବିଧି ପରିପୂର୍ଣ୍ଣ ହୋଇ ରହିଛି। ଚିରନ୍ତନ ଶାନ୍ତି ତାଙ୍କର ଅଳଙ୍କାର ସ୍ୱରୂପ। ଏପରିକି ମହା ମହା ସନ୍ଥମାନେ ମଧ୍ୟ ତାଙ୍କୁ ଧ୍ୟାନ କରିଥାନ୍ତି।

୨୧। ତାଙ୍କୁ ସୂର୍ଯ୍ୟଙ୍କ ସହିତ ତୁଳନା କରାଯିବା ଠିକ୍ ନୁହେଁ, କାରଣ ସୂର୍ଯ୍ୟ ଅସ୍ତ ଯାଇଥାନ୍ତି। ଚନ୍ଦ୍ରଙ୍କ ସହିତ ମଧ୍ୟ ସେ ତୁଳନୀୟ ନୁହନ୍ତି, କାରଣ ଚନ୍ଦ୍ରର କ୍ଷୟ ଓ ବୃଦ୍ଧି ଘଟିଥାଏ। ଶ୍ରୀସାଇ ସବୁସମୟରେ ସର୍ବଗୁଣମଣ୍ଡିତ ।

୨୨। ହେମାଡ଼ ତାଙ୍କର ଚରଣାଶ୍ରିତ ହୋଇ ଶ୍ରୋତାମାନଙ୍କୁ ଏହି ବର୍ଣ୍ଣନା ସମ୍ପୂର୍ଣ୍ଣ ବିଶ୍ୱାସ, ଧ୍ୟାନ ଓ ଆଗ୍ରହ ସହକାରେ ଶୁଣିବା ପାଇଁ ଶ୍ରଦ୍ଧାରେ ଆବେଦନ କରୁଛି ।

୨୩। ଜମିକୁ ଭଲ ଭାବରେ ଚାଷ କରାଯାଇଛି ଓ ମଂଜି ବୁଣି ଦିଆଯାଇଛି। କିନ୍ତୁ ଆପଣ କରୁଣାର ବାରିଦ ହୋଇ ଯଦି ଯଥେଷ୍ଟ ବର୍ଷା ନକରିବେ, ତେବେ ଫସଲ ଉତ୍ପନ୍ନ ହୋଇ ପାରିବକି?

୨୪। ସନ୍ଥମାନଙ୍କର କାହାଣୀ ଶୁଣିଲେ ପାପ ମୋଚନ ହୋଇଥାଏ । କାହାଣୀଗୁଡ଼ିକୁ ଶୁଣିବା ମାତ୍ରକେ ପୁଣ୍ୟ ଜାତ ହୋଇଥାଏ। ଏହି ବିରଳ ଓ ମଙ୍ଗଳକର ସୁଯୋଗରୁ ଲାଭ ଉଠାନ୍ତୁ।

୨୫। ଆମ୍ଭମାନଙ୍କ ନିମନ୍ତେ ଚାରିପ୍ରକାର ମୁକ୍ତିରଂ ଆକର୍ଷଣ ନାହିଁ। ଶ୍ରୀସାଇଙ୍କ ପ୍ରତି ଅଟଳ ଭକ୍ତିଭାବ ରହୁ। ଏହାହିଁ ଆମର ସର୍ବୋଚ୍ଚ ସିଦ୍ଧି।

୨୬। ଆମେ ଯେତେବେଳେ ଆଦୌ ବନ୍ଧନରେ ବାନ୍ଧିହୋଇ ନାହୁଁ, ସେତେବେଳେ ଆମ ପାଇଁ ମୁକ୍ତିର ଆବଶ୍ୟକତା କ'ଣ ଅଛି? ସନ୍ଥଙ୍କ ପ୍ରତି ଭକ୍ତିଭାବ ଆମ୍ଭମାନଙ୍କ ମନରେ ଜାଗ୍ରତ ହେଉ, ଏହାହିଁ ଆମର ଅନ୍ତରାତ୍ମାକୁ ପବିତ୍ର କରିଦେଉ।

୨୭। ଯେଉଁଠାରେ 'ତୁମେ ଓ ମୁଁ'ର ଭାବ ନଥାଏ, ତାହା ପ୍ରକୃତରେ ଏକ ସ୍ୱାଭାବିକ ଅବସ୍ଥା; ସେଇଠି ଆମେ ସେହି ଭକ୍ତିଭାବକୁ ଦ୍ୱୈତ ଭାବନା ବିନା ଲୋଡ଼ିଥାଉ । ଶ୍ରୀସାଇ ଏହି ବର ଦିଅନ୍ତୁ ବୋଲି ଆମେ ପ୍ରାର୍ଥନା କରୁଛୁ।

୨୮। ଏବେ ଶ୍ରୋତାମାନଙ୍କୁ ମୋର ଏକମାତ୍ର ଅନୁରୋଧ ଯେ ଯେତେବେଳେ ସେମାନେ ଏ ଗ୍ରନ୍ଥ ପାଠକରିବା ନିମିତ୍ତ ହସ୍ତରେ ଧାରଣ କରିବେ, ସେତେବେଳେ ପାଠ୍ୟ ବିଷୟ, ପଠନକାର୍ଯ୍ୟ ଓ ପାଠକ-ଏ ସମସ୍ତେ ଏକ ହୋଇଯିବେ।

୨୯। ହେମାଡ଼ପନ୍ତକୁ ତୁଚ୍ଛ କରିଦିଅନ୍ତୁ, କାରଣ ସେ ଏହି

ସତ୍‌ଚରିତର ରଚୟିତା ନୁହଁନ୍ତି । ସେ କେବଳ ଭକ୍ତମାନଙ୍କର ମଙ୍ଗଳ ନିମିତ୍ତ ଏକ ହତିଆର ମାତ୍ର ।

୩୦ । ସୌଭାଗ୍ୟବଶତଃ, ଯଦି ତୁମେ ଗୋଟିଏ ମୁକ୍ତାଦାୟି ଶାମୁକାକୁ ପାଇ ତାହାକୁ ଫିଙ୍ଗିଦେଲ, ତେବେ ତୁମେ ମୁକ୍ତାଟିଏ ହରାଇଲ । ଅଶ୍ୱତ୍ଥ ବା ପିପ୍ପଳ[୨] ବୃକ୍ଷ କିପରି ଭାବରେ ବଢୁଛି, ସେଥିନେଇ ଚିନ୍ତା କରୁଛ କାହିଁକି ? ତୁମ ନିଜ ମଙ୍ଗଳର ଆଶା ହରାଇ ଦିଅନାହିଁ ।

୩୧ । ଏଠାରେ ଅନ୍ୟ କେହି ନାହାନ୍ତି, କେବଳ ଶ୍ରୀସାଇ ଅଛନ୍ତି । ସେ ଏକଥା କହୁଛନ୍ତି ଓ ଏହାବି ଲେଖୁଛନ୍ତି । ସେ ନିଜେହିଁ ଶୁଣିବାର ବିଷୟବସ୍ତୁ ହୋଇଛନ୍ତି ଏବଂ ତୁମକୁ ତାହା ଶୁଣାଉଛନ୍ତି ଓ ନିଜେବି ଶୁଣୁଛନ୍ତି । ଏହି ଅପୂର୍ବ ସଂଯୋଗ ବା ଏକତ୍ୱ ଅବସ୍ଥାକୁ ହଜାଇ ଦିଅନାହିଁ ।

୩୨ । ଯେଉଁଠାରେ ଦୁଇ କର୍ଣ୍ଣ ଭକ୍ତି ସହକାରେ ଶୁଣିବା ନିମନ୍ତେ ପ୍ରସ୍ତୁତ ନଥାଏ ଓ ମନ ଏକାଗ୍ରଚିତ୍ତ ହୋଇନଥାଏ, ସେଠାରେ ପଠନ କିମ୍ବା ଶ୍ରବଣ କାର୍ଯ୍ୟ ଆଦୌ ହୋଇପାରିନଥାଏ । ତେଣୁ କିଏ କେମିତି ତାହାର ଅର୍ଥ ଜାଣିବ ?

୩୩ । ଶୁଣିବା ସମୟରେ ବିନୟୀ ହୋଇ ଶୁଣନ୍ତୁ । ଶ୍ରୀସାଇ ଶ୍ରୋତାମାନଙ୍କ ମନ ଭିତରେ ରହିଛନ୍ତି ବୋଲି ଶ୍ରୋତାମାନେ ମନେ ରଖିଥାନ୍ତୁ । ତାହା ଫଳରେ ଠିକ୍ ଭାବରେ ଶୁଣିବା ସମ୍ଭବ ହୋଇଥାଏ । ଏକତ୍ୱ ଭାବ ନିରନ୍ତର ରହିଥିବା ଆବଶ୍ୟକ ।

୩୪ । ଯେପରି ସମସ୍ତ ଲହରୀ ଜଳ ମଧ୍ୟରେ ନିମଜ୍ଜିତ ହୋଇଯାଇଥାଏ, ସେହିପରି ସମସ୍ତ ପ୍ରବୃତ୍ତି ବା ଇନ୍ଦ୍ରିୟମାନଙ୍କର କାର୍ଯ୍ୟ ଶ୍ରୀସାଇଙ୍କ ସହିତ ଏକୀଭୂତ ହୋଇ ଯାଇଥାଏ ।

୩୫ । ଏହି ଉପାୟରେ ଜ୍ଞାନୀ ଆଧ୍ୟାତ୍ମିକତା ଶିକ୍ଷା କରିଥାନ୍ତି, ଯେଉଁମାନେ ଥଟାମଜା କଥା ଶୁଣିବାକୁ ଆଗ୍ରହୀ, ସେମାନେ ବୁଦ୍ଧିବୃତ୍ତି ଦ୍ୱାରା ଆମୋଦିତ ହୋଇଥାନ୍ତି ଓ ଯେଉଁମାନେ କବିତା ଶୁଣିବାକୁ ଭଲ ପାଆନ୍ତି, ସେମାନେ ପଦ୍ୟାବଳୀ ପଢ଼ି ଆନନ୍ଦିତ ହୁଅନ୍ତି । ସମସ୍ତେ ଏହି ଗ୍ରନ୍ଥକୁ ଉପଭୋଗ କରିବେ ।

୩୬ । ସେ ଯାହାହେଉ, ପୂର୍ବରୁ ସତ୍‌ଚରିତର ଊନଚତ୍ୱାରିଂଶତ୍ ଅଧ୍ୟାୟରେ ଶ୍ରୀସାଇ ସମର୍ଥ ତାଙ୍କର ଜଣେ ଅଗ୍ରଗଣ୍ୟ ଭକ୍ତଙ୍କୁ ଉପଦେଶ ଦେଇଥିବାର ବର୍ଣ୍ଣନା ରହିଛି ।

୩୭ । ସେହି ଭକ୍ତଜଣକ ବାବାଙ୍କ ପାଖରେ ଥିବା ସମୟରେ ଭଗବତ୍ ଗୀତାର ଚତୁର୍ଥ ଅଧ୍ୟାୟର ଏକ ଶ୍ଳୋକ ଗୁଣୁ ଗୁଣୁ ହୋଇ ଆବୃତ୍ତି କରିଥିଲେ ।

୩୮ । ସେ ବାବାଙ୍କର ପାଦ ଘଷିଦେଉଥିବା ସମୟରେ ସେହି ଶ୍ଳୋକ ଆବୃତ୍ତି କରୁଥିଲେ । ତ୍ରୟସ୍ତିଂଶତ୍ ଶ୍ଳୋକ ଶେଷହେବା ପରେ ସେ ଚତୁସ୍ତିଂଶତ୍ ଶ୍ଳୋକ ଆରମ୍ଭ କରିଥିଲେ ।

୩୯ । ଶାନ୍ତ ମନରେ ସମ୍ପୂର୍ଣ୍ଣ ନିମଜ୍ଜିତ ରହି ସେ ଅତି ଧୀରେ ଧୀରେ ଗୁଣୁ ଗୁଣୁ ହୋଇ ପ୍ରତ୍ୟେକ ଶବ୍ଦ ଉଚ୍ଚାରଣ କରୁଥିଲେ । ଅନ୍ୟ କେହି ତାଙ୍କୁ ଶୁଣିପାରୁନଥିଲେ ।

୪୦ । ସେ ଚତୁସ୍ତିଂଶତ୍ ଶ୍ଳୋକର ଆବୃତ୍ତି ଆରମ୍ଭ କରିବା ସମୟରେ ଶ୍ରୀସାଇନାଥ ତାଙ୍କର ସେହି ଅଗ୍ରଗଣ୍ୟ ଭକ୍ତଙ୍କୁ ଅନୁଗ୍ରହ ପ୍ରଦର୍ଶନ କରି ତାଙ୍କୁ ସତ୍‌ମାର୍ଗକୁ ଆଣିବାର ଇଚ୍ଛା କରିଥିଲେ ।

୪୧ । ସେହି ଭକ୍ତଙ୍କର ନାମ ଥିଲା ନାନା (ଚାନ୍ଦୋରକର) । ବାବା ତାଙ୍କୁ କହିଥିଲେ, "ନାନା ! କ'ଣ ଗୁଣୁଗୁଣୁ ହେଉଛ ? ତୁମେ ଜୋରରେ କାହିଁକି ବୋଲୁନାହଁ ?

୪୨ । "କେତେ ସମୟ ଧରି ମୁଁ ଲକ୍ଷ୍ୟ କରୁଛି ଯେ ତୁମେ କିଛି ଆବୃତ୍ତି କରୁଛ । କିନ୍ତୁ ତୁମର ସ୍ୱର ଅସ୍ପଷ୍ଟ ହେଉଛି । ଏହା ଭିତରେ କ'ଣ କିଛି ଗୋପନ କଥା ରହିଛି ?"

୪୩ । ନାନା ସଫା ସଫା କହିଥିଲେ, "ମୁଁ ଗୀତା ଆବୃତ୍ତି କରୁଛି । ଅନ୍ୟ କାହାରି ଅସୁବିଧା ନ କରିବା ଉଦ୍ଦେଶ୍ୟରେ ମୁଁ ଗୁଣୁଗୁଣୁ ହୋଇ ଆବୃତ୍ତି କରୁଛି ।"

୪୪ । "ତାହା ଅନ୍ୟମାନଙ୍କ ନିମନ୍ତେ ହୋଇପାରେ । କିନ୍ତୁ ମୋ ପାଇଁ ଜୋରରେ ଆବୃତ୍ତି କର । ତୁମେ ଯାହା ଆବୃତ୍ତି କରୁଛ, ତାକୁ ବୁଝୁଛଟି ? ମୋତେ ପରିଷ୍କାର ଭାବରେ କୁହ" ବୋଲି ଶ୍ରୀସାଇ କହିଥିଲେ ।

୪୫ । ତା'ପରେ ନାନା ଗୀତାର ୪ର୍ଥ ଅଧ୍ୟାୟର ୩୪ଶ ଶ୍ଳୋକ "ତଦ୍‌ବିଦ୍ଧି ପ୍ରଣିପାତେନ..."କୁ ଜୋରରେ ଆବୃତ୍ତି କରିଥିଲେ ଓ ସେ କ'ଣ କରୁଛନ୍ତି, ତାହା ସାଷ୍ଟାଙ୍ଗ ପ୍ରଣିପାତ କରି ଜଣାଇ ଦେଇଥିଲେ । ବାବା ତାହା ଶୁଣିବା ପରେ ସନ୍ତୁଷ୍ଟ ହୋଇଥିଲେ ।

୪୬ । ପୁଣି ତାଙ୍କୁ ବାବା ଶ୍ଳୋକର ଅର୍ଥ ପଚାରିଥିଲେ ।

ନାନା ପୂର୍ବରୁ ଜଣେ ଆଚାର୍ଯ୍ୟ କହିଥିବା ଅର୍ଥକୁ ବିଶଦଭାବରେ କହିଥିଲେ। ବାବା ମୁଣ୍ଡ ହଲାଇଥିଲେ।

୪୭। ସେ ନାନାଙ୍କୁ କହିଥିଲେ- "ନାନା ! ଦ୍ୱିତୀୟ ପଦରେ ଥିବା 'ଉପଦେକ୍ଷ୍ୟନ୍ତି ତେ ଜ୍ଞାନମ୍' ଉପରେ ଏକାଗ୍ରଚିତ୍ତ ହୁଅ ଓ ତର୍ଜମା କର ।

୪୮। "ସେଥିରେ 'ତେ' ଶବ୍ଦ ପରେ ବିରାମଚିହ୍ନ 'ଅ' ନିମିତ୍ତ ରହିଛି। ଯଦି ତାହାକୁ 'ଅଜ୍ଞାନ' ବୋଲି ପଢ଼ିବା, ତେବେ ତାହାର ଅର୍ଥ ବିପରୀତ ହେଉଛି କି ନାହିଁ ବିଚାର କର।"

୪୯। "ଶଙ୍କରାନନ୍ଦ, ଜ୍ଞାନେଶ୍ୱର, ଆନନ୍ଦଗିରି, ଶ୍ରୀଧର, ମଧୁସୂଦନ ଓ ଅନ୍ୟ ଭାଷ୍ୟକାରମାନେ 'ଜ୍ଞାନ' ଶବ୍ଦକୁ ମୂଳ କରି ଏହାର ଅର୍ଥ କରିଛନ୍ତି।

୫୦। "ଆଉ ଏହାକୁ ସମସ୍ତେ ଗ୍ରହଣ କରି ନେଇଛନ୍ତି। ମୁଁ ମଧ୍ୟ ତାହାହିଁ ଜାଣିଛି। କିନ୍ତୁ ଆମେ କାହିଁକି ଜାଣି ଜାଣି ଏଥିରେ ବିରାମ ଚିହ୍ନରେ ଅକ୍ଷରଟିଏ ନଯୋଡ଼ି ଶ୍ଳୋକର ମାଧୁର୍ଯ୍ୟକୁ ଉପଭୋଗ କରିବାରୁ ବଞ୍ଚିତ ହେବା ।"

୫୧। କରୁଣାର ବାରିଦ ଶ୍ରୀସାଇ ଏହା କହିବା ପରେ ଚକୋର ତଥା ଚାତକ ସମ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଉପଦେଶ ଦେଇ ଅମୃତବାଣୀ ବର୍ଷଣ କରିଥିଲେ। ଏହାକୁ ପୂର୍ବରୁ ମୁଁ ବର୍ଣ୍ଣନା କରିସାରିଛି। (ଅଧ୍ୟାୟ-୩୯)

୫୨। କିନ୍ତୁ 'ସାଇଲୀଳା'ର ପାଠକଗଣ (ଏହି ପତ୍ରିକାରେ ସତ୍‌ଚରିତର ଅଧ୍ୟାୟଗୁଡ଼ିକ ପର୍ଯ୍ୟାୟକ୍ରମେ ପ୍ରକାଶ କରାଯାଉଅଛି।) ସେଇ ପ୍ରକାରର ଅର୍ଥଯୋଗୁଁ କୌଣସି ପ୍ରକାରେ ଚକିତ ହୋଇ ନଥିଲେ। ତେବେ ଅଳ୍ପ କେତେଜଣଙ୍କର ସନ୍ଦେହ ରହିଥିଲା ଓ ତାହାହିଁ ଆଚମ୍ବିତ ଲାଗୁଥିଲା।

୫୩। ସେମାନଙ୍କର ସନ୍ତୁଷ୍ଟି ନିମନ୍ତେ ତଥା ବିଷୟଟିକୁ ଠିକ୍ ଭାବରେ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ମୁଁ ଏହି 'ଅଜ୍ଞାନ' ଶବ୍ଦର ଯଥାର୍ଥ ବ୍ୟବହାର ସମ୍ପର୍କରେ ସେମାନଙ୍କୁ ବୁଝାଇବା ପାଇଁ ଆଉ ଟିକିଏ ଚେଷ୍ଟା କରିବି।

୫୪। ଏପରିକି ବାବା ସଂସ୍କୃତ ଜାଣିଥିଲେ କି ନାହିଁ, ସେ ସମ୍ପର୍କରେ ମଧ୍ୟ କେତେଜଣ ସନ୍ଦେହ ପ୍ରକଟ କରିଥିଲେ। ସନ୍ଥମାନଙ୍କୁ କୌଣସି ବିଷୟ ଅଜଣା ନଥାଏ। ଏଣୁ ସନ୍ଦେହ କରିବାର କାରଣ ଅନ୍ୟ କିଛି ହୋଇଥାଇପାରେ ।

୫୫। ଶ୍ରୁତିରେ କୁହାଯାଇଛି, "ଯିଏ ଏକକୁ ବୁଝି ପାରିଛି, ସେ ସବୁ ଜାଣିଛି" । ଏହା କିଏ ଜାଣିନାହିଁ ? ଶ୍ରୀସାଇଙ୍କର ଆତ୍ମଜ୍ଞାନ ଥିଲା।

୫୬। ହାତରେ ଆମଳକ ଫଳ ଧରିଥିବା ଭଳି ସମଗ୍ର ଜଗତକୁ ସ୍ୱଷ୍ଟ ଭାବରେ ଦେଖିପାରୁଥିବା ସନ୍ଥଗଣ କ'ଣ ଅବା ଜାଣିନଥାନ୍ତି ? ଏପରିକି ସୂର୍ଯ୍ୟ ମଧ୍ୟ ସେମାନଙ୍କ ଦ୍ୱାରା ଆଲୋକିତ ହୋଇଥାନ୍ତି !

୫୭। ଯାହାଙ୍କର ସେଇ 'ଏକ' ସମ୍ବନ୍ଧରେ ଜ୍ଞାନ ରହିଛି, ତାଙ୍କର କିପରି ଅନ୍ୟ ବିଷୟରେ ଜ୍ଞାନ ରହିବ ନାହିଁ ? ଯେ କୌଣସି ବିଦ୍ୟାରେ ସନ୍ନିବେଶିତ ସବୁକିଛି ଜ୍ଞାନ ତାଙ୍କୁ ଜଣାଥାଏ । ତେବେ ସଂସ୍କୃତ ଜାଣିବା ନ ଜାଣିବା ଉପରେ ଏତେ ଗୁରୁତ୍ୱ କାହିଁକି ?

୫୮। 'ସାଇଲୀଳା'ର କେତେକ ପାଠକ ମତ ବ୍ୟକ୍ତ କରିଛନ୍ତି ଯେ "ନାନାସାହେବ ମିଥ୍ୟା କହିଛନ୍ତି। ଏହି କାହାଣୀ ତାଙ୍କର କଳ୍ପନାପ୍ରସୂତ ଓ ସେ ଅନାବଶ୍ୟକ ଭାବରେ ବିରାମ ଚିହ୍ନର ବ୍ୟବହାର କରି ନିଜ ଅଜ୍ଞତାର ପରିଚୟ ଦେଇଛନ୍ତି।

୫୯। "ସେ ବିରାମ ଚିହ୍ନ ସମ୍ପର୍କରେ ଏହି କାଳ୍ପନିକ କାହାଣୀଟିକୁ ନିଜେ ସୃଷ୍ଟିକରିଛନ୍ତି ଓ ଏ ସମ୍ପର୍କରେ ନିଜ ଅଜ୍ଞତାର ପରିଚୟ ହିଁ ଦେଇଛନ୍ତି। ନିଜର ଅଗାଧ ଜ୍ଞାନ ଦର୍ଶାଇବାକୁ ଯାଇ ଅଯଥାରେ ସେ ଏଭଳି ବିତଣ୍ଡା ଯୁକ୍ତି କରିଛନ୍ତି ଓ ନିଷ୍ଫଳ ବିତର୍କର ସୂତ୍ରପାତ କରିଛନ୍ତି ।

୬୦। "ଯେଉଁଠାରେ ବିରାମ ଚିହ୍ନର ପ୍ରଶ୍ନ ନାହିଁ, ସେଠାରେ ସେ ଏହା ଉତ୍‌ଥାପନ କରିଛନ୍ତି। ସେ 'ଜ୍ଞାନ' ଶବ୍ଦ ବଦଳରେ ଅଯଥା 'ଅଜ୍ଞାନ' ଶବ୍ଦ ବ୍ୟବହାର କରିଛନ୍ତି ଓ ଶ୍ଳୋକର ପ୍ରକୃତ ମର୍ମର ବିପରୀତ ଅର୍ଥ ଦେଇଛନ୍ତି।"

୬୧। କିନ୍ତୁ ଘଟଣାକୁ ଲକ୍ଷ୍ୟକଲେ ଓ ତାହା ଉପରେ ଗଭୀର ଭାବରେ ଚିନ୍ତାକଲେ 'ସାଇଲୀଳା'ର ଊନଚତ୍ୱାରିଂଶତ୍ ଅଧ୍ୟାୟରେ କୌଣସି ଅସଙ୍ଗତି ଥିବାର ମନେ ହୁଏ ନାହିଁ।

୬୨। ପାଠକଙ୍କ ମତାମତ ଯାହା ବା ହୋଇଥାଉ, ନାନା ସାଧୁ କିମ୍ବା ଅସାଧୁ ହୋଇଥାନ୍ତୁ, ସେ ବର୍ଣ୍ଣନା କରିଥିବା ଘଟଣା ନିରର୍ଥକ ବୋଲି କୁହାଯାଇପାରିବ ନାହିଁ।

୬୩। ନାନାଙ୍କ ପ୍ରତି ନିଜର ବିରାଗ ଛାଡ଼ିଦିଅନ୍ତୁ, ପାଠକମାନେ ଭାବାବେଗରେ ଭାସି ଯାଆନ୍ତୁ ନାହିଁ। ଜଳଜଳ ଦିଶୁଥିବା କିମ୍ବା ଉପରଠାଉରିଆ ଭାବକୁ ଛାଡ଼ିଦେଲେ ସେ ନିର୍ଦ୍ଦୋଷ ଜଣାଯିବେ।

୬୪। "ସାଇଲୀଳା" ଏକ ନିର୍ଭରଯୋଗ୍ୟ ପତ୍ରିକା। ଉନ୍ନଚତ୍ୱାରିଂଶତ୍ ଅଧ୍ୟାୟକୁ ପାଠ ନକଲେ ଏହି ଅଧ୍ୟାୟକୁ ସହଜରେ ବୁଝିହେବ ନାହିଁ।

୬୫। "ଭଗବତ୍ ଗୀତା"ର ଚତୁର୍ଥ ଅଧ୍ୟାୟ ହେଉଛି ଜ୍ଞାନଯୋଗ। ଏଥିରେ ଶ୍ରୀକୃଷ୍ଣ ଅଜ୍ଞତା ସମ୍ବନ୍ଧରେ ତର୍ଜମା କରିଛନ୍ତି ଓ ସେଥିରେ ଚତୁସ୍ତିଂଶତ୍ ଶ୍ଳୋକରେ ଅଜ୍ଞାନ ବିଷୟରେ କୁହାଯାଇଅଛି।

୬୬। ତଦ୍‌ବିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା। ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ । ॥ ୩୪॥

୬୭। ଏହା ଗୀତାର ଏକ ଗୁରୁତ୍ୱପୂର୍ଣ୍ଣ ଶ୍ଳୋକ। ଦ୍ୱିତୀୟ ପାଦରେ 'ଜ୍ଞାନଂ' ଶବ୍ଦ ପୂର୍ବରୁ ବିରତି ରହୁଥିବାରୁ 'ଅଜ୍ଞାନଂ' ସାଦୃଶ୍ୟ ହେଉଅଛି।

୬୮। ସେହି ବିରତିକୁ ବିଚାରକୁ ନନେଲେ 'ଜ୍ଞାନଂ' ଶବ୍ଦ ପରିଷ୍କାର ଭାବରେ ପଢ଼ିହେବ। ସେଥିନିମନ୍ତେ କୌଣସି ବିରୋଧ ନାହିଁ। ସେହି ଅର୍ଥହିଁ ସାଧାରଣତଃ ବ୍ୟାଖ୍ୟା କରାଯାଉଅଛି ।

୬୯। "ଜ୍ଞାନ ଦ୍ୱାରା ମୁକ୍ତି ମିଳିଥାଏ।" ଶ୍ରୁତିର ସେହି ବାକ୍ୟକୁ ସମସ୍ତେ ଗ୍ରହଣ କରିନେଇଛନ୍ତି। କିନ୍ତୁ ଦାର୍ଶନିକମାନେ ଜ୍ଞାନଶିକ୍ଷା ଦେବା ସମୟରେ ସେଥିରେ ଆବଦ୍ଧ ହୋଇ ରହିନାହାନ୍ତି।

୭୦। ପବିତ୍ର ସାକ୍ଷୀ, ନିଷ୍କଳଙ୍କ, ସର୍ବଜ୍ଞାତ, ମୁକ୍ତ ଓ ସ୍ୱାଧୀନ, ସମଗ୍ର ସୃଷ୍ଟିରେ ପରିବ୍ୟାପ୍ତ, ପରମ ଚୈତନ୍ୟ, ଅମଳିନ ଏବଂ ଏକକ ଚୈତନ୍ୟାନନ୍ଦରେ ପରିପୂର୍ଣ୍ଣ ହେଉଛି 'ମୁଁ' ଅର୍ଥାତ୍ ଆତ୍ମା।

୭୧। କିନ୍ତୁ ମୁଁ ଅଜ୍ଞ ନୁହେଁ କିମ୍ବା ଅଜ୍ଞାନର ଉତ୍ପାଦ ନୁହେଁ। ମୋତେ "ଅହମାତ୍ମା ବ୍ରହ୍ମ"ବୋଲି ଜାଣ ଓ ମୋତେ ପରମଚୈତନ୍ୟର ରତ୍ନାଗାର ତଥା ପରମାନନ୍ଦ ରୂପେ ଜାଣିଥାଅ।

୭୨। "ମୁଁ ହିଁ ବ୍ରହ୍ମ" ବୋଲି ଯଜୁର୍ବେଦରେ କୁହାଯାଇଛି, ଯାହା ମୋତେ ସବୁବେଳେ ଅନୁପ୍ରାଣିତ କରି ଆସିଛି। ଏହାକୁ ପ୍ରକୃତ ଜ୍ଞାନ ବୋଲି ଜାଣନ୍ତୁ। "ମୁଁ ପାପୀ, ହତଭାଗା ଓ ନାସ୍ତିକ"-ଏଭଳି ଭାବନା ଅଜ୍ଞତାରୂପକ ଖଣିରୁହିଁ ଉଦ୍ଭବ ହୋଇଥାଏ।

୭୩। ଏହି ମାୟା ପ୍ରାଚୀନ ବା ଚିରନ୍ତନ ଶକ୍ତି। ଅଜ୍ଞତା ଯୋଗୁଁ ଜଣେ ବନ୍ଧନ ଅବସ୍ଥାରେ ରହିଥାଏ ଓ ଜ୍ଞାନ ଯୋଗୁଁ ସମସ୍ତ ବନ୍ଧନରୁ ମୁକ୍ତ ହୋଇଥାଏ। ମନୁଷ୍ୟର ଏହି ଅବସ୍ଥା କେଉଁ ଅନାଦି କାଳରୁ ଗଢ଼ି ଆସୁଛି।

୭୪। ନାମ ଓ ରୂପ ନେଇ ଏଇ ପୂରା ଭ୍ରାନ୍ତ ଧାରଣାର କାରଣ ହେଉଛି ମାୟା ଯୋଗୁଁ ସୃଷ୍ଟ ପରିପୂର୍ଣ୍ଣ ପ୍ରହେଳିକା। ମାୟାକୁ ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ ଓ ତାହାକୁ ଜୟ କରିବା ମଧ୍ୟ ଅତି କଷ୍ଟକର।

୭୫। ଖାମ୍‌ଖିଆଲୀ ଚିନ୍ତା ହେଲା ମାୟାର ଆଶ୍ରୟସ୍ଥଳ। ବନ୍ଧନ କିମ୍ବା ମୁକ୍ତ ଅବସ୍ଥା କଳ୍ପନାରୁ ହିଁ ଉଦ୍ଭବ ହୋଇଥାଏ।

୭୬। "ଜ୍ଞାନଯୋଗୁଁ ମୁକ୍ତି ମିଳିଥାଏ"। ଶ୍ରୁତିର ଏହି ମୂଳମନ୍ତ୍ର (ବିଧି) ଚିରନ୍ତନ ସତ୍ୟ। କିନ୍ତୁ ପାପ ଯୋଗୁଁ ଉଦ୍ଭୁତ ହୋଇଥିବା କର୍ମଫଳର ବିନାଶ ନଘଟିଲେ ଜ୍ଞାନ ଉଦୟ ହେବା ଅସମ୍ଭବ।

୭୭। ଯିଏ ପ୍ରକୃତ ଜ୍ଞାନୀ, ସେ ସମସ୍ତ କାମନାବାସନା ପରିତ୍ୟାଗ କରି ଦେଇଛନ୍ତି ବୋଲି ଜାଣିଥାନ୍ତୁ। ସେ ମାୟା ଦ୍ୱାରା ଆବଦ୍ଧ ନୁହଁନ୍ତି। ତାଙ୍କ ମନରେ ଲାଳସା ନାହିଁକି ଭାବପ୍ରବଣତା ନାହିଁ ।

୭୮। ପରମଜ୍ଞାନୀ ଶୁକଦେବଙ୍କ ଭଳି ଜଣେ ବିଦ୍ୱାନଙ୍କ ମନରେ ସନ୍ଦେହ ଉପୁଜିବା କାରଣରୁ ତାଙ୍କର ଶେଷ ପରିଣତି ଦୁଃଖଦ ହୋଇଥିଲା। ଅଜ୍ଞତା ସନ୍ଦେହରୁହିଁ ଜନ୍ମ ନେଇଥାଏ ଓ ଏହା ଗୁରୁଙ୍କ ସାହାଯ୍ୟ ବିନା ଦୂର ହୋଇନଥାଏ।

୭୯। ଯେତେବେଳେ ଜଣେ ଜ୍ଞାନୀଙ୍କ ମନରେ ସନ୍ଦେହ ଉଦ୍ରେକ ହୋଇଥାଏ, ସେହିଭଳି ବ୍ୟକ୍ତି ଅହଂକାରୀ ହୋଇଥାନ୍ତି। ବହୁତ ବଡ଼ ପାତ୍ରରେ କ୍ଷୀର ଭର୍ତ୍ତିହୋଇ ରହିଥିଲେବି ସେଥିରେ ବୁନ୍ଦାଏ ମାତ୍ର କାଞ୍ଜିପାଣି ପଡ଼ିଲେ ତାହା ନଷ୍ଟ ହୋଇଯାଇଥାଏ।

୮୦। ତେଣୁ ପ୍ରଥମରୁ ଅଜ୍ଞତାକୁ ବୁଝିପାରିବା ହିଁ ଗୁରୁତ୍ୱପୂର୍ଣ୍ଣ। ତାହା ଥରେ ଦୂର ହୋଇଗଲେ ମନ ପବିତ୍ର ହୋଇ ଯାଇଥାଏ। ମନ ପବିତ୍ର ହୋଇଯିବା ପରେ ଜ୍ଞାନ ଅସୀମ ଭାବରେ ପ୍ରକଟିତ ହୋଇଥାଏ ଓ ମନ ଚିନ୍ତାକରି ତାହାକୁ ନିର୍ବିବାଦରେ ଗ୍ରହଣ କରି ନେଇଥାଏ।

୮୧। ଯିଏ ଯଶ,ମାନ ଓ ଧନ ପ୍ରାପ୍ତି ନିମନ୍ତେ ଏକାଗ୍ରଚିତ୍ତ ହୋଇଥାନ୍ତି ଏବଂ ଇନ୍ଦ୍ରିୟସୁଖ ପ୍ରାପ୍ତ ହୋଇଥିଲେ ମଧ୍ୟ

ଏହା ଆହୁରି ଅଧିକ ପାଇବା ନିମନ୍ତେ ବ୍ୟାକୁଳ ହୋଇଥାନ୍ତି ଏବଂ ନିରନ୍ତର ପତ୍ନୀ ଓ ପୁତ୍ରକନ୍ୟା ସମ୍ବନ୍ଧରେ ଚିନ୍ତା କରୁଥାନ୍ତି, ତାଙ୍କର ଜ୍ଞାନ କେବଳ ଅଜ୍ଞାନ ମାତ୍ର।

୮୨। ତେଣୁ ଯିଏ ଧନସମ୍ପଦ, ପୁତ୍ରକନ୍ୟା ଓ ସ୍ତ୍ରୀ ପରିବାର ନେଇ ଅତ୍ୟଧିକ ବ୍ୟସ୍ତ ହୋଇଥାନ୍ତି, ସେ ଜ୍ଞାନୀ ହୋଇଥିଲେ ମଧ୍ୟ ନିଜର ମଙ୍ଗଳ କ'ଣ ଜାଣନ୍ତି ନାହିଁ। ଏଣୁ ଯେତେ ଦିନ ପର୍ଯ୍ୟନ୍ତ ତାଙ୍କ ମନରେ ଭକ୍ତିଭାବନା ନଥାଏ, ତାଙ୍କର ଜ୍ଞାନ ସେତେଦିନଯାଏଁ ଅଜ୍ଞାନର ପରଦାରେ ଘୋଡ଼େଇ ହୋଇ ରହିଥାଏ।

୮୩। ସମସ୍ତ ଜୀବ ଅଜ୍ଞତାରେ ପରିପୂର୍ଣ୍ଣ। ଏହି ଅଜ୍ଞତାରୁ ମୁକ୍ତି ମିଳିଲେ ଜଣେ ଜ୍ଞାନୀ ହୋଇଥାଏ ଓ ତାହା ପରେ ଏହାକୁ ମଧ ଅତିକ୍ରମ କରି ଯାଇଥାଏ। ସେହି ଅବସ୍ଥା ହେଉଛି ବ୍ରହ୍ମରୂପ ବା ବ୍ରହ୍ମଙ୍କର ମୂର୍ତ୍ତିମନ୍ତ ରୂପ।

୮୪। ଅଜ୍ଞତା ଦୂର ହୋଇଗଲେ ଜ୍ଞାନ ପ୍ରକାଶ ପାଇଥାଏ । ଜ୍ଞାନୀଙ୍କର ପ୍ରକୃତି କ୍ଷମାଶୀଳ ହୋଇଥାଏ। ଜଣକ ମନରୁ ଦୈହିକ ଗର୍ବ ନଯିବା ପର୍ଯ୍ୟନ୍ତ ସେ ମାୟାର ନିୟନ୍ତ୍ରଣରେ ରହିଥାଏ।

୮୫। ରାମ ଓ କୃଷ୍ଣଙ୍କ ଭଳି ଅବତାର ଏବଂ ସନତ, ସନକ ଓ ଅନ୍ୟମାନଙ୍କ ଭଳି ସନ୍ଥବୃନ୍ଦ ତଥା ଶ୍ରେଷ୍ଠ ଜ୍ଞାନୀଗଣ ମାୟାକୁ ସେମାନଙ୍କର ହାତକଣ୍ଢେଇ ଭଳି ରଖିଥିଲେ; ତଥାପି ମାୟା ଅନ୍ୟମାନଙ୍କୁ ବୋକା ବନାଇଦେଇଥିଲା।

୮୬। ସମସ୍ତ ପ୍ରାଣୀଙ୍କ ହୃଦୟ ମଧ୍ୟରେ ଆତ୍ମା ରହିଥିଲେ ମଧ କେହି ଏହାକୁ ଜାଣିନଥାନ୍ତି। ମାୟାର ଏହିଭଳି ଅଚିନ୍ତନୀୟ ଅବସ୍ଥା ଓ ନିଜକୁ ଘୋଡ଼ାଇ ରଖି ପ୍ରହେଳିକା ସୃଷ୍ଟି କରିବା ନିମନ୍ତେ ତାହାର ଅକଳ୍ପନୀୟ ଶକ୍ତି ରହିଛି।

୮୭। ଯେଉଁ ପର୍ଯ୍ୟନ୍ତ ମିଥ୍ୟା ଅହଙ୍କାର 'ମୁଁହିଁ କର୍ତ୍ତା ଓ ମୁଁ ଏକମାତ୍ର ଭୋକ୍ତା' ଦୂର ନହୋଇଛି ଓ ଜଣେ ହୃଦୟରେ ବାସ କରୁଥିବା ଆତ୍ମାଙ୍କର ଶରଣାପନ୍ନ ନହୋଇଛି, ସେ ପର୍ଯ୍ୟନ୍ତ ତାହାର ଆତ୍ମା ମୁକ୍ତି ଲାଭ କରିପାରିବ ନାହିଁ।

୮୮। କ୍ଷଣସ୍ଥାୟୀ ଓ ଚିରନ୍ତନ ମଧ୍ୟରେ ଥିବା ପ୍ରଭେଦଜ୍ଞାନ ରହିଲେ, ଏବଂ ଶ୍ରବଣ (ଶାସ୍ତ୍ର, ପୁରାଣ ଇତ୍ୟାଦି), ଜପ, ତପ, ଧ୍ୟାନ ଓ ସେ ସମସ୍ତର ମନନ କଲେ, ଆଉ ନିଜକୁ ଶମ, ଦମ, ତପ ଇତ୍ୟାଦି ଷଡ଼ଗୁଣରେ ଋଦ୍ଧିମନ୍ତ କଲେ, ତାହା ବଳରେ ଅଜ୍ଞତା ହଟିଯିବ ।

୮୯। 'ପୃଥିବୀ ମୋଠାରୁ ଭିନ୍ନ', 'ମୁଁ କ୍ଷୁଦ୍ର ଓ ସୀମିତ' ଏବଂ 'ମୁଁ ହିଁ ଶରୀର' ଭଳି ଧାରଣା ନିରୁତା ଅଜ୍ଞତାହିଁ କେବଳ ।

୯୦। ବେଦାନ୍ତ ବିଜ୍ଞାନ ଯାହା ଜ୍ଞାନ ବିତରଣ କରିଥାଏ, ସେଥିରେ ଚାରିଟି ଆବଶ୍ୟକତା କଥା କୁହାଯାଇଛି । ସେ ସମ୍ବନ୍ଧରେ ଲେଖକ ପୂର୍ବରୁ ସବୁଦିଗରୁ ଆଲୋଚନା କରି ସାରିଛନ୍ତି।

୯୧। ଉପଯୁକ୍ତ ବ୍ୟକ୍ତି, ବିଷୟବସ୍ତୁ ଏବଂ ଏହି ଉଭୟଙ୍କ ମଧ୍ୟରେ ସମ୍ପର୍କ ହେଉଛି ତୃତୀୟ ଆବଶ୍ୟକତା ଓ ଚତୁର୍ଥଟି ହେଉଛି 'ଉଦ୍ଦେଶ୍ୟ'। ଉଦ୍ଦେଶ୍ୟ ସମ୍ବନ୍ଧରେ ଯତ୍ନ ସହକାରେ ବ୍ୟାଖ୍ୟା କଲାପରେ ଅଜ୍ଞତା ଦୂର ହୋଇଥାଏ।

୯୨। ବେଦାନ୍ତର ପ୍ରଧାନ ବିଷୟବସ୍ତୁ ହେଉଛି ବ୍ୟକ୍ତିକ ଆତ୍ମା ବ୍ରହ୍ମରେ ସମ୍ପୂର୍ଣ୍ଣ ବିଲୀନ ହୋଇଯିବା ଓ ଏହି ମିଳନର ମୂଳନୀତିକୁ ବୁଝିପାରିବାରେ ରହିଛି ଅଜ୍ଞାନର ଦୂରୀକରଣ ଏବଂ ତାହାହିଁ 'ଉଦ୍ଦେଶ୍ୟ' ହୋଇଥାଏ।

୯୩। ତେଣୁ ଅଜ୍ଞତାର ମୂଳୋତ୍ପାଟନ ହେଉଛି ଆତ୍ମାନନ୍ଦ ପ୍ରାପ୍ତି। ଅତଏବ ସମସ୍ତ ଉପାୟ ଅବଲମ୍ବନ କରି ଅଜ୍ଞତାର ବିନାଶ କରାଯିବା ଆବଶ୍ୟକ।

୯୪। ଜଣେ ଯେ ପର୍ଯ୍ୟନ୍ତ ଦ୍ୱୈତ ଭାବ ପରିତ୍ୟାଗ ନକରିଛି, ତାକୁ ଜ୍ଞାନୀ କୁହାଯାଇପାରିବ ନାହିଁ। ଯାହାଙ୍କ ମନରେ ଶରୀର ନେଇ ଗର୍ବ ରହିଛି, ତାଙ୍କର ଜ୍ଞାନ ଥିଲେ ମଧ ତାଙ୍କୁ ପୂର୍ଣ୍ଣ ଅଜ୍ଞ କୁହାଯିବ।

୯୫। ସେ ନିଜର ଜ୍ଞାନ ଦେଖାଇ ହୋଇଥାନ୍ତି, କିନ୍ତୁ ଭୁଲ କାର୍ଯ୍ୟ କରୁଥାନ୍ତି । ସେ ମୃତ ସହିତ ସମାନ। ସେ କୁମ୍ଭକର୍ଣ୍ଣ[୩] ପରି ନିଦ୍ରା ଯାଇଥାନ୍ତି।

୯୬। ଯିଏ ବେଦ ଅନୁଯାୟୀ କାର୍ଯ୍ୟ କରନ୍ତି ନାହିଁକି ଚାରି ବର୍ଣ୍ଣର ନିୟମ ମାନନ୍ତି ନାହିଁ, ତାଙ୍କ ବୁଦ୍ଧି ବୃତ୍ତିକୁ ପବିତ୍ର କରିବା ନିମନ୍ତେ ଅଜ୍ଞାନର ଦୂରୀକରଣ ହେଉଛି ଏକମାତ୍ର ଉପାୟ।

୯୭। ଏପରିକି ବ୍ରହ୍ମା ଓ ଅନ୍ୟମାନେ ତ୍ରିଗୁଣ ଅର୍ଥାତ୍ ସତ୍ତ୍ୱ, ରଜ ଏବଂ ତମ ଦ୍ୱାରା ପ୍ରତାରିତ ହୋଇଛନ୍ତି। ସେମାନେ ମଧ୍ୟ ବାକ୍, ସ୍ପର୍ଶ, ରୂପ, ଆସ୍ୱାଦନ, ଆଘ୍ରାଣ, ଜନନେନ୍ଦ୍ରିୟ ତଥା ଜିହ୍ୱା ଦ୍ୱାରା ଓ ସେମାନଙ୍କର ବିଭିନ୍ନ ବିନ୍ୟାସ ଏବଂ ସଂଯୋଗ ଦ୍ୱାରା ପ୍ରତାରିତ ହୋଇଛନ୍ତି।

୯୮ । ପୃଥିବୀର ସମସ୍ତ ଚଳମାନ ଜୀବ ଆଦିମ କାଳରୁ ମାୟା ଓ ଅଜ୍ଞତା ଦ୍ୱାରା ପରିବେଷ୍ଟିତ ହୋଇଛନ୍ତି । ସେମାନେ ଈର୍ଷା, କ୍ରୋଧ, ଘୃଣା ଇତ୍ୟାଦି କାମନାର ଶିକାର ହୋଇ ଅଜ୍ଞାନରେ ଆଚ୍ଛାଦିତ ହୋଇ ରହିଛନ୍ତି ।

୯୯ । ପ୍ରତ୍ୟେକ ଜୀବ ଅଜ୍ଞାନ ଦ୍ୱାରା ଆବଦ୍ଧ । ଏହା ନିଜର ପ୍ରକୃତ ରୂପରେ ପ୍ରକଟିତ ହେବା ନିମନ୍ତେ ଅଜ୍ଞତା,କାମନାବାସନା ଓ କୃତକର୍ମର ଫଳ ସହିତ ଥିବା ବନ୍ଧନକୁ ଛିନ୍ନ କରିବା ଆବଶ୍ୟକ ।

୧୦୦ । ଗାଭୀର ପହ୍ନାରେ କ୍ଷୀର ଭରାହୋଇ ବୋହି ପଡୁଥାଏ । ଟିଙ୍କ ସେହି ପହ୍ନାରେ ଲାଖି ରହିଥାଏ । ସେ ପହ୍ନାରୁ ରକ୍ତ ପାନକରିବାରେ ଆନନ୍ଦ ପାଇଥାଏ, କ୍ଷୀରର ସ୍ୱାଦ ସେ କିପରି ଚାଖିବ ?

୧୦୧ । ମଣ୍ଡୁକ ଓ ମଧୁମକ୍ଷିକାଙ୍କୁ ଲକ୍ଷ୍ୟ କରନ୍ତୁ । ଉଭୟଙ୍କୁ ମନୋରମ ପଦ୍ମ ଆଶ୍ରୟ ଦେଇଥାଏ । ମଧୁମକ୍ଷିକା ସୁବାସିତ ପୁଷ୍ପରେଣୁର ଚତୁଃପାର୍ଶ୍ୱରେ ଘୂରିବୁଲୁଥିବା ସମୟରେ ମଣ୍ଡୁକ କୀଟ ଭକ୍ଷଣ କରୁଥାଏ ।

୧୦୨ । ଜ୍ଞାନର ଭଣ୍ଡାର ସମ୍ମୁଖରେ ବିଦ୍ୟମାନ ଥିଲେ ମଧ ମୂର୍ଖ ବ୍ୟକ୍ତି ଅଜ୍ଞତା ଆଡ଼କୁ ଆକର୍ଷିତ ହୋଇଥାଏ ଓ ଅଜ୍ଞତାକୁ ସେ ଜ୍ଞାନ ବୋଧ କରିଥାଏ । ସେଭଳି ବ୍ୟକ୍ତିକୁ ଜ୍ଞାନଶିକ୍ଷା ଦେଲେ କି କାମରେ ଆସିବ !

୧୦୩। ଅଜ୍ଞତା ସମ୍ପୂର୍ଣ୍ଣ ରୂପରେ ଦୂର ହୋଇଗଲେ ବ୍ରହ୍ମଜ୍ଞାନ ସ୍ୱତଃ ପ୍ରକଟିତ ହେବ । ତେଣୁ ପ୍ରଥମରୁ ଅଜ୍ଞତା କ'ଣ, ତା'ର ବ୍ୟାଖ୍ୟା କରାଯିବା ଆବଶ୍ୟକ ବୋଲି ଜାଣି ରଖିଥାନ୍ତୁ ।

୧୦୪ । ଏହି ତ୍ରିଜଗତରେ ବ୍ରହ୍ମଜ୍ଞାନଠାରୁ ଅନ୍ୟ କିଛି ଶୁଦ୍ଧ ନୁହେଁ । ସେହି ଜ୍ଞାନ ଶିକ୍ଷାର ଯଥେଷ୍ଟ ମହତ୍ୱ ରହିଛି । ତାହା ବିନା ଜୀବନ ବ୍ୟର୍ଥ ।

୧୦୫ । ବୁଦ୍ଧିମତ୍ତା ଆଦି ଦ୍ୱାରା ଯେମିତି ବିଭିନ୍ନ ବସ୍ତୁକୁ ଜାଣି ହୋଇଥାଏ, ସମାନ ପ୍ରକାରେ ଏହି ବ୍ରହ୍ମର ଯଦି କୌଣସି ପ୍ରଭାବ ରହୁଥାନ୍ତା, ତେବେ ଅନ୍ତତଃ କୌଣସି ନା କୌଣସି ଭୋଗେନ୍ଦ୍ରିୟ ତାହାକୁ ଜାଣି ପାରିବାରେ ସହାୟକ ହୋଇଥାନ୍ତା ଓ ଜଣେ କହିପାରନ୍ତେ ଯେ "ଏହା ହେଉଛି ସେୟା ।"

୧୦୬ । ବ୍ରହ୍ମର ମୂଳନୀତିରେ ବୁଦ୍ଧିମତ୍ତା ଉଦ୍ଦେଶ୍ୟ ହିସାବରେ ରହିଛି । କିନ୍ତୁ ଯାହା ଇନ୍ଦ୍ରିୟଭୋଗରୁ ଉର୍ଦ୍ଧ୍ୱକୁ ଯାଇଥାଏ, ତାହାକୁ ବୁଦ୍ଧିମତ୍ତା ଅନୁଭବ କରିଥାଏ । ଏହାକୁ 'ସ୍ମୃତି' ଘୋଷଣା କରିଥିଲେ ମଧ୍ୟ 'ଶ୍ରୁତି' ଏଥିରେ ସମ୍ମତ ନୁହଁ ।

୧୦୭ । ଯେତେବେଳେ ବୁଦ୍ଧିମତ୍ତା ଆଦି ରହିନଥାଏ, ସେତେବେଳେ ବୋଧଶକ୍ତି ପ୍ରାୟତଃ ଲୋପ ପାଇଥାଏ । ତା'ହେଲେ ବ୍ରହ୍ମର ବିଦ୍ୟମାନ ପ୍ରକୃତି କିପରି ଆଶ୍ରୟ ପାଇ ରହିଥାଏ ।

୧୦୮ । ଇନ୍ଦ୍ରିୟଗଣ ଯାହା ଯାହା ଅନୁଭବ କରନ୍ତି, ସେ ସମସ୍ତ ରହେ ଅନ୍ୟ କିଛି ରହେନାହିଁ । ଏହା ସମସ୍ତେ ଭଲଭାବରେ ଜାଣନ୍ତି । ସେତେବେଳେ ବ୍ରହ୍ମ ଆଦୌ ରହେନାହିଁ ।

୧୦୯ । ଏ ପର୍ଯ୍ୟନ୍ତ ଯାହାସବୁ କୁହାଗଲା, ତାହାର ଅର୍ଥ ଏୟା ହେବ । ମାତ୍ର ଏହା ଯଦି ସତ୍ୟ ହୁଏ, ତେବେ ସାଂଘାତିକ ହେବ । ଏହା ଫଳରେ କେବଳ ବୁଦ୍ଧିମତ୍ତାହିଁ ପୂରାପୂରି ରହିବ ଓ ସୂକ୍ଷ୍ମରୁ ସୂକ୍ଷ୍ମତର ଭଳି ପଦାର୍ଥସମୂହକୁ ବୁଝିବାରେ ସାହାଯ୍ୟ କରୁଥିବ ।

୧୧୦ । ଏହି ବୁଦ୍ଧିମତ୍ତା ମଧ୍ୟ ଯଦି ଲୁପ୍ତ ହୋଇଯିବ, ତେବେ ମଧ ତାହା ସ୍ଥିତି ସହ ସଂଯୁକ୍ତ ହୋଇ ରହିବ । କାରଣ, ଆତ୍ମା ନିଃସନ୍ଦେହରେ ଏ ଜଗତର ମୂଳ କାରଣ ହୋଇଥାଏ ଓ ସମସ୍ତ ବିଲୁପ୍ତି ମୂଳରେ ହିଁ ଅବଶେଷରେ ରହିଥାଏ ।

୧୧୧ । ଗୋଟିଏ ମାଟିପାତ୍ରକୁ ପଥରଟାଏ ଫିଙ୍ଗିଲେ ତାହାର ରୂପ ଭାଙ୍ଗି ଯାଇଥାଏ ଓ କିଛି ଖଣ୍ଡ ମାତ୍ର ରହିଥାଏ । ପାତ୍ରର ରୂପ ବଦଳି ଯାଇଥିଲେ ମଧ ଖଣ୍ଡଗୁଡ଼ିକ ତାହାର ଅସ୍ତିତ୍ୱ ସୂଚାଇଥାଏ ।

୧୧୨ । ଯଦିଓ ପାତ୍ରଟିର ରୂପର ପ୍ରଭାବ ବିଲୁପ୍ତ ହୋଇଥାଏ, ପାତ୍ରର ସ୍ଥିତି ତାହାର ବିଲୁପ୍ତିକୁ ଜାଣିନଥାଏ । କାରଣ, ପାତ୍ରର ଭଗ୍ନଖଣ୍ଡଗୁଡ଼ିକରେ ତାହାର ନିରବଚ୍ଛିନ୍ନତା ରହିଥାଏ । ତେଣୁ ସେଥିରେ ବାସ୍ତବିକ ସ୍ଥିତିର ସାରବତ୍ତା ରହିଥାଏ ।

୧୧୩। ପ୍ରଭାବର ବିଲୁପ୍ତି ସଂଗେ ସଂଗେ ତାହା ଶୂନ୍ୟ ସ୍ଥାନରେ ପରିଣତ ହୁଏ । ବିଲୁପ୍ତି ସ୍ଥିତିର ପ୍ରକୃତି ସହିତ ଗତି କରିଥାଏ । 'ସତ୍' ବୋଧକରିବାରେ ଏହା ଯଥାର୍ଥ ବିବେଚିତ ହୋଇଥାଏ, ସ୍ଥିତିରେ 'ସତ୍'ର ଧାରଣା ରହିଥାଏ ।

୧୧୪। ପ୍ରତ୍ୟେକ ତୀର୍ଥସ୍ଥାନ ଓ ସଂକଳ୍ପ ପବିତ୍ର କିମ୍ବା ଶୁଦ୍ଧ। କିନ୍ତୁ ଭଗବତ୍ ଜ୍ଞାନ ପବିତ୍ରତମ ଓ ଶୁଦ୍ଧତମ। ତେଣୁ ଭଗବତ୍ ଜ୍ଞାନ ବିନା ଭଜନକୀର୍ତ୍ତନ ଓ ପୂଜାର୍ଚ୍ଚନା ନିରର୍ଥକ।

୧୧୫। ଅଜ୍ଞତା ମନକୁ କଳୁଷିତ କରିଥାଏ । ପ୍ରଭୁ ଭକ୍ତି ବିନା ମନ ନିର୍ମଳ ହୋଇନଥାଏ ଓ ଭକ୍ତି ବିନା ଜ୍ଞାନ ଜାତ ହୁଏ ନାହିଁ।

୧୧୬। ତେଣୁ ପ୍ରଥମରୁ ଅଜ୍ଞତା କ'ଣ ଜାଣିବା ଆବଶ୍ୟକ। ଏହାକୁ ବର୍ଣ୍ଣନା କରାଗଲେ ଓ ସେଥିରୁ ଶିକ୍ଷାଲାଭ କଲେ ହିଁ ବନ୍ଧନ ଛିନ୍ନ ହୋଇଥାଏ। ଭକ୍ତିଭାବନା ହିଁ ତାହା କରିବାର ଏକମାତ୍ର ଉପାୟ।

୧୧୭। ପ୍ରଥମେ ପାଦ ବାହାରକରି ଜନ୍ମ ହୋଇଥିବା ପିଲାର ଚକ୍ଷୁରେ ଅଂଜନ ଲଗାଇଦେଲେ ସେ ମାଟି ତଳେ ଥିବା ସମ୍ପତ୍ତିକୁ ଦେଖି ପାରିଥାଏ ବୋଲି କୁହାଯାଏ । ସେହିଭଳି ଭକ୍ତିଭାବ ଆଚରିଲେ ଅଜ୍ଞତା ଧ୍ୱଂସ ପାଇଥାଏ ଓ ଜ୍ଞାନ ଉଦୟ ହୋଇଥାଏ।

୧୧୮। ଜ୍ଞାନର ଅର୍ଥ ଆତ୍ମୋପଲବ୍ଧି ଲାଭ କରିବା। ସେଥିପାଇଁ ମୁଖ୍ୟ କାର୍ଯ୍ୟ ହେଉଛି ଅଜ୍ଞତାର ବିନାଶ। ପ୍ରଭୁଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ନହେଲେ ମାୟାର ଶକ୍ତି ଅସୀମ ହୋଇଯାଏ।

୧୧୯। ଜ୍ଞାନ ଓ ଅଜ୍ଞାନ ଏକସଂଗେ ମିଶିକରି ରହିଥାନ୍ତି। ଅଜ୍ଞାନକୁ ଫିଙ୍ଗି ଦେଇ ପ୍ରକୃତ ଜ୍ଞାନକୁ ଆପଣାର କରିନିଅ ଯେପରି ପାଣି ଗରମ କରି ଭାତ ରାନ୍ଧିବାକୁ ଯିବା ପୂର୍ବରୁ ପ୍ରଥମେ ଚାଉଳରୁ ଗୋଡ଼ି, ବାଲି ଇତ୍ୟାଦି ବାଛି ଫୋପାଡ଼ି ଦିଆଯାଏ ।

୧୨୦। ଈଶ୍ୱର ସମସ୍ତ ଜୀବଙ୍କ ମଧ୍ୟରେ ରହିଛନ୍ତି। ଜ୍ଞାନ ନିମନ୍ତେ ଯଜ୍ଞ କରି ଓ ଅନ୍ୟ ଉପାସନା କରି ସର୍ବତ୍ର ବିରାଜିତ ଈଶ୍ୱରଙ୍କୁ ଦର୍ଶନ କଲେ ଅଜ୍ଞାନର ବିନାଶ ଘଟିଥାଏ ଓ ଜ୍ଞାନ ରହିଯାଇଥାଏ।

୧୨୧। ଜ୍ଞାନ ନିମିତ୍ତ ଯଜ୍ଞ କିପରି କରିବା, ଆସନ୍ତୁ ଏବେ ସେ ସମ୍ପର୍କରେ ଦେଖିବା। ଯେଉଁ ଖୁଣ୍ଟରେ ବଳି ବନ୍ଧାଯାଇଛି, ତାହା 'ମୁଁ ହିଁ ବ୍ରହ୍ମ' ସିଦ୍ଧାନ୍ତ ଉପରେ ଆଧାରିତ। ପୃଥିବୀର ପଂଚମହାଭୂତ ହେଉଛନ୍ତି ଯଜ୍ଞ ପାଇଁ ଅଗଣା; ଓ ଯେଉଁ ପଶୁକୁ ବଳିଦିଆଯାଇଥାଏ, ତାହା ହେଉଛି ଜୀବ ଓ ବ୍ରହ୍ମ ମଧ୍ୟରେ ଥିବା ପ୍ରଭେଦ ନେଇ ବିଶ୍ୱାସ।

୧୨୨। ପଂଚଇନ୍ଦ୍ରିୟ ଓ ପଂଚପ୍ରାଣ ଏହି ଯଜ୍ଞ ନିମନ୍ତେ କେବଳ ଆବଶ୍ୟକ। ମନ ଓ ବୁଦ୍ଧିମତ୍ତା ମଧ୍ୟସ୍ଥ ଫାଙ୍କା ସ୍ଥାନରେ ଜ୍ଞାନାଗ୍ନି ପ୍ରଜ୍ୱଳିତ କର।

୧୨୩। ଯିଏ ଘିଅ ବଦଳରେ ଅଜ୍ଞତାକୁ ଆହୁତି ଦେଇ ଯଜ୍ଞ କରିଥାନ୍ତି, ସେ ଆତ୍ମାନନ୍ଦରେ ସଂପୂର୍ଣ୍ଣ ମଜ୍ଜି ରହିଥାନ୍ତି ଓ ଯଜ୍ଞଶେଷରେ ସେ ପବିତ୍ର ଜଳରେ ସ୍ନାନ କରିଥାନ୍ତି।

୧୨୪। ଶେଷରେ ସିଦ୍ଧାନ୍ତ ହେଉଛି ଯେ ଘିଅ ବଦଳରେ ଅଜ୍ଞତାକୁ ଆହୁତି ନଦେଲେ ଜ୍ଞାନାଗ୍ନି କଦାପି ପ୍ରଜ୍ୱଳିତ ହେବନାହିଁ। ଜୀବ ଓ ବ୍ରହ୍ମ ମଧ୍ୟରେ ଥିବା ପ୍ରଭେଦକୁ ଜାଳିଦେଲେ ଏକାତ୍ମଜ୍ଞାନର ଚେତନା ପ୍ରକଟିତ ହେବ ।

୧୨୫। ପରିଷ୍କାର ଦର୍ପଣ ଉପରେ ମଇଳା ଯେପରି ଆଚ୍ଛାଦିତ ହୋଇଥାଏ ଓ ଅଗ୍ନିଶିଖାକୁ ଧୂମ୍ରପଟଳ ଯେପରି ଘୋଡ଼ାଇ ରଖିଥାଏ, ସେହିଭଳି ଜ୍ଞାନକୁ କ୍ରୋଧ ଓ କାମନାବାସନା ନିୟନ୍ତ୍ରିତ କରୁଥିଲେ ତାହା ଅଜ୍ଞାନ ଦ୍ୱାରା ଆବୃତ ହୋଇଥାଏ।

୧୨୬। ଠିକ୍ ଯେପରି ରାହୁ ଚନ୍ଦ୍ରକୁ ଲୁଚାଇଦିଏ କିମ୍ବା ବିଲାତି ଦଳ ଜଳକୁ ଘୋଡ଼ାଇଦିଏ, ସେହିପରି ମାୟା ସ୍ୱତେଜୋମୟ ଜ୍ଞାନ ଉପରେ ପରଦା ପକାଇ ଦେଇଥାଏ।

୧୨୭। ଶ୍ରେଷ୍ଠ ଜ୍ଞାନୀମାନଙ୍କର ବୁଦ୍ଧିମତ୍ତା ମଧ୍ୟ କଳୁଷିତ ହୋଇଥାଏ ଓ ସେମାନେ ଘୃଣାର ପାତ୍ର ହୋଇଥାନ୍ତି। ସେମାନେ ପରିସ୍ଥିତିକୁ ସୁଧାରିବାର ଉପାୟ ଜାଣିଥିଲେ ମଧ୍ୟ ତାହା ଅନୁସରଣ କରିନଥାନ୍ତି ଓ ନିଜର ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିଥାନ୍ତି।

୧୨୮। ସେମାନେ ଦେଖିପାରୁଥିଲେ ମଧ୍ୟ ଅନ୍ଧଭଳି କାମ କରନ୍ତି। ସେମାନେ ସତ୍ ପ୍ରବୃତ୍ତି ତ୍ୟାଗକରି ଲଜ୍ଜାହୀନ ଆଚରଣ ଦେଖାଇଥାନ୍ତି। କୁସଂସର୍ଗ ଯୋଗୁଁ ସେମାନେ ପ୍ରାୟତଃ ଜୋରଜବରଦସ୍ତ ଦୁଶ୍ଚିନ୍ତାର କାରଣ ହୋଇଥାନ୍ତି ଓ ନିଜର ଅବାଧ ମର୍ଜିରେ କାମ କରି ଚାଲିଥାନ୍ତି ।

୧୨୯। ଯେଉଁମାନେ ସାଂସାରିକ ଜୀବନରୁ ଅବ୍ୟାହତି ନେଇ ପୁଣି ଗୃହସ୍ଥ ହୋଇ ଫେରିଆସିଥାନ୍ତି ଓ ନିଷିଦ୍ଧ କର୍ମରେ ବଦ୍ଧପରିକର ହୋଇ ବ୍ୟାପୃତ ହୋଇଥାନ୍ତି, ସେମାନେ ଘୃଣିତ ବସ୍ତୁକୁ ଅଧିକ ସୁଖକର ବୋଲି ଗ୍ରହଣ କରିଥାନ୍ତି।

୧୩୦। ଯେଉଁସବୁ ଭୁଲ୍ ଓ ପାପକୁ ସେମାନେ ଚେଷ୍ଟା କରି ଆଡ଼େଇ ଯାଇଥାନ୍ତି, ସେମାନେ ସେଥିରେ ନିଜର

ଅଜ୍ଞତା ବା ଭାଗ୍ୟ ଦୋଷରୁ ପୁଣି ପଡ଼ିଯାଇଥାନ୍ତି। ଏଭଳି ଅବସ୍ଥା ସଂପର୍କରେ କ'ଣ କୁହାଯାଇପାରେ । ଜଣେ ଜ୍ଞାନୀ ବ୍ୟକ୍ତିର ବୁଦ୍ଧିବୃତ୍ତି ?

୧୩୧ । ଯଦିଓ ସେ ଜଣେ ଅତ୍ୟନ୍ତ ଜ୍ଞାନୀ ବ୍ୟକ୍ତି ହୋଇଥାନ୍ତି ଓ ପାପର ଛାୟାକୁ ମଧ ଦେଖିବାକୁ ଚାହିଁନଥାନ୍ତି, ସେ ରାତ୍ରିରେ ପତଙ୍ଗ ଭଳି ଆଲୋକ ଦ୍ୱାରା ପ୍ରତାରିତ ହୋଇ ଥାଆନ୍ତି ଓ ଭଲ ଏବଂ ମନ୍ଦ ମଧ୍ୟରେ ଥିବା ପ୍ରଭେଦକୁ ବାରି ପାରିନଥାନ୍ତି।

୧୩୨ । ସେ ଭଲଭାବରେ ଜାଣିଥାନ୍ତି ଯେ ପାପ କର୍ମ କରାଯିବାହିଁ ଅଜ୍ଞତା, କିନ୍ତୁ ଭୋଗଲାଳସା ପ୍ରତି ଆସକ୍ତି ଯୋଗୁ ସେ ସେଥିପ୍ରତି କର୍ଣ୍ଣପାତ କରିନଥାନ୍ତି।

୧୩୩। ଏହି ସମସ୍ତ କର୍ମ କାମନାବାସନା ହେତୁ କରାଯାଇଥାଏ। କାମନାବାସନାହିଁ ସମସ୍ତ ଅନିଷ୍ଟର କାରଣ ହୁଏ ଓ ତାହା ଶେଷକୁ କ୍ରୋଧରେ ପରିଣତ ହୋଇଥାଏ।

୧୩୪। କାମନାବାସନା ପୂରଣ କରିବାରେ ବାଧା ଉପୁଜିଲେ ବ୍ୟର୍ଥ ଇଚ୍ଛା କ୍ରୋଧରେ ରୂପାନ୍ତରିତ ହୋଇଯାଏ। ଏହା ପ୍ରତି ପଦକ୍ଷେପରେ ମୋକ୍ଷପ୍ରାପ୍ତିକୁ ବାଧା ଦେଇଥାଏ। ଏହିଭଳି କାର୍ଯ୍ୟପନ୍ଥା ଜ୍ଞାନର ଅନ୍ତରାୟ ହୁଏ।

୧୩୫ । ଏହି ଜୀବ କ୍ରୋଧ ଓ କାମନାବାସନା ଦ୍ୱାରା ସୃଷ୍ଟ ଅଭାବ ଅସୁବିଧା ମଧ୍ୟରେ ଛନ୍ଦିହୋଇ ବାନ୍ଧି ହୋଇଯାଏ। ବ୍ରହ୍ମଙ୍କର ମୂର୍ତ୍ତରୂପ ଅତି ନିକଟରେ ଥାଏ ଓ ସେହି ଏକା ସ୍ତରରେ ଜ୍ଞାନ ନିକଟରେହିଁ ରହିଥାଏ।

୧୩୬। ସେମାନେ (କ୍ରୋଧ ଓ କାମନାବାସନା) ବିନା ଜଳରେ ମଧ ବୁଡ଼ାଇ ଦେଇପାରନ୍ତି, ଅଗ୍ନି ବିନା ଜାଳି ଦେଇପାରନ୍ତି, ଅସ୍ତ୍ର ବିନା ମାରି ଦେଇପାରନ୍ତି ଓ ରଜ୍ଜୁ ବିନା ବାନ୍ଧି ଦେଇପାରନ୍ତି।

୧୩୭। ସେମାନଙ୍କ ସମ୍ମୁଖରେ ଜ୍ଞାନୀମାନେ ମଧ ଠିଆହୋଇ ପାରିନଥାନ୍ତି ଓ ସେମାନେ 'ଯୁଦ୍ଧ ଦେହିଂ' ଡାକରା ଦେଲେ ଜ୍ଞାନୀମାନେ ବି ପଛଘୁଞ୍ଚା ଦେଇଥାନ୍ତି। ଜଗତକୁ ଧ୍ୱଂସ କରିଦେବାର କ୍ଷମତା ସେମାନଙ୍କ ନିକଟରେ ରହିଛି ଓ ଜୀବମାନଙ୍କର ଅଜାଣତରେ ସେମାନେ ଜୀବମାନଙ୍କୁ ଗିଳିପକାଇଥାନ୍ତି।

୧୩୮ । ଠିକ୍ ଯେପରି ମୃତ୍ୟୁଦୂତ ସର୍ପ ଚନ୍ଦନବୃକ୍ଷର ମୂଳରେ ଗୁଡ଼ାଇହୋଇ ରହିଥାଏ, ସେହିପରି କ୍ରୋଧ ଓ କାମନାବାସନା ଜ୍ଞାନର ଭୂଣକୁ ପତଳା ଆବରଣ ମଧ୍ୟରେ ଆଚ୍ଛାଦିତ କରି ରଖିଥାଏ।

୧୩୯ । ପଂଚ ଜ୍ଞାନେନ୍ଦ୍ରିୟ, ମନ ଓ ବୁଦ୍ଧି ମଧ୍ୟରେ ସେହି କାମନାବାସନା ଆଶ୍ରୟ ନେଇଥାଏ। ତାହାର ପ୍ରଭାବରେ ମଣିଷର ଜ୍ଞାନ ସ୍ତିମିତ ହୁଏ ଓ ସେ ପ୍ରଲୋଭିତ ହୋଇଥାଏ।

୧୪୦। ତୁମେ ଚନ୍ଦନକାଠ ଆଣିବାକୁ ଚାହୁଁଥିଲେ ତୁମକୁ ସର୍ପଟିକୁ ମାରି ଦେବାକୁ ପଡ଼ିବ। କ୍ରୋଧ ଓ କାମନାବାସନାର ଆବରଣକୁ ବାହାର କରିଦେଲେହିଁ ଜ୍ଞାନର ଭଣ୍ଡାର ମିଳିପାରିବ।

୧୪୧। ସର୍ପକୁ ନମାରି କେହି କ'ଣ ଚନ୍ଦନକାଠ ପାଇପାରିବେ ? କୃଷ୍ଣ ସର୍ପକୁ ହତ୍ୟା ନକଲେ ତୁମେ ପୋତା ଧନ ପାଇପାରିବ କି ?

୧୪୨ । ସେହିଭଳି ପରଂବ୍ରହ୍ମ ଓ ଆତ୍ମୋପଲବ୍ଧି ପ୍ରାପ୍ତ କରିବା ନିମନ୍ତେ ମାୟାର ପରଦା ହଟାଇବା ହେଉଛି ଏକମାତ୍ର ଉପାୟ।

୧୪୩। ତେଣୁ ପ୍ରଥମେ ଇନ୍ଦ୍ରିୟଗଣଙ୍କୁ ନିୟନ୍ତ୍ରଣ କର ଓ ତାହାକଲେ କ୍ରୋଧ ଓ କାମନାବାସନାର ବିନାଶ ହେବ । ମଣିଷ କ୍ରୋଧ ଓ କାମନାବାସନା ଦ୍ୱାରା ନିୟନ୍ତ୍ରିତ ହେଲେ ଜ୍ଞାନ ଉପରେ ଅଜ୍ଞାନର ପରଦା ପଡ଼ିଯିବ ।

୧୪୪। ଇନ୍ଦ୍ରିୟଗୁଡ଼ିକ ଶରୀର ଅପେକ୍ଷା ସୂକ୍ଷ୍ମ। ମନ ସେମାନଙ୍କଠାରୁ ସୂକ୍ଷ୍ମତର ଓ ବୁଦ୍ଧିମତ୍ତା ମନ ତୁଳନାରେ ସୂକ୍ଷ୍ମତମ। ପରଂବ୍ରହ୍ମ ବୁଦ୍ଧିମତ୍ତାଠାରୁ ମଧ୍ୟ ବହୁତ ସୂକ୍ଷ୍ମ।

୧୪୫ । ଏହି ପରମ ସତ୍ୟ ସମସ୍ତ ପାର୍ଥିବ ସ୍ଥିତି ଓ ସଦ୍‌ଗୁଣକୁ ଅତିକ୍ରମ କରିଯାଇଥାଏ। ପରମାତ୍ମା ସର୍ବମଙ୍ଗଳମୟ। ତାହାହିଁ ଅମୃତ ମଧୁର, ଚିରନ୍ତନ ଆତ୍ମା।

୧୪୬। ଅଦ୍ୱୈତ ଅବସ୍ଥାର ମୂଳମନ୍ତ୍ର ହେଉଛି-ନିରୋଳା ସାକ୍ଷୀ ସ୍ୱରୂପ, ନିଷ୍କଳଙ୍କ, ମୁକ୍ତ ଓ ମୋକ୍ଷ ସନାତନ। ତାହାହିଁ ହେଉଛି ଅନୁଭବକ୍ଷମ ସୁସଙ୍ଗତ ପରମାନନ୍ଦର ପ୍ରକୃତି ।

୧୪୭। ଯାହାକୁ ପଞ୍ଚୀକରମ୍ ବୋଲି କୁହାଯାଏ, ତାହା ହେଉଛି ଅନୁଭବ ଓ ଆଚ୍ଛାଦନର ଏକମାତ୍ର ଆୟୁଧ, ମାୟାର ଏକ ରୂପ ପ୍ରଦର୍ଶନ । ଏ ବିଷୟରେ ସଦା ଜାଗ୍ରତ ରହିବା ଆବଶ୍ୟକ।

୧୪୮। ଏହି ପଞ୍ଚମହାଭୂତ ମଧ୍ୟରେ ଯୁକ୍ତିଯୁକ୍ତ ସଂଯୋଗ ହୋଇନଥିଲେ ସେମାନଙ୍କୁ ସୂକ୍ଷ୍ମ ଉପାଦାନ ବୋଲି

କୁହାଯାଇଥାଏ। ସେମାନଙ୍କର ଉତ୍ପାଦ ଯଥା- ପ୍ରାଣବାୟୁ, ଇନ୍ଦ୍ରିୟ, ମନ ଓ ବୁଦ୍ଧି ଇତ୍ୟାଦି ଆତ୍ମାର ସୂକ୍ଷ୍ମରୂପ ଗଠନ କରିଥାନ୍ତି।

୧୪୯। ପଞ୍ଚମହାଭୂତ ପାଂଚ ପ୍ରକାରରେ ସଂଯୁକ୍ତ ହୋଇ ଆତ୍ମାର ସ୍ଥୁଳ ଅଂଶ ଓ ସ୍ଥୁଳ ଶରୀର ସୃଷ୍ଟି କରିଥାନ୍ତି। ଜ୍ଞାନୀମାନେ ଏହାକୁ 'ବିରାଟ' ବୋଲି କହିଥାନ୍ତି ଯାହା ହେଉଛି ସ୍ଥୁଳ ବା ପାର୍ଥିବ ଶରୀର।

୧୫୦। ସ୍ଥୁଳ ଓ ସୂକ୍ଷ୍ମ ଶରୀର ସୃଷ୍ଟିର କାରଣ ହେଉଛି ଆତ୍ମାର ପ୍ରକୃତ ପ୍ରକୃତି ସମ୍ବନ୍ଧରେ ଅଜ୍ଞତା। ଏହାର ଆକୃତି,ଯାହା ହେଉଛି ଅବ୍ୟାକୃତି[୫], ତାହାକୁ ନେଇ ଶରୀରହିଁ ହେଉଛି ଆତ୍ମାର କାରଣ ବୋଲି ଜାଣିଥାନ୍ତୁ।

୧୫୧। ଏହାକୁ କାରଣଯୁକ୍ତ ଶରୀର ବୋଲି କୁହାଯାଏ, ଯାହା ଅନୁଭବର ପ୍ରତିଫଳନ ସହିତ ସଂଯୁକ୍ତ ହୋଇଥାଏ। ଏହା ଅଜ୍ଞତାର କାରଣ ହୁଏ ଓ ଏହାକୁ ଅବ୍ୟକ୍ତ ଏବଂ ଅନୁଦ୍‌ଗତ ବୋଲି କୁହାଯାଇଥାଏ।

୧୫୨। ଏ ସମସ୍ତର କାରଣ ବିଭାଜ୍ୟ ନୁହେଁ କି ଅବିଭାଜ୍ୟ ନୁହେଁ କିମ୍ବା ଉଭୟ ମଧ୍ୟ ନୁହେଁ। କାରଣ, କ୍ଷୟଶୀଳ ଶରୀରରେ ଯେଉଁ ଜ୍ଞାନ କେବଳ ପ୍ରାପ୍ତ ହେବା ଆବଶ୍ୟକ ତାହା ହେଉଛି ଆତ୍ମା ଓ ବ୍ରହ୍ମର ମିଳନ ସମ୍ବନ୍ଧୀୟ ଜ୍ଞାନ।

୧୫୩। ଜଣେ ନିଜ ସ୍ୱରୂପରେ ରହିବାକୁ ମୋକ୍ଷ ବା ମୁକ୍ତି ବୋଲି କୁହାଯାଇଥାଏ। ନିଜର ପ୍ରକୃତ ସ୍ୱରୂପ ନମିଳିବା ପର୍ଯ୍ୟନ୍ତ ମୋକ୍ଷ ପ୍ରାପ୍ତି ହୁଏ ନାହିଁ।

୧୫୪। ଯଦି କେବଳ ବ୍ରହ୍ମ ସହିତ ଆତ୍ମାର ମିଳନ ସମ୍ବନ୍ଧୀୟ ଜ୍ଞାନପ୍ରାପ୍ତ ହୁଏ, ତେବେ ଅଜ୍ଞତା ଦୂର ହୋଇଯାଇଥାଏ। ତେଣୁ ଅଜ୍ଞତା କ'ଣ, ତାହାର ବର୍ଣ୍ଣନା କରାଯିବା ଆବଶ୍ୟକ।

୧୫୫। ଅଜ୍ଞତା ଯୋଗୁଁ ଯାହା ମଳିନ ପଡ଼ିଯାଇଥାଏ, ତାହା କଳଙ୍କିତ ଅବସ୍ଥା ପ୍ରାପ୍ତ ହୋଇଥାଏ। ସେହି ଅବସ୍ଥାକୁ ସ୍ଥିତି ବୋଲି କୁହାଯାଇଥାଏ। ଏହି ପ୍ରାପ୍ତ ଅବସ୍ଥାକୁ ଭାଷାରେ ସୂଚିତ କିମ୍ବା ପ୍ରକାଶିତ କରିହୁଏ।

୧୫୬। ଯଦିଓ ମୂଳରୁ ଏହା ଇନ୍ଦ୍ରିୟଜ୍ଞାନର ବାହାରେ, ଏହାକୁ ଭାଷାରେ ବୁଝାଇ ହୋଇଥାଏ। ସେହି ସମୟରେହିଁ ରୂପ ମନ ମଧ୍ୟକୁ ପ୍ରବେଶ କରି 'ଓଁ'କାର ରୂପ ଗ୍ରହଣ କରିଥାଏ।

୧୫୭। ଏହି ଓଁକାର ବ୍ରହ୍ମ ଉପରେ ଧ୍ୟାନସ୍ଥ ହୋଇ ଯିଏ ପ୍ରଭୁଙ୍କ ନାମ ସ୍ମରଣ କରି କରି ଦେହତ୍ୟାଗ କରିଥାଏ, ସେ ଧନ୍ୟ ହୋଇଥାଏ।

୧୫୮। ସେ ଯାହାହେଉ, କଥିତ ଶବ୍ଦ 'ଓଁ' ହିଁ ଅବ୍ୟକ୍ତ ଓ ଅଦୃଶ୍ୟ ବ୍ରହ୍ମଙ୍କ ସ୍ୱରୂପ। ଏହି ଅବ୍ୟକ୍ତରୁ ମହତ୍ତ୍ୱର[୬] ନୀତି ଉଦ୍ଭବ ହୋଇଥାଏ ଓ ବିକଶିତ ହୋଇଥାଏ ଏବଂ ସେଇଥିରୁହିଁ ଅହଂଭାବ ଜାତ ହୋଇଥାଏ।

୧୫୯। ଅହଂଭାବ ସୂକ୍ଷ୍ମ ମୂଳସୂତ୍ରରୁ ସୃଷ୍ଟି ହୋଇଥାଏ ଓ ପରେ ବଢ଼ି ବଢ଼ି ତାହା ସ୍ଥୁଳ ଭୂତରେ ପରିଣତ ହୋଇଥାଏ। ବସ୍ତୁତଃ, ସମଗ୍ର ପୃଥିବୀ ଏହି ପାଂଚ ମହାଭୂତରୁ ସୃଷ୍ଟି ହୋଇଅଛି।

୧୬୦। ଏହି ପୃଥିବୀର ରୂପ ସମ୍ବନ୍ଧରେ ସୂଚନା ଜାଗତିକ ଅଜ୍ଞାନରୁହିଁ ବସ୍ତୁତଃ ଆସିଥାଏ ଓ ଏହି ଅଜ୍ଞାନକୁ ବିନାଶ କରିବା ନିମିତ୍ତ ଅଜ୍ଞତାର ବ୍ୟାଖ୍ୟା କରାଯିବା ଆବଶ୍ୟକ।

୧୬୧। ଯାହା ଶୁଦ୍ଧ ଚୈତନ୍ୟ ତାହା ସମ୍ପୂର୍ଣ୍ଣ ପବିତ୍ର ଓ ଅକଳୁଷିତ। ଏହାଠାରୁ ଭିନ୍ନ ସବୁକିଛି କଳଙ୍କିତ, କଳୁଷିତ। ଏହି ଉଭୟକୁ ଗୋଳିଆମିଶା କରିଦେବା ଉଚିତ୍ ନୁହେଁ।

୧୬୨। ଯାହା ଅନ୍ତର ମଧ୍ୟରେ ପ୍ରକାଶ କରାଯାଇପାରେ, ତା'ଠାରୁ ବ୍ରହ୍ମ ଏକବାରେ ଭିନ୍ନ ବୋଲି ଜାଣନ୍ତୁ। ତେଣୁ ଉପଯୁକ୍ତ ଶିକ୍ଷାବଳରେ ଅଜ୍ଞାନର ଆସ୍ତରଣଗୁଡ଼ିକୁ ବାହାର କରି ଦିଆଯିବା ଆବଶ୍ୟକ।

୧୬୩। ଶୋଇଥିବା ସମୟରେ ସ୍ୱପ୍ନ ମାଧ୍ୟମରେ ମନ ସ୍ୱତଃ ଚକ୍ଷୁର ବିନା ସାହାଯ୍ୟରେ ତ୍ରିଜଗତକୁ ଦର୍ଶନ କରି ପାରେ କିମ୍ବା କଳ୍ପନା କରିପାରେ। ଅଜ୍ଞତା ହିଁ ଏସବୁର କାରଣ।

୧୬୪। ଗୋଟିଏ ବସ୍ତୁକୁ ଅନୁଭବ କରୁଥିବା ସମୟରେ ରଜ୍ଜୁଟିଏ ସର୍ପର ଭ୍ରମ ସୃଷ୍ଟି କରାଇଥାଏ ଓ ମୁକ୍ତାମାତା ଶାମୁକାବି ରୌପ୍ୟର ଭ୍ରମ ଆଣିଥାଏ।

୧୬୫। ସୂର୍ଯ୍ୟରଶ୍ମିକୁ କେବଳ ଅନୁଭବ କରାଯାଇଥାଏ। ଲୋକେ ଏହାକୁ ମରୀଚିକା ବୋଲି କହିଥାନ୍ତି। କିନ୍ତୁ ଏହା ହେଉଛି ମାୟାର ଏକ ଖେଳ, ଯାହା ସମ୍ମୁଖରେ ଏପରିକି ଜ୍ଞାନୀମାନେ ବି ଅସହାୟ ହୋଇପଡ଼ିଥାନ୍ତି।

୧୬୬। ଜଳନ୍ତାକାଠକୁ ବୃତ୍ତାକାରରେ ଲଗାଏତ୍ ବୁଲାଇଲେ ଅଗ୍ନିଗୋଳକ ଦୃଶ୍ୟ ହୋଇଥାଏ। ଏଠାରେ ମଧ୍ୟ ଏହା ଏକ ବିସ୍ମୟକର ପ୍ରହେଳିକା।

୧୬୭ । ପ୍ରକୃତ ଅଗ୍ନିକୁ ଦେଖିବା ପରେ ଅଗ୍ନିଗୋଲକର ପ୍ରଶ୍ନ ଉଠିନଥାଏ । ସେହିଭଳି ପ୍ରହେଳିକା ଯୋଗୁ ପ୍ରଲୋଭନ ବିସ୍ତାରିତ ହୋଇ ଯେଉଁ ଜଗତ ସୃଷ୍ଟି କରିଥାଏ, ତାହାର ପ୍ରକୃତ ସ୍ଥିତି କିଛି ନଥାଏ ।

୧୬୮ । ଏଭଳି ନିର୍ଦ୍ଧାରଣ କରିବା ଦ୍ୱାରା ଯେତେବେଳେ ପ୍ରହେଳିକା ଦୂର ହୋଇଯାଇଥାଏ, ସେତେବେଳେଯାଇ ଏହି ସାଂସାରିକ ଅସ୍ତିତ୍ୱର ଅବସାନ ଘଟିଥାଏ । 'ମୁଁ' ହିଁ ଶରୀର, ସେ ମୋ'ର ପତ୍ନୀ,ଏହା ମୋ'ର ଘର'-ଏ ସମସ୍ତ କେବଳ ନିଷ୍ଫଳ କସରତ୍‌ହିଁ ହୋଇଥାଏ ।

୧୬୯ । ଏପରିକି ଯେଉଁମାନଙ୍କୁ ଜ୍ଞାନୀ ଓ ବିଦ୍ୱାନ ବୋଲି କୁହାଯାଏ, ସେମାନେ ମଧ୍ୟ ମୋ ପୁଅଝିଅ, ମୋ ଜମିବାଡ଼ି, ମୋ ଗୋରୁଗାଈ ଭଳି ପାର୍ଥିବ ସମ୍ପତ୍ତିର ଆସକ୍ତିରେ ବୁଡ଼ି ରହି ଟିକିଏବି ଆନନ୍ଦ ଉପଭୋଗ କରିପାରିନଥାନ୍ତି ।

୧୭୦ । ଜ୍ଞାନର ବିଭିନ୍ନ ଶାଖାରେ ପାରଦର୍ଶୀ ବୁଦ୍ଧିମାନ ବ୍ୟକ୍ତି ଅନ୍ୟ କାହାରିକୁ ନିଜର ସମକକ୍ଷ ବୋଲି ବିଚାରି ନଥାନ୍ତି । ହୃଦୟରେ ଏଭଳି ଅହଙ୍କାର ରହିଥିଲେ ତାହା ଅଶାନ୍ତିର କାରଣ ହୋଇଥାଏ ।

୧୭୧ । ଏହା ସ୍ୱତଃ ମାୟା ବା ଅଜ୍ଞତା କିମ୍ବା ଅଜ୍ଞାନ ଅବସ୍ଥା ଓ ଆଦିମ ବ୍ୟାପାର ଯାହା ହେଉଛି ମୁଖ୍ୟ । ପ୍ରଥମରୁ ଜ୍ଞାନୀମାନେ ତାହାକୁ ଦୂର କରିବା ଆରମ୍ଭ କରିଦେଇଥାନ୍ତି ଓ ତାହାପରେ ଯାଇ ଜ୍ଞାନ ଉଦୟ ହୋଇଥାଏ ।

୧୭୨ । ତେବେ ଏହି ଜ୍ଞାନ ସ୍ୱପ୍ରତିଭାତ ହୁଏ । ଏହା ସମ୍ବନ୍ଧରେ ଶିକ୍ଷା ଦେବାର ଆବଶ୍ୟକତା ନାହିଁ । ଅଜ୍ଞାନ ଧ୍ୱଂସ ହୋଇଗଲେ ବିଜୟୋଲ୍ଲାସରେ ଜ୍ଞାନ ପ୍ରକଟିତ ହୁଏ ।

୧୭୩ । ଏହା ଏକ ଉଜ୍ଜ୍ୱଳ ରତ୍ନ ଭଳି, ଯାହା ଧୂଳି ମଳି ମଧ୍ୟରେ ବର୍ଷ ବର୍ଷ ଧରି ପୋତି ହୋଇ ରହିଥାଏ ଓ ମନରୁ ଯାହାର ସ୍ମୃତି ଲିଭିଯାଇଥାଏ ।

୧୭୪ । ତା'ପରେ କୌଣସି ଏକ ମୁହୂର୍ତ୍ତରେ ଦୈବାତ୍ କର୍ମ ଦ୍ୱାରା ଓ ଧର୍ମ ସାହାଯ୍ୟରେ ତାହା ହାତକୁ ଆସିଗଲେ ଦେଖାଯାଇଥାଏ ଯେ ମାଟି ଓ ପଥର ଭିତରେ ପୋତି ହୋଇ ରହିଥିବାରୁ ତାହାର ସମସ୍ତ ଔଜ୍ଜଲ୍ୟ ହଜିଯାଇଛି ।

୧୭୫ । ତାହାକୁ ଭଲ ଭାବରେ ପରିଷ୍କାର କରି ଧୂଳି ଓ ମଳି ପୋଛି ଦେଲେ ସେ ତାହାର ପୂର୍ବ ଔଜ୍ଜଲ୍ୟ ଫେରି ପାଇଥାଏ । ତାହାହିଁ ଜ୍ଞାନପ୍ରାପ୍ତିର ଅବସ୍ଥା ।

୧୭୬ । ଧୂଳି ଓ ମଳି ହିଁ ଅଜ୍ଞତା । ଜ୍ଞାନକୁ ଅଜ୍ଞାନ ଘୋଡ଼େଇ ରଖିଥାଏ । ଧୂଳି ଓ ମଳିକୁ ବାହାର କରିଦେବା ପରେ ରତ୍ନ ସହଜରେ ଝଲସି ଉଠିଥାଏ ।

୧୭୭ । କ୍ଷୟଶୀଳ ଓ ଚିରନ୍ତନ ବସ୍ତୁ ମଧ୍ୟରେ ଭେଦାଭେଦ ଜାଣିପାରିଲେ ପାପ କ୍ଷୟ ହୋଇଥାଏ । ତାହା ସ୍ୱତଃ ବିଶୋଧିତ ଓ ସଂଶୋଧିତ ହୋଇ ଜ୍ଞାନ ସୃଷ୍ଟି କରିଥାଏ ।

୧୭୮ । ଏହି ଜଗତ ଏକ ମାୟାର ବଜାର ଓ ଏଥିରେ ଅସଲି ଏବଂ ନକ୍‌ଲି ବସ୍ତୁ ଭର୍ତ୍ତି ହୋଇ ରହିଛି । ନକ୍‌ଲି ବସ୍ତୁକୁ ଅସଲି ବୋଲି ବିଶ୍ୱାସ କରି ନେବାପାଇଁ ଅସଂଖ୍ୟ ଗ୍ରାହକ ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି ।

୧୭୯ । କିନ୍ତୁ ଅସଲି ମଧ୍ୟରୁ ନକ୍‌ଲିକୁ ଠିକ୍ ରୂପେ ବାଛିବା ସମୟରେ ଅନେକ ଜ୍ଞାନୀଙ୍କର ଜ୍ଞାନ ମଧ୍ୟ ଧୋକା ଖାଇଯାଇଥାଏ । ଏଭଳି ପ୍ରତାରଣା କରୁଥିବା କାରଣଗୁଡ଼ିକର ସୂଚନା ଜଣେ ଜାଣିବା ନିହାତି ଆବଶ୍ୟକ ।

୧୮୦ । ତେଣୁ ଅସଲି ଓ ନକ୍‌ଲି ମଧ୍ୟରେ ପ୍ରଭେଦ ଜାଣିବାକୁ କଷଟିପଥର ଆବଶ୍ୟକ ହୁଏ । ସେ(ସଦ୍‌ଗୁରୁ) ସହଜରେ ପ୍ରଭେଦ ଦର୍ଶାଇ ଦେଇ ଅଜ୍ଞତାକୁ ଅବଶେଷରେ ଦୂର କରିଦେଇଥାନ୍ତି ।

୧୮୧ । ଅଜ୍ଞାନ ଦୂର ହୋଇଗଲେ ଜ୍ଞାନ ରହିଥାଏ ଓ ମାୟାକୁ ସହଜରେ ହଟେଇ ଦିଆଯାଇଥାଏ । କେବଳ ଆତ୍ମାହିଁ ରହିଥାଏ, ଏକଥା ଜାଣିଥାନ୍ତୁ । କୌଣସି ଆଖିଦେଖା ପ୍ରମାଣର ଆବଶ୍ୟକତା ନାହିଁ ।

୧୮୨ । ଯଦିଚ ଜ୍ଞାନର ଦୃଶ୍ୟ ପରିଷ୍କାର ହୋଇଥାଏ, ଏହା କଳ୍ପନାର ଅନ୍ଧକାରରେ ମଳିନ ପଡ଼ିଯାଇଥାଏ । ଏହି ଅନ୍ଧକାର ଆଧାତ୍ମିକ ଶିକ୍ଷା ବା ଉପଦେଶ ଦ୍ୱାରା ଦୂରୀଭୂତ ହୋଇଥାଏ ଓ ସଂପୂର୍ଣ୍ଣ ଜ୍ଞାନ ହିଁ ଶେଷକୁ ରହିଯାଇଥାଏ ।

୧୮୩ । ପ୍ରକୃତରେ ରାସ୍ତା ଉପରେ ଫୁଲମାଳଟିଏ ପଡ଼ିରହିଥିଲେ ସ୍ତିମିତାଲୋକରେ ତାହା ସର୍ପର ଭ୍ରମ ସୃଷ୍ଟିକରେ । ଏହି ଭ୍ରମ ସୃଷ୍ଟି କରିବାର କାରଣ ହେଉଛି ଅଜ୍ଞତା ।

୧୮୪ । ପକେଟ ଭିତରେ ଲୁକ୍କାୟିତ ବର୍ତ୍ତିକାକୁ ବାହାରେ ପ୍ରଜ୍ଜ୍ୱଳିତ କଲେ ଅଜ୍ଞାନ ଦୂର ହୋଇଯାଇଥାଏ । ପ୍ରକୃତ ସ୍ୱରୂପ ପରିଷ୍କାର ଭାବରେ ଦୃଶ୍ୟ ହୋଇଥାଏ । ସର୍ପର ଭ୍ରମ ଆପେ ଆପେ ଦୂର ହୋଇଯାଇଥାଏ ।

୧୮୫। ଅଜ୍ଞତାର ବିପଦ ବା କୁଫଳକୁ ଦୂରେଇ ଦେବାର ଉପାୟ ହେଉଛି ଉପଦେଶ। ତେଣୁ ଜ୍ଞାନୀବ୍ୟକ୍ତିମାନେ ଅଜ୍ଞତା କହିଲେ କ'ଣ ବୁଝାଏ, ସେ ସମ୍ବନ୍ଧରେ ଉପଦେଶ ଦେଇ ନିଜକୁ ଶ୍ରାନ୍ତ କରିଥାନ୍ତି ।

୧୮୬। ପୂର୍ବଜନ୍ମମାନଙ୍କରେ ଅଜ୍ଞତାବଶତଃ କରାଯାଇଥିବା ପ୍ରାରବ୍ଧ କର୍ମଯୋଗୁଁ ବର୍ତ୍ତମାନର ସାଂସାରିକ ଜୀବନରେ ରହିବାକୁ ହୋଇଥାଏ । ପ୍ରଥମରୁ ଏହି ଜ୍ଞାନ ହେବା ଆବଶ୍ୟକ ।

୧୮୭। 'ଜ୍ଞାନ ହିଁ ସତ୍ୟ ଓ ବ୍ରହ୍ମ ସନାତନ' ! ଅଜ୍ଞତା, ମାୟାମରୀଚିକା ଇତ୍ୟାଦିର କାରଣ ହେଲା ଭ୍ରମାତ୍ମକ ଧାରଣା। ଏହି ଭ୍ରମ ଧାରଣା ଦୂର ହେବା ପରେହିଁ ଜ୍ଞାନ ସମ୍ପର୍କରେ ଭ୍ରାନ୍ତ ଧାରଣା ଦୂର ହୋଇଥାଏ।

୧୮୮। ଯିଏ ନିଜର ଆତ୍ମବଡ଼ିମା ତ୍ୟାଗ କରିନଥାଏ, ତାକୁ କିଏ ବା କାହିଁକି ଜ୍ଞାନୀ ବୋଲି କହିବ ? ଯିଏ ମିଥ୍ୟା ଗାରିମାର ଆଗାର, ତାହାକୁ ଅଜ୍ଞତାର ମୂର୍ତ୍ତିମନ୍ତ ରୂପ ବୋଲି କୁହାଯାଇପାରେ।

୧୮୯ । ଯାହାକୁ ମାୟାମରୀଚିକାର ବନ୍ୟା ବୋଲି କୁହାଯାଏ ଓ ଯେଉଁଥିରେ ସମଗ୍ର ବିଶ୍ୱ ପୂର୍ଣ୍ଣମାତ୍ରାରେ ନିମଜ୍ଜିତ ହୋଇଥାଏ, ତାହା ହେଉଛି ସାଂସାରିକ ଅସ୍ତିତ୍ୱ ଯାହାର ପ୍ରଧାନ ଅବଲମ୍ବନ ହେଉଛି ଅଜ୍ଞତା ।

୧୯୦। ଏହା ଅଜ୍ଞତାରୁହିଁ ଉଦ୍ଭବ ହୋଇଥାଏ ଓ ଏହାର ଚମତ୍କାରିତା ବି ଅଜ୍ଞତାରୁ ଜାତ ହୋଇଥାଏ। ଯେଉଁଠାରେ ଏକତ୍ୱ ନଥାଇ ବହୁତ୍ୱ ରହିଥାଏ, ତାହା ମଧ୍ୟ ଅଜ୍ଞତା ଭିତରେ ଆଶ୍ରୟ ନେଇଥାଏ।

୧୯୧। ଯେତେବେଳେ ଅଳ୍ପ ଅନ୍ଧାର ଓ ଅଳ୍ପ ଆଲୋକ (ସ୍ତିମିତାଲୋକ) ରହିଥାଏ, ସେତେବେଳେ ରାସ୍ତା ଉପରେ ପଡ଼ିଥିବା ରଜ୍ଜୁଟିଏ ସତରେ ରଜ୍ଜୁ ହୋଇଥିଲେ ମଧ୍ୟ ସର୍ପର ଭ୍ରମ ସୃଷ୍ଟି କରିଥାଏ ଓ ପଥିକକୁ ଭୟଭୀତ କରିଥାଏ।

୧୯୨। ଏହା ଏକ ସର୍ପ ବୋଲି ଭ୍ରାନ୍ତ ଧାରଣା ତୁଚ୍ଛା ଅଜ୍ଞତାରୁହିଁ ସୃଷ୍ଟି ହୋଇଥାଏ। ସେହି ଅଜ୍ଞତା ସତ୍ୟକୁ ଘୋଡ଼ାଇ ରଖିଥାଏ। ଏହି ଅଜ୍ଞତା ଦୂର ନହେବା ପର୍ଯ୍ୟନ୍ତ ମନ ଭୟମୁକ୍ତ ହୋଇପାରିନଥାଏ।

୧୯୩। କେତେଜଣଙ୍କୁ ଏହା ପୁଷ୍ପମାଳା ସଦୃଶ ଦୃଶ୍ୟ ହେଉଥିବା ସମୟରେ କେତେଜଣଙ୍କୁ ଏହା ଯଷ୍ଟି ସଦୃଶ ଦୃଶ୍ୟ ହୋଇଥାଏ। ସଂକ୍ଷେପରେ କହିଲେ, ଏ ସମସ୍ତ ଅଘଟଣ ମନ ମଧ୍ୟରେ ଭ୍ରାନ୍ତ ଧାରଣା ଓ ଅତ୍ୟଧିକ ଭୁଲ ବିଚାର ଯୋଗୁଁ ହୋଇଥାଏ ।

୧୯୪। ଯିଏ ବେଦ-ବର୍ଣ୍ଣିତ ବାଣୀକୁ ଅନୁସରଣ କରନ୍ତି ଓ ଭଗବତ୍ ବିଶ୍ୱାସୀ ଅଟନ୍ତି, ସେ ହିଁ କେବଳ ବ୍ରହ୍ମଜ୍ଞାନ ଲାଭ କରିବା ପାଇଁ ଯୋଗ୍ୟ ହୋଇଥାନ୍ତି। ଯିଏ ବହୁଜନ୍ମ ଧରି ନାସ୍ତିକ, ସେ ଏଥିପାଇଁ କେବେହେଲେ ଯୋଗ୍ୟ ହୋଇ ପାରିବେ ନାହିଁ।

୧୯୫। ଯେଉଁମାନେ ଚଳ ଓ ଅଚଳ ଜୀବ ଏବଂ ବସ୍ତୁମାନଙ୍କର ବାସସ୍ଥଳ ରୂପରେ ପୃଥିବୀକୁ ଦେଖିଥାନ୍ତି, କିନ୍ତୁ ତାହା ପ୍ରଭୁଙ୍କର ଭିନ୍ନ ଭିନ୍ନ ମୂର୍ତ୍ତରୂପ ବୋଲି ଭାବିନଥାନ୍ତି, ସେମାନେ ବିଭ୍ରାନ୍ତ ହୋଇଥାନ୍ତି । ସେମାନେ ଜନ୍ମ ଓ ମୃତ୍ୟୁର ଚକ୍ରବ୍ୟୂହରୁ ନିସ୍ତାର ପାଇପାରିନଥାନ୍ତି ଓ ସେମାନଙ୍କ ନିମନ୍ତେ ବ୍ରହ୍ମଜ୍ଞାନ ଅପ୍ରାପ୍ତ ହୋଇଥାଏ କିମ୍ବା ତାହାର ପ୍ରାପ୍ତି ଅତ୍ୟନ୍ତ କଠିନ ହୋଇଥାଏ ।ଅପର ପକ୍ଷରେ, ଯୋଗ୍ୟ ବ୍ୟକ୍ତିମାନେ ତାହାକୁ ଅତି ସହଜରେ ପ୍ରାପ୍ତ କରିଥାନ୍ତି।

୧୯୬। ଏ କ୍ଷେତ୍ରରେ ଯେତେହେଲେବି କୌଣସି ଧର୍ମୋପଦେଶ ପ୍ରଭାବଶାଳୀ ନୁହେଁ କି ବେଦ ବେଦାନ୍ତ ଗ୍ରହଣଯୋଗ୍ୟ ନୁହେଁ, ବିବିଧ ଧର୍ମଶାସ୍ତ୍ରର ଅର୍ଥ ବୁଝିବା ନିମନ୍ତେ ଜ୍ଞାନ ପର୍ଯ୍ୟାପ୍ତ ନୁହେଁ କି ସେ ଶାସ୍ତ୍ରଗୁଡ଼ିକୁ ପଠନ ଓ ଶ୍ରବଣ କରିବାରେ ପାରଦର୍ଶିତା ଯଥେଷ୍ଟ ନୁହେଁ ।

୧୯୭। ଭାଷା ବ୍ୟବହାର କରି ଜଣେ ପୋଥିଗତ ଜ୍ଞାନ ଆହରଣ କରିପାରେ, କିନ୍ତୁ ତାହା କ'ଣ ବ୍ରହ୍ମ ଓ ସତ୍ୟ ଜ୍ଞାନ ପ୍ରଦାନ କରିପାରିବ ? ବୁଦ୍ଧିମତ୍ତା ଅବଶ୍ୟ ଭେଦାଭେଦ ବିଚାର କରିପାରେ, ମାତ୍ର ବ୍ରହ୍ମ କିମ୍ବା ସତ୍ୟ ତାହାର ଆଦେଶାନୁବର୍ତ୍ତୀ ନୁହଁନ୍ତି ।

୧୯୮। ସବୁ ଶ୍ରୁତି ତାହାକୁ ବର୍ଣ୍ଣନା କରିବା ନିମନ୍ତେ ଆପ୍ରାଣଚେଷ୍ଟା କରିଥିଲେ ମଧ ବ୍ରହ୍ମ କିମ୍ବା ସତ୍ୟଜ୍ଞାନ ପ୍ରାପ୍ତ କରି ପାରିନାହାନ୍ତି। ସେମାନେ ବ୍ରହ୍ମ ବା ସତ୍ୟର ଗୁଣକୀର୍ତ୍ତନ କରିବାକୁ ଆଦରି ନେଇଥିଲେ ମଧ ସେହି ଜ୍ଞାନ ଅନ୍ୱେଷଣ କରିବାର ଇଚ୍ଛା ପରିତ୍ୟାଗ କରିଛନ୍ତି।

୧୯୯। ଦର୍ଶନବିଦ୍ୟାର ଷଡ଼ ରକ୍ଷଣଶୀଳ ପଣ୍ଡିତଗୋଷ୍ଠୀ ଆଜି ପର୍ଯ୍ୟନ୍ତ ଏହା ଉପରେ ଯୁକ୍ତିତର୍କ କରିବାରେ ନିଜକୁ

ନିୟୋଜିତ କରିରଖିଥିଲେ ମଧ୍ୟ ଆତ୍ମା ଅବର୍ଣ୍ଣନୀୟ ହୋଇ ରହିଅଛି ଓ ଭାଷାର ପରିସର ମଧ୍ୟକୁ ଆସି ପାରିନାହିଁ।

୨୦୦। ବହୁତ ବଡ଼ ବଡ଼ ଜ୍ଞାନୀ ବ୍ୟକ୍ତି ଆତ୍ମା ସମ୍ପର୍କରେ ବର୍ଣ୍ଣନା କରିବାକୁ ଯାଇ ସୂର୍ଯ୍ୟ ସାମ୍ନାରେ ଜୁଳୁଜୁଳିଆ ପୋକ ସଦୃଶ ହୋଇଯାଇଛନ୍ତି। ଆତ୍ମଜ୍ଞାନ ଉପଲବ୍ଧ ହେଲେ ଶବ୍ଦର ନିରର୍ଥକ ଗୋଲକଧନ୍ଦା ଉଭେଇଯିବ।

୨୦୧। ଲକ୍ଷ୍ୟ କରନ୍ତୁ ଯେ ପୃଥିବୀରେ ରାତ୍ରିର ଅନ୍ଧକାରରେ ସମସ୍ତ କାର୍ଯ୍ୟ ଆଲୋକବର୍ତ୍ତିକାର ଆଲୋକ ସାହାଯ୍ୟରେ କରାଯାଉଅଛି। କିନ୍ତୁ, ପ୍ରଭାତରେ ସୂର୍ଯ୍ୟ ଉଦୟ ହେଲେ ଲୋକେ ଆଲୋକବର୍ତ୍ତିକାକୁ ତୁଚ୍ଛ ମନେ କରିଥାନ୍ତି।

୨୦୨। ସୁତରାଂ ଯାହା(ଆତ୍ମଜ୍ଞାନ) ଭାଷାରେ ବର୍ଣ୍ଣନା ଯୋଗ୍ୟ ନୁହେଁ, ତାହାକୁ କିପରି ଶିକ୍ଷା ଦିଆଯାଇ ପାରିବ ? ତେଣୁ ବକ୍ତା କେବଳ କଥାରେହିଁ ଅଜ୍ଞତାକୁ ଧ୍ୱଂସ କରିବାର ଲକ୍ଷ୍ୟ ରଖିବା ଉଚିତ୍।

୨୦୩। ଆତ୍ମାର ସ୍ଥିତିରେ ବିଶ୍ୱାସରଖି ବିଚାରବୁଦ୍ଧି ସହକାରେ ଯେଉଁ ଉପାସନା କରାଯାଏ, ତାହା ମାଧ୍ୟମରେ ଆତ୍ମା ପରିତୃପ୍ତ ହୋଇଥାଏ ଓ ପରମାତ୍ମାଙ୍କର ଜ୍ଞାନ ପ୍ରକଟ ହୁଏ ଏବଂ ଉପାସନାକାରୀ ବା ଉପାସକଙ୍କ ନିକଟକୁ ସେହି ଜ୍ଞାନ ପ୍ରସାରିତ ହୋଇଥାଏ ।

୨୦୪। ଆତ୍ମା ବଦଳରେ ଯଦି ଜଣେ ପରମାତ୍ମାଙ୍କୁ ଧ୍ୟାନକରେ ଓ ଉଭୟଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ଦେଖୁନଥାଏ ଏବଂ ଏଭଳିଭାବରେ ଉପାସନା କରୁଥାଏ, ତେବେ ଉପାସନାକାରୀଙ୍କ ଉପରେ ଆତ୍ମା ତୁଷ୍ଟ ହୋଇଥାଏ ।

୨୦୫। ଆତ୍ମାର ତୃପ୍ତିଲାଭ ନିମନ୍ତେ ଅନ୍ୟ କୌଣସି ଉତ୍ତମ ପନ୍ଥା ନାହିଁ। ସାଧକ ଆତ୍ମା ଆଡ଼କୁ ଢଳିଛନ୍ତି ଦେଖିଲେ ଆତ୍ମା ନିଜେ କୃପା କରିଥାଏ।

୨୦୬। ଯେତେବେଳେ ଗ୍ରନ୍ଥର ଲକ୍ଷ୍ୟ ପୂର୍ଣ୍ଣ ହୋଇଯାଏ, ବକ୍ତା ଶେଷକୁ ଶ୍ରୋତାଗଣଙ୍କୁ କ୍ଷମା ପ୍ରାର୍ଥନା କରନ୍ତି। କାରଣ, ସେ ସେମାନଙ୍କୁ ଶ୍ରବଣ କରିବାର କଷ୍ଟ ମଧ୍ୟରେ ପକାଇଛନ୍ତି। ଏହା ଏକ ପ୍ରଚଳିତ ପ୍ରଥା।

୨୦୭। କିନ୍ତୁ ଏହି ସତ୍‌ଚରିତ କ୍ଷେତ୍ରରେ ତାହା ପ୍ରଯୁଜ୍ୟ ନୁହେଁ। କାରଣ, ମୋର ଏହାକୁ ଲେଖିବାର କ୍ଷମତା ନାହିଁ। ମୋ ହାତରେ କଲମ କେବଳ ଧରାଇ ଦେଇ ଶ୍ରୀସାଇ ନିଜେ ତାଙ୍କ କାହାଣୀ ଲେଖିଛନ୍ତି ।

୨୦୮। ସୁତରାଂ ମୁଁ ଏହି ଗ୍ରନ୍ଥର ରଚୟିତା ନୁହେଁ ଓ କାହାରିକୁ ମୁଁ କୌଣସି କଷ୍ଟ ମଧ୍ୟରେ ପକାଇନାହିଁ। ଯଦି ମୁଁ ଶ୍ରୋତାମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରେ, ତେବେ ଅଯଥାରେ ମୁଁ ଏହି କାର୍ଯ୍ୟର ଦାୟିତ୍ୱ ବହନ କରୁଅଛି।

୨୦୯। ଏହାର ଗୁଣାଗୁଣ ନିମନ୍ତେ ମୋର ଦାବୀ ନାହିଁ, କିମ୍ବା ଦୋଷାଦୋଷ ପାଇଁ ମଧ୍ୟ ମୁଁ ଦାୟୀ ନୁହେଁ। ଶ୍ରୀସାଇ ନିଜେ ଏହାର କର୍ତ୍ତା ହୋଇଥିବାରୁ କଥାଟା ସେଇଠାରେ ଶେଷ ହୋଇଯାଉଛି।

୨୧୦। ଶ୍ରୀସାଇଙ୍କର ଅନୁମତି ନେଇ ସେ ଯେପରି କହିଛନ୍ତି, ମୁଁ ଠିକ୍ ସେହିଭଳି ଲେଖିଅଛି। ଶ୍ରୋତାମାନଙ୍କ ପାଖରେ ମୋର ଯଥେଷ୍ଟ ଅଜ୍ଞତା ରହିଛି ବୋଲି ମୁଁ ବିଚାର କରିଅଛି।

୨୧୧। ମୋର ସମଗ୍ର ସତ୍ତାରେ ପରିବ୍ୟାପ୍ତ ହୋଇ ଗୁରୁଦେବ ହିଁ ବିଷୟବସ୍ତୁ ଉପରେ ଆଲୋକପାତ କରିଛନ୍ତି ଏବଂ ଏହାଦ୍ୱାରା ସେ ନିଜର ମହିମା, ଶକ୍ତି ଓ ଗାରିମା ଜଣାଇ ଦେଇଛନ୍ତି।

୨୧୨। ଯିଏ କେହି ଏହି ଗ୍ରନ୍ଥର ଦୋଷଗୁଣ ବାହାର କରିବେ, ସେ ସାକ୍ଷାତ୍ ନାରାୟଣ ହୋଇଥିବାରୁ ମୋର ଶ୍ରଦ୍ଧା ଓ ଭକ୍ତି ପାଇବାର ଯୋଗ୍ୟ ହେବେ।

୨୧୩। ଶ୍ରୀସାଇ ନିଜର ଜୀବନଚରିତ ସର୍ଜନା କରି ଭକ୍ତମାନଙ୍କର ପରମ କଲ୍ୟାଣ ନିମନ୍ତେ ଏହି କାହାଣୀ ହେମାଡ଼ର ହାତଧରି ଲେଖାଇ ନେଇଛନ୍ତି।

୨୧୪। ଶ୍ରୀସାଇ ଜନସାଧାରଣଙ୍କୁ ଅନୁଗ୍ରହ କରିବାପାଇଁ, ଜନସାଧାରଣଙ୍କ ମନରୁ କୁଚିନ୍ତା ଓ ଜିଦ୍‌ଖୋର ପ୍ରବୃତ୍ତିକୁ ବିଲୋପ କରିବାପାଇଁ ଏବଂ ଜନସାଧାରଣଙ୍କ ମଧ୍ୟରେ ସଂହତି ଓ ସୌହାର୍ଦ୍ଦ୍ୟ ରକ୍ଷାକରିବା ପାଇଁ ଶରୀର ଧାରଣ କରିଥିଲେ ।

୨୧୫। ତେଣୁ ହେମାଡ଼ ତାଙ୍କ ଉପରେ ସର୍ବାନ୍ତଃକରଣରେ ବିଶ୍ୱାସରଖି ତାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ କରୁଛି । ଉପସ୍ଥିତ ଶ୍ରୋତାମାନେ ସଂପୂର୍ଣ୍ଣ ମନଧ୍ୟାନ ଦେଇ ପରବର୍ତ୍ତୀ ଚିତ୍ତାକର୍ଷକ କାହାଣୀ ଶୁଣିବା ପାଇଁ ପ୍ରସ୍ତୁତ ରହନ୍ତୁ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ

ସମର୍ଥ ସତ୍‌ଚରିତ'ର "ଅଜ୍ଞତାର ଦୂରୀକରଣ" ଶୀର୍ଷକ ପଂଚାଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ମୁକ୍ତି ବା ମୋକ୍ଷପ୍ରାପ୍ତି ଚାରିପ୍ରକାରର ହୋଇଥାଏ:

(କ) ସାଲୋକତା-ଏକଲୋକରେ ବା ଏକା ସ୍ୱର୍ଗରେ ଦେବତାଙ୍କ ସହିତ ବାସ କରିବା ।

(ଖ) ସମୀପତା-ଦେବତାଙ୍କ ପାଖରେ ରହିବା ।

(ଗ) ସରୂପତା- ଦେବତାଙ୍କ ସଦୃଶ ହୋଇଯିବା ।

(ଘ) ସାଯୁଜ୍ୟତା- ଦେବତାଙ୍କ ସହିତ ଏକୀଭୂତ ହୋଇଯିବା ।

୨- ଭେଙ୍କଟେଶ ସ୍ତୋତ୍ରରେ କୁହାଯାଇଛି ଯେ ପିପ୍ପଳ ବୃକ୍ଷ କାଉମଳକୁ ସାରରୂପେ ବ୍ୟବହାର କରି ବର୍ଦ୍ଧିତ ହୋଇଥାଏ ।

୩- ରାବଣର ସାନଭାଇ କୁମ୍ଭକର୍ଣ୍ଣ ଯିଏ କେବଳ ଗିଳିବା ଓ ଶୋଇବାରେ ବର୍ଷ କଟାଉଥିଲା ।

୪- ପଂଚମହାଭୂତକୁ ସଠିକ୍ ଭାବରେ ସଂଯୁକ୍ତ କରିବା ।

୫- ଯାହା ବର୍ଦ୍ଧିତ ହୋଇନାହିଁ । ବେଦରେ ଏହାକୁ ମୂଳ ସ୍ୱରୂପ ବୋଲି କୁହାଯାଇଛି ଓ ଏଥିରୁ ସମସ୍ତେ ଉଦ୍ଭବ ହୋଇଛନ୍ତି ।

୬- ଷଡ଼ଶାସ୍ତ୍ର ମଧ୍ୟରୁ ଏକ ଶାସ୍ତ୍ର ହେଉଛି ସାଂଖ୍ୟ । ଏଥିରେ ବର୍ଣ୍ଣନା କରାଯାଇଥିବା ପଚିଶଟି ମୂଳନୀତି ମଧ୍ୟରୁ ଦ୍ୱିତୀୟ ମୂଳନୀତି ।

ଗୀତାର ୪ର୍ଥ ଅଧ୍ୟାୟର ୩୪ଶ ଶ୍ଳୋକ- 'ତଦ୍‌ବିଦ୍ଧି ପ୍ରଣିପାତେନ...'ର ଅର୍ଥ ନାନାଙ୍କୁ ବୁଝାଉଛନ୍ତି ।

ନାନାସାହେବ ଚାନ୍ଦୋରକର

॥ ୫୧ ॥

ତିନି ଭକ୍ତଙ୍କର ତିନୋଟି କାହାଣୀ

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଭକ୍ତମାନଙ୍କର ସହାୟକ ଶ୍ରୀସାଇ ଆପଣଙ୍କର ଜୟ ହେଉ ! ଗୀତାର ଅର୍ଥ ବ୍ୟାଖ୍ୟା କରିଥିବା ହେ ଗୁରୁଶ୍ରେଷ୍ଠ ! ସମସ୍ତ ସିଦ୍ଧିଦାତା ! ମୋ ଉପରେ ଆପଣଙ୍କର କୃପା ହେଉ !

୨ । ମଳୟ ପର୍ବତରେ ଚନ୍ଦନବୃକ୍ଷ ବଢ଼ି ପ୍ରାଣୀମାନଙ୍କର ଗ୍ରୀଷ୍ମତାପଜନିତ କଷ୍ଟ ଲାଘବ କରେ ଅଥବା ଭୂପୃଷ୍ଠରେ ପ୍ରାଣୀମାନଙ୍କ ସୁଖଶାନ୍ତି ପାଇଁ ମେଘମାଳା ବାରିବର୍ଷଣ କରେ ।

୩ । ଅଥବା ବସନ୍ତ ଋତୁରେ ପୁଷ୍ପରାଜି ଦେବତାଙ୍କ ଆରାଧନା ପାଇଁ ପ୍ରସ୍ଫୁଟିତ ହୁଏ ଅଥବା ଶ୍ରୋତାମାନଙ୍କର ସନ୍ତୁଷ୍ଟି ନିମିତ୍ତ ବିଭିନ୍ନ କାହାଣୀ ବା ନୀତିକଥା ଶୁଣାଇବାର ପରମ୍ପରା ପ୍ରଚଳିତ ଥାଏ ।

୪ । ଶ୍ରୀସାଇଚରିତ ଶ୍ରବଣ କଲେ ଉଭୟ ଶ୍ରୋତା ଓ ବକ୍ତା ପବିତ୍ର ହୋଇଥାନ୍ତି ଏବଂ ଶ୍ରୋତାମାନଙ୍କର କର୍ଣ୍ଣ ପବିତ୍ର ହେଉଥିବାବେଳେ ବକ୍ତାଙ୍କର ମୁଖ ପବିତ୍ର ହୋଇଥାଏ ।

୫ । ଗତ ଅଧ୍ୟାୟରେ ଅଜ୍ଞତାର ବିନାଶ ପରେ ଜ୍ଞାନ କିପରି ପ୍ରକଟିତ ହୁଏ, ତାହାର ବର୍ଣ୍ଣନା କରାଯାଇଥିଲା । ଗୀତାର ଶ୍ଳୋକ "ତଦ୍‌ବିଦ୍ଧି ପ୍ରଣିପାତେନ..."ର ବ୍ୟାଖ୍ୟାରୁ ଆଲୋଚନା ଆରମ୍ଭ ହୋଇଥିଲା ।

୬ । ଭଗବତ୍ ଗୀତାର ଉପସଂହାରରେ, ଅର୍ଥାତ୍ ଅଷ୍ଟାଦଶ ଅଧ୍ୟାୟର ଶେଷରେ ବାସ୍ତରିତମ ଶ୍ଳୋକରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପଚାରିଛନ୍ତି-

୭ । "ଏପର୍ଯ୍ୟନ୍ତ ଯେଉଁ କଥୋପକଥନ ହୋଇଛି, ସେଥିରେ ତୁମର ମୋହ ଦୂର ହୋଇଛି ତ ?" ଏହିଭଳି ପ୍ରଶ୍ନଟିଏ ପରିଷ୍କାର ଭାବରେ ପଚରାଯାଇଥିଲା, ସେ ଜ୍ଞାନ ଆହରଣ କଲେ କି ନାହିଁ ପ୍ରଶ୍ନ ନଥିଲା ।

୮ । ସେହିଭଳି ପାର୍ଥ ଉତ୍ତର ଦେଇଛନ୍ତି, "ଆପଣଙ୍କ କୃପାରୁ ମୋର ମୋହ ତୁଟିଯାଇଛି । ମୁଁ କୌଣସି ଜ୍ଞାନ ଲାଭ କରିପାରିନାହିଁ, କିନ୍ତୁ ମୋର ମାୟାମୋହ ନଷ୍ଟ ହୋଇଯାଇଛି ।"

୯ । ମାୟାମୋହର ଅନ୍ୟ ନାମ ହେଉଛି ଅଜ୍ଞତା । କେବଳ ଦୁଇଟି ଭିନ୍ନ ଶବ୍ଦ ବ୍ୟବହାର କରାଯାଇଛି । ଅର୍ଥରେ କୌଣସି ପ୍ରଭେଦ ନାହିଁ । ଗୀତାଜ୍ଞାନୀଗଣ ଏକଥା ଜାଣିଛନ୍ତି ।

୧୦ । "ଆପଣଙ୍କ ଉପଦେଶ ଦ୍ୱାରା ମୋର ମୋହ, ଅର୍ଥାତ୍ ଅଜ୍ଞାନ ନଷ୍ଟ ହୋଇଗଲା" ବୋଲି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ଏକାଦଶ ଅଧ୍ୟାୟର ପ୍ରାରମ୍ଭରେ କହିଛନ୍ତି ।

୧୧ । ଏବେ ଏହି ଅଧ୍ୟାୟରେ କାକାସାହେବ(ହରି ସୀତାରାମ ଦୀକ୍ଷିତ)ଙ୍କର ଅନନ୍ୟ କାହାଣୀ ମୁଁ ବର୍ଣ୍ଣନା କରିବି ଓ ସେ କିପରି ଶିରିଡ଼ିରେ ଅବସ୍ଥାପିତ ହୋଇଥିଲେ, ସେହି କଥା କହିବି ।

୧୨ । ତାଙ୍କ ପୂର୍ବଜନ୍ମର ପୁଣ୍ୟ ଯୋଗୁଁ ଶିରିଡ଼ି ସହିତ ତାଙ୍କର

ସମ୍ପର୍କ ବିଷୟରେ ଓ ଶ୍ରୀସାଇଙ୍କ ସହ ତାଙ୍କର ନିବିଡ଼ ସାନ୍ନିଧ୍ୟ ସମ୍ପର୍କରେ ଏକବାରେ ଆଦ୍ୟରୁ ଶୁଣନ୍ତୁ। ଏସବୁ ପଛରେ ନିର୍ଣ୍ଣାୟକ ହୋଇ ପ୍ରଧାନ କାରଣଟି କ'ଣ ଥିଲା, ଶୁଣନ୍ତୁ।

୧୩। ତାଙ୍କ ସମ୍ପର୍କରେ ଅନେକ କାହାଣୀ ରହିଛି ଓ ତାହା ଆବାଳବୃଦ୍ଧବନିତା ସମସ୍ତେ ଜାଣିଛନ୍ତି। ସେ କିପରି ପ୍ରଥମେ ଶିରିଡ଼ି ଆସିଥିଲେ, ସେ ସମ୍ପର୍କରେ ସମସ୍ତେ ଜାଣନ୍ତି ନାହିଁ।

୧୪। ଏହା ପୂର୍ବ ଜନ୍ମର ପୁଣ୍ୟ ଫଳ ଥିଲା ଓ ସେଥିପାଇଁ ସେ ପ୍ରଭୁଙ୍କ କୃପାର ପାତ୍ର ହୋଇଥିଲେ। ସେଥିପାଇଁ ପରେ ତାଙ୍କୁ ସଦ୍‌ଗୁରୁଙ୍କର ଦର୍ଶନ ମିଳିଥିଲା ଯିଏ ଶିଷ୍ୟମାନଙ୍କୁ ଆତ୍ମାନନ୍ଦର ଆଶୀର୍ବାଦ ଦେଉଥିଲେ।

୧୫। ଏହି ଅଧ୍ୟାୟରେ ମୁଁ ଶ୍ରୋତାମାନଙ୍କ ପାଖରେ ତିନୋଟି କାହାଣୀ ତିନିଜଣ ବିଖ୍ୟାତ ଭକ୍ତଙ୍କ ସମ୍ପର୍କରେ ବର୍ଣ୍ଣନା କରିବି। ତାହା ଶୁଣି ଶ୍ରୋତାମାନଙ୍କର ହୃଦୟ ଶାନ୍ତିରେ ଭରିଯିବ।

୧୬। ଆମ୍ଭେମାନେ ଶହ ଶହ ଉପାୟ ଓ ସାଧନା ଆଧ୍ୟାତ୍ମିକ ଲକ୍ଷ୍ୟ ହାସଲ ନିମନ୍ତେ କରିପାରୁ, କିନ୍ତୁ ସଦ୍‌ଗୁରୁଙ୍କର କୃପା ବିନା ଜୀବନର ଲକ୍ଷ୍ୟ ହାସଲ କରିବା ସମ୍ଭବ ନୁହେଁ।

୧୭। ଏ ବିଷୟରେ ମଧୁର କାହାଣୀ ଶ୍ରବଣ କଲେ ଶ୍ରୋତାମାନଙ୍କର ମନୋବାଞ୍ଛା ପୂରଣ ହେବ। ସେହିଭଳି କାହାଣୀ ପ୍ରତି ଶ୍ରଦ୍ଧା ପ୍ରକାଶ ପାଇବ ଓ ନିଜର କଲ୍ୟାଣ ସାଧନର ଇଚ୍ଛା ବର୍ଦ୍ଧିତ ହେବ।

୧୮। ସବୁଠାରୁ ପବିତ୍ର ଏହି ଅଧ୍ୟାୟଟି ଗୁରୁଙ୍କର ଶିଷ୍ୟମାନଙ୍କୁ ସନ୍ତୁଷ୍ଟ କରିବ। ଶ୍ରୋତାମାନେ ଏହାକୁ ନିଜର ମଙ୍ଗଳ ନିମିତ୍ତ ଧ୍ୟାନ ସହକାରେ ଶ୍ରବଣ କରନ୍ତୁ।

୧୯। ସାଇବାବାଙ୍କ ଭକ୍ତମାନଙ୍କ ମଧ୍ୟରେ ହରି ସୀତାରାମ ଦୀକ୍ଷିତ କାକାସାହେବ ନାମରେ ସୁପରିଚିତ ଥିଲେ ଓ ସମସ୍ତେ ତାଙ୍କୁ ଶ୍ରଦ୍ଧା ସହକାରେ ମନେ ପକାଉଥିଲେ।

୨୦। ସେ ତାଙ୍କର ଆଦ୍ୟ ଜୀବନରେ ସୁଖ୍ୟାତି ଅର୍ଜନ କରିଥିଲେ। ସେହି ସମୟ ତାଙ୍କର ଆନନ୍ଦଦାୟକ ଓ ଆଗ୍ରହଜନକ ଥିଲା। ତେଣୁ ପରମ ଭକ୍ତମାନଙ୍କ ପାଖରେ ମୁଁ ଏହି ବିଷୟର ବର୍ଣ୍ଣନା ଅତ୍ୟନ୍ତ ସଂଭ୍ରମତା ସହକାରେ କରୁଅଛି। ଯେଉଁମାନେ ତାଙ୍କର ଜୀବନଚରିତ ଶୁଣିବାକୁ ବ୍ୟଗ୍ର ଅଟନ୍ତି, ଏହା ସେମାନଙ୍କୁ ନିଶ୍ଚୟ ଆନନ୍ଦ ପ୍ରଦାନ କରିବ।

୨୧। ସିଏ ୧୯୦୯ ମସିହା ପର୍ଯ୍ୟନ୍ତ ଶ୍ରୀସାଇଙ୍କର ନାମ ସୁଦ୍ଧା ଜାଣିନଥିଲେ। କିନ୍ତୁ ପରେ ସେ ଶ୍ରୀସାଇଙ୍କର ପ୍ରଧାନ ଭକ୍ତ ପାଲଟି ଯାଇଥିଲେ ଓ ସମସ୍ତେ ତାଙ୍କୁ ସେହିଭାବରେ ଜାଣିଲେ।

୨୨। ତାଙ୍କର ବିଶ୍ୱବିଦ୍ୟାଳୟ ଶିକ୍ଷା ସମାପ୍ତିର ଅନେକବର୍ଷ ପରେ ନାନାସାହେବ ଚାନ୍ଦୋରକର ଥରେ ଲୋନାଭେଲା[²] ଆସିଥିଲେ।

୨୩। ଦୀକ୍ଷିତ ତାଙ୍କର ଜଣେ ପୁରୁଣା ବନ୍ଧୁ ଥିଲେ। ସେ ଦୀକ୍ଷିତଙ୍କୁ ଅନେକ ବର୍ଷ ପରେ ସେଠାରେ ଭେଟିଥିଲେ। ସେମାନଙ୍କର କଥାବାର୍ତ୍ତା ମଧ୍ୟରେ ପରସ୍ପରର ଭଲମନ୍ଦ କଥା ପଡ଼ିଥିଲା।

୨୪। ଦୀକ୍ଷିତ ତାଙ୍କର ଲଣ୍ଡନରେ ଘଟିଥିବା ଦୁର୍ଘଟଣା ସମ୍ପର୍କରେ ନାନାଙ୍କୁ କହିଥିଲେ। ସେ ଗୋଟିଏ ଟ୍ରେନରେ ଚଢ଼ିବା ସମୟରେ ତାଙ୍କର ଗୋଡ଼ ଖସିଯାଇଥିଲା ଓ ସେ ଆଘାତପ୍ରାପ୍ତ ହୋଇଥିଲେ। ବହୁତ ପ୍ରକାର ଚିକିତ୍ସା କରାଯାଇଥିଲେ ମଧ୍ୟ ତଦ୍‌ଜନିତ ଯନ୍ତ୍ରଣାରୁ ସେ ମୁକ୍ତି ପାଇପାରିନଥିଲେ।

୨୫। କଥାବାର୍ତ୍ତା ସମୟରେ ଏହି ଆଘାତ ବିଷୟ ସ୍ୱାଭାବିକ ଭାବରେ ଉଠିଥିଲା। ଦୀକ୍ଷିତଙ୍କର ଏହି ଦୁର୍ଘଟଣାରେ ସାଇବାବା ସାହାଯ୍ୟ କରିପାରିବେ ବୋଲି ନାନାଙ୍କର ମନେ ପଡ଼ିଯାଇଥିଲା।

୨୬। "ତୁମର ଏହି ଛୋଟେଇ ଛୋଟେଇ ଚାଲିବା ଦୋଷ ସବୁଦିନ ପାଇଁ ଦୂରହୋଇଯିବାକୁ ତୁମେ ଚାହୁଁଛ କି? ତେବେ ମୋ ଗୁରୁଙ୍କୁ ଦର୍ଶନ କରିବ ଆସ!" ନାନା ତାଙ୍କୁ ଏହା କହିଥିଲେ।

୨୭। ତାହା ପରେ ନାନା ସାଇବାବାଙ୍କର ଅନନ୍ୟ ମାହାତ୍ମ୍ୟ, ଯଶ, ଖ୍ୟାତି ଓ ସ୍ୱଭାବ ସମ୍ପର୍କରେ ଏବଂ ସେ କିପରି ସନ୍ଥମାନଙ୍କର ମଉଡ଼ମଣି, ସେହି ବିଷୟରେ ବିଶଦଭାବରେ ଦୀକ୍ଷିତଙ୍କୁ କହିଥିଲେ।

୨୮। "ମୁଁ ମୋର ଭକ୍ତଙ୍କୁ କାହିଁ କେତେ ଦୂରରୁ, ଏପରିକି ସାତସମୁଦ୍ର ଆର ପାରିରୁ, ଘରଚଟିଆକୁ ଗୋଡ଼ରେ ଦଉଡି ବାନ୍ଧି ଟାଣି ଆଣିବା ପରି ଟାଣି ଆଣିଥାଏ।"

୨୯। ବାବା ପ୍ରାୟତଃ ଏହିଭଳି ଆଶ୍ୱାସନା ଦେଇଥାନ୍ତି। ନାନା ଏକ ଦୀର୍ଘ ଭାଷଣ ଦେଇଥିଲେ ଓ କହିଥିଲେ, "ଯଦି

ତୁମେ ତାଙ୍କ ଲୋକ ନୁହଁ, ତେବେ ତୁମେ ତାଙ୍କ ଦ୍ୱାରା ଆକର୍ଷିତ ହେବନାହିଁ।

୩୦। "ଯଦି ତୁମେ ତାଙ୍କ ଲୋକ ନୁହଁ, ତେବେ ତୁମେ ତାଙ୍କ ଦର୍ଶନ ମଧ୍ୟ ପାଇବ ନାହିଁ। ଏହା ହେଉଛି ବାବାଙ୍କର ଏକ ମହତ୍ୱପୂର୍ଣ୍ଣ ଗୁଣ। ସେ ଚାହିଁଲେ ତୁମେ ସେଠାକୁ ଆପେ ଆପେ ଯିବ।"

୩୧। ସେ ଯାହାହେଉ, ଶ୍ରୀସାଇଙ୍କ ସମ୍ପର୍କରେ ଏତେ ସବୁ ବର୍ଣ୍ଣନା ଶୁଣିବାପରେ ଦୀକ୍ଷିତ ଅତ୍ୟନ୍ତ ତୁଷ୍ଟ ହୋଇ ନାନାଙ୍କୁ କହିଥିଲେ, "ମୁଁ ବାବାଙ୍କୁ ଦର୍ଶନ କରିବାକୁ ଯିବି।

୩୨। "ତୁମେ ମୋର ଗୋଡ଼ ଯନ୍ତ୍ରଣା ସମ୍ପର୍କରେ କାହିଁକି କହୁଛ ! ମୋର ସମଗ୍ର ଶରୀର କ୍ଷୟଶୀଳ। ମୋ ଗୋଡ଼ର ଆଘାତ, ଯେତେଦିନ ରହିବାକୁ ଚାହେଁ ରହୁ, ସେଥିପାଇଁ ମୋର ଚିନ୍ତା ନାହିଁ।

୩୩। "ତୁମ ଗୁରୁଙ୍କୁ ଦର୍ଶନ କରିବାକୁ ମୁଁ ଯିବି, କିନ୍ତୁ ମୋକ୍ଷପ୍ରାପ୍ତିର ଆନନ୍ଦ ଲୋଡ଼ିବି। ମୋର କ୍ଷଣିକ ସୁଖଭୋଗର ଇଚ୍ଛା ନାହିଁ ଓ ମୁଁ ସେଥିପାଇଁ ପ୍ରାର୍ଥନା କରିବି ନାହିଁ।

୩୪। "ବ୍ରହ୍ମଙ୍କ ସହିତ ମିଳନ ବ୍ୟତୀତ ଆଉ କିଛି ଶାନ୍ତି ନାହିଁ। ତାହାହିଁ ହେଉଛି ଅମୂଲ୍ୟ ଶାନ୍ତି। ଏଭଳି ଅମୂଲ୍ୟ ଆନନ୍ଦ ନିମିତ୍ତ ମୁଁ ତୁମ ଗୁରୁଙ୍କର ସେବକ ହେବି।

୩୫। "ମୋର ଗୋଡ଼ ଛୋଟାହୋଇ ରହିଥାଉ। ଏହା ମୋତେ ଦୁଃଖ ଦେଉନାହିଁ। ମୁଁ ମୋର ଛୋଟା ଓ ଦୋଦୁଲ୍ୟମାନ ମନକୁ ସ୍ଥିର କରାଇବା ନିମନ୍ତେ ପ୍ରାର୍ଥନା କରିବି।

୩୬। "ମୁଁ ଚେଷ୍ଟା କରି କରି ଥକିଗଲିଣି, କିନ୍ତୁ ମୋର ମନ ସ୍ଥିର ହେଉନାହିଁ। ତାହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟାକଲେ ତାହା ମୋ ଅଜାଣତରେ ପାଗଳପ୍ରାୟ ଛୁଟି ଯାଉଛି।

୩୭। "ମୁଁ ମନୋଯୋଗ ଦେଇ ତାହାକୁ ନିୟନ୍ତ୍ରଣ କରିବାକୁ ଯେତେଚେଷ୍ଟା କଲେ ମଧ୍ୟ ସେ କେମିତି ଖସିଯାଉଛି ମୁଁ ଜାଣିପାରୁନାହିଁ। ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗୁଛି।

୩୮। "ତେଣୁ ନାନା, ମୁଁ ଆନ୍ତରିକ ଭାବରେ କହୁଛି ଯେ ମୁଁ ତୁମ ଗୁରୁଙ୍କର ଦର୍ଶନ ନିମିତ୍ତ ଯିବି। ମୁଁ ତାଙ୍କୁ ମୋର ଏହି ମନର କ୍ଷତକୁ ଦୂର କରିଦେବା ପାଇଁ ପ୍ରାର୍ଥନା କରିବି।"

୩୯। ଯେଉଁ ଭକ୍ତ କ୍ଷୟଶୀଳ ଶରୀରର ସୁଖ ପାଇଁ ଆଗ୍ରହୀ ନହୋଇ ପରମ ଆନନ୍ଦ ଲୋଡ଼ିଥାଏ, ଶ୍ରୀସାଇ ସେଇ ଭକ୍ତଙ୍କର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଅତିଶୟ ବ୍ୟଗ୍ର ହୋଇଥାନ୍ତି।

୪୦। ସେହି ସମୟରେ ପ୍ରାଦେଶିକ ବିଧାନ ପରିଷଦ ପାଇଁ ନିର୍ବାଚନ ବିଷୟରେ ସର୍ବତ୍ର ଚର୍ଚ୍ଚା ହେଉଥିଲା। ଅନେକ ସ୍ଥାନରେ ଲୋକେ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ।

୪୧। କାକାସାହେବ ହଠାତ୍ ନଗର(ଅହମଦନଗର)କୁ ନିଜର ପ୍ରାର୍ଥିତ୍ୱ ସପକ୍ଷରେ ଭୋଟ ପ୍ରଚାର କରିବାକୁ ଆସିଥିଲେ ଓ ସେହି ଉଦ୍ଦେଶ୍ୟରେ ନିଜର ବନ୍ଧୁମାନଙ୍କୁ ଭେଟିଥିଲେ।

୪୨। କାକାସାହେବ ମିରୀକର ନାମକ ଜଣେ ସର୍ଦ୍ଦାର ସେଠାରେ ରହୁଥିଲେ। ତାଙ୍କ ସହିତ ଦୀକ୍ଷିତଙ୍କର ଘନିଷ୍ଠ ପାରିବାରିକ ସମ୍ପର୍କ ଥିଲା। ତେଣୁ ସେ ତାଙ୍କ ସାଙ୍ଗରେ ସେଠି ରହିଥିଲେ।

୪୩। ସେତେବେଳର ପ୍ରଥାନୁଯାୟୀ ଅହମଦନଗରରେ ଏକ ଘୋଟକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ସେହି ସମ୍ପର୍କିତ କାର୍ଯ୍ୟରେ ସମାଜର ସବୁ ବର୍ଗର ଲୋକେ ନିୟୋଜିତ ହୋଇଥିଲେ।

୪୪। କୋପରଗାଁର ମାମଲତଦାର ବାଲାସାହେବ ମିରୀକର ସେହି ପ୍ରଦର୍ଶନୀ ନିମିତ୍ତ ଅହମଦନଗର ସହରରେ ଉପସ୍ଥିତ ଥିଲେ।

୪୫। ଦୀକ୍ଷିତଙ୍କ କାର୍ଯ୍ୟ ଶେଷ ହେବାପରେ ସେ ସେଠାକୁ ଆସିଥିଲେ। 'ଶିରିଡ଼ି କିପରି ଯାଇହେବ ? ମୋତେ ସେଠାକୁ କିଏ ନେଇଯିବ ?'

୪୬। କାର୍ଯ୍ୟ ଶେଷ ହୋଇଯିବା ପରେ ତାଙ୍କର ଧ୍ୟାନ ଶିରିଡ଼ି ଯିବା ଉପରେ ରହିଥିଲା। ବାବାଙ୍କୁ ଦର୍ଶନ କରିବାର ପ୍ରବଳ ଇଚ୍ଛା ଯୋଗୁ ଦୀକ୍ଷିତ ଶିରିଡ଼ି ଯିବାର ସୁଯୋଗ ଉଣ୍ଡୁଥିଲେ।

୪୭। 'ମୋ ସହିତ କିଏ ଆସିବ ? ମୋତେ କିଏ ବାବାଙ୍କ ପାଖକୁ ନେଇଯିବ ଓ ବାବାଙ୍କର ପାଦତଳେ ପହଂଚାଇ ଦେବ ?' ଦୀକ୍ଷିତଙ୍କର ମନରେ ଏହି ପ୍ରକାର ଦ୍ୱନ୍ଦ୍ୱ ଉପୁଜିଥିଲା।

୪୮। ନିର୍ବାଚନ କାର୍ଯ୍ୟ ସରିଯିବା ପରେ ଦୀକ୍ଷିତ କିପରି ଶିରିଡ଼ି ଯିବେ, ସେଥି ନିମିତ୍ତ କେବଳ ଚିନ୍ତିତ ଥିଲେ। ସେ

ମୀରକରଙ୍କୁ ସଂଭ୍ରମତା ସହକାରେ ଅନୁରୋଧ କରିଥିଲେ।

୪୯ । ବାଲାସାହେବ ମୀରକର କାକାସାହେବ ମୀରକରଙ୍କ ସୁପୁତ୍ର ଥିଲେ। ଦୀକ୍ଷିତଙ୍କ ସହିତ କିଏ ନିଶ୍ଚିତଭାବରେ ଯିବ ବୋଲି ସେ ଦୁହେଁ ନିଜ ନିଜ ମଧରେ ଆଲୋଚନା କରିଥିଲେ।

୫୦ । ଯଦି ଦୁହିଁଙ୍କ ମଧ୍ୟରୁ କେହି ଜଣେ ଯାଇପାରନ୍ତେ, ତେବେ ଅନ୍ୟ କାହାରିକୁ ପଠାଇବାର ଆବଶ୍ୟକତା ରହନ୍ତା ନାହିଁ। ତେଣୁ ପ୍ରକୃତରେ କିଏ ଯିବ, ସେଥିପାଇଁ ଆଲୋଚନା ଚାଲିଥିଲା।

୫୧ । ମନୁଷ୍ୟ କୌଣସି ସମସ୍ୟାର ସାଧାରଣ ସମାଧାନ କରିବା ବିଷୟରେ ଚିନ୍ତା କରିଥାଏ, କିନ୍ତୁ ଈଶ୍ୱର ଅନ୍ୟପ୍ରକାରର ପରିକଳ୍ପନା କରିଥାନ୍ତି। ଦୀକ୍ଷିତଙ୍କର ଶିରିଡ଼ିଯାତ୍ରା ବ୍ୟାପାରରେ ସେମିତି କିଛି ଅପ୍ରତ୍ୟାଶିତ ଘଟଣା ଘଟିଥିଲା।

୫୨ । ଗୋଟିଏ ପଟରେ ଏଭଳି କସରତ ଚାଲିଥିବା ସମୟରେ, ଅନ୍ୟ ପଟରେ ଦେଖାଦେଇଥିବା ଆଲୋଡ଼ନକୁ ଲକ୍ଷ୍ୟ କରନ୍ତୁ। ଭକ୍ତର ପ୍ରବଳ ଇଚ୍ଛା ସମ୍ବନ୍ଧରେ ଅବଗତ ହୋଇ ଶ୍ରୀସାଇ ସମର୍ଥ କିପରି ଅନୁଗ୍ରହ କରିବାକୁ ଉତ୍ସୁକ ହୋଇ ପଡ଼ିଥିଲେ, ଦେଖନ୍ତୁ।

୫୩। ଦୀକ୍ଷିତ ଯେତେବେଳେ ଏହିଭଳି ଭାବରେ ଚିନ୍ତାଗ୍ରସ୍ତ ହୋଇପଡ଼ିଥିଲେ ଓ ଏବିଷୟରେ ବିବ୍ରତ ହୋଇ ବସିଥିଲେ, ସେତିକିବେଳେ ମାଧବରାଓ ନିଜେ ଅହମଦନଗରକୁ ଆସିଥିଲେ। ତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

୫୪ । ମାଧବରାଓଙ୍କ ଶ୍ୱଶୁର ଅହମଦନଗରରୁ ଏକ ଟେଲିଗ୍ରାମ କରିଥିଲେ । ତାଙ୍କ ଶାଶୁଙ୍କର ଦେହ ବହୁତ ଖରାପ ଓ ସେ ତାଙ୍କର ପତ୍ନୀକୁ ଧରି ଶୀଘ୍ର ଆସନ୍ତୁ ବୋଲି ମାଧବରାଓଙ୍କୁ ସେଥିରେ ଜଣାଇଥିଲେ ।

୫୫। ମାଧବରାଓ ଟେଲିଗ୍ରାମ ପାଇବାକ୍ଷଣି ବାବାଙ୍କ ପାଖକୁ ଯାଇ ତାଙ୍କର ଅନୁମତି ମାଗିଥିଲେ ଓ ଅନୁମତି ପାଇ ପତ୍ନୀକୁ ନେଇ ଆସିବାକୁ ପ୍ରସ୍ତୁତ ହୋଇଥିଲେ । ଘରୁବାହାରି ଦୁହେଁ ଚିତ୍ତାଳି ଷ୍ଟେସନକୁ ଯାଇଥିଲେ।

୫୬। ସେମାନେ ଅପରାହ୍ନ ୩ଟା ସମୟର ଟ୍ରେନ ଧରିଥିଲେ ଓ ଅହମଦନଗର ଯାଇଥିଲେ। ଟାଙ୍ଗାଟିଏ ଭଡ଼ା କରି ଉଭୟେ ଘର ଆଗରେ ଓହ୍ଲାଇଥିଲେ।

୫୭ । ସେହି ସମୟରେ ନାନାସାହେବ ପାନ୍‌ସେ ଓ ଅପ୍ପାସାହେବ ଗରଦେ ପ୍ରଦର୍ଶନୀ ଉପଲକ୍ଷେ ସେଠାରେ ଉପସ୍ଥିତ ଥିଲେ ଓ ରାସ୍ତାରେ ଯାଉଥିଲେ।

୫୮ । ମାଧବରାଓ ଟାଙ୍ଗାରୁ ଓହ୍ଲାଇବା ସମୟରେ ସେମାନେ ଅପ୍ରତ୍ୟାଶିତ ଭାବରେ ତାଙ୍କୁ ଦେଖିଥିଲେ। ସେମାନେ ଖୁବ୍ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଓ ନିଜର ଆନନ୍ଦକୁ ଚାପି ରଖିପାରି ନଥିଲେ।

୫୯ । "ଦେଖ, ଦେଖ ! ବିଠୋବା ମନ୍ଦିରର ସେବାକାରୀ ମାଧବରାଓ ସୌଭାଗ୍ୟବଶତଃ ଶିରିଡ଼ିରୁ କିପରି ଏଠାକୁ ଆସିଛନ୍ତି ! ଦୀକ୍ଷିତଙ୍କୁ ଶିରିଡ଼ି ନେଇଯିବାପାଇଁ ତାଙ୍କଠାରୁ ଅଧିକ କିଏ ଯୋଗ୍ୟ ବ୍ୟକ୍ତି ହୋଇପାରିବ ?"

୬୦ । ସେମାନେ ତାଙ୍କୁ ଡାକି କହିଥିଲେ, "ଦୀକ୍ଷିତ କାକା ମୀରକରଙ୍କ ଘରକୁ ଆସିଛନ୍ତି । ତାଙ୍କୁ ଯାଇ ଦେଖା କରିବ। ବାବାଙ୍କର ଲୀଳା ଅଦ୍ଭୁତ !

୬୧ ।"ଦୀକ୍ଷିତ ଆମ୍ଭମାନଙ୍କର ବିଶେଷ ବନ୍ଧୁ। ତୁମର ତାଙ୍କ ସହିତ ପରିଚୟ ହେବ। ସେ ଶିରିଡ଼ି ଯିବା ନିମନ୍ତେ ଅତ୍ୟନ୍ତ ବ୍ୟଗ୍ର ଅଛନ୍ତି ଓ ତୁମର ଆଗମନ ତାଙ୍କୁ ଆନନ୍ଦ ଦେବ ।"

୬୨। ମାଧବରାଓଙ୍କୁ ଏହି ସନ୍ଦେଶ ଦେବା ପରେ ସେମାନେ ଦୀକ୍ଷିତଙ୍କୁ ସେହି ଖବର ଜଣାଇ ଦେଇଥିଲେ ଓ ଏହା ଶୁଣିବା ପରେ ତାଙ୍କର ଉଦ୍‌ବେଗ ଦୂର ହୋଇ ଯାଇଥିଲା। ସେ ବହୁତ ଖୁସି ହୋଇଥିଲେ।

୬୩। ମାଧବରାଓ ଶ୍ୱଶୁରଘରେ ପହଂଚି ଶାଶୁଙ୍କର ଦେହ ଭଲ ଅଛି ବୋଲି ଦେଖିଥିଲେ। ସେ ତେଣୁ କିଛିକ୍ଷଣ ବିଶ୍ରାମ ନେଇଥିଲେ । ତା'ପରେ ମୀରକର ତାଙ୍କୁ ଡକାଇ ପଠାଇଥିଲେ।

ମାଧବରାଓ ଦେଶପାଣ୍ଡେ
ଓରଫ୍ ଶାମା

୬୪ । ସେହି ନିମନ୍ତ୍ରଣକୁ ସମ୍ମାନ ଜଣାଇ ମାଧବରାଓ ସୂର୍ଯ୍ୟାସ୍ତର କିଛିକ୍ଷଣ ପରେ ଦୀକ୍ଷିତଙ୍କୁ ସାକ୍ଷାତ କରିବା ପାଇଁ ଯାଇଥିଲେ।

୬୫। ବାଲାସାହେବ ମାଧବରାଓଙ୍କୁ ଦୀକ୍ଷିତଙ୍କ ସହିତ ପରିଚୟ କରାଇ ଦେଇଥିଲେ ଓ ଏହା ସେମାନଙ୍କର ପ୍ରଥମ ସାକ୍ଷାତ ଥିଲା। ଉଭୟ ସେହି ରାତ୍ରିରେ ୧୦ଟା ସମୟର ଟ୍ରେନ ଧରି କୋପରଗାଁ ଯିବାକୁ ସ୍ଥିର କରିଥିଲେ ।

୬୬। ଏହି ଯୋଜନା ସ୍ଥିର ହୋଇଯିବା ପରେ କିପରି ଏକ ଅସାଧାରଣ ଘଟଣା ଘଟିଥିଲା, ଦେଖନ୍ତୁ। ବାଲାସାହେବ ବାବାଙ୍କର ଏକ ପ୍ରତିଛବି ଉପରୁ ପରଦା ହଟାଇ ଦେଇଥିଲେ।

୬୭। ବାବାଙ୍କର ଏହି ଫଟୋକୁ ଜଣେ ମହାନ୍ ଓ ସତ୍ ଭକ୍ତ ମେଘା ବାବାଙ୍କୁ ତ୍ରିନୟନଧାରୀ, ମହାପ୍ରଭୁ ଶଙ୍କରଙ୍କ ଅବତାର ବୋଲି ବିଶ୍ୱାସ କରି ପୂଜା କରୁଥିଲେ।

୬୮। ଏହି ଫଟୋର କାଚ ଭାଙ୍ଗିଯାଇଥିବାରୁ ଏହାକୁ ବାଲାସାହେବଙ୍କ ହାତରେ ଅହମଦନଗରକୁ ମରାମତି ନିମନ୍ତେ ପଠାଯାଇଥିଲା। ସେଇଥିପାଇଁ ତାହା ପ୍ରାରମ୍ଭରେ ଶିରିଡ଼ି ଛାଡ଼ିଥିଲା।

୬୯। ଏହି ଫଟୋର ମରାମତି ପରେ ଏହାକୁ ମୀରକରଙ୍କ ବୈଠକଘରେ କନା ଘୋଡ଼ାଇ ରଖାଯାଇଥିଲା । ସତେ ଯେପରି ଏହା ଦୀକ୍ଷିତଙ୍କ ଆଗମନକୁ ଅପେକ୍ଷା କରୁଥିଲା !

୭୦। ଘୋଟକ ପ୍ରଦର୍ଶନୀ ଶେଷ ହେବାପରେ ବାଲାସାହେବ ଏହାକୁ ଫେରାଇ ଦେବାର ଥିଲା। ସେଥିନିମନ୍ତେ ଆଉ କିଛି ଦିନ ରହିଥିଲା । ତେଣୁ ସେ ଏହି ଫଟୋକୁ ମାଧବରାଓଙ୍କ ଜିମା ଦେଇଥିଲେ।

୭୧। କପଡ଼ା ବାହାର କରିଦେଇ ସେ ଫଟୋକୁ ମାଧବରାଓଙ୍କ ହାତରେ ଦେଇଥିଲେ ଓ କହିଥିଲେ, "ଶିରିଡ଼ି ପର୍ଯ୍ୟନ୍ତ ବାବାଙ୍କ ସାଙ୍ଗରେ ଆନନ୍ଦରେ ଯାଆନ୍ତୁ।"

୭୨। ସମସ୍ତ ଦିଗରୁ ମନୋରମ ହୋଇଥିବା ସେହି ଫଟୋ ଉପରେ କାକାସାହେବଙ୍କର ପ୍ରଥମ ଦୃଷ୍ଟି ପଡ଼ିବାକ୍ଷଣି ସେ ଆତ୍ମବିଭୋର ହୋଇ ପଡ଼ିଥିଲେ। ଫଟୋ ସମ୍ମୁଖରେ ଭକ୍ତିସହକାରେ ସାଷ୍ଟାଙ୍ଗ ପ୍ରଣିପାତ କରି ସେ ଫଟୋରେ ବାବାଙ୍କୁ ଦେଖିବାରେ ଲାଗିଥିଲେ।

୭୩। ଏହି ଅସାଧାରଣ ଘଟଣାକୁ ଅନୁଭବ କରି ଓ ଶ୍ରୀସାଇ ସମର୍ଥଙ୍କ ଏତେ ମନୋରମ ତଥା ପବିତ୍ର ଫଟୋକୁ ଅପ୍ରତ୍ୟାଶିତ ଭାବରେ ଦେଖି ଦୀକ୍ଷିତଙ୍କ ଚକ୍ଷୁ ସେଥିରେ ଲାଖି ରହିଥିଲା।

୭୪। ସେ ଯାହାଙ୍କ ଦର୍ଶନ ନିମିତ୍ତ ଏତେ ବ୍ୟଗ୍ର ଥିଲେ, ତାଙ୍କରି ରୂପଧାରଣ କରିଥିବା ଏଇ ଫଟୋଟିକୁ ସେ ନିଜେ ସାଙ୍ଗରେ ଧରି ବାଟରେ ଦେଖି ଦେଖି ଯିବେ । ଏହି କାରଣରୁ ସେ ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ ।

୭୫। ଅଧିକନ୍ତୁ, କାକାସାହେବ ମୀରକରଙ୍କ ଘରେ ବାବା ଫଟୋ ରୂପରେ ଶିରିଡ଼ିରୁ ଆଗରୁ ଆସି ପହଞ୍ଚିଯାଇଥିଲେ ଓ ଦୀକ୍ଷିତ ଉପସ୍ଥିତ ଥିବା ସମୟରେ ସେଇ ଫଟୋ ବାହାରିଥିଲା । ଏହା ମଧ୍ୟ ଏକ ଅଦ୍ଭୁତ ସଂଯୋଗ ଥିଲା ।

୭୬। ଯାହା ଜଣାପଡୁଛି, ଶ୍ରୀସାଇ ସମର୍ଥ ମୀରକରଙ୍କ ଘରକୁ ଏକ ବାହାନା କରି ଦୀକ୍ଷିତଙ୍କ ଅନ୍ତରର ଇଚ୍ଛା ପୂରଣ କରିବାକୁ ଆସିଥିଲେ।

୭୭। ଅତୀତରେ ଲୋନାଭେଲାରେ ନାନାସାହେବ ଚାନ୍ଦୋରକରଙ୍କୁ ଭେଟି ତାଙ୍କ ସହିତ ବହୁତ ଗପସପ ହେବା ସମୟରେ ଗୁରୁଙ୍କ ପ୍ରତି ତାଙ୍କର ଆକର୍ଷଣ ବଢ଼ିଥିଲା। ଦର୍ଶନ ନିମିତ୍ତ ଅଙ୍କୁରୋଦ୍‌ଗମ ସେହି ସମୟରେ ହୋଇଥିଲା।

୭୮। ତା' ନ ହୋଇଥିଲେ ଠିକ୍ ଏହି ସମୟରେ ଶିରିଡ଼ିରୁ ବାବାଙ୍କର ଏହି ଫଟୋ କାହିଁକି ଆସିଥାନ୍ତା ଓ ଏତେଦିନ ଧରି ଏଠାରେ କାହିଁକି ଘୋଡ଼ାଇ ରଖାଯାଇଥାନ୍ତା ?

୭୯। ସେ ଯାହାହେଉ, ପୂର୍ବରୁ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ମାଧବରାଓ ଓ ଦୀକ୍ଷିତ ବାବାଙ୍କର ଫଟୋକୁ ସାଙ୍ଗରେ ଧରି ଆନନ୍ଦରେ ବାହାରି ପଡ଼ିଥିଲେ।

୮୦। ରାତ୍ରିଭୋଜନ ଶେଷ କରି ଉଭୟ ସେହି ରାତ୍ରିରେ ଷ୍ଟେସନକୁ ଯାଇଥିଲେ। ସେମାନେ ଦ୍ୱିତୀୟ ଶ୍ରେଣୀର ଟିକଟ କିଣିଥିଲେ ।

୮୧। ଠିକ୍ ଦଶଟା ସମୟରେ ଟ୍ରେନ୍ ଆସିଯାଇଥିଲା । ଦ୍ୱିତୀୟ ଶ୍ରେଣୀର ଡବାଗୁଡ଼ିକରେ ଯାତ୍ରୀମାନେ ଭର୍ତ୍ତି ହୋଇ ରହିଥିଲେ ବୋଲି ସେମାନେ ଦେଖିଥିଲେ।

୮୨। ଅବସ୍ଥା ଏପରି ଦେଖି ଉଭୟ ଅତ୍ୟନ୍ତ ବ୍ୟସ୍ତ ହୋଇ ପଡ଼ିଥିଲେ। ସମୟ ଅଳ୍ପ ଥିବାରୁ କିପରି ଓ କ'ଣ କରାଯିବ, ଭାବି ପାରୁନଥିଲେ।

୮୩। ଏତେ ଭିଡ଼ରେ ଯାଇ ପାରିବାର ସମ୍ଭାବନା ନଥିବାରୁ ଫେରିଆସିବାକୁ ବସିଥିଲେ ଓ ତା'ପରଦିନ ଶିରିଡ଼ି ଯିବାକୁ ସ୍ଥିର କରିଥିଲେ ।

୮୪। ସେହି ସମୟରେ ଦୀକ୍ଷିତ ଟ୍ରେନର ଗାର୍ଡ଼ସାହେବଙ୍କୁ ହଠାତ୍ ଦେଖିଥିଲେ । ତାଙ୍କ ସହିତ ଦୀକ୍ଷିତଙ୍କର ପୂର୍ବରୁ ପରିଚୟ ଥିଲା। ସେ ଉଭୟଙ୍କୁ ପ୍ରଥମ ଶ୍ରେଣୀରେ ଯାତ୍ରା କରିବାର ସୁବନ୍ଦୋବସ୍ତ କରାଇ ଦେଇଥିଲେ।

୮୫। ତା'ପରେ ଟ୍ରେନରେ ବସି ସେମାନେ ବାବାଙ୍କ

ସମ୍ପର୍କରେ ବହୁତ ଆଳାପ ଆଲୋଚନା କରିଥିଲେ। ମାଧବରାଓ ଅନେକ ଅମୃତୋପମ କାହାଣୀ ବର୍ଣ୍ଣନା କରିଥିଲେ। ଦୀକ୍ଷିତ ଆନନ୍ଦରେ ବିଭୋର ହୋଇ ପଡ଼ିଥିଲେ।

୮୬। ଏହିଭଳି ସେହି ଟ୍ରେନଯାତ୍ରା ଅତି ଆନନ୍ଦଦାୟକ ହୋଇଥିଲା । ଟ୍ରେନ ଭିତରେ ସମୟ ଆରାମରେ କଟିଯାଇଥିଲା। ଟ୍ରେନ କୋପରଗାଁରେ ଠିକ୍ ସମୟରେ ପହଂଚିଥିଲା ଓ ସେମାନେ ଖୁସି ମନରେ ଓହ୍ଲାଇଥିଲେ।

୮୭। ସେତେବେଳେ ସେମାନେ ହଠାତ୍ ନାନାସାହେବ ଚାନ୍ଦୋରକରଙ୍କୁ ଷ୍ଟେସନରେ ଦେଖିଥିଲେ। ସେମାନେ ପରସ୍ପରର ସାକ୍ଷାତ ପାଇଥିବାରୁ ଦୀକ୍ଷିତ ଅଧିକ ଖୁସି ହୋଇଥିଲେ।

୮୮। ନାନା ମଧ୍ୟ ବାବାଙ୍କ ଦର୍ଶନ ନିମିତ୍ତ ଆସିଥିଲେ ଓ ଶିରିଡ଼ି ଯାଉଥିଲେ। ଏଭଳି ଅଦ୍ଭୁତ ଯୋଗାଯୋଗ ଯୋଗୁଁ ତିନିଜଣଯାକ ଚକିତ ହୋଇ ଯାଇଥିଲେ।

୮୯। ତିନିଜଣଯାକ ଟାଙ୍ଗାଟିଏ ଭଡ଼ାକରି ଅନ୍ତରଙ୍ଗ ବାର୍ତ୍ତାଳାପ ମଧ୍ୟରେ ଯାତ୍ରା କରିଥିଲେ। ସେମାନେ ରାସ୍ତାରେ ଗୋଦାବରୀ ନଦୀରେ ସ୍ନାନାଦି କାର୍ଯ୍ୟ ସମାପନ କରି ପବିତ୍ର ଧାମ ଶିରିଡ଼ିରେ ପହଂଚିଥିଲେ।

୯୦। ପରେ ଶ୍ରୀସାଇଙ୍କୁ ଦର୍ଶନ କରିବା ମାତ୍ରେ ଦୀକ୍ଷିତଙ୍କ ହୃଦୟ ବିଗଳିତ ହୋଇଯାଇଥିଲା, ଚକ୍ଷୁ ଲୋତକାପ୍ଲୁତ ହୋଇଥିଲା ଓ ଆତ୍ମାନନ୍ଦର ବନ୍ୟାଜଳ ବନ୍ଧଭାଙ୍ଗି ପ୍ଲାବିତ ହୋଇଥିଲା।

୯୧। "ମୁଁ ମଧ୍ୟ ତୁମକୁ ଅପେକ୍ଷା କରୁଥିଲି। ତୁମକୁ ସାକ୍ଷାତ କରିବା ନିମନ୍ତେ ଶାମାକୁ ନଗର ପର୍ଯ୍ୟନ୍ତ ପଠାଇଥିଲି", ଶ୍ରୀସାଇ ତାଙ୍କୁ ଏକଥା ପ୍ରକାଶ୍ୟରେ କହିଥିଲେ।

୯୨। ଏ କଥା ଶୁଣି ଦୀକ୍ଷିତଙ୍କ ଶରୀର ରୋମାଞ୍ଚିତ ହୋଇଥିଲା, ଭାବାବେଗରେ ତାଙ୍କର କଣ୍ଠରୋଧ ହୋଇଥିଲା, ମନ ଆନନ୍ଦରେ ଉଲୁସି ଉଠିଥିଲା ଓ ସର୍ବାଙ୍ଗ ଘର୍ମାକ୍ତ ହୋଇଥିଲା।

୯୩। ସେ ତାଙ୍କ ଶରୀରରେ କମ୍ପନ ଅନୁଭବ କରିଥିଲେ, ତାଙ୍କ ମନ ଆତ୍ମାନନ୍ଦରେ ମଜ୍ଜି ଯାଇଥିଲା, ଚକ୍ଷୁ ଅର୍ଦ୍ଧନିମୀଳିତ ହୋଇରହିଥିଲା ଓ ସେ ଆନନ୍ଦର ଢେଉ ମଧ୍ୟରେ ବୁଡ଼ି ଯାଇଥିଲେ।

୯୪। "ଆଜି ମୋର ଆଖି ତା'ର ପ୍ରକୃତ ଉଦ୍ଦେଶ୍ୟ ସାଧନ କରିଛି", ବୋଲି କହି ସେ ବାବାଙ୍କର ପାଦକୁ କୁଣ୍ଢାଇ ଧରିଥିଲେ। ସେ ନିଜକୁ ପ୍ରକୃତରେ ଧନ୍ୟ ମଣିଥିଲେ ଓ ତାଙ୍କର ଆନନ୍ଦକୁ ଧରଣୀ ଧରି ରଖିପାରୁନଥିଲା।

୯୫। ଏହାପରେ ବର୍ଷ ପରେ ବର୍ଷ ବିତି ଯାଇଥିଲା। ତାଙ୍କର ବିଶ୍ୱାସ ଶ୍ରୀସାଇଙ୍କ ପାଦରେ ଅଧିକରୁ ଅଧିକ ଦୃଢ଼ୀଭୂତ ହୋଇଥିଲା। ସେ ଶ୍ରୀସାଇଙ୍କର ସମ୍ପୂର୍ଣ୍ଣ କୃପାଲାଭ କରିଥିଲେ ଓ ଶ୍ରୀସାଇଙ୍କ ସେବାରେ ନିଜକୁ ଉତ୍ସର୍ଗ କରିଦେଇଥିଲେ ।

୯୬। ସେ ଶ୍ରୀସାଇଙ୍କର ସେବା ଭଲଭାବରେ କରିବା ନିମିତ୍ତ ଗୋଟିଏ ଗୃହ ବା ଆଶ୍ରମ ଶିରିଡ଼ିରେ ନିର୍ମାଣ କରାଇଥିଲେ ଓ ସେଠାରେ ଅନେକ ବର୍ଷ ଧରି ରହିଥିଲେ। ସେ ଶ୍ରୀସାଇଙ୍କର ଯଶ, କୀର୍ତ୍ତି ଓ ଖ୍ୟାତି ବିସ୍ତାର କରିଥିଲେ।

୯୭। ପରିଶେଷରେ ଏତିକି କୁହାଯାଇପାରେ ଯେ ଶ୍ରୀସାଇଙ୍କୁ ଯିଏ ଯାହା ମାଗିଥାଏ, ତାହାର ସେହି ଇଚ୍ଛା ଶ୍ରୀସାଇ ପୂରଣ କରିଥାନ୍ତି। ଶ୍ରୀସାଇ ତାଙ୍କ ଭକ୍ତମାନଙ୍କର ନିର୍ଭର ଆଶ୍ରୟସ୍ଥଳ ହୋଇଥାନ୍ତି ଓ ସେମାନଙ୍କୁ ସେ ପରମ ଆନନ୍ଦ ପ୍ରଦାନ କରିଥାନ୍ତି।

୯୮। ଚନ୍ଦ୍ରଙ୍କ ନିମନ୍ତେ ଲକ୍ଷ ଲକ୍ଷ ଚକୋର ରହିଛନ୍ତି, କିନ୍ତୁ ଚକୋରଙ୍କ ନିମନ୍ତେ ଚନ୍ଦ୍ର ଗୋଟିଏ। ସେହିପରି ମାତାଙ୍କର ଅନେକ ସନ୍ତାନ ଥାଇପାରନ୍ତି, କିନ୍ତୁ ସନ୍ତାନମାନଙ୍କ ନିମନ୍ତେ ମାତା ହେଉଛନ୍ତି ଜଣେ।

୯୯। ସୂର୍ଯ୍ୟଙ୍କ ନିମନ୍ତେ ଅସଂଖ୍ୟ ଶ୍ୱେତପଦ୍ମ ରହିଥାନ୍ତି କିନ୍ତୁ ଶତ ଶତ ପଦ୍ମ ନିମନ୍ତେ ଗୋଟିଏ ସୂର୍ଯ୍ୟ ରହି ଦିବାଲୋକ ପ୍ରଦାନ କରିଥାନ୍ତି। ଆପଣଙ୍କର ଭକ୍ତଙ୍କ ଅଭାବ ନାହିଁ, କିନ୍ତୁ ହେ ଗୁରୁବର ! ଆପଣ ସେମାନଙ୍କର ଏକମାତ୍ର ପିତା।

୧୦୦। ବାରିଦ ନିମନ୍ତେ ଅଗଣିତ ଚାତକ ଅପେକ୍ଷା କରି ରହିଥିବାବେଳେ ଚାତକଙ୍କ ନିମନ୍ତେ ଏକମାତ୍ର ବାରିଦହିଁ ବର୍ଷା କରିଥାଏ। ସେହିଭଳି ଶ୍ରୀସାଇଙ୍କର ଅଗଣିତ ଭକ୍ତ ରହିଥିଲାବେଳେ ସେମାନଙ୍କ ନିମନ୍ତେ ସେ ଏକମାତ୍ର ମାତା ଓ ପିତା।

୧୦୧। ଯେଉଁମାନେ ଭକ୍ତି ସହକାରେ ଶ୍ରୀସାଇଙ୍କର ଶରଣାଗତ ଅକାତରରେ ହୋଇଥାନ୍ତି, ସେ ସେମାନଙ୍କର ମର୍ଯ୍ୟାଦା ରକ୍ଷା କରିଥାନ୍ତି। ସେ ସେମାନଙ୍କର ମନୋବାଞ୍ଛା

ନିଜର ଚେଷ୍ଟାରେ ଓ ଶକ୍ତିବଳରେ ପୂରଣ କରିଥାନ୍ତି। ଏହାକୁ ଏବେ ମଧ୍ୟ ଲକ୍ଷ୍ୟ କରିହେବ।

୧୦୨। ଏହି ପୃଥିବୀର ସମସ୍ତ ଜୀବ ଦିନେ ନା ଦିନେ ମୃତ୍ୟୁର କବଳିତ ହେବେ। ଶ୍ରୀସାଇ ଥରେ ଦୀକ୍ଷିତଙ୍କୁ ମୃତ୍ୟୁକୁ ଭୟ ନକରିବାକୁ ପରାମର୍ଶ ଦେଇ କହିଥିଲେ, "ମୁଁ ତୁମକୁ ବିମାନରେ ବସାଇ ନେଇଯିବି।"

୧୦୩। ଶ୍ରୀସାଇ ଆଶ୍ୱାସନା ଦେଇ ଯାହା କହିଥିଲେ ଦୀକ୍ଷିତଙ୍କ ଅନ୍ତିମ ସମୟ ସେହି ପ୍ରକାରେ ଆସିଥିଲା। ସେ ଶ୍ରୀସାଇଙ୍କ ମହିମା ମୁଖରେ ଗାନ କରୁ କରୁ ଦେହତ୍ୟାଗ କରିଥିଲେ। ମୋର ଆଖି ସାମନାରେ ସେହି ଘଟଣା ଘଟିଥିଲା।

୧୦୪। ଆମେ ଦୁହେଁ ରେଳଗାଡ଼ିର ଗୋଟିଏ ବେଂଚରେ ପାଖାପାଖି ହୋଇ ବସିଥିଲୁ ଓ ଶ୍ରୀସାଇ ସମର୍ଥଙ୍କ କାହାଣୀ ଆଲୋଚନାରେ ନିମଜ୍ଜିତ ଥିଲୁ। ସେତିକିବେଳେ ସେ ଦିବ୍ୟରଥରେ ବସି ହଠାତ୍ ଚାଲି ଯାଇଥିଲେ।

୧୦୫। ସେ ସେହି ଅପ୍ରତ୍ୟାଶିତ ସୁଯୋଗକୁ ହାତଛଡ଼ା ନକରି, ମୋରି କାନ୍ଧ ଉପରେ ତାଙ୍କର ମସ୍ତକ ରଖିଦେଇଥିଲେ। ଦୀକ୍ଷିତ ଆକସ୍ମିକ ଭାବରେ ସ୍ୱର୍ଗୀୟ ବିମାନରେ ବସି ସ୍ୱର୍ଗସୁଖ ପ୍ରାପ୍ତ ହୋଇଥିଲେ।

୧୦୬। ସେ କୌଣସି ଅସ୍ୱସ୍ତି କିମ୍ବା ଯନ୍ତ୍ରଣା ଅନୁଭବ କରିନଥିଲେ । ତାଙ୍କର ତଣ୍ଟି ଘଡ଼ ଘଡ଼ ହୋଇନଥିଲା କି ସେ କୌଣସି ପ୍ରକାର କଷ୍ଟ ପାଇନଥିଲେ। ତାଙ୍କ ଦେହ ସବୁ ଦିଗରୁ ସ୍ୱାଭାବିକ ଥିଲା ଓ ସମସ୍ତ ଇନ୍ଦ୍ରିୟ ସ୍ୱାଭାବିକ ଭାବରେ କାର୍ଯ୍ୟ କରୁଥିବା ସମୟରେ ପ୍ରାଣ ହଠାତ୍ ସ୍ଥିର ହୋଇଯାଇଥିଲା।

୧୦୭। ମରଣଶୀଳ ଶରୀର ସେ ତ୍ୟାଗ କରିଥିଲେ। ତାଙ୍କର ଆଲୋକ ଆତ୍ମାରେ ନିମଜ୍ଜିତ ହୋଇଯାଇଥିଲା। ସେ ଉଡ଼ିଯାଇ ନିଜର ପ୍ରକୃତ ସ୍ୱରୂପ ପ୍ରାପ୍ତ ହୋଇଥିଲେ। ତାଙ୍କର ଆଲୋକ ବ୍ରହ୍ମ ସହିତ ଏକାକାର ହୋଇଯାଇଥିଲା।

୧୦୮। ସେ ଶ୍ରୀସାଇଙ୍କର ଚରଣାଶ୍ରିତ ହୋଇ ନିଜର ଅହଂଭାବ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିଥିଲେ। ସେ ସଦାବେଳେ ସନ୍ତୁଷ୍ଟ ରହୁଥିଲେ ଓ ନିଜକୁ ପ୍ରଭୁଙ୍କ ନିକଟରେ ସମ୍ପୂର୍ଣ୍ଣ ରୂପେ ସମର୍ପଣ କରି ଦେଇଥିଲେ। ଏହା ତାଙ୍କର ଆଚରଣରୁ ବାରି ହୋଇଯାଉଥିଲା ।

୧୦୯। ଶକାବ୍ଦ ୧୮୪୮ (୧୯୨୬ ମସିହା) ହିନ୍ଦୁ ପଂଜିକା ଅନୁଯାୟୀ ଜ୍ୟେଷ୍ଠ ମାସର କୃଷ୍ଣପକ୍ଷ ଏକାଦଶୀ ତିଥିରେ[୩] ଦୀକ୍ଷିତ ଇହଧାମ ତ୍ୟାଗ କରିଥିଲେ ଓ ପ୍ରଭୁଙ୍କ ସହିତ ମିଳିତ ହୋଇଥିଲେ।

୧୧୦। ଏହାକୁ ମୃତ୍ୟୁ ବୋଲି କହନ୍ତୁ କି ତାଙ୍କର ବିମାନ ଆସିଯାଇଥିଲା ବୋଲି କୁହନ୍ତୁ, ସେ ଶ୍ରୀସାଇଙ୍କ ଚରଣରେ ଲୀନ ହୋଇଯାଇଥିଲେ । ଏହି କାହାଣୀର ସତ୍ୟତା ସମସ୍ତେ ଜାଣିଛନ୍ତି।

୧୧୧। 'ଜଣେ ଏଭଳି ଋଣାନୁବନ୍ଧରୁ ମୁକ୍ତ ରହିବା ଆବଶ୍ୟକ!' -ଯିଏ ଏଭଳି ବାକ୍ୟକୁ ବିଶ୍ୱାସ କରିଥାନ୍ତି, ତାଙ୍କର ଆଦୌ ଭକ୍ତି ନାହିଁ ବୋଲି ଧରି ନେବାକୁ ହେବ। ଏଭଳି ଋଣାନୁବନ୍ଧ ବଦଳରେ ଜଣେ କିଛି ଉପହାର ଦେବା ପାଇଁ ଏହି ପୃଥିବୀରେ କୌଣସି ବସ୍ତୁ ନାହିଁ; ଏପରିକି ସ୍ୱପ୍ନରେ ମଧ୍ୟ ତାହା ହୋଇପାରିବ ନାହିଁ ।

୧୧୨। ଯଦି କେହି ଚିନ୍ତାମଣି[୪] ଦେବାକୁ ଚାହୁଁଥାଏ, ତେବେ ସେ କେବଳ ନିଜର ଦୈନନ୍ଦିନ ଉଦ୍‌ବେଗକୁ ହିଁ ବୃଦ୍ଧି କରିବ। ଯଦି ଏଭଳି ଋଣାନୁବନ୍ଧକୁ କୌଣସି ବାଟରେ ପରିଶୋଧ କରିବାକୁ କେହି ଭାବୁଥାଏ, ତେବେ ତାହା ବାଲ୍ୟ ଚପଳତା ସୁଲଭ ହେବ।

୧୧୩। ଯଦି କେହି ଗୁରୁଙ୍କୁ କଳ୍ପତରୁ[୫] ଅର୍ପଣ କରି ତାଙ୍କୁ ଖୁସି କରାଇବାର ଚେଷ୍ଟାକରୁଥାଏ, ତାହା କ'ଣ ଗୁରୁଙ୍କ ପାଖରେ ତା'ର ସମସ୍ତ ଋଣାନୁବନ୍ଧରୁ ତାକୁ ମୁକ୍ତ କରିବ? ବରଂ, ଗୁରୁ କୌଶଳ ସହକାରେ ତାଙ୍କୁ ଏଭଳି ପଦାର୍ଥ ଦାନ କରିବେ, ଯାହା ଅପରିବର୍ତ୍ତନୀୟ ।

୧୧୪। ସେ ଯାହାହେଉ, ଯଦି ଏସବୁ ବଦଳରେ କେହି ଗୁରୁଙ୍କୁ ପରଶମଣି[୬] ଅର୍ପଣ କରେ, ତେବେ ସେହି ମଣି ସୁନା ପାଲଟିଯିବ। କିନ୍ତୁ ଗୁରୁ ତାକୁ ଦିବ୍ୟ ଜ୍ଞାନର ଆସ୍ୱାଦନ କରାଇବେ।

୧୧୫। ଗୁରୁଙ୍କୁ କାମଧେନୁ[୭] ଅର୍ପଣକରି ଯଦି କେହି ନିଜର ଋଣ ପରିଶୋଧ କରିଦେଇଛି ବୋଲି ଭାବୁଥାଏ, ତେବେ ସେ କେବଳ ନିଜର କାମନାକୁ ଅଧିକ ଜାଗରିତ କରାଇଥାଏ। ଅପରପକ୍ଷରେ ଗୁରୁ କିଛି ପାଇବାର କୌଣସି ଆଶା ନରଖି ସ୍ୱେଚ୍ଛାରେ ଦାନ କରନ୍ତି।

୧୧୬। ଯଦି ପୃଥିବୀର ସମସ୍ତ ସମ୍ପତ୍ତି ଗୁରୁଙ୍କୁ କେହି

ସମର୍ପି ଦିଏ ଓ ତାହା ଦ୍ୱାରା ସେ ସମସ୍ତ ଋଣ ପରିଶୋଧ କରିଦେଲା ବୋଲି ଭାବୁଥାଏ, ତେବେ ତା'ର ସେ ପ୍ରକାର ଭାବନା ଏକଦମ୍ ଭୁଲ୍ । ସେ ଗୁରୁଙ୍କ ନିକଟରୁ ପ୍ରକୃତ, ଅର୍ଥାତ୍ ଅମାୟିକ ଜ୍ଞାନ ଲାଭ କରିଥିବାବେଳେ ସେ ତାଙ୍କୁ ମାୟିକ ଅର୍ଥାତ୍ ଅଳୀକ ବସ୍ତୁ ପ୍ରଦାନ କରି ଋଣ ପରିଶୋଧ କରିପାରିବ କି ?

୧୧୭ । ଯଦି କେହି ନିଜ ଶରୀରକୁ ଗୁରୁଙ୍କୁ ଅର୍ପଣ କରିଥାଏ, ତେବେ ତାହା ମଧ୍ୟ ଏକ କ୍ଷୟଶୀଳ ବସ୍ତୁ । ଯଦି କେହି ନିଜ ଜୀବନକୁ ମଧ୍ୟ ଅର୍ପଣ କରିଦିଏ, ତେବେ ତାହା ମଧ୍ୟ ମାୟିକ ବା ଅଳୀକ ବୋଲି ଜାଣିଥାନ୍ତୁ ।

୧୧୮ । ସଦ୍‌ଗୁରୁ ପ୍ରକୃତ ଦାନର ଦାତା ହୋଇଥାନ୍ତି । ତାଙ୍କୁ ଅଳୀକ ବସ୍ତୁ ଦେଇ କିପରି ତାଙ୍କର ଋଣ ପରିଶୋଧ କରିହେବ ? ଏହା ଏକ ଅସମ୍ଭବ ଧାରଣା ।

୧୧୯ । ତେଣୁ ସମ୍ପୂର୍ଣ୍ଣ ଓ ଏକକ ବିଶ୍ୱାସ ସହକାରେ ସାଷ୍ଟାଙ୍ଗ ପ୍ରଣିପାତ କରନ୍ତୁ, ସଦ୍‌ଗୁରୁଙ୍କ ଚରଣରେ ମସ୍ତକ ସ୍ଥାପନ କରନ୍ତୁ ଓ ସେ କରିଥିବା ଅନୁଗ୍ରହ ଓ ଉପକାରକୁ ମନେରଖନ୍ତୁ ।

୧୨୦ । ଗୁରୁ ଦାନ କରିଥିବା ଉପକାରକୁ ସତତ ଓ ଚିରନ୍ତନ ଭାବରେ ସ୍ମରଣ କରିବା ହିଁ ଶିଷ୍ୟର ଭୂଷଣ । ଯେଉଁ ଶିଷ୍ୟ ସେହି ଦାନକୁ ପରିଶୋଧ କରିଦେବା ନିମନ୍ତେ ଚେଷ୍ଟା କରେ, ସେ କେବଳ ନିଜର ଶାନ୍ତି ନଷ୍ଟ କରିଥାଏ ।

୧୨୧ । ଏହି କାହାଣୀକୁ ଏପର୍ଯ୍ୟନ୍ତ ଶୁଣି ସାରିବା ପରେ ଶ୍ରୋତାମାନେ ଆଉ ଅଧିକ ଶୁଣିବାର ଦୃଢ଼ ଇଚ୍ଛା ପୋଷଣ କରୁଛନ୍ତି । ସେମାନଙ୍କର ଆଗ୍ରହ ଓ କୌତୁହଳକୁ ଲକ୍ଷ୍ୟକରି ମୁଁ ଆଉ ଏକ ଛୋଟ କାହାଣୀ ବର୍ଣ୍ଣନା କରୁଅଛି ।

୧୨୨ । ସନ୍ଥମାନେ ସଂସାରୀ ଲୋକମାନଙ୍କର ରୀତିନୀତି ପରି ଅନ୍ୟ ସନ୍ଥଙ୍କ ପ୍ରତି ମଧ୍ୟ ଭ୍ରାତୃଭାବ ପୋଷଣ କରିଥାନ୍ତି କିମ୍ବା ସେମାନେ ଏକ ନିର୍ଦ୍ଦିଷ୍ଟ ମାର୍ଗ ଗ୍ରହଣ କରାଇବା ଉଦ୍ଦେଶ୍ୟରେ ଲୋକମାନଙ୍କୁ ଏକତ୍ର କରିବାର ଦୃଢ଼ ଇଚ୍ଛା ପୋଷଣ କରିଥାନ୍ତି ଓ ଏହି ଧର୍ମ ପରିଚିତ, ପ୍ରସାରିତ ହେଉ ବୋଲି ଚାହିଁଥାନ୍ତି ।

୧୨୩ । କିମ୍ବା, ଶ୍ରୀସାଇ ନିଜେ ସେହି ଚରିତ୍ରଗୁଡ଼ିକରେ ଅଭିନୟ କରି ତାଙ୍କ ଭକ୍ତମାନଙ୍କର ମଙ୍ଗଳ ସାଧନ କରନ୍ତି ଓ ସେମାନଙ୍କୁ ଆଧ୍ୟାତ୍ମିକ ଶିକ୍ଷା ଦେଇଥାନ୍ତି ।

୧୨୪ । ଏହାର ଉଦାହରଣ ସ୍ୱରୂପ ଗୋଟିଏ ଛୋଟ କାହାଣୀ ଶ୍ରୋତାମାନେ ଭକ୍ତି ସହକାରେ ଦୟାକରି ଶ୍ରବଣ କରନ୍ତୁ । ଏହାଦ୍ୱାରା ଜଣେ ସନ୍ଥ କିଭଳି ଅନ୍ୟ ଜଣେ ସନ୍ଥଙ୍କୁ ଓ ତାଙ୍କର ସଙ୍କେତକୁ ବିନା ବାକ୍ୟ ବିନିମୟରେ ମଧ୍ୟ ବୁଝି ପାରିଥାନ୍ତି, ତାହା ଶ୍ରୋତାମାନେ ଜାଣିପାରିବେ ।

୧୨୫ । ଏକଦା ଗୋଦାବରୀ ନଦୀତଟରେ ବିଖ୍ୟାତ ସହର ରାଜମହେନ୍ଦ୍ରୀରେ ଶ୍ରୀ ବାସୁଦେବ ଆନନ୍ଦ ଡେରା ପକାଇ ରହୁଥିଲେ । ତାଙ୍କର କୌଳିକ ନାମ ଥିଲା ସରସ୍ୱତୀ ।

୧୨୬ । ସେ ମହାଯୋଗୀ, ସର୍ବଦ୍ରଷ୍ଟା ଓ ଭଗବାନ ଦତ୍ତାତ୍ରେୟଙ୍କ କର୍ମମାର୍ଗର ଏକାନ୍ତ ନୈଷ୍ଠିକ ଅନୁଗାମୀ ଥିଲେ । ଗଙ୍ଗା ଭଳି ତାଙ୍କର ଖ୍ୟାତି ଅସୀମ ଥିଲା ଓ ମର୍ତ୍ତ୍ୟରୁ ସ୍ୱର୍ଗ ପର୍ଯ୍ୟନ୍ତ ତାହା ଅନୁରଣିତ ହେଉଥିଲା ।

୧୨୭ । ଲୋକମୁଖରୁ ବାସୁଦେବାନନ୍ଦ ସରସ୍ୱତୀଙ୍କ ସଂପର୍କରେ ଶୁଣି ନାନ୍ଦେଡ଼ର ବାସିନ୍ଦା ଓକିଲ ପୁଣ୍ଡଲିକ ରାଓ ଓ ତାଙ୍କର ଅନ୍ୟ କେତେଜଣ ଘନିଷ୍ଠ ମିତ୍ର ବାସୁଦେବ ଆନନ୍ଦଙ୍କୁ ଦର୍ଶନ କରିବାକୁ ଯିବା ନିମନ୍ତେ ସ୍ଥିର କରିଥିଲେ ।

୧୨୮ । କୌଣସିମତେ ପୁଣ୍ଡଲିକ ରାଓ ଓ ତାଙ୍କର ସେହି ବନ୍ଧୁବର୍ଗ କିଛିଦିନ ପରେ ନାନ୍ଦେଡ଼୍ ତ୍ୟାଗ କରି ରାଜମହେନ୍ଦ୍ରୀରେ ପହଞ୍ଚିଥିଲେ ଓ ଗୋଦାବରୀ ତଟକୁ ସକାଳୁ ସକାଳୁ ସ୍ୱାମିଜୀଙ୍କୁ ଦର୍ଶନ କରିବାକୁ ଯାଇଥିଲେ ।

୧୨୯ । ସକାଳେ ଶୁଭ ମୁହୂର୍ତ୍ତ ଦେଖି ସେମାନେ ସମସ୍ତେ ଗଙ୍ଗା (ଗୋଦାବରୀ) କୂଳକୁ ଯାଇ ସ୍ତୋତ୍ର ଓ ଶାସ୍ତ୍ରାଦିର ମନ୍ତ୍ର ଉଚ୍ଚାରଣପୂର୍ବକ ସ୍ନାନ କରିଥିଲେ ।

୧୩୦ । ସ୍ୱାମିଜୀଙ୍କୁ ସେଠାରେ ବସିଥିବାର ଦେଖି ତାଙ୍କୁ ସମସ୍ତେ ଭକ୍ତି ସହକାରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ । ଭଲମନ୍ଦ ବିଷୟରେ ସାଧାରଣ କଥାବାର୍ତ୍ତା କରୁଥିବା ସମୟରେ ସ୍ୱାଭାବିକ ଭାବରେ ଶିରିଡ଼ି ବିଷୟ ଉଠିଥିଲା ।

୧୩୧ । ଶ୍ରୀସାଇଙ୍କ ନାମ ଶୁଣିବା ମାତ୍ରକେ ସ୍ୱାମିଜୀ ଯୋଡ଼ ହସ୍ତରେ ପ୍ରଣାମ କରିଥିଲେ ଓ କହିଥିଲେ "ସେ ମୋର ଭାଇ ଓ ଜଣେ ନିରାସକ୍ତ ପୁରୁଷ । ମୋର ତାଙ୍କ ପ୍ରତି ଅତିଶୟ ଶ୍ରଦ୍ଧା ରହିଛି ।"

୧୩୨ । ସେଠାରୁ ସେ ନଡ଼ିଆଟିଏ ଉଠାଇ ନେଇ ପୁଣ୍ଡଲିକ ରାଓଙ୍କୁ ଦେଇଥିଲେ ଓ କହିଥିଲେ, "ତୁମେ ଶିରିଡ଼ି ଗଲେ ମୋର ଭାଇଙ୍କ ପାଦପଦ୍ମରେ ନତମସ୍ତକ ହୋଇ ଏହାକୁ ଅର୍ପଣ କରିଦେବ ।

୧୩୩। "ମୋର ଅଭିବାଦନ ତାଙ୍କୁ ଜଣାଇଦେବ ଓ ଏହି ବିନୀତ ପ୍ରତି ଅନୁଗ୍ରହ ଓ କୃପା କରିବାକୁ ତାଙ୍କୁ ଅନୁରୋଧ କରିବ। ସେ ମୋତେ ଯେପରି ଭୁଲି ନଯିବେ ଓ ମୋତେ ନିରନ୍ତର ସ୍ନେହ ଦେଉଥିବେ ବୋଲି କହିବ।

୧୩୪। "ଏହା ପରେ ତୁମେ ଯେତେବେଳେ ଶିରିଡ଼ି ଯିବ, ଏ ନଡ଼ିଆ ମୋର ଭାଇଙ୍କୁ ଭକ୍ତି ସହକାରେ ନିଶ୍ଚୟ ଅର୍ପଣ କରିବ, ଭୁଲିଯିବ ନାହିଁ।

୧୩୫। "ନିୟମତଃ ଆମେ ସନ୍ନ୍ୟାସୀମାନେ କାହାରି ପାଖରେ ନତମସ୍ତକ ହେଉନା ଓ ତାହା କରିବା ନିଷିଦ୍ଧ । ସେହି ନିୟମକୁ ଭାଙ୍ଗି ବର୍ତ୍ତମାନ ପରିସ୍ଥିତିରେ ପରୋପକାର ପାଇଁ ହିଁ ମୁଁ ଏହା କରୁଛି।

୧୩୬। "ତେଣୁ ତୁମେ ଯେତେବେଳେ ଶ୍ରୀସାଇଙ୍କୁ ଦର୍ଶନ କରିବ, ଏ କଥା ଭୁଲିଯିବ ନାହିଁ। ଏହି ନଡ଼ିଆ ଶ୍ରୀସାଇଙ୍କ ଚରଣରେ ନିଶ୍ଚୟ ଅର୍ପଣ କରିବ।"

୧୩୭। ସ୍ୱାମିଜୀଙ୍କ ମୁଖରୁ ଏହି କଥା ଶୁଣିବା ପରେ ପୁଣ୍ଡଲିକ ରାଓ ତାଙ୍କ ପଦତଳେ ପ୍ରଣାମ କରି କହିଥିଲେ, "ମୁଁ ସ୍ୱାମୀଜୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଅବଶ୍ୟ କାର୍ଯ୍ୟ କରିବି।

୧୩୮। "ମୁଁ ଗଭୀର ସମ୍ମାନ ସହକାରେ ଆପଣଙ୍କ ନିର୍ଦ୍ଦେଶକୁ ଗ୍ରହଣ କରୁଛି ଓ ମୋତେ ଏଭଳି ଦାୟିତ୍ୱ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି।" ସ୍ୱାମିଜୀଙ୍କ ପାଖରେ ନିଜକୁ ପୂର୍ଣ୍ଣପ୍ରାଣରେ ସମର୍ପଣ କରିଦେଇ ପୁଣ୍ଡଲିକ ରାଓ ସେଠାରୁ ଚାଲିଆସିଥିଲେ।

୧୩୯। ସ୍ୱାମିଜୀ ବାବାଙ୍କୁ ଭାଇ ବୋଲି ଯେଉଁ ସମ୍ବୋଧନ କରିଥିଲେ, ତାହା କ'ଣ ନିରର୍ଥକ ଥିଲା? ବାବା ଜଣେ ଅଗ୍ନିହୋତ୍ରୀ ହୋଇଥିବାରୁ 'ଶ୍ରୁତି' ବର୍ଣ୍ଣିତ ରୀତି ଅନୁସାରେ ପ୍ରତ୍ୟହ ସକାଳ ଓ ସଂଧ୍ୟାରେ ଅଗ୍ନିରେ ଆହୁତି ଦେଉଥିଲେ।

୧୪୦। ବାବାଙ୍କ ସମ୍ମୁଖରେ ସବୁବେଳେ ଜଳୁଥିବା ଅଗ୍ନିକୁ ଲୋକେ ଧୁନି ବୋଲି କହୁଥିଲେ ଓ ବାବା ଏହାକୁ ଦିବାରାତ୍ର ଜଳାଇ ରଖୁଥିଲେ । ଏହା ବାବାଙ୍କର ଏକ ସଂକଳ୍ପ ଥିଲା।

୧୪୧। ଅନ୍ତଃଶୁଦ୍ଧି ନିମନ୍ତେ ଅଗ୍ନିହୋତ୍ର ଓ ଅନ୍ୟ କେତେକ ବିଧିପାଳନ ଶାସ୍ତ୍ରରେ ନିର୍ଦ୍ଧାରିତ ହୋଇଛି । ବାବା ଏହି ଉପାୟ ଅବଲମ୍ବନ କରିଥିଲେ ଓ ଲୋକମାନେ ଏକ ନିର୍ଦ୍ଦିଷ୍ଟ ମାର୍ଗ ଅନୁସରଣ କରି ବ୍ରହ୍ମତ୍ୱ ଲାଭ କରନ୍ତୁ ବୋଲି ଚାହିଁଥିଲେ।

୧୪୨। ଶ୍ରୀ ବାସୁଦେବ ଆନନ୍ଦ ସରସ୍ୱତୀ ଜଣେ ସନ୍ନ୍ୟାସୀ ଥିଲେ ଓ ସେ ମଧ୍ୟ ଜଣେ ଅଗ୍ନିହୋତ୍ରୀ ହୋଇଥିବାରୁ ବାବାଙ୍କୁ ସେ ଭାଇ ବୋଲି ସମ୍ବୋଧନ କରିବାରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ! ସେ କ'ଣ ଅଯଥାରେ ଏକଥା କହିଥିଲେ?

୧୪୩। ତା' ପରେ ଗୋଟିଏ ମାସ ବି ବିତି ନଥିଲା । ସେହି ସମୟରେ ପୁଣ୍ଡଲିକ ରାଓ ଓ ତାଙ୍କର ଚାରିଜଣ ବନ୍ଧୁ ସାଙ୍ଗ ହୋଇ ଶ୍ରୀସାଇଙ୍କ ଦର୍ଶନ ନିମିତ୍ତ ଶିରିଡ଼ି ଆସିବାର ସୁଯୋଗ ପାଇଥିଲେ।

୧୪୪। ସେ ନିଜର ଜିନିଷପତ୍ର ଓ ବିଭିନ୍ନ ପ୍ରକାର ଫଳମୂଳ ସାଙ୍ଗରେ ନଡ଼ିଆଟିକୁ ନେବା ପାଇଁ ଯତ୍ନ ସହକାରେ ମନେ ରଖିଥିଲେ। ଆନନ୍ଦ ଓ ଅବିଚଳିତ ମନରେ ସେମାନେ ଶ୍ରୀସାଇଙ୍କ ଦର୍ଶନ ନିମନ୍ତେ ବାହାରି ପଡ଼ିଥିଲେ।

୧୪୫। ସେମାନେ ମନମାଡ଼ରେ ଓହ୍ଲାଇଥିଲେ । କୋପରଗାଁ ଯିବା ନିମିତ୍ତ ଟ୍ରେନ ଛାଡ଼ିବାରେ କିଛି ବିଳମ୍ବ ଥିଲା। ସେମାନଙ୍କୁ ଭାରି ଶୋଷ ଲାଗିବାରୁ ସେମାନେ ପାଖ ଝରଣାକୁ ଯାଇଥିଲେ।

୧୪୬। ଖାଲିପେଟରେ ପାଣି ପିଇଲେ ଶରୀର ପ୍ରତି ଅହିତକର ହୋଇଥାଏ। ଜଳଖିଆ ନିମିତ୍ତ ସେମାନଙ୍କ ମଧ୍ୟରୁ ଜଣେ ଲୁଗାରେ ବାନ୍ଧି କିଛି ଚୁଡ଼ା ଆଣିଥିଲେ।

୧୪୭। ସେଥିରୁ ମୁଠାଏ ପାଟିରେ ପକାଇ ଦେବାରୁ ତାହା ଖୁବ୍ ପିତାଳିଆ ଲାଗିଥିଲା। ବିନା ନଡ଼ିଆରେ ସେହି ଚୁଡ଼ା ଖାଇବା ସହଜ ନ ଥିଲା। ଖାଇବା ଚେଷ୍ଟା ବୃଥା ହୋଇଥିଲା।

୧୪୮। ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ବନ୍ଧୁମାନଙ୍କୁ କହିଥିଲେ, "ମୋର ଗୋଟିଏ ଉପାୟ ମନେ ପଡୁଛି। ଗୋଟିଏ ନଡ଼ିଆ ଭାଙ୍ଗି ଚୁଡ଼ାରେ ମିଶାଇ ଦେଲେ ଚୁଡ଼ା ସ୍ୱାଦୁ ଲାଗିବ ଓ ଖାଇହେବ ।"

୧୪୯। ନଡ଼ିଆ ବିଷୟ ମନେ ପଡ଼ିବା ମାତ୍ରକେ ହାତପାଆନ୍ତାରେ ଗୋଟିଏ ମିଳି ଯାଇଥିଲା। ଡେରି ନକରି ତାହାକୁ ସେମାନେ ଭାଙ୍ଗି ଦେଇଥିଲେ। ନଡ଼ିଆକୁ ଚୁଡ଼ାରେ ମିଶାଇ ଦେବାରୁ ତାହାର ସ୍ୱାଦ ବଢ଼ିଯାଇଥିଲା। ଖାଇସାରିବା ପରେ ସେମାନେ ପାଣି ପିଇଥିଲେ।

୧୫୦। ନଡ଼ିଆର ନାମ ଧରିବା ମାତ୍ରକେ ତାହା ହାତ ପାଆନ୍ତାରେ ମିଳିଯାଇଥିଲା। ଏହା କାହାର ନଡ଼ିଆ ବୋଲି କେହି ପଚାରିନଥିଲେ। କ୍ଷୁଧାର ତାଡ଼ନା ଏତେ ପ୍ରବଳ

ଥିଲା ଯେ ସେମାନେ ସମସ୍ତେ ଏହା ଭୁଲି ଯାଇଥିଲେ।

୧୫୧ । ସେ ଯାହାହେଉ, ସେମାନେ କୋପରଗାଁଗାମୀ ଟ୍ରେନ୍‌ରେ ବସିଥିଲେ ଓ ଲକ୍ଷ୍ୟସ୍ଥଳକୁ ଆଗେଇ ଯାଇଥିଲେ। ରାସ୍ତାରେ ପୁଣ୍ଡଲିକ ରାଓ ସେହି ନିର୍ଦ୍ଦିଷ୍ଟ ନଡ଼ିଆ କଥା ମନେ ପକାଇଥିଲେ।

୧୫୨ । ଶିରିଡ଼ି ପାଖ ହୋଇ ଆସିବାର ଦେଖି ପୁଣ୍ଡଲିକ ରାଓଙ୍କର ମାନସିକ ଯନ୍ତ୍ରଣା ବଢ଼ିଥିଲା । କାରଣ ସ୍ୱାମୀ ବାସୁଦେବ ଆନନ୍ଦ ଦେଇଥିବା ନଡ଼ିଆକୁ ଭୁଲରେ ଭାଙ୍ଗି ଚୁଡ଼ାରେ ମିଶାଇ ସେମାନେ ଖାଇଦେଇଛନ୍ତି ବୋଲି ସେ ବୁଝିପାରିଥିଲେ ।

୧୫୩। ନଡ଼ିଆ ଭଙ୍ଗା ହୋଇଯାଇଥିବା ଜାଣି ପୁଣ୍ଡଲିକ ରାଓ ବହୁତ ଡରି ଯାଇଥିଲେ ଓ ତାଙ୍କର ସମଗ୍ର ଶରୀର ଥରୁଥିଲା। ଜଣେ ସନ୍ଥଙ୍କ ନିକଟରେ ସେ ପାପ କରିଥିଲେ।

୧୫୪ । ସେ ବହୁତ ଦୁଃଖିତ ହୋଇଥିଲେ। କେତେ ବଡ଼ ପାପ ସେ କରିଦେଲେ ? ସେ ସ୍ୱାମିଜୀଙ୍କଠାରୁ ଅଭିଶାପ ପାଇବାର ପାତ୍ର ହୋଇଗଲେ ! ମୋର ଅନୁତାପ କରି କିଛି ଲାଭ ହେବନାହିଁ।

୧୫୫ । ଏ ନଡ଼ିଆକୁ ଏଭଳି ଭାବରେ ବ୍ୟବହାର କରିବା ଥିଲା ଏକ ବଡ଼ ଫାନ୍ଦ । ପୁଣ୍ଡଲିକ ରାଓଙ୍କର ମନ ସ୍ତବ୍ଧ ହୋଇ ଯାଇଥିଲା ଓ ତାଙ୍କୁ କିଛି ବୁଦ୍ଧିବାଟ ଦିଶୁନଥିଲା ।

୧୫୬ । ଏବେ ବାବାଙ୍କୁ କ'ଣ ଅର୍ପଣ କରିବି ? କେଉଁଭଳି ଭାବରେ ମୁଁ ତାଙ୍କୁ ବୁଝାଇକହିବି ? ମୁଁ ତାଙ୍କୁ କିପରି ମୁହଁ ଦେଖାଇବି ? ମୁଁ ଯେଉଁ ନଡ଼ିଆକୁ ହରାଇଦେଲି, ତାହାକୁ ଆଉ ଫେରି ପାଇବା ଅସମ୍ଭବ।

୧୫୭ । ଯାହା ଶ୍ରୀସାଇଙ୍କ ଚରଣରେ ସମର୍ପିତ ହୋଇଥାନ୍ତା, ତାହାକୁ ଜଳଖିଆରେ ଖାଇ ଦେଇଥିବାରୁ ପୁଣ୍ଡଲିକ ରାଓ ଅତ୍ୟନ୍ତ ବ୍ୟଥିତ ହୋଇଥିଲେ। ସେ କହିଥିଲେ, "ଏହା ସନ୍ଥଙ୍କ ପ୍ରତି ଅପମାନ।"

୧୫୮ । ଏବେ ଯେତେବେଳେ ବାବା ନଡ଼ିଆ ମାଗିବେ, ସେତେବେଳେ ସେମାନେ କ'ଣ କରିବେ । ସମସ୍ତଙ୍କ ମସ୍ତକ ନିଶ୍ଚୟ ଲଜ୍ଜାରେ ଅବନତ ହୋଇଯିବ, ଯେହେତୁ ସେମାନେ ମନମାଡ଼ଠାରେ ଜଳଖିଆରେ ତାହା ଖାଇଦେଇଛନ୍ତି। ସମସ୍ତେ ଏହି ପ୍ରକାର ମାନସିକ ଯନ୍ତ୍ରଣା ଭୋଗ କରୁଥିଲେ।

୧୫୯ । ନଡ଼ିଆ ସେମାନେ ଖାଇ ଦେଇଛନ୍ତି ବୋଲି ସତ କଥା କହିଦେଲେ ସେମାନଙ୍କୁ ଲାଜ ଲାଗିବ । ନଡ଼ିଆ ସେମାନଙ୍କ ପାଖରେ ନଥିଲା ବୋଲି ମଧ୍ୟ କହିପାରିବେ ନାହିଁ। ସାଇ ମହାରାଜ ସର୍ବଜ୍ଞ ହୋଇଥିବାରୁ ତାଙ୍କୁ ମିଛ କହିହେବ ନାହିଁ।

୧୬୦ । ସେ ଯାହାହେଉ, ଶ୍ରୀସାଇଙ୍କ ଦର୍ଶନ ଲାଭ କଲାପରେ ପୁଣ୍ଡଲିକ ରାଓଙ୍କ ଦଳର ସମସ୍ତଙ୍କ ମନରେ ଆନନ୍ଦ ଭରି ଯାଇଥିଲା। ଚକ୍ଷୁରୁ ସେମାନଙ୍କର ଆନନ୍ଦାଶ୍ରୁ ବହିଯାଇଥିଲା ଓ ମୁଖମଣ୍ଡଳରେ ପରମ ଆନନ୍ଦ ପ୍ରତିଫଳିତ ହୋଇଥିଲା ।

୧୬୧ । ଆଜିକାଲି ଆମେ ଦିବାରାତ୍ର ବେତାରବାର୍ତ୍ତା ପଠାଇପାରୁଛୁ ଓ ସେଥିପାଇଁ ଗର୍ବ ମଧ୍ୟ କରୁଛୁ ।

୧୬୨ । ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନିର୍ମାଣ କରିବାକୁ ପଡ଼େ ଓ ସେଥିରେ ଅନେକ ଟଙ୍କା ଖର୍ଚ୍ଚ ହୁଏ। ମାତ୍ର ସନ୍ଥମାନେ ଏସବୁ ମାଧ୍ୟମ ଆବଶ୍ୟକ କରନ୍ତି ନାହିଁ। ସେମାନେ ମାନସିକ ଶକ୍ତି ଦ୍ୱାରା ନିଜର ବାର୍ତ୍ତା ପଠାଇଥାନ୍ତି।

୧୬୩ । ସ୍ୱାମିଜୀ ପୁଣ୍ଡଲିକ ରାଓଙ୍କ ହାତରେ ନଡ଼ିଆ ଦେବା ସମୟରେ ମାନସିକ ଶକ୍ତି ଜରିଆରେ ଶ୍ରୀସାଇନାଥଙ୍କ ନିକଟକୁ ଏ ସମ୍ବାଦ ପଠାଇ ଦେଇଥିଲେ।

୧୬୪ । ପୁଣ୍ଡଲିକ ରାଓ ଦର୍ଶନ କରୁଥିବା ସମୟରେ ସାଇବାବା ନିଜ ଆଡୁ କହିଥିଲେ, "ତୁମେ ମୋ ଭାଇଙ୍କ ନିକଟରୁ ଆଣିଥିବା ପଦାର୍ଥ ମୋତେ ଦେଲ ନାହିଁ।।"

୧୬୫ । ସେତେବେଳେ ବିଷଣ୍ଣ ପୁଣ୍ଡଲିକ ରାଓ ଶ୍ରୀସାଇଙ୍କର ପାଦ ଦୁଇଟିକୁ ଧରି ପକାଇଥିଲେ ଓ କହିଥିଲେ, "ଆପଣଙ୍କୁ କ୍ଷମାପ୍ରାର୍ଥନା କରିବା ବ୍ୟତୀତ କ'ଣ ଆଉ କହିବି ?

୧୬୬ । "ମୋର ନଡ଼ିଆ କଥା ମନେ ଥିଲା । କିନ୍ତୁ ଆମର କ୍ଷୁଧା ନିବାରଣ ନିମନ୍ତେ ଝରଣା କୂଳକୁ ଯାଇଥିବାବେଳେ ଆମେ ସମସ୍ତେ ତାହା ଭୁଲି ଯାଇଥିଲୁ।

୧୬୭ । "ସେଠାରେ ଆମେ ଜଳଖିଆ ଖାଇବା ପାଇଁ ଚୁଡ଼ା ସହିତ ଏହି ନଡ଼ିଆକୁ ଭାଙ୍ଗି ମିଶାଇ ଦେଇଥିଲୁ। ମୁଁ ଆଉ ଗୋଟିଏ ନଡ଼ିଆ ଆଣି ଦେଉଛି। କୌଣସି ଦ୍ୱିଧାବୋଧ ନକରି ଆପଣ ତାହାକୁ ଗ୍ରହଣ କରନ୍ତୁ।"

୧୬୮ । ଏକଥା କହି ପୁଣ୍ଡଲିକ ରାଓ ଉଠିପଡ଼ି ନଡ଼ିଆଟିଏ ଆଣିବାକୁ ଯାଉଥିଲେ। ଶ୍ରୀସାଇ ମହାରାଜ ତାଙ୍କ ହାତ

ଧରି ପକାଇଥିଲେ ଓ ଯିବାପାଇଁ ବାରଣ କରିଥିଲେ । ଏହା ଅନ୍ୟମାନେ ଦେଖିଥିଲେ ।

୧୬୯ । "ଅଜାଣତରେ ମୁଁ ବିଶ୍ୱାସ ହରାଇଛି । ଆପଣ ଦୟାମୟ, ଅନୁଗ୍ରହ କରି ମୋତେ ଆପଣଙ୍କ ପାଦତଳେ ଆଶ୍ରୟ ଦିଅନ୍ତୁ । ହେ ଦୟାମୟ ପ୍ରଭୁ ! ମୋତେ କ୍ଷମା କରି ଦିଅନ୍ତୁ । ମୁଁ ସବୁଠୁ ବଡ଼ ଦୋଷୀ ।

୧୭୦ । "ମୁଁ ସ୍ୱାମିଜୀଙ୍କ ପରି ଗୁଣୀ ସନ୍ଥଙ୍କର ନିର୍ଦ୍ଦେଶକୁ ଅବଜ୍ଞା କରିଛି ଓ ଆପଣଙ୍କୁ ଅର୍ପଣ କରାଯିବାକୁ ଥିବା ଶ୍ରୀଫଳକୁ ମୁଁ ଖାଇଦେଇଛି ।

୧୭୧ । "ଜଣେ ସନ୍ଥଙ୍କ ପ୍ରତି ଏହା ବିରାଗ । ଏହି ପାପରୁ ମୁକ୍ତି ପାଇବା ନିମନ୍ତେ କିଛି ଉପାୟ ରହିଛି କି ? ମୁଁ କେତେ ଉଦ୍ଧତ ହୋଇଯାଇଛି !"

୧୭୨ । ଏମିତି ଯେଉଁ ଘଟଣା ଘଟିଥିଲା, ତାହା ଶୁଣି ଶ୍ରୀସାଇନାଥ ହସି ହସି କହିଥିଲେ, "ତୁମେ ଯଦି ନଡ଼ିଆର ଯତ୍ନ ନେଇପାରିବ ନାହିଁ, ତେବେ ସେ ନଡ଼ିଆକୁ ଗ୍ରହଣ କରୁଥିଲ କାହିଁକି ?

୧୭୩ । "ମୋ ଭାଇ ତୁମ କଥା ଉପରେ ସଂପୂର୍ଣ୍ଣ ବିଶ୍ୱାସ ରଖିଥିଲେ ଓ ତୁମେ ନିଶ୍ଚିତ ଭାବରେ ପଦାର୍ଥଟିକୁ ଆଣି ମୋତେ ଦେବ ବୋଲି ତାଙ୍କର ଦୃଢ଼ ବିଶ୍ୱାସ ଥିଲା ।

୧୭୪ । "କିନ୍ତୁ ତାହାର ଫଳ କ'ଣ ହେଲା ? ଏହା କ'ଣ ତୁମର ବିଶ୍ୱସନୀୟତା ? ମୋ ଭାଇଙ୍କର ଇଚ୍ଛା ଅପୂରଣୀୟ ରହିଗଲା । ତୁମେ ଏହିପରି କାମ କଲ ?"

୧୭୫ । ସେ ପୁଣି କହିଥିଲେ, "ତୁମେ ଯେତେ ନଡ଼ିଆ ଆଣିଦେଲେ ମଧ୍ୟ ସେହି ନଡ଼ିଆଟିର ମୂଲ୍ୟ ସହିତ ତାହା କଦାପି ସମାନ ହେବ ନାହିଁ ! ଯାହା ହେବାର କଥା ଥିଲା, ତାହା ହୋଇଗଲା । ସେଥିନେଇ ଆଉ କାହିଁକି ଅଯଥା ଚିନ୍ତା କରୁଛ ?

୧୭୬ । "ମୋର ଇଚ୍ଛା ଅନୁଯାୟୀ ସ୍ୱାମିଜୀ ତୁମକୁ ନଡ଼ିଆଟିଏ ଦେଇଥିଲେ ଓ ତାହା ମଧ୍ୟ ମୋର ଇଚ୍ଛାନୁଯାୟୀ ଭଙ୍ଗାଯାଇଥିଲା । ତୁମେ ଅଯଥାରେ କାହିଁକି ନିଜକୁ କର୍ତ୍ତା ବୋଲି ଭାବୁଛ ?

୧୭୭ । "ତୁମର ଅହଂକାର ରହିଥିବାରୁ ତୁମେ ନିଜକୁ ଦୋଷୀ ବୋଲି ଭାବୁଛ ? ଅହଂକାର ପରିତ୍ୟାଗ କରିଦିଅ । ତୁମେ ସବୁ ଦୋଷରୁ ମୁକ୍ତ ହୋଇଯିବ ।

୧୭୮ । "କିଛି ଗୋଟିଏ ଭଲ ବା ପୁଣ୍ୟ କାର୍ଯ୍ୟ କଲେ ମନରେ ଗର୍ବ କାହିଁକି ଆସେ ? ଆଉ ଜଣେ ପାପ କାର୍ଯ୍ୟ କରିବାରୁ ନିବୃତ୍ତ ରହେ କାହିଁକି ? ଉଭୟର ଫଳ ସମାନ । ତେଣୁ କର୍ତ୍ତା ନଭାବି କାର୍ଯ୍ୟ କର ।

୧୭୯ । "ତୁମେ ମୋତେ ଦେଖା କରିବ ବୋଲି ମୁଁ ଜାଣିଥିଲି । ସେଥିପାଇଁ ତୁମ ହାତରେ ନଡ଼ିଆ ଦିଆଯାଇଥିଲା । ଏହା ହିଁ ତ୍ରିବାର ସତ୍ୟ ।

୧୮୦ । "ଯାହାହେଲେ ବି ତୁମେ ମୋର ସନ୍ତାନ । ତୁମେ ନଡ଼ିଆ ଖାଇବା ଅର୍ଥ ମୋତେ ଅର୍ପଣ କରିବା ସହିତ ସମାନ । ମୁଁ ତାହାକୁ ନିଶ୍ଚିତ ଭାବରେ ଗ୍ରହଣ କରିଛି ବୋଲି ବିଶ୍ୱାସ କର ।"

୧୮୧ । ପୁଣ୍ଡଲିକ ରାଓ ଶ୍ରୀସାଇଙ୍କ ଆଶ୍ୱାସନାକୁ ବୁଝି ପାରିଥିଲେ ଓ ତାଙ୍କ ମନ ଶାନ୍ତ ହୋଇଯାଇଥିଲା । ତାଙ୍କର ଦୁଃଶ୍ଚିନ୍ତା କ୍ରମେ କ୍ରମେ ଦୂର ହୋଇଥିଲା ।

୧୮୨ । ନଡ଼ିଆ ନପାଇବା ଏକ ବାହାନା ଥିଲା ଓ ସେହି ବାହାନାରେ ଚିନ୍ତାଗ୍ରସ୍ତ ମନକୁ ଲାଘବ କରିବା ପାଇଁ ଉପଦେଶ ଦିଆଯାଇଥିଲା । ଏହାଫଳରେ ଯେଉଁମାନଙ୍କ ମନରେ ଗର୍ବ ରହିଥିଲା, ସେମାନେ ସମସ୍ତେ ଅହଂକାରଶୂନ୍ୟ ହୋଇଥିଲେ ଏବଂ ଦୋଷ ଓ ଦୁର୍ନାମରୁ ମୁକ୍ତି ପାଇଥିଲେ ।

୧୮୩ । ଏହି କାହାଣୀର ସାରକଥା ହେଉଛି ଯେ ଯେଉଁମାନଙ୍କ ମନରେ ଆଦୌ ଗର୍ବ ନଥାଏ, ସେମାନେ ଆଧ୍ୟାତ୍ମିକତା ଲକ୍ଷ୍ୟପ୍ରାପ୍ତିର ଯୋଗ୍ୟ ହୋଇଥାନ୍ତି ଓ ସହଜରେ ଭବସାଗର ପାରି ହୋଇଯାଇଥାନ୍ତି ।

୧୮୪ । ଏବେ ତୃତୀୟ ଭକ୍ତଙ୍କର ସୁମଧୁର ତଥା ଅଭିନବ ଅନୁଭୂତି ଶୁଣନ୍ତୁ । ଏଥିରୁ ବାବାଙ୍କର ଅକଳନୀୟ ମହତ୍ତ୍ୱ ଓ ଅଖଣ୍ଡ କର୍ତ୍ତୃତ୍ୱ ସଂପର୍କରେ ସୂଚନା ପାଇପାରିବେ ।

୧୮୫ । ବାନ୍ଦ୍ରା ତାଲୁକରେ ବାନ୍ଦ୍ରା ନଗରର ଉତ୍ତରକୁ ସାନ୍ତାକ୍ରୁଜ ସହରରେ ବାଳାରାମ ଧୁରନ୍ଧର ରହୁଥିଲେ ।

୧୮୬ । ତାଙ୍କର ସମସ୍ତ ଭାଇଙ୍କର ସନ୍ଥଙ୍କ ପ୍ରତି ଭକ୍ତି ଓ ଶ୍ରଦ୍ଧା ରହିଥିଲା । ସେମାନଙ୍କର ଶ୍ରୀରାମଙ୍କ ଉପରେ ଦୃଢ଼ ଆସ୍ଥା ରହିଥିଲା । ରାମନାମ ଜପ କରିବାରେ ସେମାନଙ୍କର ଏକନିଷ୍ଠ ବିଶ୍ୱାସ ରହିଥିଲା । ଅନ୍ୟମାନଙ୍କର ବ୍ୟାପାରରେ ସେମାନେ ଅଯଥା ହସ୍ତକ୍ଷେପ କରିବାକୁ ପସନ୍ଦ କରୁନଥିଲେ ।

୧୮୭ । ସେମାନେ ନିରାଡ଼ମ୍ବର ଜୀବନ ଯାପନ କରୁଥିଲେ

ଓ ସେମାନଙ୍କର ପିଲାମାନଙ୍କର ଚଳଣି ମଧ୍ୟ ସେମିତି ଥିଲା। ସେମାନଙ୍କ ପରିବାରର ମହିଳାମାନେ ମଧ୍ୟ ସଦ୍ ଆଚରଣ କରୁଥିଲେ। ସେହି କାରଣରୁ, ଭଗବାନ ବିଷ୍ଣୁ(ଚକ୍ରପାଣି) ମଧ୍ୟ ସେମାନଙ୍କ ନିକଟରେ ଋଣୀ ଥିଲେ।

୧୮୮। ସେମାନଙ୍କ ମଧ୍ୟରେ ବାଲାରାମ ଅନ୍ୟତମ ଥିଲେ। ସେ ବିଠଲଙ୍କର ଭକ୍ତ ଓ ଧାର୍ମିକ ପ୍ରକୃତିର ବ୍ୟକ୍ତି ଥିଲେ। ସେ ଅନେକ ରାଜାଙ୍କ ଦରବାରରୁ ସମ୍ମାନ ଲାଭ କରିଥିଲେ ଓ ସମସ୍ତେ ତାଙ୍କୁ ବହୁତ ଭଲ ପାଉଥିଲେ।

୧୮୯। ଏହି ରତ୍ନ ପୃଥିବୀ ପୃଷ୍ଠରେ ୧୮୭୮ ମସିହା ଫେବୃଆରୀ ୧୯ ତାରିଖରେ ଶ୍ରୀରାମଙ୍କ ଭକ୍ତ ଜଣେ ମହୀୟସୀ ମହିଳାଙ୍କ ଗର୍ଭରୁ ଜନ୍ମ ଗ୍ରହଣ କରିଥିଲେ।

୧୯୦। ସେ 'ପାଥରେ ପ୍ରଭୁ' ଜାତିର ମଣି ସଦୃଶ ଥିଲେ। ୧୮୭୮ ମସିହାରେ ବମ୍ବେଇ ସହରରେ ଏକ ବିଖ୍ୟାତ କୁଳୀନ ପରିବାରରେ ସେ ଜନ୍ମ ହୋଇଥିଲେ।

୧୯୧। ସେ ପାଶ୍ଚାତ୍ୟ ଶିକ୍ଷାଲାଭ କରିଥିଲେ ଓ ଜଣେ ସୁଯୋଗ୍ୟ ଓକିଲ ହୋଇଥିଲେ। ସେ ଜଣେ ଜ୍ଞାନୀ ବ୍ୟକ୍ତି ଭାବରେ ସର୍ବତ୍ର ସୁପରିଚିତ ଥିଲେ ଓ ଦର୍ଶନ ଶାସ୍ତ୍ରରେ ନିପୁଣ ଥିଲେ।

୧୯୨। ସେ ପ୍ରଭୁ ପାଣ୍ଡୁରଙ୍ଗଙ୍କର ପରମ ଭକ୍ତ ଥିଲେ ଓ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଆକର୍ଷଣ ବହୁତ ଅଧିକ ରହିଥିଲା। ଯଦିଓ ତାଙ୍କ ପିତାଙ୍କର କୁଳଦେବତା ଶ୍ରୀରାମ ଥିଲେ, ସେ ନିଜେ ବିଠଲ ଭଗବାନଙ୍କୁ ପୂଜା କରୁଥିଲେ।

୧୯୩। ସବୁ ଭାଇ ଉଚ୍ଚ ପଦମର୍ଯ୍ୟାଦାର ଅଧିକାରୀ ଥିଲେ ଓ ସମସ୍ତଙ୍କର ଆଚରଣ ସର୍ବଦା ସତ୍ ଓ ନ୍ୟାୟପର ଥିଲା। ସେମାନେ ଶୁଦ୍ଧ କୁଳରେ ଜନ୍ମ ହୋଇଥିବାରୁ ସେମାନଙ୍କର ସଂସ୍କାର ମଧ୍ୟ ପରିଶୁଦ୍ଧ ଥିଲା। କିନ୍ତୁ ବାଲାରାମ ଅନନ୍ୟ ଥିଲେ।

୧୯୪। ସୁଚିନ୍ତିତ କାରଣ ଓ ପ୍ରମାଣ ସହିତ ସାରକଥାରେ ହୃଦୟଗ୍ରାହୀ ଯୁକ୍ତି ଉପସ୍ଥାପନ କରିବାର ଦକ୍ଷତା ତାଙ୍କର ରହିଥିଲା। ତାଙ୍କର ଚିନ୍ତାଧାରା ସରଳ ଓ ଶୁଦ୍ଧ ଥିଲା। ସେ ତୀକ୍ଷ୍ଣ ବୁଦ୍ଧିସଂପନ୍ନ ଥିଲେ ଓ ତାଙ୍କର ଆଚରଣ ଉତ୍ତମ ଓ ସତ୍ ଥିଲା। ତାଙ୍କର ଏହି ଭଳି ସଦ୍‌ଗୁଣ ରହିଥିଲା, ଯାହା ଅନୁକରଣଯୋଗ୍ୟ ଥିଲା।

୧୯୫। ସେ ତାଙ୍କ ଜାତିର ଉନ୍ନତି ନିମନ୍ତେ ବହୁ କାର୍ଯ୍ୟ କରୁଥିଲେ ଓ ତାହା ଉପରେ ପୁସ୍ତକ ଲେଖି ପ୍ରକାଶ ମଧ୍ୟ କରିଥିଲେ। ତାଙ୍କ ହାତରେ ଥିବା କାର୍ଯ୍ୟର ସମାପନାନ୍ତେ ସେ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ବ୍ରତୀ ହୋଇଥିଲେ।

୧୯୬। ଏ କ୍ଷେତ୍ରରେ ମଧ୍ୟ ସେ ଅନ୍ୟମାନଙ୍କୁ ଟପିଯାଇଥିଲେ ଓ ଭଗବତ୍‌ଗୀତା ଏବଂ ଜ୍ଞାନେଶ୍ୱରୀ ପାଠ କରି ଓ ତର୍ଜମା କରି ସେଥିରେ ପାରଦର୍ଶିତା ହାସଲ କରିଥିଲେ। ସେ ଅଧ୍ୟାତ୍ମ୍ୟ କ୍ଷେତ୍ରରେ ଜଣେ ବିଖ୍ୟାତ ବ୍ୟକ୍ତି ହୋଇପାରିଥିଲେ।

୧୯୭। ସେ ଶ୍ରୀସାଇଙ୍କର ଜଣେ ମହାନ୍ ଭକ୍ତ ଥିଲେ। ସେ ଖୁବ୍ କମ୍ ବୟସରେ ୧୯୨୫ ମସିହାରେ ପରମାତ୍ମାଙ୍କ ସହିତ ଏକୀଭୂତ ହୋଇଥିଲେ। ତାଙ୍କର ସଂକ୍ଷିପ୍ତ ଜୀବନୀ ଶୁଣନ୍ତୁ।

୧୯୮। ୧୯୨୫ ମସିହା ଜୁନ ୯ ତାରିଖ ଦିନ ସେ ଏ ସଂସାରରେ ତାଙ୍କର ଜୀବନଯାତ୍ରା ଶେଷ କରିଥିଲେ ଓ ଭଗବାନ ବିଠଲଙ୍କ ଚରଣରେ ଲୀନ ହୋଇଯାଇଥିଲେ।

୧୯୯। ୧୯୧୨ ମସିହା ଏପ୍ରିଲ ମାସର ଏକ ଶୁଭ ଦିନରେ ଶ୍ରୀସାଇଙ୍କ ଦରବାରରେ ଧୁରନ୍ଧରଙ୍କ ଭାଇମାନଙ୍କୁ ସନ୍ଥ ଦର୍ଶନର ସୁଯୋଗ ଜୁଟିଥିଲା।

୨୦୦। ତାହାର ଛଅମାସ ପୂର୍ବରୁ ତାଙ୍କ ବଡ଼ଭାଇ ବାବୁଜୀ ବାମନ ରାଓଙ୍କ ସାଙ୍ଗରେ ଆସି ଶ୍ରୀସାଇ ଦର୍ଶନ କରିଥିଲେ ଓ ଆନନ୍ଦରେ ଫେରି ଯାଇଥିଲେ।

୨୦୧। ସେମାନଙ୍କର ଯେଉଁ ମଧୁର ଅନୁଭୂତି ହୋଇଥିଲା, ସେହି ଅନୁଭୂତି ପାଇବାପାଇଁ ବାଲାରାମଙ୍କ ସମେତ ଅନ୍ୟ ଭାଇମାନେ ସେହି ଅନନ୍ୟ ଦର୍ଶନ ଉଦ୍ଦେଶ୍ୟରେ ଶିରିଡ଼ି ଆସିଥିଲେ।

୨୦୨। ସେମାନଙ୍କର ଆଗମନ ପୂର୍ବରୁ ବାବା ପ୍ରକାଶ୍ୟରେ କହିଥିଲେ, "ମୋ ଦରବାରର ଅନେକ ଲୋକ ଆଜି ଏଠାକୁ ଆସୁଛନ୍ତି।"

୨୦୩। ବାବା ଏଭଳି ସ୍ନେହବୋଳା ମନ୍ତବ୍ୟ ଦେଇଥିବା କଥା ଶୁଣିବା ପରେ ଧୁରନ୍ଧରଙ୍କ ଭାଇମାନେ ଅତିଶୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । କାରଣ, ସେମାନଙ୍କର ଶିରିଡ଼ି ଆଗମନ ସମ୍ପର୍କରେ ସେମାନେ ପୂର୍ବରୁ କାହାରିକୁ ଜଣାଇନଥିଲେ। ବାବା କେମିତି ଏକଥା ଜାଣିଲେ ?

୨୦୪। ପରେ ସେମାନେ ଶ୍ରୀସାଇଙ୍କୁ ଦେଖିବା ମାତ୍ରକେ ଧାଇଁ ଯାଇ ତାଙ୍କ ପାଦକୁ ଜାବୁଡ଼ି ଧରିଥିଲେ। ଧୀରେ

ଧୀରେ କଥାବାର୍ତ୍ତା ଜମି ଉଠିଥିଲା ଓ ସମସ୍ତେ ଆନନ୍ଦିତ ହୋଇଥିଲେ ଏବଂ ସନ୍ତୋଷଲାଭ କରିଥିଲେ ।

୨୦୫। ତା'ଛଡା, ଲୋକେ ବହୁ ସଂଖ୍ୟାରେ ସମବେତ ହୋଇଥିବାର ଦେଖି ବାବା ପୁଣି କହିଥିଲେ, "ଦେଖ, ଏମାନେ ସମସ୍ତେ ମୋ ଦରବାରର ଲୋକ ଓ ଏମାନଙ୍କର ଆଗମନ ବିଷୟ ମୁଁ ପୂର୍ବରୁ କହିଥିଲି।"

୨୦୬। ବାବା ଆଉ କ'ଣ କହିଥିଲେ ଶୁଣନ୍ତୁ। ତାଙ୍କ କଥାର ପ୍ରତିଟି ଅକ୍ଷର ସତ୍ୟ ଥିଲା। "ଆମେମାନେ ଗତ ଷାଠିଏ ପୁରୁଷ ଧରି ପରସ୍ପରକୁ ଜାଣିଛୁ ବୋଲି ମନେ ରଖିଥାଅ।"

୨୦୭। ବାଲାରାମ ଓ ତାଙ୍କର ଭାଇମାନେ ସମସ୍ତେ ସଂପୂର୍ଣ୍ଣ ବିନୀତ ଭାବରେ ବାବାଙ୍କ ସାମ୍ନାରେ ହାତଯୋଡ଼ି ଛିଡ଼ା ହୋଇଥିଲେ ଓ ଶ୍ରୀସାଇଙ୍କ ପାଦକୁ ଚାହିଁ ରହିଥିଲେ।

୨୦୮। ଶ୍ରୀସାଇଙ୍କୁ ଦର୍ଶନ କରିବାପରେ ବାଲାରାମ ଓ ଅନ୍ୟ ସମସ୍ତେ ଅତି ଉତ୍ସାହିତ ହୋଇଥିଲେ । ସେମାନଙ୍କ ମନରେ ଅତିଶୟ ଭକ୍ତି ଓ ଶ୍ରଦ୍ଧାଭାବ ଜାଗ୍ରତ ହୋଇଥିଲା। ସେମାନଙ୍କର ଏହି ଯାତ୍ରା ସମ୍ପୂର୍ଣ୍ଣ ସଫଳ ହୋଇଥିଲା ବୋଲି ସେମାନେ ବିଚାର କରିଥିଲେ।

୨୦୯। ସେମାନଙ୍କର ଚକ୍ଷୁ ଲୋତକାପ୍ଳୁତ ହୋଇଥିଲା, ଅତ୍ୟଧିକ ଭାବାବେଗରେ ସେମାନଙ୍କ କଣ୍ଠରୁ କଥା ସ୍ଫୁରିନଥିଲା, ଶରୀରର ଲୋମ ଟାଙ୍କୁରି ଉଠିଥିଲା ଓ ସେମାନଙ୍କଠାରେ ସମସ୍ତ ଅଷ୍ଟସାତ୍ତ୍ୱିକ ଗୁଣ ପୂରିଯାଇଥିଲା ।

୨୧୦। ବାଲାରାମଙ୍କର ଅବସ୍ଥାକୁ ଲକ୍ଷ୍ୟକରି ଶ୍ରୀସାଇନାଥ ଖୁସି ହୋଇଥିଲେ। ସେ ସମସ୍ତଙ୍କ ସହିତ କଥାବାର୍ତ୍ତା କରିଥିଲେ ଓ କଥାବାର୍ତ୍ତା ମାଧ୍ୟମରେ ମନୋମୁଗ୍ଧକର କାହାଣୀ କହିଥିଲେ ଏବଂ ଉପଦେଶ ଦେଇଥିଲେ ।

୨୧୧। "ଯିଏ ମୋତେ ଶୁକ୍ଳପକ୍ଷରେ ଚନ୍ଦ୍ର କ୍ରମେ ବଢୁଥିବା ସମୟରେ ପୂଜା କରିଥାଏ ଓ ଭାବପ୍ରବଣ ହୋଇ ଶ୍ରଦ୍ଧାସ୍ନେହ ଦେଇଥାଏ, ସେ ପ୍ରକୃତରେ ଧନ୍ୟ।

୨୧୨। "ଯିଏ ପୂର୍ଣ୍ଣ ବିଶ୍ୱାସ ସହକାରେ ଗୁରୁଙ୍କର ସେବା କରିବାରେ ନିୟୋଜିତ ହୋଇଥାଏ, ପ୍ରଭୁ ତାଙ୍କ ନିକଟରେ ସଦା ଋଣୀ ରହିଥାନ୍ତି। କେହି ତାଙ୍କୁ ମନ୍ଦ ଉଦ୍ଦେଶ୍ୟ ନେଇ ଦେଖି ନଥାନ୍ତି।

୨୧୩। "ଯେଉଁ ଭକ୍ତ କ୍ଷଣେମାତ୍ର ସମୟ ଅପଚୟ ନକରି ଗୁରୁ ତଥା ପ୍ରଭୁଙ୍କ ପୂଜାରେ ଲାଗିଥାଏ, ସେମାନେ ତାଙ୍କୁ ଅସୀମ ଓ ଚିରନ୍ତନ ଆନନ୍ଦ ପ୍ରଦାନ କରିଥାନ୍ତି ଏବଂ ଭବସାଗରର ଆରପାରିକୁ ଯିବା ନିମନ୍ତେ ସମର୍ଥ କରିଥାନ୍ତି।"

୨୧୪। ଏହି କଥା ଶ୍ରବଣ କରିବାପରେ ଆନନ୍ଦରେ ସମସ୍ତଙ୍କ ଚକ୍ଷୁ ଲୋତକାପ୍ଳୁତ ହୋଇଯାଇଥିଲା, ମନଶାନ୍ତିରେ ଭରି ଯାଇଥିଲା ଓ ହୃଦୟରେ ଭାବୋଚ୍ଛ୍ୱାସ ଉଚ୍ଛୁଳି ପଡ଼ିଥିଲା।

୨୧୫। ଶ୍ରୀସାଇଙ୍କ ଶବ୍ଦାବଳୀର ଏହି ପୁଷ୍ପମାଳାକୁ ସମସ୍ତେ ଭକ୍ତିଭରେ ଗଳାରେ ଧାରଣ କରିଥିଲେ। ସମସ୍ତେ ଆନନ୍ଦରେ ଉଚ୍ଛୁଳିପଡ଼ିଥିଲେ। ଏହି କାରଣରୁ ସେମାନଙ୍କର ହୃଦୟ ଭକ୍ତିଭାବରେ ପରିପୂର୍ଣ୍ଣ ହୋଇଯାଇଥିଲା।

୨୧୬। ସେ ଯାହାହେଉ, ସେମାନେ ତା'ପରେ ୱାଡ଼ାକୁ ଫେରିଯାଇଥିଲେ ଓ ଖିଆପିଆ ସାରି ବିଶ୍ରାମ ନେଇଥିଲେ। ଅପରାହ୍ଣରେ ସେମାନେ ପୁନଶ୍ଚ ଆସିଥିଲେ ଓ ବାବାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ।

୨୧୭। ବାଲାରାମ ଅତ୍ୟନ୍ତ ବିନୟ ସହକାରେ ବାବାଙ୍କର ପାଦ ଘଷି ଦେଉଥିଲେ। ବାବା ସେହି ସମୟରେ ତାଙ୍କ ହାତକୁ ଚିଲମ ବଢ଼ାଇଦେଇଥିଲେ ଓ ଗୋଟାଏ ଦମ୍ ଧୂଆଁ ଟାଣିନେବାକୁ ଇଙ୍ଗିତ ଦେଇଥିଲେ।

୨୧୮। ବାଲାରାମଙ୍କର ଧୂମପାନର ଅଭ୍ୟାସ ନଥିଲେ ମଧ୍ୟ ସେ ପ୍ରସାଦ ମନେକରି ବହୁ କଷ୍ଟରେ ଚିଲମରୁ କେତେଦମ୍ ଧୂଆଁ ଟାଣି ନେଇଥିଲେ ଓ ଚିଲମଟିକୁ ବାବାଙ୍କ ହାତକୁ ଫେରାଇ ଦେଇ ତାଙ୍କୁ ଭକ୍ତି ସହକାରେ ପ୍ରଣାମ କରିଥିଲେ।

୨୧୯। ବାଲାରାମଙ୍କ ନିମନ୍ତେ ଏହି ଦିନଟି ଅତ୍ୟନ୍ତ ସୌଭାଗ୍ୟର ଦିନ ଥିଲା। ସେହିଦିନଠାରୁ ତାଙ୍କର ଆଜ୍ମା ଭଲ ହୋଇଯାଇଥିଲା ଓ ସେ ପୂରା ସୁସ୍ଥ ହୋଇଥିଲେ।

୨୨୦। ଏହି ଆଜ୍ମା ତାଙ୍କର ଏବକାର ରୋଗ ନଥିଲା, ତାଙ୍କୁ ବହୁଦିନ ଧରି କଷ୍ଟ ଦେଉଥିଲା । ସେ ପୂରା ଛଅବର୍ଷ ଧରି ସେହି ରୋଗରେ ପୀଡ଼ିତ ଥିଲେ। ତାଙ୍କ କର୍ଣ୍ଣରେ ସତେକି କିଏ ମନ୍ତ୍ର ପଢ଼ିଦେଇଥିଲା, ସେମିତି ଏହା ଭଲ ହୋଇଯାଇଥିଲା। ଚିଲମର ଶକ୍ତି ଏହିପରି ଥିଲା !

୨୨୧। ସେ ଚିଲମର ଧୂଆଁକୁ ଜୋର୍‌ରେ ଟାଣିନେଇଥିଲେ ଓ ଚିଲମକୁ ଫେରାଇ ଦେଇ ବାବାଙ୍କୁ ବିନୀତ ଭାବରେ ପ୍ରଣାମ କରିଥିଲେ। ସେହି ମୁହୂର୍ତ୍ତରୁ ହିଁ

ଆଜ୍‌ମା ତାଙ୍କର ଦୂର ହୋଇଯାଇଥିଲା । ଏହା ଆଉ ମୋଟେ ତାଙ୍କୁ ଆକ୍ରାନ୍ତ କରିନଥିଲା ।

୨୨୨ । କିନ୍ତୁ ଏହାରି ମଧ୍ୟରେ ଦିନେ ବାଲାରାମଙ୍କୁ କାଶ ହୋଇଥିଲା । ଏହା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲେ । ଏହାର କାରଣ କେହି ବୁଝି ପାରିନଥିଲେ ।

୨୨୩ । ପରେ ସେମାନେ ଯେତେବେଳେ ଏ ବିଷୟରେ ଗଭୀର ଭାବରେ ଚିନ୍ତା କରିଥିଲେ, ସେତେବେଳେ ସେମାନେ ଜାଣିପାରିଥିଲେ ଯେ ସେହିଦିନ ବାବା ତାଙ୍କର ମରଶରୀର ତ୍ୟାଗ କରିଛନ୍ତି ଓ ତାହାର ସୂଚନା ସେ ତାଙ୍କ ଭକ୍ତଙ୍କୁ ଏପରିଭାବରେ ଦେଇ ଯାଇଛନ୍ତି ।

୨୨୪ । ଯେଉଁ ଦିନ ବାଲାରାମଙ୍କର କାଶ ହୋଇଥିଲା, ସେହି ଦିନ ବାବା ତାଙ୍କ ଶରୀର ପୃଥିବୀକୁ ସମର୍ପି ଦେଇଥିଲେ ଓ ତାହାର ସୂଚନା ସେ ଦେଇ ଯାଇଥିଲେ ।

୨୨୫ । ସେହିଦିନଠାରୁ ନିଜର ମୃତ୍ୟୁ ପର୍ଯ୍ୟନ୍ତ ବାଲାରାମ ଆଉ କେବେହେଲେ କାଶ ରୋଗ ଭୋଗିନଥିଲେ । ଚିଲମରୁ ଧୂଆଁ ଟାଣିବା ସମ୍ବନ୍ଧରେ ଏହି ଅଭିଜ୍ଞତାକୁ କେହି କ'ଣ କେବେ ଭୁଲି ପାରିବ ?

୨୨୬ । ସେହିଦିନ ଗୁରୁବାର ଥିଲା ଓ ଚାଓ୍ୱଡ଼ି ଶୋଭାଯାତ୍ରାର ଦିବସ ଥିଲା । ତେଣୁ ସେମାନଙ୍କର ଆନନ୍ଦ ଦ୍ୱିଗୁଣିତ ହୋଇଯାଇଥିଲା । ପ୍ରକୃତରେ ଏହା ଏକ ସ୍ମରଣୀୟ ଦିବସ ଥିଲା ।

୨୨୭ । ବାବାଙ୍କ ସମ୍ମୁଖରେ ରାତ୍ରି ଆଠଟାରୁ ନଅଟାଯାଏଁ ଅଗଣାରେ ଢୋଲ, ତାଳ, ମୃଦଙ୍ଗ ଇତ୍ୟାଦି ବାଦ୍ୟଯନ୍ତ୍ର ବାଦନ ସହିତ ଅତ୍ୟନ୍ତ ଆଗ୍ରହ ଓ ଭକ୍ତି ସହକାରେ ଭଜନ ଗାନ କରାଯାଉଥିଲା ।

୨୨୮ । ଗୋଟିଏ ସ୍ଥାନରେ ଅଭଙ୍ଗ ବୋଲାଯାଉଥିବା ବେଳେ ଅନ୍ୟ ସ୍ଥାନରେ ପାଲିଙ୍କିକୁ ସଜାଯାଉଥିଲା । ପାଲିଙ୍କି ପ୍ରସ୍ତୁତ ହୋଇଯିବାପରେ ବାବା ଚାଓ୍ୱଡ଼ିକୁ ଯାଉଥିଲେ ।

୨୨୯ । ମୁଁ ପୂର୍ବରୁ ସପ୍ତତ୍ରିଂଶତ୍ ଅଧ୍ୟାୟରେ ଅନନ୍ୟ ଚାଓ୍ୱଡ଼ି ଶୋଭାଯାତ୍ରା ସମ୍ବନ୍ଧରେ ବର୍ଣ୍ଣନା କରିଛି । ଏହା କେବଳ ପୁନରୁକ୍ତିହିଁ ହେବ ।

୨୩୦ । ବାବା ଗୋଟିଏ ରାତ୍ରି ମସ୍‌ଜିଦ୍‌ରେ ବିତାଉଥିଲେ ଓ ପରରାତ୍ରି ଚାଓ୍ୱଡ଼ିରେ କଟାଉଥିଲେ । ଶେଷ ପର୍ଯ୍ୟନ୍ତ ଏହିଭଳି ଦୈନନ୍ଦିନ ରୀତି ବାବା ଚଳାଇ ରଖିଥିଲେ ।

୨୩୧ । ଚାଓ୍ୱଡ଼ି ଉତ୍ସବ ଦେଖିବା ପାଇଁ ବାଲାରାମଙ୍କ ମନରେ ବହୁତ ଆଗ୍ରହ ଥିଲା । ତେଣୁ ଧୁରନ୍ଧର ଭାଇମାନେ ଚାଓ୍ୱଡ଼ି ଶୋଭାଯାତ୍ରା ସମୟ ହେଲାବେଳକୁ ଫେରି ଆସିଥିଲେ ।

୨୩୨ । ଶିରିଡ଼ି ଗ୍ରାମର ନରନାରୀଗଣ ବାବାଙ୍କ ସହିତ ଚାଓ୍ୱଡ଼ିକୁ ଯିବା ସମୟରେ ଉଚ୍ଚ ସ୍ୱରରେ ଉତ୍ସାହର ସହିତ ଜୟଧ୍ୱନି କରୁଥିଲେ ।

୨୩୩ । ଶ୍ୟାମସୁନ୍ଦର ନାମକ ଘୋଡ଼ା ଉପରେ ସୁନା ଜରିଲଗା ଓ ଆଳଙ୍କାରିକ କମକୂଟ କରାଯାଇଥିବା ଲୁଗା ପକାଯାଉଥିଲା । ସେ ଆଗେ ଆଗେ ଚାଲି ଶୋଭାଯାତ୍ରାର ନେତୃତ୍ୱ ନେଉଥିଲା ।

୨୩୪ । ଶିଙ୍ଗା, ବଡ଼ ବ୍ରାସବ୍ୟାଣ୍ଡ, ଭେରୀ, ତୂରୀ ପ୍ରଭୃତି ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବାଜି ଉଠୁଥିଲା । ଆଭୂଷଣଯୁକ୍ତ ଶ୍ୟାମସୁନ୍ଦର, ସୁସଜ୍ଜିତ ପାଲିଙ୍କି ଓ ବାବାଙ୍କୁ ଶୋଭାଯାତ୍ରାରେ ନିଆଯାଉଥିଲା । ଶ୍ରୀସାଇ ତାଙ୍କର ଭକ୍ତମାନଙ୍କ ସାଙ୍ଗରେ ଚାଲି ଚାଲି ଯାଉଥିଲେ ଓ ତାଙ୍କ ମସ୍ତକ ଉପରେ କେହି କେହି ଅଳଙ୍କାର ବିଭୂଷିତ ଛତ୍ର ଧାରଣ କରି ଯାଉଥିଲେ ।

୨୩୫ । କେତେଜଣ ପତାକା ଓ କାଗଜ ଫୁଲମାନ ସେମାନଙ୍କ ହସ୍ତରେ ଧାରଣ କରୁଥିଲେ । କେତେଜଣ ଚାମର ପକାଉଥିବା ସମୟରେ କେହି କେହି ମୟୂରପୁଚ୍ଛର ବିଂଚଣା ଧରୁଥିଲେ । ଆଉ କେତେଜଣ ମସାଲ ଧରି ଚାରିପଟେ ଘେରି ରହୁଥିଲେ ।

୨୩୬ । ମୃଦଙ୍ଗ, ତାଳ, ଘୋଳ ଓ ଆହୁରି ଅନେକ ସୁମଧୁର ଧ୍ୱନି ତୋଳୁଥିବା ବାଦ୍ୟଯନ୍ତ୍ର ସହିତ ଭଜନ ବୋଲି ବୋଲି ବହୁସଂଖ୍ୟକ ଭକ୍ତ ବାବାଙ୍କର ଉଭୟ ପାର୍ଶ୍ୱରେ ଚାଲୁଥିଲେ ।

୨୩୭ । ସେ ଯାହାହେଉ, ଯେତେବେଳେ ଏହି ମନୋରମ ଶୋଭାଯାତ୍ରା ଚାଓ୍ୱଡ଼ି ନିକଟରେ ପହଂଚୁଥିଲା, ବାବା ଅଟକିଯାଇ ଉତ୍ତର ଦିଗକୁ ମୁଖକରି ତାଙ୍କ ହସ୍ତକୁ ବିଧି ଅନୁଯାୟୀ ହଲାଉଥିଲେ ।

୨୩୮ । ବାବାଙ୍କର ଡାହାଣ ପାର୍ଶ୍ୱରେ ଭଗତ ମହାଲ୍‌ସାପତି ବାବାଙ୍କ ପୋଷାକର କୁଂଚ ଧରି ଚାଲୁଥିଲେ ଓ ବାମ ପାର୍ଶ୍ୱରେ ତାତ୍ୟା ପାଟିଲ ଗୋଟିଏ ଲଣ୍ଠନ ଧରି ଚାଲୁଥିଲେ ।

୨୩୯ । ବାବାଙ୍କ ଶରୀରର ବର୍ଣ୍ଣ ସ୍ୱର୍ଣ୍ଣାଭ ଦିଶୁଥିଲା ଓ ସେଥିରେ ଆଲୋକର ଛିଟା ପଡ଼ି ତାହା ତମ୍ବାମିଶ୍ରିତ ହଳଦିଆ

ସୁନା ଭଳି ଝଟକି ଉଠୁଥିଲା । ତାଙ୍କ ମୁଖର ସୌନ୍ଦର୍ଯ୍ୟ ପ୍ରଭାତକାଳୀନ ସୂର୍ଯ୍ୟ ଭଳି ଦେଖାଯାଉଥିଲା ।

୨୪୦ । ସେହି ମୁହୂର୍ତ୍ତର ପବିତ୍ର ଦର୍ଶନ ଯେଉଁମାନେ କରୁଥିଲେ, ସେମାନେ ଧନ୍ୟ ଥିଲେ । ବାବା ଏକାଗ୍ର ଚିତ୍ତହୋଇ ଉତ୍ତରକୁ ମୁଖକରି ଛିଡ଼ା ହୋଇ ରହୁଥିଲେ ଓ ସେ ତାଙ୍କର ଡାହାଣ ହସ୍ତକୁ ଅକ୍ଷଉଠାଇ କ'ଣ ଇଂଗିତ ଦେଉଥିଲେ, ସତେ ଅବା ସେ କାହାରିକୁ ଡାକୁଥିଲେ ! ସେମିତି ଜଣାଯାଉଥିଲା ।

୨୪୧ । ସେଠାରୁ ତାଙ୍କୁ ଚାଓ୍ବଡ଼ିକୁ ପାଛୋଟି ନିଆଯାଉଥିଲା ଓ ସସମ୍ମାନେ ଗୋଟିଏ ଆସନ ଉପରେ ବସାଇ ଦିଆଯାଉଥିଲା । ଘୋରା ଚନ୍ଦନର ଲେପ ତାଙ୍କ ଅଙ୍ଗରେ ବୋଳିଦିଆଯାଉଥିଲା ଏବଂ ସୁନ୍ଦର ସୁନ୍ଦର ଅଳଙ୍କାର ଓ ବସ୍ତ୍ରମାନ ତାଙ୍କୁ ଅର୍ପଣ କରାଯାଉଥିଲା ।

୨୪୨ । ବେଳେ ବେଳେ ମଣିମୁକ୍ତାଖଚିତ ପଗଡ଼ି ପ୍ରଦାନ କରାଯାଉଥିଲା । କେତେବେଳେ ରତ୍ନଜଡ଼ିତ ଅଳଙ୍କାରଯୁକ୍ତ କିମ୍ବା ପକ୍ଷୀପରଯୁକ୍ତ ପଗଡ଼ି, ସୁନା ମୁକୁଟ ଓ ଆଉ କେଉଁ ସମୟରେ ସୁନା ଜରିକାମକରା ପୋଷାକ ତାଙ୍କୁ ପିନ୍ଧାଇ ଦିଆଯାଉଥିଲା ।

୨୪୩ । ଅତ୍ୟନ୍ତ ଶ୍ରଦ୍ଧା ସହକାରେ ହୀରାଖଚିତ ହାର, ମୁକ୍ତାମାଳ କିମ୍ବା ରତ୍ନମାଳ ବାବାଙ୍କ ବେକରେ ପକାଇ ଦିଆଯାଉଥିଲା । କେତେଜଣ ବାବାଙ୍କ କପାଳରେ ସୁଗନ୍ଧ କସ୍ତୁରୀର ଟୋପା ଲଗାଉଥିଲେ ।

୨୪୪ । କେତେଜଣ ତାଙ୍କର ପାଦ ଧୋଇଦେଇ ପୂଜା କରୁଥିଲେ । କେତେଜଣ କେଶର ଓ ଅନ୍ୟାନ୍ୟ ସୁଗନ୍ଧିତ ଦ୍ରବ୍ୟ ତାଙ୍କ ଶରୀରରେ ବୋଳୁଥିଲେ । ଆଉ କେତେଜଣ ତାଙ୍କ ମୁଖରେ ସୁବାସିତ ପାନଖିଲ ଭରି ଦେଉଥିଲେ ।

୨୪୫ । ସେମାନେ ପଂଚଦୀପରେ କର୍ପୂର ଜାଳି ବାବାଙ୍କର ଆରତି କରୁଥିଲେ । ସେତେବେଳେ ତାଙ୍କ ମୁଖମଣ୍ଡଳର ସୌନ୍ଦର୍ଯ୍ୟ ଅତୁଳନୀୟ ହୋଇ ଉଠୁଥିଲା ।

୨୪୬ । ଶ୍ରୀସାଇଙ୍କ ମୁଖମଣ୍ଡଳର ଆଭା ତାଙ୍କୁ ଠିକ୍ ପାଣ୍ଡୁରଙ୍ଗଙ୍କର ମୂର୍ତ୍ତି ସଦୃଶ ଦୃଶ୍ୟ କରାଉଥିଲା । ବାଲାରାମ ସେହିରୂପ ଦର୍ଶନ କରି ସ୍ତମ୍ଭୀଭୂତ ହୋଇ ଯାଇଥିଲେ ।

୨୪୭ । ପୃଥିବୀରେ କେହି ଯେପରି ଆକାଶର ବିଜୁଳି ଚମକକୁ ଅନାଇଲେ ସହ୍ୟ କରିପାରେ ନାହିଁ, ସେହିପରି ଶ୍ରୀସାଇଙ୍କ କପାଳରୁ ନିର୍ଗତ ଜ୍ୟୋତିକୁ ସନ୍ଦର୍ଶନ କଲେ ଚକ୍ଷୁ ଝଲସି ଯାଉଥିଲା ।

୨୪୮ । ସକାଳୁ ସକାଳୁ କାକଡ଼ ଆରତି ହେଉଥିଲା । ବାଲାରାମ ଓ ଅନ୍ୟମାନେ ସେଠାକୁ ଯାଇଥିଲେ । ସେତେବେଳେ ସେଠାରେ ମଧ୍ୟ ସେମାନେ ଶ୍ରୀସାଇଙ୍କ ମୁଖମଣ୍ଡଳର ସେହି ଜ୍ୟୋତିକୁ ସନ୍ଦର୍ଶନ କରିଥିଲେ ।

୨୪୯ । ସେହିଦିନଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବାଲାରାମଙ୍କର ଶ୍ରୀସାଇଙ୍କ ଚରଣରେ ସମ୍ପୂର୍ଣ୍ଣ ବିଶ୍ୱାସ ରହିଥିଲା । ତାହା ଦୃଢ଼ ଭାବରେ ସ୍ଥାପିତ ହୋଇଥିଲା ଓ ତିଳେମାତ୍ର କେବେହେଲେ ଦୋହଲିଯାଇନଥିଲା ।

୨୫୦ । ହେମାଡ଼ ଶ୍ରୀସାଇଙ୍କ ପାଦତଳେ ନିଜକୁ ସମର୍ପି ଦେଉଛି । ଏହି ଗ୍ରନ୍ଥ ପରବର୍ତ୍ତୀ ଅଧ୍ୟାୟରେ ସମାପ୍ତ ହେବ । ସେହି ବର୍ଣ୍ଣନାରେ ଏହାର ଏକ ସମୀକ୍ଷା କରାଯିବ । ଶେଷଥର ପାଇଁ ଆପଣମାନେ ମୋ କଥା ପ୍ରତି ଧ୍ୟାନଦିଅନ୍ତୁ ।

ସର୍ବେ ଭବନ୍ତୁ ସୁଖିନଃ ! ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ, ଭକ୍ତ ହେମାଡ଼ପନ୍ତ ବିରଚିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ତିନି ଭକ୍ତଙ୍କର ତିନୋଟି କାହାଣୀ" ଶୀର୍ଷକ ଏକପଞ୍ଚାଶତ୍ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧- ଭାରତର ପଶ୍ଚିମ ପଟରେ ମାଲବାର ଉପକୂଳର ପର୍ବତମାଳା ।
୨- ଲୋନାଭେଲାରେ ଦୀକ୍ଷିତଙ୍କର ପ୍ରଚୁର ସମ୍ପତ୍ତି ଥିଲା ।
୩- ଏହା ୧୯୨୬ ମସିହା ଜୁଲାଇ ୫ ତାରିଖ ଥିଲା ।
୪- ସମସ୍ତ ଇଚ୍ଛା ପୂରଣ କରୁଥିବା ମଣି ।
୫- ସମସ୍ତ ଇଚ୍ଛା ପୂରଣ କରୁଥିବା ବୃକ୍ଷ ।
୬- ଲୁହାକୁ ସୁନାରେ ପରିଣତ କରୁଥିବା ମଣି ।
୭- ସମସ୍ତ ଇଚ୍ଛା ପୂରଣ କରୁଥିବା ଗାଭୀ ।



ଶ୍ରୀସାଇ ଆଶ୍ୱାସନା ଦେଇ ଯାହା କହିଥିଲେ ଦୀକ୍ଷିତଙ୍କ ଅନ୍ତିମ ସମୟ ସେହି ପ୍ରକାରେ ଆସିଥିଲା। ସେ ଶ୍ରୀସାଇଙ୍କ ମହିମା ମୁଖରେ ଗାନ କରୁ କରୁ ଦେହତ୍ୟାଗ କରିଥିଲେ। ମୋ (ହେମାଡ଼ପନ୍ତ) ଆଖି ସାମନାରେ ସେହି ଘଟଣା ଘଟିଥିଲା। (୫୧ଶ ଅଧ୍ୟାୟ, ପଂକ୍ତି-୧୦୩)

ଆମେ ଦୁହେଁ ରେଳଗାଡ଼ିର ଗୋଟିଏ ବେଂଚରେ ପାଖାପାଖି ହୋଇ ବସିଥିଲୁ ଓ ଶ୍ରୀସାଇ ସମର୍ଥଙ୍କ କାହାଣୀ ଆଲୋଚନାରେ ନିମଜ୍ଜିତ ଥିଲୁ। ସେତିକିବେଳେ ସେ ଦିବ୍ୟରଥରେ ବସି ହଠାତ୍ ଚାଲି ଯାଇଥିଲେ। (୫୧ଶ ଅଧ୍ୟାୟ, ପଂକ୍ତି-୧୦୪)



ସେଠାରୁ ସେ ନଡ଼ିଆଟିଏ ଉଠାଇ ନେଇ ପୁଣ୍ଡଲିକ ରାଓଙ୍କୁ ଦେଇଥିଲେ ଓ କହିଥିଲେ, "ତୁମେ ଶିରିଡ଼ି ଗଲେ ମୋର ଭାଇଙ୍କ ପାଦପଦ୍ମରେ ନତମସ୍ତକ ହୋଇ ଏହାକୁ ଅର୍ପଣ କରିଦେବ।" (୫୧ଶ ଅଧ୍ୟାୟ, ପଂକ୍ତି-୧୩୨)

||୫୨||

ସଂକ୍ଷେପରେ ଗ୍ରନ୍ଥର ସାରକଥା: ଏକ ସାମଗ୍ରିକ ସମୀକ୍ଷା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତୈ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧। ଏବେ ଏକ ସମୀକ୍ଷା କରାଯିବ ଓ ଏକ ବିଷୟସୂଚୀ ତଥା ଅବତରଣିକାଂ ଦେଇ ପୁସ୍ତକର ଉପସଂହାର କରାଯିବ । ସେଥିସଙ୍ଗେ ସଙ୍ଗେ ଏକ ସାମଗ୍ରିକ ସମୀକ୍ଷା କରାଯିବ ଯାହା ପୁସ୍ତକର ସାରକଥା ସଂକ୍ଷେପରେ ପ୍ରକାଶ କରିବ ।

୨। ସାଇବାବାଙ୍କର ଭକ୍ତମାନେ ଶ୍ରୀସାଇ ସଶରୀରରେ ଥିବା ସମୟରେ ଯେଉଁସବୁ ଅନୁଭୂତି ଲାଭ କରିଥିଲେ, ସେସମସ୍ତ 'ସାଇଲୀଳା' ପତ୍ରିକାରେ କ୍ରମେ କ୍ରମେ ପ୍ରକାଶିତ ହୋଇସାରିଛି। ସେଗୁଡ଼ିକୁ ମନେ ପକାଇଦେବା ନିମନ୍ତେ ବାବା ଏହି ଗ୍ରନ୍ଥ ଲେଖାଇଛନ୍ତି।

୩। 'ସାଇଲୀଳା' ସମ୍ପୂର୍ଣ୍ଣ ଶୁଦ୍ଧ ଓ ପବିତ୍ର। ସେଥିରେ 'ସତ୍‌ଚରିତ' କ୍ରମାନ୍ୱୟରେ ଅଧ୍ୟାୟ ପରେ ଅଧ୍ୟାୟ ପ୍ରକାଶ କରାଯାଇଛି। ଏହାକୁ ନିଜ ଗୁରୁଙ୍କର ଜୀବନୀ (ଶ୍ରୀଗୁରୁଚରିତ୍ର) ଭାବି ପାଠକରନ୍ତୁ। ଏହା ପାଠକଙ୍କୁ ଜାଗ୍ରତ କରିବ ଓ ଇହଲୋକ ତଥା ପରଲୋକ ସମ୍ପର୍କରେ ପାଠକଙ୍କୁ ଉପଦେଶ ଦେବ।

୪। ବାବାଙ୍କ ସମ୍ପର୍କରେ ଅନେକ କାହାଣୀ ରହିଛି। ତଥାପି ଏହି ଅଜ୍ଞ ଓ ଶାସ୍ତ୍ରଜ୍ଞାନବିବର୍ଜିତ ହେମାଡ଼ପନ୍ତର ହାତକୁ ଧରି ସେ ତାଙ୍କର ଜୀବନୀ ଲେଖାଇ ନେଇଛନ୍ତି।

୫। କେତେକ ଗୁରୁ ସେମାନଙ୍କ ନିଜର ଯଶକୀର୍ତ୍ତି ସେମାନଙ୍କ ଶିଷ୍ୟମାନଙ୍କୁ ଶୁଣାଇଥାନ୍ତି। ସେମାନେ ଦେହତ୍ୟାଗ କରି ଚାଲିଯିବା ପରେ ସେମାନଙ୍କ ସମ୍ପର୍କରେ ପୁସ୍ତକ ଲେଖିବାର ପ୍ରେରଣା ଆସିଥାଏ।

୬। ଶ୍ରୀସାଇ ବର୍ଣ୍ଣନା କରିଥିବା ବିଭିନ୍ନ କାହାଣୀ ମଧ୍ୟରେ ଗଭୀର ଅର୍ଥ ଓ ଗୂଢ଼ତତ୍ତ୍ୱ ନିହିତ ରହିଛି । ଶ୍ରୋତାମାନେ ସେଥିରେ ଗଭୀର ଭାବରେ ନିମଜ୍ଜିତ ହୋଇ ନିଜର ଭୋକ ଶୋଷ ଭୁଲିଯାଆନ୍ତି।

୭। ଯେଉଁମାନେ ସ୍ୱଚକ୍ଷୁରେ ଶ୍ରୀସାଇଙ୍କର ଦର୍ଶନ ଲାଭ କରିଥିଲେ, ସେମାନଙ୍କ ତ୍ରିତାପ ଦୁଃଖ ଦୂର ହୋଇଯାଇଥିଲା। ଯାହାଙ୍କର ଏହି ପ୍ରକାର ଶକ୍ତି ଥିଲା, ତାଙ୍କ ସମ୍ବନ୍ଧରେ କିପରି ବିଶଦ ଭାବରେ ବର୍ଣ୍ଣନା କରାଯାଇପାରିବ ?

୮। ଯେଉଁ ସାଇ ନିଜର ମହାନୁଭବତା ନିମନ୍ତେ ପ୍ରସିଦ୍ଧ ଥିଲେ, ତାଙ୍କର ଭକ୍ତମାନଙ୍କର ଉନ୍ନତି ନିମନ୍ତେ ସେ ତାଙ୍କର ଯଶକୀର୍ତ୍ତି ଏହି ଜୀବନୀ ଆକାରରେ ଲେଖାଇ ନେଇଛନ୍ତି।

୯। ପବିତ୍ର ଗୋଦାବରୀରେ ସ୍ନାନସାରି ସମାଧି ମନ୍ଦିରରେ ବାବାଙ୍କୁ ଦର୍ଶନ କରିବା ପରେ ଏହି ସତ୍‌ଚରିତ ପାଠ କଲେ ବା ଶ୍ରବଣ କଲେ ତ୍ରିତାପ ଦୁଃଖ ପ୍ରଶମିତ ହୋଇଯାଏ।

୧୦। ତାଙ୍କର କାହାଣୀଗୁଡ଼ିକୁ ଜଣେ କେତେବେଳେ କେମିତି କହିଲେ ସିଏ ନିଜର ଅଜାଣତରେ ଆଧ୍ୟାତ୍ମିକତାକୁ

ଆଲିଙ୍ଗନ କରିନେବେ । ଏହି ଗ୍ରନ୍ଥ ପ୍ରତି ସାମାନ୍ୟ ଦୃଷ୍ଟିପାତ କଲେ ଲକ୍ଷ ଲକ୍ଷ ପାପ କ୍ଷୟ ହୋଇଯାଏ।

୧୧। ଯେଉଁମାନେ ଜନ୍ମ ଓ ମୃତ୍ୟୁ ଚକ୍ରର ଅବସାନ ଚାହୁଁଥାନ୍ତି, ଏହି ବିରକ୍ତିକର ଆସିବାଯିବାର ସମାପ୍ତି ଇଚ୍ଛା କରୁଥାନ୍ତି, ସେମାନେ ଗୁରୁଙ୍କର ପାଦତଳେ ଆଶ୍ରୟ ନେଇ ନିରନ୍ତର ଭକ୍ତି ସହକାରେ ତାଙ୍କର ନାମଜପ କରନ୍ତୁ।

୧୨। ଅଳୀକ ଜ୍ଞାନ ହେତୁ ଜଣେ ଅମନୋଯୋଗୀ ହୋଇଥାଏ। ଆତ୍ମାର ସ୍ୱରୂପ ପ୍ରତି ଧ୍ୟାନ ନଦେଲେ ଅସୀମ ଜନ୍ମ ଓ ମୃତ୍ୟୁ ଚକ୍ରର ଅନ୍ତ ହୋଇନଥାଏ ଏବଂ ତାହା ଅନ୍ତିମ ଧ୍ୱଂସର ମୂଳ କାରଣ ହୋଇଥାଏ।

୧୩। ଲୋଭ କହିଲେ ଅଳୀକ ଜ୍ଞାନ ବୁଝାଏ। ଶରୀର,ମନ, ଇନ୍ଦ୍ରିୟ ଓ ସେଥିନେଇ ଗର୍ବ ଆତ୍ମା ନୁହଁ ଏବଂ ଜ୍ଞାନୀମାନେ ଯଥୋଚିତ ବିଚାର କରି ତାହାକୁ ମୃତ୍ୟୁ ବୋଲି ଅଭିହିତ କରିଥାନ୍ତି।

୧୪। ଶ୍ରୀସାଇଙ୍କର କାହାଣୀସାଗରକୁ ମନ୍ଥନ କଲେ ଶ୍ରୀସାଇ କଥାମାଳାର ବର୍ଣ୍ଣନା ମଧୁର ହେବ ଓ ନୂଆ ନୂଆ ଅର୍ଥ ବାହାରିବ । ଶ୍ରୋତାମାନଙ୍କର ଅଧୋପତନକୁ ଏଡ଼ାଇ ଦେଇହେବ।

୧୫। ଶ୍ରୀସାଇଙ୍କର ମହତ୍ ଗୁଣାବଳୀ ଉଚ୍ଛୁଳିପଡୁଥିବା ଏକ ପ୍ରକାଣ୍ଡକାୟ ପାତ୍ର ସଦୃଶ ହୋଇଥିବାରୁ ସେଥିରେ ଜଣେ ଅବଗାହନ କଲେ ଶାରୀରିକ ରୂପ ଅଦୃଶ୍ୟ ହୋଇଯାଇ ଆତ୍ମାର ସୂକ୍ଷ୍ମତମ ସ୍ୱରୂପ ପ୍ରକଟିତ ହେବ ।

୧୬। ମହତ୍ ଗୁଣାବଳୀଯୁକ୍ତ ଶାରୀରିକ ଓ ଧାର୍ମିକ ସ୍ୱରୂପ ମଧ୍ୟରେ ଜଣେ ନିମଜ୍ଜିତ ନହେଲେ ସେ କଦାପି ଆତ୍ମାର ଦୀପ୍ତିକୁ ଜାଣିପାରିବ ନାହିଁ କି ବୁଝିପାରିବ ନାହିଁ। ମହତ୍ ଗୁଣାବଳୀ ନଥିଲେ ପରଂବ୍ରହ୍ମଙ୍କୁ ସଂପୂର୍ଣ୍ଣ ରୂପେ ଜାଣିବା କଷ୍ଟକର ହେବ ଓ ସେ ମଧ୍ୟ ବୋଧଶକ୍ତିର ବାହାରେ ରହିଯିବେ।

୧୭। ଯେଉଁ ପ୍ରିୟ ଭକ୍ତମାନଙ୍କର ଶ୍ରୀସାଇଙ୍କ ଶକ୍ତି ଉପରେ ଭରସା ରହିଥିଲା, ସେମାନଙ୍କୁ ସେ ନିଜ ପାଖକୁ ଟାଣି ଆଣୁଥିଲେ ଓ ନିଜର ପଦଦର୍ଶନ କରାଉଥିଲେ । ସେମାନେ ଶରୀରଧାରୀ ହୋଇଥିଲେ ମଧ୍ୟ ଶ୍ରୀସାଇଙ୍କ ଯୋଗୁଁ ସେମାନଙ୍କର ଶରୀରକୁ ସେମାନେ ଭୁଲିଯାଉଥିଲେ । ସେମାନଙ୍କର ଅଜାଣତରେ ସେ ସେମାନଙ୍କୁ ଅଧ୍ୟାତ୍ମ୍ୟ ମାର୍ଗରେ ନେଇଯାଉଥିଲେ।

୧୮। ନଦୀ ସମୁଦ୍ରରେ ପଡ଼ିବାମାତ୍ରେ ନିଜର ପରିଚୟ ହଜାଇଦେଇଥାଏ। ଠିକ୍ ସେହିପରି ଜଣେ ଭକ୍ତ ଶରଣାଗତ ହୋଇଗଲେ ସେ ଯେପରି ଦ୍ୱୈତଭାବ ବା ଭିନ୍ନତା ବୋଧ ନକରେ, ତାହା ଶ୍ରୀସାଇ ସୁନିଶ୍ଚିତ କରିଥାନ୍ତି।

୧୯। ଯେତେବେଳେ ଗୋଟିଏ ଆଲୋକବର୍ତ୍ତିକାର ଦୁଇଟି ଶିଖା ପରସ୍ପର ସହିତ ମିଶିଯାଆନ୍ତି ଓ ଏକ ହୋଇଯାଇଥାନ୍ତି, ସେତେବେଳେ ଦ୍ୱୈତ ଅବସ୍ଥାର ସଂଗେ ସଂଗେ ବିଲୁପ୍ତି ଘଟିଥାଏ ଓ ସେମାନେ ମିଶି ଗୋଟିଏ ଆଲୋକବର୍ତ୍ତିକାର ଗୋଟିଏ ଶିଖା ହୋଇଯାଇଥାନ୍ତି।

୨୦। କର୍ପୂରରୁ ତା'ର ସୁଗନ୍ଧକୁ, ସୂର୍ଯ୍ୟରୁ ତା'ର ଆଲୋକକୁ ଓ ସୁବର୍ଣ୍ଣରୁ ତା'ର ଔଜ୍ଜଲ୍ୟକୁ ସତରେ ଅଲଗା କରିହେବ କି ?

୨୧। ନଦୀ ସମୁଦ୍ରରେ ପ୍ରବେଶ କରିବା ମାତ୍ରକେ ନିଜେ ସମୁଦ୍ର ପାଲଟିଯାଇଥାଏ ଓ ଲବଣ ସେମିତି ସମୁଦ୍ର ମଧ୍ୟରେ ପଡ଼ିବା ମାତ୍ରକେ ବିଲୀନ ହୋଇଯାଇଥାଏ।

୨୨। ସେହିପରି ଭକ୍ତ ଶ୍ରୀସାଇଙ୍କର ଶରଣାଗତ ହେଲେ ତାଙ୍କର ଭିନ୍ନତା ଆଉ ରହିନଥାଏ। ଭକ୍ତ ନିଜର ଅହଂକାର ତ୍ୟାଗ କରି ଶ୍ରୀସାଇଙ୍କ ସହିତ ଏକୀଭୂତ ହୋଇଯାଇଥାଏ।

୨୩। ଜାଗ୍ରତରେ, ସ୍ୱପ୍ନରେ କିମ୍ବା ନିଦ୍ରାରେ ଏହି ତିନୋଟି ଅବସ୍ଥା ମଧ୍ୟରୁ ଯଦି ଯେ କୌଣସି ଗୋଟିଏ ଅବସ୍ଥାରେ ଶ୍ରୀସାଇଙ୍କ ନାମ ବାରମ୍ବାର ଚିନ୍ତନ କରାଯାଏ, ତେବେ ଜାଗତିକ ସ୍ଥିତିରୁ ମୁକ୍ତହେବା ଛଡ଼ା ଏହା ଆଉ କିଛି ହେବକି ?

୨୪। ସେ ଯାହାହେଉ, ଏବେ ଆପଣଙ୍କ ପାଦତଳେ ପ୍ରଣିପାତ କରି ମୁଁ ଏହି ବର ପ୍ରାର୍ଥନା କରୁଛି ଯେ ମୋତେ ହଠାତ୍ ଅନ୍ୟ କେଉଁ ଆଡ଼କୁ ନେଇଯିବା ନିମନ୍ତେ ମୋର କାମନାବାସନାକୁ ଅନୁମତି ଦିଅନ୍ତୁ ନାହିଁ।

୨୫। ବ୍ରହ୍ମରୁ ସ୍ତମ୍ଭଯାଏଁ, କ୍ଷୁଦ୍ରମାଠିଆରୁ ପ୍ରଶସ୍ତ ଗୃହଯାଏଁ, ଭିତରେ ଓ ବାହାରେ ପରିବ୍ୟାପ୍ତ ଆକାଶ ଭଳି ଯିଏ ସମସ୍ତ ସ୍ଥାନ ପୂରଣ କରନ୍ତି ଓ ପ୍ରକଟ ହୁଅନ୍ତି ଏବଂ ସାମାନ୍ୟ ଟିକିଏ ବି ପାର୍ଥକ୍ୟ ଦେଖନ୍ତି ନାହିଁ ;

୨୬। ଯାହାଙ୍କ ନିକଟରେ ସମସ୍ତ ଭକ୍ତ ସମାନ ଅଟନ୍ତି, ଯାହାଙ୍କର ନିନ୍ଦା ବା ପ୍ରଶଂସାରେ କିଛି ଯାଏ ଆସେ ନାହିଁ, ଯାହାଙ୍କ ପାଇଁ କିଛି ସୁଖ ନୁହେଁ କି କିଛି ଦୁଃଖ ନୁହେଁ ଓ ଯାହାଙ୍କ ବିଚାରରେ ଟିକିଏ ବି ଅସମାନତା ନଥାଏ ;

୨୭। ଯିଏ ସବୁକିଛିରେ ସାଫଲ୍ୟ ଅର୍ଜନ କରିଛନ୍ତି, ସେଇ ଶ୍ରୀସାଇ ସମର୍ଥଙ୍କୁ ମୁଁ ମନେ ପକାଇ ତାଙ୍କର ଶରଣାଗତ ହେଉଛି। ମୁଁ ମୋର ମସ୍ତକ ତାଙ୍କ ପାଦତଳେ ସବୁ ସମୟ ପାଇଁ ଅବନତ କରୁଅଛି, ଯାହାକଲେ ମୁଁ ମଧ୍ୟ ପରିପୂର୍ଣ୍ଣ ହୋଇପାରିବି।

୨୮। ବର୍ତ୍ତମାନ ମୁଁ ଭକ୍ତିପ୍ରାଣ, ଗୁଣଗ୍ରାହୀ ଶ୍ରୋତାମାନଙ୍କୁ ମୋର ପ୍ରଣାମ ଜଣାଉଅଛି । ଆପଣମାନେ ମୋର ପରମ ବନ୍ଧୁ ଅଟନ୍ତି। ମୁଁ ବର୍ତ୍ତମାନ ଯାହା କହୁଛି, ତାହା ମନଦେଇ ଶୁଣିବାପାଇଁ ମୁଁ ଅନୁରୋଧ କରୁଛି ।

୨୯। ଏପର୍ଯ୍ୟନ୍ତ ପ୍ରତ୍ୟେକ ମାସରେ ଆପଣମାନେ ଏହି କାହାଣୀଗୁଡ଼ିକୁ ଶୁଣିବା ନିମନ୍ତେ ସମୟ ଦେଇଛନ୍ତି। ଯାହାଙ୍କର କାହାଣୀଗୁଡ଼ିକୁ ଶୁଣିଲେ ତାଙ୍କୁ କ୍ଷଣକପାଇଁ ବି ଭୁଲିଯାଆନ୍ତୁ ନାହିଁ।

୩୦। ଯେପର୍ଯ୍ୟନ୍ତ ଆପଣମାନେ ଶ୍ରୀସାଇଙ୍କର କାହାଣୀଗୁଡ଼ିକୁ ଶ୍ରଦ୍ଧା ସହକାରେ ଶୁଣୁଥିବେ, ସେ ପର୍ଯ୍ୟନ୍ତ ମୋ ଭଳି ବକ୍ତାଙ୍କୁ ଶ୍ରୀସାଇ ଉତ୍ସାହ ବା ପ୍ରେରଣା ଦେଇଚାଲିଥିବେ !

୩୧। ଶ୍ରୋତାମାନେ ପୂରା ମନଧ୍ୟାନଦେଇ ଶୁଣୁନଥିଲେ ବକ୍ତା ଆଦୌ ଖୁସି ହୁଅନ୍ତି ନାହିଁ। ପରସ୍ପର ଆନନ୍ଦିତ ହେଉନଥିଲେ କଷ୍ଟକରି ଶୁଣିବା ବା କହିବା ନିଷ୍ଫଳ ହୋଇଥାଏ।

୩୨। ଏହି ଭବସାଗରକୁ ଅତିକ୍ରମ କରିବା ଅତି ଦୁରୂହ। ଏହାର ଦୁଶ୍ଚିନ୍ତାରୂପକ କୂଳରେ ଅସଂଖ୍ୟ ଆସକ୍ତିରୂପକ ଢେଉ ଉଠେ ଓ ବାଡ଼େଇ ହୁଏ ଏବଂ ଧୈର୍ଯ୍ୟରୂପକ ବୃକ୍ଷକୁ ମଧ୍ୟ ଉପାଡ଼ି ପକାଏ।

୩୩। ଅହଂଭାବର ବାତ୍ୟା ପ୍ରବଳ ବେଗରେ ବହି ସମୁଦ୍ରକୁ ଉତ୍ତୋଳିତ ଓ ଆନ୍ଦୋଳିତ କରୁଥାଏ। ତାହା ମଧ୍ୟରେ କ୍ରୋଧ ଓ ଘୃଣାରୂପକ ବିଶାଳକାୟ ମଗରମାନେ ନିର୍ଭୟରେ ବିଚରଣ କରୁଥାନ୍ତି।

୩୪। "ମୁଁ ଓ ମୋର" କହିବାର ଗର୍ବ, ଲାଳସା ଓ ସନ୍ଦେହ ରୂପରେ ଅସଂଖ୍ୟ ଭଉଁରୀମାଳା ସେଠାରେ ଚକ୍କର କାଟୁଥାନ୍ତି। କୋଟି କୋଟି ସାମୁଦ୍ରିକ ଜୀବ ରୂପରେ ଘୃଣା, ଈର୍ଷା, ଔଦ୍ଧତ୍ୟ, ଅବଜ୍ଞା, ଅପବାଦ, ଅପମାନ ଇତ୍ୟାଦି ସେଠାରେ ପ୍ରଚୁର ମାତ୍ରାରେ ରହିଥାନ୍ତି।

୩୫। ଏହି ସମୁଦ୍ର ବିପଦସଙ୍କୁଳ ଓ ଭୟଙ୍କର ହୋଇଥିଲେ ମଧ୍ୟ ସଦ୍‌ଗୁରୁ ଅଗସ୍ତି[୨] ରୂପରେ ଏ ସମସ୍ତଙ୍କୁ ବିନାଶ କରିଦେବେ। ଯେଉଁମାନେ ତାଙ୍କ ପଦଧୂଳିର ଦାସ ଅଟନ୍ତି, ସେମାନଙ୍କର ଏଥିପ୍ରତି ଆଦୌ ଭୟ ରହିବ ନାହିଁ ।

୩୬। ତେଣୁ ସଦ୍‌ଗୁରୁ ଶ୍ରୀସାଇ ସମର୍ଥଙ୍କ ନିକଟରେ ଆଶ୍ରୟ ନେଇଥିବା ଆମ ସମସ୍ତଙ୍କୁ ସେ ଜାହାଜ ହୋଇ ଭବସାଗରର ଆରପାରିକୁ ନେଇଯିବେ ।

୩୭। ଏହି ଭବସାଗରକୁ ଅତିକ୍ରମ କରିବା ଅତ୍ୟନ୍ତ ଦୁଷ୍କର। ଶ୍ରୀସାଇଙ୍କ ଚରଣକୁ ଆମେ ନୌକା କରିଦେଲେ ତାହା ଆମ୍ଭମାନଙ୍କୁ ନିର୍ଭୟରେ ଆରପାରିରେ ପହଂଚାଇଦେବ। ବିଶ୍ୱାସର ଅଦ୍ଭୁତ ଶକ୍ତିକୁ ଲକ୍ଷ୍ୟ କରନ୍ତୁ।

୩୮। ଏଭଳି ପ୍ରତିଜ୍ଞା ପାଳନ କଲେ ଜଣେ ସାଂସାରିକ ଜୀବନର ତୀବ୍ର ଯନ୍ତ୍ରଣା ଅନୁଭବ କରିବ ନାହିଁ। ଏହାଠାରୁ ଅଧିକ ଭଲ ଲାଭ ଆଉ କିଛି ନାହିଁ। ଏହି ବଳହିଁ ଆମକୁ ଭଲ ଭାବରେ ଚଳାଇନିଏ।

୩୯। ଭକ୍ତମାନଙ୍କର ଏଭଳି ଅବସ୍ଥା ପ୍ରାପ୍ତ ହେବା ଆବଶ୍ୟକ, ଯାହାଦ୍ୱାରା ସେମାନଙ୍କର ଗଭୀର ଭକ୍ତି ଶ୍ରୀସାଇଙ୍କ ପଦତଳେ ରହିବ ଓ ସେମାନଙ୍କର ଚକ୍ଷୁ ସମ୍ମୁଖରେ ଶ୍ରୀସାଇଙ୍କ ରୂପ ଏପରି ଦୃଢ଼ ଭାବରେ ଆସନ ଜମାଇ ରହିବ ଯେ ସେମାନେ ସୃଷ୍ଟିର ସମସ୍ତ ପ୍ରାଣୀଙ୍କ ମଧ୍ୟରେ, ସବୁ ଘଟରେ କେବଳ ଶ୍ରୀସାଇଙ୍କୁହିଁ ଦେଖୁଥିବେ ।

୪୦। ମୋର ପୂର୍ବଜନ୍ମରେ ନିଜ ଇଚ୍ଛା ଅନୁଯାୟୀ କାର୍ଯ୍ୟ କରିବାରୁ ମୋର ଅଧୋପତନ ହୋଇଥିଲା। ଅନ୍ତତଃପକ୍ଷେ, ଏବେଠାରୁ ମୁଁ କାମନାଶୂନ୍ୟହେଲେ ମୋକ୍ଷପ୍ରାପ୍ତ ହେବି ।

୪୧। ଯେଉଁ ସାଇଭକ୍ତମାନଙ୍କର ଦୃଢ଼ ବିଶ୍ୱାସ ରହିଛି ଓ ଯେଉଁମାନେ ନିର୍ଭୟ ହୋଇ ଜାଣିଛନ୍ତି ଯେ ଶ୍ରୀସାଇ ସମର୍ଥହିଁ ସେମାନଙ୍କର ରକ୍ଷାକର୍ତ୍ତା ଏବଂ ସେମାନଙ୍କୁ କିଛି କଳୁଷ ସ୍ପର୍ଶ କରିବ ନାହିଁ, ସେମାନେ ଧନ୍ୟ।

୪୨। ସେ ଯାହାହେଉ, ମୋତେ ଏବେ ସମସ୍ତ ଭକ୍ତଙ୍କ ତରଫରୁ ଶ୍ରୀସାଇଙ୍କ ପାଦ ଧରି ଏକ ବର ପ୍ରାର୍ଥନା କରିବାର ଇଚ୍ଛା ହେଉଛି।

୪୩। ମୁଁ ପ୍ରାର୍ଥନା କରୁଛି ଯେ ଏହି ଗ୍ରନ୍ଥ ସମସ୍ତଙ୍କ ଗୃହରେ ପହଞ୍ଚିଯାଉ ଓ ଏହାକୁ ନିୟମିତ ପଠନ ଏବଂ ମନନ କରାଯାଉ, ଶ୍ରଦ୍ଧା ସହକାରେ ଓ ବିଧିବଦ୍ଧ ଭାବରେ ଏହାର

ପାରାୟଣ ହେଉ; ଏବଂ ଏହା ସମସ୍ତଙ୍କର ଦୁଃଖକଷ୍ଟ ଦୂର କରିଦେଉ ।

୪୪ । ଯିଏ ଶୁଦ୍ଧସ୍ନାନାଦି ସମାପନ କରି ଏହି ଗ୍ରନ୍ଥ ଏକାଦିକ୍ରମେ ସାତଦିନ ଧରି ଗଭୀର ବିଶ୍ୱାସ ଓ ଶ୍ରଦ୍ଧା ସହକାରେ ପଠନ କରିବ, ତାଙ୍କର ସମସ୍ତ ଦୁଃଖ ଦୁର୍ଦ୍ଦଶା ଦୂର ହୋଇଯିବ।

୪୫ । ଏହି ଗ୍ରନ୍ଥ ଆଧ୍ୟାତ୍ମିକ ସୂତ୍ର ଦ୍ୱାରା ବୟନ କରାଯାଇଅଛି, ବ୍ରହ୍ମ ଓ କୃଷ୍ଣଙ୍କ କାହାଣୀ ବର୍ଣ୍ଣନାରେ ପରିପୂର୍ଣ୍ଣ ହୋଇଛି। ଏଥିରେ ବ୍ରହ୍ମ ଓ ଆତ୍ମାର ମିଳନର ଅମୃତ ବା ମଧୁର ନିର୍ଯ୍ୟାସ ଭରିରହିଛି ଏବଂ ଏହା ଅଦ୍ୱୈତଭାବର ଅତୁଳନୀୟ ଆନନ୍ଦରେ ଉଚ୍ଛୁଳି ପଡୁଛି।

୪୬ । ଏହା ଏକନାଥଙ୍କ କବିତାସୁଲଭ ଭାରତର ଉଦ୍ୟାନ ସଦୃଶ ମନୋରମ। ଏହା ବତ୍ରିଶ ଅଧ୍ୟାୟର ବୃନ୍ଦାବନ। ଦୁଗ୍ଧରୁ[୩] ପ୍ରସ୍ତୁତ ହୋଇଥିବା ଏହି ସୁସ୍ୱାଦୁ ମିଷ୍ଟାନ୍ନକୁ ଅଜ୍ଞ, ବିଜ୍ଞ ସମସ୍ତେ ଆସ୍ୱାଦନ କରିଥାଆନ୍ତି।

୪୭ । ଏହି ସତ୍‌ଚରିତକୁ ନିୟମିତ ଶ୍ରବଣ ବା ପଠନ କଲେ ଶ୍ରୀସାଇ ସମର୍ଥଙ୍କ ପାଦତଳେ ଆଶ୍ରୟ ମିଳିବା ସଙ୍ଗେ ସଙ୍ଗେ ସମସ୍ତ ଦୁଃଖ ଦୁର୍ଦ୍ଦଶା ଅଚିରେ ଦୂର ହୋଇଯିବ।

୪୮ । ଧନ ଖୋଜୁଥିବା ବ୍ୟକ୍ତି ଧନ ପାଇଯିବେ। ଯେଉଁମାନେ ସେମାନଙ୍କର କାର୍ଯ୍ୟ ଓ ଆଚରଣରେ ସତ୍, ସେମାନେ ଯଶଲାଭ କରିବେ। ନିଜ ନିଜର ବିଶ୍ୱାସ ଅନୁଯାୟୀ ଫଳ ମିଳେ। ମନରେ ଭକ୍ତି ନଥିଲେ କେହି ଅନୁଭବ କରିପାରିବେ ନାହିଁ ।

୪୯ । ଭକ୍ତି ସହକାରେ ଏହି ପୁସ୍ତକକୁ ପାଠକଲେ ଶ୍ରୀସାଇ ସମର୍ଥ ପ୍ରୀତ ହୋଇଥାନ୍ତି। ସେ ଅଜ୍ଞତା ଓ ଦାରିଦ୍ର୍ୟ ଦୂର କରିଦିଅନ୍ତି ଏବଂ ଜ୍ଞାନ ଓ ଅନିର୍ବଚନୀୟ ସମୃଦ୍ଧି ପ୍ରଦାନ କରନ୍ତି।

୫୦ । ଶ୍ରୀସାଇଙ୍କ ନିର୍ଦ୍ଦେଶ ଅନୁଯାୟୀ ଏହି ଗ୍ରନ୍ଥ ଲେଖାଯାଇଅଛି ଓ ଭକ୍ତମାନଙ୍କର ମଙ୍ଗଳ ପାଇଁ ଏହା ତାଙ୍କର ଗୋପନ ଇଚ୍ଛା ଥିଲା। ତାଙ୍କ ଚରଣାଶ୍ରିତ ଭକ୍ତମାନେ ଧନ୍ୟ।

୫୧ । ଶାନ୍ତ ମନରେ ଓ ଏକାଗ୍ରଚିତ୍ତରେ ଏହି ସତ୍‌ଚରିତର ଅନ୍ତତଃ ଗୋଟିଏ ଅଧ୍ୟାୟ ପ୍ରତ୍ୟହ ପାଠ କରିବାର ଅଭ୍ୟାସ କରନ୍ତୁ। ଏହା ଅମାପ ସୁଖଶାନ୍ତି ପ୍ରଦାନ କରିବ।

୫୨ । ଯିଏ ନିଜର ମଙ୍ଗଳ ଇଚ୍ଛା କରନ୍ତି, ସେ ଏହି ଗ୍ରନ୍ଥ ନିଶ୍ଚୟ ପାଠ କରିବା ଉଚିତ୍। ସେ ଜୀବନର ସମସ୍ତ କ୍ଷେତ୍ରରେ ଶ୍ରୀସାଇଙ୍କ ଅନୁଗ୍ରହର ପାତ୍ର ହେବେ ଓ ସେ ଶ୍ରୀସାଇଙ୍କୁ ଜନ୍ମଜନ୍ମାନ୍ତର ପାଇଁ ଆନନ୍ଦବିହ୍ୱଳ ହୋଇ ମନେ ରଖିବେ।

୫୩ । ଶ୍ରୀସାଇଙ୍କ ପର୍ବଦିନଗୁଡ଼ିକରେ, ଅର୍ଥାତ୍ ଗୁରୁପୂର୍ଣ୍ଣିମା, ଗୋକୁଳାଷ୍ଟମୀ, ପୁଣ୍ୟତିଥି ତଥା ରାମନବମୀରେ ଏହି ଗ୍ରନ୍ଥର ଗୋଟିଏ ଗୋଟିଏ ଅଧ୍ୟାୟ ନିଜ ଘରେ ଜଣେ ନିଶ୍ଚିତ ଭାବରେ ପାଠ କରିବା ଉଚିତ୍।

୫୪ । ଏହି ଜନ୍ମର ମନୋବାଞ୍ଛା ଅନୁସାରେ ପରବର୍ତ୍ତୀ ଜନ୍ମରେ ଅବସ୍ଥା ସ୍ଥିର ହୋଇଥାଏ। ମୃତ୍ୟୁ ସମୟରେ ଜଣକର ପ୍ରବୃତ୍ତି ଅନୁଯାୟୀ ତା'ର ପରବର୍ତ୍ତୀ ଜନ୍ମ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏ ବିଶ୍ୱାସକୁ ଶାସ୍ତ୍ର ମଧ୍ୟ ସମର୍ଥନ କରେ।

୫୫ । ଶ୍ରୀସାଇ ତାଙ୍କ ଭକ୍ତମାନଙ୍କର ବଳ । ତାଙ୍କ ବିନା ଆମ ରାସ୍ତାରେ ପ୍ରତିବନ୍ଧକ ଦୂର ହୋଇନଥାଏ। ମାତାଙ୍କର ତାଙ୍କ ପିଲାମାନଙ୍କ ପ୍ରତି ଏକାନ୍ତ ଶ୍ରଦ୍ଧାସ୍ନେହ ରହିଥିବାର ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ?

୫୬ । ଏହାପରେ ଆଉ କି କାହାଣୀ ବର୍ଣ୍ଣନା କରିବି ? ମୋର ମୁଖରୁ ବାକ୍ ସ୍ଫୁରୁନାହିଁ। ତାହା ଅପେକ୍ଷା ବରଂ ଚୁପ୍ ରହିଯିବା ଭଲ। ତାଙ୍କର ଗୁଣଗାନ କରିବାର ଏହାହିଁ ଶ୍ରେଷ୍ଠ ପନ୍ଥା ।

୫୭ । ତଥାପି, ଯାହାଙ୍କର ମୋକ୍ଷପ୍ରାପ୍ତି ନିମନ୍ତେ ପ୍ରବଳ ବାସନା ରହିଛି, ସେ କେବଳ ପୁଣ୍ୟ କାର୍ଯ୍ୟ ସର୍ବଦା କରିବା ଉଚିତ୍। ନବଧା ଭକ୍ତିର ଅଭ୍ୟାସ କରିବା ସହିତ ଶ୍ରୀସାଇଙ୍କର କାହାଣୀଗୁଡ଼ିକୁ ଶ୍ରବଣକଲେ ପ୍ରତ୍ୟେକଙ୍କ ଅନ୍ତରାତ୍ମା ପବିତ୍ର ହୋଇଯିବ।

୫୮ । ଏହା ଗୁରୁଙ୍କର ବିନା ଅନୁଗ୍ରହରେ ସମ୍ଭବ ହେବନାହିଁ। ତାଙ୍କ ବିନା ପରଂବ୍ରହ୍ମଙ୍କ ସଂପର୍କରେ ଜ୍ଞାନ ଲାଭ ସମ୍ଭବ ନୁହେଁ। ଯିଏ ସଦାବେଳେ 'ମୁଁ ହିଁ ବ୍ରହ୍ମ' ବୋଲି ସ୍ମରଣ କରୁଥାନ୍ତି, ତାଙ୍କର ଗୁରୁଙ୍କ ପ୍ରତି ଅଟଳ ବିଶ୍ୱାସ ଓ ଶ୍ରଦ୍ଧା ରହିଥାଏ।

୫୯ । ଗୁରୁ ଓ ଶିଷ୍ୟ ମଧ୍ୟରେ ସମ୍ବନ୍ଧ ପିତା ଏବଂ ପୁତ୍ର ମଧ୍ୟରେ ସମ୍ବନ୍ଧ ଭଳି। କେବଳ ସମ୍ମାନାସ୍ପଦ ସମ୍ବୋଧନରେ ଗୁରୁ ଶବ୍ଦ ବ୍ୟବହାର କରାଯାଇଥାଏ। ପିତା କେବଳ ସାଂସାରିକ ସୁଖଭୋଗ ପାଇଁ ଯୋଗ୍ୟ କରୁଥିବାବେଳେ ଗୁରୁ ଇହଜଗତରେ ତଥା ପରଜଗତରେ ମଧ୍ୟ ସୁଖ ପ୍ରଦାନ କରନ୍ତି।

୬୦। ପିତା କ୍ଷଣସ୍ଥାୟୀ ସମ୍ପତ୍ତି ଦେଉଥିବାବେଳେ ଗୁରୁ ଚିରସ୍ଥାୟୀ ଧନ ଦାନ କରନ୍ତି। ଗୁରୁ ତୁମକୁ ଅକ୍ଷୟ ଅନୁଭୂତି ଦେଇଥାନ୍ତି ଓ ତାହାକୁ ତୁମ ଅଜାଣତରେ ତୁମ ହାତରେ ଧରାଇ ଦିଅନ୍ତି।

୬୧। ମାତା ସନ୍ତାନକୁ ଗର୍ଭରେ ନଅମାସ ଧାରଣ କରି ଶେଷରେ ତାହାକୁ ଜନ୍ମ ଦିଅନ୍ତି। ଗୁରୁ ମାତାଙ୍କର ବିପରୀତ। ଗୁରୁ ତୁମକୁ ବହିରାତ୍ମାରୁ ଅନ୍ତରାତ୍ମାକୁ ନେଇଯାଇଥାନ୍ତି।

୬୨। ସର୍ବଶେଷରେ, ଗୁରୁଙ୍କ ଦ୍ୱାରା ନିଃସନ୍ଦେହରେ ଅଡ଼େଇ ହୋଇ ଶିଷ୍ୟ ନିଜର ଦେହତ୍ୟାଗ କରିବା ସମୟରେ ନିରନ୍ତର ଗୁରୁଙ୍କ ନାମ ସ୍ମରଣ କରି ବ୍ରହ୍ମରେ ଲୀନ ହୋଇଯାଏ।

୬୩। ଗୁରୁଙ୍କ ହସ୍ତର ବେତ୍ରାଘାତ ବାଜିଲେ ତା'ରି ପ୍ରଭାବରେ ଜନ୍ମ ଓ ମୃତ୍ୟୁ ଚକ୍ରବ୍ୟୂହର ମୂଳୋତ୍ପାଟନ ହୋଇଯାଏ ଏବଂ ଗୁରୁ ଯଦି ଶିଷ୍ୟର ଶରୀରପାତର କାରଣ ହୁଅନ୍ତି, ତା'ହେଲେ ସେହି ଶିଷ୍ୟଠାରୁ ବାସ୍ତବିକ୍ ଅଧିକ ଭାଗ୍ୟବାନ ଆଉ କିଏ ଅଛି ?

୬୪। ଗୁରୁଙ୍କ ହସ୍ତରେ ଖଡ୍ଗ, କୁଠାର, ଗଦା କିମ୍ବା ଅନ୍ୟ କୌଣସି ହତିଆର ରହିବା ଦରକାର। ଗୁରୁ ତାହା ଧରି ଆଘାତ କଲେ ଶିଷ୍ୟର ପ୍ରକୃତ ଚୈତନ୍ୟ ଉଦୟ ହୁଏ ଓ ମହାନ୍ ଉପଦେଷ୍ଟାଙ୍କର ପ୍ରକୃତ ସ୍ୱରୂପ ପ୍ରକଟିତ ହୁଏ।

୬୫। ଶରୀରର ଯେତେ ଯତ୍ନ ନେଲେ ମଧ୍ୟ ଏହା କୌଣସି ନା କୌଣସି ସମୟରେ କ୍ଷୟ ହୋଇଯିବ। ତେଣୁ ଯଦି ଗୁରୁଙ୍କ ହାତରେ ଆଘାତପ୍ରାପ୍ତ ହେବ, ତେବେ ସେ ପରବର୍ତ୍ତୀ ଜନ୍ମରୁ ମୁକ୍ତ ହୋଇଯିବ।

୬୬। ଗୁରୁଦେବ,ମୋତେ ଏତେ ଜୋରରେ ଆଘାତ କରନ୍ତୁ, ଯେପରିକି ମୋର ମୃତ୍ୟୁ ହୋଇଯିବ ଓ ମୋର ଗର୍ବ ଓ ଅହଙ୍କାରର ମୂଳୋତ୍ପାଟନ କରନ୍ତୁ, ଯେପରିକି ମୋର ପୁନର୍ଜନ୍ମ ଆଉ ନହେବ। ମୋତେ ଏପରି ଭାବରେ ଆଘାତ କରନ୍ତୁ, ଯାହା ସହ୍ୟ କରିବା ମୋ ପକ୍ଷରେ କଷ୍ଟକର ହେବ।

୬୭। ମୋର ସମସ୍ତ କର୍ମ, କୁକର୍ମ ଓ ସୁକର୍ମ ଜାଳି ପୋଡ଼ି ଦିଅନ୍ତୁ। ମୋର ସତ୍ ବା ଅସତ୍ ଆଚରଣର ଅନ୍ତ ଘଟାନ୍ତୁ ଯାହାଦ୍ୱାରା ମୁଁ ପରମ ଆନନ୍ଦ ପାଇପାରିବି। ଏହିଭଳି ଭାବରେ ମୋର କାମନାବାସନାଜନିତ ମାୟାମୋହ ଛିନ୍ନ କରିଦିଅନ୍ତୁ।

୬୮। ମୋର ସଂଶୟ ଓ ବାସନା ଦୂର କରିଦିଅନ୍ତୁ ଏବଂ ମୋତେ ମୋର ଉଦ୍ଦେଶ୍ୟ ବଦଳାଇବାକୁ ଦିଅନ୍ତୁ ନାହିଁ। ମୁଁ ପୁଣ୍ୟ କାମ କରିବାକୁ ଚାହେଁନାହିଁକି ପାପ କରିବାକୁ ଚାହେଁନାହିଁ । ମୁଁ ଆଉ ଏକ ଜନ୍ମର କଷ୍ଟ ମୁଣ୍ଡାଇବାକୁ ଚାହେଁନାହିଁ।

୬୯। ଆପଣଙ୍କର ଶରଣାଗତ ହେଲେ ଆପଣ ମୋର ଚାରିପଟରେ ରହିବେ; ପୂର୍ବରେ, ପଶ୍ଚିମରେ ଓ ସବୁଦିଗରେ ରହିବେ; ଉପରେ ଆକାଶରେ ଏବଂ ତଳେ ପାତାଳରେ ମଧ୍ୟ ରହିବେ।

୭୦। ଆପଣ ସର୍ବତ୍ର ବିଦ୍ୟମାନ, ଏପରିକି ମୋ ଘଟ ମଧ୍ୟରେ ବି ବିଦ୍ୟମାନ । ମୁଁ ଆଉ ଅଧିକ କ'ଣ କହିବି ? ଆପଣ ଓ ମୋ ମଧ୍ୟରେ ପ୍ରଭେଦକଥା ଚିନ୍ତା କଲେ ମୁଁ ବହୁତ କଷ୍ଟ ପାଏ।

୭୧। ତେଣୁ, ହେମାଡ଼ ସର୍ବାନ୍ତଃକରଣରେ ଆପଣଙ୍କର ଶରଣାଗତ ହେଉଛି । ସେ ସଦ୍‌ଗୁରୁଙ୍କ ଚରଣକୁ ଦୃଢ଼ଭାବରେ ଜାବୁଡ଼ି ଧରୁଛି । ଜନ୍ମ ଓ ମୃତ୍ୟୁର ଚକ୍ରବ୍ୟୂହକୁ ଏଡ଼ାଇ ଦେଇ ସେ ନିଜକୁ ଉତ୍‌ଥିତ କରାଉଛି ।

୭୨। ହେମାଡ଼କୁ ହତିଆର କରି ଆପଣ ଅଗଣିତ ଭକ୍ତମାନଙ୍କର ଉତ୍‌ଥାନ ନିମନ୍ତେ ନିଜର ଜୀବନ କାହାଣୀ ଲେଖାଇ ନେଇଛନ୍ତି। ଏହା ଏକ ଅଚିନ୍ତନୀୟ କାର୍ଯ୍ୟ ନୁହେଁକି ?

୭୩। ମୋ ହାତରେ ଶ୍ରୀସାଇ ସମର୍ଥଙ୍କର ଏହି ଜୀବନଚରିତ ରଚନା ଏକ ଅବିଶ୍ୱାସ୍ୟ କାର୍ଯ୍ୟ ! ଶ୍ରୀସାଇଙ୍କର କୃପା ହୋଇନଥିଲେ ମୋ ଭଳି ଜଣେ ନଗଣ୍ୟ ବ୍ୟକ୍ତି ପକ୍ଷରେ ଏହା କେବେ ସମ୍ଭବ ହୋଇନଥାନ୍ତା।

୭୪। ମୋର ତାଙ୍କ ସହିତ ସାନ୍ନିଧ୍ୟ ବେଶି ଦିନର ନଥିଲା। ମୋର ସନ୍ଥମାନଙ୍କୁ ଜାଣିବାର ଅଭିଜ୍ଞତା ନଥିଲାକି ସେମାନଙ୍କର ପ୍ରଭେଦ ବାରିବାର ସାମର୍ଥ୍ୟ ନଥିଲା। ଅଧିକନ୍ତୁ, ମୁଁ ସବୁବେଳେ ସନ୍ଦେହୀ ଥିଲି ଓ ଈଶ୍ୱରବିଶ୍ୱାସୀ ନଥିଲି ।

୭୫। ମୁଁ କେବେ ମଧ୍ୟ କାହାରିକୁ ସ୍ୱତନ୍ତ୍ର ଭାବରେ ଓ ଏକାନ୍ତ ଭକ୍ତି ସହକାରେ ପୂଜା କରିନଥିଲି । ମୁଁ ଭଜନରେ କେବେ ମୁହୂର୍ତ୍ତକ ପାଇଁ ବି ବସିନଥିଲି। ସେ ତାଙ୍କର ଜୀବନଚରିତ ଏଭଳି ଜଣେ ବ୍ୟକ୍ତି ହସ୍ତରେ ଲେଖାଇ ନେଇ ସେ କ'ଣ କରିପାରନ୍ତି ବୋଲି ଲୋକମାନଙ୍କ ଆଗରେ ଦେଖାଇଦେଲେ।

୭୬। ନିଜ କଥା ରକ୍ଷା କରିବାପାଇଁ ଶ୍ରୀସାଇ ନିଜେ ମୋତେ ଏହି ଗ୍ରନ୍ଥରେ ସନ୍ନିବେଶିତ ଘଟଣାଗୁଡ଼ିକୁ ମନେ ପକାଇ

ଦେଇଛନ୍ତି ଓ ନିଜର ଲକ୍ଷ୍ୟ ପୂରଣ କରିଛନ୍ତି। 'ହେମାଡ଼' କେବଳ ନାମକୁମାତ୍ର ବ୍ୟବହୃତ ହୋଇଛି।

୭୭। ମେରୁ ପର୍ବତକୁ ମଶକଟିଏ ଉଠାଇ ପାରିବ କି? ତିତିର ପକ୍ଷୀ ସମୁଦ୍ରକୁ ଶୁଖାଇ ଦେଇ ପାରିବ କି? କିନ୍ତୁ, ସଦ୍‌ଗୁରୁଙ୍କର ସାହାଯ୍ୟ ସମର୍ଥନ ରହିଥିଲେ ଅସମ୍ଭବ ଘଟଣା ମଧ୍ୟ ଘଟିପାରେ।

୭୮। ସେ ଯାହାହେଉ, ଏବେ ଶ୍ରୋତାଗଣ! ମୁଁ ଆପଣମାନଙ୍କୁ ଅଭିବାଦନ ଜଣାଉଛି । ଏହି ଗ୍ରନ୍ଥ ଏବେ ସଂପୂର୍ଣ୍ଣ ହୋଇଛି । ଯାହା ଶ୍ରୀସାଇଙ୍କର, ମୁଁ ତାହା ତାଙ୍କୁହିଁ ଅର୍ପଣ କରୁଛି।

୭୯। ମୁଁ ଆବାଳବୃଦ୍ଧବନିତା ସମସ୍ତ ଶ୍ରୋତାଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କରୁଅଛି। ଆପଣମାନଙ୍କ ଗହଣରେ ଏହି ସାଇଚରିତର ରଚନା କ୍ରମାନ୍ୱୟରେ ସଂପୂର୍ଣ୍ଣ ହୋଇପାରିଛି ।

୮୦। ମୁଁ ଏହାକୁ ସଂପୂର୍ଣ୍ଣ କରିବାକୁ କିଏ? ଶ୍ରୀସାଇ ଯେତେବେଳେ ଲଗାମ ଧରିଛନ୍ତି (ବା ପଛରୁ ସୂତା ଟାଣି କଣ୍ଢେଇ ନଚାଉଛନ୍ତି), ସେତେବେଳେ ମୁଁ ଏହା କରିଦେଲି ବୋଲି କହିବାକୁ କିଏ?

୮୧। ତେଣୁ ସମସ୍ତ ଦୁଃଖଦୁର୍ଦ୍ଦଶାର ମୂଳ କାରଣ ବୃଥା ଗର୍ବକୁ ପରିହାର କରନ୍ତୁ। ଯିଏ ଆମ ଅନ୍ତରର ପ୍ରବୃତ୍ତିକୁ ଜାଣି ଆମକୁ ଆଲୋକିତ କରୁଛନ୍ତି, ସେହି ଗୁରୁଙ୍କର ଗୁଣଗାନ କରିବା ଆସନ୍ତୁ। ମୁଁ ବର୍ତ୍ତମାନ ଏହି ବାକ୍‌ଯଜ୍ଞର ଉଦ୍‌ଯାପନ କରୁଅଛି ।

୮୨। ଏହି ଗ୍ରନ୍ଥ ସଂପୂର୍ଣ୍ଣ ହୋଇଛି। ମୋର ମନୋବାଞ୍ଛା ପୂର୍ଣ୍ଣ ହୋଇଛି । ଶ୍ରୀସାଇଙ୍କ ପାଇଁ ହାତକୁ ନେଇଥିବା କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି । ମୋ ଜୀବନର ଲକ୍ଷ୍ୟ ସାଧନ କରିଛି ।

୮୩। ଏହି ଗ୍ରନ୍ଥକୁ ମୂଳରୁ ଶେଷ ପର୍ଯ୍ୟନ୍ତ ପାରାୟଣ କଲେ ପ୍ରତ୍ୟେକଙ୍କର ଇଚ୍ଛାପୂର୍ତ୍ତି ହେବ। ସଦ୍‌ଗୁରୁଙ୍କ ଚରଣକୁ ହୃଦୟରେ ଜଡ଼ାଇ ଧରିଲେ ଜଣେ ସହଜରେ ଭବସାଗର ପାରହୋଇଯାଇପାରିବ।

୮୪। ଅସୁସ୍ଥ ସୁସ୍ଥ ହେବ; ନିର୍ଦ୍ଧନ ଧନୀ ପାଲଟିଯିବ; ଅସ୍ଥିର ଚିତ୍ତ ଶାନ୍ତ ହୋଇଯିବ ଓ ଏପରିକି ଦୀନଜନ ବି ଦାନୀକର୍ଣ୍ଣ ହେବେ।

୮୫। ଏହି ଗ୍ରନ୍ଥର ପାରାୟଣ କଲେ ପିଶାଚ ଭୟରେ ପଳାୟନ କରିବ ଓ ଅପସ୍ମାର ରୋଗ ଅପସରିଯିବ। ଅନ୍ଧ, ମୂକ, ବଧିର ବା ଭିନ୍ନକ୍ଷମ ଯେ କେହି ଏହାକୁ ଶ୍ରବଣ କଲେ ଅଶେଷ ଉପକାର ପ୍ରାପ୍ତ ହେବେ।

୮୬। ଏପରିକି ଯେଉଁମାନେ ଅଜ୍ଞତା ଦ୍ୱାରା ପ୍ରଲୋଭିତ ହୋଇ ସର୍ବଶକ୍ତିମାନ ପ୍ରଭୁଙ୍କୁବି ଭୁଲିଯାଇଛନ୍ତି, ସେମାନେ ମଧ୍ୟ ଆଧ୍ୟାତ୍ମିକ ଭାବରେ ଉତ୍‌ଥିତ ହେବେ ।

୮୭। ଯେଉଁମାନେ ମନୁଷ୍ୟ ଜନ୍ମ ପାଇଥିଲେ ମଧ୍ୟ ରାକ୍ଷସ ସଦୃଶ ଆଚରଣ ଦେଖାନ୍ତି ଓ ନିଜର ଶରୀରକୁ ଅଯଥାରେ ନଷ୍ଟଭ୍ରଷ୍ଟ କରନ୍ତି ଏବଂ ସାଂସାରିକ ଜୀବନକୁ ଆନନ୍ଦର ଖଣି ବୋଲି ମଣନ୍ତି, ସେମାନେ ମଧ୍ୟ ଉତ୍‌ଥିତ ହେବେ ।

୮୮। ଶ୍ରୀସାଇନାଥଙ୍କ ଲୀଳା ଅବିଶ୍ୱାସ୍ୟ! ହେମାଡ଼ ଚିରଦିନ ପାଇଁ ତାଙ୍କର ଚରଣାଶ୍ରିତ । ତାକୁ ସେ ତାଙ୍କ ସେବାରେ ଲଗାଇ ଏହି କାର୍ଯ୍ୟ ସମାପନ କରାଇଛନ୍ତି ।

୮୯। ସର୍ବଶେଷରେ, ସମଗ୍ର ବିଶ୍ୱର ନିୟନ୍ତା, ଆତ୍ମୋପଲବ୍ଧିର ପ୍ରେରଣାଦାତା ସଦ୍‌ଗୁରୁଙ୍କ ଚରଣତଳେ ମୁଁ ମୋର ମସ୍ତକ ଓ ଲେଖନୀକୁ[୪] ଚିରକାଳ ପାଇଁ ସମର୍ପଣ କରିଦେଉଛି।

ପଦଟୀକା

୧- ଦୁର୍ଭାଗ୍ୟବଶତଃ, ହେମାଡ଼ପନ୍ତ ଆକସ୍ମିକ ଭାବରେ ଇହଧାମ ତ୍ୟାଗ କରିଥିଲେ ଓ ଅବତରଣିକା ତାଙ୍କର ହାତଲେଖା କାଗଜପତ୍ର ମଧ୍ୟରୁ ମିଳିନଥିଲା। ତେଣୁ ଅବସରପ୍ରାପ୍ତ ମାମଲତଦାର ତଥା ଜଣେ ଦକ୍ଷ ଓ ସୁଯୋଗ୍ୟ ସାଇଭକ୍ତ ମିଃ ବାଳକୃଷ୍ଣ ଦେଓଙ୍କ ଦ୍ୱାରା ତାହା ସମ୍ପାଦିତ ହୋଇଥିଲା। ଏହି ଅଧ୍ୟାୟର ପଦଟୀକା ଛୋଟ ଛୋଟ ଖଣ୍ଡ କାଗଜରେ ଅସ୍ପଷ୍ଟ ଓ ଅସମ୍ପୂର୍ଣ୍ଣ ଭାବରେ ଲେଖାହୋଇ ଏଠିସେଠି ପଡ଼ିଥିବାର ଦେଖାଯାଇଥିଲା। ଯାହା ଜଣାପଡୁଥିଲା "ଶ୍ରୀଗୁରୁଚରିତ୍ର"ଭଳି ଦ୍ୱାପଂଚାଶତ୍ ଅଧ୍ୟାୟ ମଧ୍ୟରେ ଏହାକୁ ସାରିବା ପାଇଁ ହେମାଡ଼ପନ୍ତ ପରିକଳ୍ପନା କରିଥିଲେ। ଏଠାରେ ଏହା ଉଲ୍ଲେଖଯୋଗ୍ୟ ଯେ ହେମାଡ଼ପନ୍ତ ଏହି କାବ୍ୟକୁ ରଚନା କରିବା ପାଇଁ ଦୀର୍ଘ ସାତବର୍ଷ ସମୟ ନେଇଥିଲେ।

୨- ଅଗସ୍ତି ମୁନି ସମୁଦ୍ର ମଧ୍ୟରେ ଲୁଚିଥିବା କାଳୀୟ ଦୈତ୍ୟକୁ ବଧ କରିବା ପାଇଁ ଦେବତାମାନଙ୍କ ଅନୁରୋଧରେ ସେହି ସମୁଦ୍ରର ଜଳକୁ ଚଳୁକରି ଦେଇ ଶୁଖାଇ ଦେଇଥିଲେ।

୩- ଏଠାରେ ୪୫ ଓ ୪୬ ନମ୍ବର ଦୁଇଟି ପଦ ମଧ୍ୟରେ ଅମେଳ ଦେଖାଯାଉଛି।

୪- ହସ୍ତଲିଖିତ ପାଣ୍ଡୁଲିପିରେ ଅନ୍ୟ ଅଧ୍ୟାୟମାନଙ୍କରେ ଲେଖାହୋଇଥିବା ଶେଷ ପଦ ଏ ଅଧ୍ୟାୟରେ ନଥିଲା।

(ଦିବ୍ୟ ଆନନ୍ଦରେ ଉଲ୍ଲସିତ ବାବା)

୫ନଦୀ ସମୁଦ୍ରରେ ପଡ଼ିବାମାତ୍ରେ ନିଜର ପରିଚୟ ହଜାଇଦେଇଥାଏ। ଠିକ୍ ସେହିପରି ଜଣେ ଭକ୍ତ ଶରଣାଗତ ହୋଇଗଲେ ସେ ଯେପରି ଦ୍ୱୈତଭାବ ବା ଭିନ୍ନତା ବୋଧ ନକରେ, ତାହା ଶ୍ରୀସାଇ ସୁନିଶ୍ଚିତ କରିଥାନ୍ତି। (୫୨ଶ ଅଧ୍ୟାୟ, ପଂକ୍ତି-୨୭)

ବ୍ରହ୍ମରୁ ସ୍ତମ୍ଭଯାଏଁ, କ୍ଷୁଦ୍ରମାଠିଆରୁ ପ୍ରଶସ୍ତ ଗୃହଯାଏଁ, ଭିତରେ ଓ ବାହାରେ ପରିବ୍ୟାପ୍ତ ଆକାଶ ଭଳି ଯିଏ ସମସ୍ତ ସ୍ଥାନ ପୂରଣ କରନ୍ତି ଓ ପ୍ରକଟ ହୁଅନ୍ତି ଏବଂ ସାମାନ୍ୟ ଟିକିଏ ବି ପାର୍ଥକ୍ୟ ଦେଖନ୍ତି ନାହିଁ। (୫୨ଶ ଅଧ୍ୟାୟ, ପଂକ୍ତି-୨୫)

ଯାହାଙ୍କ ନିକଟରେ ସମସ୍ତ ଭକ୍ତ ସମାନ ଅଟନ୍ତି, ଯାହାଙ୍କର ନିନ୍ଦା ବା ପ୍ରଶଂସାରେ କିଛି ଯାଏ ଆସେ ନାହିଁ, ଯାହାଙ୍କ ପାଇଁ କିଛି ସୁଖ ନୁହେଁ କି କିଛି ଦୁଃଖ ନୁହେଁ ଓ ଯାହାଙ୍କ ବିଚାରରେ ଟିକିଏ ବି ଅସମାନତା ନଥାଏ। (୫୨ଶ ଅଧ୍ୟାୟ, ପଂକ୍ତି-୨୬)

(ଅଷ୍ଟମ ଦିନର ପାରାୟଣ-ଗୁରୁବାର)

॥ ୫୩ ॥

ଅବତରଣିକା

ଓଁ ଶ୍ରୀଗଣେଶାୟ ନମଃ
ଓଁ ଶ୍ରୀସରସ୍ୱତେ ନମଃ
ଓଁ ଶ୍ରୀଗୁରବେ ନମଃ
ଓଁ ଶ୍ରୀକୁଳଦେବତାୟ ନମଃ
ଓଁ ଶ୍ରୀସୀତାରାମଚନ୍ଦ୍ରାୟ ନମଃ
ଓଁ ଶ୍ରୀସଦ୍‌ଗୁରୁ ସାଇନାଥାୟ ନମଃ ।

୧ । ଶ୍ରୀସାଇ ହେଉଛନ୍ତି ପ୍ରକୃତରେ ବ୍ରହ୍ମଙ୍କର ଅବତାର, ସନ୍ଥଶ୍ରେଷ୍ଠ ସନ୍ଥ ଓ ପରଂବ୍ରହ୍ମ । ତାଙ୍କର ଯଶଖ୍ୟାତି ପୃଥିବୀର କୋଣଅନୁକୋଣରେ ପହଞ୍ଚିଯାଇଛି । ସେ ଜ୍ଞାନ ଓ ପ୍ରେରଣାଦାତା ।

୨ । ମୁଁ ସର୍ବାନ୍ତଃକରଣରେ ଭକ୍ତି ଜଣାଇ ତାଙ୍କର ଶରଣାଗତ ହେଉଛି । ମୁଁ ତାଙ୍କର ପବିତ୍ର ଚରଣରେ ପ୍ରଣିପାତ କରୁଛି । ସେ ଏହି ସାଂସାରିକ ଜୀବନର ଭୟ ଭ୍ରାନ୍ତି ନାଶକରିଦିଅନ୍ତି ଏବଂ ଜନ୍ମ ଓ ମୃତ୍ୟୁର ଚକ୍ରବ୍ୟୂହକୁ ଭାଙ୍ଗିଦିଅନ୍ତି ।

୩ । ଏକ ସମୀକ୍ଷା ସହିତ ବିଷୟ ସୂଚୀ ବା ଅବତରଣିକା ପ୍ରଦାନ କରି ଏହି ଗ୍ରନ୍ଥର ପରିସମାପ୍ତି କରାଯିବ ବୋଲି ପୂର୍ବବର୍ତ୍ତୀ ଅଧ୍ୟାୟରେ ପ୍ରତିଶ୍ରୁତି ଦିଆଯାଇଥିଲା ।

୪ । ଯଦିଓ ହେମାଡ଼ପନ୍ତ ସେହିଭଳି କହିଥିଲେ, ତାହା ସେହିପରି ହୋଇନଥିଲା । ବିଷୟସୂଚୀ ବା ଅବତରଣିକା ପ୍ରସ୍ତୁତ କରାଯାଇପାରିନଥିଲା କିମ୍ବା ତାହାକୁ ଉପେକ୍ଷା କରାଯାଇନଥିଲା ।

୫ । ଯିଏ ଗ୍ରନ୍ଥ ରଚନା ଆରମ୍ଭ କରିଥାନ୍ତି, ସେ ଶେଷରେ ଅବତରଣିକା ଲେଖି ତାହାର ପରିସମାପ୍ତି କରିଥାନ୍ତି । ଏହା ଏକ ସାଧାରଣ ନିୟମ ।

୬ । କିନ୍ତୁ ସେହି ନିୟମର ମଧ୍ୟ ବ୍ୟତିକ୍ରମ ରହିଛି ଓ ତାହାହିଁ ଏଠାରେ ପରିଲକ୍ଷିତ ହୋଇଛି । ଜଣେ ଯାହା ଚାହେଁ, ତାହା ସେହିଭଳି ହୁଏ ନାହିଁ । କେବଳ ବାବାଙ୍କ ଇଚ୍ଛାହିଁ ସର୍ବୋପରି ବଜାୟ ରହିଥାଏ ।

୭ । ହେମାଡ଼ ଅପ୍ରତ୍ୟାଶିତ ଭାବରେ ମୃତ୍ୟୁବରଣ କରିଥିଲେ । ସମସ୍ତେ ବ୍ୟଥିତ ହୋଇଥିଲେ । ଅବତରଣିକା ଖୋଜି ଖୋଜି ମିଳିନଥିଲା ଓ ସମସ୍ତେ ଦ୍ୱନ୍ଦ୍ୱରେ ପଡ଼ିଥିଲେ ।

୮ । ଅନ୍ନାସାହେବଙ୍କ ଲେଖା କାଗଜପତ୍ର ଖୋଜିପାଇବା କଷ୍ଟକର ହୋଇଥିଲା । ତାଙ୍କ ପୁତ୍ର ଶ୍ରୀଗଜାନନ ବହୁତ ଖୋଜାଖୋଜି କରିଥିଲେ ଓ ଯାହା ଯାହା ଦରକାର ଥିଲା, ସଂଗ୍ରହ କରି ମୋତେ ଦେଇଥିଲେ ।

୯ । ଅନ୍ନାସାହେବ ବଡ ମିତବ୍ୟୟୀ ଥିଲେ ଓ ଟୁକୁରା କାଗଜ ଖଣ୍ଡେ ମଧ୍ୟ ସେ ନଷ୍ଟ କରୁନଥିଲେ । ସେ ତାଙ୍କର ପ୍ରକୃତି ଅନୁଯାୟୀ ସ୍ୱଚ୍ଛତା ଓ ସୌଷ୍ଠବତା ସହକାରେ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ ।

୧୦ । ସେ ଖଣ୍ଡେ ଖଣ୍ଡେ କାଗଜରେ ବିଭିନ୍ନ ଅଧ୍ୟାୟର ପାଣ୍ଡୁଲିପି ଲେଖି ସେହି ଅବସ୍ଥାରେ ଛାପିବା ନିମନ୍ତେ ଦେଉଥିଲେ । ଅଯଥା ଖର୍ଚ୍ଚ ତାଙ୍କୁ ବାଧୁଥିଲା । ସେ ଅନ୍ୟ କାହାରି ସହିତ ତୁଳନୀୟ ନଥିଲେ ।

୧୧ । ସେ ସେହି ନିର୍ଜୀବ, ଅସହାୟ କାଗଜ ଟୁକୁରାଗୁଡ଼ିକ

ପ୍ରତି ଦୟା ଅନୁଭବ କରୁଥିଲେ। ସେମାନେ ଯଦି ସନ୍ଥମାନଙ୍କ ମଧ୍ୟରେ କେଶରୀର, ଅର୍ଥାତ୍ ସାଇବାବାଙ୍କର ସେବା ନକରିବେ, ତେବେ ସେମାନଙ୍କର ଉତ୍‌ଥାନ କିପରି ସମ୍ଭବ ହେବ ?

୧୨। ହେମାଡ଼୍ ନିଶ୍ଚୟ ଏହିଭଳି ଅନୁଭବ କରି ଏହି ଟୁକୁରା କାଗଜଗୁଡ଼ିକୁ ସଂଗ୍ରହ କରୁଥିଲେ, ଯେପରିକି ସେମାନେ ମଧ୍ୟ ସେବାକରିବାର ସୁଯୋଗ ପାଇପାରିବେ। ତାହା ନିଶ୍ଚିତ ଭାବରେ ଏକ ମହାନ୍ ଉଦ୍ଦେଶ୍ୟ ଥିଲା।

୧୩। ଶେଷ ଅଧ୍ୟାୟ ନିଶ୍ଚୟ ସେହିଭଳି ଭାବରେ ଲେଖାହୋଇଥିବ ଓ କେତେଖଣ୍ଡ ଟୁକୁରା କାଗଜ ଉପରେ ଲେଖାଯାଇଥିବ। ଏହି ସମସ୍ୟା ସମ୍ପର୍କରେ ଅନେକ ଚିନ୍ତା କରାଯାଇଥିଲେ ମଧ୍ୟ କାଗଜଗଦା ମଧ୍ୟରୁ ଅବତରଣିକା ମିଳିନଥିଲା।

୧୪। ଏ ବିଷୟରେ ଗଜାନନ ରାଓ ଓ ଅନ୍ୟମାନଙ୍କୁ କୁହାଯାଇଥିଲା। ଶ୍ରୀସାଇବାବା ସଂସ୍ଥାନର କୋଷାଧ୍ୟକ୍ଷ ବାବାସାହେବ ତର୍ଖଡ଼ଙ୍କୁ ମଧ୍ୟ ଜଣାଇ ଦିଆଯାଇଥିଲା। ଅବତରଣିକା ନିଶ୍ଚିତଭାବରେ କେଉଁଠାରେ ଥିବ ଓ ଖୋଜିଲେ ମିଳିବ ବୋଲି ସମସ୍ତେ ମତ ଦେଇଥିଲେ ।

୧୫। ବାବାସାହେବ ଏକ ସମୟ ସୀମା ଧାର୍ଯ୍ୟ କରିଥିଲେ ଓ ତାହା 'ଶ୍ରୀସାଇଲୀଳା' ପତ୍ରିକାରେ ମଧ୍ୟ ପ୍ରକାଶିତ ହୋଇଥିଲା। ନିର୍ଦ୍ଧାରିତ ସମୟ ବିତି ଯାଇଥିଲେ ମଧ୍ୟ ଅବତରଣିକା କେଉଁଠାରୁ ମିଳିନଥିଲା।

୧୬। ହେମାଡ଼୍, ଗୋବିନ୍ଦରାଓ ସଦ୍‌ଗୁଣର ଖଣି ଥିଲେ। ସେ ବେଦାନ୍ତ ମୁଖସ୍ଥ କରିଦେଇଥିଲେ ଓ ଯେତେବେଳେ ଚାହୁଁଥିଲେ, ତା' ଉପରେ ଅନର୍ଗଳ କହୁଥିଲେ । ତାଙ୍କର ଗ୍ରନ୍ଥ ଗୁରୁଙ୍କ କୃପାର ପ୍ରସାଦ ସଦୃଶ ଥିଲା। ଗୁରୁଙ୍କର କୃପା ଦୁର୍ବୋଧ ଥିଲା।

୧୭। ସଦ୍‌ଗୁରୁ ଶ୍ରୀସାଇଙ୍କର ଅସଂଖ୍ୟ ଭକ୍ତମାନଙ୍କ ମଧ୍ୟରେ ହେମାଡ଼ପନ୍ତ କବିରତ୍ନ ଥିଲେ। ତାଙ୍କ ଭଳି ଜଣେ ଜ୍ଞାନୀ ହିଁ କେବଳ ଏହାକୁ ଲେଖିପାରିଥାନ୍ତେ।

୧୮। ଲିଖିତ ଅବତରଣିକା କେଉଁଠାରୁ ମିଳିଲା ନାହିଁ। ମୁଁ ବହୁତ ନିରୁତ୍ସାହିତ ହୋଇଥିଲି। ମୁଁ ଦତ୍ତ ଗୁରୁ ଶ୍ରୀସାଇବାବାଙ୍କୁ ପ୍ରାର୍ଥନା କରିଥିଲି ଓ ତାଙ୍କ କୃପା ଲୋଡ଼ିଥିଲି ।

୧୯। ମୁଁ ଅତି ନିର୍ବୋଧ ଓ ନଗଣ୍ୟ। ଅଧ୍ୟବସାୟଶୀଳ ଚିନ୍ତାଭାବନା କରେନାହିଁ କିମ୍ବା ତିଳେମାତ୍ର ଜ୍ଞାନ ମଧ୍ୟ ମୋର ନାହିଁ। କବିର ଭାବପ୍ରବଣତା ମୋର ପୂରାପୂରି ନଥିବାରୁ ମୁଁ କିପରି ପଦାବଳୀ ରଚନା କରିପାରିବି !

୨୦। କିନ୍ତୁ ମୋର ଗୋଟିଏ ବଳ ରହିଥିଲା। ଶ୍ରୀ ଦତ୍ତଗୁରୁଙ୍କର କରୁଣା ରହିଥିଲେ ମେରୁ ପର୍ବତକୁ ଏକ ମଶକ ବି ସହଜରେ ଟେକିଦେଇପାରିବ । ତାଙ୍କର ଶକ୍ତି ମହାନ୍।

୨୧। ମୁଁ ପୁଣି ଉମାରମଣ ଶିବଙ୍କୁ ପ୍ରାର୍ଥନା କରିଥିଲି । ଏହାକଲେ ଶ୍ରୀସାଇ ନାରାୟଣ ମୋ ପ୍ରତି ଦୟା ପ୍ରଦର୍ଶନ କରିବେ ଓ ମୋତେ ଶୀଘ୍ର ଅବତରଣିକା ଲେଖିବାର ପ୍ରେରଣା ଯୋଗାଇବେ।

୨୨। ପଦାବଳୀ ରଚନା କରିବାର କ୍ଷମତା ମୋର ନାହିଁ। ଶ୍ରୀଗୁରୁରାୟ ମୋର ପାରିବାର ସୀମା ସମ୍ବନ୍ଧରେ ଅବଗତ ଅଛନ୍ତି। ତାଙ୍କର ପାଦତଳେ ମୋର ମସ୍ତକ ସ୍ଥାପନ କରି ମୁଁ ଅବତରଣିକା ଲେଖିବା ଆରମ୍ଭ କରୁଛି।

୨୩। ଗ୍ରନ୍ଥର ଏହି ଅବତରଣିକା ଅଂଶକୁ ବକ୍ରତୁଣ୍ଡ (ଗଣପତି) ଶ୍ରୀସାଇ ରଚନା କରୁଛନ୍ତି। ତାଙ୍କର ମହିମା ଅଗାଧ ଓ ଅକଳନୀୟ । ମୋର ମୁଖ କେବଳ ତାଙ୍କର ଏକ ହତିଆର ।

୨୪। ପ୍ରଥମ ଅଧ୍ୟାୟରେ ବିଘ୍ନନାଶନଙ୍କର ଆବାହନ ଓ ସୃଷ୍ଟିର କାରଣ ସମ୍ପର୍କରେ କୁହାଯାଇଛି। ଉମା ଓ ଶିବଙ୍କର ଗଳାମାଳି ଶ୍ରୀଗଣେଶଙ୍କୁ ଭକ୍ତିଭରେ ପ୍ରଣିପାତ କରାଯାଇଅଛି।

୨୫। ଜ୍ଞାନରେ ପରିପୂର୍ଣ୍ଣ ମନଜିଣା ବାକ୍‌ଦେବୀଙ୍କୁ ପ୍ରଣାମ ଜଣାଇବା ସହିତ ସାରଦା ଦେବୀଙ୍କୁ ପ୍ରାର୍ଥନା କରାଯାଇଛି ଯିଏ ସାରା ବିଶ୍ୱକୁ ଆକର୍ଷଣ କରି ରଖିଛନ୍ତି ଓ ସମସ୍ତ ଇଚ୍ଛା ପୂରଣ କରନ୍ତି।

୨୬। ପ୍ରଭୁସାଇଙ୍କୁ, କୁଳଦେବତାଙ୍କୁ, ପ୍ରିୟପରିଜନଙ୍କୁ, ଗୁରୁଭାଇମାନଙ୍କୁ, ଭଗବାନଙ୍କର ଅବତାର ସନ୍ଥମାନଙ୍କୁ ଓ ଗୁଣୀଜନମାନଙ୍କୁ ପ୍ରଣାମ ଜଣାଇ ମୁକ୍ତିର ଆଶ୍ରୟସ୍ଥଳ ସଦ୍‌ଗୁରୁଙ୍କର ଶରଣାଗତ ହେମାଡ଼୍ ହୋଇଛନ୍ତି।

୨୭। ଚକିରେ ଗହମ ପେଷାଯାଉଥିବା କାହାଣୀର ବର୍ଣ୍ଣନା କରାଯାଇଛି ଓ କିପରି ହଇଜା ମହାମାରୀକୁ ବାବା ଦୂର

କରିଦେଇଛନ୍ତି । ଶ୍ରୀସାଇଙ୍କର ମହିମା ତଥା ଶକ୍ତି ସମ୍ବନ୍ଧରେ ମଧ୍ୟ ଏହି ପ୍ରଥମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

୨୮ । ଦ୍ୱିତୀୟ ଅଧ୍ୟାୟରେ ଗ୍ରନ୍ଥ ଲେଖାଯିବାର ଉଦ୍ଦେଶ୍ୟ ସମ୍ବନ୍ଧରେ କୁହାଯାଇଅଛି। ହେମାଡ଼ପନ୍ତଙ୍କର ନାମକରଣ କିପରି ହେଲା, ଗୁରୁଙ୍କର ଆବଶ୍ୟକତା ସମ୍ବନ୍ଧରେ ବାଦାନୁବାଦର ଅବସାନ କିପରି ହେଲା ଓ ହେମାଡ଼ଙ୍କର ପ୍ରଥମ ଦର୍ଶନ କିଭଳି ଥିଲା, ସେ ସମ୍ବନ୍ଧରେ ବର୍ଣ୍ଣନା ରହିଛି।

୨୯ । ତୃତୀୟ ଅଧ୍ୟାୟରେ ଶ୍ରୀସାଇ ନିଜେ ଏହି ଗ୍ରନ୍ଥ ଲେଖିବା ନିମନ୍ତେ ଅନୁମତି ଦେବାର ସମ୍ପୂର୍ଣ୍ଣ ବର୍ଣ୍ଣନା କରାଯାଇଛି ଏବଂ ରୋହିଲାଙ୍କ ସମ୍ବନ୍ଧରେ କାହାଣୀର ବର୍ଣ୍ଣନା ରହିଛି।

୩୦ । ତାହା ପରେ ସନ୍ଥ ଓ ସନ୍ନ୍ୟାସୀଗଣଙ୍କ ଆବିର୍ଭାବର କାରଣ ଏବଂ ଧରାଧାମରେ ସେମାନେ କିପରି ବିଶ୍ୱନିୟନ୍ତାଙ୍କର ପ୍ରତିଭୂ ସଦୃଶ, ସେହି ବିଷୟରେ ବିଶଦ ବର୍ଣ୍ଣନା ତୃତୀୟ ଅଧ୍ୟାୟରେ କରାଯାଇଅଛି।

୩୧ । ଶିରିଡ଼ି ଗ୍ରାମରେ ଶ୍ରୀସାଇଙ୍କର ପ୍ରଥମ ଆବିର୍ଭାବ, ଅତ୍ରିପୁତ୍ର ଦତ୍ତଙ୍କ ଅବତାର, କଳ୍ପଦ୍ରୁମ, ଇତ୍ୟାଦି ବିଷୟର ବର୍ଣ୍ଣନା ଚତୁର୍ଥ ଅଧ୍ୟାୟରେ କରାଯାଇଛି।

୩୨ । ପଞ୍ଚମ ଅଧ୍ୟାୟରେ ଶିରିଡ଼ି ଗ୍ରାମରୁ ସାଇବାବା ହଠାତ୍ ଅନ୍ତର୍ଦ୍ଧାନ ହୋଇଯିବା ଓ ଧନଶାଳୀ ଚାନ୍ଦ ପାଟିଲଙ୍କ ଗହଣରେ ପୁନଃଆବିର୍ଭାବ ହେବା ଘଟଣା ସମସ୍ତଙ୍କୁ ଚକିତ କରି ଦେଇଥିବାର ବର୍ଣ୍ଣନା ରହିଛି;

୩୩। ଗଙ୍ଗାଗୀର ଓ ଅନ୍ୟ ସନ୍ଥମାନେ ଏକତ୍ରିତ ହେବା, ନିଜ ମୁଣ୍ଡରେ ବାବା ଜଳପାତ୍ର ଦୂରରୁ ବହି ଆଣି ବଗିଚା ସୃଷ୍ଟି କରିବାର କାହାଣୀ ସମ୍ପୂର୍ଣ୍ଣ ଭାବରେ ଏହି ପଞ୍ଚମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

୩୪। ଷଷ୍ଠ ଅଧ୍ୟାୟରେ ରାମନବମୀ ଭଳି ବିରାଟ ଉତ୍ସବରେ ବାଲା ବୁଓ୍ୱା କୀର୍ତ୍ତନକାର ହେବା ଓ ମସଜିଦ୍‌ର ଜୀର୍ଣ୍ଣସଂସ୍କାର କରାଯିବା ସମ୍ବନ୍ଧରେ ବିଶଦ ବର୍ଣ୍ଣନା ରହିଛି।

୩୫। ପରେ, ବାବାଙ୍କ ସମାଧିଯୋଗ, ଖଣ୍ଡଯୋଗ, ଧୋତି-ପୌତି ଇତ୍ୟାଦି ଅଭ୍ୟାସ କରିବା ବିଷୟରେ ବର୍ଣ୍ଣନା ରହିଛି। ବାବା ହିନ୍ଦୁ କି ମୁସଲମାନ ଥିଲେ, ସନ୍ଥଙ୍କର ଅନ୍ତରାତ୍ମା କିପରି ଅକଳ୍ପନୀୟ ଥାଏ, ସେ ସମ୍ବନ୍ଧରେ କୁହାଯାଇଛି ।

୩୬। ବାବାଙ୍କର ପୋଷାକପରିଚ୍ଛଦ, ଆଚରଣ, ଔଷଧବଣ୍ଟନ, ଚିଲମରେ ଧୂମପାନ, ଜାତିଗୋତ୍ର, ଧୁନି, ଦୀପ, ତାଙ୍କର ଅସୁସ୍ଥତା ଓ ତାଙ୍କର ସେବା ଇତ୍ୟାଦି ସମ୍ବନ୍ଧରେ କେତେକ ଅଚିନ୍ତନୀୟ ଦୃଶ୍ୟର ବର୍ଣ୍ଣନା ଷଷ୍ଠ ଅଧ୍ୟାୟରେ ରହିଛି।

୩୭। ସପ୍ତମ ଅଧ୍ୟାୟରେ ବିଜ୍ଞ କବି ଚମତ୍କାର ଭାବରେ ଭାଗୋଜୀ ଶିନ୍ଦେଙ୍କର କୁଷ୍ଠରୋଗ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି। ଖାପର୍ଡ୍ଡେଙ୍କ ପୁତ୍ରଙ୍କୁ ଆକ୍ରମଣ କରିଥିବା ପ୍ଲେଗ ରୋଗର ଔଷଧ ଓ ନାନାଙ୍କର ପଣ୍ଢରପୁର ଦର୍ଶନର ଇଚ୍ଛା ସମ୍ବନ୍ଧରେ ବର୍ଣ୍ଣନା ରହିଛି।

୩୮। ଅଷ୍ଟମ ଅଧ୍ୟାୟରେ ମାନବ ଜନ୍ମର ଅନନ୍ୟ ମହତ୍ତ୍ୱ, ଶ୍ରୀସାଇ କିପରି ଭିକ୍ଷା ମାଗୁଥିଲେ, ବାୟଜାବାଇଙ୍କର ସନ୍ଥସେବା ଓ ନିଜ ହାତରେ ବାବାଙ୍କୁ ଖାଦ୍ୟ ଖୁଆଇବାର ବର୍ଣ୍ଣନା ରହିଛି;

୩୯। ବାବା, ତାତ୍ୟା ଓ ମହାଲ୍‌ସାପତି କିପରି ରାତ୍ରିରେ ମସ୍‌ଜିଦ୍‌ରେ ଶୋଉଥିଲେ ଏବଂ ସେ ଦୁହିଁଙ୍କ ପ୍ରତି ବାବାଙ୍କର କିପରି ଅତିଶୟ ଶ୍ରଦ୍ଧା ସମାନ ଭାବରେ ରହିଥିଲା, ତାହାର ବର୍ଣ୍ଣନା ରହିଛି;

୪୦। ଶାନ୍ତି ଓ ଜ୍ଞାନର ଭଣ୍ଡାର ବାବା କିପରି ସମସ୍ତଙ୍କୁ ଭଲ ପାଉଥିଲେ ଓ ରାହତା ଗ୍ରାମର ଖୁଶାଲଚନ୍ଦଙ୍କ ସମ୍ପର୍କରେ ଏହି ଅଷ୍ଟମ ଅଧ୍ୟାୟରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି।

୪୧ । ନବମ ଅଧ୍ୟାୟରେ ତାତ୍ୟାସାହେବ ନୁଲକର ଓ କୋତେ ପାଟିଲ କିପରି ବାବାଙ୍କର ପରମ ଭକ୍ତ ଥିଲେ, ସେକଥା କୁହାଯାଇଛି ଏବଂ ସେମାନେ ଓ ଆଉଜଣେ ଇଂରେଜ ଭଦ୍ରବ୍ୟକ୍ତି କିପରି ବାବାଙ୍କର ଉପଦେଶ ନମାନି ବହୁତ ପଶ୍ଚାତାପ କରିଥିଲେ, ତାହାର ବର୍ଣ୍ଣନା ରହିଛି;

୪୨ । ବାବା କିପରି ଭିକ୍ଷାରୁ ମିଳୁଥିବା ଖାଦ୍ୟକୁ ଆସ୍ୱାଦନ କରିବା ପୂର୍ବରୁ ପଂଚଭୂତକୁ ଅର୍ପଣ କରୁଥିଲେ ଓ ବାବା କାହିଁକି ଭିକ୍ଷା ମାଗିବା ନିମନ୍ତେ ଯୋଗ୍ୟ ଥିଲେ, ସେ ବିଷୟ ଅତ୍ୟନ୍ତ ଚତୁରତା ସହକାରେ ବୁଝାଇଦିଆଯାଇଛି;

୪୩। ବିଖ୍ୟାତ ବାବାସାହେବ ତର୍ଖଡ଼ କିପରି ପ୍ରଥମେ ଟାଣୁଆ ପ୍ରାର୍ଥନାସମାଜୀ ଥିଲେ ଓ ପରେ ସର୍ବାନ୍ତଃକରଣରେ ଶ୍ରୀସାଇଙ୍କର ଭକ୍ତ ପାଲଟିଥିଲେ, ସେଇ ଚମତ୍କାର କାହାଣୀ ଏହି ନବମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି।

୪୪ । ଯୋଗେଶ୍ୱର ବାବାଙ୍କର ଖଟ କିପରି ଚାରିହାତ ଲମ୍ବା ଓ ମାତ୍ର ଚାଖଣ୍ଡେ ଓସାରର ଗୋଟିଏ ପଟା ଥିଲା ଓ ତାହାକୁ କିଭଳି ମସ୍‌ଜିଦ୍‌ର ବରଗାରୁ ଝୁଲାଇ ଦିଆଯାଇଥିଲା, ଏହାର ବର୍ଣ୍ଣନା ଦଶମ ଅଧ୍ୟାୟରେ କରାଯାଇଛି;

୪୫ । ବାବା ପ୍ରଥମେ ଶିରିଡ଼ି ଆସିବାର ହୃଦୟସ୍ପର୍ଶୀ ବର୍ଣ୍ଣନା, ସେଠାରେ ସେ କେତେବର୍ଷ ରହିଥିଲେ ଓ କେବେ ମରଶରୀର ତ୍ୟାଗ କରିଥିଲେ, ତାହାର ବର୍ଣ୍ଣନା ଏହି ଦଶମ ଅଧ୍ୟାୟରେ କରାଯାଇଅଛି ।

୪୬ । ଯଦିଓ ସେ ଅନ୍ତର ମଧ୍ୟରେ ଶାନ୍ତ ଓ କାମନାହୀନ ରହୁଥିଲେ, ବାହାରକୁ ବେଳେ ବେଳେ କିପରି ହିଂସ୍ର ଆଚରଣ ପ୍ରଦର୍ଶନ କରୁଥିଲେ । ଲୋକମାନଙ୍କୁ ଏକତ୍ରକରି ଏକ ନିର୍ଦ୍ଦିଷ୍ଟ ମାର୍ଗରେ ଆଗେଇ ନେଇଯିବାପାଇଁ ଗୁରୁରାୟଙ୍କର ଅବ୍ୟର୍ଥ ମନୋରଥ ସଂପର୍କରେ ବର୍ଣ୍ଣନା ଏଥିରେ ରହିଛି;

୪୭ । ସଦ୍‌ଗୁରୁଙ୍କର ବେଦାନ୍ତଶାସ୍ତ୍ର, ଧର୍ମର ସାରକଥା, ଆଧ୍ୟାତ୍ମିକତା ଓ ଆଚରଣବିଧି ସମ୍ପର୍କରେ ଶିକ୍ଷାଦାନର ବିଚକ୍ଷଣ କୌଶଳ ଅବଲମ୍ବନର ବର୍ଣ୍ଣନା ସହିତ ଭକ୍ତ ହୋଇଥିବା ତଥା ଭକ୍ତ ହୋଇନଥିବା ବ୍ୟକ୍ତିମାନଙ୍କର ବୁଦ୍ଧିପରୀକ୍ଷାର ବର୍ଣ୍ଣନା ରହିଛି;

୪୮ । ବାବାଙ୍କର ସାଧାରଣ ବସିବା ସ୍ଥାନ, ତାଙ୍କର ଜ୍ଞାନ, ଧ୍ୟାନ ଓ ବସବାସ ବିଷୟରେ ଏବଂ ତାଙ୍କର ଶକ୍ତି ଓ ମହିମା ଇତ୍ୟାଦି ସମ୍ପର୍କରେ ଏହି ଦଶମ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

୪୯ । ଏକାଦଶ ଅଧ୍ୟାୟରେ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତିମନ୍ତ ରୂପ ଭାବରେ ବାବାଙ୍କର ଯଶଖ୍ୟାତି ସର୍ବତ୍ର ବ୍ୟାପ୍ତ ହେବା,ଡାକ୍ତର ପଣ୍ଡିତଙ୍କର ଶ୍ରଦ୍ଧାପୂର୍ଣ୍ଣ ଭକ୍ତି ଓ ସିଦ୍ଦିକ୍ ଫାଲ୍‌କେଙ୍କର ଆଚରଣ ସମ୍ବନ୍ଧରେ ବର୍ଣ୍ଣନା ରହିଛି;

୫୦ । ବାରିଦ ଓ ଅଗ୍ନି ଉପରେ ବାବାଙ୍କର ପୂର୍ଣ୍ଣ ନିୟନ୍ତ୍ରଣ ରହିବା ତଥା ବାତ୍ୟା ପ୍ରଭାବରୁ ସୁରକ୍ଷା ଦେବା ସମ୍ବନ୍ଧରେ ଆଗ୍ରହଜନକ ବର୍ଣ୍ଣନା ଏହି ଏକାଦଶ ଅଧ୍ୟାୟରେ ରହିଛି ।

୫୧ । ଦ୍ୱାଦଶ ଅଧ୍ୟାୟରେ କାକା ମହାଜନୀ, ଧୂମାଲ ଓକିଲ, ନିମୋଣକର, ଜଣେ ମାମଲତଦାର ଓ ଜଣେ ଡାକ୍ତରଙ୍କ ସମ୍ପର୍କରେ ବିଭିନ୍ନ ଘଟଣା ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି;

୫୨ । ଆଉ ନାସିକ୍‌ର ଅଗ୍ନିହୋତ୍ରୀଙ୍କର ଅନନ୍ୟ ସାଇଦର୍ଶନ, ସନ୍ଥ ଗୋଲାପରାମଙ୍କର ଶିଷ୍ୟ ମୁଲେ ଶାସ୍ତ୍ରୀଙ୍କର ସନ୍ଦେହମୋଚନ ସମ୍ପର୍କରେ ଏହି ଦ୍ୱାଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି ।

୫୩ । ତ୍ରୟୋଦଶ ଅଧ୍ୟାୟରେ କଳାକୁକୁରକୁ ଦହିଅନ୍ନ ଖାଇବାକୁ ଦେବାପରେ ବାଲା ଗଣପତ ଦର୍ଜୀଙ୍କର ମ୍ୟାଲେରିଆ ରୋଗ ଭଲ ହୋଇଯିବା ଓ ବାପୁସାହେବ ବୁଟିଙ୍କୁ ପେସ୍ତାବାଦାମ ଖୁଆଇ ତାଙ୍କର କଲେରା ରୋଗର ଚିକିତ୍ସା କରିବାର ବର୍ଣ୍ଣନା ରହିଛି;

୫୪ । କାନରେ ଯନ୍ତ୍ରଣା ଭୋଗୁଥିବା ଆଳନ୍ଦୀର ସ୍ୱାମିଜୀଙ୍କୁ କେବଳ ଆଶୀର୍ବାଦ ପ୍ରଦାନକରି ରୋଗରୁ ମୁକ୍ତି ଦେବା ଓ ବାଦାମ ଖୁଆଇ କାକା ମହାଜନୀଙ୍କର ତରଳଝାଡ଼ା ଆରୋଗ୍ୟ କରିବାର ବର୍ଣ୍ଣନା ମଧ୍ୟ ରହିଛି;

୫୫ । ହର୍‌ଦାର ଭକ୍ତ ଦତ୍ତୋପନ୍ତଙ୍କର ଭୀଷଣ ପେଟବ୍ୟଥା ହେଉଥିବାବେଳେ ସର୍ବସମକ୍ଷରେ ଆଶୀର୍ବାଦ ପ୍ରଦାନ କରି ବାବା କିପରି ଭଲ କରି ଦେଇଥିଲେ, ସେକଥା କୁହାଯାଇଛି;

୫୬ । ଭୀମାଜୀ ପାଟିଲଙ୍କୁ ଭୀଷଣ କାଶ ଓ ଯକ୍ଷ୍ମାରୋଗ ଧରିଥିଲା । କେବଳ ଉଦି ସେବନ ଦ୍ୱାରା ସେ ଆରୋଗ୍ୟ ଲାଭ କରିଥିବା ବିଷୟ ଓ ଉପରୋକ୍ତ କାହାଣୀଗୁଡ଼ିକ ତ୍ରୟୋଦଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

୫୭ । ଚତୁର୍ଦ୍ଦଶ ଅଧ୍ୟାୟରେ ନାନ୍ଦେଡ୍‌ର ବିଖ୍ୟାତ ପାର୍ସି ବ୍ୟବସାୟୀ ରତନଜୀ ୱାଡିୟାଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି । ପୁତ୍ର ଅଭାବରେ ସେ ବିଷଣ୍ଣ ଥିବା ସମୟରେ ବାବାଙ୍କ ଆଶୀର୍ବାଦରେ ତାଙ୍କର ପୁତ୍ରପ୍ରାପ୍ତି ହୋଇଥିଲା;

୫୮ । ନାନ୍ଦେଡ୍‌ର ସନ୍ଥ ମୌଲୀ ସାହେବ କୁଲିଗିରି କରୁଥିଲେ ଓ ଅଖ୍ୟାତ ଭାବରେ ରହିଥିଲେ ଏବଂ ସେ ସାଇବାବାଙ୍କର ଇଙ୍ଗିତ ପାଇ ବିଖ୍ୟାତ ହୋଇଯିବାର ଚମତ୍କାର କାହାଣୀ ଏହି ଚତୁର୍ଦ୍ଦଶ ଅଧ୍ୟାୟରେ ରହିଛି ।

୫୯ । ପଞ୍ଚଦଶ ଅଧ୍ୟାୟରେ ବାବା ଦାସ ଗଣୁଙ୍କୁ ନାରଦୀୟ କୀର୍ତ୍ତନ ଅଭ୍ୟାସ କରିବା ସମ୍ପର୍କରେ କହିଥିଲେ ଓ ଚୋଲକରଙ୍କୁ ପ୍ରତିଜ୍ଞାରୁ ମୁକ୍ତ କରିବା ନିମନ୍ତେ ତାଙ୍କୁ ଚିନିପକା ଚାହା ପିଆଇଥିଲେ;

୬୦ । ଔରଙ୍ଗାବାଦରୁ ଝିଟିପିଟିଟିଏ ଆସି ମସ୍‌ଜିଦ୍‌ର ଝିଟିପିଟି ସହିତ ମିଳିତ ହୋଇଥିଲା ଓ ସେମାନଙ୍କ

ଆଚରଣର କାହାଣୀ ଏହି ପଂଚଦଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

୬୧। ଷୋଡ଼ଶ ଅଧ୍ୟାୟରେ ଧନସଂପଦ ଓ ପୁତ୍ରପୌତ୍ରାଦିଙ୍କ ସହ ସୁଖରେ ରହୁଥିବା ଜଣେ ଭଦ୍ରବ୍ୟକ୍ତି ଶ୍ରୀସାଇଙ୍କର ଯଶଖ୍ୟାତି ଶୁଣି ବ୍ରହ୍ମଜ୍ଞାନ ପ୍ରାପ୍ତ କରିବା ନିମନ୍ତେ କିପରି ଶିରିଡ଼ି ଆସିଥିଲେ ଏବଂ ବାବାଙ୍କଠାରୁ ଏ ସମ୍ପର୍କରେ କ'ଣ ଉପଦେଶ ପାଇଥିଲେ, ତାହାର ବର୍ଣ୍ଣନା ରହିଛି;

୬୨। ବ୍ରହ୍ମଜ୍ଞାନ ପ୍ରାପ୍ତ କରିବାକୁ ଇଚ୍ଛୁକ ବ୍ୟକ୍ତି ସଂସାର ବନ୍ଧନରୁ ମୁକ୍ତ ହୋଇ ପ୍ରଥମ ପଦକ୍ଷେପ ସ୍ୱରୂପ ଧନ ପ୍ରତି ଲୋଭ ପରିତ୍ୟାଗ କରିବା ଉଚିତ୍;

୬୩। କିନ୍ତୁ ତାଙ୍କ ପକେଟରେ ମୋଟା ଟଙ୍କାର ବଡ଼ ବଣ୍ଡିଲଟିଏ ରହିଥିବା ସତ୍ତ୍ୱେ ସେ ଯଦି ବାବାଙ୍କୁ ଅଳ୍ପ ସମୟ ନିମନ୍ତେ ପାଂଚଟା ଟଙ୍କା ଧାର ଦେଇପାରିଲେ ନାହିଁ, ସେ କିପରି ବ୍ରହ୍ମଜ୍ଞାନ ପ୍ରାପ୍ତକରିପାରିଥାନ୍ତେ !

୬୪। ଯେଉଁ ପଦ୍ଧତିରେ ବାବା ଏଇ ଶିକ୍ଷା ଦେଇଥିଲେ, ତାହା ଅତ୍ୟନ୍ତ ଚମତ୍କାର ଥିଲା ଓ ହେମାଡ଼ଙ୍କର ପଦାବଳୀ ଦୁଗ୍ଧ ଓ ଚିନିର ମିଶ୍ରଣରେ ପ୍ରସାଦ ଭଳି ହୋଇଥିଲା। ଏହି ଚିତ୍ତାକର୍ଷକ କାହାଣୀ ଷୋଡ଼ଶ ଅଧ୍ୟାୟରେ ରହିଛି।

୬୫। ପୂର୍ବ କାହାଣୀର କ୍ରମ ବଜାୟ ରଖି ବ୍ରହ୍ମଜ୍ଞାନ ସମ୍ବନ୍ଧରେ ବିଶଦ ଆଲୋଚନା, ଅର୍ଥଲୋଭକୁ ସମ୍ପୂର୍ଣ୍ଣ ବିନାଶ କରାଯିବାର ଆଗ୍ରହୋଦ୍ଦୀପକ ବର୍ଣ୍ଣନା ସପ୍ତଦଶ ଅଧ୍ୟାୟରେ କରାଯାଇଅଛି।

୬୬। ଗୁରୁଚରିତ୍ର ସମ୍ବନ୍ଧରେ ସାଠେଙ୍କର କାହାଣୀ, ରାଧାବାଇଙ୍କୁ ଉପଦେଶ ପ୍ରଦାନ ଓ ହେମାଡ଼ଙ୍କୁ ଅନୁଗ୍ରହ କରିବାର କାହାଣୀ ଅତି ଦକ୍ଷତା ସହକାରେ ଅଷ୍ଟାଦଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି।

୬୭। ଏହି ଅନୁଗ୍ରହ ସମ୍ପର୍କରେ ବିଶଦ ବର୍ଣ୍ଣନା, ହେମାଡ଼ଙ୍କର ତାହା ଉପରେ ଗଭୀର ଚିନ୍ତନ ଓ ଏ ସମ୍ବନ୍ଧରେ ଶ୍ରୀସାଇ ଦେଇଥିବା ଶିକ୍ଷା ଊନବିଂଶ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି।

୬୮। ବିଂଶତି ଅଧ୍ୟାୟରେ ବାବାଙ୍କର ଅଦ୍ୱିତୀୟ ଶିକ୍ଷା ପଦ୍ଧତି ସଂପର୍କରେ ସୂଚନା ରହିଛି । ଦାସ ଗଣୁ "ଈଶାବାସ୍ୟ ଭାବାର୍ଥବୋଧିନୀ" ପୁସ୍ତକ ଲେଖା ଆରମ୍ଭ କରିଥିଲେ। ସେ ସମ୍ପର୍କରେ ତାଙ୍କର କେତେକ ସନ୍ଦେହ ଥିବାରୁ ସେ ବାବାଙ୍କୁ ପଚାରିଥିଲେ;

୬୯। ବାବା କହିଥିଲେ ଯେ କାକା(ଦୀକ୍ଷିତ)ଙ୍କର ଚାକରାଣୀ ତାହାର ସମାଧାନ କରିଦେବ। ସଦ୍‌ଗୁରୁଙ୍କ ମହିମା ଅସାଧାରଣ! ବିଂଶତି ଅଧ୍ୟାୟରେ ଏହାର ଏକ ଚିତ୍ତାକର୍ଷକ ବର୍ଣ୍ଣନା ରହିଛି।

୭୦। ଜଣେ ସଦ୍‌ଗୁଣସମ୍ପନ୍ନ ଜିଲ୍ଲା ଅଧିକାରୀ ବିନାୟକ ହରିଶ୍ଚନ୍ଦ୍ର ଠାକୁର, ଆଉଜଣେ ଜ୍ଞାନୀ ବ୍ୟକ୍ତି ଅନନ୍ତରାଓ ପାଟଣକର ଓ ଜଣେ ବିଚକ୍ଷଣ ଓକିଲ- ଏହି ତିନିଜଣ ବିଶେଷ ଅନୁଗ୍ରହ ଲାଭ କରିଥିଲେ ବୋଲି ଏକବିଂଶତି ଅଧ୍ୟାୟରେ ଉଲ୍ଲେଖ ହୋଇଛି।

୭୧। ଦ୍ୱାବିଂଶତି ଅଧ୍ୟାୟରେ ବାବାଙ୍କର ଅଲୌକିକ ଚିକିତ୍ସା ପଦ୍ଧତି ସମ୍ପର୍କରେ କୁହାଯାଇଛି । ମସ୍‌ଜିଦ୍‌ମାଇ ଭବସାଗର ଲଙ୍ଘିବାରେ ସାହାଯ୍ୟ କରିଥାନ୍ତି। ତାହାହିଁ ଦ୍ୱାରକାମାୟୀ। ବାବା ଏଇକଥା ସମସ୍ତଙ୍କୁ କହୁଥିଲେ ମଧ ତାହାର ଗୂଢ଼ ଅର୍ଥ କେହି ବୁଝିନଥିଲେ।

୭୨। ମସ୍‌ଜିଦମାଇର ଗୁଣକୀର୍ତ୍ତନ କରାଯାଇ ତାହାର ପ୍ରଶଂସା କରାଯାଇଛି। ମିରୀକର ଓ ବୁଟି ସର୍ପାଘାତରୁ ବର୍ତ୍ତିଯାଇଛନ୍ତି। ଅମୀର ଶକ୍କର ଆଣ୍ଠୁଗଣ୍ଠିବାତରୁ ଆରୋଗ୍ୟ ଲାଭ କରିଛନ୍ତି ଓ ସେ ସର୍ପ ବିପଦରୁ ରକ୍ଷା ପାଇଯାଇଛନ୍ତି;

୭୩। ହେମାଡ଼ କଙ୍କଡା ବିଛାକାମୁଡ଼ାରୁ ରକ୍ଷା ପାଇଛନ୍ତି ଓ ଅନ୍ୟମାନେ ସର୍ପକାମୁଡ଼ା ଓ ଅକାଳମୃତ୍ୟୁରୁ ବର୍ତ୍ତିଯାଇଛନ୍ତି-ଏ ସବୁ ଘଟଣାର ବର୍ଣ୍ଣନା ଦ୍ୱାବିଂଶତି ଅଧ୍ୟାୟରେ କରାଯାଇଛି।

୭୪। କିପରି ଜଣେ ଯୋଗଶିକ୍ଷାର୍ଥୀଙ୍କର ସନ୍ଦେହ ଦୂରୀଭୂତ ହୋଇଥିଲା, ମାଧବରାଓ ସାପକାମୁଡ଼ାରୁ କିଭଳି ଭଲ ହୋଇଥିଲେ, ଏବଂ ଧୁନି, ଜାଳେଣି କାଠ ଓ ଛେଳି ମାରିବା କଥା ଅତି ଆଗ୍ରହୋଦ୍ଦୀପକ ଭାବରେ ତ୍ରୟୋବିଂଶତି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

୭୫। ବଡ଼େବାବାଙ୍କର ମାନସମ୍ମାନ, ଗୁରୁଆଜ୍ଞାର ଅବଜ୍ଞା, ତାଙ୍କର ପ୍ରାପ୍ତବସ୍ତୁଠାରୁ ଅଧିକ ପାଇବାର ଲୋଭ ଓ ଅଶାନ୍ତ ପ୍ରକୃତିର ବର୍ଣ୍ଣନା ତ୍ରୟୋବିଂଶତି ଅଧ୍ୟାୟରେ ରହିଛି ।

୭୬। ଭକ୍ତଶ୍ରେଷ୍ଠ କାକାସାହେବଙ୍କ ଗୁରୁଆଜ୍ଞା ପାଳନ, ଗୁରୁଙ୍କ ଉପରେ ଅଖଣ୍ଡ ଓ ଅଟଳ ବିଶ୍ୱାସ ଓ କିପରି ସଦ୍‌ଗୁରୁ ତାଙ୍କର ପରୀକ୍ଷା ନେଇଥିଲେ, ଏହାର ଚମତ୍କାର ବର୍ଣ୍ଣନା

ତ୍ରୟୋବିଂଶତି ଅଧ୍ୟାୟରେ କରାଯାଇଅଛି।
୭୭। ଚଣା ଦାନାକୁ ଆଳକରି ହେମାଡ଼ପନ୍ତଙ୍କୁ କିପରି ଏକ ଶିକ୍ଷା ଦିଆଯାଇଥିଲା ଏବଂ ସଦ୍‌ଗୁରୁଙ୍କୁ ସ୍ମରଣ ନକରି କିଛି ହେଲେ ଭୋଜନ ନ କରିବାପାଇଁ ଉପଦେଶ ଦିଆଯାଇଥିଲା, ସେଇ କଥା ଚତୁର୍ବିଂଶତି ଅଧ୍ୟାୟରେ ରହିଛି;
୭୮। ଅନ୍ନା ଚିଞ୍ଚଣୀକର ଓ ମାଉସୀବାଇଙ୍କ ମଧ୍ୟରେ କଳହର ସୂତ୍ରପାତ ହୋଇଥିଲା। ସେହି ଅସାଧାରଣ ଘଟଣା କିପରି ଶ୍ରୀସାଇଙ୍କର ବିଚକ୍ଷଣ ଉପସ୍ଥିତ ବୁଦ୍ଧି ଓ ହାସ୍ୟରସର ପରିଚୟ ଦେଇଥିଲା । ଅକଳ୍ପନୀୟ କବି ସେଇ ଘଟଣାକୁ ଚତୁର୍ବିଂଶତି ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି।
୭୯। ଅହମଦନଗରର ବାସିନ୍ଦା ଭକ୍ତ ଦାମୁ ଅନ୍ନା କାସାରଙ୍କ ବେପାର ବିଷୟ ପଞ୍ଚବିଂଶତି ଅଧ୍ୟାୟରେ ଉଲ୍ଲେଖ ହୋଇଛି । ସେ ତୁଳା ଓ ଚାଉଳର ବଡ଼ ବେପାର କରିବାକୁ ଇଚ୍ଛୁକ ଥିଲେ;
୮୦। ଶ୍ରୀସାଇ ସେଥିରୁ ତାଙ୍କୁ ନିବର୍ତ୍ତାଇଥିଲେ । ଆମ୍ବ ଖାଇଲେ ପରେ ପୁଅ ଜନ୍ମ ହେବ ବୋଲି ଦାମୁ ଅନ୍ନାଙ୍କୁ ଶ୍ରୀସାଇ କହିଥିଲେ। ଏ ସବୁ କାହାଣୀ ପଂଚବିଂଶତି ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି।
୮୧। ଷଡ଼୍‌ବିଂଶତି ଅଧ୍ୟାୟରେ ଭକ୍ତ ପନ୍ତ, ହରିଶ୍ଚନ୍ଦ୍ର ପିତଲେ ଓ ଗୋପାଳ ଆମ୍ବେଦକରଙ୍କ କାହାଣୀ ବର୍ଣ୍ଣନା କରାଯାଇଛି । ପନ୍ତ ନାମକ ଜଣେ ଭକ୍ତ ଅନ୍ୟ ଜଣେ ସନ୍ଥଙ୍କର ଶିଷ୍ୟ ଥିଲେ । ତାଙ୍କୁ ସଂଗେ ସଂଗେ ଏକ ସଂକେତ ଦିଆଯାଇଥିଲା ଓ ସେଥିପାଇଁ ସେ ଆନନ୍ଦବିହ୍ୱଳ ହୋଇଥିଲେ;
୮୨। ଭକ୍ତ ହରିଶ୍ଚନ୍ଦ୍ର ପିତଲେଙ୍କ ପୁତ୍ର ବହୁଦିନ ଧରି ଅପସ୍ମାର ରୋଗ ଭୋଗୁଥିଲେ । କେବଳ ବାବାଙ୍କର କରୁଣାପୂର୍ଣ୍ଣ ଚାହାଣୀରେ ସେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲେ;
୮୩। ପିତଲେଙ୍କୁ ତିନିଟଙ୍କା ଦିଆଯାଇ କୁହାଯାଇଥିଲା ଯେ ତାଙ୍କୁ ପୂର୍ବରୁ ଦୁଇଟଙ୍କା ଦିଆଯାଇସାରିଛି। ସେହି ଟଙ୍କାକୁ ପୂଜା କରିବା ପାଇଁ ତାଙ୍କୁ ବାବା କହିଥିଲେ । ଷଡ଼୍‌ବିଂଶ ଅଧ୍ୟାୟରେ ଏହାର ଚମତ୍କାର ବର୍ଣ୍ଣନା ରହିଅଛି।
୮୪। ସପ୍ତବିଂଶତି ଅଧ୍ୟାୟରେ ଭାଗବତ ଓ ବିଷ୍ଣୁସହସ୍ରନାମ ଶାମାଙ୍କୁ ପ୍ରଦାନକରି ଅନୁଗୃହୀତ କରିବା କଥା ବର୍ଣ୍ଣନା କରାଯାଇଛି । କାକା ମହାଜନୀ ଭାଗବତ ପୋଥି ବାବାଙ୍କ ହସ୍ତରେ ରଖିଦେଇଥିଲେ ଓ ତାହାକୁ ପ୍ରସାଦ ରୂପରେ ଫେରି ପାଇବେ ବୋଲି ଆଶା କରିଥିଲେ। କିନ୍ତୁ ବାବା ତାହାକୁ ମାଧବରାଓ (ଶାମା)ଙ୍କୁ ଦେଇଥିଲେ;
୮୫। ଜଣେ ରାମଦାସୀଙ୍କ ନିକଟରେ ବିଷ୍ଣୁସହସ୍ରନାମ ପୋଥି ରହିଥିଲା। ତାଙ୍କର ଅଜାଣତରେ ବାବା ତାକୁ ନେଇଯାଇ ମାଧବରାଓଙ୍କୁ ଦେଇଥିଲେ;
୮୬। କରୁଣାସାଗର ଶ୍ରୀସାଇ ଶାମାରାଓ (ମାଧବରାଓ)ଙ୍କୁ ବିଷ୍ଣୁସହସ୍ରନାମ ପୋଥି ଦେଇ କିଭଳି ବରଦାନ କରିଥିଲେ, ତାହାର ବର୍ଣ୍ଣନା ସପ୍ତବିଂଶତି ଅଧ୍ୟାୟରେ ରହିଅଛି।
୮୭। ଅଷ୍ଟବିଂଶତି ଅଧ୍ୟାୟରେ ଲକ୍ଷ୍ମୀଚନ୍ଦ ମୁନସୀ, ବୁରହାନପୁରର ଚିଡ଼ିବାଇ ଓ ଅତ୍ୟନ୍ତ ନୈଷ୍ଠିକ ବ୍ରାହ୍ମଣ ମେଘା କିପରି ବାବାଙ୍କର ଚରଣାଶ୍ରିତ ହୋଇଥିଲେ, ତାହାର ବର୍ଣ୍ଣନା ରହିଛି;
୮୮। ସେମାନଙ୍କୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ ମଧ୍ୟ ଜାଗ୍ରତ ଅବସ୍ଥାର ଅନୁଭୂତି ଦେଇଥିଲେ। ସଦ୍‌ଗୁରୁ ମୌଲୀଙ୍କର ସାଧନା ଓ ସିଦ୍ଧି ଅକଳନୀୟ। ଏ ସମସ୍ତ ଶ୍ରଦ୍ଧାପୂର୍ଣ୍ଣ କାହାଣୀ ଅଷ୍ଟବିଂଶତି ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି।
୮୯। ଊନତ୍ରିଂଶତ୍ ଅଧ୍ୟାୟରେ ମାନ୍ଦ୍ରାଜର ଭଜନମଣ୍ଡଳୀ, ତେଣ୍ଡୁଲକର, ଡାକ୍ତର କ୍ୟାପଟେନ ହାଟେ ଓ ବାମନ ନାର୍‌ୱେକର ପ୍ରଭୃତିଙ୍କ କାହାଣୀର ବର୍ଣ୍ଣନା ରହିଛି । ମାନ୍ଦ୍ରାଜରୁ ଏକ ଭଜନମଣ୍ଡଳୀ ନିଷ୍କପଟ ଶଙ୍କର ଶ୍ରୀସାଇଙ୍କର ବଦାନ୍ୟତା ବିଷୟରେ ଶୁଣି ତାଙ୍କର ଦାନ ଦେବାର ଦୃଶ୍ୟ ଦେଖିବାପାଇଁ ଶିରିଡ଼ି ଆସିଥିଲେ;
୯୦। ରଘୁନାଥ ତେଣ୍ଡୁଲକରଙ୍କ ପେନ୍‌ସନ ସମସ୍ୟା ଓ ତାଙ୍କ ପୁଅର ପରୀକ୍ଷା ନେଇ ଦେଖାଦେଇଥିବା ଅସୁବିଧାର ସମାଧାନ ବାବାଙ୍କର ଏକ ସୁଖକର ଲୀଳା ଥିଲା;
୯୧। ଡାକ୍ତର କ୍ୟାପଟେନ୍ ହାଟେ ବାବାଙ୍କର ଜଣେ ଅତି ପ୍ରିୟ ଭକ୍ତ ଥିଲେ ଓ ଶ୍ରୀସାଇ ତାଙ୍କୁ କିପରି ବଡ଼ି ଭୋରରୁ ସ୍ୱପ୍ନରେ ଦର୍ଶନ ଦେଇଥିଲେ, ତାହାର ମନୋରମ କାହାଣୀ ଊନତ୍ରିଂଶତି ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି।
୯୨। ତ୍ରିଂଶତ୍ ଅଧ୍ୟାୟରେ ବଣୀର କାକା ବୈଦ୍ୟ, ରାହାତାର ଖୁଶାଲଚନ୍ଦ ଓ ବମ୍ବେଇର ରାମଲାଲଙ୍କ ସମ୍ପର୍କିତ କାହାଣୀର ବର୍ଣ୍ଣନା ରହିଛି । କାକାଜୀ ବୈଦ୍ୟ ସପ୍ତଶୃଙ୍ଗୀ

ଦେବୀଙ୍କର ଭକ୍ତ ଥିଲେ। ସନ୍ଥମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଶ୍ରୀସାଇନାଥଙ୍କ ଦର୍ଶନରେ ଆସିବାପାଇଁ ଦେବୀ ତାଙ୍କୁ ସ୍ୱପ୍ନରେ ଆଦେଶ ଦେଇଥିଲେ ।

୯୩। ଶାମାରାଓ ସେହି ଦେବୀଙ୍କ ନିକଟରେ ଏକ ପ୍ରତିଜ୍ଞା କରିଥିଲେ। ସେହି ପ୍ରତିଜ୍ଞା ପୂରଣ କରିବା ନିମନ୍ତେ ସେ ତିରିଶିବର୍ଷ ପରେ ବଣୀକୁ ଯାଇଥିଲେ;

୯୪। ଶ୍ରୀସାଇ ରାହାତାର ସେଠ ଖୁଶାଲଚନ୍ଦଙ୍କୁ ଓ ପଂଜାବୀ ବ୍ରାହ୍ମଣ ରାମଲାଲଙ୍କୁ କିପରି ସ୍ୱପ୍ନରେ "ଶିରିଡ଼ି ଆସ" ବୋଲି କହିଥିଲେ, ତାହାର ବର୍ଣ୍ଣନା ତ୍ରିଂଶତ୍ ଅଧ୍ୟାୟରେ ରହିଅଛି।

୯୫। ଏକତ୍ରିଂଶତ୍ ଅଧ୍ୟାୟରେ ସନ୍ନ୍ୟାସୀ ବିଜୟାନନ୍ଦ, ବାଲାରାମ ମାନକର, ନୁଲକର ଇତ୍ୟାଦିଙ୍କ ସଦ୍‌ଗତି ପ୍ରାପ୍ତି ବିଷୟ ଉଲ୍ଲେଖ ହୋଇଛି । ମାନ୍ଦ୍ରାଜୀ ସନ୍ନ୍ୟାସୀ ବିଜୟାନନ୍ଦ ମାନସରୋବର ଯିବା ଉଦ୍ଦେଶ୍ୟରେ ବାହାରିଥିଲେ। ତାଙ୍କୁ ଶ୍ରୀହୃଷୀକେଶଙ୍କ ଅବତାରପୁରୁଷ ବାବା ନିଜ ପାଦତଳେ ଆଶ୍ରୟ ଦେଇଥିଲେ;

୯୬। ବିଶିଷ୍ଟ ଭକ୍ତ ମାନକର ମଧୁ ଚାରିପଟରେ ମଧୁମକ୍ଷିକା ଘୁରିଲା ପରି ଶ୍ରୀସାଇଙ୍କ ଚରଣର ଚତୁଃପାର୍ଶ୍ୱରେ ବୁଲୁଥିଲେ ଓ ତାଙ୍କର ଆଧ୍ୟାତ୍ମିକ ଉନ୍ନତି ହୋଇଥିଲା। ଯନ୍ତ୍ରଣା ଜର୍ଜରିତ କୂର ବ୍ୟାଘ୍ର ମୁକ୍ତି ପାଇବା ସମ୍ବନ୍ଧରେ ମଧ୍ୟ ଏକତ୍ରିଂଶତ୍ ଅଧ୍ୟାୟରେ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଅଛି।

୯୭। ଦ୍ୱାତ୍ରିଂଶତ୍ ଅଧ୍ୟାୟରେ ଈଶ୍ୱରଙ୍କ ସନ୍ଧାନ ସମ୍ପର୍କରେ ଚମତ୍କାର କାହାଣୀଟିଏ ବର୍ଣ୍ଣନା କରାଯାଇଛି । ଚାରିଜଣ ଗୁଣୀବ୍ୟକ୍ତି ଅରଣ୍ୟରେ ଭଗବାନଙ୍କ ସନ୍ଧାନରେ ଘୁରିବୁଲୁଥିଲେ ଓ ଗୁରୁରାୟ ଅହଂକାର ପରିତ୍ୟାଗ କରିଥିବା ଜଣଙ୍କୁ (ସେମାନଙ୍କ ଭିତରୁ ସାଇଙ୍କୁ) ଦର୍ଶନ ଦେଇଥିଲେ;

୯୮। ଗୋଖଲେବାଇଙ୍କର ଉପବାସ ସଂପର୍କରେ ଅସାଧାରଣ କାହାଣୀ ଓ ଶ୍ରୀସାଇ ନିଜେ କହିଥିବା ଅନୁରୂପ ଏକ କାହାଣୀ ସମ୍ପର୍କରେ ହେମାଡ଼ ଦ୍ୱାତ୍ରିଂଶତ୍ ଅଧ୍ୟାୟରେ ବୟାନ କରିଛନ୍ତି।

୯୯। ତ୍ରୟସ୍ତ୍ରିଂଶତ୍ ଅଧ୍ୟାୟରେ ଉଦିର ଶକ୍ତି ସମ୍ପର୍କରେ ଅତ୍ୟନ୍ତ ହୃଦୟଗ୍ରାହୀ ବର୍ଣ୍ଣନା କରାଯାଇଛି । ନାରାୟଣ ଜାନୀଙ୍କର ଜଣେ ବନ୍ଧୁଙ୍କୁ କଙ୍କଡ଼ା ବିଛାଟିଏ ହଠାତ୍ ନାହୁଡ଼ ମାରି ଦେଇଥିଲା ଓ ଅନ୍ୟ ଜଣେ ଭକ୍ତଙ୍କର ଝିଅକୁ ପ୍ରବଳ ଜ୍ୱର ହୋଇଥିଲା ।

୧୦୦। ଚାନ୍ଦୋରକରଙ୍କ କନ୍ୟାର ପ୍ରସବ ଯନ୍ତ୍ରଣା କିଭଳି ତାଙ୍କୁ ଭୟଭୀତ କରାଇଥିଲା ଏବଂ ସେଥିପାଇଁ କିପରି ସମସ୍ତେ ବିଚଳିତ ଓ ଦୁଃଖିତ ଥିଲେ;

୧୦୧। ଜଣେ ଦୃଢ଼ଭକ୍ତ କୁଲକର୍ଣ୍ଣୀ ସାହେବ ଓ ଭଜନ ଗାୟକ ବାଲାବୁଓ୍ୱା ସୂତାର 'ଉଦି'ର ଫଳପ୍ରଦ ଶକ୍ତି ସମ୍ପର୍କରେ ପ୍ରକୃତରେ ଅବହିତ ହୋଇଥିଲେ;

୧୦୨। ଜଣେ ଭକ୍ତଭାବରେ ହରିଭାଇ କାର୍ଣ୍ଣିକଙ୍କର ପୂର୍ଣ୍ଣ ବିଶ୍ୱାସ ଓ ଧାର୍ମିକ ଭାବନା ରହିଥିଲା ଏବଂ ତାଙ୍କର ଦକ୍ଷିଣା ପ୍ରଦାନ ସମ୍ପର୍କରେ ଏକ ଚିତ୍ତାକର୍ଷକ କାହାଣୀର ବର୍ଣ୍ଣନା ତ୍ରୟସ୍ତ୍ରିଂଶତ୍ ଅଧ୍ୟାୟରେ ରହିଛି । ଏହା ଏକ ନୀତିଶିକ୍ଷା ପ୍ରଦାନ କରିଛି।

୧୦୩। ଚତୁସ୍ତ୍ରିଂଶତ୍ ଅଧ୍ୟାୟରେ ଉଦିର ମାହାତ୍ମ୍ୟ ସମ୍ପର୍କରେ ପୁନରାୟ ବର୍ଣ୍ଣନା କରାଯାଇଛି । ମାଲେଗାଁର ଡାକ୍ତରଙ୍କ ପୁତୁରାର ହାଡ଼ରେ ବଥ ହୋଇଥିବାରୁ ସେ ଅତ୍ୟନ୍ତ ବିଷଣ୍ଣ ଥିଲେ। ଏକନିଷ୍ଠ ଭକ୍ତ ଡାକ୍ତର ପିଲ୍ଲେ ଗିନିଓ୍ୱର୍ମରେ ଆକ୍ରାନ୍ତ ହୋଇ ଅତ୍ୟନ୍ତ ପୀଡିତ ଥିଲେ;

୧୦୪। ଶିରିଡ଼ିର ବାପାଜୀ(ଶାମାଙ୍କ ସାନ ଭାଇ)ଙ୍କ ପତ୍ନୀଙ୍କୁ ବ୍ୟୁବନିକ୍ ପ୍ଲେଗ ରୋଗ ହୋଇଥିବାରୁ ବାପାଜୀ ଅତିଶୟ ବ୍ୟଥିତ ଥିଲେ ଓ ଜଣେ ଇରାନୀୟ ବାଳିକା ଅପସ୍ମାର ରୋଗ ଯୋଗୁଁ ବହୁତ କଷ୍ଟ ଭୋଗୁଥିଲା ।

୧୦୫। ହରଦାର ଜଣେ ଭଦ୍ରବ୍ୟକ୍ତିଙ୍କର କିଡ଼ନୀରେ ପଥର ହୋଇଥିବା ଯୋଗୁଁ ସେ ପ୍ରବଳ କଷ୍ଟ ପାଉଥିଲେ ଓ ବମ୍ବେଇର କାୟସ୍ଥ ପ୍ରଭୁ ଜାତିର ଜଣେ ମହିଳା ପ୍ରସବ କରିବା ସମୟରେ ବହୁତ କଷ୍ଟ ଭୋଗୁଥିଲେ;

୧୦୬। କେବଳ 'ଉଦି' ବ୍ୟବହାର କରିବା ମାତ୍ରକେ ଉପରୋକ୍ତ ରୋଗ ବା କ୍ଲେଶର କିପରି ସଙ୍ଗେ ସଙ୍ଗେ ପ୍ରତିକାର ହୋଇଥିଲା, ତାହାର ଆଗ୍ରହଜନକ ବର୍ଣ୍ଣନା ଏହି ଚତୁସ୍ତ୍ରିଂଶତ୍ ଅଧ୍ୟାୟରେ କରାଯାଇଛି।

୧୦୭। ପଂଚତ୍ରିଂଶତ୍ ଅଧ୍ୟାୟରେ ଉଦିର ପ୍ରଭାବ ସମ୍ପର୍କରେ ଆହୁରି ଚମକପ୍ରଦ କାହାଣୀର ବର୍ଣ୍ଣନା ରହିଛି । ମହାଜନୀଙ୍କର ଜଣେ ବନ୍ଧୁ ଯିଏକି ନିରାକାରଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରୁଥିଲେ, ଥରେ ମାତ୍ର ଦର୍ଶନ କରିବା ପରେ ସେ ସାକାରଙ୍କର ଭକ୍ତ ପାଲଟି ଯାଇଥିଲେ;

୧୦୮। ସର୍ବଶ୍ରେଷ୍ଠ ଗୁରୁ କିପରି ମଂଜିଯୁକ୍ତ ଅଙ୍ଗୁରକୁ

କ୍ଷଣମାତ୍ରକେ ମଂଜିହୀନ କରାଇ ବମ୍ବେଇର ସଲିସିଟର ଧରମ୍‌ସୀ ଜେଠାଭାଇ ଠକ୍କରଙ୍କୁ ଦେଇଥିଲେ;

୧୦୯। ବାନ୍ଦ୍ରାର ଜଣେ ପ୍ରଭୁ ନାମକ ଭଦ୍ରବ୍ୟକ୍ତି ରାତିରେ ଶାନ୍ତିରେ ଶୟନ କରିପାରୁନଥିଲେ ଓ ନେୱାସର ବାଲାଜୀ ପାଟିଲ କିପରି ଉଭୟେ 'ଉଦି'ର ପ୍ରଭାବ ଅନୁଭବ କରିଥିଲେ, ସେହି କାହାଣୀ ପଂଚସ୍ତ୍ରିଂଶତ୍ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି।

୧୧୦। ଷଡ଼୍‌ସ୍ତ୍ରିଂଶତ୍ ଅଧ୍ୟାୟରେ ଗୋଆର ଦୁଇ ସଜ୍ଜନ ଓ ଶ୍ରୀମତୀ ଔରଙ୍ଗାବାଦକରଙ୍କ ଆଶ୍ଚର୍ଯ୍ୟଜନକ କାହାଣୀ ବର୍ଣ୍ଣନା କରାଯାଇଛି । ଗୋଆର ଦୁଇଜଣ ବ୍ୟକ୍ତି ଅଲଗା ଅଲଗା ଭାବରେ ଭିନ୍ନ ଭିନ୍ନ ସଂକଳ୍ପ କରିଥିଲେ। ଜଣେ ନିଜର ଚାକିରି ପାଇବା ପାଇଁ ଓ ଅନ୍ୟଜଣକ ଜଣେ ଚୋରର ସନ୍ଧାନ ପାଇବା ପାଇଁ ଏହା କରିଥିଲେ;

୧୧୧। ଉଭୟ ସେମାନଙ୍କର ସଂକଳ୍ପକୁ ଭୁଲିଯାଇଥିବା ସମୟରେ ଶ୍ରୀସାଇ ସମର୍ଥ ସେମାନଙ୍କୁ ତାହା ମନେ ପକାଇ ଦେଇଥିଲେ। ଯାହାଙ୍କୁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସବୁକଥା ଜଣାଥିଲା ଓ ଯିଏ ସର୍ବବ୍ୟାପୀ ଥିଲେ, ତାଙ୍କର ଯଶଖ୍ୟାତିକୁ କିଏ ବର୍ଣ୍ଣନା କରିପାରିବ;

୧୧୨। ଔରଙ୍ଗାବାଦରୁ ସଖାରାମଙ୍କ ପତ୍ନୀ ପୁତ୍ରପ୍ରାପ୍ତିର ବର ପାଇବା ନିମନ୍ତେ ଶ୍ରୀସାଇଙ୍କ ପାଦତଳକୁ ଦୌଡ଼ି ଆସିଥିଲେ। ତାଙ୍କୁ ନଡ଼ିଆଟିଏ ଦେଇ କିପରି ତାଙ୍କର ମନୋକାମନା ପୂରଣ କରାଯାଇଥିଲା, ସେହି କାହାଣୀ ଷଡ଼୍‌ସ୍ତ୍ରିଂଶତ୍ ଅଧ୍ୟାୟରେ ବର୍ଣ୍ଣନା କରାଯାଇଅଛି।

୧୧୩। ସପ୍ତତ୍ରିଂଶତ୍ ଅଧ୍ୟାୟରେ ହେମାଡ଼୍ ଚାୱଡ଼ି ଶୋଭାଯାତ୍ରା ଓ ଉତ୍ସବ ସମାରୋହ ସ୍ୱଚକ୍ଷୁରେ ଦର୍ଶନ କରିବା ପରେ ତାହାର ମନୋଜ୍ଞ ବର୍ଣ୍ଣନା ଦେଇଛନ୍ତି।

୧୧୪। ବାବାଙ୍କର ପଂକ୍ତି ଭୋଜନ ଆୟୋଜନ, ରୋଷେଇ ପ୍ରଣାଳୀ ଓ ବିଭିନ୍ନ ପ୍ରକାର ସରଞ୍ଜାମ ହାଣ୍ଡିରେ ଭର୍ତ୍ତି କରି ରନ୍ଧାଯିବା ପରେ ପ୍ରସାଦ ରୂପରେ ସମସ୍ତଙ୍କୁ ଭୂରିଭୋଜନ ଦିଆଯାଉଥିବାର ଆନନ୍ଦଦାୟକ ବର୍ଣ୍ଣନା ଅଷ୍ଟତ୍ରିଂଶତ୍ ଅଧ୍ୟାୟରେ ରହିଛି।

୧୧୫। ଊନଚତ୍ୱାରିଂଶତ୍ ଅଧ୍ୟାୟରେ ବାବାଙ୍କର ସଂସ୍କୃତ ଜ୍ଞାନ ଓ ଗୀତାର ବ୍ୟାଖ୍ୟା ସମ୍ବନ୍ଧରେ ସାରଗର୍ଭକ ତାତ୍ତ୍ୱିକ ଆଲୋଚନା ରହିଛି । ଭଗବଦ୍‌ଗୀତାର ଶ୍ଳୋକ "ତଦ୍‌ବିଦ୍ଧି ପ୍ରଣିପାତେନ..."ର ବ୍ୟାଖ୍ୟା କରି ଚାନ୍ଦୋରକରଙ୍କର ସଂସ୍କୃତ ଜ୍ଞାନ ସମ୍ବନ୍ଧରେ ମିଥ୍ୟାଗର୍ବ ଦୂର କରିଦେବା ନିମନ୍ତେ ତାଙ୍କୁ କୁହାଯାଇଛି;

୧୧୬। ସନ୍ତୁମାନଙ୍କର ମଉଡ଼ମଣି ଶ୍ରୀସାଇ ବାପୁସାହେବ ବୁଟିଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଏକ ମନ୍ଦିର ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିବାର ବର୍ଣ୍ଣନା ଊନଚତ୍ୱାରିଂଶତ୍ ଅଧ୍ୟାୟରେ କରାଯାଇଅଛି।

୧୧୭। ଚତ୍ୱାରିଂଶତ୍ ଅଧ୍ୟାୟରେ ବାବା କିପରି ଏକ ବ୍ରତ ଉଦ୍‌ଯାପନ ଉତ୍ସବରେ ଯୋଗଦେଇଥିଲେ, ତାହାର ବର୍ଣ୍ଣନା ରହିଛି । ଦେଓ ତାଙ୍କ ମାତାଙ୍କର ବ୍ରତ ଉଦ୍‌ଯାପନ ଉପଲକ୍ଷେ ବ୍ରାହ୍ମଣ ଭୋଜନ ଦେଉଥିବା ଅବସରରେ ଯୋଗଦାନ ପାଇଁ ବାବାଙ୍କୁ ପତ୍ରଲେଖି ନିମନ୍ତ୍ରଣ ଜଣାଇଥିଲେ;

୧୧୮। ସେହିଦିନ ତିନିଜଣ ବ୍ୟକ୍ତି ସନ୍ନ୍ୟାସୀ ବେଶରେ ଆସି ବ୍ରାହ୍ମଣମାନଙ୍କ ସହିତ ମିଶି ଭୋଜନ କରିଥିଲେ। ଗୁରୁରାୟଙ୍କର ଲୀଳାଖେଳା ବୁଝିବା କଷ୍ଟକର!

୧୧୯। ହେମାଡ଼ଙ୍କୁ ସ୍ୱପ୍ନରେ ଦର୍ଶନଦେଇ ବାବା ଫଟୋ ରୂପରେ ମଧ୍ୟାହ୍ନ ଭୋଜନକୁ ଆସିଥିବାର ସରଳ ସାବଲୀଳ ବର୍ଣ୍ଣନା ଚତ୍ୱାରିଂଶତ୍ ଅଧ୍ୟାୟରେ ରହିଛି।

୧୨୦। ଏକଚତ୍ୱାରିଂଶତ୍ ଅଧ୍ୟାୟରେ ଫଟୋ ସମ୍ବନ୍ଧରେ ଭକ୍ତମାନଙ୍କୁ ଲେଖକ ଦୀର୍ଘ କାହାଣୀ ଶୁଣାଇଛନ୍ତି। ସଦ୍‌ଗୁରୁଙ୍କ ମାହାତ୍ମ୍ୟ ଅଚିନ୍ତନୀୟ। ଏହାର ବର୍ଣ୍ଣନା ମନୋଜ୍ଞ ଓ ଚାତୁର୍ଯ୍ୟପୂର୍ଣ୍ଣ;

୧୨୧। ରୁଦ୍ର ଅବତାର ଧାରଣ କରି ଓ କ୍ରୋଧରେ ଜଳନ୍ତା କୋଇଲା ଭଳି ଲାଲ ହୋଇ ଶ୍ରୀସାଇ ଅଜସ୍ର ଗାଳି ଦେଓଙ୍କ ଉପରେ ବର୍ଷଣ କରିଥିଲେ;

୧୨୨। ପ୍ରଭୁସାଇ କହିଥିଲେ, "ଶ୍ରୀଜ୍ଞାନେଶ୍ୱରୀ ନିୟମିତ ପାଠକର" ଓ ଏପରିକି ପାଠ କରାଯିବାର ପଦ୍ଧତି ସମ୍ପର୍କରେ ସ୍ୱପ୍ନରେ ନିର୍ଦ୍ଦେଶ ଦେଇଥିଲେ। ହେମାଡ଼୍ ଏହି ବିଷୟ ମଧ୍ୟ ଏକଚତ୍ୱାରିଂଶତ୍ ଅଧ୍ୟାୟରେ ବର୍ଣ୍ଣନା କରିଛନ୍ତି।

୧୨୩। ଦ୍ୱାଚତ୍ୱାରିଂଶତ୍ ଅଧ୍ୟାୟରେ ଭକ୍ତ ଦାଭେଂ ତ୍ରିପୁଣ୍ଡ୍ର ଅଙ୍କନ କରିବା କଥା, ଶ୍ରୀସାଇ ଦେହତ୍ୟାଗ କରିବା ପୂର୍ବରୁ ସତର୍କ କରାଇଦେବା ବିଷୟ, ଲକ୍ଷ୍ମୀବାଇଙ୍କୁ ଦାନ ଦେବା ଏବଂ ରାମଚନ୍ଦ୍ର (ପାଟିଲ) ଓ ତାତ୍ୟା(କୋତେ ପାଟିଲ)ଙ୍କ ମରଣ ଏଡ଼ାଇଦେବା ଘଟଣା ବର୍ଣ୍ଣିତ ହୋଇଛି;

୧୨୪। ସଦ୍‌ଗୁରୁ ଶ୍ରୀସାଇଙ୍କ ଦେହତ୍ୟାଗର କାହାଣୀ ଓ ଏଥିଯୋଗୁଁ ଶ୍ରୋତାମାନଙ୍କ ମନରେ ଗଭୀର ଦୁଃଖ ଜାତହେବା ଘଟଣା ଓ ହେମାଡ଼ ସେଥିନିମନ୍ତେ ମର୍ମାହତ ହେବାର ଦୁଃଖଦ କାହାଣୀ ମଧ୍ୟ ଦ୍ୱାଚତ୍ୱାରିଂଶତ୍ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି।

୧୨୫। ବାବାଙ୍କ ଦେହତ୍ୟାଗର କାହାଣୀ ଯାହା ପୂର୍ବ ଅଧ୍ୟାୟରେ ନିର୍ଦ୍ଦିଷ୍ଟ ଭାବରେ ଅସମାପ୍ତ ରହିଥିଲା, ତାହାକୁ ହେମାଡ଼ପନ୍ତ ତ୍ରୟଶ୍ଚତ୍ୱାରିଂଶତ୍ ଓ ଚତୁଶ୍ଚତ୍ୱାରିଂଶତ୍ ଅଧ୍ୟାୟରେ ସମାପ୍ତ କରିଛନ୍ତି।

୧୨୬। ପଞ୍ଚଚତ୍ୱାରିଂଶତ୍ ଅଧ୍ୟାୟରେ କାକାସାହେବଙ୍କ ସନ୍ଦେହମୋଚନ, ଆନନ୍ଦରାଓଙ୍କ ସ୍ୱପ୍ନ ଦର୍ଶନ, ବାବାଙ୍କ ଶୟନ ପଟା, ଇତ୍ୟାଦି ବିଷୟ ବର୍ଣ୍ଣନା କରାଯାଇଛି । କାକାସାହେବ ଦୀକ୍ଷିତ ଥରେ କାକା ମହାଜନୀ ଓ ମାଧବରାଓଙ୍କ ସହିତ ମିଶି ଏକନାଥ ଭାଗବତ ପାଠ କରୁଥିବା ସମୟରେ ତାଙ୍କ ମନରେ କିଛି ସନ୍ଦେହ ଉପୁଜିଥିଲା;

୧୨୭। ମାଧବରାଓ ସେହି ସନ୍ଦେହକୁ ବୁଝାଇ ଦେଇଥିଲେ ମଧ୍ୟ ଦୀକ୍ଷିତଙ୍କର ହୃଦ୍‌ବୋଧ ହୋଇନଥିଲା କି ସେ ସନ୍ତୁଷ୍ଟ ହୋଇନଥିଲେ। ଆନନ୍ଦରାଓ ପାଖାଡେ ତାଙ୍କର ଏକ ସ୍ୱପ୍ନ ସମ୍ବନ୍ଧରେ ବର୍ଣ୍ଣନା କରିବା ପରେ ସେହି ସନ୍ଦେହ ଦୂରୀଭୂତ ହୋଇଥିଲା;

୧୨୮। ମହାଲ୍‌ସାପତି କାହିଁକି ବରଗାରୁ ଝୁଲାହୋଇଥିବା କାଠପଟା ଉପରେ ଶୋଇପାରିବେ ନାହିଁ, ତାହାର କାରଣ ଶ୍ରୀସାଇ ସମର୍ଥ ବୁଝାଇ ଦେଇଥିଲେ। ଏ ସମସ୍ତ କାହାଣୀ ଅତ୍ୟନ୍ତ କୁଶଳତା ସହକାରେ ପଞ୍ଚଚତ୍ୱାରିଂଶତ୍ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି।

୧୨୯। ଷଡ଼ଚତ୍ୱାରିଂଶତ୍ ଅଧ୍ୟାୟରେ ବାବାଙ୍କର ଅଦ୍ଭୁତ ଲୀଳା ବିଷୟରେ ବର୍ଣ୍ଣନା ରହିଛି । ସେ ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସି ରହୁଥିଲେ ମଧ୍ୟ ସର୍ବତ୍ର ପରିଭ୍ରମଣ କରୁଥିଲେ ଓ ଲୋକମାନଙ୍କୁ ଅଦ୍ଭୁତ ଭାବରେ ଦର୍ଶନ ଦେଉଥିଲେ । ସେମିତି ତାଙ୍କର କାଶୀ ଓ ଗୟା ଯାତ୍ରା ବିଚିତ୍ର ପ୍ରକାରର ଥିଲା;

୧୩୦। ସନ୍ଥମାନଙ୍କର ମଉଡ଼ମଣି ଶ୍ରୀସାଇ ଶାମାଙ୍କୁ ଚାନ୍ଦୋରକରଙ୍କ ପୁଅର ବିବାହ ଉତ୍ସବରେ ଯୋଗଦେବା ନିମିତ୍ତ ପଠାଇଥିଲେ ଓ ଶାମା ସେତେବେଳେ ବାବାଙ୍କୁ ଫଟୋ ରୂପରେ ଗୟାରେ ଦେଖିଥିଲେ।

୧୩୧। ଦୁଇଟି ଛାଗଳର ପୂର୍ବ ଜନ୍ମର କାହାଣୀ ଶ୍ରୀସାଇ ତ୍ରିକାଳଦର୍ଶୀ ଭାବରେ ନିଜେ ବର୍ଣ୍ଣନା କରିଥିଲେ। ସେହି କାହାଣୀର ବର୍ଣ୍ଣନା ମନୋଜ୍ଞ, ମଧୁର, ପବିତ୍ର ଓ ଗଭୀର ଅର୍ଥଯୁକ୍ତ ଥିଲା, ଯାହା ଷଡ଼ଚତ୍ୱାରିଂଶତ୍ ଅଧ୍ୟାୟରେ ରହିଛି ।

୧୩୨। ସେହିଭଳି ସପ୍ତଚତ୍ୱାରିଂଶତ୍ ଅଧ୍ୟାୟରେ ସର୍ପ ଓ ମଣ୍ଡୁକ କାହାଣୀ ବା ଲୋଭୀ ମହାଜନ ଏବଂ ଖାତକର କାହାଣୀ ଏବଂ ସେମାନଙ୍କର ପୂର୍ବଜନ୍ମର କାହାଣୀ ଶ୍ରୀସାଇ କହିଥିବା ପ୍ରକାରେ ବର୍ଣ୍ଣନା କରାଯାଇଛି। ଶ୍ରୀସାଇ ପ୍ରକୃତରେ ଥିଲେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର-ତ୍ରିନାଥ ଅବତାର ।

୧୩୩। ଶତ୍ରୁତା, ହତ୍ୟା ଓ ଋଣଜନିତ ଦେଣା ପରିଶୋଧ କରିବାକୁ ପଡ଼ିଥାଏ ଏବଂ ସେଥି ନିମନ୍ତେ ପୁନର୍ଜନ୍ମ ଗ୍ରହଣ କରିବାକୁ ହୋଇଥାଏ। ବାବାଙ୍କର ସେହି ଅମୃତୋପମ କାହାଣୀର ହୃଦୟସ୍ପର୍ଶୀ ବର୍ଣ୍ଣନା ମଧ୍ୟ ସପ୍ତଚତ୍ୱାରିଂଶତ୍ ଅଧ୍ୟାୟରେ କରାଯାଇଅଛି।

୧୩୪। ଜଣେ ଏକାନ୍ତ ଅନୁଗତ ଭକ୍ତ ଶେଓ୍ୱଡ଼େ ଯେଉଁଭଳି ଭାବରେ ଓକିଲାତି ପରୀକ୍ଷା ଦେଇଥିଲେ ଓ ଅନ୍ୟ ଜଣେ ସଂଶୟୀ ସପଟ୍‌ଣେକର ଯେଉଁପରି ଭାବରେ କୃପାଲାଭ କରିଥିଲେ, ତାହାର ବର୍ଣ୍ଣନା ଅଷ୍ଟଚତ୍ୱାରିଂଶତ୍ ଅଧ୍ୟାୟରେ କରାଯାଇଅଛି।

୧୩୫। ଊନପଂଚାଶତ୍ ଅଧ୍ୟାୟରେ କେତେକ ସନ୍ଦେହୀ ବ୍ୟକ୍ତି ବାବାଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ଶିରିଡ଼ି ଆସି ପରେ ବାବାଙ୍କ ଭକ୍ତ ପାଲଟିଥିବାର ବର୍ଣ୍ଣନା ରହିଛି । ବମ୍ବେଇ ବାସିନ୍ଦା ହରି କାନୋବା ଓ ହରିଦ୍ୱାରବାସୀ ସୋମଦେବ ସ୍ୱାମୀ ମନରେ ସଂଶୟ ନେଇ, ସନ୍ଥଙ୍କୁ ପରୀକ୍ଷା କରିବା ଉଦ୍ଦେଶ୍ୟରେ ହୃଦୟରେ ବହୁତ ଗର୍ବନେଇ ଶିରିଡ଼ି ଆସିଥିଲେ;

୧୩୬। ଦର୍ଶନ କରିସାରିବା ମାତ୍ରେ ସେମାନଙ୍କୁ ସେମାନଙ୍କର ଉଦ୍ଦେଶ୍ୟ ସମ୍ପର୍କରେ କୁହାଯାଇଥିଲା ଓ ଉଭୟେ ସିଧାସଳଖ ଲଜ୍ଜିତ ହୋଇଥିଲେ। ସେମାନେ ଶ୍ରୀସାଇଙ୍କ ପ୍ରତି ଆକର୍ଷିତ ହୋଇ ତାଙ୍କ ପାଦତଳେ ପଡ଼ିଯାଇଥିଲେ ଓ ସେମାନଙ୍କର ଅନେକ ପୂର୍ବଜନ୍ମର ପାପ କ୍ଷୟ ହୋଇଯାଇଥିଲା;

୧୩୭ । ଆଉ ଗୋଟିଏ ଆଗ୍ରହଜନକ କାହାଣୀର ବର୍ଣ୍ଣନା ଏହି ଅଧ୍ୟାୟରେ ହୋଇଛି । ବାବାଙ୍କ ନିକଟରେ ଦିନେ ଚାନ୍ଦୋରକର ବସିଥିବା ସମୟରେ ଜଣେ ସୁନ୍ଦରୀ ମହିଳାଙ୍କୁ ଦେଖି ତାଙ୍କର ମନ ବିଚଳିତ ହୋଇ ପଡ଼ିଥିଲା ଓ ତାଙ୍କର ଭାବାନ୍ତର ସୃଷ୍ଟି ହୋଇଥିଲା । ଏ ସମ୍ପର୍କରେ ବାବାଙ୍କର ଉପଦେଶ ସାରଗର୍ଭକ ଥିଲା ।

୧୩୮ । ପଂଚାଶତ୍ ଅଧ୍ୟାୟରେ ରଘୁନାଥଙ୍କ ପୁତ୍ର (ଗୋବିନ୍ଦ ରାଓ ଦାଭୋଲକର ଓରଫ୍ ହେମାଡ଼ପନ୍ତ) ଗୀତାର ଶ୍ଳୋକ "ତଦ୍‌ବିଦ୍ଧି ପ୍ରଣିପାତେନ..."ର ଅର୍ଥ ସପକ୍ଷରେ ଯୁକ୍ତି ଦର୍ଶାଇ ଓ ଯଥାର୍ଥତା ପ୍ରମାଣକରି ତାହାର ବର୍ଣ୍ଣନା କରିଛନ୍ତି ।

୧୩୯ । ଏକପଂଚାଶତ୍ ଅଧ୍ୟାୟରେ ତିନିଜଣ ଭକ୍ତ ହରି ସୀତାରାମ ଦୀକ୍ଷିତ, ବାଲାରାମ ଧୁରନ୍ଧର ଓ ନାନ୍ଦେଡ଼ର ପୁଣ୍ଡଲିକ ରାଓ ନାମକ ଜଣେ ଓକିଲ ପ୍ରଥମେ ଶିରିଡ଼ି କିପରି ଆସିଥିଲେ, ତାହାର ବର୍ଣ୍ଣନା ରହିଛି;

୧୪୦ । ପ୍ରତ୍ୟେକଙ୍କର କାହାଣୀ ବିସ୍ମୟକର ଥିଲା ! ସେହି କାହାଣୀଗୁଡ଼ିକୁ ଶ୍ରବଣ କରି ଶ୍ରୋତାମାନେ ଚକିତ ହୋଇ ଯାଇଥିଲେ ଓ ସେମାନଙ୍କ ମନରେ ଭକ୍ତିଭାବର ସ୍ଫୁରଣ ଘଟିଥିଲା ।

୧୪୧ । ଦ୍ୱାପଞ୍ଚାଶତ୍ ଅଧ୍ୟାୟରେ ଗ୍ରନ୍ଥର ସମୀକ୍ଷା କରିବା ପରେ ହେମାଡ଼ ଏକ ବର ପ୍ରାର୍ଥନା କରିଥିଲେ-ମନ୍ଦବୁଦ୍ଧିର ଦୌରାତ୍ମ୍ୟ ଲୋପ ପାଇଯାଉ ଓ ଗୁଣୀଜନମାନେ ସୁରକ୍ଷିତ ରହନ୍ତୁ;

୧୪୨ । ସଦ୍‌ଗୁରୁଙ୍କ ଚରଣରେ ଶରଣାଗତ ହୋଇ ସେ ତାଙ୍କର ମସ୍ତକ ଓ ଲେଖନୀକୁ ଅର୍ପଣ କରିଦେଇଥିଲେ । ଗ୍ରନ୍ଥ ରଚନା ସଂପୂର୍ଣ୍ଣ କରିଥିଲେ ଓ ତାଙ୍କର ଲକ୍ଷ୍ୟ ପୂରଣ ହୋଇଥିଲା ବୋଲି ଦ୍ୱାପଂଚାଶତ୍ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି ।

୧୪୩ । "ଶ୍ରୀସାଇ ସମର୍ଥ ସତ୍‌ଚରିତ"ର ଅଧ୍ୟାୟଗୁଡ଼ିକୁ ଗୋବିନ୍ଦରାଓ ଏହିପରି ଭାବରେ କ୍ରମାନ୍ୱୟେ ସମାପ୍ତ କରିଥିଲେ । ମୁଁ ତାଙ୍କ ଚରଣରେ ତଥା ବିଶ୍ୱମାତା ଗୁରୁଙ୍କ ଚରଣରେ ସଶ୍ରଦ୍ଧ ପ୍ରଣାମ ଜଣାଉଛି ।

୧୪୪ । ପ୍ରତ୍ୟେକ ଅଧ୍ୟାୟର ସଂକ୍ଷିପ୍ତ ସାରକଥା ଅବତରଣିକାରେ କୁହାଯାଇଥାଏ । ମୋକ୍ଷକାମୀ ବ୍ୟକ୍ତିମାନଙ୍କ ନିମନ୍ତେ ଏହାହିଁ ସଠିକ୍ ଓ ସତ୍ ମାର୍ଗ ।

୧୪୫ । ଏକ ସୁନ୍ଦର ପରିଚ୍ଛଦ ବା ପୋଷାକ ଦୃଷ୍ଟିରୁ ଏହା ଏକ ଛିନ୍ନ ବସ୍ତ୍ର ବୋଲି ବିଚାର କରି ଏହାକୁ ହୁଏତ ଅବଜ୍ଞାରେ ଅବହେଳା କରାଯାଇପାରେ । କିନ୍ତୁ ଏହି ଦୀନ ଓ ଅଧମ ଏହାକୁ ଆଉଥରେ ଶ୍ରବଣ କରିବା ନିମନ୍ତେ ଚତୁର ଶ୍ରୋତାମାନଙ୍କୁ ଅନୁରୋଧ ଜଣାଉଛି ।

୧୪୬ । ଅଶୁଭ ନଜର ଏଡ଼ାଇବା ନିମନ୍ତେ ହୃଷ୍ଟପୁଷ୍ଟ ଓ ଡଉଲଡ଼ାଉଲ ପିଲାର କପାଳରେ କଳାଚିହ୍ନ ଆଙ୍କି ଦିଆଯାଇଥାଏ ଓ ଠିକ୍ ସେହିପରି ବାଲାବୁଓ୍ୱା (ଦେଓ) ଏହି ଅବତରଣିକା ଆକାରରେ କଳାତିଳକ ଏହି ପୋଷାକରେ ଲଗାଇ ଦେଇଛି ।

୧୪୭ । ଏହି ସୁନ୍ଦର ଗ୍ରନ୍ଥଟି ଗୋଟିଏ ସୁସ୍ୱାଦୁ ଭୋଜନ ଥାଳି ଓ ତାହାର ଅଧ୍ୟାୟଗୁଡ଼ିକ ବିଭିନ୍ନ ପ୍ରକାର ବ୍ୟଂଜନ ଭଳି । ଏଭଳି ଏକ ଦିବ୍ୟ ଭୋଜନ ଅତି ଆନନ୍ଦରେ ମନଭରି ଖାଇବା ପରେ ତାହାକୁ ହଜମ କରିବା ନିମନ୍ତେ ଚଲା ବା ଘୋଳଦହି ଆବଶ୍ୟକ ହୋଇଥାଏ । ଏହି ଅବତରଣିକା ସେହି ଉଦ୍ଦେଶ୍ୟରେ ଲେଖାଯାଇଅଛି । ଏହା ଘୋଳଦହି ସଦୃଶ ।

୧୪୮ । ଏହି ଗ୍ରନ୍ଥ ସଦା ଫଳଦାୟୀ, ଇଚ୍ଛାପୂରଣ କରୁଥିବା କାମଧେନୁ । ଏହାର ପ୍ରତିଟି ଅଧ୍ୟାୟ ପବିତ୍ର ଓ ଶୁଦ୍ଧ । ଏହି "ଅବତରଣିକା" ହେଉଛି କୁଦୃଷ୍ଟି ବା ଅଶୁଭ ନଜର ଏଡ଼ାଇବା ନିମନ୍ତେ ବେକରେ ପକାଯାଉଥିବା କଳାତୁଳସୀ ମାଳି ।

୧୪୯ । ସେ ଯାହାହେଉ, ଏହି ଅଧ୍ୟାୟଗୁଡ଼ିକୁ ସଂକଳନ ଓ ସମ୍ପାଦନା କରିବା ନିମିତ୍ତ ହେମାଡ଼ପନ୍ତ ଯେଉଁ ପଦ୍ଧତି ଅନୁସରଣ କରିଥିଲେ, ସେ ସମ୍ପର୍କରେ ମୁଁ ମୋର ସାଧ୍ୟାନୁଯାୟୀ କିଛି ବର୍ଣ୍ଣନା କରିବି । ଶ୍ରୋତାମାନେ ତାହା ସମ୍ମାନ ସହକାରେ ଶ୍ରବଣ କରନ୍ତୁ ।

୧୫୦ । ପ୍ରଥମେ ସେ ସଦ୍‌ଗୁରୁଙ୍କର ଗୁଣଗାନ କରିଥିଲେ ଓ ତାହାପରେ ବେଦବେଦାନ୍ତର ଆଲୋଚନା କରିଥିଲେ । ଶ୍ରୀସାଇଙ୍କୁ ବ୍ରହ୍ମଙ୍କର ଅବତାର ରୂପେ ଚିତ୍ରଣ କରିବା ପରେ ଅନୁଭୂତିଗୁଡ଼ିକର ବର୍ଣ୍ଣନା କରିଥିଲେ ।

୧୫୧ । ପ୍ରଥମରୁ ହେମାଡ଼ଙ୍କର ଶାସ୍ତ୍ରାଦି ଓ ଭାଷାଜ୍ଞାନରେ ପାରଦର୍ଶିତା ଥିଲା । ସଦ୍‌ଗୁରୁଙ୍କୁ ପ୍ରୀତ କରାଇବା ପରେ ରାତାରାତି ସେ ପ୍ରତିଭାବାନ୍ ହୋଇ ଉଠିଥିଲେ ଓ ସେ ଏହି ଗ୍ରନ୍ଥକୁ ସୁସ୍ୱାଦୁ ଖାଦ୍ୟ ଭଳି ପ୍ରସ୍ତୁତ କରିପାରିଥିଲେ ।

୧୫୨। ଯିଏ ଏହାର ମାଧୁର୍ଯ୍ୟ ଓ ମହତ୍ତ୍ୱ ଅନୁଭବ କରିବେ, ସେ ଦେଖିବେ ଯେ ତାଙ୍କର ଜନ୍ମ ଓ ମୃତ୍ୟୁର ଚକ୍ରବ୍ୟୂହ ଶେଷ ହୋଇଯାଇଛି ଏବଂ ମୋକ୍ଷପ୍ରାପ୍ତି ନିଶ୍ଚୟ ହେବ ।

୧୫୩। ହେମାଡ଼ଙ୍କ ସରଳ, ସାବଲୀଳ ଭାଷାରେ ରଚିତ ଓ ଶ୍ରୀସାଇଙ୍କ ସଂସ୍କାରଜଡ଼ିତ ଏହି ଗ୍ରନ୍ଥର ଚମତ୍କାରିତା ବର୍ଣ୍ଣନା କରିହେବ କି ? ଏହା ସତରେ କ୍ଷୀର ଓ ଆଖୁରସର ଏକ ମିଶ୍ରଣ।

୧୫୪। ଅନେକ ଲେଖକ ଥାଇପାରନ୍ତି, କିନ୍ତୁ ସେମାନଙ୍କର ସଂସ୍କାରଯୁକ୍ତ ଭାଷାଜ୍ଞାନ ଉପରେ ଦଖଲ ନଥାଏ। ସେଥିପାଇଁ ବିଶ୍ୱବ୍ରହ୍ମାଣ୍ଡର ସ୍ତମ୍ଭ ସଦୃଶ ଓ ଶ୍ରୀରାମଙ୍କ ସଂଗୀ ସ୍ୱରୂପ, ପ୍ରକୃତ ସଦ୍‌ଗୁରୁଙ୍କର ଆଶୀର୍ବାଦ ଆବଶ୍ୟକ ହୁଏ।

୧୫୫। ସମସ୍ତ ଶାସ୍ତ୍ରପୁରାଣ ପାଠ କରାଗଲେ ମଧ୍ୟ ଏହିଭଳି ଏକ ଗ୍ରନ୍ଥ ଗୁରୁଙ୍କର କୃପା ବିନା ଲେଖାଯାଇ ପାରିବନାହିଁ। ଏହାହିଁ ପ୍ରକୃତ ସତ୍ୟ।

୧୫୬। କିଏ ଅବା "ଶ୍ରୀସାଇ ସତ୍‌ଚରିତ"ର ବର୍ଣ୍ଣନା କରିପାରିବ ! ଏହି ଗ୍ରନ୍ଥ କେତେ ମୂଲ୍ୟବାନ ଯାହାର ତୁଳନା ନାହିଁ, ଯେଉଁଥିପାଇଁ ହେମାଡ଼ପନ୍ତଙ୍କ ଭଳି ଜଣେ କବି ମିଳିଥିଲେ ! ମୋକ୍ଷକାମୀଙ୍କର ଏହା ପରମ ସୌଭାଗ୍ୟ ।

୧୫୭। ଏହି ଗ୍ରନ୍ଥଟି ଯେତେଦିନ ପର୍ଯ୍ୟନ୍ତ ଏଇ ଧରଣୀରେ ରହିଥିବ, ତାହାର ଯଶଖ୍ୟାତି ଲୋକମାନଙ୍କ ମଧ୍ୟରେ ବ୍ୟାପି ଚାଲିଥିବ। ମୋକ୍ଷକାମୀଙ୍କ ପାଇଁ ଗୋବିନ୍ଦରାଓ ସମୟୋପଯୋଗୀ ଐଶ୍ୱର୍ଯ୍ୟ ଦେଇଯାଇଛନ୍ତି।

୧୫୮। ଏହି ସର୍ବଶ୍ରେଷ୍ଠ ଗ୍ରନ୍ଥଟି ଦ୍ୱିଗୁଣ ଧନ୍ୟ, ଯେହେତୁ ଏହା ସଦ୍‌ଗୁରୁ ଶ୍ରୀସାଇଙ୍କ ଅନୁଗ୍ରହର ଫଳ। ଏହା ମୋକ୍ଷକାମୀଙ୍କ ଦ୍ୱାରା ସମାଦୃତ ହେବ ଓ ସେମାନଙ୍କର ଚିନ୍ତନ-ଦାରିଦ୍ର୍ୟ ଦୂର କରିବ ।

୧୫୯। ପୂର୍ବଜନ୍ମରେ ଅଗଣିତ ପୁଣ୍ୟକାମ କରିଥିବାରୁ ଓ ତାହା ସଞ୍ଚିତ ହୋଇଥିବାରୁ ଗୋବିନ୍ଦରାଓ ଶ୍ରୀସାଇଙ୍କର ସେବା କରିବାର ଏହି ଅପୂର୍ବ ସୁଯୋଗ ପାଇପାରିଥିଲେ ଓ ତାହା ତାଙ୍କୁ ଏହି ଗ୍ରନ୍ଥର ରଚୟିତା କରିଥିଲା।

୧୬୦। ହେମାଡ଼ପନ୍ତ ଜଣେ ଅଟଳ ଭକ୍ତ, କବି ଓ ବେଦାନ୍ତ ଜ୍ଞାନପ୍ରିୟ ଥିଲେ। ସେ ଦିବାରାତ୍ର ଭକ୍ତି ଓ ନିଷ୍ଠା ସହକାରେ ଶ୍ରୀସାଇଙ୍କ ଚରଣାଶ୍ରିତ ଥିଲେ ।

୧୬୧। ବେଦାନ୍ତର ବିଷୟବସ୍ତୁ ଅତି ଗୂଢ଼। ଅନାସକ୍ତି, ଭକ୍ତି ଓ ଜ୍ଞାନର ସମାହାର ନହେଲେ ଏବଂ ଗୁରୁଙ୍କର କୃପାନଥିଲେ ଏଭଳି ଏକ ଗ୍ରନ୍ଥ ରଚନା କରିବା ଅସମ୍ଭବ ।

୧୬୨। ଏଗୁଡ଼ିକ ଅଧ୍ୟାୟ ନୁହେଁ, ସୁନାର ଫରୁଆ । ଏହା ମଧ୍ୟରେ ଅମୂଲ୍ୟ ମଣିସମ କାହାଣୀମାଳା ଖଞ୍ଜା ହୋଇ ରହିଛି ଓ ତାହା ମଧ୍ୟରୁ ଜ୍ଞାନର ଜ୍ୟୋତି ଏବଂ ଭାବାର୍ଥ ବହୁ ଆୟାସ କରି ଗୋବିନ୍ଦରାଓ ବାହାର କରିଛନ୍ତି।

୧୬୩। ଅଧ୍ୟାୟଗୁଡ଼ିକ ହେଉଛି ବିଭିନ୍ନ ସୁବାସିତ ପୁଷ୍ପର ମାଳା। ଏହି ମାଳାକୁ ପ୍ରିୟ ଶିଷ୍ୟ ଗୋବିନ୍ଦ ନିଜର ସାଧ୍ୟାନୁସାରେ ଓ ଭକ୍ତିପୂତ ଭାବରେ ସଦ୍‌ଗୁରୁ ଶ୍ରୀସାଇଙ୍କର ଗଳାରେ ପିନ୍ଧାଇ ଦେଇଛନ୍ତି।

୧୬୪। ବିଭିନ୍ନ ଅଧ୍ୟାୟ ହେଉଛି ଶୁଦ୍ଧ ସୁବର୍ଣ୍ଣର କଳସ । ସେହି କଳସରେ ରଘୁନାଥଙ୍କ ପୁତ୍ର ମୋକ୍ଷକାମୀମାନଙ୍କର ଗର୍ବନାଶ ପାଇଁ "ଶ୍ରୀସାଇ ସତ୍‌ଚରିତ" ରୂପକ ଗଙ୍ଗାଜଳ ଭର୍ତ୍ତି କରିଦେଇଛନ୍ତି।

୧୬୫। ଭିନ୍ନଭିନ୍ନ ପୁସ୍ତକର ରଣାଙ୍ଗନର ଚାନ୍ଦୁଆ ତଳେ ରଘୁନାଥଙ୍କ ପୁତ୍ର ଈର୍ଷା, ପ୍ରତାରଣା ଓ ମିଥ୍ୟାଗର୍ବ ରୂପକ ରାକ୍ଷସମାନଙ୍କୁ ତାଙ୍କର ଜ୍ଞାନରୂପୀ ଖଡ଼୍‌ଗ ସାହାଯ୍ୟରେ ବିନାଶ କରିଦେବା ପାଇଁ ଅଧ୍ୟାୟମାନଙ୍କର ବିଜୟ ସ୍ତମ୍ଭ ଛିଡ଼ା କରାଇଦେଇଛନ୍ତି।

୧୬୬। ଏହି ଗ୍ରନ୍ଥ ହେଉଛି ପଞ୍ଚପ୍ରଦୀପ ଓ ଏହି ପ୍ରଦୀପ ମଣିମୁକ୍ତାରେ ଖଚିତ ହୋଇଛି ଯାହା ସନ୍ଥରାଜଙ୍କ ସମ୍ମୁଖରେ ବୁଲାଇ ଆରତି କରାଯାଇପାରିବ। ଅଧ୍ୟାୟଗୁଡ଼ିକରେ ବର୍ଣ୍ଣିତ କାହାଣୀମାନ ହେଉଛି ପ୍ରଦୀପର ତୈଳଭିଜା ବଳିତା ଓ ତାହାର ଆଲୋକ ହେଉଛି ଅନାସକ୍ତି ଏବଂ ଶାନ୍ତିର ବାର୍ତ୍ତାବହ ।

୧୬୭। ଏହି ଗ୍ରନ୍ଥ ହେଉଛି ମାୟା ସଦୃଶ ଯାହା ପୃଥିବୀକୁ ମୋହଗ୍ରସ୍ତ କରିଛି । ଏହାର ଅଧ୍ୟାୟଗୁଡ଼ିକ ଉର୍ଦ୍ଧ୍ୱେ ଉତ୍ତୋଳିତ ବାହୁ ସଦୃଶ ଓ କାହାଣୀଗୁଡ଼ିକର ଅର୍ଥ ତାହାର ବାଜୁବନ୍ଧ ଭଳି। ଏହା ବ୍ରହ୍ମାବତାର ଶ୍ରୀସାଇଙ୍କୁ ଆଲିଙ୍ଗନ କରିବା ନିମନ୍ତେ ଶରୀରକୁ ସଜ୍ଜିତ କରିଛି ।

୧୬୮। ଶ୍ରୀସାଇ ସତ୍‌ଚରିତ ହେଉଛି ଗ୍ରନ୍ଥ ଜଗତର ସାର୍ବଭୌମ ସମ୍ରାଟ। ଏହାର ଅଧ୍ୟାୟଗୁଡ଼ିକ ଆନନ୍ଦପ୍ରଦ ଏବଂ ଚତୁର ବିଦୂଷକଙ୍କ ଭଳି ବିଶ୍ୱାସ, ଜ୍ଞାନ, ବେଦାନ୍ତର ସୌନ୍ଦର୍ଯ୍ୟ

ଓ ତାହାର ବିରାଟ ମହିମା ସମ୍ପର୍କରେ ବର୍ଣ୍ଣନା କରିଛି ।

୧୬୯ । "ଶ୍ରୀସାଇ ସତ୍‌ଚରିତ" ହେଉଛି ଆଧ୍ୟାତ୍ମିକ ଜଗତର ବିପଣୀ । ଏହାର ପ୍ରତିଟି ଅଧ୍ୟାୟ ହେଉଛି ଗୋଟିଏ ଗୋଟିଏ ଦୋକାନ । ଅନୁଭୂତି କାହାଣୀମାଳା ହେଉଛି ସେଠାରେ ପୂରା ମାତ୍ରାରେ ଗଚ୍ଛିତ ସାମଗ୍ରୀ ଓ ସେଗୁଡ଼ିକୁ ମହାକବି ସଯତ୍ନେ ସଜାଇ ରଖିଛନ୍ତି।

୧୭୦। ଏହି ଗ୍ରନ୍ଥ ହେଉଛି ପ୍ରବହମାନା ଗଙ୍ଗାର ବିସ୍ତାର ଭଳି ଅସାଧ । ଏହାର ଅଧ୍ୟାୟଗୁଡ଼ିକ ହେଉଛି ଯଥାବଶ୍ୟକ ମାତ୍ରାରେ ସୁଦୃଢ଼ ଘାଟ ସଦୃଶ। କାହାଣୀମାଳାର ସ୍ରୋତ ହେଉଛି ଗୁରୁଙ୍କର କୃପା ଓ ଅଖଣ୍ଡ ମହିମା ବଳରେ ଅମୃତ ସଦୃଶ ସୁମଧୁର ଏବଂ ବିଶାଳ।

୧୭୧ । ଏହା ଖାଲି ଗୋଟିଏ ଗ୍ରନ୍ଥ ନୁହେଁ, ଏହା ହେଉଛି ଏକ କଳ୍ପତରୁ । ଏହି କଳ୍ପତରୁକୁ ସାଂସାରିକ ଜୀବନରେ ନିମଜ୍ଜିତ ହୋଇ ରହିଥିବା ଲୋକେ ନିଷ୍ଫଳ ଦେଖୁଥିବା ବେଳେ ମୋକ୍ଷକାମୀମାନଙ୍କୁ ଏହା ମୋକ୍ଷପ୍ରାପ୍ତିର ପ୍ରକୃତ ଅନୁଭୂତି ପ୍ରଦାନ କରିଥାଏ।

୧୭୨। ଏହାକୁ ଏକ ପ୍ରକୃତ ସ୍ମାରକୀ ବୋଲି କୁହାଯାଇପାରେ । ଏହା ସାଂସାରିକ ଜୀବନର ଅନ୍ଧକାର ଓ ଯନ୍ତ୍ରଣାକୁ ବିନାଶ କରିଦିଏ ଏବଂ ଲୋଭ ଓ ମାୟା ମୋହ କବଳରୁ ମଣିଷକୁ ରକ୍ଷା କରିଥାଏ। ଏହା ନିଶ୍ଚିତଭାବରେ ଶାନ୍ତିପ୍ରଦାୟକ ।

୧୭୩। ରଚୟିତା ଗୋବିନ୍ଦରାଓ ଶ୍ରୀସାଇ ସଦ୍‌ଗୁରୁଙ୍କ ପାଦପଦ୍ମରେ ସର୍ବଦା ମଧୁମକ୍ଷିକା ସଦୃଶ ଘୁରି ବୁଲି ବୁଲି ନୂତନ ଓ ମଧୁର ମଧୁ ଆହରଣ ଏବଂ ଆସ୍ୱାଦନ କରୁଥିଲେ।

୧୭୪। ତାଙ୍କର ସାଂଗିଆ ଦାଭୋଲକର ଥିଲା ଓ ସେ ବିଟ୍ରିଶ ସରକାରଙ୍କ ଅଧୀନରେ ଚାକିରୀ କରୁଥିଲେ। ସେ ଜ୍ଞାନୀ, ପୂର୍ଣ୍ଣ ବିନୟୀ, ସଦାଚାରୀ ଓ ସୁଶିକ୍ଷିତ ଥିଲେ।

୧୭୫। ତାଙ୍କର ପତ୍ନୀ ରାଖମାବାଇ ଥିଲେ ଗୁଣବତୀ, ପତିପ୍ରାଣା, ଧାର୍ମିକା, ସଦ୍‌ଗୁଣସମ୍ପନ୍ନା ଓ ସଦାସର୍ବଦା ବିନମ୍ର; ତାଙ୍କର ଶ୍ରୀସାଇଙ୍କ ଉପରେ ଦୃଢ଼ ବିଶ୍ୱାସ ରହିଥିଲା।

୧୭୬। ଭେଙ୍ଗୁର୍ଲା ନିକଟରେ ଦାପୋଲୀ ଗ୍ରାମରେ କବିଙ୍କର ମୂଳ ବାସସ୍ଥାନ ଥିଲା। ପରେ କେଲଓ୍ୱା ଗ୍ରାମରେ ତାଙ୍କ ପରିବାରର ପୂର୍ବପୁରୁଷମାନେ ବାସ କରୁଥିଲେ।

୧୭୭। ଶକାବ୍ଦ ୧୭୮୧(୧୮୫୯ ମସିହା) ମାର୍ଗଶୀର ମାସ କୃଷ୍ଣପକ୍ଷ ପଂଚମୀ ତିଥିରେ ରଘୁନାଥଙ୍କ ଔରସରୁ ଓ ପତ୍ନୀ ଲକ୍ଷ୍ମୀଙ୍କ ଗର୍ଭରୁ ଗୁଣବନ୍ତ ଓ ଭାଗ୍ୟବାନ୍ ଗୋବିନ୍ଦ ଜନ୍ମଗ୍ରହଣ କରିଥିଲେ।

୧୭୮। ସେ ଜାତିରେ ଗୌଡ଼ ସାରସ୍ୱତ ବ୍ରାହ୍ମଣ ଥିଲେ ଓ ତାଙ୍କର ଭରଦ୍ୱାଜ ଗୋତ୍ର ଥିଲା। ସେ ସତୁରୀବର୍ଷ ବୟସରେ ଶକାବ୍ଦ ୧୮୫୧ (୧୯୨୯ ମସିହା) ଆଷାଢ଼ ମାସ କୃଷ୍ଣପକ୍ଷ ନବମୀ ତିଥିରେ ଇହଧାମ ତ୍ୟାଗ କରିଥିଲେ।

୧୭୯। ସେ ଶକାବ୍ଦ ୧୮୪୪ (୧୯୨୨ ମସିହା) ଚୈତ୍ର ମାସରେ ଏହି ପୁସ୍ତକ ଲେଖା ଆରମ୍ଭ କରିଥିଲେ ଓ ଶକାବ୍ଦ ୧୮୫୧ (୧୯୨୯ ମସିହା) ଜ୍ୟେଷ୍ଠମାସରେ ଦ୍ୱାପଂଚାଶତ୍ ଅଧ୍ୟାୟ ପର୍ଯ୍ୟନ୍ତ ଲେଖା ଶେଷ କରିଥିଲେ।

୧୮୦। ଗୋବିନ୍ଦରାଓଙ୍କର ଗୋଟିଏ ବୋଲି ପୁଅ ଓ ପାଞ୍ଚଜଣ ଝିଅ ଥିଲେ। ଝିଅମାନଙ୍କ ମଧ୍ୟରୁ ଚାରିଜଣ ବିବାହ କରିସାରିଥିଲେ। ଏକମାତ୍ର ପୁଅର ମଧ୍ୟ ବିବାହ ସରିଥିଲା ଓ ସେ ଡାକ୍ତରୀ ପାଠ ପଢୁଥିଲେ। ଅବିବାହିତା ଝିଅ ମଧ ସେହି ପାଠ ପଢୁଥିଲେ।

୧୮୧। ବର୍ତ୍ତମାନ ମୁଁ ଗ୍ରନ୍ଥର ପାରାୟଣ ପଦ୍ଧତି ଓ କିପରି ସହଜରେ ସାତଦିନ ମଧ୍ୟରେ ତାହାକୁ ସମାପ୍ତ କରାଯାଇପାରିବ, ଗୁରୁଚରିତ୍ରରେ ତଥା ସେହିଭଳି ଅନ୍ୟ ଗ୍ରନ୍ଥମାନଙ୍କରେ ଦର୍ଶାଯାଇଥିବା ପଦ୍ଧତି ସମ୍ପର୍କରେ ଉଲ୍ଲେଖ କରୁଛି। ଶ୍ରୋତାମାନେ ଧ୍ୟାନ ଦେବାକୁ ଅନୁରୋଧ।

୧୮୨। ଶୁଦ୍ଧପୂତ ହୃଦୟରେ ଓ ଭକ୍ତି ସହକାରେ ଏହାର ପାରାୟଣ ଆରମ୍ଭ କରି ଏକଦିନ, ଦୁଇଦିନ କିମ୍ବା ତିନିଦିନ ମଧ୍ୟରେ ସମାପ୍ତ କରନ୍ତୁ। ସାଇନାରାୟଣ ଅତ୍ୟନ୍ତ ପ୍ରୀତ ହେବେ।

୧୮୩। ନଚେତ୍ ଏହାକୁ ସାତଦିନ ମଧରେ ସମାପ୍ତ କରନ୍ତୁ। ନିରବଚ୍ଛିନ୍ନ ଭାବରେ ଆପଣ ଅଶେଷ ସୌଭାଗ୍ୟ ଲାଭ କରିବେ । ଶ୍ରୀସାଇ ମନୋବାଞ୍ଛା ପୂରଣ କରିବେ ଓ ସାଂସାରିକ ଜୀବନର ଭୟ ଦୂର ହେବ ।

୧୮୪। ଗୁରୁବାର ଦିନ ସକାଳେ ସ୍ନାନାଦି ନିତ୍ୟକର୍ମ ସାରି ପାରାୟଣ ଆରମ୍ଭ କରନ୍ତୁ। ନିଜର ଦୈନନ୍ଦିନ କାର୍ଯ୍ୟ ଶୀଘ୍ର ସମାପ୍ତ କରି ନିଜ ଆସନରେ ଉପବେଶନ କରନ୍ତୁ।

୧୮୫। କଦଳୀବୃକ୍ଷ ପୋତି ଓ କରଡ଼ାଳି[୨] ଦେଇ ତାହା

ଉପରେ ସୁନ୍ଦର କନା ଘୋଡ଼ାଇ ଏକ ବଡ଼ ମନୋରମ ଚାନ୍ଦୁଆ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ସୁନ୍ଦର ଭାବରେ ସଜାଇ ଦିଅନ୍ତୁ।

୧୮୬। ତାହା ମଧ୍ୟରେ ଗ୍ରନ୍ଥ ସ୍ଥାପନ ନିମନ୍ତେ ଏକ ଉଚ୍ଚା ବେଦିକା ପ୍ରସ୍ତୁତ କରନ୍ତୁ ଓ ତାହାର ଚତୁଃପାର୍ଶ୍ୱରେ ସୁଦୃଶ୍ୟ ବର୍ଣ୍ଣାଢ଼୍ୟ ରଙ୍ଗୋଲି[୩] ଅଂକନ କରନ୍ତୁ।

୧୮୭। ଶ୍ରୀସାଇ ସଦ୍‌ଗୁରୁଙ୍କର ମୂର୍ତ୍ତି କିମ୍ବା ଫଟୋକୁ ଯତ୍ନ ସହକାରେ ଉଚ୍ଚ ବେଦିକା ଉପରେ ରଖନ୍ତୁ। ତାଙ୍କୁ ଶ୍ରଦ୍ଧା ସହକାରେ ପ୍ରଣାମ କରନ୍ତୁ।

୧୮୮। ଗ୍ରନ୍ଥକୁ ଏକ ରେଶମ କପଡ଼ାରେ ବାନ୍ଧି ସଦ୍‌ଗୁରୁଙ୍କ ନିକଟରେ ରଖନ୍ତୁ। ଉଭୟଙ୍କୁ ପଂଚୋପଚାରରେ[୪] ପୂଜା କରିବା ପରେ ପାରାୟଣ ଆରମ୍ଭ କରନ୍ତୁ।

୧୮୯। ଆଠଦିନ ନିମନ୍ତେ ପବିତ୍ର ବ୍ରତ[୫] ପାଳନ କରନ୍ତୁ । କେବଳ କ୍ଷୀର ବା ଫଳମୂଳ କିମ୍ବା କୌଣସି ଗୋଟିଏ ଶସ୍ୟଦାନାର ସିଝା ଦିନରେ ଥରେ ମାତ୍ର ଭକ୍ଷଣ କରନ୍ତୁ।

୧୯୦। ପୂର୍ବଦିଗକୁ ମୁଖ କରି ବସି, ସଦ୍‌ଗୁରୁଙ୍କ ମୂର୍ତ୍ତି ହୃଦୟ ମଧ୍ୟରେ ସ୍ଥାପନ କରି ଆନନ୍ଦ ଓ ଶାନ୍ତ ମନରେ ଗ୍ରନ୍ଥର ପାରାୟଣ ଆରମ୍ଭ କରନ୍ତୁ।

୧୯୧। ସାତଦିନ ମଧ୍ୟରୁ ପ୍ରଥମ ଦିନ ଗ୍ରନ୍ଥର ପ୍ରଥମ ଆଠ ଅଧ୍ୟାୟ ପାଠ କରନ୍ତୁ, ଦ୍ୱିତୀୟ ଦିନ ପରବର୍ତ୍ତୀ ଆଠ ଅଧ୍ୟାୟ ଓ ତୃତୀୟ ଦିନ ପରବର୍ତ୍ତୀ ସାତ ଅଧ୍ୟାୟ ପାଠ କରନ୍ତୁ। ତା'ପରେ ଚତୁର୍ଥ ଦିନ ଆଠ ଅଧ୍ୟାୟ, ପଂଚମ ଦିନ ଛଅ ଅଧ୍ୟାୟ, ଷଷ୍ଠ ଦିନ ଆଠ ଅଧ୍ୟାୟ ଓ ସପ୍ତମ ଦିନ ସାତ ଅଧ୍ୟାୟ ପାଠ କରନ୍ତୁ। ଅଷ୍ଟମ ଦିନ କେବଳ ଅବତରଣିକା ପାଠ କରନ୍ତୁ ।

୧୯୨। ଅଷ୍ଟମ ଦିନ ବ୍ରତପାଳନ ସମାପ୍ତି ହେବା ପରେ ଓ ଶ୍ରୀସାଇନାରାୟଣଙ୍କୁ ନୈବେଦ୍ୟ ଅର୍ପଣ କରାଯିବା ଉତ୍ତାରେ ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ସୁମିଷ୍ଟ ଖାଦ୍ୟ ଖାଇବାକୁ ଦିଅନ୍ତୁ ଓ ନିଜର ସାଧ ଅନୁଯାୟୀ ଦକ୍ଷିଣା ପ୍ରଦାନ କରନ୍ତୁ।

୧୯୩। ବୈଦିକ ବ୍ରାହ୍ମଣମାନଙ୍କୁ ଆମନ୍ତ୍ରଣ କରି ରାତ୍ରିରେ ବେଦ ପାଠ କରାନ୍ତୁ ଓ ସେମାନଙ୍କୁ ସୁମିଷ୍ଟ କ୍ଷୀର ପିଇବାକୁ ଦିଅନ୍ତୁ। ସେମାନଙ୍କ ଦେହ ଓ ମନ ଶାନ୍ତି ହେଲାପରେ ସେମାନଙ୍କୁ ସସମ୍ମାନେ ବିଦାୟ ଦିଅନ୍ତୁ ।

୧୯୪। ଶେଷରେ ସଦ୍‌ଗୁରୁଙ୍କ ଚରଣରେ ପ୍ରଣାମ କରି ତାଙ୍କୁ ଉପଯୁକ୍ତ ଦକ୍ଷିଣା ଦିଅନ୍ତୁ ଓ ତାହାକୁ ସଂସ୍ଥାନର ପାଣ୍ଠି ବୃଦ୍ଧି ନିମନ୍ତେ ଶ୍ରୀସାଇବାବା ସଂସ୍ଥାନ, ଶିରିଡ଼ିର କୋଷାଗାରକୁ ପଠାଇ ଦିଅନ୍ତୁ ।

୧୯୫। ଏହାକଲେ ପ୍ରଭୁ ଶ୍ରୀସାଇ ସନ୍ତୁଷ୍ଟ ହେବେ ଓ ଭକ୍ତଙ୍କୁ ଆଶୀର୍ବାଦ କରିବେ। ସାଂସାରିକ ଜୀବନରୂପକ ବିଷାକ୍ତ ସର୍ପ ବିନଷ୍ଟ ହେବ ଓ ମୋକ୍ଷର ଗନ୍ତାଘର ଭକ୍ତଙ୍କ ପାଇଁ ଉନ୍ମୋଚିତ ହୋଇଯିବ।

୧୯୬। ଶ୍ରୋତାଗଣ, ଆପଣମାନେ ସନ୍ଥଙ୍କର ସଙ୍ଗଲାଭ କରି ତାଙ୍କୁ ନିଜର ବୋଲି ଅନୁଭବ କରନ୍ତୁ। ଆପଣମାନେ ଅବତରଣିକାକୁ ଭୁଲି ଯାଇପାରନ୍ତି, କିନ୍ତୁ ଏହି ଗ୍ରନ୍ଥର ଭାବାର୍ଥ ଉପରେ ଆଖି ରଖିଥାନ୍ତୁ। ଆପଣମାନଙ୍କ ପାଦରେ ଏହି ବିନୀତର ଏତିକି ଆନ୍ତରିକ ପ୍ରାର୍ଥନା।

୧୯୭। ଗୁଣୀ ଶ୍ରୋତାଗଣ! ଶେଷ ସମୟ ପର୍ଯ୍ୟନ୍ତ ଏହି ବିନୀତ ପ୍ରତି ଅତି ଦୟାବହ ହୁଅନ୍ତୁ। ମୁଁ ଆପଣଙ୍କ ପାଦତଳେ ମୋର ମସ୍ତକ ରଖୁଛି। ବାବାଙ୍କର ବିନୀତ ଓ ବଶମ୍ବଦ ବାଳାବୁଓ୍ୱା ଏହିଭଳି ଭାବରେ ଆପଣମାନଙ୍କୁ ପ୍ରାର୍ଥନା କରୁଅଛି।

୧୯୮। ଏଥିରେ ଯାହାକିଛି ଅଭାବ ରହିଛି, ତାହା ମୋ ଦୋଷରୁ ହୋଇଛି ଓ ସେଥିପାଇଁ ମୋତେ ଦାୟୀ କରନ୍ତୁ । ଶ୍ରୋତାଗଣ, ଆପଣମାନେ ସାରକଥା ଗ୍ରହଣ କରନ୍ତୁ ଏବଂ ମନ ଯେପରି ଆନନ୍ଦ ଓ ଉଲ୍ଲାସ ରହେ, ସେହିଭଳି କାର୍ଯ୍ୟ କରନ୍ତୁ।

୧୯୯। ଶିବନନ୍ଦନ(ଗଣେଶ) ଶ୍ରୀସାଇଙ୍କୁ ପ୍ରଣାମ, ପଦ୍ମାସୀନ(ବ୍ରହ୍ମଦେବ) ଶ୍ରୀସାଇଙ୍କୁ ପ୍ରଣାମ, ମଧୁ ଦୈତ୍ୟହାରୀ(ବିଷ୍ଣୁ) ଶ୍ରୀସାଇଙ୍କୁ ପ୍ରଣାମ, ପଞ୍ଚାନନ ପ୍ରଭୁ(ଶିବ) ଶ୍ରୀସାଇଙ୍କୁ ପ୍ରଣାମ।

୨୦୦। ଅତ୍ରିପୁତ୍ର(ଦତ୍ତ ଭଗବାନ) ଶ୍ରୀସାଇଙ୍କୁ ପ୍ରଣାମ, ପାକଦୈତ୍ୟହାରୀ(ଇନ୍ଦ୍ର) ଶ୍ରୀସାଇଙ୍କୁ ପ୍ରଣାମ, ରାତ୍ରିର ପ୍ରେମିକ (ଚନ୍ଦ୍ର) ଶ୍ରୀସାଇଙ୍କୁ ପ୍ରଣାମ, ପ୍ରଭୁ ଅଗ୍ନିଦେବ ଶ୍ରୀସାଇଙ୍କୁ ପ୍ରଣାମ।

୨୦୧। ରୁକ୍ମିଣୀପତି ଶ୍ରୀସାଇଙ୍କୁ ପ୍ରଣାମ, ମନର ସୂର୍ଯ୍ୟ ଶ୍ରୀସାଇଙ୍କୁ ପ୍ରଣାମ, ଜ୍ଞାନର ସାଗର ଶ୍ରୀସାଇଙ୍କୁ ପ୍ରଣାମ, ଜ୍ଞାନେଶ୍ୱର ଶ୍ରୀସାଇଙ୍କୁ ପ୍ରଣାମ।

୫୩ ॥ ଅବତରଣିକା ॥

୨୦୨ । ଅବତରଣିକା ହେଉଛି ବାଚନିକ ପୁଷ୍ପାଞ୍ଜଳି । ଯେଉଁ ମହିମାମଣ୍ଡିତ ନାମମାନଙ୍କୁ ମୁଁ ପ୍ରାର୍ଥନା କରିଛି, ସେମାନଙ୍କୁ ଅନୁରୂପ ପ୍ରଣିପାତ ଜଣାଇ ମୁଁ ଗୁରୁଙ୍କର ପାଦ ତଳେ ଅର୍ପଣ କରୁଛି । ମା' ସାଇ ସନ୍ତୁଷ୍ଟ ହୁଅନ୍ତୁ ।

ସନ୍ଥ ଓ ଗୁଣୀଜନଙ୍କ ଦ୍ୱାରା ପ୍ରଣୋଦିତ ହୋଇ ବାବାଙ୍କର ଦାସ ବାଲାଙ୍କ ଦ୍ୱାରା ଲିଖିତ 'ଶ୍ରୀସାଇ ସମର୍ଥ ସତ୍‌ଚରିତ'ର "ଅବତରଣିକା" ଶୀର୍ଷକ ତ୍ରିପଂଚାଶତ ଅଧ୍ୟାୟ ଏଇଠାରେ ଶେଷ ହେଉଛି ।

ଏହା ଶ୍ରୀସଦ୍‌ଗୁରୁ ସାଇନାଥଙ୍କୁ ସମର୍ପିତ ହେଉଛି ।

ଶୁଭମସ୍ତୁ !

ପଦଟୀକା

୧ । ଏହି କାହାଣୀ ଏକାଦଶ ଅଧ୍ୟାୟରେ ଡାକ୍ତର ପଣ୍ଡିତଙ୍କ ପ୍ରସଙ୍ଗରେ କୁହାଯାଇଥିବାରୁ ସତ୍‌ଚରିତର ଦ୍ୱାଚତ୍ୱାରିଂଶତ୍ ଅଧ୍ୟାୟରେ ତାହାର ଆଉ ପୁନଃମୁଦ୍ରଣ କରାଯାଇନାହିଁ ।

୨ । କଦଳୀ ଗଛ ସଦୃଶ ଗଛରେ ଫୁଲ ଫୁଟିଥାଏ ।

୩ । ରଙ୍ଗବେରଙ୍ଗର ଅବିରଗୁଣ୍ଡ ପକାଯାଇ ଅଙ୍କନ କରାଯାଉଥିବା ଚିତା ବା ଝୋଟି ।

୪ । ଘୋରାଚନ୍ଦନ, ପୁଷ୍ପ, ଧୂପ, ଦୀପ ଓ ନୈବେଦ୍ୟ ।

୫ । ସ୍ନାନାନ୍ତେ ପରିଷ୍କାର ବସ୍ତ୍ର ପିନ୍ଧି, ଉପବାସ ରହି, ମନ ଶୁଦ୍ଧ ରଖି ନୈତିକତା ରକ୍ଷାକରି ଓ ବ୍ରହ୍ମଚର୍ଯ୍ୟ ପାଳନକରି ଚଟାଣରେ ଶୟନ ।



ପିଲାମାନଙ୍କ ସଙ୍ଗତେ ରହି, ବାବା ଖେଳନ୍ତି ଆନନ୍ଦ ହୋଇ;
ପିଲାଙ୍କ ପ୍ରତି ଶ୍ରଦ୍ଧା ତାଙ୍କର, ଜଗତେ ନାହିଁ ତା' ପଟାନ୍ତର ।
ହସି ହସାଇ, ମନ ମଜେଇ, କହନ୍ତି କଥା ହାତ ହଲେଇ;
ପିଲାଙ୍କ ଭାଷାରେ ନୀତିବାଣୀ କହି, ପିଲାଙ୍କର ମନ ଦିଅନ୍ତି ମୋହି ॥

৫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

୫୩ ॥ ଅବତରଣିକା ॥

ଶ୍ରୀସାଇବାବାଙ୍କ ଜୀବନ ସମ୍ପର୍କିତ ଘଟଣାବଳୀର ଅନୁକ୍ରମ

(ଅବସରପ୍ରାପ୍ତ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ ଏମ୍.ବି.ନିମ୍ବଲକରଙ୍କ ଦ୍ୱାରା ମରାଠୀ ଭାଷାରେ ମୂଳଲେଖା)

ବର୍ଷ	ଘଟଣା	ସୂଚନା
୧୮୩୮ ମସିହା	ସାଇବାବାଙ୍କର ଆନୁମାନିକ ଜନ୍ମବର୍ଷ	ସତ୍‌ଚରିତ ଅଧ୍ୟାୟ- ୧୦, ପଦ ୪୩
୧୮୪୨ରୁ ୧୮୫୪ (ଆନୁମାନିକ)	ସାଇବାବା ବାରବର୍ଷକାଳ ତାଙ୍କ ଗୁରୁଙ୍କ ସହିତ ବିତାଇ ଥିବାର ଅନୁମାନ କରାଯାଏ। କିଏ ତାଙ୍କର ଗୁରୁ ଥିଲେ ତାହା କେହି ନିଶ୍ଚିତଭାବରେ ଜାଣନ୍ତି ନାହିଁ। ସେ ହୁଏତ ଜଣେ ସୁଫି ଫକୀର କିମ୍ବା ଭେଙ୍କୁଶା ଓରଫ ଗୋପାଳରାଓ ଦେଶମୁଖ ହୋଇଥାଇପାରନ୍ତି। କେତେକ କହନ୍ତି ଯେ ବାବା ଶିରିଡ଼ିରେ ନିମ୍ବଗଛ ତଳେ ଭୂଗର୍ଭସ୍ଥ ଏକ ଗୁମ୍ଫାରେ ଗୁରୁଙ୍କ ସମାଧି ନିକଟରେ ବାରବର୍ଷ କାଳ ରହିଥିଲେ।	ସତ୍‌ଚରିତ ଅଧ୍ୟାୟ-୪, ପଦ- ୧୨୯ ଓ ଦାସ ଗଣୁଙ୍କ 'ଭକ୍ତ ଲୀଳାମୃତ', ଅଧ୍ୟାୟ-୨୬
୧୮୪୬	ଦଶ-ଏଗାର ବର୍ଷ ବୟସ ବେଳେ ଶିରିଡ଼ିକୁ ଦେବୀଦାସଙ୍କ ଆଗମନ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୧୪୭
୧୮୫୪	ଶିରିଡ଼ିର ନିମ୍ବଗଛ ତଳେ ଶ୍ରୀସାଇବାବାଙ୍କ ଆବିର୍ଭାବ। ବୟସ ଆନୁମାନିକ ୧୬ ବର୍ଷ ।	ସତ୍‌ଚରିତ ଅଧ୍ୟାୟ-୪, ପଦ-୧୧୧
୧୮୫୪ ରୁ ୧୮୫୭	ସାଇବାବା କାନ୍ଧରେ ପାଣିକଳସୀ ବୋହି ନିମ୍ବଗଛ ପାଖରେ, ଅର୍ଥାତ୍ ବର୍ତ୍ତମାନର ସମାଧି ମନ୍ଦିର ନିକଟରେ ଏକ ବଗିଚା ସୃଷ୍ଟି କରିଥିଲେ। ସନ୍ଥ ଗଙ୍ଗାଗୀର ମହାରାଜ ତାଙ୍କୁ ଦେଖିବା ପରେ ଏକ ରତ୍ନ ଶିରିଡ଼ିକୁ ଆସିଛନ୍ତି ବୋଲି କହିଥିଲେ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୫୧
୧୮୫୭	ସାଇବାବା ଶିରିଡ଼ିରୁ କୁଆଡ଼େ ଚାଲି ଯାଇଥିଲେ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୩
୧୮୫୮	ସାଇବାବା ଚାନ୍ଦଭାଇ ପାଟିଲଙ୍କ ପୁତୁରା ବାହାଘରରେ ବରଯାତ୍ରୀ ଦଳରେ ଶିରିଡ଼ି ପୁଣି ଆସିଥିଲେ ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୨୩
୧୮୭୮	ଶ୍ରୀ ଅକ୍କଲକୋଟ ମହାରାଜଙ୍କ ନିର୍ବାଣ	ଶ୍ରୀଗୁରୁଲୀଳାମୃତ
୧୮୮୫	ୟେଓଲାରୁ ସନ୍ଥ ଆନନ୍ଦନାଥ ଶିରିଡ଼ି ଆସିଥିଲେ ଓ ସେ ବାବାଙ୍କୁ ଏକ ରତ୍ନ ବୋଲି କହିଥିଲେ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୪୨
୧୮୮୬	ସାଇବାବା ନିଜର ପ୍ରାଣକୁ ଊର୍ଦ୍ଧ୍ୱେ ଉତ୍ତୋଳିତ କରି ୩ ଦିନ ପାଇଁ ସମାଧିସ୍ଥ ହୋଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୪, ପଦ-୬୪

୧୯୦୮	ମେଘା ଶିରିଡ଼ିକୁ ପ୍ରଥମ ଥର ପାଇଁ ଆସିଥିଲେ।	ସତ୍‌ଚରିତ ଅଧ୍ୟାୟ-୨୮, ପଦ-୧୪୫
୧୯୦୯	(କ) ନାରାୟଣଗାଁରୁ ଭୀମାଜୀ ପାଟିଲ ଯକ୍ଷ୍ମାରୋଗରୁ ଭଲହେବାପାଇଁ ଶିରିଡ଼ି ଆସିଥିଲେ।	ସତ୍‌ଚରିତ ଅଧ୍ୟାୟ-୧୩, ପଦ-୩୪
	(ଖ) ବାଲାସାହେବ ଭାଟେ ଶିରିଡ଼ିକୁ ପ୍ରଥମ କରି ଆସିଥିବା ସମୟରେ ବାବା ତାଙ୍କୁ ଗେରୁଆବସ୍ତ୍ର ପ୍ରଦାନ କରିଥିଲେ ଓ ତାହାଦ୍ୱାରା ତାଙ୍କର ସଂସାର ପ୍ରତି ଆସକ୍ତି ଚାଲିଯାଇଥିଲା।	ସତ୍‌ଚରିତ ଅଧ୍ୟାୟ -୩୩, ପଦ-୧୪୭
୧୯୧୦	(କ) ଏହି ମସିହା ପର୍ଯ୍ୟନ୍ତ ବାବା ନିଜେ ହାଣ୍ଡିରେ ରାନ୍ଧି ଲୋକମାନଙ୍କୁ ଅନେକ ସମୟରେ ଖାଇବାକୁ ଦେଉଥିଲେ। ପରେ ଭକ୍ତମାନେ ନୈବେଦ୍ୟ ଏତେ ପରିମାଣରେ ଦେଇଥିଲେ ଯେ ତାହା ସମସ୍ତଙ୍କ ଖାଇବା ପାଇଁ ଯଥେଷ୍ଟ ହେଲା ଓ ବାବାଙ୍କୁ ଆଉ ରାନ୍ଧିବା ନିମନ୍ତେ ପଡ଼ିନଥିଲା।	ସତ୍‌ଚରିତ ଅଧ୍ୟାୟ-୩୮
	(ଖ) ରାମଚନ୍ଦ୍ର ଆତ୍ମାରାଓ ଓରଫ୍ ବାବାସାହେବ ତର୍ଖଡ଼ ବମ୍ବେଇର ବାନ୍ଦ୍ରାରୁ ପ୍ରଥମ ଥର ଶିରିଡ଼ି ଆସିଥିଲେ।	ପ୍ରଧାନଙ୍କ ସୂତ୍ରରୁ
୧୯୧୦ ମେ	(ଗ) ବମ୍ବେଇର ସାନ୍ତାକ୍ରୁଜରୁ ମୋରେଶ୍ୱର ପ୍ରଧାନ ପ୍ରଥମ ଥର ଶିରିଡ଼ି ଆସିଥିଲେ।	'ଭକ୍ତଙ୍କ ଅନୁଭୂତି'
୧୯୧୦	(ଘ) ସାଇବାବାଙ୍କୁ ଅନ୍ନାସାହେବ ଦାଭୋଲକରଙ୍କ ପ୍ରଥମଦର୍ଶନ ଓ ହେମାଡ଼ପନ୍ତ ନାମକରଣ।	ସତ୍‌ଚରିତ ଅଧ୍ୟାୟ-୨, ପଦ-୧୩୭ ଇତ୍ୟାଦି
	(ଙ) ଚାନ୍ଦୋରକରଙ୍କ ଯୋଗୁଁ ବି.ଭି. ଦେଓଙ୍କର ସାଇବାବାଙ୍କୁ ପ୍ରଥମ ଦର୍ଶନ	ସତ୍‌ଚରିତ ଅଧ୍ୟାୟ-୪୦,୪୧
	(ଚ) ନାଗପୁରର ଶ୍ରୀମାନ ବୁଟି ଶିରିଡ଼ିରେ ରହିବା ଆରମ୍ଭ କରିଥିଲେ।	ପ୍ରଧାନଙ୍କ ସୂତ୍ରରୁ
	(ଛ) ହରିଶ୍ଚନ୍ଦ୍ର ପିତଲେଙ୍କ ପୁଅର ଆରୋଗ୍ୟ ଲାଭ। ତାଙ୍କୁ ବାବା ତିନି ଟଙ୍କା ପୂଜା କରିବାକୁ ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୨୬, ପଦ-୫୭
	(ଜ) ବାବା ଧୁନି ମଧ୍ୟକୁ ହାତପୂରାଇ ଧନତରାସ ଦିନ କମାରର ଛୋଟ ଝିଅକୁ ବଂଚାଇଥିଲେ ଓ ନିଜ ହାତ ପୋଡ଼ିଦେଇଥିଲେ। ଡାକ୍ତର ପରମାନନ୍ଦ ବାବାଙ୍କ ପୋଡ଼ା ହାତର ଚିକିତ୍ସା କରିବାକୁ ବମ୍ବେଇରୁ ଆସିଥିଲେ ମଧ୍ୟ ତାଙ୍କୁ ଚିକିତ୍ସା କରିବାର ସୁଯୋଗ ନଦେଇ କୁଷ୍ଠରୋଗୀ ଓ ଭକ୍ତ ଭାଗୋଜୀ ଶିନ୍ଦେ ବାବାଙ୍କ ହାତରେ ବ୍ୟାଣ୍ଡେଜ୍ ବାନ୍ଧିଥିଲେ ଓ ମାଲିସ୍ କରିଥିଲେ।	ସତ୍‌ଚରିତ ଅଧ୍ୟାୟ-୭, ପଦ-୭୩ ଠାରୁ
୦୫-୧୨-୧୯୧୦	(ଝ) ଅମରାବତୀରୁ ଦାଦାସାହେବ ଖାପର୍ଡ଼େ ପ୍ରଥମ ଥର ଶିରିଡ଼ି ଆସି ଡିସେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ରହିଥିଲେ।	ଖାପର୍ଡ଼େଙ୍କ ଡାଇରୀ

୧୦-୧୨-୧୯୧୦	(ଞ) କାକାସାହେବ ଦୀକ୍ଷିତଙ୍କୁ ତାଙ୍କର ୱାଡ଼ା ତିଆରି କରିବାକୁ ବାବା ଅନୁମତି ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪, ପଦ-୧୬୪
୨୫-୧୨-୧୯୧୦	(ଟ) ଲାଲା ଲକ୍ଷ୍ମୀଚନ୍ଦ ଶିରିଡ଼ି ଆସିଥିଲେ।	ସତ୍‌ଚରିତ ଅଧ୍ୟାୟ-୨୮, ପଦ-୨୩
୧୯୧୦ ଡିସେମ୍ବର	(ଠ) ମାଦ୍ରାଜୀ ସନ୍ନ୍ୟାସୀ ବିଜୟାନନ୍ଦଙ୍କର ଶିରିଡ଼ିରେ ପ୍ରାଣତ୍ୟାଗ ।	ସତ୍‌ଚରିତ ଅଧ୍ୟାୟ-୩୧, ପଦ-୫୬
୧୯୧୦	(ଡ) ମେଘା ଶିରିଡ଼ିରେ ସ୍ଥାୟୀ ଭାବରେ ରହିବାପାଇଁ ଆସିଥିଲେ।	ସତ୍‌ଚରିତ ଅଧ୍ୟାୟ-୨୮, ପଦ-୧୪୫
୧୯୧୧	(କ) କାକାସାହେବ ଦୀକ୍ଷିତଙ୍କ ୱାଡ଼ା ଭକ୍ତମାନଙ୍କର ରହିବା ନିମନ୍ତେ ରାମନବମୀ ଦିନ ଉତ୍ସର୍ଗ କରାଗଲା।	ସତ୍‌ଚରିତ ଅଧ୍ୟାୟ-୪, ପଦ-୧୬୬
୧୯୧୧ମାର୍ଚ୍ଚ	(ଖ) ସବ୍‌ଜଜ୍ ତାତ୍ୟା ସାହେବ ନୁଲକରଙ୍କ ଶିରିଡ଼ିରେ ପ୍ରାଣତ୍ୟାଗ ।	ସତ୍‌ଚରିତ ଅଧ୍ୟାୟ-୩୧, ପଦ-୧୧୯
	(ଗ) ମେଘା ଗୋଟିଏ ଗୋଡ଼ରେ ଠିଆହୋଇ ବାବାଙ୍କର ଆରତି କରିବା ଆରମ୍ଭ କଲେ ।	ଭକ୍ତଙ୍କ ଅନୁଭୂତି
୧୯୧୧	(ଘ) ଦ୍ୱାରକାମାୟୀ ଅଗଣାର ଜୀର୍ଣ୍ଣସଂସ୍କାର। ରାତ୍ରିରେ ପୋତାଯାଉଥିବା ଖୁମ୍ବଗୁଡ଼ିକୁ ବାବା ସକାଳେ ଉପାଡ଼ି ଦେଉଥିଲେ। ବାବା ତାତ୍ୟାଙ୍କ ପଗଡ଼ିକୁ କାଢ଼ି ଖାତ ଭିତରକୁ ଫୋପାଡ଼ି ଦେଇଥିଲେ ଓ ସେଥିରେ ଅଗ୍ନି ସଂଯୋଗ କରିଥିଲେ। ପରେ ଜରି ଧଡ଼ିଥିବା ନୂଆ ପଗଡ଼ି ତାଙ୍କ ମୁଣ୍ଡରେ ପିନ୍ଧାଇ ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୬,ପଦ-୧୨୭ଠାରୁ
	(ଙ) କାକା ମହାଜନୀଙ୍କ ତରଳଝାଡ଼ା ବାଦାମ ଖୁଆଇ ବାବା ଭଲ କରିଥିଲେ। ସେତେବେଳେ ମସ୍‌ଜିଦ୍ ଅଗଣାର ମରାମତି କାର୍ଯ୍ୟ ଚାଲିଥିଲା।	ସତ୍‌ଚରିତ ଅଧ୍ୟାୟ- ୧୩, ପଦ-୧୩୪ଠାରୁ
	(ଚ) ହାଜି ସିଦ୍ଦିକ୍ ଫାଲ୍‌କେ ଶିରିଡ଼ିରେ ରହିଥିଲେ। ତାଙ୍କୁ ଦ୍ୱାରକାମାୟୀକୁ ଯିବାପାଇଁ ଦିଆଯାଇନଥିଲା ।ସେ ୯ ମାସଯାଏଁ ଯାଇପାରିନଥିଲେ ।	ସତ୍‌ଚରିତ ଅଧ୍ୟାୟ-୧୧, ପଦ- ୭୮ ଠାରୁ
	(ଛ) ହରିଦ୍ୱାରର ସୋମଦେବ ସ୍ୱାମୀ(ସ୍ୱାମିଜୀ) ଶିରିଡ଼ି ଆସିଥିଲେ।	ସତ୍‌ଚରିତ ଅଧ୍ୟାୟ-୪୯, ପଦ-୯୩
୨୭-୦୬-୧୯୧୧	(ଜ) କାଶୀନାଥ ଗୋବିନ୍ଦ ଉପାସନୀ ପ୍ରଥମ କରି ଶିରିଡ଼ି ଆସିଥିଲେ।	ସାଇବାବାଙ୍କ ଜୀବନୀ-୨ୟ ଖଣ୍ଡ (ନରସିଂହ ସ୍ୱାମିଜୀଙ୍କ ରଚନା)
୧୯୧୧ ଡିସେମ୍ବର	(ଝ) ଶ୍ରୀସାଇନାଥଙ୍କ ମହିମା ଗାନକରି ଉପାସନୀ "ଶ୍ରୀ ସାଇନାଥ ମହିମ୍ନ ସ୍ତୋତ୍ରମ୍" ରଚନା କରିଥିଲେ।	ଖାପର୍ଡ଼େଙ୍କ ଡାଇରୀ
୧୯୧୧ ଡିସେମ୍ବର	(ଞ) ପ୍ରାୟ ୩ମାସ ଧରି ଶିରିଡ଼ିରେ ବ୍ୟୁବନିକ ପ୍ଲେଗ ରୋଗ ବ୍ୟାପିଥିଲା।	ସାଇବାବାଙ୍କ ଜୀବନୀ-୨ୟ ଖଣ୍ଡ
୧୯୧୧	(ଟ) ଶିରିଡ଼ିରେ ହଇଜା ନ ହେବାପାଇଁ ବାବା ଗହମ ପେଷିଥିଲେ। ଏଥିରୁ ହେମାଡ଼ପନ୍ତ (ଦାଭୋଲକର) ଶ୍ରୀସାଇ ସମର୍ଥ ସତ୍‌ଚରିତ ଲେଖିବାର ପ୍ରେରଣା ପାଇଥିଲେ।	ସତ୍‌ଚରିତ ଅଧ୍ୟାୟ-୧, ପଦ-୧୧୦, ଓ ୧୩୪ ଇତ୍ୟାଦି।

୦୫-୧୨-୧୯୧୧	(ଠ) ଦାଦାସାହେବ ଖାପର୍ଡ଼େ ପରିବାରବର୍ଗଙ୍କ ସହିତ ପୁଣି ଶିରିଡ଼ି ଆସିଥିଲେ ଓ ଏକାଦିକ୍ରମେ ୩ମାସ ରହିଥିଲେ । ତାଙ୍କ ସହିତ କୃଷ୍ଣ ଯୋଗେଶ୍ୱର ଭୀଷ୍ମ ଆସିଥିଲେ। ଭୀଷ୍ମ 'ସଗୁଣୋପାସନା' ବହି ଲେଖିଥିଲେ ।	ଖାପର୍ଡ଼େଙ୍କ ଡାଇରୀ
୧୧-୧୨-୧୯୧୧	(ଠ) ବାମନରାଓ ପଟେଲ ପରେ ସ୍ୱାମୀ ସାଇଶରଣା ନନ୍ଦଜୀ ବୋଲି ଖ୍ୟାତ ହୋଇଥିଲେ। ସେ ୨୨ ବର୍ଷ ବୟସରେ ପ୍ରଥମେ ଶିରିଡ଼ି ଆସିଥିଲେ।	ସାଇବାବା-ନେ-ଶରଣେ ଓ ଖାପର୍ଡ଼େଙ୍କ ଡାଇରୀ
୧୩-୧୨-୧୯୧୧	(ଡ) ଚନ୍ଦ୍ରଭାନୁ ସେଠ୍ (ରାହାତାର ଖୁଶାଲଚନ୍ଦଙ୍କ କକା)ଙ୍କ ପ୍ରାଣତ୍ୟାଗ ।	ସତ୍‌ଚରିତ ଅଧ୍ୟାୟ-୮, ପଦ-୧୨୯
୧୬-୧୨-୧୯୧୧	(ଢ) କ୍ୟାପ୍ଟେନ ଡ. ହାଟେ ଶିରିଡ଼ି ପ୍ରଥମେ ଆସିଥିଲେ। ସେତେବେଳେ ସେ ଯୁବକ ଥିଲେ ଓ ଏଲ୍‌ଏମ୍‌ଏନ୍‌ଏସ୍ ପରୀକ୍ଷା ଦେଉଥିଲେ।	ସତ୍‌ଚରିତ ଅଧ୍ୟାୟ-୨୯, ପଦ-୧୪୬ ଓ 'ଭକ୍ତଙ୍କ ଅନୁଭୂତି'
୧୯-୧୨-୧୯୧୧	(ଣ) ଶ୍ରୀରାମ ମାରୁତି (ନାଥପନ୍ଥୀ) କଲ୍ୟାଣର ଭିୱଣ୍ଡି ଅନ୍ତର୍ଗତ ଠାଣାରୁ ଶିରିଡ଼ି ଆସି ୩୪ଦିନ ରହିଥିଲେ।	ସତ୍‌ଚରିତ ଅଧ୍ୟାୟ-୩୪, ପଦ-୧୫୦ ଓ 'ଭକ୍ତଙ୍କ ଅନୁଭୂତି'
୧୯୧୨	(କ) ସଗୁଣ ମେରୁ ନାଏକ ୨୩ ବର୍ଷ ବୟସରେ ଶିରିଡ଼ି ଆସିଥିଲେ ଓ ବାବାଙ୍କ ଆଦେଶରେ ସର୍ବସାଧାରଣଙ୍କ ପାଇଁ ଏକ ଭୋଜନାଳୟ ଚଳାଇଥିଲେ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୬୧ ଓ ଅଧ୍ୟାୟ- ୨୬, ପଦ-୧୩୦
	(ଖ) ଖାପର୍ଡ଼େଙ୍କ ସାନପୁଅ ବଲୱନ୍ତ ବ୍ୟୁବନିକ ପ୍ଲେଗ ରୋଗରୁ ଭଲ ହୋଇଥିଲେ ।	ସତ୍‌ଚରିତ ଅଧ୍ୟାୟ-୭, ପଦ-୧୦୧ ଓ ୧୦୭
୦୩-୦୧-୧୯୧୨	(ଗ) ମେଘା ମନ୍ତ୍ରଶାସ୍ତ୍ର ଅନୁଯାୟୀ ଗାୟତ୍ରୀ ମନ୍ତ୍ରଜପ ସମାପ୍ତ କରିସାରିବା ପରେ ସାଠେୱାଡ଼ାଠାରେ ବ୍ରାହ୍ମଣଭୋଜନ ଓ ଅନ୍ୟ ଭକ୍ତଙ୍କ ପାଇଁ ଭୋଜନର ବ୍ୟବସ୍ଥା କରାଯାଇଥିଲା।	ଖାପର୍ଡ଼େଙ୍କ ଡାଇରୀ
୧୯୧୨	(ଘ) ମସ୍‌ଜିଦ୍‌ର ଜୀର୍ଣ୍ଣ ସଂସ୍କାର ଓ ଚଟାଣରେ ଟାଇଲ ବିଛାହୋଇଥିଲା । ବାବାଙ୍କର ବସିବାସ୍ଥାନ ନିର୍ଦ୍ଦିଷ୍ଟ ହୋଇଥିଲା ଓ ପୁରୁଣା ଛିଣ୍ଡା ଅଖା ପରିତ୍ୟକ୍ତ ହୋଇଥିଲା ।	ସତ୍‌ଚରିତ ଅଧ୍ୟାୟ-୬ ପଦ-୧୨୫ ରୁ
୧୯-୦୧-୧୯୧୨	(ଙ) ଶିରିଡ଼ିରେ ମେଘାଙ୍କର ପରଲୋକ ଓ ବାବାଙ୍କର ଶୋକ।	ସତ୍‌ଚରିତ ଅଧ୍ୟାୟ-୩୧, ପଦ-୧୧୯-୧୨୩
୨୦-୦୧-୧୯୧୨	(ଚ) ମେଘାଙ୍କ ପରଲୋକ ପରେ ବାପୁସାହେବ ଜୋଗ ମସ୍‌ଜିଦ୍ ଓ ଚାୱଡ଼ିରେ ଆରତି କାର୍ଯ୍ୟ କଲେ।	ସତ୍‌ଚରିତ ଅଧ୍ୟାୟ-୪୩, ପଦ-୧୬୩
୧୯୧୨ ଜାନୁଆରୀ	(ଛ) ତାତ୍ୟାକୁ ୧୪ ବର୍ଷ ହୋଇଥିଲା ବେଳେ ତାଙ୍କ ପିତା ଗୋବିନ୍ଦ କୋତେ ପାଟିଲ୍ ଶିରିଡ଼ିରେ ପରଲୋକ ଗମନ କଲେ । ତେଣୁ ତାତ୍ୟା ଆଉ ମସ୍‌ଜିଦ୍‌ରେ ଶୋଇବାକୁ ଆସିଲେ ନାହିଁ। ସେ ଗାର୍ହସ୍ଥ୍ୟ ଜୀବନ ଆରମ୍ଭ କଲେ ।	ସତ୍‌ଚରିତ ଅଧ୍ୟାୟ-୮ ପଦ-୧୨୪ ଓ ଖାପର୍ଡ଼େଙ୍କ ଡାଇରୀ

୨୫-୦୨-୧୯୧୨	(ଜ) ମାଧବରାଓ ଦେଶପାଣ୍ଡେ (ଶାମା) ଶିରିଡ଼ିରୁ ନାଗପୁରକୁ କାକାସାହେବ ଦୀକ୍ଷିତଙ୍କ ପୁଅର ବ୍ରତଘର ଉତ୍ସବରେ ଯୋଗଦେବାପାଇଁ ଗଲେ ଓ ସେଠାରୁ ଗ୍ୱାଲିୟର, କାଶୀ, ଗୟା ପ୍ରଭୃତି ପବିତ୍ର ଧାମକୁ ତୀର୍ଥ କରିବାକୁ ଗଲେ ।	ସତ୍‌ଚରିତ ଅଧ୍ୟାୟ-୪୬, ପଦ ୮୦ ଖାପର୍ଡ଼େଙ୍କ ଡାଇରୀ
୧୫-୦୩-୧୯୧୨	(ଝ) ଖାପର୍ଡ଼େଙ୍କ ଅମରାବତୀକୁ ପ୍ରତ୍ୟାବର୍ତ୍ତନ। ପତ୍ନୀ ଶିରିଡ଼ିରେ ରହିଲେ।	ସତ୍‌ଚରିତ ଅଧ୍ୟାୟ-୨୭, ପଦ-୧୪୭
୧୯୧୨(ରାମନବମୀ)	(ଞ) ରାମନବମୀ ଉତ୍ସବ ଶିରିଡ଼ିରେ ଆରମ୍ଭ ହେଲା।	ସତ୍‌ଚରିତ ଅଧ୍ୟାୟ-୬, ପଦ-୫୯
୧୯୧୨ଏପ୍ରିଲ୍	(ଟ) ବାଲାରାମ ଧୁରନ୍ଧରଙ୍କ ଶିରିଡ଼ିକୁ ପ୍ରଥମ ଆଗମନ ଓ ଶ୍ରୀସାଇ ଦର୍ଶନ।	ସତ୍‌ଚରିତ ଅଧ୍ୟାୟ-୫୧, ପଦ-୧୯୯
୧୯୧୨ (ଶ୍ରାବଣ ପୂର୍ଣ୍ଣିମା)	(ଠ) ନିମ୍ବଗଛ ତଳେ ଗୁରୁସ୍ଥାନରେ ପାଦୁକା ସ୍ଥାପନ।	ସତ୍‌ଚରିତ ଅଧ୍ୟାୟ-୫, ପଦ-୫୯
୧୯୧୩	(କ) ସପଟ୍‌ଣେକର ନିଜ ଭାଇଙ୍କ ସହିତ ଶିରିଡ଼ିକୁ ପ୍ରଥମ ଆଗମନ।	ସତ୍‌ଚରିତ ଅଧ୍ୟାୟ-୪୮, ପଦ ୭୪
	(ଖ) ବାଲାବୁଆ ସୂତାର(ସତରକର)ଙ୍କୁ ଶିରିଡ଼ି ଆସି କୀର୍ତ୍ତନ କରିବାକୁ ଆମନ୍ତ୍ରଣ। ବାବା ତାଙ୍କୁ ଚିହ୍ନିଥିଲେ ଓ ଚାରିବର୍ଷ ତଳେ ତାଙ୍କୁ ଦେଖିଥିଲେ ବୋଲି କହିଥିଲେ। ସେ ବାବାଙ୍କ ଫଟୋକୁ ୪ ବର୍ଷ ତଳେ ପ୍ରଣାମ କରିଥିଲେ।	ସତ୍‌ଚରିତ ଅଧ୍ୟାୟ ୬, ପଦ-୯୪ ଠାରୁ ଅଧ୍ୟାୟ-୩୩, ପଦ ୧୫୨ ଠାରୁ
	(ଗ) ବାବା ବିଠଲ ଓ ପଣ୍ଢରପୁରର ରାଖୁମାଇଙ୍କ ରୂପରେ ଆର୍.ବି. ପୁରନ୍ଧରଙ୍କ ପତ୍ନୀ ଓ ମାତାଙ୍କୁ ଦର୍ଶନ ଦେଇଥିଲେ ।	'ଭକ୍ତଙ୍କ ଅନୁଭୂତି'
୧୯୧୩ ମେ	(ଘ) ବାମନରାଓ ପାଟିଲ ଓରଫ୍ ସ୍ୱାମୀ ସାଇ ଶରଣାନନ୍ଦଜୀ ପୁନର୍ବାର ଶିରିଡ଼ିଆସି ୧୧ ମାସ ରହିଥିଲେ। ସେତେବେଳେ ତାଙ୍କର ବୟସ ୨୪-୨୫ ବର୍ଷ ଥିଲା।	ସାଇବାବା - ନେ-ଶରଣ
୧୯୧୩	(ଙ) ବାବାଙ୍କ ଆଶୀର୍ବାଦରେ ରାଓବାହାଦୂର ସାଠେଙ୍କର ପୁଅଟିଏ ହୋଇଥିଲା। ବାବାଙ୍କ ଆଦେଶରେ ସେ ୫୦ ବର୍ଷ ବୟସରେ ପୁନର୍ବିବାହ କରିଥିଲେ। ଦୁଇଟି ଝିଅ ପରେ ଏହି ପୁତ୍ର ହୋଇଥିଲା।	ଶ୍ରୀ ସାଇବାବା'ସ୍ ଚାର୍ଟାର ଏଣ୍ଡ ସେୟିଂସ୍ (ନରସିଂହ ସ୍ୱାମିଜୀଙ୍କ ରଚନା)
୨୨-୦୨-୧୯୧୪	(କ) ବାବା ଡହାଣୁର ମାମଲତଦାର ବି.ଭି.ଦେଓଙ୍କୁ ଛିଣ୍ଡାକନା ଚୋରି ଅଭିଯୋଗରେ ଗାଳି ଦେଇଥିଲେ ଓ ରାଗରେ ତାଙ୍କୁ ଜ୍ଞାନେଶ୍ୱରୀ ପାଠ କରିବାକୁ ଆଦେଶ ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୧, ପଦ-୮୮ ଓ ୧୩୭
	(ଖ) ଯୋଗସ୍ୱାମୀ ରାମବାବା ପ୍ରଥମେ ସାଇବାବାଙ୍କୁ ପିଆଜ ସହିତ ରୁଟି ଖାଉଥିବା ସମୟରେ ଦର୍ଶନ କରିଥିଲେ ଓ ବାବାଙ୍କ ପ୍ରତି ତାଙ୍କର ଭଲ ଧାରଣା ହୋଇନଥିଲା।	ସତ୍‌ଚରିତ ଅଧ୍ୟାୟ-୨୩, ପଦ- ୧୨ରୁ ୨୦

୧୯୧୪ ରାମନବମୀ	(ଗ) ବାଲାବୁଓ୍ୱା ସୂତାର(ସତରକର)ଙ୍କର ରାମନବମୀ ଉପଲକ୍ଷେ କୀର୍ତ୍ତନ ନିମିତ୍ତ ଶିରିଡ଼ି ଆଗମନ।	ସତ୍‌ଚରିତ ଅଧ୍ୟାୟ-୬, ପଦ ୯୭ରୁ୧୧୬
୦୨।୦୪।୧୯୧୪	(ଘ) ବି.ଭି. ଦେଓଙ୍କୁ ବାବା ସ୍ୱପ୍ନରେ ଦିଗ୍‌ଦର୍ଶନ ଦେଇ ପୋଥି ପାଠ କରିବାର ପଦ୍ଧତି ଶିକ୍ଷା ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୧, ପଦ ୬୦ ଠାରୁ ଓ ଅଧ୍ୟାୟ ଶେଷରେ ପଦଟୀକା ଦେଖନ୍ତୁ ।
୨୫।୦୭।୧୯୧୪	(ଙ) ବାବାଙ୍କ ବିନାନୁମତିରେ ଉପାସନୀ ମହାରାଜ ଶିରିଡ଼ିରୁ ପ୍ରସ୍ଥାନ କରିଥିଲେ ।	ସାକୋରୀର ସନ୍ନ୍ୟାସୀ (ଲେଖକ ନରସିଂହ ସ୍ୱାମିଜୀ)
୧୯୧୪	(ଚ) ଅକଲକୋଟରୁ ସପଟ୍‌ଣେକରଙ୍କର ପତ୍ନୀଙ୍କ ସହିତ ଶିରିଡ଼ି ପୁନରାଗମନ	ସତ୍‌ଚରିତ ଅଧ୍ୟାୟ-୪୮, ପଦ-୧୪୮ଠାରୁ
୧୯୧୫ ରାମନବମୀ	(କ) ଦାସ ଗଣୁ କୀର୍ତ୍ତନ କଲେ ଓ ଏଇ ବର୍ଷଠାରୁ ରାମନବମୀ କୀର୍ତ୍ତନ କରିବାର ଦାୟିତ୍ୱ ପ୍ରତିବର୍ଷ ପାଇଁ ଗ୍ରହଣ କଲେ।	ସତ୍‌ଚରିତ ଅଧ୍ୟାୟ-୬, ପଦ-୧୧୬
୧୯୧୫	(ଖ) ବାବା ନିଜେ ଆଜ୍‌ମା ଦ୍ୱାରା ଅତି ପୀଡିତ ହୋଇ ଓ ଦୁର୍ବଳ ଥାଇ ମଧ୍ୟ ରାଧାକୃଷ୍ଣମାଇଙ୍କ ଚାଳ ଛପର ଉପରକୁ ଚଢ଼ିଗଲେ। ଖେମ୍‌କର ସିଡ଼ି ଆଣି ଦେଇଥିବାରୁ ତାଙ୍କୁ ଦୁଇ ଟଙ୍କା ଦେଲେ।	ସତ୍‌ଚରିତ ଅଧ୍ୟାୟ-୧୯ ପଦ-୨୩୫ଠାରୁ
	(ଗ) ଶିରିଡ଼ିଠାରେ ବାଲାରାମ ମାନକରଙ୍କ ଦେହାନ୍ତ	ସତ୍‌ଚରିତ ଅଧ୍ୟାୟ-୩୧ ପଦ-୧୧୭
୧୯୧୫ ଡିସେମ୍ବର	(ଘ) ମାନକରଙ୍କ ପୁତ୍ର ହସ୍ତରେ ବମ୍ବେଇର ଶ୍ରୀମତୀ ତର୍ଖଡ଼ ବାବାଙ୍କ ପାଇଁ ଗୋଟିଏ ପେଡ଼ା ପଠାଇଥିଲେ। ତାଙ୍କ ଘରେ ନୈବେଦ୍ୟ ଅର୍ପଣ ପରେ ଏହି ପେଡ଼ା ରହିଯାଇଥିଲା ।	ସତ୍‌ଚରିତ ଅଧ୍ୟାୟ ୯, ପଦ ୧୪୬ରୁ୧୫୬
୩୦-୧୨-୧୯୧୫	(ଙ) ବୁଟି ଓ୍ୱାଡ଼ାର ନିର୍ମାଣ କାର୍ଯ୍ୟାରମ୍ଭ । ଏହା ବର୍ତ୍ତମାନର ସମାଧି ମନ୍ଦିର।	ସତ୍‌ଚରିତ ଅଧ୍ୟାୟ-୪, ପଦ ୧୬୭
୧୯୧୬	(କ) ବାବା ଦାସ ଗଣୁଙ୍କୁ ନାମସପ୍ତାହ ପାଳିବା ପାଇଁ ଆଦେଶ ଦେଲେ ।	ସତ୍‌ଚରିତ ଅଧ୍ୟାୟ-୪, ପଦ-୮୩
	(ଖ) ରାଧାକୃଷ୍ଣମାଇଙ୍କର ୩୫ ବର୍ଷ ବୟସରେ ପରଲୋକ।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି)
	(ଗ) ମାଦ୍ରାଜୀ ଭଜନମଣ୍ଡଳୀର ଶିରିଡ଼ି ଆଗମନ। ଦଳର କର୍ତ୍ତ୍ରୀ ମହିଳାଙ୍କୁ ବାବା ଶ୍ରୀରାମ ରୂପରେ ଦର୍ଶନ ଦେଲେ ଓ ତାଙ୍କ ସ୍ୱାମୀଙ୍କର ଆଚରଣ ସ୍ୱପ୍ନ ମାଧ୍ୟମରେ ବଦଳାଇ ଦେଲେ।	ସତ୍‌ଚରିତ ଅଧ୍ୟାୟ-୨୯ ପଦ ୨, ୪୦, ୮୧, ୮୨ ଓ ତା'ପରେ
	(ଘ) ମାଲେଗାଁର ଡାକ୍ତରଙ୍କ ପୁତୁରା ହାଡ଼ଯକ୍ଷ୍ମା ରୋଗରୁ ଉଦି ସେବନ କରି ଆରୋଗ୍ୟ ହେଲେ ଓ ଡାକ୍ତର ବାବାଙ୍କୁ ଦର୍ଶନ କଲେ।	ସତ୍‌ଚରିତ ଅଧ୍ୟାୟ-୩୪, ପଦ-୫ଠାରୁ ଓ ୩୧, ୪୫ ଇତ୍ୟାଦି

	(ଙ) ଦାଭୋଲକର ଅବସର ଗ୍ରହଣ କଲେ ଓ ଗୁରୁ ପୂର୍ଣ୍ଣିମା ଦିନ ଅନ୍ନାସାହେବ ଚିଞ୍ଚଣୀକର ଦାଭୋଲକର ପୁନଃଚାକିରୀ ପାଇବା ନିମନ୍ତେ ବାବାଙ୍କ ନିକଟରେ ନିବେଦନ କଲେ ।	ସତ୍‌ଚରିତ ଅଧ୍ୟାୟ-୩, ପଦ-୭୨ ଓ ୭୩
୧୯୧୬ (ଦଶହରା) ବିଜୟା ଦଶମୀ	(ଚ) ଭବିଷ୍ୟତରେ ବାବା ତାଙ୍କର ମହାସମାଧି କେବେ ହେବ ବୋଲି ସୀମାଲଘଂନ ସମୟରେ ସୂଚାଇ ଦେଇଥିଲେ। ସେ ରାଗରେ ପାଚିଯାଇ ତାଙ୍କର ଲୁଗାପଟା ଧୁନି ମଧ୍ୟକୁ ଫିଙ୍ଗି ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୨, ପଦ-୧୮ ଠାରୁ
୧୯୧୬	(ଛ) ରାମଚନ୍ଦ୍ର ଦାଦା ପାଟିଲ ଅସୁସ୍ଥ ହୋଇଥିଲେ । ବାବା ତାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଥିଲେ ଯେ ତାତ୍ୟା କୋତେ ପାଟିଲ ଦୁଇବର୍ଷ ପରେ ବିଜୟାଦଶମୀ ଦିନ ମୃତ୍ୟୁବରଣ କରିବେ । ବାବା ତାଙ୍କ ନିଜ ନାମ ବଦଳରେ ତାତ୍ୟାଙ୍କ ନାମ କହିଥିଲେ ।	ସତ୍‌ଚରିତ ଅଧ୍ୟାୟ-୪୨, ପଦ-୪୫ ଠାରୁ
	(ଜ) ଭକ୍ତ ଗୋପାଳ ନାରାୟଣ ଆମ୍ବେଦକର ପୁଣେରୁ ଶିରିଡ଼ି ଆସିଥିଲେ। ଆର୍ଥିକ ଅସୁବିଧା ଯୋଗୁଁ ସେ ଆତ୍ମହତ୍ୟା ଲୋଡୁଥିବା ସମୟରେ ବାବା ତାଙ୍କୁ ରକ୍ଷା କରିଥିଲେ।	ସତ୍‌ଚରିତ ଅଧ୍ୟାୟ-୨୬, ପଦ-୧୧୪
୧୯୧୭	(କ) ବମ୍ବେଇର ସାଠେ 'ଗୁରୁଚରିତ୍ର' ପାରାୟଣ କରିଥିଲେ।	ସତ୍‌ଚରିତ ଅଧ୍ୟାୟ-୧୮ ପଦ-୪୩ରୁ ୫୭
	(ଖ) ଗୁରୁମନ୍ତ୍ର ଲାଭ ନ କରିବା ପର୍ଯ୍ୟନ୍ତ ରାଧାବାଈ ଦେଶମୁଖ ଅନଶନ ଚଳାଇବାକୁ ପ୍ରତିଜ୍ଞା କରିଥିଲେ।	ସତ୍‌ଚରିତ ଅଧ୍ୟାୟ-୧୯, ପଦ-୩୫
	(ଗ) ହେମାଡ଼ପନ୍ତଙ୍କ ହସ୍ତରେ ମୁଠାଏ ମିଶ୍ରି ଆରତି ପରେ ଧରାଇ ଦେଇ ତାଙ୍କୁ ବାବା ଗୁରୁତ୍ୱପୂର୍ଣ୍ଣ ଉପଦେଶ ଦେଇଥିଲେ ଓ କୃପା କରିଥିଲେ ।	ସତ୍‌ଚରିତ ଅଧ୍ୟାୟ-୧୯, ପଦ-୧୧୭ ଓ ୧୧୮
	(ଘ) ହେମଡ଼ପନ୍ତଙ୍କୁ ହୋଲି ଉତ୍ସବଦିନ ବଡ଼ି ଭୋର୍‌ରୁ ସ୍ୱପ୍ନରେ ବାବା ଦର୍ଶନ ଦେଇ ତାଙ୍କ ଗୃହକୁ ମଧ୍ୟାହ୍ନ ଭୋଜନ ନିମିତ୍ତ ଆସିବେ ବୋଲି କହିଥିଲେ। ଫଟୋ ରୂପରେ ସେ ଅଲ୍ଲୀ ମହମ୍ମଦଙ୍କ ଦ୍ୱାରା ସେଦିନ ଯଥା ସମୟରେ ଉପସ୍ଥିତ ହୋଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୦, ପଦ-୧୧୩
	(ଙ) ଦାଦାସାହେବ ଖାପର୍ଡ଼େଙ୍କ ସହିତ ମେ' ମାସରେ ଲୋକମାନ୍ୟ ତିଳକ ଶ୍ରୀସାଇଙ୍କୁ ଦର୍ଶନ କରିବାକୁ ଆସିଥିଲେ।	ଖାପର୍ଡ଼େଙ୍କ ଡାଏରୀ
୧୯୧୭ (ଗୁରୁ ପୂର୍ଣ୍ଣିମା)	(ଛ) ଡହାଣୁର ହରିଭାଉ କାର୍ତ୍ତିକ ବାବାଙ୍କୁ ଦକ୍ଷିଣା ହିସାବରେ ଆଉ ଟଙ୍କାଟିଏ ଦେବା ପାଇଁ ଚାହୁଁଥିଲେ	ସତ୍‌ଚରିତ ଅଧ୍ୟାୟ-୩୩, ପଦ-୧୯୯

	ଓ ଦେଇ ପାରି ନ ଥିଲେ। ନାସିକ୍‌ର କାଲାରାମ ମନ୍ଦିରରୁ ନରସିଂହ ମହାରାଜ ଉଠି ଆସି ସେହି ଟଙ୍କାଟିକୁ ମାଗି ନେଇଥିଲେ।	
୧୯୧୭	(ଜ) ଅପ୍ପାସାହେବ କୁଲକର୍ଣ୍ଣୀଙ୍କ ଭକ୍ତିରେ ବାବା ସନ୍ତୁଷ୍ଟ ହୋଇ ଠାଣାସ୍ଥିତ ତାଙ୍କ ଗୃହକୁ ଆସିଥିଲେ ଓ ତାଙ୍କ ପରିବାରର କୁଶଳ କାମନା କରିଥିଲେ । ତା'ପରେ ଦକ୍ଷିଣା ହିସାବରେ କୁଲକର୍ଣ୍ଣୀଙ୍କଠାରୁ ଦଶଟଙ୍କା ଆଦାୟ କରିଥିଲେ ଓ ତାଙ୍କର ଇଚ୍ଛା ପୂରଣ କରିଥିଲେ ।	ସତ୍‌ଚରିତ ଅଧ୍ୟାୟ-୩୩, ପଦ-୧୪୭
୧୯୧୭	(ଝ) ଉପାସନୀ ମହାରାଜ ସାକୋରୀଠାରେ ସବୁଦିନ ନିମନ୍ତେ ରହିଥିଲେ।	ସାକୋରୀର ସନ୍ନ୍ୟାସୀ (ଲେଖକ ନରସିଂହ ସ୍ୱାମିଜୀ)
୧୯୧୮	(କ) ମୋରେଶ୍ୱର ପ୍ରଧାନ ଲେଣ୍ଡିବାଗକୁ କିଣିବା ପରେ ତାହାକୁ ଶ୍ରୀସାଇବାବା ସଂସ୍ଥାନକୁ ଦାନ କରି ଦେଇଥିଲେ।	ପ୍ରଧାନଙ୍କ ସୂତ୍ରରୁ
	(ଖ) ବାପୁସାହେବ ବୁଟିଙ୍କର ଜ୍ୱାଇଁ ପ୍ରଫେସର ନାର୍କେ ପୁଣେର ଇଞ୍ଜିନିୟରିଂ କଲେଜରେ ଚାକିରୀ ପାଇଥିଲେ।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି), ଲେଖକ- ନରସିଂହ ସ୍ୱାମିଜୀ
୧୯୧୮ ଅଗଷ୍ଟ	(ଗ) ହେମାଡ଼ପନ୍ତଙ୍କୁ ବାବା ଗିଲାସେ ଚହ୍ଲା ଦେଇ ପିଇଦେବା ନିମନ୍ତେ ପ୍ରବର୍ତ୍ତେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୩୮, ପଦ-୧୮୨
	(ଘ) ବାବା ଶୀଘ୍ର ମରଶରୀର ତ୍ୟାଗ କରିବାକୁ ଯାଉଥିବା ଜାଣି ପାରି, କରିମ୍‌ଙ୍କ ହାତରେ ଔରଙ୍ଗାବାଦର ଫକୀର ଶାମସୁଦ୍ଦିନଙ୍କ ନିକଟକୁ ଖାଦ୍ୟପଦାର୍ଥ ଓ ଇସଲାମ ଧର୍ମ ଅନୁଯାୟୀ ବିଧିବିଧାନ କରିବା ନିମନ୍ତେ ଦୁଇଶହ ପଚାଶ ଟଙ୍କା ପଠାଇଥିଲେ। କରିମ୍‌ଙ୍କୁ ମଧ୍ୟ ବାନେ ମିଆଁଙ୍କୁ ସାକ୍ଷାତ କରିବା ପାଇଁ ପଠାଯାଇଥିଲା ଏବଂ ଯେଉଁଦିନ ଆଲୋକ ନିର୍ବାପିତ ହୋଇଯିବ, ସେହି ଇସଲାମୀୟ ପଞ୍ଜିକା ଅନୁସାରେ ମାସ ଓ ଦିନ ନିର୍ଦ୍ଦିଷ୍ଟ ଭାବରେ ତାଙ୍କୁ ପଚାରିବାକୁ ବାବା କହିଥିଲେ ।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି) ଲେଖକ- ନରସିଂହ ସ୍ୱାମିଜୀ (ଖଣ୍ଡ-୩)
୦୯।୦୯।୧୯୧୮ (ଗଣେଶ ଚତୁର୍ଥୀ)	(ଙ) ଦାସ ଗଣୁ ମହାରାଜ 'ସ୍ତବନମଞ୍ଜରୀ'କୁ ନର୍ମଦା ନଦୀ କୂଳରେ ଅବସ୍ଥିତ ମାହେଶ୍ୱରୀଠାରେ ସମାପ୍ତ କରିଥିଲେ।	ସ୍ତବନମଞ୍ଜରୀ, ପଦ-୧୫୯
୨୮।୦୯।୧୯୧୮	(ଚ) ବାବାଙ୍କୁ ଗତ ଦୁଇ ତିନି ଦିନ ଧରି ଜ୍ୱର ହେଉଥିଲା। ସେ କିଛି ଖାଇବେ ନାହିଁ ବୋଲି ସ୍ଥିର କରିଥିଲେ ଓ ଦିନକୁ ଦିନ କ୍ରମେ ଦୁର୍ବଳ ହୋଇପଡ଼ିଥିଲେ।	ପ୍ରଫେସର ନାର୍କେଙ୍କର ଚିଠି

୦୧।୧୦।୧୯୧୮ (ମଙ୍ଗଳବାର)	(ଛ) ଭକ୍ତ ଓ୍ୱଝେଙ୍କୁ ବାବା 'ରାମ ବିଜୟ' ପାଠ କରିବା ନିମନ୍ତେ କହିଥିଲେ ଓ ୧୪ ଦିନ କାଳ ତାହାକୁ ଶ୍ରବଣ କରିଥିଲେ।	ସତ୍‌ଚରିତ ଅଧ୍ୟାୟ-୪୩, ପଦ-୩୫
୮।୧୦।୧୯୧୮ (ମଙ୍ଗଳବାର)	(ଜ) ଦାରଓ୍ୱିସ୍‌ମାନଙ୍କର ବ୍ୟାଘ୍ରକୁ ବାବା 'ମୁକ୍ତି' ଦାନ କରିଥିଲେ।	ସତ୍‌ଚରିତ ଅଧ୍ୟାୟ- ୩୧, ପଦ-୧୬୬
୧୫।୧୦।୧୯୧୮ (ମଙ୍ଗଳବାର) ବିଜୟା ଦଶମୀ	(ଝ) ବିଜୟାଦଶମୀ ଦିନ ଲକ୍ଷ୍ମୀବାଇ ଶିନ୍ଦେ ବାବାଙ୍କ ନିକଟରୁ ନଅଟଙ୍କା ଦାନ ପାଇଥିଲେ। ସେହିଦିନ ଦିବା ଘ ୨।୩୦ମି ସମୟକୁ ଏକାଦଶୀ ତିଥି ଆସିଯାଇଥିଲା ଓ ବାବା ମରଶରୀର ତ୍ୟାଗ କରି ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୨, ପଦ-୧୧
୧୬।୧୦।୧୯୧୮ (ବୁଧବାର)	(ଞ) ଲକ୍ଷ୍ମଣ ମାମା ଯୋଶୀଙ୍କୁ ପ୍ରତ୍ୟୁଷରେ ବାବା ସ୍ୱପ୍ନରେ ଦର୍ଶନ ଦେଇ ଶିରିଡ଼ିରେ କାକଡ଼ ଆରତି କରିବା ପାଇଁ କହିଥିଲେ। ସେହି ସମୟରେ ଦାସଗଣୁ ମହାରାଜଙ୍କୁ ମଧ୍ୟ ବାବା ସ୍ୱପ୍ନରେ ଦର୍ଶନ ଦେଇ ସେ ଶିରିଡ଼ି ଛାଡ଼ି ଯାଉଛନ୍ତି ବୋଲି କହିଥିଲେ ଓ ଶୀଘ୍ର 'ବଉଳ' ଫୁଲ ଧରି ଶିରିଡ଼ି ଆସିବାକୁ ଆଦେଶ ଦେଇଥିଲେ।	ସତ୍‌ଚରିତ ଅଧ୍ୟାୟ-୪୩, ପଦ-୧୬୨ ଓ ୧୬୩ ଅଧ୍ୟାୟ-୪୨, ପଦ-୬୯-୭୧
୧୬।୧୦।୧୯୧୮ (ବୁଧବାର)	(ଟ) ପରମ ଭକ୍ତ ଅମୀରଭାଇ ଶକ୍କର ବମ୍ବେଇରୁ ଓ କୋପରଗାଁର ମାମଲତଦାର ଆସି ପହଞ୍ଚିଥିଲେ। ବାବାଙ୍କ ସମାଧି କେଉଁଠାରେ ଦିଆଯିବ, ସେଥିପାଇଁ ବାଦାନୁବାଦ ଚାଲିଥିଲା। ଶେଷରେ ବୁଟି ଓ୍ୱାଡ଼ାରେ ବାବାଙ୍କ ସମାଧି ହେବ ବୋଲି ନିଷ୍ପତ୍ତି ହୋଇଥିଲା ।	ସତ୍‌ଚରିତ ଅଧ୍ୟାୟ-୪୩
	(ଠ) ସାଇବାବାଙ୍କର ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ବୁଟି ଓ୍ୱାଡ଼ାର ଗର୍ଭଗୃହରେ ସନ୍ଧ୍ୟାବେଳେ ସମାଧି ଦିଆଯାଇଥିଲା।	ପ୍ରଫେସର ନାର୍କେଙ୍କ ତା୫।୧୧।୧୯୧୮ର ଚିଠି
୨୭।୧୦।୧୯୧୮	(କ) ବାବାଙ୍କ ମହାନିର୍ବାଣର ତ୍ରୟୋଦଶ ଦିବସରେ ବାଳାସାହେବ ଭାଟେ ଓ ଉପାସନୀ ମହାରାଜ ଅନ୍ତ୍ୟେଷ୍ଟି କ୍ରିୟାକର୍ମ ସମାପନ କରିଥିଲେ।	ସତ୍‌ଚରିତ ଅଧ୍ୟାୟ -୪୪
	(ଖ) ବାବାଙ୍କର ଦେହତ୍ୟାଗରେ ଗଭୀର ଭାବରେ ଶୋକାକୁଳ ହୋଇ ନାନାବଳୀ 'କାକା', 'କାକା' ବୋଲି ଡାକି ସେହି ତ୍ରୟୋଦଶ ଦିବସରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କୁ ଲେଣ୍ଡିବାଗରେ ସମାଧି ଦିଆଯାଇଥିଲା ।	ସତ୍‌ଚରିତ ଅଧ୍ୟାୟ- ୧୦, ପଦ-୧୦୬ ଓ ଡିଭୋଟିଜ୍ ଏକ୍ସପେରିଏନ୍ସ। (ଭକ୍ତଙ୍କ ଅନୁଭୂତି)
୫।୧୧।୧୯୧୮	(ଗ) ସେଠ୍ ଖୁଶାଲଚନ୍ଦଙ୍କର ପରଲୋକ।	ସତ୍‌ଚରିତ ଅଧ୍ୟାୟ-୮, ପଦ-୧୩୧

୨୪ ତାରିଖରୁ ୨୬।୧୨।୧୯୧୮	(ଘ) ଶିରିଡ଼ିର ଭକ୍ତଗଣ ବାପୁସାହେବ ବୁଟିଙ୍କ ଅଧକ୍ଷତାରେ ବାବାଙ୍କ ସମାଧିରେ ଦୈନିକ ପୂଜାର୍ଚ୍ଚନା ନିମିତ୍ତ ଏକ କମିଟି ଗଠନ କରି ଦାୟିତ୍ୱ ଦେଇଥିଲେ।	ପ୍ରଧାନଙ୍କ ଲେଖା
୧୯୧୯ ଜାନୁୟାରୀ	ପୁଣେଠାରେ ନାନାସାହେବ ନିମୋଣକରଙ୍କ ପରଲୋକ।	ସତ୍‌ଚରିତ ଅଧ୍ୟାୟ-୧୨, ପଦ-୫୬ରୁ ୬୬
୧୯୨୧	(କ) ନାସିକର ନାରାୟଣ ମୋତିରାମ ଜାନୀଙ୍କୁ ସ୍ୱପ୍ନରେ ଦେଖାଦେଇ ବାବା ଏକ ମାଟି ତଳ ଘର ଭିତରୁ ବାହାରି ଆସିଥିଲେ ଓ ସେ ସୁସ୍ଥ ହୋଇ ନିଜ ଗୋଡ଼ରେ ସପ୍ତାହକ ମଧରେ ଚାଲିପାରିବେ ବୋଲି କହିଥିଲେ।	ସତ୍‌ଚରିତ ଅଧ୍ୟାୟ-୩୩, ପଦ-୧୨୬
	(ଖ) ଅନ୍ନାସାହେବ ଦାଭୋଲକର ଛଅମାସ ପାଇଁ ସେକ୍ରେଟେରିଏଟ୍‌ରେ ଚାକିରୀ ପାଇଥିଲେ।	ସତ୍‌ଚରିତ ଅଧ୍ୟାୟ-୩, ପଦ-୧୬୧
	(ଗ) ବୁଟିୱାଡ଼ା, ଯାହା ପରେ ସମାଧି ମନ୍ଦିରରେ ପରିଣତ ହୋଇଥିଲା, ତାହାର ନିର୍ମାଣକର୍ତ୍ତା ବାପୁ ସାହେବ ବୁଟିଙ୍କର ବମ୍ବେଇରେ ପରଲୋକ ।	ପ୍ରଧାନଙ୍କ ସୂତ୍ରରୁ
୧୯୨୧ ଅଗଷ୍ଟ	ନାନାସାହେବ ଚାନ୍ଦୋରକରଙ୍କର ୬୧ ବର୍ଷ ବୟସରେ ବମ୍ବେଇର କଲ୍ୟାଣଠାରେ ପରଲୋକ ।	ଦେବଙ୍କ ଲିଖିତ 'ବାବାଙ୍କ ଜୀବନୀ'
୧୯୨୧	ଶ୍ରୀସାଇବାବା ସଂସ୍ଥାନ ଅହମଦନଗର ଜିଲ୍ଲାକୋର୍ଟଙ୍କ ଅନୁମତି କ୍ରମେ ସ୍ଥାପିତ ହୋଇଥିଲା।	ପ୍ରଧାନଙ୍କ ସୂତ୍ରରୁ
୧୯୨୨	'ଶ୍ରୀସାଇ ସତ୍‌ଚରିତ'ର ରଚନା ହିନ୍ଦୁ ପଞ୍ଜିକା ଅନୁସାରେ ଚୈତ୍ର ମାସରେ ଆରମ୍ଭ ହେଲା।	ସତ୍‌ଚରିତ ଅଧ୍ୟାୟ-୫୩, ପଦ-୧୭୯
୧୧।୦୯।୧୯୨୨	ମହାଲ୍‌ସାପତି ଏକାଦଶୀ ତିଥିରେ ଶିରିଡ଼ିରେ ମୃତ୍ୟୁବରଣ କଲେ ।	ଲାଇଫ୍ ଅଫ୍ ସାଇବାବା (ନରସିଂହ ସ୍ୱାମୀଜୀଙ୍କ ରଚନା)
୧୯୨୩ ଏପ୍ରିଲ	'ସାଇଲୀଳା'ର ପ୍ରଥମ ସଂଖ୍ୟା ଲକ୍ଷ୍ମଣ ଗଣେଶ ଓରଫ୍ କାକା ମହାଜନୀ ସମ୍ପାଦକ ଥାଇ ପ୍ରକାଶିତ ହେଲା।	
୩୦।୯।୧୯୨୪	ସାଠେୱାଡାକୁ ଏସ୍.ଏସ୍.ନାୱଲକର କିଣିଥିଲେ ଓ ତାଙ୍କର ଦାୟାଦମାନେ ୧୯୩୯ରେ ତାହାକୁ ସଂସ୍ଥାନକୁ ଦାନ କରିଦେଲେ।	ପ୍ରଧାନଙ୍କ ସୂତ୍ରରୁ
୧୯୨୪	ବାଲାରାମ ଧୁରନ୍ଧର ୪୭ ବର୍ଷ ବୟସରେ ମୃତ୍ୟୁବରଣ କଲେ।	ସତ୍‌ଚରିତ ଅଧ୍ୟାୟ-୫୧, ପଦ-୧୯୮
୧୯୨୫	(କ) ଦାସ ଗଣୁଙ୍କ ପୁସ୍ତକ 'ଭକ୍ତି ସାରାମୃତ' ପ୍ରକାଶିତ ହେଲା।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି)
୧୭।୦୮।୧୯୨୫	ହଜରତ୍ ତାଜୁଦ୍ଦିନ ବାବା ନାଗପୁରରେ ୬୪ ବର୍ଷ ବୟସରେ ଦେହତ୍ୟାଗ କଲେ।	ସତ୍‌ଚରିତ ଅଧ୍ୟାୟ-୪୧ ପଦ-୨୯
୧୯୨୬	ବାପୁସାହେବ ଜୋଗ ୭୦ ବର୍ଷ ବୟସରେ ସାକୋରୀଠାରେ ପରଲୋକ ଗମନ କଲେ । ତାଙ୍କ ସମାଧି ଦତ୍ତା ମନ୍ଦିର ନିକଟରେ ରହିଛି।	ସତ୍‌ଚରିତ ଅଧ୍ୟାୟ-୨୮, ପଦ-୭୫; ଅଧ୍ୟାୟ-୪୪, ପଦ-୧୪୫

୦୫।୦୭।୧୯୨୬	କାକାସାହେବ ଦୀକ୍ଷିତ ୬୨ ବର୍ଷ ବୟସରେ ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ମୃତ୍ୟୁବରଣ କଲେ ।	ସତ୍‌ଚରିତ ଅଧ୍ୟାୟ-୫୧, ପଦ-୧୦୯ ଓ 'ଲାଇଫ୍ ଅଫ୍ ସାଇବାବା'- ୩ୟ ଖଣ୍ଡ
୧୯୨୮	ଗଣେଶ ଦାମୋଦର ଓରଫ୍ ଦାଦା କେଲକାର ଯିଏକି ରାଓ ବାହାଦୂର ସାଠେଙ୍କର ଶ୍ୱଶୁର ଥିଲେ, ମୃତ୍ୟୁବରଣ କଲେ।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି)
୧୯୨୯	ଜ୍ୟେଷ୍ଠ ମାସରେ ସତ୍‌ଚରିତର ୫୨ତମ ଅଧ୍ୟାୟ ସମାପ୍ତ ହେଲା। ସେଥିରେ ଅବତରଣିକା, ଅର୍ଥାତ୍ ବିଷୟ ସାରଣୀ ବା ସମୀକ୍ଷା ରହିବାର ଥିଲା । କିନ୍ତୁ 'ଅବତରଣିକା' ଖୋଜି	ସତ୍‌ଚରିତ ଅଧ୍ୟାୟ-୫୩ ପଦ-୧୭୯
	ଖୋଜି ମିଳି ନ ଥିଲା, ଯଦିଓ ତାହା ସମ୍ବନ୍ଧରେ ଦାଭୋଲକର ସୂଚନା ଦେଇଥିଲେ। ଶ୍ରୀ ବାଳକୃଷ୍ଣ ଦେଓ 'ଅବତରଣିକା' ଲେଖିଥିଲେ ଓ ତାହାକୁ ୫୩ତମ ଅଧ୍ୟାୟ ରୂପେ ପୁସ୍ତକରେ ସନ୍ନିବେଶିତ କରାଯାଇଥିଲା।	ଅଧ୍ୟାୟ-୫୨, ପଦ-୧ ଅଧ୍ୟାୟ-୫୨, ଟୀକା-୧
୧୫।୦୭।୧୯୨୯	ଗୋବିନ୍ଦ ଆର୍ ଦାଭୋଲକର (ହେମାଡ଼ପନ୍ତ) ୭୦ ବର୍ଷ ବୟସରେ ମୃତ୍ୟୁବରଣ କଲେ।	ସତ୍‌ଚରିତ ଅଧ୍ୟାୟ-୫୩, ପଦ-୧୭୮
୨୬।୧୧।୧୯୩୦	'ଶ୍ରୀସାଇ ସତ୍‌ଚରିତ' ପ୍ରଥମେ ରାମଚନ୍ଦ୍ର ଆତ୍ମାରାମ୍ ତର୍ଖଡ଼ଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା ଓ ସ୍ୱତ୍ୱାଧିକାର ସଂସ୍ଥାନ ହାତରେ ରହିଥିଲା।	
୦୮।୦୮।୧୯୩୫	କେ.ଜେ. ଭୀଷ୍ମଙ୍କର ୮୧ ବର୍ଷ ବୟସରେ ତିରୋଧାନ ହୋଇଥିଲା। ସେ 'ସାଇ ସଗୁଣୋପାସନା', ଅର୍ଥାତ୍ 'ଆରତି' ଗୁଡ଼ିକର ରଚୟିତା ଥିଲେ।	ଶ୍ରୀସାଇ ଲୀଳା ଅକ୍ଟୋବର, ୧୯୮୭
୧୯୩୮	ଲକ୍ଷ୍ମଣ ଗଣେଶ, ଓରଫ୍ କାକା ମହାଜନୀଙ୍କର ପରଲୋକ। ଅମରାବତୀର ଗଣେଶ ଶ୍ରୀକୃଷ୍ଣ, ଓରଫ୍ ଦାଦାସାହେବ ଖାପର୍ଡ଼େଙ୍କ ୮୪ ବର୍ଷ ବୟସରେ ପରଲୋକ ।	ସତ୍‌ଚରିତ ଅଧ୍ୟାୟ-୬, ୧୨ ଓ ୧୩
୧୯୩୯	ମାନ୍ଦ୍ରାଜର ବି.ଭି. ନରସିଂହ ସ୍ୱାମିଜୀ ଦକ୍ଷିଣ ଭାରତରେ ସାଇବାବାଙ୍କ ମହିମା ସମ୍ପର୍କରେ ପ୍ରଚାର କରିବା ଦ୍ୱାରା ସେହି ଅଞ୍ଚଳରୁ ବହୁସଂଖ୍ୟକ ବ୍ୟକ୍ତି ତୀର୍ଥଯାତ୍ରାରେ ଶିରିଡ଼ି ଆସିଥିଲେ।	ଡିଭୋଟିଜ୍ ଏକ୍ସପେରିଏନ୍ସ (ଭକ୍ତଙ୍କ ଅନୁଭୂତି)ର ମୁଖବନ୍ଧ
୨୬।୦୪।୧୯୪୦	ମାଧବରାଓ ଦେଶପାଣ୍ଡେ (ଶାମା) ୮୦ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ ।	ସନ୍ଥ ଚୂଡ଼ାମଣି
୨୬।୦୪।୧୯୪୦	ଭାଉସାହେବ ଏସ୍.ବି. ଧୁମାଲ, ନାସିକର ଆଡ୍‌ଭୋକେଟ୍ ୬୭ ବର୍ଷ ବୟସରେ ପରଲୋକ ଗମନ କଲେ।	ସତ୍‌ଚରିତ ଅଧ୍ୟାୟ-୧୨, ପଦ-୪୬

୨୦।୦୧।୧୯୪୧	ଦାମୁଅନ୍ନା ରାସନେଙ୍କ ପରଲୋକ ଗମନ।	ସତ୍‌ଚରିତ ଅଧ୍ୟାୟ-୨୫
୦୧।୦୭।୧୯୪୧	ବି.ଭି. ନରସିଂହସ୍ୱାମିଜୀ 'ଅଲ୍-ଇଣ୍ଡିଆ ସାଇ ସମାଜ' ମାନ୍ଦ୍ରାଜରେ ସ୍ଥାପନ କଲେ।	ସାଇସୁଧା ଜୁନ୍, ୧୯୯୧
୨୪।୧୨।୧୯୪୧	ଉପାସନୀ ମହାରାଜ ୭୧ ବର୍ଷ ବୟସରେ ଶିରିଡ଼ି ନିକଟସ୍ଥ ସାକୋରୀଠାରେ ପ୍ରାଣତ୍ୟାଗ କଲେ।	'ସେଜ୍ ଅଫ୍ ସାକୋରୀ' (ସାକୋରୀର ସାଧୁ)
୧୯୪୪	'ସାଇଲୀଳା' ପତ୍ରିକାର ପ୍ରକାଶନ ୩ ବର୍ଷ ବନ୍ଦ ହୋଇଗଲା। ଏହା ୧୯୪୭ ମସିହାରେ ପୁନଶ୍ଚ ପ୍ରକାଶିତ ହେଲା।	
୧୯୪୫	ତାତ୍ୟା ଜି.କୋତେ ପାଟିଲଙ୍କ ପରଲୋକ।	
୧୯୪୬	ବାଲାସାହେବ ଦେଓଙ୍କ ପରଲୋକ।	
୧୯୪୮	ଆର.ବି. ପୁରନ୍ଧରଙ୍କ ପରଲୋକ।	
୧୯୫୧ ରାମନବମୀ	ସମାଧି ମନ୍ଦିରରେ ୪୦୦ରୁ ୫୦୦ ଭକ୍ତ ବସିବା ଭଳି ବିରାଟ ପକ୍କା ଅଗଣା ନିର୍ମାଣ କରାଗଲା ।	ପ୍ରାଚୀର ଫଳକ
୨୯।୦୯।୧୯୫୨	ସମାଧି ମନ୍ଦିର ଉପରେ ସ୍ୱର୍ଣ୍ଣକଳସ ସ୍ଥାପନ କରାଗଲା।	'ସାଇଲୀଳା' ଅକ୍ଟୋବର, ନଭେମ୍ବର ଡିସେମ୍ବର; ୧୯୫୨ ସଂଖ୍ୟା
୧୪।୦୭।୧୯୫୩	ବାମନରାଓ ପାଟିଲ ୬୪ ବର୍ଷ ବୟସରେ ସନ୍ନ୍ୟାସ ନେଲେ ଓ ଶ୍ରୀସାଇ ଶରଣାନନ୍ଦ ନାମ ଗ୍ରହଣ କଲେ।	ସାଇବାବା ଶରଣ, ପୃ-୩୮୦
୧୯୫୪ ଏପ୍ରିଲ	ଅବ୍‌ଦୁଲ ବାବା ୮୩ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ।	'ଲାଇଫ୍ ଅଫ୍ ସାଇବାବା', ୩ୟ ଖଣ୍ଡ
୦୭।୧୦।୧୯୫୪	ସାଇନାଥଙ୍କର ବିଶାଳ ମାର୍ବଲ ମୂର୍ତ୍ତି ସମାଧି ମନ୍ଦିରରେ ସଂସ୍ଥାପିତ ହେଲା। ସ୍ୱାମୀ ଶ୍ରୀସାଇ ଶରଣାନନ୍ଦଜୀ ଏହାର ପ୍ରାଣପ୍ରତିଷ୍ଠା କଲେ।	'ସାଇ ଲୀଳା' ଏପ୍ରିଲ, ୧୯୮୧
୧୯।୧୦।୧୯୫୬	ବି.ଭି. ନରସିଂହସ୍ୱାମିଜୀ ୮୨ ବର୍ଷ ବୟସରେ ପ୍ରାଣତ୍ୟାଗ କଲେ।	
୧୯୬୨	ଦାସ ଗଣୁ ମହାରାଜ ୯୫ ବର୍ଷ ବୟସରେ କାର୍ତ୍ତିକ ଏକାଦଶୀ ଦିନ ପ୍ରାଣତ୍ୟାଗ କଲେ।	
୦୨।୦୬।୧୯୬୩	ଲକ୍ଷ୍ମୀବାଇ ତୁକାରାମ ଶିନ୍ଦେଙ୍କର ପରଲୋକ । ତାଙ୍କୁ ବାବା ଜୀବଦ୍ଦଶାରେ ନଅଟଙ୍କା ମୁଦ୍ରା ଆକାରରେ ଦେଇଥିଲେ ।	ସତ୍‌ଚରିତ, ଅଧ୍ୟାୟ-୪୨
୧୯୬୪	ରାମଚନ୍ଦ୍ର ଦାଦା ପାଟିଲଙ୍କ ପରଲୋକ।	ସତ୍‌ଚରିତ, ଅଧ୍ୟାୟ-୪୨
୧୯୮୪	ସଂସ୍ଥାନର ନୂଆ ଟ୍ରଷ୍ଟବୋର୍ଡରେ ଡଃ ପି.କେ. ସାୱନ୍ତ ଅଧ୍ୟକ୍ଷ ହୋଇ ୪ ବର୍ଷ ପାଇଁ ରହିଲେ। ତାହାପରେ ଏମ୍.ଆର୍. ପାଟିଲ ୧ ବର୍ଷ ପାଇଁ ରହିଥିଲେ।	
୦୧।୦୯।୧୯୮୯	ସଂସ୍ଥାନର ନୂଆ ଟ୍ରଷ୍ଟବୋର୍ଡରେ ପ୍ରଫେସର ଡକ୍ଟର ଲେଖା ପାଠକ ଅଧ୍ୟକ୍ଷା ହେଲେ।	

୦୪।୦୫।୧୯୯୦	'ଭକ୍ତିନିବାସ'ର ମୂଳଦୁଆ ଏହି ଦିନ ପକାଯାଇଥିଲା।
୦୧।୦୯।୧୯୯୪	ସଂସ୍ଥାନର ନୂତନ ଟ୍ରଷ୍ଟବୋର୍ଡରେ ଡି.ଏମ୍. ସୁଖଟଙ୍କର ଅଧ୍ୟକ୍ଷ ହେଲେ।
୨୦୦୧	ସମାଧି ମନ୍ଦିର ପରିସରର ଜୀର୍ଣ୍ଣ ସଂସ୍କାର କରାଗଲା। ସାଠେୱାଡ଼ାକୁ ପୂରା ଭାଙ୍ଗି ଦିଆଗଲା।
୨୩।୦୮।୨୦୦୪	ସଂସ୍ଥାନର ନୂଆ ବୋର୍ଡ ଅଫ୍ ଟ୍ରଷ୍ଟିରେ ଶ୍ରୀ ଜେ.ଏମ୍. ସାସ୍ଣେ ଅଧ୍ୟକ୍ଷ ହେଲେ।

ଲେଣ୍ଡିବାଗ୍‌ର ନନ୍ଦା ଦୀପ

ପରିଭାଷା

ଅଭଙ୍ଗ - ନିର୍ଦ୍ଦିଷ୍ଟ ଛନ୍ଦରେ ପଦାବଳୀରେ ଭକ୍ତିସଙ୍ଗୀତ
ଅଭିଷେକ - ବିଧି ଅନୁଯାୟୀ ପବିତ୍ର ସ୍ନାନ
ଆଚାର୍ଯ୍ୟ - ଆଧ୍ୟାତ୍ମିକ ଗୁରୁ
ଅଧର୍ମ - ଧର୍ମର ବିରୋଧ
ଆଧିଭୌତିକ - ମୌଳିକ ପଞ୍ଚଭୂତ ଜାତ
ଆଧିଦୈବିକ - ଦୈବଜାତ ଓ ଐଶ୍ୱରିକ
ଅଧ୍ୟାତ୍ମ - ଆତ୍ମା ବା ଚିତ୍ତବିଷୟକ
ଆଧ୍ୟାତ୍ମିକ - ଆତ୍ମା ସମ୍ବନ୍ଧୀୟ, ବ୍ରହ୍ମ ବିଷୟକ
ଅଧ୍ୟାତ୍ମ ରାମାୟଣ - ନିଗୂଢ଼ ତତ୍ତ୍ୱ ସମ୍ବନ୍ଧିତ ରାମଙ୍କ କାହାଣୀ
ଆଦିମାୟା - ସନାତନ ମୋହଭ୍ରାନ୍ତି
ଅଦ୍ୱୈତ - ଜୀବାତ୍ମା ଓ ପରମାତ୍ମାର ଏକତ୍ୱ ମତବାଦ, ଅର୍ଥାତ୍ ବ୍ରହ୍ମ ବ୍ୟତୀତ ଦ୍ୱିତୀୟ କିଛି ନାହିଁ ।
ଅଗରବତୀ- ସୁଗନ୍ଧିତ ଧୂପକାଠି
ଅଗ୍ନିହୋତ୍ରୀ - ନିତ୍ୟ ହୋମକାରୀ, ସାଗ୍ନିକ ବ୍ରାହ୍ମଣ
ଅଗ୍ନିନାରାୟଣ - ଅଗ୍ନି ଦେବତା
ଅଜ୍ଞାନ - ଅଜ୍ଞ, ଜ୍ଞାନହୀନ
ଅକ୍ଷତ - ପୂତ ପବିତ୍ର ଅରୁଆ ଚାଉଳ (ହଳଦି ଗୋଳା)
ଆହୁତି - ହୋମ, ଯଜ୍ଞାଦିରେ ଘୃତାଦି ନିକ୍ଷେପ
ଆଲ୍ଲା ମାଲିକ - ଭଗବାନ ହିଁ ସର୍ବଶକ୍ତିମାନ
ଆଲ୍ଲା ମିୟାଁ - ଭଗବାନଙ୍କର ପ୍ରିୟପାତ୍ର, ଖୋଦା
ଆମଳକ - ଅଁଳା
ଅମାବାସ୍ୟା - ଚନ୍ଦ୍ରବିହୀନ ରାତ୍ରି, କୃଷ୍ଣପକ୍ଷର ଶେଷରାତ୍ରି
ଅମ୍ବିକା - ଦେବୀ ଦୁର୍ଗା
ଆମ୍ବିଳ - କାଞ୍ଜିପାଣି
ଆମ୍ର - ଆମ୍ବ
ଆନନ୍ଦାଶ୍ରମ - ରହିବା ଓ ଖାଇବାର ସୁବିଧା ଥିବା ଗୃହ
ଅଙ୍ଗରଖା - ଆଲଖାଲା / ଲମ୍ବାକୋଟ
ଅଣିମା, ମହିମା ଓ ଲଘିମା - ନିଜ ଇଚ୍ଛାନୁସାରେ ଛୋଟ, ବଡ଼ ଓ ହାଲୁକା ହୋଇଯିବାର ଗୁଣ
ଅଙ୍କୁଶ - ହାତୀକୁ ଅକ୍ତିଆରରେ ରଖିବା ପାଇଁ ବ୍ୟବହାର କରାଯାଉଥିବା ଲୌହ କଣ୍ଟା
ଅଣା - ଭାରତୀୟ ପୁରୁଣା ମୁଦ୍ରା ଯାହାର ଷୋହଳ ଅଣାରେ ଏକଟଙ୍କା, ଏକ ଅଣାକ ଚାରି ପଇସା ହୁଏ
ଅନ୍ନଶୁଦ୍ଧି - ଅନ୍ନରେ ଘିଅ ପକାଇବା
ଅନୁଷ୍ଠାନ - ସଂସ୍ଥା, ଧର୍ମୀୟ ରୀତିନୀତି ଓ ଉତ୍ସବାଦି ପାଳନ
ଅନୁସ୍ମୃତି - ମହାଭାରତର ପଞ୍ଚରତ୍ନ ମଧ୍ୟରୁ ଗୋଟିଏ
ଅପରବ୍ରହ୍ମ - ସଗୁଣବ୍ରହ୍ମ
ଆରତି - ଦୀପ ଜଳାଇ ଚକ୍ରାକାରରେ ବୁଲାଇ ମହିମାଗାନ କରିବା
ଅର୍ଚ୍ଚନା - ପୂଜା
ଅର୍ଘ୍ୟ - ଭଗବାନଙ୍କୁ ଜଳ ଅର୍ପଣ
ଅର୍ଥ - ଟଙ୍କାପଇସା, ଶବ୍ଦର ମାନେ ବୁଝାଏ
ଅର୍ବାଚୀନ - ନବୀନ ବା ଅପରିପକ୍ୱ
ଅସତ୍ - ମିଥ୍ୟା / ମାୟା
ଆଷାଢ଼ୀ ଏକାଦଶୀ - ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ତୃତୀୟ ମାସର ଏକାଦଶ ଦିବସ
ଆଶ୍ରମ - ଜୀବନର ଚତୁର୍ବିଧ ଆଶ୍ରମ ମଧ୍ୟରୁ ଶେଷ ଅବସ୍ଥା- ବାନପ୍ରସ୍ଥ
ଅଷ୍ଟମୀ - ହିନ୍ଦୁ ପଞ୍ଜିକାରେ ଅଷ୍ଟମ ଦିବସ
ଅଷ୍ଟାଙ୍ଗ - ଶରୀରର ଅଷ୍ଟଅଙ୍ଗ
ଅଶ୍ୱତ୍ଥ - ପିପ୍ପଳ ବୃକ୍ଷ ବା ଓସ୍ତ ଗଛ
ଆଶ୍ୱିନ - ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ଷଷ୍ଠ ମାସ
ଅତଳ - ସପ୍ତପାତାଳ ବା ନର୍କ ମଧ୍ୟରୁ ପ୍ରଥମ ନର୍କ
ଅତିଥି- ଅଭ୍ୟାଗତ, ଆଗନ୍ତୁକ
ଆତ୍ମା ଆତ୍ମା - ସ୍ୱୟଂ ଜୀବାତ୍ମା ପରମାତ୍ମା
ଆତ୍ମାରାମ - ଆତ୍ମଜ୍ଞାନ ଲାଭର ଆନନ୍ଦ ଅନୁଭୂତି
ଆତ୍ମତତ୍ତ୍ୱ- ପରଂବ୍ରହ୍ମଙ୍କ ସାରତତ୍ତ୍ୱ
ଅତର - ସୁଗନ୍ଧି ପୁଷ୍ପସାର

ଅତିଥି ଯଜ୍ଞ – ଅନାହୂତ ଆଗନ୍ତୁକଙ୍କୁ ଅନ୍ନଭୋଜନ
ଅଗସ୍ତି – ଜଣେ ପ୍ରସିଦ୍ଧ ଋଷି
ଔଲିଆ – ମୁସଲମାନ ସନ୍ଥ, ହକିମ୍
ଓଁ / ଓଁକାର – ପରଂବ୍ରହ୍ମଙ୍କର ପ୍ରତୀକ ଯାହାକୁ ଲୟରେ ରଖି ଧ୍ୟାନ କରାଯାଏ
ଅବତାର – ଭଗବାନଙ୍କର ସ୍ୱରୂପ
ଅବ୍ୟାକୃତି – ଅରୂପ
ବୈରାଗୀ – ସନ୍ନ୍ୟାସୀ
ବାଳଗୋପାଳ – ବାଳୁତ କୃଷ୍ଣ, ଭଗବାନଙ୍କ ଶିଶୁସନ୍ତାନ
ବାରାତ – ବିଭାଘର ଶୋଭାଯାତ୍ରା, ବରଯାତ୍ରୀ ଦଳ
ବରଫି – ଚିନି ଓ କ୍ଷୀରରୁ ପ୍ରସ୍ତୁତ ମିଷ୍ଟାନ୍ନ
ବାସୁନ୍ଦି – ଏକ ପ୍ରକାର ମିଷ୍ଟାନ୍ନ
ବାତାସା – ଚିନିରୁ ପ୍ରସ୍ତୁତ ମିଷ୍ଟାନ୍ନ
ବିବା – ଭାଲିଆ
ବେଲ – ବେଲଗଛ, ଶିବଙ୍କର ପ୍ରିୟ ପବିତ୍ର ପତ୍ର
ଭାଦ୍ରପଦ – ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ପଞ୍ଚମ ମାସ ଭାଦ୍ରପଦ ବା ଭାଦ୍ରବ
ଭଗତ – ଭକ୍ତ ମହାଲ୍‌ସାପତିଙ୍କର ଡାକନାମ
ଭଗବାନ – ଈଶ୍ୱର
ଭଗବତ ଗୀତା – ଶ୍ରୀକୃଷ୍ଣଙ୍କ ଧର୍ମୋପଦେଶ ଗ୍ରନ୍ଥ
ଭଜନ – ଭକ୍ତି ସଙ୍ଗୀତ
ଭଜନମାଳା – ଭକ୍ତି ସଙ୍ଗୀତର ଗୁଚ୍ଛ
ଭକ୍ତ – ଶିଷ୍ୟ
ଭାଜି – ବୁଟ ଭଜା
ଭାକରୀ – ଜୁଆରରୁ ବା ବାଜରା ଅଟାରୁ ପ୍ରସ୍ତୁତ ମୋଟା ରୁଟି
ଭକ୍ତି –ନିଷ୍ପାପର ଶ୍ରଦ୍ଧାସମ୍ମାନ
ଭକ୍ତିଲୀଳାମୃତ – ଦାସ ଗଣୁଙ୍କ ଲିଖିତ ପୁସ୍ତକ
ଭରିତ – ଦହିରେ ବାଇଗଣ ସିଝାପଡି ବଘରା ହୋଇଥିବା ଖାଦ୍ୟ, ଦହିବାଇଗଣ
ଭରତା – ପୋଡ଼ା ବାଇଗଣରୁ ପ୍ରସ୍ତୁତ ଚକଟା
ଭାଗବତ ଧର୍ମ – ପ୍ରାଚୀନ ହିନ୍ଦୁ ଧର୍ମମତ
ଭାତ – ଅନ୍ନ
ଭାବାର୍ଥ ରାମାୟଣ – ପବିତ୍ର ପୁସ୍ତକ
ଭାବାର୍ଥ ଦୀପିକା – ହିନ୍ଦୁ ଧର୍ମ ଗ୍ରନ୍ଥ
ଭବିଷ୍ୟୋତ୍ତର ପୁରାଣ – ଭବିଷ୍ୟତ ଘଟଣାର ସୂଚନା ଦେଉଥିବା ପୁସ୍ତକ
ଭିକ୍ଷୁ – ଭିକ୍ଷା ମାଗୁଥିବା ବ୍ୟକ୍ତି
ଭୀଷ୍ମ ସ୍ତବରାଜ – ମହାଭାରତର ପଞ୍ଚରତ୍ନ ମଧ୍ୟରୁ ଅନ୍ୟତମ
ଭୂତଯଜ୍ଞ – ଭୂତବଳି, କାକବଳି, କାକ ପ୍ରଭୃତି ଜୀବଙ୍କୁ ଅନ୍ନଦାନ ଦେବା ଇତ୍ୟାଦି ଗୃହସ୍ଥର ଶାସ୍ତ୍ରନିର୍ଦ୍ଦିଷ୍ଟ ପଞ୍ଚ ମହାଯଜ୍ଞ ମଧ୍ୟରୁ ଗୋଟିଏ କର୍ମ
ଭୂଃ – ସପ୍ତସ୍ୱର୍ଗ ମଧ୍ୟରୁ ପୃଥିବୀ ଉପରିସ୍ଥ ପ୍ରଥମ ସ୍ୱର୍ଗ, ଗାୟତ୍ରୀମନ୍ତ୍ରର ପ୍ରଥମ ଅକ୍ଷର, ଜୀବନଠାରୁ ଅଧିକ ପ୍ରିୟ
ଭୁବଃ – ଗାୟତ୍ରୀମନ୍ତ୍ରର ବ୍ୟାହୃତିତ୍ରୟ ମଧ୍ୟରୁ ଦ୍ୱିତୀୟ ଅକ୍ଷର, ଦୁଃଖବିନାଶକ
ଭୁବର୍ଲୋକ – ସପ୍ତଲୋକ (ସ୍ୱର୍ଗ) ମଧ୍ୟରେ ପୃଥିବୀ ଉପରିସ୍ଥ ଦ୍ୱିତୀୟ ସ୍ୱର୍ଗ, ଅନ୍ତରୀକ୍ଷ, ସୂର୍ଯ୍ୟ ଓ ପୃଥିବୀ ମଧ୍ୟସ୍ଥ ସ୍ଥାନ ।
ବିଡ଼ି – କେନ୍ଦୁପତ୍ର ଭିତରେ ତମାଖୁ ପୂରାଇ ହାତରେ ଗୁଡ଼ାଇ ପ୍ରସ୍ତୁତ ହୋଇଥିବା ଧୂମପାନ ନିମିତ୍ତ ପଦାର୍ଥ, ଦେଶୀ ସିଗାରେଟ୍
ବ୍ରହ୍ମଜ୍ଞାନ – ଆଧ୍ୟାତ୍ମିକ ଜ୍ଞାନ ବା ଦିବ୍ୟଜ୍ଞାନ
ବ୍ରହ୍ମଯଜ୍ଞ – ପଞ୍ଚ ମହାଯଜ୍ଞ ମଧ୍ୟରୁ ଅନ୍ୟତମ, ବିଧି ଅନୁଯାୟୀ ବେଦାଧ୍ୟୟନ
ବ୍ରହ୍ମଚାରୀ – ପ୍ରତିଜ୍ଞାବଦ୍ଧ ହୋଇ ଅବିବାହିତ ରହି ଯିଏ ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି
ବ୍ରହ୍ମଚର୍ଯ୍ୟ – ଅସ୍ଖଳିତ ବୀର୍ଯ୍ୟ
ବ୍ରହ୍ମଦେବ – ସୃଷ୍ଟିକର୍ତ୍ତା ବ୍ରହ୍ମା, ହିନ୍ଦୁଙ୍କର ପରମ ଦେବତା
ବ୍ରହ୍ମୈବ – ବ୍ରହ୍ମପ୍ରାପ୍ତି ଅବସ୍ଥା । ଯାହାଙ୍କର କାମନାବାସନା ନାହିଁ କି କର୍ମଫଳ ନାହିଁ, ତାଙ୍କର ପୁନର୍ଜନ୍ମ ହୁଏ ନାହିଁ କି ମୃତ୍ୟୁ ମଧ୍ୟ ହୁଏ ନାହିଁ
ବ୍ରହ୍ମଲୋକ – ବ୍ରହ୍ମାଙ୍କର ବାସସ୍ଥଳ, ଅନ୍ୟତମ ସ୍ୱର୍ଗ
ବ୍ରହ୍ମାନନ୍ଦ – ସ୍ୱର୍ଗୀୟ ପରମ ଆନନ୍ଦ, ଦିବ୍ୟାନନ୍ଦ
ବ୍ରାହ୍ମଣିକ – ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କ ସହିତ ଏକାକାର
ବ୍ରହ୍ମରୂପ – ବ୍ରହ୍ମ ସ୍ୱରୂପ
ବ୍ରହ୍ମାର୍ଥୀ – ବ୍ରହ୍ମକାମୀ
ବୁକା – ସୁଗନ୍ଧିତ କଳା ଚୂର୍ଣ୍ଣ
ଚୈତ୍ର – ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ଶେଷ ବା ଦ୍ୱାଦଶ ମାସ
ଚକୋର – ଗ୍ରୀକ୍ ପକ୍ଷୀ ଯିଏ ଚନ୍ଦ୍ର କିରଣ ପାନକରି ବଞ୍ଚି ରହେ ଓ ମେଘମାଳାରୁ ଜଳଗ୍ରହଣ କରେ
ଚକ୍ରବର୍ତ୍ତୀ – ସମ୍ରାଟ
ଚାମର – ମାଛି ଘଉଡ଼ାଇବାକୁ ବ୍ୟବହାର କରାଯାଉଥିବା ଚମରି ଗାଈର ପୁଚ୍ଛ

ଚଣ୍ଡୀ - ଦେବୀ ଦୁର୍ଗାଙ୍କର ଅନ୍ୟ ଏକ ନାମ, ପ୍ରତିରୂପ
ଛାନ୍ଦୋଗ୍ୟ ଉପନିଷଦ - ବୃହଦାକାର ପ୍ରାଚୀନ ଉପନିଷଦ
ଚନ୍ଦ୍ରକାନ୍ତ - ମଣି ବିଶେଷ
ଚାନ୍ଦ୍ରାୟଣ - ଧାର୍ମିକ ବ୍ରତ
ଚାଙ୍ଗୁବାଜା - ପାରମ୍ପରିକ ବାଦ୍ୟଯନ୍ତ୍ର
ଚପାତି - ରୋଟି, ରୁଟି
ଚରଣତୀର୍ଥ - ପ୍ରଭୁଙ୍କ ପଦଧୌତ କରି ମିଳୁଥିବା ଜଳ
ଚରଣ - ପ୍ରଭୁଙ୍କର ପାଦ
ଚାତକ - ବର୍ଷା ଜଳ ପାନ କରୁଥିବା ପକ୍ଷୀ
ଚତୁରାଇ - ସିଆଣିଆଁ
ଚାୱଡ଼ି - ଚଉପାଢ଼ି, ଗ୍ରାମସଭାର ସ୍ଥାନ, କୁଲକର୍ଣ୍ଣୀଙ୍କ କାର୍ଯ୍ୟାଳୟ, ବାବା ସେଠାରେ ଦିନେ ଛାଡ଼ି ଦିନେ ରାତିରେ ଶୋଉଥିଲେ
ଚେଲା - ଶିଷ୍ୟ
ଛାପି - ଚିଲମରେ ଗୁଡ଼ାଯାଉଥିବା କପଡ଼ା
ଚିଲମ - ତମାଖୁ ଧୂଆଁ ପିଇବା ପାଇଁ ମାଟି ନଳି
ଚିନ୍ତାମଣି - ଇପ୍‌ସିତ ବସ୍ତୁ ପ୍ରଦାନ କରୁଥିବା ମଣି
ଚିପଲିସ୍ - ଦାସକାଠି
ଚିଟ୍‌ନିସ୍ - ପଟୱାରୀ, ଗ୍ରାମ୍ୟ ରାଜସ୍ୱ ଅଧିକାରୀ
ଚୋପଦାର - ଗଦାଧାରୀ
ଚୁଲୀ - ରନ୍ଧନ ପାଇଁ ନିଆଁ ଜଳାଇବାର ମାଟିରେ ତିଆରି ଗର୍ତ୍ତ
ଚଟଣୀ - ଲଙ୍କା, ଧନିଆଁପତ୍ର, ଲେମ୍ବୁ ରସ ଇତ୍ୟାଦିର ମିଶ୍ରଣରେ ତିଆରି ଖଟା
ଦାନ - ଅର୍ପଣ, ବଦାନ୍ୟତା ପ୍ରକାଶ
ଦାଦା - ବଡ଼ମାନଙ୍କୁ ସମ୍ବୋଧିତ ସମ୍ମାନନୀୟ ଶବ୍ଦ
ଦକ୍ଷିଣା - ପ୍ରଭୁ ବା ସାଧୁ ସନ୍ନ୍ୟାସୀଙ୍କୁ ଅର୍ଥ ଆକାରରେ ଦିଆଯାଉଥିବା ଦାନ
ଦକ୍ଷିଣାୟନ - ସୂର୍ଯ୍ୟଙ୍କର ଛଅମାସରେ ଉତ୍ତରରୁ ଦକ୍ଷିଣକୁ ଯାତ୍ରା
ଦମ - ଶରୀର ଓ ଇନ୍ଦ୍ରିୟର ନିୟନ୍ତ୍ରଣ ବା ଦମନ
ଦଣ୍ଡ - ଦୋଷ ନିମନ୍ତେ ଦିଆଯାଉଥିବା ଶାସ୍ତି
ଦଣ୍ଡା- ଯଷ୍ଟି ବା ବାଡ଼ି
ଦାନ୍ତ - ଜିତେନ୍ଦ୍ରିୟ, ସଂଯମ ଆଚରଣ
ଦର୍ଶନ - ଦିବ୍ୟ ଦୃଷ୍ଟି, ଆଖିରେ ଦେଖିବା
ଦର୍ଶନ ଯାତ୍ରା - ଦିବ୍ୟାତ୍ମାଙ୍କୁ ଦେଖିବାପାଇଁ ତୀର୍ଥଯାତ୍ରା
ଦଶାବତାର - ଭଗବାନ ବିଷ୍ଣୁଙ୍କର ଦଶ ଅବତାର - ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପର୍ଶୁରାମ, ରାମ, କୃଷ୍ଣ, ବୁଦ୍ଧ ଓ କଳ୍କୀ ଅବତାର (ଏଯାଏଁ ହୋଇନାହିଁ)
ଦଶମୀ - ହିନ୍ଦୁ ପଞ୍ଜିକାରେ ମାସର ଦଶମ ଦିନ
ଦଶହରା - ବିଜୟା ଦଶମୀ, ଆଶ୍ୱିନ ମାସରେ
ଦୟା- କରୁଣା, ଉଦାରତା
ଦେବଯଜ୍ଞ - ଦେବତାଙ୍କୁ ନୈବେଦ୍ୟ ବାଢ଼ିବା
ଦେବସ୍ଥାନ - ପବିତ୍ର ସ୍ଥାନ
ଦେବା - ବାବାଙ୍କୁ ଏହି ନାମରେ ସମ୍ବୋଧନ କରାଯାଉଥିଲା
ଧନଗର - ମେଷପାଳିକା
ଧନତେରାସ - କାର୍ତ୍ତିକ ମାସର କୃଷ୍ଣ ତ୍ରୟୋଦଶୀ, ଦୀପାବଳିର ଦୁଇଦିନ ପୂର୍ବରୁ ପାଳିତ ହୁଏ
ଧର୍ମଶାଳା - ତୀର୍ଥଯାତ୍ରୀ ରହୁଥିବା ଆଶ୍ରୟ ସ୍ଥଳ
ଧର୍ମ - ଧାର୍ମିକ ଓ ସାମାଜିକ କାର୍ଯ୍ୟ
ଧୋତି / ଧୋତାର - ଅଣ୍ଟାରେ ଗୁଡାଇ ଶରୀରର ନିମ୍ନଭାଗରେ ପିନ୍ଧା ଯାଉଥିବା ଲୁଗା
ଧୋତିପୋତି- ଶରୀର ଅଭ୍ୟନ୍ତରର ଅଙ୍ଗପ୍ରତ୍ୟଙ୍ଗକୁ ପରିଷ୍କାର କରିବାର ଯୋଗସାଧନା
ଧୁନି - ପବିତ୍ର ଅଗ୍ନି
ଧ୍ୱଜା - ପତାକା
ଧ୍ୟାନ - ଏକାଗ୍ରଚିତ୍ତରେ ଲୟରଖି ଉପବେଶନ କରିବା
ଦିଗମ୍ବର - ଉଲଗ୍ନ ପବିତ୍ରଚିତ୍ତ ସାଧୁ, କ୍ରୋଧର ମୂର୍ତ୍ତିମନ୍ତ ସ୍ୱରୂପ, ଭୃଗୁଙ୍କ ଦାୟାଦ, ପର୍ଶୁରାମଙ୍କ ଶିଷ୍ୟ
ଜ୍ଞାନେଶ୍ୱର - ହିନ୍ଦୁ ସନ୍ଥ
ଜ୍ଞାନେଶ୍ୱରୀ - ଜ୍ଞାନେଶ୍ୱରଙ୍କ ରଚିତ ହିନ୍ଦୁ ପବିତ୍ର ଗ୍ରନ୍ଥ
ଜ୍ଞାନୋବା ମହାରାଜ - ଜ୍ଞାନେଶ୍ୱର ମୁନି
ଡୁଗଡୁଗା - ତୁମ୍ବା
ଦରବାର - ବାବାଙ୍କ ଚତୁଃପାର୍ଶ୍ୱରେ ଭକ୍ତ ସମାବେଶ
ଦ୍ୱାରାବତୀ - ଶ୍ରୀକୃଷ୍ଣଙ୍କ ଦ୍ୱାରକା
ଦ୍ୱାରକାମାୟୀ - ଶିରିଡ଼ିର ମସ୍‌ଜିଦ୍ ଯେଉଁଠାରେ ବାବା ରହୁଥିଲେ
ଏକାଦଶୀ - ଚାନ୍ଦ୍ର ମାସର ଏକାଦଶ ଦିବସ
ଏକନାଥ ଭାଗବତ - ପବିତ୍ର ପୁସ୍ତକ
ଫଂତେହା - ମୁସଲିମ ପଦ୍ଧତିରେ ଅନ୍ନ ଅର୍ପଣ
ଫେଣି - ମିଷ୍ଟାନ୍ନ ବିଶେଷ
ଗଦି - ବସିବା ସ୍ଥାନ
ଗଜେନ୍ଦ୍ର ମୋକ୍ଷ - ମହାଭାରତର ପଂଚରନ୍ ମଧ୍ୟରୁ ଅନ୍ୟତମ
ଗନ୍ଧ / ଗନ୍ଧା - ଘୋରା ଚନ୍ଦନ
ଗନ୍ଧର୍ବ - ସ୍ୱର୍ଗର ବାଦ୍ୟକାର
ଗଙ୍ଗା - ଭାରତର ପବିତ୍ର ନଦୀ

ଗାୟତ୍ରୀ ମନ୍ତ୍ର – ପବିତ୍ର ଓ ଶକ୍ତିଶାଳୀ ବୈଦିକ ମନ୍ତ୍ର
ଗର୍ଭାବସ୍ଥା – ଗର୍ଭରେ ସନ୍ତାନ ଧାରଣ କରିବା
ଘାର୍ଗେ – ଚାଉଳକୁ ଭାଜି ଚିନି ଦେଇ ଫୁଟାଇବା, କାନିକା
ଘାଟ– ନଦୀ, କେନାଲ ବା ପୋଖରୀ ତଟରେ ସ୍ନାନାଦି କରିବାର ସ୍ଥାନ
ଘୋଳ – ବାଦ୍ୟବିଶେଷ, ବାଡ଼ି ଉପରେ ଲୁହାର କଡ଼ା ଲାଗି ଝମ୍ ଝମ୍ ଶବ୍ଦ କରେ
ଗିରିଜା – ପାର୍ବତୀ, ମହାଦେବଙ୍କର ସହଧର୍ମିଣୀ
ଗୀତା ରହସ୍ୟ – ଭଗବତ୍ ଗୀତା ଉପରେ ତିଳକଙ୍କ ମରାଠୀ ଭାଷ୍ୟ
ଜ୍ଞାନୀ – ବିଜ୍ଞ ବ୍ୟକ୍ତି
ଗୋଦାବରୀ – ପଶ୍ଚିମ ଭାରତର ନଦୀ
ଗୋକୁଳାଷ୍ଟମୀ – ଜନ୍ମାଷ୍ଟମୀ
ଗନ୍ଧାଳୀ – ହଲ୍ଲାଗୁଲ୍ଲା କରି ନାଚଗୀତ କରୁଥିବା ଦଳ
ଗୋପାଳ କଳା – ମାଟି ହାଣ୍ଡିରେ ଦହି, ପଖାଳ, ପଇସା ଇତ୍ୟାଦି ପକାଯାଇ ଉଚ୍ଚରେ ଟଙ୍ଗା ଯାଇଥାଏ ଓ ଖୁସି ମନାଉଥିବା ଲୋକେ ଉପରକୁ ଉପର ଠିଆହୋଇ ପିରାମିଡ଼ ତିଆରି କରି ସେହି ଉଚ୍ଚକୁ ଉଠି ତାହାକୁ ଭାଙ୍ଗି ଭୋଜିଭାତ କରି ଖାଇଥାନ୍ତି
ଗୃହସ୍ଥାତି – ଉପଦେଶ ଦେଉଥିବା ବ୍ୟକ୍ତି, ଗୁରୁ
ଗୁଲାଲ – ଅବିରଗୁଣ୍ଡ
ଗୁଆଭା – ପିଜୁଳି
ଗୁଲ୍‌ପାପଡ଼ି – ଅଟାଗୁଣ୍ଡ ଭାଜି ସେଥିରେ ଗୁଡ଼ ମିଶାଇ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ
ଗୁଲ୍‌ଭଡ଼ି – ଗୁଡ଼ରୁ ପ୍ରସ୍ତୁତ ମିଷ୍ଟାନ୍ନ
ଗୁଣ – ପ୍ରକୃତି
ଗୁରବ – ଏକ ଜାତି
ଗୁରୁବନ୍ଧୁ – ଗୁରୁଭାଇ
ଗୁରୁ ଚରିତ୍ର – ଦତ୍ତାବତାର ନରସିଂହ ସରସ୍ୱତୀ ସ୍ୱାମିଜୀଙ୍କ କାହାଣୀ ଓ ଏହା ପଠନ କଲେ ସମସ୍ତ ରିଷ୍ଟ ଖଣ୍ଡନ ହୋଇ ମୋକ୍ଷପ୍ରାପ୍ତି ହୋଇଥାଏ
ଗୁରୁଦେବ / ଗୁରୁରାୟ – ଆଧ୍ୟାତ୍ମିକ ଗୁରୁ, ପୂଜ୍ୟ ଉପଦେଷ୍ଟା
ଗୁରୁରାଜ – ଗୁରୁଙ୍କୁ ଭକ୍ତିରେ ସମ୍ବୋଧନ କରାଯାଏ
ଗୁରୁମାୟି – ଗୁରୁହିଁ ମାତା
ଗୁରୁପୂର୍ଣ୍ଣିମା – ବ୍ୟାସ ପୂର୍ଣ୍ଣିମା, ଗୁରୁପୂଜା ଦିନ
ଗୁରୁପୁତ୍ର – ଶିଷ୍ୟ
ଜ୍ଞାନ – ବିଦ୍ୟାବୁଦ୍ଧି
ହକିମ୍ – ବନୌଷଧି ବିଶାରଦ
ହଲାଲ– ଇସ୍‌ଲାମ ଧର୍ମମତରେ ପଶୁ ହତ୍ୟା
ହାଣ୍ଡି – ଖାଦ୍ୟ ରାନ୍ଧିବା ପାଇଁ ବଡ଼ ପାତ୍ର
ହରିଜନ – ହିନ୍ଦୁଙ୍କ ମଧ୍ୟରେ ଦଳିତ ଜାତି, ଅସ୍ପୃଶ୍ୟ
ହଠଯୋଗ – ଏକପ୍ରକାର ଯୋଗ କୌଶଳ
ହିରଣ୍ୟଗର୍ଭ – ବ୍ରହ୍ମଙ୍କର ସ୍ୱର୍ଣ୍ଣାଭ ଅଣ୍ଡା, ଯେଉଁଥିରୁ ପୃଥିବୀ ସୃଷ୍ଟି ହୋଇଛି ଏବଂ ଏଥିରେ ସପ୍ତଦ୍ୱୀପ, ନବଭୂଖଣ୍ଡ, ସପ୍ତ ସ୍ୱର୍ଗ ଓ ସପ୍ତ ପାତାଳ ରହିଛି
ହୋଲି – ରଙ୍ଗର ପର୍ବ
ହୋଲିକା – ହୋଲି ସମୟରେ ପୂଜିତା ଦେବୀ
ହୋମ – ଦେବଦେବୀଙ୍କ ଉଦ୍ଦେଶ୍ୟରେ ମନ୍ତ୍ରପାଠ ପୂର୍ବକ ଅଗ୍ନିରେ ଘୃତାଦି ଅର୍ପଣ କରି ଯଜ୍ଞ
ଇଦ୍– ମୁସଲମାନଙ୍କର ପର୍ବ
ଇଦ୍‌ଗା – ମୁସ୍‌ଲିମ୍ ପ୍ରାର୍ଥନା ସ୍ଥଳ
ଇନ୍ଦ୍ର – ବର୍ଷା କରୁଥିବା ଦେବତା ବୋଲି ଶାସ୍ତ୍ରରେ କୁହାଯାଏ
ଈଶାବାସ୍ୟ ଉପନିଷଦ – ଧର୍ମଶାସ୍ତ୍ର, ବେଦ
ଈଶାବାସ୍ୟ ଭାବାର୍ଥବୋଧିନୀ – ଧର୍ମଶାସ୍ତ୍ର
ଇଷ୍ଟଦେବତା – କୁଳ ଦେବତା
ଜମଦଗ୍ନି – ଋଷି, କ୍ରୋଧର ଅବତାର, ଭୃଗୁଙ୍କ ଦାୟାଦ
ଜନଲୋକ – ବ୍ରହ୍ମା ପୁତ୍ରଙ୍କର ଆବାସ
ଜନ୍ମୋତ୍ସବ – ଜନ୍ମଦିନ ପାଳନ
ଜପ – ବାରମ୍ବାର ଦେବତାଙ୍କ ନାମ ସ୍ମରଣ
ଜ୍ୟେଷ୍ଠ – ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ଦ୍ୱିତୀୟ ମାସ
ଝାଞ୍ଜ – ବାଦ୍ୟଯନ୍ତ୍ର
ଝୋଲି – କାନ୍ଧରେ ଝୁଲା ହୋଇଥିବା ଭିକ୍ଷାଥଳି
ଜିରେସାଲ – ଉତ୍କୃଷ୍ଟ କିସମର ଚାଉଳ
ଜୀବ – ବ୍ୟକ୍ତି, ଆତ୍ମା, ପ୍ରାଣ
ଜୋଆର – ଶସ୍ୟ ବିଶେଷ
କଚରିୟା – ବାଇଗଣ ଭଜା
କଡ଼ଓ୍ୱା – ପିତା
କଫ୍‌ନୀ – ଲମ୍ବା କୁର୍ତ୍ତା, ଆଣ୍ଠୁଯାଏଁ ପଡ଼ିଥିବା ପୋଷାକ
କାକଡ଼ ଆରତି – ଅତି ସକାଳର ପ୍ରାର୍ଥନା ଓ ପୂଜା
କଳିଯୁଗ – ଲୁହା ଯୁଗ ବା ପାପ ଯୁଗ ଯାହାର ଆୟୁଷ ହେଉଛି ୪,୩୨,୦୦୦ ବର୍ଷ ବୋଲି କଳ୍ପନା କରାଯାଇଥାଏ।
କଳ୍ପତରୁ / କଳ୍ପବୃକ୍ଷ – ମନୋବାଞ୍ଛା ପୂରଣ କରୁଥିବା ବୃକ୍ଷ

କାମଧେନୁ - ମନୋବାଞ୍ଛା ପୂରଣ କରୁଥିବା ଗାଈ
କାନ୍ଦନୀ - କୁଟିବା, ପାଂଚ ପାପରୁ ଅନ୍ୟତମ
କଂସ - ଶ୍ରୀକୃଷ୍ଣଙ୍କର ମାମୁଁ ଯିଏ ଭଣଜାକୁ ମାରିବାପାଇଁ ଚେଷ୍ଟା କରିଥିଲା
କର୍ମ - ଭଲ ଓ ମନ୍ଦ ଫଳଦାନକାରୀ
କର୍ମଠ - ଜ୍ଞାନ ମାର୍ଗରେ ନେଉଥିବା ବ୍ୟକ୍ତି
କସ୍ତୁରୀ - ମୃଗନାଭିରେ ଥିବା ସୁଗନ୍ଧଦ୍ରବ୍ୟ
କାଶୀ - ବାରଣାସୀ, ଏକ ପବିତ୍ର ତୀର୍ଥ ଧାମ
କୌସ୍ତୁଭ - ସମୁଦ୍ରମନ୍ଥନରୁ ମିଳିଥିବା ଚଉଦଟି ଅମୂଲ୍ୟ ପଦାର୍ଥ ମଧ୍ୟରୁ ଅନ୍ୟତମ
କେତକୀ - ଏକ ସୁଗନ୍ଧ ପୁଷ୍ପ ବିଶେଷ, କିଆଫୁଲ
କେତୁ - ଗ୍ରହ
ଖଣ୍ଡଯୋଗ - ଯୋଗାଭ୍ୟାସ ଦ୍ୱାରା ଶରୀରର ଅଙ୍ଗଛେଦନ ଓ ପୁନଃସଂସ୍ଥାପନ
ଖଞ୍ଜରୀ- ଖଞ୍ଜଣି, ଏକ ଛୋଟ ବାଦ୍ୟ ଯନ୍ତ୍ର
ଖିରି - ଚାଉଳ, ଦୁଧ ଓ ଚିନି ମିଶାଇ ପ୍ରସ୍ତୁତ ଖାଦ୍ୟ, ପାୟସ
ଖିଚଡ଼ି- ଡାଲି ଚାଉଳାଦି ମିଶ୍ରିତ ପକ୍ୱାନ୍ନ, ଖେଚୁଡ଼ି
କୀର୍ତ୍ତନ- ବାଦ୍ୟଯନ୍ତ୍ର ବାଦନ ଓ ସଙ୍ଗୀତ ମାଧ୍ୟମରେ ଭଗବାନଙ୍କର ଗୁଣଗାନ
କୋଲାମ୍ବା - ମାଟିକୁଣ୍ଡ ଯେଉଁଥିରେ ବାବାଙ୍କର ଭିକ୍ଷା ମାଧ୍ୟମରେ ସଂଗୃହୀତ ସମସ୍ତ ଖାଦ୍ୟପଦାର୍ଥ ପକାଯାଇ ଗୋଳାଇ ଦିଆଯାଉଥିଲା
କୋହ୍ଲାତିନି - ଦଉଡ଼ିଟାଣି ତାହା ଉପରେ ନାଚୁଥିବା ଦଳ
କୋଙ୍କଣ - ପଶ୍ଚିମଘାଟ ପର୍ବତମାଳାରେ ସମୁଦ୍ର ଜଳ ନିଷ୍କାସନ କରିଦେଇ ପର୍ଶୁରାମ ସୃଷ୍ଟି କରିଥିବା ସ୍ଥଳ ଭାଗ
କୋରାନ - ମୁସଲମାନଙ୍କର ପବିତ୍ର ଧର୍ମଗ୍ରନ୍ଥ
କୋଶାମ୍ବିରି - ଏକ କଞ୍ଚା ଫଳ ବା ପରିବା, ଏହାକୁ ଆଚାର କରାଯାଏ ଓ ସଂରକ୍ଷିତ ରଖାଯାଏ ।
କୋଶ - ୨ ମାଇଲ ସଙ୍ଗେ ସମାନ
କୃତ୍ତିକା ନକ୍ଷତ୍ର - ନକ୍ଷତ୍ର ବିଶେଷ
କୁବେର - ସ୍ୱର୍ଗର ଧନଭଣ୍ଡାର ରକ୍ଷକ
କୁଲକର୍ଣ୍ଣୀ - ପଟୱାରୀ, ଗ୍ରାମ୍ୟ ରାଜସ୍ୱ ଅଧିକାରୀ
କୁଙ୍କୁମ - ସିନ୍ଦୂର
କୁର୍ଦ୍ଦିୟା - ଚାଉଳଚୂନାରୁ ତେଲରେ ଛଣାହୋଇ ପ୍ରସ୍ତୁତ ହୋଇଥିବା ଗୋଲାକାର ପିଠା, ଆରିଷା
ଲାଲାଜୀ - ସଂଭ୍ରମ ସହକାରେ ସମ୍ବୋଧନ
ଲଙ୍ଗୁଟି - ଲେଙ୍ଗୁଟି, ଅନ୍ତଃବସ୍ତ୍ର
ଲୀଳା - ଦିବ୍ୟ ଖେଳ
ଲେଣ୍ଡି - ଶିରିଡ଼ି ଗ୍ରାମ ଉପକଣ୍ଠରେ ଏକ ଝରଣା
ଲମ୍ବବାବା - ସାପ
ଲୋଟା - ନୋଟା, ଡାଳ
ମହାଭାଗବତ - ପବିତ୍ର ପୁସ୍ତକ
ମହାସମାଧି - ମରଶରୀର ତ୍ୟାଗ
ମହଲୋକ - ସୂର୍ଯ୍ୟ ଓ ନକ୍ଷତ୍ରଙ୍କ ମଧ୍ୟରେ ଥିବା ସ୍ୱର୍ଗ
ମହାନୈବେଦ୍ୟ - ଦେବତାଙ୍କୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟ ଭୋଗ ଲଗାଇବା
ମହାନିର୍ବାଣ - ମହାସମାଧି
ମାହାର - ହରିଜନ ସମ୍ପ୍ରଦାୟର ଏକ ଜାତି
ମହାରାଜ - ବାବାଙ୍କୁ ସମ୍ବୋଧନ କରାଯାଉଥିବା ସଂଭ୍ରମତାର ଶବ୍ଦ, ସମ୍ରାଟ
ମହାତଳ - ସପ୍ତନର୍କ ମଧ୍ୟରୁ ଅନ୍ୟତମ
ମହାତ୍ମା - ସାଧୁ ଓ ମହତ୍ ପ୍ରକୃତିର ଆତ୍ମା
ମହତ୍ୱ - ସାଂଖ୍ୟର ପଚିଶବିଧି ମଧ୍ୟରୁ ଦ୍ୱିତୀୟ ବିଧି, ଛଅଟି ଶାସ୍ତ୍ର ମଧ୍ୟରୁ ଅନ୍ୟତମ
ମହେନ୍ଦ୍ର - ଇନ୍ଦ୍ର, ବର୍ଷା ଦେବତା
ମହେଶ୍ୱର - ଶିବ
ମହୋଦୟ ପର୍ବ - ଆନନ୍ଦର ପର୍ବ । ଉତ୍ତମ କାର୍ଯ୍ୟ କରିଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥାଏ
ମହୁରତ - ଶୁଭ ସମୟ
ମାଳା - ହାର
ମାମା - ମାମୁଁ
ମାମଲତଦାର - ଉଚ୍ଚପଦସ୍ଥ ରାଜସ୍ୱ ଅଧିକାରୀ
ମଣ୍ଡେସ୍ - ଅଟାରୁ ପ୍ରସ୍ତୁତ ଅଳ୍ପ ମିଠାଯୁକ୍ତ ରୋଟି, କାକରା
ମଙ୍ଗଳଘାଟ - କାଶୀସ୍ଥ ଗଙ୍ଗାକୂଳରେ ଏକ ଘାଟ
ମନ୍ତ୍ର - ବେଦର ପବିତ୍ର ଶ୍ଳୋକ ବା ପାଠ
ମାର୍ଗଶିର ପୂର୍ଣ୍ଣିମା - ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ଅଷ୍ଟମ ମାସର ପୂର୍ଣ୍ଣିମା, ଡିସେମ୍ବର ମାସ ଆଡ଼କୁ ପଡ଼ିଥାଏ
ମାର୍ଜନୀ - ଝାଡୁ, ପଂଚପାପ ମଧ୍ୟରୁ ଅନ୍ୟତମ ପାପ
ମାରୁଆଡ଼ି - ରାଜସ୍ଥାନର ମାରୱାଡ଼ ଜିଲ୍ଲାରୁ ଆସିଥିବା ହିନ୍ଦୁ ସମ୍ପ୍ରଦାୟର ବ୍ୟକ୍ତି
ମସ୍‌ଜିଦ୍ - ମୁସଲମାନଙ୍କର ପ୍ରାର୍ଥନାସ୍ଥଳ
ମସ୍‌ଜିଦମାୟୀ - ବାବା ରହୁଥିବା ମସ୍‌ଜିଦ୍ ବା ଦ୍ୱାରକାମାୟୀ

ମଠ – ଧର୍ମାନୁଷ୍ଠାନ
ମୌଲାନା – ମୁସଲିମ୍ ଜ୍ଞାନୀ ବ୍ୟକ୍ତିଙ୍କ ପଦବୀ
ମୌଲବୀ – ମୁସଲିମ୍ ପୁରୋହିତ
ମାଉସୀବାଇ – ମାଉସୀ, ମାତାଙ୍କ ଭଉଣୀ
ମାୟା – ଅଦୃଶ୍ୟ, ମରୀଚିକା, ଅରୂପ, ପାର୍ଥିବ ଜଗତ
ମୀମାଂସା – ପ୍ରାଚୀନ ହିନ୍ଦୁ ଦର୍ଶନ
ମୋକ୍ଷ – ମୁକ୍ତି, ଜନ୍ମ ଓ ମୃତ୍ୟୁର ଚକ୍ରବ୍ୟୂହରୁ ରିହାତି
ମୁଗବଡ଼ି – ମୁଗରୁ ପ୍ରସ୍ତୁତ କରାଯାଉଥିବା ବଡ଼ି
ମୃଦଙ୍ଗ – ବାଦ୍ୟଯନ୍ତ୍ର
ମହରମ – ମୁସଲମାନମାନଙ୍କର ବର୍ଷପଞ୍ଜିର ପ୍ରଥମ ମାସରେ ହାସାନ ଓ ହୁସେନଙ୍କୁ ହତ୍ୟା କରାଯାଇଥିବାର ସ୍ମୃତି ଚାରଣ କରି ଉପବାସ ପାଳନ କରାଯାଇଥାଏ। ସେମାନେ ଭବିଷ୍ୟତ ବକ୍ତା ବା ଧର୍ମଗୁରୁ (ପ୍ରଫେଟ୍) ମହମ୍ମଦଙ୍କ ନାତି ଥିଲେ।
ମୁଜାୱାର – ସନ୍ଥଙ୍କ ସମାଧିରେ ପ୍ରଣାମ କରୁଥିବା ଭକ୍ତ
ମୁକ୍ତି – ମୋକ୍ଷପ୍ରାପ୍ତି; ଚତୁର୍ବର୍ଗରୁ, ଅର୍ଥାତ୍ ଧର୍ମ, ଅର୍ଥ, କାମ, ମୋକ୍ଷରୁ ମୁକ୍ତି ଅର୍ଥ ବ୍ରହ୍ମ ମଧ୍ୟରେ ନିମଜ୍ଜିତ ହେବା
ମୁଲ୍ଲା – ମୁସଲମାନ ଧର୍ମତତ୍ତ୍ୱବିଦ୍
ମୁନିମ – କିରାଣି
ମୁନି – ସନ୍ନ୍ୟାସୀ
ମୁନ୍ସୀ – ଲେଖାଳି
ମୁନ୍ସିଫ୍ – ବିଚାରପତି
ମୁତଳ – ସପ୍ତପାତାଳରୁ ଗୋଟିଏ, ସପ୍ତନର୍କର ଏକ ନର୍କ ବିଶେଷ
ନୈବେଦ୍ୟ – ଭଗବାନଙ୍କୁ ଅର୍ପଣ କରାଯାଉଥିବା ଖାଦ୍ୟ
ନକ୍ଷତ୍ର – ତାରା, ବିଶେଷ ବିଶେଷ ନାମରେ ପରିଚିତ ତାରକାପୁଞ୍ଜ ରହିଛି ଯାହା ପାଖଦେଇ ଚନ୍ଦ୍ରମା ଗତିକରେ
ନମାଜ – ମୁସଲମାନଙ୍କର ପ୍ରାର୍ଥନା
ନମସ୍କାର – ସମ୍ମାନ ଜଣାଇ ଦଣ୍ଡବତ
ନନ୍ଦାଦୀପ – ଅହୋରାତ୍ର ଜଳୁଥିବା ଅଖଣ୍ଡ ଦୀପ
ନନ୍ଦୀ – ଶିବଙ୍କର ବାହନ ବୃଷଭ
ନାରଦ – ବ୍ରହ୍ମାପୁତ୍ର, ମହାଜ୍ଞାନୀ ଋଷି
ନାରଦୀୟ ଭକ୍ତି – ନାରଦଙ୍କ ଭକ୍ତି ସଦୃଶ
ନରସିଂହ – ବିଷ୍ଣୁଙ୍କର ଚତୁର୍ଥ ଅବତାର, ଭୀଷ୍ମରୂପ
ନାଥ ଭାଗବତ – ଧର୍ମ ପୁସ୍ତକ
ନୌଟାଙ୍କି – ପଥପ୍ରାନ୍ତ ନାଟିକା
ନବଚଣ୍ଡୀ ହବନ – ଚଣ୍ଡୀହୋମ, ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ସ୍ତୋତ୍ରଗାନ ଓ ଯଜ୍ଞ
ନବରାତ୍ର – ଆଶ୍ୱିନ ଶୁକ୍ଳପକ୍ଷର ପ୍ରତିପଦଠାରୁ ନବମୀ ପର୍ଯ୍ୟନ୍ତ ନଅରାତ୍ର ଧରି ହେଉଥିବା ଦୁର୍ଗାପୂଜା
ନୀଳକଣ୍ଠ – ଶିବ
ନିମ – ନିମ୍ବ ଗଛ
ନିଧି – କୁବେରଙ୍କ ନବରତ୍ନ
ନିମ୍ବାର – ମସ୍‌ଜିଦ୍‌ର ପଶ୍ଚିମ କାନ୍ଥରେ ରହୁଥିବା ଠଣା ଯେଉଁଥିରେ ଘୋରାଚନ୍ଦନ ରହିଥାଏ
ନିରାକାର – ଯାହାଙ୍କର ରୂପନାହିଁ, ଅରୂପ
ନିରାୟନ – ମରଶରୀର ତ୍ୟାଗ, ନିର୍ବାଣ
ନିରାଞ୍ଜନ – ପ୍ରଦୀପ
ନିର୍ଗୁଣ – ଅମୂର୍ତ୍ତ, ରୂପହୀନ
ନିର୍ବାଣ – ମହାସମାଧି
ନିର୍ବିକଳ୍ପ – ସମାଧି ଅବସ୍ଥା, ସମ୍ପୂର୍ଣ୍ଣ ଶାନ୍ତି
ଓଟି – ଶାଢ଼ୀ ପଣତ
ଓଭି – ପଦ
ପାଦପୂଜା – ପ୍ରଭୁଙ୍କ ପାଦ ପୂଜା କରିବା
ପାଦୁକା – ପବିତ୍ର କଠଉ, ଯୋତା
ପାଲ୍‌ଖି – ପାଲିଙ୍କି
ପଂଚଶୂନ୍ୟ ବା ପଂଚପାପ – କଂଡଣୀ (କୁଟିବା), ଚୁଲ୍ଲୀ (ଚୁଲ୍ଲୀ ଜାଳିବା), ଉଦକୁମ୍ଭୀ (ଜଳପାତ୍ର ଭରିବା),ପେଷଣି (ପେଷିବା) ଓ ମାର୍ଜନୀ (ଝାଡୁଦେବା)
ପଂଚାମୃତ – ଘିଅ, ଦୁଗ୍ଧ, ଶର୍କରା, ଦହି ଓ ମହୁର ମିଶ୍ରଣ
ପଂଚାଙ୍ଗ – ପାଞ୍ଜି, ଯେଉଁଥିରେ ପାଂଚୋଟି ବିଷୟ ଅର୍ଥାତ୍ ଚାନ୍ଦ୍ରମାସ, ଗ୍ରହ ଚଳାଚଳ, ତିଥି, ବାର,ଚନ୍ଦ୍ରକ୍ଷୟ ଜାଣିବାକୁ ମିଳିଥାଏ
ପଂଚମହାଯଜ୍ଞ – ବ୍ରହ୍ମଯଜ୍ଞ (ବେଦପଠନ), ପିତୃଯଜ୍ଞ (ଅର୍ଘ୍ୟଦାନ ଓ ପିଣ୍ଡଦାନ), ଦେବଯଜ୍ଞ (ଦେବତାଙ୍କୁ ନୈବେଦ୍ୟ ଅର୍ପଣ), ଭୂତଯଜ୍ଞ (କାକାଦିପ୍ରାଣୀଙ୍କୁ ଅନ୍ନଦାନ), ଅତିଥିଯଜ୍ଞ (ଅନାହୂତ ଆଗନ୍ତୁକ ଗୃହକୁ ଆସିଥିଲେ ଖାଦ୍ୟପ୍ରଦାନ)
ପଂଚିକରଣ – ପଂଚ ମହାଭୂତକୁ ମିତ୍ରବତ୍ ମିଶ୍ରଣ
ପଂଚପ୍ରାଣ – ଶରୀରସ୍ଥ ପଞ୍ଚ ପ୍ରାଣବାୟୁ, ଅର୍ଥାତ୍, ପ୍ରାଣ- ଅପାନ-ସମାନ-ଉଦାନ-ବ୍ୟାନ
ପଂଚରତନୀ ଗୀତା – ମହାଭାରତର ପଂଚ ରତ୍ନର ସମାହାର ଯଥା-(କ) ଶ୍ରୀମଦ୍ ଭଗବତ ଗୀତା,(ଖ) ଶ୍ରୀ ବିଷ୍ଣୁ ସହସ୍ର ନାମ ସ୍ତୋତ୍ର, (ଗ) ଭୀଷ୍ମ ସ୍ତବରାଜ, (ଘ) ଅନୁସ୍ମୃତି, ଓ (ଙ) ଗଜେନ୍ଦ୍ର ମୋକ୍ଷ
ପଣ୍ଡିତ – ଶାସ୍ତ୍ରବିଶାରଦ

ପଙ୍ଗା - ଅଟା ଦଳାକୁ ପତ୍ର ଉପରେ ଥାପି, ଗୁଡ଼ାଇଦେଇ ନିଆଁଉପରେ ସେକିବା
ପାଞ୍ଜା - ହାତପାପୁଲି, ପଂଚ ମୁସଲମାନ ସନ୍ତଙ୍କର ପ୍ରତୀକ
ପାନବିଡ଼ା - ପାନଖିଲ
ପରଂବ୍ରହ୍ମ - ଅଣାକାର ନିର୍ଗୁଣ ବ୍ରହ୍ମ
ପାରାୟଣ - ଧର୍ମ ପୁସ୍ତକର ନିୟମିତ ପଠନ
ପରଶ ମଣି - ସ୍ପର୍ଶରେ ମାମୁଲି ପଥର ସୁନାରେ ପରିଣତ ହୁଏ
ପାରିଜାତ - ସ୍ୱର୍ଗୀୟ ପୁଷ୍ପ
ପରମାର୍ଥ - ପରମ ଆଧାତ୍ମିକ ଲକ୍ଷ୍ୟ
ପରମାତ୍ମା - ଭଗବାନ
ପାତାଳ - ସପ୍ତନର୍କ ମଧ୍ୟରେ ଏକ ନର୍କ
ପାୟାଲୁ - ପ୍ରଥମେ ଗୋଡ଼ ବାହାର କରି ଜନ୍ମିଥିବା ଶିଶୁ
ପହରଣ - ଲମ୍ବାକୁର୍ତ୍ତା
ଫାଲ୍ଗୁନ ଶୁକ୍ଳ - ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ଏକାଦଶ ମାସର ଦ୍ୱିତୀୟ ପକ୍ଷ
ଫେଟା - ପଗଡ଼ି
ପଇସା - ମୁଦ୍ରା
ପିଲାଫ - ପଲଉ
ପିଣ୍ଡ - ଶିବଙ୍କର ସାଂକେତିକ ଚିହ୍ନ, ପିତୃପୁରୁଷଙ୍କୁ ଅର୍ପଣକରାଯାଉଥିବା ଖାଦ୍ୟ
ପିର - ମୁସଲମାନ ସନ୍ତ
ପୀତାମ୍ବର - ହଳଦିଆ ଧୋତି
ପୋଥି - ଧର୍ମପୁସ୍ତକ
ପ୍ରଭୁରାୟ - ପ୍ରଭୁଙ୍କୁ ସମ୍ମାନ ସହକାରେ ସମ୍ବୋଧନ
ପ୍ରଦକ୍ଷିଣ - ଭକ୍ତି ସହକାରେ ଦେବମୂର୍ତ୍ତିଙ୍କ ଚତୁଃପାର୍ଶ୍ୱରେ ବୁଲିବା
ପ୍ରଜାପତି - ସୃଷ୍ଟିକର୍ତ୍ତା
ପ୍ରକୃତି - ସୃଷ୍ଟି ବୈଚିତ୍ର୍ୟ
ପ୍ରଳୟ - ବ୍ରହ୍ମାଣ୍ଡ ଧ୍ୱଂସ
ପ୍ରାଣ ଆହୁତି - ଭୋଜନ ପୂର୍ବରୁ ପଂଚ ପ୍ରାଣକୁ ସମର୍ପଣ କରି ଆହୁତି ଦେବା
ପ୍ରାରବ୍ଧ - ପୂର୍ବଜନ୍ମର କର୍ମଫଳ
ପ୍ରସାଦ - ଦେବତାଙ୍କୁ ଅର୍ପିତ ଖାଦ୍ୟଦ୍ରବ୍ୟ
ପ୍ରାର୍ଥନାସମାଜୀ - ଯେଉଁମାନେ ପ୍ରତିମୂର୍ତ୍ତି ପୂଜା କରନ୍ତିନାହିଁ
ପ୍ରୟାଗ - ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥଳ
ପୂଜା - ଆରାଧନା, ଅର୍ଚ୍ଚନା
ପୂଜାରୀ - ପୁରୋହିତ, ପୂଜକ
ପୂଜାଥାଳି - ପୂଜାଦ୍ରବ୍ୟ ସଜାଡ଼ି ରଖାଯାଇଥିବା ଗୋଲାକାର ଥାଳି
ପୁଣ୍ୟ -ସୁକୃତି
ପୁଣ୍ୟତିଥି - ସନ୍ତଙ୍କ ଦେହତ୍ୟାଗ ତିଥି ବା ଦିବସ
ପୁରାଣ - ସଂସ୍କୃତ ଧର୍ମଗ୍ରନ୍ଥ
ପୁରାଣିକ - ପୁରାଣ ପଣ୍ଡା
ପୁରନପୋଲି - ବୁଟଡ଼ାଲିକୁ ଗୁଡ଼ ସହିତ ରାନ୍ଧି ଅଟାଚକଟା ମଧ୍ୟରେ ପୂରାଇ ସେକାଯାଇଥିବା ପରଟା
ପୁରୁଷ - ପରମାତ୍ମା
ରାଜାରାମ - ପ୍ରଭୁ ଶ୍ରୀରାମ
ରଜ - କାମନା, ତ୍ରିଗୁଣରୁ ଏକଗୁଣ
ରାମରକ୍ଷା ସ୍ତୋତ୍ର - ପ୍ରଭୁଶ୍ରୀରାମଙ୍କ ଗୁଣଗାନ
ରାମନବମୀ - ଶ୍ରୀରାମଙ୍କ ଜନ୍ମଦିନ
ରାମବିଜୟ - ଧର୍ମପୁସ୍ତକ
ରଙ୍ଗୋଲୀ - ଝୋଟି, ଅବିର, ରଙ୍ଗଗୁଣ୍ଡ ଓ ମୁରୁଜ ପକାଇ ଚିତ୍ର ଅଙ୍କନ
ରସାତଳ - ସପ୍ତନର୍କ ମଧ୍ୟରୁ ଅନ୍ୟତମ
ରାଶି - ରାଶିଚକ୍ରର ସଂକେତ
ରାବଣ - ଲଙ୍କାର ରାଜା, ସେ ସୀତାଙ୍କୁ ହରଣ କରିଥିଲା ଓ ରାମଙ୍କ ହାତରେ ବଧ ହୋଇଥିଲା
ରଗଡ଼ା - ଅଟାଗୋଲିକୁ ରଡ଼ନିଆଁରେ ସେକିବା
ରୁଦ୍ର - ଶିବ
ରୁଦ୍ରାକ୍ଷ - ଏକ ପ୍ରକାର ଫଳ ଓ ମାଳା ତିଆରିରେ ବ୍ୟବହୃତ ହୁଏ
ସଭାମଣ୍ଡପ - ଦ୍ୱାରକାମାୟୀର ଅଗଣା
ସଚ୍ଚିଦାନନ୍ଦ - ଶୁଦ୍ଧମନ ଓ ଶରୀରର ଅଧିକାରୀ
ସଦ୍‌ଗତି - ମୁକ୍ତି
ସଦ୍‌ଗୁରୁ - ଅନୁଭୂତିସମ୍ପନ୍ନ ଗୁରୁ ବା ଅବତାର
ସଦ୍‌ଗୁରୁନାଥ / ସଦ୍‌ଗୁରୁରାୟ - ସଂଭ୍ରମତା ସହକାରେ ସମ୍ବୋଧନ
ସଗୁଣ - ଅବତାରଗ୍ରହଣ କରିଥିବା ଗୁଣୀବ୍ୟକ୍ତି
ସାଧକ - ଶିଷ୍ୟ
ସାଧନା - ନିଷ୍ଠାପର ପ୍ରୟାସ
ସାଇମୌଲୀ - ମା'ସାଇ
ସାଇପ୍ରଭା - ଏକ ପତ୍ରିକା ସାଇଭକ୍ତମାନେ ପ୍ରକାଶ କରନ୍ତି
ସାଇରାୟ - ଭକ୍ତି ଭରେ ସାଇବାବାଙ୍କୁ ସମ୍ବୋଧନ
ସମାଧାନ - ଶାନ୍ତମନ
ସମାଧି - ପ୍ରଗାଢ଼ ଧ୍ୟାନାବସ୍ଥା, ସନ୍ତଙ୍କୁ କବରଦେବା
ସମାଧି ମନ୍ଦିର - ସନ୍ତଙ୍କ ମରଶରୀର ପୋତାଯାଇଥିବା ସ୍ଥାନରେ

ଗଢ଼ାଯାଇଥିବା ମନ୍ଦିର
ସମର୍ଥ - ଦକ୍ଷ ଓ ଶକ୍ତିଶାଳୀ
ସଂସାର - ଦୁନିଆ
ସଂଧ୍ୟା - ସକାଳ ଓ ସଂଧ୍ୟାରେ ଜପ କରାଯାଉଥିବା ମନ୍ତ୍ର, ଧ୍ୟାନ
ସଂସ୍ଥାନ - ଶ୍ରୀସାଇବାବା ସଂସ୍ଥାନ ଶିରିଡ଼ି ବା ଅନ୍ୟ କୌଣସି ଅନୁଷ୍ଠାନ
ସନ୍ତଲୀଳାମୃତ - ଦାସ ଗଣୁଙ୍କ ଲିଖିତ ଧର୍ମପୁସ୍ତକ
ସନ୍ତବିଜୟ - ମହୀପତିଙ୍କ ରଚିତ ଧର୍ମପୁସ୍ତକ
ସନ୍ନ୍ୟାସ - ଗୃହତ୍ୟାଗ କରିବା
ସାଞ୍ଜା - ଗହମଖିରି, ଉପମା
ସପ୍ତଶୃଙ୍ଗୀ - ନାସିକ ନିକଟସ୍ଥ ବଣୀର ଅଧିଷ୍ଠାତ୍ରୀ ଦେବୀ
ସପ୍ତପାତାଳ - ସପ୍ତନର୍କ (ଅତଳ, ବିତଳ, ମୃତଳ, ତଳାତଳ, ମହାତଳ, ରସାତଳ ଓ ପାତାଳ)
ସପ୍ତଶତୀ - ମାର୍କଣ୍ଡେୟ ପୁରାଣରେ ଶ୍ରୀଦୁର୍ଗାଙ୍କର ଗୁଣଗାନ କରି ସାତଶହ ଶ୍ଳୋକର ସଙ୍କଳନ
ସର୍ଦ୍ଦାର - ଦଳପତି
ସରକାର - ପ୍ରଭୁ, ମାଲିକ
ସାରୋଦେଶ - ସପ୍ତ ତାରଯୁକ୍ତ ବାଦ୍ୟ ବଜାଇ ନୀଚ ଜାତିମାନଙ୍କୁ ସୌଭାଗ୍ୟର ଭବିଷ୍ୟତବାଣୀ ଶୁଣାଉଥିବା ବ୍ୟକ୍ତି
ସତ୍ - ସତ୍ୟ/ପ୍ରକୃତ କଥା
ସତ୍‌ଚରିତ - ସାଇବାବାଙ୍କ ଜୀବନୀ ଓ ନୀତିଶିକ୍ଷା
ସତ୍-ଚିତ୍-ଆନନ୍ଦ - ସତ୍ୟ, ଚେତନା ଓ ଆନନ୍ଦ
ସଟ୍‌କା - ଅଢ଼େଇଫୁଟ ଲମ୍ୱର କଳା ରଙ୍ଗର ବାଡ଼ି
ସତ୍‌ସଙ୍ଗ - ଗୁଣୀଲୋକଙ୍କର ସାନ୍ନିଧ୍ୟ
ସତ୍ତ୍ୱଗୁଣ - ସାଧୁତା
ସାତ୍ତ୍ୱିକ - ଆଧ୍ୟାତ୍ମିକ
ସତ୍ୟଲୋକ - ବ୍ରହ୍ମା ଓ ଋଷିଙ୍କର ଆବାସ ସ୍ୱର୍ଗ
ସତ୍ୟସାଇକଥା - ଦାସ ଗଣୁଙ୍କ ରଚିତ 'ଅର୍ବାଚୀନ ଭକ୍ତ ଲୀଳାମୃତ'ରୁ ସାଇନାଥଙ୍କ ସମ୍ପର୍କିତ ତିନୋଟି ଅଧ୍ୟାୟ
ସତ୍ୟସାଇ ବ୍ରତ - ସ୍ନାନାନ୍ତେ ନିଷ୍ଠାର ସହିତ ସାଇପୂଜା କରିବା
ସତ୍ୟନାରାୟଣ ପୂଜା - ଭଗବାନ ସତ୍ୟନାରାୟଣଙ୍କ ପୂଜା
ସୀମାଲଙ୍ଘନ - ଦଶହରା ଉତ୍ସବ ସମୟରେ ଆଡ଼ମ୍ବରପୂର୍ଣ୍ଣ ଶୋଭାଯାତ୍ରାରେ ସୀମାଲଙ୍ଘନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ।
ଶେଷ / ଶେଷନାଗ - ସହସ୍ରଫଣୀ ନାଗ (କାଳ୍ପନିକ)
ଶକ - ଯୁଗାରମ୍ଭ
ଶକ୍ତି - ପରମ ଓ ଦିବ୍ୟଶକ୍ତି
ଶକ୍ତିପାତ - ଗୁରୁଙ୍କଠାରୁ ଶିଷ୍ୟ ନିକଟକୁ ଯାଉଥିବା ଶକ୍ତି ଯାହା ସ୍ପର୍ଶ,ବାକ୍ୟ ବା ଏପରିକି ଚାହାଣି ଜରିଆରେ ହସ୍ତାନ୍ତରିତ ହୋଇଥାଏ
ଶମ - ମନର ସଂଯମତା, ମାନସିକ ନିବୃତ୍ତି
ଶାସ୍ତ୍ର - ହିନ୍ଦୁ ଧର୍ମସାହିତ୍ୟ
ଶାସ୍ତ୍ରୀ - ଶାସ୍ତ୍ରରେ ପ୍ରବୀଣ
ଶିରାପୁରି - ଅଟାରେ ଚିନି ବା ଗୁଡ଼ ଓ ଘିଅ ମିଶାଇ ଛଣା ଯାଉଥିବା ପୁରି
ସାହାନାଇ - ଶୁଭକାର୍ଯ୍ୟରେ ବଜାଯାଉଥିବା ଭାରତର ପାରମ୍ପରିକ ବାଦ୍ୟଯନ୍ତ୍ର
ସେଠଜୀ - ସମ୍ମାନସୂଚକ ସମ୍ବୋଧନ
ସିଧା - ଚାଉଳ, ଡାଲି, ମଇଦା, ଘିଅ, ପରିବା ଇତ୍ୟାଦି
ଶିଖରିଣୀ - ପାଚିଲା କଦଳୀ, କ୍ଷୀର ଓ ଚିନିର ମିଶ୍ରଣରେ ପ୍ରସ୍ତୁତ ସୁମିଷ୍ଟ ଖାଦ୍ୟ, ଶିରିଣି
ଶିବଲିଙ୍ଗ - ପ୍ରଭୁ ଶିବଙ୍କର ଲିଙ୍ଗମୂର୍ତ୍ତି
ଶିବରାତ୍ରି - ପ୍ରଭୁ ଶିବଙ୍କ ସମ୍ମାନାର୍ଥେ ଅନୁଷ୍ଠିତ ଉତ୍ସବର ନାମ
ଶ୍ଳୋକ - ଆଧ୍ୟାତ୍ମିକ ପଦାବଳୀ
ଶ୍ରଦ୍ଧା- ଗୁରୁଙ୍କ ଉପରେ ବିଶ୍ୱାସ
ଶ୍ରାବଣ - ହିନ୍ଦୁ ପଞ୍ଜିକାରେ ବୈଶାଖଠାରୁ ବର୍ଷାରମ୍ଭ ହିସାବରେ ବର୍ଷର ୪ର୍ଥ ମାସ
ଶ୍ରୀରଙ୍ଗ - ପ୍ରଭୁ ଶ୍ରୀରଙ୍ଗ
ଶ୍ରୁତି - ବେଦ
ସିଦ୍ଧ - ଆତ୍ମୋପଲବ୍ଧିପ୍ରାପ୍ତ ବ୍ୟକ୍ତି
ସିଦ୍ଧରାଣ - ଅଷ୍ଟସିଦ୍ଧିପ୍ରାପ୍ତ ବ୍ୟକ୍ତି
ସିଦ୍ଧି - ପବିତ୍ର ଜୀବନଯାପନ କରି ଜଣେ ବ୍ୟକ୍ତି ଲାଭ କରିଥିବା ଅଦ୍ଭୁତ ଶକ୍ତି
ସ୍କନ୍ଦ - ଧର୍ମଗ୍ରନ୍ଥର ଅଂଶ
ସ୍ମରଣ - ଧ୍ୟାନ
ସ୍ମୃତି - ବେଦ
ସୋମକାନ୍ତ - ଚନ୍ଦ୍ରକିରଣ ଯେଉଁ ରତ୍ନ ଉପରେ ପତିତ ହେଲେ ଜଳର ଉତ୍ପତ୍ତି ହୋଇଥାଏ
ଶୂଦ୍ର - ନୀଚ ଜାତିର ଲୋକ
ଶୋଭଳ - ପବିତ୍ର ଅବସ୍ଥା
ସ୍ତୋତ୍ର- ଧର୍ମଭାବାପନ୍ନ ପଦାବଳୀ, ଶ୍ଳୋକ
ସୁଣ୍ଠାବଡ଼ା - ଅଦା ମିଶା ମିଠାଇ
ସୁପାରି - ଗୁଆ
ସୁର୍ମା - କଜ୍ଜ୍ୱଳ
ସୁଦର୍ଶନ ଚକ୍ର - ଶ୍ରୀବିଷ୍ଣୁଙ୍କ ଅସ୍ତ୍ର, ଉଡ଼ନ୍ତା ଆୟୁଧ

ସୂତକ - ମୃତ୍ୟୁପରେ ତେରଦିନ ଅଶୌଚକାଳ
ସ୍ୱାମୀ - ସମ୍ମାନନୀୟ ହିନ୍ଦୁଗୁରୁ
ସ୍ୱର୍ଲୋକ - ସୂର୍ଯ୍ୟ ଓ ଧ୍ରୁବତାରା ମଧ୍ୟସ୍ଥ ସ୍ଥାନ
ତାବୁତ / ତାଜିୟା - ହାସାନ ଓ ହୁସେନଙ୍କ କବରର ସାଂକେତିକ ଚିହ୍ନ, ମହରମରେ ତାହାକୁ ଶୋଭାଯାତ୍ରାରେ ନିଆଯାଇଥାଏ
ତାକିଆ / ତାକିୟା - ଫକୀରମାନଙ୍କ ଆଶ୍ରୟସ୍ଥଳ
ତଳାତକ - ସପ୍ତପାତାଳ ବା ନର୍କର ଏକ ଅଂଶ ବିଶେଷ
ତାଳ - ହଳେ ଗିନି
ତାଲୁକ - ଜିଲ୍ଲାର ଏକ ଭାଗ
ତାମସ - ତିନିଗୁଣ ଭିତରୁ ଗୋଟିଏ, ଜଡ଼ତା, ଅନ୍ଧକାରମୟ
ତାମସା - ଫାର୍ସ, ହାସ୍ୟାଭିନୟ
ତାମ୍ବୁରି - ତୁର୍କୀ ଗିଟାର ଯେଉଁଥିରେ ଚାରୋଟି ତାର ଥାଏ
ତନ୍ତ୍ର - ଏକ ପ୍ରକ୍ରିୟା
ତପ - ଧ୍ୟାନ, ସାଧନା, ଜପ
ତପଲୋକ - ତପସ୍ୱୀମାନଙ୍କର ସ୍ୱର୍ଗ
ତପ୍ତମୁଦ୍ରା - ନିଆଁ ଚେଙ୍କ ଦେଇ ଦେହରେ ଧର୍ମୀୟ ଚିହ୍ନ ଅଙ୍କନ
ତାରକମନ୍ତ୍ର - ଭବସାଗର ପାରିହେବା ନିମନ୍ତେ ମନ୍ତ୍ର
ତଥାସ୍ତୁ - ତୁମର ଇଚ୍ଛା ଯାହା, ତାହାହିଁ ହେଉ
ତୀର୍ଥ - ପବିତ୍ର ସ୍ଥାନ
ତିଥି - ହିନ୍ଦୁ ପଞ୍ଜିକାରେ ଦିବସ
ତିତିକ୍ଷା - ସହନଶକ୍ତି, ବିରୋଧକୁ ସହ୍ୟ କରିବା
ଟାଙ୍ଗା - ଘୋଡ଼ାଗାଡ଼ି
ଟାଙ୍ଗାବାଲା - ଘୋଡ଼ାଗାଡ଼ିର ଚାଳକ
ତ୍ରିପୁଣ୍ଡ୍ର - କପାଳରେ ଘୋରାଚନ୍ଦନ, କୁଙ୍କୁମ ଓ ହଳଦୀର ଛାପ ଦେଇ ସମାନ୍ତରାଳ ଭାବରେ ଅଙ୍କିତ ତିନୋଟି ରେଖା, ଶିବଭକ୍ତମାନଙ୍କର ତିଳକ ଚିହ୍ନ
ତ୍ରିଶଙ୍କୁ - ସ୍ୱର୍ଗ ଓ ମର୍ତ୍ତ୍ୟ ମଧରେ ଝୁଲିରହିଥିବା ବ୍ୟକ୍ତି ରାଜା ତ୍ରିଶଙ୍କୁ ଭଳି
ତ୍ରିଶୁଦ୍ଧି - ତନ୍, ମନ୍ ଓ ବାକ୍‌ର ପବିତ୍ରତା (ଶୁଦ୍ଧ କାୟମନୋବାକ୍ୟ)
ତୁଳସୀ - ପବିତ୍ର ବୃକ୍ଷ
ତୁମରେଲ - ବାବା ଭିକ୍ଷାରୂପେ ସଂଗ୍ରହ କରୁଥିବା ତରଳ ଖାଦ୍ୟ ଯେଉଁ ପାତ୍ରରେ ରଖୁଥିଲେ
ତୁଭାର - ଶସ୍ୟ
ଉଦ୍ଧବ ଗୀତା - ଭାଗବତର ଏକାଦଶ ଅଧ୍ୟାୟ
ଉଦି - ବାବାଙ୍କ ଧୁନିରୁ ସଂଗୃହୀତ ପବିତ୍ର ପାଉଁଶ
ଉକ୍କଲ - ଶସ୍ୟରୁ ଚୋପାଛଡ଼ାଇବା ନିମନ୍ତେ କୁଟିବା ପାଇଁ ବ୍ୟବହାର କରାଯାଉଥିବା ପାତ୍ର
ଉମା - ପାର୍ବତୀ
ଉପରଣ - ବେକରେ ପକାଯାଉଥିବା ଛୋଟ ଲୁଗା, ଧୋତି ଜୋଡ଼ର ଦୋସଡ଼ା
ଉପାସନା - ପୂଜା
ଉର୍ସ - ମୁସଲମାନ ପର୍ବ
ଉଡ୍ରାନଳ - ସମୁଦ୍ର ତଳର ଅଗ୍ନି
ବୈଦ୍ୟ - ଚେରମୂଳି ଔଷଧରେ ପ୍ରବୀଣ ବ୍ୟକ୍ତି
ବୈରାଗ୍ୟ - ସାଂସାରିକ ବସ୍ତୁ ପ୍ରତି ବିମୁଖ, ବୈରାଗୀ
ବୈଷ୍ଣବ - ବିଷ୍ଣୁଭକ୍ତ
ବୈଶ୍ୱଦେବ - ଅଗ୍ନି
ବଜ୍ର - କୁଳିଶ, ଘଡ଼ଘଡ଼ି
ଭାଲପାପଡ଼ି - ବିନ୍
ବାନପ୍ରସ୍ଥାଚାରୀ - ଜୀବନର ଚତୁର୍ଥ ଅବସ୍ଥାରେ ସଂସାରତ୍ୟାଗ କରି ବନସ୍ତକୁ ଯିବା
ବଞ୍ଜାରା - ବେପାରୀ ଯିଏ ଜଙ୍ଗଲରେ ବାଟ ଜାଣେ
ବରଣ - ଡାଲିରେ ତିଆରି ସୁସ୍ୱାଦୁ ଖାଦ୍ୟ
ବାସନା - କାମନା
ବାସୁଦେବ - ଶ୍ରୀକୃଷ୍ଣ
ବେଦାଙ୍ଗ - ଶାସ୍ତ୍ର
ବେଦାନ୍ତ - ହିନ୍ଦୁ ଦର୍ଶନ ଶାସ୍ତ୍ର
ବେଦ - ସର୍ବ ପ୍ରାଚୀନ ଶାସ୍ତ୍ର
ବୈଦିକ ମନ୍ତ୍ର - ବେଦରେ ରହିଥିବା ମନ୍ତ୍ର
ବେଦୀ - ବେଦଜ୍ଞାନୀ, ହୋମ ଯଜ୍ଞ ନିମନ୍ତେ ପ୍ରସ୍ତୁତ କରାଯାଉଥିବା ପିଣ୍ଡି
ବୀଣା - ଭାରତୀୟ ବାଦ୍ୟଯନ୍ତ୍ର
ଭେଙ୍କଟେଶ ସ୍ତୋତ୍ର - ବିଷ୍ଣୁଙ୍କର ମନ୍ତ୍ର
ବିଭୂତି - ଉଦି
ବିଚାରସାଗର - 'ପଂଚଦଶୀ'ର ହିନ୍ଦୀ ଅନୁବାଦ
ବିଜୟା ଦଶମୀ - ଆଶ୍ୱିନ ମାସର ଶୁକ୍ଳପକ୍ଷ ଦଶମୀ ତିଥିରେ ରାମ ରାବଣଙ୍କୁ ବଧ କରିଥିବାରୁ ରାମଙ୍କର ବିଜୟ ଉତ୍ସବର ଦିନ
ବିରଜ - କାମନାବାସନାହୀନ ଅବସ୍ଥା
ବିଷ୍ଣୁ ସହସ୍ରନାମ - ଭଗବାନ ବିଷ୍ଣୁଙ୍କର ଏକ ହଜାର ନାମ ମନ୍ତ୍ର
ବିଷ୍ଣୁପାଦ - ବିଷ୍ଣୁଙ୍କର ପାଦଚିହ୍ନ ଗୟାରେ ରହିଛି
ବିତଳ - ସପ୍ତପାତାଳ ବା ନର୍କ ମଧ୍ରୁ ଅନ୍ୟତମ
ବିବେକ ସିନ୍ଧୁ - ମରାଠୀ ଭାଷାରେ ୧୧୮୮ ମସିହାରେ

ମୁକୁନ୍ଦରାଜଙ୍କ ଲିଖିତ ଅଦ୍ୱୈତବାଦ ସମ୍ପର୍କରେ ରଚନା ଯାହା 'ଜ୍ଞାନେଶ୍ୱରୀ'ର ଶହେବର୍ଷ ପୂର୍ବରୁ ଲେଖାଯାଇଥିଲା

ବ୍ରତ – ସଂକଳ୍ପ ପାଳନ ଉଦ୍ଦେଶ୍ୟରେ ଧର୍ମୀୟ ରୀତିନୀତି ଅନୁସରଣ

ବୃନ୍ଦାବନ – ତୁଳସୀ ବୃକ୍ଷ ଧାରକ

ବୃତ୍ତି – ଆଚରଣ ରୀତି

ୱାଡ଼ା – ନିବାସ

ଯଦା ପଂଚବତିଷ୍ଠନ୍ତେ – ଯେତେବେଳେ ପଂଚଇନ୍ଦ୍ରିୟ ଓ ଚିତ୍ତ ସ୍ଥିର ହୋଇଯାଏ, ତାହାହିଁ ଶ୍ରେଷ୍ଠ ଯୋଗ ଅବସ୍ଥା ବୋଲି ବିଚାର କରାଯାଏ

ଯଜ୍ଞ – ଯାଗ, ହୋମ

ଯବନ – ମୁସଲମାନ

ଯୋଗ – ଆତ୍ମା ଓ ପରମାତ୍ମାର ମିଳନ ପାଇଁ ଧ୍ୟାନ, ସଂଯମ ଓ ସାଧନାର ହିନ୍ଦୁ ଦାର୍ଶନିକ ପଦ୍ଧତି

ଯୋଗ ଅଗ୍ନି – ପବିତ୍ର ଅଗ୍ନି

ଯୋଗାଚାର୍ଯ୍ୟ – ଯୋଗଶିକ୍ଷକ, ଆଧ୍ୟାତ୍ମିକ ଗୁରୁ